# ସୀତାଦେବୀ ଗ୍ରନ୍ଥାବଳୀ

# ସୀତାଦେବୀ ଗ୍ରନ୍ଥାବଳୀ

ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗା

ପ୍ରଥମ ଖଣ୍ଡ

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର - କଟକ ୨

ପ୍ରକାଶକ :
**ଶ୍ରୀ ଅନନ୍ତ ମିଶ୍ର**
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
କଟକ-୭୫୩୦୦୨

ପ୍ରଥମ ସଂସ୍କରଣ :
ବହୁଳ ଅମାବାସ୍ୟା
ଡିସେମ୍ବର୍ ୧୯୭୮

ମୁଦ୍ରାକର :
ଶ୍ରୀ ସତ୍ୟନାରାୟଣ ପ୍ରେସ
ଓଗରପଡ଼ା, କଟକ-୭୫୩୦୦୨

ମୂଲ୍ୟ :
ବନ୍ଧାଇ : ପଞ୍ଚସ୍ତରୀ ଟଙ୍କା ମାତ୍ର
ସାଦା : ଷାଠିଏ ଟଙ୍କା ମାତ୍ର

# SITADEVI GRANTHAVALI

*Collected works of*
**Srimati Sitadevi Khadanga**
**Volume I.**

*Publishers*
**Sri Anant Misra**
*Cuttack Students' Store*
Cuttack-753002

First Edition
December, 1978

***Price*** :
Deluxe : Rs. 75·00
Popular : Rs. 60·00

# ମୁଖପାତ

ସନାତନ ଧର୍ମର ପୀଠସ୍ଥଳୀ ପୁଣ୍ୟ ଭାରତ ଭୂମିରେ ପୌରାଣିକ ଯୁଗରୁ ବାଲ୍ମୀକି, ବ୍ୟାସ, ବଶିଷ୍ଠ, ପରାଶର, ଭୃଗୁ ପ୍ରମୁଖ ବହୁ ଋଷି ମୁନି ସାଧକ ଗଣ ଏବଂ ଗାର୍ଗୀ ପ୍ରଭୃତି ପୁରାଣର ବିଦୁଷୀମାନେ ପୁରାଣ ମାଧ୍ୟମରେ ସଂସ୍କୃତ ଭାଷାରେ ଉତ୍କୃଷ୍ଟ ସାହିତ୍ୟ ରଚନା କରି ଆସିଛନ୍ତି । କାଳକ୍ରମେ ବହୁ ଉତ୍‌ଥାନ ପତନ ମଧ୍ୟରେ ଗତିକରି ଆମର ଧର୍ମ ଏବଂ ସାହିତ୍ୟ ବର୍ଦ୍ଧିଷ୍ଣୁ ହୋଇ ଆସିଛି । ପରବର୍ତ୍ତୀ କାଳରେ ଅନେକ ଲବ୍‌ଧ ପ୍ରତିଷ୍ଠ ନାରୀକବି କାନ୍ଦଣା ଗୀତ, ରଜଗୀତ, ଓଷା ଗୀତ, ଖୁଦୁରୁକୁଣୀ ଓଷା, ବୋଇତ ବନ୍ଦାଣ ଇତ୍ୟାଦି ପର୍ବ ପର୍ବାଣୀ ନିମନ୍ତେ ନାନାପ୍ରକାର ଗୀତ ରଚନା କରିଆସିଛନ୍ତି । ଆଧୁନିକ ଯୁଗରେ କେତେକ ନାରୀକବି, କୁନ୍ତଳା କୁମାରୀ, ଅପର୍ଣ୍ଣା ଦେବୀ, ନିର୍ମଳା ଦେବୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ହରପ୍ରିୟା ଦେବୀ, ବିଦ୍ୟୁତ୍‌ପ୍ରଭା, ପଦ୍ମାଳୟା ଦାଶ, ମନୋରମା ମହାପାତ୍ର ପ୍ରମୁଖ ଅନେକ ଲେଖିକା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରି ଆସୁଛନ୍ତି । ମୋଟ ଉପରେ ଓଡ଼ିଶାରେ ଲବ୍‌ଧପ୍ରତିଷ୍ଠ ଲେଖକମାନଙ୍କ ସହିତ ପୂଜ୍ୟ ନାରୀଜାତିର ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅତୁଳନୀୟ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗା—ଏହି ଯୁଗର ଲେଖିକା । ଜନ୍ମ ୧୯୦୨ ମସିହାରେ ଗଞ୍ଜାମ ଜିଲାର ଆସିକାରେ । ପିତାଙ୍କ ନାମ ହରିହର ପଣ୍ଡା । ସ୍ୱର୍ଗତ ପଣ୍ଡା ସମ୍ଭ୍ରାନ୍ତ, ବିଭବଶାଳୀ ଏବଂ ବିତ୍ତଶାଳୀ ଥିଲେ । ଦେଶ ସେବା ବିଶେଷତଃ ନୂତନ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଦାନ ସ୍ମରଣୀୟ । ଗଞ୍ଜାମ ଜିଲା ତଥା ଓଡ଼ିଶାରେ ସ୍ୱର୍ଗତ ପଣ୍ଡାଙ୍କର ସୁନାମ ସୁଖ୍ୟାତି ରହିଆସିଛି । ଶ୍ରୀମତୀ ସୀତା ଦେବୀଙ୍କର ସ୍ୱାମୀ ଶ୍ରୀ ବାଞ୍ଛାନିଧି ଖାଡ଼ଙ୍ଗା । ବର୍ତ୍ତମାନ ପ୍ରାୟ ଅଶୀରୁ ଊର୍ଦ୍ଧ୍ୱ ବୟସ । ସୀତା ଦେବୀଙ୍କର ଗୋଟିଏ ପୁଅ ଏବଂ ଗୋଟିଏ କନ୍ୟା । ପୁଅ ଡକ୍ଟର ମଧୁସୂଦନ ଖାଡ଼ଙ୍ଗା ଓଡ଼ିଶାର ତଥା ଭାରତର ଜଣେ ପ୍ରତିଷ୍ଠିତ ଶଲ୍ୟ-ଚିକିତ୍ସକ । ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଅଧ୍ୟକ୍ଷ । କନ୍ୟା ଶ୍ରୀମତୀ କମଳ କୁମାରୀ ମଧ୍ୟ ଭାରତର ଜଣେ ସୁନାମଧନ୍ୟା ଡାକ୍ତରାଣୀ । ପାଟଣାରେ ବର୍ତ୍ତମାନ ଅବସ୍ଥାପିତ ।

୧୯୩୯ ମସିହାରେ ଓଡ଼ିଶାର ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ସମୟରେ ଶ୍ରୀମତୀ ସୀତାଦେବୀ କନ୍ୟା କମଳା କୁମାରୀଙ୍କ ଶିକ୍ଷା ସମ୍ପର୍କରେ କଟକରେ

ସକୁଟୁମ୍ବ କିଛି ଦିନ ପାଇଁ ରହୁଥିଲେ । ମୁଁ ସେତେବେଳେ "ଷ୍ଟୁଡେଣ୍ଟସ ଷ୍ଟୋର" କଟକ ଶାଖାର ପରିଚାଳକ । ସେତିକିବେଳେ ପ୍ରଥମେ ତାଙ୍କ ପରିବାର ସମ୍ପର୍କରେ ଆସିଥିଲି ଏବଂ ସୁଖ ଦୁଃଖରେ ଅଂଶ ଗ୍ରହଣ କରିବା ସୁଯୋଗ ପାଇଥିଲି । ସେତିକିବେଳୁ ସୀତାଦେବୀଙ୍କ ସାହିତ୍ୟ ଚର୍ଚ୍ଚା ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧେ ଆଭାସ ମିଳିଥିଲା ।

ଦୀର୍ଘ ଚାଳିଶଟି ବର୍ଷ ଅତିବାହିତ ହୋଇ ଯାଇଛି । ପୃଥିବୀର ଦ୍ୱିତୀୟ ମହାଯୁଦ୍ଧ କାଳର କରାଳ ଗର୍ଭରେ ଅତିକ୍ରମ କରି ଯାଇଛି । ଦେଶ ସ୍ୱାଧୀନତା ଲାଭ କରିଛି । ସ୍ୱାଧୀନତା ପ୍ରାପ୍ତିର ପୂର୍ବାପର ବିଷୟ ବିଶେଷତଃ ଦେଶର ସାମାଜିକ, ବୈଜ୍ଞାନିକ, ଅର୍ଥନୈତିକ, ଆଧ୍ୟାତ୍ମିକ ଏବଂ ରାଜନୈତିକ ସମସ୍ୟାର ଆକାଶ ପାତାଳ ପରିବର୍ତ୍ତନ ହୋଇଛି । ମଣିଷର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗୁଡ଼ିକର ମୂଲ୍ୟ ଅନେକ ଗୁଣରେ ବଢ଼ିଯାଇଛି ।

ଏଇ ଚାଳିଶବର୍ଷ ମଧ୍ୟରେ ଦେଶର ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଦ୍ଭୁତ ପରିବର୍ତ୍ତନ ହୋଇଛି । ଜନସଂଖ୍ୟା ବହୁ ପରିମାଣରେ ବଢ଼ିଛି । ଓଡ଼ିଶାରେ ପ୍ରାଇମେରୀ ସ୍କୁଲ୍‌ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଗଣ ପଢ଼ିବାକୁ ସ୍କୁଲ କଲେଜରେ ସ୍ଥାନ ପାଇବା ସହଜ ହେଉ ନାହିଁ । ସୌଭାଗ୍ୟର କଥା ସ୍ତ୍ରୀ ଶିକ୍ଷାର ସମୂହ ଉନ୍ନତି ହେବା ସଙ୍ଗେ ସଙ୍ଗେ ଦେଶର ସର୍ବୋଚ୍ଚ ଶାସନକର୍ତ୍ତ୍ରୀ ଭାବରେ, ପ୍ରତିଯୋଗୀତା-ମୂଳକ ପରୀକ୍ଷାରେ, ଚାକିରୀରେ ଏବଂ ରାଜନୈତିକ ନେତା ଭାବରେ ଏବଂ ସାମାଜିକ କ୍ଷେତ୍ରରେ ଅଗ୍ରଗଣ୍ୟ ହୋଇ ପାରିଛନ୍ତି । ଏଣୁ ସାମାଜିକ ପରିବର୍ତ୍ତନ ପ୍ରତ୍ୟେକ କ୍ଷେତ୍ରରେ ବିଶେଷତଃ ମାତୃ ଜାତି ପକ୍ଷରେ ଗୌରବମୟ ଉନ୍ନତି ଲାଭ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇତିମଧ୍ୟରେ ବୈଜ୍ଞାନିକ ଉଦ୍ଭାବନ ସାରା ପୃଥିବୀରେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି । ଚନ୍ଦ୍ରଲୋକରେ ମଣିଷ ପ୍ରବେଶ କରିପାରିଛି । ବୈଜ୍ଞାନିକ ନାମ ତଥ୍ୟ, ଉପକରଣ, ଉପାଦାନ ସମୂହ ଭାବରେ ଉଦ୍ଭାବିତ ହୋଇ ମାନବ ସେବାରେ ବିନିଯୋଗ ହୋଇ ପାରିଛି । ବର୍ତ୍ତମାନ ସୁଦ୍ଧା ବୈଜ୍ଞାନିକ ଗବେଷକମାନେ ଗବେଷଣା ନିରତ ଅଛନ୍ତି—ବିଶ୍ୱର ବିଭିନ୍ନ ସ୍ଥାନରେ ବୈଜ୍ଞାନିକ ଶୀର୍ଷ ସମ୍ମାନ ଲାଭ କରିପାରିଛି ।

ବିଂଶ ଶତାବ୍ଦୀର ପ୍ରତ୍ୟେକ କ୍ଷେତ୍ରରେ ବିଶେଷତ୍ୱ ରହିଛି । ଶତାବ୍ଦୀର ପ୍ରଥମାର୍ଦ୍ଧରେ ଦୁଇଥର ବିଶ୍ୱଯୁଦ୍ଧ ସମ୍ପନ୍ନହୋଇଛି—ଆଣବିକ ବୋମାର ଉଦ୍ଭାବନ ଇତ୍ୟାଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ କାହାକୁ ଅପେକ୍ଷା ନ କରି କାଳର ଗତିରେ ଦ୍ରୁତ ଗତିରେ ଗତି କରି ସମୂହ ଭାବରେ ଉଦ୍ଭାବିତ ହୋଇ ଚାଲିଛି । ବିଂଶ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିବା ମନୀଷୀ ଓ ମଣିଷମାନେ ସମୂହ ଭାବରେ

ସମସ୍ତ ପ୍ରକାରର ଆଧୁନିକ ବୈଜ୍ଞାନିକ ଉଦ୍ଭାବିତ ଉପକରଣର ସୁଖ ସମୃଦ୍ଧି ଉପଭୋଗ କରିବାର ସୁଯୋଗ ସୁବିଧା ପାଇ ପାରିଛନ୍ତି ।

ଯେ କୌଣସି ଦେଶର ସମୃଦ୍ଧି ସାହିତ୍ୟର ବିକାଶ ଉପରେ ନିର୍ଭର କରେ । ଦେଶର ସମ୍ମାନାସ୍ପଦ ଲବ୍ଧପ୍ରତିଷ୍ଠ ଲେଖକମାନଙ୍କର ରଚନାବଳୀକୁ ପ୍ରକାଶନ କରିବା ପ୍ରକାଶକର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଏ ସମ୍ବନ୍ଧେ ସଚେତନ ହୋଇ ସାହିତ୍ୟିକମାନଙ୍କର ବିଭିନ୍ନ ଲେଖାକୁ ଏକତ୍ରିତ କରି ଗ୍ରନ୍ଥାବଳୀ ଆକାରରେ ଅଗଣିତ ପାଠକମାନଙ୍କ ନିକଟରେ ପରିବେଷଣ କରିବା ଉଦ୍ଦେଶ୍ୟରେ ଏଇ ଅନୁଷ୍ଠାନ ବିଗତ ପଚିଶି ବର୍ଷ ହେଲା ଗ୍ରନ୍ଥାବଳୀ ପ୍ରକାଶନ କରି ଆସୁଛି । ବ୍ୟାସକବି ଫକୀର ମୋହନ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, କବିଚନ୍ଦ୍ର କାଳୀଚରଣ, ନାଟ୍ୟକାର ବାଳକୃଷ୍ଣ, ଭାଷାବିତ୍ ଗୋପୀନାଥ, ପଣ୍ଡିତ ମୃତ୍ୟୁଞ୍ଜୟ, ଅଧ୍ୟାପକ ରାଜକିଶୋର, ନାରୀକବି କୁନ୍ତଳା କୁମାରୀ, ହାସ୍ୟରସିକ ଗୋଦାବରୀଶ (ନିଆଁଖୁଣ୍ଟା) ପ୍ରମୁଖ ଲବ୍ଧ ପ୍ରତିଷ୍ଠ ଲେଖକମାନଙ୍କର ଲେଖାଗୁଡ଼ିକୁ ଏକତ୍ରିତ କରି ଫୁଲ ଆକାରରେ ପାଠକ ଦେବତାଙ୍କ ଶ୍ରୀଅଙ୍ଗ ସ୍ପର୍ଶ କରିବାର ସୁଯୋଗ ଲାଭ କରିବାର ପ୍ରୟାସରେ ଏବଂ ଆମର ଉତ୍ତର ପୁରୁଷ-ମାନଙ୍କ ନିମନ୍ତେ କୋଡ଼ିଏ ଖଣ୍ଡି ଗ୍ରନ୍ଥାବଳୀ ନିଉନ ଷ୍ଟାର ପୃଷ୍ଠା ସାଇଜର ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ପୃଷ୍ଠା ପରିବେଷଣ କରିବାକୁ ସମର୍ଥ ହୋଇଛୁ । ତା ଛଡ଼ା ପ୍ରାୟ ପାଞ୍ଚଖଣ୍ଡି ଗ୍ରନ୍ଥାବଳୀ ଅର୍ଦ୍ଧ ମୁଦ୍ରିତ ଅବସ୍ଥାରେ କ୍ରମେ ଗତିକରି ଚାଲିଛି ।

ଓଡ଼ିଶାର ସ୍କୁଲ, କଲେଜ, ପାଠାଗାର କ୍ରମେ ବୃଦ୍ଧି ଲାଭକରୁଥିବାରୁ ଦେଶର ଭବିଷ୍ୟତ ଉଜ୍ଜ୍ୱଳମୟ ମନେ ହେଉଛି—ତେଣୁ ଯେଉଁ ଅଗଣିତ ପାଠକ ପାଠିକାଗଣ ଓଡ଼ିଆ ଭାଷା ସାହିତ୍ୟକୁ ଦୀର୍ଘ ପଚିଶି ବର୍ଷ ହେଲା ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରି ଆସିଛନ୍ତି ସେମାନଙ୍କ ସହଯୋଗ ତଥା ଆମର ଜନପ୍ରିୟ ସରକାରଙ୍କ ସହଯୋଗ ପାଇଲେ ଆମ ଓଡ଼ିଆ ଭାଷା ଓ ସାହିତ୍ୟ ଅଳ୍ପରେ ବୃଦ୍ଧିଲାଭ କରିବା ସଙ୍ଗେ ସଙ୍ଗେ ପ୍ରତିବେଶୀ ସାହିତ୍ୟ ସଙ୍ଗେ ସମକକ୍ଷ ହୋଇ ପାରିବ ବୋଲି ଆଶା କରାଯାଏ ।

ଏଇ ଗ୍ରନ୍ଥାବଳୀର ରଚୟିତା ଶ୍ରୀମତୀ ଖାଡ଼ଙ୍ଗାଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିଛି । ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ । ସେ ଏକାଧାରରେ—ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ଓ ନାଟକ ଲେଖିଛନ୍ତି ।

ସେଥିମଧ୍ୟରୁ ତାଙ୍କର ଆତ୍ମଜୀବନୀ ଏବଂ ତିନିଖଣ୍ଡି ଉପନ୍ୟାସ ଏଥିରେ ସନ୍ନିବେଶିତ ହୋଇଛି । ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ଲେଖା ଦ୍ୱିତୀୟ ଖଣ୍ଡ ଭାବରେ ପ୍ରକାଶ ଲାଭ କରିବାର ବାସନା ରହିଛି ।


ପରିଶେଷରେ, ପରମ ପୁରୁଷ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଏହି ଖାଡଙ୍ଗା ପରିବାରକୁ ଆର୍ଶୀଷୁ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଶେଷ ଜୀବନ ସୁଖ ମୟରେ ଅବିବାହିତ କରିବାକୁ ସୁଯୋଗ ପ୍ରଦାନ କରିବା ନିମନ୍ତେ ବିନମ୍ର ମିନତି ଗ୍ରହଣ କରନ୍ତୁ ।

କଟକ
ବକୁଳ ଅମାବାସ୍ୟା
୧୯୭୮

**ଅନନ୍ତ ମିଶ୍ର**
ପ୍ରକାଶକ

# ଗ୍ରନ୍ଥ ସୂଚୀ


| | | | |
|---|---|---|---|
| ଜୀବନ ସ୍ମୃତି | ... | ... | ୧-୯୯ |
| ପୋଷ୍ୟପୁତ୍ର : ଉପନ୍ୟାସ | ... | ... | ୧୦୩-୧୭୨ |
| ଅଗ୍ରଜ : ଉପନ୍ୟାସ | ... | ... | ୧୭୩-୩୦୧ |
| ପ୍ରତ୍ୟାବର୍ତ୍ତନ : ଉପନ୍ୟାସ | ... | ... | ୩୦୩-୪୮୭ |



ଶ୍ରୀ ବାଞ୍ଛାନିଧି ଖାଡ଼ଙ୍ଗା
ଜନ୍ମ ୧୮୯୭

# ମୋର ଜୀବନ ସ୍ମୃତି

**ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁଃ ଗୁରୁ ର୍ଦେବୋ ମହେଶ୍ୱରଃ**
**ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।**

ଗୁରୁଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ିଦେଇ ମୁଁ ମୋର ଜୀବନର କଥାରୁ କେତେକ ବିଷୟ ଲେଖିବି ବୋଲି ବସିଛି । ଜୀବନରେ ଏମିତି କିଛି ମହତ୍ କାର୍ଯ୍ୟ କରିନାହିଁ, ଯେଉଁ କଥା ନ କହିଲେ ନଚଳେ ; କିନ୍ତୁ ଏଇ କେତେ ଦିନ ହେଲା ରୋଗ ଶଯ୍ୟାରେ ପଡ଼ି ପଡ଼ି ନିଜର ଜୀବନ ଚରିତରୁ କିଛି ହେଲେ ଲେଖିଦେଇ ଯିବି ବୋଲି ମନ ଭିତରେ ଗୋଟାଏ ଉଦ୍‌ବେଗ ପୂର୍ଣ୍ଣ ଆଗ୍ରହ ମତେ ଅନବରତ ଉତ୍ସାହ ଦେଉଛି ।

ମନୁଷ୍ୟର ଜ୍ଞାନ ହେବାପରେ, ତାର ଇଚ୍ଛା ହୁଏ ତାକୁ ସମସ୍ତେ ଜାଣନ୍ତୁ । ତା’ ନାମଟି କୌଣସି ମତେ କୌଣସି କାଗଜରେ ଲେଖା ହୋଇ ରହୁ । ମୋର ମଧ୍ୟ ସେଇପରି ଗୋଟାଏ ଅଦମ୍ୟ ଆକାଙ୍‌କ୍ଷା ହାତ ଟାଣିନେଇ ଲେଖନୀ ଧରିବାକୁ ଦୃଢ଼କଣ୍ଠରେ ଆଦେଶ ଦେଉଛି । ସେ ଆଦେଶ ଅବଜ୍ଞା କରିବାକୁ ମୋର ଶକ୍ତି ନାହିଁ । ସୁତରାଂ, ମୋର କ୍ଷୁଦ୍ର ଜୀବନର କେତୋଟି ସଂକ୍ଷିପ୍ତ ଅଧ୍ୟାୟ ଲେଖିବାକୁ ବଡ ଇଚ୍ଛା-ହେଉଛି ।

ମୋର ଶୈଶବଟା କେମିତି ସୁନ୍ଦର ହୋଇଥିବ କହିପାରୁନାହିଁ, କିନ୍ତୁ ବାଲ୍ୟକାଳର ଅନେକ କିଛି କଥା ସ୍ମରଣ ପଥରେ ରହିଛି । ସେ କାଳରେ ମୁଁ ଯାହା ଅନୁଭବ କରିଥିଲି, ସେ ଅନୁଭୂତି ନେଇ ଜୀବନୀ ଲେଖିବା ନିମନ୍ତେ ମୋର କୌଣସି ସମ୍ବଳ ନାହିଁ । ସେଇପରି ନାମହୀନ, ଜୀବନହୀନ ଭାବରେ ଜୀବନର ଦିନ ଶେଷହୋଇ ଯାଇଥାନ୍ତା; କିନ୍ତୁ, କେତେବେଳେ ପବନରେ ଉଡ଼ି ଆସି ଅଶ୍ୱତ୍ଥ ଗଛର ମଞ୍ଜିଟା ଘରର ଛାତ ସନ୍ଧିରେ ପଡ଼ି ଗଛହୋଇ ଦେଖାଦେଲା । ଘର ଛାତ ଝାଞ୍ଜିରା ହୋଇ ଶହେ ଠାରେ ଫାଟିଫୁଟିଗଲାଣି, ସେ ଗଛଟାର କିଛି କ୍ଷତି ହେବାକୁ ନାହିଁ । ସେ ପାଣି ପବନ ପାଇ ଧୀର ମନ୍ଥର ଗତିରେ ବଢ଼ିଚାଲିଛି । ଛାତରୁ କେତେ ରସ କେମିତି କରି ସେ ସଂଗ୍ରହ କରିପାରୁଛି, ତାକୁ ଯେ ସୃଷ୍ଟି କରିଛି, ସେ କଥା ସେହି ଜାଣେ ।

ସୃଷ୍ଟିକର୍ତ୍ତା କେଉଁଠୁ କେମିତି ସୁଯୋଗ ପାଇ ମୋ ହୃଦୟ ମରୁଭୂମିରେ ମୁଠାଏ ଜ୍ଞାନବୀଜ ଫିଙ୍ଗିଦେଲେ ସେ କଥା କିଏ ଜାଣେ ! ପଥର ଛାତ ଉପରେ ଗଛ ଦେଖି ମୁଁ ପ୍ରଥମେ ଅବାକ୍ ହୋଇ ବାକ୍ୟ ଗଡ଼ିଗଲି । ନିଜ କଥା ଲେଖିବାକୁ ଗଲେ ଅନ୍ୟ ଅନେକଙ୍କ କଥା ସ୍ୱାଭାବିକ ଭାବରେ ସେ ଭିତରେ ଆସିଯିବା କଥା । ଯେଉଁମାନେ ଅତ୍ୟନ୍ତ ସାବଧାନ ସେମାନେ ଅନ୍ୟମାନଙ୍କଠାରୁ ଦୂରେଇ ଦୂରେଇ ଯାଇ ଆପଣା କଥା ଲେଖିଦେଇ ପାରୁଛନ୍ତି । ସେଥିରେ ଲେଖକର ଶକ୍ତି, ସାହସ ଏବଂ ଶୌର୍ଯ୍ୟର ପ୍ରାଚୁର୍ଯ୍ୟ ଦେଖାଯାଇ-ଥାଏ । ଜୀବନୀ ଲେଖିବା କଅଣ ଆପଣାର ଶକ୍ତି ସାହସକୁ ଭାଷା ଦେଇ ପ୍ରକାଶ କରିବା ? କିନ୍ତୁ ମୁଁ ଯେ ମୋ କଥା ଲେଖିବାକୁ ଆରମ୍ଭ କରିଛି, କେବଳ ମୋର କର୍ମକୁଶଳତା ଦେଖାଇବାକୁ । କି କର୍ମ କରିଛି ଯେ କେଉଁ କୁଶଳତା ଦେଖାଇବି । ଆଧୁନିକ ଜୀବନୀ ଲେଖକମାନେ କି ସୁନ୍ଦର କୌଶଳରେ ଆପଣାକୁ

ପ୍ରକାଶ କରୁଛନ୍ତି, ସେ ଲେଖା ପଢ଼ି ପଢ଼ି ମନ ଭିତରେ କେତେ କଳ୍ପନା କେତେ ରଚନା ସୃଷ୍ଟି ହୋଇ-ଯାଉଛି । ସେଇ ସଙ୍ଗେ ସଙ୍ଗେ ଲୋଭହେଉଛି, ନିଜ ଜୀବନ କଳକାଠିକୁ ଇମିତି ସରସ ସୁନ୍ଦର କରି ଫୁଟାଇ ପାରନ୍ତି କି ; କିନ୍ତୁ ସେ କଥା ସମ୍ଭବ ହେବ କମିତି ? ଆମର ପିତୃପିତାମହ ଯେ ପୁଅମାନଙ୍କୁ କାନରେ ମନ୍ତ୍ର ଦେଇଯାଇଛନ୍ତି, ସେମାନେ ସୃଷ୍ଟି କାର୍ଯ୍ୟର ସାଧନାରେ ସିଦ୍ଧିଲାଭ କରିବେ । ଆମମାନଙ୍କୁ ଆମର ମାଆ, ମାଉସୀ, ଖୁଡ଼ୀ ଦେଇଠେଇ ଭାତ ରାନ୍ଧିବା ଶିକ୍ଷା ଦେଇଛନ୍ତି । ରାତି ପାହାନ୍ତିରୁ ଶଯ୍ୟା ଛାଡ଼ିବାଠୁ ପୁଣି ଶୋଇବା ପର୍ଯ୍ୟନ୍ତ, ରନ୍ଧାବଢ଼ା, ଆଚ୍ଛର, ଆମ୍ବୁଲ ସାଇତି ଶୁଖେଇ ରଖିବା, ପୂଜା ପାର୍ବଣ ଦାନ ନିମନ୍ତେ ଘର ଅଗଣା ଦାଣ୍ଡ ଦୁଆରୁ ଗୋରୁଗୁହାଳ ପର୍ଯ୍ୟନ୍ତ ଲିପାପୋଛା କରୁକରୁ ସମୟ କେଉଁଆଡ଼େ ଗୁଲିଯାଉଛି । ଅବଶ୍ୟ ଏ କଥା ମୋର ବାଲ୍ୟ କୈଶୋରର କଥା ।

ଏ ଯୁଗରେ ନାରୀମାନେ ସ୍କୁଲ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଆସି ଧନ ଉପାର୍ଜନ କଲେଣି; କିନ୍ତୁ ସୃଷ୍ଟିକାର୍ଯ୍ୟରେ ପୁରୁଷର ସମଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି । ଏକାଥରକେ କେହି ଜଣେ ହେଲେ ପାରିନାହାନ୍ତି କହିହେବ ନାହିଁ, ତେବେ ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ । କେହି କେଉଁଠି କରିଥିବେ ନିଶ୍ଚୟ । ମୁଁ କଅଣ ସବୁଗୁଡ଼ିକ ପଢ଼ି ପାରିଛି ।

ମୁଁ ଜଣେ ସ୍ତ୍ରୀ ବ୍ୟକ୍ତି । ଭାରତ ଦେଶ ସ୍ୱାଧୀନ ହେବା ପୂର୍ବରୁ ମୋର ବାଲ୍ୟ, କୈଶୋର ଯାଇ ଯୌବନ କାଳ ମଧ୍ୟ ଅତୀତରେ ମିଶି ମିଶି ଆସୁଥିଲା ।

ମୋ ବାପା ହରିହର ପଣ୍ଡା ୧୮୭୭ ଖ୍ରୀଷ୍ଟାବ୍ଦରେ ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଗ୍ରାମରେ ଜନ୍ମହୋଇ-ଥିଲେ । ପିତାମହଙ୍କ ନାମ ବ୍ରଜସୁନ୍ଦର ପଣ୍ଡା । ସେମାନେ କକେଇ ବଦେଇ ପୁଅ ମିଶି ଛଅ ଭାଇ ହୋଇ ଏକାନ୍ନବର୍ତ୍ତୀ ପରିବାର ଭିତରେ ରହୁଥିଲେ । ଧନ ଜନରେ ଘର ଭରିହୋଇ ରହିଥିଲା । ମୋ ବାପା ଥିଲେ ଗଞ୍ଜାମ ଜିଲାର ପ୍ରଥମ ଏବଂ ଜଣେ ପ୍ରତିଷ୍ଠିତ ଓକିଲ । ଗଞ୍ଜାମ ଜିଲାର ଘୁମୁସର ତାଲୁକାରେ ମନ୍ଦାର ବୋଲି ଗୋଟିଏ ଗ୍ରାମ ଥିଲା । ଏଇ ଶତହବର୍ଷ ଭିତରେ ମଧ୍ୟ ଜଣେ କେହି ସେ ଗାଁରୁ ବାହାରି ଇଂରାଜୀ ବିଦ୍ୟା ଅଧ୍ୟୟନ କରି ଓକିଲ କିମ୍ବା ମାଜିଷ୍ଟ୍ରେଟ୍ ହୋଇପାରି ନାହାଁନ୍ତି । ସେଇ ଜଣେ ବ୍ୟକ୍ତିଙ୍କ ମନରେ କେଉଁଠାରୁ ଆସିଲା ଏ ଭାବନା, ସେ ସର୍ବଶକ୍ତିମାନ ହିଁ ଜାଣନ୍ତି । ବାଲ୍ୟକାଳରେ ସେ ଗାଁର ଚାଟଶାଳୀରେ କେତେ ଦୂର ପର୍ଯ୍ୟନ୍ତ ପଢ଼ିଥିଲେ ମୁଁ ଜାଣେନାହିଁ; ତେବେ ଏ କଥା ଜାଣିଥିଲି ଯେ ଅଠର ବର୍ଷ ବୟସରେ ସେ ମନ୍ଦାର ଛାଡ଼ି ଆସିକାରେ କେତେବର୍ଷ ରହି ପଢ଼ିଥିଲେ ।

ଆସିକା ପାଖରେ ନଳବଣ୍ଟା ଗାଁରେ ବାପାଙ୍କ ବଡ଼ ଭଉଣୀ ଥିଲେ, ସମ୍ଭବତଃ ସେ ସମୟକୁ ସ୍ୱାମୀଙ୍କ ସହିତ ଘର ସଂସାର କରୁଥିଲେ । ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଆଉ ଆସିକା ନିକଟରେ ନଳବଣ୍ଟା । ସେ ସମୟର କଥା ସ୍ମରଣକଲେ, ବିସ୍ମୟ ବୋଧହେଉଛି । ତାଙ୍କ ସ୍ୱାମୀଙ୍କୁ ବତିଶ ବର୍ଷ ବୟସ ହୋଇଥିବା ସମୟରେ ସେ ମୃତ୍ୟୁମୁଖରେ ପଡ଼ିଗଲେ । ମୋ ପିଉସୀଙ୍କ ନାମ ହୀରା । ମୁଁ ଦେଖିବା ସମୟକୁ ବୈଧବ୍ୟ ବେଶରେ ମଧ୍ୟ ସେ ସୁନ୍ଦର ଦିଶୁଥାନ୍ତି । ଯୌବନକାଳରେ ଆହୁରି ସୁନ୍ଦରୀ ହୋଇଥିବେ । ଗରିବ ଅବସ୍ଥାରେ ତାଙ୍କ ସ୍ୱାମୀ ଧାନ କିଣାକିଣା ବ୍ୟବସାୟ କରି ପରିବାର ପୋଷୁଥିଲେ । ଆସିକା ଅଞ୍ଚଳରୁ ଧାନ ଦୁଇଗାଡ଼ି (ବଳଦ ଶଗଡ଼ରେ) କିଣି ନେଇ ବ୍ରହ୍ମପୁରରେ ବିକ୍ରୀ କରନ୍ତି, ଶଗଡ଼ ଗୋଟାକରେ ପାଞ୍ଚ, ସାତ ଟଙ୍କା ଲାଭ ହେଉଥିବ । ସେ ସମୟରେ ଯେଉଁଠି ସେଇଠି କଲେରାର ଭୟଙ୍କର ରୂପ ପ୍ରକାଶ ପାଉଥାଏ । ହୀରା ପିଉସୀଙ୍କ ସ୍ୱାମୀ ନଳବଣ୍ଟାରୁ ଧାନ ଧରି ବାହାରନ୍ତି ସନ୍ଧ୍ୟା ସମୟକୁ । ପର ସନ୍ଧ୍ୟାରେ ବ୍ରହ୍ମପୁରରେ ପହଞ୍ଚିବା କଥା । ରାସ୍ତାରେ ବ୍ରହ୍ମପୁର ପାଖାପାଖି କୌଣସି ଗଛମୂଳେ ଶଗଡ଼ ରଖି ପାଖର ପୋଖରୀରୁ ପାଣି ଆଣି ଗୋଟେଇ

କରନ୍ତି । ବଳଦ ହଳକ କୁଣ୍ଡା ପାଣି ଖୁଆନ୍ତି । ସେଇଠାରେ ହିଁ ଦାସଙ୍କୁ କଲେରା ଆକ୍ରମଣ କଲା । ଶଗଡ଼ିଆମାନେ ସେଇ ଧାନ ଶଗଡ଼ ଉପରେ ଶୁଆଇ ଦେଇ ଆଣି ଶବଟିକୁ ନଳବଣ୍ଟାର ତ.ଙ୍କ ନିଜ ଘରେ ରଖିଦେଇଗଲେ ।

ଏଇଠାରେ ତାଙ୍କ ଜୀବନ ଇତିହାସ ଶେଷ । ସେଇ ପିଉସୀଙ୍କର ଦୁଇଟି ପୁଅ ଥିଲେ । ଦେଖିବାକୁ ଦୁଇଟାଯାକ ପୁଅ ଖୁବ୍ ସୁନ୍ଦର । ମୋର ବୟସ ପାଞ୍ଚ ଛଅବର୍ଷ ସମୟରେ ପିଉସୀଙ୍କ ସାନ ପୁଅ ବସନ୍ତ କଲେରାରେ ମରିଗଲା । ବଡପୁଅ ଆକୁଳ, ଲମ୍ବା ପାତଳ, ଲମ୍ବା ଗଠନ ମୁହଁ । ମୁହଁ ଶୁଭ୍ର, ପ୍ରଶସ୍ତ, ଲଲାଟ, ଡାଳିମ୍ବ ବୀଜ ଦନ୍ତପନ୍ତି, ଭ୍ରମରକୃଷ୍ଣ ଆଖି । ମୋ ପିଉସୀ କହେ, "ତୋ ପିଉସା ମୋର ଆକୁଳଠୁ ଆହୁରି ସୁନ୍ଦର ।"

ମନ୍ଦାର ପଣ୍ଡା ଘର ବୋଲି କହିଲେ, ଧନ ଜନ ପ୍ରଭାବ ଇତ୍ୟାଦିରେ ସେ ଅଞ୍ଚଳରେ ଖ୍ୟାତି ଅର୍ଜିଥିଲେ । ଶ୍ରାଦ୍ଧ, ଶାନ୍ତି, ବ୍ରତ ବିବାହରେ ହଜାର ହଜାର ବ୍ରାହ୍ମଣଙ୍କୁ ଡାକି ଭୋଜନ ଦେଉଥିଲେ । ଏଇପରି ଯଶ ସ୍ଥାପନପାଇଁ ଅର୍ଥ ବ୍ୟୟ କରିବାକୁ ମୋର ପିତାମହ ତଥା ପ୍ରପିତାମହ ଅକୁଣ୍ଠିତ ଥିଲେ ବୋଲି ମୋର ସେଇ ହୀରା ପିଉସୀନାମୀଙ୍କଠାରୁ ହିଁ ଶୁଣିଛି । ମୋ ବାପାଙ୍କର ବାପା ବ୍ରଜସୁନ୍ଦର ପଣ୍ଡା, ଧର୍ମ ପଣ୍ଡା, ବାସୁଦେବ ପଣ୍ଡା ପ୍ରଭୃତି ଛଅ ଭାଇ ହୋଇଥିଲେ । ସମସ୍ତଙ୍କର ନାମ ସ୍ମରଣକରି ହେଉନାହିଁ । ଏ ଛଅ ଭାଇ ଭିନ ବାପାଙ୍କର ଦୁଇ ଦୁଇଟି ପୁଅ ହୋଇଥିଲେ । ଏମାନଙ୍କ ଭିତରୁ ବାପାଙ୍କ ବାପା ଭଞ୍ଜ ରାଜବଂଶର କୌଣସି ରାଜାଙ୍କର ଜଣେ ପାରିଷଦ ଥିବା ମଧ୍ୟ ଶୁଣିଛି । ତାଙ୍କ ସହୋଦର ବାସୁଦେବ ପଣ୍ଡା ନିରନ୍ତର ମାମଲା ମକଦ୍ଦମାରେ ଆସିକା, ବ୍ରହ୍ମପୁର କୋର୍ଟ କଚେରୀ କରିବାରେ ଲାଗିଥାନ୍ତି । ଅସମୟରେ ଗରିବ କୃଷକ, ମୂଲିଆଙ୍କୁ ଟଙ୍କା, ଧାନ ଧାର ଉଧାର ଦେଇ ଚଢ଼ା ସୁଧରେ ସେମାନଙ୍କର ଜମି ଖଣ୍ଡିକ ଓକିଲ ସାହାଯ୍ୟରେ ଆତ୍ମସାତ୍ କରିନିଅନ୍ତି ।

ବାସୁଦେବ ପଣ୍ଡା ଆସିକା, ବ୍ରହ୍ମପୁର ଓକିଲମାନଙ୍କର ପ୍ରଭାବ ପ୍ରତିପତ୍ତି ଦେଖି ତାଙ୍କର ଆପଣା ଘରୁ ଜଣେ ଓକିଲ ହେଲେ କେତେ ଧନ, କେତେ ଯଶ, ପ୍ରଭାବ ବଢ଼ିଯାଆନ୍ତା, ଏଇ ଆଶା ଏବଂ ଉତ୍ସାହରେ ମୋ ବାପାଙ୍କୁ ଓକିଲାତି ପଢ଼ାଇବା ଉଦ୍ଦେଶ୍ୟରେ ଇଂରେଜୀ ପଢ଼ିବାକୁ ପଠାଇଥିଲେ ।

'ମୁଁ କାହିଁକି ମୋର ଜୀବନ କଥା ଲେଖୁଛି' ବୋଲି କଥାଟା ଆରମ୍ଭକରି ପ୍ରଥମେ ବାପାଙ୍କ କଥା ଲେଖିବା ଆବଶ୍ୟକ ମନେକଲି । ବାପାଙ୍କ କଥା ମୁଁ ବା କିମିତି ଜାଣିଲି । ସେ ଜାଣିବା ବିଷୟ ପ୍ରକାଶ କରିବା ନିମନ୍ତେ ଆସିଲା ହୀରା ପିଉସୀଙ୍କ କଥା, ତା'ପରେ ଆସିଲେ ବାସୁଦେବ ପଣ୍ଡା ।

କିନ୍ତୁ ମୋର ସେ ହୀରା ପିଉସୀ କେତେ ରୂପ ଧରି ହସି କାନ୍ଦି କଥା କହୁଯାଉଛି । ଷାଠିଏ ବର୍ଷ ତଳର କଥା, ଆଜି ପୁଣି ନବୀନ ଭାଷାରେ ରୂପଧରି ମୋ ହୃଦୟକୁ ଆଲୋଡ଼ିତ କରୁଛି । ସେଇ ଗୋଟିଏ ବ୍ୟକ୍ତି ହୀରା ପିଉସୀ, କୋଟିଏ ରୂପ ଧରି ମୋ ଦେହମନର ରନ୍ଧ୍ରଆଡ଼େ ବ୍ୟାପିଯାଇଛି । ଏତେଦିନ ପରେ ତାଙ୍କୁ ମୁଁ ଶ୍ମଶାନପ୍ରାନ୍ତରୁ ଖୋଜି ଆଣିବାକୁ ବସିଛି । କେଉଁଠି ଧନୀ ପିତାର କନ୍ୟା ସେ । ତାଲୁକ ମୂଳକର ଅଧିପତି ହୋଇ ଝିଅଟାକୁ ଭରଣେ ଜମି କି ଟଙ୍କା ଶରହେଟା କେବେ ଦେଇନଥିଲେ । ଘରେ ଯା' ଆଉ ସ୍ୱାମୀଙ୍କ ବଡ଼ ଭାଇ । ସେ ମଧ୍ୟ ସେଇ ଧାନ, ମୁଗ, ବିରି କରି ପରିବାର ପୋଷନ୍ତି । ତାଙ୍କରି ପାଖରେ ସ୍ୱାମୀନାମୀ ଛଅ ମାସ ରହିଲେ, ବର୍ଷେ ଦୁଇ ବର୍ଷ ମନ୍ଦାରରେ ରହେ ।

ହୀରା ପିଉସୀ ତା ନିଜ ଜୀବନ କାହାଣୀ କହିବା ସହିତ, ପିତୃ, ପିତାମହ, କକେଇ, ଦଦେଇ, ଖୁଡ଼ୀ ଦେଢେଇ, ମାଉସୀ ସମସ୍ତଙ୍କ ଇତିହାସ କହିଯାଏ । ମୋ ଗୋସେଇଁ ବାପାଙ୍କ ବାପାଙ୍କର ସୁନ୍ଦର ଛଅଟା ଝିଅ ଥିଲେ । ବାପା-ମାଆ ସେମାନଙ୍କୁ ଅତି ଦରିଦ୍ର ପରିବାରରେ ବିବାହ ଦେଇଥିଲେ । ସେମାନଙ୍କର ସ୍ୱାମୀମାନେ ଆସି ଶ୍ୱଶୁରଙ୍କ ପାଖରେ ରହୁଣିଆଁ

ହୋଇ ରହୁଥିଲେ । ଭୂମି ଚାଷରେ ସାହାଯ୍ୟ କରୁଥିଲେ । ନିଜ ଗାଁ ଛଡ଼ା ଅନ୍ୟ ଗାଁମାନଙ୍କରେ ଚାଷକାର୍ଯ୍ୟ ଦେଖିବାକୁ ବାପାଙ୍କ ଗୋସେଇଁ ବାପ ଯାଇଥାନ୍ତି । ଜୋଇଁ ରାନ୍ଧି ବାଢ଼ି ଖୁଆନ୍ତି । ଶଶୁର ଚାଉଳ ମାପକରି ଦେବେ ଜୋଇଁଙ୍କୁ ରାନ୍ଧିବା ନିମନ୍ତେ । କଟା ମାଛ ଖଣ୍ଡ ଖଣ୍ଡ କରି ଗଣିକରି ଦେଇଥିବେ । ଖାଇବା ସମୟରେ, କହିବେ "କହେ ! ରଥ ପୁଅ, (ଜୋଇଁଙ୍କ ସଙ୍କା ରଥ ଆହୁରି ତ ଚାରି ଖଣ୍ଡ ମାଛ ଥିବ । ଆଉ ଦି' ଖଣ୍ଡ ଆଣ ।" ଜୋଇଁ କ୍ରୋଧ ଅଭିମାନରେ ଦୁମ୍ ଦୁମ୍ ଚାଲିଯାଇ ସବୁତକ ତରକାରି ତାଙ୍କ ଥାଳିରେ ଅଜାଡ଼ିଦେଇ ଚାଲିଆସିବେ ।

ଏଇସବୁ କଥା ହୀରା ପିଉସୀ କହନ୍ତି । କି ଗମ୍ଭୀର ଧ୍ୟାନଦେଇ ଶୀତଦିନେ ନିଆଁ ଉହ୍ମେଇଁ ପାଖରେ ବସି ମୁଁ ଶୁଣୁଥାଏ, ହୀରା ନାନୀଙ୍କର ଦେହକୁ ଲାଗି ବସିଥାଏ । ମୋ ମଆ ସମୟେ ସମୟେ ମୋର ସେ ଗଳ୍ପ ଶୁଣାରେ ବାଧା ସୃଷ୍ଟିକରେ । "ଆମେ ବହିଥିବୁ ନିଆଁ ଉହ୍ମେଇଁ ଧରି, ରାନ୍ଧୁଣିଆ ପିଲାଟା କେତେ କାମ କରିବ ।" ମାଆର ଅକାରଣ ବିରକ୍ତି ଦେଖି ମୁଁ ଦୁଃଖରେ ଶୋଇପଡ଼େ । ବୁଢ଼ୀ ନାନୀ ଟିକିଏ ସଙ୍କୋଚରେ ରାନ୍ଧୁଣିଆ ଟୋକାକୁ ପଚାରେ "କଅଣ କଟାକଟା କରିଦେବୁକିରେ ? ଦେ ପରିବାଟା କାଟିଦେବି ।"

ଚଉଦ ପନ୍ଦର ବର୍ଷ ବୟସର ପିଲା ରାନ୍ଧୁଣିଆ ପରିହାସ ମିଶାଇ କହେ, "ଆଉ କାଟିବାକୁ କିଛି ନାହିଁ । ବାବୁଙ୍କର ସନ୍ତୁଳା ପାଇଁ ଦି'ଟା ବାଇଗଣ, ଆଳୁ ଗୋଟେ କାଟି ଦେଇଛି । ଡାଲି ତ ମଧ୍ୟ ଏତିକି ମୁଣ୍ଡିଏ ମାଆ ଦେଇଥିଲେ, କିଏ କଅଣ ଖାଇବେ କେଜାଣି ।"

ମୁଁ ସେଇ ନିଆଁ ଉହ୍ମେଇଁ ପାଖକୁ ବସି କୁଙ୍କିରି କାଙ୍କିରି ହୋଇ କଥା ଶୁଣୁଥାଏ । ମନରେ ଦୁଃଖ ହୁଏ, ଗରିବ ହେଲେ କେତେ ଦୁଃଖ, କେତେ ସନ୍ତାପ ଭୋଗକରିବାକୁ ହୁଏ । ଏମାନଙ୍କର ମାଆ ବାପା ସନ୍ତାନ ବୋଲି ଜନ୍ମଦେଇ ଝିଅ ହେଲେ, ତାଙ୍କୁ ତାର ଛଅ ବର୍ଷ ବୟସରୁ ଉପଦେଶ ନିର୍ଦ୍ଦେଶ, ଦେଇ-ଚାଲିଥାନ୍ତି, ସେ କିମିତି ଶୀଘ୍ର ବିବାହକରି ଯିବ ବୋଲି । ବର ଗୋଟିଏ ସବାରିରେ ବସି ଆସିବ, ଭେରି, ତୁରି, କାହାଳୀ, ଦମଦମ, ଟୁଙ୍ଗ୍ ଟୁଙ୍ଗ୍ ଶବ୍ଦରେ ଚମତ୍କାର ବାଦ୍ୟ ବାଜିବ । ସେ ଯାଇ ସେ ସ୍ୱାମୀର ଘରେ ଘର କରିବ । ଜନ୍ମସ୍ଥାନରୁ ନେବେ ଖଦି ଗାମୁଛା ଦିଖଣ୍ଡି । ଗଣ୍ଡେ ହଳଦି, କେତେ ହାଣ୍ଡି ଗୁଡ଼ ଉଖୁଡ଼ା । ଏଇ ସବୁ ଭାର ସମ୍ଭାର ନେଇ ଝିଅ ଯାଉଥିଲା ଶାଶୁ ଘରକୁ । ବଳଦ ଶଗଡ଼ରେ ବସି ବାହାରିଲାବେଳକୁ ସାଥିରେ କେହିହେଲେ ଜଣେ ପିଉସୀ ପୁଅ ଭାଇ ଯିବ ।

ଷାଠିଏ ବର୍ଷ ବୟସରେ ତାର ଯେଉଁ ରୂପ ମୁଁ ଦେଖିଥିଲି, ଚଉଦ ପନ୍ଦର ବର୍ଷ ସମୟରେ ସେ କିମିତି ଦିଶୁଥିବ, ସେ କଥା କେବଳ ମୁଁ କଳ୍ପନାକରେ । ଏଇ ପିଉସୀଟି ସମ୍ବନ୍ଧରେ ଏତେ ବିସ୍ତୃତ ବର୍ଣ୍ଣନା କାହିଁକି କରୁଛି । ତାର କାରଣ ଏ ଯେ କଥାଟିର ଆରମ୍ଭ କେବଳ ତାହାରି ମୁହଁରୁ ଶୁଣିବା କଥା । ଏ ଭିତରେ ଥିବା ପିତୃବଂଶର କଥା ସମ୍ପୂର୍ଣ୍ଣ ସତ୍ୟ ଏବଂ ପ୍ରତ୍ୟକ୍ଷ ଆଖ୍ୟାୟିକା ।

ପ୍ରଥମେ ବାପାଙ୍କର ଜୀବନ ଆରମ୍ଭର କଥା ଲେଖିବା ଆବଶ୍ୟକ, ତା'ପରେ ଅନ୍ୟ ଅନାବଶ୍ୟକ କେତେକ ବିଷୟ ମଧ୍ୟ ସେଥି ସହିତ ଆସିଯାଇ ପାରେ ।

ମୋର ବଡ଼ ପିଉସୀ ବାପାଙ୍କଠାରୁ ବୟସରେ ଦଶବର୍ଷ ବଡ଼ ହୋଇଥିବ । ତାର ଠିକ୍ ବୟସ କେତେ ମୁଁ ଜାଣି ନଥିଲି । ହୀରା ପିଉସୀଙ୍କ ପରେ ଦଦେଇ । ତାଙ୍କ ପରେ ଆଉ ଚାରିଭଉଣୀ । ଏଇ ବଡ଼ ଭଉଣୀଟି ଦେଖିବାକୁ ଯିମିତି ପ୍ରିୟଦର୍ଶିନୀ, ତାର କଥା-ଗୁଡ଼ିକ ମଧ୍ୟ ସିମିତି କରୁଣ ମଧୁର । ତା ମୁହଁ ଚାହିଁଲେ ମନେହୁଏ ଆଖିରୁ ତାର ଅଶ୍ରୁ ଝରିପଡ଼ୁଛି । ଶୋକଗଦ୍‌ଗଦ କଣ୍ଠରେ କଅଣ ଗୋଟାଏ କହି ଯାଉଛି ।

ଇମିତି ଯେଉଁ ସତୀ ସାଧ୍ୱୀ ବୈଧବ୍ୟଦୁଃଖ ପୀଡ଼ିତା ଜ୍ୟେଷ୍ଠା ଭଗ୍ନୀ, ମୋ ବାପା ତା ସହିତ ପଦେ

କେବେ କଥା ହେବା ମୁଁ ଶୁଣିନାହିଁ । ଭାତ ମୁଠାଏ ଖାଇବା ଆଶାରେ ମାସେ ଦୁଇମାସ ସବୁ ସନ୍ଧ୍ୟାକର ଭାଇଘର ବୋଲି ପଡ଼ିରହେ । ସେ ସମୟରେ ଚାଉଳ ସେର ଚାରି ପଇସା । ମୁଁ ଜାଣିବାରେ ଘିଅ ସେର ଟଙ୍କାଏ । ତେଲ ଚାରି ଅଣା । ବାଇଗଣ (ବିଶା ଦୁଇଶ ଭରି) ବିଶାକର ମୂଲ୍ୟ କେବେ ପାଞ୍ଚ ପଇସା, କେବେ ଛଅ ପଇସା ଇମିତି ଅବସ୍ଥାରେ ମଧ୍ୟ ଅଧିକା ଜଣକୁ ଖାଇବାକୁ ଦେବାପାଇଁ କେତେ ବିରକ୍ତି । ମନ୍ଦାର ଗାଁରୁ ଚାଉଳ, ମୁଗ, ହରଡ଼, ବିରି, ସୋରିଷ, ଆମ୍ବ ଦିନରେ ଆମ୍ବ ଏତେ ଆସେ । ଅଥଚ ପୈତୃକ ପଦାର୍ଥରେ ଝିଅର ଭଲେହେଲେ ଅଧିକାର ନଥାଏ ।

ହୀରା ପିଉସୀଙ୍କର ପୁଅ ଆକୁଳ ପ୍ରତିଦିନ ଗାଁରୁ ଚାଉଳ ଧରି ଋଷିକୂଲ୍ୟା ନଦୀ ସେ ପାଖର ଶ୍ମଶାନ ତୋଟା ପାରହୋଇ ଆସିବା ସମୟକୁ ପିଉସୀ ନାନୀ ମତେ ସାଥିରେ ଧରି ଯାଇ ନଦୀପାଖରେ ପାହାଚ ଉପରେ ଠିଆ ହୋଇ ସେଇ ଆଡ଼କୁ ଚାହିଁରହିଥାଏ । ଏବେ ମୋର ମନେ ପଡ଼ୁଛି, ସେ କେଡ଼େ ଆବେଗରେ ମତେ ଦୂରରୁ ଦେଖେଇ ଦିଏ 'ହେଇଟିଲେ ବୈଦେଈ (ତା ଶାଶୁ ନାଁ ସୀତା ବୋଲି ମତେ ସେ ବଇଦେଈ ବୋଲି ଡାକେ) ମୋର ଗେହ୍ଲଟା ଅସରଳା ଆସୁଛି ।' ସେ ସମୟକୁ ବୟସ ତାର ତିରିଶି ଭିତରେ । ଦେଖିବାକୁ ଏଡ଼େ ସୁନ୍ଦର ଯେ ନଦୀବାଲି ଉପରେ ଚାଲି ଆସିବା ସମୟର ତାର ସୁନ୍ଦର ମୁଖରେଖା, ଲମ୍ବା ଶୀର୍ଣ୍ଣ ସୁଗଠିତ ଦେହଟି ମନେ ରହିଯାଇଛି । ଶୀତ କାକର, ଅସ୍ତସୂର୍ଯ୍ୟର କିରଣରେ, ସେ ଗୋଟିଏ ସୁନାରେ ତିଆରି ମନୁଷ୍ୟପରି ଦିଶୁଥାଏ ।

ଚାଉଳ ବସ୍ତାଟି ମୁଣ୍ଡରେ ଧରି ସେଇଆଡ଼ୁ ସେ ଆସିକା ବଜାର ଦେଇ ଦାଣ୍ଡ ବାଟରେ ଆମ ଘରକୁ ଆସେ । ମୋ ମାଆ ଭଣଜା ସାଙ୍ଗରେ କଥାବାର୍ତ୍ତା କରେ, କିନ୍ତୁ ଖାଇବା ସମୟ ଆସିଗଲେ ଆସେ ସବୁ ଝଞ୍ଜଟ । ପିଉସୀ ନାନୀ ଏଣେ ରନ୍ଧାଘର ଦୁଆର ପାଖକୁ ଯାଇ ରାନ୍ଧୁଣିଆ ଟୋକାକୁ ଅନୁନୟ ବିନୟ କରୁଥାଏ 'ଉଷୁନା ଚାଉଳଟା, ଡାଲିଟା ଆଗ ବସେଇ ଦେରେ । ପିଲାଟା ଆସିଛି ମୁଠେ ଖାଇଦେଇ ଯିବ ।

ଆମରି ରନ୍ଧାଘରର ବଡ଼ ଝରକା ଆଉ କବାଟ ଏପାଖ ବାରଣ୍ଡା ଆଡ଼କୁ ଥାଏ । ଦକ୍ଷିଣ ପାଖକୁ ଆଉ ଗୋଟିଏ ଛୋଟ ବଖରା । ସେଟା ସ୍ତ୍ରୀ ଅତିଥିମାନଙ୍କର ଭୋଜନ କକ୍ଷ । ସେଇ ଘରେ ବାସନ କୁଶନ, ଶାଗ-ସବ୍ଜି, ଗରମ ଦିନରେ ଆମ୍ବୁଲ ଆଚାର । ସେ ଘରଟାରେ ରଙ୍ଗମାଟି ଲିପାହୁଏ । ଆମେ ସମସ୍ତେ ଖାଇ ସାରିଲେ ଲିପାପୋଛା ହେବାପରେ ଦଉଡ଼ି ମଶିଣା ଉପରେ କନ୍ଥା ବିଛେଇ ମୁଁ ସେ ଘରେ ଶୁଏ । ମୋର ମନେଅଛି, ତକିଆ ଗୋଟାଏ ନ ହେଲେ ମୋର ଚଳେନାହିଁ । ତକିଆଟି କମିତି କେଉଁ ସୂତ୍ରରେ ମୋର ହୋଇପାରିଥିଲା କହିହେବନାହିଁ । ହୀରା ପିଉସୀ ଓ ଆଉ ଅନ୍ୟ ପିଉସୀମାନେ ଆସିଲେ ସେଇ ଘରେ ଖାଆନ୍ତି, ସେଇ ଘରେ ଶୁଅନ୍ତି । ସେ ଯୁଗରେ ସ୍ତ୍ରୀମାନେ ଯେଉଁ ଅବସ୍ଥାରେ ଥିଲେ, ବର୍ତ୍ତମାନ ବଡ଼ ବଡ଼ ଧନୀ ସମ୍ଭ୍ରାନ୍ତଘରମାନଙ୍କରେ ଜର୍ସି, ହରିଆନା-ଗାଈମାନଙ୍କୁ ସେମାନଙ୍କଠାରୁ ଅଧିକ ଯତ୍ନ, ସେବା ଶୁଶ୍ରୂଷା ଇତ୍ୟାଦି କରାଯାଉଛି । ମୋର ଚାରି ପିଉସୀ ହୀରା, ମୁକ୍ତା, ରତନ, ଜେମା । ମତେ ସାତ ଆଠବର୍ଷ ବୟସ ହୋଇଥିବା ସମୟରେ ଶେଷ ପିଉସୀ ଜେମା ମଧ୍ୟ ବିଧବା ହେଲେ ।

ଆଜି ଏମାନଙ୍କର ସ୍ମୃତି ମୋର ଏ ଶେଷ ସମୟରେ ଆସି ମୋତେ ସଜାଗ କରିଦେଉଛି । ହୀରା-ନାନୀର ଆଖିରୁ ଧାର ଧାର ଲୁହ ବହିଯାଉଛି । ଏଡ଼େ ବଡ଼ ବିଦ୍ୱାନ୍ ଧନୀ ଭାଇ ବଡ଼ ଭଉଣୀ ଆଡ଼କୁ ମୁହଁକରି କଥା କହି ନ ଥିଲେ । ପୁରାଣ କଥାର ଯେ କୌଣସି ମହୀୟସୀ ମହିଳାଠାରୁ ଆପଣା ଜୀବନ ଚରିତ ଗଠନରେ, ସନ୍ତାନ ପାଳନ କରିବାରେ କୌଣସି ମତେ ହୀରାପିଉସୀ ନ୍ୟୂନ ନ ଥିଲେ । ଏମାନଙ୍କର ପିତାମାତା ଯଦି ଏମାନଙ୍କ ପ୍ରତି ସଦୟ ହୋଇ ଶିକ୍ଷା ଦୀକ୍ଷା ଦେଇ ଉପଯୁକ୍ତ ପାତ୍ରରେ ଅର୍ପଣ କରିଥାନ୍ତେ, ସେମାନଙ୍କର ଜୀବନଯାତ୍ରା କି ସୁନ୍ଦର ହୋଇ ନ ଥାନ୍ତା । କେବଳ ନାମ ରଖିଥିଲେ ହୀରା, ମୁକ୍ତା ।

ବାସ୍ତବରେ ମାଟି ଟେକାଠାରୁ ଆହୁରି ତୁଚ୍ଛପ୍ରାୟ ସେଗୁଡ଼ିକ ବଞ୍ଚି ରହିଥିଲେ ।

ବର୍ତ୍ତମାନ ସେମାନେ କେହି ନାହାନ୍ତି । ଅଚିକିତ୍ସା କୁଚିକିତ୍ସାରେ ସମସ୍ତେ ମଲେଣି, କିନ୍ତୁ ସେମାନଙ୍କର କାନ୍ଦ ଆଉ କଥା ମୋ କାନ ପାଖରେ ଥରେ ଥରେ ରହି ରହି ଶୁଭିଯାଉଛି ।

ସନ୍ଧ୍ୟାବେଳକୁ ଆକୁଳ ଭାଇନା ଚାର ଗୁଡ଼ିକ ଅଧବସ୍ତ୍ରା କୌଣସି ଦୋକାନରେ କମ୍ବା ଖଞ୍ଜା ହେଉ-ଥିବା ଘରମାନଙ୍କରେ ଦେଇ ଦେଇ ଆମ ଘରକୁ ଆସେ । ଘରେ ରନ୍ଧା ବଢ଼ା ହେଉଛି, ପୁଅଟାକୁ ମୁଠେ ଖାଇବାକୁ ନ ଦେଇ ମାଆ ତାର ରହିପାରନ୍ତା କମିତି ।

ସେ କାଳରେ କାଣ୍ଠିଆ କହନ୍ତି, ସେଗୁଡ଼ିକ ଖୋଟ ସୂତାରେ ତିଆରି ହେଉଥିଲା । ମୋର ପିଲାଦିନେ ରାନ୍ଧିବା ଲୋକ ରୋଷେଇ ଘରକୁ ଗଲାବେଳେ ଲୁଗାଟାକୁ ବଦଳେଇ କାଣ୍ଠିଆ ଲୁଗାଟାକୁ ପିନ୍ଧି ଯାଇଥାନ୍ତି । ଆଉ ଟିକିଏ ସଙ୍ଗତିସମ୍ପନ୍ନ ହେଲେ, ମଠ ଲୁଗା ପିନ୍ଧି ଯାଆନ୍ତି । ପାଣିବତର ଗାମୁଛା କେବେ ଧୋବା ଘରକୁ ଯାଏନାହିଁ । ପାଣିଧୁଆ ଗାମୁଛା ପିନ୍ଧିଲେ ଅନ୍ୟର ହାତ ବାଜିଗଲେ ସ୍ପର୍ଶଦୋଷ ଲାଗିଯାଏ । ମଠା କାଣ୍ଠିଆରେ ସେ ଦୋଷ ଲାଗେନି ।

ରାନ୍ଧୁଣିଆ ଜାଣି ଜାଣି ଡାଲି ଭାତ ବସେଇବାକୁ ଡେରି କରିଥାଏ । ଅତଏବ ହୀରା ନାମ୍ନୀ ନାକ ଆଖି ପୋଛି ପୋଛି ଆଗକଢ଼ା ଭାତ ଗଣ୍ଡେ ଜାଳିଚୁଲିରେ ଛୁଣି ଆଣି ଅଧସିଝା ଡାଲି ଢପଳା ସେଇ ଭାତ ପାଖକୁ ଥାଳିରେ ଢାଳିଦେଇ ଆଣି ରଖିଦେବ ପୁଅ ପାଖକୁ । ଆଗୁର ଟିକିଏ ଖୋଳ ଅଣି ଦେଉ ଦେଉ ଭୋକ-ବିକଳିଆ ଆକୁଳ ଭାଇନା ସେଥିରୁ ଦି'ଗୁଣ୍ଡା ଖାଇ ସାରିଥିବ । ଇତି ମଧ୍ୟରେ ତରକାରି ରନ୍ଧା ଆରମ୍ଭ ହୋଇଯାଇଥିବ । ଟିକିଏ ରହି ରହି ଖାଆ ବୋଲି କହୁ କହୁ ଅଧସିଝା ତରକାରିରୁ ଥରକୁ ଥର ଟିକିଏ ଟିକିଏ କରି ଆଣିଦିଏ । ରାନ୍ଧୁଣିଆ ଠୋକା ବିରକ୍ତ ହୋଇ କହେ, "ଟିକିଏ ଟିକିଏ କରି ସବୁତକ ଡାଲି ତରକାରି ସାରିଦେଲାଣି । ମୁଁ କଅଣ ଆଉ ଥରେ ରାନ୍ଧିବି ।"

ହୀରା ନାମ୍ନୀ ଯେଉଁ ମାସେ ଦି'ମାସ ଆମ ଘରେ ରହେ, ପ୍ରାୟ ସବୁଦିନେ ଏଇ କଥା ଘଟେ । ଧାନ କିଣିବାକୁ ଆକୁଳ ଭାଇନା ଅନ୍ୟ ସ୍ଥାନକୁ ଯାଇଥିଲେ ଏ ଘଟଣାର ବ୍ୟତିକ୍ରମ ହୁଏ । ସନ୍ଧ୍ୟା ସମୟରେ ସେ ଅଶାନ୍ତିମୟ ଅବସରଟିକୁ ମୁଁ ଟିକିଏ ଅବ୍ୟାହତି ପାଏ ।

ଆଜି ସେ ସୁନ୍ଦର ଗୌରବର୍ଣ୍ଣ ଶୀର୍ଣ୍ଣ ସୁଶ୍ରୀ ପୁରୁଷଟି ଆଉ ନାହିଁ, କେଉଁକାଳରୁ ସେ ଦେହଟି ତାର ମାଟିରେ ମିଶିଗଲାଣି । ଆକୁଳ ଭାଇନାର ବାପା ଯିମିତି ଧାନ ଶଗଡ଼ ନେଇ ରାସ୍ତାରେ ସେଇ ଶଗଡ଼ ତଳେ ମରିଯାଇଥିଲେ, ଆକୁଳ ଭାଇନା ମଧ୍ୟ ସେଇପରି ହଇଜା ରୋଗରେ ଧାନ ଶଗଡ଼ ପାଖରେ ମରି ଯାଇଥିଲା ।

ସେ ଯୁଗରେ ଯିମିତିଗୁଡ଼ାଏ ଜନ୍ମ ହେଉଥିଲେ, ସିମିତି ଅଦେଖା ଅସେବାରେ ମଧ୍ୟ ଅନେକ ମୃତ୍ୟୁ-ମୁଖରେ ପଡ଼ୁଥିଲେ ।

ମୋର ସେ ହୀରାନାମ୍ନୀ ମୁହଁରୁ କେବେ ମୋ ବାପାଙ୍କୁ ପଦେ ନିନ୍ଦାକରି କହିବା ଶୁଣି ନ ଥିଲି । ଏ କଥା ଏଠି ଲେଖିବା ପାଇଁ ମୋର ଲେଖନୀ କାହିଁକି ଯେ କୁଣ୍ଠିତଗତିକରି ଚାଲିଛି, ତାହା ମଧ୍ୟ ମୁଁ ଭାବି ପାରୁନି ; କିନ୍ତୁ ଏବେ ମଧ୍ୟ ମୋ ମନଟା ଅକାରଣରେ ବ୍ୟଥିତ ହୋଇଉଠୁଛି । ଆହା ଏଡ଼େ ବଡ଼ ଧନୀ ପିତା ମାତାର ସନ୍ତାନ ହୋଇ ଅନ୍ନବସ୍ତ୍ରର ଅଭାବରେ କେତେ ଦୁଃଖ କଷ୍ଟ ଭୋଗ କରୁଥିଲେ ତାଙ୍କର କନ୍ୟାମାନେ ।

ଏଇ ଗୋଟିଏ ପିଉସୀ ନାମ୍ନୀଙ୍କ କଥା କହି ଏ ବିଷୟ ଏଇଠି ଶେଷକରୁଛି । ଆଉ ବେଶି ଲେଖିଲେ ଏ ଲେଖାଟା କେବଳ ପିଉସୀ ଗଳ୍ପରେ ହିଁ ଭରି ହୋଇଯିବ ।

ମୋ ବାପା ଯେଉଁ ଆସିକାରେ ଇଂରେଜୀ ପଢ଼ା ଆରମ୍ଭ କରିଥିଲେ, ସେଇ ଆସିକାରେ ହିଁ ତାଙ୍କର କର୍ମକ୍ଷେତ୍ର ପ୍ରସ୍ତୁତ କରିଥିଲେ । ନଳବନ୍ଧା ନାମ୍ନା ଘରେ ସକାଳୁ ଗଣ୍ଡିଏ ଖାଇଦେଇ ଆସି ପୁଣି ସନ୍ଧ୍ୟାବେଳକୁ ନାମ୍ନା ଘରକୁ ଫେରିଯାଆନ୍ତି । ସେ ସମୟରେ ନିମ୍ନ ପ୍ରାଥମିକଠାରୁ ଉଚ୍ଚ ପ୍ରାଥମିକ ପର୍ଯ୍ୟନ୍ତ ସ୍କୁଲର ଶ୍ରେଣୀ ବିଭାଗ ଥିଲା ବୋଧହୁଏ । ଆସିକାର ପଢ଼ା ଶେଷ-କରି ବ୍ରହ୍ମପୁର ହାଇସ୍କୁଲରେ ପଢ଼ିଲେ । ତା'ପରେ ଗଲେ ରାଜମହେନ୍ଦ୍ରି । ସେଠାରେ ବି. ଏ. ଓ ମାନ୍ଦ୍ରାଜରେ ଓକିଲାତି ପରୀକ୍ଷାରେ ପାସକରି ଆସି ଆସିକାରେ ଓକିଲାତି ଆରମ୍ଭ କରିଥିଲେ । ଓକିଲାତି କ୍ଷେତ୍ରରେ ବାପା ବେଶ୍ ପ୍ରତିଷ୍ଠା ଲାଭକରିଥିଲେ । ସେ ସମୟକୁ ସେ ଇଂରେଜୀ ଭାଷାରେ ପାରଦର୍ଶୀ ଥିଲେ । ଆସିକାରେ ଆଉ ଯେଉଁ ଓକିଲମାନେ ଥିଲେ, ସମସ୍ତେ ଦକ୍ଷିଣାଞ୍ଚଳର ବ୍ୟକ୍ତି । ଓଡ଼ିଆ ମକ୍କେଲମାନେ ନିଜର ମନକଥା ବ୍ୟକ୍ତକରି ସେମାନଙ୍କଠାରୁ ଓଡ଼ିଆ କଥା ଶୁଣିବା ସୁଯୋଗରୁ ବଞ୍ଚିତ ହେଉଥିଲେ । ସୁତରାଂ ବାପା ଆସିକାରେ ଓକିଲାତି ଆରମ୍ଭ କରିବା ସମୟରେ ବହୁ ଧନୀ ସମ୍ଭ୍ରାନ୍ତ ବ୍ୟକ୍ତି ଆସି ବାପାଙ୍କଦ୍ୱାରାହିଁ ଓକିଲାତି କାର୍ଯ୍ୟ କରାଇଲେ । ଏହାଦ୍ୱାରା ବାପାଙ୍କର ଧନାଗମର ପନ୍ଥା ସହଜ ସୁଗମ ହେବା ସହିତ ତାଙ୍କର କାର୍ଯ୍ୟଦକ୍ଷତା ମଧ୍ୟ ପ୍ରସାରିତ ହୋଇଯାଉଥିଲା ।

ଏଇ ସମସ୍ତ ବିଷୟ ଚିନ୍ତାକରିବା ସମୟରେ ମୋର ବୟସ ପାଞ୍ଚ କି ଛଅ ବର୍ଷ ହୋଇଥିବ । ପ୍ରଥମରେ ଲେଖିଥିବା କଥାଗୁଡ଼ିକ ଏକାନ୍ତଭାବରେ ମୋ ମନର, ମୋ ହୃଦୟ ଭିତରର, ଘର୍ଷି ଘଷି ତିନି ଚାରି ଅର୍ଥାତ୍ ଭାବନାର ଆଭାସ ମାତ୍ର ।

ଓକିଲାତି ଆସନରେ ବସିବା ପରେପରେ ହିଁ ଧନ ଅର୍ଜନର ପ୍ରତିଷ୍ଠାରେ ପ୍ରତିଷ୍ଠିତ ହୋଇ ଉଠିଲେ ବାପା । ମନେ ପଡ଼ୁଛି ସେ ସମୟରେ କାଗଜ ଟଙ୍କା ଆମେ ପ୍ରାୟ ଦେଖି ନଥିଲୁ । ସୂତାରେ ଗଣ୍ଠି ବଳି ବଳି ବଡ଼ ବଡ଼ ଥଳି ତିଆରି ହୋଇ ଥାଏ । ସେଥିରେ ଟଙ୍କା ଗଣି ଗଣି ଭର୍ତ୍ତି ହୁଏ । ଧାଡ଼ି ଧାଡ଼ି କରି କୋଡ଼ିଏ କୋଡ଼ିଏ ଟଙ୍କା ଗଣି ରଖାହୁଏ । ହଜାରେ ହେଲେ ଥଳିରେ ଭର୍ତ୍ତି ହୁଏ । ବାପା ଦୁଇ ତିନିଟା ଥଳି ନେଇ ତାଙ୍କର ଲୁହା ବାକ୍ସରେ ରଖନ୍ତି । ଦିନେ ଦିନେ ସିନ୍ଦୁକର ଦୁଆରଟା ଖୋଲି ଥଳିଗୁଡ଼ିକ ଭିତରକୁ ଫିଙ୍ଗିଦେଇ ଖୁବ ବନ୍ଦ କରିଦିଅନ୍ତି ।

ବାପାଙ୍କର ସିନ୍ଦୁକ ଘରର ଦୁଇଟି କବାଟ । ଦାଣ୍ଡ ପାଖଆଡ଼ୁ ଭିତରକୁ ଗୋଟାଏ, ଦକ୍ଷିଣ ଆଡ଼ର କବାଟ ଖାଇବା କୋଠାଆଡ଼କୁ । ଦାଣ୍ଡପାଖ ଆଡ଼ୁ କେବଳ ଟଙ୍କା ରଖିବା ସମୟରେ ସେ ଘରକୁ ବାପା ଯାଆନ୍ତି । ଅନ୍ୟ ସମୟରେ ତାଙ୍କୁ କେବଳ ସେ ଘର କାହିଁକି ଘର ଭିତରେ କେବେ ଟିକିଏ ଏ ପାଖ ସେ ପାଖ ହେବା ଦେଖିନାହିଁ । ଦୁଇ ଚାରିଟା ଟଙ୍କାଥଳି ଲୁହା ସିନ୍ଦୁକ ଭିତରକୁ ଫିଙ୍ଗି ଦେଉଥିବା ସମୟରେ କେବେ କମିତି ମୁଁ ଘର ଭିତରଆଡ଼ର ଦୁଆର ପାଖରୁ ଟିକିଏ ଆଖିଡ଼ିଇ ଅନେଇ ଦିଏ । ଏତେ ଗୁଡ଼ାଏ ଟଙ୍କାପ୍ରତି ମୋର ଲୋଭ ନଥାଏ । ଲୋଭଥାଏ କେତୋଟା ପଇସାରେ, ଦୁଇ ଅଣା ଚାରି ଅଣାରେ ବଡ଼ ଇଚ୍ଛା । ଆଠଅଣା ମିଳିଗଲେ ଗୋଟିଏ ବଡ଼ କରି ଚାରି ଛଅଟା ଚୀନାମାଟିର କଣ୍ଢେଇ ହୋଇଯାଆନ୍ତା, କିନ୍ତୁ ଏତେ ପଇସା ସଂଗ୍ରହ କଲାବେଳକୁ ଅନେକ ଦିନ ଲାଗିଯାଏ ।

ଇମିତି କେତେ ତୁଚ୍ଛ ଚିନ୍ତାକରି ଅତି ମୂଲ୍ୟବାନ୍ ବାଲ୍ୟକାଳଟା ଅତୀତରେ ମିଶିଗଲା । ଆଜି ଏ ବୟସରେ ମଧ୍ୟ ସେ କଥା ମନେପଡ଼ିଲେ ମନ ପ୍ରାଣ ବ୍ୟଥିତ ହୋଇଉଠୁଛି । ବୃଥା ଭାବନା, ତୁଚ୍ଛ କର୍ମ-କରି କେତେ ଦିନ କେତେ ରାତି ଜଳ ସ୍ରୋତପରି ବହି ଚାଲିଗଲା ।

ସେ ସମୟକୁ ବାପାଙ୍କର ଯଶ ଗୁଣ ପ୍ରସାରିତ ହୋଇ ଚାଲିଥିଲା । ଉତ୍କଳ ସମ୍ମିଳନୀ ଆରମ୍ଭ ହେଲାଣି । ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଆମ ଘରକୁ ଆସୁଥାନ୍ତି । ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ମିଶାଇ

ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଏହି ନେତାମାନଙ୍କର ଇଚ୍ଛା ଥିଲା । ବିଂଶ ଶତକର ପ୍ରାରମ୍ଭରେ ଏହି ସମସ୍ତ କାର୍ଯ୍ୟ ଉତ୍ସାହର ସହିତ ମୋର ପିତା କରିବାରେ ଲାଗିଥିଲେ । ଖ୍ରୀ: ୧୯୧୦ରେ ସେ ଗଞ୍ଜାମ ମାନ୍ଦ୍ରାସ କାଉନ୍‌ସିଲର ସଭ୍ୟ ହୋଇ ଓଡ଼ିଆକୁ କଚେରୀ ଭାଷା କରିବାରେ ସଫଳତା ଲାଭ କରିଥିଲେ । ଏ ସମୟରେ ମୋ ବାପା ଧରାକୋଟ ରାଜା ସାହେବ ମଦନ ମୋହନ ସିଂହଦେବଙ୍କର ଆପଣା ଓକିଲ ଥିଲେ । ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ରାଜାସାହେବଙ୍କୁ ସହକର୍ମୀରୂପେ ପରିଚିତ କରାଇ ରାଜାସାହେବଙ୍କ ସ୍ୱଦେଶ ପ୍ରୀତିର ପରାକାଷ୍ଠା ସେ ପ୍ରଦର୍ଶନ କରାଇଥିଲେ । ଗଞ୍ଜାମ ଜିଲ୍ଲାର ସ୍କୁଲ କଲେଜମାନଙ୍କରେ ଓଡ଼ିଆ ଭାଷା ଏବଂ ପାଠ୍ୟ-ପୁସ୍ତକଗୁଡ଼ିକୁ ଓଡ଼ିଆ କରିବା ନିମନ୍ତେ ସେ ବହୁ ଶ୍ରମ ଏବଂ ସାଧନା କରୁଥିଲେ । ଆସିକା ତାଙ୍କର ଆପଣା ବାସସ୍ଥାନ ମନେକରି ସେଠାରେ "ମେକ୍ ମାଇକେଲ ଆଙ୍ଗ୍ଲୋ ସଂସ୍କୃତ ସ୍କୁଲ" ନାମଦେଇ ଗୋଟିଏ ପାଠଶାଳା କରିଥିଲେ । ସେ ବିଦ୍ୟାଳୟର ପ୍ରଥମ ଏବଂ ପ୍ରଧାନ ଶିକ୍ଷକ ଥିଲେ ବେଲଗୁଣ୍ଠାର (ଭଞ୍ଜନଗର ଅଞ୍ଚଳର) ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ମହାଶୟ । ଆୟୁର୍ବେଦରେ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ବହୁ ଉପାଧିରେ ଭୂଷିତ ଥିଲେ । ତାଙ୍କର ଆୟୁର୍ବେଦୀୟ ଗ୍ରନ୍ଥ ଦେଖିଥିଲି । ଏତେ ବଡ଼ ବିଦ୍ୱାନ୍ ବ୍ୟକ୍ତି ସେ ସମୟରେ ସଂସ୍କୃତ ସ୍କୁଲର ଶିକ୍ଷକରୂପେ ମାତ୍ର ୧୫ଟି ଟଙ୍କା ମାସିକ ବେତନ ପାଉଥିଲେ । ସେ ସମୟରେ ଚଉଦ ଟଙ୍କାରେ ପରିବାର ପୋଷଣ କରିବା ଚାଲି ଯାଉଥିଲା । ମୋ ବାପା ନିଜେ ଇଂରେଜୀ ପଢ଼ାଉଥିଲେ । ପୁରୁଣା ଧରଣର ଦୋତାଲା ଘରଟିରେ ପାଠପଢ଼ା ହେଉଥାଏ । ଆମର ସେ ଭିତରକୁ ପ୍ରବେଶ କରିବା ଅଧିକାର ନଥିଲା । କେହି ନଥିବା ସମୟରେ ମୁଁ ସେ ଭିତରକୁ ଯାଇ ଦେଖି ଆସିବା ମନେପଡ଼ୁଛି । ମୁଁ ଯଦି ସେ ସ୍କୁଲର ଛାତ୍ରୀ ହୋଇଥାନ୍ତି, ବାପା ଯଦି ମତେ ଇଂଲିଶ୍ ପଢ଼ାଇଥାନ୍ତେ, ବିଦ୍ୟା ଅଧ୍ୟୟନରେ ମୋର କେତେ ଉନ୍ନତି ହୋଇନଥାନ୍ତା, ସେ କଥା ଭାବି ବସିଲେ ଆଖିରୁ ଉଷ୍ମ ଅଶ୍ରୁ ଝରିପଡ଼ୁଛି । ଅଶିକ୍ଷାର ଅପମାନରେ ଜର୍ଜରିତ ଥିଲା ମୋର ବାଲ୍ୟ-ଜୀବନ ।

ବାପାଙ୍କର ଜନ୍ମ, ବିଦ୍ୟା ଅଧ୍ୟୟନ, କର୍ମକ୍ଷେତ୍ରର ଦକ୍ଷତା, ଅର୍ଥ ଉପାର୍ଜନରେ ପାରଙ୍ଗମତା ଏତିକି ମାତ୍ର ସଂକ୍ଷେପରେ କହିଛି । ବିଶେଷ ସମୟରେ କୌଣସି ବିଶେଷ କଥାତ ସେ ମୋତେ କେବେ କହିନାହାନ୍ତି । ମୁଁ ଯାହା ଜାଣିଛି କେବଳ ଅନ୍ୟମାନଙ୍କଠାରୁ ସଂଗ୍ରହ କରିଛି । ବାପାଙ୍କର ଆତ୍ମୀୟ ସ୍ୱଜନମାନଙ୍କ-ଠାରୁ ଶୁଣି ଶୁଣି ମନେରଖିଛି । ମୋର ସ୍ୱୀୟ ଅନୁଭୂତିରୁ ଜାଣିଛି, ଅଭାବବୋଧରୁ ହୃଦୟର ନବ ନବ ଜ୍ଞାନ ଗରିମା ସ୍ୱତଃ ଉଜ୍ଜ୍ୱଳତର ହୋଇ ଉଠେ । ଏତେ କମ୍ ବୟସରୁ ମୋର କଳ୍ପନାଶକ୍ତି ଏତେ ପ୍ରବଳ, କରୁଣ ଥିଲା ଯେ ମୋର ନିଜର ଶକ୍ତି ସମ୍ବନ୍ଧରେ ଗଭୀର ଭାବରେ ଚିନ୍ତାକରୁଥିଲି ।

ବାପାଙ୍କର ପ୍ରଭାବ ପ୍ରତିପତ୍ତି ମୋ ମାଆ ଉପରେ କୌଣସି ପ୍ରଭାବ ପକାଇ ପାରୁନଥିଲା । ସକାଳର ସୂର୍ଯ୍ୟରଶ୍ମି ଘର ଭିତରକୁ ପ୍ରବେଶ କରୁ ନ କରୁଣୁ ବାପା କର୍ମକର ପ୍ରତିଦିନ ପ୍ରାତଃ ଭ୍ରମଣରେ ଯାଇଥାନ୍ତି । ଫେରିଆସିଲାବେଳକୁ ସାଥିରେ ତିନି ଚାରି ଜଣ ଆନ୍ଧ୍ର ଓକିଲ ଅବଶ୍ୟ ତାଙ୍କ ସାଥିରେ ଥିବେ । ପ୍ରାତଃ ଭୋଜନ ନିମନ୍ତେ ସରୁ ଚକୁଳି, ଦୁଧସର, ମିଠା ବଡ଼ା, ବିସ୍କୁଟ୍ ପିଲା ପୂଜାରୀଟି ଧରିଯାଏ । ବାପାଙ୍କର ସେଇ ବାରଣ୍ଡା ସିଟିଂରୁମକୁ ଆଗନ୍ତୁମାନେ ସିନ୍ଦୁକ ଘର ପାଖର ଛୋଟ ବାରଣ୍ଡାଟିର ବେଞ୍ଚ ଉପରେ ବସି-ଯାଆନ୍ତି । ଖଣ୍ଡେ ଦି' ଖଣ୍ଡ କାଠ ଚଉକି ଛୋଟ ବଡ଼ ନଡ଼ିଆ ଟେବୁଲ ପାଖକୁ । ଟେବୁଲ ଡ୍ରୟର ଭିତରେ ଯାବତ ପ୍ରକାର ଚିଠିପତ୍ର ଇତ୍ୟାଦି । ଟେବୁଲ ଉପରେ ଅଧିକରେ ବ୍ରେକଫାଷ୍ଟ ପ୍ଲେଟଗୁଡ଼ିକ ରଖାହୁଏ । ତାରି ପାଖକୁ ଚକୋଲେଟ୍ ରଙ୍ଗର ଦେଢ଼ଫୁଟ ଲମ୍ବ ଫୁଟେ ଓସାରର ଖଣ୍ଡିଏ ଟ୍ରଙ୍କ ଅବଶ୍ୟ ସେଠି ରହିଥିବ । କେବଳ ବାପା ଘରୁ ବାହାରକୁ ଗଲେ କିମ୍ବା ଧରାକୋର୍ଟ ଗଲେ ସେ ଖଣ୍ଡିକ ସାଥିରେ ଯିବ । ସେଥିରେ କାଗଜ ପତ୍ର, ଯାତ୍ରାକାଳୀନ ଲୁଗାପଟା ସବୁ ରହିଥାଏ ।

ଅନ୍ୟାନ୍ୟ କାଗଜ ପତ୍ର ଅନ୍ୟ ପ୍ରକାର କଳା ବୁଜୁଳା ବନ୍ଧାହୋଇ ରଖାହୁଏ । ଟେବୁଲ ପାଖକୁ ସିନ୍ଦୁକ ଘରକୁ ଯିବା ରାସ୍ତା କୋଣକୁ ବାପାଙ୍କର ଲୁଗା ଆଲମାରି । କାଚ କବାଟ । ଭିତରର ଧୋତି ସାର୍ଟ ବାହାରକୁ ଚକ୍ ଚକ୍ ହୋଇ ଉଜ୍ଜ୍ୱଳ ଦିଶୁଥାଏ । ତାଙ୍କର ଧୋତି ଥାନ, ସାର୍ଟ ଲଣ୍ଡନ ବା ମାଞ୍ଚେଷ୍ଟରରୁ ମଗାହୁଏ, ଆମର ଗ୍ରାମ୍ୟ ଧୋବା ଅଧିକ ପଇସା ନେଇ ବଡ ଯତ୍ନରେ ଧୋଇ ଇସ୍ତ୍ରୀକରି ଆଣେ । ତାଙ୍କର ପରିଚ୍ଛଦର ଆଡମ୍ବର ଦିନେ ହେଲେ ଏଣିକି ତେଣିକି ହେବାକୁ ନଥିଲା । ଥାନ, ଧୋତି, ଧଳା ସାର୍ଟ ଧୋବ ଫରଫର କରି ପ୍ରତିଦିନ ଧୋବା ଧୋଇ ଆଣିବ ।

ମୋର ଯେତେ ଦୂର ସ୍ମରଣ ହେଉଛି, ମତେ ଛଅ-ସାତ ବର୍ଷ ବୟସ ହେଲାବେଳକୁ ବାପାଙ୍କୁ ପଞ୍ଚାଳିଶି ଛୟାଳିଶି ବର୍ଷ ହୋଇଥିବ । ତାଙ୍କର ଲମ୍ବା ଦେହ । ମୁଣ୍ଡଟି ସୁନ୍ଦର, ସିଧା ବାଳ । ମୁଖରେଖା କପାଳ ଓଷ୍ଠ ସୁନ୍ଦର, ସାଧାରଣତଃ ବାପାଙ୍କ ଆକାରଟି ସୁନ୍ଦର । କୋର୍ଟକୁ ଯିବା ସମୟରେ ଡିପ୍ ଗ୍ରିଓଲେଟ୍ କଲରର ପଗଡ଼ି ନବାବୀ ଢଙ୍ଗରେ ବନ୍ଧାହୋଇଥିବ ମଥାରେ । ଦୁଗ୍ଧ ଫେନନିଭ ଧୋତି ସାର୍ଟ ଉପରେ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା କୋର୍ଟ ବଡ ସୁନ୍ଦର ଲାଗେ, ସେ ରୂପଟି ତାଙ୍କର ମୋ ସ୍ମୃତି ପଟରେ ଅଙ୍କିତ ହୋଇ ରହିଯାଇଛି । ତା' ପରେ ଜୀବନର କେତେ କ୍ଷୁଦ୍ର ବୃହତ୍ ଭୁଲ ଏବଂ ମହତ୍ ଘଟଣାଗୁଡ଼ିକରେ ବାପାଙ୍କ ଆଡକୁ ଅନେଇଁ ଦେଇ ମୁହଁ ଫେରେଇ ନେଇଛି । ମୋର ସ୍ନେହ-ପିପାସୁ ମନ ତାହାଙ୍କଠାରୁ ଆଶାନୁରୂପ ପିତୃସ୍ନେହ ସ୍ପର୍ଶ ଟିକିଏ ନପାଇ ବୋଧହୁଏ ଆଖିରୁ ଝରିପଡେ ଅଜସ୍ର ଅଶ୍ରୁ । ସେଇ ଅଶ୍ରୁକଣିକା ଘଷି ମାଜି ମନୋହର ମୁକ୍ତାମାଳାରେ ପରିଣତ କରି ଦେଇ ଉତ୍କଳ ଭାରତୀଙ୍କ ନୂପୁର ରୂପେ ବାନ୍ଧିଦେଇଛି । ସେ ନୂପୁର ମାଳା ଅନ୍ୟ କେହି ଦେଖିପାରିବେ କି ନାହିଁ; କିନ୍ତୁ ମୋର ଦୃଷ୍ଟି ପଥରୁ ସେ ମାଳା ଅନ୍ତର ହେବନାହିଁ । ଦେବୀ ଭାରତୀ ମୋର ସେ ମୁକ୍ତାମାଳା ଗଳାରେ ଧାରଣ କରି ପୂଜା ଆସନରେ ବିରାଜମାନା । ଶେଷପର୍ଯ୍ୟନ୍ତ ମୁଁ ତାଙ୍କର ପୂଜା ଆସନରେ ବସିଥିବି ।

ମୋର ପିତା ଧନମାନର ଗୌରବରେ ପିତୃବଂଶର ସମସ୍ତଙ୍କଠାରୁ ଅର୍ଥାତ୍ ସବୁ ଦଦେଇ ପୁଅ, କକେଇ ପୁଅଙ୍କଠାରୁ ବଡଲୋକ ହୋଇଥାନ୍ତି । ଆତ୍ମୀୟ ସ୍ୱଜନ ତାଙ୍କ ସମ୍ମୁଖରେ ଠିଆହୋଇ ସହଜଭାବରେ ଆଳାପ ଆଲୋଚନା କରିପାରନ୍ତି ନାହିଁ । ମୋ ବାପାଙ୍କର ବଡ ଭାଇ ନାରାୟଣ ପଣ୍ଡା । ବାପାଙ୍କଠାରୁ ଗୋରା । ମୋଟା, କମ୍ ଉଚ୍ଚ ଲୋକ ହୋଇଥିବାରୁ ଗେଡା ଦେଖାଯାଆନ୍ତି । ସେଇ ପୁରୁଣାକାଳିଆ ବେଣ୍ଟି ଗୋଟିଏ ମଥାରେ । ଉଚ୍ଚ ପ୍ରଶସ୍ତ କପାଳ ଗୋଲମୁହଁର ଲଲାଟ ପଟରେ ରାମାନନ୍ଦ ଚିତା । ସେଇ ପରି ତିନିଭାଗକରି ରାମାନନ୍ଦ ଚିତା ବର୍ତ୍ତମାନ ତ କୌଣସି ସାଧାରଣ ଭଦ୍ର ବ୍ୟକ୍ତିଙ୍କ ମୁହଁରେ ଦେଖାଯାଉ ନାହିଁ । କେବଳ ମଠ ମନ୍ଦିରର ମହନ୍ତମାନଙ୍କ ଲଲାଟରେ ଦେଖାଯାଉଥିବ ।

କହିବାକୁ ଭୁଲି ଯାଇଛି । ମୋ ବାପାଙ୍କର ଜଣେ ଦଦେଇ ପୁଅ ଭାଇ ବାପାଙ୍କ ଅନୁକରଣରେ ଇଂରେଜୀ ପଢ଼ିବା ଉଦ୍ଦେଶ୍ୟରେ ଘରୁ ବାହାରି ପଡ଼ିଥିଲେ । ସେ ମଧ୍ୟ ବି. ଏ. ପାସ୍ କରି ଆସି ଗଞ୍ଜାମ ଜିଲ୍ଲାରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ସେ ଆମ ଘରର ସମସ୍ତଙ୍କର ପ୍ରିୟ, ବତ୍ସକକା । ନାମ ତାଙ୍କର ଶ୍ରୀବତ୍ସ ପଣ୍ଡା । ତାଙ୍କ ବାପାଙ୍କ ନାମ ଧର୍ମ ପଣ୍ଡା । ଶ୍ରୀବତ୍ସ କକେଇ ଶୈଶବରୁ ଥିଲେ ମାତୃହୀନ । ବାଇଶି ବର୍ଷର ବନ୍ଧ୍ୟାଦୋଷ ଦୂରକରି ସେ ଜନ୍ମହେବା ସ୍ୱଳ୍ପଦିନ ପରେ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଗଲା । ଶ୍ରୀବତ୍ସ କକେଇ ତାଙ୍କର ସନ୍ତାନହୀନା ଅଳ୍ପ ବୟସର ବିଧବା ହୋଇଥିବା ପିଉସୀଙ୍କଦ୍ୱାରା ଲାଳିତ ପାଳିତ ହୋଇଥିଲେ । ଧର୍ମପଣ୍ଡା ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ ମଧ୍ୟ ଶ୍ରୀବତ୍ସଙ୍କୁ ଗଭୀର ପ୍ରେମରେ ପରିପାଳନ କରି ବାଲ୍ୟକାଳରୁ ଗ୍ରାମର ପାଠଶାଳାରେ ପଢ଼ାଇ ନିଜେ ପୁରାଣ, ପୂଜାପାଠ ଇତ୍ୟାଦି ଶିକ୍ଷା ଦେଉଥିଲେ । ଶ୍ରୀବତ୍ସ ପିଲାଦିନରୁ ନାନା ଦେବଦେବୀଙ୍କ ପୂଜା ମନ୍ତ୍ର, ପୁରାଣ, ସ୍ମୃତି, ସୂକ୍ତ ଇତ୍ୟାଦି ପଢ଼ି ସଂସ୍କୃତ ଜ୍ଞାନ ଅର୍ଜନ କରିବାକୁ ସମର୍ଥ ହୋଇପାରିଥିଲେ । ମୋ

ବାପାଙ୍କଠାରୁ ସେ ଦୁଇ ତିନି ବର୍ଷ ବୟସରେ ସାନ ହୋଇଥିବେ ।

ଗୋଟିଏ ଘରର ଦୁଇ ଭାଇଙ୍କର ଦୁଇ ପୁଅ ଏକା ସାଙ୍ଗରେ ପ୍ରବାସ-ବାସ କରି ବିଦ୍ୟାଅଧ୍ୟୟନ କରି ଥିଲେ ; କିନ୍ତୁ ଦୁହିଁଙ୍କ ସ୍ୱଭାବ ସତେ ଯେଉଁପରି ବିପରୀତ ଭାବର ଥିଲା ! ମୋ ବାପା ଭଲ ଇଂଲିଶ ଲେଖି ପଢ଼ି କହି ପାରୁଥିଲେ ବୋଲି ଶୁଣିଛି । କାହିଁକି ନା ସମ୍ମୁଖରେ ବସି ବାପାଙ୍କର ବିଦ୍ୟା, ବୁଦ୍ଧି, ବାକ୍ ଶୁଭୁଷା ଇତ୍ୟାଦି ବିନିମୟ କରି ଆନନ୍ଦ ପାଇବା ଆମମାନଙ୍କ ଭାଗ୍ୟରେ କେବେ ଘଟିଥିବା ସ୍ମରଣ ହେଉ-ନାହିଁ । ତେବେ ଗୋଟିଏ କଥା ମନେପଡ଼ୁଛି, ବାପାଙ୍କର ଅଫିସ ଘରଆଡ଼କୁ ଥିବା ପରଦା ପାଖରେ କେହି ନ ଦେଖିଲାପରି ଠିଆହୋଇ କଥା ଶୁଣିବାକୁ ମତେ ବଡ଼ ଭଲ ଲାଗେ ; କିନ୍ତୁ ସେ ଆଲୋଚନା ସବୁ ଏତେ ଗମ୍ଭୀର ପ୍ରକୃତିର ଯେ ଏବେ ମୋର କୌଣସି କଥା ସ୍ମରଣ ପଥକୁ ଆସୁନାହିଁ । ମନେପଡ଼ୁଛି ଶ୍ରୀବତ୍ସ କକେଇ ତାଙ୍କ ସହଧର୍ମିଣୀ ଏବଂ କନ୍ୟା ମାଳତୀଙ୍କୁ ନେଇ ଗଞ୍ଜାମର କେତେକ ସ୍ଥାନରେ ଅଦଳ ବଦଳ ହୋଇ ସବ୍‌ରେଜିଷ୍ଟ୍ରାର ପୋଷ୍ଟରେ ରହିଥାନ୍ତି । ସମୟେ ସମୟେ ସେ ଆସିକାରେ ଦିନେ କିମ୍ବା ଓଳିଏ ରହି ମନ୍ଦାର ଗ୍ରାମକୁ ଯାଆନ୍ତି ।

ଶ୍ରୀବତ୍ସ କକେଇଙ୍କ ଏକମାତ୍ର କନ୍ୟା ମାଳତୀଙ୍କର ଶୁଭ୍ର ଗୋଲାକୃତି ମୁହଁ । ବଡ଼ ସୁନ୍ଦର ପରିଚ୍ଛଦ ପିନ୍ଧିଥାଆନ୍ତି । ସୁନା ଅଳଂକାର ମଧ୍ୟ ତାଙ୍କର କେତେଗୁଡ଼ିଏ ଥିଲା, ସେ ମୋଠୁ ପାଞ୍ଚ ବର୍ଷରେ ବଡ଼ ହେବେ । ସେ ସମୟରେ ସେ ବାପ ମାଆଙ୍କର ଆଦରଣୀୟା କନ୍ୟା । ପିତାଙ୍କ ତତ୍ତ୍ୱାବ-ଧାନରେ ଗୃହ ଶିକ୍ଷକଙ୍କ ନିକଟରେ ପାଠ ପଢ଼ୁଥିଲେ । ତାଙ୍କ ମାଆଙ୍କୁ ଦେଖିଲେ ମନେହୁଏ ଜଣେ ଶିକ୍ଷିତା ସୁଦକ୍ଷା ଗୃହିଣୀ । ସେ ସମୟକୁ ଆଧୁନିକ ବେଶ, ବାସ କଥାବାର୍ତ୍ତାରେ ଶ୍ରୀବତ୍ସ ପଣ୍ଡାଙ୍କର ଉପଯୁକ୍ତ ସହଧର୍ମିଣୀ ବୋଲି ମନେ ହେଉଥିଲା ।

ଶୁଣିଛି ଶ୍ରୀବତ୍ସ କକେଇ ବାଲ୍ୟକାଳରୁ ସମାଜ ସଂସ୍କାର ପ୍ରୟାସୀ ଥିଲେ । କର୍ମ କ୍ଷେତ୍ରରେ ପ୍ରବେଶ କରି ଘରର ଏବଂ ଗାଁର ସ୍ତ୍ରୀ ମାନଙ୍କର ଜୀବନ ଯାପନ ସମ୍ବନ୍ଧରେ ସେ ଗଭୀର ସହାନୁଭୂତିର ସହିତ ନାଟକ, ସଙ୍ଗୀତ, ପ୍ରବନ୍ଧ ଲେଖି ପ୍ରଚାର କରୁଥିଲେ । ଓଡ଼ିଶା ବାହାରେ ଅଧ୍ୟୟନ କରି ସେ ପ୍ରଦେଶର ନାରୀମାନଙ୍କର ଜୀବନ ଯାପନର ଧରଣ ଧାରଣ ସମ୍ବନ୍ଧରେ ତାଙ୍କର ଉଚ୍ଚ ଅଭିମତ ପ୍ରକାଶ କରନ୍ତି ।

ସେ ଅଧ୍ୟୟନ ପରେ କର୍ମକ୍ଷେତ୍ରରେ ରହି ଓଡ଼ିଆ ଭାଷାକୁ କଚେରୀ ଭାଷା କରିବା ନିମନ୍ତେ ଯଥା ସାଧ୍ୟ ଚେଷ୍ଟା କରିଥିଲେ । ସେଥିରେ ସେ ସାଫଲ୍ୟ ମଧ୍ୟ ଲାଭକରିଥିଲେ ; କିନ୍ତୁ ସେଥିଦ୍ୱାରା ସେ କର୍ତ୍ତୃ-ପକ୍ଷଙ୍କର ଅପ୍ରିୟ ହୋଇ ଯାଇଥିଲେ । ସେ ହେତୁ କୌଣସି ପ୍ରକାର ପ୍ରମୋସନ ନ ପାଇ ଅବସର ଗ୍ରହଣ କରିଥିଲେ ।

କେବଳ ଯେ ସେ ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ କରିବା ନିମନ୍ତେ ଲାଗିଥିଲେ, ତାହା ନୁହେଁ । ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ସେ ସମୟରେ ଗଞ୍ଜାମ ଅଞ୍ଚଳରେ ଯେଉଁ ଆନ୍ଦୋଳନ ସୃଷ୍ଟି ହୋଇଥିଲା, ସେ କର୍ମୀ ଦଳର ସେ ଥିଲେ ଅନ୍ୟତମ ନିଷ୍ଠାପରାୟଣ କର୍ମୀ । ଆହୁରି ମଧ୍ୟ ଘରେ ଘରେ ନାରୀମାନେ ଯେଉଁ ସବୁ କୁସଂସ୍କାରର ବଶବର୍ତ୍ତିନୀ ହୋଇ ଆପଣା ଜନ୍ମ ଏବଂ ଜୀବନକୁ ତୁଚ୍ଛ ଜ୍ଞାନ କରୁଥିଲେ, ସେମାନଙ୍କୁ ଶିକ୍ଷାଦୀକ୍ଷା ଦେଇ ଉନ୍ନତି ପଥରେ ଗତି କରାଇବାକୁ ଅନବରତ କର୍ମ କରୁଥିଲେ ।

ସେ ସମୟରେ ବ୍ରାହ୍ମଣ ସମାଜରେ ବାଲ୍ୟ-ବିବାହ ବାଧ୍ୟତାମୂଳକ ଥିବାଯୋଗୁଁ ବିବାହ କଅଣ ଆଉ କାହିଁକି କରାଯାଉଛି ଜାଣିବା ଆଗରୁ ଶତ ଶତ ବାଳିକା ବିଧବା ହୋଇ ବୈଧବ୍ୟ ବ୍ରତ ପାଳନ କରିବାକୁ ବାଧ୍ୟ ହେଉଥିଲେ । ଏହି ବାଲ୍ୟ ବିବାହର ବୟସ ବୃଦ୍ଧି କରିବା ଏବଂ ବିଧବାମାନଙ୍କୁ ବିବାହ କରାଇବା ବିଷୟରେ ସେ ପ୍ରାଚୀନ ପ୍ରଥା ଏବଂ ଶାସ୍ତ୍ର ପୁରାଣ ମାନଙ୍କରୁ ନିଦର୍ଶନଗୁଡ଼ିକ ଦର୍ଶାଉଥିଲେ । ବାଳ ବିଧବାମାନଙ୍କୁ ବିବାହ କରାଇବା ଔଚିତ୍ୟ ଏବଂ ଆବଶ୍ୟକତା ନେଇ ସେ ଶଶିକଳା ପରିଣୟ ନାମକ

ଗୋଟିଏ ନାଟକ ଲେଖି ଅଭିନୟ କରାଇ ସମାଜ ପତିମାନଙ୍କ ହୃଦୟ ପରିବର୍ତ୍ତନ ସକାଶେ ପ୍ରୟାସ କରିଥିଲେ । ସେ ସମୟର ସମାଜର ରକ୍ଷଣଶୀଳ ଅବସ୍ଥାରେ ସେ ସ୍ୱୟଂ ଉଦ୍ୟମ କରି ଜଣେ ବାଳ-ବିଧବାର ବିବାହ କରାଇଥିଲେ । ସେ ସମୟର ଜନ-ସମାଜର ମାନସିକ ଅବସ୍ଥା ଯାହା ଥିଲା, ସେଥିରେ ଅନେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଶ୍ରୀବତ୍ସ କକେଇଙ୍କର ସମାଜ ସଂସ୍କାର ଚିନ୍ତାକୁ ଉଚ୍ଚ ସ୍ଥାନ ଦେଉନଥିଲେ । ଏପରି କି ମୋ ବାପା ମଧ୍ୟ ଏସବୁ କାର୍ଯ୍ୟରେ କକେଇଙ୍କ ସହିତ ସହଯୋଗ କରୁନଥିଲେ । ନାରୀ ଜାତି ପ୍ରତି ଶ୍ରୀବତ୍ସ କକେଇଙ୍କର ଏକାନ୍ତ ଶ୍ରଦ୍ଧା ସହାନୁଭୂତି ଦୁଇ ଭାଇଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରିଥିଲା । ଦୁହିଁଙ୍କର ବିଚାର-ଧାରା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥିଲା ।

ବୟସରେ ଦୁହିଁଙ୍କର ସାମାନ୍ୟ ବ୍ୟବଧାନ ସତ୍ତ୍ୱେ ଦୁହେଁ ଶିକ୍ଷିତ । ତଥାପି ବାପା ଆଉ କକେଇ ଏକାଠି ବସି କେବେ ଆଳାପ ଆଲୋଚନା କରିବା ମୁଁ ଦେଖି ନାହିଁ । ସେ ମୋର କକେଇ ବାପାଙ୍କର ଦଦେଇ ପୁଅ ଭାଇ, ଏକ୍ଷେ ଯୋଗ୍ୟ ବ୍ୟକ୍ତି । ମୁଁ ତାଙ୍କୁ ଦେଖି ପ୍ରଣାମ ହେବି, କଥା କହି କଥା ଶୁଣିବି, ଏକଥା ମତେ କେହି କହି ନ ଥିଲେ । ତେବେ ଯେତେବେଳେ ହେଲେ ଅଳ୍ପ ସମୟ ପାଇଁ ହେଉ ପଛେ ମୁଁ ତାଙ୍କୁ ଦେଖିଲେ ମୋ ହୃଦୟରେ ଶ୍ରଦ୍ଧା-ଭକ୍ତିର ତରଙ୍ଗ ଉଚ୍ଛୁଳି ଉଠୁଥିଲା ।

ବାପାଙ୍କର ଧନ ଉପାର୍ଜନରେ ଯେପରି ଏକାନ୍ତ ନିଷ୍ଠା ଥିଲା, ସେଇପରି ଧନ ପ୍ରତି ନିରାସକ୍ତ ଥିଲେ ଶ୍ରୀବତ୍ସ କକେଇ । ଉତ୍କଳକୁ ସ୍ୱତନ୍ତ୍ର କରିବା କାର୍ଯ୍ୟରେ ସେ ସମୟର ଗଞ୍ଜାମ ଜିଲାର ମୁଖ୍ୟକର୍ମୀ । ମୋର ପିତା ହରିହର ପଣ୍ଡା ଓ କକେଇ ଶ୍ରୀବତ୍ସ ପଣ୍ଡା ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପଦେଶ, ନିର୍ଦ୍ଦେଶ ସହଯୋଗ ସାନ୍ନିଧ ପାଇଆସୁଥିଲେ । ଏ ସମୟକୁ ମୋର ବୟସ ସାତ ଆଠ ବର୍ଷରୁ ବେଶି ହେବନାହିଁ । ଯେତିକି ସ୍ମୃତି ପଥରେ ଥିଲା, ଯାହା ଯାହା ଭଲ ଲାଗିଥିଲା, ତାହାହିଁ ଲେଖୁଛି ।

ଏତେ ଅଳ୍ପ ବୟସରେ ଏତେଗୁଡ଼ିଏ ବିଷୟ ଜାଣିବା ପାଇଁ ମୋର ଜଣେ ପିଉସୀ ପୁଅ ଭାଇ ମୋର ସହାୟକ ହୋଇଥିଲା । ଆମମାନଙ୍କର ପିତାମହ ତାଙ୍କର ଜ୍ୟେଷ୍ଠା କନ୍ୟାଟିକୁ ଜଣେ ଅନ୍ନବସ୍ତ୍ରହୀନ ସ୍ୱାମୀ ହାତରେ ଅର୍ପଣ କରିଦେଇଥିଲେ । ସେଇ ସ୍ୱାମୀଟିର ମୃତ୍ୟୁ ହେବାପରେ ମୋର ସେ ପିଉସୀ-ଦୁଇଟି ଶିଶୁପୁତ୍ର ନେଇ ବଡ଼ଭାଇ ନାରାୟଣ ପଣ୍ଡାଙ୍କ ଘରେ ଆଶ୍ରୟ ନେଲେ । ସେ ଦୁଇ ଶିଶୁ ଭିତରୁ ବଡ଼ଟିକୁ ବଡ଼ ଆଶାକରି ତାଙ୍କ ମା' ଆସ୍କିକା ପଠାଇ ଦେଲେ । ଭାବିଥିଲେ ଭାଇଙ୍କ ପାଖରେ ରହି ପଢ଼ାପଢ଼ି କରି ଦିନେ କିଛି ଗୋଟାଏ ହୋଇଯିବ । ନାମ ତାର ବଟକୃଷ୍ଣ । ଆମର ବଟିଆ ଭାଇନା । କେତେ ବୟସରେ ସେ ପଢ଼ା ଆରମ୍ଭ କରିଥିଲା, ମୋର ମନେ ହେଉନାହିଁ । ମୁଁ ତାଙ୍କୁ ଦେଖିବା ସ୍ମରଣକଲେ ମନେହୁଏ ସେ ସମୟକୁ ସତର କି ଅଠର ବର୍ଷ ବୟସ ହୋଇଥିବ । ମୋର ଜାଣିବାରେ ସେ ଦଶମ ଶ୍ରେଣୀରେ ତିନିବର୍ଷ ଫେଲ୍ ହେଲା । ମୋ ମାଆଙ୍କ ପଛରେ ମାଇଁ ମାଇଁ ବୋଲି ଯେତିକି ଅନୁଗତ ହେବାକୁ ସେ ଚେଷ୍ଟାକରେ ସେତିକି ଅବହେଳା ପାଏ ସେ ଆଉ । ମୋ ବାପା ଭଣଜାର ଅଧ୍ୟୟନ ଉନ୍ନତି ନିମନ୍ତେ ଉତ୍ସାହଦେଇ କେବେ କିଅଣ ଗୋଟାଏ ଉପଦେଶ ଦେବା ମୁଁ ଶୁଣିନାହିଁ । ବଟିଆ ଭାଇନା ଆଉ ବିଶେଷ ବିଷୟ ଅବଗତ ନ ହେଲେ ମଧ୍ୟ ଦେଶର ନେତାମାନଙ୍କ ବିଷୟରେ ଆମମାନଙ୍କୁ କହେ । ମୁ ସେ ସବୁ କଥା ମନଦେଇ ଶୁଣେ ।

ମୋର ବଡ଼ଭାଇ ମୋଠୁ ତିନିବର୍ଷରେ ବଡ଼ । ସେ ସ୍କୁଲରେ ପଢ଼ନ୍ତି । ଘରେ ଟ୍ୟୁଟର ଆସି ପଢ଼ାନ୍ତି । ମୁଁ ସ୍ଲେଟ୍ ଖଡ଼ି ଧରି ଯାଇ ମାଷ୍ଟ୍ରଙ୍କ ପାଖରେ ବସେ । ମୋ ବୋଉ ମୋତେ ଉତ୍ସାହ ଦେଇ ଠେଲି ପେଲି ପଢ଼ିବାକୁ ପଠାଏ । ଶିକ୍ଷକଙ୍କ ବିଶେଷ ଆଗ୍ରହ ନ ଥିଲେ ମଧ୍ୟ ମୁଁ ବର୍ଷେ ଦୁଇବର୍ଷ ଭିତରେ କିଛି ପଣିକିଆ, ଅଙ୍କ, ବର୍ଣ୍ଣବୋଧ, ଶିଶୁବୋଧ, ବାଳବୋଧ ପର୍ଯ୍ୟନ୍ତ ପଢ଼ିଥିଲି ।

ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଭୃତି ନେତା-ମାନଙ୍କ ସମ୍ବନ୍ଧରେ ବଟିଆ ଭାଇନା ମତେ ଅନେକ କଥା ବୁଝେଇ କହୁଛି । ତାଠୁ ମୁଁ ଅନେକ କଥା ଶୁଣିଛି, ଜାଣିଛି । ସେଥିଲାଗି ତା ପାଖରେ ମୁଁ କୃତଜ୍ଞ । ବର୍ତ୍ତମାନ ସେ ଆଉ ନାହିଁ । କୌଣସି ପ୍ରକାର ଚେଷ୍ଟାରେ କୃତକାର୍ଯ୍ୟ ନ ହୋଇ ଅବଶେଷରେ କମ୍ପାଉଣ୍ଡରର କାମରେ ରହିଥିଲା । ଅଳ୍ପ ବୟସରେ ( ଛତିଶ ବର୍ଷ ହୋଇଥିବ ) କ୍ୟାନ୍‌ସର ରୋଗରେ ମରିଗଲା । ସେଇ ଦାରିଦ୍ର୍ୟ ପରିସ୍ଥିତିରେ ମଧ୍ୟ ତା' ମା'ଆ ତାକୁ ବିବାହ କରାଇ ଦେଇଥିଲା । ଛୋଟ ଛୋଟ ପୁଅ ଝିଅ କେତୋଟିକ ସ୍ତ୍ରୀ ପାଖରେ ଛାଡ଼ିଦେଇ ଜନ୍ମ ହେବାଠୁ ମରିବା ପର୍ଯ୍ୟନ୍ତ ଅବଜ୍ଞା ଅବହେଳା ପାଇ ମରିଗଲା ।

ଏବେ ମଧ୍ୟ ମୋର ତା କଥା ମନେପଡ଼ୁଛି । ମୋଠୁ ବୟସରେ ପ୍ରାୟ ଦଶବର୍ଷରେ ବଡ଼ ହୋଇଥିବା । ତଥାପି ତାକୁ କେବେହେଲେ ମାନ୍ୟ ଦେଇ ନ ଥିଲି । ମାମୁଁ ଘରେ ଅବହେଳା ପାଇପାଇ ଅଳ୍ପ କେତେଟା ବର୍ଷ ଘରକରି ରହି ଅକାଳରେ ମୃତ୍ୟୁମୁଖରେ ପଡ଼ିଗଲା । ତା'ପରେ ତା' ସ୍ତ୍ରୀ ପିଲାଙ୍କ ଅବସ୍ଥା କଅଣ ହେଲା ଜାଣିନାହିଁ ।

ଶ୍ରୀବତ୍ସ କକେଇଙ୍କ କଥା କହିଲାବେଳକୁ ବଟିଆ ଭାଇନାଙ୍କ କଥା ଆସିଗଲା ।

ଯେଉଁ ଶ୍ରୀବତ୍ସ ପଣ୍ଡା ବାଲ୍ୟବିବାହ ବିରୋଧରେ ରହି ନାରୀ-ସମାଜର ଉନ୍ନତି ନିମନ୍ତେ ଅନବରତ କଥାରେ କାର୍ଯ୍ୟରେ ପ୍ରୟାସ କରୁଥିଲେ, ତାଙ୍କର ଏକମାତ୍ର କନ୍ୟାର ସେଇ ବାଲ୍ୟ ବୟସରେ ଜଣେ ଦଶମ ଶ୍ରେଣୀ ଛାତ୍ର ସହିତ ବିବାହ ହୋଇଗଲା । ବିବାହ ଉତ୍ସବ ହେଲା ମଦାର ଗ୍ରାମରେ । ମୋର ମନେପଡ଼ୁଛି ମୁଁ ସେଇଥର ପ୍ରଥମ କରି ସେଇ ଗାଁକୁ ଯାଇଥିଲି । ଶ୍ରୀବତ୍ସ କକେଇଙ୍କ ସ୍ତ୍ରୀ ଯେ କି ମୋର ଖୁଡ଼ୀ, ନିଜେ ଆସି ମୋ ବୋଉଙ୍କୁ ବାରମ୍ବାର କରି କହି ଯାଇଥିଲେ, ଏକମାତ୍ର କନ୍ୟାର ବିବାହରେ ଯୋଗଦେବାକୁ ; କିନ୍ତୁ ଘର ଛାଡ଼ି ଦିନେ ଦୁଇଦିନ ପାଇଁ ମଧ୍ୟ ବୋଉଙ୍କ ପକ୍ଷରେ ଯିବା ସମ୍ଭବ ହେଲା-ନାହିଁ । ବାପା ବୋଉଙ୍କ ପ୍ରତିନିଧି ସ୍ୱରୂପ ଆମେ ଭାଇ ଆଉ ଭଉଣୀ ମଦାର ଗାଁକୁ ଯାଇ ପ୍ରଥମେ ଦଦେଇଙ୍କ ଘରେ ରହିଲାପରି ମନେ ହେଉଛି । ତା'ପରେ କେହି ଜଣେ ନେଇ ମାଳତୀ ବୋଉ ଖୁଡ଼ୀଙ୍କ ସହିତ ଆମ ଦୁହିଁଙ୍କୁ ଦେଖା କରେଇଦେଲେ । ସେଇଦିନ ବିବାହ କାର୍ଯ୍ୟ । ବିବାହ ଉତ୍ସବରେ ଘର ବାହାର ସବୁ ଭରିଯାଇଛି । ଖୁଡ଼ୀ ବଡ଼ କାର୍ଯ୍ୟବ୍ୟସ୍ତ ଥିଲେ । ବୋଧହୁଏ ଏତେବଡ଼ ଉତ୍ସବ ଘରେ କାର୍ଯ୍ୟବ୍ୟସ୍ତ ହେବା କଥା । ସେ କଅଣ କହିଥିଲେ, ଏଠି ଲେଖିବା ସମ୍ଭବ ନୁହେଁ । ଏତିକ ମନେପଡ଼ୁଛି, "ବାପା ମା' କେହି ଯଦି ଆସିଲେ ନାହିଁ, ପିଲା ଦି'ଟାକୁ କାହିଁକି ପଠେଇଲେ ।" ଆମେ ଭାଇ ଭଉଣୀ ଦୁହେଁ ଏକାଠି ବସି କାନ୍ଦିଲୁ । କେତେବେଳେ କିମିତି ଆମର କାନ୍ଦ ବନ୍ଦହେଲା । କେଉଁଠି ଖାଇ କେଉଁଠି ଶୋଇଥିଲୁ, କେତେଦିନ ସେଠି ରହିଥିଲୁ କିଛି ସ୍ମରଣ ହେଉନାହିଁ । କେବଳ ଆଖି ଆଗରେ ଦିଶୁଛି, ଖୁଡ଼ୀଙ୍କର ବ୍ୟସ୍ତତା-ଭରା ମୁହଁ, ତାଙ୍କର ଆଡ଼ମ୍ବରମୟ ବାସଗୃହ । ତାଙ୍କର ସୁନା ଅଳଙ୍କାରଭରା ଦେହ, ମୁହଁ ନୂଆ ପାଟ-ଶାଢ଼ୀ ।

ସେଇ ଅଳ୍ପ କେତେଦିନପରେ ଶ୍ରୀବତ୍ସ କକେଇ ବଡ଼ଖେମୁଣ୍ଡିରୁ ବଦଳି ହୋଇ ଆସିଲେ ଆସିକା । ସେ ସମ୍ବାଦରେ ମୋ ହୃଦୟଟା ବ୍ୟାକୁଳ ହୋଇ-ଉଠିଥିଲା । ମୋର ବୟସ ସେ ସମୟକୁ ଦଶବର୍ଷ ହୋଇଯାଇଥିବ । ଶ୍ରୀବତ୍ସ କକେଇଙ୍କୁ ଦେଖିଲେ ପରମ ସଙ୍କୋଚରେ ମୁଁ ମାଟିରେ ମିଶିଯାଏ । ସେ କେଉଁଦିନ ମୋତେ ଦେଖିଦେଲା ମାତ୍ରେ ମୋର ପଢ଼ିବା ବିଷୟ ପଚାରନ୍ତି । ତାଙ୍କର ସଂକ୍ଷିପ୍ତ କଥା ପଦେ ଦୁଇପଦ ମୋର ମସ୍ତକ ସ୍ପର୍ଶକରି ହୃଦୟ ଭିତରେ ଆସି ବାସ-କରି ରହିଯାଏ । ସେ ମତେ କେତେଥର କେତେ କଥା କହିଛନ୍ତି, ଏବେ ସତେଇ ଲେଖିଲେ ତାଙ୍କ କଥା ନ ହୋଇ ମୋ କଥା ହୋଇଯିବ ।

× × ×

ବର୍ତ୍ତମାନ ମୋ ବୋଉଙ୍କ କଥା କେତେ ପଦରେ ଲେଖିଦେବାକୁ ହେବ । ମାଆଙ୍କୁ ଆମେ ଆଦର କରି କନ୍ଧା ଘରୋଇ ପ୍ରଥା ଅନୁଯାୟୀ ବୋଉ ବୋଲି ଡାକୁ । ମୋ ବୋଉ ଶୈଶବରୁ ଥିଲା ପିତୃମାତୃହୀନା । ସେମାନେ ଭାଇ ଭଉଣୀ ହୋଇ ତିନିଜଣ । ମୋ ବୋଉ ସବା ସାନ । ବୋଉର ବଡ଼ଭାଇ ତାଠୁ ଦଶ କି ବାର ବର୍ଷ ବଡ ହୋଇଥିବେ । ମୁଁ ତାଙ୍କୁ ମାମୁଁ ବୋଲି ଚିହ୍ନିଲାବେଳକୁ ମୋତେ ପାଞ୍ଚବର୍ଷ ବୟସ ହୋଇଥିବ । ବିଶାଳ ବପୁ, ଗୌରବର୍ଣ୍ଣ, ମୋଟା ଶରୀରକୁ ଦେଖି ଖୁବ୍ ଭଲ ମଧ୍ୟ ହୋଇଥିଲେ । ଶୁଭ୍ର ବସ୍ତ୍ର ପରିଧାନ କରିବା, ପାଟ ସୂତର ଯୋଡ଼େଇ ହେବା ଇତ୍ୟାଦି ତାଙ୍କର ସୌଖୀନ ଥିଲା । ଗୋଲଗାଲିଆ ମୁହଁ, କେଶଶୂନ୍ୟ ମସ୍ତକ । ତାହାହେଲେ ମଧ୍ୟ ଦେଖିବାକୁ ସୁଶ୍ରୀ ଦେଖାଯାଉଥାନ୍ତି । ଆମର ରନ୍ଧାଘର ବାହାର ପାଖକୁ ବାରଣ୍ଡା ଆଉ ପାଉଛ, ସେଇ ବାରଣ୍ଡା ପାଉଛ ଉପରକୁ ଗୋଡ଼ ଲମ୍ବେଇ ମାମୁଁ ବସି ପଡନ୍ତି । ମୋ ବୋଉ ରନ୍ଧାଘର ଦୁଆର ମୁହଁକୁ ଆଉଜି ଠିଆ ହୋଇ କଥା ହୁଏ । ଏବେ ମୁଁ ଆଶ୍ଚର୍ଯ୍ୟ ବୋଧ କରି ଭାବୁଛି, ସେ କାଳରେ ଚଉକି ଖଣ୍ଡିଏ ଦେଇ ଅଭ୍ୟର୍ଥନା କରି ବଡ଼ଭାଇକୁ ବସ ବୋଲି କହିବା ମଧ୍ୟ ଘରୋଇ ପ୍ରଥା ଭିତରେ ନ ଥିଲା ।

ମୋର ସେଇ ମାମୁଁ ଯାହାଙ୍କୁ ଦେଖିଲେ ବିଦ୍ୱାନ୍ ବ୍ୟକ୍ତି ବୋଲି ଧାରଣା ହୁଏ, ସେ ମୋ ବୋଉକୁ ଗାଁର ପାଠଶାଳାରେ ଅମରକୋଷ ଅଭିଧାନ ପର୍ଯ୍ୟନ୍ତ ଓଡ଼ିଆ ପାଠ ପଢ଼ାଇ ଦେଇଥିଲେ । ମୋ ବୋଉ ଯେ କୌଣସି ପୁରାଣ ସୁନ୍ଦର କରି ପଢ଼ିପାରୁଥିଲା । ସେଥିର ଅର୍ଥ କରି ବୁଝେଇ ଦେଉଥିଲା । ତାର ଅକ୍ଷରଗୁଡ଼ିକ ସୁନ୍ଦର । ମତେ ମୋ ବୋଉ ଅ ଆ ଠୁ ଆରମ୍ଭ କରି ଗୋପୀଭାଷା, ବ୍ରଣସାଗର ଇତ୍ୟାଦି ପଢ଼େଇ ଦେଇଥିଲା । ତା'ପରେ ଗୃହଶିକ୍ଷକଙ୍କ ପାଖରେ କେତେମାସ ପଢ଼ିଥିଲି । ଦଶମ ଶ୍ରେଣୀରେ ପଢ଼ୁଥିବା କଟିଆ ଭାଇନା ପାଖରେ ପଢ଼ିବାକୁ ଇଚ୍ଛା ହୁଏନାହିଁ, ତା'ର ଅକ୍ଷର ବଡ଼ ଅସୁନ୍ଦର । ଇମିତି ଅବସ୍ଥାରେ ମୋର ବଡଭାଇ ଆଉ ବଟଭାଇନା ଚାଲିଗଲେ ସତ୍ୟବାଦୀ ସ୍କୁଲରେ ପଢ଼ିବାକୁ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉପଦେଶ ଅମାନ୍ୟ କରିବାକୁ ବାପାଙ୍କର ଶକ୍ତି ନ ଥିଲା । ଭାଇନା ସତ୍ୟବାଦୀ ଯିବା ପରେ ଘରଟା ଭୟଙ୍କର ଭାବେ ଶୂନ୍ୟ ବୋଧହେଲା ।

× × ×

ମୋ ବୋଉ ଥିଲା ପ୍ରାଚୀନ ପ୍ରଥାର ପୂର୍ଣ୍ଣ ବିଶ୍ୱାସୀ । କେବେ ତାଙ୍କର ଶ୍ୱଶୁର ଶାଶୁଙ୍କ ଶ୍ରାଦ୍ଧ ପୂର୍ବଦିନ ଗୋଟାଯାକ ଘର କାନ୍ଥ ବାଡ଼, ଆଟୁ, ଭାଡ଼ି ସବୁ ଲିପି ଧୋଇ ରଖୁଥିଲେ । ଘରର ଚିଡ଼ ଗୁଙ୍ଗୁଡ଼ି, ଟୋକେଇ, କୁଲା ଯାହା ଯେଉଁଠି ଥିବ ସବୁ ଧୂଆହେବ । ଝଡ଼ ବର୍ଷା ହେଉଥିଲେ ମଧ୍ୟ ପରିଧେୟ ବସ୍ତ୍ରଠାରୁ-ଶୋଇବା ଘର କନ୍ଥା, କନାପଟା ସବୁ ଧୋବାଘରକୁ ଯିବ । ମୋ ବୋଉ ସେ ରୀତି ମାନି ପାଳନ କରିବାରେ ତିଳେହେଲେ ଏଣିକି ତେଣିକି କରୁ ନ ଥିଲା । ମୋର ବୟସ ଆଠ ହେବାଠାରୁ ବୋଉ ମୋର ବ୍ୟାକୁଳ ହୋଇ ଉଠିଲା, କମିତି କେଉଁଠୁ ମୋ ପାଇଁ ସେ ସ୍ୱାମୀ ଗୋଟିଏ ଖୋଜି ଆଣିବ । ମୋର ଦଦେଇ ନାରାୟଣ ପଣ୍ଡା ମାସକରେ ଦଶଦିନ ଆସିକା ମୁନ୍‌ସଫ୍ କୋର୍ଟରେ ଯେ କୌଣସି ଗୋଟିଏ ମାମଲା ମୋକଦ୍ଦମାରେ ଜଡ଼ିତହୋଇ ଠିଆ ହୋଇଥିବେ ।

ତାଙ୍କର ବଳଦ ଶଗଡ଼ ଚାଳକ ସାଥିରେ ପୂଜାରୀ ଟିଏ ମଧ୍ୟ ଥିବ ନିଶ୍ଚୟ । ଟ୍ରେଙ୍କ ଦେଉଳପରି ଗୋଟାଏ କେତ ବାକ୍‌ସରେ ତଳକୁ ଗେଞ୍ଚେଇ ବାସନ ଓ ଉପର ଆଡ଼କୁ ତାଙ୍କର ଆରାଧ୍ୟ ଦେବତା ଶାଳଗ୍ରାମ ଥା'ନ୍ତି । ପିତଳ ଫରୁଆ ଭିତରେ ଥିବା ତିନି ଗୁଣ୍ଡମୂର୍ତ୍ତି ଶାଳଗ୍ରାମକୁ ଫୁଲ-ତୁଳସୀ ଦେଇ ଦଦେଇ କେତେ ମନ୍ତ୍ର ପଢ଼ି ପୂଜା କରନ୍ତି । ମୁଁ ପାଖରେ ଛିଡ଼ା ହୋଇ ଦେଖେ । ସେ ଆଖି ମୁଦି ଧ୍ୟାନ କରନ୍ତି । ପୂଜାଶେଷରେ ପିତଳ ଫରୁଆର ସୋଢ଼ଣିଟି ଯୋଡ଼େଇ ଦେଇ ସେଇ ବେତପେଡ଼ି ଭିତରେ ରଖି ଦିଅନ୍ତି ।

ତା'ପରେ ପୂଜାରୀ ଆଉ ଚାଳକ ସାଙ୍ଗରେ ଖିଚିର ମିଚିର ଆରମ୍ଭ ହୋଇଯାଏ । ଗୋଲ୍ଲୁହଳ ପାଇଁ କୁଣ୍ଡା

ଆଣିବାକୁ ଷୋହଳ ପଇସା ନେଇ ଅଳ୍ପ କୁଣ୍ଡା ଆଣୁଛି । ଦୁଇଅଣା ପଇସା ନେଇ ଅଣାଏ ପଇସାର କୁଣ୍ଡା ଆଣୁଛି । ପୂଜାଘଣ୍ଟା ଭଲ ମାଛ ଆଣୁନାହିଁ । ଇତ୍ୟାଦି ।

ଦଦେଇ ଡେରି କରି ଖାଇବାକୁ ଆସନ୍ତି । ସିଂହପଣରେ ମୁଁ ପରଷା ପରଷି କରିଦିଏ । ବୋଉ ମଝି ମଧ୍ୟସ୍ଥ ରହି ଗୋଟେଇ ଘର ଦୁଆର ପାଖରୁ କଥା ଆରମ୍ଭ କରେ । "ଆଉ ରଖିବାକୁ ତ ସାହସ ପାଉନାହିଁ । ଇସ୍ପେତ କେଉଁ କଥାକୁ କାନ ଦେଉ-ନାହାନ୍ତି ।" ସେଇଠି ଦଦେଇ କଥା ଆରମ୍ଭକରନ୍ତି । କେଉଁଠି ଧନ ପ୍ରଚୁର ଅଥଚ ପାଠ ଶାଠ କିଛି ନାହିଁ । ଇମିତି କେତେ ଆକାର ପ୍ରକାରର ବରପାତ୍ରଙ୍କ ବିଷୟ ଶୁଣି ଶୁଣି ମୋ ମନରେ ମଧ୍ୟ ନବଜାଗରଣ ଦେଖା-ଦିଏ । କେବଳ ଦଦେଇଙ୍କ ସହିତ ବୋଉ ଆଡୁଆଳରେ ରହି ଯାହା କହେ ସେତିକ ନୁହେଁ, ଆମର ଜଣା ଶୁଣା ଆତ୍ମୀୟ ସ୍ୱଜନ ଯେ କୌଣସି ବ୍ୟକ୍ତି ସହିତ କେବଳ ବର ଖୋଜାର କଥା ହିଁ ବେଶି ଆଲୋଚନା ସେ କରେ । ମୋର ମଝିଆ ପିଉସୀଙ୍କ ତିନି ପୁଅ, ଚାରି ଝିଅ । ଶେଷରେ ଦୁଇ ଝିଅଙ୍କର ବୟସ ମୋ'ଠୁ ବେଶି ହେବାସତ୍ତ୍ୱେ ପାତ୍ର ଯୋଗାଡ଼ ହୋଇପାରୁ ନ ଥିଲା । ସେ ଦୁଇଝିଅଙ୍କର ବଡ଼ ଭାଇ-ମାନେ ଆସିକା ଅଞ୍ଚଳର ପିତଳ, ପାକଢ଼ିତହର, ବ୍ରାହ୍ମଣଗୁଇ ପ୍ରଭୃତି ଗାଁମାନଙ୍କରେ କୈାଣସି ଜଣା-ଶୁଣା ଘରେ ବସାକରି ରହି ବରପାତ୍ରର ଅନୁସନ୍ଧାନ କରନ୍ତି । ମୋ ବୋଉ ସେମାନଙ୍କୁ ମୋ ବିଷୟ କହି-ଥାଏ, କେଉଁଠି ଯୋଗ୍ୟ ପାତ୍ରଟିଏ ଖୋଜି ଦେବାପାଇଁ ।

ଏଇ ମଝିଆଁ ପିଉସୀ ଦେଖିବାକୁ ଅସୁନ୍ଦରୀ ବୋଲି ହିଁ ଜଣେ ପାଣ୍ଡୁରୋଗୀଙ୍କ ହାତରେ ତାଙ୍କୁ ସମର୍ପଣ କରାଯାଇଥିଲା । ସ୍ୱାମୀ ରୋଗପୀଡ଼ିତ ହେଲେ ମଧ୍ୟ ତାଙ୍କର ଚାରିକନ୍ୟା, ତିନି ପୁତ୍ର ଜନ୍ମ ହୋଇଥିଲେ । ପୁଅଗୁଡ଼ିକ ଇମିତି ମୂର୍ଖ ପରି ଦିଶନ୍ତି ଯେ, ମୋ ବୋଉ ସେମାନଙ୍କୁ ମୋ ନିମନ୍ତେ ପାତ୍ର ଗୋଟିଏ ଖୋଜି ଦେବାକୁ କହିବା ସମୟରେ, ମୁଁ ଭିତରେ ଭିତରେ କ୍ରୋଧରେ ଗରମ ହୋଇଯାଏ । ମୋର ସେ ପିଉସୀ-ପୁଅ ଭାଇମାନେ ଅନେକ ବର୍ଷ ହେଲା ମଲେଣି । ସେମାନଙ୍କର ସନ୍ତାନମାନଙ୍କର ବିଦ୍ୟା ବୁଦ୍ଧି ଖ୍ୟାତି କଣଭାଗ ଗାଁର ସେଇ କୋଣରେ ହିଁ ରହିଗଲା ।

ଷାଠିଏ ବର୍ଷ ପୂର୍ବର କଥା ମନେ ପଡ଼ୁଛି ସ୍ୱପ୍ନ ପରି । ବାପା ତ ଏ ବିଷୟରେ କେବେ ପଦେ ହେଲେ କହନ୍ତିନାହିଁ । ବୋଉର ଆଖିରୁ ଲୁହ ଝରିପଡେ । ମୋ ମନରେ ମଧ୍ୟ ସେଇ ବାଲ୍ୟ ବୟସରୁ ଦୁଃଖର ଗୋଟାଏ ଗଭୀର ଦାଗ ପଡ଼ିଗଲା । କେଉଁଠାରୁ କିଏ ଆସି ବର ଗୋଟିଏ ଖୋଜି ଆଣିଦେବ । ଜଗତ ଅନ୍ଧକାର ଦିଶେ ।

ଏଇ ସମୟରେ ହିଁ ଶ୍ରୀବତ୍ସ କକେଇଙ୍କ କନ୍ୟା ମାଳତୀ ଦେବୀଙ୍କ ବିବାହ ଉତ୍ସବକୁ ମନ୍ଦାର ଗ୍ରାମକୁ ଯାଇଥିଲି । ସେଇଥର ହିଁ ମନ୍ଦାର ମାଟି ସହିତ ମୋର ପରିଚୟ ଘଟିଲା । କେଡେ ବଡ଼ ଘର । ସବୁ ଭାଗ ଭାଗ ହୋଇ ଇଟା ଚୂନର କାନ୍ଥ ଉଠାଯାଇଛି । ମଝିରେ ବଡ ଦଦେଇ ନାରାୟଣ ପଣ୍ଡାଙ୍କ ଘର । ସେଇ ଘରେ ମୋ ବାପାଙ୍କର ଅଂଶଟା ମିଶି ରହିଥାଏ । ପଶ୍ଚିମ ପାଖକୁ କାଶୀନାଥ ପଣ୍ଡାଙ୍କ ଘର, ତା ପାଖକୁ ଗଙ୍ଗାପାଣି ପଣ୍ଡା । ଏ ପାଖରେ ପୂର୍ବ ପାଖକୁ ନରସିଂହ ପଣ୍ଡା । ସେ ଥିଲେ ଶ୍ରୀବତ୍ସ କକେଇଙ୍କ ବିମାତା ପୁତ୍ର । ତାଙ୍କ ଘର ପାଖରୁ ଚାରିଗୋଟି ପରିବାର କେବଳ ଦାଣ୍ଡପାଖ ଆଡ଼କୁ ମାଟି କାନ୍ଥ ନଡ଼ା ଚାଳର ଘରକରି ରହିଥାନ୍ତି । ବାଡ଼ିପାଖଟା ସମ୍ପୂର୍ଣ୍ଣ ଖୋଲା । ଲମ୍ବାରେ ଧାନକ୍ଷେତ ପର୍ଯ୍ୟନ୍ତ । ଚଉଡ଼ାରେ ଶ୍ରୀବତ୍ସ କକେଇଙ୍କ ଘର ପର୍ଯ୍ୟନ୍ତ । ଶ୍ରୀବତ୍ସ କକେଇଙ୍କ ଘର ସେ ସମୟକୁ ସମ୍ପୂର୍ଣ୍ଣ ଆଧୁନିକ ଆକାରରେ ନିର୍ମାଣ କରାଯାଇଥିଲା ; ନରସିଂହ ପଣ୍ଡାଙ୍କ ଘରଠାରୁ ଶ୍ରୀବତ୍ସ ପଣ୍ଡାଙ୍କ ଘର ପର୍ଯ୍ୟନ୍ତ ବିସ୍ତୃତ ସ୍ଥାନ ଖଣ୍ଡିକରେ ଗୋଟିଏ ଗରିବ ପରିବାରର ଚାରିଭାଇ ଭିନ୍ନ ଘର କରି ରହିଥାନ୍ତି । ସେ ଭିତରେ କୃଷ୍ଣ ପଣ୍ଡା ନାମକ ଭାଇଟିର ଗୁଡ଼ାଏ ଝିଅ ଥିଲେ, ସେମାନେ ହିଁ ମୋର

ବଡ଼ ବନ୍ଧୁ । ସେମାନଙ୍କର ନିରକ୍ଷରତା ପାଣ୍ଡିତ୍ୟରେ ମୁଁ ମୁଗ୍ଧ ହୋଇଯାଏ ।

କେତେ ଦିନ, କେତେ ମାସ, କେତେ ବର୍ଷ ଅତୀତ ଗର୍ଭରେ ମିଶିଗଲଣି, ସ୍ମୃତି ହଜିଯାଇନାହିଁ । ସେଇ କେତେଥର ବିବାହ ପୂର୍ବରୁ ଦଦେଇଙ୍କ ସାଙ୍ଗରେ ମନ୍ଦାର ଗାଁକୁ ଯାଇଥିଲି । ସମ୍ଭବତଃ ତିନି ଚାରିଥର ଯାଇଥିବି ; କିନ୍ତୁ ନିମ୍ନବିତ୍ତ ପରିବାର ଭିତରେ ମୁଁ ମଧ୍ୟ ଜଣେ ହୋଇ ସେଇମାନଙ୍କ ସାଙ୍ଗରେ ପଡ଼ି-ରହିବାକୁ ଇଚ୍ଛାହୁଏ । ସନ୍ଧ୍ୟାହେଲେ ତାଙ୍କରି ସେଇ ଅନ୍ଧାର ଘର କୋଣେ ଆମରି ବୋହୂବୋହୂକା ଖେଳ ଆରମ୍ଭ ହୋଇଯାଏ । ଆମ ଭିତରୁ ଆମେ ସବୁ ହୋଇଯାଉ ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ବର । ସେମାନେ ମତେ ଉପଦେଶ ଦିଅନ୍ତି । ବର ଆସିଲେ ଓଢ଼ଣୀ ଟାଣି ଦେଇ କମିତି ଗୋଡ଼ଘୋଷି ଘର ଭିତରକୁ ଚାଲିଯିବାକୁ ହେବ । ଶ୍ୱଶୁର ସ୍ନାନକରି ଆସିଲା-ବେଳକୁ କମିତି ଠା ପିଢ଼ାକରି ରଖିବାକୁ ହେବ । ଦେଢ଼ଶାଶୁ, ଦେଢ଼ଶୁରଙ୍କୁ ( ସ୍ୱାମୀଙ୍କଠାରୁ ବଡ଼ ଭାଇ ଭଉଣୀ ) କମିତି ଭକ୍ତି କରିବାକୁ ହେବ । ଏମାନଙ୍କର ନାମ ଧରିବାକୁ ଏକାଥରକେ କଡ଼ା ନିଷେଧ । କାହାରି ନାମ ଯଦି ଗଣେଶ ହୋଇଥିବ, ତେବେ ସେ କେବେ 'ଗଣିବା' ଶବ୍ଦ ଉଚ୍ଚାରଣ କରିବନାହିଁ । ଚକ୍ରପାଣି ହୋଇଥିଲେ କୌଣସି ଗୋଲ ପଦାର୍ଥକୁ ଚକା ବୋଲି ସାଧାରଣରେ ଯିମିତି କହନ୍ତି, ସେ ତାହା ନ କହି 'ନକା' ବୋଲି କହିବ । 'ପାଣି' ନ କହି 'ଜଳ' ଶବ୍ଦ ବ୍ୟବହାର କରିବ ।

ଇମିତି ଅନେକ ଉପଦେଶ ମୁଁ ମୋର ସାଥୀ ଝିଅଙ୍କଠାରୁ ପାଏ । ଏବେ ମଧ୍ୟ ମୋର ମନେପଡ଼ୁଛି, ଏସବୁ କଥା ଶୁଣି ମୁଁ ମନେ ମନେ ବିସ୍ମିତା ହୋଇ-ଉଠେ । କମିତି ଏତେ ଜ୍ଞାନ, ଏତେ ବୁଦ୍ଧି ଏମାନଙ୍କର ହେଲା । ସେ ଖେଳ ଭିତରେ ମୁଁ ବାଳିକା ବଧୂଟିଏ ହୋଇ ବର, ଦେବର, ଶାଶୁ, ଶ୍ୱଶୁର ସମସ୍ତଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିନିଏ । ବଡ଼ ସୁନ୍ଦର, ବଡ଼ ଆନନ୍ଦ-ଦାୟକ ସେ ଖେଳ ଘରର କଥା । ବଡ଼ ଭୋରରୁ ଶଯ୍ୟା ଛାଡ଼ି ଗୃହକର୍ମ କରିଯିବାକୁ ହେବ । ଆମ ଭିତରୁ ଜଣେ କାଉ, କୋଇଲି ହୋଇ ସକାଳର ଆଗମନ ବାର୍ତ୍ତା ଜଣାଇଦେବ । ବୋହୂ ମୁଣ୍ଡ ଉପରେ ହାତେ ଲମ୍ବ ଓଢ଼ଣା ଟାଣି ନଇଁ ନଇଁ ଚାଲିଯିବ । ସେଇଠିକି କେଉଁ କେତେ ଦୂରରୁ ନଥି ପୁଷ୍କରିଣୀ ଦିଶିଯାଆନ୍ତି । ଘରଣୀ ହେବାର ଗାମ୍ଭୀର୍ଯ୍ୟ ଶିଖିବା ସଙ୍ଗେ ସଙ୍ଗେ ଭବିଷ୍ୟତର ସଂସାରଟା ଦିଶିଯାଏ ଆଖି ଆଗରେ ।

ମୋର ସେ ପ୍ରିୟ ମନ୍ଦାର ଗାଁ ବର୍ତ୍ତମାନ କେଉଁ ଆକାର ଧାରଣ କରିଥିବ, ମୁଁ ଆଉ ଦେଖିପାରି ନାହିଁ । ଆଉ ଦେଖିବା ସମ୍ଭାବନା ମଧ୍ୟ ନାହିଁ । ମନ୍ଦାର ନିବାସ ସମୟର ଆଉ ଗୋଟିଏ କଥା ମନେ ପଡ଼ୁଛି । ନରସିଂହ କକେଇଙ୍କ ଦାଣ୍ଡଘରଟା ବେଶ୍ ଲମ୍ବା ଚଉଡ଼ା । ମୋ ଦଦେଇଙ୍କର ଘରଟା ଯେତିକି ସେତିକି । ଦଦେଇ ବାପାଙ୍କର ଘର ଭାଗଟାରେ ଅଧିକାର କରୁଥିଲେ । ନରସିଂହ କକେଇ ଶ୍ରୀବସ୍ତ କକେଇଙ୍କର ଭାଗଟା ନିଜରକରି ରଖିଥିଲେ । ସେଥିପାଇଁ ସେ ଟଙ୍କା ଦେଇଥିଲେ । ସେ ଘରର ଗୋଟାଏ ପାଖକୁ ଇଟା ଚୂନର ସୋଫା ଆକୃତିର ଉଚ ମଞ୍ଚ । ଅତିଥି ଅଭ୍ୟାଗତ ଆସିଲେ ତାରି ଉପରେ ଗାମୁଛା ବିଛେଇ ଶୋଇଯିବାକୁ ହୋଇଥାଏ । ନାଲିଆ ରଙ୍ଗର ସିମେଣ୍ଟ କାମ କରିଣ, ସେଥିରେ ସେ ମଞ୍ଚଟି ଚିକ୍କଣ କରାଯାଇଥିଲା । ସନ୍ଧ୍ୟା ସମୟକୁ ସେ ଉପରେ ବସି ପୁରାଣ ପାଠକ ବହି ତଆଡ଼ି ବସି ପୁରାଣ ପଢ଼ନ୍ତି । ଯେଉଁଦିନ ମୋର ସଙ୍ଗିମାନଙ୍କ ମାଆ-ମାନେ ସେମାନଙ୍କର ଝିଅମାନଙ୍କୁ ସବୁଦିନେ ଖେଳ ଖେଳ ସମସ୍ତ ନଷ୍ଟ କରିବାକୁ ଦିଅନ୍ତିନାହିଁ, ସେଦିନ-ମାନଙ୍କରେ ମୁଁ ପୁରାଣ ପାଠ ଶୁଣିବାକୁ ଠିଆହୋଇ ରହେ । ସେ ସମସ୍ତଙ୍କୁ ବ୍ୟାସକବି ଫକୀର ମୋହନଙ୍କ ମହାଭାରତର ତିନୋଟି ପର୍ବ ମୋ ପାଖରେ ଥାଏ ।

ସେ ସମୟରେ ସେ ଗ୍ରନ୍ଥ ଦୁଇଖଣ୍ଡ 'ବନପର୍ବ' ଆଉ ଖଣ୍ଡିଏ 'ଭୀଷ୍ମ ପର୍ବ' । ତିନୋଟି ପର୍ବଟି କ୍ଷୀଣ ଶରୀର ହେଲେ ହେଁ ଲାଲ୍ ମୋଟା ମଲାଟରେ ବନ୍ଧେଇ ହୋଇଥିଲା । ବନପର୍ବ ଦୁଇଖଣ୍ଡ ଏକାଠି ଲାଗି ଛୋଟ

ମଲାଟ ଦେଇ ବନ୍ଧେଇ ହୋଇଥିଲା । ସେ ବହି ଦୁଇଟି ଧରି ଯାଇଥିଲା ମନ୍ଦାର । ସଙ୍ଗିମାନଙ୍କ ନିକଟରେ ନିଜର ବିଦ୍ୟା ବୈଭବ ଦେଖାଇବା ଉଦ୍ଦେଶ୍ୟ ତ ନ ଥିଲା । ଯେହେତୁ ପଢ଼ିବା ଶୁଣିବା ସେମାନଙ୍କ ପକ୍ଷରେ ବା ମତରେ ଝିଅଗୋଷ୍ଠୀର ସମ୍ପଦ ବୋଲି ଧରାଯାଉ ନ ଥିଲା । ଖେଳରୁ କେତେବେଳେ ଫାଙ୍କ ପାଇଲେ ଘରର ଗୋଟାଏ କୋଣକୁ ବସି ମହାଭାରତ ପଢେ । ବନପର୍ବର କିର୍ମ୍ମୀର ବଧ ଉପାଖ୍ୟାନ ସମୟେ ସମୟେ ମନେପଡ଼ୁଛି । ସେଇ ବନପର୍ବ ବହିଖଣ୍ଡିକ ଓଳିଆ ସନ୍ଧିରୁ କେହି ଜଣେ ଚୋରିକରି ନେଇଗଲା । ପଡ଼ିଲା ବିରାଟ ପର୍ବଟି ସେଇଠି ଯିମିତି ଥିଲା ସିମିତି ରଖାହୋଇଥିଲା । କେତେ କାନ୍ଦିଲି, କେତେ ପଚାରିଲି, କେହି ଶୁଣିଲେନାହିଁ ।

ଆଜି ପର୍ଯ୍ୟନ୍ତ ମୁଁ ଆଉ ସେ ବହି କିଣି ଆଣିବାକୁ ମଧ୍ୟ ପାଇନାହିଁ । ବ୍ୟାସକବି ମୋ ବାପାଙ୍କର ଜଣେ ବନ୍ଧୁ ଥିଲେ । ସୁତରାଂ ତାଙ୍କର ସ୍ୱ-ରଚିତ ମହାଭାରତ ବହି ତିନି ଖଣ୍ଡି ପଠାଇ ଦେଇଥିଲେ । ସେ ସମୟରେ ଏକଥା ବାପାଙ୍କୁ ପଚାରିବା ସାହସତ ନଥିଲା । ପରେ ମୁଁ ଅନୁଭବ ଏବଂ ଅନୁମାନ କରୁଥିଲି । ସାହିତ୍ୟିକ କବି ଫକୀର ମୋହନ ସେନାପତି ବାପାଙ୍କ ପାଖକୁ ବନ୍ଧୁତ୍ୱର ଅନୁରୋଧରେ ବହି ପଠାଇଥିଲେ, ବାପା ସେଥିପାଇଁ ଚିଠି ଖଣ୍ଡେ ଲେଖିଥିବେ କି ?

ମନୁଷ୍ୟ ଜୀବନ ସମସ୍ୟାବହୁଳ । ସେ ଜାଣିଶୁଣି କେତେକ ସମସ୍ୟା ସୃଷ୍ଟିକରୁଛି । ଆଉ କେତେକ ତାର ଗ୍ରହଦଶାର ଅବସ୍ଥାଦ୍ୱାରା ସୃଷ୍ଟି ହେଇଯାଉଛି । ପ୍ରତି ମୁହୂର୍ତ୍ତରେ ମନୁଷ୍ୟ ଭୁଲ୍ କରୁଛି । ସେ ଭୁଲ୍ ସଂଶୋଧନ କରିବା ନିମନ୍ତେ କେତେ ପ୍ରୟାସ, ଦୁଃଖ କଷ୍ଟ ଭୋଗକରିବାକୁ ହେଉଛି । ବାଲ୍ୟ ଜୀବନରେ ଯେତେ ଛୋଟ ବଡ଼ ଘଟଣା ଘଟିଥିଲା, ଏ ବୟସରେ ମଧ୍ୟ ମୁଁ ସେ ସବୁକଥା ସ୍ୱପ୍ନାବସ୍ଥାହୋଇ ଭାବି ଯାଉଛି । ଭାବୁ ଭାବୁ ମନେହେଉଛି ମୁଁ ଆଉଥରେ ସେ ଅବସ୍ଥାକୁ ଫେରିଯାଆନ୍ତି କି !

ମନ୍ଦାର ଗାଁର ଶାଶୁଘୋଡ଼ୁ ଖେଳ ଭଳିରେ ଘର ସଂସାର କରିବା ମନେ ପଡ଼ିଯାଉଛି । ସେଥି ସଙ୍ଗେସଙ୍ଗେ ମୋର ମନେପଡ଼ିଯାଉଛି ମୋ ବୋଉର ଘର ସଂସାର । ବାପାଙ୍କ ସହିତ ସେ କେବେ କୌଣସି ବିଷୟରେ କଥାବାର୍ତ୍ତା କରିବା ଶୁଣିନାହିଁ । ସେ ତାର ବାପ ମାଆଙ୍କୁ ଦେଖି ନଥିଲା । ଗୋସେଇଁ ମାଆ ବୁଢ଼ୀ ତାକୁ ପାଳି ପୋଷି ମନୁଷ୍ୟ କରିଥିଲା । ଭାଇ ତାର ଗାଁ ଚଟଶାଳୀରେ ପଢ଼େଇ ଦେଇଥିଲେ । ଶାଶୁଘରକୁ ଆସି ଅଳ୍ପ କେତୋଟା ଦିନ ରହି ଆସିବା ଆସିଯାଇଥିଲା । ତେବେ ବାର ମାସର ଏତେ ପୁଣ୍ୟ ପର୍ବ, ପୂଜା ବିଧି ଶିଖିଲା କାହାଠାରୁ ? ପୁଣି ସେସବୁ ବିଧି ବିଧାନର ମାନ୍ତି ନିୟମ ତିଳେହେଲେ ଏପାଖ ସେ ପାଖ ହେଉ ନ ଥିଲା । ଏ ସମସ୍ତ କାର୍ଯ୍ୟରେ ଅଟଳ ଧର୍ମ-ବିଶ୍ୱାସ ରଖି ସେ ପାଉଥିଲେ ଗଭୀର ତୃପ୍ତି । ମୁଁ ମୋ ବୋଉର ଅଞ୍ଚଳରେ ବନ୍ଧାହୋଇ ଚଳ ପ୍ରଚଳ ହେଉଥିଲି । ଖାଇବା ସମୟରେ ବାପାଙ୍କର କଥା-ଗୁଡ଼ିକ ଏବେ ମଧ୍ୟ ମନେପଡ଼ୁଛି । କେତେ ଧୋଇ ବାଛି ଯତ୍ନ କରି ଭାତଟା ରନ୍ଧାହେଲେ ମଧ୍ୟ ସେଥିରେ କେଉଁ ଆଡ଼ୁ ଗୋଡ଼ି ବାଲି ବାହାରିପଡ଼େ । ତାଙ୍କର ଭୋଜନ ସମୟଟାକୁ ମୋ ବୋଉ ଗୋଟାଏ ସଙ୍କଟର ସମୟ ବୋଲି ମନେକରୁଥାଏ ବୋଧହୁଏ । ଅବଶ୍ୟ ଏକଥା ସେ ମୋତେ କେବେ କହି ନ ଥିଲା ; କିନ୍ତୁ ମୁଁ କମିତି କଅଣ ଅନୁଭବକରେ ସେ ସମୟରେ ଜାଣି ନ ଥିଲି । ବୋଉର ଆଖିରୁ ଲୁହ ଗଡ଼ିବା ଦେଖିଲେ ମୋ ହୃଦୟ ବ୍ୟଥିତ ହୋଇଉଠେ । ମୁଁ ସ୍ୱତଃପ୍ରବୃତ୍ତ ହୋଇ ବାପାଙ୍କୁ ଖାଇବାକୁ ଦେବା କାର୍ଯ୍ୟରେ ଲାଗିଯାଏ । ପୂଜାଘର ଠୋକାଟି ଏ ସମୟକୁ ବିଛଣା କରିବାକୁ ଭୁଲିଯାଏ । ମାଛରେ ବାଲି, ଭାତରେ ଗୋଡ଼ି ବାଲି । ତରକାରିଟାରେ ଅବଶ୍ୟ ଶାଗ ଛୁଙ୍କ ଦେଇ ଦେଇଥିବ । ଖାଇବା ଆରମ୍ଭରୁ ବାପାଙ୍କ ମୁହଁରେ ବିରକ୍ତି ଭରିଯାଏ । କେତେ କଅଣ ସେ କହିଯାଆନ୍ତି, ମୁଁ ସେଥିରେ ବିଚଳିତ ନ ହୋଇ ଶୁଣିଯାଏ । ଗରମ ଦିନରେ ବାଧ୍ୟତାମୂଳକ ଭାବରେ ଶୁଣିବାକୁ ହୁଏ । କାରଣ ବଡ଼ ଗୋଟାଏ ତାଳପତ୍ର

ପଙ୍ଖା ଧରି ଧୀରେ ଧୀରେ ବୁଲେଇଁ କି ଜୋରରେ ବୁଲେଇଁ ପଙ୍ଖାଟି ଧରି ସମାନଭାବରେ ଚଳାଇବାକୁ ହୁଏ । ଅନ୍ୟ ଦିନରେ ପରିବେଷଣ ସମୟରେ ପାଖରୁ ବୁଲି ଯିବାକୁ ଅବସର ମିଳିଯାଏ ; କିନ୍ତୁ ଗରମ ଦିନରେ ଭୋଜନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାପାଙ୍କ ପାଖରେ ଠିଆହେବାଠୁ ହଲଚଲ ହେବାକୁ ସୁଯୋଗ ନଥାଏ । ସେ ସମୟଟାରେ ପୂଜାରୀ ପିଲାର ମଧ୍ୟ ଗଳ୍ପ ଶୁଣିବା ପାଳି ପଡ଼ିଯାଏ । ମୋ ବାପା ବଡ଼ ଆମ୍ରପ୍ରିୟ ଥିଲେ । ସକାଳୁ ଉଠି ଦାଣ୍ଡ ଦୁଆରେ ଟିକିଏ ଠିଆହେଲେ ଟୋକେଇ ଟୋକେଇ ଆମ୍ବଧରି, ବିକାଳିମାନେ ପାଉଞ୍ଜ ଉପରେ ରଖିଦେବେ । ସମସ୍ତେ କହିବେ ଆମ ଆମ୍ବ 'ମଧୁରୁ, ପଣାପରି' । ପାଖକୁ ଆଉ ଜଣେ ଆସି ଚାଖିବାକୁ ଆମ୍ବ ଗୋଟାଏ ବଢ଼େଇ ଦିଅନ୍ତି । ଦିନେ ମତେ ଆମ୍ବ ଚାଖିବାକୁ ବାପା କହିଲେ । ପାଚିଲା ଆମ୍ବରୁ ପ୍ରଥମ ରସ ଟିକିଏ ହାତରେ ଚିପୁଡ଼ି ନେଇ ଚାଟିଦେଲେ ଅବଶ୍ୟ ସୁସ୍ୱାଦୁ ଲାଗିବ । ଚାଖିସାରି ମିଠା ହୋଇଛି ବୋଲି କହିଥିଲି । ଆମ୍ବ କଣାହେଲା । ଖାଇବା ବେଳକୁ ସେ ଆମ୍ବ ଖଟା । ବାପା ବଡ଼ ବିରକ୍ତ ହେଲେ । ସେଇଦିନଠୁ ମୁଁ ଆଉ କେବେ ଆମ୍ବ ଚାଖି ନ ଥିଲି ।

ଜୀବନଯାକ କେଉଁଠାରୁ ବାହାରି କେଉଁଠାରେ ଆସି ରହିଛି । ସ୍ମୃତେଟି ଯାକ ଅଶ୍ୱ ଥକି ଯାଇଛନ୍ତି । ସେଗୁଡ଼ିକୁ ବିଶ୍ରାମ ଦେବାକୁ ହେଉଛି । ରଥର କଳ-କବ୍ଜା ସବୁ ଯେତେଥର ମରାମତି କଲେ ମଧ୍ୟ ଗୋଟାଏ ଚକ ସହଜ ଭାବରେ ବୁଲିଲାବେଳକୁ ଅନ୍ୟଟିର ଚାନ ଢିଲାଢିଲା ହୋଇଯାଉଛି । ପ୍ରତ୍ୟେକ ଖଣ୍ଡଟି ପ୍ରତିଦିନ ପରୀକ୍ଷାକରି ସେଥିରେ ବସିବାକୁ ହେଉଛି । ଘୋଡ଼ାଗୁଡ଼ିକୁ ରଥରେ ଯୋଡ଼ୁ ଯୋଡ଼ୁ କେଉଁଟା ଶୋଇଯାଉଛି ତ କେଉଁଟା ଅତି ଆସ୍ତେ ଚାଲୁଛି । ଅନ୍ୟ ଦୁଇଟି ବିକଳ ହୋଇ ମୋ ମୁହଁକୁ ଚାହୁଁଛନ୍ତି । ଏ ଅବସ୍ଥାରେ ମୁଁ ଆଉ ଇଚ୍ଛା ଅନୁଯାୟୀ ବୁଲିବୁଲି ଯାଇପାରୁନାହିଁ । ଘୋଡ଼ା ଚାରିଟା ମୋର ଦୁର୍ବଳ ସ୍ନାୟୁମାନଙ୍କ ଉପରେ ଅଧିକାର କରି ଅଟକେଇ ନେଲେଣି, ସେଗୁଡ଼ାକ ଘୋଷାଡ଼ି ହୋଇ ଅଧାବାଟରେ ରହିଯାଉଛନ୍ତି । ଏ ଅବସ୍ଥାରେ ଯାହା କିଛି ଯାଉଛି କରିଯାଉଛି । ଏ କାର୍ଯ୍ୟ ତ ସହାୟତାବିନା ସମ୍ପୂର୍ଣ୍ଣ ହୁଏନାହିଁ । ଅଦୃଷ୍ଟ ହସ୍ତର ସ୍ପର୍ଶ ଲାଗିଲେ ହିଁ ଲେଖନୀ ଚଳେ । ସେଥିରେ ପୁଣି ମନୁଷ୍ୟ ମନଭିତରେ ଏତେ-ଗୁଡ଼ାଏ ଭାବନା-ଚିନ୍ତା ଅତ୍ୟନ୍ତ ଆବେଗ ବେଗରେ ଆସିଯାଉଛି ଯେ ଭାବିବା ପ୍ରକାରରେ ଲେଖି ହେଉ-ନାହିଁ । ଅନେକ ସମୟରେ ଭାବନା ସହିତ ଲେଖାର ସାମଞ୍ଜସ୍ୟ ରହୁନାହିଁ । ମୁଁ ଲେଖା ଆରମ୍ଭ କରିବା-ଠାରୁ ଆଜି ପର୍ଯ୍ୟନ୍ତ ହଜାର ହଜାର ପୃଷ୍ଠା ଲେଖି ଚିରି ଫିଙ୍ଗି ଦେଇଛି । ଯାହା ବ୍ୟର୍ଥ ହୋଇଯାଇଛି, ସେଥିଲାଗି ଦୁଃଖ କରି ଲାଭନାହିଁ । ଭଲ ମୂର୍ତ୍ତିଟିଏ ଗଢ଼ିବା ନିମନ୍ତେ କେତେ ଯେ ପ୍ରୟାସ । ପ୍ରାଣର ବାସନା ଅନୁଯାୟୀ କଅଣ କିଛି ହୋଇପାରୁଛି ?

ଆଗରୁ ବୋଧହୁଏ କହିଛି ମୋର ପିତା ଥିଲେ ବିଶୁଦ୍ଧ ଚରିତ୍ରବାନ୍ ବ୍ୟକ୍ତି । ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ଉତ୍ତର ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନକରି ଗଞ୍ଜାମର ଶିକ୍ଷିତ ବ୍ୟକ୍ତିମାନଙ୍କୁ ତାଙ୍କର କର୍ମକ୍ଷେତ୍ର ଆଡ଼କୁ ଆକର୍ଷଣ କରି ଆଣୁଥିଲେ । କୌଣସି ହେଲେ ଗୋଟାଏ ମହତ୍ କର୍ମ କରିବା ବାପାଙ୍କର ଲକ୍ଷ୍ୟ ଥିଲା, କିନ୍ତୁ ଶେଷ ସମୟ ପର୍ଯ୍ୟନ୍ତ ସେ ମହତ୍ ଭାବନା ରକ୍ଷା କରିପାରି ନ ଥିଲେ । ତାଙ୍କର ସେ କ୍ଷୁଦ୍ର କୀର୍ତ୍ତି ସଂସ୍କୃତ ଟୋଲଟି ଶିକ୍ଷକମାନଙ୍କ ଶୁଭଦୃଷ୍ଟିରେ ଜୀବନ୍ତହୋଇ ରହିଛି ।

ବର୍ତ୍ତମାନ ପୁଣି ମୋର ଆପଣା ଜୀବନ କଥା କହିବାକୁ ଯାଉଛି ।

ମୁଁ ଯେତେକ ଜୀବନୀ ପଢ଼ିଛି, ସେଥିରେ ଦେଖିଛି ଆପଣା ଜୀବନୀ ଲେଖକମାନେ ଆପଣାର ମହତ୍ କର୍ମ, ସାହସ, ଶକ୍ତି ଏବଂ ଅନ୍ୟମାନଙ୍କର ଉପକାର କରିବା ସହଜ ଭାବରେ ହିଁ ପ୍ରକାଶ କରିଛନ୍ତି । ନିଜର ବୁଦ୍ଧି, ବିଚକ୍ଷଣତାର ପ୍ରଭାବ କେଉଁଠାରେ ହେଲେ ବ୍ୟକ୍ତ ହୁଏନାହିଁ । କଥାରେ ଅଛି, "କହି ଜାଣିଲେ କଥା

ସୁନ୍ଦର, ବାନ୍ଧି ଜାଣିଲେ ମଧ୍ୟ ସୁନ୍ଦର ।” ଭାଷା ଉପରେ ଯେଉଁମାନଙ୍କର ଅଧିକାର ଥାଏ, ସେଇମାନେ ହିଁ ଉତ୍ତମ ମାଳୀ ପୁଷ୍ପମାଳ୍ୟ ସୁନ୍ଦରକରି ପ୍ରସ୍ତୁତ କଲାପରି ପ୍ରତ୍ୟେକ ବିଷୟଟି ଯଥୋଚିତ ରୂପରେ ପ୍ରକାଶ କରି-ପାରନ୍ତି ।

ବହୁ ସାହିତ୍ୟିକ ବହୁତ କିଛି କରିବା ନିମନ୍ତେ ପ୍ରାଣପଣ ପ୍ରୟାସ କରୁଛନ୍ତି ; କିନ୍ତୁ ସମସ୍ତେ ତ ସମାନ ଭାବରେ ସଫଳତା ପାଇପାରୁନାହାନ୍ତି । କେତେକ ସାହିତ୍ୟିକ ଅନ୍ୟ ଲେଖକର ତ୍ରୁଟି ଅନ୍ୱେଷଣ କରିବାରେ ଲାଗିଥାଆନ୍ତି । ଦେଶ ପ୍ରତି ଅନୁରକ୍ତି ଅଛି ବୋଲି କହି କହି ଦେଶର ଲୋକଙ୍କୁ କୁତ୍ସିତ ଆକାରରେ ଠିଆ କରେଇଦିଅନ୍ତି । ଗଳ୍ପ, ଉପନ୍ୟାସ ପଢିବା ନିମନ୍ତେ ଦେଶର ଲୋକଙ୍କୁ ନାୟକ ନାୟିକା ଭୂମିକାରେ ଥୋଇବା ଦେଶବାସୀଙ୍କ ପ୍ରତି ଅନ୍ୟାୟ ବୋଲି ମୋର ମନେ ହୁଏ । ଅଥଚ ବାସ୍ତବ-ବାଦୀ ସାହିତ୍ୟରେ ତାହା ଅପରିହାର୍ଯ୍ୟ ହୋଇପଡ଼େ । ମୁଁ ମଧ୍ୟ ସେ ଦୁର୍ବଳତାର ଅନ୍ତର୍ଭୁକ୍ତ । ମୋର ସେପରି ବହି ପ୍ରକାଶ ପାଇବାପରେ ଯେତେବେଳେ ପଢ଼ିଲି ମୁଁ ସ୍ୱୟଂ ମର୍ମାହତ ହେଲି । ଯାହାହେଉ ସେଥିଲାଗି ଗଭୀର ଭାବରେ ଦୁଃଖିତା । ମୋର ବାରମ୍ବାର ମନେ-ପଡ଼େ ସେଇ ଗୋଟିଏ ଶ୍ଳୋକ, “ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ, ସ ଏବ ମାନବଃ ।” କଅଣ କହିବାକୁ ଯାଉଥିଲି, କଅଣ ଗୁଡ଼ାଏ କହିବସିଲିଣି । ଆତ୍ମକଥା ଲେଖକ ସେମାନଙ୍କର ବିଦ୍ୟା, ବୁଦ୍ଧି, କର୍ମକୁଶଳତା ସମ୍ବନ୍ଧରେ ଲେଖୁଛନ୍ତି । ମୋର ସେ ବିଭବ ତ ନାହିଁ, ବର୍ତ୍ତମାନ ମୁଁ ଲେଖିବି କଅଣ ?

ମନୁଷ୍ୟ ମରିବାକୁ ଚାହେଁନାହିଁ । ସେ ଚାହେଁ ଚିର-କାଳ ବଞ୍ଚି ରହିବାକୁ । ଏଇ ବଞ୍ଚି ରହିବା ଇଚ୍ଛା ହିଁ ମୋତେ ମୋର ନିଜ କଥା ଲେଖିବା ପାଇଁ ପ୍ରତି ମୁହୂର୍ତ୍ତରେ ପ୍ରବର୍ତ୍ତାଉଛି । ସେଇ ଇଚ୍ଛା ହିଁ ମୋ ହାତରେ ଲେଖନୀ ଦେଇ ଶୋଇବାଠୁ ଟାଣିଆଣି ଲେଖିବାକୁ ବସେଇଦେଉଛି । ବର୍ତ୍ତମାନ ମୁଁ ବିକ୍ଷିପ୍ତ ଚିନ୍ତାରୁ ଦୂରେଇ ଯାଇ ଯାହା ଲେଖିବା କଥା ଲେଖୁଛି ।

ମୋର ବିବାହ ବିଷୟରେ ଲେଖିବି । ଅନେକ କିଛି ସନ୍ଧାନ—ଅନୁସନ୍ଧାନ ଆଲୋଚନା ପ୍ରତ୍ୟାଲୋଚନା ପରେ ଗଞ୍ଜାମ ଜିଲାର ସୋରଡ଼ା ନିକଟ ଗୋପାଳପୁର ଶାସନରେ ମୋର ବିବାହ ପ୍ରସ୍ତାବ ସ୍ଥିରହୋଇଗଲା । ବାପା କୌଣସି କାର୍ଯ୍ୟରେ ଘରେ ନ ଥିବା ସମୟରେ ଦଦେଇଙ୍କ ହାତରେ ମୋ ବୋଉ ମୋର ବିବାହ ନିର୍ବନ୍ଧ କାର୍ଯ୍ୟ କରାଇଦେଇଥିଲା । ସେ ସମୟକୁ ମୋର ବୟସ ପ୍ରାୟ ଦଶବର୍ଷ ହୋଇଥିବ । ମୋର ମନେପଡୁଛି, ସନ୍ଧ୍ୟା ସମୟକୁ ଆମର ପୁରୋହିତ ଆସିଲେ । ସେ ପକ୍ଷରୁ ଦୁଇ ତିନିଜଣ କିଏ ଆସିଥିଲେ ଠିକ୍ ସ୍ମରଣ ହେଉନି । ମୁଁ ଶାଢ଼ୀ ଖଣ୍ଡିଏ ପିନ୍ଧି ବାରଣ୍ଡାରେ ଠିଆହେଲି । କେହି ଜଣେ ମୋତେ ଦେଖି ମୋ ହାତରେ କୋଡ଼ିଏଟି ଟଙ୍କା ଦେଇଥିଲେ । ସେ କାଳରେ ବିଦ୍ୟୁତ୍ ଆଲୋକ ନ ଥିଲା । ବାପାଙ୍କର ସିଂହ ବାରଣ୍ଡାରେ ସେ କାର୍ଯ୍ୟ ହେଉଥିଲା । ତାଙ୍କର ସେ ଟେବୁଲ ଉପରେ ହାରିକେନ ଲଣ୍ଠନ ଗୋଟିଏ ରଖା ହୋଇଥିଲା, ଲଣ୍ଠନଠାରୁ ଦଶହାତ ଦୂରରେ ମୁଁ ଠିଆ ହୋଇଥିଲି । ଦେଖି ଆସିବା ବ୍ୟକ୍ତି ମୋ ମୁହଁ ଦେଖି-ଥିବେ କି ନାହିଁ ସନ୍ଦେହ । ତଥାପି ସେତିକରେ ହିଁ ବଧୂନିର୍ବାଚନ କାର୍ଯ୍ୟ ହୋଇଯାଇଥିଲା । ସେ ସମୟରେ ବୋଧହୁଏ ଘର ଦେଖି ଧନ ସମ୍ପତ୍ତି ଦେଖି ବୋହୂ ବାଛୁଥିଲେ । ବୋହୂକୁ ଦେଖି ବୋହୂ ବାଛୁ-ନଥିଲେ ।

ସେଇ ବର୍ଷ ଆଷାଢ଼ ମାସରେ ବିବାହ ତିଥି ସ୍ଥିର ହୋଇଗଲା । ବିବାହ କାର୍ଯ୍ୟ ହେବ ମଦାଇ ଗ୍ରାମରେ ଦୁର୍ଗଦେଇଙ୍କ ତତ୍ତ୍ୱାବଧାନରେ । ବିବାହ ଚନ୍ଦନ ମାଣ୍ଡ ବାନ୍ଧ । ବେଦ ମଣ୍ଡପି, ବେଦ ଚାରିପାଖରେ ପ୍ରଶସ୍ତ ଜାଗା ଯେଉଁଠି ବିବାହଛତ୍ରରେ ସଭା ହେବ, ପୁରୋହିତ ମାନେ ଆଶୀର୍ବାଦ ଶ୍ଳୋକ ଗାୟନ କରିବେ । ଗାଁରୁ ପୁଣି ଅନ୍ୟସ୍ଥାନର ଅତିଥିବର୍ଗ ବସିବା ନିମନ୍ତେ ବ୍ୟବସ୍ଥା ହୁଏ । ଏହି ସଙ୍କୀର୍ଣ୍ଣଳଟିକୁ ଚାରିଆଡ଼କୁ କାର୍ତ୍ତିଣ ଜାଲର ବେଢାରେ ଘେରାଯାଏ । ଭିତରର

ଝୁନ୍ଦୁଆ ଟଣାଯାଏ ଖମ୍ବଗୁଡ଼ିକରେ ଡୋରିଆ କନା ଗୁଡ଼େଇ କାଗଜର ଫୁଲ ଦେଇ ସଜାଯାଏ । ଏ ସମସ୍ତ କାର୍ଯ୍ୟ ହେଉଥିବା ସମୟରେ ଦଦେଇଙ୍କ ପ୍ରତି କୃତଜ୍ଞତାରେ ମୋର ଅନ୍ତରଟା ଭରିଯାଏ । ବିବାହ ଉତ୍ସବର ଆୟୋଜନ ଦ୍ରୁତଗତିରେ ଚାଲିଥିବା ସମୟରେ ସମ୍ବାଦ ଆସିଲା ଯେ ବଂଶର କାହାପାଖରେ ପୁଅ ସନ୍ତାନଟିଏ ଜନ୍ମ ହୋଇଛି । ଅଶୌଚ ଦୋଷରେ ବିବାହ କର୍ମ ଅସମ୍ଭବ । ଆଉ ଦୁଇଟି ଦିନ ମାତ୍ର ବାକି ଥିଲା ବର ଆସିଯିବାକୁ । ସେ ସୂତିକା ଅଶୌଚ ସମ୍ବାଦ ଶୁଣି ଦଦେଇ ଯେଉଁ ସ୍ବର୍ଷୀମାନଙ୍କୁ ଡକାଇ ଭୋଜିର ଆୟୋଜନ କରାଉଥିଲେ, ସେଇମାନଙ୍କ ଦ୍ୱାରା ବେଦିର ଯେତେ ଆନୁଷଙ୍ଗିକ ବ୍ୟବସ୍ଥା ସମସ୍ତ ଭଙ୍ଗାଭଙ୍ଗି କରାଇଦେଲେ । ଅନ୍ୟମାନେ କହିଲେ ବର୍ଷା ଦିନଟାରେ ଭୋଜିଭାତର ସୁବିଧା ହୁଅନ୍ତାନାହିଁ । ଶୀତକାଳରେ ଖାଇବା, ରାନ୍ଧିବା ସବୁ ସୁବିଧା, ପୁଣି ପରିବାପତ୍ର ମିଳିବ ପ୍ରଚୁର ପରିମାଣରେ । ମୁଁ କିନ୍ତୁ ସେ ବେଦିମଣ୍ଡଣି ଭାଙ୍ଗିବା ଦେଖି କାନ୍ଦିଥିଲି । ବୋଉର ବିଷାଦଭରା ମୁହଁକୁ ଚାହିଁ କମିତି ଲାଜ କାଟିବ ସେ କଥା ଭାବି ଭାବି ମୋ ପେଟ ଭିତରୁ ଦୁଃଖର କୋହ ଉଠୁଥିଲା । ଭାଇ ଉଉଣୀ ଦିହେଁ ଆସିବା ଫେରିଲୁ । ଆଷାଢ଼ରେ ବର୍ଷାକାଳ, ଚତୁର୍ମାସ୍ୟ, ଶୁଭକାର୍ଯ୍ୟ ନିଷେଧ । ପୁଣି ମାର୍ଗଶିର ମାସରେ ବିବାହ କାର୍ଯ୍ୟ ହେବ । ପାଞ୍ଚ ଛଅ ମାସ ଦିନ ଗଣି କରି କେତେଦିନ । ମାଉସୀ, ପିଉସୀମାନେ ଆସି ବୋଉକୁ ଉପଦେଶ ଦେଲେ, ଖାଇବାକୁ ଦେଏନା, ଶୁଖି ଯାଉ ଭଲ । ଦିନ ମୁଣ୍ଡର କଥା, କେଜାଣି କେତେବେଳେ କଅଣ ହୋଇଯିବ । ସମୁଦ୍ରରେ ନେଇ ଫିଙ୍ଗି ଦେବାକୁ ହେବ । ଏବେ ମଧ୍ୟ ମୋର ମନେ ପଡ଼ିଯାଉଛି ସେମାନଙ୍କର ବ୍ୟାଖ୍ୟାନ । ସେତେବେଳେ ସମୁଦ୍ରରେ ଭାସିବା ମନେପଡ଼ିଲେ ଭୟରେ ମୋର ହୃଦୟ ମରି ମରିଯାଏ । ସମୁଦ୍ରର ଘନ ଘୋର ଗର୍ଜନ ଆଉ ତାର ଆକାର ପ୍ରକାର ସମ୍ବନ୍ଧରେ ସେଇମାନଙ୍କଠାରୁ ହିଁ ଶୁଣିଥାଏ ।

ପଚାଶ ଷାଠିଏ ବର୍ଷ ପୂର୍ବର କଥା, ବର୍ତ୍ତମାନ ଲେଖିବା ସମୟରେ ପିଲାଦିନର କଥା ଭଲାଇ ମନେ ହେଉଛି । ସେ ସମୟରେ କୌଣସି ପିତାମାତା ଅପଣା ଅବିବାହିତା କନ୍ୟାର ରଜୋଦର୍ଶନରେ ତାକୁ ସମୁଦ୍ରରେ ଫିଙ୍ଗିଦେବା କଥାଟି କେବଳ ମୋ ମାଉସୀ ପିଉସୀଙ୍କ ମୁହଁର କଥା ହୋଇଥାଇପାରେ । ଯେ ହେତୁ ଅବିବାହିତା କନ୍ୟାର ଋତୁ ହୋଇଗଲେ, ପିତୃ-ପୁରୁଷ ନର୍କରେ ପଡ଼ିଯାଆନ୍ତି । ନର୍କରେ ପଡ଼ିବା ଭୟରେ ହିଁ ସେମାନେ କ୍ଷୁଧା, ତୃଷା ସହ୍ୟକରି ଉପବାସ, ବ୍ରତ ପାଳନକରନ୍ତି । ନର୍କ ଭୟରେ ବୋଉ ମୋର ସକାଳ ଶିକ୍ଷାଟା ବନ୍ଦ କରିଦେଲା । ମୋତେ ଶୁଖି, ପାଚି ହାଡ଼ଦ'ଖଣ୍ଡ ହୋଇ ରହିବାକୁ ହେବ । ତେବେ ମଧ୍ୟ ସେ ଭୟରୁ ନିସ୍ତାର ନାହିଁ । କେତେ ଝିଅ କେଉଁଠି ଦଶବର୍ଷରେ ଜାଣିପାରି ( ରଜୋଦର୍ଶନ କରି ) ବସିପଡ଼ୁଛନ୍ତି । ଏହା ଠିକ କଥା କିଏ କହିପାରିବ । ତାହେଲେ ମଧ୍ୟ ସାବଧାନ ସତର୍କହୋଇ ରହି ରହି ତେଣିକି ଯାହା ହେବାକୁ ଥିବ ହେବ ।

ସେ ସମୟକୁ ଅକ୍ଷର ଚିହ୍ନି ପଢ଼ିବା ଆରମ୍ଭ କରି-ଦେଇଥାଏ । ବଡ଼ଭାଇଙ୍କର ପାଠ୍ୟପୁସ୍ତକ ଥିଲା, "ଦ୍ୱିତୀୟ ପାଠ" ତାର ଲେଖକ କିଏ ? କିଏ ବା ଦେଖିଛି ? ମନେଅଛି ସେଥିରେ କବିତା ନ ଥିଲା । ସେ ବହିଟିରେ ଅନେକ ଭଲ ବିଷୟ ଥିଲା । ସବୁଠୁ ମତେ ଭଲଲାଗେ, "କୁଠାର ଓ ଜଳଦେବତା" କାହାଣୀଟି । କାଠୁରିଆକୁ ଜଳଦେବତା ସୁନା ରୁପାର ଦୁଇଟି କୁଠାର ସହିତ ତାର ନିଜର କୁଠାରଟି ମଧ୍ୟ ଦେଲେ । ମିଛୁଆ କାଠୁରିଆ ଖାଲିହାତରେ ଆସିଲା । ପ୍ରଥମେ ସୁନା କୁରାଢ଼ିଟି ଦେଖି ସେ ଲୋଭରେ ହାତ ପାତିଦେଲା । ତା'ପରେ ଜଳଦେବତାଙ୍କୁ ଆଉ ସେ ଦେଖିପାରିଲା ନାହିଁ । ପ୍ରଥମ କାଠୁରିଆକୁ ଜଳଦେବତା ହାତରେ ସୁନା ଏବଂ ରୁପାର କୁଠାର ଦେଇଥିଲେ । କାଠୁରିଆ ନଦୀକୂଳରେ ଥିବା ଗଛଡାଳ କାଟୁ କାଟୁ କୁରାଢ଼ି ପାଣିରେ ପଡ଼ିଗଲା । ନଦୀରେ ଆସିଥିଲା ବଢ଼ି । ସେ ଆଉ କଅଣ କରିବ, ବିକଳ ହୋଇ ବସି କାନ୍ଦିଲା । ଜଳଦେବତା ତା'ର ବିକଳ ରୋଦନ ଶୁଣି ଜଳଭିତରୁ

ଉଠି ଆସି ସୁନା ରୁପାର କୁଠାର ଦେଖାଇଲେ । ଲୋକଟି ଏତେ ନିର୍ଲୋଭ ଯେ ସେ ସବୁକୁ ମୋର ବୋଲି ନ କହି ନିଜର କୁରାଢ଼ିଟିକୁ ଦେଖିବା ମାତ୍ରେ ଆନନ୍ଦରେ ହାତ ପ୍ରସାରିଦେଲା । ସେ ବହିରେ କଥା-ଚିତ୍ରରେ ସେ ଗଛଟି ଆଉ ସେଇ ପାଖକୁ ଜଳଦେବତା, ଆଉ କାଠୁରିଆ ହାତ ବଢ଼େଇଛି ତା'ର କୁଠାରଟି ନେବାକୁ, ସେ ଦୃଶ୍ୟଟି ଉଜ୍ଜ୍ୱଳହୋଇ ଏବେ ମଧ୍ୟ ମୋର ସ୍ମୃତିପଟରେ ରହିଛି ।

ଆମ ଘରଟା ଋଷିକୁଲ୍ୟା ନଦୀର ହୁଡ଼ା ଉପରେ । କେବଳ ଆମ ଘର ନୁହେଁ, ଆସିକା ବସତିଟା ନଦୀ-ହୁଡ଼ା ଉପରେ । ଦକ୍ଷିଣ ପାଖର ଦାର୍ଣ୍ଣ ସାହି ଗୋଟାସାକ ସେ ପାଖରୁ ଅର୍ଥାତ୍ ପଶ୍ଚିମର ସୁନାମ୍ବସାହିଠାରୁ ପୂର୍ବ-ଦିଗର ଅଠରନଳା ପୋଲ ପର୍ଯ୍ୟନ୍ତ ଗୃହଶ୍ରେଣୀ ଏବେ ମଧ୍ୟ ରହିଛି । ଘର ପାଖର ବାଡ଼ି ଶେଷକୁ ଆସିଲେ ନଦୀ । ନଦୀକୁ ଓହ୍ଲାଇ ଯିବାପାଇଁ ଧନୀଘରମାନଙ୍କରେ ପାହାଚ ତିଆରି ହୋଇଥାଏ । ଆମର ମଧ୍ୟ ପାହାଚ ତିଆରି ହୋଇଥିଲା । ଉପର ପାହାଚ ଉପରେ ବସିବାକୁ, ବେଦୀପରି ଖଣ୍ଡିଏ ଇଟା ସିମେଣ୍ଟରେ ହୋଇଥାଏ । ନଦୀ ବଢ଼ିଲେ ସେ ଉପରକୁ ପାଣି ଆସିଯାଏ, ଆହୁରି ଅଧିକ ବଢ଼ିଲେ ଆହୁରି ଉପରକୁ ପାଣି ଚାଲିଆସେ । ଆମେ ଭାଇ ଭଉଣୀ ଥରକୁ ଥର ଦଉଡ଼ିଯାଉ ପାଣି କେତେଦୂର ଆସିଲା ଦେଖିବାକୁ । ମନେ ମନେ ଭଗବାନଙ୍କୁ ଡାକୁ ଆହୁରି ପାଣି ଆସୁ । ଏକାଥରକେ ଘର ପର୍ଯ୍ୟନ୍ତ ଆସିଯାଉ । ଆମର କୂଅ ପାଖକୁ ପାଣି ଆସିଯାଏ । ମୋର କି ଆନନ୍ଦ ସେଥିରେ । ଆହୁରି ଟିକିଏ ପାଣିଟା ଆସିଯାଆନ୍ତା କି ! ଅଗଣାରେ ଆଣ୍ଠୁଏ ପାଣି ହୋଇଯାଆନ୍ତା ହେଲେ !

ନଦୀକୂଳରେ ପାହାଚର ପୂର୍ବପାଖକୁ ବଡ଼ ଗୋଟାଏ ପାନିଆରି ଗଛ । ପଶ୍ଚିମ ଆଡ଼କୁ ତମ୍ବିରି ଫଳ ଗଛ । ବଢ଼ି ସମୟରେ ଗଛଗୁଡ଼ାକୁ ଭସେଇ ନେଇ-ଯିବ କି ବୋଲି ମନେହୁଏ ; କିନ୍ତୁ ବର୍ଷା ଛାଡ଼ିଗଲେ ବନ୍ୟାଜଳ କେଉଁଆଡ଼େ ବହିଯାଏ ! ପ୍ରବଳ ବନ୍ୟାରୁ ଦୁଇକୂଳ ଲାଗି ଜଳସ୍ରୋତ ବହି ଯାଉଥାଏ କାର୍ତ୍ତିକ ମାସ ପର୍ଯ୍ୟନ୍ତ । ମୁଁ ଘରୁ ବାହାରି ଆସି ନଦୀ ପାହାଚ ଉପରେ ବସେ । ପିଉସୀ ନାନୀ କହିଥିବା କାହାଣୀ ମନେପଡ଼େ । ମନେପଡ଼େ ନଳ ଦମୟନ୍ତୀ ଆଖ୍ୟାନ । ସ୍ୱପ୍ନାବସ୍ଥା ହୋଇ ଭାବେ କାଠୁରିଆକୁ ଜଳଦେବତା ସୁନା ରୁପାର କୁଠାର ଦେଇଦେଲେ, ମୁଁ ଏଠି ବସି କାନ୍ଦୁଛି । ମତେ ତ ସାନ୍ତ୍ୱନାର କଥା ପଦେ କେହି କହୁନାହାଁନ୍ତି ।

କ୍ଷୁଧାକୁ ଦମନ କରିକରି ସଂଯମ ବୋଲି ଯେଉଁ ଗୋଟିଏ ଶବ୍ଦ ତାର ଅର୍ଥ ନ ଜାଣି ସେଇଟାକୁ ମୁ ମୋ ଭିତରେ କାର୍ଯ୍ୟକାରୀ କରେଇ ପାରିଥିଲି । ତାହା ହିଁ ଆଜି ପରମ ପିତାଙ୍କ ପଦତଳେ ପଡ଼ିରହିବ କୁ ଶକ୍ତି ଦେଇଛି ।

ବୋଉକୁ ପଚାରେ ସମୁଦ୍ରଟା କେଉଁଠି ଅଛି । ଦୈହିକ ଭାବରେ କୌଣସି ଘଟଣା ଘଟିଗଲେ, ଯେଉଁଠିକି ନେଇ ମତେ ଫିଙ୍ଗିଦେବେ, ସେଇଟିକୁ ଥରେ ଦେଖିବାକୁ ପ୍ରବଳ ଆବେଗ ଇଚ୍ଛାହୁଏ । ବୋଉ କହେ ଓଡ଼ିଶାରେ ଜଗନ୍ନାଥ ଯେଉଁଠି ଅଛନ୍ତି, ସେଇଠି ସମୁଦ୍ର ଅଛି । ବୋଉର ବଡ଼ ଇଚ୍ଛାହେଲା ଥରେ ଯାଇ ଜଗନ୍ନାଥ ଦର୍ଶନ କରିଆସିବ । ଚିନ୍ତା କରିଗଲା କେମିତି ଯିବା ? ଆସିକା ପାଖରେ ନଳବଣ୍ଟା-ଗ୍ରାମ । ଗୋଟାସାକ ଗାଁ ବ୍ରାହ୍ମଣ ବସତି ବୋଲି କହିଲେ ଚଳେ । ବିଧବା ସଂଖ୍ୟା ମଧ୍ୟ ସେ ଗାଁରେ ବେଶି । ସେମାନେ ବାରମାସର ଚବିଶ ଏକାଦଶୀ ଆଉ ତା ସାଥିକୁ କାର୍ତ୍ତିକ ହବିଷ କରିବାକୁ ବାଧ୍ୟ । ଘରେ ରନ୍ଧା ହବିଷାନ୍ନ ଖାଇଲେ ଦିନରେ ଥରେ ମାତ୍ର ଚଳିବ । ପୁରୀରେ ଯେତେଥର ଖାଅ ଆମିଷ ଛାଡ଼ି ବାକି ସମସ୍ତ ଖାଦ୍ୟ ଖାଇବ ।

ଏଇ ବିଧବା ଦଳ ନଳବଣ୍ଟାରୁ ଡୋଲି ଶଗଡ଼ ଗୋଟିଏ ଭଡ଼ାନେଇ ସେ ଭିତରେ ଗୁଡ଼ହାଣ୍ଡି ଘର ସବୁ ଭର୍ତ୍ତିହୋଇ ଯାଆନ୍ତି । ସେମାନଙ୍କ ଭିତରୁ ଅନେକ ପଦବ୍ରଜରେ ମଧ୍ୟ ଯାଆନ୍ତି କେଶପୁର ପର୍ଯ୍ୟନ୍ତ । ରାସ୍ତାରେ ଚୂଡ଼ା ଗୁଡ଼ ଭୋଜନ । କେଶପୁର-ଠାରୁ ଚିଲିକା ହ୍ରଦରେ ନୌକାଯାତ୍ରା । ତା'ପରେ ପଦ

ଯାତ୍ରା । ସେମାନଙ୍କଠାରୁ ଶୁଣେ ପୁରୀର ମହିମା । ଜଗନ୍ନାଥଙ୍କ ମନ୍ଦିର ଅଭଡ଼ା ଅନ୍ନ ବା ଅଭଡ଼ା ଭାତ ଥାଳିରେ ବାଢ଼ିବାକୁ ପଡ଼େନାହିଁ । ତାଲିଶି ଯାଉଛ, ଗରୁଡ଼ସ୍ତମ୍ଭ ଅଛି । ନୀଳବର୍ଣ୍ଣାଙ୍କୁ ମୋ ପିଉସୀ - ନାଗମା କେବେ ପୁରୀ ଯାଇପାରି ନ ଥିଲା । ସେ କହେ, "ପିଲା ଦି'ଟାକୁ ଛାଡ଼ି କୁଆଡ଼େ ଯିବି ! ଦୁଃଖୀଙ୍କର ବିଧାତା ମତେ ଗଢ଼ିଛି । ସୁଖ ଖୋଜିଲେ କୋଉଠୁ ମିଳିବ ।" ସେ କାଳେ ଆମ ଗଞ୍ଜାମରେ ପୁରୀ ବୋଲି ତ କେହି କହୁନଥିଲେ । ପୁରୀଟା ଆମର ଓଡ଼ିଶା । କଥା କଥାକେ କହନ୍ତି ଓଡ଼ିଶା ଯିବି । ଓଡ଼ିଶା ଯାଇଥିଲି । କଟକ ବୋଲି ଓଡ଼ିଶାର ଗୋଟାଏ ବଡ଼ ସହର ଅଛି ଏକଥା ଆମେ ଜାଣି ନ ଥିଲୁ । ସୁଦାମ ଚରଣ ନାୟକଙ୍କ ସମୟରେ ମୋର ବାପା କଟକ ଯାଇ ଅନେକ ଦିନ, ପ୍ରାୟ ମାସେ ଶ୍ରୀ ନାୟକଙ୍କ ପାଖରେ ରହିଥିଲେ । ବଡ଼ଭାଇନାଙ୍କୁ ସାଙ୍ଗରେ ନେଇଥିଲେ । ସେଇ ସମୟଠାରୁ କଟକ ସହିତ ଆମର ଅପ୍ରତ୍ୟକ୍ଷ ପରିଚୟ । 'ମୁକୁର', 'ଉତ୍କଳ ସାହିତ୍ୟ' ବାପାଙ୍କ ପାଖକୁ ଆସେ । ବାପା ମୋ ପାଖକୁ ପଠେଇଦିଅନ୍ତି । ବାଳିକା କନ୍ୟାର ମନ ବିଦ୍ରୋହ କରି ଉଠେ ଭିତରେ ଭିତରେ । କମିତି ପଢ଼ିବି ଏସବୁ । ସେ ସମୟକୁ ମୁଁ ବଡ଼ଭାଇଙ୍କର ସେତେ ଓଡ଼ିଆ ପାଠ୍ୟପୁସ୍ତକ ସବୁ ପଢ଼ି ଦେଇଥାଏ । ସୁତରାଂ 'ମୁକୁର' ଏବଂ 'ଉତ୍କଳ ସାହିତ୍ୟ'ର ଗଳ୍ପଗୁଡ଼ିକୁ ପଢ଼େ ; କିନ୍ତୁ ସେଥିର ଲେଖକଙ୍କ ସମ୍ବନ୍ଧରେ ମୁଁ ଚିନ୍ତା କରିପାରେନାହିଁ । ବୋଉ ଯାହା ପଢ଼େଇ ଦେଇଥିଲା, ଆଉ ମଧ୍ୟ ବୁଝେଇ ସମ୍ଭାଳେଇ ବଡ଼ଭାଇଙ୍କର ଟ୍ୟୁସନ ମାଷ୍ଟରଙ୍କ ପାଖକୁ ପଠାଇଥିଲା, ସେଥିକରେ ମୋର ପଢ଼ିବା ଶକ୍ତି ହୋଇଯାଇଥିଲା ।

ସତ୍ୟବାଦୀ ବିଦ୍ୟାଳୟରେ ବଡ଼ଭାଇନା ଓ କଟ ଭାଇନା ଯାଇ ପଢ଼ିବା ସମୟରେ ଆମେ ପୁରୀ ଯିବାର ଗୋଟାଏ ଉପାୟ ବାହାରିଲା ; କିନ୍ତୁ ଆମକୁ ସବୁ ପୁରୀ ନେବ କିଏ ? ବଡ଼େଇଙ୍କ ସାଙ୍ଗରେ ଲାଗିବାକୁ ପଡ଼ିଲା । ବଡ଼େଇ ବଡ଼ ଭୋଜନପ୍ରିୟ । ମାଛ, ମାଂସ, ଭଜାଭଜି ସବୁଥିରେ ଆଗ୍ରହ । ଯୋଡ଼ଶବର୍ଷା ହେଲେ ମାତ୍ର ଖାଦ୍ୟ ଖାଦ୍ୟ ହେଉଥିବ, ଖାଡ଼ଟା ଖାଉଥିବ, ଭଲ ଘିଅ ଟିକିଏ ପଡ଼ୁଥିବ, ଆଳୁ, ବାଇଗଣ ଇତ୍ୟାଦିର ଘାଣ୍ଟ ତରକାରିଟିଏ ହୋଇଥିବ, ଏଇପରି ଭୋଜନର ସୁବ୍ୟବସ୍ଥା ସମୟରେ କିଛି ଗୋଟାଏ ପାଇଁ ଅଳିକଲେ ତାଙ୍କଆଡ଼ୁ ସ୍ୱୀକୃତି ମିଳିଯାଏ । ଚିନ୍ତା ଉଦ୍ୟମ କରୁ କରୁ ବର୍ଷାଦିନ ଆସିଗଲା । ଓଡ଼ିଶା ଯିବା ସ୍ୱପ୍ନ କେବେ ସଫଳ ହେବ ? ଘରର ଲୁଣ, ଚାଉଳ, ଡାଲି, ଗୁଡ଼ାଳ ଇତ୍ୟାଦିର କ୍ଷତି ଆଶଙ୍କାରେ ଘରୁ ନ ଘୁଞ୍ଚିବା ବ୍ୟକ୍ତି ମୋ ବୋଉ । ସେ ମଧ୍ୟ ଅତିବଡ଼ ଆଗ୍ରହରେ ପ୍ରସ୍ତୁତ ହୋଇଯାଇଥାଏ ପୁରୀ ଯିବାକୁ । ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ଆସିବା ଲୋକ ବଡ଼ ଦେଉଳ, ବଡ଼ଦାଣ୍ଡ, ବଡ଼ଠାକୁର ଇତ୍ୟାଦି କଥା କହିବା ସମୟରେ ସମୁଦ୍ରଟା କମିତି ହୋଇଥିବ ସେ କଥା ମୋ ମନ ଭିତରେ ଗୋଟାଏ ଚେତନା ଆଣିଦିଏ । ସମୁଦ୍ରଟା ଦେଖିବା ଇଚ୍ଛା ଏତେ ପ୍ରବଳ ହୋଇଉଠେ ଯେ ସେଥିରେ ପଡ଼ି ମରିବା ଭୟରେ ମୁଁ ସନ୍ତ୍ରସ୍ତ ହୁଏନାହିଁ । ପୁରୀ ରାସ୍ତାରେ ଆଉ ଆଉ ଲୋକ ଜାତି ନାହିଁ । ସେଠି ସ୍ତ୍ରୀ, ପୁରୁଷ ଦିନ ଦି'ପହରେ ଏକା ରାସ୍ତାରେ ବୁଲନ୍ତି । ଏକାଠି ମହାପ୍ରସାଦ ଖାଆନ୍ତି । ଆନନ୍ଦରେ ଦେହ ମନ ପୁଲକି ଉଠେ ବଡ଼ଦାଣ୍ଡ ବଡ଼ଦେଉଳର କଳ୍ପନାରେ ।

ଦଦେଇ ଦିନ ଗଡ଼େଇ ନେଉଥାନ୍ତି । ସେ ବର୍ଷ ପୂଜାଛୁଟିରେ ବଡ଼ଭାଇ ଆସି ନ ଥିଲେ । ଛୁଟି ନ ଥିଲା । ବନ ବିଦ୍ୟାଳୟରେ ଘର ତିଆରି ହେବ । ଛାତ୍ରମାନଙ୍କ ସାହାଯ୍ୟ ଆବଶ୍ୟକ । ସେଇଠୁ ଆମର ପୁରୀଯାତ୍ରା ସୁନିଶ୍ଚିତ ହୋଇଗଲା । ସେ ସମୟକୁ ମୋର ଶ୍ରେଷ୍ଠ ଭାଇଟିକୁ ଦୁଇବର୍ଷ ହୋଇଥିବ । ଦଦେଇ ଯେଉଁଦିନ ଦେଠେଇଙ୍କୁ ଧରି ଆସିଲେ, ବଳଦ ଗାଡ଼ିଟା ଆମ ଦୁଆର ମୁହଁକୁ ବୁଲେଇ ଦିଆଗଲା, ଶଗଡ଼ ମୁହଁରେ, ବନ୍ଧା ହୋଇଥିବା ପରଦା ଆଡ଼େଇ ଦେଠେଇ ସେ ଭିତରୁ ବାହାରିଲେ, ମୁଁ ଯାଇ ତାଙ୍କୁ ଭାଉଜଟି ଆଣିଲି ସେଦିନ ମୋର ମନ ଆନନ୍ଦରେ ଫୁଲି ଉଠୁଥିଲା । ଆଉ ସନ୍ଦେହ ରହିଲାନାହିଁ । ଏଥର

ପୁଣ୍ୟଯାତ୍ରା ଆରମ୍ଭ ହୋଇଗଲା ବୋଲି ମନେହେଲା । ଜଗନ୍ନାଥଙ୍କୁ ବର ମାଗିବା, ସମୁଦ୍ରରେ ପଡ଼ିବା, ବିବାହ ବନ୍ଧ ହେବାର ବିଷାଦ ସବୁ ଏକାଥରକେ କେଉଁ ବିସ୍ମୃତି ଗର୍ଭରେ ବିଲୀନ ହୋଇଗଲା । ପ୍ରାଣରାଜ୍ୟରେ କେବଳ ଏକମାତ୍ର ଆନନ୍ଦ ଯେ ଘରକୁ ବାହାରି ହୋଇହେବ । ଦେଢ଼େଇ ଆସିଗଲେଣି । କିଛିଦିନ ଯିବା ; କିନ୍ତୁ କମିତ ଯିବା, ସେ କଥା ଭାବି ନ ଥିଲି ।

ସେ ସମୟରେ ତ ବସ୍ ନ ଥିଲା । ଆସିକାରେ କୌଣସି ବ୍ୟକ୍ତିଙ୍କର ମଟରକାର୍ ମଧ୍ୟ ନ ଥିଲା । ଧରାକୋଟ ରାଜାଙ୍କର ମୋଟରକାର୍‌ଟିକୁ ଆମେ ଦେଖିଥିଲୁ । ବର୍ତ୍ତମାନ ଯୁଗରେ ଅନ୍ୟାୟ ଅନାଚାର ଯେତେ ବଢ଼ୁଛି, ଅର୍ଥ ସଞ୍ଚୟ, ସୁଖଭୋଗର ପିପାସା ଯେତେ ଅସ୍ଥିର କରୁଛି, ସୁଖଭୋଗର ବ୍ୟବସ୍ଥା ମଧ୍ୟ ସେତେ ସହଜ ହେଉଛି । ସ୍ୱାଧୀନତା ପୂର୍ବରୁ କୌଣସି ବ୍ୟକ୍ତି ଶହେ ଟଙ୍କା ମାସିକ ବେତନ ପାଉଥିବା ଶୁଣିଲେ, ଶୁଣିବା ଲୋକର ଆଖି ମୁହଁ ବିସ୍ମୟ ବିସ୍ଫାରିତ ହୋଇଉଠୁଥିଲା । ଅବଶ୍ୟ ଏ ସମସ୍ତ ବିଷୟ ମୋର ବାଲ୍ୟକାଳର କଥା । ତା'ପରେ, କ୍ରମେ ସ୍ୱାଧୀନତା ପୂର୍ବରୁ ମଧ୍ୟ ଜନସାଧାରଣ ଧନ ଉପାର୍ଜନର ଉପାୟ ଅନ୍ୱେଷଣ କରିବାକୁ ଆରମ୍ଭକଲେ । ଗଞ୍ଜାମ ଜିଲ୍ଲାରେ ଆନ୍ଧ୍ରଅଞ୍ଚଳର ଲୋକ ଆସି ବ୍ୟବସାୟ ବାଣିଜ୍ୟ, ଦୋକାନ ବଜାର କରିଥିଲେ । ମନ୍ଦାର ନିକଟ ବେଲଗୁଣ୍ଠା ଗ୍ରାମରେ ଆନ୍ଧ୍ରଦେଶର କୁମୁଟି ମହାଜନମାନେ ବଡ଼ ବଡ଼ ଦୋକାନର ମାଲିକ ଥିଲେ । ବେଲଗୁଣ୍ଠା ଗୋଟିଏ ଜନବହୁଳ ବସ୍ତି । ମୋର ପିତାମହଙ୍କ ଅମଳରେ ବେଲଗୁଣ୍ଠାରେ କୁମୁଟି ବ୍ୟବସାୟୀମାନଙ୍କ ସହିତ ସମ୍ବନ୍ଧ ରଖି ନବଧାନ୍ୟ ବ୍ୟବସାୟ କରୁଥିଲେ । ଆସିକା ଓ ବ୍ରହ୍ମପୁର ଅଞ୍ଚଳରେ କୁମୁଟିମାନେ ସୁନାରୂପାଠାରୁ ଆରମ୍ଭକରି ଜୀରା ମରିଚ ପର୍ଯ୍ୟନ୍ତ ସବୁ ବ୍ୟବସାୟ ବାଣିଜ୍ୟରେ ଧୁରୀଣ ଥିଲେ । ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବାପରେ ସରକାରୀ କର୍ମଚାରୀମାନେ (ଆନ୍ଧ୍ର ଏବଂ ମେଡ୍ରାସୀ) ଆପଣ ଆପଣା ପ୍ରଦେଶକୁ ଚାଲିଗଲେ ; କିନ୍ତୁ କୁମୁଟି ଜାତିଟା ଧୀରସ୍ଥିର ଭାବରେ ଓଡ଼ିଶାରେ ରହି ଓଡ଼ିଆ ଭାଷା ଶିଖିବାକୁ ଚେଷ୍ଟାକଲା । ବର୍ତ୍ତମାନ୍ ଗଞ୍ଜାମର କେତେକ କୁମୁଟି ଉଚ୍ଚଶିକ୍ଷା ପାଇ ଓକିଲ ଏବଂ ଅଧ୍ୟାପକ ମଧ୍ୟ ହେଲେଣି ।

ପୁରୀ ଯିବା କଥାରୁ କୁମୁଟି ସମ୍ପ୍ରଦାୟର କଥା କାହିଁକି ଆରମ୍ଭକଲି କିଛି ଜାଣିପାରୁନାହିଁ । ସେ ସମୟର ଜୀବନଯାତ୍ରା ପ୍ରଣାଳୀ ସ୍ମରଣ କରୁକରୁ ଏ କଥା ଆସିଗଲା । ଅଳ୍ପ ବୟସରେ ଦେଖିଛି ଏହି କୁମୁଟି ଏବଂ ଦକ୍ଷିଣାଞ୍ଚଳର 'କମା' ଜାତିର ସ୍ତ୍ରୀମାନେ ଦେହରେ ଭାରି ଭାରି ସୁନା ଗହଣା ବହନକରି ରହିଥାନ୍ତି । ବର୍ତ୍ତମାନ ସୁଦ୍ଧା ତାର ଅବଶିଷ୍ଟ କୌଣସି କୌଣସି ଧନଘରେ ଦେଖାଯାଉଛି ।

ବର୍ତ୍ତମାନ ପୁଣ୍ୟଯାତ୍ରା ଆରମ୍ଭ ହେଲା । ଦଦେଇ ଦେଢ଼େଇ ଆସିକା ଆସି ଦୁଇଦିନ ବିଶ୍ରାମ ନେବାପରେ ପୁରୀ ପଥରେ ବାହାରିଲୁ । କଥା ଛିଡ଼ିଲା, ଭଡ଼ା ଶଗଡ଼ରେ ଆମେ ସମସ୍ତେ (ଦେଢ଼େଇ ମଧ୍ୟ) ବସିବୁ । ଦଦେଇଙ୍କର ନିଜ ଶଗଡ଼ ଖୁବ୍ ବଡ଼ ଲମ୍ବା, ଚଉଡ଼ା ମଧ୍ୟ । ସେଥିରେ ଦଦେଇଙ୍କର ମୋଟା ଗଦି । ଆମେ ବସିଲୁ ଭଡ଼ା ଶଗଡ଼ରେ । ଦେଢ଼େଇ ସ୍ୱାମୀଙ୍କ ଶଗଡ଼ରେ ବସିବାକୁ ଲାଜ ବୋଧକରି ଆମ ପାଖରେ ବସିଲେ । ଶଗଡ଼ଆର ଖାଲଗଦା ଉପରେ ଆମର ମଶିଣା, କନ୍ଥା ଯାହା ସବୁ ବିଛେଇ ଆମେ ବସିଲୁ । କିଏ ବା ସେ ବ୍ୟବସ୍ଥା ଦେଖୁଛି । ଭଡ଼ା ଶଗଡ଼ର ଛାତ ପତଳା ବାଉଁଶ ଛପା । ଆମେ ସବୁ ବସିପାରିଲୁ ନାହିଁ କି ଶୋଇ ପାରିଲୁନାହିଁ । ଶୋଇଲେ ମହା ଯନ୍ତ୍ରଣା । କାଠ ବାଉଁଶରେ ଦେହଟା ଛେଚିହୋଇ ଯାଉଥାଏ । ବସିଲେ ଚଳାଟାଏ ପାଖରୁ ଚକ ଗଡ଼ିଲାବେଳକୁ ମୁଣ୍ଡରେ ଘଷିହୋଇଯାଏ । ଏଣେ ଘରୁ ବାହାରିବା ଆନନ୍ଦରେ ନିଦ ଲାଗିଯାଉଥାଏ । ନିଦ ଆଉ ଶଗଡ଼ର ଧକ୍କା ଖାଇ ଖାଇ ରାତି କଟିଲା । ସକାଳଟାକୁ ନିଦ ଲାଗିଯାଇଥିଲା । ଆଖି ଖୋଲି ଦେଖିଲାବେଳକୁ ମୁଁ ଶଗଡ଼ରେ ବସି ଓଡ଼ିଶା ଯାଉଛି । ଓଡ଼ିଶା ଯାଉଛି, ଓଡ଼ିଶା ଯିବା ବାଟରେ ସକାଳ ହେଉଛି । ସେଦିନର ସେହି ଅନୁଭୂତି ଆଜି ଭାଷାରେ ଲେଖିବାକୁ ଶକ୍ତି ପାଉନାହିଁ ।

ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇ ସେଠାରେ କରି ଖିଆ ପିଆ କରିବାକୁ ବହୁତ ଡେରି ହୋଇଯିବ । ଏଣୁ ବ୍ରହ୍ମପୁରକୁ ଅଳ୍ପ ଦୂର ଆଗରୁ ପ୍ରାୟ ଚାରି ଛଅ ମାଇଲ ହେବ ବୋଧହୁଏ, ରହ୍ମପୁର ଗ୍ରାମ ପଥପାର୍ଶ୍ୱର ମଠରେ ଆଶ୍ରୟ ନେବାକୁ ହେଲା । ରୋଷେଇ କରିବାକୁ ସାଥିରେ ଥାଏ ଦେଢେଇଙ୍କର ଭାଇଙ୍କ ପୁଅ—ପୁଭୁରା । ଦେଢେଇଙ୍କର ପାଞ୍ଚ କି ଛଅ ଭାଇ, ସେଥିକି ଦେଖି ଗୁଡ଼ାଏ ପୁଭୁରା । ନଳବଣ୍ଟା ଗାଁରେ ଇଟା ଚୂନର ଝିଁକର ଘର । ଭାଇମାନେ ପୈତୃକ ଜମି ଖଣ୍ଡିକ ଋଣରେ ବୁଡ଼େଇଦେଇ ସବୁ ସମୟରେ ଦୁଇ ଚାରି ଜଣ ହୋଇ ମୋ ଦେଢେଇଙ୍କ ଆଶ୍ରୟରେ ରହନ୍ତି । ସେଥିପାଇଁ ମୋ ପିଉସୀମାନେ ଦେଢେଇଙ୍କ ସାଙ୍ଗରେ ଝଗଡ଼ା କରନ୍ତି, ହାଣ୍ଡିପରି ପାଞ୍ଚଟା ଛଅଟା ଭାଇ ପୁଭୁରା ବସି ବସି ଖାଉଛନ୍ତି ବୋଲି । ବଡ଼ବୁଆ ଦେଢେଇଙ୍କର ସାତ ପୁଅ ଜନ୍ମ ହୋଇଥିଲେ । କ୍ରମରେ ସାତଟି ଯାକ ପୁଅ କିଏ ବର୍ଷକର, କାହାକୁ ଛଅମାସ, କାହାକୁ ତିନିବର୍ଷ ଇମିତି ସବୁଗୁଡ଼ିକ ମୃତ୍ୟୁ ମୁଖରେ ପଡ଼ିଯାଇଥିଲେ । ସେ ଦୁଃଖ ଭୁଲିବାକୁ ଦରିଦ୍ର ଭାଇ-ଗୁଡ଼ିଙ୍କୁ ଗଣ୍ଡେ ଖାଇବାକୁ ଦେଲେବୋଲି ଏତେ ଝଗଡ଼ା । ମତେ ଶିଖେଇ ଦିଅନ୍ତି, ମୁଁ ମଧ୍ୟ କଅଣ ସବୁ ଅଲବଲ କଥା କହେ । ସେ ଦୁଷ୍ଟାମି ଏବେ ମଧ୍ୟ ମୋର ମନେପଡ଼ୁଛି ; କିନ୍ତୁ ମନେପଡ଼ିଗଲେ ପ୍ରାଣ କୋଷଟି ମୋର ବ୍ୟଥିତ ହୋଇଉଠୁଛି । ଦେଢେଇ ତାର ଭାଇ, ପୁଭୁରାମାନଙ୍କୁ ଖୁଆଇ ଖୁଆଇ ଘରର ସର୍ବସ୍ୱ ଶେଷ କରିଦେଉଛି ବୋଲି ପିଉସୀ ନାମାମାନଙ୍କଠାରୁ ଶିକ୍ଷାପାଇ ତା ଭାଇ ସାମନାରେ ହିଁ ଦେଢେଇଙ୍କୁ କହେ । ଦେଢେଇ ହସିଦେଇ ମତେ କହେ, "ଛି ବାୟାଣୀଟା ଇମିତି ବୋଲନ୍ତିନ ।" କଅଣ ଭାବେ କେଜାଣି, ଆଖିରୁ ତାର ଅଶ୍ରୁ ଝରିପଡେ । ତାର ସେ ପଦଟିଏ କଥା, "ଛି ବାୟାଣୀଟା ଇମିତି ବୋଲନ୍ତିନ" । ମନେ ପଡ଼ିଯାଉଛି । ସେଇ କଥା ସ୍ମରଣ କରି ମନ ମୋର କରୁଣାର୍ଦ୍ର ହୋଇଉଠୁଛି ।

ଯେଉଁ ଖାଇବାଟାକୁ ବର୍ତ୍ତମାନ ପିକ୍‌ନିକ୍ ବୋଲି କହୁଛନ୍ତି, ମନ୍ଧାର ଗାଁରେ ମୋର ସଙ୍ଗିମାନେ ପୌଷ ମାସରେ ସେ ଭୋଜନଟା ପ୍ରସ୍ତୁତ କରିଥାନ୍ତି । ସେମାନଙ୍କର ଘରଦ୍ୱାରର ବିସ୍ତୃତ ଖୋଲା ବାଡ଼ି ପାଖରେ ନୂଆ ଚୁଲି ତିଆରି ହୁଏ । ଅଧିକାଂଶ ଖାଦ୍ୟ ଜିନିସ ଆଣିବା ଭାର ମୋ ଉପରେ ଥାଏ । ଦେଢେଇ ପାଖରୁ ସେସବୁ ଆଦାୟ କରିନିଏ । ଦେଢେଇ ହାତରେ ପଇସାଟି ନଥାଏ, ଚାଉଳ ଦୁଇ ତିନି ସେର ଦେଇଦିଏ । ମୁଁ ମୋର ସାଥୀମାନଙ୍କ ସହାୟରେ ଚାଉଳ ସେରକ ଚାରି ପଇସାରେ ବିକ୍ରୀ କରିଦିଏ । ସଞ୍ଜ ଭୋଜିର ଖର୍ଚ୍ଚ ସବୁ ମୋତେ ବହନ କରିବାକୁ ପଡ଼େ ।

ମନ୍ଧାର ଗାଁର ପୌଷ ମାସର ସଞ୍ଜଭୋଜି କଥା ପଛକୁ ରଖିଦେଇ ବର୍ତ୍ତମାନ ପୁରୀଯାତ୍ରା କଥା ଆରମ୍ଭ କରୁଛି । ସେ ସମୟରେ ପୁରୀ ଜଗନ୍ନାଥ କ୍ଷେତ୍ର ଆସିକା-ଠାରୁ କେତେ ଦୂରରେ ଥିଲା । ପୁରୀ ଯାତ୍ରୀ ଫେରିବା ବାଟରେ ଆମ ଘରେ ରହନ୍ତି । ସେମାନଙ୍କ ମୁହଁରୁ ପୁରୀକ୍ଷେତ୍ରର ମହିମା ଶୁଣି ଶୁଣି ଥରେ ସେ ସ୍ଥାନଟାକୁ ଦେଖିବା ବାସନା ମନଭିତରେ ଗୋପନକରି ରଖି-ପାରୁ ନଥିଲି । ଭଡ଼ା ଶଗଡ଼ର ବଳଦ ଯୋଡ଼ାଟା ଦୁର୍ବଳ, ମଠେଇ ମଠେଇ ଶଗଡ଼ ଟାଣନ୍ତି । ତେଣୁ ବୋଧହୁଏ ପୁରୀ ଯାତ୍ରାପଥରୁ ଫେରିପଡ଼ି ପୁଣି ସେଇ ଦେଢେଇ କଥା, ମନ୍ଧାର ଗାଁର କଥା କହିବାକୁ ଲାଗିଗଲି ।

ଯାହାହେଉ, ଆଉଥରେ ଆସିଲି ଯାତ୍ରାପଥକୁ । ଆମର ଗୋରୁ ହଳ ବେଳକୁବେଳ କ୍ଲାନ୍ତ ହୋଇ ପଡ଼ିଲେ, ଅବଶ୍ୟ ମାର୍ଗଶିର ମାସର ଆରମ୍ଭ କାଳ, ହେଲେ ମଧ୍ୟ ଦି'ପହରିଆ ଖରା ବାଧା, ଏଣେ କ୍ଷୁଧା ତୃଷା, ତେଣୁ ଶଗଡ଼ିଆ ଶଗଡ଼ ଚଳେଇବାକୁ ମନା କରିଦେଲା । ବଦେଇ ରହ୍ମପୁର ମଠରେ ବସା ବାନ୍ଧିଲେ । ମହନ୍ତଙ୍କ ସହିତ ଆଗରୁ ତାଙ୍କର ଚିହ୍ନା ଥିଲା । ତେଣୁ, ଦି'ବଖରା ଘର ମିଳିଗଲା । ମଠର ହତା ଭିତରେ ଗୋଟିଏ ସୁନ୍ଦର ଫୁଲ ବଗିଚା ହୋଇଥିଲା । ଆମେ ସମସ୍ତେ କଅଣ ଖାଇଲୁ କିଛି ମନେ ପଡ଼ୁନାହିଁ । କିନ୍ତୁ ଦି'ପହରିଆ ଅନ୍ନଭୋଗ ଆମ ବସାକୁ ଆସିଥିଲା ।

ଦଦେଇ ବ୍ୟସ୍ତକୁଣ୍ଠ ବ୍ୟକ୍ତି । କୌଣସିମତେ ଯୋଗାଡ଼ ଯନ୍ତ୍ର କରି ଚଳାଇଦେବା ତାଙ୍କୁ ଜଣାଥାଏ । ଇନ୍ଦ୍ରପୁର ମଠର ବସାଘରେ ତାଙ୍କ ପୂଜାପେଡ଼ି ଖୋଲି ପୂଜାରେ ବସିବା ଦୃଶ୍ୟ ଏବେ ମଧ୍ୟ ଦିଶିଯାଉଛି । ଖାଇବାପରେ ଆଉଥରେ ଗୋ-ଯାନରେ ଭର୍ତ୍ତିହୋଇ ବାହାରି ପଡ଼ିଲୁ । ସୂର୍ଯ୍ୟ ଅସ୍ତହେବା ବେଳକୁ ଶଗଡ଼ ଯାଇ ବ୍ରହ୍ମପୁର ରେଲ ଷ୍ଟେସନରେ ପ୍ରବେଶ କଲା । କେତେ ଘଣ୍ଟା, କେତେ ମିନିଟରେ ପୁରୀ ପାସେଞ୍ଜର ଟ୍ରେନ୍ ଷ୍ଟେସନକୁ ଆସିଲା ସେ କଥା ସ୍ମରଣ ନାହିଁ । ପ୍ରଥମ କରି ସେଇଦିନ ରେଳଗାଡ଼ିରେ ବସିପଡ଼ିବା କ୍ଷଣି ସ୍ୱର୍ଗକୁ ଗଲା କଲାପରି ମନ କେଉଁ ଆଡ଼େ ଧାଇଁଲା । ତାହା ପୁଣି ତୃତୀୟ ଶ୍ରେଣୀ ଡବାରେ । ଦଦେଇ ସେଇ ପାଖ କମ୍ପାର୍ଟମେଣ୍ଟରେ ବସିଥିବେ । ଭାଇବୋଉ ବସିବା ଡବାରେ ସେ ଆଉ କମିତି ବସିଥାନ୍ତେ ।

ଷ୍ଟେସନଗୁଡ଼ିକରେ ଗାଡ଼ି ଠିଆ ହେଲେ ପାନ, ବିଡ଼ି, ସିଗାରେଟର ଡାକହାକ । ଗରମ ଚା', ପୁରି, ମିଠେଇ, ସିଂଘଡ଼ାର ଡାକ ପଡ଼େ । ଆମ ମୁହଁରେ ସେ ସବୁ ପ୍ରବେଶ କରେନାହିଁ । ଦଦେଇଙ୍କ ହାତମୁଠା ଏଡ଼େ ଟାଣ ଯେ ପଇସା ଖରଚବେଳକୁ କିଛି ନ ଶୁଣିଲାପରି ରହିଯିବେ । ଦେଠେଇ କିଛି ପଇସା ରଖିଥାଏ, କିଛି କିଣିଆଣି ଦେବ ଗରିବ ଭାଇଙ୍କର ପାଇଁ । ତାକୁ ପଇସାଟିଏ ମାଗିବାକୁ ସାହସ ହୁଏନାହିଁ । ମିଠେଇ ପସରାଠାରୁ ମୋ ପକ୍ଷରେ ବେଶି ଆକର୍ଷଣୀୟ ଥିଲା କଣ୍ଢେଇ ପସରା । ଗାଡ଼ି ଚାଲିଥାଏ, କଣ୍ଢେଇ ପସରା ପଛକୁ ରହିଯାଏ ।

ପ୍ରଥମ କଥା ମୋ ବୋଉ ଆସିଥିଲା ସତ୍ୟବାଦୀରେ ତା ପୁଅକୁ ଦେଖିବ ବୋଲି । ବାପା ତାକୁ କମିତି ସ୍ୱୀକୃତି ଦେଇଥିଲେ ସେ କଥା ମୋର ମନେନାହିଁ । ପ୍ରଥମେ ଆମେ ସତ୍ୟବାଦୀ ଷ୍ଟେସନରେ ଓହ୍ଲାଇଲୁ । ସେଠି ଗୋଟାଏ ବସାଘରେ ରହିବା ମନେପଡ଼ୁଛି । ତା' ପରେ ମନେପଡ଼ୁଛି, ଭାଇନା ଆଉ ବଡଭାଇନା ସେ ବସାକୁ ଆସିଥିଲେ । ଠିକ କେଉଁ ମାସଟାରେ ଆମେ ସାକ୍ଷୀଗୋପାଳ ଯାଇଥିଲୁ ସ୍ମରଣ ହେଉନାହିଁ ।

ସେ ସମୟକୁ ରାସଉତ୍ସବ ହେଉଥିଲା ବୋଲି ମନେ ହେଉଛି । ବେଶି ରାତିକି ରାସଉତ୍ସବ ଦେଖିଯିବାକୁ ମୋର ସୁଯୋଗ ହୁଏନାହିଁ । ଦିନ ଗୋଟାଯାକର ଏଠିକି ସେଠିକି ହେବା ଶ୍ରମରେ ରାତି ହେଲେ ବସିବା ସ୍ଥାନରେ ନିଦ ଆସି ଭୁଇଁତଳେ ଲୋଟାଇ ଦିଏ । ସେଦିନର ସେ ନିଦ ଏବେ କେଉଁଆଡ଼େ ଗଲା । ନିଦ୍ରାବିହୀନ ରାତ୍ରିରେ କେତେ ଦେବଦେବୀଙ୍କୁ ଆତୁର ଆବେଦନ କରୁଛି । ମଥାପାଖକୁ ଆସି ପୀଡ଼ିତ ଆଖିରେ ଶୀତଳ ସ୍ପର୍ଶ ଟିକିଏ ଦେଇଦେବାକୁ, ପରମ-ପିତା ଆସୁଛନ୍ତି କି ନାହିଁ ଜାଣିପାରୁନାହିଁ ; କିନ୍ତୁ ଡାକ୍ତରଙ୍କର ନିର୍ଦ୍ଦେଶରେ ନିଦ୍ରାକାରକ ଔଷଧ ଖାଇ ଶୋଇବା ପ୍ରୟାସ କରୁଛି । ମୋର ସ୍ମରଣ ହେବାରେ ମତେ ଚାଳିଶି ବର୍ଷ ବୟସ ହେବା ପର୍ଯ୍ୟନ୍ତ ମୁଁ କୌଣସି ନିଦ୍ରାକାରକ ଟ୍ୟାବ୍‌ଲେଟ୍ ଖାଇନଥିଲି । ବର୍ତ୍ତମାନ ଔଷଧ ସେବନର ପରିମାଣ ଯେତିକି ବଢ଼ୁଛି, ରୋଗର ଶକ୍ତି ମଧ୍ୟ ବଢ଼ିଉଠୁଛି ।

ଏଠାରେ ମୋର ବିବାହ ପର୍ବ ଏବଂ ମୋର ମାନସିକ ଅବସ୍ଥାର କଥା ଲେଖୁଛି । ମାର୍ଗଶିର ମାସର ଶେଷ ଆଡ଼କୁ ବିବାହ ବିଧାନ ହେଲା । ସେ ସମୟକୁ ମୁଁ ବାଇଶିଦିନ ଟାଇଫାଏଡ଼ ଜ୍ୱରରୁ ସଦ୍ୟ ମୁକ୍ତିଲାଭ କରିଥାଏ । କୌଣସି ମତେ ବେଦି ଉପରେ ବସି ମନ୍ତ୍ର ପାଠ ଶୁଣୁଥିଲି । ଶୁଭଦୃଷ୍ଟିବେଳେ କେହି ଜଣେ ମୋର ଓଢ଼ଣା ଉଠେଇ ମୋ ମୁହଁ ଦେଖାଇ ଦେଲେ । ସ୍ୱାମୀଙ୍କର ମନୋହର ମୁଖରେଖା ଦେଖି ମୁଗ୍ଧ ହେବା ସଙ୍ଗେ ସଙ୍ଗେ ଆପଣାର ରୂପହୀନତା ସ୍ମରଣକରି ମୋ ମଥା ମାଟିରେ ମିଶିଗଲା । ଜ୍ୱର ପୀଡ଼ା ଶାନ୍ତହେବା ପରେ ବିବାହ ବେଦିର ଶୁଭ ଦୃଷ୍ଟି ସମୟର ସ୍ୱାମୀଙ୍କର ସୁନ୍ଦର ମୁହଁଟି ମନେ ପଡ଼ିଯାଏ । ସେ ମତେ ଦେଖି କଅଣ ଭାବିଥିବେ ସେଇକଥା ଭାବେ ।

ମନେପଡ଼ିଯାଏ ଅଦୁର ଅତୀତରେ କରଯୋଡ଼ି ପ୍ରାର୍ଥନା କରିବା । କେତେ ଧ୍ୟାନର ଧନ ମୋର ଏହି ସ୍ୱାମୀରତ୍ନଟି । ମନେ ପଡ଼ିଯାଏ ପୁରୀରେ ସମୁଦ୍ର ସ୍ନାନ । ସେଇ ସମୁଦ୍ରରେ ପଡ଼ି ଅତଳ ତଳେ ବୁଡ଼ିଯିବା ଭୟ

ସମୁଦ୍ରକୁ ଦେଖି ଭାଙ୍ଗି ଯାଇଥିଲି । ସମୁଦ୍ର ବାଲିରେ ଗଡ଼େଇ ଗଡ଼େଇ ହୋଇ ସମୁଦ୍ରର ଭୈରବ ଗର୍ଜନରେ ମୋ ମନ କୁତୂହଳୀ ହୋଇଉଠେ । ବଦେଇଙ୍କର ଇଚ୍ଛା ଜଗନ୍ନାଥ କ୍ଷେତ୍ରରେ ପଞ୍ଚରାତ୍ର ନିବାସ କରି ପଞ୍ଚତୀର୍ଥରେ ସ୍ନାନ କରିବାକୁ ହେବ । ପ୍ରଥମ ଦିନ ଜଗନ୍ନାଥ ଦର୍ଶନ କରି ସମୁଦ୍ର ସ୍ନାନକୁ ଯାଇଥିଲୁ । ତା'ପରଦିନ ମାର୍କଣ୍ଡ ପୁଷ୍କରଣୀ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ଚନ୍ଦନ ପୋଖରୀ । ଇନ୍ଦ୍ରଦ୍ୟୁମ୍ନର ବଡ଼ ବଡ଼ କୂର୍ମଗୁଡ଼ାକ ଏବେ ମଧ୍ୟ ଆଖି ଆଗରେ ଦିଶି-ଯାଉଛି । ଜଗନ୍ନାଥଙ୍କ ମନ୍ଦିର ଭିତରେ ପ୍ରବେଶ କରି ମନ ଆନନ୍ଦ-ବିହ୍ୱଳ ହୋଇଉଠିଥିଲା । ମନେହୁଏ ଜଗନ୍ନାଥଙ୍କ କରୁଣାରୁ ଇମିତି ସୁନ୍ଦର ସ୍ୱାମୀଟିଏ ପାଇଲି । ଏଥିରେତ ସନ୍ଦେହ କରିବାକୁ କିଛିନାହିଁ । ବଦେଇଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ପଦତଳେ ମୋ ମଥାନତ ହୋଇପଡ଼େ । ଜଗନ୍ନାଥ ଦର୍ଶନ, ତାପରେ ବିବାହ ତାଙ୍କର ଦୟାରେହିଁ ସମ୍ପାଦିତ ହେଲା ।

ମୋ ବିବାହ ପୂର୍ବରୁ ବାପା ମୋ ପାଇଁ ଗୋଟିଏ ବଡ଼ କାର୍ଯ୍ୟ କରାଇଥିଲେ । ଜଣେ ଉତ୍ତମ ପୁରାଣ ପାଠକଙ୍କଦ୍ୱାରା ମହାଭାରତ ପଢ଼ାଇ ମତେ ଶୁଣାଇଁ ଥିଲେ । ପୁରାଣ ପଣ୍ଡାଙ୍କର ନାମଟି ଭୁଲିଯାଇଛି । ବଡ଼ ସୁନ୍ଦର ତାଙ୍କର ପୁରାଣ ପଠନ ପ୍ରଣାଳୀ । ସେ ସ୍ୱରଟି ଏବେ ମଧ୍ୟ କାନ ପାଖରେ ବାଜିଉଠୁଛି । ବୁଢ଼ା ବାପୁଙ୍କ ଏପରି ଭଙ୍ଗ କରି ଗୀତ ବୋଲିଯାଆନ୍ତି— କାନ୍ଦିବା ସମୟରେ କାନ୍ଦିବାପରି, କ୍ରୋଧ ସମୟରେ କ୍ରୋଧରେ ଥରିଲା ପରି, ଭକ୍ତି ସମୟରେ ଭାବ-ବିହ୍ୱଳ ହୋଇପଡ଼ନ୍ତି ସେ । ମୁଁ ତାଙ୍କଠାରୁ ପୁରାଣ ପଢ଼ିବା ଶିକ୍ଷା ପାଇଥିଲି । ଜୀବନରେ ଓଡ଼ିଆ, ବଙ୍ଗାଳୀ ମହାଭାରତ ବହୁବାର ପଢ଼ିଛି, କିନ୍ତୁ ପୁରାଣ ପାଠକଙ୍କ-ଠାରୁ ଶୁଣିବା ପ୍ରତ୍ୟେକ ଆଖ୍ୟାନଟି ଯିମିତି ସିମିତି ସ୍ମରଣ ପଥରେ ରହିଛି । ସେଦିନର ସେ ସାତବର୍ଷର ବାଳିକାଟି ଏ ପାତ ଷାଠିଏ ପଞ୍ଚଷଠୀ ବର୍ଷ ଭିତରେ ହଜାରେ ବାର ଜନ୍ମ ହୋଇ ହଜାରେ ବାର ମଲାଣି । ନିତି ନୂଆ ଜୀବନ ନୂଆ ଜ୍ଞାନରେ ଜଗତଟାକୁ ବୁଝିବାକୁ ସମର୍ଥା ହୋଇପାରିଛି । ଅଜ୍ଞାନ ତମିସ୍ରାନ୍ଧକାର ସୂର୍ଯ୍ୟାଲୋକରେ ଆଲୋକମୟ ହୋଇଉଠିଛି ।

ବିବାହ ପରେ ମନ୍ଦାର ଛାଡ଼ି ଆସିକା ଫେରି ଆସିଲୁ । ଏଥର କିନ୍ତୁ ମନ୍ଦାର ଛାଡ଼ିଯିବା ସମୟରେ ଗୋଟାଏ ଗଭୀର ବିରହର ଅନୁଭୂତି ଜାଗ୍ରତ ହୋଇ-ଉଠିଥିଲା । ବାଳ୍ୟ ଅତିକ୍ରମ କରୁ କରୁ ତାରୁଣ୍ୟର ବିରହ ଅନୁଭୂତି ସ୍ୱାମୀଙ୍କର ପ୍ରିୟଦର୍ଶନ ରୂପ ଦେଖି-ବାକୁ ମନ ବ୍ୟଥିତ ହୋଇଉଠେ । ଡେଣେ ତାଙ୍କର ପରୀକ୍ଷା ନିକଟ ବୋଲି ମୋ ବୋଉ କେତେଥର ତାଙ୍କର ସମ୍ବନ୍ଧୀ ଘରକୁ କହି ପଠେଇଲେ ମଧ୍ୟ ସେ ଆମ ଘରକୁ ଆସିବା ଆଗ୍ରହ ପ୍ରକାଶ କରନ୍ତିନାହିଁ । ସମ୍ଭବତଃ ବିବାହ ସମୟରେ ଯେଉଁ ଶୁଭଦୃଷ୍ଟି ଘଟିଥିଲା, ମୋର ଅପ୍ରସନ୍ନ ବଦନ ସେ ଦେଖିଥିଲେ, ସେ ମୁହଁ ତାଙ୍କୁ ଆକର୍ଷଣ କରି ଆଣିପାରି ନଥିବ । ତାର କାରଣ ମୋର ଜ୍ୱର ରୋଗର ଅବସାନ ଘଟୁ ନଘଟୁ ମୋର ବେଶକାରିଣୀମାନେ ମୋ ମୁହଁରେ ବହୁତ ହଳଦୀ ବୋଳି ଆଖିରେ ଯେଉଁ କଜଳଧାର ଦେଇଥିଲେ, ତାହା ଆଖି ଭିତରକୁ ନଯାଇ ଆଖିର ତଳପତା ଉପରକୁ ବୋଳି ଦେଇଥିଲେ । ଦିଅମିଶା ମଠିଆ ସିନ୍ଦୂର ଯଥା ସ୍ଥାନରୁ ଉଠିଯାଇ ଗୋଟାସାକ ମୁହଁରେ ଚିହ୍ନ କଲାପରି ଲାଗିଥିଲା । ବେଦିରୁ ଉଠିଆସି ଦେଠେଇର ସିନ୍ଦୂର କଜ୍ଜ୍ୱଳ ପେଡ଼ିର ଦର୍ପଣଟି ନେଇ ମୁହଁ ଦେଖି-ଥିଲି । ମୁହଁ ଦେଖି ଦେହଟା ମୋର ଶୀତେଇ ଉଠିଥିଲା ! ସ୍ୱାମୀ ମୋର କଅଣ ଭାବିଥିବେ । ସେଦିନ ଏଇକଥା ଭାବି ଶାନ୍ତି ଅନୁଭବ କରିଥିଲି ଯେ ରୂପରେ ନହେଲେ ମଧ୍ୟ ଗୁଣରେ ସୁନ୍ଦରୀ ହୋଇ ସ୍ୱାମୀଙ୍କୁ ସୁଖୀ କରିବି ।

ଆସିକାରେ ଆମର ପୂଜାରୀ ରୂକର ଥାଆନ୍ତି । ପୂଜାରୀ ଟୋକାଟି ଚଉଦ ପନ୍ଦର ବର୍ଷର ହେବ । ଦିନ ମଧ୍ୟରେ ରୋଷେଇ ଇତ୍ୟାଦି କରି ଦି'ପହର ବିଶ୍ରାମ ସମୟରେ ପଢ଼େ । 'ଗୋପୀଭାଷା'ର "କୃଷ୍ଣ କଥା ଭାଳି ଗୋପୀ ସକଳ, ଗୁଣ ସୁମରି ହୁଅନ୍ତି ବିକଳ" ଇତ୍ୟାଦି । ମୁଁ ଭାବେ ଏ ଗୋବିନ୍ଦ ପୂଜାରୀର ଆଦର୍ଶ କେତେ

ଉଚ । ସମୟର ମୂଲ୍ୟ କମିତ ସେ ବୁଝିଥିଲା । ଗରମ ଦିନରେ ଅଫିସ ଛୁଟିରେ ଗୋବିନ୍ଦ ବାରଣ୍ଡାରେ ବସି ଟଣା ପଙ୍ଖା ଟାଣେ, ବହିଟା ଧରି ପଢ଼େ । ଗୋଟାଏ ହାତରେ ବହି ଅନ୍ୟ ହାତରେ ପଙ୍ଖାର ରସି ।

ଗୋବିନ୍ଦ ପୂଜାରୀର ଅନୁକରଣରେ ମୁଁ ଗୋପୀଭାଷା, ପାଞ୍ଚଅଧ୍ୟାୟ, ଗୁଣସାଗର କିଣିଆଣି ଆଉଥରେ ପଢ଼ିଲି । ଗମ୍ଭୀର କରୁଣ ରସରେ ଭରା ଗୋପୀଭାଷା ପଢ଼ି ମୁଁ ନିଜେ ବିରହିଣୀ ଗୋପିକାପରି ବିଜନ ମଧ୍ୟାହ୍ନରେ କାନ୍ଦିବସେ । ପାଞ୍ଚ ଅଧ୍ୟାୟର କେତେକ ଶ୍ଳୋକ ଯେଉଁପରି ମୁଖସ୍ଥ ଅଛି, ଗୋପୀଭାଷାର କେତେକ ମର୍ମ ସ୍ପର୍ଶୀ ଧ୍ୱନି ମଧ୍ୟ ହୃଦୟରେ ରହିଯାଇଛି ।

ଆଜ ସତୁରି ବର୍ଷ ବୟସରେ ବସି ମୋ କଥା ଲେଖିବା ସମୟରେ ଅତୀତ କାଳର କଥା ପୂର୍ବ ଜନ୍ମର ସ୍ମୃତିପରି ମନେ ପଡ଼ିଯାଉଛି । ସତେଯେପରି ଏ ବୟସରେ କୃଷ୍ଣଙ୍କ ବିରହରେ ବ୍ୟାକୁଳ ହୋଇ ଉଦ୍ଧବ ହାତ୍ର କହି ପଠାଉଛି, "ଉଦ୍ଧବ ହେ, କହିବ କୃଷ୍ଣଙ୍କୁ, କନିଷ୍ଠାଙ୍ଗୁଳିର କନକ ମୁଦ୍ରିକା କଙ୍କଣ ହେଲାଣି କରକୁ" ।

ଏବେ ମନେ ପଡୁଛି ତା'ପରେ ଶତସଂଖ୍ୟକ ଗ୍ରନ୍ଥ ଆସି ହାତରେ ପଡ଼ିଲା । 'ଗୁଣସାଗର' 'ମଥୁରାମଙ୍ଗଳ' ସାଥିରେ ପୁତ୍ର ବିଚ୍ଛେଦ ପୀଡ଼ିତା କୌଶଲ୍ୟା, ଯଶୋଦାଙ୍କ ରୋଦନ ମୋର ହୃଦୟଟାକୁ ରସାପ୍ଳୁତ କରିଦିଏ । କୌଶଲ୍ୟା ରୋଦନ, ଯଶୋଦା ଶୋକ, କେଶବ କୋଇଲି ମୋର ହୃଦୟ ପଟରେ ଯେଉଁ ଚିହ୍ନ ରଖି ଦେଇଛନ୍ତି, ସେ ଚିହ୍ନ ସେ ଅନୁଭୂତି ଆଜି ସକାଳର-ପରି ବୋଧହେଉଛି ।

ପଚାଶ ବର୍ଷ ତଳର କଥା ସ୍ମୃତିପଥରେ ଜୀବନ୍ତ ହୋଇ ରହିଛି । ଶୈଶବରେ କେବେ କେଉଁଦିନ ବଟ ଭାଇନା ଆମ ଘରକୁ ଆସିଥିଲା, ତା' ସହିତ ଆମମାନଙ୍କର କିମିତ ପରିଚୟ ଘଟିଥିଲା, ସେକଥା ମଧ୍ୟ ମୋର ମନେନାହିଁ । ବାଲ୍ୟକାଳ ଆଗମନ ପରେ ମୋର ବଡଭାଇ ଆଉ ବଟଭାଇନା ପ୍ରାୟ ପ୍ରତିଦିନ ମରାମରି ଧରାଧରି ହୋଇ ବାହୁଯୁଦ୍ଧରେ ଲାଗିଯାଆନ୍ତି । ବାଡ଼ି, ଠେଙ୍ଗା, ଝାଡ଼ୁ ଧରି ବଟଭାଇନା ଉପରେ ବର୍ଷଣ କରନ୍ତି । ଭାଇଙ୍କ ଉପରେ କେତେବେଳେ ଚିଧାଟାଏ କି ଚାପୁଡ଼ାଟାଏ ବାଜିଗଲେ, ଭାଇ ମୋର ଭୟଙ୍କର ଭାବରେ ଗର୍ଜନ କରି କେଉଁଠୁ କଅଣ ଆଣି ତା ଉପରକୁ ଫିଙ୍ଗିବେ ବୋଲି ଖୋଜୁ ଖୋଜୁ କବାଟ କୋଣରୁ ଆଡ଼କାଠଟା ହିଁ ମିଳିଯାଏ । ଇତିମଧ୍ୟରେ ବଟଭାଇନା ଦୌଡ଼ି ଚାଲିଯାଇ କେଉଁ କୋଣେ ଲୁଚିଯାଏ ।

ସହାନୁଭୂତିରେ ମୋ ହୃଦୟଟା ଭରିଯାଏ ; କିନ୍ତୁ ବଟଭାଇନାର ହୃଦୟଟା ବଡ଼ ଅନୁଦାର । ସେ ବିନା କାରଣରେ ଝଗଡ଼ା ଆରମ୍ଭ କରେ । ମୁଁ ନିଜେ କିଛି ନ ପଢ଼ି ସେ ଦଶମ ଶ୍ରେଣୀରେ ତିନିବର୍ଷ ଫେଲ୍ ହେବା କଥା କହି ଚିଡ଼େଇ ଦିଏ । ସେ ଚିଡ଼ିଯାଇ ମୋ ସ୍ୱାମୀଙ୍କ କଥା ଆରମ୍ଭ କରେ । "ମାଟ୍ରିକୁଲେସନରେ ତୋର ସେ କଦାପି ପାସ୍ କରିପାରିବ ନାହିଁ । ଭଲ ଷ୍ଟୁଡେଣ୍ଟ ନୁହେଁ ବୋଲି ମୁଁ ଶୁଣିଛି ଇତ୍ୟାଦି ।" ତାର ଏଇ କଥାଗୁଡ଼ିକ ତୀକ୍ଷ୍ଣ ଶର ପରି ମୋ ମନକୁ ବଡ଼ ବାଧେ ।

ବଡଭାଇନା ଦଶମ ଶ୍ରେଣୀରେ ତିନି ଥର ବର୍ଷ ଅକୃତକାର୍ଯ୍ୟ ହେବାପରେ ବାପା ତାଙ୍କୁ ଟାଇପ୍ ଟ୍ରେନିଂ ପାଇବା ପାଇଁ କଲିକତା ପଠାଇଦେଲେ । ଏହି ସମୟରେ ମୋର ସ୍ୱାମୀ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଫେଲକଲେ । ସେ ସେ ସମୟରେ ଘୁମୁସରର ରସୁଲ-କୋଣ୍ଡାରେ ପଢ଼ୁଥିଲେ । ରସୁଲକୋଣ୍ଡା ବର୍ତ୍ତମାନ ଭଞ୍ଜନଗର । ରସୁଲ୍ ନାମକ ୟୁରୋପିୟାନ ବ୍ୟକ୍ତି ଘୁମୁସରରେ ଡିଭିଜନାଲ ଅଫିସର ଥିଲେ । ତେଲୁଗୁ ଭାଷାରେ ପାହାଡ଼କୁ କୋଣ୍ଡା କହନ୍ତି । ଅତଏବ ବର୍ତ୍ତମାନ ଭଞ୍ଜନଗରର ନାମ ଥିଲା ରସୁଲକୋଣ୍ଡା । ସେହି ରସୁଲକୋଣ୍ଡାରେ ପ୍ରଥମକରି ସେହିବର୍ଷ ହିଁ ଏକାଦଶ ଶ୍ରେଣୀ ଆରମ୍ଭ ହୋଇଥାଏ । ତିରିଶ ଜଣ ଛାତ୍ରଙ୍କ ଭିତରୁ ଜଣେ ମାତ୍ର ଛାତ୍ର ଜନାର୍ଦ୍ଦନ ଦାସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେ ମହାଶୟ ବର୍ତ୍ତମାନ ସୁଦ୍ଧା ଖଲ୍ଲିକୋଟ ହାଇସ୍କୁଲର ହେଡ଼ମାଷ୍ଟର ହୋଇ ରହିଛନ୍ତି । ମୋର ସ୍ୱାମୀ ଅକୃତକାର୍ଯ୍ୟ ହୋଇ କଟକ ଯାଇ ଭିକ୍ଟୋରିଆ ସ୍କୁଲରେ ପଢ଼ିଲେ । ବଡ଼ ଭାଇନା କଲିକତାରେ ଥାଏ । ସୁତରାଂ ମତେ ଅପମାନ ଦେବାକୁ କେହି ନ ଥାନ୍ତି । ଆସିକାରେ ସେ ସମୟକୁ କେବଳ ଉଚ୍ଚପ୍ରାଥମିକ ବିଦ୍ୟାଳୟଟିଏ ଥିଲା । ସେଠାରୁ ମୋ ବଡ଼ଭାଇ ସନ୍ୟାବାଘ ଯାଇ ପଢ଼ୁଥିଲେ । ସେଠାରୁ ଆସି ସେ ବ୍ରହ୍ମପୁରରେ ରହି ପଢ଼ିଲେ ।

କହିବାକୁ ଭୁଲି ଯାଇଛି । ମୋର ବିବାହ ପୂର୍ବରୁ ଭାଇନାଙ୍କର ବ୍ରତ ବିଧାନ ହୋଇଯାଇଥିଲା । ଦଦେଇଙ୍କର ସନ୍ତାନ ନ ଥିବାରୁ ସେ ମୋ ଭାଇଙ୍କୁ ଦତ୍ତପୁତ୍ରରୂପେ ଗ୍ରହଣ କରିଥିଲେ । ବାପା କହନ୍ତି, ପୁଅର ପଢ଼ା ଖର୍ଚ୍ଚ ଦଦେଇ ଦିଅନ୍ତୁ । ଦଦେଇ କହନ୍ତି "ପୁଅ ତ ମୋ ଘରେ ଆସି ରହୁନାହିଁ । ମୋର ପୁଅ ସେ ହେବ କିମିତି ? ମୋ ପାଖରେ ରହିଲେ ମୋର ପୁଅ ପରି ମୋତେ ଚିହ୍ନି ବ ଜାଣିବ" ଇତ୍ୟାଦି ଅନେକ ଯୁକ୍ତିସଙ୍ଗତ କଥା କହନ୍ତି ।

ବାପାଙ୍କର ବକ୍ତବ୍ୟଟା ଅନ୍ୟ ପ୍ରକାର । ସେ କହନ୍ତି ପୁଅର ପଢ଼ା ଶେଷହେଲେ ସିନା ସେଠି ଯାଇ ରହିବ । ବାସ୍ତବରେ ଏତେବଡ଼ ପୁଅଟାକୁ ଘରୁ ଅନ୍ୟ ପାଖକୁ ଛାଡ଼ିଦେବାକୁ ବାପା, ମାଆ କେହି ଇଚ୍ଛା କରୁ ନ ଥିଲେ । ଏଣେ ଭାଇଙ୍କର ଧନ ଅଂଶଟାକୁ ଏମିତି ସହଜରେ ଛାଡ଼ିଦେବାକୁ ମଧ୍ୟ କଳ୍ପନା କରିପାରୁ ନ ଥିଲେ । ଭାଇ ମୋର ବ୍ରହ୍ମପୁରରେ ପଢ଼ିବା ସମୟରେ ବସାଘର ଗୋଟିଏ କରି ମାମୁଁଙ୍କର ବଡ଼ପୁଅ ରାଧା-ମୋହନ ଦାସ, ବାପାଙ୍କର ପିଉସୀ ପୁଅ, ଭାଇଙ୍କ ପୁଅ ଆଉ ଅନ୍ୟ ଜଣେ କେହି ଥିଲେ ।

ଏ ସମୟରେ ନବଗ୍ଲାରେ ସ୍ୱାମୀଙ୍କ ମଙ୍ଗଳ-କାମନାରେ ତେତିଶକୋଟି ଦେବଦେବୀଙ୍କ ପୂଜା ଆରାଧନା କର୍ମ ଆରମ୍ଭ କରିଦେଲି । ପ୍ରଥମେ ଆରମ୍ଭ ହେଲା ବାରମାସୀ ଗଣେଶ ଚତୁର୍ଥୀ । ଆମ କୁଳ ପୁରୋହିତଙ୍କ ପୁଅ ଗଦାଧର ଶତପଥୀ ବଡ଼ ଶାନ୍ତ ଶିଷ୍ଟ ବ୍ୟକ୍ତି । ମୋର ସେ ପୂଜାବିଧାନ ଇତ୍ୟାଦି ଜାଣି ନ ପାରିଲାପରି ସମସ୍ତ ଦେଖି ଆସି ପୂଜା କରି-ଦିଅନ୍ତି । ବିଧିପୂର୍ବକ ପୂଜା ଯେଉଁପରି ହେବ ସେଥିର ଉପଦେଶ ପରାମର୍ଶ ଦିଅନ୍ତି । ପ୍ରାଚୀନକାଳରେ ମହା-ମାନବ ଏବଂ ମାନବବୃନ୍ଦ ଗଣେଶଙ୍କୁ ପୂଜା କରି କିପରି ସଂସାର ସଙ୍କଟରୁ ଉଦ୍ଧାର ହୋଇଥିଲେ ସେ କଥା ତାଙ୍କର ତାଳପତ୍ର ପୋଥିଟି ପଢ଼ି ପଢ଼ି ମତେ ବୁଝାଇ ଦିଅନ୍ତି । ସେହି ଗଣେଶ ଚତୁର୍ଥୀ ପୂଜା ଅବକାଶରୁ ମୁଁ ଦେବତା ପୂଜାରେ ବିଶ୍ୱାସ ସ୍ଥାପନ କରିପାରିଥିଲି । ଖୋଲା ଅଗଣାର ତୁଳସୀଚଉଁରା ପାଖରେ ଧ୍ୟାନରତ ହେବା ସୁବିଧାବୋଧ ହୁଏନାହିଁ । କେଉଁଠି ବସି ପୂଜା କରିବି ବୋଲି ଆସ୍ଥାନ ଖୋଜି ଆମ ଭଣ୍ଡାରଘରର ଗୋଟାଏ କୋଣରେ ବସିଲି । ଦେଖୁ ଦେଖୁ ସେ କୋଣରେ ରଙ୍ଗ ଛିଟକନାରେ ଗ୍ରେଟ ଘର ଖଣ୍ଡିଏ ମଧ୍ୟ ହୋଇଗଲା । ଦେବଦେବୀମାନଙ୍କର ଛବିରେ ଘରଟି ଭରି ହୋଇଗଲା । ପ୍ରତିଦିନ ବଡ଼ିସକାଳୁ ଶଯ୍ୟା ଛାଡ଼ି ସ୍ନାନ କରି ଆସି ଗଣେଶ ସହସ୍ର ନାମ ଆରମ୍ଭ କରେ । ତା'ପରେ ବିଷ୍ଣୁସହସ୍ରନାମ, ଲକ୍ଷ୍ମୀସହସ୍ର ନାମ ଯାହା ଯେଉଁଠି ପାଇଲି ବାକ୍ସରେ ଭରି ରଖିଲି । ସ୍ତବ ସ୍ତୋତ୍ର ଅର୍ଥ କରିବାକୁ ମୋତେ କଷ୍ଟ ହେଲାନାହିଁ ।

ଏ ସବୁ ପୂଜା ସ୍ତବ ସ୍ତୁତି ପାଇଁ ବହୁତ ସମୟ ଲାଗିଯାଏ । ବୋଉ ମୋ ଉପରେ ବିରକ୍ତ ହୁଏ । ସକାଳ ଖିଆ ଛାଡ଼ିଦେଇ ଦିପହରେ ସମସ୍ତେ ଖାଇବା ସମୟରେ ଖାଏ । ଇମିତି ଭାବରେ ପ୍ରାୟ ଆଠମାସ କଟିବା ପରେ ଶୁଣି ପାରିଲି ମୋ ସ୍ୱାମୀ ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ପାସ୍ କରିଛନ୍ତି । ମୋର ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୋଇଉଠିଲା । ମୋର ପୂଜା ଅର୍ଚ୍ଚନାରେ ବିଦ୍ୟାଦାତା ଗଣେଶ ସ୍ୱାମୀଙ୍କୁ ସାଫଲ୍ୟମଣ୍ଡିତ କରି-ଦେଇଛନ୍ତି । ସମ୍ପୂର୍ଣ୍ଣ ଗୋଟିଏ ବର୍ଷ ବାରମାସର ବାରଟି ଚତୁର୍ଥୀ ପୂଜା ସମ୍ପାଦନ ହେବା ଭିତରେ ସ୍ୱାମୀଙ୍କ ଉପରେ ବିଦ୍ୟାଦେବୀ ସୁପ୍ରସନ୍ନା ହୋଇଗଲେ । ଉତ୍ସାହ ଆନନ୍ଦରେ ମୁଁ ଗଣେଶ ସହସ୍ରନାମ ପ୍ରତିଦିନ ପଢ଼ିବାକୁ ଲାଗିଲି ।

ମାଟ୍ରିକ୍ ପରେ ସ୍ୱାମୀ ଯାଇ କଟକରେ ରହି ଆଇ. ଏସ୍‌ସି. ପଢ଼ିଲେ । ମୁଁ ଏଣେ ପୂଜାପର୍ବ ପାଳିବାରେ ଲାଗିଥିଲି । କାର୍ତ୍ତିକମାସ ଗୋଟାଯାକ ପ୍ରାତଃସ୍ନାନ କରି ଆସି ତୁଳସୀ ପୂଜା କରେ । ଟିକେ ଭାତ ଗଣ୍ଡିଏ ରନ୍ଧା ଦୁଧ ଟିକିଏ ଦେଇ ଭୋଜନ କରେ । ମୋର ସେ ବ୍ରତ ପାଳନ ଚାଲିଥିବା ସମୟରେ ମୋ ମାମୁଁଙ୍କ ବଡ଼ ପୁଅ ଆସି ଆମ ଘରେ ରହିଲେ । ବାପାଙ୍କ ମତ ହେଲା, ଆମ ଘରେ ରହି ପଢ଼ିଲେ ଆଇ. ଏ. ( ସେ ସମୟରେ ଏଫ୍. ଏ. କହୁଥିଲେ ) ପାସ୍ କରିଯିବ । ଗୋଟାଏ ବର୍ଷ ଫେଲ ହୋଇଯାଇ ଘରେଇ ଛାତ୍ରରୂପେ ପରୀକ୍ଷା ଦେବେ ବୋଲି ଆମ ଘରେ ରହି ପଢ଼ିଲେ । ମାମୁଁ ପୁଅ ଭାଇ ହେଲେ ମଧ୍ୟ ମୁଁ ତାଙ୍କ ସହିତ କେବେ କଥାହେବା ମନେ ପଡ଼ୁ-ନାହିଁ । ସେ ବାପା ଘରେ ନ ଥିବା ସମୟରେ ଅନ୍ୟମାନେ ଶୁଣିଲାପରି ପଢ଼ନ୍ତି । ମୁଁ ଘର ଭିତରୁ ଶୁଣେ । ପଦ୍ମ ଆଉ କନକ କଥୋପକଥନ କରୁଥାନ୍ତି । ସେ ସଂଳାପ ଛନ୍ଦ ଆଡ଼କୁ ଆକୃଷ୍ଟ କରେ । ଗ୍ରନ୍ଥର ଅଧିକାଂଶ ଘରେ ନ ଥିବା ସମୟରେ ମୁଁ ସେ ବହିଟି ଆଣି ପଢ଼ିବାକୁ ପ୍ରୟାସ କରି ଓଲଟ ପାଲଟ କରି ଦେଖିଲି ପ୍ରଥମ ପୃଷ୍ଠାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିକୃତିଟି ରହିଛି । ବହି ପଢ଼ି ଜାଣିଲି ଯେ ବହିର ସବୁ କଥା ପଣ୍ଡିତ ମିଶ୍ରଙ୍କଦ୍ୱାରା ଲେଖା ହୋଇଛି । ଯେଉଁ ମହାଶୟଙ୍କୁ ବାପାଙ୍କର ଷ୍ଟେଟ ବାଉଣ୍ଡାରୀ ବେଞ୍ଚ ଉପରେ ବସିଥିବା ଦେଖିଥିଲି । ମୋର ତ ସେଦିନ ପର୍ଯ୍ୟନ୍ତ ଧାରଣା ଥିଲା ସ୍ୱର୍ଗପୁରୀର ଦେବତାମାନେ ହିଁ ସଂସାର ଭିତରେ ଚଳ ପ୍ରଚଳ ହେଉଥିବା କଥା, ଗୀତ ପୁରାଣ ଲେଖିଛନ୍ତି । କେଉଁ ଶୁଭ ମୁହୂର୍ତ୍ତରେ ମୁଁ ପଣ୍ଡିତ ମିଶ୍ରଙ୍କ ଲେଖା 'ପୁରୁଷୋତ୍ତମ ଦେବ' ନାଟକ ପଢ଼ିଲି । ସେଇଦିନଠାରୁ ମୁଁ ଜାଣିଲି ଯେ ମର୍ତ୍ତ୍ୟର ମାନବ-ବୃନ୍ଦ ହିଁ ବେଦ-ବେଦାନ୍ତ ଗୀତା-ଉପନିଷଦଠାରୁ ଆରମ୍ଭ କରି ରାମାୟଣ, ମହାଭାରତ ପ୍ରଭୃତି ଲେଖି ଯାଇଛନ୍ତି । ଲେଖିବାକୁ ଏତେ ବିଷୟ ରହିଛି ଯେ ବିଦ୍ୱାନ୍ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଲେଖନ କାର୍ଯ୍ୟରେ ଲାଗି ରହିଛନ୍ତି । ସେ ଲେଖା ଆଉ ଶେଷ ହେଉନାହିଁ । ହାର ଅଛି, ତାର ପଦକଟି ହଜିଯାଇଛି । ହଜାର ହଜାର ଲେଖକ ସେଇ ପଦକଟିକୁ ଅନ୍ୱେଷଣ କରିବାରେ ବ୍ୟସ୍ତ ରହିଛନ୍ତି । ପଣ୍ଡିତ ମିଶ୍ରଙ୍କ ନାଟକ ପଢ଼ି ମୋର ଯେଉଁ ଜ୍ଞାନରଶ୍ମି ଉଦୟ ହୋଇଥିଲା, ସେହି ରଶ୍ମି ପୁଷ୍ପମାଳାର ରୂପଧରି କବିଗୁରୁଙ୍କ ପଦତଳେ ପଡ଼ିଯାଇଛି ।

ମୋର ଘର ସଂସାର ଆରମ୍ଭହେବା ପୂର୍ବରୁ ତିକିଟିର ରାଜାସାହେବ ରାଧାମୋହନ ରାଜେନ୍ଦ୍ର ଦେବଙ୍କ ଲେଖା ସବୁ ନାଟକ ପଢ଼ିଦେଇଥିଲି । ମୁଁ ଉପନ୍ୟାସ ଅପେକ୍ଷା ନାଟକ ପଢ଼ିବାକୁ ଭଲପାଏ । ସାହିତ୍ୟ ଜଗତରେ ନାଟକ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ବୋଲି ମୋର ଧାରଣା । ମୋ ବୋଉ ମୋତେ ଯୌତୁକ ସ୍ୱରୂପ ଦେବା ନିମନ୍ତେ ରାମାୟଣ ଗ୍ରନ୍ଥ ଖଣ୍ଡିଏ କିଣି ଦେଇଥିଲା । ସେ ଖଣ୍ଡିକ ହେଉଛି 'ଭାଗବତ ପ୍ରସାଦ ଦାସ'ଙ୍କ ବାଲ୍ମୀକି ରାମାୟଣର ସଂକ୍ଷିପ୍ତ ଅନୁବାଦ । ସେ ଗ୍ରନ୍ଥ ଖଣ୍ଡିକ ମୁଁ ବାରମ୍ବାର ପଢ଼ି ପ୍ରତ୍ୟେକ ବିଷୟ ଅନ୍ତରସ୍ଥ କରି ରଖିଥିଲି । ସାତବର୍ଷ ବୟସରେ ଶୁଣିଥିବା ମହାଭାରତ ଅଦ୍ୟାବଧି ସତୁରି ବର୍ଷ ବୟସରେ କାନ ପାଖରେ ଗାୟନ କରୁହେବା-ପରି ମନେହେଉଛି । ମନେପଡ଼ୁଛି, ସ୍ୱାମୀଙ୍କର

ଆଇ. ଏସ୍. ସି. ପ୍ରଥମ ବର୍ଷରେ କଅଣ ଗୋଟାଏ ରୋଗ ହେଲା । ଗୋଟାଏ ଗୋଡରେ ଆଣ୍ଠୁ ତଳକୁ ଇମିତି ବ୍ୟଥା ହେଲା ସେ ଆଉ କଟକରେ ରହିପାରିଲେ ନାହିଁ । ସେ ସମୟକୁ ମୋ ବାପା ତାଙ୍କୁ ପଢ଼ିବା ନିମନ୍ତେ ମାସିକ କେତେ ଟଙ୍କା ପଠାଉଥାନ୍ତି । ବାପାଙ୍କର କଳ୍ପନା ଥିଲା ତାଙ୍କର ଜୋାଇଁ ଓକିଲାତି ପଢ଼ି ଆସିବାରେ ରହି ଓକିଲାତି କରିବେ । ତୁରନ୍ତ ତୁରନ୍ତ ଆଇ. ଏସ୍. ସି., ବି. ଏସ. ସି. ପାଶ୍ କରି ଦେଲେ ଲ କଲେଜରେ ପଢ଼ିବେ ; କିନ୍ତୁ ଦେହରେ ରୋଗ ପ୍ରବେଶ କଲେ କିଏ କଅଣ କରିବ । କେଉଁ ଲୋକଠାରୁ କଅଣ ଶୁଣି ବାପା ମୋର ଘରକୁ ଆସି କେତେ କଅଣ କହନ୍ତି, ତାର ଅର୍ଥ ମୁଁ ବୁଝିପାରେ । ମୋ ସ୍ୱାମୀଙ୍କୁ ଯାହାଙ୍କୁ କି ମୁଁ ଦେବତା ତୁଲ୍ୟ ଭକ୍ତି କରେ, ସେ ଗୋଟାଏ କୁତ୍ସିତ ରୋଗରେ ପୀଡ଼ିତ ଅଛନ୍ତି; ଯେଉଁଥିରେ କି ଜଣେ ପୁରୁଷ ସ୍ତ୍ରୀ କି ନେଇ ସଂସାର କରିବା ଉଚିତ ନୁହେଁ ।

କଥାଟା କହି ଦେବାକୁ କିମ୍ବା ଆଜି ଇମିତି ଏ ରାତିରେ ବସି ଲେଖିଦେବାକୁ ସହଜ ବୋଧହେଉଛି ; କିନ୍ତୁ ସେଦିନ, ଆଜିକି ପ୍ରାୟ ପଞ୍ଚାବନ ବର୍ଷତଳେ ସ୍ୱାମୀଙ୍କର ରୋଗ ପୀଡ଼ାର ସମ୍ବାଦ ପାଇ କି ଅବ୍ୟକ୍ତ ଦୁଃଖ ହେଉଥାଏ, ସେକଥା ଏବେ ମଧ୍ୟ ସହଜ ଭାବରେ ପ୍ରକାଶ କରିବା ସମ୍ଭବ ନୁହେଁ ।

ଏ ସମୟରେ କେହି ଜଣେ ଅନୁଭବୀ ବୈଦ୍ୟ ବାପାଙ୍କୁ କହିଲେ, ରୋଗଟା ବାତରୋଗ ଛଡା ଅନ୍ୟ କିଛି ନୁହେଁ । ସେ ମହାଶୟ ପାଚନ ନିମନ୍ତେ ଲତାପତ୍ର ମୂଳ ମୂଳିକା ମିଶାଇ ପଠାଇଦେଲେ । ବାପା ବର୍ଣ୍ଣ ବିରକ୍ତିରେ ହିଁ ମୋ ସ୍ୱାମୀଙ୍କୁ ଡାକି ଆଣି ତାଙ୍କର ସଂସ୍କୃତ ଟୋଲରେ ରଖାଇଦେଲେ । ସେ ସେଠି ରହି ଚିକିତ୍ସା ଆରମ୍ଭକଲେ । ମୁଁ ଆମ ଘରୁ ସେ ମୂଳ ମୂଳିକା ସିଝାଇ ପାଚନ କରି ପଠାଏ । ପରେ ପରେ ପଥ୍ୟ ପ୍ରସ୍ତୁତ କରି ପଠାଇବାକୁ ପଡ଼ିଲା ।

ସେ ସମୟରେ ବାପାଙ୍କର ବଡ଼ଦେଇ ପୁଅ ଭାଇଙ୍କ ଦୁଇ ପୁଅ ସହିତ ତାଙ୍କ ଶଳାଙ୍କର ପୁଅ ଜଣେ ବାପାଙ୍କର ଆଙ୍ଗ୍ଲୋ ସଂସ୍କୃତ ସ୍କୁଲ୍ ମେସ୍‌ରେ ରହି ପଢ଼ୁଥିଲେ । ଆତ୍ମୀୟ ହିସାବରେ ବାପାଙ୍କ ଦାୟିତ୍ୱ ହେଲେ ମଧ୍ୟ ଘରେ ରଖି ପିତୃ ମାତୃହୀନ ପିଲା ଦୁଇଟିଙ୍କ ପଢ଼ିବା ବିଷୟରେ ତତ୍ତ୍ୱାବଧାନ ନେବା ଆବଶ୍ୟକ ବୋଲି ବାପା ମନେକରି ନଥିଲେ । ସେ ସମୟରେ ମଧ୍ୟ କେବଳ ଆପଣାର ସ୍ତ୍ରୀ ପିଲାଙ୍କୁ ନେଇ ରହିବାକୁ ଭଲପାଉଥିଲେ । ମୁଁ ଯେତେଦୂର ଜାଣିଛି ମୋ ବୋଉ ମଧ୍ୟ ଆତ୍ମୀୟ ସ୍ୱଜନମାନଙ୍କୁ ସ୍ୱାଗତ କରିବାକୁ ସୁଖ ପାଉନଥିଲା । ମନ୍ଦାର ଗାଁରେ ମୁଁ ଦେଖିଛି, ସେଠାରେ ଅଧିକାଂଶ ପରିବାର ସ୍ୱତନ୍ତ୍ର ହୋଇ ରହି-ଥାନ୍ତି । ଛୋଟ ପରିବାର ସୁଖୀ ପରିବାର ବୋଲି ବର୍ତ୍ତମାନ ଯୁଗରେ ପ୍ରଚାର କରାଯାଉଛି । ସେକାଳରେ ସ୍ୱାଭାବିକ ଭାବରେ ପ୍ରତ୍ୟେକ ବ୍ୟକ୍ତି କ୍ଷୁଦ୍ର ପରିବାର ସୃଷ୍ଟି କରିପାରୁଥିଲେ । ଏ ସମସ୍ତ ବିଷୟର ବ୍ୟକ୍ତିର ସ୍ୱଭାବ ଅନୁଯାୟୀ ଘଟୁଛି । ମୋ ବାପା ଆଉ ବଡ଼ଦେଇ ଗୋଟିଏ ମାଆପେଟରୁ ଜନ୍ମ ହୋଇଥିଲେ ମଧ୍ୟ ଦୁହିଁଙ୍କର ସ୍ୱଭାବ ଚରିତ୍ର ସମ୍ପୂର୍ଣ୍ଣ ବିପରୀତ । ବଡ଼ଦେଇ ତାଙ୍କର ବିଧବା, ନିରାଶ୍ରୟା ଭଉଣୀ, ଭଣଜା, ଶଳା, ଶଳାମାନଙ୍କର ପୁଅମାନଙ୍କୁ ଧରି ସେ ଭିଡ଼ ଭିତରେ ରହିବାକୁ ଭଲ ପାଉଥିଲେ । ମୋ ବାପା କିନ୍ତୁ ଅତ୍ୟନ୍ତ ଏକାକୀ ହୋଇ ରହିବାକୁ ଚାହୁଁଥିଲେ । ସେ ଆପଣାର ସ୍ତ୍ରୀ, ପିଲାଙ୍କ ଠାରୁ ମଧ୍ୟ ଦୂରରେ ରହନ୍ତି ।

ପୁଣି ସେଇ ବାପା ମାଆଙ୍କ କଥା ଆସି ଯାଉଛି ଆଖି ଆଗକୁ । କଅଣ କହୁଥିଲି ? ବାପାଙ୍କର ସେଇ ପୁତୁରା ଦୁଇଟିଙ୍କ ପାଖରେ ସେମାନଙ୍କର ମାମୁଁ ପୁଅ ଭାଇ ଜଣେ ଥାଏ । ତା ନାଁ ଭଗୀରଥି । ପୁତୁରାମାନେ ପଡ଼ା ଛାଡ଼ିଦେଇ ଘରକୁ ଚାଲିଯିବାପରେ ମଧ୍ୟ ଭଗୀରଥି ଆହୁରି କେତେ ପଢ଼ିବା ଇଚ୍ଛା ଏବଂ ଆଶାରେ ଆସିକାରେ ରହିଗଲା । ବାପା ତାକୁ ଟଙ୍କା କେତୋଟି ସାହାଯ୍ୟ ଦେଉଥିଲେ । ମାସକୁ ପନ୍ଦର ଦିନ ଭୋଜନ ଖଞ୍ଜି ଦେଇଥିଲେ । ମିସେସ୍ ମହାପାତ୍ର ଭଲ ଖାଆନ୍ତି ଯେମିତି, ଭଲ ଖୁଆନ୍ତି ସେମିତି । ଆମ ଘରେ ଖାଇବା କଥା ସ୍ଥିରହେବାରୁ ଭଗୀରଥି କହିଲା, 'ମୁଁ

ହୋଟେଲରେ ଖାଇବ ।’ ସେ ପାଞ୍ଚଟଙ୍କା ଦେଇ ଆମ ଘରେ ଖାଇବା ବଦଳରେ ହୋଟେଲରେ ଖାଇଲା । ଭାଗୀରଥି ଆମ ଘରକୁ ଅନେକ ସମୟରେ ଆସେ । ମୋ ସହିତ ଗପ କରେ, ପଢ଼ାଶୁଣା ବିଷୟରେ ପରାମର୍ଶ ଦିଏ । ଦିନେ ଭାଗୀରଥି ଖଣ୍ଡିଏ ଖୋଲା ଲେଟ ଚିଠି ଆଣି ଝରକା ପାଖରେ ମୋ ହାତକୁ ବଢ଼େଇ ଦେଲା । ଚିଠିଟିର ଅକ୍ଷର କେତେଧାଡ଼ି ଏବେ ମଧ୍ୟ ମୋ ଦୃଷ୍ଟି ପଥରେ ପଡ଼ିଯାଉଛି । କାଗଜ ଖଣ୍ଡିକ ହାତମୁଠା ଭିତରେ ଧରି ଭାଗୀରଥିକୁ ଖୋଜିଲି, ସେ ଆଉ ଝରକା ସେପାଖରେ ନଥିଲା । ଲଜ୍ଜାବନତ ମୁହଁ କରି ମୋ ଆଡ଼କୁ ଚାହିଁଦେଇ ଚାଲିଯାଇଥିଲା । ବାପାଙ୍କ ପାଖକୁ ଯେତେ ଚିଠିପତ୍ର ଆସେ ମୁଁ ସେସବୁ ସମସ୍ତ ଆଉ ସୁଯୋଗ ଦେଖି ପଢ଼ି ସାରି ରଖିଦିଏ । ବାପା ମେକ୍‌ମାଇକେଲ ଫଣ୍ଡର ସେକ୍ରେଟାରୀ ଥିଲେ । ତେଣୁ ଏକାଧିକ ଭଲଛାତ୍ର ଫଣ୍ଡରୁ ସାହାଯ୍ୟ ପାଇବା ନିମନ୍ତେ ଆବେଦନ ପତ୍ର ଲେଖିଥାନ୍ତି । ଯେଉଁ ଚିଠିଗୁଡ଼ିକର ଅକ୍ଷର ସୁନ୍ଦର, ସେଗୁଡ଼ିକର ଅନୁକରଣ କରି ଲେଖେ । ଏଇସବୁ କାର୍ଯ୍ୟରେ ମୋର ଏତେ ଉତ୍ସାହ ଯେ ମୁଁ ରାତିରେ ନ ଶୋଇ ଲଣ୍ଠନଟିଏ ଜାଳିରଖି ଲେଖିବସେ । ସେଇପାଖ ଘରେ ବୋଉ ସାନଭାଇଟିକି ଧରି ଶୋଇଥାଏ । ତା ନିଦ ଭାଙ୍ଗିଗଲେ, ଦିନେ ଦିନେ ବିରକ୍ତ ହୋଇ କଅଣ କହେ । ମୁଁ ଲେଖି କଲାପରେ କାଗଜପତ୍ର ତକିଆତଳେ ରଖିଦେଇ ବତିଟା ନିଭେଇ ଶୋଇପଡ଼େ ।

ଇମିତି କରି ମୁଁ ଲେଖନ ପ୍ରଣାଳୀ ଶିଖିଥିଲି । ସେଇ ଲେଖିବା ଅଭ୍ୟାସ ଯେ ଦିନେ ଏ ବୟସରେ, ଏପରି ରୁଗ୍‌ଣ ଅବସ୍ଥାରେ ମଧ୍ୟ ଲେଖିବାକୁ ସାହସ ଆଉ ଶକ୍ତି ଦେଇପାରିବ, ଏକଥା କେବେ କଳ୍ପନା କରିନଥିଲି ।

ମୋର ପ୍ରଥମ ଲେଖା ପତ୍ର ଯାଇ ପଡ଼ିଲା ସ୍ୱାମୀଙ୍କ ହାତରେ । ପତ୍ରର ସମ୍ବୋଧନରେ ସେ ଲେଖିଥିଲେ, “ପ୍ରିୟ ସୁହୃଦ୍‌” । ମୁଁ ସେଇ ପଦଟି ଲେଖିବାକୁ ଅନେକ କାଗଜ ନଷ୍ଟ କଲି । ଶେଷରେ ‘ପ୍ରାଣେଶ୍ୱର’ ବୋଲି ଲେଖିବା ସ୍ମରଣ ହେଉଛି । ଏହି ଲେଖାଠାରୁ ହିଁ ସାହିତ୍ୟିକ ଜୀବନ ଆରମ୍ଭହେଲା । ମୁଁ ଆଉ ସହସ୍ର ନାମ ଜପ କରିବାକୁ ସମୟ ପାଇପାରିଲି ନାହିଁ । ସ୍ୱାମୀଙ୍କ ସେବା କରିବା ନିମନ୍ତେ ମନ ବ୍ୟାକୁଳ ହୋଇ ଉଠିଲା । ଚିଠିପତ୍ର ଦେବା ପଠାଇବା କଥା ବୋଉ ଜାଣିଥିବ, କିଏ ଜାଣେ ! ଦିନ ରାତି ଲେଖା ପଢ଼ାରେ ଲାଗିବା ବୋଉ ପସନ୍ଦ କରୁନଥାଏ ବୋଧହୁଏ । ସେ ବିରକ୍ତ ହୋଇ କେତେବେଳେ କଅଣ କହେ, କଥାଗୁଡ଼ିକ ସ୍ମରଣ ହେଉନାହିଁ । ସେ ସମୟକୁ ମୋର ବୟସ ଚଉଦ ବର୍ଷ ହୋଇଥିବ । ସ୍ୱାମୀଙ୍କଠାରୁ ଦୁଇ ତିନିଖଣ୍ଡି, ଅତି ସଂକ୍ଷିପ୍ତ ଖୋଲା ଚିଠି ସେଇ ଭାଗୀରଥି ଆଣି ଦେଇଥିଲା । ସେ ସମୟରେ ମୁଁ ତାଙ୍କଠାକୁ ଲେଖିଥିଲି କି ନାହିଁ । ସେ ପ୍ରାୟ ଗୋଟିଏ ମାସ ବାପାଙ୍କର ଆଙ୍ଗ୍ଲୋ ସଂସ୍କୃତ ସ୍କୁଲ୍‌ଘରେ ରହିଥିଲେ । ମୁଁ ପଠାଉଥିବା ଖାଦ୍ୟ ତାଙ୍କୁ ରୁଚିକର ଲାଗୁନଥିଲା । ସେ କଷ୍ଟରେ ଗୋଟିଏ ମାସ ଚଳେଇ ନେଇଥିଲେ ।

ସେଇ ସମୟରେ ସେ ମୋ ପାଖକୁ ଖଣ୍ଡିଏ ଦ୍ୱିଭାଷୀ “ଅକ୍ଷର ଶିକ୍ଷା” ପଠେଇ ଦେଇଥିଲେ । ଭାଗୀରଥି ସଂସ୍କୃତ ପ୍ରଥମାରେ ପଢ଼ିଥିଲା, କିନ୍ତୁ ବଙ୍ଗଳା ଭାଷା ଜାଣି ନଥିଲା । ତେଣୁ ବଙ୍ଗଳା ପଢ଼ିବାରେ ମୁଁ ଅତ୍ୟନ୍ତ ନିଃସହାୟ ଭାବରେ ଗୋଟାଳ ଖଡ଼ିରେ ଚଳେ ଧାଡ଼ି ଧାଡ଼ି କରି ଅକ୍ଷର ଲେଖି ଲେଖି, ବହି ଧରି ଯାହାକିଛି ଓଡ଼ିଆ ଭାଷା ଥିଲା ସେଥି ସହିତ ବଙ୍ଗଳା କଥା ମିଳାଇ ବହିଟିକୁ ସତେ ଯେପରି ଗିଳି ଗ୍ରାସ କରିଦେଲି । ବଙ୍ଗଳା ଅକ୍ଷର ଶିଖିବା ସଙ୍ଗେ ସଙ୍ଗେ ସଂସ୍କୃତ ଅକ୍ଷର ମଧ୍ୟ ଲେଖିବାକୁ ଆରମ୍ଭ କରିଦେଲି । ତା’ପରେ ଭାଷାଜ୍ଞାନ ବଢ଼ାଇବାକୁ ଅନ୍ୟାନ୍ୟ ପୁସ୍ତକ ପାଇପାରିଲି ନାହିଁ । ଭାଗୀରଥି ଥିଲେ ବହି ବିଷୟରେ ମୋତେ ସାହାଯ୍ୟ କରିଥାନ୍ତା ; କିନ୍ତୁ ସେ ମଧ୍ୟ ଚାଲିଗଲା ତା ଘରକୁ । ନାଟକରେ କୌଣସି ବ୍ୟକ୍ତି ବିଶେଷ ଅଳ୍ପ କେତୋଟି ଦୃଶ୍ୟରେ ଦେଖାଦେଇ ପ୍ରସ୍ଥାନ କଲାପରି ମୋତେ ବନ୍ଧୁହୀନ କରିଦେଇ ସେ ଚାଲିଗଲା । ତାକୁ ଆଉ କେବେ ଦେଖିନାହିଁ ।

ବାଲ୍ୟ ଜୀବନର ସ୍ମୃତିରୁ ପ୍ରଥମ ଅଧ୍ୟାୟଟି ଏହିଁଠାରେ ଶେଷ ହୋଇ ଅନ୍ୟ ଅବସ୍ଥା ସୃଷ୍ଟି ହେଲା । ଅନ୍ୟ ଜଣକ ସହିତ ସ୍ୱାଧୀନ ଭାବରେ ଜୀବନଯାପନ କରିବା ଇଚ୍ଛା ମନେ ଅନବରତ ସେଇ ଚିନ୍ତା କରିବାକୁ ଉତ୍ସାହ ଦେବାରେ ଲାଗିଲା । ଶ୍ୱଶୁର ଆସି 'ଡାକଣି' ସମ୍ମାନ ଦେଇଗଲେ । ବୋଉ ଖିରି, କାକରା ପିଠା କରି ଶ୍ୱଶୁରଙ୍କୁ ଖୁଆଇଲା । ଜରି ଧଡ଼ିଆ ଯଥା ପିନ୍ଧାଇ ବିଦାୟ କଲା । ସେଥିପାଇଁ ବାପା ରାଗିଯାଇ ଅନେକ କଟୁ ଗାଳି ଭର୍ତ୍ସନା ଦେଲେ । ଜୋଇଁ ଅର୍ଜନକ୍ଷମ ନ ହେଲେ ସେ ତାଙ୍କ ଝିଅକୁ କଦାପି ଛାଡ଼ିବେ ନାହିଁ ।

ବାପା ଯେ ଯଥାର୍ଥ କଥା କହୁଥିଲେ, ସେଥିରେ ମୋର ତରୁଣୀ ମନ ମାନିଲା ନାହିଁ । ବାପାଙ୍କୁ ପ୍ରତ୍ୟକ୍ଷରେ କୌଣସି କଥା କହିନାହିଁ । କିନ୍ତୁ ଧୀରେ ଧୀରେ ଇମିତି ଅବସ୍ଥା ହେଲା ଯେ ମୁଁ ବାପାଙ୍କ ସାମନାରେ ଆଉ ଠିଆ ହୋଇ ପାରିଲି ନାହିଁ । କେତେ ପ୍ରାର୍ଥନା, କାମନାରେ ଯତ୍ତ ଦେବତାଙ୍କୁ ଡାକିଥିଲି । ସେ କେବେ ମନ୍ଦ ହୋଇ ନ ପାରନ୍ତି । ଅର୍ଜନ କ୍ଷମ କଥା । ଜଗତରେ କେତେ ଗରିବ ଅଛନ୍ତି, ମୁଁ ମଧ୍ୟ ସେଇପରି ଜୀବନ ଯାପନ ନିର୍ବାହ କରିବି । ବାହାରେ ଅବାଧ ନହେଲେ ମଧ୍ୟ ଭିତରେ ଭିତରେ ଅବାଧତା ଜାଗ୍ରତ ହୋଇ ଉଠୁଥିଲା । ଅଧିକାଂଶ ସମୟରେ ମୁଁ ନିରୋଳା ସ୍ଥାନରେ ବସିବାକୁ ଭଲ ପାଉଥିଲି । ସେପରି ସ୍ଥାନ ଘର ଭିତରେ ଯଥେଷ୍ଟ, ବାରି ପାଖକୁ ଋଷିକୁଲ୍ୟା ନଦୀ ପାଉଛ ଉପରେ ବସି ପାଣି ଭିତରକୁ ଗୋଡ଼ ଲମ୍ବେଇ ରଖେ । କେତେବେଳେ ଅନ୍ୟମନସ୍କ ଅବସ୍ଥାରେ ଥିବା ବେଳେ ବଡ଼ ଧଣ୍ଡସାପ ଗୋଡ଼ ପାଖକୁ ଆସି ଯାଆନ୍ତି । ଚମକି ଉଠି ଘରକୁ ଚାଲିଯାଏ । ବର୍ଷା କାଳର ଗୋଳିଆ ପାଣିରେ ବଡ଼ ବଡ଼ ସାପ କୂଳରେ କୂଳରେ ସର ସର ହୋଇ ପହଁରୁଥାନ୍ତି । କଳ କଳ ଧ୍ୱନି କରି ଜଳଧାରା ଚାଲିଥାଏ । ନଦୀ ହୁଡ଼ା ଉପରେ ଆସିକାର ଦକ୍ଷିଣ ସାହି, ପୂର୍ବ ଦିଗରେ ଅଠର ଘରା ପୋଲ । ସେଇ ପାଖକୁ ମିଞ୍ଚିନ ସାହେବଙ୍କ ଚିନି ଫାକ୍ଟରି । ଆମ ନଦୀ ପାଉଛ ଉପରେ ଠିଆ ହୋଇ ଚାହିଁଲେ ଦିଶେ, ଚିନି ଫାକ୍ଟରିର ଧୂମ୍ର ବାହିମା ଉଚ୍ଚ ସ୍ତମ୍ଭ । ଇଂଲଣ୍ଡରୁ ଆସି ଆସିକାରେ ଚିନି ସ୍ଥାପନ କରି ଶହ ଶହ ଗରିବଙ୍କୁ ଚାକିରି ଯୋଗାଇ ଦେଇଥିଲେ ମିଞ୍ଚିନ୍ ସାହେବ । ଆସିକାର ଜନୈକ ମହାନ୍ତଙ୍କ କନ୍ୟାକୁ ସେ ବିବାହ କରିଥିଲେ । ମିଞ୍ଚିନ୍‌ଙ୍କର ତିନୋଟି ସନ୍ତାନ ମଧ୍ୟ ଜନ୍ମ ହୋଇଥିଲେ । ସନ୍ତାନ ଜନ୍ମ ହେବା ପୂର୍ବରୁ ସେ ତାଙ୍କ ସ୍ତ୍ରୀ ସୁନାଙ୍କୁ ଇଂଲଣ୍ଡ ନେଇ ଚାଲି ଯାଇଥିଲେ । ଭାରତ ଭୂମିରେ ସେମାନଙ୍କର ସନ୍ତାନଙ୍କୁ ଭୂମିଷ୍ଠ ହେବାକୁ ଦେଇ ନଥିଲେ । ସେମାନଙ୍କର ମମତା ଜନ୍ମସ୍ଥାନଠାରୁ ଜନ୍ମଭୂମି ପ୍ରତି ବେଶୀ ହୋଇଥିବ । ସୁନା ଓ ମିଞ୍ଚିନ୍‌ଙ୍କ ପ୍ରତିକୃତି ଆସିକା ଟାଉନ ହଲରେ ରହିଛି । ପିଲାଦିନେ ଚିନି କାରଖାନା ଦେଖିଯିବା ସମୟରେ ଶ୍ରୀମତୀ ମିଞ୍ଚିନ୍‌ଙ୍କୁ ଦେଖିଥିଲି ।

ନଦୀ କୂଳରେ ଘର । ପାଣି ଧାଡ଼ି ପର୍ଯ୍ୟନ୍ତ ଆମର ପାଉଛ । ଦୁଇ ପାଖର ପଡ଼ିଶା ଘର ବାଉଁଶ ଜଙ୍ଗଲ ପରି ବଡ଼ ବଡ଼ ଗଛରେ ଭରା । ବର୍ଷା ଦିନରେ ନଦୀ କୂଳକୁ ଗଲେ ଭୟ ଲାଗେ । ଆମ ଘରଠାରୁ ସେ ପାର୍ଶ୍ୱ ପଶ୍ଚିମ ଦିଗରେ ସୁନାମ୍ବ ସାହି । ସୁନାମ୍ବ ସାହିକୁ ଲାଗି ସୁବର୍ଣ୍ଣେଶ୍ୱର ମହାଦେବ ମନ୍ଦିର । ଏହିଠାରେ ୧୯୨୧ ରେ ମହାତ୍ମା ଗାନ୍ଧିଙ୍କ ଆଗମନ ଉପଲକ୍ଷେ ଗୋଟିଏ ବିରାଟ ସାଧାରଣ ସଭା ହୋଇଥିଲା । ହଜାର ହଜାର ଆବାଳ ବୃଦ୍ଧବନିତା ଗାନ୍ଧିଜୀଙ୍କ ଦର୍ଶନ ଲାଭ କରିଥିଲେ । କେବଳ ଆମ ଘରର ମୋଟା ପରଦା ଭିତରେ ଆମେ ମାଆ ଆଉ ଝିଅ ରହିଥିଲୁ । ଅବଶ୍ୟ ସେ ସମୟକୁ ମୋ ବୋଉର ଦୃଷ୍ଟି ବାହାର ଜଗତ ଆଡ଼କୁ ଟାଣିହୋଇ ଆସି ଧନ ସଞ୍ଚୟ ପାଖରେ ରହିଯାଇଥିଲା । ଲେଖିଛି ତ ୧୯୨୧ ବୋଲି କିମ୍ବା ୧୯୨୫ ହୋଇଥିବ ଠିକ୍ ସ୍ମରଣ ହେଉ ନାହିଁ । ଗାନ୍ଧିଜୀଙ୍କ ଦର୍ଶନ ଆଶା କରି ମୁଁ ସେଦିନ କେତେ କାନ୍ଦିଛି । ସେ ସମୟକୁ ମୋର ବୟସ ସତର କି ଅଠର ହୋଇଥିବ ।

ଜନ୍ମଦିନ ତ ପାଳନ କରାଯାଉ ନଥିଲା । କାରଣ, ଆମ ବାପାଙ୍କର ପିତାମହ ଅମଳରେ ବଡ଼

ବଡ଼ ହେଲେ ଗୋଟୁ (ଘରେ କେଉଁ ଝିଅର ପୁଅ ସନ୍ତାନର ଜନ୍ମଦିନରେ) ମରି ଯାଇଥିଲେ । ସୁତରାଂ, ସେଇ ଦିନଠାରୁ ଆଉ କୌଣସି ପୁଅଝିଅଙ୍କର ଜନ୍ମ-ଦିନ ଉତ୍ସବ ପାଳିତ ହେଉ ନଥିଲା । ଘରର ରୀତି ନୀତି ଅନୁଯାୟୀ ମୋ ବୋଉ ଆମର ଜନ୍ମ ଦିନରେ ପିଠା ପଣା ତିଆରି କରି ଷଷ୍ଠୀ ଦେବୀଙ୍କ ପୂଜା କରୁ ନଥିଲା । ମୋର ଜନ୍ମ ପତ୍ରୀ ବା କୋଷ୍ଠି ବିବାହ ସମୟରେ ଶ୍ୱଶୁରଙ୍କ ଘରକୁ ପଠାଇ ଦିଆ ଯାଇଥିଲା । ତାପରେ ମୋର ଜାତକ ଖଣ୍ଡିକ ଆଉ ମୋ ହାତକୁ ଆସିନାହିଁ । ତାର ସନ୍ଧାନ ମୁଁ କେବେ କରିନଥିଲି ।

ଜାତକ ଉପରେ ମୋ ବୋଉର ଦୃଢ଼ ବିଶ୍ୱାସ । ସେ ମୋର ଜାତକ ଖଣ୍ଡିକ ଆମ ପୁରୋହିତ ଅଗାଧୁ ଶତପଥିଙ୍କ ଦ୍ୱାରା କରାଇଥିଲା । ସେଇ ଜାତକ ଉପରେ ନିର୍ଭର କରି ମୋର ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ବର-ବଧୂଙ୍କ ରାଜଯୋଟକ ହୋଇଥିବା ପୁରୋହିତେ କହିବା ଶୁଣିଥିଲି । ସେପରି ଗୋଟିଏ ପଦାର୍ଥ ଜୀବନର ଯାତ୍ରା ପଥରେ ହଜିଗଲା । ସେଥିପାଇଁ ଆଜିଯାଏ ମନରେ କୌଣସି କ୍ଷୋଭ ଜନ୍ମିନଥିଲା । ବର୍ତ୍ତମାନ ଯାତ୍ରା ଅବସାନ ସମୟରେ ହଜିବା ଜିନିଷଟିକୁ ଖୋଜି ଦୁଃଖ ଅନୁଭବ କରୁଛି ।

ବର୍ତ୍ତମାନ ଏହିଠାରୁ ଜୀବନ ଇତିହାସର ଦ୍ୱିତୀୟ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ବାପାଙ୍କ ଇଚ୍ଛା ପ୍ରକାରେ ଯଦି ଯାତ୍ରା ପଥରେ ପାଦ ଦେଇଥାନ୍ତି, ହୁଏତ ଜୀବନର ଗତି ଅନ୍ୟ ପ୍ରକାର ହୋଇଥାନ୍ତା । ସମ୍ଭବତଃ, ମୁଁ ବିହାରରେ ନ ରହି ଓଡ଼ିଶାରେ ବାସ କରୁଥାନ୍ତି । ହୁଏତ ମୁଁ ବହୁ ସନ୍ତାନର ମା ହୋଇ ଜଗତ ସମ୍ବନ୍ଧରେ, ଜଗନ୍ନାଥଙ୍କ ସମ୍ବନ୍ଧରେ ଚିନ୍ତା କରି ପାରୁ ନଥାନ୍ତି । ଘରକୋଣ ହିଁ ମୋର ଆଶ୍ରୟ ହୋଇ-ଥାନ୍ତା । ସର୍ବଶକ୍ତିମାନ୍ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ନ କରି କେବଳ ଧନଧାନ୍ୟ ବିଷୟ ନେଇ ଧନ୍ଦି ହେଉଥାନ୍ତି । ବିଶ୍ୱକବି କହିଛନ୍ତି, "ଯାହା ଚାହିଁ ତାହା ପାଇ ନା, ଯାହା ପାଇ ତାହା ଚାହିଁନା" । ଚିନ୍ତା ମନୁଷ୍ୟ ହୃଦୟରେ ଚେତନା ଆଣିଦିଏ । ପିଲା-ଦିନେ ଚିଲ ଉଡ଼ିବା ଦେଖିଲେ ଆମେ କହୁ—"ଶଙ୍ଖଚିଲ ମହାବୀର ଧୋବ ଧାଉଳିଆ ପକ୍ଷୀ, ରାମଚନ୍ଦ୍ର କହିଛନ୍ତି ସୀତା ବଡ଼ ଦୁଃଖୀ ।" ରାମାୟଣ ପଢ଼ିବା ପରେ ରାମ ସୀତାଙ୍କ ବିଷୟ ନେଇ ମୁଁ ବଡ଼ ଗମ୍ଭୀର ଭାବରେ ଚିନ୍ତା କରୁଥିଲି । ସୀତା ଯେ ରାମଙ୍କୁ ହୃଦୟ ଦେଇ ପ୍ରେମ ଏବଂ ଭକ୍ତି କରୁଥିଲେ, ତାଙ୍କର ଆଦେଶରେ ସେ ଅଗ୍ନିରେ ଦହନ ହୋଇ ପୁଣି ବଞ୍ଚି ଉଠିଲେ । ସୀତା ଅଗ୍ନି ଭିତରେ ପ୍ରବେଶ କରିବା ପଢ଼ିବା ସମୟରେ ଓ ସେ କଥା ସ୍ମରଣ କରିବା ସମୟରେ ମୋ ଦେହଟା ଭୟରେ କଣ୍ଟକିତ ହୋଇଉଠେ । ମୋର ମନୁଷ୍ୟ ପ୍ରାଣ ରାମଙ୍କୁ ନିଷ୍ଠୁର ବ୍ୟକ୍ତି ବୋଲି ଚିହ୍ନଣ କରିବସେ । କିନ୍ତୁ ଏ ଭାବରେ ଚିନ୍ତା ନ କରିବାକୁ ବାଲ୍ମୀକି ଋଷି ଗୋଟିଏ ଉପାୟ ଖଞ୍ଜି ଦେଇଛନ୍ତି । ରାମ ଯେ ସ୍ୱୟଂ ବୈକୁଣ୍ଠର ବିଷ୍ଣୁ । ଦୁଷ୍ଟ ନିବାରଣ କରିବା ନିମନ୍ତେ ମର୍ତ୍ତ୍ୟରେ ଜନ୍ମ ହୋଇଥିଲେ । ପ୍ରଜା ମନୋରଞ୍ଜନ ନିମନ୍ତେ ପତ୍ନୀଙ୍କୁ ପରିତ୍ୟାଗ କରିଥିଲେ । ସୁତରାଂ; ଏଯୁଗରେ ଗାନ୍ଧିଜୀ ରାମଙ୍କୁ ଉଚନା କରିଥିଲେ, "ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମ" । ପତିତପାବନଙ୍କ ପାଦ ସ୍ପର୍ଶରେ ପଥରର ଅହଲ୍ୟା ନାରୀ ରୂପେ ଠିଆ ହେଲା । ବାଲ୍ମୀକି ମୁନିଙ୍କ କଳ୍ପନା ବଡ଼ ସୁନ୍ଦର ।

ନିଜ କଥା ଭାବୁ ଭାବୁ ପିଲାଦିନର ରାମାୟଣ କଥା କାହିଁକି ମନେ ପଡ଼ିଲା ? ଶଙ୍ଖଚିଲର ସ୍ୱତନ୍ତ୍ରତା କଅଣ ଅଛି ଭାବୁଥାଏ । ଶଙ୍ଖଚିଲର ପେଟ ପାଖଟା ଧଳା । ଶଙ୍ଖପରି ଦିଶେ । ସୀତା ନାମର ବ୍ୟକ୍ତି ନିଶ୍ଚୟ ଦୁଃଖୀ ହେବ ବୋଲି ମୋର ଧାରଣା ହୁଏ । ମୋ ନାଁଟା କାହିଁକି ସୀତା ହେଲା ବୋଲି ବୋଉକୁ ପଚାରେ । ସମୟେ ସମୟେ ମୋର ଜାତକ ଖଣ୍ଡିକ ବୋଉର ସିନ୍ଦୁକରୁ ଆଣି ଦେଖେ । ଜାତକ ନାମ ପଦ୍ମାବତୀ । ଜାତକ ଭିତରୁ ନାମ ବାହାରିଲା କିମିତି ? ପିଲା ମନରୁ କେତେ ପ୍ରଶ୍ନ ଉଠେ । ସୀତା ଅରଣ୍ୟରେ ନିର୍ବାସିତା ହୋଇଥିଲେ । ମୁଁ ମୋର ଭାଗ୍ୟ ବିଧାତାଙ୍କୁ ସ୍ମରଣ କରୁଛି ଓଡ଼ିଶା ଦେଶରୁ ଆସି ବିହାର ପ୍ରଦେଶର

ପାଟନାରେ ରହିଛୁ କାହିଁକି ? ସବୁ ପ୍ରକାର ସୁବିଧା ଉପଭୋଗ କରୁଥିଲେ ମଧ୍ୟ ଓଡ଼ିଶା ଦେଶ ଆଖି ଆଗରେ ଭାସି ଯାଉଛି । ଜନ୍ମସ୍ଥାନ ଅସିକାର ଛବି ଦିଶୁଛି ପ୍ରତିକ୍ଷଣରେ । ଦ୍ୱିତୀୟ ଅଧ୍ୟାୟ ଲେଖିବାକୁ ଦିବା ସମୟରେ ଏ କଥା ପୁଣି ଗାଇଯାଉଛି ।

ଶାଶୁଙ୍କ ଘରକୁ ଯାଇ ସବୁ ଦୁଃଖ ବିଷାଦ ଭୁଲିଗଲି । ନବବଧୂ ହୋଇ କେବଳ ବସି ବସି ଶୋଇ ଶୋଇ ଦିନ କଟି ଯାଉଥାଏ । ସେଇ ଶୋଇବା ଭିତରେ ମୁଁ ଗୋଟିଏ ଧ୍ୱନି ଶୁଣିବାକୁ ପାଏ । ନୂଆଁ ବୋହୂ ଖାଇ ପିଇ ଶୋଇବ । ପ୍ରଥମ ଥର କୌଣସି କାର୍ଯ୍ୟରେ ଲାଗିବ ନାହିଁ । ମୁଁ ସକାଳ ଭୋଜନ କରି ଶୋଇ ପଡ଼େ । ମୋ ଶ୍ୱଶୁର ତାଙ୍କର ହାଲ ବାଡ଼ି ଆଡ଼ୁ ବୁଲି ଆସି ନଦୀରେ ସ୍ନାନ କରି ଘରକୁ ଫେରନ୍ତି । ମୋର ଶୋଇବା ଘରକୁ ଲାଗି ଅଗଣା । ସେ ସେଇ ଅଗଣାରେ ବସି ଜପ ଆରମ୍ଭ କରନ୍ତି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଷ୍ଣୁ ସହସ୍ର ନାମଟି ଶେଷ କରି ଦେଇ ଉଠନ୍ତି । ଧ୍ୟାନ ମନ୍ତ୍ର ଆରମ୍ଭରେ ହିଁ ମୋର ନିଦ ଭାଙ୍ଗିଯାଏ । କି ସୁନ୍ଦର ମଧୁର ସ୍ୱରରେ, ପ୍ରତ୍ୟକ୍ଷରେ ନାମ ଧରି ଡାକିଲା ପରି ସେ ବହିଟିକୁ ମୋ ଶ୍ୱଶୁର ପଢ଼ନ୍ତି । 'ଶାନ୍ତାକାରଂ ଭୁଜଗ ଶୟନଂ ପଦ୍ମନାଭଂ ସୁରେଶଂ' । ଏଇ ପଦ ଗୁଡ଼ିକ ଇମିତି ସ୍ପଷ୍ଟ ଆଉ ଅଚଞ୍ଚଳ ଭାବରେ ଉଚ୍ଚାରିତ ହୁଏ ଯେ ପାଠକଙ୍କ ପ୍ରତି ମୋର ସ୍ୱତଃ ଗୋଟାଏ ଶ୍ରଦ୍ଧା ଜାଗ୍ରତ ହୋଇଉଠେ । ସତେ ଯେମିତି ଭଗବାନ୍ ବିଷ୍ଣୁ ସୁଦୂର ଗଗନରୁ ଓହ୍ଲାଇ ଆସିଛନ୍ତି । ତାଙ୍କରି ମୁହଁକୁ ଚାହିଁ ଦନ୍ତହୀନ ମୁଖ ଖୋଲି ଆଦର ଆହ୍ୱାନ କରୁଛନ୍ତି ଜଣେ ବୃଦ୍ଧ ବ୍ରାହ୍ମଣ । ଶ୍ୟାମଳ ବର୍ଣ୍ଣ କାହିଁକି କଳା ବର୍ଣ୍ଣ ବୋଲି କହିଲେ ଚଳିବ । ପରିଧେୟ ଖଣ୍ଡିଏ ଗାମୁଛା । ଆଉ ଖଣ୍ଡିଏ ଚଉଡା ହୋଇ ପଡ଼ିଥିବ କାନ୍ଧ ଉପରେ । ଯଜ୍ଞୋପବୀତଟି ମାଳ ପରି ରଖିଥାନ୍ତି । ଆଖିରେ ତୀବ୍ର ଦୃଷ୍ଟି । ଦେଖିଲେ ଭୟ ସମ୍ଭ୍ରମରେ ମଥା ନତ ହୋଇପଡ଼େ । ସେ ଘରେ ଶିକ୍ଷାସଂସ୍କୃତି ମୂଳକ ଚିନ୍ତାଧାରା କଳ କଳ ଧ୍ୱନି କରି ବହି ଯାଉଥିଲା ପରି ମୋର ମନେହୁଏ । ମୋ ସ୍ୱାମୀ ଥିଲେ ସମ୍ପୂର୍ଣ୍ଣ ସଂସାର ନିର୍ଲୋଭ ବୃତ୍ତିର ବ୍ୟକ୍ତି । ତାଙ୍କର ବଡ଼ ଭାଇଙ୍କୁ ଅନେକ ସମୟରୁ ପକ୍ଷାଘାତ ପରି ଗୋଟାଏ ପୀଡ଼ା ହୁଏ । ଦିନ ଗୋଟାପଣ ଅଳ୍ପ ସ୍ୱଳ୍ପ ଖାଇ କେବଳ ପଡ଼ିଥାନ୍ତି । ସେ ଘରକୁ ବଙ୍ଗଳା ଭାଷା କେଉଁ ପଥ ଦେଇ ଆସିଥିଲା, ଆଜି ପର୍ଯ୍ୟନ୍ତ ସେ କଥା ମୋ ସ୍ୱାମୀଙ୍କୁ ପଚାରି ନାହିଁ । ଦିନେ ଦେଖିଲି ବଡ଼ ଦେଢ଼ଶୁରଙ୍କ ଘରେ କବିରାଜ ଶିକ୍ଷା । କଲିକତାର କବିରାଜ ନଗେନ୍ଦ୍ରନାଥ ସେନଗୁପ୍ତଙ୍କ ଲେଖା ବହିଟି ଦେଖି ମୁଁ ବଡ଼ ଖୁସି ହୋଇ ଯାଇଥିଲି । ମୋର ବଙ୍ଗଳା ଭାଷାର ପଥ ପ୍ରଦର୍ଶକ ସେଇ କବିରାଜ ସେନଗୁପ୍ତ ।

ଆଗରୁ ଲେଖିଛି । ତ୍ରିଭାଷୀ ବହି ଖଣ୍ଡିକ ଶେଷ କରି ଭାଷାଜ୍ଞାନ ଅର୍ଜନ କରିବା ନିମନ୍ତେ ପ୍ରଥମ ପାଠ, କମ୍ବା ଉତ୍କଳର ମଧୁସୂଦନଙ୍କ ରଚନା ଶିଶୁବୋଧ, ବାଳବୋଧ, ସାହିତ୍ୟ-କୁସୁମ ପରି କୌଣସି ଖଣ୍ଡିଏ ବହି ଖୋଜି ହେଉ ହେଉ କବିରାଜ ସେନଗୁପ୍ତଙ୍କ ପାଚନ ଓ ମୁଷ୍ଟିଯୋଗ ବହିଟା ମୋ ଦୃଷ୍ଟିରେ ପଡ଼ିଗଲା । ବହିର ଅଧିକାରୀ ଥିଲେ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ । ବୋଉର ଗୋଟାଏ ବଡ଼ ଆଲମାରିରେ କେତେଗୁଡ଼ିଏ ବହି ଗୋଟାଏ କୋଣକୁ ପଡ଼ିଥାଏ । କେତେଗୁଡ଼ିଏ ମୂଷିକର ଉଚ୍ଛିଷ୍ଟ ହୋଇ ପଡ଼ିଥାନ୍ତି । ମୁଁ ସେ ଭିତରୁ ବାହାର କଲି "ପାଚନ ଓ ମୁଷ୍ଟିଯୋଗ" । "ପାଚନ ଓ ମୁଷ୍ଟିଯୋଗ" ବହିଟି ଦେଢ଼ଶୁରଙ୍କ ଠାରୁ କମ୍ବା ବୋଉଙ୍କ ଆଲମାରିରୁ ପ୍ରାପ୍ତ ହେଲା—ସ୍ପଷ୍ଟ ମନେ ହେଉନାହିଁ । ସେଇ ପାଖକୁ ଥିଲା ହିତୋପଦେଶ—"ମିତ୍ରଲାଭଃ ସୁହୃଦ୍‌ଭେଦୋ, ବିଗ୍ରହଃ ସନ୍ଧିରେବଚ" । ସେଥିରେ ଦେବନାଗରୀ ଅକ୍ଷରରେ ଶ୍ଳୋକଗୁଡ଼ିକ ଲେଖାଥିଲା । ଭାବାର୍ଥ ସଂସ୍କୃତ ଭାଷାରେ ଏବଂ ବଙ୍ଗଳା ଭାଷାରେ ମଧ୍ୟ ଥିଲା । ମୁଁ ସେ ହିତୋପଦେଶଟି ଦୁଇ ତିନି ଥର ପଢ଼ିସାରି ପାଚନ ଓ ମୁଷ୍ଟିଯୋଗ ଧରି ବସିଲି । ବୃହଦାକାର ପାଞ୍ଚ ଶହ ପୃଷ୍ଠାର ମୋଟା ବହି । ରୋଗର ନିଦାନ ଠାରୁ ଅରିଷ୍ଟ ଲକ୍ଷଣ, ଔଷଧ, ପାଚନ, ପଥ୍ୟ ବିଧାନ ପର୍ଯ୍ୟନ୍ତ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ବିସ୍ତୃତରେ ଲିପି-

ଥିଲି । ସେ ଗ୍ରନ୍ଥଟି ଦ୍ୱାରା ମୋର ଭାଷାଜ୍ଞାନ ହେବା ସଙ୍ଗେ ସଙ୍ଗେ ରୋଗ ଏବଂ ପାଚନ, ପଥ୍ୟ ସମ୍ବନ୍ଧରେ ଚିନ୍ତା କରିବାକୁ ସୁଯୋଗ ପାଇଗଲି । ଏତିକି ନ ହୋଇଥିଲେ ବୋଧହୁଏ ଏ ମୋର ବଙ୍ଗଳା ଭାଷା ରାଜ୍ୟର ଦ୍ୱାର ରୁଦ୍ଧ ହୋଇ ଯାଇଥାନ୍ତା । କିନ୍ତୁ ହେଲା ନାହିଁ । ମୁଁ ବଙ୍ଗଳା ଭାଷାର ଗଳ୍ପ ଉପନ୍ୟାସ, କାବ୍ୟ କବିତା ପଢ଼ିବାକୁ ନ ପାଇ ପାଚନ ଓ ମୁଷ୍ଟିଯୋଗ ପରେ 'କବିରାଜ ଶିକ୍ଷା' ଗ୍ରନ୍ଥ ପଢ଼ିବାକୁ ପାଇଲି । ଏଥିରୁ ଭାଷାଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ସମାଜର ରୋଗର କାରଣ ଏବଂ ଆରୋଗ୍ୟର ଉପାୟ ଜାଣିଲି ।

ମନୁଷ୍ୟର ମନ ଯେଉଁପରି ପରିବର୍ତ୍ତନଶୀଳ ତା'ର ଶରୀରର ଅବସ୍ଥା ମଧ୍ୟ ସେହିପରି ରୋଗ ପୀଡ଼ା ଦ୍ୱାରା ପରିବର୍ତ୍ତିତ ହୋଇଥାଏ । ମୋର ଏ ଲେଖା ଲେଖୁ ଲେଖୁ ପ୍ରଥମେ ଯାହା ଲେଖିବା କଥା ତାହା ରହିଯାଉଛି । ପୁନରୁକ୍ତ ହୋଇ ସେଇ କଥା ଲେଖି ହୋଇ ଯାଉଛି ସ୍ୱତଃ । 'କବିରାଜ ଶିକ୍ଷା'ଟି କେବେ କେମିତି ମୋ ହାତକୁ ଆସିଲା, ସେ କଥା ଲେଖିବାକୁ ପୁଣି ଦୂର ଅତୀତକୁ ଯିବାକୁ ହେଉଛି । ମୋ ବଡ଼ ଭାଇ ବ୍ରହ୍ମପୁର କଲେଜରେ ପଢୁଥିଲେ । ଏଫ୍. ଏ. ଦ୍ୱିତୀୟ ବର୍ଷ ବେଳକୁ ଅସୁସ୍ଥ ହୋଇ ଘରକୁ ଆସିଲେ । ବାପା ତ କାହାରି ଦୁଃଖ ସୁଖ ସହିତ ଜଡ଼ିତ ହୋଇ ସହଜ ଭାବରେ ଦୁଃଖ ସହ୍ୟ କରିବା ବ୍ୟକ୍ତି ନଥିଲେ । ବୋଉର ଦୁଃଖ ହେଲା, ପୁଅ ପଢା ଛାଡ଼ି ଘରକୁ ଚାଲି ଆସିଲା ବୋଲି । ବାପାଙ୍କୁ ବୁଝେଇ କହିବା ଭାର ବୋଉ ନେଇ ପାରୁ ନଥିଲା । ସେ ସମୟକୁ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଆମ୍ଭୋ ସଂସ୍କୃତ ସ୍କୁଲର ପ୍ରଧାନ ଶିକ୍ଷକ । ଆୟୁର୍ବେଦରେ ସେ ଥିଲେ ମହାପଣ୍ଡିତ । କିନ୍ତୁ ଚିକିତ୍ସା କରନ୍ତି ଅତ୍ୟନ୍ତ ତୀବ୍ର ଔଷଧ ଦେଇ । ଭାଇଙ୍କର ରୋଗଟାକୁ ବହୁମୂତ୍ର ବୋଲି ନିଦାନ କରି ଚୂର୍ଣ୍ଣ ଗୋଟାଏ ପ୍ରସ୍ତୁତ କଲେ । ସେ ଔଷଧ ଖାଇ ରାତି ଦଶଟାକୁ ମୋ ଭାଇ ବଡ଼ ଛଟପଟ ହେଲେ । ମୂର୍ଚ୍ଛା ମୂର୍ଚ୍ଛାଳ ହେଲା, ବାନ୍ତି

ଆସିଲା, ଇମିତି ଏକାଧିକ ଉପଦ୍ରବ ସମୟରେ ମୁଁ ପାଚନ ଓ ମୁଷ୍ଟିଯୋଗ ବହି ଦେଖି କେତେକ ବିଷନାଶକ ପ୍ରତିକାର ବ୍ୟବହାର କରିବାକୁ ପ୍ରୟାସ କରିଥିଲି । ସେଦିନ ସେ 'ଚୂର୍ଣ୍ଣ'ର ନାମ ଏବଂ ସେଥିରେ ମିଶ୍ରଣ ହେବା ଦ୍ରବ୍ୟଗୁଡ଼ିକର ନାମ ଜଣା-ଥିଲା । ସେଥିକି ଦେଖି ଘର ଭିତର ଅଗଣାରେ ଭାଇଙ୍କୁ ଶୁଆଇ ଝଞ୍ଜା ସିଞ୍ଚା କରି ରାତି ଗୋଟାକଯାକ ପାଖରେ ବସି ରହିଥିଲି । ସେଦିନଠାରୁ ଭାଇ ଆଉ କୌଣସି ବୈଦ୍ୟ କିମ୍ବା ଡାକ୍ତରଙ୍କଠାରୁ ଚିକିତ୍ସା ନପାଇ ନିଜେ ନିଜେ ଚିକିତ୍ସା କରିବସିଲେ ।

ମୁଁ ବଙ୍ଗଳା କେମିତି ଜାଣିଲି ବୋଲି ଭାଇ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେ ସମୟକୁ ମୋର ବୟସ ଚଉଦ ବର୍ଷ ହୋଇଥିବ । ଭାଇଙ୍କର ସ୍ନେହ ସୁଧା ପାନ କରି ମୋର ମନ-ପ୍ରାଣ ଭାବପୂର୍ଣ୍ଣ ହୋଇ ଉଠିଲା ଦିନକୁ ଦିନ । ଔଷଧ ପଥ୍ୟଦ୍ୱାରା ଭାଇଙ୍କ ସ୍ୱାସ୍ଥ୍ୟ ଧୀରେ ଧୀରେ ବଦଳିବାକୁ ଲାଗିଲା । 'ପାଚନ ମୁଷ୍ଟି-ଯୋଗ'ରେ ସେନଗୁପ୍ତଙ୍କ ରଚନାଗୁଡ଼ିକର ବିଜ୍ଞାପନ ଦେଖି ଆମେ ସେ ସବୁ ଗ୍ରନ୍ଥ ମଗାଇ ଆଣିଲୁ । କବିରାଜ ଶିକ୍ଷା କହିରୁ ବହୁ ବିଷୟ ଅବଗତ ହୋଇପାରିଥିଲି । 'ଚରକ ସଂହିତା' 'ଦ୍ରବ୍ୟଗୁଣ ଶିକ୍ଷା' ଆଉ କେତୋଟି ଗ୍ରନ୍ଥ ଆସିଥିଲା । ଦୁଃଖର କଥା, ସେଗୁଡ଼ିକର ନାମ ସ୍ମରଣ କରି ପାରୁନାହିଁ । ସେ ସମୟରେ ଯଦି ରବୀନ୍ଦ୍ର ସାହିତ୍ୟର ପରିଚୟ ପାଇଥାନ୍ତି ଜୀବନଟା ପରିପୂର୍ଣ୍ଣ ହୋଇଯାଇଥାନ୍ତା । ପନ୍ଦର ବର୍ଷ ବୟସରେ ମୋ ଦେହରେ ଯେଉଁ ଶକ୍ତି ଥିଲା, ସେତେବେଳେ ଯଦି ଏଇ 'ଜୀବନସ୍ମୃତି' ଲେଖିଥାନ୍ତି କେତେ ବେଗରେ ଲେଖିଥାନ୍ତି । କିନ୍ତୁ ଲେଖିଥାଆନ୍ତି କଅଣ ? ସେ ସମୟକୁ ଯେ ମୁଁ ସୁଖ ସାଗରରେ ସନ୍ତରଣ କରୁଥିଲି । ଦୁଃଖ ଦେବତା ତ ସେଦିନ ଇମିତି ପରିପୂର୍ଣ୍ଣ ହୋଇ ଦେଖା ଦେଇ ନଥିଲେ । ଏ ଗଭୀର ଦୁଃଖ ସାଗର ସନ୍ତରଣ କରିବାକୁ ଦୁଃଖ ଦେବତା ହିଁ ପ୍ରତିକ୍ଷଣରେ ଶକ୍ତି ଦେଉଛନ୍ତି । ଦୁଃଖଟାକୁ ଆନନ୍ଦ ଅମୃତ ବୋଲି ଘୋଟି ଘାଟି ଗଳାଧଃକରଣ କରିଚାଲିଛି । ଦୁଃଖ

ଅନୁଭୂତ ଭାବରେ ଅନୁଭବ କରୁଛି ସେହି ଅମୃତମୟୀଙ୍କ ସ୍ପର୍ଶ । ନିଜେ ଉଠିଲେ ମୋର ହୃଦୟ ଭରିଉଠେ ସେହି ଉଷାକାନ୍ତି ଆସି ବସି ଯାଉଛନ୍ତି । ମୁଁ ତାଙ୍କୁ ଦେଖୁଛି । ସେ ଯେ ମୂକଙ୍କୁ ବାଚାଳ କରନ୍ତି, ପଙ୍ଗୁଦ୍ୱାରା ପର୍ବତ ଲଙ୍ଘନ କରାନ୍ତି, ଏଥିରୁ ଗଭୀର କୃପା ମୋ ଉପରେ ସେହି କରୁଣାମୟୀଙ୍କର । ମୁଁ ସେ କଥା କ୍ଷଣେ ମଧ୍ୟ ଭୁଲି ପାରୁ ନାହିଁ । ପିତା ମାତା ଜନ୍ମ ଦେଇଥିଲେ । ଗୁରୁଙ୍କ କୃପାରୁ ମନୁଷ୍ୟ ଶ୍ରେଣୀରେ ଗଣ୍ୟ ହୋଇଗଲି ବୋଲି ମୋର ପ୍ରତ୍ୟୟ ମନେ କରୁଛି ।

ଉତ୍କଳ ସାହିତ୍ୟ ରାଜ୍ୟରେ ପ୍ରବେଶ କରିବାକୁ ମତେ କେତେକ ବନ୍ଧୁ ପଥ ପ୍ରଦର୍ଶନ କରାଇଥିଲେ । ବଙ୍ଗ ସାହିତ୍ୟ ସହିତ ମୋତେ କିନ୍ତୁ ପରିଚିତ କରାଇ-ଥିଲେ ମୋର ସ୍ୱାମୀ । ମୋର ପ୍ରଥମ ଅଧ୍ୟୟନ ବଙ୍କିମ ଚନ୍ଦ୍ର ଗ୍ରନ୍ଥାବଳୀ । ସେ ଗ୍ରନ୍ଥ ଖଣ୍ଡିକ ସ୍ୱାମୀ ହିଁ କଟକରୁ ପଠାଇ ଦେଇଥିଲେ । ସେ ସମୟକୁ ମୁଁ ନୂଆବୋହୂ ହୋଇ ଶାଶୁଘରକୁ ଯାଇ ଆମଘର ଆସିବାକୁ ଫେରି ଆସିଥିଲି ବୋଧହୁଏ । ସ୍ମରଣ ହେଉ ନାହିଁ । 'ବଙ୍କିମ ଗ୍ରନ୍ଥାବଳୀ' ମୁଁ ବହୁବାର ପଢ଼ିଛି । ତଥାପି ସେ ଭିତରୁ ମୁଁ ସେ ପ୍ରଦେଶର ସାମାଜିକ ରୀତି ନୀତି ସ୍ପଷ୍ଟ କରି ବୁଝିପାରି ନ ଥିଲି । ଔପନ୍ୟାସିକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଉପନ୍ୟାସର ଭାଷା ଓଜସ୍ୱିନୀ । ସେଥିରେ ଗାଉଁଲି ବା ସାଧାରଣ ଘରୋଇ ଭାଷା ସ୍ଥାନ ନାହିଁ । ତେଣୁ ମୋର ପ୍ରଥମ ଉପନ୍ୟାସ ପଢ଼ାରେ କୌଣସି ବାଧା ଘଟି ନଥିଲା । ତାପରେ ମୁଁ 'ଦାମୋଦର ଗ୍ରନ୍ଥାବଳୀ,' ତା ପରେ ପରେ ଶତ ସଂଖ୍ୟକ କାହିଁକି ସହସ୍ର ସଂଖ୍ୟକ ଗ୍ରନ୍ଥ ପଢ଼ିଛି । ମୋ ପୁଅ ଜନ୍ମ ହେବାପରେ ମୁଁ ନାନା ପ୍ରକାର ରୋଗରେ ପୀଡ଼ିତ ହୋଇପଡ଼ିଲି । ସେ ସମୟରେ କେବଳ ଉପନ୍ୟାସ ନାଟକ ପଢ଼ି ବଞ୍ଚି ରହିଥିଲି ।

ଏକଥା କହିବା ପୂର୍ବର ମୁଖ୍ୟ ବିଷୟଟି କହିବା କଥା, କିନ୍ତୁ ମୋର ଇମିତ ଦୁର୍ଦ୍ଦଶା ଯେ ପୂର୍ବର କଥା ଛାଡ଼ି ଲେଖିବା ଅଭ୍ୟାସ ହେଲାଣି । ମୋର ଏଠି ଲେଖିବା କଥା—ମୁଁ କୁ ଆସିବାରେ ଜନ୍ମ ହେଲି । ମୋର ଭଉଣୀ ଗୋପାଳପୁର ଗାଆଁର ଘରେ ରହୁଥିଲେ । ବୁଝି ଆସିବା ଆସିଲା କିମିତି ? ଜାଣୁନାହିଁ ଲାଗି ନଷ୍ଟ କର ! ମୋତେ ସେ ତାଙ୍କର ଶାଶୁ ଘରୁ ଛାଡ଼ି ନେଇ ଆସି ଏଇଠି ଛାଡ଼ିଦେଲେ । ଏଠି ମୁଁ ତାଙ୍କର ଲୀଳା ଖେଳା ଦେଖୁଛି । ସାଧାରଣ ଭାବରେ ସଂସାର ଯାତ୍ରା ନିର୍ବାହ କରୁଥିଲେ ମୁଁ ଏ ଗ୍ରନ୍ଥରେ ସତୁରି ବର୍ଷ ବୟସରେ ପକ୍ଷାଘାତ ବା ପାରାଲିସିସ୍ ରୋଗରୁ ଅର୍ଦ୍ଧମୁକ୍ତ ହୋଇ ଲେଖିବାକୁ ବସି ନଥାନ୍ତି । ରୋଗ ଆଉ ରୋଗମୁକ୍ତ ଏ ଦୁଇଟିଙ୍କର ମଧ୍ୟବର୍ତ୍ତୀ ହୋଇ ରହିଛି ମୃତ୍ୟୁ । ସମ୍ପୂର୍ଣ୍ଣ ଗୋଟିଏ କାଳ, ତାକୁ ଡାକିଲି, ସେ ମୋତେ ଆସିବାର ନିର୍ଦ୍ଦିଷ୍ଟ ସମୟ ଦେଲା । ସେ କଥା ସତ୍ୟ ବୋଲି ବିଶ୍ୱାସ କରି ମୁଁ ମରଣକୁ ଅପେକ୍ଷାକରି ରହିଥିଲି । ସେ ଆଉ ଆସିଲା ନାହିଁ । ମୋତେ ସେ ଠକି ଦେଇ ରହିଗଲା । ଯଦି ବଞ୍ଚିଥାଏ ତେବେ ମୋର ରୋଗ ସମ୍ବନ୍ଧୀୟ ଘଟଣାଟି କହିବି ।

ଯେଉଁଠୁ ଛାଡ଼ିଦେଇଥିଲି ତା ପୂର୍ବର କଥା ପାଖକୁ ବର୍ତ୍ତମାନ ଯାଉଛି ।

ସ୍ୱାମୀ ମୋର ବି. ଏସ୍. ସି. ପଢ଼ୁଥିଲେ । ଆଜିର ସମୟରେ ପୁରୁଷଙ୍କୁ କୋଡ଼ିଏ ବର୍ଷ ବୟସ ହେଲେ ସୁଦ୍ଧା ସେ ଯୁବକ ହୋଇ ରହୁଛି । କୋଡ଼ିଏ ହେଲେ ମଧ୍ୟ ବିବାହର ବୟସ ଉତ୍ତୀର୍ଣ୍ଣ ହୋଇଗଲା ବୋଲି କେହି କହୁନାହିଁ । କିନ୍ତୁ ଷାଠିଏ ବର୍ଷ ପୂର୍ବେ ଅଠର ବର୍ଷ ବୟସରେ ବିବାହ କଲେ ମଧ୍ୟ ବୟସ ବଳିଗଲା ବୋଲି କହୁଥିଲେ । ସେକାଳେ ବ୍ରାହ୍ମଣ ଘର କନ୍ୟା ଦଶବର୍ଷ ବୟସ ହୋଇ ଯିବାପରେ ବିବାହ ନ ହୋଇ ଥିଲେ ତାକୁ ସମୁଦ୍ରକୁ ଫିଙ୍ଗି ଦେବା ପ୍ରସ୍ତାବ ମଧ୍ୟ ହୁଏ । ଆଠ ନଅ ବର୍ଷର ଝିଅକୁ ଚଉଦ ପନ୍ଦର ବର୍ଷର ପୁଅ ବିବାହ କରେ । ଗୋଟିଏ ହିସାବରୁ ସେ ବ୍ୟବସ୍ଥା ଭଲ ଥିଲା । ଏକଥା ମୁଁ ଜଣେ ଏ ସମୟର ବିଦ୍ୱାନ୍ ବ୍ୟକ୍ତିଙ୍କଠାରୁ ଶୁଣିଛି । ସେ ଥିଲେ ରେଭେନ୍ସା କଲେଜର ଓଡ଼ିଆ ଅଧ୍ୟାପକ । ମୁଁ କଟକ ଆସିଥିଲି, ଉତ୍କଳଙ୍କ ସାଙ୍ଗରେ । ନିଶ୍ଚିତ

ଉତ୍କଳ ପଣ୍ଡିତ ସମ୍ମିଳନୀ ଦେଖିବା ଉଦ୍ଦେଶ୍ୟ ଥିଲା ମନ ଭିତରେ । ଭାଇ ଆପଣା କାର୍ଯ୍ୟରେ ଲାଗିଲେ, ଭାଉଜ ତାଙ୍କର ବନ୍ଧୁଘରକୁ ଦେଖିଗଲେ । ମୁଁ ଗଲି ପଣ୍ଡିତ ସମ୍ମିଳନୀ ଦେଖି । ଆନ୍ଧ୍ର ପ୍ରଦେଶର ଜଣେ ଓଡ଼ିଆ ମହାରାଜା ବିକ୍ରମଦେବ ବର୍ମାଙ୍କୁ ଦେଖିବା ଇଚ୍ଛାଥିଲା । ସେ ମହାଶୟ ମୋ ବାପାଙ୍କର ଜଣେ ବନ୍ଧୁ ଥିଲେ । ଅବଶ୍ୟ ବାପା ମତେ ଏକଥା କେବେ କହି ନଥିଲେ । ତାଙ୍କର ଚିଠି ପତ୍ରରୁ, ଅନ୍ୟମାନଙ୍କ ସହିତ କଥାବାର୍ତ୍ତା ହେବାଶୁଣି ଏ ବିଷୟଟି ମୁଁ ଜାଣିଥିଲି । ସ୍ୱର୍ଗତ ମହାରାଜା ବିକ୍ରମଦେବ ବର୍ମା ଜଣେ ଉଦାରମନା ବ୍ୟକ୍ତି ବୋଲି ଶୁଣିଥିଲି । ମୋର କନ୍ୟା କମଳା ମାଟ୍ରିକ୍ ପରୀକ୍ଷା ଦେବା ସମୟରେ ସେ ମହାଶୟଙ୍କୁ ଜଣାଇବାରୁ ପରୀକ୍ଷା ନିମନ୍ତେ ଅନୁମତି ପତ୍ର ସୁପାରିଶ କରିଥିଲେ । ବହୁ ଓଡ଼ିଆଙ୍କୁ ସେ ତାଙ୍କର ଯଥାସାଧ୍ୟ ସାହାଯ୍ୟ କରୁଥିଲେ । କେତେ କବିଙ୍କର କାବ୍ୟ ପ୍ରକାଶ କରାଇ ଦେଇଛନ୍ତି । ସେ ସ୍ୱୟଂ ଜଣେ କବି । ତାହାଙ୍କର ରଚନା କୌଣସି ସୁଯୋଗରେ ପଢ଼ିଥିବା ମୋର ମନେହେଉଛି । ଗ୍ରନ୍ଥାକାରରେ ପଢ଼ିଥିଲି କି କୌଣସି ପତ୍ରିକାରେ ପଢ଼ିଥିଲି, ସ୍ମରଣ ହେଉନାହିଁ । ପଣ୍ଡିତ ସଭାର ସେଦିନ ସେ ସଭାପତି ହୋଇଥିଲେ । ସଂସ୍କୃତ କଲେଜର ଛାତ୍ରମାନେ କେତେକ ଶ୍ଳୋକାନ୍ତ କବିତା ଆବୃତ୍ତି କଲେ । ଆଜି ସୁଦ୍ଧା ସେଦିନର ସେ ଦୃଶ୍ୟଟି ଆଖି ଆଗରେ ଭାସିଯାଉଛି । ବିଦ୍ୟା ଓ ବିଦ୍ୱାନ୍ ବ୍ୟକ୍ତିମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଭକ୍ତି ରହିଥିଲା, ରହିଛି । ଶେଷ ପର୍ଯ୍ୟନ୍ତ ଏଇ ଭାବଟିକି ଭଗବାନ୍ ମତେ ଦେଇଥାନ୍ତୁ । ପଣ୍ଡିତ ମଣ୍ଡଳୀ ସଂସ୍କୃତ ଭାଷାର ଗୁଣ, ଗୌରବ ଏବଂ ସେ ଭାଷାର କାବ୍ୟାଦିରୁ ବହୁ ବିଷୟ ଜଣେ ଜଣେ ସଭା ମଣ୍ଡପରେ ଦଣ୍ଡାୟମାନ ହୋଇ କହିଲେ । ଶେଷରେ ସଭାପତି ଉଠିବା ଆଗରୁ ମତେ ମଧ୍ୟ ଡାକିଲେ । ସ୍ମରଣ ହେଉଛି । ଆମ ଗଞ୍ଜାମର ଘୁମୁସର ତାଲୁକାରେ ଷଡ଼ଙ୍ଗିପଲ୍ଲୀ ବୋଲି ଗୋଟିଏ ବ୍ରାହ୍ମଣ ଶାସନ ଅଛି । ସେଇ ଗ୍ରାମରେ ପଣ୍ଡିତ ଚନ୍ଦ୍ରଶେଖର ବ୍ରହ୍ମା ଜନ୍ମ ହୋଇଥିଲେ । ସେ ଅଞ୍ଚଳରେ ତାଙ୍କର ସମସାମୟିକ ତାଙ୍କପରି କେହି ହେଲେ ସଂସ୍କୃତ ଏବଂ ବେଦାଦି ଅଧ୍ୟୟନ କରି ନଥିଲେ । ତାଙ୍କର ବିଦ୍ୱାନ୍ ପୁତ୍ର ଗୌରୀକୁମାର ବ୍ରହ୍ମା ଯେଉଁ ମହାଶୟ ଓଡ଼ିଶାରେ ଆପଣାର ବିଦ୍ୟା ବୁଦ୍ଧି ଏବଂ ସୁଲଳିତ କଣ୍ଠର ଭାଷଣ ନିମନ୍ତେ ସୁପରିଚିତ, ସେ ଆସି ମତେ ଦର୍ଶକ ଆସନରୁ ଡାକି ନେଲେ, ଯାହାହେଉ, ଦୁଇପଦ କହିବାକୁ । ସଂସ୍କୃତ ଭାଷା ସମ୍ବନ୍ଧରେ ମୁଁ କଅଣ କହିବି କିଛି ସ୍ଥିର କରି ପାରିଲି ନାହିଁ । ସାହସ କରି ଚଉକିରୁ ଉଠି ମଞ୍ଚ ଉପରକୁ ଗଲି । ମୁଁ ସେଠି କଅଣ କହିଥିଲି ଠିକ୍ ସ୍ମରଣ ହେଉନାହିଁ, ତେବେ ବିଷୟର ସାରାଂଶ ଥିଲା, ସଂସ୍କୃତ ଭାଷାପ୍ରତି ମୋର ଗଭୀର ଅନୁରାଗ ଏବଂ ସଂସ୍କୃତ ଭାଷାବିଦ୍‌ମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା ଭକ୍ତି । ମହାରାଜା ମତେ ଦେଖି ଗୌରୀକୁମାରଙ୍କୁ ମୋକଥା ପଚାରିଥିଲେ । ଗୌରୀକୁମାର ଆସି ମତେ କହିଲେ, ମହାରାଜା ମତେ ଚିହ୍ନିଲେ । ତାହାଙ୍କ ସହିତ ସାକ୍ଷାତ କରିବାକୁ ଅନୁମତି ଦେଇଥାନ୍ତେ, କିନ୍ତୁ ସମୟ ଅଭାବରୁ ଦେଖା ସାକ୍ଷାତ ହୋଇ ପାରିଲା ନାହିଁ । ମହାରାଜା ରାଜବଂଶରେ ଜନ୍ମ ହୋଇଥିଲେ ମଧ୍ୟ ରାଜକୀୟ ଜୀବନ କଟାଉ ନଥିଲେ । ସଭାରେ ବିକ୍ରମଦେବ ବର୍ମାଙ୍କୁ ମୁଁ ଯେଉଁ ବେଶରେ ଦେଖିଲି, ସେଥିରୁ ଜାଣିଲି ସେ ସାରା ଜୀବନ ସାଧାରଣରୁ ସାଧାରଣତର ଅବସ୍ଥାରେ ରହିଥିଲେ ।

ମୁଁ ଜାଣେ ମହାରାଜ ବିକ୍ରମଦେବ ବର୍ମା ମୋ ବାପାଙ୍କର ଜଣେ ବନ୍ଧୁଥିଲେ । ଏଭଳି ରୁଷିପ୍ରାଣ ବ୍ୟକ୍ତିଙ୍କ ସହିତ ମୋର ଯଦି ଘନିଷ୍ଠ ପରିଚୟ ଘଟି ପାରିଥାନ୍ତା, କି ମହା ଉପକାର ମୁଁ ପାଇଥାନ୍ତି । ସେଦିନ ପଣ୍ଡିତ ସମ୍ମିଳନୀ ପରେ ଯଦି ପ୍ରୟାସ କରିଥାନ୍ତି, ସେ ମହାଶୟଙ୍କ ସାକ୍ଷାତ ପାଇ କଥାବାର୍ତ୍ତା କରିଥାନ୍ତି, ତାପରେ କୋଡ଼ିଏ ବର୍ଷରୁ ଅଧିକ କାଳ ଅତୀତ ଗର୍ଭରେ ଲୀନ ହୋଇଗଲାଣି ତଥାପି ସେଇ ଭଗ୍ନମନୋରଥର କଥା ମେଘଭରା ଆକାଶରେ ବିଜୁଳି ଚମକ ପରି ସ୍ମରଣ ପଥକୁ ଆସିଯାଉଛି ।

ଆସିକାରେ କନ୍ୟା ସନ୍ତାନ ରୂପେ ଜନ୍ମହୋଇ ଆସିକାଠାରୁ ଆହୁରି ଭିତରକୁ ସୋରଡ଼ା ଗାଁକୁ

ବଧୂରୂପେ ଯାଇଥିଲି । ମୋ ପିତା ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ଶିକ୍ଷା, ସଂସ୍କାରର ପରିସ୍ଥିତି ଆମ ଘରେ ସୃଷ୍ଟି ହୋଇପାରି ନଥିଲା । ଗୋପାଳପୁର ଶାସନରେ ଦୁଇଟି ବ୍ରାହ୍ମଣ ପରିବାର । ଅନ୍ୟମାନେ ଶୁଦ୍ର ଜାତିର । ତଳ-ସାହିରେ ସେମାନଙ୍କର ନିବାସ । ଉପର ସାହିରେ ଖାଡ଼ଙ୍ଗା ବଂଶର ଦୁଇଭାଇ । ଦକ୍ଷିଣ ଦିଗରେ ଅନ୍ୟ ଘରଭାଇ, ଉତ୍ତର ଦିଗରେ ଏମାନଙ୍କର ପିତାମହମାନେ ଦୁଇଭାଇ ଥିଲେ ବୋଧହୁଏ । ପଶ୍ଚିମ ପାର୍ଶ୍ୱରେ ଦଣ୍ଡପାଣି ଦାସ । ତାଙ୍କର ଅନ୍ୟ ଭାଇମାନେ ଗ୍ରାମର ମୁଖ୍ୟ ବ୍ୟକ୍ତି ଭାବରେ ସମ୍ମାନ ପାଉଥିଲେ । ଦଣ୍ଡପାଣି ଦାସ ମୋ ସ୍ୱାମୀଙ୍କ ବଡ଼ଭାଇଙ୍କ ବୟସର ବ୍ୟକ୍ତି । ସେ ଅଞ୍ଚଳର ଯେତେ ଛୋଟ ଛୋଟ ଗ୍ରାମ ଥିଲା, ସେ ଭିତରେ ଶାସନ ଗାଁ ଶ୍ରେଷ୍ଠସ୍ଥାନ ପାଇଥିଲା । ଦଣ୍ଡପାଣି ଦାସ ମହାଶୟ ମୋ ବିବାହର ଘଟସୂତ୍ର ଥିଲେ । ବଙ୍ଗ ଭାଷାରେ ଏହି ଯୋଗାଯୋଗ ସ୍ଥାପନକାରୀମାନଙ୍କୁ 'ଘଟକ' କହନ୍ତି । ଦାସଙ୍କର ଜ୍ୟେଷ୍ଠପୁତ୍ର ସେ ସମୟକୁ କଟକରେ ବି. ଏ. ପଢୁଥିଲେ । ଦଣ୍ଡପାଣି ଦାସଙ୍କ ସହିତ ସ୍ୱାମୀଙ୍କ ମଝିଆ ଭାଇ ସବୁବେଳେ ଆସନ୍ତି । ଦାସ ମହାଶୟଙ୍କର ସ୍ୱଭାବ କୋର୍ଟ କଚେରୀ କଥା ଯେଉଁମାନେ ଜାଣୁଥିଲେ, ସେମାନଙ୍କୁ କୌଣସି ମତେ ଲାଭର କଥା ବୁଝେଇ କହି ମାମଲା ମକଦ୍ଦମା ସହିତ ଜଡ଼ିତ କରାଇ ଦେଉଥିଲେ । ସ୍ୱାମୀଙ୍କ ଭାଇ ମଧ୍ୟ ସେଇ କାର୍ଯ୍ୟ କରିବା ଶିଖୁଥିଲେ ବୋଧହୁଏ । ଓକିଲ ମଉକିଲ ସମ୍ବନ୍ଧରୁ ପୁବ ପରିବାରଙ୍କ କଥା କେବେ ଆଲୋଚନାକୁ ଆସିଥିବ । ଜଣେ ଗ୍ରାମବାସୀ ସାଧାରଣ ଭାବରେ ନିମ୍ନ ମଧ୍ୟବିତ୍ତ ହୋଇ ଗୋଟିଏ ପୁଅକୁ ଉଚ୍ଚ-ଶିକ୍ଷା ଦେଇ ପାରିଛନ୍ତି । ଏଇ ଦୃଷ୍ଟିରୁ ସେଇ ଗାଁର ଗୋଟିଏ ପୁତ୍ର ସହିତ ଆପଣା କନ୍ୟାର ବିବାହ ଦେଲେ ହୁଏତ ଭଲ ହୋଇପାରେ । ଏକଥା ବାପା କେବେ ଦିନେ ଖାଇବା ସମୟରେ ବୋଉକୁ କହିବା ସ୍ମରଣ ହେଉଛି । ସେଦିନ ମୁଁ ସେଇଠେଇ ଘରଆଡ଼େ ଥିଲି । ବୋଧହୁଏ କଥାର ଆରମ୍ଭଟା ଶୁଣି ନଥିଲି, ଶେଷର ପଦେ ଦୁଇପଦ ଶୁଣି ବିଷୟଟାକୁ ବୁଝିଗଲି । ମୋ ବୋଉ ଅକୂଳ ସିନ୍ଧୁରେ କୂଳ ପାଇଗଲା ସେଦିନ ।

ଦୈବାନୁଗ୍ରହରୁ କନ୍ୟା ମନୁଷ୍ୟର ଇଚ୍ଛାଶକ୍ତିରୁ ଶାସନ ଗାଁର ପୁଅ, ଆସିକା ନିବାସୀଙ୍କର ଝିଅ ଏକତ୍ର ହୋଇ ଗଲେ ।

ସ୍ୱାମୀଙ୍କର ବାପ ଭାଇ ଭାବିଥିଲେ ପୁଅ ତାଙ୍କର ମାଜିଷ୍ଟ୍ରେଟ ହେବ । ସାଧାରଣ ଭାଷାରେ ମେଷ୍ଟ୍ରି ବୋଲି ଗଞ୍ଜାମ ଅଞ୍ଚଳରେ କହନ୍ତି । ସେମାନେ ଆଶା କରିଥିଲେ ଯୋରଡ଼ାର ତହସିଲଦାରଙ୍କ ପରି ପୁଅ ତାଙ୍କର ହୁକୁମ କରିବେ । ମୋ ବାପା ମଧ୍ୟ ଭାବିଥିଲେ ତାଙ୍କ କୋଇଁ ତାଙ୍କର ଉତ୍ତରାଧିକାରୀ ସୂତ୍ରରେ ଓକିଲ ହୋଇ ଟଙ୍କା ରୋଜଗାର କରି ଦେବେ । ସେପକ୍ଷରେ ବାପା, ଭାଇ ଆର୍ଟସ୍ ଏବଂ ସାଇନ୍‌ସର ପ୍ରଭେଦ ଜାଣିନଥିବେ, କିନ୍ତୁ ମୋ ବାପା ମଧ୍ୟ ବି. ଏସ୍. ସି. ପଢ଼ି ଓକିଲାତି ପଢ଼ିବେ ବୋଲି କିପରି ପରାମର୍ଶ ଦେଲେ ! ଅବଶ୍ୟ ବି. ଏସ୍. ସି. ପରେ ଓକିଲାତି ଅନେକେ ଅଧ୍ୟୟନ କରୁଛନ୍ତି ।

ସେ ଯାହାହେଉ, ପଣ୍ଡିତ ସମ୍ପ୍ରତି ଲଙ୍କାରୁ ଫେରିଲା-ବେଳେ ଅଧ୍ୟାପକ କରୁଣାକର କରଙ୍କ ସାକ୍ଷାତ ହେଲା । ସେଦିନ ରାତି ଟିକିଏ ଅଧିକ ହୋଇ ଯାଇଥିବାରୁ ପରଦିନ ଆମେ ରହିଥିବା ବସାକୁ ଆସିବା ନିମନ୍ତେ ଆମନ୍ତ୍ରଣ କଲି । ସେ ସହାଶୟ ସସ୍ନେହ ଭାବରେ ହଁ ସ୍ୱୀକୃତି ଦେଲେ । ଏ ଘଟଣା ବର୍ତ୍ତମାନକୁ ପ୍ରାୟ ପଚାଶ ବର୍ଷ ହେଲାଣି । ସେ ସମୟରେ କଲେଜ ନିକଟରେ ହିଁ ଡାକ ବଙ୍ଗଳାଟା ଥିଲା । ପଣ୍ଡିତ ମହାଶୟ ମଧ୍ୟାହ୍ନ ବେଳକୁ ଆସିଲେ । ସେଦିନ ମଧ୍ୟ ଭାଉଜ ତାଙ୍କର ବାହିଣୀ ଘରକୁ ଯାଇଥିଲେ । ମୁଁ ଆଗନ୍ତୁକଙ୍କ ଆଗମନ ଅପେକ୍ଷାରେ ଥିଲି ।

ବର୍ତ୍ତମାନ ମନେପଡ଼ୁଛି ସାହିତ୍ୟ ସମ୍ବନ୍ଧରେ କେତେକ କଥା ଆଲୋଚନା ପରେ ବାଲ୍ୟ ବିବାହ ସମ୍ବନ୍ଧରେ ମୁଁ ପଚାରିଥିଲି । ସେ କହିଥିଲେ, ବାଲ୍ୟବିବାହ ଦ୍ୱାରା ଦାମ୍ପତ୍ୟ ଜୀବନ ସୁଖ ଏବଂ ଶାନ୍ତିରେ ଅତିବାହିତ ହୁଏ । ସ୍ଥାନ ବିଶେଷରେ ସୁଖ, ଶାନ୍ତିମୟ ହୋଇପାରେ, ସର୍ବତ୍ର ନୁହେଁ ବୋଲି ମୁଁ ଟିକିଏ ସହଜ ଭାବରେ ହିଁ ତର୍କ କରିଥିଲି । ଝିଅ, ପୁଅ ଉଭୟ ପକ୍ଷର ବିବାହ ପରେ ସାତ କି ଆଠ ବର୍ଷ କାଳ ଦୁଇ

ପକ୍ଷର ବାପ ମାଆଙ୍କ ଭିତରେ ହିଁ ବୈବାହିକ ସମ୍ବନ୍ଧ ରହୁଥାଏ । କାଳର ଗତିରେ ଆମ ଗଞ୍ଜାମ ଜିଲ୍ଲା ପରି ଅନୁନ୍ନତ ଜିଲ୍ଲାର ସ୍ତ୍ରୀ ସମାଜ ଭିତରେ ମଧ୍ୟ ଆଉ ବାଲ୍ୟ ବିବାହ ଚଳୁନାହିଁ । ପାତ୍ର ଅଭାବରେ ମାଆମାନେ ଆଉ ଆଖିର ଲୁହ ପୋଛୁ ନାହାଁନ୍ତି କି ବାଳିକା କନ୍ୟା ରଜୋବତୀ ହେବାମାତ୍ରେ ସମୁଦ୍ରରେ ପଡ଼ିଯିବା ବିଭୀଷିକା ଦେଖୁନାହିଁ । ସୁତରାଂ ଶ୍ରୀ କରୁଣାକର କର ମହାଶୟ ହସି ହସି ଯେତେ ତର୍କକଲେ ମଧ୍ୟ ମୁଁ ତାହାଙ୍କ ସହିତ ବାଲ୍ୟ ବିବାହ ଭଲ ବୋଲି ଏକମତ ହୋଇ ପାରିନଥିଲି ।

ମୋ ସମୟକୁ ବାଲ୍ୟ ବିବାହ ପ୍ରଥା ନ ଥିଲେ, ମୋ ଜୀବନ ଯାତ୍ରାଟା ହୁଏତ ଅନ୍ୟ ପ୍ରକାର ହୋଇଥାନ୍ତା । ବର୍ତ୍ତମାନ ବୟସ ହେଲେ ଜାଣି, ଶୁଣି, ବୁଝି, ବିଚାରି ସ୍ତ୍ରୀ ପୁରୁଷ ଉଭୟେ ଉଭୟଙ୍କର ମତ ମତାନ୍ତର ପ୍ରତି ଅବହିତ ହୋଇ ବିବାହ କରୁଛନ୍ତି । ତେବେ ମଧ୍ୟ ସମସ୍ତେ ଏକାନ୍ତ ଶାନ୍ତିରେ ଜୀବନ ଯାତ୍ରା ନିର୍ବାହ କରୁଛନ୍ତି, ତାହା କହିହେବ ନାହିଁ । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ସ୍ୱତନ୍ତ୍ର । ଜଣକ ପରି ଅନ୍ୟ ଜଣେ କେବେ ହୋଇପାରେ ନାହିଁ । ବାଲ୍ୟ ବିବାହ, ତରୁଣ ବିବାହ, ବୟସ୍କ, ଏପରି କି ବୃଦ୍ଧ ବିବାହରେ ମଧ୍ୟ ନାରୀପୁରୁଷ ପରସ୍ପର ପ୍ରତି ସହଯୋଗ, ସମବେଦନା ସୃଷ୍ଟି କରିବାକୁ ପଡୁଛି । ସଂସାର ଯାତ୍ରା ନିର୍ବାହ କରି ସ୍ୱାମୀ ସ୍ତ୍ରୀ ଦୁହେଁ ଦୁହିଁଙ୍କୁ ଜାଣିଛନ୍ତି ବୋଲି ଭାବିବାପରେ ମଧ୍ୟ ଦୁହିଁଙ୍କ ଭିତରେ ଦାରୁଣ ବିଚ୍ଛେଦ ଘଟିଯାଉଛି । ଏସବୁ ଘଟୁଥିଲେ ମଧ୍ୟ ବାଲ୍ୟ ବିବାହ ପ୍ରଥା ସବୁଠୁ ନିକୃଷ୍ଟ ବୋଲି ମୋର ଧାରଣା । ସେଇ ହେତୁରୁ ମୁଁ ସେଦିନ ଅଧ୍ୟାପକ କରୁଣାକର କର ମହାଶୟଙ୍କ ସହିତ ବାଲ୍ୟ ବିବାହ ଭଲ ନୁହେଁ ବୋଲି ତର୍କ କରିଥିଲି । ଏବେ ମନେ ପଡୁଛି, କଥା ହେଲା ବେଳେ ସେ ଯେ ଜଣେ ଅଧ୍ୟାପକ, ବିଦ୍ୱାନବ୍ୟକ୍ତି, ଅଧ୍ୟୟନ ଏବଂ ଜ୍ଞାନ ଅନୁଭୂତିରେ ତାଙ୍କ ସହିତ ମୋର କୌଣସି ତୁଳନା ନାହିଁ, ସେ କଥା ଚିନ୍ତାକରି ନ ଥିଲି । ସେ ଯେତେବେଳେ ମୋ ପାଖରୁ ଉଠିବା ଉଦ୍ୟମ କଲେ, ମୁଁ ତାଙ୍କୁ କହିଥିଲି, ଆଜିର ଏହି ସାକ୍ଷାତ କହିବା ଘଟଣା ମୋ ଜୀବନ କଥା ଭିତରେ କ୍ଷୁଦ୍ର ହେଲେ ମଧ୍ୟ ଗୋଟିଏ ଅଧ୍ୟାୟ ହୋଇ ରହିଯିବ । ସେଦିନ ମୁଁ ଭାବି ନ ଥିଲି ମୋର ଏ ବୟସରେ ଆପଣା ଜୀବନର ଇତିହାସ ଲେଖି ବସିବି ।

ପରମାତ୍ମା ପରମପିତାଙ୍କ ଅପାର କରୁଣା ବଳରେ ମୁଁ ଆଜି ଲେଖନୀ ଧରିବାକୁ ଶକ୍ତି ପାଇଛି । ଏ ଶକ୍ତି କେତେ ଘାତ ପ୍ରତିଘାତ ପାଇ କ୍ଷୟ ବୃଦ୍ଧି ହୋଇ ହୋଇ ଏ ପର୍ଯ୍ୟନ୍ତ ଆସିଛି, ସେ କଥାର ଆରମ୍ଭଟା ନ କହିଲେ ନ ଚଳେ । କିନ୍ତୁ କଥାଟା କିମିତି କରି ଆରମ୍ଭ କରିବାକୁ ହେବ, ସେଥିପାଇଁ ମୁଁ ନିର୍ଦ୍ଦେଶ ପାଇପାରୁ ନାହିଁ । ମୋ ବୋଉ ମତେ ଜନ୍ମ ଦେଇ-ଥିଲା, ଆଉ ମୁଁ ଯେତେବେଳେ ଶୈଶବ ପାରହୋଇ ବାଲ୍ୟ ଅବସ୍ଥାକୁ ଆସିଲି ସେତେବେଳେ ସେ ମୋତେ ଠିକ୍ ତାହାରି ପରି ଗୋଟିଏ ଉତ୍ତମ ପ୍ରକୃତିର ଗୃହିଣୀ ହେବା ପାଇଁ ଶିକ୍ଷା ଦେଉଥିଲା । ମୁଁ ବାଲ୍ୟକାଳ ଅତିକ୍ରମ କରି କୈଶୋର କାଳରୁ ହିଁ ଆପଣାକୁ ଆପେ ଗଢ଼ିବାକୁ ବସିଲି । ସେଥିରେ ସେ ବିରକ୍ତ ହେଉଥିଲା, କିନ୍ତୁ ମୋର ଅପରାଧ ଖୋଜି ପାଉନଥିଲା । ମୋର ଆଜି ଭାବନା ହେଉଛି ମୁଁ ଠିକ୍ ମୋ ବୋଉ ପରି ସାଧାରଣ ସ୍ତ୍ରୀ ଲୋକଟିଏ ନ ହୋଇ ଧୀରେ ଧୀରେ ହୋଇଉଠିଲି ଜଣେ ଅଦ୍ଭୁତ ପ୍ରକୃତିର ବ୍ୟକ୍ତି । ମନୁଷ୍ୟ ନିତ ପ୍ରତିକ୍ଷଣରେ ଅପରାଧ କରି ଅନୁତାପ ଅନଳରେ ଦଗ୍ଧ ହୋଇ ନବ ଜୀବନ, ନବୀନ ଜ୍ଞାନ ପ୍ରାପ୍ତ ହୋଇ ଥାଏ । ମୋର ଧାରଣା ହୁଏ, ଅତି ସାମାନ୍ୟ ବିଷୟ ନେଇ କେବେ କାହା ସହିତ ଯୁକ୍ତି ତର୍କ ହୋଇଗଲେ, ମୁଁ ବିଷଣ୍ଣ ହୋଇପଡେ । ସେଇ ଦୁଃଖ ଆଣିଦିଏ ଗଭୀର ଆନନ୍ଦ ।

ବର୍ତ୍ତମାନ କହିବା କଥା ଆଗ କହିଦିଏ । ଏହା ଭିତରେ ଊଣେଇଶିଟା ବର୍ଷ କେଡେ ବେଗରେ ଖରସ୍ରୋତା ନଦୀ ପରି ଅଜ୍ଞାତ ସିନ୍ଧୁ ଭିତରକୁ ବହିଯାଇଛି, ସେ କଥା ଭାବିଲେ ମନ, ପ୍ରାଣ ବିସ୍ମୟ-ବିହ୍ୱଳ ହୋଇ ଉଠୁଛି । ଲେଖୁ ଲେଖୁ ମନେପଡ଼ୁଛି, ଭକ୍ତକବି ମଧୁସୂଦନଙ୍କ 'ଜୀବନ-ଚିନ୍ତା' କାବ୍ୟ । "ହେ ଆତ୍ମନ୍ ନିଦ୍ରା ପରି ହରି ଫେଡ଼ି ଚିନ୍ତାରେ ଲୋଚନ କର କର ନିରୀକ୍ଷଣ ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି" ।

ଏଇ କେତେବର୍ଷ ପୂର୍ବେ 'ଜୀବନ ଭାନ୍ତା' ମତେ ଇମିତି ନିବଡ଼ ବେଦନା ଭରରେ ଅବନତ କରିପାରି ନଥିଲା । ବର୍ତ୍ତମାନ ତା'ର ପ୍ରତ୍ୟେକ ଶ୍ଳୋକରୁ ଶାନ୍ତି ସୁଧା ଆହରଣକରି ଅନିର୍ବଚନୀୟ ଆନନ୍ଦ ଅନୁଭବ କରୁଛି । ଏ ଅନୁଭୂତି କମିତି ଆସିଲା କହିବା ଆବଶ୍ୟକ ହେଉଛି । ମୋ ସ୍ୱାମୀ ମାନ୍ଦ୍ରାଜରୁ ଓକିଲାତି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଘରକୁ ଫେରି ଆସିଲେ । ଧନ ଉପାର୍ଜନ କରିବା ଉଦ୍ଦେଶ୍ୟରେ ପାଠ ଯେତେବେଳେ ପଢ଼ିଥିଲେ, ସେତେବେଳେ କୌଣସି ଗୋଟାଏ ଚାକିରିରେ ନିଯୁକ୍ତ ହେବାକୁ ହିଁ ହେବ । ସୁତରାଂ ବହୁ ପ୍ରୟାସ ପରେ ବ୍ରହ୍ମପୁର ଖଲିକୋଟ କଲେଜରେ ଫୋର୍ଥଫାରମ୍‌ର ଶିକ୍ଷକ ହେଲେ । ସେଥି ସଙ୍ଗେ ସେ ଆଇ. ଏ. ର ଓଡ଼ିଆ ଛାତ୍ରଙ୍କୁ ଓଡ଼ିଆ ପଢ଼ାଉଥିଲେ । ସେଠାରେ ସେ ଗୋଟିଏ ବର୍ଷ ରହିଥିଲେ । ତା'ପର ବର୍ଷ ସୋରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଲେ । ବ୍ରହ୍ମପୁରରେ ସ୍ୱାମୀଙ୍କ ସହିତ ଗୋଟିଏ ବର୍ଷ ଭିତରେ ଆଠ ନଅମାସ ରହିଥିବି । ସେ ସମୟକୁ ମୋ ଝିଅକୁ ଦେଢ଼ ବର୍ଷ ହୋଇଥିବ । ଦରୋଟି ବଚନ କହୁଥାଏ । ଖ୍ରୀଷ୍ଟିଆନପଡ଼ାରେ ବସା । ଏପାଖରେ ବ୍ରଜାନନ୍ଦ ମହାନ୍ତି । ସେପାଖରେ ମନେହେଉଛି, ନାମ ତାଙ୍କର ଆହ୍ଲାଦ ସାହୁ । ବ୍ରଜାନନ୍ଦ ମହାନ୍ତିଙ୍କ ବଡ଼ ଭାଇ ପ୍ରେମାନନ୍ଦ ମହାନ୍ତି, କଲିକତାରେ ଅଧ୍ୟାପକ ହୋଇଥାନ୍ତି । ଛୁଟିହେଲେ ବ୍ରହ୍ମପୁର ଆସନ୍ତି । ମିସେସ୍ ପ୍ରେମାନନ୍ଦ ମହାନ୍ତି ସୁନ୍ଦରୀ । ତାଙ୍କ ଫ୍ୟାସନର ଦୁରନ୍ତତା ଦୂରରୁ ଦେଖିଥାଏ । ଆପଣାର ଅତି ସାଧାରଣ ବସନ ଭୂଷଣ ଆଡ଼କୁ ଦୃଷ୍ଟିଦେଇ ମିସେସ୍ ମହାନ୍ତିଙ୍କ ଆଡ଼କୁ ଅଗ୍ରସର ହୁଏନାହିଁ । ବ୍ରଜାନନ୍ଦ-ମହାନ୍ତିଙ୍କ ଭଉଣୀ ଡାକ ନାମ ଟୁଟୁ । ଲିଖିତ ନାମ ସରଳା । ବଡ଼ ସରଳ, ଶାନ୍ତ-ଶିଷ୍ଟ ସ୍ୱଭାବର ଝିଅଟିଏ । ବିଦ୍ୟାରେ ଟ୍ରେନିଂର ଡିଗ୍ରୀ ନଥିଲା କି ଅଧ୍ୟୟନ ମଧ୍ୟ ବେଶି ନଥିଲା । ବେଶଭୂଷା, ଘର ସାଜସଜ୍ଜାରେ ପାରଦର୍ଶିନୀ । ଘର ସଜେଇବା କାର୍ଯ୍ୟରେ ମୁଁ ଥିଲି ଅତ୍ୟନ୍ତ ଅପଟୁ ଏବଂ ଅଜ୍ଞ । ମୋର ବାନ୍ଧବୀ ସରଳା କେଶ ବନ୍ଧନରେ, ନୂତନ ଧରଣର ପରିଚ୍ଛଦ ପ୍ରସ୍ତୁତରେ ଗୃହ ସାଜସଜ୍ଜା କାର୍ଯ୍ୟରେ ସୁଦକ୍ଷା ଥିଲେ । ସେ ମତେ ଏ ସମସ୍ତ ବିଷୟରେ କେତେକ ଶିକ୍ଷା ଦେଉଥିଲେ । ମୁଁ ତ ଏକାନ୍ତ ଭାବରେ ନିଜ ଉପରେ ନିର୍ଭର କରି ମଫସଲ୍‌ରୁ ଆସିଥିଲି । ପ୍ରଥମ କରି ଘରକୋଣରୁ ବାହାରି, ବ୍ରହ୍ମପୁରଟାକୁ ଦେଖି ସେଇଟା ହିଁ ବିଶ୍ୱ ବ୍ରହ୍ମାଣ୍ଡ ବୋଲି ମନେକରି ନେଲି । ଟୁଟୁ ଆଉ ତାଙ୍କ ପରିବାରର ସ୍ତ୍ରୀ ବ୍ୟକ୍ତିଗୁଡ଼ିକ ମୋ ଦୃଷ୍ଟିରେ ଥିଲେ ସ୍ୱର୍ଗର ଅପ୍ସରୀ ।

ସ୍ୱର୍ଗୀୟ ଶ୍ରୀ ଲାଲ ମୋହନ ପଟ୍ଟନାୟକ ସ୍ୱାଧୀନତା ପରେ ପ୍ରଥମ ମହତାବ ମନ୍ତ୍ରିମଣ୍ଡଳ ସମୟରେ ଥିଲେ ସ୍ପିକର ବା ବାଚସ୍ପତି । ଆମେମାନେ ଯେଉଁ ସମୟରେ ବ୍ରହ୍ମପୁରରେ ଥିଲୁ, ସେ ସେସମୟରେ ଓକିଲାତି କରୁଥିଲେ । ଲାଲ ମୋହନ ବାବୁ ଓକିଲ ହିସାବରେ ନାମ କରିଥିଲେ । ତାଙ୍କର ସେ କର୍ମଧାରା ଯଦି ସେଇଭାବରେ ହିଁ ଗତିକରିଥାନ୍ତା, ତେବେ ତାଙ୍କର ଯଶସୌରଭ ଦେଶର ସର୍ବତ୍ର ପ୍ରସାର ଲାଭ-କରିଥାନ୍ତା । କଟକ ନିବାସୀ ସ୍ୱନାମଧନ୍ୟ ସୁଦାମ-ଚରଣ ନାୟକ ଥିଲେ, ତାଙ୍କର ଶ୍ୱଶୁର । ସୁଦାମ ବାବୁଙ୍କ ବଡ଼ ଝିଅ ଲାଲମୋହନଙ୍କ ଧର୍ମପତ୍ନୀ ଶ୍ରୀମତୀ ହେମମାଳୀ ଦେବୀ ଜଣେ ଲେଖିକା ଥିଲେ । ନାରୀ-ମଣ୍ଡଳୀଦ୍ୱାରା ସେ ସମୟରେ ଗୋଟିଏ ମାସିକ ପତ୍ରିକା କେତେବର୍ଷ ନିମନ୍ତେ ପ୍ରକାଶ ପାଉଥିଲା । ପ୍ରାୟ ଷାଠିଏ ବର୍ଷ ତଳ କଥା, ସେ ପତ୍ରିକାର ନାମ "ଶିକ୍ଷା ଦର୍ପଣ" ଥିଲା । ତାପରେ "ପରିଚାରିକା" ନାମ ଗ୍ରହଣ କରି ଆଉ କେତେକାଳ ନାରୀ-ଜଗତରେ ଚଳପ୍ରଚଳ ହେଲା । ସେ ପତ୍ରିକାଟିରେ କେତୋଟି କବିତା ପ୍ରକାଶ ପାଇଥିଲା । ପ୍ରାୟ ସବୁଗୁଡ଼ିକ ନାରୀ ହାତର ଲେଖା । ଧାରାବାହିକ ଦୁଇଟି ଉପନ୍ୟାସ ମଧ୍ୟ ପ୍ରକାଶ ପାଉଥିଲା । ସେ ଉପନ୍ୟାସର ଆଦର୍ଶରେ ମୁଁ ଗୋଟିଏ ଉପନ୍ୟାସ ଲେଖିଥିଲି । ସେଥିର ସମ୍ପାଦିକା ଥିଲେ ବସନ୍ତ କୁମାରୀ ଦେଈ । କେତେବେଳେ ସେ ପତ୍ରିକାର ନାମଟି ସ୍ମୃତିରୁ ଲୋପ ପାଇଗଲା । ମନେ ପଡ଼ିଲା । ସ୍ୱନାମ ଧନ୍ୟ, ପୁରୀର ଜଗବନ୍ଧୁ ସିଂହ 'ଗୃହଲକ୍ଷ୍ମୀ' ନାମକ ପତ୍ରିକା ଗୋଟାଏ ପ୍ରକାଶ କରୁଥାନ୍ତି । ସେ ପତ୍ରିକାଟିର ଆକାର

ପ୍ରକାର ଅଦ୍ୟାବଧି ମୋର ସ୍ମରଣପଥରେ ରହିଛି । ସୁଦାମ ଚରଣ ନାୟକଙ୍କ କନ୍ୟା ହେମମାଳୀ, ମୁଁ ବ୍ରହ୍ମପୁରରେ ଥିବା ସମୟରେ ସେ ମଧ୍ୟ ବ୍ରହ୍ମପୁରରେ ରହିଥିଲେ । ବ୍ରଜାନନ୍ଦ ମହାନ୍ତି, ଲାଲ ମୋହନ ପଟ୍ଟନାୟକଙ୍କ ଭିତରେ ବନ୍ଧୁତା ଥିଲା ନିବିଡ଼ । ଉଭୟ ପରିବାର ଭିତରେ ଯିବା ଆସିବା ମାସରେ ପନ୍ଦର ଦିନ ଘଟେ । ଝୁନୁ ମତେ ଡାକି ନେଇ ଶ୍ରୀମତୀ ପଟ୍ଟନାୟକଙ୍କ ସହିତ ପରିଚୟ କରାଇ ଦେଇଥିଲେ । ସେଇ ଦିନଠାରୁ ସେ ମତେ ଯେଉଁଠି ଦେଖୁଥିଲେ, ଅତି ସ୍ନେହରେ କଥା ହେଉଥିଲେ । ମୁଁ ବ୍ରହ୍ମପୁରରେ ଥିବା ସମୟରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ସମ୍ବନ୍ଧରେ ମତ ସଂଗ୍ରହ କରିବାକୁ ସାଇମନ୍ କମିଶନ୍ ଆସିଥିଲେ । ଶ୍ରୀମତୀ ପଟ୍ଟନାୟକ ଝୁନୁକୁ ପଠାଇ ମତେ ଡାକିଲେ । ମୁଁ ତ ସେ ସମୟକୁ ଘର କୋଣର ବୋହୂ ହୋଇ ରହିଥିଲି । କଅଣ କହିବାକୁ ହେବ ଚିନ୍ତା କରି ନ ପାରି ନିଜର ଅପାରଗ ପଣ ଝୁନୁ ଆଗରେ କହିଲି । ସେଇ ସମୟଠାରୁ ମୋର ସାଧାରଣ ଜ୍ଞାନ ସଚେତ ହୋଇ ଉଠିଥିଲା । ସେଦିନ ସେ କମିଶନ୍ ସଭାରେ ଯୋଗ ନ ଦେବା ଦୁଃଖ ଏବେ ମଧ୍ୟ ମତେ ଥରେ ଥରେ ବ୍ୟଥିତ କରୁଛି ।

ମନେ ପଡ଼ୁଛି ୧୯୨୧ରେ ଅସହଯୋଗ ଆରମ୍ଭ ହୋଇଥିଲା । ସେ ସମୟକୁ ବ୍ରହ୍ମପୁରରୁ ଶଶିଭୂଷଣ ରଥଙ୍କ ସମ୍ପାଦନାରେ "ଦୈନିକ ଆଶା" ପ୍ରକାଶ ପାଉଥିଲା । ଦୈନିକ ଆଶାଦ୍ୱାରା ବହୁ ସାକ୍ଷର ବ୍ୟକ୍ତି ସାଧାରଣ ଜ୍ଞାନ ଲାଭକରିବାକୁ ସମର୍ଥ ହୋଇ ପାରିଥିଲେ । ସେଇପରି ନିରକ୍ଷର ବ୍ୟକ୍ତି ସ୍ୱାକ୍ଷର ହେବାକୁ ପ୍ରୟାସ କରିଥିଲେ । ଜନ-ସମାଜର ଜାତୀୟ ଚେତନା 'ଦୈନିକ ଆଶା'ଦ୍ୱାରା ଜାଗ୍ରତ ହୋଇ ଉଠିଥିଲା । ସମ୍ବାଦ ପତ୍ରର ମହତ୍ତ୍ୱ ଏ ସମୟରେ ଅନୁଭବ କରିପାରୁଥିଲି ।

ବ୍ରହ୍ମପୁରର ସେ ଭଡ଼ାଘର ଖଣ୍ଡିକ, ଯେଉଁ ଘରେ କେବଳ ନଅଟି ମାସ ରହିଥିଲି, ବହୁକାଳ ରହିବ ବୋଲି କଳ୍ପନା କରିଥିଲି, କିନ୍ତୁ ବ୍ରହ୍ମପୁରରେ ରହିବାକୁ ସ୍ୱାମୀଙ୍କର ଇଚ୍ଛା ହେଲାନାହିଁ । ଗ୍ରୀଷ୍ମ ଛୁଟି ପରେ ସେ ସୋରଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇ ରହିଲେ । ଏ ବ୍ୟବସ୍ଥାରେ ଶ୍ୱଶୁରଙ୍କର ସମସ୍ତେ ଖୁସି ହେଲେ । ମୁଁ ଜଣେ କେବଳ ଅସୁଖୀ ହୋଇ ଅଶାନ୍ତିରେ କାଳ କଟାଇବାକୁ ଲାଗିଲି । ବର୍ଷାକାଳଟା କାର୍ତ୍ତିକ ମାସ ପର୍ଯ୍ୟନ୍ତ ଦୁଃଖେ ସୁଖେ କଟିଗଲା । ନିଜ ସ୍ୱାମୀଙ୍କର ଓ ଦୁଇ ବର୍ଷର ଝିଅଟିର ସେବା, ପୁଣି ଘରର ସମସ୍ତ ଶ୍ରେଷେଇ ବାସ ପର୍ବପର୍ବାଣୀ କରିକରି ମୁଁ ଟିକିଏ କ୍ଳାନ୍ତ ହୋଇ ପଡ଼ିଲି । ମାର୍ଗଶୀର ମାସର ସବୁଟି ଗୁରୁବାରରେ ଲକ୍ଷ୍ମୀଙ୍କ ପୂଜାପର୍ବ । ମଙ୍ଗଳବାରଠାରୁ ଘର ଲିପା, ପୋଛା, ଧୁଆ । ଗୁରୁବାର ପୂର୍ବ ରାତି ପହରରେ ଥିବ ସ୍ନାନ କରି ଆସି ଦୁଆର ମୁହଁରେ ଦୀପ ଜାଳି ପୂଜାର ପ୍ରଥମ ପର୍ବ ପାଳନ କରିବାକୁ ହୁଏ । ସୋରଡ଼ା ପରି ପାହାଡ଼ିଆ ଅଞ୍ଚଳରେ କାର୍ତ୍ତିକ ମାସରୁ ହିଁ ଶୀତ ପବନ ହୁ ହୁ ହୋଇ ବହିଆସେ । ମାର୍ଗଶୀର ମାସର ଜାଡ଼ରେ ହାଡ଼ ଦୋହଲିଯାଏ । ଆଜିର ଯୁଗରେ କେତେ ରକମର ଉଲ ତିଆରି ପରିଚ୍ଛଦ ପରି-ଧାନ କରିବାକୁ ମିଳୁଛି । ସେ ସମୟରେ ଅଞ୍ଚଳଟାକୁ ଟାଣି ଘୋଡ଼େଇ ହୋଇ ଶୀତ ନିବାରଣ କରୁଥିଲୁ । ବ୍ରହ୍ମପୁର ଦୋକାନରୁ ସ୍ୱାମୀ ମହାଶୟ ଶାଲ ଖଣ୍ଡିଏ କିଣି ଆଣି ଦେଇଥିଲେ । ଗମ୍ଭୀର ଚକୋଲେଟ୍ ରଙ୍ଗ, ଚାରି ଧଡ଼ିଟା ଫୁଲ ପକ୍ଷରେ ବଡ଼ ସୁନ୍ଦର ହୋଇଥିଲା । ବହୁ ବର୍ଷ ପର୍ଯ୍ୟନ୍ତ ମୁଁ ସେଇ ଖଣ୍ଡିକ ବ୍ୟବହାର କରିଥିଲି । ସେ ଶାଲର ପ୍ରତ୍ୟେକ ଫୁଲ ପକ୍ଷଟିରେ ବ୍ରହ୍ମପୁରର ସ୍ମୃତି ଜଡ଼ିତ ହୋଇ ରହିଥିଲା ।

ଆମେ ବ୍ରହ୍ମପୁରରେ ରହିବା ସମୟ ପର୍ଯ୍ୟନ୍ତ ସେଠାକୁ କଥା କୁହା ଚଳଚ୍ଚିତ୍ର ଆସି ନ ଥିଲା । ମୁଁ ସେ ଯାଏଁ ଚଳଚ୍ଚିତ୍ର ଦେଖି ନଥିଲି । ନାଟକ ଦେଖିବାରେ ମୋହନ ସୁନ୍ଦର ଗୋସ୍ୱାମୀଙ୍କର 'ମଥୁରା ମଙ୍ଗଳ' ଆସିକାରେ ଦେଖିବା ସ୍ମରଣ ହେଉଛି । କଟକରେ ଆଉ ଗୋଟିଏ ନାଟକ ଦଳ ଗଠିତ ହୋଇଥିଲା । ନାମ "ଆର୍ଟ ଥିଏଟର ।" ଏହି ଦଳଟି ଆସିକାରେ କେତେଗୁଡ଼ିଏ ନାଟକ ପ୍ରଦର୍ଶନ କରିଥିଲେ । ମୁଁ ବୋଉ ପାଖରେ ଅଳି କରି ମୋହନ ଗୋସ୍ୱାମୀଙ୍କର

'ମଥୁରା ମଙ୍ଗଳ' ଦେଖିଥିଲି । ଶ୍ରୀକୃଷ୍ଣ ରଥରେ ବସି ମଥୁରା ଯାତ୍ରାକରିବା ସମୟରେ, ଗୋପିଣୀମାନେ ରଥ ଚକ କୁଣ୍ଢେଇ ଧରି କାନ୍ଦିବା ଦୃଶ୍ୟ ଏବେ ମଧ୍ୟ ମୋର ମନେ ପଡ଼ିଯାଉଛି । କି କରୁଣ ସେ ସ୍ୱର ! ସେଥିରୁ ପଦେ ମନେ ଅଛି—

"ଶ୍ୟାମସୁନ୍ଦରହେ ତୁମ୍ଭେ ଆମ୍ଭ ଜୀବନ,
ମଥୁରା ଗଲେ କେମନ୍ତେ ବଞ୍ଚିବୁଦିନ ।"

ମଥୁରା ମଙ୍ଗଳର ବିରହ ପରିପୂରିତ କେତୋଟି ଗୀତ ମନୁଷ୍ୟର ଶୁଷ୍କ ହୃଦୟକୁ ରସସିକ୍ତ କରିଦିଏ । ମଥୁରା ମଙ୍ଗଳ ଦେଖିବା ପରେ ଆର୍ଟ ଥିଏଟର ପକ୍ଷରୁ ଅଭିନୀତ ହେଉଥିବା 'ଶକୁନ୍ତଳା' 'ହରିଶ୍ଚନ୍ଦ୍ର' 'ସୀତା ବନବାସନ' ଦେଖିଥିଲି । 'ଶକୁନ୍ତଳା' ଦେଖିବା ପୂର୍ବରୁ ମୁଁ 'ପ୍ରଣୟବଲ୍ଲରୀ' କିମ୍ବା କାଳିଦାସକୃତ ଅଭିଜ୍ଞାନ ଶକୁନ୍ତଳା ନାଟକ ଦେଖିନଥିଲି । ଶକୁନ୍ତଳା ନାଟକର କେତୋଟି ଦୃଶ୍ୟ ଏମିତି ଗଭୀର ଭାବରେ ମୋ ହୃଦୟରେ ରେଖାପାତ କରିଥିଲା ଯେ ଅଦ୍ୟାବଧି କେତେକ ସଂଳାପ ମୁଁ ମନେ ମନେ କହିଯାଉଛି ।

ପ୍ରଥମ କରି ନାଟ୍ୟ ସାହିତ୍ୟ ଦ୍ୱାରରେ ସାହିତ୍ୟ ରାଜ୍ୟରେ ପ୍ରବେଶ କରି ସେ ରାଜ୍ୟର ଚତୁର୍ଦ୍ଦିଗକୁ ଚାହିଁ ମୁଗ୍ଧ ହୋଇ ଯାଇଥିଲି । ସେ ନାଟକ ଥିଲା, ଦେଶ-ପୂଜ୍ୟ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମଦେବ' । 'ପୁରୁଷୋତ୍ତମଦେବ' ପଢ଼ରେ ଖଲ୍ଲିକୋଟର ରାଜାସାହେବ ରାଧାମୋହନ ରାଜେନ୍ଦ୍ର ଦେବଙ୍କ ଲେଖା ପ୍ରାୟ ସବୁ ନାଟକ ପଢ଼ିଥିଲି । ଏହି ଗ୍ରନ୍ଥଗୁଡ଼ିକ ଭାଇଙ୍କ ହାତରୁ ମୋ ହାତକୁ ଆସିଥିଲା । ଏହାପରେ ଫକୀରମୋହନ ସେନାପତିଙ୍କ ରଚନା ପ୍ରାୟ ସବୁଗୁଡ଼ିକ ପଢ଼ିଥିଲି । କେବଳ ଯେ ପଢ଼ିଥିଲି ତାହା ନୁହେଁ, ସେ ଲେଖା ପ୍ରତି ଆନ୍ତରିକ ଅନୁରକ୍ତି ରଖି ପଢ଼ିଥିଲି । ଅନ୍ୟ କବି, ଔପନ୍ୟାସିକମାନଙ୍କର ଏକାଧିକ ରଚନା ପଢ଼ିଥିଲେ ମଧ୍ୟ ଶକ୍ତିଥିବା ସମୟରେ ଉତ୍କଳ ଭାରତୀଙ୍କ ଭଣ୍ଡାରର ସମସ୍ତ ଅମୃତ ନିଃଶେଷ କରି କାହିଁକି ପାନ କରି ପାରିଲିନାହିଁ ବୋଲି ମନରେ ଭାରି ଖୋଦ ହେଉଛି । ରାଧାନାଥ ରାୟଙ୍କ ପ୍ରତ୍ୟେକ କାବ୍ୟଟି ପୁଙ୍ଖାନୁପୁଙ୍ଖ ଆଲୋଚନାକରି ପଢ଼ିଛି । ଭକ୍ତକବି ମଧୁସୂଦନଙ୍କ କବିତା ବାଲ୍ୟକାଳରୁ ହିଁ ମୁଖସ୍ଥ ହୋଇ ଯାଇଥିଲା । ଘରର କାର୍ଯ୍ୟ କରିବାରେ ଲାଗିଥିବା ସମୟରେ ମଧ୍ୟ "ତୁହି ମା ଜନଭୂମି ପବିତ୍ର ଭାରତଭୂମି" କବିତାର ଶ୍ଳୋକ ରାଗରେ ବୋଲିଥାଏ । ଭକ୍ତ କବିଙ୍କର 'ଜୀବନ ଚିନ୍ତା' କ୍ଷୁଦ୍ର କାବ୍ୟ ପଢ଼ିଥିଲି, କିନ୍ତୁ ସେଥିର ଯଥାର୍ଥ ଅର୍ଥ ଅନୁଭବ କରିପାରି ନଥିଲି । ସେ କାବ୍ୟଟି ଭିତରେ ଯେ ଏତେ ଅମୃତ ଭରିହୋଇ ରହିଥିଲା, ଏବେ ସେ କବିତାଟିରୁ ସବୁ ରସ ଶୋଷଣ କରି ପିଇ ଯିବା ଇଚ୍ଛା ହେଉଛି ।

"ବାଲ୍ୟ କାଳୁ ଧର୍ମ ଧନ ମୁଁ ସଞ୍ଚିବି
ଏ ଜୀବନ ଅନିଶ୍ଚିତ,
କେ ଜାଣି କାହାର ଆଜ ମୃତ୍ୟୁ କାଳ
ହୋଇଯିବ ଉପସ୍ଥିତ ।

ମୋର ଏବେ ମନେ ପଡ଼ୁଛି ସୁଚେତା କୃପାଲନୀଙ୍କ **unfinished autobiography.** ସୁଚେତା କୃପାଲନୀ କିଏ ? କେଉଁଠାର ମନୁଷ୍ୟ ସେ କିଏ ବା ଜାଣିଥିଲି ? ରାଜନୈତିକ ବିଷୟ ଲେଖିବା, ପଢ଼ିବା ଶୁଣିବା ସମୟରେ ଶ୍ରୀମତୀ କୃପାଲନୀଙ୍କ ନାମ ଆସେ । ତାହାଙ୍କର କର୍ମମୟ ଜୀବନର କେତେକ ଅଂଶ ଜାଣିବାକୁ ହୁଏ । ଅନ୍ୟ କେତେ ଅଂଶ ଆପଣାର କଳ୍ପନା ବଳରେ ମିଶାଇଦେଇ ଅନ୍ୟ ଜଣକର ଜୀବନ ସମ୍ବନ୍ଧରେ ଚିନ୍ତା କରିବାକୁ ହୁଏ ।

୧୯୭୪ ରେ ସୁଚେତା କେଉଁ ଦିନ ଦେହ ତ୍ୟାଗ-କଲେ ମୁଁ ତ ମନେ ରଖିନି । ରାଜନୈତିକ କ୍ଷେତ୍ରରେ କେହି କାହାକୁ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଦେଖନ୍ତିନାହିଁ ବୋଧହୁଏ । ସୁଚେତା ଯେ ଜଣେ ଦେଶ-ସେବିକା, ଏପରି ଜଣେ ବ୍ୟକ୍ତିଙ୍କ ବିୟୋଗରେ ଅନ୍ୟମାନେ ସନ୍ତାପିତ ହୋଇ କିଛି ଗୋଟାଏ ଲେଖିବା ତ ମୋ ଦୃଷ୍ଟିରେ ପଡ଼ିଲାନାହିଁ । ସେ ନିଜେ ଲେଖିଥିବା ଲେଖାଟି ଅସମ୍ପୂର୍ଣ୍ଣ ହେଉକି ସମ୍ପୂର୍ଣ୍ଣ ହେଉ ପଢ଼ି ତାଙ୍କୁ ଆଜି ସ୍ମରଣ କରୁଛି । ମନରେ ଗୋଟାଏ ଆଶଙ୍କା ରହିରହି ଦେଖା

ଦେଉଛି । ଯଦି ହଠାତ୍ ମୋର ମୃତ୍ୟୁ ହୋଇଯାଏ ମୋର ଏ ନିଜ କଥା ଆଉ କିଏ ଲେଖିବ ? ତେଣୁ ବନ୍ଧୁମାନଙ୍କଠାରୁ ଚିଠି ଲେଖିବାକୁ ମଧ୍ୟ ସମୟ ନ ଦେଇ ଘର ଧାଡ଼ି ହେଉ ପଛେ ମୋ କଥା ଲେଖିବାକୁ ବସି ଯାଉଛି । ଆତ୍ମଚରିତ ଲେଖିବା ଆରମ୍ଭ କରିବା ସମୟରେ ଲେଖାଟି ଇମିତ ଅସମାପ୍ତ ଅବସ୍ଥାରେ ପାଠକମାନଙ୍କର ଦୃଷ୍ଟିଗୋଚର ହେବ, ଏ କଥା ବୋଧହୁଏ ସୁଚେତା ଭାବି ନ ଥିଲେ । ଯଦି ଭାବିଥାନ୍ତେ, ଆତ୍ମକଥାଟି ହିଁ ଲେଖି ଯାଇଥାନ୍ତେ । ଜାତୀୟ ଆନ୍ଦୋଳନ ଆଡ଼କୁ ଏତେ ତତ୍ପର ହୋଇ ବଢ଼େଇ ନ ଥାନ୍ତେ । ଅନ୍ୟାନ୍ୟ ମାନବ ମାନବୀମାନଙ୍କ ଆତ୍ମଚରିତ ସେମାନଙ୍କର ରଚନାରୁ କେବଳ ସ୍ପଷ୍ଟ ହୋଇଯାଏ । ମହାପୁରୁଷମାନଙ୍କ ଜୀବନ ଇତିହାସରୁ ଆମେମାନେ ଅନେକ କିଛି ଶିକ୍ଷା ପାଇଥାଉ । ମୁଁ କାହାର ଆତ୍ମକଥାରୁ, କଅଣ, କେତେ ଦୂର ଜ୍ଞାନ ଲାଭକରିଛି, ଏକଥା ଅନେକ ସମୟରେ ମନେ ପଡ଼େ । ରାମାୟଣ ମହାଭାରତ କଥାର ପ୍ରଭାବ ମୋ ହୃଦୟରେ ଗଭୀର ଭାବରେ ପଡ଼ିଛି । ତେବେ ଦିନକୁ ଦିନ ପୁରାଣ କଥାର ଆଲୋଚନା ଏବଂ ପ୍ରତ୍ୟାଲୋଚନା ପଢ଼ି, ଶୁଣି ରାମଙ୍କୁ ଜଣେ ମହାମାନବ ବୋଲି ହିଁ ଭାବନା ହେଉଛି । ରାମ ଯେ ସ୍ୱୟଂ ଈଶ୍ୱର ଏ ଭାବନା ବାଲ୍ୟକାଳରେ ଯାହାଥିଲା ବର୍ତ୍ତମାନ ସେ ଭାବନା ପରିବର୍ତ୍ତିତ ଅବସ୍ଥାକୁ ଆସିଛି । ଆପଣାର ପ୍ରଭାବ ଏବଂ ପ୍ରତିଷ୍ଠା ଅନ୍ୟ ଉପରେ ବିସ୍ତାର କରିବା ଶକ୍ତି ଯେଉଁମାନଙ୍କର ଅଛି ବା ଥିଲା, ସେମାନେ ବାସ୍ତବ ରାଜ୍ୟର ପ୍ରଭାବଶାଳୀ ବ୍ୟକ୍ତି । ଅନେକ କ୍ଷେତ୍ରରେ ପିତାମାତାଙ୍କ ପ୍ରଭାବ ସନ୍ତାନ ଉପରେ ପଡ଼ିଥାଏ । ଶିକ୍ଷାଦାତା ଗୁରୁଙ୍କ ଉପଦେଶର ପ୍ରଭାବ ଛାତ୍ର ବା ଶିଷ୍ୟ ଉପରେ ପଡ଼ିଥାଏ । ଯୁଗେ ଯୁଗେ ଯେଉଁ ମହାମାନବମାନଙ୍କ ଆବିର୍ଭାବ ଘଟୁଛି, ସେମାନଙ୍କର ପ୍ରଭାବ ଆମମାନଙ୍କ ଉପରେ ପରିପୂର୍ଣ୍ଣ ରୂପେ ପଡ଼ିଆସୁଛି । ମୋର ଏ ଆତ୍ମକଥାର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ିବ କି ନାହିଁ କହିପାରିବି ନାହିଁ । ସମୟେ ସମୟେ ଭାବନା ହେଉଛି, ସହସ୍ର-ସଂଖ୍ୟକ କାହାଣୀ ଏବଂ କବିତା ପଢ଼ା ହୋଇଯାଇଛି । ସେ ଅଧ୍ୟୟନର ଅନୁଭୂତି ତ ଶୂନ୍ୟେ ଶୂନ୍ୟେ ଉଡ଼ି ଯାଇନାହିଁ । କେତେ ଆକାର ପ୍ରକାରରେ ମନ ରାଜ୍ୟରେ ଦେଖା ଦେଉଛନ୍ତି, ସେ ଅପରିଚିତ ବ୍ୟକ୍ତି ଗୁଡ଼ିକ । ଏଇଠି ମୋର ଗୋଟିଏ କଥା ମନେପଡ଼ୁଛି, ବିଶ୍ୱକବି ରବୀନ୍ଦ୍ର ନାଥ କହିଛନ୍ତି—

"କତ ଅଜନାରେ ଜାନାଇଲେ ତୁମି
କତ ଘରେ ଦିଲେ ଠାଇଁ,
ଦୂର କେ କରିଲେ ନିକଟ; ବନ୍ଧୁ,
ପରକେ କରିଲେ ଭାଇ ।"

କୈଶୋର କାଳରେ କବି ରାଧାନାଥ ରାୟଙ୍କ 'କେଦାର ଗୌରୀ', 'ପାର୍ବତୀ' ପଢ଼ି ମୁଖସ୍ଥ କରିଦେଇ-ଥିଲି । ବର୍ତ୍ତମାନ ମଧ୍ୟ ତାଙ୍କର 'ଦରବାର'ର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉକ୍ତିଗୁଡ଼ିକ ମନେ ପଡ଼ିଯାଉଛି । ବର୍ତ୍ତମାନ ବିହାରର ପାଟନାରେ ମୋ ଝିଅର ଘରେ ବସି ଲେଖୁଛି । ମୋ ଝିଅ ଦୈବକ୍ରମେ ଗରିବ ପିତାମାତାଙ୍କ କୋଳରେ ଜନ୍ମ ହୋଇଥିଲା । ସେଇଯୋଗୁ ଆପଣା ବାଲ୍ୟକାଳର କଥା ସ୍ମରଣ କରି ଧନୀ ହେବାର ବାସନାଟା ସେ ପୂର୍ଣ୍ଣପ୍ରାଣରେ ଉପଲବ୍ଧି କରୁଛି ବୋଧହୁଏ । ଗୁଡ଼ାଏ ଚାକର ଚପରାସୀ ପାଖରେ ରଖି ସେମାନଙ୍କୁ କଡ଼ା ହୁକୁମ ଦେଇ ବୋଧହୁଏ ସେ ଆନନ୍ଦ ପାଉଛି । ଅନୁଚରମାନଙ୍କ ଭିତରେ ବାଦ ଅନୁବାଦ ଚାଲିଥିବା ଶୁଣାଯାଏ । କବି ରାଧାନାଥ ରାୟ ତାଙ୍କ 'ଦରବାର'ରେ କହିଛନ୍ତି, "ସଂଗ୍ରାମେ ପଦକ ଦେଲେ ମୋତେ ରାଣୀ, ମୋଠାରୁ ଅଛି କିଏ ବଡ଼ ମାନୀ ।" ଦରବାର ଆଉ ଥରେ ପଢ଼ି କେତେ ପଦ ମୁଖସ୍ଥ କରନ୍ତି ବୋଲି ଇଚ୍ଛା ହେଉଛି । ଉପରେ ଦେଇ-ଥିବା ଗୋଟିଏ ପଦ ମୋତେ ନିରନ୍ତର କବି ରାଧାନାଥ ରାୟଙ୍କ କଳ୍ପନା ରାଜ୍ୟକୁ ଆକର୍ଷଣ କରି ନେଉଅଛି ।

ସାହିତ୍ୟ କଅଣ ଏବଂ କେଉଁମାନେ ସାହିତ୍ୟ ସୃଷ୍ଟି କରନ୍ତି ସେ କଥା ଯେଉଁ ସମୟରେ ଚିନ୍ତା କରୁପାରୁ ନ ଥିଲି, ସେ ସମୟରେ ମୋର ପ୍ରଥମ ଜୀବନର ସ୍ମୃତି

ଶ୍ରୀ-ଅନନ୍ତ ପ୍ରସାଦ ପଣ୍ଡା, ମୋତେ ଉତ୍ସାହ ଦେଇ ଯୋର କର ମୋ ହାତରେ କଲମ ଦେଇଥିଲେ । ଅନନ୍ତ ପ୍ରସାଦଙ୍କ ସହିତ ଏବେ ମଧ୍ୟ ମୋର ସେ ସ୍ନେହ ସମ୍ବନ୍ଧ ରହିଛି । ସେ ଏବେ କଟକରେ ଘରକରି ପୁଅ ବୋହୂ, ନାତି ନାତୁଣୀ ପରିବେଷ୍ଟିତ ହୋଇ ମହାଆନନ୍ଦରେ ଅଛନ୍ତି । କିମିତି କେବେ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ସହିତ ମୋର ପରିଚୟ ଘଟିଥିଲା, ସେ ଦିନର ତାରିଖ, ତିଥି ମନେ ନ ଥିଲେ ମଧ୍ୟ ସେ ମହାଶୟଙ୍କୁ ଦେଖିବା ଏବଂ ତାହାଙ୍କ ସହିତ ତଥା ତାହାଙ୍କର ପରିବାର ସହିତ ପରିଚୟ ଘଟିବା ସ୍ମୃତିଟି ରହିଛି ଅକ୍ଷୟ ହୋଇ ।

ମୁଁ ଲେଖିପାରୁଛି ବୋଲି ଅନନ୍ତ ପ୍ରସାଦ ପଣ୍ଡା କିମିତି ଜାଣିଲେ, ସେ ଦିନର ସ୍ମୃତିଟି ମଧ୍ୟ ମନ ଭିତରେ ରହିଛି ଜୀବନ୍ତହୋଇ । ମୋ ଝିଅ କମଳାକୁ କଟକରେ ଛାଡ଼ି ଦେଇ ଆସିବା ପରେ ମୁଁ ଗୋଟିଏ ବିରହ କୋଇଲି ଲେଖିଥିଲି । ଝିଅକୁ କଟକରେ ଛାଡ଼ି ଦେଇ ଆସିଲି ବୋଲିତ ଲେଖିଲି । କାହିଁକି ଛାଡ଼ି ଦେଇ ଆସିଲି ସେ କଥା କହି ନାହିଁ । ଝିଅ କଟକରେ ରହି ଆଇ. ଏସ. ସି. ପଢ଼ିବ । ତାପରେ ପଢ଼ିବ ଏମ୍. ବି. ବି. ଏସ । ସେଦିନର ଏହି କଳ୍ପନା ଆଉ ଆଶାକରିବା କଥା ଭାବିଲେ ଗତ ଜନ୍ମର ଘଟଣା ବୋଲି ମନେହେଉଛି । ବର୍ଷାଋତୁ, ଶ୍ରାବଣ ମାସ । ପ୍ରବଳ ବର୍ଷା, ପାଣି ଅଜାଡ଼ି ହେଉଥାଏ । ଆକାଶରୁ ଝରିପଡୁଥିବା ପାଣି, ପବନକୁ କମଳା ବଡ଼ ଭଲପାଏ । ଶୋଇବା ଘର ଝରକା ପଥରେ ଜଳ ମିଶା ସମୀରଣ ଆସି ମୋର ବିରହ ପୀଡ଼ିତ ଦେହରେ ସ୍ପର୍ଶ ଦେଇଯାଉଥାଏ ବାରମ୍ବାର । ସେଇ ଅଭାବବୋଧରୁ ହେଲା ଭାବର ସଞ୍ଚାର । କେଉଁ ଯୁଗରେ, କେତେ ଶହ ବର୍ଷପୂର୍ବେ ମାର୍କଣ୍ଡ ଦାସ ଯେଉଁ ସ୍ୱରରେ କୋଇଲିକୁ ଡାକି ଡାକି ପୁଅ ବିଚ୍ଛେଦ ଦୁଃଖ ସ୍ୱର ଧରି ଗାଇଥିଲେ, ମୋ କଣ୍ଠରୁ ପୁଣି ସେଇ ସ୍ୱର ଉଠିଲା ବହୁ ଯୁଗ ପରେ । ସେଇ ସେଦିନର ବିଳାପ ଗୀତି ଆଜି ଇମିତି ଭାବରେ ଜୀବନୀ ଲେଖିବାକୁ ସାହସ ଏବଂ ଶକ୍ତି ଦେବ ଏ କଥା ମୁଁ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲି । ସେ ଦିନର ସେ ଲେଖା କେଉଁଆଡ଼େ ଗଲାଣି । କିନ୍ତୁ ସେଦିନର ସେ ସାମାନ୍ୟ କେତୋଟି ଧାଡ଼ି ଅକ୍ଷର ମତେ ସ୍ୱର୍ଗର ସୁରସଭାରେ ବସେଇ ଦେଲା । ମୋ ପକ୍ଷରେ ସ୍ୱର୍ଗ ମର୍ତ୍ତ୍ୟର ପ୍ରଭେଦ ଆଉ କିଛି ରହିଲାନାହିଁ । ପଲକ ପଡ଼ୁପଡ଼ୁ ମୁଁ ବିଶ୍ୱ ଜଗତ ଗୋଟାଯାକ ଭ୍ରମଣକରି ଆସିପାରୁଛି ।

ମାର୍କଣ୍ଡ ଦାସ କବି ଆସି ମୋ ହୃଦୟ ପଦ୍ମରେ ବସି ଯାଇଥିଲେ ସେଦିନ । ତାଙ୍କର ପରି କୋଇଲି ପକ୍ଷୀକୁ ଡାକି ଡାକି ଲେଖିଗଲି 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ । ସେ କାଗଜ ଖଣ୍ଡିକ ମୋ ଛଡ଼ା ଅନ୍ୟ କେହି ଦେଖି ସେ ସମ୍ବନ୍ଧରେ କୌଣସି ଆଲୋଚନା କରିବେ ଏକଥା ମୁଁ କେବେ କଳ୍ପନା କରି ନ ଥିଲି । ମୋର ଭାବନା ଥିଲା ମୋର ସେ ରଚନା କେବଳ ମୁଁ ପଢ଼ିବି, ମୁଁ ଶୁଣିବି । କିନ୍ତୁ ଦୈବାତ୍ ସେ ଲେଖା କାଗଜଟି ଯାଇ ପଡ଼ିଲା ବିଶିଷ୍ଟ ବ୍ୟକ୍ତିଙ୍କ ହାତରେ । ସେ ମହାନ ବ୍ୟକ୍ତିଟି ହେଉଛନ୍ତି ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା । ଶ୍ରୀଯୁକ୍ତ ପଣ୍ଡା ସେ ସମୟରେ ତହସିଲଦାର ପଦରେ ଅଧିକାରୀ ଥାଆନ୍ତି । ତାହାଙ୍କ ସହିତ ମୋ ସ୍ୱାମୀଙ୍କର କିମିତି ବନ୍ଧୁତା ହେଲା ମୋର ସ୍ମରଣ ହେଉନାହିଁ । ସେ କିନ୍ତୁ ପ୍ରାୟ ପ୍ରତିଦିନ ଆମ ଘରକୁ ଆସନ୍ତି । ଦୁଆରୁ ମୁହଁରୁ ଶ୍ରୁତିସୁଖକର ଧ୍ୱନିରେ ଡାକ ଆସେ ଖାଡ଼ଙ୍ଗା ବାବୁ ଘରେ ଅଛନ୍ତି । ଖାଡ଼ଙ୍ଗା ବାବୁ ଉତ୍ସାହ ପାଇ ସ୍ୱାଗତ କରିବାକୁ ଯାଆନ୍ତି ଦାଣ୍ଡଘର ଆଡ଼କୁ ସେ ଦୁହେଁ ହସାହସି ହୋଇ ମଝି ଅଗଣା ପାଖ ବାରଣ୍ଡାରେ ବସି ଗପ କରନ୍ତି । ମୁଁ ବାରିପାଖ ବାରଣ୍ଡାରେ ବସି ଛଡ଼ୁଥାଏ କିମ୍ବା ଘରର କୌଣସି କାର୍ଯ୍ୟରେ ଲାଗିଥାଏ । ଅନନ୍ତପ୍ରସାଦ ପଣ୍ଡା ଆମମାନଙ୍କୁ କେତେ ଗଭୀର ଭାବରେ ସ୍ନେହ, ଶ୍ରଦ୍ଧା କରୁଥିଲେ, ସେ କଥା ମୁଁ ଅନୁଭବ କରୁଥିଲେ ମଧ୍ୟ ତାଙ୍କ ସମ୍ମୁଖକୁ ଯାଇ ପଦେ କଥା କହି ନ ଥିଲି କି ଶୁଣି ନଥିଲି । ସେ ସମୟକୁ ଯେ ମୁଁ ଘରକୋଣର ବଧୂ ହୋଇ ବସିଥିଲି ! ଝିଅକୁ ଘେନି ନେଇ ବାହାରେ ଛାଡ଼ିଦେଇ ଆସି ଘରେ ବସି ତାକୁ ଖୋଜହେଉଥିଲି । ତାର ଦଶ ବର୍ଷ ବୟସ ହେବାଠୁ ସେ ଆଉ ମୁଁ ବାଉଣ୍ଡାଠାରୁ

ସନ୍ଧ୍ୟାର ଅନ୍ଧକାର ହେବା ପର୍ଯ୍ୟନ୍ତ ବଙ୍ଗଳା ଭାଷାର ନାଟକ ଦ୍ୱିଜେନ୍ଦ୍ର ଲାଲ ରାୟଙ୍କ ଲେଖା ପଢ଼େ । ମୋ ପାଖକୁ ଲାଗିରହି ବହିଟାକୁ ସେ ଦେଖୁଥାଏ । ମୁଁ ଅଭିନୟ ଛଟା ସହିତ ପଢ଼ି ଯାଉଥାଏ । ଇମିତି କରି ମୋ ଝିଅ ବଙ୍ଗଳା ଭାଷା ଶିଖିଥିଲା । ସାହିତ୍ୟ ପ୍ରତି ତାର ଥିଲା ଗଭୀର ଅନୁରାଗ । ଝିଅର ସାହିତ୍ୟାନୁରକ୍ତି ମାଆକୁ ଦେଇଥିଲା ଉତ୍ସାହ । ସାହିତ୍ୟ ଚିନ୍ତାଧାରା ସ୍ୱତଃ ବହିଗଲା ହୃଦୟ ପ୍ରାନ୍ତରେ । ଅନେକେ ଅନ୍ତର୍ଯ୍ୟାମୀଙ୍କ ଆରାଧନା ଛାଡ଼ି କାଷ୍ଠ ପାଷାଣ ଧରି ମଥା ପିଟିଲା ପରି ମୁଁ କଅଣ କରିବି କେଉଁ ମନୁଷ୍ୟଙ୍କୁ ପୂଜା ଦେବି ବୋଲି ଖୋଜି ହେଉଥିଲି । ଝିଅ ପାଖରୁ ଗଲା ପରେ ମୁଁ ତାଙ୍କୁ ହିଁ ବୋଧହୁଏ ମନେ ମନେ ଆରାଧନା କରୁଥିଲି । ଏପରି ସମୟରେ ଅନନ୍ତ ବାବୁ ମୋ ସମ୍ମୁଖରେ ଆସି ଦଣ୍ଡାୟମାନ ହେଲେ । ମତେ ସେ କେବଳ ଲେଖିଯିବାକୁ କହିଲେ । ମୋର ଲେଖା ବିଷୟରେ ଚିନ୍ତା ନ କରି କେବଳ ଲେଖିଗଲି । କ୍ଷୁଦ୍ରଗଳ୍ପ ଷ୍ଟରିବଦନରେ ଗୋଟାଏ ଉଆଁର ହୋଇଯାଏ । ଅନନ୍ତ ଭାଇ ମୋର ସେ ଲେଖା ପଢ଼ି "ନିପୁଣ ହାତର ନିଖୁଣ ଛବି" ବୋଲି ଚିଠି ଖଣ୍ଡିଏ ଲେଖି ପଠାଇ ଦିଅନ୍ତି । ସେ ଚିଠିରେ ଭରି ରହିଥାଏ ଉତ୍ସାହର ମାଦକତା । ମୁଁ ପୁଣି ନବଜୀବନ ପାଇ ପ୍ରସ୍ତୁତ ହୋଇଯାଏ । ସେଇ ଗୋଟିଏ ଗଳ୍ପ ଲେଖିବାକୁ ଯିମିତି ଆରମ୍ଭ କରିଥିଲି, ସେଇ ଧାରାରେ ଯଦି ମୋର ଭାବନା ସ୍ରୋତ ବହି ଚାଲିଥାନ୍ତା ବର୍ଷେ ଗୋଟାଏ ଦୁଇଟା ଭିତରେ ଶତାଧିକ କ୍ଷୁଦ୍ରଗଳ୍ପ ଲେଖି ପଦ ପଦବୀ ପାଇଥାନ୍ତି । ଯେ ହେତୁ ମୋର ସେ ରଚନା ବ୍ରହ୍ମପୁର, ଗଞ୍ଜାମର ମହାରି ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କଦ୍ୱାରା ପ୍ରକାଶ ପାଉଥିବା ସାପ୍ତାହିକ 'ନବୀନ'ରେ ପ୍ରକାଶିତ ହେଉଥିଲା । ସେ ସମୟରେ ସାପ୍ତାହିକ 'ନବୀନ' ଲୋକପ୍ରିୟ ହେବାକୁ ଯାଉଥିଲା । ସେଥିରୁ ସେ ସମୟର ସାହିତ୍ୟ ପ୍ରେମୀମାନେ ନିଶ୍ଚୟ ମୋର ଗଳ୍ପଗୁଡ଼ିକ ପଢ଼ିଥିବେ । 'ସହକାର' ପତ୍ରିକାରେ ମଧ୍ୟ ଦୁଇ ତିନୋଟି ଗଳ୍ପ ପ୍ରକାଶ ପାଇଥିଲା । ଏ ସମସ୍ତ କାର୍ଯ୍ୟ ଅନନ୍ତ ପ୍ରସାଦ ପଣ୍ଡାଙ୍କ- ଦ୍ୱାରା ସମ୍ପାଦିତ ହେଉଥିଲା । ସେ ଗଳ୍ପଗୁଡ଼ିକ ଛପା ଅକ୍ଷରରେ ମୁହିଁ ଦେଖେଇ ମଧ୍ୟ ବର୍ତ୍ତମାନ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇ ଯାଇଥିବା ବୋଧ ହେଉଛି । ମୁଁ ଥିଲି ଚଞ୍ଚଳ । ପାଶ୍ଚାତ୍ୟ ଦେଶର ସ୍ତ୍ରୀ ପୁରୁଷ ଗୋଟାଏ ଘରେ ଏକାଦିକ୍ରମେ ବର୍ଷେକରୁ ବେଶି ଦିନ ରହିପାରନ୍ତି ନାହିଁ । ନୂଆଘରକୁ ବଦଳି କରିଦିଅନ୍ତି ତୁରନ୍ତ ତୁରନ୍ତ । ନୂଆ ସ୍ଥାନର ସ୍ତ୍ରୀ, ପୁରୁଷ ଗଛ, ପତ୍ର, ପାଣି, ପବନ ସମସ୍ତ ବିଷୟ ସେମାନଙ୍କୁ କଟୁଦିନ ନିମନ୍ତେ ବୋଧହୁଏ ଭଲ ଲାଗେ । ଆମ ଦେଶର ସ୍ତ୍ରୀ ପୁରୁଷ ପୁରୁଣା ଭିଟାମାଟିକୁ ଜାବୁଡ଼ି ଧରି ପୈତୃକ ପଦଧୂଳିରେ ମଥାନତ କରି ରହିଛୁ ବୋଲି କହନ୍ତି । ଗୋଟାଏ ସ୍ଥାନରୁ ଘୁଞ୍ଚିଲେ ପଇସା ଖର୍ଚ୍ଚ । ମୋର ପିତା ମାତା କେବେ ଘରୁ ବାହାରି କୌଣସି ପ୍ରକାର ବନ୍ଧୁମିଳନରେ ଯୋଗ ଦେଉନଥିଲେ । ସେଇ ବାଲ୍ୟକାଳରୁ ମୋ ମନରେ ପ୍ରବଳ ଉତ୍ତେଜନା ହୁଏ, ଘରୁ ବାହାରିପଡ଼ି ଅନ୍ୟ ସ୍ଥାନକୁ ଟିକିଏ ପଳେଇ ଯିବାକୁ । ବେଶି ଦୂର ନ ହେଲେ ମଧ୍ୟ ଆମ ସାହିର କାହା ଘରକୁ ; କିମ୍ବା ଅନ୍ୟ ସାହିରେ ଥିବା ବଟକୃଷ୍ଣ ମହାପାତ୍ରଙ୍କ ଘରକୁ । ମହାପାତ୍ରଙ୍କ ଦୁଇଟି କନ୍ୟା ବିଷ୍ଣୁ ପ୍ରିୟା ଆଉ ରାମପ୍ରିୟା । ସେମାନେ ମୋ ସହିତ ଖେଳନ୍ତି, ଗପକରନ୍ତି । ତେବେ ସେମାନେ ମୋ ସହିତ ବନ୍ଧୁତା କରନ୍ତିନାହିଁ ବୋଲି ଧାରଣା ହୁଏ । ସେ ସମୟରେ ଆସିକାରେ ଓଡ଼ିଆ ବାଳିକା ସ୍କୁଲ ନ ଥିବାରୁ ସେ ଦୁଇଭଉଣୀ ତେଲୁଗୁ ସ୍କୁଲରେ ପଢ଼ନ୍ତି ଥାନ୍ତି । ବେଶ ବାସରେ ସେ ଦୁହେଁ ତେଲୁଗୁ ଓକିଲ ମାଜିଷ୍ଟ୍ରେଟଙ୍କ କନ୍ୟାମାନଙ୍କ ପରି ଦେଖାଯାଉଥାନ୍ତି । ସେମାନଙ୍କ ପରି ବସନ ଭୂଷଣରେ ସଜ୍ଜିତା ହେବାକୁ ମୋର ଇଚ୍ଛା ହେଉ ନ ଥାଏ, ତାହା ନୁହେଁ, ତେବେ ଇଚ୍ଛାଟାକୁ ଦମନ କରିବାକୁ ପ୍ରବଳ ପ୍ରୟାସ ଚାଲିଥାଏ ମୋ ଭିତରେ । ବାଲ୍ୟ ଅବସ୍ଥାରୁ ହିଁ ପରଦା ଭିତରେ ପଡ଼ିରହି କାଳକ୍ରମେ ବାହାର ଜଗତଟାକୁ ପ୍ରାଣ ଭରି ଦେଖିବାକୁ ବଡ଼ ଇଚ୍ଛା ହୁଏ ।

କଅଣ କହୁଥିଲି ପୁଣି କଅଣ କହିବାକୁ ଲାଗିଲି । ଠିକ୍ ଯିମିତି ମନୁଷ୍ୟ କଥା କହୁ କହୁ ଅନ୍ୟମନସ୍କ

ହୋଇଯାଏ । ମୁଁ ଅନେକ ସମୟରେ ଟାଣି ଓଟାରି ମୋ ବୋଉକୁ ମହାପାତ୍ରଙ୍କ ଘରକୁ ନେଇଯାଏ । ତାହା ମଧ୍ୟ ସ୍ୱଳ୍ପ ହେଲେ, ଅନ୍ଧାର ଦେଖି ଯିବାକୁ ହୁଏ । ତାହାହେଲେ ମଧ୍ୟ ବୋଉ ସାଥିରେ ଉପୁସ୍ଥିତ ହୋଇ ଅନ୍ୟ ସ୍ଥାନକୁ ଯିବା ଉତ୍ତେଜନାରେ ମୁଁ ଉତ୍ଫୁଲ୍ଲ ହୋଇଉଠେ । ବୋଉ ଭଲ ଶାଢ଼ୀ ଖଣ୍ଡିଏ ପିନ୍ଧି ବାହାରିକୁ ବାହାରିବା ଦେଖିଲେ ମତେ ବଡ଼ ଖୁସି ଲାଗେ । ଏସବୁ ଲେଖିବା କାରଣ, ଏବେ ମଧ୍ୟ ମୋର ବାଲ୍ୟ ସ୍ମୃତିଗୁଡ଼ିକ ଯାଇନାହିଁ । ଲେଖୁ ଲେଖୁ ମନ କାନ୍ଦି ଉଠୁଛି । କଟକ ଯାଆନ୍ତି । କଟକରେ ଥିଲେ କଟକଟାକୁ ଏତେ ଭଲ ପାଉ ନ ଥାନ୍ତି ବୋଧହୁଏ । ଉତ୍କଳର ମାଟି ମତେ ପ୍ରତିକ୍ଷଣରେ ଆକର୍ଷଣ କରି ନେଉଛି । ଉତ୍କଳର ପ୍ରତ୍ୟେକ ନରନାରୀ କେହି ପିତା ରୂପେ କେହି ମାତ ରୂପେ, କେହି ଭ୍ରାତାର ଶୁଭ ପବିତ୍ର ସ୍ନେହ ମିଶାଇ ପ୍ରତିକ୍ଷଣରେ ମଧୁର ସ୍ୱରରେ ଡାକ ଦେଉଛନ୍ତି ଦୂରରୁ । ସେ ଧ୍ୱନି ଅହରହ ଗୁଞ୍ଜରି ଉଠୁଛି ମୋର ଶ୍ରବଣ-ବିବର ଭିତରେ । ମୁଁ ସେ ମାଟିର ସ୍ପର୍ଶ ପାଇବା ଆଶାରେ ଆକୁଳ ହୋଇଉଠୁଛି କ୍ଷଣେକ୍ଷଣେ । ଜନନୀ ଜନ୍ମଦାତ୍ରୀର ମରଣ ହରଣ ବାଣୀ ଶୁଭିଯାଉଛି ସୁଦୂରରୁ ।

ଆମମାନଙ୍କ ସହିତ ଅନନ୍ତ ଭାଇଙ୍କ ସାକ୍ଷାତ ପରିଚୟ ଘଟିବା ପୂର୍ବରୁ ମୁଁ ତାଙ୍କର ଶ୍ରୀମତୀଙ୍କୁ ଦେଖି ଯାଇଥିଲି । ସେ ସମୟର ସାଂସାରିକ ନାନା ପ୍ରକାର ଦୁଃଖଜଞ୍ଜାଳ ଏବଂ ଅର୍ଥାଭାବର ପୀଡ଼ନ ଭିତରେ ମଧ୍ୟ ମୋର ଦେହ-ମନକୁ ଯୌବନର ଲାବଣ୍ୟ ବାରମ୍ବାର ଫେରି ଆସୁଥିଲା । ମନେ ପଡ଼ୁଛି ଶ୍ରାବଣ କି ଭାଦ୍ରମାସ ହୋଇଥିବ । ଘନ ଆଉ କୁଞ୍ଚିତ କେଶରାଶି ତ ନ ଥିଲା । ଖାଲି ଆଉ ଘଞ୍ଚ କେଶପାଶରେ ବଡ଼ ଗୋଟାଏ ବେଣୀ ବାନ୍ଧିଥିଲି ସବୁଦିନ ପରି । ଅଗଣାରେ ଫୁଟିଥିବା ମାଳତୀ ଫୁଲର ମାଳ ବାନ୍ଧି ଦେଇଥିଲି ବେଣୀ ଘେରେଇ । ଫୁଲର ସୌରଭରେ ନାସାରନ୍ଧ୍ର ଭରିଯାଉଥିଲା ଥରକୁ ଥର । କେଉଁଠି କିଣି କରୁଥିଲି ସ୍ମରଣ ନାହିଁ । ଦୁଇଜଣ ଆଗନ୍ତୁକା ଆସିଲେ । ଜଣେ ବାନାମ୍ବର ଦାସଙ୍କ ପତ୍ନୀ, ଅନ୍ୟ ଜଣକ ତତ୍କାଳୀନ ଆସ୍କା ମୁନ୍‌ସଫ୍‌ଙ୍କ ପତ୍ନୀ । ସେମାନଙ୍କର ବନ୍ଧୁଭାବର ଆବେଗ ଆଗ୍ରହ ମତେ ମୁଗ୍ଧ କରିଦିଏ । ବାନାମ୍ବର ଦାସଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଦାସ ଜଣେ କବି । ଗୀତ ମଧ୍ୟ ଗାଇପାରନ୍ତି । ହସି ହସି ବ୍ୟଙ୍ଗ କରି କଥା କହିବା ଭଲ ଜାଣନ୍ତି । ମତେ ସେ ଦିନ କହିଲେ, "ଅନନ୍ତ ପଣ୍ଡା ଏଠି ଅଛନ୍ତି, ତମେ ତାଙ୍କ ଘରକୁ ଯାଇନା ?" ତିନହେଁ ମିଶି ବାହାରିଲୁ ପଣ୍ଡାବାବୁଙ୍କ ଘରକୁ ।

ଶ୍ରାବଣ ମାସର ବାଦଲ ବତାସି ବହି ଯାଉଥିଲା ସନ ସନ ସ୍ୱନ କରି । ମୋ ମଥାର ବେଣୀରେ ବନ୍ଧା ହୋଇଥିବା ମାଳତୀ ଫୁଲର ସୁବାସରେ ଚତୁଃପାର୍ଶ୍ୱର ପବନ ହୋଇ ଯାଇଥିଲା ମନ୍ଥର । ଏଠି ଲେଖୁ ଲେଖୁ ମନେ ପଡ଼ିଯାଉଛି ରାଜପଥରେ ଚାଲି ଚାଲି ଘରୁ ଅନ୍ୟ ଘରକୁ ଯିବା ବଡ଼ ଆନନ୍ଦଦାୟକ । ବିଶେଷ କରି ଅନନ୍ତ ପ୍ରସାଦ ପଣ୍ଡାଙ୍କ ପତ୍ନୀଙ୍କୁ ଦେଖିବା ଇଚ୍ଛା ତାଙ୍କରି ଘର ଆଡ଼କୁ ଅନେଇ ରହିଥିଲା । ସଙ୍ଗିନୀମାନେ ପ୍ରସ୍ତାବକରିବା ମାତ୍ରେ ମୁଁ କ୍ଷଣେ ମଧ୍ୟ ଡେରି ନ କରି ବାହାରି ପଡ଼ିଲି ।

ଅନନ୍ତ ପ୍ରସାଦ ପଣ୍ଡା ଯେଉଁ ଘରଟାରେ ଥିଲେ, ସେ ଘର ଆସିକାର ମୁନ୍‌ସଫ୍ ବଙ୍ଗଳା ବୋଲି ନାମ ରହିଯାଇଥିଲା । ସ୍ୱାଧୀନତା ପୂର୍ବରୁ କେବଳ ଜଣେ ମାତ୍ର ସୁନାମଧନ୍ୟ ଲୋକ ଆସିକାର ମୁନ୍‌ସଫ୍ ହୋଇ ଅଳ୍ପ କେତେବର୍ଷ ପାଇଁ ଆସିଥିଲେ । ବ୍ରହ୍ମପୁର ରଥ ବଂଶର ସେ ଜଣେ ଲବ୍ଧପ୍ରତିଷ୍ଠ ବ୍ୟକ୍ତି । ସେ ହେଉଛନ୍ତି ଶ୍ରୀବତ୍ସ ରଥଙ୍କ ପୁତ୍ର ତାରିଣୀ ଚରଣ ରଥ । ତାରିଣୀ ରଥେ ଭଞ୍ଜନଗର ନିକଟବର୍ତ୍ତୀ କୁଲାଡ଼ ଗ୍ରାମରେ ବିବାହ କରିଥିଲେ । ସେଇଯୋଗୁ ଘୁମୁସର ଅଞ୍ଚଳ ପ୍ରତି ସେ ମହାଶୟଙ୍କର ଅନୁରକ୍ତି ହୋଇଥିବ । ସେଇ ଆବେଗରେ ସେ ଘୁମୁସର ଇତିହାସ ଲେଖିଥିଲେ । ଛୋଟ ବହିଖଣ୍ଡିଏ "ଘୁମୁସର ଇତିହାସ", ପଢ଼ିଛି ; କିନ୍ତୁ ତାହାର ବିଷୟ ଭଲ କରି ସ୍ମରଣ କରିପାରୁନାହିଁ । ଭଞ୍ଜରାଜବଂଶର ବିଶଦ ବିବରଣୀ ସେ

ଗ୍ରନ୍ଥ ଭିତରେ ଥିବା ସ୍ମରଣ ହେଉଛି । ଆଜ ଇମିତି ଗୋଟାଏ ରାତିରେ ରୋଗପୀଡ଼ିତ ଶରୀର ଧରି ମୁନସଫ୍ ତାରିଣୀ ଚରଣ ରଥଙ୍କୁ ସ୍ମରଣକରି ଲେଖିବି ବୋଲି କେବେ ଭାବି ନ ଥିଲି । ରଥ ମହାଶୟ ମୁନସିଫ୍ ବଙ୍ଗଳାରେ ନ ରହି ଆମ ପଡ଼ିଶା ଭେଙ୍କଟରାଓଙ୍କ ଘରରୁ ଅଧେ ଭଡ଼ାକୁ ନେଇ ରହିଥିଲେ ।

ମୁନସଫ୍ ବଙ୍ଗଳାଟା ଦେଖିବାକୁ ବଡ଼ ଇଚ୍ଛା । ସେ କେଉଁ ପିଲାଦିନରୁ ମନ ଭିତରେ ରହିଥିଲା । ସେଦିନର ତିଥି ତାରିଖ ମନେ ନ ଥିଲେ ମଧ୍ୟ ସେଦିନର ସନ୍ଧ୍ୟାଟି ସ୍ମୃତିପଟରେ ରହିଛି । ସେ ଘରଟି ଥିଲା ଆସିକା ବସନ୍ତର ପ୍ରାୟ ଶେଷରେ, ଦେବୀ ଖମ୍ବେଶ୍ୱରୀଙ୍କ ମନ୍ଦିରପାର୍ଶ୍ୱରେ । ଚିର ଇପ୍ସିତ ସ୍ଥାନକୁ ଆସି ଗଭୀର ଆନନ୍ଦରେ ସର୍ବାଙ୍ଗ ଶିହରି ଉଠିଥିଲା । ଆଜ ସେଇ କଥା ସ୍ମରଣ କରି ଜୀବନ୍ତ ହୋଇ ଉଠୁଛି ସେଦିନର ଅନୁଭୂତି । ବାହୁ ପ୍ରସାରି ତାଙ୍କର ସ୍ନେହାଲିଙ୍ଗନ ଭିତରେ ଆବଦ୍ଧକରି ନେଇଥିଲେ ଶ୍ରୀମତୀ ପଣ୍ଡା । ଏଇ କାଲିର ଘଟଣାଟି ପରି ଲାଗୁଛି ସେଦିନର କଥା । ଶ୍ରୀମତୀଙ୍କ ହସ ଝରି ପଡ଼ୁଥିଲା ତାଙ୍କର ପବିତ୍ର ଅଧରରୁ । ସଙ୍ଗିନୀମାନଙ୍କ ହାସ୍ୟ କୋଳାହଳ ରସରସିଆ କଥା । ଶ୍ରୀମତୀଙ୍କ ହାସ୍ୟ ଉଚ୍ଛ୍ୱାସରେ ଯେପରି ସମଗ୍ର ଧରଣୀ ହସି ଉଠିଲା । ସେ ଦିନଟି ବହୁବର୍ଷ ତଳର ହୋଇ ଅତୀତ ଗର୍ଭରେ ଲୀନ ହୋଇଗଲାଣି ; କିନ୍ତୁ ସେଦିନର ସେ ମିଳନ ଦୃଶ୍ୟ ଜୀବନର ସ୍ମୃତି ହୋଇ ରହିଛି ଅମୃତମୟ ରୂପ ଧରି । ଜୀବନ-ଯାତ୍ରା ପଥର କେତେ ବିଷାଦମୟ ସ୍ମୃତି ଥରେ ଥରେ ଆଖି ଆଗରେ ଫୁଟିଉଠୁଛି ।

ଅନନ୍ତ ପ୍ରସାଦ ପଣ୍ଡାଙ୍କ ସହଧର୍ମିଣୀ "ଧନ୍ୟା ପୁଣ୍ୟା ଚିର ଶରଣ୍ୟା ।" ଆଠଟି ସନ୍ତାନର ଜନନୀ । ଦୁଇ କନ୍ୟାଙ୍କ ମଧ୍ୟରୁ ଦୁଇଟି ଉଚ୍ଚ ଉପାଧିଭୂଷିତା ଡାକ୍ତର । ବଡ଼ ଦୁଇଟି ଏମ୍. ଏ. । ରେଭେନ୍ସା କଲେଜର ଅଧ୍ୟାପିକା । ଛଅପୁଅ ସବୁଗୁଡ଼ିକ ଉଚ୍ଚଶିକ୍ଷିତ, ଅର୍ଜନକ୍ଷମ । ପୁଅ ଶ୍ରୀକାନ୍ତ ଓଡ଼ିଶା ବିଧାନସଭାର ଜଣେ ସଦସ୍ୟ । ବର୍ତ୍ତମାନ ଅନନ୍ତ ବାବୁ ସାହିତ୍ୟିକ ସମ୍ମାନ ପାଇ ଶାନ୍ତିମୟ ଆଶ୍ରମ ବାସର ଆନନ୍ଦ ପାଉଛନ୍ତି । ତାଙ୍କର ଏଇ ଗୋଟିଏ ବିଶେଷ ଗୁଣ, କୌଣସି କ୍ଷେତ୍ରରେ ସାହିତ୍ୟିକ ପ୍ରତିଭାର ଆଭାସ ପାଇଲେ ସେ ତାକୁ ସାହିତ୍ୟିକ କରି ଗଢ଼ିଦେବାକୁ ଯଥାସାଧ୍ୟ ପ୍ରୟାସ କରନ୍ତି । ତାଙ୍କର ଏହି ଦୈବୀଦତ୍ତ ଶକ୍ତି ଅଦ୍ୟାବଧି ଅକ୍ଷୁଣ୍ଣ ହୋଇ ରହିଛି । ଆମେ ଧୀରସ୍ଥିର ଚିତ୍ତରେ ଚିନ୍ତାକଲେ ଜାଣିପାରିବା, ଯେତେ ବଡ଼ ଉଦାର ହୃଦୟ ହେଲେ ମଧ୍ୟ ସମାଜ ବ୍ୟବସାୟୀଙ୍କୁ ସହଜ ସ୍ୱାଭାବିକ ଭାବରେ ପ୍ରଶଂସା କରିବା ଦେଖାଯାଏନାହିଁ । ମୋର ସାହିତ୍ୟ ଗୁରୁ ଅନନ୍ତ ପ୍ରସାଦ ପଣ୍ଡା ତାଙ୍କର ଉଦାର ସ୍ୱଭାବଯୋଗୁଁ ସେ ଅନ୍ୟକୁ ପ୍ରଶଂସା କରିବାକୁ ଭଲପାଆନ୍ତି । ସେ କଥା ଭାବିଲେ ଶ୍ରଦ୍ଧା ଭକ୍ତିରେ ମୋ ହୃଦୟ ପରିପୂର୍ଣ୍ଣ ହୋଇଯାଏ । ଏ ବୟସରେ ମଧ୍ୟ ଆମର ଭାଇ ଭଉଣୀ ସମ୍ବନ୍ଧ ଦୃଢ଼ରୁ ଦୃଢ଼ତର ହୋଇ ରହିଛି । ସେ ତାଙ୍କ ଚିଠିରେ ଲେଖନ୍ତି ସ୍ନେହର ଭଉଣୀ ! ମୁଁ ଲେଖୁଛି ସ୍ନେହର ଭାଇ । ହାତରେ ଲେଖନୀ ଦେଇ 'ଶ୍ରୀ ଗଣେଶାୟ' ଲେଖାଇଥିଲେ । ଜୀବନ-ସ୍ମୃତି ଲେଖିବାକୁ ସାହସ ଶକ୍ତି ଦେଇଛି ତାଙ୍କର ପରାମର୍ଶ । ଲେଖୁ ଲେଖୁ ମନେ ହେଉଛି, ଭାଇ ନିମନ୍ତେ ଆହୁରି କେତେ ସ୍ତବ ସ୍ତୁତି ଲେଖିବା କଥା ! କିନ୍ତୁ ଦୁର୍ବଳ ଲେଖନୀ ସ୍ତୁତିର ଗତି କରିପାରୁ ନାହିଁ । ନୀରବ ସ୍ତୁତି କରିବାକୁ ସବୁକଥା ହୃଦୟ ଭିତରେ ହିଁ ରହିଗଲା ।

ସେଦିନ ଶ୍ରାବଣ ସନ୍ଧ୍ୟାରେ ଯେଉଁ ମହୀୟସୀ ମହିଳା ଦୁଇଟି ମନେ ସାଥିରେ ପଣ୍ଡା ମହାଶୟଙ୍କ ଘରକୁ ଆସିଥିଲେ, ସେମାନଙ୍କ କଥା ଆଉ ଲେଖିଲି ନାହିଁ । ଅଳ୍ପଦିନ ପରି ସେ ଦୁହିଙ୍କୁ ଦୁଆର ମୁହଁରେ ରଖିଦେଇ ଯାହାଙ୍କଠାରୁ ସାହିତ୍ୟ ସାଧନାର ବ୍ରତ ଦୀକ୍ଷା ଗ୍ରହଣ କରିଥିଲି, ତାଙ୍କର କଥା ହିଁ ଲେଖିବାକୁ ସକଳ ପ୍ରୟାସ ବିନିଯୋଗ କରୁଥିଲି । ମୁନସିଫ୍ ନଗେନ୍ଦ୍ର ନାଥ ଦାସ କଟକର ବ୍ୟକ୍ତି । ଦେଖିବାକୁ ଯିମିତି ଦୀର୍ଘ ସିମିତି ବିଶାଳ ବପୁ, ମୁହଁର ଗଢ଼ଣ ମଧ୍ୟ ସେଇପରି । ତାଙ୍କର ସ୍ତ୍ରୀ କଟକରେ କହିଁକି ଓଡ଼ିଶାର ବିଖ୍ୟାତ

ବ୍ୟକ୍ତି ରାୟବାହାଦୁର ଶ୍ରୀ କୃଷ୍ଣ ମହାପାତ୍ରଙ୍କ କନ୍ୟା । ଗୌରବର୍ଣ୍ଣ ସୁନ୍ଦରୀ । ସଙ୍ଗିମାନଙ୍କ ଗହଣରେ ରହିବାକୁ ଭଲ ପାଆନ୍ତି । ରାୟ ବାହାଦୁରଙ୍କ ପ୍ରଥମ ପତ୍ନୀଙ୍କ କନ୍ୟା ସେ । ଦ୍ୱିତୀୟ ପକ୍ଷର କେତେ ଗୁଡ଼ିଏ ପୁଅ ଜନ୍ମ ହୋଇଥିଲେ । ସେଥିରୁ ଗୋଟିଏ ପୁଅ ବିପ୍ଳବୀ ଦଳରେ ଯୋଗଦେଇଥିଲା । ପୋଲିସ ସେ ଦଳକୁ ଖୋଜି ବାହାର କରିପାରୁ ନଥିଲେ । ରାୟ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର କନ୍ୟା ପିତାଙ୍କ ବଡ଼ପଣ ସମ୍ବନ୍ଧରେ କହିବା ସମୟରେ କହନ୍ତି । ବ୍ରିଟିଶ ରାଜତ୍ୱ କାଳରେ ଭାରତୀୟ ଆଇ. ଜି.ଙ୍କ କଳବଳମ ଅଧିକାର, ଆଧିପତ୍ୟ ଲାଭକରିବା ଦୁର୍ଲଭ ଥିଲା । ସୁତରାଂ ଆହୁରି କିଛି ଗୋଟାଏ ବଡ ଉପାଧି ପାଇବା ଆଶାରେ ପୁଅଠାରୁ ସମ୍ବାଦ ସଂଗ୍ରହକରି ବିପ୍ଳବୀ ଦଳଟିକୁ ଧରେଇ ଦେବାକୁ ସେ ପ୍ରଚେଷ୍ଟା କରୁଥିଲେ । ଦଳ ଧରାପଡ଼ିଯିବା ଆଶଙ୍କାରେ ରାୟ ବାହାଦୁରଙ୍କ ପୁଅ ଗୁଳିକରି ଆତ୍ମହତ୍ୟା କରିଥିବା ତାଙ୍କର କନ୍ୟା କହୁଥାନ୍ତି । ଏ ବିଷୟ ନେଇ ଉତ୍କଳର କୌଣସି ଜଣେ କବି ଗଳ୍ପ ରଚନା କରିଥିବା ଶୁଣିଥିଲି । ଥରେ ଏ ସମ୍ବନ୍ଧୀୟ ଗଳ୍ପ ଗୋଟିଏ ପଢ଼ିଛି । ମନୁଷ୍ୟ ନିଜକୁ ବଡ଼କରି ଦର୍ଶାଇବା ପାଇଁ କି ଅସାଧ୍ୟ ଏବଂ ଅସ୍ୱାଭାବିକ କାର୍ଯ୍ୟ ନ କରୁଛି ?

ଆଗରୁ କହିଛି, ବାନାମ୍ବର ଦାସଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଜଣେ ଲେଖିକା । ସେ ସେସମୟକୁ ସଙ୍ଗୀତ ସମ୍ବନ୍ଧୀୟ ଗ୍ରନ୍ଥ ରଚନା ସେ କରୁଥିଲେ । ସଙ୍ଗୀତର ରାଗ ରାଗିଣୀ ତାଳ ଲୟ ସମ୍ବନ୍ଧରେ ତାଙ୍କର ଜ୍ଞାନ ମଧ୍ୟ ଥିଲା । ସାଧନା କରିଥିଲେ କିଛି ଦୂର ଅଗ୍ରସର ହୋଇପାରିଥାନ୍ତେ ; କିନ୍ତୁ, ସେ ତାହା କରିପାରିଲେ ନାହିଁ । ଜଣେ ସ୍ତ୍ରୀଲୋକଠାରୁ ଶୁଣିଥିଲି, କୌଣସି ଜଣେ ସ୍ତ୍ରୀ ଲୋକ ମୁହଁ ଦେହରେ ସିନ୍ଦୂର ବୋଳିହୋଇ ନିଜକୁ ଠାକୁରାଣୀ ସଜେଇ କଟକରେ ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ଧୂନି ଜାଳିବସିଲେ । ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ ସେ ଆଡ଼କୁ ଆକର୍ଷିତହୋଇ ଠାକୁରାଣୀ ମାଆଙ୍କୁ ପୂଜାକଲେ । ମାଆ କହିଲେ, ସେ ଅରବିନ୍ଦ ଆଶ୍ରମରୁ 'ଶ୍ରୀମା'ଙ୍କ ଆଦେଶରେ ଆସିଛନ୍ତି । ଯିଏ ଯାହା ଦେବେ ଶ୍ରୀମାଆଙ୍କୁ ଅର୍ପଣକରି ଆନନ୍ଦ ପାଉଛନ୍ତି । ଏଥିରେ ଶ୍ରୀମତୀ ଦାସ ଉଦ୍‌ଭ୍ରାନ୍ତ ହୋଇ ଦେବୀଙ୍କ ଉଦ୍ଦେଶ୍ୟରେ ସବୁଗୁଡ଼ିକ ସୁନା ଅଳଙ୍କାର ଉତ୍ସର୍ଗ କରିଦେଲେ । ଏହାପରେ କୁଟୁମ୍ବ ଭିତରେ ମନାନ୍ତର, ମତାନ୍ତର ଘଟିଥିବ ନିଶ୍ଚୟ । ଏଣେ ଦେବୀ ମଧ୍ୟ କଟକ ଛାଡ଼ି ଅନ୍ତର୍ଧାନ ହୋଇଗଲେ ।

ଗତ ୧୯୭୪ ଫେବୃଆରୀ ପହିଲି ଶେଷ ସମୟରେ କଟକ ଯାଇଥିଲି । ବାହାର ପାଖ ବାରଣ୍ଡାରେ ଉଦାସ ଚିତ୍ତରେ ଠିଆହୋଇଥିଲି । ଫାଟକ ପାଖରେ ହଠାତ୍ ମୋ ନାମଧରି ଡାକିବା ଶୁଣିଲି । ଚମକି ଉଠି ଚାହିଁଲି । ପ୍ରାୟ କୋଡ଼ିଏ ବର୍ଷ ତଳର ସାକ୍ଷାତ । ଚିହ୍ନିବାକୁ କେତେକ୍ଷଣ ସମୟ ଲାଗିଲା । ଏ ଭିତରେ ଅନ୍ନପୂର୍ଣ୍ଣାଙ୍କୁ ଦେଖିବା କୋଡ଼ିଏ ବର୍ଷ ହୋଇଗଲାଣି । ମଥାର କେଶ ଛୋଟକରି କାଟିଦେଇଛନ୍ତି, ସିଧା ବାଳ କୁଞ୍ଚି କୁଞ୍ଚିଆ ମଧ୍ୟ ହୋଇଯାଇଛି । ସହଜ ଭାବରେ କହିବାକୁ ଗଲେ ସେ ସମୟ ଅପେକ୍ଷା ସୁନ୍ଦରୀ ଦେଖାଯାଉଥିଲେ । ମୋ ବୟସର ବ୍ୟକ୍ତି ସେ । ଆମର ସଙ୍ଗୀ ମିସେସ୍ ନଗେନ୍ଦ୍ରନାଥ ଦାସ ଦଶ ବର୍ଷ ହେଲା ମରିଗଲେଣି । ସେ ମଧ୍ୟ ମୋ ବୟସର । ଆଗ ଅନ୍ନପୂର୍ଣ୍ଣାଙ୍କ କଥା କହିଦିଏ । ସେ ମତେ ଦୂରରୁ ଦେଖି ହିଁ ହସି ହସି ଅଗ୍ରସର ହେଲେ । କହିଲେ ମୁଁ ଗୃହତ୍ୟାଗ କରି ସନ୍ନ୍ୟାସିନୀ ହୋଇଗଲି । ସଂସାର ଜଞ୍ଜାଳ ବଡ଼ ଦୁଃଖଦାୟକ । ସ୍ୱାମୀ କିମ୍ବା କନ୍ୟାଙ୍କ କଥା କିଛି କହିଲେ ନାହିଁ । ସେ ଦିନ ସେ ଡାଃ ମହାମାୟା ପଟ୍ଟନାୟକଙ୍କ ଅତିଥିନୀ ହୋଇଥିଲେ । ହସି ହସି ସେ କହୁଥିଲେ, ମୁଁ ହସୁଥିଲି କି ନାହିଁ ସ୍ମରଣ ନାହିଁ ; କିନ୍ତୁ ବିସ୍ମୟ ବିହ୍ୱଳହୋଇ ଅନ୍ନପୂର୍ଣ୍ଣାଙ୍କ ମୁହଁକୁ ଚାହିଁ ରହିଥିଲି । ଗୌରବର୍ଣ୍ଣ ମୁହଁରେ ସିନ୍ଦୂର ବିନ୍ଦୁଟି ଲାଗିଥିଲା । କହିଲି, ଭାଗ୍ୟବତୀ ତୁମେ, ସିନ୍ଦୂର ବିନ୍ଦୁଟି ଉଜ୍ଜ୍ୱଳତର ଦିଶୁଛି । ସେ ଅନ୍ୟ କାହାକୁ ଦେଖିବା ଉଦ୍ଦେଶ୍ୟରେ ବାହାରିଥିଲେ । ସନ୍ନ୍ୟାସିନୀ ହେବାର ଆନନ୍ଦରେ ସେ ମତେ ଭୁଲିଯିବେଣି । ମୁଁ କିନ୍ତୁ ତାଙ୍କୁ ଭୁଲିନାହିଁ । ତାଙ୍କର ସନ୍ନ୍ୟାସିନୀ ହେବାର କାରଣଟାହିଁ ମନେ ମନେ ଅନୁସନ୍ଧାନ କରୁଛି । ସେଉଁମାନେ

ଅତି ଆପଣାର ସେଇମାନେ ଯେତେବେଳେ ଅତି ସାନ୍ନିଧ୍ୟରେ କେବଳ ଦୁର୍ଗୁଣ ଖୋଜି କାୟ-ମନୋ ବାକ୍ୟରେ ଅନାଦର ପ୍ରଦର୍ଶନ କରନ୍ତି; ସେତେବେଳେ ଅରଣ୍ୟବାସର କଳ୍ପନାହିଁ ଆନନ୍ଦ ଦେଇଥାଏ ।

ସେ ଯାହାହେଉ, ଅତୀତକାଳର ଜଣେ ସଙ୍ଗିନୀଙ୍କ ହଠାତ୍ ଦର୍ଶନର କଥା ଲେଖୁ ଲେଖୁ ଅତୀତର ଅନେକ କିଛି କଥା ମନେ ପଡ଼ିଯାଉଛି । ସେ ସମସ୍ତ ବିଷୟ ଲେଖିବସିଲେ ଅନ୍ୟ ଅନେକଙ୍କର ଜୀବନ ଇତିହାସ ଆସି ଏ ଭିତରେ ପ୍ରବେଶ କରିବ । ସୁତରାଂ ମୁଁ ଅନ୍ୟାନ୍ୟ ଅନେକଙ୍କ କଥା ଛାଡ଼ିଦେଇ ଲେଖି ଯାଉଛି । ଏପରି କି ଆପଣା ପୁତ୍ର, କନ୍ୟାଙ୍କ ଜୀବନର ବହୁ ଘଟଣା ଏଠାରେ ଉଲ୍ଲେଖ କରୁନାହିଁ । ଏଇ ଅଳ୍ପ ଦିନତଳେ ଯଶସ୍ୱୀ ସାହିତ୍ୟିକ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ଲେଖିଥିଲେ, ଶିରୋନାମା "ସାହିତ୍ୟରେ ସାଲିସ୍" ନାହିଁ । ଜଣେ ସାହିତ୍ୟିକ ନିଜର ରଚନା ଉପରେ ଯେତେଦୂର ଦୃଢ଼ ମତ ଘୋଷଣାକରନ୍ତି, ଅନ୍ୟର ଲେଖା ସେଇପରି ଶୁଭଦୃଷ୍ଟିରେ ଦେଖନ୍ତି କି ? ଦେଶର କେତେଟା ସାହିତ୍ୟିକ ପରସ୍ପରରେ ସ୍ନେହ ସୌହାର୍ଦ୍ଦ୍ୟ ରଖିଛନ୍ତି । ପରସ୍ପରରେ ଈର୍ଷା, ଦ୍ୱେଷ, ମିଶ୍ରିତ ଆଲୋଚନା ଦେଖିବାକୁ ତ ମିଳୁଛି । ଆଉ ଯେଉଁଠି ଲେଖାର ଆଲୋଚନା କରାଯାଉଛି, ସେଇଠି ସେ ଲେଖା ଏତେ ନୀରସ ଯେ ଭାବ ଏବଂ ଭାଷାର ସାମଞ୍ଜସ୍ୟ ଦେଖାଯାଉ ନାହିଁ । ଏଠି ହୁଏତ ମୁଁ ମୋ ମନର ଭାବଟି ବ୍ୟକ୍ତ କରିପାରୁନାହିଁ । ମୁଁ ଯାହା ଭାବୁଛି, ଅବିକଳ ସେ କଥା ପାଠକମାନଙ୍କୁ ଜଣାଇ ପାରୁନାହିଁ । କେଉଁଠି ଏଣୁ ତେଣୁ କରି ଗୁଡ଼ାଏ କଥା ଲେଖି ହୋଇଯାଉଛି । ଯେଉଁଠି ବିସ୍ତୃତ ବିବରଣୀ ଆବଶ୍ୟକ ହେଉଛି, ସେଠି ଲେଖକର ଭାଷାଗତ ଦୁର୍ବଳତାରୁ ଅତି ଅଳ୍ପ ଲେଖି ହୋଇଯାଉଛି । ଏସବୁ ମୋର ଆପଣାର ଅନୁଭୂତି । ଯେ କୌଣସି ଗୋଟାଏ ବିଷୟ ଲେଖିବାକୁ ଆରମ୍ଭ କରିବା ପୂର୍ବରୁ ରୁଚିପୂର୍ଣ୍ଣକରି ଲେଖିବାକୁ ହୃଦୟ ଭିତରେ ଉଦ୍ୟମ ଆୟୋଜନ ହୋଇଯାଏ; କିନ୍ତୁ ଭାବନା କାର୍ଯ୍ୟରେ ପରିଣତ କଲାବେଳକୁ ଆପଣାର ଜ୍ଞାନ ସୀମାବଦ୍ଧ ହୋଇଯାଏ । ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ସଂସାର ବିଷୟ ମୁଁ ଆଉ ଟିକିଏ ବିସ୍ତୃତ କରି ଲେଖି-ବାକୁ ଭାବିଥିଲି; କିନ୍ତୁ ପାରିଲିନାହିଁ ।

ମୁଁ ସାହିତ୍ୟ କ୍ଷେତ୍ର ଆଡ଼କୁ ଅଗ୍ରସର ହେବା ସମୟକୁ ଚଉତିରିଶି, ପଞ୍ଚତିରିଶ ହୋଇଥିବ ; କିନ୍ତୁ ସମୟଟା କେବଳ ବୀଜ ରୋପଣର ଅବସ୍ଥା । କଳ୍ପତରୁର ବୀଜ ହୃଦୟକ୍ଷେତ୍ରରେ କମିତି କେଉଁ ଶୁଭମୁହୂର୍ତ୍ତରେ ରୋପଣ କରାହେଲା, ତାହା କେବଳ ଅନ୍ତର୍ଯ୍ୟାମୀ ହିଁ ଜାଣନ୍ତି । ବାର କିମ୍ବା ତେରବର୍ଷ ବୟସରେ ଯେଉଁ 'ବିମାତା ଉପନ୍ୟାସ' ଖଣ୍ଡିକ ଲେଖିଥିଲି, ସେଇଟି ହିଁ ସମ୍ଭବତଃ ମୋର କଳ୍ପତରୁର ବୀଜରୂପେ ହୃଦୟରେ ରହିଯାଇଥିଲା । କୋଡ଼ିଏ ବର୍ଷ ପରେ ପୁଣି ସେ କଳ୍ପନା ବୀଜଟି ଅଙ୍କୁରିତ ହୋଇ ଧୀରେ ଧୀରେ ପଲ୍ଲବିତ ହେବାକୁ ଆରମ୍ଭ କଲା । ପତ୍ରଗହଳ ଭିତରେ କୋକିଳ ଲୁଚି ରହିଲା ପରି ଜ୍ଞାନଦେବତା ଲୁଚି ରହି-ଥିଲେ । "ସତ୍ୟମ୍, ଜ୍ଞାନମ୍, ଅନନ୍ତମ୍"ର ଅର୍ଥ ସ୍ପଷ୍ଟ କରି ଧାରଣା କରିପାରୁନଥିଲି । ଶଙ୍କରାଚାର୍ଯ୍ୟଙ୍କ ମୋହମୁଦ୍ଗର ପଢ଼ି ମୁଗ୍ଧ ହେଉନଥିଲି । ରାମାୟଣ ପଢ଼ି ରତ୍ନାକର ସତ୍ୟରେ ପୃଥିବୀପୃଷ୍ଠରେ ଜନ୍ମ ହୋଇ-ଥିଲେ ନା ବାଲ୍ମୀକି ତାଙ୍କୁ ଗଢ଼ିଲେ ଏକଥା ବିଶ୍ଳେଷଣ କରିପାରୁନଥିଲି । ଏ ବିଚିତ୍ର ସଂସାର ଭିତରେ ବ୍ୟାସ ଆଉ ବିଷ୍ଣୁ ଏକ [illegible] ଦୁଇଦେହ ଧାରଣ କରି ଗୀତାମନ୍ତ୍ର ଗାୟନ କରିଥିଲେ ବୋଲି କଳ୍ପନା କରି-ପାରୁ ନଥିଲି । ସେ ସମୟରେ ମୁଁ ବଙ୍ଗଳା ଭାଷା ପଢ଼ି, ବଙ୍କିମ ସାହିତ୍ୟ ପଢ଼ି, ଅର୍ଥ ବୁଝି ପାରୁଥିଲି । ବଙ୍ଗ-ଦେଶର ଶ୍ରେଷ୍ଠ ଲେଖକ ଶରତଚନ୍ଦ୍ର ଚଟାର୍ଜୀଙ୍କ ପ୍ରାୟ ସମୁଦାୟ ଉପନ୍ୟାସ ପଢ଼ି ବଙ୍ଗଦେଶର ସାମାଜିକ ଜୀବନ ସମ୍ବନ୍ଧରେ ଅବଗତ ହେବାକୁ ପ୍ରୟାସ କରୁ-ଥିଲି ; କିନ୍ତୁ ଆଜି ଏ ସ୍ତରରେ ବସି ଲେଖକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ହାତଗଢ଼ା ମନୁଷ୍ୟ ମହିମ, ସୁରେଶ, ଅଚଳା, ଅଚଳାର ବାବା, କେଦାର ବାବୁଙ୍କୁ ଯେଉଁଭାବରେ ସ୍ପଷ୍ଟକରି ଦେଖିପାରୁଛି ଏବଂ ସେମାନଙ୍କର ସଂଳାପର ଅଭିବ୍ୟକ୍ତି ସମ୍ବନ୍ଧରେ ବିଶ୍ଳେଷଣ କରିପାରୁଛି, ସେତେବେଳେ ଏକଥା ଭାବି-

ପାରୁନଥିଲି । ଅନ୍ଧକାର ଭିତରେ ମୁଁ ଦେଖିବାକୁ ପାଉଥିଲି ଗୋଟିଏ ଉଜ୍ଜ୍ୱଳ ଆଲୋକରେଖା । ସେ ଆଲୋକରେଖାଟି ହେଉଛି, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସାହିତ୍ୟ । ସେ ସାହିତ୍ୟକୁ ମୁଁ କଅଣ ବୋଲି ନାମ ଦେବି ଭାବିପାରୁନାହିଁ । ଜ୍ଞାନଭଣ୍ଡାର ବୋଲି କହିବି ! ଯେପରିକି ଶୁଣୁଛି ସିମିତ ଗୋଟାଏ ସୁନ୍ଦର ମଧୁର ଶବ୍ଦ ଓ ଶ୍ଳୋକ ଶ୍ଳୋକ ଖୋଜୁନାହିଁ । [illegible] ମୁଁ କେବଳ ସ୍ମରଣ କରୁଛି । ସ୍ୱାମୀ ମୋର, ଯାହାଙ୍କୁ ଚିହ୍ନି ନ ଥିଲି କି ଜାଣି ନଥିଲି, ରାମାୟଣର ସୀତାଙ୍କ ଆଦର୍ଶରେ ପତି ଦେବତାଙ୍କ ପଦପଦ୍ମ ପୂଜା କରିବା ଉଦ୍ଦେଶ୍ୟରେ ହୃଦୟର ଆନନ୍ଦ ଆବେଗ ଉଚ୍ଛ୍ୱସି ଉଠୁଥିଲା । ସେତେବେଳେ ସେ ମୋର କେଉଁ ଶୁଭ କାମନାରେ ଆସିକାର କୌଣସି ଏକ ବହି ଦୋକାନରୁ ଆଣି ମୋ ନିମନ୍ତେ ଦ୍ୱିଭାଷୀ ଖଣ୍ଡିଏ ଭାଗୀରଥି ପାଳ ହାତରେ ମୋତେ ପଠାଇଦେଇଥିଲେ । ସୁଖ ଦୁଃଖର ସ୍ମୃତିରେ ଜଡ଼ିତ ମୋର ଜୀବନ । ସୁଖ ଭୁଲିଯାଇ ଦୁଃଖର କଥାଗୁଡ଼ିକ ହିଁ ମାଳାକରି ହୃଦୟରେ ଧାରଣକରି ବସିଛି । ଜନ୍ମ ରାତିରେ ସେଇ ଗୋଟିଏ ଝଲ୍ଲା ମୋର ଚତୁଃପାର୍ଶ୍ୱ ବାୟୁମଣ୍ଡଳକୁ ସୁଗନ୍ଧରେ ମହୁର କରିଦେଉଛି । ମୁଁ ସେଇ ଅନ୍ଧାରରେ (କେବଳ କଳ୍ପନାରେ) ସ୍ୱାମୀଙ୍କର ପଦଦୁଇଟି ଧରି ଅଶ୍ରୁଜଳରେ ଧୌତ କରିଦେଉଛି । ବାଲ୍ୟ କୈଶୋରର ସନ୍ଧିକ୍ଷଣର ସେ ଅନୁଭୂତି । ଅପାସୋରା ହୋଇ ରହିଛି ଅନ୍ତର ରାଜ୍ୟରେ ।

ଭାଗୀରଥି ପାଳ ମୋଠୁ ବୟସରେ ବଡ଼ ହେବେ । କେଜାଣି ସେ କେଉଁଠି ଥିବେ, କିନ୍ତୁ ସେଇ କେତୋଟି ମାସ ଭିତରେ ସେ ଆମ ଦୁହିଁଙ୍କ ଭିତରେ ମଧ୍ୟବର୍ତ୍ତୀ ହୋଇ ଯେଉଁ ଆନନ୍ଦମୟ ଅନୁଭୂତି ସୃଷ୍ଟି କରିଥିଲେ, ସେ କଥାଟି ମୋର ହୃଦୟପଦ୍ମରେ ରହିଗଲା ଚିର ଅମର, ଚିର ସୁନ୍ଦର ହୋଇ ।

ଦ୍ୱିଭାଷୀ ବହିଖଣ୍ଡିକ ଅନେକ ବର୍ଷ ପର୍ଯ୍ୟନ୍ତ ଅତି ପ୍ରେମରେ ସାଇତି ରଖିଥିଲି । ସ୍ମରଣ ହେଉଛି, ମୁଁ ଶାଶୁଘରକୁ ଗଲା ସମୟକୁ ସ୍ୱାମୀଙ୍କର ଅଧ୍ୟୟନ ଶେଷ ହୋଇ ନ ଥିଲା । ସେ କଟକରେ ବି. ଏସ୍‌ସି. ପଢୁଥାନ୍ତି । ଶାଶୁଙ୍କ ନିବାସରେ ମୋର ସମୟ କଟିବା କଷ୍ଟକର ହୋଇଥିଲା । ତାରୁଣ୍ୟର ବିରହାନଳ କଟିଯାଇ ସଂସାର ଗଢ଼-ରଚନାର ମୋହମୁଗ୍ଧ କଳ୍ପନା ସର୍ବଦା ଅଙ୍କୁରବୋଧ ଜାଗ୍ରତ କରଉଥିଲା । ଏହି [illegible] ମାନଙ୍କୁ ବଙ୍ଗଳା ଭାଷା ଶିକ୍ଷା ଦେବାକୁ ହେଲା । ଏବେ ଭାବୁଛି ବର୍ତ୍ତମାନର ଜ୍ଞାନସମ୍ପଦଟିକ ସେ ସମୟରେ ଥାଆନ୍ତା କି ; କିନ୍ତୁ ଦେଶ, କାଳ, ପାତ୍ର ବୋଲି ଗୋଟାଏ ପ୍ରବଚନ ଅଛି । ବୟସ ଏବଂ ଦୁଃଖ ସୁଖର ଘଟଣା ମସ୍ତିଷ୍କଟାକୁ ଦୁଃଖର ଅମୃତରେ ଧୌତ କରିଦେଲାଣି ।

ଜୀବନରେ ଏକାଧିକ ମହତ୍ତ୍ୱ କାର୍ଯ୍ୟ କରି ନ ପାରିଲେ ମଧ୍ୟ ଆପଣା ଜୀବନ ଭିତରେ ବହୁ ଦୁଃଖ ଅନୁଭବ କରି ପଥ ବାହି ଆସି ବର୍ତ୍ତମାନ ପରମେଶ୍ୱରଙ୍କଠାରେ ଆତ୍ମ ସମର୍ପଣ କରିଦେଇଛି ।

ବହୁଦିନ ପରେ ମୁଁ ପୁନଶ୍ଚ ସେଇ ଅତୀତକାଳର ଅଦ୍ଭୁତ ଅନୁଭୂତି ସ୍ମରଣକରି ପୁନଶ୍ଚ ଲେଖା ଆରମ୍ଭ କରୁଛି । ମୋର ଦୁଇ ଦେଢ଼ଶୁର ଅର୍ଥାତ୍ ସ୍ୱାମୀଙ୍କ ଦୁଇ ବଡ଼ଭାଇ, ତିନି ଭଉଣୀ ମଧ୍ୟ ବୟସରେ ସ୍ୱାମୀଙ୍କ-ଠାରୁ ବଡ଼ । ବଡ଼ଭାଇଙ୍କର କଅଣ ଗୋଟାଏ ରୋଗ ଥିଲା । ମୁଁ ଭାବୁଥାଏ ଧନୁଷ୍ଟଙ୍କାର ହୋଇଥିବ । ସମସ୍ତ ଅସମୟ କିଛି ବିଚାର ନକରି ରାତିଅଧରେ ମଧ୍ୟ ସେ ରୋଗ ଆସି ତାଙ୍କୁ ଆକ୍ରମଣ କରେ । ସେଥିରେ ତାଙ୍କର ଗୋଟାଯାକ ଶରୀର ସଙ୍କୁଚିତ ହୋଇ ଏଡ଼େ ଟିକିଏ ଅଣ୍ଟାଚକଟାପରି ହୋଇଯାଏ । ରାତିରେ ରୋଗର ଆକ୍ରମଣ ହେଲେ ମଧ୍ୟ ସକାଳୁ ବସି ଗପସପ କରନ୍ତି । ଘରେ ବସି ସ୍ନାନ କରି, କୁଞ୍ଚିତ କେଶପାଶ ଖଣ୍ଡିକରେ ସୁନ୍ଦର କରି ବେଣୀଟିଏ ବାନ୍ଧି ଭୋଜନ କରିବାକୁ ଆସନ୍ତି । ଆଜି କାଲିର ଶିକ୍ଷିତ ସଭ୍ୟ ବୋଲାଉଥିବା ଝିଅମାନେ ସେଇ ଧରଣରେ କେଶ ବାନ୍ଧୁଛନ୍ତି । ବହୁ-

ଦିନ ପୂର୍ବର କଥା ଲେଖିବା ସମୟରେ ଆଜିର କଥା ମନେ ପଡ଼ିଲା । ଆଜି ସକାଳ ରେଡ଼ିଓ ସମ୍ବାଦରେ ଶୁଣାଗଲା ଏସ୍. ରାଧାକ୍ରିଷ୍ଣନଙ୍କର ଦେହାନ୍ତ ହୋଇଗଲା । ଦେହଟା ଯିନା ଚାଲିଗଲା, ତାଙ୍କର ଯେଉଁ ମଧୁର କଥା, ତାହା ରହିଗଲା ଚିରକାଳ ପାଇଁ । ଯେଉଁ ବ୍ୟକ୍ତି ତାଙ୍କୁ ସ୍ମରଣ କରିବ, ତାଙ୍କୁ ଖୋଜିବ, ତାଙ୍କ କଥା ଶୁଣିବାକୁ କାନ ଡେରି ରହିବ, ସେ ତାଙ୍କୁ ଶୁଣିବ, ଦେଖିବ । ମୁଁ ସର୍ବପଲ୍ଲି ସାର୍ ରାଧାକ୍ରିଷ୍ଣାନ୍‌ଙ୍କୁ କେବେ ପ୍ରତ୍ୟକ୍ଷରେ ଦେଖିନାହିଁ । ମୁଁ ତ ଘରର ହାଣ୍ଡିତଳ ଅନ୍ଧାରର ଅସରପାପଟି ଏପାଖ ସେପାଖ ଅଣ୍ଡାଳି ହୋଇ ଆଉଥରେ ସେଇ ହାଣ୍ଡିତଳେ ଆଶ୍ରୟ ନେବା ପ୍ରାଣୀ । ମନ ଭିତରେ ଯେତେ ଆକାଂକ୍ଷା ଜାଗି ଉଠିଲେ ମଧ୍ୟ ସେସବୁ ବଳେ ବଳେ ମରିଯିବାକୁ ବାଧ୍ୟ ହୁଅନ୍ତି । ସର୍ବପଲ୍ଲି ରାଧାକ୍ରିଷ୍ଣନ୍ ଜଣେ ପ୍ରତିଷ୍ଠିତ ବିଦ୍ୱାନ୍ ବ୍ୟକ୍ତି ଥିଲେ ବୋଲି ମୁଁ ସମ୍ବାଦ ପତ୍ରରେ ହିଁ ଦେଖିବାକୁ ପାଇଥିଲି । ତାଙ୍କ ବିଷୟରେ କେଉଁମାନେ ଲେଖୁଥିଲେ ତାହା ମଧ୍ୟ ମୋର ସ୍ମରଣ ହେଉନାହିଁ । ଆମର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାପରେ, ସେ ଉପାଧିପ୍ରଦାନ ଉତ୍ସବର ପୁରୋଧାହୋଇ ଆସିଥିଲେ ସର୍ବପଲ୍ଲି ରାଧାକ୍ରିଷ୍ଣନ୍ । ତାଙ୍କୁ ସଶରୀରରେ ନ ଦେଖିଲେ ମଧ୍ୟ ତାଙ୍କର ଫଟୋ ପ୍ରତିକୃତି ଦେଖିଛି । ଉପଯୁକ୍ତ ଲୋକମୁଖରୁ ତାଙ୍କର ବିଦ୍ୟା, ବୁଦ୍ଧି, ବିଚାର ସମ୍ବନ୍ଧରେ ଉଚ୍ଚପ୍ରଶଂସା ଶୁଣିଛି । କେତେକାଳ ସେ ଭାରତର ପ୍ରେସିଡେଣ୍ଟ ବା ରାଷ୍ଟ୍ରପତି ଥିଲେ । ଆଜି ଏପ୍ରିଲ ୧୬ କିମ୍ବା ୧୭, ୧୯୭୫ରେ ତାଙ୍କର ଦେହାନ୍ତ ସମ୍ବାଦ ବେତାରଯୋଗେ ପ୍ରଚାରିତ ହୋଇଗଲା । ଏହି ଶୋକ ସମ୍ବାଦ ଶୁଣି ମୁଁ ମ୍ରିୟମାଣ ହୋଇ ରହିଗଲି । ଜଣା, ଶୁଣା, ଚିହ୍ନା, ପରିଚୟ କିଛି ନାହିଁ । ଅଥଚ ଅତି ଆପଣାର ଲୋକ ପରି ମନେ ହେଉଥିଲା । ମର୍ତ୍ତ୍ୟରେ ଜନ୍ମହୋଇ ମାନବ ଜାତିର ସେବାରେ ଶେଷ ପର୍ଯ୍ୟନ୍ତ ସେ ନିଜକୁ ନିଯୁକ୍ତ କରିଥିଲେ ।

ଏପ୍ରିଲ୍ ୧୬ କିମ୍ବା ୧୭ ୧୯୭୫ରେ ଏ ଲେଖା ସବୁ ଯାହା ଲେଖିଛି, ପରେ ଆଉ କିଛି ଲେଖି ନ ଥିଲି । ଆଜି ପୁଣି ଲେଖିବାକୁ ବସିଛି । ସକାଳୁ ଶଯ୍ୟା ଛାଡ଼ି ମୁହଁ ଧୋଇଆସି ବସିଛି, ଆସିକାର କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ସସ୍ତ୍ରୀକ ଅନ୍ୟ ଜଣେ ବନ୍ଧୁଙ୍କ ସହିତ ଆସିଗଲେ । ଆସିକାର ଜଣେ ସ୍ନେହଶୀଳ ବନ୍ଧୁଙ୍କୁ ଦେଖି ଆସିକା ଗୋଟାଯାକ ଆଖି ଆଗରେ ଭାସି ଉଠିଲା । ଆସିକାରେ ଥିବା ସମୟରେ ତାଙ୍କୁ ମୁଁ ଇମିତି ଗଭୀର ଭାବରେତ ଭୁଲି ନ ଥିଲି । ଏବେ କିନ୍ତୁ ଭାବୁଛି, ଆସିକା ମୋର ମାଆ, ଶେଷ ସମୟରେ ହେଲେ ତା କୋଳରେ ଟିକିଏ ଶୋଇପଡ଼ନ୍ତି କି ? ଯିବାକୁ ଭାବି ମନେ ମନେ ଯିବା ଆୟୋଜନ କରିବା ସମୟରେ ସ୍ୱାମୀଙ୍କର ଦୁର୍ବଳ ଦେହଆଡ଼କୁ ଦୃଷ୍ଟି ଚାଲି ଯାଉଛି । ବର୍ତ୍ତମାନ ତାଙ୍କୁ ଏଠି ଛାଡ଼ିଦେଇ ଯିବା ଉପାୟ ଦିଶୁନାହିଁ । ଆଉ ଟିକିଏ ସବଳ ହେଲେ ଦିହେଁ ଯିବାକୁ ଚିନ୍ତା କରିବି ।

କବିରାଜ କୃଷ୍ଣଚନ୍ଦ୍ର ବାହାରିଛନ୍ତି ତୀର୍ଥ କରିଯିବା ଉଦ୍ଦେଶ୍ୟରେ । ଗୟାରେ ପିତୃଶ୍ରାଦ୍ଧ କରି ବଦ୍ରି ନାରାୟଣ ପର୍ଯ୍ୟନ୍ତ ଯିବେ । ବଦ୍ରି ନାରାୟଣଠାରେ ବ୍ରହ୍ମକପାଳରେ ପିଣ୍ଡଦାନ କରି ପିତୃଶ୍ରାଦ୍ଧ କରିବେ । ଆଜି 'ମେ' ମାସ ୨୮ ତାରିଖ, ୧୯୭୫ ; ମାସକ ପରେ ସେମାନେ ଫେରିବେ । ଉତ୍ତରପ୍ରଦେଶ କଅଣ, ବିହାର କଅଣ, ଏ ପ୍ରାନ୍ତରେ ଜୁନ୍ ମାସଟାଯାକ ଭୟଙ୍କର ଗରମ । ତା' ହେଲେ ମଧ୍ୟ ମନୁଷ୍ୟର ମନ ଯାହା କରିବାକୁ ଇଚ୍ଛା ହୋଇଯାଏ, ଶତ ବାଧାବିଘ୍ନ ଅତିକ୍ରମକରି ତାହା କରିବାକୁ ସେ ପ୍ରବଳ ଆବେଗରେ ବାହାରି ପଡେ । ସେ ଜଣେ ଚିକିତ୍ସକ । କିନ୍ତୁ କେତେକଙ୍କର ଚିକିତ୍ସା କରି ଧୀର ସ୍ଥିର ଭାବରେ ଘରେ ବସି ରୋଗୀର ଚିନ୍ତା କରିବା ଅଭ୍ୟାସ ସେ କରିପାରନ୍ତି ନାହିଁ । ସଦାକାଳେ କିଛି ଗୋଟାଏ କରି ବ୍ୟସ୍ତ ରହିବା ଅଭ୍ୟାସ । ଚିକିତ୍ସା ବ୍ୟବସାୟରୁ ଅର୍ଥ ଆଗମ ଘଟିଲା । କଲିକତା ଆୟୁର୍ବେଦ କଲେଜରୁ କେତେଗୁଡ଼ିଏ ଡିଗ୍ରୀ ନେଇ ଆସିଥିଲେ । "ବିଦ୍ୟା ଦଦାତି ବିନୟଂ" ବାକ୍ୟଟି ତାଙ୍କ ପାଖରେ ସାର୍ଥକ ହୋଇଥିଲା । ଅର୍ଥ ଉପାର୍ଜନ କରି ସୁଖରେ ଘର ସଂସାର ଚଳାଇବେଇଁକୁ ତାଙ୍କ ମସ୍ତିଷ୍କରେ ପ୍ରବେଶ କଲା ଆଉ ଗୋଟାଏ ଅଭିନବ ଚିନ୍ତା । ତାଙ୍କର

ବ୍ୟକ୍ତିଗତ ଚିକିତ୍ସା ଅନୁଷ୍ଠାନଟିକୁ ସମବାୟ ଅନୁଷ୍ଠାନ କରି ଟିକିଏ ନିଶ୍ଚିନ୍ତ ହେବାକୁ ଭାବିଲେ ଉତ୍କଳ ଆୟୁର୍ବେଦ ଫାର୍ମାସି, ସମବାୟ ସୂତ୍ରରେ ଅର୍ଦ୍ଧସରକାରୀ ଅଧିକାରରେ ଚାଲିଲା । ସେ କାର୍ଯ୍ୟ ତେଣେ ଅସ୍ଥିର ଭାବରେ ଚାଲିଥିବା ସମୟରେ, ସେ ଆଉ ଗୋଟାଏ ବିଷମ ଚିନ୍ତା କରିବସିଲେ । ଦେଶରେ ଓଡ଼ିଆ ଚଳଚ୍ଚିତ୍ରର ଅବସ୍ଥା ଭଲ ନୁହେଁ । ସେ ଲୋକଙ୍କଠାରୁ ଅଂଶ ଧନ ସଂଗ୍ରହ କରି ଆଣି ଗୋଟାଏ ଚଳଚ୍ଚିତ୍ର ଅନୁଷ୍ଠାନ ଗଢ଼ିବେ । ନିଜର ବିଦ୍ୟା ବୁଦ୍ଧି ଶାରୀରିକ ଶକ୍ତି ଖଟାଇ ଉତ୍କଳର ଛାୟାଚିତ୍ରକୁ ଉନ୍ନତ ଅବସ୍ଥାକୁ ଆଣିବେ ।

ଚଳଚ୍ଚିତ୍ରର ଅଂଶୀଦାର ଅନେକ ହେଲେ ; କିନ୍ତୁ ସେଥିରେ ସେ କାର୍ଯ୍ୟ ଅବଗତ କରିପାରିଲେ ନାହିଁ । ଚଳଚ୍ଚିତ୍ର ରୂପକ ଯେଉଁ ନିବିଡ଼ ଜାଲ ସେ ନିଜ ହାତରେ ତିଆରି କରିବାକୁ ଲାଗିଥିଲେ, ସେଥିରେ ସେ ଜଡ଼ିତ ହୋଇଗଲେ । କେତୋଟି ଚିତ୍ର ଅଭିନୀତ ହୋଇଗଲା ; କିନ୍ତୁ ଆର୍ଥିକ ଅବସ୍ଥା ଦିନକୁ ଦିନ ମନ୍ଦ ଆଡ଼କୁ ଆସିଲା । ଉତ୍କଳବାସୀ କଳାପ୍ରିୟ ଅବଶ୍ୟ ; କିନ୍ତୁ ଚଳଚ୍ଚିତ୍ର କଳାପ୍ରତି ସହଜଭାବରେ କେହି ଆକୃଷ୍ଟ ହେଲେନାହିଁ । ବର୍ତ୍ତମାନ ନିଜ ତିଆରି ଲୌହପିଞ୍ଜରାରୁ ନିଜେ ମୁକ୍ତହୋଇ ତୀର୍ଥାଟନ ଉଦ୍ଦେଶ୍ୟରେ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ବାହାରିଛନ୍ତି ।

ସେ ମହାଶୟ ଆମମାନଙ୍କ ନିକଟରୁ ବିଦାୟ ନେଇ ଯିବାପରେ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ତାଙ୍କରି ବିଷୟ ନେଇ ଖୁସି ଗପ କରୁଥିଲୁ । ମୋ ଝିଅ କମଳା ଡାକଘର ଆଡ଼ୁ ଟେଲିଗ୍ରାମ ଗୋଟିଏ ଧରି ଆସିଲା । ଟେଲିଗ୍ରାମ ଆସିଥିଲା ମୋ ବଡ଼ଭାଇଙ୍କ ପୁଅର ମୃତ୍ୟୁ-ବାର୍ତ୍ତା ବହନକରି । ପୁଅର ବୟସ ତିରିଶି ବର୍ଷ ହେବ । ଏଇ କେତେ ମାସ ହେଲା ସେ ଅସୁସ୍ଥ ଥିଲା । ରୋଗର ବିଷୟ ବଡ଼ଭାଇ କେବେ ଲେଖି ନ ଥିଲେ । ମୋ ପୁଅ ମଧଠାରୁ ଶୁଣିଥିଲି ମୁହାଁଶୟରେ ପୀଡ଼ା ଯୋଗୁ ଚିକିତ୍ସା ନିମନ୍ତେ ଇଂଲଣ୍ଡ, ଆମେରିକା ପର୍ଯ୍ୟନ୍ତ ଯାଉଥିଲେ । ସେ ଆଡ଼ୁ ଫେରିଆସି ଭେଲୋର ଗଲା । ସେଇଠାରେ ହିଁ ଜୀବନଯାତ୍ରା ଶେଷ ହୋଇ ଗଲା । ପାଞ୍ଚବର୍ଷ ହୋଇଯିବ ତାକୁ ମୁଁ ଦେଖିବା । ନୂଆ ବିବାହିତ ଜୀବନ ଥିଲା ତାର ସେ ସମୟରୁ, କିନ୍ତୁ ପିଲାଟା ଏଡ଼େ ଗମ୍ଭୀର ଯେ ତା ମୁହଁରେ ହସ ଟିକିଏ ମଧ୍ୟ ଦେଖିନାହିଁ । ଆହା ! ଯୌବନର ଆନନ୍ଦ ଉପଭୋଗ ସମୟରେ ପିଲାଟା କାଳ କବଳରେ ପଡ଼ି-ଗଲା । ଭାଇ ମୋର କାନ୍ଦୁଥିବେ । ଭାଉଜ ପୁଅର ସୁଗୁଣ ସ୍ମରି ସ୍ମରି ଶୋକ କରୁଥିବ । ବୃଦ୍ଧକାଳରେ ପୁତ୍ରଶୋକ ! ମନୁଷ୍ୟ ହିଁ ସବୁ ସହ୍ୟକରୁଛି ।

ଭାଇ ଭାଉଜଙ୍କ ପାଖରୁ ଆଜି ମୁଁ କେତେ ଦୂରରେ । ଏଇ ଭାଇ ମତେ ସୋରଡ଼ା ଗୋପାଳପୁର ଶାସନରୁ ଆସିକାକୁ ଆଣିଥିଲେ । ମ୍ୟାଲେରିଆ ଘୋଟରେ କି ଭୟଙ୍କର ଜ୍ୱର ସେ । ସ୍ୱାମୀଙ୍କୁ ମଧ୍ୟ ସେଇ ମ୍ୟାଲେରିଆ । ଦେଡ଼ବର୍ଷର ଝିଅଟିକୁ ମଧ୍ୟ ସେଇ ଜ୍ୱର । ସ୍କୁଲ୍‌ଗ୍ରାଉଣ୍ଡ ଛାଡ଼ି ଚାଲିଆସିଲି । ସେ ସମୟକୁ ମଟରକାରର ବହୁଳତା ତ ନ ଥିଲା । ଆସିକାରେ କାହାରି ହେଲେ ମଟରଗାଡ଼ି ନ ଥିଲା । ମୋ ବଡ଼ଭାଇ ରସଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଯାଇ ତିନିଜଣ ବସିବା ଗାଡ଼ି ଗୋଟିଏ ଭଡ଼ାକୁ ନେଇ ସୋରଡ଼ା ଗଲେ । ଡିସେମ୍ବର ମାସର ଶୀତରେ ଆମେ ସ୍ୱାମୀ, ସ୍ତ୍ରୀ ପିଲାଟିକୁ ନେଇ ବସିଲୁ । ଜ୍ୱରରେ ଅଚେତନ ଅବସ୍ଥା ମୋର । ପିଲାଟିକୁ ମଧ୍ୟ ଜ୍ୱର । ସ୍ୱାମୀଙ୍କର ଜ୍ୱର ସାମାନ୍ୟ ଉପଶମ ଆଡ଼କୁ ଆସିଥାଏ । ମୁଁ କେଉଁ ସମୟରେ ଆସିକାର ଆମ ଘରଭିତରକୁ ପ୍ରବେଶ କଲି, ମତେ ମୋର ପିତା ମାତା କିପରି ସାଦର ସ୍ୱାଗତ କରି ନେଲେ, ସେ କଥା ମୋର ଆଉ ସ୍ମରଣ ନାହିଁ । ଜର ପୀଡ଼ାରେ କଷ୍ଟ ପାଉଥିବା ସମୟରେ ଭାଉଜ ମୋ ପାଖକୁ ଆସି କଅଣ ଖାଇବ ବୋଲି ପଚାରନ୍ତି । ମୁଁ କଅଣ କହେ କିଛି ସ୍ମରଣ ନାହିଁ ; କିନ୍ତୁ ସକାଳ ଦଶଟା ପୂର୍ବରୁ ସେ ଯେଉଁ ଅମୃତତୁଲ୍ୟ ଭୋଜନ ଆଣି ମୋ ପାଖରେ ରଖି ଦିଅନ୍ତି, ମୁଁ ମୋର ଜ୍ୱର ରୋଗର କଥା ଭୁଲିଯାଇ ତାଙ୍କ ହାତର ସୁସ୍ୱାଦୁ ଅନ୍ନ ବ୍ୟଞ୍ଜନରୁ ଅଧିକାଂଶ ଖାଇଦିଏ । ସୁପଥ୍ୟ ବଳରେ ହେଉ କି ଔଷଧ ଶକ୍ତିରେ ହେଉ ଦଶଟି ଦିନ ସମ୍ପୂର୍ଣ୍ଣରୂପ ଉନ୍ମୁକ୍ତ

ହୋଇଯାଏ । ଭାଉଜଙ୍କ ହାତର ସୁଧାସମ ଖାଦ୍ୟ ମୋ ଦେହ ଏବଂ ମନରେ ଶକ୍ତି ସଞ୍ଚାର କରିଦିଏ । କିନ୍ତୁ ଦିଶଦିନ ପରେ ସେ ଜ୍ୱର ଆସି ତାର ପ୍ରବଳ ପରାକ୍ରମ ବିସ୍ତାରକରେ । ଦିଶ କି ପନ୍ଦର ଦିନ ପରେ ଇମିତି ଜ୍ୱର ହୋଇ ପ୍ରାୟ ଛଅମାସ ଗଲା ।

ଏ ଜ୍ୱର ରୋଗର୍ କଥା ବିସ୍ତୃତ ଭାବରେ ନ ଲେଖି ଅତୀତର ଅସୁସ୍ଥତା କଥା କାହିଁକି ମନେ ପଡ଼ିଲା ସେ କଥା ଲେଖୁଛି । ମୋ ବଡ଼ ଭାଇଙ୍କର ଚାରି ପୁଅ, ପାଞ୍ଚ ଝିଅ ହୋଇଥିଲେ । ପୁଅମାନଙ୍କ ମଧ୍ୟରୁ ମଝିଆଁ 'ତୃତୀୟ' ପୁଅଟିର ଆକସ୍ମିକ ମୃତ୍ୟୁ ଘଟିଯାଇଥିଲା । ବର୍ତ୍ତମାନ ଦ୍ୱିତୀୟଟିର ମୃତ୍ୟୁ ହୋଇଗଲା । ତୃତୀୟ ପୁଅ ବିବାହ କରି ନ ଥିଲା । ଦ୍ୱିତୀୟ ବିବାହ କରିଥିଲା, ତିନିବର୍ଷ ହେବ ବୋଧହୁଏ ତାର ଗୋଟିଏ ଝିଅ ଅଛି । ତାର ସ୍ତ୍ରୀକୁ ଦେଖିଥିଲି, ବଡ଼ ସରଳ ସ୍ୱଭାବର ଝିଅଟିଏ । ଦେଖିବାକୁ ସୁନ୍ଦର ହୋଇଥିଲା । ବୟସ କୋଡ଼ିଏ ହୋଇଥିବ । ଏତେ ଅଳ୍ପ ବୟସରେ ବିଧବା ହୋଇ ରହି କିମିତି ସେ ଜୀବନ ଯାପନ କରିବ । ମୋ ଭାଇ ଭାଉଜ ପୁତ୍ରଶୋକ ସମ୍ଭାଳି ବିଧବା ବୋହୂକୁ, ପିତୃହୀନା ଶିଶୁ କନ୍ୟାଟିକୁ ଧରି କିମିତି ରହିବେ ? ରହିବେ ନାହିଁ ଆଉ କଅଣ କରିବେ ?

'କାଳସ୍ୟ କୁଟିଳା ଗତିଃ' ସୁଖ, ଦୁଃଖ, ମାନ, ଅପମାନ ସବୁ ବାଣ୍ଟିକୁଣ୍ଟି ଭୋଗ କରିବାକୁ ମନୁଷ୍ୟର ଜନ୍ମ । କିଏ ଜାଣିଥିଲା ? ଏ ବୃଦ୍ଧକାଳରେ ମୋ ଭାଇ ପୁତ୍ରଶୋକର ପୀଡ଼ା ପାଇବେ । ମୋର ଭାଇ ଭାଉଜ ଦୁହେଁ ମତେ ମୋ ପିଲା ଦୁଇଟିଙ୍କୁ କେତେ ସ୍ନେହ ଦୃଷ୍ଟିରେ ଦେଖି ଭଲ ପଦାର୍ଥ ଖୁଆଉଥିଲେ । ଝିଅଟି ତିନିବର୍ଷ ବୟସବେଳେ ଟାଇଫଏଡ଼ ଜ୍ୱରରେ ଶଯ୍ୟାଶାୟିନୀ ହୋଇ ପଡ଼ିଥିଲା । ମୋ ବଡ଼ ଭାଇ ତା'ର କେତେ ସେବା କରିଛନ୍ତି । ତାଙ୍କର ଆଜି ପୁତ୍ରଶୋକ ସମୟରେ ଅତୀତର ଦୁଃଖ ସୁଖର ଅନୁଭୂତି ଜୀବନ୍ତ ହୋଇ ଆଖି ଆଗରେ ଭାସିଯାଉଛି । ହୃଦୟ ମୋର ବ୍ୟଥିତ ହୋଇଉଠୁଛି । ଆହା ମୋ ଭାଉଜ କେତେ ଦୁଃଖ ପାଇଲେ । ଏ ଶୋକପୀଡ଼ାକୁ ଉଭାଇ ଦେବାର ତ ଉପାୟ ନାହିଁ । ଥରେ ଯାଇ ଭାଇ ଭାଉଜଙ୍କୁ ଦେଖି ଆସିବି ବୋଲି ମନଭିତରେ ଗୋଟିଏ ଅଦମ୍ୟ ଅଭିଳାଷ ଜାଗିଉଠୁଛି ।

ଆହା ! ମନୁଷ୍ୟର ଇଚ୍ଛା କେଡ଼େ ସୁନ୍ଦର, କେଡ଼େ ଆଦରଣୀୟ ! ଏଇ ଇଚ୍ଛାଟି ପୂରଣ କରିବା ନିମନ୍ତେ କେତେ ମହାମାନବ ଯୁଗଯୁଗ ଧରି ତପସ୍ୟା କରି-ଆସିଛନ୍ତି । ସେଇ ମହତ୍ ଇଚ୍ଛା ଶକ୍ତିଦ୍ୱାରା କେତେ ଅବିସ୍ମରଣୀୟ କୀର୍ତ୍ତି ପ୍ରତିଷ୍ଠା କରିଦେଇପାରିଛନ୍ତି । ସେ କଥା ସ୍ମରଣ କରି ଦେହ ଏବଂ ମନ କ୍ଷଣେ କ୍ଷଣେ ପୁଲକି ଉଠୁଛି । ଭାଇ ଭାଉଜଙ୍କୁ ଦେଖିଯିବା ଅନ୍ୟ-ମାନଙ୍କ ଦୃଷ୍ଟିରେ ସାମାନ୍ୟ ବିଷୟ ହୋଇପାରେ; କିନ୍ତୁ ମୋ ପାଖରେ ଏହା ଗୋଟିଏ ଅତି ବଡ଼ କଥା । ବ୍ରହ୍ମପୁର ଯିବି ବୋଲି ମନେମନେ ବାଟ ଖୋଜିଲା ବେଳକୁ ୧୨ । ୬ । ୧୯୭୫ ମଧ୍ୟାହ୍ନବେଳକୁ ରେଡ଼ିଓ ସମ୍ବାଦ ଆସିଲା ଯେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧି ତାଙ୍କର ଇଲେକସନ ପିଟିସନରେ ହାରିଗଲେ । ତାଙ୍କର ପ୍ରତିଦ୍ୱନ୍ଦୀ ଯେଉଁଥିଲାଗି ବାଦ କରିଥିଲେ ହାଇକୋର୍ଟ ତାହାଙ୍କ ସପକ୍ଷରେ ରାୟଦେଲେ । ଏ ସମ୍ବାଦରେ ମୋର ମନ ପ୍ରାଣ ବ୍ୟଥିତ ହୋଇଉଠିଲା । ଆଜିର ତାରିଖ ଜୁନ୍ ୧୨।୧୯୭୫ । ଏଦିନଟି ଲକ୍ଷ ଲକ୍ଷ ନର-ନାରୀଙ୍କ ଦୁଃଖର ଦିନ । ପ୍ରାୟ ଦଶବର୍ଷ ହେଲା ପ୍ରଧାନ ମନ୍ତ୍ରୀ ରୂପେ ଏ ଦେଶର ଜନ ସାଧାରଣଙ୍କସହିତ ବନ୍ଧୁ ଭାବରେ, ବନ୍ଧୁ କାର୍ଯ୍ୟରେ, ବନ୍ଧୁ କଥ ରେ ପରିଚିତା । ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ଦେଶର ବହୁ ନରନାରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ସହିତ ଜଡ଼ିତ ଏବଂ ପରସ୍ପରରେ ସମ୍ପର୍କିତ । ମୁଁ ଜଣେ ବ୍ୟକ୍ତି କେବଳ ବିଷଣ୍ଣ ମନରେ ତାଙ୍କର ଦୁଃଖ ବିଷାଦର କଥା ଚିନ୍ତାକରୁଛି, ତାହା ନୁହେଁ, ଦେଶର ଅଧିକାଂଶ ନରନାରୀ ଆଖିରୁ ଇନ୍ଦିରାଙ୍କ ନିମନ୍ତେ ସହାନୁଭୂତିର ଅଶ୍ରୁ ଝରିପଡ଼ୁଥିବ । ଯେଉଁ-ମାନଙ୍କର ଈର୍ଷାନଳ ତାଙ୍କର ଐଶ୍ୱର୍ଯ୍ୟରେ ଜଳି ଉଠୁଥିଲା, ସେମାନେ ଆନନ୍ଦରେ ଅଟ୍ଟହାସ୍ୟ କରି ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ଏ ଦୁଃଖଟାକୁ ଉପଭୋଗ କରୁଥିବେ । ପୃଥିବୀରେ ଏହା ଗୋଟିଏ ଅଘଟିତ ଘଟଣା । ଇନ୍ଦିରାଗାନ୍ଧିଙ୍କ ସମ୍ବନ୍ଧରେ ମୋ ଜୀବନ

ସ୍ମୃତିରେ ଲେଖିଲି କାହିଁକି ? ଏ ପ୍ରଶ୍ନ ହୁଏତ କେବେ କୌଣସି ପାଠକ କରିପାରନ୍ତି; କିନ୍ତୁ କହିଣ କରିବି, ମୁଁ ଯେ ବର୍ତ୍ତମାନର ରାଜନୈତିକ ଅବସ୍ଥାକୁ ଭୁଲି ପାରୁନାହିଁ । ମୋର ବୁଦ୍ଧିବୃତ୍ତିର ପରିପକ୍ୱ ଅବସ୍ଥାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ନଅବର୍ଷର ରାଜତ୍ୱ ମନେ ପଡ଼ୁଛି । ବିପକ୍ଷଦଳ କେତେ ପ୍ରକାର ପ୍ରଚେଷ୍ଟା କରି ତାଙ୍କୁ ଦୋଷ ଯୁକ୍ତା କରି ଥୋଇଦେଲେ । ଆଜି ସୁପ୍ରିମ କୋର୍ଟରେ ଶ୍ରୀମତୀ ଗାନ୍ଧିଙ୍କ ବିଷୟ ବିଚାର ହେବ । କୋଡ଼ିଏ ତାରିଖରେ ତାଙ୍କ କେସ୍‌ର ବିଚାର କରିବାକୁ ସେ ସୁପ୍ରିମ କୋର୍ଟକୁ ଆବେଦନ କରିଥିଲେ । ଗତ କାଲି ବିଚାର ଆରମ୍ଭ ହୋଇଛି, ଆଜି ସେ ବିଚାରର ସିଦ୍ଧାନ୍ତ କରାଯିବ । ଆଜି ୨୫।୭।୧୯୭୫ ଭାରତର ପ୍ରଧାନ ମନ୍ତ୍ରୀଙ୍କର ଆଜି ଭାଗ୍ୟ ପରୀକ୍ଷା ହୋଇଯିବ ।

ବର୍ତ୍ତମାନ ମୁଁ ଯେଉଁଠାରୁ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ କଥା ଆରମ୍ଭକରିଥିଲି, ପୁଣି ସେଇଠାକୁ ଫେରି ଯାଉଛି । ୨୪ । ୭ । ୧୯୭୫ ଅପରାହ୍ନରେ ଅନୁଦ୍‌ବିଗ୍ନ ମନରେ ଥିବା ସମୟରେ ସମ୍ବାଦ ଆସିଲା ଯେ, ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧିଙ୍କୁ ସୁପ୍ରିମ କୋର୍ଟ କୌଣସି ନିୟମ ବନ୍ଧନ ନ ଥାଇ ପ୍ରଧାନ ମନ୍ତ୍ରୀ ପଦରେ ରଖାଇ ଦେଲେ । ଏହାପରେ ଜୁଲାଇ ୧୪ । ୧୯୭୫ରେ ଶେଷ ସିଦ୍ଧାନ୍ତ ରାୟ ସ୍ୱୟଂ ସୁପ୍ରିମକୋର୍ଟର ବିଚାରପତି ଦେବେ । ଗର୍ଜନଶୀଳ ସମୁଦ୍ର ଯେପରି କୌଣସି ପ୍ରାକୃତିକ କାରଣରୁ ଶାନ୍ତ ହୋଇଯାଏ, ସେଇ ପରି ମୋ ମନଟା ସ୍ଥିର ଅଚଞ୍ଚଳ ହୋଇଗଲା ।

ଆସିକାରେ ମୋର ଜନ୍ମ । ସେଇଠାରେ ହିଁ ମୋର ବାଲ୍ୟ, ଶୈଶବ ଲୀଳା ଶେଷ ହେଉହେଉ କୈଶୋର ଯୌବନର ଗମ୍ଭୀର ଅନୁଭୂତି ଆସି-ଯାଇଥିଲା । ପିତାମାତା ସାନ୍ନିଧ୍ୟରେ ଯେଉଁ ଆନନ୍ଦ ଅନୁଭବ କରିଥିଲି, ସେ କଥା ଭୁଲିହେଉନାହିଁ । ଶୈଶବ ପାରହେବା ପରଠାରୁ ମୋ ମନ ଭିତରେ କମିତି କାହା ପ୍ରଭାବରେ ମୁଁ ଜାଣେନାହିଁ, ଭାବ-ପ୍ରବଣତା ଜାଗିଉଠିଥିଲା । ପ୍ରକୃତିର ଇଚ୍ଛା ପ୍ରକାରେ କିମ୍ବା ଅନ୍ତର୍ଯ୍ୟାମୀ ପ୍ରଭୁଙ୍କର ଅଭିପ୍ସବର ବଳରେ ମୁଁ ସ୍ୱୟଂ ମୋ ଜୀବନ-ଯାତ୍ରାପଥ ଆବିଷ୍କାର କରିଥିଲି । ମୋର ପ୍ରୌଢ଼ ବୟସରେ । ମୋର ଏ ଯାତ୍ରାପଥରେ ମତେ ଆଲୋକ ଦେଖାଇଥିଲେ ଜଣେ ତେଜସ୍ୱୀ ତରୁଣ । ସେ ସମୟରେ ସେ ସ୍ୱୟଂ ସ୍ୱପ୍ନ ଦେଖି ନଥିଲେ, ସେ କେବେ ଏତେ ଦୂର ପର୍ଯ୍ୟନ୍ତ ଆସିପାରିବେ, ଏକଥା ସେ କେବେ ଭାବିଥିବେ ମତେ ସେ ଏକଥା କହି ନାହାଁନ୍ତି । ୧୯୪୫ରେ କି ୪୬ ରେ ସ୍ମରଣ କରି ପାରୁନାହିଁ, ତ କଂଶଠାକୁ ଲେଖିଲେ ଠିକ୍ କେଉଁ ସମୟରେ ତାଙ୍କୁ ଦେଖିଥିଲି ସେ କହିବେ । ସେ ସମୟକୁ ବୟସ ତାଙ୍କର କୋଡ଼ିଏ କି ଏକୋଇଶ ବର୍ଷ ହୋଇଥିବ । ଦେଖିବାକୁ ଶୀର୍ଣ୍ଣ ଦେହ, ମୁଷ୍ଟିମେୟ ମୁହଁ, ଓଡ଼ିଆଭାଷାରେ କହିବାକୁ ଗଲେ ପୋଷ ପରି ମୁହଁଟିଏ । ଶ୍ଳେଷ୍ଟ ଗଢ଼ଣ, ଶୁଭ୍ର ଶ୍ୟାମଳ ବର୍ଣ୍ଣ । ସ୍ନିଗ୍ଧ ଲଲାଟ । ମୁହଁ ଦେଖିଲେ ବୁଦ୍ଧିର ପରିଚୟ ମିଳେ ।

ମୋ ସାନଭାଇ ତାଙ୍କୁ ସାଥିରେ ଧରି ଆସି ମୋ ସହିତ ଚିହ୍ନା କରିଦେଲେ । କିଏ ଜାଣିଥିଲା, ସେ ଶୁଭକ୍ଷଣର ପରିଚୟ ଏତେ ପବିତ୍ର, ଏତେ ଗଭୀର ହୋଇ ମୋ ହୃଦୟରେ ରହିବ । ବୟସରେ ବାଳକ ହେଲେ ମଧ୍ୟ ଜ୍ଞାନରେ ବୃଦ୍ଧ । ସଂସ୍କୃତରେ 'ଆଚାର୍ଯ୍ୟ' ଉପାଧି ପାଇ ହିନ୍ଦୀରେ 'କୋବିଦ' ହୋଇଥିଲେ । ସେ ସମୟରେ ହିନ୍ଦୀ ଭାଷାର ପ୍ରଚାର, ପ୍ରଭାବ ଏତେ ବେଶି ହୋଇଥିଲା ଯେ ଆବାଳ-ବୃଦ୍ଧବନିତା ସମସ୍ତେ ହିନ୍ଦୀ ଶିକ୍ଷା ପାଇବାକୁ ପ୍ରୟାସ କରୁଥିଲେ । ଯାହାଙ୍କ କଥା ମୁଁ ଉପରେ ଲେଖିଲି, ତାହାଙ୍କ ନାମ ଦେବରାଜ ପାଠୀ । ଦେବରାଜଙ୍କ ବର୍ଣ୍ଣ ଶୁଭ୍ର ଶ୍ୟାମଳ । ମୁହଁର ଗଢ଼ଣଟି ସୁଶ୍ରୀ । "ବିଦ୍ୟା ଦଦାତି ବିନୟଂ, ବିନୟାଦ୍ ଯାତି ପାତ୍ରତାମ୍ । ପାତ୍ରତ୍ୱାଦ୍ ଧନ ମାପ୍ନୋତି ଧନାଦ୍ ଧର୍ମଂ ତତଃ ସୁଖମ୍" । ଏଥିର ପ୍ରତ୍ୟେକ ବାକ୍ୟ ଶ୍ରୀ ଦେବରାଜ ପାଠୀଙ୍କ କାୟମନୋ ବାକ୍ୟରେ କାର୍ଯ୍ୟ-କାରୀ ହୋଇଆସିଛି । ସୁଗୁଣ ଭିତରେ କୌଣସି ସାଂସାରିକ ଚିନ୍ତା ଯେ ତାଙ୍କ ମନରେ ନଥିବ, ତାହା କହିହେବନାହିଁ । ସତ୍ତ୍ୱ, ରଜ, ତମ ତିନିଗୋଟି ଯାକ ଗୁଣ ମନୁଷ୍ୟର ସମସ୍ତ ପ୍ରକାର ଚିନ୍ତା ଏବଂ କାର୍ଯ୍ୟରେ ସମାନ ଭାବରେ ରହିଛି । ଦେବତାଙ୍କର ମଧ୍ୟ ସୃଷ୍ଟି

ରହୁଛନ୍ତି । ତଥାପି ସଂସାର ଯାତ୍ରା ପଥରେ ସେ ଜୟୀ ହୋଇ ଆସିଛନ୍ତି ଆଜି ପର୍ଯ୍ୟନ୍ତ ।

ଦେବରାଜଙ୍କୁ ମୁଁ ଗଭୀର ସ୍ନେହ ଶ୍ରଦ୍ଧା ଦୃଷ୍ଟିରେ ଦେଖୁଥିଲି, ଦେଖୁଛି ମଧ୍ୟ, ଆସିକାର ଆଙ୍ଗ୍ଲୋ ସଂସ୍କୃତ ସ୍କୁଲ ପାଖରେ ବାପାଙ୍କର ସ୍ୱ ଉପାର୍ଜିତ ଜମିରେ କେତେଗୁଡ଼ିଏ ଘର ତିଆରି ହୋଇଥିଲା । ସେଗୁଡ଼ିକରେ କେତେକ ହାଇସ୍କୁଲ ଶିକ୍ଷକ ବାସ କରୁଥାନ୍ତି । ସେଇ ସ୍ଥାନରେ ହିଁ ଦେବରାଜ ଗୋଟିଏ ଘରେ ରହୁଥାନ୍ତି । ସେ ସମୟକୁ ହିନ୍ଦୀ ଟିଉସନ ତାଙ୍କର ଜୀବିକା ନିର୍ବାହର ଉପାୟ ଥିଲା । ତାପରେ ସେ ଆଙ୍ଗ୍ଲୋ ସଂସ୍କୃତ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ରହିଲେ । ସଂସ୍କୃତ ସ୍କୁଲର ପ୍ରଧାନ ଶିକ୍ଷକ ହେବା ନିମନ୍ତେ ତାଙ୍କର ଉପଯୁକ୍ତ ଉପାଧି ଥିବା ସଙ୍ଗେ ସଙ୍ଗେ ଅଧ୍ୟୟନ ଅଧ୍ୟାପନ କାର୍ଯ୍ୟରେ ତାଙ୍କର ଦକ୍ଷତା ଥିଲା ଯଥେଷ୍ଟ ।

ସମୟ ଏବଂ ସୁବିଧା ପାଇବା ମାତ୍ରେ ସେ ମୋ ପାଖକୁ ଆସି ଦୁଃଖ ସୁଖ କଥା ହୁଅନ୍ତି । ସେ ସମୟକୁ ମୋର ପୁତ୍ର ଏବଂ କନ୍ୟା ଦୁହେଁ, କଟକରେ ଏବଂ ବିହାର ପାଟନାରେ ରହି ଡାକ୍ତରୀ ପଢୁଥିଲେ ।

ସେ ସମୟରେ ମୁଁ ଆଉ କଅଣ କରୁଥିଲି । ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଆସିକା ଛାଡ଼ିବାପରେ 'ନବୀନ' ପତ୍ରିକାକୁ ଲେଖା ପଠାଇବା ନିମନ୍ତେ ମତେ ଆଉ ଉତ୍ସାହ ମିଳିଲାନାହିଁ । ଆଗରୁ ପଢ଼ା ହୋଇଥିବା ଗୁଡ଼ିଏ ନାଟକ ପଢ଼ିବାକୁ ଲାଗିଥିଲି । ଲେଖିବାକୁ ଭୁଲି ଯାଇଥିଲି । ବଙ୍ଗଳା ଭାଷାରେ ପ୍ରସିଦ୍ଧ କବିମାନଙ୍କର କାବ୍ୟ, ନାଟକ, ଉପନ୍ୟାସ ବହୁ ସଂଖ୍ୟାରେ ପଢ଼ିଥିଲି । ସେ ସମୟକୁ ବଙ୍ଗଳାର ଲେଖକ ଶରତ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ସାହିତ୍ୟ ସମ୍ରାଟ ବୋଲି ଜନ-ସମାଜ ସମ୍ମାନ ଦେଉଥିଲେ । ମୋର ମନେହୁଏ ଶରତ୍ ଚନ୍ଦ୍ରଙ୍କର ସମୁଦାୟ ଗଦ୍ୟ ସାହିତ୍ୟ ପଢ଼ିବାପରେ ମୁଁ ଭାବେ ମୁଁ ଯଦି ଏ ସବୁ ଲେଖିଥାନ୍ତି । ଏଥି ସହିତ ଓଡ଼ିଆ ସାହିତ୍ୟକୁ ଛାଡ଼ି ନ ଥିଲି । ସେ ସମୟକୁ, ଲେଖକ କାହ୍ନୁଚରଣ

ମହାନ୍ତିଙ୍କ 'ଭୁଣ୍ଡି ବାଇଦ' ଉକ୍ତଳୀୟମାନଙ୍କ ଭୁଣ୍ଡେ ଭୁଣ୍ଡେ ବାଜି ଉଠୁଥିଲା ମୋର କୈଶୋର କାଳରୁ ଫକୀର ମୋହନ ସେନାପତିଙ୍କ ଗଦ୍ୟ କାବ୍ୟ 'ମାମୁଁ', 'ପ୍ରାୟଶ୍ଚିତ୍ତ', 'ଗଳ୍ପ ସ୍ୱଳ୍ପ' ପ୍ରଭୃତି ଗ୍ରନ୍ଥ ପଢ଼ି ମନେ ମନେ ଆପଣାକୁ ଧନ୍ୟ ମନେ କରୁଥାଏ । ସେ ଗ୍ରନ୍ଥ-ଗୁଡ଼ିକରେ ଲେଖକ ଉପନ୍ୟାସର ସ୍ତ୍ରୀ ପୁରୁଷଗୁଡ଼ିକୁ ଇମିତି ପ୍ରତ୍ୟକ୍ଷ କରି ଦର୍ଶାଇ ଦେଇଛନ୍ତି ଯେ ଏଇ ବ୍ୟକ୍ତିବୃନ୍ଦ ଆମର ଅପରିଚିତ ବୋଲି ମନେହେଉ ନଥିଲା । ସେମାନଙ୍କର ସଂଳାପ ପଢ଼ିବା ସମୟରେ, ହସ କାନ୍ଦ, ଦୁଃଖ, ବିଷାଦ, ବେଦନା ହୃଦୟ ଭିତରେ ସହଜ ଭାବରେ ହିଁ ସଜାଗ ହୋଇ ଉଠୁଥିଲା । ଫକୀର-ମୋହନଙ୍କୁ ବର୍ତ୍ତମାନ ବ୍ୟାସକବି ଉପାଧି ଦେଶବାସୀ ଦେଇଛନ୍ତି ; କିନ୍ତୁ ସେପରି ମହାକବିଙ୍କର ସ୍ମୃତିରକ୍ଷା ନିମନ୍ତେ କୌଣସି ଅନୁଷ୍ଠାନ ଗଢ଼ାଯାଇନାହିଁ । ଗଢ଼ା ଯିବ । ଦେଶର କୌଣସି ଜଣେ ରସଗ୍ରାହୀ ବ୍ୟକ୍ତି କେବେ ସଜାଗ ହୋଇ ବାହାରିବେ, ବିଶ୍ୱକବିଙ୍କ ଭାଷାରେ "ଆଜି ହତେ ଶତବର୍ଷ ପରେ କେ ତୁମି ପଡ଼ିଛ ଆମାର କବିତା ଖାନି କୌତୂହଳ ଭରେ, ଆଜି ହତେ ଶତବର୍ଷ ପରେ ।" ସିମିତି ବ୍ୟାସକବି ସେନାପତିଙ୍କ ମହାଭାରତ, ମାମୁଁ, ପ୍ରାୟଶ୍ଚିତ୍ତ, ଶତେ ବର୍ଷପରେ ପଢ଼ି ମଧ୍ୟ କବିଙ୍କୁ ଆରାଧନା କରି ଆଣି ବସେଇବେ ସଭାମଞ୍ଚରେ ।

ମନୁଷ୍ୟ କବି ହେବାର ସାଧନା କାହିଁକି କରେ ! ସେ କେବେ ମରିବ ନାହିଁ ବୋଲି ? ସେ ପରେ ଭାବଚିନ୍ତା ସେ କରେ କି ? ତାହା ନୁହେଁ, ମନୁଷ୍ୟର ମନ ଭାବାବେଶ ବା ରସାବେଶ ହୋଇଉଠିଲେ ସେ ନିରନ୍ତର ମଣିହରା ଫଣିପରି ଦୁଃଖ-ବିଷରେ ଆତ୍ମ-ହରା ହୋଇ ମଣିଟି ଖୋଜେ । ଆପଣାର ଅଜ୍ଞତା କଥା ଭୁଲିଯାଇ ସେ ଲେଖନୀ ଚାଳନା କରେ । ସେତେବେଳେ ଅଘଟନ ଘଟନ ପଟୀୟସୀ ମାୟାଙ୍କ ଦ୍ୱାରା ସବୁକାର୍ଯ୍ୟ ସମ୍ପାଦିତ ହୋଇଯାଏ । ଏଇ ମାୟା ମୋହର ଦୃଢ଼ହସ୍ତ ଆମକୁ କେଉଁଠାରୁ କେଉଁଠାକୁ ଟାଣି ନେଇଯାଉଛି । ଷଡ ଏବଂ ଷଡ ଅଙ୍ଗରୁ

ଯେତେବେଳେ ଦୃଷ୍ଟି ପଡ଼ୁନାହିଁ । ସେ ମାୟା ମୋହର ଇମିତି ଦୁର୍ଦ୍ଦାନ୍ତ ଶକ୍ତି ଯେ ଆମକୁ ସେ ଜଣ୍ଡାବଣରେ ପକାଇ ଘୋଷାଡ଼ି ନେଲାବେଳେ ଦୁଃଖୀ ବିପଦ୍‌ଗ୍ରସ୍ତଙ୍କୁ ଆମର ଆଉ ଦୃଷ୍ଟିପଡ଼େ ନାହିଁ । ପରେ ଜ୍ଞାନ ଦେବତା ଆସି ତର୍ଜମା ସଙ୍କେତକରି ସେ ଦୁଃଖ ଦେଖାଇ ଦେବା ସମୟରେ ଆମେ ଧୈର୍ଯ୍ୟ ହରାଇ ମାଟିରେ ମିଶିଯାଉ । ଅନୁତାପଟି ଯେତେ ନିବିଡ଼ ଭାବରେ ବୋଧହୁଏ, ସେତିକି ସେତିକି ଦୁଃଖର ଦାରୁଣ ଦାଉରୁ ମୁକ୍ତି ମିଳେ । କେତେ କବି, କେତେ ଲେଖକ, କେତେ ଭବିଷ୍ୟତ୍ ବକ୍ତା, ହୃଦୟ ମନ୍ଦିରରେ ଆସି ବସି କରି ରହନ୍ତି । ନିଦ୍ରାବିହୀନ ରାତିରେ ସେଇମାନେ ଆସି ମୋ ମଥା ପାଖରେ ଜଣକ ପରେ ଜଣେ ବସି-ଯାଆନ୍ତି । ସେ ଭିତରୁ କେତେକଙ୍କୁ ଜୀବନରେ କେବେ ଥରେ ଦେଖିନାହିଁ । ସେମାନଙ୍କର ଗ୍ରନ୍ଥର ପ୍ରଚ୍ଛଦ-ପଟରେ ଥିବା ପ୍ରତିକୃତି ହିଁ ମୋର ସେ କବିଙ୍କୁ ସାକ୍ଷାତ ଦର୍ଶନ କରିବା ଏକମାତ୍ର ଉପାୟ । ଯେଉଁ ସମୟରେ ଯେଉଁ କବିଙ୍କୁ ଆଖି ଆଗରେ ରଖି ତାହାଙ୍କର ଲିଖିତ କବିତା ମୁଖସ୍ଥ କରେ । ପ୍ରତ୍ୟକ୍ଷ ଭାବରେ ହିଁ ସେ କବିଙ୍କୁ ମୁଁ ହୃଦୟ ସିଂହାସନରେ ବସାଇ ତାଙ୍କର ଚରଣ ବନ୍ଦନା କରେ । ଦିନ ଦିନକର ବିନିଦ୍ର ରାତି ମୋର ଦୁଃଖଦାୟକ ନହୋଇ ଆନନ୍ଦ ଦାୟକ ହୋଇଥାଏ ।

ଗୋଟିଏ କଥା କହିବାକୁ ଭୁଲିଯାଉଛି । ୧୯୪୨ ଠାରୁ ୧୯୪୫ ପର୍ଯ୍ୟନ୍ତ ମୁଁ ଗୋଟାଏ ଅସାଧ୍ୟ କାର୍ଯ୍ୟରେ ହାତ ଦେଇଥିଲି । ଏ ତିନ ବର୍ଷ ପୁଅ ଝିଅ ଦୁହେଁ ଦୂର ପ୍ରବାସରେ ରହି ଅଧ୍ୟୟନରତ ଥିଲେ । ଶ୍ରୀ ଦେବରାଜ ପାଠୀଙ୍କ ସହିତ ସେ ସମୟକୁ ମୋର ସାକ୍ଷାତ ଘଟି ନଥିଲା । ଏକାକିନୀ ବସି ବସି ନାଟକ ଲେଖିଲି । 'ସହୋଦର' ମୋର ନିଜ ଜୀବନର ରୂପ ସେଥିରେ ରହିଥିଲା । ପିତା ମାତାଙ୍କ କଥା । ମଧ୍ୟବିତ୍ତ ପରିବାରର ସନ୍ତାନ ଓ ସ୍ୱାମୀଙ୍କ ବିଷୟ । ତା'ପରେ ଲେଖିଲି 'ନାରୀ' । 'ନାରୀ' ନାଟକର ଅଭିନୟ ଦେଖି ଶ୍ରୀ ହରେକୃଷ୍ଣ ମହତାବ ଖୁବ ପ୍ରଶଂସା କରିଥିଲେ । "ଯୋଗ୍ୟପୁତ୍ର' 'ନୈତିକ' 'ଭକ୍ତୁରି' 'ପ୍ରାଚୀନପନ୍ଥୀ' 'ସୁଧାରପନ୍ଥୀ' 'ମାତୃସ୍ନେହ' ଏସବୁ ଏକାଥରକେ ଲେଖି ନଥିଲି । ନାଟକ ଅଭିନୟ ହେବାପରେ ଦିନକୁ ଦିନ ଇମିତି ଉତ୍ସାହ ବଢ଼ି ଚାଲିଲା ଯେ ଗୋଟାଏ ରାତିରେ ନାଟକ ଗୋଟାଏ ଲେଖିବା ଶକ୍ତି ଆସିଯାଇଥିଲା । ସକାଳ ହେଲେ ତାକୁ ଆଉଥରେ ଦେଖିଦେଉଥିଲି । ସାରା ରାତି ଅନିଦ୍ରାରେ କଟାଇ ମଧ୍ୟ କ୍ଳାନ୍ତ ବୋଧ ହେଉ-ନଥିଲା ।

ସେ ସମୟର ସେ ପ୍ରବଳ ଆବେଗମୟ ମୁହୂର୍ତ୍ତର ରଚନା ମୋର ପରମ ଆନନ୍ଦ ଅନୁଭୂତିପୂର୍ଣ୍ଣ ହୃଦୟ ତଟରେ ଶରତକାଳର ନଦୀସ୍ରୋତ ପରି ଛଳ ଛଳ କଳ କଳ ଧ୍ୱନିକରି ବହିଯାଉଥିଲା ପରି ମନେହେଉଛି ।

ନାଟକ ଅଭିନୟର ଉଦ୍ୟମ, ଆୟୋଜନ କର୍ମ ସମ୍ପାଦନ ମୋ ଭଳି ଜଣେ ଘର କୋଣର ମୂଷିକା ପକ୍ଷରେ କି ଦୁଃସାଧ୍ୟ ବ୍ୟାପାର ତାହା ଲେଖିବସିଲେ ଗୋଟାଏ ବିଶାଳ ଗ୍ରନ୍ଥ ହୋଇଯିବ । ଏଣେ ଅର୍ଥର ପ୍ରାଚୁର୍ଯ୍ୟ ନଥିଲା । ଦାରିଦ୍ର୍ୟର ଆଶଙ୍କା ମଧ୍ୟ ମତେ ଥରେ ଥରେ ବିଚଳିତ କରିଦିଏ । ତଥାପି ମୁଁ ସେ ନାଟକ ଅଭିନୟ କରାଇବା ଲୋଭ ସମ୍ବରଣ କରିପାରେନାହିଁ । ଛଅ ସାତ ଖଣ୍ଡ ସାମାଜିକ ନାଟକ ଲେଖି ଆସିବାରେ ମୋର ଆପଣା ରଙ୍ଗମଞ୍ଚରେ ଅଭିନୀତ କରାଇଥିଲି । ସେତିକିରେ ତୃପ୍ତି, ଶାନ୍ତି ନହୋଇ ସେ ଦଳକୁ ବ୍ରହ୍ମପୁର ପର୍ଯ୍ୟନ୍ତ ଧରି ଯାଇଥିଲି । ବ୍ରହ୍ମପୁରରେ ଦର୍ଶକମଣ୍ଡଳୀ ଏଥିପ୍ରତି ଆକୃଷ୍ଟ ହେବ ପରି ମୁଁ ଅନୁଭବ କରିପାରିଲି ନାହିଁ । ତାପରେ ଟିକିଏ ହତାଶ ବୋଧକରିଥିଲି ; କିନ୍ତୁ ଘରକୁ ଫେରିଆସି ସ୍ୱାମୀଙ୍କଠାରୁ ଉତ୍ସାହ ପାଇ ପୁଣି ନବୀନ ତେଜରେ ସଜାଗ ହୋଇ ବସିଲି । ଏହା ପରେ (ରସୁଲକୋଣ୍ଡା) ବର୍ତ୍ତମାନର ଭଞ୍ଜନଗର ଗଲି । ସେଠାରେ ମୋର ନାଟକ ସୁନାମ ଅର୍ଜନ କରିଥିଲା । ପ୍ରାୟ ଛଅଟି ନାଟକ ଅଭିନୀତ ହେଲା ।

ଶେଷଦିନ ସେଠାରେ ବିଦ୍ୱାନବ୍ୟକ୍ତିବୃନ୍ଦ ସଭାକରି ମୋତେ ଗୋଟିଏ ଅଭିନନ୍ଦନ ପତ୍ର ଦେଇଥିଲେ । ଏତେ ସୁନ୍ଦର କରି ସହଜ ହୃଦୟସ୍ପର୍ଶୀ ଭାଷାରେ ସେ ମାନପତ୍ର ଲେଖା ହୋଇଥିଲା, ତାକୁ ଗ୍ଲାସ ଯାଇ ବନ୍ଧେଇ କରାଯାଇଥିଲା । ସେ ଅଭିନନ୍ଦନର ଉତ୍ତରଦେବା ସମୟରେ ଆବେଗ ଉଲ୍ଲାସର ସୀମା ନଥିଲା । ଭଞ୍ଜନଗର ପରେ ସୋରଡ଼ା ଯାଇଥିଲି । ସେଠାରେ ମଧ୍ୟ ନାଟକ ସୁଖ୍ୟାତି ଅର୍ଜନ କରି ଫେରି ଆସିଥିଲି । ଏଠି ଭଞ୍ଜନଗରରୁ ଫେରିବା ବାଟରେ ଗାଡ଼ି ବନ୍ଦ ହୋଇଗଲା । ଡିସେମ୍ବର ମାସର ଶୀତରାତି । ବସ୍ ଗୋଟାକରେ ନାଟକୀୟ ଲୋକ ଭର୍ତ୍ତିହୋଇ ବସିଥିଲେ । ସେ ଦିନ ଭାଇନା ମଧ୍ୟ ଯାଇଥିଲେ । ସେ ଦିନର ଶୀତ ରାତିରେ ମୋ ଭାଇ ମୋ ପାଖରେ ବସି ଯେଉଁ କଷ୍ଟଭୋଗ କରିଥିଲେ, କ୍ଷଣକର ସ୍ୱପ୍ନପରି ସେ କଥା କେଉଁ ଆଡ଼େ ଉଡ଼ି ଗଲାଣି କାଳ ଶିଳାବେଳ ଦାଗଟିଏ ମାତ୍ର ରଖିଦେଇ ।

ମୋର ନାଟକ ସହିତ ଯେଉଁମାନେ ସଂପୃକ୍ତ ଥିଲେ, ସେମାନେ ସେଥିରେ ଅଭାବ ଅସୁବିଧା କଥା ବୁଝି ପାରୁଥିଲେ ; କିନ୍ତୁ ବାହାରର କେତେକ ବ୍ୟକ୍ତି ନାଟକରୁ ମୁଁ ପଇସା ସଂଗ୍ରହ କରୁଥିବି ବୋଲି ଆଲୋଚନା କରୁଥିଲେ ; କିନ୍ତୁ ସେ କଥା ଆଡ଼କୁ ମୁଁ ଆଦୌ କାନ ଦେଉନଥିଲି ।

ଦିନକୁ ଦିନ ଆର୍ଥିକ ଅବସ୍ଥା ଶୋଚନୀୟ ହେବା ଦେଖି ଅଭିନେତାମାନେ ନାଟକ ଭାଙ୍ଗିଦେବା ପାଇଁ ପ୍ରସ୍ତାବ କଲେ । ମୁଁ ସେ ଆଡ଼କୁ ମନ ନ ଦେଇ ସୋରଡ଼ାକୁ ଶେଷ ଅଭିଯାନ ଚଳାଇଲି । ସେ ସ୍ଥାନଟି ବ୍ୟବସାୟୀମାନଙ୍କ-ବସତି । ମୁଁ ସେଇ ସୋରଡ଼ା ନିକଟବର୍ତ୍ତୀ ଗୋପାଳପୁର ଶାସନର ବୋହୂ । ଯେଉଁ ବୋହୂର ଗଡ଼ପଥର ଗ୍ରାମ୍ୟଟି ମଧ୍ୟ କେହି ଦେଖି ନଥିଲେ, ସେଠି ସେଇସେଇ ଘରଠାରୁ ଶୋଇବା ଘର ପର୍ଯ୍ୟନ୍ତ ମୋର ଚଳପ୍ରଚଳ । ନାଟକ ଲେଖି, ଦଳେ ଅଭିନେତାଙ୍କୁ ଧରି ନିର୍ଦ୍ଦେଶନା ଦେବା ସେମାନଙ୍କ ଦୃଷ୍ଟିରେ ଅଦ୍ଭୁତ କାର୍ଯ୍ୟ । ଏକଥା ସେଠାର ସେ ଭିତରେ ବନ୍ଧୁମାନେ ପ୍ରକାଶ କରି କହି ପକାଉ ଥିଲେ । ଜଣେ ଦୁଇଜଣ ଯେ ସାହିତ୍ୟ ରସାନୁଭବୀ ବ୍ୟକ୍ତି ନଥିଲେ ତାହା ନୁହେଁ । ସେହିପରି କେତେକ ମହତ୍ତହୃଦୟର ବ୍ୟକ୍ତି ମୋ ପାଖକୁ ଆସି ମୋର ନାଟକ ଅଭିନୟ କାର୍ଯ୍ୟରେ ସହାୟତା କରିବାକୁ ସ୍ୱୀକୃତି ଦେଲେ ।

ସେ ସମୟକୁ ସେଆଡ଼କଙ୍କର ରଙ୍ଗମଞ୍ଚ ନିର୍ମାଣ କାର୍ଯ୍ୟ ଶେଷ ହୋଇଥାଏ । ନାଟକ ଘର ମିଳିଗଲା । ଭଡ଼ା କେତେ ଦେବାକୁ ପଡ଼ିଥିଲା, ସ୍ମରଣ ହେଉନାହିଁ । ସେ ସମୟର ସେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋର ନାଟକ ପ୍ରତି ଯଥେଷ୍ଟ ସାହାଯ୍ୟ ଏବଂ ସହାନୁଭୂତି ପ୍ରକାଶ କରିଥିଲେ । ନାଟକ ବେଶ୍ ସମାରୋହର ସହିତ ଅଭିନୀତ ହୋଇଥିଲା । ସେଠାରେ 'ନାରୀ', 'ନିଷ୍ପତ୍ତି', 'ପୋଷ୍ୟପୁତ୍ର' ପ୍ରଭୃତି ଛଅଟି ନାଟକ ଅଭିନୟ କରାଯାଇଥିଲା । ସେଥିରେ ସମସ୍ତ ବ୍ୟୟ ବାଦେ ସାତଶହ ଟଙ୍କା ଅବଶିଷ୍ଟ ରହିଥିଲା । ସ୍ୱାମୀ କହିଲେ, ସେ ଟଙ୍କାଟା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟକୁ ଦେଇଦିଅ । ସେ ଧନ ବ୍ୟାଙ୍କରେ ଗଚ୍ଛିତ ରହିବ, ଯେଉଁ ଛାତ୍ର ସର୍ବଶ୍ରେଷ୍ଠ ନମ୍ବର ରଖିବ, ସେ ସେଥିର ସୁଧଟା ନେବ । ମୋର ଇଚ୍ଛା ନଥିଲା । ଅଭାବର ତାଡ଼ନା ଭିତରେ ସେ ସମୟକୁ ନାଟକ ଦୁଇ ବର୍ଷ ଚାଲିଆସିଥିଲା, ମୋର କଳ୍ପନା ଥିଲା ସେ ଟଙ୍କାରେ ଅଭିନେତାମାନଙ୍କୁ ପରିଧେୟ ଖଣ୍ଡେ ଖଣ୍ଡେ ଦେବି । ଏକଥା ମୁଁ ମନ ଖୋଲି ତାଙ୍କୁ କହିପାରି ନଥିଲି । ସେ ଟଙ୍କା ସ୍କୁଲକୁ ଦେଲେ ; କିନ୍ତୁ ତାହା କିମିତି କାହାକୁ ଦେଉଛନ୍ତି ମୁଁ ଆଜି ପର୍ଯ୍ୟନ୍ତ ଜାଣିପାରିନାହିଁ । ଏ କଥା ବୁଝିବା ନିମନ୍ତେ ଥରେ ହେଡ଼ମାଷ୍ଟରଙ୍କ ପୁଅ ପୁତୁରାଙ୍କୁ କହିଥିଲି । ସେତ କାହିଁ କିଛି ଜବାବ ଦେଲେନାହିଁ । ଦୁଇ ପୁତୁରା ମଧ୍ୟରୁ ବଡ଼ ପୁତୁରା ଗାଁରେ ସରପଞ୍ଚ ହୋଇଛନ୍ତି । ଜମି ବାଡ଼ି ବୃଷକରି ସମ୍ଭ୍ରାନ୍ତ ଭାବରେ ଚଳନ୍ତି । ରାଜନୀତି କରି ଆଉ ଟିକିଏ ଉଚ୍ଚ କ୍ଷମତା ହାତରେ ରଖିବା ବୋଧେ ଇଚ୍ଛା । ପଲିଟିକ୍ସରେ ଯୁଦ୍ଧ ଚାଲିଛି । ଯାହାର ବାହୁବଳ ବେଶି ସେ ଜିଣୁଛି । ନାଟକ କେଉଁ କାଳରୁ ଶେଷ ହେଲାଣି କିନ୍ତୁ ନାଟକର

ଆୟୋଜନ ଆଖି ଆଗରେ ଓ ହୃଦୟ ଭିତରେ ଯିମିତି ଯିମିତି ଉଜ୍ଜ୍ୱଳହୋଇ ରହିଛି । ସୋରଡ଼ା ହାଇସ୍କୁଲକୁ ଦେଇ ନଥିଲେ ଅନ୍ତତଃ ଆଉ ଗୋଟାଏ ମାସ ନାଟକ-କାର୍ଯ୍ୟ ସୁବିଧାରେ ଚାଲିଥାନ୍ତା । ସ୍ୱାମୀଙ୍କର ଇମିତି ଗୋଟାଏ ମହତ୍ ଇଚ୍ଛାରେ ମୁଁ ବାଧାଦେଇ ପାରି ନ ଥିଲି । ଟଙ୍କା ସାତଶହର ସୁଧ ବର୍ଷକୁ କେତେ ଇମିତି ହୋଇଯିବ, ସେଥିରୁ ଜଣେ କିମ୍ବା ଦୁଇ ଜଣ ଛାତ୍ର ନିଜ ନିଜର ପାଣ୍ଡିତ୍ୟର ପୁରସ୍କାର ନେଇଥାନ୍ତେ । ତଥାପି ତାଙ୍କର ଇଚ୍ଛା ବିରୁଦ୍ଧରେ ପଦେ ହେଲେ କହିବାକୁ ଇଚ୍ଛା ହେଲାନାହିଁ । ସେ ସୋରଡ଼ା ହାଇସ୍କୁଲ ସ୍କଲରସିପ ପାଣ୍ଠିରେ ମୋର ଅଭିନେତା ମାନଙ୍କ ଦ୍ୱାରା ଉପାର୍ଜିତ ସାତଶହ ଟଙ୍କା ରହିଗଲା । ନାଟକ ସମ୍ବନ୍ଧୀୟ ବ୍ୟୟ ଅର୍ଥାତ୍ ଆସିକାଠାରୁ ସୋରଡ଼ା ଯିବା ଆସିବା; ରଙ୍ଗମଞ୍ଚର ଭଡ଼ା ଇତ୍ୟାଦି ଚଳାଇବ ମୋ ପକ୍ଷେ କଷ୍ଟକର ହୋଇପଡ଼ିଲା । ସୋରଡ଼ା ଯାତ୍ରା ପୂର୍ବରୁ ( ରସୁଲକୋଣ୍ଡା ) ଭଞ୍ଜନଗର ନାଟକ ଦଳ ନେଇ ଯାଇଥିଲି । ଓଡ଼ିଆ କ୍ଲବ ପକ୍ଷରୁ ସେଠାରେ ଗୋଟିଏ ରଙ୍ଗମଞ୍ଚ ତିଆରି କରିଦିଆଯାଇଥିଲା । ସେଥିପାଇଁ ଭଡ଼ା ଦେବାକୁ ପଡ଼ିଥିଲା କି ନାହିଁ ସ୍ମରଣ ହେଉନାହିଁ । କିନ୍ତୁ, ସେଠାର କେତେକ ସାହିତ୍ୟପ୍ରେମୀ ନାଟକ ଅଭିନୟ ସମୟରେ ଆନ୍ତରିକ ଶ୍ରଦ୍ଧା ସହାନୁଭୂତିର ସହିତ ସାହାଯ୍ୟ କରିଥିଲେ । ଛଅଗୋଟି ନାଟକ ସେଠାରେ ଅଭିନୀତ ହୋଇଥିବା ମୋର ମନେ ପଡ଼ୁଛି । ସେ ଦିନର ସେ ଆନନ୍ଦ ଅନୁଭୂତି ମନେ ପଡ଼ିଲେ ଆଖି ମୋର ସଜଳ ହୋଇ ଯାଉଛି । ନାଟକ ଅଭିନୟର ଶେଷ ଦିନ ଭଞ୍ଜନଗରର ସାହିତ୍ୟିକ ବୃନ୍ଦ ମୁଁ ଜଣେ 'କବି' ବୋଲି ମୋତେ ବଡ଼ ସୁନ୍ଦର ସମ୍ବର୍ଦ୍ଧନା ସହିତ ଗୋଟିଏ ବନ୍ଧାଇ ଅଭିନନ୍ଦନ ପତ୍ର ଦେଇଥିଲେ । ସେ ସମ୍ବର୍ଦ୍ଧନାର ଉତ୍ତରରେ ମୁଁ ଯାହା କହିଥିଲି ମନେପଡ଼ୁନାହିଁ, କିନ୍ତୁ ସେଦିନ ରାତିର ସେ ସମ୍ବର୍ଦ୍ଧନା ସଭା ମନେ ପଡ଼ିଲେ ସ୍ୱର୍ଗ ରାଜ୍ୟର ସଭାରେ ଦିନକ ନିମନ୍ତେ ହେଉପଛେ ବସିଲାପରି ମନେ ହେଉଛି । ଭଞ୍ଜନଗରର ସାହିତ୍ୟିକ ମାନଙ୍କ ସମ୍ମୁଖରେ ନମ୍ର ହୃଦୟରେ ଅଶ୍ରୁପୂର୍ଣ୍ଣ ଆଖି ଖୋଲି ଚାହିଁ ରହିଥିଲି ଭଳି ମନେହେଉଛି ।

ସେ ଦିନ ସନ୍ଧ୍ୟାରେ ମୋର ଜଣେ ମାମୁଁପୁଅ ଭାଇ ଯାହାଙ୍କ ଅନୁରୋଧରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମ ଦେବ' ନାଟକ ପଢ଼ିଥିଲି ଏବଂ ଯାହାଙ୍କ ଯୋଗୁ ମୋ ହୃଦୟରେ ନାଟକ ପ୍ରତି ଗଭୀର ରେଖା-ପାତ ହୋଇଥିଲା, ସେଇ ରାଧାମୋହନ ଦାସ ବଡ଼ ଗୋଟାଏ ଥାଳିରେ ନାନା ପ୍ରକାର ମିଷ୍ଟାନ୍ନ ଧରି ଆସି ମୋର ଅଭିନେତାମାନଙ୍କୁ ଖୁଆଇଥିଲେ । ବର୍ତ୍ତମାନ ରାଧାମୋହନ ଭାଇନା କେଉଁଠି କିମିତି ଅଛନ୍ତି ଜାଣେ ନାହିଁ । ଦେଶ ଛାଡ଼ି ପ୍ରବାସରେ ବସବାସ କରି ରହିବା ବଡ଼ ଦୁଃଖ । ଏଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ କହିଛନ୍ତି, "ଅଧିନ ଜୀବନ ଅସୂର୍ଯ୍ୟମ୍ପଶ୍ୟା, ଦେହ ଧରି କିଏ ପାରିବ ସହି ।" କବି ସିନା ଆବେଗ ଅଧୀର ହୋଇ ଏକଥା କହିଛନ୍ତି, ବାସ୍ତବରେ, ମନୁଷ୍ୟ ଦେହ ଧରି ଅନେକ ଅସହନୀୟ ଦୁଃଖ, ବେଦନା ସହ୍ୟ କରେ । ନିରାସକ୍ତ ଭାବରେ ଯେଉଁ ବ୍ୟକ୍ତି ଜୀବନ-ଯାତ୍ରା ନିର୍ବାହ କରେ ତା ପକ୍ଷରେ ସବୁ ଦୁଃଖ ପରମ ଆନନ୍ଦରେ ପରିଣତ ହୋଇଯାଏ । କବିମାନଙ୍କର କାବ୍ୟ ପଢ଼ିଲେ, ମନରେ ସ୍ୱତଃ ଆନନ୍ଦ ସଞ୍ଚାର ହୁଏ, ମନେ ହୁଏ ସତେ ଯିମିତି ମୋ ହୃଦୟର ଆବେଗ-ମୟୀ ଭାଷା ଇମିତି କାବ୍ୟ, କବିତା ଗଦ୍ୟ ସାହିତ୍ୟର ରୂପ ଧରି ଲେଖିହୋଇ ଯାଇଛି ।

ସାହିତ୍ୟ ସମ୍ବନ୍ଧରେ ମନରେ ଆଲୋଡ଼ନ ବିଲୋଡ଼ନ ସୃଷ୍ଟି ହେବାଠାରୁ ଅନ୍ୟମାନଙ୍କର ଭଲ ମନ୍ଦ ସ୍ୱଭାବ ଚରିତ୍ର ନେଇ ମନ ଭିତରେ ଆଲୋଚନା କରିବା ସମୟରେ ଗୁରୁଜନମାନଙ୍କ ସମ୍ବନ୍ଧରେ ମଧ୍ୟ ଭାବି-ଥାଏ । ଆପଣାର ଅପରାଧ ସମ୍ବନ୍ଧରେ ଯେ ଯେତେଦୂର ପାରେ ସଚେତ ହୋଇ ଆଖିରୁ ଧାର ଧାର ଅଶ୍ରୁ ଝରାଇ ଦିଏ । ବାଲ୍ୟ ବୟସରେ ଅନ୍ୟମାନଙ୍କଠାରୁ ନିନ୍ଦା ଦୁଃଖର ଆଘାତରେ ହୃଦୟ ଭରିଯାଏ । ଇମିତି ଦୁଃଖ, କ୍ଷୋଭ, ଭଲ ଭାବନା ଭିତର ଦେଇ ମୋର ବୟସ ଷୋଳଟି ଉପରେ ହୋଇଗଲା । ଠିକ୍ ତିଥି, ବାର,

ମାସ, ବର୍ଷ ଲେଖି ପାରୁନାହିଁ । କେଉଁ ସମୟରେ 'ହରିହର ନାଟ୍ୟ ମନ୍ଦିର,' ଗଢ଼ିବାରେ ଲାଗିଥିଲି, ପରେ ଈଶ୍ୱରଙ୍କ ଇଚ୍ଛାରେ ନାଟ୍ୟକାର ମାନେ ଆପଣା ଆପଣା ବୃତ୍ତିରେ ଲାଗିଲେ । ସେମାନଙ୍କ ସହିତ ଯେଉଁ ସ୍ନେହ ଶ୍ରଦ୍ଧାର ସମ୍ପର୍କ ଥିଲା, ଅନେକ ଦିନ ପର୍ଯ୍ୟନ୍ତ ମୋ କାନ ପାଖରେ ସେମାନଙ୍କର ସେ କଥା ଗୁଣୁ ଗୁଣୁ ଧ୍ୱନିକରି ବାଜି ଉଠୁଥାଏ । କେତେ ଉତ୍ସାହରେ ନାଟକ ଲେଖା ଚାଲିଥିଲା ! ରାତି ପାହାନ୍ତି ପର୍ଯ୍ୟନ୍ତ ନାଟକ ଶେଷ କରିବାରେ ଲାଗିଥାଏ । ଅଭିନେତା-ମାନେ ସେ ଲେଖାକୁ ପଢ଼ି କେଉଁଠି କଅଣ କର୍ତ୍ତନ ବର୍ଦ୍ଧନ କରିବାକୁ ଥିଲେ ଆଲୋଚନା କରାହୁଏ । ପର ଦିନକୁ ପୁଣି ନୂତନ ଖାତାରେ ନବୀନ ଭାବ ଭାଷା ଦେଇ, ଦୁଇ ତିନି ଦିନ ଭିତରେ ଗୋଟାଏ ଗୋଟାଏ ନାଟକ ନବୀନ ଆକାରରେ ଗଢ଼ିହୁଏ । ନିଜର ସୃଷ୍ଟିରେ ନିଜେ ଏତେ ଆନନ୍ଦ ଅନୁଭବ କରେ ଯେ, ସେ ଭାବ ଅନିର୍ବଚନୀୟ ହୋଇ ଉଠେ । ପରମ ପିତା ପରମେଶ୍ୱରଙ୍କ ପଦତଳେ ଲୋଟିଯାଏ । ଲେଖିବାକୁ ପ୍ରୟାସ କରୁକରୁ ମନ ପ୍ରାଣ ପୁଲକି ଉଠେ । ଆଜି ସେ ଦୂର ଅତୀତର କଥା ସ୍ମରଣକରି ମନ ଉଲ୍ଲାସରେ ନାଚି ଉଠୁନାହିଁ । ଶାନ୍ତ ଉଦାସ ଭାବରେ ହାତ ଯୋଡ଼ି-ହୋଇ ଯାଉଅଛି, ସ୍ୱତଃ ପରମ ପିତା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ।

ମୋ ସ୍ୱାମୀ ମତେ ଉତ୍ସାହ ଦିଅନ୍ତି । ନାଟକ ଭାଙ୍ଗିଗଲା ବୋଲି ଲେଖିବା ଛାଡ଼ି ଦେଲେତ ହେବନି । ନାଟକ ବରଂ ତୁମ ଲେଖାର ଭିତ୍ତି ପକେଇ ଦେଇଛି । ତାରି ଉପରେ ଠିଆହୋଇ ନୂଆ ନୂଆ ଲେଖା ଲେଖିଯିବ । ସ୍ୱାମୀଙ୍କର ଉତ୍ସାହ ମତେ ସାହସ ଦେଇ ମୋ ହାତରେ କଲମ ଧରାଇ ଦିଏ । ଲେଖିବସେ, ସବୁ ଭୁଲି ନିର୍ଲିପ୍ତ ନିର୍ବିକାର ଭାବରେ ଗଳ୍ପର ଗୋଟାଏ ବିଷୟ ଶେଷକରି ଅନ୍ୟ ବିଷୟ କ୍ରମଶଃ ଗତିକରେ । ଦିନେ ଦିନେ କେବଳ କଲମ ଖଣ୍ଡିକ ହାତରେ ଖୋଲି କାଗଜଟିକୁ ଚାହିଁ ରହିଥାଏ । ଯେଉଁ କେତେ ଜଣଙ୍କୁ ନେଇ ନାଟକ ଅଭିନୀତ କରାଇଥିଲି, ସେମାନଙ୍କର କଥା ଶୁଭିଯାଏ । ରିହାର୍ସଲର ଦୃଶ୍ୟ ଦିଶିଯାଏ । ଦିନେ ଦିନେ ଅପରାହ୍ଣରେ ଦେବରାଜ ଆସି ବସନ୍ତି । ବଡ଼ ଧୀରସ୍ଥିର କଥାବାର୍ତ୍ତା ତାଙ୍କର । ସାହିତ୍ୟ ସମ୍ବନ୍ଧରେ, ଭାଷା ସମ୍ବନ୍ଧରେ କଥା ହେଉ । ସେଥି ସହିତ ଘର କଥା ଆପଣା ଆପଣା ଅବସ୍ଥାର କଥା ଆଲୋଚନା କରୁ । ସେ ସମୟକୁ ଦେବରାଜର ବୟସ କୋଡ଼ିଏରୁ ବେଶି ହେବନାହିଁ । ଏତେ ଅଳ୍ପ ବୟସର ବାଳକ ଗୋଟିଏ ସାଥିରେ ବସି ଜ୍ଞାନ ଚର୍ଚ୍ଚା କରେ । ସାମାଜିକ ଜ୍ଞାନ, ଭାଷା ଜ୍ଞାନ, ଜୀବନର ଦର୍ଶନ ଜ୍ଞାନ, ମନୁଷ୍ୟ ସହିତ ମନୁଷ୍ୟର ସ୍ନେହ, ସମ୍ବନ୍ଧ, ପୁଣି ସେଇ ମନୁଷ୍ୟ ଭିତରେ ବ୍ୟବଧାନ ସୃଷ୍ଟି ହୋଇ ମନୁଷ୍ୟ ହୃଦୟ ଭିତରେ ଶୋକ, ବିଷାଦ, ବିଚ୍ଛେଦ ଭରି-ଦେଉଛି । ସେ ଚିନ୍ତା କରିବା ମାତ୍ରେ ଆଖିରୁ ଅଶ୍ରୁ ବହିଯାଉଛି । ପରସ୍ପର ପ୍ରତି ତିଳେ ମାତ୍ର ବିଶ୍ୱାସ, ସ୍ନେହ ଶ୍ରଦ୍ଧା ରହିପାରୁନାହିଁ ।

ଯେଉଁ ଶ୍ୟାମଳ ସୁଶ୍ରୀ ବାଳଟି ସହିତ ନିଜକୁ ବୃଦ୍ଧାବସ୍ଥାରେ ରଖି ଦୁଃଖ ସୁଖ କଥା ହେଉଥିଲି, ସେ ଏବେ ପ୍ରାୟ ପଚାଶ ବର୍ଷରେ ପଦାର୍ପଣ କଲଣି । ପୁତ୍ର ପରିବାର ସ୍ୱାର୍ଜିତ ସମ୍ପତ୍ତିରେ ପରମ ସୁଖୀ ହୋଇ ସଂସାର କରୁଛନ୍ତି । 'ନମ୍ରନ୍ତି ଗୁଣିନଃ ଜନାଃ' ବାକ୍ୟଟି ତାଙ୍କଠାରେ ବିଦ୍ୟମାନ ହୋଇ ରହିଛି ।

ମୋର ଆପଣାର ସାହିତ୍ୟିକ ପ୍ରତିଭା ଚିନ୍ତା କରିବା ସମୟରେ ବର୍ତ୍ତମାନ ପରିଣତ ବୟସର ଜଣେ ବ୍ୟକ୍ତି ଅଧ୍ୟାପକ ଦେବରାଜ ପାଠୀଙ୍କୁ ସ୍ମରଣ କରେ । ମୋର ବା ପ୍ରତିଭା କାହିଁ ? ପ୍ରତିଭା ନଥାଇ ପ୍ରତିଭା କଥା ଚିନ୍ତାକରି ଆଖି ମୋର ଅଶ୍ରୁସିକ୍ତ ହୋଇଯାଏ । ଯାହା ଜାଣିଥିଲି ସେଇ ଜାଣିବା କଥାକୁ ନେଇ କେତେ କଳ୍ପନା କରେ । କେତେ ଘରର କଥା ଆଖ୍ୟାୟିକାର ରୂପଧରି ମୋ ଆଗରେ ଦେଖାଦିଏ । ଆଜିର ନୁହେଁ କି କାଲିର ନୁହେଁ ପଚାଶ ବର୍ଷ ପୂର୍ବର କଥା ହେଲଣି । ପୁଅ ମୋର ସେତେବେଳେ କଟକରେ ମେଡ଼ିକେଲରେ ପଢ଼ୁଥାଏ । ଝିଅ ଥାଏ ପାଟନାରେ ।

ସ୍ୱାମୀଙ୍କର ବଡ଼ ଆହ୍ଲାଦ କୃଷି କର୍ମରେ । ଭୋରରୁ ଉଠି ଆସିକା ପାଖ ନୂଆ ଗାଁକୁ ଯାଆନ୍ତି । ସେଠି ଯାଗା ଖଣ୍ଡିଏ କିଣି ଗୁଡ଼କଳ କଳ ଗୋଟିଏ ଆରମ୍ଭ କରିଥିଲେ । ସେ ଗୁଡ଼କଳ କଳ ବନ୍ଦୀକରି ସେଠାରେ କେତେକ ଜମି କିଣି ଆମ୍ବଗଛ ରୋପଣ କଲେ । ସେଠାରୁ ଭୂମିଟା କଙ୍କରମୟ ହେଲେ ମଧ୍ୟ ଏପରି ଘରିପାଟି ରୂପେ ଖାତ ଖୋଳାଇ ଖାଦଦେଇ କଲମି ଆମ୍ବଗଛ ପୋତି ଦେଇଥିଲେ ଯେ ତିନି ଚାରି ବର୍ଷ ଭିତରେ ଅମୃତ ପରି ମଧୁର ରସଯୁକ୍ତ ଆମ୍ବ ଫଳିଥିଲା ।

ଦେଶ ଛାଡ଼ି ଆସି ମନେ ପଡ଼ୁଛି, ଦେଶରେ ଥିଲେ, ସାଥିସାଙ୍ଗ ଲୋକଙ୍କୁ ଗୋଟାଏ ଦୁଇଟା ଆମ୍ବ ଖୁଆଇ ଆନନ୍ଦ ପାଉଥାନ୍ତି । ହାୟ ! କେଉଁଠିର ବ୍ୟକ୍ତି କେଉଁଠି ଆସି ରହିଲି । ଦେଶର ମାଟିପାଇଁ ମନ କାନ୍ଦୁଛି ।

ଲେଖୁଥିଲି ଦେବରାଜଙ୍କ କଥା । ସେ ଜଣେ ସଂସ୍କୃତ ଆଚାର୍ଯ୍ୟ । ତାଙ୍କଠାରୁ ଭାଷା ଶିକ୍ଷା କରିବାକୁ ପ୍ରୟାସ କରୁଥିଲି । ସେଇ ସଙ୍ଗେ ସଙ୍ଗେ ଆସିକା ଉଚ୍ଚ-ବିଦ୍ୟାଳୟର ଶିକ୍ଷକ ଶ୍ରୀ ସତ୍ୟବାଦୀ ଗନ୍ତାୟତଙ୍କୁ ଡକାଇ ଆଣି ତାହାଙ୍କ ପାଖରେ ଇଂରେଜୀ ପଢ଼ିଲି । ସେଇ ଦୁଇ ବିଚକ୍ଷଣ ବ୍ୟକ୍ତିଙ୍କ ସମ୍ମୁଖରେ ବସି ପଢ଼ିବା ସମୟରେ ମନରେ ଆନନ୍ଦ ଉଦ୍‌ବେଳିତ ହୋଇ ଉଠେ । ପଢ଼ୁ ପଢ଼ୁ ନିଜ ଜୀବନର କଥା ଆଲୋଚନା କରିଯାଏ । ସେଥି ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କର ଅନେକ ବିଷୟ ମଧ୍ୟ ଆଲୋଚନା ହୋଇଯାଏ, ଏହି ଆଲୋଚନା ସହିତ ରବୀନ୍ଦ୍ର ସାହିତ୍ୟର ଆଲୋଚନା ହୁଏ । ସେ ଆଲୋଚନାର ଆନନ୍ଦ ଏବେ ମଧ୍ୟ ମୋ ହୃଦୟ ଭିତରେ କଥା କୁହା କୁହି ହେବାପରି ବୋଧହେଉଛି । ଦେବରାଜ କେବଳ ଅଳ୍ପ ବୟସର ତରୁଣଟିଏ । ମୁଁ ତାଙ୍କୁ କର୍ତ୍ତବ୍ୟନିଷ୍ଠ ବାଳକ ଗୋଟିଏ ପରି ଦେଖେ । ମନୁଷ୍ୟ ପାଇଁ ଦିନ, ମାସ, ବର୍ଷ ଅପେକ୍ଷାକରି ରହେନାହିଁ । ମୋର ବୟସ ଯିମିତି ଦିନକୁ ଦିନ ବଢ଼ି ଚାଲିଥାଏ । ସେ ମଧ୍ୟ ଦିନକୁ ଦିନ ଯୌବନାବସ୍ଥାରେ ପ୍ରବେଶ କରେ । କିଶୋର ବୟସରେ ଗୋଟିଏ ସୁନ୍ଦରୀ ବାଳିକା ସହିତ ତାଙ୍କର ବିବାହ ହୋଇଥିଲା । ପ୍ରାଇଭେଟ୍ ଟିୟୁସନ ଚାଲି ଥିଲାବେଳେ, ସେ ପୁଣି ମୋ ପିତାଙ୍କର ଆଟଗଡ଼ ସଂସ୍କୃତ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ରହିଲେ । ସ୍କୁଲପକ୍ଷରୁ କେତୋଟି ଘରଭଡ଼ା ହୋଇଥିଲା । ସେଥିରେ ଶିକ୍ଷକମାନେ ଯଥା ସାଧ୍ୟ ଭଡ଼ା ଦେଇ ରହୁଥିଲେ । ଦେବରାଜ ତାଙ୍କର କିଶୋରୀ ପତ୍ନୀ ଶ୍ରୀମତୀ ସରସ୍ୱତୀଙ୍କୁ ନେଇ ଗୃହ ନୀଡ଼ ରଚନା କରି ରହିଥିଲେ । ସେ ଦିନର ସେ ଦୃଶ୍ୟ ଭାସି ଯାଉଛି ଆଖି ଆଗରେ ।

ବର୍ତ୍ତମାନ ଦେବରାଜ ଚାଳିଶ ପାର ହୋଇ ପଚାଶ ପାଖକୁ ଆସିଲେଣି । ତାଙ୍କ ବଡ଼ ପୁଅ ଏମ୍. ଏ. ପାସ କରି କୌଣସି ସ୍କୁଲରେ ନିଯୁକ୍ତ ହେଲେଣି ବୋଧହୁଏ । ସେ ସେକଥା ମୋତେ ଏ ପର୍ଯ୍ୟନ୍ତ ଲେଖିନାହାନ୍ତି । ଅତି ଭାଗ୍ୟବାନ ଲୋକ । ଦ୍ୱିତୀୟ ପୁଅ ଆଉ ବର୍ଷକରେ ଡାକ୍ତର ହେବ । ସୁଖରେ ଗୃହସ୍ଥାଶ୍ରମ ଧର୍ମ ପାଳନ କରୁଛନ୍ତି ଦେବରାଜ । ମୁଁ ଏଇ ଅବସ୍ଥାରେ ଥାଉ ଥାଉ ଦେବରାଜର କେଶରାଶି ପାକି ହୋଇଯିବ । ନା ନା ତା ନହେଉ ! ସେ ମତେ ସତ୍ୟଂ ଜ୍ଞାନଂ ଅନନ୍ତମ ପଥରେ ଅଗ୍ରସର କରାଇଛନ୍ତି । ଏ ଜୀବନରେ ସେ କଥା ମୁଁ ଗୋଟିଏ ଦିନ ନିମନ୍ତେ ମଧ୍ୟ ଭୁଲିବି ନାହିଁ । ମନୁଷ୍ୟ ହୃଦୟରେ କ୍ରୋଧ, ହିଂସା, ଦ୍ୱେଷ ଏପରି ନିବିଡ଼ ଭାବରେ ଘର କରି ରହିଛି ଯେ ସେ ଗୁଡ଼ିକୁ ସେ ଦୂର କରିବାକୁ ଯେତେ ପ୍ରବଳ ପ୍ରୟାସ କରୁଛି, ତଥାପି ସେଗୁଡ଼ିକୁ ସେ ଦୂରକରି ନିଶ୍ଚିନ୍ତରେ ରହି ପାରୁନାହିଁ । ସେଥିପାଇଁ ଭକ୍ତ କବି ମଧୁସୂଦନ କହିଛନ୍ତି, "ଏ

ଭବସିନ୍ଧୁ ମାୟା ଶୈଳମୟ, ସମସ୍ତ ଛଳନା ପୂର୍ଣ୍ଣ,
ସେ ଶୈଳେ ସର୍ବଦା ଚୂର୍ଣ୍ଣ ହୁଅଇ ଆଶାର ତରୀ
କାମନା ନିଚୟ
ବିଫଳ ସତତ ଚିତ୍ତ ନୈରାଶ୍ୟ ଆଳୟ ।"

କେବଳ ଜ୍ଞାନ ଲାଭର ଅନ୍ତ ନାହିଁ । ସେହି ଅନନ୍ତ ଜ୍ଞାନ ପାଇବା ଆଶାରେ ମୁଁ ଅହର୍ନିଶି ଚିନ୍ତା ସାଗରରେ ବୁଡ଼ି ରହୁଥାଏ । ଏ ସମୟରେ ଦେବରାଜଙ୍କର ପୁଅ ସନ୍ତାନଟିଏ ଜନ୍ମ ହୋଇଥିଲା । ତାପରେ ତାଙ୍କର ପୁଅ ଏବଂ କନ୍ୟା ଦୁଇଟି ଯଥା ସମୟରେ ମର୍ତ୍ତ୍ୟକୁ ଆସିଲେ । ତାଙ୍କର କାର୍ଯ୍ୟଭାର ଦିନକୁ ଦିନ ବଢ଼ୁଥିବା ସତ୍ତ୍ୱେ ସେ ମୋ ପାଖକୁ ପ୍ରତିଦିନ ଆସି ମୁଁ ଲେଖୁଥିବା ଗୋଟିଏ ଉପନ୍ୟାସ ବିଷୟରେ ଆଲୋଚନା କରନ୍ତି, ଭୁଲ୍ ଭ୍ରାନ୍ତି କେଉଁଠାକଟି ଦେଖାଇଦିଅନ୍ତି ; କିନ୍ତୁ ମୁଁ ନାଟକ ଲେଖିବା ସମୟରେ ଯିମିତି ଆପଣାକୁ ଉତ୍‌ଫୁଲ୍ଲ କରି ରଖିଥିଲି, ଉପନ୍ୟାସଦ୍ୱାରା ସେ ଆନନ୍ଦ ପାଇପାରିଲିନାହିଁ ।

ପୁଅ ଝିଅ ଦୁହେଁ ସମୟ କ୍ରମେ ଅଧ୍ୟୟନ ଉଦ୍ଦେଶ୍ୟରେ ବିଦେଶ ଗଲେ । ପିଲାଙ୍କ କୃତିତ୍ୱରେ ପାଖ ଲୋକେ ପ୍ରଶଂସା କରନ୍ତି । ମୁଁ ଜଣେ ଭାଗ୍ୟବତୀ ବ୍ୟକ୍ତି ବୋଲି କହନ୍ତି । ଚନ୍ଦ୍ର, ସୂର୍ଯ୍ୟପରି ପୁଅ ଝିଅ ବିଦ୍ୟା ବୁଦ୍ଧିରେ ପାରଙ୍ଗମ । ସଂସାର ଯାତ୍ରା ପଥରେ କେତେ ଦୁଃଖ ସଂକଟ, ଆର୍ଥିକ ଅବସ୍ଥା ନେଇ ଚିନ୍ତା । ତାହାହେଲେ ମଧ୍ୟ ମୋ ଘରେ ମୁଁ ଗୋଟିଏ କାର୍ଯ୍ୟ ଦକ୍ଷ ଭୃତ୍ୟ ଭଗବାନଙ୍କ କୃପାରୁ ପାଇ ଯାଇଥିଲି । ସେ ଗାଈ କେତୋଟିର ସେବା କରି ଘରର ଦୁଧ ଘିଅର ଅଭାବ ମେଣ୍ଟାଇ ପାରୁଥିଲା । ଘରକୁ କେହି ଆସିଲେ ଚା', କଫି, ତା ପାଖକୁ ଅନ୍ୟ ରୁଚିକର କିଛି ମଧ୍ୟ ଆଣି ରଖିଦେଉଥିଲା ।

ସୁତରାଂ ମତେ ଘରର କୌଣସି ବିଷୟରେ ବିଶେଷ ଭାବରେ ଚିନ୍ତା କରିବାକୁ ପଡ଼ୁନଥିଲା । ମୁଁ ଆମର ଉପର ଘର ବାରଣ୍ଡାରେ ବସି ଲେଖିବା, ପଢ଼ିବା ଆଉ ତାର ଆନୁଷଙ୍ଗିକ ଚିନ୍ତା କରିବାରେ ଲାଗିଥିଲି । ଇମିତି ସମୟରେ ଦିନେ ଆକସ୍ମିକ ଭାବରେ ଉତ୍କଳର ଖ୍ୟାତନାମ୍ନୀ ଶ୍ରୀମତୀ ସାରଳା ଦେବୀଙ୍କ ଗୋଟିଏ ପ୍ରବନ୍ଧ ମୋର ଦୃଷ୍ଟିଗୋଚର ହେଲା । ବୋଧହୁଏ ବହିଟାର ନାମ ଥିଲା ପ୍ରବନ୍ଧ ସଙ୍କଳନ । ପ୍ରବନ୍ଧ ଲେଖାରେ ସେ ସିଦ୍ଧହସ୍ତା ବୋଲି ସେ ନିଜେ ମତେ କହନ୍ତି । ମୁ ହଠାତ୍ ଦେଖିବା ଲେଖାଟି ଉତ୍କଳର ନାରୀ ପ୍ରତିଭା ସମ୍ବନ୍ଧରେ ହିଁ ଲେଖା ହୋଇଥିଲା ।

ବର୍ତ୍ତମାନ ଉତ୍କଳର ନାରୀ-ପ୍ରତିଭା ଉଜ୍ଜ୍ୱଳତର ହେଲାଣି ; କିନ୍ତୁ କୋଡ଼ିଏ ବର୍ଷ ପୂର୍ବେ ଅଳ୍ପ ସଂଖ୍ୟକ ସ୍ତ୍ରୀ ଲେଖିକା ସୃଜନା କରୁଥିଲେ । ସେଥିପାଇଁ ଶ୍ରୀମତୀ ସରଳା ଦେବୀ ମୋର ନାଟକ ଲେଖିବା ଏବଂ ତାକୁ ପୁଣି ନିର୍ଦ୍ଦେଶନା ଦେଇ ଅଭିନୟ କରାଇବା କଥା କହି ପ୍ରଶଂସା ମୁଖର ହୋଇ ଉଠିଥିଲେ ।

ଯେଉଁଥିପାଇଁ ସବୁବେଳେ ବ୍ୟାକୁଳ ହେଉଥିଲି, ସେଇ କଥାଟି ପଢ଼ି ମନ ଚଞ୍ଚଳ ହୋଇ ଉଠିଲା । ନାଟକର ସାଜ ସରଞ୍ଜାମ ତ ସବୁ ବିକ୍ରୀହୋଇ ଯାଇଥିଲା । ନାଟକ ଘରଟା ମଧ୍ୟ ବିକ୍ରୀ ହୋଇଯାଇ ଥିଲା । ଆଉ ଅନ୍ୟ କୌଣସି ଉପାୟରେ ନାଟକ ଘରଟିଏ କରି ଲୋକ କେତୋଟି ସଂଗ୍ରହ କରି ନାଟକ ଗୋଟିଏ କରାଇବି ଏ ଆଶା ମୁଁ ଆଉ କରିପାରିଲି ନାହିଁ । 'ହରିହର ନାଟକ ମନ୍ଦିର'ରେ ଯେତେ ପ୍ରୟାସ, ଯେତେ ଅର୍ଥ ବ୍ୟୟ, ଅଭିନେତାମାନଙ୍କୁ ଯେତେ ସାଦର ଅନୁରୋଧ ଉପରୋଧ କରି ନାଟକ ଅଭିନୀତ ହୋଇଥିଲା, ସେ କାର୍ଯ୍ୟ ଆଉ କେବେ ହେଇପାରିବନାହିଁ । ମୋର ଏଇ ହତାଶର ଅବସାଦ ସମୟରେ ସରଳା ଦେବୀଙ୍କ ପ୍ରବନ୍ଧ ପଢ଼ି ମୁଁ ଶାନ୍ତିପୂର୍ଣ୍ଣ ଦେବ ମନ୍ଦିରକୁ ଚାଲିଗଲି । ମନରେ ଆଶାର ସଞ୍ଚାର ହେଲା, କିଛି ଗୋଟାଏ କରିବି । କିଛି ଗୋଟାଏ ବୋଲି କହିଲେ ସେ କିଛି ଗୋଟା କଅଣ ? କିମିତି କାହା ସାହାଯ୍ୟରେ କରିବି । ଏତ କିଛି ସହଜ ସାଧନା ନୁହେଁ ।

ଏହା ପୂର୍ବରୁ ମାସେ ଦୁଇ ମାସ ହୋଇଥିବ । ଆସିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ହରିହର ପଣ୍ଡା, ସେଠାର ଜନୈକ ଓକିଲ ନାରାୟଣ ସାସମଲ, ଆସିକାର ତତ୍‌କାଳୀନ ରେଭେନ୍ୟୁ ଇନସ୍‌ପେକ୍ଟର କୁଞ୍ଜ ବିହାରୀ ନାୟକ ତିନିହେଁ ମିଶି ସାହିତ୍ୟ ସଭା ଗୋଟିଏ ଗଢ଼ିବା ନିମନ୍ତେ ବହୁ ଆଲୋଚନା

ପ୍ରତ୍ୟାଲୋଚନା କରିଥିଲେ । କୃଷ୍ଣ ସିଂହ ସାହିତ୍ୟ ପରିଷଦ ନାମ ଦେଇ ଗୋଟିଏ ସାହିତ୍ୟ ସଭା ଗଢ଼ିଲେ । ପ୍ରଥମ ଦ୍ୱିତୀୟ ତୃତୀୟ ସଭାର ବୈଠକ କେଉଁଠି ବସିଥିଲା ମୁଁ ଜାଣିନଥିଲି । ଚତୁର୍ଥ ବୈଠକରେ କୁଞ୍ଜ ବିହାରୀ ନାୟକ ଏବଂ ଶ୍ରୀ ହରିହର ପଣ୍ଡା ମୋତେ ଆମନ୍ତ୍ରଣ ଦେବାକୁ ଆସିଲେ । ପ୍ରଥମେ ମୁଁ ଅନିଚ୍ଛା ପ୍ରକାଶକରି କହିଥିଲି, କିନ୍ତୁ ଶିକ୍ଷକ ହରିହର ପଣ୍ଡାଙ୍କ ପରି ବିଦ୍ୱାନ୍ ବ୍ୟକ୍ତିଙ୍କର ଅନୁରୋଧ ଏଡ଼ାଇ ଦେବା ମୋ ପକ୍ଷରେ ସମ୍ଭବ ହେଲାନାହିଁ । ଯିବା ନିମନ୍ତେ ସ୍ୱୀକୃତ ଦେଲି । ସେ ସଭାରେ କଅଣ କହିଥିଲି, ଗୋଟି ଗୋଟି କରି ଭାବିଲେ ମଧ୍ୟ ମନେ ପଡୁନାହିଁ । ଆସିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ରଥ୍ ବର୍ଣ୍ଣନା କରି ବଡ଼ ସୁନ୍ଦର କଥା କହିଲେ । ସେଥି ସଙ୍ଗେ ସଙ୍ଗେ ଟିକଟିର ରାଜକବି ରାଧାମୋହନ ରାଜେନ୍ଦ୍ର ଦେବଙ୍କ ସାହିତ୍ୟ ବିଷୟ କହିଲେ । ଉତ୍କଳ ହେଲେ ମଧ୍ୟ ସାହିତ୍ୟ ବିଶାରଦ ନାରାୟଣ ସାସମଲ ସାହିତ୍ୟର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ । ସାହିତ୍ୟିକ କୁଞ୍ଜବିହାରୀ ନାୟକ ଗୀତା ଭାଗବତ ଇତ୍ୟାଦି ବିଷୟ ନେଇ କହିଥିଲେ । ସେ ଦିନର ସେ ସଭାକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଶୁଭାଗମନ ଘଟିଥିଲା । ସାହିତ୍ୟ ପ୍ରେମୀ ଡାକ୍ତର ଯଦୁନାଥ କର ସେ ସମୟରେ ଆସିକାରେ ମୁନସିଫ ଥିବା ଶ୍ରୀ ବାଳକୃଷ୍ଣ ପାଢ଼ୀ, ଏମାନେ ସମସ୍ତେ ସାହିତ୍ୟ ବିଷୟରେ ଯିଏ ଯାହା ବୁଝିଥିଲେ, କେହି କମ କେହି ବେଶି କହିଲେ । ମୁଁ ମଧ୍ୟ କଅଣ କହିଥିବି । ମହାଭାରତର ବିଷୟ ମୋର ବଡ଼ ପ୍ରିୟ । ସେଇ ବିଷୟରୁ ଦି ଚାରି ପଦ କହିଥିବି । ଗୋଟିଏ ସାହିତ୍ୟ ସଭାକୁ ଆସି ମୁହଁ ଖୋଲି ଚାରି ପଦ କହି ପାରିଲି ବୋଲି ସେଦିନ ମୋର ଆନନ୍ଦ ଉତ୍ସାହର ସୀମା ନଥିଲା । ସାହିତ୍ୟ ସଭାର ବକ୍ତା ହେବାପରେ ମନ ପ୍ରାଣ ଫୁଲି ଉଠିଲା କଅଣ ଗୋଟାଏ ସତରେ ହୋଇଗଲି । ପିଲାଦିନର କଥା ମନେପଡ଼େ, କଅଣ ଥିଲି, କଅଣ ହୋଇଗଲି, କାହିଁ ବୟସର ସେ ଏଣ୍ଡିକ ଟିକିଏ ଝିଅ କେତେ ସୁନ୍ଦର କିଥାକହି ଶିଖିଲି । ଦେଖିବାକୁ ତ ମନ୍ଦ ନୁହେ । ବୟସ ହେଲା, ପଚାଶ

ଭିତରି ବର୍ଷ ବୟସ ଭିତରେ, ବୟସ୍କ, ବାଳ ବିଚକ୍ଷଣ ଲୋକଙ୍କ ସହିତ ସଂସାରର ଦୁଃଖ ସୁଖ ଆଲୋଚନା କଲି । ଶତ ସଂଖ୍ୟକ ବିଦ୍ୱାନ୍ ବ୍ୟକ୍ତିଙ୍କର ରଚନାବଳୀ ପଢ଼ି ଅନ୍ତରର ଜ୍ଞାନ ଗୌରବରେ ଆପଣାକୁ ଧନ୍ୟ ମନେ କରୁଥିଲି ।

ସରଳା ଦେବୀ ଯେଉଁ ପ୍ରବନ୍ଧଟି ଲେଖିଥିଲେ, ମୁଁ କେବଳ ସେଇ କଥା ହିଁ ଚିନ୍ତା କରିବାକୁ ଲାଗିଲି । ମୋର ସେ ଚିନ୍ତା ସହିତ ସୁନାମ ଧନ୍ୟ ସାହିତ୍ୟିକ ଶ୍ରୀ ହରିହର ପଣ୍ଡାଙ୍କର କୃଷ୍ଣସିଂହ ସାହିତ୍ୟ ପରିଷଦର ଉଦ୍ୟମ ଆୟୋଜନ କଥା ଭାବେ ମାସକୁ ଗୋଟିଏ ସାହିତ୍ୟ ବୈଠକ ବସାନ୍ତି । କୃଷ୍ଣ ସିଂହଙ୍କ ପିତା ସାହିତ୍ୟିକ ବନମାଳୀ ସିଂହ ପାଠାଗାରରେ ସଭା ହୁଏ । କେବେ କେବେ ହାଇସ୍କୁଲ ବାରଣ୍ଡାରେ ହୁଏ । ଗମ୍ଭୀର ଭାବରେ ଚିନ୍ତା କରିକରି ଅବଶେଷରେ ଏକଥା ସ୍ୱାମୀଙ୍କୁ କହିଲି । ମୋହାରୀ ଗୋଟାଏ କୀର୍ତ୍ତି ସ୍ଥାପିତ ହେବ ଏକଥା ଶୁଣି ସ୍ୱାମୀ ମୋର ମନେ ମନେ ଆହ୍ଲାଦିତ ହୋଇ ସଭାଗୃହଟିର ନିର୍ମାଣ ଭାର ନିଜ କାନ୍ଧରେ ବହନ କରିବେ ବୋଲି କହିଲେ ; କିନ୍ତୁ କହିଗଲି କଅଣ ହେବ ପିଲାଙ୍କର ପଢ଼ା ଭାର ବହନ କରିବା ଉପରେ ଏପରି ସବୁ ସାଧାରଣ କାର୍ଯ୍ୟରେ ବ୍ୟୟ କରିବା ଲାଗି ହାତରେ ଅର୍ଥର ଅଭାବ ଥିଲା ।

ଏ ଅବସ୍ଥାରେ ମୁନସିଫ ଶ୍ରୀ ବାଳକୃଷ୍ଣ ପାଢ଼ୀଙ୍କ ସହିତ ପରାମର୍ଶ କରି ସ୍ଥିରକଲି ଯେ ଦେଶରେ ଅନେକ ଧନୀ, ଦାନୀ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ନିକଟରେ ହାତ ପାତିଲେ କିଛି ହେଲେ ପଡ଼ିଯିବ । ଶୂନ୍ୟ ହାତରେ ଫେରିବାକୁ ହେବନାହିଁ । ସେହିପରି କେତେ ଲୋକଙ୍କୁ ଭେଟିବା ସ୍ଥିରକଲି । କୃଷ୍ଣସିଂହ ସାହିତ୍ୟ ପରିଷଦ ନାମରେ ତତ୍କାଳୀନ ଧଳାକୋଟ ରାଜା ସାହେବଙ୍କ ନିକଟକୁ ସବୁ ପ୍ରଥମ ଆଜି ଧରି ଯିବାର ପ୍ରସ୍ତାବ ସ୍ଥିରହେଲା । ଶ୍ରୀ ମଦନ ମୋହନ ସିଂହ ଦେବଙ୍କ ପୁତ୍ର ବ୍ରଜମୋହନ ସିଂହ ଦେବ । ତାଙ୍କର ଧର୍ମପତ୍ନୀ ମଧୁପୁର ରାଜାଙ୍କର କନ୍ୟା ମଦନ ମୋହନ ସିଂହଦେବ । ତାଙ୍କର ଦ୍ୱିତୀୟ ପୁତ୍ର

ମଧୁପୁର ରାଜାଙ୍କୁ ଦତ୍ତପୁତ୍ରରୂପେ ଦେଇ ତାଙ୍କର ଏକମାତ୍ର କନ୍ୟା ବ୍ରଜେଶ୍ୱରୀ ଦେବୀଙ୍କୁ ପୁତ୍ର ବ୍ରଜ ମୋହନଙ୍କ ସହିତ ବିବାହ କରାଇଦେଲେ । ବ୍ରଜେଶ୍ୱରୀଙ୍କ ନାମଟି ସୁନ୍ଦର, କିନ୍ତୁ ରୂପଟି ଅପ୍ରିୟ ଦର୍ଶିନୀ । ବ୍ରଜମୋହନଙ୍କ ଧାରଣା ଥିଲା, ପିତାଙ୍କର ରାଜ୍ୟ ହସ୍ତଗତ ହୋଇଆସୁଛି । ସେ ଅନ୍ୟ କେଉଁଠି ରୂପସୀ କନ୍ୟାଟିଏ ବିବାହ କରିବେ । ମନୁଷ୍ୟର ଭୋଗ ବାସନା ଏକାଧିକ କ୍ଷେତ୍ରରେ ସଫଳ ହୋଇପାରେ ନାହିଁ ।

କାଳ କ୍ରମରେ ବାମଣ୍ଡା ଫୁଲ ଦେଈଙ୍କର କନ୍ୟାଟିକୁ ସେ ବିବାହ କଲେ । କନ୍ୟାଟି ଦେଖିବାକୁ ସୁନ୍ଦରୀ, କଥା କହନ୍ତି ସୁନ୍ଦର କରି ।

ଇତି ମଧ୍ୟରେ ବ୍ରଜେଶ୍ୱରୀଙ୍କ ଗର୍ଭରୁ କ୍ରମଶଃରେ ଦୁଇଟି ପୁତ୍ର ସନ୍ତାନ ଜନ୍ମହେଲେ । ପ୍ରଥମ ପୁତ୍ର ପଦ୍ମନାଭ ସିଂହଦେବ ଅପେକ୍ଷା, ଦ୍ୱିତୀୟ ପୁତ୍ର ଅନନ୍ତ ନାରାୟଣ ସିଂହଦେବ ଦେଖିବାକୁ ସୁନ୍ଦର ।

ମନୁଷ୍ୟ ମନୁଷ୍ୟ ଭିତରେ କେତେ ବ୍ୟବଧାନ ସୃଷ୍ଟି ହୋଇଯାଉଛି । ସେ ପିତା ପୁତ୍ର ହୁଅନ୍ତୁ, ଭଉଣୀ, ଭାଇ, ମାଆ ଝିଅ ହୁଅନ୍ତୁ ଅନ୍ତରର ଫୁଟି ଆସୁଥିବା ଫୁଲ ଯିମିତି ରୌଦ୍ରତାପ ବାଜି ମଉଳି ଯାଏ, ମନୁଷ୍ୟ ହୃଦୟ ସିମିତି ମଉଳି ଯାଏ । ଏତେ ସ୍ନେହର ଧନ କେଉଁ ଆଡ଼େ କେତେ ଦୂରରେ ରହିଯାଏ । ବିଚ୍ଛେଦ ଦୁଃଖରେ, ହୃଦୟ ଫାଟିଯାଏ । ଯେଉଁ ପୁତ୍ରକୁ କୋଳରୁ ନ ଓହ୍ଲାଇ ପ୍ରେମର ଧନରେ ଧୋଇ ପୋଛି ରଖିଥିଲା, ସେଇ ପୁଅ ପୁଣି ସେଇ ବାପା ମାଆଙ୍କୁ ଛାଡ଼ି କେତେ ଦୂର ଦୂରାନ୍ତରକୁ ଚାଲିଯାଏ । ପୁଅ ଝିଅ ଟଙ୍କା ପଇସା ନିମନ୍ତେ କେତେ ଭାଗମାପ କରି ନିଅନ୍ତି । ସେଥିଲାଗି ଶଙ୍କରାଚାର୍ଯ୍ୟ କହିଛନ୍ତି "ଅର୍ଥମନର୍ଥଂ ଭାବୟ ନିତ୍ୟମ୍, ନାସ୍ତି ତତଃ ସୁଖ ଲେଶଃ ସତ୍ୟମ୍ ପୁତ୍ରାଦପି ଧନଭାଜା ଭୀତିଃ । ସର୍ବତ୍ରୈଷା କଥିତା ରୀତିଃ ।" ଧନ ଯେଉଁଠି ଥାଏ ଅନ୍ୟମାନେ ସେଥିପ୍ରତି ଆକର୍ଷିତ, ହେତୁ ଜର୍ଜରିତ ହୁଅନ୍ତି । ଗୁଡ଼ିଏ ପୁତ୍ର କନ୍ୟା ଜନ୍ମକରି କାହାକୁ କଅଣ ଦେବ ? କାହାକୁ କଅଣ ଦେଇ ଦେଇ ଆପଣା ନିମନ୍ତେ କଅଣ ରଖିବ ? ସ୍ତ୍ରୀର ଚିନ୍ତା ସ୍ୱାମୀ ନିମନ୍ତେ କେତେ କଅଣ ରଖିବ । ସ୍ୱାମୀର ଚିନ୍ତା ସ୍ତ୍ରୀ ନିମନ୍ତେ କେତେ କଅଣ ରଖିବ । କୃଷ୍ଣ ସିଂହ ସାହିତ୍ୟ ସଦନ ନିର୍ମାଣ କରିବା ସଙ୍କାଶେ ମନ ଭିତରେ ଯେଉଁ ସମୟରେ କେଉଁଠୁ କମିତ ଅର୍ଥ ସଂଗ୍ରହ କରି କୀର୍ତ୍ତିଟିଏ କରି ଦେବି ବୋଲି ଭିତରେ ଭିତରେ ଗଭୀର ଚିନ୍ତା ଅନୁଭବ କରୁଥାଏ, ସେ-କଥା କାହାରି ନିକଟରେ ପ୍ରକାଶ କରେନାହିଁ ; କିନ୍ତୁ ଉପରେ କହିବାକଥା ଗୁଡ଼ିକ ଅନବରତ ସଜାଗ କରିଦିଏ ।

ସେ ସମୟକୁ ମୋର ବଡ଼ ବନ୍ଧୁ ଶ୍ରୀ ବାଳକୃଷ୍ଣ ପାତ୍ର, ଡାକ୍ତର ଯଦୁନାଥ କର । ଯଦୁନାଥ କର, ବର୍ତ୍ତମାନର ଫରମାକଲେଜସ୍ଥ ପ୍ରଫୁଲ୍ଲ କରଙ୍କ କକେଇ । ଆସିକାର ବହୁ ସଂଖ୍ୟକ ଲୋକଙ୍କର ଗୃହ ଚିକିତ୍ସକ । କେବଳ ଔଷଧ ଦେଇ ଚିକିତ୍ସା କରୁଥିଲେ ତାହା ନୁହେଁ । ଘରମାନଙ୍କର ଶାଶୁ ବୋହୂ କଳି । ସ୍ୱାମୀ ସ୍ତ୍ରୀଙ୍କ ମନାନ୍ତର, ମତାନ୍ତର ଦୂରକରିବା ସଙ୍ଗେ ସଙ୍ଗେ ଘର ସଂସାର ରଚିବା ବ୍ୟକ୍ତିମାନଙ୍କ ନିମନ୍ତେ ଖାଇବା ପିଇବାର ଭଲ ପଦାର୍ଥ ଯୋଗାଡ଼ ମଧ୍ୟ କରି-ଦିଅନ୍ତି । କା'ଘରେ କେଉଁ ଗାଁରେ ଭଲ ଗୋଖାଦ୍ୟ ସଂଗ୍ରହ ହୋଇପାରେ, ସୁବିଧାରେ ମିଳିପାରେ ସେଥିର ବ୍ୟବସ୍ଥା ମଧ୍ୟ ଡାକ୍ତର କରି ଦେଇ ପାରନ୍ତି । ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିବାକୁ ଯେଉଁଠିକି ଯାଆନ୍ତି ସେଠି ସେ ବହୁ ସମୟ ଦେଇ ସାମାଜିକ ବିଷୟ ଆଲୋଚନା କରନ୍ତି । ଯଦୁନାଥ କର ଆଉ ନାହାଁନ୍ତି । ଅନ୍ୟର ଦୁଃଖ ସୁଖ ସହିତ ଜଡ଼ିତ ହେବାପରି ସେ ହିଁ ତାଙ୍କର ପଟାନ୍ତର ଥିଲେ । କଥା-ବାର୍ତ୍ତା କରୁକରୁ ସେ ମତେ କହିଲେ, ଧରାକୋଟ ରାଜା ସାହେବ ମଦନ ମୋହନ ସିଂହଦେବଙ୍କ ପୈତୃକ ନାମରେ କୃଷ୍ଣସିଂହ ପାଠାଗାର ନାମିତ ହୋଇଛି । କୃଷ୍ଣସିଂହ ପାଠାଗାର ପାଖକୁ ବହୁତ ସ୍ଥାନ ରହିଛି, ରାଜବଂଶର ସ୍ଥାନ । ରାଜାଙ୍କର ଇଚ୍ଛାହେଲେ

ପାଠାଗାର ପାଖକୁ କୃଷ୍ଣସିଂହ ସାହିତ୍ୟ ସଦନ ନିର୍ମାଣ ହୋଇଯିବ । ପରହାତରୁ ପଇସା ଆଣି ଧର୍ମକାର୍ଯ୍ୟ କରିବାକୁ ଏତେ ଉଦ୍ୟୁକ୍ତ ହେବା ମନେପଡ଼ିଲେ ମନଟା ଦୁଃଖରେ ଓ କ୍ଷୋଭରେ ମରିମରି ଯାଉଛି । ନିଜର ଟଙ୍କା ପଇସା ସିନ୍ଦୁକ ଭିତରେ ସାଇତି ରଖିଦେଇ ଅନ୍ୟମାନଙ୍କ ପାଖରେ ହାତପାତି ପଇସା ଆଣି ସଭାଗୃହ ଗୋଟିଏ କରିବାକୁ ବାହାରି ପଡ଼ିଲି ।

ରାଜା ସାହେବଙ୍କର ଗୃହ ଶିକ୍ଷକ ଶ୍ରୀ ଯଦୁନାଥ କର, ମୁନସଫ୍ ବାଳକୃଷ୍ଣ ପାଣ୍ଡି, ତିନିହେଁ ଯାଇ ଧରାକୋଟ ରାଜଭବନରେ ପ୍ରବେଶ କଲୁ । କି ଉଦ୍ଦେଶ୍ୟରେ ମୁଁ ରାଜା ସାହେବଙ୍କ ନିକଟକୁ ଯାଇଥିଲି, ତାହା ପ୍ରଥମେ କହିଲି । ରାଜା କୃଷ୍ଣସିଂହ ଦେବଙ୍କ ନାମରେ ସାହିତ୍ୟ-ସଦନ ଗୋଟିଏ ନିର୍ମାଣ କରିବା କଥା ।

ମନୁଷ୍ୟର ପୈତୃକ ନାମଟି ବହୁକାଳ କମ୍ବା ଚିର-କାଳ ଲିପିବଦ୍ଧକରି ରଖିବା ନିମନ୍ତେ ଅନେକ ଉତ୍ସାହିତ ହୋଇଉଠନ୍ତି । ରାଜା ପଦ୍ମନାଭ ସିଂହ ଦେବ ଆନନ୍ଦରେ ପ୍ରଥମେ ସ୍ୱୀକୃତି ଦେଲେ । ସେଇ ସମୟକୁ ତାଙ୍କର ବିବାହର ପ୍ରଥମ ଯୌତୁକ ଏକ ଲକ୍ଷ ଟଙ୍କା ସହିତ ମୂଲ୍ୟବାନ ସାମଗ୍ରୀମାନ ପୁରସ୍କାର ସ୍ୱରୂପ ପାଇ ଥିଲେ । ମୋର ସହଯାତ୍ରୀମାନେ ମୋ ସହିତ ଏକମତ ହୋଇ ରାଜା କୃଷ୍ଣସିଂହ ଦେବଙ୍କ ମହାଗୀରତର ଜୟଗାନ କରିବାକୁ ଲାଗିଲେ । ପିତୃ-ଋଣ ପରିଶୋଧର ଏହାହିଁ ଏକମାତ୍ର କର୍ମପନ୍ଥା । ଆଜି ମୋର ମନେପଡ଼ୁଛି, ତାଙ୍କୁ କହିଥିଲି ଆଜି ଆପଣଙ୍କ ବିବାହର ପ୍ରାଥମିକ ନିବନ୍ଧ ଉପହାର ରୂପରେ ଏତେ ଗୁଡ଼ିଏ ଟଙ୍କା ସହ ମୂଲ୍ୟବାନ୍ ସାମଗ୍ରୀ ଆପଣଙ୍କ ହାତକୁ ଆସିଛି । ଆପଣଙ୍କ ଭାବୀ ଧର୍ମପତ୍ନୀ ଖେମୁଣ୍ଡି ରାଜାଙ୍କ କନ୍ୟା ପରମା ସୁନ୍ଦରୀ ; ଏହାଙ୍କର ସୌନ୍ଦର୍ଯ୍ୟର ସୁଖ୍ୟାତି ଶୁଣିଥିଲେ ମଧ ବିବାହ ଉତ୍ସବ ସମୟରେ ଅବଶ୍ୟ ଆସି ଉଭୟଙ୍କର ଆନନ୍ଦମୟ ମିଳନ ଦେଖି ଯିବି" । ମୋର ଏହି ମଧୁର ସଂଳାପରେ ଆନନ୍ଦିତ ହୋଇ ରାଜା ପଦ୍ମନାଭ ସିଂହ ଦେବ "କୃଷ୍ଣସିଂହ ସାହିତ୍ୟ ପରିଷଦ"ର ସଦନ ନିର୍ମାଣ କରାଇବା ନିମନ୍ତେ ଆସିକା କୃଷ୍ଣ ସିଂହ ପାଠାଗାରଠାରେ ପାଞ୍ଚ ହଜାର ଟଙ୍କା ଦାନକରିବା ପାଇଁ ଅଙ୍ଗୀକାର କଲେ ।

ରାଜା ସାହେବଙ୍କ କଥା ଅନୁଯାୟୀ ଗୋଟିଏ ଦିନ ନିର୍ଦ୍ଦିଷ୍ଟ ହେଲା । ସଭାଗୃହ ସୁ-ଶୋଭିତ କରାଯାଇ ନିର୍ଦ୍ଦିଷ୍ଟ ଦିନର ନିର୍ଦ୍ଦିଷ୍ଟ ସମୟରେ ସଙ୍ଗୀତାଦି ସମାରୋହରେ ସଭାସ୍ଥଳକୁ ତାହାଙ୍କୁ ପାଛୋଟି ନିଆଗଲା । ସେଥିପାଇଁ ମୁଁ ଗୋଟିଏ ସ୍ୱାଗତ ସଙ୍ଗୀତ ଲେଖିଥିଲି । ସୁ ଗାୟକ ଶ୍ରୀ ନରସିଂହ ପାତ୍ର ତାଙ୍କର କୋକିଳ କଣ୍ଠରେ ସେ ଗୀତଟି ଗାନକରିଥିଲେ । କେତେକ ମାନ୍ୟଗଣ୍ୟ ବ୍ୟକ୍ତି ମୋର କବିତ୍ୱ ପ୍ରତିଭା ପ୍ରତି ସମ୍ମାନ ଦେଇଥିଲେ । ସେଦିନ ମୁଁ ଯେଉଁ ଆନନ୍ଦ ଅନୁଭବ କରିଛି, ସେ କଥା ଭାଷାଦେଇ ଲେଖିହେବ ନାହିଁ । କେତେ ବିଦ୍ୱାନ୍ ବ୍ୟକ୍ତି ମୋର ବିଦ୍ୟାବୁଦ୍ଧିର ପ୍ରଶଂସା କରି କହିଥିଲେ । ସେକଥା ଏ ଜୀବନରେ ଭୁଲି ହେବ-ନାହିଁ । ସେଦିନର ସେ ସଭା ଏବେ ମଧ ସ୍ପଷ୍ଟ ଦେଖା ଯାଉଛି ।

ଏଠି ଆଉ ଗୋଟିଏ କଥା ମନେପଡ଼ୁଛି । ଦିନ୍ ପ୍ରାୟ ୧୦ଟା ସମୟରେ ଧରାକୋଟ ରାଜ୍ୟରେ ପ୍ରବେଶ କଲୁ । ଆଳାପ ଆଲୋଚନା ଓ ରାଜମାତାମାନଙ୍କ ସହିତ ସାକ୍ଷାତ, କଥାବାର୍ତ୍ତା ହେଲା । ମଦନମୋହନ ସିଂହଦେବଙ୍କ ଅନେକଗୁଡ଼ିଏ ସେବିକା ଥିଲେ । ତାଙ୍କ ଜ୍ୟେଷ୍ଠପୁତ୍ର ବ୍ରଜକିଶୋର ସିଂହଦେବଙ୍କ ଏକାଧିକ ଫୁଲରାଣୀ ଥାନ୍ତି । ସେମାନଙ୍କର ନିବାସ ଗୃହ, ସେମାନଙ୍କର ପୁତ୍ରକନ୍ୟାଙ୍କୁ ଦେଖି ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ସେହି ଆଡ଼କୁ ଚାହିଁରହିଲି । ବ୍ରଜକିଶୋର ସିଂହ ଦେବଙ୍କ ଫୁଲରାଣୀଙ୍କ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା । କନ୍ୟାଟି ଚମ୍ପକବରଣୀ, ମନୋମୁଗ୍ଧ କର ସୁନ୍ଦରୀ । କିଶୋରୀକାଳରେ ତାଙ୍କୁ ମୁଁ ଦେଖିଛି, ମୁଖକାନ୍ତି ଇମିତି ମନୋରମ ଯେ ସେ ଶୋଭାକୁ ଅନ୍ୟ କାହା ମୁଖର ସୌନ୍ଦର୍ଯ୍ୟ ସହ ସ୍ଥାନାନ୍ତର ଦେଇହେବା ଶକ୍ତାକରି ହେଉ ନ ଥିଲା । ମଦନମୋହନ ସିଂହଦେବ ସୁଉଚ୍ଚ ଶାଳ ତରୁ ପରି ସୁନ୍ଦର । ଶ୍ୟାମଳବର୍ଣ୍ଣ ହେଲେମଧ ଦେଖିବାକୁ

ଆକର୍ଷଣୀୟ । ବଡ଼ ପୁଅ ବ୍ରଜକିଶୋର ସିଂହଦେବଙ୍କୁ ଅସୁନ୍ଦର ବୋଲି କହିଲେ ମିଥ୍ୟା ହେବନାହିଁ । ତାଙ୍କର ପତ୍ନୀ ବ୍ରଜେଶ୍ୱରୀ ମଧୁପୁର ରାଜକନ୍ୟା । ତାଙ୍କର କୌଣସି ଅଙ୍ଗରେ ସୌନ୍ଦର୍ଯ୍ୟର ଅଂଶ ନଥିଲା । ବ୍ରଜକିଶୋର ସିଂହଦେବଙ୍କ ଦୁଇ ପୁତ୍ର । ଜ୍ୟେଷ୍ଠ ପୁତ୍ର ସୌନ୍ଦର୍ଯ୍ୟର ଅଧିକାରୀ ନ ହେଲେ ମଧ୍ୟ ତାଙ୍କମୁହଁର କଥା ଶୁଣିବାକୁ ବଡ଼ ଭଲ ଲାଗେ । କନିଷ୍ଠ ପୁତ୍ର ଅନନ୍ତ ନାରାୟଣ ସିଂହଦେବ ରୂପରେ ସୁନ୍ଦର । କାଳକ୍ରମେ ସେ ସ୍ୱତନ୍ତ୍ର ଦଳରେ ରହି ଜଣେ ମନ୍ତ୍ରୀ ହୋଇଥିଲେ । ବର୍ତ୍ତମାନ ଆସିକାର ମୋର ସାନଭାଇ ରାମନାଥ ପଣ୍ଡାଙ୍କ ପୁଅ ଶରତଚନ୍ଦ୍ର ପଣ୍ଡାଙ୍କଦ୍ୱାରା ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ପରାଜିତ ହୋଇଗଲେ । ପଦ୍ମନାଭ ସିଂହଦେବଙ୍କ ମୃତ୍ୟୁ ଘଟଣା ଆଗରୁ ଲେଖିଦେଇଛି । ମଦନମୋହନ ସିଂହଦେବଙ୍କୁ ମୃତ୍ୟୁମୁଖରେ ପକାଇଦେବାକୁ କେତେ ଦେବଦେବୀଙ୍କୁ ପୂଜା ଆରାଧନା କଲେ । ପୁରୋହିତମାନେ ପୁତ୍ରଙ୍କୁ ପିତାଙ୍କର ମରଣ କାମନାରେ ଅନେକ ଚଣ୍ଡୀ-ପାଠ ପୂଜା ବିଧି କରାଇଲେ । ଏ ସମସ୍ତ କାର୍ଯ୍ୟର ଫଳରେ ବ୍ରଜକିଶୋର ସିଂହଦେବଙ୍କୁ ସେହି ଦେବୀଆଳୟରେ ହିଁ ଭଗ୍ନଙ୍କର ବସନ୍ତ ରୋଗ ହୋଇଗଲା । ପିତୃଦେବ ଏ ସମ୍ବାଦପାଇ ପୁତ୍ରକୁ ମୃତ୍ୟୁ ମୁଖରୁ ବଞ୍ଚାଇବା ନିମନ୍ତେ ଦେବଦେବୀଙ୍କ ପୂଜା, ଅର୍ଚ୍ଚନା, ଚିକିତ୍ସକମାନଙ୍କୁ ସୁବନ୍ଦୋବସ୍ତ କରି କୌଣସି ଫଳ ପାଇଲେନାହିଁ । ଅଳ୍ପଦିନରେ ହିଁ ବ୍ରଜକିଶୋର ସିଂହଦେବଙ୍କ ଦେହାନ୍ତ ଘଟିଲା ।

ଏ ସମୟକୁ ମୋର ପିତୃଦେବ ସୁସ୍ଥ ସବଳ ହୋଇ ଜୀବିତ ଥିଲେ ; କିନ୍ତୁ ମଦନ ମୋହନ ସିଂହ-ଦେବ ଅଳ୍ପକାଳପରେ ଜ୍ୱରରୋଗରେ ପୀଡ଼ିତ ହୋଇ ଇହସଂସାର ତ୍ୟାଗକଲେ । ଏ ସମୟରେ ମଦନମୋହନ ସିଂହଦେବଙ୍କ ନାତି ପଦ୍ମନାଭ ସିଂହ-ଦେବ ଧରାକୋଟ ରାଜ୍ୟର ରାଜା ହେଲେ ; କିନ୍ତୁ ନାବାଳକ ଥିବାରୁ ରାଜମହେନ୍ଦ୍ରୀ ରାଜକୀୟ ସ୍କୁଲରେ କେତେବର୍ଷ ପଢ଼ିଲେ । ତା ପରେ ଆପଣା ରାଜ୍ୟ ପରିଚାଳନା କାର୍ଯ୍ୟ ଦେଖିଲେ । ଭୋପାଳ ରାଜ-କନ୍ୟାଙ୍କ ସହିତ ତାଙ୍କର ବିବାହ ସମ୍ବନ୍ଧ ସ୍ଥିରହେଲା । ସେଇ ସମୟରେ ପ୍ରଚୁର ଟଙ୍କା ସୁନା ଘରକୁ ଆସି ଥିଲା । ମୁଁ ଏ ସମୟରେ ଯାଇ ତାଙ୍କ ପିତାମହଙ୍କ ନାମ ନେଇ ପାଞ୍ଚ ହଜାର ଟଙ୍କା ପାଇବା ଅଙ୍ଗୀକାର ପାଇଆସିଲି । ଏକାଥରକେ ପାଞ୍ଚ ହଜାର ଟଙ୍କାର ସ୍ୱୀକୃତି ! ସେକଥା ଭାବିଲେ ଏବେ ମଧ୍ୟ ମୁଁ ବିସ୍ମୟ-ବିହ୍ୱଳ ହୋଇଉଠୁଛି ।

ଏକଥା ଶୁଣି ଆସିକା ନିବାସୀ ବିଦ୍ୱାନ୍ ବ୍ୟକ୍ତି-ମାନେ ମଧ୍ୟ ମୋର କାର୍ଯ୍ୟକୁ ସାହସିକ କାର୍ଯ୍ୟ ବୋଲି କହିବା ସଙ୍ଗେସଙ୍ଗେ ରାଜା ସାହେବଙ୍କ ଅକୁଣ୍ଠ ଦାନ କଥାନେଇ ଅଜସ୍ର ପ୍ରଶଂସା କଲେ ।

କୃଷ୍ଣ ସିଂହ ସାହିତ୍ୟ ପରିଷଦ ଯେଉଁମାନେ ଗଢ଼ି-ଥିଲେ, ମତେ ଗୋଟିଏ ଦିନ ସଭାନେତ୍ରୀହେବାକୁ ଡାକିନେଇଥିଲେ । ସେମାନଙ୍କୁ ଧରାକୋଟ ଯିବା ଲାଗି ଡାକିନେଲି ନାହିଁ ବୋଲି ସେ ଭିନହେଁ ମୋ ପ୍ରତି ବିରକ୍ତି ପ୍ରକାଶକଲେ । ପରସ୍ପରରେ ଏସବୁ ଆଲୋଚନା କରି ପୁଣି ମୋ କାନରେ ଆଣି ଢାଳିଲେ । ସେଥିରେ ଦୁଃଖ, କ୍ଷୋଭରେ ମୋର ମନ କ୍ଷୁଣ୍ଣ ହେବା କଥା ; କିନ୍ତୁ, ତା ନ ହୋଇ ମନରେ ଗର୍ବସଞ୍ଚିତ ହେଲା ବୋଲି ମୋର ଆପଣାର ହିଁ ଧାରଣାହେଲା । ଯେହେତୁ ସେମାନଙ୍କୁ ଡାକିନେବା କଥା ଭାବି ନଥିଲି । ଏତେ ଲୋକ ଯାଇ ଗହଳକଲେ, ସେ ଟଙ୍କା ଦେବେ ନାହିଁ ଭାବିଥିଲି । ପ୍ରକୃତରେ ମୁଁ କ'ଣ ଗୋଟାଏ କରିଦେଲି । ଫଳରେ ପଦ୍ମନାଭ ସିଂହଦେବ ମୋ ଅନୁରୋଧ ରକ୍ଷାକରିବାରୁ କିଛି ଗୋଟାଏ କରିଦେଇ ପାରିଲି ବୋଲି ଭିତରେ ଭିତରେ ମୁଁ ଆନନ୍ଦ ପାଉ-ଥିଲି । ସେ ଦିନ ଧରାକୋଟରୁ ଫେରିବା ରାସ୍ତାରେ ଗାଡ଼ିର ବଡ ଏକାଥରକେ ଲିଭିଗଲା । ଡ୍ରାଇଭର କିର କେବେ ଗାଡ଼ି ଚଳେଇ ନଥିଲେ । ବାଳକୃଷ୍ଣ ବାବୁ ଆଜ କଅଣ କରନ୍ତେ ! ତିନି ବନ୍ଧୁ ହତବୁଦ୍ଧି ହୋଇ ଗାଡ଼ି ଭିତରେ ବସିରହିଲୁ । ଡ୍ରାଇଭର ଜଣକ ବୋଧହୁଏ ସାନ ଭାଇଙ୍କର । ଗାଡ଼ି ଆଗରୁ

ଝରୁଥ ଥିଲା । ତା ପରେ ପାଞ୍ଚ ମିନିଟ ଧୀରେ ଧୀରେ ଅନ୍ଧାରରେ ଚାଲିଲାବେଳକୁ ପୁଣି ବନ୍ଦ ହୋଇ ଯାଉଥାଏ । କେତେବେଳେ ଖାଲ ଖମା ଭିତରକୁ ଗାଡ଼ିଟା ଗଡ଼ିପଡ଼ିଯିବ ବୋଲି ମନରେ ଆଶଙ୍କା ହେଉଥାଏ । ଗାଡ଼ି ଭାଙ୍ଗିଗଲେ ଯାହାର ଗାଡ଼ି ସେ ଟଙ୍କା ନେବ । ଜୀବନର ଆଶଙ୍କା ଭିତରେ ନିଜକୁ ଆଘାତ ଲାଗିଲେ ପ୍ରାଣଟା ଯିବ ; କିନ୍ତୁ ଯେଉଁ ଦୁଇଜଣ ମୋଠୁ ଅଳ୍ପ ବୟସର ବନ୍ଧୁ, ଗାଡ଼ିରେ ବସି-ଥିଲେ କୌଣସି ଦୁର୍ଘଟଣା ଘଟିଗଲେ, ମୁଁ ନିଦା ଦୁଃଖର ଦୁଃସହ ଭାର ବହନକରିବି କିମିତି ! ଧାରାକୋଟଠାରୁ ଆସିକା ପର୍ଯ୍ୟନ୍ତ, ଅନ୍ଧକାର ଏବଂ ଆଶଙ୍କାଭିତର ଦେଇ ଗାଡ଼ି ଚଳେଇ ଚଳେଇ ଆସିବାକୁ ହେଲା । ଆମଘରଠାରୁ ସେ ଦୁହିଁଙ୍କର ଘର ଆଉରି ଖଣ୍ଡେ ଦୂର, ସୌଭାଗ୍ୟକୁ ଆସିକା ଆସିଲାବେଳକୁ ଗାଡ଼ି ଆପେ ଆପେ ଧୀରେ ଧୀରେ ଭଲ ଦଶାକୁ ଆସିଯାଉଥିଲା । ସେ ଦୁହିଁଙ୍କୁ ସେମାନଙ୍କର ଘର ପାଖରେ ଛାଡ଼ିଦେଇ, କେବଳ ଭଗବାନଙ୍କୁ ଡାକି ଡାକି ଘରକୁ ଆସିଲି । ଡ୍ରାଇଭର ଗାଡ଼ିନେଇ ଯଥା ସ୍ଥାନରେ ରଖିଲା ।

ଯେଉଁମାନେ 'କୃଷ୍ଣସିଂହ ସାହିତ୍ୟ ପରିଷଦର କଳ୍ପନା କରି ସଭା ଆରମ୍ଭ କରିଥିଲେ; ସେମାନେ ଗୋଟିଏ ଦିନର ସଭାରେ ସଭାନେତ୍ରୀ ହେବାପାଇଁ ମତେ ଡାକିଥିଲେ ; କିନ୍ତୁପରେ ମୁଁ ଧରାକୋଟ କାହିଁକି ଗଲି ? ରାଜାଙ୍କଠାରୁ ଟଙ୍କା କାହିଁକି ଆଣିଲି ? ଏହି ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ହେଲା ।

"ଆପଣଙ୍କର କି ଅଧିକାର ଥିଲା ଯେ, ସାହିତ୍ୟ ପରିଷଦ ନିମନ୍ତେ ଟଙ୍କା ସଂଗ୍ରହ କରିବାକୁ ଧରା-କୋଟ ଯାଇଥିଲେ", ଇତ୍ୟାଦି ଅନେକ କଥା ଶୁଣିବାକୁ ପଡ଼ିଲା । ରାଜା ସାହେବଙ୍କ ସମ୍ବର୍ଦ୍ଧନା, ଅର୍ଥ ସାହାଯ୍ୟର ଆନନ୍ଦମନରେ ଯେଉଁ ସ୍ୱର୍ଗସୁଖ ସଞ୍ଚାର କରାଇଥିଲା, ପୁଣି ଫେରିଆସିବାବେଳେ ଗାଡ଼ିରେ ବସୁ ବସୁ ଯେଉଁ ବିପଦର ଆଶଙ୍କା, ସେ ସମସ୍ତ ସହିତ ସାହିତ୍ୟିକ ବନ୍ଧୁମାନଙ୍କର କଠୋର ଉକ୍ତିରେ ମନଟା ଦୁଃଖ ବିଷାଦରେ ନିମଗ୍ନ ହୋଇଗଲା । ମୁଁ ଧରାକୋଟ ଯିବା କଳ୍ପନା ଏତେ ଆକସ୍ମିକ ଯେ କିମିତି ଯିବି, କିଏଣ କହିବ ଏକଥା କଳ୍ପନା କରିପାରିନଥିଲି । ଧରାକୋଟ ପ୍ରବେଶ କଲାପରେ ମା ସରସ୍ୱତୀ କଣ୍ଠଦେଶରେ ରହି କଥା କହିବା ଛନ୍ଦ ବନ୍ଧନ ଶିଖାଇଦେଲେ । ସାହିତ୍ୟ-ସଭା ଆରମ୍ଭକରିବା ବନ୍ଧୁମାନଙ୍କ କଥା ଏବେ ମଧ୍ୟ ଭୁଲିନାହିଁ ।

ଧରାକୋଟ ରାଜାସାହେବଙ୍କ ଶୁଭବିବାହ ଦିନ ନିକଟବର୍ତ୍ତୀ ହୋଇଆସୁଥିଲା, ମୋର ଆନ୍ତରିକ ଶୁଭାଶିଷ ଭବିଷ୍ୟତ ଦମ୍ପତିଙ୍କ ଉପରେ ଢାଳିହୋଇ ଯାଉଥିଲା । ତାଙ୍କର ପିତୃଦେବ ବ୍ରଜକିଶୋର ସିଂହଦେବ ମୋ ବଡ଼ ଭାଇଙ୍କର ପ୍ରିୟ ବନ୍ଧୁଥିଲେ । ସେଇ ସମ୍ବନ୍ଧ ସ୍ମରଣକରି ପଦ୍ମନାଭ ସିଂହଦେବ ମୋପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତିର ସହିତ ଆଳାପ ଆଲୋଚନାକରି କେଉଁଦିନ ଟଙ୍କାଦେବେ, ସେ ଶୁଭ ଦିନଟି ସ୍ଥିରକଲେ । ଆମେ ତିନିବନ୍ଧୁ ଗାଡ଼ି ଚଳକ ମାଇଲିଏ ଖଣ୍ଡେ ଯାଇଥିଲୁ କି ନାହିଁ ପଥସଙ୍କଟ ପଡ଼ିଲା । ଅନ୍ଧାର ରାତି, ଆଖପାଖରେ ଗାଁ ଗହଳି ମଧ୍ୟ ନଥିଲା, ଘର ଆଲୋକ ଦେଖିବାକୁ ଆମେ ଭୀତ ତ୍ରସ୍ତହୋଇ ନାରାୟଣଙ୍କୁ ଡାକି ଡାକି ରାତିଅଧରେ ଆସିକାରେ ପହଞ୍ଚିଲୁ । ଏକଥାତ ଥରେ କହିଥିଲି ପୁଣି କହିଲିଣି । ଆଉଥରେ କହି ହୋଇ ଯିବବୋଲି ଆଶଙ୍କା ହେଉଛି ।

ଥରେ ମାତ୍ର ରାଜା ସାହେବଙ୍କ ସାକ୍ଷାତ ପାଇ ସାହିତ୍ୟ ସଦନ ନିମନ୍ତେ ଏତେ ଗୁଡ଼ିଏ ଟଙ୍କା ପାଇଥିବା କଥା ବାରମ୍ବାର ସ୍ମରଣକରି ଆନନ୍ଦର ସୀମା ନଥିଲା । ଆସିକାବାସୀ ଏକଥା ଶୁଣି ବିସ୍ମୟ ପ୍ରକାଶକଲେ । ମୋର ବି ଗୋଟାଏ ଶକ୍ତି ଥିଲାଯେ କେବଳ କଥା କହି ପୈତୃକ ସମ୍ବନ୍ଧରେ ଯେତିକି ପାରିଥିଲି, କହି ବୁଝାଇ ରାଜାଙ୍କଠାରୁ ଟଙ୍କା ସ୍ୱୀକୃତ ପାଇଥିଲି । ଆସିକାବାସୀ ଅବଶ୍ୟ ଏକଥା ଶୁଣି ମୋର ସାହସ ଶକ୍ତି ଦେଖି ଶୁଭାଶୀର୍ବାଦ ଦେଲେ ।

ରାଜାଙ୍କର ଶୁଭ ବିବାହ ଦିନ ସେତିକି ନିକଟବର୍ତ୍ତୀ ହୋଇ ଆସିଲା ଆମର ଆସିକା ଉତ୍ସବ ଦେଖିବାକୁ ଆମେ ସବୁ ସେତିକି ଆହ୍ଲାଦିତ ହୋଇଉଠିଲୁ । ସେଦିନର ରାତିଟା ଭଲକରି ମନେ ରଖିପାରି- ନାହିଁ । ସଭାଗୃହରେ ତୋରଣ ବାନ୍ଧି କଦଳୀଗଛ ପୋତି ସାଜସଜ୍ଜାରେ ସୁନ୍ଦର କରାଗଲା । ଅପରାହ୍ଣ ପାଞ୍ଚଟା ସମୟରେ ରାଜାସାହେବଙ୍କ ଶୁଭାଗମନ ଘଟିବ । ଆସିକାର ଭଦ୍ରମଣ୍ଡଳୀ ଆସି ସଭାପ୍ରାଙ୍ଗଣରେ ଏକତ୍ର ହେଲେ । ସେଦିନର ବୈଶାଖ ମାସର ସନ୍ଧ୍ୟାଟି କେବେ ଭୁଲିନାହିଁ । କବିତା ଲେଖିଥିଲି । ସେ କବିତାଟି ଗୀତକରି ସ୍ୱରଦେଇ ନରସିଂହ ପାଣି ଗାଇଥିଲେ । ସେ ଧ୍ୱନିଟି କାନଭିତରେ ଗୁଣୁ ଗୁଣୁ ହେଉଛି, କିନ୍ତୁ ଗୀତ ଗାଇବା ଲୋକଟିକୁ ଆଉ କେବେ ଦେଖିପାରିଲିନାହିଁ । ମନୁଷ୍ୟ ସତରେ କିମିତି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଏ । ସେ ମନେ ମନେ ଖୋଜି ହୁଏ ; କିନ୍ତୁ, ପ୍ରତ୍ୟକ୍ଷରେ ଦେଖିପାରେନାହିଁ । ହାୟ ! କେଉଁ ଦେଶର କୋଣରେ ସେ ରହିଗଲା ।

ରାଜାସାହେବ ପଦ୍ମନାଭ ସିଂହଦେବ ଅକୁଣ୍ଠିତ ଚିତ୍ତରେ ପାଞ୍ଚହଜାର ଟଙ୍କା ମୋ ହାତରେ ଦେଲେ । ନାଟକାଳୟର ଛୁଅରେ ଘର ତିଆରି ଆରମ୍ଭ ହେଲା । ଛାତ ପର୍ଯ୍ୟନ୍ତ ଘରକାମ ହୋଇଗଲା, ବ୍ରହ୍ମପୁର ଟାଉନ ହଲର ଷ୍ଟାଇଲରେ ଘରଟି ଆରମ୍ଭ ହୋଇଥିଲା । ସେତିକିରେ ଦେଖାଗଲା ଯେ ପଇସା ଅଭାବ ହୋଇ- ଗଲା । ଏଥର ଥାଳି ଧରି ଭିକ୍ଷାମାଗିବା ପର୍ଯ୍ୟନ୍ତ ଗଲା । ଯେଉଁମାନେ ଦେବାକୁ ଇଚ୍ଛାକଲେ, ସେମାନଙ୍କୁ କହିବାକୁ ହେଲା । ଶହେଟି ଟଙ୍କା ସେମାନେ ଦେବେ ଗୋଟିଏ ମାର୍ବଲ ପଥରରେ ଦାତାଙ୍କର ନାମ ଲେଖା ହୋଇ ଘରର କାନ୍ଥରେ ଲଗାହୋଇଯିବ । ଅନେକଙ୍କଠାକୁ ମୁଁ ନିଜେ ଯାଇ ମାଗିମାଗି ଆସିଲି । ସେ ସମୟକୁ ମୋଟଲା ସୀତାରାମେୟା ଆସିକାରେ ତହସିଲଦାର ହୋଇଥିଲେ । ଆସିକାର ତହସିଲଦାର କାର୍ଯ୍ୟରୁ ଅବସର ନେଇ ବଡ଼ଗଡ଼ର ରାଜକାର୍ଯ୍ୟ ଚଳାଇବା ନିମନ୍ତେ ନିଯୁକ୍ତ ହୋଇଥିଲେ । ଏ ସମୟରେ ମୋଟଲା ସୀତା ରାମେୟାଙ୍କ ସହିତ ମୋ ସ୍ୱାମୀଙ୍କର ଅନ୍ତରଙ୍ଗ ବନ୍ଧୁତା ହୋଇଥିଲା । ମୋ ସ୍ୱାମୀ ମୋତେ ମୋଟଲା ମହାଶୟଙ୍କୁ ଅନୁରୋଧ କରିବାକୁ କହିଲେ । ବଡ଼ଗଡ଼ ବଣରେ କାଠ ବହୁତ । ମୋଟଲା ମହାଶୟ ସେ ଘରପାଇଁ ଯେତେ କାଠ ଲାଗିବ ସବୁ ଦେବାକୁ ସ୍ୱୀକାରକଲେ । ବଡ଼ଗଡ଼ ରାଜାଙ୍କ ରାଜ୍ୟର ବନଭାଗରେ ଉତ୍କୃଷ୍ଟ କାଠ ଉତ୍ପନ୍ନ ହୁଏ । ଆମେ ଇମିତି ଗୋଟିଏ କଥା ସ୍ଥିର କରିଥିଲୁ ଯେ କୃଷ୍ଣସିଂହ ସାହିତ୍ୟ ସଦନ ନିମନ୍ତେ ଯେଉଁ ବ୍ୟକ୍ତି କିଛି ଦାନଦେବେ, ଶହେ ଟଙ୍କାରୁ ନ୍ୟୂନ ହେବନାହିଁ । ତାଠାରୁ ବେଶି ହେଲେ ଆନନ୍ଦର କଥା । ବଡ଼ଗଡ଼ ରାଜାଙ୍କଠାରୁ ଦୁଇଶହ ପଚାଶ ଟଙ୍କାର କାଠ ଆମେ ପାଇଥିଲୁ ।

ଇମିତି ଭାବରେ ଅନେକ ଦୟାଳୁ ବ୍ୟକ୍ତି ଏକଶତ ଲେଖାରେ ଟଙ୍କା ଦେଇଛନ୍ତି । ସେମାନଙ୍କର ନାମ ଭିତରେ ନିଳବଣ୍ଠା (ଆସିକା ପାଖର ଗୋଟିଏ ପଲ୍ଲୀ ଗ୍ରାମ ।”) ସେ ସ୍ଥାନର ଜଣେ ବ୍ୟବସାୟୀ କୃଷ୍ଣ ସିଂହ ସାହିତ୍ୟ ସଦନ ନିର୍ମାଣ ନିମନ୍ତେ ଶହେ ଟଙ୍କା ଦେଇଥିଲେ ।

ଧରାକୋଟ ରାଜା ସାହେବ ପଦ୍ମନାଭ ସିଂହ- ଦେବଙ୍କ ଦାନ ପାଞ୍ଚହଜାର ପଛକୁ ଅନ୍ୟମାନଙ୍କର ଶହେ ଦୁଇଶହ ହୋଇ ଆଉ ତିନିହଜାର ହୋଇ- ଥିବ । ସେ ସମୟକୁ ଇଟା, ଚୂନ, ମିସ୍ତ୍ରୀ, ମୂଲିଆ ସବୁ କଥା ମହଙ୍ଗା ଆଡ଼କୁ ଗତିକଲାଣି । ଯେଉଁ ସଭା ଗୃହ ପାଞ୍ଚହଜାର ଟଙ୍କାରେ ହେବାକଥା ଥିଲା । ସେ କାର୍ଯ୍ୟ ଆଠହଜାର ଟଙ୍କାରେ ମଧ୍ୟ ସମ୍ପୂର୍ଣ୍ଣ ହେବାର ସୂଚନା ଦେଖାଗଲାନାହିଁ । ଅବଶେଷରେ ଏକାର୍ଯ୍ୟ ନେଇ ମଥାରେ ହାତଦେଇ ବସିବାକୁ ପଡ଼ିଲା ।

ନାରାୟଣ ସାସମଲ, କୁଞ୍ଜବିହାରୀ ନାୟକ ଆସିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋ ସହିତ ଅସହଯୋଗ କରି ବସିଲେ । ଏ ସମୟରେ ଆସିକା ନିକଟ ଶେରଗଡ଼ରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ସ୍ଥାପିତହେଲା । ବିଦ୍ୟାଳୟ ଉଦ୍‌ଘାଟନ,

କଲେ ତତ୍‌କାଳୀନ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ । ମୁଁ ମଧ୍ୟ ସେଠାକୁ ଯାଇଥିଲି । ଶ୍ରୀ ମହତାବଙ୍କ ସହିତ ସାକ୍ଷାତ ଘଟିଥିଲା । ସାହିତ୍ୟ-ସଦନ ସମ୍ବନ୍ଧରେ ସମସ୍ତ ବିଷୟ ତାଙ୍କୁ ମୁଁ କହିଲି । ସଭାଘରଟିକୁ ପରିପୂର୍ଣ୍ଣ କରିଦେବାକୁ ତିନି ହଜାର ଦେବାକୁ ହେବ । ସେ ସେ କଥା ଅଙ୍ଗୀକାର କରିଗଲେ । ସେ ଘର ଉଦ୍‌ଘାଟନ କାର୍ଯ୍ୟ କରିବାକୁ ମଧ୍ୟ ସ୍ୱୀକୃତି ଦେଇଗଲେ ।

କିନ୍ତୁ ଏହାପରେ ମୁଁ ବାରମ୍ବାର ପତ୍ର ଲେଖି କୌଣସି ଜବାବ ପାଇଲିନାହିଁ । ଅବଶେଷରେ ନିରୁପାୟହୋଇ କଟକ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରାଇଭେଟ ସେକ୍ରେଟାରୀ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ସହିତ ସାକ୍ଷାତ କଲି । ସେ ମୋତେ କହିଦେଲେ ଅଳ୍ପ ଦିନ ମଧ୍ୟରେ ମନ୍ତ୍ରୀ ମହୋଦୟ କହିବା ଅନୁଯାୟୀ ଟଙ୍କା ପଠାଇ ଦେବେ ।

ସେ ସମୟକୁ ମେ ମାସ ହେଲାଣି, ଜୁନ୍ ମାସରେ ଉଦ୍‌ଘାଟନ କାର୍ଯ୍ୟ ହେବ । ଦୁଇ ପିଲାଙ୍କର ଅଧ୍ୟୟନ କାର୍ଯ୍ୟ ଚାଲିଥିବାରୁ ଅତିରିକ୍ତ ବ୍ୟୟ ନିମନ୍ତେ ହାତରେ ଅର୍ଥ ନ ଥାଏ । ଧାର ଉଧାର, ବ୍ୟାଙ୍କରୁ ଋଣକରି ଘରଟି ପୂରା କରିବାକୁ ହେଲା ।

ଉଦ୍‌ଘାଟନ କାର୍ଯ୍ୟ ମଧ୍ୟ ହୋଇଗଲା । ପଣ୍ଡିତ ଚନ୍ଦ୍ରଶେଖର ବ୍ରହ୍ମା ସଭା ଆରମ୍ଭରେ ବେଦ ପାଠ କରିଥିଲେ । ତାଙ୍କ ପୁଅ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ମୁଖ୍ୟ ବକ୍ତାରୂପେ କୃଷ୍ଣ ସିଂହ ମହାଭାରତ ବିଷୟରେ ସାରଗର୍ଭକ ବକ୍ତୃତା ଦେଇଥିଲେ । ଆସିକାର ଶିକ୍ଷକ-ମଣ୍ଡଳୀ ଏବଂ ବୁଦ୍ଧିଜୀବୀ ବ୍ୟକ୍ତିମାନେ ସଭାରେ ଯୋଗଦେଇ ଭାଷଣ ଦେଇଥିଲେ । ତିରିଶି ବର୍ଷ ତଳେ ଏତେ ସାହିତ୍ୟ ସଭା ତ ହେଉନଥିଲା । ବିଶେଷରେ ସ୍ୱୀ ବ୍ୟକ୍ତିଙ୍କର ଉଦ୍ୟମ ଆୟୋଜନରେ ଏତେ ବଡ଼ ଗୋଟାଏ ମହତ୍ତ୍ୱ କୀର୍ତ୍ତି ସ୍ଥାପିତ ହେବା ସହଜ ନ ଥିଲା । ମୁଁ ମଧ୍ୟ ମୋର ଏ କାର୍ଯ୍ୟରେ ନମ୍ର ହୃଦୟରେ ଆଖିରୁ ଅଶ୍ରୁ ବୁହାଇ ଆପଣାର କେତେକେ କ୍ରୁଟି ନିମନ୍ତେ ବିନୟାବନତ ନମସ୍କାର ଜଣାଇଁ ପାରି ନଥିଲି ବୋଧହୁଏ । ସୁତରାଂ ଅନେକେ ମୋ ସପକ୍ଷରେ ମତଦେବାକୁ କୁଣ୍ଠିତ ହେଲେ ।

ସେଉଁ ତିନି ଜଣ ସଭାଟିଏ କରିଦେବୋଲି ସଭା ଗୃହ ଗୋଟିଏ ଖୋଜି ହେଉଥିଲେ, ସେମାନେ ନୂତନ ନିର୍ମିତ ସଭାଗୃହପ୍ରତି ବିଶେଷ ଆଗ୍ରହୀ ହୋଇ ନୂତନ ନୂତନ ବିଷୟର ବକ୍ତୃତାକରିବା ନିମନ୍ତେ ଉତ୍ସାହିତ ହେଲେନାହିଁ । ଏ ସବୁକୁ ଟଙ୍କା ପଇସାର ବ୍ୟାପାର । ସଭା ଗୋଟିଏ କରିବା ଆୟୋଜନ କଲେ ବାଜା ବତି ଜାଳିବା ପାଇଁ ୨୦ଟି ଟଙ୍କାରୁ କମ୍ ଖରଚରେ ହେବନାହିଁ । ଏଥିପାଇଁ ଚାନ୍ଦା ମାଗି ଯିବା ମୋ ପକ୍ଷେ ମଧ୍ୟ ଅସାଧ୍ୟ ବିଷୟ ହେଲା । ସଭା ଘରଟିଏ ସିନା ହେଲା, ସଭା ଘରଟିକୁ ଝାଡ଼ା ପୋଛକରି ଘର ବାହାରେ ଗଛ ଲଟାଟି ରୋପଣକରି ସ୍ଥାନଟିକୁ ସୁନ୍ଦର କରି ରଖିବା ଅବସ୍ଥା ହୋଇପାରିଲାନାହିଁ । ସେଥି ନିମନ୍ତେ ଅର୍ଥ ଆବଶ୍ୟକ ହେଲା ।

ଆମର କର୍ମଯୋଜନାରେ ମାସକୁ ଗୋଟିଏ ସଭା କରିବା କଥା ଥିଲା । ଦେଶର ମହତ୍‌ବ୍ୟକ୍ତିମାନଙ୍କ ଜୟନ୍ତୀ ଏବଂ ଶ୍ରାଦ୍ଧସଭା କରିବା କଥା । ମାସେ ଦୁଇ ମାସ ଚାଲିଗଲା କିଛି ହୋଇ ପାରିଲାନାହିଁ । ସେ ସମୟକୁ ଆସିକାରେ ମୁନସିଫ ହୋଇଥାନ୍ତି ଶ୍ରୀ ବାଳକୃଷ୍ଣ ପାଢ଼ୀ ଏବଂ ଶ୍ରୀ ଗତିକୃଷ୍ଣ ମିଶ୍ର । ଦୁଇଜଣ ତହସିଲଦାର ଥାନ୍ତି ଜଣକ ନାମ ଆନନ୍ଦ ମହାପାତ୍ର, ଅନ୍ୟ ଜଣଙ୍କର ନାମ ପ୍ରସନ୍ନ କୁମାର ଦାସ । ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧସଭା କରିବା ଉଦ୍ଦେଶ୍ୟରେ ଅନେକଙ୍କୁ ଅନୁରୋଧ କଲି । ଗତିକୃଷ୍ଣ ମିଶ୍ରଙ୍କ କଥା ମନେପଡ଼ୁଛି, ବଡ଼ ସୁନ୍ଦର କୋମଳ କଠୋର ଭାଷାରେ ଏସବୁ ସାହିତ୍ୟ ଚର୍ଚ୍ଚା ବିଷୟରେ ମତେ ଉପଦେଶ ଦେଇଥିଲେ । ପରେ ସେ ହାଇକୋର୍ଟର ବିଚାରପତି ହେଲେ ସେ ହୁଏତ ଆସିକା କଥା ଓ କୃଷ୍ଣସିଂହ ସାହିତ୍ୟ ପରିଷଦ କଥା ଭୁଲିସିବେଣି, ମୁଁ କିନ୍ତୁ ତାଙ୍କ କଥା ଅସଂଖ୍ୟବାର ସ୍ମରଣ କରୁଛି ।

ଭକ୍ତ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧସଭାରେ ସଭାପତି ଏବଂ ସଭାର ଉଦ୍‌ଘାଟକ ହୋଇଥିଲେ

ଶ୍ରୀ ଗୋପୀନାଥ ମହାନ୍ତି । ସେ ସନ୍ଧ୍ୟାରେ ସେହି ଅର୍ଦ୍ଧ ଅନ୍ଧକାର ସାହିତ୍ୟ ସଦନଟି ଏପରି ଉଗ୍ରବମୟ ହୋଇଉଠିଥିଲା ଯେ ସେ କଥା କେବେ ଭୁଲିବାର ନୁହେଁ । କବି ଗଙ୍ଗାଧର ମେହେରଙ୍କ ସୀତା ବନବାସନ ସହିତ ସମ୍ବଲପୁର ଅଞ୍ଚଳର ନାରୀ ନିର୍ଯ୍ୟାତନ ବିଷୟରେ ସେଦିନ ଯେଉଁ ଭାଷଣ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି ଦେଲେ, ସେଥିରୁ ଅନେକ ଗୁଡ଼ିଏ କଥା ମୋ ମନରେ ରହିଯାଇଛି । ସମ୍ବଲପୁର ଅଞ୍ଚଳର ପୁରୁଷଲୋକ ଆପଣା ପତ୍ନୀଙ୍କୁ ଇଚ୍ଛା-ଅନୁଯାୟୀ ପ୍ରହାରକରନ୍ତି । ଘରୁ ବାହାର କରି-ଦିଅନ୍ତି । ଖାଇବା ପିନ୍ଧିବାକୁ ଦିଅନ୍ତିନାହିଁ ଇତ୍ୟାଦି ଶୁଣିଥିଲି । ବର୍ତ୍ତମାନ ଭାରତ ଦେଶରେ କେତେ ସ୍ରୋତ ମାଡ଼ି ବଦଳି ଗଲାଣି । ଶହ ଶହ ନିରକ୍ଷର ସ୍ତ୍ରୀବ୍ୟକ୍ତି ବର୍ତ୍ତମାନ ବିଦ୍ୟାବଳରେ, ଭାରତ ସରକାରଙ୍କ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଗୌରବମୟ ଉପାଧି-ଗୁଡ଼ିକରେ ଭୂଷିତାହୋଇ ଆନନ୍ଦ ଅନୁଭବ କରୁଛନ୍ତି । ଓଡ଼ିଶା ଦେଶର ଓଡ଼ିଆ ଝିଅମାନେ ଆଦିବାସୀ ସ୍ତ୍ରୀମାନଙ୍କପରି, କଂସା, ପିତଳ, କାଇଁଚ-ମାଳରେ କନା ଖଣ୍ଡିଏ ଖଣ୍ଡିଏ ପିନ୍ଧି ଶରୀର ଆଚ୍ଛାଦନ କରି ରହୁଥିଲେ । ବର୍ତ୍ତମାନ ଶତ ସଂଖ୍ୟକ ସ୍ତ୍ରୀ ପାଠ-ପଢ଼ି ବଡ଼ ବଡ଼ ଗୌରବମୟ କର୍ମରେ ନିଯୁକ୍ତ ହୋଇ ହଜାର ହଜାର ଟଙ୍କା ମାସିକ ବେତନ ସ୍ୱରୂପ ଉପାର୍ଜନ କରୁଛନ୍ତି । ପଚାଶବର୍ଷ ପୂର୍ବରୁ ସ୍ତ୍ରୀ ବ୍ୟକ୍ତି ଯେଉଁଭାବରେ ଜୀବନ ଯାପନ କରୁଥିଲେ, ସେ ଅବସ୍ଥା ସହିତ ତୁଳନାକଲେ, ଏକଥା ଆମେ ସ୍ୱପ୍ନରେ ମଧ୍ୟ ଦେଖି ନଥିଲୁ ।

ସେ ସମୟରେ ମୁଁ ଆହୁରି ପଞ୍ଚାଶ ବର୍ଷ ଆଗକୁ ଚାଲି ଆସି ଯେତେବେଳେ ସାହିତ୍ୟ ଚର୍ଚ୍ଚା କରିବସିଲି, ଘରେ ଘରେ ଘରଣୀମାନେ ଯିମିତି କୁତ୍ସାରଟନା କଲେ; ପୁରୁଷମାନେ ମଧ୍ୟ ପ୍ରଶଂସା କରିବାକୁ ବିଶେଷ ଆଗ୍ରହୀ ହେଲେନାହିଁ ।

ସାହିତ୍ୟ-ପରିଷଦର ସ୍ଥାୟୀ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ପ୍ରଭୃତି ବାଛିବାନିମନ୍ତେ ଯେଉଁମାନେ ସର୍ବ ପ୍ରଥମେ ସଭା ଆରମ୍ଭ କରିଥିଲେ, ସେମାନେ ଗୋଟାଏ ଅଦ୍ଭୁତ ଆନ୍ଦୋଳନ ଆରମ୍ଭକରି ହାଇସ୍କୁଲର ଅନ୍ୟ ଜଣେ ଶିକ୍ଷକଙ୍କୁ ସେ ଭାର ଦେବା ନିମନ୍ତେ ସ୍ଥିରକଲେ । ମୋର ସାହିତ୍ୟ-ଜ୍ଞାନର ଅଭାବ ବିଷୟ ମଧ୍ୟ ବିଚାର କରାଗଲା । ଏଥିରେ ମୁଁ ଏକାନ୍ତ ଭାବରେ ନିଃସହାୟ ହୋଇପଡ଼ିଲି । ଧୀରେ ଧୀରେ ସାହିତ୍ୟ-ସଦନ ନୀରବ ଏବଂ ଅନ୍ଧକାର ହେବାକୁ ଆରମ୍ଭ ହେଲା । ଦେବରାଜ ସେ ସମୟରେ ସମ୍ପୂର୍ଣ୍ଣ ରୂପେ ସତ ମିଛ ଯୋଡ଼ଯାଡ଼ କଥା ତିଆରି କରିବାକୁ ଅସମର୍ଥ ହୋଇଥିଲେ । ମୋର ନାରୀ ସୁଲଭ ଦୁର୍ବଳତା ମୋତେ କୌଣସି କାର୍ଯ୍ୟଆଡ଼କୁ ଅଗ୍ରସର କରାଇଦିଏନାହିଁ । ଏ ସମୟରେ ସ୍ୱାମୀଙ୍କର ଅସୁସ୍ଥତା ମତେ ମାନସିକ ଏବଂ ଶାରୀରିକ ଉଭୟ ଦିଗରୁ ଦୁର୍ବଳ କରିଦେଲା । ଦେଶ କାଳ ପାତ୍ର ଅବସ୍ଥା ଚିନ୍ତାକରି ନୀରବ ରହିବା ସବୁଠାରୁ ଭଲ-ବୋଲି ସ୍ଥିରକଲି ।

ଇମିତି ନାନା ପ୍ରକାର ଦୁଃଖ ଦୁଶ୍ଚିନ୍ତାରେ କାଳ କାଟୁଥିବା ସମୟରେ, ଝିଅ ତାର ଅଖିଷ୍ଟ ଡିଗ୍ରୀ ଏମ୍ ଆର୍ ସିଓଙ୍କରେ ଉତ୍ତୀର୍ଣ୍ଣହୋଇ ଆସିଲା । ତାପରେ ସେ କଟକରେ ତାର କର୍ମ ଆରମ୍ଭ କରିବ-ବୋଲି ଯେଉଁ କଳ୍ପନା କରିଥିଲା, ତାହା ଆଉ ହେଲା-ନାହିଁ । ଏଥିରେ ତା ଜୀବନର ବିଶେଷ ବିବରଣୀ ଲେଖିବାକୁ ମୋର ଇଚ୍ଛାନାହିଁ । ଭଗବାନଙ୍କର ଇଚ୍ଛା ଅନୁଯାୟୀ ସେ ସେଇ ପାଟନାରେ ଫାରମାକଲୋଜିର ପ୍ରଫେସରଙ୍କୁ ବିବାହ କଲା ।

ବିବାହ ପରେ ୨୦ ବର୍ଷ ଅତୀତରେ ମିଶି-ଗଲାଣି । ତାର ଏକମାତ୍ର ପୁଅକୁ ଅଠର ବର୍ଷ ଚାଲୁଛି । ବିଦ୍ୟାଜ୍ଞାନ ତାର ବିଶେଷଭାବରେ ଆଦର୍ଶ ସ୍ଥାନୀୟ ।

ମୋ ପୁଅ ମଧୁସୂଦନ କଟକ ମେଡ଼ିକେଲ କଲେଜରେ ପ୍ରିନ୍ସିପାଲ କାର୍ଯ୍ୟରେ ସୁନାମଧନ୍ୟ ହୋଇରହିଛି । ଏ କାର୍ଯ୍ୟ ସେ ବହୁ ସାଧ ସାଧନାରେ ପାଇଛି । ତାର ଦୁଇ ପୁଅ ଉପଯୁକ୍ତ ଭାବରେ ସ୍କୁଲ

କଲେଜରେ ଅଧ୍ୟୟନ କରୁଛନ୍ତି । ମୋ ସ୍ୱାମୀଙ୍କ ବିଷୟରେ କଥା ଆରମ୍ଭରେ କେତେକ କଥା ଲେଖିଛି । ବର୍ତ୍ତମାନରେ ଦୁଃଖ ଏବଂ କ୍ଷୋଭହେଉଛି ଯେ ସେ ଯଦି ବି. ଏସ୍‌ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ କୌଣସି ସରକାରୀ କାର୍ଯ୍ୟରେ ନିଜକୁ ନିଯୁକ୍ତ କରାଇ ପାରିଥାନ୍ତେ, ଆଜ ମୁଁ ବିହାର ପ୍ରଦେଶରେ ରହି ନଥାନ୍ତି କି ତାଙ୍କୁ ଟାଣିଆଣି ଏଠି ରଖି ନଥାନ୍ତି । ହାୟରେ ମନୁଷ୍ୟ ! କଅଣ ସତେ କି ଘଟୁଛି ତା ଜୀବନରେ । ମୋ ଜୀବନର ଚିନ୍ତାମଣି କେତେଥର ଘୂର୍ଣ୍ଣିବାୟୁରେ ଚଳାଇ କେତେ ସଂକଟରେ ନେଇ ଫିଙ୍ଗିଦେଇଛି । ସେ ଅସହନୀୟ ଦୁଃଖ ସମୟରେ ପରମ ପିତାଙ୍କ ପଦତଳେ ଆଶ୍ରୟନେଇ ଜୀବନଯାତ୍ରା ନିର୍ବାହକରି ଆସିଲି ଏ ପର୍ଯ୍ୟନ୍ତ ।

ସେ ସମୟରେ ମୁଁ କଟକ ଅଲଇଣ୍ଡିଆ ରେଡ଼ିଓ ଷ୍ଟେସନର ଆଡ଼ଭାଇଜରି କମିଟିରେ କେତେ ମାସ ପାଇଁ ସଭ୍ୟା ରହିଥିଲି । ମାସକରେ ଥରେ କିମ୍ବା ଦୁଇ ମାସରେ ଥରେ ଆଡ଼୍‌ଭାଇଜରି କମିଟିର ବୈଠକ ବସେ । ମୁଁ ସେ ବୈଠକରେ ବସି ଆପଣାକୁ ସ୍ୱର୍ଗର ଇନ୍ଦ୍ରସଭାରେ ବସିଲାପରି ବୋଧକରୁଥିଲି । ସେ କମିଟିରେ ଥରେ ଭୁବନାନନ୍ଦ ଦାସଙ୍କୁ ଦେଖିଥିଲି । ଆସିକର ନିରଞ୍ଜନ ପଟ୍ଟନାୟକଙ୍କ ଭଉଣୀ ଶ୍ରୀମତୀ ରୁକ୍ମିଣୀ ଦେବୀଙ୍କୁ ସେ ମହାଶୟ ବିବାହ କରିଥିଲେ । ଭୁବନାନନ୍ଦ ବାବୁଙ୍କ ସହିତ ପରିଚୟ ଘଟିଲାବେଳକୁ ନିରଞ୍ଜନ ବାବୁଙ୍କ ଦେହାନ୍ତ ଘଟି ଯାଇଥିଲା । ଭୁବନାନନ୍ଦ ବାବୁଙ୍କଠାରୁ କେତେପଦ କଥା ଶୁଣିଥିଲି, ତାହା ଅଦ୍ୟାବଧି ମନରେ ରହିଛି । କି ସୁନ୍ଦର ଉପଦେଶପୂର୍ଣ୍ଣ କଥା ତାଙ୍କର । ଶୀଳତାରୁ ପରି ସୁଉଚ୍ଚ ସୁଗଠିତ ଦେହମୂର୍ତ୍ତି । ଅଳ୍ପ କେତେ ବର୍ଷପରେ ସେ ମଧ୍ୟ ସ୍ୱର୍ଗଗାମୀ ହୋଇଗଲେ । ଆସିକାରେ ଆମ ବାପାଙ୍କର ଦୁଇ ପୁଅ, ମୁଁ ଗୋଟିଏ ଝିଅ । ଓଡ଼ିଶା ଦେଶକୁ ଓଡ଼ିଆଭାଷାକୁ, ମୋ ହୃଦୟର ସମସ୍ତ ଶକ୍ତିଦେଇ ଭଲପାଇ ଆସିଛି ପିଲଟି ଦିନରୁ । ଆସିକା ବସନ୍ତଟିକୁ ଦୃଷ୍ଟିଭରି, ହୃଦୟଦେଇ ଦେଖିବା ଅଭିଳାଷ କେଉଁ ଭାଷାଦେଇ ଲେଖିବି ! ବାପାଙ୍କର ଉତ୍କଳୀୟ ସମୟରେ ବଟକୃଷ୍ଣ ମହାପାତ୍ର, ରଘୁନାଥ ପାଢ଼ୀ ଆସିକାରେ ଉତ୍କଳୀୟ ଆରମ୍ଭକଲେ । ସେ ସମୟକୁ ବାପାଙ୍କର ଲକ୍ଷାଧିକ ଟଙ୍କା ଜମାହୋଇ ଯାଇଥିଲା । ସେତେବେଳେ ଦକ୍ଷିଣ ପ୍ରାନ୍ତରୁ ଓକିଲ, ତହସିଲଦାର, ଆହୁରି ଅନେକ ସରକାରୀ କର୍ମଚାରୀ ଆସି ଆସିକାରେ ତେଲୁଗୁଗୋଷ୍ଠୀ ଓ ଓଡ଼ିଆଗୋଷ୍ଠୀ ଗଢ଼ିଲେ । ମୋ ବାପା ସେତେବେଳେ ପ୍ରଥମ ଓଡ଼ିଆ ଓକିଲ ବୋଲି ପ୍ରଥମରୁ ଲେଖିଛି ।

ଆଜି ଆସିକା ଆଡ଼କୁ ଦୃଷ୍ଟିଦେଇ ନିରେଖି ଦେଖିଲେ, କେହି ଦିଶୁ ନାହାଁନ୍ତି । ବର୍ଷକୁ ଥରେ ଆମେ ଚିନି ଫାକ୍ଟରି ଦେଖିବାକୁ ଯାଉ । ସେ ଫାକ୍ଟରିର ପ୍ରତିଷ୍ଠାତା ପାଶ୍ଚାତ୍ୟ ଦେଶର ଜଣେ ସୁଦକ୍ଷ ଲୋକ । ବାଲ୍ୟ ବୟସରେ ସେମାନଙ୍କର ଘର ଅଗଣା ଇତ୍ୟାଦି ଦେଖିଥିଲି । ସେ ସ୍ଥାନର ବିପୁଳ ବଳିଷ୍ଠ ଯନ୍ତ୍ରପାତି ସବୁ ବନ୍ଦୀହୋଇ ସାରିଲାଣି । ପାଶ୍ଚାତ୍ୟ ଦେଶର ସେ ଲୋକ କମିତି କେଉଁ ଭାବରେ ଚିନ୍ତାକରି ଆସିକାରେ ଏତେ ବଡ଼ ଚିନି ଫାକ୍ଟରି ପ୍ରତିଷ୍ଠା କରିଦେଲେ ? ଜଣେ ବ୍ରିଟିଶ ଲୋକ ହୋଇ ଆସିକା ମୁକାମର ଗୋଟିଏ କରଣ ଝିଅକୁ ବିବାହ କରିଥିଲେ । ଏକଥା ମୋ ଜୀବନ କଥାର ଆରମ୍ଭରେ ଲେଖିଛି । ପିଲାଦିନେ ଆସିକାର ପୂର୍ବ ଦିଗଟାକୁ ହିଁ ଭଲ ଦେଖିଥିଲି । ତା'ପରେ ବୟସ ଯେତେବେଳେ କୋଡ଼ିଏ ବର୍ଷ ପାଖକୁ ଆସିଲା । ଭେଟ ସମୟ ଆସିଲା । ଆସିକାର ପ୍ରତି ଘରକୁ ଯାଇ ଭେଟଦେବାକୁ ସ୍ତ୍ରୀ-ମାନଙ୍କୁ ଅନୁରୋଧ କରିଆସିଲି । ଆସିକ ପରି ଗୋଟିଏ ସହରରେ ସ୍ତ୍ରୀ ବ୍ୟକ୍ତିମାନେ ଭେଟ ସମ୍ବନ୍ଧରେ ପଦେ କଥା ମଧ୍ୟ ବୁଝିପାରୁ ନଥିଲେ । ବର୍ତ୍ତମାନ ଦେଶ ସ୍ୱାଧୀନ ହୋଇ ପ୍ରାୟ ୩୦ ବର୍ଷ ପୂରିଲାଣି । ତଥାପି ଆମେ ନାରୀ ସମାଜ ଦେଶର ସ୍ୱରୂପଟି ଦେଖିବାକୁ ସମର୍ଥ ହୋଇନାହୁଁ । ଯେଉଁ ଝିଅମାନେ ଇତିମଧ୍ୟରେ ଅର୍ଥାତ୍ ଦେଶ ସ୍ୱାଧୀନ ହେବାପରେ ଉଚ୍ଚଶିକ୍ଷା ପାଇ ଆପଣା ଗୌରବରେ ଗୌରବାନ୍ୱିତା ହେଲେଣି ସେମାନେ ନିରକ୍ଷର ଅଶିକ୍ଷିତା ନାରୀମାନଙ୍କ ପ୍ରତି

ଦୟା ଦୃଷ୍ଟିଦେଇ ସେମାନଙ୍କୁ ଶିକ୍ଷା ଦେବାରେ ସହ'ସ୍ପୃହା କରିବା ଦେଖାଯାଉନାହିଁ । ଯେ ପାରୁଛି ସେ ଆପଣା ଜ୍ଞାନବଳରେ ଭବସଂସାର ସାଗର ପାର ହୋଇଯାଉଛି । ଅନ୍ୟମାନଙ୍କୁ ତା' ତଟରେ ବସାଇବା କଥା ଚିନ୍ତା କରୁନାହିଁ ।

ମହାତ୍ମା ଗାନ୍ଧି ଯେଉଁମାନଙ୍କୁ ଶିକ୍ଷାଦେଇ ଉଚ୍ଚ ସ୍ତରକୁ ଉଠାଇ ନେଇଥିଲେ, ସେମାନଙ୍କର ଆତ୍ମୀୟ ସ୍ୱଜନ ସ୍ୱନାମ ଧନ୍ୟ ହୋଇ ଆସୁଛନ୍ତି ; କିନ୍ତୁ ଯେଉଁମାନେ ସିନ୍ଦୁକରେ ଟଙ୍କା ସାଇତି ରଖିବା ଲୋଭରେ ଲାଗିପଡ଼ୁଛନ୍ତି, ସେମାନଙ୍କର ସମସ୍ତ ମନୋରଥ କେବଳ ବିଫଳ ହୋଇଯାଉଛି । ଯେଉଁମାନେ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ଆପଣାର ମହତ୍ କର୍ମରୁ ଆପଣାକୁ ବଞ୍ଚିତ କରନ୍ତିନାହିଁ ସେମାନେ ଭଗବାନଙ୍କର ପ୍ରସାଦ ପାଇ ଆନନ୍ଦ-ଜଳଧିରେ ନିମଗ୍ନ ହୁଅନ୍ତି । ମହାତ୍ମାଙ୍କ ଆଦର୍ଶ ଅର୍ଥଲୋଭ ପାଖରେ କାର୍ଯ୍ୟକାରୀ ହେଉନାହିଁ ।

ମୋର ଆନନ୍ଦ ହୃଦୟ ଭିତରେ କେଉଁଠି କେଜାଣି ପରମ ପିତାଙ୍କ ରୂପ ଧରିଅଛି, ମୁଁ ସେ ଆନନ୍ଦମୟଙ୍କୁ ଖୋଜିହେଉଛି । ସେ କଅଣ ମତେ ଦେଖାଦେଉନାହାନ୍ତି ? ମଥା ଟେକି ଚାହିଁଲେ ତାଙ୍କୁ ମୁଁ ଦେଖୁଛି । ନିଦ ଭାଙ୍ଗିଗଲେ ରାତିରେ ଉଠି ବସି ଚାରିଆଡ଼କୁ ଚାହୁଁଛି । କେଉଁଠାରୁ କେଉଁଠିକି ଆସିଲି ! ବାଲ୍ୟ, କୈଶୋର, ଯୌବନରେ ଯେଉଁ-ମାନଙ୍କୁ କେବେ ଦେଖିନଥିଲି, ସେମାନଙ୍କ ସମ୍ମୁଖରେ ବସି ଦୁଃଖ ସୁଖ କଥାହେଲି । ଦୁଃଖ ଭୁଲି ପରମ ଶାନ୍ତିରେ ସମୟ କଟେଇଲି । ଏ ଆନନ୍ଦ ଆସିକାରେ ଅନୁଭବ କରିଥିଲି । ଏବେ ମନେପଡ଼ୁଛି, ଯାହା ଅସମ୍ଭବ ବୋଲି ମନେହେଉଥିଲା, ତାହା ସମ୍ଭବ ହେଲା । ବାପା, ମାଆ ଗଢ଼ିଥିବା ଘର କୋଣଟି ହିଁ ସ୍ୱର୍ଗରାଜ୍ୟ ହୋଇଥିଲା । ସେଠି ମୋର ରାମାୟଣ, ମହାଭାରତ, କୌଶଲ୍ୟା ରୋଦନ, ଯଶୋଦା ବିଳାପ, ସବୁ ହୃଦୟ ଭିତରେ ରହିଗଲା । ଭକ୍ତକବିଙ୍କର 'ଜୀବନ ଚିନ୍ତା' ଆସି ରାତିରେ ଶୋଇବା ପରଠୁ ମଥା ପାଖରେ ବସି ବିଳାପ ରଚିଲା । ନିଦାନ ଆସିଲେ, 'ଜୀବନ ଚିନ୍ତା'କୁ ଧରି ଝୁରିହେଉଛି । ତା ପଛକୁ ତା ପଛକୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି', ନୈବେଦ୍ୟର କରୁଣ କୋମଳ ରାଗିଣୀ କାନ ପାଖରେ ଗୁଣୁ ଗୁଣୁ କରି ଗାଇଉଠୁଛନ୍ତି ଅନବରତ । କବିଙ୍କ ରଚନା, "ଆମି ବହୁ ବାସନାୟ ପ୍ରାଣପଣେ ଚାଇ ବଞ୍ଚିତ କରି ବାଞ୍ଚାଲେ ମୋରେ, ଏ କୃପା କଠୋର ସଞ୍ଚିତ ମୋର ଜୀବନ ଭରେ" । ନା ଚାହିତେ ମୋରେ ଯା କରେଛ ଦାନ, ଆକାଶ ଆଲୋକ ତନୁ ମନ ପ୍ରାଣ ।

"ଦିନେ ଦିନେ ତୁମି ନିତେଛ ଆମାୟ ସେ ମହା ଦାନେରଇ ଯୋଗ୍ୟକରେ, ଅତି ଇଚ୍ଛାର ସଙ୍କଟ ହତେ ବାଁଚାୟେ ମୋରେ ।" ଅସମ୍ଭବ କେତେବେଳେ କ୍ଷଣକରେ ସମ୍ଭବ ହୋଇଯାଉଛି । ତା' ନ ହେଲେ ଧରାକୋଟର ରାଜା ପଦ୍ମନାଭ ସିଂହଦେବ କେଉଁଠି ? କେଉଁ ସୂତ୍ରରେ ଯଦୁନାଥ କର ଏବଂ ମୁନସିଫ୍ ବାଳ-କୃଷ୍ଣ ପାଢ଼ୀଙ୍କ ସହିତ ମୋର ବନ୍ଧୁତା ଘଟିଲା ! ସେ ଦୁହିଁଙ୍କ ସାହାଯ୍ୟ ସହାନୁଭୂତିରେ, କେଡ଼େବେଗରେ କୃଷ୍ଣ ସିଂହ ସାହିତ୍ୟ ସଦନର କାର୍ଯ୍ୟ ଆରମ୍ଭ ହୋଇଗଲା ।

କାର୍ଯ୍ୟ ଆରମ୍ଭ ହୋଇଗଲା କିନ୍ତୁ ଅର୍ଥ ଅଭାବରୁ ଗୃହ କାର୍ଯ୍ୟ ଆଉ ଦ୍ରୁତଗତିରେ ଚାଲିପାରିଲା ନାହିଁ । ଅବଶେଷରେ ଆଉ କେତେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ଶହେ ଶହେ କରି ଟଙ୍କା ଆଣି କାର୍ଯ୍ୟ ଚଳାଇବାକୁ ହେଲା । ଏଥିପୂର୍ବରୁ ତତ୍କାଳୀନ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ତିନିହଜାର ଟଙ୍କା ଦେଇଥିଲେ । ସେଥିରେ ଗୃହ-ନିର୍ମାଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଗଲା । ସବୁ ହେଲା କିନ୍ତୁ ଯେଉଁମାନେ ପ୍ରଥମେ କୃଷ୍ଣସିଂହ ସାହିତ୍ୟ-ପରିଷଦ ଗଢ଼ିଥିଲେ, ପୁଣି ମୋତେ ନେଇ ସାହିତ୍ୟସଭାର ଜଣେ ସଭ୍ୟରୂପେ ନାମ ଲେଖାଇଥିଲେ, ସେହିମାନେ ଧରାକୋଟ ରାଜା ସାହେବ ଗୃହ ନିର୍ମାଣ ନିମନ୍ତେ ଟଙ୍କା କାହିଁକି ଦେଲେ, ମୁଁ କାହିଁକି ଏସବୁ କାର୍ଯ୍ୟରେ ହାତଦେବାକୁ ଯାଉ-

ଥିଲି ଇତ୍ୟାଦିକୁ ନେଇ ସବୁ କାର୍ଯ୍ୟ ଚଳେଇବା ବ୍ୟକ୍ତି ହରିହର ପଣ୍ଡା, ସମ୍ପାଦକ କୃଞ୍ଜବିହାରୀ ନାୟକ ଓ କୃଷ୍ଣ ସିଂହ ସାହିତ୍ୟ ପରିଷଦର ସଭାପତିଙ୍କର ସହକାରୀ ଆସିକାର ଜଣେ ଓକିଲ ମୋ ପ୍ରତି ସବୁ ବିଷୟରେ ବିରକ୍ତ ହେଲେ । ମୁଁ ସେ ସଭାର କୌଣସି କାର୍ଯ୍ୟରେ ଯେପରି ହାତ ନ ଦିଏ ସେଥିପ୍ରତି ମୋର ବନ୍ଧୁମାନେ ମୋ ପ୍ରତି ଅବନ୍ଧୁ ଭଳି କାର୍ଯ୍ୟକରି ବର୍ଜିଲେ । ମୋର ମଧ୍ୟ ଏଥିରେ ତ୍ରୁଟି ଯେ ନ ଥିବ ଏକଥା କିପରି କହିବ ! ନିଜର ଦୋଷ ମନୁଷ୍ୟ କେବେ ଦେଖିପାରେ ନାହିଁ । ଏ ଅବସ୍ଥାରେ ସ୍ୱାମୀଙ୍କର ସ୍ୱାସ୍ଥ୍ୟହାନୀ ଘଟିବରୁ, ମୁଁ ସ୍ୱତଃ ସ୍ୱାଭାବିକ ଭାବରେ ସାହିତ୍ୟ ସେବା କାର୍ଯ୍ୟ ଛାଡ଼ି ଦେଇ ଘୁଞ୍ଚି ଯାଇ ଘର କୋଣରେ ରହି ଏବଂ ରୋଗୀ ସେବାରେ ନିଯୁକ୍ତ ହୋଇ ରହିଲି ।

ତାପରେ ଜୀବନରେ କେତେକ କଅଣ ପରିବର୍ତ୍ତନ ଘଟିଗଲା, ଆଜି ତାହିଁକି ସ୍ପନ୍ଦନ ଥରେ ସ୍ମୃତି କହିବାକୁ ମନେ ପଡୁଛି । ଯେଉଁ ବନ୍ଧୁମାନଙ୍କୁ ନେଇ ଥରେ ସଭାହେବାପାଇଁ ଭାଷଣ ଦେଇଥିଲି, ସେ ସ୍ମୃତି ମତେ ସାହିତ୍ୟ ଆକାଶରୁ ତଳକୁ ଫିଙ୍ଗିଦେଲା । ଯେଉଁ ହରିହର ପଣ୍ଡା ଏତେ କାର୍ଯ୍ୟ କରିଥିଲେ ସେ ଆସ୍କାରୁ ବଦଳି ହୋଇଗଲେ । ଏ ବଦଳି କାର୍ଯ୍ୟ କିଛି-ଦିନ ପରେ ହୋଇଥିଲା । ତଥାପି ମୋହରି ଷଡଯନ୍ତ୍ରରେ ଏହା ହେଲା ବୋଲି ଆସିକାରେ ବହୁତ ଆଲୋଚନା ପ୍ରତ୍ୟାଲୋଚନା ହୋଇଗଲା । ଏ ସବୁ କଥାରେ ମୋ ଆଖିରୁ ଅଜସ୍ର ଅଶ୍ରୁ ବହିଗଲା । କିନ୍ତୁ କଅଣ ହେବ ? ଏ ଘଟଣାର ବର୍ଷେ ଖଣ୍ଡେ ପରେ ଶିକ୍ଷକ ମହାଶୟଙ୍କ ଦେହାନ୍ତ ଘଟିଗଲା । ତାପରେ ମୁଁ ପତ୍ର ଲେଖି ସାସମଲ ମହାଶୟଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ସେଥି ସଙ୍ଗେ ସଙ୍ଗେ ସାହିତ୍ୟ ସଭାର କାର୍ଯ୍ୟ ଚଳେଇନେବାକୁ ପ୍ରୟାସ କଲି । ମୋ ଚିଠିର ଉତ୍ତର ପାଇବା ପରେ ଆସିକା ଯାଇଥିଲି, ଯିବାର କାରଣ ଆସିକା ନିକଟ ବୁଗୁଡ଼ାରେ ଗୋଟିଏ ସାହିତ୍ୟ ସମ୍ମିଳନୀ ହୋଇଥିଲା । 'ଗଞ୍ଜାମ ସାହିତ୍ୟ ସମ୍ମେଳନ' ନାମ ରଖା ଯାଇଥିଲା । ବୁଗୁଡ଼ା ସାହିତ୍ୟ ସଭା ଶେଷରେ ଆସିକା ଆସି ଦୁଇଦିନ ରହିଲି । ଭାଇଙ୍କ ଘରେ ରହିଥିଲି । ସାସମଲ ମହାଶୟଙ୍କୁ ସେଦିନ ସନ୍ଧ୍ୟାରେ ଡାକି ପଠାଇ କେତେ ଦୁଃଖ ସୁଖ କଥାହେଲି । ଏବେ ମନେ ପଡୁଛି । ବୁଗୁଡ଼ା ସଭାରେ ତାଙ୍କ ଭାଇ ନଟବର ସାସମଲଙ୍କୁ ଦେଖିଥିଲି । ଦୁଇ ଭାଇ ଅବିକଳ ଯାଆଁଳା ଭାଇପରି ଦେଖିବାକୁ । ବୁଗୁଡ଼ା ସାହିତ୍ୟ ସମ୍ମେଳନରେ ହରେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମ୍ବନ୍ଧରେ ସେ ମହାଶୟ କହିଥିଲେ । ସେ ଯାହା କହିଥିଲେ ସେଥିର ସାରାଂଶ ହେଉଛି ଦୁଃଖୀ ଦରିଦ୍ରମାନଙ୍କ ଦୁଃଖ ମୋଚନ ନିମନ୍ତେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଥାଏ ତାହା ହିଁ ପ୍ରକୃତ ସାହିତ୍ୟ ଏବଂ ସେଥିର ଲେଖକ ହିଁ ପ୍ରଗତିବାଦୀ ସାହିତ୍ୟିକ ।

ଏହି ବିଷୟ ନେଇ ମୁଁ ସାସମଲଙ୍କ ସହିତ କେତେକ ବିଷୟ ଆଲୋଚନା କରିଥିଲି । ସେ ମୋତେ କହିଥିଲେ ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ ଅନ୍ୟ ଭାଷାର ଉତ୍କୃଷ୍ଟ ଏବଂ ଶିକ୍ଷଣୀୟ ଗ୍ରନ୍ଥ ପଢ଼ିବା ଆବଶ୍ୟକ । ମୋ କଥା ନେଇ କହିଲେ, ଅତୀତରେ ଆମ ଭିତରେ ନାନା କାରଣରୁ ମତାନ୍ତର ମନାନ୍ତର ଥିଲେ ମଧ୍ୟ କରୁଣାମୟଙ୍କ କୃପାବଳରେ ଆମ ହୃଦୟ ସ୍ନେହସିକ୍ତ ହୋଇଉଠିଛି । ଆଜି ଆମେ ଆମର ପରମ ପିତା ପରମେଶ୍ୱରଙ୍କଠାରେ ହାତ ଯୋଡ଼ି ଜଣାଇବା ଯେ ଆମ ଦୁହିଁଙ୍କ ଭିତରେ ମୁହୂର୍ତ୍ତକ ନିମନ୍ତେ ମଧ୍ୟ କୌଣସି ଦ୍ୱେଷ, କୌଣସି ରୋଷ ରହିବ ନାହିଁ । ତାଙ୍କର ସେ କଥା ଶୁଣି ଏକାଥରକେ ଆନନ୍ଦମୟ ରାଜ୍ୟକୁ ଚାଲିଗଲି ।

ମୋ ଚିଠି ପଢ଼ି ସେ କିମିତି ଖୁସି ହୋଇଥିଲେ, ମୁଁ ତାଙ୍କ ଚିଠି ପଢ଼ି କିମିତି ଅଶ୍ରୁପୂର୍ଣ୍ଣ ଆଖିରେ ଆସିକା ଆଡ଼କୁ ଅନାଇଁ ରହିଥିଲି । ଏ କଥା ଶେଷ ହେବା ପୂର୍ବରୁ ସେ କହିଲେ, ଏଥର ତୁମେ ମୋତେ ଇଂରେଜୀରେ ଚିଠି ଲେଖିବ । ମୁଁ ମଧ୍ୟ ତୁମଠାକୁ ଇଂରେଜୀରେ ଲେଖିବି । ଏ କଥାରେ ଦୁହେଁ ଏକମତ ହୋଇ କୃଷ୍ଣସିଂହ ସାହିତ୍ୟ ପରିଷଦ ମଧ୍ୟରେ କେତେକ ବିଷୟ ଆଲୋଚନା କରିଥିଲୁ । କୃଷ୍ଣସିଂହ ସାହିତ୍ୟ

ପରିଷଦର ରକ୍ଷଣା ବେକ୍ଷଣା କରିବାକୁ ମୁଁ ତାଙ୍କୁ ଅନୁରୋଧ କରିଥିଲି । ହାୟ ! ମନୁଷ୍ୟର ଜୀବନ ସତେ କେତେ କ୍ଷଣସ୍ଥାୟୀ । ମୁଁ ପାଟନା ଫେରିବା ଅଳ୍ପ-ଦିନଠାରେ ସମ୍ବାଦପତ୍ରରୁ ଶୁଣିଲି ଯେ ନାରାୟଣ ସାସମଲଙ୍କର ମୃତ୍ୟୁ ହୋଇଗଲା । ତାଙ୍କର ଯେତେବଡ଼ ଇଚ୍ଛା ଥିଲା, ସେଥିରୁ ସେ ଗୋଟାଏ ହେଲେ ପରିପୂର୍ଣ୍ଣ କରିପାରି ନ ଥିଲେ । ମୋ ପାଖକୁ ଇଂରେଜୀରେ ଚିଠି ଲେଖିବାକୁ ମଧ୍ୟ ସମୟ ପାଇ ନ ଥିଲେ ।

ହଁ, ମନେ ପଡ଼ିଲା । ଆସିକା ଉଚ୍ଚ ବିଦ୍ୟାଳୟରେ ବ୍ରଜବନ୍ଧୁ ମିଶ୍ର ନାମକ ଜଣେ ସଂସ୍କୃତ ଶିକ୍ଷକ ଥିଲେ । ସାହିତ୍ୟ ବିଷୟରେ କହିବାକୁ ସେ ଅତ୍ୟନ୍ତ ଉଦ୍ୟମ-ଶୀଳ ଏବଂ ଉତ୍ସାହୀ ଥିଲେ ; କିନ୍ତୁ କାର୍ଯ୍ୟ ବେଳକୁ କିଛି କରିପାରୁ ନ ଥିଲେ । ସାସମଲ ଏବଂ ମିଶ୍ର ମହାଶୟ ମିଳିମିଶି ଗୋଟିଏ ପ୍ରିଣ୍ଟିଂ ପ୍ରେସ୍ କିଣି ତାକୁ 'ଆଲୋକ ପ୍ରେସ୍' ନାମ ଦେଇ 'ଆଲୋକ' ନାମରେ ମାସିକ ପତ୍ରିକା ଗୋଟିଏ ପ୍ରକାଶ କଲେ । ସେଥିରେ ମୋର ଗୋଟିଏ କ୍ଷୁଦ୍ରଗଳ୍ପ 'ଏଇ ତ ସଂସାର' ପ୍ରକାଶ ପାଇଥିଲା । ଆସିକା ପରି ଗୋଟାଏ ସ୍ଥାନରେ ଓଡ଼ିଆ ମାସିକ ପତ୍ରିକା ଖଣ୍ଡିଏ ଚଳିପାରିବ, ଏ ଆଶା ନ ଥିଲା । କିନ୍ତୁ କେତେ ବର୍ଷ ନିମନ୍ତେ ଚଳିଲା । କିଛିଦିନ ପରେ କିଏ ସମ୍ପାଦକ ହେବେ, ନାରାୟଣ ସାସମଲ ନା ବ୍ରଜବନ୍ଧୁ ମିଶ୍ର ! ଏ ବିବାଦର ଅବସାନ ସହଜରେ ହୋଇପାରିଲା ନାହିଁ । ସୁତରାଂ ଛାପାଖାନାରେ ତାଲା ପଡ଼ିଲା । ଏ ସମୟରେ ସାସମଲଙ୍କ ଦେହାନ୍ତ ଘଟିଲା । ତାଙ୍କ ପୁଅ ଅନୁଷ୍ଠାନକୁ ଦେଇଥିବା ଅଂଶ ଉଠାଇ ନେଇ 'ଆଲୋକର' ସମ୍ପର୍କ ଛାଡ଼ିଲେ । ବର୍ତ୍ତମାନ ପଣ୍ଡିତ ବ୍ରଜବନ୍ଧୁ ମିଶ୍ର 'ଜ୍ୟୋତି' ପ୍ରେସ୍‌ଟି ସ୍ଥାପନ କରି ଚଳାଉଛନ୍ତି । ଏହାପରେ ଆଲୋକ ପ୍ରେସ ସମ୍ବନ୍ଧରେ ମୁଁ ଆଉ କୌଣସି ସମ୍ବାଦ ପାଇନାହିଁ ।

କୃଷ୍ଣସିଂହ ସାହିତ୍ୟ ସଦନ ସମ୍ବନ୍ଧରେ ଦୁଇପଦ କହିଦେଇ ଏ ବିଷୟ ଆଉ ଦୂରକୁ ଗଡ଼ିଯିବାକୁ ନେବି ।

ମୁଁ ଆସିକାରେ ଥିବା ସମୟରେ ହିଁ ଅନ୍ୟ ଜଣେ ସୁଦକ୍ଷ ବ୍ୟକ୍ତି, କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ଯେ ଅନୁଷ୍ଠାନର ପରାମର୍ଶଦାତା ଏବଂ ଶ୍ରୀ ଗଙ୍ଗାଧର ପଣ୍ଡା ଓ ଶ୍ରୀ ଦେବରାଜ ତ୍ରିପାଠୀ ଯୁଗ୍ମ ସମ୍ପାଦକ ରହି କାର୍ଯ୍ୟ ଚଳାଇ ନେଲେ । ପାଟଣାକୁ ଆସିବା ପରେ ମୋର ଗୋଟିଏ ପ୍ରଧାନ ଚିନ୍ତା ଥିଲା, 'କୃଷ୍ଣ ସିଂହ ସାହିତ୍ୟ ସଦନ' ବିସ୍ତାର କରିବା ଉଦ୍ଦେଶ୍ୟରେ ଯେଉଁ ଦାନଶୀଳ ବ୍ୟକ୍ତିମାନଙ୍କ ସମ୍ମୁଖରେ ହାତପାତି ଠିଆ ହୋଇଥିଲି, ସେମାନଙ୍କୁ କହିଥିଲି ଯେ, ଯାହା ହାତରୁ ଯେତିକି ଟଙ୍କା କୃଷ୍ଣ ସିଂହ ସାହିତ୍ୟ ସଦନ ନିମନ୍ତେ ଦେବେ, ମୁଁ ସେଇ ଅଙ୍କଟି ଗୋଟିଏ ବଡ଼ ମାର୍ବଲ ପଥରରେ ଲେଖି ସେଇ ସଦନର ଗୋଟାଏ ଅଂଶରେ ସଂଯୋଗ କରିଦେବି । ଏ କାର୍ଯ୍ୟ ମୁଁ କୌଣସି ସୁଯୋଗରେ ଆସିକା ଯାଇ କରାଇ ଦେଇଛି । ବ୍ରହ୍ମପୁରରେ ମାର୍ବଲ ଦୋକାନରେ ବେଶ୍ ବଡ଼ ଗୋଟିଏ ମାର୍ବେଲ ପଥରରେ ଦାତାମାନଙ୍କର ନାମ ଲେଖାଇ ରଖାଇ ଦେଇଛି । କେତେ କେତେ ମହତ ବ୍ୟକ୍ତିଙ୍କ ମହାକୀର୍ତ୍ତି କାଳର କରାଳ ହାତ ସ୍ପର୍ଶରେ ଭାଙ୍ଗି ରୁଜି ମାଟିରେ ମିଶିଯାଉଛି । କୃଷ୍ଣସିଂହ ସାହିତ୍ୟ ସଦନ କେତେକାଳ ଅକ୍ଷୁଣ୍ଣ ଅବସ୍ଥାରେ ରହିବ ତାହା କିଏ କହିପାରିବ ।

କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶ୍ରୀ ଗଙ୍ଗାଧର ପଣ୍ଡା ଓ ଶ୍ରୀ ଦେବରାଜ ପାଠୀଙ୍କ ପରିଚାଳନାରେ କୃଷ୍ଣ ସିଂହ ସାହିତ୍ୟ ସଦନରେ ସଙ୍ଗୀତ ସ୍କୁଲ ଗୋଟିଏ ପ୍ରତିଷ୍ଠା କରାଯାଇଛି । ତ୍ରିପାଠୀ ମହାଶୟଙ୍କ ପ୍ରୟାସ, ଅନୁରୋଧ, ଉପରୋଧରେ ସରକାର ସ୍କୁଲର ବ୍ୟୟ ଭାର ବହନ କରିବା ନିମନ୍ତେ ବାର୍ଷିକ ପ୍ରାୟ ହଜାରେ ଟଙ୍କା ଦେଉଛନ୍ତି ବୋଲି ଶୁଣିଲି । ଆସିକାଠାରେ ଏ ସବୁ ଶୁଭସମ୍ବାଦ ଶୁଣି ଆସିଲି ଭୁବନେଶ୍ୱର । ଆକସ୍ମିକ ଭାବରେ ସାକ୍ଷାତ ଘଟିଲା ସାହିତ୍ୟ ଏକାଡେମୀ ଗ୍ରନ୍ଥାଳୟରେ ଶ୍ରୀ ପଦ୍ମନାଭ ସିଂହଦେବଙ୍କ ସହିତ । ଏକାଡେମୀର ଗ୍ରନ୍ଥାଳୟ ନିକଟ ଅଫିସ ରୁମରେ ବସି ସମ୍ପାଦକ ନାୟକଙ୍କ ସହିତ ସେ କୌଣସି ଏକ ବିଷୟ ନେଇ ଆଲୋଚନା କରୁଥିଲେ । ସେ ଆସିବା ପୂର୍ବରୁ ମୁଁ ସେଇ ଘରେ ବସି ସମ୍ପାଦକ ଶ୍ରୀ ନାୟକଙ୍କ ସହିତ କଥାବାର୍ତ୍ତା କରୁଥିଲି । ମୁଁ ଅନ୍ୟ ପାଖରୁ ଆସିଲି

ବେଳକୁ ପଦ୍ମନାଭ ବସିଛନ୍ତି । ମନଟା ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠିଲା । ସେ ମଧ୍ୟ ତାଙ୍କର ସ୍ତ୍ରୀଙ୍କ ସହିତ ଗାରେ କଥା କହି ମତେ ଧରାକୋଟକୁ ଆମନ୍ତ୍ରଣ କରିଥିଲେ । ଏହାପରେ କେତେ ମାସ କେତେ ବର୍ଷ ଅନ୍ତରରେ ମିଶି ଯାଇଥିବ । ଆମ ସାହିତ୍ୟ ସଭାର ଉଦ୍ୟୋକ୍ତା ମଧ୍ୟରୁ ଆସିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇନ୍ଦ୍ରଧାମଙ୍କୁ ଭୁଲିଗଲେ । କୃଷ୍ଣ ସିଂହ ସାହିତ୍ୟ ସଦନ ପୃଷ୍ଠପୋଷକ ପଦ୍ମନାଭ ସିଂହଦେବ ପୈତୃକ କୀର୍ତ୍ତିଟି ସଙ୍ଗୀତ କରି ରଖିବା ନିମନ୍ତେ ଅନୁରୋଧ କରୁ କରୁ ଅକୁଣ୍ଠିତ ଚିତ୍ତରେ ଏକା ଥରକେ ପାଞ୍ଚ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଦେଲେ । ସେ ଅଙ୍ଗୀକାର କରି କହିବା ସମୟରେ ଯିମିତି ହସି ହସି କଥା ହେଉଥିଲେ, ସେ ଦୃଶ୍ୟ ମୋ ଆଖି ଆଗରେ ରହିଛି । ସେ ଘଟଣା ପରେ ବର୍ତ୍ତମାନ ପ୍ରାୟ ତିରିଶି ବର୍ଷ ହୋଇଗଲା, ଦିନେ ହେଲେ ମୁଁ ତାଙ୍କୁ ଭୁଲି ନାହିଁ । ଭୁବନେଶ୍ୱର ସାହିତ୍ୟ ଏକାଡେମୀ ଅଫିସ ରୁମ୍‌ରେ ତାଙ୍କୁ ଦେଖି ଥିଲି । ପ୍ରାୟ ତିରିଶି ବର୍ଷ ପରେ ପୁଣି ଦୁହେଁ ଦୁହିଁଙ୍କୁ ଦେଖିଲୁ । ଆହା, କେତେ ଆଦର କରି ସେ ମତେ କହିଥିଲେ । "ଏଥର ଆସିକା ଆସିଲେ ଅବଶ୍ୟ ଧରାକୋଟ ଆସିବେ ।" ତାଙ୍କର ସନ୍ତାନ ସନ୍ତତି କଥା ପଚାରିଥିଲି । ଗୋଟିଏ କନ୍ୟା ସନ୍ତାନ ହୋଇଥିବା କଥା କହିଲେ । ସବୁଠୁ ବଡ଼ଟି ଭୁବନେଶ୍ୱର ବାଣୀବିହାରରେ ଏମ୍. ଏ. ପଢୁଛି, ଦେଖିବାକୁ ଆସିଥିଲି ।" ସେକାଳରେ ସମ୍ଭ୍ରାନ୍ତ କ୍ଷତ୍ରିୟ ରାଜା ଜମିଦାରମାନଙ୍କର କନ୍ୟାମାନେ ଏମ୍. ଏ. କଥା ଚିନ୍ତା କରିବା ସୁଦୂର ବ୍ୟାପାର । ଅକ୍ଷର ଶିଖି ପୁରାଣ ପାଠ ଟିକିଏ ପଢ଼ିପାରୁ ନଥିଲେ । ପଦ୍ମନାଭଙ୍କ ଝିଅ ଏମ୍. ଏ. ପଢ଼ିବା ଶୁଣି ଆନନ୍ଦରେ ତାଙ୍କୁ କେବଳ ଆଶୀର୍ବାଦ ଦେବାକୁ ଲାଗିଲି ।

ହଠାତ୍ ଦିନେ ପଦ୍ମନାଭ ମୃତ୍ୟୁ ସମ୍ବାଦ ପାଇ ଏତେ ଦୂର ବ୍ୟସ୍ତତା ହେଲି ଯେ, ସେ କଥା ଇମିତି ସହଜ ଭାବରେ ଲେଖିହେଉ ନାହିଁ । ପଚାଶି ବର୍ଷ ବୟସ ହୋଇଥିବ । ମୋଠୁ କେତେ କମ ବୟସର ଲୋକ, ଆକସ୍ମିକ ଭାବରେ ମୃତ୍ୟୁ ଆସି ତାଙ୍କୁ ନେଇଗଲା । ଶୋଭାଳ ଦେଶର ଝିଅ ତାଙ୍କ ସ୍ତ୍ରୀ ଦେଖିବାକୁ ଲମ୍ବା ପତଳା ଗୋରାଙ୍ଗୀ, ମୁଖଶ୍ରୀ ସୁନ୍ଦର । ସ୍ୱାମୀ ହରା ହୋଇ କେତେ ଦୁଃଖ ପାଉଥିବ । ଗୋଟିଏ କନ୍ୟା ଥିଲା ହରା ହୋଇଗଲେ ।

ଏଇ ସେଦିନ ରାଜା ସାହେବ ପଦ୍ମନାଭ ସିଂହଦେବ ପୈତୃକ କୀର୍ତ୍ତି ସୁଦୃଢ଼ କରିବାକୁ ମୋ ହାତରେ ପାଞ୍ଚ ହଜାର ଟଙ୍କା ଦେଇ ଦେଶବାସୀଙ୍କ ପ୍ରଶଂସାଭାଜନ ହୋଇଥିଲେ । ଦୁଇ ବର୍ଷ ହୋଇଗଲା କେଉଁଆଡ଼େ ଚାଲିଗଲେ ସେ ଲୋକଟି । ଆଉ ସେ ବିଷୟ ବିସ୍ତାର କରି ଲେଖିବ କାହିଁକି ? ସେଇ ଲୋକଟି ଯୋଗୁ ଆସିକାରେ ସାହିତ୍ୟ ସଦନଟିଏ ତିଆରି ହୋଇଥିଲା । ବର୍ତ୍ତମାନ ଦେଶର ଯେଉଁ ଅବସ୍ଥା ସେ ସାହିତ୍ୟ ଭଣ୍ଡାରକୁ କିଏ ଆଉ ସଜାଇ ରଖିବ । ମୁଁ ତ ଛାଡ଼ି ଦେଇ ଚାଲିଆସିଲି । ମୋର ସେ ସଭାଘର ଘିଞ୍ଚ ଘିଞ୍ଚ ହୋଇ ଘୂରି ବୁଲୁଛି ମୋର ଦୃଷ୍ଟି ଶକ୍ତିର ସୀମା ପାଖରେ ।

ଦିନ ଦିନ ହୋଇ ମାସ ମାସ, ବର୍ଷ ବର୍ଷ ମିଶି ଯାଉଛି ମର୍ତ୍ତ୍ୟଭୂମିରେ । ଆମେ ଆଶ୍ଚର୍ଯ୍ୟ ହୋଇ ଦେଖୁଛେ, ଶୁଣୁଛେ । କେତେ ଦୁଃଖ ଏ ଦେହ ଦେଇ ଭୋଗ ହୋଇଯାଉଛି । ଏଇ ସେଦିନ ତିନିବର୍ଷ ହୋଇଗଲା, ଆସିକା ଭୂମି ସ୍ପର୍ଶ କରି ଆସିବି ବୋଲି ବଡ଼ ଆଶାରେ ଯାଇଥିଲି । ସେ ମାଟିରେ କେତେ ସ୍ତ୍ରୀ ପୁରୁଷଙ୍କୁ ଦେଖିଲି । ସାହିତ୍ୟ ସଦନ ଦେଖି ଫେରି ଆସିବା ସମୟରେ ଗାଡ଼ି ରଖି ସୋମନାଥ ଦାସଙ୍କୁ ଦେଖି ଯିବି ବୋଲି ଉଦ୍ୟମ କରୁଛି, ହଠାତ୍ ମୋର ଦୃଷ୍ଟିଗୋଚର ହେଲେ ଶ୍ରୀ ବୃନ୍ଦାବନ ଦାସ । ବୃନ୍ଦାବନ ଦାସ ହେଉଛନ୍ତି ଉତ୍କଳ ଶ୍ରୀ ଲୋକନାଥ ଦାସଙ୍କ ଏକମାତ୍ର ପୁତ୍ର । ମତେ ଦେଖିବା କ୍ଷଣି ଏତେ ଆବେଗରେ ନମସ୍କାର କରି ଅନ୍ତରର ଅନେକ କଥା ସ୍ମରଣ କରି କହିଲେ, "କେତେ ସୌଭାଗ୍ୟର ଦିନ ଆଜ । ଆପଣ ଆସିକା ଛାଡ଼ି କେଉଁ ଦୁରନ୍ତରେ ରହି-

ଗଲେ । ଆପଣଙ୍କ ଅଭାବରେ ଏଠି ଗୋଟାଏ ଶୂନ୍ୟସ୍ଥାନ ସୃଷ୍ଟି ହୋଇଗଲା । ଇଂରେଜୀ ଭାଷାରେ ସେ କହିଲେ, 'ଭାକ୍ୟୁମ୍' ଶବ୍ଦ, ଅନେକେ ହୁଏତ ସେ କଥା ଅନୁଭବ କରି ପାରି ନାହାନ୍ତି । କେଉଁଆଡେ ଗଲା ସେ ସାହିତ୍ୟ ସଭାର ତର୍କ ବିତର୍କ । କୁଞ୍ଜ ନାୟକ ବର୍ତ୍ତମାନ କେଉଁଠି ଅଛନ୍ତି କେଜାଣି, ହେଡମାଷ୍ଟ୍ରେ ମରିଗଲେ । ସାସମଲ ମରିଗଲେ । ଆଉ ସାହିତ୍ୟ ସୃଷ୍ଟି କରିବାକୁ କିଏ ଅଛି । ଯିଏ ଯାହା ଚିନ୍ତାରେ ବ୍ୟସ୍ତ । ଆଜିକାଲି ଜଗତଟା ଇମିତି ହୋଇଛି ଯେ ନିଜ ନିଜର ଅର୍ଥ ସଞ୍ଚୟରେ ପ୍ରତ୍ୟେକେ ବ୍ୟସ୍ତ । ମୋ ମାଆ ମରିଗଲାଠୁ ମୁଁ ଏକଲା ହୋଇଗଲି ।

ମୁଁ ତାଙ୍କୁ ଦୁଃଖ ସୁଖ କେତେ କଥା ପଚାରିଲି । ବାପାଙ୍କ ପଛରେ ରହି ପୁଅ ମଧ୍ୟ ଓକିଲାତି କରୁଛନ୍ତି । ବୃନ୍ଦାବନ ଆଉ କିଛିଏ କଥା ହେବାକୁ ଆଗ୍ରହ ପ୍ରକାଶ କରୁଥିଲେ । କବିରାଜେ ତାଙ୍କ ବନ୍ଧୁ ସାଥିରେ କଥା ହୋଇ ଆସି ଗାଡିରେ ବସି ଗାଡ଼ି ଛାଡ଼ିଦେଲେ । ବୃନ୍ଦାବନ ଗାଡ଼ିଟାକୁ ଚାହିଁ ରହିଥାନ୍ତି ପଛରୁ । ସେ ଦୃଶ୍ୟଟି ମୋ ହୃଦୟରେ ଉଜ୍ଜ୍ୱଳ ଦାଗ ହୋଇ ରହି ଯାଇଛି ।

ସେ ସମୟକୁ କବିରାଜଙ୍କ ପରିଚାଳନାରେ ସାହିତ୍ୟ ସଦନ ଚାଲୁଥିଲା । ଜଣେ ସଙ୍ଗୀତ ଶିକ୍ଷକ ରହି ଆସିକାର ଅନେକଗୁଡ଼ିଏ ବାଳିକାଙ୍କୁ ସଙ୍ଗୀତ ଶିକ୍ଷା ଦେଉଥିଲେ । ସାହିତ୍ୟ ସଦନକୁ ଲାଗି ଆଉ ଗୋଟିଏ ଘର ତିଆରି ହୋଇଥିବା ଦେଖିଲି ଯେଉଁଥିରେ ଗୋଟିଏ ଶ୍ରେଷ୍ଠ ପରିବାର ବାସ କରି ରହିପାରିବେ । ସାହିତ୍ୟ ସଦନର ଉନ୍ନତି ଘଟିଥିଲେ ମଧ୍ୟ ମୋ ମନ ତୃପ୍ତ ହେଲା ନାହିଁ । ବୃନ୍ଦାବନ ଦାସଙ୍କ ଅର୍ଥ ପୂର୍ଣ୍ଣ କଥାଗୁଡ଼ିକ ରହି ରହି କାନ ପାଖରେ କଥା ଆରମ୍ଭ କରି ଦେଲେ । ଆସିକା ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଆସିକାରେ ପ୍ରାୟ ସମସ୍ତେ ହେଡ ମାଷ୍ଟ୍ରେ ବୋଲି ଡାକନ୍ତି । ହେଡମାଷ୍ଟ୍ରେ ଥରକୁଥର ମନେ ପଡ଼ିଲେ । ତାଙ୍କର ପରଲୋକ ପରେ ତାଙ୍କ ପରିବାରର ଅବସ୍ଥା କଅଣ ହୋଇଥିବ, ମୁଁ ଆଉ କିଛି ଜାଣି ନଥିଲି । ତିନି ବନ୍ଧୁ ମିଶି କେତେ ଆନନ୍ଦ ଉତ୍ସାହରେ କୃଷ୍ଣସିଂହ ସାହିତ୍ୟ ପରିଷଦ ଗଢ଼ିବେ ବୋଲି କେତେ ପ୍ରକାର କଳ୍ପନା କରୁଥିଲେ । ମୋ ଯୋଗୁଁ ସେମାନଙ୍କର କି ସୁନ୍ଦର ଆଶା ଉତ୍ସାହ ମ୍ଳାନ ମୂର୍ଚ୍ଛିତ ହୋଇ ଯାଇଥିବ । ସାହିତ୍ୟିକ ବୋଲି ମୁଁ ଯିମିତି ମନେ ମନେ ଫୁଲି ଉଠୁଥିଲି, ସେଥିକି ଦେଖି "ସତ୍ୟଂ, ଜ୍ଞାନଂ, ଅନନ୍ତମ୍" ବାକ୍ୟଟି କେବେ ମୁଖସ୍ଥ କରିଥିଲେ ମନରେ ଏତେ ସନ୍ତାପ ହୋଇ ନଥାନ୍ତା । ଯାହା ହେଉ, ଅଶାନ୍ତ ହୃଦୟର ସେ କ୍ଷୋଭ ଆଜି ମଧ୍ୟ ହୃଦୟ ଭିତରେ ରହି କାର୍ଯ୍ୟ କରୁଛି ।

ମୁଁ ମୋର ଜନ୍ମସ୍ଥାନ ଆସିକା ଛାଡ଼ି କଟକ ଆସିଲି । ପୁଅ ମୋର ବିଲାତରୁ ଫେରି ଆସି କଟକରେ ମେଡ଼ିକେଲ କଲେଜରେ ନିଯୁକ୍ତ ହେଲା । ଏହା ପରେ ଜୀବନରେ ଅନେକ ଦୁଃଖ ସଂକଟ ଭିତର ଦେଇ ଗତି କରିବାକୁ ହୋଇଛି । ମୁଁ କଟକରୁ ଯାଇ ବିହାରରେ ଥିବା ସମୟରେ ଦିନେ କଟକ ପୁଅ ପାଖକୁ ଯାଇଥିଲି । ପ୍ରାୟ ପାଞ୍ଚ ବର୍ଷ ପରେ ହେଡବାବୁଙ୍କୁ କଟକରେ ଦେଖିଲି । ଏହି ଆକସ୍ମିକ ସାକ୍ଷାତରେ ମୁଁ ଅତ୍ୟନ୍ତ ଆନନ୍ଦିତା ହେଲି । ସେ ସେ ସମୟକୁ ବି.ଏ ପାସ କରି ଫୁଲବାଣୀ କି ଉଦୟଗିରିରେ ଥିଲେ । ଭଗବାନ୍ ତାଙ୍କୁ ଚିନ୍ତା କରିବାକୁ ଶକ୍ତି ଦେଲେ । ସେ ଶକ୍ତିର ସାହାଯ୍ୟରେ ସେ ପୁରୀରେ ସଂସ୍କୃତ କଲେଜରେ ରହି ଏମ୍. ଏ ପରୀକ୍ଷା ଦେଲେ । ଯଥା ସମୟରେ ସେ କୃତକାର୍ଯ୍ୟ ହୋଇ ବି. ଜେ. ବି କଲେଜରେ ନିଯୁକ୍ତି ପାଇଲେ । ତାପରେ ସେ ତାଙ୍କର ସୁଖ ପରିବାରଙ୍କ ଚିନ୍ତା କରିବା ସଙ୍ଗେ ସଙ୍ଗେ ଜ୍ଞାନ ଗୌରବ ମଣ୍ଡିତ ହୋଇ ଗ୍ରନ୍ଥମାଳା ରଚି ଅଛନ୍ତି ।

୧୯୫୦ ଠାରୁ ଷାଠିଏ ପର୍ଯ୍ୟନ୍ତ ମୋର ଯେଉଁ ଲେଖମା ଚାଳନାର ଉତ୍ସାହ ଅନ୍ତରରେ ଥିଲା, ନାନା କାରଣରୁ ହୃଦୟର ସେ ଆଲୋକଟିକି ନିଭି ଆସୁଥିଲା । ହଠାତ୍ ସ୍ୱାମୀଙ୍କର ଦିନକର କଥାରେ ସେ ମାଟିର ପାପଟି ସୁନାର ପାତ୍ରର ରୂପଧରି ଜଳି ଉଠିଲା । ଏକଥା ଭାବିଲେ ବଙ୍କିମବାବୁଙ୍କର 'ଦେବୀଚୌଧୁରାଣୀ'

ପ୍ରଥମ କବିତାଟି ଉତ୍କଳ ଆକାଶରେ ମୋ ଆଖି ଆଗରେ ଭାସି ଉଠୁଛି ।

"ପ୍ରଭଞ୍ଜନ ଆସି' ହେ ଗଗନ ସ୍ୱାମୀ
ପଢ଼ିବ ତୋମାର ସମ୍ମୁଖେ,
କରି ଯୋଡ଼କର ହେ ଭୁବନେଶ୍ୱର
ଦାଣ୍ଡିବ ତୋମାର ସମ୍ମୁଖେ ।"

ସ୍ୱାମୀ ମୋର ମୋଟ ପରି ଜଣେ ମନୁଷ୍ୟ । ମୋହରି ପରି ରୋଗ, ଦୁଃଖ ପୀଡ଼ାରେ ଅଧିକାଂଶ ସମୟ ପୀଡ଼ିତ ଅବସ୍ଥାରେ ରହୁଛନ୍ତି । ତଥାପି, ଆମେ ଦୁହେଁ ସାଧାରଣ ମନୁଷ୍ୟ ପରି ଭୁଚ୍ଛ କଥାନେଇ ଝଗଡ଼ା ଧମକ, ଚମକ, ଯୁକ୍ତି ତର୍କ କରୁଥିବୁ । ମନୁଷ୍ୟକୁ ମନୁଷ୍ୟ କେବେହେ ଦେବତା ବୋଲି ଭକ୍ତି କରିବା ସମ୍ଭବ ନୁହେଁ ବୋଲି କାହିଁକି କେଜାଣି ମୋର ଧାରଣା ହୁଏ । ଭକ୍ତକବି ମଧୁସୂଦନ ରାଓ ତାଙ୍କର 'ଜୀବନ ଚିନ୍ତା'ରେ ଯାହା କହିଛନ୍ତି, ସେଥିରୁ ପଦେ ପଦେ ପ୍ରତି କ୍ଷଣରେ କାନ ଭିତରେ ଗୀତ ଗାଇ ଉଠୁଛନ୍ତି ।

ସେଥିର ଦୁଇ ଶ୍ଳୋକର କଥାଗୁଡ଼ିକ ଗଭୀର ଭାବରେ ହୃଦୟକୁ ସ୍ପର୍ଶ କରୁଛି ।

"ଭବସିନ୍ଧୁ ମାୟା ଶୋକମୟ,
ସମସ୍ତ ଛଳନାପୂର୍ଣ୍ଣ, ସେ ଖେଳେ ସର୍ବଦା ଘୂର୍ଣ୍ଣି,
ହୁଅଇ ଆଶାଭରସା କାମନା ନିଚୟ ।
ବିଫଳ ସତତ ତହିଁ ନୈରାଶ୍ୟ ଆଳୟ ।"

କେତେ ଶ୍ରେଷ୍ଠ ବ୍ୟକ୍ତି ନାନା ଛଳନାରେ ଅନ୍ୟ ଅନେକଙ୍କୁ ଯନ୍ତ୍ରଣା ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଜାଣି ଶୁଣି ଜଣକୁ ଜଣେ ଏତେ ହୀନ ଭାବରେ ଦେଖୁଛନ୍ତି ଯେ ମନୁଷ୍ୟ ମନୁଷ୍ୟ ଭିତରେ ବ୍ୟବଧାନ, ଅସ୍ନେହ, ଅଶ୍ରଦ୍ଧା ବୃଦ୍ଧି ହୋଇ ହୋଇଯାଉଛି । ଯାହାଠାରୁ ପ୍ରଚୁର ଉପକାର ପାଇଥାଉ ତାହାରି ପ୍ରତି ହିଁ ପ୍ରତିଶୋଧ ନେଉ ବହୁ ବିଷୟରେ । ସାଧାରଣ ମନୁଷ୍ୟର ଷଡ଼ରିପୁ ପ୍ରତି ଏତେ ଆକର୍ଷଣ ଯେ ଜୀବନ-ଯାତ୍ରା ପଥର ପ୍ରତିକ୍ଷଣରେ ଅନ୍ୟର ଦୋଷ ଅପରାଧ ଖୋଜି ଖୋଜି ସେଇ ଦୁଶ୍ଚିନ୍ତା ଜାଲରେ ଛନ୍ଦି ରହେ । ସବୁଠାରୁ ଧନର ଆକର୍ଷଣ ଏତେ ବେଶି ଯେ ସେ ଉପାର୍ଜନ ପାଇଁ ଅବିବେଚିତ ବ୍ୟତିବ୍ୟସ୍ତ । ଅନ୍ୟ କେହି ଯେଉଁଥିରେ ସାମାନ୍ୟ ବାଧା ଦେଲେ କିମ୍ବା କୌଣସି ଆତ୍ମୀୟସ୍ୱଜନଙ୍କ ସାମାନ୍ୟ ବାଧା ଘଟିଲେ, ଆମେ କ୍ରୋଧଜର୍ଜରିତ ହୋଇଯାଉ । ଏହା ପ୍ରତିଦିନର ଘଟଣା, ସମସ୍ତେ ଏହା ଅନୁଭବ କରୁଛନ୍ତି । ସୁତରାଂ ଏ ବିଷୟରେ ବ୍ୟକ୍ତିବିଶେଷଙ୍କ ସମ୍ବନ୍ଧରେ ଆଲୋଚନା କରିବା ଅଧିକାର ଆମର ନାହିଁ ।

ଆଜି ଏଠାରେ କାହିଁକି ଧନ ସମ୍ବନ୍ଧୀୟ କଥା ମନକୁ ଆସିଲା । ଅନେକ ସମୟରେ ଅଯଥା କଳ୍ପନା ମଧ୍ୟ ମନ ଭିତରକୁ ଆସିଯାଏ । ଏକଥା ସେପରି କିଛି ଗୋଟାଏ ହୋଇଥିବ । କିନ୍ତୁ ମୋର ଏ ଭାବନା ଏକା-ଥରକେ ଅଯଥା ବୋଲି କହିହେବନି ନାହିଁ । ପ୍ରାୟ ଦୁଇ-ମାସ ହେଲା ବିହାର ସରକାରଙ୍କ ପକ୍ଷରୁ ଗୋଟାଏ ପ୍ରସ୍ତାବ ହେଲା । ଏଠାରେ ଥିବା ବଡ଼ ଚିକିତ୍ସାଳୟ ଅର୍ଥାତ୍ ପ୍ରିନ୍ସ ଅଫ୍ ୱେଲସ୍ ମେଡିକାଲ୍ କଲେଜରେ ଯେତେ ଉଚ୍ଚସ୍ତରର ବିଶେଷଜ୍ଞ ଅଛନ୍ତି, ସେମାନେ ନିଜ ନିଜର ତତ୍ତ୍ୱାବଧାନରେ ଆପଣା ଆପଣା ବାସ ଗୃହରେ ରୋଗୀ ରଖିବା ବ୍ୟବସ୍ଥା କରି ଅପରେସନ୍ କରନ୍ତି । ଅନ୍ୟ ଚିକିତ୍ସକମାନେ ଅନ୍ୟାନ୍ୟ ଚିକିତ୍ସା କରନ୍ତି । ଏଥିରେ ବିହାର ସରକାର ସେମାନଙ୍କର ଘରୋଇ ଚିକିତ୍ସା ବନ୍ଦ କରିଦେଲେ । ସେଥିରେ ମଧ୍ୟ ନିରପେକ୍ଷ ଭାବ ନ ରଖି କେବଳ ଉଚ୍ଚ ଶ୍ରେଣୀର କେତେକ ଡାକ୍ତରଙ୍କୁ ଆପଣା ସ୍ୱାଧୀନ କାର୍ଯ୍ୟରୁ ବଞ୍ଚିତ କରିଦେଲେ । ନିମ୍ନସ୍ତରର ଡାକ୍ତରମାନେ ବ୍ୟକ୍ତିଗତ ଚିକିତ୍ସା କାର୍ଯ୍ୟ କରିପାରିବେ, କିନ୍ତୁ ଉଚ୍ଚ-ସ୍ତରର କରିପାରିବେ ନାହିଁ ।

ଆଜି ଏଠି ଏକଥା କାହିଁକି ଲେଖିଲି କିଛି ଭାବି ପାରୁନାହିଁ । ମନୁଷ୍ୟ କେତେ ଅନାବଶ୍ୟକ କାର୍ଯ୍ୟ କରିଯାଉଛି, ଅନାବଶ୍ୟକ କଥା କହିଯାଉଛି, ଅନାବଶ୍ୟକ ଖାଦ୍ୟ ଖାଇଯାଉଛି । ଅନାବଶ୍ୟକ ଆହାର ବଢ଼ାଇ ଦେହର ଚର୍ବି ବଢ଼ିଯାଉଛି । ଇମିତି ଅନେକ ଅନାବଶ୍ୟକ କଥା ମନୁଷ୍ୟ କହିଯାଉଛି, କରି ଯାଉଛି । ହୁଏତ ମନୁଷ୍ୟର ଏହା ହିଁ ସ୍ୱଭାବ । ସେଇ ମୁହୂର୍ତ୍ତରେ ଶାସ୍ତ୍ର ଜ୍ଞାନ ମନେ ପଡ଼େନି ଆଲୋଚନା କରିବା

ଉଦାସ ଶାନ୍ତ ହେବାକୁ ପ୍ରୟାସ କରୁଛି । ସେହିକ୍ଷଣି ପୁନଶ୍ଚ ଷଡ଼୍‌ରିପୁର ବଶବର୍ତ୍ତୀ ହୋଇ ଗୁଡ଼ାଏ ଦୁଷ କଥା କହିଯାଉଛି । ସେଥିପାଇଁ ପୁଣି ଅନୁତାପର ସୀମା ରହୁନାହିଁ । ଏ ମାୟା ଜାଲ କିଏ କେଉଁଠି ବସି ବୁଣୁଛି ?

ଏଇ ଗୋଟାଏ ଦେହ ମନରେ କେତେ ଦୁଃଖ ସୁଖର ଅନୁଭୂତି ଦେଇ କଟିଯାଉଛି । ସେ କଥାକୁ ଭାଷା ଦେଇ ଲେଖିବା ଅସମ୍ଭବ । ଆସିକାର ଆକାର ଆଖି ଆଗରେ, ଭାସି ଯାଉଛି । ସ୍ମୃତିଶି ବର୍ଷ ବୟସରେ ତାର ପୂର୍ଣ୍ଣ ଆକାରଟି ଦେଖିବାକୁ ପାଇଥିଲି । ମୋର ଜ୍ଞାନ ଗାରିମାର କଥା ମୁହିଁ ଜାଣେ ।

ହଠାତ୍ ଆଜ 'ସମାଜ' ପତ୍ରିକାରୁ ଦିବାକର ପଟ୍ଟନାୟକଙ୍କ ମୃତ୍ୟୁ ସମ୍ବାଦ ଦେଖିବାକୁ ପାଇଲି । ତାଙ୍କର ଛବିଟିଏ ମଧ୍ୟ ସେଥିରେ ଅଛି । ଦିବାକର ବାବୁଙ୍କ ସହିତ ମୋର ନିବିଡ଼ ବନ୍ଧୁତା ନ ଥିଲା । ତାଙ୍କୁ ଗୋଟିଏ ଦିନ ମାତ୍ର ମୋ ଘରେ ମଧ୍ୟାହ୍ନ ଭୋଜନ ନିମନ୍ତେ ଆମନ୍ତ୍ରଣ କରିଥିଲି । ନରସିଂହ ପାତ୍ର ନାମକ ଜଣେ ସଙ୍ଗୀତ ଶିକ୍ଷକ ସେ ସମୟରେ ଛତ୍ରପୁରଠାରେ ଥିଲେ ବୋଲି ସ୍ମରଣ ହେଉଛି । ତାଙ୍କୁ ମୋର ନାଟକ କାର୍ଯ୍ୟରେ ନିଯୁକ୍ତ କରିବାକୁ ହେବ । ସେ ନ ଥିଲେ ନାଟକ ଥରଟିଏ ମଧ୍ୟ ଅଭିନୀତ ହୋଇ ପାରି ନ ଥାନ୍ତା । ଏ କଥା ମୁଁ ମୋର ଏଇ 'ଜୀବନ-ସ୍ମୃତି'ରେ ଆଗରୁ ଲେଖିସାରିଛି । ଆଜ ଦିବାକର ବାବୁଙ୍କର ଦେହାନ୍ତ ସମ୍ବାଦ ପାଇ ସେ କଥା ଆଉ ଥରେ ଲେଖୁଛି । କେତେ ବିନମ୍ର ନମ୍ର ଭାବରେ ନରସିଂହଙ୍କୁ ଆସିକା ସ୍କୁଲକୁ ବଦଳି କରିବାକୁ କହିଥିଲି । ସେ ଦିନର କଥା ମନେ ପଡ଼ିଲେ ଆଖି ମୋର ଅଶ୍ରୁସିକ୍ତ ହୋଇଯାଉଛି ।

ଦିବାକରଙ୍କ ଦେହାନ୍ତ କଥା ସ୍ମରଣ କଲାବେଳେ ଉମାଚରଣଙ୍କ କଥା ମନଟାକୁ ଶୋକସନ୍ତପ୍ତ କରିଦେଉଛି । ଉମାଚରଣ ଗଞ୍ଜାମ ଜିଲ୍ଲାର ଅଭିମନ୍ୟୁ ପଟ୍ଟନାୟକଙ୍କ ବଡ଼ ପୁଅ । ଓକିଲାତି କରୁ କରୁ ସେ ବ୍ୟବସାୟକୁ ଅବହେଳା କରି ରାଜନୀତିରେ ପ୍ରବେଶ କଲେ । ପ୍ରଥମରେ ସେ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ପ୍ରେସିଡେଣ୍ଟ ହେଲେ । ଦିବାକର ପଟ୍ଟନାୟକ ଏବଂ ଉମାଚରଣଙ୍କ ଭିତରେ ଟଣା ଓଟରା ହେଲା । ବୋର୍ଡ଼ର ସଭ୍ୟମାନେ ଉମାଚରଣଙ୍କ ବିପକ୍ଷରେ ରହିବାରୁ ଦିବାକର ପ୍ରେସିଡେଣ୍ଟ ହେଲେ । ଏ କଥା ହେଉଛି ସ୍ୱାଧୀନତା ପୂର୍ବର କଥା । ସ୍ୱାଧୀନତା ପରେ ବିଧାନସଭାର ସଦସ୍ୟ ହୋଇଥିଲେ କି ନାହିଁ ସ୍ମରଣ ହେଉନାହିଁ, କିନ୍ତୁ ରାଜନୀତିରେ ରହିଥିଲେ । ଦେଶ ପୂଜ୍ୟ ସ୍ୱାଧୀନତା ପୂର୍ବର ପ୍ରଧାନ ମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କ ସହିତ ଉମାଚରଣଙ୍କ ମନାନ୍ତର ଥିଲା ।

୧୯୫୦ ର ନିର୍ବାଚନରେ ଶ୍ରୀ ଉମାଚରଣ ଏବଂ ଶ୍ରୀ ବିଶ୍ୱନାଥ ଦାସଙ୍କ ମଧ୍ୟରେ ନିର୍ବାଚନ ଲଢ଼େଇ ଚାଲିଲା । ସେ ସମୟକୁ ମୁଁ ଜଣେ କଂଗ୍ରେସର ସଭ୍ୟ ଏବଂ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ମଧ୍ୟ ଜଣେ ମେମ୍ବର । ତଥାପି ମୁଁ ବିଶ୍ୱନାଥ ବାବୁଙ୍କ ସପକ୍ଷରେ ନ ରହି ଉମାଚରଣଙ୍କ ପକ୍ଷରେ ଆମେ ସମସ୍ତେ ଅର୍ଥାତ୍ ମୋର ସ୍ୱାମୀ, ବଡ଼ଭାଇ ରହିଗଲୁ । ନିର୍ବାଚନ ମନ୍ତ୍ରଣାରେ ଉମାଚରଣଙ୍କୁ ଭୋଟଦେବାକୁ ମଧ୍ୟ କହିଥିବା ସ୍ମରଣ ହେଉଛି । ଉମାଚରଣ ଆମମାନଙ୍କୁ ଭଲ ପାଉଥିଲେ, ତାଙ୍କର ହୃଦୟ ଦେଇ । ବିଶ୍ୱନାଥ ବାବୁ ମଧ୍ୟ ସସ୍ନେହ ଦୃଷ୍ଟିରେ ଦେଖୁଥିଲେ । ଉମାଚରଣଙ୍କୁ ଭୋଟ ଦେବାକୁ ଭୋଟ କେନ୍ଦ୍ରକୁ ଯାଉଥିଲି । ଆସିକା ଉଚ୍ଚ ବିଦ୍ୟାଳୟ ହତା ଭିତରେ ଠିଆ ହୋଇ ଘରଆଡ଼କୁ ଚାହିଁଥିଲି, ବିଶ୍ୱନାଥ ବାବୁ ପଛ ପାଖରୁ ଆସିଗଲେ । ମନଟା ମୋର ଦୁଃଖର ଆବେଗରେ ଅଧୀର ହୋଇ ଉଠିଲା । ଆହା କଅଣ ହେଲା ସତେ ! କଂଗ୍ରେସରେ ରହି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଉ ନାହିଁ । ସେ ସମୟକୁ ମୁଁ ଆହୁରି ପକ୍‌କା ରାଜନୀତି କୁଶଳୀ ହୋଇ ନଥିଲି । ବର୍ତ୍ତମାନ ରାଜନୀତିରେ ଯେ ଟିକିଏ ଉଚ୍ଚ ଆଡ଼କୁ ଯାଉଛି ସେ ତା ତଳର ଲୋକଙ୍କୁ ଉପହାସ କରୁଛି । ହୃଦୟର ଉଦାରତା ହୃଦୟରେ ହିଁ ମରିଯାଉଛି । ଧନ

ବଳ ମନ ଭଳକୁ ଜୋର ଦେଉଛୁ । ସେଦିନ ବିଶ୍ବନାଥ ବାବୁ ଯେଉଁ ମାଟିଆ ରଙ୍ଗର ଶାଲ-ଖଣ୍ଡିକ ଘୋଡ଼େଇ ହୋଇ ଭୋଟକେନ୍ଦ୍ରକୁ ଯାଉଥିଲେ ତାଙ୍କର ସେ ଢଳଢଳ ମୁଖଶ୍ରୀ ଝଲି ଝଲି ଯାଉଛି । ଆଜି ଯୁଗର ରାଜନୀତିଜ୍ଞ ଏତେ ଉଦାର ଭାବରେ ହୃଦୟ ଦେଇ କାଏ ଚିନ୍ତା କରୁଛି ?

ଶ୍ରୀ ବିଶ୍ବନାଥ ବାବୁଙ୍କୁ ଦେଖି ହାତ ଯୋଡ଼ି ଦେଲି, କିନ୍ତୁ ମୋର ପାଦ ଦୁଇଟା ଆଗକୁ ଅଗ୍ରସର ହୋଇ ପାରିଲା ନାହିଁ । ବିଶ୍ବନାଥ ବାବୁ ବୋଧହୁଏ ମୋର ମନକଥା ବୁଝିଗଲେ । ସେ କୌଣସି କଥା ନ କହି ଦ୍ରୁତ ଏବଂ କ୍ଷିପ୍ର ପଦରେ ଭୋଟ ଦେବା ଘର ଆଡ଼କୁ ଚାଲିଗଲେ । ସେ ଦୃଶ୍ୟ ଏବେ ମଧ୍ୟ ଆଖି ଆଗରେ ଦିଶି ଦିଶି ଯାଉଛି । ଉମାଚରଣ ପଟ୍ଟନାୟକ ଦେଖିବାକୁ ଯେମିତି ସୁନ୍ଦର ତାଙ୍କର କଥାଗୁଡ଼ିକ ସେହିପରି ମଧୁର ଏବଂ ଶ୍ରୁତି ସୁଖକର । ସେ ଆଉ ଇହଲୋକରେ ନାହାନ୍ତି । କେଉଁ ସମ୍ବତ୍ସରରେ ତାଙ୍କର ମୃତ୍ୟୁ ଘଟିଲା ସ୍ମରଣ ହେଉନାହିଁ । ମନେହେଉଛି, ପୃଥିବୀର ସମସ୍ତ ଦେଶର ଗୋଟିଏ ଶିଳ୍ପ ପ୍ରଦର୍ଶନୀ ଦିଲ୍ଲୀଠାରେ ହୋଇଥିଲା । ବର୍ତ୍ତମାନ ପରି ତ ସେଦିନ ବିହାରର ପାଟନାରେ ଯାତ୍ରୀମାନଙ୍କ ବିଶ୍ରାମ ଦିଆ ଯାଇ ନ ଥିଲା । କଟକରେ ଘୁଅ ତାର କର୍ମକ୍ଷେତ୍ର କରି ରହିଥିଲା । ମୁଁ ମୋ ବଡ଼ ଭାଇ ଏବଂ ଭାଉଜ ସାଥି ହୋଇ ଦିଲ୍ଲୀ ଯାଇଥିଲୁ । ପ୍ରତିଦିନ ମଧ୍ୟାହ୍ନ ଦୁଇଟାରୁ ପ୍ରାୟ ରାତି ଆଠଟା, ନଅଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଦେଖିବାକୁ ଯାଉ । ଦିଲ୍ଲୀରେ ଶ୍ରଦ୍ଧେୟ ଶ୍ରୀ ବାଳକୃଷ୍ଣ ପାଢ଼ୀଙ୍କ ସହିତ ସାକ୍ଷାତ୍ ହେଲା । ପ୍ରଦର୍ଶନୀ ଦେଖାହୁଏ, ସାଥିରେ ଆସିବା ମାକେଟି ଘରପଟ ସୋସାଇଟିର ମ୍ୟାନେଜର ଶ୍ରୀ ସୋମନାଥ ଦାସ ଥାନ୍ତି । ସେ ଜଣେ ବ୍ୟଙ୍ଗପ୍ରିୟ କୌତୁକୀ, ଆମୋଦର ଆଖ୍ୟାନର ସ୍ରଷ୍ଟା । ମୋର ବଡ଼ଭାଇ ପ୍ରଦର୍ଶନୀରେ ଶିଳ୍ପ ସମ୍ବନ୍ଧରେ ଗମ୍ଭୀର ଭାବରେ ଅନୁସନ୍ଧାନ କରୁଥାନ୍ତି । ମୋର ବୁଲିବାଏ ଦେଶ ବିଦେଶର ନାନା ପ୍ରକାର ଚାରୁକାର୍ଯ୍ୟ ଦେଖିବାରେ

ଆମେ ରହିଥିଲୁ ଉମାଚରଣଙ୍କ ଫ୍ଲାଟରେ । ଆମମାନଙ୍କର ଲୋକ ଆମ ଜମରେ ରୋଷେଇ କରେ । ଉମାଚରଣ ବାବୁଙ୍କ ଲୋକ ଗୋଟିଏ ଖାଏ । ସେ ତାଙ୍କର ସବୁ କାର୍ଯ୍ୟ ଦେଖେ । ମଝିରେ କେତେ ଦିନ ପାଇଁ ସେ ଓଡ଼ିଶା ଯାଇଥିଲେ । ପ୍ରଦର୍ଶନୀରୁ ଶିଳ୍ପ ସମ୍ବନ୍ଧରେ ଚିନ୍ତାକରି । ମୋର ଭାଇ ଅଧିକାଂଶ ସମୟରେ ପ୍ରଦର୍ଶନୀ ଦେଖାରେ ଆନନ୍ଦ ଭୁଲିଯାଆନ୍ତି । ବାଳକୃଷ୍ଣ ବାବୁ ପ୍ରତିଦିନ ଆମମାନଙ୍କ ପାଖକୁ ଆସନ୍ତି । ଜଣେ ଲୋକ-ସଭାର ସଭ୍ୟ ଭାବରେ ଉମାବାବୁଙ୍କୁ କାର୍ଯ୍ୟବ୍ୟସ୍ତ ହୋଇ ରହିବାକୁ ପଡ଼େ । ସେଇ କାର୍ଯ୍ୟ ବ୍ୟସ୍ତତା ଭିତରେ ବାଳକୃଷ୍ଣ ବାବୁଙ୍କୁ ଦେଖିଲେ ସେ ଏତେ ଗଭୀର ସ୍ନେହ ଶ୍ରଦ୍ଧାରେ ଆଳାପ ଆଲୋଚନା କରନ୍ତି ଯେ ସେକଥା ମନେପଡ଼ିଲେ ଉମାଚରଣ ଆସି ସମ୍ମୁଖରେ ବସି କଥା କହି ଯାଉଛନ୍ତି ବୋଲି ମନେହୁଏ ।

ଉମାବାବୁ ମୋର ସମବୟସ୍କ, ଅଳ୍ପ କେତେକ ବର୍ଷରେ ବଡ଼ । ତାଙ୍କ ବାପା ଅଭିମନ୍ୟୁ ପଟ୍ଟନାୟକ ଆସିକାରେ କେତେବର୍ଷ ପାଇଁ ତହସିଲଦାର ହୋଇ ରହିଥିଲେ ବୋଲି ମୋର ମନେହେଉଛି । ବିଶ୍ବନାଥ-ବାବୁଙ୍କ ସହିତ ଉମାଚରଣଙ୍କ ମନ ମିଶେ ନାହିଁ ଯଦିବା ଦୁହେଁ ଅତ୍ୟନ୍ତ ଭଦ୍ର ଏବଂ ଚରିତ୍ରବାନ୍ ବ୍ୟକ୍ତି ତଥାପି ଦୁହିଁଙ୍କ ଭିତରେ ବ୍ୟବଧାନ ରହିଥିଲା । ଆଜି ଦିବାକର ପଟ୍ଟନାୟକଙ୍କ ମୃତ୍ୟୁବାର୍ତ୍ତା ଶୁଣି ମନଟା ଗୁଣି ଗାଇ ହେଉଛି । ଦିବାକର ବାବୁଙ୍କ ନିକଟରେ ମୁଁ ଯେ ଚିର କୃତଜ୍ଞ, ଏଥିରେ ମୋ ମନରେ ତିଳେ ହେଲେ ସନ୍ଦେହ ନାହିଁ । ଏକଥା ଲେଖୁ ଲେଖୁ ବିଶ୍ବକବିଙ୍କ 'ଗୀତାଞ୍ଜଳି'ର ତୃତୀୟ କବିତାଟି ମନେ ପଡ଼ୁଛି । ଏହା ପୂର୍ବରୁ ଯଦି ସେଇ କବିତାଟି ଲେଖି ଦେଇଥିବି ପାଠକ ପାଠିକା ଟିକିଏ ହସିବେ । ବିଶ୍ବକବିଙ୍କ କାବ୍ୟ କବିତା ମନେ ପଡ଼ିଗଲେ, ମୁଁ ଭାବ ଜଗତରେ ଭାସିଯାଏ ।

ହାୟରେ ମନୁଷ୍ୟ ଜୀବନ, କେତେବେଳେ କି ଘଟଣା ଘଟାଇ ଦେଉଛି, ସେ ଘଟଣାର ସମ୍ମୁଖୀନ

ହୋଇଛନ୍ତି ସେ । ଦିବାକର ପଟ୍ଟନାୟକଙ୍କୁ କେବେ ଦେଖି ନ ଥିଲି, ସଙ୍ଗୀତ ଶିକ୍ଷକ ନରସିଂହ ଦାସଙ୍କୁ ଆସିବା ବଦଳ କରି ଆଣିବା ନିମନ୍ତେ ଅଚିହ୍ନା ବ୍ୟକ୍ତିଙ୍କୁ ଭୋଜନ ପରିବେଷଣ କରି ମୋର ଅନୁରୋଧଟି ଜଣାଇଲି । ସେ ମୋ ଆଡ଼କୁ ଟିକିଏ ଅନାଇଁ ଦେଇ କହିଲେ, "ତାଙ୍କୁ ସେଠାରୁ ଘୁଞ୍ଚାଇବା କଷ୍ଟ । କିନ୍ତୁ ଆପଣ ଯେତେବେଳେ କହୁଛନ୍ତି ମୁଁ ଅବଶ୍ୟ ଚେଷ୍ଟା କରିବି ।

ଦିବାକର ବାବୁ ଆଜି ନାହାନ୍ତି, ଗାଡ଼ି ଦୁର୍ଘଟଣାରେ ଆକସ୍ମିକ ଭାବରେ ମୃତ୍ୟୁମୁଖରେ ପଡ଼ିଗଲେ । ମୋ ପରି ଜଣେ ସାମାନ୍ୟ ବ୍ୟକ୍ତିର ଯେଉଁ ଉପକାର ସେ କରିଛନ୍ତି ସେ କଥା ତ ଭୁଲି ହେବ ନାହିଁ । ଆହୁରି କେତେ ମହତ୍ ବ୍ୟକ୍ତିଙ୍କ ମହତ୍ କର୍ମରେ ସହାୟତା କରି ସେମାନଙ୍କର ହୃଦୟରେ ଚିର ସ୍ମରଣୀୟ ହୋଇ ରହିଗଲେ । ଦିବାକର ବାବୁ ଉତ୍ତମ ବ୍ୟକ୍ତି । ହରିମାଚରଣ ମହତ୍ ଚରିତ୍ରର ବ୍ୟକ୍ତି । ତଥାପି ଦୁହିଁଙ୍କ ଭିତରେ ବନ୍ଧୁତ୍ୱ ସମ୍ବନ୍ଧ ନଥିଲା । ଶ୍ରୀ ବିଶ୍ୱନାଥ ଦାସ ମହାଶୟ ଦେଶ ପୂଜ୍ୟ ହୋଇ ବସିଛନ୍ତି । ଦେଶର ଜଣେ ଭାଗ୍ୟବାନ୍ ବ୍ୟକ୍ତି । ସେ ଯେଉଁ ସମୟରେ ଉତ୍ତର ପ୍ରଦେଶର ରାଜ୍ୟପାଳ ହୋଇ ରହିଥିଲେ କୌଣସି କାର୍ଯ୍ୟ ଉପଲକ୍ଷରେ ପାଟନା ଆସିଥିଲେ । ଅନନ୍ତ ଶୟନ ଆୟାଙ୍ଗାର ଥିଲେ ସେ ସମୟର ବିହାର ରାଜ୍ୟପାଳ । ମୁଁ କଟକରୁ ଫେରିଲା ପରେ ଶୁଣିଲି ବିଶ୍ୱନାଥ ବାବୁ ଆମମାନଙ୍କୁ ଲକ୍ଷ୍ନୌ ଯିବା ପାଇଁ ଆମନ୍ତ୍ରଣ କରିଛନ୍ତି । ସେ ସମୟରେ ଡକ୍ଟର ଆରୁଣୀ ଫର୍ମାକଲୋଜି ପ୍ରଫେସର ଥିଲେ । ଲକ୍ଷ୍ନୌ କଲେଜର ପରୀକ୍ଷକ ରୂପେ ବର୍ଷକୁ ଦୁଇତିନିଥର ସେ ଲକ୍ଷ୍ନୌ ଯାଆନ୍ତି । ଜ୍ୱାଇଁ ଡକ୍ଟର ଆରୁଣୀଙ୍କର ବିଶ୍ୱନାଥ ବାବୁଙ୍କ ପ୍ରତି ଅକପଟ ଭକ୍ତି ହୋଇ ଯାଇଥିଲା ତାଙ୍କୁ ଦେଖିବାଠାରୁ । ସେ ମତେ ସାଥିରେ ନେଇ ଲକ୍ଷ୍ନୌ ଯାଇଥିଲେ । ଷ୍ଟେସନକୁ ଗଭର୍ଣ୍ଣରଙ୍କ ଗାଡ଼ି ଆସିଥିଲା । ଏ କଥା ଘଟିବା ଦଶବର୍ଷ ହୋଇ ଗଲାଣି ବୋଧହୁଏ ।

ସୁସ୍ଥ ସବଳ ଦେହରେ ପରମ ଉତ୍ସାହର ସହିତ ସେ ସମୟକୁ ଲେଖା ଲେଖି କରୁଥିଲି । ଲକ୍ଷ୍ନୌ ଯିବା ସମୟରେ ଗାଡ଼ିରେ ବସି ବିଶ୍ୱନାଥ ବାବୁଙ୍କ ସୁନ୍ଦର ଏବଂ ଚିତ୍ତାକର୍ଷକ ମୂର୍ତ୍ତିଟିକୁ ଆଖି ମୁଦି ଦେଖୁଥିଲି । ବିଶ୍ୱନାଥ ବାବୁ ଜଣେ ପବିତ୍ର ଚରିତ୍ରର ବ୍ୟକ୍ତି । ଦେଶର ଅନେକେ ତାଙ୍କର 'ଜୀବନ ଚରିତ' ଲେଖିବାକୁ ବାହାରିବେ । ମୁଁ ଅତି ସଂକ୍ଷିପ୍ତ କରି ତାଙ୍କ କଥା ଲେଖୁଛି । ସେ ଯିମିତି ଚତୁର, ସିମିତି ଚିନ୍ତାଶୀଳ । ଗଞ୍ଜାମ ଜିଲ୍ଲାରେ ବିଶ୍ୱନାଥ ବାବୁଙ୍କର ବଡ଼ ପରିବାର, ଧନୀ ଲୋକ ଅଟନ୍ତି । ତାଙ୍କର ଦଦେଇ, ଜେଜେଇଙ୍କ ପୁଅମାନେ ବାପାଙ୍କର ପ୍ରଧାନ ମହକିଲ ଥିଲେ । ବିଶ୍ୱନାଥ ବାବୁ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଥିଲେ । ବି. ଏଲ୍. ପାସ୍ କରି କେତେଦିନ ନିମନ୍ତେ ସେ ଓକିଲାତି କରୁଥିଲେ । ଏ ସମସ୍ତ ବିଷୟ ଭାବିଲେ ତାଙ୍କ ପାଖରେ ମୁଁ ଯେ ଜଣେ ତୁଚ୍ଛ ବ୍ୟକ୍ତି ଏଥିରେ ସନ୍ଦେହ ନାହିଁ । ତଥାପି ସେ ମୋ ପ୍ରତି ଗଭୀର ସ୍ନେହ ଶ୍ରଦ୍ଧା ରଖିଥାନ୍ତି । ମତେ ଦେଖିଲା ମାତ୍ରେ ସେ ଯେଉଁ ସ୍ନେହାବେଗରେ କଥା କହନ୍ତି ସେ କଥା ମୁଁ କେବେ ଭୁଲି ପାରୁନାହିଁ ।

ହବାକ୍ ସାହେବ ସେ ସମୟରେ ଓଡ଼ିଶାର ଗଭର୍ଣ୍ଣର ଥିଲେ । ତାଙ୍କ ବଦଳରେ 'ଡେନ' ସାହେବଙ୍କୁ ଗଭର୍ଣ୍ଣର ରୂପେ ନିଯୁକ୍ତ କରିବାକୁ ସରକାର ଇଚ୍ଛା କଲେ । ସେ ସମୟକୁ ଭାରତ ସ୍ୱାଧୀନ ହୋଇ ନ ଥାଏ, ୧୯୩୮ କି ୩୯ ସମ୍ବତ୍ସର ହୋଇଥିବ । ଡେନ୍ସ ହେବ ବୋଧହୁଏ ଆଗରୁ ଚିଫ୍ ସେକ୍ରେଟାରୀ ଥିଲେ । ଡେନ୍ ଗଭର୍ଣ୍ଣର ହେଲେ ମୁଁ ଷ୍ଟେଟ୍ ପ୍ରାଇମ୍ ମିନିଷ୍ଟର ହେବିନାହିଁ ବୋଲି ବିଶ୍ୱନାଥ ଦାସ ଦୃଢ଼ କଣ୍ଠରେ ଘୋଷଣା କଲେ । ସେ ସମୟରେ ତାଙ୍କର କଥା ହିଁ ରହିଲା । ଡେନ୍ ସାହେବ ଗଭର୍ଣ୍ଣର ହୋଇ ପାରିଲେ ନାହିଁ । ବିଶ୍ୱନାଥ ବାବୁ ପ୍ରାଇମ୍ ମିନିଷ୍ଟର ହୋଇ ରହିଲେ । ଅଳ୍ପକାଳ ନିମନ୍ତେ ହେଉପଛେ, ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସହଯୋଗୀ ମନ୍ତ୍ରୀବୃନ୍ଦ ଯେଉଁ ଗୌରବ

ପାଉଥିଲେ, ଏ ଯୁଗର ମନ୍ତ୍ରୀମାନେ ସେ ଗୌରବ ପାଉଛନ୍ତି ବୋଲି ଧାରଣା ହେଉନାହିଁ ।

ମୋ ସ୍ୱାମୀ କଟକ କଲେଜରେ ପଢ଼ିବା ସମୟରେ ଶ୍ରୀ ହରେକୃଷ୍ଣ ମହତାବ, ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସହିତ ଚିହ୍ନା ଥିଲା । ବୋଧହୁଏ ଏମାନେ ସବୁ ଏକା କ୍ଲାସ୍‌ରେ ପଢ଼ୁଥିଲେ । ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଶ୍ରୀ ହରେକୃଷ୍ଣ ମହତାବ ମହାଶୟ ଆସିକା ଆସିଥିଲେ । ମୋ ଦ୍ୱାରା ସେ ସମୟରେ ଅଭିନୀତ ହୋଇଥିବା 'ନାରୀ' ନାଟକରୁ କେତୋଟି ଦୃଶ୍ୟ ଦେଖି ସେ ମହାଶୟ ସ୍ୱୟଂ ଉତ୍ସାହିତ ହୋଇ ନାଟକ ମଞ୍ଚରେ ଗୋଟିଏ ଆଲୋଚନାମୂଳକ ଭାଷଣଦ୍ୱାରା ଲେଖିକାଙ୍କୁ ପ୍ରଶଂସା କରିଥିଲେ । ଅର୍ଥାଭାବରେ ସେତିକିବେଳକୁ ନାଟକ ଅନୁଷ୍ଠାନଟିକୁ ଭାଙ୍ଗିଦେବା କଥା ମନରେ ଭାବୁଥାଏ । ପୁନଶ୍ଚ ଯେଉଁ ଶିକ୍ଷକ କେତେ ଜଣ ଦୀର୍ଘ-ଦିନର ଛୁଟି ନେଇ ମୋର ଏ ନାଟକ କାର୍ଯ୍ୟ କରୁଥିଲେ, ସେମାନଙ୍କୁ ମୁଁ ଆଉ ଅଧିକ ଦିନ ରଖି ପାରନ୍ତିନାହିଁ । ମାନସିକ ଅବସ୍ଥା ଯେଉଁ ସମୟରେ ଇମିତି, ମୋ ଲେଖା ଆଉ ନାଟକ ନିର୍ଦ୍ଦେଶନାର ପ୍ରଶଂସା କଥା ଚିନ୍ତା କରି ଆନନ୍ଦ, ଉତ୍ସାହ ପାଇ ନ ଥିଲି । ଏହାପରେ ଯେଉଁ ସବୁ ଘଟଣା ହେଲା, ଏଥି ପୂର୍ବରୁ ଲେଖି ଦେଇଛି ବୋଧହୁଏ ।

ଦେଶ, କାଳ, ପାତ୍ର, ଦୃଷ୍ଟିରୁ ମୋର ସାହସ ଥିଲା ଖୁବ୍ ବେଶି । ସେ ସାହସ ଆଉ ଶକ୍ତି ବର୍ତ୍ତମାନ ସମୟରେ ଯଦି ପାଇଥାନ୍ତି, ତେବେ କିଛି କରି ପାରି-ଥାନ୍ତି, ଅର୍ଥାତ୍ କିଛି ଲେଖିଦେଇ ପାରିଥାନ୍ତି । ବର୍ତ୍ତମାନ ଦେଖିଲାବେଳକୁ ଶରୀରର କେତେକ ଅଙ୍ଗ ଦୁର୍ବଳ ହୋଇଯାଉଛି । କିଶୋର ବୟସରେ ଆୟୁର୍ବେଦ ସମ୍ବନ୍ଧରେ ଯେତିକି ପଢ଼ିଥିଲି, ଏବେ ନିଜର ଚିକିତ୍ସାରେ ସେ ବୁଦ୍ଧି ତତ୍ପର ବ୍ୟସ୍ତ ହେଉଛି । ମୋର ପିତା ଥିଲେ ଶିକ୍ଷିତ ବ୍ୟକ୍ତି ; କିନ୍ତୁ ଆପଣା କନ୍ୟାକୁ କମିତି କରି ଶିକ୍ଷାଦେଲେ, ସେ ତାର ଭବିଷ୍ୟତ ଜୀବନରେ ଆନନ୍ଦ ପାଇବ ସେ କଥା ସେ କେବେ ଚିନ୍ତା କରି ନ ଥିଲେ ବୋଧହୁଏ । ସେ ସମୟରେ ସ୍ତ୍ରୀମାନଙ୍କ ସମ୍ବନ୍ଧରେ ପୁରୁଷମାନେ ଚିନ୍ତା କରୁ ନ ଥିଲେ ବୋଧହୁଏ । ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସ୍ତ୍ରୀଙ୍କ କଥା ନେଇ ଲେଖିଥିବା ସ୍ମରଣ ହେଉନାହିଁ । ଏ କଥା ଛାଡ଼ି ମୋର ଜୀବନ ସ୍ରୋତ କେଉଁଠାରୁ କେଉଁ ଆଡ଼କୁ ବହି ଆସିଲା ସେ କଥା ଲେଖିଲେ ଭଲ ହେବ ବୋଧହୁଏ ।

ମୁଁ ଅଳ୍ପ କେତେଦିନ ନିମନ୍ତେ ରାଜନୀତିରେ ପ୍ରବେଶ କରିଥିଲି । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା, ଶ୍ରୀମତୀ ମନକା ମହାନ୍ତିଙ୍କ ସହିତ । ମନକା ମହାନ୍ତି ନଉଟନ ମହାନ୍ତିଙ୍କ ପତ୍ନୀ । ବ୍ରହ୍ମପୁରରେ ଅନେକ ବର୍ଷ ରହି ନଉଟନ୍ ମହାନ୍ତି ଓକିଲାତି ବ୍ୟବସାୟ କରୁଥିଲେ । ନିର୍ବାଚନରେ ବ୍ୟକ୍ତିର ଶକ୍ତି ଦେଖି ଭୋଟ ମିଳିବା କଥା, କିନ୍ତୁ ସେ ସମୟରେ କଂଗ୍ରେସର ସଦ୍ୟ ବିଜୟବାର୍ତ୍ତା କଂଗ୍ରେସ ଲୋକଙ୍କୁ ଜୟୀ କରିଥିଲା । ମୁ ଜିତିଯାଇ ଗଞ୍ଜାମ ଜିଲ୍ଲା ବୋର୍ଡ୍‌ର ଜଣେ ମେମ୍ବର ହେଲି । ଗଣନାରେ ସ୍ତ୍ରୀଲୋକ ଜଣେ ମେମ୍ବର ଥିଲେ ବୋଲି ମୋର ମନେହେଉଛି । ଏ ସଭାକୁ ନିର୍ବାଚିତା ହୋଇ ମନଟା ମୋର ପୁଲକିତ ହୋଇଉଠିଲା । ଏ ସଭାରେ ସାହିତ୍ୟିକ କୃପାସିନ୍ଧୁ ନରେନ୍ଦ୍ର ଦେବ ଥିଲେ । ଆହୁରି ଅନେକଙ୍କ ଭିତରେ ଶ୍ରୀ ଅନନ୍ତ ନ ପାଠୀ ଶର୍ମା, ପଣ୍ଡିତ ଶିରୋମଣି ଥିଲେ । ଏମାନଙ୍କ ସହିତ ମୁଁ ଅନେକ ସମୟରେ କଥାବାର୍ତ୍ତା କରେ । ଶ୍ରୀଯୁକ୍ତ କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କର ସମ୍ପାଦନାରେ 'ନବୀନ' ନାମକ ସାପ୍ତାହିକ ପତ୍ରିକାଟିଏ ପ୍ରକାଶ ପାଉଥାଏ । ଏ କଥା ବୋଧହୁଏ ମୁଁ ଆଗରୁ କହିସାରିଛି । ସାହିତ୍ୟିକ ହିସାବରେ ସେ ମୋର ବନ୍ଧୁ ହୋଇଗଲେ ।

ପ୍ରଥମକରି ରାଜନୀତିରେ ପ୍ରବେଶ କରି ଦେଖିଲି, କେବଳ ପଇସା ସଂଗ୍ରହ ନିମନ୍ତେ ବେଶି ପ୍ରୟାସ ହେଉଥାଏ । ମୁଁ ଧୀରେ ଧୀରେ କେତେ କଥା ଅନୁମାନ କରି ବସେ । ନାନା ସ୍ଥାନରେ ଯେଉଁ ସବୁ ରାସ୍ତାଘାଟ, ସ୍କୁଲଘର ଇତ୍ୟାଦି ପ୍ରସ୍ତୁତ ହେଉଥାଏ, ସେଥିରେ କେତେକ ସଭ୍ୟଙ୍କ ଅଂଶ ରହିଥିବ । ପ୍ରେସିଡେଣ୍ଟ ଥାଆନ୍ତି ଶ୍ରୀ ଦୀନବନ୍ଧୁ ବେହେରା । ଶ୍ରୀ ବେହେରା ମୋ ପ୍ରତି ସ୍ନେହ ଶ୍ରଦ୍ଧା ରଖିଥାନ୍ତି । ପରେ ପରେ ସେ ସମୟରେ ସ୍ୱାମୀଙ୍କ

ସ୍ୱାସ୍ଥ୍ୟହାନି ଘଟିବାରୁ ମୁଁ ଯେଉଁ ରାଜନୈତିକ ସୁଯୋଗ ପାଇଥିଲି ତାହା ତ ମୋର କୌଣସି ସାଧନା ବଳରୁ ଘଟି ନ ଥିଲା । ବଡ଼ ଶସ୍ତା ଦରରେ ମୁଁ ସେ ଆସନଟି ପାଇ ଯାଇଥିଲି । ଭୋଟ ପାଇବା ଦିନ ଅନ୍ୟମାନଙ୍କ ସହିତ କଂଗ୍ରେସକୁ ଭୋଟ ଦିଅ ବୋଲି ଚିତ୍କାର କରି କହିଲାବେଳକୁ ହୃଦୟ ଭିତରେ ମୁଁ ବଡ଼ ସଙ୍କୋଚବୋଧ କରେ । କଂଗ୍ରେସ ନିମନ୍ତେ ମୁଁ କଅଣ କରିଛି ଯେ, କଂଗ୍ରେସ ଦ୍ୱାରା ବଡ଼ ହେବାକୁ ଏତେ ବଡ଼ ଖମରଡ଼ି ! ଦେଶ ସ୍ୱାଧୀନ ହେବା ପୂର୍ବରୁ କେତେକ କଂଗ୍ରେସ କର୍ମୀଙ୍କ ସହିତ ମୋର ପରିଚୟ ଥିଲା । ସେମାନଙ୍କ ଭିତରୁ କେତେଜଣ ନିଷ୍ଠାର ସହିତ ମହାତ୍ମାଗାନ୍ଧିଙ୍କୁ, ଉତ୍କଳମଣି ଗୋପବନ୍ଧୁଙ୍କୁ ଭକ୍ତି କରୁଥିଲେ । ବିଶିଷ୍ଟ ଦିନମାନଙ୍କରେ ମହାତ୍ମାଙ୍କ ଜୟଗାନ କରିବାକୁ ଉନ୍ମତ୍ତ ହୋଇ ଉଠୁଥିଲେ ।

ସେଦିନର କଳ୍ପନା ବର୍ତ୍ତମାନ ସ୍ୱପ୍ନରେ ପରିଣତ ହେଲାଣି । ଧନୀ ଏବଂ ଜ୍ଞାନୀମାନେ ଆହୁରି ଆହୁରି ଧନ ରଖିବାକୁ ସର୍ବଦା ଚିନ୍ତିତ । ଶୁଣାଯାଉଛି, କୌଣସି କୌଣସି ଭିକାରି ଆୟ କରି ଦେଉଛନ୍ତି । କେତେ ସନ୍ତାନହୀନ ବ୍ୟକ୍ତି ଖାଇବା ପିନ୍ଧିବାରୁ କଟେଇ କରି ଟଙ୍କା ଜମା କରୁଛନ୍ତି । କଅଣ କରିବ ? କଅଣ ହେବ ସେ ଟଙ୍କାରେ ? କିଏ କହିବ ତାଙ୍କୁ, ଖାଇ ପିଇ ଦାନ ଧର୍ମ କରି ଜୀବନ ଯାତ୍ରାଟା ନିର୍ବାହ କରୁ ବୋଲି ଅନ୍ୟମାନଙ୍କର କଥା ସେ ଶୁଣିବ ଅବା କାହିଁକି ? ସେ ସମୟରେ ଯେଉଁ କଂଗ୍ରେସକର୍ମୀମାନେ ସକଳ ସ୍ୱାର୍ଥ ତ୍ୟାଗକରି ମହାତ୍ମାଙ୍କ ଆଦର୍ଶ ପଛରେ ଧାଉଁଥିଲେ, ସେମାନେ ବର୍ତ୍ତମାନ ଧନ ଦେବତାର ପୂଜାରେ ବ୍ୟସ୍ତ । ଧନ ନିମନ୍ତେ ବ୍ୟାକୁଳ ନ ହୋଇ କିଏ ଅଛି ? ବିଶେଷ କରି ଧନ ସଞ୍ଚୟ କରିବା ଅଭ୍ୟାସ ହୋଇଗଲେ, ଧନର ପରିମାଣ ଯେତେ ଅଧିକ ହେଉଥିବ, ସଞ୍ଚୟ କରିବା ଉତ୍ତେଜନା ସେତିକି ବୃଦ୍ଧି ହେଉଥିବ ।

କ୍ଷୋଭ, ଦୁଃଖ, ଅବସାଦ, ବିଷାଦରେ ହିଁ ସଭାଗୃହ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଗଲା । ପାଞ୍ଚ ହଜାର ଟଙ୍କା ବ୍ୟୟରେ ଯୋଜନା ଆରମ୍ଭ ହେଲା । ଟଙ୍କାଟା ଆମ ହାତରେ ନ ଥିଲା । କୃଷ୍ଣ ସିଂହ ପାଠାଗାରକୁ ଲାଗି ଆଉ ଦୁଇ ତିନୋଟି ରୁମ୍ ତିଆରି ହୋଇଥିଲା । ପାଠାଗାରର ପରିଚାଳନା ଭାର ଆସିକାର ମୋ ବାପାଙ୍କର ପ୍ରାୟ ସମସାମୟିକ ଜଣେ ଉକିଲ; ନାମ ଶ୍ରୀ ରଘୁନାଥ ପାଢ଼ୀ, ତାଙ୍କର ହାତରେ ସେ ଭାର ଥିଲା । ସେଇ ଘରର ହତା ଭିତରେ ହିଁ କୃଷ୍ଣ ସିଂହ ସାହିତ୍ୟ ପରିଷଦର ସଦନ ନିର୍ମାଣ କରିବା ଆରମ୍ଭ ହୋଇଥିଲା । କୃଷ୍ଣ ସିଂହ ପାଠାଗାର ସହିତ ଅନ୍ତର୍ଭୁକ୍ତ ପଠନକାର୍ଯ୍ୟଟିରେ ଅର୍ବାନ ବ୍ୟାଙ୍କର ଅଫିସ ଥିଲା । ସେ ବ୍ୟାଙ୍କର ପରିଚାଳକ ଥିଲେ ଶ୍ରୀ ବନମାଳୀ ମହାପାତ୍ର । ତାଙ୍କୁ ଅନୁରୋଧ ଉପରୋଧ କରି କହି କୃଷ୍ଣ ସିଂହ ସାହିତ୍ୟ ପରିଷଦର ସଭାଗୃହ ତିଆରି ହିସାବ ତାହାଙ୍କୁ ଦେବାକୁ ହେଲା । ସେ ସମୟକୁ ପାଢ଼ୀ ମହାଶୟ ମଧ୍ୟ ଜୀବିତ ଥିଲେ । ବନମାଳୀ ମହାପାତ୍ରଙ୍କ ସହିତ ଉକିଲ ପାଢ଼ୀ ମହାଶୟଙ୍କର ଗୁରୁ ଶିଷ୍ୟ ସମ୍ବନ୍ଧ । ସୁତରାଂ ପାଢ଼ୀଙ୍କ କଥା ରଖି, ଘର ତିଆରି କରିବା ହିସାବ ସେ ରଖିଲେ । ସେ ଯଦି ହିସାବଟି ରଖି ନଥାନ୍ତେ, ଆମେ ଦୁହେଁ ମୋ ସ୍ୱାମୀ ( ମୋ ଯୋଗୁଁ ) ନିନ୍ଦା ପାଇଥାନ୍ତୁ । ସେ ଯାହା ହେଉ, ଶ୍ରୀ ବନମାଳୀ ମହାପାତ୍ରଙ୍କୁ ଆଜି ମୁଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି । ବଡ଼ ନିରୀହ ଲୋକଟିଏ ଶ୍ରୀ ମହାପାତ୍ର । ଏ ଭିତରେ ସାହିତ୍ୟ ପରିଷଦର କଥା ଲେଖିଛି ବୋଲି ମନେହେଉଛି । ପୁଣି ସେଇ କଥା ଆରମ୍ଭ କରିଦେଲି । ଗୋଟିଏ ଘଟଣା ବା କାର୍ଯ୍ୟ ହେଲେ ତାର ଆନୁଷଙ୍ଗିକ ବ୍ୟାପାର ଘଟିଯାଉଛି । ଦୈନନ୍ଦିନ ଜୀବନ ଯାପନ ବିଷୟରେ ଯିମିତି ତା ସହିତ ମନୁଷ୍ୟର ବଡ଼ ଆଶା ଆକାଂକ୍ଷା ବିଶେଷ ଭାବରେ ଜଡ଼ିତ ହୋଇ କେତେବେଳେ କାହାକୁ କଅଣ କହିଦେବାକୁ ହେଉଛି । ସେଥିରେ ମନରେ ବିଷାଦ ଅବସାଦ ଆସି ଯାଉଛି । ଦିନକର ଗୋଟିଏ କଥା ମନେପଡ଼ୁଛି । କୃଷ୍ଣ ସିଂହ ସାହିତ୍ୟ-ପରିଷଦର ମୁଖ୍ୟ ସଦସ୍ୟ ଶ୍ରୀ କୁଞ୍ଜବିହାରୀ ନାୟକ ଅନ୍ୟ ଜଣେ ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ନେଇ ମୋ ପାଖକୁ ଆସିଥିଲେ । ତାଙ୍କର ଏ ଆଗମନକୁ ସ୍ୱାଗତ କରିବାପାଇଁ ଅବସର ପାଇଲି

ନାହିଁ । ନୂଆ ଲୋକ କିଏ ସେ ମୁଁ ଜାଣେ ନାହିଁ । ଶ୍ରୀ ନାୟକ ସେ ମହାଶୟଙ୍କ ସହିତ ପରିଚୟ କରାଇ ଦେଲେ । ମୁଁ ସେମାନଙ୍କୁ ନମସ୍କାର କରି ବସିବାକୁ କହିଲି । କୁଞ୍ଜବାବୁ କହିଲେ; ମୁଁ ଏଙ୍କୁ ଆଣିଛି । ଆମର କୃଷ୍ଣସିଂହ ସାହିତ୍ୟପରିଷଦର ଉଦ୍‌ଘାଟନ ଉତ୍ସବରେ ବେଦପାଠ କରିବେ ।

ପରିଷଦର ଉଦ୍‌ଘାଟନ ଉତ୍ସବ ଆଉ ଦୁଇ ଦିନ ମାତ୍ର ବାକିଥାଏ । ଅବଶ୍ୟ ଏ କଥା ମୋର ସ୍ମରଣ ହେଉଛି । ମୁଁ ତାଙ୍କୁ କହିଲି, "ଏ କଥା ହୋଇ ପାରିବ ନାହିଁ ।" କୁଞ୍ଜବାବୁ ଟିକିଏ ବିଚଳିତ ହୋଇ ଯାଇ ଅନେକ କଥା କହିଗଲେ । ସେ ସମସ୍ତ କଥା ଅବିକଳ କହିହେବନାହିଁ । ଅନେକ ଦିନ ପରେ ପ୍ରାୟ ୨୮ ବର୍ଷ ହୋଇଗଲା, ଏ ଭିତରେ ସାମାନ୍ୟ ମୁଁ ଜଣେ ନାରୀମାତ୍ର । କେତେ ଶୋକ, ( ଆପଣାଙ୍କୁ ନୁହେ ଅନ୍ୟମାନଙ୍କୁ ) କେତେ ବୈରାଗ୍ୟ କେତେ ପୁଣି ଆପଣାକୁ ଆପେ ଶାନ୍ତ କରିଛି । କବି କାନ୍ତଙ୍କର କବିତା ସ୍ମରଣ କରି ଆତ୍ମାକୁ ଗଭୀର ତୃପ୍ତି ସାଗର ତଳେ ରଖି, ପୁଣି ସହଜ ମନୁଷ୍ୟପରି ଚଳପ୍ରଚଳ ହୋଇଆସିଛି । ଆଜି ପୁଣି ସେହି ସାହିତ୍ୟ ପରିଷଦର କଥା ଲେଖିବାକୁ ମନ ଭିତରେ ଗଭୀର ଦୁଃଖର ଆବେଗ ଭରିଯାଉଛି । ଏଇଠି ମନେପଡ଼ୁଛି, କବି ଗୋପାଳ କାନୁନ୍‌ଗୋଙ୍କ ଗୋଟିଏ କବିତା ।

"ଚଲାପଥେ ମୋର ଦୁଷ୍କୃତ ଲାଗି
ସରଜିଲ ଖାଲ ଖମା,
ସ୍ଖଳନ ମନାସି ବସାଇଲ ଫାଶ
କଲ ନିତ ପଥ ବଣା ।
ପଡ଼ିଗଲେ ଖସି ତୁମ ହାତଗଢ଼ା
ସେଇ ପିଚ୍ଛିଳ ପଥେ,
ନିଜ ଅର୍ଜିତ ପାପ ପରିଣାମ
ବୋଲି କହ କେଉଁ ମତେ ?"

ଏଠି ହୃଦୟଦେବତାଙ୍କୁ ପଚାରିଯାଉଛି, ତୁମେ ଯାହା କହୁଛ, ଯେଉଁ ପଥରେ ନେଉଛ, ମୁଁ ସେଇ ପଥରେ ଯାଉଛି, କିନ୍ତୁ ଯାହା ପଥରେ ପାଦ ଖସି ଯିବାକୁ ତୁମେ ପଥ ଗଢ଼ି ଦେଉଛ । ଭଗବାନ ପରମ ପିତା ପରମେଶ୍ୱରଙ୍କୁ ଆମେ ଠିକ୍ ମନପ୍ରାଣ ଦେଇ ଡାକୁ ନାହୁଁ । ଅଧେ ନିଜ ଉପରେ, ଆଉ ଅଧେ ଈଶ୍ୱରଙ୍କ ଉପରେ ନିର୍ଭରକରିବା ଯୋଗୁ ଈଶ୍ୱର ଆମର ଦୃଢ଼ତା ପରୀକ୍ଷା କରୁଛନ୍ତି । ଯେଉଁମାନେ ଜ୍ଞାନ, ବୁଦ୍ଧି, ଶରୀର ସବୁ ଲଗାଇ ପରମପିତାଙ୍କ ଚରଣ ତଳେ ଲୋଟିଯାଆନ୍ତି, ସେଇମାନେ କେବଳ ସଂସାରିକ ସକଳ ସଙ୍କଟରୁ ରକ୍ଷାପାଆନ୍ତି । ଯେ ଡାକିଜାଣେ ତା' ଡାକ ସେ ଶୁଣନ୍ତି । ମାଟିର ମଣିଷ ଗଢ଼ି ଈଶ୍ୱର ତା' ଉପରେ ସୁନା ପାଣି ଦେଇ ଶୁଭ୍ର ସୁନ୍ଦର କରି ଦିଅନ୍ତି । ମନୁଷ୍ୟ ଆପଣା ବିବେକହୀନତାବଶତଃ ସେ ସୁନ୍ଦର ମୁହଁରେ କଳଙ୍କ କାଳିମା ବୋଳିଦିଏ । ଅନେକେ ମୁହୂର୍ତ୍ତିକରେ ସେ ଗ୍ଳାନି ଧୋଇ ପୋଛି ଦେଇ ଶାନ୍ତ ଉଦାସଭାବରେ ଧୀରେ ଧୀରେ ଗତି କରିଯାଆନ୍ତି । ଯେଉଁମାନେ ସେ ଅନୁତାପ ଭୁଲନ୍ତି ନାହିଁ ସେମାନେ ସେଥିରେ ଧୂମାୟିତ ହୋଇ ପଡ଼ିଥାଆନ୍ତି ।

କୁଞ୍ଜବାବୁଙ୍କ କହିବା ପ୍ରକାରେ ମୁଁ ଯଦି କାର୍ଯ୍ୟ କରିଥାନ୍ତି, ସେଥିରେ ଅସୁବିଧା ହୋଇଥାନ୍ତା । କାହିଁକି ନା ମୁଁ ସେତିକିବେଳକୁ ମୁଖ୍ୟବକ୍ତାରୂପେ ଶ୍ରୀ ଗୌରୀକୁମାର ବ୍ରହ୍ମାଙ୍କୁ ଆଉ ଉଦ୍‌ଘାଟନ ଉତ୍ସବରେ ଅନୁଷ୍ଠାନର ଶୁଭକାମନା କରିବାକୁ ସ୍ୱର୍ଗତ ଚନ୍ଦ୍ରଶେଖର ବ୍ରହ୍ମାଙ୍କୁ ( ଗୌରୀକୁମାରଙ୍କ ପିତା ଆମନ୍ତ୍ରଣ କରିଦେଇଥିଲି । ସେମାନେ ଯଥା ସମୟରେ ଆସିକାରେ ଉପସ୍ଥିତହେବା ନିମନ୍ତେ ଉତ୍ତର ମଧ୍ୟ ଦେଇସାରିଛନ୍ତି । ଏପରି ପରିସ୍ଥିତିରେ ସେମାନଙ୍କୁ ନ ଆସିବା ପାଇଁ ଲେଖିବାକୁ ସମୟ ନ ଥିଲା । ମୁଁ କୁଞ୍ଜବାବୁଙ୍କ ସହିତ ଏକମତ ନ ହେବାରୁ ସେ କ୍ରୋଧାନ୍ୱିତ ହୋଇ ଫେରିଗଲେ ।

ଯଥାସମୟରେ ସାହିତ୍ୟ-ପରିଷଦର ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ ହୋଇଗଲା । ମୋର ସୌଭାଗ୍ୟକୁ ସେ ସମୟକୁ ଆସିକାରେ ଥାନ୍ତି ବ୍ରହ୍ମାନନ୍ଦ ପଣ୍ଡା । ବର୍ତ୍ତମାନ ସେ ରାଜ୍ୟସଭାର ସଭ୍ୟରୂପେ ପାଞ୍ଚବର୍ଷରୁ ଅଧିକ ହେବ ରହିଛନ୍ତି । ତାଙ୍କର ଏହି ସଭ୍ୟପଦ ପ୍ରାପ୍ତି

ପରେ ଏ ଭିତରେ ଆଉ ଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବେ । ମୋର ପ୍ରିୟ ବାଳକ ବ୍ରହ୍ମାନନ୍ଦ ସେତେବେଳକୁ ତାରୁଣ୍ୟ ଅତିକ୍ରମ କରିଥିବ । ଅଳ୍ପ ଦିନ ପୂର୍ବରୁ ପତ୍ନୀ ବିୟୋଗ ଘଟିଥାଏ । ତାହାର ସହାୟତା ଏବଂ ସହାନୁଭୂତିରେ କୃଷ୍ଣସିଂହ ସାହିତ୍ୟ ପରିଷଦର ଉଦ୍ଘାଟନ କୃତକାର୍ଯ୍ୟ ସମ୍ପାଦନ କରିପାରିଥିଲି ।

ଏହାପରେ, ବ୍ରହ୍ମାନନ୍ଦ କେଉଁଠି ରହିଲେ ମୁଁ କେଉଁଠି ରହିଲି, ହାୟରେ ମୋର ଦୁଃଖ କେତେ ରୂପରେ ମୋ ସମ୍ମୁଖରେ ଠିଆହୋଇ ଅଜ୍ଞାତ କଥା କହିଯାଉଛି । କୃଷ୍ଣସିଂହ ସାହିତ୍ୟ ପରିଷଦ ଯେଉଁମାନେ ସୃଷ୍ଟିକରିଥିଲେ, ସେମାନଙ୍କ ଭିତରେ ତତ୍କାଳୀନ ଆସିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହରିହର ପଣ୍ଡା ପ୍ରାୟ ଦଶବର୍ଷ ହୋଇଯିବ ମରିଗଲେଣି; କିନ୍ତୁ ତାଙ୍କର କଥାଟି ମୋ କାନ ପାଖରେ ଅଦ୍ୟାବଧି ଘଣ୍ଟାଧ୍ୱନିପରି ବାଜିଉଠୁଛି । ସେ ବହୁବାର ମୋ ପାଖରେ କହିଥିଲେ । ଆମ ଭିତରେ ମତାନ୍ତର ହେଉ, କିନ୍ତୁ ମନାନ୍ତର କେବେ ନ ହେଉ । ତାଙ୍କର ଏଇ ପଦେ କଥା ମୁଁ କେବେ ଭୁଲି ପାରୁନାହିଁ । ଆମମାନଙ୍କ ଭିତରେ ଅକାରଣ ମତାନ୍ତର ହେବା କଥା ଶିକ୍ଷକ ମହାଶୟ ଜାଣି ମଧ୍ୟ ସେଥିରେ ପ୍ରତିକାର ନକରି ମନାନ୍ତର ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ । କୃଷ୍ଣସିଂହ ସାହିତ୍ୟ ପରିଷଦକୁ ସ୍ଥାୟୀକରିବା ନିମନ୍ତେ ଆପଣା ହୃଦୟ ଭିତରୁ ଉତ୍ସାହ ପାଇ ଧରାକୋଟ ରାଜା ପଦ୍ମନାଭ ସିଂହଦେବଙ୍କୁ କେତେ ପ୍ରକାର କରି କହି ବୁଝେଇ, ପୈତୃକ ନାମ ତାହାଙ୍କ ପିତାମହଙ୍କ ପିତାମହ, ମହାଭାରତ ରଚୟିତାଙ୍କ ନାମ କୀର୍ତ୍ତନ କରି ଟଙ୍କା ମାଗିଥିଲି । କୁଞ୍ଜବାବୁ ଜଣେ ବଡ଼ ସାହିତ୍ୟିକ । ବର୍ତ୍ତମାନ ସେ କେତେ ଲେଖିଲେଣି । ଭଗବତ୍ ଗୀତାର ଅନୁବାଦ ମଧ୍ୟ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁଙ୍କ ବନ୍ଦୀର ଆତ୍ମକଥା ଇଂରେଜୀରେ ଅନୁବାଦ କରିଛନ୍ତି । ୨୮ ବର୍ଷ ତଳେ କିଛି ଲେଖି ନ ଥିଲେ । ମନୁଷ୍ୟ ମନୁଷ୍ୟ ଭିତରେ ବ୍ୟବଧାନ ନ ଘଟିବା, ସମସ୍ତେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ରଖି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆନନ୍ଦିତ କରିବା ନିମନ୍ତେ ସାହିତ୍ୟ ସୃଷ୍ଟି କରାଯାଏ ବୋଲି ଶୁଣିଛି । ସୃଷ୍ଟି ଆରମ୍ଭରୁ ଏ କଥା ଆଲୋଚନା ହେଉଥିଲେ ମଧ୍ୟ ଅଦ୍ୟାବଧି ମନୁଷ୍ୟ ମନରୁ ଦ୍ୱେଷ, ରୋଷ ଦୂର ହେଲା ନାହିଁ । ମୁଁ ମଧ୍ୟ ଅସହିଷ୍ଣୁ ହୋଇ ସେମାନଙ୍କ ସହିତ ସହଯୋଗ କରି ନ ଥିବି । ସେ ଯାହାହେଉ ଇମିତି ଦୁଃଖବିଷାଦ ଭିତରେ ଯେଉଁ ସଭାଗୃହଟି ଗଢ଼ିଉଠିଥିଲା, ସେ କଥା ନେଇ ଆଉ ବେଶି କଥା ନ କହିବା ଭଲ । କାହିଁକି ନା ଜୀବନଟା କେବଳ ମୋତେ ହିଁ ନେଇ ଗଢ଼ି ଉଠି ନାହିଁ । ସବୁ କଥା କହିବାକୁ ଗଲେ ଅନେକ ନିନ୍ଦା ସ୍ତୁତି ବଖାଣିବାକୁ ପଡ଼ିବ । ସୁତରାଂ ମୁଁ ଏଠି ସେ କଥା ଶେଷକରି ଆଉ ଟିକିଏ ଆଗକୁ ଯିବା ସକାଶେ ପ୍ରୟାସ କରିବି ।

## କୃଷ୍ଣସିଂହ ସାହିତ୍ୟ ପରିଷଦ ୨୮ଶ ବାର୍ଷିକ ସମ୍ମେଳନ ଓ କବି କୃଷ୍ଣସିଂହ ଜୟନ୍ତୀ ଉପଲକ୍ଷେ ଅଭ୍ୟର୍ଥନା ସମିତି ସଭାପତିଙ୍କ ସ୍ୱାଗତ ଭାଷଣ

ସମ୍ମାନାସ୍ପଦ
ସଭାପତି ମହୋଦୟ ଓ ଉପସ୍ଥିତ ବନ୍ଧୁଗଣ,

ଆଜି ହେମନ୍ତର ଏହି ହେମମୟ ସନ୍ଧ୍ୟାରେ ସ୍ୱର୍ଗତ କବି କୃଷ୍ଣସିଂହଙ୍କ ଜୟନ୍ତୀ ସମାରୋହରେ ଆପଣମାନଙ୍କୁ ସ୍ୱାଗତ ଜଣାଇ ମୁଁ ନିଜକୁ ଧନ୍ୟ ମନେକରୁଛି । ବର୍ଷ ପରେ ବର୍ଷ ଅତିକ୍ରମକରି ଆଜିର ଏ ମିଳନ ୨୮ଶ ସମ୍ମେଳନରେ ପଦାର୍ପଣ କରିଥିବାରୁ ନିଜକୁ ଏକ ଗୌରବାବହ ପରମ୍ପରାର ଦାୟାଦ ମନେକରି ଏହାର ଏକ ସଂକ୍ଷିପ୍ତ ଇତିହାସ ଆପଣମାନଙ୍କ ସମକ୍ଷରେ ଉପସ୍ଥାପନ କରୁଅଛି ।

ସ୍ୱାଧୀନତାର ପ୍ରାକ୍କାଳର ଏକ ପବିତ୍ର ମୁହୂର୍ତ୍ତରେ ସାହିତ୍ୟ ସେବା ଉଦ୍ଦେଶ୍ୟରେ ଏହି ସାହିତ୍ୟ ପରିଷଦର ଜନ୍ମଦାତ୍ରୀ ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗାଙ୍କ ପ୍ରେରଣାରେ

ଏହା ଗଠିତ ହୋଇ ତା ୨୪ । ୯ । ୭୬ ରେ ଏହାର ୧ମ ଅଧିବେଶନ ସ୍ୱର୍ଗତ ହରିହର ପଣ୍ଡା ଏମ୍. ଏ. ବି. ଇଡ. ଙ୍କ । ପୌରୋହିତ୍ୟରେ ଶ୍ରୀମତୀ ଖାଡଙ୍ଗାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ନାରାୟଣ ସାସମଲ, ସ୍ୱର୍ଗତ ରଘୁନାଥ ପାଢ଼ୀ, ସ୍ୱର୍ଗତ ଗଙ୍ଗାଧର ପଣ୍ଡା, ସର୍ବଶ୍ରୀ ପି. ଶ୍ରୀନିବାସ ପାତ୍ର, ନୀଳକଣ୍ଠ ଦାସ, ରଘୁନାଥ ପଣ୍ଡା, କୁଞ୍ଜବିହାରୀ ନାୟକ, ଚନ୍ଦ୍ରମଣି ପାତ୍ର ଓ ରାମନାଥ ପଣ୍ଡା ଅନ୍ୟତମ ।

ଜାତିବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଯେ କୌଣସି ସାହିତ୍ୟପ୍ରେମୀଙ୍କୁ ସଭ୍ୟରୂପେ ଗ୍ରହଣକରି ସାହିତ୍ୟ ମାଧ୍ୟମରେ ସୁସ୍ଥ ସମାଜ ଗଠନକରିବା, ନୂତନ ଲେଖକମାନଙ୍କୁ ପ୍ରୋତ୍ସାହିତ କରି ସାହିତ୍ୟ ସଭା-ଗୁଡ଼ିକର ଆୟୋଜନ କରିବା ଓ ଆବଶ୍ୟକ କ୍ଷେତ୍ରରେ ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକୁ ଉଦ୍ଧାର କରି ପ୍ରକାଶ କରିବା ଏହାର ମୌଳିକ ଲକ୍ଷ୍ୟ ଅଟେ ।

ପରିଷଦର ୨ୟ ବୈଠକ ଶ୍ରୀମତୀ ସୀତାଦେବୀ ଖାଡଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ଓ କ୍ରମେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଜନସେବୀ ଓ ସାହିତ୍ୟ ରଥୀମାନଙ୍କ ସାନ୍ନିଧ୍ୟ ଲାଭକରି ପରିଷଦ ଅତ୍ୟଳ୍ପ ସମୟ ମଧ୍ୟରେ ଉତ୍ତରୋତ୍ତର ଅଭିବୃଦ୍ଧି ଲାଭକରି ସମଗ୍ର ଓଡ଼ିଶାରେ ସୁଖ୍ୟାତି ଲାଭକଲା । ପରିଷଦର ସ୍ଥାୟୀଗୃହ ନଥିବାରୁ ଏକଦା ଶ୍ରୀମତୀ ସୀତାଦେବୀଙ୍କ ବାସଭବନ କ୍ରମେ କଳାକୃତି ଓ ଅତିଥି ନିବାସର ପ୍ରାଣ କେନ୍ଦ୍ର ହୋଇପଡ଼ିଥିଲା ।

ସାହିତ୍ୟ ସେବାପାଇଁ ଗୋଟିଏ ସ୍ଥାୟୀ ଗୃହର ନିତାନ୍ତ ଆବଶ୍ୟକତା ଉପଲବ୍ଧି କରି ଶ୍ରୀମତୀ ଖାଡଙ୍ଗା ପ୍ରଚେଷ୍ଟା ଚଳାଇଲେ ଓ ଆସିକା ତଥା ଆଖପାଖ ଅଞ୍ଚଳର ସାହିତ୍ୟାନୁରାଗୀ ଜନସାଧାରଣଙ୍କୁ ସଂଗଠିତ କରି ବ୍ୟକ୍ତି ବିଶେଷ ଓ ସରକାରଙ୍କଠାରୁ ବୃହଦାକାରରେ ଅର୍ଥସଂଗ୍ରହପୂର୍ବକ ନିଜ ସ୍ୱାମୀ ଶ୍ରୀଯୁକ୍ତ ବାଞ୍ଛାନିଧି ଖାଡଙ୍ଗାଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଅକ୍ଳାନ୍ତ ପରିଶ୍ରମରେ ପରିଷଦ ଭବନର ନିର୍ମାଣ ସମ୍ଭବ ହେଲା, ଯେଉଁଠାରେ ଆମ୍ଭମାନଙ୍କର ଏକତ୍ର ସମାବେଶ ହୋଇ ପାରିଅଛି ।

ଏହି ଦେଶହିତୈଷୀ ଓ ବଦାନ୍ୟ ଜନସାଧାରଣଙ୍କ ମଧ୍ୟରେ ଧରାକୋଟ ରାଜା ସାହେବ ଶ୍ରୀଯୁକ୍ତ ଶତ୍ରୁଘ୍ନ ସିଂହଦେବ ନଗଦ ପାଞ୍ଚହଜାରଟଙ୍କା ଓ ଓଡ଼ିଶା ସରକାର ତିନିହଜାରଟଙ୍କା ଦାନକରି ଭବନ ନିର୍ମାଣରେ ଏକ ବୃହତ୍ତର ଭୂମିକା ଗ୍ରହଣ କରିଛନ୍ତି । ବର୍ତ୍ତମାନ ଏହି ପରିଷଦର ଆଜୀବନ ସକ୍ରିୟ ସଦସ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସୀତାଦେବୀ ଖାଡଙ୍ଗା, ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା, ସର୍ବଶ୍ରୀ ନଟବର ଦାସ, ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ପି. ଶ୍ରୀନିବାସ ପାତ୍ର ଓ ଉତ୍ତରାଧିକାର ସୂତ୍ରରେ ସର୍ବଶ୍ରୀ ହୃଦୟାନନ୍ଦ ପାଢ଼ୀ, ଜାକିର ଅସାରଫ୍ ଓ ଶ୍ରୀ ପଞ୍ଚାନନ ପଣ୍ଡା ପ୍ରମୁଖ ଅନ୍ୟତମ, ଯେଉଁମାନଙ୍କର ଏକ ନାମଫଳକ ପରିଷଦ ଗୃହ ସମ୍ମୁଖରେ ଦିଆଯାଇଅଛି ।

ଏହି ପରିଷଦର ପରିଚାଳନା ମୁଖ୍ୟତଃ ଭବନ କମିଟିର କର୍ମକର୍ତ୍ତାମାନେ ନିର୍ବାହ କରନ୍ତି ଓ କୃଷ୍ଣସିଂହ ସାହିତ୍ୟ ସଂସଦ କମିଟିର କର୍ମକର୍ତ୍ତାମାନେ ଆଜିର ସଭା ଭଳି ସାହିତ୍ୟ ସଭାଗୁଡ଼ିକର ଆୟୋଜନ ଓ ପରିଚାଳନା କରିଥାନ୍ତି । ମୋଟ ଉପରେ ପରିଷଦ ଗୃହର ରକ୍ଷଣାବେକ୍ଷଣ, ଭଡ଼ା ସଂଗ୍ରହ, ଗୃହ ମରାମତି ଓ ଆର୍ଥିକ ବ୍ୟାପାର ନିୟନ୍ତ୍ରଣ ଭବନ କମିଟିର କାମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂସଦ କମିଟିର କାମ ଅଟେ । ଉପରେ ଭବନ କମିଟିର କର୍ମକର୍ତ୍ତାମାନଙ୍କ ନାମ ପ୍ରାୟ ଦିଆଯାଇଅଛି ଓ ନିମ୍ନଲିଖିତ କର୍ମକର୍ତ୍ତା-ମାନେ ନୂତନଭାବେ ସଂସଦ କମିଟିକୁ ନିର୍ବାଚିତ ହୋଇଅଛନ୍ତି । ସର୍ବଶ୍ରୀ ବ୍ରଜବନ୍ଧୁ ମିଶ୍ର ସଭାପତି, ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ସମ୍ପାଦକ, ଶ୍ରୀ କାଳୀଚରଣ ତ୍ରିପାଠୀ କୋଷାଧ୍ୟକ୍ଷ, ଶ୍ରୀମତୀ ଉଷାରାଣୀ ପଣ୍ଡା, ଶ୍ରୀମତୀ ତ୍ରିବେଣୀ ମୋହନ ପ୍ରଧାନ ଶିକ୍ଷୟିତ୍ରୀ-ବାଳିକା ହାଇସ୍କୁଲ, ଶ୍ରୀଯୁକ୍ତ ଅନନ୍ତରାମ କର, ପ୍ରଧାନ ଶିକ୍ଷକ-ହରିହର ହାଇସ୍କୁଲ, ଶ୍ରୀଯୁକ୍ତ ବାସୁଦେବ କର ହେଡ୍‌ପଣ୍ଡିତ-ସଂସ୍କୃତ ବିଦ୍ୟାଳୟ, ଶ୍ରୀଯୁକ୍ତ ଦିଲୀପ ଦାସ ଓ ଚନ୍ଦ୍ର-ଚରଣ ଜେନା ଅଧ୍ୟାପକ, ସର୍ବଶ୍ରୀ ବିପିନଚନ୍ଦ୍ର ଦାଶ ସାମ୍ବାଦିକ, ହରିହର ମହାପାତ୍ର, ଅରୁଣ କୁମାର ରଥ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ଭରତ ଜେନା ଏହି କମିଟିର ସଭ୍ୟ ରହି ସାହିତ୍ୟ-ସଂସଦ କାର୍ଯ୍ୟ ନିର୍ବାହ

କରି ଆଜିର ସମ୍ମିଳନକୁ ସ୍ୱୟଂସମ୍ପୂର୍ଣ୍ଣ କରି ପାରିଛନ୍ତି ।

ଭବନ କମିଟିର ସ୍ଥାୟୀ ସଭାପତି ରୂପେ ଧରାକୋଟ ରାଜା ସାହେବ ଶ୍ରୀଯୁକ୍ତ ପଦ୍ମନାଭ ସିଂହଦେବ ଓ କବିରାଜ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ସମ୍ପାଦକ ରହିଛନ୍ତି । ତା ୧୪-୪-୬୮ ରିଖରୁ ଆଜିଯାଏ ବିଭିନ୍ନ ବାବଦରୁ ଟ ୧୮୮୭-୨୫ ପଇସା; ୧୯୬୯ ସାଲ ବନ୍ୟାରୁ ସରକାରୀ ସାହାଯ୍ୟ ୫୦୦ ଟଙ୍କା । ଏହିପରି ସର୍ବମୋଟ ଟ ୨୩୮୭-୨୫ ପଇସା ଆଦାୟ ହୋଇ ତା ୧୩-୮-୭୩ ରିଖ ସରିକି ଟ ୧୩୩୭-୮୩ ପଇସା ଖର୍ଚ୍ଚ କରି ଭବନ ସଂରକ୍ଷଣ କରାଯାଇଅଛି । ଅବଶିଷ୍ଟ ଟଙ୍କା ସାମୟିକ ମରାମତି ଓ ଅନ୍ୟାନ୍ୟ ବାବଦରେ ବ୍ୟୟିତ ହୋଇ ଆଜିଯାଏ ଟ ୬୧୯ ଙ୍କା ଆସିକା କେନ୍ଦ୍ର ବ୍ୟାଙ୍କ ଓ ଆନ୍ଧ୍ରା ବ୍ୟାଙ୍କରେ ଜମା ଅଛି । ଏହି ହିସାବ ଭାଉଚର ସହ ରୀତିମତ କ୍ୟାସ୍‌ବୁକ୍‌ରେ ଜମାଦେଇ ସମ୍ପାଦକଙ୍କ ନିକଟରେ ରହିଅଛି ।

ମଝିରେ ପରିଷଦ ନିଷ୍କ୍ରିୟ ହୋଇ ପଡ଼ିବାରୁ ଓ ଏହା ଅଯତ୍ନ ପାଳିତହୋଇ କ୍ରମେ ଗବାଦିପଶୁଙ୍କ ଚରଣ ଭୂମି ଓ ଗୋଶାଳାରେ ପରିଣତ ହୋଇଯିବା ଦେଖି ଶ୍ରୀମତୀ ଖାଡ଼ଙ୍ଗାଙ୍କ କାତର ନିବେଦନରେ ବିହ୍ୱଳ ହୋଇ ତାଙ୍କ ପରାମର୍ଶ ପ୍ରକାରେ ମୁଁ ପରିଷଦର ରକ୍ଷଣାବେକ୍ଷଣ ଓ ପ୍ରତ୍ୟକ୍ଷ ପରିଚାଳନା ଦାୟିତ୍ୱ ଗ୍ରହଣ କଲି ।

ଏହାକୁ ଦେବମନ୍ଦିର ମନେକରି ଓ ସଭ୍ୟଠାରୁ ସଭାପତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଦାୟିତ୍ୱ ତୁଲାଇବା ପାଇଁ ଶ୍ରୀମତୀ ଖାଡ଼ଙ୍ଗାହିଁ ଏକମାତ୍ର ସମର୍ଥ ବ୍ୟକ୍ତିରୂପେ ପରିଷଦର ପ୍ରତ୍ୟେକ ଭଲମନ୍ଦ ବୁଝୁଥିଲେ । ଆସିକାରୁ ତାହାଙ୍କ ସ୍ଥାନାନ୍ତର ପରେ ପରିଷଦର ସମସ୍ତ କାର୍ଯ୍ୟକ୍ରମ ଶିଥିଳ ପ୍ରାୟ ହେବା ଭଳି ମନେହେଲା । ମଝି ମଝିରେ ବ୍ୟକ୍ତି ବିଶେଷଙ୍କ ଯତ୍ନ ସାମାନ୍ୟ ସାହାଯ୍ୟ ଓ ସହଯୋଗ ଲାଭକରି ଯେତିକି ହେଉଛି, ସେତିକିରେ ସନ୍ତୁଷ୍ଟ ହେବା ଛଡ଼ା ଉପାୟନ୍ତର ନାହିଁ ।

ପଣ୍ଡିତ ବ୍ରଜବନ୍ଧୁ ମିଶ୍ର ପରିଷଦର ପୁରାତନ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଜଣେ । ଆସିକା ପୌର-ସଂସଦର ସଭାପତି ଉତ୍କଳ ଶ୍ରୀ ହୃଦୟାନନ୍ଦ ପାଢ଼ୀ ଓ ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀର ଫାକ୍ଟେରୀ ସୁପରଭାଇଜର ମୋର ଶ୍ରଦ୍ଧେୟ ସ୍ନେହ କବିରାଜ ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟଙ୍କ ସହଯୋଗ ମିଳି ନ ଥିଲେ ହୁଏତ ଆଜିର ସମାବେଶ ଅପୂର୍ଣ୍ଣ ରହିଥାନ୍ତା । ସ୍ଥାନୀୟ ବ୍ୟବସାୟୀ ଓ ବୁଦ୍ଧିଜୀବୀ ଗୋଷ୍ଠୀର ସହଯୋଗ ପାଇ ମୁଁ ସମ୍ମିଳନୀ ଓ ପରିଷଦପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି । ଆମ୍ଭମାନଙ୍କର ଏହି ଉଦ୍ୟମ ସଫଳ ପ୍ରୟାସୀ ହେବା ପାଇଁ ଅତୀତର ଯେଉଁ ପବିତ୍ର ପୁରୁଷମାନଙ୍କର ପୁଣ୍ୟ ପ୍ରେରଣା ରହିଅଛି ସେମାନଙ୍କ ସ୍ୱର୍ଗତାତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସର୍ବାନ୍ତଃକରଣରେ ମୁଁ ମୋର ସ୍ୱାଗତାଭିବାଦନ ଜଣାଉଅଛି ।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣ ମେବା ବଶିଷ୍ୟତେ ।

। ଇତି ।

ଆପଣଙ୍କ ଗୁଣମୁଗ୍ଧ

**ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସଭାପତି**

ଅଭ୍ୟର୍ଥନା ସମିତି

କୃଷ୍ଣସିଂହ ଜୟନ୍ତୀ କମିଟି

**ଆ ସି କା**

ତା ୨୯-୧୦-୭୩

ଏହି ଅଧ୍ୟାୟର ଶେଷରେ ଗୋଟିଏ କଥା ମନେ ପଡ଼ିଗଲା । ସେ ମନେପଡ଼ିବା ସଙ୍ଗେ ସଙ୍ଗେ ସେ ପୁସ୍ତକଘର ଭିତରେ ବସିଥିଲାପରି ଅନୁଭବ ହେଉଛି । ଓଃ କେତେ ଗ୍ରନ୍ଥ ! କେତେ ଲେଖକଙ୍କ ପ୍ରତିଛବି ସେ ଭିତରେ ରହିଛି । ବଡ଼ଗଡ଼ ରାଜା ସାହେବ ‘ଅନଙ୍ଗ ପ୍ରତାପ ଦେବ’ ନାମବୋଲି ଶୁଣି ଥିଲି । ମୋ ସାଙ୍ଗରେ ଯାଇଥିଲେ ଡାକ୍ତର ଶ୍ରୀ ଯଦୁନାଥ କର । ଅନଙ୍ଗ ପ୍ରତାପଙ୍କ ଅନ୍ତଃପୁରରେ ତାଙ୍କର ସହଧର୍ମିଣୀ ଏବଂ ପୁତ୍ରବଧୂ । ମୁକ ନାରୀ ମୂର୍ତ୍ତି

ଦୁଇଟିଙ୍କୁ ବଡଗଡ ରାଜାଙ୍କ ସେ ବିଶାଳ ଗ୍ରନ୍ଥାଗାର ସମ୍ବନ୍ଧରେ ତିଳେ ହେଲେ ଅବଗତ ନଥିଲି । ମୁଁ ଯେତେବେଳେ ସେ ଗ୍ରନ୍ଥାଗାର ଭିତରକୁ ପ୍ରବେଶ କଲି, ଏତେ ଅସଂଖ୍ୟ ବହି ଆଲମାରିମାନଙ୍କରେ ଭରି ହୋଇଥିବା ଦେଖି ମୋର ଆଖି ଦୁଇଟା ବିସ୍ମୟରେ ବିସ୍ଫାରିତ ହୋଇଗଲା । ଆମେ ତ ଘର ତିଆରି କରିବାକୁ କାଠ ମାଗି ଯାଇଥିଲୁ । ସେଠି ବସି ଗ୍ରନ୍ଥ ଅଧ୍ୟୟନ କରିବା ଅବସର କାହିଁ ? ଏତେ ପୁସ୍ତକ ଏକାଠି ଥିବା ସମ୍ଭବତଃ କେଉଁଠି ଦେଖିବା ସୁଯୋଗ ପାଇନଥିଲି । ରେଭେନ୍‌ସା କଲେଜର କନିକା ଲାଇବ୍ରେରୀ ଥରେ ଦେଖିଥିଲି । ସ୍ୱପ୍ନ ପରି ମନେ ରହିଛି । ଠିଆହୋଇ ଗୋଟାକ ପରେ ଗୋଟାଏ ବହି ଆଲମିରା ମାନଙ୍କରୁ ଆଣି କେବଳ ଲେଖକଙ୍କ ନାମ ଏବଂ ମଝିରୁ ମଝିରୁ କିଛି ଟିକିଏ ଟିକିଏ ପଢ଼ି ରଖି ଦେଉଥାଏ । ଯଦୁନାଥ ବାବୁ ଆସି ଡାକିନେଇ ଗଲେ ରାଜା ସାହେବଙ୍କ ସହିତ ସାକ୍ଷାତ କରିବା ନିମନ୍ତେ । ରାଜାଙ୍କୁ ନମସ୍କାରକରି କଅଣ କହିଲି, ଠିକ୍ କଅଣ କହିଥିଲି ସ୍ମରଣ ହେଉନାହିଁ । ରାଜା ସାହେବ କେବଳ ମୋ ମୁହଁକୁ ଚାହିଁଲେ, ତାପରେ ଅର୍ଦ୍ଧସ୍ଫୁଟ ବାକ୍ୟରେ କଅଣ କହିଲେ ମୁଁ କିଛି ବୁଝିପାରି ନଥିଲି । ରାଜଭବନଟାକୁ ଭଲକରି ଦେଖିବାକୁ ଇଚ୍ଛା ହେଉଥିଲା । ଯଦୁନାଥ ବାବୁ ଆଉ ମୁଁ ଉପର ଘର ଆଡ଼କୁ ଯାଇ ଦେଖୁଥିଲୁ । ସେଠାରେ ତହସିଲଦାର ମହାଶୟ ଆସିଥିଲେ । କଅଣ କଅଣ ସେ କହିଲେ, ମନେ ନାହିଁ ; କିନ୍ତୁ ଗୋଟିଏ ପଦ କଥା ମନେ ପଡୁଛି । ତହସିଲଦାର କହିଲେ, ବୁଢ଼ା ରଜାର ଜ୍ଞାନ ନାହିଁ । ଯୁବରାଜ ଯାହା ଖାଉଛନ୍ତି, ସେକ୍ଷଣି ସବୁ ବାନ୍ତି କରିଦେଉଛନ୍ତି । ଏଡେ ବଡ଼ ଘର ଖାଲି ପଡ଼ିଛି । କେବେ ଏ ଘର ଏକା ଥରକେ ଖାଲି ହେବ । ଆମେ ମାନେ ଏ ଘରେ ରହିବୁ । ମୁଁ ଅନ୍ୟ କଥା କହି ସେ କଥାର ଜବାବ ଦେଲି-ନାହିଁ । ଅନ୍ୟର ଘରେ ପଶିବାକୁ କେଡ଼େ ଇଚ୍ଛା ସତରେ !

କୃଷ୍ଣସିଂହ ସାହିତ୍ୟ ପରିଷଦର କଥା ଏଠାରେ ଶେଷ ହୋଇ ମଧ୍ୟ ଶେଷ ହୋଇନାହିଁ । ସାହିତ୍ୟ ପରିଷଦର ସଦନ ରହିଛି । ତାକୁ ଚଳାଇବା ଭାର କବିରାଜ ଶ୍ରୀ କୃଷ୍ଣସିଂହ ତ୍ରିପାଠୀ ନେଇଛନ୍ତି । ସେ ଜଣେ ପଣ୍ଡିତ ବ୍ୟକ୍ତି । କେତେକ ମାତ୍ର କଥାରେ ଗ୍ରନ୍ଥ ରଚିଛନ୍ତି । ଆମମାନଙ୍କୁ ଗଭୀର ସ୍ନେହ କରନ୍ତି । ଆମେମାନେ ଇମିତି ଅପଦାର୍ଥ ଯେ ଦେଶରେ ରହି ଦେଶବାସୀଙ୍କ ଉପକାର କରିପାରିଲୁ ନାହିଁ ।

ଗୋଟିଏ କଥା ମନେ ପଡୁଛି । ସେଇଟକ ନ ଲେଖିଲେ ନ ଚଳେ । ଗତ ଇଲେକ୍‌ସନ୍ ସମୟରେ, ଭୋଟର ତାଲିକାରେ ମୋର ନାମଟା ଥାଉ ବୋଲି ଅନେକ ଚେଷ୍ଟାକରି ନାମଟା ରଖାଇଥିଲି । ଠିକ୍ ସମୟରେ ଯାଇ କଂଗ୍ରେସକୁ ଭୋଟ ଦେଇଥିଲି । ଭୋଟଦେବା ପୂର୍ବରୁ ଆସିକା ଯାଇଥିଲି । ବାପାଙ୍କର କୀର୍ତ୍ତି ସଂସ୍କୃତ ସ୍କୁଲ ଦେଖି ଆସି, ସାହିତ୍ୟ ସଦନ, ଘର ଭିତରେ ଟିକିଏ ଠିଆହେଲି । ବନ୍ଧୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ପାଖେ ପାଖେ ରହି ସମସ୍ତ ବିଷୟ କହି ଯାଉଥାନ୍ତି । ମୋର କଳ୍ପିତ ସଖ ସଦନପରି ମୁଁ ବୋଧ କରିପାରିଲି ନାହିଁ । ଦକ୍ଷିଣ ଆଡ଼କୁ କଦଳୀ ଗଛରେ ଜଙ୍ଗଲହୋଇ ସାରା ଘରଟାକୁ ଆଲୋକ ହୀନ ଏବଂ ନିର୍ବାତ କରିଦେଉଛି । ସଦନର ଗଚ୍ଛିତ ଧନ ଏତେ ଅଳ୍ପ ଯେ କଦଳୀ ବିକ୍ରି ହେଲେ ତାର ସଫାଇ କାର୍ଯ୍ୟ ଚଳୁଛି । ମାଳୀ ରଖି ଫୁଲ ଫଳ ଗଛ ପାଳିବାକୁ ସାହିତ୍ୟ ସଦନର ଶକ୍ତି ନାହିଁ । ଘରଟା ଅବଶ୍ୟ ହୋଇଯାଇଛି । ଭାଙ୍ଗିବା ଅବସ୍ଥାକୁ ଆସିଲେ ମରାମତ କରାଇବେ । ପଛକୁ, ପଶ୍ଚିମ ପାଖକୁ ଆଉ ଗୋଟିଏ ଘର ହୋଇଛି, ସେଥିରେ ସଙ୍ଗୀତ ଶିକ୍ଷକ ରହୁଛନ୍ତି, କଅଣ ଭଡ଼ା ଦେଉଥିବେ ମୁଁ ଆଉ ପଚାରିନାହିଁ ।

ତା ପର ଦିନ ଆସିକାରୁ ବାହାରି ଏକାଥରକେ ଭୁବନେଶ୍ୱରରେ ପହଞ୍ଚିବା ପ୍ରସ୍ତାବ ହେଲା । ଦେଖୁ ଦେଖୁ ୬ଟାରୁ ବାହାରିବା କଥାରୁ ପ୍ରାୟ ୧୨ଟା ହେଲା । ବ୍ରହ୍ମପୁରରେ ବଡ଼ ଭାଇଙ୍କ ନିବାସ । ସେଠାକୁ

ଆସିଲାବେଳକୁ ପ୍ରାୟ ଗୋଟାଏ ହୋଇଯାଇଥିଲା । ଏଇ ଭାଇଜଙ୍କ କଥା ଲେଖା ଆରମ୍ଭରେ ଅନେକ ଲେଖିଛି । ତା ଉପରେ ଆଉ ବେଶି ଲେଖିଲେ ପାଠକ ପାଠିକା ବିରକ୍ତ ହେବେ । ଜୀବନର କଥା ଲେଖିବାକୁ ଇଚ୍ଛାହେଉଛି ବୋଲିତ ସେଇ କଥା ସେଇ କଥା ବାରମ୍ବାର କରି ଲେଖିଲେ ଚଳିବ ନାହିଁ । ପଢ଼ିବା ଲୋକର ମନରେ ଆନନ୍ଦ ଜନ୍ମାଇବା ପାଇଁ ଲେଖିବା କଥା ।

ଭାଇଙ୍କ ଘରେ ସାନଭାଇ ଆଉ ମୁଁ ଭୋଜନକରି ପୁଣି ଗାଡ଼ିରେ ବସିବା କଥା । ଦୁଃଖ ସୁଖ କଥା ମଧ୍ୟ ସେଇ ଭିତରେ ଶେଷକରିବାକୁ ହେଲା । ଆସିବାଠାରୁ ସେଇ ଗୋଟିଏ କଥା ମନେପଡ଼ୁଥାଏ । ବ୍ରହ୍ମପୁରରେ ଦିଗମ୍ବର ରଥ ମୋ ସ୍ୱାମୀଙ୍କର ସହପାଠୀ । ସେ ଓକିଲ ହୋଇ ବ୍ରହ୍ମପୁରରେ ଭଲ ଘର ଖଣ୍ଡିଏ କିଣି ତାକୁ ଆହୁରି ବଡ଼କରି ପୁଅ କନ୍ୟାଙ୍କୁ ନେଇ ସଂସାର କରୁଛନ୍ତି । ତାଙ୍କ ସ୍ତ୍ରୀ ମୋର ବଡ ବନ୍ଧୁ, ମୁଁ ବ୍ରହ୍ମପୁର ଆସି ଅନୁସୂୟା ପାଖରେ ଦିନେ କିମ୍ବା ଓଳିଏ ରହିଯାଏ । ସେ ସମୟକୁ ମୋର ଦୁଃଖ ବୋଲି କିଛି ନ ଥିଲା । ଅନସୂୟାର ଦୁଃଖ କଥା ମୁଁ ଶୁଣେ । ଏ ଘଟଣା ୧୯୬୬ କିମ୍ବା ୬୭ ର ହୋଇଥିବ । ଦିଗାମ୍ବରଙ୍କ ସାଥିରେ କଥା ହୁଏ, ସେ କହନ୍ତି ସମାଜତନ୍ତ୍ର ସମ୍ବନ୍ଧରେ । ସେ କହନ୍ତି 'ସମାଜ' ଗୋଟିଏ ବିରାଟ ବିପୁଳ ବ୍ୟବସ୍ଥା । ତାକୁ ଆମେ ମାନିବାକୁ ହେବ । ଏଇ କଥା କେତେ ପଦ ସ୍ମରଣ ଅଛି । ସେ ଅନେକ ସମୟରେ ଅନେକ ଭଲ କଥା କହିଥାନ୍ତି । ରଥ ଦମ୍ପତିଙ୍କୁ ଥରେ ଦେଖିଯିବା ଇଚ୍ଛାରେ ରହିଥିଲି । ଭୁବନେଶ୍ୱର ଯିବା ଉଦ୍ଦେଶ୍ୟରେ ଗାଡ଼ିରେ ବସିବା ପରେ ସାନଭାଇକୁ କହିଲି, ଦିଗମ୍ବରଙ୍କ ଘରକୁ ଟିକିଏ ଯାଇଥାନ୍ତେ । ସେ ହଁ କଲା । ଗାଡ଼ିର ଗତି ସହିତ ମୋର ଭାବନା ଚଞ୍ଚଳ ହୋଇଉଠୁଥିଲା । ଶେଷଥର ପାଇଁ ବନ୍ଧୁବାନ୍ଧବୀଙ୍କୁ ଥରେ ଦେଖିଦେଇ ଯିବା । କାହାକୁ ନ ଡାକି ଗାଡ଼ିରୁ ଓହ୍ଲାଇ ରଥଙ୍କ ଘର ଭିତରକୁ ଯାଇ ଦେଖିଲି କେହି ନାହାନ୍ତି । ଝିଅଟିଏ ବାହାରି ଆସି କହିଲା, ମାଆ ବାବୁ ମାସେ ହେଲା ଭୁବନେଶ୍ୱରରେ ଅଛନ୍ତି । ବହୁତ ବେଗରେ ଫେରିଆସି ଗାଡ଼ିରେ ବସିଗଲି ।

ମନେ ପଡ଼ିଗଲା ଉଣେଇଶ ଚଉଷଠିରେ ହଠାତ୍ ଆସିଥିଲି ରଥଙ୍କ ଘରକୁ । ଶ୍ରୀମତୀ ରଥ ପାକ କାର୍ଯ୍ୟରେ ବ୍ୟସ୍ତ ଥିଲେ । ରଥ ମହାଶୟ ମୋର ପାଖ ଚଉକିରେ ବସିପଡ଼ି କେତେ କଅଣ କହିଯାଉଥିଲେ । ମୁଁ କହିଲି ସକାଳୁ କିଛି ଖାଇନାହିଁ, ବଡ଼ ଭୋକ ଲାଗୁଛି, ପଖାଳ ଥିଲେ ମଧ୍ୟ ଚଳିବ । ପଖାଳ ଖାଇବାକୁ ଓଡ଼ିଆ ଝିଅ ବୋଧହୁଏ ଭଲପାଏ । ସେ ଆଉ ପଖାଳ ନ ଦେଇ ମାଛ, ଡାଲି, ଭଜା, ସନ୍ତୁଳା କରି ଖାଇବାକୁ ଡାକିଲେ । ଖାଇବସି କହିଲି 'ଜୀବନୀ' ଲେଖିବି ବୋଲି ସ୍ଥିର କରିଛି । ଆଜିର ଖାଇବା କଥା ସେଥିରେ ରହିଯିବ ।

ତାରିଖଟା ମନେ ପଡ଼ୁନାହିଁ, ୧୯୬୫ ସମ୍ଭବତଃର ହୋଇଥିବ । ଗୋଦାବରୀଶ ମହାପାତ୍ର, ଅନେକେ ତାଙ୍କୁ କିଆଁ ଖୁଣ୍ଟା ମହାପାତ୍ର ବୋଲି କହନ୍ତି । ଟେଲିଫୋନ କରି କହିଲେ, ବ୍ରହ୍ମପୁରରେ ଇଞ୍ଜିନିୟରମାନଙ୍କର ଗୋଟାଏ ସଭା ହେଉଛି । ସାହିତ୍ୟ ଇତ୍ୟାଦି ଅନେକ ବିଷୟ ଚର୍ଚ୍ଚା ହେବ । ସକାଳ ୮ଟା ବେଳକୁ କଟକରୁ ବାହାରି ପଡ଼ିଲେ ଭଲ ହେବ । ମୁଁ ଟିକିଏ ଚିନ୍ତା କରି କହିଲି, ଭଲ ହେବ ଆପଣଙ୍କ ପରି ଜଣେ ବିଦ୍ୱାନ୍ ବନ୍ଧୁଙ୍କ ସାଥିରେ ତିନି ଚାରିଘଣ୍ଟା ବସିଲେ । ଦେଶର ଅନେକ କଥା ଶୁଣିବା ସୁଯୋଗ ମିଳିବ । ମୁଁ ଗାଡ଼ି ନେଇ ତାଙ୍କ ଘରଠାକୁ ଯିବି, ଆଉ ସେ ସେଠୁ ଗାଡ଼ିରେ ବସିବା ସ୍ଥିର ହେଲା । ଦେଉଳସାହିର ଭିତରକୁ ତାଙ୍କ ଘର । ଅନେକ ସମୟ ଅପେକ୍ଷା କଲାପରେ ମହାପାତ୍ରେ ଘରୁ ବାହାରିଲେ । ତାପରେ ଗାଡ଼ି ଚାଲିଲା ।

ସେ ସମୟରେ କବି ବୈକୁଣ୍ଠନାଥ ପଟ୍ଟନାୟକ କଟକ ଗୁଡ଼ି ବାଲୁଗାଁରେ ତାଙ୍କ ପୁଅ ପାଖରେ ଥାଆନ୍ତି । ମହାପାତ୍ରେ ସେ କଥା ମୋଠୁ ଶୁଣି ବୈକୁଣ୍ଠବାବୁଙ୍କୁ ଦେଖିଯିବାକୁ ଇଚ୍ଛାକଲେ । କିନ୍ତୁ ତାଙ୍କର

ପୁଅଙ୍କ ଘର ଖୋଜିବା ଆଗରୁ ଶକୁନ୍ତଳା ପଣ୍ଡାଙ୍କ ଘରଠାକୁ ଭୟ ରାସ୍ତା ଦେଖାଇଦେଲ । ଶକୁନ୍ତଳା ପଣ୍ଡାଙ୍କୁ ଦେଖିଲି । ସେ ଜଣେ ସାହିତ୍ୟିକା, କିନ୍ତୁ ତାଙ୍କ ସ୍ୱାମୀଙ୍କ ନାମ ମୁଁ ଆଉ ସ୍ମରଣ ପାରୁନାହିଁ । ବୈକୁଣ୍ଠ ବାବୁ ସେଇଠାରେ ହିଁ ଥିଲେ । ଗୋଦାବରୀଶ ମହାପାତ୍ରେ କଥା ଆରମ୍ଭକଲେ । କଥା କହିବାରେ ବଡ଼ ବିଚକ୍ଷଣ ସେ । ବୈକୁଣ୍ଠବାବୁ ମୋର ଜଣେ ବନ୍ଧୁ । ତାହାଙ୍କ ସୁଖ ଦୁଃଖ କଥା ହେବାରେ ଏତେରେ ପ୍ରକାରେ ବାହାରେ ପ୍ରକାରେ କଣ କହିବାକୁ ପଡ଼ୁ ନ ଥିଲା; କିନ୍ତୁ ମହାପାତ୍ରେ କହିଲାବେଳେ ମୁଁ ମାରବରେ ବସିଥାଏ । ଶକୁନ୍ତଳା ପଣ୍ଡା ଚା' ଦେଲେ । ବ୍ରହ୍ମପୁରରୁ ଫେରିବା ସମୟରେ ଶକୁନ୍ତଳାଙ୍କ ଘରକୁ ଆସି ମାଛ ତରକାରି ଖାଇଯିବେ ବୋଲି ମହାପାତ୍ରେ କହିଥିଲେ ।

ମୁଁ ମନେ କରିଥିଲି ଯେ ମହାପାତ୍ର ମହାଶୟ ମତେ ସଭାସ୍ଥଳକୁ ନେଇଯିବେ । ବ୍ରହ୍ମପୁରରେ ପହଞ୍ଚିଲା-ବେଳକୁ ଆସନ୍ନ ସନ୍ଧ୍ୟା ହେଲା । ଘରେ, ଅଫିସ-ମାନଙ୍କରେ, ରାସ୍ତାରେ ଆଲୋକମାଳା ଜଳିଗଲାଣି । ଯେଉଁଠାରେ ସଭା ହେବ ସେଠାକୁ ଯିବାପରେ ମହାପାତ୍ରେ କହିଲେ, ଆପଣ କିଛି ସଭାର ବିଷୟ ଇତ୍ୟାଦି ବୁଝିଆସିବ । ପରେ ଆପଣ ଯିବେ । କିଛି ସମୟପରେ ସେ ଆସି ମତେ କହିଲେ, ସାହିତ୍ୟ କଥା ତ ଏଠି ହେବନାହିଁ । ଆପଣ ଆସନ୍ତୁ ଆଉ ଖାଇବା ଘରେ ଥାନ୍ତୁ । ସଭା ଶେଷହେବାବେଳକୁ ରାତି ହୋଇଯିବ । ଆପଣ ଡ୍ରାଇଭରକୁ କହିଲେ ଗାଡ଼ି ନେଇଆସିବ । ସେଇଆଡ଼ୁ ଆମେ କଟକ ଚାଲିଯିବା ।

ବାଲୁଗାଁରେ ଥରେ ଚା' ଖାଇଥିଲେ, ତାପରେ ରମ୍ଭା ଠାରେ ଦୋକାନରୁ ଚା' ଖାଇ ଆସି ମହାପାତ୍ରେ ବଡ଼ ଛଟପଟ ହେଲେ । ପେଟରେ କଅଣ ଗୋଟାଏ ପୀଡ଼ା ହେଲା । ମୁଁ ତ ଜାଣେନାହିଁ ତାଙ୍କୁ ସେ ସମୟକୁ କ୍ୟାନସର ରୋଗ ହେଲାଣି । ଆଜି ଆଉ ସେ ନାହାନ୍ତି । ମୁଁ ଏଠାକୁ ଫେରିଆସି ଶୁଣିଲି, ମହାପାତ୍ରେ କ୍ୟାନସର ରୋଗରେ ପୀଡ଼ିତ ଅଛନ୍ତି ।

ତାଙ୍କୁରେ ମନୁଷ୍ୟ ଶରୀର । କେତେକ ମାସ୍ତ୍ରା ଏକାନ୍ତରେ ବାନ୍ଧିରଖିଛୁ ଏ ଦେହଟା, ମନୁଷ୍ୟର ମନ ଆଉ ପ୍ରାଣକୁ । ଦେଖୁ ଦେଖୁ କେତେ ବନ୍ଧୁ ଚାଲିଗଲେଣି ।

ନାରାୟଣ ସାମଲଙ୍କ ସହିତ ଯେଉଁପରି ମନାନ୍ତର ମତାନ୍ତର ଘଟିଥିଲା, ଶେଷଥରର ସାକ୍ଷାତ୍‌ରେ ସେସବୁ କେଉଁଆଡ଼େ ଚାଲିଯାଇଥିଲା । ଆମେ ଦୁହେଁ ଅତି ସହଜ ବନ୍ଧୁତ୍ୱପୂର୍ଣ୍ଣଭାବରେ କଥାବାର୍ତ୍ତା କରି-ଥିଲୁ । ଆଉଥରେ ଏଇ ତିନିବର୍ଷ ପରେ ଯେତେବେଳେ ଆସିକା ଗଲି ସାମଲଙ୍କ ମୃତ୍ୟୁଦିବସଟି କେଉଁଦିନ କେଉଁ ତାରିଖରେ ପଡ଼ୁଛି ପଚାରିପାରିଲି ନାହିଁ । ତାଙ୍କ ଘରେ ତାଙ୍କର ସ୍ତ୍ରୀ, ପୁଅ ସମସ୍ତେ ଅଛନ୍ତି କିନ୍ତୁ ଏକଥା କେହି କହିପାରିଲେ ନାହିଁ । ସାମଲ ଏତେ ଶାନ୍ତ ଶିଷ୍ଟ ବ୍ୟକ୍ତିବୋଲି ମୁଁ ଆଗରୁ ଧାରଣା କରି ନ ଥିଲି । ଶେଷ ସାକ୍ଷାତ ଦିନ କି ସୁନ୍ଦର କଥା ସେ କହିଥିଲେ । ସେଦିନର କଥା ମନେପଡ଼ିଲେ ଭାବୁଛି ମନୁଷ୍ୟର କଥାଟି ହିଁ ଅତି ମୂଲ୍ୟବାନ । ସେଥିପାଇଁ ପ୍ରବଚନରେ ଅଛି, "ନ ଦେବୁ ଧନ, କହିବୁ ଦିବ୍ୟ ବଚନ ।" ଅନେକଙ୍କୁ ଆମେ ଦେଖିବାକୁ ଭାଇ କଥା କହି ମଧ୍ୟ ଆନନ୍ଦ ଦେବାକୁ ସେମାନେ କୁଣ୍ଠିତ ହୋଇ-ଥାନ୍ତି ।

ଏଥର ଆସିକା ଯାଇ ଯାହା ଦେଖିଲି, ଶୁଣିଲି ଏ ଆନନ୍ଦ ମୋ ହୃଦୟରେ ଚିରଦିନ ପାଇଁ ସଞ୍ଚିତ ହୋଇରହିବ ।

ଆକସ୍ମିକ ଭାବରେ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତିଙ୍କ କଥା ମନେ ପଡ଼ିଗଲା । ସେକଥା ଅନ୍ୟତ୍ର ଲେଖିଛି । ପୁଣି ଲେଖିଲେ, ପାଠକ ଅଧୀର ହେବେ । ବର୍ତ୍ତମାନ ମୁଁ ଲେଖୁଛି କବି କାଳନ୍ଦୀଚରଣ ପାଣିଗ୍ରାହୀଙ୍କ କଥା । ଗତ ମାସ ଆରମ୍ଭରେ ବ୍ରହ୍ମପୁର (ଗଞ୍ଜାମ) ମୋର ଜନ୍ମସ୍ଥାନର ଦୁଆରଖୋଲିଲେ କବି କାଳନ୍ଦୀଚରଣଙ୍କୁ ଭବ ସମ୍ବର୍ଦ୍ଧନା ମିଳିବା ଶୁଣି ମୁଁ ତାହାଙ୍କଠାକୁ ଚିଠି ଖଣ୍ଡିଏ ଲେଖିଥିଲି । ମୋ ଚିଠି ପଢ଼ି ଆନନ୍ଦ ଆବେଗରେ ତାଙ୍କ ଆଖିରୁ ଅଶ୍ରୁ ଝରିପଡ଼ିବା କଥା ନେଇ ମୋ

ତାଙ୍କୁ ଚିଠି ଲେଖିଛନ୍ତି । ଚିଠି ପଢ଼ି ମନରେ କେତେ ଯେ ଦୁଃଖ ବିଷାଦର ଅନୁଭୂତି ଜାଗିଉଠିଲା । ସେ ସମସ୍ତ ସ୍ମରଣକରି ରହି ରହି ମୋ ଆଖିରୁ ଅଶ୍ରୁ ଝରି ଝରି ପଡ଼ିଲା । ବାଲ୍ୟକାଳରେ ବିଦ୍ୟା ଅଧ୍ୟୟନ କରିବା ବାସନା ଆଖି ଆଗରେ ଜୀବନ୍ତହୋଇ ଫୁଟିଉଠିଲା ।

ପାଣିଗ୍ରାହୀ ମହାଶୟ ମନୁଷ୍ୟ ହୃଦୟର ଦୁଃଖ ସୁଖ ଅନୁଭବ କରନ୍ତି । ସମ୍ଭବତଃ ୧୯୬୪ରେ ମୁଁ ତାଙ୍କ ଘରକୁ ଯାଇଥିଲି । ସାହିତ୍ୟ ଏବଂ ସାହିତ୍ୟିକମାନଙ୍କ ସମ୍ବନ୍ଧରେ କଥା ହେଉ ହେଉ ଜଣେ ବ୍ୟକ୍ତିଙ୍କ ବିଷୟନେଇ ମୁଁ ଟିକିଏ ଦୋଷ ବାଛୁଦେଲି । କାଳନ୍ଦୀବାବୁ ମନ କ୍ଷୁଣ୍ଣକରି କହିଲେ, ଆପଣ ଏଠି ରହି ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିକଲେ ସିନା ଆମେମାନେ ଏ ସାହିତ୍ୟର କଥା କହନ୍ତୁ । ଆପଣ କିଛି ନ କରି ଏ କଥା କାହିଁକି କହିଲେ । ସେଦିନଠୁ ତାଙ୍କର କଥା କେତେପଦ ମୋର ହୃଦୟ ପଟରେ ଲେଖିହୋଇ ରହିଛି । ହଠାତ୍ କୌଣସି କାରଣରୁ ସେ କଥା ମନେପଡ଼ିଗଲେ ମୁଁ ମୋର ହୃଦୟ କବାଟ ଖୋଲି ସେ କଥା ପଢ଼ୁଛି । ସେଇତକ କଥା କାଳନ୍ଦୀ ବାବୁଙ୍କଠାରୁ ଯଦି ଶୁଣି ନ ଥାନ୍ତି, ମୋ ହୃଦୟ ଏତେଦୂର ନମ୍ର ହୋଇନଥାନ୍ତା ପରା ? କବି କାଳନ୍ଦୀ ଚରଣଙ୍କ ଅନେକ ଲେଖା ମୁଁ ପଢ଼ିଛି । ସେଥିରୁ ଅଧିକାଂଶ ମୋ ହୃଦୟକୁ ସ୍ପର୍ଶକରିଛି । ଅବଶେଷରେ ତାଙ୍କର ଜୀବନୀ କଥା 'ଯାହା ଅଙ୍ଗେ ନିଭାଇଛି' ପଢ଼ିଲି । ଏ ଗ୍ରନ୍ଥର ଆକାର ଶୀର୍ଣ୍ଣ ନୁହେଁ । ସେଇ ଅଳ୍ପଦିନ ପୂର୍ବରୁ ତିନିମାସର ଉତ୍ଥାନ ଶକ୍ତି ରହିତ ରୋଗଶଯ୍ୟାରୁ ଉଠିଥିଲି । ତାହାହେଲେ ମଧ୍ୟ କବି ମୋ ପ୍ରତି ଗଭୀର ଶ୍ରଦ୍ଧା ରଖି ପୁରସ୍କାର ସ୍ୱରୂପ ଗ୍ରନ୍ଥ ଖଣ୍ଡିକ ମୋ ପୁଅ ମଧୁ ହାତରେ ପଠାଇଛନ୍ତି । ବହି ଖଣ୍ଡିକ ହାତରେ ଧରି ଆଖିରୁ ଆନନ୍ଦର ଅଶ୍ରୁଧାରା ଝରିଗଲା । 'ଅଙ୍ଗେ ନିଭାଇବ' କଥା ସବୁ କଅଣ ଲେଖିହୋଇପାରୁଛି । ସେ କଥା ଖୋଲାଖୋଲି ଭାବରେ ଲେଖିଲେ ବାପ, ମାଆ, ଆତ୍ମୀୟ, ଅନାତ୍ମୀୟ ସବୁରି କଥା ଆସି ସେଥିରେ ମିଶିଯିବ । କବି କାଳନ୍ଦୀ ବାବୁଙ୍କ ବନ୍ଧୁ ସବୁଜଯୁଗର କବି ଅନ୍ନଦାଶଙ୍କର ରାୟ 'ସବୁଜ ଅକ୍ଷରରେ' ଲେଖିଛନ୍ତି । ଅନ୍ନଦାଙ୍କ ସେ କଥା ଲେଖି ନ ପାରିଲେ ମଧ୍ୟ ସେଥିର ଭାବଟି ମାତ୍ର କହୁଛି । "ନିଜ ଜୀବନ କଥା ଲେଖିବାକୁ ହେଲେ, ଅନ୍ୟ ଅନେକ ବ୍ୟକ୍ତି ଆସି ସେ ଭିତରେ ପ୍ରବେଶ କରିବେ । ମନୁଷ୍ୟ ଜୀବନ ତ ଏକାନ୍ତ ଏକାକୀର ନୁହେଁ । ସେ ଭିତରେ ବହୁ ନରନାରୀ ରହିଥାନ୍ତି । ଅଙ୍ଗେ ନିଭେଇବା କଥା ଭିତରେ ଅନେକ ବିଷୟ ରହିଛି । ଯେଉଁଥିରୁ ଜଣେ ମନଦେଇ ଗ୍ରହଣ କଲେ ବହୁ ବିଷୟ ଅବଗତ ହୋଇପାରିବ ।"

ଧନ ଦେବତାର ପୂଜା କରିକରି ଆମ ଅନ୍ତଃକରଣର ଆଧ୍ୟାତ୍ମିକ ଚିନ୍ତା କେଉଁଆଡ଼େ ଉଡ଼ି ଯାଉଛି । ଆମେ ସାହିତ୍ୟଦ୍ୱାରା ଜନସମାଜର ମନ ପରିବର୍ତ୍ତନ ହେଇଯିବ ବୋଲି କହୁଛେ; କିନ୍ତୁ ଆମ ମନରୁ ସଂଶୟ ଦୂର ହୋଇପାରୁନାହିଁ । ଜଣେ ସାହିତ୍ୟିକର ସାହିତ୍ୟ ଦେଖି ଅନ୍ୟ ଜଣେ ବଡ଼ ସାହିତ୍ୟିକ ନାକ ଟେକି ଇମିତି ଆଲୋଚନା କରୁଛନ୍ତି ଯେ ସେ ଆଉ ଲେଖନୀ ଧରିପାରୁନାହିଁ । ଅବଶ୍ୟ ଗୋଟିଏ ବିଷୟ ପାଞ୍ଚଜଣ ହୋଇ ସାଧନା କଲେ ପରସ୍ପର ପ୍ରତି ଯେ ସ୍ନେହ ସହାନୁଭୂତି ରହିବ, ସେ କଥା ଭାବି ହେଉନାହିଁ । ଉପରେ ଥିବା ବ୍ୟକ୍ତି ତଳର ବ୍ୟକ୍ତିଙ୍କୁ ଉଠେଇ ଆଣିବାକୁ ଯେ ପ୍ରୟାସ କରିବେ, ଏ କଥା ସ୍ୱାଭାବିକ ନୁହେଁ । ସାଧାରଣ ମନୁଷ୍ୟ ମନରେ ଈର୍ଷା, ଦ୍ୱେଷ ଅନବରତ କାର୍ଯ୍ୟକରୁଛି । ଏ ସମସ୍ତ ଦୁଃଖଦାୟକ କଥା ସମ୍ପୂର୍ଣ୍ଣରୂପେ ମନ ଭିତରୁ ପୋଛି ପାଛି ଦେଇ ଶୁଦ୍ଧପୂତ କରି ରଖିବା ନିମନ୍ତେ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ କେତେ ମହାମାନବ କେତେ ପ୍ରକାର କରି କହିଛନ୍ତି, କହୁଛନ୍ତି । ତଥାପି ଆମେ ମନ୍ଦ ଚିନ୍ତାର ଦୂରରେ ରହିପାରୁ ନ ଥାଏ ।

କାଳନ୍ଦୀବାବୁ କଟକରେ ଅଛନ୍ତି । ମୋର ମନେହେଉଛି, ସେ ଏ ଘରର ଗୋଟିଏ ଘରେ ବସି କଅଣ ଲେଖୁଛନ୍ତି । ମୁଁ ଏ ଘରେ ବସି ତାଙ୍କୁ କହୁଛି 'ନ ଦେବୁ ଧନ, କହିବୁ ଦିବ୍ୟ ବଚନ' । ଦିବ୍ୟ ବଚନ

ଖୋଜ ଖୋଜ ଦିନ ଗଲା, ରାତି ଗଲା । ଆଖି ପତା ମୁଦିହେଲାନାହିଁ । ସ୍ୱପ୍ନାବସ୍ଥାହୋଇ କେବଳ କବିଙ୍କୁ ପୂଜା କରୁଛି । ମୋର ଏମନ୍ତ ପତା ମୋର ଏ ପୂଜା କେବେ ଶେଷ ହେବନାହିଁ । ପ୍ରତିଦିନ କେତେ ନବୀନ ସ୍ୱୀତରେ ନବ ନବ ଗୀତି, କଥା କବି କଣ୍ଠରୁ ଉଠୁଛି । ଏପରି ବ୍ୟକ୍ତି ଅଛନ୍ତି, କିଏ କମିତି କହୁଛି ଟିକିଏ ଶୁଣନ୍ତେ, କି କାଗଜଟାକୁ ଟିକିଏ ଓଲଟାଇ ଦିଅନ୍ତେ । ପରମ ପିତା ପରମେଶ୍ୱର ଜାହାକୁ କେଉଁ ଶକ୍ତି ଦେଇଛନ୍ତି ।

ଚତୁର୍ଥ ବର୍ଷ ଷଷ୍ଠ ସଂଖ୍ୟା ଅପ୍ରେଲ ୧୯୭୬ ର 'ମାନସ'ରେ ଶ୍ରୀ ଜ୍ଞାନାନ୍ଦ ପ୍ରଧାନ 'ଗଞ୍ଜାମ ଡାଏରୀ' ଲେଖିଛନ୍ତି । ପ୍ରବନ୍ଧ ସମ୍ବନ୍ଧରେ ଆଲୋଚନା କରିବା ମୋର ଉଦ୍ଦେଶ୍ୟ ନାହିଁ । ପାରଳାଖେମୁଣ୍ଡିରେ ପଦ୍ମନାଭ ରଙ୍ଗାଳୟ ବିଷୟଟି ପଢ଼ି ମୋ ଆଖି ଅଶ୍ରୁସିକ୍ତ ହୋଇଗଲା ।

ସ୍ୱର୍ଗତ ଗଜପତି ପଦ୍ମନାଭ ନାରାୟଣ ଦେବଙ୍କ କେତେଖଣ୍ଡ ନାଟକ ବାଲ୍ୟକାଳରେ ପଢ଼ିଥିଲି । 'ଅହଲ୍ୟା ଶାପମୋଚନ' ନାଟକର କେତୋଟି ଗୀତ ଏବଂ କେତେକ ସଂଳାପ ଏବେ ମଧ୍ୟ ମୋର ସ୍ମରଣରେ ରହିଛି । ୧୮୯୭ ର ଗଜପତି ମହାରାଜାଙ୍କ ରଙ୍ଗମଞ୍ଚ କଥା ପଢ଼ି ସେ ଅନୁଷ୍ଠାନ ମାଟିରେ ମିଶିଯିବା କଥା ଭାବି ଭାବି ଶାନ୍ତ ବିଷାଦରେ ମୋ ଅନ୍ତରରୁ ଗୋଟାଏ କୋହ ଉଠୁଛି । ମୋର ମଧ୍ୟ ଇଚ୍ଛାହୋଇଥିଲା ଏକ ସମୟରେ ଇମିତି ସାହସ ସଞ୍ଚୟକରି ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ତିଆରି କରାଇଥିଲି । କେତେଜଣ ଅଭିନେତା ଖୋଜିଆଣି ନାଟକ ଅଭିନୀତ କରିବା ପ୍ରୟାସ କରିଥିଲି । ଆସିକା ନିକଟ ସରାଳ ଗ୍ରାମରେ ବାସ କରୁଥିବା ଜଣେ ସ୍କୁଲ ଇନସ୍‌ପେକ୍ଟର ଏ ବିଷୟରେ ଅନେକ ଦିଗରୁ ମୋତେ ସାହାଯ୍ୟ କରି-ଥିଲେ । ନାମ ତାଙ୍କର ବାସୁଦେବ ମହାପାତ୍ର । ସଜ୍ଜନ, ଅଧ୍ୟୟନ ପ୍ରିୟ, ପର ଉପକାରୀ ଲୋକ ସେ । ସେ ସମୟଠାରୁ ମଝିରେ ଥରେ ମାତ୍ର ବ୍ରହ୍ମପୁର-ଠାରେ ସେ ମହାଶୟଙ୍କ ସହିତ ସାକ୍ଷାତ ହୋଇଥିଲା । ଅବସର ଗ୍ରହଣକଲାପରେ ପାଠ୍ୟ ପୁସ୍ତକ ଲେଖି-ବାରେ ସେ ତାଙ୍କର ସମୟ ବ୍ୟୟକରୁଥିଲେ । ବ୍ରହ୍ମପୁରରେ ଦେଖାହେବା ସମୟରେ କବି ରବୀନ୍ଦ୍ରଙ୍କ 'କାଗଜ ବୋଟ' କବିତା ବିଷୟରେ କଥା ଆରମ୍ଭ ହେଲା । ମୋର ଧାରଣା ଥିଲା ଯେ ବିଶ୍ୱକବିଙ୍କର ସବୁ କବିତା ମୁଁ ପଢ଼ି ଦେଇଛି; କିନ୍ତୁ 'କାଗଜ ଡଙ୍ଗା' କଥା ଶୁଣି ମୁଁ ବିସ୍ମୟ-ବିହ୍ୱଳହୋଇ ତାଙ୍କ ଆଡ଼କୁ ଅନେଇ ରହିଲି । କବି ପ୍ରତିଦିନ ଗୋଟିଏ ଗୋଟିଏ କାଗଜ ନୌକା ତିଆରିକରି ଜଳସ୍ରୋତ ଭିତରେ ଭସେଇ ଦେଉଥିଲେ । ଯାହାର ଇଚ୍ଛା ହେଉଥିଲା, ସେ ସେ ନୌକାରେ ବସି ଭବସାଗର ପାରହେବାକୁ ଚିନ୍ତା କରିପାରୁଥିଲା ।

ଅର୍ଥ ଅନଟଣରୁ ନାଟକ ଆଳୟ ଭାଙ୍ଗି ଜଣାଇ ପଡ଼ ସବୁ ବନ୍ଦ କରିଦେବାକୁ ହେଲା । ଅଭିନେତା ମାନେ ବିଦାୟ ନେଇ ଚାଲିଗଲେ । ସେ ଦୁଃଖର ଦିନ ଏବେ ସୁଦ୍ଧା ମୋ ଆଖି ଆଗରେ ଦିଶିଯାଉଛି । ଗଜପତି ପଦ୍ମନାଭ ନାରାୟଣ ଦେବ ମହାରାଜାଙ୍କ ନାଟକ ମଞ୍ଚ ମାଟିରେ ମିଶିଗଲାଣି । ସମସ୍ତେ ଦେଖୁ ଦେଖୁ ଘରଟା କେଉଁ ମୁହୂର୍ତ୍ତରେ ମାଟିରେ ମିଶିଗଲା । ଆସିକାରେ କୃଷ୍ଣସିଂହ ସାହିତ୍ୟ ପରିଷଦର ଗୃହ ଧରାକୋଟ ରାଜା ସ୍ୱର୍ଗତ ପଦ୍ମନାଭ ସିଂହଦେବଙ୍କ ( ପୃଷ୍ଠପୋଷକତାରେ ) ଦାନରେ ନିର୍ମିତ ହୋଇଛି । ମୁଁ ଶ୍ରୀ ପଦ୍ମନାଭ ସିଂହଦେବଙ୍କଠାରୁ ଟଙ୍କା ଆଣିଥିଲି । ମୋ ସ୍ୱାମୀଙ୍କ ଶାରୀରିକ ଏବଂ ମାନସିକ ପରିଶ୍ରମରେ ଶ୍ରୀ କୃଷ୍ଣ ସିଂହ ସାହିତ୍ୟ-ସଦନ ଏବେ ଅଠାଇଶ ବର୍ଷପରେ ମଧ୍ୟ ଭଲ ଅଛି । ସେ ଘରେ ଗୋଟିଏ ନାଟକ ଅଭିନୀତ ହେବା ସମୟରେ ମୁଁ ଦେଖିବାକୁ ଯାଇଥିଲି, ଭଲ ଅଭିନୟ କରିଥିବା ଦୁଇଜଣ ଅଭିନେତାଙ୍କୁ ସ୍ୱର୍ଣ୍ଣପଦକ ଦେଇଥିଲି । ସେ ଦୁହେଁ ହେଉଛନ୍ତି, ଜଣେ ଆସିକା ନିବାସୀ ଶ୍ରୀ ବୃନ୍ଦାବନ ପାତ୍ରୀ, ଅନ୍ୟ ଜଣକ ସେ ସମୟର ଜଣେ ଡାକ୍ତର, ସରକାରୀ-ପଶୁ-ଚିକିତ୍ସକ କରୁ କରୁ ଅଭିନୟ କରିବା କମିତି ଶିଖିଲେ ! ବୃନ୍ଦାବନ ପାତ୍ରୀ କେଉଁ

କାର୍ଯ୍ୟରେ ନିଯୁକ୍ତ ଥିଲେ ମୁଁ ଜାଣିନଥିଲି । ଅନନ୍ତ ମିଶ୍ର ଏବଂ ବୃନ୍ଦାବନ ପାଢ଼ୀଙ୍କ ଅଭିନୟ ଦେଖି ଅତ୍ୟନ୍ତ ଆନନ୍ଦିତହୋଇ ଦୁହିଁଙ୍କୁ ଦୁଇଟି ସ୍ୱର୍ଣ୍ଣପଦକ ଦେଇଥିଲି । ବର୍ତ୍ତମାନର ସୁନା ମୂଲ୍ୟ, ସେଦିନ ଯଦି ଥାଆନ୍ତା ଦେଇପାରି ନ ଥାନ୍ତି । ନାଟକ ପ୍ରତି ମୋର ଏତେ ଦୂର ଅନୁରକ୍ତି ଯେ, ନାଟକ ଦେଖିଲେ ନାଟକ କେବେ ଦେଖିଥିବା କଥା ଭାବିଲେ ମୁଁ ସବୁ ଦୁଃଖ ଭୁଲିଯାଏ ।

ଏଠାରେ ମୁଁ ମୋ ସ୍ୱାମୀଙ୍କ ପରିଚୟ ଦେଇ ଆଉ ଦୁଇ ଚାରି ପଦ ଲେଖିବି । ଲେଖୁ ଲେଖୁ ମୋର ମନେପଡ଼ିଲା, କେହି କେହି କହୁଛନ୍ତି ଆପଣାର ପରିଚୟ ଯେତେ ସଂକ୍ଷିପ୍ତକରି ଲେଖିବ ସେତେ ଭଲ; କିନ୍ତୁ ଲେଖିବା ବ୍ୟକ୍ତିର ଆପଣା ଅଭିରୁଚି ବୋଲି ଗୋଟାଏ କଥା ଅଛି । ଶାସ୍ତ୍ରବାକ୍ୟ ଅଛି 'ସତ୍ୟଂ ଜ୍ଞାନଂ ଅନନ୍ତମ୍' ମୁଁ ଅଛି, ମୁଁ ଲେଖୁଛି, ଏ କଥାତ ସତ୍ୟ । ସମୟେ ସମୟେ ନିଜ ଉପରେ ସନ୍ଦେହ ହୁଏ; ଲେଖନୀ ଚାଳନା ନିମନ୍ତେ ଯେଉଁ ଗଭୀର ଜ୍ଞାନ ଆବଶ୍ୟକ, ତାହା ମୁଁ ଖୋଜୁଛି କି ପାଇ ପାରୁଛି । ଯିଏ ମୂକକୁ ବାଚାଳ କରୁଛି, ପଙ୍ଗୁଦ୍ୱାରା ଗିରି ଲଙ୍ଘନକରାଉଛି, ସେଇ ପରମାନନ୍ଦ ମାଧବ ହିଁ ଏକଥା ଜାଣନ୍ତି । କେତେ ବଡ଼ ବଡ଼ କାବ୍ୟ, ନାଟକ ଲେଖି ଦିଅନ୍ତି ବୋଲି ଇଚ୍ଛାହେଉଛି, ଇଚ୍ଛା କରୁଛି । ପ୍ରଥମ ପ୍ରଥମ ଲେଖିବା ସମୟରେ କେତେ ଗଦା ଗଦା ନାଟକ ଲେଖିଦେଉଥିଲି । ଉତ୍ସାହର ଅମୃତଧାରା ହୃଦୟ ଭିତରୁ ଝରି ପଡୁଥିଲା । ଏବେ ଲେଖିବସିଲେ ମନରେ ଭୟହେଉଛି । ଦେଶରେ ସାହିତ୍ୟିକ ସଂଖ୍ୟା ପ୍ରବଳ ବେଗରେ ବଢ଼ି ଚାଲିଛନ୍ତି । କେତେବେଳେ କେଉଁ ଲେଖକ କେଉଁ ମନୋଭାବରେ ଥିବେ; କେମିତି ତାଙ୍କୁ ମୋ ରଚନା ପ୍ରଣାଳୀ ଭଲ ଲାଗିବନାହିଁ, କାରଣ ଅକାରଣ ଉଭୟରୁ ଅନାଦର ପୂର୍ଣ୍ଣ ଆଲୋଚନା କରି ଦେବେ । ମୋର ପ୍ରଥମ ନାଟକ 'ଜନ୍ମତିଥି' ପ୍ରକାଶ କରିବା ନିମନ୍ତେ ୧୯୭୨ରେ ପ୍ରସ୍ତାବକରି ସେ ରଚନାଟିକୁ ପ୍ରକାଶକ 'ଦାସ ବ୍ରଦର୍ସ' ପୂର୍ଣ୍ଣଦାସଙ୍କୁ ଦେଲି । ପୂର୍ଣ୍ଣଦାସ ବର୍ତ୍ତମାନ ସ୍ୱର୍ଗପ୍ରାପ୍ତ ହେଲେଣି । ତାହାଙ୍କର କଟକର ପରିଚାଳକ ବାବୁ କେତେ ମାସ ପରେ ମୁଁ କଟକ ଯାଇଥିବା ସମୟରେ ମୋ ପାଖକୁ ଆସି କହିଲେ, "ଆମେ ବର୍ତ୍ତମାନ ବହୁ ଅସୁବିଧାରେ ଅଛୁ । ଟଙ୍କା ନାହିଁ । କାଗଜର ଅଭାବ । କହିବା ଏକ୍ଷଣି ପ୍ରକାଶ କରିପାରିବୁନାହିଁ । ସେକ୍ଷଣି ମୁଁ ଏକଥା ମୋ ପୁଅକୁ କହିଲି । ମୋର ଦୁଃଖ ଦେଖି ମୋ ପୁଅ ସ୍ନେହାବେଗରେ ସେକ୍ଷଣି ପାଞ୍ଚ ଶହ ଟଙ୍କା ଦେଇଦେଲା । ପରିଚାଳକ ମୋର ବସିବା ଘରେ ବସିଥିଲେ । ମୋ ପୁଅ ଆସି କଥାହେଲା । ତ ଠାରୁ ଟଙ୍କାନେଇ ସେ ମୋ ପୁଅ ମଧୁ ପାଖରୁ ପାଞ୍ଚଶହ ଟଙ୍କା ନେବାର ଚିଠି ଖଣ୍ଡିଏ ଲେଖିଦେଲେ । ସେ କାଗଜ ଖଣ୍ଡିକ ମୋ ପାଖରେ ଏ ପର୍ଯ୍ୟନ୍ତ ଥିଲା । ସମ୍ଭବତଃ ଖୋଜିଲେ ମିଳିଯିବ । ମୁଁ ସୁଯୋଗ ପାଇଲେ ପୂର୍ଣ୍ଣଦାସଙ୍କ ଦୋକାନକୁ ଯାଏ । ବହିପତ୍ର କିଛି କିଛି ଆଣେ, କେତେ ଟଙ୍କାର ବହି ଆଣିଥିଲି, ମୁଁ ସେଥିରେ ହିସାବ ରଖି ନ ଥିଲି । 'ଜନ୍ମତିଥି' ନାଟକର ମୂଲ୍ୟ ରଖିଥିଲେ ଟ୨.୭୫ ପଇସା । କେବଳ ୧୭୨ ପୃଷ୍ଠାର ବହି । ସେ ବହି ନିମନ୍ତେ ପୂର୍ଣ୍ଣ ଦାସ ମହାଶୟ ପରେ ତାଙ୍କର ଦୋକାନରେ ମୋତେ ଏଗାର ଟଙ୍କା ଚାରିଅଣା ରୟାଲଟି ଦେଇଥିଲେ ।

ସେ ବହି ପରେ 'ଅତନୁ' ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ମୂଳ ରଚନା ଶ୍ରୀ ପୂର୍ଣ୍ଣଦାସଙ୍କ ଆନୁକୂଲ୍ୟରେ ପ୍ରକାଶ ପାଇଲା । ଇମିତି କରି ଗୋଟିକ ପରେ ଆଉ ଗୋଟିଏ ହୋଇ ମୋ ଜୀବନରେ ବହି ଲେଖି ପ୍ରକାଶ କରାଇ ଦେବି ବୋଲି ମୋ ସ୍ୱାମୀ ଭାବୁଥିଲେ । କଟକ ଯିବି ବୋଲି କହିଲା ମାତ୍ରେ ସେ ମୋର ଯିବା ବ୍ୟବସ୍ଥା କରିଦିଅନ୍ତି । ଯତ୍ନୀ କବି ହେବ ବୋଲି ମୋ ସ୍ୱାମୀ ଯେଉଁ ଆନ୍ତରିକ ପ୍ରୟାସ କରିଆସୁଛନ୍ତି, ସେ କଥା ଲେଖିଲେ ପାଞ୍ଚଶହ ପୃଷ୍ଠାର ଗ୍ରନ୍ଥ ଗୋଟିଏ ହେବ । ସେ ନିଜେ ଜଣେ କୃଷି ପ୍ରିୟବ୍ୟକ୍ତି । ସାହିତ୍ୟ ସେ ସୃଷ୍ଟି କରିପାରନ୍ତିନାହିଁ ; କିନ୍ତୁ ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରତି ସେ ବଡ଼ ଶ୍ରଦ୍ଧା ରଖିଥାଆନ୍ତି । ସହଜ ସରଳ ଗଳ୍ପ, ପ୍ରବନ୍ଧ ପଢ଼ିବାକୁ ଇଚ୍ଛାକରନ୍ତି ; କିନ୍ତୁ ପ୍ରାଚୀନ ସାହିତ୍ୟ, ଗୀତା, ଉପନିଷଦ ଇତ୍ୟାଦି

ଏବଂ ଜୀବନର ଦର୍ଶନ ସମ୍ବନ୍ଧୀୟ ବିଷୟ ସେ କେବେ ଅନୁଧ୍ୟାନ କରନ୍ତିନାହିଁ । ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ସେ କିପରି ଭାବନ୍ତି, ମୁଁ ଅଦ୍ୟାବଧି ଅବଗତ ହୋଇ ପାରିନାହିଁ; କିନ୍ତୁ ତାଙ୍କ ପିତା, ମାତାଙ୍କ ଶ୍ରାଦ୍ଧ ଦିନଟି ସ୍ମରଣରଖି ଆସିଛନ୍ତି । କାଳେ ସେ ତିଥିଟି ଭୁଲିଯିବେ ବୋଲି ଗୋଟାଏ ସପ୍ତାହ ଆଗରୁ କେଉଁ ବାର ଆଉ ତାରିଖରେ ସେ ତିଥିଟି ପଡ଼ିବ, ମୋତେ ପଚାରନ୍ତି । ଅଳ୍ପ ବୟସରେ ମଧ୍ୟ ସେ ତାଙ୍କର ପିତା, ମାତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଭକ୍ତି ରଖିଥିଲେ । ପ୍ରଥମେ ସୋରଡ଼ା ଛାଡ଼ି ଆସିବାରେ ଯେଉଁ ସମୟରେ ଆମେ ସ୍ୱତନ୍ତ୍ର ଭାବରେ ରହିଲୁ, ଗୃହସ୍ଥାଶ୍ରମ ପରିଚାଳନାରେ ବହୁ ବାଧା ଅର୍ଥାତ୍ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଅସୁବିଧା ସହ୍ୟ କରିବାକୁ ହେଉଥାଏ । ତାହାହେଲେ ମଧ୍ୟ ସେ ତାଙ୍କର ମାଆ ବାପାଙ୍କ ନିମନ୍ତେ ନିୟମିତ ଅଫିମ କିଣିଆଣି ପଠାଇଦେଉଥାନ୍ତି । ପିତାମାତାଙ୍କ ପ୍ରତି ମୋ ସ୍ୱାମୀଙ୍କର ଯିମିତି ଭକ୍ତିଥିଲା, ତାଙ୍କର ଆପଣା ଭାଇ ଭଉଣୀମାନଙ୍କ ପ୍ରତି ସେଇପରି ସ୍ନେହ ସହାନୁଭୂତି ରହିଥିଲା । ଏବେ ମଧ୍ୟ ତାଙ୍କ ଭାଇଙ୍କ ପୁଅ ପୁତୁରାମାନଙ୍କ ପ୍ରତି ସେଇପରି ଭାବ ରହିଛି ।

କଟକ ଭିକ୍ଟୋରିଆ ହାଇସ୍କୁଲରେ ମୋ ସ୍ୱାମୀ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପାସକଲେ । ତାପରେ ରେଭେନ୍ସା କଲେଜରେ ଆଇ. ଏସସି., ବି. ଏସସି. ପଢ଼ିଲେ । ସେ ସମୟରେ ଶ୍ରୀ ହରେକୃଷ୍ଣ ମହତାବ, ଶ୍ରୀ ନିତ୍ୟାନନ୍ଦ କାନନଗୋଙ୍କ ସହିତ ପରିଚୟ ଥିଲା । ପୁରୀ, କଟକ, ସତ୍ୟବାଦୀ ଅଞ୍ଚଳର ଅନେକ ଲୋକଙ୍କ ସହିତ ସ୍ୱାମୀଙ୍କ ବନ୍ଧୁତା ଥିଲା । ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ା ହୋଇଥିଲା, ସେଥିର ପ୍ରଧାନ ମନ୍ତ୍ରୀ ଥିଲେ ଶ୍ରୀ ବିଶ୍ୱନାଥ ଦାସ । ଗଞ୍ଜାମ ଗୌରବ ବିଶ୍ୱନାଥ ବାବୁଙ୍କ ମନ୍ତ୍ରୀମଣ୍ଡଳରେ ଆଇନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ । ଏହି ସମୟରେ ନିତ୍ୟାନନ୍ଦବାବୁଙ୍କ ସହିତ ଆମମାନଙ୍କର ବିଶେଷ ଅନ୍ତରଙ୍ଗତା ହୋଇଥିଲା ।

ମହତାବ ମନ୍ତ୍ରୀମଣ୍ଡଳ ସମୟରେ କଟକ ରେଡ଼ିଓ ଅନୁଷ୍ଠାନର ଗୋଟିଏ ଏଡ଼ଭାଇଜରି କମିଟି ଗଢ଼ା ହୋଇଥିଲା । ମୁଁ ସେ କମିଟିରେ ଜଣେ ସଦସ୍ୟା ମନୋନୀତ ହୋଇଥିଲି । କମିଟିରେ ଯୋଗଦେବାକୁ ଆସି ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କ ଘରେ ରହିଥିଲି । ତା ପୂର୍ବରୁ କାନୁନଗୋ ଦମ୍ପତିଙ୍କ ସହିତ ମୋର ସାକ୍ଷାତ ଘଟିଥିବା ସ୍ମରଣ ହେଉଛି ; କିନ୍ତୁ କେଉଁଠି କିମିତି ପ୍ରଥମ ସାକ୍ଷାତ ଘଟିଥିଲା ସ୍ମରଣ ହେଉନାହିଁ । ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସହିତ ଆମମାନଙ୍କର ଆନ୍ତରିକ ସ୍ନେହ ସମ୍ବନ୍ଧ ରହିଯାଇଛି ଆଜି ପର୍ଯ୍ୟନ୍ତ । ସେ କଟକରେ ଥିବା ସମୟରେ ମୁଁ କଟକ ଯାଇଥିଲି । ମୁଁ ତାଙ୍କ ନିକଟକୁ ଯାଇ ମୋର ଅନେକ ଦିନର ମନର ବାସନା କଥା କହିଲି । ସେ ସମୟକୁ ରବୀନ୍ଦ୍ରଙ୍କ 'ଘରେ ବାଇରେ' ଅନୁବାଦ କରି ସାରିଥାଏ ; କିନ୍ତୁ ବିଶ୍ୱଭାରତୀ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ପାଇଲେ ସେ ଗ୍ରନ୍ଥ ପ୍ରକାଶ କରିହେବନାହିଁ । ଏଣେ ମନରେ ଗୋଟାଏ ଆଶାଥିଲା, କେବେ ହେଲେ ଶାନ୍ତି ନିକେତନ ଯିବି । ଯେଉଁ ମାଟିରେ କବିଗୁରୁ ପାଦ ପକାଇ ଚାଲିଥିଲେ, ସେ ମାଟିରୁ ବିନ୍ଦୁଟିଏ ଉଠାଇ ଆଣି ମଥାରେ ଲଗାଇ ଜନ୍ମ ଜୀବନ ଧନ୍ୟ କରିଦେବି । ନିତ୍ୟାନନ୍ଦ ବାବୁଙ୍କଠାରୁ ପଦ୍ମଜାନାଇଡୁଙ୍କଠାରୁ ଚିଠି ଖଣ୍ଡିଏ ଲେଖାଇ ନେଲି । ପଦ୍ମଜାନାଇଡୁ ସେ ସମୟରେ ପଶ୍ଚିମ ବଙ୍ଗର ଗଭର୍ଣ୍ଣର ଥିଲେ । ତାଙ୍କ-ଠାକୁ ସେ ପତ୍ର ପଠାଇଲି । ଉତ୍ତର ନ ଆସିବାରୁ ମୁଁ ଆଉ ଥରେ ନିତ୍ୟାନନ୍ଦ ବାବୁଙ୍କଠାକୁ ଚିଠି ଲେଖିଲି । ସେ ଆଉ ଥରେ ସ୍ୱୟଂ ଲେଖିଲେ । ଆଉ ମଧ୍ୟ ଶାନ୍ତି ନିକେତନର ଜଣେ କର୍ମକର୍ତ୍ତା ନନ୍ଦଲାଲ ବସୁଙ୍କଠାରୁ ପତ୍ର ଲେଖାଇଆଣି ମୋତେ ତାହାର ନକଲ ପଠାଇଦେଇଥିଲେ । ମୁଁ ନିଜେ ମଧ୍ୟ ପଦ୍ମଜା ନାଇଡୁଙ୍କୁ ସ୍ତବ ସ୍ତୁତିକରି ଲେଖିଥିଲି । କାନୁନଗୋଙ୍କ ପତ୍ର ଯାଇଥିଲା । କବିକନ୍ୟା ପଦ୍ମଜା ନାଇଡୁ ମୋତେ ଦର୍ଶନଦେବାକୁ ଇଚ୍ଛା କଲେନାହିଁ । ପଦ୍ମଜା ନାଇଡୁଙ୍କ ସେକ୍ରେଟାରୀ ଦୟା କରି ମୁଁ ଶାନ୍ତି ନିକେତନ ଯିବାର ବ୍ୟବସ୍ଥା କରି ମୋତେ ପତ୍ର ଲେଖିଥିଲେ । ବିଶ୍ୱଭାରତୀ କର୍ମକର୍ତ୍ତାଙ୍କ-ଠାକୁ ଟେଲିଗ୍ରାମ ଗୋଟିଏ ସେ ପଠାଇଥିଲେ ।

ଆବେଗର ଆତିଶଯ୍ୟବଶତଃ ବୋଧହୁଏ ତାରିଖ ପଢ଼ିବାରେ ଭୁଲ କରିଥିଲି । ମୁଁ ଦିନେ ଆଗରୁ ଶାନ୍ତି ନିକେତନରେ ପହଞ୍ଚିଥିଲି । ବିଶ୍ୱଭାରତୀ ଶିକ୍ଷା ବିଭାଗ ରେଜିଷ୍ଟ୍ରାରଙ୍କ ସହିତ କଥାବାର୍ତ୍ତା କରି ନିର୍ଦ୍ଦିଷ୍ଟ ବାସଗୃହକୁ ଯାଇ ବିଶ୍ରାମ କଲି । ରେଜିଷ୍ଟ୍ରାର ମହାଶୟ ମତେ ନିର୍ଦ୍ଦିଷ୍ଟ ଦିନର ଦିନକ ପୂର୍ବରୁ ଆସିବା ବିଷୟରେ ଗଭର୍ଣ୍ଣରଙ୍କ ସେକ୍ରେଟାରୀଙ୍କଦ୍ୱାରା ପଠାଯାଇ ଥିବା ଟେଲିଗ୍ରାମଟି ଦେଖାଇଲେ । ଏଥି ନିମନ୍ତେ ମୁଁ ମନ କ୍ଷୁଣ୍ଣ କରି ଭୁଲ ସ୍ୱୀକାର କରିଥିଲି । ସେ କହିଲେ ଯେ ନିର୍ଦ୍ଦିଷ୍ଟ ସମୟରେ ଆସିଥିଲେ, ଷ୍ଟେସନକୁ ଆମେମାନେ ଗାଡ଼ି ପଠାଇଥାନ୍ତୁ । ସେ ଯାହାହେଉ ମୁଁ ଭୁଲ ସ୍ୱୀକାର କରିଥିଲି । ତାଙ୍କୁ ନମସ୍କାର ସହିତ ଶତ ଧନ୍ୟବାଦ ଅର୍ପଣ କରି ବସାକୁ ଆସିଲି ।

ସେ ସମୟରେ ବିଶ୍ୱଭାରତୀ ଓଡ଼ିଆ-ବିଭାଗରେ ଥିଲେ ଅଧ୍ୟାପକ ଡ: ଶ୍ରୀ ନିବାସ ମିଶ୍ର, ଡ: ଖଗେଶ୍ୱର ମହାପାତ୍ର, ଡ: ଶ୍ରୀ କରେନ୍ଦ୍ର ମିଶ୍ରଙ୍କ ସହିତ ସାକ୍ଷାତ କରି ଆସିଥିଲି । ସେ ତିନିହେଁ ଶ୍ରଦ୍ଧାର ସହିତ ମତେ ସ୍ୱାଗତ କରିଥିଲେ । ସେମାନେ ଭାଷା ଏବଂ ସାହିତ୍ୟ ବିଷୟନେଇ ଗବେଷଣା କରୁଥିଲେ । ବର୍ତ୍ତମାନ ସେମାନେ କିଏ କେଉଁଠାରେ ଅଛନ୍ତି ଜାଣେନାହିଁ । ଫେରିବାର କେତେକ ଦିନପରେ ସେମାନଙ୍କଠାକୁ ଲେଖିଥିଲି । ୨୧ ମାର୍ଚ୍ଚଠାରୁ ୨୪ ମାର୍ଚ୍ଚ ୧୯୭୪ ପର୍ଯ୍ୟନ୍ତ ମୁଁ ଶାନ୍ତି ନିକେତନର ରତନ କୁଟୀରରେ ରହିଥିଲି । ଖାଇବା ରହିବା ବ୍ୟବସ୍ଥା ଏତେ ଭଲ ଯେ ଅନେକ ସମୟରେ ସେ କଥା ମୋର ମନେ ପଡ଼ୁଛି ।

ସେଇ ତିନୋଟି ଦିନ ଗୋଟିଏ ମୁହୂର୍ତ୍ତର ସୁମଧୁର ସ୍ୱପ୍ନ ପରି ଅଜ୍ଞାତରେ ମିଶିଗଲା ମୋର ସ୍ମୃତି ପଟରେ ଦାଗ ରଖିଦେଇ । ମୁଁ ମୋର କଳ୍ପନାର ସ୍ୱର୍ଗ ଛାଡ଼ି ଆଉ ଥରେ ବାସ୍ତବ ଜଗତ ଭିତରକୁ ଫେରିଆସିଲି । ସେଇ ତିନୋଟି ଦିନର କଥା କବି ଗୁରୁଙ୍କ ପଦଧୂଳି ଉପରେ ପାଦ ପକାଇ ଚାଲିବାରେ ସର୍ବାଙ୍ଗରେ ଯେଉଁ ପୁଲକର ସଞ୍ଚାର ହୋଇଥିଲା, ସେ ଅନୁଭୂତି ହୃଦୟ ଭିତରେ ଜୀବନ୍ତହୋଇରହିଛି । ଆଉ ସେ ଅନୁଭୂତି ଭିତରେ ରହିଛନ୍ତି ମାନନୀୟ ଶ୍ରୀ ନିତ୍ୟାନନ୍ଦ କାନୁନଗୋ । ସେ ମହାଶୟ ବିହାରରେ ଗଭର୍ଣ୍ଣର ହୋଇ ରହିବା ସମୟରେ ଶ୍ରୀମତୀ କାନୁନ୍‌ଗୋଙ୍କ ସହିତ ସ୍ନେହ ଏବଂ ଆନ୍ତରିକ ବନ୍ଧୁତ୍ୱ ସମ୍ପର୍କରେ ଆସି ତିନିବର୍ଷରୁ ବେଶି ସମୟ ମୁଁ ଓଡ଼ିଶା ମାଟିରେ ଚଳପ୍ରଚଳ କରୁଥିବାପରି ଅନୁଭବ କରୁଥିଲି । ସେ ପରମ ପବିତ୍ର ବନ୍ଧୁତ୍ୱ ମୋର ହୃଦୟ-ମନ୍ଦିରରେ ଅନନ୍ତକାଳ ନିମନ୍ତେ ସାଇତାହୋଇ ରହିଛି ରହିଥିବ । ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସ୍ନେହ ଏବଂ ଦୟାରୁ ମୁଁ ଶାନ୍ତିନିକେତନ ଦେଖିପାରିଥିଲି । ସେଥିପାଇଁ ମୋର କୃତଜ୍ଞତା ନତମସ୍ତକ ହୋଇ ତାଙ୍କର ଉଦ୍ଦେଶ୍ୟରେ ନମସ୍କାର ଅର୍ପଣକରେ । ଏ ଯେଉଁ ଚିନ୍ତା ଏହା ଲେଖି ରଖିବା କିଛି ସହଜ ନୁହେଁ । ପାଟନାରେ ରାଜ୍ୟପାଳ ହୋଇ ରହିଥିବା ସମୟରେ ସେ ମୋ ପାଖକୁ ଗାଡ଼ି ପଠେଇଦେଉଥିଲେ । କି ଆନନ୍ଦରେ ମୁଁ ତାଙ୍କର ରାଜଭବନକୁ ଯାଇଛି । ଖାଇଛି, ପିଇଛି, ଶ୍ରୀମତୀଙ୍କ ପାଖରେ ବସି କେତେ କଥା ଶୁଣିଛି, ସେ ଆନନ୍ଦମୟ ଘଟଣା ଜୀବନରେ ଆଉ କେବେ ଘଟିବନାହିଁ ।

ଶ୍ରୀଯୁକ୍ତ ଡକ୍ଟର ହରେକୃଷ୍ଣ ମହତାବ ମୁଁ ସମ୍ପୃକ୍ତ ଥିବା ସାହିତ୍ୟ ସଦନର କିପରି ପୃଷ୍ଠପୋଷକତା କରି-ଥିଲେ ସେ କଥା ଆଗରୁ କହିଛି । ମୁଁ ଆସିକା ଛାଡ଼ି-ଦେଇ ଆସିବା କଥା ଶୁଣି ସେ ମହାଶୟ ବିସ୍ମିତ ହୋଇ ମୋର ଜଣେ ବନ୍ଧୁଙ୍କୁ ପଚାରିବା କଥା ଶୁଣି-ଥିଲି । ସେ ସହାନୁଭୂତିର କଥା ସ୍ମୃତିହୋଇ ହୃଦୟରେ ରହିଛି ।

ଶ୍ରୀ ଅନ୍ନଦାଶଙ୍କର ରାୟ ତାଙ୍କର ଜୀବନ କଥା 'ସବୁଜ ଅକ୍ଷର' ଗ୍ରନ୍ଥରେ ଲେଖି-ଦେଇଛନ୍ତି । ଆପଣା ଜୀବନ କଥା ଲେଖିଲେ ଅନ୍ୟ ଅନେକ ବ୍ୟକ୍ତି ସେ ଭିତରକୁ ଆସନ୍ତି । ଗୋଟାଏ କଥା ନକହି ଏ ଲେଖା ଶେଷକରି

ପାରୁନାହିଁ । ଅନ୍ନଦାଶଙ୍କର ତାଙ୍କର ବଙ୍ଗଳା ଭାଷାର ଲେଖା 'ସାହିତ୍ୟେ ସଙ୍କଟ' ବହି ଖଣ୍ଡିକ ମୋ ହାତରେ ଦେଲେ । ସେ ଦିନ ସେ ମହାଶୟ ମତେ ଚା' ଖାଇବାକୁ ନିମନ୍ତ୍ରଣ କରିଥିଲେ । ଅନେକ ଭଲ ଜିନିଷ ଦେଇଥିଲେ, ସେ ଭିତରେ ଥିଲା ଗୋଟିଏ ସୁନ୍ଦର କମଳା କମଳା ଖୋସା ଚୋପା ସହିତ ଖାଇ ନପାରିବା ବୋଧହୁଏ ଗୋଟାଏ ମନ୍ଦ ଅଭ୍ୟାସ । ଶ୍ରୀ ଅନ୍ନଦା ବାବୁ ମୋ ସମ୍ମୁଖରେ ବସିଥାନ୍ତି, ତାଙ୍କ ସହଧର୍ମିଣୀ ଚା' ଇତ୍ୟାଦି ଆଣି ମୋ ପାଖକୁ ଥିବା ଟେବୁଲ ଉପରେ ରଖିଲେ । କମଳାଫଳ ଖାଇ ବଡ଼ ସଙ୍କୋଚ ଭାବରେ ମୁଁ ତଳକୁ ମୁହଁକରି ଗୋଟି ଗୋଟି କରି ଚୋବେଇ ଚୋପାକୁ ରଖିଦେଉଥିଲି । ହୁଏତ ଟେବୁଲ ଉପରେ ଚୋପା ରଖିବା ଅଭଦ୍ରତା ହୋଇଥିବ । ଚୋପା ଗିଳିଦେବା, ମୋର ଅଭ୍ୟାସ ନଥିଲା । ଅନେକେ ଚୋପାସହିତ ଚୋବେଇ ଗିଳି ଖାଇବା ଦେଖିଛି, ମୁଁ ସିମିତି ଖାଇପାରେନାହିଁ । ଚୋପା କେତୋଟି ଟେବୁଲ ଉପରେ ରଖିଦେବାପରେ ହିଁ ଶ୍ରୀମତୀ ରାୟ ମହାଶୟା ଆସି ଟିକିଏ ଗମ୍ଭୀର ଭାବରେ ଚୋପାତକ ପୋଛିନେଇଗଲେ । ସେ କଥାଟି ଏବେ ମଧ୍ୟ ମୋର ମନେପଡ଼ିଗଲେ ଦୁଃଖ ହେଉଛି । ମୋର ନିଜର ଅଭଦ୍ରତା ନିଜକୁ ପୀଡ଼ା ଦେଉଛି ।

ଶ୍ରୀମତୀ ରାୟ ଜଣେ ଆଇରିସ୍ ମହିଳା । ଦୁହିଁଙ୍କ ଭିତରେ ପ୍ରେମ ସମ୍ବନ୍ଧ ହୋଇଥିବ । ତା'ପରେ ବିବାହ, ତାପରେ ପୁତ୍ର, କନ୍ୟା ନେଇ ଘର ସଂସାର ଚଳିବା କାର୍ଯ୍ୟ । ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ କଟକରେ ଅଧ୍ୟୟନ କରିବା ସମୟରୁ ସବୁଜ ସମିତି ଗଢ଼ିଥିଲେ । ସେ ଜଣେ ବିଚକ୍ଷଣ ସାହିତ୍ୟିକ । ଅଠର ବର୍ଷ ବୟସରୁ ପ୍ରାୟ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ସେ ଓଡ଼ିଆ ସାହିତ୍ୟ ଜଗତର ଅଭିବୃଦ୍ଧି ସାଧନ କରିଛନ୍ତି । ତାପରେ ସେ ବିଦେଶ ଯାଇ ଆଇ. ସି. ଏସ୍ ପାସ କରିଆସିଲେ । ସେଇ ବିଦେଶରେ ହିଁ ବୋଧହୁଏ 'ପଥେ ପ୍ରବାସେ' ଲେଖିଥିଲେ । ସେ ରଚନା ମୁଁ କୋଡ଼ିଏ ବର୍ଷ ପୂର୍ବେ ପଢ଼ିଥିଲି । ପରେ 'ଶାନ୍ତିନିକେତନ' ରେ ରାୟ ମହାଶୟଙ୍କ ସାକ୍ଷାତ ଘଟିଲା । ସେ ସମୟକୁ ମୁଁ ରବିକବିଙ୍କ 'ନୈବେଦ୍ୟ' କାବ୍ୟ ଅନୁବାଦ କରି ସାରିଥିଲି । ମୋର ଆଶାଥିଲା ସେ ସେଥିରୁ କିଛି ଅଂଶ ପଢ଼ି ମତାମତ ଦେବେ । ଖାତାଟି ବଡ଼ ସଙ୍କୋଚର ସହିତ ଦେଖାଇବାକୁ ପ୍ରୟାସ କରିଥିଲି । ସେ ମତେ ପଢ଼ିବାକୁ କହିଲେ । ମୁଁ ଅଳ୍ପ କେତୋଟି ଧାଡ଼ି ପଢ଼ିଲି । ସେ ମହାଶୟ କହିଲେ, ଆଉଥରେ ଲେଖ, ତେବେ ଯାଇ ଭଲହେବ । ତା'ପରେ ତାଙ୍କର ମୂଲ୍ୟବାନ୍ ସମୟ ନଷ୍ଟକରିବା ନିମନ୍ତେ କ୍ଷମା ମାଗିଲି । ବିଦାୟନେଇ ଆସିବା ସମୟରେ ସେ ମୋ ସାଥିରେ ଗଣ୍ଡେ ଦୂର ଆସିଲେ । ଶ୍ରୀମତୀ ରାୟ ଭଲ ବଙ୍ଗଳା କହିପାରନ୍ତି । ସେ ସ୍ୱୟଂ ଜଣେ ଚିତ୍ରଶିଳ୍ପୀ । ଘର ପାଖରେ ସେ ଗ୍ରେଟ ବିଦାୟ ନେଇଗଲେ । କାର୍ଯ୍ୟ ବ୍ୟସ୍ତଥିବାଭଳି ବୋଧହେଉଥିଲା । ବସାକୁ ଫେରିବାବାଟରେ ଶ୍ରୀଯୁକ୍ତ ରାୟ କହିଲେ, 'ସାହିତ୍ୟେ ସଙ୍କଟ' ପଢ଼ିବ, ପରେ ମୋତେ ଲେଖିବ । ତାପରେ ମୁଁ 'ନୈବେଦ୍ୟ' ଅନୁବାଦ ଦେଖିବି ।

ଶାନ୍ତିନିକେତନରୁ ଫେରି ଅନ୍ନଦା ଶଙ୍କର ରାୟଙ୍କୁ ବାରମ୍ବାର ସ୍ମରଣକରିଛି । 'ସାହିତ୍ୟେ ସଙ୍କଟ' ନିବନ୍ଧ ଚଉଥରେ ପଢ଼ିଛି । ଏଠା 'ଭାରତୀ ଭବନ'ରୁ (ବଙ୍ଗଳା ବୁକ୍ ଷ୍ଟୋର) ସେଠାରୁ 'ପଥେ ପ୍ରବାସେ', 'ପ୍ରମଦା' ଆଣି ପଢ଼ିଲି । 'ପଥେ ପ୍ରବାସେ' ନୂଆ କରି ପଢ଼ିଲି ପରି ମନେହେଲା । ଯିମିତି ସୁନ୍ଦର ଭାଷା ତା ସହିତ ଭାବର ସାମଞ୍ଜସ୍ୟ ବିଷୟବସ୍ତୁର ଆହରଣ ସବୁ ମିଶି ମନୁଷ୍ୟକୁ ଦୁଃଖ ସୁଖର ଅନୁଭୂତିରୁ ଦୂରକୁ ବହୁ ଦୂରକୁ ନେଇଯାଏ । 'ସବୁଜ ଅକ୍ଷର' ସେ ସମୟରୁ ପ୍ରକାଶ ପାଇଥାଏ । ଶ୍ରୀଯୁକ୍ତ ରାୟଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥୋପକଥନ ଭଙ୍ଗୀ, ଶକ୍ତି ମତେ ଆକର୍ଷଣ କରି ନେଇଥିଲା । 'ପଥେ ପ୍ରବାସେ' ଯିମିତି ସବୁ ଗୁଣରେ ଭଲ ଲାଗିଲା, 'ପ୍ରମଦା' ଉପନ୍ୟାସ ସେପରି ଆନନ୍ଦ-ଦାୟକ ହୋଇପାରିଲାନାହିଁ । 'ସାହିତ୍ୟେ ସଙ୍କଟ'

ବାରମ୍ବାର କରି ପଢ଼ିଲି । ମନଦେଇ ପଢ଼ିବା ପରି ଆଲୋଚନା ଗ୍ରନ୍ଥ ଖଣ୍ଡିଏ । କଟକ କଲେଜରେ ପଢ଼ିବାଠାରୁ ପାଟନା (ବିହାରରେ) ପଡ଼ା ଶେଷ କରିବା ପର୍ଯ୍ୟନ୍ତ ଯେତେ କଥା ଓଡ଼ିଆରେ ସେ ମହାଶୟ ଲେଖିଥିଲେ, ସମସ୍ତ ବିଷୟ ଏକଜକରି 'ସବୁଜ ଅକ୍ଷର' ଗ୍ରନ୍ଥ ପ୍ରକାଶକଲେ । ଏତେ ଅଳ୍ପ ବୟସରେ (ବୋଧହୁଏ ସେତିକିବେଳକୁ ବୟସ ତାଙ୍କର ଅଠର ବର୍ଷ ହୋଇଥିବ) 'ସବୁଜ ଅକ୍ଷର'ର ସବୁଗୁଡ଼ିକ ଲେଖା ପଢ଼ିବାକୁ ଭଲ ଲାଗିଥିଲା । ବିଶେଷ କରି ହେନେରି ଇବସନଙ୍କ "ଡଲସ ହାଉସ୍" ହୃଦୟ ସ୍ପର୍ଶୀ ହୋଇଛି । 'ସବୁଜ ଅକ୍ଷର' ସନ୍ଧ୍ୟା ସମୟକୁ ଆରମ୍ଭ କରି ରାତି ବାରଟା ପର୍ଯ୍ୟନ୍ତ ଅକ୍ଳାନ୍ତ ଭାବରେ ପଢ଼ିଥିବା ଭୁଲିପାରୁନାହିଁ । ଏତେ ସୁନ୍ଦର ଓଡ଼ିଆ-ଭାଷା । ଅନୁବାଦ ଯେତେବେଳେ ଏତେ ସୁନ୍ଦର, ମୂଳ ରଚନା ଆହୁରି କେତେ ଚିତ୍ତାକର୍ଷକ ହୋଇ ନ ଥିବ, ଏ କଥା ଚିନ୍ତା କରିଥିଲି ।

କେତେ କଷ୍ଟରେ 'ଇବସନ୍'ଙ୍କ ଡଲସ୍ ହାଉସ୍ ଖୋଜି ବାହାରକଲି । ଅନୁବାଦ ଯେତେଦୂର ହୃଦୟକୁ ଚଞ୍ଚଳ କରିଦେଇଥିଲା, ମୂଳ ରଚନା ସେତେଦୂର ହୃଦୟର ଗଭୀର ପ୍ରାନ୍ତକୁ ସ୍ପର୍ଶ କରି-ପାରିଲାନାହିଁ । ଅଠର ବର୍ଷ ବୟସରେ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ଓଡ଼ିଆ ଭାଷାରେ ଯାହା ଲେଖିଛନ୍ତି, ତାହା ପଢ଼ି ସେ ବିଷୟରେ ନ ଭାବିବା ଅକୃତଜ୍ଞତା ହେବ । ଅବସର ନେବା ପାଞ୍ଚବର୍ଷ ପୂର୍ବରୁ ଜଣେ ଖ୍ୟାତନାମା ଆଇ. ସି. ଏସ୍ ଅଫିସର କେବଳ ସାହିତ୍ୟ ସୃଷ୍ଟି ଏବଂ ଚର୍ଚ୍ଚାକରିବା ନିମନ୍ତେ କାର୍ଯ୍ୟ ଛାଡ଼ିଦେବା ସେ ଜଣେ ବ୍ୟକ୍ତି ହିଁ କରି-ପାରିଥିଲେ । କାର୍ଯ୍ୟ ଛାଡ଼ି ଆସିବା ପରେ ସେ ତ ବଙ୍ଗଳା ଭାଷାରେ ଲେଖିଲେ । ଓଡ଼ିଶାରେ ସେ ବିଷୟ କେହି ଚର୍ଚ୍ଚାକରିବା ଶୁଣି ନ ଥିଲି । ବିହାର ଆସିବା ପରେ ଅର୍ଥାତ୍ ଶାନ୍ତି ନିକେତନରୁ ଫେରିବାପରେ ଶ୍ରୀଯୁକ୍ତ ରାୟଙ୍କ 'ସବୁଜ ଅକ୍ଷର' 'ସାହିତ୍ୟେ ସଂକଟ' 'ପଥେ ପ୍ରବାସେ' ପଢ଼ି ରଚୟିତାଙ୍କ ପ୍ରତି ମୋ ହୃଦୟରେ ଗଭୀର ଭକ୍ତି, ଶ୍ରଦ୍ଧା ସଞ୍ଚାର ହେଲା । ମୁଁ ସେ ମହାଶୟଙ୍କଠାକୁ ପତ୍ର ଖଣ୍ଡିଏ ଲେଖିଲି ।

ଶାନ୍ତିନିକେତନରେ ଯେଉଁ ଓଡ଼ିଆ ଅଧ୍ୟାପକମାନଙ୍କ ସହିତ ଦେଖାସାକ୍ଷାତ ଘଟିଥିଲା, ଅତି ଆପଣାର ଭାଇ ବନ୍ଧୁପରି ନରେନ୍ଦ୍ର ନାଥ ମିଶ୍ର, ଖଗେଶ୍ୱର ମହାପାତ୍ର, ଶ୍ରୀନିବାସ ମିଶ୍ରଙ୍କ ସହିତ କଥା ଶୁଣି ଗାଥା ଲିଖି ଆସିଥିଲି ଶ୍ରୀ ନିବାସ ମିଶ୍ର ଦୟାକରି ସେଠାକୁ ଯିବାର ଦ୍ୱିତୀୟ ଦିନ ବଡ଼ି ସକାଳୁ ଆସି ମୋତେ କବି ଗୁରୁଙ୍କ ସମଗ୍ର ନିବାସ କ୍ଷେତ୍ର ବୁଲାଇ ଆଣିଥିଲେ । ସପ୍ତପର୍ଣ୍ଣୀ ଗଛ ତଳେ କବିଗୁରୁଙ୍କ ସ୍ମୃତିକୁଞ୍ଜ ଦେଖିଛି । ସେ ସ୍ମୃତି ମନରୁ ଯାଉନାହିଁ । ଚୈତ୍ର ମାସର ବସନ୍ତ ବତାସ ମନ ପ୍ରାଣକୁ ଉଡ଼େଇ ନେଇଯାଉଥିଲା କେଉଁଆଡ଼େ । କବି ଗୁରୁଙ୍କ ନିବାସ ଗୃହ ପାଖରେ ତାଙ୍କର ଭୃତ୍ୟ 'ଜଗା' ଥିଲା । ତା ସହିତ କଥା ହେବା ସୁଯୋଗ ମିଳିଲା । ସ୍ଥିର ହେଲା, ପରଦିନ ସକାଳୁ ସେ ମତେ ନେଇ କବି ଗୁରୁଙ୍କ ପୁତ୍ରବଧୂ ଶ୍ରୀମତୀ ପ୍ରତିମା ଠାକୁରଙ୍କୁ ସାକ୍ଷାତ କରାଇଦେବ । ପ୍ରସ୍ତାବ ପ୍ରକାରେ ମୁଁ ପରଦିନ ସକାଳୁ ଯାଇ ପ୍ରତିମା ଦେବୀଙ୍କୁ ପ୍ରଣାମକରି ଆସିଲି । କବିଗୁରୁ ତାଙ୍କ ଭାଇଙ୍କ ପୁଅ ସୁରେନ୍‌ଙ୍କୁ ବେଶି ଭଲ ପାଉଥିଲେ । ସେଠାରେ ସେ ମହାଶୟଙ୍କ ସହିତ ସାକ୍ଷାତ ଘଟିଲା । ଏତେ ଉଚ୍ଚା ମଣିଷ, ମନେହେଲା ସାତ ଫୁଟ ଲମ୍ବା ହେବେ । ଏଇ ସୁରେନ୍ ଏବଂ ତାଙ୍କ ଭଉଣୀ ଇନ୍ଦିରାଙ୍କ କଥା ନେଇ କବି ଗୁରୁଙ୍କ ଲେଖାରେ ଯାହା ଦେଖିଥିଲି, ଏମାନଙ୍କୁ ଦେଖି ସବୁ ଚଳଚ୍ଚିତ୍ରର ଗତି ପରି ଆଖି ଆଗରେ ଭାସିଉଠିଲା । ବିଶ୍ୱକବି ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲେ କି ଶୋକବିହୀନ ହୋଇ ଜୀବନର ଦିନ କଟାଇ ନ ଥିଲେ । ସେଇ ଦୁଃଖ ଶୋକ ଭିତରେ ଦିନେ ମଧ୍ୟ ଲେଖିବା ଛାଡ଼ି ନ ଥିଲେ । ସଂସାର ମାର୍ଗରେ ଶତ ସଂଖ୍ୟକ ସଂକଟ ମନୁଷ୍ୟଙ୍କୁ ଅଚଳ କରି ରଖୁଛି । ସେହି ଭିତରେ ଧୈର୍ଯ୍ୟଶୀଳ ବ୍ୟକ୍ତି ଆପଣା ଆତ୍ମାକୁ ଆନନ୍ଦମୟ କଳ୍ପତରୁର ଛାୟାତଳେ ରଖି କର୍ମ ସାଧନ କରିଯାଉଛି । ଅଳ୍ପ କଥାରେ ଆମେ

ହତାଶହୋଇ ଖାତା କଲମ ଘୋଡ଼େଇ ଭାଙ୍ଗି-ଦେଉଛି । ଦୁର୍ବଳ ବ୍ୟକ୍ତିର ଏପରି ହିଁ ଇଙ୍ଗିତ ।

ମୁଁ ବର୍ତ୍ତମାନ ପ୍ରାୟ ମାସେ ହେଲା ଲେଖିପାରି-ନାହିଁ । ଏଇତକ ପୃଷ୍ଠାରେ ବନ୍ଦ ଅଛି ଯେ ତା ପାଖକୁ ଧାଡ଼ିଏ ମଧ୍ୟ ଲେଖିନାହିଁ । କେତେକଙ୍କ ପାଖକୁ ପତ୍ର ଲେଖିବା କଥା ତାହା ମଧ୍ୟ ହୋଇପାରୁ ନାହିଁ । ସ୍ୱାମୀଙ୍କର ଶରୀର ଭଲନାହିଁ । ଗତ ସେପ୍‌ଟେମ୍ବର ୨୭ ତାରିଖ ଅପରାହ୍ନରେ ବାଥ୍‌ରୁମରେ ସେ ପଡ଼ିଗଲେ । ସେ ଆଘାତ ଏପରି କଷ୍ଟଦାୟକ ହେଲା ଯେ ନଅ ମାସ ହେଲା ସେ ଶଯ୍ୟାଶାୟୀ ହୋଇ ରହିଛନ୍ତି । ଗତ ମାସ ୨୭ ତାରିଖରେ ସେ ସେହି ଶଯ୍ୟାଶାୟୀ ଅବସ୍ଥାରେ ଆହୁରି ଟିକିଏ ଦୁଃଖଦାୟକ ଭାବରେ ଅସୁସ୍ଥ ହୋଇଗଲେ । ସେ ଅବସ୍ଥା ଦେଖି ମୁଁ ଆଉ କଲମ ଧରି ବସିପାରିଲିନାହିଁ ।

ଆଜି ମେ' ମାସ ୨୭ ତାରିଖ । ଆଜିର ତାରିଖରେ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଦେହାନ୍ତ ଘଟି-ଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯେଉଁ କୋଟି କୋଟି ନରନାରୀଙ୍କୁ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ସେଦିନର ସେ ଶୋକ ବିହ୍ୱଳିତ ଜୀବନର ସ୍ମୃତି-ହୋଇ ରହିଛି । ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଦିଲ୍ଲୀ ଅଧିବାସୀ-ବୃନ୍ଦ ଶବ ଶୋଭାଯାତ୍ରାରେ ଯେଉଁ ସମ୍ବର୍ଦ୍ଧନା ଦେଲେ, ସେସବୁ ରେଡ଼ିଓ ପାଖରେ ବସି, ଶୁଣି ଶୁଣି ଶୋକାକୁଳଭାବରେ ଅଶ୍ରୁ ଝରାଇ ଦେଉଥିଲି । ବାରବର୍ଷ-ପରେ ଆଜି ତ ଆଉ ସେଦିନ ନାହିଁ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୋଗପୀଡ଼ା ଭୋଗକରି ମର୍ତ୍ତ୍ୟରୁ ଚାଲିଗଲେ । ସେଦିନ ମନେ ହେଉଥିଲା, ପିତୃଶୋକରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଦେହ ଧାରଣ-କରି ରହିପାରିବେ ନାହିଁ । କାହିଁ ତାଙ୍କର ରହିବାରେ ତ କୌଣସି ବାଧା ଘଟିନାହିଁ । ଜଣେ, ସେ ଯେତେ ଆତ୍ମୀୟ ହେଉନାହାନ୍ତି ମୃତ୍ୟୁମୁଖରେ ପଡ଼ିଗଲେ, ଅନ୍ୟ ଜଣେ ତା ପଛରେ ଚାଲି ଯାଉନାହାନ୍ତି ।

ତାପରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ତାସକେଣ୍ଟଠାରେ ୧୯୬୬ ଜାନୁଆରୀ ୧୧ ତାରିଖରେ ଇହଲୋକ ତ୍ୟାଗକଲେ । ଚଳଚ୍ଚିତ୍ରରେ ଦେଖିଥିଲି, ଲାଲବାହାଦୁର ଶାସ୍ତ୍ରୀ ତାଙ୍କ ପତ୍ନୀ ଲଳିତାଦେବୀଙ୍କ ସହିତ ବିଦେଶ ଭ୍ରମଣ କରିବା । ଲଳିତାଦେବୀ ରାସ୍ତାରେ ଗାଡ଼ିରେ ଯିବା ସମୟରେ ଆନନ୍ଦ ଉତ୍ଫୁଲ୍ଲ ହୋଇ ଫଳ ଖାଇ ଖାଇ ଯାଉଥିଲେ । ସେ ଆନନ୍ଦ ଆଉ ତାଙ୍କୁ ଏ ଜୀବନରେ କେବେ ମିଳିବନାହିଁ । କେଉଁଠି ଥିଲେ ସେ, କଅଣ ହୋଇଥିଲେ । ଆକସ୍ମିକ ଭାବରେ ଲଳିତା ଦେବୀ ହୋଇଗଲେ ପ୍ରଧାନମନ୍ତ୍ରୀଙ୍କ ପତ୍ନୀ ! ସୁଖ ସମ୍ପଦର ସୀମା ଅତିକ୍ରମ କରିଗଲା ତାଙ୍କର । ଭାଗ୍ୟଡୋରି ନେଇ ବିଦେଶଭ୍ରମଣ କରାଇ ଆଣିଲା । ସ୍ୱାମୀଙ୍କ ସାଙ୍ଗରେ ତାସକେଣ୍ଟ ଯାଇଥିଲେ ଲାଲବାହାଦୁର ଶାସ୍ତ୍ରୀଙ୍କ ଆକସ୍ମିକ ମୃତ୍ୟୁ ଘଟି ନଥାନ୍ତା ଅବା !

ସେଦିନ ଲାଲବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁସମ୍ବାଦ ଶୁଣିଲି ବଡ଼ ଭୋରରୁ ବାଥ୍‌ରୁମ୍‌ରେ ମୁହଁ ଧୋଉଥିବା ସମୟରେ । ହାତ, ପାଦ ଯେଉଁଠି ସେଇଠି ଅଚଳ ହେଲାପରି ବୋଧ-ହେଲା । ସେ ଶୋକପୀଡ଼ାକୁ ହୃଦୟରେ ରଖି କେତେ କବିତା ଲେଖିଲି । ଏବେ ଆଉ ସେ ଶୋକ ତ ପ୍ରାଣକୁ ପୀଡ଼ିତ କରୁନାହିଁ । କେତେ ଲୋକ ହୋଇଥିଲେ । ଅଙ୍ଗୁଳି ସଙ୍କେତରେ ଦେଶର କ୍ଷୁଦ୍ର ମହତ ସବୁ ଚଳାଇବାକୁ କଳ୍ପନା କରୁଥିଲେ । ସେ ଆଜି ନାହାନ୍ତି ବୋଲି ଦେଶର କୌଣସି କାର୍ଯ୍ୟ ତ ପଡ଼ିରହିନାହିଁ । ଯିବା ବ୍ୟକ୍ତି ଯାଉଛି । ରହିବା ବ୍ୟକ୍ତି ତା' ଜୀବିକା ସେ ନିର୍ବାହ କରୁଛି । ଜବାହରଲାଲ ନେହେରୁଙ୍କର ଯେତେବେଳେ ବିୟୋଗ ଘଟିଲା, ମୋର ଧାରଣା ହେଲା, ଇନ୍ଦିରାଗାନ୍ଧି ଶୋକପୀଡ଼ାରେ ମରିଯିବେ । କାହିଁ ସେପରି କିଛି ତ ହେଲାନାହିଁ । ସ୍ୱାମୀର ମୃତ୍ୟୁ ଘଟିଲେ, ସ୍ତ୍ରୀ ବିୟୋଗ ଘଟିଲେ ସ୍ୱାମୀ ବରଂ ଆପଣା ଇଚ୍ଛାରେ ଶାନ୍ତିରେ ରହିବା କେତେକ କ୍ଷେତ୍ରରେ ଦେଖାଯାଉଛି । ପିତାଙ୍କ ମୃତ୍ୟୁରେ ପ୍ରିୟ କନ୍ୟା ଶୋକହତା ହୋଇ ଭଙ୍ଗି ନ ରହି ପ୍ରବଳ ଆବେଗ ଉତ୍ସାହରେ କର୍ମ କରି

ଯାଉଛନ୍ତି । ଶୋକ ସହ୍ୟ କରିବାକୁ ପ୍ରକୃତି ଶକ୍ତି ଦେଉଛନ୍ତି । ସେ ଗୋପନତତ୍ତ୍ୱ ଆମେ ଅବଗତ ହୋଇପାରୁ ନଥାଇ ।

ଏଇ ବର୍ଷକ ପୂର୍ବେ ହଠାତ୍ ରାତିରେ ଶୋଇବାଠୁ ଉଠି ଦେଖିଲି ବିଜୟ (ଝିଅର ପୁଅ) ଦେହଟା ଗରମ ଲାଗୁଛି । କଅଣ ହେଲା ଜାଣେନାହିଁ । ଗୋଟାଏ ଚିତ୍କାର କରି ସେ ପାଖ ଘରେ ସ୍ୱାମୀ ଶୋଇଥିଲେ ସେଠିକି ଗଲି କହିବାକୁ । ବଗିଚା କାମ କରିବା ମାଳୀ ଆସି ବାବୁଙ୍କ ଖଟପାଖକୁ ଶୋଇଥିଲା । ଏ କଥା ମୁଁ ଆଗରୁ ଜାଣି ନ ଥିଲି । ତା ମୁଣ୍ଡ ଉପରେ ମୋ ପାଦ ଯାଇ ପଡ଼ିଗଲା । ମୋ ମୁଣ୍ଡ ଛାଆଡ଼ ହୋଇ ତଳେ ପଡ଼ି ପିଚି ହୋଇଗଲା । ତା'ପରେ ମୁଁ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଗଲି । ଦୁଇମାସ ପରେ ଅଚେତନ ଅବସ୍ଥାରୁ ସଚେତନ ହେବାକୁ ଆସିଲି ; କିନ୍ତୁ ଦେହଟା ଅଚଳ ହୋଇ ରହିଥିଲା । ପକ୍ଷାଘାତ । ହାତଯୋଡ଼ି ହେଉନାହିଁ ପରମ ପିତାଙ୍କ ଉଦ୍ଦେଶ୍ୟରେ । ଚେତନା ପ୍ରାପ୍ତି ପରେ ଜଣେ ଫିଜିଓ ଥେରାପିଷ୍ଟ ଆସି ମତେ ଉଠେଇଲେ, ବସେଇଲେ, ହାତ ଯୋଡ଼ିବାକୁ ଉପାୟ ବତେଇଦେଲେ । ମାସେ, ଦେଡ଼ମାସ ପରେ ଚାଲିଲି, ପଢ଼ିଲି, ଲେଖିଲି । ଜଗତଟାକୁ ପୁଣି ନବୀନ ଅନୁରାଗ ଦେଇ ଦେଖିଲି । ରାଜନୀତିକ୍ଷେତ୍ରର ବିଷୟ ଆହୁରି ଗଭୀର ଅନୁଭୂତିର ସହିତ ଚିନ୍ତାକଲି । ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧିଙ୍କ ଏଲାହାବାଦ ହାଇକୋର୍ଟଙ୍କ ବିଚାର ପରେ ଅତ୍ୟନ୍ତ ବ୍ୟଥିତା ହୋଇ ତାଙ୍କର ମଙ୍ଗଳ କାମନାରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି, ଏକାନ୍ତ ତନ୍ମୟ ଭାବରେ । ମୁଁ ନିଜେ ସ୍ୱପ୍ନାବିଷ୍ଟ ହୋଇ ଚିନ୍ତା କରୁଛି, ମୋର ସେ ଅଜ୍ଞାନ ଅବସ୍ଥା କିମିତି ହେଲା । ଆଜି ସେ ଯେଉଁ ପୀଡ଼ା ମୋ ମଥାରେ ହେଉଥାଏ, ମୁଁ ଅଚେତନ ଅବସ୍ଥାରେ ମଧ୍ୟ କାତରକଣ୍ଠରେ ଚିତ୍କାର କରୁଥାଏ । ସେ ଦାରୁଣ ଶିରପୀଡ଼ା କିମିତି କାହାର କରୁଣ କୋମଳ ହାତର ସ୍ପର୍ଶରେ କେଉଁଆଡ଼େ ଚାଲିଗଲା ! ଏ ରୋଗ ହେଲେ, ରୋଗୀ ବର୍ଷ ବର୍ଷ ଧରି ଶଯ୍ୟାଗତ ହୋଇ ରହିଛନ୍ତି । ଦୀର୍ଘକାଳପରେ ମୃତ୍ୟୁମୁଖରେ ପଡ଼ୁଛନ୍ତି । ମୋର ଏ ପୀଡ଼ାରେ ମୋର ଝିଅ, କୋଉଁ ଔଷଧ ପଥ୍ୟ ଦେଇ ନର୍ସ କମାଣ୍ଡରଙ୍କ- ଦ୍ୱାରା ହରଧରଣର ଚିକିତ୍ସା କରାଉଥିଲେ । ସେଇ କାରଣରୁ ପ୍ରକୃତି ସ୍ୱୟଂ ସେ ଔଷଧ ପଥ୍ୟ ଗ୍ରହଣ କରିଗଲା ଦ୍ରୁତବେଗରେ । ବର୍ତ୍ତମାନ ମୁଁ ପରମେଶ୍ୱରଙ୍କୁ ଖୋଜୁଛି । କେଉଁଠି ସେ ଅଛନ୍ତି । କିମିତି ହୋଇଥିବେ ସେ ? କେବେ ଆଉ ତାଙ୍କୁ ଦେଖିବି ? ଏଠି ମୋ ମନ ପ୍ରାଣ ବିକଳ ହୋଇ କାନ୍ଦି ଉଠୁଛି । କବିଗୁରୁଙ୍କ 'ନୈବେଦ୍ୟ' କାବ୍ୟରୁ ଗୋଟିଏ ପଦ ମନେ ପଡ଼ିଯାଉଛି ।

"ଘରେର ଠିକଣା ହଲନାଗୋ
ତବୁ ମନ କରେ ଯେନ ଯାଇ ଯାଇ,
ଧ୍ରୁବତାରା ଓଗୋ କୋଥା ଜାଗୋ
ସେ ଦିଗେର ପଥ ଚିନ ନାଇଁ ।

ପଥ ଚିହ୍ନ ନାହିଁ, ଅର୍ଦ୍ଧ ପଥରୁ କେବଳ ଫେରି ଆସୁଛି । ଦିଅ ଗଢ଼ିବାକୁ ଉଦ୍ୟମକରି ମାଙ୍କଡ଼ ଗଢ଼ ବାରମ୍ବାର ମାଙ୍କଡ଼ ରୂପକୁ ଭାଙ୍ଗୁଛି, କାନ୍ଦୁଛି । ଭାବିପାରୁନାହିଁ କେବେ ଧ୍ରୁବତାରାର ଦର୍ଶନ ପାଇବି । ସମୟେ ସମୟେ ବିଶ୍ୱାସ ହୋଇଯାଏ ଅସୀମ ପଥରେ ଗତି କରୁକରୁ କେତେବେଳେ କିମିତି ସମ୍ମୁଖରେ ଧ୍ରୁବତାରାର ଦର୍ଶନ ମିଳିଯାଏ । ତାଙ୍କର ଦର୍ଶନ ମିଳିଯାଉଥିବ ନିଶ୍ଚୟ ।

କେତେ କବିଙ୍କର କାବ୍ୟ ପଢ଼ିଛି । ସେ ଭିତରୁ ମୁଁ ଦୁଃଖ ବିଷାଦ ସମୟରେ ଖୋଜେ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ନୈବେଦ୍ୟ' ଏବଂ 'ଗୀତାଞ୍ଜଳି' । ବନ୍ଧନ ଭିତରେ ତାଙ୍କରି ପ୍ରସାଦରୁ ପ୍ରାପ୍ତହୋଇଛି ଆନନ୍ଦମୟ ମୁକ୍ତି । ଆଜି ମନେପଡୁଛି ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ସହିତ ପ୍ରଥମ ସାକ୍ଷାତ । ତା'ପରେ ନନ୍ଦିନୀ ଦେବୀଙ୍କୁ ଦେଖିବା । ବର୍ତ୍ତମାନ ଶ୍ରୀମତୀ ନନ୍ଦିନୀ ଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ନନ୍ଦିନୀ ସହିତ କେତେ ଦୁଃଖ ସୁଖ, ବ୍ୟଥା ବିଷାଦ କଥାହୋଇଛି । ତାର ସେ ଶୀର୍ଣ୍ଣ ଶରୀର ଭିତରେ କି ଅସୀମ ଶକ୍ତି । ଜଣକର ହାତ ପାପୁଲିରେ ଘୋଡ଼େଇ ହୋଇଯିବ

ତାର ମୁଖରେଖା । ମୁହଁ ଆଖି ଆଡ଼କୁ ଚାହିଁରହି ଦେଖିଲେ ମନେହେବ ବହୁଦୂରବାସିନୀ ନର୍ତ୍ତକୀର ଝରି-ପଡ଼ୁଛି । ସେ ତ ଖାଲି ସ୍ୱଳ୍ପଭାଷୀ ଗୁଣଶୀଳା ନୁହେ । କବି ମଧ୍ୟ । ଏହା ପୂର୍ବରୁ ତା' ହାତର କେତେକ ଲେଖା ପଢ଼ିଥିଲି । ଏବେ ଦେଖିଲି, ଗତ ଏପ୍ରିଲ ତୃତୀୟ ସପ୍ତାହ ଅର୍ଥାତ୍ ୨୪ । ୪ । ୭୭ର ଇଲଷ୍ଟ୍ରେଟେଡ୍ ଉଇକଲିରେ ଶିରୋନାମା 'Unuttered' ଓଡ଼ିଆକୁ ବି. ଦାସ ଇଂରେଜୀ କରିଛନ୍ତି । ହୃଦୟର ଗଭୀରତମ ପ୍ରଦେଶକୁ ସ୍ପର୍ଶ କରୁଛି ସେ କବିତା ଗୋଟିକ । ମୋର ମନର ବ୍ୟଥାଭରା କଥା ପଦେ ନେଇ ଯେପରି ଲେଖି ଦେଇଛି ନନ୍ଦିନୀ । ଏଥିରେ ସେ କଥା ନେଇ ମୁଁ ଆଉ ବିଶେଷ କିଛି ଲେଖୁ ନାହିଁ । ରୋଗ ଶଯ୍ୟାରୁ ଉଠିବା ଅଳ୍ପ କେତେଦିନ ପରେ ଏଠାରେ ମହିଳା-ସମ୍ମିଳନୀରେ ଯୋଗଦେବାକୁ ନନ୍ଦିନୀ ଆସିଥିଲା । ସେଠୁ ଆସିଲା ମତେ ଦେଖିଯିବା ନିମନ୍ତେ । ମୁଁ କହିଲି, 'ବସିଗଲ ।' ସେ ମୋତେ ସସ୍ନେହ ଭର୍ତ୍ସନାର ସ୍ୱରରେ କହିଲା, 'ଅନେକ କାମ ବାକୀ ରହିଛି, ସେ ସବୁ କରିବାକୁ ତ ବସିଗଲ । ଏଥର ସେଥିରେ ଲାଗନ୍ତୁ ।' ମୁଁ କଅଣ କହିବାକୁ ଯାଉଥିଲି, ମୋ ଝିଅ ଆସି ନନ୍ଦିନୀକୁ ଡାକି ନେଇଗଲା ।

ଏ ଲେଖାଟିକୁ ଯଥାସାଧ୍ୟ ନିର୍ମଳ ସୁନ୍ଦରକରି ଗଢ଼ିବାକୁ ପ୍ରୟାସ କରିଛି । ଦୋଷଗୁଣର ସମ୍ମିଶ୍ରଣରେ ମନୁଷ୍ୟ । ତଥାପି ଏଥିରେ ମୁଁ କାହାକୁ ଦୋଷ ଦେଇ ନାହିଁ । ଜୀବନ ଥିବା ପର୍ଯ୍ୟନ୍ତ ଜୀବନର କଥା ରହିଛି । ତେଣୁ ଏ ପ୍ରଥମ ଅଧ୍ୟାୟରେ କେତେକ କଥା ଲେଖି ଦ୍ୱିତୀୟ ଅଧ୍ୟାୟ ଲେଖିବା ଆଶାରେ ପରମ ପିତା ପରମେଶ୍ୱରଙ୍କୁ ସ୍ମରଣ କରି ଆଜିର ପବିତ୍ର ସନ୍ଧ୍ୟାରେ ଇତି କରୁଛି ।

ଜୁନ ୧୩ । ୧୯୭୭

●

# ଉପନ୍ୟାସ ଯୁଗ

# ପୋଷ୍ୟପୁତ୍ର

ଯେଉଁ ଅଦୃଶ୍ୟ ହସ୍ତର ଅପୂର୍ବ ଇଙ୍ଗିତରେ ମୁଁ ଲେଖନୀ ଧରିଥିଲି, ଯାହାଙ୍କର କରୁଣା କଣା ଲାଭ ଆଶାରେ ମୋର ହୃଦୟରେ ଅକଥିତ ବେଦନାର ସଞ୍ଚାର ହୋଇଥିଲା, ସେହି ବ୍ୟଥାହିଁ ଅଶ୍ରୁ ରୂପରେ ଝରି ପଡ଼ିଥିଲା ପୋଷ୍ୟପୁତ୍ରର ରୂପଧରି । ସେହି ଦେବତାଙ୍କ ପୂଜ୍ୟ ପୀଠରେ ମୋର ଏହି 'ପୋଷ୍ୟପୁତ୍ର'କୁ ନୈବେଦ୍ୟ ସ୍ୱରୂପ ଅର୍ପଣ କରୁଛି ।

---

## ସୂଚନା

"ପୋଷ୍ୟପୁତ୍ର"ର ବିଷୟବସ୍ତୁ ମୁଁ ପ୍ରଥମେ ଜନସମାଜ ସମକ୍ଷରେ ନାଟକାକାରରେ ଥୋଇଥିଲି । ନାଟକଟିର ବହୁବାର ଅଭିନୟ ପରେ ମୋର ନିଜର ତଥା ଅନ୍ୟମାନଙ୍କର ଅନୁକୂଳ ମତ ଦୃଷ୍ଟିରୁ ଓ କଥା-ସାହିତ୍ୟ ପାଇଁ ବିଷୟଟିର ଉପଯୋଗିତା ଉପଲବ୍ଧି କରି, ଏହାକୁ ଉପନ୍ୟାସ ରୂପରେ ସାହିତ୍ୟିକମାନଙ୍କ ଆଗରେ ଉପସ୍ଥାପିତ କରିବାକୁ ଉତ୍ସାହିତା ହୋଇଅଛି ।

"ପୋଷ୍ୟପୁତ୍ର" ପ୍ରେମର କାହାଣୀ ନୁହେଁ । ଏହା ଜଣେ କବି ବା କଳ୍ପନା ପ୍ରବଣ ବ୍ୟକ୍ତିର ବାସ୍ତବ ଜଗତରେ ନାନା ବାଧାବିଘ୍ନ ଭିତରେ ବ୍ୟକ୍ତିତ୍ୱ ବିକାଶ କରିବାର ଅକ୍ଳାନ୍ତ ଚେଷ୍ଟାର ଚିତ୍ର । ମୋର ବିଶ୍ୱାସ, ଅନେକ ଲୋକଙ୍କର ଜୀବନର ଉନ୍ନତି ପଥର ପ୍ରତିବନ୍ଧକ ସବୁ ଗୋପାଳଙ୍କ ଦୁଃଖ ସହିତ ସାଧାରଣ ଭାବରେ ଜଡ଼ିତ ହୋଇଥିବାରୁ "ପୋଷ୍ୟପୁତ୍ର" ସାହିତ୍ୟ-ପ୍ରେମୀମାନଙ୍କୁ ଆନନ୍ଦ ଦେବ ଓ ସେମାନଙ୍କର ସହାନୁଭୂତି ଲାଭ କରିବ ।

ବିନୀତା—

**ଲେଖିକା**

---

## ମତାମତ

ସୁଲେଖିକା ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗାଙ୍କର 'ପୋଷ୍ୟପୁତ୍ର'ର ନାଟକାବସ୍ଥାର ପାଣ୍ଡୁଲିପିଟି ପଢ଼ିବାର ସୁଯୋଗ ପାଇଥିଲି । ସୁତରାଂ ତାର କଳେବରର ବର୍ତ୍ତମାନ ପରିବର୍ତ୍ତିତ ଆକାର ଧାରଣ କରିଥିଲେ ସୁଦ୍ଧା ତାର ଆତ୍ମା ନିଶ୍ଚୟ ଅବିକୃତ ଅଛି ବୋଲି ମୋର ମନେହୁଏ । ଲେଖାଟିରେ ଆଧୁନିକ ଯୁଗ ସୁଲଭ ଦୈହିକ ପ୍ରେମ ପ୍ରୀତିର ନଗ୍ନ ଚିତ୍ର ନାହିଁ, ଅଛି ବର୍ତ୍ତମାନ ସମାଜର ଏକ ବାସ୍ତବିକ ନିଖୁଣ ଛବି । ଲେଖିକା ଦେଖାଇ ଦେଇଛନ୍ତି ଯେ, ଆମ ଦେଶରେ ବର୍ତ୍ତମାନ ସମାଜର ଗୋଟିଏ ପାଖ ଆଲୋକ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଅପର ପାଖଟି ଏକବାରେ ଗାଢ଼ ଅନ୍ଧକାରାଚ୍ଛନ୍ନ ଥିବା ହେତୁ କପର ଆଦର୍ଶର ଭୀଷଣ ସଂଘର୍ଷ ଘଟୁଛି — ଫଳରେ ଏକ ଦିଗର ଶିକ୍ଷା, କୃଷ୍ଟି ଓ ସଂସ୍କାର ପ୍ରଚେଷ୍ଟା ଅପର ଦିଗର କୁସଂସ୍କାରାଚ୍ଛନ୍ନ କଠିନ ନୀରସ ଶିଳା ପ୍ରାଚୀରରେ ପଦେ ପଦେ ବାଧା ପ୍ରାପ୍ତ ହୋଇ ବ୍ୟର୍ଥତାର ହାହାକାରରେ ମିଳାଇ ଯାଉଛି । ସେଇ ହାହାକାରର ମର୍ମର ଲେଖିକାଙ୍କର ସହାନୁଭୂତି ପ୍ରବଣ ପ୍ରାଣରେ ଜଗାଇଛି ଏକ କରୁଣ ପ୍ରତିଧ୍ୱନି । ମୋର ଦୃଢ଼ ବିଶ୍ୱାସ ସେଇ କରୁଣ ପ୍ରତିଧ୍ୱନି ଅଧୁନାତନ ସମାଜର ପାଠକ ପାଠିକାମାନଙ୍କର ପ୍ରାଣରେ ନିଶ୍ଚୟ ଏକ ସମବେଦନାର ସ୍ପର୍ଶ ଜଗାଇ ପାରିବ ।

**ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା**

କ୍ୟାମ୍ପ-ଆସିକା

ତା ୧୮ । ୭ ।୧୯୪୮

# ପୋଷ୍ୟପୁତ୍ର

## ଏକ

ପଚିଶି ବର୍ଷର ବନ୍ଧ୍ୟାତ୍ୱ ମୋଚନ କରି ଚକ୍ରଧର ଦାସଙ୍କ ସ୍ତ୍ରୀ ଯେତେବେଳେ ପୁତ୍ର ସନ୍ତାନଟିଏ ପ୍ରସବ କଲେ, ଦାସେ ଆନନ୍ଦରେ ଅଧୀର ହୋଇ କହିଲେ, ଏତେ କାଳରେ ମୋର ସନ୍ତାନଗୋପାଳ ମନ୍ତ୍ର ସିଦ୍ଧ ହୋଇଛି । ସ୍ୱୟଂ ଗୋପାଳ ଆସି ମୋ ଘରେ ଅବତୀର୍ଣ୍ଣ ହୋଇଛନ୍ତି; ଏହାପରେ ଦାସଙ୍କ ଭାଗ୍ୟରେ ବେଶି ସମୟ ଆନନ୍ଦ ପାଇବା ବୋଧହୁଏ ଭଗବାନଙ୍କ ଇଚ୍ଛା ନଥିଲା । ପାଞ୍ଚ ଦିନର ଶିଶୁକୁ ଛାଡ଼ି ଦାସଙ୍କ ସ୍ତ୍ରୀ ଚାଲିଗଲେ ଅମରଧାମକୁ । ଦାସଙ୍କ ପୁଅ ବାଳଗୋପାଳଙ୍କ ଯତ୍ନ ନେଲା ଗୁଆଳିଆଣୀ ଗାଈ ବାଛୁରିର ମାଆ ।

ଦାସେ ପୁଣି ବାନ୍ଧିହେଲେ ଦ୍ୱିତୀୟପକ୍ଷ ସହିତ; ଗୌରୀ କନ୍ୟାଙ୍କ ପାଣିଗ୍ରହଣ କରି, ଆଠ ବର୍ଷ ଅପେକ୍ଷା କରି, ନୂତନ ସଂସାର ଆରମ୍ଭ କରିବା ପରେ, ବର୍ଷକୁ ବର୍ଷ କ୍ରମାଗତ ତିନୋଟି ପୁତ୍ର ସନ୍ତାନ ହୋଇ ମରିବା ଦେଖି, ଦାସେ ମୃତବତ୍ସାର ଦୋଷ ଖଣ୍ଡନ କରିବା ନିମନ୍ତେ, ଅନେକ ପ୍ରକାର ତୀର୍ଥ ବ୍ରତ କରେଇ, ପ୍ରଥମେ ବଞ୍ଚିଲା ଗୋଟିଏ କନ୍ୟା; ନାମ ଅନ୍ନପୂର୍ଣ୍ଣା । ତାପରେ ଜନ୍ମହେଲା ଆଉ ଗୋଟିଏ ପୁତ୍ର ସନ୍ତାନ । ଦାସେ ତାଙ୍କୁ ନାଁ ଦେଲେ ଅନନ୍ତ । ପରେ ପରେ ଆଉ କେତୋଟି ସନ୍ତାନ ଜନ୍ମକରି ଶେଷରେ ସୂତିକାରୋଗରେ ମଲେ ଦାସଙ୍କ ଦ୍ୱିତୀୟା ପତ୍ନୀ । ସେତିକବେଳକୁ ଗୋପାଳକୁ ହୋଇଥାଏ ଅଠର ବର୍ଷ । ସେ ନିଜର ବୁଦ୍ଧି ବଳରେ ଗାଁ ଚାଟଶାଳୀର ପାଠ ଶେଷକରି ବ୍ରହ୍ମପୁରରେ ଇଂରେଜୀ ପଢ଼ୁଥାଏ ।

ଅନନ୍ତର ବୟସ ଛଅ । ଗୋପାଳ ଘରକୁ ଆସି, ବିମାତାଙ୍କ ମୃତ୍ୟୁର କାରଣ ଶୁଣି, ପିତାଙ୍କ ଉପରେ ମନେ ମନେ ହେଲେ ମହା ବିରକ୍ତ । ପଢ଼ା ଛାଡ଼ି ଘରେ ରହିଯିବାକୁ ବାପା ଅନୁରୋଧ କଲେ । ଗୋପାଳ କିନ୍ତୁ କୌଣସି କଥା ନ ଶୁଣି, ଚାଲିଗଲେ ପଢ଼ିବାକୁ । ଗୋପାଳର ସ୍କୁଲର ଫାଇନାଲର ଟେଷ୍ଟ ଆଉ ପନ୍ଦରଦିନ ଅଛି, ହଠାତ୍ ଘରୁ ଡାକରା ଆସିଲା ତାରଦ୍ୱାରା । ଘରକୁ ଗଲାପରେ ବାପା କହିଲେ, ଅନେକ କଷ୍ଟ ତୁ ଯେତେବେଳେ ବଡ଼ ହେଲୁଣି, ବାଧ୍ୟହୋଇ ତାର କରିଛି । ବର୍ତ୍ତମାନ ବିବାହ କରିବାକୁ ହେବ, ଆଉ ବେଶି କଣ କହିବି, ତୁ ମୋର ସିଦ୍ଧାର୍ଥ ଭଳି ପୁଅ, ମୋ କଥା ନ ରଖିଲେ ଘର ଭାଙ୍ଗିଯିବ । ଆଉ ମୋର ମଧ୍ୟ କାହିଁକି କେଜାଣି ଭୟ ହେଉଛି, ମୁଁ ଯେପରି ଆଉ ବେଶିଦିନ ବଞ୍ଚିପାରିବି ନାହିଁ ।

ଗୋପାଳ କହିଲା, "ମୋର ପରୀକ୍ଷା ପନ୍ଦରଦିନ ଅଛି, ମୁଁ ଆଜି ଚାଲିଯିବି—"। ବାପା କୋମଳ-ହୋଇ କହିଲେ "କାଲିତ ମଙ୍ଗଳଣ, ପଅର ଦିନ ବିଭା, ବାସିଦିନ ରାତି ପାହାନ୍ତିଆରୁ ଉଠି ଚାଲିଯିବୁ, ମୋ କଥା ଶୁଣ । ଏ ବର୍ଷ ଉଭୟ ନକ୍ଷତ୍ରରେ ଆଉ ଭଲ ତିଥି ନାହିଁ । ତୁ ଆଉ ମତେ ହଇରାଣ କରନାହିଁ ।"

ବାପାଙ୍କ କଥାପ୍ରକାରେ, ଗୋପାଳ ବିବାହ ଦିନ ରାତିପାହାନ୍ତିଆରୁ ଉଠି, ଚାଲିଗଲେ ଶ୍ୱଶୁରଘରକୁ । ଇ. ଏ ପରୀକ୍ଷାଦେଇ ଯେତେବେଳେ ଘରକୁ ଫେରିଲେ ବାପା ଶୋଇଛନ୍ତି ଭୀଷଣ ଦାରୁଣ ରୋଗରେ । ଏଣେ

ବାକି ଜୀବନସଙ୍ଗିନୀ ଗ୍ରହଣ କରିବେ ବୋଲି, ଗୋପାଳ ଆବାଲ୍ୟରୁ ଯେଉଁ ମଧୁର କଳ୍ପନା କରିଥିଲେ, ସେ କଳ୍ପନାରେ ବାପା ବ୍ୟାଘାତ ଦେଇଛନ୍ତି ଭାବି, ନିର୍ଘୁମ କଜିଆ ଆରମ୍ଭ କରିବେ ବୋଲି ଭାବି ଭାବି ଗୋପାଳ ଆସିଥିଲେ ଘରକୁ ; କିନ୍ତୁ କଜିଆ କରିବେ କଣ, ରୁଗ୍ଣ ପିତାଙ୍କୁ, ଆଉ ତାଙ୍କର ପାର୍ଶ୍ୱରେ ଅଯତ୍ନ ବର୍ଦ୍ଧିତ ଅନନ୍ତକୁ ଦେଖି, ତାଙ୍କର କୋମଳ ପ୍ରାଣ ବିଗଳିତ ହୋଇଗଲା । ସେଦିନ ରାତିଯାକ ବସି ପିତାଙ୍କ ସେବାକରି, ଅନନ୍ତକୁ ଯତ୍ନ କରିବାକୁ ଲାଗିଲେ । ଦାସେ ପୁଅ ଗୋପାଳର ସେବା ଯତ୍ନରେ ଏକାନ୍ତ ଆକୁଳ ହୋଇ, ଗୋପାଳଙ୍କ ମଥାରେ ହାତ ବୁଲେଇ କହିଲେ, "ବାରବର୍ଷ ସନ୍ତାନଗୋପାଳ ମନ୍ତ୍ର ଜପକରି ତତେ ପାଇଥିଲି, ତୋ ବୋଉ ଚାଲିଗଲା । ତାକୁ ମୁଁ ଦିନେ ଭୁଲିନାହିଁ । ତାର ସୁନ୍ଦର ଅଙ୍ଗର ସବୁ ଚିହ୍ନ, ତୋ'ର ଦେହରେ ଦେଖୁଛି ନିତି । ଆଉ ଯାହା ଘଟିଯାଉଛି, ସେସବୁ ଖାଲି ମାୟାମୋହ । ଭଗବାନ ଅନନ୍ତକୁ ପୁଣି ଦେଲେ । କଣ କରିବି, ମୁଁ ଜାଣେ ତୁ ମୋର ଉତ୍ତମ ସନ୍ତାନ । ମୋର ବିଶ୍ୱାସ ତୁ ଅନନ୍ତକୁ ଦେଖିବୁ । ଗୋପାଳରେ ! ମୋର ଆଉ ଗୋଟିଏ ଅନୁରୋଧ, ମୁଁ ମୋର ପୁତ୍ରବଧୂକୁ ଦେଖିଥାନ୍ତି ।" ଗୋପାଳ କହିଲେ, "ବାପା ତୁମର ଶେଷ ଇଚ୍ଛା ପୂର୍ଣ୍ଣହେଉ । ତୁମ ବୋହୂ ହାତରୁ ସେବାପାଇ ତୁମେ ତୃପ୍ତିରେ ଯାଅ ।"

ଯଥା ସମୟରେ ଚନ୍ଦ୍ରାଦେବୀ ଆସି ଶ୍ୱଶୁରଙ୍କ ପାଦ ତଳେ ପ୍ରଣାମ କଲେ । ଦାସେ ଆବେଗରେ ପୁତ୍ରବଧୂ ଆଉ ଅନନ୍ତକୁ ଏକାଠି କରି ଚୁହିଁଲେ କିନ୍ତୁ ସନ୍ଧ୍ୟାରେ ଅନ୍ଧାରରେ ବୃଦ୍ଧ ତାଙ୍କର ରୋଗ ପୀଡ଼ିତ ଅଶ୍ରୁ ପ୍ଳାବିତ ଆଖିରେ, ଆଉ କିଛି ଦେଖିପାରିଲେ ନାହିଁ । ପୁତ୍ରବଧୂଙ୍କ ମଥାରେ ଆଶିଷ ହସ୍ତ ବୁଲେଇ କହିଲେ ମା' ତୁମେ ମୋ ଘରର ଲକ୍ଷ୍ମୀ । ଅନନ୍ତକୁ ତୁମ ହାତରେ ଦେଇ ଯାଉଛି । ତୁମେ ତାକୁ ତୁମର ସନ୍ତାନ ବୋଲି ମନେକରି, ଯତ୍ନ ନେବ । ତା'ପରେ, ଗୋପାଳ ପିଠିରେ ହାତଦେଇ କଣ କହିବାକୁ ଯାଉଥିଲେ । ଅତ୍ୟନ୍ତ ଆବେଗରେ ତାଙ୍କର ହୃତ୍‌ପିଣ୍ଡର କ୍ରିୟା ବନ୍ଦ ହୋଇଗଲା । କଣ୍ଠର କଥା କଣ୍ଠଦେଶରେ ରହିଗଲା ରୁଦ୍ଧହୋଇ ।

ସଂସ୍କାର ପ୍ରୟାସୀ ଗୋପାଳ ପିତାଙ୍କର ଔର୍ଦ୍ଧଦୈହିକ କ୍ରିୟାଟା ଆର୍ଯ୍ୟଧର୍ମ ରୀତି ଅନୁସାରେ କରିବାପାଇଁ ଅନେକ ଚେଷ୍ଟାକରି ମଧ ଶେଷରେ ସେଇ ପୁରାତନ ହିନ୍ଦୁ ରୀତି ବା ଦେଶ ପ୍ରଚଳିତ ରୀତି ପ୍ରକାରେ ଶ୍ରାଦ୍ଧ କାର୍ଯ୍ୟଟା କରେଇ ନେଲେ ।

ଚନ୍ଦ୍ରାଦେବୀ ଆବାଲ୍ୟରୁ ଶୁଣି ଆସିଛନ୍ତି, ସ୍ୱାମୀ ତାଙ୍କର ମହା ବିଦ୍ୟାବନ୍ତ । ଯେଉଁ ବିଦ୍ୟାବଳରେ, ସେ ଦିନକୁ ହଜାର ଟଙ୍କା ଆଣି ଜମେଇଦେଇ ପାରିବେ । ଏହିପରି ଯେଉଁ ସ୍ୱାମୀ ସେ ଅକର୍ମା ହୋଇ ଘରର ଧାନ, ମୁଗ, ଜମା ଖରଚ ହିସାବ ରଖୁଛନ୍ତି । ଏକଥା ଦେଖି ଚନ୍ଦ୍ରାଦେବୀଙ୍କ ମନରେ ହେଲା ଦାରୁଣ ଦୁଃଖ । ସେ ସ୍ୱାମୀଙ୍କୁ ହଠାତ୍ କୌଣସି ଉପଦେଶ ଦେଇପାରିଲେ ନାହିଁ କି ନିଜେ ଶାନ୍ତିରେ ରହିପାରିଲେ ନାହିଁ ।

ପୁରାଣ ବର୍ଣ୍ଣିତ ଚନ୍ଦ୍ରାଦେବୀ, ବିପଦରୁ ଉଦ୍ଧାରହେବା ନିମନ୍ତେ, କୁରୂପା ହେବାକୁ ସୂର୍ଯ୍ୟଦେବତାଙ୍କୁ ପ୍ରାର୍ଥନା କରିଥିଲେ; କିନ୍ତୁ ଆମମାନଙ୍କର ଚନ୍ଦ୍ରାଦେବୀ କୌଣସି ଦେବ ଦେବୀଙ୍କୁ ପ୍ରାର୍ଥନା ନକରି ମଧ୍ୟ ନିଜର ସମସ୍ତ ସୌନ୍ଦର୍ଯ୍ୟ ଅନ୍ୟମାନଙ୍କୁ ଦାନ କରିଦେଇ ମୋଟା ସୋଟା କୃଷ୍ଣବର୍ଣ୍ଣ ଶରୀରଟିଏ ନେଇ ଆସିଥିଲେ, ମର୍ତ୍ତ୍ୟ-ଭୂମିକୁ । ସେଥିପାଇଁ ତାଙ୍କ ମନରେ ଯାହା ଟିକିଏ କ୍ଷୋଭ ଥିଲା, ଗୋପାଳଙ୍କର ଅନ୍ତରିକ ଆଦର ଯତ୍ନରେ ସେକଥା ସେ ଏକବାରେ ଯାଇଥିଲେ ଭୁଲି ।

ଗୋପାଳଙ୍କଠୁ ଅନନ୍ତର ରୂପଟା ଆହୁରି ଅଧିକ ଲୋଭନୀୟ । ଦିନେ ଅନନ୍ତ ପିଲାମେଳରେ ଧୂଳି ଖେଳି ମାଡଦେଇ ମାଡଖାଇ ଚିତ୍କାର କରୁଥିଲା । ଗୋପାଳ ଡାକନେଇ ଦେହର ଧୂଳି ଝାଡ଼ିଦେଇ, ପାଖରେ ବସେଇ, ବୁଝେଇ କହୁ କହୁ, ତାକୁ ପଢ଼େଇବା ଆରମ୍ଭ କରିଦେଲେ । ଚନ୍ଦ୍ରାଦେବୀ ଦୁଆର ପାଖରୁ କହିଲେ, ପହରେ ରାତି ହେଲାଣି, ଖିଆପିଆ କଥା ମନେ ନାହିଁକି ? ସ୍ତ୍ରୀଙ୍କ ପ୍ରଥମ ଉପଦେଶ, ବଡ଼ ଆନନ୍ଦ

ଲାଗିଲା ଗୋପାଳଙ୍କୁ, ସେ ଝଟକରି ଉଠିଗଲେ ଖାଇବାକୁ । ଯାଉ ଯାଉ ଅନନ୍ତକୁ କହିଲେ, ବହି ସ୍ଲେଟ ସବୁ ରଖେ, ବଡ଼ ସକାଳୁ ମୁହଁ ହାତ ଧୋଇ ମୋ ପାଖକୁ ଆସିବୁ । ଏ ମାସଟା ମୋ ପାଖରେ ପଢ଼ିବୁ । ଆଉ ମାସକୁ ବ୍ରହ୍ମପୁର ଯିବୁ ପଢିବାକୁ, ବୁଝିଲୁ ? ଅନନ୍ତ ମୁଣ୍ଡ ହଲେଇ ହଁ ଭରିଲା । କଥା ଟା ଚିନ୍ତାଦେବୀଙ୍କୁ କ'ଣ ଲାଗିଲା ସେ ନିଜେ ହିଁ ଜାଣନ୍ତି । ସେ ଅଳ୍ପ ହସି କହିଲେ, ଲୋକେ କହୁଥିଲେ ପାଠ ପଢ଼ିବ, ହଜାର ହଜାର ଅର୍ଜିବ ବୋଲି ଯେ, ଘରେ ବସି ଅନନ୍ତର ଅବଧାନ ପଣିଆ କରିବ ନାହିଁ ?

ଗୋପାଳ ଚିନ୍ତାକଲେ, ପ୍ରକୃତ କଥା ତ ! ଶାସ୍ତ୍ର ବାକ୍ୟ ଅଛି "ଚଲୁଣ ବ୍ୟର୍ଥ ଚିନ୍ତନଂ ।" ମୁଁ ପାସକରି ଗ୍ରାଜୁଏଟ ହେଲି, ଅଥଚ ସେ ପାଠ ପଢ଼ାର ମର୍ଯ୍ୟାଦା ବୁଝିପାରିଲି ନାହିଁ । ବୁଝିଲା ଆଉଜଣେ ତାର ମର୍ଯ୍ୟାଦା, ଯେ କି ପାଠ କଣ ଜାଣିନାହିଁ । ଗୋପାଳ ସେଇଦିନ କେତେଗୁଡ଼ିଏ ବିଭାଗକୁ ଲେଖିଦେଲେ ଆବେଦନ ପତ୍ର । ଯଥା ସମୟରେ ଶିକ୍ଷା ବିଭାଗରୁ ଆସିଲା ନିଯୁକ୍ତି ଆଦେଶ, ଆସିଷ୍ଟେଣ୍ଟ ଇନ୍‌ସ୍ପେକ୍‌ଟର ହୋଇ ଯିବାକୁ ହେବ ଢେଙ୍କାନାଳିଆ ।

ଚିନ୍ତାଦେବୀ ଉପଦେଶ ଦେଲେ, ଘରଛାଡ଼ି ହେଉଛନ୍ତି ପିଲାଟାକୁ ଛାଡ଼ି ସେ ଯିବେ କିପରି ? ପୂଜାଘର ଆଉ ସାମାନପତ୍ର ଧରି ଗୋପାଳ ଗଲେ କାର୍ଯ୍ୟ ସ୍ଥାନକୁ ।

× × × ×

ଅନନ୍ତର ମାମୁଁଘର ସେଇ ପାଖରେ । ନଈ ଡେଇଁଲେ ଗାଁଟା । ଅନନ୍ତର ତିନି ମାମୁଁ ହାତ ଗୋଡ଼ ଭଲ ପେଟ ଚଳାନ୍ତି । ବଡ଼ମାମୁଁ ଶଙ୍କରର ବୟସ ଚାଳିଶି, ବିପତ୍ନୀକ, ଟିକିଏ ମାଇଚିଆ । ପୁଣି ବିବାହ ପ୍ରସ୍ତାବ ହେବାରୁ ଶଙ୍କର କହିଲା, "ଓହୋ, ମୋର ଯେଉଁ ହସ୍ତି ନା ବାହୁଣୀଗୁଡ଼ାକ ପଡ଼ିରହିଛି, ଆଉ ଗୋଟେ ବିଭାହେଲେ ଭୋଗକରିବ ।" ଶଙ୍କର ଲୋକଙ୍କଠୁ ଶୁଣିଲା ନୂଆଁ କୋହ୍ଲଟା ତିନି ଓଳିରେ ଓଳିଏ ଚୂଲି ଜାଳୁଛି, ବାସିଭାତ ଖାଇ ଖାଇ ଅନନ୍ତ କଫ ଜରରେ ଘୁଡ଼ୁ ଘୁଡ଼ୁ ହୋଉଚି । ଶଙ୍କରର ଭାବନା ହେଲା, ଭଉଣୀ ତ ଗଲା, ତା ପିଲାଟି ମଧ୍ୟ କେଜାଣି କୋଉଦିନ ଚାଲିଯିବ । ସନ୍ଧ୍ୟାବେଳେ ବାଉଁଶଗଣ୍ଡି ବାଡ଼ିରୁ ସେଆଡ଼େ ସେଆଡ଼େ ଶଙ୍କର ଚାଲିଗଲା ଅନନ୍ତକୁ ଦେଖି । ଶଙ୍କର ଦୁଆର ମୁହଁରେ ଗଳା ପରିଷ୍କାର କରି ଡାକିଲା, ଅନ୍ତ, ଅନ୍ତ । ଏ ଅନ୍ତ ! ଚିନ୍ତାଦେବୀ ଜାଣନ୍ତି, ଅନନ୍ତର ମାମୁଁ ଗୁଡ଼ାଙ୍କର ଖାଲି ଦରିଦ୍ର କୋଷ୍ଠୀ । ମାଲିମୋକଦ୍ଦମା କରି ସବୁ ଉଡ଼େଇ ଦେଲେଣି । ଚିନ୍ତା ସ୍ୱର ବାରି ଘୃଣାରେ ମୁହଁ ଫେରେଇ ଚାଲିଗଲେ । ଶଙ୍କର "ପିଲାଟାକୁ ଦେଖି ଆସିଲି" ଇତ୍ୟାଦି ଅନେକ କଥା କହିବା ପରେ ସୁଦ୍ଧା ଚିନ୍ତା ଶଙ୍କରକୁ ଘଡ଼ିଟା ରହିବାକୁ କହିଲେ ନାହିଁ । ଶଙ୍କର ବୁଝି ପରଖକରି ମନ ଜାଣି ରହିଗଲା ।

ଚିନ୍ତାଦେବୀଙ୍କ ବାପା କନ୍ୟାକୁ ସଙ୍ଗେନେଇ ଆସି କନ୍ୟାଠୁ ଶୁଣିଲେ, ପର ପୁରରେ ବଡ଼ କଷ୍ଟ ହେଉଛି । ଅର୍ଥ ତ ଗୁଡ଼ାଏ ପରଲୋକ ଘରେ ଥିବାହେତୁ । ସ୍ୱାମୀ ସେବାରେ ନାରୀର ସ୍ୱର୍ଗ ଲାଭହୁଏ । ସ୍ୱାମୀ ପାଖକୁ ନ ଯାଇ ଏଠି କାହିଁକି ପଡ଼ିରହିଛୁ । ଶୀଘ୍ର ଚାଲିଯା ବୋଲି ଉପଦେଶ ଦେଇ ଚାଲିଗଲେ ବାପା ।

ମାସେ ଖଣ୍ଡେ ପରେ କଣ ଗୋଟାଏ ଛୁଟିରେ ଗୋପାଳ ଘରକୁ ଆସି ଶୁଣିଲେ, ସ୍ତ୍ରୀ ଇଚ୍ଛାକରୁଛନ୍ତି ସ୍ୱାମୀପାଖରେ ରହିବେ । ଅନନ୍ତ ଏଠି ରହିବ, ତାକୁ ଦେଖିବ ତାର ମାମୁଁ । ସମୟେ ସମୟେ ସେ ଆସି ଘର ବିଷୟ ଦେଖିଯିବେ । ଗୋପାଳ ଭାବିଲେ, ଦେଖିଲେ ମଧ୍ୟ, ଚିନ୍ତାଦେବୀ ଗୃହ ପରିଚାଳନାରେ ଏତେଦୂର ସୁନିପୁଣା ଯେ ମାସକର ହିସାବ ସବୁ ତାଙ୍କର ମୁଖସ୍ଥ । ଧାନ, ଚାଉଳ, ବିରି, ମୁଗ ଯେଉଁଠି ଯାହା ଯେତେ ଅଛି, ତାର ହିସାବ ଇମିତି ଟିକିନିଖି କରି ରଖାହୋଇଛି ଯେ ସେ ନିଜେ ବର୍ଷେ ଚେଷ୍ଟାକଲେ ସୁଦ୍ଧା ଏ ଭାବରେ ହିସାବ କରି ରଖିପାରନ୍ତେ ନାହିଁ । ଗୋପାଳ ଭାବିଲେ ଯେ ତାଙ୍କର ଯୌବନର ସବୁ ସ୍ୱପ୍ନ ସଫଳ ହୋଇଛି । ଆଜି ସେ ଓଡ଼ିଆ ଝିଅକୁ ସହଧର୍ମିଣୀ, ସହକର୍ମିଣୀ ଭାବରେ ପାଇଛନ୍ତି । ବିନା ଯତ୍ନରେ ଅଲକ୍ଷିତ ଭାବରେ ଭଗବାନ ତାଙ୍କୁ ତାଙ୍କର

କାମନାର ଫଳ ସ୍ତ୍ରୀ ରୁପିଣୀ ରତ୍ନ ଖଣ୍ଡିଏ ଦାନକରି ଦେଇଛନ୍ତି ।

ଦୁଇମାସ ପରେ ଆସିଗଲା ଗୁରୁବାର ଲକ୍ଷ୍ମୀପୂଜା, ଧାନକଟା ସମୟ । ଚନ୍ଦ୍ରାଦେବୀ ସ୍ୱାମୀଙ୍କୁ କହିଲେ, ପିତୃ ପିତାମହ ଯୋଉ କଥା କରିଛନ୍ତି, ଆମେ ନକଲେ ଲୋକେ ନିନ୍ଦା କରିବେ । ପୂଜା ବିଧାନ ଗୁଡ଼ାକୁ ଯୁକ୍ତିକରି ଗୋପାଳ ଉଡ଼େଇ ଦେଲା, କିନ୍ତୁ ସ୍ତ୍ରୀଙ୍କ କଥାରୁ ବାହାର ହୋଇପାରିଲା ନାହିଁ । ଶେଷରେ ଏକଥା ସ୍ୱୀକାର କରିବାକୁ ବାଧ୍ୟହେଲା । "ବିଶ୍ୱାସ ବିନା କଥା ଯେତେ, ଫଳ ନ ଫଳେ କଦାଚିତେ ।" ଅତଏବ ସ୍ତ୍ରୀଙ୍କ ବିଶ୍ୱାସ ପ୍ରକାରେ ସ୍ତ୍ରୀ କାର୍ଯ୍ୟ କରିବେ । ସେଥିରେ ବାଧାଦେବା ଅର୍ଥ ସ୍ତ୍ରୀଙ୍କ ସ୍ୱାଧୀନ ମନୋଭାବ ଉପରେ ଆଘାତ ଦେବା । ଅତଏବ ସ୍ତ୍ରୀ ତାଙ୍କର ବିଶ୍ୱାସ ଅନୁଯାୟୀ ସେବା, ପୂଜା ବିଧି ବିଧାନ କରିଗଲେ, ଅବାଧରେ । ଚନ୍ଦ୍ରାଦେବୀ ଗାଁରୁ ଫେରି କହିଲେ, ଗାତପଣା ମାମୁଁଟା ସର୍ବସ୍ୱ ବୋହି ନେଇଯାଇଛି । ଏଥର ଧାନ ମୁଗ ଯାହା ଥିଲା ସବୁ ବିକିଦେଇ ଆସିଛି,—"

"ମୋର ବି ବିଶ୍ୱାସ ମାମୁଁଟା ଭଲ ଲୋକ ନୁହେଁ । ଅନନ୍ତକୁ ବ୍ରହ୍ମପୁର ପଢ଼ିବାକୁ ପଠେଇଦେଇ ଘର ଜଞ୍ଜାଳ ତୁଟେଇଦେଲେ ଯିବ ।" ଅନନ୍ତକୁ ବ୍ରହ୍ମପୁର ପଠେଇବା ପ୍ରସ୍ତାବରେ ଚନ୍ଦ୍ରା ମନେ ମନେ ରାଗି ଯାଇ କହିଲେ, ଯୋଉ ପାଠ ପଢ଼ୁଛି ତ ଖାଲି ଟଙ୍କା ଖରଚ କରିବା କଥା । ଗୋପାଳ କିନ୍ତୁ ସ୍ତ୍ରୀଙ୍କ କଥା ଉପରେ ସେତେ ଧ୍ୟାନ ନଦେଇ ଅନନ୍ତକୁ ପଢ଼ିବାକୁ ପଠେଇଲେ ।

ଅନନ୍ତ ପାଠ ପଢ଼ିଗଲା । ଶଙ୍କର ମାମୁଁ ଗଲା ସାଙ୍ଗରେ । ଠିକ୍ ସମୟରେ ଖାଇପିଇ ଶୋଇବା କାମ ଶଙ୍କର ହାତରେ ଭଲ ହୁଏ । ଅନନ୍ତର ସ୍ୱାସ୍ଥ୍ୟଟି ଭଲହେଲା ସତ, କିନ୍ତୁ ପାଠ ପଢ଼ା ଦିଗରେ ଉନ୍ନତି ହେଲାନାହିଁ । ସୁତରାଂ ଅନନ୍ତ ପଞ୍ଚମ ଶ୍ରେଣୀରେ ଫେଲ କରିବାକୁ ବାଧ୍ୟହେଲା । ଦ୍ୱିତୀୟ ବର୍ଷକୁ କେବେ ଚାଉଳ ଗଣ୍ଡେ, କେବେ ପାଞ୍ଚ ଛ' ଟଙ୍କା ପାଇ, ବର୍ଷକସାକ କଷ୍ଟରେ ବସାକାର୍ଯ୍ୟ ଚଳେଇ ନେଲା ଶଙ୍କର । ଦ୍ୱିତୀୟ ବର୍ଷ ମଧ୍ୟ ଫେଲକଲା ଅନନ୍ତ । ଫଳରେ ଶଙ୍କର ମାମୁଁ ପୁଟୁଳା ପୁଟୁଳି ବାନ୍ଧି ଘରକୁ ଚାଲିଆସିଲା ନୀରବରେ ।

ଏହାପରେ ଗୋପାଳ ସ୍ୱର୍ଗଗତ ପିତାଙ୍କ କଥା ସ୍ମରଣ କରି, ଅନନ୍ତକୁ ପଢ଼େଇବା ନିମନ୍ତେ ଗାଁରେ ପଣ୍ଡିତ ମାଷ୍ଟ୍ରେ ଜଣକୁ ରଖେଇ ଦେଲେ । ମାସକୁ ଛ'ଟଙ୍କା ମାଷ୍ଟ୍ରଙ୍କ ଦରମା । ଚନ୍ଦ୍ରାଦେବୀ ଗାଁକୁ ଯାଇ ଭାଗ ଚାଷର ଧାନଗୁଡ଼ାକୁ ଅମାରରେ ରଖି, ବାକି ସବୁ ହିସାବପତ୍ର ନିଷ୍ପତ୍ତି କରି ଫେରିଲାବେଳକୁ ଅନନ୍ତ କହିଲା, ମାଷ୍ଟ୍ରେ ଟଙ୍କା ମାଗୁଛନ୍ତି ।

ଚନ୍ଦ୍ରାଦେବୀ ସ୍ୱାମୀଙ୍କୁ କହିଲେ, ପାଠ ପଢ଼ୁନାହିଁ ଯେ, ନିଆଁ ଧୂଆଁ ପଢ଼ୁଛି । ମାମୁଁ ଗଞ୍ଜେଡ଼ି, ସେ ମାଷ୍ଟ୍ର ଗଞ୍ଜେଡ଼ି । ପନ୍ଦର କି ଷୋଳ ବର୍ଷର ଏଡ଼େ ଘେଣ୍ଡାଟେ ହେଲାଣି । ନାଇଁ ଲୋ ମା, ଏଣିକି ତା କଥା ତାର ସେ' ଦେଖୁ । ଢେପ ଡଙ୍ଗର ହୋଇ ଯୋଉ ପାଞ୍ଚ ଭରଣ ପଢ଼ିଚି, ସେଇତାକୁ ଅନେଇ ତ ଆମର ବଞ୍ଚିବା କଥା । ଗଞ୍ଜେଇ ଅଫିମ କରି ସବୁ ଉଡ଼େଇଦେଇ, ଶେଷକୁ କହିବ, ଭାଇ ଭାଉଜ କିଛି ଦେଲେନାହିଁ ।

ପିଲାଟା ଖାଇବା ପିନ୍ଧିବାକୁ ନପାଇ ହଇରାଣ ହେଲା । ଶଙ୍କର ଭାବିଲା ଭଲଘର ଦେଖି ବିଭାଟି କରିଦେଲେ ଯିବ । ସେ ଶ୍ୱଶୁର ହେବ ଜୋଇଁ ନିମନ୍ତେ ଯୁଦ୍ଧକରି ଭାଗେ ଆଣିଦେବ । ଗାଁର କୁ'ଲୋକଙ୍କ କୁମନ୍ତ୍ରଣାରେ ପଡ଼ି, ଶଙ୍କର ଗୋପାଳଙ୍କୁ ନ ପଚାରି, ଅନନ୍ତର ବିଭାଘର ଚଳେଇଦେଲା ।

ଚନ୍ଦ୍ରାଦେବୀ କହିଲେ, ଭାଇ ଭାଇ ହେଉଁଚ ସେ ଦେଖିଲ କି—ମୁଁ କହୁଚି ପରା, ମହନମୁହାଁର ବୁଦ୍ଧି ଜଣାନୁହେଁ । ଧାନଘରୁ ତଳୁ ପଟା କାଟି ସବୁଗୁଡ଼ାକ ଧାନ ନେଇଯାଇଛି । ଦିଅ, ଦିଅ, ତା ଭାଗଟା ତାକୁ ଦେଇଦିଅ । କେତେବେଳେ ଆମ ତୋଟିରେ ଛୁରିଦେଇ ବସିବ ।

ଅନନ୍ତର ଶ୍ୱଶୁର ଅନନ୍ତ ଗାଡ଼ିଏନ ହୋଇ, ପୈତୃକ ଭାଗ ନିମନ୍ତେ କୋର୍ଟରେ ନାଲିସ୍ କଲେ । ଶାନ୍ତାଦେବୀଙ୍କ ଉପଦେଶ ପ୍ରକାରେ, ଗାଁର ଭୂମି ଘରର ଅଧେ ଅନନ୍ତଙ୍କୁ ଦେଇ, ଗୋପାଳ ସକଳ ପ୍ରକାର ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ । ଏହାପରେ ସମୟେ ସମୟେ ଖାତା କଲମ ଧରି ଲେଖିବାକୁ ବସିଲାବେଳେ, ଗୋପାଳଙ୍କର ମନେ ପଡ଼ିଯାଏ ପିତାଙ୍କର ଶେଷ ସମୟର କଥା; ନିଜପ୍ରତି ହୁଏ ସନ୍ଦେହ । ଭାବନା ଆସେ, ଅନ୍ତର ଆନ୍ଦୋଳିତ ହୋଇ ଉଠେ । ଗୋପାଳ ଭାବନ୍ତି, ନିଜେ ଯେପରି ପିତାଙ୍କର କଥା ରଖିପାରି ନାହାନ୍ତି, ଅନନ୍ତ ପ୍ରତି ଆଦୌ ଦୃଷ୍ଟି ଦେଇନାହାନ୍ତି । ଅନନ୍ତ ଅଭାବନା ଗଛପରି ଢଳଢଳକଟି ନଷ୍ଟ ହେଇଗଲା । ସେ ଆଉ ଅଧିକ ଭାବିପାରନ୍ତି ନାହିଁ, ଚେଷ୍ଟାକରନ୍ତି ଲେଖିବାକୁ ।

## ଦୁଇ

କର୍ମକ୍ଷେତ୍ର ଭିତରେ ଗୋପାଳଙ୍କର ପଚିଶ ବର୍ଷ ଅତିବାହିତ ହୋଇସାରିଲାଣି । ସେ ଏଇ ପଚିଶି ବର୍ଷ ଭିତରେ ଜାତିର କଲ୍ୟାଣ କାମନାରେ ସଂସ୍କାର ପ୍ରୟାସ କରି ଯଶ ଅପଯଶ ଉଭୟରେ ଭାଗୀହୋଇ ସାରିଲେଣି । ବାଲ୍ୟବିବାହ ନିରୋଧ, ବିଧବା ବିବାହ ଯୁବତୀ ବିବାହର ପ୍ରଚାର କରି, ସ୍ତ୍ରୀଙ୍କଠୁ, ଲୋକଙ୍କଠୁ କେତେପ୍ରକାର ଭର୍ତ୍ସନା ଗଞ୍ଜଣା ସହିସାରିଲେଣି ।

ବର୍ତ୍ତମାନ୍ ଅବସର ନେଇ ଗାଁର ପୈତୃକ ଘରରୁ ଅଧିକରେ ରହିଛନ୍ତି ଗୋପାଳ, ଆଉ ଅଧିକରେ ଅନନ୍ତ । ଶାନ୍ତାଙ୍କ ଯତ୍ନରେ ଗୋପାଳଙ୍କ ଘର ଦୋଚାଲାରେ ପରିଣତ ହେଇପାରିଛି । ଉପର ଘରେ ଧାନ, ମୁଗ, ଗୁଡ଼, ଘିଅ ଇତ୍ୟାଦି ଜିନିଷ ରଖାହୋଇ ତାଲା ବନ୍ଦ କରାଯାଇଛି । ତଳଘରେ ବସବାସ କାମଚଳୁଛି । ଗୋପାଳଙ୍କର ଏକମାତ୍ର କନ୍ୟା ସନ୍ତାନ, ନାମ ଅନୁସୂୟା । ଅନୁସୂୟା ବିବାହ କରି ଚାରିଟି ପୁତ୍ର ସନ୍ତାନର ମାତୃତ୍ୱ ଅଧିକାର କରିସାରିଲାଣି । ଅନୁର ପ୍ରଥମ ସନ୍ତାନ ଡାକ ନାମ କୋକ, ବୟସ ବାର ତେର । ତାହାଙ୍କୁ ହିଁ ଦତ୍ତପୁତ୍ର ରୂପେ ଗ୍ରହଣ କରିବା ନିମନ୍ତେ ଶାନ୍ତାଦେବୀ ଘରେ ବ୍ରତ ଉପନୟନର ଆୟୋଜନ କରେଇଛନ୍ତି । ଝିଅ ପିଲା, ବୁଢ଼ୀ ବୁଢ଼ା ଶଙ୍ଖ ହୁଳହୁଳିର ଶବ୍ଦ ଘନ ଘନ ଶୁଭୁଛି । ଗୋପାଳଙ୍କ ସେ ଆଡ଼େ ଆଦୌ ଦୃଷ୍ଟିନାହିଁ । ସେ ତାଙ୍କର ଘରର କୋଣଟିରେ ବସି, ପ୍ରେମ କବିତା ଲେଖିବାରେ ଲାଗି ଯାଇଛନ୍ତି, ମୁହୂର୍ତ୍ତକ ପାଇଁ ସେ ଭୁଲି ଯାଇଛନ୍ତି ବାସ୍ତବ ରାଜ୍ୟର ନିଷ୍ଠୁର ରୁଢ଼ତା । ମୁହୂର୍ତ୍ତକ ପାଇଁ ସେ ଯେପରି ଅଭିଷିକ୍ତ ହୋଇ ବସିଛନ୍ତି ଯୌବନ ରାଜ୍ୟର ରାଜ୍ୟ ସିଂହାସନରେ । ମୁହଁ ଆଖିରେ ମୁହୂର୍ତ୍ତକପାଇଁ ଫୁଟି ଉଠୁଛି ଯୌବନର ଉଚ୍ଛ୍ୱାସ । ଅଧର ପ୍ରାନ୍ତରେ ଫୁଟି ଉଠୁଛି ହାସ୍ୟର ସ୍ମିତରେଖା । ତାଙ୍କର ପରମ ବନ୍ଧୁ ଦକ୍ଷିଣପଟର ପୁରାତନ ପୂଜାରୀ କାର୍ତ୍ତିକ, ଆଉ ଆଖିରେ ଗୁହିଁ ଦେଇ ଦୁଇ ଉଳୁଣ୍ଠ ଫେରିଗଲାଣି ମନେମନେ ହସି ହସି ।

ଶାନ୍ତା ହଠାତ୍ ଜ୍ୟେଷ୍ଠର ଧୂଳିଆ ଝୁଡ଼ିପରି ଘରି ଭିତରକୁ ଆସି କହିଲା, ଓହୋ ; ଏ ତମ କାନକୁ ଶୁଭୁନାହିଁ କିଆଁ ? ଗୋପାଳ ଚମକି ଉଠି ଉଦ୍ଦିତ କଣ୍ଠରେ ପଚାରିଲେ, କଣହେଲା ଅନୁବୋଉ ! ତୁମେ ଏତେ ବ୍ୟସ୍ତ ହେଇଛ କାହିଁକି ? ବସ ବସ ଶୁଣ, ମୁଁ ଗୋଟିଏ କବିତା ଲେଖିଛି ।

"ଏ ମା ! ଆହା ହା ! କି ମଣିଷ ମ ତମେ !"

କଣହେଲା ଅନୁବୋଉ ?

ଜାଣିନ ?

କଣ ଜାଣି ନାହିଁ ! ଅନୁବୋଉ ? ତୁମେ ତ ମତେ କହିନାହିଁ ଜାଣିବି କିପରି ? ତୁମର କଥା ସ୍ପଷ୍ଟକରି କହ ! ମୁଁ ତ କିଛି ବୁଝିପାରୁନାହିଁ ।

କୋ'ଠୁ ବୁଝିବ, ଯୋଡ଼ା ବୁଦ୍ଧି ତ ଧଇଲାଣି, ଦିନ ରାତି କାଗଜକଲମ ଧରି କରକର କରୁଚ । କାଗଜଟା ଭିତରେ ମୁଣ୍ଡଟା ଧରିଦେଇ ରହୁଚ, ଆଉ

ବୁଝାପଡ଼ିବ କମିତି ? ଆଜ କୋକର ଭୂତ ପରା, ବେଦକୁ ସିବ ଆସ !

ଗୋପାଳ ଅତ୍ୟନ୍ତ ଅନ୍ୟମନସ୍କଭାବରେ ମୁହୂର୍ତ୍ତିକ ଆଗର ସ୍ୱପ୍ନମୟ ରାଜ୍ୟର ସୁଖ ସ୍ମୃତି ସ୍ମରଣକରି ନିବଦ୍ଧ ଦୃଷ୍ଟିରେ ଚନ୍ଦ୍ରାଙ୍କ ମୁହଁକୁ ଚାହିଁ ପଚାରିଲେ, କୋକ ! କୋ’ କୋକ ?

“କଣ ହେଲା କୋ’ କୋକ ପଚାରିଲାବେଳକୁ ଲାଜ ଲାଗୁନାଇଁ । ମାଗି ଆଣିବା ପଦାର୍ଥ, ବେଦରେ ବସିଛୁ, ଅନ୍ଧ ଆଖିରେ ଦେଖନ୍ତ କଣ, କାଗଜ ରାମ୍ପି ରାମ୍ପି କହୁଛ, କୋ’ କୋକ । ଚାଲ ଉଠ । କହୁ କହୁ ଅନୁବୋଉ ଗୋପାଳଙ୍କ ହାତଧରି ଏକ ପ୍ରକାର ଜୋରକରି ଟାଣି ନେଇଗଲେ, ଘର ଭିତରୁ ।

ଦୁଆର ସେ ପାଖରେ ରହି କାର୍ତ୍ତିକ ଅଭିନୟଟା ଦେଖୁଥିଲା । ଦୁହେଁ ଚାଲିଯିବା ପରେ ଖାତା ଲେଉଟାଇ ଦେଖିଲା । ନୂଆଁ ଗୀତ ଲେଖାହୋଇଛି । କାର୍ତ୍ତିକର ବୟସ ପଚିଶି ହେବ । ପିଲାଟି ଦିନରୁ ମାତୃହୀନ ହୋଇଥିଲା, ପରେ ପିତୃହୀନ ହେଲା । ଗାଁରେ ଚାଟଶାଳୀରେ ପଢ଼ିଥିଲା ଗୋପୀଭାଷା, ଗୁଣସାଗର । ସେତିକରେ ସମୟ ସମୟରେ ସାହିତ୍ୟ ଅନୁଭୂତିରେ ପ୍ରଣୟ ସ୍ପର୍ଶରେ ବାଳିକା ବଧୂପରି ତାର ହୃଦ ପୁଲକିତ ହୋଇଉଠେ । କାର୍ତ୍ତିକର ହାଡ଼ ଦିଖଣ୍ଡ, ପତଳା ଛିପିଛିପିଆ ଦେହ । ବର୍ଣ୍ଣ ଗୌର, ପାତଳ ଓଠ, ଲମ୍ବା ମୁହଁ, ସୁନ୍ଦର ନାକ, ଗୋଟାପାକ ମୁହଁରେ ବସନ୍ତ ଦାଗ, ମୁହଁରେ ମାଂସବୋଲି କିଛି ନାହିଁ, ଛୋଟ ଛୋଟ ନିବଡ଼ କଳା ଆଖି, ଭଙ୍ଗିକରି ଆଡ଼େଇ ଆଡ଼େଇ ଚାହେଁ, କଥାକହେ ଖନେଇଁ ଖନେଇଁ ।

କାର୍ତ୍ତିକ ଖାତାଟାକୁ ଧରି ଗୀତ ଗାଇଲା । ଖନା ପାଟିର ଗୀତ ଶୁଣିବାକୁ ବଡ଼ ମଜା ଲାଗେ ।

“ପଥ ଭୁଲି ଆସିଥିଲ ସନ୍ଧ୍ୟା ମୋର ଦୁଆରେ
ବଜାଇଲ ବୀଣା କିଆଁ ତୁମେ ପଞ୍ଚମ ସ୍ୱରେ ।
ଆସିଥିଲ ସନ୍ଧ୍ୟା କ୍ଷଣକର ମୋହ ବଶରେ
ବଶ କଲ କିଆଁ ମତେ ତୁମ ସ୍ନେହ ସ୍ପର୍ଶରେ ।
ହାତେ ହାତ ରଖି ପ୍ରିୟା କିଆଁ ଅତି ପ୍ରୀତିରେ
ବୁଲାଇଲ ଫୁଲବନେ ମତେ ଚାନ୍ଦ ରାତିରେ ।
ଫୁଲ ତୋଳି ମାଳାରଚି ଦେଲ ତୁମ ଗଳାରେ
ଗୀତ ଗାଇ ଖେଳାଇଲ ତୁମେ ଫୁଲ ଦୋଳାରେ ।
ସ୍ୱପନ ତ ନୁହେ ବନ୍ଧୁ ତାହା ଅତି ସତ୍ୟରେ
ଦେଇଥିଲ ଦେଖା ତୁମେ ମୋର ଯାତ୍ରା ପଥରେ ।”

ଗୀତ ଗାଇସାରି କାର୍ତ୍ତିକ ହସି ହସି ଲୋଟେଇ ପୋଟେଇ ଗଲା । ଭାବିଲା ଏଁ ! ବାବୁ ବୁଢ଼ା ହେଲେଣି, କେଡ଼େ ସୁନ୍ଦର ରସ ରସିଆ ଗୀତ ଲେଖିଚନ୍ତି ! ଅର୍ଥ ଗୁଡ଼ାକତ ଜମାରୁ ବୁଝି ହେଉନି, କାଇଁ କଣ ଲେଖିଚନ୍ତି — ପଥ ଭୁଲି ଆସିଥିଲ ତୁମେ ମୋର ଦୁଆରେ—ପଥବଣା କୋଇଲେ ବାଟ ବଣା ହେବା, ଦୁଆରେ କୋଇଲେ ଦୁଆର ପାଖକୁ । ହଁ ହେଲା, ଏଥର ସବୁ ବୁଝା ପଡ଼ିଗଲା, ବାବୁ କାହାକୁ ବଡ଼ ସୁଖ ପାଉଥିଲେ ଏକା ତାପାଇଁ ଏ ସବୁ ଗୀତ ରଚୁଛନ୍ତି । ହେଲେ ବୁଢ଼ା ହେଲେଣି ମନଟା ଯିମିତି ସିମିତି ଓଦାହୋଇ ରହିଛି !

କାର୍ତ୍ତିକର ଆନନ୍ଦ ଉପଭୋଗରେ ବାଧା ଦେଇ, ଅଗଣାଆଡ଼ୁ ଚନ୍ଦ୍ରାଦେଈ ଡାକିଲେ, ହଇରେ ! ଏ କାର୍ତ୍ତିକ, କୋଉ ଚୁଲିରେ ଯାଇ ପଶିଚୁରେ ? କାର୍ତ୍ତିକ ସେଇ ଘର ଭିତରୁ ପାଟିକରି କହିଲା—ଜାଉଁଛି ଆଁ ଜ୍ଞା ଜାଉଁଛି । କାର୍ତ୍ତିକ ଯିବା ଉଦ୍ୟମରେ ରହିଲାବେଳକୁ ଅନୁ ଘର ଭିତରକୁ ଆସି କହିଲା, “ସତ କହିଲୁ କାର୍ତ୍ତିକ, ପିଲାଟି ମୋର ବେଦରେ ବସିଛି, ବାପା ଆମର ଖାଲି ହାତରେ ଯାଇ ଠିଆ ହେଉଛନ୍ତିରେ, ମୋର ଯା’ ଜଉଁଳା, ଭଗାରି ଶତ୍ରୁ, ହୋଇ ଅନେଇ ରହିଛନ୍ତି ।—”

ଆଉ ନୁହେଁ କଣହେଁ, ବୁଢ଼ା ହେଲେଣି ସ୍ତ୍ରୀଙ୍କର ବୁଦ୍ଧି ନାହିଁକିଏ ? ଟଙ୍କା, ସୁନା, ମୁଦ, ମାଳି କିଛି ହେଲେ ଧରି ଯାଇଁ ଆସନ୍ତେ ନାଁ ?

“ହଁରେ କାର୍ତ୍ତିକ ମୋ ପିଲା ମୋ ଘରେ ପଇତା ଖିଏ ପକେଇଥାନ୍ତା ।—”

"ଆଉଁ କଣହେଁ, ଟଙ୍କାଁ ସୁଁନାରିଁ ଲେଁଉରେଁ ଘଡ଼ିଁ ପୁଅଁ ଭଳିଁ ପଦାର୍ଥ ବଳ୍‌ିଁ କରବିଁ କହେଁ—?"

"ବକ୍‌, କମିତ କଲରେ ବୋଉ ତ ମାଗିଲା—" କାର୍ତ୍ତିକ ମୁଣ୍ଡ କାନ ଆଉଁସି ନଜର ଭାଙ୍ଗିଲା ହସଟିକ ଗୋପନକରି କହିଲା, "ହୋଉଁ ନଦେଁଲେଁ କୁଆଡେଁ ନେବେଁ "

ଚନ୍ଦ୍ରାଦେବୀ ଅଗଣାଆଡ଼ୁ ଡାକଲେ, "ଆସୁନୁ କାର୍ତ୍ତିକରେ କାର୍ତ୍ତିକ ।"

"ଯାଉଁଛି, ଆଜ୍ଞାଁ ଯାଉଛୁଁ, " । ଅନୁ ଆଡକୁ ଚାହିଁ କହିଲା, "ଯାଉଁଛୁଁ ଆଁ ଜ୍ଞାଁ । ଏଇଁକ୍ଷଣି ଆଉଁ ଥରେଁ ଗାଁଳି ଦେବେଁ" । ଅନୁ, କାର୍ତ୍ତିକ ଚାଲିଗଲା ପରେ, ଗୋପାଳ ଆସ୍ତେ ଆସ୍ତେ ଆସି ଚଉକରେ ବସିବାକୁ ଉଦ୍ୟତ ହେଉଥିଲେ । ଚନ୍ଦ୍ରାଦେବୀ ଦୁଆର ମୁହଁରୁ ଫାଟିକରି ଆସି କହିଲେ, "ଇମା ! ଏ ବ୍ରତ ସରନି, ପଳେଇ ଆସିଲ କିଆଁ ?" ଗୋପାଳ ତାଙ୍କର ଗଭୀର ଚିନ୍ତାକୁଳ ଦୃଷ୍ଟି ଠିକ ଚନ୍ଦ୍ରାଙ୍କ ଦୃଷ୍ଟିରେ ମିଶେଇ କହିଲେ, ବ୍ରତର ଅର୍ଥ ତୁମେ ଜାଣିନାହିଁ ଚନ୍ଦ୍ରାଦେବୀ, ବ୍ରତର ଗୂଢ଼ ଅର୍ଥ ତୁମେ କାହୁଁ ଜାଣିବ ? ତୁମେ ତ ବ୍ରତ କରୁନାହିଁ, ତୁମେ କରୁଛ ଖାଲି ଗୋଟାଏ ସୁଆଙ୍ଗ । ବ୍ରତର ଅର୍ଥ ଯେଉଁ କାର୍ଯ୍ୟ ନିଷ୍ଠାର ସହିତ ପାଳନ କରାଯାଏ, ତାକୁ କହନ୍ତି ବ୍ରତ । ବ୍ରାହ୍ମଣ ସନ୍ତାନ ବ୍ରତ ପାଳନ କରେ, ବିଦ୍ୟା ଅଧ୍ୟୟନ କରିବା ନିମନ୍ତେ । ତା ନ କରି ତୁମେ କରୁଛ ଝିଅଙ୍କ ଭିତର ଖେଳଘର । "ନାଇଁଲୋ ମା, ମତେ ଆଉ ବୁଦ୍ଧି ଦିଶୁନି, କି ଚୁଲିକଥା କହୁଚନ୍ତି । ମୁଁ ତ କିଛି ବୁଝୁନି । ଏଁ ଲୋକ ମୋର କେଉଁ ପିଲାରେ ପିଲା । ପଇତାଟି ପକେଉଚ, ମୋ ନାତି ବୋଲି ଗ୍ରନ୍ଥ କୁଣ୍ଡେ ମୋଟ ହୋଇଯାଉଥାନ୍ତା । ଅନ୍ଧ ଆଖି ଫିଟନ୍ତା, ଅପୁତ୍ରକ ଦୋଷରୁ ପାର ହୁଅନ୍ତା, ଧାଇଁ ପଳେଇ ଆସି କାଗଜ ଧରି ଗମ୍ଭୀର ?"

"ତୁମେ ବଡ଼ ଅନୁଚିତ କାର୍ଯ୍ୟ କରୁଛ । ସେ ତାର ବାପା ଘରେ ବ୍ରତ ହୋଇଥାନ୍ତା—ଆଉ ତାହାହିଁ ହେବା ଉଚିତ୍ ।"

"ଏଁ କି କଥା କହୁଛ ମ ? ଭଦ୍ରେଖପର ତାକୁ ତୁମ ନାଁରେ ପୁଅ କରିବ ?" ଗୋପାଳଙ୍କ ଓଠ ଅଗ୍ରକୁ ଆପେ ଆପେ ଉଚ୍ଚାରିତ ହୋଇଗଲା ବ୍ୟଙ୍ଗହସ । ପୁଣି କହିଲେ, କିଏ କହିଲା—ସେ କଣ ପୁଅ ହୋଇନାହିଁ ଯେ ମୁଁ ତାକୁ ପୁଅ କରିବି ?

ଚନ୍ଦ୍ରାଦେବୀ ରାଗିଯାଇ କହିଲେ, ଆହାହା ! କି କଥା କହୁଚମ ! ବୟସ ଯେତିକି ବଢ଼ୁଛି, ସେତିକି ହୀନବୁଦ୍ଧି ହୋଉଚ । କହିଲ ପରା ତମ ଝିଅର ପୁଅ ନାତି—ତମେ ତାକୁ ତମ ନାଁରେ ବ୍ରତ କରିବ, ତମକୁ ସେ ପିଣ୍ଡ ମୁଠେ ଦୋଳ୍କ ଦବ, ଶିରଦୁଷ୍ଟି କରିବ, ତମର ସାତ ପୁରୁଷକୁ ଉଦ୍ଧାରକରିବ । ଗୋପାଳ ହସି ହସି କହିଲେ, ତମ ଲୋକ ମୋର ସାତପୁରୁଷକୁ ଉଦ୍ଧାର କରିଦେବ ?

"କିନ୍ତୁ ଶ୍ରାଦ୍ଧରେ ମୋର ବିଶ୍ୱାସ ନାହିଁ, ଅନୁଦେବାଉ ! ଶ୍ରଦ୍ଧାପୂର୍ବକ ଯାହା କରାଯାଏ ତାହା ହେଉଛି ଶ୍ରାଦ୍ଧ, ଅର୍ଥାତ୍ ଶ୍ରଦ୍ଧା ସହିତ ଖାଇବାକୁ ଦେଲେ ଶ୍ରାଦ୍ଧ ହୁଏ । ମୃତ ମନୁଷ୍ୟ ଉଦ୍ଦେଶ୍ୟରେ ଖାଦ୍ୟ ସାମଗ୍ରୀ ଅର୍ପଣ କଲେ ଶ୍ରାଦ୍ଧ ହୁଏନାହିଁ, ଅନୁଦେବାଉ । ତୁମେ ଯେଉଁ ଶ୍ରାଦ୍ଧ କରୁଛ, ସେ ଶ୍ରାଦ୍ଧ ନୁହେଁ, ନିଜେ ଭଲଦ୍ରବ୍ୟ ଖାଇବାଦିନ ମାତ୍ର ।

ବେଦ ପାଠରୁ ଶୁଭିଲା ଶଙ୍ଖ ହୁଳହୁଳି । ଅନୁ, ବୋଉ ବୋଉ ବୋଲି ଡାକିଲା ଚିତ୍କାର କରି । ଚନ୍ଦ୍ରାଦେବୀ ବିରକ୍ତିରେ "ନାଇଁ ଲୋ ମା ମୁଁ ଯିବାକୁ ଆଉ ପାରିବି ନାହିଁ" ବୋଲି କହି ଚାଲିଗଲେ ବାହାରକୁ ।

ଚନ୍ଦ୍ରାଦେବୀ ଚାଲିଗଲା ପରେ, ଗୋପାଳ ନିଜକୁ ପୁଣି ସେଇ ସ୍ୱପ୍ନ ପୁରୀ ଭିତରକୁ ନେବାକୁ ଚେଷ୍ଟା କରୁଥିଲେ, ଭିତରକୁ ଆସିଲା ଅନନ୍ତ । ପଚିଶି ବର୍ଷ ଭିତରେ ଅନନ୍ତ ସମ୍ବନ୍ଧରେ, ଗୋପାଳ ଚନ୍ଦ୍ରାଦେବୀଙ୍କଠୁ ମନ୍ଦ ଅଭିଯୋଗ ଶୁଣିବା ଛଡ଼ା କେବେ ଭଲକଥା ପଦେ ଶୁଣିନାହାନ୍ତି । ଚନ୍ଦ୍ରାଦେବୀ କୋଉ ଦିନ ଭାତ ବାଢ଼ୁ ବାଢ଼ୁ, କୋଉ ଦିନ ଜଳଖିଆ ଦେଇ, ଦେଉ ଦିନ ରାତିରେ ପାଦରେ ହାତ ବୁଲେଇ

ହେଲାବେଳେ କହନ୍ତି, ଏ ଅନନ୍ତଟା ବର୍ଷକୁ ବର୍ଷ ଜମିତକ ବନ୍ଧକ, ବିକ୍ରୀ ପକେଇ, ନିଆଁ ଧୂଆଁରେ ଉଡ଼େଇ ଦେଲାଣି । ଗୋଟେ ଜନମ କଲାଣି, ଭିକ ମାଗିବେ । ଲୋକେ ଛି ଛି କରୁଛନ୍ତି; ଗାଁ ଆଡ଼େ ଗଲେ ଶୁଣନ୍ତି—ଘର କଥାରେ ହଟନଟ କରି ମାସକୁ ଦଶଥର ଧାଇଁବ କଟକ ଦୁଆରକୁ—

ଗୋପାଳ ଚନ୍ଦ୍ରାଦେବୀଙ୍କ କଥା ବିଶ୍ୱାସ କରନ୍ତି ଅକ୍ଷରେ ଅକ୍ଷରେ; ବିଶ୍ୱାସ ନ କରିବେ କିପରି ? ଅନନ୍ତକୁ ସେ କଟେର ଦୁଆରେ କେତେ ଥର ଦେଖୁଛନ୍ତି । ଅନନ୍ତର ଶ୍ରେଷ୍ଠ ବେଳର ସୁନ୍ଦର ଚେହେରା ଯାଇଛି ବଦଳି । ଚନ୍ଦ୍ରାଦେବୀଙ୍କ କଥା ଶୁଣୁ ଶୁଣୁ ମନେପଡ଼ିଯାଏ ବାପାଙ୍କ କଥା । ପିତା ଧର୍ମ, ପିତା ସ୍ୱର୍ଗ । ଶିକ୍ଷିତ ପୁଅ ବୋଲି ସମ୍ପୂର୍ଣ୍ଣ ତାଙ୍କରି ଉପରେ ନିର୍ଭର କରିଯାଇଥିଲେ ; କିନ୍ତୁ ସେ କଲେ କଣ । ଅନୁତାପର ଗୁରୁଭାର ଚୁପିଚାପି ଦୀର୍ଘନିଃଶ୍ୱାସ ଛାଡ଼ି କହନ୍ତି, ଆମେ ଚେଷ୍ଟା କରିଥିଲେ ବୋଧହୁଏ ଟୋକାଟା ଭଲ ବାଟକୁ ଆସିଥାନ୍ତା । ହଁ, ମନୁଷ୍ୟର ଭାଗ୍ୟଫଳ ତ !' ବୃଦ୍ଧାବସ୍ଥାରେ ବିବାହ କରିବା ପାଇଁ ପିତାଙ୍କ ଉପରେ ଦୋଷ ଦେଇ ଅନୁତାପର ଗୁରୁଭାର ଲାଘବ କରନ୍ତି ଗୋପାଳ ।

ଚନ୍ଦ୍ରାଦେବୀଙ୍କ ବୁଝିବା ଶକ୍ତି ଅସୀମ । ସ୍ୱାମୀଙ୍କ ସହାନୁଭୂତିଟା କେଉଁଠି ଯାଇ ପଡ଼ୁଛି, ସେଇଟିକି ଜାଣି କହନ୍ତି, ଆହା ! ଗାଁକୁ ଗଲେ ତାକୁ ଡାକି ଆଣି ଯେତେ ବୁଝେଉଚି । ବଡ଼ଲୋକର ପୁଅ, ବଡଲୋକର ଭାଇ, ଅଯୋଗ୍ୟ ହେଲେ ତମର ନାଁ ପଡ଼ିବ ନାଁ—ଆଉ କା' ନାଁ ? ମୋ କଥା ଶୁଣିବ କିସ ଓଲଟି ମତେ ଗାଳି ଦେଉଚି, ତା' ଭାଗଟାରୁ ମୁଁ କୁଆଡ଼େ ଊଣା କରିଦେଲି ବୋଲି । ଘରେ ମାଇଁଟେ ରଖିଚି; ସେ ବୁଢ଼ୀ ବାଟରେ, ଘାଟରେ ଟଙ୍କା ସୁନା ସବୁ ରଖି ପକେଇଲି ବୋଲି ଗାଳି ଦୋଉଁଚି, ଭାଇଁଆ ଆସିଲାଠୁ କାହ୍ନୁ ବାଡ଼ ପାଖରେ ଠିଆହୋଇ ଗାଳି ହେଲାଣି ।

ମନରେ ଚମକ ଲାଗେ । ଗୋପାଳ ଭାବନ୍ତି ସୁନା, ରୂପା, କଂସା ବାସନ, ଅନନ୍ତକୁ ଦେବା କଥା ପଚାରନ୍ତି । ତାର ସୁନା ରୂପା ଅଂଶଟା ସେ ନେଇଛି ତ ?

ସ୍ୱାମୀଙ୍କ ନୀରବତାରୁ ସବୁ ଅନୁମାନ କରନ୍ତି ଚନ୍ଦ୍ରାଦେବୀ, ନିଜକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କରିବା ଇଚ୍ଛାରେ ଅତ୍ୟନ୍ତ ବିନୟସ୍ୱର ସହିତ କହନ୍ତି, ତୁମେତ ଦେଖିଚ ଶ୍ୱଶୁରେ ଦେଇଥିଲେ ପିତଳପରି ସୁନା କୋଡ଼ିଏ କି ପଚିଶି ତୋଳା, କାଳସିକି କଥାଥିବ ବୋଲି, ତା ଭାଇଁୟା ଆସିଲାବେଳକୁ ସବୁ ଦେଇ ପକେଇଲି । ମୋର କୋଉ ଅଭାବ ହୋଇଚି ଯେ ! ପିତୃପିତାଙ୍କ ଧରମରୁ, ତମର ମାସିକ ଶହେ ଟଙ୍କାରେ ମୋର ସବୁ ଖରଚ ଚଳିଯାଉଚି, ଧାନୁଟେ ମୁଗୁଟେ ବିକାବିକି କରି ମୁଁ ଏବେ ଶହେ ତୋଳା ସୁନା କଲି । କଂସା ପିତଳ ଯାହାଥିଲା, ସବୁ ତାରି ଦୁଆରକୁ ପିଙ୍ଗିଦେଲି । ଚନ୍ଦ୍ରା ସ୍ୱାମୀଙ୍କ ମନ ଜାଣି ପିଠିରେ ହାତ ବୁଲେଇ କହନ୍ତି, ଶାଳଗ୍ରାମପରି ତମକୁ ପାଇଚି, ମୋର କୋଉ କଥା ନାହିଁ ଯେ, ମୁଁ ସେ ଭଙ୍ଗା ଦଦରା ଧରିବ ରଖନ୍ତି । ଯେତେହେଲେ ତ ସବୁ ତାର ଗଞ୍ଜେଇ ଆପୁକୁ ନଅଣ୍ଟ । କିଏ କଣ କରିବ, ତା ଭାଗ୍ୟରେ ଯାହାଥିବ, ହେବ ।

“ଅନନ୍ତ ନିଶା ଖାଏ—?

ସେଇ ଯୋଡ଼ା ବୁଦ୍ଧିଟି ଥିବାରୁ ଏଇ ଦୁଃଖ ନା ! ମାମୁଁ ଗଞ୍ଜେଇ ଖାଉଛି, ମାଇଁ ଆପୁ ଖାଉଚି । ପର ବୁଦ୍ଧିରେ ପଡ଼ି ତମକୁ କଟେର ଦୁଆରକୁ ନେଲା । ସେଇ ଦିନଠୁ ମୁଁ ତାକୁ ଆଉ ଜମାରୁ ଅନୋଉନାହିଁ । ଅନନ୍ତର ସ୍ୱଭାବ ଚରିତ୍ରର କଥାଶୁଣି, ଗୋପାଳ ଘୃଣାରେ ମୁହଁ ଫେରେଇନେଇ, ସ୍ତ୍ରୀଙ୍କର ସବୁପ୍ରକାର ଅବାଧ୍ୟତା ମୂର୍ଖତା ଭୁଲିଯାନ୍ତି । ଅଶିକ୍ଷା ଦୋଷରେ ହାଣ୍ଡିଦେଇ ସ୍ତ୍ରୀଙ୍କ ବିଷୟ କର୍ମପଟୁତା ସ୍ମରଣକରି ପ୍ରଶଂସା କରି ପକାନ୍ତି ଆବେଗରେ ।

ଗୋପାଳ ଅନନ୍ତକୁ ଦେଖି ପଚାରିଲେ, “ଅନନ୍ତ ! କୁଆଡ଼େ ଆସିଥିଲୁ ?” “ଆସିଥିଲି ଆପଣଙ୍କ ପାଖକୁ । ସେଦିନ ପଞ୍ଚୁପାଲି ସଭାରେ କହୁଥିଲେ, ମୁରାରି ଭଦ୍ରାଡ଼ ଝିଅର ପୁଅକୁ ଦିଅ ପୁଣ କଲ; କିନ୍ତୁ

ସେଇଟା ଶାସ୍ତ୍ର ସମ୍ମତ ନୁହେଁ ବୋଲି । ଆଜ ଆପଣ ନିଜେ କିମିତି ଅନ୍ୟର ପୁଅକୁ ବେଦିରେ ବସେଇ ବ୍ରତ କରୁଛନ୍ତି ?"

ଚନ୍ଦ୍ରାଦେବୀ ଭିତର ପାଖର ଦୁଆରଟାକୁ ଧଡ଼କରି ଖୋଲିଦେଇ ଭିତରକୁ ଆସି ଅନନ୍ତର ମୁହଁକୁ ଚାହିଁ କହିଲେ, "ଅନନ୍ତ ଆସିଚ, ମୁଁ ଏଇନେ ଡକେଇ ପଠେଉଥିଲି —,"

"ହଁ ଆସିଥିଲି "

"ହଁ ଆସିଥିଲି ଯେ ଏଇଠେ କି କଥା ସବୁ ଟପୁଟାଉକରି ଭାଇନା କାନରେ କହୁଚ । ସେ ଘରକୁ ଆସିକରି ତ ଭୋଜଖାଇ ଯାଇଥାନ୍ତ, ଏ ଘରକୁ କାହିଁକି ଆସିଚ କହିଲ । ଇମିତି ବୁଦ୍ଧିକିଆଁ ତମର ?"

'କାନ ପାଖରେ' କହୁନାହିଁ ଯେ ଭାଇନା ସମସ୍ତଙ୍କୁ ଯୋଉ କଥା କରିବାକୁ ମନା କରୁଛନ୍ତି, ନିଜେ କିମିତି ସେଇକଥା କରୁଛନ୍ତି ତାହାହିଁ ପଚାରୁଥିଲି ।

କେବଠୁ ଇମିତି ପଣ୍ଡିତ ହୋଇ ଗଲଣି ମ ? "କୋଉ କଥା ମନା କରୁଚନ୍ତି, କୋଉକଥା କରୁଚନ୍ତି ବୋଲି ପଚାରି ଆସିଚ । ତମକୁ ସବୁ ଗାଁଯାକ ପଚାରି ପଚାରି କାର୍ଯ୍ୟ କରିବେ ?"

"ଏଇ ନାତି କି ଦତ୍ତପୁତ୍ର କରିବା କଥା ପଚାରୁଥିଲି ।"

ଆହା କି କଥା କହିଲମ, ଅନନ୍ତ ! କା'ର କେତୋଟା ନାତି ଅଛି, କିଏ କାହାକୁ ଦତ୍ତପୁତ୍ର କରୁଛି ବା । ସେଥର ବସନ୍ତରେ ପଡ଼ିଥିଲି ଯେ ଖାଲି ଇଷ୍ଟ ପାଖରେ ସହିଥିଲି, ଆମର ଘର ଇଷ୍ଟ ପାଖରେ ବରକୁଟି କରିବ ବୋଲି ଯେ, କହିଦେଇଲିନା, ତମେ ଭୁଲିନ କିଆଁ ?

ଅନନ୍ତ ମଥା ନୁଆଇଁ କହିଲା, "ଅନୁନାମା ପଠେଇଚ, ତାର ଯୋଡ଼ିଏ ପୁଅଛନ୍ତି ଆପଣମାନଙ୍କର ଯେଉଁଟିକି ଇଚ୍ଛାହେବ ରଖନ୍ତୁ । ଏଥିଣି ତାର ଅବସ୍ଥା ଭଲ ନାହିଁ—"

ସହଜ ଭାବରେ ଗୋପାଳ କହିଲେ, ଅନ୍ୟର କଥାରେ ଅବଶ୍ୟ ମୁଁ ରାଜି ହୁଅନ୍ତି, କିନ୍ତୁ ଭଗିନେଲୁ କେବେ ଦତ୍ତପୁତ୍ର ହୋଇପାରିବ ନାହିଁ ।

'ମୋର ତ ଭୂଗ୍ରେଟି ପିଲ ଅଛନ୍ତି, ତାଙ୍କୁ କିମିତି ମଣିଷ କରିବିବୋଲି ବ୍ୟସ୍ତ ଲାଗୁଛି । ବନମାଳୀକି ବାରବର୍ଷ ହୋଇଗଲାଣି, ଆପଣ ଯଦି ତାର ଭାର ନିଅନ୍ତେ, ମୁଁ ଅତି ଆନନ୍ଦ ହୁଅନ୍ତି ।"

ଅନନ୍ତର ନିଜସ୍ୱ ଭାବଭରା କଥା ଶୁଣି ଚନ୍ଦ୍ରା ମନେମନେ ଜଳିଯାଇ, ବାଧାଦେଇ କୃତ୍ରିମ ବ୍ୟଗ୍ର କଣ୍ଠରେ କହିଲେ, ତମ ବନୁର କୋଟିଏ ବର୍ଷ ପରମାୟୁ ହେଉଓ ଅନନ୍ତ । ବନୁ ମୋର ଭୁଡ଼ା ହେଇ ଥାଉ । ବନୁ ତ ଘର ପିଲାଟା, ତାଙ୍କ ଗୋଟେ କସହବଓ ।

ଅନନ୍ତ ବୁଝିଲା ଚନ୍ଦ୍ରା ଦେବୀଙ୍କ କଥାଗୁଡ଼ାକ ହତାଶାରୁ ଆହୁରି ଯାତନାପୂର୍ଣ୍ଣ । ସେ ବାଣୀ, ସେ ଆଉ ସେକଥା ଉପରେ କୌଣସି କଥା କହନ୍ତି ମାଳବରେ ଚାଲିଗଲା । ଚନ୍ଦ୍ରାଦେବୀ କ୍ରୋଧରେ ଅଗ୍ନିଶର୍ମା ହୋଇ କହିଲେ, ଭଉଣୀ ପୁଅ ପଠେଇଛି, ଖାଇବ ଭାଇପୁଅ ଧରି ବଜାର ବସେଇଛନ୍ତିଯେ କାର ଠକା ଅଛି ବା ! ସ୍ୱାଙ୍କ ପିଲାଙ୍କୁ ସେ ମଣିଷ-କରିପାରୁନାହାନ୍ତି ? ଭାଗୁଟେ ସାଧି ସୁବିଧା କରି ନେଲୁ ମଣିଷ କରୁନୁ ? ଯୁଷ୍ଟୁରି ପଲ୍ଲପରି ବର୍ଷକୁ ଗୋଟେ ଜନମ କରିବ ସେ, ମୁଁ କରିବ ସ୍ୱା ପିଲାଙ୍କୁ ମଣିଷ ! କଥାର ଜୋରଟା ନ ସରୁଣୁ ଚନ୍ଦ୍ରା ଚାଲିଗଲେ ଅଗଣା ଆଡ଼କୁ ।

## ତିନି

ମାର୍ଗଶୀର ମାସ ଗୁରୁବାରେ ଲକ୍ଷ୍ମୀ ପୂଜାଟା ଅତ୍ୟନ୍ତ ନିଷ୍ଠାର ସହିତ କରନ୍ତି ଚନ୍ଦ୍ରାଦେବୀ । ରାତି ପାହାନ୍ତିଅରୁ ଗାଧୋଇ ଆସି ପୂଜା ଘର-ସଜାଡ଼ ସଜୋଇ ଦିନ ଦଶଟା ହେଇଯାଏ । ଗୁରୁବାର ଦିନ ଗାଧୋଇ ଆସି ଚନ୍ଦ୍ରାଦେବୀ ପୂଜାଘରେ ଥିଲେ, ଗୋପାଳ ବାଣୀଙ୍କୁ ଡାକ-

କହିଲେ, ମୋର ସହପାଠୀ ଦୁଇଜଣ ଆସିଛନ୍ତି— । କାର୍ତ୍ତିକ ଗୋପାଳଙ୍କ ସବୁକଥା ନଶୁଣି ଆଗନ୍ତୁକମାନଙ୍କୁ ପ୍ରଣାମ କରି ଚାଲିଯାଉଥିଲା, ଗୋପାଳ ପଛରୁ ଡାକି କହିଲେ, କି ରେ କାର୍ତ୍ତିକ, ଶୁଣି ଯାଉନାହୁଁ ? କାର୍ତ୍ତିକ ପଛକୁ ଚାହିଁ କହିଲା, ସବୁ ବୁଝିଲି ଆଜ୍ଞା, ଏଇକ୍ଷଣି ଆସୁଛି ।

କାର୍ତ୍ତିକ ଅଗଣା ବାରଣ୍ଡାକୁ ଗଲାବେଳକୁ ପୂଜା ନିମନ୍ତେ ପାଣି ନେବାକୁ ଖାଲି ଗଡୁ ହାତରେ ଧରି ବାହାରୁଥିଲେ ଚନ୍ଦ୍ରାଦେବୀ । "ମାଁ ଜାଣ, ବାବୁ କହିଲେ, କଟକରୁ ଆଜ୍ଞାଙ୍କର ଦୁଇଜଣ ସହପାଠୀ ଆସିଛନ୍ତି ଆମର ଏଠି ଖାଇବେ ।—"

"କୋଉଠିର କୋଉ ସହପାଠି ମୁଁ କିଛି ଜାଣିନି, ଆଜି ଗୁରୁବାରରେ ମୋ ଘରେ ପରପନ୍ତି ପଡ଼ିବନାହିଁ । କିଏ ଆସିଥିଲେ କାଲିକି ଖାଇବ !"

"ଆଜି ତ ଆସିଛନ୍ତି ଆଉ କାଲିକି କମିତି ଖାଇବେ, ଆଜିକି ଉପାସେ ରହିଲେ ସିନା ହବ ?"

"କେତେ କଥା ଶିଖିଲୁଣିରେ ଖଣ୍ଡାମୁଣ୍ଡା । ଆସିଲା-ବେଳକୁ ପାଟି ଫିଟୁନଥିଲା, କେତେ ବେଳୁଁ ବଡ଼ୋଉଛି । କଇଲି, ଆଜି କିଏ ଘରେ ଖାଇବେ ନାହିଁ ।"

"ଆଜ୍ଞା । କହିଲେ ଦୁଇଜଣ ଖାଇବେ ବୋଲି କହିଦେଲି ଦେଲେ ଦିଅନ୍ତୁ ନଦେଲେ ନାହିଁ, କହିଲେ ଦୋଷ ନକହିଲେ ଦୋଷ । ଯାଉଛି ଆଜ୍ଞାଙ୍କୁ କହିଦେବି ଆଜି ହେଇ ପାରିବନାହିଁ ବୋଲି ।"

"ତୋ କାମ ତ ଭୁଲ କରିବୁ, ତୋତେ ଏତେ-ଆଡ଼ର କଥା ଭାଳିବାକୁ କି ଲୋଡ଼ା ପଡ଼ିଛି କଇଲୁ ? ଚଞ୍ଚଳ ଚଞ୍ଚଳ ଯାନ୍ତି, ଏଇନେ ଲୋକ ଆସିବ, ରନ୍ଧା ହେଇ ନଥିଲେ ଘର ଦ୍ୱାର ଭାଙ୍ଗିଦେବ ।"

ଚନ୍ଦ୍ରାଦେବୀ ଗଡୁ ହାତରେ ଚାଲି ଯାଉଥିଲେ, ଦାଣ୍ଡଆଡୁ ଆସିଲେ ଗୋପାଳଙ୍କ ଦୁଇ ଭଣଜା, ବୁରୁନ୍ଦା ଆଉ ବଂଶୀ । ବୁରୁନ୍ଦା ବଂଶୀଙ୍କୁ ଦେଖି କାର୍ତ୍ତିକ ମନେ ମନେ ଆନନ୍ଦ ଉପଭୋଗ କରି ମୁଣ୍ଡରେ ହାତ ମାରି କହିଲା, ଆଜି କି ଦୁର୍ଯୋଗ କି କାହିଁ ବେଳାରେ ଆଜି ରାତି ପାହିଥିଲା । ମାଁ ଆଜ୍ଞା, ହେଇଟି ଏଁ ଆଡ଼େ ଦେଖନ୍ତୁ । କାର୍ତ୍ତିକର ଡକାରେ ଚନ୍ଦ୍ରାଦେବୀ ମୁହଁ ଫେରେଇ ଠିଆହେଲେ । ମାଈଙ୍କ ମୁହଁକୁ ଚାହିଁ ଭଣଜା କହିଲେ, ନମସ୍କାର ।

"ହଁ ହଁ, ନମସ୍କାର ହେଲାଯେ, ଏ ଗୁରୁବାରଟାରେ, କମିତି ଆସିଲମ । ତୋ ବୋଉ ଗୁରୁବାର ପୂଜା କରୁନାହିଁକିରେ ବଂଶୀ ? କାହିଁକି କରିବ; ଦରିଦ୍ର ବୁଦ୍ଧି; ପର ଦୁଆରକୁ ପରମୁହଁକୁ ପର ହାଣ୍ଡି କୁଣ୍ଡି କି ଚାହିଁ ରହିଥିବେ; ଛି ଛି, କି ଜଳନ୍ତା ବୁଦ୍ଧି, ଏ ମଣିଷ ଗୁଡ଼ାକର !"

ବୃନ୍ଦାବନ ମାମୁଁ ଘରକୁ ଦୁଇ ଚାରିଥର ଆସି ମାଈଙ୍କ ଚିହ୍ନିଛି, ସୁତରାଂ ସେ ଆଦୌ ବିଚଳିତ ନହୋଇ ତୁନି ହୋଇ ରହିଲା, କିନ୍ତୁ ବଂଶୀ, କାହା ଉଦ୍ଦେଶ୍ୟରେ ଗାଳିଗୁଡ଼ାକ ବର୍ଷଣହେଲା ବୁଝିପାରି ଲୁହ ଛଳ ଛଳ ଆଖିରେ ଭାଇ ମୁହଁକୁ ଚାହିଁଲା । ଅବସ୍ଥାଟା ବୁଝିପାରି କାର୍ତ୍ତିକ କହିଲା, ଆସିଲେଣିଭ ଆଉ ଚିନ୍ତାକଲେ କି ଲାଭ, କୂଅପାଖକୁ ଯାଇ ଗାଧୋଇ ପକେଇ ଆସ । ବୁରୁନ୍ଦା କହିଲା ତେଲ ଟିକିଏ ଦେଇଥାନ୍ତୁ—

ଚନ୍ଦ୍ରାଦେବୀ ପିଲା ବାଟରୁ ତେଲ ମାଗିବା ଶୁଣି ଫେରିପଡ଼ି କହିଲେ ଗୁରୁବାରରେ ତେଲ ଦେଏନାରେ କାର୍ତ୍ତିକ । ଗୁରୁବାରରେ ତେଲ ଛୁଅନ୍ତି ନାହିଁ ।

କାର୍ତ୍ତିକର ଅନ୍ତରଟା ହାସ୍ୟରସରେ ଭରା, ସେ ଜାଣେ ଚନ୍ଦ୍ରାଦେବୀଙ୍କ ତେଲ ଖର୍ଚ୍ଚ ହେବା ଭୟ ଛଡ଼ା ଅନ୍ୟ କିଛି ନୁହେ । ସେ ମୁଣ୍ଡ କାନ ଆଉଁସି ମୁହଁ ଫେରେଇ ନେଇ କହିଲା, ତେଲ ଗୁଡ଼ାଏ କଣ ଘସିବ ହବନେ, ଶୀତ ଦିନରେ ଦୁହେଁ ଚକଣ ହେଇଯିବ, ଯାଅ ଗାଧୋଇ ପକେଇ ଆସ ।

ବଂଶୀ ଆଉ ବୃନ୍ଦା ଗଲାପରେ ଗୋପାଳ ଆସି କାର୍ତ୍ତିକକୁ କହିଲେ, ଆରେ କାର୍ତ୍ତିକ, ସେମାନେ ନୂଆଁ-ଲୋକ, କେବେତ ଆମର ଏଆଡ଼େ ଆସି ନାହାନ୍ତି,

ଆଜ ଟିକଏ ଯତ୍ନ କରି ଘୋଷେଇ କରିବୁ, ଭଜା ଭଜି ବାଗଣ୍ଡ ଭଲରୂପେ କରିଥିବୁ । —ବୁଝିଲୁ—ଅନେକ ଦିନରେ ଦେଖାହେଉଛି ।

"ଆଜ୍ଞାଁ, ମାଁ କହିଁଲେଁ ଗୁରୁବାରେଁ ପରଁ ଘରଁ ପଡ଼ିବଁ ନାଇଁ ।

"ଗୁରୁବାରେ ଘରପଣ ପଢ଼ିଲେ ପାପ ଖଣ୍ଡନ ହେବ । ଅତିଥି ଦେବତା ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେବେ । ଭଲକଥାରେ ମା ମନା କରୁଛନ୍ତି କାହିଁକି, କାର୍ତ୍ତିକ ?

"ମଁନାତିଁ କରୁଁଛନ୍ତିଁ ଆଜ୍ଞାଁ ।

ପାଣି ଗଡୁଟା ଧରି ଆସୁ ଆସୁ ଚନ୍ଦ୍ରାଦେବୀ କହିଲେ, ଗୁରୁବାର ପରିଦିନେ କେତେ ହାଟ ନାଟ ଲାଗିଛିରେ କାର୍ତ୍ତିକ ? କାର୍ତ୍ତିକ ନ ଶୁଣିଲା ପରି ମୁହଁ କରି ଘୋଷେଇ ଘର ଆଡ଼କୁ ଚାଲିଗଲା । ଗୋପାଳ ଫେରିପଡ଼ି କହିଲେ, ଦେଖିଲ ଅନୁବୋଉ, ଏକାଥରକେ ଭୁଲିଯାଉଥିଲି । ମୋର ଦୁଇଜଣ ସହ-ଧାର୍ମୀ ଆସିଛନ୍ତି । ସେମାନେ ସବୁ ଦଳବଦ୍ଧ ହୋଇ ଉତ୍କଳ ଉଦ୍ଧାର ନାମକ ଗୋଟିଏ ସଭା କରୁଛନ୍ତି । ସେଥିନିମନ୍ତେ ଟଙ୍କା ପଇସା ଆବଶ୍ୟକ । ମୋ ନାଁରେ ପଚିଶି ଟଙ୍କା ଚାନ୍ଦା ଲେଖିଦେଇଛନ୍ତି ।

"ନାଇଁଲୋ ମା, ଆଜ ଗୁରୁବାରେ ଚାନ୍ଦା ମାଗା କଥା ମୋ ଆଗରେ କରିବ ନାହିଁ ।"

"ଆଜ ନାହିଁ ଅନୁବୋଉ, ସେମାନେ ଆଜକ ଏଠି ରହି, ଏ ଅଞ୍ଚଳରେ ପ୍ରଚାର କରି ଚାନ୍ଦା ମାଗି କାଲି କଟକ ଫେରିଯିବେ । ତୁମେ ଟଙ୍କାଟା ଦେବା କହିଦେଲେ, ମୁଁ ସ୍ୱୀକୃତିଟାଏ କରିଦେବି । ଟଙ୍କା ପଚିଶିଟା ତ, ଦିଅ !"

ଏଁ, କି କଥା କହୁଛ ମ' । ଟଙ୍କା ପଚିଶିଟା ! ନାଇଁଲୋ ମ, ମୋ ହାତରେ ପଇସାଟିଏ ନାଇଁ । ଟଙ୍କା ଦିକୋଡ଼ି ନା ତିନିକୋଡ଼ି ଯେଉଁଠୁ ଆଣୁଛ ଯେ ଚିଟି ଖରଚ, କାଗଜ ଖରଚ, ଚୁଲି ପାଉଁଶରେ ସବୁ ସରୁଛି । ନବ ସନ୍ଧ ଟଙ୍କାଟିଏ ଦେବି । କଇଦିଅ, ସକାଳୁ ଆସିବ ଟଙ୍କାଟିଏ ନେବ ।

ଅଧିକ ଯୁକ୍ତିତର୍କ କଲେ ଘାଟ ଘରୁ ଭଦ୍ରଲୋକ ଶୁଣିପାରିବେ ବୋଲି ଭୟରେ ଗୋପାଳ ଆଉ କିଛି ନ କହି ଚାଲିଗଲେ ।

ଚନ୍ଦ୍ରାଦେବୀ ତାଙ୍କର ପ୍ରଗାଢ଼ ଭକ୍ତି, ଅଗାଧ ବିଶ୍ୱାସ ନେଇ ଲକ୍ଷ୍ମୀ ପ୍ରତିମାଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ଲୋକର ଧନଧାନ୍ୟ ପରମାୟୁ ଅଭିବୃଦ୍ଧି କାମନାରେ ଲାଗିଥିବା ସମୟରେ କାର୍ତ୍ତିକ ଡାକିଲା, "ଆଜ୍ଞା ! ବୃନ୍ଦାବନ ଆଉ ବଂଶୀଧର ଶୀତରେ ଜୁଡ଼ୁସୁଡ଼ୁ ହୋଇ ଠିଆହୋଇଛନ୍ତି, ପାଟ କି ମଠା କଣ ଖଣ୍ଡେ ଖଣ୍ଡେ ଦେଲେ ବଦଳେଇବେ ।" ଚନ୍ଦ୍ରାଦେବୀ ଘର ଭିତରୁ ବାହାରି ପଡ଼ି ବାହାରି ଆଡ଼କୁ ନ ଚାହିଁ କହିଲେ, "କି ଜଳନ୍ତା ବୁଦ୍ଧିମ ଏ ମଣିଷ ଗୁଡ଼ାକର, ଶୀତ କାକର ଦିନରେ ଟୋକା ମେଞ୍ଚଡ଼ ଯୋଡ଼ାକୁ ମା ଡାହାଣୀ କମିତି ପଠେଇଛନ୍ତି ?"

ବୃନ୍ଦାବନ ଜଡ଼ ସଡ଼ ହୋଇ କହିଲା, ମାମୁଁଙ୍କର ଦେହ ଭଲ ନଥିଲା ବୋଲି ବୋଉ ଶୁଣିଲା ସେ ଦିନେ ପଠେଇଲା, ଯା ଦେଖି ଆସିବୁ, ମାମୁଁ କହିଲେ ମୁଁ ପରେ ଯିବି ବୋଲି ବୋଉ କହିଛି । "ଆହା ହା ଜଳି ଯାଉଛି ତୋ ବୋଉର ଗୁଣ, ତମେ ସବୁ ବଇଦ ନା ଡାକତରରେ, ବୃନ୍ଦା ? ମାମୁଁଙ୍କର ରୋଗ ଛଡ଼େଇ ଆସିବ । ତୋ ବୋଉ ବଇଦଆଣୀ ହେଇଛି କି ଭାଇନାକୁ ଦେଖି ଆସିବ ? ମୁଁ ଗଲେ କହିଦେବି ବୋଉ ଆଉ ଆସିବ ନାହିଁ । କହିସାରି ମୁହଁ ଫେରାଇ ନେଲା ବଂଶୀ ।

କାର୍ତ୍ତିକ ପୁଣି ଘୋଷେଇ ଘର ଆଡ଼ୁ ଆସି କୃତ୍ରିମ କରୁଣ ଭଙ୍ଗିରେ କହିଲା, ବଦଁଳେଇଁବାକୁ କଣଁ ଖଣ୍ଡେଁ ଦିଅନ୍ତୁଁ ଆଜ୍ଞାଁ, ଉଃ ଶୀତରେଁ ହାଡ଼ଁ ଗୁଡ଼ାକଁ ଠୁକୁଁ ଠୁକୁଁ ଶୁଭିଲାଣିଁ —

'ହାଇସକାଣ ପୋଡ଼ାମୁଁହାର କଥା ଶୁଣୁନ ରେ ବୃନ୍ଦା ! ତୋ ମାମୁଁ ତ ଔଷଧ ଜଳା ଟିକଏ ରଖୁ-ନାହାଁନ୍ତି, ଝିଅାଣ ପୁରୁଷ, ଭଣଜା ଭାଣିଜୀ, ଗୋଷ୍ଠ ଗୋଷ୍ଠ ଆସି ଲୁଣ୍ଠି ହବ ଯେ, ମୁଁ କୋଉଠୁ ଆଣି

ଯେ ଖାଉଥିବ ? ଏ କାର୍ତ୍ତିକ ! ଭାତ ଆଣିଦେ ରେ । ଶାନ୍ତାଦେବୀ ଦ'ଖଣ୍ଡ କଦଳୀ ପତ୍ର ପାରିଦେଲେ ।

କାର୍ତ୍ତିକ ଭାତ ଦୋଉ ଦୋଉ ଅତ୍ୟନ୍ତ ଆନ୍ତରିକତା ମିଶାଇ କହିଲେ, ବ'ରେ ପୁଅ ବସେ । ତାତିଲା ଭାତ ଖାଉ ଖାଉ ଶୀତ ଛୁଟିଯିବ । ଆଣେ ରେ କାର୍ତ୍ତିକ, ଡାଲି ତରକାରୀ, ଟୋପେ ଟୋପେ ଦେଏ । ଏ ପିଲେ କମାନ୍ତୁ ଖାଇବେ ନାଇଁ । ଚଢ଼େଇ ଆଧାଖିଆ ପିଲେ, ଖାଲି ନଷ୍ଟ କରିବେ, ଫିଙ୍ଗି ଦେବେ । ହଁ ହଁ ସେତିକି ଦେଇଥା ।

"ହଁ ଆଜ୍ଞାଁ ଖଁ ଇଁକେଁତେଁ ନାଇଁ ଖାଲିଁ ଗୁଣିବାଁ କଥାନାଁ ବେଶୀ କାହିଁକିଁ ଦେଲିଁ ? "ଖରେ ପିଲେ ଖ । ବେଳକାଳ ଭଲନାଇଁ, ଶୀତଦିନ ବେଳ, ଏଇନେ ଅନେଇଁ ଅନେଇଁ ବେଳଯିବ । ଚଞ୍ଚଳ ଚଞ୍ଚଳ ଖାଇପକ ।" ଆଉ ଦେଏନାରେ କାର୍ତ୍ତିକ, ଖାଲି ଘେରୁଆ ପିଲଗୁଡ଼ାକ । ବାଃ ସ୍କୁଲୁ ସ୍କୁଲୁ ପେଟ ଟାଣିବ । ହାତ ଧୋଇ ପକାରେ ବଂଶୀ, ଲୁଗା ପିନ୍ଧି ବାହାରିପଡ଼ । ସଞ୍ଜବେଳକୁ ଘରେ ଠିଆ ହୋଇଥିବ । ସ୍କୁଲ ହବ ଯେ ଆଉଥରେ ।

ବୃନ୍ଦାବନ ସଙ୍କୋଚରେ ମଥା ନୁଆଁଇ କହିଲା, ମାମୁଁଙ୍କୁ ଦେଖିନାହିଁ, ଗଲେ ବୋଉ ପଚାରିବ, କଣ ବୋଲି କହିବି ।

ଶାନ୍ତା କହିଲେ ଚୂଲିଟା ଦେଖିବ, ମାମୁଁ ଆଜ କୋ'ଠିକି ସଭା କରି ଯାଇଛନ୍ତି, ଆଉଦିନେ ଆସିବ ଯେ ଦେଖିବ । ଆଣେରେ କାର୍ତ୍ତିକ, ପାଣି ଆଣେରେ; ଆଉ କିଛି ଖାଇବେ ନାଇଁ, ଆଉ କିଛି ଆଣେନା । ସେଇ ଭାତ ତରକାରୀ ସବୁ ପତରରେ ରଇଚି । ମୁଁ ଜାଣେ, ଗେଲହୁଲା ପିଲେ କିଛି ଖାଇବେ ନାଇଁ ।

ବଂଶୀ, ବୃନ୍ଦା ନାମକୁ ମାତ୍ର ପତ୍ର ପାଖରେ ଦୁଇ ଚାରିଥର ଭାତ ତରକାରୀ ଉଠୋଉ ଉଠୋଉ ପରମ ସଙ୍କୋଚରେ ଉଠିପଡ଼ି ହାତଧୋଇ ସ୍କୁଲଗଲେ ।

## ଗୁର

ତାଙ୍କର ସେଇ କୋଣର ଘରଟିରେ ବସି ଗୋପାଳ ଚାହିଁ ରହିଛନ୍ତି, ଆଷାଢ଼ର ନିସ୍ତବ୍ଧ ଆକାଶଟାକୁ । ତାଙ୍କ ଘରକୁ ଲାଗି ଗାଁର ଚାଟଶାଳୀ ଘର । ଚାଟଶାଳୀ ଘର ଆଗରେ, କୋଉଁ ଯୁଗରେ କୋଉଁ ସୁବାସ ରସିକ ଅବଧାନ, ମାଳତୀ ଗଛ ଲଗେଇ କରିଦେଇଥିଲା ଝୁମୁଣ୍ଡିଆ । ଗାଁ ପିଲାଏ ପ୍ରତିବର୍ଷ ନୂଆଁ କାଠ ବାଉଁଶ ଦି ଚାରି ଖଣ୍ଡ ଯୋଡ଼ି ଦିଅନ୍ତି ତାରି ଉପରେ । ନୂତନ ଆଷାଢ଼ର ବର୍ଷା-ଜଳରେ ଫୁଟିଯାଇଥିଲା ଗୁଡ଼ାଏ ଫୁଲ । ସମୀରଣ ଅତ୍ୟନ୍ତ କୃପଣ ହୋଇ, ସେପରି ସୁବାସ ଟିକିଏ ଉଡ଼େଇ ଦେବାକୁ ଚାହୁଁ ନଥିଲା ସେଦିନ । ନିବାତ ସନ୍ଧ୍ୟାପରି ଗୋପାଳଙ୍କ ହୃଦୟ ରହିଥିଲା ନିସ୍ତବ୍ଧ ହୋଇ । ତାଙ୍କ କାନ ପାଖରେ ଅତୀତ କଥା କହୁ-ନଥିଲା କି—ବର୍ତ୍ତମାନଟା ମମତା ଦୃଷ୍ଟିରେ ଚାହୁଁ ନଥିଲା । ଆଖି ଆଗରେ ଦିଶୁଥିଲା ଖାଲି ବିଫଳତାର ବିଭୀଷିକା ।

କାର୍ତ୍ତିକ ଆସି ଚୁପ୍‌କରି ଠିଆହେଲା ଟେବୁଲ ପାଖରେ ।

"ଫେରି ଆସିଲୁ, କାର୍ତ୍ତିକ ?"

"ବଡ଼ ଅସୁବିଧା, ଆଜ୍ଞା ।"

"କଣ କଣ, ଅସୁବିଧା କଣ ?"

"ବଡ଼ ଅସୁବିଧା, ଆପଣ ମତେ ପଠେଇଲେ ସାହାସପୁର, ଘନବନ୍ଧୁଙ୍କୁ ସଭା କରିବା ଖବର ଦେଇ ଆସିବାକୁ । ମୁଁ ସିମିତି ଯାଇ ପହଞ୍ଚିଛି, ପଳେଇ ଆସିଲା ପାକୁଆ ପାଟିଆ ସାରଥି ମିଶ୍ର । ମିଶ୍ରର ଗୋରା ପତଳା ତାତିଲା ତମ୍ବାପରି ଦେହ, ପାକୁଆପାଟିର ପାତଳ ଓଠରେ ପାନ ବୋଳ ବୋଳହୋଇ ରହିଛି । ପଇତା ଖୋଞ୍ଚି ପୋଛି, କୁଣ୍ଡଳ ଦୋହଲେଇ କହିଗଲା ଅନର୍ଗଳ କଥା । ବୁଢ଼ା କହିଲା, "ସଭା କରିବ, କିଏସେ କି ସଭା କରିବରେ ? ଜାଣେନା, ବାଲ୍ୟ ବିବାହ ନିରୋଧ କରିବାକୁ କରିବ ସଭା । ନିଜ ବେଳକୁ ଏ ବୁଦ୍ଧିଟା କୁଆଡ଼େ ଯାଇଥିଲା ହୋ ? ରାଜ୍ୟଯାକରେ ଢେଣ୍ଡୁରା ଦେଇ କରୁଛନ୍ତି ବାଲ୍ୟ ବିବାହ ନିରୋଧ । ନିଜର ଦ୍ୱିଅକୁତ ବିଭା କରିଥିଲେ, ଏବେ ଛନ୍ଦର ବର୍ଷର ନାତିପାଇଁ କନ୍ୟା ପ୍ରସ୍ତାବ ଆଣି ସାରିଲେଣି,

ପିଟେଇଛି ଗାନ୍ଧ ଘରୁ । ଆଉ କଣନା, କଣବେ ବିଧବା ବିବାହ ପ୍ରଚାର । ପାଞ୍ଚ ପିଲାର ମା ଗାଁଟାଲା ବାଳରେ ସୁନ୍ଦର ସିନ୍ଦୂର ବୋଳି ହୋଇ ବୁ ମାରିବେ । ସମାଜ ଗଢ଼ିଅଛିବ ଉନ୍ନତିର ଚରମ ସୀମାରେ । ସଂସ୍କାର କରି ସମାଜର କଲ୍ୟାଣ କରିଛନ୍ତି, ତାର ନିଦର୍ଶନ ଏଇ ଗାଁରେ ନରିଆ ଗାନ୍ଧ ଘରେ ପଡ଼ିରହିଛି । ଯାଅଦେଖ ଦେଖିବ । ମୁଁ ତ ଆଉ ଜବାବ ଦେଇ ପାରିଲିନାହିଁ । ଭୁନିଟି ହେଇ ଚାଲି ଆସିଲି ସେଠୁ । ନଈ ପାଖରୁ ଫେରି ବାଡ଼ିବାଟେ ହୋଇ ଗଲି ନରିଆ ପଣ୍ଡାର ଘରକୁ । ସେ ଦୃଶ୍ୟ ଓ ! କଣ କହିବି ଆଜ୍ଞା ! ଏଇ ନରିଆ ଆପଣଙ୍କର ଭୂମି ଖଣ୍ଡିକ ଚାଷକରି ଖାଇ ପିନ୍ଧି କ ସୁଖରେ ଥିଲା ! ଆପଣ ତାକୁ ବନ୍ଦ କରେଇ ଦେଲେ । ଲୋକେ କହିଲେ କୌତୁକୀର ଯୌତୁକ ପାଇଁ ଆପଣ ଟଙ୍କା ପଇସା ଧାନ ଚାଉଳ ଇତ୍ୟାଦି ଅନେକ ଦେବେ ବୋଲି । ସେଇ କ୍ରୋଧରେ, ନାରିଆଠୁ ଛଡ଼େଇ ନେଲେ ଭୂମି ଖଣ୍ଡିକ; ବିଚରା ଏଣେ ସମାଜରୁ ହେଲେ ବାହାର । କୌତୁକୀର ବାପା ପଦିଆ ଦାସକୁ ଆପଣ ଏତେ ପ୍ରକାର ବୁଝେଇ କହିଥିଲେ, କିନ୍ତୁ ସେ ତ ବଣ୍ଡ ପର ଦିନଠୁ ଝିଅକୁ ଘରେ ପୂରେଇଲା ନାହିଁ । କୌତୁକୀ ମଧ୍ୟ ଅତି ସ୍ୱାଧୀନ ହୋଇ ମା ବାପ ପାଖରେ ଥିଲା, ବାଳ ବିଧବାର ମନରେ ଦୁଃଖ ହେବ ବୋଲି କେହି କିଛି କହୁ ନଥିଲେ— ”

କାର୍ତ୍ତିକର ଦୀର୍ଘ ଭୂମିକା ଶୁଣି ଅଧୈର୍ଯ୍ୟ ହୋଇ ଗୋପାଳ ପଚାରିଲେ, ନରିଆ ଭଲ ଅଛି ତ, କାର୍ତ୍ତିକ

“ଭଲ ଆଉ କୋଉଁଠି ଅଛି ଆଜ୍ଞା, ସମାଜ ବାସନ୍ଦହୋଇ ଜନବର୍ଷ ହେଲା ରହିଥିଲା । ଗଲା ମାସରେ ଘର ଛାଡ଼ି ଚାଲିଗଲା । କଲିକତାଠୁ ଚିଠି ଲେଖିଥିଲା, “ମୁଁ କଲିକତାରେ ଅଛି । ମାନ୍ଧ ଆଉ ଗାଁକୁ କେବେ ଫିରିବନାହିଁ ।” ନରିଆର ଘରେ ଯାଇ ଦେଖିଲି, ଦୁଇ ବର୍ଷର ଛୁଆଟାଏ ରାତିରୁ ମରି ଶୋଇଛି, ସେଇ ପାଖରେ ନରିଆର ସ୍ତ୍ରୀ ପଡ଼ିଛି ଶୃଗାଳର ଶବପରି ତାର ସେ ରକ୍ତ ମାଂସ ସବୁ ଶୁଖିଯାଇଛି ଜାଣୁ । କୋଳ ପାଖରେ ଯୋଡ଼ାଏ ଶିଶୁ । ଲୋକେ ସେଇଁଗୁଡ଼ାକୁ ଯାଆଁଳା ବା ଯମଜ ସନ୍ତାନ ବୋଲି କହନ୍ତି । ମୋ ଆଖିକି ଦିଶିଲା, ଧାନ ଅମାର ତଳେ ପଡ଼ିଥାଏ, ତିନଟା ଚାରିଟା, ଅଣେ ଅରେ ପାଞ୍ଚଟା ମଧ୍ୟ ମୂଷାଛୁଆ; ଆଖି ମୁଦା ହାତ ଗୋଡ଼ ଟାଣି ଚିଁ ଚିଁ ହେଉଛନ୍ତି । ଏଣେ ସୂତିକା ପୀଡ଼ାରେ କୌତୁକୀର ପାଟି ଫଣ୍ଡଯାଇ ଥିଲା । ଶୁନ୍ନୀ ବାଉରୁଣୀକି ଚାରିଅଣା ପଇସା ଦେଇ ଡାକିନେଲି । ପାଖରେ ରଖିଦେଇ ଦୌଡ଼ିଗଲି ବୈଦ୍ୟ ପାଖକୁ । ବୈଦ୍ୟ ମହାଶୟ ଆସିବାକୁ ଆଦୌ ରାଜି ହେଲେନାହିଁ । ଫେରି ଆସି ଦେଖିଲି କୌତୁକୀ ସବୁ ଦୁଃଖ ଯନ୍ତ୍ରଣାରୁ ରକ୍ଷା ପାଇଯାଇଛି । ଶୁନ୍ନୀ କହିଲା ପିଲା ଦିଟା ବି ମରିଯିବେ, ମୁଁ ଯାଉଛି । ତାକୁ ଅନେକ କହି ପିଲା ଦିଟାକୁ ତା ହାତରେ ଦେଇ କିଛି ଦେବବୋଲି କହି ଆସିଛି, ଘର ଭିତରେ ଶବ ରହିଛି । ଗାଁର କେହି ଅକାତି ମଡ଼କୁ ଛୁଇଁବେ ନାହିଁ ବୋଲି ଜିଦି କରିଛନ୍ତି । ମୁଁ କିଛି ସ୍ଥିର କରି ପାରିଲି ନାହିଁ ।

ଚଉକିରୁ ଉଠି ଗୋପାଳ କହିଲେ, ଚାଲେ ତେବେ କାର୍ତ୍ତିକ, ତୁ ଆଉ ମୁଁ ଯାଇ ଶବଟାର ସତ୍କାର କରିଦେଇ ଆସିବା ।

କାର୍ତ୍ତିକ ଅଧବାଟରୁ ଫେରି ଆସି ଚିନ୍ତାଦେଈଙ୍କୁ କହିଲା, ଆଜ୍ଞା, ବାବୁ କହିଲେ, ଏଇଠି କେଉଁ ଗାଁରେ ସଭା ହେଉଛି ସେ ଯାଉଛନ୍ତି, ଟଙ୍କା ଥିଲେ ପାଞ୍ଚଟଙ୍କା କି ଦଶଟଙ୍କା ଦେବେ ।

ଚିନ୍ତା କହିଲେ, ଟଙ୍କା ! ସଭା କରି ତ ଯିବ । ଟଙ୍କା କିସ ହବରେ କାର୍ତ୍ତିକ । ରାତିକି ଆସିବୁକି ନାହିଁ କହିଲେ ? କାର୍ତ୍ତିକ ଜାଣିଲା ଟଙ୍କା ପାଇବା ଆଶା ବୃଥା । ଏଣୁ ସେ ପାହାଚ ଉପରରୁ ଓହ୍ଲାଇ ଓହ୍ଲାଉ କହିଲା ରାତିକି ତ ସଭା ହେବ, ଆସିପାରିବେ କୋଠେ ?

× × × ×

କୋକାର ବଖୁସ ଭିତରେ ଯାଇ ଶୋଇ ହେଲାଣି । କାଠ ଛୁଟ ବନ୍ଧନରୁ ଶରୀର, ଗାଁ ଶ୍ମଶାନୀରେ

ପଞ୍ଚମରେ ପଢ଼ିଲଣି । ଗାଁର ବେହେରା ଘର ପୁଅ ଦୁଷ୍ମନ୍ତକୃଷ୍ଣ, ପଧାନଘର ଭାଇ ରାଜୀବ, କୋକର ବଡ଼ ସାଙ୍ଗ । ସକାଳୁ ଉଠି ବଡ଼ ଖଣ୍ଡିଏ ଖଣ୍ଡିଏ ଧରେଇ ନଦୀଆଡ଼ୁ ଆସି ତାସ୍ ଖେଳୁ ଖେଳୁ କୋକର ଆଈ ଚନ୍ଦ୍ରାଦେବୀ ସକାଳ ଖିଆ ପାଇଁ ଡାକୁ ଡାକୁ ଶିକ୍ଷକ ଅବଧାନେ ଆସି ଡାକଗୁଡ଼ନ୍ତି । କୋକ ଆଈ ପାଖରେ ଇଂରେଜୀ ପାଠ ପାଣିପରି ପଢ଼ିପକାଏ । ଦିପହର ବେଳେ ସାହିର ଶାସ୍ତ୍ରୀମା ମାଉସୀ, ରାଧିମା ପିଉସୀ, ଶଙ୍କରୀ ମ ଖୁଡ଼ୀ, ଚନ୍ଦ୍ରାଙ୍କ ଘରକୁ ବୁଲିଆସି, ବାରଣ୍ଡାରେ ବସି ପୃଥିବୀ ଗୋଟାଯାକର ବିଷୟ ସମ୍ବନ୍ଧରେ ଆଲୋଚନା ପ୍ରତ୍ୟାଲୋଚନା କରନ୍ତି । ଚନ୍ଦ୍ରାଦେବୀ ଆଖି ମିଟିକେଇ ହସି ହସି ମୁହଁ ଗୋଜକରି କୋକର ପ୍ରଶଂସା କରନ୍ତି । ସେଥିସଙ୍ଗେ ଅନନ୍ତର ପୁଅ ବନମାଳୀର ପୋଡ଼ାଗୁଣ ବୋଲି ତାକୁ ପୋଡ଼ି ଜାଳିଥାଆନ୍ତି । ଶାସ୍ତ୍ରୀଆ ମା ମାଉସୀ କଥା ନେବାକୁ ଚନ୍ଦ୍ରା ଘରକୁ ଆସେ ; କିନ୍ତୁ ଭିତରେ ଭିତରେ ଥାଏ ଅନନ୍ତର ସପକ୍ଷରେ । ସେଦିନ କଥା ପଡ଼ିପଡ଼ି ଶାସ୍ତ୍ରୀମା କହିଲା, ଅନନ୍ତର ଛୁଆଟିଏ ବୋଲି କଥାକୁ ଲୋକେ ସିନା ବୋଇଲେ, କଣ ନେଇଚ, ସୁନା ରୂପା ତ ମାଟେ କ ଟିକେ ନେଇନ, ବଣ ଡଙ୍ଗର ତଡ଼ି ଭୂଇଁ ଖଣ୍ଡିକ ନେଇଛି । ସେଇ ଦିନଠୁ ଶାସ୍ତ୍ରୀଆ ମାଉସୀଙ୍କୁ ଚନ୍ଦ୍ରାଦେବୀ ଦୁଆରେ ଠିଆ କରେଇ ଦିଅନ୍ତି ନାହିଁ ।

କାର୍ତ୍ତିକ ଆଉ ଗୋପାଳ ଘରୁ ଗଲାପରେ ଚନ୍ଦ୍ରାଦେବୀ ନଦୀଆଡ଼ୁ ଆସି କୋକପାଇଁ ପୁରି ଦିଖଣ୍ଡି ଭାଜିଦେଇ ବାରଣ୍ଡାରେ ବସି ଚେଲୁଲ ମଞ୍ଜି ଥୋଇ ହିସାବ କରୁଥିଲେ, "କାହାଠେ କେତେଟଙ୍କା ବାକି ବକେୟା ରହିଛି, ଏମାସରେ କେତେ ଆଦାୟ ହେଲା, ସିନ୍ଦୁକରେ କେତେ ଜମା ରହିଲା, ଇତ୍ୟାଦି—।" ବାଡ଼ିଦୁଆର ପାଖେ ଅନୁର 'ବୋଉ' ଡାକଶୁଣି ଅନୁବୋଉ ତରବର ହୋଇ ଦୁଆର ଖୋଲି ଦେଇ, 'ରାତିରେ କମିତି ଆସିଲୁ' ବୋଲି ପଚାରିଲେ । "ଘରୁତ କେତେବେଳେ ବାହାରି ସାରୁଛନ୍ତି, କୋକର ନନା ପିତେଇ ସାହ ଘରକୁ ଯିବେ ବୋଲି ଶଗଡ଼ରେ ଆସିଲେ ଯେ ସେ ସେଆଡ଼ୁ ଆସିଲାବେଳକୁ ପକେଇଯିବ ବୋଲି ଦେଖି ପଳାଆସିଲି । ସେ ପିତେଇ ସାହ ରଖେଇ ଦେଉଛନ୍ତି, ଏମାସରେ ନିର୍ବନ୍ଧ କରି ଦେବାକୁ ହବ ବୋଲି କହୁଚି ।

"ହଁଲୋ ମା ! ଆସିଲୁ , ଆଚ୍ଛାକଲୁ । ଭଲକଲୁ । ତୋଇଁ ଯାଇଛନ୍ତି ପିଲାଟିକି ଦେଖି ଆସିବେ । ତୋ ବାପାତ କୋଉ କଥାରେ କାନ ଦେବନି, ମୁଁ ଏମାସରେ ନିର୍ବନ୍ଧ କରିଦେବି, ଗଲା । ଆ-ଆ ବସିବା ଆ—।"

"ହଇଲୋ ବୋଉ ! ପିଲାଟିକି ଆଣିଲୁ ଯେ ତୋର ତ ଉଭାରି ଶବ୍ଦ ପଣପଣ । ତା ନାଁରେ ଲେଖିପଢ଼ି କୋଉକଥା ଯଦି ନକରିବୁ ସେ ଆଉ ତୁମ ନାଁକୁ କାହିଁକି ଏଠି ପଡ଼ିରହିଥିବ । ଏବେ ପିତେଇ ସାହ ସେଇକଥା ପଚାରିଲଣି ।"

"ହଇଲେ ମା ! ବାପୁଣୀ ପରି ପଚାରୁଛୁ କିସ ବା ! ସବୁତ ମୋ ନାଁରେ ଅଛି । କାଲି ବୋଇଲେ କାଲି ତୋ ପୁଅ ନାଁରେ କରିଦେବି । ପାଞ୍ଚବରଷ ଭିତରେ ଷୋଳହଜାର ନଗଦ ମିଶେଇଚି, ଦୁଇଶ ତୋଳା ସୁନା କରିଚି । ଦିକୋଡ଼ି ଏକଶ ଭୂଇଁ ମିଶେଇଲି । ତୋ ପୁଅ ଲାଗି କୋଉ କଥା କରିନାହିଁ ଯେ ଭାଳୁଣି କରୁଚୁ । ଆଗର ଦିକୋଡ଼ି ଏକର ଭୂଇଁ ଥିଲା, ଖୋଳେଇ ଖଟେଇ ସୁନା ପାଚିଲା ପରି କରିଦେଇଚି ।"

"ନାଇଁ ଲୋ ବୋଉ ! ପାଞ୍ଚ ଲୋକଠୁ ପାଞ୍ଚ କଥା ଶୁଣି ମୋ ମନରେ ଟିକିଏ ହେଲେ ସୁଖ ନାହିଁ । ବାପା ଯାହା କରୁଛନ୍ତି, ନରିଆ ପଣ୍ଡାକୁ ସେ ଗାଁର ଏଡ଼େ ସୁନ୍ଦର ଘରଟି ଦେଇପକେଇଲେ । ତୋଇଁ ସବୁ କଉଛନ୍ତି, ମୁଁ ସବୁ ଶୁଣିଛି । କୋଉଠେ କି ବିଧବା ଆଶ୍ରମ ନା ଚୁଲି କରିଚନ୍ତି, ସେଥିକି ତ କୋଡ଼ି କୋଡ଼ି ଟଙ୍କା ଦେଉଚନ୍ତି ।"

"ବାପୁଣି, ମୁଁ ଦେଲେ ତାଙ୍କେ ଦେବେନା— ଦେଖିବୁ, ଏଥର ମୁଁ ଆଉ ପଇସାଟିଏ ହେଲେ ଦେବିନି ।"

ଅନୁ' ବୋଉର ପ୍ରଶଂସାରେ ଆହ୍ଲାଦିତା ହୋଇ ପଚାରିଲା, କୋକ କୁଆଡ଼େ ଗଲା ? ବାପା ଘରେ ନାହାଁନ୍ତି କି ?"

ଚନ୍ଦ୍ରା କହିଲେ, "ସେ ଖନା ଘୋଡ଼ାମୁହାଁକୁ ଧରି କେଜାଣି କୁଆଡ଼େ ଯାଇଚନ୍ତି । ତୋ ପୁଅ ଦାଣ୍ଡ-ଘରେ ଥିବ ।" ଚନ୍ଦ୍ରାଦେବୀ ଉତ୍ସାହରେ ଉଠିପଡ଼ି ଦୁଆର ପାଖକୁ ଯାଇ ଡାକିଲେ, "ଆରେ ବାପ କୋକରେ ! ଏ କେ କ !" କୋକ ପାଟିରୁ ବିଡ଼ିଟା ଥୋଇ ଦେଇ ତାସ ପଟକ ପିଟିଦେଇ କହିଲା, "ଆ'ବା' କେତେ କୋକ କୋକ ହେଉଚୁ ।"

ଚନ୍ଦ୍ରା କୋକର ଅସୌଜନ୍ୟତାରେ ମନେ ମନେ କ୍ଷୁଣ୍ଣ ହେଲେ ମଧ୍ୟ ହୋ ହୋ କରି ହସି ପକେଇ କହିଲେ, "ଏ କୋକ ! ଆରେ ବାପ, ତୋ ବୋଉ ଆସିଚି ।"

କୋକ ଆଉ ଗୋଟିଏ ବିଡ଼ି ଧରେଇ ଧୂଆଁ ଛାଡ଼ି କହିଲା, "ବୋଉ ଆସିଚି ତ ମୁଁ କଣ କରିବି ?" ଚନ୍ଦ୍ରଦେବୀ ଆସ୍ତେ ଆସ୍ତେ ଭିତରକୁ ଯାଇ କହିଲେ, "ହଇରେ କୋକ, ଏ ଧୂଆଁ ଗୁଡ଼ାକ କେଣେ ଏତେ ଖାଉଚୁରେ ?" ଚନ୍ଦ୍ରାଙ୍କ ସ୍ନେହସୂଚକ ମିଶା କଥା ଶୁଣି ଦୁଷ୍ଟକୃଷ୍ଣ ମୁରବୀ ଭଳିଆ କହିଲା, "ହଁ ହେ ଆଇ ! ମୁଁ ଏ ଟୋକାକୁ କେବେଠୁ କହିଲଣି, ବିଡ଼ି ଖା'ନା ଛାତି ଶୁଖେଇ ଦେବ । ସିଗ୍ରେଟ ବୋଲି ଗୋଟେ ଜିନିସ ମିଳୁଚି । ବାସ୍, ଆଈ ଜାଣିଛ କି ? ସେ ସିଗ୍ରେଟ ଖାଇଲେ ସ୍ବାଠ ଯିମିତି ହବ, ବଳ ସିମିତି ହବ । ଖାଲି ହାଉଁ ହାଉଁ ସ୍ମୋକ ହବତ !" ରାଜିବ କହିଲା, "ଜାଣିଲ୍ ଆଈ ! ମୁଁ ତ ବିଡ଼ି ଶଳାଗୁଡ଼ାକୁ କେବେ ଛୁଉଁ ନାହିଁ ! କୋକ କହୁଚି ମୋ ଆଈ ପଇସା ଦେବନି ।" ଚନ୍ଦ୍ରାଦେବୀ ହସି ପକେଇ କହିଲେ, "ହଇରେ ଓଲୁ ! କୋଉଦିନ ତତେ ପଇସା ଦେଇ ନଥିଲି ?"

"ମାଗିଲେ ତ ଲେଖା କରି କରି ପଇସା ଦେବୁ ! ପଇସା ଦେ ! ମୁଁ ସିଗ୍ରେଟ କିଣିବି କି ନାହିଁ ଦେଖିବୁ ।"

ଦୁଷ୍ଟକୃଷ୍ଣ କୋକଠୁ ଦୁଇବର୍ଷରେ ବଡ଼ । କରିଥିବା କଥା କରିନାହିଁ ବୋଲି ପ୍ରମାଣଦେବାକୁ ବାପା ମୁଣ୍ଡ ଛୁଇଁ ଶପଥ କରିଦେବା ପୁଅ ସେ । ଆଈଙ୍କ ଭାବ ଗତି ଦେଖି ଗମ୍ଭୀର ହୋଇ କହିଲା, "ହଇହେ ଆଈ ! ମୁଁ ଆଉ ରାଜିବ ଏ ବର୍ଷ ବ୍ରହ୍ମପୁର ପଢ଼ିବାକୁ ଯାଉଚୁ । କୋକକୁ ପଠେଇବ କି ନାହିଁ ବୋଲି ଆମ ନନା ପଚାରୁଥିଲେ । ତା ଅଜା ଏଇ ପାଠ ପଢ଼ି ବଡ଼ ଲୋକ ହେଲେ । ଏତେ ଟଙ୍କା ଉପାର୍ଜନ କଲେ । କୋକ ତାଙ୍କର ନାତି ହେଇଥିଲା, ପୁଅ ହେଲାଣି, ଇଂରେଜି ଟିକିଏ ପଢ଼ିଲେ ସିନା ବଡ଼ ଲୋକ ହେବ, ନାଁ ବାହାରିବ, ଓକିଲ କି ମେଜଷ୍ଟ୍ରେଟ ହେବ, ସାଇବ ସାଙ୍ଗରେ କଥା କହିବ । କଣ କହୁଚ ?"

ଚନ୍ଦ୍ରା ଚିନ୍ତାକରି କହିଲେ, "ହଁରେ ପୁଅ ଦୁଷ୍ଟ, ଭଗବାନ୍ ତେତେ କଥା କରିବେ, ମୋ କୋକ ସେତେ କଥା କରିବ !" ଦୁଷ୍ଟ ଅତ୍ୟନ୍ତ ଗମ୍ଭୀର ହୋଇ କହିଲା, "କି କାହିଁକି ନକରିବ ? ଯେତେ ଲୋକ ସବୁ ବଡ଼ଲୋକ ହେଇଛନ୍ତି, ମା ପେଟରୁ ହେଇ ଆସୁଛନ୍ତି ନା ଶିଖୁଛନ୍ତି ସେ । କୋକର ତ ବଡ଼ ଇଚ୍ଛା ସେ ଯିବ ପାଠ ପଢ଼ି । ଖାଲି ତମେ ଟଙ୍କା ଖରଚ କରିବ କି ନାହିଁ ସେଇକଥା ପଚାରୁଚି ।"

"ହଁରେ ପୁଅ ଦୁଷ୍ଟ, ତୋ ଭୁଣ୍ଡ ସୁଭୁଣ୍ଡ ହେଉରେ ପୁଅ ! ମୋ କୋକ କିମିତି ମଣିଷ ହେଉ ।"

ଦୁଷ୍ଟ କହିଲା, "ସୁଭୁଣ୍ଡ ଆଉ ହବକଣ, ଗୁଣ୍ଡିଚା ଯାତ୍ରା ଦିନ ତ ଆମେ ସବୁ ଯାଉଚୁ ।"

"ମୋ କୋକ ମଧ୍ୟ ସେ ଦିନ ଯିବ । ମୋ କୋକକୁ ନ ଦେଖି କିମିତି ରହିବି ?" କୋକ ଶୁଣିଲା ଦୁଷ୍ଟକୃଷ୍ଣ ତାର ହୋଇ ଏତେ ଗୁଡ଼ାଏ କଥା କହିଲାଣି । ସେ ତ କିଛି ହେଲେ କହିବା ଉଚିତ । ସେ କହିଲା, "ଆଈତ ଟଙ୍କା ଦେବାକୁ ଚାହୁଁଥିବ ।" ଅନୁ ଘର ଭିତରକୁ ଆସି ପଚାରିଲା, "କୋକ କିମିତି ପଢୁଚି ରେ ଦୁଷ୍ଟ ?"

କୋକା ପରା ଫାଷ୍ଟକ୍ଲାସ ପଢୁଚି । ମାଷ୍ଟ୍ରେ କହୁଛନ୍ତି କୋକ ପାଠ ପଢ଼ିଲେ ବି. ଏ. ହେବ । ଅନୁ ଉତ୍ସାହ ପାଇ କହିଲା "ହଁ ସତେ ! କୋକ ଆମର ଭଲ ପଢୁଛି ! ମାଷ୍ଟ୍ରେ ଇମିତି କହୁଛନ୍ତି !"

## ପାଞ୍ଚ

ଟେବୁଲ ଉପରେ କହୁଣି ରଖି ଗାଲରେ ହାତଦେଇ ଗୋପାଳ ଚାହିଁ ରହିଥିଲେ ଖାତାଟାକୁ। କାର୍ତ୍ତିକ ହସ ହସ ମୁହଁରେ ପାଖକୁ ଆସି କହିଲା "ଆଁ ଜ୍ଞାଁ, ଅନେକ ଦିନଁ ହେଲାଁ ଗୋଟିଏ ହେଲେଁ ଗୀତଁ ଲେଖୁ ନାହାଁନ୍ତି—।"

"କାଲି ରାତିରେ କଣ ଗୋଟାଏ ଲେଖିଥିଲି। ଗୀତ ହୋଇଛି କି କବିତା ହୋଇଛି, ଗାଇଲୁ ଶୁଣିବା।

"ଖଣାଁ ପାଟିରେଁ କଁ ଗୀତଁ ଗାଇଁ ବଁ ଆଜ୍ଞା ?'

"ତୋର ଖଣା ପାଟିର ଗୀତ ଶୁଣିବାକୁ ମତେ ଭାରି ଭଲଲାଗୁଛି। ସତ କହିବାକୁ ଗଲେ ନିତାଇ ଗାୟକର ଗୀତ ଅପେକ୍ଷା ତୋ ଗୀତ ମତେ ଭଲଲାଗୁଛି। ତାର କାରଣ ନିତାଇ ଗାୟକ ଭାବ ନବୁଝି ଖାଲି ଗୀତ ଗାଇଯାଉଛି! ତୁ ଗାଉଛୁ ଗୀତରେ ତୋର ଭାବ ମିଶେଇ।"

କାର୍ତ୍ତିକ ସରମରେ ମଥା ନୁଆଁଇ ଗାଇଲା!

ଚାହିଁ ଚାହିଁ ମୋର ଗଲା ଦିନ ସାରା
ଆସିଲାଣି ସଞ୍ଜ ଧୀରେ
ତୁମରି ପରଶ ପାଇବା ଆଶାରେ
ଜଗି ବସିଅଛି ଦ୍ୱାରେ ॥
ଆସୁଛନ୍ତି କେତେ କହୁଛନ୍ତି କଥା
ନେବା ପାଇଁ ପର ମନୁ ମୋର ବ୍ୟଥା
ତୁମ ସମ ଆଉ ନ ଦେଖେ କାହାକୁ
ନୟନୁ ଲୋତକ ଝରେ ॥
ଖେଳୁଥିଲି ଖାଲି ବନ୍ଧୁ ବୋଲି ଜାଣି
କି ଶୁଭ ମୁହୂର୍ତ୍ତେ ଶୁଣାଇଲ ବାଣୀ।
ତୁମରି ସେକଥା ପୁଲକେ ପରାଣ ଥରେ ॥

ଅଗଣା ପାଖରୁ ଚନ୍ଦ୍ରାଦେବୀ ଡାକିଲେ, କାର୍ତ୍ତିକ, ଏ କାର୍ତ୍ତିକ ! ଗୀତ ରସରେ ତନ୍ମୟ ହୋଇ ମୂଳ ପଦଟି ଆଉଥରେ ଗାଇବାକୁ ଆରମ୍ଭ କରିଦେଲେ କାର୍ତ୍ତିକ। ଚନ୍ଦ୍ରାଦେବୀ ଭିତରକୁ ଆସୁ ଆସୁ କହିଲା, "ଏ ସବୁ କି କଥାରେ କାର୍ତ୍ତିକ ! ଏ ମନ ଚଇତନ ହୋଇ ଏଇଠି ଡାକିଆଉଛ ଶୁଣାଶୁଣି ହୋଉଚ ଯେ ଘରକଥା ଚଳୁଛି କମିତି ରେ ? ହଇହେ ! ସେ ପିଟେଇ ପାଣ୍ଡ ଘର ପୁରେଇତ ଆସିଚି—।"

ଗୋପାଳ ବିସ୍ମିତ ହୋଇ କହିଲେ, "କଣ କହିଲ ? ପିଟେଇ ପାଣ୍ଡର ପୁରୋହିତ ! ମୋ ପାଖରେ ତାଙ୍କ ପୁରୋହିତର କୌଣସି କାର୍ଯ୍ୟ ଥିଲାପରି ତ ମନେ ହେଉନାହିଁ। ଭଦ୍ରଲୋକ ଆସିଛନ୍ତି କାହାପାଖକୁ ?"

ଚନ୍ଦ୍ରା ମନେ ମନେ ରାଗି କହିଲା, "ଆହା ! ଜାଣିନ କିଆ ! ଏଁ ସେ ପିଟେଇ ପାଣ୍ଡ। ଦି' ବର୍ଷ ହେଲା ନାଗିଚି ତା ଝିଅକୁ ଆମ ବୋକାକୁ ବିଭା କରିବ ବୋଲି।" ବିସ୍ମୟ ହୋଇ ଗୋପାଳ କହିଲେ, "କଣ କହିଲ ? ବୋକା ବିଭାହେବ ?" ପ୍ରଥମେ ବିସ୍ମୟ ହୋଇ, ବିଦ୍ରୂପ କରି ଗୋପାଳ କହିଲେ, "ହଁ ହଁ ତମ ବୋକା ବିଭା ନହେଲେ ସୃଷ୍ଟି ଚଳିବ କିପରି ? ସେଥିପାଇଁ ମୁଁ କଣ କରିପାରେ ?"

ଚନ୍ଦ୍ରା କହିଲେ "ଇମା ! ଏଁ, ଶୁଣମା ଏଙ୍କ କଥା। ଏ ବନ୍ଧୁ ଘର ମଣିଷଟି ଆସିଚି, ପଚରା ସଙ୍ଗୁଳା କରିବ କି ନବାଉଟି କୋଉଦିନ ହବ, ସେ କଥା କହିବ। ବୋଲୁଚ ମୁଁ କଣ କରିପାରେ—?"

ବାହାରେ ଲୋକ ଡାକିବା ଶୁଣି କାର୍ତ୍ତିକ କହିଲା, "ଆଁ ଜ୍ଞାଁ ଠିଁପିଁଶିରଁ ସମ୍ଭାଁଦିଁକଁ ଆସିଁଛନ୍ତିଁ।" ଗୋପାଳ କହିଲେ, "ମୁଁ ଯାଉଚି କଥା ହେଇଆସିବି।"

ଚନ୍ଦ୍ରାଦେବୀ କାର୍ତ୍ତିକର ମୁହଁକୁ ଅନେଇ ପଚାରିଲେ ? ହଇରେ କାର୍ତ୍ତିକ ଏ ! ସେ ପିଟେଇ ପାଣ୍ଡ ତା ଝିଅଟିକୁ ଏତେକରି ଯାଚୁଚି। ଯଚିଲା କନ୍ୟା, କାଡ଼ିଲା ଭାତ, ଛାଡ଼ିଲେ ଭଲକିରେ ?"

"ଯାଁଚିଲାଁ କନ୍ୟାଁ ଛାଡ଼ିବଁ କିଏଁ ? ହେଁଲାଁ ଏବେଁ; କେତେଁ ଯାଚିଲାଁ ବୋଲିଁ ବାରଁ ବର୍ଷରଁ ପିଲାଁଟିକୁ ବିଭାଁ କରିବଁ କିଏଁ ? ଝିଅଁ ପିଲାକୁଁ ବିଭାଁ କରିବାକୁଁ ବାବୁ ମନାଁକରୁଛନ୍ତି। ପୁଅଁ ପିଲାକୁଁ ବିଭା କରିବ କିଏଁ ?"

ପିଲା ହୋଇଗଲାଣି ଷୋଳ ବର୍ଷର ପୁଅ ହେଲାଣି !'

ହଁ ହେଁ ଷୋଳଁ ବର୍ଷରଁ ପୁଅଁ ହେଲାଣି କି କିଲା । ବାହାଟିଁ କରିଁ ଦେଲେ ଘରକୁଁ ବୋହୁଁ ଆସିବଁ, ନାତି ନାତୁଣି ହେବେଁ ।"

ମୁଁ ସେଇକଥା କହୁଚରେ କାର୍ତ୍ତିକ । ପଞ୍ଚଣାଘରେ ଅନନ୍ତଆ ଘୋଡ଼ାମୁହାଁ । ଭଗାର ଶଳ ହୋଇ ଅନେଇ ରହିଚ । ମୋ ପୁଅକୁ ନିଅ ମୋ ପୁଅକୁ ନିଅ ବୋଲି ଲାଗିଚ ଯେ, ସ୍ତ୍ରୈର ଗୁଡ଼ାକୁ ଘରେ ପୂରେଇବା କିରେ ? ସେଦିନ ବନାଟା ଆସିଲା । ସ୍ତ୍ରୈରମୁହାଁ ଏଇଠିକି ସେଇଠିକି ଲୁଚି ଲୁଚି ହୋଇ ଗିଲାସୁଟା ଧରି ପଳେଇଲା ରେ ।"

"କେଉଁ ଗିଲାସଟି ଆଜ୍ଞା ?"

"ମଝିଲା ଗିଲାସଟାରେ, ଯେଉଁଥିରେ କୋକ ଆମର ଦୁଧ ପିଉଥାଏ ।"

"ଆପଣ ସେଇଟା ସେଦିନ ଇଷ୍ଟଦେବତା ପାଖରେଁ ରଖିଁ ଦେଇଁଛନ୍ତି, ମୁଁ ଆଜ ସକାଳେଁ ଦେଖିଥିଲି ?'

"ହଁରେ ହଁ, ମନେ ପଡ଼ିଲା, ମଙ୍ଗଳବାରେ ପୂଜାକରି ଥୋଇ ଦେଇଛି, ଆଉ ମନେନାହିଁ । ଗଲୁରେ କାର୍ତ୍ତିକ, ପୂରେଇଚଟା ସେ ଘରେ ବସିଚି, ପାଣି ଟିକିଏ କି ପଣାଟା ଦେବୁ ।"

କାର୍ତ୍ତିକ କହିଲା, "ଆଜ୍ଞା ! ଆପଣ ଆସିଲେ ଚାଳ ଦେଲେ ପିନା ପଣା ପାଣି ହବ ।"

"ହୋଉ ଚାଲେ, ମୁଁ ଯାଉଛି ।"

କାର୍ତ୍ତିକ ଚାଲିଗଲା ପରେ ଗୋପାଳ ଭିତରକୁ ଆସି ସ୍ତ୍ରୀଙ୍କ ଆଡ଼କୁ ଶଙ୍କିତ ଦୃଷ୍ଟିରେ ଚାହିଁ କହିଲେ "ଦର୍ପଣର ସହକାରୀ ସମ୍ପାଦକ ଆସିଛନ୍ତି ! ମୁଁ ତାଙ୍କ ଦର୍ପଣ ନିମନ୍ତେ ଲେଖା ପଠାଉଛି ବୋଲି ସେ ମୋ ପାଖକୁ ପ୍ରତିମାସରେ ବିନାମୂଲ୍ୟରେ ଦର୍ପଣରୁ ଖଣ୍ଡିଏ ଖଣ୍ଡିଏ ପଠେଇ ଦେଉଛନ୍ତି । ବର୍ତ୍ତମାନ ଅର୍ଥାଭାବରେ ସେ ମହାଶୟ ପତ୍ରିକାଟି ଚଳେଇ ପାରୁ ନାହାନ୍ତି । ପଚିଶଟି ଟଙ୍କା ଦେବାକୁ ମୋର ଇଚ୍ଛାଥିଲା, କିନ୍ତୁ ତୁମେ ବିରକ୍ତ ହେବ ବୋଲି ଭୟ କରି ପନ୍ଦର ଟଙ୍କା ଦେବି ବୋଲି ପ୍ରତିଶ୍ରୁତି ଦେଇ ଆସିଛି । ଦେଇଥାନ୍ତି ପନ୍ଦରଟା ଟଙ୍କା । ଭଦ୍ର ଲୋକ ଅପେକ୍ଷା କରିଛନ୍ତି । ଆମେତ ଦୁଇଶ ଚାରିଶ କି ହଜାରେ ଦୁଇ ହଜାର ଦେଉନାହୁଁ, ଅକାରଣରେ ପନ୍ଦରଟା ଟଙ୍କା ନିମନ୍ତେ କାହିଁକି ଅପେକ୍ଷା କରେଇବା ?"

ଚିନ୍ତା କହିଲେ, "ଦୋଉନ ହଜାର ଦି'ହଜାର, ଅର୍ଜନ ଗୁଡ଼ାକ ରଖିଚ ପରି ଦିଅ । ତେବେଲ ଖା ବୋଇଲେ ବଡ଼ ଗଣ୍ଡୁଚନ୍ତ ! ପୁରେଇଭୁଟି ଆସିଲ କଥାବାର୍ତ୍ତା ହେବକି, କୋଉ କଥା କହନ୍ତି । ନାଗ ବୋଲିବା ପଦାର୍ଥ, ତାପେଇଁ ବୋହୂ ଦେଖି ଯାଆନ୍ତି । ଘୃତ କୁଣ୍ଡେ ମୋଟ ହୋଇଯାଉଥାନ୍ତା, ପିଠି ଅଣ୍ଟାଳ ଖାଇ ଖୁଆଉଥାନ୍ତି -"

ଗୋପାଳ ଚିନ୍ତାଙ୍କର ଏତେଗୁଡ଼ାଏ କଥାରୁ ପଦେହେଲେ ନ ଶୁଣି କହିଲେ, "ଆମଦେଶ ଲୋକଙ୍କର ଇମିତି ପ୍ରକୃତି—ଖଜା, ପିଠା, ମାଛ ମାଂସ ଖାଇ ଭୋଜି ଭାତ କରି ଶହ ଶହ ଉଡ଼େଇ ଦେବେ ପଛକେ ଆମ ଦେଶର ଜିନିଷ ବୋଲି କୌଣସି ଭଲ ଅନୁଷ୍ଠାନକୁ ପଇସାଟିଏ ହେଲେ ଦେବେନାହିଁ । ଭଗବାନ ! ଏ ଅଶିକ୍ଷା, ଏ କୁସଂସ୍କାର କେବେ ଏ ଦେଶରୁ ଦୂରହେବ ! ଦିଅ, ଅନୁରୋଧ ! ଭଦ୍ରଲୋକ ଅପେକ୍ଷା କରିଛନ୍ତି । ଦର୍ପଣଟା ଖୁବ୍ ଭଲ କାଗଜ—"

"କି ଦର୍ପଣ, କିସ ମୁଁ କିଛି ଜାଣେନି, ଏ, ମେ ଘରକୁ କିଏ କେବେ କି ଦର୍ପଣ ପଠେଇଥିଲା ବା ? ମୁଁ ତ କେବେ କିଛି ଦେଖିନି ।"

"ତୁମେ ଦେଖିବା ଦର୍ପଣ ନୁହେ ଅନୁରୋଧ, ମୁଁ ପଢ଼ିବା ଦର୍ପଣ, ସେ ଗୋଟାଏ ମାସିକ ପୋଥିର ନା' ସେ ପୋଥିଟା ପଢ଼ିବାକୁ ମୁଁ ବଡ଼ ଭଲପାଏ । ସେଥିରେ ପ୍ରତିସଂଖ୍ୟାରେ ମୋର ଲେଖା ବାହାରେ, ପ୍ରତି ସଂଖ୍ୟାରେ ଲେଖାଗୁଡ଼ିକର ସମାଲୋଚନା ବାହାରୁଥିବାରୁ କାଗଜ ପଢ଼ିବାକୁ ବଡ଼ ଭଲ ଲାଗୁଛି ।"

"ବୁଢ଼ାକାଳେ ଆଉଥରେ କ ଖ ଠ ପଢ଼ିବ ବା, ଶୁଭ ପ୍ରସଙ୍ଗଟି ଆସିଛି, ବାହାଟି କରିଦେବା ଗଲା, ସେ ଦର୍ପଣରୁ କି ଖାଇବ, ଚୁଲି ନା ପାଉଁଶ ।"

"ତୁମ ନାତି ପାଠ ପଢ଼ୁଛି ପରା, ତାକୁ ଏତେ ପିଲାଦିନରୁ ବିବାହ କରେଇଦେବ କାହିଁକି—?"

"ଆହା ! ସେ ପାଠ ମୁଣ୍ଡରେ ଅମୃତ ବର୍ଷୁ । ଦିବର୍ଷ ହେଲା କି ବେଳାରେ ସେ ନଆଁ ଇସ୍କୁଲୁ ଦୁଆରେ ମୋ ପିଲା ପାଦଦେଲା, କୋଉ ଡାହାଣୀର ଡାହାଣି ଦୃଷ୍ଟି ମୋ ପିଲା ଦେହରେ ପଡ଼ିଲା ଏକା ଥରକେ କଳା ପଡ଼ିଯାଇଛି । ଏ ବର୍ଷ ତାକୁ ଆଉ ଛାଡ଼ିବି ନାହିଁ ତ !"

"କଳା ହୋଇଯାଉଛି ବୋଲି ମୂର୍ଖକରି ରଖିବ ?"

"ଇ ମା ! ଲୋକ କାଇଁକିବା ମୂର୍ଖ ହେବ ? କେତେ ଇଂରିଜୀ ପାଠ ପଢ଼ିଲାଣି ! ଡାକଦୋକୁଟିରେ କାର୍ତ୍ତିକ, ଲୋକ ସେ ଘରେ ଥିବ, ଅଜା ଡାକୁଛନ୍ତି ବୋଲି ।"

'ଦେଖିଲ, ସେଆଡ଼େ ଭଦ୍ରଲୋକ ଅପେକ୍ଷା କରିଛନ୍ତି, ଦବ ଯଦି ଦିଅ ।'

'ଟଙ୍କା କାଇଁକି ମଷେନାଇଁ, ପନ୍ଦର ଟଙ୍କା ! ଶଗଡ଼େ ଧାନ ବିକିଲେ ହୋଉଚି ପନ୍ଦର ଟଙ୍କା । ସ୍ତ, ସ୍ତ, ସ୍ତାଙ୍କ ପାଖରେ ଥିଲେ ଟଙ୍କା ଟଙ୍କା ହୋଉଥିବେ ।' ଚନ୍ଦ୍ରାଦେବୀ ଚାଲିଗଲା ପରେ, ଗୋପାଳ କାର୍ତ୍ତିକକୁ ଡାକି କହିଲେ, 'ଗତମାସର ଅବଶିଷ୍ଟ କେତୋଟା ଟଙ୍କା ଥିଲା, ଅଛିତ କାର୍ତ୍ତିକ ?'

'ମୋ ପାଖରେ ଆଉ ପାଞ୍ଚଟଙ୍କା ଅଛି ।'

"ଭଦ୍ରଲୋକ ଦାଣ୍ଡ ଦୁଆରେ ବସିଛନ୍ତି, ତାଙ୍କୁ କହିବୁ ଏକ୍ଷଣି ଆଉ ବେଶୀ ଦେଇପାରୁ ନାହାନ୍ତି; ଭବିଷ୍ୟତରେ ସୁବିଧା ହେଲେ ପଠେଇ ଦେବେ । କିଛି ମନେ ନକରି ପାଞ୍ଚଟଙ୍କା ନେବେ ।"

କାର୍ତ୍ତିକ ଟଙ୍କା ନେଇ ଦେଇ ଆସି ଦେଖିଲା, ଉଦାସ ଦୃଷ୍ଟିରେ କାଗଜପତ୍ର ଗୁଡ଼ାକୁ ଗୋପାଳ ଚାହିଁ ବସିଛନ୍ତି । କାର୍ତ୍ତିକ ମୁହୂର୍ତ୍ତେ ତୁନି ହୋଇ କହିଲା, "ଆପଣଁ ଏଁ ଅଧମଁର ଅନେକ ପ୍ରକାରଁ ଦୋଷଁ ଅପରାଁଧ କ୍ଷମାଁ ଦେଇଁଛଁନ୍ତି । ସେଇଁ ସାହାସଁ ପାଇଁ ଆଜ୍ଞାଁ ପସ୍ନଁ ପଚାଁରୁଁଛିଁ ।" ମନେ ମନେ ଖୁସି ହୋଇ କାର୍ତ୍ତିକର ମୁହଁକୁ ଚାହିଁଲେ । ଗୋପାଳ ଭାବିଲେ, ଏଇ କାର୍ତ୍ତିକର ଆସିଲାବେଳେ କଥାକହି ଜାଣୁ ନଥିଲା । ବର୍ତ୍ତମାନ ଭୂମିକା କରି କଥା ଆରମ୍ଭ କଲାଣି । କାର୍ତ୍ତିକ ତାର ସେଇ ଚିରକାଳର ଅଭ୍ୟାସ କାନମୁଣ୍ଡ ଆଉଁସି କହିଲା, "ଆଜ୍ଞାଁ, ଆପଣଁ ତୁଁ ସ୍ତ୍ରୀମାନଙ୍କୁଁ ସ୍ୱାଧିଁନତାଁ ଦିଅନ୍ତଁ ବାଁ ଦିଆଁଯାଉ ବୋଲିଁ ଅନେଁକଁ ପ୍ରକାରଁ ଲେଖାଁ ଲେଖିବଲଣିଁ । ଆଉଁ ପୁରୁଷମାନଙ୍କ ସ୍ୱାଧିଁନତା କମେଁନ୍ତେଁ କଏଁ ଲେଖିବଁ ? ଅନ୍ୟାଁସୁଁ ସହିଁଗଲେଁ ଲୋକେଁ ତାଙ୍କୁଁ କହଁନ୍ତି ଭଯ୍ଁାନ୍ତୁ ବୋଲିଁ ।"

"ପଚଟି ବର୍ଷ ଚୁଲି ଜାଳି ଲୁହା ଛଟେଇ ତା ଉପରେ ହାତ ବୁଲେଇଲେ ହାତ ପୋଡ଼ିବା ଛଡ଼ା ଆଉ କୌଣସି ଲଭ ହେବ ନାହିଁରେ କାର୍ତ୍ତିକ ।" କାର୍ତ୍ତିକ ଜବାବ ନଦେଇ ଚାଲିଗଲା ଭିତରକୁ ।

କାର୍ତ୍ତିକ ଚାଲିଗଲା ପରେ ଗାଁର ବୀର ବାରିକ, ବୟସ ଷାଠିଏ କି ସତୁରି ହେବ, ଦୁଆର ଠେଲି ଆସିଲା ଭିତରକୁ । ବୀରର ଲମ୍ବା ଚଉଡ଼ା ଦେହ, ବୟସ ବଳରେ ଲଇଁଯାଇଛି କଟିପାଖରୁ । ପାଚିଲା ବାଳ ଗଣ୍ଠିକ ଉଡ଼ୁଛି ଫୁରୁ ଫୁରୁ ହୋଇ । ଗୋପାଳଙ୍କ ମୁହଁକୁ ଝରେଖି ଚାହିଁ, ବସିପଡ଼ିଲା ଦୁଆର ପାଖକୁ ।

"କିରେ ବୀର ? କୁଆଡ଼େ ଚାଲି ଆସିଲୁ ?"

ବୀର ପାନ ପାକୁଳେଇ ପାକୁଳେଇ ମୁହଁକୁ ଚାହିଁ ଟିକିଏ ରହି କହିଲା, "ଆସିଲି ବାହାରି, ଆଉ କଣ ?" ରହି ପାନ ପାକୁଳେଇ ପାକୁଳେଇ ପୁଣି କହିଲା, "ପିଲାଦିନର କଥା ମନେ ପଡ଼ୁଚି ନା ? ପିଲାଦିନେ ତମେ ଅଡ଼ୁଆ କରି କାନ୍ଦିଲା ବେଳେ ମୁଁ କାଖ କରି ନେଇ ଯାଉଥାଏ—ବଗିଚାଆଡ଼େ ବୁଲେଇ । ସେ ଦିନ ତ ଆଉ ଏବେ ନାହିଁ । ହଁ ସେ କଥାତ ଗଲାଣି । ତମେ ପାଠ ପଢ଼ି ବଡ଼ ଲୋକ ହେଲ । ଅନନ୍ତର କଥା ଆଉ କଣ ବିଚାର କରୁଛ ? ତାର ପାଞ୍ଚଟା ପିଲା, ମଟ୍ରିଆଟିକ ପରୀକ୍ଷା ଦିଏ ପକାଇବ ବୋଲି ଯୋଗାଡ଼ କରୁଛି । ବଡ଼ ପିଲାଟି ପାଠ ଦିଅଙ୍କରେ ପଢ଼ୁଛି । ହାତରେ ପଇସା ନାହିଁ । ଆଜି ଦୁଃଖ ସୁଖ କଥା ହେଉ ହେଉ ଅନନ୍ତ କାନ୍ଦ

ପକେଇଲା । ଘରର ଜନ୍ମ କରିବା ପଦାର୍ଥ ଗୋଟିଏ ଆଣି ରଖ । ପର ତ ନୁହେଁ !" ଚନ୍ଦ୍ରାଦେବୀ ଉତ୍ତରକୁ ଆସୁ ଆସୁ କହିଲେ, "ବାରିକ ଘର ବୁଢ଼ା ପୁଅ ଆସିଚ କହେ ?"

"ହଁ ଆସିଥିଲା, ଅଜନ୍ତାଟା ବଡ଼ ଦୁଃଖରେ ପଡ଼ିଛି । ତା ପିଲାଟିକି କିହେଲେ—ହଁ, ମୁଁ ବୋଲୁଥିଲି କଣକି, ମାସି ଦଶ ଟଙ୍କା ହେଲେ ଦେଇଥାନ୍ତେ ।"

ଚନ୍ଦ୍ରାଦେବୀଙ୍କ କ୍ରୋଧ ଅଗ୍ନିଟା ଭୁଡ଼ କରି ଜଳି ଉଠିଛି ପୁଣି ଦପ୍ କରି ଲିଭିଗଲା । ସେ ଠକ୍ ଠକ୍ କରି ହସି ପକେଇ କହିଲେ, "ଆହା ! ଶୁଣୁନ କିଆ ବାରିକ ପୁଅ, ଦଶହେଉ, ପାଞ୍ଚହେଉ, ହାତରେ ଥିଲେ ସିନା ହାସ୍ଥଟାକର ବଳ । ତମେଇ ଦେଖୁଚ ! ତାଙ୍କୁ ରୋଗ, ମତେ ରୋଗ, ସେ ପୋଡ଼ା ଝିଅକୁ ରୋଗ । ବଇଦ ବଇଦ ଡାକ୍ତର ଡାକ୍ତର କରୁକରୁ ସବୁ ଯାଉଚି, ସେ ପିତୃପିତା ସରଗରେ ବସି ଅମୃତ ଦୃଷ୍ଟିରେ ଅନେଇଁଥାନ୍ତି । ସେଇ ଯାହା ପାଞ୍ଚ ଭରଣ କି ଦଶ ଭରଣ ଥିଲା, ସେତକ ଧୋଇ ଶୁଖେଇ ଖାଇ ବର୍ଷକ ଚଳିଯାଉଚି, ମୁଣ୍ଡ ଦେଖି ସିନା ସବୁ କାରବାରଓ ବାରିକ ପୁଅ ! ଜାଣୁନ, ଲୁଟୁନ୍ତି ଅଙ୍କିଚ, ପୁଅ ନାତି ଗୋଟେ ଧରି ଘର କରୁଚ ? ତାର ସେ ତ ପୋଡ଼ାକପାଳ ବୁଦ୍ଧି ଧରି ଘରର ସୁନା ରୂପା ସାରିଲା ବା'ରେ ଭୁଇଁ ଉପରକୁ ହାଇ ବଢେଇଲା । ଦେଖି ଋଷି ଖାଇଲେ ସିନା ହବ । ଅଛି ବୋଲି ଦ' ହାତରେ ଖାଇଲେ ଦିନ ସରିବ । କିଓ ପୁଅ ?"

"ନାଇଁ ନାଇଁ ମିଛ ଗୁଡ଼ା କିଏ ତୁଣ୍ଡରେ ଧରିବ ? ସୁନା ରୂପା ସେ କେବେ ବିକାଭଙ୍ଗା କରିନାଇଁ । ତାର ତ କିଛି ନଥିଲା, ବିକା ଭଙ୍ଗା କରିବ କୁଆଡ଼ୁ । କୁଟୁମ୍ବ ଭାରି ହେଇଗଲେ, ଧନେଇଁ ପାଲୀର ଭୁଇଁ ଖଣ୍ଡକ ବିକିଦେଲା । ମୂଲ ଦେଇ ପାରିଲା ନାଇଁ ଭୁଇଁ ଖଣ୍ଡିକ ଘାସ ଲୁଚକୁ ନଦେଇଦେଲା । ଲୁଚଆଡ଼ୁ ଟାଣୁ ଟାଣୁ ପଡ଼ିଗଲା । ହଁ ! ଯାଉ ସେକଥା, ସ୍ୱର୍ଗୀ ଦେବା ଜନ । ହଁ ! ଶୁଣୁଥିଲି, ପଚାରୁଥିଲି, ନାତକ ପୁଅ କଲ ବୋଲି ଶୁଣିଲି ସେ ତାର ଗୋଟିକୁ ଆଣିଥିଲେ ହୋଇ ନଥାନ୍ତା ?"

"ନାଇଁହେ ବାରିକ ପୁଅ, ମୋର କୋଉ କଥା ରହୁନାଇଁ । ସେଇ କଥା କହିଲେ ପୋଷାପୁଅ ଗୁଞ୍ଜାରୁଅ । ପୋଷିଆ ପୁଅ କରିବେ ନାଇଁ ବୋଲି ତ ଧରିବସିଛନ୍ତି । ନାତିକ କାଏ ପୁଅ କରିଚ ବା ! କା ଜିଭ ଛିଡ଼ିପଡ଼ୁଛି । କାଏ ଏକଥା ତୁଣ୍ଡରେ ଧରୁଚବା ?"

"ପିଲାଟା ପଢୁଚି, ବର୍ଷକୁ ବର୍ଷ ପିଆସ (ପାସ) ହୋଇଯାଉଚି । ପଢ଼ିଥିଲେ ତମରି ଘର ପିଲା ବୋଲି ନାଁ ରହନ୍ତା । ମାସି ପାଞ୍ଚଟଙ୍କା ହେଲେ ଦେଇଥାନ୍ତ କି ?"

"ଆହା, କହିଲପରା, ପାଞ୍ଚ ହେଉକି ପଚିଶ ହେଉ, ଥିଲେନା ?"

ସାର ବାରିକ ମନେ ମନେ କ୍ରୋଧ ହୋଇ "ହଁ ହେଉ" ବୋଲି କହିଦେଇ ଉଠି ଚାଲିଗଲା ।

## ଲୁଅ

ଦିନ କାହାରି ପାଇଁ ଅପେକ୍ଷା କରୁନାହିଁ, ପ୍ରକୃତିର ଡାକରେ ଦିନ ଚାଲିଛି ଅବାରିତ ଗତିରେ । ଏହିତରେ ଗୋପାଳ ପ୍ରବେଶ କରିଛନ୍ତି ନିଜର ଜୀବନ ନାଟକର ତୃତୀୟ ଅଙ୍କରେ, ଦିନକୁ ଦିନ ତାଙ୍କର ଦୈନ୍ୟ ଚାଲିଛି ବଢ଼ି । ଗୋପାଳଙ୍କ ଚିର କାଳର ଅଭ୍ୟାସ କେଉଁଠି ଗୋଟାଏ ସଭା ସମିତି ହେଲାତ ଦ' ଚାରିଟଙ୍କା ଚାନ୍ଦା ଦେବ ,କେଉଁଠି ଗୋଟାଏ ନୂଆ ପତ୍ରପତ୍ରିକା ବାହାରିଲାତ ନ' ମଗେଇ ରହିପାରିବେ ନାହିଁ । ଦରମା ପ ଇଲାବେଳେ ସମସ୍ତ ସମସ୍ତ ଦଶ ପଚିଶି ଖରଚ କରିଦେଲେ, କୁଣ୍ଠିତ ହେଉ ନଥିଲେ; ପୁଣି ଟଙ୍କା ପାଇଲାଯାଏ ଅବଶ୍ୟ ତାଙ୍କର ବିରକ୍ତିଟା ରହେ । ଉନ୍‌ସନ୍ ପାଇବାପରେ ଚନ୍ଦ୍ରାଦେବୀ ଗୋପାଳଙ୍କ ଅଜଣାରେ ଯେତେ ପାଉଥିଲେ ଭଲ ଚାରି, ଭଲ ଘିଅ ଭଲ ଖୁଦ୍ର ଇତ୍ୟାଦି ଯେତେ ଭଲ ଜିନିସ ସେ ସମସ୍ତ ନପାଇ, ଚନ୍ଦ୍ରା' ନାହିଁଣ

ଅକାରଣରେ ହେଲେ ଗୋପାଳଙ୍କ ଉପରେ ବିରକ୍ତ । ଗୋପାଳ ବି ଅତିଷ୍ଠ ହେଲେ ନିଜର ବ୍ୟସ୍ତ ସମୟରେ ଚିନ୍ତାକରି କରି । ସେଇ ଦୁଃଖ ଦୈନ୍ୟରୁ ଅବ୍ୟାହତି ପାଇବା ନିମନ୍ତେ ଦିନରାତି କାଗଜ କଲମ ଧରି ଲେଖା ପଢ଼ା ଭିତରେ ଲିପ୍ତ ରହିବାକୁ ଚେଷ୍ଟା କଲେ ଗୋପାଳ ସମସ୍ତ ସମୟରେ ଶାନ୍ତି ପାଇବା ଆଶାରେ, କେଉଁଠି ପଲ୍ଲୀ ମଙ୍ଗଳ ସମିତି, କେଉଁଠି ଅନାଥା ସଂରକ୍ଷଣୀ ସମିତି ଗଢ଼ି ନାନା ଅଶାନ୍ତି ଭୋଗକଲେ ମଧ୍ୟ ସେଥି ସଙ୍ଗେ ସଙ୍ଗେ ।

ଜ୍ୟେଷ୍ଠମାସର ଦି ପହର, ବାଡ଼ି ବାରଣ୍ଡାରେ କାର୍ତ୍ତିକ ତାର ସପ ଖଣ୍ଡେ ପାରିଦେଇ ଗଡ଼ପଡ଼ ହେଉହେଉ ଗୋପାଳଙ୍କ ଗୀତ-ଖାତା ଧରି ଗୁଣୁ ଗୁଣୁ ହେଉଥିଲା । ଗୋପାଳଙ୍କ ପୂର୍ବପାଖର ଦାଣ୍ଡି ଭାଗଟାରେ ଗାଁର ସ୍କୁଟଶାଳୀ, ବାଡ଼ପାଖଟା ଧନପତି ଭିହାଡ଼ିର ଘର । ଭିହାଡ଼ି କୋଉକାଳୁ ମଲାଣି, ତାର ଗୋଟିଏ ଝିଅ ଥିଲା, ନାଁ ଶିଶୁଆ । ତାକୁ ତାର ଅନାଥା ମା' ବିଭାକରିଦେଲା' ଷାଠିଏ ବର୍ଷର ବୁଢ଼ା ସପନ ଶତପଥିଙ୍କ ସହିତ । ନଅ ବର୍ଷର ଝିଅ ଶିଶୁଆ ମା'କୁ ଛାଡ଼ିଗଲା ସ୍ୱାମୀର ଘର ଚଳେଇବାକୁ । ଶିଶୁଆର ସୁନ୍ଦର ମୁହଁଟି ଦେଖି ସପନ ଶତପଥିଏ ପାକୁଆ ପାଟିରେ ମଧୁର ହସି ପ୍ରଣୟ ପ୍ରାର୍ଥନା କରିବା ଚେଷ୍ଟାରେ ଥିବାବେଳେ, ଭଗବାନର ହଠାତ୍ ବାତ ଜ୍ୱରରେ ଇହଧାମରୁ ବିଦାୟ ନେଲେ । ଏହାପରେ ଶିଶୁଆ ବିଧବା ହୋଇ ପୁଣି ଆସିଲା ମା' ପାଖକୁ । ବର୍ତ୍ତମାନ୍ ଶିଶୁଆ ବୈଧବ୍ୟ ଦଶାରେ ରହି ପଚିଶିବର୍ଷ ବୟସରେ ପାଦ ଦେଲାଣି । ଶିଶୁଆ ସହିତ କାର୍ତ୍ତିକର ଦେଖାହୁଏ ଅନେକ ସମୟରେ । ହଠାତ୍ ଦେଖା ହେଇଗଲେ ଶିଶୁଆ ଛନ୍ନ ହୋଇଯାଏ । କିନ୍ତୁ ସେ ଯେତେବେଳେ ଜାଣି ଜାଣି କାମଥିବା ବାହାନାରେ କାର୍ତ୍ତିକକୁ ଦେଖିବା ଶତସ୍ତୁ ହାନେଇ ଚିନ୍ତାଙ୍କ ଘରକୁ ଆସେ, ସେତେବେଳେ ସହଜ ଭାବରେ କାର୍ତ୍ତିକ ସହିତ କଥାବର୍ତ୍ତା କରି ଘରକୁ ଯାଏ । ଦିନେ-ଦିନେ ରାତି ନ ଶୋଇ କାର୍ତ୍ତିକର କଥା, ତାର ମୁହଁ ଆଖିର ମନୋମୁଗ୍ଧକର ଭଙ୍ଗି ଭାବି ଭାବି ଶିଶୁଆର ଛୁତ ଅଇଉଠେ । ବ୍ୟାକୁଳବାସନା ଖୋଜିବୁଲେ ବାଞ୍ଛିତର ଉତ୍ତର ଆଶାରେ । ଶିଶୁଆକୁ ଦେଖି କାର୍ତ୍ତିକ ଚକିତହୋଇ ଉଠି ବସି କହିଲା, "ମାଁହେଉଛାଁ ଶୋଇଛନ୍ତି—',

ଶିଶୁଆ ମନରେ କିପରି ଗୋଟାଏ ଅବ୍ୟକ୍ତ ଆନନ୍ଦଭାବ ଜାଗି ଉଠିଲା । କେତେଥର ବାଟରେ ଘାଟରେ କାର୍ତ୍ତିକ ସହିତ ତାର ଦେଖା ହୋଇଛି, ସ୍ୱରଚକ୍ଷୁର ମିଳନ ଘଟୁଘଟୁ ଦୃଷ୍ଟି ଫେରେଇ ନେଇଛି ଶିଶୁଆ । ଆଜି କିନ୍ତୁ ଏଇ ନିର୍ଜନ ମଧ୍ୟାହ୍ନରେ ନିଜନ ମିଳନ କଥା ସ୍ମରଣ କରୁକରୁ ଉଚ୍ଛଳହୋଇ ଉଠିଲା ଶିଶୁଆ । ସେ ଉତ୍ସାହରେ କାର୍ତ୍ତିକର ମୁହଁକୁ ଚାହିଁଲା, କିନ୍ତୁ କଣ କହିବ ପଦେହେଲେ କଥା ଖୋଜି ପାଇଲାନାହିଁ, ଜ୍ୟେଷ୍ଠର ଝାଞ୍ଜି ବହିଗଲା ଦେହ ଉପରଦେଇ । ଶିଶୁଆ ତାର ଦେହର ବସନ ନାକକୁ ଧରି ଆଖି ପୋଛି ନେଲା । କାର୍ତ୍ତିକ ଶିଶୁଆର ମନଭାବ ବୁଝିପାରିଲା ହୁଏତ । ସେ ପରିହାସର ଛଳନା କରି କହିଲା "ନୂଆ ଲୋକଙ୍କୁ ଦେଖିଲା ପରି ଲାଜଆଁ ହଇଁଗଲ କାହିଁକି ଶିଶୁଁ—"

ଶିଶୁଆର ମନେହେଲା, କାର୍ତ୍ତିକ ତାର କଳ୍ପଯୁଗର ନୀରବ କାମନା ପୂର୍ଣ୍ଣ କରିବାକୁ ବ୍ୟଗ୍ର ହୋଇ ବସିଛି । ଏଇ ଆନନ୍ଦରେ ଶିଶୁଆର ଆଖିରୁ ଝରଝର ହୋଇ ବହିଗଲା ସଞ୍ଚିତ ଅଶ୍ରୁ । ସେ ଆଖି ପୋଛିପକେଇ କହିଲା, "ଦୁଃଖୀଲୋକ, ମା ଶୋଇଛନ୍ତି ବୋଲି ନଆସିଲେ ଚଳିବ କିମିତି ? ଧାନ କୁଟିବାକୁ ଥିଲା ଯେ—"

କାର୍ତ୍ତିକ ତାର ଗଭୀର ଅନୁଭୂତି ଗୋପନ କରି, ସହଜ ଭାବରେ କହିଲା, "ସଂସାରେ ଦୁଃଖୀ କିଏ ? ଦେଖୁଛନା, ଆମ ଆଈଁ ଲେଖିଛନ୍ତି, ଠିକ୍ ତମରି ପରି ଗୋଟିଏ ଝିଅ ଥିଲାଁ, ଭାବହୋଇଥିଲାଁ ମାତ୍ର ବୁଢ଼ାବର ସହିତଁ । ତାର କୌଣସି ପରିଚୟ ନଥିଲା । ବୁଢ଼ାଟା ମଲା ତାପରେ ସେ ଝିଅଟି ବିବାହ କଲା ଆଉ ଜଣକୁ । ଯାହାକୁ ସେ ଅନେକ ଦିନରୁ ଅତି ଭଲ ପାଉଥିଲା ।" ଶିଶୁଆ ସରମରେ ଶିହରି କାର୍ତ୍ତିକର ମୁହଁକୁ ନଚାହିଁ କହିଲା, "ଯାଉଛି,

ପରେ ଆସିବ, ଧାନ ସଜାଡ଼ିବାକୁ ଥିଲୁ ଯେ ଆସିଥିଲ।" ଶିଶୁଆ ବୁଲାଗଲାପରେ କାର୍ତ୍ତିକ ବନ୍ଧ ଲେଉଟେଇ ବାହାର କଲା ଗୋଟିଏ ଗୀତ— ।

"ସ୍ୱପନେ ତୁମକୁ ଦେଖିଲି ପ୍ରେୟସୀ
ଶୟନ ପାରୁଶେ ବସି
ସୁନ୍ଦର ତବ ଶତଦଳ ହାତେ
ଧୀରେ ଦେଉଥିଲ ସ୍ପର୍ଶି
ବକ୍ଷେ ଚାପି ମୁଁ କରୁଛି ଆଦର
ଆବେଗ ଆବେଶେ ଚୁମିଛି ଅଧର
ଦମିକର ଆଖି ଖୋଲି ତୁମେ ଖାଲି
ଦେଇଥିଲ ଥରେ ହସି ।
ନିଦରୁ ଉଠି ମୁଁ ଚମକି ଚାହିଁଲି
କେତେବେଳେ ତୁମେ ଯାଇଅଛ ଚାଲି
ସେଦିନୁ ଯେତେ ମୁଁ ରଚିଲିଣି ମାଳା
ସବୁ ହେଉଅଛି ବାସୀ ।"

କାର୍ତ୍ତିକ ଗୀତର ଭାବରେ ତନ୍ମୟ ହୋଇ, 'ହେଉଅଛି ସବୁ ବାସୀ' ପଦଟାକୁ ବାରମ୍ବାର ଆବୃତ୍ତି କରୁଥିଲା । ଅଗଣା ଆଡୁ ଚନ୍ଦ୍ରାଦେବୀ ଡାକିଲେ, "ଆରେ କାର୍ତ୍ତିକ, ଏଁ, କା'କୁ ଧରି ଗୀତ ଗାଉଛନ୍ତି ଲଗେଇଚୁରେ ? ଆମ୍ବଗୁଡ଼ାକ କଟା ହବ, ଆମ୍ବୁର ହବ, ଆମ୍ବୁଲ ହବ—"

କାର୍ତ୍ତିକ ଦୂରରୁ ଆମ୍ବୁର ଆମ୍ବୁଲର କଥା ଶୁଣି ଭାବିଲା, ଆମ୍ବୁର ଆମ୍ବୁର, ଆମ୍ବୁଲ ଆମ୍ବୁଲ ହିନରାତ ଲାଗିଛି ଯେ, ମନୁଷ୍ୟଙ୍କୁ ଟିକିଏ ବସେଇ ଉଠେଇ ଦେଉନାହାନ୍ତି । କାର୍ତ୍ତିକ ଉଠିବାକୁ ଉପକ୍ରମ କରିନଥିଲା, ଅନୁ ବାରଣ୍ଡା ପାଖକୁ ଆସି କହିଲା, "ବାଟରୁ ଉଠେରେ କାର୍ତ୍ତିକ, ବୋହୂ ପିଲା ନଗାଆଡ଼େ ଯିବ ।"

ଶିଶୁଆ ମା ସମୟେ ସମୟେ ଚନ୍ଦ୍ରାଦେବୀଙ୍କ ପାଖରୁ ଖୁଦ ଦିଟା, ଗୁଡ଼ଳ ଦିଟା, କୋଉଦିନ କଖାରୁ ଖଣ୍ଡେ ବାଇଗଣଟେ, ପାଏ । ଖୋସାମଦ କରିବାକୁ ଶିଶୁଆମା ଓସ୍ତାଦ, ଅର୍ଥାତ ଅତି ପାରଗ । ଚନ୍ଦ୍ରାଦେବୀଙ୍କ ପାଖରେ କୋକର ପ୍ରଶଂସା କି ଭାବରେ କଲେ ଚନ୍ଦ୍ରଦେବୀ ସନ୍ତୁଷ୍ଟ ହୁଅନ୍ତି ସେ ଗୁମର ଶିଶୁଆମା'କୁ ଜଣା । ବାରଣ୍ଡାରୁ କାର୍ତ୍ତିକ ଚାଲିଗଲା ପରେ ଚନ୍ଦ୍ରାଦେବୀ ଆମ୍ବି ବ୍ୟସ୍ତଭାବରେ ଚସିଉଛି ବିଷାଦ କଲେ, କଣ କରିବେ ଦିନକୁଦିନ ଖରଚ ବଢ଼ି ଯାଉଛି । ତାଙ୍କ ଚିନ୍ତାଧାରାରେ ବାଧାଦେଇ ଶିଶୁଆ ମା ଗୋଟିଏ ଗୋଟିଏ ହୋଇ ଆସି ଚନ୍ଦ୍ରାଙ୍କ ଗୋଡ଼ଧରି ବସିପଡ଼ି ହାତ ବୁଲେଇ ଦେଇ ଦେଇ କହିଲା, "ହଇହେ ଭାଉଜ (ଗାଁ ଲେଖାରେ) ତମେ ମଧ୍ୟ ଜାଣୁନ ? ଭାଇନା ଯେତେ ଟଙ୍କା ପଇସା ଖର୍ଚ୍ଚ କରି ଦେଉଛନ୍ତି, କାଲି ଦୁରପଘ ବାଡ଼କାଣୀ କହୁଥିଲା । ତାକୁ ପାଞ୍ଚବର୍ଷ ହେଲା ଜାତିରୁ କାଢ଼ି ରଖିଥିଲେ, ଭାଇନା ପୁଣି ଦିକୋଡ଼ି ଟଙ୍କା ଖରଚ କରି ତାକୁ ଜାତିରେ ମିଶେଇ ଦେଲେ ।"

"ହଁଲୋ ଶିଶୁଆ ମା, ଯାହା ହେଉଛି ମୋ ଭାଗ୍ୟକୁ କହିବିନା, ଆଉ କା'କୁ କହିବି ? ଜନମ କରିବା ପଦାର୍ଥର ପଦାର୍ଥ, ମାଗିଆଣିଲେ, ତାକୁ କମିତି ଯୋଗ୍ୟର କରିବା, ପାଞ୍ଚପଇସା ସାଇତି ସୁମରି ରଖିବା, କେ। କଥାତ କଲେ ନାହିଁ । ଗାଁର ଜଣା ଜଣଏ ଆସି ନଗେଇ ଯୋଟେଇ ଦେବାକୁ ଅଛନ୍ତି, ପୁତୁରାକୁ ଆଣ ପୁତୁରାକୁ ଆଣ ବୋଲି । ଯେତେହେଲେ ପରପିଲା ମୋ ମନକଥା ଜାଣିବ କଲେ ଶିଶୁଆ ମା ? ଅଜନ୍ମାଆର ପୁଅଟା ତ ଖାଲି ବେଳୁଟା—"

ଶିଶୁଆମା ଅଧିକ ପ୍ରିୟପାତ୍ରୀ ହେବା ଆଶାରେ କଥାଟାକୁ ବଢ଼େଇ କହିଲା, "ଆହା ବେଳୁଟା ବୋଲି ବେଳୁଟା, ବୁଢ଼ାବେଳୁଟା । ସେଦିନ ଝିଟେଇ ସାଆନ୍ତଘର ଘରେ ମୁଷାଭିତରି ପଶି ତାର ରୁପା ଥାଳିଟାକୁ ଧରି ପଳେଇ ଆସିଲା । କା'ଭୁଲେ ପୁଣି କାକୁ ନ'ଛ । ତମ କୋକ ତ ଖାଲି ସୁନା ମୁଣ୍ଡାଟି । ଚନ୍ଦ୍ରାଦେବୀ ଆଉକଣ କହିବାକୁ ଯାଉଥିଲେ । 'ଆଇ, ଆଇଲୋ, ବୋଲି ଡାକି ଡାକି ପାଖକୁ ଆସିଲା କୋକ । ଚନ୍ଦ୍ରାଦେବୀ ହାତବଢ଼େଇ, କୋକର ହାତ ଟାଣି ପାଖରେ ବସେଇବା ଚେଷ୍ଟା କରୁ କରୁ ପଚାରିଲେ,

"ଏ ଦ'ପହର ଖରଟାରେ କୁଆଡ଼େ ଯାଇଥିଲୁରେ ବାପ । ଆସେ ଆସେ ବସିବା । ଶିଶୁଆ ମା ଆଇ' ତତେ ଯେତେ ପ୍ରଶଂସା କରୁଥିଲା ।" କୋକ ହାତଛଡେଇ ନେଇ କହିଲା, "ଟଙ୍କା ଦେବୁପରା ଆଈ ? ଦୁନ୍ତି, ରାଜବା, ମୁଁ, ସବୁ ବାହାରିଛୁ ସିନେମା ଦେଖିଯିବୁଁ ବୋଲି ।"

"କାଲି ଟଙ୍କା ନେଇଥିଲୁ, ଆଜି ଆଉଥରେ ମାଗୁଚୁ ।"

"କାଲିର ଟଙ୍କା କାଲି ଖରଚ ହୋଇଗଲାଣି, କାଲିର କଥା ଆଜି ଆଉଥରେ ପଚାରୁଚୁ ? ତୁ ତ ସେଦିନ ରାଜବ ଆଉ ଦୁନ୍ତି ପାଖରେ, ସେ ପିଲା ସିଗ୍ରେଟ୍ ଖାଉଛବୋଲି ଗୋଳ୍‌କରି କହିଦେଲୁ, ଏବେ ମୋର ସିଗ୍ରେଟ୍ ଖରଚ ନିତି ଟଙ୍କାଟେ ଦେବବୋଲି କହିଥିଲୁ, ଦେ ଏବେ ।"

ଚିନ୍ତା ବ୍ୟସ୍ତ ସତର୍କ ଭାବରେ କହିଲା "ମୋ ବାପ, ମୋଧନ, ସେ ଘରେ ଅଜା ଅନ୍ତଣ୍ଟରେ କୋକ, ପାଟିଭୁଣ୍ଡ କରେ ନାଁରେ—"

'ଅଜା ଥାନ୍ତୁ କି ରଜା ଥାନ୍ତୁ, ଡରିମରି ରହିବ ବୋଲି ମୁଁ ଏଠିକି ଆସିଚି କଲେ ଆଈ ? ଅଜାର ଅଜାଙ୍କୁ ମଧ୍ୟ ଆମେ ଡରିବା ଲୋକ ନେହୁ ।" ଚିନ୍ତାଦେବୀ କୋକର ହାତଟାଣି ଭିତରକୁ ଯାଉ ଯାଉ କହିଲେ, 'ଓଲଟା କଚି ଜାଣୁ ନାଇଁଲେ ଶିଶୁଆମା ।' ଶିରଆମା ଭାବିଲା ଗୋଲ୍‌କରିବା ଫଳ ପାଇବ ଯେ ।

ଚିନ୍ତାଦେବୀ କୋକକୁ ଟଙ୍କାଦେଇ ବୋଧବାଧ କରି ଅଗଣା ଆଡକୁ ଆସିଲାବେଳକୁ, ଅନୁ' ନଦୀଆଡୁ ଆସି ଗାମୁଛା ଶୁଖାଇ ଶୁଖାଉ କହିଲା, 'ନାହିଁଯେ, ମୁଁ ଆଉ କାହାରି କଥା କହୁନାହିଁ । ଏତେ କଥା ଯଦି ତମମାନଙ୍କର ମନରେ ଥିଲା ମୋ ପିଲାକୁ କାହିଁକି ଆଣିଲ ? ମୋ ପିଲା ମୋ ଘରେ ଶାଗ ପେଜ ଖାଇ, ଭିକମାଗି ହୋଉ, ବଞ୍ଚିଥାନ୍ତାନା ! ମୁଁ ମୁହଁପୋଡ଼ି କାହିଁକି ହଁ କଲି—'

ଚିନ୍ତା ଉଦ୍ବିଗ୍ନ ହୋଇ ପଚାରିଲେ, 'କିସ ହେଲାଲେ ?'

'କିସ ହବ ! ଯାହାହେବା 'ହେଲା । ମୋ ପିଲାକୁ ଛାଡ଼ିଦେ । ମୋ, ବାଟ ମୁଁ ଦେଖିବି, ଗଲା—ମୋ ପିଲାକୁ ଆଣିଲୁ, ତାଁକୁ ବାରଭୁଟେ କରିଦେଲୁ । ବରତ ଭୋଜି କରିବାକୁ ମୋ ଘରେ ମୁଗ ଚାଉଳ ନ ଥିଲାକି ?'

"କିସ ହେଲା କହୁନୁ କାହିଁକି ଲୋ ?"

"କିସ ହବ ! ନାଇଁ ମୋ ପିଲାକୁ ଆଣିଲ, ଯଦି ତା ନାଁରେ ଲେଖି ଦେଉନ ? ନଇରେ ସିଦ୍ଧମା କହୁଥିଲା, ସୁନାପଦରେ ଥିବାର ଘର ଖଣ୍ଡିକ ତା ଜୋଇଁ କିଣିଲା ହଜାରେ ପାଁଶକୁ । ଭୂଇଁ ଖଣ୍ଡିକ ଜବାବ ହୋଇଯାଇଚି । ବାପା ତ ତାଙ୍କର ସେ' ସେ ଆଡୁ ସେଆଡୁ ସବୁ ଖରଚ କରି ଦୋଉଚନ୍ତି, ମୋ ନାଁରେ ଅଛି ଲୋ ଝିଅ, ମୋ ନାଁରେ ଅଛିଲେ ଝିଅ ବୋଲି ତୋର ଭୁ କହିହୋଉଥା । ତମେ ତ ସବୁ ସାରିଦେବ, ମୋ ପିଲାକୁ କାହିଁକି ଆଣିଥିଲୁ ?" କାର୍ତ୍ତିକ ସେଇ ପାଖରେ ବସି ଆମ୍ବ କାଟୁଥିଲା, ଅନୁ କହିଲା, "ସତ କହିବୁଟିରେ କାର୍ତ୍ତିକ ? ସ୍ବାମୀ ଯଦି ଶୂନ୍ୟେ ଶୂନ୍ୟେ ସବୁ ଉଡ଼େଇଦେବେ, ତମା ପିଲାକୁ କାହିଁକି ଆଣିଥିଲେ ? ଆଜି ଏକା ମୋ ପିଲା ନାଁରେ ଲେଖିଦେଲେ ତ ଲେଖିଦେବେ, ନଇଲେ ମୋ ପିଲାକୁ ମୁଁ ମୋ ଘରକୁ ନେଇଯିବି ।"

କାର୍ତ୍ତିକ କୃତ୍ରିମ ସହାନୁଭୂତି ଦେଖେଇ କହିଲା, "ନାହିଁଯେ ଆଉ କଣ ହେ । ବର୍ଷକୁ ବର୍ଷ ଦଶ ପଚିଶ ହଜାର ରଖିଲେ ସିନା, ଅମୁକ ଲୋକ ଭଲ ପଇସା ସଞ୍ଚିଚି ହେ ବୋଲି ଲୋକେ ବୋଲିବେ । ମଣିଷ ହେଇକରି ଖରଚ କରିଦେବ କହେ ? ଜମାରୁ ଖରଚ କରିବା ଉଚିତ ନୁହେଁ ।"

ଚିନ୍ତା ମନେ ମନେ ରାଗିଯାଇ ଚାଲିଗଲେ ଗୋପାଳଙ୍କ ଘରଆଡକୁ । ଗୋପାଳ ତାଙ୍କର ସେହି ଅଧଭଙ୍ଗା ପୁରୁଣା ଚଉକିରେ ବସି, ସେଇ ଅଧଭଙ୍ଗା ଟେବୁଲ ଉପରେ କହୁଣି ରଖି ଉଦାସ ଦୃଷ୍ଟିରେ ଚାହିଁ, ନିଜର ଅତୀତ ଜୀବନର ଅନେକ କଷ୍ଟ-କଥା ଚିନ୍ତା କରୁଥିଲେ । ଚିନ୍ତାଦେବୀ ଘର ଭିତରକୁ ଢୁକି

କହିଥିଲ, ଏଁ, ଧନପତି କାବୁଲିଙ୍କ ହାତରେ ମୁଣ୍ଡ ମାରିଦେଇ କିସ ସବୁ ଓକିଲଙ୍କ ଠାରେ କରକର କରୁଥିବା ?" ଗୋପାଳ ଗମ୍ଭୀର ଉଦାସ ଦୃଷ୍ଟିରେ ସ୍ତ୍ରୀଙ୍କ ମୁହଁକୁ ଚାହିଁ କହିଲେ, "ଏଥିରେ ତୁମର କୌଣସି କ୍ଷତି ହେଉ ନାହିଁ ତ ଅନୁବୋଉ ?"

"କ୍ଷତି ହେଉନ ! ବଡ଼ା ବଡ଼ା କାକର କଣା ହେଉଚି । କାଞ୍ଚ କାଞ୍ଚ ତେଲ କଣା ହେଉଛି । ଶଟି ସ୍ୱପ୍ନ ନାଆଁ ଧୂଆଁ ବୋଲି କୋଡ଼ି କୋଡ଼ି ଟଙ୍କା ଖରଚ କରୁଚ, କି କ୍ଷତି ହେଉଚି ବୋଲି ବୋଲୁଚ ? ଦୁମାସ ହେଲା ପେନ୍‌ସନ୍‌ର ଟଙ୍କାତ ମତେ ଦେଇନ, ଆସିନ ଆସିନ ବୋଲି ଭଣ୍ଡାଉଚ; କୁଆଡ଼େ ନାଆଁ ଧୂଆଁ କରିଦେଲଣି ନା ଅଛି କହିଲ ?"

"ଏ ମାସର ପେନ୍‌ସନ୍‌ର ସବୁଯାକ ଟଙ୍କା ମୁଁ ଖରଚ କରିଦେଇଛି । କଣ କରିବି ଅନୁବୋଉ, ତୁମେ ତ ମୋର ପ୍ରକୃତି ଜାଣିଛ, ତୁମେ ଯେତେ ନିଷେଧ କଲେ ସୁଦ୍ଧା ମୁଁ ସଂଯମର ସୀମା ଭିତରକୁ ଆସିପାରୁ ନାହିଁ । ବୋଧହୁଏ ମରଣ କାଳ ପର୍ଯ୍ୟନ୍ତ ମୋର ଦୁଷ୍‌ପ୍ରବୃତ୍ତିଟା ରହିଯିବ । ତୁମେ ଶତ ଚେଷ୍ଟା କରି ମଧ୍ୟ ସଂଶୋଧନ କରିପାରିବ ନାହିଁ । ତୁମେ ତ ଦେଖୁଛ ଅନୁବୋଉ, କେତେ ଘରେ କେତେ ସ୍ୱାମୀ ସ୍ତ୍ରୀ ଭିତରେ, କେତେ ପ୍ରକାର ଅତ୍ୟାଚାର ଚାଲିଯାଉଛି । ଅନେକ ସ୍ତ୍ରୀ ମଧ୍ୟ ନୁଆଇଁ ସବୁ ସହିଯାଇ ସେହି ଦୁର୍ବୃତ୍ତ ସ୍ୱାମୀ ସଙ୍ଗ ସଂସାର କରୁଛନ୍ତି । ଏଇ ପେନ୍‌ସନ୍‌ର ଟଙ୍କା କେତୋଟା ତୁମର ବିନା ଅନୁମତିରେ ଖରଚ କରିଦେଇଛି ବୋଲି ତୁମେ କଣ ମତେ କ୍ଷମା ଦେବ ନାହିଁ ?"

"ଏଁ, କି କ୍ଷେମା ଦେବବା ! ମୁଁ କି ବୁଝି କରିବଲେ ମା ! କେତେ କଥା କଲ, ଏ ତିନକୋଡ଼ି ଦଶଟଙ୍କା କଉଡ଼ି କା'କୁ ଦେଲ, କହିବଟି ?"

"ବିନା କାରଣରେ କାହାକୁ ହେଲେ ପଇସା-ଟିଏ ଦେଇନାହିଁ, ଅନୁବୋଉ । ଯେଉଁ ଜିନିଷଟା ମୋର ମୃତ ପ୍ରାଣରେ ଜୀବନ ସଞ୍ଚାର କରୁଛି, ମୋର କଥା ମୋହର କଳ୍ପନା ରୂପପାଇ ଯେଉଁ କାଗଜ ଗୁଡ଼ିକରେ ପ୍ରକାଶ ପାଉଛି, ସେଗୁଡ଼ିକ ପଢ଼ିବା ଲୋଭରେ ମୁଁ ଏ ଟଙ୍କାଟା ଖରଚ କରି ଦେଇଛି, ଅନୁବୋଉ । ତୁମର ମନେଥିବ ଦର୍ପଣ କାଗଜ ଅର୍ଥାଭାବରୁ ବନ୍ଦ ହେବାକୁ ବସିଥିଲା । ସେ ସମୟରେ ମୁଁ ତାକୁ ଅଳ୍ପଦିନ ପରେ ମାତ୍ର ପାଞ୍ଚଟି ଟଙ୍କା ଦେଇ ସାହାଯ୍ୟ କରି ଦେଇଥିଲି । ସେ ପୂର୍ବପରି ପ୍ରତି ସଂଖ୍ୟାରେ ମୋର ଦୁଇ ତିନିଟା ଲେଖା ପ୍ରକାଶ କରୁଛି । ତାପରେ ଦେଶର ନାନା ସମସ୍ୟାର ସମାଲୋଚନା କରିବା ପତ୍ରିକାଟି ବନ୍ଦ ହୋଇଯିବା କଥା ଶୁଣି ପତ୍ରିକାଟି ପ୍ରତି କୃତଜ୍ଞତାରେ ମୋର ଅନ୍ତର ପୂର୍ଣ୍ଣ ହୋଇଗଲା । ଭାବିଲି, ମୋର ଯଦି ସାମର୍ଥ୍ୟ ଥାନ୍ତା, ତାକୁ ମୁଁ ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ କରନ୍ତି । କିନ୍ତୁ ଯେତିକି ପାରିଲି ସେତ୍ ସାମାନ୍ୟ ୪୦ ଟଙ୍କା ମାତ୍ର ତାକୁ ଦେଲି । ଅବଶିଷ୍ଟ ତିରିଶ ଟଙ୍କାରୁ ଦୈନିକ ପତ୍ରିକାର ବାର୍ଷିକ ଦେୟ ବାର ଟଙ୍କା । ଅନେକ ଦିନରୁ ଭାରତୀୟ ସମାଜ ଶାସ୍ତ୍ର ନାମକ ଖଣ୍ଡିଏ ପୁସ୍ତକ ପଢ଼ିବା ଇଚ୍ଛା ଥିଲା, ସେ ଖଣ୍ଡିକ ଦଶଟଙ୍କା ଦେଇ କିଣିଦେଲି । ଲେଖାଲେଖି କରିବା ନିମନ୍ତେ ତିନୋଟି ଟଙ୍କାର କାଗଜ ଆଣିବାକୁ ପଡ଼ିଲା । ଏ ସବୁ ପଠାପଠି ଇତ୍ୟାଦି ନିମନ୍ତେ ଆଉ ପାଞ୍ଚ ଟଙ୍କା ଖରଚ ହେଇଚି । ମୋ ପାଖରେ ଆଉ ଗୋଟିଏ ପଇସା ସୁଦ୍ଧା ନାହିଁ । ଗୋଟାଯାକ ମାସ ପଡ଼ି ରହିଛି, କିପରି ଚଳିବ ବୋଲି ବ୍ୟସ୍ତ ହେଉଛି । ତୁମକୁ ମାଗିବା ଦୁଃସାହସ ମୋର ନାହିଁ । ସତେ ଚନ୍ଦ୍ରାଦେଈ, ତୁମକୁ ମୁଁ ଏତେ ଭଲ ପାଉଥିଲି ଯେ ନିଜକୁ ମଧ୍ୟ ଭୁଲି ଯାଉଥିଲି । ଏକ୍ଷଣି ମୋର ସନ୍ଦେହ ହେଉଛି ତୁମକୁ ମୁଁ ଭଲ ପାଉଛି ନା ଭୟ କରୁଛି ?"

"ଯୋଡ଼ିଯାଉ ତୁମର ଭଲ ପୁଅ ! ତିନକୋଡ଼ି ଦଶ ଟଙ୍କା କଉଡ଼ି କୁଆଡ଼େ ଟୁଲି ପାଉଁଶ କରି ଉଡ଼େଇ ଦେଲ ଯେ ! ଏ ମାସରେ ଆଉ ପଇସାଟିଏ ଦିଆ ହବନି । ହିଁ ଲୋ ଝିଅ ମନେ ପଡ଼ିଲା । ସେ କାଠିଆ ପଣ୍ଡାକୁ ରଖେଇଥିଲ, ସେ ଘରଟା ବିକା ହେଲା, ଟଙ୍କା କୁଆଡ଼େ ନେଲ ?"

"ଘରଟା ବନ୍ଧିକରି ଟଙ୍କାତ ଆଣିନାହିଁ, ଅନୁବୋଉ । ନନ୍ଦୁର ସ୍ତ୍ରୀଟା ମରିଗଲା, ତାକୁ ସତ୍କାର କରିବା ନିମନ୍ତେ କେତେ ଖରଚ ହୋଇଗଲା । ତାପରେ ତାର ଦୁଇଟା ପିଲା ରହିଛନ୍ତି, ସେ ଦୁଇଟାକୁ ଅନାଥାଶ୍ରମରେ ଛାଡ଼ିବାକୁ ପଡ଼ିଲା, ସେମାନେ ବଞ୍ଚିବା ନିମନ୍ତେ ପଚିଶଟି ଟଙ୍କା ଦେଇଛି ।"

"ଏଇକଥା କରିବାକୁ ମୋର ଘର ବିକିଲ ? ବିନାଶକାଳେ ବିପରୀତ ବୁଦ୍ଧି ବୋଲି ଲୋକେ ବୋଲନ୍ତି । ନଇଲେ କୋଉଠିଁର ନଣିଆପଣ୍ଡା, ତାକୁ ଘୋଷାଡ଼ି ଆଣି ଘଣ୍ଟ ବିଭା କରେଇଲ, ଏବେ ତାର ପିଲାକୁଟୁମ୍ବ ପୋଷିବାକୁ ମୋ ଘର ବିକାହେଲା ?"

"ତୁମର ଘର ତୁମର ଟଙ୍କା ତୁମ ସ୍ୱାମୀର ଆନନ୍ଦ ନିମନ୍ତେ ଯଦି ବ୍ୟୟିତ ହୁଏ—"

"ପୋଡ଼ିଯାଉ ଏ ଆନନ୍ଦ । ଯାହା କରିଚ, କରିଚ ଏ ମାସରେ ପେନ୍‌ସେନ୍ ଟଙ୍କାଟା ମତେ ଦେବ ତ ଦେବ, ନଇଲେ ଦେଖିବ ।"

## ସାତ

ଅନୁର ଇଚ୍ଛା ପ୍ରକାରେ, ପ୍ରାୟ ଛ'ମାସହେଲା, ସମୁଦାୟ ବିଷୟ, ଡାକନାମ କୋକ, ଭଲନାମ ବିଧୁଭୂଷଣଙ୍କ ନାଁରେ ଲେଖା ହୋଇଗଲାଣି । କୋକର ବୟସ କୋଡ଼ିଏ ଭିତରେ ହେଲେ ସୁଦ୍ଧା ଦେଖିଲାକ୍ଷଣି ଛବିଶି ସତେଇଶି ବର୍ଷର ଯୁବକ ଭଳି ଦେଖାଯାଏ । ବର୍ତ୍ତମାନ କୋକର ମନରେ ମହାଆନନ୍ଦ । ସବୁ ସମ୍ପତ୍ତିର ମାଲିକ ହେଉଅଛନ୍ତି ସେ । ବାର୍ଷିକ ଆୟ ପ୍ରାୟ ପାଞ୍ଚହଜାର । ଏଇ କେତେଦିନ ଭିତରେ କୋକର ପୋଷାକ ପରିଚ୍ଛଦର ଆଡ଼ମ୍ବର ମଧ୍ୟ ଟିକିଏ ବଢ଼ିଯାଇଛି । ଚନ୍ଦ୍ରାଦେବୀ ସମୟେ ସମୟେ ବ୍ୟସ୍ତ ହୋଇପଡୁଛନ୍ତି, ପିଲା ମଣିଷ; କେଜାଣି କାଳେ କିଏ ଶିଖେଇ ବତେଇ ପଇସା କଢ଼େଇ ନେଇଯିବ ! ସେଥିପାଇଁ ସଶସ୍ତ୍ର ପ୍ରହରୀ ଭଳି, ଧାନ ମୁଗ, ଟଙ୍କା ପଇସା ଗୁଡ଼ାକୁ ଜଗି ବସିଛନ୍ତି ।

କୋକ ଭାତ ଥାଳି ପାଖରେ ବସିଥିଲା । କାର୍ତ୍ତିକ ନଥିଲା, ସ୍କୁଲଯାଇଥିଲା, କଣ ଗୋଟିଏ ସଭା ହୋଇଥିଲା ବୋଲି ଗୋପାଳଙ୍କ ସାଙ୍ଗରେ । ଚନ୍ଦ୍ରାଦେବୀଙ୍କ ନାତୁଣୀ-ବୋହୂ ଭାତ ବାଢ଼ୁଥିଲେ । ଚନ୍ଦ୍ରଦେବୀ ନାତି, ନାତୁଣୀ-ବୋହୂକୁ ଏକାଠି ଦେଖି ଅତି ଆମୋଦରେ ହସି ହସି ଡାକିଲେ, "ଡାଲି ଆଣେ ଲେ ମା ! କୋକ ହୁଣ୍ଡାକପରି ପାଟିକରି କହିଲା ଡାଲି ଆଣେଲେ କେତେ ଛଟା ଦେଖେଉଚୁ ! ରାତିରେ ମାଛ ଆଣିଦିଅ । ଶାଢ଼ୀ ଆଣିଦିଅ ବୋଲି କହୁଥିଲୁ । ଏବେ ଲାଜ ଲାଗିଯାଉଛି, ଆଣେ ଡାଲି !"

ଚନ୍ଦ୍ରାଦେବୀ କହିଲେ, କୋକରେ ! ଦୁଲଭି ଦାସର ପୁଅ ବେପାର କଲା ସେ ଦି' ହଜାର ଲାଭ ଆଣିଲା, ତୋଠୁ ସେ ଛଅମାସରେ ସାନ—"

"ବେପାର ଖାଲରେ ହୋଇଯିବ କାଲେ ଆଈ—?"

ଚନ୍ଦ୍ରାଦେବୀ ଭାବିଲେ କୋକର ବିଷୟ ବୁଦ୍ଧିର ତ ଆଦୌ ଅଭାବନାହିଁ । ସେ ନିଶ୍ଚୟ ଭଲ ଗୃହୀଟିଏ ହେବ ।

ସନ୍ଧ୍ୟାବେଳେ ନଣିଅଉ ଆସିଲାବେଳକୁ କୋକ କହିଲା, 'ହଇରେ ଦୁଖି, ମୋ ଆଈ ବୋଲୁଚି ବେପାର କରେ ବୋଲି ! କି ବେପାର କରିବା କହିଲୁ—?"

ଦୁଖିକୃଷ୍ଣ ଏ ଭିତରେ ରେଙ୍ଗୁନ୍ ଯାଇ ଛ'ମାସ କାଳ ମୋଟର ଡ୍ରାଇଭିଙ୍ଗ ଶିଖି ଆସିଛି । ତାବାଦେ ମାସେ ହେଲା ବ୍ରହ୍ମପୁର ସହର ଗୋଟାଯାକ ବୁଲି ସାରିଲାଣି ଡ୍ରାଇଭର କାମ ଗୋଟାଏ ପାଇଁ । ସେ କହିଲା କରିବ ଯଦି ମୋଟର ବେପାର କରିବ । ଏକାଥରକେ ହାଣ୍ଡି ମାଉଁସ, ଆଉ କଣ !

ରାତିରେ ଖାଇବା ପୂର୍ବରୁ ବସ୍ତିର ସଭାଟା ଆଈଙ୍କ ପାଖରେ ବସିଗଲା । ଦୁଖି କହିଲା, ତମଭଳି ମୋର ଯଦି ଗୋଟିଏ ଆଈଥାନ୍ତା ଚାରିଟା ବର୍ଷରେ ରଜା ହୋଇଯାନ୍ତି ଆଈ ! ଦେଖ ହିସାବକର । ଗୋଟିଏ ମୋଟର ଦିନକୁ ଚାରିଥର ବ୍ରହ୍ମପୁରଠୁ ସୋରଡ଼ା ଯାଆସ କରିବ । ଚାଳିଶିଜଣ ଯିବେ, ଚାଳିଶିଜଣ ଆସିବେ, ଆଉଥରେ ଯିବେ, ଆଉଥରେ ଆସିବେ,

ଆହୁରି ଅଧିକ ମଧ୍ୟ ବସିଯାଉଛନ୍ତି । ମୁଣ୍ଡପିଛା ଗୋଟିଏ ଲୋକ ସବୁଦିନେ ବସିବେ । ମୁଁ ଜଣାଇଦେଉଛି, ତିନି ହଜାର ନଗଦ ପାଞ୍ଚଣ ହାତ ଛାଡ଼ିଦେବି । ଏକଥା ଯଦି ଅନ୍ୟଥା ହୁଏ, ମୋର ଏଇ କାନରୁ ଗୋଟେ କାଟିଦେବି ।" ରାଜବ କହିଲା, "ଦୁଖିଆ ଗାଡ଼ି ଚଳେଇବ, ମୁଁ ଲୋକ ବସେଇବି । ଇମିତି କରିବି ଯେ ଆଉ ସବୁ ଗାଡ଼ିରୁ ଲୋକଗୁଡ଼ାକୁ ଝୋଟିଆଣି ଆମ ଗାଡ଼ିରେ ବସେଇ ଦେବି । ଦିନକୁ ତେଲ ଖରଚରେ କୋଡ଼ିଏ ଟଙ୍କା ଲାଗିବ ।" ଚିନ୍ତା ଟିକିଏ ଚିନ୍ତିତହୋଇ କହିଲେ, "ଏତେ ଟଙ୍କାର ଜେଖାଯୋଖା ସବୁ କିଏ ରଖିବ – "

ଦୁଖିଆ ଜୋରଦେଇ କହିଲା, "କି ବାହ୍ୟା କଥା କହୁଛ ଆଇ ! ତମ ଲୋକ କଣ ମୂର୍ଖ ହେଉଛି ଯେ ଲେଖା କିଏ ରଖିବ ବୋଲି ଚିନ୍ତାକରୁଛ । ଦେଖିବ, ରହିଥାଅ ପାଞ୍ଚଟା ବର୍ଷ । ଏ ଘର ଆଉ ଇମିତି ରହିବନାହିଁ । ଲୋକ ବ୍ରହ୍ମପୁରରେ ଦୋମହଲା କି ତିନିମହଲା କୋଠା କରିବ । ତମେ ଟଙ୍କା ଗଣି ଗଣି ବାଇଆ ହେଇଯିବ, ଆଇ !" ଲୋକ ଅଧପୋଡ଼ା ସିଗ୍ରେଟ ଗୋଟାଏ ଜୋରରେ ଟାଣମାରି ଫିଙ୍ଗିଦେଇ କହିଲା, "ଏଇସାଟାକୁ ଅଧଲାଟାକୁ କେମିତି ଆଇଙ୍କ ଯାହା ଝାଙ୍କି ଉଠାଉ ହେଉଛି, ମୁଁ ଆଗ ଟିକିଏ ନିଶ୍ଚିନ୍ତ ହେବି ।" ରାଜବ କହିଲା, "ଆଇଙ୍କ ହାତରେ କିଛି ନଗଦ ପାଞ୍ଚଣ ଦେଲାବାଦେ ତୁ ଇଚ୍ଛା ପ୍ରକାରେ ଖରଚ କରିବୁ, ଆଇକ କଣ ରହିବ ରେ—?"

ସବୁକଥାର ସାରାଂଶ ଠିକ ହେଲା । ପ୍ରଥମେ ଆଇ ଦେବେ ତିନିହଜାର । ସେଇ ତିନିହଜାରରେ ଗାଡ଼ି ଆସିବ । ଦରକାର ହେଲେ ଆଉ ଦୁଇହଜାର ଦେବେ । ଆଇଙ୍କଠୁ ନେବା ଟଙ୍କା ଛଅମାସରେ ଦୈନିକ ପାଞ୍ଚଣ ଦେଲାବାଦେ ହଜାରେ ହଜାରେ କରି ତିନିହଜାର ଦେବେ ।

ଯଥାସମୟରେ ମୋଟର ଆସିଗଲା ; କିନ୍ତୁ ମୋଟର ଚାଲିବ କେଉଁଠି ? ପରମିଟ ଆଣିଦେବ କିଏ ? ମୋଟର ଆସିଲା, ଗ୍ୟାରେଜତ ନାହିଁ, ରଖାହେବ କେଉଁଠି ? ପାଞ୍ଚ ଛଅ ହଜାର ଟଙ୍କାର ଦ୍ରବ୍ୟ ନଷ୍ଟ ହେଇଯିବ । ଦୁଖିଆ ଆଉ ରାଜବ ଲାଗି ଲାଗି ଗ୍ୟାରେଜଟିଏ ଗୋଟାଏ କରିଦେଲେ । ମାସେ କାଳ ଦୁଇ ଭାଇ ବ୍ରହ୍ମପୁରରେ ରହିବା, ଲୋକଙ୍କ ପିଇବା ଆସିବା ଖାଇବା ଇତ୍ୟାଦିରେ ପ୍ରାୟ ହଜାରେ ଖଣ୍ଡେ ଖରଚ ହୋଇସାରିଲାଣି । ଗାଡ଼ି ମୂଲ୍ୟରୁ କମ୍ପାନୀକୁ ଚତୁର୍ଥାଂଶ ମାତ୍ର ଦିଆଯାଇଛି । ଦେଖୁ ଦେଖୁ ଟଙ୍କାତ ଖରଚ ହୋଇଗଲାଣି, ମୂଲ୍ୟ ଦିଆଯିବ କେଉଁଠୁ ? ଲୋକ କହିଲା, "ହଇରେ ଦୁଖିଆ, ଟଙ୍କାତ ସବୁ ଶେଷ ହୋଇଗଲା, କମିତି କରିବା ରେ ?" ଦୁଖିଆ ବେପରବାୟ ଭାବରେ କହିଲା "ଆଃ ! ରହିଥାଅ ଆଉ ଆଠଟା ଦିନ, ଗାଡ଼ି ଚାଲିଲେ ଖାଲି ଗଦା ଗଦା ଟଙ୍କା ହୋଇଯିବ ।"

ଆଜିଙ୍କର ଆନନ୍ଦ ଲୋକ ବ୍ରହ୍ମପୁରରେ ରହି ବ୍ୟବସାୟ ଆରମ୍ଭ କରିଦେଲାଣି । ଖାଲି ଟଙ୍କା ରଖିବାକୁ ଅପେକ୍ଷା କରିବା କଥା ରହିଛି ।

ଦୁଖିଆ କହିଲା, "ଆଉ କଣ କରିବାରେ ଲୋକ ! ତୋ ଯୋଗୁଁ ମୁଁ ବଡ ହଇରଣ ହେଲି । ତିନି ହଜାର ଟଙ୍କା ତ ସବୁ ସରିଲାଣି । ଆଉ ଗାଡ଼ିର ଟଙ୍କା ଦେବା କମିତି ? ସ୍ୱାମୀ ଶଙ୍କର ଟ୍ରାନ୍ସପୋର୍ଟ ସହିତ ଲେଖାଲେଖି ହୋଇ ଗାଡ଼ି ଆସିଥିଲା । ଶଙ୍କର ଗୋଟେ ଭି ପ୍ରାଣ ଖାଇଦେଲାଣି । ଏବେଣି ଆଉ ମାଗିଲେ ମହା ପ୍ରମାଦ ହେବ । ତୋର ମୁଦି ତିନଟା ଦେଲେ, ମୋର ମୁଦିଟା ମିଶେଇ ବନ୍ଧା ଦେଲେ, ଦୁଇଶ ପଚାଶ ଟଙ୍କା ଆଣିଥିବା ।"

କଷ୍ଟ କ୍ରମରେ ପରମିଟ୍ ଆସିଲା । ଲୋକ, ଦୁଖିଆ ଗାଁକୁ ଯାଇ କହିଲେ, "ଆଜି ଗାଡ଼ି ଚାଲିଲା ।" ଚିନ୍ତାଦେଈ ହସିଦେଇ କହିଲେ, "ଗ୍ରାମଦେବତୀଙ୍କ ପାଖରେ ଭୋଗ ଧରିଥିଲି, କ ଦୁଃଅଜ୍ଞାତରେ ?" ଗାଡ଼ି ଚାଲିଲା । ଘର ଖଦ୍ ଗୋଟିଏ ଖିଆପିଆ ହେଲା । ଦୁଖିଆ ହେଲା ଡ୍ରାଇଭର, ରାଜବ ହେଲା କଣ୍ଡକ୍ଟର, ପ୍ରୋପ୍ରାଇଟର ଲୋକ । ଲୋକ କେବେ କାହାର ଫ୍ରଣ୍ଟ ସିଟ୍‌ରେ ବସିପଡ଼ନ୍ତି । କେବେ ନୂଆଁ ନୂଆଁ ସୁହୃଦ ହେଲା ଲୋକର । କିଛି ଶହେ ଦେଢ଼ଶହ ଯାହା ଦୁଖିଆ କହିଲେ ଲୋକ ନେଇ ଦିଅନ୍ତି ଆଉ ଖାଇଯାନ୍ତି ।

ବର୍ତ୍ତମାନ ଗୋପାଳ ନିଜକୁ କାହିଁକି ବଡ଼ କ୍ଲାନ୍ତ ବୋଧକରୁଛନ୍ତି । ଆଗପରି ଦାଣ୍ଡ ଦୁଆରେ ବସି, ସମାଜ ସଂସ୍କାର ସମ୍ବନ୍ଧରେ ଗାଁର ଲୋକଙ୍କୁ ବୁଝେଇ କହିବା ଉତ୍ସାହ ତାଙ୍କର ଆଉ ନାହିଁ । ବୁଲିଯିବା ବାଟରେ, ସୁମା ବାଉଁରିର ଆଣ୍ଟିହାତର ପୋଟଳି ଦେଖି ତଡ଼ିକାରି ଖାଇବା କୌତୁକ ଗଲାଣି । ଅସ୍ପୃଶ୍ୟତା ନିବାରଣ ସମ୍ବନ୍ଧରେ, ବକ୍ତୃତା କଲାବେଳେ ଶାନ୍ତାଙ୍କ ଶୁଚିବାଇର କଥା ସ୍ମରଣ କରି, "ଆପଣଙ୍କ ଘରଆଡ଼ୁ ଅସ୍ପୃଶ୍ୟତା ଉଠିଲାଣିକି ?" ବୋଲି ପ୍ରଶ୍ନ ଶୁଣି ଆଉ ସଭା ସମିତି କରିବାକୁ ଯାଉନାହାନ୍ତି । ବର୍ତ୍ତମାନ ଗୋପାଳଙ୍କ ମନରେ ଏକମାତ୍ର କଳ୍ପନା ରହିଛି । ସେ ଚେଷ୍ଟାକରି ଗୁଡ଼ାଏ ଲେଖି ଯିବେ । ଆଜି ନ ହେଲେ ଦଶବର୍ଷରେ ହୁଏତ ଲୋକେ ତାଙ୍କ ଲେଖା ପଢ଼ି, ସେଇ ଲେଖାର ଆଦର୍ଶରେ ଅନୁପ୍ରାଣିତ ହେବେ । ପୁଣି ଭାବନା ହେଲା, ଲେଖିଲେ କଣ ବା ହେବ, ତାଙ୍କର ତ ଟଙ୍କା ନାହିଁ, ଲେଖାଗୁଡ଼ାକ ପ୍ରକାଶ କରିବେ କିପରି ? ତାଙ୍କର ଭାବନା ସ୍ରୋତରେ ବାଧା ଦେଇ ଘର ଭିତରକୁ ବାହାରୁ ଆସିଲା କାର୍ତ୍ତିକ ।

"କାର୍ତ୍ତିକ !"

"ଆଜ୍ଞା"

"ଅନେକ ଦିନହେଲା ତୁ ତ ଆଉ ମୋ ପାଖରେ ବସୁନାହୁଁ । ପିତୁଳା ପୂଜା ସମ୍ବନ୍ଧରେ ମୁଁ ଯେଉଁ ପ୍ରବନ୍ଧଟା ଲେଖିଛି ପଢ଼ିଥିବୁ । ସେ ବିଷୟରେ ତୋର ଅଭିମତ କଣ କହିଲୁନାହିଁ ?"

କାର୍ତ୍ତିକ ଶାନ୍ତାଦେବୀଙ୍କଠୁ ତାଡ଼ନା ପାଇ ଗୋପାଳଙ୍କ ପାଖରେ ବସି ସାହିତ୍ୟ ଚର୍ଚ୍ଚା କରିପାରୁନାହିଁ । ଏକଥା ଗୋପାଳଙ୍କୁ କହିବାକୁ କାର୍ତ୍ତିକର ଇଚ୍ଛାହେଲେ ମଧ୍ୟ ଗୋପାଳଙ୍କ ବ୍ୟଥାହତ ମୁହଁକୁ ଚାହିଁ, କୌଣସି କଥା ନକହି, ଖାତାଟାକୁ ଲେଉଟେଇ ଦେଇ କହିଲା, 'ଆପଣ ଲେଖିଛନ୍ତି, ହିନ୍ଦୁ ସମାଜରେ ଆଉ କେହି ପିତୁଳା ପୂଜା କରିବେନାହିଁ । ଆଉ ଏହା ମଧ୍ୟ ଲେଖିଛନ୍ତି ଯେ ଏଇ ପଇତାର ମଧ୍ୟ କୌଣସି ସାର୍ଥକତା ନାହିଁ । ଆଜ୍ଞା ! ଆପଣଙ୍କର ସିନା ଜ୍ଞାନଅଛି, ସବୁ ବୁଝି ପାରୁଛନ୍ତି, ପିତୁଳା ଗୁଡ଼ାକ ଖାଲି କାଠ ପଥର ବା ଧାତୁରେ ଗଢ଼ା, ଏ ଗୁଡ଼ାକରେ ଦେବ ଦେବୀଙ୍କର କୌଣସି ଅସ୍ତିତ୍ୱ ନାହିଁ ବୋଲି । ମାତ୍ର ଯେଉଁମାନେ ମୂର୍ଖ ହେଇ ଆଖିମୁଦି ଧ୍ୟାନକରି, ଏଇ ପିତୁଳା ଭିତରେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି ଦେଖି ପାରୁଛନ୍ତି, ସେମାନେ ଯଦି ଏଇ ପିତୁଳା ପୂଜାଟିକି ଛାଡ଼ିଦେବେ ବଞ୍ଚିବେ କିପରି ?"

"ପଇତା ଆଉ ପିତୁଳାର ଦୋହାଇଦେଇ ନାନା ପ୍ରକାର ଭୋଗ ସାମଗ୍ରୀ ଯୋଗାଡ଼ କରି ପୂଜା କରୁ କରୁ ଯେଉଁଦିନ କ୍ଷୁଧାର ଉଦ୍ରେକ ହେବ, ସେ ଦିନ ଶୀଘ୍ର ତାଳି ମାରିଦେଇ ଭୋଜନରେ ବସିଯିବା ଉଚିତ । ଆଉ ସେହିମାନେହିଁ ଈଶ୍ୱର ପରାୟଣ ବୋଲି ତୋର ବିଶ୍ୱାସ ହେଉଛି, କାର୍ତ୍ତିକ ?"

କାର୍ତ୍ତିକ କହିଲା, "ଆଜ୍ଞା, ଆପଣଙ୍କଠୁ ଶୁଣି ଶୁଣି ସାହାସ ପାଇ କହି ପକାଉଛି । ମୋର ବିଶ୍ୱାସରେ କିଛି କଥା ନାହିଁ । ଆପଣଙ୍କର ବିଶ୍ୱାସହିଁ ମୋର ବିଶ୍ୱାସ । ତୁମର ବିଶ୍ୱାସରେ ଆଉ ପାଞ୍ଚଜଣଙ୍କର ବିଶ୍ୱାସ ହେବ ବୋଲି ମୋର ଆଶାନାହିଁ । ଦେଖନ୍ତୁ ମୁଁ ଆପଣଙ୍କ ପାଖରେ ରହି ରହି ଅଭ୍ୟାସ ବଳରେ କୌଣସି କଥାକୁ ଭୟ କରୁନାହିଁ । ମାତ୍ର ଯେଉଁମାନେ ଏଇ ପଇତା ସୂତାର ଗଣ୍ଠିକୁ ବ୍ରହ୍ମଗଣ୍ଠି ବୋଲି ବିଶ୍ୱାସ କରି, ଭୂତପ୍ରେତର ଭୟରୁ ରକ୍ଷା ପାଉଛନ୍ତି, ଅନ୍ୟମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମେଇ ପାରୁଛନ୍ତି, ସେମାନେ ପଇତା ଫିଙ୍ଗିଦେଲେ ଭୂତ ପ୍ରେତ ହୋଇ ବୁଲିବେ ବୋଲି ମୋର ଭୟ ହେଉଛି ।" କାର୍ତ୍ତିକର କଥା ଶୁଣି ଗୋପାଳ ଆଶାପ୍ଲୁତ ହୋଇ କହିଲେ "କେଉଁଟା ଠିକ୍ କେଉଁଟା ଭୁଲ୍ ତୁ ଜଣେ ଯେତେବେଳେ ବୁଝିଲୁ, ମୋର ଯଦି ଆର୍ଥିକ କ୍ଷମତା ଥାନ୍ତା, ତୋଭଳି ଆଉ ପାଞ୍ଚଜଣଙ୍କୁ ତ ଏଇ ପ୍ରେରଣା ଦେଇପାରିଥାନ୍ତି । ସେଇ ପାଞ୍ଚଜଣ ଆଉ ପାଞ୍ଚ ପାଞ୍ଚ ଜଣଙ୍କୁ ଯଦି ବୁଝେଇ

ଅନ୍ଧବିଶ୍ୱାସରୁ ନିବୃତ୍ତ କରେଇ ସତ୍ୟ ମାର୍ଗକୁ ଆଣି ପାରନ୍ତେ, ତେବେ ତ ଦେଶ ଅନେକ ଆଗେଇ ଯାଆନ୍ତାରେ କାର୍ତ୍ତିକ !"

"ସମସ୍ତେ ଯଦି ସମାନ ଭାବରେ ବୁଝି ଥାଆନ୍ତେ ଆମ ଦେଶରେ ଅଜ୍ଞାନ ବୋଲି ଗୋଟିଏ ଜୀବ ନଥାନ୍ତେ । ଆଜ୍ଞା ଅଧମର ଅପରାଧ କ୍ଷମା କରିବେ, ଆପଣ ବୁଝିଥିବେ ଆମ ମାଙ୍କୁ ଆଜ୍ଞା କେଉଁ ପ୍ରକାର କଣ କେଉଁ ଭାବରେ ଏକଥା ବୁଝେଇ ନାହାନ୍ତି । ମାଙ୍କ କାଲି ଦଣ୍ଡିଗୋସେଇଁଙ୍କୁ ଆରାଧନା କରୁଥିଲେ ଆମ କୋକି ବାବୁଙ୍କର ଶସ୍ତ୍ର ଖଣ୍ଡନ ହବବୋଲି । ବୁଝିବା ଲୋକେ ଶହେକେ କେତେ ଥିବେ ସେକଥା ମୋଠୁ ଆପଣ ଆହୁରି ଜାଣୁଥିବେ । ମୁଁ ତ ଆପଣଙ୍କ ପାଖକୁ ଯାହା କହୁଛି ପଇଛି, ମୁଁ ଆଉ ବେଶି କଣ କହିବି ?"

ଗୋପାଳ କାର୍ତ୍ତିକର କଥା ଶୁଣି ମୀରବରେ ଚିନ୍ତା କରୁଥିଲେ । କାର୍ତ୍ତିକ ତାର ଗେଞ୍ଜି ପକେଟରୁ କାଗଜ ଖଣ୍ଡେ ବାହାରକରି କହିଲା, "ଆମନ୍ତ୍ରଣ ପତ୍ରଟା ଆଜ୍ଞା, ନଈବନ୍ଧର ପାଠାଗାର; ଆପଣ ଯାଇଥିଲେ ଦ୍ୱାରଉଦ୍‌ଘାଟନ କରିବାକୁ, ମନେ ନାହିଁକି ଆଜ୍ଞା ତିନି ବର୍ଷ ହେଇଗଲାଣି । ସଭା କରୁଛନ୍ତି ସେ ଡାକୁଛନ୍ତି । ଅନେକ ଦିନ ହେଲା, କେଉଁଠିକି ଯାଇନାହାନ୍ତି, ଯାଆନ୍ତୁ ଆଜ୍ଞା ।" କାର୍ତ୍ତିକ ଗୋପାଳଙ୍କ ଚିନ୍ତା ବିବର୍ଣ୍ଣ ମୁହଁକୁ ଚାହିଁ ଆଉ ବିଶେଷ କିଛି ନକହି ଚାଲିଗଲା । ପରେ ଗୋପାଳ ଉଠିପଡ଼ି ଝରକାବାଟେ ଚାହିଁଲେ ବାହାରକୁ । ସନ୍ଧ୍ୟା ହେବାକୁ ଆଉ ବେଶି ସମୟ ନାହିଁ । ନଈବନ୍ଧ ଏଠିକି ପ୍ରାୟ ତିନିମାଇଲ । ଭାବନା ଆସିଲା ଚାଲି ଚାଲି ଯାଇପାରିବେକି ନାହିଁ, ବଳଦଗାଡ଼ି ଖଣ୍ଡେ ବ୍ୟବସ୍ଥା କଲେ ହୁଅନ୍ତା; କିନ୍ତୁ ହାତରେ ପଇସା ନାହିଁ, ପେନ୍‌ସନର ଟଙ୍କାଟା ଆସୁ ଆସୁ ଚିନ୍ତାଦେବୀ ନେଇ ଯାଇଛନ୍ତି । ଥରେ ବିଶୁନୁପୁରକୁ ଗଲାବେଳେ ବଳଦ ଗାଡ଼ିଟାରେ ଯାଇଥିଲେ । ତାର ଭଡ଼ାଟା ଦେଲାବେଳକୁ ଚିନ୍ତାଦେବୀ କେତେ ନିଷ୍ଠୁର କଥା କହିଥିଲେ । ଆଜି ପୁଣି ସେ ସେଇ କଥା କହିବାକୁ ଯିବେ କିପରି ? ଯେଉଁ ସ୍ତ୍ରୀ ! ସେ ଆଉ ଭାବିପାରିଲେ ନାହିଁ । ଅସ୍ଥିର ଭାବରେ ଯାଇ ଚଉକିରେ ବସି ପଡ଼ିଲେ । ମନେ ପଡ଼ିଲା ନୂତନ ଜୀବନର ସେଇ କେତେ ଆଦର, କେତେ ସ୍ନେହ ଯତ୍ନ ! ଏଇ ଚିନ୍ତାଙ୍କୁ ସେ କେତେ ସ୍ନେହ ଦେଇଛନ୍ତି ! ନା ଆଉ ଭାବିବ ନାହିଁ, ଭାବିଲେ । ସେ ଉଠିପଡ଼ି ନଈବନ୍ଧ ଯିବାକୁ ବାହାରି ପଡ଼ିଲେ ।

ବାଡ଼ି ବାରଣ୍ଡାରେ ବସି ଚିନ୍ତାଦେବୀ ମନେ ମନେ ହିସାବ କରୁଥିଲେ: "ବାଳିଆ ନେଇଥିଲା ମୂଳଧନ ଆଠକୋଡ଼ି । କଳନ୍ତର ଦେଲା ତିନିକୋଡ଼ି ଦଶ । ପୋଡ଼ାମୁହାଁ ପାଞ୍ଚବରଷ ହେଲା ନେଇଥିଲା । ଗାଁ ପଣ୍ଡା ନେଇଥିଲା ନ'କୋଡ଼ି । କଳନ୍ତର ଦେଲା ଦି'କୋଡ଼ି ପାଞ୍ଚ । ଆଉରି ଦି'ଟଙ୍କା ଛ'ଅଣା କି ସାତଅଣା ହେଇଥାନ୍ତା ଦେଲାନି । କୋକ ଆଣିବା ଟଙ୍କା ଗଣିଲେ । ଭାବିଲେ ମାସୁଟେ ହେଇନି, କାଠି ଚାରିକୋଡ଼ି, ତିନିକୋଡ଼ି ଆଣୁଛି ! ଆହୁରି ଆଣିବ ବୋଲି ଦୁଃଖକଷ୍ଟ କହୁଥିଲା । ମ'ଙ୍ଗୁଳା ମା' ଗ୍ରାମ ଦେବତୀ, ଦଣ୍ଡିଗୋସେଇଁ । ମୋ କୋକକୁ କିମିତି ଭଲ କରିଥିବେ । କୋକୁଟା ଏବେ ଆଠଦିନ ହେଲା ଖାଲି ବାସ୍ନାପରି ହୋଇଛି । ହେ ମା ଶୀତଳେଇ—"

ବାରଣ୍ଡା ପାଖକୁ ଆସି ଗୋପାଳ ଡାକିଲେ, "ଅନୁକୋଉ ! ମୁଁ ଯାଉଛି ନଈବନ୍ଧ । ସେଠିର ପାଠାଗାର ସଭ୍ୟଗଣ କଣ ଗୋଟାଏ ସଭା କରୁଛନ୍ତି । ବାରମ୍ବାରକରି ଆସିବାକୁ କହିଛନ୍ତି—"

"ଯିବ ଯଦି ଯିବତ, ଟଙ୍କାପଙ୍କା ମୋ ହାତରେ କିଛି ନାଇଁ—"

"ତୁମକୁ ମୁଁ ଟଙ୍କା ମାଗି ଆସିନାହିଁ ଅନୁକୋଉ, କହିବାକୁ ଆସିଛି । ରାତିରେ ତ ଆଜ ସେଠୁ ଫେରି ଆସିପାରିବି ନାହିଁ । ଦେହଟା ମଧ୍ୟ ତେତେ ଭଲ ନାହିଁ । କାର୍ତ୍ତିକକୁ କହିବ, ମୋ ପାଇଁ ରୁଟି ଦିଖଣ୍ଡ ନେଇ ଦେବ । ମୋର ମନେପଡ଼ୁଛି, ଅନୁକୋଉ, ତୁମ ହାତରେ ବହୁତ ଭଲ ଜିନିସ ମନେ ଖୁଆଇ-

ଥିଲ ।” ଆବେଗରେ ଅବରୁଦ୍ଧ ହୋଇଗଲା ଗୋପୀନାଥଙ୍କ ଗଳା । ସେ ଆଉ କିଛି କହିପାରିଲେ ନାହିଁ । ମୁହଁ ଫେରେଇ ଆଖି ପୋଛି ଚାଲିଗଲେ ଆଗକୁ । ପାହାଚ ତଳୁ ପଛକୁ ନଚାହିଁ କହିଲେ, “ତାକୁ କହିଦବ ବେଶି ଚିନ୍ତା ନକରି ଟିକିଏ ଚଞ୍ଚଳ ଯିବ । ଆଜିତ ହାଟଦିନ । ଲୋକ ଯାଆସ କରୁଛନ୍ତି । ହଁ କହିବ, ଅଧିକା ଦିଖଣ୍ଡ ରୁଟି ନେଇଥିବ; ଅନ୍ୟମାନେ ଥିବେ ।” ଚନ୍ଦ୍ରାଙ୍କ ଉତ୍ତରକୁ ଅପେକ୍ଷା ନକରି ଚାଲିଗଲେ ଗୋପାଳ ।

କାର୍ତ୍ତିକ ଦୁଆର ସେ ପାଖରେ ରହି ଶୁଣୁଥିଲା, ବୋଧହୁଏ । ଆସ୍ତେ ଆସ୍ତେ ଆସି ପଚାରିଲା, “ଆଜ୍ଞା କୁଆଡ଼େ ଗଲେକି ?” “ଗଲେ ଚୁଲିକି ! ଷାଠିଏ ବର୍ଷର ବୁଢ଼ାଟେ ହେଲେଣି । ଏତକ ଜାଣୁ ନାହାଁନ୍ତି କଅଁ ? ଗଲାଓଳକୁ କାଇଁକିର ଯାଉଛନ୍ତି, ଯାଉଛି ନଈବନ୍ଧ । ରୁଟି ତିଆରି କରି ପଠେଇଦବ । ଆଉଥରେ ଅଧିକା ଦିଖଣ୍ଡ ଦିଆହବ । ଯୋଉ ବୁଦ୍ଧି ଧଇଲେଣି ! ଆପଣା ପେଟକୁ ତ ଠିକଣା ନାହିଁ । ଆଉଥରେ ଅଧିକା ।” କାର୍ତ୍ତିକ ଚନ୍ଦ୍ରାଙ୍କ କଥାରେ ପ୍ରତିଧ୍ୱନି କରି କହିଲା, “ନାଇଁ ଆଉଁ କଣଁ ଆଜ୍ଞା ! ନିଜଁ ପେଟକୁଁ ତଁ ଠିକଣାଁ ନାଇଁ । ଆଉଁଥରେ ଅଧିକାଁ ଦିଆହବଁ ? କି କଥାହେଁ ?”

“ଏଇକ୍ଷଣି ସେ କୋକ ଆସିବ । ସେ କୋକର ନନାଙ୍କୁ ଜର ହୋଇଚି ଯେ, ଶୋଇଛନ୍ତି । ରାନ୍ଧିକରି ଥୋଇଦେ ! ଯିବୁଯଦି ଯା ।”

“ଚୁଲିଁ ଜାଳିଁ ଦେଲିଣି ଯେ, ଗହମ ଚୂନାତ ଅଳପ ଅଛି—”

“ହଁରେ କାର୍ତ୍ତିକ, ପୁଷ୍ଟି ନ ହେଲେ ତ ସେ କୋକ ଘର ଖାଇଦେବ । ବାବୁଙ୍କ ପାଇଁ ଭାତ ଡାଲି ନେଇଦେ ।” କାର୍ତ୍ତିକ ମନ ବୁଝିବାକୁ ପଚାରିଲା, “ମୋଟା ଉଷୁନା ଭାତ ହୋଇଚି ଯେ !” ଚନ୍ଦ୍ରା କହିଲେ, “ଉଷୁନା ଭାତ ଦିହକୁ ପଥିରେ; ଜାଣୁନୁ ?”

“ହଁ ଆଜ୍ଞାଁ, ବାବୁ ଆଉ ଏକାଳେ ପୁଷ୍ଟି ଖାଇବେ ! କୋକ ବାବୁ ଖାଆନ୍ତୁ ।” କାର୍ତ୍ତିକ ଚାଲିଗଲା ପରେ ଚନ୍ଦ୍ରାଦେବୀ ଭାବିଲେ ; ସେଦିନ କୋକର ନନା କହୁଥିଲେ, ପୋଥି ଢାକିଲେ ଯେ, ଦୁଇଶ ଟଙ୍କା ହେଲା ବୋଲି ! କେଜାଣି କୁଆଡ଼େ ନେଲେ, ପଇସାଟିଏ ତ ଦେଖେଇ ନାହାଁନ୍ତି । ଭାଇକି ଦେଇପକେଇଥିବେ । ବୁଢ଼ାଟେ ହେଲେଣି । ଯାଙ୍କର ବୁଦ୍ଧି ନାଇଁ ଯେ ଯାଙ୍କୁ କେତେ କଉଥିବ । ଘର ଟଙ୍କା ପରକୁ ଦେଇ ଦିନସାରା କାକତ ଖଞ୍ଜୁଛନ୍ତି । କାର୍ତ୍ତିକ ବାରଣ୍ଡା ସେ ପାଖରୁ ପଚାରିଲା, “କି'ତରକାରି ହେବ ଆଜ୍ଞା !”

“ବାବୁଙ୍କ ପାଇଁ ବାଇଗଣ ତରକାରି କରେ—”

ଆଉଁ ?

“କୋକ ତ ବାଇଗଣ ଛୁଉଁନି । ତାପେଇଁ ଆଳୁ ଟିକିଏ ତରକାରି କରିବୁ ।”

“ବାଇଁଗଣଁ ଗୁଡାକଁ ଖାଲିଁ ଭେଜାଁ ହୋଇଚିଁ, ସେଥିରେଁ ଆଳୁଁ ପଡ଼ିବନଁ ଆଜ୍ଞାଁ ?”

“ଆଳୁ ଅଛି କରେ, ଖାଲି ବାଇଗଣ ରାନ୍ଧିଦେ ।”

“ଆଜ୍ଞା ଘିଅ ଟିକିଏ ଦିଅ, ଫୁଟଣା ହବ ।”

“ତେଲ ଫୁଟଣା କରେ—”

“ଆଳୁରେ ତେଲ ପଡ଼ିବ ?”

“ଆହା କେତେ ଗଜଗଜ କରୁଚୁରେ, ଆଳୁ ଥାଉ ମୁଁ ରାନ୍ଧିବି । ତୋଇ ତୁ ଯିବୁ ଯଦି ଯା ।”

ଏଣେ କେତେ ଟଙ୍କା ନେଉଛି, କେତେ ମୂଳ, କେତେ କଳନ୍ତର ସମୁଦାୟ ଟଙ୍କା ମିଶି କେତେ, ଚନ୍ଦ୍ରା ତାର ଗୋଟେ ମୋଟାମୋଟି ହିସାବ କରୁଥିଲେ । କାର୍ତ୍ତିକ ପୁଣି ପଚାରିଲା, “ବାବୁଙ୍କ ସକାଶେ ଦୁଧ ନେଇବି କି ଆଜ୍ଞା ?”

“ସେ କୋକର ନନା ଜରରେ ଶୋଇଛନ୍ତି, ପିଇବେ । ଦୁଧ କୋଠେ ଅଛିରେ !”

## ଆଠ

ଅନନ୍ତର କାନ୍ଧ ଉପରେ ଭରା ଦେଇ ଗୋପାଳ ଘର ଭିତରକୁ ଆସି ତଉକିରେ ବସିପଡ଼ିବାକୁ ଉଦ୍ୟତ ହେଉଛନ୍ତି, ଚନ୍ଦ୍ରାଦେବୀ ଘରଆଡ଼ୁ ଆସି କହିଲେ, “ମୋ ଘରକୁ ଆସିବାକୁ ମନାକଲି ଋଷ !

ଆଉଥରେ ଅଲଜୁକ ପଶ ଧାଇ ଆସିଛୁ ।" ଅନନ୍ତ ସସ୍ତ ଦୃଷ୍ଟିରେ ଚାହିଁ କହିଲା, "ମୁଁ ତ ସେ ଦିନଠୁ ଆସି ନଥିଲି । ଆଜ ଭାଇନା ସେଆଡ଼ୁ ଆସୁ ଆସୁ ପୋଖରୀ ପାଖରେ ପଡ଼ିଗଲେ ଯେ, ହାତଟା ଧରିନେଇ ଆସିଲି । କମିତି ଲାଗୁଛି ଭାଇନା ?"

"ଅନେକ ଦିନ ହେଲା ବଡ ଦୁର୍ବଳ ଲାଗୁଛି—"

"ବନ୍ଧୁଙ୍କୁ ପଠେଇ ଦେଇଥିଲି । ରାମ କବିରାଜଙ୍କୁ ଡାକି ଆଣିବାକୁ ।"

"ତମଙ୍କୁ କିଏ କହିଲାମ, ବଇଦ କବିରାଜ ଏତେ ଲୋକଙ୍କୁ ମୋ ଘରକୁ ଡାକି ଆଣିବାକୁ ! ଭାଗକୁ ଭାଗ ପାଞ୍ଚ ଭାଗ ଓଷ ହେଲାଣି । ଯୋଉଠେ ଯାହାଥିଲା ସବୁ ସରିଲାଣି ।" ଚିନ୍ତାଙ୍କ କଥା ନ ସରୁଣୁ ବନ୍ଧୁ ସହିତ କବିରାଜ ଆସି ଉପସ୍ଥିତ ହୋଇଗଲେ । ଅନନ୍ତ କବିରାଜଙ୍କୁ କହିଲା, "ହଠାତ୍ ପଡ଼ିଯିବାରୁ ବୋଧହୁଏ ଆଘାତ ଲାଗିଯାଇଛି । କବିରାଜ ନାଡ଼ି ଦେଖି, ମୁଖ, ଆଖି ପରୀକ୍ଷା କରି କହିଲେ, "ବାତ ପ୍ରବଳ ହେବାଯୋଗୁଁ ମସ୍ତକ ବିଘୂର୍ଣ୍ଣିତ ହେଉଛି । ରୋଗୀଙ୍କୁ ପ୍ରଚୁର ପରିମାଣ ଦୁଗ୍ଧ ଘୃତାଦି ସ୍ନିଗ୍ଧ ଦ୍ରବ୍ୟ ଖାଇବାକୁ ଦେବାକୁ ହେବ । ଯେ କୌଣସି ବାତନାଶକ ଶାସ୍ତ୍ରୀୟ ତୈଳ ପାଦରେ ମଥାରେ ମାଲିସ କରିବାକୁ ହେବ ।"

ଚିନ୍ତା କହିଲେ, "ଆହା ! ଘିଅ, ଦୁଧ ଖାଉ ନାହାଁନ୍ତି କିଆଁ ? ସେ ଖାଉ ନାହାଁନ୍ତି ତ ଆଉ କିଏ ଖାଉଚି । ଗଲାମାସରେ ଅଜା ଖାଇବେ ବୋଲି, କୋକ ମୋର ପେଡ଼ି ପେଡ଼ି କରି ଛ' ପେଡ଼ି ଓଷ, ଶହେଟଙ୍କା ଦେଇ ଆଣିଲା । କୋକ ମୋର ଆଉରି କେତେ ଓଷ ଆଣିଲାଣି ।"

କବିରାଜ କହିଲେ, "କଷ୍ଟହେଲେ ରସାୟନ ଔଷଧର ବ୍ୟବସ୍ଥା କଲେ ଭଲ ହୁଅନ୍ତା, ଔଷଧଟା ଟିକିଏ ମୂଲ୍ୟବାନ । ଟଙ୍କା ଖରଚ ହେବ—"

ଚିନ୍ତା କଥା ଉପରେ ବାଧାଦେଇ କହିଲେ, "ନାଇଁ ନାଇଁ ବଇଦ ଓଷ ଆଉ ଦିଆହବ ନାଇଁ । ଗଲା ମାସରେ ଶଙ୍କର କବିରାଜଙ୍କୁ ପଞ୍ଚାଶେଟଙ୍କା ଦେଇଛି, କିଛି ଓଷ ଦେଲାନି । ବଇଦଗୁଡ଼ାକ ଖାଲି ବୁଢ଼ା ଠକ । ଯବପସ୍ତ ଘ'ହେ କବିରାଜେ, ତାଙ୍କ ଦିହ ଇମିତି ସବୁଦିନେ ହୋଉଚି । ଶୋଇପଡ଼ିଲେ ଭଲ ହେଇଯାଉଛି । ଏ ବନ୍ଧୁ ! ତୋ ନନା, ତୁ, ସବୁ ଏ ଘରୁ ଯ, କେଁ ଭେଁ ହୁଅନି ।"

ଘରଭିତରେ ଗହଳି ହେବା ଶୁଣି କାର୍ତ୍ତିକ ଚେଷେଇ ଘରୁ ଆସି ଦେଖିଲା । ଅନନ୍ତ, ବନ୍ଧୁ, ରାମ କର କବିରାଜ ଚାଲି ଯାଉଛନ୍ତି । ଗୋପାଳ ରୋଗୀଙ୍କ ପରି ଯନ୍ତ୍ରଣା ସୂଚକ ମୁଖଭଙ୍ଗି କରି ବସିଛନ୍ତି ।

କାର୍ତ୍ତିକ ଆତୁର ହୋଇ ଗୋପାଳଙ୍କ ପାଖକୁ ଆସି ଅବସ୍ଥା ଦେଖି ଖାଲି ଚାହିଁ ରହିଲା । "ବିଶେଷ କିଛି ହେଇନାହିଁ କାର୍ତ୍ତିକ ! ଦେହଟା ଭଲ ଲାଗୁନାହିଁ, କାଲିକି ଭଲ ହେଇଯିବ ; କିନ୍ତୁ ବଡ ଦୁଃଖର କଥା କାର୍ତ୍ତିକ, ପାଠାଗାରରେ ମୋର ଚଷମାଟା ରହିଗଲା । ଚଷମା ନ ହେଲେ ତ ମୁଁ ମୁହୂର୍ତ୍ତେ ଚଳିପାରିବି ନାହିଁ । ସେଥିପାଇଁ ଦେହର ପୀଡ଼ା କଥା ଭୁଲି ଖାଲି ସେଇ ଚଷମା କଥା ଭାବୁଛି । ସେଥର ଉତ୍କଳ ସମ୍ମିଳନୀରେ ଯୋଗ ଦେବାକୁ କଟକ ଯାଇଥିଲି, ତିରିଶି ଟଙ୍କା ଦେଇ ଚଷମାଟା ଆଣିଥିଲି—" ଚିନ୍ତା ଚମକି ପଡ଼ି କହିଲେ, "ଦଶୁଟା ବରଷ ହେଇନି, ଏ କୋଡ଼ିଏ ଦଶଟଙ୍କା ଦେଇ ଆଣିଥିଲ ସେ କୋଉଠେ ପକେଇ ଦେଇ ପକେଇ ଆସିଲ ? ମୁଁ କହୁନି, ପାପଦଶା ପଡ଼ିଲାଣି, ସ୍ୱାଙ୍କର ଆଉ ଭଲ ବୁଦ୍ଧି ହବନି । ଯାଉ ଗଲା ଯଦି ପାପ ଗଲା, ଯେତେ ଗନ୍ଧିଆ ତେଲ ସରୁଥିଲା ସେତିକି ରହିଲା ।"

କାର୍ତ୍ତିକ କହିଲା, "ଯିବିଁ କି ଆଜ୍ଞାଁ, ଥରେଁ ପାଠାଁଗାରଟାଁ ଦେଖିଁ ଦେଇଁ ଆସିବି ।"

"ଦେଖେ, ଚେଷ୍ଟାକରେ, କିନ୍ତୁ ଥିବବୋଲି ବିଶ୍ୱାସ ହେଉନାହିଁ ।"

"ଥିଲେଁ ତଁ ଭଲ ହେଲାଁ, ନଥିଲେଁ ସେଆଡ଼ୁଁ, ସେଆଡ଼ୁଁ ବ୍ରହ୍ମପୁରଁ ଯାଇଁ ଚଷମାଁ ଗୋଟେଁ ନେଇ ଆସିବିଁ କିଁ ଆଜ୍ଞାଁ !" "ଶୁଣମ ଏ ପୋଡାମୁହାଁର କଥା, ଟଙ୍କାଗୁଡ଼ାକ ଏଇଠେ ଥୁଆହୋଇଚି ! ଯା ଯା, ତୁ ଏଇଠୁ ଗଲୁ !"

କାର୍ତ୍ତିକ ଚାଲିଗଲା ପରେ ଗୋପାଳ ଡାକିଲେ ଅନୁବୋଉ, ଗୋଡ଼ଦଣ୍ଟା କାହିଁକି ବଡ଼ ଭାରିଭାରି ଲାଗୁଛି—

ସେଦିନ ଦଣ୍ଡ ଗୋଟେଇଁ କି ଯାହା ଖୁଣିଚ, ତାର ଫଳ ପାଉଚ । ସଂସାରେ ସବୁ ମିଛ, ଦଣ୍ଡ ମହାପୁରୁଷର ସତ ! ଯାହା ହେଲାଣି ହେଲାଣି, ଗାଧୋଇ ପାଧୋଇ ଗୋଟିଏ ଗୋଟିଏ ଯାଇ ଗାଁ ଠାକୁରାଣୀ ପାଖରେ ମୁଣ୍ଡିଆ ମାରି ଆସ । ଦେଖିବ ରାତି ପାହିଲା ବେଳକୁ ସବୁ ରୋଗ ବଇରାଗ ଛାଡ଼ିଯିବ ।

"ତୁମ କଥା ଶୁଣି ମୁଁ ହସିବି କି କାନ୍ଦିବି ସ୍ଥିର କରିପାରୁନାହିଁ, ଅନୁବୋଉ ! ଓଡ଼ିଶାର କାହିଁକି ସାରା ଭାରତରେ ଯେତେ ନରନାରୀ ଅଛନ୍ତି, ସମସ୍ତେ ପିତୁଳା ପୂଜା ଛାଡ଼, ସତ୍ୟରେ ବିଶ୍ୱାସ ରଖନ୍ତୁ ବୋଲି ଲେଖୁଛି ବଡ଼ ବଡ଼ ଗ୍ରନ୍ଥ । ମୌଖିକ ଭାବରେ ମଧ୍ୟ ପ୍ରଚାର କରୁଛି ସମସ୍ତେ ଏକେଶ୍ୱରବାଦୀ ହୁଅନ୍ତୁ ବୋଲି । ସେଇ ମୁଁ ଆଜି ତୁମର ଅମୂଲ୍ୟ ଉପଦେଶରେ ଯିବି ଗାଁ ଠାକୁରାଣୀଙ୍କ ପାଖକୁ—'

'ଏଁ ନ ଗଲେ ମୋର ବଡ଼ ହାନି ହୋଇଯିବ । ତମ ହାତ ଗୋଡ଼ ଧରି ତମେ ଫଳ ପାଇବ ।'

କାର୍ତ୍ତିକ ହଠାତ୍ ଆସି କହିଲା, "ମାଁ, ଏ ଆଡ଼େଁ ଆସନ୍ତୁଁ । କୋକଁ ବାବୁଁ ବୋହୂମାନଙ୍କଠୁଁ ସୁନାଁ ହାରଟାଁ ନେଇଁଗଲେଁ ଯେଁ ବୋହୂ ମାଁ ଭେଁ ଭେଁ ହେଇଁ କାନ୍ଦୁଛନ୍ତି ।"

"କେତେ ମିଛକଥା କହୁଚୁରେ ! ଏଁ କୋକ ତ କାଲିଠୁ ଘରକୁ ଆସିନି, ସେ କାହିଁକିରେ ହାର ନେବ ?" "ମୁଁ ମିଛଁ କହୁନିଁ ଆଜ୍ଞାଁ, ଆସନ୍ତୁଁ ଦେଖିବେ ।"

"ଆହା, କି ଜଳନ୍ତା ବୁଦ୍ଧିରେ ତୋର ? ଏ ମୋ କୋକତ ନିତି ଶହେ ଟଙ୍କା ଆଣି ମୋ ହାତରେ ଦେଉଚି । ସେ କାହିଁକିରେ ହାର ନବ ?"

ଅଗଣାରେ ଜୋର ଶବ୍ଦ ଶୁଣି ଚନ୍ଦ୍ରାଦେବୀ କେଜାଣି କଣ ଭାବି ଚାଲିଗଲେ । କାର୍ତ୍ତିକ କହିଲା, "ଆଜ୍ଞା ! କଣଁ କହିବିଁ ପେଁଟ ଭିତରେଁ ଅନେଁକ କଥାଁ ରହିଛିଁ । ଆମଁ କୋକଁ ବାବୁଁ ମଟରଁ ବେପାରଁ କରୁଁଛନ୍ତିଁ ଯେ—"

"କଣ କହିଲୁ କାର୍ତ୍ତିକ, ମୋଟର ବେପାର କରୁଛି କୋକ ଟଙ୍କା ପାଇଲା କୋଉଠୁ ?"

"ହଁ ଆଜ୍ଞାଁ ଆମଁ ମାଁ ବୋଲୁଛନ୍ତିଁ ମୋଁ କୋକଁ ଶହଁ ଶହଁ ଆଣୁଚିଁ । ସେଆଡ଼େଁ ମଟରଁ ଟଙ୍କା ଦିଆଁ ହୋଇନିଁ । ପାନଁ ଘର ପୁଅ ଦୁଇଁ, ପଧାନଁ ଘରଁ ପୁଅଁ ରାଜିଆଁ ମିଶିଛନ୍ତି । ମଦଁ ମାଉଁସ ଯେଉଁଠିଁ ଚାଲିଛିଁ—"

"କୋକ ଏତେଗୁଡ଼ାଏ ଟଙ୍କା କୋଉଠୁ ପାଇଲା କାର୍ତ୍ତିକ ?"

"ତାଙ୍କ ଆଈ ତ ଡାକର—ହୋଉ ବଅନ୍ତି, ମୁଁ ଯାଉଚି ଆଜ୍ଞା ଚଷମା ଖୋଜି ।"

ଚନ୍ଦ୍ରାଦେବୀ ଦେଖିଲେ କାର୍ତ୍ତିକର କଥା ସତ । କୋକ ପଛକୁ ନଯାଇଁ ଚାଲିଯାଉଛି । ସେ ହତବୁଦ୍ଧି ହୋଇ କୋକକୁ ଡାକି ନ ପାରି ଚାଲିଗଲେ କୋକର ଶୋଇବା ଘରକୁ । ନୂଆଁ ବୋହୂଟା ତଳେ ବସି ଛଟପଟ ହେଉଚି । ଆଠମାସ ଗର୍ଭ, ତିନଦିନ ହେଲା ହୋଇଛି ବେଦନା । ଆଈଙ୍କୁ ଦେଖି କାନ୍ଦି କାନ୍ଦି କହିଲା "ଭୂତପରି ଘରେ ପଶି ମୋ ହାରଟା ମାଗିଲେ । ମୁଁ ମନାକଲି, ଘାଟିଭୁଣ୍ଡ କଲେ, ପିଟିବି ବୋଲି ଡରେଇ ଥରେଇ ହାରଟା ନେଇଗଲେ । ମୋର ତ ଉଠିବାକୁ ଶକ୍ତି ନାହିଁ । ମୋ ପେଟ ଅଣ୍ଟା କଣ ହୋଇଯାଉଛି ।" ଚନ୍ଦ୍ରାଦେବୀ ପାଗଳପରି ହୋଇ କହିଲେ ଭୁନିପଡ଼େ, ଭୁନିପଡ଼େ । ସାଇ ପଡ଼ିଶାରେ ଶୁଣିଲେ, ଭଗାରି ଶତ୍ରୁ ଶୁଣିଲେ, କିସ ବୋଲିବେ ।

ସୂତିକା ଶାସ୍ତ୍ରନିପୁଣା ଶଙ୍କୀ ବାଉରାଣୀ ଡାକରା ପାଇ ସେକ୍ଷଣି ଆସିଲା । ଦେଖି ଦେଖି କଣ ହୋଇଛି । ଶଙ୍କୀ ବାଉରାଣୀ ଗୁଣିଆ ବିଦ୍ୟାବି ଜାଣେ । ଚୁହୁଁ ଚୁହୁଁ କହିଦେଲା ପଡ଼ିଶାଘର କିଏ ଶତ୍ରୁ ଅଛି ନା ଗୁଣିଆଁ କରିଚ । ଠାକୁରାଣୀ ପେଶି ଦେଇଚି—

ଚନ୍ଦ୍ରାଦେବୀ ବ୍ୟାକୁଳା ହୋଇ କହିଲେ, "ସାଇପଡ଼ିଶାରେ ତ ମୋର ଭଗାରି ଶତ୍ରୁ ଭର୍ତ୍ତି ହୋଇ ରହିଛନ୍ତି ଲୋ, ଶଙ୍କି ! ପେଟର ପିଲାଟି ବଞ୍ଚିନା

ନାହିଁ କରିଲୁ ।" ଶଙ୍କି ପେଟରେ ହାତ ବୁଲେଇ ଦେଇ କହିଲା, "ଆଠମାସର ପୁଅ ପେଟ ଭିତରେ ଖଳଖାଳ ହେଉଛି । ଆଣ ଆଣ, ଆଠଟା ମନ୍ଦାର ଫୁଲ, ଆଠଟା ନଡ଼ିଆ, ଆଠଟା କଳାକୁକୁଡ଼ା, ଠାକୁରାଣୀଙ୍କ ଠେ ଭୋଗ ନଚେଇଦେବି । ଏହିକ୍ଷଣି ପୁଅ ତଳେ ପଡ଼ି କୁଆଁ କୁଆଁ କରିବ । ଆଠକୋଡ଼ି ବରଷ ଆଇଷ ହବ ।"

ଚଉଦ ବର୍ଷର ଝିଅ, ଗର୍ଭ ବେଦନାରେ ଛଟପଟ ହୋଉଛି । ଏଣେ ଶଙ୍କୀ ଜାଣିଲାଣି ମଲା ପିଲାଟା ପେଟ ଭିତରୁ ବାହାରିବା ମହା ମୁସ୍କିଲ । ଜିନଷ ଧରି ଠାକୁରାଣୀଙ୍କ ପାଖରେ ଭୋଗ ନଚେଇ ଦେଇ ଶଙ୍କୀ ପୁଣି ଦଉଡ଼ି ଆସିଲା । ଶେଷବେଳକୁ ଶଙ୍କୀ ସାହସ କରି ପେଟ ଭିତରୁ ପିଲାଟାକୁ ଟାଣି ନେଇ ଆସିଲା ।

ଚିନ୍ତାଦେବୀ ମଲା ଛୁଆଟାକୁ ଦୂରରୁ ଦେଖି କେଉଁ କଥା କହିଲରେ ଦଇବ ! ମୋର କୁଳ ଉଦ୍ଧରି ଥାଆନ୍ତା ରେ ବାପା ! ମୃତ ଶିଶୁ ପୁତ୍ର କି କନ୍ୟା ସନ୍ତାନ ଚିନ୍ତା ଜାଣି ନଥିଲେ ମଧ୍ୟ, ଶଙ୍କୀର ପୂର୍ବ କଥାରେ ବିଶ୍ୱାସ ରଖି ପୁତ୍ର ସନ୍ତାନ ବୋଲି ଧାରଣା କରି ପକେଇଛନ୍ତି । ସେଥିପାଇଁ ସେ ମୋ ବାପରେ, ଭୁ ମୋ ଅହାଭ ଘର ଉଜଳ କରିଥାନ୍ତୁ ପରରେ, ଇତ୍ୟାଦି ପ୍ରକାର ବିଳାପ କରି ଗୋପାଳଙ୍କ ପାଖକୁ ଗଲେ ।

ଭିତରେ କାନ୍ଦୁଣି ଶୁଣି ଗୋପାଳ ଉଠି ଆସିବାକୁ ଚେଷ୍ଟା କରୁଥିଲେ, ଚିନ୍ତାକୁ ଦେଖି ପଚାରିଲେ, "କଣ ହେଲା ଅକୁ ବୋଉ ? ହଠାତ୍ କଣ ହେଲା ମୁଁ ତ କିଛି ବୁଝିପାରୁନାହିଁ ।"

କାର୍ତ୍ତିକ ନଷ୍ଟବନ୍ଧ ପାଠାଗାରରୁ ବିଫଳ ମନରେ ଫେରି, ରୋଷେଇଘର ଆଡ଼କୁ ଚାହିଁ ଦେଇ ଆସିଲା ଚୁଲିରେ ସେଇପରି ଭାତହାଣ୍ଡି ଥୁଆହୋଇଛି । ସୂର୍ଯ୍ୟଦେବତା ସେ ପାଖକୁ ଗଲେଣି—ବାବୁତ ଖାଇ ନ ଥିବେ । ସେ ଗୋପାଳଙ୍କ ପାଖକୁ ଗଲାବେଳକୁ ଚିନ୍ତାଦେବୀ କାନ୍ଦି କାନ୍ଦି କହୁଛନ୍ତି, "ଆହା ଆଉ ଅଳ୍ପକେ ! କୁଳ ଉଦ୍ଧରିବା ପଦାର୍ଥ ଜନ୍ମ ହୋଇଥିଲା— ।"

"କଣ ତୁମେ କହୁଛ ମୁଁ ତ କିଛି ବୁଝିପାରୁନାହିଁ ! କଣହେଲା ?"

"କାଇଲାପରି ମୋ କୋକର ପୁଅଟିଏ ହୋଇଥିଲା, ମରିଗଲା ।"

"କଣ କହୁଛ' କୋକର ପୁଅ ହୋଇଥିଲା !"

"ଆଉ କଣହେ ସୋ ସୁନ୍ଦର ପୁଅଟି ହୋଇଥିଲା ମରେ ଗୁଡ଼ ଭୁଆଡ଼େ ପକେଇଗଲି ।" କାର୍ତ୍ତିକ ମନେ ମନେ ମହା ବିରକ୍ତ ହୋଇ କହିଲା, "ମରିତ ଗଲାଣି ।"

"ହିଁରେ କାର୍ତ୍ତିକ, ଏତେ ବଡ଼ ସମ୍ପଦ ଭୋଗ କରିବାକୁ ତା ଭାଗ୍ୟରେ ଥିଲେ ବଞ୍ଚି ଥାଆନ୍ତାନ— ପୂର୍ବ ଜନ୍ମରେ ତପ କରିଥିଲେ ସିନା ବଞ୍ଚି ଥାଆନ୍ତା ?"

କାର୍ତ୍ତିକର ବିରକ୍ତିଟା ବଢ଼ିଗଲା ଦିଗୁଣ ହୋଇ । ସେ ପ୍ରଭୁ ଭୃତ୍ୟ ସମ୍ବନ୍ଧଟା ଏକାଥରକେ ଭୁଲିଯାଇ କହିପକାଇଲା "ହଁ ତେତେ ତପସ୍ୟା ତାର ନାହିଁ । ଆପଣଙ୍କ ଭଳି ପଣି ଆଇଙ୍କ ନାତି ହେଇଥାନ୍ତା । ଆପଣଙ୍କ ଭାଗ୍ୟରେ ମଧ୍ୟ ପଣି ନାତିର ମୁହଁ, ମୁତ ପେଛିବା ଯୋଗନାହିଁ । ସେ ସବୁତ ହେଇ ଗଲାଣି । ବାବୁ ରୋଗୀ ମଣିଷ, କିଛି ଖାଇ ନାହାନ୍ତି, କଣ ଖାଇବେ, ଚୁଲିଟା ଲିଭିଗଲାଣି । ଚିନ୍ତାଦେବୀ କାର୍ତ୍ତିକର କଥାରେ କାନ ନ ଦେଇ କାନ୍ଦି କାନ୍ଦି ଚାଲିଗଲେ ।"

## ନଅ

କୋକ ବ୍ରହ୍ମପୁର ଶ୍ରୀବିଳାସ ହୋଟେଲରେ ପ୍ରାୟ ରହୁଛି । ରହିବାକୁ ବାଧ ହୋଉଛି । ଦୁଷ୍ଟାକୃଷ୍ଣ ତାକୁ ବାଧ କରି ରଖୋଉଛି । ନ ରହିଲେ ତାର ଏତେବଡ଼ ବ୍ୟବସାୟ ଦେଖିବ କିଏ ? ଦୁଷ୍ଟାକୃଷ୍ଣ ବଡ଼ ଚାଲାକ । ସବୁ କଥାରେ ସଚେତ । ସମୟ ପଡ଼ିଲେ ବଣ ଚିଲମ ଟାଣି ଦେଇପାରେ । ଭାଙ୍ଗ ଭାଙ୍ଗୁଣି ସବୁ ଖାଇପାରେ । ଶୂନ୍ୟେ ଶୂନ୍ୟେ ବୋତଲ ଉଠେଇ ପିଇ ଦେଇପାରେ । ନଥିଲେ ବି ଚଳେଇଦେଇ ପାରେ । ଦୁଷ୍ଟା କୋକର ହିତୈଷୀ ବନ୍ଧୁ । ସେଥିପାଇଁ ତାର ସ୍ୱାସ୍ଥ୍ୟ ସମ୍ବନ୍ଧରେ ମଧ୍ୟ ସେ ସଦା ଚିନ୍ତିତ । କୋକ ଯେତେବେଳେ ରୁଗ୍ଣା ସ୍ତ୍ରୀକୁ ଭୁଲିବା ନିମନ୍ତେ ଇତସ୍ତତଃ କରୁଥିଲା,

ସେତେବେଳେ ଦୁଷ୍ମନ୍ତ ଶାନ୍ତ ନର୍ସର ପାଳିତା କନ୍ୟା ସୁପ୍ରସନ୍ନା ସହିତ ସାକ୍ଷାତ କରେଇ ଦେଲା । ସୁପ୍ରସନ୍ନା ଅତି ସୁନ୍ଦରୀ, ଶିକ୍ଷିତା । ଜଣେ ଥରେ ବୋକା ହୋଇ ଧର୍ମ ହରେଇଦେବା ପରେ ବୋକା ବନେଇବା ବିଦ୍ୟାରେ ସୁଦକ୍ଷ ହେବା ଚେଷ୍ଟା ତାର ଚାଲିଛି । ପ୍ରେମ ଫ୍ରେମର ଧାରଣା ତାର ନାହିଁ । ଧର୍ମ ହରେଇ ଦେବା ବିନିମୟରେ ସେ ଆଦାୟ କରିବାକୁ ଚାହେଁ ଟଙ୍କା । ଆଗେ ଦରଦାମ କରି ପରେ ଦୁଆର ଖୋଲିବା ନିୟମ ତାର । ଦୁଷ୍ମନ୍ତ କଷ୍ଟକରି ଘଣ୍ଟି ଗୋଟିକୁ ପଞ୍ଜରରେ ରଖିଛି ।

ହୋଟେଲର ଉପର ଘରେ କୋକ ଶୋଇଥିଲା । ନିଦରେ ବ୍ୟାଘାତ ଘଟିବ ବୋଲି ସୁପ୍ରସନ୍ନା ରାତିରେ କୋକକୁ ଏକ ପ୍ରକାର ଜୋର କରି ବାହାରେ ଛାଡ଼ିଦେଇ ଦୁଆର ବନ୍ଦ କରିଦିଏ । କୋକ ସେଇ ଶେଷ ରାତିରେ ଶୋଇଛି, ନିଦ ଭାଙ୍ଗି ନଥିଲା । ଦୁଷ୍ମନ୍ତ ଦେହରେ ହାତ ପକାଇ ଝାଙ୍କି ଦେଇ କହିଲା : "ନିଶ୍ଚିନ୍ତରେ କାନରେ ତେଲ ଦେଇ ଶୋଇଛୁ । ଖାଲି ମୁଁ ରହିଛି ହଇରାଣ ହେବାକୁ । ସେ ଆଡ଼େ ଶଙ୍କରନ୍ ଓସ୍ତାଦ ଭିଉଟିରର ସେକ୍ରେଟେରୀ ଆସି ଆମର ଦୁଇଟା ଯାକ ଗାଡ଼ି ନେଇଗଲା ।" କୋକ ତାର ନିଶାପୀଡ଼ିତ ବିବର୍ଣ୍ଣ ଆଖି ଦୁଇଟା ଅଳ୍ପ ଖୋଲି ଚାହିଁଦେଇ ବିରକ୍ତ ଭାବରେ କଡ଼ ଲେଉଟେଇ କହିଲା, "ଯା'ମ, ନେଲେ ନୋଉ ।"

ଦୁଷ୍ମନ୍ତ ମୁହଁବାଙ୍କେଇ ଦେଖେଇ କହିଲା, "ନେଲେ ନୋଉ ! କଣ କହିଲୁ ? ତିନିଥର କରି ପନ୍ଦରଶ ହଅାହେଲାଣି । ଗାଡ଼ି ଦିଟା ଛାଡ଼ିଦେବା କଣରେ ? ଉଠ୍, ଏଥର ଟଙ୍କାଟା କମିଛି ହେଲେ ଦେଇ ଦେଲେ ଗାଡ଼ି ଦିଟା ରହିଯିବ ।"

କୋକ ବିରକ୍ତ ଭାବରେ ବସିପଡ଼ି କହିଲା, "ସୁନ ହାର ବନ୍ଧାପକେଇ ପାଞ୍ଚଶ ଆଣିଲୁ ପରା ?" —"ପାଞ୍ଚଶ ଆଣିଲି ଯେ ମୁଁ କଣ ଖାଇଦେଲିକଣରେ ? ମୁଁ ସିନା ତୋ ପାଖରେ ପଡ଼ି ରହିଛି । ଘରକୁ ତ ଛାଡ଼ିବା ଲୋକ ନୁହେଁ । ବେତନ, ଭତ୍ତା ଶହେ ନେଇଗଲା । ସେଦିନ ଆଣିଥିଲୁ ସୁପ୍ରସନ୍ନା ପାଇଁ ଶାଢ଼ୀ କଣ କଣ, ତାଙ୍କୁ ଶହେ ଦେଲି । ହୋଟେଲରେ ତୁ ମୁଁ ଖାଉଚେ, ସୁପ୍ରସନ୍ନା ପାଇଁ ରାତି ଫଳଟା ପଠା ହେଉଛି, ସବୁ ତ ଫାଷ୍ଟକ୍ଲାସ ମିଲ, ସେ ନେଲା ଶହେ । ପେଟ୍ରୋଲର ବାକି ପାଞ୍ଚଶହରୁ ଦୁଇଶ ଦେଇଚେ, ଆଉର ତିନିଶ ଅଛି ।" କୋକ ନିଶା ଘୋରରେ ଅଳ୍ପ ଆଖି ଟେକି କହିଲା, "ଯା'ବା, ମତେ ନିଦ ଲାଗୁଛି । ପରେ ଆସି ଏ କଥା କହିବୁ । ହଁ ହଁ, ସୁପ୍ରସନ୍ନା କହୁଚି ତାର ଆଉ ଦିଟା ଶାଢ଼ୀ ଦରକାର ।"

ଦୁଷ୍ମନ୍ତ ଶାଢ଼ୀକଥା ନ ଶୁଣି କହିଲା, "ମୋବିଲ୍ ଆଇଲର୍ ବାକିଅଛି ଦଶ ଟଙ୍କା । ଶହେପାଞ୍ଚ ଗାଡ଼ିର ଡ୍ରାଇଭର ମାସକର ବେତନ ନେଇନାହିଁ । ହଁ, କୋ'ଆଡ଼ର କୋ'ଆଡ଼ର ଆହୁରି ଚାରିଶ ପାଞ୍ଚଶ ବାକି ହୋଇ ରହିଚି, ସବୁ ଦେଇଦେ' ଗଲା । ଘରୁ ବାହାରିଲେ ସବୁ ଆସି ମୋ ବେକଟି ଧରୁଛନ୍ତି ଯେ ମୁଁ କୋଉଠୁ ଆଣିବି ?"

କୋକ ଶୋଇବାକୁ ଚେଷ୍ଟା କରି କହିଲା, "ପରେ ସବୁ ଦେଖିବା । ତୁ ଯା, ମୁଁ ଶୋଇବି ।"

ଗୋପାଳଙ୍କ ଶରୀର ସମ୍ପୂର୍ଣ୍ଣ ଭଲ ନ ହେଲେ ମଧ୍ୟ ମନ ଆଉକୁ ଯାଇ ନ ଥିଲା । ସେ ଆଣ୍ଠୁରେ ପାଦରେ ସମ୍ପୂର୍ଣ୍ଣ ବ୍ୟଥା ଅନୁଭବ କରୁଥିଲେ; ତେବେ ସୁଦ୍ଧା ଶୃଙ୍ଖଳିତ ସ୍ନାନ ଆହାର ଚଳେଇ ନେଉଥିଲେ ।

ପାଞ୍ଚବର୍ଷର ହାତଭଙ୍ଗା ଚଉକିଟାରେ ବସିବାକୁ କମ୍ପା ଟେବୁଲଟାର ନଡ଼ନଡ଼ିଆ ଖୁରାଟାରେ କାଗଜ ମେଞ୍ଚି ଠେସ ଦେଇ ବସିବାକୁ କୌଣସି ଆପତ୍ତି ତାଙ୍କର ନଥିଲା ; କିନ୍ତୁ ଚଷମା ଖଣ୍ଡିକ ହଜିଗଲାଠୁ ସେ ବଡ଼ ଅସ୍ଥିର ହୋଇ ପଡ଼ିଲେ । ଚେଷ୍ଟାକରି ଲେଖି, ଚେଷ୍ଟାକରି କଷ୍ଟରେ ପଢ଼ି, ତାଙ୍କର ମୁଣ୍ଡରେ ଆଖିରେ କିପରି ଗୋଟାଏ ଅବ୍ୟକ୍ତ ପୀଡ଼ା ଜାତହେଲା । ସେଥିପାଇଁ ସେ ସେଦିନ ଲେଖୁ ଲେଖୁ ଟେବୁଲ ଉପରେ ମଥା ଥୋଇ ଆଖି ମୁଦି ବସି ରହିଥିଲେ । ଅନନ୍ତ ସତର୍କ ଭାବରେ ଦୁଆର ଠେଲି ଆସିଲା ଭିତରକୁ । ଗୋପାଳ ମଥାଟେକି ଚାହିଁ କଣ ପଚାରିବାକୁ

ଯାଉଥିଲେ, ଅନନ୍ତ କହିଲା ବାବୁ, ଆପଣ ଯେଉଁ ବେଲଗୁଣ୍ଠିଆରେ ପ୍ରଥମେ କାର୍ଯ୍ୟରେ ଥିଲେ, ସେଇଠି ଶିକ୍ଷକ କାର୍ଯ୍ୟଟିଏ ପାଇଲି । ଦରମା ପଞ୍ଚତିରିଶି । ପ୍ରଥମ ମାସରେ ବେତନ ପାଇବା ଦିନ, 'ଦର୍ପଣ'ରୁ ଆପଣଙ୍କର ଲେଖା ପଢ଼ି, ଆନନ୍ଦରେ ଆପଣ ଲେଖାଲେଖି କରିବେ ବୋଲି, ଏଇ ଝରକଲମ ଖଣ୍ଡିକ, ଆଉ ଚକ୍‌କଣ କାଗଜ ଗଣ୍ଡିକ ଦେଇଛି ।

ଅନେକ ଦିନ ପରେ ଗୋପାଳଙ୍କ ମୁହଁରେ ଫୁଟି ବସିଲା ତୃପ୍ତିର କ୍ଷୀଣ ହାସ୍ୟ । ସେ କଲମ ଖଣ୍ଡିକ ଉଠେଇ ନେଇ କହିଲେ, କାର୍ଯ୍ୟରେ ଥିବା ସମୟରେ ଥରେ ମୁଁ ଭଲ କଲମ ଖଣ୍ଡିଏ ଉପହାର ପାଇଥିଲି । ସେ କଲମଟିରେ ମୁଁ ବହୁତ ଲେଖିଛି । ଦୁର୍ଭାଗ୍ୟରୁ କଲମଟା ବ୍ରହ୍ମପୁରଠୁ କିଏ ନେଇଗଲା । ସେଦିନଠୁ କାଳଘଡ଼ି ଗୋଟିଏ ଧରି ବଡ଼ ହଇରାଣ ହେଉଥିଲି । ହଁ, ବନମାଳୀ କଣ ଘରକୁ ଆସିଛି ? ଗୋପାଳଙ୍କ କଥା ଶେଷ ହେବା ପୂର୍ବରୁ ଭିତର ପାଖରୁ ଦୁଆରଟାକୁ ଧଡ଼ଧଡ଼ କରି ଖୋଲିଦେଇ ଭିତରକୁ ଆସୁ ଆସୁ ନୂଆଁଣିଆ ଗଳାରେ ଚନ୍ଦ୍ରା ପଚାରିଲେ, କିଏମ ତୁ ?

ଅନନ୍ତ କହିଲା "ମୁଁ ଖୁଡ଼ୀ, ଅନେକ ଦିନ ହେଲା ଆସି ନଥିଲି, ନମସ୍କାର ! ବାବୁ ଦେଇଥିଲି ଏ କଲମଟା—"

ଚନ୍ଦ୍ରା କହିଲେ "ମୁଁ ଖୁଡ଼ୀ ଅନେକ ଦିନ ହେଲା ଆସିନଥିଲି, ନମସ୍କାର" ! ତୁ ଜଳିଯା, ତୋ ନମସ୍କାର ପୋଡ଼ିଯାଉ । କାହିଁପାଇଁ ବାବୁ ଦେଇଥିଲି କଲମଟା—କହୁ କହୁ ଚନ୍ଦ୍ରା ଗୋପାଳଙ୍କ ହାତରୁ କଲମଟା ଆଣି ଇମିତି ଜୋରରେ ଝରକା ତଳର କାନ୍ଥ ଉପରକୁ ଫିଙ୍ଗି ଦେଲେ ଯେ ଖୋଳଟା ଦିଖଣ୍ଡ ହୋଇଯାଇ ନିବ୍‌ଟା ଦି'ଭାଗ ହୋଇ ମୋଡ଼ି ହୋଇଗଲା ।

ଅସ୍ୱାଭାବିକ ଅଭାବନୀୟ ପରିସ୍ଥିତି ଦେଖି ଗୋପାଳଙ୍କ ମୁହଁ ବିବର୍ଣ୍ଣ ହୋଇଗଲା । ସେ ଅନନ୍ତ ମୁହଁକୁ ନ ଚାହିଁ ମଥା ନୁଆଁଇଦେଲେ । ଅନନ୍ତ ଅତି ସନ୍ତର୍ପଣରେ ହୋଇ କଲମଟା ଉଠେଇ ଆଣୁ ଆଣୁ କହିଲା, ଅକାରଣରେ କଲମଟା ଭାଙ୍ଗିଗଲା ।

"ଅକାରଣରେ ଭାଙ୍ଗିଗଲା ପୋଡ଼ିଯାଉ ତୋ କଲମ । ଜଳିଯାଉ ତୋ ବାବୁ । ମ ଇସ ଅଲେଇକ୍ଷଣୀ ନଘାରେ, ବାଟରେ ଘାଟରେ ମୋ ପିଲାକୁ ଯାହା ଗାଳି କାନ୍ଦୁଣି କରୁଚ । ତମ ବୁଢ଼ୀଆ ଟିଙ୍କଟ ନ ଜାଣି ଗାଡ଼ିରେ ବସିଥିଲା, ମୋ କୋଳ ଉଠେଇ ଦେଲା । ମୋ କୋଳ ନ୍ୟାୟରେ ଥିବା ପୁଅ । ଉଠେଇ ଦେଲା ବୋଲି ଯାହା କାଟିଲାଣି, ବାଚ୍ଛିଲାଣି !"

ଅନନ୍ତ ସହଜଭାବରେ କହିଲା, "ଉଠେଇ ଦେଇନାହିଁ, ତାକୁ ଗାଡ଼ି ଉପରୁ ଠେଲି ଦୋଷାଡ଼ି ଇମିତି ହଇରାଣ କରିଦେଲା, ତାର ମୁହଁ ନାକ ଖଣ୍ଡିଆ ହୋଇଯାଇଛି ।"

"ଖଣ୍ଡିଆ ହୋଇଯାଇଛି, ମରି ତ ଯାଇଥିବ ଆଉ କଣ ? ଯା ଯା ଭଲ ଲୋକ, ମୋ ଘରୁ ତୁ ଆଗ ଗୋଡ଼ କାଢ଼ିଲୁ । ନେ ତୋର କାକର । କାକର ଖଣ୍ଡେ, କଲମଟେ ଲାଞ୍ଚଦେଇ କି' ହେଲେ କଢ଼େଇ ନେବେ ବୋଲି ବାପ ପୁଅ ନୁଙ୍ଗୁରୁ ପୁଙ୍ଗୁରୁ ହେଉଚନ୍ତି ।"

"ମୁହଁ ସମ୍ଭାଳି କଥା କହ ଖୁଡ଼ୀ ! ତୁମେ ନାତିକି ଯେଉଁ ଭାବରେ ପ୍ରଶ୍ରୟ ଦେଉଛ, ତାର ଫଳ ପାଇବ ଯେ । ମୋର କଣ ଯାଏ । ଭାଇନା ତ ତୁମକୁ ସେଇ ଦିନୁ ଏଇ ମାର୍ଗରେ ଚଳେଇ ଆଣିଛନ୍ତି । କଲି କର୍ମର ଫଳ ସମସ୍ତେ ତ ଭୋଗୁଛନ୍ତି, ମୁଁ ଆଉ କହିବି କଣ ।"

ଅନନ୍ତ ଚାଲିଗଲା ପରେ ଚନ୍ଦ୍ରାଦେବୀ କହିଲେ, "ତମ ନାଁରେ ବଣିପୁଟରେ ଥିବା ଭୂଇଁ ଖଣ୍ଡିକ ମୋ ନାଁରେ କରିଦିଅଟି ।"

"ସେ ଭୂଇଁଟା ସେବାସଦନକୁ ଦେଇଦେଲି, ଅଳ୍ପବୋଉ !"

"ଭୂଇଁଟା କା'କୁ ଦେଲ ?"

"ସେବାସଦନ ନାଁରେ ଲେଖିଦେଲି ।"

"ମୋତେ କି କଳରେ ଦଇବ ! ବର୍ଷକୁ ଧୂଳିଆ ସଞ୍ଜା ଦଶ ଭରଣ ଧାନ ଆସୁଥିଲା । ଛଅଟି ଭରଣ ଭୂଇଁ କୋ ସଦନକୁ ଦେଲ ।"

ଗୋପାଳ ଚନ୍ଦ୍ରାଙ୍କ କଥା ଉପରେ କୌଣସି ଜବାବ ଦେଇ ନଥିଲେ। ଚୈତ୍ର ପବନ ପରି ହୁ'କରି ଘର ଭିତରେ ପଶିଯାଇ, ଚନ୍ଦ୍ରାଙ୍କ ମୁହଁକୁ ଚାହିଁ କାର୍ତ୍ତିକ କହିଲା, "ଶୁଣି ଲକଁ ଆଜ୍ଞାଁ, ପଧାନଁ ଘରଁ ପୁଜୁରଁ ରାଜବାଁ, ଗଞ୍ଜେଇଁ ଟାଣିବାଁ ଆଜ୍ଞାଁ, ଇମିତିଁ ଛତରଁ, ଗଞ୍ଜେଇଁ, ମଦଁ ଆପୁଁ ନିତିଁ ନିଶାଁ ଖାଇଁ ପାଳିଁ କରିଁ ଦବ। ଏଇଁକ୍ଷଣିତିଁ ଆସିଲା, ତା କକାକୁଁ କହୁଥିଲାଁ, ଶୁଣିଲିଁ, କୋଳିଁ ବାବୁଙ୍କତିଁ ଗାଡ଼ିଘୋଡ଼ାଁ କେଉଁଁ ଏଜେଣ୍ଟଁ ନେଇଗଲାଁ।

ଚନ୍ଦ୍ରାଦେବୀ ବିଶ୍ୱାସ କଲେ ମଧ୍ୟ ଅବିଶ୍ୱାସ କଲାପରି ଭାବ ଦେଖାଇ କହିଲେ, "ଘୋଡ଼ାମୁହାଁ କେତେ ମିଛ କହୁଛି।"

ମିଛଁ କାହିଁକିଁ କହିବଁ ଆଜ୍ଞାଁ! କହିବେ ଯଦି ରାଜିବାକୁ ଡାକିଦେବି।

ଚନ୍ଦ୍ରାଦେବୀ ଦେଖିଲେ, କାର୍ତ୍ତିକ ଏକ୍ଷଣି ସବୁକଥା ସ୍ୱାମୀଙ୍କ ଆଗରେ କହିଦବ। ସେ ଆଉ ମୁହୂର୍ତ୍ତେ ବିଳମ୍ବ ନକରି କହିଲେ, ଆସେ ଆସେ ରାତିହେଲାଣି ରାନ୍ଧିବୁ।

କାର୍ତ୍ତିକ ସବୁ ବୁଝି ମନେ ମନେ ହସି ଚନ୍ଦ୍ରାଙ୍କ ପଛେ ପଛେ ଚାଲିଗଲା।

ଚନ୍ଦ୍ରଦେବୀ ତୁଳସୀମୂଳେ ସଳିତା ଦେଇସାରି, ହାତଯୋଡ଼ି କୋଳିକର କଲ୍ୟାଣ କାମନାରେ ବୃନ୍ଦାବତୀଙ୍କୁ ଜଣାଉଥିଲେ। ଆଗେ ଆଗେ ହରିକୃଷ୍ଣ, ପଛରେ କୋଳି ଭିତରକୁ ଆସିଲେ। ଦୁଷ୍ଟ ଚନ୍ଦ୍ରାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରି ଉଠି ଠିଆହେଲା। ଅପରାହ୍ନର କାର୍ତ୍ତିକ ଦେବା ସମ୍ବାଦଟା ଚନ୍ଦ୍ରାଙ୍କ କର୍ଣ୍ଣକୁହରେ ପ୍ରବେଶ କରି ହୃଦୟପଟକୁ ଦଗ୍ଧ କରୁଥିଲା। ତେଣୁ ସେ କାହାକୁ କିଛି ନକହି ଆଡ଼େଇ ଚାଲିଯିବାକୁ ଚେଷ୍ଟା କରୁଥିଲେ। ଦୁଷ୍ଟ ଗମ୍ଭୀର ହୋଇ କହିଲା, ଆଉ ପାରି ହେଲାନାହିଁ; ଅଈ, ଗାଡ଼ି ଘୋଡ଼ା ସବୁ ବିକାବିକି କରିଦେଇ ଚାଲିଆସିଲୁ। ଚନ୍ଦ୍ରାଙ୍କ ପ୍ରାଣହୀନ ଦେହରେ ସାମାନ୍ୟ ଶକ୍ତିର ଯେପରି ସଞ୍ଚାର ହେଲା। ସେ ବ୍ୟଗ୍ର ହୋଇ ପଚାରିଲେ, କୋଉଦିନ ବିକିଲ? କେତେ ଟଙ୍କାକୁ ବିକିଲ? କାଇଁ ସେ ଟଙ୍କା? ଦୁଷ୍ଟ ପକେଟରୁ ଟଙ୍କା ବାହାର କରି କହିଲା, ହଜାରେ ଟଙ୍କା ଆସିଚି। ଗାଡ଼ି ଆସିବା ଦିନଠୁ ଯେତେ ଆୟ ବ୍ୟୟ ସବୁ ହିସାବ କରି ବାକୀ ହେଲାନା? କୋଳି ଆଗ କେତେଟଙ୍କା ଆଣିଥିଲା? ଆମେ ସବୁ ତମଠୁ ମୂଳଧନ ନେଇଥିଲୁ ଦୁଇ ହଜାର ପାଞ୍ଚଶ। କୋଳି ଆଣିଥିଲା ଏଗାରଶ। ଏଇ ଏବେ ଆସିଛି ହଜାରେ। ଆଉ ଚାରିଶ ଆର ମାସକୁ କଳନ୍ତର ସହିତରେ ଆସିବ। ଚନ୍ଦ୍ରା ପ୍ରଥମେ ହଜାରେ ଟଙ୍କାଟି ହାତରେ ଧରି, କୋଳି ହାତ ଧରିପକେଇ ପଚାରିଲେ, ପନ୍ଦରଶ ଟଙ୍କାର ସୁନାରେ ଛମାସ ହୋଇନି ତେଇନ୍ ମାଳଟା କରିଥିଲ, ଏବେ ସୁନାଦର ଯାହା ହୋଇଚି, ଦି'ହଜାର ହବ। ସେଦିନ ମାଳଟା ଧରି ଧାଇଁ ପଳେଇଲୁ, ସତ କହତ କିସକଲୁ?

କୋଳି ଦୁଷ୍ଟ ମୁହଁକୁ ଚାହିଁ କଣ କହିବାକୁ ଯାଉଥିଲା। ଦୁଷ୍ଟ ମହା ବ୍ୟସ୍ତତାର ଅଭିନୟ କରି କହିଲା, ସତ ଅଈ, ଯାହାହେଲା। ସେଦିନ ହଠାତ୍ ଟଙ୍କା ଦରକାର ହେଲାଯେ ମୁଁ ପଠେଇଲି ଯା ଆଈଙ୍କି ମାଗି ଆଣିବୁ। ମୂର୍ଖମୁଣ୍ଡା ସିଧା ନେଲା ହାରଟା। ହାରଟା ମୁଁ ନେଇ ଆସିଛି। ଚନ୍ଦ୍ରାଦେବୀ ହାରଟା ନୋଉନୋଉ କହିଲେ, ବୁଡ଼ା ହୋଇଥାରେ ପୁଅ। ଏ ଓଳିଟାକୁ କମିତି ବାଟ ଦେଖେଇଦେ। ବସେ ବସେ ମୁଁ ଆସିଛି। ଆଈ ଭିତରକୁ ଗଲାପରେ ଦୁଷ୍ଟ କୋଳିକୁ କହିଲା, ମୂର୍ଖ ମୁଣ୍ଡାନୋଟ ଲେଖେଇ ଟଙ୍କା ଆଣିବା ନାହିଁ ବୋଲୁ ଥିଲୁ ଯେ କେବେ କେ ପଞ୍ଚ ବର୍ଷ ପରେ ସିନା, ଦାମଗାନ ନୋଟାଟାକୁ ଧରି ଦାବୀ କରିବ, ଏକ୍ଷଣି ଆଗ ତୋ ଆଈ ଘରେ ପୂରିଲାକରେ? କୋଳି ଦୁଷ୍ଟର ପିଠି ଥାପୁଡ଼େଇ ବୁଦ୍ଧିର ପ୍ରଶଂସା କଲା।

ଚନ୍ଦ୍ରାଦେବୀ ଉତ୍ସାହରେ ଟଙ୍କା ସୁନା ସିନ୍ଦୁକରେ ରଖିଦେଇ ଆସୁ ଆସୁ ପଚାରିଲେ, ହଇରେ ଦୁଷ୍ଟ ଏ' ସେ କାର୍ତ୍ତିକ ଘୋଡ଼ା-ମୁହାଁ ଆଜ ଦିପହରେ, ଏ' କୋଳିକର ଅଜା ପାଖରେ ଉଣା ହଟହଟା କଲାକରେ? ଦୁଷ୍ଟ ପଚାରିଲା, କଣ କଣ?

"ରଜବା ଆଜ ଆସିଲ୍, ଗାଁରେ କୋଠେ କଉଥିଲ୍, କୋଉଠି ଏବେଣ୍ଟ ସବୁ ଗାଡ଼ି ନେଇଗଲ୍ ।"

"ରଜବା ଏକଥା କହ୍ନିଲ୍ ?"

"କଇଲ୍ ବୋଲି ତ ଜାଣିକି କଉଥିଲା ।"

"ଡାକି ଆଣିବନା ରଜବାକୁ ?"

"କୋଉ ଗଲିଯାଇଁ କହ୍ନିଲା, ପାଁଚରେ ଦୁଖୀ, ତାକୁ ଡାକି ଆଣିବୁ—"

"ଯାଉଛି ଡାକି ଆଣିବ, କମିତି ସେ ଶଳା ମିଛ କହ୍ନିଲା । ଆଜ ଯୋତେ ସ୍ବମୁଣ୍ଡାରେ ଡାଙ୍ଗଶାଳି ଉଡ଼େଇଦେବ ।" ଦୁଖୀ ଚାଲିଯିବା ପରେ, ଛୋଟା କୋଉ ପାଖକୁ ଘୁଞ୍ଚି ଆସି ପିଠିରେ ହାତ ବୁଲେଇ ପରୁଚଲେ, ହଇରେ ବାପ୍ ଡୋକରେ, ଏ' ପାଞ୍ଚପଇସା ଲାଭ ତ ହେଉଥିଲା, ମୋଟରଗୁଡାକ ବନ୍ଦକଲି କାହିଁକରେ ?"

କୋଉ ମୁଣ୍ଡ କାନ ଆଉଁସି ବୁଝି ବାହାର କରୁ କରୁ ଦୁଖୀ ବତେଇ ଦେଇଥିବା କଥା ମନେ ପଡ଼ିଗଲା । ସେ ଗମ୍ଭୀର ହୋଇ ମୁହଁ ଆଖିରେ ଶତ୍ରୁ ଭରକ୍ତି ଖୁବ ଫୁଟେଇ କହିଲ୍, ତମର ବନ୍ଧୁ ବାନ୍ଧବଙ୍କ ଜ୍ବାଳାରେ ଆଉ ଗାଡ଼ି ଚଳେଇ ହେଲନାହିଁ ଆଜ୍ଞା । ଆଉ ଦଶ କୋଡ଼ିଏ ବାହାରନ୍ତି, ଖାଲି ସମସ୍ତେ ମାଗଣାଖିଆ । ବରଜଖିଆ ଯାହା ହଟହଟା କଲା ! ଶେଷରେ ପୋଲିସ୍ ପାଖକୁ ମଧ୍ୟ ଯାଇଥିଲି । ଦୁଖୀ ଥିଲାବୋଲି ସେ ପୋଲିସ୍ଟା ତାର ସଙ୍ଗାତ ହୋଇଥିବାରୁ କିଛି ହେଲନାହିଁ । ନଇଲେ ଏତିକିବେଳକୁ ଜାଇଲଘରେ ତୋ ନାତି ବସିଥାଆନ୍ତା ।

ଦୁଖୀ ରଜବାର କାନ ଧରି ଟାଣି ଟାଣି ଧରି ଆସୁ ଆସୁ ପାଟିକରି ଡାକିଲା, ଆଜ୍ଞା ! ହେଇଟି ଗ୍ରାହକ ଆସିଲ । ଦୁଖୀ ରଜବାକୁ ପାଞ୍ଚସୁକା ଦେଇ, ଛୋଟ କୋଟାଯାକ ଯାହା ବତେଇ ଥିଲା, ସେତିକିବେଳେ ସେ ହିଁ ହିଁ ହିଁ କରି ହସି ପକେଇ କହିଲା, "ଖାଲି କୌତୁକରେ କହି-ଦେଲି, ଆଜ୍ଞା । ମୁଁ ତ ଦୁଖୀକି, କୋଉକୁ କହିଲି ପୁରୁଣା ହୋଇଗଲେ ଗାଡ଼ିସା ହବନାଇଁ । ଏ ଶଳାଏ ତ ସବୁଦିନେ ଖାଲି ମାଗଣାଖିଆ ବସିବାକୁ ଆଗ ତୟାର ପଡ଼ିଲେ । ଏ ବେପାର ବଡ଼ ଅସଲଟ ବେପାର, ଆଜ୍ଞା । ମୁଁ ମଧ୍ୟ ଭାବିଲି କୋଉଦିନ କିଏ ଗାଡ଼ିତଳେ ପଡ଼ିଗଲେ, ଆଉଥରେ ଆମେ ଯାଆନ୍ତୁ ଜାଇଲକୁ—"

"ଏଁ ସତେ କିରେ, ନାଇଁ ନାଇଁ ନୋହୁ ନାଇଁ ଆମର ସେ ବେପାର । ମୋ କୋଉ ଘରେ ବସିଥାଉ, ଆଖିରେ ଦେଖୁଥିବ ।" ଦୁଖୀ ଗମ୍ଭୀର ହୋଇ କହିଲା, ପୁରୁଷ ପୁଅ ବସି ଖାଇବକି, ଆଜ୍ଞା । ବରହମ୍ପୁରରେ କେତେଲେ ବେପାର କରିବାକୁ ଭାବୁଛି । ଟଙ୍କା ହଜାରେ ଦିହଜାର ଧରିଲେ କେତେଲେ ବେପାର ହବ ।

## ଦଶ

ଗାଧୁଆ ତୋଠରେ, ତୁଳସୀ ମା ଘଷାଘଷି ହେଉ ହେଉ ସାଧୁ ବୋଉକୁ କହିଲା, ହଇହେ ବଉଳ, ବଉଳ, ଦାସିଆଣୀର ନାତି ମୋଟର ବେପାର କରୁଥିଲା । ମଦ ଖାଇ କୋଠେ କାହାକୁ ରଖି, ନାନା ଅମାନ୍ତ କରି, ସବୁ ଟଙ୍କା ଉଡ଼େଇ ବୁଡ଼େଇ ଦେଇ, ପଳେଇ ଆସିଲା ବୋଲି ନଟେଇ ମା କାଲି କହୁଥିଲା ଯେ, ସତ କି ମିଛ କେଜାଣି ? ନମବୋଉ ସେ ପାଖରେ ଦାନ୍ତ ଘଷୁଥିଲା । ସେ ଚଞ୍ଚଳ ଜିଭଟାକୁ ଚେଞ୍ଚି ପକେଇ, ସାଧୁବୋଉ ଜବାବ ଦେବା ଆଗରୁ କହିଲା, କେଜାଣି ତା ନନା କହୁଥିଲେ । ବୁଢ଼ାଟାକୁ ଯୋଉ ସ୍ନାନ କରି ଘରେ ରଖିଛି । ନାତିଟା ନାଁରେ ସବୁ ଲେଖିଦେଇଛି । ସାଧୁବୋଉ ଟିକିଏ ନସାହ । ସେ ଭଉଣୀ କୁଞ୍ଚେଇ ଆଖି ଖୋଲି ପିଠି ଘଷୁ ଘଷୁ କହିଲା, ନାହିଁଲୋ ମ, ଜାହାଘରେ କିଏ କାହା ପୁଅ ପରି ପାଖରେ କମିତି ବେପାର କରୁଛି । ଆମର ସେ କଥା ଜାଣିଲେ ଢୋଲ ହରେଇ ଦେବାକୁ କ ଦରକାର ଅଛି ।

ତୁଳସୀ ମା ମୁହଁ ଫୁଲେଇଦେଇ, ଟଣାନାସାର କାନ ପାଖରେ ଫୁଲି ଫୁଲି କରି କହିଲାଣି ଜାଣି ଘଟଣା ନା ! ଭଲେଇ ହୋଇଯାଉଛି । ଶାଶୁ ଶ୍ବଶୁର ଟୋକାଟାକୁ ଘରୁ ବାହାର କରିଦେଇଥିଲେ । ଶାଳଣା ଖୁଣ୍ଟ ବାହାରିକା ଉପରେ ତୁନ ହେବା କଥା । ନଇଲେ

ମା' କହିଲା, ନାତି ମୋଟର ଚଳେଇଲାବେଳକୁ ଅଜା ସେଆଡ଼େ କୋଠେ ଘଣ୍ଟି ବଜା, କୋଠେ ଯୁବତୀ ବଜା କୋଠେ ଛୁଆଁ ଅଛୁଆଁ ସଭା କରି ପଇସା ଉଡ଼େଇଉଛି । ବୁଢ଼ା ହେଲେଣି ମାଇପ ଯିମିତି କହିବ ସିମିତି ତ ଘରସଂସାର କରନ୍ତେ । ଇମିତି ଉଡ଼ପଡ଼ କେଣେ ହୋଉଚନ୍ତି ଲୋ ! ଦୁପ୍ରାଣୀ ଏକାମନ ନହେଲେ କୋଉଠେ ହେଲେ ସଂସାର ଚଳେ କଲେ ? ତୁଳସୀ ମା ପିନ୍ଧିବା ଲୁଗାରୁ ଅଧେ ଚପୁଡ଼ି ପକେଇ, ବଦଳୋଉ ବଦଳୋଉ କହିଲା, ନାଇଁ ନାଇଁ, ବୁଢ଼ାଙ୍କୁ କଏ କେତେ କହିଲେ ମୁଁ ସତ କରିବି ନାଇଁତ । ତା ନନା କଉଥିଲେ ନାତିଟା ମଦ ଖାଇକରି ଦଶହଜାର ସାରି ଦେଲାଣି, ମୋଟର କିଣିଥିଲା କଏ ନେଇଗଲା ।

ଦୋଖସା ଭୁଡ଼ା ଉପରୁ ଖସି ଆସୁ ଆସୁ ଚନ୍ଦ୍ରାଦେବୀ କହିଲେ, ହୋ ଅଳପେଇଷିଆ ତତେ କଉଥିଲା ଲୋ ତୁଳସୀ ମା ! ମୋ ନାତି ସବୁ ଉଡ଼େଇ ଦେଲାଣି ବୋଲି । ମୋ ନାତି କା ହାଣ୍ଡିରୁ ନା ଥାଳରୁ ଖାଇଲା; ଆଣୁ କୁଣ୍ଡୀମାନଙ୍କର ଆଉ କିଛି ଜାଣିବା ନାଇଁ ଯେ, ମୋ ନାତି ଚନ୍ଦା ଲଗିଛି । ଚନ୍ଦ୍ରାଦେବୀ କଥମାସ୍ତୁ ଅକଥମାସ୍ତୁ, ଯେତେ ଶବ୍ଦ ଆସିଲା ସେତେ ଗାଳିଦେଲେ । ତୁଳସୀ ମା ଛାଡ଼ିବା ପାତ୍ରୀ ନୁହେଁ ସେ ବି ଝାଡ଼ିଦେଲା ଗୁଡ଼ାଏ । ଅନନ୍ତର ସ୍ତ୍ରୀ କାନ୍ଧରେ ଗୁଡ଼ାଏ ଲୁଗା, କାଖରେ ହାତରେ ଯୋଡ଼େ ଗରା ଧରି ପାହାଚ ଉପରୁ ଓହ୍ଲେଇ ଆସୁଥିଲା । ଚନ୍ଦ୍ରାଙ୍କ ଦୃଷ୍ଟି ପଡ଼ିଗଲାକ୍ଷଣି, ଗର୍ଜନ କରି କହିଲେ, ଅନନ୍ତଆର ପୁଅ ବରଜିଆ । ମାଙ୍କଡ଼ ପରି ଏଡ଼େ ଖଣ୍ଡେ ହେଇଚି, ମୋଟରରେ ବସିବ ! ସ୍ତୁ' ବାପକାଳେ ମୋଟରରେ ବସିଥିଲୁ ତ ! ଅଳପାଇଷିଆ ଜଳଜଳା ନାଗି ମୋ. ପିଲା ମୋଟର ଢକଦେଇ ପଲଆସିଲା । ଅନନ୍ତର ସ୍ତ୍ରୀ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ କହିଲା, ଯୋଉ ଜଳଜଳା ମୋ ପିଲାକୁ ଗାଡ଼ିରୁ ଠେଲି ପେଲି ଧାଉଆ କରିଚି, ତା ହାତ ଗୋଡ଼ ଛିଡ଼ିପଡ଼ୁ । ମୋ ପିଲା କାହାର କିଛି କରିନାହିଁ ।

ଚନ୍ଦ୍ରାଦେବୀ ବିଦ୍ରୂପ ହସ ହସି କହିଲେ, ହଁ ଲୋ ହଁ ! ଘୁଷୁରୀ ପଲ ପରି ନଗାଚ୍ଛେ ଜନମ କରିଚୁ ପରା । ହାତ ଛିଡ଼ିବ, ଗୋଡ଼ ଛିଡ଼ିବ । ତମ ଘଇତା ମାଇପ ଦିଜଣ ଅନ୍ଧ ଅନ୍ଧୁଣୀ ହେଇ ଭିକ ମାଗି ବୁଲିବ । ପୁଅମାନେ ବାଟ କଟେଇ ନେବେ । ମରିବ ନାଇଁ ଭିକ ମାଗିବ, ଭିକ ମାଗିବ । ଅନ୍ଧ ଅନ୍ଧୁଣୀ ହେଇ ମାଗିବ— ଯେଉଁ ଆଖିରେ ମୋ'ଧନ ଉପରେ ଆଖି ପକେଇଥିଲ, ସେଇ ଆଖି ଫୁଟିଯିବ, ଭିକ ମାଗିବ !

ଚନ୍ଦ୍ରାଦେବୀ ନଦୀରୁ ଆସିଲାବେଳକୁ କାର୍ତ୍ତିକ ବାଡ଼ିବରଣ୍ଡା ତଳର କୂଅ ପାଖରେ ଚାଉଳ ଧୋଉ-ଧୋଉ ଗୀତ ଗାଉଛି— ପୂର୍ବ ପାଖର ଭଙ୍ଗା ମାଟି କାନ୍ଥ ଉପରେ ନଇଁ ହେଇ ରହିଛି ଶିଶୁଆ ଘର ପିଜୁଳି ଗଛଟା । ଶିଶୁଆ କାର୍ତ୍ତିକର ସ୍ୱର ଶୁଣି ଆଶାୟୀ ମନରେ ଆସି ଠିଆ ହେଇଥିଲା । ଦୂରରୁ ଚନ୍ଦ୍ରାଦେବୀଙ୍କୁ ଦେଖି ଘର ଅଡ଼କୁ ଚାଲିଗଲା । ଚନ୍ଦ୍ରା କାର୍ତ୍ତିକର ମୁହଁକୁ ସନ୍ଦେହ ଦୃଷ୍ଟିରେ ଚାହିଁ କହିଲେ, ଘରେ କାଳ ମୁହଁରେ ଚାଉଳ ଧୋଇଥାନ୍ତୁ । ଏଇଠିକି ଆସି କି ନାଟ କୀର୍ତ୍ତନ ଲଗେଇଚୁରେ, କାର୍ତ୍ତିକ ? କାର୍ତ୍ତିକ ଚମକି, ଚାହିଁଦେଇ ନୀରବରେ ଚାଉଳ ପାଛିଆଟା ଧରି ଚାଲିଗଲା ।

ଚନ୍ଦ୍ରା କୂଅ ପାଖର ବାଉଁଶ ଅଳଗୁଣିରେ ଲୁଗା ଶୁଖେଉଥିଲେ । ଶିଶୁଆମା ପିଜୁଳି ଗଛ ପାଖକୁ ଆସି ଡାକିଲା,ଭାଉଜ ! ନଦୀଆଡ଼ୁ ଆସିଲଣି ? ପୁଣି ଟିକିଏ ରହି କହିଲା ନାଇଁ ଏ ଭାଉଜ ! ତମର ଏ ପଡ଼ିଶା ଘରେ ମୁଁ ଆଉ ରହି ପାରିବିନାହିଁ, ଭଗବାନ ଏଠୁ ମୋର ପଡ଼ ଉଠେଇ ଦେଲେଣି ।"

ଗାଁରେ ସ୍ତ୍ରୀ ମହଲରେ ଶିଶୁଆ ମାର ନାଁ ଅଛି । ଶିଶୁଆ ମା ସ୍ତ୍ରୀକଥା ତା ପାଖରେ କହି ଯିମିତି ଭାବରେ ଲଗେଇ ଯୋଡ଼େଇ ଜାଣେ, ମିଛକୁ ସତ ସତକୁ ମିଛ ମଧ୍ୟ କରିଜାଣେ । କଥା ଶକ୍ତିରେ ନିଜର ଲାଭ ଦେଖିଲେ ଶାଳଗ୍ରାମକୁ ଶିଳା ବୋଲି ପ୍ରମାଣ କରିଦେବାକୁ ପଛେଇବା ଲୋକ ସେ ନୁହେଁ । ଶିଶୁଆ ମା ଘରର ଦାଣ୍ଡ ପାଖରେ ଚଟଶାଳୀ ଅବଧାନ । ବୟସ ତିରିଶି ଭିତରେ । ମୋଟା ସୋଟା, ବଳିଷ୍ଠ ଦେହ । ତଥାପି ହାଉଳ ରୋଷେଇ କରି ଖାଇବା କଷ୍ଟ ବୋଧକରନ୍ତି ।

ସୁତରାଂ ସୁନ୍ତ ଓଲଟା ଶିଶୁଆ ମା ନିଜ ରୋଷେଇରେ ରୋଷେଇ କରିଦିଏ । ଇସ୍କୁଲ ଘର ଆଉ ଶିଶୁଆ ମା ଘର ମଝିରେ ରହିଛି ସିଙ୍କୁ ବାଡ । ଶିଶୁଆ ଘରେ ରହିବାଠୁ ତା'ମା ଦଶଣା ପଇସାଦେଇ ବାଉଁଶ ଖୁଣ୍ଟରେ ବାଡ କରି ଦେଇଥିଲା । ପାଣି ପବନରେ ଝଡ଼ି ହେଇ ହେଇ ନାଁକୁ ମାତ୍ର ରହିଛି । ଅବଧାନେ ଏକା ମଣିଷ । ପିଲାଏ ଆଣିଦେବା ଚାଉଳ, ଡାଲି, ପନିପରିବା, ଦୁଧ, ଗୁଡ ପ୍ରଥମେ ଅଳ୍ପ, ନମେଁ ଟିକିଏ ବେଶି, ତା ପରେ ସବୁ ଶିଶୁଆ ଘରକୁ ପଠେଇ ଦିଅନ୍ତି । ଶିଶୁଆ ମା' ରୋଷେଇ କରି ଥାଳରେ ବାଢ଼ି, ଅବଧାନଙ୍କ ଶୋଇବା ଘରକୁ ଆଣିଦିଏ । ଅବଧାନେ କେତେ ଥର ଭାବନ୍ତି କହିବେ, "ମାଉସୀ ବୁଢ଼ୀ ମଣିଷ, ଆଉ କେତେ ଦିନ ଆଣିଦବ ।"

ଅନ୍ତର୍ଯାମୀ ଶିଶୁଆ ମା' ମାଷ୍ଟ୍ରଙ୍କ ମୁଖଭାବରୁ କଣ ବୁଝେ କେଜାଣି ଆପେ ଆପେ କହିପକାଏ, ଶିଶୁଆକୁ ପଠେଇଲ ଯାଲେ ମା, ଥାଳଟା ଥୋଇଦେଇ ପଳାଆସିବୁ । ଲାଜ ! କି ଲାଜମ ' ଯାଠୁ ଉପୁକାର ପାଇଲୁ ତା କାମ କଲୁ । ଲାଜ ଗୋଟେ କି' କଥା । ତମ ଦୟାରୁ ଅବଧାନ ପୁଅ, ଆମର ଆଉ ଚିନ୍ତାନାଇଁ ।

ଶିଶୁଆ ମା କାର୍ତ୍ତିକ ଆଗରେ ଏଇ ଭଳି କଥା କେତେ ଥର କହିଛି । କଥାଛଳରେ କେତେ ଥର ହାତ ପାତିଛି । ବିଧବା କନ୍ୟାର ରୂପ ଯୌବନର ବିନିମୟରେ ଶେଷ ଜୀବନରେ ସୁଖରେ ବଞ୍ଚିବା ପାଇଁ ପୁଞ୍ଜିପ୍ରଟା ସାଇତି ରଖିବାକୁ କଳ୍ପନା କରିଛି । କିନ୍ତୁ କାର୍ତ୍ତିକ ତାର ସବୁ ପ୍ରସ୍ତାବ, ସବୁ ପ୍ରଚ୍ଛନ୍ନ ଇଙ୍ଗିତ ବୁଝିପାରି ମନେ ମନେ ମାତୃହୃଦୟର ମାଦ ଭାବକୁ ଶତବାର ସହସ୍ରେ ପ୍ରକାର କରି ନିନ୍ଦା ଦେଇଛି । ସେଥିପାଇଁ ଶିଶୁଆ ମା ସହିତ କାର୍ତ୍ତିକର କଥା ଏପରିକି ମୁହଁ ଦେଖା ବି ବନ୍ଦ ହୋଇଯାଇଛି ।

ଅବଧାନଙ୍କ ପ୍ରତି ଶିଶୁଆର ଅନୁରାଗ ଭାବ ଦେଖି ଶିଶୁଆ ମା'ର କ୍ରୋଧଟା ଯାଇ ପଡ଼ିଲା କାର୍ତ୍ତିକ ଉପରେ । ସେ ଭାବିଲା, କାର୍ତ୍ତିକକୁ ଶିଶୁଆ ଆଖି ଆଗରୁ ଦୂର କରିଦେବାକୁ ହେବ । ସେଥିପାଇଁ କାନ୍ଦ କାନ୍ଦ ହୋଇ ମୁହଁ ଆଖି ପୋଛି ଚିନ୍ତାଦେବୀଙ୍କୁ କହିଲା, ନାଇଁହେ ଭାଉଜ, ଆଉ ଏଠି ମୋର ଥାନ ନାଇଁ । ତମର ଏ କାର୍ତ୍ତିକ ମୋ ଶିଶୁଆକୁ ରଖେଇ ଦୋହନ । ଉଳ୍ପା ମାଉଁସର ଦେହ, କୋଉ ଦିନ ଗୋଡ଼ ଖସିଲେ ଫସର ସରିବ । ମାମୁଘର ଗାଁକୁ ପଳେଇବି ବୋଲୁଚି । କାର୍ତ୍ତିକକୁ କଢ଼େଇ ଦେବାକୁ ମୋର କୋଉ ଶକତ ଅଛି । ଭାଇନା ତ ତାକୁ ଇଷ୍ଟ ଦେବତା କରି ରଖିଚନ୍ତି !

"ଆହା, ଏଇ କଥାକୁ ଡରୁଛୁ କଣ । ଏଁ, ରହିଥା, ଖନା ମୁଣ୍ଡାକୁ କାଲି ସକାଳୁ ତଡ଼ିଦେବି । ଇମିତି ପୋଡ଼ା ଗୁଣ ଥିଲା ଏ ପୋଡ଼ାମୁହାଁର, ମୁଁ ତ ଜମାରୁ ଜାଣି ନଥିଲି ।"

ହଁ ହେ ଭାଉଜ ! କଇବି ବୋଲି ଏ ଆଖିର ନୁହ ସେ ଆଖିରେ ମରିଯିବୁଛି । ହରଷ ମଣିଷ, କାହାକୁ କହିବି, କିଏ ଶୁଣିବ । କଥାଟା ଶେଷ କରୁ କରୁ ଫିସ୍ ଫିସ୍ କରି କହିଲା, ଏଇ କୂଅଁ ପାଖଟାରେତ ସବୁବେଳେଟାରେ ରହୁଛି । ଛନକା ପୋଡ଼ାମୁହାଁ ଛନ୍ଦକଥା, ଗୀତର କେତେ ଛଟା ଦେଖେଉଚି । ଅପେକ୍ଷାକୃତ ସ୍ୱରଟାକୁ ଟିକିଏ ଚଢ଼େଇ ଶିଶୁଆମା କହିଲା, ତମେ ରକ୍ଷା ନ କଲେ ମୋ ଶିଶୁ ଭାସିଯିବ ହେ ଭାଉଜ !

"କାନ୍ଦେନାଁ ଲୋ ଶିଶୁମା । ପୋଡ଼ାମୁହାଁକୁ ତଡ଼ିଦେବି ଯେ, ବାଟ ପାଇବ ନାହିଁ ପଳେଇବ ।" ଚିନ୍ତାଦେବୀ ଘରଆଡକୁ ଯାଉ ଯାଉ ଭାବିଲେ, ଶିଶୁମା ଯାହା କହିଲା ମିଛନୁହେଁ । ପୋଡ଼ାମୁହାଁକୁ କି ମୋହ ଲାଗିଛି, ମୁହଁରୈ ତ କୂଅ ପାଖ ବାଡ଼ପିଣ୍ଡା ଛାଡ଼ୁନି ନାଇଁ । ନନାକୁ ଆଜ ଏକା ତଡ଼ିଦେବି ।

କାର୍ତ୍ତିକ ଓଧାଣିରେ ଚାଉଳ ଡାଳିଦେଇ, ଡାଙ୍କୁଣି ଦେଇ ଗରମପାଣି ଗ୍ଲାସଟା ଧରି ଗଲା ଗୋପାଳଙ୍କୁ ଔଷଧ ଦବବୋଲି । ଗୋପାଳ ଔଷଧ ଖାଇବା ଭୁଲି, ରୋଗପୀଡ଼ା ଭୁଲି, ଦେଶର ନାରୀ ଜାତିର ସ୍ୱାଧୀନତା ସମସ୍ୟା ସମ୍ବନ୍ଧରେ ଲେଖୁଛନ୍ତି ନାଟକ । ନାଟକର ନାୟକ ବୁଲି ବୁଲି ଗୀତ ଗାଇ ପ୍ରଚାର କରୁଛନ୍ତି । ସେ କାର୍ତ୍ତିକକୁ ଦେଖି ଅକ୍ଲାନ୍ତ

ଉତ୍ସାହରେ କହିଲେ, ପଢ଼ିଲୁ କାର୍ତ୍ତିକ ଏଇ ଗୀତଟି । କାର୍ତ୍ତିକ ପାଣିଗ୍ଲାସଟା ଟେବୁଲ ଉପରେ ରଖିଦେଇ ଖାତାଟା ଧରି ପଢ଼ିଲା ।

ସ୍ୱାଧୀନ ହେଉ ଦେଶ ଆମର ସ୍ୱାଧୀନ ହେଉ ଗାଆଁ
ପର ଅଧୀନ ବୋଲି ଏ ଜାତି ରହିବ କପାଁ ନାଆଁ ।
ଅବଳା ନାମେ ଅବମାନନା ନଦିଅ ନାରୀଗଣେ
ସବଳା ହେଲେ ସକଳ ନାରୀ ଧନ୍ୟ ହୋଇବା ଆମେ ।
ସବଳା ହେବେ ଜନନୀ ଯେବେ ସୁତେ ହୋଇବେ ବଳୀ
ପଶିବେ ନାହିଁ ଘର କୋଣରେ ଶତ୍ରୁଙ୍କୁ ଆଉ ଡରି ।
ସମଭାବରେ ସୁଶିକ୍ଷା ଦିଅ ସୁତ ସୁତାଙ୍କୁ ସବେ
ସ୍ୱାଧୀନ ହେବ ଦେଶ ଆମର ଭୁଲିବା ଆମେ ଗର୍ବେ ।
ସ୍ୱାଧୀନ ହୋଇ ସକଳ ନାରୀ ହୋଇବେ ଜଣେ ଜଣେ
ଜନନୀ ଜାତି ଶିକ୍ଷିତା ହେଲେ ପାଇବା ଶିକ୍ଷା ଆମେ ।

କାର୍ତ୍ତିକ ଗୀତ ଗାଇସାରି କହିଲା, ଆଜ୍ଞାଁ ! ସ୍ତ୍ରୀ ମାନେଁ ଶିକ୍ଷିତାଁ ହେଇଁସାରିଲାଁ ପରେଁ ସିନାଁ ସ୍ୱାଧୀନତାଁ ହେଲେଁ ହବଁ । ଶିକ୍ଷାଁ ଦେବାଁ ପାଇଁ କିଛିଁ ବ୍ୟବସ୍ଥାଁ ନକରିଁ ସ୍ୱାଧୀନତାଁ ଦେଲେଁ ଆମଁ ମାଆଁ ଯିମିତିଁ ସ୍ୱାଧୀନତା ପାଇଁ ନାତିଙ୍କଁ ସ୍ୱାଧୀନତା ଦେଇଛନ୍ତିଁ, ସେଇଁ ଅବସ୍ଥାଁ ହବଁ ।

ଗୋପାଳ କାର୍ତ୍ତିକର କଥା ଶୁଣି ଆମୋଦରେ ହସି ହସି କହିଲେ, କାର୍ତ୍ତିକ ! ଅନେକ ପୁରୁଷ ଘରର କୁଟୁମ୍ବର, ସେଥି ସଙ୍ଗେ ନିଜର ଅନେକ ପ୍ରକାର କ୍ଷତି କରୁଛନ୍ତି । ତଥାପି ସେମାନଙ୍କୁ ସ୍ୱାଧୀନତା ଦିଆଯାଇଛି । ତୋର ମା' ଜଣେ ମାତ୍ର ସ୍ତ୍ରୀ ମୋ ଉପରେ ଅତ୍ୟାଚାର କରୁଛନ୍ତି ବୋଲି ସବୁ ସ୍ତ୍ରୀ ଦୂଷଣୀୟ ହେବେ, ଏ କଥା ତ ସମର୍ଥନ କରିପାରୁ-ନାହିଁ । କାର୍ତ୍ତିକ ଗୀତାଟାକୁ ଆଉଥରେ ପଢ଼ି କହିଲା, "ଆପଣ ଯୁକ୍ତିକଲେ ମୁଁ କୋଉଠେ ଜବାବ ଦେଇପାରିବ ଆଜ୍ଞା ? ମୁଁ କହୁଛି କଣ କି ଆଜ୍ଞା, ସ୍ତ୍ରୀ ହେଉ କି ପୁରୁଷ ହେଉ, ସ୍ୱାଧୀନ ହେଲେ ଘର ଭାଙ୍ଗିଯିବ । ଦେଖନ୍ତୁ କୋକବାବୁ ସ୍ୱାଧୀନ ହେବାକୁ—"

"ସେଆଡ଼େ ଚୁଲି ଉପରେ ହାଣ୍ଡି ବସିଚି, ଏଆଡ଼େ ଆସି ବସିଚୁକରେ କାର୍ତ୍ତିକ—"

କାର୍ତ୍ତିକ ହଠାତ୍ ଚିନ୍ତାଦେବୀଙ୍କୁ ଦେଖି ସନ୍ତ୍ରସ୍ତ ହୋଇ ଉଠି ଯାଉଥିଲା । ଚିନ୍ତା କହିଲେ, ଲେଉରମୁହାଁ ମୋ କୋକ ନାଁରେ ଲଗେଇ ଯୋଟେଇ କହୁଥିଲୁ ଯେ ମୁଁ ସବୁ ଶୁଣିଚିରେ । ପୋଡ଼ାମୁହାଁ ମୋ ହାଣ୍ଡିରୁ ଭାତ ଖାଇ ମୋର ନିନ୍ଦା ଗାଇ ବୁଲୁଚୁ । ଖିନା ଜଳା, କୁକୁରଘର ଖାଇ ପାଣ୍ଡବ ଘର ଚିନ୍ତାରେ ବଢ଼ୁଚି ।

"ଅକାରଣଟାରେ କାହିଁକି ଆଜ୍ଞା ଗାଳି ଦେଉଛନ୍ତି—"

"ଅକାରଣ ? ମୋର କାନ ଅଛିରେ ! ମୁଁ ଆଉ ଭଲ କାଲି ହୋଇନି । ହାଇ ମାଇଲେ ଦାନ୍ତଗଣି ଛାଡ଼ଦେବା ମଣିଷ ମୁଁ । ମୋର, ମୋ' କୋକର କଥା ସବୁ ଏଠି ଟୁପୁ ଟୁପୁ କରି କଉଥିଲୁ । ତୁ ଖିନା ପୋଡ଼ାମୁହାଁ ଏ ଘରୁ ଯିବୁ, ମୁଁ ଜଳ ସରସ କରିବି । ଖିନାଜଳା, ମୁଁ ସଇଯିବାରୁ, ମା ଇମିତି କରୁଛନ୍ତି, ମା ସିମିତି କରୁଛନ୍ତି, ଦିନରାତି କଉଚି ।

"କାର୍ତ୍ତିକ କେବେ ତୁମ ନାଁରେ କୌଣସି କଥା କହୁନାହିଁ, ଅନୁବୋଉ । ବୃଥାରେ ତା ଉପରେ ରାଗୁଛ କାହିଁକି ? ସେ ଲୋକଟି ଅତି ଅକପଟୀ ବୋଲି ଆମ-ମାନଙ୍କର ଦୌରାତ୍ମ୍ୟ ନିର୍ବିକାର ମନରେ ସହିଯାଉଛି ।"

ତମେ ତାକୁ ବଢ଼େଇ ଦେଇଛ ଯେ ସେ ସିମିତି ହେଉଚିନା । ନହେଲେ ରାନ୍ଧୁଣିଆ ମୁଣ୍ଡାର ଏଡ଼େ ସାହାସ ହୁଅନ୍ତା କୁଆଡ଼ୁ । ଆରେ କାର୍ତ୍ତିକ ଗୀତ ଶୁଣିବୁ । ଗୁଣମନ୍ତ ରାନ୍ଧୁଣିଆ, ଗୀତ ଶିକେଇବା ଗୁଣ ଏବେ ଦେଖାଉଚି ।

"କାର୍ତ୍ତିକର କୌଣସି ଦୁର୍ଗୁଣ ମୁଁ ତ ଦେଖୁନାହିଁ ଅନୁବୋଉ—"

"ଆଉ ଅନୁବୋଉ ଅନୁବୋଉ କରି ସୁଆଗ ଦେଖେଇ ହୁଅନାଇଁ । ସେ କାର୍ତ୍ତିକକୁ ଏ ଘରୁ କାଢ଼ିବ ନା ମୁଁ ଏ ଘରୁ ଯିବି । ସବୁ ଦୁର୍ଗୁଣ ସଇଥିଲି । ଏକଥା ଆଉ ସହିବି ନାହିଁ । ପଢ଼ାଶା ଘରେ ବିଧବା ପ୍ରାଣୀ ଧାନ କୁଟି ପେଟ ପୋଷୁଚି । ତାକୁ ନାଶ କରିବାକୁ ତୋର

ମନ ବଳୁଚି କିମିତି ରେ ଖନା ? ନା ! ଆଉ ମୁଁ ଏ ଖନା ଜଳାକୁ ଘରେ ରଖିବ ନାହିଁ । ସେ ଯିବ, ନଇଲେ ମୁଁ ଯିବି ।"

"କାର୍ତ୍ତିକ ଶେଷର କଥା ପଦକ ଶୁଣି ବିଚଳିତ ହୋଇ କହିଲା, "ଆପଣ କାହିଁକି ଯିବେ ଆଜ୍ଞା । ଭାତ ଫିଙ୍ଗିଲେ କାଉ ଅଭାବ ହେବେନାହିଁ । ଭାତ ପାଇଲେ ଆପଣ ଦଶଟା ଚାକର ଆଣିବେ, ମୁଁ ଯାଉଛି ।' କାର୍ତ୍ତିକ ଆସ୍ତେ ଆସ୍ତେ ଆସି ଗୋପାଳଙ୍କ ପାଦ ପାଖରେ ମଥାରଖି ଜଡ଼ିତକଣ୍ଠରେ କହିଲା, "ବହୁତ ଦିନ ରହିଗଲି । ବହୁ ଅପରାଧ କରିଛି । କ୍ଷମା ଦେବେ ଆଜ୍ଞା, ଯାହା କିଛି ଶିଖିଛି ସବୁ ଆପଣଙ୍କ ପାଖରେ ।"

କାର୍ତ୍ତିକର ପଛେ ପଛେ ଚନ୍ଦ୍ରାଦେବୀ ଚାଲିଗଲେ । ଗୋପାଳ କାର୍ତ୍ତିକକୁ ଡାକିବାକୁ ଇଚ୍ଛା କରି ମଧ୍ୟ ଡାକି ପାରିଲେ ନାହିଁ । ତାଙ୍କର ଆବେଗ ଅବରୁଦ୍ଧ ଗଳା ଭିତରୁ, କାର୍ତ୍ତିକ ଡାକଟି ମଧ୍ୟ ଫୁଟି ବାହାରି ପାରିଲା ନାହିଁ । ସେ ବାଷ୍ପାକୁଳ ଦୃଷ୍ଟିରେ ବାହାରକୁ ଚାହିଁଥିଲେ, ସେଇ ବାଟ ଦେଇ ତାର ଛୋଟ ପୁଟୁଳିଟି ହାତରେ ଧରି ମଥା ନୁଆଇ ଚାଲିଗଲା କାର୍ତ୍ତିକ । ଗୃହଶାଳୀର ଦୁଇ ତିନଟି ପିଲା ଅନେଇଁ କୌତୁକ ବିସ୍ମୟରେ ଥରେ କାର୍ତ୍ତିକ ଆଡକୁ, ଥରେ ଗୋପାଳଙ୍କ ଆଡକୁ ଅନେଇଁ ପରସ୍ପର ଅସ୍ପଷ୍ଟ ଭାଷାରେ ଗୋପାଳ ଆଉ କାର୍ତ୍ତିକ ଉଦ୍ଦେଶ୍ୟରେ ଆଲୋଚନା କରି କରି ଚାଲିଗଲେ ।

ଗୋପାଳ ବିଶ୍ୱାସ କରିପାରିଲେ ନାହିଁ । ସତରେ କାର୍ତ୍ତିକ ତାଙ୍କୁ ଏକାନ୍ତ ଏକା କରି ଦେଇ ଚାଲିଗଲା । କିନ୍ତୁ ବିଶ୍ୱାସ ନ କରିବା ଉପାୟ ନାହିଁ । କାର୍ତ୍ତିକ ଯେ ଏଇ କେତେ ସମୟ ଆଗରେ ଗରମ ଜଳ ଗ୍ଲାସଟା ଧରି ଆସିଥିଲା ଔଷଧ ଦେବ ବୋଲି, ଗ୍ଲାସଟା ଠିକ୍ ସେଇପରି ଥୁଆହୋଇଛି । ଔଷଧ ଖାଅ ବୋଲି କହିବାକୁ ଆଉ କେହିନାହିଁ । ଟେବୁଲ ଉପରେ କାର୍ତ୍ତିକ ପଢ଼ୁଥିବା ଖାତାଟା ଦେଖି ତାଙ୍କର ଭାବନା ହେଲା, କାର୍ତ୍ତିକ ଆଉ ନାହିଁ । କାର୍ତ୍ତିକ ତାର ମାଲିକଠୁ ତଡ଼ାଖାଇ ଚାଲିଯାଇଛି । କାର୍ତ୍ତିକକୁ ମୁଁ ରଖିପାରିଲି ନାହିଁ । ତାକୁ ରଖିବା ଶକ୍ତି ମୋର ନାହିଁ ।

ଗୋପାଳଙ୍କ ଓଷ୍ଠପ୍ରାନ୍ତରୁ ଫୁଟି ଉଠିଲା ଉତ୍କଟ ବ୍ୟଙ୍ଗହସ । ସେ ଭାବିଲେ, ମୁ ପୁଣି ଗୋଟାଏ ମନୁଷ୍ୟ । ମୋର ଆଉଥରେ ଗୋଟାଏ ମନୁଷ୍ୟତା ଅଛି । ମୁଁ ଲେଖୁଛି ଜାତିର ସ୍ୱାଧୀନତା ସୁଖ ସମ୍ବନ୍ଧରେ ନାଟକ, ଉପନ୍ୟାସ , କିନ୍ତୁ ଧିକ୍ ମତେ । ମୋର ନିଜର ସ୍ୱାଧୀନତା ନାହିଁ । ନିଜର ଅଭିରୁଚିରେ ନିଜେ କରି ପାରୁନାହିଁ କୌଣସି କାର୍ଯ୍ୟ ।

## ଏଗାର

ଶିଶୁଆ ମା ଚନ୍ଦ୍ରାଙ୍କ ଗୋଡ଼ରେ ହାତ ବୁଲେଇ ଦେଇ ଦେଇ କହିଲା, ଭଲକଲ, ଆଜ୍ଞାକଲ ! ସବୁକଥା ନଗେଇ ଯୋଟେଇ ମନ ଫଟେଇ ଦୋଉଥେ । ଦିଗା ପାଳର ପୁଅ ବିଶୁଟି ଯୋ ସୁନ୍ଦର ସୁଧାରିଆଟି, ମଲା ମାଟ୍ରିକ ମରେ ବୋଲିବ ନାଇଁ । ଘର କଥା ଘରେ ରଇବ, ସେଇଟିକି ରଖ । ଚନ୍ଦ୍ରା କହିଲେ, ଗଲୁ ଡ.କ ଆଣିବୁ ।

ଅନୁ ଦୁଆରେ ମୁହଁରୁ କହିଲା, ବୋହୂ ପିଲଟାର ଦନ୍ତ ସୁଖନାଇଁ ବୋଲି ଶୁଣିଲି ଯେ—

ଚନ୍ଦ୍ରା ପଚାରିଲେ "ସାଥିରେ କିଏ ଆସିଛିଟଲ ?"

"ଦୁର୍ଲଭ ଆସିଛି ।"

"ହଁଲେ ଝିଅ, ବସେ ବସେ । କି ଚୁଲପିଲା ଜନମହେଲା, ବୋହୂଟା ହାମା ଖିମା ହେଇଗଲାଣି ।"

"ବରଜ ବଇଦ କହିଲେ, ମେଥିମୋଦକ ଖୁଆଇଲେ ଭଲ ହେବ । ଅନୁ ପୁନବଧୂର କଥା ଭୁଲିଯାଇ କହିଲା, ହଇଲେ ବୋଉ, ବାପା ଆଉଥରେ ସେ ବଶିପୁଚ୍ଛର ଭୂମି ଖଣ୍ଡକ ସେବା ସଦନ ନା କି ଚୁଲ ସଦନ କୋଠେ ହେଇଚି ସେଇଠିକି ଦେଇ ପକେଇଲେ ? ନାଇଁ କରିଦେଲେ ତ ମୋ ପିଲାକୁ ମୋ ଘରକୁ ନେଇଯିବି ଗଲା । ତମେ ସବୁ ଏତେ ହୀନ ଦେଖୁଚ କାହିଁକି ?

"କୋକ ମୋର ବଞ୍ଚିଥାଉଲେ, ଅନୁ ! ତାକୁ ସେ ଭିକମାଗି ଖାଇବ—"

"ହଇଲୋ ବୋଉ, ବାପା ତ ଆଉ କୋଉଦିନ ହେଲେ ମୁଣ୍ଡଟେକ କଥା ଆଉ କହୁନାହାନ୍ତି, କି ରୋଗ ହେଲାଲୋ ?

"ନାଆଁ ରୋଗ, ଭୁଲରୋଗ, ତାଙ୍କର ଘୋଡ଼ା ବୁଦ୍ଧିଟା ସିମିତି ହେଲଣି । ସବୁବେଳେ କାକତ ଗୁଡ଼େ ଧରି ମୁଣ୍ଡଟା ମାରିଦେଇ କର କର କରୁଥାନ୍ତି । ଏବେ ସେଇ ଘୋଡ଼ାବୁଦ୍ଧି । କାର୍ତ୍ତିକ ଘୋଡ଼ାମୁହାଁ ସବୁକଥା, ଯୋଉଷ ଫୁଟିବା କଥାଟା ତାଙ୍କ ଆଗରେ କହିଲି ଯୋଟେଇ କଇଲା ବୋଲି ଖନା ଜନାକୁ ଡାକ୍ତରଦେଲାଯେ, ସେଇ ଦିନଠୁ ଆଉରି ପ୍ରକୃତିଛଡ଼ା ହୋଉଚନ୍ତି । ଘୋଡ଼ା ରୋଗତ ଦିହ ଘଷା ହୋଇଗଲାଣି, ଔଷ ମଉଷଧି ଜମାରୁ ଗୁଣ ଦୋଉନି—"

"ନାଇଁଲୋ ବୋଉ, ପର କଥା ଶୁଣି ପଇସାଗୁଡ଼େ ଖରଚ କରେନା—"

"ମୁଁ ଖରଚ କରିବି କାଆ, ତାଙ୍କର ଘୋଡ଼ା ବ୍ୟାଧି ଆଉ ଭଲ ହବ ଯେ ମୁଁ ପଇସା ଖରଚ କରିବି ।"

ହଁ, ମନେ ପଡ଼ିଲା ଏବେ । କେତେ ଦିନହେଲା ସେ କାର୍ତ୍ତିକଟା ଇମିତି ସୁଁ ସୁଁ ଫୁଁ ଫୁଁ କାଇଁକି ହେଉଥାଏ କେଜାଣି ।

"ଖାଲି ସେତିକି କଲେ, ଯୋ ଘୋଡ଼ା ବୁଦ୍ଧି ଧଇଲା ! ଏ ପଡ଼ଶାଘର ଶିଶୁଆ—" ଚନ୍ଦ୍ରା ବାକିଟିକି ଅନୁ କାନପାଖରେ ଫିସ ଫିସ୍ କରି କହିଦେଲେ— ।

ଅନୁ ବିସ୍ମୟରେ ଆଖି ଟେକି କହିଲା "ଏଁ । ଇମିତି କଥା ଏବେ କରିଚି କଲେ ? ଯିବୁ ଗଲା ଭଲ ହେଲା, ଘରେ ଅବସ୍ଥାରେ ବୋହୂଟା ଅଛି—"

ଶିଶୁଆ ମା ବିଶୁକୁ ଧରି ଆସି ତାକୁ ଦେଖେଇ କହିଲା, ହେଇଟିହେ ଭାଉଜ, ଗାହାଣୀ ରାନ୍ଧୁଣିଆଁକୁ ମାସକୁ ଗଣ୍ଡେ ଟଙ୍କା ଗଣୁଥିଲ । ବିଶୁଟି ଗଧପରି ପାଣି କହିବ, ରାନ୍ଧିବ, ସବୁ କରିବ, ଯୋଡ଼ିଏ ଟଙ୍କା ନବ ।

ଅନୁ ଭିତରକୁ ଚାଲିଯାଇଥିଲା ବୋହୂକୁ ଦେଖି । ଚନ୍ଦ୍ରାଦେବୀ ବିଶୁର ମୁହଁକୁ ନିରେଖି ଚାହିଁଲେ, ପସନ୍ଦ ନ ଲାଗିଲେ ମଧ୍ୟ ପସନ୍ଦ ଲାଗିଲା ପରି ଭାବ ଦେଖେଇ କହିଲେ, ହ କେଡ଼େ ସୁନ୍ଦର ଭଲ ପିଲାଟି ତ ଘରକଥା ବାହାରେ କାହାକୁ ହେଲେ କହିବୁ ନାହିଁରେ ବିଶୁ । ବିଶୁ ମୁଣ୍ଡ ହଲେଇ ଦେଲା । ହଁ କି ନାହିଁ ଜଣାଗଲାନି । ଶିଶୁଆ ମା ବିଶୁକୁ ଛାଡ଼ିଦେଇ ଚାଲିଗଲା । ଚନ୍ଦ୍ରା ବିଶୁକୁ ଡାକି ନଦୀକି ପଠେଇଲେ ପାଣି ଆଣିବାକୁ । ଅନୁ ବୋହୂପିଲାକୁ ଦେଖି ଆସି କହିଲା, ମୁଁ ଯାଉଚିଲୋ ବୋଉ, ଦୁର୍ଲଭକୁ ପୋଖରୀ ପାଖରେ ବସେଇଦେଇ ଆସିଚି, ମୋ ଘରେ ସେଆଡ଼େ କେହି ନାହିଁ । ତା ନନାର ଦିହ ଭଲ ନାହିଁ ।

କାର୍ତ୍ତିକ ଯିବା ପରଦିନ ସକାଳୁ ଗୋପାଳ ଉଠି ଦେଖିଲେ, ତାଙ୍କର ବହିପତ୍ରଗୁଡ଼ାକ ଯୋଉଠି ସେଇଠି ପଡ଼ିଛି । ଘରଟାର ଚାରିପାଖରେ ଛିଣ୍ଡା କାଗଜ ଅଳିଆ କେହି ଉଠେଇ ନାହିଁ । ଟେବୁଲ ଉପରେ ପିଇବା ପାଣିଟିକି ନାହିଁ । ନିତ ଗାଧୋଇଲା-ବେଳକୁ କାର୍ତ୍ତିକ ତାର ଖନା ପାଟିରେ ଉଚିତ ପ୍ରଭାତୀ ସଙ୍ଗୀତ ଗାଉନାହିଁ । ଗୋପାଳଙ୍କ ଅନ୍ତରଟା ହାହାକାର କରି କାନ୍ଦି ଉଠିଲା । କାର୍ତ୍ତିକର ବିଚ୍ଛେଦରେ, କେତେ ସମୟ ପରେ ସେ ଆସ୍ତେ ଆସ୍ତେ ଉଠି ଯାଇ ମୁହଁ ହାତ ଧୋଇ ଖାତାଟା ଧରି ବସିଲେ । କାର୍ତ୍ତିକ ଥିଲାବେଳେ ସକାଳୁ ଖାତା ଧରୁ ଧରୁ ଶେଷରେ ଦୁଇ ଧାଡ଼ି ପଢ଼ି ଶୁଣେଇଦିଏ । ଆଜି ଆଉ କାର୍ତ୍ତିକ ନାହିଁ । ତାଙ୍କର ପ୍ରିୟ ଭୃତ୍ୟ ଚାଲିଗଲା । ସେ ତାକୁ ନିରୋଧ କରି ପାରିଲେନାହିଁ । ଚନ୍ଦ୍ରା ଭିତରକୁ ଆସି ଯେତେଦୂର ପାରିବେ ଗଳାଟାକୁ ରୁକ୍ଷକରି କହିଲେ, ଏ ଗାଧୋଇ ପାଧୋଇ ଯାଉନ ?

"ଅନୁବୋଉ, ଚଷମାଟା ହଜିଯିବାଠୁ ମୁଁ ବଡ଼ କଷ୍ଟ ପାଉଛି । ତୁମକୁ ମୁଁ କେତେ କହିଲିଣି ଚଷମା ଗୋଟିଏ ଆଣିଦେବାକୁ । ଭାବୁଥିଲି ଏ ମାସର ଟଙ୍କାଟାରେ ଆଣିଥାନ୍ତି—"

"ତସମା ତସମା କେତେ ହୋଉଚବା । ବୁଢ଼ା ହେଲଣି, ତମର ଏତକ ବୁଦ୍ଧି ନାହିଁ କିଆଁ, ତସମା କଷିବ, କାକତ କିଣିବ, ଲେଖିବ ପଢ଼ିବ । ଏ ବୁଢ଼ାକାଳେ ଲେଖିବ ପଢ଼ିବ, କୋ' ଚୁଲିକି ସମ୍ବଳ ହବ । ଚୁଲି ପାଖିଁସ ଲେଖୁଚ ଯେ ରାମା ଭମା କେଉ ନିତି ଗୋଟେ ଆସି ଚକା ପକେଇ ବସିପଡ଼ୁଚନ୍ତି । ଜଣେ ଆସିଲେ ମାଣେ ପଶିଲେ ହୋଇଥାନ୍ତା ? ଏ ଲେଖା ପଢ଼ାରୁ କି ଖାଇବ, କି ପାଇବ କହିଲ "

"ଅନୁବୋଉ' ଆଜ କହିବାକୁ ସଙ୍କୋଚ ନାହିଁ । କି ବେଦନାରେ ଯେ ମୋର ଅନ୍ତରଟା ବ୍ୟଥିତ ହୋଇଉଠୁଛି ତୁମେ ସେ କଥା କଣ ବୁଝିବ । ଅନୁବୋଉ, ତୁମଠୁ ଅନେକ ପ୍ରକାର ଗଞ୍ଜଣା ସହି ଶାନ୍ତରେ ରହିଛି । ସେହି ଠିର ଆରାଧ୍ୟ ବାଣୀର ମନ୍ତ୍ର ଜପ କରି ମୁହୂର୍ତ୍ତେ ମଧ୍ୟ ତାକୁ ଭୁଲିବାକୁ ଚେଷ୍ଟା କଲେ ମୋର ପ୍ରାଣ ହାହାକାର କରି ଚିତ୍କାରି ଉଠୁଛି । ମୁଁ ଏ ଲେଖା ଛାଡ଼ି ବଞ୍ଚିବ କିପରି, ଅନୁବୋଉ ?"

"ବଞ୍ଚିବ କୋଠେ, ଏକାଥରକେ ପ୍ରାଣ ଛାଡ଼ିଯିବ—"

"ଅନୁବୋଉ, ତୁମେ କିପରି ଏତେ ନିଷ୍ଠୁର ହୋଇ ମତେ ପ୍ରାଣ ଛାଡ଼ିଯିବ ବୋଲି କହୁଛ ? ଶୁଣିବାକୁ ତ ଆଦୌ ମତେ ଭଲ ଲାଗୁନାହିଁ । ଶୁଣିଲେ ତୁମେ ଆଶ୍ଚର୍ଯ୍ୟ ହେବ । ତୁମକୁ ମୁଁ ଏତେ ଭଲ ପାଏ, ଅନୁବୋଉ, ତୁମକୁ ଦେଖିବା ଅବଧି ତୁମକୁ ପତ୍ନୀ ଭାବରେ ସ୍ପର୍ଶ କରିବା ଅବଧି ତୁମର କଦର୍ଯ୍ୟତା, ତୁମର କୁତ୍ସିତତା, ତୁମର ସବୁପ୍ରକାର ରୁଢ଼ତା ଭୁଲି, ତୁମକୁ ମୋର କାବ୍ୟ କବିତା, ନାଟକ ଉପନ୍ୟାସରେ ନାୟିକା ରୂପରେ ଦେଇଛି ସ୍ଥାନ । ତାର ବିନିମୟରେ ତୁମେ ମୋର ଯେଉଁ ସମୟରେ ରୂପ ଯୌବନ, ଅର୍ଥୋପାର୍ଜନ କ୍ଷମତା ଥିଲା, ସେ ସମୟରେ ଉଦରପୂର୍ତ୍ତି କରାଇ ଉତ୍କୃଷ୍ଟ ଆଉ ରୁଚିକର ଖାଦ୍ୟ ଖୁଆଇଛ ! ଯେଉଁ ସମୟରେ ମୁଁ ମୋର ସମସ୍ତ ଆବେଦନ ଅଞ୍ଜଳି କରି ତୁମରି ପଦତଳେ ଅର୍ପଣ କରି ଦେଉଥିଲି, ସେ ସମୟରେ ତୁମେ ମୋର ଅନ୍ତରର ଦେବତାଙ୍କୁ ଭୋକିଲା ରଖି, ସନ୍ତୁଷ୍ଟ କରୁଥିଲ ମୋର ଉଦରର ଦେବତାଙ୍କୁ । ମୋର ମନ ହାସ୍ୟ ହାସ୍ୟ କରି କାନ୍ଦି କାନ୍ଦି ଶୂନ୍ୟକୁ ସୋହାଗ କରି ଶର ନିର୍ବାସିତ ହୋଇ ରହିଛି ଔଦାସ୍ୟମୟ ରାଜ୍ୟରେ—"

"କେତେ ତୁଚ୍ଛା କଥାଗୁଡ଼େ ଭଟର ଭଟର ହୋଉଚବା ।"

"ଭଟର ଭଟର ହେଉନ ଅନୁବୋଉ, ଅନେକ ଦିନର ସଞ୍ଚିତ ଦୁଃଖଗୁଡ଼ିକ ତୁମ ସମ୍ମୁଖରେ ଥୁଆଡ଼ି ଦେଉଛି । ହତଭାଗ୍ୟ ମୁଁ, ଖାଲି ଜିହ୍ୱାଟାକୁ ତୃପ୍ତ କରି ତୁମର ଦାସାନୁଦାସ ହୋଇ ପଡ଼ି ରହିଥିଲି, ଶେଷ ସମୟକୁ ଦେଖୁଛି, ତୁମରି ଭାଷାରେ ଏଇ ପୋଡ଼ା ପେଟପାଇଁ, ଅନ୍ୟର ଦ୍ୱାରସ୍ଥ ହେବାକୁ ପଡ଼ିବ । ଶେଷରେ ପେଟଚିନ୍ତା କରିବାକୁ ମଧ୍ୟ ମତେ ପଡ଼ିଲା, ଯାହାଠୁ ମୋର ଆଉ ବଡ଼ ଦୁଃଖ କଣ ଥାଇପାରେ, ଅନୁବୋଉ ?"

"ତମର ଯେଉଁ ପୋଡ଼ା ଗୁଣ, ତମକୁ ଆଉ ଖାଇବାକୁ କିଏ ଭୁଲେଇବ ? ଯାହା ହେଲେ ତ ଆଉ ପାଞ୍ଚଟାକୁ ଡାକି ଆଣି ଭଲେଇ ଦେଇ ଯାଉଚ । କାର କୋଠେ କେତେ ଅଛି ଯେ, ଶହ ଶହ ଲୋକଙ୍କୁ ନିତି ବାଢ଼ିବ—"

"ଶହ ଶହତ କେବେ ଆସୁନାହାଁନ୍ତି ଅନୁବୋଉ । କେବେ କୋଉ ଦିନ ଜଣେ କେହି ମୋର ସ୍ନେହୀ, ମୋର ବନ୍ଧୁତ୍ୱ ଭୁଲି ନପାରି ଚାଲି ଆସିଲେ ସେମାନଙ୍କୁ ନଦେଇ ମୁଁ ଖାଇ ପାରୁନାହିଁ । ତୁମେ ଧର୍ମ କର୍ମର ଦୋହାଇ ଦେଇ ନିତି ସିନ୍ଦୁର ବୋଳା ପଥର ପୂଜା କରି ପୂଜାରୀ ହାତକୁ ଥାଳି ଥାଳି ଡାଲି ଚାଉଳ ଭୋଗ ବୋଲି ବଢ଼େଇ ଦେଉଛ—"

"ହଉ ଦେବତାଙ୍କୁ ଖାଇ ଖୁଆଇତ ଏବେ ହାତ ଗୋଡ଼ ଧରି ବସିଲଣି । ଏଥିକରେ ଯିବ କି ଆଉରି କେତେ ଫଳ ପାଇବ—"

ଗୋପାଳ ମୁହଁରୁ ବାହାରି ପଡ଼ିଲା ବିକଟ ବ୍ୟଙ୍ଗ ହାସ୍ୟ, ସେ ହସି ହସି କହିଲେ, "ହଁ, ଅନୁବୋଉ

ଏତିକରେ ମୋର ଦୁଃଖ ଯନ୍ତ୍ରଣାର ଅବସାନ ହେବନାହିଁ, ମୁଁ ଆହୁରି କେତେ ନିର୍ଯ୍ୟାତନା ଭୋଗକରିବି—"

ଗୋପାଳଙ୍କ ବିକଟ ମୁଖାକୃତି ଦେଖି ଶାନ୍ତାଦେବୀଙ୍କ ଅନ୍ତରଟା ଆତଙ୍କରେ ଥରିଗଲା ମୂହୂର୍ତ୍ତକପାଇଁ । ସେ ଆତଙ୍କଟାକୁ ଲୁଚିରଖି ତୀବ୍ର ବିରକ୍ତିରେ କହିଲେ, ଏଇଟା ଇମିତି ଗୋଟେ କାହିଁକି ହୋଉଛିମ ! ଛି ଛି, ମଣିଷଟାର ଭଲ ବୁଦ୍ଧି ହେଲାଣି । ମୁଁ ଆଉ ପାରିବି ନାହିଁଲୋ ମା । ବାର ଦାରିକ ଦୋଉ ଦୋଉଚି, ଦୋଉନ ଦୋଉନ ବୋଲି ବୋଇଲାଣି ! ଯାଉଚି ସେ ବିଶୁଟା କସ କରୁଚି ଦେଖିବି । ଅରଜ ନ ପାରେ ମୁଣ୍ଡ, ଖାଇ ଲେଉଟୁଥାଏ ତୁଣ୍ଡ ।

## ବାର

କୋକ କହିଲା, "ଆଉଲୋ ! ଦୂଷ୍ଣ କହୁଛି ବରଂପୁରରେ କାରସିନ ବେପାର କଲେ ବହୁତ ଲାଭ ହବ । ଆମର ବରଂପୁରୁ ଘରଟା ମଧ୍ୟ ହୋଇ-ଗଲାଣି ।" ନାତି ଆଈ ଭିତରେ ଆଳାପ ଆଲୋଚନା ଚାଲିଥିବା ବେଳେ, କୋକ କୋକ ବୋଲି ଡାକି ଡାକି ଭିତରକୁ ଆସିଲା ଦୂଷ୍ଣ ।

"କଣ ସବୁ କଥା ଚାଲିଛିରେ ?"

"ଏ କୋକ ଆଉଥରେ ବେପାର କରିବ ବୋଲୁଚଯେ—"

"ବେପାର ନ କଲେ ଚଳିବକି ଆଈ, ପୁରୁଷ ପୁଅ ବସି ଖାଇଲେ ନିନ୍ଦିବାଲି ସରିବ । ଆଉଗୋଟାଏ କଥା, ସବୁଦିନେ ସେ ମଧ୍ୟ ତମ ହାତକୁ କେତେ ଚାହିଁରହିବ ? ଆଜି ଏକା ହେଉଛି, କାଲି ସକାଳୁ କୁଟୁମ୍ବ ବଢ଼ିଯିବେ । ମୁଁ ମଧ୍ୟ କୋକକୁ ସେଇକଥା କହିଲି । ଏଥର ତମଠୁ ପଇସାଟେ ହେଲେ ନବନାହିଁ । ତମେ ତ ଦେଖୁଛ ମୋଟର ବେପାର କଲାଠୁ ବରଂପୁରରେ ରହିବା ଅଭ୍ୟାସ ହୋଇଗଲା ଯେ ଘଡ଼ିଏ ଗାଁରେ ରହୁନାହିଁ । ଘରୁନେଇ କାହାରେ ଖରଚ କରିବା ବଡ଼ ଅସୁନ୍ଦର କଥା । ଏତେ ପାଠ ପଢ଼ିଲା, ବୁଦ୍ଧିମନ୍ତ ପିଲାଟା, ଅକର୍ମା ହୋଇ ଘରେ ବସିବ ?" ଶାନ୍ତାଦେବୀ ଦୂଷ୍ଣର ଗାମ୍ଭୀର୍ଯ୍ୟଭରା ଭାଷଣ ଶୁଣି କହିଲେ, "ହଁରେ ଦୂଷ୍ଣ, ତୋର ଭାତ ଯେତେ ଆଇଷ ସେତେ ହେଉ । ଛ'ନାତି ଧନଧାନ୍ୟ ଧରି ଘରକରେ । କୋକତ ତୋର ଜନମକଲା ଭାଇପରି, କୋ ଜନମରେ ତୁ ମୋର ପୁଅ ହୋଇଥିବୁରେ ଦୂଷ୍ଣ ।"

ଯଥାସମୟରେ ବସାଘର ଚଳାକି ଭଳି ସାଜ ସରଞ୍ଜାମ ଧରି କୋକ ଓ ଦୂଷ୍ଣ ବାହାରି ପଡ଼ିଲେ ଭଲ ଦିନରେ । ଗଲାବେଳେ ରାଜକ କହିଲା, ମତେ ନନେଲେ ସବୁ ଭଙ୍ଗେଇ ଦେବଟି ? ଦୂଷ୍ଣ ହୋ ହୋ କରି ହସିପକେଇ କହିଲା, ଏଇକ୍ଷଣି ତୋତେ ଡାକ ଆସୁଥିଲା, ଆଉଥରେ, ଗଲାବେଳେ ଡାକଯିବ ବୋଲି ଆସିଚପରା ?

ବରଂପୁରରେ ବସାଘର ବନ୍ଦୋବସ୍ତ ହେଇଗଲା । ସୁପ୍ରସନ୍ନାର ଘର ଅତି ନିକଟ । ଆସିଲାବେଳେ ଅତି କଷ୍ଟରେ ପାଞ୍ଚଥର ଗଣିଗଣି ତିରିଶିଟଙ୍କା ଆଈ ଦେଇଥିଲେ କୋକ ହାତରେ । ଗୋଟାଏ ରାତିରେ ଶେଷ ହେଇଗଲା । ତିରିଶିଟଙ୍କା କେତେ ! ଦୂଷ୍ଣ କହିଲା ସେଥର ନୋଟ ଉପରେ ଗାର ପାକଠୁ ତିନି-ହଜାର ଟଙ୍କା ନଆହେଇଛି, ସେ ଏବେ ଦେଖିଲାକ୍ଷଣି ମାଗୁଛି । କାଗଜ ଉପରେ କେହି ତ ଗୋଟିଏ ପଇସା ଦେବେନାହିଁ ।

"ତୁ କହିଲୁ କମିତିହେଲେ ଯୋଗାଡ଼ କରିବା ବୋଲି—"

"କମିତିହେଲେ ଯୋଗାଡ଼ ହୋଇଯିବ । ନା ! ସାନ୍ଧାପଲ୍ଲିର ଭୂମିଟା ପଡ଼ିଶ ଭରଣ ଅଛି ସେଦିନ ଆସି ମୁଁ କଥାବାର୍ତ୍ତା କରିଛି । ସ୍ୱାଧୀନ ତନଖା ଲେଖିଦେଲେ ଦି'ହଜାର ଦବ ।"

"ଲେଖିଦେବାକୁ କିଏ ମନା କରୁଛି, ଆଣେ କାଗଜ କଲମ, ଲେଖିଦେବି ।"

× × × ×

ଗୋପାଳ ବଶୁକୁ କହିଲେ, "ବଶୁ, ଗରମ ଜଳଟିକିଏ ଆଣିଦେଇ ପାରିବୁ ?" ବଶୁ ଫେରିଆସି କହିଲା, "ଚୁଲିରେ ଏଣ୍ଡ୍ରିଶି ବସିଚି, ବୋଉ ଏଇକ୍ଷଣି ଖାଇବେ, ଓଦେଇ ହବନାଇଁ ।"

ଦ'ଚଢରେ ଗୋପାଳଙ୍କ ପାଇଁ ବଶୁ ଭାତ ବାଢ଼ିଦେଲା । ଗୋପାଳ ଲେଖ ଟେବୁଲ ପାଖରୁ ଉଠିଆସି ବଢ଼ା ଭାତକୁ ଚାହିଁ ଆମୋଦରେ ଅଳ୍ପ ହସି ବଶୁକୁ ପଚାରିଲେ, ମା ନାହାଁନ୍ତି ?

"ମା ସେଆଡ଼େ ଚାଉଳ ଚୂନା କରୁଛନ୍ତି, କୋକବାବୁଙ୍କ ପାଇଁ ଆଡ଼ଶା ପିଠା ପଠାହବସେ ।"

ଖାଉ ଖାଉ ଗୋପାଳ ପଚାରିଲେ, ଏଇ ଜନସ ରନ୍ଧାହେଉଛି ?

"ହଁ ମା କହିଲେ କୋକଙ୍କ ନାଇଁ, ଡାଲି ଆଉ କାଇଗଣ ଆମ୍ବିଳ କରେ ।"

ଗୋପାଳ ଅଳ୍ପ ହସିଦେଲେ । ଜୁର୍ଣ ଶରୀର, କ୍ଷୁଧା ଲାଗୁଛି, ଅଥଚ ରୁଚି ଲାଗୁନାହିଁ । କାର୍ତ୍ତିକ ନାହିଁ, କାହାକୁ କଣ ମାଗିବେ ? ଭାବିଲେ ଏହା ଅପେକ୍ଷା ଶଶିପୁର ସେବାଘର ଭଲ ହେବ । ଆଉ ଦଶଟା ରୋଗୀ ରହିଛନ୍ତି, ମୁଁ ବି ହେବି ସେମାନଙ୍କ ଭିତରେ ଜଣେ ଅନାଥ ବ୍ୟକ୍ତି । ନା-ନା ! ଲୋକେ କଣ କହିବେ, ମୋର ସ୍ତ୍ରୀ ନିନ୍ଦା ପାଇବେ । ନା, ନିନ୍ଦା କାହିଁକି ପାଇବେ ? ସେ ସମ୍ମତ ହେଲେ ତ ଯିବା ଉଚିତ । ହାତଧୋଇ ଯାଇ ବସିଲେ, ଭାବନା ଆସିଲା କଣ କରିବେ । ହାତରେ ପଇସାଟିଏ ନାହିଁ । କାର୍ତ୍ତିକ ନାହିଁ, ପେନ୍‌ସନ୍ ଟଙ୍କାଟା ଆଣିଦେବ କିଏ ? ଚଷମା ବିନା ଲେଖାପଢ଼ା ହୋଇପାରୁ ନାହିଁ । ଦିନକୁ ଦିନ ଦୃଷ୍ଟି ଶକ୍ତିହ୍ରାସ ହୋଇ ସାରିଲାଣି । ସେ ଆଉ ଭାବି ପାରିଲେ ନାହିଁ । ଚୌକିରୁ ଉଠି ଦୁଆର ପାଖକୁ ଯାଇ ଡାକିଲେ, ଅନୁବୋଉ !

"କାହିଁକି ବା ଏତେ ଅନୁବୋଉ, ଅନୁବୋଉ ଲାଗିଚି ।"

ଗୋପାଳ ଆଉ ଟିକିଏ ଅପ୍ରସ୍ତୁତ ହୋଇ କହିଲେ, ସେଇ ଚିରକାଳର ଅଭ୍ୟାସ ଯେ, ଅନୁବୋଉ । ମୋର ସେ ଆଦରର ଡାକ ଅନୁବୋଉ ଶବ୍ଦଟିକୁ ଛାଡ଼ି ପାରୁନାହିଁ । ହଁ ସେ କଥା ଥାଉ, ମୁଁ ଭାବୁଥିଲି ଅନେକଗୁଡ଼ାଏ ରୋଗୀ ଶଶିପୁରୁ ରୋଗୀ ଘରେ ଅଛନ୍ତି । କେତେଦିନ ପାଇଁ ମୁଁ ମଧ୍ୟ ସେଠି ରହନ୍ତି— ।

"ଟଙ୍କାରୁ, ପଇସାରୁ, ଭୂଇଁରୁ, ଘରୁ ସବୁ ଦେଇ ରୋଗୀଘର ନା ଚୁଲିଘର, କଚେରି, ଯାଉନ ରଇବ ।

"ତୁମର ଅନୁମତି ନ ନେଇ ତ କେବେ କୌଣସି କାର୍ଯ୍ୟ କରିନାହିଁ । ସେଥିପାଇଁ ଆଜ ଯିବା ସମୟରେ ତୁମକୁ ପଚାରୁଛି । ହଁ, ଆଉ ଗୋଟାଏ କଥା, ଏଇପାଖରେ ବଶୁପୁରଟା । ତୁମର ରୋଷେଇରୁ ମୋ ସକାଶେ ପଠେଇ ଦବ । ସେଠି ଗୋଟାଏ ରୋଷେଇ ଆୟୋଜନ କଲେ ଯାହା କିଛି ବ୍ୟୟହେବ, ତୁମକୁ ଦେବାକୁ ତ ପଡ଼ିବ !"

"ଏଁ, ଭୂଇଁ ଘର ଦେଇ ନୋକ ରଖିଚ ପରା, ରାନ୍ଧିବେ ନାଇଁକି ?"

ସେମାନେ ସବୁ ରୋଗୀ ଲୋକ ଅଛନ୍ତି । ଜଣେ ଚିକିତ୍ସକ ଅଛନ୍ତି । ସେମାନେ ସବୁ ଗରିବ ଲୋକ, ମତେ ସେମାନେ ଦେଇ ପାରିବେ କିପରି ? ତୁମର ନୂତନ ପୁଜାରୀ ହାତରେ ଯାହା ହେଉ ପଠେଇଦେବ ।

ଖଣ୍ଡେ ମାଳ ଫ୍ଲୋଟ ଖଦି, ଗେଞ୍ଜି ଭଳିଆ ଖଣ୍ଡେ କୁରୁତା, ଆଉ ସେଇ କାର୍ଯ୍ୟରେ ଥିବା ସମୟରେ କିଣିଥିବା ଏଣ୍ଡି ଚଦର ଖଣ୍ଡିକ ଧରି ଗୋପାଳ ଚାଲିଗଲେ ବାଡ଼ିପାଖ ବାଟେ । ଚିନ୍ତା ହରଣ ଭାବରେ ଭିତରକୁ ଆସୁ ଆସୁ ଦାଣ୍ଡ ପାଖଆଡ଼ୁ ବୃନ୍ଦାବନ ଦୁଆର ଠେଲି ଆସି ଦଣ୍ଡବତ କଲା ।

"କୁଆଡ଼େ ଆସିଲୁରେ ବୃନ୍ଦା ?"

ବୃନ୍ଦାବନ ମଥା ନୁଆଇଁ କହିଲା, "କାର୍ତ୍ତିକ ଏ ଆଡ଼ୁ ଯାଇ କହିଲା, ମାମୁଁଙ୍କର ଦେହ ଭଲ ନଥିଲା ଯେ ବୋଉ ମତେ ପଠେଇଲା, ଯା ମାମୁଁଙ୍କ ପାଖେ ରହିବୁ ବୋଲି—"

ବୋଉ ମତେ ପଠେଇଲା, ଯାରେ ପୁଅ ମାମୁଁର ସେବା କରିବୁ । ରୋଗଣା ମଣିଷ, ତାଙ୍କର ଉ.କୁ

ସମ୍ଭାଳିବା ଠିକଣା ନାହିଁ । ଭଣଜା ମୋର ଧାଇଁ ଆସିଛୁ । ମୋର ଏଇଠେ ଖାତ ଲୁଗା ନାହିଁରେ ପୁଅ ।

"କାର୍ତ୍ତିକ, ଏଇ ଚିଠିଟା ଦେଇଛୁ ।"

"ହଁ, ଚିଠି ଦେଇଛୁ, କାହିଁ ଆଣେ ।"

"କାର୍ତ୍ତିକ କହୁଛି, ମାମୁଁଙ୍କୁ ଦବ—"

"ଦେଖିଲ, ସେଇଥିପାଇଁ ତମେ ପୋଡ଼ାମୁହାଁ ଗୁଡ଼ାଙ୍କୁ ଘରେ ପୁରେଇ ନାହିଁ । କାର୍ତ୍ତିକର କଥା ରଖିବ । ମାମୁଁଙ୍କୁ ବିଶ୍ୱାସ କରିବ । ମାଇଁ ବାଡ଼ିବ ଖାଉ ।" ଚିନ୍ତା ଚିଠି ଛଡ଼େଇ ନେଇ କହିଲେ, ଗଲୁ ତୁ ଆଗ, ଯୋ ବାଟ ଆସିଥିଲୁ ସେ ବାଟେ ।

"ସେଥର ମାମୁଁଙ୍କୁ ନ କହିଗଲି ବୋଲି ବୋଉ ଗାଳି ଦେଲା—"

ମାମୁଁ କଟକ ଯାଇଛନ୍ତି । ହାତରେ ଟଙ୍କା ଥିଲେ ଯା ଦେଖି ଆସିବୁ ।

ବୃନ୍ଦାବନ ହତବୁଦ୍ଧି ହୋଇ ଚିନ୍ତାଙ୍କ ପ୍ରଦର୍ଶିତ ପଥରେ ଚାଲିଗଲା ।

ଗୋପାଳ ବିଶୁପୁରୁ ଯାଇ ଆତୁର ଅଥୟ ହୋଇ ପଡ଼ିଲେ । କାର୍ତ୍ତିକ ଥିବାବେଳେ ପ୍ରଥମେ ସ୍ଥାନ ଟିକିଏ କରି ଗୋପାଳଙ୍କୁ ବସେଇ ଦେଇ ସବୁକଥା ବୁଝି ଆସି କହୁଥାଏ । କାର୍ତ୍ତିକ ସାଥିରେ ଥିଲାବେଳେ ପଥଶ୍ରମ ପରିବର୍ତ୍ତରେ ବାଟଚାଲିଟା ଆନନ୍ଦ ଦେଉଥାଏ । ରୋଗୀ ଘରେ ଗୋଟାଏ କୋଣରେ ଶୋଇଛି ଗୋଟାଏ କୁଷ୍ଠରୋଗୀ । କଥାରେ କହନ୍ତି ଶ୍ରେଷ୍ଠ ବସନ ଟାଣିଲେ କୌଣସି ଦାଗକୁ ଖଟେ ନାହିଁ । ରୋଗୀଘର ଆୟ ବାର୍ଷିକ ଦଶଭରଣ ଧାନ । ଚକଅକ ନବ ସେଇଥିରୁ ଦରମା । ରୋଗୀଙ୍କ ଖାଦ୍ୟ ଔଷଧ ସବୁ ସେଇଥିରୁ । ରୋଗୀ କେତୋଟା ଥିଲେ, ଚାଲିଗଲେଣି ଯେ ସୁଆଡ଼େ । ଚକଅକ ଗାଁ ଭିତରକୁ ଚାଲିଯାଇଥିଲା । ଖବର ପାଇ ଆସି କହିଲା, ତାର ଯେତେ ସବୁ ଅଭାବ ଅସୁବିଧାର କଥା । ଗାର ମୁଖିଆ ଲୋକ କିଏ କମିଟି ଆସି ଫଳ ଅଭାବ ପୂରଣ କରିବାକୁ କହିଦେଇ ଗଲେ । ଗୋପାଳ ମୂକମୌନ ହୋଇ ନୀରବରେ ସମସ୍ତଙ୍କ ମୁହଁକୁ ଚାହିଁ ରହିଲେ । ଦେଖୁ ଦେଖୁ ଗୋଟି ଗୋଟି ହୋଇ ସମସ୍ତେ ଚାଲିଗଲେ । ସନ୍ଧ୍ୟାର କ୍ଷୀଣ ଆଲୋକରେ ଗୋପାଳଙ୍କ ମନଶ୍ଚକ୍ଷୁରେ ଦିଶିଲା କାର୍ତ୍ତିକର ଛବି । ତାଙ୍କର ମନେ ପଡ଼ିଲା ଇମିତି ସନ୍ଧ୍ୟା ସମୟରେ କାର୍ତ୍ତିକ ଚିନ୍ତାଙ୍କଠୁ କେତେ ଗାଳି କେତେ ଗଞ୍ଜଣା ଖାଇ ତାଙ୍କ ପାଖରେ ଟିକିଏ ବସିବା ମୋହ ଛାଡ଼ି ପାରି ନାହିଁ । ଆଜି ସେ ଯାଇଛି, ତାଙ୍କୁ ନିଃସହାୟ କରିଦେଇ । ଯାଇଛି ସତେ, କେତେ ସହ୍ୟ କରିଥିଲା । ସେଦିନ ଅତି ଅଭିମାନରେ ଏକାଥରକେ ଚାଲିଗଲା ।

ଚାଲିଯିବି ଚାଲିଯିବି ବୋଲି କେତେଥର ଯାଇ ନଥିଲା । କେତେଥର ରାତିରେ ନ ଖାଇ ଶୋଇ ସକାଳୁ ଉଠି ପୁଣି କାମରେ ଲାଗିଥିଲା । ସେ ଭାବିଲେ ଚିନ୍ତା ତାର ଚରିତ୍ର ଉପରେ ଦୋଷ ଆରୋପ କରିଦେବାରୁ ସେ ସହ୍ୟ କରି ପାରିଲା ନାହିଁ । ମନୁଷ୍ୟର ଚରିତ୍ର କେଡ଼େ ସୁନ୍ଦର, କେଡ଼େ ପବିତ୍ର ! ନଜାଣି ନଶୁଣି ସେଇ ଏକାନ୍ତ ଆପଣାର ଜିନିଷ ଉପରେ କଳଙ୍କର କାଳିମା ବୋଳିଦେଲେ, ପ୍ରକୃତ ମନୁଷ୍ୟ ଯେ ସେ ସହ୍ୟ କରିପାରେ ନାହିଁ । କାର୍ତ୍ତିକ ତାର ଚରିତ୍ର ସମ୍ବନ୍ଧୀୟ ଦୋଷାରୋପ ସହ୍ୟ କରିପାରିଲା ନାହିଁ । "ଚିନ୍ତାଦେବୀ ତୁମକୁ ମୁଁ ମୋର ମତ ଭିତରକୁ, ତୁମକୁ ମୋର ଅନ୍ତର ରାଜ୍ୟକୁ ଟାଣି ଆଣିବାକୁ, ତୁମକୁ ମୁଁ ମୋର ସର୍ବସ୍ୱ ଦେବାକୁ, ତୁମକୁ ମୁଁ ମୋର ହୃଦୟ ରାଜ୍ୟର ଅଧୀଶ୍ୱରୀ କରିବାକୁ କେତେ ଚେଷ୍ଟା କରିଛି ! କିନ୍ତୁ ଚିନ୍ତା ! ଅନ୍ଧ ମୁଁ, ଜାଣିପାରି ନାହିଁ, ତୁମର ଆଉ ମୋର ମନର ଗତି ଥିଲା ଭିନ୍ନ ପ୍ରକାର । ତୁମେ ଚାହିଁଥିଲ ବାସ୍ତବ, ମୁଁ ଚାହିଁଥିଲି କଳ୍ପନା— ।"

ହାୟ । କଣ କରିଛି ମୁଁ ! ଅପାତ୍ରରେ ମୋର ସର୍ବସ୍ୱ ଅର୍ପଣ କରି ବର୍ତ୍ତମାନ ଅରଣ୍ୟରୋଦନ କରୁଛି । ନା-ନା, ଚିନ୍ତା ! ତୁମକୁ ମୁଁ ଅପାତ୍ର ବୋଲି ଦିନେ ମଧ୍ୟ ଭାବିନାହିଁ । ତୁମକୁ ମୁଁ ମୋର ସହଧର୍ମିଣୀ, ସହଭାଗିନୀ କରି ଗଢ଼ିଦେବି ବୋଲି କେତେ ବଡ଼ ବଡ଼ କଳ୍ପନା କରିଥିଲି । ମୋର ବାଳ୍ୟର ସ୍ୱପ୍ନ,

ଯୌବନର କଳ୍ପନା—ପ୍ରଥମେ ମୁଁ ମୋର ସ୍ତ୍ରୀ କ ମୋର ଧର୍ମପତ୍ନୀଙ୍କ ସ୍ୱାଧୀନତା ଦେବ । ତାହାହିଁ ହେବ ମୋ ସମାଜ ସଂସ୍କାର ପ୍ରୟାସର ପ୍ରଥମ ସୂଚନା । ତାପରେ ତୁମର ହାତରେ ନାରୀ ଜାତିର ଉନ୍ନତି କାମନାରେ ଦେଶରେ ଗଢ଼ିଦେବ ଶତ ସଂଖ୍ୟକ ଅନୁଷ୍ଠାନ । ତୁମର ମୁହଁରେ କୁହାଇ ନାରୀ ଜାତିର ଅଜ୍ଞାନ ଅନ୍ଧକାର ଦୂର କରିଦେବ । ଭାବୁଥିଲି, ତୁମରି କଲ୍ୟାଣମୟ ହାତରେ ଦେଶର ଚିର ଅବରୁଦ୍ଧ ନାରୀ ରାଜ୍ୟର ଦୁଆର ଖୋଲି ଦେବ । କିନ୍ତୁ ହାୟ ! ମୋର କଳ୍ପନା ସୌଧ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଧୂଳିସାତ୍ ହୋଇ ଯାଇଛି । ଶାନ୍ତାଦେବୀଙ୍କୁ ମୁଁ ଆୟତ୍ତ କରି ପାରିନାହିଁ । ଶାନ୍ତାଙ୍କୁ ମୁଁ ମୋର ସ୍ନେହ ଶୃଙ୍ଖଳାରେ ବାନ୍ଧି ପାରିଲି ନାହିଁ । ଶାନ୍ତା ମୋଠୁ ଚିର ସ୍ୱତନ୍ତ୍ରା ହୋଇ ପଡ଼ିଛନ୍ତି । ଭାବୁ ଭାବୁ ଗୋପାଳ ଏକାନ୍ତ ତନ୍ମୟହୋଇ ଲେଖି ବସିଗଲେ, "ବ୍ୟର୍ଥ ଜୀବନର କରୁଣ କାହାଣୀ ।" ସନ୍ଧ୍ୟାର ଅନ୍ଧକାରରେ, କ୍ଷୀଣ ଦୃଷ୍ଟି ଶକ୍ତିରେ ତାଙ୍କର ପେନ୍‌ସିଲ ଖଣ୍ଡିକ କାଗଜ ଉପରେ ଚାଲିଛି, ଅବିରାମ ଗତିରେ ।

କେତେବେଳେ ସେଠିର ଚାକରଟିକ କଳା କଳି କଟି ହ୍ୟାରିକେନ୍ ଲଣ୍ଠନ ଗୋଟିଏ ଆଣି ଥୋଇଦେଲେ । ଗୋପାଳଙ୍କର ମୌନ ଚିନ୍ତାଧାରା ଚାଲିଛି ଅବିମିଶ୍ର ଅଶ୍ରାନ୍ତ ଗତିରେ । ରାମ ଚୁହିଁଦେଇ ଯାଇ ଶ୍ୟାମକୁ କହିଲା, ଲୋକଟା ପାଗଳ ହୋଇଗଲାକି ? ଶ୍ୟାମ କହିଲା ସିମିତି ଲାଗୁଛି ତ । ଗୋବିନ୍ଦ କହିଲା, ବାୟା ତ ହୋଇଗଲାଣି । ଦେଖୁନୁ, ବୁଢ଼ାଟାର ଆଖି ମୁହଁ କମିତି ଦିଶୁଛି ।

## ତେର

ସୁପ୍ରସନ୍ନା ବର୍ତ୍ତମାନ ତାର ସେଇ ଫ୍ଲେଟ ଘରଟାକୁ ଛାଡ଼ିଦେଇ, ଚାଲି ଆସିଲାଣି ନୂତନ ଡାକବଙ୍ଗଳା ପାଖରେ ଗୋଟିଏ ଫ୍ଲେଟ ଦୋତାଲା ଘରକୁ । ଘରଟାକୁ ଅଳ୍ପଦିନ ଆଗରେ ମିଷ୍ଟର ବାନାର୍ଜି ତିଆରି କରିଥିଲେ ଓଡ଼ିଶାରେ ରହିବେ ବୋଲି । ହଠାତ୍ ଜାମସେଦପୁର ଧନୀ ଶ୍ୱଶୁରଙ୍କ ଡାକରା ପାଇ ଘରଟା ବିକି କରିଦେଇ ଚାଲିଗଲେ । ଟଙ୍କା ଛ'ହଜାର ସାତ'ଶ ଦେଇ ଶାନ୍ତି ନର୍ସ ସୁପ୍ରସନ୍ନା ନାଁରେ କିଣିଦେଲା ।

ସମସ୍ତ ଉପରବେଳା, ସନ୍ଧ୍ୟା ଆଗତ ପ୍ରାୟ । ସୁପ୍ରସନ୍ନାର ଉପର ଘରେ ଶୋଇଥିଲା କୋକ । ଧୀର ଚେଷ୍ଟାରେ ଲୁ'ଜଳଖିଆ ଆଣି ଥୋଇ ଦେଇଗଲା । କୋକ ସକାଳର ନିଶା ଝୁଙ୍କ୍‌ରେ ଆଖି ଢୁଳୁ ଢୁଳୁ କରି ସୁପ୍ରସନ୍ନା ଆଡ଼କୁ ଅନେଇ କହିଲା, ବାଃ ! କି ସୁନ୍ଦର ଦିଶୁଚ ମ ତମେ ।"

"ସୁନ୍ଦର ଦିଶିଲେ କଣ ହେବ୍, ଦିନକୁ ସେଇ ଦଶଟଙ୍କାରୁ ତ ଅଉ ଅଧିକ ପଇସାଟିଏ ଦେବାକୁ ନାହିଁ । କୋକ ବିଛଣାରୁ ଉଠିପଡ଼ି ସୁପ୍ରସନ୍ନାକୁ ଛାତି ପାଖକୁ ଟାଣି ନେଇ କହିଲା, ପଇସା କଏ ପଚାରେ ସେ ପଇସାକୁ । ତୁମେ ମତେ ଯେ ସୁଖରେ ରଖିଛ !"

"ତୁମର ସ୍ତ୍ରୀ ?"

"ଛି ଛି କାଳିଆ ମଡ଼ ମଡ଼ ଗୋଜ ଦାନ୍ତି, ଥୁ ଥୁ, ମୁହଁରେ ଥୁ ଦିଅ ।" ଖିଲ୍ ଖିଲ୍ କରି ହସିଉଠିଲା ସୁପ୍ରସନ୍ନା ।

ମୋର ଯାହା ସୁନା ଥିଲା, ବିକି କରି ଘରଟା କିଣିଦେଲି । ମୋ ପାଇଁ ସୁନା ହାର ଗୋଟାଏ ଆଣି ଦବଟି ?

"ନିଶ୍ଚୟ ଆଣିଦେବ" ବୋଲି କହୁ କହୁ ସୁପ୍ରସନ୍ନାର ମୁହଆଡ଼କୁ ଓଠ ବଢ଼ାଇଲା କୋକ । ସୁପ୍ରସନ୍ନା କୋକର ମୁହଁର ଗନ୍ଧରେ ଅସ୍ଥିର ହୋଇ କୋକକୁ ଚଞ୍ଚଳରେ ଠେଲିଦେଇ ଦେଇ କହିଲା, ଲୁ'ଖାଅ ହେ । ଦୁଖୀ ଆଣି ଦେଇଥିବା ରମ୍ ବୋତଲଟା ଟେବୁଲ ଉପରେ ଥୁଆ ହୋଇଥିଲା । କୋକ ଗ୍ଲାସରେ ଢାଳି ସୋଡ଼ା ମିଶେଇ ପିଇସାରି କହିଲା ଆଜ ସିନେମା ଦେଖି ଯିବା ? ତୁମେ ମୋ ପାଖରେ ବସିବଟି !

"ଆହାହାଃ ତୁମେତ ଯୋଉ ସମଝଦାର, ତୁମ ସାଙ୍ଗରେ ସିନେମା ନ ଗଲେ ଆଉ କାହା ସାଙ୍ଗରେ ଯିବ—?"

ତଳେ ସୁପ୍ରସନ୍ନାର ବସିବା ଘର । ତାର ବନ୍ଧୁ ବାନ୍ଧବୀ ଆସିଲେ ସେ ଘରେ ବସନ୍ତି । ଦାଇ ଆସି କହିଲା, ମିରା, ସିପ୍ରା ବୁଲି ଆସିଛନ୍ତି । ଏ ଦାଇ ! ବାବୁଙ୍କୁ ଚା' ଦେ ବୋଲି କହିଦେଇ ତଳକୁ ଓହ୍ଲାଇ ଗଲା ସୁପ୍ରସନ୍ନା ।

ବାଇଶିର କୃଷ୍ଣ ତରୁଣି ଭିତରେ । ଗୋଲଗାଲିଆ ଦେହ । ମୁହଁ ମନ୍ଦ ନୁହେଁ, ପରିଧାନ ପ୍ରସାଧନ ପରିପାଟୀ ବେଶ୍ । ଦୁଆର ବନ୍ଦ କରିଦେଇ ବସିଲା କୋକ ପାଖରେ । ମିଠେଇ ଗୁଡ଼ିକ ଗୋଟି ଗୋଟି କରି ଖୁଆଇଦେଲା କୋକକୁ ।

ଚା' ଖାଇବା ପୂର୍ବରୁ କୋକ ଆଉଜି ପଡ଼ିଲା ଦାଇର ମାଂସଳ ସ୍ତନ ଉପରେ । ଦାଇ ଉଠି ଯାଇ ଦୁଆର ଛିଟିକିନି ବନ୍ଦ କରିଦେଇ ଆସି କୋକର ଦେହକୁ ଆଉଜି ଗୋଟାଯାକ ଦେହରେ ହାତ ବୁଲେଇ ଦେଲା ”

ଗପ କରୁ କରୁ ଟେବଲ ତଳକୁ ଚାହିଁ ମିରା କହିଲା, ଆରେ ସୁନ୍ ତୋ ଘରେ କେତେ ଫଳ ଜମା ହୋଇଛି !

"ହଁ, ମା,ର ଗୋଟାଏ ପେସଣ୍ଟ ହାସପିଟାଲରେ ଥିଲା । ସେଠି ଅସୁବିଧା ହେବାରୁ ଆମର ଏଠି ଅଛି । ଲୋକଟା ଖୁବ୍ ବିତ୍ତଶାଳୀ । ଆପଣାର କେହି ତ ନାହାଁନ୍ତି, ତାର କିଏ ଗୋଟାଏ ବୁଢ଼ି ରକ୍ଷିତାଆଣୀ ଅଛି । ସପ୍ତାହକୁ ଦୁଇଥର କରି ଏଗୁଡ଼ାକ ପଠେଇ ଦେଉଛି । ମୁଁ ଏଗୁଡ଼ାକୁ ଆଦୌ ଭଲ ପାଏ ନାହିଁ । ଯାହାହେଉ, ମୋର ସୁଲଦାଇ ବଡ଼ ଆନନ୍ଦରେ ଖାଉଛି ।"

'ସତେନାଁ, ମୁଁ ଏ ଜିନିଷଟାକୁ ଖୁବ୍ ଭଲପାଏ ।"

"ଗୋଟାଏ ନେଇଯା, ମିରା ।"

ସିପ୍ରା କହିଲା, ବେଶ୍ ସୁନ୍ଦର ଭେଡ଼ାଟିଏ ଘରେ ବାନ୍ଧି ରଖିଛୁ, ସୁନା । ସୁପ୍ରସନ୍ନା ହସି ହସି କହିଲା, ଟିକିଏ ସ୍ୱଚ୍ଛନ୍ଦରେ ବଞ୍ଚି ରହିବା ଉପାୟଟା କରିବାକୁ ହବରେ ସିପ୍ରା, ମୁଁ କହିବାକୁ କୁଣ୍ଠିତା ନୁହେଁ । ଲୋକଟା ହେଉଛି ଭଲ । ମିରା ହସି ହସି କହିଲା, ଗଧଟା ଦାଇ ହାତର କୁଣ୍ଡା ପାଣିରେ ବି ସନ୍ତୁଷ୍ଟ ହୋଇ ରହୁଛି ନା କଣ ଲୋ ।

ସୁପ୍ରସନ୍ନା ବାହାରକୁ ଚାହିଁଲା । ଅନ୍ଧାର ହେଲାଣି, ଦାଇ ଆଉ ତଳକୁ ଆସିନାହିଁ । ସେ ହସି ହସି କହିଲା କେଜାଣି ଆଜ ଖୁଆଇ ଦେଇଥିବ ।

× × × ×

ନିଜ ହାତରେ ପ୍ରତିଷ୍ଠା କରିଥିବା ହରିପୁର ସେବା ସଦନରେ ଭଙ୍ଗା ବେଞ୍ଚଟା ଉପରେ ବସି ଲେଖୁଛନ୍ତି ଗୋପାଳ । ମାର୍ଗଶୀର ମାସର ଅଧାଅଧି ସମୟ । ସେଇ ପାଖର ଧାନ ବିଲରେ କଟାଧାନ ଜଗି ଆସି କେଉଁଠି କପରି ଜଣେ ଦିଜଣ ବସି ପାଳ ଜାଳି ଶୀତ ଛଡ଼ାଉଛନ୍ତି । ବାରଣ୍ଡାର ବେଞ୍ଚଉପରୁ ଗୋପାଳ ମୁଣ୍ଡଟେକି ଚାହିଁଲେ । ଗୁଡ଼ାଏ ରାତି ହୋଇଗଲାଣି । ବାହାର ପାଖଟା ତାରାଲୋକରେ ଦିଶୁଛି ଅଳ୍ପ ଉଜ୍ଜଳ ।

ବିଶୁ ପାଛୁଡ଼ି ଘୋଡ଼େଇ ହୋଇ ଟିଫନ୍‌କ୍ୟାରିଆରଟା ଧରି ଆସି ବାରଣ୍ଡାରେ ଥୋଇଦେଇ କହିଲା, ଏ ଶୀତରେ ମୁଁ ଆଉ କାଲିକି ଆସି ପାରିବି ନାହିଁ । ଗୋପାଳ ବିଶୁର କୌଣସି କଥା ନଶୁଣି ମୁହଁ ଧୋଇ ଲଣ୍ଠନଟା ଭିତରକୁ ନେଇ ନେଇ ବିଶୁକୁ ଡାକିଲେ । ବିଶୁ ସେଇ ଧୂଳିଆପାଦରେ ଦୁମ୍ବୁ ଦୁମ୍ବୁ କରି ଚାଲିଯାଇ ଧଡ଼ି କରି ଟିଫନ୍‌କ୍ୟାରିଆରଟା ଥୋଇଦେଇ, ଦୁମ୍ କରି ସାମନାରେ ବସିପଡ଼ିଲା ।

ଗୋପାଳ ସ୍ନିଗ୍ଧଭାବରେ ହସିଦେଇ, ବିଶୁର ମୁହଁକୁ ଚାହିଁ ପଚାରିଲେ, ରୋଷେଇ କିଏ କଲାରେ ?

"ମୁଁ କଲି ।"

ଗୋପାଳ ଟିଫିନ୍‌କ୍ୟାରିଆର ଖୋଲି ଭାତଡ଼'ଟା ପତରରେ ଥୋଉ ଥୋଉ କହିଲେ, କଣ ତରକାରି ଆଣିଛୁ, ବିଶୁ ?

"କୁଣ ଆଜ ହୋଇନଥିଲା, ବାଇଗଣ ପୋଡ଼ା ।"

"ଆଉ ?"

"ଡାଲି ।"

ଗୋପାଳ ଡାଲିଥାଳରୁ ଗୁଣ୍ଡାଟିଏ ଉଠେଇ ପାଟିରେ ଦେଉ ଦେଉ ମୁଖ ବିକୃତ କରି କହିଲେ, ଡାଲି ପୋଡ଼ା, ଭାତ ପୋଡ଼ା, ବାଇଗଣ ପୋଡ଼ା, ସବୁ ପୋଡ଼ା କରିଛୁ—? ବିଶୁ ଭୁତପରି ମୁହଁକରି କହିଲା, "ମତେ ତ ଉଭା ଆସୁନି ଆଉ ! ଭାତ ବସେଇ ଦେଇଥିଲି, ମା ବୋଇଲେ ଯା ପାଣି ଆଣିବୁ, ପୋଡ଼ିଗଲା ଆଉ—"

"ଡାଲି ପୋଡ଼ିଦେଲୁ ?"

"କାଠ ଦିଖଣ୍ଡ ଦେଇ ପକେଇଲି, ପୋଡ଼ିଗଲା ।"

"ବଗିଚାରୁ କମଳା ଆସିଥିବ, ଦି'ଟା ଆଣିଲୁ, ନାହିଁ ?"

"ସବୁଯାକ ତ ବରଂପୁର ଲୋକ ପାଖକୁ ପଠେଇ ଦେଲେ ଆଉ । ରଜଆ ଆସିଥିଲା ସେ ନେଲା ଆଉ ।"

"ଏ ଗୁଡ଼ାକ କଣ ଆଣିଛୁ । ମୁଁ ତ କିଛି ଖାଇପାରିଲି ନାହିଁ । ଦୁଧ ଟିକିଏ ହେଲେ ଆଣିଲୁ ନାହିଁ, ବିଶୁ ?"

"ଦୁଧ ତ ଲୋକର ନନା ବୋଲି କିଏ କୋଠେ ଜରରେ ପଡ଼ିଚି ସେ ପଠା ହେଇଗଲା ଆଉ ।"

ଗୋପାଳ ହାତ ଧୋଇସାରି କହିଲେ, ହେଉ ଆଚ୍ଛା ଯା ଶୋଇପଡ଼ିବୁ । ସକାଳୁ ଗଲାବେଳେ ମତେ କହିବୁ ।

## ଚଉଦ

ଚିନ୍ତା ଆଉ ଅନୁ, ମା'ଝିଅ ଦୁହେଁ ବସି ଦୁଃଖ ସୁଖ କଥାବାର୍ତ୍ତା କରୁଥିଲେ । ଅନୁ କହିଲା, ଟୋକିଟା ଜନମ ହେବାଠୁ ତିନି ବରଷ ହେଲା ଲୋକର ନନ ଟା ଆଉ ଘରୁ ଉଠୁ ନାହାନ୍ତି । ଜରି-ଜର-କି-ଜର ଶରୀର ହେଇ ଆସିଲା ଯେ ଦି' ଦିନ ଗୁଡ଼ିଲ ବେଳକୁ ଚାରି ଦିନ ଶୋଇଲେ ।

ସେ ଲୋକଟା ତ ବରଂପୁରରେ ବେପାର କଲାସେ, ଘର ବୋଲି ଦିନେ ଆସିଲା ନାହିଁ । ମୁଁ ବୋଲୁଥିଲି ଲୋକର ନନାଙ୍କୁ ଥରେ ପଠେଇଥାନ୍ତୁ । କେଜାଣି କାହିଁକି ମନରେ ପାପ ପଶୁଛି । ସେ ଦୁଖୀଟାକୁ ଧରି କି ନାଟ ଯାହା ନକେଇଛି, ଲୋକ ଆସି କହୁଚନ୍ତି; କାନରେ ପଥର କଦା ହେଇଗଲାଣି ।

ନମସ୍କାର ଆଈ ! ପଛରେ ଗାଳି ଦେଉଛକି ? ଦୁଖୀ ଡାକି ଆସିଲା ଭିତରକୁ । ଅନୁକୁ ଦେଖି ଭୂମିଷ୍ଠ ହୋଇ କହିଲା, ମାଉସୀଙ୍କୁ ଅନେକ ଦିନ ହେଲା ଦେଖି ନଥିଲି । ଦୁଖୀ ପକେଟରୁ ଟଙ୍କା ମୁଣିଟା, ବ୍ୟାଗରୁ ଶାଢ଼ୀ ଯୋଡ଼ାଟା ବାହାର କରି ଆଈଙ୍କ ପାଦପାଖରେ ରଖି କହିଲା, ଲୋକ କାର୍ଯ୍ୟବ୍ୟସ୍ତ ହୋଇ ଆସିପାରୁନି । ତିନି ମାସରେ ଛ'ଶ ଲାଭହେଲା । ପାଞ୍ଚଶ ମୂଳଧନରେ ମିଶେଇଦେଲୁ । ଏହି ଶହେଟା ଟଙ୍କା ତାର ପ୍ରଥମ ଅର୍ଜନ ବୋଲି ତୁମ ପାଖକୁ ପଠାଇ ଦେଇଛି । ମାସେହେଲା ମୁଁ ଭନେକଣ ଛଣି ବେପାର କରୁଛି । ସେଥିରୁ ଟଙ୍କା କେତେଟା ମିଳିଥିଲା ସେ ତମ ପାଇଁ ମଠା ଶାଢ଼ୀ ଯୋଡ଼ାଟା ଆଣି ଦେଇଛି ।

ଚିନ୍ତା ଦୁଖୀର ମଥାରେ ହାତ ବୁଲେଇ ଆଶୀର୍ବାଦ ବର୍ଷଣ କରି କହିଲେ, ହଁରେ ଦୁଖୀ, ଏଗାଁର ଭଗାରି ଶହ ମୁହଁରେ ଚୂନ କାଳି ବୋଳି, ମୋ ପିଲା ଲୋଉ ଦିନ ପାଞ୍ଚଟାରେ ଗୋଟେ ହୋଇ ଡାଣ୍ଡରେ ଠିଆହେବ !

ଦୁଖୀ ଚାଲିଗଲା ପରେ, ଶିଖିଆ ମା' ଆସି ଅଭ୍ୟାସ ବଳରେ ଚିନ୍ତାଙ୍କ ପାଦପାଖରେ ବସିପଡ଼ି କହିଲା, ଶୁଣିଲଣି ଭାଉଜ ! କାଲି ନଈରେ ବାନାବୋଉ ଯାହା ବୋଲୁଥିଲା । ଇସ୍କୁଲର ଅବଧାନ ଶିଖିଆଘରେ ବସିଥିବାବେଳେ ଅନନ୍ତ ଦେଖିପକେଇ କଣ କହିଥିଲେ ବୋଲି ଶିଖିଆମାର ତାଙ୍କ ଉପରେ ରାଗପଡ଼ିଛି । ସେଥିପାଇଁ ସେ ଅନନ୍ତଙ୍କ ସ୍ତ୍ରୀ ବିରୋଧରେ ଯାହାଇଚ୍ଛା ତାହା କହିବାକୁ କୁଣ୍ଠିତ

ନୁହେଁ । ଶିଶୁଆମା ଭୂମିକାଟାକୁ ଆଉ ଟିକିଏ ବଢ଼େଇ କହିଲା, ନଘଣ୍ଟାରେ ଗାଁଟାଯାକର ମାଇକିନା ଜମା ହୋଇଥିଲେ । ସେ କନାବୋଉ ଏବେ ପୁଅ ଆଣିଦେଇଛି ଝିଲିକାଯେ କାନରେ ଲମ୍ବେଇଚ । ଝିଲିକା ଦୋହଲେଇ ବୋଇଲା, "ବୁଢ଼ା ମଣିଷଟାକୁ ଖାଇବାକୁ ନଦେଇ ପିଇବାକୁ ନଦେଇ ଯାହା କରୁଛନ୍ତି, ଲୋକ କହିଲାପରି ମତେ ନେ କାନଖଣ୍ଡିଆକୁ ଦେ ବୋଲି । କାହା ପଦାର୍ଥ କାହାକୁ ଯୋଗ ଥାଏ ଲୋ ମାଉସୀ । ନାତିକି ସର୍ବସ୍ୱ ଦେଇ ଇମିତି କଡ଼ିଆ କରିଚ ଯେ—ବ୍ରହ୍ମପୁର ଗାଁରେ କୋଠେ ଗୋଟେ ବେଶ୍ୟା ନା ଚୁଲି ରଖିଚ । ଆଈ ତ ପୁରୁଣା ଘଡ଼, ଓଦା ହାତରେ ବରାଣ୍ଡ଼ି ମାରିବ ନାଇଁ । ଟଙ୍କା ପଇସା ନାତିକି କମିତି ହୋଉଚ କେଜାଣି । ହୋଶଘି ମା କଇଲା, ହଁ ଲୋ ଅନୁବୋଉ, ଶ୍ୱେର ମା ପନ୍ଦ କାନ୍ଦେ, ଦୁଆର ଦେଇ କାନ୍ଦେ । ଆଈ ହୋଇନଥିଲେ ନାତି ଏସବୁ କରନ୍ତା କୋଉଠୁ ? ହେଲେ ଶାସ୍ତ୍ର ପୁରାଣ ପଢି ବୋଲୁଚ ପରମ ଗୁରୁ । ସଦାଶିବ ପରି ସ୍ୱାମୀକି ଯାହା ଦୁଃଖ ହୋଉଛି, ତାକୁ ଖାଲି ନରକକୁ ଗତି ହବ ଲୋ ବନ୍ଧୁବୋଉ ।"

"ବନ୍ଧୁର ନନା କାନ୍ଦପକୋଉନ୍ତି ଲୋ ମାଉସୀ । କାଲି ବଶିପୁର ଯାଇଥିଲେ ଯେ ଦେଖି ଆସିଲେ, ପୋଡ଼ା ଭାତଗଣ୍ଡିଏ, ପୋଡ଼ା ଡାଲିଟିକିଏ ଧରି ଯାଇଥିଲି । ବୁଢ଼ାକାଳେ ଘରେ ବସି କେତେ ଭୋଗ ପାଉଥାନ୍ତେ । ଭିକ ମାଗିଲାପରି ହାତଟେକା ଭାତକୁ ଚାହିଁ ରହିଛନ୍ତି ଯେ ସେ ପିନ୍ଧା ସହି ଯାଉଛନ୍ତି । ଲୋକଙ୍କ ଦାନ୍ଦ ସହୁଚ କେତେକେ । ତା ନନା ବେଲଡାଳିଆ ଯାଇଥିଲେ ଯେ ସେଇଠିରି କିଏ କିଏ ସବୁ ବଡ଼ଲୋକ ପାଞ୍ଚଜଣ ବସିଛନ୍ତି ତାଙ୍କ ଭାଗଟା ପାଇଁ କଚେରୀକି ଯିବେ ବୋଲି ।" ଶିଶୁଆ ମା ଯାହା ଯେତେ କହିଗଲା ସବୁ ଅବଧାନଙ୍କଠୁ ଶୁଣିବା କଥା ।

ଅନନ୍ତ ସ୍ନାନ କରି ଆସି ଭୋଜନ କରିବା ନିମନ୍ତେ ପିଢ଼ା ପାଖକୁ ଆସୁଛି, ଏଣେ ଅନନ୍ତର ସ୍ତ୍ରୀ ଭାତ ଥାଳି ଧରି ରୋଷେଇ ଘରୁ ବାହାରୁଚ, ତନ୍ତା ଦୁଆର ଠେଲି ଘରେ ଢୁକି ଅକର୍ଗଳ ଗାଳିଦେଇ ଡାକିଲେ, ଆଲୋ ରାଣ୍ଡି, ଆଣ୍ଟୁ ଲୁଡ଼ି, ତୋ ହାତର କାଚ ଭାଙ୍ଗି ହାତ ଧୋଇଦେବି ଆଲୋ । ଅନନ୍ତର ସ୍ତ୍ରୀ ନିସ୍ତା ହୋଇ ରୋଷେଇ ଘରେ ପଶି ଭିତରୁ କିଳିଣି ଦେଇଦେଲେ । ଅନନ୍ତ କହିଲା, "କାଚଗୁଡ଼ାକ ଭାଙ୍ଗିଦେଲେ ଆଉଥରେ ନୂଆ କାଚ ଚୁଡ଼ୀ କିଣିବାକୁ ପଇସା ନାହିଁ ଭାଉଜ ।"

"ତୋର ଦଶାଦିନ ତୋ ମାଇପ ଆଉଥରେ ନୂଆଁ କାଚ ପିନ୍ଧିବରେ ନଈଶୁଆ ।"

"ମୋର ଦଶା ହେଲେ ତ ତୁମର କିଛି ଲାଭ ହେବନାହିଁ । ଗରିବ ଲୋକ ମୁଁ, ଭାତ ମୁଠେ ମଧ୍ୟ ଦଶାଦିନ ମୋ ପିଲାଏ ତମକୁ ଦେଇ ପାରିବେ ନାହିଁ । ତମର ଦଶାଟା ଶୀଘ୍ର ହୋଇଗଲେ ଭାଇନାଙ୍କର ଲାଭ ହୁଅନ୍ତା । ଆଉ କେତେଟା ଦିନ ଟିକିଏ ସୁଖରେ ରହି ମଲାବେଳେ ଧନ୍ୟ ଧନ୍ୟ ଶୁଣନ୍ତେ ।"

× × × ×

ବଶୁପୁର ପାଖରେ ଅନନ୍ତର ଧାନକଟା ହେଉଥିଲା, ସେଥିପାଇଁ ସେ ସକାଳ ସକାଳ ଗଣ୍ଡେ ଖାଇ ଯାଇଥିଲା ଧାନକଟା ଦେଖି ।

ଦୂରରୁ ଦେଖିଲା ଗୋପାଳ ସେବାସଦନର ନିର୍ଜନ ପିଣ୍ଡାରେ ଏକାହୋଇ ବସିଛନ୍ତି । ସେ ଆଉ ବାଟକାଟି ଚାଲି ନଯାଇ ଆଗେଇ ଆସିଲା ଗୋପାଳଙ୍କ ପାଖକୁ । ଗୋପାଳ ନୀରବରେ ତାଙ୍କର ନିଷ୍ପ୍ରଭ ଆଖି ଦୁଇଟା ବିସ୍ଫାରିତ କରି ଅନନ୍ତର ମୁହଁକୁ ଅନେଇ ରହିଲେ ।

ଅନନ୍ତ ଗୋପାଳଙ୍କ ଘରର, ଶରୀରର ଆଉ ପରିଧାନର ଦୁରବସ୍ଥା ଦେଖି ମନେ ମନେ କ୍ରୋଧ ହିଂସାରେ ଜଳିଉଠି କହିଲା, ପୈତୃକ ସମ୍ପତ୍ତି ଉପରେ ତୁମର କଣ କୌଣସି ଅଧିକାର ନାହିଁକି, ଭାଇନା ?

"ତୋ କଥାର ଅର୍ଥ କଣ ମୁଁ ତ କିଛି ବୁଝିପାରୁନାହିଁ ।"

"ତୁମର ରହିବା ଅବସ୍ଥା ଦେଖି କହୁଛି । ବନୁକୁ ନେଇ ଘରେ ରଖିବା ଦିନ କହିଥିଲି, ପୋଷାପୁଅ ଗୁଞ୍ଜୁରୁଅ । ନାତିକ ଦତ୍ତପୁତ୍ର କରି ତ ହାତରେ ସର୍ବସ୍ୱ ଦେଇ, ନିଜର ଜୀବନ, ନିଜର କାର୍ଯ୍ୟ ସବୁବ୍ୟର୍ଥ କରିଦେଲ । ସେଇକଥା ଭାବି ଭାରି ଦୁଃଖ ଲାଗିଲା ଯେ କହିପକେଇଲି, ଦୋଷ ଥିଲେ କ୍ଷମା କରିବ ।

"ତାହା ହେଲେ ତୁ କଣ କହୁଛୁ ?"

"ମୋର କହିବା ପାଇଁ କଥା କିଛି ନାହିଁ । ଆପଣ ନିଜେ ପଣ୍ଡିତ । ସବୁ କଥା ଭଲ ଭାବରେ ବୁଝିପାରୁଥିବେ । ଏଇତ ଦେଖୁଛନ୍ତି ରହିଛନ୍ତି ; ନିଜେ ନିଜେ ହାତରେ କରିଥିଲେ ସେବାଘର । ଆଉ କେତେଟା ଦିନ ପରେ ମାଟିରେ ମିଶିଯିବ । ନିଜର ମନୁଷ୍ୟତା, ନିଜର ଗୌରବ ସମ୍ବନ୍ଧରେ ଆପଣ ଯେତେବେଳେ ଚିନ୍ତାକରୁନାହାନ୍ତି, ଅନ୍ୟମାନଙ୍କୁ ଉପଦେଶ ଦେବା ଅଧିକାର ଆପଣଙ୍କର ରହିବ କିପରି ?

"ତାହା ହେଲେ ମୁଁ ଯାଉଛି ମୋର ସ୍ତ୍ରୀକୁ ପଚାରିବି । ସେ ମୋର ନ୍ୟାଯ୍ୟଦାବୀ ପୈତୃକ ସମ୍ପତ୍ତିରୁ ଗୋଟିଏ ଅଂଶ ଦେବେ କି ନାହିଁ ?" ଗୋପାଳ ଅନନ୍ତର ସମ୍ମତି କିମ୍ବା ଅସମ୍ମତିକୁ ଅପେକ୍ଷା ନକରି, ବାହାରି ପଡ଼ିଲେ । ମନରେ ଭାବନା ଆସିଛି ସ୍ତ୍ରୀଙ୍କୁ ପଚାରିବେ, ଜୋର କରି କହିବେ, ତାଙ୍କର ନ୍ୟାଯ୍ୟ ଅଂଶ ପାଇବେ । ଅର୍ଥ ନିମନ୍ତେ ସେ ଆଉ ବ୍ୟାକୁଳ ହେବାକୁ ପଡ଼ିବନାହିଁ । ତାଙ୍କ ଅଂଶରେ ହୁଏତ କୋଡ଼ିଏ ହଜାର, ନା ନା, ଆହୁରି ବେଶି, ତିରିଶି ହଜାର, ଚାଳିଶି ହଜାର । ସେବାସଦନଟାକୁ ପକ୍‌କାଘର କରେଇ ଦେବେ । ଭଲ ଭଲ ଚିକିତ୍ସକ ରଖେଇ ଦେବେ । କେତେ ସେବକ ସେବିକା ରହିବେ ଇତ୍ୟାଦି ଇତ୍ୟାଦି ।

ରୋଗୀମାନଙ୍କ ନିମନ୍ତେ ଭଲ ଖାଦ୍ୟ, ଭଲପାଣିରୁ ବ୍ୟବସ୍ଥା ହୋଇଯିବ, ଅନାଥ ଅରକ୍ଷ ଗୋରୁ ଗାଈଙ୍କ ନିମନ୍ତେ ବଡ଼ ବଡ଼ ଘର ପ୍ରସ୍ତୁତ ହେବ । ଆଶ୍ରମ ପକ୍ଷରୁ ସେଠି ଭଲ ଗାଈ ରହିବେ । ଦୁର୍ବଳ ରୋଗୀ ଦୁଧ ଖାଇ ବଳ ଲାଭ କରିବେ । ଏଇ ସ୍ନେହସ୍ଥାନ ଅନାଥ ଅରକ୍ଷମାନଙ୍କ ଭିତରୁ କେତେ କବି, କେତେ ସାହିତ୍ୟିକ, କେତେ ଗାୟକ, କେତେ ବାଦକ, କେତେ ଚିତ୍ରକର, କେତେ ଶିଳ୍ପୀ, କେତେ ବକ୍ତା, କେତେ ଶ୍ରୋତା, କେତେ ଜ୍ଞାନୀ, କେତେ ମାନୀ ବାହାରିବେ ଦେଶର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ ରୂପରେ । ରୋଗ ପୀଡ଼ିତ ଦେହ, ମଥା ଉପରେ ମଧ୍ୟାହ୍ନ ଖରା । ଗୋପାଳ ଚାଲିଛନ୍ତି ପଛକୁ ନଚାହିଁ । ଭାବନା ଉପରେ ଭାବନା ଆସୁଛି । କଣ କରିବେ ସେ, କଣ ବୋଲି ଚନ୍ଦ୍ରାକୁ କହିବେ, କିପରି କହିବେ ? ହଁ ଠିକ୍ ଏଇପରି କହିବେ । ଚନ୍ଦ୍ରା ତୁମେ ମୋର ଅଂଶଟା ମତେ ଦେଇ ଦେବାକୁ ହେବ । କେଉଁ ରୁକ୍ଷ ଶୁଣିବ ? ତାକୁ ଯେ ମୁଁ ଚିରକାଳ କହି ଆସିଛି, ମୋର ଯାହା କିଛି ସବୁ ତୁମର, ମୋର ଧନ, ମୋର ମନ, ସବୁ ତୁମର ପାଇଁ ଉତ୍ସର୍ଗ କରିଦେଇଛି ; କିନ୍ତୁ ମୁଁ କଣ କରିବି ? ସେ ଯେ ମତେ ପ୍ରତ୍ୟାଖ୍ୟାନ କରିଦେଲା । ସେ ଯେ ଅତି ନିଷ୍ଠୁର ହୋଇ ମୋ ପ୍ରତି ଅତ୍ୟାଚାର କଲା । ଶୁଣୁ ରୁକ୍ଷ, ନିଶ୍ଚୟ କହିବି, ନିଶ୍ଚୟ ମୋର ଅଂଶ ଦାବୀ କରିବି । ଅନ୍ୟଥା କଲେ ଜୋର କରିବି, ସେଥିରେ ସୁଦ୍ଧା ସେ ଯଦି ନଦିଏ, ନଶୁଣେ, ଅଦାଲତର ଆଶ୍ରୟନେବି । ଅଦାଲତର ଆଶ୍ରୟନେଇ ଚନ୍ଦ୍ରାଦେବୀଙ୍କ ନାମରେ ଅଭିଯୋଗ ଆଣିବି । କୌଣସି ଜଜ୍ ,କୌଣସି ବ୍ୟାରିଷ୍ଟର, କୌଣସି ମାଜିଷ୍ଟ୍ରେଟ ମୋର ଦାବୀ ଅଯଥା ବୋଲି କହିପାରିବେ ନାହିଁ । ସେ ପୁଣି ଭାବିଲେ, ଏଁ ଏସବୁ କଣ ଭାବୁଛି ମୁଁ । ମୁଁ ଯେ ଆଦର୍ଶ ପଥରେ ଧାଇଁ ଚିରକାଳ ସହିଆସିଛି ଅବହେଳନ । ଚିରକାଳ ସହିଆସିଛି ଅତ୍ୟାଚାର । ପାଟି ଫିଟେଇ ଦିନେ କରିନାହିଁ କୌଣସି ପ୍ରକାର ପ୍ରତିବାଦ । ସେଇ ମୁଁ ଯିବି ଆଜି ଅଦାଲତକୁ ସ୍ତ୍ରୀ ନାଁରେ ଅଭିଯୋଗ ଆଣିବା ନିମନ୍ତେ ! ମନେ ପଡ଼ିଗଲା ଅନନ୍ତର କଥା, ଭାବନା ଆସିଲା, ନା ନା, ଦାବୀ କରିବାକୁ ହିଁ ହେବ । ଯଦି ମୁଁ ଦାବୀ ନ କରେ ମୁଁ ହେବି ଖାଲି । ମୁଁ ଦେବି ମୋର ବ୍ୟକ୍ତିତ୍ୱ ଉପରେ ଆଘାତ ।

ବାରବାରିକ ଦୁରନ୍ତ ହାଁ ହାଁ କରୁ କରୁ କାଲଭୁତା ଉପରୁ ଗୋପାଳଙ୍କ ବାଁ ଗୋଡ଼ଟା ଖସିଗଲା । ସେ ପାଖ

ସ୍ନାନକରି ଫେରୁଥିଲା ଧନୁ ଦଳେଇ । ବୀର କାଚିକି ଯାଉଥିଲା ପୋଖରୀ ପାଣି—ଲୋଟାଟା ସେଇଠି ପକେଇ ଦେଇ ଆସିଲା ଦଉଡ଼ି । ସେଇ ପାଖରେ ଥିଲା, ମଣିଷ ବାଡ଼ରେ କାମ କରୁଥିଲା ରଘୁ ନାହାକ । ସମସ୍ତେ ଧରାଧରି କରି ନେଇଗଲେ ଗୋପାଳଙ୍କୁ । ଚିନ୍ତାଦେବୀ ଭୃଷ୍ଣସ୍ତପାଳ ଗୁରୁବାର ପୂଜା କରିବେ ବୋଲି ଘରଦୁଆର ଲିପାପୋଛା କରି ଝୋଟି ଦେଉଥିଲେ । ଦୁଆର ଠେଲି ଏତେଗୁଡ଼ାଏ ଲୋକ ଘରେ ପଶି କଣ ସବୁ କରୁଛନ୍ତି, କିଏ ସେ ରେ ! ଏ ଘରକୁ କିଏ ଆସିଲା ବୋଲି ତରବର ତରବର ଅଗଣାଆଡ଼ୁ ଆସି ଅଦ୍ଭୁତ ଘଟଣା ଦେଖି ଏକ ପ୍ରକାର ଚିତ୍କାର କରି କହିଲେ, ଦେଖିଲ ! ଧାଇଁ ଯାଉଥିଲେ ଆଶ୍ରମ କରି, ଘରେ ମୁଠେ ଖାଇକରି ପଡ଼ିଥାନ୍ତେ, ଧାଉଁଚନ୍ତି ଗୀତ ଲେଖିବ, ନାଟ ଦେଖିବ, ଯାକୁ ଦେବ, ତାକୁ ଦେବ । ଏବେ କୋଉଁକ ରୋଗ ଧରି ଆସିଲେ ଯେ ଔଷଧ କରିବାକୁ, ବଇଦ, ଡାକ୍ତରଙ୍କୁ ଟଙ୍କା ଦେବାକୁ, ମୋର ବଳ ନାହିଁ ଲୋ ମା ! ଗୋପାଳ ବସିବାକୁ-ଚେଷ୍ଟାକରି ବୀର ପ୍ରଭୃତିଙ୍କୁ ଯିବାକୁ କହି ଚିନ୍ତାଙ୍କୁ ଚାହିଁଲେ, କଣ କହିବେ ବୋଲି ଭାବିଲେ; କିନ୍ତୁ କିଛି ଭାବିପାରିଲେ-ନାହିଁ । ମୁଣ୍ଡଟା କଣ ଲାଗୁଛି । ଦୁର୍ବଳ ମସ୍ତିଷ୍କରେ ଆଘାତ ଲାଗି ବିକୃତ ହେବାକୁ ଆରମ୍ଭ କରିଛି । ଗୋପାଳ କମିତ ଗୋଟାଏ ପୀଡ଼ା ଅନୁଭବ କରି ଦୁଇ ହାତରେ ମଥାଟାକୁ ଚିପିଧରି କହିଲେ, ଓଃ ! ବଡ଼କଷ୍ଟ । ଚିନ୍ତାଦେବୀ ଝୋଟି ଦିଆ ପିଠୋଉ ଗିନାଟା ଧରି ଫେରିଯିବାକୁ ଉଦ୍ୟମକରି କହିଲେ, ଏ କେତେଡ଼େ ସୁନ୍ଦରିଆ ଭଲ ହୋଇଯାଇଥିଲା । ଆଉଥରେ କୋଉଁ ଏ ଯୋଡ଼ା ରୋଗ ଧରି ଆସିଲ ବା ? ସେବା କରିବାକୁ ମୋର ଆଉ ବଳ ନାହିଁ ଲୋ ଝିଅ !

ଗୋପାଳ ଚିନ୍ତାଙ୍କ ମୁହଁକୁ ଅର୍ଥଶୂନ୍ୟ ଦୃଷ୍ଟିରେ ଚାହିଁ କହିଲେ, "ତୁମଠାରୁ ସେବା ପାଇବା ଆଶାରେ ଆସିନାହିଁ, ଚିନ୍ତାଦେବୀ ! ଆସିଛି ମୋର ଭାଗଟା ଅସୁଲକରି ନେବାକୁ । ଟଙ୍କା ଅପେକ୍ଷା ତୁମର ମନଟାକୁ ଯେ ମୁଁ ଅଧିକ ମୂଲ୍ୟ ଦେଉଥିଲି, ଚିନ୍ତା ! କିନ୍ତୁ ମୋର ସେ ଭ୍ରମ ଆଜି ଦୂର ହୋଇଯାଇଛି । ସେ ଭ୍ରମ ଦୂର କରି ଦେଇଛି ଅନନ୍ତ । ଅନନ୍ତର ଅମୂଲ୍ୟ ଉପଦେଶ ଅଗ୍ରାହ୍ୟ କରିବା ଉପାୟ ତ ମୋର ନାହିଁ । କଣ ଭାବୁଛ, ମତେ ଗୋଟିଏ ଭାଗ ଦେବାକୁ ଇଚ୍ଛା କରିବ ଯଦି—"

ବ୍ୟଙ୍ଗ ହସି ଚିନ୍ତା କହିଲେ, "ଭାଗୁଟେ ଦେବିନାହିଁ ଯେ—ବଣରୁ ବାଘୁଟେ ଆଣିଦେବି । ଅନନ୍ତଆ ଜଳଜଳା ଉପଦେଶ ଦେବାକୁ ଯାଇଥିଲା । ଆଜି ଦେବି ଯେ ଖାଇବ । ଆଜି ଏକା ମାଇପ ରଣ୍ଡୀକି ରାଣ୍ଡ କରିଦେବ । ରାନ୍ଧି ବାଢ଼ି ଦି'ଓଳି ପଠେଇବାରୁ ଖାଇ ପିଇକରି ବଳ ଲାଗିଲା ଯେ ଆସିଛ ଭାଗ ନେବାକୁ—"

"ହଁ ହଁ ଚିନ୍ତା ତୁମରି ଅମୃତମୟ ପ୍ରସାଦ ଖାଇ ମୋର ଶକ୍ତି ବଢ଼ିଗଲା । ସେଥିପାଇଁ ଆସିଛି ତୁମ ଉପରେ ଅତ୍ୟାଚାର କରିବାକୁ ।"

ଗୋପାଳଙ୍କ ମନଟା ପୁଣି ଫେରିଆସିଲା ସ୍ୱାଭାବିକ ଅବସ୍ଥାକୁ । ସେ ଉଠିବା ଚେଷ୍ଟାକରି କହିଲେ, ଚିନ୍ତାଦେବି, ଦେଖିତ କେତେ ଗୁଡ଼ାଏ ଦୁଶ୍ଚିନ୍ତା କରିଗଲି । ତୁମକୁ ଯେ ମୁଁ ଅତିଶୟ ଭଲପାଏ, ସେ ଭାବ ମୁଁ ଏତେ ଶୀଘ୍ର ଆଉ ଏତେ ସହଜରେ କିପରି ଭୁଲିପାରିବି, ଚିନ୍ତା ? ତୁମଠୁ ଅନେକ ଗଞ୍ଜଣା ସହିଛି, ଟଙ୍କା ପଇସା ବ୍ୟୟ କରିଦେବା ନିମନ୍ତେ । ଅବଶ୍ୟ ତୁମରି ଅନିଚ୍ଛାସତ୍ତ୍ୱେ କେତେକ କାର୍ଯ୍ୟ କରିବାକୁ ଅଗ୍ରସର ହୋଇଛି ; କିନ୍ତୁ କୌଣସି କାର୍ଯ୍ୟରେ ସଫଳତା ପାଇନାହିଁ, ତୁମର ଅସହଯୋଗ ଅଶ୍ରଦ୍ଧା ଅକଲ୍ୟାଣର ଫଳରେ ।

"ଆରେ ବଶୁଆ ଆଣେ ଭାତଗଣ୍ଡେ ବାଢ଼ିଦେ, ଖାଆନ୍ତୁ । ମୁଣ୍ଡରେ ପିତ୍ତ ଚଢ଼ିଲାଣି । ଚୁଲି କାକତ ଘାମି ଘାମି ପିତ୍ତ ଚଢିଗଲାଣି ରେ ବଶୁ ! ଆଣେ, ଭାତ ଆଣେ ।"

## ପନ୍ଦର

କୋକ ଦୁଖିର ହାତ ଧରିପକେଇ କହିଲା, "କଣ କରିବି ଦୁଖି । ଜବାବ କରିଦେଇଛି, ତୁ ଯେ କୌଣସି ପ୍ରକାରେ ଯୋଗାଡ଼ କରିଦେବାକୁ ହେବ ।" ଦୁଖି କହିଲା, "ଆଜି ତ କେହି ଟଙ୍କାଦେବାକୁ ରାଜି

ହେଉନାହାନ୍ତି । କିଏ କଣ କହୁଛି । ଏକାଥରକେ ହଜାରେ ଦି' ହଜାର ହେଲେ ସିନା ସୁନା ଚେଇନ୍ ହବ ।" ତେବେ ତ ମୁଁ ସେଇ ଦିନଠୁ କହୁଛି ମୋ କଥା ଶୁଣୁନ । କହୁଛ ଆଣିପାରିବ ନାହିଁ । ନିଜର ସ୍ତ୍ରୀ ପାଖରୁ ଯଦି ଆଣି ନ ପାରିବୁ, ଆଉ ଆଣିବୁ କାହା ପାଖରୁ । ହେଁ, ମୁଁ ଯଦି ବଣି ହେଇଥାନ୍ତି, ଯାହା ଇଚ୍ଛା ତାହା ଆଣୁଥାନ୍ତି— ।

"କମିତି ଆଣିବ ମ ! ମାଗିଲେ ଏତେ ପାଟି ଏତେ ଭୁଣ୍ଡ କରୁଚ । ଆଈ ଶୁଣିଲେ ବାଡେଇବ ।"

"ଆଚ୍ଛା ତେବେ ରହିଥା, ଆଉ ଆଠୁଟା ଦିନରେ ସବୁ ସୁବିଧାରେ ହୋଇଯିବ ।"

"ଆଠଦିନ ଆଠଦିନ କରୁଛୁ । ସୁପ୍ରସନ୍ନା କାଲଠୁ ଯୋଉ ଅଭିମାନ କରିଛନ୍ତି । ଆଉ ସେ ଦାଇଟା, କାବୁ କଚ୍ଛି ଦେଲ ନାହିଁ, ସୁନା ଇୟାରିଂ ଦି'ଟା ଦେବାକୁ ହେବ ବୋଲି ଲଗେଇଛି । ତୁ' କି ଉପାୟ କରିବୁ ଶୀଘ୍ର କରେ ।"

ଅନନ୍ତର ସ୍ତ୍ରୀ ଯାହା ସବୁ ନଥିରେ କହିଲା ବୋଲି ଶିଶୁଆ ମା'ଠୁ ଶୁଣି ଚିନ୍ତାଦେବୀ ଅନନ୍ତ ସହିତ ଖିପଣି ଝଗଡ଼ା କରିଥିଲେ, ଚିନ୍ତା ସେଇ ବିଷୟଟିକୁ ନେଇ ମନେ ମନେ ନାନା ପ୍ରକାର ବିଶ୍ଳେଷଣ କରୁ କରୁ ସମୟେ ସମୟେ ସେ ସନ୍ଦେହରେ ଅନ୍ଧକାରମୟ ଆବର୍ତ୍ତରେ ପଡ଼ି ଆତଙ୍କରେ ଚିତ୍କାରି ଉଠୁଥିଲେ । ଦୁଷ୍ମି ହଠାତ୍ ଆସି ଶ୍ରାନ୍ତ କ୍ଳାନ୍ତ ଭାବରେ ଦୁମ୍‌କର ପାଖରେ ବସିପଡ଼ି କହିଲା, କି ବେଭାର ଆରମ୍ଭ କଲୁ, ଖାଲି ଧାଇଁ ଧାଇଁ ପ୍ରାଣ ଗଲାହେ ଆଈ ।

"ସେ କୋକ ଆଉ ଘରକୁ ଆସିବ ନାଇଁକିରେ ? ଅନେଇଁ ଅନେଇଁ ତିନିପାଳି ଗୁରୁବାର ଗଲାଣି—"

"ସେ ଆଜି ଆସୁଥିଲା ଯେ ଦୋକାନଟାର ଟଙ୍କା ଗୁଡ଼ାକ ପାଖରେ ଅଛି, କାଲିକି ବ୍ୟାଙ୍କରେ ରଖିଦେଇ ଆସିବ । କାଲି ସନ୍ଧ୍ୟାବେଳକୁ ନ ହେଲେ ପଅରଦିନ ସକାଳେ ଆସିବ । ହଁ, ମନେପଡ଼ିଲା, ଆସିଲାବେଳେ ମତେ ବାରମ୍ବାର କହିଛି, ସୁରିଆତେ ଉପୁଙ୍କର ବେଶ୍ ଭୟ ହେଇଛି । ତଳେ ବେଲ୍ଟ କୁଆଡ଼ୁ ଆସିଛନ୍ତି, ମଣିଷକୁ ଦେଖି ଭୁହିଁ ପାଡ଼ି ପାହାନ୍ତି ବେଳେ ଖାମମାର ସୁନାରୁପା ନେଇଯାଉଛନ୍ତି । କୋକ ବାରମ୍ବାର କହୁଛି, "ଆଈଙ୍କି କହିଦେବୁ ବୋହୂ-ପିଲାର, ଆଉ ତାର ଯାହା କେତେ ସୁନା ଅଛି, ଗୋଟିଏ ହେଲେ ନ ପିନ୍ଧି ସବୁ ବଡ଼ ସିନ୍ଦୁକରେ ରଖିଦେବ ।"

"ହଇରେ ଦୁଷ୍ମି, ବେଭାରରେ ଲାଭ ହେଇଛିପରା ? ଘରକୁ କାହିଁକି ଧରି ପକେଇ ଆସୁନି, ବ୍ୟାଙ୍କରେ କାହିଁକି ରଖିବରେ ?"

ଦୁଷ୍ମି କହିଲା, ତମେ ଆଉରି ବେଭାର ସୂକ୍ଷ୍ମ ଜାଣିନ ଆଈ ! ତମକୁ ଥରେ ହେଲେ ବ୍ରହ୍ମପୁର ନେବାକୁ ହେବ । ଆଜି ପାଞ୍ଚ ହଜାର ବ୍ୟାଙ୍କରୁ ଆଣିଲେ କିନିଷ କଣା ହେଉଛି । ଦି ଦିନ ପରେ ଦଶ ହଜାର ରଖା ହେଇଯାଉଚି । ଇମିତି ସବୁ ଦିଆ ନିଆ ବେଭାର ଚାଲିଛି ନା । ମୁଁ ଯାଉଛି ଆଈ, ତାକୁ କହିଦେବ କାଲିକି ଗୁରୁବାର ହବ, ଆଈ ଦୁଃଖ କରୁଛନ୍ତି ବୋଲି ପଠେଇଦେବ । ଜାଣିଲନା ଆଈ, କୋକଟା ବଡ଼ ମନୁଆଁ ପିଲାଟା ନା ! ଯୋଉଥିରେ ଲଗେଇ ଦେଇଥିବ ସେଥିରେ ଜିଦ୍ କରି ଲାଗି ଯାଉଚି । ମୋଟର ବେଭାରରେ ସମସ୍ତେ ହଇରାଣ କରିଦେଲେ ବୋଲି ସିନା କିଛି ହେଲାନାହିଁ । ନହେଲେ ତମର ଏ ଘର ସୁନାରେ ଗୁଡ଼ୁଣି ହେଇ ଯାଆନ୍ତାଣି । ତମେ ଏବେ ଦେଖିବ ନାଇଁକି, ଆଈ, ଦି' ବର୍ଷ ଯାକର ଲେଖାତ ଏବେ ହେଇଯିବ । କମିତି ହେଲେ ଟଙ୍କା ଦଶ ହଜାର ଲାଭ ଆସିବ ନାହିଁକି ? ଚିନ୍ତା ଦଶ ହଜାର ନାଁ ଶୁଣି ଦୁଷ୍ମିର ପିଠି ଥାପୁଡ଼େଇ ବିଦାୟ ଦେଇଦେଲେ ।

ଗୋପାଳ ସାହୁ ଘଣ୍ଡି ଭାବନାରେ ଭାବନାରେ କଟେଇ ସକାଳୁ ଉଠି ବିଛଣା ତଳୁ ଜଣେ ଅପରିଚିତ ସମାଲୋଚକର ଚିଠିଟି ବାହାର କରି ପଢ଼ିବାକୁ ଚେଷ୍ଟା କରି ମଢ଼ି ନପାରି ବସି ବସି କାନ୍ଥ ଧରି ଧରି ଝରକା ପାଖକୁ ଯିବାକୁ ଚେଷ୍ଟା କରୁ କରୁ, ଚିନ୍ତାଦେବୀ ପାଖକୁ ଆସି କହିଲେ, କଉଠୁପରା ମତେ ଭଲପାଉଚ ନା ଭୁଲପାଉଚ ବୋଲି, ଏ ମାସର ପେନସନ୍ ଟଙ୍କାଟା ଲୁକାଠେ ରଖିଚ ହେଲ ।

"ଏ ମାସର ପେନ୍‌ସେନ୍‌ଟା ଆଉ ଆସିବ ନାହିଁ । ମୋ ପାଖକୁ ପତ୍ର ଆସିଛି, ବ୍ରିଟିଶ ସରକାରଙ୍କ କାର୍ଯ୍ୟର ବିରୋଧରେ ଗତ ସଂଖ୍ୟା ଦର୍ପଣରେ ମୁଁ ଗୋଟାଏ ପ୍ରବନ୍ଧ ଲେଖିଥିଲି । ସେଥିପାଇଁ ମୋ ଉପରେ ଅବିଶ୍ୱାସ କରି ସରକାର ମୋର ପେନ୍‌ସନ୍ ବନ୍ଦ କରିଦେଇଛନ୍ତି ।"

"ଏଁ କସ କରିଲ, କି ଚୁଲି ଲେଖା ଲେଖିଲ ଯେ ମାସକୁ ତିନିକୋଡ଼ି ଦଶଟଙ୍କା ଆଉ ଦେବେନାହିଁ । କାହିଁ ଆଣିଲ ସେ ନିଆଁ ଧୂଆଁ କାଗଜପତ୍ର, ସବୁ ଚୁଲିରେ ପକେଇଦେବି ।"

ଗୋପାଳ ଚିନ୍ତାଙ୍କ ଏତେଗୁଡ଼ାଏ କଥାର କୌଣସି ପ୍ରତ୍ୟୁତ୍ତର ନ ଦେଇ ଅତ୍ୟନ୍ତ ଅନ୍ୟମନସ୍କ ଭାବରେ କହିଲେ, ଅନୁବୋଉ ! କାଲି ଦର୍ପଣର ସମ୍ପାଦକ ଲେଖିଛନ୍ତି, ଆଉ ମଧ୍ୟ ଜଣେ ବିଚକ୍ଷଣ ସାହିତ୍ୟିକ ମୋର ଲେଖାର ଏତେ ପ୍ରଶଂସା କରି ଲେଖିଛନ୍ତି ଯେ ମୁଁ ଆଉ ସ୍ଥିର ହୋଇ ରହିପାରୁନାହିଁ । ଏଣେ ସମ୍ପାଦକ ମୋର ଲେଖା ମାଗିଛନ୍ତି । ତୁମେ ଅନୁଗ୍ରହ କରି ଯଦି ଚଷମା ଗୋଟିଏ ଆଣିଦିଅନ୍ତ—?

"ଏଁ ଶୁଣବା ଯୁଆଙ୍କ କଥା ' କି ଚୁଲି ଲେଖା ଲେଖିଲେ ଯେ ଟଙ୍କା ଗଲା, ପଇସା ଗଲା, ସବୁ ଗଲା । ଆଉରି ସେଇ ଦୁଆ ନାଗିଛି କସନା—ଚସମା, ଚସମା, ଚସମା ! ! !"

ଗୋପାଳ ଗମ୍ଭୀର କରୁଣ ଦୃଷ୍ଟିରେ ଚିନ୍ତାଙ୍କ ମୁହଁକୁ ଚାହିଁ କହିଲେ, "ମୁଁ ଏବେ ଭାବୁଛି ଚିନ୍ତା, ତୁମେ ମତେ କେବେ ମୁହୂର୍ତ୍ତକ ପାଇଁ ବୁଝିବା ଭଲ ପାଇନାହଁ । ଯଦି ଭଲ ପାଇଥା'ନ୍ତ, ସାମାନ୍ୟ ଗୋଟିଏ ଚଷମାର ମୂଲ୍ୟ ଦେବା ନିମନ୍ତେ ଏତେଦୂର କୁଣ୍ଠିତ ହୁଅନ୍ତନାହିଁ । ମୋର କଳ୍ପନା ଜଳ୍ପନା ସବୁ ବୃଥା । ମୋର ଆନନ୍ଦରେ ତୁମର ସୁଖ ନାହିଁ । ମୋର ଶାନ୍ତିରେ ତୁମର ତୃପ୍ତି ନାହିଁ । ମୁଁ ନିଷ୍ଚୟ ଜାଣି ଜାଣିଲିଣି ଚିନ୍ତା, ତୁମେ ମୋର ପ୍ରେୟସୀ ଭାବରେ କେବେ ପ୍ରେମ ଦେଇ ପାରିବନାହିଁ । କଣିବ ରାକ୍ଷସୀଭାବରେ ମୋ ଉପରେ ଅମାନୁଷିକ ଅତ୍ୟାଚାର—"

"ମଣିଷ୍ଟାର ମନ୍ତ ଛନ୍ନ ହେଲାଣି ଲୋ ମା ! ମରିବାକୁ କାଳ ଆସିଲାଣି ଯେ ସେଥିପାଇଁ ରାକ୍ଷାଶୁଣୀ ପିଚାଶୁଣୀ ବୋଇଲାଣି ।"

ଗୋପାଳ ମୁହଁରୁ ଫୁଟିଉଠିଲା ଉନ୍ମାଦର ଉତ୍କଟ ହାସ୍ୟ । ସେ ଉତ୍କଟ ହସି ବିକଟ ଦୃଷ୍ଟିରେ ଚାହିଁ କହିଲେ, "ହଁ ଚିନ୍ତା, ମୋର ମରିବା ସମୟ ଆସିଲାଣି । ମୋର ମରଣ ହେଲେ ତୁମର କେତେ ଆନନ୍ଦ ହେବ । କେତେ ସୁଖରେ କେତେ ସ୍ୱଚ୍ଛନ୍ଦରେ ତୁମେ ସଂସାର କରିବ ।" କହୁ କହୁ ତାଙ୍କର ମସ୍ତିଷ୍କ ଉତ୍ତପ୍ତ ହୋଇ ଉଠିଲା । ସେ ଆହୁରି ଟିକିଏ ଉଗ୍ର, ଆହୁରି ଉତ୍କଟ ସ୍ୱରରେ କହିଲେ, "କିନ୍ତୁ ଚିନ୍ତା, ତୁମର ଆଶା ଆକାଂକ୍ଷା ଏତେଦିନେ ପୂରଣ ହେବନାହିଁ । ତୁମେ ଜାଣ, ଏଖଣି ମୁଁ ଲକ୍ଷେ ବର୍ଷ ବଞ୍ଚି ରହିବାକୁ ଚାହେଁ । ବଞ୍ଚିରହି ତୁମ ସହିତ ଲଢ଼ି, ତୁମଠୁ ଟଙ୍କା ସୁନା ଭୂସମ୍ପତ୍ତି ନେଇ, ସାଧାରଣରେ ବିତରଣ କରି ଦେବାକୁ ଚାହେଁ । ତୁମେ କହିବ ମୁଁ ଦେବିନାହିଁ, ନ ଦେବାକୁ ତୁମେ କିଏ, ଚିନ୍ତା ? ଆଇନ୍ ଅଛି, ଅଦାଲତ ଅଛି, ତୁମେ ଅଦାଲତରେ ଠିଆହୋଇ ମୋର କୌଣସି ହକ ନାହିଁ ବୋଲି କହିପାରିବ ନାହିଁ । ଚିନ୍ତା ! ବର୍ତ୍ତମାନ ତୁମେ ଯେଉଁପରି ମୋର ଖୋରାକ ପୋଷାକର ବ୍ୟବସ୍ଥା କରୁଛ, ମୁଁ ! ନା ନା ! ମୁଁ ନୁହେଁ ! ମୁଁ କିଛି କରିପାରିବ ନାହିଁ, ଅଦାଲତ ତୁମପାଇଁ ସେଇପରି ବଞ୍ଚିବା ଉପାୟ ସ୍ଥିର କରିଦେବ ।"

ଉତ୍ତରପାଖ ଝରକା ଆଡ଼ୁ ବହିଆସିଲା ଥଣ୍ଡା ହାଓା । ଗୋପାଳ ଶୀତର ତାଡ଼ନାରେ କମ୍ପି କମ୍ପି ଜାନିଜୁକ ହୋଇ ବସିପଡ଼ି ଆତୁରହୋଇ କହିଲେ, "ଚିନ୍ତା, ପୁରୁଣା କୁର୍ତ୍ତାଟାକୁ ବଶିପୁରୁର ରୋଗୀ ଗୋଟାକୁ ଦେଇଦେଲି, ଶୀତରେ ଦେହ ଥରୁଛି ।"

"ମଣିଷ୍ଟା ବାୟାଟାଏ । ହେଲା ତ ହେଲା ଗଲା । ଏ ଘର ଦରବ ଯାହା ଯୋଉଠେ ଥିବ ପର ହାତକୁ

ବଢ଼େଇଦେଲେ ଜମିଉଠିବ । ହେଇଟି ସେଦିନ ଦଶସୁକା ଜଉଡ଼ ଦେଇ ଅଙ୍ଗିଟା କିଣି ଆଣିଥିଲା କାର୍ତ୍ତିକ—”

ହଠାତ୍ କାର୍ତ୍ତିକର ନାଁ ଶୁଣି ଗୋପାଳ ବଡ଼ ଆଶାପ୍ଲୀ ଭାବରେ ପଚାରିଲେ, “କାର୍ତ୍ତିକ ଆଉ ମୋ ପାଖକୁ ଆସିପାରିବ ନାହିଁ, ଚନ୍ଦ୍ରା ? ସେ ଗଲାଠୁ ମୁଁ ବଡ଼ ଅଭାବ ବୋଧ କରୁଛି—”

“ଏଁ ଶୁଣମ ମଣିଷଟାର କଥା ! ଏଇକ୍ଷଣି ଲଙ୍କାଗଡ଼ ଜପୁ କଲାପରି କଳକଳା ନାଦ କରୁଥିଲା, ଏଇକ୍ଷଣି ଶୋକ ବାହାରିଲାଣି ।” “କାର୍ତ୍ତିକ ଆସିବନାଇଁ ! ଯେମନ୍ତେକୁ ଟଙ୍କାଟା ଆସୁଥିଲା ଯେ ସଂସାର ଯାକର ଧଡ଼କ ବଢୋଉଥିଲା । କି ଚୁଲି ନେଖା ନେଟିକରି ତ ସେତକ ମଧ୍ୟ ଗଲା । ଏଥର ଧିରିଧାଉ ହୋଇ ମୁଠେ ଖାଇ ମୋଡ଼ମାଡ଼ ହେଇ ପଡ଼ିଥ । ନାତିକ ଦେଇପକାଇଲା, ନାତିକ ଦେଇପକାଇଲା ବୋଲି ତମମାନଙ୍କର ଛାତି ଫାଟି ଯାଉଥିଲା, ଆଖି ଫୁଟିଯାଉଥିଲା ଯେ ମୋ ପିଲା ଏବେ ବେଭାର କରୁଚ, ତାର ସେ ହଜାର ହଜାର ଆଣୁଚ । ଅଁଣୁଚ ବୋଲି ତାର ସେ ରଖିବ ନା, ମୋ ପେଟକୁ ଦବକିଆଁ । କଉଚ ଭାଗ ନେବ । ଭାଇ ଭାଗ ନେଇଗଲା ଯେ ସବୁ ମଦ ଖଟିରେ, ଗୁଲି ଖଟିରେ ପଶିଲା । ଆଉ ନେପୁ ଆସିଛି କୋର୍ଟକୁ ଯିବ, ମୋଠୁ ଭାଗ ନବ ।”

ଚନ୍ଦ୍ରା ଚାଲିଗଲାପରେ ଗୋପାଳ କେତେ ସମୟ ଯାଏ ଭାବନାଶୂନ୍ୟ ଭାବରେ ବସିଲାପରେ ମଥାଟେକି ଚାହିଁଲେ ବାହାରକୁ । ମୁହୂର୍ତ୍ତକେ ପୁଣି ତାଙ୍କ ମନରେ ଜାଗିଉଠିଲା ସୁପ୍ତକଳ୍ପନା । ସେ ଦେଖିଲେ ସୃଷ୍ଟିର ରଙ୍ଗଭୂମିରେ ଲାଗିଛି କେତେ ପ୍ରକାର ଅଭିନୟ । ରାସ୍ତାରେ ଯୋଡ଼ାଏ ଛୋଟ ବାଳକ ଲାଗିଛନ୍ତି ଖଡ଼ଗୋଟାଳ ଗୋଟିକ ପାଇଁ ଟଣାଓଟରା, ଗଡ଼ ଗଡ଼ ଯୁଦ୍ଧ । ଯାହାର ବଳ ଅଧିକ ସେ ଅନ୍ୟଟିକୁ ତାର ଖେଳର ସାଥୀହେଲେ ସୁଦ୍ଧା ତଳେ ଲୋଟେଇଦେଇ ନେଇଯାଉଛି ଖଡ଼ିଟି, ଅନ୍ୟଟି ଚିତ୍କାର କରୁଛି ପ୍ରାଣପଣେ; ସେଇ ପାଖରେ ପଣ୍ଡାଘର ଡଙ୍ଗାରେ ଗାଈ ହୁଇଟି କୁଣ୍ଡା ଖାଉ ଖାଉ, ଚୌଧୁରୀଘର ଗୋରୁଟା ଆସି ଜଦରବସ୍ତି ଖାଇ ଯାଉଥିଲା, ବୁଢ଼ୀ ପଣ୍ଡିଆଣୀ ଦୁଆର ମୁହଁକୁ ଆସି ନସ୍ଥକ ଗାଳିଦେଲା ଚୌଧୁରୀଆଣୀକୁ ।

ସେ ପାଖର ପାଡ଼ୀଘର ଦୁଇଭାଇ ଲାଗିଛନ୍ତି ବାକ୍‌ଯୁଦ୍ଧରେ, ଧାନଘର ଚାବିଟା ବଡ଼ଭାଇ ସାନ ଭାଇକୁ ଦେଉନାହିଁ ବୋଲି । ପଶୁ ପକ୍ଷୀ ଲାଗିଛନ୍ତି ନିଜର ଆହାର ଅନ୍ୱେଷଣରେ । ମନୁଷ୍ୟ ଚାଲିଛି ନିଜର ଅଗ୍ରଗତି ପଥରେ । ନିଜର ଅଭିବୃଦ୍ଧି କାମନାରେ, ଆନନ୍ଦରେ ଉନ୍ମତ୍ତ ହୋଇ ଧାଇଁଛନ୍ତି ବିହ୍ୱଳ ଜନତା—

ଗୋପାଳ ଆଉ ଟିକିଏ ମୁହଁ ବଢ଼େଇ ଦେଖିଲେ ସପନା ମିଶ୍ରଙ୍କ ଦୁଆର ପାଖରେ ଠିଆହେଇଛି ରମା । ପିଲାଦିନେ ଏକାସାଙ୍ଗରେ କେତେ ଖେଳିଛି । ବୟସ ପରିଶେଷ ଡେଇଁ ଗଲାଣି ବର୍ତ୍ତମାନ୍ ରମାର । ତାର ଛୋଟ ନାତି କି ନାତୁଣୀ ହୋଇପାରେ ଧରିଛି କାଖରେ । ରମା ଗୋପାଳଙ୍କ ଆଡ଼କୁ ଚାହିଁଦେଇ ସେଇ ଯୌବନ ସମୟରେ ଯେଉଁପରି ଦେଖିଦେଲେ ଲଜ୍ଜାରେ ଜୁଡ଼ୁ ସୁଡ଼ୁ ହେଇ ମୁଣ୍ଡର ଲୁଗା ଟାଣିଦିଏ, ଠିକ୍ ସେଇପରି ଅଧପାଚିଲା ବାଳ ଉପରେ ଅଞ୍ଚଳ ଟାଣିଦେଇ ଚାଲିଗଲା ଭିତରକୁ । ମୁହୂର୍ତ୍ତକ ପାଇଁ ଗୋପାଳଙ୍କ ମନଟା ପୁଣି ହେଇଗଲା ସରସ । ସେ ରମାକୁ ନାୟିକା କରି ଗଳ୍ପ ଲେଖିବାକୁ ଖୋଜି ବସିଲେ କାଗଜ କଲମ ।

ଦୁଷ୍ଟି ଦୁଆର ମୁହଁରେ କୋକର କାନପାଖରେ ସବୁପ୍ରକାର ଉପଦେଶ କଥାଗୁଡ଼ିକ କନ୍ଧ ଭିତରକୁ ଠେଲିଦେଇ ଚାଲିଯାଉଥିଲା, କୋକ ଫେରିପଡ଼ି ଦୁଷ୍ଟିର ହାତ ଧରିପକେଇ କହିଲା, “ନାହିଁରେ ଦୁଷ୍ଟି, ଏସବୁ କାମ ମୋ ହାତରେ ହବନାହିଁ ।”

ଦୁଷ୍ଟି ରାଗିଯାଇ କହିଲା, “କାମ ହବନାହିଁ, ଖାଇବା ହବ ! ନିତି ଦଶ ଟଙ୍କାର ମଦ ଗିଳିବ, କହୁଛି ଏ କାମ ହବନାହିଁ । ଏ ପୁଅ ଏକାଥରକେ ଆଉ ସତୁଆ ପଣିଆଁଟା ଦେଖେଇ ହ’ ନାରେ ।”

“ତୁ ବ୍ରହ୍ମପୁର ପଳେଇ ଗଲେ ମୁଁ ଏସବୁ କରିପାରିବ ନାହିଁ ।”

"ଆରେ ! ତତେ କହିଲିପରା ! ମୁଁ ଏଇ ଶୀତଳେଇରେ ଅଛି, ସନ୍ଧ୍ୟାବେଳକୁ ଚୋର ଯାହା ଦରକାର ଧରି ଆସିବ । ଦିନେ ଦିନ ଭିତରେ ସିମିତହେଲେ କାମଟା କରିନେବାକୁ ହେବ । ଠିକ୍ ସନ୍ଧ୍ୟାବେଳକୁ ଆଈ ଗୋସେଇ ଘରେ, ବୋହୂପିଲା ହେଉକା ସବୁତ ଗୋସେଇ ଘରେ ଥିବେ । ତୁତ ଥିରିକାଟି ସିନ୍ଦୁକଟା ଖୋଲିଦେଇ ଛୋଟ ପେଡ଼ିଟାରୁ ସୁନାଟା ନେଇ ଆସିବୁ । ମୁଁ ଜାଣିଛି ଆଈ ସେଦିନ କହୁଥିଲେ, ହାତପେଡ଼ିଟାରେ ସବୁ ରଖିଛନ୍ତି । ମୁଁ ଏଇ ପିଣ୍ଡାତଳେ ଥିବି, ତୁ' ଆସିବା ଦେଖିଲେ ଆସିବି । ମୋ ହାତରେ ସୁନାଟା ଦେଇଦେବୁ, ତାପରେ ଆଉ ଦୁଇ ଚାରିଦିନ ଗଲାପରେ ଆଈଙ୍କୁ କହିବୁ 'ମୋର ମୁଦି ଦି'ଟା ସିନ୍ଦୁକରେ ରଖିଦିଅ ଆଈ—ସେତେବେଳେ ଆଈ ଜାଣିବେ ସୁନା କିଏ ନେଇ ଯାଇଛିବୋଲି ।"

"ତୁ ଆଚ୍ଛା କଥା କହୁଛୁ ! ଆଈ ମୁଣ୍ଡଟିକି ଫଟେଇଦବ—"

"ଗଧ ! ତୁ ତ ନିଶ୍ଚିନ୍ତରେ ଟିକିଏ ପିଇ ଗଣ୍ଡିଏ ଖାଇ ଦିନରାତି ଶୋଇବୁ । ତତେ ଆଈ ସନ୍ଦେହ କରିବ କିରେ ! ତୋ ଆଈ ତୋ ଅଜାକୁ ସନ୍ଦେହ କରିବରେ କୋକ ! ଶୁଣିଲୁ ସୁନାପୁଅପରି ଏତକ କାମ କରିଦେ ଗଲା, ମଜା ସୁଖରେ ଆଉ ବର୍ଷେ କି ଛ' ମାସ ସୁପ୍ରସନ୍ନା ଘରେ ରହିବୁ ।"

ବଶୁ ପାଦରେ ତେଲ ହାତଟା ବୁଲେଇ ଦେଉଥିଲା । ନିଆଁ ଜମେଇଁ ପାଖରେ ଗୋଡ଼ ଦୁଇଟା ଲମ୍ବେଇଦେଇ ଚନ୍ଦ୍ରାଦେବୀ ବସିଥିଲେ । କୋକ ଦୁଆର ପାଖରେ ଡାକିଲା ଆଈ ! ଚନ୍ଦ୍ରା ମୁହଁ ଫେରେଇ କିରୋସିନ ଡିବିର କ୍ଷୀଣ ଆଲୋକରେ କୋକର ମୁହଁକୁ ଚାହିଁ କହିଲେ, "ଏହେ ! ଏ କିସ ହେଇଚୁରେ କୋକ ! ଏ ସେ ମୁହଁ ଦେହ କୁଆଡ଼େ ଗଲା, ଆଖିରେ ଅଢ଼େ ଅଢ଼େ ଚାଉଳ ଧରିବ, ନିଶାଖିଆ ମଣିଷପରି ଆଖି ଢୁଲୁଢୁଲୁ ହୋଉଚି, କି ବେଖର କରିବୁରେ କୋକ ? ଆ ଆ ଘରକୁ ପଳେଇ ଆ ।"

ମାଗି ଆଣିଲା ତିଅଣ ସୋଡ଼େକେ । ଦୁଷ୍ଟ ସେରେକସାକ କଥା କହୁଥିଲା, କୋକ ସେଥିରୁ ଦଶ ଗ୍ରାସରୁ ଗ୍ରାସେ ମଧ୍ୟ କହିପାରିଲା ନାହିଁ । ଚନ୍ଦ୍ରା ଉଠିପଡ଼ି କୋକର ପିଠିରେ ହାତବୁଲେଇ ପଚାରିଲେ, ଦିହ ସୁଖ ନାହିଁକିରେ କୋକ ? କାହିଁକି ଇମିତି ଦିଶୁଚୁରେ ?

କୋକ ମୁହଁ ଫେରେଇ କହିଲା "ଦେହ ଭଲ ଲାଗୁନାହିଁମ ।"

ଇମିତି ଜାଡ଼ୁ ଜାଡ଼ୁ କରି କାହିଁକି କଥା କହଉଚୁରେ, ଚାଲେ ଚାଲେ ଖାଇବାକୁ ଚାଲେ ।

କୋକର ସ୍ତ୍ରୀ ସେବତି ଅସ୍ୱାସ୍ଥ୍ୟଯୋଗୁଁ ସ୍ଥାନ ପରିବର୍ତ୍ତନ କରିବା ନିମନ୍ତେ ଯାଇଥିଲା ବାପ ଘରକୁ ତପଙ୍ଗାପୁରୁ । ତପଙ୍ଗାପୁରଠୁ ସେବତିର ମକରର ବର ବ୍ରହ୍ମପୁରଠେ ପୋଲିସ ଇନସ୍ପେକ୍ଟରର କାମ କରୁଛି, ସେବତି ମକରଠୁ ସ୍ୱାମୀର ସୁକାର୍ଯ୍ୟାବଳୀର ସବୁଟିକି ଭାଲକା ନପାଇଲେ ମଧ୍ୟ ମକରଠୁ କିଛି କିଛି ଶୁଣି ଦୁଃଖ ଅଭିମାନରେ କାନ୍ଦି କାନ୍ଦି ରହିଛି ।

ଆସିଲାବେଳେ ବାଟରେ ଦୁଷ୍ଟ ଯାହାଟିକିଏ ଦେଇଥିଲା, କୋକର ସେଇଟିକ ନିଶା ଖାଇସାରିଲା ବେଳକୁ ପ୍ରାୟ ଛାଡ଼ି ଆସିଲାଣି । ସେ ଆଉ କୁଆଡ଼କୁ ନଗଲିଁ ଖାଇସାରି ବିଛଣାରେ ପଡ଼ିଗଲା । ସକାଳ ପହରେ ବେଳକୁ ଉଠି ଗାଧୋଇ ଗଲାବେଳେ ଶୀତଳେଇଙ୍କ ପାଖରେ ଦୁଷ୍ଟ ସହିତ କଥାହେଇ ଆସିଲା ।

ଅନ୍ଧାରିଆ ଟମ୍ଭୁରି ଭିତରେ କାନ୍ଥ ଆଡ଼କୁ ମୁହଁକରି କୋକ ଶୋଇଥିଲା, ଚନ୍ଦ୍ରାଦେବୀ ବିଛଣାରେ ବସିପଡ଼ି କହିଲେ, "ତୋ ଅଜା ଯାହା ହୋଇଛନ୍ତିରେ କୋକ ! ସେ ଦୁଷ୍ଟ ଟୋକର ଭସ୍ମ କଥା କହିବା ଦିନଠୁ ସୁନାଗୁଡ଼ାକ ବଡ଼ ସିନ୍ଦୁକରେ ରଖିଦେଇଛନ୍ତି ।"

କୋକ ଏତିକିବେଳେ ବୁଦ୍ଧି ଖରଚ କରି ପଚାରିଲା "ସୁନାତ ସିନ୍ଦୁକରେ ରଖିଛି, ଚାବିଟା କୋଠେ ରଖିଚୁ ? ଚାବିଟା ପକେଇ ଦେଇଥିବୁ । ସେ ଆଡ଼େ ତୁ ଅଜା ସାଙ୍ଗରେ ପଇସାଟିକୁ ଯୁଦ୍ଧ

କଲାବେଳକୁ ସୁନାଗୁଡ଼ାକ ଏଆଡ଼ୁ କିଏ ନେଇଯାଇ-ଥିବ ! ସବୁଟା ଭଲ ଯାଗାରେ ରଖିଲେ ହବନା !"

"ଆହା, ତୋ ଆଈ ଫିଙ୍ଗିଦେବା ମଣିଷ କିରେ ? ତୋର ଏଇ ଖଟ ଉପରେ ମୁଚୁନାତଳେ ରଖି ଦେଇଛି ।"

କୋକ ଆନନ୍ଦରେ ମୁହଁ ପୋଡ଼େଇ ଘଟକେଇ କହିଲା "ତୁ ଏଠୁ ଯା' ଲୋ ଆଈ, ମତେ ବଡ଼ ନିଦ ଲାଗୁଛି ।"

"ହଁ ହଁ ଶୋଇ ପଡ଼େ । ଧାଇଁ ଧାଇଁ ଶୁଖି ଗଲୁଣି, ଶୋଇ ପଡ଼େ । ବୋହୂପିଲା ଏଣ୍ଡୁରି କରୁଚି । ମୁଁ ଯାଉଛି ନଘକ, ଆସିଲେ ଖାଇବାକୁ ଦେବି ।"

ସନ୍ଧ୍ୟା ହେଲା ପରେ କୋକ ବିଛଣାରୁ ଉଠି ଦାଣ୍ଡକୁ ଆସିଲା । ଦୁଖି ମଇଳା ଗୁଦରଟା ପୋଡ଼େଇ ଧୋବେଇ ପଧାନ ସାଇ ଦାଣ୍ଡରେ ଏପାଖ ସେପାଖ ହେଉଥିଲା ।

"କଣ କିଛି ହେଲାକିରେ କୋକ ?"

"କୋଠେ ଥିବା କଥା ଜଣା ପଡ଼ିଲା ଯେ ଆଈଟା ତ ଘରୁ ବାହାରୁ ନାହିଁ, ନେବ କିମିତି ?"

ଦୁଖି ଟିକିଏ ରହି କହିଲା, "ହଉ ତେବେ, ମୁଁ କାଲି ସକାଳୁ ସବୁ ଠିକ୍ କରିଦେବି ।"

ଚନ୍ଦ୍ରାଦେଈ ବଡ଼ ସକାଳୁ ଉଠି କୂଅ ପାଖର ଦୂବ ମୁଠେ ଉପାଡ଼ି ଫିଙ୍ଗିଦେଇ ସେ ପାଖ ଆଡ଼କୁ ବୁହିଁଲା ବେଳକୁ ଶିଖିଆ ମା' ଠିଆ ହୋଇଚି । ଚନ୍ଦ୍ରାଦେଈ ଦୁଃଖିତା ହୋଇ କହିଲେ, 'ଶିଖିଆ ମାଲୋ, ଏ ରାତିଟାରେ ସପନ ଦେଖିଲି, ମୋ କୋକ-ଖାଲି ତେଲ ଗୁଡ଼ାକ ପିଇ ପକାଉଚି, ରକ୍ତ ବାନ୍ତି କରୁଚି ବୋଲି ଯେ, ବଡ଼ ଅସାର ସପନଟା, ନାଇଁ ?"

ଶିଖିଆ ମା' କୋକର ସଂବାଦ ଜାଣେ । ସେ ମନେ ମନେ ହସି ସହାନୁଭୂତି ଦେଖେଇ କହିଲା, "ହଁ ହେ ଭାଉଜ, ତେଲ ସପୁନଟା ଅସାର ଯେ, ଠାକୁରାଣୀଠିକି ଭୋଗଟେ ପଠେଇ ଦିଅ । ରିଷ୍ଟି ଖଣ୍ଡନ ହୋଇଯିବ ।"

ଚନ୍ଦ୍ରା ଦୁଃଖିତା ଅନ୍ତଃକରଣରେ ଗାଧୋଇ ଆସି ଇଷ୍ଟଦେବତା ପାଖରେ ଘିଅ ଦୀପ ଜାଳିଦେଇ, ବିଶୁକୁ ପଠୋଉଥିଲେ ଠାକୁରାଣୀଙ୍କ ପାଖକୁ । ଦୁଖି ଅତ୍ୟନ୍ତ ସନ୍ତ୍ରସ୍ତଭାବରେ ଘରେ ଢୁକି କହିଲା, "ଆଈ, କଣ କହିବି !"

"କଣ ହେଲାରେ ଦୁଖି ?"

"କଣ ଆଉ ହବ, ଆଉ ତୁଣ୍ଡରେ ନ ଧରିବା କଥା—"

"କିରେ କଣ ହେଲା କଉନୁ । ଟଙ୍କା ନଷ୍ଟ ହେଲା କିରେ ?"

"ଟଙ୍କା ନଷ୍ଟ ହେବା କଥା ଥିଲେ କିଏ ପରୁଛୁଥିଲା, ଆଈ—"

"ଆଉ କଣ ହେଲା କଉନୁ ଦୁଖି !"

"ମୁଁ ଆଜ ରାତିରୁ ବ୍ରହ୍ମପୁରଠୁ ବାହାରିଲି । ଆସିଲା ବେଳକୁ ଜ୍ୟୋତିଷ ଗୋଟେ ଦାବୁଡ଼ିଲା—"

"ଏ ! ସେ ସର୍ବନାଶ କିସ କହିଲାରେ, ଦୁଖି ?"

ଦୁଖି ଶୋକ ବିଷାଦରେ ଅଭିଭୂତ ହୋଇ କହିଲା, "ସବୁ ସେଇ କୋକର କଥା ।"

"ମୁଁ କି କରିବି, ମୁଁ ତ ରାତିରେ ସପନ ଦେଖିଚିରେ ଦୁଖି ! ମୋ କୋକ ଖାଇଁ ଥାଉରେ, ଜଳଜଳା ଅନନ୍ତଆ ତ ପଡ଼ିଶା ଘରେ ଗୁହିଁ ରଇଚିରେ ।"

"ଆଈ ! ଜ୍ୟୋତିଷଟା କିମିତିଜାଣିଲା ? ମତେ ପଚାରିଲା ତୁ କୋଠିକି ଯାଉଚୁ, ମୁଁ କିଛି କହିନି । ସେ ତ ସେଇଷଣି କହିଦେଲା: ଡାକ ନାଁ କୋକ, ଭଲ ନାଁ ବିଭୂତିଭୂଷଣ । ତୁ ତାର ବଡ଼ ବିଶ୍ୱାସୀ ସାଥୀ । ଦି' ଜଣ ଏକା ସାଙ୍ଗରେ ବ୍ୟବସାୟ କରୁଛ । ତମ ନାଁଟା ମଧ୍ୟ କହିଦେଲା ଆଈ—ମୁଁ ଆଉ କଣ କହିବି ଆଈ—ଦୁଃଖରେ ଛାତି ଫାଟିଯାଉଛି । କହିଲା ସେ କୋକର ଆୟୁଷ ଆଉ ଛ'ଦିନ—"

ଚନ୍ଦ୍ରା ଦୁଖିର ପାଟି ଚିପିଧରି କହିଲେ, "ଆଉ କିଛି କହନାଇଁରେ । ମୋ କୋକକୁ ଆଇଷ କିଣିକେ କୋଉ ଦିଅଁ ଦେବତା ଦେବେରେ ଦୁଖି ?"

"ସେଇ କଥା କହୁଛି ପରା ଆଉ । ଜ୍ୟୋତିଷଟା ସେକଥା କହିଲା, ଏ କଥା ମଧ୍ୟ କହିଲା । ମଙ୍ଗଳବାର ତିନିସନ୍ଧ୍ୟା ବେଳେ ଦେବୀଙ୍କ ସ୍ଥାନରେ ତିନୋଟି ମନ୍ଦାର ଫୁଲ, ତିନୋଟି କନିଅର ଫୁଲ, ତିନୋଟି ରକ୍ତ ବର୍ଣ୍ଣ ବସ୍ତ୍ର, ତିନିଗୋଟି ଘୃତ ପାଚିତ ପିଷ୍ଟକ—"

"ଘୃତ ପାଚିତ ବୋଇଲେ କଅଣରେ ?"

"ଘିଅରେ ଭଜା ହୋଇଥିବା ପିଠା: ଏ ସବୁ ନେଇ ତିନିଦିନ ଯାଏଁ ତ୍ରିସନ୍ଧ୍ୟାରେ ପୂଜା କରିବେ ।"

ହେଲେ ଆଉ କିଛି ହବନି । ଏକାଥରକେ ଦୀର୍ଘାୟୁ—ଶହେ କି ଦୁଇଶ ବର୍ଷ ଆୟୁଷ ବଢ଼ିଯିବ ।

× × ×

ଚନ୍ଦ୍ରାଦେବୀ ଶୀତଳେଇଙ୍କ ପାଖକୁ ଯାଇଛନ୍ତି । କୋହ୍ନ ପିଲାଟାକୁ ମଧ୍ୟ ନେଇଯାଇଛନ୍ତି । ମା ଠାକୁରାଣୀ ପାଖରେ କୋକର ଆୟୁଷ କଥା ଜଣେଇବ ବୋଲି । କୋକର ଶୋଇବା ଘର କାନ୍ଥରେ ଦୁଷ୍ଟା ଠୁକ୍ ଠୁକ୍ କରି ଶବ୍ଦ କଲା । କୋକ ଚେତିକାବେଳେ ଖୁବ ଖୋଜୁଥିଲା । ବନ୍ଦ ଝରକାଟା ଅଳ୍ପ ଖୋଲିଦେଇ କହିଲା, ଅଳ୍ପ ଟିକିଏ ରହରେ ଚାବିଟା ଖୋଜୁଛି ।

କୋକ ଫେରିଆସି ବଡ଼ ସିନ୍ଦୁକ ଖୋଲି, ଛୋଟ ସିନ୍ଦୁକରୁ ଦୁଇଟିଯାକ ଫରୁଆ ଧରି ଯାଇ ଦାଣ୍ଡ ଦୁଆରେ ଠିଆହେଲା । ଦୁଷ୍ଟା ଅତି ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଫରୁଆ ଦୁଇଟି ଚାଦରରେ ଗୁଡ଼େଇ କାଖତଳେ ଧରି କହିଲା, "ମୁଁ ଯାଉଛି, ଏଇ ରାତି ବସ୍‌ରେ ବ୍ରହ୍ମପୁର ଚାଲିଯିବି । ତୁ ପଅର ଦିନ ଆସିବୁ । ଶୀତଳେଇଙ୍କ ସେବକ ପାଖରେ ଦି'ଟା ବୋତଲ ରଖି ଦେଇଛି । ମୁଁ ଗଲି, ଦି'ଦିନ ପରେ ଆସିବୁଟି । ମୁଁ ସୁନାଟା ନେଇ ସୁପ୍ରସନ୍ନାକୁ ଦେଇ ଦେବି ।" କୋକ ମନେ ମନେ ଆଶ୍ୱସ୍ତିବୋଧ କରି କହିଲା "ଦି'ଜଣ ଯାକ ଏକା ସାଙ୍ଗରେ ଯାଇଥାନ୍ତେ । ମୁଁ ତ ତାଙ୍କୁ ନ ଦେଖିଲେ ରହିପାରୁ ନାହିଁ ।"

ଦୁଷ୍ଟା ଧମକେଇ କହିଲା, "ଆଉ ଗୁଡ଼ାଏ ପ୍ରେମ ଦେଖେଇ ହେନା, ଆଉ ଜାଣିଲେ ତୋ ପଛେ ପଛେ ବ୍ରହ୍ମପୁର ଧାଇଁ ଯିବ । ଏକାଥରକେ ଚୋର ଦୋଷରେ ପୋଲିସ୍ ଏରେଷ୍ଟ କରି ନେଇଯିବ । ସେତେବେଳେ ତାଙ୍କୁ ଆଉ ଦେଖିବୁ ଯେ ।" ଦୁଷ୍ଟା ଚାଲିଗଲା ପରେ କୋକ ନିର୍ବାକ ହୋଇ ମୁହୂର୍ତ୍ତେ ଠିଆହୋଇ ଫେରି ଆସି ପୁଣି ଯଥା ସ୍ଥାନରେ ଶୋଇବାକୁ ଯତ୍ନକଲା ।

ଦୁଷ୍ଟାକୃଷ୍ଣ ଶୀତଳେଇଙ୍କ ସମ୍ମୁଖରେ ଝାଙ୍କରା ବଟଗଛ ଗିଅ ଉପରେ ବସି ଡବା ଦୁଇଟା, ଚାଦର ପୁଟୁଳାଟା ତଳେ ଥୋଇ ଦିଆସିଲି ଜଳେଇ ଅନ୍ୟ ହାତରେ ଡବା ଖୋଲିଲା । ଡବା ଭିତରୁ ହାରଟା ଉଠେଇ ଅନେଇଁ ଦେଲା । ଦେଖିଲା ତିନି ସୁନାର ବଡ଼ ବଡ଼ ହାର ଦି'ଟା ନିଭି ଆସୁଥିବା ଆଲୁଅରେ ଝଲମଲ ଦିଶୁଛି । ଆଉ ଗୋଟାଏ କାଠି ଜାଳି ଦେଖିଲା । ସବୁଗୁଡ଼ିକ ଗହଣା ଭରି ଭରି, ଆଉ ମାନ୍ଦ୍ରାଜି ପ୍ୟାଟନରେ ତିଆରି । ସେ ତରତର ହୋଇ ଦିଆସିଲିଟା ଫିଙ୍ଗିଦେଇ, ଡବା ଦି'ଟା ଚାଦରରେ ଭଲ ଭାବରେ ବାନ୍ଧି ପକେଇ ବାହାରି ପଡ଼ିଲା ବ୍ରହ୍ମପୁର ରାସ୍ତାରେ । ଦୁଇ ଚାରି ମାଇଲ ଯିବା ପରେ ଦେଖିଲା, ମାଲ ବୁହା ଲରୀଟା ରାସ୍ତାରେ ଅଟକି ଯାଇଛି । ଡ୍ରାଇଭରଟା ଖୁଡ଼ଖାଡ଼ କରୁଛି । ଦୁଷ୍ଟା ଡ୍ରାଇଭର ସହିତ ବନ୍ଧୁତ୍ୱ କରି ଅଳ୍ପ ସମୟରେ ଲରୀଟାକୁ ଚାଲିବା ଉପଯୋଗୀ କରିଦେଲା । ଦୁଷ୍ଟା ଡ୍ରାଇଭର ପାଖରେ ବସି ଦାମି ସିଗ୍ରେଟ ଗୋଟାଏ ହାତକୁ ବଢ଼େଇଦେଲା । ଲରୀ ଏକବାରେ ସିଧାଗଲା ଷ୍ଟେସନକୁ । ଦୁଷ୍ଟା ତରତର ହୋଇ ଦଉଡ଼ିଯାଇ କଲିକତା ଗାଡ଼ି କଥା ପଚାରିଲା । ଟିକଟ ମାଷ୍ଟ୍ର ଟିକଟ ଦେଉ ଦେଉ କହିଲା, ଏଖଣି କଲିକତା ପାସେଞ୍ଜର ଟ୍ରେନ ଛାଡ଼ିଦେବ । ଦୁଷ୍ଟା ଦୁଇଟା ଦଶ ଟଙ୍କିଆ ନୋଟ ଫିଙ୍ଗିଦେଇ ଟିକଟ ଧରି ଦୌଡ଼ିଯାଇ ବସିଗଲା ଟ୍ରେନରେ ।

ଦୁଇ ଦିନ ପରେ କୋକ ସୁପ୍ରସନ୍ନାର ଘରକୁ ଯାଇ ହସି ହସି ପଚାରିଲା ହାରଗୁଡ଼ାକ ପିନ୍ଧିନାହଁ ? ସୁପ୍ରସନ୍ନା ତାଙ୍କଲା ହସି ହସି କହିଲା, "କୋଉଁଠି ଶୋଇ ଶୋଇ ଆଜି ହାର ସ୍ୱପ୍ନ ଦେଖି ଚାଲି ଆସିଲ ହୋ ରସିକ । ହାରକୁ ଦେଖ, ଆଉ ସ୍ୱାଙ୍କୁ ଦେଖ ।" କୋକ ଗଭୀର ଦୁଃଖରେ ପଚାରିଲା, "ଦୁଷ୍ଟା—"

"ସୁଖ ସୁଧାଙ୍କ ପାଖରେ ଥିବ ।"

"ସବୁଗୁଡ଼ାକ ସୁନା ତା ହାତରେ ଦେଲି—"

"ଦେବା ଲୋକଙ୍କୁ ଫେରାଇବ ଯାଅ ।"

## ଷୋହଳ

ଗୋପାଳଙ୍କ ଶୋଇବା ଘରେ ଅନ୍ୟ ଲୋକର ସ୍ୱର ଶୁଣି ଚନ୍ଦ୍ରା ଶୋଇବାରୁ ଉଠିଯାଇ ପଚାରିଲେ "କିଏ ରେ ?" ଅନନ୍ତ ଚନ୍ଦ୍ରାଙ୍କ ମୁହଁକୁ ନ ଚାହିଁ କହିଲା, "ସନ୍ନ୍ୟାସୀ ବିଶ୍ୱନାଥ ଏଇକ୍ଷଣି ଯାଇ କହିଲେ ଭାଇନା ଦୁଧ ଟିକିଏ ପିଇବାକୁ ଇଚ୍ଛା କରୁଛନ୍ତି ବୋଲି ଯେ, ବନୁ ବୋଉ ଏଇ ଦୁଧଟିକ ଦେଇଛି—"

ଚନ୍ଦ୍ରା ଝପ କରି ଅନନ୍ତ ହାତରୁ ଦୁଧ ଗ୍ଲାସଟା ପିଙ୍ଗିଦେଇ କହିଲେ, "ଆସିଛ ଦୁଧ ଧରି । ବନୁ ବୋଉ ଦେଇଚି ଦୁଧ ଟିକିଏ । କୁତ୍ସିଆ ପୋଡ଼ାମୁହାଁ, ଯାଉନୁ ମୋ ଘରୁ ?"

"ଭାଇନା ତୁମେ ମତେ କେବେ ଡାକିବ ନାହିଁ । ଯଦି ତୁମେ ଇଚ୍ଛାକରିବ ତୁମକୁ ମୋ ଘରକୁ ନେଇଯିବି । ମୋର ଯେତିକି ଶକ୍ତି ସେତିକି ଦେଇ ତୁମର ସେବା କରିବି—"

"କହିଲି ପରା ମୋ ଘରୁ ଯା ବୋଲି । ସେବା କରିବ ? ସେଦିନ ସେ ସିନ୍ଦୁକ ଉପରେ ଟଙ୍କା ତିରିଶିଟା ଥୋଇ ଦେଇଥିଲି, କେତେବେଳେ ଯାଇ ଗିନି ଆଣିଲୁ, ଭାଇକି ଦେଇଥିବ । ସେଇଥି ପାଇଁ ଏତେ ଆଦର ନା, ସେଇ ଟଙ୍କାରେ ଭାଇନା ଭାଇନା ବୋଲି ଅଙ୍ଗି ସୁନ୍ଦର ଅଣାହେଇଚି ।"

"ସକାଳୁ ଭାଇନାଙ୍କ ଦେହ ଅସୁଖ କଥା, ସୁନ୍ଦର ଖଣ୍ଡେ ନଥିବା କଥା ଶୁଣି, ସୁନ୍ଦର ଖଣ୍ଡିକ ଆଣି ଦେଇଥିଲି । ବନୁ ବୋଉ ଅଙ୍ଗି ଖଣ୍ଡିକ ନେବାକୁ କହିଲା ।—"

"ତୁ ଜଳି ଯା, ତୋ ବନୁ ପୋଡ଼ି ଯାଉ । କାହିଁ ଆଣିଲୁ ସେ ଅଙ୍ଗି, ସୁନ୍ଦର, ଚୁଲିରେ ପକାଇ ଦେବି ।"

ଅନନ୍ତ ଆଉ କିଛି ନ କହି ଚାଲିଗଲା ଆସ୍ତେ ଆସ୍ତେ । ଚନ୍ଦ୍ରା ଗୋପାଳଙ୍କ ମୁହଁକୁ ଚାହିଁ କହିଲେ, "ଉଠି ପାରୁନ ବୋଲି କହୁଚନ୍ତି । କୋଉଠୁ ଲୁଚିକି ଟଙ୍କା ଆଣି ଭାଇକି ଦେଇ ପକାଉଛନ୍ତି ।"

"ହଁ ଚନ୍ଦ୍ରା, ତୁମର ସେ ଟଙ୍କା ମୁଁ ଆଣିଛି, ତୁମେ ବୁଝ ନାହିଁ । ଅଭାବରେ ପଡ଼ିଲେ ମନୁଷ୍ୟର ସ୍ୱଭାବ ନଷ୍ଟ ହୋଇଯାଏ ।"

"ଧୀରିଧୀର ହୋଇ ଅଙ୍ଗି ସୁନ୍ଦର ଭାଇକି ଦେଇ ସେ ଟଙ୍କା ଆଣ, ମଲିକାଳକୁ ଆଉ ଏ ସ୍ଥାନ ବୁଝି କରନ । ଜଳଜଳା, ଭାଇଠୁ ଟଙ୍କା ଲାଞ୍ଚ ନେଇକରି ଦୁଧ ଟିକିଏ ଆଣି ଦେଉଚି ।"

ଗୋପାଳ ଉନ୍ମାଦର ଭଙ୍ଗିରେ ହସି ହସି କହିଲେ, "ହଁ, ଚନ୍ଦ୍ରା, ଜଳଜଳା ଟଙ୍କା ଲାଞ୍ଚ ନେଇ ଦୁଧ ଆଣି ଦେଇଥିଲା । ତୁମେ କେତେ କଷ୍ଟରେ ଟଙ୍କାଟା ରଖିଥିଲ—"

ସେକ୍ଷଣି ପୁଣି ଗୋପାଳ ସହଜ ହୋଇ ଚନ୍ଦ୍ରାଙ୍କ ମୁହଁକୁ ଚାହିଁ କହିଲେ, "ଦେଖିଲ ଚନ୍ଦ୍ରା, ଆଜ ଦିନଟା ଅକାରଣରେ ଚାଲିଯାଉଛି । ରାତିରେ ଭାବଥିଲି ସକାଳୁ ଗଳ୍ପ ଗୋଟିଏ ଲେଖିବି ବୋଲି । ଭାରି କ ସୁନ୍ଦର ଭାବ ଆସିଥିଲା, ମିଶ୍ର ଘର ଉମାକୁ ଦେଖି । —ତୁମେ ଉମାକୁ ଦେଖିଛ ଚନ୍ଦ୍ରା ? ଦିଅ କାଗଜଖଣ୍ଡେ, ଦିଅ । ମୋର କଲମଟା ଏଇଠି ଥିଲା । କାଲି ଘଡ଼ିଟା ବି ଦିଶୁନାହିଁ । ଦେଖିଲ, ମୁଁ ଆଉ ଉଠିପାରୁନାହିଁ । ତୁମର ସାହାଯ୍ୟ ବିନା ମୁଁ ଆଉ କିଛି କରିପାରିବି ନାହିଁ ।" ଅତି ଆବେଗରେ ତାଙ୍କର ମନଟା ପୁଣି ଚଞ୍ଚଳ ହୋଇଉଠିଲା । ସେ ଶୂନ୍ୟ ହାତଟା ଉପରେ କାଗଜ ଜ୍ଞାନ କରି ଲେଖିଗଲେ—

"ନାଇଁଲେ ମା, ମୁଁ ଏ ନାଟ ଆଉ ଦେଖି ପାରିବି ନାଇଁ, ଯାଉଚି ଧାନ ମାପ ହେବ ।"

ଗୋପାଳ ଶୂନ୍ୟକୁ ଚାହିଁ କହିଲେ, "ଦେଖିବ ଚନ୍ଦ୍ରା, ମୁଁ କେତେ ଲେଖିବି, ମାସକ ଭିତରେ ଏ ଘରେ ଗଦି ଗଦି ଲେଖା ଖାତା ଜମା ହେଇଯିବ । ଖାଲି ଲେଖିଯିବି ଗଳ୍ପ ଉପନ୍ୟାସ । ସେଥିରେ ଜୀବନାଂଶ

ଶତାବ୍ଦୀର ସମାଜ ଚିତ୍ର ପୂର୍ଣ୍ଣ ହୋଇ ରହିଥିବ । ଲୋକେ ପଢିଲେ କହିବେ ଲେଖିଥିଲା ଏକା ଗୋପାଳ ଶରଣ । ଦଶବର୍ଷ ଆଗରେ ସମାଜ ସମ୍ବନ୍ଧରେ ସିଦ୍ଧେଶ୍ୱର ଲେଖିଥିଲେ ଅନେକ ଉପନ୍ୟାସ । ମୁଁ ଜାଣେ, ତାଙ୍କର ଲେଖାଠୁ ମୋ ଲେଖା ଆହୁରି ଉତ୍କୃଷ୍ଟ । ମୋର 'ଭାଷା, ମୋର ଭାବ, ମୋର ଶବ୍ଦ ବିନ୍ୟାସ ପ୍ରଣାଳୀ ଅତି ଚମତ୍କାର । ଏ ଗଳ୍ପଟାରେ ମୁଁ ଲେଖିଛି ବାଲ୍ୟ ବିବାହ ଉଠେଇ ଦେବାକୁ ହେବ । ଅସବର୍ଣ୍ଣ ବିବାହ ପ୍ରଚଳନ କରିବାକୁ ହେବ । ହଁ, ଗଳ୍ପଟାତ ଶେଷ ହୋଇଗଲା, ଲେଖିବି କଣ ? କାଲି କଳ୍ପନା କରିଥିବା ନାଟକଟି ଆରମ୍ଭ କରିଦେବି । ନାଟକର ନାୟକ ହେବ ଗୋପାଳଚନ୍ଦ୍ର । ସେ ବିବାହ କରିବ ବାଲ୍ୟ ବିଧବା ବ୍ରଜରାଣୀ ସହିତ । ଆପତ୍ତି କରିବେ ନୈଷ୍ଠିକ ବ୍ରାହ୍ମଣ ସମାଜ । ସମାଜପତି ଗ୍ରାମ କରେ ଷାଠିଏ ବର୍ଷ ବୟସରେ ଆଠ ବର୍ଷର ବାଳିକା ସହିତ ବିବାହ କରି ବାର ବର୍ଷର ବାଲ୍ୟ ବିଧବା ଆମରଣ ବ୍ରହ୍ମଚର୍ଯ୍ୟ କରିବାକୁ ଉପଦେଶ ଦେବେ ।" ଖାଲି ହାତଟାକୁ ଚାହିଁ କହିଲେ, "ଆରେ ଏଁ, କଣ କରୁଛି ମୁଁ । ମୋର ଚଷମା ନାହିଁ, ଦେଖୁଛି କପରି । କଲମ ନାହିଁ, କାଗଜ ନାହିଁ, ମୁଁ ରିକ୍ତ, ମୋର କିଛି ନାହିଁ ।" ଗୋପାଳଙ୍କ ଚଞ୍ଚଳ ମନରେ ଉନ୍ମାଦର କ୍ରୋଧ ଭୀଷଣ ଭାବରେ ଦେଖା-ଦେଲା ସେକ୍ଷଣି । ସେ ବଜ୍ର ଗମ୍ଭୀର କଣ୍ଠରେ ଡାକିଲେ, "ଶାନ୍ତା ! ଶାନ୍ତା !" ସମ୍ମୁଖରେ ଶାନ୍ତାଙ୍କୁ ନ ଦେଖି ଉନ୍ମାଦର ଶକ୍ତିରେ ଦୁଆର ଠେଲି ଅଗଣାକୁ ଯାଇ ଶାନ୍ତାଙ୍କ ହାତ ଦୁଇଟା ବଜ୍ର ମୁଷ୍ଟିରେ ଭିଡ଼ିଧରି ଦାନ୍ତ କାମୁଡ଼ି ପଚାରିଲେ, "ସତ କହିବ ଶାନ୍ତା ! ଏ ଘରେ ମୋର କୋଣସି ଅଂଶ, ଏ ସମ୍ପତ୍ତିରେ ମୋର ଭାଗ ଅଛି କି ନାହିଁ ? ଆଉ ମୋର ସେ ଭାଗଟା ତୁମେ ମତେ ଦେବକି ନାହିଁ ? ମୁଁ ସେ ଟଙ୍କାରେ ଚଷମା କିଣେ, କିମ୍ବା ଅନନ୍ତକୁ ଦିଏ, କିମ୍ବା କାଗଜ ଖର୍ଚ୍ଚ କରେ, ତୁମେ ପଦେ ମଧ ପଚାରି ପାରିବ ନାହିଁ । କହ ଶାନ୍ତା, ତୁମେ ମୋର ଭାଗଟା ଆଜ ଏଇ ମୁହୂର୍ତ୍ତରେ ମତେ ଦେବ କି ନାହିଁ ?

"ସେ ଅନନ୍ତଆ ପୋଡ଼ାମୁହାଁ ଏସବୁ ଶିଖେଇ ଦେଇ ଯାଇଚି । ଭାଇନା ମୋଠୁ ଭାଗୁଟେ ନେଲେ, କାହିଲେ କଢ଼େଇ ନବବୋଲି ବତେଇ ଦେଇ ଯାଇଚି । ଭୂଇଁରୁ, ବାଡ଼ିରୁ, ଅଙ୍ଗେ ନୁଗା ସବୁତ ଘରକୁ ଦେଇ ଦେଇ ସ୍ୱରକୋଣ ଖୋଜିଲେ କୋଠେ କିଛି ନାହିଁ, ଆସିଚି ଭାଗ ନବ ! ମୁଁ କିଛି ଦେବନି ।"

"କଣ କହିଲ କିଛି ଦବନାହିଁ ? ଦେଖାଯିବ କପରି ନଦେବ ! ଆଜ ଏଇକ୍ଷଣି ଯିବି ଅଦାଲତରେ ହାଜର ହୋଇ କହିବି । ମୁଁ ମୋର ଜ୍ଞାନହେବା ଅବଧି ନାରୀ ଜାତିର ସ୍ୱାଧୀନତା ପ୍ରାପ୍ତି ସପକ୍ଷରେ, ପରୋକ୍ଷ ପ୍ରତ୍ୟକ୍ଷ ସକଳପ୍ରକାର କାର୍ଯ୍ୟରେ, କଥାରେ ଯୁଦ୍ଧକରି ଆସିଛି; କିନ୍ତୁ ସେଇ ମୁଁ ଆଜ ମୋର ସ୍ତ୍ରୀଠୁ ମୁଁ ମାଗୁଛି ମୋର ସ୍ୱାଧୀନତା—"

"ଆହାହା, ଜଳଉଠୁଛି ତମ ସ୍ୱାଧୀନତା । ଏଇତା କରି କରି ତ ଯୋଉ ଯଶ ବଢ଼ିଯାଉଛି ! କୋଠେ ରାଣ୍ଡି ବିଭା, କୋଠେ ଚୁଲି ବିଭା କରି କେତେ ମାଆ ବାପଙ୍କୁ କନ୍ଦେଇ ଛାଡ଼ିଲଣି । ସେଇ କନ୍ଦେଇବା ପାପର ଫଳ ହେଉଛି ଏବେ ଭୋଗ କରୁଚ ।"

ଗୋପାଳ ବିକଟ ବ୍ୟଙ୍ଗହାସ୍ୟ କରୁକରୁ ତାଙ୍କର ଗୋଟାଯାକ ଦେହ କମ୍ପିଗଲା ଉନ୍ମାଦର ଉତ୍ତେଜନାରେ । ସେ ଅଥୟ ହୋଇ ତଳେ ପଡ଼ିଯାଇ କହିଲେ, "ହଁ ଶାନ୍ତା, ମୁଁ ପାପର ଫଳ ଭୋଗ-କରିବି । ତୁମେ ମୋର ସେ ପାପର ଫଳ ଭୋଗ ଦେଖି ଆନନ୍ଦରେ ନୃତ୍ୟ କରିବ । ବାହାବା କିମିତି ମଜା, ତୁମ ନାଚି ବଜେଇବି ତବଲା, ତୁମେ ନାଚିବ ଥେଇ ଥେଇ ।" ଖମ୍ବର ଚକରେ କହୁଣି ବାଜି ରକ୍ତ ଟିକିଏ ଝରିଗଲା ବୋଧହୁଏ । ଆଘାତଟା କୋଉଠେ କପରି ବାଜିଲା ବୁଝିନପାରିଲେ ସୁଦ୍ଧା ଶରୀର ବିକଳ ଉଠିଲା ଗୋପାଳଙ୍କର । ସେଇ ବ୍ୟଥାରେ ଆଖିରୁ ଝରିଗଲା ଦୁଇଧାର ଲୁହ । ସେ କରୁଣ କଣ୍ଠରେ କହିଲେ, "ହଁ ଶାନ୍ତା, ମୁଁ ଅତ୍ୟନ୍ତ ପାପୀ ।"

"ପାପୀ ନୁହେଁତ ଆଉ କଣ ଧାର୍ମିକ ।"

"ପାପ କରିନାହିଁ ତ ଆଉ କଣ ପୁଣ୍ୟ କରିଛି ! ତୀର୍ଥ ବ୍ରତ ପୁଣ୍ୟ ପାର୍ବଣ ଶୁଦ୍ଧ ସଂସ୍କାରକ ହୋଇ କେତେ ବ୍ରାହ୍ମଣ ଦେହରୁ ପଇତା ଉଠେଇ ଦେଇଛି, ପ୍ରତିମା ପୂଜାର ଅପକାରିତା ଘୋଷଣା କରି, କେତେ ପତି ପତ୍ନୀ, ପିତା ପୁତ୍ର, ଭ୍ରାତା ଭ୍ରାତା ଭିତରେ ମନାନ୍ତର ମତାନ୍ତର ସୃଷ୍ଟି କରି ଶାନ୍ତିମୟ ଗୃହ ପ୍ରାଙ୍ଗଣରେ ଅଶାନ୍ତିର ବୀଜ ବୁଣି ଦେଇଛି; ବାଲ୍ୟ ବିବାହ ବିରୋଧରେ ବଳିଷ୍ଠ ପ୍ରଚାରକରି ନିଜର କନ୍ୟାକୁ ବିବାହ ଦେଇଛି ସାତବର୍ଷ ବୟସରେ ଅଯୋଗ୍ୟ ଅଶିକ୍ଷିତ ହାତରେ, ନାରୀ ଜାତିର ବିଦ୍ୟା-ଶିକ୍ଷା ସ୍ୱରାଜ ଲାଭର ପ୍ରଥମ ସୋପାନ ବୋଲି ବୁଲି ବୁଲି ପ୍ରଚାର କରିଛି, ଅଥଚ ନିଜର ସ୍ତ୍ରୀ କନ୍ୟାକୁ ରଖିଛି ମୂକା ମୂର୍ଖା ଅନ୍ଧବିଶ୍ୱାସୀ କରି । ବିଧବା ବିବାହ ବିଧାନ ବଳବତ୍ତର କରିବା ଉଦ୍ଦେଶ୍ୟରେ, ବାଧ୍ୟକରି ଶଙ୍କର ପାଢ଼ୀର ବିଧବା କନ୍ୟାଟି ସହିତ ଅନବସ୍ଥିତ-ଚିତ୍ତ ଯୁବକ ସୂର୍ଯ୍ୟ ଆଚାର୍ଯ୍ୟର ବିବାହ କରେଇ ଦେଲି । ସୂର୍ଯ୍ୟ ତେଣେ ପିତା ମାତାଙ୍କୁ, ଏଣେ ପତ୍ନୀଙ୍କୁ ପରିତ୍ୟାଗ କରି ବେଶ୍ୟାର ଆଶ୍ରିତ ହେଲା । ଶଙ୍କରର କନ୍ୟାଟି ଜୀବନଦୀପ ନିର୍ବାପିତ କଲା ବିଷବାଟ୍ୟାରେ ।

ଚନ୍ଦ୍ରାଦେବୀ ଗୋପାଳଙ୍କୁ ଉଠୋଉ ଉଠୋଉ ଡାକିଲେ "ଆରେ ବିଶୁ, ସେ ଘରକୁ ନେଇଯିବା । ଉଠ, ଚାଲ ! ଏଇଠେ ଇମିତି ପଡ଼ିଲେ କିଏ ଆସିଲେ କିସ ବୋଲିବ ।"

ଗୋପାଳ ଉଠିବା ଚେଷ୍ଟା କରି ଆନନ୍ଦରେ ହସି ଗଦଗଦ ହୋଇ ଚନ୍ଦ୍ରାଙ୍କ ହାତଧରି ପକେଇ ମୁହଁକୁ ଚୁହିଁ କହିଲେ "ଓ ! ସତେ ଚନ୍ଦ୍ରା, ମୋ ପ୍ରତି ତୁମର କି ସ୍ନେହ ! ମୋର ମନେହେଉଛି ଆଜି ସେଇ ମୁହୂର୍ତ୍ତଟା ଫେରି ଆସିଛି ପୁଣି—ଯେଉଁ ପରମ ମୁହୂର୍ତ୍ତରେ ତୁମ ସହିତ ହୋଇଥିଲା ମୋର ପ୍ରଥମ ସାକ୍ଷାତ, ଯେଉଁ ମଧୁର ମିଳନର କଥା ଚିନ୍ତାକରି ମୋର ପ୍ରଣୟ ରାଜ୍ୟର ରାଣୀ ତୁମେ, ତୁମର କୋମଳ ଗଣ୍ଡରେ ଦେଇଥିଲି ପ୍ରେମର ସ୍ପର୍ଶ ! ମୋର ମନେ ହେଉଛି ଚନ୍ଦ୍ରାଦେବୀ, ତୁମେ ମତେ ଆଦର କରି, ଅତି ସୋହାଗ କରି ମୋର ସାରା ଶରୀରରେ ତୁମର କୋମଳ ହାତ ବୁଲେଇ ମୋର ଅନ୍ତର ରାଜ୍ୟରେ କରିଦେଇଛ ପୁଲକର ସଞ୍ଚାର । ନିଅ ଚନ୍ଦ୍ରା, ମତେ ତୁମର ! ତୁମର ସେଇ ନିଭୃତ କୁଞ୍ଜକୁ ମତେ ନେଇଯାଅ, ଚନ୍ଦ୍ରା ! ତୁମର ସେ ପ୍ରେମମୟ କୁଞ୍ଜରେ ବସି ମୁହୂର୍ତ୍ତକ ପାଇଁ ଭୁଲିଯିବି ସବୁ ଦୁଃଖ, ସବୁ ସମସ୍ୟା, ସବୁ ଦୈନ୍ୟ । ନେବ ନାହିଁ ଚନ୍ଦ୍ରା ? ନିଅ ! ନେବ ନାହିଁ ? ତୁମର ପ୍ରେମରାଜ୍ୟର ନିଭୃତ ପୁରର ଦୁଆର ଖୋଲି ଦିଅ, ଚନ୍ଦ୍ରା ! ତୁମ ସୋହାଗ ସାଗରରେ ମୁଁ ଥରେ ନିମଜ୍ଜି ଯାଏ ।"

ଚନ୍ଦ୍ରା ହାତ ଟାଣି ନେଇ କହିଲେ, "ଚାଲିଲି, ସେ ଘରେ ଛାଡ଼ିଦେଇ ଦୁଆରଟା କିଳିଦେବି ।" ଘର ଭିତରୁ କବାଟକୁ ଧଡ଼ ଧାଡ଼ କରି ଗୋପାଳ ଡାକିଲେ, "ଚନ୍ଦ୍ରା, ଚନ୍ଦ୍ରା, ଦୁଆର ଖୋଲିଦିଅ । ମୁଁ ଆଜି ଏକା ହୋଇ ରହିପାରୁନାହିଁ । ବଡ଼ ଭୟ ଲାଗୁଛି, ଚନ୍ଦ୍ରା ! କାଳେ ତୁମକୁ ଆଉ ଦେଖିପାରିବି ନାହିଁ ବୋଲି ମୋର ବଡ଼ ସନ୍ଦେହ ହେଉଛି ଚନ୍ଦ୍ରା ! ମୋ ପାଖକୁ ଆସ ଚନ୍ଦ୍ରା !"

× × × ×

କୋକ ସୁପ୍ରସନ୍ନାଠୁ ତଡ଼ାଖାଇ, ହାତରେ ଥିବା ଶେଷ ସମ୍ବଳ ସୁନା ମୁଦିଟି ବିକ୍ରି କରି, ଦୁଇ ତିନି ଦିନଯାଏ ଦୁଷ୍ଟାକୁ ଖୋଜିଲା । ତା'ପରେ ସେ ଏକାନ୍ତ ହତୋତ୍ସାହ ହୋଇ ଚାଲି ଆସିଲା, ଆଣ୍ଟି ପାଖକୁ । ଚନ୍ଦ୍ରାଦେବୀ ପରିବା କାଟୁଥିଲେ, କୋକ ଡାକିଲା, "ଆଣ୍ଟି ଦେଲୁ ଟଙ୍କା ଦଶଟା, ବଡ଼ ଲୋଡ଼ା ଅଛି ।" "ଏଁ ଏଇକ୍ଷଣି ଆସିଲୁ । ଟଙ୍କା କିସ କରିବୁରେ, ବସେ । ତୋ ଅଜାକୁ ତ କି ରୋଗ ହେଲା ଯେ, ଦିନରାତି ଖାଲି ବାଉଳାପରି ହେଉଚନ୍ତି । ଅଜା ଆଉ ବଞ୍ଚିବେ ନାଇଁରେ କୋକ !"

କୋକ ତିନି ଦିନରୁ ଜିଶାପାଣି ନ ପିଇ ବ୍ୟସ୍ତ ହୋଇ ରହିଥିଲା । ଦୁଷ୍ଟା ଆଜି ନାହିଁ, ବୁଦ୍ଧି ବଢ଼େଇ ଦେବାକୁ । ତାର ସେଇ ଅଭ୍ୟାସଗତ ଭାଷାରେ କହିଲା, ଦେଲୁ ଆଗ ଦଶଟଙ୍କା, ପରେ ସବୁକଥା

କହିବୁ । ଚନ୍ଦ୍ରା ପେଟଡଳୁ ସୁବଟା ବାହାର କରି କହିଲେ ମଝିଲଆ ସିନ୍ଦୁକରେ ଟଙ୍କା ଅଛି, ଗଣିକରି ଦଶଟଙ୍କା ନେବୁ । କୋକ ସୁବ ଖୋଲି ଦେଖିଲା କନା ମୁଣିରେ ମୁଣିଏଁ ଟଙ୍କା ଥୁଆ ହୋଇଛି । ସେ ଅର୍ଦ୍ଧ ଅନ୍ଧକାର ଘର ଭିତରେ ମୁହୂର୍ତ୍ତକ ପାଇଁ କୋକର ଆଖି ଦୁଇଟା ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ଦୁଆର ପାଖକୁ ଆସି ଏଣିକି ତେଣିକି ଚାହିଁଲା, କେହି କେଉଁଠି ନାହିଁ । ରୋଷେଇ ଘରେ ବଶୁକୁ ଧରି ରୋଷେଇ କରୁଛନ୍ତି ଆଈ । ଫେରି ଆସି ଟଙ୍କା ମୁଣିଟି ପକେଟରେ ପକେଇ ଆଉରି ଟିକିଏ ବୁଦ୍ଧି କରି ରୋଷେଇ ଘର ଦୁଆର ପାଖକୁ ଯାଇ, ନେ ଲୋ ଆଈ, ତୋ ସିନ୍ଦୁକର ସୁବ ବୋଲି ଡାକ ଦେଇ, ସୁବଟାକୁ ଭିତରକୁ ଫିଙ୍ଗି ଦେଇ ସେଇ ରାତିରେ ଚାଲିଗଲା ବ୍ରହ୍ମପୁର ।

## ସତର

ଶିଶୁଆ ମା ଚନ୍ଦ୍ରାଦେବୀଙ୍କଠୁ କେବେ ଧାନ ଗଣ୍ଡେ, କେବେ ଚାଉଳ ସେରେ, କେବେ ବା ନଗଦ ଟଙ୍କେ, କେବେ ଅଠଣା ନେଇଥାଏ । ନେବାପରେ ସବୁ ମିଶେଇ ମନେ ମନେ ଯେ ହିସାବ ନ କରିଛି ତାହା ନୁହେ ; କିନ୍ତୁ ତାର ସମ୍ପୂର୍ଣ୍ଣ ବିଶ୍ୱାସ ଯାହା ନେଇଛି, ସେ ସବୁ ଚନ୍ଦ୍ରା ଆଉ ତାକୁ ମାଗିବେ ନାହିଁ । ଚନ୍ଦ୍ରାଦେବୀ ଏଣେ ଯେବେ ଯାହା ଦେଇଛନ୍ତି, ତିଥି ବାର ସବୁ ହିସାବ କରି କୋଡ଼ିଏ ଟଙ୍କା ପର୍ଯ୍ୟନ୍ତ ଗଡ଼େଇ ରଖିଛନ୍ତି ।

କୋକ ହଠାତ୍ ଆସି ପୁଣି କାହିଁ ନକହି ଚାଲିଯିବା ପରେ ଚନ୍ଦ୍ରାଙ୍କ ମନରେ ସୁଖ ନାହିଁ । ସେ ଦିନ ସନ୍ଧ୍ୟାବେଳଯାଏ ଭାତ ସାଇତି ରଖିଲେ । କିନ୍ତୁ କୋକ ଆସିଲା ନାହିଁ । ତାପରେ ଆହୁରି ଗୋଟାଏ ସପ୍ତାହ କଟିଗଲାଣି । ଚନ୍ଦ୍ରାଙ୍କ ରୋଷେଇ ଘର ପିଣ୍ଡାରେ ବସି ଶିଶୁଆ ମା ଚାଉଳ ସଜାଡ଼ି ଦେଉଥିଲା । ଚନ୍ଦ୍ରା କହିଲେ, "ହଇଲୋ ଶିଶୁମା ! ଏ ସେଇ ଦିନଠୁ ନେଲୁଣି, ମୁଁ ନେଖା କଲି ଯେ ଛମାସ ହେଲା କୋଡ଼ିଏ ପାଞ୍ଚଟଙ୍କା ହେଲାଣି, ଛ ମାସରେ ଆଉ ତିନଟଙ୍କା କଳନ୍ତରେ ହେଲାଣି—"

ଶିଶୁଆ ମା ମନେ ମନେ କ୍ରୋଧରେ ଗୁମରି ଉଠି କହିଲା, "କୋଉଦିନ ଧାନୁଟେ ମୁଗୁଟେ ଦେଇଥିଲ ଯେ ସେଥିପାଇଁ ମୋଠୁ କି କଳନ୍ତର ନବ ବା ? ଜାଣିଥିଲେ—"

"ଜାଣିଥିଲେ ନେଇ ନଥାନ୍ତୁ ? ଏବେ ତ ଜାଣିଲୁ ଦେଇପକା । ଧାନୁଟେ ମୁଗୁଟେ ! ଧାନ, ମୁଗ, ଚାଉଳ, ଟଙ୍କା ଯେତେବେଳେ ହାତ ପାତିଲେ ନେଲୁ, ଏବେ ମୁହଁ ମୋଡ଼ି ମୋଡ଼ି କରି ଚାତର କଥା କହୁଛୁ ।"

"ଚାତର କଥା ତୁମେ କହିବନା, ଆମେ କହିବୁ କହେ ଶାଉଜ ! ପଇସାକର ଦେଇ ତିନି ପଇସାର ଖଟେଇ ଥିବ ତମେ, ଆଜି ଆଉଥରେ ଖୁଦ ମଲୁଣିର ନେଖା କରୁଚ ।"

"କୋଉଦିନ କା'ର କେତେ ଖଟି ଦେଇଥିଲୁ ଲୋ ?"

"ଛି ଛି ବଡଲୋକ ବୋଲି ଇମିତି କଥା ତୁଣ୍ଡରୁ ବାହାରୁଚନା । ମାସି ସାଙ୍ଗ ମନଦୋଳ ଯେତେକ କରୁଚ, ଅନ୍ୟ ନୋକ ହୋଇଥିଲେ ଯୋଉଦିନର ସେଇଦିନର ଅସୁଲ କରି ନେଇ ଯାଉଥାନ୍ତା । କୋଉଦିନ କିସ ଦେଇଥିଲ ଯେ ନେଖା ଗଡ଼େଇଚ । ନୋକ ବୋଲନ୍ତି ଯିମିତି ଧନ ସିମିତି ଯାଏ । ଅର୍ଜିବା ନୋକ ଭୋକ ଉପାସେ ଘରେ ବାୟା ହୋଇ ପଡ଼ିଚି, ସର୍ବସ୍ୱ ନେଇ ନାତି ଶୁଣ୍ଡୀ ଘରେ ପୂରେଇ ଦେଉଚି । ଇମିତି ନୋକ ଘରେ ପାଦ ଦେଇ ଆସେନି, ଛି" ! ଶିଶୁଆ ମା ଝରବଟା ପାଖରୁ ଉଠି ଚାଲିଗଲା ସେକ୍ଷଣି ।

ଶିଶୁଆମା ଚାଲିଗଲା ପରେ, ଗୋପାଳ ଘର ଭିତରୁ ଡାକିଲେ କାର୍ତ୍ତିକ ! ତାଙ୍କର ମନେହେଲା କାର୍ତ୍ତିକ ଆସି ପାଖରେ ଠିଆହେଲା । ସେ ଖାଲି ଟେବିଲଟାକୁ ସଜେଇ କହିଲେ, ଦେଖିଲୁ କାର୍ତ୍ତିକ, କେତେ ଲେଖା ଲେଖିଛି ମୁଁ ! ଲେଖକ କପିନ ବାବାଙ୍କ ଲେଖିଥିଲେ ରୂପା ଅକ୍ଷରରେ । ମୁଁ ଲେଖିଛି ସୁନା-

ଅକ୍ଷରରେ । ତୁ ସବୁ ଲୁପି ଦେବୁ । ବହ୍ନି ନହି ହବ ହଜାର ହଜାର ଝଙ୍କାରେ । ମୋର ମନେ ପଡ଼ୁଛିରେ କାର୍ତ୍ତିକ, ପାଠପତ୍ର ଯେତେବେଳେ ଆସିଲା, ଭାବଥିଲି, ଦେଶରେ ଗଢ଼ି ଦେବି ଅସଂଖ୍ୟ ଅନୁଷ୍ଠାନ । ସବୁଗୁଡ଼ିକ ହେବ କେବଳ ସଂସ୍କାରମୂଳକ । ଅସ୍ପୃଶ୍ୟତା ନିବାରଣ ସମ୍ବନ୍ଧରେ ମୁଁ ଯେଉଁ ଭାଷଣଟା ସବୁ ପ୍ରଥମେ ଦେଲି, ତା ପରେ ଚତୁର୍ଦ୍ଦିଗରୁ ମୋର ଜ୍ଞାନ ଗରିମାର ପ୍ରଶଂସାରେ ଭରିହୋଇ ଆସିଲା ରାଶି ରାଶି ପତ୍ର—ସେତେବେଳେ ମୁଁ ଆନନ୍ଦରେ ଅଧୀର ହୋଇ ଭାବୁଥିଲି, ଆଉ କୋଡ଼ିଏ ବର୍ଷ ଭିତରେ ମୋର ସାହିତ୍ୟ ବିଶ୍ୱ ସାହିତ୍ୟରେ ପ୍ରଶଂସାଭାଜନ ହେବ । ମୋର ସାହିତ୍ୟ ପ୍ରଚାର ହେବ ବହୁ ଭାଷାରେ ବହୁଳ ଭାବରେ । କାର୍ତ୍ତିକ ! ମୋର ଆଶା ଆକାଂକ୍ଷା ସବୁ ରହିଛି ତୋହର ଉପରେ । ନେ ସବୁରଖେ, ତୁନି ହୋଇ ରହିଛୁ କଣ ? ଖାଲି ହାତ ଦୁଇଟା ଉଠେଇ, କଲ୍ଲ ତ କାର୍ତ୍ତିକଙ୍କୁ ଖାତା ଦେବାକୁ ଅଗ୍ରସର ହେଉ ହେଉ ଟେବୁଲ ବାଜି ଗୋପାଳ ପଡ଼ିଗଲେ ତଳେ । ସେଆଡ଼ୁ ଚିନ୍ତା ଆସି ପାଟିକରି କହିଲେ, "କି ଜଞ୍ଜାଳ ଅରଥରି ରୋଗ କଲାଣି । ଏଁ, ଏତେ ଉଠପଡ଼ କେଣେ ହୋଉଚବା—"

"ଉଠପଡ଼ ହେଉନାହିଁ ଚିନ୍ତା, ମୋର ଲେଖା-ଖାତାଗୁଡ଼ାକ କାର୍ତ୍ତିକଙ୍କୁ ଦେଇଦେଉଥିଲି ।"

"ତମର ସେ ଜଞ୍ଜାଳ ନେଖା ଜଳୁଚି—"

ଗୋପାଳଙ୍କ ମନରେ ମୁହୂର୍ତ୍ତିକ ପାଇଁ ଜାଗି ଉଠିଲା କ୍ଷୀଣ ଚେତନା । ସେ ଉଠି ବସି ଉଦାସ ଉଦ୍‌ଭ୍ରାନ୍ତ ଦୃଷ୍ଟିରେ ଚାହିଁ କହିଲେ, "ପ୍ରକୃତରେ ମୋର ଲେଖା ଗୁଡ଼ାକ ପୋଡ଼ି ଜାଳି ଦେବା କଣ ଉପଯୁକ୍ତ ? ଦିନ ରାତି ଧ୍ରାନ୍ତି ପଞ୍ଜାରି ପେଷି ଯାହା ଲେଖିଛି, ସେଥିରେ କଣ କୌଣସି ଆଦର୍ଶ ନାହିଁ ? ଯାହା ଲେଖିଛି, ସବୁ ଅସାର ? ସବୁ କଳା-କୃଷ୍ଟି-ବିହୀନ ? ସବୁ ଅପଦାର୍ଥ, ସବୁ ଅର୍ଥହୀନ ?"

"ଏଁ ଜଞ୍ଜାଳ ପିର ସବୁବେଳେ କେତେ ଭଟର-ଭଟର ହୋଉଚବା ।"

ଗୋପାଳ ପୁଣି ଚମକି ଉଠି ହୋହୋ କରି ହସି ପକେଇ କହିଲେ—"ଜଞ୍ଜାଳ ପରି ହେଉଚି ସତେ ମୋର ଦେହଟା ଜଳୁଚି । ଆରେ, ଏଁ । ତୁ କିଏ ! ତୁ ! ତୁ ମୋର ଶବ୍ଦଗ୍ରନ୍ଥ ! ମୁଁ କିଏଟି ! ମୁଁ କବି କାଳିଦାସ ! ତୁ ମୋର ଚତୁରିକା, ଅଭିସାରିକା ବେଶରେ ଆସିଛୁ ଆଜି—"

ଚିନ୍ତା ଘୁଞ୍ଚିଯାଇ କହିଲେ, ଏଁ ଛୁଇଁବବା, ହଗରା ମୁତୁରା ଛୁଆଁ । ଅଗାଧୁଆ ଅପାଧୁଆ, ପାଖକୁ ଆସିଲେ ଏକା ହାତଧରି ପକେଇବ, ଦାନ୍ତ ଧରି ପକେଇବ, ଏଇତା ନାଗିଚି । ଯୋଡ଼ିଯାଉ ଏ ଆଦର ।

"ଚିନ୍ତା ଆଣିବଟି ଦୁଧ ଟିକିଏ, ବଡ଼ ଶୋଷ ହେଉଛି—"

"ଶୁଣମ ସ୍ୱାଙ୍କ କଥା । ଘରୁ ଉଠିପାରୁ ନାହାନ୍ତି, ଦୁଧ ଖାଇବେ । ନାଇଁଲେ ମା, ଘୁଞ୍ଚ କାଢ଼ିବାକୁ ମୋର ବଳନାଇଁ ।"

"ନହେଲେ କଦଳୀ କମଳା ପଣା ପାଣି ଯାହାଦବ ଦିଅ ।"

ସବୁଉତ୍କଣ୍ଠାରେ ଖାଲି ଖାଇବି ! ଖାଇବି ! କାଳ ଆସିଲାଣି ଯେ ଇମିତି ହୋଉଚନ୍ତି ନା ।

"ହା, ହା, ହା, ହା, ଚିନ୍ତା ! ସତେ କାଳ ଆସିଲାଣି, କାଳର ଅନନ୍ତ ପ୍ରତି ମୁହୂର୍ତ୍ତରେ ବୁଲୁଚି ଚିନ୍ତା, ସେ ଆଉ ଆସିବ କୁଆଡ଼େ ? ଦେଖିଲ ମୋର ମନେ ପଡ଼ୁନାହିଁ ମୋ ନାଁ କଣଟି ? ହୁଁ ହୁଁ, ସ୍ମରଣ ହେଲା, ମୋ ନା ଶୁଦ୍ଧୋଦନ ବୁଦ୍ଧ ଗୋ ! ମୁଁ ପ୍ରକାଶକ ଚନ୍ଦ୍ରମଣି ମିଶ୍ର । ହା, ହା, ହା, ହା, ମୁଁ କାହିଁକି ଚନ୍ଦ୍ରମଣି ମିଶ୍ର ହୁଅନ୍ତି ।" ମୁହୂର୍ତ୍ତିକ ପାଇଁ ପୁଣି ଫେରି ଆସିଲା ସହଜ ଜ୍ଞାନ । ସେ ମଥାଟେକି ଉଦାସ ଦୃଷ୍ଟିରେ ଚାହିଁ କହିଲେ, "ଜୀବନଟା ଏକାଥରକେ ବୃଥା ହୋଇଗଲା ଚିନ୍ତା ! ନା, ନିଜେ ବଡ଼ ହେଲି, ନା ଅନ୍ୟକୁ ବଡ଼ କରିପାରିଲି । ପିତାଙ୍କର ଅତି ଆଦରର ପୁଅ ମୁଁ । ନିତି ଲକ୍ଷେ ସନ୍ତାନ ଗୋପାଳ ମନ୍ତ୍ର ଜପକରି ପିତା ମୋର ମତେ ପାଇଥିଲେ ପୁଅ

ଭାବରେ । ଶେଷ ସମୟରେ ମୋର ବିଦ୍ୟା, ମୋର ବୁଦ୍ଧି, ମୋର ଈଶ୍ବର ଶକ୍ତି ଉପରେ ସମ୍ପୂର୍ଣ୍ଣ ବିଶ୍ବାସ ରଖି ଅନନ୍ତକୁ ଅନନ୍ତର ଭବିଷ୍ୟତ ଜୀବନର ସବୁଭାର ସହିତ ସମର୍ପଣ କରିଦେଇ ଯାଇଥିଲେ—"

"ମୁଁ ଆଉ ଭାରତ ପୁରାଣ ଶୁଣି ପାରିବି ନାହିଁ । ଷାଠିଏ ବର୍ଷ କାଳେ ବସି ହୋଇକରି ଯୋଉ ଗୁଣ କରି ଦେଇଥିଲେ, ସେଥିପାଇଁ ଝୁରି ହେଉଚ—"

ଚନ୍ଦ୍ରାଙ୍କ ରୁକ୍ଷ କଥାରେ ଗୋପାଳ ହସି ହସି କହିଲେ, ସୁନ୍ଦରୀ ଶ୍ରେଷ୍ଠା ଚନ୍ଦ୍ରା, ଆସିଲ ! ମୁଁ ତୁମର କବିପତି । ମତେ ଟିକିଏ ତୁମର କୋଳରେ ଶୁଆଇ ଦେବ । ମୋର ମୁଣ୍ଡଟା କଣ ହେଇଯାଉଛି । ଦେଖ ଚନ୍ଦ୍ରା, ବିଶ୍ବାସ ହେଉନାହିଁ ? ଆସିବ ନାହିଁ ? ତୁମର ଅତି ସ୍ନେହର ଅତି ସୋହାଗର ଗୋପାଳ ଶରଣ ମୁଁ । ହା, ହା, ହା, ହା, କିଏମ ଗୋପାଳଶରଣ ! ଗୋପାଳ ଶରଣ କୋଉକାଳୁ ମଲାଣି, ତାପରେ ଦୀର୍ଘ ଦଶବର୍ଷ ମିଶିଗଲାଣି ଅତୀତରେ । ଗୋପାଳ ମଲା ଦିନ ମୁଁ ବି ଯାଇଥିଲି ଶ୍ମଶାନକୁ । ଆର୍ଯ୍ୟଧର୍ମ ମତରେ କରାଗଲା ତାର ଶବଦାହ କ୍ରିୟା । ବଡ଼ା ବଡ଼ା ଚନ୍ଦନ କାଠ । ହାଣ୍ଡି ହାଣ୍ଡି ଗୁଆ ଘିଅ । ଯାହାକୁ କହନ୍ତି ଗବ୍ୟଘୃତ, ଚନ୍ଦନ କାଷ୍ଠ, ଆଉ ଶକଟ ଶକଟ ଅଗୁରୁ ଚୂର୍ଣ୍ଣ । କୁଙ୍କୁମ କସ୍ତୂରୀ ଇତ୍ୟାଦି ଯେତେ ପ୍ରକାର ସୁରଭି ଦ୍ରବ୍ୟ ସବୁ ତାଳିଦିଆଯାଇଥିଲା ତାର ଜ୍ଵଳନ୍ତ ଚିତା କୁଣ୍ଡରେ । ଗୋପାଳର ଶବ ଦାହର ସୌରଭରେ ଶ୍ମଶାନ ଭୂମିର ବାୟୁମଣ୍ଡଳ ହୋଇ ଯାଇଥିଲା ମହୁର । ତୁମେ ଗୋପାଳକୁ ଦେଖିଚ, ଚନ୍ଦ୍ରା ? ହଁ, ତୁମେ ନିଶ୍ଚୟ ଦେଖିଥିବ, କାହିଁକି ନା ଲୋକଟା ପ୍ରକୃତରେ ଭଲ । ଭଲ ହେଲେ କଣ ହେବ, ଚନ୍ଦ୍ରା ! ଲୋକଟାର ନିଜତ୍ଵ ବୋଲି କିଛି ନଥିଲା ।

"ଅସାର କଥା ଗୁଡ଼େ ଭାବନା କଲେଣି, ଆଉ ବଞ୍ଚିବେ ନାହିଁ ।"

ଚନ୍ଦ୍ରା ଚାଲିଯିବା ଦେଖି ଗୋପାଳ ଅତ୍ୟନ୍ତ ଆତୁର ହୋଇ ଡାକିଲେ, ଚନ୍ଦ୍ରା ! ଚନ୍ଦ୍ରା !! ସତେ ଚାଲିଗଲ !" ଚନ୍ଦ୍ରା ଦୁଆର ମୁହଁରୁ କହିଲେ, ବାହିଲେ ମା, ଗତିହେଲେ ଯୋ ଡର ନାହିଁଚ, ଦିଅଁ ଦେବତାଙ୍କୁ ଖୁଣି ଖୁଣି କି ଥର ଥର ରୋଗ ଆଣିଲେ ଯେ ମରିବେତ ମରିବେ, କୁଟୁମ୍ବ ମାରିଦେବେ ଲୋ ମା —"

ମୁହୂର୍ତ୍ତକ ପାଇଁ ଫେରି ଆସିଲା ଗୋପାଳଙ୍କର ଚେତନା । ସେ କରୁଣ ଭାବରେ କାନ୍ଦି ଉଠି କହିଲେ, ଆସ ଚନ୍ଦ୍ରା, ଚାଲିଗଲ କାହିଁକି ? ସମସ୍ତଙ୍କ ଶରୀରରେ ରୋଗ ରହିଛି । ରୋଗକୁ ଡରିବ କାହିଁକି ? ଘର ଭିତରକୁ ମୁହଁ ବଢ଼େଇ ଚନ୍ଦ୍ରା ଦେଖିଲେ ଗୋପାଳ ବସିପଡ଼ି ଅତ୍ୟନ୍ତ ଅଥୟ ହେଉଛନ୍ତି । ଆକ୍ଷେପକ ବାତ ତାଙ୍କୁ ଅଥୟ କରିପକାଉଛି । ଚନ୍ଦ୍ରା ଭୀତତ୍ରସ୍ତ ହୋଇ ଡାକିଲେ, ବିଶୁ ଯାରେ, କୋକର ନନାଙ୍କୁ ଡାକିଦେବୁ, ରାତି ବିକାଳି ନେବା ଆଣିବାକୁ ଆଉ କିଏ ଅଛିରେ ?

"କଣ କହୁଛ ଚନ୍ଦ୍ରା, ମୋର ଶବଦାହ କରିବାକୁ ତୁମେ ବ୍ୟସ୍ତ ହେଉଛ ! କିନ୍ତୁ ମୋର ଶବଟା ତ ଅନେକ ଦିନରୁ ଦାହ କରିଦେଇ ଆସିଲଣି । ସେ ତ ଆଉ ନାହିଁ, ଚନ୍ଦ୍ରା । ଓ ! ଗୋପାଳ ! ଗୋପାଳ ଗଲାଣି, ତାର ପ୍ରେତ ଦେହଟା ଏଠି ପଡ଼ିରହିଛି ଚନ୍ଦ୍ରା ! ଆଣ, ଖାଇବାକୁ ଦିଅ । ଦବ ନାହିଁ ! ଚନ୍ଦ୍ରା ! ମୋର କାଗଜ, ମୋର କଲମ—"

ଚନ୍ଦ୍ରା ଚାଲିଗଲା ପରେ, ଗୋପାଳ ଚିତ୍କାର କରି ଡାକିଲେ କାର୍ତ୍ତିକ—କାର୍ତ୍ତିକ । ଚାରିଆଡ଼େ ହାତ ବଢ଼େଇ ଖୋଜିଲେ । କାହିଁ ! କାହିଁ ! କାଗଜ କାହିଁ ? କଲମ, ଆଣେ, ଦେ, କାଗଜ ଦେ, କଲମ ଦେ, ଲେଖିଦେବି । ଆଣେ– ଲେଖି ଦେବି—ଆଉ କେହି—ଜଣେ ମଧ—କବି ହେବାକୁ—ଚେଷ୍ଟା କରିବ ନାହିଁ—ଲେଖକ ହେବାକୁ ଇଚ୍ଛା କରିବନାହିଁ ! ଆଉ—କେହି ସ୍ତ୍ରୀକୁ ସ୍ୱାଧୀନତା ଦେବନାହିଁ । ଆଉ କେହି ସଂସ୍କାରକ ହେବନାହିଁ—ଚନ୍ଦ୍ରା—ଚନ୍ଦ୍ରା—ତୁମର—ତୁମର ସ୍ବାମୀ—ମୁଁ—ନା—କେହି ନାହିଁ —କାର୍ତ୍ତିକ—ନା—ଚାଲି ଯାଇଛି—ଚନ୍ଦ୍ରା—ଉଃ ! ଆହା—କାର୍ତ୍ତିକ—ଆଣେ—କାଗଜ ଆଣେ—ଲେଖି-

ଦେବ—ତୁ—ଛପେଇ ଦେବୁ । ମୁଁ ଆଜ—ଲେଖି ଦେଉଛି—କେହି - କେହି ହେଲେ—କେହି ହେଲେ —ସମାଜ ସଂସ୍କାର କରିବାକୁ ଉଦ୍ୟତ—ହେବେ ନାହିଁ—ସଂସ୍କାରକ ହେବେନାହିଁ—ସ୍ତ୍ରୀ କ ସ୍ୱାଧୀନତା —ଦେବେନାହିଁ । ଗୋପାଳ ଆଉ କହି ପାରିଲେ ନାହିଁ । ଆଉ କଣ କହିବାକୁ ଚେଷ୍ଟା କରୁକରୁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ଅଜଣା ରାଜ୍ୟକୁ । ବଶୁ ଦୁଆର ପାଖରୁ ଦଉଡ଼ିଯାଇ ଡାକିଲା, ଧାଇଁ ଆସ ମା । ବାବୁ କମିତି ଖାଲି ଆଁ କରି ଅନେଇ ରହିଛନ୍ତି ।

ଚିନ୍ତାଙ୍କ ମନରେ, ସେଇ ସେତିକ ବେଳୁ ଶିଖିଆ ଯେତେବେଳେ କୋକର କଥା କହିଦେଇଗଲା, ଦାରୁଣ ସନ୍ଦେହରେ ଅନ୍ତରଟା ଦଗ୍ଧ ହୋଇ ଯାଉଥିଲା । ସନ୍ଦେହ ହେବା ସଙ୍ଗେ ସଙ୍ଗେ ସେ ଭାବି ବସିଲେ, ତାହାହେଲେ କଣ ଅନନ୍ତ ଯାହା ସେ ଦିନ କହୁଥିଲା ସେ କଥା ସତ ? ସତ ନହେଲେ ଶିଖିଆ ମା ସାହସ କରି ଏକଥା ମୋ ଆଗରେ କହିପାରନ୍ତା ?

କେଜାଣି କୋକର ମୁହଁ ଆଖି ମନେ ପଡ଼ିଲେ ଭୟଲାଗୁଛି —ହଁ, ସେଦିନ ମୋଠୁ ଗୁଡ଼ି ମାଗିନେଲା ଦଶଟଙ୍କା ନେବି ବୋଲି । ଗୁଡ଼ିଟା ଚେଷେଇ ଘର ଆଡ଼କୁ ଫିଙ୍ଗିଦେଇ ଚାଲିଗଲା । ଏଁ ! ତା ପରେତ ଆଉ ଆସିନାହିଁ । ସେ ଦିନଠୁ ମୁଁ ତ ଆଉ ସିନ୍ଦୁକ ଦେଖି ନାହିଁ । କଣ ? ସବୁ ଟଙ୍କା ନେଇ ଚାଲିଗଲା କି ଖାଲି ଦଶଟଙ୍କା ନେଲା ମୁଁ ତ ଆଉ ଜାଣିନାହିଁ ।

ଚିନ୍ତା ତର ତର ହୋଇ ସିନ୍ଦୁକଟା ଖୋଲି ଅନେଇଁ ଦେଲେ । କନା ମୁଣିଟାତ ନାହିଁ । ଏପାଖ ସେ ପାଖ ଖୋଜୁ ଖୋଜୁ ତାଙ୍କର ଟାଣୁଆ ଛାତିଟା ଦୁମ୍ ଦୁମ୍ ହୋଇ ଦୁଲୁକିଗଲା । ସନ୍ଦେହ ଉପରେ ଆଉ ଗୋଟିଏ ସନ୍ଦେହ ଆସି କ୍ଷୁଧାତୁର ବ୍ୟାଘ୍ରଭଳି ତାଙ୍କର ତୋଟିନଳୀ କାମୁଡ଼ି ଧରି ସବୁରକ୍ତ ଶୋଷି ପିଇଦେଇଗଲା । ସେ ସେଇପରି କମ୍ପିତ ହସ୍ତରେ, ତକିଆ ତଳୁ ଚାବିକାଠି ନେଇ ବଡ଼ ସିନ୍ଦୁକ ଖୋଲି ଛୋଟ ସିନ୍ଦୁକଟା ଖୋଲିଦେଲେ । ହାୟ, କଣ ହେଲା ! କେଡ଼େ ବଡ଼ କଥା କଲା କୋକ ! ବଡ଼ ବଡ଼ ସିଂଗର ଫଳୁଆ ଦୁଇଟାଯାକ ନାହିଁ । ସେ ସେଦିଣି ଦୁଷ୍ଟାର ପୂଜାଦେବା ପ୍ରସ୍ତାବଟାକୁ ସ୍ମରଣ କରି, କଳ୍ପିତ ଦୁଷ୍ଟ ଉପରେ ଜ୍ୱଳନ୍ତ ଦୃଷ୍ଟି-ଦେଇ ସିନ୍ଦୁକଟାକୁ ଧରି ସ୍ତବ୍ଧ କ୍ରୋଧରେ ଠିଆ ହୋଇଛନ୍ତି । ବଶୁ ପୁଣି ଡାକିଲା, ଧାଇଁ ଆସହେ ମା, ବାବୁ ମରିଗଲେ ।

ଚିନ୍ତା ଦଉଡ଼ି ଯାଇ ଗୋପାଳଙ୍କ ମୁଣ୍ଡ ପାଖରେ ବସିପଡ଼ି, ଶବଟାକୁ ଭିଡ଼ିଧରି ଚିତ୍କାର କରି ଉଠିଲେ ! ସତେ ପଳେଇ ଗଲ କହେ ମୋର ରଜା !

ଅନନ୍ତ ଆଉ ସାହିର ଅନ୍ୟମାନେ ହରିବୋଲ ଦେଇ ଉଠେଇ ନେଇଗଲେ ଗୋପାଳଙ୍କ ଶବ ଦେହଟାକୁ ।

## ଅଠର

ଗୋପାଳଙ୍କର ଶୂନ୍ୟ ଘରଟାରେ ବସି ଚିନ୍ତା ପତିଙ୍କ ଗୁଣ ବାହୁନି ବାହୁନି କାନ୍ଦୁଥିଲେ । କୋକ ବାହାରୁ ଡାକ ଡାକ ଭିତରକୁ ଆସି କହିଲା ଓ ! କେତେ କାନ୍ଦୁଚୁକୁ, କାଇଁ ଟଙ୍କା କେତୋଟା ଦେ । ଚିନ୍ତାଙ୍କ ଶୋକ ସିନ୍ଧୁ ଭିତରେ ମୁହୂର୍ତ୍ତକ ପାଇଁ ଜଳି ଉଠିଲା କ୍ରୋଧ ଅଗ୍ନି । ପୁଣି ଲିଭିଗଲା ଆଶାର ଅସ୍ଥିର ବାତ୍ୟାରେ । ଚିନ୍ତାଙ୍କ ମୁଣ୍ଡକୁ ଝାଙ୍କି ଦେଇ କୋକ କହିଲା, ଟଙ୍କା କେତେଟା ଦେ ବା !

ଚିନ୍ତା କୋକର ହାତ ଟାଣି ପାଖରେ ବସେଇ କହିଲେ, ଅଜା ତ ଗଲେ, ଆଉ ମୋର କିଏ ଅଛିରେ ? ତୋ ଲାଗି ସିନା ସବୁ ଛଟପଟ । ଭଡ଼ଣ ତୋଳା ସୁନା କୁଆଡ଼େ ନେଲୁ । କେଉଁଠି କଥା କଲୁ । କାହାକୁ ଦେଲୁ ? ମୋ ବାପ, ମୋ ଧନ, ମତେ କହ, ମୁଁ ଯାଇ ଯାହା ଟଙ୍କା ପଇସା ଆଣିଛୁ ଦେଇକରି ଆଣିବି—"

"ସେ ସୁନା ଆଉ ଅଛି କି ଲୋ, ସବୁ ତ ସେ ଶଳା ଦୁଷ୍ଟା କୁଆଡ଼େ ଧରି ପଳେଇଗଲା ।"

ସୁନା ସମ୍ବନ୍ଧରେ ଚିନ୍ତା ଏକାନ୍ତ ହତାଶ ହୋଇ ଭାବିଲେ, ଗଲା ସେ, ଆଉ ଆସିବ ନାହିଁ । ତଥାପି ତାଙ୍କ କାନକୁ ଶୁଭିଲା ଆଶାର ଆଶ୍ୱାସନାପୂର୍ଣ୍ଣ କ୍ଷୀଣ ସ୍ୱର । ସେ କୋକକୁ ଆଉ ଟିକିଏ ପାଖକୁ ଟାଣିଆଣି

ପିଠିରେ ହାତ ବୁଲେଇ କହିଲେ "କୋକରେ ! ଯାହାତ ହେଲାଣି ହେଲାଣି । ଅଜା ରଖିଦେଇ ଯାଇଛନ୍ତି ଲକ୍ଷେ ଟଙ୍କାର ଭୂଇଁ । ଦଶ ହଜାର ଖରଚ କରି ତୋ ପାଇଁ ଏ ଘର କରିଚି । ପର କଥାରେ ଆଉ ପଡ଼ନା, ବୋଉ ପିଲାଟି କାନ୍ଦି କାନ୍ଦି ହିନସ୍ତିନ ହେଇଗଲାଣି । ଆଜି ସେ ବରଂପୁରରୁ ଯା'ନାରେ ବାପ ! କୋକ ଅଳ୍ପ ସମୟ ଆଗରେ ପୂଜା ମାହାରେ ପିଇଦେଇ ଆସିଥିଲା । ହସି ହସି କହିଲା, "ବରଂପୁରୁ ଗୁଡ଼ବାକୁ ଆଉ ଅଛିକି ଲୋ ଆଈ ! ସୁପ୍ରସନ୍ନା ତ ବଡ଼ ସୁନ୍ଦରୀ । ଆଉ ତାର ଜାଇ ସୁଲେଇ, ତାର ଉଲଟା ସୋଲ ଫୁଲ, ଆଈଲୋ ସେ ଆଉ ମତେ ଗୁଡ଼ିବ କଲେ ! ସେଦିନ ଦୁଇଶ ଟଙ୍କା ତାକୁ ଏକା ଦେଲିନାଁ ! ସୁପ୍ରସନ୍ନା ଏବେ ଘରୁ ତଡ଼ି ଦେଲା । ସେ ତ ସେ ଶଙ୍କର ରାଉକୁ ପ୍ରେମ କରୁଛି । ମୋଠୁ ଟଙ୍କା ନବବୋଲି ମତେ ରଖିଥିଲା—"

"ହଁ ରେ ବାପ, ଏଗୁଡ଼ାକ ଖାଲି ରାକ୍ଷସୁଣୀ ଗୁଡ଼ାକ, ରକତ ମାଉଁସ ସବୁ ଖାଇଯିବେ । ଭଲବୁଦ୍ଧି ଧରେ, ଘରେ ରହରେ କୋକ !"

"ଘରେ ରହିବ ଯେ ଆଗ ଟଙ୍କା କେତେଟା ଦେ, ତାକୁ ଦେଇ ଦେଇ ବୁଲି ଆସିବ ।"

"ତାକୁ ଆଉଥରେ ଟଙ୍କା କାହିଁକି ଦେବୁରେ, ନ ଗଲେତ ଗଲା—"

"ଟଙ୍କା ନଦେଲେ ପଳେଇ ଯିବ ଯେ ଆଉ ଆସିବ ନାହିଁ । ମୁଁ ତ ବେଶି ମାଗୁ ନାହିଁ, କୋଡ଼ିଏଟି ଟଙ୍କା ଦେ । କାଲିକି ଆସିବ, ଆଉ ଯିବନାହିଁ ।"

ଚନ୍ଦ୍ରା ବଡ଼ ଆଶାୟୀ ଭାବରେ ସିନ୍ଦୁକ ଖୋଲି କୋଡ଼ିଏଟି ଟଙ୍କା ଦେଲେ ।

ଚନ୍ଦ୍ରାଙ୍କ ଆଖି ଆଗରେ ଆଶା ତାର ମୋହମୟ ଛବି ଦେଖାଇ ପୁଣି ଭୁଲାଇ ଆଣିଲା ଦୁଃଖମୟ ନୈରାଶ୍ୟମୟ ରାଜ୍ୟରୁ । ସେ ତାହାର ଇଙ୍ଗିତରେ ପୁଣି ଦେଲେ ତାଙ୍କର ଘର ସଂସାର ଆଡ଼କୁ ଦୃଷ୍ଟି । ସେ ଭାବିଲେ ସେ ତ ଗଲେଣି, ମୁଁ ଯଦି ଭାଙ୍ଗି ରୁଜି ମାଟିରେ ମିଶିଯିବି ଲୋକେ ହସିବେ, ଅନନ୍ତ ହସିବ, ନଈରେ, ପୋଖରୀରେ ଭାନୁମା, ରାଧୀମା, କୁନ୍ତମା କଥା ହେବେ । ନାତିଲାଗି ପତିକି ଗୋଡ଼ରେ ଆଡେଇଦେଲା ବୋଲି ନିନ୍ଦାକରିବେ । ନା, ଅଧୈର୍ଯ୍ୟ ହେଲେ ଚଳିବ ନାହିଁ । ସୁନା ଯାଇଚି, ଟଙ୍କା ଯାଇଚି, ମୋ ହାତର ସୁନା ଚୁଡ଼ି ଖଣ୍ଡ ଭାଙ୍ଗି ବୋହୂ ପାଇଁ ଆଉ ଗୋଟିଏ ବଡ଼ ହାର କରେଇ ଦେବି । କୋକକୁ ବୁଝେଇ ଭଲ ବାଟକୁ *ଆଣିବି । ଟଙ୍କା ନେବା କଥା ସୁନା ନେବାକଥା କେହି* ଜାଣିବେ ନାହିଁ । କାହାକୁ ଜାଣିବାକୁ ଦେବି ନାହିଁ । ଦୁଷ୍ଟୟା ପୋଡ଼ାମୁହାଁ ଝିଅ ସିନା କୋକ ମୋର ଇମିତି ହେଲା । କେତେ କେତେ ଗଞ୍ଜେଇଖିଆ ମଦୁଆ ଘର କରୁଛନ୍ତି । ମୋ କୋକ କାହିଁକି କରିବ ନାହିଁ । କୋକ ମୋର ଆଉଥରେ ଘର କରିବ । ଆଉଥରେ ସେଇ ସୁନାହେବ, ସେଇ ଟଙ୍କା ହେବ ।

ଅଳ୍ପ ସ୍ୱଳ୍ପରେ ଦେଖି ଲେଖି ଶୁଦ୍ଧକାର୍ଯ୍ୟଟା ଚନ୍ଦ୍ରା ଚଳେଇ ନେଲେ । ଶୁଦ୍ଧପରେ ମଧ୍ୟ ବୃନ୍ଦା ଆଉ ବଂଶୀ ନଯିବା ଦେଖି ଚନ୍ଦ୍ରା ତାଙ୍କର ସେଇ ଚିରକାଳର ଅଭ୍ୟାସ କୃତ୍ରିମ ବିନମ୍ର ବାଣୀରେ କହିଲେ; ଆଇଁରେ ପୁଅ ବୃନ୍ଦା, ଘରେ କିଛି ନାହିଁ, ଏକା ବଣିପୁରରୁ କୋଡ଼ିଏ ଭରଣ ଭୂଇଁ କି ସେବା ସଦନ ଚୁଲ୍ଲୀ ସଦନ କଲେ ଯେ ଏକାଥରକେ ନେଖେଇ ଦେଇଥିଲେ । ତା ବାହାରେ ଯେତେଟଙ୍କା ଦେଲେ, ବୃନ୍ଦା ମାନ୍ଦା ଚୁଲ୍ଲୀ ଅଙ୍ଗାର କରି ବର୍ଷକୁ ବର୍ଷ ଯାହା ଆସେ ସବୁ ସାରି ଦିଅନ୍ତି । ଘରେ କିସ ଅଛି ତମକୁ ପୋଷିବି । ବୃନ୍ଦା ଟିକିଏ ରହି କହିଲା, ବୋଉତ ଖାଲି ହାତରେ ଗଲା । ଗଲାବେଳେ ବୋଉ କହିଚି, "ଆମର ତ ନଅଣ୍ଡ ପକ୍ଷ, ମାମୁଁ ତ ଗଲେ, ଟଙ୍କା ପଇସା ଖରଚ କଲେ ମଧ୍ୟ ଘର ଭୂମି ସବୁତ ଅଛି—"

"ଆହା ! କି ଘର କି ଭୂମିରେ ବୃନ୍ଦା, ଭଙ୍ଗା ଦଦରା ଘର । ଭୂଇଁ ଟାକୁ କି ପଞ୍ଚଶି ଭରଣ ଧାନ ଆସିବ ଯେ ମୁଁ ଖାଇବି ନାହିଁ-କିରେ । ମାମୁଁ ଗଲେ ବୋଲି ମୋ ପେଟ କୁଅଡ଼େ ପଳେଇ ଯିବ କିରେ ?"

ବୃନ୍ଦା ଜାଣିଲା ବୃଥା ଆଶା । ତଥାପି ଦାରିଦ୍ର୍ୟ ଜଣେଇ ବିନମ୍ରଭାବେ କିଛି କହାଇ ମନରେ ଯେଉଁ ଦୁଃଖ ହେଲା, ସେ ସେ ଦୁଃଖର ଆବେଗଟାକୁ ଲୁଚି-

ରଖି କହିଲା, "ଆଜ ଯିବି ବୋଲି ବାହାରୁଥିଲି, ତେବେ ମୁଁ ଯାଉଛି ।" ବୁଢ଼ା ବଂଶୀ ଚାଲିଯିବା ପରେ ଚିନ୍ତା ରାଗିଯାଇ କହିଲେ, "ମା ଅଲେଇକ୍ଷଣୀ ଶିଖେଇ ଦେଇଥିଲା ଘର ଭୁଇଁ କଥା । ସ୍ୱାମୀଙ୍କର ପୋଡ଼ା ଆଖିରେ ଖାଲି ଘର ଭୁଇଁ ରହିଚି । କେବେ ସ୍ୱାମୀଙ୍କର ମରଣ ହେବ କେଜାଣି ।"

ଘର ଖରଚ ବଢ଼ି ଯାଉଛି ବୋଲି ଚିନ୍ତା ବଶୁକୁ ବାହାର କରି ଦେଇଛନ୍ତି । ଗୋପାଳଙ୍କ ଶ୍ରାଦ୍ଧ କ୍ରିୟା ଇତ୍ୟାଦି ପରେ ଆଉ ଦୁଇ ମାସ କଟି ଗଲାଣି । କୋକ କେବେ କେବେ ଘରକୁ ଆସି ରହୁଛି । ଚିନ୍ତା କୋକକୁ ଅନେକ ପ୍ରକାର ବୁଝେଇ ମଧ୍ୟ ଠିକ୍ ବାଟକୁ ଆଣି ପାରି ନାହାନ୍ତି, ତେବେ ବି ତାଙ୍କର ଚେଷ୍ଟା ଚାଲିଛି । ଏକା ଥରକେ ପିଲା ମନ ଉପରେ ଆଘାତ ଦେଲେ ମାନିବ ନାହିଁ ବୋଲି ସମୟେ ସମୟେ ଦଶ ପାଞ୍ଚ ଦେଇ ବୁଝେଇବାରେ ଲାଗିଛନ୍ତି ।

କୋକ ଡେରି କରି ଖାଇବାକୁ ଆସିବା ଦେଖି ଚିନ୍ତା କହିଲେ, ଏତେ ଉଚ୍ଛୁନ୍ନ ହେଲୁଣି, କୋଉଠି ଥିଲୁରେ ?

"ନଟିଆ ପାଠକୁ ସାଙ୍ଗରେ ଧରି ଆସିଛି ପରା ?

"କି ?"

"ଟଙ୍କା ନାହିଁ, ଟଙ୍କା ନାହିଁ ବୋଲି ହଇରାଣ କରୁଛୁ । ଟଙ୍କା ନ ହେଲେତ ମୋର ଜନେ ଚଳିବାକୁ ନାହିଁ । ତିନଶ ଆଣିଥିଲି ଖାଲି ଗୋଟେ ପ୍ରନୋଟ ଲେଖେଇ ଦେଇ । ଆଉ ଦୁଇଶ ମାଗିଲି ଯେ ସେ ନଟିଆ ପାଠ ଦବକଲେ ଆଉ ! ମତେ କହେଇଲା ପଙ୍କାଳ ପାଖର ବିଲଟା ତା ନାଁରେ ସ୍ୱାଧୀନ ତମସା ଲେଖେଇ ଦେଲେ ହଜାରେ ମାଗିଲେ ମଧ୍ୟ ଦବ । ମୁଁ ହଁ କଲି ! ହେଲେ ମଧ୍ୟ ଶୁଣିଲାନାହିଁ । କୋଉ କରଣକୁ ପଚାରିଲା ଯେ ସେ କହିଲା ପଙ୍କାଳ ଭୂମିଟା ତୋ ନାଁରେ ଅଛି । ମୁଁ ସବୁ ଲେଖେଇ ଆଣିଛି, ତୁ ଖାଲି ଟିପ ଚିହ୍ନଟା ପକେଇ ଦେବୁ—"

ଚିନ୍ତାଙ୍କ ଅନ୍ତରର ଅଗ୍ନି ଟା ଆଖିବାଟେ ବେଇ ବାହାରି ପଡ଼ିଲା । ସେ କ୍ରୋଧରେ ଗର୍ଜନ କରି କହିଲେ, କଣ କହିଲୁ ! ନାସ ଟଙ୍କା ନଟିଆ ପାଠ ଆସିଛି ମୋର ଭୁଇଁ ବନ୍ଧା ରଖିବ ବୋଲି କିରେ ? ହଇରେ ଏ ନଟିଆ, କାଇଁ ତୁ ଏ ଆଡ଼େ ଆସିଲୁ, ତୋ କାନ ମୋଡ଼ି ଛାଡ଼ିଦେବି । ନଟିଆ ଦାଣ୍ଡଘର ବେଞ୍ଚ ଉପରେ ବସି ସବୁ ଶୁଣୁଥିଲା, ଅଗଣାକୁ ଆସି କହିଲା, କାନ କାହିଁକି ମୋଡ଼ିଦବ ହେ ? ଏଁ, ଆଚ୍ଛା ହେଇଚି ତ, ହକ ଟଙ୍କାଦେବୁ, ଲେଖିଦିଅ ବୋଲି କହିଲେ କାନ ମୋଡ଼ିଦବ ! ମୂଳଟଙ୍କା ପାଞ୍ଚଶ, କଳନ୍ତର ପଚାଶେ ହେଲାଣି, ପାଞ୍ଚଶ ପଚାଶେ ଦେଇ ପକାହେ ।

"ବଡ଼ଲୋଗୀଆ ଅଳପାଇଖିଆ ! ତତେ କିଏ କହିଥିଲାରେ ଟଙ୍କା ଦେବାକୁ ?"

"ତମେ ଏବେ ଟଙ୍କା ଦବକି ନାହିଁ କହିଲ ?"

"ପଇସାଟିଏ ଦେବିନି ।"

ନଟ ରାଗିଯାଇ ଯାଉ ଯାଉ କହିଲା, ଦେଖିବି କମିତି ଦେବନାହିଁ ! ଉଚିତକରି ଘର ଜପ୍ତି ଯଦି ନ କରିଛି ମୋ ନାଁ ନଟ ପାଠ ନୁହେଁ ।

"ରଣଚଣ୍ଡୀପରି ତା ସାଙ୍ଗରେ ଲାଗିଗଲୁ, ଦେ ଏବେ ଟଙ୍କା ।"

"କେଉଁଠୁ ମୁହଁଖୁଟେରେ ତୁ—"

"ତୁ ତ ନହେଲେ ବଡ଼ ପଣ୍ଡିତଟେ । ତୁଚ୍ଛା ସେଦିନ ମିଛକଥା କହି ଠାକୁରାଣୀଠିକି ପଠେଇ ଦେଲୁ ଯେ ସତକରି ଧାଇଁଥିଲୁ । ଅଜାଙ୍କ ସାଙ୍ଗରେ ଲାଗିଥିଲୁ ବୋଲି ମନେ ମନେ ବଡ଼ ଚତୁରଟା ପରି ଲାଗୁଥିବ ତ ! ଦେଲୁ ମତେ ଆଗ ଟଙ୍କା । ସେ ଆଡ଼େ ଫୁଲେଇ ରହିଁ ବସିଥିବ ।"

"ପଡ଼ଶା ଘରେ ଭଗାର ଶବ୍ଦ ହସିବେ, କାହିଁକି ଇମିତି ପାଟି ତୁଣ୍ଡ କରୁଚୁରେ ?"

"ଟଙ୍କା ଦେଉନୁ, ପାଟି ତୁଣ୍ଡ କରୁଛି ବୋଲୁଛୁ । ଟଙ୍କା ଆଣେ ମୁଁ ଯିବି ।"

"ଟଙ୍କା କୋଉଠୁ ଆଣିବିରେ ? ମୋଠେ ତ ପଇସାଟିଏ ନାହିଁ । ଅଜା ଥିଲେ ସେ ତାଙ୍କ ଉପରେ ଅଧିକାର କରୁଥିଲୁ । ଏବେ କା ଉପରେ ଅଧିକାର କରିବୁ । ଯାଇ ଗୁଡ଼ ଖାଇବାକୁ ଆଦରିଛି—"

"ଓହୋ ! ବୁଢ଼ୀର ଶୋକ ସାଗର ଉଚ୍ଛୁଳି ଯାଉଛି । ବୁଢ଼ାଟାକୁ ଟଙ୍କା ଟଙ୍କା ବୋଲି ଯାହା କରିଦେଇଛୁ । ଟଙ୍କା ମୁଣ୍ଡରେ ବାନ୍ଧିନେବୁ କି ଲୋ ! ଆଣେ, ଖାଇଥିବା, ପିଇଥିବା, କାହାକୁ ଦେଇଥିଲେ କଥା ଥିବ । ଯାହା ଅଛି ଦେ, ନହେଲେ ତୋ ହାତର ସୁନା ଖଡ଼ୁ ହଟା ଦେଇନଦେ ଗଲା, ଆଉ ଦୁ'ମାସ ପର୍ଯ୍ୟନ୍ତ ମାଗିବି ନାହିଁ ।"

"ଚିନ୍ତା ରଗିଯାଇ କହିଲେ, କେଡେ ସାହସରେ ମଦୁଆ ଚୋ'ର ! ମୋ ଖଡ଼ୁ ମାଗୁଚୁ ?"

"ଦୋବୁତ ଆଉ ସାହସ କଣ, ନଦେଲେ ସୁଦ୍ଧା ନେଇ ସିନ୍ଦୁକ ଖୋଲି ନେଇଯିବି । କାଲିଠୁ ଟୋପେ ହେଲେ ପିଇବାକୁ ପାଇନାହିଁ, ଯାହା କଷ୍ଟ ହେଲାଣି ! ଆଉ ଢଙ୍ଗ ଦେଖାନା, ଚଞ୍ଚଳ ଦେ, ତେଣେ ମୋର ଗାଡ଼ିବେଳ ହେଉଛି ।"

"ଖାଇସାରେ, ପରେ ଦେବି—"

"ମୁଁ ତୋର ସେ ଗୋବର୍ଦ୍ଧନା ଝୋଟାଗାର ଖାଇ ପାରିବି ନାହିଁ । ଦେଇଦେ, ବାସ୍ ଷ୍ଟେଣ୍ଡ ପାଖରେ ମିଆଁ ଖାଁର ହୋଟେଲରେ ଖାଇବି ।"

"ବାସ ରେଣ୍ଟରେ ତମର ବହୁତ କାଳେ ଖାଇଥିଲରେ—"

"ଦେଲୁ ଆଗ ଟଙ୍କା, ନହେଲେ ସୁନା ଅଛି ଦେଏ ।

"ମୁଁ ଦେବିନି—"

'କଣ, ଦୋବୁ ନାହିଁ ?"

"ନା, ଦେବିନି ।"

କୋକ ଆଣିର ଦୁଇ ହାତ ଧରି ପକେଇ ସ୍ତ୍ରୀର ଛଡେଇ ନେଇ ଗଲାଗଲା ସିନ୍ଦୁକ ଘର ଆଡ଼କୁ । ଅନନ୍ତ ପୋଖରୀ ଆଡ଼ୁ ସ୍ନାନ-କରି ଆସୁଥିଲା । ବୀର ବାରିକ ତାର ଶିମ୍ବ ବାଡ଼ି ଭିତରୁ ବାହାରି ଡାକିଲା, ରହିଥ ଅନନ୍ତ, ରହିଥ, ମୁଁ ଆସୁଛି ଅନନ୍ତ କହିଲା, ଦେହଟା କିଛି ସୁଖ ଲାଗୁନାହିଁ । ଓଦା ଲୁଗାରେ ଏଠି ଆଉ ଠିଆ ହେଇ ପାରୁନାହିଁ । ତୁ ଘର ଆଡ଼କୁ ଆସିବୁ ।

ଅନନ୍ତ ତାର ଦାଣ୍ଡଘରେ ପୁରୁଣା ଫଟା ଖଟିଆ ଖଣ୍ଡକରେ ଘୋଡ଼େଇ ହେଇ ଶୋଇଥିଲା । ବୀର ବାରିକ ବାଡ଼ି ଠୁକ ଠୁକ ଭିତରକୁ ଆସି ଡାକିଲା, ଅନନ୍ତ ହୋ ଅନନ୍ତ ଅନ୍ଧାରିଆ କୋଣରୁ କହିଲା, ମୁଁ ଏଇଠି ଶୋଇଛି—

"ଭର ସନ୍ଧ୍ୟା ବେଳଟ ରେ ଶୋଇଛ—"

"କମିତି ଟିକିଏ ଜରୁଆ ମଣିଷ ପରି ଲାଗୁଛି ଯେ ଶୋଇ ପଡ଼ିଛି ।"

ବୀର ଖଟିଆ ପାଖରେ ଅନନ୍ତର ମୁଣ୍ଡ ପାଖକୁ ବସିପଡ଼ି ଦେହ ମୁଣ୍ଡରେ ହାତ ବୁଲାଇ ଦେଇ କହିଲା, "ସଂସାରେ ଅଜର ଅମର କେହି ହୋଉନାହିଁ । ସମସ୍ତେ କାଳବେଳ ହେଲେ ବାଟ ଦେଖିବା । ଖାଲି କଥାଟା ରହିଥିବ । ବିଶୁ ଟୋକା କାଲି ଆଖଡ଼ାଘରେ କହୁଥିଲା, ଗୋପାଳ ଭାଇ ମଲାବେଳେ ପାଣି ଟିକିଏ ପାଇଲାନାହିଁ । ଆମେ ସବୁ ଯାଇ ଦେଖିଲେ ପରା, ଖାଲି ତଳେ କେତେ ବାଡ଼େଇ ପିଟି ହେଇ ପ୍ରାଣ ଯାଇଛି । ବିଶୁ ମିଛ କହିନାହିଁ । ପାଣି ନପାଇ ପ୍ରାଣ ପଳେଇଥିବ । ଦେଖୁ-ଦେଖୁ ମାର୍ଗଶୀରକୁ ବର୍ଷେ ହେଇ ଆଉ ମାସେ ହେଇଗଲା । ଅନନ୍ତର ଜ୍ୱର ପୀଡ଼ିତ ଆଖି ଦୁଇଟା ଓଦା ହେଇଗଲା ଆପେ ଆପେ । ତା'ପରେ ସେ ଅତ୍ୟନ୍ତ କଠୋର ହୋଇ ଆପଣା ଅବସ୍ଥା ଚିନ୍ତା କରି କରି କହିଲା, "ହଁ ଯେ, ଯେଉଁ ବୀଜ ବୁଣୁଛି ସେ ତ ସେ ଫଳ ପାଇବାକୁ ବାଧ୍ୟ । ତାଙ୍କ କର୍ମ ଫଳ ସେ ଭୋଗକଲେ ।"

"ସବୁ ତ ରିଣରେ ବୁଡ଼ିଗଲାଣି । ସୁନା ରୁପା ମଧ୍ୟ ସବୁନେଇ ବେଶ୍ୟାଘରେ ଥୋଇ ସାରିଲାଣି । ବୁଢ଼ୀଟା କାନ୍ଦି କୁନ୍ଥେଇ କମିତି କରି ଘରକୋଣେ ପଡ଼ିଥିଲା, ଏବେ ବୋହୂଟାକୁ ଘରୁ ନେଇ ତା ମା ଘରେ ଛାଡ଼ିଦେଇ ବେଶ୍ୟାଟାକୁ ଆଣି ଘରେ ରଖିଛି । ବୁଢ଼ୀଟାକୁ ବାଡ଼େଇ ପିଟି ହିନସ୍ତା କରୁଛି । ତମେହେଲେ ତମ ଘରକୁ ଆଣି ରଖିଥାନ୍ତ—"

"ମୋର କଣ ଅଛି ଯେ ମୋ ଘରକୁ ଆଣିବାକୁ ସାହସ କରିବି । ମୋ ଉପରେ ଯେଉଁ ଅବସ୍ଥାର

କରିଥିଲେ, ସେଥିରେ ସେଇ ତିପ ଡୁଙ୍ଗର ଭୂମିରୁ ବର୍ଷେ ଧାନ୍ଯ ଗଣ୍ଡେ ହେଲେ ବି' ବର୍ଷେ ଛାଡ଼ୁନାହିଁ । କୁଟୁମ୍ବ ସାକ୍ଷୀ । ନିଜର କୁବୁଦ୍ଧିରେ ନିଜେ ମୂର୍ଖ ହୋଇ ବନ୍ଧୁ ଉପରେ ନିର୍ଭର କରି ବସିଛୁ । ଥରେ ଏଇକଥା କହିବାକୁ ଯାଇ ବହୁତ ଗାଳି ଶୁଣି ଆସିଛୁ । ଏଥର ଆଉ ଯିବାକୁ ଇଚ୍ଛା ନାହିଁ । ସମସ୍ତ ସେତେବେଳେ ଆସିବ ଭଗବାନ ଯାହା ବୁଦ୍ଧି ଦେବେ କରିବ ।"

× × × ×

ଯେତେ ସ୍ଥାନରୁ କୋକ କୋଟ, ଅସ୍ୱାଧୀନ ସ୍ୱାଧୀନ ଦସ୍ତାବେଜ ଲେଖିଦେଇ ଟଙ୍କା ଆଣିଥିଲା, ତିନି ବର୍ଷ ପୂର୍ବରୁ ଟଙ୍କା ତଲବ ନୋଟିସ୍ ଆସିଲା କୋକ ପାଖକୁ । କୋକ ନଦେଖି କେଉଁଟା ଫିଙ୍ଗିଦେଲା । ବୁଝି ନପାରି କେଉଁଟା ଛିଣ୍ଡେଇ ଫିଙ୍ଗିଦେଲା । କେଉଁଟା ନ ଦେଖି ତକିଆ ତଳେ ରଖିଦେଇ ନିଶ୍ଚିନ୍ତରେ ନିଦ୍ରାଗଲା । କୋକର ଅବହେଳା ଲାଗି କୌଣସି ରୁଣଦାତାର କାର୍ଯ୍ୟରେ ବାଧା ଆସିଲାନାହିଁ । ଯଥା ସମୟରେ କାଗଜ ଯାଇ ଓକିଲମାନଙ୍କର ଫାଇଲରେ ସ୍ଥାନ ପାଇ ବିଗୁରି ଗଲା । ବିଗୁରଣାର କୌଣସି ପ୍ରକାର ପ୍ରତିବାଦ ନ ହେବାରୁ ଏକତରଫା ଡିକ୍ରି ହୋଇ ପ୍ରାପ୍ୟ ସବୁ ଭୂମି ନିଲାମରେ ଉଠିଲା । ହାଟରେ, ବାଟରେ, ଘାଟରେ ଯେଉଁଠି ଶୁଣ ସେଇ କଥାର ଚର୍ଚ୍ଚାହେଲା । କେତେ ଅନ୍ତରରେ ଆନନ୍ଦ ପାଇ ମୁହଁରେ ଆହାକଲେ, କେତେ ହସିଲେ, କେତେ କାନ୍ଦିଲେ । ଏତେ ବଡ଼ ଦୁଃସହ କଥା ଶନ୍ତା ଶୁଣି ପାରିଲେନାହିଁ । ସ୍ତ୍ରୀ ମହଲରେ ଚର୍ଚ୍ଚାର କଥା ଶୁଣିଲେ ନାହିଁ । ପୁରୁଷ ମହଲର ଖବର ତାଙ୍କୁ କେହି ଦେଲାନାହିଁ । ସେ ଅପମାନ କଥା, [illegible] କଥା ତାଙ୍କ ମୁହଁକୁ ଚାହିଁ କେହି କହିଲାନାହିଁ । ଅନେକ ଦିନ ହେଲା ଗର୍ଭଜାତ ସନ୍ତାନର ଗୁଣାବଳି ଶୁଣି ଅଳ୍ପ ଲଜ୍ଜାରେ ମୁହଁ ଦେଖେଇ ନଥିଲା । ଶେଷରେ ଭୂମି ନିଲାମ କଥା ଶୁଣି ଦଉଡ଼ି ଆସି ଦେଖିଲା, ବୋଉ ତାର ପାଗଳପରି ଚିତ୍କାର କରୁଛି, "କୁଆଡ଼େ ଗଲାହୋ ମୋର ରଜା ।"

ଆଜ ସନଆଁ, କାଲି ଧନଆଁ, ତା ପରଦିନ ମକଦ୍ଦମ ଆସି ଶନ୍ତାଙ୍କୁ କହିଲେ, ଅମୁକ ଲୋକ ନାଁରେ ଭୂମିଟା ହୋଇଗଲା । ସେ ଲୋକ ଧାନ କାଟିନେଲେ ।

ଶନ୍ତା ପଚାରିଲେ ଏଇ ଗୁଣ କରିଲୁ ବୋଲି ତତେ ପୋଷିଥିଲି କିରେ କୋକ । କୋକ ଆଖି ଜୁକୁ ଜୁକୁ କରି ହସି ହସି କହିଲା, ମୋର କିଛି ଦୋଷ ନାହିଁଲୋ ଆଈ ଦୁଷ୍ଟକଷ୍ଟ ସବୁ କରିଛି । ଠିକ୍ ଏତିକିବେଳେ ଘର ଜପ୍ତିର ନିଲାମ ଢେଣ୍ଡୁରା ଶୁଭିଲା । କୋକ କହିଲା, ଦେଖିଲୁ ନଟ ପାଜି ସାଙ୍ଗରେ ସେଦିନ ଝଗଡ଼ା କରିବା ଫଳ ପାଇଲୁ । ଯାହାହେଲା ହେଲା, ଘରେ ଯାହା ଅଛି ତା ଟଙ୍କା ପାଇଁ ଦେଇଦେ ।

ଶନ୍ତାଙ୍କ ଗାଳିକୁ ଖାତିର ନକରି ଅମୀନ ଆଉ ନଟର ଲୋକ ମିଶି ଘରର କେତେକ କଂସା ବାସନ ଆଉ ଧାନ ସୁଙ୍ଗଳ ଇତ୍ୟାଦି ଜପ୍ତି କରି ନେଇଗଲେ ।

କୋକ କହିଲା, ଆଉ ଆଁ କରି କଣ ଚାହିଁ ଛୁଲେ ଆଈ ! ଇମିତି ଚାହିଁଲେ ଅଜା ମଲାପରି ଆଁ କରି ପ୍ରାଣ ଛାଡ଼ିଦେବୁ ଯେ । ଆଉ ତ କିଛି ନାହିଁ, ତୋ ଗୋଡରେ ରୂପାବଳା ଦି'ଟା ଥିଲା, ଆଣିଲୁ ମାଂସ ଆଉ କଣ କଣ ଆଣିବା । ସୁଲେଇ ସେଦିନ କହୁଥିଲା, କଂସା ଗଡ଼ୁଟାରେ ଟଙ୍କା ରଖିଛୁ ବୋଲି, କୋଠେ ରଖିଛୁ ଆଣେ । ଶନ୍ତା ରାଗିଯାଇ କୋକର ତଟିଟାକୁ ଚପିଧରି କହିଲେ, ମହୁଆ, ନଇଶୁଆ, ମୋର ସବୁ ଖାଇ ମତେ ଟାପରା କରୁଚ । ଦେଖ ଯେ ଆଜ ତୋଟିଟା ଚପି,ନାଁ ବୁଡ଼ିଯିବ । କୋକ ଶନ୍ତାଙ୍କୁ ଠେଲିଦେଇ କହିଲା, "କଲେ ଡାହାଣୀ ବୁଢ଼ୀ । ଅଜାକୁ ତ ଖାଇଁ ଥାଉ ଆଉ ମାରିଦେଲୁ, ମତେ ମାରିଲେ ତୋର କି ଲାଭ ହେବଲୋ ! ଭୂମି ହେଲେ ବଢ଼ିଯା ହେଇ ଯାଉଛୁ । [illegible]ସ ଟଙ୍କା ଦୋଉଚୁନା ?"

"ମୋଠେ ଆଉ କିଛି ନାହିଁରେ କୋକ !"

"ବୁଢ଼ୀ ଏଇକ୍ଷଣି ମୋର ତୋଟି ଚପି ଦେଉଥିଲା । ଏଇକ୍ଷଣି କମିତି ସୁଧାର ହୋଇ ବସି ପଡ଼ିଲାଣି । ମୋଟା ମୋଟା ରୂପାବଳା ଦିଟା ବିକିଲେ ଟଙ୍କାହବ, ବଳା ଦିଟା ଦେ । ଆଉ ସେ ଟଙ୍କା ଆଣେ । ଏଇକ୍ଷଣି ଖରଚ ହବ । ନଦେବୁ ଦଦ ବାଡ଼େଇବ ।

"ମତେ ବୁଡ଼େଇବୁକରେ ଅଳପେଇଷିଆ । ତୋ ହାତ ଛୁଡ଼ ଗଢ଼ବ ।"

କୋକ ଚନ୍ଦ୍ରାଙ୍କ ହାତ ଟାଣି ଘୋଷାଡ଼ି ଦେଇ କହିଲା, ଆସେ, ସେ ଟଙ୍କା ଦୋବୁ। ମୋତେ ଆଉ କୋଉଠୁ ହେଲେ ପଇସାଟେ ମିଳିବାକୁ ନାହିଁ। ସୁନ୍ଦରିଆ ତଳେ ଘରଟା ବନ୍ଧା ଲେଖିଦେଇ ସୁନାଶ ଆଣିଥିଲି। ମଦର ବାକିଥିଲା ଦେଲି, ଆଉକେତେ ଥୋଇ ଦେଇଥିଲି, ସୁଲେଇ ଘଣ୍ଡୀ ଗାଡରେ ଧରି ଚୁ କରିଛି। ଟଙ୍କାଦେଲେ ଗ୍ରହ୍ମପୁର ଯିବି।

"ମୋ ହାତ କାଟୁଛି ଛାଡ଼େରେ।"

"ଆଗେ ଟଙ୍କା ଢେଇଦେ, ଛାଡ଼ ଦେବ।"

"ତମେ କୋଉଠେ ଅଛ ଆସ ହୋ, ଦେଖିବ! କୋକ ମତେ ବାଡ଼େଉଛି—"

କୋକ ରାଗିଯାଇ ପିଠି ଉପରେ ଗୋଇଠେ ଦେଇ କହିଲା ବୁଢ଼ୀ କେତେ ରଙ୍ଗ ଦେଖୋଉଛି। କୋଉଠେ ଅଛନ୍ତି ଧାଇଁ ଆସିବେ। କାଲିଠୁ ମାଉଁସ ଟିକିଏ ରାନ୍ଧିନ। ମତେ ଶୋକ ହୋଉଛି ଦେ ଲେ। କୋକ ଚନ୍ଦ୍ରାଙ୍କୁ ଘୋଷାଡ଼ି ଘୋଷାଡ଼ି ଘର ଭିତରୁ ଅଗଣାକୁ ନେଇ ଆସି କହିଲା, ଗୁଲେ ଦେବୁ କୋଉଠେ ରଖିଛୁ।

"ତୋର ମରଣ ହେଉରେ କୋକ।"

କୋକ ସେ ପାଖରୁ ଚମ୍ପାମୁହିଁ ଖୁଆ ବାଡ଼ିଟା ଧରି ଚନ୍ଦ୍ରାଙ୍କ ପିଠିରେ ଦି' ପାହାର ଦେଇ କହିଲା, ମୋର ମରଣ ହବ, ଟଙ୍କା ଦେ ବୋଇଲେ ମୋର ମରଣ ହବ!

"ତମେ କୋଉଠେ ଅଛ ହୋ—"

କୋକ ଆଉ ପାହାରେ ଦେଇ କହିଲା, ଠକ୍ ପଣ ଦେଖାନାନ୍ତେ ବୁଢ଼ୀ, ଦେଖ ଯେ ଆଉ ପାହାରେ ମାଡ଼ ବାଜିଲେ ସବୁ କହିଦୋବୁ—

କୋକ ପାଦର ଆଘାତରେ ଚନ୍ଦ୍ରା ବ୍ୟାକୁଳ ହୋଇ ଚିତ୍କାର କରି ଉଠିଲେ। ପଡ଼ଶାଘର ଦୁଆର ମୁହଁରେ ବସିଥିଲେ ସାଉ ବାରିକ ଆଉ ଅନନ୍ତ। ଅନନ୍ତ ସାଉ ଆଡ଼କୁ ସୂଚି ଦେଇ ଆସ୍ତେ ଆସ୍ତେ ଆସି ଚନ୍ଦ୍ରାଙ୍କୁ ଉଠେଇ କହିଲେ, ଚାଲ ଭାଉଜ, ତୁମକୁ ମୋ ଘରକୁ ନେଇଯିବି—

କୋକ ହାତ ଟାଣିଧରି କହିଲା, ଟଙ୍କା ପଇସା ଯାହାଅଛି ଆଗେ ଦେଉ, ପରେ ଯିବ। ସାଉ କୋକର ହାତ ଛଡ଼େଇ ନେଇ କହିଲା, ବୁଢ଼ୀ ଆଉ ବଞ୍ଚିବ ନାହିଁ, ହାତଧରି ନେଇଯା ଅନନ୍ତ!

# অগ্নি

## —ଉତ୍ସର୍ଗ—

ସ୍ୱର୍ଗତ ସ୍ୱାମୀଙ୍କ ଶ୍ରୀବସନ୍ତପଣ୍ଡା ମୋର ପୂଜ୍ୟପିତୃଦେବ୍ୟ, ଜୀବନ ଉତ୍ସର୍ଗ କରିଥିଲେ ନାରୀଜାତିର କଲ୍ୟାଣ କାମନାରେ । ସେଇ ଆଜୀବନ ସାଧନାର ପୁଣ୍ୟ ପରିଣାମ ହିଁ 'ଅଗ୍ରଜ'ର ପ୍ରକାଶ । ତେଣୁ ଅମରଲୋକରେ ମୁକ୍ତ ତାଙ୍କର ଆତ୍ମତୃପ୍ତିର ଆଶା ନେଇ ସେଇ ପବିତ୍ର ଅସ୍ଥିଙ୍କ ପାଦତଳେ ଅର୍ପଣ କଲି ।

**ସୀତାଦେବୀ**

## —କୃତଜ୍ଞତା ଜ୍ଞାପନ—

'ଅଗ୍ରଜ'କୁ ଉପନ୍ୟାସ ରୂପ ଦେବାରେ ଅଧ୍ୟାପକ ଶ୍ରୀ ଦେବରାଜ ପାଠୀ ଏମ୍. ଏ., ସାହିତ୍ୟାଚାର୍ଯ୍ୟ, ରାଷ୍ଟ୍ରଭଣ୍ଡାରହିଁ ତାଙ୍କର ମୂଲ୍ୟବାନ ସମସ୍ତ ବିନିଯୋଗ କରିଛନ୍ତି । ତାଙ୍କର ଶ୍ରଦ୍ଧାପୂର୍ଣ୍ଣ ପ୍ରେରଣାରେ 'ଅଗ୍ରଜ' ଆଜି ହୃଦୟ-ଗୁହାରୂପ ଅନ୍ଧକାରମୟ କୋଣରୁ ବାହାରି ରାଜପଥରେ ଗତି କରିବାକୁ ସକ୍ଷମ ହୋଇପାରିଛି । ସେଥିପାଇଁ ମୁଁ ତାହାଙ୍କଠାରେ ଚିରବାଧିତା ।

**ସୀତାଦେବୀ ଖାଡ଼ଙ୍ଗା**

## —ଅବତରଣିକା—

କଥା କହିବା କିମ୍ବା ଲେଖିବା କିଛି ନୂଆ ନୁହେଁ । କେଉଁ ଅନାଦିକାଳରୁ ମନୁଷ୍ୟ କଥା କହିବା ଏବଂ ଶୁଣିବା ନିମନ୍ତେ ଅହରହ ଆବେଗ ଅଧୀର ହୋଇଆସିଛି । ମନ୍ତ୍ରଦ୍ରଷ୍ଟା ମହର୍ଷିମାନେ ମଧ୍ୟ କଥାଦ୍ୱାରା ହିଁ ବିଶ୍ୱଜଗତକୁ ମହାନ୍, ବିରାଟ ତଥା ସୌନ୍ଦର୍ଯ୍ୟମୟ କରି ଦର୍ଶାଇପାରିଛନ୍ତି । କଥା ସାହାଯ୍ୟରେ ପରସ୍ପର ଆଲାପ ଆଲୋଚନା କରି ଜନସମାଜ ଆପଣାର ଦୁଃଖ ଲାଘବ କରିଥାନ୍ତି । କବି କଥାର ଭାର ବହନକରି ନ ପାରି ଅମୃତମୟୀ ଭାଷା ଓ ଭାବର ଧାରାରେ ଜଗତ୍‌ବାସୀଙ୍କ ମନ ପ୍ରାଣକୁ ରସାପ୍ଳୁତ କରିଥାନ୍ତି । ସେଇପରି ନାଟ୍ୟକାର, ଗାଳ୍ପିକ ତଥା ପ୍ରାବନ୍ଧିକ ନିଜ ନିଜର ରଚନା ମାଧ୍ୟମରେ ଭାବ ବ୍ୟକ୍ତ କରନ୍ତି, କିନ୍ତୁ କାବ୍ୟ, ନାଟକ, ଗଳ୍ପ ତଥା ପ୍ରବନ୍ଧ ଅପେକ୍ଷା ଉପନ୍ୟାସ ରଚନାର ପ୍ରଣାଳୀ ସ୍ୱତନ୍ତ୍ର । ଏଥିରେ ସମାଜର ପ୍ରତି ଶ୍ରେଣୀ ଏବଂ ସ୍ତରର ନାରୀ-ପୁରୁଷ ସ୍ୱାଧୀନ ଭାବରେ ଆପଣା ଆପଣା ସୁଯୋଗ ସୁବିଧା ଅନୁଯାୟୀ ସମାଜର ପ୍ରତ୍ୟେକ ବିଷୟ ନେଇ କଥୋପକଥନ କରିପାରନ୍ତି । ଅବଶ୍ୟ ଉପନ୍ୟାସ ଗଠନରେ ମଧ୍ୟ କେତେକ ସାହିତ୍ୟିକ ଶୃଙ୍ଖଳା ରହିଛି; ତଥାପି ଲେଖକ ସ୍ୱାଭାବିକ ଚିନ୍ତାଧାରା ବ୍ୟକ୍ତ କରିବାରେ ବାଧାପ୍ରାପ୍ତ ହୁଏନାହିଁ । ଏଣୁ କବିତା, ନାଟକ, ଗଳ୍ପଆଦିଙ୍କ ସତ୍ତ୍ୱେ ଉପନ୍ୟାସ ପ୍ରତି ମୁଁ ସ୍ୱତଃ ଆକୃଷ୍ଟ ହୋଇଥାଏ ।

'ଅଗ୍ରଜ' ଉପନ୍ୟାସ ସୃଷ୍ଟି ହେଲା କେବଳ ସେଇ କଥା କହିବା ବ୍ୟାକୁଳତାରୁ ।

ଭାରତ ସ୍ୱାଧୀନ ହେବାପରେ ଆସେତୁ ହିମାଚଳ ରାଜନୈତିକ କ୍ଷେତ୍ରରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି, ତା'ର ଅସ୍ପଷ୍ଟ ରୂପ 'ଅଗ୍ରଜ' ଉପରେ ପଡ଼ିଥିଲେହେଁ ଆଖ୍ୟାୟିକାର ସବୁଗୁଡ଼ିକ ଚରିତ୍ର ନିଜ ମନର । ଏଗୁଡ଼ିକୁ ଆପଣା ଅନ୍ତଃକରଣର ଭାବ ଏବଂ ଭାଷା ଦେଇ ତିଆରି କରାଯାଇଛି । ଉପନ୍ୟାସର ଚରିତ୍ରଗତ ରୂପ, ଗୁଣ ସହିତ ସମାଜ ଭିତରେ ଏପରି କି ନିଜ ପରିବାର ଭିତରେ ସଂସାରଯାତ୍ରା ନିର୍ବାହ କରୁଥିବା ଜୀବନ୍ତ ମନୁଷ୍ୟ ସହିତ ସାମଞ୍ଜସ୍ୟ ରହିବା ସ୍ୱାଭାବିକ । 'ଅଗ୍ରଜ' ଉପରେ ସେଇପରି ବାସ୍ତବ ଜଗତର କିଛି ପ୍ରଭାବ ପଡ଼ିଥାଇପାରେ ।

ଏ ସମସ୍ତ ସତ୍ତ୍ୱେ କାଳିଦାସଙ୍କ ଭାଷାରେ ''ଆପରିତୋଷାଦ୍ ବିଦୁଷାଂ ନ ସାଧୁମନ୍ୟେ ପ୍ରୟୋଗବିଜ୍ଞାନମ୍ ।'' ସୁତରାଂ ପ୍ରିୟ ପାଠକ-ପାଠିକାଙ୍କର ସମର୍ଥନ ଓ ଚିତ୍ତପ୍ରମୋଦନ ହିଁ ମୋ 'ଅଗ୍ରଜ' ଲେଖା ଶ୍ରମର ସାର୍ଥକତା ବୋଧକରେ ।

୧୯୭୭ —ଲେଖିକା

# ଅଗ୍ରଜ

## ଏକ

ପୈତୃକ ବାସଭବନର ଉପର ବାରଣ୍ଡାରେ ବସି ପ୍ରାଣନାଥ ଚାହିଁ ରହିଥିଲେ ଦୂର ପଥପ୍ରାନ୍ତକୁ । ସେଇ ପିତାମହଙ୍କ ଅମଳର ଖଟ ଖଣ୍ଡିକ ଉପରେ ପଡ଼ିଛି ତାଙ୍କର ବିଛଣା, ବହି, ପତ୍ରପତ୍ରିକା, ନୂଆ ପୁରୁଣା ଖାତା । ପ୍ରାଣନାଥ ଜଣେ ଲେଖକ ; କିନ୍ତୁ ସେତେବେଳେ ସେ ଲେଖାରେ ମନ ନ ଦେଇ ଦେଖୁଥିଲେ ପ୍ରକୃତିର ସୌନ୍ଦର୍ଯ୍ୟ ।

ପ୍ରାଣନାଥଙ୍କ ସହଧର୍ମିଣୀ ଅମଳା ଘରଭିତରୁ ଆସି ଠିଆହେଲେ ସ୍ୱାମୀଙ୍କ ପାର୍ଶ୍ୱରେ । ପ୍ରାଣନାଥ କଲମଟାକୁ ଖାତା ଉପରେ ରଖିଦେଇ ଅମଳାର ପିଠିରେ ହାତରଖି ମୁହଁକୁ ଚାହିଁ କହିଲେ—ଦେଖୁଛ ଅମଳା ! ତୁମର ଏ ଲାବଣ୍ୟମୟ ମୁହଁ, ଦେହ ଉପରେ ବସନ୍ତ ପବନ ବୋଳିଦେଇ ଯାଉଛି ଚନ୍ଦନ ସୌରଭ । ତୁମର ଏ ସୌନ୍ଦର୍ଯ୍ୟ ମୁଁ ଯେତେ ଦେଖୁଛି, ମୋ ମନ ତୃପ୍ତ ହେଉନାହିଁ, ଆହୁରି ଦେଖିବାକୁ ଇଚ୍ଛା ହେଉଛି ।

ଅମଳା ତାଙ୍କର କୋମଳ ଅଙ୍ଗୁଳିରେ ପ୍ରାଣନାଥଙ୍କ ଆଖି ମୁଦିଦେଇ ସୋହାଗଭରା କଣ୍ଠରେ କହିଲେ—ମଧୁଭାଷାଭାଷୀ ଦେବତା ମୋର ତୁମେ । ମଧୁର ବଚନ କହି ମୋ ମନ ମୁଗ୍ଧ କରିଦେଉଛ ; କିନ୍ତୁ ମୁଁ ଜାଣେ, ତୁମେ ମୋତେ ଦେଖୁନାହିଁ ତୁମର ଭାଷାକୁହିଁ ମୂର୍ତ୍ତିକରି ଗଢ଼ି ଦେଖୁଛ, ଯେତେ ଦେଖୁଛ, ସେଥିରେ ତୁମର ତୃପ୍ତି ଆସୁନାହିଁ । ତୁମର ପ୍ରତ୍ୟେକ କାର୍ଯ୍ୟ ଭିତରେ ମୁଁ ଦେଖୁଛି, ତୁମେ କଅଣ ଗୋଟାଏ କଥା ଭାବୁଛ । ତୁମ ସହିତ ଆଳାପ ଆଲୋଚନା କରୁ କରୁ ମୁଁ ଅନୁଭବ କରୁଛି, ତୁମେ ମୋ କଥା ଶୁଣୁନାହଁ, ତୁମେ ତୁମର କାବ୍ୟ-ରଚନାରେ ହିଁ ଲାଗିଛ ।

ପ୍ରାଣନାଥ ଅମଳାର ସ୍ନିଗ୍ଧ ହାତଟି ଟାଣିଆଣି ଗଣ୍ଡଉପରେ ରଖି ଆନନ୍ଦ ଗଦ୍‌ଗଦ କଣ୍ଠରେ କହିଲେ ତୁମେ ଯେ ଲକ୍ଷ୍ମୀ, ସରସ୍ୱତୀ ଉଭୟ ରୂପରେ ଆସି ମୋର ଜୀର୍ଣ୍ଣ ଗୃହଟିକୁ ସୁନ୍ଦର ଶୁଚିଶୁଭ୍ର କରିଦେଇଛ । ତୁମେ ମୋର ଦେବୀ ଅନ୍ନପୂର୍ଣ୍ଣା । ବାସ୍ତବ ଜଗତରେ ତୁମେ ମୋର ସଂସାର-ସୁଖସମ୍ପାଦନୀ, ପୁତ୍ରକନ୍ୟାର ଜନନୀ । ମୋର ମନ-ରାଜ୍ୟର ଅଧୀଶ୍ୱରୀ ତୁମେ । ମୋର ଜୀବନ ପାତ୍ର ତୁମର ଏଇ ସ୍ମିତ ହାସ୍ୟସୁଧାରେ ଭରିଯାଇଛି । ତୁମେ ମୋର ବକ୍ଷବିଷିଣୀ, ତୁମେ ମୌନୀ । ଲେଖନୀ ଉଠାଇ ତୁମର ସୁନ୍ଦର ମୂର୍ତ୍ତିଟି ଧ୍ୟାନନେତ୍ରରେ ଦେଖି ମୁଁ ଆରମ୍ଭ କରେ ମୋର କଥା । ତୁମେ ବିଶ୍ୱାସ କର ବା ନ କର, କିନ୍ତୁ ମୁଁ ଜାଣେ, ମୁଁ ଯାହା ଲେଖୁଛି, ସବୁ କେବଳ ତୁମରି ବନ୍ଦନା ।

ଅମଳା ପ୍ରେମାବେଶରେ ପ୍ରାଣନାଥଙ୍କ ପିଠିପାଖକୁ ଅଳ୍ପ ଆଉଜିପଡ଼ି କହିଲେ—ତୁମେ କେତେବେଳେ ଟିକିଏ ମୋତେ ଏକାକୀ ପାଇଗଲେ ତୁମର ପ୍ରେମ-ସମ୍ଭାଷଣର ଝରଣା ଫିଟିଯାଏ । ଆଜି ସକାଳଠାରୁ ଯିମିତି ଆବେଗରେ ପ୍ରେମ-ସମ୍ଭାଷଣ ଆରମ୍ଭ କରିଛ, ଏକଥା କଅଣ ଆଜି ଆଉ ଶେଷ ହେବ ?

ପ୍ରାଣନାଥ ମଥା ଟେକି ଗମ୍ଭୀର କରୁଣ ଦୃଷ୍ଟିରେ ଅମଳାର ମୁହଁକୁ ଚାହିଁ କହିଲେ—ଜୀବନର ଶେଷ ଦିନ ପର୍ଯ୍ୟନ୍ତ ମୋର ପ୍ରେମ-ପିପାସା ଶେଷ ହେବ ନାହିଁ ଅମଳା ! ମୋର ଜୀବନର ଅବସାନ ପରେ ମଧ୍ୟ କେତେ ପ୍ରେମିକ ମୋର ଏ ନବୀନ ପ୍ରେମ-କଥା ସ୍ମରଣ କରି ଆନନ୍ଦ ଅନୁଭବ କରୁଥିବେ ।

ଅମଳା ସହଜ ଭାବରେ ସ୍ୱାମୀଙ୍କ ପିଠିରେ ହାତ ବୁଲାଇଆଣି କହିଲେ—କାଲି ସନ୍ଧ୍ୟାରେ ତୁମ ଦେହ ଭଲ ଲାଗୁ ନ ଥିଲା, ଦେହ ଆହୁରି ଉଷୁମ ଲାଗୁଛି, ଆଜି ଆଉ ମିଶ୍ରି ପାଣି ଦେବିନାହିଁ । ଗରମ ଚା' ଟିକିଏ ଖାଇଲେ ଭଲ ଲାଗିବ ।

ପ୍ରାଣନାଥ କୌତୁକ ହାସ୍ୟ ହସି ଅମଳାର ହାତ ଧରି କହିଲେ—ତୁମେ ପାଞ୍ଜି ଦେଖି ପ୍ରତିଦିନ କଅଣ ହେଲେ ଗୋଟାଏ ଭକ୍ଷଣ ନିଷେଧ ପାଳନ କରୁଛ, ମୁଁ ଆଜି ଚା' ପାନ ନିଷେଧ ଆଦେଶ ପାଳନ କରିବି । ଆଜି ତୁମର ସାନ୍ନିଧ୍ୟରେ ହିଁ ମୋର ସକଳ ପ୍ରକାର ତୃଷାର ଅବସାନ ଘଟିବ ।

ଅମଳା ଯିବା ଉଦ୍ୟମରେ ରହି କହିଲେ—ଚା' ଟିକିଏ ଖାଇଲେ ଯିନା କାବ୍ୟ ରଚନା କରିବାକୁ ଉତ୍ସାହ ଲାଗିବ ! ରାତିରେ କିଛି ଖାଇ ନ ଥିଲ, କଥା କହି କହି ପାଟି, ମୁହଁ ଶୁଖିଗଲାଣି । ତୁମେ ଲେଖୁଥାଅ, ମୁଁ ଚା' ଧରି ଆସୁଛି ।

ଅମଳା କଟକ ଜିଲ୍ଲାର ଗୋଟିଏ ପଲ୍ଲୀର ସମ୍ଭ୍ରାନ୍ତ ଖଣ୍ଡାୟତ ବଂଶର କନ୍ୟା । ଅମଳାର ଭାଇ ଅଜୟ ଲବଣ ସତ୍ୟାଗ୍ରହଠାରୁ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଥିଲେ ନିଷ୍ଠାପର କଂଗ୍ରେସକର୍ମୀ । ସେ ସମୟରେ ଲବଣ ଆଇନ ଅମାନ୍ୟ କରି ପ୍ରାଣନାଥ ଯେଉଁ ଜେଲକୁ ଯାଇଥିଲେ, ଅଜୟର ସ୍ଥାନ ମଧ୍ୟ ସେଇଠାରେ ହିଁ ନିର୍ଦ୍ଦିଷ୍ଟ ଥିଲା । ସାକ୍ଷାତ୍ ପରେ ପରିଚୟ, ତା ପରେ ଆନ୍ତରିକତା ଆସି ଯାଇଥିଲା ଦୁହିଁଙ୍କ ଭିତରେ । ଦେଶର ସର୍ବଶ୍ରେଷ୍ଠ ନେତା ମହାତ୍ମା ଗାନ୍ଧି ଦେଶର କେତେକ କୁସଂସ୍କାର ପ୍ରତି ଦୃଷ୍ଟିରଖି ସେଗୁଡ଼ିକ ଦୂରକରିବା ନିମନ୍ତେ ଉପଦେଶ ଦେଉଥିଲେ ; କିନ୍ତୁ ସମଗ୍ର ଭାରତରେ କୌଣସି ନେତା କିମ୍ବା କର୍ମୀ ଅସ୍ପୃଶ୍ୟତା ନିବାରଣ, ପରଦାପ୍ରଥା ଅନ୍ଧବିଶ୍ୱାସ ଆଦି ଲୋପ କରିବାପାଇଁ କୌଣସି ଉପାୟ ଉଦ୍ଭାବନ କରି ନ ଥିଲେ । ସମସ୍ତେ ସେଇ ଗୋଟିଏ କଥା ଦେଶ ସ୍ୱାଧୀନ ହେଉ, ତାପରେ ଅନ୍ୟ ଚିନ୍ତା, ଏଇ ଉଦ୍ଦେଶ୍ୟ ନେଇ ଗୋଟାଏ ବେଗରେ ଦ୍ରୁତପଦରେ ଅଗ୍ରସର ହୋଇଥିଲେ । ପ୍ରାଣନାଥଙ୍କ ପରି ଶତସଂଖ୍ୟକ ଯୁବକ, ପ୍ରୌଢ଼ ସେଇ ମହତ୍ ଉଦ୍ଦେଶ୍ୟ ନେଇ ହିଁ ସଂସାର-ସୁଖ ଭୁଲି ଉଦ୍ଦାମ ବେଗରେ ଧାଇଁଥିଲେ । ଅଜୟ ପ୍ରାଣନାଥଙ୍କ ରୂପ ଏବଂ ଗୁଣରେ ଆକୃଷ୍ଟ ହୋଇ ତାଙ୍କୁ ଆପଣାର ଅତି ପ୍ରିୟ ବନ୍ଧୁ ରୂପେ ଗ୍ରହଣକରି ଅମଳାକୁ ତାଙ୍କ ହାତରେ ଦେଇଥିଲେ । ଜୀବନ ଆରମ୍ଭରେ ପ୍ରାଣନାଥ କଅଣ କରିବେ, କେଉଁ ପନ୍ଥା ଅବଲମ୍ବନ କରି ଦେଶର ସେବାରେ ନିଜକୁ ନିଯୁକ୍ତ କରିବେ, ସ୍ଥିର କରିପାରି ନଥିଲେ । ଇଚ୍ଛା ଥିଲା, ଆଜୀବନ ଅବିବାହିତ ରହି ପୃଥିବୀକୁ ପରିବାର ବୋଲି ମନେକରି ଆପଣାକୁ କର୍ମସ୍ରୋତରେ ଭସାଇଦେବେ ; କିନ୍ତୁ କାଳର ଅଦ୍ଭୁତ ଗତିବେଗରେ ପ୍ରାଣନାଥ ଆଜି ଜଣେ ନିଷ୍ଠାପର ଗୃହୀ । ସାକ୍ଷର ଗ୍ରାମ୍ୟ ବାଳିକା ଅମଳା ପ୍ରାଣନାଥଙ୍କ ଧନ ଐଶ୍ୱର୍ଯ୍ୟ ଦେଖି ପତି ଦେବତାଙ୍କୁ ପ୍ରେମ-ଭକ୍ତି ଦେଇ ନ ଥିଲା କିମ୍ବା ଆପଣାର ରୂପର ଐଶ୍ୱର୍ଯ୍ୟରେ ପତିଙ୍କୁ ବଶ କରିବା କଳ୍ପନା ମଧ୍ୟ କରି ନ ଥିଲା । ଅମଳାର ପ୍ରେମ-ଭକ୍ତିର ଉତ୍ସ ଅଜସ୍ର ପ୍ରବହମାନ ହୋଇ ଉଠିଥିଲା ପତି ଦେବତାଙ୍କ ମଧୁର ବଚନ ଶୁଣି ଶୁଣି ।

ପ୍ରାଣନାଥ କଲମ ଉଠାଇ ଖାତା ଧରି ଉପନ୍ୟାସର ଯେଉଁ ସ୍ଥାନରୁ ରଖିଦେଇଥିଲେ, ସେଇଠୁ ପୁଣି ଆରମ୍ଭ କଲାବେଳକୁ ଅମଳା ଚା' ଧରି ଆସି ଠିଆହେଲେ ସମ୍ମୁଖରେ ।

ପ୍ରାଣନାଥ ଚା' କପ୍‌ଟି ଅମଳାଙ୍କ ହାତରୁ ନେଇ ଗମ୍ଭୀର କରୁଣ ଦୃଷ୍ଟିରେ ଅମଳାଙ୍କ ମୁହଁକୁ ଚାହିଁ କହିଲେ—ଦେଖୁଛ ଅମଳା, ଏଇ ଧରିତ୍ରୀପୁର ଗାଁଆଟି ମୋର ବଡ଼ ପ୍ରିୟ କର୍ମକ୍ଷେତ୍ର । ଏଇ ମାଟି ଉପରେ

ବୁଢ଼ାବାପା ଶେଷ ନିଃଶ୍ୱାସ ଛାଡ଼ିଥିଲେ । ମୋର ମନେହେଉଛି, ବୁଢ଼ାବାପା ସକାଳୁ ଉଠି ଯିମିତ ପ୍ରତିଦିନ ନିୟମିତ ଭାବରେ ଜ୍ଞାନସାଧନା କରୁଥିଲେ, ଏବେ ମଧ୍ୟ ସେ ଏ ଘରେ ଜୀବନ୍ତ ହୋଇ ରହି ପ୍ରତି ମୁହୂର୍ତ୍ତରେ ଚଳପ୍ରଚଳ ହେଉଛନ୍ତି । ଆଜିର ଏଇ ସକାଳର ବାୟୁମଣ୍ଡଳରେ ତାଙ୍କର କଣ୍ଠର ଧ୍ୱନି ମିଶି ଆସି ମୋର କାନ ପାଖରେ ପ୍ରତିଧ୍ୱନିତ ହେଉଛି ।

ଅମଳା କହିଲା, ତୁମେ ଆଗ ଗପ୍'ଟା ଶେଷ କରିଦିଅ, ପରେ ମୁଁ ଏଠି ବସି ତୁମ ଗାଁର ବର୍ଣ୍ଣନା ଶୁଣିବି ।

ଧରଣୀପୁରରେ ପ୍ରାଣନାଥଙ୍କ ବାସଗୃହଟି ସିଂହବଂଶ ରାଜାଙ୍କର କେଉଁ ପୂର୍ବପୁରୁଷ ତିଆରି କରିଥିଲେ । ଶୁଣାଯାଏ, ମହାରାଜା ଏ ଅଞ୍ଚଳର ପ୍ରାକୃତିକ ଶୋଭା ଦେଖିବାକୁ, ଆଉ ସେଥିସହିତ ପଶୁପକ୍ଷୀ ଶିକାର କରିବାକୁ ଭଲ ପାଉଥିଲେ । ତେଣୁ ଏହି ବିଶାଳ ଅରଣ୍ୟ-ନିବାସର ଆବିର୍ଭାବ ଘଟିଥିଲା । ଏହି ବିପୁଳକାୟ ରାଜପ୍ରାସାଦର ତିନି ଦିଗରେ ଫଳ-ପୁଷ୍ପର ବିସ୍ତୀର୍ଣ୍ଣ ଉଦ୍ୟାନ । ବାସଗୃହଠାରୁ ଅଳ୍ପ ଦୂରରେ ସିଂହଦ୍ୱାର, ସିଂହଦ୍ୱାର ସମ୍ମୁଖକୁ ସାଧାରଣ ରାଜପଥ । ଏଇ ଭବନର ପୂର୍ବ ଦିଗକୁ କ୍ଷୁଦ୍ର ଧରଣୀପୁର । ଯୁଗଧର୍ମ ଅନୁଯାୟୀ ବର୍ତ୍ତମାନ କ୍ଷୁଦ୍ର ଧରଣୀପୁରରେ ବଡ ବଡ଼ ଏକ ମହଲା, କେତୋଟି ଦୋ' ମହଲା ଘର ମଧ୍ୟ ନିର୍ମାଣ ହୋଇଗଲାଣି । ସିଂହବଂଶର ବିସ୍ତୃତ ବଗିଚାରୁ ଅନେକାଂଶ ଗ୍ରାମର ଅନ୍ତର୍ଗତ ହୋଇଗଲାଣି । ଇତିମଧ୍ୟରେ ଗୋଟିଏ ଭଲ ଏକ ମହଲା ଘର ତିଆରି ହୋଇ ସେଥିରେ କଂଗ୍ରେସ ଅଫିସ ପ୍ରତିଷ୍ଠା କରାଯାଇଛି ।

ପ୍ରାଣନାଥଙ୍କ ପିତାମହ ସିଂହରାଜଙ୍କ କୃପାପୁଷ୍ଟ ପୁତ୍ର ହୋଇଥିବାରୁ ପୈତୃକ ରାଜ୍ୟ ଏବଂ ରାଜଧାନୀ ଛାଡ଼ି ଏଇ ଅରଣ୍ୟ-ଆବାସରେ ବସବାସ କରୁଥିଲେ । ଏବେଣି ଆବାସର ଅଧିକାଂଶ ଅଂଶ ହସ୍ତାନ୍ତରିତ ହୋଇ ଗ୍ରାମ ସହିତ ସଂଲଗ୍ନ ହୋଇଗଲାଣି । ସ୍ୱୟଂ ରାଜାଙ୍କ ବାସଭବନ ବ୍ୟତୀତ ସହିତର ସେବକମାନଙ୍କ ନିମନ୍ତେ ନିର୍ମିତ ଗୃହଗୁଡ଼ିକ ଭଗ୍ନସ୍ତୂପରେ ପରିଣତ ହୋଇ-ଗଲାଣି । ରାଜଭବନରୁ ମଧ୍ୟ ଅଧିକାଂଶ ଭଗ୍ନସ୍ତୂପ ରୂପରେ ହିଁ ରହିଛି । ପ୍ରାଣନାଥଙ୍କ ପିତାମହ ଥିଲେ ଜଣେ ସୁକ୍ଷ୍ମାନୁଭବଦର୍ଶୀ, ନିର୍ଲୋଭୀ, ନିରହଙ୍କାରୀ । ଆପଣାର ଏକମାତ୍ର ପୁତ୍ରର ଜନ୍ମପରେ ପତ୍ନୀବିୟୋଗ ଘଟିଥିଲେ ମଧ୍ୟ ସେ ଦ୍ୱିତୀୟ ବାର ବିବାହ କରି ନ ଥିଲେ । ପ୍ରାଣନାଥଙ୍କ ପିତା ଏବଂ ପିତାମହଙ୍କର ଶରୀର ଆଉ ମନରେ ବିପରୀତ ସାମଞ୍ଜସ୍ୟ ଥିଲା । ପିତାମହ ଥିଲେ ଶୀର୍ଣ୍ଣକାୟ, ସୁଶ୍ରୀ ପୁରୁଷ । ତାଙ୍କ ମୁହଁକୁ ଚାହିଁଲେ କେବଳ ଦେଖିବା ବାରମ୍ବାର ଇଚ୍ଛା ହେଉଥିଲା । ପିତାଙ୍କର ବିଶାଳ ବପୁ, ସେଇପରି ବୃହତ୍ ଆକାରର ମୁଖରେଖା, କ୍ରୋଧୋଦ୍ଦୀପ୍ତ ଦୃଷ୍ଟି, ମୁହଁକୁ ଚାହିଁଲେ ପ୍ରାଣରେ ଭୟ ସଞ୍ଚାର ହୁଏ । ପିତାମହ ଥିଲେ ଚିରଚଞ୍ଚଳ ମିଷ୍ଟଭାଷୀ । ପିତାଙ୍କର ବନ୍ଧୁ ସନ୍ତାନ, ପୁଣି ତାଙ୍କର ଶିରାପ୍ରଶିରାରେ ଯେନି ପୁ ଶୋଣିତ ତପ୍ତହୋଇ ଉଠୁଥିଲା କ୍ଷଣକ୍ଷଣକେ । ଆଶ୍ରିତ କିମ୍ବା ଆଗନ୍ତୁକମାନେ କେହି ସହଜଭାବରେ ତାଙ୍କର ସମ୍ମୁଖୀନ ହୋଇ ପାରୁ ନ ଥିଲେ । ତାଙ୍କର ସେବକମାନେ ସମ୍ମୁଖକୁ ଯେଉଁପରି ଆସି ହାତଯୋଡ଼ି ଭୟବିକମ୍ପିତ ହୋଇ ଠିଆହେଉଥିଲେ, ପଛରେ ସେଇପରି ଦଳବଦ୍ଧ ହୋଇ ପ୍ରଭୁଙ୍କର ଦୁର୍ଗୁଣର ଆଲୋଚନା କରୁଥିଲେ ।

ପ୍ରାଣନାଥ ଖାଲି କପୁଚି ଅମଳା ହାତକୁ ବଢ଼େଇଦେଇ କହିଲେ, ଦେଖୁଛ ଅମଳ ! ଏଇ ଗାଁର ସବୁ ପ୍ରଜା ଥିଲେ ଆମ ପିତୃପରମ୍ପରାର ଅଧୀନ ।

ଅମଳା ହସିଦେଇ କହିଲେ ଏଇ ଗାଁର ଲୋକ କେତେ ବର୍ଷ ପୂର୍ବେ ଭାରତ ଦେଶ ଯେଉଁ ସମୟରେ ପରାଧୀନ ଥିଲା, ଏମାନେ ମଧ୍ୟ ତୁମ ବଂଶର ଶାସନଦଣ୍ଡ ତଳେ ମୁଣ୍ଡ ନୁଆଁଇ ରହିଥିଲେ ।

ପ୍ରାଣନାଥ କହିଲେ ହଁ ଅମଳା ! ଆମେ ସ୍ୱାଧୀନତା ପାଇଲେ, କିନ୍ତୁ ଆମର ଚିତ୍ତକ୍ଷେତ୍ରର ଦାସ ଆତ୍ମାରୁ ମୁକ୍ତ ହୋଇନାହିଁ । ଆମେ ସେଇ ସଙ୍କୀର୍ଣ୍ଣ ସ୍ୱାର୍ଥର ସୀମା ଭିତରେ ହିଁ ଆବଦ୍ଧ ହୋଇ ରହିଛୁ ।

ଅମଳା ଦେଖି ପିତା ଉଦ୍ୟମରେ ବିଘ୍ନ କରିଥିଲେ, ସକାଳୁ ତୁମର ବାକ୍ୟଦେବୀ ବହିର୍ମୁଖୀ ହୋଇ ଗତି କରିବା ଦେଖି ମୋର ଭୟ ହେଉଛି, ଆଜି ଦିନଟା ଇମିତି ଭାବରେ କଥା କହି କହି ଶେଷ କରିଦେବ । ମୁଁ ଯାଉଛି; ଯେଉଁଠି ଛାଡ଼ିଛ, ସେଇଠୁ ଲେଖା ଆରମ୍ଭ କର ।

## ଦୁଇ

ଶୈଳେନ୍ଦ୍ରନନ୍ଦିନୀ ତାର ପ୍ରଶସ୍ତ ପ୍ରସାଧନ କକ୍ଷରେ ବସି ଦର୍ପଣ ପାଖରେ ଠିଆହୋଇ କେଶବିନ୍ୟାସ କରୁଥିଲା । ଅନେକ ଦିନ ପରେ ନିଜର ପ୍ରତିବିମ୍ବଟାକୁ ଦର୍ପଣରେ ଦେଖି ଚମକି ଉଠିଲା ସେ । ଏଇ କେତେଟା ମାସ ଭିତରେ ମୁହଁର ସମସ୍ତ ଲାବଣ୍ୟ ଉଡ଼ିଯାଇ ହୋଇଗଲାଣି ରୌଦ୍ରସିକ୍ତ । ଆଖିତଳେ ବୋଳି ହୋଇଗଲାଣି ବିଷାଦ-କାଳିମା । ଅଯତ୍ନ ଯୋଗୁଁ କୁଞ୍ଚିତ କେଶରାଶି ଦିଶୁଥିଲା ରୁକ୍ଷ ଶୁଷ୍କ । ଶୀର୍ଣ୍ଣ ସୁଗଠିତ ଶରୀରଟି ଦିଶୁଥିଲା ମାଂସଳ । ଶୈଳ ବାଳ ବାନ୍ଧିବା ଭୁଲି ବସିପଡ଼ିଲା ଚଉକି ଉପରେ ।

ଶୈଳେନ୍ଦ୍ରନନ୍ଦିନୀର ପରିଚୟ ପାଇବାକୁ ପାଠକଙ୍କର ମନ ଉତ୍ସୁକ ହୋଇଉଠୁଥିବ ନିଶ୍ଚୟ । ଅତଏବ ତାର ଜୀବନ-କାହାଣୀ କହିବା ପୂର୍ବରୁ ଆହୁରି ପୂର୍ବକୁ ଯାଇ ଶୈଳର ଜନ୍ମବୃତ୍ତାନ୍ତ କହିବା ଆବଶ୍ୟକ ।

ନେପାଳ ରାଜ୍ୟର ଜଣେ ବୌଦ୍ଧଧର୍ମପ୍ରେମୀ ପୁରୋହିତଙ୍କ କନ୍ୟା ଶୈଳ । ଶୈଳର ପିତା ନିରାଡମ୍ବରଭାବରେ ନେପାଳ ପର୍ବତମାଳା ପାର୍ଶ୍ୱରେ କୁଟୀର-ମାଣ୍ଡି ରଚି ବୁଦ୍ଧଙ୍କ ଉପଦେଶଗୁଡ଼ିକ ଅଧ୍ୟୟନ କରି ଦିନ ଯାପନ କରୁଥିଲେ । ତାଙ୍କର ପ୍ରପିତାମହ ପିତାମହ ସମସ୍ତେ ନେପାଳର ଅଧିବାସୀ । ସେଇ ବଂଶର ସନ୍ତାନ ଆନନ୍ଦରୂପଙ୍କ କନ୍ୟା ଶୈଳେନ୍ଦ୍ରନନ୍ଦିନୀ ।

ଶୈଳ ଆନନ୍ଦରୂପଙ୍କ ପଞ୍ଚମ କନ୍ୟା-ସନ୍ତାନ । ଅନ୍ୟ ଚାରୋଟି କନ୍ୟା ଶୈଳ ପରି ରୂପସୀ ନ ଥିଲେ, କିନ୍ତୁ ଆପଣାର ସନ୍ତୁଷ୍ଟ ଶକ୍ତିକୁ ସୁଦୃଢ଼ କରି ଆପଣା ଆପଣା ସଂସାରଭାର ବହନ କରିବାକୁ ସକ୍ଷମ ହୋଇଥିଲେ । ଶୈଳ ସୁନ୍ଦରୀ, ଯୁଗୋପଯୋଗୀ ଶିକ୍ଷାରେ ଶିକ୍ଷିତା । ବୟସ କୋଡ଼ିଏ ହୋଇ-ଯାଇଥିଲେ ମଧ୍ୟ ବିବାହ କରି ନ ଥିଲା । ଆନନ୍ଦରୂପ ତାକୁ ସତ୍ପାତ୍ର ହସ୍ତରେ ଅର୍ପଣ କରିଦେବାକୁ ମନେ ମନେ ଯେତେ ଚିନ୍ତା କରୁଥିଲେ, ଶୈଳର ମାଆ ସେତେ ନିଶ୍ଚିନ୍ତ ଥିଲେ । ଶୈଳର ସୁନ୍ଦର ରୂପ ଦେଖି ସେ ସ୍ୱପ୍ନ ରାଜ୍ୟରେ ହିଁ ବିଚରଣ କରୁଥିଲେ । ଶୈଳର ମାଆ ସଂସାରର ଯେତେ ଭୋଗ୍ୟବସ୍ତୁ ନିଜେ ପାଇ ନ ଥିଲେ, କିନ୍ତୁ ସେ ମନେ ମନେ ଗୋଟିଏ ରାଜକୁମାରର ରାଜ୍ୟ, ଧନ, ସୁନାରୁପା, ମଣିମାଣିକ ଏବଂ ସେଥି ସଙ୍ଗେ ପ୍ରେମ, ସ୍ନେହ ପାଇ ଶୈଳ ରାଣୀ ହୋଇ ବସିବବୋଲି କଳ୍ପନା କରୁଥିଲେ । ଏକ କଳ୍ପନା - ଭିତରେ ନିମଗ୍ନ ସେ ଆଉ କୌଣସି ସୁପାତ୍ରକୁ ପସନ୍ଦ କରିପାରୁ ନ ଥିଲେ । ଅବସ୍ଥା ଯେତେବେଳେ ଏଇପରି, ଗଣନାଥ ନେପାଳ ଭ୍ରମଣରେ ଯାଇ ପହଞ୍ଚିଲେ ଆନନ୍ଦରୂପଙ୍କ ଦୁଆର ପାଖରେ । ସେତେବେଳେ ଆନନ୍ଦରୂପ ଯାଇଥିଲେ ବୁଦ୍ଧଙ୍କ ଜନ୍ମପୀଠକୁ ଜନ୍ମଦିବସର ଉତ୍ସବ ପାଳନ କରିବା ପାଇଁ । ଘରେ ଶୈଳ ଆଉ ତାର ମାଆ ।

ଗଣନାଥ ପ୍ରାଣନାଥଙ୍କ ଅନୁଜ । ସବୁ କଥାରେ ସବୁ ବିଷୟରେ ଯଥାର୍ଥ ଶକ୍ତି ଦେଖି ତାଙ୍କ ପିତା ଗଣନାଥଙ୍କୁ ଡେରାଡୁନ୍ ସୈନିକ ସ୍କୁଲକୁ ପଠାଇ ଦେଇଥିଲେ । ଗଣନାଥ ସ୍କୁଲ ଶିକ୍ଷା ଶେଷକରି ବିଭିନ୍ନ ସେନା-ବାହିନୀରୁ ଉତ୍ତୀର୍ଣ୍ଣ ହୋଇ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜାତୀୟ ବାହିନୀରେ ଯୋଗ ଦେଇଥିଲେ । ପରେ କଂଗ୍ରେସରେ ପ୍ରବେଶ କରିଥିଲେ । ଗାନ୍ଧିଜୀଙ୍କ ନାମ-ନାବରେ ବସି କେତେ କର୍ମୀ କେତେ ଅକର୍ମୀ ସଂସାରସାଗର ପାରି ହୋଇ ଦେଶଭକ୍ତ ହୋଇଛନ୍ତି । ଗଣନାଥ ତ ଯୋଗ୍ୟବ୍ୟକ୍ତି, ସେ ଅବା କାହିଁକି ଦେଶଭକ୍ତ ନ ହେବେ । ସେ ଥରେ ଆମେରିକା ଯାଇ ଗୋଟାଏ ବଡ଼ ବ୍ୟବସାୟ ଆରମ୍ଭ କରିଥିଲେ । ସେଥିରୁ ସେ ଲକ୍ଷ ଲକ୍ଷ ଟଙ୍କା ଲାଭାଂଶ ପାଉଥାନ୍ତି । ଏଣୁ ଏ ଦିଗରୁ ଦେଖିଲେ ସେ ଜଣେ ବୁଦ୍ଧିଶାଳୀ

ବ୍ୟବସାୟୀ ମଧ୍ୟ ।ଆକାର-ଇଙ୍ଗିତରେ ଗଣନାଥ ତାଙ୍କ ପିତାଙ୍କ ପରି ।

ଶୈଳ, ଭ୍ରମଣ କରି ଫେରି ଆସୁଥିଲା ଘରଆଡ଼କୁ, ବିପରୀତ ଦିଗରୁ ଗଣନାଥ ପାହାଡ଼ର ସୌନ୍ଦର୍ଯ୍ୟ ଦେଖି ଆସୁ ଆସୁ ହଠାତ୍ ଠିଆହୋଇ ନିରେଖି ଦେଖିଲେ ଶୈଳକୁ । ଅସ୍ତଗାମୀ ସୂର୍ଯ୍ୟର ଶେଷ ଆଲୋକ ଆସି ପଡ଼ିଥିଲା ଶୈଳର ମୁହଁ ଉପରେ । ଶୈଳର ଗୌରବର୍ଣ୍ଣ ମୁହଁଟି ହୋଇଉଠିଲା ଲଜ୍ଜାରୁଣ । ସେ ଗଣନାଥଙ୍କ ଦୃଷ୍ଟିରେ ଦୃଷ୍ଟି ମିଳେଇଦେଇ ହସି ହସି ଦ୍ରୁତପଦରେ ଚାଲିଗଲା ଘର ଭିତରକୁ । ପୋଷା ଗାଈ ଦୁଇଟି ଶୈଳର ପଛେ ପଛେ ଯିବା ଦେଖି ଗଣନାଥ ମଧ୍ୟ ସାହସ କରି ଚାଲିଲେ ଗାଈ ପଛରେ । ଶୈଳର ମାଆ ଅଗଣାରେ ଗୋ-ଖାଦ୍ୟ ଯୋଗାଡ଼ରେ ଥିଲେ । ଶୈଳ ମାଆ ପାଖକୁ ଆସି କହିଲା—ମାଆ, କିଏ ଜଣେ ଆମର ଦ୍ୱାର ପାଖରେ ଠିଆ ହୋଇଛନ୍ତି ।

ଶୈଳ ମୁହଁର କଥା ଶେଷ ନ ହେଉଣୁ ଗଣନାଥ ସ୍ମିତହାସ୍ୟ ହସି ଆସି ଠିଆହେଲେ ଅଗଣାରେ । ଶୈଳମାଆଙ୍କର ମନ ଭିତରଟା ଆକସ୍ମିକ ଖୁସିରେ ଏପରି ଉଚ୍ଛ୍ୱସିତ ହୋଇଉଠିଲା ଯେ, ସେ ଏକପ୍ରକାର ଚିତ୍କାର କରି କହିଉଠିଲେ—ଶୈଳ, ଶଙ୍ଖ ବଜେଇ ଦେ । ଆରତି ଥାଳିଟା ପୂଜାଘରୁ ଆଣ ! ବର ଆସିଗଲେ ଲୋ ଶୈଳ ! ତୁ ଜନ୍ମ ହେବାଠୁ ମୁଁ ଯେଉଁ ବରକୁ ଖୋଜୁଥିଲି, ସେହି ଆଜି ଆସିଯାଇଛନ୍ତି । ଶୈଳମା କୁଣ୍ଠା ହାତଟାକୁ ଅଞ୍ଚଳରେ ପୋଛି ପକେଇ ଗଣନାଥଙ୍କ ହାତ ଧରି ନେଇ ବସେଇଦେଲେ ବାରଣ୍ଡାର ପିଢ଼ା ଉପରେ ।

ଦେଖୁ ଦେଖୁ ଅନ୍ଧାର ହୋଇଆସୁଛି । ଗାଈ ଦି'ଟା ଡଙ୍ଗାରେ ମୁହଁ ବୁଡ଼େଇ ଅଭୁକ୍ତ ବୋଧକରି ଡଙ୍ଗା ପାଖରୁ ଏଣେ ତେଣେ ପଳାଇ ଯାଉଥିଲେ । ଶୈଳ ଲଣ୍ଠନ ଜାଳିଆଣି ଥୋଇଦେଲେ । ସେ ଶୈଳର ମୁହଁକୁ ଚାହିଁ ପଚାରିଲେ—ଏ ତୁମର ମା ?

ଗଣନାଥଙ୍କ ମନ ମଧ୍ୟ ହୋଇଉଠୁଥାଏ ତୋଳି ଉଠିଥିଲା ଆଜିର ସନ୍ଧ୍ୟାର ଅପ୍ରତ୍ୟାଶିତ ଘଟଣାରେ । ପିଲାଦିନେ ପାଠ୍ୟ ପୁସ୍ତକରେ ପଢ଼ିଥିବା କଳ୍ପିତ କାହାଣୀ ପରି ଲାଗିଲା ପ୍ରକୃତ ଘଟଣାଟି । ସେ ନିଜେ ଉଠିଯାଇ ଡଙ୍ଗା ପାଖରେ ଗାଈ ଦୁଇଟିକୁ ବାନ୍ଧି ଦେଉଥିଲେ । ଶୈଳ ହସି ହସି ଆସି ଗଣନାଥଙ୍କ ମୁହଁକୁ ଚାହିଁ ପଘାଟାକୁ ତାଙ୍କ ହାତରୁ ନେବାକୁ ଚେଷ୍ଟାକରି କହିଲା—ଆପଣ ବସନ୍ତୁ, ମୁଁ ବାନ୍ଧିଦେବି । ଗଣନାଥ ତାଙ୍କର ଦୀର୍ଘ ଦେହଟିକୁ ଇଞ୍ଚେଇ ଆଣି ଶୈଳକୁ ଅଳ୍ପ ଠେଲିଦେଇ କହିଲେ—ନାହିଁ, ନା ନା, ମୁଁ ବାନ୍ଧିବି । ସେଇ କ୍ଷଣିକର ସ୍ପର୍ଶରେ ଦୋହଲିଗଲା ଦୁହିଁଙ୍କର ସର୍ବାଙ୍ଗ । ଗାଈ ବାନ୍ଧୁ ବାନ୍ଧୁ ଶୈଳର ମାଆ ଗଣନାଥଙ୍କ ଦେହକୁ ଲାଗିଯାଇ ମଥାଟେକି ମୁହଁକୁ ଚାହିଁ ବ୍ୟଗ୍ରକଣ୍ଠରେ ପଚାରିଲେ କେଉଁ ରାଜ୍ୟର ରାଜପୁତ୍ର ତୁମେ ? ତୁମକୁ ଦେଖି ମୁଁ ଏକାଥରକେ ମୁଗ୍ଧ ହୋଇଯାଇଛି ।

ମୁଗ୍ଧକୁ ମୋହିତ କରିବା ଶକ୍ତି ଗଣନାଥଙ୍କର ଅପରିସୀମ । ସେ ହସିଦେଇ କହିଲେ, ଭଗବାନ ତଥାଗତ ମୋତେ ସ୍ୱର୍ଗରୁ ପଠେଇ ଦେଇଛନ୍ତି ଆପଣଙ୍କର ମନ ଜାଣି । ଆପଣଙ୍କ କନ୍ୟାର କାମନାର ଧନ ମୁଁ ।

ଶୈଳମାଆଙ୍କର ବୟସ ଚାଳିଶଠାରୁ ପଚାଶ ଭିତରେ । ଅସୁନ୍ଦରୀ ନୁହନ୍ତି, ତେବେ ସୁନ୍ଦରୀ ବୋଲି ମଧ୍ୟ କହି ହେବନାହିଁ । ଦେହର ଗଠନ କ୍ରମଶଃ ଚାଲିଥିଲା ସ୍ଥୂଳତା ଆଡ଼କୁ । ପିନ୍ଧିଥାନ୍ତି ଖଣ୍ଡେ ଖଇର ରଙ୍ଗର ପୁରୁଣା ଶାଢ଼ୀ । ମୁଣ୍ଡର ଗହଳିଆ କଳା ବାଳରେ ଖୋସା ବାନ୍ଧିଦେଇଥିଲେ ବେକ ତଳକୁ । ଭଦ୍ରମହିଳା ଆବେଗର ଆତିଶଯ୍ୟରେ ଗଣନାଥଙ୍କ ହାତ ଧରି ଶୈଳର ହାତରେ ମିଳେଇଦେଇ କହିଲେ—କେତେ ରାତି କେତେ ଦିନ, କେତେ ସକାଳ ସନ୍ଧ୍ୟା ମୁଁ ତୁମକୁ ଖୋଜି ହେଉଥିଲି । ଆଜି ଦିନ ଶେଷରେ ଆଉ ରାତି ଆରମ୍ଭର ଶୁଭକ୍ଷଣରେ ଦେବତା ଆଣି ତୁମକୁ ଛାଡ଼ିଦେଇଗଲେ ମୋର ଏ ଦରିଦ୍ର କୁଡ଼ିଆରେ ।

ପରେ ପରେ ଶୈଳ ଆଉ ଗଣନାଥଙ୍କ ମଧ୍ୟରେ ହେଲା ନିବିଡ଼ ପରିଚୟ । ନିତି ସନ୍ଧ୍ୟା ସୁନ୍ଦର

ଗଣନାଥ ହୋଟେଲରୁ ଆସି ବସିଯାଆନ୍ତି ଶୈଳ ପାଖରେ । କେଉଁଦିନ ଇଚ୍ଛାହେଲେ ଶୈଳକୁ ସାଙ୍ଗରେ ନେଇ ବାହାରି ପଡ଼ନ୍ତି ପର୍ବତମାଳାର ତଳେ ତଳେ । ଆତିଥ୍ୟ ସ୍ୱୀକାର କରିଥାନ୍ତି ପ୍ରତିଦିନ । ଶୈଳର ମାଆ ପାରୁ ପର୍ଯ୍ୟନ୍ତ ଯତ୍ନକରି ପ୍ରସ୍ତୁତ କରନ୍ତି ଖାଦ୍ୟସାମଗ୍ରୀ ।

ଏଣିକି ଦିନ କଟିଗଲା । ଆନନ୍ଦରୂପ ଫେରିଆସିଲେ ବୁଦ୍ଧଙ୍କ ଜନ୍ମପୀଠରୁ । ଆସୁ ଆସୁ ରାସ୍ତାରେ ସେ ତାଙ୍କର ପବିତ୍ର ଗୃହାଶ୍ରମ ଭିତରେ ଦୁର୍ଘଟଣା ଘଟିଥିବା ସମ୍ବାଦ ପାଇସାରିଛନ୍ତି । ଧୀର ପଦରେ ଭିତରକୁ ଯାଇ ଦେଖିଲେ, ବାରଣ୍ଡାରେ ଦୁଇଟା ଲଣ୍ଠନ ଜଳୁଛି, ଗଣନାଥ ଆଉ ଶୈଳ ପାଖାପାଖି ଖାଇବାକୁ ବସିଛନ୍ତି । ଶୈଳର ମା ସାମନା ଆସନରେ । ଶୈଳର ସର୍ବାଙ୍ଗରେ ମୂଲ୍ୟବାନ ଅଳଙ୍କାରଗୁଡ଼ିକ ଦିଶୁଛି ଝଲମଲ । ଆନନ୍ଦରୂପ ପାଖକୁ ଯିବାପର୍ଯ୍ୟନ୍ତ ତିନିଙ୍କ ଭିତରୁ କେହି ହେଲେ ତାଙ୍କୁ ଦେଖି ନ ଥିଲେ । ଆନନ୍ଦରୂପ ସେ ଦୃଶ୍ୟର ଅତି ନିକଟବର୍ତ୍ତୀ ହୋଇ କମ୍ପିତ କଣ୍ଠରେ ପଚାରିଲେ – କିଏସେ ଇଏ ! କିଏସେ ?

ଆନନ୍ଦରୂପଙ୍କ କୋପଦୃଷ୍ଟି ଅସହ୍ୟ ବୋଧକରି ଶୈଳର ମାଆ ଖାଇବା ଥାଳିଟା ଠେଲିଦେଲେ । ସ୍ୱାମୀଙ୍କ ଆଡ଼କୁ ଅଗ୍ରସର ହୋଇ ହାତ ଧରି ବ୍ୟଗ୍ରକଣ୍ଠରେ କହିଲେ— ଏ ମୋ ଶୈଳର ସ୍ୱାମୀ । ଏଙ୍କୁ ଭଗବାନ ଦୟାକରି ମୋ ପାଖକୁ ପଠେଇ ଦେଇଛନ୍ତି । ତୁମେ ଏ ମିଳନରେ ବାଧା ଦିଅ ନାହିଁ । ଆନନ୍ଦରୂପ ହୃଦନର ଆବେଗ ସମ୍ଭାଳି କହିଲେ— କଅଣ ତୁ କଲୁ ଶୈଳମା, ସମାଜ ଯେ ମୋର ଆତ୍ମା, ମୁଁ ଏ ସମାଜର ଗୁରୁରୂପେ ଉପଦେଶ ଦେଇଆସିଛି । ମୋର ସେ ଆତ୍ମାକୁ ତୁ ହତ୍ୟା କରିଦେଲୁ । ମୋର ଉପଦେଶ-ଅମୃତରେ ବିଷ ମିଶେଇଦେଲୁ !

ନାରୀ ଯେ ଅତ୍ୟନ୍ତ ଦୁର୍ବୋଧ୍ୟ । ଅତି ଅଳ୍ପ ପ୍ରାପ୍ତିରେ ସେ ତାର ଆନନ୍ଦ । ଅସ୍ୱାଭାବିକ ଅସାମଞ୍ଜସ୍ୟ ସୃଷ୍ଟିକରି ସେ ହୋଇଉଠେ ଉନ୍ମତ୍ତ । ଉଚ୍ଚାକାଂକ୍ଷାରେ ଅଭିଭୂତା ହୋଇ ସର୍ବୋଚ୍ଚ ଶାଖାରେ ନୀଡ଼ ରଚେ, ପୁଣି ସେ ନୀଡ଼କୁ ଟାଣିଆଣି ତଳେ ଫିଙ୍ଗି ଦେଇ ଖିଲଖିଲ ଅଟ୍ଟହାସ କରେ । ଅନ୍ଧ ବୁଦ୍ଧିରେ ଅଭିଭୂତ ହୋଇ ଆପଣା ଆତ୍ମାକୁ ଅବଜ୍ଞା କରେ । ସେଇ ଶ୍ରେଣୀର ନାରୀ ଭିତରୁ ଶୈଳର ମାଆ ଥିଲେ ଜଣେ । ସ୍ୱାମୀଙ୍କର ଦୃଢ଼ କଣ୍ଠର ଆଦେଶ, ଉପଦେଶ, ଅବଶେଷରେ ଅନୁନୟ, ଅଭିମାନ ସବୁ କଥା ଉପରେ ଯୁକ୍ତି ବାଢ଼ିଲେ ଶୈଳର ମାଆ । ସାନ୍ତ୍ୱନା, ବନ୍ଧୁ-କୁଟୁମ୍ବ କେତେ ହସିଲେ, କେତେକ ଉପଦେଶ ମଧ୍ୟ ଦେଲେ, କିନ୍ତୁ ଶୈଳର ମାଆ ଅଟଳ ରହି ଅନ୍ୟର ଅବଜ୍ଞା ଆଡ଼କୁ ଭ୍ରୂକ୍ଷେପ କଲେ ନାହିଁ କିମ୍ବା କାହାରି ଉପଦେଶ ମଧ୍ୟ ଶୁଣିଲେ ନାହିଁ ।

ଅବଶେଷରେ ସ୍ୱାମୀଙ୍କର ସବୁ କାକୁତି ମିନତି ବ୍ୟର୍ଥ କରିଦେଇ ଶୈଳମାଆ ଯେତେବେଳେ ଗଣନାଥ ଆଉ ଶୈଳର ପ୍ରେମର ମାହାତ୍ମ୍ୟ ଗାଇବାକୁ ଲାଗିଲେ, ବୃଦ୍ଧ ଆନନ୍ଦରୂପ ହାତଯୋଡ଼ି କେବଳ ଭଗବାନଙ୍କୁ ପ୍ରାର୍ଥନା କରି ଆଖିବୁଜି ପଡ଼ିରହିଲେ ।

ଏହାପରେ ତିନିଜଣିଆଁ ବିଚାର ସଭା ବସିଲା । ଗଣନାଥ କହିଲେ ବୃଦ୍ଧଙ୍କ ମତିଭ୍ରମ ଘଟିଛି, ଆସ୍ତେ ଆସ୍ତେ ଠିକ୍ ହୋଇଯିବ ।

ମତିଭ୍ରମ ଶବ୍ଦଟି ତୀକ୍ଷ୍ଣ କଣ୍ଟକପରି ବିଦ୍ଧ ହୋଇଗଲା ଶୈଳମାଆଙ୍କର ବକ୍ଷରେ । ସ୍ୱାମୀଙ୍କୁ ସେ ଦେବତା ବୋଲି ହିଁ ମାନି ଆସିଥିଲେ ଆଜି ପର୍ଯ୍ୟନ୍ତ । କେଉଁଠୁ ଆସି ଜଣେ ଅଜଣା ଲୋକ ତାଙ୍କ ସ୍ୱାମୀଙ୍କୁ ବୁଦ୍ଧିହୀନ ବୋଲି କହିବ ? ଆଖି ତାଙ୍କର ଓଦା ହୋଇଗଲା ଦୁଃଖରେ ; କିନ୍ତୁ କାନ୍ଦିଲେ ଆଉ କଅଣ ହେବ, ଶୈଳକୁ ଫେରାଇଆଣି ରଖିବେ କେଉଁଠି ? ତାକୁ ଗ୍ରହଣ କରିବ କିଏ ?

ଗଣନାଥ ଶୈଳର ମୁହଁକୁ ଚାହିଁ କହିଲେ, ତୁମେ ଆଉ କାନ୍ଦିବା ଆରମ୍ଭ କରନାହିଁ । ଏଇ ଦେଖ, ମୁଁ ତୁମ ବାପାଙ୍କୁ ବୁଝେଇ ସବୁ ଠିକ୍ କରିଦେଉଛି । ଶୈଳର ମାଆ ଆଶାନ୍ୱିତ ହୋଇ କହିଲେ ହଁ ବାପା, ତୁମେ ପାରିବ । ତୁମ ମୁହଁରୁ ଭଲ କଥା ଶୁଣିପାରି

ଶୁଣିଦେଲେ ସେ ଖୁସି ହୋଇଯିବେ । ମୁଁ ସେ ତାଙ୍କ ମନରେ କେବେ ଏଡ଼େ ବଡ଼ ଦୁଃଖ ଦେଇ ନ ଥିଲି ।

ଗଣନାଥ ଶୈଳର ମାଆଙ୍କୁ ଧମକେଇ କହିଲେ— ସ୍କୁଲ ଶୁଣିବ, ବୁଢ଼ାଙ୍କୁ ଇମିତ ଗୋଟାଏ ଭାଷଣ ଶୁଣେଇଦେବି ଯେ ସେ ଆଉ ମୁହଁ ଖୋଲି କଥା କହିପାରିବେ ନାହିଁ । ମୋ କଥା ତ କଥା ନୁହେଁ, ସେ ଗୋଟାଏ ଯାଦୁବିଦ୍ୟା ।

ଆନନ୍ଦରୂପ ଗଣନାଥଙ୍କ ଯାଦୁବିଦ୍ୟାରେ ଅଭିଭୂତ ହୋଇ ନ ଥିଲେ । ତଥାପି ସେ ଦେଖିଲେ ଯେ, ନାଗ୍ନିର ସେ କୁଳପ୍ଲାବନୀ ସ୍ରୋତକୁ କୌଣସି ମତେ ଅବରୋଧ କରିପାରିବେ ନାହିଁ । ଏ ଅବସ୍ଥାରେ ମୌନାବଲମ୍ବନ ହିଁ ଶ୍ରେୟ ।

ବିବାହକର୍ମ ସମ୍ପାଦନ ହୋଇଗଲା ସେଇପରି ଗୋଟାଏ ଅଦ୍ଭୁତ ଭାବରେ । ବର-କନ୍ୟା ମଧୁଚନ୍ଦ୍ରିକା ମହୋତ୍ସବ ପାଳନ କଲେ ନେପାଳ ଭ୍ରମଣରେ । ତେଣୁ ଫେରିଆସି ଦେଖିଲେ, ଆନନ୍ଦରୂପ ପରଲୋକ ଯାତ୍ରା କରିସାରିଛନ୍ତି । ସ୍ୱଜନମାନେ ଆସି ଶବ ସତ୍କାର କରିଥିଲେ, କିନ୍ତୁ ଶୈଳମା ପ୍ରତି ଘୃଣାଭାବ ପୋଷଣ କରି କେହି ସେ ଘରେ ଜଳ ମଧ୍ୟ ସ୍ପର୍ଶ କରିନଥିଲେ ।

ଗଣନାଥ ଏପରି ଗୋଟିଏ ମନୁଷ୍ୟ ଯେ, ସେ କାହାର କାନ୍ଦିବା ସହ୍ୟ କରିପାରନ୍ତି ନାହିଁ । ସେ ନିଜେ ମଧ୍ୟ କେବେ କାନ୍ଦି ନାହାନ୍ତି । ମାଆର କାନ୍ଦ ଦେଖି ଶୈଳ ମଧ୍ୟ କାନ୍ଦିଉଠିଲା । ଗଣନାଥ ଏପରି ଅବସ୍ଥା ଦେଖି ସେଇଦିନ ହିଁ ଶୈଳ ଏବଂ ତାର ମାଆଙ୍କୁ ନେଇଆସିଲେ କଲିକତା ।

ପଛରେ ପଡ଼ିରହିଲା ଆନନ୍ଦରୂପଙ୍କ ଆନନ୍ଦମୟ କୁଟୀର, ତାଙ୍କର ସମାଜ-ଗୌରବ, ବାସସ୍ଥାନର ପ୍ରିୟ ପଡ଼ୋଶୀଙ୍କ ଆଦର ଆପ୍ୟାୟନ, ଜ୍ଞାତି କୁଟୁମ୍ବଙ୍କ ସମ୍ବର୍ଦ୍ଧନା ।

ଶୈଳ ଆଉ ତାର ମାଆ ଟାକ୍ସିରେ ବୁଲିଲେ କଲିକତା ସହର । କେତେ ଗୋଟାଯାକ ସହର ବୁଲି ସିନେମା ନାଟକ ଦେଖି ଦେଖି ମନ ଭରି ଯାଇଥାଏ । ସେଠି ଆଉ ଅନ୍ୟ ଚିନ୍ତାର ସ୍ଥାନ ନଥାଏ ।

ଗଣନାଥଙ୍କର ଧନ ବଳ ଏବଂ ଧନ ଉପାର୍ଜ୍ଜନ କରିବା କ୍ଷମତା ପୁଣି ଯୌବନର ଉତ୍ତେଜନାରେ ଅନ୍ୟମାନଙ୍କୁ ସହଜ ଭାବରେ ଅଭିଭୂତ କରିପାରନ୍ତି । ଏ ଅବସ୍ଥାରେ ଶୈଳ ଏବଂ ଶୈଳର ମାଆ ଇମିତ ଜଣେ କ୍ଷମତାଶାଳୀ ଭାଗ୍ୟବାନ ଲୋକକୁ ଦେଖି ଆପଣାର ଅବସ୍ଥା ସମ୍ବନ୍ଧରେ ଚିନ୍ତା କରିବାକୁ ଆଦୌ ଅବସର ପାଇ ନଥିଲେ ; କିନ୍ତୁ ଶୈଳ ଆଉ ତାର ମାଆ ଗଣନାଥଙ୍କ ଘରକୁ ଆସିବା ପରେ ଗଣନାଥଙ୍କ ଭୁଙ୍ଗି ତାଚ୍ଛଲ୍ୟ କଥା ଶୁଣି ମର୍ମାହତ ହେଉଥିଲେ ।

ଶୈଳ ତାର କେଶରାଶିକୁ ଧରି ଅବହେଳାରେ ବେଣୀ ଗୋଟାଏ ବାନ୍ଧି ଦେଉଥିଲା । ଗଣନାଥ ଆକସ୍ମିକ ଭାବରେ ଆସି ପକେଟରୁ ହାର ଗୋଟିଏ ବାହାର କରି କହିଲେ, ଏଇଟିକୁ ପ୍ରମିଳାକୁ ଦେବାକୁ ଆଣିଛି । କମିତି ସୁନ୍ଦର ହୋଇଛି ଦେଖ । ଯାଇଥିଲେ ପ୍ରମିଳାକୁ ହାରଟା ପିନ୍ଧେଇ ଦେଇଥାନ୍ତି । ମୋର ହାତ ଧରି ମୋର ପତ୍ନୀ ଭାବରେ ସେଠିକି ଯିବା ସୌଭାଗ୍ୟ ତୁମର ନାହିଁ । ଝରକାଆଡ଼କୁ ଅନେଇ ରହିଛ ବୋଧହୁଏ, ଏଇ ସମୟଟାରେ ଘରେ କଅଣ କରୁଥିଲି ମନେ ପଡୁଥିବ ।

ଶୈଳ ମୁହଁ ଫେରାଇନେଇ ରୁଦ୍ଧକଣ୍ଠରେ କହିଲା—ମନେ ପଡ଼ିଲେ କଅଣ ହେବ, ଜୀବନରେ ସେଦିନ ତ ଆଉ ଫେରି ଆସିବନାହିଁ !

ଗଣନାଥ ବିଦ୍ରୂପରେ ଶୈଳ କହିବା ଭଙ୍ଗୀର ଅନୁକରଣ କରି ଜବାବ ଦେଲେ—ସତେ ସେଦିନ ଆଉ କଅଣ ଫେରିବ ? ତୁମେ ଇମିତି ଢଙ୍ଗରେ କଥା କହି ମୋଠୁ ଆଦର ପାଇବାକୁ ଆଶା କରୁଛ ; କିନ୍ତୁ ତୁମ ପାଖରେ ବସି ଅନୁନୟ କରି ତୁମର ମାନଭଞ୍ଜନ କରିବା ମୋର ପ୍ରକୃତି ବାହାରେ । ସେଦିନ ମୋର କଅଣ ହେଲା କେଜାଣି, ଯାହା କେବେ କାହାକୁ କହି-ନ ଥିଲି, ତୁମକୁ କହି ଦେଇଥିଲି । ମୋର ସେ

ଦୁର୍ବଳତାକୁ ମୁଁ ମନେ ମନେ ଧିକ୍କାର କରୁଛି । ତୁମକୁ ଭଲ ପାଉଛି ବୋଲି ଯଦି କହି ନ ଥାନ୍ତି, ତେବେ ଲକ୍ଷ ଲକ୍ଷ ଟଙ୍କା ଦେଇ ଯେ କେହି ମୋ ହାତରେ କନ୍ୟାଦାନ କରିଥାନ୍ତେ । ତୁମର ଯେଉଁ ବିଦ୍ୟା ବୁଦ୍ଧି ଆଉ ରୂପର ସମାରୋହ ତ !

ଏଇ କଥା କହିଦେଇ ଗଣନାଥ ଘର ଭିତରୁ ବାହାରି ଚାଲି ଯାଉଥିଲେ । ଶୈଳମାଆ ଗୋଟେଇ ଘର ଆଡ଼ୁ ଆସି କହିଲେ— ଦେଖ ତ ଗଣି ! ତୁମର ଧର୍ମ ପୂଜାରୀ, ବନା ସ୍ୱକର ମୋ ସାଙ୍ଗରେ ଅନବରତ ଝଗଡ଼ା କରୁଛନ୍ତି । ମୁଁ ଏଠି ଖାଇପିଇ ମୋଟା ହେଇଗଲି—

ଗଣନାଥ ବାଧାଦେଇ ହସି ହସି କହିଲେ—ସତ-କଥା କହିଲେ ଦୁଃଖ ଲାଗୁଛି । ଏଡ଼େ ମୋଟା ହେଲଣି ଯେ, ଦୁଆର ବନ୍ଧ ଭିତରକୁ ଦେହଟା ଢୁକିବ କି ନାହିଁ ସନ୍ଦେହ ।

ଶୈଳମାଆ କୋଧାଭିଭୂତା ହୋଇ କହିଲେ— କଅଣ କହିଲ ଗଣି !

କଅଣ ଆଉ କହିବି ? ମୋର ଭଲ ସ୍ୱକର ପୂଜାରୀଗୁଡ଼ାକୁ ମାରଧର କରି ଝଗଡ଼ା କରୁଛ-ଶୈଳର ମା' ରୋଦନ୍ ଆବେଗରେ ଚାଲିଗଲ ସେଠାରୁ ।

ଗଣନାଥ ଆକସ୍ମିକ ଭାବରେ ଅନ୍ତଃପୁରକୁ ଆସି କହିଲେ— ତୁମର ତ ବେଶ ଆଦୁର ସରିନାହିଁ । ତାହାହେଲେ ତୁମେ ପ୍ରମିଳାର ବିବାହ-ଉତ୍ସବକୁ ଯିବ ନାହିଁ ?

ଶୈଳ ତାର ଉଦାସ ଦୃଷ୍ଟି ଫେରାଇଆଣି ଗଣନାଥଙ୍କ ମୁହଁକୁ ଅନାଇ କହିଲା— ଓଡ଼ିଆଘରର ବିବାହ-ଉତ୍ସବ, ସେଠିକି ଯାଇ ମୁଁ କଅଣ କରିବ ? ମୁଁ ସେଠୁ ଅପମାନ ପାଇ ଆସିବା ଛଡ଼ା ଆନନ୍ଦ ପାଇପାରିବ ନାହିଁ ।

ଗଣନାଥ ନେକ୍‌ଲେସ୍ କେସ୍‌ରୁ ଗୋଟାଏ ମୂଲ୍ୟବାନ ହାର ଉଠେଇ ଶୈଳକୁ ଉଦ୍ଦେଶ୍ୟ କରି କହିଲେ—ଏଇ ହାରଟା ପ୍ରମିଳାକୁ ଦେବାକୁ ଭାବିଛି । ଶୈଳ ନୀରବରେ ସେ ଆଡ଼କୁ ଚାହିଁ ଥିଲା ।

ଏସମୟରେ ଶୈଳମା ଘର ଆଡ଼ୁ ଆସିକହିଲ, ମୁଁ ତୁମ ସ୍ୱକର ପୂଜାରୀଙ୍କୁ ମାରିଛି ! ହଁ ମାରିଛି, ଶହେ ଥର ମାରିବି । ନଈଗୁଆଗୁଡ଼ାକ ମୋତେ କହୁଛନ୍ତି-ମୁଁ ମୋ ଶୈଳକୁ ଧରି ପଳାଇ ଆସିଛି । ବଡ଼ କଥା ଖାଲି ମିଛ । ଆହୁରି କହୁଛନ୍ତି—ଆମ ବାବୁ ତ ତମ ଝିଅକୁ କେବଳ ଚାହିଁ ରହିଛନ୍ତି ? ଇମିତି କେତେ କଥା ସେମାନେ କହୁଛନ୍ତି । ମୁଁ ବୋଲି ଛାତି ପଥର କରି ବଞ୍ଚି ରହିଛି ।

ଗଣନାଥ ବାଧା ଦେଇ କହିଲେ—ହଁ, ହଁ, ସମସ୍ତେ ତୁମକୁ ଚିଡ଼ାଉଛନ୍ତି; ତୁମେ ଆଉ କାହାକୁ କିଛି କହନାହିଁ ? ଖାଇ ପିଇ ବସି ବସି ଆଉ କଅଣ କରିବ ?

ବାହାର ବାରଣ୍ଡାଆଡ଼ୁ ଚପରାସୀ ଆସି ନାମଲେଖା କାର୍ଡ ଦେଇଗଲା ଗଣନାଥଙ୍କୁ । ସେ ତାହା ଦେଖୁ-ଦେଖୁ ଚଞ୍ଚଳ ପଦରେ ଚାଲିଗଲେ ।

## ତିନି

ପତିତପାବନ ଥିଲେ ଜଣେ ସାଧାରଣ କବି । ଉତ୍କଳ ସମ୍ମିଳନୀର ସପକ୍ଷରେ ରହି ସେଇ କୈଶୋର କାଳରୁ ଉତ୍କଳ-ଜନନୀର ବନ୍ଦନା ଗାଇ ଆସିଥିଲେ । ଭାରତ ସ୍ୱାଧୀନ ହେବା ପୂର୍ବରୁ ଆଉ ପରେ ମଧ୍ୟ ଦେଶର ବଡ଼ ବଡ଼ ନେତାମାନେ ମହାଭାରତୀୟ ଚିନ୍ତା-ଧାରାରେ ଉଦ୍‌ବୁଦ୍ଧ ହୋଇ ପ୍ରଦେଶର ସୀମା ସମ୍ବନ୍ଧରେ ଚିନ୍ତା କଲେ ନାହିଁ । କିନ୍ତୁ ପତିତପାବନଙ୍କ ପରି ଅନେକେ ମନର ଦୁଃଖ ମନରେ ରଖି କଂଗ୍ରେସ ସହିତ ବିଶେଷ ସମ୍ପର୍କ ନ ରଖି ଆପଣା ଆପଣା କର୍ମଧନ୍ଦାରେ ଲାଗି ରହିଥିଲେ । ଘଟଣାକ୍ରମେ ପତିତପାବନ ଆସି ପ୍ରବେଶ କଲେ ଶାସକଗୋଷ୍ଠୀ ଭିତରେ । ମନୁଷ୍ୟର ମନ ଅତି ବିଚିତ୍ର । ଯେଉଁମାନଙ୍କୁ ସେ ତାଚ୍ଛଲ୍ୟରେ ବିଦ୍ରୂପ କରି ଗଳ୍ପ କବିତା ଲେଖିଥିଲେ, ପାଲା ଭଙ୍ଗିରେ ଗୀତ ଲେଖି ନାଚ କରେଇ ଗୀତ ଶିଖାଇଥିଲେ, ଦାସକାଠିଆ ଗାୟକମାନଙ୍କୁ ଅନୁନୟ ବିନୟ କରି ନିଜ ଲେଖାକୁ ଗାୟନ କରାଇଥିଲେ, ସେଇ ପତିତପାବନ ଗ୍ରାମଦୋହରୁ

ହେଉ ବା ବୁଦ୍ଧିହୀନତାରୁ ହେଉ ମନ୍ତ୍ରୀମାନଙ୍କ ପାଖରେ ମୁଣ୍ଡ ନୁଆଇଁ ଠିଆହେଲେ ।

ଧର୍ମ ବ୍ୟବସାୟୀ ଗଣନାଥ ବସିବା ଘରକୁ ପ୍ରବେଶ କରିବା ଦେଖି ପତିତପାବନ ବିନମ୍ର ଭାବନତ ହୋଇ ହାତ ଯୋଡ଼ିଦେଲେ । ଗଣନାଥ ଅବଜ୍ଞାସୂଚକ ମୁଖ-ଭଙ୍ଗି କରି କହିଲେ, ଦିନରେ ଦଶଥର ଦେଖା ହେଉଛି, ପ୍ରତିଥର କେତେ ପ୍ରଣତି ପ୍ରଣାମ କରିବ ? କହିଲ, ଯେଉଁ କାର୍ଯ୍ୟରେ ଯାଇଥିଲ, ସେ କଥା କଅଣ ହେଲା ?

ପତିତପାବନ ମନେ ମନେ ବ୍ୟଥିତ ହୋଇଉଠି କହିଲେ, ମୁଁ ତ ଆଉ ସେଆଡ଼କୁ ଯାଇ ନାହିଁ । ଷଡ଼େଇକଳା—ଖରସୁଆଁ ଆମ ପ୍ରଦେଶରୁ ବିଚ୍ଛିନ୍ନ ହୋଇଯିବା ଶୁଣି ମୋର ପୂର୍ବ ସହକର୍ମୀମାନେ ଏକତ୍ର ହୋଇ ସଭା କରୁଥିଲେ —

ଗଣନାଥ ବିରକ୍ତ ହୋଇ କହିଲେ, ତୁମର ଓଡ଼ିଆ ଭାବନା ଜାଗ୍ରତ ହୋଇ ଉଠିଥିବ । ମୁହଁରେ ବିଷାଦ-କାଳିମା ବୋଳି ହୋଇଯାଇଛି । ଦୁଇ ନାଆରେ ଗୋଡ଼ ଦେଇ ଗତିକଲେ ମଝିରେ ପଡ଼ି ବୁଡ଼ି ମରିବ । ଏଇ ତ ସେଦିନ ଉତ୍ତର ପ୍ରଦେଶର ଶ୍ରେଷ୍ଠ ନେତା କହିଲେ, ଗଙ୍ଗାପ୍ରବାହିନୀ ଉତ୍ତର ଅଞ୍ଚଳର ଅଙ୍ଗରେ ଭାରତର ସମସ୍ତ ପ୍ରଦେଶ ଲୀନ ହୋଇଯାଉ । ସେଦିନ ତ ତୁମର ଏ ପ୍ରଦେଶରୁ କେହି ହେଲେ ପଦେ ପ୍ରତିବାଦ କରି କହି ନ ଥିଲେ ! ପତିତପାବନ ମନେ ମନେ ଭାବିଲେ, "ସ୍ୱର୍ଗକୁ ନିଶୁଣୀ ନାହିଁ କି ବଡ଼ଲୋକକୁ ଉତ୍ତର ନାହିଁ ।" ବଡ଼ଲୋକ ବେଶି ଗୁଡ଼ାଏ ପଢ଼ି ନାସ୍ତିକ ହୋଇଯାଆନ୍ତି । ସେମାନେ ବୁଝନ୍ତି ନାହିଁ ଯେ ଅରଣ୍ୟରେ ନାନା ଆକାର ପ୍ରକାରର ଫୁଲ ଫଳ ଗଛ ଅଛି ବୋଲି ସିନା ଏତେ ସୁନ୍ଦର ଦିଶୁଛି ! ଦେଶରେ ପ୍ରତ୍ୟେକ ଜାତି ଗୋଟିଏ ଗୋଟିଏ ବିପୁଳକାୟ ତରୁ । ଆଉ ସେ ଜାତିର ଭାଷା ସେ ମହାଦ୍ରୁମର ପୁଷ୍ପରାଶି । ଭିନ୍ନ ଭିନ୍ନ ଆକାରର ଗଛରେ ଭିନ୍ନ ଭିନ୍ନ ବର୍ଣ୍ଣ, ଗନ୍ଧର ଫୁଲ ଏଇ ଭାଷା-ଗୁଡ଼ିକ ଦେଶର ସମ୍ପଦ । ଏକଥା ଭାବୁ ଭାବୁ ପତିତପାବନଙ୍କ ମୁହଁ ଖୋଲି ହୋଇ କଥା ବାହାରି ପଡ଼ିଲା । ସେ କହି ଉଠିଲେ, ସାହାହେଉ, ନେତା ମାନେ ଯାହା କହନ୍ତୁ, ଓଡ଼ିଶାରୁ ଗୋଟାଏ ଅଂଶ ବିଚ୍ଛିନ୍ନ ହୋଇ ବିହାରରେ ମିଶିଯିବ, ଦେଶର ସଂସ୍କୃତି, ସାହିତ୍ୟ ସେ ଅଞ୍ଚଳରୁ ଲୋପ ପାଇଯିବ, ଆମେ ଓଡ଼ିଆ ପୁଅ ବୋଲି କହି ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କହିପାରିବା ନାହିଁ ?

ଗଣନାଥ ହୋ ହୋ କରି ହସିଉଠି କହିଲେ, ଯାହାହେଉ, ଜାତିଆଣ ସଭାକୁ ଯାଇ ଶୂନ୍ୟ ହାତରେ ଆସି ନାହଁ । କହିଲ ଭଲ ଗୁଡ଼ାଏ କଥା ଧରି ଆସିଛ । କହିଲ ବେଳକୁ ତ ଦେଶ, ଜାତି, ଭାଷା, ସାହିତ୍ୟ ସବୁଗୁଡ଼ାକ କଥା ଧାଡ଼ି ଧାଡ଼ି ହୋଇ ଆସି ଯାଉଛନ୍ତି । ଏଣେ ଦେଖିଲାବେଳକୁ ମୋର ସ୍ତ୍ରୀ, ମୋର ପିଲା ଭଲ ଖାଇବେ, ଭଲ ପିନ୍ଧିବେ, ଭଲ ଘରେ ରହିବେ, ଭଲ ଗାଡ଼ିରେ ବସିବେ, ଟଙ୍କା କେତେ ହଜାର ବ୍ୟାଙ୍କରେ ରଖିବେ, ଜମି ବାଡ଼ି କିଛି କିଣିବେ, ଏତିକିରେ ତ ତୁମର ଗୋଟାକଯାକ ପୃଥିବୀ ରହି-ଯାଉଛି । ତୁମେ ଆସିଛ ମୋତେ ଷଡ଼େଇକଳା ଭୁଲି-ଯିବା କଥା କହିବାକୁ । ସତେ ଯେପରି ଓଡ଼ିଆ ଜାତିଟାକୁ ଆଲିଙ୍ଗନ-ପାଶରେ ଆବଦ୍ଧ କରି ରଖିଛ !

ପତିତପାବନ ଗଣନାଥଙ୍କ କଟୂକ୍ତିରେ ବିଚଳିତ ନ ହୋଇ ମଥା ନୁଆଇଁ ବସି ଭାବୁଥିଲେ, ଗଣନାଥ ତ ସତ କଥା କହିଛନ୍ତି । ସଂସାରର ମୋହଜାଲ ଯେ ମନୁଷ୍ୟକୁ ଆବଦ୍ଧ କରି ଦେଉଛି । ସେ ଯେ ମୋତେ ପ୍ରହାର ନ କରି କେବଳ କଟୁକଥା କହିଛନ୍ତି । ବଂଶ ଗୋଟାକଯାକର ବନ୍ଧୁମାନଙ୍କ ନିମନ୍ତେ ଚାକିରି ଯୋଗାଡ଼ କରିଦେବାକୁ ମାସକୁ ଦଶ ଥର ତାଙ୍କୁ କହୁଛି । ଆସନ ଆଉ ଆଧିପତ୍ୟର ଲୋଭରେ ତ ଏଠିକି ଆସିଛି । ତା ଉପରେ ମୁଁ କିମିତି କହିବି ଯେ ଦେଶ ପ୍ରତି ମୋର ମମତା ଥିଲା ! ଓଡ଼ିଶା ଦେଶଟାକୁ ମୋର ଘର ବୋଲି ମନେ କରୁଥିଲି ! ମୋର କଣ୍ଠର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଆକାଶ ଅବନୀ କମ୍ପାଇ ଦେଉଥିଲା ! ନିଜର ଧ୍ୱନିରେ ନିଜେ ହୋଇ ଉଠୁଥିଲି ଚକିତ ଚମକିତ ! ମରେ କମ୍ପା ବନ୍ଦେ ଦେଇ

ଜୀବନର ନିଷ୍ଠାକୁ ମୂର୍ତ୍ତିରୂପେ ସ୍ଥାପି ତାହାର ପଦତଳେ ଆତ୍ମୋତ୍ସର୍ଗ କରିବ ବୋଲି ଭାବିଥିଲି ! ମୋର ସେ ସତ୍ୟ ମୋ ଭିତରେ ଅଛି ବୋଲି କେହି କଅଣ ବିଶ୍ୱାସ କରିବ ?

କିଏ କାହା କଥା କେଉଁଠି ବିଶ୍ୱାସ କରୁଛି ? ନିଜକୁ ନିଜର ବିଶ୍ୱାସ ନାହିଁ । ମନୁଷ୍ୟ ରାତିରେ ଶହେ ଥର ପ୍ରତିଜ୍ଞା କରିବ ଆଜି ଯେଉଁ ଭୁଲଟା ହେଲା ଜୀବନରେ ଆଉ କେବେ କରିବ ନାହିଁ । ସକାଳୁ ଉଠି ପୁଣି ସେଇ ଭୁଲଟା କରି ବସିବ । ଯେଉଁ ମନୁଷ୍ୟ ସହିତ ଅତି ସାବଧାନରେ ଚଳ-ପ୍ରଚଳ ହେବ ବୋଲି ଭାବିଥିବ, ଘଟଣାକ୍ରମେ ସେ ଲୋକଟି ସହିତ ବସି ଏତେ ଆଳାପ ଆଲୋଚନା ହୋଇଯିବ ଯେ ସେଇ ସ୍ଥାନରେ ସେ ପୁଣି ମରଣାନ୍ତକ ପୀଡ଼ା ପାଇବ । ଏଇପରି ଭୁଲ ସଂଶୋଧନ କରୁ କରୁ ମନୁଷ୍ୟର ଜୀବନର ଦିନ ଅବସାନ ଘଟିଯାଉଛି ! ପତିତପାବନ କଅଣ ନ କରିଥିଲେ ଦେଶ ନିମନ୍ତେ ! ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଉତ୍କଳ ନେତାମାନଙ୍କ ସେବାକରି ନିଜକୁ ଧନ୍ୟ ମନେ କରୁଥିଲେ । ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାସମିତିଟିଏ ହେଲେ ପତିତପାବନଙ୍କର ମନରେ କି ଦାରୁଣ ଉଦ୍‌ବେଗ ! କେଜାଣି ବଡ଼ ବଡ଼ କର୍ମୀମାନେ ଏକଜ ହୋଇ ପାରିବେ କି ନାହିଁ ! ନେତାମାନେ ଯାହା କହିବେ ଶ୍ରୋତାମାନଙ୍କର ମନକୁ ସେ କଥା ସ୍ପର୍ଶ କରିବ କି ନାହିଁ ! ମନ ଆବେଗର ବେଗରେ ପୁଲକି ଉଠୁଥାଏ । ନଜାଣି ନ ବୁଝିବା ଲୋକେ ପତିତପ ବନଙ୍କୁ ପଚ୍ଚରିଯାଆନ୍ତି ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ କହିଲେ ଅର୍ଥ କଅଣ ! ଅର୍ଥଟା ପତିତପାବନ ବୁଝେଇ ଦେବାକୁ ଆସନ୍ତି, କିନ୍ତୁ ପଚାରିବା ଲୋକେ କେତେ ଅଧବୁଝା ହୁଅନ୍ତି, ଆଉ କେତେ ମୂଳରୁ କିଛି ବୁଝି ପାରନ୍ତି ନାହିଁ । ପତିତପାବନଙ୍କର କେବଳ ବୁଝେଇବାରେ ହିଁ ଆନନ୍ଦ । କହୁ କହୁ ପୁଲକି ଉଠୁଥିଲା ଦେହ ଆଉ ମନ । ନିଜର ବୋଲି ଗୋଟିଏ ପ୍ରଦେଶ ହେବ । ଆପଣା ଘର ସଂସାରଟିରେ ଯେଉଁପରି ଦାଣ୍ଡ ଘର, କାଣ ଘର, ବସିବା ଶୋଇବା ଘର; ବାଡ଼ି ବଗିଚା ସବୁ ଅନୁଷ୍ଠାନର ସଂଯୋଗରେ ସୁନ୍ଦର ଆଉ ପୂର୍ଣ୍ଣାଙ୍ଗ ହୁଏ, ପ୍ରଦେଶଟିରେ ମଧ୍ୟ ଆପଣାର ବୋଲି ସକଳ କଥା ରହିବ । ଆହା କି ସୁନ୍ଦର ଦିଶିବ ଆମ ଦେଶ ! ଆମ ଦେଶରେ ଆମର ରହିବ ସମ୍ପୂର୍ଣ୍ଣ ଅଧିକାର । ଏଇ ଆମର ପ୍ରଦେଶ ବୋଲି ଯେଉଁ ଆଶା ଜାଗ୍ରତ ହୋଇ ଉଠିଥିଲା, ସେଇ ଆଶାଟି ହିଁ ଚେତନା ଆଣି ଦେଇଥିଲା ଭାରତର ସ୍ୱାଧୀନତା ଆନ୍ଦୋଳନରେ । ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେଲା, ଉତ୍କଳର ନରମ ମାଟି ଉପରେ ଯେଉଁ ଚରମାନବମାନେ ମାଟି ଢାଳି ଢାଳି ଦୃଢ଼ କରି ତିଆରି କରିଥିଲେ । ସାରଳାଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ଭୀମ ଭୋଇ ଆଉ ଭଞ୍ଜଙ୍କ କାବ୍ୟକବିତା ହୋଇଛି ସେଇ ବିପୁଳ ସ୍ତୂପ । ତାହାରି ଉପରେ ଅର୍ଥାତ୍ ସେଇ ସାହିତ୍ୟଭିତ୍ତି ଉପରେ ନିର୍ମିତ ହୋଇଛି ଉତ୍କଳ ପ୍ରଦେଶ । ସେଇ ସମ୍ପଦଟିକିକ ଯଦି ନ ଥାନ୍ତା, କଅଣ ଦେଖାଇ ଆମେ ଗୋଟାଏ ଜାତି ବୋଲି ଗର୍ବ କରିଥାନ୍ତେ ! ଦକ୍ଷିଣ ଆନ୍ଧ୍ର ଦକ୍ଷିଣୀ କହିଲେ ଆମର ପ୍ରଦେଶ କଟକ ପର୍ଯ୍ୟନ୍ତ । ବିହାର କହିଲା ଆମର କଟକ ପର୍ଯ୍ୟନ୍ତ । ବଙ୍ଗଳା ଦେଶର ଚିନ୍ତାଶୀଳ ଐତିହାସିକମାନେ ମଧ୍ୟ ଏକ ସ୍ୱରରେ କହିଲେ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଭାଷା କିମ୍ବା ସାହିତ୍ୟ ନାହିଁ । ସେ ଦେଶ ଆମ ଦେଶ ସହିତ ମିଶିଯାଉ । ଯେଉଁ ମହାତ୍ମାମାନେ ହୃଦୟରୁ ଅମୃତ ଦେଇ ଜନସମାଜର ଶୁଭ କାମନାରେ ସାହିତ୍ୟ ସୃଜିଥିଲେ, ସେଇ କଥା ହିଁ ଦେଶକୁ ଦେଶ କରି ଠିଆ କରାଇଲେ । ତାପରେ ଯେଉଁମାନେ ଦେଶ ନିମନ୍ତେ କ୍ଷୟ ହୋଇଯାଇ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ସେମାନଙ୍କର ଜୀବନୀ ଲେଖା ହୋଇ ନାହିଁ । ଆଉ କେବେ ଲେଖା ମଧ୍ୟ ହେବ ନାହିଁ ।

ପତିତପାବନ ଚିନ୍ତାକରି ବସିବା ଦେଖି ଗଣନାଥ ଡ୍ରୟର ଖୋଲି ନୋଟ ବିଡ଼ାଟାଏ ବାହାର କରି ପତିତପାବନ ଆଡ଼କୁ ଫିଙ୍ଗିଦେଇ କହିଲେ, ଟଙ୍କା ଦେଇ ସେ ଲୋକଟାକୁ କୌଣସିମତେ ବଶୀଭୂତ କରିବାକୁ ହେବ । ମୁରଲୀକୁ ସାଙ୍ଗରେ ନେଇ ତୁମେ ସେ କାର୍ଯ୍ୟଟା କର ।

'ଟଙ୍କା ଦେଇ ଲୋକ କିଣିଆଣି ଦଳ ବଢ଼େଇଲେ କଅଣ ହେବ ? ଆଜି ଟଙ୍କା ନେଇ ଦଳ ଭିତରକୁ ଆସିଯିବେ, ତା ପରେ ସେଇ ଟଙ୍କା ନେବା ଅଭ୍ୟାସ ଇମିତି ପ୍ରବଳ ହେବ ଯେ, ଟଙ୍କା ଗଦା ନ କଲେ, ସେମାନଙ୍କର ମନ ତୃପ୍ତ ହେବନାହିଁ । ମୋର ନିଜର ଅବସ୍ଥା ସ୍ମରଣକରି କହୁଛି, ଗାଁରେ ଏଡ଼େ ଖଣ୍ଡିଏ ଛୋଟ ଘରେ ଡାଲି ଭାତ, ଇମିତି କି ଖାଲି ଭାତ ଆଉ ଲୁଣ ମରିଚରେ ଚଳୁଥିଲୁ । ପିନ୍ଧିବାକୁ ଖଣ୍ଡିଏ ଖଦି, ଘୋଡ଼େଇ ହେବାକୁ ଗାମୁଛା ଖଣ୍ଡିଏ ହେଲେ ଚଳି ଯାଉଥିଲୁ, ଏବଷଣି ବିରତଣା ପାଖକୁ କୁ ଆସିବାଠୁ ଆରମ୍ଭ କରି ଅନ୍ନବସ୍ତ୍ରର ବ୍ୟବସ୍ଥା ନିମନ୍ତେ ଘରେ ଯେଉଁ ସମାରୋହ ଚାଲିଛି, ସେସବୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସମୟେ ସମୟେ ମୁଁ ସେଇ ଲୋକଟା କି ନୁହେଁ ବୋଲି ସନ୍ଦେହ ହେଉଛି । ମୁଁ ଆପଣଙ୍କଠୁ ଅନେକ ଟଙ୍କା ନେଇଛି । ସେଥିରେ ମୋର ଏବଂ ମୋର ପରିବାରର ଭୋଗରେ ବ୍ୟୟକରି ସେମାନଙ୍କୁ ସୁଖରେ ରଖି ନିଜେ ମଧ୍ୟ ସୁଖରେ ଅଛି ; କିନ୍ତୁ ଏ ସୁଖ ଭିତରେ ଶାନ୍ତି ନାହିଁ । ମୋର ସେଇ ଅତୀତର ସ୍ମୃତି ଭୂତହୋଇ ମୋ କାନ୍ଧ ଉପରେ ବସି ମୋ ମୁଣ୍ଡଟାକୁ ଧରି ଝାଙ୍କିଦେଉଛି" ।

"ଦେଖ ପତିତପାବନ, ଯେତେଦିନ ପର୍ଯ୍ୟନ୍ତ ତୁମେ ଉତ୍ତେଜିତ ହୋଇ ଉଦ୍ଧତ ଭାବରେ ମୋ କଥା ସହିତ ତାଳ ଲୟ ରଖି କଥା କହୁଥିବ, ସେତେଦିନ ପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ ଭଲ ପାଉଥିବି । ତୁମେ ମୁହଁ ଶୁଖେଇ ବସି ମନସ୍ତତ୍ତ୍ୱର ବିଶ୍ଳେଷଣ କଲେ, ତୁମକୁ ମୁଁ ସମ୍ମୁଖରୁ ତଡ଼ିଦେବି" ।

ଏତିକିବେଳେ ଟେଲିଫୋନ ବାଜିଉଠିଲା କ୍ରିଂ କ୍ରିଂ ହୋଇ । ଗଣନାଥ ଟେଲିଫୋନ ଉଠାଇ ପ୍ରମିଳା ସହିତ କଥା ଆରମ୍ଭ କରିବା ଦେଖି ପତିତପାବନ ଧୀରେ ଧୀରେ ଚାଲିଗଲେ ବାହାର ବାରଣ୍ଡାକୁ ।



## ସ୍ବର

ଅମଳା ଉତ୍କଳ ଦେଶର କେଉଁ ଗୋଟାଏ ଅଖ୍ୟାତ ପଲ୍ଲୀ ଗାଁର ଝିଅ । ତାଙ୍କର ବିଶ୍ୱାସ ଯେ, ନାରୀ ମାତ୍ରେହିଁ ସମସ୍ତେ ଲକ୍ଷ୍ମୀ, ଦୁର୍ଗା, ସୀତା, ସାବିତ୍ରୀ, ଦମୟନ୍ତୀ । ରମ୍ଭା, ମେନକା, ତିଳୋତ୍ତମାଙ୍କୁ ସେ କେବେ ଉଚ୍ଚ ସ୍ଥାନ ଦିଅନ୍ତିନାହିଁ । ଏପରି କି ସେମାନଙ୍କର ସୌନ୍ଦର୍ଯ୍ୟ ଥିବା କଥା ମଧ୍ୟ ସେ କେବେ ଭାବନ୍ତି ନାହିଁ । ଅମଳା ପିଲାଦିନରୁ ଅତି ଶାନ୍ତ, ଶିଷ୍ଟାଚାରର ସମ୍ବନ୍ଧରେ ସଦା ସଜାଗ । ଲକ୍ଷ୍ମୀଙ୍କୁ ସେ ବିଷ୍ଣୁଙ୍କ ପତ୍ନୀ ବୋଲି ହିଁ ଜାଣନ୍ତି । ପାର୍ବତୀ ଯୁଗ ଯୁଗ ଧରି ପତ୍ରଟିଏ ମଧ୍ୟ ନ ଖାଇ ତପସ୍ୟା କରିକରି ଶିବଙ୍କୁ ପତିରୂପେ ପାଇଥିବା କଥା ସ୍ମରଣକରି ଅମଳାଙ୍କର ଭକ୍ତିର ଆବେଗ ଉଚ୍ଛୁଳିଉଠେ । ସେ ହର-ପାର୍ବତୀଙ୍କୁ ଦେଖନ୍ତି ପ୍ରତ୍ୟକ୍ଷ ଭାବରେ । ପାର୍ବତୀ ଶିବଙ୍କୁ ସ୍ବାମୀ ପରି ପୂଜୁଛନ୍ତି, ଶିବ କହୁଥାଉଛନ୍ତି ତିନି ଭୁବନର ତତ୍ତ୍ୱ, ତଥ୍ୟସବୁ । ସେ ମନେ ମନେ ସ୍ୱୟଂ ପାର୍ବତୀ ହୋଇ-ଯାଇ ତାଙ୍କର ସ୍ୱାମୀ ହିଁ ଶିବ ବୋଲି ଭାବିବାକୁ ଦ୍ୱିଧା କରନ୍ତିନାହିଁ । ପୂରୁଷ ଗୁରୁଜନମାନଙ୍କୁ ସେ ଦେବତା ବୋଲି ହିଁ ଶ୍ରଦ୍ଧା ଭକ୍ତି କରନ୍ତି । ସେଇ ମନୁଷ୍ୟଗୁଡ଼ିକଙ୍କ ମନଭିତରେ ଷଡରିପୁର ସକଳ ପ୍ରକାର ପ୍ରଭାବ ଯେ ରହିଥିବ, ଏକଥା ସେ କେବେ କଳ୍ପନା କରନ୍ତିନାହିଁ । ରିପୁତାଡନରେ ମନୁଷ୍ୟ ଯାହା କରିପିବା, କହିପିବା ଶୁଣିଲେ ସେସବୁ କେବଳ ଭାଗ୍ୟର ଲିଖନ ବୋଲି ସେ ଭାବନ୍ତି ।

ଇମିତି ଯେତେବେଳେ ଅମଳାଙ୍କର ବିଶ୍ୱାସ, ପ୍ରାଣନାଥ ତାଙ୍କୁ ଆପଣା ବଂଶର ଅର୍ଥାତ୍ ପିତୃପିତା-ମହଙ୍କର ସ୍ୱଭାବ ଚରିତ୍ର ସମ୍ବନ୍ଧରେ କୌଣସି ଗୋଟାଏ ବିଷୟ କହିବାକୁ ଗଲେ, ସେ ମନ୍ଦ ଅଂଶଟି ନ ଶୁଣି ବ୍ୟସ୍ତବ୍ୟସ୍ତ ହୋଇ ସ୍ୱାମୀଙ୍କ ପାଖରୁ ଚାଲିଆସନ୍ତି । ସ୍ୱାମୀଙ୍କର ବାପା ଗୋସେଇଁବାପା ଯେ ତାଙ୍କର ଦେବତା । ଦେବନିନ୍ଦା ସେ ସହ୍ୟ କରିବେ କେମିତି ! ତେଣୁ ହିଁ ଅମଳା ସ୍ୱାମୀ ପାଖରେ ଅଳିକରି ଗୋସାଇଁ ଶ୍ୱଶୁରଙ୍କ କଥା ଶୁଣନ୍ତି, ଶ୍ୱଶୁର ଶାଶୁଙ୍କ କଥା ଆରମ୍ଭ

ହୋଇଗଲେ କାର୍ଯ୍ୟର ଛଳନା କରି ଚାଲିଯାଆନ୍ତି । ଗୋସେଇଁ ଶ୍ୱଶୁରଙ୍କ ପ୍ରତି ସ୍ମୃତିଟି ଅମଳାଙ୍କର ଅତି ପ୍ରିୟ । ତଳଘରର ସେ ଗୋଟିଏ ଶ୍ରେଷ୍ଠ ବଖରାରେ ବସି ଶାସ୍ତ୍ର ଅଧ୍ୟୟନ କରୁଥାନ୍ତି । ତାଙ୍କୁ ଭେଟିବା ଭଳି ଜଣେ ଅଧେ କେହି ଆସିଲେ ସେଇ ଘରେ ବସି ପୁରାଣ ଶାସ୍ତ୍ର ଆଲୋଚନା କରନ୍ତି । ସେଇ ଘରଟିକୁ ଅମଳା ଏକ୍ଷଣି ଅମିତାର ପଢ଼ିବା ଘର କରି ରଖିଦେଇଛନ୍ତି । ଗୋସେଇଁ ଶ୍ୱଶୁର ତାଙ୍କ ସ୍ୱାମୀଙ୍କୁ ମହତ ଲୋକ କରି ଗଢ଼ିଛନ୍ତି, ସେଇଥିପାଇଁ କୃତଜ୍ଞତାରେ, ଭକ୍ତିରେ ସେ ଏକାଥରେ ଅବନତ ହୋଇପଡ଼ନ୍ତି । ସମୟେ ସମୟେ ସେ ତାଙ୍କ ଦେବର ଗଣନାଥଙ୍କ କଥା ଭାବନ୍ତି । ତାଙ୍କର ବିଶ୍ୱାସ, ଦେବତା ଆଉ ଅସୁର ଯେପରି ଏକ ପିତାଙ୍କ ପୁତ୍ର ହୋଇ ମଧ୍ୟ ସ୍ୱତନ୍ତ୍ର ସ୍ୱଭାବର, ଗଣନାଥ ପ୍ରାଣନାଥ ସେଇପରି । ଅବଳା ଯେ କୌଣସି ସମୟରେ ପ୍ରବଳା ହୋଇପାରେ, ସେକଥା ଅମଳା ଭାବି ପାରନ୍ତିନାହିଁ । କୌଣସି ସ୍ତ୍ରୀ ଯଦି ଦୁଃସାହସ କରେ, ତେବେ ସେ ତାକୁ ରାକ୍ଷସୀ ଛଡ଼ା ଅନ୍ୟ କିଛି ବୋଲି ଭାବିପାରନ୍ତି ନାହିଁ ।

ଅମଳା ସେଦିନ ସନ୍ଧ୍ୟାପରେ ଚାରିବର୍ଷର ପୁଅ ଉପଗୁପ୍ତକୁ ଶୁଆଇଦେବାବେଳେ ଗୁଣୁ ଗୁଣୁ କରି ପ୍ରାଣନାଥଙ୍କ ରଚିତ କବିତାରୁ ଗୋଟିଏ ଗାଇ ଯାଉଥିଲେ—

"ଚନ୍ଦକ ମୋର ଯାଇଛି ହଜି
ଖୁଜିବି କେଉଁଠି ହାର,
ଖୋଜଇ କେତେ ବସିଥେ ଦିନେ
ବୁଲି ମୁଁ ଘର ଘର ।
ରାତିରେ ଭାବେ ହେଲେ ସକାଳ
ଆଣିବି ଖୋଜି ଚନ୍ଦକ ମୋର,
ସକାଳ ହେଲେ ଯାଏ ମୁଁ ଭୁଲି
ଶୁଣି କୋକିଳ ସ୍ୱର ।
କ୍ଷଣକେ ପୁଣି ହୁଏ ଆକୁଳ
ଦେଖିବି ବୋଲି ମଣି ମୋହର
ଭାବେ ମନରେ ଏଥର ନିଶ୍ଚେ
ସନ୍ଧାନ ନେବି ତାର ।
ତାରା ଆଲୋକେ ଦେଖିବି ବୋଲି
ଗବାକ୍ଷେ ବସେ ରାତି ନ ଜାଣି
ସୁଦୂରୁ ଶୁଭେ ବଂଶୀଧ୍ୱନି
ଦିଶେ ଯମୁନାକୂଳ ।
ଚନ୍ଦକ କଥା ଯାଏ ମୁଁ ଭୁଲି,
ବ୍ୟଥାରେ ପ୍ରାଣ ଥାଏ ମୋ ଭରି,
ନ ମାନି ମନା ଝରଇ ଝରି
ନୟନୁ ଅଶ୍ରୁ ଝରେ" ।

ପ୍ରାଣନାଥ ବାରଣ୍ଡାରେ ବସି ପ୍ରାୟ ଶେଷ ହୋଇଆସୁଥିବା ଉପନ୍ୟାସଟିକୁ ଶେଷକରୁଥିଲେ । ଅମଳାଙ୍କର କଣ୍ଠସ୍ୱର ଶୁଣି ଭୁଲିଗଲେ ଉପନ୍ୟାସର କଥା । ମୁହଁ ଫେରେଇ ଚାହିଁଲେ, ଚୈତ୍ର ଶୁକ୍ଳ ଦଶମୀର ଚନ୍ଦ୍ର ମାଆକୋଳର ଶିଶୁପୁତ୍ର ପରି କଳହାସ୍ୟ କରିକରି ଉପରକୁ ଉଠି ଉଠି ଆସୁଛି ।

ଚୈତ୍ର ସନ୍ଧ୍ୟାର ବ୍ୟାକୁଳ ପବନ ବହିଆସୁଛି ଦୂର ପ୍ରାନ୍ତରୁ । ପ୍ରାଣନାଥଙ୍କ ମନେହେଲା ଧରାବକ୍ଷରୁ ଧ୍ୱନିତ ହୋଇଉଠୁଛି ସେଇ ସୃଷ୍ଟି ଆଦ୍ୟର ସଙ୍ଗୀତ, ଯେଉଁ ସ୍ୱରରେ ଶତ ଶତ କବି ମୁଗ୍‌ଧହୋଇ କାନଡେରି ଶୁଣି ଶୁଣି ପୁଣି ଶୁଣାଇ ଆସିଛନ୍ତି ଜଗତବାସୀଙ୍କୁ । ବାଲ୍ମୀକିଙ୍କ ବ୍ୟାକୁଳ ଉକ୍ତି ବାର ବାର କରି ନିତ୍ୟ ନବୀନ ସ୍ୱରରେ ଗାଇଯାଉଛି ଏହି ମାଟିର ମନୁଷ୍ୟ । ପ୍ରାଣନାଥ ଭାବିଲେ, ଏଇତ ମୁହୂର୍ତ୍ତକ ଆଗରେ ଶୁଣିଲାପରି ଲାଗୁଛି, ଭକ୍ତକବି ଜଗନ୍ନାଥ ଦାସ ବୃନ୍ଦାବନର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ପ୍ରେମପ୍ରବଣ ହୋଇଉଠିଥିଲେ । ତେଣୁ ସେ କହି ଉଠିଥିଲେ —"ଶୁଣ ପରୀକ୍ଷିତ ନରନାଥ । କୃଷ୍ଣ ଚରିତ ଭାଗବତ ॥ ସ୍ୱଭାବେ ଶରତର କାଳ । ପବନ ବହେ ପରିମଳ । ଗଗନେ ବିରାଜଇ ଶଶୀ । ନିର୍ମଳ କିରଣ ପ୍ରକାଶି ॥" ଭକ୍ତକବି ତ କୃଷ୍ଣଭକ୍ତିରେ ବିହ୍ୱଳ ହୋଇଯାଉଥିଲେ । ମଥୁରା ବୃନ୍ଦାବନ ଆଉ ତୀର୍ଥ କରି ଯାଇଥିବେ । ସେଠି ସେ ଦେଖିଲେ ଯେ ଚନ୍ଦ୍ରଙ୍କ ଆଲୋକରେ ସମଗ୍ର ବୃନ୍ଦାବନ ପ୍ଲାବିତ ହୋଇ-ଯାଇଛି । ଶରତକାଳର ସାନ୍ଧ୍ୟ ସମୀରଣ ବହିଯାଉଛି

ଫୁଲର ସୁଗନ୍ଧ ବନ୍ଧନ କରି । ତାଙ୍କର ମନେ ହେଲା ଗୋବିନ୍ଦ ସେ କୃଷ୍ଣ ସେ । ମନେ ମନେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଉତ୍ସୁକ ହୋଇ ଉଠିଥିଲେ । କବିଙ୍କୁ ସେଦିନ ଏପରି ଗୋଟାଏ ଅନିର୍ବଚନୀୟ ଅନୁଭୂତିକୁ ଅଭିବ୍ୟକ୍ତି ଦେବାକୁ ଶବ୍ଦ ଖୋଜୁ ଖୋଜୁ ଭାବର ବ୍ୟଗ୍ରତାରେ "ଗୋବିନ୍ଦ ବିହରନ୍ତି ମନେ, ଆଜ ରମିବା ବୃନ୍ଦାବନେ" ବୋଲି ଲେଖିପକାଇଥିଲେ । ଆମେ ଲେଖୁଛୁ ଲୋକଙ୍କୁ ପୀଡ଼ାଦେବାକୁ, ସେମାନେ ଲେଖିଥିଲେ ଆନନ୍ଦ ଦେବାକୁ ।

ଏତିକିବେଳେ କାଠ ପାହାଚ ଉପରେ ପାଦଶବ୍ଦ ଶୁଣି ପ୍ରାଣନାଥ ମୁହଁ ଫେରେଇ ଚାହିଁଲେ । ଉପରକୁ ଉଠିଆସୁଛି ନାରଣ । ସେ କଅଣ କହିବାକୁ ଯାଉଥିଲେ, ନାରଣ ଚଞ୍ଚଳପଦରେ ଆସି ପ୍ରାଣନାଥଙ୍କ ପାଦଧୂଳି ନେଇ ତଳେ ବସିପଡ଼ି କହିଲା, ଅନେକ ଦିନ ହେଲା ଆପଣଙ୍କର ନୂଆ ଲେଖା କିଛି ଦେଖି ପାରିନାହିଁ । ଘରକଂଜାଳ ଦିନକୁ ଦିନ ଏତେ ବଢ଼ିଯାଉଛି ଯେ, ମନୁଷ୍ୟ ସେଇ ଯନ୍ତା ଭିତରେ ପଡ଼ି ପେଷିହେଉଛି ।

ନାରଣ ଧରଣୀପୁରର ଜଣେ ଅଧିବାସୀ । ଗାଁ ଶେଷରେ ତାର ପୈତୃକ ଘର । ଜାତିରେ ତେଲି । ନାରଣର ବାପା ଶଙ୍କର ସାହୁ ଆପଣା ଘଣାରେ ତେଲ ତିଆରିକରି ତେଲ ପସରା ଧରି ପାଖ ଆଖର ଗାଁମାନଙ୍କରେ ବିକ୍ରି କରି ଆସେ । ନାରଣର ମାଆ ସୁନାମଣି ବଡ଼ ଭାବପ୍ରବଣା । ଶଙ୍କରର ମାଟି ଆଉ ନଡ଼ାର ତିଆରି ଘର ପାର୍ଶ୍ୱରେ ପଡ଼ିଆ ଭୂମିରେ ଶଙ୍କରର ତେଲ ଘଣା, ତା ପାଖକୁ ତାର ଗୋରୁ ହଳକ ରହିବା ଗୁହାଳ । ସେଇ ପାଖକୁ ଗାଁର ଚାଟଶାଳୀ । ଚାଟଶାଳୀର ପିଲାଙ୍କ ମୁହଁରୁ କେଶବ କୋଇଲି ଗୀତ ଶୁଣି ସୁନାମଣି ଗୋବର ଉଠେଇ ଉଠେଇ ବସିପଡ଼େ ଟିକିଏ । ତାର ମନେ ହୁଏ, ସେ ତାର କୃଷ୍ଣକୁ କେଉଁଠିକି ପଠେଇଦେଇ ତାରି ବିଚ୍ଛେଦରେ ଦିନରାତି କାନ୍ଦୁଛି । ପରେପରେ ବାର ବର୍ଷର ବନ୍ଧ୍ୟାତ୍ୱ କଟାଇ ଯେତେବେଳେ ସୁନାମଣି ଗର୍ଭରୁ ନାରଣ ଜନ୍ମହେଲା, ସେ ତାକୁ ଭାରି ପୂଜାଖଟୁଲିର ପ୍ରତିମା ବୋଲି ହିଁ ଭାବିଲା । ପୁଅର ବୟସ ହେଲା, ବାପା ସାଙ୍ଗରେ ମିଶି ଘଣା ବଳଦ ଅଡ଼େଇ ଦେବାକୁ ସମର୍ଥ ହେଲା । ସୁନାମଣିର କଳ୍ପନା ପୁଣି ସଜାଗ ହୋଇଉଠିଲା । ସେ ତା ପୁଅକୁ ସେଇ ଚାଟଶାଳୀକୁ ପଠେଇବ, ତା ପୁଅ ସେ ଘରେ ବସି କେଶବ କୋଇଲି, ଗୋପୀଭାଷା ଗୀତ ଗାଇବ । କିନ୍ତୁ ଶଙ୍କର କହେ, ତେଲି ପିଲା ପାଠପଢ଼ି କଅଣ କରିବ ? ମୋ ପଛରେ ବୁଲିବ, ବଳଦ-ହଳଟାକୁ ଚରେଇ ବୁଲେଇ ଆଣିବ, ବିଲ ହୁଡ଼ାରୁ ଘାସ ମୁଠେ କାଟିଆଣି ଗୋରୁମୁହଁରେ ଦେବ, ଘଣା ବୁଲିଲାବେଳେ ବଳଦ ହଳଟାକୁ ଅଡ଼େଇ ଦେବ । ସେଇ କାର୍ଯ୍ୟ କଲେ ଯିନା ପେଟ ପୋଷାହେବ ! ସୁନାମଣି ସବୁ ଶୁଣି ସ୍ୱାମୀର ମୁହଁକୁ ଚାହିଁ କୌଣସି ଜବାବ ଦିଏ ନାହିଁ । ଶଙ୍କରର ଇଚ୍ଛା ଅନୁସାରେ ତା ପୁଅ ନାରଣ ଘାସ କାଟିଆଣେ, ଗୋରୁ ଚରେଇ ନିଏ । ଶଙ୍କର ତେଲ ପସରା ଧରି ଗାଁରୁ ଅନ୍ୟ ଗାଁ ଆଡ଼େ ଚାଲିଗଲେ ନାରଣର ମାଆ ନାରଣକୁ ପଠେଇଦିଏ ଚାଟଶାଳୀକୁ । ନାରଣ ଦୁଇ ଚାରି ଦିନ ଚାଟଶାଳୀରେ ବସି ଅକ୍ଷର କେତୋଟା ଶିଖିଲାବେଳକୁ ଶଙ୍କରର ଦୃଷ୍ଟି ପୁଣି ଆକର୍ଷିତ ହୁଏ ସେଇ ଆଡ଼କୁ । ସେ ପୁଣି ନାରଣକୁ ଆଣି ତାର ପୈତୃକ ପରମ୍ପରା କାର୍ଯ୍ୟରେ ନିଯୁକ୍ତ କରିଦିଏ । ପୁଣି ତାକୁ ମାଆ ନେଇ ଚାଟଶାଳୀ ଦୁଆରେ ଛାଡ଼ିଆସେ । ଏଇପରି ପ୍ରବଳ ଆକର୍ଷଣ-ବିକର୍ଷଣ ଭିତର ଦେଇ ନାରଣ ଓଡ଼ିଆ ଅକ୍ଷରଗୁଡ଼ିକ ଶିଖିପାରିଥିଲା । ବନାନ ଶିକ୍ଷା ପାଇ କୋଇଲି ଗୀତ ମୁଖସ୍ଥ କରି ଗୋପୀଭାଷା ପଢ଼ିଲାବେଳେ ଆକସ୍ମିକ ଭାବରେ ଶଙ୍କରର ମୃତ୍ୟୁ ଘଟିଗଲା । ସେ ସମୟକୁ ନାରଣର ବୟସ ତେର କିମ୍ବା ଚଉଦ ହୋଇଥିବ । ଜାତିଭାଇଙ୍କ ପରାମର୍ଶ ପ୍ରକାରେ ବଳଦ ହଳକ ବିକ୍ରି କରି ବାପର ପ୍ରଥମ ଶ୍ରାଦ୍ଧ କାର୍ଯ୍ୟ ସମ୍ପାଦନ କଲା ନାରଣ । ତା'ପରେ ସେ ଲାଗିଗଲା ତାର ସେଇ ତେଲ ବିକ୍ରି କରିବା ପୈତୃକ ବ୍ୟବସାୟରେ । ପ୍ରଥମେ

ପ୍ରଥମେ ପାଖ ଗାଁର ଅନ୍ୟର ଘଣାରେ ତେଲ ଭିଆରି କରି ଆଣି ମୁଣ୍ଡରେ ପସରା ଧରି ବିକ୍ରି କରିବାକୁ ପାଖ ଗାଆଁ ମାନଙ୍କୁ ଯାଏ । ନାରଣ ଦେଖୁଦେଖୁ ହୋଇଉଠିଲା ସ୍ନିଗ୍ଧ ଶ୍ୟାମଳ ସୁଶ୍ରୀ ତରୁଣଟିଏ । ପରିଧାନ ତାର କଷ ଗାମୁଛା, କଷ ଲୁଗା । ଅନ୍ୟ ତେଲିମାନଙ୍କ ପରି ସେ ତୈଳାକ୍ତ ମଳିନ ବସନ ପରିଧାନ କରେନାହିଁ ।

କ୍ରମଶଃ ସେ ଅନ୍ୟ ଗାଁକୁ ନ ଯାଇ ତାର ଘରକଣ୍ଠି ଦାଣ୍ଡପିଣ୍ଡାରେ ପସରା ରଖି ବସିଲା । ସନ୍ଧ୍ୟା ସମୟରେ ତା ଦୋକାନରେ ହାରିକେନ ଲଣ୍ଠନ ଜଳିଲା । ସେ ତାର ବାଖଣ୍ଡାର ବାଉଁଶ ଖଣ୍ଡିକୁ ଆଉଜି ବସି ଗଳାଛାଡ଼ି ଗାଏ ଯଶୋଦା ବିଳାପ, "କାନ୍ଦି କହେ ନନ୍ଦରାଣୀ, କେଣେ ଛାଡ଼ିଗଲୁ ମୁରଲୀପାଣିରେ କି କଲୁ ଘାଇବ ଅଣି" । ନାରଣର ବାଗ ଅନୁରାଗୀ ମାଆ ଚୁଲିଉପରେ ଭାତ ବସେଇଦେଇ ଉଚ୍ଛନ୍ନ ମନରେ ଯାଇ ଦୁଆର ମୁହଁରେ ବସି ପୁଅର ମଧୁର କଣ୍ଠସ୍ୱର ଶୁଣି ସବୁ ଦୁଃଖ ସୁଖ ଭୁଲିଯାଏ । ତାର ସେ ଅନ୍ଧାରୁଆ ଘରେ ଭରିଯାଏ ବିଳାପଧ୍ୱନି । ବାଟରେ ବାଟୋଇ କ୍ଷଣେ ଠିଆହୋଇପଡ଼ି ତାର ସେ ସ୍ୱର ଶୁଣେ । ଗାଁର ବୃଦ୍ଧମାନେ ସନ୍ଧ୍ୟାହେଲେ ତେଲ କଣା ବାହାନା କରି ତା ଦୁଆରକୁ ଯାଇ ଗୀତ ଶୁଣି ଆସନ୍ତି । କୃପାସିନ୍ଧୁ ଜଣାଣ, ମହାବାହୁ ଜଣାଣ, କୋଇଲି, ଗୋପୀଭାଷା ସବୁ ତାର କଣ୍ଠରେ ରହିଥାଏ ।

ସୁନାମଣିର ପବିତ୍ର ପ୍ରେରଣାରେ ନାରଣ ବର୍ତ୍ତମାନ ଗାଁର ଜଣେ ବଡ଼ ଦୋକାନୀ ହୋଇପାରିଛି । ତେଲ ବିକି କରୁ କରୁ ଗୁଡ଼, ଚିନି, ଘିଅ, ତେଣିକି ଅନ୍ୟ ସମସ୍ତ ପ୍ରକାର ଆଧୁନିକ ବ୍ୟବହାର୍ଯ୍ୟ ଦ୍ରବ୍ୟ ରଖି ବିକ୍ରି କରି ଲାଭବାନ୍ ହୋଇ ଦାଣ୍ଡଘରଟିକୁ ପକ୍କା ଚୂନ ସିମେଣ୍ଟ କଲାଣି । ଦୁଆର ମୁହଁରେ ବଡ଼ ପେଟ୍ରୋମାକ୍ସ ବତି ଜଳିଲାଣି । କଶୋର ବୟସ ଅତିକ୍ରମି ନାରଣ ପ୍ରୌଢ଼ ଅବସ୍ଥାର ପାଖାପାଖି ହୋଇଗଲାଣି । ଘରେ ତାର ମାର୍ଜିତ ରୁଚିସମ୍ପନ୍ନା ସୁନ୍ଦରୀ ବଧୂ । ପୁଅ ଝିଅ ତିନି ଗୁଡ଼ିଏ ।

ପ୍ରାଣନାଥ ନାରଣର ମଥାରେ ହାତଦେଇ କହିଲେ—ଉଠ ନାରଣ, କେତେ ଦିନ ହେଲା ମୋ- ପାଖକୁ ଆସି ନ ଥିଲୁ । ମନେହେଉଛି, କେତେ ଯୁଗ ହୋଇଗଲାଣି ତୋଠୁ ଗୀତ ଶୁଣିନାହିଁ ।

ଗୀତ ଗାଇ ପୁଲକିତ ଚିତ୍ତ ହୋଇଉଠିବା ସମସ୍ତ ଗଲାଣି, ଏକ୍ଷଣି କେବଳ ବିତ୍ତ ଅର୍ଜନରେ ଲାଗିଛୁ । ତେଲ ପସରା ଧରି ବୁଲିବା ନାରଣ ଏବେ ନାରାୟଣ ସାହୁ ହୋଇ କୋଠାଘରେ ଦୋକାନ ସଜେଇ ବସିଛି । କେଶବ ମୋର ସହକାରୀ ହୋଇ ରହିଛି । ଧନ ଯେତିକି ବଢ଼ୁଛି, ଲୋଭ ମଧ୍ୟ ବଢ଼ୁଛି ସେତିକି । ସୁଖ ସମ୍ପଦର ଅଭାବ ନାହିଁ ; କିନ୍ତୁ ସେ କାଳର ସେ ଆନନ୍ଦ ଆଉ କେବେ ମିଳିବନାହିଁ । ମୋ ମନ ଯିବା କାଠ ପଥର ହେଲାଣି, ମୋ ମାଆର ରସପିପାସୁ ମନ ଯିମିତି ସିମିତି ଅଛି । ସେ ମୋତେ ପଠେଇଛି ଆପଣଙ୍କଠୁ ଗୀତପୋଥି ମାଗିନେବାକୁ । ଆପଣଙ୍କର ବାଲ୍ମୀକି ବନ୍ଦନାଟି ଶୁଣି ସେ ତ ଏକାଥରକେ ଭାବବିହ୍ୱଳ ହୋଇଉଠୁଛି । ଆପଣଙ୍କର ସବୁ ରଚନା ପଢ଼ି ସାରିଲାଣି, ନୂଆ ଆଉ କଅଣ ଲେଖିଛନ୍ତି ଦିଅନ୍ତୁ ଆଜ୍ଞା ! ମାଆକୁ ଶୁଣେଇଦେବି ।

ପ୍ରାଣନାଥ ଉତ୍ସାହିତ ହୋଇଉଠି କହିଲେ, ମୋର କଳ୍ପନା ଏତେ ଦିନ ପରେ ସାର୍ଥକ ହୋଇଗଲା ରେ ନାରଣ ! ତୋ ମାଆ ମୋର କବିତା ଶୁଣି ଖୁସି ହେଲେ, ଇମିତି ଲେଖା ମୁଁ ଲେଖିପାରିଛି ବୋଲି ଭାବିଲେ ମନ ଆନନ୍ଦରେ ଅଧୀର ହୋଇଉଠୁଛି । ଟିକିଏ ରହ, ତାଙ୍କୁ ଭଲ ଲାଗିଲା ଭଳି କଅଣ ହେଲେ ଖୋଜି ଦେବି ।

ପ୍ରାଣନାଥ ତାଙ୍କର ବସିବା ପାଖର ସବୁଗୁଡ଼ିକ ଖାତା ଖୋଜିସାରି ବାରଣ୍ଡାର ଆଲମାରି ଖୋଲି ବସ୍ତାନିଗୁଡ଼ିକ ଖେଳାଇ ଗୋଟି ଗୋଟି କରି ଦେଖିଲେ କୌଣସି ଗୋଟାଏ ଲେଖା ନାରଣ ହାତରେ ଦେବା ଭଳି ସେ ଆଉ ପାଇପାରିଲେନାହିଁ ।

ନାରଣ କହିଲା, ଆପଣଙ୍କର ସବୁ ଲେଖା ମୋତେ ଭଲ ଲାଗୁଛି ଆଜ୍ଞା, ଏତେ ଆଉ ଖୋଜୁଛନ୍ତି କଅଣ ? ଯାହା ପାଖରେ ଅଛି ଦେଇଦିଅନ୍ତୁ !

ମୋର ସବୁ ଲେଖା ତୋତେ ଭଲ ଲାଗୁଛି ଏଇ କାରଣରୁ ଯେ ତୁ ମୋତେ ଭଲ ପାଉଛୁ । ଏଇ ଭଲ ଲଗିବା ଶକ୍ତି ମଧ୍ୟ ଭଗବାନଙ୍କ ଦାନ । ତୁ ଏହି ଶକ୍ତିଟିକ ପାଇଛୁ ବୋଲି ତୋତେ ଦେଖିଲେ ଶ୍ରଦ୍ଧାରେ ମୋର ଅନ୍ତଃକରଣ ଭରିହୋଇଯାଉଛି । ତୋ ଆଗରେ ଆଜ ମୋର ହୃଦୟ-ଦ୍ୱାର ଖୋଲି ସବୁ କଥା କହିଦେବାକୁ ଇଚ୍ଛାହେଉଛି । ଜୀବନରେ ବଡ଼ କରି କିଛି ଗୋଟାଏ ତୋ ହାତରେ ଦେବି ବୋଲି ଯେଉଁ ଆଶା ପୋଷିଥିଲି, ମୋର ସେ ଆଶା ପୂର୍ଣ୍ଣ ହେବବୋଲି ଆଉ ଆଶାନାହିଁ ।

ମନୁଷ୍ୟର ଆଶା କେବେ ପୂର୍ଣ୍ଣ ହେଉଛି କି ଆଜ୍ଞା ! ଆମେ ଧାଇଁଛୁ ସେଇ ତୁଚ୍ଛ ଧନ ମାନର ଆଶାରେ । ଆପଣ ଲୋଭ ମୋହ ଛାଡ଼ି ଗୋଟିଏ ବଡ଼ କଥା କରିବାକୁ ବସିଛନ୍ତି ।

ବଡ଼ କଥା ଆଉ କେଉଁଠି କରପାରୁଛି ନାରଣ ! ବଡ଼ କଥା କରିବି ବୋଲି ବ୍ୟବସ୍ଥାସଭା ଛାଡ଼ିଦେଇ ଆସିଲି । ବଡ଼ ଦମ୍ଭ ଦେଖେଇ କହିଲି, ମହାତ୍ମାଙ୍କ ଆଦର୍ଶରେ ଦେଶର ଶାସନ କାର୍ଯ୍ୟ ହେଉନାହିଁ । ଏଣୁ ମୁଁ ଏ ସଭାର ସଭ୍ୟ ହେବନାହିଁ ; କିନ୍ତୁ ମହାତ୍ମା ତ ଆମମାନଙ୍କୁ କଳ୍ପନାବିଳାସୀ ହୋଇ ବଞ୍ଚିବାକୁ ଉପଦେଶ ଦେଇ ନ ଥିଲେ । ମୋର ଭୟ ହେଉଛି, ମୁଁ ପ୍ରଲୋଭନ ପରିତ୍ୟାଗ କରିଛି ବୋଲି ଭାବି ନିଜକୁ ପ୍ରତାରଣା କରି ସ୍ୱାର୍ଥପର ହୋଇପଡ଼ୁଛି । ଏଇ ତ ଦେଖିଲୁ, ଲେଖକ ହେଇଗଲି ବୋଲି ଗୋଟାଏ ଅହଂକାର ଧରି ବସିଛି । ଏଣେ ତୋ ହାତରେ ଦେବାକୁ ମୋର ପାଇଁକିଆସି ଭିତରୁ କେଉଁଏ ମଧ୍ୟ ଧାନ ପାଇଲିନାହିଁ । ଅଥଚ ସାହିତ୍ୟିକର ସମ୍ମାନ ମଧ୍ୟ ମୁଁ ଗ୍ରହଣ କରୁଛି ।

ଏତିକିବେଳେ ନାରଣର ଗୁମାସ୍ତା କେଶବ ପାହାଚ ଉପରକୁ ଆସି କହିଲା, ବନ ବିଶ୍ୱାଳ ଆସିଛନ୍ତି । ଡାକ୍ତ ଦେବାକୁ କହିଲେ ।

## ପାଞ୍ଚ

ନାରଣ ଯିବା ପରେ ପ୍ରାଣନାଥ ମଥା ଟେକି ଚାହିଁଲେ, ବନ ବିଶ୍ୱାଳଙ୍କ ଘର ଫାଟକ ପାଖରେ ତାଙ୍କର ଗାଡ଼ି ଆସି ରହିଲା ।

ବନ ସେଇ ଧରଣୀପୁର ଗାଁରେ ଜନ୍ମଗ୍ରହଣ କରିଥିଲା । ପ୍ରାୟ ତିରିଶି ବର୍ଷ ପୂର୍ବେ ଧରଣୀପୁର ଗାଁ ଧରଣୀ ରୂପରେ ହିଁ ରହିଥିଲା । ମହାତ୍ମାଜୀଙ୍କ ସତ୍ୟ ବଚନ ଚେତନାର ଧୂପ ଜାଳିଦେଲା ଧରଣୀପୁରର ଅନ୍ଧକାର ବକ୍ଷରେ ଯେଉଁଠି ଶାସ୍ତ୍ର ଅଧ୍ୟୟନ କରିବାକୁ ଧର୍ମଲାଭର ଅଶେଷ ଚେଷ୍ଟା ଚାଲିଥିଲା, ଅଶେଷର ପ୍ରତ୍ୟକ୍ଷ ଦର୍ଶନର ପ୍ରୟାସ ନ ଥିଲା । ସେ ଜ୍ଞାନର ଆଲୋକ ପ୍ରଥମେ ଜଳିଉଠିଲା ପ୍ରାଣନାଥଙ୍କ ପିତାମହଙ୍କ ମାନସ ରାଜ୍ୟରେ । ସେ ସମୟରେ ପଲ୍ଲୀ ପ୍ରାନ୍ତରେ ସଂବାଦପତ୍ରର ନାମ ମଧ୍ୟ କେହି ଶୁଣି ନ ଥିଲେ । ଧରଣୀପୁରଠାରୁ ପାଞ୍ଚ ସାତ ମାଇଲ ଭୁବନେଶ୍ୱର ଷ୍ଟେସନକୁ ଯାଇ ପତ୍ରିକା ଧରି ଆସୁଥିଲା ପ୍ରାଣନାଥଙ୍କ ଗୋସେଇଁବାପାଙ୍କ ଭୃତ୍ୟ । ତାଁର ପ୍ରବୀଣ ସମାଜରେ ଚାଞ୍ଚଲ୍ୟ ସୃଷ୍ଟିକଲା ପ୍ରଥମେ ସେଇ ଗୋଟିଏ ସାପ୍ତାହିକ ପତ୍ରିକା । ସୁଦୂର ଗୁଜୁରାଟର ଜଣେ ମହାପୁରୁଷ କଅଣ କରୁଛନ୍ତି, ସେକଥା ଶୁଣିବାକୁ ନିତି ସନ୍ଧ୍ୟାରେ ପ୍ରାଣନାଥଙ୍କ ପିତାମହଙ୍କ ପାଖକୁ ଜଣେ ଦୁଇଜଣ, ଦିନେ ଦିନେ ଚାରି ପାଞ୍ଚଜଣ ଆସି ଏକତ୍ର ହୋଇଯାଆନ୍ତି । ବୁଝିବା ଲୋକେ ମୁହଁ ଚୁହାଁଚୁହିଁ ହୋଇ ପ୍ରଶ୍ନ ପଚରା ପଚରି ହୁଅନ୍ତି । ଧାର୍ମିକ-ସମାଜ ଅସ୍ପୃଶ୍ୟତା ନିବାରଣର କଥା ଶୁଣି ଚଞ୍ଚଳ ହୋଇଉଠନ୍ତି । ମହାତ୍ମାଙ୍କ ଅସ୍ପୃଶ୍ୟତା ନିବାରଣ ପ୍ରସ୍ତାବ ଉପରେ ଦୃଢ଼ମତ ପ୍ରକାଶକରି ଅନେକେ ପ୍ରକାଶ୍ୟ ଅପ୍ରକାଶ୍ୟ ଆଲୋଚନା କରିଯାଆନ୍ତି । ଯେଉଁ-ମାନେ ସେ ଆଲୋଚନା କରୁଥିଲେ, ସେମାନେ ବର୍ତ୍ତମାନ ନାହାନ୍ତି । ଯାହାଙ୍କ ମହତ୍ତ୍ୱ ଚିନ୍ତାଧାରା ଉପରେ ବାଧା ଦିଆଯାଉଥିଲା, ସେ ମହାତ୍ମା ମଧ୍ୟ ନାହାନ୍ତି । ଯେଉଁମାନେ ବାଧା ଦେଉଥିଲେ, ସେମାନଙ୍କ ଭିତରୁ ଯେଉଁ କେତେଜଣ ଅଛନ୍ତି ଘର ଭିତରେ

ତାଙ୍କର ସେଇ ପୂର୍ବ ସଦାବ୍ରତର ଚୁଆଁ ଅଟୁଆଁ ସ୍ମୃତିଟି ରକ୍ଷାକରି ଆସୁଛନ୍ତି ; କିନ୍ତୁ ବାହାରେ ସେମାନେ ଗାନ୍ଧିଜୀଙ୍କ ମତବାଦୀ । ଏଇପରି ଯେଉଁ ଅତୀତ କାଳ ଥିଲା, ସେ ସମୟରେ ପ୍ରାଣନାଥ ତାଙ୍କ ପିତାମହଙ୍କ ପୁରୁଣା ଆବାସରେ ରହି ପିତାମହଙ୍କଠାରୁ ହିଁ ଶିକ୍ଷା ପାଉଥିଲେ । ପ୍ରାଣନାଥଙ୍କ ଓକିଲ ପିତା କଟକରେ ଓକିଲାତି ବ୍ୟବସାୟ କରି ରହୁଥାନ୍ତି । ପ୍ରାଣନାଥର ଶିକ୍ଷା ସେହି ସ୍କୁଲରେ । ଥରେ ତାଙ୍କ ପିତା ଧରଣୀପୁରକୁ ଆସି ପ୍ରାଣନାଥଙ୍କୁ ନେଇଯାଇ କଟକ ସ୍କୁଲରେ ନାମ ଲେଖାଇଥିଲେ । ପ୍ରାଣନାଥ ପିତାମହଙ୍କ ସାନ୍ନିଧ୍ୟ ଲୋଭରେ ସମୟେ ସମୟେ କଟକରୁ ଚାଲିଆସି ଫେରିଯାଆନ୍ତିନାହିଁ । ଫଳରେ ପରୀକ୍ଷାର୍ଥୀ ଭାବରେ ଯୋଗ ଦେଇପାରନ୍ତିନାହିଁ । ପୁଣି ତାଙ୍କ ପିତା ଆସି ନେଇଯାଆନ୍ତି । ଏଇସବୁ ଘଟଣା ଓଟରା ଭିତରେ ସେ ସ୍କୁଲପଢ଼ା ଶେଷକରି କଲେଜରେ ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇ ଛୁଟି ସମୟରେ ବୁଢ଼ାବାପାଙ୍କ ପାଖକୁ ଆସିଥିଲେ । ସେ ସମୟର କଅଣ ଗୋଟାଏ ବଡ଼ ମକଦ୍ଦମାର ସମସ୍ୟା ନେଇ ତାଙ୍କ ବାପାଙ୍କ ବିପକ୍ଷ ପକ୍ଷର ମହାଜନଙ୍କ ଦଳ ତାଙ୍କୁ ମାରିଦେଲେ ।

ପ୍ରାଣନାଥ ତାଙ୍କ ମାଆଙ୍କ ସହିତ ମଧ୍ୟ ବିଶେଷ ଭାବରେ ପରିଚିତ ନ ଥିଲେ । ମାଆ ତାଙ୍କର ସେ କାଳର ଧନୀଘରର ଘରଣୀପରି ସନ୍ତାନସେବା, ସ୍ୱାମୀସେବାର ଭାର ଦାସଦାସୀଙ୍କ ହାତରେ ଦେଇ ନିଜେ କେବଳ ମୂଲ୍ୟବାନ୍ ଅଳଙ୍କାର ଧାରଣକରି ଆତ୍ମୀୟା ଅନାତ୍ମୀୟା ସଖୀସହଚରୀମାନଙ୍କ ସହିତ ଗଳ୍ପ କରି ଗୁଡ଼ି କଉଡ଼ି ଖେଳରେ ହିଁ ଦିନ ପରେ ରାତି, ରାତିପରେ ଦିନ କଟେଇ ଦେଉଥାନ୍ତି । ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଯାଇଥିଲା ।

ପ୍ରାଣନାଥ ସେଇ ବାଲ୍ୟ ବୟସରୁ ଜଣେ ମାତ୍ର ଲୋକ ବୁଢ଼ାବାପାଙ୍କୁ ଆପଣାର ଆତ୍ମୀୟ ବୋଲି ଜାଣିଥିଲେ । ବାପାଙ୍କ ମୃତ୍ୟୁପରେ ସକଳ ପ୍ରକାର ଘଟଣା ଓଟାରୁ ଅବ୍ୟାହତି ପାଇ ବୁଢ଼ାବାପାଙ୍କ ପ୍ରିୟ ଶିଷ୍ୟ ହୋଇ ବସି ଯାଇଥିଲେ ଶାସ୍ତ୍ର ଅଧ୍ୟୟନ କରିବାକୁ । ସେଇ ସମୟକୁ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥିଲା ଧରଣୀପୁରର ପ୍ରାଚୀନ ରାଜପ୍ରାସାଦରେ । ଶମ୍ଭୁ ବିଶ୍ୱାଳ, ବନ୍ଦ୍ରୁ ଜେନା, ବିଶ୍ୱପତି ଆଚାର୍ଯ୍ୟ, ଆହୁରି ଅନେକ ଆସି ମହାତ୍ମାଙ୍କ ସତ୍ୟମନ୍ତ୍ର ଦୀକ୍ଷା ନେଲେ । ପ୍ରାଣନାଥଙ୍କ ମନ ଶାସ୍ତ୍ର ଅଧ୍ୟୟନରୁ ଯାଇ ବାସ୍ତବ ଜଗତର ରୂପ ଦେଖିବାକୁ ଆରମ୍ଭକଲା । ବୁଢ଼ାବାପାଙ୍କ କହିବା କଥାଗୁଡ଼ିକ ସେ କଲମ ଧରି ସୁସଜ୍ଜିତ କରି ଲେଖିଗଲେ । ନିତି ସନ୍ଧ୍ୟାରେ ଘର ବାରଣ୍ଡାରେ ବୁଢ଼ାବାପାଙ୍କ ସଭାପତିତ୍ୱରେ ବସେ ଭାଷଣ ସଭା । ପାଖ ପଡ଼ିଶା ଗାଁମାନଙ୍କରୁ ଉତ୍ସାହୀ ଲୋକେ ଆସି ଶୁଣିଯାଆନ୍ତି । ପ୍ରଶ୍ନ ଉତ୍ତର ହୁଏ । ଏଇ ସଭାର ପ୍ରଧାନ ଉଦ୍ୟୋକ୍ତା ଥିଲେ ବନ ବିଶ୍ୱାଳ ।

ବନ ବିଶ୍ୱାଳ ଶମ୍ଭୁ ବିଶ୍ୱାଳଙ୍କ ପୁଅ । ଶମ୍ଭୁ ବିଶ୍ୱାଳ ପ୍ରାଣନାଥଙ୍କ ବୁଢ଼ାବାପାଙ୍କ ବଡ଼ ଭକ୍ତ, ସେବକ ।

ପ୍ରାଣନାଥ ଦୃଷ୍ଟି ଫେରେଇ ଚାହିଁଲେ, ଶମ୍ଭୁ ବିଶ୍ୱାଳର ଘରଆଡ଼କୁ । ଦଶ ବର୍ଷ ଆଗେ ଶମ୍ଭୁର ଯେଉଁ ଘରଟି ଥିଲା, ସେ ଘରର କୌଣସି ଚିହ୍ନ ନାହିଁ । ଶମ୍ଭୁ ବୁଢ଼ା ଅନେକ ଦିନରୁ ମରିଗଲାଣି । ତାର ସେ ଶୀର୍ଣ୍ଣ ଦେହ ସହିତ ସେ ବାସକରି ରହିଥିବା ମାଟି କୁଡ଼ିଆ ଖଣ୍ଡିକ ମଧ୍ୟ ମାଟିରେ ମିଶି ଯାଇଛି । ଶମ୍ଭୁ ବିଶ୍ୱାଳଙ୍କ ପୁଅ ବନ ବିଶ୍ୱାଳ ସେଇ ମାଟି ଉପରେ ନୂଆ ଢାଞ୍ଚାରେ ଘର ତିଆରି କରିଛନ୍ତି । ସେଇ ଘରର ଫାଟକ ପାଖକୁ ଆସି ରହିଛି ତାଙ୍କର ମଟର ଗାଡ଼ି । ପ୍ରାଣନାଥଙ୍କର ମନେପଡ଼ିଲା, ବନ ବିଶ୍ୱାଳ ଲେଖିଥିଲା, ଆଜି ସନ୍ଧ୍ୟା ସମୟକୁ ସେ ଆସି ସାକ୍ଷାତ କରିଯିବ ବୋଲି । ଆସିପାରେ । ସେ ଚାହିଁଥିଲେ, ଦୂରରୁ ଚନ୍ଦ୍ରକିରଣରେ ଠିକ୍ ଚିହ୍ନି ହେଉ ନ ଥିଲା । ଗାଡ଼ିରୁ ଓହ୍ଲେଇ କେତେ ଜଣ ବନର ଘର ଭିତରକୁ ଗଲେ ।

ବନର ଘରଟି କି ସୁନ୍ଦର ହୋଇଛି । ନୂଆ ଷ୍ଟାଇଲ୍‌ର ଏକପୁରି ଘର । ଘର ପାଖରେ ଛଣସ୍ତ

ବାରଣ୍ଡା । ବାରଣ୍ଡାର ସ୍ତମ୍ଭ ପାଖରେ ରଖାହୋଇଛି ଧାଡ଼ି ଧାଡ଼ି ଫୁଲକୁଣ୍ଡ । ଘରର ସମ୍ମୁଖକୁ ସୁନ୍ଦର ତୃଣଶଯ୍ୟା । ଫାଟକର ବାଉଁଶ ଜାଲିର ମଞ୍ଚା ଉପରେ ମାଡ଼ିଯାଇଛି ମଧୁମାଳତୀ ଲତା । ଫାଟକ ପାଖରୁ ଘର ବାରଣ୍ଡା ପର୍ଯ୍ୟନ୍ତ ପିଆରି ରାସ୍ତା । ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇ ଧାଡ଼ି ମଲ୍ଲୀ ଗୋଲାପ ଗଛ । ତୃଣଶଯ୍ୟାର ଆଉ ତିନି ପାଖରେ ସେଇପରି ତିନି ଧାଡ଼ି ଫୁଲଗଛ । ଚନ୍ଦ୍ରକିରଣ ପଡ଼ି ଉଜ୍ଜ୍ୱଳ ଦିଶୁଥିଲା ନୂଆ ଚୂନ ଧଉଳା ଘର । ବନର ଫାଟକ ପାଖରୁ ଗାଡ଼ି ଫେରିଆସି ପ୍ରାଣନାଥଙ୍କ ଘର ଆଡ଼କୁ ଆସିବା ଦେଖି ପୁଣି ସହଜ ଭାବରେ ବସି ଲେଖିବାକୁ ଉଦ୍ୟମ କରୁଥିଲେ ସେ ।

ଦିନଗୋଟାକ ଯାକ ସେଇ ଗୋଟାଏ ପୃଷ୍ଠାରେ ରହିଛନ୍ତି । ଉପନ୍ୟାସର ଭାଷା ଖୋଜୁ ଖୋଜୁ ମନେ ପଡ଼ିଯାଉଛି, ମାଳି ଗଉଡ଼ ଆସି ଦୁଧର ପଇସା ମାଗୁଥିଲା, ସକାଳୁ ଆସି ନେଇଯିବୁ ବୋଲି ତାକୁ କହିଛନ୍ତି । ସକାଳ ହେଲେ ସେ ତ ନିଶ୍ଚୟ ଆସିବ କିନ୍ତୁ ତାକୁ ଦେବେ କଅଣ ? ତା'ପରେ ରେଡ଼ିଓ ବୋଲି ଗୋଟାଏ ଜିନିଷ, ତାହା ଦିନ ମଧ୍ୟରେ ସ୍ଥିର କରିବାକୁ ପଡ଼େ । ସେଥିନିମନ୍ତେ ଯେତେ ଉପାଦାନ ଆବଶ୍ୟକ, ସେଗୁଡ଼ିକ ପ୍ରାଣନାଥଙ୍କ କଳ୍ପନା ବଳରେ ସଂଗ୍ରହ ହୋଇପାରୁନାହିଁ । କାଠ ଶେଷ ହୋଇଗଲାଣି ବୋଲି ଅମଳା କହି ସାରିଲାଣି । ତା ପଛକୁ ତେଲ ମସଲାର ଆବଶ୍ୟକତା ରହିଛି । ଅମିତାର ଫ୍ରକ୍ ଖଣ୍ଡିକ ଜୀର୍ଣ୍ଣ ମଳିନ ଅବସ୍ଥାକୁ ଆସିଲାଣି । ଉପଗୁପ୍ତର ସାର୍ଟ ନାହିଁ । ଅମଳା ତାଙ୍କର ପାଇଁ ରଖିବା ଶାଢ଼ୀ ଶେଷ କରିଦେଲେଣି । ବାଳକ ଭୃତ୍ୟଟିର ଦରମା ବାକି ରହିଯାଇଛି, ତିନି ମାସର ଏକୋଇଶି ଟଙ୍କା, ଏକାଥରକେ ନେଇଯିବୁ ବୋଲି ତ କହି ଦେଇଛନ୍ତି । ଯେଉଁଦିନ ତା ବାପା ଆସି ମାଗିବ, ତାକୁ କଅଣ କହିବେ ? ଜୀର୍ଣ୍ଣ ଗୃହର ଅଧିକାଂଶ ମାଟି ସ୍ତୂପରେ ପରିଣତ ହେଲାଣି । ଯେଉଁ ଘର ନିଜ ଦେହ ତଥା ପତ୍ନୀ ପୁତ୍ରଙ୍କୁ ରକ୍ଷାକରୁଛି ସେଇ ଘରର ସ୍ଥଳରୁ ବର୍ଷାଦିନରେ ଗୃହକୋଣରୁ ଜଳ ଝରିବ । ତାହା ନିରୋଧ କରିବା ଉପାୟ ଏପର୍ଯ୍ୟନ୍ତ ସେ କରିପାରି ନାହାନ୍ତି । ସେ ତାଙ୍କ ମନରେ ଗୋଟାଏ ବଡ଼ ଆଶା ପୋଷିଥିଲେ, ନାଟକ ଉପନ୍ୟାସ ମିଶି ଛଅ ସାତ ଖଣ୍ଡ ପ୍ରକାଶ ପାଇ ସାରିଲାଣି, ସେଇଥିରୁ କିଛି ଟଙ୍କା ପଇସା ପାଇଯିବେ ନିଶ୍ଚୟ ; କିନ୍ତୁ କହି କିଣୁ ଛି କିଏ ଯେ ପ୍ରକାଶକ ତାଙ୍କୁ ରୟଲଟି ଦେଇଦେବେ । ଯେଉଁ ଜଣେ ଦି'ଜଣ ତାଙ୍କ ଲେଖା କହି ପଢ଼ିଛନ୍ତି, ସେମାନେ କହନ୍ତି ଯେ, ତାଙ୍କ ରଚନାଶୈଳୀ ମନ୍ତ୍ରଶକ୍ତି ପରି ପାଠକର ହୃଦୟକୁ ସ୍ପର୍ଶ କରୁନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କେବଳ ସ୍ୱଗତୋକ୍ତି ଆଉ ସଂଳାପରେ ଭରା । କେଉଁଠି ହେଲେ ଲେଖକ ତାଙ୍କର ଦୃଢ଼ ଅଭିମତ ବ୍ୟକ୍ତ କରିପାରି ନାହାନ୍ତି । ପ୍ରକାଶକ ମଧ୍ୟ ସେ ଅଭିମତରେ ଏକମତ ହୋଇ ନିକଟ ଭବିଷ୍ୟତରେ ତାଙ୍କର ଅନ୍ୟ ରଚନାକୁ କୌଣସିଠି ହେଲେ ପ୍ରକାଶ କରିପାରିବେନାହିଁ ବୋଲି ସ୍ପଷ୍ଟ ଜଣାଇ ଦେଇଛନ୍ତି; ତେଣୁ ସେ ବିଷଣ୍ଣ ମନରେ ଉପନ୍ୟାସର ଚରିତ୍ରଗୁଡ଼ିକର ବିଶ୍ଳେଷଣ କରିବା ଉଦ୍ୟମ କରୁଥିଲେ ।

ଏଇ ସମୟରେ ପ୍ରାଣନାଥଙ୍କ ଫାଟକ ପାଖରେ ଗାଡ଼ି ରଖିଦେଇ ଉପରକୁ ଉଠିଆସିଲେ ବ୍ୟବସ୍ଥାସଭାର ସଦସ୍ୟ ବନ ବିଶ୍ୱାଳ । ପାହାଚ ଉପରୁ ହାତ ଯୋଡ଼ିଦେଇ ବନବାବୁ ପ୍ରାଣନାଥଙ୍କ ଆଡ଼କୁ ଅଗ୍ରସର ହେଉ ହେଉ କହିଲେ, କ୍ଷମା ଦେବେ ଆଜ୍ଞା, ସନ୍ଧ୍ୟା ପୂର୍ବରୁ ବାହାରୁ ବାହାରୁ ଡେରି ହୋଇଗଲା ।"

"ଆସ ବନ, ଡେରି ହେଲା ବୋଲି ଦୁଃଖ କରିବାର କିଛି ନାହିଁ । ସବୁ ଦିନେ ତ ନିୟମିତ ନିଦ୍ରା, ଆହାର ଚାଲୁଛି, ଆଜ ତୁମର ଆଉ ମୋର ସାକ୍ଷାତ ଉପଲକ୍ଷରେ ଶୋଇବା ଡେରି ହୋଇ-ଯାଇପାରେ । କେତେ ଦିନ ହେଲା ତୁମକୁ ଦେଖି ନ ଥିଲି । ମୋର ମନେ ହେଉଛି, ଆଜ ଦିନଟା ହିଁ ମୋ ପକ୍ଷରେ ବିଶେଷ ଘଟଣାର ଦିନ ।"

"ମୁଁ ଆଜ ଗୋଟିଏ କଥା ନିବେଦନ କରିବାକୁ ଆସିଛି । ଯେଉଁଠି ମାଟି ଖୋଳୁଥାନ୍ତି କି ଗୁହାଳ ପୋଛୁ ଘାସ କାଟି ମୂଲିଆ ଜୀବନ ଧରି ରହିଥାନ୍ତି । ଆପଣ ମୋତେ ଗୋରୁ ଗୁହାଳରୁ ଝୋଷାଡ଼ି ଆଣି କାନରେ ଦେଇଥିଲେ ଜ୍ଞାନମନ୍ତ୍ର । ଆଖି ଆଗରେ ଦେଖେଇଥିଲେ ପାପ । ସେ ସମୟର କଥା ମନେ ପଡ଼ିଲେ, ସେ କଥା ଯେତିକି ସମୟ ଭାବୁଛି ଶାନ୍ତିରେ ରହୁଛି । ପ୍ରଥମେ ପ୍ରଥମେ ମନ କଅଣ ହେଉଥାଏ, କଅଣ ଗୋଟାଏ ଜାଣିହେଲି, କଅଣ ଥିଲି କଅଣ ହୋଇଗଲି ।"

"ସେ ଅବସ୍ଥା କଅଣ ଏବେ ଆଉ ଅଛି ? ନା-ନ ରହିବା ମଧ୍ୟ ସ୍ୱାଭାବିକ । ତୁମେ କଅଣ ସେଦିନର ବନି ହୋଇ ରହିଛ ନା, ମୁଁ ସେ ଦିନର ସେଇ ସାଆନ୍ତପୁଅ ହୋଇ ରହିଛି ! ମନରେ କେତେ ସନ୍ଦେହ ଆଶଙ୍କା ହେଉଛି । ନିଜ ଉପରେ ନିଜର ବିଶ୍ୱାସ ହେଉ-ନାହିଁ । ଦେଶ ସ୍ୱାଧୀନ ହେଲେ ଦେଶଟା ଆପେ ଆପେ ସ୍ୱର୍ଗରେ ପରିଣତ ହୋଇଯିବ ବୋଲି ବିଶ୍ୱାସ ଥିଲା । ସ୍ୱର୍ଗ ହେବ କଅଣ ହଠାତ୍ ନର୍କମୟ ହୋଇଗଲା ବୋଲି ଅନେକ ଏକ ମୁଖରେ ରବ ଉଠେଇଛନ୍ତି । ସେଥିରେ ମୁଁ ମଧ୍ୟ ଏକମତ ହୋଇ ବିଧାନସଭା ଛାଡ଼ିଦେଇ ଆସିଲି ।"

"ଆପଣଙ୍କୁ ସେଇ କଥା କହିବାକୁ ଆସିଛି । ଗଣନାଥ ବାବୁ ମୋତେ ପଠେଇଛନ୍ତି । ଆପଣ ଯଦି ଆଜ୍ଞା ଏଇ ଉପନିର୍ବାଚନରେ ଠିଆହୋଇଯାଆନ୍ତେ, ଆମ କଂଗ୍ରେସ ଦଳର ସବୁ କଳଙ୍କ ଧୋଇ ହୋଇ-ଯାଆନ୍ତା । ଆପଣ ଯେଉଁ କଥାଗୁଡ଼ିକ ଲେଖି ଯାଉଛନ୍ତି, ସେ ଉପଦେଶ ବଚନ ଶୁଣି ଦେଶ ଲୋକ ଜ୍ଞାନ ପାଇଯିବେ ।"

"ମୁଁ ତ ଉପଦେଷ୍ଟା ନୁହେଁ ବନି, ତା ଛଡ଼ା ମୋର ବିଶ୍ୱାସ, ଅଯାଚିତ ଉପଦେଶ କେହି କେବେ ଗ୍ରହଣ କରନ୍ତିନାହିଁ । ମନୁଷ୍ୟର ସ୍ୱଭାବ, ସେ ଆଘାତ ପାଇ ପଡ଼ି ଉଠି କ୍ଷତ ବିକ୍ଷତ ହୋଇ ଆପଣା ହୃଦୟର ଦୁଃଖ ବୁଝେ । ସେଇ ବୋଧଶକ୍ତି ହିଁ ତାକୁ ମନୁଷ୍ୟ କରିଦିଏ । ଆଖି ଆଗରେ ଦେଶ ସ୍ୱାଧୀନ ହେବାର ଯେଉଁ ଗୋଟାଏ ଫଳ ଦେଖାଯାଉଥିଲା, ସେଇ ଫଳପ୍ରାପ୍ତିର ଆଶାରେ ଦେଶର ଅସଂଖ୍ୟ ନରନାରୀ ସକଳ ପ୍ରକାର କ୍ଷୁଦ୍ର ସ୍ୱାର୍ଥ ତ୍ୟାଗକରି ଲକ୍ଷ୍ୟସାଧନା ଆଡ଼କୁ ଧାଇଁଥିଲେ । ଆଜ ତ ଆଉ ସେପରି କିଛି ଗୋଟାଏ ପାଇବା କଥା ନାହିଁ । ଜାଣିଛ ବନି, ସମୟେ ସମୟେ ମୋର ଭାବନା ହେଉଛି, ଏଇ ପାଇବା କଥା ନ ଥିଲେ ଆମେ ମହାତ୍ମାଜୀଙ୍କ ଉପଦେଶ ଶୁଣିଥାନ୍ତେ କି ନାହିଁ ସନ୍ଦେହ । ଆଜ ତୁମେମାନେ ଲୋଭମୁଗ୍ଧ ହୋଇ ଯାହା ଇଚ୍ଛା ତାହା କରିଯାଉଛ, କହିଯାଉଛ । ଏଥିରେ ଅଳ୍ପସଂଖ୍ୟକ ଲୋକଙ୍କର ଭୋଗତୃଷ୍ଣା ନିବାରଣ ହେଉଛି । ଅନ୍ୟମାନେ ଈର୍ଷା ଦ୍ୱେଷର ବଶ ହୋଇ ସେଇ ଭୋଗର ରାଜ୍ୟ ଆଡ଼କୁ ଧାବିତ ହେଉଛନ୍ତି । ମୁଁ ମଧ୍ୟ ସେଇ ଆଡ଼କୁ କେତେବେଳେ ମୋର ଅଜାଣତରେ ଧାଇଁ ଚାଲିଯିବି ବୋଲି ଭୟ କରି ଚାଲିଆସିଛି । ତୁମେ ମୋତେ ଆଉ ସେଆଡ଼କୁ ଟାଣିବାକୁ ଚେଷ୍ଟା କରନାହିଁ ବନି" !

"ଆପଣ ତ ସବୁ ଶୁଣୁଛନ୍ତି, ନିତି ଖବର କାଗଜରେ କି କି କଥାସବୁ ବାହାରୁଛି । ଦିନେ ଦିନେ ମନେ ହେଉଛି, ରାତିଟା ହେଲେ ସକାଳ ହେଉ ନ ଥାନ୍ତା କି । ଏଇକ୍ଷଣି ଯେ ଭୀମରଡ଼ି କରି ଖବର କାଗଜ ଆସିବ । କେଉଁଠି ଲୁଚିଯିବୁ । ଏଇକ୍ଷଣି ଯେ ଲୋକେ ମୁହଁକୁ ଚାହିଁ ହସିବେ । କେବଳ ତ ଧନମୋହ କଥା ନୁହେଁ, ତା ଭିତରେ ସବୁ କଥା ଆସି ପ୍ରବେଶ କଲାଣି । ପାପ ରାକ୍ଷସ ପାଦଠାରୁ ବେକ ପର୍ଯ୍ୟନ୍ତ ଗ୍ରାସ କରିଦେଲାଣି, ଆପଣ ଆସି ରକ୍ଷାକରନ୍ତୁ ଆଜ୍ଞା ! ଇମିତି ମନ୍ତ୍ରଣା ମଧ୍ୟ ଚାଲିଲାଣି, କିଏ କେତେବେଳେ କାହାକୁ ହତ୍ୟା କରିଯିବ । ଗୋଟିଏ ସୂର୍ଯ୍ୟ ରାତିର ଅନ୍ଧକାର ଦୂର କରୁଛି, ଗୋଟିଏ ଚନ୍ଦ୍ର ଆକାଶରେ ରହି ଆନନ୍ଦ ଦେଉଛି । ଆପଣ ଆମର ଏ ଦୁଃଖ ଅନ୍ଧାର"...

"ବନି, ମୁଁ ସୂର୍ଯ୍ୟ, ଚନ୍ଦ୍ର କିଛି ନୁହେଁ; ତୁମ୍ଭମାନଙ୍କ ପରି ଜଣେ କ୍ଷୀଣପ୍ରାଣ ମନୁଷ୍ୟ ।

ତୁମ୍ଭମାନଙ୍କଠାରୁ ଆହୁରି ଦୁର୍ବଳ । ତୁମେମାନେ ଗୁଡ଼ାଏ ବାଧା ସୃଷ୍ଟି କରି ପୁଣି ତାକୁ ଅତିକ୍ରମ କରି ଗତି କରିବାକୁ ଚେଷ୍ଟା କରୁଛ, ମୋର ସେ ଶକ୍ତି ସ୍ଥାନରେ ଶୂନ ଅଙ୍କ । ତୁମ ହାତ ଧରି କହୁଛି ବନ୍ଧୁ, ଆଜି ମୋତେ ଅବ୍ୟାହତି ଦେଇଦିଅ । ତୁମକୁ ଗାଡ଼ି ପାଖରେ ଛାଡ଼ିଦେଇ ଆସିବି ଚାଲ !"

## ଛଅ

ସମସ୍ତ ସନ୍ଧ୍ୟା । ଗଣନାଥଙ୍କ ଗୋପନ ବୈଠକ ବସିଥିଲା ତାଙ୍କର ପ୍ରାଇଭେଟ ସେକ୍ରେଟାରୀ ବିଦ୍ୟାଧର ପ୍ରଭୃତିଙ୍କ ଉପସ୍ଥିତିରେ ।

ଗଣନାଥଙ୍କ ସମ୍ମୁଖ ଟେବୁଲ ଉପରେ ବଡ ବଡ ଥାଳିରେ ରଖାହୋଇଥିଲା ସାମାନ୍ୟ ସହିତ ସଂଯୋଗ ହେଲାଭଳି କେତେକ ଭର୍ଜିତ ଖାଦ୍ୟସାମଗ୍ରୀ । ବିଦ୍ୟାଧରଙ୍କ ବିବାହିତା ପତ୍ନୀ ସୁଭାଷୀ ବର୍ତ୍ତମାନ ଗଣନାଥଙ୍କ ଗୃହ ପରିଚାଳିକା । ଲକ୍ଷ ଲକ୍ଷ ଟଙ୍କାର ଜମା ଖରଚର ହିସାବ କିତାବ ସବୁ ତାଙ୍କର ହାତରେ । ଗଣନାଥଙ୍କ ଲୁହା ଆଲମାରିର ଚାବି ତାଙ୍କରି ଅଞ୍ଚଳରେ ବନ୍ଧା । ତେଣୁ ସେ ସେଇ ଗୌରବରେ ଅଧୀର ହୋଇ ବାରମ୍ବାର ଭିତର ଆଡ଼ୁ ଆସି ଗଣନାଥଙ୍କ ପାର୍ଶ୍ୱ ଆସନରେ ବସିପଡ଼ି ପାନପତ୍ର ଭରି ଦେଉଥିଲେ ।

ସୁଭାଷୀ ଦେଖିବାକୁ ସୁନ୍ଦରୀ । ଖୁବ୍ ସ୍ମାର୍ଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁଭାଷୀର ବାପା ଗୋବର୍ଦ୍ଧନ କୌଣସି ଏକ ସହରରେ ତାଙ୍କର ଜୀବନଯାତ୍ରା ଆରମ୍ଭ କରିଥିଲେ । ପ୍ରଥମକରି ସେ ଆରମ୍ଭ କରିଥିଲେ ଗୋଟିଏ ଭାତ ହୋଟେଲ । ଗୋବର୍ଦ୍ଧନ ବଡ଼ ରାଜଭକ୍ତ । ସମ୍ରାଟ ପଞ୍ଚମ ଜର୍ଜଙ୍କ ଦିଲ୍ଲୀ ଆଗମନ ଉପଲକ୍ଷ୍ୟରେ କବିମାନେ ଜର୍ଜ ମେରୀଙ୍କ ଯେଉଁସବୁ ବନ୍ଦନା ଗୀତ ଲେଖିଥିଲେ, ସେ ସେଗୁଡ଼ିକ ସଂଗ୍ରହ କରି ରଖିଥାନ୍ତି । ଭଜନ ଗୀତ ଗାଇଲା ପରି ସେଗୁଡ଼ିକୁ ଧରି ଅବସର ସମୟରେ ଗାଇଥାଆନ୍ତି । ଏଇ ଦୃଷ୍ଟିରୁ ରାଜକର୍ମଚାରୀମାନଙ୍କୁ ଦେଖିଦେଲେ ତାଙ୍କର ହାତ ଯୋଡ଼ି ହୋଇଯାଏ । ସ୍ୱାଧୀନତା ଆନ୍ଦୋଳନର ଆରମ୍ଭରେ ଯେଉଁ ସ୍ୱେଚ୍ଛାସେବକମାନେ ତିରଙ୍ଗା ପତାକା ଧରି ଭାରତ ମାତାଙ୍କ ଜେ, ମହାତ୍ମା ଗାନ୍ଧିଙ୍କ ଜେ କରି ପ୍ରଭାତ ଭ୍ରମଣ କରନ୍ତି, ସେମାନଙ୍କୁ ଗୋବର୍ଦ୍ଧନ ମନେ ମନେ ଅଶ୍ରାବ୍ୟ ଗାଳିଗୁଲଜ ଦେଇ ସମ୍ମୁଖରେ ଯାହାକୁ ଦେଖନ୍ତି, ବିଦ୍ରୂପ ଭଙ୍ଗିରେ କହନ୍ତି, ଭାରିଙ୍କି ପେଟହିକଲାଆଗୁଡାକ ଭଡ଼ା ଖଟି ଉଡ଼ କରୁଛନ୍ତି । ଇଏ ତ ଇଏ, ସ୍ୱାଙ୍କର ଆଜି ସାତ ପୁରୁଷ ମିଶିଲେ ମଧ୍ୟ ବ୍ରିଟିଶସିଂହକୁ ତିଳେ ଘୁଞ୍ଚେଇ ପାରିବେନାହିଁ । ଗାନ୍ଧିଙ୍କ ଜେ ବୋଲି କହିଦେଲେ ତ ଗାନ୍ଧିର ଜୟ ହୋଇଯିବ !

ଗୋବର୍ଦ୍ଧନ ସ୍ଥାନୀୟ ଉଚ୍ଚ ଇଂରେଜୀ ବିଦ୍ୟାଳୟରେ କେତେ ବର୍ଷ ପଢ଼ିଥିଲେ । ସେ ସେଠୁ ପଢ଼ା ଛାଡ଼ିଦେଇ ଆସିଲା ପରେ ମଧ୍ୟ ଇଂଲଣ୍ଡର ଇତିହାସଟିକୁ ପଢ଼ି ସେ ଦେଶର ରାଜବଂଶର ସମସ୍ତ ବିଷୟ ଭକ୍ତିର ସହିତ ସ୍ମରଣ ରଖିବାକୁ ପ୍ରୟାସ କରୁଥାନ୍ତି । ରାଜକର୍ମଚାରୀଙ୍କୁ ସମସ୍ତ ସମୟରେ ଅଭ୍ୟର୍ଥନା କରିବା ନିମନ୍ତେ ସେଇ ସଂକୀର୍ଣ୍ଣ ହୋଟେଲ ଘର ଭିତରେ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ବଖରା ରଖିଥାଆନ୍ତି । ଘର ଭିତରେ ସେ ବଖରାଟି ତାଙ୍କର ପୂଜାଘର ପରି ରଖା ହୋଇଥାଏ । ମାସକୁ ପଚିଶ ଦିନ ବଡ଼ ବଡ଼ ଅଫିସରମାନଙ୍କର ଗସ୍ତ ସମୟରେ ସେ ବଖରାରେ ସେମାନଙ୍କର ପଦଧୂଳି ପଡ଼େ । ଗୋବର୍ଦ୍ଧନ ତାଙ୍କର ବାବୁ ବନ୍ଧୁମାନଙ୍କ ସହିତ ଦେଶ ବିଷୟରେ ଆଲୋଚନା କରି କହନ୍ତି–ଆପଣମାନେ ଥାଉ ଥାଉ ଆଜ୍ଞା, ଦେଶର ଅବସ୍ଥା ଇମିତି ହେଲା ଯେ, କେଉଁ ଆଡ଼ୁ ଏ ଅଗାଟ ବୁଢ଼ା ଆସି ଏଡ଼େ ବଡ଼ ସମ୍ରାଟଙ୍କୁ ଦେଶରୁ ବାହାର କରିଦେବ ବୋଲି କହୁଛି ! ଏପରି ସ୍ପର୍ଦ୍ଧା କେହି କେବେ କରି ନ ଥିଲା କି କରିବ ନାହିଁ । ଗୋବର୍ଦ୍ଧନ କଥା କହି କହି ମନେ ମନେ ରାଜଭକ୍ତିର ଗୌରବରେ ଫୁଲି ଉଠି କହି ଚାଲନ୍ତି—ଆପଣମାନେ ହୁଁମା ହୋଇ ରହିଛନ୍ତି ସିନା ଆଜ୍ଞା, ମୋ ଦେହ ମନ ସବୁ ତାତି ଯାଉଛି । ବ୍ରିଟିଶସିଂହ ବସିଛି ବୋଲି ଆମର ଧନ

ଜନ ରକ୍ଷାରକ୍ଷଣ ହୋଇ ରହିଛି । ସେ ଏ ଦେଶରୁ ଘୁଞ୍ଚିଯିବାର ଚାରିଟା ଦିନ ଯାଇ ନ ଥିବ, ପେଟବିକଳଆଗୁଡ଼ାକ ସବୁ ଖାଇଯିବେ । ଏ ଯେଉଁ ପୋଲିସ ନିୟମ, ରାଜ୍ୟର କୋର୍ଟ କଚେରି ଆଉ କିଏ ରଖି ପାରିବ ଆଜ୍ଞା ! ଆଗନ୍ତୁକମାନେ ଗୋବର୍ଦ୍ଧନଙ୍କ କଥାରେ ସ୍ୱରାଜ ହୋଇଗଲେ ଧନ ଜନ କ୍ଷତିର ଭୟ କରନ୍ତି କି ନାହିଁ ସ୍ପଷ୍ଟ ଜଣାଯାଏ ନାହିଁ;-କିନ୍ତୁ ସ୍ୱରାଜ କେବେ ହୋଇପାରିବ ନାହିଁ ବୋଲି ଗୋବର୍ଦ୍ଧନଙ୍କୁ ସାନ୍ତ୍ୱନାବାଣୀ ଶୁଣେଇ ଦେଇ ଯାଆନ୍ତି ।

ରାସ୍ତାରେ ଯିବା ସମୟରେ କୌଣସି କଂଗ୍ରେସ କର୍ମୀଙ୍କୁ ଦେଖିଲେ ଗୋବର୍ଦ୍ଧନ ବ୍ୟଙ୍ଗ ବିଦ୍ରୂପ କରି ସେମାନଙ୍କୁ ଶୁଣେଇଁ ଶୁଣେଇଁ କେତେ କଥା କହିଦିଅନ୍ତି । କେବେ କେବେ କୌଣସି କର୍ମୀ ସମୟ ଅସମୟରେ ପଇସା ଦେଇ ତାଙ୍କ ହୋଟେଲରେ ଖାଇବାକୁ ମାଗିଲେ ସେ ସେମାନଙ୍କୁ କଟୁ ଭର୍ତ୍ସନା କରି ଭିତରକୁ ଚାଲିଯାଇ ଆଉ ଫେରିଆସନ୍ତିନାହିଁ । ଏପରି ଯେଉଁ ହୋଟେଲର ମାଲିକ ଗୋବର୍ଦ୍ଧନ, ସେ ହୋଟେଲର ପୂର୍ବ ମାଲିକଙ୍କ ପାଖରେ କେବଳ ପାଚକ କାର୍ଯ୍ୟ କରିବା ପାଇଁ ନିଯୁକ୍ତି ପାଇଥିଲେ । କାଳକ୍ରମେ ମାଲିକଙ୍କ ମୃତ୍ୟୁପରେ ସେ ସେଇ ହୋଟେଲର ଉତ୍ତରାଧିକାରୀ ହୋଇପାରିଥିଲେ । ଗୋବର୍ଦ୍ଧନଙ୍କ ବିଶ୍ୱାସ ଯେ, ସ୍ୱରାଜ ହୋଇଗଲେ ପୋଲିସ ଚାଲିଯିବେ, ଧନ ପଦାର୍ଥ ଲୁଟି ହୋଇଯିବ । ତେଣୁ ସେ ସ୍ୱାଧୀନତା ଆନ୍ଦୋଳନକାରୀଙ୍କୁ ଯାହା ଇଚ୍ଛା ଗାଳିଦେଇ କ୍ରୋଧଭାର ଲାଘବ କରନ୍ତି ।

ଗୋବର୍ଦ୍ଧନ ପାକ କର୍ମ କରୁ କରୁ ଯେଉଁ ବିଦ୍ୟା ଅର୍ଜନ କରିଥିଲେ, ତାହାରି ସାହାଯ୍ୟରେ କିଛି ବିଷୟର ହିସାବ ସେ ରଖିପାରୁଥିଲେ । କ୍ରମଶଃ ସେ ଯେତେବେଳେ ହୋଟେଲର ଲାଭ ଅଂଶରେ ଆପଣା ଗାଁରେ ଯଥେଷ୍ଟ ଭୂସମ୍ପତ୍ତି କିଣିଦେଲେ, ସେତେବେଳେ ସେ ନିଜକୁ ସାଧାରଣ ଭଦ୍ରଲୋକ ବୋଲି ଦେଖାଇବା ଉଦ୍ଦେଶ୍ୟରେ ହାଣ୍ଡି ବାରଣ୍ଡାରେ ଚଉକି ଟେବୁଲ ରଖି ଯେତେବେଳେ ଇଚ୍ଛା ଚଉକିରେ ବସି ଖବର କାଗଜ ପଢ଼ିଲେ, ପଢ଼ି ଅନ୍ୟମାନଙ୍କୁ ଶୁଣାଇଲେ ମଧ୍ୟ । ଆଉ କିଛି ନ ହେଲେ ହୋଟେଲ ମାଲିକ ହୋଇ ମଧ୍ୟ ସାହିର ଜଣେ ସାଧାରଣ ଭଦ୍ରଲୋକ ହେବା ଇଚ୍ଛା ଗୋବର୍ଦ୍ଧନଙ୍କର ଥିଲା । ଯେଉଁମାନେ ଅକ୍ଷର ଜାଣି ନ ଥିଲେ, ସେମାନଙ୍କୁ ସମ୍ବାଦପତ୍ରର ବିଶେଷ ବିଷୟ-ଗୁଡ଼ିକ ଶୁଣାଇ ଦେବାକୁ ଗୋବର୍ଦ୍ଧନଙ୍କ ବଡ଼ ଇଚ୍ଛା । ଏଣୁ ସେ ସମୟର ସମ୍ବାଦପତ୍ରଗୁଡ଼ିକରେ ଯେଉଁ ଦମନଲୀଳା ବର୍ଣ୍ଣିତ ଥାଏ, ସେ କଥା କହି କହି ଉତ୍ସାହରେ ଫୁଲି ଉଠୁଥାନ୍ତି । ଗୋବର୍ଦ୍ଧନଙ୍କ ଗାଁରେ ତାଙ୍କର ବଡ଼ ବଡ଼ ଘର ପୁଅ କୃଷିକାର୍ଯ୍ୟ କରି ପ୍ରାୟ ଜମିଦାର ହୋଇ ଆସୁଥିଲେ । ଏ ସମୟରେ ତାହାଙ୍କ ପତ୍ନୀ ବିୟୋଗ ଘଟିବାରୁ ସେ ଶେଷରେ ଝିଅ ସୁଭାଷୀକୁ ଆଣି ହୋଟେଲର କେତେକ ଭାର ଦେଇଦେଲେ । ସୁଭାଷୀ ସେଇ ବୟସରୁ ଆପଣାର କର୍ମର ପରିଚୟ ଦେଇ ସମୟ ସମୟରେ ଚାକର ପୂଜାରୀ ନ ଥିଲାବେଳେ ନଳରୁ ପାଣି ବୋହି ଆଣି ରନ୍ଧା ବଢ଼ା କରି ସକଳ କାର୍ଯ୍ୟ ସମ୍ପାଦନ କରିଦିଏ । ତାପରେ ସହରବାସିନୀ ସାହି ପଡ଼ୋଶୀଙ୍କଠାରୁ ବେଣୀବନ୍ଧା, ବସନ ପିନ୍ଧା ଶିଖି ତାର ସେ ସୁନ୍ଦର ରୂପଟିକୁ ସୁନ୍ଦର ସୁସଜ୍ଜିତ କରି ରଖେ । ପାଠ ପଢ଼ାରେ ମଧ୍ୟ ସେ ବେଳେ ବେଳେ ଘର ପାଖ ସ୍କୁଲକୁ ଯାଇ ସେଇ ଗୁରୁ ଦିନରେ ଦିନେ ହେଉ ପଛକେ ନିଜେ ପଢ଼େଇ ଯାଇ ନ ଥିଲା । ଦେଖି ଦେଖୁ ସେ ଦୁଇ ତିନିଟା ବର୍ଷ ଭିତରେ ଭକ୍ତକବିଙ୍କ 'ସାହିତ୍ୟ କୁସୁମ, ସାହିତ୍ୟ ପ୍ରବେଶ' ପଢ଼ି ସ୍ୱର ଧରି 'ତୁମ୍ଭ ମା ଜନମଭୂମି' 'ଏକେ ତ ଅଯୋଧ୍ୟା ନଗରୀ ରାଣୀ' ଇତ୍ୟାଦି ଗାଇବାକୁ ଆରମ୍ଭ କରି-ଦେଇଥିଲା । ଝିଅର ଆଶ୍ଚର୍ଯ୍ୟ କର୍ମକୁଶଳତା ଏବଂ ବୁଦ୍ଧି ବିଚକ୍ଷଣତା ଦେଖି ଗୋବର୍ଦ୍ଧନ ମନେ ମନେ ତାକୁ କୌଣସି ଜଣେ ବଡ଼ ସରକାରୀ ଅଫିସରଙ୍କ ଗୃହିଣୀ ରୂପେ କଳ୍ପନା କରି ଫୂର୍ତ୍ତିରେ ସୁଭାଷୀକୁ ମଧ୍ୟ ସେ କଥା କହିପକାନ୍ତି । ଦେଖୁ ଦେଖୁ ସୁଭାଷୀର ବୟସ ଷୋହଳରୁ ଅଠର ପର୍ଯ୍ୟନ୍ତ ଗଡ଼ିଚାଲିଲା । ଗୋବର୍ଦ୍ଧନଙ୍କ ବୟସ ଷାଠିଏ ପାଖ ହେଲେ ମଧ୍ୟ ଶେଷ ସମୟର

ଚିନ୍ତା ନ କରି କେବଳ ବଡ଼ ଅଫିସରଙ୍କ ଆଡ଼କୁ ଦୃଷ୍ଟି ରଖି ଦିନ କାଟାଉ ଦେଉଥିଲେ ।

ଏପରି ସମୟରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ମହାଯୁଦ୍ଧର ମୃତ୍ୟୁଲୀଳା । ଭାରତ ନେତାଙ୍କ ସହିତ କୌଣସି ପରାମର୍ଶ ନ କରି ବ୍ରିଟିଶ ସରକାର କଲେ ଭାରତ ପକ୍ଷରୁ ଯୁଦ୍ଧ ଘୋଷଣା । ଗାନ୍ଧିଜୀଙ୍କ ଇଚ୍ଛା ପ୍ରକାରେ ଭାରତର ସବୁ ପ୍ରଦେଶର ମନ୍ତ୍ରୀମାନେ ମନ୍ତ୍ରିପଦ ପରିତ୍ୟାଗ କରି ଜେଲ ବରଣ କଲେ । ଏପରି ଗୋଟାଏ ଚମକପ୍ରଦ ଘଟଣାରେ ସମଗ୍ର ପୃଥିବୀ ଚକିତ ଦୃଷ୍ଟିରେ ଚାହିଁ ରହିଥିଲା ଭାରତର ରାଜନୈତିକ କ୍ଷେତ୍ର ଆଡ଼କୁ । ଗୋବର୍ଦ୍ଧନ ଅତି ଉତ୍ସାହିତ ହୋଇ ଉଠି ଦାଣ୍ଡ ପିଣ୍ଡାରେ ବସି ବିଦେଶୀ ରାଜାଙ୍କର ଜୟ ଘୋଷଣା କରିବାକୁ ଲାଗିଲେ । କଥା କହୁ କହୁ ସେ କହିପକାନ୍ତି ଯେ, ସେ ବ୍ରିଟିଶ ସରକାରଙ୍କ ବିଜୟ କାମନାରେ ବହୁବାର ଚଣ୍ଡୀପାଠ, ରୁଦ୍ରାଭିଷେକ ମନ୍ତ୍ର ପଢ଼ିଥିଲେ ।

ସେ ସମୟରେ ଏପରି ହେଲା ଯେ, ସାମାନ୍ୟ ଦୋକାନୀମାନେ ଦ୍ରବ୍ୟର ଦର ବଢ଼ାଇଦେଇ ପ୍ରଚୁର ଅର୍ଥ ସଂଗ୍ରହ କରିପକାଇଲେ । ଅଧା ପାଠୁଆ ଅପାଠୁଆ ଦଳ ସମର ସାମ୍ମୁଖ୍ୟରେ ବଡ଼ ବଡ଼ ଚାକିରିରେ ନିଯୁକ୍ତ ହୋଇଗଲେ । ବହୁ ପ୍ରବୀଣ ବୃଦ୍ଧ ଅର୍ଦ୍ଧବୃଦ୍ଧ କଂଗ୍ରେସ ଭକ୍ତମାନେ ଧନସଂଗ୍ରହ ଲୋଭ ସମ୍ବରଣ କରି ନ ପାରି ଯୁଦ୍ଧ ପ୍ରଚାର କାର୍ଯ୍ୟରେ ଲାଗିଗଲେ !

ବିଦ୍ୟାଧର ଜଣେ କର୍ମକ୍ଷମ ଯୁବକ । ଆଇ. ଏ. ଫେଲ ହୋଇ କଂଗ୍ରେସରେ ରହି କାର୍ଯ୍ୟ କରୁଥିଲେ କିନ୍ତୁ କଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିବା ସଙ୍ଗେ ସଙ୍ଗେ ସେ ସମର ବିଭାଗର ବଡ଼ ଅଫିସରଙ୍କ ସହକାରୀ ଭାବରେ ନିଯୁକ୍ତି ପାଇଗଲେ ।

ସେଇ ସମୟରେ ହିଁ ବିଦ୍ୟାଧର ଗୋବର୍ଦ୍ଧନଙ୍କ ହୋଟେଲରେ ବାରମ୍ବାର ଆତିଥ୍ୟଗ୍ରହଣ କରିବା ଯୋଗୁ ଉଭୟଙ୍କ ଭିତରେ ଆନ୍ତରିକତା ପ୍ରକାଶ ପାଇଲା । ଗୋବର୍ଦ୍ଧନ ମଧ୍ୟ ଏଇ ସୁଯୋଗରେ ପ୍ରଚାର ସଙ୍ଗୀତ, ଦାସକାଠିଆ ଗୀତ ଲେଖି ସ୍ୱନାମଧନ୍ୟ ହୋଇ ଉଠୁ ଉଠୁ ପାଞ୍ଚ ଶହ ଟଙ୍କା ବେତନରେ ନିଯୁକ୍ତ ପାଇଲେ । ହୋଟେଲ ବ୍ୟବସାୟ ବନ୍ଦ କରିଦେଇ ଗୋବର୍ଦ୍ଧନ ଯେତେବେଳେ ସରକାରଙ୍କ ଅନ୍ଧ ଭକ୍ତ ହୋଇଗଲେ, ସୁଭାଷିଣୀ ମଧ୍ୟ ବିଦ୍ୟାଧରଙ୍କ ପଛରେ ଗାଁକରି ପଲ୍ଲୀମାନଙ୍କରେ ସ୍ତ୍ରୀସମାଜ ଭିତରେ ଯୁଦ୍ଧର ବିଷୟାବଳୀ ପ୍ରଚାର କରିବାକୁ ଲାଗିଲେ । ସୁଭାଷିଣୀଙ୍କ କାର୍ଯ୍ୟ, ଗୋବର୍ଦ୍ଧନଙ୍କ ରାଜଭକ୍ତି ଦେଖି ତତ୍କାଳୀନ ଜିଲ୍ଲାମାଜିଷ୍ଟ୍ରେଟ ଗୋବର୍ଦ୍ଧନଙ୍କ ଦରମା ବଢ଼ାଇଦେଇ ସୁଭାଷିଣୀଙ୍କୁ ପ୍ରଚାରିକା ଭାବରେ ନିଯୁକ୍ତ କରିଦେଲେ ।

ଦୈବକ୍ରମେ ବିଦ୍ୟାଧରଙ୍କ ସହିତ ସୁଭାଷିଣୀଙ୍କ ବିବାହ ସମ୍ବନ୍ଧ ମଧ୍ୟ ସ୍ଥାପିତ ହୋଇଗଲା । ଏହା ପୂର୍ବରୁ ବିଦ୍ୟାଧର ଗ୍ରାମର ପଳାତକ ପୁତ୍ର ହୋଇଥିବା ଯୋଗୁ ଶ୍ୱଶୁରଙ୍କ ସହିତ ହିଁ ପାରିବାରିକ ସମ୍ବନ୍ଧଟା ହୋଇ ଉଠିଥିଲା ନିବିଡ଼ । ହୋଟେଲ ଅଧିକାରୀଙ୍କ ହାତରେ ଯେତେବେଳେ ହଜାର ହଜାର ଟଙ୍କା ଗଣି ରଖିବାକୁ ହେଲା, ସେତେବେଳେ ସେ ଆଶଙ୍କା ଏବଂ ଆତଙ୍କରେ ଅଧୀର ହୋଇ ମନେ ମନେ ଭାବିବାକୁ ଲାଗିଲେ ଯେ ଯଦି କେବେ ବ୍ରିଟିଶ ସରକାରଙ୍କ ପରାଜୟ ଘଟେ ତେବେ ଏପରି ବଡ଼ା ବଡ଼ା ନୋଟ ଆଉ ତାଙ୍କ ହାତକୁ ଆସିବ ନାହିଁ । ଅନ୍ୟାୟ ଭାବରେ ଟଙ୍କା ଗୁଡ଼ିକ ଆସି ପୁଣି ବ୍ୟୟ ହେଉଛି ଅଜସ୍ର । ତେଣୁ ସେ ଅପ୍ରକାଶ୍ୟରେ ବ୍ରିଟିଶ ସରକାରଙ୍କ ଶୁଭଚିନ୍ତା କରି ଯେତେ ଚଣ୍ଡୀମନ୍ତ୍ର ପଢ଼ିଥିଲେ, ପୁଣି ସେସବୁ ପ୍ରକାଶ୍ୟରେ ପୁନରାବୃତ୍ତି କରିବାକୁ ଲାଗିଲେ । ସକଳ ପ୍ରକାର ମନ୍ତ୍ରତନ୍ତ୍ରକୁ ବ୍ୟର୍ଥ କରିଦେଇ ଯେତେବେଳେ ଭାରତ ସ୍ୱାଧୀନ ହେଲା, ଜାତୀୟ ପତାକା ଧ୍ୱନିରେ ଯେତେବେଳେ ଭାରତ ଭୂମି ମୁଖରିତ ହୋଇ-ଉଠିଲା, ଗୋବର୍ଦ୍ଧନ ସ୍ତବ୍ଧ ଭାବରେ କେତେଦିନ ବସିରହି ଦେଶର ନେତାମାନଙ୍କୁ ମନେ ମନେ କେବଳ ଅଭିଶାପ ଦେଇ ସନ୍ତୁଷ୍ଟହୋଇ ରହିଲେ ।

ସମୟ ଏବଂ ସୁବିଧା ଦେଖି ବିଦ୍ୟାଧର ସୁଭାଷିଣୀଙ୍କୁ ଖଦଡ଼ ଶାଢ଼ୀ, ବ୍ଲାଉଜ ପିନ୍ଧାଇ, ନିଜେ ଖଦଡ଼ ପିନ୍ଧି କଂଗ୍ରେସର ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗିଗଲେ । ସୁଭାଷିଣୀ ମହିଳା ସଭାମାନଙ୍କରେ କଂଗ୍ରେସର ଜୟ, ମହାତ୍ମା ଗାନ୍ଧିଙ୍କ ଜୟ ବୋଲି ଚିତ୍କାର କରନ୍ତି । ତାଙ୍କ ବିଷ ଆପଣା କଣ୍ଠ ଧ୍ୱନିରେ ବିଦ୍ୟୁଲ୍ଲୀମାନ ହୋଇଉଠେ ।

ଗୋବର୍ଦ୍ଧନ ମଧ୍ୟ ଖଦଡ଼ ପରିଧାନ କରି ସ୍ୱାଧୀନ ପ୍ରାର୍ଥୀମାନଙ୍କ ବିରୁଦ୍ଧରେ ଢଗ ଢମାଳି, ପଦ୍ୟ, ପାଲି ଲେଖି ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗିଗଲେ । କଂଗ୍ରେସ ନେତୃତ୍ୱରେ ଯେତେବେଳେ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଠିତ ହେଲା, ବିଦ୍ୟାଧରଙ୍କ ବାକ୍ ଶକ୍ତି ଏବଂ କର୍ମକ୍ଷମତା ଦେଖି ଗଣନାଥ ତାଙ୍କୁ ଆପଣାର ବ୍ୟକ୍ତିଗତ ସେକ୍ରେଟାରୀରୂପେ ନିଯୁକ୍ତ କରିଦେଲେ । ବିଦ୍ୟାଧର ରାଜଧାନୀରେ ଉପଯୁକ୍ତ ବାସଭବନଟିଏ ପାଇ ଗୋବର୍ଦ୍ଧନଙ୍କୁ ମଧ୍ୟ ସେଠାକୁ ନେଇଗଲେ । ଗୋବର୍ଦ୍ଧନଙ୍କ ହୋଟେଲ ଘରଟି ଇତିମଧ୍ୟରେ ଅହୁରି ଟିକିଏ ଉଚ୍ଚ ଏବଂ ଆଧୁନିକ ଧରଣରେ ତିଆରି ହୋଇ ସାରିଥିଲା । ସେ ଘରଟି ଯଥୋଚିତରୁ ଅଧିକ ମୂଲ୍ୟରେ କୌଣସି ଏକ ଅଫିସ ନିମନ୍ତେ କିଣା ହୋଇଗଲା । ଗୋବର୍ଦ୍ଧନ ରାଜଧାନୀରେ ରହି କେତେକ ବଡ଼ ବ୍ୟବସାୟରେ ଅଂଶୀଦାର ମଧ୍ୟ ହୋଇଥିଲେ । ବର୍ତ୍ତମାନ ଗୋବର୍ଦ୍ଧନଙ୍କ ପରଲୋକ ଘଟିଯାଇଛି । ତାଙ୍କର ପୁଣ୍ୟସ୍ମୃତି ସେହି ଅଫିସ ଭବନର ଗୋଟିଏ କକ୍ଷରେ ସ୍ଥାପନ କରାଯାଇ ନିର୍ବାଚନ ସମୟରେ ଯେତେ କବିତା ଏବଂ କଥା ଲେଖିଥିଲେ, ସବୁଗୁଡ଼ିକ ଗ୍ରନ୍ଥାକାରରେ ପ୍ରକାଶ କରିବା ବ୍ୟବସ୍ଥା ମଧ୍ୟ କରାଯାଉଛି । ବିଦ୍ୟାଧର ତଥା ତାଙ୍କର ସହାୟକବର୍ଗଙ୍କ ମତରେ ଗୋବର୍ଦ୍ଧନ ଜଣେ ଦେଶଭକ୍ତ ସେଥି ସହିତ ଗାନ୍ଧିଜୀଙ୍କ ଭକ୍ତ ମଧ୍ୟ ।

ସେହି ଗୋବର୍ଦ୍ଧନଙ୍କ କନ୍ୟା ସୁଭାଷୀ ବହୁ ଅର୍ଥ ଏବଂ ଆଧିପତ୍ୟର ଅଧିକାରିଣୀ । ତା ଛଡ଼ା ଗଣନାଥଙ୍କ ଏତେ ବଡ଼ ବିଜନେସ ଏବଂ ରାଜକୀୟ ଭବନର ଭାର ତାଙ୍କରି ଉପରେ । ସେ ଥରକୁ ଥର ଭିତରକୁ ଯାଇ ଅତିଥିମାନଙ୍କର ଖାଦ୍ୟ ପାନୀୟର ବ୍ୟବସ୍ଥା କରିଦେଇ ପୁଣି ଆସି ବସନ୍ତି ଗଣନାଥଙ୍କ ସୋଫାରେ । ଗଣନାଥଙ୍କ ଅନ୍ତରଙ୍ଗ ବନ୍ଧୁମାନେ ପାନୀୟ ସହିତ ଭର୍ଜିତ ଦ୍ରବ୍ୟ ଖାଉ ଖାଉ କଥା ଆରମ୍ଭ କଲେ ଗଦ୍‌ଗଦ କଣ୍ଠରେ । ବିଦ୍ୟାଧର କହିଲେ—

ଟଙ୍କା ଆମର ଯଥେଷ୍ଟ ଅଛି । ଆହୁରି ଆସିବ । ଚିନ୍ତା କଅଣ ? ଅନୁଷ୍ଠାନ ଆଉ ରାସ୍ତା ଘାଟ ତିଆରି କରିଦେଇଛୁ ବୋଲି କାଗଜରେ ଲେଖି ପ୍ରମାଣ କରିଦେବାକୁ ବା କଷ୍ଟ କଅଣ ?

ଅନ୍ୟ ଜଣକ ଗିଲାସ ଖାଲି କରିଦେଇ ଟେବୁଲ ଉପରେ ଗିଲାସ ରଖିଦେଇ ଅର୍ଥହୀନ ହସ ହସି ଅଭିନୟ ଛଟାରେ କହିଲେ—ଟଙ୍କା ଆମର କେତେ ଅଛି, ଆଉରି କେତେ ଆସିବ । ଆମେ ଯେତେ ସବୁ ଲଞ୍ଚୁଆ ମିଚୁଆଙ୍କୁ ପୋଷି ପାଳି ବଡ଼ କରିବା ସେମାନେ ଯେତେ ଉପୁରି ପାଉଣା ପାଇବେ ମୋଟା ଆକାର କରି ଆମକୁ ଦେବେ ।

ବିଧାନ ସଭା ସଦସ୍ୟ ଦୈତ୍ୟାରି ଖେଁ ଖେଁ କରି ହସିଉଠି ମଦବିହ୍ୱଳ ହୋଇ କହିଲେ—ଟଙ୍କା ଥିଲେ ସବୁ ହୋଇଯିବ ଆଜ୍ଞା !

ସୁଭାଷୀ ଗିଲାସଟିକୁ ଗଣନାଥଙ୍କ ହାତକୁ ବଢ଼ାଇଦେଇ ନାଟକୀୟ ଛଟାରେ ଆଖି ମୁହଁ ଭଙ୍ଗିକରି କହିଲେ—ଜାଣିଛନ୍ତି ଦୈତ୍ୟାରି ବାବୁ, ଏସବୁ ଲେଖା-ଲେଖି ସବୁ ସେହି ପ୍ରାଣନାଥ ସାଆନ୍ତଙ୍କ କର୍ମ । ଆଉ ଆମର ବନବିହାରୀବାବୁ ଏଠୁ ସବୁ କଥା ଶୁଣି ଯାଇ ତାଙ୍କୁ କହିଦେଉଛନ୍ତି । ଦେଖିନାହାନ୍ତି ତାଙ୍କର ସେ କବିତାକୁ । ମୁଣ୍ଡରେ ହାତଦେଇ ଟିକିଏ ସ୍ମରଣ କଲାପରି ରହି କହିଲେ କବିର ନାଁଟା କୁଆଡ଼େ ମନେ ପଡ଼ୁନାହିଁ । ହଁ ହଁ, ମନେ ପଡ଼ିଗଲା 'ଆସୁରିକ ଆଧିପତ୍ୟ' । କବିର ଆରମ୍ଭରୁ ଶେଷପର୍ଯ୍ୟନ୍ତ କେବଳ ଆମ ଦଳର କଥାରେ ଭରିହୋଇଯାଇଛି । ବନବାବୁ ଗାଡ଼ି କିଣିଲାଠୁ ମାସକୁ ଷାଠିଏ ଥର ଗାଁକୁ ଧାଉଁଛନ୍ତି । ଆପଣମାନେ ଲାଗି ଲାଗି ନାରଣ ସାହୁଙ୍କୁ ଆଣି ଏ ଭିତରେ ଭର୍ତ୍ତି କଲେଣି ।

ବିଦ୍ୟାଧର ଚଉକିରୁ ଉଠିପଡ଼ି କହିଲେ, ଏଗୁଡ଼ାକ ଭୟଙ୍କର ବିଶ୍ୱାସଘାତକ । ସେହି ଯୋଗୁ ଆରମ୍ଭରୁ ହିଁ ଏମାନଙ୍କୁ ଆମ ପାଖରେ ପୂରେଇବା ଇଚ୍ଛା ନ ଥିଲା । ଏମାନେ ବିରୁଦ୍ଧ ଦଳର ମନ୍ତ୍ରଣାଦାତା ହୋଇ ରହିଛନ୍ତି । ଏବେ ଏହି ମୁହୂର୍ତ୍ତରେ ଆପଣମାନେ ବନବାବୁଙ୍କ ଘରକୁ ଯାଆନ୍ତୁ ଦେଖିବେ ବିରୁଦ୍ଧ ଦଳର ଗୁରୁ, ସୁରୁ ପ୍ରଭୃତି ଆସି ତାଙ୍କ ଘରେ ବସିଥିବେ ।

ଗଣନାଥ ଗିଲାସଟାକୁ ଦୂରକୁ ଫିଙ୍ଗିଦେଇ ଚଉକିରୁ ଉଠି ଛିଡ଼ା ଭୂମି ଉପରେ ପଦାଘାତ କରି

କହିଲେ  କଅଣ କହୁଛ ତୁମେମାନେ ? କିଏ ମୋ ପାଖରେ ବିଶ୍ୱାସଘାତକତା କରୁଛି । ଏକ୍ଷଣି ଯାଇ  ତା ବେକ ଉପରୁ  ମୁଣ୍ଡଟାକୁ  ଉଡ଼େଇଦେଇ  ଆସୁଛି । ଏକଥା କହୁ କହୁ ସେ ବିଦ୍ୟାଧରଙ୍କ ହାତ  ଟାଣିନେଇ ବାହାରି ପଡ଼ିଲେ  ବାହାରକୁ ।

## ସାତ

ନାଉଣ ସହିତ ସେଇ ଯେ ସନ୍ଧ୍ୟା ସମୟରେ ପ୍ରାଣନାଥଙ୍କର ସାକ୍ଷାତ ଘଟିଥିଲା, ତା'ପରେ ଆଉ ଛଅ ଛଅ ମାସ ଅତୀତରେ ମିଶିଗଲା ।

ଭାଦ୍ରବମାସର ଲଗାଦାର୍ଆ  ଝଡ଼ ବର୍ଷା  ପରେ ରାତିରୁ ବର୍ଷା  ଛାଡ଼ିଯାଇଥିଲା ସେଦିନ ! ଅମଳା ସକାଳୁ ଉଠି ଠିଆହୋଇଥିଲେ ଉପର ଘର  ବାରଣ୍ଡାର  ଖମ୍ବ ପାଖରେ । ବର୍ଷଣକ୍ଷରତ ଆକାଶ  ରହିଥିଲା ମେଘାଚ୍ଛନ୍ନ ହୋଇ । ଘରପାଖର ଖାଲ ଢିପ ସବୁ  ରହିଛି  ଜଳ-ପୂର୍ଣ୍ଣ ହୋଇ । ଚତୁର୍ଦ୍ଦିଗର  ତରୁ ଲତା  ହୋଇଯାଇଛି ଜଳଭାରରେ  ଆନତ । ପ୍ରାଚୀର  ପାଖର  ଗଙ୍ଗଶିଉଳି ଗଛରୁ ରାତିରେ  ଫୁଟିଥିବା  ଫୁଲଗୁଡ଼ିକ ତଳେ  ଝଡ଼ି-ପଡ଼ିଛି । ଆଉ କେତୋଟି  ଫୁଲ ଶାଖାର ପତ୍ର  ଉପରେ ରହିଯାଇଛି । ଅମଳା  ସେ ଆଡ଼ୁ  ଦୃଷ୍ଟି  ଫେରାଇଆଣି ଚାହିଁଲେ ଘରର ଛାତ ଆଡ଼କୁ । ବହୁ କାଳରୁ ଉପଯୁକ୍ତ ଜୀର୍ଣ୍ଣ  ସଂସ୍କାର ଅଭାବରୁ ଚୂନ ସୁରକିର  ଛାତରୁ  ଜଳ ସ୍ରବ ସ୍ରବ ବର୍ଷକୁ  ବର୍ଷ ନୂଆ  ଶିଆଳ ପୁରୁଣା  ହୋଇ ତା ଉପରେ ପୁଣି ନୂଆ ଶିଆଳ ପ୍ରସ୍ତ ପ୍ରସ୍ତ ହୋଇ ପଡ଼ି-ଆସୁଛି । ଛାତ ଉପର ସଞ୍ଚିତ  ବର୍ଷା ପାଣିରୁ  ବଡ ବଡ଼ ଟୋପା ଥପ ଥପ ହୋଇ ଅମଳାଙ୍କ ମଥାରେ, ପିଠିରେ, ବାହୁ  ଉପରେ  ପଡ଼ିଯାଉଛି  ଥରକୁ  ଥର । ଅମଳା ମଥାଉପର   ପାଣି   ପୋଛିଦେଇ   ଦୂରପ୍ରାନ୍ତକୁ ଚାହିଁଥିଲେ । ସଜଳ  ସମୀରଣ  ବହିଗଲା  ଟିକିଏ ବେଗରେ । ଅମଳାଙ୍କ ମଥାର ଅର୍ଦ୍ଧାବୃତ ଅବଗୁଣ୍ଠନଟି ଉଡ଼ିଗଲା ପିଠି ଉପରକୁ ।

ପ୍ରାଣନାଥ  ନିଃଶବ୍ଦରେ  ଘର  ଭିତରୁ ଆସି  ପଛ ପାଖରୁ  ଅମଳାଙ୍କୁ  ଆଲିଙ୍ଗନ-ପାଶରେ  ଆବଦ୍ଧ  କରି କହିଲେ—ଶୁଣିବ  ଅମଳା,  ରାତିରେ  ଯେଉଁ  କଥା ଭାବିଥିଲି, ସବୁକଥା  ଏକାଠି ହୋଇଯାଇ  କବିତା ଆକାର ଧରିଛି । ଶୁଣ—

> କ୍ଷମା କର ପ୍ରିୟେ, କ୍ଷମା କର ମୋତେ
> କ୍ଷମା କର କ୍ଷମାମୟୀ ଗୋ !
> ସାରା ନିଶିଥିନୀ ଅନ୍ତ ଅନ୍ତ୍ୟାମ୍ବର
> ସହିଅଛ ପ୍ରାଣ ସହି ଗୋ !
> **ବକ୍ଷେ ତବ କରି ବକ୍ଷ ନିପୀଡ଼ନ**
> ଆବେଗେ ଆବେଶେ ଦେଇଛି ଚୁମ୍ବନ
> ଶେଷ ହେଲା ନିଶି କାନରେ ତୁମର
> ମିଠି କଥା କହି କହି ଗୋ !

ଅମଳା  ସ୍ୱାମୀଙ୍କ  ବାହୁବନ୍ଧନରୁ  ମୁକ୍ତହୋଇ ସ୍ୱାମୀଙ୍କ ହାତ ଧରି  ନେଇ ତକିଆରେ ବସେଇ  ଦେଇ କହିଲେ—ତୁମେ କବିତା  ଲେଖିଛ ? ପିଲାଏ ପଢ଼ିଲେ କଅଣ ଭାବିବେ କହିଲ ? ରାତିରେ ତୁରନ୍ତ ଉମାକୁ ଧରି ମୁଁ ସେ ଘରେ ଶୋଇଥିଲି । ତୁମର ନିଦରେ ବ୍ୟାଘାତ ଘଟିବ ବୋଲି ଏଇ କେତେଦିନ  ହେଲା ଅନ୍ୟ  ଘରେ ଶୋଉଛି । ତୁମେ ବକ୍ଷେ  ବକ୍ଷ ନିପୀଡ଼ନ କଥା ଲେଖିଛ ଯେ, ମୁଁ ଏକାଥରକେ ଲାଜରେ  ମରିଯାଉଛି ।

ତୁମେ  ତ  ଶୁଣୁ  ଶୁଣୁ  ଅସ୍ଥିର  ହୋଇଉଠୁଛ, ଗୋଟାଯାକ କବିତା ଶୁଣିଲେ  ଯିନା ସେଥିର ତାତ୍ପର୍ଯ୍ୟ ବୁଝିବ । ଶୁଣ—

> ଗବାକ୍ଷ ପଥରୁ ସଜଳ ସମୀର
> ସିକ୍ତ କରୁଥିଲା ଶୟନ ମୋହର,
> କ୍ଷୀଣ ଆଲୋକରେ ଶାନ୍ତଛବି ତବ
> ଦେଖିଛି ଚକିତ ହୋଇ ଗୋ !
> ଶୟନ ଛାଡ଼ି ମୁଁ ଦେଖିଲି ନୟନେ,
> ବସିଅଛ ତୁମେ ମୋ ପୂଜା ଆସନେ,
> ବରଦାୟୀ ମୂର୍ତ୍ତି ଦେଖି ମୁଁ ତୁମର
> ଆନନ୍ଦାଶ୍ରୁ ଗଲା ବହି ଗୋ ।

ଅମଳା କହିଲେ,  ଶେଷର  ପଦଗୁଡ଼ିକ ତ ସୁନ୍ଦର ହୋଇଛି, କିନ୍ତୁ ପ୍ରଥମ ଦୁଇ ପଦ—

ପ୍ରଥମ ଦୁଇପଦରେ  ମୋର ନିବିଡ଼  ପ୍ରେମ ବ୍ୟକ୍ତ କରିଛି ଅମଳା ! ତା'ପରେ ମୋର  ପୂଜା  ଆସନରେ

ବସେଇଦେଇଛି ମୃଣ୍ମୟୀ ପ୍ରତିମାକୁ । ଏ ଧରଣୀ ଉପରେ ମୋ ପାଦ ପଡ଼ିଗଲେ ଦେହ ଆତ୍ମା ମୋର ଶିହରି ଉଠୁଛି । ଅବିକଳ ତୁମରି ପରି ମହିମାମୟୀ ବସୁନ୍ଧରା । ତାକୁ ଛାଡ଼ିଦେଇ ହଠାତ୍ ଦିନେ କେଉଁ ଅଜଣା ରାଜ୍ୟକୁ ଚାଲିଯିବି । ମୋର ଦେହଟାକୁ କଅଣ ମନେ କରେ ଜାଣ ଅମଳା, ମୋର ଏ ଦେହଟା ହିଁ ତୁମେ । ଦେହ ଛାଡ଼ି ଯିବା ଅର୍ଥ ତୁମକୁ ଛାଡ଼ିଯିବା । କେତେବେଳେ ତୁମକୁ ଦେଖୁଛି ଦେହରୂପେ, ଆଉ କେତେବେଳେ ଆତ୍ମାରୂପେ । ଆପଣାର ସକଳ ଅସ୍ତିତ୍ୱ ଭୁଲି ତୁମରି ଭକ୍ତ ହୋଇଯାଇଛି ମୁଁ ଏକାବେଳେ ।

ତୁମେ ତ ଜାଣିଛ, ମୁଁ ଆଜି ପର୍ଯ୍ୟନ୍ତ ଗୋଟିକିଯାକ ରାମାୟଣକୁ ସମ୍ପୂର୍ଣ୍ଣ ସତ୍ୟ ବୋଲି ମାନି ଆସିଥିଲି । ସେଦିନ ତୁମେ ଯେତେବେଳେ ସତ୍ୟ ଆଉ ମିଥ୍ୟାର-ଭଲ ଆଉ ମନ୍ଦର ସଂଗ୍ରାମ ବୋଲି କହିଲ, ମୁଁ ବିସ୍ମୟବିହ୍ୱଳ ହୋଇ ଉଠିଥିଲି । ପରେ ପରେ ଚିନ୍ତାକରି ମନୁଷ୍ୟ ଭିତରେ ଦୁଇଟି ଜାତିକ ତ୍ୟାଠୁ ଆହୁରି ବେଶି ସଂଖ୍ୟାର ସ୍ୱଭାବ ଥିବ ବୋଲି ଭାବୁଛି ।

ତାହା ତ ଥିବ ନିଶ୍ଚୟ, କିନ୍ତୁ ଦୁଷ୍ଟ ସ୍ୱଭାବଗୁଡ଼ିକୁ ଚାପି ରଖି ଭଲ ସ୍ୱଭାବ ଗୋଟିକୁ ପାଳି ପୋଷି ବଳିଷ୍ଠ କରି ଯେଉଁ ମନୁଷ୍ୟ ରଖିପାରୁଛି ସେହିଁ ହୋଇପାରୁଛି ଶ୍ରେଷ୍ଠ ମନୁଷ୍ୟ । ସେ ଶ୍ରେଷ୍ଠ ମନୁଷ୍ୟର ମଧ୍ୟ ସୁଖ, ଦୁଃଖ, ଦ୍ୱିଧା ଦ୍ୱନ୍ଦ୍ୱ ରହିଛି —

ଅମଳା ସ୍ନିଗ୍ଧ ଦୃଷ୍ଟିରେ ସ୍ୱାମୀଙ୍କ ମୁହଁକୁ ଚାହିଁ କଅଣ କହିବାକୁ ଯାଉଥିଲେ, ତଳ ବାରଣ୍ଡାରୁ ପ୍ରାଣନାଥଙ୍କୁ ଡାକି ଡାକି ଉପରକୁ ଉଠିଆସିଲେ ଅଜୟ । ଅଜୟ ଅମଳାଙ୍କ ବଡ଼ଭାଇ । ରାଜକୀୟ ପରିବାରର ରୀତି ଅନୁଯାୟୀ ଅମଳା ଓଢ଼ଣା ଟାଣିଦେଇ ଭାଇଙ୍କୁ ଦେଖିବା ପୂର୍ବରୁ ଚାଲିଗଲେ ତଳକୁ ।

ଅଜୟ ଆଉ ପ୍ରାଣନାଥ ଦୁହେଁ ଅନ୍ତରଙ୍ଗ ବନ୍ଧୁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଦୁହେଁ ଛଅ ମାସ ପାଇଁ ଏକାଜେଲରେ ଥିଲେ । ଜେଲ ବାସର ଅଖଣ୍ଡ ଅବସରରୁ ନିମିଷେ ମଧ୍ୟ ବ୍ୟର୍ଥ ନ କରି ଦୁହେଁ ଅଧ୍ୟୟନ କାର୍ଯ୍ୟରେ ଲାଗିଯାଇଥିଲେ । ଅତି ପ୍ରାଚୀନ ବେଦ ବେଦାନ୍ତଠାରୁ ଆରମ୍ଭ କରି ଆଧୁନିକ ଯୁଗର ସାହିତ୍ୟ ସମ୍ବନ୍ଧରେ ମଧ୍ୟ ଆଲୋଚନା କରୁଥିଲେ । ନାନାଭାବରେ ସବୁ ଦିଗରୁ ବିଷୟର ବିଶ୍ଳେଷଣ କରୁକରୁ କେତେବେଳେ ସକାଳଠାରୁ ପୁଣି ସନ୍ଧ୍ୟା ହୋଇଯାଏ । ପ୍ରାଣନାଥ ଅବିବାହିତ ରହି ଦେଶସେବାରେ ହିଁ ଜୀବନ ଉତ୍ସର୍ଗ କରିବେ ବୋଲି ଯେଉଁ ସଙ୍କଳ୍ପ କରିଥିଲେ, ଅଜୟ ବହୁ ସୁଯୁକ୍ତିଦ୍ୱାରା ପ୍ରାଣନାଥଙ୍କ ବ୍ରତ ଭଙ୍ଗ କରାଇ ଅମଳା ସହିତ ତାଙ୍କୁ ବିବାହ କରାଇ ଦେଇଥିଲେ ।

ଅଜୟ -ଉଚ୍ଚଇଂରାଜୀ ବିଦ୍ୟାଳୟର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଇ. ଏ ପଢ଼ିବା ସମୟରେ ହିଁ ଛାତ୍ର ଆନ୍ଦୋଳନରେ ଯୋଗ ଦେଇଥିଲେ । ନେତାମାନଙ୍କ ଆଦର୍ଶ ପଥରେ ଗତିକରି ସେ ସ୍ୱୟଂ ଜଣେ ନେତା ହୋଇ ପାରିଥିଲେ । ଅଜୟ ଜଣେ ଭଲ ବକ୍ତା । ପ୍ରାଚୀନଶାସ୍ତ୍ର, ପୁରାଣରୁ ଉପଯୁକ୍ତ ଅଂଶ ସ୍ମରଣ ରଖି ଉପଯୁକ୍ତ କ୍ଷେତ୍ରରେ ସେଗୁଡ଼ିକ ପ୍ରୟୋଗ କରି ପୁଣି ଯଥାର୍ଥ ଭାବରେ ଶେଷର ସମାଧାନ ମଧ୍ୟ କରି ପାରୁଥିଲେ । ଅର୍ଥାତ୍ ସେ ଯାହା କହୁଥିଲେ, ସେ କଥାର ପୂର୍ବାପର ସଙ୍ଗତି ଏବଂ ସାମଞ୍ଜସ୍ୟ ରଖି କହିବା ନୈପୁଣ୍ୟ ତାଙ୍କର ଥିଲା । ରାଜା ଜମିଦାରମାନଙ୍କ ବିରୁଦ୍ଧରେ ସେ ଯେତେବେଳେ ସଭାରେ କହନ୍ତି, ସେତେବେଳେ ହଜାର ହଜାର ଲୋକଙ୍କର ସମାଗମ ଘଟେ । ଅତି ଲୋଭୀ ବ୍ୟବସାୟୀଙ୍କ ବିରୁଦ୍ଧରେ ସେ ସର୍ବଦା ଖଡ୍ଗହସ୍ତ । ଆପଣା ପରିବାରର ପ୍ରତି ସେ ସମ୍ପୂର୍ଣ୍ଣ ନିର୍ଲିପ୍ତ । କେବଳ ଦେଶର ଚିନ୍ତା ହିଁ ଅଜୟ ବାବୁଙ୍କର ଏକମାତ୍ର ଚିନ୍ତା । ଅଜୟବାବୁ ଗାନ୍ଧିଜୀଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ନ ଥିଲେ ମଧ୍ୟ ମହାତ୍ମାଙ୍କ ମହିମା ବର୍ଣ୍ଣନାକରି ଭକ୍ତିରେ ଅଭିଭୂତ ହୋଇଉଠନ୍ତି । ସହକର୍ମୀମାନଙ୍କୁ ସ୍ନେହ ସଂବର୍ଦ୍ଧନା ଦେଇ ଯେପରି ଅତିଶୀଘ୍ର ଆପଣାର କରିପାରନ୍ତି, ଆଶ୍ରିତ ଅନାଥଙ୍କୁ ସେ ସେହିପରି ସ୍ନେହକରି, ଦୟା କରି ବଶ କରିପକାନ୍ତି ।

ଅଜୟ ବାବୁ ସବୁ ସୁଗୁଣର ଅଧିକାରୀ ହୋଇ-ପାରିଥିଲେ ମଧ୍ୟ ଗୋଟାଏ ଦୁର୍ବଳତା ତାଙ୍କ ଭିତରେ

ରହିଥିଲା । ସେ ଭାବନ୍ତି—ତାଙ୍କଠାରୁ ଭଲ ଆଉ କେହି ନାହିଁ, ନ ଥିବ । ଏଣୁ ସ୍ୱାଧୀନତାପ୍ରାପ୍ତିର ଅଳ୍ପକାଳ ପରେ ହିଁ ସେ କଂଗ୍ରେସ ଛାଡ଼ି ଅନ୍ୟ ଦଳ ଗଠନରେ ଲାଗି ଯାଇଥିଲେ । ସେଥିରେ ସାଫଲ୍ୟ ପାଇ ଦଳର ନେତା ମଧ୍ୟ ହୋଇଯାଇଥିଲେ ।

ଅଜୟ ଆସିବା ଦେଖି ପ୍ରାଣନାଥ ତାଙ୍କୁ ପାଉଛ ପାଟନ୍ତୁ ଯାହେନ୍ତି ଆଣି ଚେଜକରେ ବସେଇ ଦେଇ କହିଲେ, "ଅନେକ ଦିନ ପରେ ଶାଳକ ଦର୍ଶନରେ ସ୍ୱର୍ଗରାଜ୍ୟରେ ସଞ୍ଚରଣ କଲାପରି ଲାଗୁଛି ।"

"ଆଜି ତୁମ ପାଖରେ ବସି ଗଳ୍ପ ଆମୋଦ କରିବାକୁ ଆସିନାହିଁ । ଯେଉଁ ଅନ୍ୟାୟ ବିରୁଦ୍ଧରେ ମୁଁ ଯୁଦ୍ଧ ଘୋଷଣା କରିଛି, ମୋର ସେ କାର୍ଯ୍ୟରେ ତୁମେ ସବୁ ପ୍ରକାର ସାହାଯ୍ୟ କରିବ—ଏଇ କଥା କହିବାକୁ ଆଜି ଆସିଛି ।"

"କେଉଁ ଅନ୍ୟାୟ ବିରୁଦ୍ଧରେ ଆପଣ କି ନ୍ୟାୟ କାର୍ଯ୍ୟ କରୁଛନ୍ତି, ମୁଁ କିଛି ବୁଝି ପାରୁନାହିଁ । ଯାହା ବୁଝିପାରୁନାହିଁ, ସେ କାର୍ଯ୍ୟରେ ମୁଁ କି ସାହାଯ୍ୟ ଦେଇପାରିବି ? ଆପଣ ସହସା ମୋର ସାହାଯ୍ୟପ୍ରାର୍ଥୀ ହୋଇ ଉଠିବା ଦେଖି ହିଁ କହୁଛି, ମୁଁ ଯେ ନିଜକୁ ନିଜେ ସାହାଯ୍ୟ କରିପାରୁନାହିଁ, ଆଉ ଆପଣଙ୍କୁ କି ସାହାଯ୍ୟ କରିବି ? ଯେଉଁ ଅନୁଷ୍ଠାନକୁ ଏବଂ ଅନୁଷ୍ଠାତାଙ୍କୁ ପ୍ରାଣଦେଇ ଭକ୍ତି କରୁଥିଲି, ତା'ର ଉପରେ ମୋର ଅଶ୍ରଦ୍ଧା ହୋଇଯାଇଛି । ସେ ଅଶ୍ରଦ୍ଧା ଏତେ ଗଭୀର ଯେ ମୁଁ ନିଜକୁ ବୁଝେଇ ସେ ଭିତରକୁ ଯାଇପାରୁନାହିଁ । ଜୀବନରେ କେବେ ସେ ଭିତରକୁ ଯିବିନାହିଁ ମଧ୍ୟ । ଆପଣ ଅନ୍ୟାୟ ଦୂର କରିବାକୁ ଯାଇ ଆପଣାର ପ୍ରିୟ ବ୍ୟକ୍ତିମାନଙ୍କୁ ପ୍ରକାଶ୍ୟରେ ତର୍ଜନା ଭର୍ତ୍ସନା କରୁଛନ୍ତି । ଏସବୁ ଉଚିତ କାର୍ଯ୍ୟ ବୋଲି ମୁଁ ତ ଭାବି ପାରୁନାହିଁ ।

"ଆମେମାନେ ଏତେ ଦୁଃଖ କଷ୍ଟ ସହ୍ୟକରି 'ଶରୀରଂ ବା ପାତୟେତ୍ କାର୍ଯ୍ୟଂ ବା ସାଧୟେତ୍' ମନ୍ତ୍ର ଦୀକ୍ଷା ନେଇ ପ୍ରତ୍ୟକ୍ଷ ଭାବରେ ଦେଶର ସ୍ୱାଧୀନତା ଆଣିଲେ । ଯେଉଁମାନେ କିଛି ନ କରିଥିଲେ, ସେମାନେ ବସିଲେ ରାଜଦଣ୍ଡ ଧରି ।"

"ଆମେ ସ୍ୱାଧୀନତା ସମରରେ ଅଂଶ ଗ୍ରହଣ କରିଥିଲେ ବୋଲି ରାଜଦଣ୍ଡ ଆମରି ହାତରେ ରହିବ—ଏପରି କଥା ତ ଲେଖାପଢ଼ା ହୋଇ ନ ଥିଲା । ତା ଛଡ଼ା ମୋର ବିଶ୍ୱାସ—ଆମେମାନେ କେହି କିଛି କରୁ ନ ଥିଲେ, ସ୍ୱାଧୀନତା ଆଣିବାକୁ ମହାତ୍ମାଜୀଙ୍କ ଅନ୍ତରର ସତ୍ୟ ଶକ୍ତି ସମର କରୁଥିଲା । ସେ ଶକ୍ତି ତା'ର କର୍ତ୍ତବ୍ୟ ସମ୍ପାଦନ କରିସାରିଛି । ଏଣିକି ଯେତେ ଦଳ ଗଠନ ହେବ ବା ହେଉଛି, ସେଥିରେ ମୋର ବିଶ୍ୱାସ ନାହିଁ । ପ୍ରତ୍ୟେକ ବ୍ୟକ୍ତି କହିବେ—ମୁଁ ଭଲ, ମୋର ଶକ୍ତି ଅଛି; ଶାସନଦଣ୍ଡ ମୋ ହାତରେ ପଡ଼ିଲେ ମୁଁ ସବୁ ସମ୍ପାଦନ କରିଦେବି । ଆପଣ ମଧ୍ୟ ତାହା ହିଁ ଭାବୁଛନ୍ତି । ଆପଣ ମଧ୍ୟ ସେଇ ଆଧିପତ୍ୟ ଲାଭ ଆଶାରେ ଆଉ ଗୋଟିଏ ଦଳ ଗଢ଼ିଛନ୍ତି । ଯେଉଁ ଅନ୍ୟାୟ ଅତ୍ୟାଚାର ଦେଖି ଆପଣ ଗର୍ଜନ ତର୍ଜନ କରୁଛନ୍ତି, ସେ ଆସନରେ ବସିପଡ଼ିଲେ ଆପଣ ମଧ୍ୟ ତାହା ହିଁ କରିବେ । ଅତଏବ ଯେଉଁମାନେ ରାଜ୍ୟ ଚଳାଉଛନ୍ତି, ସେମାନଙ୍କୁ କିଛି କାଳ ସୁବିଧା ସୁଯୋଗ ଦେଇ ଆପଣମାନେ ଟିକିଏ ଦୂରରେ ରହିଯାଆନ୍ତୁ । ସମୟ ସେମାନଙ୍କୁ ଭଲ ମାର୍ଗକୁ ନେଇଯିବ । ସେମାନଙ୍କ ଭିତରେ ମଧ୍ୟ ମହତ୍ ଲୋକ ଅଛନ୍ତି ବୋଲି ମୋର ବିଶ୍ୱାସ ।"

"ତୁମର ଏ ଦାର୍ଶନିକ ମତବାଦ ଶୁଣିଲେ ମନେ ହେଉଛି, ତୁମେ ମତେ ଉପଦେଶ ଦେଉଛ ଯେ, ମୁଁ ତୁମପରି ତପସ୍ୱୀ ହୋଇ ଇମିତି ଗୋଟାଏ ଅରଣ୍ୟରେ ବାସ କରିବି ।"

"ଆପଣଙ୍କୁ ମୁଁ ଉପଦେଶ ଦେବି ! ଏ କଥା ଭାବୁଛନ୍ତି କିମିତି ? ମୁଁ ଯେ ଆପଣଙ୍କର ହିଁ ହାତଗଢ଼ା ମନୁଷ୍ୟ । ତଥାପି ଆପଣ ମୋତେ ବୁଝିପାରୁ-ନାହାନ୍ତି । ମୁଁ କହୁଥିଲି, ଆମେ ମହାତ୍ମାଙ୍କ ଆହ୍ୱାନରେ ଅଭିଭୂତ ହୋଇ ଧାଇଁଥିଲେ ଅହିଂସଭାବରେ ସ୍ୱରାଜ ସାଧନ କରିବା ବୋଲି; କିନ୍ତୁ ସ୍ୱରାଜ୍ୟ ଶାସନ କିମିତି କରିବାକୁ ହେବ, ଆମେ ଭାବି ନଥିଲେ । ସେ ଭାବନା କରିବା ଭାର ତାଙ୍କରି ଉପରେ ଥିଲା, ଯେ ଆମମାନଙ୍କୁ ଆହ୍ୱାନ ଦେଇଥିଲେ । ଆଶାତୀତ ଭାବରେ ସେ ଦୁର୍ଲଭ

ଧନ ଯେତେବେଳେ ହାତକୁ ଆସିଗଲା, ଆମେ କେତେଟା ଲୋକ ବସି ସେ ଧନ ବାଣ୍ଟିନେବାକୁ ବ୍ୟସ୍ତ ହେଉଛେ । ଆପଣ ହିଁ ତ ସେଦିନ କହୁଥିଲେ— ହିନ୍ଦୁ ମୁସଲମାନ ଭାଗ ବଣ୍ଟା ଯୋଗୁ ମହାତ୍ମାଙ୍କ ଅକାଳ ମୃତ୍ୟୁ ଘଟିଗଲା । ଏଡ଼େ ବଡ଼ ଘଟଣାରେ ମଧ୍ୟ ଆମର ଚୈତନ୍ୟ ଉଦୟ ହେଲା-ନାହିଁ । ମହାମାନବମାନଙ୍କର ସୁନାର ଭାରତ ଖଣ୍ଡ ଖଣ୍ଡ ହୋଇଗଲା । ମନେ ପଡ଼ିଗଲେ ପ୍ରାଣ ବ୍ୟଥିତ ହୋଇ ଉଠୁଛି । ଏଇ ଭାଗ ବଣ୍ଟାରେ ହିନ୍ଦୁଜାତି କି ନିଦାରୁଣ ନିର୍ଯ୍ୟାତନା ଭୋଗକଲେ ଏବଂ କରୁଛନ୍ତି, ନିର୍ଯ୍ୟାତନାର ଅନ୍ତଃ କେବେ ଯେ ହେବ, ସେ କଥା କଳ୍ପନା । ମଧ୍ୟ କରିହେଉନାହିଁ । ବର୍ତ୍ତମାନ ବଙ୍ଗଦେଶର ଶୋଚନୀୟ ଅବସ୍ଥା ସ୍ମରଣ କର । ଭାରତର ସମୃଦ୍ଧିମନ୍ତ ପ୍ରଦେଶ ବୀରପ୍ରସୂ ପଞ୍ଜାବଭୂମିର ଶତ ଶତ ନର ନାରୀ ଧନ ଜନ ହରାଇ ଏ ଦେଶରେ ଆସି ଆଶ୍ରୟ ନେଲେ । ବିଭିନ୍ନ ମନୋବୃତ୍ତିର ବ୍ୟକ୍ତିଙ୍କ ପ୍ରଭାବ ବଶରୁ ଏ ଦେଶର ମନୋବୃତ୍ତି ମଧ୍ୟ ଭିନ୍ନମୁଖୀ ହେବା ସ୍ୱାଭାବିକ । ଅନ୍ୟ ପ୍ରାନ୍ତର ଅଧିବାସିବୃନ୍ଦ ଧନ ଜନ ହରାଇ ସମ୍ଭବତଃ ଧନ ସଂଗ୍ରହ କାର୍ଯ୍ୟରେ ଲାଗିଯାଇଥିବେ ।"

"ତୁମେ ସେ ବଙ୍ଗଦେଶର ବଙ୍ଗାଳି ଜାତିର କଥା କହ ନାହିଁ ପ୍ରାଣ ! ସେଇମାନେ ହିଁ ନାନା ଉପାୟ ଉଦ୍ଭାବନ କରି ଆମର ଭାଷାକୁ ନିଶ୍ଚିହ୍ନ କରିଦେଇ ସେ ଜାତିର ପଦାନତ କରିଦେବାକୁ ବିପୁଳ ପ୍ରୟାସ କରିଥିଲେ । ଭଗବାନ ସେମାନଙ୍କୁ ଉପଯୁକ୍ତ ଦଣ୍ଡ ଦେଇଛନ୍ତି ।"

ଆପଣଙ୍କର ମୁହଁରୁ ଏକଥା ବାହାରିବ ବୋଲି ମୁଁ କେବେ ଆଶା କରି ନ ଥିଲି । ସେ ସମୟରେ ଅବସ୍ଥା ଦେଖି ସେମାନେ ସେ ଚେଷ୍ଟା କରିଥିବେ । ଗାଆଁର ଦୁଇ ଭାଇ ଝଗଡ଼ା କରି ଜଣେ ଯଦି ମୋର ସବୁ ବୋଲି କହିବ, ଅନ୍ୟ ଜଣକ ଚିରକାଳ ତା' ସଙ୍ଗରେ ଶତ୍ରୁତା କରିବା କଅଣ ସୁନ୍ଦର ନା ସୁଖକର ! ଆଉ ଭଗବାନ ଦଣ୍ଡ ଦେବା କଥା ଆପଣ କହିଲେ ଯେ, ସେ କେତେବେଳେ କାହାକୁ କେଉଁ ଦଣ୍ଡ ଦେଉଛନ୍ତି ତାହା କିଏ ଦେଖୁଛି ! ମନୁଷ୍ୟ ଭିତରେ ଭିତରେ ଅହରହ ଅନୁତାପ-ଅନଳରେ ଦଗ୍‌ଧହେଉଛି । କୁକର୍ମର ଫଳଭୋଗ ତ ପ୍ରତ୍ୟକ୍ଷ ନୁହେଁ । ଆପଣ କହିଲେ, ଯିମିତି କାର୍ଯ୍ୟ କରିଥିଲେ ସିମିତି ଫଳ ପାଇଲେ, ଅର୍ଥାତ୍ ଯେ ଜନ ଚିନ୍ତେ ପର ମନ୍ଦ, ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ । ଆପଣଙ୍କ ଦେଶର ଲୋକଗୁଡ଼ିକ ତ ସମ୍ପୂର୍ଣ୍ଣ ଶୁଦ୍ଧ ଆତ୍ମା, ଆପଣ କାହିଁକି ଆଜି ଧର୍ମରାଜ୍ୟ ସ୍ଥାପନ କରିବାକୁ ବାହାରିଛନ୍ତି ! ରାଜପଥରେ ଠିଆ ହୋଇ ଆପଣ ସେ ଦଳର ଦଶ ପାଞ୍ଚ ଜଣକୁ ନିନ୍ଦା କରି କହିଲାବେଳେ ଆଉ ଟିକିଏ ଦୂରରେ ସେମାନେ ମଧ୍ୟ ଠିଆ ହୋଇ ଆପଣଙ୍କର ସାତ ପୁରୁଷଙ୍କ ନାଁ ଧରି ଗାଳିଦେଉଛନ୍ତି । ତାହାହେଲେ ଆପଣ ଯିମିତି ଦୋଷ କରୁଛନ୍ତି, ସେମାନେ ମଧ୍ୟ ତାହାହିଁ କରୁଛନ୍ତି । ଉଭୟ ପକ୍ଷ କେହି ଭଲ ନୁହନ୍ତି । ଯେଉଁମାନଙ୍କୁ ବୁଦ୍ଧିବନ୍ତ, ଜ୍ଞାନବନ୍ତ ବୋଲି ଭକ୍ତି ଦେଇ ପରସ୍ପରକୁ ପୂଜାକରି ପୂଜ୍ୟ ହୁଅନ୍ତେ, ସେମାନେ ହିଁ ପରସ୍ପରର କୁତ୍ସା ରଟନା କରି ଜାତିର ଜୀବନକୁ କଳଙ୍କିତ କରି ଦେଉଛନ୍ତି । ଏଇ ବିଦ୍ୱେଷ ବିଷରେ ହିଁ କୁରୁ-ପାଣ୍ଡୁ ବଂଶ ଧ୍ୱଂସ ହୋଇଯାଇଥିଲେ । ସେ ଅମ୍ଳାନ ଚିହ୍ନ ଯେ ଆମ ଆଖି ଆଗରେ ରହିଛି । ହସ୍ତିନା ପୁରନାରୀମାନଙ୍କ ରୋଦନ ଧ୍ୱନି ଏବେ ମଧ୍ୟ ଆମ କାନ ପାଖରେ ଗୁଞ୍ଜରି ଉଠୁଛି । ଧର୍ମରାଜ ଯୁଧିଷ୍ଠିରଙ୍କ ଅନୁତପ୍ତ ପ୍ରାଣର ଦୀର୍ଘଶ୍ୱାସ ଏବେ ମଧ୍ୟ ଆମର ଚାରିପାଖର ବାୟୁମଣ୍ଡଳୀରେ ଘୂର୍ଣ୍ଣାୟମାନ ହେଉଛି । ଆପଣ ଆପଣାର ବିବେଚନା ଶକ୍ତିକୁ ଆହୁରି ଟିକିଏ ପ୍ରଶସ୍ତ କରି ଦେଖନ୍ତୁ, ଏଇ ଦଳ ଗଠନରୁ ଆପଣ ଯେତିକି ଦୂରରେ ରହିବେ, ଜନସମାଜ ଆପଣଙ୍କୁ ସେତିକି ସ୍ନେହ ସମ୍ମାନ ଦେଇ ରାଜସିଂହାସନରେ ବସାଇବେ । ଆପଣମାନେ ମହାରାଜାମାନଙ୍କୁ ସାଧାରଣ ଶ୍ରେଣୀ-ଭୁକ୍ତ କରିବାକୁ ବହୁ ପ୍ରୟାସ କରୁଥିଲେ, ଯାହାଦ୍ୱାରା ସେମାନେ ବାଧ୍ୟ ହୋଇ ରାଜ୍ୟ ଛାଡ଼ିଲେ । ସେମାନେ ରାଜ୍ୟ ଛାଡ଼ିବାଦ୍ୱାରା କଅଣ ଦେଶବାସୀ ସମାନ ଭାବରେ ଧନ ଉପଭୋଗ କରିପାରୁଛନ୍ତି ? ଏବେ

ଧନୀ ଧନ ଦେଇ ଧନସଂଗ୍ରହ କରିପାରୁଛି, ଆଉ ତାର ପରିମାଣ ସ୍ଥାନେ ସ୍ଥାନେ ଏତେ ଅଧିକ ଯେ ସେଇ ପାଖରେ ବାସ କରୁଥିବା ଦରିଦ୍ରଟି ଈର୍ଷା ନ କରି ରହି ପାରୁନାହିଁ । ଯେ ପାରୁଛି, ଭଲ ଆଉ ମନ୍ଦ ସବୁ ପ୍ରକାର ଉପାୟ ଅବଲମ୍ବନ କରି ଧନୀ ହୋଇପାରୁଛି । ତାହାଦ୍ୱାରା ସେ ଶୀତତାପ ନିୟନ୍ତ୍ରଣ ଗାଡ଼ିରେ ଯାତାୟାତ କରିପାରୁଛି । ଗରିବ ଯେ ସେ ରୌଦ୍ରତାପରୁ ମଥାଟିକୁ ରକ୍ଷା କରିବାକୁ ଛତା ଖଣ୍ଡିଏ ମଧ୍ୟ ପାଇପାରୁନାହିଁ । ଏହା ଯେ କେବଳ ଅଜ୍ଞାନୀ ଲୋକ କରୁଛନ୍ତି ତାହା ନୁହେଁ, ଯେଉଁମାନେ ଜ୍ଞାନର ଚରମ ସୀମାରେ ପହଞ୍ଚିଛନ୍ତି, ସେମାନେ ଆଖି ମୁଦି 'ଈଶ୍ୱର ହୃଷୀକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତୋସ୍ମି ତଥା କରୋମି' ବୋଲି ଭାବିଦେଇ ଧନ ସଂଗ୍ରହରେ ଲାଗିଯାଉଛନ୍ତି । ଧନ ପଦାର୍ଥଟା ଏପରି ଯେ, ଅଭାବ ପୂରଣ ହେଲାମାତ୍ରେ ହିଁ ସଂଗ୍ରହର ପିପାସା ବଢ଼ିଯାଉଛି ।"

"ତୁମର ଏସବୁ ଏତେଗୁଡ଼ାଏ କଥାରୁ ମୁଁ ଏତିକି ବୁଝୁଛି ଯେ, ତୁମେ ଏସବୁ ବିଷୟରେ ଚିନ୍ତା କରୁଛ; କିନ୍ତୁ ସଦ୍ୟ ପ୍ରତିକାର କରିବା ଉଦ୍ୟମ ତୁମର ନାହିଁ ।

"ପ୍ରତିକାର କରିବାକୁ ମୁଁ କିଏ ଅଜୟବାବୁ ! ଏ ଦେଶର ଶକ୍ତିଶାଳୀ ବ୍ୟକ୍ତିବୃନ୍ଦ ଜାତୀୟ ଚେତନାର ଅଭାବରେ ଯେଉଁ ସମୟରେ କେବଳ ଭାବରସରେ ବିହ୍ୱଳ ହୋଇ ରସମାର୍ଗରେ ଗତି କରୁଥିଲେ, ସେ ସମୟରେ କେଉଁ ଅମୃତପୁତ୍ର ଆସି ସର୍ବପ୍ରଥମ ଜାଗରଣୀ ଗାଇଲେ । ସେ ଗୀତ ତ ଆମେ ପ୍ରତ୍ୟକ୍ଷ ଭାବରେ ଶୁଣି ନ ଥିଲେ, ସେ ମନ୍ତ୍ରବଳରେ ଏ ଦେଶର ମାଟି ହୃଦୟରୁ ମନ୍ତ୍ରଶକ୍ତି ଜାଗିଉଠିଲା । ସେ ଗାଇଲେ—

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ-ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

ସେଦିନ ଏହି ମହା ଆହ୍ୱାନରେ ଆମର ଦୁର୍ବଳ ସୁପ୍ତ ପ୍ରାଣ ଜାଗିଉଠି ଆମେ ଆଜି ଆମର ମଧ୍ୟ ମାଂସ ହାଡ଼ ସ୍ୱରାଜ-ପଥର ଗାଡ଼ରେ ପକାଇ ସମତଳ କରିଦେବୁ । ଯେଉଁ ପଥରେ ଶତ ଶତ ସୈନିକ ଅବାଧରେ ଧାଇଁଯିବେ, ଆମେ ସେଇ ପଥରେ ଚାଲିବୁ । ଆଜି ଭାରତର ଗାନ୍ଧୀଜୀ ନାହାନ୍ତି କି ଉତ୍କଳର ଗାନ୍ଧି ଗୋପବନ୍ଧୁ ଦାସ ନାହାନ୍ତି । ସ୍ୱର୍ଗୀୟ ଗୋପବନ୍ଧୁଙ୍କ କଣ୍ଠରୁ ଏଇ ବିପ୍ଳବ ବାଣୀ ଉଠିଥିଲା

"ଭାରତର ରାଜଧର୍ମ ସନାତନ
ପରଜା ରକ୍ଷଣ ପାଳନ ରଞ୍ଜନ ।
ସ୍ୱରାଜ୍ୟେ ଏ ନୀତି ହୋଇବ ପ୍ରଚଳିତ,
ନ ରହିବ ଆଉ ଦୁଃଖୀ ଦରିଦ୍ରଙ୍କ ।
ନ ସହିବ କଷ୍ଟ କେହି ଅନାହାରେ,
ନ ମରିବ ଦୁଃଖୀ ଧନୀଙ୍କ ପ୍ରହାରେ ।"

ଦେଶ ସ୍ୱାଧୀନ ହେଲେ ଜନସମାଜ ଅନାବିଳ ଆନନ୍ଦ ଉପଭୋଗ କରି ରହିବେ ବୋଲି ଭାବ ଭାବୁକଙ୍କରେ ବସି କବି ଗୋପବନ୍ଧୁ ଏ କଥା କହିଥିଲେ । ଯାହା କହିଛନ୍ତି, ତାହା କଳ୍ପନା ନୁହେଁ କି ଛଳନା ନୁହେଁ କିମ୍ବା କବି ହେବା ଅକାଙ୍କ୍ଷାରେ ମଧ୍ୟ ନୁହେଁ । ସେ ଯାହା ଜାଣୁଥିଲେ, ତାହା ହିଁ କହି ଦେଇ ଯାଇଛନ୍ତି ।"

"ଗୋପବନ୍ଧୁ ଲେଖିଛନ୍ତି, ପୂର୍ବପରି ଆଉ ଧର୍ମ କର୍ମର ଚେତନା ନାହିଁ । ତୁମେ ତାଙ୍କର ରଚନା ପଢ଼ିଛ ବୋଲି ଦୃଷ୍ଟାନ୍ତଗୁଡ଼ାକ ଦେଖାଇ ଦେଉଛ ।"

"ଆପଣ ମୋତେ ଭୁଲ ବୁଝୁଛନ୍ତି । ଆପଣ ମଧ୍ୟ ଦିନେ ଏଇ ଦୃଷ୍ଟାନ୍ତ ଦେଖାଇ କହୁଥିଲେ । ପୁଣି ସେଦିନର ଅବସ୍ଥାକୁ ସେହିଁ ଗୋପବନ୍ଧୁଙ୍କ ପ୍ରାଣର କଥା ଅନୁଭବ କରୁଥିଲେ, ଆଜି ମୁଁ ତାଙ୍କର କଥା ନେଇ କଥା ଲେଖୁଛି । ସେଦିନ ସେ କହିଥିଲେ—

"ଏବେ ଅଚଳରେ ବିଜେ ଜଗନ୍ନାଥ,
ତେବେ କାହିଁ କହ ଉତ୍କଳ ଅନାଥ ?
ନାହିଁ ପୂର୍ବ ବଳ ନାହିଁ ପୂର୍ବ ଧର୍ମ
ନାହିଁ ପୂର୍ବ ସତ୍ୟ, ନାହିଁ ପୂର୍ବ କର୍ମ ।
ଉତ୍କଳବାସୀର ଦେଖି ଏ ଦୁର୍ଗତି
ଦାରୁଭୂତ ଏବେ ନୀଳାଚଳପତି ।"

ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ପୃଥିବୀରେ ଅଧର୍ମର ଅଭ୍ୟୁଦୟ ହେଲେ ଭଗବାନ ଆତ୍ମପ୍ରକାଶ କରନ୍ତି । ଗୋପବନ୍ଧୁ ଉତ୍କଳରେ ଅବତୀର୍ଣ୍ଣ ହୋଇ ସୁଷୁପ୍ତ ଦେଶକୁ ଜାଗ୍ରତ କରିଦେଇ ଚାଲିଗଲେ । ପୁନଶ୍ଚ ସେ ଆସିବେ କି ଆଉ କେହି ଜଣେ ଆସିବେ, ସମୟ ଆସିଲେ କେହି ଜଣେ ମହାମାନବ ସୁନିଶ୍ଚିତ ଭାବରେ ଆସି ସତ୍ୟ ଓ ଧର୍ମର ମହାତ୍ମ୍ୟ ଶୁଣାଇ ଦେଇ ଯିବେ ।”

“ତୁମେ ଏଠି ନୀରବରେ ବସି କଳ୍ପନା କରୁଛ ଯେ ଦେବତାମାନେ ବିଚାରକରି ମର୍ତ୍ତ୍ୟକୁ ଦୂତ ପଠେଇବେ । ମୁଁ କହେ ଏସବୁ ନାରୀ-ହୃଦୟର ଭାବ-ଉଚ୍ଛ୍ୱାସର କଥା ।”

“ଭାବର ଆବେଗ ନ ଥିଲେ କେହି କୌଣସି କାର୍ଯ୍ୟ କରି ପାରିବେ ନାହିଁ ଅଜୟବାବୁ ! ଗାନ୍ଧିଜୀ ଯେ ଏତେ ବଡ଼ କଥା କରି ଦେଇଛନ୍ତି, ସେଇ ବେଦନା ବୋଧର ପ୍ରଭାବରେ । ଦେଶ ନିମନ୍ତେ ତ ତାଙ୍କ ଆଗରୁ ଅନେକେ କଏ କେତେ କଥା କହିଥିଲେ, କିନ୍ତୁ ନାରୀ ଯେପରି ଆପଣା ସନ୍ତାନ ମହିମାରେ ମହିମାନ୍ୱିତା ହୋଇ ଆପଣାକୁ ସମ୍ପୂର୍ଣ୍ଣରୂପେ ପତିପଦତଳେ ଉତ୍ସର୍ଗ କରିଦିଏ, ସେପରି କରିପାରି ନ ଥିଲେ । ଗାନ୍ଧିଜୀ ସେଇ ସତ୍ୟତାର ମହିମାଦ୍ୱାରା ଭାବପ୍ରବଣ ହୋଇଉଠି ପାର୍ଥିବ ଭୋଗ ପରିତ୍ୟାଗ କରି ଦେଶ-ଦେବତାର ପଦରେ ଆତ୍ମୋତ୍ସର୍ଗ କରି ଦେଇଥିଲେ । ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ହୃଦୟରେ ଲକ୍ଷ୍ମୀ ଆସୀନା ଥିଲେ ବୋଲି ସେ କରୁଣାପ୍ରବଣ ହୋଇ ଦେଶର ବନ୍ଦନା ଗାଇ ଯାଇଛନ୍ତି । ଆମେ ସବୁ ଲକ୍ଷ୍ମୀହୀନ ହୋଇ ଦଳ ଗଢ଼ି ଆଧିପତ୍ୟ କରିବାକୁ ବ୍ୟାକୁଳହୋଇ-ଉଠୁଛେ ।”

“ତୁମର କଥାଗୁଡ଼ିକ ଗଳ୍ପ କିମ୍ବା ଉପନ୍ୟାସରେ ବିନ୍ୟାସ କରିଦେଲେ ଲୋକେ ଆଦର କରି ପଢ଼ିବେ, କିନ୍ତୁ ଏସବୁ ବାସ୍ତବ ରାଜ୍ୟରେ କାର୍ଯ୍ୟରେ ଲାଗିପାରିବ ନାହିଁ । ମୁଁ ବାହାରିଛି, ଏମାନଙ୍କର ଦୁର୍ଗୁଣଗୁଡ଼ାକ ଜଗତ ସମ୍ମୁଖରେ ଦେଖାଇଦେବି । କେତେଟା ସ୍ତାବକଙ୍କୁ ବଡ଼ ଘର, ବଡ଼ ଗାଡ଼ି, ବଡ଼ ଚାକିରି ଦେଇ ଅନ୍ୟମାନଙ୍କୁ ତୃଣଠୁ ତୁଚ୍ଛ ଜ୍ଞାନ କରୁଛନ୍ତି ।”

“ସେ କଥାକୁ ଯାଇ ନାହାନ୍ତି ବୋଲି ଯିନା ଆପଣ ଏକଥା କହି ପାରୁଛନ୍ତି, ସେଠି ବସିପଡ଼ିଲେ ଆପଣ ମଧ୍ୟ ସେଇ କଥା କହିବେ । ଆପଣ ମୋତେ ସ୍ୱାଧୀନ ମତ ବ୍ୟକ୍ତ କରିବାକୁ ଶିକ୍ଷା ଦେଇ ଆସିଥିଲେ ବୋଲି ଆଜ ସାହସ କରି କହିଦେଉଛି । ସେଦିନ ଯାହା କହିଥିଲେ ଆଜ ଯଦି ଆପଣଙ୍କର ରୁଚିକୁ ବାଧେ, ତେବେ ମୋତେ କ୍ଷମା ଦେବେ । ଆଜ ପର୍ଯ୍ୟନ୍ତ କଂଗ୍ରେସ ଦଳ ଭିତରେ ରହି ଯେଉଁମାନଙ୍କ ସହିତ ଏକାନ୍ତ ଚିତ୍ତରେ ମନ୍ତ୍ର ତନ୍ତ୍ରର ଆଲୋଚନା କରି ଆନନ୍ଦ ପାଇଛନ୍ତି, ସେମାନଙ୍କୁ ପୁଣି ଅପମାନ ଦେବାକୁ ଆପଣଙ୍କର ଇଚ୍ଛା ହେଉଛି କମିତି ? ହଁ, ଭଲ ଲାଗିଲା ନାହିଁ । ମତଦ୍ୱୈଧ ଘଟିଲେ ଦଳ ଛାଡ଼ି ଚାଲି ଆସିପାରନ୍ତି । ତାହା ନ କରି ଯେଉଁମାନେ ଏଇ ଦୁଇ ଦିନ ଆଗରେ ଆପଣଙ୍କର ଏକାନ୍ତ ଅପରିଚିତ ଥିଲେ, ଯେଉଁମାନଙ୍କୁ ଆପଣ କେବେ ଶ୍ରଦ୍ଧା କରିପାରିବେ ନାହିଁ, ସେଇ-ମାନଙ୍କୁ ନେଇ ଦଳ ଗଢ଼ିବେ, ସେମାନେ ଯାହା କରିବାକୁ କହିବେ ଅନିଚ୍ଛାସତ୍ତ୍ୱେ ମୁଖଭଙ୍ଗୀରେ ସମ୍ମତ ହେବେ, ଆବଶ୍ୟକ ହେଲେ ଅର୍ଥ ସାହାଯ୍ୟ ଦେଇ ସେମାନଙ୍କୁ ସନ୍ତୁଷ୍ଟ କରିବେ, ଏସବୁ କଅଣ ଆପଣଙ୍କ ପକ୍ଷେ ସ୍ୱାଭାବିକ ହେବ ନା ସହଜ ହେବ !”

ଅଜୟ ଟିକିଏ ନୀରବ ରହି କହିଲେ, “ସବୁଠୁ ସହଜ ହେବ ସର୍ବତ୍ୟାଗୀ ସନ୍ନ୍ୟାସୀ ହୋଇ ହିମାଳୟକୁ ଚାଲିଗଲେ ।”

ପ୍ରାଣନାଥ କହିଲେ, “ତାହା ମଧ୍ୟ କିଛି ସହଜ ନୁହେଁ । ମନୁଷ୍ୟ କିଛି ନ କରି ଶୂନ୍ୟ ହାତରେ ମୁହୂର୍ତ୍ତେ ମଧ୍ୟ ବସିପାରିବ ନାହିଁ । ହିମାଳୟ ଯିବାକୁ ଟଙ୍କା ପଇସା ମଧ୍ୟ ଦରକାର ପଡ଼ିବ । ସ୍ତ୍ରୀ ଥିଲେ ସାଙ୍ଗରେ ଯିବାକୁ ବାଟ ଆଗୁଳି ବସିବ । ଆପଣ ସେ ବୈଷ୍ଣବର ଘରକରଣା ଗଳ୍ପଟା ପଢ଼ି ନାହାନ୍ତି, ବୋଧହୁଏ ।”

“ଅଜୟ କହିଲେ । ତୁମେ ଗଳ୍ପ-ପାଗଳ ହୋଇଗଲଣି ପ୍ରାଣ ! ଏତେ ଦମ୍ଭ ଧରି ଆସିଥିଲି ତୁମକୁ ବୁଝେଇ କରି ନେଇଯିବି; କିନ୍ତୁ ତୁମେ ମୋ କଥାରୁ ପଦେ ନ ଶୁଣି ଅକ୍ଳାନ୍ତ ଭାବରେ କହିଯାଉଛ ।

ଶେଷ କଥା କହିଲ, ମୋତେ ତୁମେ ଏ କାର୍ଯ୍ୟରେ ସାହାଯ୍ୟ କରିବାକୁ ଦିବ କି ନାହିଁ ?"

ପ୍ରାଣନାଥ କହିଲେ, "ଆପଣ ଦେଶ ପାଇଁ ଦିନେ ଗୃହତ୍ୟାଗ କରି କାରାବରଣ କରିଥିଲେ, ଆଜି ନିଜର ପ୍ରଭାବ ପ୍ରତିପତ୍ତି ବିସ୍ତାର କରିବାକୁ ବନ୍ଧୁମାନଙ୍କୁ ତ୍ୟାଗ କରି ଦେଉଛନ୍ତି ।"

ଅଜୟ ଚଉକିରୁ ଉଠିପଡ଼ି ଯିବା ଉଦ୍ୟମରେ ରହି କହିଲେ, "ତାହାହେଲେ ମୁଁ ଆଉ କଅଣ କରିବି ବୋଲି ତୁମର ଇଚ୍ଛା ?"

ପ୍ରାଣନାଥ ହସି ଦେଇ କହିଲେ, "ଆପଣଙ୍କ କଥା ଶୁଣି ମୁଁ ନିଜକୁ ବିଦ୍ରୁପ କରି ହସୁଛି । ମୋର ନିଜର ଇଚ୍ଛା କଅଣ, ଆଉ ସେ ଇଚ୍ଛାର ପ୍ରେରଣାରେ କଅଣ କଲେ ଭଲ ହେବ, ବୁଝିପାରୁ ନାହିଁ । ଆଜିର ଭାବନା କାଲିକି ରହୁନାହିଁ ।"

ଅଜୟବାବୁ ବିଦାୟ ନେଇ ଚାଲିଲେ ଯିବାବେଳେ ପ୍ରାଣନାଥ ପଛେ ପଛେ ଯାଇ ଅଧା ପାହାଚରେ ଠିଆହୋଇ କହିଲେ, "ଆପଣ ଯାହା କରିବାକୁ ଭାବୁଛନ୍ତି, ତାହା ହିଁ କରନ୍ତୁ ।"

## ଆଠ

ଗଣନାଥ କେବଳ ଜଣେ ଅସାଧାରଣ ଭାବରେ ଧନୀ ବ୍ୟବସାୟୀ ହେଲେ ମଧ୍ୟ ତାଙ୍କଠାରୁ ନାନା ଭାବରେ ଉପକାର ପାଇବା ଆଶାରେ ତାଙ୍କ ଘରକୁ ଅନେକ ପ୍ରକାର ଆକୃତି ପ୍ରକୃତିର ଲୋକ ଆଗମନ କରିଥାନ୍ତି । ସେଦିନ ମଧ୍ୟ ପ୍ରତିଦିନ ପରି ତାଙ୍କ ନିଚଳ ନିବାସରେ ବସିବା ଘରଟି ଆଗନ୍ତୁକମାନଙ୍କ ସମାଗମରେ ମୁଖର ହୋଇ ଉଠିଥିଲା ।

ଏଇ କେତେ ଦିନ ହେଲା ସୁଭାଷିଣୀ ସେହି ବିଶାଳ ଭବନର ପରିଚାଳନା କାର୍ଯ୍ୟ ଛାଡ଼ିଦେଇ ପଲ୍ଲୀମାନଙ୍କରେ ମହିଳା ସମିତି ଗଠନ କରି କଂଗ୍ରେସ ବାର୍ତ୍ତା ପ୍ରଚାର କାର୍ଯ୍ୟରେ ଲାଗିଥିଲେ । ସୁଭାଷିଣୀଙ୍କର ଇଚ୍ଛା ଥିଲା, ଗଣନାଥଙ୍କ ଘରେ ସେସବୁ ବିଷୟରେ ଅଧିକାରିଣୀ ହେବେ । ବାହାର ଲୋକ ବାହାରୁ ଆସି ବାହାରେ ବାହାରେ ଚାଲିଯିବେ । [redacted] କୁଟୁମ୍ବ ବୋଲି ଯେଉଁମାନେ କେବଳ କାର୍ଯ୍ୟ ଉଦ୍ଧାର କରିବାକୁ ଅନ୍ତରଙ୍ଗତା ଦେଖାଉଛନ୍ତି, ପୁଣି ବଳେବଳେ ଆସି ଘରେ ରହି ଯାଉଛନ୍ତି, ସେମାନେ ଆସିବେ ନାହିଁ । ଯେତେ ନିକଟ ଆତ୍ମୀୟ ହୁଅନ୍ତୁ ପଛେ, ସେମାନେ ଆସିଲେ ବାହାରେ ରହିବେ । କାରଣ ସେମାନଙ୍କର ଭାବଭଙ୍ଗୀ ସୁଭାଷିଣୀ ସହ୍ୟ କରିପାରନ୍ତି ନାହିଁ । ଏଣୁ ସେ ମନର ଅଭିମାନ ମନରେ ରଖି କାର୍ଯ୍ୟର ଛଳନା କରି ଅନ୍ୟ ସ୍ଥାନକୁ ଚାଲି ଯାଇଥିଲେ ।

ଗଣନାଥଙ୍କ ଭଉଣୀ ରେଖା ଦେବୀ, ଭଣୋଇ ଯଦୁନାଥ ଓ ଚାରି ପାଞ୍ଚଟି ପୁତ୍ରକନ୍ୟା ଧରି ଭ୍ରାତୃ ସମ୍ପର୍କଟି ସୁଦୃଢ଼ କରିବା ପାଇଁ ଭାଇଙ୍କ ଘରକୁ ଆସି ରହିଯାଇଥିଲେ । ରେଖାର ତୃତୀୟ ପୁଅ ମୁକୁନ୍ଦଟି ବଡ଼ ଚଞ୍ଚଳ । ଅନ୍ୟକୁ ନିର୍ଯ୍ୟାତନା ଦେବାରେ ତାର ବଡ଼ ଆନନ୍ଦ । ମାମୁଁଙ୍କ ଘରେ ତାହାର ଯେ ମୌଳିକ ଅଧିକାର ଅଛି, ଏକଥା ବାପା ମାଆଙ୍କ ମୁହଁରୁ ବାରମ୍ବାର ଶୁଣି ଶୁଣି ମୁକୁନ୍ଦର ଔଦ୍ଧତ୍ୟର ଅନ୍ତ ନ ଥିଲା ।

ଯଦୁନାଥ ଜଣେ ଧନୀ ବ୍ୟକ୍ତି, ପୁଣି ତାଙ୍କର ନିଜର ଗାଡ଼ି ମରାମତି କାରଖାନା ଅଛି । ଧନୀ ଗୃହିଣୀ ରେଖା ଭାଇଙ୍କ ଘରେ ଆଧିପତ୍ୟ ବିସ୍ତାର କରି ମଧ୍ୟ ତାଙ୍କ ମନ ସନ୍ତୁଷ୍ଟ ହେଉନାହିଁ । ଶୈଳ ଆଉ ତାଙ୍କ ମାଆ ଯେପରି ରେଖା ଦେବୀଙ୍କ ଯାତାୟାତ ପଥର କଣ୍ଟକ ହୋଇ ରହିଥିଲେ । ରେଖା ଆଉ ଯଦୁନାଥ ସୁଯୋଗ ସୁବିଧା ଦେଖି ଗଣନାଥଙ୍କୁ ଶୁଣାଇଁ ଶୁଣାଇଁ କଥୋପକଥନ କରନ୍ତି ଯେ, ଇମିତି ଦରିଦ୍ର ସ୍ୱଭାବର ସ୍ତ୍ରୀଲୋକ, ସେମାନେ ସଂସାରରେ କେଉଁଠି ଦେଖି ନାହାନ୍ତି । ଯାଆନ୍ତୁ ସେମାନେ ଏଥର ତାଙ୍କ ଦେଶକୁ । ଆମର ଏଠି ଦେଶର ଜାତିର ଦୁର୍ଦଶା ଦେଖି କିଛିଟିଏ କରିବାକୁ ହେଲେ ସବୁଦିଗରୁ ଭଲ ହେବ । କି ରାଜନୈତିକ, କି ଅର୍ଥନୈତିକ, କି ସାମାଜିକ ସବୁଆଡ଼ୁ ଗଣନାଥଙ୍କର କିଭଳି ଉତ୍ତରୋତ୍ତର ଉନ୍ନତି ସାଧିତ ହୋଇପାରିବ, ସେ କଥାର ଆଲୋଚନା କରୁଥାନ୍ତି ।

"ଦେବା କାର୍ପଣ୍ୟ ସେବା ଫଳେ କବା ଅସାଧ ମହାଭକେ" ଭାଗବତ ବାଣୀଟି ସାର୍ଥକ କରିବାରେ ଲାଗିଥିଲେ ଯଦୁନାଥ । ତାଙ୍କ ଅଞ୍ଚଳର ସଭ୍ୟଙ୍କୁ ଆଣି ଗଣନାଥଙ୍କ ଦଳଭୁକ୍ତ କରି ଦେଇଥିଲେ ମଧ୍ୟ । ସାଧାରଣ ଲୋକେ ପ୍ରବଚନ କରି କହନ୍ତି, ଅମୁକ ଲୋକଟି ଉଡ଼ନ୍ତ ଚିଙ୍ଗି ବାଳିଆ, ଶୋଉଳ ଧରିପାରେ । ଗଣନାଥଙ୍କ ଅକାତରିଁ ବ୍ୟୁତ୍ପତ୍ତି ଦେଖି ଯଦୁନାଥ ସମୟକୁ ଅପେକ୍ଷା କରି ବସିଥାଆନ୍ତି । ଘର ଭିତରେ ଅବାଧ ସଞ୍ଚରଣ କାର୍ଯ୍ୟରେ ଶୈଳ ଯେ ବାଧକରୂପେ ରହିଛି, ତାକୁ କୌଣସିମତେ ଘରୁ ବାହାର କରିବା ଉପାୟ ଆବଶ୍ୟକ । ତେଣୁ ଗଣନାଥଙ୍କର ଯେଉଁ ସାମାନ୍ୟ ନିଶା ଅଭ୍ୟାସ ଥିଲା, ଯଦୁନାଥ ସେ ଅଭ୍ୟାସଟାକୁ ଦଶ ଗୁଣ ବଢ଼େଇ ଦେଇଥିଲେ । ଯେଉଁ ମହିଳା ବନ୍ଧୁମାନଙ୍କ ସହିତ ମିଳାମିଶା କଲେ ଯଦୁନାଥଙ୍କର ସୁବିଧା ହେବ ତାର ବ୍ୟବସ୍ଥା ମଧ୍ୟ ସମସ୍ତ ଦେଖି କରିଦେଉଥିଲେ । ଏସବୁ ଘଟଣାରେ ଶୈଳ ଦିନକୁ ଦିନ ଯେତିକି ଅବସାଦଗ୍ରସ୍ତ ହୋଇ ଯାଉଥିଲେ, ଗଣନାଥ ସେତିକି ଉତ୍ଫୁଲ୍ଲ ହୋଇ ଆମୋଦ ଆହ୍ଲାଦ ଭିତରେ ସମୟ କଟାଇ ଦେଉଥିଲେ ।

ଗଣନାଥ ଆପଣା କାର୍ଯ୍ୟକୁ କେବେ ଆବହେଳା ଦୃଷ୍ଟିରେ ନ ଦେଖିଲେ ମଧ୍ୟ ଭଉଣୀ ଭଣେଇଙ୍କ ପ୍ରୋତ୍ସାହନରେ ପଡ଼ି ଶୈଳ ଆଉ ତାଙ୍କ ମାଆ ପ୍ରତି ଅନାଦର ଅବହେଳା ତାଙ୍କ ମନରେ କ୍ରମଶଃ ବଢ଼ିଥିଲା । କ୍ରମେ ସେ ଏପରି ଧାରଣା କରିବସିଲେ ଯେ ଶୈଳ ଆଉ ତାଙ୍କ ମାଆ ବେଳେ ବେଳେ ତାଙ୍କୁ ଆୟତ୍ତ କରି ତାଙ୍କ ଘରେ ପ୍ରବେଶ କରି ଯାଇଛନ୍ତି । ଏଇ ଅକାରଣ ଅବହେଳାରେ ଶୈଳ ବ୍ୟଥିତା ହୋଇ ସବୁ କଥା ଆପଣା ଦୋଷରୁ ହୋଇଥିବା ମନେକରି ଅଭିମାନ ଭୁଲି ଗଣନାଥଙ୍କ ଆଡ଼କୁ ଅଗ୍ରସର ହୋଇଯାଆନ୍ତି ; କିନ୍ତୁ ଗଣନାଥ ତାଙ୍କୁ ବ୍ୟଙ୍ଗ ବିଦ୍ରୂପ କରି କଟୁ କଥା କହି ଦୁଆରମୁହଁରୁ ଫେରିଯିବାକୁ ବାଧ୍ୟ କରିଦିଅନ୍ତି । ଶୈଳର

ମାଆଙ୍କୁ ମଧ୍ୟ ଗଣନାଥ ଖୁଡ଼ୀ ନିକଟରୁ, ପୁଅ ଝିଅଙ୍କ ସାମନାରେ ଯେତେବେଳେ ଯାହା ଇଚ୍ଛା କହିଦିଅନ୍ତି ।

ଏସବୁ କ୍ଷୁଦ୍ର କ୍ଷୁଦ୍ର ଘଟଣା ପରେ ଗଣନାଥ ଆଉ ପୂର୍ବପରି ଘର ଭିତରକୁ ଆସୁ ନ ଥିଲେ । ନିତାନ୍ତ ଆବଶ୍ୟକ ସମୟରେ କେବେ ଆସିଗଲେ ଶୈଳକୁ ଦେଖି ମଧ୍ୟ କଥା କହନ୍ତି ନାହିଁ କି ତାଙ୍କ ମାଆଙ୍କ ମୁହଁ ଆଡ଼କୁ ଅନାନ୍ତି ନାହିଁ । ଗଣନାଥଙ୍କ ମୁହଁରେ ଏପରି ଅସ୍ୱାଭାବିକ ଗାମ୍ଭୀର୍ଯ୍ୟ ଦେଖି ଶୈଳର ମାଆ ଆତଙ୍କିତା ହୋଇ ଘର ଭିତରକୁ ପଶିଯାଇ ଅଜସ୍ର ଅଶ୍ରୁ ବୁହାଇ କେତେ ଥର ସ୍ୱାମୀଙ୍କ କଥା ସ୍ମରଣ କରି କାନ୍ଦିଛନ୍ତି ।

ଇତି ମଧ୍ୟରେ ଶୈଳର ମାଆଙ୍କ ସହିତ ଗଣନାଥଙ୍କ ଯିବାଆସିବା ବାରଣ୍ଡାରେ ଆକସ୍ମିକ ସାକ୍ଷାତ ଘଟିଯାଇଛି । ଗଣନାଥ ଏଇ ଅଳ୍ପ ଦିନ ପୂର୍ବର ପ୍ରିୟ ଶାଶୁଙ୍କ ମୁହଁକୁ ନ ଚାହିଁ ଆଡେଇ ହୋଇ ଚାଲି ଯାଇଛନ୍ତି , କିନ୍ତୁ ଶୈଳର ମାଆ ପୂର୍ବ ସ୍ନେହଟାକୁ ସହଜ ଭାବରେ ସମ୍ପାଦନ କରିବା ଆଶାରେ ଗଣନାଥଙ୍କ ଆଡ଼କୁ ଅଗ୍ରସର ହୋଇ ଆସିଛନ୍ତି ବାରମ୍ବାର । ଗଣନାଥଙ୍କ ନିଷ୍ଠୁରତାରେ ତାଙ୍କ କଣ୍ଠର ଆବେଗଭରା କଥା କଣ୍ଠରେ ହିଁ ରୋଧହୋଇ ରହିଯାଇଛି । ଅତୀତ ଦିନରେ ସେ ଯେମିତି ଅତି ସ୍ନେହରେ ପଚାରି ପଚାରି କେଉଁଦିନ ଭଜା ଦିଅନ୍ତି, ଚଟଣି ଟିକିଏ ତିଆରି କରି ଗଣନାଥଙ୍କୁ ଖୁଆଉଥିଲେ, ସେ କଥା ସ୍ମରଣ କରି ତାଙ୍କ ଆଖିରେ ଅଶ୍ରୁ ଭରିଯାଇଛି । ଗଣନାଥ ସେ ଆଡ଼କୁ ଭ୍ରୂକ୍ଷେପ ନ କରି ଗନ୍ତବ୍ୟ ପଥରେ ଚାଲିଯାଇଛନ୍ତି ସଦର୍ପରେ ।

ସେଦିନ ସେହିପରି ବାରଣ୍ଡାରେ ଗଣନାଥଙ୍କୁ ଦେଖି ଶୈଳର ମାଆ ତାଙ୍କର କେତୋଟି ପ୍ରିୟ ବ୍ୟଞ୍ଜନର ନାମ କହି କେଉଁଟା ତିଆରି କରିବେ ବୋଲି ହସିଦେଇ ପଚାରିଥିଲେ । ଗଣନାଥ ଶାଶୁଙ୍କ ମୁହଁକୁ ଚାହିଁ ଅବଜ୍ଞାସୂଚକ ମୁଖଭଙ୍ଗୀ କରି କହିଥିଲେ, "ମୋର ଚାକର, ପୂଜାରୀ ଅଛନ୍ତି, ସେମାନେ ମୋର ଖାଇବା ବ୍ୟବସ୍ଥା କରୁଛନ୍ତି, କରୁଛନ୍ତି ମଧ୍ୟ । ତୁମେ

ତୁମର ମୁଣ୍ଡଟାକୁ ଅସ୍ତ୍ରାକରି ଶୋଇପଡ଼ । ସତେ ଯିମିତି ମୋତେ ଜନ୍ମକାଳରୁ ରକ୍ଷାରକ୍ଷଣ କରିଆସିଛ । ତୁମେ ନ ଥିଲେ ଆମେ ଉଡ଼ି ବୁଡ଼ି ଯାଆନ୍ତୁଣି—ଆଜି କେଉଁଟିବୁଡ଼ାଏ ଅଭିଭାବକପଣ ଦେଖାଅ ନାହିଁ । ଏତେ ଆତ୍ମୀୟତା ମୋତେ ଭଲ ଲାଗୁନାହିଁ ।"

ଶୈଳର ମାଆ ମଧ୍ୟ ଟେକ କଅଣ କହିବାକୁ ଯାଉଥିଲେ, ଗୋଟାଏ ଅବ୍ୟକ୍ତ ଦୁଃଖର ପୀଡ଼ାରେ କଣ୍ଠ ତାଙ୍କର ରୁଦ୍ଧହୋଇଗଲା । ସେ ଆଉ କିଛି ନ କହି ଆଖି ପୋଛି ପୋଛି ଶୋଇବା ଘର ଆଡ଼କୁ ଯାଇ ଯାଇ ଭାବିଲେ, ଆହା କେଡ଼େ କଥା ହେଲା ! କିମିତି ଇମିତି ହେଲା ? କଅଣ କଲି ମୁଁ । ଶୈଳ ବାପା ତୁମେ କେଉଁଠି ଅଛ ମୋ ଦୁଃଖ ଥରେ ଦେଖିଯାଅ ।

ଶୈଳର ମାଆ ଏ ଘରକୁ ଆସିବା ଦିନଠାରୁ ଘରର ଗୋଟିଏ ସୁନ୍ଦର, ପ୍ରଶସ୍ତ କକ୍ଷରେ ରହୁଥିଲେ । ସେ କଥରାଟିକୁ ଗଣନାଥ ସ୍ୱହସ୍ତରେ ସଜେଇ ଦେଇ-ଥିଲେ ଶାଶୁଙ୍କ ସକାଶେ । ଟିକ୍ କାଠର ସୁନ୍ଦର ଖଟ ଉପରେ ଡନ୍‌ଲପ ଗଦିଟି । ଖଟ ପାଖକୁ ଦୁଇଟି ତକିଆ । ସେଥିରେ ମଧ୍ୟ ମୋଟା ଡନ୍‌ଲପ ଗଦି । ଅନ୍ୟ ପାଖକୁ ବଡ଼ ଆଲମାରି ଗୋଟିଏ । ଆଲମାରି କବାଟରେ ତଳ ଉପର ପର୍ଯ୍ୟନ୍ତ ଲମ୍ବା ଦର୍ପଣ । ଆଲମାରି ପାଖକୁ ସୁନ୍ଦର ଟେବୁଲ । ଟେବୁଲ ଉପରେ ବଡ଼ ରେଡ଼ିଓ ଗୋଟିଏ । ଦୁଇ କୋଣରେ ଦୁଇଟି ଉଚ୍ଚ ଲମ୍ବା ଷ୍ଟୁଲ ଉପରେ ଦୁଇଟି ପ୍ରସ୍ତର ମୂର୍ତ୍ତି । ଦୁଇଟିଯାକ ମୂର୍ତ୍ତି ବୁଦ୍ଧଙ୍କର, ଭିନ୍ନ ଭିନ୍ନ ଭଙ୍ଗୀରେ ଗଠିତ । ଗୋଟିକରେ ଅମ୍ବାପାଳୀର ମୂର୍ତ୍ତି ରହିଛି । ସୁଦୃଶ୍ୟ ପଲଙ୍କ ଉପରେ ଦୁଗ୍ଧଫେନନିଭ ଶଯ୍ୟା ।

ଶୈଳର ମାଆ ଦୁଃଖ-ଆବେଗରେ କମ୍ପିତ ପଦରେ ଆଖି ପୋଛି ଘର ଭିତରକୁ ପ୍ରବେଶ କରି ଆଖି ଖୋଲି ଦେଖିଲେ, ମୁକୁନ୍ଦ ଖଟ ଉପରେ ଦୁମ୍ ଦୁମ୍ କରି ନାଚୁଛି । ମୁକୁନ୍ଦର ମୋଟା ଦେହ ଓ ମାଂସଳ ମୂର୍ତ୍ତିକୁ ଦେଖି ଶୈଳର ମାଆ ପ୍ରଥମେ ପ୍ରଥମେ ହସୁଥାନ୍ତି । ସେ ମଧ୍ୟ ସମୟେ ସମୟେ ଶୈଳ-ମାଆ ର ହାବା ସମସ୍ତ ଦେଖି ଘର ଭିତରେ ଶଣି

ଦୌରାତ୍ମ୍ୟ କରି ଦେଉଥାଏ । ସେଦିନ ଭାଙ୍କିଙ୍କ କେଜାଣି ମୁକୁନ୍ଦ ଶୈଳମାଆଙ୍କୁ ଦେଖୁ ଦେଖୁ ଉଦ୍ଧତ ହାସ୍ୟ କରି ନାଚିବାକୁ ଆରମ୍ଭ କଲା ଦିଗୁଣ ବେଗରେ । ଏଣେ ରେଡ଼ିଓଟାକୁ ଏପରି ମୋଡ଼ି ଦେଇଛି ଯେ, ଅଜଣା ବ୍ୟକ୍ତିର କଣ୍ଠସ୍ୱର ଗର୍ଜନ କଲାପରି ଶୁଭୁଛି । ଶୈଳର ମାଆ ଆସ୍ତେ ଆସ୍ତେ ଯାଇ ବନ୍ଦ କରିଦେଲେ ରେଡ଼ିଓଟାକୁ । ମୁକୁନ୍ଦ ଖଟ ଉପରୁ ପ୍ରବଳ ବେଗରେ ଡେଇଁପଡ଼ି ଆସି ଶୈଳମାଆର ବାହୁ ଧରି ଓଷ୍ଠାର ଦୁଇ କଣରଟା ବଧା ଗୁପୁଡ଼ା ମାରି ରେଡ଼ିଓଟାକୁ ପୁଣି ମୋଡ଼ି ଦେଲା । ଶୈଳର ମାଆ ରେଡ଼ିଓ ଉପରୁ ମୁକୁନ୍ଦର ହାତ ଛଡ଼େଇନେଇ ରେଡ଼ିଓ ସୁଇଚ୍‌ଟାକୁ ଅଫ୍ କରିଦେଲେ । ମୁକୁନ୍ଦ ଚିତ୍କାର କରି କାନ୍ଦିଉଠି କ୍ରୋଧଜର୍ଜର ହୋଇ ଶୈଳର ମାଆଙ୍କୁ ଯେତେ ପାରିଲା ବିଧା, ଗୋଇଠା, ଗୁପୁଡ଼ା ମାରିବାକୁ ଲାଗିଲା । ସେଥି-କରେ ମଧ୍ୟ ସେ ତୃପ୍ତ ନ ହୋଇ ତାଙ୍କୁ ଠେଲି ପେଲି ଦେ ଷାଣ୍ଡ ତଳେ ବସେଇଦେଲା ।

ଅବମାନନାର ଦାରୁଣ କଷାଘାତରେ ଶୈଳର ମାଆ ଦୁର୍ବଳ ହୋଇ ପଡ଼ିଥାନ୍ତି । ତା ନ ହୋଇଥିଲେ ମୁକୁନ୍ଦକୁ ତଳେ ବସେଇ ଦେଇ ତା ଉପରେ ସେ ବାଘୁଣୀପରି ମାଡ଼ି ବସନ୍ତେଣି । ମୁକୁନ୍ଦର ଦୌରାତ୍ମ୍ୟରେ ଶୈଳର ମାଆ ଦୁଃଖବିଷାଦ ଭୁଲିଯାଇ କ୍ରୋଧରେ ଉତ୍ତେଜିତ ହୋଇଉଠିଲେ କ୍ଷଣକରେ । ଉଭୟେ ଉଭୟଙ୍କୁ ଗାଳିଦେଇ ରେଡ଼ିଓଟାକୁ ଧରି ଟାଣୁ ଟାଣୁ ସେ କହୁଥାଏ ମୋର, ଏ କହୁଥାଏ ମୋର । ସେ ତୋ ବାପାର କି ବୋଲି କହିଲେ, ସେ ତୋ ବାପାର କି ବୋଲି କହେ । ଶୈଳ ମା କ୍ରୋଧରେ, ମୁକୁନ୍ଦ ଓଡ଼ିଆରେ ଖାଲି ଗାଳି ବର୍ଷଣ କରିବାକୁ ଲାଗିଲେ । ମୁକୁନ୍ଦ ତା ଦେହର ସମସ୍ତ ଶକ୍ତି ଦେଇ ବାଜୁଥିବା ରେଡ଼ିଓଟାକୁ ଧରି "ରେଡ଼ିଓ ମୋ ମାମୁଁଙ୍କର, ତୁ ଏ ଘରୁ ଯା ଇତ୍ୟାଦି" କହି ଯେତେ ସେଇଟାକୁ ଟାଣିଲା, ଶୈଳର ମାଆ ମଧ୍ୟ ଦାନ୍ତ କଡ଼ମଡ଼ କରି ରେଡ଼ିଓ ଉପରେ ଦୁଇ ବାହୁ ଦେଇ ଜାକିଭିଡ଼ି ଧରିଲେ ଛାତି ଚାପି ଦେଇ । ଶାଶୁଙ୍କ ଗଣ୍ଡରେ କେତେ କାହାଣୁ ଲୁହ ଗଡୁଥାନ୍ତି । ଏହି ଷଣ୍ଢା

ଘୋଷଡ଼ାରେ କେତେବେଳେ ରେଡ଼ିଓର କୋଣଟା ଖୋଞ୍ଚି ହୋଇଗଲା ମୁକୁନ୍ଦର କାନ ପାଖ କପାଳ ଉପରେ । ସେଥିରେ ହିଁ ସେ ଘାଉଆ ବାଘ ପରି ଶୈଳର ମାଆଙ୍କୁ ନାତ ଗୋଇଠା ମାରି ତଳେ ଗଡ଼େଇ ଦେଲା ।

ମୁକୁନ୍ଦର କାନ ଉପରୁ ରକ୍ତ ବହିବା ଦେଖି ଶୈଳର ମାଆ କଅଣ ଗୋଟାଏ ବିପଦର ଆଶଙ୍କା କରି ବିଷାଦିତ ହୋଇ ଉଠିଛନ୍ତି ମନେ ମନେ । ଏହି କ୍ଷଣକ ପୂର୍ବରୁ ଯୁଦ୍ଧ ମନୋବୃତ୍ତି ଛାଡ଼ି ସାରିଲେଣି ବହୁ ଦୂରକୁ । ମୁକୁନ୍ଦ ଶୈଳର ମାଆଙ୍କୁ ତାର ସବୁ ଶକ୍ତି ଦେଇ ମାଡ ମାରି ମଧ୍ୟ ତୃପ୍ତ ହୋଇପାରିଲାନାହିଁ । ସେ ଏପାଖ ସେପାଖକୁ ଅନେଇ ଖଟ ଉପରର ଗଦି, ତକିଆ ସବୁ ଟାଣି ଆଣି ଶୈଳମାଆର ମୁଣ୍ଡ ଉପରେ ପକେଇଦେଲା ଧପାସ୍‌କରି । ଚଉକିର ଗଦି, ଅଲଗୁଣୀର ସବୁ ଲୁଗା ସହିତ ଅଲଗୁଣୀଟା ମଧ୍ୟ ତା ଉପରେ ଲଦିଦେଲା ।

ଏତିକିବେଳେ ଶୈଳ ସେ ଘରକୁ ଆସି ଏ ଅବସ୍ଥା ଦେଖି ଅବାକ୍ ହୋଇ ରହିଗଲେ । ମୁକୁନ୍ଦ ଶୈଳ ପାଖକୁ ଆସି ଚିତ୍କାର କରି କାନ୍ଦି ଉଠି କହିଲା—ତୋ ମାଆ ବୁଢ଼ୀ ମୋ ସାଙ୍ଗରେ ଲାଗି ମୋ ଉପରକୁ ରେଡ଼ିଓଟା ଫିଙ୍ଗିଦେଲା । ମୁଁ ଆଜି ଶାଳୀ ବୁଢ଼ୀକି ମାରିଦେବି । କହୁ କହୁ ଶୈଳର ମାଆଙ୍କୁ ନାତ ଗୋଇଠା ମାରି ରଡ଼ି କରି କରି ମାଆ ପାଖରେ ସବୁ କଥା କହିବା ଲାଗି ଭୟ ଦେଖେଇ ଦେଖେଇ ଚାଲିଗଲା ।

ଶୈଳ ସେଦିନ ବମିର ବେଗ ଅନୁଭବ କରି ଦୁର୍ବଳ ବୋଧ କରୁଥିଲେ । ଏ ସମୟରେ ମାଆର ଦୁର୍ଦ୍ଦଶା ଦେଖି ତାଙ୍କର ମନେହେଲା ତାଙ୍କ ଦେହରୁ ଗଛରୁ ପତ୍ର ଝଡ଼ିଲା ପରି ହାତ ଗୋଡ଼ ଝଡ଼ି ପଡ଼ିଯାଉଛି । ସେ ସେହିପରି ଦୁର୍ବଳ ଭାବରେ ଗଦିଟାକୁ ଉଠେଇନେଇ ବିଛେଇଦେଲେ ଖଟ ଉପରେ । ସେ ପର୍ଯ୍ୟନ୍ତ ରେଡ଼ିଓଟା ତଳେ ପଡ଼ି ଗାଁ ଗାଁ ହେଉଛି । ଚଉକି, ଅଲଗୁଣୀ ଯଥାସ୍ଥାନରେ ରଖି ଶୈଳ ମାଆଙ୍କୁ ଉଠେଇ ଦେଖିଲେ, ମାଆ ଦେହର ବ୍ଲାଉଜ ଚିରି ଫାଳ ଫାଳ ହୋଇଯାଇଛି । ପିଠିରେ, ହାତରେ ରାମ୍ପୁଡ଼ା କାମୁଡ଼ାର ଦାଗ ଦିଶୁଛି ରକ୍ତଆ ରକ୍ତଅ ହୋଇ ।

ବୈଠକଖାନାରେ ଗଣନାଥ ପ୍ରଭୃତି ବସି ବଡ଼ ବଡ଼ ବିଷୟ ଆଲୋଚନା କରୁଥିଲେ । ଘର ଆଡ଼ୁ ମୁକୁନ୍ଦର ମଇଁଷି ଗରଜା କାନ୍ଦ ପାଖକୁ ରେଖା ଦେବୀଙ୍କ ଗର୍ଜନ ତର୍ଜନ ସେମାନଙ୍କୁ ଆସନରୁ ଉଠେଇ ଆଣିଲା ।

ରେଖା ଦେବୀ, ରୋଦନରତ ମୁକୁନ୍ଦ, ଯଦୁନାଥ, ଗଣନାଥଙ୍କୁ ଯୁଦ୍ଧସଜ୍ଜାରେ ଦେଖି ଶୈଳ କିଂକର୍ତ୍ତବ୍ୟବିମୂଢ଼ା ହୋଇ ଖଟର ଖୁଣ୍ଟିକୁ ଧରି ଠିଆ ହୋଇଗଲେ । କଅଣ ଗୋଟାଏ କହିବାକୁ କଥା ପାଇଲେ ନାହିଁ ।

ଯଦୁନାଥ ମୁକୁନ୍ଦକୁ କୋଳ ପାଖକୁ ଧରି ଆବେଗ-ଗଦ୍‌ଗଦ୍ କଣ୍ଠରେ କହିଉଠିଲେ— ଦେଖିଲ, ମାଆ ଝିଅ ମିଶି ମୋ ମୁକୁନ୍ଦର ମୁଣ୍ଡ ଫଟେଇ ଦେଇଛନ୍ତି । ରେଖା ଦେବୀ କାନ୍ଦି କାନ୍ଦି ଅସ୍ଥିର । ସେ ମୁକୁନ୍ଦକୁ କେତେ କଷ୍ଟରେ ଦଶ ବର୍ଷର ପୁଅ କରିଛନ୍ତି । ମାଆ ଆଉ ଝିଅ ଏକା ହୋଇ ତା ସାଙ୍ଗରେ ଲାଗି କେମିତି ସବୁବେଳେ ଗାଳି ମାଡ଼ ଦେଉଛନ୍ତି । ମୁକୁନ୍ଦ ସେ କଥାରେ ତାଳ ଦେଇ ଗରଜି ଗରଜି କହୁଥାଏ ବୁଢ଼ୀ କେମିତି ରେଡ଼ିଓଟାକୁ ଧରି ତା ଉପରକୁ ଫିଙ୍ଗି-ଦେଲା, ମୁଣ୍ଡକୁ ଠୋ ଠୋ କରି ଖାଲି ଗୁଡ଼ୁପାଗୁଡ଼ାକ ମାରି ପକେଇଲା । ସେ କିଛି କରି ନାହିଁ ଇତ୍ୟାଦି ।

ଶୈଳର ମାଆ ସ୍ତବ୍ଧ ହୋଇ ବସି ରହିଥିଲେ ଖଟ ଉପରେ । ମନେ ମନେ ସେଇ ରେଡ଼ିଓ ଟଣା-ଟଣିର କଥା ନେଇ ଭାବି ନିଜକୁ ଧିକ୍‌କାର କରୁଥିଲେ । ଯଦୁନାଥଙ୍କ ମିଥ୍ୟା ଅଭିଯୋଗ ଶୁଣି ଶୁଣି ଅବଶେଷରେ-ମଧ୍ୟ ଟିକେ ବିଷାଦ ବ୍ୟଥିତ ହୋଇ କହିଲେ ତୁମ ପୁଅକୁ ମୁଁ ଆଦୌ ମାରିନାହିଁ । ସେ ମୋତେ ଯାହା ମାଡ଼ ଦେଇଛି ! ରାମ୍ପୁଡ଼ି କାମୁଡ଼ି ପିଠିରୁ, ହାତରୁ ରକ୍ତ ବାହାର କରିଦେଇଛି ।

ଶୈଳର ମାଆ ତାଙ୍କ କଥା ଶେଷ କରିବା ଆଗରୁ ଯଦୁନାଥ ସେ ଆଡ଼କୁ ଅଗ୍ରସର ହୋଇ ଶୈଳର ମାଆଙ୍କ ଆଖି ଆଡ଼କୁ ଆଙ୍ଗୁଠି ଦେଖାଇ କହି

କରି ବିଦ୍ରୁପ ମିଶାଇ କହିଲେ—"ଆହା ହା ସୁନା, ଲୋକଟି କିଛି ମାରନାହିଁ । ଆଖିକି ଦିଶୁନାହିଁ ? ଅନ୍ଧୁଣୀ ହୋଇଯାଇଛ ? ସେ ପିଲାର ମୁଣ୍ଡ ଫାଟି ରକ୍ତ ବହିଯାଉଛି । ଯା ମୁକୁନ୍ଦ, ତୋ ମୁଣ୍ଡ ଯିଏ ଫଟେଇ ଦେଇଛି, ତା ମୁଣ୍ଡକୁ ତୁ ଫଟେଇ ଦେ ।"

ରେଖା ଦେବୀ ଠିଆହୋଇ ଦେଖୁଥାନ୍ତି । ଗଣନାଥ ମୁହଁ ଫେରେଇ ହସୁଥାନ୍ତି ।

ମୁକୁନ୍ଦକୁ ତାଙ୍କ ଆଡ଼କୁ ଅଗ୍ରସର ହେବା ଦେଖି ଶୈଳମାଆଙ୍କର ମୁହୂର୍ତ୍ତକ ଆଗର ଅନୁତାପ ଚିନ୍ତା ଉଡ଼ି ଚାଲେଇଗଲା କେଉଁଆଡ଼େ । ତାଙ୍କର ସହଜ କ୍ରୌଧଭାବ ଗର୍ଜିଉଠିଲା କ୍ଷଣକରେ । ସେ ମୁକୁନ୍ଦର ହାତ ଧରିପକେଇ କହିଲେ—କିରେ ଦୁଷ୍ଟ ଟୋକା, ତୁ ମୋତେ ମାରିବାକୁ ଆସୁଛୁ । ମୁଁ ଭଗବାନଙ୍କୁ ସାକ୍ଷୀ ରଖି କହୁଛି, ମୁଁ ମାରି ନାହିଁ । ତୁ ମୋତେ ଯେତେ ମାଡ଼ ଦେଇଛୁ, ତୋର ଏ ହାତରେ କୁଷ୍ଠ ହୋଇଯାଉ । ମୋ ଘରକୁ ଆସି, ମୋର ରେଡ଼ିଓ ଭାଙ୍ଗି—

ଯଦୁନାଥ ବିଦ୍ରୁପ କରି କହିଲେ—ମୋର ରେଡ଼ିଓ ! ଭେଡ଼ିଓଟା ନେପାଳ ଆଡ଼ୁ ଆଣିଥିବ !

ରେଖା ଭେ ଭେ କାନ୍ଦି କହିଲେ—ଦେଖିଲ, ଏ ବୁଢ଼ୀ ମୋ ପିଲାକୁ ଶର୍ମି ଶାପ ଦେଉଛି ! ଗଣିଦନା, ତୁମେ ଦେଖୁ ଦେଖୁ ଇମିତି କଥା କହୁଛି, ଆଉ ପଛରେ କଅଣ କରୁ ନ ଥିବ ବିଚାର କର !

ଶୈଳର ମାଆ ଗର୍ଜିଉଠି କହିଲେ—ଗଣିଦନା ମୋର କଅଣ କରିଦେବ ? ମୋ ଝିଅର ଘର । ଏ ଘର ମୋର । ତୁମେମାନେ ମୋ ଝିଅଘରେ ପଶି ମୋ ଝିଅର ସର୍ବନାଶ କରିବାକୁ ବସିଛ ।

ଗଣନାଥ ଭାବିଲେ, ଶୈଳର ମାଆ ସବୁଦିନେ ତ ଲୁକର ବାଳଭ ସାଙ୍ଗରେ ଝଗଡ଼ା କରିବା ଅଭ୍ୟାସ ରଖିଛି । ଆଜି ବଳପଡ଼ି ପିଲାଟାକୁ ବାଡ଼ଆପିଟା କରି ମୁଣ୍ଡ ଫଟେଇ ଦେଇଛି । ବିଶେଷରେ ରେଖାର କାନ୍ଦ ଓ ଶୈଳମାଆର ଔଦ୍ଧତ୍ୟ ତାଙ୍କୁ ବିଚଳିତ କରିଦେଲା । ସେ ଶୈଳମାଆ ଆଡ଼କୁ ଯାଇ କହିଲେ, ଜାଣିଛୁ ଏମାନେ ମୋର କାଏ ! ଏମାନଙ୍କ ଯୋଗୁ ମୋର ଜୀବନର ଉନ୍ନତି । ତୁ ମୋ ଘରକୁ ଆସି ମୋ ଭଉଣୀର ପିଲାକୁ ମାଡ଼ ଗାଳି ଦେଉଛୁ । ଲାଜ ଲାଗୁ ନାହିଁ ? ଝିଅଟେ ଧରି ମୋ ଘରକୁ ପଳେଇ ଆସିଲୁ, ଆହୁରି ମୋ ଆପଣା ଲୋକ ଉପରେ ଅତ୍ୟାଚାର କରୁଛୁ ! ଉଠ୍, ମୋ ଘରୁ ଏଇକ୍ଷଣି ପଳା ।

ଶୈଳର ମାଆ ଗଣନାଥ ଆଡକୁ ଆସି ତାଙ୍କ ହାତଧରି ଝାଙ୍କି ଦେଇ କହିଲେ, କଅଣ କହୁଛୁ ତୁ ଗଣନାଥ ! ମୁଁ ତୋ ଘରକୁ ଆସିଛି ? ପଶୁ ତୁ; କଅଣ ବୁଝିବୁ, ମୁଁ କାହିଁକି ତୋ ଘରକୁ ଆସିଲି ? ରାକ୍ଷସ, ତୁ ଆଗ ମୋ ଘରକୁ ଯାଇଥିଲୁ ନା, ମୁଁ ତୋ ଘରକୁ ଆସିଥିଲି ?

ଗଣନାଥ ଶୈଳର ମାଆକୁ ଛୁଆଁଡ଼ ଦେଇ କହିଲେ—ତୁ ତ ବୁଢ଼ୀ ରାକ୍ଷସୁଣୀ ! ମୋ ଘରେ ଭଲ ଖାଇବୁ ପିନ୍ଧିବୁ ବୋଲି ସ୍ୱାମୀଟାକୁ ଜାଣି ଜାଣି ମାରିଦେଇ ଚାଲିଆସିଲୁ ।

ଗଣନାଥଙ୍କ କଥାଗୁଡ଼ାକ ତୀକ୍ଷ୍ଣ ଶର ପରି ବିଦ୍ଧ ହୋଇଗଲା ଶୈଳମାଆର ବକ୍ଷରେ । ନିମିଷକରେ ମରି-ମରି ଗଲା ତାଙ୍କର ସେ କ୍ରୋଧର ତେଜ । ସେ ସେଇଠି ବାଲି ବୁଢ଼ୁକା ପରି ତଳେ ଲୋଟି ଯାଇ ରୋଦନ କରିବାକୁ ଲାଗିଲେ ।

ଯଦୁନାଥ ଓ ରେଖା ଦେବୀ ଯାହା ଇଚ୍ଛା କହି-ଯାଉଥିଲେ । ସେମାନଙ୍କର ବାକ୍ୟବାଣଗୁଡ଼ାକ ଆସି ବାଜୁଥିଲା ଶୈଳର ବକ୍ଷରେ । ସେ ତ ପ୍ରେମ ଛଡ଼ା ଅନ୍ୟ କିଛି କଥା ଜାଣି ନ ଥିଲେ ! ତାଙ୍କର ହୃଦୟ-କୁମ୍ଭ ଭିତରେ ପ୍ରେମକଥାଗୁଡ଼ାକ ରହି ପାରୁ ନ ଥିଲା ବୋଲି ଗଣନାଥଙ୍କୁ ଦେଖି ଦେଖି ସେ ପଚାରିବା ପୂର୍ବରୁ ଅନର୍ଗଳ ବକି ଯାଉଥିଲେ ସେଦିନ । ଜୀବନରେ ଆଜି ପରି ଗୋଟାଏ ଦିନ ଆସିବ ବୋଲି ସେ ସ୍ୱପ୍ନରେ ମଧ୍ୟ କଳ୍ପନା କରି ନ ଥିଲେ । ସେ ଯଦି ସଜାଗ ହୋଇ ଥରେ ହେଲେ ଭାବି ଥାଆନ୍ତେ, ଗଣନାଥ ତାଙ୍କର କେହି ନୁହନ୍ତି, ଦେଶର ଲୋକ ନୁହନ୍ତି କି ଜାତିର ସମାଜର ଲୋକ ନୁହନ୍ତି, ଲଜ୍ଜା ଛାଡ଼ି ତାଙ୍କୁ ସେ କିମିତି ଏତେ

କଥା କହି ଯାଉଛନ୍ତି ? ମନସ୍ତତ୍ତ୍ୱବିତ୍ ଗଣନାଥ ମୁଗ୍ଧା ହରିଣୀକୁ ସେଦିନ ପ୍ରେମ-ପାଶରେ ବାନ୍ଧିଥିଲେ । ଦୁହିଁଙ୍କର ଯୌବନ ଦୁହିଁଙ୍କୁ କରିଦେଇଥିଲା ଉନ୍ମତ୍ତ । ନାରୀ ହୃଦୟ ଜୟ କରିବା କୌତୂହଳ ସେଦିନ ଜାଗି ଉଠିଥିଲା ଗଣନାଥଙ୍କ ମନରେ । ଏବେ ସେ ଦେଖୁଛନ୍ତି ଶୈଳର ସାନ୍ନିଧ୍ୟ ତାଙ୍କୁ ଆଉ ସୁଖକର ବୋଧ ହେଉ ନାହିଁ । ଏକ୍ଷଣି ସେ ଯଦୁନାଥଙ୍କ କଥା ଶୁଣି ଶୁଣି ନୂଆ-ନୂଆ କଳ୍ପନା କରି ଉତ୍ତେଜିତ ହୋଇ ଉଠୁଛନ୍ତି । ନୂଆ କଥା ଶୁଣୁ ଶୁଣୁ ପୁରୁଣାର ଭାବନା ମନ ଭିତରକୁ ପ୍ରବେଶ କରିପାରୁନାହିଁ ।

ଶୈଳ ସେଇପରି ଅଚଳ ହୋଇ ଠିଆ ହୋଇ ରହି କହିଲେ—ତୁମେ ମୋ ମାଆକୁ ଗାଳି ଦେଉଛ । ମୁଁ ତୁମର ବିବାହିତା ପତ୍ନୀ—

ଯଦୁନାଥ ବିଦ୍ରୂପ କରି କହିଲେ—ସଂସାରରେ ଇମିତି ବିବାହ କେତେ ଲୋକର କେତେ ଥର ଘଟିଯାଉଛି । ବିବାହ ! କିଏ ତୁମ ସଙ୍ଗରେ ସ୍ୱାଙ୍କର ବିବାହ ଦେଇଥିଲା ? ବିବାହିତା ପତ୍ନୀ ବୋଲି କହିବାକୁ ଲଜ୍ଜା ଲାଗୁନାହିଁ ? ସେ ଗଣନାଥଙ୍କ ଆଡ଼କୁ ଚାହିଁ କହିଲେ, ଆଉ ଏତେ ବକା ବକି କାହିଁକି ! ମୁଁ ତ ପାର୍ଟୀ ଯୋଗାଡ଼ କରିସାରିଛି । କେବଳ ବିବାହଟା ବାକି ଅଛି । ଏମାନଙ୍କୁ କିଛି ଟଙ୍କା ଦେଇଦିଅ—ନିଜ ଦେଶକୁ ଯାଆନ୍ତୁ କିମ୍ବା ଅନ୍ୟ କେଉଁଠି ରହନ୍ତୁ ।

ଗଣନାଥ ବାଧ୍ୟ ବାଳକଟି ପରି ପକେଟରୁ ନୋଟ ବିଡ଼ାଟାଏ ବାହାର କରି ଶୈଳ ଆଡ଼କୁ ଫିଙ୍ଗିଦେଇ କହିଲେ—ପନ୍ଦରଶହ ଏଥିରେ ଅଛି । ରାସ୍ତା ଖରଚ ବାହାରେ ଆଉ କିଛି ରହିଯିବ । କାଲି ଏଠୁ ବାହାରି ପଡ଼ ।

ଯଦୁନାଥ ଘରଭିତରୁ ବାହାରିବା ଉଦ୍ୟମରେ ରହି ହସି ହସି କହିଲେ—ଆଜି ତ ମଧ୍ୟ ରାତି ଅଛି, କାଲି ପର୍ଯ୍ୟନ୍ତ ରହି କଅଣ କରିବେ ? ହେଉ, ସେମାନେ ଯାହା ଇଚ୍ଛା କରନ୍ତୁ । ଚାଲ, ଆମର ଅନେକ କଥା ବାକି ରହିଛି ।

## —ନଅ—

ସେଦିନର କଳହପର୍ବ ପରେ ଆଉ ଦୁଇ ସପ୍ତାହ ହୋଇଗଲାଣି । ଇତିମଧ୍ୟରେ ଗଣନାଥ କଅଣ ଗୋଟାଏ ଜଟିଳ ସମସ୍ୟାର ସମାଧାନ କରିବା ନିମନ୍ତେ ଟିକିଏ ଦୂରକୁ ଚାଲି ଯାଇଥିଲେ । ଏ ଅବସ୍ଥାରେ ଘରର ଭାର ଯଦୁନାଥଙ୍କ ଉପରେ ହିଁ ନ୍ୟସ୍ତ ଥିଲା । ରେଖା ଆଉ ଯଦୁନାଥ ଗୋଟାଏ ଭଲ ବିଗୁର କରି ଚାକର, ଚାକରାଣୀଙ୍କୁ ଛୁଟିରେ ପଠେଇଦେଇ ସ୍ୱାମୀ ସ୍ତ୍ରୀ ଦୁହେଁ ପିଲାଙ୍କୁ ଧରି ଗାଁକୁ ଚାଲିଗଲେ । ଦୁଇ ଜଣ ଚପରାସୀ ବାହାର ବାରଣ୍ଡାରେ ରହିବା ବ୍ୟବସ୍ଥା ମଧ୍ୟ କରି ଦେଇଥିଲେ, କିନ୍ତୁ ଘରେ କେହି ନ ଥିବା ଦେଖି ସେମାନେ ମଧ୍ୟ ସମୟେ ସମୟେ ଅନୁପସ୍ଥିତ ହେଉଥିଲେ ।

ଏଡ଼େ ବଡ଼ ଧନୀ ନିବାସର ହତା ଭିତରେ ଗୋଟାଏ କୋଣକୁ ରାମମାଳୀର କୁଡ଼ିଆଘର । କର୍ତ୍ତବ୍ୟନିଷ୍ଠ ରାମ ମାଳୀ । ସୁଯୋଗ ଦେଖି ଲାଭ ଉଠେଇନେବା ସ୍ୱଭାବ ତାର ନୁହେଁ । ତେଣୁ ଘରେ ଘରର ମାଲିକ ଥାଆନ୍ତୁ କିମ୍ବା ନ ଥାଆନ୍ତୁ ସେ ତାର କାର୍ଯ୍ୟ କରିଦେଇ ବସିବା ଘରଟିରେ ଫୁଲ ରଖି ଚାଲିଯାଏ ତା ବସାକୁ । ଏଇ କେତେ ଦିନ ହେଲା ଘରେ କେହି ନ ଥିବା ଦେଖି ସେ ବସିବା ଘର ପରଦା ଆଡ଼େଇ ଭିତରକୁ ଟିକିଏ ଏପାଖ ସେପାଖ ଦେଖେ । ଅକାରଣରେ ଶୈଳ ପ୍ରତି ତାର କିମିତି ଗୋଟାଏ ଅବ୍ୟକ୍ତ ସହାନୁଭୂତି ଜାଗ୍ରତ ହୋଇଉଠେ । ବାରଣ୍ଡା ପାଖରୁ ପୁଣି ଚାଲିଯାଏ ।

କାର୍ତ୍ତିକ ଶେଷର ଆସନ୍ନ ସନ୍ଧ୍ୟା । ଶୈଳ ପୀଡ଼ିତା ମାଆକୁ ଛାଡ଼ିଦେଇ ଆସି ବସିଥିଲେ ତାଙ୍କର ପ୍ରସାଧନ-କକ୍ଷର ଗବାକ୍ଷ ପାଖରେ । ଦିନ ଶେଷରେ ମ୍ଲାନ ଆଲୁଅ ଭରିହୋଇ ଯାଉଥିଲା କକ୍ଷ ଭିତରେ । ପକ୍ଷୀଦଳ କଳକାକଳୀ କରି ଉଡ଼ି ଯାଉଥିଲେ ଯେ ଯାହାର ନୀଡ଼ ଆଡ଼କୁ । ରାମ ମାଳୀ ବାହାର ପାଖ ବାରଣ୍ଡାରେ ବସି ଗାଉଥିଲା—

"ତୁମ ଲାଗି ପ୍ରିୟ ଆସିଲି ଏ ପଥେ
ଭୁଲି ଆତ୍ମ ଅଭିମାନ
ଗୃହ ତ୍ୟାଗକରି ହେଲି ଭିକାରିଣୀ
ପୂର୍ଣ୍ଣ ହେଲା ଶୂନ୍ୟସ୍ଥାଣ ।

ଜଣାଇଲ ମୋତେ ଜଗତର ସ୍ୱାତ
ସ୍ପନ୍ଦନ୍ତୁ ବସି ଅନ୍ତରର ସ୍ପୃହା ।
ଅଜ୍ଞାନ ତୁମେ ହୋଇନ ଦେବତା
ଦେଇଛ ଭାବନା ଧନ୍ୟ
ବ୍ୟଙ୍ଗବାଣୀ ତବ ସୁମନ୍ଦ ସୁମନ୍ଦ,
ନୟନରୁ ଜଳ ପଡ଼ୁ ମୋର ଝରି,
ଘେନ ନିବେଦନ ମୋର ପ୍ରିୟତମ
ଏଇ ବର ଦିଅ ଦାନ ।
ଅକୃତ୍ରିମ କଥା ଥିଲା ଯେତେ ମୋର
ଶୁଣାଇ ଦେଇଛି ସବୁ ମୋ ଈଶ୍ୱର !
ଛଳନା ଲୁଚୁରୀ ନ ଥିଲା ବୋଲି କି
ଲାଗିଲା ଗୋ ରସହୀନ ?"

ଶୈଳ ଆସ୍ତେ ଆସ୍ତେ ଯାଇ ବସିବା ଘର ପରଦା ଆଡ଼େଇ ଦେଖିଲେ, କେହି କେଉଁଠି ନାହିଁ, ରାମ ଗେଲାପ ଫୁଲଟିଏ ଧରି ଗୁଣ୍ ଗୁଣ୍ ଗୀତ ଗାଉଛି । ଶୈଳ ଟିକଏ କୁଣ୍ଠରେ ରହି ଭାବିଲେ, ମୋର ମନେ ହେଉଛି, ମୁଁ କେଉଁଠୁ ଗୋଟାଏ ମହାଶୂନ୍ୟରୁ ଆସି ଏଠି ପଡ଼ିଯାଇଛି । ଏ କୋଳାହଳପୂର୍ଣ୍ଣ ସଂସାରରେ ଆଉ କେଉଁଠି କେହି ନାହିଁ, କେବଳ ସେ ଗାୟକଟି ଆଉ ମୁଁ ଅଛି । ବିଶ୍ୱବ୍ରହ୍ମାଣ୍ଡ, ସକଳ ଧ୍ୱନି ପ୍ରତିଧ୍ୱନି ଲୋପ ହୋଇଯାଇଛି । କେବଳ ଏକମାତ୍ର ସେଇ ତରୁଣ ଗାୟକଟିର କଣ୍ଠସ୍ୱରଟି ବାଜିଉଠୁଛି ରୁଣୁ ଝୁଣୁ ହୋଇ ମୋର ଶ୍ରବଣେନ୍ଦ୍ରିୟର ଭିତରେ ।

ଶୈଳଙ୍କର ପାଦଶବ୍ଦ ଶୁଣି ରାମ ସସମ୍ମାନରେ ଠିଆ-ହୋଇପଡ଼ି ହାତ ଯୋଡ଼ିଦେଲା ।

ରାମର ବୟସ ପ୍ରାୟ ତିରିଶି । ଲମ୍ବା ଦେହ । ଶ୍ୟାମଳ ବର୍ଣ୍ଣ । ମୁହଁରେ କଳା ଚାଟିଲି ଦାଢ଼ି ନିଶ । ବହଳିଆ କଳା ଚାଟିଲି କେଶ ଗଣ୍ଡିକ ପଛ ଆଡ଼କୁ ଆଉଁସି କରି କୁଣ୍ଡାଇ ଦେଇଛି । ବୟସ ବଢ଼ି ଯାଇଥିଲେ ମଧ୍ୟ ଦାନ୍ତଗୁଡ଼ିକ ଉଜ୍ଜ୍ୱଳ । ରାମର ମୁହଁକୁ ଚାହିଁଲେ ଖୁସି ଲାଗେ । ପୁଣି ଦେଖିବାକୁ ଇଚ୍ଛା ହୁଏ । ରାମ ତାର କିଶୋର ବୟସରେ କୌଣସି ସୂତ୍ରରେ ଆସାମ ଚାଲି ଯାଇଥିଲା । ଆସାମ ଟି ଗାର୍ଡ଼େନ୍‌ର ଜଣେ ବିଦେଶୀ ମ୍ୟାନେଜରଙ୍କ ପାଖରେ ରହି ତାଙ୍କଠାରୁ ସେ ଅନେକ ଭଲ ଗୁଣ ଅର୍ଜନ କରିଥିଲା । ସାହେବଙ୍କ ବ୍ୟକ୍ତିଗତ ଭୃତ୍ୟରୂପେ ରହି ତାଙ୍କ ସହିତ କଥାବାର୍ତ୍ତା କରି ଇଂରେଜୀ ଭାଷା ଭଲକରି ବୁଝିପାରୁଥିଲା । ଦରକାର ହେଲେ ଦୁଇ ଗୋଟି ପଦ କହି ମଧ୍ୟ ପାରୁଥିଲା । ସାହେବଙ୍କ ପାଖରେ ଦୀର୍ଘ ପନ୍ଦର ବର୍ଷ କାଳ ରହି ସହକର୍ମୀମାନଙ୍କଠାରୁ ଆସାମୀ ଭାଷା ଶିଖିବା ସଙ୍ଗେ ସଙ୍ଗେ ଭଲ ହିନ୍ଦୀ ମଧ୍ୟ କହିପାରୁଥିଲା ।

ରାମ ତଳ ପାହାଚରେ ଠିଆହୋଇ ଦେଖିଲା, ଶୈଳ ତାହାର ଆଡ଼କୁ ମୁହଁକରି ଠିଆହୋଇଛନ୍ତି ବାରଣ୍ଡା ଉପରେ । ପଶ୍ଚିମ ଆକାଶର ମ୍ଳାନ ଆଲୋକ ଆସି ପଡ଼ୁଛି ଶୈଳଙ୍କର ମୂର୍ତ୍ତି ଦେହରେ । ରାମ ତାର ଦୃଷ୍ଟି ନତ କରିଦେଇ ଭାବିଲା, ଏଇ ସ୍ତ୍ରୀଲୋକଟି ଏ ଘରର ଘରଣୀ । ଜଣେ ଅତି ଧନବ୍ୟକ୍ତିଙ୍କ ପତ୍ନୀ । ଦେଖିଲେ ଦୁଃଖ ବିଷାଦର ଗୋଟିଏ ପ୍ରତିମା ପରି ଲାଗୁଛନ୍ତି ।

ରାମ ପଚାରି ପକେଇଲା, କଅଣ କିଛି ଦରକାର ଅଛି କି ଆଜ୍ଞା ? ଘରେ ତ ଏବେଶି କେହି ନାହାନ୍ତି । ମାଆଙ୍କୁ ତ ମଧ୍ୟ କେତେ ଦିନ ହେଲା ଦେଖୁନାହିଁ ।

ଶୈଳ ହୃଦୟ-ଆବେଗ ସମ୍ଭାଳି ନେଇ କହିଲେ, ନାହିଁ କିଛି ଦରକାର ନାହିଁ ଯେ, ତୁମର ଗୀତ ଶୁଣିବାକୁ ଏଆଡ଼େ ଚାଲିଆସିଥିଲି । କି ସୁନ୍ଦର ଗୀତ ତୁମେ ଗାଉଛ ! ତୁମ ଭାଷା ତ ମୁଁ ବୁଝି ପାରୁନାହିଁ, କିନ୍ତୁ ତୁମ ସ୍ୱର ଶୁଣି ମୋର ମନେହେଲା, ତୁମେ ମୋ ପାଇଁ ଭଗବାନ ବୋଲି କିଏ କେଉଁଠି ଅଛନ୍ତି, ତାଙ୍କୁ ଡାକି ଦେଉଛ ।

ମୋ ପରି ଗୋଟାଏ ସାଧାରଣ ମନୁଷ୍ୟକୁ ଆପଣ ଅତି ବଡ଼ କରି କଳ୍ପନା କରୁଛନ୍ତି ଆଜ୍ଞା ! ଆପଣଙ୍କ ପାଇଁ ମୁଁ ଡାକିଦେବି, ସେ ସୌଭାଗ୍ୟ ମୋର ଥିବ କି ? ଆପଣ ଜାଣିଥିବେ, ଆମ ଭାରତର ବହୁ ସାଧୁ ଲୋକ ବିଶ୍ୱାସ କରନ୍ତି, ଦେଶର ଲୋକ ଦୁଃଖ ଶୋକରେ ପୀଡ଼ା ପାଇଲେ ଭଗବାନ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୁଅନ୍ତି । ସେ ଭଗବାନଙ୍କୁ ମୁଁ ଡାକିପାରିବି ? ଆପଣ ସ୍ୱୟଂ ଡାକିଲେ ସେ ଶୁଣିବେ ।

ଶୈଳ ଆଉ ଟିକଏ ଆଗକୁ ଅଗ୍ରସର ହୋଇଯାଇ କହିଲେ ମାଳୀ, ତୁମକୁ ହିଁ ଭଗବାନ ଆଜ ପଠେଇଛନ୍ତି । ଆତ୍ମୀୟସ୍ୱଜନଶୂନ୍ୟ ହୋଇ ମୁଁ ଯେ ଜଣକୁ ଖୋଜି ହେଉଥିଲି, ସେ ଡାକ ଭଗବାନଙ୍କ କାନରେ ପଡ଼ିଯାଇଛି । ସେ ତୁମକୁ ପଠେଇ ଦେଇଛନ୍ତି ମୋତେ ବିପଦରୁ ରକ୍ଷାକରିବ ବୋଲି । ମୁଁ ମୋର ଏ ଦୁଃଖଭାରର ଆଉ ବହନ କରିପାରୁନାହିଁ । ଆଜି ମୁଁ ତୁମକୁ ସବୁ କଥା କହିଦେଇ ନିଷ୍କୃତି ପାଇଯିବି । ଶୁଣିବ ନାହିଁ ମାଳୀ, ତୁମେ ?

ରାମ ଶୈଳର ଆବେଗର ବେଗ ଦେଖି କଥାଟାକୁ ସହଜ କରିଦେବା ପାଇଁ କହିଲା, ପୂଜାସ୍ଥଳକର କେହି ତ ନାହାନ୍ତି, ସେଥେଇ କଏ କରୁଛି ? ମାଆଙ୍କୁ ତ ଅନେକ ଦିନ ହେଲା ଦେଖୁନି, ବିହପା ସବୁ ଭଲ ତ ମାଆ !

ଶୈଳ ବାରଣ୍ଡାର ପାହାଚ ଉପରେ ବସିପଡ଼ି କହିଲେ ତୁମକୁ ଦେଖି ମୋର ବାପା ମନେ ପଡ଼ୁଛନ୍ତି । ଆମର ଯେ ଗୃହ ଗୁରୁ ଥିଲେ, ସେ ତୁମ ପରି ହିଁ ଦିଶୁଥାନ୍ତି । ଆଜି ତୁମେ ମୋତେ ଖାଇବା ରହିବା କଥା ପଚାରନାହିଁ ମାଳୀ, ମୁଁ ଏଠିକି ଆସିଲି କିମିତି ସେଇ କଥା ପଚାର । ଜଣେ ସମବେଦନାଶୀଳ ହୃଦୟ ଉପରେ ମୋର ଏ କଥାର ଭାର ଓଜାଡ଼ିଦେଇ ମୁଁ ଟିକଏ ଶାନ୍ତିରେ ଶୋଇପଡ଼ିବି । ଅନେକ ଦିନ ହେଲା ନ ଶୋଇ ନ ଶୋଇ ଆଖି ମୋର ଫାଟିଗଲାଣି ।

ରାମ ଭାବିଲା, ଆହା ! ସ୍ତ୍ରୀଲୋକଟି ଦିନକର ଭ୍ରାନ୍ତିରେ କି ଯନ୍ତ୍ରଣା ଭୋଗୁଛି ! ଯାଙ୍କୁ ସାନ୍ତ୍ୱନା କଥାରୁ ପଦେ କହି ଯଦି ଶାନ୍ତି ଦେଇପାରନ୍ତି, ଗୋଟାଏ ଭଲ କାର୍ଯ୍ୟ କଲି ବୋଲି ଆନନ୍ଦ ଅନୁଭବ କରନ୍ତି । କେବେ ତ କାହାରି କୌଣସି ଉପକାର କରିନାହିଁ । ଜନ୍ମ ହେଉ ହେଉ ଯେ ମନୁଷ୍ୟର ମୃତ୍ୟୁଭୟ ଲାଗିରହିଛି, ମୁଁ ସେ କଥା ମଧ୍ୟ ଆଜିପର୍ଯ୍ୟନ୍ତ ଭାବି ନାହିଁ । ପ୍ରଥମ କଥା ଘରଣୀ ଘର, ତାପରେ ଦେହ ପ୍ରତି ଯତ୍ନ !

“ମୁ ଏଠିକି କିମିତି ଆସିଲି ତୁମେ ଜାଣିଛ ?”

ଅଳ୍ପକ୍ଷଣ ଆଗରୁ ଅପରାହ୍ଣର ଆଲୋକ ହଜି ହଜି ଯାଇ ଧୀରେ ଧୀରେ ନିବିଡ଼ ହୋଇ ଆସୁଥିଲା ଆସନ୍ନ ଆଗତ ରାତ୍ରିର ଅନ୍ଧକାର । ଶେଷରେ ପକ୍ଷୀଟି ଉଡ଼ି ଚାଲିଗଲା ଗନ୍ତବ୍ୟ ସ୍ଥାନକୁ ।

ରାମ ଭୁଲିଗଲା ତାର ପ୍ରଭୁପତ୍ନୀ ଆସି ବସି ପଡ଼ିଛନ୍ତି ବିନା ଆସନରେ ଭୂମିତଳେ । ସେ ମଧ୍ୟ ବସିପଡ଼ିଛି ସେଇ ପାଖକୁ ତାଙ୍କର ଦୁଃଖକାହାଣୀ ଶୁଣିବାକୁ । ଏଇ ଯେ ଅଳ୍ପ ସମୟ ଆଗରେ ଶୈଳ କହିଥିଲେ, ତୁମକୁ ଦେଖିଲେ ବାପା ମନେପଡ଼ୁଛନ୍ତି, ଗୁରୁଙ୍କ କଥା ମନେପଡ଼ୁଛି, ସେଇ କହିବାଟି ସ୍ମରଣ କରି ପୁଲକି ଉଠିଲା ରାମର ସର୍ବାଙ୍ଗ । ରାମ ତାର ପତ୍ନୀ, ପୁତ୍ର, ପରିବାରଙ୍କଠାରୁ ଅପରିମିତ ସ୍ନେହ ଶ୍ରଦ୍ଧା ପାଉଛି, ତଥାପି ତା ମନଟା ରହିଛି ସ୍ନେହପିପାସୁ ହୋଇ । କିଛିତ କିଛି ପାଇ ମଧ୍ୟ ଅଳ୍ପ ଟିକିଏରେ ମନ ଉଠିଛି ଉଚ୍ଛ୍ୱସିତ ହୋଇ । ଏଇ ଅଳ୍ପଟିକ ତା ପକ୍ଷରେ ହୋଇଉଠିଛି ଅପରିମିତ ।

ସେ ଶୈଳ ଆଡ଼କୁ ଅନାଇ କହିଲା—ସଂସାରରେ କେତେ ଘଟଣା ଘଟୁଛି, ସେମାନଙ୍କ କଥା କିଏ ଲେଖିରଖୁଛି ମାଆ ! ଅଘଟଣ ଘଟିଗଲେ କବିମାନେ କଥା କରି ଲେଖିରଖି ଦେଉଛନ୍ତି । ଆପଣ ଯେଉଁ ଅବସ୍ଥାରେ ପଡ଼ି ଚାଲିଆସିଛନ୍ତି, ମୋର ମଧ୍ୟ ସେଇ ଅବସ୍ଥା ଯେ ହୋଇଥିଲା । କୁଲିମାନଙ୍କ ସାଙ୍ଗରେ ତ ଆସାମ ଚାଲିଯାଇଥିଲି, ସେ ସମୟରେ ମନ ସବୁବେଳେ ଘରଛଡ଼ା ହୋଇ କେଉଁଆଡ଼େ ହେଲେ ପଳେଇବାକୁ ଧାଉଁଥିଲା । ଏବେ ମଧ୍ୟ ସେ ଅବସ୍ଥା ରହିଛି । ତେବେ ବୟସ ହେଲାଣି, ମନ ସ୍ଥିର ହୋଇଆସୁଛି ଶରୀରର ଶିଥିଳତା ସହିତ । ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ମାଆ ! ଆସାମରେ ମୁଁ ମଧ୍ୟ ଜଣକୁ ପ୍ରେମ କରିଥିଲି । ଏବେ ମଧ୍ୟ ମୁ ମୋର ପ୍ରେମିକା ଅଞ୍ଜନାକୁ ମନେରଖିଛି ।

ଶୈଳ ବ୍ୟଗ୍ର କଣ୍ଠରେ ପଚାରିଲେ—“ତୁମେ ଅଞ୍ଜନାକୁ ବିବାହ କରିଛ ମାଳୀ ? ଅଞ୍ଜନା, କି ସୁନ୍ଦର ନାମଟି ସତେ !”

“ଅଞ୍ଜନାର ମଣିପୁରୀ ବାପ ମାଆ ଚା-ବଗିଚାରେ କୁଲି କାମ କରୁଥିଲେ । ସେମାନଙ୍କ ସାଙ୍ଗରେ ମୋର ବନ୍ଧୁତ୍ୱ ହୋଇଯାଇଥିଲା । ମୁଁ ସମୟ ପାଇଲେ ସେମାନଙ୍କ ବସାକୁ ଯାଏ । ଅଞ୍ଜନା ବଡ଼ ସୁନ୍ଦରୀ । ସେ ନାଚେ, ଗୀତ ଗାଏ । ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଦେଖେ, ଗୀତ ଶୁଣେ । ତା'ର ନୃତ୍ୟଭଙ୍ଗୀ ସହିତ ମୋ ମନ ନାଚିଉଠେ । ତାପରେ ଜାଣିଲି ଯେ ଆମେ ଦୁହେଁ ପରସ୍ପରକୁ ଭଲ ପାଉଛୁ । ତାକୁ ବିବାହ କରିବା କଥା ସ୍ଥିରହୋଇଗଲା । ମୁଁ ତାକୁ ବିବାହ କରିବି ବୋଲି ମନେ ମନେ ନିଷ୍ପତ୍ତି କରିଦେଲି ।”

“ତାକୁ ବିବାହ ନ କରି କାହିଁକି ଛାଡ଼ିଦେଇ ଚାଲିଆସିଲ ମାଳୀ ?”

“ଆମ ଗାଆଁର ମୋର ପିଲାଦିନର ସାଥୀ ନକୁଳ ମୋ ସାଙ୍ଗରେ ଯାଇଥିଲା । ସେ ମଧ୍ୟ ଅଞ୍ଜନାକୁ ଦେଖି ମୋ ଉପରେ ଈର୍ଷା କରି ମୋ ମାଆ ପାଖକୁ ଚିଠି ଲେଖିଦେଲା । ମାଆ ପାଖରୁ ଟେଲିଗ୍ରାମ ଗଲା—ସେ ମୋତେ ଦେଖିଲେ ମରିବ ବୋଲି ମୃତ୍ୟୁଶଯ୍ୟାରେ ଶୋଇଛି । ମୁଁ ବିକଳ ହୋଇ ଯେଉଁଠି ଥିଲି ସେଇଠୁ ଆସି ଦେଖିଲି, ମୋ ମାଆ ମୋ ପାଇଁ କନ୍ୟା ଯୋଗାଡ଼ କରି ବସିଛି । ମାମୁଁ ଆସିଲେ, ମଉସା ଆସିଲେ, ଗାଆଁରେ ଗୁରୁଜନମାନେ ବସି ବିଚାରକରି କୁଳକୁଟୁମ୍ବର କନ୍ୟା କୃତିକା ସହିତ ମୋତେ ବିବାହ କରାଇଦେଲେ । କୃତିକା ମୋ ଘରକୁ ଆସି ତାର ବୁଦ୍ଧି ବଳରେ ମୋତେ ହାତମୁଠା ଭିତରେ ରଖିବ ବୋଲି ଚେଷ୍ଟାକଲା । ମୁଁ ଯେ ଅନ୍ୟ ଗୋଟିଏ ଝିଅର ଜାଲରେ ପଡ଼ି ଜାତିଭ୍ରଷ୍ଟ, ଧର୍ମଭ୍ରଷ୍ଟ ହୋଇଯାଇଥିଲି, ସେ ବିପଦରୁ ସେ ମୋତେ ରକ୍ଷାକଲା ବୋଲି ମନେ ମନେ ଗର୍ବ ଅନୁଭବ କରୁଥିଲା । ଅଞ୍ଜନାର ମୋ ପ୍ରତି ଟିକେହେଲେ ଶ୍ରଦ୍ଧା ନ ଥିଲା ବୋଲି ପ୍ରମାଣ କରିବାକୁ କେତେ ଉପାୟ ଅବଲମ୍ବନ କରି ନକୁଳଠାରୁ ଖଣ୍ଡିଏ ଚିଠି ଆଣାଇ ମୋତେ ଦେଖାଇଥିଲା । ନକୁଳ ଲେଖିଥିଲା, ଅଞ୍ଜନା ତାକୁ ବିବାହ କରି ସୁଖରେ ଅଛି ।”

“ଅଞ୍ଜନାକୁ ତୁମେ ଭଲ ପାଇ ନ ଥିଲ ମାଳୀ !”

“ଭଲ ମୁଁ ପାଇଥିଲି, ନକୁଳ ମଧ୍ୟ ତାକୁ ଭଲ ପାଇ ଏତେଗୁଡ଼ାଏ କଥା ସୃଷ୍ଟି କରିଦେଲା । ଶେଷରେ ସେ ମଧ୍ୟ ଅଞ୍ଜନାକୁ ଧରି ସେଠି ରହିପାରିଲାନାହିଁ । ଅଞ୍ଜନା ମଣିପୁର ଚାଲିଗଲା । ନକୁଳ ଦେଶକୁ ଆସି ଆଉ ବିବାହ କରିପାରିନି । ତାକୁ କେହି କନ୍ୟା ଦେଉନାହାନ୍ତି । ଥରେ ବନ୍ଧୁ କୁଟୁମ୍ବ ଭିତରେ ପାଞ୍ଚ ଜଣ-ବରକୁ ହେଉ କି ବଧୂକୁ ହେଉ ଭଲ ଭଲ ବୋଲି ନ କହିଲେ ଭଲ ପାଇବା ସ୍ଥାୟୀହୋଇ ରହେନାହିଁ ବୋଲି ଏହିପରି କେତେକ ଘଟଣାରୁ ମୋର ବିଶ୍ୱାସ ହୋଇଯାଇଛି । ଭଲପାଉଛି ବୋଲି ଭାବିବା ଗୋଟାଏ ସାମୟିକ ଉତ୍ତେଜନା ମାତ୍ର । ମନୁଷ୍ୟ ଆପଣା ଆତ୍ମାକୁ ହିଁ ଭଲପାଏ । ପତ୍ନୀ, ପୁତ୍ର ସମସ୍ତେ ହୋଇ ତାକୁ କେଡ଼େ ବଡ଼ କରି ଦେଖି କେତେ ଶ୍ରଦ୍ଧା ଭକ୍ତି କରିବେ ବୋଲି ସେମାନଙ୍କୁ ସେ ଭଲ ପାଏ । ଆଉ ଯେତେ ଯେଉଁଠି ପ୍ରେମ ହୋଇଗଲା ବୋଲି କହନ୍ତି, ସେ କିଛି ନୁହେଁ । ମନ ଭିତରେ କଥାଗୁଡ଼ାକ ଅଧିକା ହୋଇ-ଉଠିଲେ ଶୁଣିବା ଲୋକ ପାଇ କହିଯାନ୍ତି ଅନର୍ଗଳ । ଅବଶେଷରେ ସବୁ କଥା ଅସାର ହୋଇଯିବା ଦେଖା-ଯାଇଛି ମଧ୍ୟ । ଆପଣଙ୍କର ମଧ୍ୟ ସେଇଆ ହୋଇଥିବ ବୋଲି ମୁଁ ଭାବୁଛି । ମୁଁ ଆପଣଙ୍କୁ ଗୋଟିଏ କଥା ପଚାରିବି ବୋଲି ଭାବୁଛି, କିଛି ଭାବିବେ ନାହିଁ, ଦୋଷ ଥିଲେ କ୍ଷମାକରିବେ । ଆପଣଙ୍କୁ ଦେଖିଲେ ଓ ଆପଣଙ୍କ କଥା ଶୁଣିଲେ ମୋର ତ ବିଶ୍ୱାସ ହେଉ-ନାହିଁ, ଆପଣ ହଠାତ୍ ଏଡ଼େ ବଡ଼ ଗୋଟିଏ ସମାଜ-ବିରୋଧୀ କାର୍ଯ୍ୟ କମିତି କରିପାରିଲେ ? ଆପଣଙ୍କର ବାପା, ଭାଇ କେହି ହେଲେ ମନାକଲେନାହିଁ ?”

ସେଇ ସନ୍ଧ୍ୟାର ଅନ୍ଧକାରରେ ଶୈଳ ରାମ ମାଳୀ ଆଡ଼କୁ ଅଗ୍ରସର ହୋଇଯାଇ ଆବେଗଭରା କଣ୍ଠରେ କହିଲେ, “ବାପା ମୋର ଅନେକ ପ୍ରକାର କରି ବୁଝେଇ କହିଥିଲେ ମାଳୀ ! ଗୁରୁଙ୍କ ଉପଦେଶ ବାଣୀ ପୁନରାବୃତ୍ତି କରି କରି କେତେ କାନ୍ଦିଛନ୍ତି, ତାଙ୍କର ସେ ଅଶ୍ରୁଭରା ଆଖି ଦୁଇଟି ଦିଶିଯାଉଛି ପ୍ରତି ମୁହୂର୍ତ୍ତରେ । ତାଙ୍କର ଗଦ୍‌ଗଦ୍ କଣ୍ଠର କରୁଣ ଆବେଦନ ପ୍ରତି-

କ୍ଷଣରେ ମୋ କାନ ପାଖରେ ବାଜି ଉଠୁଛି, ମୁଁ ଯେ ଅନୁତାପାନଳରେ ଦଗ୍ଧ ହେଉଛି ମାଳୀ !”

ଶୈଳର କଥା ଶେଷ ହେବା ପୂର୍ବରୁ ଶୈଳର ମାଆ ବସିବା ଘର ଆଡ଼ୁ ବିକୃତ ଚିତ୍କାର କରି ଧାଇଁ ଆସି ଅତର୍କିତ ଭାବରେ ଶୈଳର ମଥାଟାକୁ ଧରି ଝାଙ୍କିଦେଇ ଦାନ୍ତ କଡ଼ମଡ଼ କରି କହିଲେ, “ତତେ ମୁଁ ଚୋବେଇ ଚକଟି ଖାଇଦେବି । ଗଣନାଥ ପ୍ରେମ କରୁଛି ବୋଲି କହୁଥିଲୁ । ଗଣନାଥ ମରିଗଲା । ମୁଁ ତାର ମାଉଁସଗୁଡ଼ାକ ତୂଳା ତୂଳା କରି ଖାଇଦେଲି । ହାଡଗୁଡ଼ାକ କଡ଼ୁ କଡ଼ୁ କରି ଚୋବାଇ ଚୋବାଇ ଗିଳିଦେଲି ।”

ଶୈଳ ମାଆର ହାତ ଧରିପକେଇ ବ୍ୟସ୍ତହୋଇ-ଉଠି କହିଲେ, “ମାଆ, ମୋ ମାଆ ଗୋ, ଚାଲ ଚାଲ, ଘରକୁ ଚାଲ ।”

ଶୈଳମାଆର ବିକୃତ କଣ୍ଠର ବିକଟ ହାସ୍ୟ-ଧ୍ୱନିରେ କମ୍ପି ଉଠିଲା ମଲ୍ଲୀନିବାସର ବାରଣ୍ଡା ତଳ ।

ଶୈଳମାଆ ପ୍ରବଳ ବେଗରେ ଶୈଳର ହାତ ଛଡ଼େଇ ନେଇ ଶୈଳର ଗାଲ ଉପରେ ଅଜସ୍ର ଚୁପୁଡ଼ା ବର୍ଷଣ କରି କହିଲେ, “ମରି ଯା, ମରି ଯା, ତୋର ରକ୍ତ ପିଇଦେବି । ମାଂସ ଖାଇଦେବି । ଭୋକରେ ମୋର ପେଟ ଜଳୁଛି । ଗଣିକି କେମିତି ଖାଇଦେଲି ସେ—”

## ଦଶ

ଗଣନାଥ ଏଇ କେତେ ଦିନ ହେଲା ବମ୍ବେ ଆଉ ଫେରିଆସି ବନ୍ଧୁମାନଙ୍କ ଅନୁରୋଧରେ କେତେଗୁଡ଼ିଏ ସାଧାରଣ ସଭାରେ ଭାଷଣ ଦେଇ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଖୁସି କରିବା ଚେଷ୍ଟାରେ ଥିଲେ । ଏଥର ନିର୍ବାଚନରେ ସେ ପ୍ରତିଦ୍ୱନ୍ଦିତା କରିବେ ବୋଲି ଭାବିଥିଲେ ।

ସେ ସେଦିନ ସେଇପରି ଗୋଟାଏ ସାଧାରଣ ସଭାରୁ ଫେରିଆସି ସର୍କ୍ୟୁଟ ହାଉସ୍‌ର ବାରଣ୍ଡାରେ ବସି ଶୂନ୍ୟମନରେ ଦୂରକୁ ଚାହିଁରହିଥିଲେ । ନିର୍ଜନ ବାରଣ୍ଡା । ସନ୍ଧ୍ୟା ଉତ୍ତୀର୍ଣ୍ଣହୋଇ ରାତିର ନିବିଡ଼ ଅନ୍ଧକାର ନିବିଡ଼ତର ହୋଇଆସୁଥିଲା ଧୀରେ ଧୀରେ । ଗଣନାଥ ସେଇ ଅନ୍ଧକାରମୟ ବାରଣ୍ଡାରେ ଏକାକୀ ବସି ଚିନ୍ତା କରୁଥିଲେ ଆପଣା ଜୀବନ ଇତିହାସର ବିଷୟ । ଏଥର ସାଥିରେ ଚାକର ଚପରାସୀ କେହି ଆସି ନ ଥିଲେ । ସହଚରମାନେ ସଭା ଭଙ୍ଗହେବା ପରେ ଆପଣା ପରିଚିତ ପ୍ରିୟବ୍ୟକ୍ତିଙ୍କ ଘରକୁ ଚାଲି ଯାଇଥିଲେ । ସେ ଇଚ୍ଛାକରି ସଭାରୁ ଏକାକୀ ଫେରି-ଆସି ବସିଯାଇଥିଲେ । ବାରଣ୍ଡାର ଟିକିଏ ଦୂରରେ ଗାଡ଼ିଟା ରଖାହୋଇଥିଲା । ସମ୍ଭବତଃ ଗାଡ଼ି ଭିତରେ ଡ୍ରାଇଭର ବସିଥିଲା ।

ଶୀତକାଳର କୃଷ୍ଣ ଅଷ୍ଟମୀର ରାତି । ଝିରି ଝିରି ହୋଇ ପବନ ବହିଆସୁଛି ଦୂରରୁ । ଗଣନାଥ ମଥା ଟେକି ଚାହିଁଲେ—ଅନ୍ଧାରିଆ ଆକାଶରେ ତାରାଗୁଡ଼ିକ ଆଖି ମିଟି ମିଟି କରି ଅନେଇଁ ରହିଛନ୍ତି ପୃଥିବୀ ଆଡ଼କୁ । ସଭାରୁ ଫେରିଆସି ସେଇ ପରିଚ୍ଛଦରେ ସିଧା ବାରଣ୍ଡାରେ ବସି ପଡ଼ିଥିଲେ । ବେହେରା ଆସି ଆବଶ୍ୟକତା ସମ୍ବନ୍ଧରେ ପଚାରି ଯାଇଥିଲା ; କିନ୍ତୁ ଅନ୍ୟମନସ୍କ ଗଣନାଥ ଚା’ ଇତ୍ୟାଦି କୌଣସି କଥା ଅର୍ଡ଼ର ଦେଇ ନ ଥିଲେ । ମନେ ପଡ଼ିଗଲା, ସେଦିନ ଦି’ପହର ଗାଡ଼ିରୁ ଓହ୍ଲାଇଆସି ଆଉ ସ୍ନାନ, ଆହାର ମଧ୍ୟ କରିନାହାନ୍ତି । ଗଣନାଥଙ୍କ ମନ ହଠାତ୍ ହୋଇ-ଉଠିଲା ଆଶଙ୍କା-ଆକୁଳିତ । ଶୀତ ପବନ ବାଜି ଥରି-ଉଠିଲା ସର୍ବାଙ୍ଗ । ସର୍କ୍ୟୁଟ ହାଉସର ବେହେରା ଚରଣର ବସାଘର ଆଡ଼ୁ ଭାସି ଆସିଲା ରେଡ଼ିଓର ଗୀତ—

“କେତେ ଦିନକୁ ମନ ବାନ୍ଧିଛୁ ଆଶା
କି ଦେଇଯିବୁ ତୋର ଛୁଟିଲେ ଘଟ ରେ ”

ଆଉ ଦୁଇ ପଦ ଶୁଣି ସେ ଚଞ୍ଚଳ ହୋଇ ଠିଆ-ହୋଇ ଡ୍ରାଇଭରକୁ ଡାକିବାକୁ ଉଦ୍ୟମ କରୁଥିଲେ । ଏତିକିବେଳେ ଦୈତାରି, ବିଶ୍ୱପତି ଆଉ ସଙ୍କର୍ଷଣ ଫାଟକ ଖୋଲି ପ୍ରବେଶ କଲେ ଭିତରକୁ । ଗଣନାଥ ଆପଣାର ଅନ୍ତରଙ୍ଗ ବନ୍ଧୁମାନଙ୍କୁ ଦେଖି ମଧ୍ୟ କାହିଁକି କେଜାଣି ସନ୍ତ୍ରସ୍ତ ହୋଇଉଠି ଘର ଭିତରକୁ ଚାଲିଗଲେ ।

ଭଲଭାବରେ ଦେଖିବା ପାଇଁ ଗଣନାଥ ଚେଷ୍ଟାକଲେ, କେତେକେତେ କେତେବେଳେ ଆଖି ବନ୍ଦ ହୋଇଯାଉଛି । ମୁହଁ ଦୋହଲାଇ ଦେଇ ଖଟ ଉପରେ ଶୋଇ ପଡ଼ିବେ କି ଚଉକିରେ ବସିବେ, କିଛି ସ୍ଥିର କରି ନ ପାରି ତକିଆ ପାଖରେ ଠିଆ ହୋଇଗଲେ । ତିନି ଜଣ ଆଗନ୍ତୁକ ଘର ଭିତରକୁ ପ୍ରବେଶ କଲେ । ବିଶ୍ବପତି ଗଣନାଥଙ୍କ ପିଠିରେ ହାତ ରଖି ମୁହଁକୁ ଖୁଣ୍ଟି କହିଲେ, "ଆଜି କାହିଁକି ବଡ଼ ହତାଶ ଦେଖାଯାଉଛ ! କଅଣ ହେଲା ! ସାମାନ୍ୟ ଘଟଣାରେ ବିଚଳିତହେବା ସ୍ୱଭାବ ତ ତୁମର ନୁହେଁ !"

ବିଶ୍ବପତିଙ୍କ କଥା ଶେଷହେବା ପୂର୍ବରୁ ଦୈତାରି ଆଉ ସଙ୍କର୍ଷଣ ଗଣନାଥଙ୍କ ମୁହଁ ପାଖଆଡ଼କୁ ଆସି କହିଲେ, "ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ସମ୍ବନ୍ଧରେ ଆପଣ ଆଜି ଆଜି ଯେଉଁ ଭାଷଣ ଦେଲେ, ଲୋକେ ଏକାଥରକେ ଆଶାପ୍ରୀ ହୋଇଉଠିଛନ୍ତି । ଆମମାନଙ୍କୁ ଏଇ ବିଚ୍ଛିନ୍ନ ଅଞ୍ଚଳର କଥା କହିଲାବେଳେ ଯାହା ଇଚ୍ଛା ତାହା ନିଷ୍ଠୁର ହୋଇ ବୋଲିଦେଇ ଯାଉଛନ୍ତି । କିନ୍ତୁ ଆଜିର କଥା ଶୁଣି ମନେହେଲା—ଆପଣ ବଙ୍ଗ, ବିହାର, ମାନ୍ଦ୍ରାଜ ଇତ୍ୟାଦିର ପ୍ରଦେଶ ସହିତ ଲଢ଼େଇ କରି ଉତ୍କଳ ଦେଶର ସୀମାଟାକୁ ମୁହୂର୍ତ୍ତକରେ ଯେପରି ସଂପ୍ରସାରଣ କରିଦେଲେ ।"

ଗଣନାଥ ଉତ୍ତେଜିତ ହୋଇଉଠି ପୁଣି ଶାନ୍ତ ହୋଇଯାଇ କହିଲେ, "ମୁଁ ତୁମମାନଙ୍କର ହାତ, ଗୋଡ଼ ଧରି କହୁଛି—ମୋତେ ଟିକିଏ ଶୋଇବାକୁ ସମୟ ଦିଅ ! ଉତ୍କଳର ସୀମା ସଂପ୍ରସାରଣ କରିଦେଲି ବୋଲି ତୁମ ମନକୁ ଲାଗୁଥିବ । ମୁଁ ମୋ ମନ କଥା ଜାଣେ ଯେ, କେବଳ ମିଥ୍ୟା କଥା କହି, କହି ଆସିଲି, ପୁଣି କଂଗ୍ରେସ ସଭାପତି ପଦ ପାଇଲେ ତାଙ୍କୁ କହିବାକୁ ହେବ ଲୋକଙ୍କୁ ବଶକରି ରଖିବା ଉଦ୍ଦେଶ୍ୟରେ ହିଁ କହିଦେଲି । କ୍ଷମା କରନ୍ତୁ ! ଏସବୁ ରାଜନୈତିକ ଷ୍ଟଣ୍ଟ ଛଡ଼ା ଅନ୍ୟ କିଛି ନୁହେଁ ।"

ସଙ୍କର୍ଷଣ ମୁହଁ ଖୋଲି କଅଣ ଗୋଟାଏ କହିବାକୁ ଆରମ୍ଭ କରୁଥିଲେ । ବିଶ୍ବପତି ବାଧାଦେଇ କହିଲେ, "ତୁମେ ଦୁହେଁ ଏଣିକି ଏ ଘରୁ ବାହାରିକୁ ଯାଅ, ମୁଁ କହୁଛି !" ବିଶ୍ବପତିଙ୍କର ପଛପଟ ଆଡ଼କୁ ବାହାରିବାକୁ ଆସୁ ଆସୁ ସଙ୍କର୍ଷଣ ପଛେ ପଛେ ଆସି ଗୁରୁଆଡ଼କୁ ଖୁଣ୍ଟି କହିଲେ, "ବୁଢ଼ା ତ ବଡ଼ ବଳ ପ୍ରତ୍ୟୟଭଙ୍ଗର କଥା କହୁଛି, ଟଙ୍କା ପଇସା କିଛି ହେଲେ କଟେଇ ନେବାକୁ ଥିବ । ସେଥିଯୋଗୁଁ ଆମମାନଙ୍କୁ ପାଖରୁ ତଡ଼ିଦେଲେ ।"

ଦୈତାରି କୋଟ୍‌ରେ ହାତ ପୂରେଇ କିଛି ଟଙ୍କା ଥିବା ଜାଣି କହିଲେ, "ଆମେ ତ ମଧ୍ୟ ଇମିତି ଅନ୍ୟମାନଙ୍କୁ ବଡ଼ପଣ ଦେଖେଇ ତଡ଼ିଦେଇଛେ । କଂଗ୍ରେସ କର୍ମୀ ଥିଲେ, ଧନ ସମ୍ପଦରେ ଆମଘର ଭରି ହୋଇଗଲା ଏବେ । କଅଣ, ତୁମ ହୋଇଗଲା ସଙ୍କର୍ଷଣ ! ବିଧାନସଭାର ସଦସ୍ୟ ହେବାକୁ ତପସ୍ୟା ତ କରିବାକୁ ହେବ । ଏଇ ସହିବା ଗୁଣଟି ଅଛି ବୋଲି ଏଇ ପର୍ଯ୍ୟନ୍ତ ଆସିଲେ । ଆଉ ଅଭିମାନ କଲେ କଅଣ ହେବ ? ଇମିତି ଲଦି ସହି ଚାଲୁ ଚାଲୁ କେତେ-ବେଳେ ମନ୍ତ୍ରୀ ଫନ୍ତ୍ରୀ ଗୋଟାଏ ହୋଇଯିବା ବୋଲି ଆଶା ଅଛି । ବୁଢ଼ା କି ମନ୍ତ୍ରଣା କରିବ, କରୁ ! ଆମେ ଟିକିଏ ଷ୍ଟେସନ ଆଡ଼େ ଯାଇ ଗଣନାଥର ପ୍ରିୟ ଜିନିଷଟି କିଣିନେଇ ଆସିବା ଚାଲ !"

ସଙ୍କର୍ଷଣ ପାହାଚ ଆଡ଼କୁ ଅଗ୍ରସର ହେଉ ହେଉ କହିଲେ, "ଆମେ ଯେଉଁସବୁ ଅଭ୍ୟାସର ବଶ ହେଲେଣି, ସନ୍ଧ୍ୟା ହେଲେ ସେ ଅଭ୍ୟାସ ରକ୍ଷସ ଆମ-ଚୁଟି ଧରି ଟାଣି ଆଣି ଗଣନାଥ ବାବୁଙ୍କ ପାଦତଳେ ବସେଇ ଦେଉଛି । ଗାଳି-ଶୁଣିବା କଥା ଆଉ କଅଣ ମନେ ରହୁଛି ? ଗୁଣ୍ଡାଏ ଖାଇପିଇ ଦେଇ ରାତିରେ ଶୋଇପଡ଼ିଲେ ସକାଳୁ ଉଠି ଦେଖୁଛି ଯେ ସବୁ ଭୁଲି ହୋଇଯାଉଛି ।"

ଦୈତାରି ଆଉ ସଙ୍କର୍ଷଣ ଯିବାପରେ ବିଶ୍ବପତି ଗଣନାଥଙ୍କୁ ଚଉକିରେ ବସେଇଦେଇ କହିଲେ, "ତୁମେ ମଧ୍ୟ ଇମିତି ଦୁର୍ବଳ ହେବାକୁ ଯାଉଛ କି ଗଣନାଥ !"

ଆକସ୍ମିକ ଭାବରେ ଗୋଟିଏ ଆନ୍ତରିକ ସ୍ନେହ-କରିଦେଲା ଗଣନାଥଙ୍କ କଣ୍ଠଟାକୁ । ସେ ତକିଆକୁ

ଉଠିପଡ଼ି ବିଶ୍ୱପତିଙ୍କ ହାତ ଦୁଇଟି ଧରି କହିଲେ, "ଆପଣ ଜଣେ ପଣ୍ଡିତ ବ୍ୟକ୍ତି, ମୋର ହୃଦୟର ଦୁଃଖ ବୁଝିଥିବେ । ମୋର ମାଆ ନାହିଁ, ବାପା ନାହିଁ । ମୋର ବନ୍ଧୁକୁଟୁମ୍ବ କେହି ନାହିଁ । ଭୁଲପଥରେ ଗତି କରି-ଯାଉଛି ଆଜ୍ଞା ! ମୋତେ ଆପଣ ରକ୍ଷାକରନ୍ତୁ । ମୋର ସେଇ ଏକମାତ୍ର ଆତ୍ମୀୟ ପ୍ରାଣନାଥ ଭାଇ ପାଖରେ ମୋତେ ଛାଡ଼ିଦିଅନ୍ତୁ । ହାୟ କିଅଣ ମୁଁ ଥିଲି, ଧୀରେ ଧୀରେ କିଅଣ ହେବାକୁ ଯାଉଛି ! ଆପଣମାନଙ୍କୁ ଦେଖିଲେ ମୁଁ ନିଜକୁ କେତେ ଉଚ୍ଚରେ ରଖି ଗର୍ବରେ ମୁଣ୍ଡଟାକୁ ଟେକି ରଖି ଉପରକୁ ଚାହୁଁ-ଥିଲି, ଏବେ ଯେ ମୁଁ ଆପଣଙ୍କ ପାଦତଳେ ଧୂଳିପରି ହିଁ ପଡ଼ିଛି ।"

ବିଶ୍ୱପତି ତୀବ୍ର ଦୃଷ୍ଟିରେ ଗଣନାଥଙ୍କ ମୁହଁକୁ ଚାହିଁ ମନେ ମନେ ଭାବିଲେ, ମନୁଷ୍ୟ ମନରେ ଅନୁତାପ ଆସିବା ଅସ୍ୱାଭାବିକ ନୁହେଁ ; କିନ୍ତୁ ଏତେ ଶୀଘ୍ର ଏ ଲୋକଟା ସବୁ ଛାଡ଼ିଦେଇ ବୈରାଗୀ ହୋଇଯିବ, ଏହା ମୋର ଇଚ୍ଛା ନୁହେଁ । ମନୁଷ୍ୟଟା ଅନ୍ଧଭାବରେ ଅଗ୍ରସର ହୋଇଯାଉଛି, ଏକାଥରକେ ଖାତ ମଝିରେ ପଡ଼ିବା ପର୍ଯ୍ୟନ୍ତ ଦେଖିବାକୁ ମୋର ଇଚ୍ଛା । ଭାବହୀନ ହୃଦୟରେ ଭାବର ବିକାଶ ଘଟିଲେ, ପ୍ରତ୍ୟେକ ପଦକ୍ଷେପରେ ମନ ଆଶଙ୍କା-ଆକୁଳିତ ହୋଇଉଠେ । ଗଣନାଥ ବର୍ତ୍ତମାନ ଅତୀତ ଜୀବନର ଆଚରଣ ସ୍ମରଣ କରିବାକୁ ଆରମ୍ଭ କରିଛି । ମୁଁ ବର୍ତ୍ତମାନ ଭଲ ମନ୍ଦ ସବୁଥିରୁ ଉତ୍ତୀର୍ଣ୍ଣ ହୋଇ ସବୁ କଥା ବୁଝିବାକୁ ସକ୍ଷମ ହୋଇପାରିଛି । ଏକ୍ଷଣି ସ୍ୱାର୍ଥକୁ ଭୁଲେଇ ପୁଣି ସେଇ ବିପଥରେ ଠିଆ-କରେଇ ଦେବାକୁ ହେବ । ଜଣକୁ ମହତ୍ ପଥରେ ନେବା ଅବଶ୍ୟ ମନୁଷ୍ୟର ଧର୍ମ । ଏଇ ଧର୍ମବୁଦ୍ଧିଟା କିଅଣ ସମସ୍ତେ ରଖି ପାରୁଛନ୍ତି ! ପାଣ୍ଡବମାନଙ୍କ ପ୍ରତି ସହାନୁଭୂତି ଥିଲେ ମଧ୍ୟ ଭୀଷ୍ମ, ଦ୍ରୋଣ କୌରବ ପକ୍ଷରେ ରହି ଯୁଦ୍ଧ କରିଥିଲେ । ଆପଣାର ଆର୍ଥିକ ସଚ୍ଛଳତା ଆଶାରେ ଯେ ସେମାନେ ପାଣ୍ଡବଙ୍କ ସହିତ ଯୁଦ୍ଧ କଲେ, ଏଥିରେ ମୋର ସନ୍ଦେହ ହେଉନାହିଁ । ମୋତେ ବର୍ତ୍ତମାନ ଧୈର୍ଯ୍ୟ ଧାରଣକରିବାକୁ ହେବ । ମନ ଭିତରେ ଭାବନା କରୁକରୁ ବିଶ୍ୱପତି କହିଲେ, "ଗଣନାଥବାବୁ, କୌଣସି କାରଣରୁ କ୍ଷଣକ ନିମନ୍ତେ ତୁମେ ଚଞ୍ଚଳ ହେଇଉଠିଛ, ସେ କଥା ମୁଁ ବୁଝି ପାରୁଛି । ତୁମଠୁ ନେଇ, ତୁମର ଖାଇ, ତୁମର ଶତ୍ରୁତା-କରୁଛନ୍ତି । ସବୁ କଥାର ମୂଳରେ ଅଛନ୍ତି ମୁଖ୍ୟମନ୍ତ୍ରୀ । ମୁଁ ଏ ଭିତରେ କଥାବାର୍ତ୍ତା କରିସାରିଛି । ବୁଝିଲ— ତୁମର ଇଚ୍ଛା ପ୍ରାଣନାଥଙ୍କୁ ଆଣି ଆମ ଦଳର ନେତାରୂପେ ବସେଇ ଦେବା । ଆମ ଦଳର ସମସ୍ତେ ପ୍ରାଣନାଥଙ୍କ ନେତୃତ୍ୱ ସ୍ୱୀକାର କରୁଛନ୍ତି—କରିବେ ମଧ୍ୟ । ତୁମେ ଟିକିଏ ନିଶ୍ଚିନ୍ତ ହେଇ ବସ ଗଣନାଥ ! ମୁଁ ସବୁ ବ୍ୟବସ୍ଥା କରିଦେବି । ଲୋକଟା ଘର ସଂସାର ସିନା କରିଛି, ବିଷୟ ବୁଦ୍ଧି ବୋଲି କିଛି ନାହିଁ । ଧାର ଉଧାର କରି ପରିବାର ପ୍ରତିପୋଷଣ କରୁଛି । ବହି ଲେଖିବା, ବହି ବିକ୍ରୀକରି ଆଣି କୁଟୁମ୍ବ ପୋଷିବା କଥା କିଛି ସହଜ ନୁହେଁ । ଗୁଡ଼ାଏ ଋଣ ମଧ୍ୟ ହୋଇଗଲାଣି ! ଟଙ୍କା ଚାରି ପାଞ୍ଚ ହଜାର ନେଇ ପାଖରେ ରଖିଦେଲେ ମନ ଏ ଆଡ଼କୁ ସ୍ୱତଃ ପ୍ରବୃତ୍ତ ହୋଇଯିବ ।"

ଗଣନାଥଙ୍କ ଚଞ୍ଚଳ ମନ ଧୀରେ ଧୀରେ ସ୍ଥିର ହେବାକୁ ଆରମ୍ଭ କରିଥିଲା । ଟଙ୍କା କଥା ଶୁଣି ସେ ଆହୁରି ଟିକିଏ ସହଜ ହୋଇଯାଇ କହିଲେ, "ଆପଣ ତ ଜାଣନ୍ତି ଆଜ୍ଞା, ପ୍ରାଣ ଭାଇଙ୍କୁ ମୁଁ ଏକଥା ବହୁବାର କହିଛି । ବର୍ତ୍ତମାନର ଆର୍ଥିକ ଅବସ୍ଥା ।"

"ସେ କଥା ଆଉ ଅଜଣା ଅଛି ଗଣନାଥ ! ଲୋକେ ତୁମଠୁ ଯାହା ବୋହି ନେଲେଣି, ସିମିତି ମୁକ୍ତ-ହସ୍ତ ଲୋକ ବୋଲି ତୁମେ ଧୈର୍ଯ୍ୟଧରି ରହିଛ । ଦେଖୁନ ତ ଅତି ଆପଣାର ଲୋକ ଏଇ ଯଦୁ ଧାନକଳ ପାଖକୁ ତେଲ କଳ, ଅଟାକଳ ବସେଇ ଦେଲାଣି । ତୁମକୁ କହି ନ କହି ଯେ କୌଣସିମତେ ତୁମର ଗଚ୍ଛିତ ଟଙ୍କାରୁ ନେଉଛି ତ ? ଆଉ ଏଇ ଦରିଦ୍ର କର୍ମୀଗୁଡ଼ାକ ଯାହା ବୋହିନେଉଛନ୍ତି !"

ଗଣନାଥ ସୁଟ୍‌କେଶ ଖୋଲି ନୋଟ କେତେ ବିଡ଼ାଧରି କହିଲେ, "ମୋର ଏଇ ଶେଷ ଚେଷ୍ଟା । ଏଥିରେ ତିନି ହଜାର ଅଛି । ଏତିକରେ ଋଣ ସୁଝା

ହୋଇ ନ ଆଇଲେ ମୁଁ ପରେ ସମସ୍ତ ଋଣ ପରିଶୋଧ କରିଦେବି ବୋଲି ପ୍ରାଣଭାଇଙ୍କୁ ବୁଝେଇ କହିଦେବେ ।

ନୋଟଗୁଡ଼ିକ ଗଣି ନେଇ ଲମ୍ବା କୋଟର ପକେଟରେ ରଖି ରଖି ବିଶ୍ୱପତି କହିଲେ, "ହାତରେ ଟଙ୍କା ପଡ଼ିଗଲେ ମନ ଏକାଥରକେ ପରିବର୍ତ୍ତିତ ହୋଇଯିବ । ଯଦି ନ ହୁଏ, ଆମେ ଆଉ ସେ ଲୋକଟାକୁ ଅପେକ୍ଷା କରିବାନାହିଁ । ଅଳ୍ପଦିନରେ ମୁଁ ନିଜେ ଏ ଦଳର ନେତୃତ୍ୱ ଗ୍ରହଣ କରିନେବି । ତା'ପରେ ଧୀରେ ଧୀରେ ତୁମେ ସେ ଭାର ଗ୍ରହଣ କରିବ । ବୁଝିଲ, ବାହାରେ ଅଛି ବୋଲି ସିନା ଏସବୁ ଜଞ୍ଜାଳରୁ ମୁକ୍ତ ହୋଇରହିଛି । ରାଜ୍ୟ ଭିତରକୁ ଆସିଗଲେ ବ୍ୟସ୍ତ ବଢ଼ିବ, ଲୋଭ ବଢ଼ିବ । ସେଇ ଭୟରେ ନା ସେ ଏ ଭିତରୁ ଖସିଯାଇଛି । ଦୁଇ ଦିନ ଭିତରେ ଯାହାହେଉ କିଛି ଗୋଟାଏ ନିଷ୍ପତ୍ତି ହୋଇ-ଯିବ । ଯାଉଛି ଗଣନାଥ, ପଅରଦିନ ଆସି ସବୁ କଥା କହିବି । ତୁମର ମଙ୍ଗଳ କାମନାରେ ମୁଁ ନିଜକୁ ନିଯୁକ୍ତ କରିଦେଲି, ଆଉ କିଛି ସନ୍ଦେହ ନାହିଁ ।

ବିଶ୍ୱପତି ବିଦାୟ ନେଇ ଯିବାପରେ ଗଣନାଥ ଭାବିବାକୁ ଲାଗିଲେ, ଇତିମଧ୍ୟରେ ବିଦ୍ୟାଧରି କଳଙ୍କ କରି ଝୁଙ୍କରି ଘୁଞ୍ଚି ଚାଲିଯାଇଛି । ମୋର ଯେଉଁ ତେଡ଼ ଲକ୍ଷ ଟଙ୍କା ବ୍ୟାଙ୍କରେ ଥିଲା, ବିଦ୍ୟାଧର ଜାଲ୍ ସ୍ୱାକ୍ଷର କରି କେତେବେଳେ ପଚିଶ ହଜାର ନେଇ ଆସିଲାଣି । ମୁଁ ଯଦି ସେଥିର ପ୍ରତିକାର କରିବାକୁ ଯାଏ, ସେ କଥାରୁ ଅନେକ କଥା ଉଠିବ । ଆଉ ବାକି ଟଙ୍କା କେତେବେଳେ ମୁଁ ଆଣି ଖରଚ କରିଦେଇଛି ମନେ ନାହିଁ । ଏଇ ଆର୍ଥିକ ଅବସ୍ଥାକୁ ନେଇ ନାନାପ୍ରକାର ଜଟିଳ ପରିସ୍ଥିତି ସୃଷ୍ଟିକରି ଏଠିର ଟଙ୍କା ସେଠିକି ନେଇ ବନ୍ଧୁମାନଙ୍କୁ ବଶକରି ରଖିବାକୁ ଅଜସ୍ର ଅର୍ଥ ବ୍ୟୟ ହୋଇଛି । ଯଦୁନାଥ ମୋଠୁ ଅନେକ ଟଙ୍କା ନେଲାଣି, ତଥାପି ସେ ଏଣିକାଲେ ତୃପ୍ତ ହେଉନାହିଁ । ଟଙ୍କା ଧରି ମୁଁ ଯେଉଁ ଧୂଳିଖେଳ ଖେଳୁଛି, ତାର ଫଳ ଏଥର ମୋତେ ଭୋଗ କରିବାକୁ ପଡ଼ିପାରେ । କଂଗ୍ରେସ ପାଣ୍ଠିରୁ କେତେଗୁଡ଼ାଏ ଟଙ୍କା ମୁଁ ନେଇ-ଯାଇଛି ବୋଲି ଅଭିଯୋଗ ଆସିଛି । ଟଙ୍କା ମୁଁ ନେଇଛି, ଅଥଚ ମୁଁ ନେଇନାହିଁ । ଅନ୍ୟକୁ ଦେଇ ଦେଇଥିବି । ମୁଁ ନିଜର କରି କିଛି ରଖିନାହିଁ । ବୋଧହୁଏ ଏସବୁ କରିବା ଉଚିତ ନ ଥିଲା ; କିନ୍ତୁ କେବେ କି ଉଚିତ କାର୍ଯ୍ୟଟାଏ ମୁଁ କରିଛି ଯେ ! ତେବେ କଅଣ ସେଥିପାଇଁ ମୋର ଅନୁତାପ ଆସିଛି ? ମୁଁ ଗଣନାଥ ! ନିଜକୁ ନିଜେ ଅଦ୍ଭୁତ କରି ଗଢ଼ି ଆଣିଛି, ମୋର ଆଉଥରେ ଅନୁତାପ ? ସବୁକଥା ଭିତରେ ମୁଁ ପ୍ରାଣଭାଇ ଆଡ଼କୁ ସବୁବେଳେ କାହିଁକି ଆକର୍ଷିତ ହେଉଛି ? ଥରେ ଥରେ ମୁଁ ଲୋଭପର ଭାବୁଛି, ତାର ଯେତେ ଭଲ ଗୁଣ ଅଛି, ଯେଉଁ ଶକ୍ତି ଅଛି ବୋଲି ଲୋକେ ତାକୁ ଏତେ ଶ୍ରଦ୍ଧା କରୁଛନ୍ତି, ମୋର ଯଦି ସେତିକି ଗୁଣ ଥାଆନ୍ତା ! ଥରେ ଥରେ ମୁଁ ଭାବୁଛି, ପ୍ରାଣନାଥ ଗଣନାଥ ହୋଇଯାଆନ୍ତା । ଆଉ ମୁଁ ଯଦି ପ୍ରାଣଭାଇ ପରି ଆଖି ମୁଦି ଧ୍ୟାନରତ ହୋଇ କଲମ ଧରି ବସି ଲେଖନ୍ତି ! ଆଜି ପର୍ଯ୍ୟନ୍ତ ଈର୍ଷା କମିତ କରିବାକୁ ହୁଏ ଜାଣି ନ ଥିଲି ।

ଗଣନାଥଙ୍କ ଭାବନାସ୍ରୋତରେ ବାଧା ଦେଇ ଭିତରକୁ ପ୍ରବେଶ କଲେ ତୈତ୍ୟାର ଆଉ ସଙ୍କର୍ଷଣ । ସଙ୍କର୍ଷଣ ଖଦଡ଼ କନାର ବ୍ୟାଗରୁ ବୋତଲଗୁଡ଼ିକ ବାହାରକରି ଟେବୁଲ ଉପରେ ରଖି ରଖି କହିଲା, "ଶୁଣିଲେଣି ଆଜ୍ଞା, ସାତାଟି ଶତପଥୀ ଆମ ଗୋଷ୍ଠୀ-ଭିତରକୁ ଆସୁଛନ୍ତି ।"

ଗଣନାଥ କିଛି ନ କହି ସଙ୍କର୍ଷଣଙ୍କ ମୁହଁକୁ ଚାହିଁରହିଲେ । ହଠାତ୍ କଅଣ ଗୋଟାଏ କହିବାକୁ ଯେପରି କଥା ବାଗୁନାହିଁ । ସଙ୍କର୍ଷଣ ମୁଖଭଙ୍ଗୀ କରି କହିଲେ, "ଆଉ ସେ ଦୁଇଜଣ । ଯେଉଁମାନଙ୍କୁ ଖୁସି କରାଇ ଆଣିବା କଥା କହୁଥିଲେ, ସେ ଦୁଇଜଣ ମଧ୍ୟ ଆସିବେ । ଆପଣଙ୍କୁ ଆମେ ଏଥର ନେତାରୂପେ ବାଛିବୁ ଆଜ୍ଞା !" ଗଣନାଥ ଏଇ ମୁହୂର୍ତ୍ତକ ପୂର୍ବରୁ ଏଇମାନଙ୍କର କଥାକୁ ସମ୍ପୂର୍ଣ୍ଣ ଛଳନା ବୋଲି ସ୍ଥିର କରିଥିଲେ, ସେ ସ୍ୱଚ୍ଛ ସୁନ୍ଦର କଳ୍ପନାଜଗତରେ ସଙ୍କର୍ଷଣର କଥାଗୁଡ଼ାକ ଅନ୍ଧକାର ଆବରଣ ପରି

ଆକ୍ରନ୍ଦ କରିଦେଲା । ସେ ସହସା ଉଣ୍ତାହିତ ହୋଇଉଠି ପଚାରିଲେ, "କେଉଁଠି ଏକଥା ଶୁଣିଲ ! କିଏ କହିଲା, କିମିତି ଜାଣିଲ, ସାଇଁଙ୍କ ଆମ ସପକ୍ଷରେ ରହିବେ !"

ଦୈତ୍ୟାରି ତାଙ୍କ ଥଳଟାରୁ କେତେ ଭର୍ଜିତ ଖାଦ୍ୟପଦାର୍ଥ ଟେବୁଲ ଉପରେ ରଖି ଗଣନାଥଙ୍କ ଆଡ଼କୁ ଚାହିଁ କହିଲେ, "ଆପଣ ଆଜ୍ଞା, ଆଜି ବନଟା-ସାକ କିଛି ଖାଇନାହାନ୍ତି । ବସନ୍ତୁ, ଅଳ୍ପ କିଛି ଖିଆପିଆ କରୁକରୁ ସବୁ ଶୁଣିବେ । ସର୍କ୍ୟୁଟ ହାଉସ୍‌ର ବେହେରାଟାକୁ ଆମ କଥା କାହିଁକି ଜଣେଇବା ବୋଲି ବୁଦ୍ଧି ଖଟେଇ ଷ୍ଟେସନ ଆଡ଼ୁ ସବୁ କିଣି ନେଇଆସିଛି । କହୁକହୁ ଦୈତ୍ୟାରି ଗଣନାଥଙ୍କ ହାତ ଧରି ବସେଇଦେଲେ ଟେବୁଲ ପାଖରେ ।"

ସଙ୍କର୍ଷଣ ବୋତଲ ଖୋଲି ଢାଳି ଢାଳି ଗଣନାଥଙ୍କ ହାତକୁ ବଢ଼େଇ ଦେଲେ ଗିଲାସ ଉପରେ ଗିଲାସ ଭରି ଭରି । ଗୋଟାସାକ ଦିନର ? ଆଉ ଦୁଶ୍ଚିନ୍ତା ପରେ ପାନୀୟ ଆଉ ତାକୁ ସଂଯୋଗ ହେବା-ପରି କେତେକ କଟୁ ଏବଂ ଲବଣଯୁକ୍ତ ଭର୍ଜିତ ଦ୍ରବ୍ୟ ଖାଉ ଖାଉ ଗଣନାଥ ଆପଣା ଅଜ୍ଞାତ ଜୀବନର ଆଚରଣ ସମ୍ବନ୍ଧରେ ଚିନ୍ତା କରିବେ କଅଣ, ସେ ବିଷୟ ସ୍ମରଣ କରିବାକୁ ମସ୍ତିଷ୍କରେ ଆଉ ତିଳେହେଁ ଶକ୍ତି ରହିଲାନାହିଁ । ଦୁଃଖ ଏବଂ ଦୈନ୍ୟର ଅନୁଭୂତି ପରିବର୍ତ୍ତେ ସେ ମଦଗର୍ବିହ୍ୱଳ ହୋଇଉଠି ଉଚ୍ଚହାସ୍ୟରେ କକ୍ଷ ଭରିଦେଲେ ।

ଦୈତ୍ୟାରି ଭଜା ମାଛଟାକୁ ଗଳାଧଃକରଣ କରି ଦେଇ ହସି ହସି କହିଲେ, ଏମାନଙ୍କୁ ଇମିତି କରି ରଖିବା କି ଆଜ୍ଞା ! ଦେଖିବେ ଏଇ ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଦତଳେ ପଡ଼ି କ୍ଷମା ମାଗିବେ । ଆପଣ ହେବେ ଦଳର ନେତା । ହାତ ଉଠେଇ ନିର୍ଦ୍ଦେଶ ଦେବେ, ଏମାନେ ନତମସ୍ତକ ହୋଇ ଆଦେଶ ପାଳନ କରିବେ ।

ସଙ୍କର୍ଷଣ କିଛି ନ ଶୁଣି ନ ବୁଝି ଖେଁ ଖେଁ କରି ହସିଉଠିଲେ । ଗଣନାଥ ଦୁଇ ବନ୍ଧୁଙ୍କ କାନ୍ଧରେ ଦୁଇହାତ ରଖି ବିରୋଧିଦଳକୁ କୁତ୍ସିତ ଭାଷାରେ ଗାଳିଦେଇ ନାଚିଉଠିଲେ ।

ଏ ସୁଯୋଗରେ ଆଜାନ୍ତରେ ଖଞ୍ଜରେ ପଇଡ଼ା ଆଢ଼େଇ ଦେଇ ଭିତରକୁ ପ୍ରବେଶ କଲା ସୁଭାଷୀ । ସଙ୍କର୍ଷଣ ସୁଭାଷୀର ହାତ ଧରିପକେଇ କହିଲେ, "ଆରେ ସୁଭାଷୀ ଯେ, ତୁମରି ପରି ସାଥୀ ଗୋଟିଏ ନ ହେଲେ ଆମେ କେଡ଼େ ଏକାକୀ ବୋଧକରୁଛୁ !"

ସୁଭାଷୀ ସଙ୍କର୍ଷଣଙ୍କ ହାତରୁ ହାତ ଛଡ଼େଇ ନେଇ ଗଣନାଥଙ୍କ ହାତ ଧରି ଆବେଗ ଅସ୍ଥିର ସ୍ୱରରେ କହିଲା, "ଗଣନାଥବାବୁ ! ତୁମକୁ ଭଲପାଇ ମୋ ଜୀବନ ନଷ୍ଟ ହୋଇଗଲା । ମୋ ସ୍ୱାମୀ ମୋତେ ଛାଡ଼ିଦେଇ ଆଉ ଗୋଟିଏ ଝିଅକୁ ବିବାହ କରୁଛନ୍ତି । ମୋର ଶାଶୁ ଶ୍ୱଶୁର ସମ୍ବନ୍ଧୀୟ ଲୋକ ମିଶି ମୋତେ ଅପମାନ ଦେଇ ଘରୁ ବାହାର କରିଦେଲେ । ମୁଁ ବିଷ ଖାଇଦେଇ ଆସିଛି ।"

ଦୈତ୍ୟାରି ତିନି ବନ୍ଧୁ ସମସ୍ୱରରେ ବିକୃତ ହାସ୍ୟ କରି କହିଉଠିଲେ, "କି କଥା ? ବିଷ କାହିଁକି ଖାଇଲ ଗୋ ! ଘରୁ ବାହାର କରିଦେଲେ ତୁମକୁ କଅଣ ଘର ମିଳନ୍ତାନାହିଁ ! କଲିକତା କି ବମ୍ବେ ପଳେଇଥିଲେ କି ସୁନ୍ଦର କେତେ ଟଙ୍କା ଉପାର୍ଜନ କରି ରହିଥାନ୍ତ । ବୁଦ୍ଧି ଥିଲେ ସିନା !"

ସୁଭାଷୀ କୌଣସି କଥା ନ ଶୁଣି ଗଣନାଥଙ୍କୁ ଆଲିଙ୍ଗନ-ପାଶରେ ଆବଦ୍ଧକରି କହିଲା, "ତୁମେ ମୋର ଅତି ପ୍ରିୟ ଗୋ ଅତି ପ୍ରିୟ ! ତୁମକୁ ଦେଖି ଶେଷ ନିଃଶ୍ୱାସ ଛାଡ଼ିବି ବୋଲି ଉତ୍ସାହରେ ବସି ଧାଇଁ ଆସିଛି । ତୁମେ ମୋତେ କେତେ ପ୍ରଲୋଭନ ଦେଖେଇ ତୁମ ଆଡ଼କୁ ଟାଣି ଆଣିଥିଲ, ଆଜି ମୁଁ ମରିଯାଉଛି ତୁମରି ଦୁଃଖ ହେଉନାହିଁ !"

ଗଣନାଥ ସୁଭାଷୀର ଦେହଟାକୁ ଛାଆଡ଼େ ଫିଙ୍ଗିଦେଇ କହିଲେ, ତୋତେ ମୁଁ ପ୍ରଲୋଭନ ଦେଖେଇଥିଲି ନା ତୁ ମୋ ପାଖକୁ ଆସି ମୋର ସର୍ବନାଶ କରିଛୁ । ତୁମା ଘରେ ରହି ମୋ ଉପରେ କେଉଁ ଅଧିକାର କରୁଥିଲୁ—"

ସଙ୍କର୍ଷଣ ହସି ହସି ଲୋଟି ପାଇ କହିଲେ, "ଆହା କି ରୂପ ! ଏଇ ରୂପ ରଙ୍ଗ ଧରି କିମିତି ସେ ପ୍ରେମ କରିବାକୁ ଆସିଥିଲୁ !"

ସୁଭାଷୀ ତଳୁ ଉଠି ଘୋଷାଡ଼ି ହୋଇଯାଇ ଗଣନାଥଙ୍କ ପାଦଉପରେ ମଥା ରଖି କହିଲା, ତୁମେ ମୋତେ କୌଣସି ଲୋଭ, କୌଣସି ଆଶା ଦେଖେଇ ନାହିଁ। କେତେ ଥର ତୁମେ ମୋତେ କହୁଛ ମୋତେ ଭଲ ପାଉଛ ବୋଲି। ଆଜି ମୋର ଶେଷ ସମୟରେ କହ, ଥରେ ମାତ୍ର କହିଦିଅ, ତୁମେ ମୋତେ ଭଲ ପାଇବା କଥା କହି ଟାଣିନେଇଥିଲ—

ଏକା ସାଙ୍ଗରେ ତିନି ବନ୍ଧୁ ବିକଟ ହାସ୍ୟ କରିଉଠି କହିଲେ, ପ୍ରେମ କରିଥିଲେ ବୋଲି ଏତ୍କ କଥା ଦେବେ। କଥା ଧରି ସ୍ୱର୍ଗକୁ ଯିବ। ସ୍ତ୍ରୀ ଲୋକଙ୍କ ସଙ୍ଗେ କେତେ କଥା ଜାଣିଛୁ, ଦେଖ ତ।

ସୁଭାଷୀ ଗଣନାଥ ପାଦତଳେ ସେହିପରି ମୁଣ୍ଡ ରଖି ଗୁଡ଼ାଏ ବାନ୍ତି କରିପକାଇ ଢଳିପଡ଼ିଲା।

ଦୈତ୍ୟାରି ତଳେ ବସି ସୁଭାଷୀର ମଥାଟାକୁ ଧରି ଉଠେଇ କହିଲେ, "ସତେ ତ ମରିଗଲା ବୋଧହୁଏ। ଏଁ କଅଣ କଲ! କେଉଁଠୁ କମିତି ବିଷ ଆଣିଲ! ବିଷ ଖାଇ ଆମର ଏଠିକି ଆସି ଟିକିଏ ଖୁସି ବାସି ହୋଇ ରହିଥିଲେ ଯେ ସବୁ ମାଟି କରିଦେଲ।

ସଙ୍କର୍ଷଣ କହିଲେ, "ଧର ଦୈତ୍ୟାରି, ଏହାକୁ ନେଇ ବାଥ୍‌ରୁମରେ ରଖିଦେବା। ବଞ୍ଚିଲେ ପରେ ସେ ଉଠିବ।"

ସେ ସମୟକୁ ସଙ୍କର୍ଷଣର ନିଶାଟା ବଢ଼ି ଯାଇଥିଲା ଅତି ମାତ୍ରାରେ। ସେ ଆଉ ଗିଲାସେ ଢକ ଢକ କରି ପିଇଦେଇ ସୁଭାଷୀର ମଥା ଆଡ଼ୁ ଧରି କହିଲେ, "ଧର ଦୈତ୍ୟାରି, ଦୈତ୍ୟାରି ପାଦ ଦି'ଟା ଧରି ଉଠେଇ ଉଠାଉ ସଙ୍କର୍ଷଣ ଅ' କରି ଦେଇ ସୁଭାଷୀ ଉପରେ ଗୁଡ଼ାଏ ବାନ୍ତି କରିଦେଲେ।

ଗଣନାଥ ସେ ଆଡ଼କୁ ନ ଚାହିଁ ଅନ୍ୟଆଡ଼େ ମୁହଁ କରି ଅବଶିଷ୍ଟ ପାନୀୟଟିକ ନିଃଶେଷ କରିଦେବା ଚେଷ୍ଟାରେ ଥିଲେ।

ଟ୍ରିଙ୍କ୍ୟୁଟ ହାଉସର ଗାଧୁଆ ଘରେ ସୁଭାଷୀକୁ ଶୁଆଇଦେଇ "କେତେ ଜାଳ ସୁଭାଷୀର ନାକ ପାଖକୁ କାନ ରଖି ଦୈତ୍ୟାରି କହିଲେ, "ବଞ୍ଚିଛି ହେ ସଙ୍କର୍ଷଣ! ସକାଳ ହେଲେ ସେ ଉଠିପଡ଼ିବ। ସଙ୍କର୍ଷଣର ସେ ସମୟକୁ ଆଉ କଥା କହିବାକୁ ଶକ୍ତି ନ ଥିଲା। ସେ ପ୍ରଳାପ କଲାପରି କହିଲେ, "ଆଜି ସଭା ଅଛି, ସଭାରେ କଅଣ୍ ବୋଲି କହି ଭାଷଣ ଦେବା?"

ଏଇ ବିଷୟ କହିଦେଲେ ସୁନ୍ଦର ଭାଷଣଟିଏ ହେବ। ଦୈତ୍ୟାରି ସଙ୍କର୍ଷଣଙ୍କ ହାତ ଧରି ଗାଧୁଆ ଘରୁ ଟାଣି ନେଇଗଲେ ବସିବା ଘରକୁ। କେବଳ ନିଶା ଖାଇବା କଥାରେ କାହିଁକି, ସବୁପ୍ରକାର ଅପକର୍ମରେ ସୁଦକ୍ଷ ଦୈତ୍ୟାରି ଦମ୍ଭଧରି ଚଉକିରେ ବସିଉଡ଼ି କହିଲେ, "ହଇହେ ସଙ୍କର୍ଷଣ, ତୁମେ ମୋତେ ଟେଲିଫୋନରେ କହୁଥିଲ, ରାମେଶ୍ୱରବାବୁ ଆମମାନଙ୍କୁ ଖାଇବାକୁ ଡାକିଥିଲେ।"

ସଙ୍କର୍ଷଣ ଗଦ୍‌ଗଦ ହୋଇ ହସିଉଠି କହିଲା, "ରାମେଶ୍ୱରବାବୁ—ହିଁ ଡାକିଥିଲେ!" ଗଣନାଥ ବନ୍ଧୁଙ୍କ ହସରେ ହସ ମିଶେଇ କହିଲେ, "ରାମେଶ୍ୱର ନା ବୈଦ୍ୟନାଥବାବୁ ହେ!" ସଙ୍କର୍ଷଣ ବସିଯାଇ ପୁଣି ପିଇବାରେ ଲାଗିଥିଲେ। ଖେଁ ଖେଁ କରି ହସିଉଠି କହିଲେ, "ଆରେ, ମୁଁ ତ କହୁଛି ରାମେଶ୍ୱର। ନାହିଁ ହେ, ଆଜି ବୈଦ୍ୟନାଥର ଝିଅ ବିଭା।"

ଦୈତ୍ୟାରି ଚଉକିରୁ ଉଠିପଡ଼ି କହିଲେ, "ହଁ ହଁ ହଁ, ସେଇ ବୈଦ୍ୟନାଥ, ସେ ଲୋକଟା ହେ। ଏ ସଭା ପାଇଁ ପାଞ୍ଚଶହ ଖରଚ କରିଛନ୍ତି। ସଭାକୁ ଆସିଥିଲେ, ମୋତେ କହିଛନ୍ତି। ଗଣନାଥ ନିଶା ଅଭ୍ୟାସୀ ବ୍ୟକ୍ତି, ସେଦିନ ଅଧିକ ମାତ୍ରାରେ ପାନ କରିଥିଲେ ମଧ୍ୟ ହଠାତ୍ ସଚେତ ହେଲାପରି ହୋଇଯାଇ କହିଲେ, "ବୈଦ୍ୟନାଥ! କେଉଁ ବୈଦ୍ୟନାଥ! ଷ୍ଟ୍ରାଇକ ସମୟରେ—"

ସଙ୍କର୍ଷଣ ହସିଉଠି କହିଲେ, "ହଁ ହଁ ସେଇ। ସେଇ ବୈଦ୍ୟନାଥ, ଯେ ଷ୍ଟ୍ରାଇକ ସମୟରେ ସାହାଯ୍ୟ କରିଥିଲେ। ଆପଣଙ୍କୁ କହିଲେ ନାହିଁ କି ଆଜ୍ଞା! ଦେଖିଲ, ଏକାଥରକେ ମନେନାହିଁ। ଇମିତି ଭୁଲି-ଗଲେ ହେବ।

ଗଣନାଥ ସ୍ମରଣ କରି କରି କହିଉଠିଲେ, "ମନେ ପଡ଼ିଗଲା। ସେଇ ଲୋକ। ଯେଉଁ ଲୋକଟି ଏଇ ଘରେ

ଉପାଦେୟ ଖାଦ୍ୟ ଖୁଆଇ ଟଙ୍କା ଥଳି ଉପହାର ଦେଉଛୁ । ସେ ଯେତେବେଳେ ଡାକୁଛନ୍ତି”—

“ନ ଗଲେ ଚଳବ ନ ଆଜ୍ଞା”ବୋଲି କହିଦେଇ ଦୈତ୍ୟାରି ବାହାରି ପଡ଼ିଲେ ଘର ଭିତରୁ । ସଙ୍କର୍ଷଣ ଆହ୍ଲାଦରେ ଅଧୀର ହୋଇ ହସି ହସି କଥା କହି କହି ଚାଲିଲେ ଦୈତ୍ୟାରିଙ୍କ ପଛେ ପଛେ । ଗଣନାଥ ସେଇ ପରିଚ୍ଛଦରେ ହିଁ ଯାଇ ଠିଆହେଲେ ଗାଡ଼ି ପାଖରେ ।

ଡ୍ରାଇଭର୍ ଗାଡ଼ିର ଦୁଆର ଖୋଲିଦେଇ ଗାଡ଼ି ଷ୍ଟାର୍ଟ କରିବାକୁ ଆରମ୍ଭ କରିଦେଲେ । ଖୋଲା ଫାଟକ ପାର ହୋଇ ଗାଡ଼ି ଆସି ପହଞ୍ଚିଲା ରାସ୍ତା ଉପରେ ।

ଡ୍ରାଇଭର୍ ପଚାରିଲା—“ଗାଡ଼ି କେଉଁଠିକି ଯିବ ଆଜ୍ଞା ।”

ଗଣନାଥ କଅଣ ଭାବୁଥିଲେ କେଜାଣି, ସେ ଚିନ୍ତାଶୂନ୍ୟ ଭାବରେ ଧମକ ଦେଇ କହିଲେ, “ଚଳେଇ ନେ ଗାଡ଼ି । କେଉଁଠିକି ଯିବ କଏ ଜାଣିଛି !”

ସଙ୍କର୍ଷଣ ଗଣନାଥଙ୍କ ଉକ୍ତିର ପୁନରାବୃତ୍ତି କରି କହିଲେ, “ଆରେ ଗାଡ଼ି ଚଳେଇନେବା ତୋର କାର୍ଯ୍ୟ । ଗାଡ଼ି ସେଇଠିକି ଯିବ ଆମେ ଯେଉଁଠିକି ଯିବୁ । ତା’ପରେ ଗାଡ଼ି କେଉଁଠି ରହିବ କହିବା ।”

ଡ୍ରାଇଭର୍ ନିତ୍ୟାନନ୍ଦ ମନେ ମନେ ଅତ୍ୟନ୍ତ ବିରକ୍ତ ହୋଇ ପ୍ରଧାନ ରାସ୍ତାରେ ଗାଡ଼ି ଚଳେଇଦେଲା ଦ୍ରୁତବେଗରେ ।

ଦିନ ଗୋଟାଯାକର ପରିଶ୍ରମ, ଅବସାଦ, ଉତ୍ତେଜନା ସବୁ ଉପରେ ସୁଭାଷୀର ଉପସ୍ଥିତରେ ଯେଉଁ ଗୋପନ ଆତଙ୍କ ଜନ୍ମିଥିଲା, ସେଥିରେ ଦୈତ୍ୟାରି ଓ ସଙ୍କର୍ଷଣ ଆତଙ୍କିତ ହେବା ସ୍ୱାଭାବିକ । ଗାଡ଼ିରେ ବସି ବୈଦ୍ୟନାଥଙ୍କ ଘରେ କେଉଁ କେଉଁ ପ୍ରିୟ ଖାଦ୍ୟ ଖାଇବେ ସେ କଥା କଳ୍ପନା କରୁକରୁ ଗାଡ଼ିର ଦୋହୁଲିମାନ ଶାନ୍ତ ଗତିରେ ଦୁହେଁ ଅତି ଶୀଘ୍ର ନିଦ୍ରିତ ହୋଇପଡ଼ିଲେ ।

ଶ୍ରାନ୍ତ ଗଣନାଥ ମଧ୍ୟ ପଛ ସିଟ୍‌ର ଗୋଟାଏ ପାଖକୁ ଆଉଜି ବସି କଅଣ ଗୋଟାଏ କଥା ଭାବୁ ଭାବୁ ଶୋଇପଡ଼ିଲେ ।

ଡ୍ରାଇଭର୍ ନିତ୍ୟାନନ୍ଦ ସମୟେ ସମୟେ ଗାଡ଼ିର ଗତି ମନ୍ଥର କରିଦେଇ ଶୁଣୁଥିଲେ ପଛ ପାଖରୁ ଦୈତ୍ୟାରି ଆଉ ସଙ୍କର୍ଷଣଙ୍କ ନାସିକା ଗର୍ଜନ ଧ୍ୱନି । ଗାଡ଼ିର ଗତିଟାକୁ ଆଉରି ଧୀର କରିଦେଇ ପଛକୁ ମୁହଁ ଫେରାଇ ଦେଖିଲେ, ଦୈତ୍ୟାରି ଆଉ ସଙ୍କର୍ଷଣ ଜଣକ ଉପରେ ଜଣେ ଲଦିହୋଇ ଶୋଇ ପଡ଼ିଛନ୍ତି । କେତେକ ସମୟ ପୂର୍ବେ ସଙ୍କର୍ଷଣ ଯେଉଁ ଖାଦ୍ୟସାମଗ୍ରୀଗୁଡ଼ାକ ବାନ୍ତି କରିଥିଲେ, ସେଥିର ଯେଉଁ କେତେକ ଅଂଶ ତାଙ୍କର ପରିଧେୟରେ ପଡ଼ିଥିଲା, ସେ ବାନ୍ତିରୁ ଉଗ୍ର ଅମ୍ଳଗନ୍ଧ ଉଠିଆସୁଥିଲା ଭିତରୁ । ନିତ୍ୟାନନ୍ଦ ସେ ଆଡ଼ୁ ମୁହଁ ଫେରାଇଆଣି ଗଣନାଥଙ୍କ ଆଡ଼କୁ ଚାହିଁଲା । ତା’ର ଭାବନା ହେଲା, ଏଡ଼େବଡ଼ ପ୍ରତାପଶାଳୀ ମନୁଷ୍ୟଟା ଗାଡ଼ିର ଗୋଟାଏ କୋଣକୁ ପଡ଼ିଛି ସାମାନ୍ୟ ମାଂସପିଣ୍ଡ ପରି ।

ରାସ୍ତାର ଗୋଟାଏ ଖାଲରେ ଗାଡ଼ିଟା ଚାଲିଯାଇ ପଡ଼ଉଠି ହୋଇ ଉଠିଲା ଅଳ୍ପ ସମୟ ପାଇଁ । ଗଣନାଥ ଗାଡ଼ି କୋଣରୁ ଉଠି ବସିପଡ଼ି ପଚାରିଲେ, “ଗାଡ଼ି କେତେ ଦୂରକୁ ଆସିଲା ନିତ୍ୟାନନ୍ଦ !”

“ପ୍ରାୟ କୋଡ଼ିଏ ମାଇଲ ହୋଇଯିବ ।”

ସେ ଖାଲି ବିରକ୍ତିରେ ସଙ୍କର୍ଷଣର ଦେହଟାକୁ ଝାଙ୍କିଦେଇ କହିଲେ, “ବୈଦ୍ୟନାଥର ଘର କେଉଁଠି ? ତୁମେ ଦି’ଜଣ କଅଣ ଗାଡ଼ିରେ ଶୋଇବାକୁ ଆସିଥିଲ ? ବୈଦ୍ୟନାଥର ଘର କେଉଁଠି କହନ !”

ସଙ୍କର୍ଷଣ ଅସୁସ୍ଥତାର ଛଳନା କରି ଗଣନାଥଙ୍କ କୌଣସି କଥା ଶୁଣିଲେ ନାହିଁ । ଗଣନାଥ ଯେତିକି ବିରକ୍ତ ହୋଇ ସେଇ କଥା ବାରମ୍ବାର ପଚାରିଲେ, ସେ ସେତିକି କୃତ୍ରିମ କାତରତା ଦେଖାଇ ପାଦ ଦୁଇଟା ସିଟ ଉପରକୁ ଉଠେଇ ନେଇଗଲେ । ଶାଲ୍‌ଟାକୁ ଭଲକରି ଘୋଡ଼େଇ ଘୋଡେଇ ହୋଇପଡ଼ି ଓହୋ ହୋ, ଓହୋ ହୋ କହି କମ୍ପି ଉଠିଲେ ।

ଗଣନାଥ ମନେ ମନେ ଉତ୍କ୍ଷିପ୍ତ ହୋଇଉଠି ଦୈତ୍ୟାରିଙ୍କ ହାତଧରି ଟାଣିଦେଇ କହିଲେ, “କଅଣ ତୁମେ ସବୁ ଶୁଣି ନ ଶୁଣିଲା ପରି ରହିଛ ! କହନ କେଉଁଠି ତାଙ୍କ ଘର ?”

ଦୈତ୍ୟାରି ଏକାଥରକେ ଗାଢ଼ ନିଦ୍ରାରୁ ଉଠିଲା-ପରି ଚମକି ଉଠି ବ୍ୟସ୍ତ ହୋଇ କହିଲେ, "କାହା ଘର କଥା ପଚାରୁଛନ୍ତି ଆଜ୍ଞା ! ମୋର ତ କିଛି ମନେ ନାହିଁ । ଆମେ ଏବେ ଯାଉଛେ କେଉଁଠିକି ?"

"ତୁମେ କହିଲ ବୈଦ୍ୟନାଥ ଆମମାନଙ୍କୁ ଆମନ୍ତ୍ରଣ କରିଛି ବୋଲି —"

"ଆପଣଙ୍କୁ ତ ମଧ୍ୟ ବୈଦ୍ୟନାଥବାବୁ ସେଇ କଥା କହିଗଲେ । ତାଙ୍କ ଘରଟା କେଉଁଠି କେହିହେଲେ ସେ କଥା ତାଙ୍କୁ ପଚାରିଲେ ନାହିଁ । ଆପଣ ତ ଜାଣନ୍ତି, ମୁଁ ତାଙ୍କ ଘର ଆଡ଼କୁ କେବେ ଯାଇନାହିଁ । ବିରକ୍ତ ହେଲେ ଆଜି କଅଣ ହେବ ?"

ସଙ୍କର୍ଷଣ ସବୁ କଥା ଶୁଣି ଭାବିଲେ ସେ ଗଣନାଥ ଏଇ କ୍ଷଣକ ଆଗରୁ ଯେଉଁ ରୁଦ୍ରମୂର୍ତ୍ତି ଧରିଥିଲେ, ଚାପୁଡ଼ା ମାରି ମୁଣ୍ଡ ଉଡ଼େଇ ଦେବେ ବୋଲି ଭୟ ହେଉଥିଲା । ଯାହାହେଉ, ମୁଣ୍ଡଟା ତ ନିରାପଦରେ ଯଥାସ୍ଥାନରେ ଅଛି । ସେ ଟିକିଏ ରହି ସହଜ ଭାବରେ ହିଁ କହିଲେ, "କିଛି ନ ଜାଣି ଅକାରଣରେ ବସାରୁ ବାହାରି ଶୀତ ଥଣ୍ଡାରେ ଛଟପଟ ହେଲେ । ଏଣେ ଭୋକ ମଧ୍ୟ ହେଲାଣି । ଗାଡ଼ିଟା ଶୀଘ୍ର ଫେରାଇ ନିଅ ନିତ୍ୟାନନ୍ଦ ! ବେହେରାକୁ ମାଗି ଯାହାହେଲେ ଖାଇବା ।"

ଗଣନାଥ ଧମକ ଦେଖେଇ କହିଲେ, "ଧୀରେ ଯାଇ ଶୋଇପଡ଼ । ଗାଡ଼ିଟା ଶୀଘ୍ର ଫେରାଇନେବ । ଗାଡ଼ି ଆସି କେଉଁଠି ପହଞ୍ଚିଲାଣି ! ଆଉ ଫେରିଯିବ ! ତୁମେମାନେ ମୋର ପ୍ରାଣଟାକୁ ଖାଇବ, ତେବେ, ଯାଇ ମୋତେ ଛାଡ଼ିବ ।"

ସଙ୍କର୍ଷଣ ଧଡ଼ କରି ଉଠିପଡ଼ି ଗଣନାଥଙ୍କ ଆଡ଼କୁ ମୁହଁ ଫେରେଇ କହିଲେ, "ଯାହା ଇଚ୍ଛା ତାହା ବୋଲିଦେବାକୁ ଆପଣଙ୍କର ମୁହଁ ବଢ଼ିଯାଇଛି । ଆମମାନଙ୍କୁ କଅଣ ଚାକର ବୋଲି ମନେ କରୁଛନ୍ତି କି ? ଦଳବୃଦ୍ଧି କରିବେ ବୋଲି ଆମମାନଙ୍କୁ ପଇସେ ଅଧେଲେ ଦେଇ ବଶ କରି ରଖିଛନ୍ତି —"

ସଙ୍କର୍ଷଣର ଅସଂଲଗ୍ନ କଥାଗୁଡ଼ିକ ଶୁଣି ଗଣନାଥଙ୍କର କ୍ରୋଧଟା ଗର୍ଜି ଉଠିଲା । ସେଇ ପାଖକୁ ଲାଗି ନିତ୍ୟାନନ୍ଦ ଡ୍ରାଇଭର୍ ବସିଛି, ସେ କଥା ସେ ଏକାଥରକେ ଭୁଲିଯାଇ ସଙ୍କର୍ଷଣଙ୍କ ଗାଲକୁ ମୁଣ୍ଡକୁ ଘୂରି ଚାପୁଡ଼ା ମାରି ଗାଳିଦେବାକୁ ଲାଗିଲେ ।

ଦୈତ୍ୟାରି ଝୁଙ୍କି ଆସି ଗଣନାଥଙ୍କ ହାତ ଧରି-ପକେଇ କହିଲେ, "ଇମିତି ରାତି ଅଧିଆ ବାଟ ଘାଟରେ କଳହ କରି ମାରଧର ହୋଇ ମରିବା କି ଆଜ୍ଞା ! ସନ୍ଧ୍ୟାବେଳୁ ଏତେବେଳ ଯାଏ ଯାହା ହେଲାଣି ଏତିକି କଥା ଚିଥାଇରଖି ଭୋଗକରିବା ଶକ୍ତି ନାହିଁ ।" ସେ ଏକଥା କହି ଗଣନାଥଙ୍କୁ ଠେଲି ବସାଇଦେଲେ । ସଙ୍କର୍ଷଣଙ୍କୁ ସିମିତି ଠେଲି ବସେଇଦେଇ ସିଟ୍ ଉପରକୁ ପାଦ ଉଠେଇ ନେଇ ଶାଲ୍‌ଟାକୁ ଭଲକରି ଘୋଡ଼େଇ ହୋଇ ଶୋଇପଡ଼ିଲେ ଦୈତ୍ୟାରି ।

ନିତ୍ୟାନନ୍ଦ ଗାଡ଼ି ନ ଫେରେଇ ଚଲେଇନେଲା ଆହୁରି ଦୂରକୁ ।

ସଙ୍କର୍ଷଣ, ଦୈତ୍ୟାରି ପୁଣି ଶୋଇପଡ଼ିଲେ ଗାଢ଼ ନିଦରେ । ଗଣନାଥ ସ୍ତବ୍ଧହୋଇପଡ଼ି ରହିଥିଲେ ଗାଡ଼ିର ଗୋଟାଏ ପାଖକୁ । ସେ ବିସ୍ମିତ ହୋଇ ଭାବିଲେ, ଦୈତ୍ୟାରି ମୋତେ ଧମକ ଦେଇ ବସେଇଦେଲା । ମୁଁ ମୁହଁ ଖୋଲି ପଦେ କହିପାରିଲି ନାହିଁ କି ହାତ ଉଠେଇ ପାରିଲିନାହିଁ । ସନ୍ଧ୍ୟାର ମଦବିହ୍ୱଳତା କଟି ଯାଇଥିଲା ସେ ସମୟକୁ । ଘନ ମେଘାଚ୍ଛନ୍ନ ଆକାଶରେ ବିଜୁଳି ଚମକିପରି ଭାବନାଶୂନ୍ୟ ମନରାଜ୍ୟରେ ଦେଖାଦେଲା ଚିନ୍ତାର ରେଖା । ମନେ ପଡ଼ିଗଲା ସୁଭାଷୀର କଥା । ବିଦ୍ୟାଧରର ବସାକୁ ବାରମ୍ବାର ଯାଇ କିମିତି ସେ ସୁଭାଷୀ ସହିତ ବନ୍ଧୁତ୍ୱର ସୂତ୍ରପାତ କରିଥିଲେ । ତା'ପରେ ସେ କି ବେଗରେ ତାଙ୍କ ଆଡ଼କୁ ଆକର୍ଷିତ ହୋଇଆସିଥିଲା । ସେ ସମ୍ବନ୍ଧରେ କଅଣ ଥିଲା ! କିଛି ନାହିଁ । ପରସ୍ପର ରୂପରେ, ଗୁଣରେ କିମ୍ବା ପ୍ରେମଭକ୍ତିରେ ଆକର୍ଷିତ ହୋଇ ନ ଥିଲେ । କଣ୍ଟକିତ ହୋଇଉଠିଲା ଗଣନାଥଙ୍କ ସର୍ବାଙ୍ଗ । ସୁଭାଷୀଟା ମରି ଶୋଇଥିବ ସର୍କ୍ୟୁଟ ହାଉସରେ !

ଅଧରାତ୍ରର ଶୀତ ପବନ ବାଜି ଥରେଇଉଠିଲା ଗଣନାଥଙ୍କ ଦେହ । ଆପଣାର ଅସ୍ତିତ୍ୱ ସମ୍ବନ୍ଧରେ ଚିନ୍ତା କରିବାକୁ ତାଙ୍କର ଚିରସୁପ୍ତ ଚେତନା ଜାଗିଉଠିଲା କ୍ଷଣକରେ ।

ନିତ୍ୟାନନ୍ଦ ଗାଡ଼ିର ଗତି ମନ୍ଥର କରି ପଛ ସିଟ୍‌କୁ ଚାହିଁଲା । ଦୁଇ ବନ୍ଧୁ ତଳେ ପଡ଼ିଛନ୍ତି ନିଦରେ । ସିଟ୍‌ର ଅନ୍ୟ ପାଖକୁ ଗଣନାଥ ବିହ୍ୱଳ ହୋଇ ବସି-ରହିଛନ୍ତି ।

ଗଣନାଥ ମଥା ଟେକି ଚାହିଁଲେ । ନିତ୍ୟାନନ୍ଦ ସେ ଆଡ଼କୁ ନ ଦେଖିଲା ପରି ଛଳନା କରି ଗାଡ଼ି ଚଳେଇନେଲା ପୁଣି ଦ୍ରୁତବେଗରେ । କେବଳ ଗୁଡ଼ାଏ ଭର୍ତ୍ସନା ବାକ୍ୟ ଉଠୁଥିଲା ନିତ୍ୟାନନ୍ଦର କଣ୍ଠରୁ ।

## ଏଗାର

ମାର୍ଗଶିର ମାସର ମଧ୍ୟରାତ୍ରି । ଗାଡ଼ି ଚାଲିଥିଲା ନିର୍ଜନ ପଥରେ । କୃଷ୍ଣ ସପ୍ତମୀର ଚନ୍ଦ୍ର ଧୀରେ ଧୀରେ ଖସି ଖସି ଖସି ଯାଉଥିଲା ପଶ୍ଚିମ ଆଡ଼କୁ ।

ଗଣନାଥ ଗାଡ଼ିର କାଚ ଆବରଣ ଉପରକୁ ଉଠେଇ ଦେଇ ନିତ୍ୟାନନ୍ଦର ପିଠି ପାଖକୁ ମଥା ରଖି ଅସ୍ପଷ୍ଟ କଣ୍ଠରେ ପଚାରିଲେ, "ଗାଡ଼ି କେଉଁଠିକି ନେଉଛ ନିତ୍ୟାନନ୍ଦ ! ଅଧରାତ୍ରରେ ଏଇ ଯେ ନିର୍ଜନ ପ୍ରାନ୍ତର ! ଗାଡ଼ିଟା ଟିକିଏ ରଖିଲ ନିତ୍ୟାନନ୍ଦ, ଏଠି କଅଣ ଗୋଟାଏ ଜଳିଯାଉଛି ।"

ନିତ୍ୟାନନ୍ଦ ଗାଡ଼ିଟାକୁ ଅଳ୍ପ ଅଗ୍ରସର କରି ନେଇ ରାସ୍ତା ଉପରେ କହିଲା, "ଏଇଟା ଶ୍ମଶାନଭୂମି ଆଜ୍ଞା ! ଦେଖୁ ନାହାନ୍ତି ଶବଦାହ ହେଉଛି । କଥାରେ କହିଲା ପରି ନିଶା ଗର୍ଜୁଛି । ଏ ସମୟରେ ମନ ଭିତରେ ଜାଗି ଉଠୁଛି ମହାବୈରାଗ୍ୟ । ସମସ୍ତ ଆଉ ସ୍ଥାନ, ଆପଣଙ୍କ ଆଉ ମୋର ମଧ୍ୟରେ ଥିବା ବ୍ୟବଧାନ ଘୁଞ୍ଚେଇ ଦେଉଛି ଏଇ ଶ୍ମଶାନଭୂମି । ଆପଣ ବଡ଼, ମୁଁ କ୍ଷୁଦ୍ର ବୋଲି ସଙ୍କୋଚବୋଧ ହେଉନାହିଁ । ଆଜି ଆପଣଙ୍କୁ ଏଇ ଯେ ଅତି ପାଖରେ ଦେଖୁଛି, ଭିତରୁ ପ୍ରେରଣା ଆସୁଛି, ମନରେ ଯେତେ କଥା ରହିଛି ସବୁ କହିଦେବି ।"

ଗଣନାଥ ନିତ୍ୟାନନ୍ଦର କାନ ପାଖକୁ ମୁହଁ ରଖି କହିଲେ, "କଅଣ କହିବୁ ନିତ୍ୟାନନ୍ଦ ! କହ, ଶୀଘ୍ର କହିଦେ । ଏମାନେ ନିଦରୁ ଉଠିପଡ଼ିଲେ ତୋ'ଠୁ ସବୁ କଥା ଶୁଣିବାକୁ ସୁଯୋଗ ପାଇବିନାହିଁ । ଲୋକେ ମୋର ନିନ୍ଦା କରୁଛନ୍ତି, କଅଣ କହି ନିନ୍ଦା କରୁଛନ୍ତି ?"

ଏଇ କଥା ଦୁଇତକୁ ପଚାରିଥିଲେ ରାମଚନ୍ଦ୍ର ।

"ଲୋକେ ନିନ୍ଦା କରୁଛନ୍ତି ବୋଲି ଆପଣ ମୋତେ ପଚାରୁଛନ୍ତି କି ଆଜ୍ଞା ! ଆପଣ କେଉଁ ପ୍ରଶଂସନୀୟ କାର୍ଯ୍ୟଟା କରିଛନ୍ତି ଯେ, ପ୍ରଶଂସା ପାଇବେ । ବ୍ୟକ୍ତି ଆପଣା ଆତ୍ମାକୁ ଶ୍ରଦ୍ଧା କରେ, ଅନ୍ୟମାନେ ତାକୁ ଭଲ ପାଇବେ ବୋଲି ଭଲ କାର୍ଯ୍ୟ କରେ, କିନ୍ତୁ ଆପଣଙ୍କର ନିଜ ପ୍ରତି ଶ୍ରଦ୍ଧା ନାହିଁ । ସାଧାରଣ ସମାଜ ଭିତରେ କେତେ ଅଘଟଣ ଘଟିଯାଉଛି, ସେକଥା ଲୋକେ ଦେଖୁଛନ୍ତି, ଶୁଣୁଛନ୍ତି ସେ କଥା ଉପରେ କେହି ଗୁରୁତ୍ୱ ଦେଉ ନାହାନ୍ତି । ଆପଣ ବଡ଼ଲୋକ ବୋଲି ହିଁ ଆପଣଙ୍କର ସବୁ ବିଷୟରେ ଦାୟିତ୍ୱ ରହିଛି । ବଡ଼ଲୋକ ଆଡ଼କୁ ସମସ୍ତଙ୍କର ଦୃଷ୍ଟି ପଡ଼େ । ଆପଣଙ୍କ ଆଡ଼କୁ ସମସ୍ତେ ଅନାଉଛନ୍ତି । ଆପଣଙ୍କୁ କଅଣ ବୋଲି ନିନ୍ଦା କରୁଛନ୍ତି, ଏକଥା ପଚାରୁଛନ୍ତି । କଅଣ ବୋଲି କହିବି ? କୁଖ୍ୟାତିରେ ଆପଣମାନେ ଖ୍ୟାତ ହୋଇ-ଗଲେଣି । ଏଇ ତ ଆପଣଙ୍କର ଉପଯୁକ୍ତ ବନ୍ଧୁ ଦୁଇ ଜଣଙ୍କୁ ଦେଖୁଛନ୍ତି । କୌଣସି ଗୋଟାଏ ବଡ଼ କଥାରେ ଆପଣମାନଙ୍କର ବିଶ୍ୱାସ ନାହିଁ । ଭୃତ୍ୟ ହୋଇ ପ୍ରଭୁଙ୍କୁ ଉପଦେଶ ଦେବାକୁ ଯିବା ଉଚିତ୍ ନୁହେଁ; ତଥାପି ମୁଁ ଆଜି ସାହସ କରି କହିଯାଉଛି । ତାର କାରଣ, ମୁଁ ଜାଣିପାରିଛି ଯେ ଆପଣ ମୋଠୁ ଶୁଣିବାକୁ ଇଚ୍ଛା କରୁଛନ୍ତି । ଆମ ଭଳି ଦୀନଦୁଃଖୀ ଲୋକ କୌଣସି ମହତ୍ କାର୍ଯ୍ୟ କରି ନ ପାରିଲେ ମଧ୍ୟ ସ୍ତ୍ରୀ ପୁତ୍ରଙ୍କୁ ଧରି ସମାଜର ବନ୍ଧନୀ ଭିତରେ ରହୁଛୁ । ସମାଜର ଯେତେ ଯାହା ନିୟମ ପରମ୍ପରାକ୍ରମେ ମାଆ ମାଉସୀ ଚଳେଇ ଆସିଥିଲେ, ସେଗୁଡ଼ାକ କିଛି ନୁହେଁ ବୋଲି ବୁଝି ପାରୁଥିଲେ ମଧ୍ୟ ତାହା ହିଁ ଦୈବବାଣୀ ବୋଲି ମାନିବାକୁ ହେଉଛି । ସେ ନିୟମ ପାଳନରେ ସାମାନ୍ୟ

ଟିକିଏ ଏପାଖ ସେପାଖ ହୋଇଗଲେ ମନରେ ଭୟ ଜାତହେଉଛି । ମନୁଷ୍ୟକୁ ଦେବତା ଆକାରରେ ରଖି ଆମେ ଶ୍ରଦ୍ଧା ଭକ୍ତି ଦେଉଛୁ । ଆପଣମାନେ ଦେବତା, ମନୁଷ୍ୟ କାହାକୁ ହେଲେ ମାନୁ ନାହାନ୍ତି । ଅନ୍ୟାୟ ଅମାନ୍ତ ଅନେକେ କରୁଛନ୍ତି । ମୁଁ ଯେ ଏକାଥରେ ନିଷ୍ପାପ ସେ କଥା ତ କହିପାରିବି ନାହିଁ; କିନ୍ତୁ ଜୀବନରେ ଥରେ ଅନ୍ୟାୟ କରି ଯଦି ଅନୁତାପ ନ କରିବ, ଆପଣାକୁ ସମସ୍ତଙ୍କ ତଳେ ରଖି ଅତି ବଡ଼-ଠାରୁ ଅତି କ୍ଷୁଦ୍ର ବ୍ୟକ୍ତିଙ୍କୁ ଶ୍ରଦ୍ଧା ନ କରିବ, ତେବେ ସେ ଆଉ ମନୁଷ୍ୟଶ୍ରେଣୀରେ ଗଣ୍ୟ ହୋଇ-ପାରିବ ନାହିଁ । ଆପଣ ଭାବିବେ ଯେ ମୂର୍ଖ ଡ୍ରାଇଭରଟା ଔଦ୍ଧତ୍ୟ କରି ଉପଦେଶ ଦେବାକୁ ଆସିଛି । ଆପଣ ମୋତେ ପଚାରିବାରୁ ହିଁ ମୁଁ କହୁଛି । ବୟସ ହେଲାଣି, ସବୁ ବୁଝୁଛି । ମନୁଷ୍ୟ ଯେତେ ବଡ଼ଲୋକ ହେଉ, ଆପଣା ପାପର ପ୍ରାୟଶ୍ଚିତ୍ତ କରିବାକୁ ହିଁ ପଡ଼ୁଛି । ଧର୍ମ-ତତ୍ତ୍ୱ ଆଲୋଚନା କରିବାକୁ ନ ହେଲେ ମଧ୍ୟ ପିଲାଦିନେ ପରୀକ୍ଷା ଦେବାକୁ ମହାଭାରତ ପଢ଼ିଥିବେ ତ । ଯୁଧିଷ୍ଠିର ଦ୍ରୋଣ ଗୁରୁଙ୍କ ଆଗରେ ମିଥ୍ୟା କହି ଯୁଦ୍ଧରେ ଜୟୀ ହେଲେ, ସେଥିପାଇଁ ତାଙ୍କୁ କଅଣ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିଲାନାହିଁ ? ଆପଣ ଆଧିପତ୍ୟ ଲୋଭରେ ଯାହାସବୁ କରିଯାଉଛନ୍ତି, କୌଣସି ବିଷୟ ସ୍ୱାଭାବିକ ବୋଧ ହେଉନାହିଁ । ଆପଣମାନେ ମନୁଷ୍ୟକୁ ଦୁଃଖ ଅପମାନ ଦେଇ କନ୍ଦାଉଛନ୍ତି । ସେ ଅପମାନ ଦିନେ ଫେରିଆସି ଆପଣମାନଙ୍କୁ ଶତଗୁଣ କରି ପୀଡ଼ାଦେବ; ସେ କଥା କେବେ କୌଣସି କ୍ଷଣରେ ଭାବୁନାହାନ୍ତି ।"

ଗଣନାଥ ନିତ୍ୟାନନ୍ଦର କଥାରେ ବାଧାଦେଇ କଅଣ ଗୋଟାଏ କଥା ପଚାରିବାକୁ ଯାଉଥିଲେ, ଗାଡ଼ି ବନ୍ଦ ହୋଇଗଲା ଘରର୍ ଘରର୍ ଶବ୍ଦକରି । ଗଣନାଥଙ୍କ ଜିଭ ଶୁଖିଯାଇଥିଲା କ୍ଷୁଧାତୃଷାରେ । ସେ ଅସ୍ପଷ୍ଟ କଣ୍ଠରେ ପଚାରିଲେ, "ଗାଡ଼ି ବନ୍ଦ ହୋଇଗଲା ନିତ୍ୟାନନ୍ଦ !"

ନିତ୍ୟାନନ୍ଦ ଗୋଡ଼ ଦୁଇଟାକୁ ସିଟ୍ ଉପରକୁ ଉଠେଇ ନେଇ ଆରାମରେ ବସିପଡ଼ି କହିଲା, "ବସାରୁ ବାହାରିଲା ବେଳକୁ ତ କେଉଁଠିକି ଯିବେ କିଛି କହି ନ ଥିଲେ । ହଠାତ୍ ବାହାରିପଡ଼ି ଗାଡ଼ି ଷ୍ଟାର୍ଟ କରି-ଦେବାକୁ ବୈଦ୍ୟନାଥବାବୁ ଧମକ ଦେଖେଇ କହିଲେ । ମୁଁ ବିରକ୍ତିରେ ପେଟ୍ରୋଲ କଥା ଭୁଲିଗଲି । ବର୍ତ୍ତମାନ ପ୍ରାୟ ବାଇଶି ମାଇଲ ଆସିଲେଣି ଯେ ।"

ଗାଡ଼ି ବନ୍ଦ ହେବାଦ୍ୱାରା ଅନ୍ୟ ଦୁଇ ବନ୍ଧୁଙ୍କର ନିଦ ଭାଙ୍ଗିଗଲା । ସଙ୍କର୍ଷଣ ଯୋଡ଼େଇ ପୋଡ଼େଇ ହୋଇ ଯାଇ କହିଲେ—"ଏ ନିତେଇ, ଗାଡ଼ି କାହିଁକି ବନ୍ଦ କରୁଛ !"

ଗଣନାଥ ହସିଦେଇ କହିଲେ—ବୈଦ୍ୟନାଥଙ୍କ ଘରକୁ ଯାଉଛ ତ ! ଗାଡ଼ି ଚାଲିବ, ଶୋଇପଡ଼ ।"

ଦୁଇବନ୍ଧୁ ପୁଣି ଶୋଇପଡ଼ିଲେ ଗୋଟାଏ କୋଣକୁ ।

ଗଣନାଥ ଗାଡ଼ିର କାଚପଟା ଉଠେଇଦେଇ ନିତ୍ୟାନନ୍ଦ ଆଡ଼କୁ ମୁହଁ ବଢ଼େଇ ସେହି ପୂର୍ବପରି ଅସ୍ପଷ୍ଟ କଣ୍ଠରେ ପଚାରିଲେ—"ଏତେଗୁଡ଼ିଏ ମନ ରଖିବା କଥା କେଉଁଠାରୁ ଶିଖିଲ ନିତ୍ୟାନନ୍ଦ ! ମୋର ମନେହେଉଛି, ଏସବୁ ତୁମେ ପ୍ରାଣନାଥ ଭାଇଙ୍କଠାରୁ ଶୁଣିଛ । ତୁମ କଥା ଶୁଣି ମୋତେ ବଡ଼ ଖୁସିଲାଗୁଛି ଯେ ଯାହା ମୁହଁରୁ କଥା ଶୁଣିବାକୁ ମୁଁ ସବୁବେଳେ କାନପାତି ରହୁଥାଏ, ତୁମେ ତାଙ୍କରି କଥା ହିଁ କହୁଛ । ମୋ ଜୀବନର ଗୋଟିଏ ବଡ଼ ଶୁଭଦିନ ଆଜି । ଆଜି ମୁଁ ଭୁଲିଯାଇଛି, ତୁମେ ମୋର ଗାଡ଼ିର ଚାଳକ, ଆଉ ମୁଁ ତୁମର ପ୍ରଭୁ । ମନ ଆଜି ଭରପୂର୍ଣ୍ଣ ହୋଇ-ଉଠିଛି । ଇଚ୍ଛାହେଉଛି ଏ ନିର୍ଜନ ପଥ ଆଉ ଶେଷ ହୁଅନ୍ତା ନାହିଁ । ଗାଡ଼ି ଚାଲିଥାନ୍ତା, ଆଉ ତୁମେ କହି ଯାଉଥାନ୍ତ । ତୁମ ମୋ ଭିତରେ ଥିବା ପ୍ରଭୁ-ଭୃତ୍ୟ ସମ୍ବନ୍ଧ ଘୁଞ୍ଚିଯାଇ ରହନ୍ତା ଦୁଇଟି ମନୁଷ୍ୟର ଅନ୍ତରଙ୍ଗ ବନ୍ଧୁତ୍ୱ ସମ୍ବନ୍ଧ ।"

"ଆମେ ସବୁ ଏଇ ମାଟିର ମନୁଷ୍ୟ ଆଜ୍ଞା ! ଧନୀ ଆଉ ଧନହୀନ, ସୁନ୍ଦର ଅସୁନ୍ଦର, ମୂର୍ଖ ପଣ୍ଡିତ ସମସ୍ତେ ଦିନେ ନା ଦିନେ ଉଣା ଅଧିକରେ ଏଇ ମାଟିରେ ମିଶିଯିବା । ଆପଣ ମୋ କଥା ଶୁଣିବାକୁ ଏତେ ଭଲ ପାଇଲେ, ଏହା ତ ମୋ ପକ୍ଷରେ କମ୍ ସୌଭାଗ୍ୟର କଥା ନୁହେଁ । ଆପଣଙ୍କ ମନ ସଚେତ ହୋଇଉଠିଛି ।

ସଚେତ ହୋଇଉଠିବ ଆତ୍ମାର ପୂର୍ଣ୍ଣରୂପ ଧରି । ପାଞ୍ଚଶ ଭିତରେ ନଆଁ ଘୋଡ଼େଇହୋଇ ରହିଲାପରି ବୋଧ-ଶକ୍ତିଟା ଘୋଡ଼େଇ ରହିଛି ଆଜ୍ଞା ! ଯେତେବେଳେ ଅଜ୍ଞାନ-ଅନ୍ଧାର, ଦୂର ହୋଇଯିବ, ଜ୍ଞାନ ଆଲୋକ ଦେଖି ଆପଣ ବସ୍ତୁସ୍ବରୂପ ବୁଝିପାରିବେ, ସେତେ-ବେଳେ ଆପଣ ଆଉ ମୋ ଭିତରେ କୌଣସି ବ୍ୟବଧାନ ରହିବ ନାହିଁ ।”

ନିତ୍ୟାନନ୍ଦ ଆହୁରି କେତେ କଅଣ କହିଯାଉଥିଲା । ହଠାତ୍ ଚୁପ ହୋଇଯାଇ ପଛକୁ ଚାହିଁଲା । ଗଣନାଥ ପଛ ସିଟ୍‌ର ଗୋଟାଏ କୋଣକୁ ହାତ ପାପୁଲି ଉପରେ ମଥା ରଖି ତଳକୁ ଚାହିଁ ବସିଛନ୍ତି । ନିତ୍ୟାନନ୍ଦର ସର୍ବାଙ୍ଗ ଥରିଗଲା ମାର୍ଗଶିର ମାସର ଶେଷ ରାତିର ଶୀତ ପବନରେ । ସେ ଚାଦରଟାକୁ ଗୋଡ଼ ଆଡ଼କୁ ଟାଣିଦେଇ ଶୋଇ ବସ୍ତୁସ୍ବରୂପ ହୋଇ ଭାବିଲା—କି ଅଦ୍ଭୁତ ଘଟଣା ଘଟିଲା ଆଜି ! ଏଇ ଲୋକଟି ପାଖରେ ତ ସେ ଅନେକ ଦିନ ହେଲା ଗାଡ଼ିଚାଳକ ହୋଇ ରହିଛି । କେବେ ତ ତା’ ମୁହଁକୁ ଚାହିଁ ପଦେହେଲେ କଥା କହି ନ ଥିଲେ । ଆଜି ହଠାତ୍ କଅଣ ହେଲା ? ତେବେ ସତରେ କଅଣ ତାଙ୍କ ମନ ପରିବର୍ତ୍ତିତ ହୋଇ-ଆସୁଛି ! ବଡଲୋକ ସେଇମାନେ ଯେଉଁମାନେ ଆପଣାକୁ ଜାଣିପାରିଛନ୍ତି । ଲୋଭ, ମୋହ ସମସ୍ତଙ୍କର ଅଛି । ସେ ଲୋଭକୁ, ମୋହକୁ ଯେଉଁ ମନୁଷ୍ୟ ଜାଣି-ପାରୁଛି, ଜାଣିପାରି ମୋହପାଶରୁ ମୁକ୍ତ ହୋଇପାରୁଛି, ସେହି ସ୍ବଦେହରେ ସ୍ବର୍ଗକୁ ଯାଉଛି । ଯୁଧିଷ୍ଠିର ରାଜ୍ୟ ଲୋଭରେ ଜ୍ଞାତିବଧ ପାପ କଲେ ବୋଲି ଜାଣି ଅନୁତାପ ଦଗ୍ଧ ହୋଇ ରାଜ୍ୟ ଛାଡ଼ି ଚାଲି ଯାଇଥିଲେ । ସେଇ ଯେ ବିଷାଦ ଦୁଃଖ ବ୍ୟାସଙ୍କ ଲେଖନୀରୁ ପ୍ରକାଶ ପାଇଛି ! କି ଗଭୀର କରୁଣ ତାର ରୂପ ! ପୁରାଣକାର ମାନେ କେତେ ପ୍ରକାରେ ଆବରଣ ଆଚ୍ଛାଦନ ଭିତରେ ବିଷୟଗୁଡ଼ିକୁ ରଖି ପ୍ରକାଶ କରିଥିଲେ ମଧ୍ୟ ଧୀରସ୍ଥିର ହୋଇ ବସି ଚିନ୍ତା କଲେ ଜଣାପଡୁଛି, ଏ ଯୁଗରେ ମଧ୍ୟ କେତେ ମନୁଷ୍ୟ ଆପଣା ଅପକର୍ମ ନିମନ୍ତେ ଅହରହ ଅନୁତାପ କରୁଛନ୍ତି । ସେଥିର ହିସାବ କେହି ରଖୁ ନାହିଁ । ଏଇ ଯେ ଗଣନାଥବାବୁ ଏଇ ଗାଡ଼ିର ପଛ ସିଟ୍‌ରେ ବସି ବାରମ୍ବାର ଦୀର୍ଘଶ୍ବାସ ଛାଡ଼ୁଛନ୍ତି, ଏ କଥା ଲେଖିବାକୁ କିଏ ଏଠି ଅଛି !

ଗଣନାଥ ଆଗ ସିଟ୍ ଆଡ଼କୁ ଅଗ୍ରସର ହୋଇ ଆସି ଦେଖିଲେ, ନିତ୍ୟାନନ୍ଦ ନିଦରେ ଶୋଇଲା ପରି ପଡ଼ିରହିଛି । ସେ ପୁଣି ଯଥାସ୍ଥାନରେ ବସି ଦେଖିଲେ, ସେଇ ଅନ୍ଧ ପାଖକୁ ଦୁଇଟା ମନୁଷ୍ୟ ନାସିକାଧ୍ୱନି କରି ଶୋଇପଡ଼ିଥିଲେ ଗାଢ଼ ନିଦରେ । ନିର୍ଜନ ପ୍ରାନ୍ତର । କୃଷ୍ଣ ସପ୍ତମୀର ଚନ୍ଦ୍ର ଧରିତ୍ରୀବକ୍ଷରେ ଅଜାଡ଼ି ଦେଇଥିଲା ଗଣି ଗଣି ଶୁଭ୍ରକିରଣ । ଗଣନାଥ ଆପଣାର ହିଁ ବିଷାଦ ମୂର୍ତ୍ତି ଦେଖି ଚମକି ଉଠି ଚାହିଁଲେ, ଅଳ୍ପ ଦୂରରେ ଚିତା ଅଗ୍ନିଟା ଜଳି ଉଠୁଛି, ଲୋକ ନାହାନ୍ତି । ଦାହ କାର୍ଯ୍ୟ କରିଦେଇ ଚାଲିଗଲେଣି । ଏ କଅଣ ! ଗଣନାଥ ଗାଡ଼ିର କାଚ ଖସେଇଦେଇ ବାହାର ଆଡ଼କୁ ମୁହଁ ବଢ଼େଇ ଚାହିଁଲେ । ତାଙ୍କର ମନେହେଲା, ଶୈଳର ବାପା ଆନନ୍ଦରୂପ ଧୀରେ ଧୀରେ ଚାଲି ଆସୁଛନ୍ତି ଗାଡ଼ିପାଖକୁ । କଳା ଧଳା ମିଶାମିଶି ଦାଢ଼ି । ମୁଣ୍ଡରେ ସେହିପରି ରୁକ୍ଷ କେଶମୁଠାକ କୁଣ୍ଡେଇ ଦେଇଛନ୍ତି ପଛପାଖିଆ କରି । ସେ ଆଉ ଗାଡ଼ି ପାଖକୁ ନ ଆସି ବସିପଡ଼ିଲେ ଚିତାଗ୍ନିର ଅଳ୍ପ ଦୂରରେ । ଗଣନାଥଙ୍କ ମନେହେଲା, ବୃଦ୍ଧ-ବ୍ୟକ୍ତି ଟି ତଳେ ପଡ଼ି ବିକଳ ହୋଇ ରୋଦନ କରୁଛି । ଆଖି ଆଗରେ ଭାସିଗଲା ଶୈଳ ସହିତ ସେଇ ପ୍ରଥମ ଦିନର ସାକ୍ଷାତ । ନିଜକୁ ନିଜେ ଧିକ୍କାର କରି ଗଣନାଥ ଭାବିବାକୁ ଲାଗିଲେ— କଅଣ କଲି ମୁଁ ! ଅଳ୍ପ ବୟସର ଗୋଟାଏ ମୂଢ଼ା ସ୍ତ୍ରୀଲୋକକୁ ଭୁଲେଇ ନେଇ ବୁଢ଼ାଟାକୁ କି କଷ୍ଟ ଦେଇଛି ! ଅବଶେଷରେ ବୁଢ଼ା ଏଇ ଦୁଃଖରେ ମରିଗଲା । ତେବେ ମଧ୍ୟ କେବେ ଥରେ ହେଲେ ମୁଁ ସେ କଥା ଭାବିନାହିଁ ।

ଗଣନାଥଙ୍କ ହୃଦୟରେ ଦୁଃଖ-ବିଷ ସଞ୍ଚରିତ ହୋଇଉଠିଲା । ସେ ବିଷରେ ସେ ଜର୍ଜରିତ ହୋଇଉଠିଲେ ଆକସ୍ମିକ ଭାବରେ । ଶୈଳକୁ ଦୁଃଖ ଦେବା କଥା ଗାଳୁ ଗାଳୁ ମନେ ପଡ଼ିଗଲା ତା’ ମାଆର କଥା । ଯେଉଁ ସ୍ତ୍ରୀଲୋକଟି ପ୍ରତି ଲେଶମାତ୍ର ଶ୍ରଦ୍ଧା ନ ଥିଲା, ତାକୁ ମିଥ୍ୟା ସ୍ନେହ ଦେଖେଇ ଟାଣିଆଣି କି ଦାରୁଣ ଦଣ୍ଡ ଦେଲେ ତାକୁ !

ମେଘଭରା ଆକାଶରେ ବିଜୁଳି ଚମକିଲାପରି ଆଖି ଆଗରେ ଆସି ଠିଆହୋଇଗଲା ସୁଭାଷୀ । ତାର ସେ ମୃତ୍ୟୁବିବର୍ଣ୍ଣ ମୁହଁକୁ ଚାହିଁ ଗଣନାଥ ଆତଙ୍କିତ ହୋଇଉଠି ଅସ୍ପଷ୍ଟ କଣ୍ଠରେ କହିଲେ, "ନିତ୍ୟାନନ୍ଦ ! ଆମ୍ଭମାନଙ୍କୁ ଅତିଶୀଘ୍ର ସର୍କିଟ୍ ହାଉସ୍‌କୁ ଯିବାକୁ ହେବ । ବଡ଼ ବିପଦରେ ପଡ଼ିଗଲି, ପରିତ୍ରାଣ ପାଇବାର ଆଉ ଉପାୟ ନାହିଁ ।"

ନିତ୍ୟାନନ୍ଦ ଜିଦରେ ଶୋଇବା ଛଳନା କରି କିଛି କହିଲାନାହିଁ ।

ଗଣନାଥ ପୁଣି ପଲଙ୍କରେ ଯାଇ ବସିଲେ । ଭାବନା ଆସିଛି । କେବେ କୌଣସି ବିଷୟରେ ନ ଭାବିବା ଲୋକ ସେ । ଭାବିବା ସ୍ୱାଦ ନୂଆକରି ଅନୁଭବ କରୁଛନ୍ତି । ସେ ଭାବିବାକୁ ଲାଗିଲେ । ସତେ କଅଣ ନିତ୍ୟାନନ୍ଦ ଶୋଇପଡ଼ିଛି ! ଆପଣା କର୍ତ୍ତବ୍ୟକର୍ମ କରି ତୃପ୍ତିରେ ଶୋଇପଡ଼ିଛି ସେ । କି ସୁନ୍ଦର କଥାଗୁଡ଼ିଏ କହିଗଲା ଆଜି ସେ ! ଶୁଣିବାକୁ ତ ମନ୍ଦ ଲାଗିଲାନାହିଁ । ଏଇ ଲୋକଟି ସାମାଜିକ ସକଳ ପ୍ରକାର ନୀତିନିୟମ ମାନି ସୁଖର ସଂସାର କରିଥିବ । ମୁଁ ବି ମଧ୍ୟ ଏଇ ନିଜେଇ ପରି ଗୋଟାଏ ମନୁଷ୍ୟ । ମୁଁ କାହିଁକି ଏଇ ଲୋକଟି ପରି ସୁଖର ସଂସାର କରିପାରିଲି ନାହିଁ ? ନିତ୍ୟାନନ୍ଦର ପୁଅ ଥିବ, ଝିଅ ଥିବ । ସେମାନେ ସବୁ ନିତ୍ୟାନନ୍ଦର କୋଳରେ ବସି କେତେ ଅର୍ଦ୍ଧସ୍ଫୁଟ କଥା କହୁଥିବେ । ସେ ତାର ସ୍ତ୍ରୀ ସହିତ କେତେ ପ୍ରକାର ଦୁଃଖ ସୁଖର କଥା ଆଲୋଚନା କରୁଥିବ । ଗଣନାଥଙ୍କ ଆଖି ଓଦା ହୋଇଗଲା ଅଶ୍ରୁରେ । ଶୈଳକୁ ଆଣି କେତେ ଦୁଃଖ ଦେଲେ ସେ ! ଶୈଳର ସନ୍ତାନଟିଏ ଜନ୍ମହୋଇ ମରିଗଲା । ଡାକ୍ତର, ନର୍ସ ମୋ ମୁହଁକୁ ଚାହିଁଲେ । ବୋଧହୁଏ ମୋ ଆଖିରେ ଅଶ୍ରୁ ଦେଖିବା ଆଶା କରିଥିଲେ ସେମାନେ । ସେଦିନ ପାର୍ଟିର ଗୋପନ ବୈଠକ ଥିବାରୁ ମୁଁ ଆଉ ସେ ମୃତପୁତ୍ରର କିମ୍ବା ଶୈଳର କଥା ଚିନ୍ତା ନ କରି ଗାଡ଼ି ଧରି ଧାଇଁ ଯାଇଥିଲି ମୋର ବଡ଼ ଶତ୍ରୁଙ୍କୁ ଅନାଦି ପାଖକୁ । ଫାଟକ ପାଖରେ ଗାଡ଼ି ରଖିଦେଇ ଚଞ୍ଚଳପାଦରେ ବଗିଚାର ହତା ପାରହୋଇ ଅନାଦିର ଘର ବାରଣ୍ଡା ପାଖରେ ପହଞ୍ଚି ଦେଖିଲି, ଅନାଦି ତାର ଦୁଇ ତିନି ବର୍ଷର ପିଲାଟିକୁ ଛାତି ଉପରେ ଧରି ବାରଣ୍ଡାର ଏ ପାଖରୁ ସେ ପାଖକୁ ପଦଚାରଣ କରୁଛି । ମୋତେ ଦେଖି ବ୍ୟସ୍ତ ହୋଇଉଠି କହିଲା, "ଦୁଇ ଦୁଇଟା ପୁଅ ଏଇ ବୟସରେ ମରିଗଲେ । ଏଇଟାକୁ ମଧ୍ୟ ସେମିତି ଜର ଧରିଛି ଆଜ୍ଞା ? ଡାକ୍ତର ଆସି ଔଷଧ ଦେଇ ଯାଇଛନ୍ତି । କାଲି ରାତି, ଆଜି ଦିନ ଗୋଟାକଯାକ ଆଖି ପତା ପଡ଼ି ନ ଥିଲା । ବଡ଼ କଷ୍ଟରେ ଏଥର ଟିକିଏ ଶୋଇଛି । ବିଛଣାରେ ଶୁଆଇ ଦେଲାକ୍ଷଣି ଉଠିପଡ଼ିବ । ଆପଣମାନେ ଯାହା କରିବେ ସେଥିରେ ମୁଁ ଏକମତ । ଆଜିକି କେମନ୍ତେ ମୋତେ ଛୁଟି ଦିଅନ୍ତୁ ! ମୁଁ ବଡ଼ ଅସମୟରେ ପଡ଼ିଛି ।"

ମୁଁ ସ୍ତବ୍ଧଭାବେ ଟିକିଏ ଠିଆହୋଇ ନୀରବରେ ଚାଲିଆସିଥିଲି । ଗାଡ଼ିରେ ବସି ଭାବିଥିଲି, କିଏ କହିଥିଲା ଦଳର ଘରୋଇ ବୈଠକ ଡାକିବାକୁ ! ଏଇ ଅନାଦି କଳାହ କରିବା ଉଦ୍ଦେଶ୍ୟରେ ଏତେ ସବୁ ଆୟୋଜନ କରି ମୋ ମନରେ ଅକାରଣ ଉତ୍ତେଜନା ସୃଷ୍ଟି କଲା । ଏଇ ପୁଣି ପୁଅକୁ ଶୁଆଇଦେବାକୁ ହେବ ବୋଲି ସଭାକୁ ଯାଉନାହିଁ । ସେଦିନର କଥା ଆଜି ସ୍ୱପ୍ନପରି ମନେପଡ଼ୁଛି । କେମିତି ଗୋଟାଏ ଭାବନା ହେଉଛି—ମୁଁ ଯଦି ଅନାଦି ପରି ଗୋଟିଏ ଶିଶୁ ପୁତ୍ରକୁ ଛାତି ଉପରେ ଧରି ଶୁଆଇ ଦେଉଥାନ୍ତି ! ଶୈଳର ମୃତ ସନ୍ତାନଟି ଦିଶିଗଲା ଆଖି ଆଗରେ । ତା'ପରେ ଶୈଳ ଦିନେ ବୋଧହୁଏ ମୋତେ କହିଥିଲା, ସେ ପୁଣି ଗର୍ଭବତୀ ହୋଇଛି । ସ୍ନେହହୀନ, ସହାନୁଭୂତିହୀନ ହୃଦୟ ମୋର ତାର ସେ କଥାକୁ ମୂଲ୍ୟ ଦେଇନାହିଁ । ନିତ୍ୟାନନ୍ଦ କହିଲା ଯେ, ମୁଁ ଦେବତା କି ମନୁଷ୍ୟ କାହାକୁ ହେଲେ ମାନୁନାହିଁ । ମାନୁଛି କି ନାହିଁ ଯଦି ଭାବିଥାନ୍ତି, ଶୈଳର ମାଆକୁ ସେଦିନ ଇମିତି ଭାବରେ ଅପମାନ ଦେଇ ନ ଥାନ୍ତି । ବୟସ୍କା ସ୍ତ୍ରୀଲୋକଟିକୁ କି ଦୁଃଖ ଆଉ ଲଜ୍ଜାଦେଲି ! ତାର ବଡ଼ ଗୌରବ ଯେ ମୁଁ ତା ଝିଅ ଶୈଳକୁ ଭଲ ପାଇ ବିବାହ କରି ଧରି ଆସିଛି । ଏଡ଼େ ବଡ଼

ଜଗତରେ କେବଳ ଶୈଳ ହିଁ ମୋର ମନକୁ ଆକର୍ଷଣ କରି ପାରିଥିଲା । ଏଠି ନିଜକୁ ବିଦ୍ରୂପ ନ କରି ମୁଁ ରହିପାରୁନାହିଁ । ମୁଁ ଶୈଳକୁ ପ୍ରେମକରି ବିବାହ କରିବାକୁ ଯାଉଛି ବୋଲି ତା' ମାଆ ଯେତେବେଳେ ବ୍ୟଥିତ ସ୍ୱାମୀ ଆଗରେ କହୁଥାଏ, ମୁଁ ମନେମନେ ହସି ସମ୍ଭାଳି ପାରେନାହିଁ । ଆରେ, ପ୍ରେମ କଅଣ ମୁଁ ଆଜି ପର୍ଯ୍ୟନ୍ତ ଜାଣିନାହିଁ । ଏ ଅବସ୍ଥାରେ ମୁଁ କାହାକୁ କିମିତି ପ୍ରେମକରନ୍ତି ! ଶୈଳ, ଶୈଳର ମାଆ ଭାବିଲେ ଯେ ମୁଁ ଶୈଳକୁ ପ୍ରେମକରୁଛି । ସୁଭାଷିଣୀ କହିଲା, ସେ ମୋତେ ପ୍ରେମକରୁଛି । ମୁଁ ମଧ ତାକୁ କେବେ କହିଥିବି, ସେ କଥା ମୋର ସ୍ମରଣ ହେଉନାହିଁ । ଶୈଳକୁ ଆକର୍ଷଣ କରି ଆଣିଥିଲି ମୋର ସୌନ୍ଦର୍ଯ୍ୟର ତେଜରେ । ସୁଭାଷିଣୀ ଆସି ମୋ ଘରେ ପ୍ରବେଶକଲା ଆପଣା ଉତ୍ସାହରେ । କିନ୍ତୁ ମୁଁ କାହିଁକି ତାକୁ ସବୁ କଥାରେ ପ୍ରଶ୍ରୟ ଦେଉଥିଲି ? ତା' ହାତକୁ ମୁଁ ଯଦି ମୋର ଚାବିଟା ଦେଇ ନ ଥାନ୍ତି, ସେ ତ ମୋ ଘରେ ରହି ଏତେଦୂର ଅଧିକାର ପାଇପାରି ନ ଥାନ୍ତା । ଅଦ୍ଭୁତ କଥା, ମୋ ଦଳର କେହି କେହି ମୋତେ କହନ୍ତି ଯେ ସେମାନେ ମୋତେ ଭଲପାଆନ୍ତି । କାହିଁକି ଭଲ ପାଆନ୍ତି ମୁଁ ଭାବିପାରେ ନାହିଁ । ଜଣେ ପୁରୁଣା ବନ୍ଧୁର ସର୍ବନାଶ କରିବାକୁ ନୂଆ ବନ୍ଧୁର ଆଶ୍ରୟ ନେଉଛି । ପୁଣି ସେ ନୂଆ ମଧ ସମୟେ ସମୟେ ଶତ୍ରୁ ହୋଇଯାଉଛି । କଅଣ କରିବି ! କେବେ ମୁଁ ସହଜ ଭାବରେ ଜଣେ ସ୍ୱାଭାବିକ ମନୁଷ୍ୟ ହୋଇ ଏଇ ନିତ୍ୟାନନ୍ଦ ପରି ସଂସାର କରିବି ?

ଗଣନାଥଙ୍କ ଭାବନାସ୍ରୋତରେ ବାଧାଦେଇ ଭାଗି ହୋଇଁକି ଟ୍ରକ୍‌ଟା ଚାଲିଗଲା ଆଗକୁ । ଆଗକୁ ଯାଇ ଟ୍ରକ୍ ବନ୍ଦହେଲା । ଗଣନାଥ ଦେଖିଲେ, ଟ୍ରକ୍ ଡ୍ରାଇଭର ଆସୁଛି ଗାଡ଼ିପାଖକୁ । ସେ ନିଦରେ ଶୋଇଲା ପରି ଘୋଡ଼େଇ ହୋଇ ପଡ଼ିରହିଲେ ନିଶ୍ଚଳ ହୋଇ ।

ନିତ୍ୟାନନ୍ଦ ନିଦରୁ ଉଠିବା ଛଳନାକରି ଦୁଆର ଖୋଲି ବାହାରକୁ ଯାଇ ଟ୍ରକ୍ ଡ୍ରାଇଭର ସହିତ ଅସ୍ପଷ୍ଟ ଭାବରେ କଅଣ କଥାବାର୍ତ୍ତା କଲା । ଅଳ୍ପ ସମୟ ପରେ ଟ୍ରକ୍ ଡ୍ରାଇଭର ପେଟ୍ରୋଲ ଆଣି ଭରିଦେଲା ଗଣନାଥଙ୍କ ଗାଡ଼ିରେ ।

ନିତ୍ୟାନନ୍ଦ ଜାଣେ, ଗଣନାଥ ଶୋଇନାହାନ୍ତି । ସେ ଆଉ ଅନୁମତିର ଅପେକ୍ଷାରେ ନ ରହି ଗାଡ଼ି ଚଳେଇବା ଆରମ୍ଭକରି କହିଲା, "ଗାଡ଼ି ସର୍କ୍ୟୁଟ ହାଉସକୁ ନେଇଯାଉଛି ଆଜ୍ଞା !"

ସର୍କ୍ୟୁଟ ହାଉସ ହତା ଭିତରକୁ ଗାଡ଼ି ଆସିଲା ବେଳକୁ ରାତି ଶେଷ । ଗଣନାଥ୍ ଗାଡ଼ି ଦୁଆର ଖୋଲି ଦ୍ରୁତପଦରେ ବାରଣ୍ଡା ପାରହୋଇ ଘର ଭିତରକୁ ପ୍ରବେଶ କରି ଦେଖିଲେ, ରାତିର ଖାଲି ବୋତଲ କେତେଟା ଟେବୁଲ ଉପରେ ରଖାହୋଇଛି । ଟେବୁଲ ଡ୍ରୟର ଖୋଲି ଦେଖିଲେ, ହାତଘଣ୍ଟା ନାହିଁ । ସୁଟକେଶର ଚାବିଟା ସୁଟକେଶରେ ହିଁ ଲାଗିଥିଲା । ଉପର ଢାଙ୍କୁଣିଟା ଖୋଲି ଦେଖିଲେ, ନୋଟ ବଣ୍ଡଲଟା ନାହିଁ ।

ସଙ୍କର୍ଷଣ ଆଉ ଦୈତ୍ୟାରି ଘର ଭିତରକୁ ଆସି ଦେଖିଲେ, ଗଣନାଥ ସ୍ତବ୍ଧହୋଇ ତଳେ ବସିଛନ୍ତି । ଦୈତ୍ୟାରି ପ୍ରଥମେ ବାଥ୍‌ରୁମ ଭିତରକୁ ଯାଇ ଦେଖିଲେ, ସୁଭାଷିଣୀ କାଠପରି ମରିପଡ଼ିଛି । ଦୈତ୍ୟାରି ନିରେଖି ଦେଖିଲେ, ହାତର ସୁନା ଚୁଡ଼ି, ଗଳାର ସୁନା ହାରଟା ନାହିଁ । ସେ ସିମିତି ସୁଭାଷିଣୀ ଆଡ଼କୁ ଚାହିଁ ଠିଆ ହୋଇଥିଲେ । ସଙ୍କର୍ଷଣ ବାଥ୍‌ରୁମ ଭିତରକୁ ପଶିଯାଇ କହିଲେ, "କଅଣ କରିବା ଦୈତ୍ୟାରି ଭାଇ ! ସେ ତ ମଲା, ଆମ୍ଭମାନଙ୍କୁ ମଧ ଯମପୁରକୁ ଯିବାକୁ ରାସ୍ତା ଦେଖେଇଦେଇ ଗଲା । ଆଉ ଚିନ୍ତା କରି ବସିଲେ ତ ଚଳିବ ନାହିଁ । କଅଣ କରିବା କହ ?"

ଦୈତ୍ୟାରି ଉଠିଯାଇ ଗଣନାଥ ବସିଥିବା ଘରଟାର ଦୁଆରଟାକୁ ଭିତର ପାଖରୁ ବନ୍ଦ କରିଦେଇ କହିଲେ, "ଇମିତି ଚିନ୍ତାକରି ବସିଲେ ତ ହେବ ନାହିଁ । ଶବଟାକୁ କୌଣସିମତେ ନିଶ୍ଚିହ୍ନ କରିଦେବାକୁ ହେବ । ପୋଲିସ ଜାଣିଲେ ଆମେ ତିନିଜଣଯାକ ବିପଦରେ ପଡ଼ିଯିବା ।"

ଭିନ୍ନ ବନ୍ଧୁଙ୍କ ଭିତରେ ଆଲୋଚନା ହୋଇ ଅନେକ ପ୍ରକାର ଉପାୟ ଉଦ୍ଭାବନ କରାଗଲା ; କିନ୍ତୁ ସେଥିରୁ କୌଣସିଟା ହେଲେ ସ୍ୱାଭାବିକ କିମ୍ବା ସମ୍ଭବ କିମ୍ବା ନିରାପଦ ବୋଧହେଉନାହିଁ । ଅବଶେଷରେ ସଙ୍କର୍ଷଣ ଗୋଟିଏ ପ୍ରସ୍ତାବ ଦେଲେ ଯେ ସେ ଶବଟାକୁ ନେଇ ବଣଭିତରେ ଫିଙ୍ଗିଦେଇ ଚାଲିଆସିବେ ।

ଗଣନାଥ ଦୈତାରିଙ୍କ ମୁହଁକୁ ଚାହିଁ କହିଲେ, "ନିତ୍ୟାନନ୍ଦଙ୍କୁ ନ ଜଣାଇ କୌଣସି କଥା ହେବ ନାହିଁ । ଏଣେ ସକାଳ ହେବା ପୂର୍ବରୁ କିଛି ଗୋଟାଏ ନ କଲେ ନ ଚଳେ ।" ଗଣନାଥ ଦୁଆର ଖୋଲି ଗାଡ଼ି ପାଖକୁ ଯାଇ ଦେଖିଲେ, ନିତ୍ୟାନନ୍ଦ ବସି ସିଗାରେଟ ଟାଣୁଛନ୍ତି । ସେ ଗାଡ଼ି ଭିତରକୁ ପଶିଯାଇ ନିତ୍ୟାନନ୍ଦ ପାଖରେ ବସି ଧୀରେ ତାଙ୍କୁ ସ୍ପଷ୍ଟ ଅସ୍ପଷ୍ଟ କରି ସବୁ କଥା କହିଗଲେ ।

ନିତ୍ୟାନନ୍ଦ ସବୁ ଶୁଣିସାରି ଗଣନାଥଙ୍କ ହାତ ଧରି ହାତାକୁ ନେଇ କହିଲେ, "ଆପଣଙ୍କ ଦେହ ଥରୁଛି ! ଆପଣ ଆଉ ବେଶି ଚିନ୍ତା କରନ୍ତୁନାହିଁ ଆଜ୍ଞା ! ଏଇ ସମୟଟି ବିପଦ, ଏଥିରୁ ଉଦ୍ଧାର ପାଇବାକୁ ତ ହେବ । ସଙ୍କର୍ଷଣବାବୁ ଯାହା କହୁଛନ୍ତି, ତାହା ହିଁ କରିବାକୁ ହେବ ।"

ଗଣନାଥଙ୍କୁ ଘର ଭିତର ଚଉକିରେ ବସେଇଦେଇ ଭିତର ବାତିଗୁଡ଼ାକ ଲିଭେଇଦେଲେ ନିତ୍ୟାନନ୍ଦ । ଖାଲି ବୋତଲଗୁଡ଼ାକ ଅଳିଆ ଟୋକେଇରେ ଭର୍ତ୍ତି କରିଦେଲେ । କ୍ଷିପ୍ରହସ୍ତରେ ସେ ଗଣନାଥଙ୍କ ବିଛଣା ଖୋଲି କମ୍ବଳ ଆଉ ବିଛଣାଚାଦର ଉଠେଇନେଲେ । ସଙ୍କର୍ଷଣ ଆଉ ଦୈତାରିଙ୍କ ହାତ ଧରି ବାଥରୁମରେ ପ୍ରବେଶ କଲେ ନିତ୍ୟାନନ୍ଦ ।

କେହି କାହାକୁ କିଛି ନ କହି ସୁନ୍ଦରୀର ଦେହଟାକୁ କମ୍ବଳରେ ଭରି ଉଠେଇନେଲେ ଗାଡ଼ି ଭିତରକୁ ।

ନିତ୍ୟାନନ୍ଦ ଗାଡ଼ି ଷ୍ଟାର୍ଟ କରୁ କରୁ ବ୍ୟସ୍ତ ହୋଇ କହିଲେ, "ଟିକିଏ ଦୂରକୁ ଯିବାକୁ ହେବ । ଏଠୁ ଗୋଟାକିଯାକ କୌଣସି ସ୍ଥାନରେ ଅପେକ୍ଷା କର ଭଲ ହେଲେ ଏ କାର୍ଯ୍ୟ ଶେଷକରି ଆସିବାକୁ ତ ହେବ ! ଆପଣ ଏକଥା ଗଣନାଥ ବାବୁଙ୍କୁ କହିଦେଇ ଆସନ୍ତୁ ।"

ଘଣ୍ଟାଏ ସେ ପାଖକୁ ଗାଡ଼ି ଯାଇ ଅପେକ୍ଷା କଲା । ଦୈତାରି ଫେରିଆସିଲେ ଗଣନାଥଙ୍କ ପାଖକୁ ।

## ଦାଗ

ପୌଷ ମାସର ସକାଳ କୁହୁଡ଼ି ସୂର୍ଯ୍ୟଦେବତାଙ୍କ ମୃଦୁ ତାପରେ ସମ୍ପୂର୍ଣ୍ଣ ଦୂରହୋଇ ନ ଥିଲା । ପ୍ରାଣନାଥ ତାଙ୍କର ପୁରୁଣା କାଳର ଖଟ ଉପରେ ବାହାପଟ ପାଖକୁ ଖଣ୍ଡିଏ ମୋଟା କମ୍ବଳ ଘୋଡ଼େଇ ହୋଇ ବସିଥିଲେ ଖବର କାଗଜଟାକୁ ଧରି ।

ବିଶ୍ୱପତି ଆଚାର୍ଯ୍ୟ କାଠ ପାହାଚରେ ଉପରକୁ ଆସୁ ଆସୁ ଡାକିଲେ, "ପ୍ରାଣବାବୁ, ଘରେ ଅଛ ?" ପ୍ରାଣନାଥ ଘୋଡ଼େଇ ହୋଇଥିବା କମ୍ବଳକୁ ଖଟ ଉପରେ ରଖିଦେଇ ଚଞ୍ଚଳପଦରେ ଅଗ୍ରସର ହୋଇଗଲେ ପାହାଚ ପାଖକୁ । ବିଶ୍ୱପତି ଆଚାର୍ଯ୍ୟ ପାନ ଚାକୁଳେଇ ଚାକୁଳେଇ ଦାଢ଼ିରେ ହାତ ବୁଲେଇ ବୁଲେଇ ଉଠି ଆସୁଥିଲେ ଉପରକୁ । ପ୍ରାଣନାଥ ଅକୃତ୍ରିମ ଆବେଗରେ ହାତ ଯୋଡ଼ିଦେଇ କହିଲେ, "ବଡ଼ ସୌଭାଗ୍ୟର ଦିନ ଆଜି ଆଚାର୍ଯ୍ୟ ମହାଶୟ ! ଆସନ୍ତୁ, ସକାଳଠାରୁ ମନ ମୋର କଅଣ ଯେ ଖୋଜି ହେଉଥିଲା, ସେକଥା ମୁଁ ନିଜେ ମଧ୍ୟ ଜାଣି ପାରୁନ ଥିଲି । ଆପଣଙ୍କୁ ଦେଖି ମୋ ମନ ଏମିତି ଆନନ୍ଦବିହ୍ୱଳ ହୋଇଉଠିଛି ଯେ, ଏ ମନଟା ଆପଣଙ୍କୁ ହିଁ ଖୋଜିହେଉଥିଲା ବୋଲି ବିଶ୍ୱାସ ହେଉଛି । "ଏ ମନ ଭାବୁଥାଏ ଯାହା, ଜାଣେ ପ୍ରାଣପତି ନୁହଁଏ ତାହା ।"

ବିଶ୍ୱପତି ଅଭିବାଦନ ଜଣାଇ ଚଉକିରେ ବସୁ ବସୁ କହିଲେ, "ଆଜିକାର ସୌଭାଗ୍ୟଟା ତୁମର ଏକା ନୁହେଁ, ବାସ୍ତବରେ ମୋର ମଧ୍ୟ ଭଲ ଲାଗୁଛି । ସମୟ ଅଭାବରୁ ମନୁଷ୍ୟ କୌଣସି କାର୍ଯ୍ୟ କରିପାରୁ ନାହିଁ ପ୍ରାଣବାବୁ ! ସକାଳୁ ଶେଯଛାଡ଼ିବା ଆଗରୁ ଭାବୁଥିଲି, ଆଜି ନିଶ୍ଚୟ ପ୍ରାଣ ପାଖକୁ ଯିବି ; କିନ୍ତୁ

ମୁହଁ ହାତ ଧୋଇ ବସି ରୁ’ ଟିକିଏ ଖାଉଖାଉ ଘରୁ ବାହାରୁ ଏତେ ଜଞ୍ଜାଳ ଆସି ଜମା ହୋଇଯାଉଛି ଯେ ସେଗୁଡ଼ାକ ସଫା କରୁକରୁ କେତେବେଳେ ପୁଣି ରାତି ହୋଇଯାଉଛି ।”

ବିଶ୍ୱପତି ଆଚାର୍ଯ୍ୟଙ୍କ ଭିତରେ ଗୋଟିଏ ଆଶ୍ଚର୍ଯ୍ୟ ଶକ୍ତି ଥିଲା । ସେ ଶକ୍ତିରେ ସେ ତାଙ୍କର ଅଧର, ଓଷ୍ଠ ଜିହ୍ୱା, ତାଳୁ ଚଳାଇ କରି କଥା କହୁକହୁ ଭିତରେ ଭିତରେ ସ୍ୱଗତୋକ୍ତି କରୁଥାନ୍ତି । ସମସ୍ତଙ୍କର ଏ ଧରଣର ଶକ୍ତି ନ ଥାଏ । ଅନେକେ କଥା କହନ୍ତି, ସେ କହିବା ଆନନ୍ଦରେ ବିହ୍ୱଳ ହୋଇ ଶ୍ରୋତାର ମୁଖଭାବ ଆଡ଼କୁ ଅନାଇଁ ରହିଥାନ୍ତି । ବିଶ୍ୱପତି ମଧ୍ୟ ତୀବ୍ରଦୃଷ୍ଟିରେ ଶ୍ରୋତାଙ୍କ ମୁହଁକୁ ଚାହିଁଥାନ୍ତି; କିନ୍ତୁ ତାଙ୍କର ସେ ଚାହାଣୀଟା ଭିତରର ଭାବନା ସହିତ ଜଡ଼ିତ ।

ସେ ମୋଟା ମୋଟା ଖାତା ଦୁଇ ତିନୋଟି କୋଟ ପକେଟରୁ ବାହାର କରି ପ୍ରାଣନାଥଙ୍କ ଖଟ ଉପରେ ରଖି କହିଲେ, “ତୁମ ପାଖକୁ ଆସିଛି ବଡ଼ ଗୋଟାଏ ଭାର ଦେବାକୁ, ବୁଝିଲ ! ମୋ ଜ୍ୱାଇଁ ଗଙ୍ଗାଧର କଅଣ ଗୋଟାଏ ଉପନ୍ୟାସ ଲେଖିଛି ଯେ, କହୁଛି ତୁମରି ହାତରୁ ମୁଖବନ୍ଧଟିଏ ଲେଖେଇନେବ । ଏଇକ୍ଷଣି ତୁମେ ପଚାରିବ—ମୁଁ କାହିଁକି ଲେଖି ଦେଉନାହିଁ !” କହୁ କହୁ ଆଚାର୍ଯ୍ୟ ହସିଉଠିଲେ ଆମୋଦରେ । “ମୋର କଅଣ ଏଥିରେ ଆଉ ବିଶ୍ୱାସ ଅଛି ! ପଢ଼ିଥିଲି ଅନେକ, ଲେଖିଛି ମଧ୍ୟ ଅନେକ । ଜାଣିବା ଶୁଣିବା କୌଣସି କଥା ଅଭାବ ନାହିଁ । ତେବେ ପ୍ରଥମ କଥା ହେଉଛି, ମୋର ଆଉ ବିଶ୍ୱାସ ନାହିଁ । ଖାତା କଲମ ଧରି ବସିଲେ ଆଗରୁ ଯାହା କିଛି କଳ୍ପନାରେ ସ୍ପଷ୍ଟହୋଇ, ସୁନ୍ଦର ହୋଇ ଦିଶୁଥିବ, ଏଣେ ବସିଲାବେଳକୁ ସବୁଗୁଡ଼ାକ ଅକ୍ଷର ପିମ୍ପୁଡ଼ିକୁଡ଼ ପରି ଏକାକାର ହୋଇଯିବ, ବୁଝିଲ !”

“ତା’ପରେ ଆଉ କିଛି ଲେଖିବାକୁ ପଡ଼ୁନାହିଁ । ଦୈବକ୍ରମେ ଲୋକ ସମାଗମ ଘଟିଯାଉଛି କିମ୍ବା ସମ୍ବାଦପତ୍ର ଆସି ପହଞ୍ଚୁଯାଉଛି । ଏକଥା ମଧ୍ୟ ଭାବୁଛି ଯେ ଲେଖିବାକୁ ଆଉ କଅଣ ବା ଅଛି ! ସେଇ ଆଦିମ କାଳରୁ ଦେଖିଆସୁଛେ, ଭଲ ଆଉ ମନ୍ଦ ଭିତରେ ଗୋଟାଏ ଲଢ଼େଇ ଚାଲିଛି । କବିମାନେ ଆପଣା ଆପଣାର କାବ୍ୟକଳାକୁ ପୂର୍ଣ୍ଣାଙ୍ଗ ଏବଂ ସଂଘର୍ଷମୟ କରିବା ସକାଶେ ଦୁଇ ଜଣ ପ୍ରତିଦ୍ୱନ୍ଦୀଙ୍କୁ ଆଣି ଠିଆକରେଇ ଜଣକୁ ପୁଣ୍ୟବନ୍ତ, ଅନ୍ୟ ଜଣଙ୍କୁ ପାପୀ ଆଖ୍ୟା ଦେଇ କାବ୍ୟ ଗଢ଼ୁଛନ୍ତି । ରାମାୟଣରେ ସେଇ କଥା ଦେଖୁଥାଉଁ । ମହାଭାରତରେ ତ ସେ କଥା ଅତି ସ୍ପଷ୍ଟ । ଭୀଷ୍ମଙ୍କ ପରି ମହାତ୍ମା, ଦ୍ରୋଣଙ୍କ ପରି ଶିକ୍ଷା-ଦୀକ୍ଷା ଗୁରୁ, କର୍ଣ୍ଣଙ୍କ ପରି ଦାତା ସେଇ ପାପୀ ଦୁର୍ଯ୍ୟୋଧନର ପକ୍ଷରେ ହିଁ ରହିଥିଲେ । ଯେଉଁ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଆମେ ଭକ୍ତି କରୁଛେ, ଦୋଷ ବାଛିଲେ ସେ ମଧ୍ୟ ସାଧାରଣ ମନୁଷ୍ୟଠାରୁ ହୀନ ହୋଇଯିବେ ।’

“ସେଇ କଥା ସ୍ମରଣ କରି ତ ଭଲ କାର୍ଯ୍ୟ କରିବା ଉଚିତ ବୋଲି ବିଚାର କରିବାକୁ ପଡ଼ୁଛି ଆଜ୍ଞା ! ଆପଣ ସିନା ଜ୍ଞାନର ପୂର୍ଣ୍ଣତା ପାଇଗଲେଣି ବୋଲି ସବୁ ସମାନ କରି ଦେଖୁଛନ୍ତି । ଆମର ସେ ଶକ୍ତି ନାହିଁ କି ସେପରି ଭାବିବାକୁ ସାହସ ନାହିଁ । ବିଶେଷରେ ମୁଁ ପ୍ରତି ପଦକ୍ଷେପରେ ଭୀତତ୍ରସ୍ତ ହୋଇଉଠୁଛି । ଲେଖିବା ଯେ ଏପରି ଅସାଧ୍ୟ ବିଷୟ, ଏକଥା ଜାଣିଥିଲେ ମୁଁ ଏଥିରେ ହାତ ଦେଇ ନ ଥାନ୍ତି । ମୋର ନିଜର ଦୁଃଖ, ଦୁର୍ବଳତା, ଅକ୍ଷମତା ଲେଖୁ ଲେଖୁ ଅନ୍ୟର ଅବସ୍ଥା ଆସି ତାସହିତ ସହିତ ଜଡ଼ିତ ହୋଇଯାଉଛି । ମୁଁ ତ ଆଜ୍ଞା, କାହାରି ମନରେ ଦୁଃଖ ଦେବାକୁ ଚାହେଁନାହିଁ ।”

ପ୍ରାଣନାଥଙ୍କ ବ୍ୟାକୁଳ ଆବେଦନ ଶୁଣି ବିଶ୍ୱପତି ମନେ ମନେ ବିଦ୍ରୂପ ହାସ୍ୟକରି ଭାବିବାକୁ ଲାଗିଲେ, ଏ ତ ‘ଭଲ’ର ଗୋଟାଏ ବିଶୁଦ୍ଧ ମହମ ପିତୁଳା । ‘ମନ୍ଦ’ ଶବ୍ଦର ସାମାନ୍ୟ ତାପ ଲାଗିଗଲେ ତରଳିଯାଇ କହିଯାଉଛି । ଦୋଷ ଗୁଣରେ ମନୁଷ୍ୟ ମନୁଷ୍ୟ ହୁଏ । କେତେ ତାପ ଶାପ ଭୋଗିଲେ ଯାଇ କବି ହେବ । ଲାଜ ଲାଗୁନାହିଁ କବିହେବାକୁ ବସିଛି ! ମନୁଷ୍ୟର ମୁହଁକୁ ଚାହିଁଦେଲେ ଆମେ ମନ

ଭିତରର କଥା ବୁଝିପାରିବ । ତଥାପି କଲମ ଧରି ବସିଲେ ଭାଷା, ଭାବ ସବୁ ଉଡ଼ିପଳାଉଛି । ଖାଲି ଲୋକଟାଏ, ଭଲପଣ ଖୋଜହେଉଛି ! କହିଲେ ମଲା, ନ କହିଲେ ଭିତରେ ଭିତରେ ଝାଉଁଳି ଚକଟି ହୋଇ ମଲା । ଯୁଗ ଯାହା ହୋଇଛି, ଅନ୍ୟାୟ ନ କରି ଅନ୍ୟାୟକୁ ପ୍ରଶ୍ରୟ ଦେବାକୁ ମନୁଷ୍ୟ ବାଧ୍ୟ ହେଉଛନ୍ତି ଅସୁବିଧାର ଉପରେ । ଯୁଗର ଧର୍ମ । ତା ନ ହୋଇଥିଲେ ମୁଁ ଗୋଟାଏ ଲୋକ ଗଣନାଥଙ୍କୁ ସ୍ତବ ସ୍ତୁତି କରିଦେଇ ଆସୁଛି । ମୋ ଭିତରେ କିଛି ଗୋଟାଏ ଅଛି, ଯାହାକୁ ଜ୍ଞାନଲୋକେ କ୍ଷୁଦ୍ର ସ୍ୱାର୍ଥ ବୋଲି କହନ୍ତି । ଲୋକଟାର ଔଦ୍ଧତ୍ୟ ଦେଖିଲେ ଘୃଣାରେ ପାଦଠାରୁ ମୁଣ୍ଡଯାଏ କଣ୍ଟକିତ ହୋଇଉଠୁଛି । ତଥାପି ମୁଁ ତାହାର ପାଖକୁ ଯାଇ ପ୍ରଶଂସା କରୁଛି । ପଇସା ଲୋଭରେ କହ କିମ୍ବା ସୁଯୋଗ ସୁବିଧା ବାହ୍ୟ ସମାଦର ଲୋଭରେ କହ, ମୋର ଆଉ ଗୋଟାଏ ଗୁଣ ଅଛି—ଈର୍ଷାପରାୟଣତା । ଜାଣୁଛି, ଦୁଇ ଭାଇଙ୍କ ଭିତରେ ଯଦି କୌଣସିମତେ ଗୋଟାଏ ମିଳନ ଘଟିଯାଆନ୍ତା, ସବୁ ବଦଳି ଯାଆନ୍ତା; କିନ୍ତୁ ସେକଥା ଯେପରି ସମ୍ଭବ ନ ହେବ, ମୁଁ ସେ ଚେଷ୍ଟାରେ ଅଛି । ଭାବୁ ଭାବୁ ବିଶ୍ୱପତି ଆଶ୍ଚର୍ଯ୍ୟ ପ୍ରାଣନାଥଙ୍କ ମୁହଁକୁ ଚାହିଁ କହିଲେ, "ଆଉ ଗୋଟାଏ କଥା ମନେ ନ ଥିଲା ପ୍ରାଣ ! ତୁମକୁ ଦଳକୁ ଟାଣିନେବାକୁ ଗଣନାଥ ମୋତେ କେତେ ଥର କହିଲେଣି ଯେ, ମୁଁ ଏ ଆଡ଼କୁ ମନ ଦେଇପାରୁ ନାହିଁ । କଥାରେ ଅଛି ନେଇ ଆଣି ଥୋଇ ଜାଣିଥିଲେ ଗୌରବବାର୍ତ୍ତା ଭଲ । ମୋ ଭଳି ଲୋକ ଯେତେବେଳେ ଗଡ ସହିତ ତାଳ ଦେଇ ଗଡ କରିପାରୁ ନାହିଁ, ତୁମେ ଯେ ପାରିବ, ସେ ଆଶା ମୋର ନାହିଁ ।"

ପ୍ରାଣନାଥ ବିଶ୍ୱପତିଙ୍କ ମୌନ ଅବସ୍ଥା ଦେଖି ମଥା ନୁଆଇଁ ଭାବି ବସିଥିଲେ ଗତ କାଲିର ଖବର-କାଗଜର କଥା । ଭାରତବ୍ୟାପୀ ଦୁର୍ନୀତିର ଅଭିଯୋଗ । ଯେଉଁମାନେ ଅନ୍ୟର ଅପରାଧ ଦେଖିଲେ ଅଭିଯୋଗ ଆଣି ଦଣ୍ଡ ବିଧାନ କରନ୍ତେ, ସେଇମାନେ ହେଲେ ଅଭିଯୁକ୍ତ । ଯେଉଁମାନେ ବିରୁଦ୍ଧ ଦଳ ଗଢ଼ି ଅଭିଯୋଗ ଆଣିବାରେ ଅନବରତ ମାନସିକ, ଶାରୀରିକ, ଆର୍ଥିକ ସକଳ ପ୍ରକାର ଶକ୍ତି କ୍ଷୟକରିବାରେ ଲାଗିଛନ୍ତି, ସେମାନେ ମଧ୍ୟ ଦେଶ ନିମନ୍ତେ କୌଣସି ତ୍ୟାଗ କିମ୍ବା ତପସ୍ୟା କରିବା ନିଦର୍ଶନ ନାହିଁ । ବରଂ ନାନା ଭାବରେ ସ୍ୱାର୍ଥସାଧନ କରିବା ହିଁ ସାକ୍ଷ୍ୟ ପ୍ରମାଣ ମିଳି ଯାଉଛି ।

ପ୍ରାଣନାଥଙ୍କ ବକ୍ଷଭେଦ କରି ବାହାରିଲା ଗୋଟାଏ ଦୀର୍ଘଶ୍ୱାସ । ସେ ସ୍ୱଗତୋକ୍ତି କଲାପରି କହିଲେ, "ମହାତ୍ମାଜୀ ତପସ୍ୟା କରି, ତ୍ୟାଗ ବ୍ରତ ପାଳି ଭାରତ ସ୍ୱାଧୀନ କରିଥିଲେ । ଭାରତର ସ୍ୱାଧୀନତା-ସମର-ନାଟକ ଆରମ୍ଭ ହୋଇଥିଲା ତପସ୍ୱୀଙ୍କ ଅହିଂସା ମନ୍ତ୍ର ପଠନରେ, ସେ ନାଟକର ପଞ୍ଚମ ଅଙ୍କ ଶେଷ ହେବ ଧନ-ଦାନବର ମଦମତ୍ତ ନୃତ୍ୟରେ ।"

ପ୍ରାଣନାଥଙ୍କ କଥା ଶୁଣି ବିଶ୍ୱପତି ଆଶ୍ଚର୍ଯ୍ୟ ମନେ ମନେ ଭାବିଲେ, ଯାହାହଉ, ଲୋକଟା ସଜାଡ଼ି ଗୁଞ୍ଜେଇ କଥାଗୁଡ଼ାଏ କହୁଛି । ବହିପତ୍ର ମଧ୍ୟ ଲେଖି-ଲାଣି । ଭାବୁଥିଲି, ଏଇଟା ଗୋଟାଏ କଅଣ ଲେଖିବ ! ଭଲ ଲେଖୁଛି ବୋଲି ଅନ୍ୟମାନେ କହିଲେ ବିଶ୍ୱାସ କରୁ ନ ଥିଲି । ମନରେ କୌତୂହଳ ସଞ୍ଚାରକରି କେବେ ଏହାଙ୍କ ଲେଖା ପଢ଼ି ନ ଥିଲି । ଆକସ୍ମିକ ଭାବରେ ଆସି ଆଜ ଏହାଙ୍କ ପ୍ରତି ଈର୍ଷା ହେଉଛି । କେଉଁଠୁ କିମିତି ଜ୍ଞାନ ଧନ କିଛିଏ ସଞ୍ଚୟ କରି ପକାଇଲାଣି ବୋଧହୁଏ; କିନ୍ତୁ ଏ ବଡ଼ ଦୁର୍ବଳ । ଏଇ ଶ୍ରେଣୀର ଲୋକ ବୃନ୍ଦାବନରେ ବସି ରାଧାମନ୍ତ୍ର ଜପ କରିବା ଉଚିତ । ତେବେ ମଧ୍ୟ ଏଇ ଲୋକଟିକୁ ଦଳ ଭିତରକୁ କିମିତି ନେବ ବୋଲି ଗଣନାଥ ସବୁବେଳେ ବ୍ୟସ୍ତ । ସହୋଦର—ରକ୍ତର ଆକର୍ଷଣ ଅଛି । ଗଣନାଥ ଯେ ନିତାନ୍ତ ପଶୁଟାଏ । ତାକୁ ଆମେ ସହଜ ଏବଂ ସ୍ୱାଭାବିକ ମାର୍ଗରେ ନେଲେ ସେ ଚାଲିବ ନାହିଁ, ତାହା ବୁଝେଁ । ଆମେ କେତେ ଜଣ ନିଜ କଥାଟି ହିଁ ଭାବୁଛୁ । ବିରୁଦ୍ଧଦଳର ନେତା ତ ଆମର ଶତ୍ରୁ ନୁହନ୍ତି । ଆଜି ସୁହୃଦ ହିଁ ହୋଇଯାଇଛନ୍ତି ଶତ୍ରୁ । ଭୀଷ୍ମ, ଦ୍ରୋଣ ଇଚ୍ଛା କରିଥିଲେ କୁରୁ ପାଣ୍ଡୁ ବଂଶ ଧ୍ୱଂସ ହୋଇ ନ

ଥାନ୍ତା । ପ୍ରକୃତିର ପ୍ରେରଣା ଆସୁଛି । ମୁଁ ଏ ଭଲ ମନ୍ଦ ଦୁଇ ଭାଇଙ୍କୁ ମିଳନ କରାଇବ ନାହିଁ । କାଳେ ଦୁହେଁ କେତେବେଳେ ଏକାଠ ହୋଇଯିବେ ବୋଲି ଭୟ ହେଉଛି ।

ବିଶ୍ୱପତି ଶାଲ୍‌ଟାକୁ ଭଲ କରି ଘୋଡ଼ାଇ ହୋଇ-ପଡ଼ି କହିଲେ, "ତୁମରି କଥା ଶୁଣି, ତୁମକୁ ଦେଖି ମୋ ମନରେ ଗୋଟିଏ ବଡ଼ ଆଶା ଜାଗ୍ରତ ହୋଇ-ଉଠିଛି ପ୍ରାଣ ! ଦେଶରେ କବିପୁତ୍ର ଜନ୍ମହେବା ଦେଶର ସୌଭାଗ୍ୟ । ତୁମେ ଯେ ହୃଦୟଟାକୁ ଗୋଟିଏ ପବିତ୍ର କ୍ଷେତ୍ର କରିସାରିଲଣି । ତୁମ ମୁହଁର ପଦେ କଥାରେ କେତେ ଅକବି କବି ହୋଇଯିବେ । ମୋର ମଧ୍ୟ କବି ହେବା ବାସନା ଥିଲା; କିନ୍ତୁ ସ୍ୱଭାବ ଅନୁଯାୟୀ ସମାଲୋଚକ ହୋଇଗଲି । ଦୁର୍ଗନ୍ଧମୟ, ଦୁର୍ନୀତିପୂର୍ଣ୍ଣ ରାଜନୀତି-ରାଜ୍ୟରେ ପ୍ରବେଶ କରି ଛଟପଟ ହେଉଛି ।"

"ପୃଥିବୀରେ ଯେତେ ବଡ଼ ବଡ଼ କାବ୍ୟ ସବୁ ସେଇ ରାଜାମାନଙ୍କର ସ୍ୱଭାବ ଚରିତ୍ର ଆଉ ରାଜ୍ୟର କଥା ନେଇ ଲେଖାହୋଇଛି ଆଜ୍ଞା ! ଆମମାନଙ୍କର ଅଭାଗ୍ୟତାରୁ ହିଁ ଆମ ରାଜ୍ୟ ପରିଚାଳନା ଦୁର୍ନୀତିପୂର୍ଣ୍ଣ, ଦୁର୍ଗନ୍ଧମୟ ହେଉଛି । ଆପଣ ହିଁ ତ ସେଦିନ କହୁ-ଥିଲେ, ଶାସକଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ହେବାକୁ ପଡ଼ିବ ବୋଲି । ଆପଣ ଯଦି ଏ ରାଜ୍ୟର ଶାସନଭାର ଗ୍ରହଣ କରନ୍ତେ, ମୁଁ ଆପଣଙ୍କର ସେବାକରି, ଆଦେଶ ପାଳନ କରି ଜୀବନ ଧନ୍ୟ କରନ୍ତି ।"

ବିଶ୍ୱପତି ମନେ ମନେ ଭାବିଲେ, ଲୋକଟା ତ ସେ ଆଡ଼କୁ ସହଜଭାବରେ ଅଗ୍ରସର ହୋଇଯାଉଛି । କିନ୍ତୁ ମୁଁ ରାଜନୀତି-କ୍ଷେତ୍ରରେ ଜଟିଳତା ସୃଷ୍ଟି କରିବାକୁ ଭଲପାଏ । ଏ ସେଠିକି ଗଲେ ତ କୌଣସି କଥା କହିଲ ଦେବନାହିଁ ।

"ତୁମେ ତ ପ୍ରାଣବାବୁ, ସହସ୍ରଶୀର୍ଷା ପୁରୁଷ । ଭଗବାନଙ୍କ ଆନନ୍ଦମୟ ନନ୍ଦନ କାନନରେ ଅନୁକ୍ଷଣ ସଞ୍ଚରଣ କରୁଛ । ସେଠିକି ଯାଇ ତୁମେ କଅଣ କରିବ ? ସେଠାରେ ଯେଉଁଣ ଅନ୍ୟାୟ ଅନୁଚିତ କାର୍ଯ୍ୟ ଚଳୁଛି, ମୁଁ ସେଥିରେ ଗୋଟିଏ ନଗଣ୍ୟ ନାସ୍ତିକ ଲୋକବୋଲି ସିନା ସବୁ ସମାନ ଦୃଷ୍ଟିରେ ଦେଖି ସହିଯାଉଛି । ତୁମେ ଗୋଟିଏ ମହତ୍ତ୍ୱ କାର୍ଯ୍ୟରେ ହାତ ଦେଇଛ, ତୁମକୁ ଏଠୁ ଟାଣିନେବା ଅର୍ଥ ଦେଶର କ୍ଷତିସାଧନ କରିବା । ଆଉ ସେ ଭିତରେ ଯାହା ସବୁ ହେଉଛି, ମୋପରି ଗୋଟିଏ ଲୋକ ଆଖି କାନରେ ହାତ ଦେଇ ରହୁଛି । ସେଦିନ ଲୋକେ ଦେଖିଲେ ବିଦ୍ୟାଧରର ସ୍ତ୍ରୀଟା ମରି ପଡ଼ିଛି ଜଙ୍ଗଲ ଭିତରେ ।"

ପ୍ରାଣନାଥ ଚମକିଉଠି ପଚାରିଲେ, "କିଏ, କିଏ, କିଏ ମାରି ପକାଇଥିଲା ?"

"ସେଇ କଥା ତ କହୁଛି ପ୍ରାଣବାବୁ ! କହୁଛି ବିଦ୍ୟାଧରଙ୍କ ସ୍ତ୍ରୀଟାକୁ କିଏ ବିଷଦେଇ ମାରିଦେଲା । ବିଦ୍ୟାଧର କିମିତି ଖୋଜ ବାହାର କଲା କେଜାଣି ? ଯେଉଁମାନଙ୍କ ସମ୍ପର୍କରେ ସେ ସ୍ତ୍ରୀଲୋକଟା ରହୁଥିଲା, ସେକଥା ନେଇ ଅନେକେ ଅନେକ ପ୍ରକାର ଅନୁମାନ କଲେ ; କିନ୍ତୁ କେହି କାହାକୁ ପଚାରିଲେନାହିଁ । ତଥାପି ଗୁପ୍ତ ତ ବ୍ୟାପୁଛି । ତାକୁ ଘୋଡ଼ାଇ ରଖିଲେ ତାହା କଅଣ ରହିବ ! ମୋ ଭଳି ସ୍ପଷ୍ଟବାଦୀ ଲୋକ ମଧ୍ୟ ମୁହଁ ଖୋଲି ପଚାରି ପାରୁନାହିଁ । ତୁମ ଦେହରେ ତ ଏ ପାପତାପ ସହ୍ୟ ହେବନାହିଁ । ତୁମେ ଖୋଜିବ ଦୋଷୀକୁ । ନା ନା, ତୁମେ ସେ ଆଡ଼କୁ ମନ ବଳାଅ ନାହିଁ । ଅନ୍ୟାୟକୁ ପ୍ରଶ୍ରୟ ଦେଲେ ଦେବତାମାନେ ଦଣ୍ଡଦେବେ ବୋଲି ତୁମର ବିଶ୍ୱାସ । ତେଣୁ ମୁଁ କହେ, ତୁମର ଏ କାର୍ଯ୍ୟପନ୍ଥା କ୍ଷୁରଧାରଠାରୁ ଆହୁରି ଆହୁରି ଖର । ତଳେ ଏ ପାଖ ସେ ପାଖ ହେଲେ ପତନ ଆଉ ଅପଘାତ ମୃତ୍ୟୁ ଘଟିବା ସୁନିଶ୍ଚିତ ।"

ବିଶ୍ୱପତି କଥାଟାକୁ ସହସା ଶେଷ କରିଦେଇ ଯିବା ଉଦ୍ୟମରେ ଉଠିପଡ଼ି କହିଲେ, "ଆଜି ଗୋଟାଏ ଅତି ଆବଶ୍ୟକୀୟ ବିଷୟ ଆଲୋଚନା କରିବା କଥା ଥିଲା । କଥା କହିବା ଲୋଭରେ ସେକଥା ଏକାଥରକେ ଭୁଲି ଯାଇଥିଲି । ଗଣନାଥଟା ଯେପରି ଉଦ୍ଧତ, ମନୁଷ୍ୟର ମୁହଁକୁ ନ ଚାହିଁ ଯାହା ଇଚ୍ଛା ତାହା କରି-ଦେବ । ଯାଉଛି ମୁଁ । ଗଙ୍ଗାଧରର ଖାତାଗୁଡ଼ିକ ରଖି-

ଦେଇ ଯାଉଛି । କାହାକୁ ଉପରେ କେଉଁଥିବ କାମ୍ଭା ସେ କକେ ଆସି ନେଇଯିବ । ଓଲୋକଟା ବଡ଼ ଆଶା-କରି ଲେଖିଛି । କହୁଥିଲା ବର୍ତ୍ତମାନର ମନ୍ତ୍ରୀମାନଙ୍କୁ ସ୍ତବ ସ୍ତୁତି କରି ଲେଖିଛି ବୋଲି । ଅଲେ ଜାଡ଼ି ବେଇ ମୁଖବନ୍ଧଟିଏ ଲେଖିଦେବ ।"

ବିଶ୍ୱପତି ଉଠି ଚାଲିଯିବା ପରେ ପ୍ରାଣନାଥ ସେଇ ଆଡକୁ ଚାହିଁ ଭାବୁଥିଲେ ଦେଶର ଅବସ୍ଥା ସମ୍ବନ୍ଧରେ । ଅମଳା ଆସି କହିଲେ, "ଭଦ୍ରଲୋକ, ଗାଁର ଜଣେ ଭକ୍ତିଭାଜନ ଲୋକ, ଆସି ଏତେ ସମୟ ବସିଲେ ଆଜ; ଚା' ଟିକିଏ ମଧ୍ୟ ଦେଇପାରିଲି ନାହିଁ । କାରଣ ସାନ୍ଧ୍ୟ ଗାଁ ଛାଡ଼ି ଚାଲିଗଲା ଦିନୁ ବଡ଼ ଅସୁବିଧା ହେଉଛି । ଚା'ପତ୍ର ଘରେ ନ ଥିଲା । କାରଣ ଦୋକାନରେ ଭଲ ଚା' ମିଳୁଥିଲା । ବୃନ୍ଦାବନ ମଧ୍ୟ ଏବେ ଦୋକାନ କରି ବସିଲେଣି; କିନ୍ତୁ ଭଲ ଜିନିଷ ରଖି ପାରୁନାହାନ୍ତି ।"

ପ୍ରାଣନାଥ ମ୍ଳାନ ଦୃଷ୍ଟିରେ ଅମଳା ଆଡ଼କୁ ଅନାଇଁ କହିଲେ, "ବିଶ୍ୱପତି ଆଚାର୍ଯ୍ୟଙ୍କୁ ଚା' ଅଭାବ ନାହିଁ ଅମଳା ! ସେ କେତେ ଭଲ ଚା' ଭଲ ବିସ୍କୁଟ୍, କେକ୍, ମିଠେଇ, ଫଳ ଖାଉଥିଲେ । ଚା' ଦେଲିନାହିଁ ବୋଲି ତୁମେ ଚିନ୍ତା କରିବାର କାରଣ ନାହିଁ ।"

"ଯାଏ ତେବେ, ଧନଆ ପାଣିଟା ଚୁଲି ଉପରେ ବସେଇଦେଇ ଆସିଛି । ଅମିତାର ମାଷ୍ଟରଙ୍କୁ ଜାଣ ସର୍ଦ୍ଦି ହୋଇଛି । ତାଙ୍କୁ ଟିକିଏ ଦେବ । ତୁମ ଟିକିଏ ଖାଇବ ।"

ଅମଳା ଭିତରକୁ ଯିବା ପରେ ପ୍ରାଣନାଥ ବିଶ୍ୱପତି ଦେଇ ଯାଇଥିବା ପ୍ରଥମ ଖାତାଟିକୁ ଖୋଲି ଦେଖିଲେ । ଉପନ୍ୟାସର ନାମକରଣ ହୋଇଛି, "ଐତିହାସିକର ଅନୁଭୂତି" । ପରିଚ୍ଛେଦର ନାମ—"ଅତୀତ ଏବଂ ବର୍ତ୍ତମାନ" । ସେ ଖାତା ଓଲଟେଇ ପଢ଼ିବାକୁ ଆରମ୍ଭ କରୁ କରୁ ହିଁ ଆନନ୍ଦ ଗଉଡର ପୁଅ ଆକୁଳ ଆସ୍ତେ ଆସ୍ତେ ଆସି ପ୍ରାଣନାଥଙ୍କ ପାଦ ଛୁଇଁ ପ୍ରଣାମ କରି ତଳେ ବସିପଡ଼ିଲା ।

ଆକୁଳର ବୟସ ବାଇଶି ତେଇଶି ହେବ । ଆକୁଳର ବାପା ଆନନ୍ଦ ଥିଲା ପ୍ରାଣନାଥଙ୍କର ବଡ଼ ବିଶ୍ୱସ୍ତ ଥିଲା । ଆନନ୍ଦ ଅରଣୀପୁର ଗାଁର ଜଣେ ଚାଷୀ । ମଧ୍ୟବିତ୍ତ ନୁହେଁ, ଗରିବ ଶ୍ରେଣୀରେ ଗଣ୍ୟ । ପ୍ରାଣନାଥଙ୍କ ବୁଢ଼ାବାପା ଆନନ୍ଦକୁ ପାଖରେ ରଖି ତା'ଠାରୁ ବହୁ ପ୍ରକାର ସେବା ପାଇଥିଲେ । ସେ ସେବାର ବଦଳରେ ତାକୁ ଦେଇଥିଲେ କେତେ ମାଣ ଜମି । ଆନନ୍ଦର ପ୍ରଥମ ପ୍ରଥମ କେତେଗୁଡ଼ିଏ ଝିଅ ଜନ୍ମ ହେବା ପରେ ଗୋଟିଏ ଦୁଇଟି ପୁଅ ଜନ୍ମହୋଇ ମରିଗଲେ । ତା ପରେ ଆକୁଳର ଜନ୍ମ । ଆନନ୍ଦ ବୁଢ଼ାସାଆନ୍ତଙ୍କ ପାଖରେ ବସି ପାଦସେବା କରୁକରୁ ପୁରାଣ କଥା ଶୁଣିଥିଲା । ତାଙ୍କର ପାଖରୁ ଅକ୍ଷର ଶିଖି କୋଇଲି, ଗୋପୀଭାଷା ପାଞ୍ଚ ଅଧ୍ୟାୟ ପଢ଼ି ଜାଣିଥିଲା ।

ଆକୁଳକୁ ହଠାତ୍ ଇମିତି ପାଦ ପାଖରେ ବସିପଡ଼ିବା ଦେଖି ପ୍ରାଣନାଥଙ୍କ ମନେ ପଡ଼ିଗଲା, ଆନନ୍ଦ ବୁଢ଼ାବାପାଙ୍କ ସେବା କରୁଥିଲା ତା'ର ପ୍ରାଣର ଭକ୍ତି ଦେଇ । ବୁଢ଼ାବାପାଙ୍କର ବିଛଣାଟି ବିଛେଇ ଦେଇ ମଥା ପାଖକୁ କାଠ ଚଉକି ଉପରେ ପାଣି ଢାଳ, ଗିଲାସ ରଖି ଦେଇଥାଏ । ଶୋଇବା ସମୟରେ ତଳେ ବସି ବୁଢ଼ାବାପାଙ୍କ ପାଦରେ ତେଲ ଘଷିଦିଏ । ସବୁ କାମ କରି ଦେଇ ଆନନ୍ଦ ତା' ଘରକୁ ଯାଏ । ଭୋରରୁ କେତେବେଳେ ଆସି ବୁଢ଼ାବାପାଙ୍କ ଦାନ୍ତଘଷା ପାଣି ଓ ଦାନ୍ତକାଠି ରଖେ । ବୁଢ଼ାବାପା ମରିଗଲେ, କିନ୍ତୁ ତାର ସେବା କାର୍ଯ୍ୟ ଶେଷ ହୋଇନଥିଲା । ମୋର ମନା ନ ମାନି ମୋର ପ୍ରତ୍ୟେକ କାର୍ଯ୍ୟ କରିଦେଉଥିଲା ସେ । ଦେଶର କାର୍ଯ୍ୟ କରୁଛି ବୋଲି ସଭା ସମିତିରେ ବୃଥା ବାକ୍ୟବ୍ୟୟ କରି କରି କ୍ଷୁଧା ତୃଷାରେ କାତର ହୋଇ ମୋର ଶୂନ୍ୟ ଘରକୁ ଫେରିଆସିଲା ବେଳକୁ ଆନନ୍ଦ ମୋ ପାଖରେ ଆଣି ରଖିଦିଏ ତା' ସ୍ତ୍ରୀ ହାତର ରନ୍ଧା ପଖାଳ ଭାତ, କାଞ୍ଜି ତରକାରି, ଶାଗଭଜା । ଚାରିଦିନ ପରେ ଫେରିବି ବୋଲି କହିଯାଇ ଦିନେ ଦିନେ ସେଇଦିନ ଫେରିଆସି ଆନନ୍ଦକୁ ଡାକି ପଠେଇଛି । ସେ ତା ଘରୁ କେବେ କେବେ ତା' ସ୍ତ୍ରୀ ହାତର ତିଆରି ମଣ୍ଡା, ଏଣ୍ଡୁରି ପିଠା ଧରି ଆସି ମୋ ପାଇଁ ବାଢ଼ିଦେଇ କଥା କହିବାକୁ ବସିଯାଇଛି ମୋ ମୁହଁ ଆଗରେ । ସୁସ୍ଥ

ଅସୁସ୍ଥରେ, ସମୟ ଅସମୟରେ କେବେ ହସି ହସି, କେବେ ଗମ୍ଭୀର ହୋଇ କହୁଥାଇଛି ବିବାହ କରି ସଂସାର-ବନ୍ଧନରେ ବାନ୍ଧି ହେବା ସକାଶେ ।

ପ୍ରାଣନାଥଙ୍କ ମନେ ପଡ଼ିଗଲା, ଦିନେ ଆନନ୍ଦ ତାଙ୍କୁ କହିଥିଲି—ମନୁଷ୍ୟର ଅର୍ଦ୍ଧାଙ୍ଗିନୀ ହେଉଛି ଭାର୍ଯ୍ୟା । ଜୀବନକୁ ସାର୍ଥକ ମାର୍ଗରେ ନେଇଯାଏ ଭାର୍ଯ୍ୟା । ସେଥିପାଇଁ ଭାରତ ପୁରାଣ କହୁଛି, ତିନି ବର୍ଗର ମୂଳ କାରଣ ଭାର୍ଯ୍ୟା । ଭାର୍ଯ୍ୟା ନ ଥିଲେ ଧର୍ମ ନାହିଁ, କର୍ମ ନାହିଁ, କିଛି କରି ହେବନାହିଁ । ମୁଁ ତାଙ୍କୁ ସେଦିନ କହିଥିଲି,—ମହାଭାରତର କଥା ଆଉ କହନା ଆନନ୍ଦ ! ଯେଉଁ କୁନ୍ତୀ, ଦ୍ରୌପଦୀଙ୍କୁ ଚିରସ୍ମରଣୀୟା କରି ରଖାହୋଇଛି, ସେଇମାନଙ୍କ କଥା ହିଁ ମୁଁ ବେଶି ଭାବୁଛି । ଦ୍ୟୁତ କ୍ରୀଡ଼ାର ଆହ୍ୱାନକୁ କ୍ଷତ୍ରିୟର ଧର୍ମ ବୋଲି ମାନି ନେଲାବେଳକୁ କୁନ୍ତୀ, ଦ୍ରୌପଦୀ କୁଆଡ଼େ ଯାଇଥିଲେ ! ବିପଦ ଯେତେବେଳେ ଗାଢ଼ ହୋଇଆସିଲା, ଭଗବାନଙ୍କୁ ଡାକିଲେ ଲଜ୍ଜାନିବାରଣ କରିବା ସକାଶେ ! ପୁଣି ତାଙ୍କର ଯେତେବେଳେ ପ୍ରତିହିଂସାପ୍ରବୃତ୍ତି ଜାଗ୍ରତ ହେଲା, ଦୁଃଶାସନର ରକ୍ତରେ କେଶ ପଖାଳିବେ ବୋଲି ଭୀମଙ୍କଦ୍ୱାରା ପ୍ରତିଜ୍ଞା କରାଇଲେ ! ଇମିତି ସ୍ତ୍ରୀଙ୍କୁ ମୁଁ ଦୂରରେ ରହି ଜୁହାର କରିବି । ବିବାହ କରିବା କଥା ତୁ ମୋତେ କେବେ କହିବୁ ନାହିଁ ଆନନ୍ଦ ! ସେଦିନ ସେ ମୋତେ କହିଥିଲା—ଘରଣୀ ଯାହାର ନାହିଁ, ତାର ଘର ମଧ୍ୟ ନାହିଁ । ବାଟୋଇ ବାଟ ଚାଲୁ ଚାଲୁ ଘରକୁ ଆଉ ଘରଣୀ ପାଖକୁ ଆସିବା କଥା ଭାବି ଘରକୁ ଆସେ । ବାଟୋଇର ଏକାନ୍ତ ବିଶ୍ୱାସ, ଘରେ କେହି ଜଣେ ତାଙ୍କୁ ଅପେକ୍ଷାକରି ବସିଛି । ତା ନ ହେଲେ ସେ ଘୂରି ପହଞ୍ଚି ଚାଲୁ ଚାଲୁ ଥକିଯାଇ ବସିପଡ଼ି ଭାବନ୍ତା—ମୋର ବାଟ ଯାହା, ଘର ମଧ୍ୟ ତାହା । ଏଠି ମୋର କେହି ନାହିଁ, ଘରେ ମଧ୍ୟ ମୋର କେହି ନାହିଁ ।

ମୁ ତାଙ୍କୁ ସେଦିନ ହସି ହସି ପଚାରିଥିଲି—ତୋ ସ୍ତ୍ରୀ କଅଣ ତୋତେ ଅତି ଭଲ ପାଉଛି କି ଆନନ୍ଦ ? ସେ ବଡ଼ ଗମ୍ଭୀର ଓ କରୁଣ ଦୃଷ୍ଟିରେ ମୋ ଆଡ଼କୁ ଚାହିଁ କହିଥିଲା,—ଭଲ ପାଇବା କଅଣ ମୁଁ ତ କିଛି ଜାଣେ ନାହିଁ ସାଆନ୍ତ ! ଦିନ ଗୋଟାଯାକ ମୁଁ ମୋ ସେବା ଧନ୍ଦାରେ ଲାଗୁଛି । ଘରକୁ ଆସିଲେ ତାର ଦୋଷ ଗୁଣ ଖୋଜି ଯେତେବେଳେ ଯାହା ଇଚ୍ଛା କହି ଝଗଡ଼ା କରୁଛି । ଇମିତି ନିଷ୍ଠୁର ସ୍ୱଭାବ ମୋର ଯେ ଘରେ ମଣିଷ ଗୋଟାଏ ଅଛି, ଖାଇବା ପିଇବା କଥା ମଧ୍ୟ ମୁଁ ଦେଖୁନାହିଁ । ଯେଉଁଦିନ ଗୁଡ଼ାଏ ଗାଳି ଶୁଣି ଅଭିମାନରେ ଉପବାସ କରି ରହିଥିବ, ରାତିରେ ଶୋଇଲା ବେଳକୁ ଆସି ମୋ ଗୋଡ଼ତଳେ ପଡ଼ି କାନ୍ଦିବା ଦେଖିଲେ ମୁଁ ତା' ପିଠିରେ ହାତ ବୁଲେଇ ଆଣି ତାଙ୍କୁ ଉଠେଇନେଇ ଭାତ ଖୁଆଇଦେଇଛି । ସେ ରାତିଟା ତାର ଏ ମର୍ତ୍ତ୍ୟପୁରୀ ସ୍ୱର୍ଗ ହୋଇଯାଇଛି ସାଆନ୍ତେ ! ବିଲ ବାଡ଼ିରୁ ଧାନ ମୁଗ ଗଣ୍ଡେ ଘରେ ରଖିଦେଲେ ମୋ କାମ ଶେଷ ହୋଇଯାଉଛି । ସେଇ ଧାନ ମୁଗ ମୁଠାକରେ କୁଟୁମ୍ବ ପୋଷିବା ଭାର ତା'ର ଉପରେ ଦେଇ ମୁଁ ନିଶ୍ଚିନ୍ତ ହୋଇ ରହୁଛି । ଝିଅ ଜନ୍ମ ହେଉ ହେଉ ମାଆ ହୋଇ ଖେଳଘର କରି ପୁଅ ପିଲାଙ୍କୁ ସେବା କରୁଛି । ପୁଅ ମାଆଠୁ ସେବା ପାଇ ପାଇ ସେଇ ଅଭ୍ୟାସରେ ସ୍ତ୍ରୀଠୁ ସେବା ପାଇ ସ୍ତ୍ରୀ ଉପରେ ସବୁ କଥାରେ ନିର୍ଭର କରି ରହୁଛି । ସେଦିନ ଆନନ୍ଦର କଥା ଶୁଣି କହିଥିଲି, ତାହା ଯଦି ସତ, ଦେଶରେ ଯେତେ ସ୍ତ୍ରୀ ଅଛନ୍ତି, ସମସ୍ତେ ମୋର ମାଆ ଭଉଣୀ ହୋଇ ମୋର ଦୁଃଖ ସୁଖରେ ଅଂଶ ଗ୍ରହଣ କରିବେ । ମୁଁ ଆଉ ବିବାହ କରିବି ନାହିଁ । ତାପରେ ଦୈବ ଅନୁକମ୍ପାରେ ମୁଁ ଅମଳାକୁ ବିବାହ କରି ଯେତେବେଳେ ଏ ଘରକୁ ଆଣିଲି, ଆନନ୍ଦର ଆନନ୍ଦ ଉତ୍ସାହର ସୀମା ନ ଥିଲା । ମୋର ଏ ସଂସାର ଚଳେଇବା କାର୍ଯ୍ୟରେ ସେ ହିଁ ଥିଲା ଅତି ବଡ଼ ସହାୟକ । ଅମିତାର କେତେ ସେବା କରିଛି ଆନନ୍ଦ । ମୋର କଳ୍ପନାପ୍ରବଣ ମନକୁ ସେ କେତେ ଉପାଦେୟ ଉପାଦାନ ଯୋଗାଇଛି । ମନରାଜ୍ୟରୁ ହଜି ହଜି ଯାଇଥିବା ପୁରାଣ କଥା ପୁନରାବୃତ୍ତି କରିକରି ସେଇ ଅନାଦିକାଳର କଳ୍ପମାନଙ୍କ ପ୍ରତି ଜାଗ୍ରତ

କରେଇଛନ୍ତି ପରମ ଭକ୍ତ ! ଆନନ୍ଦର ପୁଅ ଆକୁଳକୁ ଦେଖି ପରୋପକାରୀ ବନ୍ଧୁଙ୍କ କରୁଣାରେ ବିଧୁର ହୋଇଉଠୁଛି ଆଜ ମୋର ମନ ପ୍ରାଣ ।

ଆକୁଳ ତାର ଆଖି ପେ ଛି ପକେଇ ଆବେଗପୂର୍ଣ୍ଣ କଣ୍ଠରେ କହିଲା, "ବୋଉ ଆଉ ବଞ୍ଚିବ ନାହିଁ ଅବଧାନେ ! ବାପା ମରିଗଲେ, ବନ୍ଧୁ ମୈତ୍ରମାନେ, ପୁରୋହିତେ ବିଚାର କରି କହିଲେ ଶୁଦ୍ଧିକାର୍ଯ୍ୟଟା ଭଲକରି କରିବାକୁ ହେବ । ବଡ଼ କଅଁଶିଟି ମଳ ମଉସାକୁ ବନ୍ଧା ଦେଇ ତିନି ଶହ ଟଙ୍କା ଆଣିଲି । ଶୁଦ୍ଧିକାର୍ଯ୍ୟରେ ସେତକ ଲାଗିଗଲା । ବୋଉ ତାର ବୋହୂକୁ ଆଣିଲା, ସେଥିରେ ଖରଚ ହେଲା ଦୁଇଶହ । ବଳଦ ହଳକ ମରିଗଲେ । ଭଡ଼ା ହଳ ଆଣି ଆଉ ଯେତେକ ଜମି ଥିଲା ଚାଷ କଲି । ଋଣ ସୁଝି ପାରିଲି ନାହିଁ । ଘରେ ଶାଶୁ ବୋହୂ ଭିତରେ ସବୁବେଳେ କଳି । ଇମିତି କରି ନ ମରି ନ ଜୀଇ ବଞ୍ଚିଥିଲି । ଆଜକୁ ତିନି ଦିନ ହେଲା ବୋଉକୁ ଜର । କାଲିଠୁ କଥା କହିପାରୁନି । ମୁଁ କଅଣ କରିବି କିଛି ବୁଝି-ପାରୁନାହିଁ ।"

ପ୍ରାଣନାଥ ଆକୁଳର ମଥାରେ ହାତ ଦେଇ କହିଲେ, "ମନୁଷ୍ୟକୁ ତ ଜ୍ୱର, ରୋଗ ହୁଏ, କାଠ ପଥରକୁ ହୁଏନାହିଁ । ଜ୍ୱର ହେଲା ବୋଲି ବୋଉ ତୋର ମରିଯିବ କାହିଁକି ରେ ?"

"ନାହିଁ ଅବଧାନେ, ହାତରେ ପଇସାଟିଏ ନାହିଁ । ମାଉସୀ ମଉସା ଆସିଛନ୍ତି । ଶେଷକାଳକୁ ଔଷଧ ପାଣି ଟିକିଏ ନ ମିଳିଲେ ଗତି ହେବନାହିଁ ବୋଲି ସମସ୍ତେ କହୁଛନ୍ତି ।"

"ଆନନ୍ଦ ତ କେବଳ ମୋର ସେବକ ନ ଥିଲା, ସେ ମୋର ଥିଲା ସବୁ । ତୁ ପିଲା ମଣିଷ ସେକଥା ବୁଝି-ପାରିବୁନାହିଁ । ତାର ସେବା ଋଣ ମୁଁ କେବେ ଶୁଝିପାରିବ ନାହିଁ ।"

ପ୍ରାଣନାଥଙ୍କ କଣ୍ଠର କଥା ରହିଗଲା କଣ୍ଠ-ଦେଶରେ । ସେ କମିଜ ପକେଟରୁ ଦଶଟଙ୍କାର ନୋଟ ଖଣ୍ଡିଏ ବାହାର କରି ଆକୁଳ ହାତକୁ ବଢ଼େଇ ଦେଇ କହିଲେ, "ଏଇ ଦଶ ଟଙ୍କା ଏବେଣି ନେଇଯା ଆକୁଳ, କାଲିକି ପୁଣି ଆସିବୁ । ମାଣିକପୁର ଯାଇ ବୈଦ୍ୟଭୂଷଣଙ୍କୁ ଡାକିନେଇ ଆସିବୁ । ବଡ଼ ଭଲ ବୈଦ୍ୟ ସେ ।"

ଆକୁଳ ନୋଟଟାକୁ ମୁଣ୍ଡରେ ଲଗାଇ ଯିବା ଉଦ୍ୟମ କରି କହିଲା, "ବାପା ମୋତେ କହିଥିଲେ, ଅସମର୍ଥ ପଡ଼ିଲେ ଅବଧାନଙ୍କ ପାଖକୁ ଯାଇ କହିବୁ ବୋଲି । ବଡ଼ ହୀନଅବସ୍ଥାରେ ପଡ଼ିଗଲି ଅବଧାନ ସାଆନ୍ତେ ! ଭଗବାନ କେବେ ମୋତେ ବାଟ ଦେଖେଇବେ—ତୁମ ଋଣ ସୁଝିବି ।"

"ଆନନ୍ଦ ମୋତେ ଋଣୀ କରିଦେଇ ଯାଇଛି । ଏଜନ୍ମରେ ସେ ଋଣ ପରିଶୋଧ ତ ହୋଇପାରିବ ନାହିଁ । କହିଲି ଆଜ ତୁ ଯା ଆକୁଳ ! ତୋ ବୋଉ ଭଲ ହୋଇଯାଉ, ପରେ ଆଉ ଦିନେ ଆସି ମୋ ପାଖରେ ବସିବୁ, ସବୁ କଥା କହିବ ।"

## ତେର

ରାମ ମାଳୀର ଘର ସହରଠାରୁ ଅଳ୍ପ ଦୂରରେ । କୌଣସି ଏକ ପଲ୍ଲୀରେ ତାର ସ୍ତ୍ରୀ ପରିବାର ରହନ୍ତି । ରାମର ତିନି ପୁଅ, ଏବେ କେଉଁଠି ସରକାରୀ କାର୍ଯ୍ୟରେ ନିଯୁକ୍ତ ପାଇଗଲେଣି । ଜଣେ ନିମ୍ନ ପ୍ରାଇମେରୀ ସ୍କୁଲର ଶିକ୍ଷକ, ଆଉ ଜଣେ କୃଷି ବିଭାଗର ବୀହନ ବଣ୍ଟନ-କାରୀ, ଅନ୍ୟ ଜଣଙ୍କ ଗଭର୍ଣ୍ଣରଙ୍କ ଦେହରକ୍ଷୀରୂପେ ନିଯୁକ୍ତ ପାଇଯାଇଛି । ରାମର ସ୍ତ୍ରୀ କୁନ୍ତିକାର ଗର୍ବ ଉଛୁଳି ଉଠୁଛି ହୃଦୟ କନ୍ଦରରୁ । ତାର ବିଶ୍ୱାସ, ତାହାର ଶକ୍ତିର ସାହାଯ୍ୟରେ ରାମର ସଂସାର ଉନ୍ନତି ମାର୍ଗରେ ଗତିକରୁଛି । ରାମର ଶରୀରରକ୍ଷା, ସମ୍ପତ୍ତି-ରକ୍ଷା, ସନ୍ତାନରକ୍ଷା ଭାର ସେହି ନିର୍ବାହ କରି ଆସୁଛି ଏ ଘରକୁ ଆସିବା ଦିନଠୁ ।

ରାମ ମାଳୀ ଗଣନାଥଙ୍କର ବିଶାଳ ଭବନର ବାହାର ଘରେ ରହେ । ତାର ଦୁଇଟି ବଖରାରୁ ଗୋଟିକରେ ରୋଷେଇ କରେ । ଅନ୍ୟଟିରେ ବଗିଚା କାମର ଯନ୍ତ୍ର କୋଡ଼ି, ଶାବଳ, କାତି, କୁରାଢ଼ୀ । ତାର ଶୋଇବା-ଘରେ ସାନ ଖଟ ଖଣ୍ଡିଏ । ସେଦିନ ସନ୍ଧ୍ୟା

ଯରେ ରାମ ବଗିଚାରୁ ଆଉ ଆସି ବସିଥିଲା ତାର ଶୋଇବା ଘର ମୁହଁର ପାହାଚ ଉପରେ । ତାର ନିଜର ଘର କଥା ମନେ ପଡ଼ିଗଲା । ସେ ଭାବିବାକୁ ଲାଗିଲା । ଜଗତରେ ସତ୍ୟ କଅଣ, ମିଥ୍ୟା କଅଣ କିଛି ବାଛି ହେଉନାହିଁ । ମୋର ସ୍ତ୍ରୀ କୁଭିକା କହୁଛି, ଆମଘର ଅତି ବଡ଼ ଘର, ବନ୍ଧୁ କୁଟୁମ୍ବ ଭିତରେ ଯେତେ ସ୍ତ୍ରୀ ଅଛନ୍ତି ସମସ୍ତଙ୍କଠାରୁ ସେ ଭଲ । ଏପରି କି ତାର ଆପଣାର ବାପା ମାଆଠୁ ମଧ୍ୟ । ମୋର ଏକମାତ୍ର ଭଉଣୀ ମାଳ ଆସିଥିଲା ଅନେକ ଦିନ ପରେ । ଦେହ ଦୁର୍ବଳ, ମନ ଦୁର୍ବଳ । ପୁଅ ବୋହୂ କେହି ତାକୁ ପାଖରେ ରଖିବାକୁ ଚାହିଁଲେ ନାହିଁ । ମୁଁ କହିଲି, ମୋ ଘରେ ଥା ମାଳ ! କିନ୍ତୁ ମୋ ସ୍ତ୍ରୀ କୁଭିକା ମାଳର ସମସ୍ତ ଦୁର୍ଗୁଣ ଗାଇ ଇମିତି ଗୁମୁରି ଉଠିଲା ଯେ, ମୋର ଆଶ୍ରୟପ୍ରାର୍ଥିନୀ ଭଉଣୀକୁ ଆଶ୍ରୟ ଦେବା ଅସମ୍ଭବ ହୋଇପଡ଼ିଲା । ସେ ମୋ ଘରୁ ଚାଲିଗଲା । ତାର ନିଜ ପୁଅମାନଙ୍କ ପାଖକୁ ମଧ୍ୟ ଯାଇନାହିଁ । କେଉଁଆଡ଼େ ଗଲା କି କେଉଁଠି ଆତ୍ମହତ୍ୟା କଲା, ତାହା ମୁଁ ଜାଣେ ନାହିଁ । ଅଥଚ ସେ ମୋର ଭଉଣୀ । ଜଗତରେ କିଏ କାହା ମନ କଥା ଜାଣୁଛି ? ବାଲ୍ମୀକି ଯେଉଁ ବୈକୁଣ୍ଠାଧିପତି ଭଗବାନଙ୍କୁ ଅଯୋଧ୍ୟାର ରାଜପୁତ୍ରରୂପେ ଅବତୀର୍ଣ୍ଣ କରାଇଥିଲେ, ସେ ମଧ୍ୟ ତାଙ୍କର ଧର୍ମପତ୍ନୀ ସୀତାଙ୍କୁ ବୁଝି ପାରି ନ ଥିଲେ କିମ୍ବା ଯେଉଁ ଲକ୍ଷ୍ମୀ ସୀତାରୂପେ ଅବତୀର୍ଣ୍ଣା ହୋଇଥିଲେ, ସେ ମଧ୍ୟ ରାମଙ୍କୁ ଜାଣି ନ ଥିଲେ । ଜାଣିଥିଲେ ରାମ ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇ ନ ଥାନ୍ତେ କି ସୀତା ପାତାଳ ପ୍ରବେଶ କରି ନ ଥାନ୍ତେ । ମୋ ସ୍ତ୍ରୀ ସମ୍ପୂର୍ଣ୍ଣରୂପେ ସାମାଜିକ ଭାବରେ ମୋର । ମୁଁ ଯଦି ମରିଯିବି ତାର କ୍ଷତି ହେବ । ତେଣୁ ସେ ମୋର ସ୍ୱାସ୍ଥ୍ୟରକ୍ଷା ପ୍ରତି ସର୍ବଦା ସଜାଗ, କିନ୍ତୁ ବ୍ୟକ୍ତିଗତ ଭାବରେ ମୁଁ, ମୁଁ । ମୋ ସ୍ତ୍ରୀ ନିଜେ ଜଣେ ମନୁଷ୍ୟ । ସେ ମୋ କଥା କେବେ ମାନିବ ନାହିଁ । ଲୋକେ ଜାଣିବାକୁ ମୁଁ ତାର ପତି-ଦେବତା; କିନ୍ତୁ ମୋ ସ୍ତ୍ରୀ ପାଖରେ ମୁଁ ଜଣେ ଦୋଷଗୁଣଯୁକ୍ତ ସାଧାରଣ ମନୁଷ୍ୟ ମାତ୍ର । କେହି କାହାକୁ ଜାଣୁ ନାହିଁ । କେହି କାହା କଥା ବୁଝୁ ନାହିଁ । ତଥାପି ମୁଁ ଆଜି ମୋ ସମାଜ ଭିତରେ ପ୍ରଶଂସିତ ବ୍ୟକ୍ତି । ବହୁ ଲୋକ ଯେଉଁ କଥାଟିକୁ ମାନି ଆସୁଛନ୍ତି, ତାହା ହିଁ ସତ୍ୟ, ତାହା ହିଁ ନ୍ୟାୟ ଏବଂ ଧର୍ମ ବୋଲି ମୁଁ କହେ ।

ରାମ ମଥା ଟେକି ଚାହିଁଲା, ଗଣନାଥ ନିବାସର ବାରଣ୍ଡା ତଳେ ବଡ଼ କ୍ରୋଟନ୍ ଗଛ ପାଖକୁ ଜଣେ ସ୍ତ୍ରୀଲୋକ ଠିଆହୋଇଛନ୍ତି । ସେ ଯେ ଗଣନାଥଙ୍କ ସ୍ତ୍ରୀ ଶୈଳ, ଏଥିରେ ରାମର ସନ୍ଦେହ ରହିଲା ନାହିଁ । ସେ ଠିଆହୋଇ ଶୈଳ ଆଡ଼କୁ ଅପଲକ ହୋଇ ଦେଖି ଭାବିଲା, ଏଇ ଯେ ସ୍ତ୍ରୀଲୋକଟି ମୋତେ ତାଙ୍କର ପିତାଙ୍କର ସମାଜର ଗୁରୁରୂପେ ଭକ୍ତି ଦେଇ ସବୁ ଦୁଃଖ କାହାଣୀ କହିଦେଇ ଯାଉଛନ୍ତି, ଯାଙ୍କ ସକାଶେ ମୁଁ କଅଣ କରିପାରେ ? ଯଦି କିଛି ନ କରିପାରୁଛି, ତେବେ ଯାଙ୍କ କଥା ମୁଁ ଶୁଣୁଛି କାହିଁକି ? କେବଳ କୌତୂହଳର ବଶବର୍ତ୍ତୀ ହୋଇ ! ଏଇ ଯେଉଁ ସ୍ତ୍ରୀ ମୂର୍ତ୍ତିଟି ଗଛ ମୂଳ ତଳେ ଠିଆ ହୋଇଛନ୍ତି, ହୁଏ ତ ମୋହରି ଅପେକ୍ଷାରେ ହିଁ ରହିଛି । ମୁଁ ଆଉ ଥରେ ପାଖକୁ ଗଲେ ଅଜସ୍ର ଅଶ୍ରୁଧାର ପୋଛି ପୋଛି କଥା ଶୁଣେଇବେ । ଦୁଇଟି ମନୁଷ୍ୟ ଭିତରେ ଯୌବନର ଉନ୍ମାଦନାରେ ଯେଉଁ ନିବିଡ଼ ସମ୍ବନ୍ଧଟି ଘଟିଥିଲା, ସେ ସମ୍ବନ୍ଧ ବନ୍ଧନ ଛିନ୍ନ ହୋଇଯାଇଛି । ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଗୋଟାଏ ଦୁର୍ଭେଦ୍ୟ ବ୍ୟବଧାନ । ଆଶା ହେଉଛି, କେବେବେଳେ ଇମିତି ଗୋଟାଏ ସମୟ ଆସିଯିବ, ଏ ବ୍ୟବଧାନ ଭେଦକରି ଦୁହେଁ ପୁଣି ମିଳିତ ହୋଇଯିବେ ; କିନ୍ତୁ ସେକଥା କଅଣ ସମ୍ଭବ ହେବ ? ମନ୍ତ୍ରୀ ବଗିଚାର ମୂର୍ଖ ମାଳୀ ମୁଁ । ଏଇ ସ୍ତ୍ରୀ-ଲୋକଟିକୁ ଦେଖିଲେ ପ୍ରଭୁପତ୍ନୀ ବୋଲି ଭକ୍ତିରେ ହାତ ଯୋଡ଼ି ହୋଇଯାଉଛି ; କିନ୍ତୁ ତାର ଅଶ୍ରୁସିକ୍ତ ମୁହଁଟି ଦେଖିଲେ ମୋର ପାଷାଣ ହୃଦୟ ତରଳି ଯାଉଛି । ଅଜ୍ଞାନ ବାଳକଟିର ସବୁ ଅପରାଧ ଧୋଇ ପୋଛିଦେଇ ବୃଦ୍ଧ ପିତାର କୋଳରେ ଆଶ୍ରୟ ଦେବାକୁ ଇଚ୍ଛା ହେଉଛି । ଗଣନାଥବାବୁ ଆଉ ଥରେ ବିବାହ କରିବାକୁ ଦୃଢ଼ ହୋଇ ବସିଗଲେଣି । ତାଙ୍କର ଭଉଣୀ, ଭଣଜାଙ୍କ

ଅନ୍ୟ ବନ୍ଧୁମାନେ ପାତ୍ରୀ ଯୋଗାଡ଼ କରିଦେଲେଣି । ନେପାଳୀ ଝିଅ ସହିତ ବିବାହଟା ବିବାହ ନୁହେଁ ବୋଲି ଏମାନେ କହନ୍ତି । ଏଠି ଦେଶରେ, ଜାତିର ଝିଅଙ୍କୁ ଗଣନାଥଙ୍କୁ ବିବାହ କରି ଯୌତୁକ ଆଣିବେ । ଶଳା ଓ ଶ୍ୱଶୁର ରାଜନୀତି କ୍ଷେତ୍ରରେ ସହାୟକ ହେବେ । ତାଙ୍କର ସଂସାର ସୁନ୍ଦର ଓ ସମୃଦ୍ଧିବନ୍ତ ହେବ ।

ରାମ ହୋଟେଲ ଗଛ ଆଡ଼କୁ ଅଗ୍ରସର ହୋଇଯାଇ ଡାକିଲା, "ମାଆ ! ରାତି ହେଲାଣି, ରୋଷେଇ କରିବେ ନାହିଁ ?"

ଶୈଳ ସେଇ ଗଛମୂଳେ ବସିପଡ଼ି ଶୋକାବେଗରେ ବାପାଙ୍କୁ ସ୍ମରଣକରି କାନ୍ଦି କାନ୍ଦି କହିଲେ, "ମୋତେ ତୁମେ ନେଇଯାଅ ରାମ ମାଝୀ ! ଆତ୍ମହତ୍ୟା ମୁଁ କରିବ ନାହିଁ । ଆମ ଗୁରୁ କହନ୍ତି— ପିତାମାତାଙ୍କୁ ଯେ ଅବଜ୍ଞା କରେ, ସେ ହିଁ ଆତ୍ମଘାତୀ ! ଆଜି ଅସମୟରେ ଗୁରୁଙ୍କୁ ସ୍ମରଣ କରୁଛି ରାମ ! ମୁଁ ଥରେ ଆତ୍ମହତ୍ୟା କରି ଆଉ ଥରେ ଜନ୍ମ ପାଇଛି । ମୋତେ ନେଇଯାଅ । ଆମ ଗୁରୁଙ୍କର ଯେଉଁ ଆଶ୍ରମ ଅଛି, ସେଠିକି ମୁଁ ବାଟ ଖୋଜି ଖୋଜି ଯିବି । ସେଠି ସନ୍ନ୍ୟାସୀମାନଙ୍କର ସେବାକରି ବଞ୍ଚିଥିବା ଯାଏ ଶାନ୍ତିରେ ରହିବି । ମାଆ ମୋର ପାଗଳୀ ହୋଇଗଲା । ସେ ଆଉ ଭଲ ହେବ ନାହିଁ । ଅପେକ୍ଷା କରିଥିଲି ତା' ଦେହ ଟିକିଏ ଭଲ ହେଲେ ତାକୁ ନେଇ ଚାଲିଯିବି ବୋଲି । ଦିନକୁ ଦିନ ସେ ଯେଉଁ ଦୁଃଖଦାୟକ ଅବସ୍ଥା ସୃଷ୍ଟି କରୁଛି, ମୁଁ ଆଉ କେତେ ସମ୍ଭାଳିବି ? ମୋତେ ନେଇଯାଅ । ମୋ ମାଆକୁ ମାରି ପକାଇଦିଅ ।" କହି କହି ଶୈଳ ରାମର ହାତ ଧରିପକାଇ କାନ୍ଦିବାକୁ ଲାଗିଲେ ।

ରାମ ଆସ୍ତେ ଆସ୍ତେ ହାତ ଛଡ଼ାଇନେଇ କହିଲା, "ଆପଣ ଏଇଠି ଇମିତି କାନ୍ଦିଲେ ଦେଖିଲେ ଲୋକେ ଆପଣଙ୍କୁ ମଧ୍ୟ ପାଗଳୀ ବୋଲି କହିବେ ମାଆ ! ମାଆଙ୍କୁ ମାରିଦେବା କାହିଁକି ! ଆପଣ ଯେଉଁଠି ରହିବେ ସେ ମଧ୍ୟ ସେଠି ରହିବେ ।"

"ନାହିଁ ରାମ, ମୁଁ ଆଉ ସମ୍ଭାଳି ପାରିବି ନାହିଁ । ସଂସାରରେ ମୋର କେହି ନାହିଁ । ଅନାଥ ଶିଶୁଟିଏ ପରି ମୁଁ ତୁମ ପାଖରେ ଶରଣ ପଶିଛି । ମୋତେ ରକ୍ଷା କରିବ ନାହିଁ ?"

ରାମ ଶୈଳର ସେ କରୁଣ ଆବେଦନ ଶୁଣି ନୀରବରେ ଶୁଣି ଯାଉଥିଲା । ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ପରିତ୍ୟାଗ କରି ତାଙ୍କୁ ପଥଚାରିଣୀ କରିଦେଲେ । ସେ ଯୁଗରେ ସିନା ଶକୁନ୍ତଳାଙ୍କର ମାଆ ସ୍ୱର୍ଗରୁ ଆସି ତାଙ୍କୁ ଉଠେଇ ନେଇଗଲା । ଆଜି ଏଇ ଦୁଃଖିନୀଟିକୁ ରକ୍ଷା କରିବାକୁ କେଉଁ ଜଣ ସ୍ୱର୍ଗର ଅପ୍ସରାକୁ ପଠାଇଦେବ ! ଋଷି ଆଶ୍ରମରେ ପ୍ରବେଶ କରି ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ଯେଉଁ ପ୍ରଲୋଭନ ଦେଖାଇ ଉପଭୋଗ କରିଥିଲେ, ସେକଥା ଏ ଯୁଗରେ ଘଟିଲେ ବିଶ୍ୱାସଘାତକତା ବୋଲି କୁହାଯାଉଛି । କିନ୍ତୁ ସେକାଳର କବି ଦୟାର୍ଦ୍ରହୃଦୟ ହୋଇ ସ୍ୱର୍ଗବେଶ୍ୟା ମେନକାର ଦୌହିତ୍ରଙ୍କୁ ଏ ଦେଶରେ ରାଜଚକ୍ରବର୍ତ୍ତୀରୂପେ ପ୍ରତିଷ୍ଠା କରାଇ ତାଙ୍କର ନାମରେ ଏ ଦେଶକୁ ନାମିତ କରାଇଛନ୍ତି । ସେ ଯୁଗର ପଦସ୍ଖଳନକୁ କବି, ଋଷି, ମୁନି କିମ୍ବା ଦେବଦେବୀଙ୍କ ଅଭିଶାପରୂପେ ପ୍ରତିପାଦନ କରି ମନୁଷ୍ୟର ଜୀବନଚରିତ ମହତ୍ତ୍ୱ କରିଦେଇଛନ୍ତି । ସେସବୁର ତୁଳନାରେ ଏଇ ବେଦନରତା ନାରୀଟିର ଅପରାଧ ଗୁରୁତର ନୁହେଁ । କିନ୍ତୁ ମୁଁ ତ ମଣିଷଟି ନୁହେଁ, ଯାଙ୍କୁ ରକ୍ଷା କରିବ କିଏ ?

ଇତି ମଧ୍ୟରେ ରାମ କେତେବେଳେ ଶୈଳଙ୍କ ପଛେ ପଛେ ଯାଇ ପହଞ୍ଚି ଯାଇଛି ଶୈଳମାଆର ଘର ପାଖରେ ।

ଶୈଳ ସେ ଘରର କବାଟ ଖୋଲିଦେଇ ରାମର ହାତ ଟାଣିନେଇ ଭିତରକୁ ପ୍ରବେଶ କରି କହିଲେ, "ତୁମେ ଏ ମାଟି ଦେହଟାକୁ ଧରି ରଖ ରାମ ! ଜଗନ୍ନାଥ ମୋତେ ଆଦେଶ ଦେଇସାରିଲେଣି ମୁଁ ଯିବାକୁ ହେବ । ଏ ଘରକୁ କୁଆ ଦେବତା ଆସିବ । ବିବାହ ଉତ୍ସବ ହେବ । ମୁଁ ପାଗଳୀଟିକୁ ଧରି ଏଠି

କମିତି ରହିବ ରାମ ! ସେଦିନ ଟଙ୍କା ଦେଇଥିଲେ, ଆଜି ମଧ ଦେଇଯାଇଛନ୍ତି ।”

“ଟଙ୍କା ଆପଣ ରଖନ୍ତୁ । ବୁଢ଼ୀ ମରିବ । ତାର ଶୁଦ୍ଧି କାର୍ଯ୍ୟରେ ଖରଚ ହେବ ।”

ରାମର ସ୍ୱର ଶୁଣି ଶୈଳମାଆ ଧଡ଼ପଡ଼ ହୋଇ ଉଠିପଡ଼ି ଓଢ଼ଣା ଟାଣିଦେଇ ରାମ ଆଡ଼କୁ ଅଗ୍ରସର ହୋଇ ବିକୃତ ସ୍ୱରରେ କହିଉଠିଲେ, “ତୁମେ ଆସିଛ ! ତୁମେ ମରିଯାଇଛ ବୋଲି କେତେ କାନ୍ଦିଛି । ସେଦିନ, ଯୋଉଦିନ ତୁମେ ମରିଗଲ, ମୁଁ କାନ୍ଦି ନ ଥିଲି । ଝିଅକୁ, କୋଳେଇ ଧରି କି ଆନନ୍ଦ ମନରେ ଆସିଥିଲି । ଧରି ରହିଲି । କମିତି ସୁଖ । ଗଣିଆକୁ ବେଢ଼େଇ ବେଢ଼େଇ ଖାଉଛି । ତା ମୁଣ୍ଡଟା ଛେନା-ପରି ଲାଗୁଛି ।” କହି କହି ରାମର ପାଦତଳେ ବସିପଡ଼ିଲେ ଶୈଳମାଆ । କାନ୍ଦିବାକୁ ଲାଗିଲେ ଭୂମି ତଳଟାକୁ ଅଣ୍ଡାଳି ଅଣ୍ଡାଳି । “ଆସିଛ କି ହୋ ମୋର ରୂପ ! ମୋତେ କେତେ ସ୍ନେହ ଦେଇଥିଲ ହୋ !”

ରାମ ଆଲମାରି ପାଖକୁ ଘୁଞ୍ଚିଗଲା ଅବସ୍ଥା ଦେଖି ।

ଶୈଳର ମାଆ ଠିଆ ହୋଇପଡ଼ି ନିରେଖି ଚାହିଁଲେ ରାମ ଆଡ଼କୁ । କାହାକୁ ଯେପରି ହଠାତ୍ ଦେଖିଦେଲେ । ସଙ୍କୋଚରେ ଦେହର ଲୁଗା ଟାଣିଦେଇ କହିଲେ, “ଏ ଶୈଳ, ଗୁରୁ ଆସିଛନ୍ତି, ଆ ଦେଖିବୁ ।” ରାମ ଆଡ଼କୁ ଯାଇ ହାତଯୋଡ଼ି କହିଲେ , “ଆସିଛ ! କମିତି ଆସିଲ ! ମୋ ଡାକ ଶୁଭିଲା କି ?” ବିକୃତ ଅଟ୍ଟହାସ୍ୟ ଉଦ୍‌ଗାର ଉଠିଲା ଶୈଳ ମାଆଙ୍କ କଣ୍ଠରୁ । ସେ ହସି ହସି କହିଉଠିଲେ, “ଦେଖ, ଦେଖ ଶୈଳ କାନ୍ଦୁଛି । ସେଦିନ ତୁମେ କେତେ କହିଥିଲ । ଆଜି କଏସେ ହେଉଛି ସେ କୋଣରେ ଠିଆ ହୋଇଛନ୍ତି । ମୋ ମାମୁଁ । ନାହିଁ ନାହିଁ, ସେ ତ ଶୈଳର ବାପା । ରାମ ମାଳୀ । ନାହିଁ ନାହିଁ, ଗଣନାଥ । ଏ ଶୈଳ ! ସୁନା ଖଣ୍ଡୁ ପିନ୍ଧିବୁ ଆ । ଗୁରୁ ମନା କରୁଛନ୍ତି । ଗୁରୁଙ୍କ କଥା ମୁଁ ଶୁଣିବି ନାହିଁ ।”

ଶୈଳ କାନ୍ଦି ଉଠିଲେ । ଶୈଳମାଆ ଆଉଥରେ ହସିଉଠିଲେ ଆହୁରି ଟିକିଏ ଉଚ୍ଚ ସ୍ୱରରେ । ଘରଭିତରୁ ଉଠିଲା ଗୋଟାଏ ପ୍ରତିଧ୍ୱନି । ରାମ ଆଡ଼କୁ ଚାହିଁ କହିଲେ, “କାନ୍ଦୁ, ଆହୁରି କାନ୍ଦୁ ! କାନ୍ଦି କାନ୍ଦି ମରିଯାଉ । ସେ ଧାଇଁଯାଇଁ ଶୈଳର ମଥାଟାକୁ ଧରି ବିଧା ଗୁପୁଡ଼ା ମାରି କହିଲେ,” “କାନ୍ଦ, ଆହୁରି କାନ୍ଦ । ଏ ଚନ୍ଦ୍ରା, ଦେଖ ଦେଖ, ସେଦିନ ତୋ କଥା, ତୋ ସ୍ୱାମୀର କଥା ଶୁଣି ନ ଥିଲି । ଆରେ, ନନ୍ଦାର ସ୍ୱାମୀଟା ମଧ୍ୟ ଆସିଗଲାଣି ! ନନ୍ଦା ମୋର ବଡ଼ ଝିଅ । ତାର ସ୍ୱାମୀଟି ଆମ ଗୁରୁଙ୍କୁ ବଡ଼ ଭକ୍ତି କରୁଥିଲା । ହାଇଏ ଗୁରୁ ! ତୁମେ ମୋତେ ରଖିପାରିନ । ଦେଖୁଛ ମୁଁ ବାମ୍ଣୀ ହୋଇଗଲି ମୋର ଆଉ ଦୁଇ ଦୁଇଟା ଝିଅ ଥିଲେ । କଅଣ ସେମାନଙ୍କର ? ମୋ ପାଖକୁ ଆସିଲେ ମୋତେ ଖପା ଖଣ୍ଡେ, ଲୁଗା ଗଣ୍ଡେ ଭିକ ମାଗିଲା ପରି ମାଗୁଥିଲେ । ଶୈଳକୁ ସୁନା ମିଳିଲା ! କେତେ ଶାଢ଼ୀ ! କେତେ ଟଙ୍କା ! କମିତି ଘର ! କମିତି ଶେଯ !”

ବିକୃତ ହସ ହସି ତଳେ ଲୋଟିଗଲେ ଶୈଳର ମାଆ ।

ରାମ ତାର ସ୍ତବ୍ଧତା ଭାଙ୍ଗି ଶୈଳଙ୍କୁ କହିଲା, “ଇମିତି ଅବସ୍ଥାରେ ତ ଏଙ୍କୁ ଘରୁ ଘୁଞ୍ଚେଇ ହେବ ନାହିଁ ମାଆ ! ରାସ୍ତାଘାଟରେ ମରିଯିବେ ।”

“ଏ ଅନାଥମାନର ଆଶ୍ରୟଦାତା ତୁମେ ବୋଲି ସ୍ଥିର ହୋଇ ରହିଯାଇଛି । ସେଇ ଦାବୀରେ ତୁମକୁ ମୁଁ କହୁଛି, ମୋ ମାଆର ଏ ଅବସ୍ଥାରେ ତାକୁ ଧରି ମୁଁ ଏଠି ଆଉ ରହିପାରିବି ନାହିଁ । ତୁମେ ଯଦି ମୋତେ ଆଶ୍ରୟ ଦେବ, ବଗିଚା କୋଣର ତୁମର ସେ ଘରେ ଯାଇ ରହିବି ।”

ରାମ ବାଧାଦେଇ କହିଲା, “ସେକଥା କମିତି ହେବ ?”

ଶୈଳର ମାଆ କାନ୍ଦଣା ବନ୍ଦ କରି ଉଠିପଡ଼ି ରାମ ଆଡ଼କୁ ଚାହିଁ ବିକୃତ କଣ୍ଠରେ ହି ହି କରି ହସି ହସି କହିଲା, “ଆରେ ଏ ଶୈଳି ରାମ ମାଳୀକୁ ପ୍ରେମ କରୁଛି । ଇମିତି ତ ସେଦିନ ଗଣନାଥ ସାଙ୍ଗରେ

କଥା ହେଉ ହେଉ ପ୍ରେମ ହୋଇଯାଇଥିଲା । ଏଥର ଆଉ ତୋ ସାଙ୍ଗରେ ମୁଁ ଯିବ ନାହିଁ । ଆରେ, ଦେଖ ଦେଖ । ମୁଁ ଗୁଣ୍ଡୁ ବୋଲି ଭାବଥିଲ ।” କଅଣ ଗୋଟାଏ କହିବାକୁ ଯାଇ ଗମ୍ଭୀର ହୋଇ ଉଠିଗଲେ ଶୈଳର ମାଆ । ଶୂନ୍ୟଦୃଷ୍ଟିରେ କେବଳ ରାମର ମୁହଁକୁ ଚାହିଁ ରହିଲେ ।

“ରାମ, ତୁମେ ବୁଝିପାରୁନ, କାନ୍ଦିବା ପାଇଁ ମଧ୍ୟ ମନୁଷ୍ୟକୁ ଗୋଟିଏ ସୁଯୋଗ ମିଳିବାକୁ ହେବ । ମୋତେ ଏଠି କାନ୍ଦିବାପାଇଁ ସୁଯୋଗ ମିଳୁ ନାହିଁ । ତା’ପରେ ସ୍ଥିର କଅଣ ହେଲାଣି, ଏଠିଭ ଖାଦ୍ୟ ଖାଇବ ନାହିଁ ବୋଲି ଏତେ ପାଟିତୁଣ୍ଡ କରଉଠୁଛି । ଇମିତି ଅନର୍ଗଳ ବକିଯାଉଛି ଯେ, ଘରର ସମସ୍ତେ ବିରକ୍ତ ହେଉଛନ୍ତି । ଦୁଆର ପାଖରେ କେହି ଯିବା ଆସିବା କରିବା ଦେଖିଲେ ବଢ଼ବଢ଼ାଇ ସବୁ କଥା କହୁଛି । କାଲି ଇମିତି ହେଲା, ଗଣନାଥଙ୍କ ଭଉଣୀଙ୍କୁ ଗାଳିମୁଣ୍ଡି ପକେଇଛି । ଗଣନାଥଙ୍କୁ ମାରିବ ବୋଲି ମନେ ମନେ ସ୍ଥିର କଲାଣି । ଥରେ ଥରେ ମୋତେ ମଧ୍ୟ ମାଡ ଦେଉଛି, କେତେ କୁଣ୍ଢେଇ ଧରି କାନ୍ଦୁଛି । ପିଲାଦିନରୁ ତା’ ଜୀବନରେ ଛୋଟ ବଡ ଯେତେ ଘଟଣା ଘଟିଥିଲା, ସେସବୁ ଗଳ୍ପ କହିଲା ପରି କହିଯାଉଛି । ପରିବାର ଭିତରକୁ ପ୍ରବେଶ କରି ବଡ଼ ଅନିଷ୍ଟ ସାଧନ କରିଛି । ତାହା ଆଉ ବଦଳେଇ କହିହେଲା ନାହିଁ । ଅଜ୍ଞାନ ଅବସ୍ଥାରେ ଯାହା କରିଥିଲି, ସେ ଅପରାଧ ଭଗବାନ କ୍ଷମା କରିବେ । ବର୍ତ୍ତମାନ ମୋର ଯେ ଜ୍ଞାନ ଉଦୟ ହୋଇଯାଇଛି ରାମ ! ସମାଜ ବୋଲି ଯେ ଗୋଟିଏ କଥା, ତାହା ଯେ ଏତେ ବଡ଼ ବ୍ୟାପକ ବିଷୟ, ତାର କ୍ଷୀଣ ଆଭାସ ମୋର ଦୃଷ୍ଟିପଥରେ ଉଦ୍ଭାସମାନ ହୋଇଯାଉଛି । ଏ ଜଗତରେ କେହି କାହାର ପ୍ରିୟ ନୁହେଁ । କେବଳ ପରମେଶ୍ୱରଙ୍କପାଇଁ ହିଁ ସେ ଶବ୍ଦ ପ୍ରଯୁଜ୍ୟ ହୋଇପାରେ । ପ୍ରେମର କଥା କଅଣ ବା ମୁଁ ଜାଣିଥିଲି ? କେବଳ ମୁହୂର୍ତ୍ତକର ଉତ୍ତେଜନାରେ ଅସ୍ଥିର ହୋଇ ସଂସାରରେ ଲିପ୍ସାଗତା ହୋଇଥିଲି । ଏ ପାପର ପ୍ରାୟଶ୍ଚିତ୍ତ କି ଅଛି ରାମ !

ତା’ପରେ ଏମିତି ମୋ ମାଆ ଉନ୍ମାଦଗ୍ରସ୍ତା । କେତେବେଳେ କାହାକୁ ଆକ୍ରମଣ କରି ଆଘାତ ଦେବ । ସେ ଦୁଃଖ ଯେ ଦୁର୍ବହ ହୋଇଉଠିବ । ନା ନା, ତୁମେ ମୋତେ ଆଶ୍ରୟ ଦେବାକୁ ହିଁ ହେବ । ମୁଁ ଏ ଘରୁ ଚାଲିଗଲା ପରେ ସମସ୍ତ ଦେଖି ମୋତେ କେଉଁଠି ଗୋଟିଏ ଭଲ ସ୍ଥାନ ଦେଖି ଛାଡ଼ି ଦେଇ ଆସିବ । ସେଦିନ ମୁଁ ଜନ୍ମଦାତା ପିତାଙ୍କୁ ଚିହ୍ନି ପାରି ନ ଥିଲି ରାମ ! ଆଜି ସେ ମୃତ ହୋଇ ମଧ୍ୟ ପ୍ରତ୍ୟକ୍ଷ ରୂପରେ ସମାଜର ଶାସନଦଣ୍ଡ ହାତରେ ଧରି ମୋ ସମ୍ମୁଖରେ ଠିଆ ହୋଇଛନ୍ତି । ମୁଁ ଏ ଦେଶରୁ ଚାଲି-ଯିବି । ଗଣନାଥବାବୁ ମୋର ସ୍ୱାମୀ । ଯଦି ବା ସେ ମୋତେ ଭୁଲେଇଥିଲେ, ମୁଁ ତାଙ୍କୁ ଦେଖି ସ୍ୱତଃ ଭୁଲି ଯାଇଥିଲି । ସେ ଭୁଲିବା ଅପରାଧ ଅକ୍ଷମଣୀୟ । ମୁଁ ଏଇ ପାର୍ଶ୍ୱ ଗୃହରେ ବସି ତାଙ୍କୁ ଦେଖି ଈର୍ଷା, ଦ୍ୱେଷରେ ଅଧୀରା ହେବି ନାହିଁ । ଦୂରକୁ ଚାଲିଯିବି । ଦୂରରେ ବସି କରିବି ତାଙ୍କର ଶୁଭକାମନା । ସେ ମୋର ପତିଦେବତା । ସେ ସୁଖୀ ହୁଅନ୍ତୁ । ଏ ଦେଶର ଲୋକଙ୍କୁ ସୁଖୀ କରନ୍ତୁ । ମୋ ଗର୍ଭରେ ଯେଉଁ ସନ୍ତାନଟି ଅଛି, ସେ ଦୀର୍ଘଜୀବୀ ହେଉ । ସେ ସମାଜସ୍ଥାନ ହେଉ ପଛେ, ମନୁଷ୍ୟ ହେଉ । ସେ ସମାଜସ୍ଥାନ ହୋଇ ସମାଜର ଦୟାହୀନତାରେ ବ୍ୟଥିତ ହେଉ । ସେ ଧାର୍ମିକ ହେଉ । ସେ ଜ୍ଞାନର ଗୁରୁଗୌରବ ଅନୁଭବ କରୁ ।”

ଶୈଳ କହିଲା, “ଧରି ନେଇଯିବା ।” ଶୈଳମାଆର ଦେହଟାକୁ ଦୁହେଁ ଉଠେଇ ଚାଲିଲେ ରାମ ମାଳୀର ବସା ଆଡ଼କୁ । ସେ ସମୟକୁ ଶୈଳର ମାଆ ଅପସ୍ମାରର ପ୍ରଭାବରେ ମୂର୍ଚ୍ଛିତା, ମୁହଁରୁ ଉଦ୍‌ଗାରି ଉଠୁଥିଲା ଫେଣ ।

ରାମ ପାହାଚ ଓହ୍ଲାଉ ଓହ୍ଲାଉ ଭାବିଲା, କେତେ ରଙ୍ଗରେ ଖେଳୁଥିଲା ଏଇ ସ୍ତ୍ରୀଲୋକଟା ! ବୁଢ଼ାକର ବାଳକରଙ୍କୁ ଧମକ ଦେଇ କି ଉତ୍ପାତ ସୃଷ୍ଟି କରୁଥିଲା ! କରୁଥିବା କାର୍ଯ୍ୟଟାକୁ ମଧ୍ୟ କରିନାହିଁ ବୋଲି କହି ବାବୁଙ୍କଠାରୁ ଗାଳି ଶୁଣାଉଥିଲା । କଅଣ ହୋଇ-ଯାଇଛି ସେ ଦେହଟା ଏବେ ! ମନୁଷ୍ୟ କି ଆଉ

କଅଣ କାହିଁ ହେଉନାହିଁ । ମୁହଁରୁ ଉଠୁଛି ଫେଣ । ଦେହରୁ ଉଠୁଛି ଅସ୍ନାନ ଅଶୌଚର ଦୁର୍ଗନ୍ଧ । ଏଇ ମଳ କ୍ଳେଦପୂର୍ଣ୍ଣ ମାଟି ଦେହ ଉପରେ ମୂଲ୍ୟବାନ ବସ୍ତ୍ର ଖଣ୍ଡେ ଆଚ୍ଛାଦନ କରି ସେ ତ ମହୀରେ ପାଦ ପକାଉ ନ ଥିଲା । ସ୍ତ୍ରୀଲୋକଟା ସତରେ କଅଣ ଭାବୁଥିଲା ! ଆଜି କଅଣ ଭାବ ଏତେଗୁଡ଼ାଏ ଅଦ୍ଭୁତ ଘଟନା ଘଟିଗଲା ଦେଖି ଭାବପାରୁ ନାହିଁ । ତାର ମନେ ହେଉଥିଲା, ଏଇ ଘର ଆଉ ବଗିଚା ଖଣ୍ଡକ ହିଁ ତିନି ଭୁବନ । ଜଗତର ଜନସମାଜ ବୋଲି କେହି ନାହିଁ, କିଛି ନାହିଁ । କେବଳ ଗୋଟିଏ ମନୁଷ୍ୟ—ଗଣନାଥ ଶୈଳ ଆଉ ସେ । ସେ ଜନ୍ମ ହେବାଠୁ ଯେତେଗୁଡ଼ାଏ ସ୍ତ୍ରୀ ପୁରୁଷ ସହିତ ଚଳପ୍ରଚଳ ହୋଇଥିଲା, ସମସ୍ତେ ଗୋଟିଏ ରାତିରେ ସ୍ୱପ୍ନ ପରି କୁଆଡ଼େ ମିଳେଇଗଲେଣି । ମୋର ମନ ହେଉଥିଲା, ଏଇ ସ୍ତ୍ରୀଲୋକଟିର ମୁହଁ ଓ ଆଖି କଥା କହି ଉଠୁଥିଲା, "ତୁମେମାନେ ସବୁ ଦେଖ, ମୁଁ କେଡ଼େ ବଡ଼ ରାଜ୍ୟର ଅଧିକାରିଣୀ ହୋଇଯାଇଛି । କାହାକୁ ମାଗିବାକୁ ପଡ଼ିନାହିଁ, କୌଣସି ତପସ୍ୟା କରିବାକୁ ହୋଇନାହିଁ । ସ୍ୱପ୍ନରେ ରାଜ୍ୟ, ଧନ, ଜନ ସବୁ ମିଳି ଯାଇଛି ।" ମୋତେ ଏବେ ଆଶ୍ଚର୍ଯ୍ୟ ଲାଗୁଛି । ଇମିତି ଚେତନାହୀନ ମନଟା କିମିତି ଏଡ଼େ ସୁନ୍ଦର ଚିନ୍ତା କଲା ! ବୁଢ଼ୀଟା ସତରେ ସ୍ୱାମୀକୁ ସ୍ମରଣ କରି କି ବିକଳ ବେଦନ କରୁଛି ! କଥାଗୁଡ଼ାକ ଯଦିବା ପାଗଳର ପ୍ରଳାପ ପରି ଶୁଭୁଛି, ତଥାପି ସେଥିରୁ ଜଣାପଡ଼ୁଛି, ସେ ଆଜି ବୁଝିପାରୁଛି । କଅଣ କରିଥାନ୍ତା ସେ, ଆଜି କଅଣ କରିଛି ! କେଡ଼େ ବଡ଼ ଅସ୍ୱାଭାବିକ ଅସାମଞ୍ଜସ୍ୟ ସୃଷ୍ଟି କରିଛି ସେ । ତାହାହେଲେ ସତରେ କଅଣ, ବୁଢ଼ା ଲୋକଟି ସ୍ତ୍ରୀର ଅତ୍ୟାଚାର ସହି ନ ପାରି ମରିଗଲା ? ଶୈଳ ତ ସେଇ କଥା ହିଁ କହନ୍ତି । ଆହା ! ବୁଢ଼ୀଟା କି କଷ୍ଟ ପାଉଛି ! ଏଥର ଯଦି ବଞ୍ଚି ଉଠନ୍ତା, ମନୁଷ୍ୟଟା ଏ ପୃଥିବୀରେ ଜନ୍ମ ହେଇଥିଲା, କର୍ମ ଅକର୍ମ ଯାହା କରିଛି ତା'ର ଫଳ ସେ ଭୋଗ କରିଯାଉଛି ବୋଲି ଭାବନ୍ତା । ସେଇ ଭାବନା ହିଁ ତାକୁ କରିଦିଅନ୍ତା ଭୁଲ ମନୁଷ୍ୟ ।

ଶୈଳ ଆଉ ରାମ ଶୈଳୀର ମାଆଙ୍କୁ ବାଉଁଶ ପାତି ଖଟ ଉପରେ ଶୁଆଇ ଦେଇ ବସି ପଡ଼ିଲେ ଖଟ ପାଖରେ ।

"ଔଷଧ ପାଣି ଟିକିଏ ଦେବାକୁ କାହାକୁ ହେଲେ ଡାକିବା ନାହିଁ ମାଆ !"

ଆମମାନଙ୍କର ଯେଉଁ ଅବସ୍ଥା ଏସବୁ ଡାକ୍ତର, ବୈଦ୍ୟ ଆଗରେ ନ ଦେଖାଇବା ହିଁ ଭଲ ବୋଲି ଭାବୁଛି । କଅଣ କହୁଛ ?"

ରାମ ନୀରବରେ ଭାବିବାକୁ ଲାଗିଲା ଶୈଳୀର ଭବିଷ୍ୟତ ସମ୍ବନ୍ଧରେ । କେଜାଣି କଅଣ ହେବ ତା ଅବସ୍ଥା ।

"ମାଆ ମୋତେ କ୍ଷମା ଦେବେ । ମୁଁ ଭାତ, ତରକାରୀ ରାନ୍ଧି ରଖି ଦେଇଛି । ଗରିବର ପଖାଳ ଭାତ ଆପଣ ଖାଇବେ । ମୁଁ ଯାଉଛି ଆପଣଙ୍କର କନ୍ଥା, କମ୍ବଳ ନେଇ ଆସିବି । ମାର୍ଗଶିର ମାସର ଶୀତ ପ୍ରକୃତି ତ ଆମର ଦୁଃଖ ହୋଇଛି ବୋଲି ଆଡ଼େଇ ହୋଇ ରହିବ ନାହିଁ ।"

## ତଲାବ

ବନ ବିଶ୍ୱାଳଙ୍କର ସହଧର୍ମିଣୀ ସାରିକାର ଜନ୍ମଦିନ । ବନବିହାରୀଙ୍କର ବୟସ ପଇଁଚାଳିଶ କିମ୍ବା ଆଉ ବର୍ଷେ ଦୁଇବର୍ଷ ଅଧିକା ହୋଇଥିବ । ସାରିକାର ବୟସ ଚାଳିଶ ପାଖ । ବର୍ଣ୍ଣ ଅନୁଜ୍ଜ୍ୱଳ ଶ୍ୟାମ । ଅଙ୍ଗଗଠନ ସେପରି ଚିତ୍ତାକର୍ଷକ ମଧ୍ୟ ନୁହେଁ । ସ୍ଥୂଳକାୟା ନୁହେଁ କି ଶୀର୍ଣ୍ଣା ନୁହେଁ । ମୁଖରେଖାର ସୁସମତା ଅଛି । ନାକର ଦୁଇ ପୁଡ଼ାରେ ଦୁଇଟି ହୀରାର ଅର୍ଦ୍ଧଚନ୍ଦ୍ର । କାନରେ ଝୁମୁକା । ଗଳାରେ ଆଧୁନିକ ଢଙ୍ଗର ଗୋଟିଏ ହାର । ସାରିକାର ମୁଣ୍ଡରେ ଥିଲା ଗୁଡ଼ାଏ କୁଞ୍ଚିତ କେଶ । ସେଥିରେ ସେ ବେକତଳକୁ ଖୋସା ନ କରି ଉପରକୁ ଉଠେଇ ଆଧୁନିକ ଧରଣରେ ବାଳ ବାନ୍ଧି ଗୋଲାପ ଫୁଲର ମାଳଟିଏ ବେଣୀ ଉପରେ ଝୋଟେଇ ଦେଇଥିଲା । ପିନ୍ଧିଥିଲା କାଞ୍ଜିଭରମ୍ ଗୋଲାପୀ ରଙ୍ଗର ଶାଢ଼ୀ, ବ୍ଲାଉଜ । ତାର ସବୁ ଅଙ୍ଗ-

ଠାରୁ ସୁନ୍ଦର ଥିଲା ହାତ ଦୁଇଟି, ହାତ ପାପୁଲି ଆଉ ଆଙ୍ଗୁଠିଗୁଡ଼ିକ ।

ସାରିକା ଧରଣୀପୁର ପାଖକୁ ପ୍ରାୟ ତିନି କୋଶ ଦୂର ହେବ 'କାଇଁଚଗ୍ରାମ' ଗାଁର ଝିଅ । ତାକୁ ଯେତେବେଳେ ସାତ ବର୍ଷ ବୟସ, ତା' ମାଆ ମରିଗଲା । ଦ୍ୱିତୀୟା ମାଆ ଆସି ସଂସାର କଲା । ସାରିକା ସେଇ ସାତ ବର୍ଷ ବୟସରୁ ଘରୁ ଅଧମାଇଲେ ଦୂର ପୋଖରୀରୁ ପାଣି ବୋହି ବୋହି ପିଠିରେ କୁଜ ହୋଇଯାଇଥିଲା । ସାବତ ମାଆର ପୁରୁଣା ଚିରା ଲୁଗାରୁ ଖଣ୍ଡିଏ ଗୁଡ଼େଇ ହୋଇ ଘର ଝାଡ଼ୁ, ଗୁହାଳ ସଫା କରି, ଅଗଣାର ମୂତକୁଣ୍ଡର ପାଣି ନେଇ ଖତଗଦାରେ ଫିଙ୍ଗି ଗାଧୋଇ ଆସେ ପାଣି ଗରାଟାଏ ଧରି । ଦ୍ୱିତୀୟା ମାଆର ପୁଅ ଜନ୍ମ ହେବା ପରେ ତା'ର ମୂତ, ମଇଳା ଧୂଆଧୋଇ କରିବା କାମ ମଧ୍ୟ ତାହାରି ଉପରେ ପଡ଼ିଗଲା । ନଅ ବର୍ଷ ବୟସରେ ବନବିହାରୀଙ୍କୁ ବିବାହ କରି ଚଉଦ ବର୍ଷ ବୟସରେ ବନବିହାରୀଙ୍କ ଘରକୁ ବୋହୂ ହୋଇ ଆସିଲା ସାରିକା । ବନବିହାରୀ ମାଆ ବାପଙ୍କ ଏକମାତ୍ର ପୁତ୍ର । ଏଣୁ ଘରର ଏକମାତ୍ର ବଧୂର ଆହାରର ଅଭାବ ହେଲା ନାହିଁ । ଦି'ଗୁଣ ଆହାର ଦ୍ୱାରା ଦେହ ଅପେକ୍ଷା ଉଦରଟି ହିଁ ବଢ଼ି ଉଠିଥିଲା । ତାପରେ ଶାଶୁ ଶ୍ୱଶୁର ମଲେ । ଦେଖୁ ଦେଖୁ ସେ କେତେଗୁଡ଼ିଏ ପୁତ୍ର କନ୍ୟାର ଜନନୀ ହୋଇଉଠିଲା । ବନବିହାରୀ ଘରର କୌଣସି ଦାୟିତ୍ୱ ନ ନେଇ ସ୍ୱାଧୀନତା ଆନ୍ଦୋଳନରେ ପ୍ରବେଶ କରିଥିଲା । ସାରିକା ପୈତୃକ ଭୂମିଖଣ୍ଡିକ କୌଣସିମତେ ଚାଷ କରାଇ ସଂସାର ଚଳାଇ ନେଉଥିଲା । ତା'ର କାର୍ଯ୍ୟକ୍ଷମତା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରି ବନ ନିଶ୍ଚିନ୍ତ ହୋଇ ତାକୁ ପ୍ରେମ, ସ୍ନେହ, ଶ୍ରଦ୍ଧା ଦେବା ସଙ୍ଗେ ସଙ୍ଗେ ସମ୍ମାନ ମଧ୍ୟ ଦେଉଥିଲା ।

ସେଇ ସାରିକାର ବଡ଼ ଝିଅଟି ବିବାହ କରି ସ୍ୱାମୀର ଘର କରିବାକୁ ଯାଇଥିଲା, ଆଉ ଅନ୍ୟ ପିଲାଗୁଡ଼ିକ ରାଜଧାନୀରେ ରହି ଭଲ ସ୍କୁଲରେ ପଢ଼ୁଥିଲେ ।

ସାରିକା ଆଉ ସେଦିନର ସାରିକା ହୋଇ ନାହିଁ । ସାରିକାର ହାତର ପିତ୍ତଳ ଖଡ଼ୁ, ପିତ୍ତଳ ତଡ଼ଣ, ମୋଟା କାଚ ଉଠିଯାଇ ସୁନାର ସରୁ ଚୁଡ଼ି ଝଣି ଝଣି ଝଣି ଝିଣି ହୋଇ ବାଜି ଉଠିଲାଣି । ପାଦର ନୂପୁର ଝୁଣ୍ଟିଆ ବଦଳରେ ଚପଲ ନ ହେଲେ ସେ ଖାଲି ଭୂମିରେ ପାଦେ ମଧ୍ୟ ଚାଲି ପାରୁ ନାହିଁ । ଅକ୍ଷର ଚିହ୍ନି ଖବର କାଗଜ ଧରି ବୈଠକଖାନାରେ ବସି *ଦେଶ ସମ୍ବନ୍ଧରେ ଆଲୋଚନା କରିବାକୁ ସଙ୍କୋଚ*ବୋଧ କରୁନାହିଁ ସେ । ମହାତ୍ମା ଗାନ୍ଧି ବଡ଼ ବିଚକ୍ଷଣ ବ୍ୟକ୍ତି ଥିଲେ ବୋଲି କହି କହି ଆତ୍ମଗୌରବରେ ଅଧୀର ହୋଇ ଉଠୁଛି । ସାରିକାର ବାସଭବନରେ ମାସକୁ ଦଶ ପ୍ରକାର ଆମନ୍ତ୍ରଣ ନିମନ୍ତ୍ରଣର ଭୋଜନ ବ୍ୟବସ୍ଥା ହେଉଛି । ସବୁଠୁ ବଡ଼ ଗୋଟାଏ କାର୍ଯ୍ୟ ସେ ସାଧନା କରିଯାଉଛି,—ତାହା ହେଉଛି ସଙ୍ଗୀତ ବିଦ୍ୟା । ସଙ୍ଗୀତ ଶିକ୍ଷକ ଆସି ତାକୁ ହାରମୋନିୟମ ବଜାଇବା, ଗୀତ ଗାଇବା ଶିଖେଇ ଦେଇ ସାରିଲେଣି । ଟି ପାର୍ଟିରେ ବସି ସେ ସମାଗତ ଅତିଥିମାନଙ୍କୁ ସଙ୍ଗୀତ ଶୁଣେଇ ଦେଉଛି । ସବୁ ବିଷୟରେ ସାରିକାର ଅସାଧାରଣ ପ୍ରତିଭା ଦେଖି ବନ୍ଧୁମାନେ ତାକୁ ସ୍ୱରରେ, ଭଙ୍ଗୀରେ, କଥାରେ ପ୍ରଶଂସା କରି ଉତ୍ତରୋତ୍ତର ଉତ୍ଫୁଲ୍ଲିତା କରାଉଥାନ୍ତି । କିନ୍ତୁ ଦଳ ଭିତରେ ଜଣେ ମାତ୍ର ଲୋକ, ବିଶ୍ୱପତି ଆଚାର୍ଯ୍ୟ ସାରିକାର ନମସ୍କାର ପ୍ରତି ମଧ୍ୟ ଭ୍ରୂକ୍ଷେପ ନ କରି ଅନ୍ୟଆଡ଼େ ଦୃଷ୍ଟି ଫେରେଇ ଅନ୍ୟ ପ୍ରସଙ୍ଗର ଆଲୋଚନା କରନ୍ତି । ସାରିକାର ଇଚ୍ଛା, ସେ ଯେଉଁସବୁ ମଙ୍ଗଳ ଅନୁଷ୍ଠାନର ଭାର ଗ୍ରହଣ କରିଛି, ସେଗୁଡ଼ିକର ଉନ୍ନତି ଅବନତି ସମ୍ବନ୍ଧରେ ଆଚାର୍ଯ୍ୟ ମହାଶୟଙ୍କ ସହିତ ଆଲୋଚନା କରନ୍ତା । କିନ୍ତୁ ସାରିକାର ଜଣାଶୁଣା ଜନମଣ୍ଡଳୀ ଭିତରେ ସେଇ ଜଣେ ଲୋକର ମନରେ ସାରିକା ପ୍ରତି ଜୁଗୁପ୍ସା ଭରିଯାଏ । ଆଚାର୍ଯ୍ୟଙ୍କୁ ସୁବିଧା ସୁଯୋଗ ମିଳିଗଲେ ସେ ସାରିକାକୁ ଶୁଣେଇଁ ଶୁଣେଇଁ ବ୍ୟଙ୍ଗ କରି ବିଦ୍ରୂପ କରି ଯାହା ଇଚ୍ଛା ତାହା କହିବାକୁ ଛାଡ଼ନ୍ତି ନାହିଁ । ସେଦିନ ସାରିକା ବନଙ୍କୁ କହି ବିଶ୍ୱପତିଙ୍କୁ ଡାକି ଅଣାଇଥିଲା ।

ଉଦ୍ଦେଶ୍ୟ ତାଙ୍କୁ ତାର ଗୀତ ଶୁଣେଇବ । ସେ ମନେ ମନେ ଭାବେ, ଆଶ୍ଚର୍ଯ୍ୟ ନିଜେ ସିନା ପଣ୍ଡିତ । ସେ ଦେଖି ଶୁଣି ଯାଆନ୍ତୁ ସାରିକା କେଉଁଠି ଥିଲା, କି ଅବସ୍ଥାରେ ଥିଲା, ଏଠିକି ଆସି କଅଣ ସେ ହେଲଣି । କେତେ ବଡ଼ ବଡ଼ ଲୋକ ତା' ଘରକୁ ଆସି ଖାଇ ପିଇ କଥା କହି ଯାଉଛନ୍ତି । ବିଶ୍ୱପତିଙ୍କ ସ୍ତ୍ରୀ ସୁନ୍ଦରୀ ସିନା, ମୂର୍ଖ ଯିମିତି ଗାତରେ ବାସ କରି ରହେ, ସିମିତି ତ ପଡ଼ି ରହିଛନ୍ତି । ତା ସ୍ୱାମୀ ବିନ କହିଲାଣି ଆଉଥରେ ଭୋଟ ହେଲାବେଳକୁ ସେ ନିଜେ ଯେ କୌଣସି ଗୋଟାଏ ନିର୍ବାଚନ ମଣ୍ଡଳୀରେ ଠିଆ ହୋଇପାରିବ । ବିଧାନ ସଭା ସଦସ୍ୟ ହେଉ ହେଉ ମନ୍ତ୍ରୀ ମଧ୍ୟ ହୋଇଯିବ ।

ଜନ୍ମଦିନର ନିମନ୍ତ୍ରଣ ପତ୍ରଖଣ୍ଡିକ ଧରି ସାରିକା ଯାଇ ପହଞ୍ଚିଲା ବିଶ୍ୱପତିଙ୍କ ବାସଗୃହରେ । ଘରୁ ବାହାରିଲାବେଳକୁ ଯେଉଁ ସାହସ କରି ଗାଡ଼ି ପାଖକୁ ଆସିଥିଲା, ଗାଡ଼ିରୁ ଓହ୍ଲାଇବା ବେଳକୁ ଦେଖିଲା ଯେ ମନଟା ତାର ବିଭ୍ରାନ୍ତ ହୋଇଯାଇଛି । ବିଶ୍ୱପତିଙ୍କ ବଡ଼ ବଡ ଆଖିରୁ ତୀବ୍ର ବିଦ୍ରୂପ କଟାକ୍ଷ ବାଜି ତାର ବକ୍ଷ ଯେପରି ବ୍ୟଥିତ ହୋଇ ଉଠିଲା । ଘରେ ଯେଉଁ-ସବୁ କଥାଗୁଡ଼ାକ ବିଶ୍ୱପତିଙ୍କୁ କହିବ ବୋଲି ମନେ ମନେ ଠିକ୍ କରିଥିଲା । ପ୍ରକାଶ୍ୟରେ ମଧ୍ୟ ସେଥିରୁ କେତେ ପଦ ବିନକୁ କହି ତାଠୁ ଅନୁମୋଦନ ପାଇଥିଲା, କ୍ଷଣକ ଭିତରେ ସେ ସମସ୍ତ କଥା କେଉଁଆଡ଼େ ଉଡ଼ି ଚାଲିଗଲା । ପାଦ ଦୁଇଟା ତାର ଥରକୁ ଥର ପଡ଼େଇ-ଗଲା ଗାଡ଼ି ଭିତରକୁ । ପାହାଚ ଉପରେ ପାଦ ଦେଇ ଉପରକୁ ଉଠି ଯାଉ ଯାଉ ଆପଣାର ଅତୀତ ଜୀବନର କଥା ସ୍ମରଣ କରି ଧିକ୍କାର କରିଗଲା ଆପଣାକୁ । ବିନର ଗୃହିଣୀ ଭାବରେ ସେ ବଡ଼ ଘରେ ରହି ନ ଥିଲା କି, ଭଲ ପିନ୍ଧି ଭଲ ଖାଇବା ଜାଣି ନ ଥିଲା; କିନ୍ତୁ ସେଦିନର ସେ ମହାଶାନ୍ତି ଆଉ ଏ ଜୀବନରେ ମିଳିବ ନାହିଁ ।

ବିଶ୍ୱପତି ତାଙ୍କର ଉପର ଘର ବାରଣ୍ଡାର ଦକ୍ଷିଣ ସ୍ଥଳ ଉପରେ ଗାମୁଛା ଖଣ୍ଡିଏ ପିନ୍ଧି ଆରାମରେ ଗୋଡ଼ ଲମ୍ବେଇ ବସିଥିଲେ । ଜନାର୍ଦ୍ଦନ ବାରିକ ପିଠି ପାଖରୁ ତେଲ ମର୍ଦ୍ଦନ କରିବାରେ ଲାଗିଥିଲା । ବିଶ୍ୱପତିଙ୍କ ଉଦର ସ୍ଥୂଳ ନୁହେଁ, ତେବେ ବୟସ ଏବଂ ସ୍ନିଗ୍ଧ ଦ୍ରବ୍ୟର ସଂଯୋଗରେ ସବୁ ଅବୟବଠାରୁ ଉଦରଟି ଚିକ୍କଣ ହୋଇ ସାମାନ୍ୟ ଟିକିଏ ବଢ଼ି ଯାଇଥିଲା । ଜନାର୍ଦ୍ଦନ ମଥାରେ, ଦାଢ଼ିରେ ତେଲ ମାଲିସ କରି-ସାରି ପେଟ ଆଉ ଦୁଇ ପାର୍ଶ୍ୱରେ ଘଷି ଦେଉଥିଲା । ଜନାର୍ଦ୍ଦନ ବିଶ୍ୱପତିଙ୍କ ବଡ଼ ବିଶ୍ୱସ୍ତ ସେବକ । ଆପଣା ଗାଁ ପାଖ ଗାଁର ଲୋକ ସେ । ପାଖ ଆଖର ଦୁଇ ଚାରି-ଖଣ୍ଡ ଗାଁଆର ଘରମାନଙ୍କର ଚଳଣି ସମ୍ବନ୍ଧରେ ଜନାର୍ଦ୍ଦନ ବିଶ୍ୱପତିଙ୍କ ଅପେକ୍ଷା ସବୁ କଥା ଭଲ କରି ଜାଣେ । ବିଶ୍ୱପତିଙ୍କ ସାଙ୍ଗରେ କଟକ ଆସି ଆହୁରି ଟିକିଏ ବିସ୍ତୃତ କ୍ଷେତ୍ରରେ ବିଚରଣ କରି ଜନାର୍ଦ୍ଦନର ବୋଧଶକ୍ତି ସହିତ ଭାବନା ଶକ୍ତି ମଧ୍ୟ ବଢ଼ି ଯାଇଥିଲା । କେତେବେଳେ କେଉଁଟା କାହାକୁ କହିଲେ ଭଲ ଶୁଭିବ, ସେଇ କଥାଟି ସେ ଭଲ କରି ଜାଣି ପାରି-ଥିଲା । ଦେଶର ଅସନ୍ତୁଷ୍ଟ ଗୋଷ୍ଠୀ ସହିତ ଜନାର୍ଦ୍ଦନର ଯେଉଁ ସମ୍ବନ୍ଧ ବର୍ତ୍ତମାନ ଦଳର ଲୋକଙ୍କ ସହିତ ମଧ୍ୟ ସେହିପରି ସମ୍ବନ୍ଧ । ସବୁ ଦଳରୁ ଜଣେ ଦୁଇଜଣ ବ୍ୟକ୍ତି ଜନାର୍ଦ୍ଦନଠାରୁ ସେବା ଗ୍ରହଣ କରୁ କରୁ କେତେକ ସମ୍ବାଦ ସଂଗ୍ରହ କରିବାକୁ ଯାଇ କେତେ-ଗୁଡ଼ିଏ ଭିତରର କଥା ମଧ୍ୟ ଭାବାବେଗରେ କହି ପକାନ୍ତି । ଅତଏବ ରାଜନୈତିକ ଜଗତର ନୂଆ ନୂଆ ବିଷୟ ଜନାର୍ଦ୍ଦନର ଅବଗତିରେ ଥାଏ ।

ବିଶ୍ୱପତି ତାଙ୍କର ଦୁଇଟିଯାକ ହାତ ପଛପାଖିଆ କରି ଜନାର୍ଦ୍ଦନ ଆଡ଼କୁ ଅଗ୍ରସର ହେଲା ପରି ରହି ତା' ମୁହଁକୁ ଚାହିଁ ପଚାରିଲେ, "ଆଜକାଲି ଯେଉଁ ଶାସନ କଳ ଚାଲିଛି, ସେଥିକି ତୋର ବିଚାର ଭାବନା କଅଣ କହିଲୁ ଜନାର୍ଦ୍ଦନ ! ଗାଆଁରୁ ଆସି ବଡ଼ ବୁଦ୍ଧିଆ ହୋଇଗଲୁଣି ତୁ !"

"ଆପଣ ମୋ ଆଡ଼କୁ ଡୋଳା ତାଳି ଅନେଇଁ ଦେଲେ ମନରେ କମିତି ଗୋଟାଏ ଭୟ ହେଉଛି । କହିବାକୁ ସାହସ ହେବ କି ଆଜ୍ଞା ! ସେକାଳରେ

କଥା କହୁ କହୁ ରାଜାମାନେ ମୁଣ୍ଡକାଟ ଦଣ୍ଡ ଦେଉଥିଲେ । ଏଣୁ 'ମହାରାଜା, ମୁଣ୍ଡ ରହିଲେ ଭୁଣ୍ଡ କହିବ' ବୋଲି ଅନୁଗତ ଲୋକେ କହି କଥା ଆରମ୍ଭ କରୁଥିଲେ । ଆଜ୍ଞା, କେତେ କେତେ ପଣ୍ଡିତ ଲୋକ ଆସି ଆପଣଙ୍କୁ ଖବର ଦେଇଯାଉଛନ୍ତି । ଆପଣ ଏ ଖଣ୍ଡମଣ୍ଡଳର ଜ୍ଞାନଦାତା ଗୁରୁ । ଆପଣଙ୍କ ଅଜଣାରେ କେଉଁ କଥା ରହିଛି ଯେ ମୋତେ ପଚାରୁଛନ୍ତି ! ଭଲ ମନ୍ଦ ବୋଲି କିଛି ଆଉ ନାହିଁ । ସମସ୍ତେ ମନ୍ଦ ଆଉ ସମସ୍ତେ ଭଲ ହୋଇ ଯାଇଛନ୍ତି । ଦେଖୁ ନାହାନ୍ତି କି ଆଜ୍ଞା, ବଡ଼ ପାପ କର୍ମ ଯିଏ କରୁଛି, ସେ ପୁଣି ଅନ୍ୟର ଦୋଷ ବାଛି ଦଣ୍ଡ ଦେବାକୁ ବିଚାରକ ହୋଇ ବସିବାକୁ ସାହସ କରୁଛି । ଆମେ ଆଜ୍ଞା, ଶୂଦ୍ର, ସେବକ ଲୋକ; କଅଣ ଗୋଟାଏ ଅକଥା କୁକଥା କହିଦେଲେ ରାଜରେ ନିନ୍ଦ ହେଉ ନାହିଁ । ଅବିଦ୍ୟା ଅକାର୍ଯ୍ୟ ଆପଣଙ୍କ ପରି ବଡ଼ ପଣ୍ଡିତମାନଙ୍କ ହାତ ଦେଇ ହେଇପାରିବ, ସେଥିର ସୁଖ ଦୁଃଖ ଆପଣ ଯିମିତି କିଛି ନୁହେଁ ବୋଲି ଭୋଗ କରିପାରିବେ । ସେଇ କାରଣରୁ ଭାଗବତବାଣୀ କହୁଛି—ଏ' ବଡ଼ ଲୋକଙ୍କରେ ହିତ, ଅଳପ ଲୋକେ ବିପରୀତ ।' ଆପଣମାନେ ଧର୍ମ ବୋଲି କିଛି ଗୋଟାଏ ନାହିଁ ବୋଲି କହିଦେଇ ପାରିବେ । ଆମେ ମୂର୍ଖ ଲୋକ ଧର୍ମର ନାଁ ଶୁଣିଲେ ଭୟରେ ଥର ଥର ହୋଇ ଥରିବୁ ।"

ବିଶ୍ୱପତି ଗୋଟାଏ କୃତ୍ରିମ ଅଟ୍ଟହାସ୍ୟ କରି କହିଲେ, "ଓହୋ, କାଲି ସକାଳର ଟୋକାଟାଏ, କେତେ କଥା କହି ଶିଖିଲୁଣି ରେ ! ତୋ ବାପା ମୋ ନନାଙ୍କ ପାଖରେ ଠିଆ ହେଲାବେଳେ ମୁଣ୍ଡ ତାର ମାଟିରେ ମିଶି ଯାଉଥାଏ, ଶୂଦ୍ର ଟୋକା, ତୁ ଏବେ ମୁଣ୍ଡ ଟେକି କଥା କହିବାକୁ ବାହାରିଲୁଣି !"

"ଦେଶର ବେଶ ଏକାଥରକେ ବଦଳି ଯାଇଛି ଆଜ୍ଞା ! ସ୍ତ୍ରୀଲୋକ, ଶୂଦ୍ରଙ୍କୁ ପାଠ ଶାସ୍ତ୍ର ମନାକରି ରଖିଥିଲେ ଆପଣମାନେ । ଏବେ ତ ଦେଖୁଛନ୍ତି, ସେଇ ଶୂଦ୍ର ହିଁ ରାଜ୍ୟର ମନ୍ତ୍ରୀ ହେଉଛନ୍ତି । ସ୍ତ୍ରୀଲୋକ ଶାସ୍ତ୍ର ପଢ଼ି ପଢ଼େଇବାକୁ ବସିଲେଣି । ଶୂଦ୍ର ଆଉ ବ୍ରାହ୍ମଣଙ୍କୁ ଭିନ୍ନ କରି ଚିହ୍ନି ହେଉ ନାହିଁ ।"

ବିଶ୍ୱପତି ଜନାର୍ଦ୍ଦନର ମୁହଁକୁ ଅନାଇଁ କଅଣ କହିବାକୁ ଯାଉଥିଲେ, ଏତିକିବେଳେ ତାଙ୍କର ଘର ଜଣେ ଅନ୍ତରଙ୍ଗ ବନ୍ଧୁ ପ୍ରବେଶ କଲେ ସେଠାରେ । ଜନାର୍ଦ୍ଦନ ବାରଣ୍ଡା କୋଣରୁ ସପ ଗୋଟାଏ ଆଣି ବିଛେଇଦେଲା କ୍ଷିପ୍ର ହସ୍ତରେ । ତାପରେ ଆଲୋଚନା ଆରମ୍ଭ ହେଲା ନବୀନ ଉତ୍କଳ ସାହିତ୍ୟ ସମ୍ମିଳନୀର ସଭାପତି ବଛାବଛି ସମ୍ବନ୍ଧରେ ।

ଆଗନ୍ତୁକମାନଙ୍କ ମଧ୍ୟରେ ମତାନୈକ୍ୟ ହେବା ତ ସ୍ୱାଭାବିକ । ସେମାନଙ୍କ ଭିତରୁ ସମସ୍ତେ ଲେଖକ । ତେବେ ସମସ୍ତଙ୍କଠାରୁ ଯାହାର ରଚନା ଉତ୍କୃଷ୍ଟ ତାଙ୍କୁ ସଭାପତି ଭାବରେ ବାଛିବେ କି ଯେଉଁମାନେ ଲେଖା ଆରମ୍ଭ କରିଛନ୍ତି ସେମାନଙ୍କୁ ଉଦ୍ୟମଶୀଳ କରିବାକୁ ଉତ୍ସାହ ଦେବାକୁ ବାଛିବେ, କେଉଁଟା ହେଲେ ନିଷ୍ପତ୍ତି ହୋଇପାରୁ ନାହିଁ । ଯେଉଁ କେତୋଟି କବି ବା ଲେଖକ ଭଲ ଲେଖନ୍ତି, ସେମାନଙ୍କର ଲେଖାର ଭଲ ଆଲୋଚନା କରି ଉତ୍ସାହ ଦେଲେ ଅବଶ୍ୟ ଉତ୍କଳ ଭାରତୀଙ୍କ ଭାଷା ଏବଂ ଭାବର ଭଣ୍ଡାର ଋଦ୍ଧିମନ୍ତ ହୁଅନ୍ତା; କିନ୍ତୁ ଉଦ୍ୟୋକ୍ତାମାନେ ସେଥିରେ ଏକମତ ହୋଇପାରୁ ନାହାନ୍ତି । ପ୍ରାଣନାଥଙ୍କୁ ଉଦ୍ୟୋକ୍ତା ରୂପେ ନେଲେ ଭଲ ହୁଅନ୍ତା କିନ୍ତୁ ସେ ଏବେ ବିରୁଦ୍ଧ ଦଳରେ ମିଶି ରାଜ୍ୟସରକାରଙ୍କ ବିପକ୍ଷରେ ଲେଖାଲେଖି କରୁଛନ୍ତି । ବିଶ୍ୱପତିଙ୍କୁ ଏ ଯୁଗର ସର୍ବଶ୍ରେଷ୍ଠ ସାହିତ୍ୟିକ ରୂପେ ବାଛିବାକୁ ସେ ଆପତ୍ତି କରିବେ ନିଶ୍ଚୟ । ତାଙ୍କ ଦଳରେ ସାହିତ୍ୟିକ ମଧ୍ୟ ଅଛନ୍ତି, ଯେଉଁମାନେ ବିଶ୍ୱପତିଙ୍କ ଅପେକ୍ଷା ଗଣନାରେ ଅଧିକ ଗ୍ରନ୍ଥ ଲେଖିଛନ୍ତି । ଭାଷାରେ ଓ ଭାବରେ ସେମାନଙ୍କର ରଚନା ସୁନ୍ଦର ଏବଂ ସରସ ମଧ୍ୟ ହୋଇଛି ।

ଏଇ ସମସ୍ତ ବିଷୟ ନେଇ ଯେତେବେଳେ ଆଲୋଚନାଟା ଘନେଇ ଆସୁଥିଲା, ସେତିକିବେଳକୁ ବନର ସ୍ତ୍ରୀ ସାଉକା ଭାତ ରାନ୍ଧିକରି ନମସ୍କାର ପର

ଖଣ୍ଡିକ ଧରି ପହଞ୍ଚିଗଲା ଏକାଥରକେ ବିଶ୍ୱପତିଙ୍କ ସମ୍ମୁଖରେ । ସାରିକାର ବିଶ୍ୱାସ ଥିଲା ଯେ ପହଞ୍ଚି ଯାଇ ସରସ କଥାରେ ତାଙ୍କୁ ହସେଇ ଦେବ । ତାଙ୍କୁ ସେ ଦୂରରୁ, ନିକଟରୁ ବହୁବାର ଦେଖିଛି; କିନ୍ତୁ ତାଙ୍କର ସେ ଅଗ୍ନିବର୍ଷି ଦୃଷ୍ଟିରେ ଆତଙ୍କିତା ହୋଇ ଅନ୍ତରାଳକୁ ଚାଲିଯାଇଛି ବହୁ ବାର । ସେ ତାଙ୍କୁ ନମସ୍କାର କରି କିଅଣ ଗୋଟାଏ କହିଲା ବେଳକୁ ସେଥିର ପ୍ରତିବଦଳରେ, ବିଶ୍ୱପତି ଅଟ୍ଟହାସ୍ୟ କରି ସାରିକାର ସନ୍ତ୍ରସ୍ତ ଭାବକୁ ଧୂଳି କରି ଉଡ଼େଇ ଦେଇଛନ୍ତି କେତେ ଥର । ତଥାପି ସେଦିନ ସେ ସାହସ କରି ସାହସା ତାଙ୍କ ସମ୍ମୁଖକୁ ଆସି ଯାଇଥିଲା । ଛାପା ନିମନ୍ତ୍ରଣ ପତ୍ରଟାକୁ କାହା ହାତକୁ ଦେବ କିଛି ସ୍ଥିର କରି ନ ପାରି ଆଖି ଟେକି ଚାହିଁ ଦେଖିଲା କେତେଗୁଡ଼ିଏ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସଚକିତ ଦୃଷ୍ଟି ଆକର୍ଷିତ ହୋଇ ଯାଇ ପଡ଼ିଛି ତାହାରି ଉପରେ । ସେ କମ୍ପିତ ହସ୍ତରେ କାଗଜ ଖଣ୍ଡିକ ଧରି ବଢ଼ାଇଲା ବିଶ୍ୱପତିଙ୍କ ଆଡ଼କୁ । ଜନାର୍ଦ୍ଦନ ତୈଳ ମାଲିସ କାର୍ଯ୍ୟରେ ଲାଗିଛି ସେଇପରି । ବିଶ୍ୱପତି ଗୋଟିଏ ଅଗ୍ନିବର୍ଷି ଦୃଷ୍ଟି ଦେଇ ରୁକ୍ଷ କଣ୍ଠରେ କହିଲେ, "କ'ଣ ଏଇଟା କୁଆଡେ଼ କାହିଁକି ଆସିଛ ? କିଏ ତୁମକୁ ଏଠିକି ପଠେଇଲା ?"

ସାରିକା ଠିଆ ହେବାଠୁ ପଡ଼ିଗଲା ପୂରି ଅବସ୍ଥାରେ କିଅଣ ଗୋଟାଏ କହି ନମସ୍କାର କରି ଚାଲିଗଲା ଏକ ପ୍ରକାର ଦ୍ରୁତପଦରେ । ଏପରି ଗୋଟାଏ ଅପ୍ରତ୍ୟାଶିତ ଘଟଣାରେ ବିଶ୍ୱପତିଙ୍କ ବନ୍ଧୁମାନେ ପରସ୍ପରର ମୁହଁକୁ ଚାହିଁ ଦୃଷ୍ଟି ଫେରାଇନେଲେ ଅନ୍ୟଆଡେ଼ ।

ବିଶ୍ୱପତି ହଠାତ୍ ଟିକିଏ ଅପ୍ରତିଭ ହୋଇଉଠି କହିଲେ, "ତୁମେମାନେ ବୈଠକଘରେ ବସି ବିହାର କରୁଥାଅ । ମୁଁ ଏକ୍ଷଣି ଟିକିଏ ଗାଧୋଇ ପଡ଼ି ଚାଲି ଆସୁଛି ।"

ମୁରଲୀବାବୁ ଉଠିପଡ଼ି ତଳକୁ ଯିବା ଉଦ୍ୟମ କରୁଥିଲେ; କିନ୍ତୁ କଅଣ ସେ ଭାବିଲେ କେଜାଣି, ସେଇଆଡୁ ଫେରିପଡ଼ି ବିଶ୍ୱପତିଙ୍କ ଆଡ଼କୁ ଅଗ୍ରସର ହୋଇ ଏକାଥରକେ ମୁହଁ ପାଖକୁ ମୁହଁ ରଖି ପଚାରିଲେ, "ସ୍ତ୍ରୀଲୋକଟି କିଏ ? କାହିଁକି ଆସିଥିଲା ?"

ବିଶ୍ୱପତିଙ୍କ ବନ୍ଧୁପ୍ରବର ଉଚ୍ଚହାସ୍ୟ ଧ୍ୱନିରେ ଭରି-ଉଠିଲା ଗୋଟାଯାକ ଅଗଣା ବାରଣ୍ଡା । ଆଗଣାର ସେଇ ହାସ୍ୟ ଉଚ୍ଛ୍ୱାସରେ ଉଚ୍ଛୁଳି ଉଠି କହିଲେ, "ଧାନ କୁଟି କୁଟି ପାଦର ଚମଡ଼ା ଛିଣ୍ଡି ଯାଇଥିଲା, ମୁଣ୍ଡ ଉପରେ ପାଣି ମାଠିଆ ଲଦି ମୁଣ୍ଡର ଚୁଟି ଉପୁଡ଼ି ଯାଇଥିଲା । ଏବେ ସେଇ ସ୍ତ୍ରୀଟା ନାୟିକେଣୀ ହୋଇ ଆସିଥିଲା ମୋ ପାଖକୁ ଜନ୍ମଦିନର ନିମନ୍ତ୍ରଣ ପତ୍ର ଧରି । ସାହସ ଦେଖି ପ୍ରାଣପକ୍ଷୀ ଉଡ଼ିଗଲା ପରି ଲାଗୁଛି । ଗାନ୍ଧୀ ବୁଢ଼ା ଦେଶ ସ୍ୱାଧୀନ କରିଛି, ଏଇ-ମାନଙ୍କ ପାଇଁ ଦେଶ ସ୍ୱାଧୀନ ହୋଇଛି ହେ ମୁରଲି ! ବନ ବିଶ୍ୱାଳର ଭାର୍ଯ୍ୟା ସାରିକାର ଜନ୍ମଦିନ ଉତ୍ସବକୁ ମୁଁ ଯିବି ଆଶୀର୍ବାଦ ଦେବାକୁ । ଦେଶର ଜନନାୟକ-ମାନେ ବସି ସାରିକାକୁ ଦେବେ ସମ୍ବର୍ଦ୍ଧନା । ସାରିକାର ଉନ୍ନତିରେ ଦେଶ ଉନ୍ନତି ପଥରେ ଗତି କରିବ ।"

ବିଶ୍ୱପତି ଆଶ୍ଚର୍ଯ୍ୟ ଉତ୍ତେଜିତ ହୋଇଉଠିଲେ. ଅନର୍ଗଳ ବକି ଯାଆନ୍ତି । ଉତ୍ତେଜନା ହେଲା ତାଙ୍କର ଗୋଟିଏ ବ୍ୟାଧି । ସେ ଅବସ୍ଥା ଯେତେବେଳେ ପ୍ରବଳ ହୋଇଉଠେ, ସେ ଆତ୍ମପର ଭେଦ ଭୁଲି ଭର୍ତ୍ସନା କରିଯାଆନ୍ତି । ମୁରଲୀବାବୁ ତାଙ୍କର ସେ ଦୁର୍ବଳତାଟି-କର ସୁଯୋଗ ନେଇ କୃତ୍ରିମ ଗାମ୍ଭୀର୍ଯ୍ୟ ଅବଲମ୍ବନ କରି ଉତ୍ତେଜକ ପ୍ରଶ୍ନ ପଚାରିଯାଆନ୍ତି । ବିଶ୍ୱପତି ସେକଥା ଜାଣି ଜାଣି ସ୍ୱତଃ ଉତ୍ତେଜିତ ହୋଇଉଠନ୍ତି । ମୁରଲୀବାବୁ ସେଦିନ ମଧ୍ୟ ମନର କୌତୂହଳ ମନରେ ରଖି ଗାମ୍ଭୀର୍ଯ୍ୟଭରା ମୁଖରେ ବିଶ୍ୱପତିଙ୍କ ପଥ ଆଗୁଳି କହିଲେ, "ଆପଣମାନେ କବି, କାବ୍ୟଲେଖକ, ନାରୀଙ୍କୁ ବିଶେଷ ଗୁଣରେ ବିଭୂଷିତା କରି ସାମାନ୍ୟକୁ ଅସାମାନ୍ୟ ଓ ଲୌକିକକୁ ଅଲୌକିକ କରି ଲେଖିଛନ୍ତି; ଏଇ ସ୍ତ୍ରୀଲୋକଟିକୁ ଇମିତି ଦୁଃଖ ଅପମାନ ଦେଇ ତଡ଼ିଦେଲେ କାହିଁକି ?"

"କାହିଁକି କହିବି ? ଏଗୁଡ଼ାକ ସ୍ତ୍ରୀ ନୁହନ୍ତି, ସ୍ୱୈରୀ ରମଣୀର ବେଶ୍ୟାଙ୍କଠୁ ଆହୁରି ହୀନ । ଏମାନେ

ପୁରୁଷର ସର୍ବନାଶ ସାଧନ କରି ମୃତ୍ୟୁମୁଖରେ ଠେଲିଦେଉଛନ୍ତି । ମୁଁ ସ୍ତ୍ରୀଙ୍କୁ ଅପମାନ ଦେଲି ବୋଲି କହୁଛ । ସେକାଳରେ ଆଈ, ମାଉସୀ, ଖୁଡ଼ୀ, ଜେଜେମା ଯେଉଁସବୁ ରଜାପୁଅ, ସାଧବପୁଅର କାହାଣୀ କହୁଥିଲେ, ସେଥିରେ ଏ ଶ୍ରେଣୀର ସ୍ତ୍ରୀଙ୍କୁ ଗଧର ଖାଲ ଖୋଳି, ତଳ କଣ୍ଟା ଉପର କଣ୍ଟା ଦେଇ ପୋତିଦେଉଥିବା କଥା କହୁଥିଲେ । ଏଗୁଡ଼ାଙ୍କୁ ପଛ ପାଖରୁ ଧରି ଚୋଟି କଟି ମାରିଦେଇ ନଦୀ ସମୁଦ୍ରରେ ଭସେଇଦେବା ଉଚିତ ।"

"ଆପଣ ଏ ମାଘ ମାସର ଶୀତ ସକାଳଟାରେ କ୍ରୋଧଜର୍ଜର ହୋଇ ଝାଳେଇ ଗଲେଣି । ସ୍ତ୍ରୀ ଲୋକଙ୍କୁ ଆପଣ ମନୁଷ୍ୟ ଶ୍ରେଣୀରେ ଗଣ୍ୟ କରୁନାହାଁନ୍ତି । ସେଗୁଡ଼ିକ ଘରର ଗୋଷ୍ଠ ଗାଈ ବୋଲି ଯାହା ଟିକିଏ ଯତ୍ନ ନେବା କଥା ।"

"ଅସମୟଟାରେ ଏପରି ଗୋଟାଏ ତର୍କ ଆରମ୍ଭ କରିବସିଲ ମୁରଲୀବାବୁ ! ମୁଁ ସ୍ନାନଟା କରି ଚାଲିଆସୁଛି, ପ୍ରାଚୀନରୁ ପ୍ରାଚୀନତମ ଶାସ୍ତ୍ର ବେଦଠାରୁ ଆରମ୍ଭ କରି କହିବ ଯେ, ଜାଣିପାରିବ ସୃଷ୍ଟି ଆରମ୍ଭରୁ ସ୍ତ୍ରୀ ହିଁ ପୁରୁଷର ଅଧୀନତା ସ୍ୱୀକାର କରିଆସିଛି । ତୁମେ ଟିକିଏ ଅପେକ୍ଷା କର, ମୁଁ ଆସୁଛି ।"

## ପନ୍ଦର

ନାରଣ ବାହାରଆଡ଼ୁ ଆସି ଦେଖିଲା, ତାର ସ୍ତ୍ରୀ କନକ ବୈଠକଖାନାରେ ବସି ମୁରଲୀବାବୁଙ୍କ ସାଙ୍ଗରେ ଆଳାପ ଆଲୋଚନା କରୁଛି । ଏଇ ତିନି ବର୍ଷ ହେଲା ଗାଁଆ ଛାଡ଼ି ଆସିବାଠୁ ନାରଣର ସଂସାର ଭିତରେ ଘଟିଛି ଘୋର ପରିବର୍ତ୍ତନ ।

ନାରଣ ମାଆ ସୁନାମଣି ସଂସାର ପ୍ରତି ଏକାନ୍ତ ଅନାସକ୍ତା ହୋଇ ପୂଜା ଚାଲିଯାଇଥିଲେ । ମାଆର ଇଚ୍ଛା, ବଡ଼ ନାତୁଣୀଟିକୁ ବାରବର୍ଷ ହୋଇଗଲାଣି, ଭଲ ବର ଘର ଦେଖି ବିବାହ ଦେଇଦେବା ଭଲ । ନାରୀନେତ୍ରୀ ଶ୍ରୀମତୀ କନକ ଦେବୀ ଏଥିରେ ଏକମତ ହେଉ ନାହାନ୍ତି । ଏକଥା ନେଇ ନାରଣ ମଧ୍ୟ ସ୍ଥିର କରି ସୁନାମଣିଙ୍କୁ କିଛି କହୁ ନ ଥିଲା । ସେ ନାରଣ ପାଖକୁ ଆସି କଥା ଆରମ୍ଭ କରୁକରୁ ନାରଣ ଅନ୍ୟମନସ୍କ ହୋଇ ହୁଁ ହାଁ କରିଦେଇ ଚାଲିଯାଉଥିଲା । ବୁଢ଼ୀ ନାତି ନାତୁଣୀଙ୍କୁ ସେବାକରିବା ସୁଯୋଗ ମଧ୍ୟ ହରେଇ ସାରିଥିଲା । କାରଣ ପିଲାଙ୍କୁ ସେବା କରିବାକୁ କନକ ସମସ୍ତ ଅଭାବ ବୋଧକରି ସେମାନଙ୍କୁ କନ୍‌ଭେଣ୍ଟକୁ ପଠାଇ ଦେଇଥିଲା । ବୋହୂ ମଧ୍ୟ ସେକାଳର ଶାଶୁ ଅନୁରକ୍ତା ବୋହୂଟିଏ ନ ଥିଲା । ଦିନରେ ଦଶଥର ଶାଢ଼ୀ ବଦଳ, ଆଉ କେଶ ପ୍ରସାଧନରେ ତାର ସମସ୍ତ ଯାଉଥିଲା । ତା ଉପରେ ବନ୍ଧୁ ବାନ୍ଧବୀମାନଙ୍କ ସମ୍ବର୍ଦ୍ଧନାରେ ବ୍ୟସ୍ତ ରହି ଖାଇବା ଶୋଇବାକୁ ମଧ୍ୟ ସେ ଆଉ ସମୟ ପାଉ ନ ଥିଲା । ଶାଶୁ କେବେ କେଉଁ ଦିନ ଭାତ ବାଢ଼ିଦେଲେ କନକ ପେଟରେ, ଦେହରେ ହାତ ବୁଲେଇ କହୁଥିଲା, ମୁଁ ଏବେ ଡାଏଟିଂ କରୁଛି । ସ୍ଥୂଳତାନିରୋଧ ନିମନ୍ତେ ଖାଦ୍ୟ ନିୟନ୍ତ୍ରଣ ସମ୍ବନ୍ଧରେ ଶାଶୁ ଆଗରେ କହିଯାଉଥିଲା କନକ । ଘରର ସବୁ କଥା ସୁନାମଣିଙ୍କୁ ଦୁଃସ୍ୱପ୍ନ ପରି ହିଁ ବୋଧହେଉଥିଲା ।

ସଂସାରରେ କେତେ ଅଦ୍ଭୁତ ପରିବର୍ତ୍ତନ ଘଟିଯାଉଛି ତାର ସୀମା ନାହିଁ । ଏକଥା ନ ବୁଝି ସୁନାମଣି ସଂତପ୍ତା ହୋଇ ଚାଲିଗଲେ ପୂଜା ।

ଏଇ କାଲିପରି ଲାଗୁଛି, ବର୍ଷ ପାଞ୍ଚଟା ମଧ୍ୟ ହୋଇନାହିଁ । କନକ ଶାଶୁଙ୍କ ପାଦସେବା କରୁକରୁ କେତେ ଦୁଃଖ, କେତେ ସୁଖ ଆଲୋଚନା କରୁଥିଲେ । ଗାଁର ସାଇପଡ଼ିଶା, ବନ୍ଧୁ କୁଟୁମ୍ବର ସ୍ତ୍ରୀ ପୁରୁଷଙ୍କ ଚରିତ୍ର ସମ୍ବନ୍ଧରେ କେତେ କଥା କୁହାକୁହି ହେଉଥିଲେ, କେତେ ଲୋକଙ୍କୁ ପଛରେ ଛି ଛି କରୁଥିଲେ । କେତେ ବିଦ୍ରୂପ ହସ ହସୁଥିଲେ । ନିଜର ବଡ଼ ପଣରେ କେତେ ଗୌରବ ବୋଧକରୁଥିଲେ । ଇମିତି ସମୟ ଆସିଲା ଯେ, ସେଇ ବୋହୂ ଶାଶୁ ଆଡ଼କୁ ଅନେଇବାକୁ ମଧ୍ୟ ସମୟ ପାଇଲାନାହିଁ ।

କନକର ଶାଶୁ ସୁନାମଣି ବ୍ୟଥିତା ହୋଇ ଚାଲିଯାଇଥିଲେ । ସେ ଚାଲିଗଲା ପରେ କନକ ଆହୁରି

ଟିକିଏ ନିଶ୍ଚିନ୍ତରେ ମୁକ୍ତଭାବରେ ଅତିଥିସତ୍କାରରେ ଲାଗିଗଲା । କ୍ରମେ ଅତିଥିମାନଙ୍କ ଅପେକ୍ଷା ଅତିଥିଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଗଲା । କନକର କଥାସ୍ରୋତ ଉଚ୍ଛୁଳିଉଠିଲା ବେଳକୁ ବେଳ । ସେ ଯାହାକୁ ଯେତିକି କହିବା କଥା ସେତିକି ନ କହି ଗୁଡ଼ାଏ କଥା କହିବାକୁ ଆରମ୍ଭକଲା । ଏସବୁ ଦେଖି ନାରଣ ନିଜକୁ ବିପଦାପନ୍ନ ମନେକରି କନକକୁ ସୀମା ଭିତରେ ରଖିବାକୁ ଚେଷ୍ଟାକଲା କିନ୍ତୁ ପାରିଲାନାହିଁ ।

କହିବାକୁ ଭୁଲି ଯାଇଥିଲି । ଇତି ମଧ୍ୟରେ କନକର ଉଦ୍ୟମରେ 'ନାରୀହିତସାଧିନୀ' ନାମକ ଗୋଟିଏ ଅନୁଷ୍ଠାନ ମଧ୍ୟ ଗଠିତ ହୋଇଯାଇଥିଲା । ଉକ୍ତ ସମିତିର ପରିଚାଳନା କାର୍ଯ୍ୟ କେବଳ ସ୍ତ୍ରୀମାନଙ୍କଦ୍ୱାରା ସମ୍ପାଦିତ ହୋଇପାରୁ ନ ଥିଲା, ତେଣୁ କେତେକ ସହାନୁଭୂତିଶୀଳ ବନ୍ଧୁଙ୍କୁ ସେଥିର ସଭ୍ୟରୂପେ ନିଆଯାଇଥିଲା । ସେମାନଙ୍କଦ୍ୱାରା ସମିତିର କିମ୍ବା ନାରୀ ଜାତିର କେଉଁ ବିଷୟରେ ଉନ୍ନତି ହେଉଥିଲା, ତାହା କେହି ଦେଖିପାରୁନଥିଲେ । ତଥାପି ସେଇ ଭାବନାରେ ବ୍ୟସ୍ତ ରହି କନକ ତାର ହିତୈଷୀ ବନ୍ଧୁମାନଙ୍କ ପାଖରୁ ଉଠି ପାରୁ ନ ଥିଲା । ନାରଣ ସେ ଅବସ୍ଥା ଦେଖି ସିଢ଼ିଆସିବା ସମୟର ବସିବାଘର ଆଡ଼କୁ ଦୃଷ୍ଟି ଚାଲିଗଲେ ମୁହଁ ଫେରେଇ ନେଇ ଚାଲିଯାଏ ତାର ପଢ଼ିବା ଘରକୁ । ସେମାନଙ୍କ କଥା ଶୁଣି, ହସ ଶୁଣି ବଧିର ହୋଇଯାଏ । ମନରେ ବ୍ୟଥା ହେଲେ ବହି ଧରି ବସି ଚାହିଁରହେ ଅକ୍ଷରଗୁଡ଼ାକୁ । ତାର ଆପଣାର ଭୁଲଟା ବେଦନା-ବ୍ୟଥିତ ହୋଇ ତା 'ମନ ଭିତରେ ରହି କାନ୍ଦିବୁଲେ ଅନବରତ । ରାତିରେ କନକ ଶୂନ୍ୟ ଘରେ ଶଯ୍ୟାରେ ପଡ଼ିରହି ସାଧ୍ୱୀ ପତ୍ନୀର ପଦସେବାର ସ୍ପର୍ଶ ଅନୁଭବ କରି ଶିହରିଉଠେ ବାରଂବାର ।

ସେଦିନ ନାରଣ ବସିବା ଘର ଆଡ଼ୁ ଦୃଷ୍ଟି ଫେରାଇ ନେଇ ଚାଲିଗଲା ଶୋଇବା ଘରକୁ । ହଠାତ୍ ବାରଣ୍ଡାରେ ବଡ଼ କାନଫାଟ ଶୁଣିଲା, କନକ ତାର ବନ୍ଧୁଙ୍କ ଗାଡ଼ିରେ କେଜାଣି କେଉଁଆଡ଼େ ଗଲା ।

ନାରଣର ମନେ ପଡ଼ିଗଲା, ଯେଉଁ ବନ୍ଧୁଟି ସହିତ କନକ ଏଇକ୍ଷଣି ଗାଡ଼ିରେ ବସି ଚାଲିଗଲା, ସେ ହିଁ ପରଅଦିନ ସନ୍ଧ୍ୟାବେଳେ ବସି ଆମମାନଙ୍କୁ କହୁଥିଲେ—ସ୍ତ୍ରୀ ଜାତି ପିଞ୍ଜରାବଦ୍ଧ ଜୀବ । ସେମାନଙ୍କର ଶୃଙ୍ଖଳ ଖୋଲିଦେଲେ ସେଗୁଡ଼ାକ ସର୍ବନାଶ ସାଧନ କରିବେ । ଏମାନେ ପରା ଜନ୍ମଜନ୍ମାନ୍ତରରୁ ଅନ୍ଧ ହୋଇ, ମୂକ ବଧିର ହୋଇ ବସିଛନ୍ତି । ଦେଖିବାକୁ *ଶୁଣିବାକୁ ସୁଯୋଗ ଦେଲେ ଯଦି, ଦେଖି ଦେଖି ଶୁଣି ଶୁଣି* କହି କହି ମୃତ୍ୟୁମୁଖରେ ପଡ଼ିଯିବେ । ଦେଖନ୍ତୁ ବିଦ୍ୟାଧରର ସ୍ତ୍ରୀଟା ଏକାଥରକେ ମରିଗଲା । ବନ ବିଶ୍ୱାଳଙ୍କ ସ୍ତ୍ରୀ ଅଛନ୍ତି । ଏଇ ଧରଣର ଯେତେ ସ୍ତ୍ରୀ ଅଛନ୍ତି, ଜୀବନରେ ଥରେ ନ ମରି ଦିନକୁ ସହସ୍ର ଥର ଜଳିପୋଡ଼ି ମରୁଛନ୍ତି । ସେ ମରଣ କେହି ଦେଖ ନାହିଁ । ସେଇ କାରଣରୁ ମୁଁ ମୋର ବନ୍ଧୁମାନଙ୍କୁ ଉପଦେଶ ଦିଏ—ପଙ୍କକୁ ଯାଅନାହିଁ କି ପାଦ ଧୁଅ-ନାହିଁ । ଯେଉଁ ଲୋକଟା ବନ୍ଧୁମେଳରେ ବସି ଖୋଜି ଖୋଜି ବାଛି ବାଛି ଅମୁକ ସ୍ତ୍ରୀଲୋକଟା ଅତି ଖରାପ ବୋଲି କହି ନାରୀ ଜାତିର କୁତ୍ସା ରଟନା କରୁଥିବ, ସେଇ ଲୋକଟା ସାଙ୍ଗରେ କନକ ବନ୍ଧୁତା କରୁଛି, ନାରୀ ଜାତିର ଉନ୍ନତିସାଧନ କରିବ ବୋଲି । ମୁଁ କେବଳ ଆଶ୍ଚର୍ଯ୍ୟ ହୋଇ ଭାବୁଛି, ଏସବୁ ଘଟନା ମୁଁ ଆଖିରେ ଦେଖୁଛି । କଥାଗୁଡ଼ାକ କାନକୁ ଶୁଭୁଛି; ତଥାପି ମୁଁ କୌଣସି ପ୍ରତିକାର କରିପାରୁନାହିଁ । ଇଚ୍ଛା ହେଉଛି, ଏଇକ୍ଷଣି ଉଠିଯାଇ କନକର ଚୁଟି ଧରି ପଚାରିବି, ନାରୀ ସମିତିଦ୍ୱାରା କୌଣସି ଗୋଟିଏ ହେଲେ ନାରୀର ଉନ୍ନତି ହେଉନାହିଁ । ତୋରିପରି କେତେଟା ନାରୀର ମୃତ୍ୟୁ ଘଟୁଛି । ଆଜି ତୁମର ଏଇ ଯେଉଁ ବନ୍ଧୁଗୁଡ଼ିକ ତୁମକୁ ସାହାଯ୍ୟ କରିବେ ବୋଲି ବାହାରିଛନ୍ତି, ସେମାନଙ୍କର କୌତୂହଳ ନିବୃତ୍ତି ହେଉଛି । ସେମାନେ ଜୀବନର ଅନୁଭୂତି ସଂଗ୍ରହ କରୁଛନ୍ତି, ସେମାନଙ୍କର ଗଳ୍ପ ଉପନ୍ୟାସରେ ସଂଯୋଗ କରିବେ ବୋଲି ।

ଦୁର୍ବଳ ମୁଁ । ସେତିକି କଥା ମୁଁ କହିପାରିବି ନାହିଁ । କନକର ମନରେ କଷ୍ଟ ହେବ । ସେ ଅପମାନ

ବୋଧ କରିବ ; କିନ୍ତୁ ଏ ସଂସାରରେ ତ ସେ ଏକାକୀ ନୁହେଁ । ସେ ଅଛି, ଅଛନ୍ତି ତାର ପୁଅ, ଝିଅ, ସ୍ୱାମୀ, ଶାଶୁ । ଆଜିର ଶ୍ରେଷ୍ଠ ପିଲାଗୁଡ଼ିକ କାଲିକି ଜାଣିବେ ସେମାନଙ୍କର ମାଆ ଏଇ କାର୍ଯ୍ୟ କରି ଦିନ କଟାଉଥିଲା । ବଡ଼ ହେଲେ ଏଇସବୁ ବୃଥା ଆଲୋଚନା, ମୁହଁକୁ ଅନାଅନି, କୌତୁକ, ଅନୁଭୂତି ଅନୁମାନ କରିନେବେ । ଦିନକୁ ଦିନ ଶିକ୍ଷା ସଭ୍ୟତା ବଢ଼ୁଛି—

ନାରଣ ଚମକି ଦେଖିଲା, ଆକସ୍ମିକ ଭାବରେ ମାଆ ତାର ଆସି ତା' ଉପରେ ଅଜାଡ଼ି ହୋଇପଡ଼ି କାନ୍ଦିବାକୁ ଆରମ୍ଭ କରିଦେଇଛି । ନାରଣର ମନେ ହେଲା, ତା ମାଆ ଜଗତ ଗୋଷ୍ଠୀକଯାକର ସକଳ ବେଦନ ଏକାଠି କରି ଧରି ଆସି ଅଶ୍ରୁ ଝରେଇବାରେ ଲାଗିଛି । ମାଆର ଆବେଗ ସହିତ ନାରଣର ଶୋକାବେଗ ଫୁଲିଉଠିଲା ପ୍ରବଳ ବେଗରେ । ସେ ତାର ମାଆ କୋଳରେ ମୁଣ୍ଡ ଗୁଞ୍ଜିଦେଇ କହିବାକୁ ଲାଗିଲା, "ବୋଉ, ମୋ ମାଆ, ମୋତେ ତୁ ମଣିଷ କରି ଗଢ଼ିଥିଲୁ, ମୁଁ ଏବେ ନିଜକୁ ମାଙ୍କଡ଼ କରି ଗଢ଼ୁଛି । ସେ ଦିନର ସୁଖ ଶାନ୍ତି ଆଉ ମୋତେ ମିଳିବ ନାହିଁ । ଅଳ୍ପ ବୟସରେ, ଯେଉଁ ସମୟରେ ଆମେ ଅତି ଗରିବ ଥିଲେ, ମୁଁ ତେଲ ପସରା ଧରି ଫେରୀ କରିବାକୁ ଘରୁ ବାହାରି ପଡ଼ୁଥିଲି । ନିର୍ଜନ ବିଲ ବଣ ବାଟରେ ଗଳା ଛାଡ଼ି "କେଶବ କୋଇଲି", "କୌଶଲ୍ୟା ବେଦନ" ଗୀତ ଗାଇଯାଏ । ମୋର ମନେହୁଏ, ବନଦେବୀମାନେ ଗିରିକନ୍ଦରରୁ ଉଠିଆସି ତାଳି ଦେଇ ମୋ ଗୀତ ସହିତ ମିଶି ନୃତ୍ୟ କରନ୍ତି । ମୁଁ ତେଲ ପସରାଟି ଗଛମୂଳେ ରଖିଦେଇ ବସିପଡ଼ି ସେ ନୃତ୍ୟ ଦେଖେ । ମୋର ଗଳାର ସ୍ୱର ଅରଣ୍ୟ ଭିତରେ ପ୍ରବେଶ କରି ପ୍ରତିଧ୍ୱନିତ ହୋଇଉଠେ ପୁଣି । ମୁଁ ସ୍ୱପ୍ନ ଦେଖେ, ତୁ ମୋ ପାଖରେ ବସି ମଥାରେ ହାତ ଦେଇ କହୁଛୁ, କି ସୁନ୍ଦର ତୋର ଗୀତ ! ଯଶୋଦା ତାଙ୍କର ବାଡ଼ ପିଣ୍ଡାରେ ଠିଆହୋଇ କୋଇଲି କି କହି ଯାଉଥିଲେ, କୋଇଲିଟା ବସିରହି ଶୁଣୁଥିଲା, ଆହା ! ପୁଅ ପାଖରେ ନାହିଁ, ପୁଅ ପାଖରେ ନାହିଁ । କାହାକୁ ଆଉ କୃଷ୍ଣ କୃଷ୍ଣ ବୋଲି ଡାକିବ । ଘରର ସ୍ନେହ ବନ୍ଧନକୁ ଛିଣ୍ଡିଯାଇ କବାଟ ଖୋଲିଦେଇ ପଳେଇ ଆସିଛି । ତୋର ସେ ସ୍ନେହସ୍ପର୍ଶ ପିଠି ଉପରେ ରହିଛି । ସେଦିନର ସେ ଆନନ୍ଦ ମୁଁ ଆଉ ପାଇପାରୁନାହିଁ ବୋଉ ! ମୁଁ ହିଁ ମୋର ସେ ସୁଖ ଶାନ୍ତି ଅପହରଣ କରି ନେଇଯାଇଛି । ସବୁ ହଜେଇ ଦେଲି ବୋଉ ! ଆଉ ପାଇବି ନାହିଁ ।"

ସୁନାମଣି ନାରଣର ମଥାର ଗହଳିଆ ବାଳରେ ହାତ ବୁଲେଇଦେଇ ସହଜ ଭାବରେ କହିବାକୁ ଲାଗିଲେ, "ମୁଁ ମଧ୍ୟ ଏମିତି ଅଧୈର୍ଯ୍ୟ ହୋଇଉଠି ଘର ଛାଡ଼ି ପଳେଇଥିଲି ପୁଅ । ଆଖିରେ ତ କିଛି ଦେଖି ନ ଥିଲି । ସେଦିନ ଦେଖିଲି, କନକ ମୋର ବସିଛି କୋଇଲି ବୈକୁଣ୍ଠର ଫୁଲଗଛ ପାଖରେ । ତା ଦେହ ପାଖକୁ ଲାଗି ବସିଛନ୍ତି ଆଉ ଯୋଡ଼ାଏ ମଣିଷ । ବନର ଈର୍ଷ୍ୟା ମୁହଁ ପାଖକୁ ବସି ପାନ ଚୋବେଇ ଚୋବେଇ ଗେହ୍ଲେଇ ହୋଇ କଥା କହୁଯାଉଛି । ସେ କଥା ଦେଖି ମୋ ଛାତି ଫାଟିଗଲା ରେ ବାପ ! ମୋ କୋହ୍ନ ଯାଇ ସେଠି ବସିଛି ! ଆହା ତାର ସେ ସୁନ୍ଦର ମୁହଁରେ ଏମାନେ ଅଙ୍ଗାର ବୋଳିଦେବେରେ ବାପ ! ମୁଁ ଯେ ମୋର ଦରିଦ୍ର କୁଡ଼ିଆରେ ମୋ ବୋହୂକୁ ଲକ୍ଷ୍ମୀ ପ୍ରତିମା କରି ଖଟୁଲିରେ ବସେଇ ପୂଜାକରି ରଖିଥିଲି । କାହିଁକି ମୁଁ ତୋ କଥା ଶୁଣି ଘରୁ ଗୋଡ଼ କାଢ଼ିଲି ?"

କଥା କହୁ କହୁ ବିକଳ ହୋଇ କାନ୍ଦିଉଠିଲେ ସୁନାମଣି ।

ନାରଣ ଭାବିଲା, ଅବସ୍ଥା ଦେଖି ନିଜକୁ ସମ୍ଭାଳିବା ଯେଉଁଠି ଅସମ୍ଭବ ହୋଇ ଉଠିଥିଲା, ସେଠି ବୋଉ ଆସି ମୋତେ ଆହୁରି ଦୁର୍ବଳ କରିଦେଉଛି । ପିଲାଥିଲି, ବୋଉ ମୋ ଗୀତ ଶୁଣି ମୋତେ ଆଦର କରି କରି ଖେଳୁଥିଲା ; କିନ୍ତୁ ମନୁଷ୍ୟ ତ ଯନ୍ତ୍ର ନୁହେଁ, ସେ ସବୁବେଳେ ପରିବର୍ତ୍ତିତ ହୋଇ ପରିବର୍ତ୍ତନ ଆନୟନ କରିବ ହିଁ କରିବ । ନାରଣ ତା' ମାଆକୁ ବସେଇ ଦେଇ କହିଲା, "ସବୁଦିନେ ସବୁ କଥା କହିଣ ସମାନ

ଭାବରେ ଚାଲୁଛୁ ! ପାଞ୍ଚ ବର୍ଷ ପୂର୍ବେ ଯେଉଁ ଘରମାନଙ୍କରେ ଝିଅ ବୋହୂମାନେ ସୁନା ରୁପାରେ ଘୋଡ଼େଇ ହୋଇ ସଂସାର କାର୍ଯ୍ୟରେ ହାତ ଦେଉ ନ ଥିଲେ, ସେମାନେ ଏବେ ବିଧାନସଭାରେ ବସି ନିୟମ ଗଢ଼ିଲେଣି । କନକ ଯଦି ଘରୁ ବାହାରି ସ୍ରୋତରେ ଭାସିବାକୁ ଆରମ୍ଭ କରିଛି କରୁ । ତାକୁ ତୁ ଅମୃତ ଦେଇ ପୋଷିଥିଲୁ, ଏବେ ସେ ମରୀଚିକା ପଛରେ ଧାଇଁଛି । ସେ ସେଥିରୁ ପାରି ହେଲେ ହେବ, ନହେଲେ ମରିବ । ସଂସାରକୁ ଆସିଛେ, ଯାହା ଭାଗ୍ୟରେ ଯାହା ଅଛି, ଭଲ ଆଉ ମନ୍ଦ କରିଦେଇ ଯିବା । ମୁଁ ଆଉ କନକ କଥା ଚିନ୍ତା ନ କରି ମୋ କାର୍ଯ୍ୟ ମୁଁ କରିଯିବି ।"

ସୁନାମଣି ଖଟ ଉପରୁ ଓହ୍ଲାଇ ଯାଇ ତଳେ ବସିପଡ଼ି ନାରଣର ମୁହଁକୁ ଚାହିଁ କହିଲେ, "କଅଣ ତୁ କହିଲୁ ନାରଣ ! ତାକୁ ତୁ ଘର ଭିତରୁ ଆଣି ଦାଣ୍ଡ ବାଟରେ ଠିଆ କରେଇଦେଲୁ, ଏବେ କହୁଛୁ ତୁ ତାକୁ ଫେରାଇ ଆଣିପାରିବୁ ନାହିଁ । ଆମେ ସ୍ତ୍ରୀଗୁଡ଼ାକ ନିଆଁ ଦେଖିଲେ ପୋକ ପରି ସେଥିରେ ପଡ଼ି ମରି ଯାଉଛୁ, ପାଞ୍ଚ ବର୍ଷ ବୟସ ବେଳୁ ସେଇ କଥା ଦେଖି ଆସୁଛୁ । ତୁମେ ପୁରୁଷ ପୁଅ ନିତି ଦଶ କଚଡ଼ା ଖାଇ ପଡ଼ି ଉଠି ମଣିଷ ବୋଲେଇ ଆସିଛ । ସ୍ତ୍ରୀଟା ଥରେ ପଡ଼ିଗଲେ ତାର ହାଣ୍ଡି ଗୋଡ଼ ଭାଙ୍ଗିଯିବ, ତାକୁ କେହି ଉଠେଇ ଦେବେନାହିଁ କି ସେ ନିଜେ ଉଠିପାରିବ ନାହିଁ । ସ୍ତ୍ରୀଟା ଇମିତି ଭାବରେ ପୋଡ଼ିଜଳି ମଲେ ସେଇ ସ୍ତ୍ରୀଟାର ମାଆ,ଭଉଣୀ ମଧ୍ୟ ଛି ଛି କରି ଛେପ ପକେଇବେ ସିନା, ଆଗରୁ ରକ୍ଷାରକ୍ଷଣ କରିବାକୁ ହାତ ବଢ଼େଇବେ ନାହିଁ । ପରେ ମଧ୍ୟ ଦୋଷରେ ଗୁଣରେ ମିଶାମିଶି ମନୁଷ୍ୟ ବୋଲି ସହିବେ ନାହିଁ । ବାପ ରେ, ତୁ ମୋର ଏଇ ଗୋଟିଏ କଥା ଶୁଣ ! ଘରୁ ବାହାରି ଦାଣ୍ଡରେ ଠିଆହେଲୁ, ସଂସାର କଅଣ ଜାଣିଲୁ, ମଣିଷକୁ ମଣିଷ କିମିତି ଚିହ୍ନି ପାରୁନାହିଁ, ଜାଣି ପାରୁ ନାହିଁ ଜାଣିଲୁ । ଏଥର ଆଉ ପଛକୁ ନ ଚାହିଁ ଘରକୁ ଯିବା ବାହାର ଭୁଲ । ଆମର ଏ ଖଟ, କୁରୁଚି, ରେଡ଼ିଓ ଗୀତରୁ କଅଣ ମିଳିବ ? ଦେଖୁ ଦେଖୁ ଜୀବନ ପକେଇବ, କେହି ରକ୍ଷା କରିପାରିବ ନାହିଁ । ଯେଉଁ ସଭାକୁ ଆସିଥିଲୁ ସେଥିର କଥାସବୁ ଶୁଣୁଛି ରେ ବାପା, ପାଠ ସିନାପଢ଼ି ନାହିଁ, ପାଠ ପଢ଼ିନାହିଁ ବୋଲି ପାଠ ପଢ଼ିବା ମଣିଷକୁ ଦେବତା ବୋଲି ମାନୁଛି । ଗାଆଁର ଅବଧାନ ବୁଢ଼ା ଆସିଥିଲେ । ସବୁ କଥା କହୁଥିଲେ । ଏ ଲୋକ କେହି ହେଲେ ମଣିଷକୁ ମଣିଷ ବୋଲି ଭାବୁ ନାହାନ୍ତି । ଭିତରେ ଭିତରେ ହାଡ଼, ପାଣିଙ୍କଠାରୁ ଆହୁରି ହୀନ । ଭଲ ପିନ୍ଧିଲେ କି ଭଲ ଖାଇଲେ, ବଡ଼ ଘରେ ବାସକରି ରହିଲେ, ଗାଡ଼ିରେ, ଘୋଡ଼ାରେ ବସିଲେ କଅଣ ବଡ଼ ହୋଇଯିବ ! ଗାଆଁରେ ରହି ଭଲ ତେଲ ଟିକିଏ ଯେତେବେଳେ ବନ୍ଦୀ କରୁଥିଲୁ, ଲୋକଙ୍କର ବିଶ୍ୱାସ ଥିଲା ନାରଣ ପାଖରେ ନିଶ୍ଚୟ ଭଲ ତେଲ ମିଳିବ । ଏବେ ତୁ ଯେଉଁ ଅବସ୍ଥାକୁ ଆସିଲୁଣି, ସତ କଥା କହିଲେ ମଧ୍ୟ କେହି ପରତେ କରିବେନାହିଁ । ଶୁଣୁଛୁ ମୋ କଥା ? ଗାଆଁକୁ ପଳେଇବା, ଆମେ ଯିମିତି ଥିଲେ ସିମିତି ରହିବା । ବୟସ ହେଲାଣି । ଆଉ କେତେଟା ଦିନ ବଞ୍ଚିବି । ଶେଷ କାଳର କଥାଟି ରଖିଲେ ତୋର କେବେ ମନଦୁଃଖ ହେବନାହିଁ । କନକକୁ ଫେରାଇ ଆଣିବା ଭାର ମୋ ଉପରେ ରହିଲା । ଆଉ ତୁ ଏସବୁ ଜଞ୍ଜାଳ ଛାଡ଼ । ପିଲାଙ୍କୁ ଧରି ଗାଆଁକୁ ପଳେଇବା । ତୁ ତାକୁ ଫେରେଇ ଆଣି ପାରିବୁ ନାହିଁ ବୋଲି ଭୟ କରୁଛୁ । ମୁଁ ସେ ଭାର ନେଲି । ମୁଁ ଜାଣିଛି, ସେ ମୋ କଥା ବୁଝିଯିବ ।"

ମାଆର କଥା ଶୁଣି ନାରଣ ସ୍ଥିର ହୋଇ ରହିଗଲା କେତେ ସମୟ ଯାଏ । ଏଇ କେତେ ଦିନ ହେଲା, ଯାହା ସେ ଭାବୁଥିଲା, ଆଜି ହଠାତ୍ ତା ବୋଉ ମୁହଁରୁ ଗାଆଁକୁ ଚାଲିଯିବା କଥା ଶୁଣି ଚମକି ନ ଉଠି ଗୋଟାଏ ଶାନ୍ତ ଅବସାଦରେ ମନଟା ତାର ପରିପୂର୍ଣ୍ଣ ହୋଇଗଲା । ସେ ବୁଝିବାକୁ ଲାଗିଲା, କନକ ସ୍ତ୍ରୀ ହୋଇ ପୁରୁଷର ସମକକ୍ଷ ହେବାକୁ, ବୁଦ୍ଧି ନ ଥାଇ ବୁଦ୍ଧିମନ୍ତୀ ପରି ଭାବ ଦେଖେଇବାକୁ ବଡ଼ ବ୍ୟଗ୍ରଭାବରେ ଧାଇଁଛି । ତା ପ୍ରତି ମୁଁ ବିରକ୍ତ ହେଉଛି ; କିନ୍ତୁ ତାର ବିଶ୍ୱାସ ହେଉଛି, କବିମାନେ ତାକୁ ମନୁଷ୍ୟ କରି ଗଢ଼ିଦେବେ । ଏସବୁ ମିଥ୍ୟା । କେବଳ କଥା କହିବା ଆଉ କଥା ଶୁଣିବା ମୋହରେ କନକ ଧାଇଁଛି ଛାଇ ପଛରେ । ପ୍ରେମର

ମହିମା ନ ଜାଣି ଏମାନେ ଭାବୁଛନ୍ତି ଯେ, ଏମାନେ ପରସ୍ପରକୁ ପ୍ରେମ କରୁଛନ୍ତି । କନକ ଯେ ସମ୍ପୂର୍ଣ୍ଣ ଅଜ୍ଞାନୀ ସ୍ତ୍ରୀଲୋକଟିଏ । ମାଆ ପାଖରୁ ସ୍ୱାମୀ ସେବା, ସନ୍ତାନ ସ୍ନେହ ଏଇ କେତୋଟି କଥା ଯାହା ଶିଖି ଆସିଥିଲା, ସେତକ ମଧ୍ୟ ସେ ଭୁଲିଗଲାଣି । ଅଳ୍ପ ପ୍ରାଣୀଟା କେତେବେଳେ ଗର୍ତ୍ତରେ ପଡ଼ି ମରିଯିବ । ମୁଁ ଯେ ତାର ସ୍ୱାମୀ । ତାକୁ ରକ୍ଷାଭକ୍ଷଣ କରିବା ଭାର ତାର ମାଆ ବାପା ମୋ ଉପରେ ଦେଇଛନ୍ତି । ସେଇ କଥା ହିଁ ମୋ ମାଆ ମୋତେ ବୁଝେଇ କହୁଛି । ମୋ ବୋଉ, କ'ଣ ବା ସେ ଜାଣିଛି ! କି ଶିକ୍ଷା ତାର ଅଛି ! ଅକ୍ଷର ଜାଣି ନାହିଁ, ପୋଥି ପଢ଼ି ଜ୍ଞାନ ଅର୍ଜନ କରିନାହିଁ, କଥା କହିବା ଶିଖି ନାହିଁ, ତଥାପି ତା' ମନ ଭିତରେ ଗୋଟାଏ ସ୍ୱାଭାବିକ ଶକ୍ତି କାର୍ଯ୍ୟ କରୁଛି । ଆପଣାର ଅଜାଣାରେ ସତ୍ୟର ସନ୍ଧାନ ସେ ପାଇଛି । ମୋର ମାଆ ମୋତେ ମର୍ତ୍ତ୍ୟକୁ ଆଣିଛି । ମୁଁ ତାର ଆତ୍ମା, ମୋର ଗୌରବରେ ତାର ଗୌରବ ।"

"କ୍ଷମା ହୋଇ ରହିଲୁ ବାପ, କନକ ଯେ ମୋର ପର ଗୋଟିଏ ଝିଅ । ମୁଁ ଯଦି ବୁଦ୍ଧିହୀନା ହୋଇ ଗୋଟିକ ପର ଜଳନ୍ତା ନିଆଁରେ ପଡ଼ିଯିବାକୁ ଉଦ୍ୟତ ହୋଇଥାନ୍ତି, ତୋ ବାପା ମୋତେ ସୋଖାଡ଼ି ଆଣି ଘର ଭିତରେ କବାଟ ବନ୍ଦ କରି ରଖନ୍ତେ ନାହିଁ ?"

ନାରଣ ତଳେ ବସିପଡ଼ି ସୁନାମଣିର ପାଦଦୁଇଟି ଧରି କହିଲା, "ବୋଉ, ତୁ ମୋତେ କେବଳ ପୁଅ ହୋଇ ଜନ୍ମ ଦେଇନାହୁଁ, ତୁ ହିଁ ମୋତେ ମନୁଷ୍ୟ କରି ଦେଇଛୁ । ତୁ ଯଦି ଗାଳି ଦଣ୍ଡ ସହ୍ୟକରି ମୋତେ ଏଇ କେତୋଟା ଶିଖେଇ ନ ଥାନ୍ତୁ, ମୁଁ ସେଇ ଘଣା ଟାଣିବା, ଗୋରୁ ପରି ସକାଳୁ ରାତି ପର୍ଯ୍ୟନ୍ତ ଟାଣି ହୋଇ ଥକି ଥକି ଆସି ଶୋଇ ପଡ଼ୁଥାନ୍ତି । ପେଟର ଭାତରୁ କାଟକରି ଗାଆଁ ଅବଧାନଙ୍କୁ ଗୁଡ଼ାଏ ଦେଇ ମୋତେ ଯାହା ପଢ଼େଇଥିଲୁ, ସେ ପାଠହିଁ ମୁଁ ଆଜି ପଣ୍ଡିତମଣ୍ଡଳୀରେ ଜଣେ ହୋଇପାରି ନାହିଁ ସତ, କିନ୍ତୁ ମୁଁ ଯେ ଜଣେ ମନୁଷ୍ୟ, ମୁଁ ଆହୁରି ଆହୁରି ଭଲ ମନୁଷ୍ୟ ହେବି, ଆଉ ପାଞ୍ଚ ଜଣଙ୍କୁ ଆପଣାର କରିବି, ଏ ଜ୍ଞାନଟିକତ ପାଇଛି । ତୋହରି ଏ ସ୍ନେହଁ ଜ୍ଞାନଧନ ପାଇଛି, ସେ ଋଣ ଜନ୍ମ ଜନ୍ମ, ସାତ ଜନ୍ମରେ ମଧ୍ୟ ପରିଶୋଧ କରିପାରିବି ନାହିଁ । ତୁ କିଛିହେଲେ ଚିନ୍ତା କରୁନ ନ କର ଯାହା କହିବୁ, ମୁଁ ତାହା କରିବି । ଯାଉଛି, ଆଜି ହିଁ ମୁଁ ମୋର ଏ ଭଲ ଛାଡ଼ିଦେଇ ଆସିବି ; କିନ୍ତୁ ଏକଥା ମଧ୍ୟ ମୁଁ ତୋତେ କହିଦେଇ ଯାଉଛି, କନକକୁ ତାର ଦୁର୍ଗତି ପଥରୁ ଫେରାଇ ଆଣିବା ଭାର ତୋ ଉପରେ ରହିଲା ।"

## ଷୋହଳ

ସ୍ଥାନୀୟ ସାଧାରଣ ସଭା ସଦନରେ ବସି କନକ ମହିଳା ସମିତିର ଆଗାମୀ ବୈଠକ ସମ୍ବନ୍ଧରେ ବନ୍ଧୁଙ୍କ ସହିତ ଆଲୋଚନା କରୁଥିଲା । ଏଇସବୁ ସେ ସମିତିରେ ଅଂଶ ଗ୍ରହଣ କରିବା ଉଦ୍ଦେଶ୍ୟରେ କନକ ପ୍ରାୟ ବର୍ତ୍ତେକାଳ ଶିକ୍ଷକ ନିଯୁକ୍ତ କରି ପଢ଼ାଶୁଣା କରିଥିଲା, ତଥାପି ଏସବୁ କାର୍ଯ୍ୟ ନିମନ୍ତେ ଆହୁରି ଟିକିଏ ଅଧିକ ଶିକ୍ଷା ଆବଶ୍ୟକ ବୋଲି ଅମୂଲ୍ୟବାବୁ ସବୁବେଳେ କହନ୍ତି । ଅମୂଲ୍ୟବାବୁଙ୍କ କଥାର ମର୍ମ କନକ ବୁଝି ପାରେନାହିଁ ।

ସେଇ ଅମୂଲ୍ୟବାବୁ ବର୍ତ୍ତମାନ କନକକୁ ନିଜ ଗାଡ଼ିରେ ବସେଇ ସଭା ଘରକୁ ଧରି ଆସିଛନ୍ତି । ଅନ୍ୟ କେତେ ଜଣ ମିସେସ୍ ଏବଂ ମିଷ୍ଟର ଆସି ଆଗାମୀ ସଭାର ପ୍ରସ୍ତାବ ବିଷୟରେ ବିଚାର କରିବା କଥା ଥିଲା, କିନ୍ତୁ ଯଥା ସମୟରେ ସେମାନେ ଉପସ୍ଥିତ ହୋଇ ନାହାନ୍ତି । ସମ୍ଭବତଃ ଆସିପାରନ୍ତି ।

କନକ କହିଲା, "ଆମ ସମିତି ପକ୍ଷରୁ ଏଠି ଗୋଟିଏ ଫୋନ୍ ରଖିଲେ ହୁଅନ୍ତା ।"

"ଆପଣ ତ ନିଜ ଘରେ ଫୋନ୍‌ଟିଏ ରଖି ନାହାନ୍ତି । ଘରେ ବସି ଆପଣଙ୍କ ସାଙ୍ଗରେ ଆଳାପ କରୁଥାନ୍ତି ।"

"ଆପଣଙ୍କ ଭଳି ମୋର କଅଣ ବିଦ୍ୟା ବୁଦ୍ଧି ଅଛି ଯେ ଆପଣ ମୋ ସାଙ୍ଗରେ ଆଳାପ କରିବେ । ଛାଡ଼ନ୍ତୁ ସେ କଥା । ଆମର କି କି ବିଷୟରେ ଆଲୋଚନା

ହେବ ? ଆପଣ କହୁଥିଲେ, ଏଥର ଛଅଟି ବିଷୟ ରଖିବା ବୋଲି ।"

ମିସେସ୍ ବିଶ୍ୱାଳ କହୁଥିଲେ, "ପ୍ରଥମ ବିଷୟ ସମିତିର ସବୁ ବନ୍ଧୁ ଏକତ୍ର ହୋଇ କୌଣସି ଗୋଟିଏ ସ୍ଥାନରେ ପିକ୍‌ନିକ୍ କରିବେ । ସଙ୍ଗୀତ ଏବଂ ନୃତ୍ୟ ସମ୍ବନ୍ଧରେ ଆଲୋଚନା କରିବେ । ସାହିତ୍ୟ ଆଲୋଚନା ସଙ୍ଗେ ସଙ୍ଗେ ମିଳିତ ଭାବରେ ଚଳଚିତ୍ର ଦେଖିବାକୁ ଯିବେ ।

"ସବୁ କଥା ହେବ ଯେ, ଏଇ ଯେଉଁ ନୃତ୍ୟ ଗୀତ କଥା କହିଲେ, ନୃତ୍ୟ କରିବ କିଏ ?"

ଅମୂଲ୍ୟବାବୁ ହାସ୍ୟ ସମ୍ବରଣ କରି କୃତ୍ରିମ ଗାମ୍ଭୀର୍ଯ୍ୟର ସହିତ କହିଲେ, "କାହିଁକି, ଆପଣ ନୃତ୍ୟ କରିବେ । ମୁଁ ତ ଭଲ ନୃତ୍ୟ ଜାଣେ । ମୁଁ ନୃତ୍ୟ ଶିଖେଇଦେବି ।"

କନକ କଅଣ ମନେ କଲା କେଜାଣି, ସେ ଅଳ୍ପକ୍ଷଣ ତୁମ୍ପ ହୋଇ ରହି କହିଲା, "ଆଚ୍ଛା, ଆପଣ ଆମମାନଙ୍କ ପାଖରେ ଏତେ ସବୁ ବଡ଼ ବଡ଼ କଥା କହୁଛନ୍ତି, ଆପଣଙ୍କ ସ୍ତ୍ରୀଙ୍କୁ ତ ଆମର ସମିତି ଭିତରକୁ ଆଣୁ ନାହାନ୍ତି !"

ହଠାତ୍ କଅଣ ଗୋଟାଏ କଥା କହିବେ, ଅମୂଲ୍ୟ ବାବୁ ଖୋଜି ନ ପାଇ ଟିକିଏ ତୁମ୍ପ ହୋଇ ରହି ଭାବିଗଲେ, ମୁଁ ତ ଆଜି ନାରଣି ସାହୁ ହୋଇ ନାହିଁ । କେଡ଼େ ବଡ଼ ସମ୍ଭ୍ରାନ୍ତ ବଂଶର ସନ୍ତାନ ମୁଁ । ମୋ ସ୍ତ୍ରୀ ଆସିବ ଏମାନଙ୍କ ପାଖକୁ ! ଏମାନଙ୍କର ନାଁ ପଡ଼ିଗଲେ, ସେ ଛି ଛି କରି ଛଅ ଗଦା ଛେପ ପକାଉଛି । ଶୁଚିଶୁଦ୍ଧା ଅନ୍ତଃପୁରର ସ୍ତ୍ରୀ ସେ । ମୋ ଛଡ଼ା ଅନ୍ୟ ଲୋକର ଛାୟା ମଧ୍ୟ ଆମ ଘର ଦୁଆର ମୁହଁରେ ପଡ଼ିନାହିଁ । ଏ ସ୍ତ୍ରୀଲୋକଟାର ସାହସ ଦେଖନା ! ଏ ମୋତେ କହୁଛି ତମ ସ୍ତ୍ରୀକୁ ଆଣୁ ନାହଁ !

ଅମୂଲ୍ୟବାବୁ କନକ ଆଡ଼କୁ ମୁହଁ ଫେରେଇ କହିଲେ, "ତୁମେମାନେ ହେଲ ଶିକ୍ଷିତା ଭଦ୍ରମହିଳା । ତୁମେମାନେ ସବୁ କଥା କହିପାରିବ । ଯିମିତି ସୁନ୍ଦର କଥା କହି ଜାଣୁଛ, ଭଗବାନ ମନ ଜାଣି ସିମିତି ରୂପ ମଧ୍ୟ ଦେଇଛନ୍ତି ।"

ରୂପର ପ୍ରଶଂସା ଶୁଣି କନକ ମନେ ମନେ ପୁଲକିତା ହୋଇ କହିଲା, "ସୁନ୍ଦର ଆଉ କୋଉଠି ହେଇଛି ? ଆପଣଙ୍କ ସ୍ତ୍ରୀ କଅଣ ସୁନ୍ଦରୀ ନୁହନ୍ତି ?"

"ମୋଟେ ନୁହେଁ । ସୁନ୍ଦରୀ ହେଲେ କଅଣ ହେବ ? ମେ ତେ ଆପଣ ହିଁ ସବୁଠାରୁ ବେଶି ସୁନ୍ଦର ଦିଶୁଛନ୍ତି ।"

କଥା କହୁ କହୁ ଅମୂଲ୍ୟ ଅଗ୍ରସର ହୋଇଆସିଲା ପରି ଲାଗିଲା କନକକୁ । କନକର ଆଖି ମୁଦି ହୋଇ ଆସିଥିଲା ଅମୂଲ୍ୟର ମନ୍ତ୍ର ବଳରେ ।

ଏତିକିବେଳେ ହଠାତ୍ ଦୁଆର ପାଖରୁ ସୁନାମଣି 'କନକ, କନକ' ବୋଲି ଡାକି ଡାକି କବାଟ ଠେଲି ପ୍ରବେଶ କଲେ ଘର ଭିତରକୁ ।

ଶାଶୁଙ୍କୁ ସମ୍ମୁଖରେ ଦେଖି ପୌଷ ମାସର ଶୀତରେ ମଧ୍ୟ କନକର ଦେହରୁ ଝାଳ ବୋହିଗଲା ଗମଗମ ହୋଇ ।

ସୁନାମଣି ଅମୂଲ୍ୟ ଆଡ଼ୁ ଦୃଷ୍ଟି ଫେରାଇଆଣି କନକ ପିଠିରେ ହାତ ରଖି କହିଲେ, "ଚାଲ କନକ, ଘରେ ରନ୍ଧା ହେଇନି । ନାରଣ ଭୋକ ଉପାସରେ ବସିଛି । ପୋଡ଼ା କପାଳ ମୋର । ଇମିତି ଦୁର୍ବଳ ପୁଅ ଜନ୍ମ ଦେଇଥିଲି ଯେ, ସେ ତୋତେ ହାତମୁଠା ଭିତରେ ରଖିପାରିଲା ନାହିଁ ।"

ସୁନାମଣି କନକକୁ ଧରି ଚାଲିଯିବା ପରେ ଅମୂଲ୍ୟ ବିସ୍ମୟ ବୋଧକରି ଭାବିଲା, କଅଣ ହେଲା ! ମୋ ଭଳି ଜଣେ ଜାଣିବା ଲୋକ ମଧ୍ୟ କୌତୂହଳର ବଶବର୍ତ୍ତୀ ହୋଇ ନାରଣର ସ୍ତ୍ରୀ ମୋତେ କେତେବେଳେ କଅଣ କହିବ ବୋଲି ମୁଗ୍ଧ ହୋଇ ତା' ପଛରେ ଗୋଡ଼େଇ ଥିଲି ! ବୁଢ଼ୀଟା ଯେ ମୋତେ ଅନେଇ ଦେଇ ଗଲା, କଅଣ ଭାବିଥିବ ସେ ? ନାରୀ ସମିତି ନାମରେ ମୁଁ କେବଳ ଗୋଟାଏ ମୋହର ପଛରେ ଧାଇଁଥିଲି । ଏସବୁ ଶୁଣିଲେ ମୋ ସ୍ତ୍ରୀ ମୋତେ କଅଣ କହିବ ? ଛି ଛି ଛି ! କାହାକୁ କିଛି ନ କହି ଏସବୁ ଭୁଲିଯିବା ହିଁ ଭଲ । ମୁଁ ତ ଆଜି ପର୍ଯ୍ୟନ୍ତ ସ୍ତ୍ରୀସମାଜର କୁତ୍ସା ଗାଇ

ଗାଇ ଆସିଲି । ମୁଁ ଆଜ ବୁଝିପାରୁଛି, ମୋର ବିଦ୍ୟା-ବୁଦ୍ଧିର ବଳ କେତେ ?

ନାରଣର ଦୁଆର ମୁହଁରେ ରିକ୍ସା ରହିଲା । ସୁନାମଣି ତରତର ହୋଇ ରିକ୍ସାବାଲାକୁ ଦୁଇଟା ଟଙ୍କା ଦେଇ କହିଲେ, "ଆଜି ମୋ ପୁଅର ଜନ୍ମଦିନ । ନେ, ଖଜାଭଜା କିଣି ଖାଇବୁ !"

ସୁନାମଣି ଘର ଭିତରକୁ ପଶି ତଳେ ଲୋଟିଯାଇ ଭେଁ ଭେଁ କରି କାନ୍ଦିବାକୁ ଲାଗିଲେ । ତାଙ୍କର ସେ ବାହୁନି ବାହୁନି କାନ୍ଦିବା ଦେଖି କନକ ଶାଶୁଙ୍କ ପାଦ ପାଖରେ ବସିପଡ଼ି ଶାଶୁଙ୍କୁ ଟେକି ତୋଳି ଧରି କହିଲା, "ମା ଗୋ ମାଆ, ମୋତେ ରଖ ଗୋ, ମୋତେ କ୍ଷମା ଦିଅ ଗୋ ! କେତେ ଆଦର ଦେଇ ମୋତେ ପାଳିଥିଲ, ତୁମ ମୁହଁକୁ ଅନେଇଁଲି ନାହିଁ । ମାରି ଦିଅ ଗୋ ମାଆ ମୋତେ । ତୁମେ ମୋତେ ଆଜି ରକ୍ଷା କରିଦେଲ ଗୋ ମାଆ ! ନଚେତ୍ କେଉଁ ନରକକୁଣ୍ଡରେ ଯାଇ ପଡ଼ିଯାଇଥାନ୍ତି ।"

ସୁନାମଣି ଦେଖିଲେ, କନକର ଆଖିରୁ ଲୁହ ବହିଯାଉଛି ଧାର ଧାର ହୋଇ । ସେ ଉଠି ବସି କନକର ପିଠିରେ ହାତ ବୁଲେଇ ଦେଉଥିଲେ ।

କନକ ଆଉ ଭୁହାଏ କାନ୍ଦି କହିଲା "ମାଆ ଗୋ, ମୋତେ ଏଠୁ ନେଇଯାଅ । ମୁଁ ଆଉ କେଉଁଠିକି ପଳେଇଯିବି ।

ସୁନାମଣି କନକର ଲୁହ ପୋଛିଦେଇ କହିଲେ, ତୋତେ ମୁଁ ଗାଆଁକୁ ନେଇଯିବି ଲୋ କନ ! ତୁ ମରଣ ମୁହଁରୁ ବାହୁଡ଼ି ଆସିଛୁ । ମାଆ ଲୋ, ଭାଗ୍ୟ ତୋର ଭଲ । ମନୁଷ୍ୟ ଅବାଟରୁ ବାହୁଡ଼ିଲେ ଆପଣା ଆତ୍ମାକୁ ଜାଣିପାରେ । ଏଥର ଆଉ ହସି ହସି ତୁ ଘରର ନିନ୍ଦା କରିପାରିବୁ ନାହିଁ । ଆପଣାର ଅପରାଧଟି ଆଗ ମନେ ପଡ଼ିବ । ପର ଦୁଃଖରେ ନ ହସି କାନ୍ଦିବୁ ।"

× × × ×

ବ୍ୟବସାୟୀ ବ୍ୟକ୍ତି ଦଳ ଭିତରେ ଗଣନାଥ ବି ଜଣେ ଧନୀ । ଉପମନ୍ତ୍ରୀ ପ୍ରଭୃତି ଆସି ଗଣନାଥଙ୍କଠାରୁ ସମୟେ ଅସମୟରେ ଟଙ୍କା ନିଅନ୍ତି । ନାରଣ ବିଧାନସଭା ସଦସ୍ୟପଦ ତ୍ୟାଗ କରିବା ପତ୍ରଖଣ୍ଡିକ ଧରି ଯାଇ ଅପେକ୍ଷା କରିଥିଲା ଗଣନାଥଙ୍କ ଅଫିସ ଘରେ । କେତେକ ସମୟ ପରେ ଗଣନାଥ କଅଣ ଗୋଟାଏ କାଗଜ ଖୋଜି ନେବାକୁ ଆସି ଚମକିଲା ପରି ହୋଇ ପଚାରିଲେ, "କିଏ, ନାରଣ ! କୁଆଡ଼େ ଆସିଛ ?"

ନାରଣ ପରମ ସଙ୍କୋଚରେ ଅଣୁଷ୍ପରିମିତ ହୋଇଯାଇ ପଦତ୍ୟାଗ ପତ୍ରଟିକୁ ଗଣନାଥଙ୍କ ଆଡ଼କୁ ବଢ଼ାଇଦେଇ କହିଲା, "ମୋର ଇସ୍ତଫାପତ୍ର ଆଜ୍ଞା, ଏଇ ନିଅନ୍ତୁ । ଯଦି ଏ ଅଧମକୁ ଆଦେଶ ଦେଇଦେବେ, ତେବେ ଏ ଅଧମ ଆପଣଙ୍କଠାରେ ଚିର ଉପକୃତ ହେବ ।"

"କଅଣ କହୁଛ ତୁମେ କିଛି ବୁଝିପାରୁ ନାହିଁ ! ଏସବୁ ସେଇ ଧରଣୀପୁରର ଢଙ୍ଗ ନା କଅଣ ! କଅଣ କହୁଛ ସ୍ପଷ୍ଟ କରି କହ । ଶୁଣୁଛି, ତୁମେ ଆମର ଶତ୍ରୁମାନଙ୍କ ସହିତ ବନ୍ଧୁତା କରିଛ । ଜେଲ ଯିବାକୁ ଇଚ୍ଛା ହେଉଛି ନା କଅଣ ?

ନାରଣ କହିଲା ଜଗତରେ କିଏ କାହାର ଶତ୍ରୁ ? ଆପେ ହିଁ ଆପଣାର ଶତ୍ରୁ । ଆପଣ ଏ ଦେଶର ଶାସନକ୍ଷେତ୍ରର ଜଣେ ଅଂଶୀଦାର । ଆପଣଙ୍କର ଶତ୍ରୁ କାହିଁକି ରହିବ ଆଜ୍ଞା ? ଯାହାହେଉ, ମୁଁ ଆପଣଙ୍କର ଶତ୍ରୁ ସାଙ୍ଗରେ ମିତ୍ରତା କରୁନାହିଁ କି ମିତ୍ରଙ୍କ ସଙ୍ଗରେ ଶତ୍ରୁତା କରୁନାହିଁ । କାହାକୁ ଚିହ୍ନି ପାରୁନାହିଁ, କାହାକୁ ଜାଣି ପାରୁନାହିଁ । ରାଜନୀତିକ୍ଷେତ୍ର ଏପରି ଅନ୍ଧକାରମୟ ବୋଲି ତ ମୁଁ ଜାଣି ନ ଥିଲି । ଅଭିମନ୍ୟୁ ଚକ୍ରବ୍ୟୂହ ଭିତରେ ପ୍ରବେଶ କଲାପରି ମୁଁ ଏ ଭିତରେ ପଶିଯାଇଛି । ଆପଣ ଧନବ୍ୟକ୍ତି ଦୟାକରି ମୋତେ ଏଥିରୁ ମୁକ୍ତ କରିଦିଅନ୍ତୁ ।"

ଗଣନାଥ ନାରଣର ବକ୍ତବ୍ୟ ଆଡ଼କୁ କାନ ନ ଦେଇ ତାର ଇସ୍ତଫାପତ୍ରଟା ପଢ଼ି ଯାଉଥିଲେ । ନାରଣର ଶେଷ କଥା ଉପରେ ଜୋର ଦେଇ କହିଲେ, "ବଡ଼ ରସଗ୍ରାହୀ ଲୋକଟିଏ ତ ତୁମେ ! ବ୍ୟବସ୍ଥାପକସଭାକୁ ଆସିବି ଆସିବି ବୋଲି କାନ୍ଦି କାଟି କନହାର ମୋ ପାଖକୁ କହି ପଠାଇବାରୁ ଅନେକ

ପ୍ରକାର ଚିନ୍ତା କରି ତୁମକୁ ଆଣିବା କଥାରେ ମୁଁ ସ୍ୱୀକୃତି ଦେଇଥିଲି । ତୁମେ ଜାଣି ନାହିଁ, ତୁମକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ତିଳେ ହେଲେ ଇଚ୍ଛା ନ ଥିଲା । ଜାଣିଛ, ଦଳ ଭିତରେ ତୁମେ ଜଣେ ସ୍ଥାୟୀ ସଭ୍ୟ ହୋଇ ରହିବ ବୋଲି ତୁମ ପଛରେ ମୋର ନିଜ ଟଙ୍କାରୁ କୋଡ଼ିଏ ହଜାର ଖରଚ କରିଛି । ତା ନ ହୋଇଥିଲେ ତୁମର ଯେଉଁ ବିଦ୍ୟାବୁଦ୍ଧି ତୁମକୁ ଭୋଟ ଦେଇଥାନ୍ତା କିଏ ? ଏସବୁ ଏଠି ଚଳିବନାହିଁ । ବୁଝିଲ ! ଟଙ୍କା ନେଇ କାରବାର, ପିଲା ଖେଳ ନୁହେଁ । ଆସିବ ଆସିବ, ଯିବ ଯିବ ଏଠି ଚଳିବ ନାହିଁ ।"

"ପିଲାଖେଳ ନୁହେଁ ବୋଲି ଜାଣିବାରୁ ହିଁ ଏ ଭିତରୁ ବାହାରି ଯିବାକୁ ଆପଣଙ୍କୁ ଜଣାଉଛି । ମୋତେ ଛାଡ଼ି ଦିଅନ୍ତୁ, ମୁକ୍ତି ଦେଇ ଦିଅନ୍ତୁ । ମୁଁ ଜଣେ ତେଲି-ତେଲ ପସରା ଧରି ଜୀବନ କଟେଇବି । ତାଠୁ ଆଉ ବଡ଼ ଲୋକ ହେବାକୁ ଇଚ୍ଛା ନାହିଁ ।

"ଓହୋ ! ତୁମେ ନାରଣ ସାହୁ କେତେ ଢଙ୍ଗରେ କଥା କହିବାକୁ ଶିଖିଲଣି ହେ ! ନିଶ୍ଚୟ ତୁମକୁ ପ୍ରାଣନାଥ ଘାଇ ଏସବୁ କଥା ଶିଖେଇ ପଠେଇଛି ।"

"ମୋତେ କେହି ଶିଖେଇ ନାହିଁ । ମୁଁ ମୋର ମାଆର ଆଦେଶ ପାଳନ କରିବାକୁ ଆସିଛି ।"

ଗଣନାଥ ହସି ହସି ତଳେ ଲୋଟିଯାଇ କହିଲେ, "ତୁମେ ତ ଏ ଯୁଗର ମଣିଷ ହୋଇ କିଛି ନ ବୁଝି ନ ଜାଣି ଧାଇଁ ଆସିଛ କଅଣ ନା ସଭ୍ୟପଦରୁ ଇସ୍ତଫା ଦେବି ! ତା ଉପରେ ତୁମ ମାଆ ବୁଢ଼ୀ ଯଦି ଏଭଳି ଗୋଟାଏ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ମସ୍ତିଷ୍କ ଚାଳନା କରୁଥାନ୍ତି, ତାହାହେଲେ ତୁମେ ଏ ସଭାର ସଭ୍ୟ ନ ହେବା ହିଁ ଭଲ । ଆଜି ମାଆ ରୂପକ ମୂର୍ତ୍ତିର କଥା ଶୁଣିବ, କାଲିକି ତୁମ ଘରର ବିରାଡ଼ିଟା ତୁମକୁ ଉପଦେଶ ଦେବ, ତା ପର ଦିନ ମୂଷା । ଏସବୁ ଚି ଚିଁ ମିଁ ମି କଥା ଆଉ ଚଳିବନାହିଁ ନାରଣ ! ଯଥାର୍ଥରେ ମୋ ଦଳଟା ଗୋଟାଏ ବଡ଼ ବିପଦରେ ପଡ଼ିଯାଇଛି । ତାହା ବୋଲି ତୁମରି ପରି ଜଣେ ଅତି କ୍ଷୀଣଶକ୍ତି ଲୋକ ଆସି ଇସ୍ତଫା ଦେବା ଭୟ ପ୍ରଦର୍ଶନ କରିବ, ଏକଥା ସହ୍ୟ କରାଯିବ ନାହିଁ ।"

ନାରଣ ହତବୁଦ୍ଧି ହୋଇ ଗଣନାଥଙ୍କ ପାଦ ପାଖରେ ବସିପଡ଼ି କହିଲା, "ମୁଁ ଆପଣଙ୍କୁ ଭୟ ଦେଖାଇବି ଏକଥା ଆପଣ ଭାବନ୍ତୁ ନାହିଁ ଆଜ୍ଞା ! ମୁଁ ଜଣେ ଗରିବ ତେଲବିକ୍ରେତା । କେଉଁଠି ତେଲ ପସରା ଧରି ଗାଁରୁ ଗାଆଁକୁ ଯାଇ ବିକ୍ରୀ କରୁଥାନ୍ତି । ମୋ ମାଆ ମୋତେ ଅକ୍ଷର କେତୋଟା ଶିଖେଇଥିଲା, ସେଇ ବିଦ୍ୟାବଳରେ ମୁଁ ଗାଆଁର ଜଣେ ଭଦ୍ରବ୍ୟକ୍ତି ହୋଇପାରିଥିଲି । ମନ ଯେଉଁ ସମୟରେ ଉଚ୍ଛନ୍ନ ହୋଇ ନାନା ଆଡ଼କୁ ଧାଉଁଥିଲା, ଆପଣ ମୋତେ ମନୁଷ୍ୟସମାଜ ଭିତରକୁ ଆଣି କି ଅପୂର୍ବ ତତ୍ତ୍ୱ ଆଉ ତଥ୍ୟ ଦେଖିବାକୁ ଆଉ ଶୁଣିବାକୁ ସୁବିଧା କରିଦେଲେ— ଏ ଋଣ ମୁଁ ଜନ୍ମଜନ୍ମାନ୍ତରରେ ମଧ୍ୟ ପରିଶୋଧ କରି-ପାରିବି ନାହିଁ । ଆପଣ ମୋ ପାଇଁ ବହୁ ଅର୍ଥ ବ୍ୟୟ କରିଛନ୍ତି, । ସେ ଧନ ଫେରେଇଦେବା ଭଳି ଶକ୍ତି ବି ମୋର ନାହିଁ । ମୋର ଦୋକାନ ଖଣ୍ଡିକ କେଶବ ଚଳାଉଛି । ଏ ଦୁଇ ବର୍ଷ ଭିତରେ ମୁଁ ସେଥିରୁ ପଇସାଟିଏ ମଧ୍ୟ ଆଣିନାହିଁ । କଟକରେ ସେ ଦୋକାନର ଧନ ଅଭିବୃଦ୍ଧି ହୋଇ ଚାଲିଛି । ତାହା ମଧ୍ୟ ଆପଣଙ୍କ ଅନୁଗ୍ରହରୁ । ସେ ଧନ ମୋର ନୁହେଁ । ଆଜିଠୁ ସେ ଦୋକାନ ଆପଣଙ୍କର । ମୁଁ ଆପଣଙ୍କର ଅନୁଗତ ଭୃତ୍ୟ ମାତ୍ର । ମୁଁ ଯେଉଁଠି ରହିବି ଆପଣଙ୍କର ମଙ୍ଗଳ କାମନାରେ ନିଯୁକ୍ତ ହୋଇ ରହିବି । ଆପଣ ମୋତେ ପ୍ରକୃତ ମନୁଷ୍ୟ କରି ଗଢ଼ିଛନ୍ତି ।"

ଗଣନାଥ ଭୂମି ଉପରେ ପଦାଘାତ କରି କହିଲେ, "ଏ ନାରଣ ! ତୋର ଧର୍ମ-ଜ୍ଞାନର ଭାଷଣ ଶୁଣିବାକୁ ମୋର ସମୟ ନାହିଁ କି ଇଚ୍ଛା ମଧ୍ୟ ନାହିଁ । ତୋର ଇସ୍ତଫାଦ୍ୱାରା ମୋର ଲେଶମାତ୍ର କ୍ଷତି ହେବନାହିଁ ; କିନ୍ତୁ ତୁ ଯଦି ବିରୁଦ୍ଧଦଳରେ ଯୋଗଦେଉ, ମୁଁ ସେଥିର ସମୁଚିତ ପ୍ରତିଶୋଧ ନେବି । ସେତେବେଳେ ତୁ କାନ୍ଦି କାନ୍ଦି ଆସି ପାଦତଳେ ପଡ଼ିଲେ ମଧ୍ୟ ମୁଁ ଶୁଣିବି ନାହିଁ ।"

ନାରଣ କିଛି ନ କହି ନତ ହୋଇ ଗଣନାଥଙ୍କ ପଦଧୂଳି ନେବାକୁ ଯାଉଥିଲା, ସେ ପାଦ ଛୁଞ୍ଚାଡ଼ି ଦେଇ ଚାଲିଗଲେ ସେ ଘର ଭିତରୁ ।

ନାରଣ ଧରଣୀପୁରର ସୁନ୍ଦର ମୂର୍ତ୍ତିଟି ହୃଦୟ-ପଟରେ ଅଙ୍କିତ କରି କରି ଧୀରପଦରେ ଚାଲିଗଲା ବାହାରକୁ ।

## ସତର

ପ୍ରାଣନାଥ ତାଙ୍କର ସେଇ ଉପର ଘର ବାରଣ୍ଡାରେ ବସି ହାତ ପାପୁଲି ଉପରେ ମଥାଟି ରଖି ଭାବନା ନିମଗ୍ନ ଥିଲେ । ବିଧାନସଭାରୁ ଚାଲିଆସି ସେ ମନରେ ବଡ଼ ଗୋଟାଏ ଆଶାପୋଷଣ କରିଥିଲେ— ଏଇ ସୁଯୋଗରେ ମନଟାକୁ ସବୁଦିଗରୁ ନିବୃତ୍ତ କରି ଆଣି କେବଳ ରଚନା କାର୍ଯ୍ୟରେ ନିୟୋଗ କରିଦେବେ । ପ୍ରଥମ କେତେ ଦିନ ସେ କାର୍ଯ୍ୟରେ ଲାଗି କେତେ-ଗୁଡ଼ିଏ ଗ୍ରନ୍ଥ ମଧ୍ୟ ରଚନା କରିଦେଲେ । ଦେଖୁ ଦେଖୁ ତିନି ଚାରି ଖଣ୍ଡି ଉପନ୍ୟାସ ଦ୍ରୁତ ପଦକ୍ଷେପରେ ରାଜପଥରେ ଗତିକରିବାକୁ ଲାଗିଲା । ଉପନ୍ୟାସର ବିଷୟ ବସ୍ତୁ ଥିଲା ସମାଜସଂସ୍କାର ସମ୍ବନ୍ଧରେ । ଗଳ୍ପଗୁଡ଼ିକ ନୂତନ ଭାବ ଓ ସରସ ଭାଷାରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇଥିବା ବ୍ୟକ୍ତିକରି ପ୍ରକାଶକ ସେ ଲେଖା କେତୋଟି ନେଇଥିଲେ । ତା' ପରେ ପରେ ସେଇ ପ୍ରକାଶକ ବିଷର୍ଣ୍ଣ ହୋଇ କହିଦେଲେଣି ଯେ ବିଶ୍ୱପତି ଆଚାର୍ଯ୍ୟଙ୍କ ପରି ବିଚକ୍ଷଣ ସମାଲୋଚକ ବହିର ନାମ ଦେଖୁଦେଖୁ ଏଗୁଡ଼ାକ ପ୍ରକାଶଯୋଗ୍ୟ ନୁହେଁ ବୋଲି କହିଦେଲେଣି । ବହୁ ଅନୁନୟ ବିନୟ ନିବେଦନ ପରେ ପ୍ରକାଶକ ସ୍ୱରାଜମୋହନ ଖଣ୍ଡିଏ ଉପନ୍ୟାସ ନେଇଥିଲେ, ଯେଉଁ ଉପନ୍ୟାସ ଖଣ୍ଡିକ ତାଙ୍କରି ନିର୍ଦ୍ଦେଶ ପ୍ରକାରେ ଲେଖିଥିଲେ । ସେ ଲେଖା ଉପରେ ସେ ମନ୍ତବ୍ୟ ଦେଇ ଫର୍ଦ୍ଦ ଚାରି ଗୋଟିଏ ଲେଖି ପଠାଇ ଦେଇଛନ୍ତି ଯେ, ଉପନ୍ୟାସ ଶାନ୍ତରେ ଲେଖା ନ ହୋଇ ନାଟକୀୟ ଭଙ୍ଗୀରେ ଗଢ଼ାହୋଇଯାଇଛି । ଲେଖକ ପ୍ରତ୍ୟେକ ଆଲୋଚନାଟି ନିଜ ଅଭିମତ ଉପରେ ପ୍ରତିଷ୍ଠିତ ନ କରି କେବଳ ଚରିତ୍ରଗୁଡ଼ିକଦ୍ୱାରା ପ୍ରକାଶ କରିଛନ୍ତି । ଯେଉଁଠି ଅଳ୍ପ କିଛି ସ୍ୱମତ ଅଛି, ତାହା ଏକାଥରକେ ବଡ଼ ଗଳ୍ପ ଭିତରେ କ୍ଷୁଦ୍ର ଗଳ୍ପର ସମାବେଶ ପରି ମନେହେଉଛି । ଗଳ୍ପରେ ଘଟଣା-ବୈଚିତ୍ର୍ୟ ନାହିଁ କି ରସ ନିଷ୍ପତ୍ତି ନାହିଁ । ଯୁଗ ଯେପରି ହେଲାଣି । ପ୍ରତ୍ୟେକ ପାଠକ ଲେଖକ ହେଲେଣି । ସେମାନଙ୍କର ମନୋରଞ୍ଜନ କରିବାକୁ ତ ହେବ । ପାଠକର ମନ ଯଦି ଆକର୍ଷଣ କରି ନ ପାରିଲ, ତୁମର ଲେଖାର ସାର୍ଥକତା ଆଉ ରହିଲା କେଉଁଠି ? ପ୍ରାଣନାଥ ବହୁବାର ବୁଝେଇ କହିଲେଣି, ସମସ୍ତଙ୍କର ଚିନ୍ତାଧାରା ତ ସମାନ ନୁହେଁ । ବାଲ୍ମୀକିଙ୍କ ରାମାୟଣ ଆଉ ଜଗନ୍ନାଥ ଦାସଙ୍କ ଭାଗବତ କଅଣ ସମାନଶୈଳୀରେ ଲେଖା ହୋଇଛି । ପ୍ରକାଶକ ତ ତାଙ୍କର କୌଣସି ସୁଯୁକ୍ତିକୁ ସମର୍ଥନ କରୁନାହାନ୍ତି । ଦୃଷ୍ଟାନ୍ତସ୍ୱରୂପ ଅନ୍ୟ-ମାନଙ୍କର ଉପନ୍ୟାସର ରଚନାଶୈଳୀ ଅନୁକରଣ ଅନୁସରଣ କରିବାକୁ ଉପଦେଶ ଦେଉଛନ୍ତି । ପ୍ରାଣନାଥଙ୍କ ଭାଷାଟା ମଧ୍ୟ ସେତେ ଆକର୍ଷଣୀୟ ନୁହେଁ । ସାଂସ୍କୃତିକ ଭାଷାରେ ଲେଖି ଲେଖି ସେଥିରେ ଆଞ୍ଚଳିକ ଭାଷା ମଧ୍ୟ ଯୋଗ କରିଦେଉଛନ୍ତି । ରାଜଧାନୀର କଥିତ ଭାଷାଟାକୁ ସ୍ଥିରକରି ବ୍ୟବହାର କରିପାରୁନାହାନ୍ତି । ଏ ଯୁଗର ଲେଖକମଣ୍ଡଳୀ ଯେପରି ଗ୍ରନ୍ଥର ନାମକରଣରେ ଚମତ୍କାରିତା ରଖିପାରୁଛନ୍ତି, ସେ ସେପରି କରିପାରୁ ନାହାନ୍ତି ।

ହତାଶାରେ ପ୍ରାଣନାଥଙ୍କ ଆଖିରୁ ଝରିପଡ଼ିଲା ଅଶ୍ରୁ । ପାଖରେ ରଖାହୋଇଥିବା ସମ୍ବାଦପତ୍ର ଖଣ୍ଡିକ ଉଠାଇ ଦେଖୁ ଦେଖୁ ସ୍ୱଗତୋକ୍ତି କଲା ପରି କହିଗଲେ, ଏଇ ଯେଉଁ ବାଦବିବାଦ, ଯୁକ୍ତିତର୍କ, ପରସ୍ପର କୁତ୍ସା-ପ୍ରଚାରରେ ଲାଗିଛନ୍ତି, ଏସବୁ କଅଣ ଦେଶର ବାୟୁ-ମଣ୍ଡଳକୁ ଦୂଷିତ କରୁନାହିଁ ! ଜଣେ ଜଣକର ଦୋଷ ବାଛି ପଦେ କହିଲାବେଳକୁ ଅନ୍ୟ ପକ୍ଷରୁ ତାର ସାତ ପୁରୁଷର ଦୋଷ ବାଛି ବାଛି ସେଥିରେ ବିଦ୍ୱେଷ ବିଷ ବୋଳି କାଗଜରେ ପ୍ରକାଶ କରୁଛନ୍ତି, ଯାହା କି ଶତ୍ରୁ-ମିତ୍ରୁ ଅନ୍ତର ସ୍ଥାନରେ ଭରିଯାଉଛି । ବିରୁଦ୍ଧଦଳ, ଶାସକଦଳ ସମସ୍ତେ ଯେ ଏ ଦେଶର ସନ୍ତାନ, ସେକଥା

ଭୁଲି ଯାଉଛନ୍ତି । ପଶୁ ଯେପରି ଆତ୍ମରକ୍ଷା କରିବା ଉଦ୍ଦେଶ୍ୟରେ ଆକ୍ରମଣକାରୀକୁ ରକ୍ତାକ୍ତ କରିଦିଏ, ମନୁଷ୍ୟଗୁଡ଼ାକ ମଧ୍ୟ ସେଇ ଆଚରଣ କରିଯାଉଛନ୍ତି ।

କାଠ ପାହାଚ ଉପରେ ପଦଶବ୍ଦ ଶୁଣି ପ୍ରାଣନାଥ ଚମକି ଚାହିଁଲେ—ବିଶ୍ୱପତି ଆଶ୍ଚର୍ଯ୍ୟ ପାନ ପାକୁଳେଇ ପାକୁଳେଇ ଦାଢ଼ିରେ ହାତ ବୁଲେଇ ବୁଲେଇ ଉପରକୁ ଉଠି ଆସୁଛନ୍ତି । ସେ ପାହାଚ ଆଡ଼କୁ ଅଗ୍ରସର ହୋଇଯାଇ ନମସ୍କାର କରି କହିଲେ, "ଆପଣ ଦୁଇ ତିନି ମାସ ହେଲା ଖାତାଗୁଡ଼ିକ ଦେଇଗଲେ । ମୁଁ ସେ ଲେଖା ଉପରେ କ୍ଷୁଦ୍ର ରେଖାଟିଏ ମଧ୍ୟ ନ କାଟି କେବଳ ବାରମ୍ବାର ଦେଖି ରଖିଦେଉଛି ।"

ବିଶ୍ୱପତି ହସି ହସି ପ୍ରାଣନାଥଙ୍କ ହାତ ଧରିନେଇ ଚଉକିରେ ବସେଇ ଦେଇ ନିଜେ ବସିପଡ଼ି କହିଲେ, "ସେ ଅକ୍ଷରଗୁଡ଼ାକ ଆଜି କଅଣ ହାତ ଅକ୍ଷର ହୋଇ ରହିଛି ? ବହି ଛପାହୋଇ ଲୋକେ ପଢ଼ିସାରିଲେଣି । ଗଙ୍ଗାଧର କଅଣ ଲେଖିଥିଲା କେଜାଣି, ସେ ଯେଉଁ ବିଷୟନେଇ ଲେଖିଥିଲା, ତାହା ତ ଆଉ କିଛି ନୁହେଁ ବର୍ତ୍ତମାନର ଶାସକମାନଙ୍କର ପ୍ରଶଂସାପୂର୍ଣ୍ଣ ପ୍ରବନ୍ଧ ମାତ୍ର । ଦୁଇଟା ଦିନ ଲଗିଲା, ମୁଁ ସବୁ ଡ଼ାକିଦେଲି, ଗଙ୍ଗାଧର ବସି ଲେଖିଦେଲା । ତୁମେ ତ ଜାଣିଛ, ମୋର ଗୋଟାଏ ଶକ୍ତି ଅଛି । ମୁଁ ଭାବିଲାକ୍ଷଣି ଭାଷାଦେବୀ ଆସି ମୋ କଣ୍ଠରେ ବସିଯାଆନ୍ତି । ସେଥି ସହିତ ମୋର ଭାବ ଆସି ଭାଷାକୁ ଗୌରବାନ୍ୱିତ କରିଦିଏ । କିଏ କେବେ କେଉଁଠି କହିଥିଲା, ବ୍ରହ୍ମା ବିଲ ବଳେଇଲେ ବେଦ ହୋଇଯାଏ; ମୁଁ ମୁହଁ ଖୋଲି ଓଁକାର ଶବ୍ଦ ଉଚ୍ଚାରଣ କଲାକ୍ଷଣି ହୃଦୟ ଭିତରୁ ଧ୍ୱନି ଉଠୁଛି—ମୁଁ ଅଛି । ମୋ ସେକଥା ମନ୍ତ୍ରୀମାନଙ୍କର ସୁଗୁଣ ହିଁ ଗାଇଯାଉଛି । ଲୋକେ ତ ଏତେ ଗଭୀର ଜଳ ଭିତରକୁ ଯାଇ ତତ୍ତ୍ୱ ଅନୁସନ୍ଧାନ କରୁନାହାନ୍ତି । କାଗଜ ଦେଖିବେ, ବହି ପଢ଼ିବେ, ସେଇଠାରୁ ସେମାନଙ୍କର ବିଶ୍ୱାସ ଦୃଢ଼ହେବ ଯେ ଏମାନେ ହିଁ ଭଲ । ତୁମେ ମୋର ଏକଥା ଶୁଣିଲେ କହିବ ଯେ ମୁଁ ଗୋଟାଏ ନାସ୍ତିକ । ଆଚ୍ଛା, ତୁମେ ହିଁ କହିଲ ପ୍ରାଣବାବୁ, ଚରମ ସତ୍ୟ ବୋଲି କଅଣ କିଛି ଗୋଟାଏ ଅଛି ?"

ପ୍ରାଣନାଥ ବିଶ୍ୱପତିଙ୍କଠାରୁ ସବୁ କଥା ଶୁଣି ନ ଶୁଣିଲା ପରି ପଚାରିଲେ, "କାଲିର କାଗଜରେ ନାରଣର ଗୋଟାଏ ବିବୃତି ବାହାରିଛି । ସେ କଅଣ ବିଧାନସଭାର ସଭ୍ୟପଦରୁ ଇସ୍ତଫା ଦେଇ ଚାଲିଆସିଲା ?"

"ଏଇସବୁ ଘଟଣା ତ ସାହିତ୍ୟର ଉପାଦାନ । କୁରୁକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ଦେଖାଇଥିଲେ । ତୁମକୁ ମୁଁ ତାହା ହିଁ କହିବି ବୋଲି ଆସିଛି । ତୁମେ ସେଇ ନାରଣର ଖାଲି ସ୍ଥାନରେ ଯାଇ ବସିବ । ତୁମେ ହେବ ମୋର ଚନ୍ଦ୍ରଗୁପ୍ତ, ମୁଁ ତୁମର ଚାଣକ୍ୟ ମନ୍ତ୍ରୀ । ବିକ୍ରମାଦିତ୍ୟଙ୍କୁ ସୂର୍ଯ୍ୟବଂଶର ରାଜାରୂପେ କଳ୍ପନା କରି କାଳିଦାସ ଯେପରି ଦିଲ୍ଲୀପଙ୍କୁ ଗୋଚାରଣ ବ୍ରତପରାୟଣ ତପସ୍ୱୀ ନାୟକ ରୂପରେ ପ୍ରଥମ ଦୃଶ୍ୟରେ ଦର୍ଶାଇଛନ୍ତି, ମୁଁ ତୁମକୁ ମୋର କାବ୍ୟର ସର୍ବଶ୍ରେଷ୍ଠ ନାୟକ କରି ରଖିଦେବି । ତୁମେ ହେବ ଏ ଦେଶର ମୁଖ୍ୟମନ୍ତ୍ରୀ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେବେ ତୁମର ସେବକ । ଆଉ ତୁମର ଭାଇ ଗଣନାଥ, ଯେଉଁ ଲୋକଟାକୁ ତୁମେ ରାଜନୀତି କ୍ଷେତ୍ରକୁ ଆଣିଥିଲ, ତାକୁ ମୁଁ କରିଦେବି ରିକ୍‌ସାଚାଳକ । ଭାଇ କେବଳ ଦସ୍ତାବର୍ଦ୍ଦ ହେଲେ ଚଳିବ ନାହିଁ । ମଣିଷଟା ଯିମିତି ମୂର୍ଖ, ସିମିତି ଉଦ୍ଧତ ମଧ୍ୟ ।"

କହୁ କହୁ ବିଶ୍ୱପତିଙ୍କ ଚକ୍ଷୁଦ୍ୱୟ ବିସ୍ଫାରିତ ହୋଇଉଠିଲା । ସେ ପ୍ରାଣନାଥଙ୍କ ମୁହଁକୁ ଚାହିଁ କହି-ଉଠିଲେ, "ଜାଣିଛ, ଅର୍ଥଲୋଭ ଦେଖାଇ ମୋତେ ମଧ୍ୟ ସେ ବଶକରି ରଖିଛି ; କିନ୍ତୁ ମୋ ଭିତରେ ଗୋଟାଏ ନିର୍ମଳ ବୁଦ୍ଧି ଅଛି । ସେ ବୁଦ୍ଧିଟି ଅବିକଳ ମୋର ସହଧର୍ମିଣୀ ଅପର୍ଣ୍ଣାର ମୁଖମଣ୍ଡଳ ପରି ଶାନ୍ତ ଶୋଭାରେ ଉଜ୍ଜ୍ୱଳ । ମୋର ଅନ୍ୟ କେତେକ ପ୍ରବୃତ୍ତି ମୋତେ ତା ଆଡ଼କୁ ପ୍ରବଳ ଭାବରେ ଆକର୍ଷଣ କରିନେଉଛି । ଗଚ୍ଛିତ ଟଙ୍କାର ହିସାବଟା ଦେଖିଲେ ମୋର ମନ ନାଚିଉଠୁଛି । ଜମିର ପରିମାଣ ଘରର ସଂଖ୍ୟା ବଢ଼ାଇ ମୋର ସୁଖର ସୀମା ରହୁନାହିଁ । ଭୟହେଉଛି, ସେସବୁ ନ ଥିଲେ ମୋର ଖାଇବା, ପିନ୍ଧିବା, ସେବା ପାଇବାରେ ଅସୁବିଧା ହେଉଥାନ୍ତା । କେତେ କଷ୍ଟ,

କେତେ କର୍ମଚାରୀ, କେତେ ଦାର୍ଶନିକ ଶେଷ ସମୟରେ ଅନ୍ନ ବସ୍ତ୍ରର ଅଭାବ ଅନୁଭବ କରନ୍ତି । ଅନ୍ୟ ଆଗରେ ହାତ ପାତି ସେ ଭିକ୍ଷା ଅନ୍ନରେ ଉଦର ପୋଷଣ କରନ୍ତି । ସେମାନଙ୍କର ସେ ଶୋଚନୀୟ ଅବସ୍ଥା ମୁଁ ଆଖିରେ ଦେଖିଛି । ସେମାନଙ୍କର ସେ କରୁଣ ଆବେଦନ କାନରେ ଶୁଣିଛି । ଭିକ୍ଷା ମାଗିବା ଠାରୁ ବଡ଼ ଦୈନ୍ୟ, ବଡ଼ ଦୁର୍ଗତି ଆଉ କିଛି ନାହିଁ । ଯେ କୌଣସି ମତେ ଧନ ଆମର ଦରକାର ।"

"ଧନ ଦରକାର ବୋଲି କଅଣ ଯେ କୌଣସି ଉପାୟରେ ଅନ୍ୟକୁ ବଞ୍ଚିତ କରି ଧନ ଆହରଣ କରିବା ଉଚିତ ? ଆମର ସଂସ୍କୃତି କଣ୍ଠା ଆମର ପରଂପରା ଭ ପାର୍ଥିବ ଧନର ପ୍ରାର୍ଥୀ ନ ଥିଲା !"

"ପାର୍ଥିବ ଧନର ଲୋଭ କରନାହିଁ ବୋଲି କିଏ କହୁଛି କହିଲ ? ଆଉ ତୁମେ କେଉଁ ପରମ୍ପରାଠାରୁ ଲୋଭହୀନତାର ପ୍ରମାଣ ପାଉଛ ? ମହାଭାରତ ଯୁଗର ତ ତୁମର ପରମ ଜ୍ଞାନୀ ଭୀଷ୍ମ, ଗୁରୁଶ୍ରେଷ୍ଠ ଦ୍ରୋଣ କେବଳ ଧନ ଲୋଭରେ ହିଁ ଦୁର୍ଯ୍ୟୋଧନର ପକ୍ଷ ଅବଲମ୍ବନ କରିଥିଲେ । ଶରଶଯ୍ୟାରେ ଶୋଇ ଭୀଷ୍ମ ଧର୍ମନୀତି, ରାଜନୀତି ଶିକ୍ଷାଦେଇଗଲେ । ଜୀବିତ ଅବସ୍ଥାରେ ସେଇ ନୀତିଗୁଡ଼ିକ କାର୍ଯ୍ୟକାରୀ କରାଇ ପାରିଥିଲେ ଭାରତର କ୍ଷତ୍ରିୟବଂଶ ଧ୍ୱଂସ ହୋଇ ନ ଥାଆନ୍ତେ, କି ଧର୍ମପୁତ୍ର ନରକ ଦର୍ଶନ କରି ନ ଥାନ୍ତେ । ଯୁଧିଷ୍ଠିର ରାଜ୍ୟ ଜିଣି ରାଜତ୍ୱ କରିପାରିଲେ ନାହିଁ । ସକଳ ପ୍ରକାର ବିଷୟ ସମ୍ପଦ ବର୍ଜନକରି ହିମାଳୟକୁ ଚାଲିଗଲେ । ଆଉ ଅଳ୍ପ ସମୟ ପୂର୍ବରୁ ସେଇ ଧର୍ମବୁଦ୍ଧିଟିକ ଜାଗ୍ରତ ହୋଇଥିଲେ ରାଜ୍ୟଲୋଭରେ ଗୁରୁଙ୍କ ଆଗରେ ମିଥ୍ୟା କହି ନ ଥାନ୍ତେ । ଦେଶ-କାଳ-ପାତ୍ର ବୋଲି ଯେଉଁ ଗୋଟିଏ ପ୍ରବଚନ ଅଛି, ତାକୁ ଆମେ ଏଡ଼ାଇଦେଇ ପାରିବା ନାହିଁ । ତୁମେ ଚାଲିଆସ, ରାଜ୍ୟ ମିଳିବ, ଧନ ମିଳିବ, ତୁମର ଲେଖା ପ୍ରଚ୍ଛର ହୋଇଯିବ ଆପେ ଆପେ । ନ ପଢ଼ିବା ଲୋକ ତୁମ ବହି କିଣିନେଇ ପଢ଼ିବେ । ମୁଖ୍ୟମନ୍ତ୍ରୀଟାକୁ ଦଳରୁ ବାହାର କରିଦେଇ ତୁମକୁ ବସେଇଦେବି ସେ ଆସନରେ । କାଲିର ମନ୍ଦ ଆଜି ଭଲ ହୋଇଯାଉଛି । ଯୁଗ ଯୁଗର ବିଚ୍ଛେଦ ବ୍ୟବଧାନ ନିମିଷକରେ ପୋଛିଯାଇ ହୃଦୟଭାଣ୍ଡ ଭରିଯାଉଛି ମିଳନର ଅମୃତରେ । ତୁମେ ନିର୍ଲୋଭ, ନିରହଙ୍କାର, ଆଜି ଶ୍ରୀରାମଙ୍କ ଶକ୍ତିରେ ଆମମାନଙ୍କୁ କରିବ ଶକ୍ତିଶାଳୀ । ତୁମେ ଇଚ୍ଛାକରିବା ପୂର୍ବରୁ ଇନ୍ଦ୍ରଦେବ ମୋତେ ପଠେଇ ଦେଇଛନ୍ତି । ସକଳ ଐଶ୍ୱର୍ଯ୍ୟର ଅଧିଷ୍ଠାତା ତ ସେ । ଆଜି ମୁଁ ତୁମର ହାତ ଧରିନେଇ ବସେଇଦେବି ସମ୍ରାଟ ଆସନରେ ।"

ପ୍ରାଣନାଥ ବିଶ୍ୱପତିଙ୍କ ମୁହଁକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ, "ଆପଣ ମୋର ନମସ୍ୟ ବ୍ୟକ୍ତି । ଆପଣଙ୍କ ପ୍ରତ୍ୟେକ କଥା ଦୈବୀ ଆଦେଶ ବୋଲି ଶିରୋଧାର୍ଯ୍ୟ କରିନେଉଛି । ଆପଣ ଜାଣନ୍ତି, ମୁଁ ଅତି ହତଭାଗ୍ୟ । ଜନ୍ମାବଧି ନା ପାଇଛି ପିତା ମାତାଙ୍କ ସ୍ନେହ ସେବା, ନା ସେମାନଙ୍କୁ କେବେ ଭକ୍ତିକରି ସେବା କରିଛି । ଭାଇ, ଭଉଣୀଙ୍କ ନାମ ଶୁଣିବା ଛଡ଼ା କାହାକୁ ତ ସ୍ନେହ ବଳରେ ଆପଣାର କରିପାରିନାହିଁ । ଆଜି ଆପଣାର ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ଦଉଡ଼ିଯାଇ ଯଦି ଭାଇକୁ ଆଲିଙ୍ଗନ-ପାଶରେ ଆବଦ୍ଧକରେ, ତେବେ ସେ ତ ଖୁସି ହେବେନାହିଁ । ମୁଁ ମଧ୍ୟ ଆନନ୍ଦ ଅନୁଭବ କରିପାରିବି ନାହିଁ । ଭଗବାନ ତାଙ୍କୁ ଡାକିବାକୁ ଶକ୍ତି ଦିଅନ୍ତୁ, ଆଉ ଆପଣଙ୍କ ଶୁଭାଶିଷ ନେଇ ମୁଁ ଯେପରି ତାର ସେ ଡାକ ଶୁଣିପାରେ । ମୁଁ ସେଇ ଶୁଭଦିନର ଅପେକ୍ଷାରେ ରହିଲି । ସେ ଦିନ ଆସୁ । କବି ଗଙ୍ଗାଧର ମେହେର ତାଙ୍କର 'ପ୍ରଣୟ ବଲ୍ଲରୀ'ରେ କହିଛନ୍ତି—"ଋତୁ ପକ୍ୱ ହେଲେ କୋକିଳ ଆସଇ ଭାଷଇ ମଧୁର ଭାଷା । ପୁଣ୍ୟ ପକ୍ୱ ହେଲେ ପରାଣଦେବତା ପୂରଣ କରନ୍ତି ଆଶା ।" କେବେ ତିରିଶି ବର୍ଷ ପୂର୍ବେ ପଢ଼ିଥିଲି, ରହି ରହି ମନେ ପଡ଼ୁଛି ସେଇ କଥା । ସ୍ନେହ ଦେଇ ସ୍ନେହ ପାଇବା କିଛି ସହଜଲଭ୍ୟ ଧନ ନୁହେଁ । ମୋର ବିଶ୍ୱାସ ହେଉଛି, ମୋର ପୁଣ୍ୟ ଆହୁରି ପକ୍ୱ ହୋଇନାହିଁ । ଯେଉଁଦିନ ହେବ, ମୁଁ କେଉଁ ବାଟରେ ଧାଇଁଯାଇ ଭାଇ ପାଖରେ ପହଞ୍ଚିବି ।"

ବିଶ୍ୱପତି ଗୋଟାଏ ଉଚ୍ଚ ହାସ୍ୟରୋଳରେ ଗୋଟାଯାକ ଘର କାଉଣ୍ଡା ଭରିଦେଇ କହିଲେ, "ଏଥର ଯାଉଛି ପ୍ରାଣବାବୁ !"

ଆଗ୍ରହର୍ଯ୍ୟ ଯଦି ବା ସ୍ନେହପ୍ରବଣ ବ୍ୟକ୍ତି ନୁହନ୍ତି, ତଥାପି ତାଙ୍କ ହାତ ଆସି ପଡ଼ିଗଲା ପ୍ରାଣନାଥଙ୍କ ପିଠିରେ । ସେ ପ୍ରାଣନାଥଙ୍କ ପିଠିରେ ହାତ ବୁଲେଇ ଆଣି କହିଲେ, "ଅତି ଦୁର୍ବଳ ଆଉ କାହାଣୀର ପେଣ୍ଡୁଟିଏ ତୁମେ । ଭାବାବେଶରେ ନିଜକୁ ଭୁଲିଯାଉଛ ପ୍ରାଣ ! ସଂସାର ଚଳିଲେ ଅର୍ଥ ଆବଶ୍ୟକ ବୋଲି ଜାଣି ଜାଣି ନିଜକୁ ଗୋଟିଏ ଛଳନା ଭିତରେ ରଖିଛ । ତୁମେ ଏପରି ଦୁର୍ବଳ ଯେ ତୁମ ପାଖକୁ ଆସି ମୁଁ ମଧ୍ୟ ଦୁର୍ବଳ ବୋଧକରୁଛି । ତ୍ୟାଗ ବ୍ରତ କରି ଆତ୍ମାକୁ ପୀଡ଼ାଦେବା ଉଚିତ କି ନୁହେଁ ସନ୍ଦେହରେ ପଡ଼ୁଛି ; କିନ୍ତୁ ମୁଁ କହିଦେଇ ଯାଉଛି; ଏ ଅବସ୍ଥା ଆଉ ଅଧିକ ଦିନ ସମ୍ଭାଳି ହେବନାହିଁ । ତୁମେ ନିଜେ ଯାଇ ସବୁ କଥା ସହଜ ଭାବରେ ସମ୍ପାଦନ କରିବାକୁ ବାଧ୍ୟ ହେବ ।"

ବିଶ୍ୱପତି ଚାଲିଯିବା ପରେ ପ୍ରାଣନାଥ ବିଷର୍ଣ୍ଣ ମନରେ ଚାହିଁଲେ ବାହାରଆଡ଼କୁ । ହତା ଭିତରେ ପାଚିଲା ପାଖରେ ଆମ୍ବ ଗଛଟାରେ ଭରି ହୋଇଯାଇଛି ତାମ୍ରବର୍ଣ୍ଣର ପତ୍ର । କାଠଚମ୍ପା ଫୁଲର ସୁଗନ୍ଧ ଧରି ବହି ଆସୁଛି ବସନ୍ତ ପବନ । ରାତିରେ ଫୁଟିଯାଇଥିବା ରଜନୀଗନ୍ଧା ଗଛରୁ ଝଡ଼ି ଝଡ଼ି ଯାଉଛି ଫୁଲ । ସେ ଉଦାସ ଦୃଷ୍ଟିରେ ଚାହିଁରହି ଭାବିଲେ, ବିଶ୍ୱପତି ଆଗ୍ରହର୍ଯ୍ୟ ଯେତେ କଥା କହିଗଲେ, ସେଥିରୁ ଗୋଟିଏ ହେଲେ ତ ଅତିରଞ୍ଜିତ ନୁହେଁ । ସମ୍ଭ୍ରାନ୍ତ ଭାବରେ ସଂସାରଯାତ୍ରା ନିର୍ବାହ ଆଶାରେ ବହୁ ତ୍ୟାଗୀ ପୁରୁଷ ଏହିପରି ଆଗ୍ରହର୍ଯ୍ୟମାନଙ୍କର ଅଙ୍ଗୁଳି ନିର୍ଦ୍ଦେଶରେ ଉତ୍ସାହିତ ହୋଇ ଧନସଂଗ୍ରହର ସୁଯୋଗ ସୁବିଧା ଅନୁସନ୍ଧାନ କରିଛନ୍ତି । ମୁଁ ତ ସାଧାରଣ ମନୁଷ୍ୟ ଶ୍ରେଣୀରୁ ସ୍ୱତନ୍ତ୍ର ନୁହେଁ, ମୁଁ ସେଥିର ଅନ୍ତର୍ଭୁକ୍ତ ନ ହେବି କାହିଁକି ? ଗୋଟିଏ ବୋଲି ପୁଅ ଦୁର୍ବଳ ହୋଇ-ଯାଉଛି, ଶରୀରବର୍ଦ୍ଧକ ଖାଦ୍ୟପେୟ ଦରକାର । ଝିଅଟିର ବୟସ ବଢ଼ୁଛି । ଭଦ୍ରବେଶରେ ବାହାରିବା ଉଚିତ । ସହଧର୍ମିଣୀ ଦିନରାତି ଦାସୀ ପରି ଘର କାର୍ଯ୍ୟରେ ଲାଗିରହିଛନ୍ତି । ଘରର ଗୋଟାଏ କି ଚାକରାଣୀଟିଏ ରଖି ତାଙ୍କୁ ବିଶ୍ରାମ ଦେବା କର୍ତ୍ତବ୍ୟ । ମୁଁ ତାହା ପାରୁନାହିଁ । ମୁଁ ଭାବୁଛି, ଦାରିଦ୍ର୍ୟ ରେ ହିଁ ମୋର ଆନନ୍ଦ । ମୋର ପରିବାର ମୋର ଏ ଆନନ୍ଦରେ ଅଂଶ ଗ୍ରହଣ କରୁଛନ୍ତି କି ନାହିଁ, ସେ ଆଡ଼କୁ ମୋର ଦୃଷ୍ଟି ନାହିଁ । ମୋର ଇଚ୍ଛା ସହିତ ଆଉ ପାଞ୍ଚ ଜଣଙ୍କୁ ଜଡ଼ିତ କରି ନିଜକୁ ବଡ଼ କରି ଦେଖାଇବା କେତେଦୂର ସମୀଚୀନ, ସେକଥା ଭାବିବାକୁ ମଧ୍ୟ ଇଚ୍ଛାନାହିଁ ।

ଭାବୁ ଭାବୁ ପ୍ରାଣନାଥ ଏପାଖ ସେପାଖ ହୋଇ ଠିଆହେଲେ ପୂର୍ବ ପାଖର ଖୁମ୍ବକୁ ଆଉଜି । ଧରଣୀପୁରର ଦୁଇଟାଯାକ ସାହି ଦିଶୁଥିଲା ସେଠିକି । ଗାଆଁର ଗଉଡ଼ ମାଳାଦ୍ରି । ତା ଘରର ପାହାଚ ତଳକୁ ଖୁଣ୍ଟିରେ ଗାଈ ବାଛୁରୀ ଦୁଇ ଯୋଡ଼ିଟି ବାନ୍ଧିଦେଇ ଗୋଟିଏ ଗାଈ ଦୁହୁଁଥିଲା । ମାଳକୁ ପ୍ରାଣନାଥ ଦେଖିବା ଦିନଠାରୁ ଆଜିପର୍ଯ୍ୟନ୍ତ ତାର ଆକାର ପ୍ରକାରରେ ବିଶେଷ କିଛି ପରିବର୍ତ୍ତନ ଆସି ନ ଥିଲା ! ମାଳର ବର୍ଣ୍ଣ କଳା ନୁହେଁ, ମାଟିଆ । ଝେଙ୍ଗଟିଆ ମନୁଷ୍ୟଟିଏ । ଚେପ୍‌ଟା ମୁହଁ । ଗାଲର ହାଡ଼ ବାହାରି ପଡ଼ିଛି ଉପରକୁ । ଆଖି କୋରଡ଼ିଆ । ମୁହଁରେ ପାଚିଲା ଦାଢ଼ି । ମୁଣ୍ଡର ଚନ୍ଦା ଚାରିପାଖରେ ପାଚିଲା ବାଳ । ଦେହର ଲମ୍ବା କାମିଜଟା କେବେ ବର୍ଷକରେ ଥରେ ଧୁଆ ହେଉଥିବ । କାମିଜ ଉପରେ ଗାମୁଛା ଦୁରରୁ ଚମଡ଼ାପରି ଦିଶୁଛି । ମାଳ ଚାହିଁଲା ପ୍ରାଥନାଥ ସେ ଆଡ଼କୁ ଅନେଇଁଛନ୍ତି । ସେ ଦୂରରୁ ହସିଉଠିଲା ଉତ୍ସାହରେ ।

ପ୍ରାଣନାଥ ଖୁମ୍ବ ପାଖରୁ ଘୁଞ୍ଚିଆସି ବାରଣ୍ଡାରେ ଖଟ ଉପରେ ବସି ଲେଖିବାକୁ ଆରମ୍ଭ କରୁଥିଲେ । ମାଳ କାଠ ପାହାଚ ଉପରେ ଧପ୍ ଧାପ ହୋଇ ଆସି ଦୁଧ ବାଲ୍‌ଟିଟାକୁ ଧଡ଼ାସ କରି ରଖିଦେଲା ଖଟ ପାଖରେ । ପ୍ରାଣନାଥ ତା' ଆଡ଼କୁ ଚାହିଁ ରହିଥିଲେ । ସେ କିଛି ନ କହି ଆଖି ବୁଜିଲାପରି ରହି ଲମ୍ବ ହୋଇ ପଡ଼ିଗଲା ପ୍ରାଣନାଥଙ୍କ ପାଦତଳେ । ଟିକିଏ ପରେ ଉଠିପଡ଼ି ଦୁଇଟାଯାକ ପାଦରୁ ଧୂଳି ପୋଛି ଆଣି ମୁଣ୍ଡରେ ବୋଳି ହେବାକୁ ଲାଗିଲା କିଛି ସମୟ ପର୍ଯ୍ୟନ୍ତ ।

ପ୍ରାଣନାଥ ଭାବିଲେ, ମାଳ ଗଉଡ଼ ଏଣିକି ତା' ଶ୍ୱଶୁରର ଜମିରେ ଜମି ମିଶାଇଲାଣି । ଟଙ୍କା ନ

ଥିଲା, ଟଙ୍କା କଲାଣି । ମାଳର ଶ୍ୱଶୁରଙ୍କୁ ବୁଢ଼ା ବାପା ଚକୁଳିଆ ପଣ୍ଡା ଗାଆଁରୁ ଆଣାଇଁ ଘର ଖଣ୍ଡିଏ, ଚଳିଲା ଭଳି ଭୂମି, ଗାଈ ଗୋରୁଟା ଦେଇଥିଲେ ।

ପ୍ରାଣନାଥ କଥା ଆରମ୍ଭକରି କହିଲେ, "ସବୁ ଭଲ ତ ମାଳାଦ୍ରି ! କେତେ ଦିନ ହେଲା ଦେଖି ନ ଥିଲି । ପୁଅ କେମିତି ଅଛି ? ଚାକିରି ପାଇଲା ପରେ ଆସିନାହିଁ ବୋଧହୁଏ ?"

"ହିଁ ଅବଧାନେ, ଆସିଥିଲା । ତା ଭାର୍ଯ୍ୟାକୁ ନେଇଗଲା । ସାଆନ୍ତେ, ଆସିଲା ଯେ ହାତରେ ପଇସାଟିଏ ମଧ୍ୟ ଦେଲାନି । ଶହେ କୋଡ଼ିଏ ଟଙ୍କା ବେତନ ମିଳୁଚି । ହତା ଭିତରେ ଘର ମିଳିଚି । ଉପରି ଖାଇବା ପିଇବା ମଧ୍ୟ ମିଳିଯାଉଚି । କୋଡ଼ିଏ ଟଙ୍କା ଖରଚ କରିବାକୁ ଲାଗି ବାକିଟା ମୋତେ ଦିଅନ୍ତାନାହିଁ ?"

କହୁ କହୁ ମାଳର କଣ୍ଠସ୍ୱର ବିକୃତ ହୋଇଗଲା ପୁଅର ଅବସ୍ଥାର ସ୍ମରଣ କରି । ସେ ଆଖି ପୋଛୁ ପୋଛୁ କହିଲା, "ସାଆନ୍ତେ, ଜଣୁ କେତେଟା ପୋଷ ଗୁହ ମୁତରେ ଘାଣ୍ଟି ହେଉଛି । ଏଇଥିରୁ ତ ଏ କୁଟୁମ୍ବ ପୋଷୁଚି । କହିଲେ ବିଶ୍ୱାସ କରିବ ନାହିଁ ସାଆନ୍ତେ, କାଲିଠୁ ପେଟରେ ପାଣି ପଡ଼ିନାହିଁ । ଶ୍ୱଶୁର ଦେଇଥିବା ଭୂମି ଉପରେ ଦାବୀ ପକେଇଚି କକା ଶ୍ୱଶୁରର ପୁଅ । କାଲି ଗୁଣ୍ଡାଙ୍କ ଆସିଲି କଚେରୀ ଦୁଆରୁ । ଆଜି ଆଉ ଥରେ ଧାଇଁବି । ଗାଆଁ ଲୋକଙ୍କର ଇମିତି ବୁଦ୍ଧି, ମାସଯାକ ମୋଠୁ କ୍ଷୀର ପାଣି ନେଇ ଖାଇବେ ଖୁଆଇବେ, ପଇସା ଦେଲା-ବେଳକୁ ପିଠି ଦେଖେଇ ଦେଇ ଘର ଭିତରକୁ ପଳେଇବେ ! ହାତରେ କିଛି ନାହିଁ । ବାଇକଣା ହୋଇଯାଉଚି । ପାଳି କଣେ, କୁଣ୍ଡା କଣେ, କୋଉଠୁ କେମିତି ଚଳିବ ? ମଝିଆଁ ବୋହୂ ହାଣ୍ଡିପରି ମୁହଁ କରି ବସିଛି, ସାନ ବୋହୂ ଭଜନ ସୋରିଆ ଚେନ୍ ମାଲି କରି ପିନ୍ଧିଲାଣି, ତା'ର ନାହିଁ । ମୁଁ କହୁଥିଲି କିଅଣ କି ଅବଧାନେ, ତମେ ଥିଲେ ମୋର ସବୁ ଆଡ଼ୁ କୁଶଳ । ହିଁ ସାଆନ୍ତେ, ଗୋଟେ କଥା ପଚାରିବି ବୋଲି ହେଉଥିଲି । ସାଆନ୍ତେ ସେ ପାର୍ଟିକି ଗଲେ ବୋଲି ଶୁଣିଲି ।"

ମାଳ ପ୍ରାଣନାଥଙ୍କ ଆଡ଼କୁ ଆଉ ଟିକିଏ ଲାଗିଆସି ଚାରିଆଡ଼କୁ ଅନାଇଁ ଗଳାଭିତରୁ ଗୋଟିଏ କୃତ୍ରିମ ସ୍ୱର ଉଠାଇ ଫିସ୍ ଫିସ୍ କରି କହିଲା, "ଲୋକେ କୁହାକୁହି ହେଉଛନ୍ତି । ଟଙ୍କା ଦଶ ପନ୍ଦର ହଜାର ସାଆନ୍ତଙ୍କୁ ମିଳିଲା ବୋଲି । ହେଉ ହେଉ ସାଆନ୍ତେ, ମିଳୁ । କେତେ ଦିନ ଆଉ ଇମିତି ମୁଠେ ଖାଇ ଢୋକେ ପିଇ ଚଳିବେ ? ହେଲେ ସାଆନ୍ତେ, କେତେ ମିଳିଲା ? ସାଆନ୍ତେ ମତେ କହିଲେ ଏ ପେଟରୁ କଥା ବାହାରିବ ନାହିଁ ଯେ ।"

ପ୍ରାଣନାଥ ମାଳର ଏତେଗୁଡ଼ିଏ କଥା ଶୁଣି ନୀରବରେ ଭାବିବାକୁ ଲାଗିଲେ, ଦେଶର ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଆଚରଣ ସାଧାରଣ ଲୋକଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇଛି । ଏମାନେ ଆଜି ମନ୍ଦ ଭିତରୁ ଭଲ ବାଛିପାରୁ ନାହାନ୍ତି । ଅତି ସହଜ ଭାବରେ ଏମାନଙ୍କର ମନ କଳୁଷିତ ହୋଇଯାଉଛି । ମାନ୍ୟ, ଭକ୍ତି ବୋଲି କିଛି ଗୋଟାଏ ଏମାନଙ୍କ ମନରେ ରହୁନାହିଁ । ମହାତ୍ମାଜୀ ଆମ ହାତରେ ଦେଶଟାକୁ ଦେଇଗଲେ, ଆମେ ଅନ୍ଧ ଭାବରେ ତାକୁ କେବଳ ଆତ୍ମସାତ୍ କରିଦେବାକୁ ଭାବୁଛୁ । ମୁଁ କହୁଛି, ମୁଁ ମହାତ୍ମାଙ୍କ ଘନିଷ୍ଠ ଶିଷ୍ୟ ଥିଲି, ଅତଏବ ଏ ରାଜ୍ୟରେ ମୋର ହିଁ ଅଧିକାର ଅତ୍ୟଧିକ ହେବା ଉଚିତ । ଅନ୍ୟ ଜଣେ କହୁଛି, ମୁଁ ଜେଲ ଖଟି ଜୀବନଟାଯାକ କଟେଇଦେଲି, ତୁମେ ଆସିଛ କଂଗ୍ରେସକାର୍ଯ୍ୟ ପ୍ରଚାର କରି । ସଭା ଉପରେ ସଭା ହେଉଛି । ଭାଷଣର ଗର୍ଜନ ଧ୍ୱନିରେ ଦଶଦିଗ କମ୍ପିଉଠୁଛି । ଅବଶ୍ୟ ପ୍ରତି-ଯୋଗିତାଦ୍ୱାରା ପରସ୍ପରକୁ ଅନାଇଁ ମନୁଷ୍ୟ ଉନ୍ନତି ପଥରେ ଅଗ୍ରସର ହୁଅନ୍ତି ; କିନ୍ତୁ ବର୍ତ୍ତମାନ ମନୁଷ୍ୟ ପ୍ରତିଯୋଗିତା ପରିବର୍ତ୍ତେ ପ୍ରତିହିଂସାପରାୟଣ ହୋଇ ଉଠୁଛି ଦିନକୁ ଦିନ । ମୋ ଭିତରେ ମଧ୍ୟ କି ଭାବନା ହେଉଛି କେଜାଣି, ମୁଁ ତ ମଧ୍ୟ କାହାରିକୁ କ୍ଷମା ଦେଇ, ସ୍ନେହ ଦେଇ ଗୁଣ ଗ୍ରହଣ କରିପାରୁନାହିଁ ।

କୌଣସି ଶକ୍ତି ନାହିଁ । ଯଦି ସେପରି ବଶୀକରଣଶକ୍ତି ଥାଆନ୍ତା, ମୋ ଭାଇଟାକୁ ମୁଁ ମୋ କୋଳକୁ ଟାଣି ଆଣି ପାରନ୍ତିନାହିଁ ?

ପ୍ରାଣନାଥଙ୍କୁ ଚିନ୍ତିତ ଦେଖି ମାଳ ତାଙ୍କ ପାଦ ଉପରେ ଦଶଥର ମୁଣ୍ଡ ଲଗାଇ କହିଲା, "ଟଙ୍କା ପଇସା କଥା ପଚାରିଦେଲି ବୋଲି ମନରେ ରାଗ ହେଲା କି ସାଆନ୍ତେ ?"

ପ୍ରାଣନାଥ ଗୋଟିଏ ଉଚ୍ଚହାସ୍ୟ କରି କହିଲେ, "ସତ କଥା ଶୁଣିଲେ ମନରେ ଦୁଃଖ ହୁଏ ରେ ମାଳ ! ଆମେ ତ ମରଣ ମୁହଁକୁ ନ ଯାଇ, ଯୁଦ୍ଧ ନ କରି ଖାଲି ସିମିତି ରାଜ୍ୟ ଗୋଟିଏ ପାଇଯାଇଛେ । ତେଣୁ ରାଜ୍ୟର ମଙ୍ଗଳ କାମନା ନ କରି ରାଜତ୍ୱ କରିବା ଅଭିଳାଷରେ ଉନ୍ମତ୍ତ ହୋଇଉଠିଛେ ।"

ମାଳ ପ୍ରାଣନାଥଙ୍କ କଥାରୁ କିଛି ନ ବୁଝି ପେଟ ଭିତରୁ ଗୋଟାଏ ହସ ଟାଣି ଆଣି ହୋ ହୋ ହସି ପ୍ରାଣନାଥଙ୍କ ପାଦ ଉପରେ ଲୋଟିଗଲା ।

"ବସ ମାଳ, ଗାଆଁର ଆଉ ସବୁ ଖବର କଅଣ କହ ?"

ମାଳ ଏକାଥରକେ ପ୍ରାଣନାଥଙ୍କ ଆଣ୍ଠୁ ଉପରକୁ ମୁଣ୍ଡ ରଖିଦେଇ ଆସ୍ତେ ଆସ୍ତେ କରି କହିଲା, "ମୁଁ କଅଣ ଜାଣିଚି ସାଆନ୍ତେ, ଚନ୍ଦ୍ର ଗୋସେଇଁ କାଲି ତାଙ୍କ ପିଣ୍ଡାରେ ବସି ଇମିତି କଥାଗୁଡ଼ାକ କହୁଯାଉଥିଲେ । ଏଠିର କଥା ସେଠି କହିବା ତାଙ୍କର ସ୍ୱଭାବ । ତମକୁ ଟଙ୍କା ମିଳିଲା ବୋଲି ଶୁଣି ଇମିତି ଆନନ୍ଦଟେ ଲାଗିଗଲା ଯେ, ପେଟରେ ନ ରଖି ପଚାରିଦେଲି । ଚନ୍ଦ୍ର ଗୋସେଇଁ ଖାଲି ଖଚରୁଟେ । ତମେ ସାଆନ୍ତେ ଦୟାକରି ପୁଅଟାକୁ ରାଜଭବନରେ ରଖେଇ ଦେଲ, ଆଉ ସିଏ ଭଙ୍ଗେଇ ଦେଉଥିଲା ମନ୍ଦିରୁ ।"

ମାଳ ଆଉ ଥରେ ଗୁଡ଼ାଏ ହସି କହିଲା, "ତମେ ସାଆନ୍ତେ ମନ୍ତ୍ରୀ ଫନ୍ତ୍ରୀ ଗୋଟେ ହୋଇଗଲେ ମୋର ସେ ସାନଟାକୁ କୋଉଠି ଥୟ ଥାଉନା କରିଦେଅନ୍ତ ।" କହୁ କହୁ ପ୍ରାଣନାଥଙ୍କ ଗୋଡ଼ଚିପା ଆରମ୍ଭ କରିଦେଲା ମାଳ ।

"ଆହା ହା ! ସତେ ପଦ୍ମଫୁଲ ପରି ପାଦ ଯୋଡ଼ିକ, ଦେବତା ତ ଆଉ କଅଣ ? ଆଜ କାହା ମୁହଁ ଚାହିଁ ଉଠିଥିଲି କେଜାଣି, ପାଦରେ ହାତ ବୁଲେଇ ଦେବାକୁ ପାଇଗଲି । ଦେଖିଲ ସାଆନ୍ତେ, ମୁହଁକୁ ଚାହିଁ କଥା କହୁଚି ତ କହିଯାଉଚି । କେତେ ବେଳ ହେଲାଣି । ପନ୍ଦରଟା ଟଙ୍କା ନ ଦେଲେ ତ ଚଳିବ ନାଇଁ । କେତେ ଦୁଆରକୁ ଗଲେ କେତେ ଦେବତାକୁ ପୂଜା କରିବାକୁ ପଡ଼ୁଚି ।"

ପ୍ରାଣନାଥ ବ୍ୟଥିତ ହୋଇଉଠି କହିଲେ, "ଆଜି ତ ହାତରେ କିଛି ନାହିଁ । ଜାଣିଛୁ, ଦୁଇ ମାସ ହେଲା ମୋର ପଇସା ବାକି ପଡ଼ିଛି । ଏଇ ସପ୍ତାହ ଭିତରେ ତୋ ଟଙ୍କା ଶୁଝିଦେବି ମାଳ !"

ମାଳ ଦୁଧବାଲ୍ଟିଟା ଉଠେଇ ଧରି ଅତ୍ୟନ୍ତ ବିରକ୍ତିରେ କହିଲା, "ପୋଥି ଲେଖା ବ୍ୟବସାୟ ଏଥର ଛାଡ଼ିଦିଅ । ସଂସାରରେ ନ ଥିବା କାମ, ଏଇଟା ଗୋଟେ କିଏ କୋଉଠି କାହା ପୋଥି ପଢ଼ୁଛି ।"

ମାଳ ତା ମୁହଁ, ଆଖି, କଣ୍ଠସ୍ୱରରେ ମଧ୍ୟ ଗାମ୍ଭୀର୍ଯ୍ୟ ଭରିଦେଇ କହିଲା, "ପୁଅମାନଙ୍କୁ ପାଠ ପଢ଼େଇଲ, ସେମାନେ କେବେ ପୋଥି ଧରୁଛନ୍ତି ! ମୋ ବାପ କିଛି ନ ପଢ଼ି ଅକ୍ଷର ଚିହ୍ନି ଚିହ୍ନି ଭାଗବତ ପଢ଼ୁଥିଲା । ମୁଁ ତୃତୀୟ କ୍ଲାସ ପଢ଼ିଥିଲି ଯେ ଏଇ ଲେଖାଟା କରିବାକୁ ଯାହା ଲୋଡ଼ା ହେଉଛି ! ପୋଥି ଲେଖାରେ କିଛି ଲାଭନାଇଁ । କୁଟୁମ୍ବ ପୋଷିବା ଉପାୟ ଖୋଜ । ଆଗ ପଇସା ଆସୁ ।"

ମାଳ ପାହାଚ ଓହ୍ଲାଉ ଓହ୍ଲାଉ ଭାବିଲା ଚନ୍ଦ୍ର ଗୋସେଇଁ କାହିଁକି କହିବେ ? ସ୍ତ୍ରୀଙ୍କ ଶଳାତ ସେ ପାର୍ଟିରେ ଅଛନ୍ତି । ଯୋଗାଡ଼ କରିଦେଇଥିବେ । ଟଙ୍କା ତ ଆଣିଛନ୍ତି, ମୁଁ ଏବେ କହିଦେଲି ବୋଲି ଏତେ ରାଗ ଆସିଗଲା । ଏଇକ୍ଷଣି ଖରଚ କଲେ ଲୋକେ ଜାଣିଦେବେ । ଆଠ ଦିନ ଗଡ଼େଇ ଖରଚ କରିବେ । ହେଉ କରନ୍ତୁ । ମୋ ହାବୁଡ଼ରୁ ଯିବେ କୁଆଡ଼େ ? ଯେଉଁଠି ରଖିବେ ଖୋଳି ତାଡ଼ି ବାହାର କରିଦେବି ।

ମାଳ ଯିବାପରେ ମାଳର କହିବା କଥାକୁ ବିଶ୍ଳେଷଣ କରୁଥିଲେ ପ୍ରାଣନାଥ । ମାଳର ସବୁ କଥା ଏକାଥରକେ ଉଡ଼େଇଦେବା କଥା ନୁହେଁ । ସେଦିନ ଏଇ ବହି ପଢ଼ିବା କଥା ନେଇ ପତିତପାବନବାବୁ ମଧ୍ୟ ଏଇ କଥା କହୁଥିଲେ, ଯେଉଁମାନେ ପଢୁଥିଲେ, ସେମାନେ ଆଉ ପଢୁନାହାନ୍ତି । ପ୍ରକାଶକ କହୁଛନ୍ତି, ମୋର ଲେଖାଗୁଡ଼ାକ ସାଧାରଣ ପାଠକଙ୍କୁ ଆକର୍ଷଣ କରୁନାହିଁ । ସାଧାରଣ ଜନତାର ହୃଦୟ ସ୍ପର୍ଶ କଲା-ପରି ମୁଁ ଗଳ୍ପ, ଉପନ୍ୟାସ ଲେଖିପାରୁନାହିଁ । ସେ କଥା ଶୁଣି ଶୁଣି ମୋର ମଧ୍ୟ ନିଜ ପ୍ରତି ସନ୍ଦେହ ଜନ୍ମୁଛି । ବୋଧହୁଏ ମୋର ଭାବ ସହିତ ଭାଷାର ସାମଞ୍ଜସ୍ୟ ରହୁନାହିଁ । ଅସମ୍ଭବ ନୁହେଁ । କଅଣ ଜାଣିଛି । ମୁଁ ପିତା ମାତାଙ୍କ ସ୍ନେହ ମମତା ପାଇ ନାହିଁ କି, ସେମାନଙ୍କୁ ଶ୍ରଦ୍ଧାଭକ୍ତି ଦେଇନାହିଁ । ଏପରି କି ପିତାଙ୍କର ଜନ୍ମଦିନ, ମୃତ୍ୟୁଦିନର ତାରିଖଟି ମଧ୍ୟ ସ୍ମରଣ ରଖିବା ଆବଶ୍ୟକ ମନେକରିନାହିଁ । ଭାଇ ଭଉଣୀ ଅଛନ୍ତି, ଅଥଚ ସେମାନଙ୍କ ସହିତ ମୋର ପରିଚୟ ନାହିଁ । ଥରେ ଥରେ ମୋ ମନ ଅତ୍ୟନ୍ତ ଚଞ୍ଚଳ ହୋଇଉଠୁଛି । ମୁଁ ବ୍ୟଗ୍ରକଣ୍ଠରେ ଡାକି ଉଠୁଛି—ମୁଁ ଅଛି, ମୁଁ ଏଠି ଏକାକୀ ବସିଛି । ତୁମେ ମୋର ପିତା ମାତା କେଉଁଠି ଅଛ, ଆସ, ମୁଁ ତୁମକୁ ଭକ୍ତିଦେଇ, ଶ୍ରଦ୍ଧାଦେଇ ସେବାକରିବି । ମୁଁ ତୁମର ପାଦଧୋଇ ପୋଛିଦେବି ମୋର ଏ ଉତ୍ତରୀ ଅଞ୍ଚଳରେ । ଭାବାବେଶରେ ପୁଲକ ଉଠିବ ମୋର ସର୍ବାଙ୍ଗ । ମନେ ପଡ଼ିଯାଉଛି, ଉପେନ୍ଦ୍ର ଭଞ୍ଜଙ୍କ ବଙ୍କାମା କୈବର୍ତ୍ତର କଥା । ବଙ୍କାମା କୈବର୍ତ୍ତ ରାମଙ୍କ ପାଦ ଧୋଇଦେବାରୁ ରାମ ବିଶ୍ୱରେ ପତିତପାବନ ବୋଲାଇଲେ । ମୁଁ ପିତୃଭକ୍ତ ହୋଇଯିବି, ଜନନୀର ସ୍ନେହଶୀଳ ପୁତ୍ର ହୋଇଯିବି । ପିତା ମୋର, ତୁମର ପଦସେବା କରୁ କରୁ ତୁମର ଆଶିଷ ହସ୍ତ ବୁଲାଇଦେବ ମୋର ମଥାରେ, ପିଠିରେ । ମୁଁ କ୍ରୀଡ଼ାରତ ଶିଶୁପରି ଲୋଟିଯିବି ତୁମର ସ୍ନେହାସିକ୍ତ କୋଳରେ । ଭାଇଙ୍କ ସ୍ନେହ ଦେଇନାହିଁ, ଭଉଣୀଙ୍କୁ ଆଦର କରି ପାଖକୁ ଡାକିନାହିଁ । ମୁଁ ଆଜି କଳ୍ପନାରେ ସୃଷ୍ଟି କରିଛି ମୋର ପ୍ରିୟ ଭାଇ ଭଉଣୀଙ୍କୁ । ଏ ଦେଶର ମାଟିରେ ଗଢ଼ା ସେମାନଙ୍କର ଦେହ । ଏଇ ମାଟିରେ ମୋର ଶରୀର ଗଠିତ । ସେମାନଙ୍କୁ ମୁଁ ପୁଣ୍ୟ ପୂତ କାହାଣୀ ଶୁଣାଇ ଶୁଣାଇ ଶୁଚିଶୁଦ୍ଧ କରିଦେବି । ସେମାନଙ୍କୁ ମୋ କୋଳରେ ବସେଇ ପଚାରିବି ଦୁଃଖର ସୁଖର କଥା । ସେମାନଙ୍କର ହସ-କାନ୍ଦ, ସେମାନଙ୍କର ହର୍ଷ-ବିଷାଦ କାହାଣୀ ଶୁଣି ମୋ ମନ ହୋଇଯିବ ରସସିକ୍ତ । ମୁଁ ଯେ ସମାଜ ଛାଡ଼ି, ସୁହୃଦମାନଙ୍କୁ ଛାଡ଼ି ଅଖଣ୍ଡ ଶାନ୍ତି ଉପଭୋଗ କରିବି ବୋଲି ସ୍ୱତନ୍ତ୍ର ହୋଇ ରହିଛି । ମୁଁ ଆଉ କାହାକୁ ଧରି ସାହିତ୍ୟ ସୃଷ୍ଟି କରିବି ? ହତଭାଗ୍ୟ । ସ୍ନେହ ଦେଇନାହିଁ କି ସ୍ନେହ ପାଇନାହିଁ ।

ପାଦଶବ୍ଦ ଶୁଣି ପ୍ରାଣନାଥ ଚମକି ଉଠି କହିଲେ, "କଅଣ ହେଲା ?"

"କିଛି ନାହିଁ । ହେବ ଆଉ କଅଣ ? ମାଳକୁ ମୁଁ ଚାରି ଟଙ୍କା ଦେଇଦେଲି । କହିଲି, ଆଉ ଦୁଧ ଦରକାର ନାହିଁ । ଅମିତା ତ ଅନେକ ଦିନ ହେଲା ପଖାଳ ଖାଉଛି । ଦୁଧଭାତ ତାକୁ ଭଲ ଲାଗୁନାହିଁ । ଉପେନ୍ଦ୍ର ମଧ୍ୟ ଖାଇବନାହିଁ । ଦୁଧ ଖାଇଲେ ତା ପେଟ ଖରାପହେଉଛି । ତୁମର ବନ୍ଧୁ ଆଉ ଗ୍ଲ' ପାଇଁ ଆମର ବଗିଚ୍ଚ ଜଗୁଆଳି ଦେବବୋଲି କହୁଛି । ତା ଗାଈଟା ଏଇ ଅଳ୍ପଦିନ ହେଲା ବାଛୁରୀ ଦେଇଛି ।"

ପ୍ରାଣନାଥ ହସି ହସି କହିଲେ, "ଭଲ କରିଛ । କିନ୍ତୁ ମାଳକୁ ଟଙ୍କା ଦେଲ କେମିତି ?"

କୁମାର ପୂର୍ଣ୍ଣିମା ପାଇଁ ପିଲଙ୍କ ମାମୁଁ ପଚିଶିଟା ଟଙ୍କା ପଠେଇ ଦେଇଥିଲେ । ଲୁଗା ତ କିଣା ହୋଇ ନ ଥିଲା । ଉପକୁ ସେଦିନ ଜର ହୋଇଥିଲା । ସେଇ ଉପଲକ୍ଷ୍ୟରେ ଅମିତାର ମଧ୍ୟ ନୂଆ ଲୁଗା ପିନ୍ଧା ବନ୍ଦ ହୋଇଯାଇଥିଲା । ଆଉ ସେ ମାଳର ସ୍ପର୍ଦ୍ଧାଟା ଦିନକୁ ଦିନ ବଢ଼ିଯାଉଛି । ଆଜି ପଚାରୁଛି ସେ ଦଳ ତୁମକୁ କେତେ ଟଙ୍କା ଦେଲେ ? ଖାଲି ସେତିକି ନୁହେଁ, ଦି' ସେର ଦୁଧ ନ ରଖିଲେ ସେ ଆଣି ଦେବ—

ନାହିଁ । ଆମର ଅଧସେର ଆବଶ୍ୟକ । ମାଳ ଗଉଡ଼ଙ୍କୁ ଟଙ୍କା ଲୋଭ ଗ୍ରାସକଲାଣି । ଧନ ଯେତେ ବଢ଼ୁଛି, ସେ ତେତେ ଛଟପଟ ହେଉଛି, ଭୂମି, ଘର, ଟଙ୍କା ବଢ଼େଇବାକୁ । ମୋ ପିଲାଏ ନ ଖାଇବେ ପଛେ । ତୁମର ଅସମୟ ଦେଖି ଅପେକ୍ଷା ମଧ୍ୟ କଲାନାହିଁ । ତା' ଉପରେ ତାର ସନ୍ଦେହ, ତୁମେ କେଜାଣି କେଉଁଠ ଟଙ୍କା ପାଇଛ ।"

"ତୁମେ ସିନା ମାଳ ଗଉଡ଼ ଉପରେ ବିରକ୍ତ ହେଉଛ ଅମଳା, ସେ କିନ୍ତୁ ନିରାଟ ସତ କଥା କହୁଛି । ଟଙ୍କା ନ ଥିଲେ ମନୁଷ୍ୟ ଯେ କ୍ଷଣକେ ଅମନୁଷ୍ୟ ହୋଇଯାଏ, ଏଥିରେ ତ ସନ୍ଦେହ ନାହିଁ । ମାଳ ମୋତେ ପରାମର୍ଶ ଦେଇଯାଇଛି, ପୋଥି ଲେଖାରେ ପରିବାର ପୋଷି ହୋଇପାରିବ ନାହିଁ । ଏଣୁ ମୋତେ ଅନ୍ୟ କାର୍ଯ୍ୟ କରିବାକୁ ପଡ଼ିବ । ସେଥିରେ ମୁଁ ସମ୍ପୂର୍ଣ୍ଣ ଏକମତ ହୋଇଯାଇଛି । ଏଇ ଅଳ୍ପ ସମୟ ଭିତରେ ଭାବି ଭାବି ସ୍ଥିର କରିଛି, ଦେଶ ଛାଡ଼ି ଅନ୍ୟ ସ୍ଥାନରେ କେଉଁଠି ହେଲେ ଚାକିରି କରିବି । ବିଦ୍ୟାବଳ ଯାହା ଅଛି, ସେଥିରେ କୌଣସି ଦୋକାନ କି ଗୋଦାମରେ ଗୁମାସ୍ତା ହେବା ଛଡ଼ା ଅନ୍ୟ କିଛି ବଡ଼ କାର୍ଯ୍ୟ ମିଳିପାରିବ ନାହିଁ ।"

"କଅଣ କହୁଛ ତୁମେ, ଆମର ଏଡ଼େ ବଡ଼ ଘର-ବଗିଚା, ବଂଶ ମର୍ଯ୍ୟାଦା ଛାଡ଼ି ତୁମେ ଯିବ ପର ଦେଶକୁ ଚାକିରି କରି ! କବିପତ୍ନୀ ବୋଲି ମୁଁ ମନେ ମନେ ଗର୍ବରେ ଫାଟିଯାଉଛି । ସେଥିରୁ ମୋତେ ବଞ୍ଚିତା କରନାହିଁ । ତୁମେ ଏଠି ବସି ଲେଖୁଥିବ, ମୁଁ ଆସି ଥରେ ଥରେ ଦେଖିଦେଇ ଯାଉଥିବି । ମୁଁ ତୁମର ସବୁ ଭାର ନେଇଛି ବୋଲି ମୋର ଯେଉଁ ଆନନ୍ଦ, ତା ତୁଳନାରେ ଭଲ ଖାଇବା କିଛି ନୁହେଁ ।"

"ଲେଖିଲେ କଅଣ ହେବ, ପ୍ରକାଶକ ପ୍ରକାଶ କରିବେ ନାହିଁ କି ପାଠକ—"

"ପାଠକ କେହି ହେଲେ ଦିନେ ପଢ଼ିବେ । ପ୍ରକାଶକ କଥା ତୁମେ ଭାବନାହିଁ । ପୂର୍ବକାଳରେ ତ ଛାପାକଳ ନ ଥିଲା । ସେମାନେ ଛାପିବା ଚିନ୍ତା କରିଥିଲେ ରାମାୟଣ, ମହାଭାରତ ନ ଥାନ୍ତା । ତୁମର କୌଣସି ଆପତ୍ତି ଶୁଣିବିନାହିଁ । ଆମର ଏବେ ଯାହା ଅଛି, ସେଥିରେ ଆମେ ଚଳିଯିବା, କୌଣସି ଅସୁବିଧା ହେବନାହିଁ । ତୁମେ କେବଳ ଲେଖିଯାଅ । ମୁଁ ଯାଉଛି, ମାଷ୍ଟ୍ରେ ଆସି ବସିଛନ୍ତି, ତାଙ୍କ ଦେହ ଭଲନାହିଁ, ରୋଷେଇ କରି ପାରିବେ ନାହିଁ । ଭାତ ଖାଇବେ କି ବାର୍ଲି ଖାଇବେ ପଚାରିବି ।"

ଅମଳା ଯିବାପରେ ପ୍ରାଣନାଥ ମନେ ମନେ ହସିଉଠି ଭାବିଲେ, ଅମଳା କଅଣ ଭାବୁଛି, ସମୟେ ସମୟେ ମୁଁ ମଧ୍ୟ ବୁଝିପାରୁନାହିଁ । କେତେବେଳେ କିମିତି ସେ ମୂଢ଼ଙ୍କ ପରି ଦେଶ କାଳ ସହିତ ଖାପ ନ ଖାଇଲାପରି କେତେକ କଥା କହିଦେଉଛି । ଅର୍ଥ ଅଭାବରେ ସେ ଯେ ସମୟେ ସମୟେ ବ୍ୟତିବ୍ୟସ୍ତ ହୋଇପଡ଼ୁଛି, ସେ କଥା ସେ ମୋ ପାଖରେ ପ୍ରକାଶ ନ କଲେ ମଧ୍ୟ ମୁଁ ଜାଣୁଛି । ସେ ମୋତେ ଦେବତା-ପରି ବସେଇ ପୂଜାକରି ଜୀବନ ସାର୍ଥକ କରିଦେବ ବୋଲି ଭାବୁଛି ; କିନ୍ତୁ ସଂସାର ଆଶ୍ରମ ତ କଳ୍ପନା ନୁହେ, ସଂସାର କଲେ ପତ୍ନୀପୁତ୍ରଙ୍କୁ ଭରଣପୋଷଣ କରିବା ଗୃହସ୍ଥର ଧର୍ମ । ମାଳ ଉପରେ ମୁଁ ବିରକ୍ତ ହୁଏ, ପୁଣି ତା'ର କଥାକୁ ଭିତ୍ତିକରି ମୁଁ କଥାର ସୌଧ ଗଢ଼ିବାକୁ ପ୍ରୟାସ କରେ । ଟଙ୍କା ଆବଶ୍ୟକ ବୋଲି ଆଜି ସେ ଯେଉଁ କଥାଗୁଡ଼ିକ କହିଲା, ତାହା ତ ଅବାନ୍ତର ନୁହେଁ । ଭାବୁ ଭାବୁ ଥରେ ଥରେ ମୋ ଆଖି ଆଗରେ ଆଶାର କ୍ଷୀଣ ଆଲୋକରେଖା ଦିଶିଯାଉଛି । ଭାବୁଛି, ଗଣନାଥଙ୍କୁ ଆଣି ଏ ଘରେ ରଖିଦେଇ ମୁଁ ଟିକିଏ ଦୂରକୁ ଯାଇ ରହିବି । ସେ ଗାଆଁରେ ରହି ନିଜକୁ ଜାଣୁ, ନିଜକୁ ବିଶ୍ଳେଷଣ କରୁ ।

ଅମିତା ଆସି କହିଲା, "ମାଷ୍ଟ୍ରଙ୍କୁ ଜର ହୋଇଛି ଯେ, ତୁମେ ଜରଟା ପରୀକ୍ଷା କରିବ ବୋଲି ତୁମକୁ ଡାକୁଛନ୍ତି ।"

## ଅଠର

ଶୈଳର ମାଆ ପ୍ରାୟ ଛଅମାସ ହେଲା ଅସୁସ୍ଥ ହୋଇ ପଡ଼ିଥିଲେ । ସେଦିନ ସନ୍ଧ୍ୟା ପରେ ଶୈଳ ମାଆଙ୍କୁ ନେଇ ରାମ ମାଳୀର ବସାରେ ଆଶ୍ରୟ ନେଇଥିଲେ । ସେଥିରେ ରାମ ମାଳୀର ସହଧର୍ମିଣୀ ରାମ ଉପରେ ଅତ୍ୟନ୍ତ ବିରକ୍ତ ହୋଇ ଭାତ ଥାଳିଟାକୁ ସଶବ୍ଦରେ ଥୋଇଦେଇ କହିଲା, "ମାଇକିନା ଝିଅ, ହାତେ ମାପି ସ୍ୱଖଣ୍ଡେ ଚାଲିବ । ବାପ ମାଆ, ବନ୍ଧୁ କୁଟୁମ୍ବ, ସାହି ପଡ଼ିଶା, ସମସ୍ତଙ୍କର ମନ ଯଦି ତୋଷି ନ ପାରିଲା, ତେବେ ସେ ସ୍ତ୍ରୀ ଜନମକୁ ଧିକ୍ । ଆପଣା କଲା କର୍ମ ଆଗେ ସହିବ ତେଣିକି । ଇମିତି କେତେ ବାଟ ଘାଟରେ ଭିକ ମାଗି ବୁଲୁଛନ୍ତି । ବଜାର ଦାଣ୍ଡରେ ଏଇମାନେ ତ ସବୁଠୁ ସଂସାରୀ ଲୋକର ଶତ୍ରୁ । ସେ ମାଆଟାର ମଧ୍ୟ ଗୁଣ ଦେଖ । ଆରେ, କେଉଁଠିର ମଣିଷ ତମେ । ପୁଣି କିଏ କେଉଁଠିକି ଆସିଛନ୍ତି, ଟିକିଏ ହେଲେ ଲାଜ ନାହିଁ । ଛି ଛି, ସେ ବୁଢ଼ୀଟାର ମୁହଁରେ ଥୁକିର ଛେପ ପକେଇଦେବାକୁ ଇଚ୍ଛା ହେଉଛି । ସ୍ତ୍ରୀ ପୁରୁଷ ମୁହଁକୁ ଅନାଅନି ହୋଇଗଲେ ବିଭା କାର୍ଯ୍ୟ ହୋଇଗଲା ! ତେତିଶି କୋଟି ଦେବତାଙ୍କୁ ଡାକି ପୁରୋହିତ ମନ୍ତ୍ର ପଢ଼ିବେ, ବନ୍ଧୁ କୁଟୁମ୍ବ, ମାମୁଁ ମାଇଁ, ମାଉସୀ ପିଉସୀ ଆସି ଆଶୀର୍ବାଦ ଦେଇଯିବେ । ଜନ ଜଗତ ଜାଣିବେ ଯେ, ଦି'ପ୍ରାଣୀ ଆଜି ଏକଆତ୍ମା ହୋଇ ସଂସାର କରିବେ । ହାଡ଼ି, ପାଣ କି କିରସ୍ତାନ, ପଠାଣ ହୋଇଥିବେ । ନ ହେଲେ ପୁରୁଷ କେତେବେଳେ ମନ ଅସ୍ଥିର କରି ଅନେଇଁ ଦେଇଥିବେ ଯେ, ସେଇଥିରେ ଚାଲିଯାଇ ମାଆ ଝିଅ ଦିହେଁ ପଛେ ପଛେ ଗୋଡ଼େଇ ପକେଇ ଆସିଲେ । ବୁଝି ବିଚାରର ମୁଣ୍ଡ ଖାଇଦେଲେ ମଣିଷ ଇମିତି ହୁଅନ୍ତି ।

ରାମ ମାଳୀ କେବେ ମାସକରେ ଥରେ ଘରକୁ ଆସେ । ଏଥର ମାସେ ଦେଢ଼ ମାସ ପରେ ସ୍ତ୍ରୀ ତାର ବାରମ୍ବାର ଡାକି ପଠେଇବାରୁ ଆସିଥିଲା । ତାର ସ୍ତ୍ରୀ ଭାତ ବାଢ଼ିଦେଇ ଇମିତି ଭାବରେ କଥା ଆରମ୍ଭ କରିଦେଇଥିଲା ଯେ, ରାମର ଖାଇବା ଆଡ଼କୁ ଆଉ ଦୃଷ୍ଟି ନ ଥିଲା । ରାମର ସ୍ତ୍ରୀ କହିଲା, "ବଡ଼ ଘର ବଡ଼ କଥା । ସେ ଯେମିତି ଏ ସେମିତି । ତାଙ୍କର ସେ ସ୍ତ୍ରୀକି ରଖିବେ କି ନ ରଖିବେ, ସେ ସ୍ତ୍ରୀ ରହିବ କି ନ ରହିବ, ଯିଏ ଆସିଛି, ଆଉ ଯିଏ ଆଣିଛି ସିଏ ଜାଣିବ । ମଝିରେ ପଡ଼ି ତମେ କାହିଁକି ସେଠିକି ଯାଇ ତମ ବସାରେ ମାଆ ଝିଅ ଦୁଇଟାକୁ ଆଣି ପୋଷିଛ ! ଆମର ଦୁଃଖ ଅଛି, ସୁଖ ଅଛି । ବଡ଼ ପୁଅ ଚିଠି ଲେଖିଛି, ମନ୍ତ୍ରୀଙ୍କୁ ଟିକିଏ କୁହାପୋଛା କରିଦେଲେ ସେ ଏ ଅଞ୍ଚଳକୁ ବଦଳି ହୋଇ ଚାଲିଆସନ୍ତା ! ଦେବଗିରି ଘର ଭୂମିଖଣ୍ଡକ କିଣିବା ବୋଲି ମୁଁ ସେଇ ଦିନଠୁ ଲାଗିଛି ଯେ, ମନ କାନ ଦେଉ ନାହିଁ । ତମକୁ ଚିନ୍ତା ଲାଗିଛି, ମନ୍ତ୍ରୀର ଭାର୍ଯ୍ୟା ଶାଶୂକୁ କମିତି ସୁଖରେ ରଖେଇବ । ତିନିଟି ପିଲା ବାହୁଡ଼ି ଝିଅର ପିଲାଟିକ ବର୍ଷେ ହେଲା । ବର୍ଷ ପୂରଣ ହେବ ଆଉ ଚାରି ଦିନ ଅଛି । ଥାଳିଟିଏ କି ଗିନାଟିଏ କିଣି ଆଣିବ । ଝିଅପାଇଁ ଶାଢ଼ୀ ଖଣ୍ଡିଏ, ପିଲା ପାଇଁ ଅଙ୍ଗି ଜର୍ଜି ଦି'ଖଣ୍ଡ ଆଣିବ । ମଝି ଘରଟିକୁ ଭଡ଼ା ଘର କରିଦେବା ବୋଲି କେଉଁ କାଳରୁ କହୁଛି, ଶୁଣିବାକୁ ନାହିଁ । ହେଉଟି କାଲି ପରି ଲାଗୁଛି, ଦିନେଇ ଲେଙ୍କା ପାନଘର ଦୋକାନ କରୁଥିଲା । ଏବେ କୁଆଡ଼େ କଅଣ ଲରି ଚଳାଉଛି । ଦଶ ମାଣ ଜମି କିଣିଲାଣି । ପଥର ସିମିଣ୍ଟିରେ ଘର ତୋଳି ଦେଲାଣି । କହିଲେ କଅଣ ହେବ, ତମେ କଅଣ ଦେଖୁଛ ନା ଶୁଣୁଛ !"

ରାମ ଖାଲି ଭାତ ଗୁଣ୍ଡାଟି ଉଠେଇନେଇ ମୁହଁରେ ପୂରେଇ କହିଲା, "ଆଉ କଅଣ ହୋଇଛି ନା ତମ କଥାର ବ୍ୟଞ୍ଜନରେ ମୋର ଭାତ ଚଳିବ ! କେବଳ ଆପଣା କଥା ହିଁ କହିଯାଉଛ ।"

"ଦେଖିଲ, ଡାଲି ଆଳୁଆଁଟା ରଖିଦେଇ ପଳେଇ ଆସିଲି, ଆଉ ମନେ ନାହିଁ । ତମେ ତ ମୋ ମନ ଅସ୍ଥିର କରିଦେଲଣି ।"

ବୁଢ଼ିକା ରାମ ପାଖରୁ ଉଠିପଡ଼ି ତରକାରି ଆଣିବାକୁ ଚାଲିଯିବା ପରେ ରାମ ଭାବିବାକୁ ଲାଗିଲା,

ଦୁଃଖ ସହି ସହି ଯେଉଁ ଲୋକ ଜୀବନ କଟେଇ ଆସୁଛି, ସେ ସିନା ଦୁଃଖୀ ହୃଦୟର ବେଦନା ବୁଝିବ । ମୋ ସ୍ତ୍ରୀ କୃତ୍ତିକା ଜନ୍ମ ହେବାଠୁ ଆଜି ପର୍ଯ୍ୟନ୍ତ ଉପଦେଶ ଶୁଣି ଶୁଣି ଆସୁଛି । ଗୁରୁଜନମାନେ ଯାହା କହୁଛନ୍ତି, ତାହା ହିଁ ତାର ବେଦବାକ୍ୟ । ସାମାଜିକ ସୀମା ଭିତରୁ ସେ କେବେ ମଧ୍ୟ ପାଦ ଉଠେଇନାହିଁ । ଯେଉଁମାନେ ସୀମା ଲଙ୍ଘନ କରି କଣ୍ଟକବିଦ୍ଧ ହୋଇ ଯନ୍ତ୍ରଣାରେ ଆର୍ତ୍ତଚିତ୍କାର କରୁଛନ୍ତି, ସେମାନଙ୍କର ସେ ଦୁଃଖଦୁର୍ଦ୍ଦଶା ଦେଖିଲେ ମୋ ସ୍ତ୍ରୀ ଆପଣାର ଅଧିକ ପଣରେ ଅଧୀର ହୋଇଉଠୁଛି । ଏ ଜୀବନରେ ସେ ଆଉ ଅନ୍ୟର ଦୁଃଖ ବୁଝିବନାହିଁ ।

କୃତ୍ତିକା ତରକାରି ଆଣି ରଖିଦେଲା ଭାତ ଥାଳି ପାଖକୁ । ରାମ କିଛି ନ କହି ଖାଇବାକୁ ଲାଗିଥିଲା । କୃତ୍ତିକା ଆଉ ଗୋଟିଏ କଅଣ ତରକାରି ଧରି ଆସି କହିଲା, "ବାବୁଙ୍କର ଘରର ସମ୍ବାଦ ସେଦିନ ଆସିଥିଲା ଯେ କହୁଥିଲା, ବାବୁ ବାହାହେବେ । ତାଙ୍କ ଗାଁଆରେ ଗୋଟିଏ ଝିଅ ଦେଖି ଆସିଛନ୍ତି, ତମେ ଆଉ ଭଙ୍ଗାଭଙ୍ଗି କରନ୍ତନାହିଁ ।"

"ସେ ଯୁଗରେ ସିନା ଗୋଟା ଗୋଟା କରି ଗଣ୍ଡା ପାଖକୁ ପାଞ୍ଚୁଟା ମଧ୍ୟ ବାହା ହୋଇଯାଉଥିଲେ; କିନ୍ତୁ ଏ ଯୁଗରେ ଆଇନ ହେଲାଣି । କଚେରି ଦୁଆରୁ ଛାଡ଼ପତ୍ର ନ ଆଣିଲେ ଆଉ ଜଣକୁ ବାହା ହେବା ଆଉ ଚଳିବ ନାହିଁ ।"

"ତମେ ଯୋଉ କଥା କହୁଚ, ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯାଉଛି । ହାତ ପାତି ଭିକ ମାଗିଲେ ମଧ୍ୟ ଏ ମାଆ ଝିଅଙ୍କୁ ଭିକ ମିଳିବ ନାହିଁ । କେଉଁଠିକି ଯିବେ ! ସେ ଯୋଡ଼ାକୁ ବସାରେ ପୂରେଇ କାହିଁକି ଯେ ଇମିତି ଛଟପଟ ହେଉଛ, ଜାଣି ପାରୁନାହିଁ । ଲୋକେ କହିଲା-ପରି ସୁଖର ଘରେ ଭୂତ ଗୋଡ଼ାଉଚି ।" "ଆପଣା ହସ୍ତେ ଜଞ୍ଜାଳ ଛେଦ, କେ ତାର ଅଛି ପ୍ରତିବାଦୀ ।" କି ବାଇ ପୁଅଣି ! ବାହାଘର ନାଁ ଶବ୍ଦ ନାହିଁ, ମାଆ ଝିଅ ହଠାତ୍ ଆସି ଘରେ ପଶିଗଲେ ! ଓହୋ, ସେ ମାଆର କି ଧମକ ! ସତେ ଯିମିତି କୋଉଁର ଶାଶୁଟା ! ମଣିଷ ଜନ୍ମ ପାଇ କମିତି ଅଲଜ୍ଜୁକ ହୋଇ ପାରୁଛନ୍ତି ମା ! ମୋ ଘର ମଣିଷ ହୋଇଥିଲେ ଜଭ ଉପୁଡ଼େଇ ମରି-ଯାଆନ୍ତା ।"

"ବଡ଼ ହସଟେ ତୁ ହସେଇଲୁ ତୋଳକୋଉ ! ମଣିଷ ହିଁ ଯେ ଅଲଜ୍ଜୁକ ହୁଏ । ପଶୁ ପକ୍ଷୀ ଆଗରେ ସେସବୁ ଦେଖାଯାଏ ନାହିଁ । ମୋର ଖାଇବା ଶେଷ ହେଲାଣି । ସମସ୍ତ ବଡ଼ ସଙ୍କଟ ଭିତରଦେଇ ଗଲାଣି । ଆଉ ମୁହୂର୍ତ୍ତେ ମଧ୍ୟ ରହିବା ଉପାୟ ନାହିଁ । ତୁ ମୋତେ କାହିଁକି ଡାକି ପଠେଇଥିଲୁ ?"

"ତମେ ସେ 'ଭାଗ୍ୟାଣୀ ମା' ଝିଅକୁ ବସାରେ ରଖିଛ ବୋଲି ଗାଆଁ ଲୋକେ ନିନ୍ଦା କରୁଛନ୍ତି । ସେଇ କଥା କହିବାକୁ ଡାକିଥିଲି । ମୋର କୋଉ କଥା କେବେ ଶୁଣୁଛ ଯେ ଆଜି ଶୁଣିବ । ବରଜୁ ବାଣିକ ହେଇଟି କେତେଟା ବର୍ଷ ତଳେ ମହାପାତ୍ରଙ୍କର ଗୋରୁ ଚରେଉଥିଲା, ଏବେ ଦେଖୁନ କୋଠେ କି କାଣ୍ଡସୃଷ୍ଟି ବଜନଶି କରୁଛି, ଘରେ ଖାଇବା ପିନ୍ଧିବା ସ୍ପର୍ଦ୍ଧା ବଢ଼ୁଛି । ତମେ ମଧ୍ୟ ଲାଭ ରଖି ବଜନଶି କର । ଚିରକାଳ କଅଣ ସେଇ ତିରିଶିଟା ଟଙ୍କାକୁ ଘଡ଼ି ରହିଥିବ କି ?"

"ଚିରକାଳ କିଏ କେଉଁଠି ରହିଲାଣି ଯେ ମୁଁ ରହିଯିବି । ଆଜି ଅଛି, କାଲିକି ଥିବା କି ନାହିଁ ସନ୍ଦେହ । ବୁଢ଼ା କାଳେ ଆଉ କି ବଜନଶି କରିବି ! ମୋର ସେ ଫୁଲ ଫଳଗଛ ମୋତେ କି ଦେଖିଲେ କାନ୍ଦିବେ । ମୁଁ ତାଙ୍କୁ ଆଉଁସି ଅଣ୍ଡାଳି ଆଖିଣା ଆମ୍ବାଗଛ ରଖିଛି । ଫୁଲଟିଏ ପବନରେ ଦୋହଲି ଉଠିଲେ ମୋ ଦେହ ପୁଲକିତ ହୁଏ । ମୋତେ ଲାଗୁଛି ମୁଁ ସିନା ବୁଝି ପାରୁନାହିଁ, ଫୁଲ ଗଛ ଗଛଲତା ସମସ୍ତେ ମୋ ମୁହଁକୁ ଅନେଇଁ କଥା କହୁଛନ୍ତି ।"

× × × ×

ବର୍ଷକୁ ବର୍ଷ ଶୀତଯାଇ ଯିମିତି ବସନ୍ତ ଆସେ, ଏବର୍ଷ ମଧ୍ୟ ଫାଲ୍‌ଗୁନ ଯାଇ ଆଜିଥରେ ଚୈତ୍ର ଆସିଗଲାଣି । ରଣନାଥଙ୍କ ବାସଭବନର ହତା ଭିତରେ ରାମ ମାଳୀର ସ୍ୱହସ୍ତରୋପିତ ସଯତ୍ନବର୍ଦ୍ଧିତ ଗୋଲାପ

ଧାଡ଼ିରେ ଫଳ ଭରି ହୋଇରହିଛି । ସନ୍ଧ୍ୟାକାଳକୁ ରଜନୀଗନ୍ଧାର ସୌରଭରେ ହତା ଭିତରର ପବନ ଯେପରି ମନ୍ଥର ହୋଇଯାଇଛି । ହତା ଭିତରର କଲମି ଆମ୍ବଗଛ କେତେଟା ବଉଳରେ ଭରି ହୋଇ ଶାଖାର ସବୁ ଅଂଶ କରିଦେଇଛି ଆଚ୍ଛାଦିତ । ସୂର୍ଯ୍ୟ ଦେବତା ଧୀରେ ମନ୍ଥର ଗତିରେ ଅସ୍ତଗିରି ତଳକୁ ଗତି କରୁଥିଲେ ତଳ ତଳ । ଆମ୍ବଗଛର ପତ୍ରଗହଳିଆ ଶାଖାରେ ବସି କୋଇଲି କୁ କୁ କରୁଥିଲା । ଆଜି ଆଉ ମାଟିକୁ ଫିଟିବା କଥା ତାଙ୍କୁ ସ୍ମରଣ ନାହିଁ ବୋଧହୁଏ । ସେ ଆମ୍ବବଉଳର ସୌରଭରେ ଉନ୍ମତ୍ତ ହୋଇଉଠିଛି ।

ଇତି ମଧ୍ୟରେ ଗଣନାଥ ଝୁଣ୍ଟି ଝୁଣ୍ଟି ଥରେ ଥରେ ବସାକୁ ଆସି ପୁଣି ଚାଲିଯାଉଛନ୍ତି ଅନ୍ୟ ସ୍ଥାନକୁ । ବିଦ୍ୟାଧରଭାଇଙ୍କୁ ବଡ଼ ଅସୁବିଧାରେ ପକେଇ ଦେଇଛି । ସେ ସବୁମାନେ ଅନ୍ୟ ଦଳରେ ରହି ଗଣନାଥ ହିଁ ସୁକେଶୀର ହତ୍ୟାକାରୀ ବୋଲି ଗୋଟିଏ ଅଭିଯୋଗ ଆଣିଛି । ଶଙ୍କର ଆଉ ଦୈତାରି ଅନେକ ପ୍ରକାର ପ୍ରଲୋଭନ ଦେଖାଇ ମଧ୍ୟ ସେ କାର୍ଯ୍ୟରୁ ତାଙ୍କୁ ନିବୃତ୍ତ କରିଇ ପାରିନାହାନ୍ତି । ସେ କତୁଆ ଦଳର କର୍ମକର୍ତ୍ତା ହୋଇ ଆହୁରି କ୍ଷୁଦ୍ର ବୃହତ୍ ଅନେକଗୁଡ଼ିଏ ଅଭିଯୋଗ ଆଜମୁଁଆ କରିଛି ।

ଗଣନାଥ ମଧ୍ୟ ଭିତରେ ଭିତରେ ବିଦ୍ୟାଧର ହିଁ ସୁକେଶୀର ହତ୍ୟାକାରୀ ହୋଇଥିବ ବୋଲି ସନ୍ଦେହ ପୋଷଣ କରନ୍ତି । ଏଣେ ଯଦୁନାଥଙ୍କର କୌଣସି ଏକ ବନ୍ଧୁପୁତ୍ରୀଙ୍କ ସହିତ ଗଣନାଥଙ୍କ ବିବାହ ସମ୍ବନ୍ଧ ସ୍ଥାପନକରିବା ପ୍ରାୟ ନିଶ୍ଚିତ ହୋଇଯାଇ ଉଭୟ ପକ୍ଷରୁ ଯିବା ଆସିବା, ଖାଇବା ପିଇବା ମଧ୍ୟ ହେଇ-ଗଲାଣି । ଶୈଳ ଯେ ଦିନେ ଏ ଘରକୁ ଆସି ସନ୍ତାନର ମାଆ ହୋଇଥିଲା, ସ୍ୱାମୀର ପତ୍ନୀ ରୂପେ, ଗୃହର ଗୃହିଣୀ ରୂପେ ସ୍ଥାନ ପାଇଥିଲା, ସେ ଏକାଥରକେ ଧୂଳି ହୋଇ ଉଡ଼ିଗଲା ଗଣନାଥ ଏବଂ ତାଙ୍କର ବନ୍ଧୁମାନଙ୍କ ବିଚାରବୁଦ୍ଧିରେ । ଶୈଳ କେଉଁଠିକି ଗଲା ? କଅଣ କରୁଛି ? ମାଆଟା ଭାରି ପାଗଳୀ ହୋଇ ଯାଇଥିଲା । କେଜାଣି କଅଣ କରୁଥିବ ସେ ? କେଉଁଠି ଥିବ, କୁଆଡେ ଯାଇଥିବ, କିଏ ଜାଣେ ? ଯାଇଛି ତ ଯାଉ । ଭିକ ମାଗୁ । ତା ନ କରି ପାରିଲେ ବାସନ ମାଜି ପେଟ ପୋଷୁ । । ଅପମାନ ଦେବାକୁ ଯେତେ-ବେଳେ ଇଚ୍ଛାଟା ଉଗ୍ର ହୋଇଉଠୁଛି, ସେତେବେଳେ ପତ୍ନୀମାନଙ୍କୁ କେହି ଚିନ୍ତାକରି ଦେଖୁନାହିଁ । ଗଣନାଥ ହିନକୁ ହିନ କଳିଙ୍ଗ ଜଙ୍ଗଲରୁ ଅବସ୍ଥାକୁ ଚାଲିଯାଇ ସମସ୍ତେ ସମସ୍ତେ ପୁଣି ସେଇ ମୋହମୟ ରାଜ୍ୟକୁ ଫେରି ଆସୁଛନ୍ତି; କିନ୍ତୁ ପୂର୍ବର ସେ ନିଶ୍ଚିନ୍ତତା ଆଉ ନାହିଁ ।

ବିଦ୍ୟାଧରଙ୍କ ବିଶ୍ୱାସଘାତକତା ପରେ ଗଣନାଥ ଆଉ କାହାକୁ ହେଲେ ବିଶ୍ୱାସ କରିପାରୁ ନାହାନ୍ତି । ନିଜକୁ ମଧ୍ୟ ବିଶ୍ୱାସ କାହିଁ । ଯିଏ ଯେତେବେଳେ ଯାହା କହିଲା, କେବଳ ହୁଁ ହୁଁ କରିଦେଇ ସବୁ କଥାକୁ ସମର୍ଥନ କରି ଯାଉଛନ୍ତି । ଯଦୁନାଥବାବୁ ଗଣନାଥଙ୍କୁ ଉଦ୍ୟମଶୀଳ ଏବଂ ଉତ୍ସାହୀ କରି ରଖିବା ପାଇଁ ସେ ଘରକୁ ଆସିବା ମାତ୍ରେ ଉପଯୁକ୍ତ ବନ୍ଧୁଙ୍କୁ ଡାକିଆଣି ଖାଇବା ପିଇବା ଓ ଆମୋଦ ଆହ୍ଲାଦ କରିବା ବ୍ୟବସ୍ଥା କରନ୍ତି ।

ଏଇପରି ଯେଉଁ ସମୟରେ ଗଣନାଥଙ୍କ ମାନସିକ ଅବସ୍ଥା, ସେତେବେଳେ ସେ ବାସଭବନରେ ଅନ୍ଧାରିଆ ବାରଣ୍ଡାରେ ଏକାକୀ ବସି ଭାବୁଥିଲେ ନିଜର ଆତ୍ମକାହାଣୀ । ସେ ଭାବୁଥିଲେ, ମନୁଷ୍ୟ ସଂସାରରେ ଜନ୍ମହେଉଛି । କଅଣ ସତେ ଇମିତି ଦୁଇ ଦିନ ପାଇଁ ଯାହା ଇଚ୍ଛା ତାହା କରି, ଯାହା ଇଚ୍ଛାନାହିଁ ତାହା ମଧ୍ୟ କରି ମରିଯିବା ଲାଗି ? ଦେଶର ଜଣେ ଲୋକପ୍ରତିନିଧି ମୁଁ । ଦେଶବାସୀ ମୋ ପ୍ରତି ଅନ୍ତରରେ ଅନୁରକ୍ତ ହେବେ, ସେଇ କଥା ହିଁ ମୋ ବନ୍ଧୁମାନେ କହନ୍ତି । ଦେଶର ଭଲ କରିବା ଚିନ୍ତା ପଛକୁ ରଖିଦେଇ ଆଗେ ମୁଁ କିପରି ମୋର ଏ ଆସନଟିରେ ଚିରକାଳ ବସିଥିବି, ଆଉ ଦିନକୁ ଦିନ ମୋର ଆଧିପତ୍ୟ ବଢ଼ାଉଥିବ ସେଇ ଚିନ୍ତା କରୁଛି, ମୋର ବନ୍ଧୁମାନେ ମୋତେ ଶିଖେଇ ପଢ଼େଇ ଧନ ସଞ୍ଚୟ କରାଉଛନ୍ତି । ସେଠି ଠିଆ ହୋଇପଡ଼ିଲେ ମୋ

ଦେହଟା ଥରିଯାଉଛି । ମନରେ ଭୟ ମଧ୍ୟ ହେଉଛି । ବନ୍ଧୁମାନଙ୍କ ଉପରେ କ୍ରୁଦ୍ଧ ହୋଇ ମାରଧର କରିବାକୁ ମଧ୍ୟ ଇଚ୍ଛା ହୋଇଯାଉଛି । ଥରେ ଥରେ ଇଚ୍ଛା ହେଉଛି, ସବୁ ଛାଡ଼ିଦେଇ ଚାଲିଯିବି ଦୂର ବିଦେଶକୁ, ଯେଉଁଠି କେହି ଜଣେହେଲେ ମୋତେ ଚିହ୍ନି ପାରିବେ ନାହିଁ । ସେଠି ମୁଁ ସମ୍ପୂର୍ଣ୍ଣରୂପେ ଆଉ ଜଣେ ମନୁଷ୍ୟ ହୋଇ ସେ ଦେଶର ଅଚିହ୍ନା ମନୁଷ୍ୟ ସହିତ ଅକୃତ୍ରିମ ବନ୍ଧୁତ୍ୱ କରି ଜୀବନର ଅବଶିଷ୍ଟ କାଳ କଟାଇଦେବି । ମୋର ବଡ଼ ବନ୍ଧୁ ବିଦ୍ୟାଧର ବିନା କାରଣରେ ଶତ୍ରୁତା କରି ମୋ ଉପରେ ମିଥ୍ୟା ଅଭିଯୋଗ ଆରୋପକରି ମୋଠୁ ଅର୍ଥ ଶୋଷଣ କରିବାରେ ଲାଗିଛି । ଏଣେ ମୋର ପାଣ୍ଠି ଶୂନ୍ୟ ହେଲଣି । ହଠାତ୍ ବ୍ୟାଙ୍କ ଗୋଟାଏ ଦେଉଳିଆ ହୋଇଯାଇଥିବା ସମ୍ବାଦ ପାଇ ମୁଁ ବ୍ୟସ୍ତ ହୋଇପଡ଼ିଛି । ଥରେ ଥରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତାରୁ ପଦେ ମନେ ପଡ଼ିଯାଉଛି—"ଶକ୍ତ ଯାର ସର୍ବହର ସର୍ବଜୟୀ ବିଶ୍ୱେ ତାର ।" କଲିକତାର ବସାରେ ଗୁରୁଚରଣ ଭଲ ଗୀତ ଗାଏ । ସେ ଗୀତଟି ମନେ ପଡ଼ିଗଲେ ଦେହ ମନ ଫୁଲ ପାଖୁଡ଼ାପରି ଲଘୁ ହୋଇ ଉଡ଼ି ପଳାଉଛି କେଉଁଆଡ଼େ । ସବୁ ଛାଡ଼ିଦେଇ ଜୟୀ ହେବି ବୋଲି ସଜବାଜ ହୋଇ ବାହାରି ପଡ଼ୁଛି ମନେ ମନେ । ଆଉ ଥରେ କଅଣ ହେଉଛି କେଜାଣି ! ଅନ୍ୟମାନଙ୍କ ପାଖରେ ବସିପଡ଼ିଲେ ଆଲୋଚନା ଚାଲୁଛି । ବିଦ୍ୟାଧର ହେଉ ବା ଯେ ହେଉ, ରାଜନୈତିକ କ୍ଷେତ୍ରରେ ଯେଉଁ ଲୋକ ଧନ ସଂଗ୍ରହ କରିପାରୁଛି, ସେ ହିଁ ହେଉଛି ଜୟୀ । ତେବେ ମୁଁ ମଧ୍ୟ କଅଣ ଧନ ସଂଗ୍ରହ କରିବାରେ ଲାଗିବି ? ଯେ'ଯେତେ କହୁଛନ୍ତି କହୁଥାନ୍ତୁ । ମୁଁ କାହାକୁ ଠକ କମ୍ପା ଭୟ ଦେଖାଇ ଟଙ୍କା ଜମା କରି ନ ଥିଲି । ଆମେରିକା ଦେଶରେ ଅନବରତ ପରିଶ୍ରମ କରି ଯାହା କରିଥିଲି, ପିଲାଖେଳ ଦେଖାଇଲା ପରି କହିଲି, ମୋର ଇନ୍ଦ୍ରଜାଲ ବିଦ୍ୟାରେ ଟଙ୍କା କରିଦେଉଛି । ତାର ଫଳ ବର୍ତ୍ତମାନ ପାଉଛି । ମୋର ଗୁଡ଼ାଏ ଟଙ୍କା ଅଛି ବୋଲି ଅନେକେ ଈର୍ଷା ପୋଷି ମୋଠୁ କୌଣସିମତେ ଟଙ୍କା ନେଇଛନ୍ତି । ମୁଁ ଜାଣି ଜାଣି ଚିନ୍ତା ନ କରି କେତେ ଦେଇଛି । ଆଉ କେତେକଙ୍କୁ ନିଜର ବଡ଼ପଣ ଦେଖାଇବାକୁ ମଧ୍ୟ ଦେଇଛି । ବର୍ତ୍ତମାନ ଆଉ ଗୋଟାଏ ଦିଗରୁ ବଡ଼ ହୋଇଯିବା ଚେଷ୍ଟା ଚାଲିଛି । ସମାଜ ଭିତରୁ ଝିଅ ଗୋଟିଏ ବିବାହ କରି ମୁଁ ସାମାଜିକ ଲୋକ ହୋଇଯିବି । ଯଦୁନାଥ ପ୍ରଭୃତି ମୋର ବନ୍ଧୁମାନେ ସେ ବ୍ୟବସ୍ଥା କରୁଛନ୍ତି । କନ୍ୟା ଦେଖା ମଧ୍ୟ ହେଇଗଲାଣି । ସେ ମୋତେ ଦେଖି ଲଜ୍ଜାରେ ମଥାଟାକୁ ତଳକୁ କରିଦେଲା । ତାର ବାପା ମାଆ ମଧ୍ୟ ଆସି ମୋ ଘର ଦେଖିଗଲେଣି । ଦେଖୁଛନ୍ତି, କି କି ଦ୍ରବ୍ୟ ମୋର ଆବଶ୍ୟକ, ତାହା ସବୁ ଯୌତୁକରେ ଦେବେ । ଘର ଆଉ ଜମି ମଧ୍ୟ ମିଳିବ । ମୋର ଯେ ଭାବୀ ଶ୍ୱଶୁର ସେ ଜଣେ ରିଟାୟାର୍ଡ଼ ଜଜ । ଆଜିଠୁ ସେ ମୋତେ ସବୁ ଦିଗରୁ ଆଦେଶ, ନିର୍ଦ୍ଦେଶ, ଉପଦେଶ ଦେବାକୁ ଆରମ୍ଭକଲେଣି । ଏ ଘଟଣାରେ ମୋର ବନ୍ଧୁମାନେ ଖୁସି । ହେବା ସ୍ୱାଭାବିକ ମଧ୍ୟ । ମୁଁ ଯେ ସମାଜର ଜଣେ ହେବାକୁ ଯାଉଛି । ସମାଜର ଲୋକ ଯିମିତି ଚାଲୁଛନ୍ତି ଚାଲିବି । ସିମିତି ବସିବା, ଠିଆ ହେବା, କହିବା, ହସିବା ସବୁ ଶିଖୁଛି । ମୁଁ ଆଉ ମୁଁ ହୋଇ ନ ରହି ବଦଳିଯିବି । ମୋର ଭାବୀ ଶ୍ୱଶୁର ଆଗାମୀ ନିର୍ବାଚନରେ ଯୋଗ-ଦେବେ । ସେ ମୋତେ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ଚେଷ୍ଟାକରୁଛନ୍ତି । ରାଜଧାନୀର ତାଙ୍କର ବଡ଼ କୋଠାଘରେ ତାଙ୍କରି ପାଖରେ ଯାଇ ରହିବି । ସେ ମୋ ମନଟାକୁ ଏକାଥରକେ ବଦଳେଇଦେବେ । ମୋର ବନ୍ଧୁମାନେ ମୋର ଚଉକି ଚାରି ପାଖକୁ ଘେରି ବସି ଏଇ କଥା କହୁଥିଲାବେଳେ ମୋତେ ସବୁ ଭଲ ଲାଗୁଛି । ଏକାକୀ ବସିପଡ଼ିଲେ ଶୈଳର କଥା ମନେ ପଡ଼ିବା ସହିତ ତା' ମାଆର କଥା ବେଶି ମନେ ପଡ଼ୁଛି । ସେଦିନ ଶୈଳ ଆସି କହିଲା, ମୋ ମାଆ ବାୟାଣୀ ହୋଇଗଲା । କଅଣ କହିବି, କିଛି ଭାବିପାରିଲି ନାହିଁ । ମୁହଁରୁ ବାହାରି ପଡ଼ିଲା, ତୋ ମାଆ ବାୟାଣୀ ହୋଇଗଲାଣି ବୋଲି ମୁଁ ମଧ୍ୟ କଅଣ ବାୟା ହୋଇଯିବି କି ?

ସେଇ ରାଗ ପରେ ଚିତ୍କାର କରି ଉଠୁଥିଲା ଶୈଳର ମାଆ । ବନ୍ଧୁଙ୍କ ପରାମର୍ଶରେ ମୁଁ ତାଙ୍କୁ, ରାଁ' ମାଆକୁ ଘରୁ ଚାଲିଯିବାକୁ କହିଥିଲି । କେଉଁଠିକି ଯାଇଥିବ ? କଅଣ କରୁଥିବ ? ଶୈଳ ଯଦି ଗର୍ଭବତୀ ହୋଇଥିବ –

ଆଖି ଖୋଲିଦେଲେ ଗଣନାଥ । ହାତ ପାପୁଲିଟାକୁ ଖୋଲି ଦେଖି କହିଉଠିଲେ—"କଅଣ ହେଲା ! ମୋ ଆଖିରେ ଲୁହ ! ତାହାହେଲେ ମୋ ଭିତରେ ଆଉ ଗୋଟାଏ କାନ୍ଦୁରା ମନୁଷ୍ୟ ଅଛି ? ସେ ମନୁଷ୍ୟଟା ମୋର ଆଚରଣରେ ବ୍ୟଥିତ ହୋଇ କାନ୍ଦୁଛି ?"

"ନାହିଁ, ନାହିଁ, ମୁ ଏ ଦୁଃଖଭାର ସହ୍ୟ କରିପାରିବି ନାହିଁ । ବ୍ୟାଙ୍କଗୁଡ଼ାକ ଯଦି ଭାଙ୍ଗିଯିବ, ମୋର ସବୁ ଟଙ୍କା ଯଦି ବୁଡ଼ିଯିବ, ମୁଁ ଖାଇବି କଅଣ ? ଏମାନଙ୍କୁ ଖୁଆଇବି କଅଣ ? ଇମିତି ଯଦି ଭାବିବି, ସେଇ ଶୈଳର ମାଆ ପରି ପାଗଳ ହୋଇଯିବି । ସଙ୍କର୍ଷଣ ପ୍ରକୃତ ବନ୍ଧୁ ମୋତେ ସ୍ଥିର ବୁଦ୍ଧି ନ ଦେଲେ ମୋର ମଥା ବିଗିଡ଼ିଯିବ ।"

ସଙ୍କର୍ଷଣ ଆସି ପହଞ୍ଚିଗଲେ ସେତିକିବେଳେ । ଗଣନାଥ ତାଙ୍କୁ କୁଣ୍ଢେଇ ପକେଇ କହିଉଠିଲେ, "ବନ୍ଧୁ ହେ, ତୁମେ ମୋ ଆଖି ଆଗରୁ କ୍ଷଣେ ଅନ୍ତର ହେଲେ ଯୁଗ ଯୁଗ ପରି ଲାଗୁଛି । ତୁମେ ନ ଥିଲେ ମୋତେ ଦୁର୍ଗମ ପଥକୁ କିଏ ନେବ ! ମିଥ୍ୟା କହି କହି ମୋତେ କିଏ ମୂର୍ଖ କରି ରଖିବ ?"

ସଙ୍କର୍ଷଣ ଗଣନାଥଙ୍କ ହାତ ଧରି ଚଉକିରେ ବସେଇଦେଇ କହିଲେ, "ବିଦ୍ୟାଧରକୁ ଆମେ ଏକାଥରକେ ଶେଷ କରିଦେବା ଗଣନାଥବାବୁ !"

ଗଣନାଥ ଚିତ୍କାର କଲାପରି କହିଲେ, ବିଦ୍ୟାଧରକୁ ଶେଷ କରିଦେବ ? କାହିଁକି ? କଅଣ କଲା ସେ ? ମୋର ବନ୍ଧୁ । ଆଜି ସେ ମୋ ବିପକ୍ଷରେ ଅଛି ବୋଲି ତାକୁ ମାରିଦେବ ! ନାହିଁ, ନାହିଁ । ସେ ମୋତେ ଠକିଛି, ଜାଣିଛି । ସେ ପୁଣି କାଲିକି ମୋର ବନ୍ଧୁ ହେବ । ଟଙ୍କା ନେଇଛି ନେଉ । ସବୁ ନେଇଯାଉ । ମୁଁ ଭକ୍ତ ହୋଇ ତାକୁ ପୁଣି ମାଗିବି ।"

ସଙ୍କର୍ଷଣ ଭାବିଲେ, ଆଚ୍ଛା ଲୋକ ତ ଏ ! ଏମିତି କଥା କହିଲେ ବିପକ୍ଷ ତ ବୁଝିବ ନାହିଁ ।

×　　×　　×　　×

ରାମ ମାଝୀ ଭୋରରୁ ଚାଲି ଯାଇଥିଲା ତା ଗାଆଁକୁ । ଶୈଳ ପାଗଳୀ ମାଆକୁ ଧରି ବସିଛି ଏକା ଗୋଟାପଣେ । ଶୈଳ ମାଆର ସେ ସ୍ଥୂଳ ଶରୀରଟା *ପତଳା କଣ୍ଟା ଖଣ୍ଡିଏ ପରି ବିଛଣାରେ ଲାଗିଯାଇଛି ।* ଲୁଗୁଡ଼ା କେଶଗୁଡ଼ିକ ଆପଣା ହାତରେ ଛିଣ୍ଡାଇ ଛିଣ୍ଡାଇ ଉଡ଼ାଇ ଦେଲେଣି । ବାକି ବାଳ କେଶ ଫୁରୁ ଫୁରୁ ହୋଇ ଉଡ଼ୁଛି । ଦେହରେ ବସ୍ତ୍ର ଅତ୍ୟନ୍ତ ମ୍ଳାନ, ଜୀର୍ଣ୍ଣ । ତଳେ ଘରର ଗୋଟାଏ କୋଣକୁ ଶୋଇଛି ଶୈଳର ମାଆ । ବାରମ୍ବାର ଶିଁ ଶିଁ ସ୍ୱରରେ ଚିତ୍କାର କରି ଉଠି ବକି ଯାଉଛନ୍ତି ଅତୀତ ଜୀବନର କଥା । ବିଛଣାରୁ ଉଠି ବାରମ୍ବାର ବାହାରକୁ ବାହାରି-ଆସିବାକୁ କରୁଛନ୍ତି ପ୍ରବଳ ପ୍ରୟାସ । ଆନନ୍ଦ ରୂପଙ୍କ ଗୋଟିଏ ଭଉଣୀ ନେପାଳରୁ ଆସି ବିହାରରେ ସଂସାର ମାଣ୍ଡି ରହିଥିଲା । ତାହାରି କଥା ଭାବି ଯାଉଛନ୍ତି ଶୈଳ । ବିହାରର ମହାରାଜାଙ୍କ ପୁରୋହିତଙ୍କ ସ୍ତ୍ରୀ ସେ । ଆନନ୍ଦରୂପଙ୍କ ପିତାମହ ବିହାର ପ୍ରଦେଶରୁ ଯାଇ ନେପାଳରାଜାଙ୍କ ପୁରୋହିତ ହୋଇ ରହିଥିଲେ । ଶୈଳର ମନେ ପଡ଼ିଲା, ତା'ର ପିଉସୀ ବୁଢ଼ୀ କିମିତି ଗଳ୍ପ କହୁ କହୁ ହିତ ଉପଦେଶ ଶୁଣାଉଥାଏ । ସେ କହେ ସମାଜଦେବତାକୁ ନ ମାନିଲେ ଦିନେ ଅବଶ୍ୟ ସେଥିପାଇଁ ଅନୁତାପ କରିବାକୁ ପଡ଼ିଥାଏ । ସମାଜ ଭିତରେ କେତେ ନିବିଡ଼ ସମ୍ବନ୍ଧ ସୂତ୍ର ପରସ୍ପରକୁ ବାନ୍ଧି ରଖିଛି ! ଅଜ୍ଞାନ ଅବସ୍ଥାରେ ଆମେ ତାହା ଦେଖିପାରୁନାହୁଁ । ସେଥିରୁ ବିଚ୍ଛିନ୍ନ ହୋଇ କେହି କେବେ ସୁଖୀ ହୋଇପାରିନାହିଁ । ସମାଜ ଭିତରେ ପ୍ରତ୍ୟେକ ମନୁଷ୍ୟ ପ୍ରତିଯୋଗିତା କରି ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି । ତଦ୍ଦ୍ୱାରା ପରମ୍ପରା କ୍ରମେ ସନ୍ତାନ ସନ୍ତତିମାନେ ସେଇ ମହତ୍ ପଥରେ ଗତି କରନ୍ତି । ସେଦିନ ତାର ସେ କଥାଗୁଡ଼ାକ ଆମ ଘରର ସ୍ତମ୍ଭ

ଯେଉଁସବୁ ଉପଦେଶ କଥା କହନ୍ତି, ସେଇ କଥାରୁ କେତୋଟିକ ଅଂଶ ମୁଖସ୍ଥ କରି କହୁଛି ବୋଲି ଅନୁଭବ କରି ଶୁଣି ମଧ୍ୟ ଶୁଣି ନ ଥିଲି । ସେଦିନ ଭାବୁଥିଲି ମନୁଷ୍ୟ ଜୀବନର ଲକ୍ଷ୍ୟ କେବଳ ଭଲ ଖାଇବା, ଭଲ ପିନ୍ଧିବା, ଆଉ ଭଲ ଘର ଭିତରେ ରହିବା; କିନ୍ତୁ ଠିକ୍ ଏଇ କଥା ହିଁ କଅଣ ଭାବୁଥିଲି ? ମୁଁ ଆଉ ଗୋଟାଏ କଥା ଭାବୁଥିଲି, ସେ କଥା ମୁଁ ଏବେ ପ୍ରକାଶ କରିପାରୁନାହିଁ । ମୁଁ ଗୋଟାଏ ଆଶ୍ଚର୍ଯ୍ୟ ଅଦ୍ଭୁତ ଧରଣର ପ୍ରେମ ସୃଷ୍ଟି କରିବି ବୋଲି ଭାବୁଥିଲି । କଅଣ ଜାଣିଥିଲି ପ୍ରେମର କଥା ! ସ୍ତ୍ରୀ ପୁରୁଷ ଦୁଇଟା ଏକାଠି ହୋଇଯାଇ ଭଲପାଉଛି ବୋଲି କହିଦେଲେ କଅଣ ପ୍ରେମ ହୋଇଗଲା, ଏଇ ଧାରଣା ତ ଥିଲା । ମୁଁ ତ ସେମିତି ପ୍ରେମରେ ପଡ଼ି ଗଣନାଥଙ୍କ କାନରେ କେତେ ପ୍ରେମ କଥା କହିଥିଲି, କାହିଁ ସେ କଥା ରହିଲା କି ? ମୋ ପିଉସୀ କହିଥିଲା, ସମାଜ ଭିତରେ ଜଣେ ସ୍ତ୍ରୀ ତ ନାରୀ ସେ କେବଳ ଜଣେ ସ୍ତ୍ରୀ ବ୍ୟକ୍ତି ନୁହେଁ । ସେ ସମାଜର ମାଆ, ଭଉଣୀ, ମାଉସୀ, ପିଉସୀ ସବୁ । ଚିରକାଳର ସମ୍ବନ୍ଧ-ସୂତ୍ରରେ ଗୁନ୍ଥା ସେ । ପୁରୁଷ ଆପଣା ଉପରେ ଅତ୍ୟାଚାର କରି ପୁଣି ଆତ୍ମଶକ୍ତିଦ୍ୱାରା ସବୁ ସହଜ ସୁବେ ଧ କରିଦେଇ ପାରିବ, ଆଉ ପାରେ ବୋଲି ନାରୀକୁ ସାମାଜିକ ସୀମା ଭିତରେ ଆବଦ୍ଧ ହୋଇ ରହିବାକୁ ହିଁ ହୁଏ । କାରଣ ନାରୀ ପାରେନାହିଁ । ସେ ବନ୍ଧନ ହିଁ ତାର ଗର୍ବ, ଗୌରବ, ଜୀବନର ଯାହା କିଛି । ଆଜି ମୋର ସେ ପିଉସୀ ଶବ୍ଦ ଶବ୍ଦ ରୂପ ଧରି ମୋର ଦେହ ଘୂରି ପାଖରେ ଘେରି ରହି କଥା କହି-ଯାଉଛନ୍ତି । ଚନ୍ଦ୍ରାନାମାର ନଣନ୍ଦ ସ୍ୱରୂପାର ବିଭାଘର ହୋଇଗଲା ବୋଲି ଚନ୍ଦ୍ରାନାମା ଲେଖିଛି । ବଡ଼ ସୁଖର ସଂସାର ଆରମ୍ଭ କରିଛି ସ୍ୱରୂପା । ସ୍ୱରୂପାର ବର ତ୍ରିଲୋଚନ ସହିତ ମୋର ବିବାହ ହୋଇଥାନ୍ତା । ସେ କଥା ଆଉ ଭାବିଲେ କଅଣ ହେବ ? ଆରମ୍ଭରୁ ମନୁଷ୍ୟ ଜୀବନଟାକୁ ଯେ ମୂଲ୍ୟହୀନ କରି ଭସାଇଦେଲି ! ଆଉ କଅଣ ସେ ଜୀବନ ଫେରିଆସିବ ? କିନ୍ତୁ ଗର୍ଭରେ ଏ ଯେଉଁ ଶିଶୁଟି ରହିଛି, ତାକୁ ମୁଁ ରଖିବ କେଉଁଠି ? ମାଆ ତ ମରିବ—ତାପରେ ?—ସବୁ ଦିଗଶୂନ୍ୟ ଅନ୍ଧାର !

ଶୈଳର ମାଆ ହଠାତ୍ ଉଠିପଡ଼ି ଖେଁ ଖେଁ କରି ବିକଟ ହାସ୍ୟ କରି କହିଲେ, "ଦେଖିଲୁ ଗଣନାଥକୁ ! ମୁଁ ଇମିତି ଧରି ତୋଟିଟାକୁ ଚିପି ଦେଲିଯେ ଏକାଥରକେ ମରିଗଲା ! ତମେ ଦେଖୁଛ ? ଏଇ ଦେଖ ଶୈଳ, ତୋ ବାପା ଆସି ଠିଆ ହୋଇଛନ୍ତି । ସେଦିନ ତୁମେ ମରିଯାଇଥିଲ, ଆଜି ଆସିଛ, ଆସିଛ କି ଗୋ !" କହୁ କହୁ କାନ୍ଦିଉଠିଲେ ଶୈଳର ମାଆ । ଗୋଟାଯାକ ଘରେ ଗଡ଼େଇ ଗଡ଼େଇ ହୋଇ କାହାକୁ କେଜାଣି ଖୋଜି ବୁଲିଲେ । ତା'ପରେ ଚିତ୍କାର ସଙ୍ଗେ ସଙ୍ଗେ ଶୈଳର ଚୁଟି ଧରି ବିଧା ଚାପୁଡ଼ା ମାରି ମୁହଁଟାକୁ ରାମ୍ପୁଡ଼ିବାକୁ ଆରମ୍ଭ କରିଦେଲେ ।

ଶୈଳ କୌଣସିମତେ ମାଆକୁ ସମ୍ଭାଳି ନେଇ ବାହାରକୁ ନ ଛାଡ଼ି ଧରି ରଖିଥିଲେ, ଏତିକିବେଳେ ଆସି ପହଞ୍ଚିଗଲା ରାମ ।

ରାମକୁ ଦେଖି ଶୈଳର ମାଆ ଯୋଡ଼ହସ୍ତ ହୋଇ ଆସି ରାମର ଗୋଡ଼ ଜାବୁଡ଼ି ଧରି କହିଗଲେ, "ତୁମେ ମୋର ଗୁରୁ । ସେଦିନ ମୋତେ କେତେ କରି ବୁଝେଇ କହିଥିଲ, ମୁଁ ପାପିଷ୍ଠୀ ତୁମ କଥା ଶୁଣି ନ-ଥିଲି । ମୋତେ ଏବେ ସେଇଠି ନେଇ ଛାଡ଼ିଦିଅ । ଏଇକ୍ଷଣି ଶୈଳର ବାପା ଆସିଥିଲେ । ହେଇଟି ସେ କୋଣକୁ ବସିଛନ୍ତି ।"

ଶୈଳର ମାଆ ରାମର ପାଦ ଛାଡ଼ିଦେଇ ଯୋଡ଼ହସ୍ତ ହୋଇ ଘରର ଏ କୋଣରୁ ସେ କୋଣକୁ ଯାଇ ଖୋଜିବାକୁ ଲାଗିଲେ । କଥା କହି କହି ମୁହଁରୁ ଫେଣ ବାହାରି ପଡୁଥାଏ । ଦେଖୁ ଦେଖୁ ସେ ଉଠିବାକୁ ଚେଷ୍ଟାକରି ତଳେ ପଡ଼ିଯାଇ ମୂର୍ଚ୍ଛା ହୋଇଗଲେ ।

"ଅବସ୍ଥା ଯାହା ହେଲାଣି, ଆଉ ବେଶି ଦିନ ବଞ୍ଚିଲା ପରି ଦିଶୁନାହିଁ । କଅଣ କରାଯିବ କିଛି ସ୍ଥିର କରିପାରୁନାହିଁ ।"

ଶୈଳ ପଥର ପରି ବସି ରହିଥିଲେ ତାଙ୍କ ମାଆଙ୍କ ମୁହଁକୁ ଅନେଇଁ ।

## ଊଣେଇଶ

ବିଶ୍ୱପତି ଆଶ୍ଚର୍ଯ୍ୟ ବିଷାଦ ବୈରାଗ୍ୟରେ ଅଭିଭୂତ ହୋଇ ଚିନ୍ତା କରୁଥିଲେ ଯୁଗଧର୍ମର କଥା । କିଅଣ ହେଲା ଏ ଯୁଗ ! ଜୀବପାଳିକା ଜନନୀ ଆଜି ମନେ ମନେ ଅପ୍ରସନ୍ନ ହୋଇଯାଇ ଅକାରଣରେ ଜନକାଙ୍କ୍ଷୀ କରି ଚାଲିଯାଉଛି ରାଜପଥରେ ! ସହଧର୍ମିଣୀ ହୋଇ ଜନନୀ ରୂପେ ସେବା ଦେଇ, ସ୍ନେହ ଦେଇ ପୁରୁଷକୁ ପୁରୁଷ ରୂପେ ହିଁ ପାଳନ କରୁଥିଲା, ସେ ଆଜି ହୋଇଯାଇଛି ଚଞ୍ଚଳପୂସୀ । ମୁଁ ତ ଆଜି କିଛି ବୁଝି ପାରୁନାହିଁ ! ଆନନ୍ଦର ସ୍ତ୍ରୀ କନ୍ୟାଙ୍କ ଅଧଃପତନ ଦେଖିଲେ ଆତଙ୍କାତରେ ଉଚ୍ଚହାସ୍ୟ କରି କେତେ ଜନ ବନ୍ଧୁ-ମାନଙ୍କ ସହିତ ଆଳାପ କରିଥିଲ ! ଗଳ୍ପ ଉପନ୍ୟାସରେ ଅନେକ ସେପରି ନାରୀକୁ ଦାନବୀ ଆକାରରେ ବର୍ଣ୍ଣନା କରିଛି; କିନ୍ତୁ ଆଜି ତ ସେ ଅବସ୍ଥା ନାହିଁ । ଆଜି ମୋର ଝିଅ, ବ୍ରଜରାଣୀର ଝିଅମାନଙ୍କ କଲେଜ ପାଠ ପଢ଼ି ପୁରୁଷ ସହିତ ସାବଲୀଳ ଆଲୋଚନା କରିବା ଆଖିରେ ଦେଖିଲି, କାନରେ ଶୁଣିଲି । ଆହା, ଏମାନେ ଯେ ସମ୍ଭ୍ରାନ୍ତ ବଂଶର ବୋହୂ ଝିଅ । ଏମାନେ ହିଁ ଆମ ପୁରୁଷ ଜୀବନ ସୌଧର ଭିତ୍ତି ଥିଲେ ।

ବିଶ୍ୱପତିଙ୍କ ଭାବନା-ସ୍ରୋତରେ ବାଧା ଦେଇ ଘରଭିତରେ ପ୍ରବେଶ କଲେ ବିଶ୍ୱପତିଙ୍କ ସହଧର୍ମିଣୀ ଅପର୍ଣ୍ଣା ଦେବୀ । ଅପର୍ଣ୍ଣା ଦେବୀଙ୍କ ବୟସ ଅନୁଯାୟୀ ସେ ପ୍ରୌଢ଼ତ୍ୱ ଅତିକ୍ରମ କରି ବାର୍ଦ୍ଧକ୍ୟର ପ୍ରଥମ ସୋପାନ ଆଡ଼କୁ ପାଦ ଦେଲେଣି । ଅତି ପାତଳା ନୁହନ୍ତି । କ୍ଷୁଦ୍ର କୃତି, ଚମ୍ପା-ଫୁଲ ପରି ଗୌରବର୍ଣ୍ଣା ।

ଅପର୍ଣ୍ଣା ବିଶ୍ୱପତିଙ୍କ ଆଡ଼କୁ ଅଗ୍ରସର ହୋଇ ଆସି କହିଲେ, "ଶୁଣିଲେଣି ? ହଁ, କାହିଁ କି ଶୁଣିବେ ? ଆପଣ ତ ରାତିରେ ଆସିଲେ ଘରକୁ ! ଇତିମଧ୍ୟରେ ଗାଆଁରେ କେତେ କଅଣ ଘଟିଗଲାଣି ! ନାରୁଣ ତାର ସ୍ତ୍ରୀ ପିଲାଙ୍କୁ ନେଇ ଚାଲି ଆସିଲାଣି । କମିତି ଖୁସି କଥା କହନ୍ତୁ ତ ?"

ସେ ସ୍ତ୍ରୀକି ବଜାରରେ ଛାଡ଼ି ନ ଦେଇ ନାରଣ ତାକୁ ଧରି ଆସିଲା ଯାହା, ମୋତେ ସେ କଥା ଆଉ କହ ନାହିଁ ବ୍ରଜବୋଉ !"

"କି କାହିଁକି ବଜାରରେ ଛାଡ଼ିଦେଇଆସନ୍ତା ! ଅନ୍ୟ ଲୋକ ପାଖରେ ଦୁଃଖ ସୁଖ କଥା ହେଲା-ବୋଲି— "

"କେବଳ ଦୁଃଖ ସୁଖ ନୁହେଁ ଗୋ, ପ୍ରେମ କଥା ବୁଝିଲ ।"

"ମୋର ସେଥିରେ ବିଶ୍ୱାସ ନାହିଁ । ଯଦି ତାହା ପ୍ରେମ କଥା ବୋଲି ହିଁ ଆପଣ କହିବେ, ତାହା-ହେଲେ ମୁଁ କହିବି, ଆପଣଙ୍କର ମହାଭାରତରେ ଦ୍ରୌପଦୀ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ କାକୁତି କରି ଏତେ ଆଳାପ ଆଲୋଚନା କରୁଥିଲେ ଯେ ତାହା ଶେଷ ହେଉ ନ ଥିଲା । ଏପରି କି ସେଇ ଅନ୍ୟ ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ ତାଙ୍କ ସ୍ୱାମୀମାନଙ୍କର ଦୋଷ ଗୁଣ କଥା ମଧ୍ୟ କହିଦେଉଥିଲେ । ତୁମେମାନେ ସେଇ ଦ୍ରୌପଦୀଙ୍କୁ ପ୍ରାତଃସ୍ମରଣୀୟା କରେଇଛ । ତାହା ତୁମମାନଙ୍କ ହାତର ଲେଖା ବୋଲି ହୋଇଛି — ପବିତ୍ର ପୁରାଣ କଥା । ଆଜି ଏ ଯୁଗର କଥା କହିଲାବେଳକୁ ସେଇ ଘଟଣାଗୁଡ଼ିକ ହୋଇଯାଉଛି ପାପପ୍ରଣୟ !"

ବିଶ୍ୱପତି ଅପର୍ଣ୍ଣାଙ୍କ ଆଡ଼କୁ ନ ଚାହିଁ ଭାବିବାକୁ ଲାଗିଲେ, ଭିଏ ଶୁଣି କି କଥା ! ନାରୀକୁ ଆମେ ଦେବୀ ଦାନବୀ କରି କାବ୍ୟ ଭିତରେ ରଖି ଦେଇଥିଲୁ । ଆମର ନାୟିକା ଦେହରେ ଥିଲା ବିଶ୍ୱବ୍ରହ୍ମାଣ୍ଡର ସକଳ ସୌନ୍ଦର୍ଯ୍ୟ । ଘରର ମାଆ ଭଉଣୀ, ସ୍ତ୍ରୀ କନ୍ୟା ଅନ୍ଧ ବୁଦ୍ଧିରେ ଅକୁଳତା ହୋଇ ସୃଷ୍ଟିର ଯେଉଁଠି ଯେତେ କାଠ ପଥର ଦେହରେ ସିନ୍ଦୂର ବୋଳି ଫୁଲ ଚନ୍ଦନ ଦେଇ ପୂଜା କରିବା ଦେଖି ଆମେ ମନେ ମନେ ଆମୋଦ ଉପଭୋଗ କରୁଥିଲୁ । ଏମାନଙ୍କର ପୂଜା ପାର୍ବଣରେ ଆମର ବିଶ୍ୱାସ ନ ଥିଲା, ଏବେ ମଧ୍ୟ ନାହିଁ । କେବଳ ଆମର ଜ୍ଞାନ-ରାଜ୍ୟରେ ଏମାନେ ପ୍ରବେଶ କରିପାରିବେ ବୋଲି ଭୟରେ ଏମାନଙ୍କ ନିମନ୍ତେ ଗୋଟାଏ ସ୍ୱତନ୍ତ୍ର ରାଜ୍ୟ ଗଢ଼ିଦେଇଛୁ । ତାର ନାମ ଦେଇଛୁ ସ୍ତ୍ରୀ-ଆଚାର । ଅବସ୍ଥା ଯାହା ହେଲାଣି, ଏମାନେ ଆମମାନଙ୍କୁ ପ୍ରଶ୍ନ କରିବାକୁ ବାହାରିଲେଣି । ଆଜି ଅପର୍ଣ୍ଣା ସେଇ ସ୍ରୋତରେ ଭାସିଆସିଛି ଦାଣ୍ଡିଶାଳକୁ ।

ପୁରୁଷମାନେ ଦମ୍ଭୋଦ୍ଧତ ହୋଇ ସ୍ତ୍ରୀମାନଙ୍କୁ ଅନ୍ତଃପୁରରୁ ନେଇ ଉଚ୍ଚଶିକ୍ଷା ଦେଇ ଦେଉଛନ୍ତି; କିନ୍ତୁ ମୁଁ ଯେତେ ଦୂରଦୃଷ୍ଟି ଦେଇ ଦେଖିପାରୁଛି, ଏଥିର ପରିଣତିଟା ବିଶେଷ ଭଲ ହେବନାହିଁ । ନାମକୁ ସିନା ଆମେ ସ୍ତ୍ରୀକୁ ସହଧର୍ମିଣୀ ବୋଲି କହୁଥିଲୁ, ବର୍ତ୍ତମାନ ସେମାନେ ବେଳେବେଳେ ଆମର ଅଜ୍ଞାତରେ ଆମ ଆସନ ପାଖକୁ ବଢ଼ି ପଡ଼ିଲେଣି । କିନ୍ତୁ ଏହାଦ୍ୱାରା ଆମର ଚିନ୍ତାଶୂନ୍ୟ ସଂସାର ଆଶ୍ରମରେ ଜଞ୍ଜାଳ ସୃଷ୍ଟି ହେବ ।

ଅପର୍ଣ୍ଣା ଆଉ ଟିକିଏ ପାଖକୁ ଆସି ସ୍ୱାମୀଙ୍କ ପିଠିରେ ହାତ ରଖି କହିଲେ, "କଅଣ କିଛି ନ କହି ତୁନି ହୋଇ ରହିଲେ ଯେ !"

ଆଗ୍ରହେଁ ଅପର୍ଣ୍ଣା ଆଡ଼କୁ ଟିକିଏ ଆଉଜିପଡ଼ି ପ୍ରେମ କଟାକ୍ଷ ନିକ୍ଷେପକରି ପଚାରିଲେ, "କହିଲ ଦେବି ! ତୁମେ ଯଦି ନିତି ଦଶ ଜଣ ବନ୍ଧୁଙ୍କୁ ଧରି ଗୀତ ବାଦ୍ୟ ଆରମ୍ଭ କରୁଥାନ୍ତ, ମୁ ଇମିତି ଶୁଣି ଶୁଣି ଦେଉ ଦେଉ ତୁମର ଅସ୍ତିତ୍ୱ ସାନ୍ତ୍ୱନା ଭାବ ସଞ୍ଚାରିତ ହୁଅନ୍ତା ନାହିଁ ?"

ଅପର୍ଣ୍ଣା ବିଶ୍ୱପତିଙ୍କ ମଥାଟାକୁ ଛାତି ପାଖକୁ ଯାକି ଧରି ତାଙ୍କର ସେ ଦାଢ଼ିଭରା ମୁହଁରେ ଅଜସ୍ର ଚୁମ୍ବନ ଅଜାଡ଼ି ଦେଇ କହିଲେ, "କିଏ କହିବ ହୁଅନ୍ତା ନାହିଁ ବୋଲି ? ଆପଣମାନେ ସୃଷ୍ଟି ଆରମ୍ଭରୁ ନାରୀକୁ ମୂଢ଼ ମୂର୍ଖ କରି ଗଢ଼ି ଆସିଛନ୍ତି । ବିନା ବିଚାରରେ ସେ ପତିଙ୍କୁ ଦେବତା ବୋଲି ଭାବିଆସିଛି; କିନ୍ତୁ ଜ୍ଞାନବିକାଶରେ ନାରୀ ପତିଙ୍କୁ ଦେବତାରୂପେ ବସାଇ ପୂଜା ଦେଉ ଦେଉ ମନୁଷ୍ୟ ସ୍ୱଭାବର ଦୋଷ ଦୁର୍ବଳତା ଦେଖି ହୋଇଯାଉଛି ଭକ୍ତିହୀନା । ଲୋକେ ଦେଖିବାକୁ ଅବଶ୍ୟ ସେ ପରମ୍ପରାର ପ୍ରଥା ପାଳନ କରିଯାଉଛି, ତଥାପି ସେ ସର୍ବାନ୍ତଃକରଣରୁ କ୍ଷମା ଦେଇପାରୁନାହିଁ । ଆପଣ ମୋତେ ପିଞ୍ଜରାବଦ୍ଧ ପକ୍ଷୀ କରି ରଖିଛନ୍ତି ବୋଲି କଅଣ ମୁଁ ଅନ୍ୟର କଥା ଭାବୁ ନାହିଁ ? ମୋର ମନେ ହେଉଛି, ଓଢ଼ଣା ଟାଣି-ଦେଇ ନାଟକ ଗଲାବେଳେ ନାରଣର ଗୀତ ଶୁଣି

ତାକୁ ଟିକିଏ ଦେଖିଦେବାକୁ ଇଚ୍ଛା ହେଉଥାଏ । କହ କହ ଆପଣ ମୋ ଆଡ଼କୁ ଚାହିଁ ଛନ୍ତି ଭୃଗୁଋଷି ପର୍ଶୁରାମଙ୍କୁ ମାତୃବଧ ଆଦେଶ ଦେଲାପରି ଦେବେ ନାହିଁ ତ !"

"ତୁମେ ଜାଣିଛ ଦେବି ! ତୁମର ଆଲୋକରେ ହିଁ ମୋର କଳିକା ବିକଶିତ ହୋଇଉଠିଛି । ତୁମେ ମୋତେ ଦୁର୍ଗତି ପଥରୁ ହାତ ଧରି ଆଣିଛ ବଞ୍ଚିବାର ।"

"ଏ ବୟସରେ ଆଉଥରେ ସେଦିନ ପରି କଟାକ୍ଷ ବାଣ ବିନ୍ଧି ମୋତେ ଆଉ ଜର୍ଜର କରନ୍ତୁ ନାହିଁ । ଆପଣ ମୋର ଦେବାଧିଦେବ ମହାଦେବ । କଟାକ୍ଷଟା ମୋ ଆଡ଼ୁ ଯିବା କଥା । ଆଜି ମୋର ମନେ ହେଉଛି, ମୁଁ ଆପଣଙ୍କର ସେଦିନର ବାର-ବର୍ଷର ବାଳିକାବଧୂ ହୋଇଯାଇଛି ।"

"ତୁମକୁ ଦେଖି ଆଜି ମୋର ଆଖି ମୁଗ୍ଧ ହୋଇଯାଉଛି ଦେବି !"

"ମୁଁ ଏଠି ଠିଆ ହେବିନାହିଁ । ଚଉକିରେ ବସି କହିବ ।"

ପରିହାସପ୍ରିୟ ବିଶ୍ୱପତି ଅପର୍ଣ୍ଣାଙ୍କ ହାତ ଧରିପକେଇ ହସି ହସି କହିଲେ, "ଏ କାଳରେ ମଧ୍ୟ କଟାକ୍ଷ ବାଣରେ ଜର୍ଜର ହୋଇଉଠିବ ବୋଲି ତ ମୋର ଆଶଙ୍କା ନ ଥିଲା । ଆଜି ତୁମର ସୋହାଗପୂର୍ଣ୍ଣ ମୋତେ ଇମିତି ଅଧୀର କରିଦେଲାଣି ଯେ ମୋର ମନେ ହେଉଛି ଶୁଖିଲା ଗଛରେ ବସନ୍ତ ପବନ ବାଜି କିଶଳୟଗୁଡ଼ାକ କଅଁଳି ଉଠିଛି ।"

"ଦେଖନ୍ତୁ, ଏଇକ୍ଷଣି କିଏ ଯଦି ଆସିବ କଅଣ କହିବ ? ମୋ ହାତ ଛାଡ଼ିଦିଅନ୍ତୁ, ମୁଁ ଏଇ ପାଖକୁ ବସି ସବୁ କଥା କହିବି ।"

"ଆଜି ଆଉ ହାତ ଛଡ଼ାଛଡ଼ି ନାହିଁ । ତୁମେ ଆଜି ମୋର ଗତ ଜନ୍ମରୁ ଥିବା ସଂଶୟ ଦୂର କରିଦେଇଛ । ଇମିତି ମୋ ଦେହ ପାଖକୁ ଠିଆ-ହୋଇ ତୁମେ ନାରଣକୁ କିମିତି ପ୍ରେମ କରୁଥିଲ କହ ।"

"ଇମିତି ପ୍ରେମ କରିବା କଥା କହିଲେ ଖୁଲସିବ ।"

"ନାହିଁ ନାହିଁ ପ୍ରେମ ନାହିଁ, । ସ୍ନେହ କରୁଥିଲି । ହଁ, ତାପରେ କ'ଣ ହେଲା

"କାଲି ନାରଣ ତା ସ୍ତ୍ରୀକି ଧରି ଆସି ଯେତେବେଳେ ମୋ ଆଗରେ ଠିଆହେଲା, ତାକୁ କୋଳକରି ଧରି ଗେଲକରିବାକୁ ଇଚ୍ଛାହେଲା—ଆମ ବୃନ୍ଦାବନର ପୁଅ ବନଲୁକୁ ଦେଖିଲେ ଯିମିତି କୋଳ-କରି ଗେଲକରିବାକୁ ଇଚ୍ଛାହୁଏ ।"

"ମୋତେ ଦେଖିଲେ ମଧ୍ୟ ସେମିତି ଇଚ୍ଛା ହେଉ ନାହିଁ ?"

"ପୁଣି ପରିହାସ ଆରମ୍ଭ କଲେଣି—କଥାଟା ଶୁଣିଲେ ସିନା କହିବ । ନାରଣ କହୁଛି, ନବୀଗନ ଖରଗଡ଼ର ଚାଂଦୋକାନ ଖଣ୍ଡିକ ଗଲା । ତା'ର ଆଉ କିଛି ନାହିଁ । ଆମ ଭୂମିରୁ କିଛି ଦେଲେ ସେ ପରିବାରକୁ ରଖନ୍ତା । ଆପଣଙ୍କୁ ନ ପଚାରି ହଁ କରିଦେଇଛି । ନ ହେଲେ ସେ ତାର କୁଟୁମ୍ବ ଚଳେଇବ କିମିତି ! କି ସୁନ୍ଦର ତାର ବନସ୍ତ୍ରୀ ନବେବଦନ !"

"ମୁଁ ଅଭିନୟ ବୋଲି ଭଲ ଲାଗୁ ନ ଥିବ ।"

ଅପର୍ଣ୍ଣା କୃତ୍ରିମ ବିରକ୍ତିରେ କହିଲେ, "ଏତେ ବଡ ପଣ୍ଡିତ ଲୋକର ବୁଦ୍ଧି ମୋ ପାଖକୁ ଆସିଲେ କେଉଁ ଆଡ଼େ ଯାଉଛି କେଜାଣି ? କହୁଛି ଶୁଣନ୍ତୁ, ନାରଣକୁ ଦେଖି ତାଠୁ କଥା ଶୁଣିବାକୁ କେତେ ଦିନରୁ ଇଚ୍ଛା ହେଉଥିଲା । ତାକୁ ପ୍ରତ୍ୟକ୍ଷରେ ଦେଖି ମୋର ଅନ୍ତରରାଜ୍ୟ ପରିପୂର୍ଣ୍ଣ ହୋଇଉଠିଲା ସ୍ନେହରେ, ଶ୍ରଦ୍ଧାରେ । ତାର ଯେ ସ୍ମୃତି ନଷ୍ଟହେବା ପଥରେ ଯାଉଥିଲା, ନାରଣର ଦମ୍ପତିଙ୍କର ଡାକି ଫେରେଇ ଆଣିଛି ତାକୁ ସେ ପଥରୁ । ଯେଉଁ ସ୍ୱାମୀକୁ ସେ କେବଳ ଘରର କର୍ତ୍ତା ବୋଲି ସେବା କରୁଥିଲା, ଆଜି ତାକୁ ସେ ଦେବତା ବୋଲି ହିଁ ମାନୁଛି । ଆପଣ ତ ଜ୍ଞାନକୃପଣ ହୋଇ ଦିନେହେଲେ ମୋତେ ଜ୍ଞାନଗୌରବର କଥା ଶୁଣାଇଁ ନାହାନ୍ତି, ମୁଁ ମୋର ପୂର୍ବ ଜନ୍ମର କର୍ମବାସନା ନେଇ ପରଂବ୍ରହ୍ମଙ୍କ ଆନନ୍ଦମୟ ସଚ୍ଚିଦାନନ୍ଦ ରୂପ ଦେଖୁଛି ସର୍ବଦା । ଆଜି ପର୍ଯ୍ୟନ୍ତ କେବଳ ନାରୀଜାତିର ଦୋଷ ଖୋଜି ଲେଖାଳି ଦିନ ଗଲା, ଏଣିକି ଅନୁଗ୍ରହ କରି ଭଲ ଗୁଣ ଖୋଜିବାରେ ଲାଗନ୍ତୁ ।"

ମୋତେ ତୁମେ ବିସ୍ମିତ କରିଦେଲ ବୃନ୍ଦାବନ ବୋଉ ! ମୁଁ ଯେ ତୁମକୁ ଦେଖାଉଛୁ ପୂଜା କରି-ଆସୁଛି । ଶୁଣ ଆଉ ଖୋଜିବି କଅଣ ?"

ପୂଜା କରି ଆସୁଛନ୍ତି ଆପଣଙ୍କର ସେଇ କାବ୍ୟ-କୁଞ୍ଜର ନାୟିକାକୁ । ଭଞ୍ଜ ଯେଉଁ ଲାବଣ୍ୟବତୀକୁ ସୃଷ୍ଟି କରିଛନ୍ତି, ସେ ତ ଆମମାନଙ୍କ ଭିତରୁ ଜଣେ ନୁହେଁ । ସେ ପାର୍ବତୀଙ୍କର ମାନସ କନ୍ୟା । ଆପଣଙ୍କର କବି-ସମ୍ରାଟ ଉପେନ୍ଦ୍ରଭଞ୍ଜ ମାନସୀମାନଙ୍କୁ ହିଁ ସୁନ୍ଦରୀ ସୁରସିକା କରି ଗଢ଼ି ଦେଇଛନ୍ତି । ତାଙ୍କର ସାହିତ୍ୟର ଉତ୍ତରାଧିକାରୀ ଆପଣ ବାସ୍ତବ ରାଜ୍ୟର ଜାୟା-ଜନନୀଙ୍କୁ ଅନ୍ଧକାର କୋଣରେ ଆବଦ୍ଧକରି ରଖି କଳ୍ପନାର ଦେବୀ ଦାନବୀଙ୍କୁ ଡଆଁରେ ଜଣେଯାଉଛନ୍ତି । ପରିଣତ ମାନବୀ ଅନ୍ଧ ହୋଇ ଅଣ୍ଡାଳି ହେଉଛି, ତାହାକୁ ପୂଜା କରିବା କିଛି ବୁଝି ପାରୁନାହିଁ । ଆପଣ ଅନ୍ଧର ଅଜ୍ଞାନ-ଆଖି ଖୋଲିଦେଇ ଯଥାର୍ଥ ଶିକ୍ଷା ଦିଅନ୍ତୁ । କେଜାଣି କେବେ କେଉଁ ତପସ୍ୟା କରି ଏତେ ସୁନ୍ଦର ଜ୍ଞାନ ଗୌରବମୟ ଉଜ୍ଜ୍ୱଳ ଜୀବନଟିଏ ପାଇଛନ୍ତି, ସେଥିର ମୂଲ୍ୟ ଜାଣି ମଧ୍ୟ ଆପଣ ଜାଣିପାରୁ ନାହାନ୍ତି । ଘରେ ବାହାରେ କେବଳ ବ୍ୟଙ୍ଗ କୌତୁକ କଥା କହି କହି ଜୀବନର ଦିନ ଶେଷ ହୋଇଯାଉଛି ।"

"ଆଜି ହଠାତ୍ ଏତେ କଥା କେଉଁଠୁ ଆଣିଲ ବୃନ୍ଦାବନ ବୋଉ ! ଆଜି ପର୍ଯ୍ୟନ୍ତ ତୁମେ ମୋତେ କେବଳ ସୋହାଗ କରିକରି ଭୋଷା ଭଷୀ ଗଢ଼ି ଥାଳି ଆଣିଲ—"

"କଥା ଆଉ କେଉଁଠୁ ଆଣିବ ? ସବୁ ଆପଣଙ୍କ-ଠାରୁ ହିଁ ଧାରକରି ଆଣିଛି । ଜୋଖାଭାଷୀ ଘର ପାଳିକାକୁ ଆପଣମାନେ ଯେଉଁ ଶିକ୍ଷା ଦେଇ-ଆସିଥିଲେ, ସେଥିକି ଦାୟୀ ମୁଁ ନୁହେଁ । ଏଥିରି ମୁଁ

ଆଉ କୌଣସି କଥା ଶୁଣିବ ନାହିଁ । ଆପଣ କହି-ଯାଇଥିବା କଥା ମୁଁ ବାରମ୍ବାର କହିଯିବି । ବୟସ ତ ମଧ୍ୟ ହେଲାଣି । ଟଙ୍କା ପଇସା ସଞ୍ଚୟ କରିବାରେ, ଜମିର ପରିମାଣ ବଢ଼ାଇବାରେ, କ ମୂଲ୍ୟବାନ ସମୟ ସବୁରେ ଗ୍ଲଗଲ ! କେତେ କଷ୍ଟରେ ଏ ଦେଶ ସ୍ୱାଧୀନ ହେଲ ! ସେଦିନ ତ୍ୟାଗ ବ୍ରତର ନିଷ୍ଠା ଦେଖାଇ ରାଜ୍ୟ ଲାଗି ବନ୍ଧନ ବରଣ କରୁଥିଲେ । ମହାତ୍ମାଙ୍କ ମହତ୍ ଶକ୍ତି ଦେଶ ଜିଣି ଆଣିଲା । ଆଉ ଆପଣମାନଙ୍କ ଭିତରୁ ଜଣେ ତାଙ୍କୁ ହତ୍ୟା କରିଦେଲା । ହତ୍ୟାକରି ଭଲକରିଛି । ତାହା ନ ହୋଇଥିଲେ ଆପଣମାନେ ତାଙ୍କୁ ଅବଜ୍ଞା କରି ଦୁଃଖ ଦେଇଥାନ୍ତେ । ଆପଣ ଯେତେ କଥା କହିଛନ୍ତି, ସବୁ ତ ସ୍ମରଣ ହେଉ ନାହିଁ, ଯାହା ସ୍ମରଣ ପଥକୁ ଆସୁଛି, ତାହା ହିଁ କହି-ଦେଇ ଯାଉଛି ।

ଆପଣ ହିଁ ସମାଲୋଚନା କରି ଲେଖୁଛନ୍ତି, କବି-ମାନେ ଆପଣା ଆପଣାର ପଲ୍ଲୀନିବାସ ଛାଡ଼ି ସହରର ଦୋତାଲା କୋଠା ଉପରେ ବସି ପଲ୍ଲୀ ଲକ୍ଷ୍ମୀଙ୍କର ବନ୍ଦନା ଗାଉଛନ୍ତି ବୋଲି । ପୁଣି ନିଜେ ସେଇ କଥା କରୁଛନ୍ତି । ନିଜକୁ ସମସ୍ତଙ୍କ ଭିତରେ, ସମସ୍ତଙ୍କୁ ନିଜ ଭିତରେ ଯେ ଦେଖିପାରେ, ସେ ହିଁ ବିଦ୍ୱାନ୍ ବୋଲି ଆପଣ ତ କହୁଛନ୍ତି । ଦେଶରେ ଏ ଯେଉଁ ଶାସନ ଯନ୍ତ୍ର ଚାଲିଛି, ଏଥିପାଇଁ ଆପଣ କଅଣ ଦାୟୀ ହେବେ ନାହିଁ ? ସତ୍ୟପଥରେ ଗତିକରି ଯେଉଁ ତପସ୍ୱୀ ଦେଶର ସ୍ୱାଧୀନତା ଆଣିଥିଲେ, ସେ କଅଣ ଆମ-ମାନଙ୍କ ଚେତନା-ରାଜ୍ୟରେ ରହି ରାଜ୍ୟର ଏ ଅବସ୍ଥା ଦେଖି ବ୍ୟଥିତ ହେଉ ନ ଥିବେ ! ଜୀବନହୀନ ପଲ୍ଲୀ-ବାସୀଙ୍କ ପ୍ରାଣରେ ଚେତନା ଆଣିଦେବାକୁ ଯେଉଁ ମହାତ୍ମାଜୀ ବାରମ୍ବାର କହିଯାଉଥିଲେ, ସେ କଥା କାର୍ଯ୍ୟରେ ପରିଣତ କରିବାକୁ ଏକ୍ଷଣି ସମୟ ଆଉ ସୁଯୋଗ ଆସିଛି । କାରଣ ସହର ଛାଡ଼ି ଭୋଗବିଳାସ ବର୍ଜନ କରି ଚାଲିଆସିଲା ଜନ୍ମସ୍ଥାନରେ ରହି ଜନ୍ମଭୂମିର ସେବା କରିବ ବୋଲି । ଆପଣ ଏଇ ଅବସରରେ ସେ ରାଜନୈତିକ ଆବର୍ଜନା ଭିତରୁ ମୁକ୍ତିମନ୍ତ୍ର ଜପି ଚାଲି-ଆସନ୍ତୁ ଗାଆଁକୁ । ଯେଉଁ ନାରୀଜାତିକୁ ଆପଣମାନେ ଭୋଟ ଅଧିକାର ଦେଇଛନ୍ତି, ସେମାନଙ୍କୁ ସେ ଭୋଟର ତାତ୍ପର୍ଯ୍ୟ ଜାଣିବାକୁ ଉପଯୁକ୍ତ ଶିକ୍ଷା ଦିଅନ୍ତୁ । ସେମାନେ ଆପଣମାନଙ୍କୁ ଭକ୍ତି କରିବା ଜାଣନ୍ତୁ ।"

ଏକଥା କହିଦେଇ ଅପର୍ଣ୍ଣା ଦେବୀ ଧଡ଼କରି ବିଶ୍ୱପତିଙ୍କ ପାଖ ଚଉକିରୁ ଉଠିପଡ଼ି କହିଲେ, "ଚୁଲି ଉପରେ ଦୁଧ ହାଣ୍ଡିଟା ରଖିଦେଇ ଆସିଛି । କଥା କହୁ କହୁ ଆପଣଙ୍କର ଦୁଧ ପିଇବା ସମୟ ଗଲାଣି, ସେ କଥା ଆଉ ମନେନାହିଁ । ମୁଁ ଦୁଧ ନେଇ ଆସୁଛି । ଆପଣ ଆଉ ପୁଅ କଣ କରୁଛି, ଝିଅ କଅଣ କରୁଛି, କେଉଁ ନାତୁଣୀଟା କେଉଁଠି ବସିଲା, କେଉଁଠି କେତେବେଳେ କମିତି ଢଙ୍ଗରେ ହସିଲା, ସେ କଥା ଚିନ୍ତାକରନ୍ତୁ ନାହିଁ । ଆଉ ଦିନେ କି ମାସେ କିମ୍ବା ବର୍ଷେ ଏ ସଂସାରରେ ରହିବା । ଲୋକଙ୍କୁ ଆନନ୍ଦ ଦେଲା ଭଳି କିଛି କରି ଯାଇଥିବା । ସେଇ କାର୍ଯ୍ୟ ହିଁ ହେବ ଆମର ଶେଷ ସମୟର ସମ୍ବଳ । ନାରଣକୁ କହିଥିଲି, ସେ ଆଜି ଆସି ଆପଣଙ୍କ ସାଙ୍ଗରେ କଥାବାର୍ତ୍ତା କରି ଯିବ ।"

ଅପର୍ଣ୍ଣା ଘରୁ ଚାଲିଯିବା ପରେ ବିଶ୍ୱପତି ବିସ୍ମୟ-ବିସ୍ଫାରିତ ଦୃଷ୍ଟିରେ ଘରର ଚାରିଆଡ଼କୁ ଚାହିଁ ଦୀର୍ଘ-ନିଃଶ୍ୱାସ ଛାଡ଼ି ଭାବିଗଲେ, କଅଣ କହିଲା ଅପର୍ଣ୍ଣା ! ଯାହା ମୁଁ ତା ଠୁ ଏକ୍ଷଣି ମାତ୍ର ଶୁଣିଲି, ସେସବୁ କଥା ସେ ମୋଠୁ ଶୁଣିଛି ? ତାହାହେଲେ ମୁଁ ଭିତରେ ଭାବୁଛି ପ୍ରକାରେ, କାର୍ଯ୍ୟରେ ଅନ୍ୟ ପ୍ରକାର କରୁଛି ! ଅପର୍ଣ୍ଣା କହିଲା, ମୁଁ ଦାନକୃପଣ ହୋଇ ତାକୁ କୌଣସି ମହତ୍ ଶିକ୍ଷା ଦେଇନାହିଁ । ମୋର ସ୍ୱଭାବ ହିଁ ତାହା । କେବଳ ଯେ ଅପର୍ଣ୍ଣା ପାଖରେ କୃପଣତା କରିଛି, ତାହା ନୁହେଁ । କିଛି ଗୋଟାଏ ଲେଖିବା ସମୟରେ ମଧ୍ୟ ସ୍ୱତଃ ଯେତେବେଳେ ଭଲ କଥାଟିଏ ଲେଖି ହୋଇ-ଯାଉଛି, ମୋର ଭାବନା ଆସିଯାଉଛି ଯେ ଏତେ ସୁନ୍ଦର କଥାଟି ଲେଖିଦେଲି, ଯେ କୌଣସି ନିମ୍ନସ୍ତରର ବ୍ୟକ୍ତି ମଧ୍ୟ ପଢ଼ିଲେ ଆତ୍ମଶକ୍ତିକୁ ସଜାଗ କରିଦେଇ ପାରିବ । ତେଣୁ ମୁଁ ବହି ଲେଖିବା ସମୟରେ ବିଶେଷ

ହୁଣ୍ଡି ନ ଦେଇ ଲେଖିଦେଇ ଯାଏ । ମୋର ଆଜ ବିସ୍ମୟର ଅନ୍ତ ନାହିଁ, କେତେବେଳେ ମୋଠୁ ଗପେ ଢ଼'ପଦ କଥା ଶୁଣି ସେଇତକ ଗୋଳବାଟି ପିଇ-ଦେଇଛି ଅପର୍ଣ୍ଣା । ସେଇଥିରୁ ସେ ପୁଣି କଥା ତିଆରି-କରି କହିଯାଉଛି । ତା କଥା ଶୁଣି ମୋର ମନେ ପଡ଼ିଲା, ଶଙ୍କରାଚାର୍ଯ୍ୟଙ୍କର ସେଇ ଯେଉଁ ଶ୍ଳୋକଟା—"କ୍ଷଣମିହ ସଜ୍ଜନ ସଙ୍ଗତି ରେକା, ଭବତି ଭବାର୍ଣ୍ଣବ ତରଣେ ନୌକା ।" ଦୁର୍ଜନ ସଜ୍ଜନ ସବୁ ସଙ୍ଗତରେ ମୋର ସ୍ଥାନ ଥିଲା, ଅଛି ମଧ୍ୟ; କିନ୍ତୁ ଆଜର ଏଇ ସତ୍‌ଶକ୍ତିଟି କେଉଁଠି ଥିଲା, ଏକାଥରକେ ସେ ଆସି ସ୍ପର୍ଶ କରିଗଲା ମୋ ହୃଦୟର ଗମ୍ଭୀରତମ କ୍ଷେତ୍ରରେ । ଆଜି ତ ମୁଁ ତାକୁ କେବଳ ମୋର ସ୍ତ୍ରୀ ବୋଲି ଭାବିପାରିଲି-ନାହିଁ । ସବୁଦିନେ ସେ କଅଣ କହୁଥାଏ, ମୁଁ ତା'ର ସେ କଥା ଆଡ଼କୁ କାନ ନ ଦେଇ ଜଣେ ମୂର୍ଖ ମହିଳାର କଥା ବୋଲି ଅବଜ୍ଞା କରି ହସିଦିଏ । ଆଜି ମୋର ମନେହେଲା, ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—"ନାରୀମାନଙ୍କରେ ମୁଁ ଧର୍ମଙ୍କ ସତ୍ତ୍ୱ ପତ୍ନୀ ।" ମୋର ସହଧର୍ମିଣୀ ଅପର୍ଣ୍ଣା କେତେବେଳେ ଯେ ସତ୍‌ଶକ୍ତିବିଶିଷ୍ଟା ହୋଇଉଠିଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ଯେଉଁ ସ୍ତ୍ରୀଲୋକଟି ଦେଶ କଅଣ ଜାଣିନାହିଁ, ଯେ ଇତିହାସ ଜାଣିନାହିଁ, ଭୂଗୋଳ ପଢ଼ିନାହିଁ, ଦେଶ ବିଦେଶର ରାଜନୀତି, ଧର୍ମନୀତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ; ଯାହାକୁ ବର୍ଣ୍ଣମାଳାର ଅଣଚାଶଟା ଅକ୍ଷର ଶିଖେଇବା ପାଇଁ ପାଞ୍ଚବର୍ଷ ଲାଗିଥିଲା, ସେ ଆଜ ଆସି ପରମଧର୍ମର କଥା କହିଦେଇ ଗଲା । ତାକୁ ଆଜ ଅବଜ୍ଞା କରିବା ତେଣେ ଥାଉ, ମୁଁ ତାକୁ ମୁହଁ ଖୋଲି ପଦେ ମଧ୍ୟ କହିପାରିଲି ନାହିଁ । ମୋର ଯେ ବିଶ୍ୱାସ ଥିଲା, ମୁଁ ସ୍ୱୟଂ ଜଣେ ଶକ୍ତିଶାଳୀ ବ୍ୟକ୍ତି । ଆଜ ଜାଣି ପାରୁଛି ସେ ମୋ ପାଖରେ ନ ଥିଲେ ମୁଁ ପାଦେ ମଧ୍ୟ ଅଗ୍ରସର ହୋଇପାରିବି ନାହିଁ ।

ଅପର୍ଣ୍ଣା ଧୀରେ ଧୀରେ ଆସି ଦୁଧଭର୍ତ୍ତି ବଡ଼ ରୁପା ଗିନାଟି ଟେବୁଲ ଉପରେ ରଖିଦେଇ କହିଲେ, "ଯାଉଛି ମୁଁ, ନାଉଣ ଆଉ ତା' ସ୍ତ୍ରୀ ଆସି ଅପେକ୍ଷା କରିଛନ୍ତି ।"

## କୋଣ୍ଡିଏ

ଗଣନାଥ ଗସ୍ତକ୍ରମରେ ଆସି କୌଣସି ଏକ ଡାକବଙ୍ଗଳାରେ ରହିଥିଲେ । ସନ୍ଧ୍ୟାପରେ ସବୁ କାର୍ଯ୍ୟରୁ ଫେରିଆସି ସଙ୍କର୍ଷଣ, ଦୈତ୍ୟାରି ଷ୍ଟେସନ ଆଡ଼େ ଯାଇଥିଲେ କଅଣ ଗୋଟାଏ ବିଶେଷ କାର୍ଯ୍ୟରେ । ବଙ୍ଗଳାଘରର ବାହାର ଘରେ ବବୁର୍ଚ୍ଚି ରୋଷେଇ କରୁଥିଲା । ଗଣନାଥ ଏକାକୀ ବସିଥିଲେ ବାହାର ବାରଣ୍ଡାରେ । ବୈଶାଖ ମାସ । କୃଷ୍ଣପକ୍ଷର ରାତି । ବାରଣ୍ଡା ତଳର ରଜନୀଗନ୍ଧା ଫୁଲର ସୁଗନ୍ଧ ନେଇ ବହିଯାଉଥିଲା ମାଧବୀ ସମୀରଣ । ଆକାଶର ତାରାଗୁଡ଼ିକ ତଳକୁ ଚାହିଁରହିଥିଲେ ଧୀର ସ୍ଥିର ଭାବରେ ବସି ।

ଗଣନାଥଙ୍କ ସର୍ବାଙ୍ଗରେ ସ୍ପର୍ଶ ଦେଇ ବହିଗଲା ସୁରଭିତ ସମୀରଣ । ଝର ଝର ହୋଇ ଝରିପଡ଼ିଲା ଗଛରୁ ଶୁଖିଲା ପତର । ଗଣନାଥ ଚମକି ଚାହିଁଲେ, କେହି କେଉଁଠି ନାହିଁ । ଅକସ୍ମାତ୍ ସୁଭାଷୀର ମୁହଁଟା ଦିଶିଗଲା ଆଖି ଆଗରେ । ତା'ପରେ ସେ ଯେପରି ଜୀବନ୍ତ ହୋଇ ଆସି ଠିଆହେଲା ଚଉକି ପାଖକୁ ଲାଗିଯାଇ ।

ମନୁଷ୍ୟ ଯେଉଁ ସମୟରେ ଏକାକୀ ବସି ଚିନ୍ତାଜାଲ ବୁଣିବାକୁ ଆରମ୍ଭ କରେ, ସେ ସମୟରେ ମନଟାକୁ ସବୁ ଦିଗରୁ ଟାଣିଆଣି କେନ୍ଦ୍ରୀଭୂତ କରି ରଖିବାକୁ ପ୍ରଯତ୍ନ କରିଥାଏ । ସେତେବେଳେ ସେ ସାମାନ୍ୟ ଗୋଟାଏ ଶବ୍ଦ ଶୁଣିଦେଲେ ଭୟରେ ଚମକିଉଠେ କିମ୍ବା ଗଭୀର ଆନନ୍ଦ ଅନୁଭୂତିରେ ଭାବ ନିମଗ୍ନ ହୋଇପଡ଼େ । ପ୍ରକୃତି ପରିବର୍ତ୍ତିତ ଦୁର୍ବଳମନା ବ୍ୟକ୍ତିମାନେ, ଭୂତକାଳର ଚିନ୍ତା କରୁକରୁ ଭୂତର ଭୟରେ ଅଭିଭୂତ, କମ୍ପିତ ହୋଇଉଠନ୍ତି; କିନ୍ତୁ ଅଧ୍ୟାତ୍ମଶକ୍ତିସମ୍ପନ୍ନ ବ୍ୟକ୍ତିମାନେ ଏଇ ଭୂତକାଳ ଉପରେ ଦୃଢ଼ ପଦ ରଖି ଭୂତକାଳର ମହାମାନବମାନଙ୍କ କୀର୍ତ୍ତିସମୂହ କଳ୍ପନାଚକ୍ଷୁରେ ଦେଖି ସେଇ କାର୍ଯ୍ୟ ଏବଂ କଥାର ପୁନରାବୃତ୍ତି କରିଯାଆନ୍ତି । ଗଣନାଥ ସୁଭାଷୀର ଆକାରଟା ଦେଖି ଆତଙ୍କିତ ହୋଇ

ଚଉକିରୁ ଉଠିପଡ଼ି କହିଲେ, "ଏ ପୁଣି କଅଣ ! ଏ ତ ମରିଯାଇଥିଲା !" ଗଣନାଥଙ୍କର ମନେହେଲା, ସୁଭାଷୀ କହିଛନ୍ତି;—ହଁ ମରିଯାଇଥିଲି ; କିନ୍ତୁ ମନୁଷ୍ୟ ମରିଗଲେ କଅଣ ଶେଷ ହୋଇଯାଉଛି ! ଯେଉଁ ପୋଥି ପାଠ ତୁମେ ପଢ଼ୁଛ, ସେଥିର ମନୁଷ୍ୟଗୁଡ଼ାକ ଯିମିତି ବଞ୍ଚି ରହିଛନ୍ତି, ମୁଁ ମଧ୍ୟ ସିମିତି ବଞ୍ଚିରହିଛି । ମୋ ଭିତରେ ଯୋଡ଼ାଏ ମନୁଷ୍ୟ ରହିଥିଲେ । ସେଥିରୁ ଗୋଟାଏ କିଛି ନ ଭାବି ନ ଚିନ୍ତି ରଖିଆଳ ନ ଥିବା ପଶୁ ପରି ଏଣେ ତେଣେ ଧାଉଁଥିଲା । ସେ ଗୋଟାଏ ପଶୁଭଳି ବୋଲି ଲୁହାଯାଇ-ପାରେ । ମୋର ଆଉ ଗୋଟିଏ ଚେତନା ଥିଲା । ଥିଲା ନିଶ୍ଚୟ । ନ ଥିଲେ ମୁଁ ମରି ନ ଥାନ୍ତି । ସେଇ ଯେଉଁ ଅନ୍ୟ ଚେତନାଟି ଥିଲା, ସେ ଜନସମାଜ ଆଡ଼କୁ ଚାହିଁଦେଲେ ଖାତଗ୍ରସ୍ତ ହୋଇ କେଉଁ କଣରେ ପଶି-ଯାଉଥିଲା । ସେ ଅତୀତ ଜୀବନର କଥା ଭାବେ, କିନ୍ତୁ ବେଶି ସମୟ ଭାବି ନ ପାରି ମୂର୍ଚ୍ଛିତ ହୋଇ ପଡ଼ିଯାଏ । ମୋ ଭିତରର ପଶୁଟା ତାକୁ ପାଦରେ ଦଳିଦେଇ ତା ଉପରେ ବସିପଡ଼େ । ଏସବୁ ମନୁଷ୍ୟର ମନୁଷ୍ୟତ୍ୱ ଯେ ଦିନେ ବଳବାନ ହୋଇଉଠେ, ସେଥିରେ ମୁଁ ଆଉ ସନ୍ଦେହ କରୁନାହିଁ ।

ଗଣନାଥ କାଠପରି ଠିଆହୋଇ ପଡ଼ି ସୁଣିଆଡ଼କୁ ଚାହିଁ ସ୍ୱଗତୋକ୍ତି କଲାପରି ଭାବିଗଲେ, ସୁଭାଷୀ କେଉଁ ଦିନୁ ମଲାଣି, ସେ ଏଠିକି ଆସିବ କିମିତି ! ମୋର ମନର ଭୟଟା ହିଁ ମୋତେ କଥା କହିଯାଉଛି । ବିଦ୍ୟାଧର ଚିଠି ଲେଖିଛି, ସେ ଆସି ମୋଠୁ ଟଙ୍କା ନେଇଯିବ । ସେ ଯେତେଗୁଡ଼ାଏ ଟଙ୍କା ଚାହିଁଛି, ମୋ ପାଖରେ ତ ତାହା ନାହିଁ । ସେ ଆସି ମୋ ସାଙ୍ଗରେ ଝଗଡ଼ା କରିବବୋଲି ଭୟହେଉଛି । ସେ ଯଦି ସବୁ କଥା କହିଦେବ ! ସୁଭାଷୀର ମୃତ୍ୟୁ ନିମନ୍ତେ ଆମେ ତିନି ଜଣ ଦାୟୀ ହେବୁ । ସଙ୍କର୍ଷଣ ଯେଉଁ ଧରଣର ଲୋକ କେଉଁଠି ଯାଇ ଲୁଚି ରହିଯିବ । ଦୈତ୍ୟାରି ସତ୍ୟ କହିବାକୁ ଚେଷ୍ଟାକରିବ, କିନ୍ତୁ ତା କଥା ବିଶ୍ୱାସ କରିବ କିଏ ?

ଗଣନାଥ ବାରଣ୍ଡା ତଳକୁ ଯାଇ ଚାହିଁଲେ, ବିଦ୍ୟାଧର ଫାଟକ ଖୋଲି କ୍ଷିପ୍ରପଦରେ ଚାଲିଆସୁଛି ଭିତରକୁ । ଗଣନାଥ ଟିକିଏ ଅଗ୍ରସର ହୋଇଯାଇ ଡାକିଲେ, "ବିଦ୍ୟାଧର ! ଆଜି ମୋ ପାଖରେ ଯଥେଷ୍ଟ ଟଙ୍କା ନାହିଁ । ଦିନେ ତୁମେ ମୋର ବିଶ୍ୱାସର ପାତ୍ର ଥିଲ ।"

"ବିଶ୍ୱାସୀ ହେବାଭଳି ମୋର ତ କୌଣସି ଯୋଗ୍ୟତା ନ ଥିଲା । ଆପଣ କାହିଁକି ଯେ ମୋତେ ବିଶ୍ୱାସ କରୁଥିଲେ, ତାର କାରଣ ଖୋଜି ପାଉ ନାହିଁ । ଆପଣ ଯିମିତି ମୋଦ୍ୱାରା କାର୍ଯ୍ୟ ଉଦ୍ଧାର କରିବାକୁ ମନ୍ତ୍ରଣା ପାଉଥିଲେ, ମୁଁ ମଧ୍ୟ ତାଠୁ ଆହୁରି ହୀନତର କାର୍ଯ୍ୟ କରୁଥିଲି । ମୋ ସ୍ତ୍ରୀ, ଯାହାକୁ ନେଇ ସୁଖର ସଂସାର ଗଢ଼ିଥାନ୍ତି, ତାକୁ ମୁଁ କଅଣ କଲି ! ନା, ଗଣନାଥ ବାବୁ ! ସେ କଥା ଆଉ ଭାବିବା ଦରକାର ନାହିଁ । ବର୍ତ୍ତମାନ ମୋର ଅର୍ଥ ଆବଶ୍ୟକ । ମୁଁ ସେ ଟଙ୍କାରେ କରିବି ସମୁଦ୍ରଯାତ୍ରା । ଜାହାଜ ଯାଉଥିବ, ପୁଣି ଫେରିଆସି ଘାଟରେ ଲାଗିଯାଉଥିବ । ସେଥିପାଇଁ ମୋର ବହୁତ ଟଙ୍କା ଲୋଡ଼ା । ତା'ପରେ ଆଉ ଗୋଟାଏ କାରଣ ଅଛି—"

"ତୁମେ ଆଜି ବେଶିଗୁଡ଼ାଏ କଣା ଖାଇଦେଇଛ ! ହା ! ହା !"

"କଅଣ କହିଲ ଗଣନାଥ ବାବୁ ! କଣା ମୁଁ ଖାଇଛି ! ମୁଁ କାହିଁକି ଖାଇବି ! ଖାଇଛି ସେଇ ମନୁଷ୍ୟଟା ସୁଭାଷୀ ବୋଲି ଜଣକୁ ବିବାହ କରିଥିଲା । ବୁଝିଲେ ଗଣନାଥ ବାବୁ, ମୋର ଏ ଜୀବନର ଗୋଟାଏ ଇତିହାସ ଅଛି, ଲିଖିତ ନୁହେଁ । ମୁଁ କଥା ଗଢ଼ୁଛି, ସେ ଇତିହାସ ଲେଖାହେବ । ବୁଝିଲେ ! ହଁ, ଓଡ଼ିଆ ଭାଷା ପ୍ରତି ମୋର ଅନୁରାଗ ନ ଥିଲା, ଅଳ୍ପ କେତେ ଦିନ ହେଲା କଥା ଗଢ଼ିଯାଉଛି । ବସିଲେ ସେଇ କଥା, ଶୋଇଲେ ସେଇ କଥା, ଗାଧୁଆ ଖିଆ ପିଆ ଇମିତି ପ୍ରତ୍ୟେକ କାର୍ଯ୍ୟ କଲାବେଳେ ମୋ ହାତ କାର୍ଯ୍ୟ କରୁଛି; କିନ୍ତୁ ମୋ ମନ କଥା କହିଯାଉଛି । ମୋ ସାହିତ୍ୟିକ ବନ୍ଧୁମାନେ

ମୋତେ ପରାମର୍ଶ ଦେଉଥିଲେ ଯେ ମୋର ଇତିହାସରେ ଅନ୍ୟର କଥା ଗୋଳ ଘଣ୍ଟିବା ନାହିଁ । ମୁଁ କହୁଛି—"

ଗଣନାଥ ବିଦ୍ୟାଧରର ହାତ ଧରି ଘର ଭିତରକୁ ନେଇ ଯାଉଯାଉ ଭାବିଲେ, ଗଣନାଥଙ୍କୁ ମଧ୍ୟ ଏ ତା ର ଜୀବନଚରିତ ଭିତରେ ଭର୍ତ୍ତିଦେବ । ସେଥିରେ ଶୈଳ ରହିବ, ତା' ମାଆ ମଧ୍ୟ ରହିବ, ତାପରେ—

"ହଁ, କ'ଣ କହୁଥିଲି କି ଇତିହାସ ଲେଖା ଆରମ୍ଭ କରିଛି । ଭାଷା ଦରକାର । ମୁଁ ଯେତେବେଳେ ପଚିଶ ଗ୍ରୁପ୍ କଂଗ୍ରେସରେ ଯୋଗଦେଲି, ମୋ ବାପ ମୋତେ ଘରୁ ତଡ଼ିଦେଲେ । ତା'ପରେ ମୁଁ କଂଗ୍ରେସ ଯୁଦ୍ଧ ସମର ସାହାଯ୍ୟରେ ଭର୍ତ୍ତି ହୋଇଗଲି । ସେ ସୁଯୋଗରେ ସୁଭାଷୀର ବାପାଙ୍କ ସାଙ୍ଗରେ ଦେଖା ମୋର ପରିଚୟ । ସେ ଲୋକଟା ପ୍ରତି ମୋର ଭଲେ ହେଲେ ଶ୍ରଦ୍ଧା ନ ଥିଲା । ଆଉ ଗୋଟାଏ କଥା, ତାଙ୍କ ଝିଅ ସୁଭାଷୀକୁ ମୁଁ ମନେମନେ କଅଣ ଯେ ଭାବୁଥିଲି, ସେକଥା କହିବାକୁ ଭାଷା ମିଳୁ ନାହିଁ । ଚଳିତ ଭାଷାରେ କହିବାକୁ ଗଲେ ମୁଁ ତାକୁ ଘୃଣା କରୁଥିଲି । ତାର ସେ ଅସୁନ୍ଦର ମୁହଁଟାକୁ ଦେଖିଲେ ମୁହଁ ଉପରେ ଘୁରି ଘୁସୁଡ଼ା ମାରିଦେବାକୁ ଇଚ୍ଛା ହେଉଥାଏ ।

ସେସବୁ କଥାରୁ କଅଣ ଲାଭ, ଆଉ ଗୋଟାଏ କଥା ଶୁଣନ୍ତୁ ! ମୋ ବାପା ବର୍ତ୍ତମାନ ମୋ ପ୍ରତି ସମ୍ପୂର୍ଣ୍ଣ ଅନୁରକ୍ତ ହୋଇ ପଡ଼ିଛନ୍ତି । ସେ ଏବେ ଗୋଟିଏ କୋଠାଘର ତିଆରି କରୁଛନ୍ତି । ସେଥିପାଇଁ ଟଙ୍କା ଦରକାର । ତାଙ୍କୁ ଦଶ ହଜାର ଟଙ୍କା ଦେବି । ବାକିଟା ମୋର ଜଳଯାତ୍ରାରେ ଲାଗିବ । ଆଫ୍ରିକା ଦେଶକୁ ଥରେ ଯାଇ ଦେଖିବା । ଏ ଦେଶର ସଭ୍ୟ ଅସଭ୍ୟ ସଂସ୍କୃତ ଲୋକଙ୍କୁ ତ ଦେଖିଲି । ଆଉ କେତେ ଦେଖିବ ? ଦଅନ୍ତୁ ଆଜ୍ଞା, ଯିବି ଏଥର । ଆପଣ ମଧ୍ୟ ଚିନ୍ତିତ ଦିଶୁଛନ୍ତି । ମୋର ଉପସ୍ଥିତିଟା ଆପଣଙ୍କୁ ବ୍ୟସ୍ତ କରିଦେଇଛି ବୋଧହୁଏ ।

"ଏବେ ଟଙ୍କା ମୋପାଖରେ ନାହିଁ ବିଦ୍ୟାଧର !"

"ଟଙ୍କା ଆପଣଙ୍କୁ ଦେବାକୁ ପଡ଼ିବ । ମୋ ବାପାଙ୍କୁ ଅପେକ୍ଷା କରି ବସିଥିବେ । ତାଙ୍କ ସାତପୁରୁଷ ତ କେବେ ଟଙ୍କା ଦୋକାନରେ ରଖି ନ ଥିଲେ, ତାଙ୍କର ଇଚ୍ଛା ହୋଇଯାଇଛି, ବୁଢ଼ା ହେଲେଣି, କେତେଟା ଦିନ ହେଲେ ଉପରେ ମଣିଷଙ୍କର ରହିବେ ।

ସମୟେ ସମୟେ ସୁଭାଷୀ ଆଉ ତା ବାପା ମନେ ପଡ଼ୁଛନ୍ତି ।"

ଗଣନାଥ ବିଦ୍ୟାଧରଙ୍କ ହାତ ଧରିପକାଇ କହିଲେ, "ତୁମର ଜୀବନସ୍ମୃତି ଶୁଣିବାକୁ ମୋର ସମୟ ନାହିଁ ବିଦ୍ୟାଧର ! ଦେଖୁଛି, ତୁମେ ନିତାନ୍ତ ଦୁର୍ଜନ ଲୋକ । ତଥାପି ମୋତେ ଭୟ ଦେଖାଇବ ବାରମ୍ବାର ମୋଠାରୁ ଟଙ୍କା ନେଉଛ ।"

"ଆପଣ ଆପେ ଆପେ ଭୟ ପାଉଛନ୍ତି । ଆପଣ ଜାଣନ୍ତି, ସୁଭାଷୀ ବିଷ ଖାଇ ମରିଛି, ତଥାପି ଲୋକେ ଆପଣଙ୍କୁ ଅବିଶ୍ୱାସ କରିବେ । ସେଥିରେ ଆପଣଙ୍କର ସୁନାମ ଉପରେ ଆଘାତ ଲାଗିବ । କେତେବେଳେ ସଭା ସମିତିରେ ପ୍ରଶ୍ନ ଉଠିବ—"

"ମୋ ପାଖରେ ପାଞ୍ଚ ହଜାର ଅଛି ବିଦ୍ୟାଧର !"

"ଆଜ୍ଞା, ତାହା ହିଁ ଦିଅନ୍ତୁ, ମୋର ଯାତ୍ରାପଥର ପାଥେୟଟା ପରେ ଆସି ନେଇଯିବି ।"

ବିଦ୍ୟାଧର ଚାଲିଯିବା ପରେ ଗଣନାଥ ଭାବିଲେ; ମୋର ମାଆ ନାହିଁ । ବାପା ନାହାନ୍ତି । ମୋତେ ଉଚ୍ଚ କେବେ କୌଣସି ଶିକ୍ଷା ଦେଇନାହିଁ । ମୁଁ କାହାଠୁ କୌଣସି ଉପଦେଶ ଗ୍ରହଣ କରିନାହିଁ । ଶୈଳଟାକୁ କି ମୋହରେ ଯତ୍ନ ଧରି ଚାଲିଆସିଲି । ତାର ବାପା ବୁଢ଼ାଟା କେଡ଼େ ବିକଳ ହୋଇ କେତେକଥା ବୁଝେଇ କହିଲା । ମନେ ପଡ଼ିଗଲେ ଭିତରେ ଭିତରେ କମ୍ପିତ ଗୋଟାଏ ବ୍ୟଥା ହେଉଛି । ବୁଢ଼ାଟା ଏକାଥରକେ ମରିଗଲା । ଶୈଳର ମାଆ ମୋର କେଉଁ ଗୁଣ ଦେଖି କେଜାଣି ମୋ ପଛରେ ଧାଇଁ ଆସିଥିଲା । କଅଣ କଲି ମୁଁ ତାକୁ ! କେଉଁଠି ସେ ଏବଣି ଅଛି ? କଅଣ କରୁଛି ? ବଞ୍ଚିଛି କି ନାହିଁ, ସମ୍ବାଦ ନେବାକୁ ମଧ୍ୟ

ମୋର ଅବସର ନାହିଁ । ଯଦୁବାବୁ ଯୋଗାଡ଼ କରନ୍ତୁ, ମୁଁ ଆଉ ଗୋଟିଏ ଝିଅକୁ ବିବାହ କରିବି । ଛି ଛି, ହାସ୍ୟାସ୍ପଦ କଥା । ମୁଁ ଗୋଟାଏ ମନୁଷ୍ୟ ନା ଆଉ କଅଣ ! ମୁଁ କଅଣ, ସେ କଥା ମୋତେ କିଏ କହିବ ? ଭାଇଙ୍କ ତ ଭାଇ ବୋଲି କେବେ ଭକ୍ତି କରିବା ଜାଣିନି । ଭକ୍ତି ! ତାହା ପୁଣି ଗୋଟାଏ କି ପଦାର୍ଥ ! ସେଦିନ ଆମ ଦଳର ଏମ. ଏଲ. ଏ. ଆଦିତ୍ୟ ତାର ଛୁଆଣ୍ ଶିଶୁଟିକୁ ଶୁଆଇ ଦେଉଥିଲା । କେବେ କମିତି ସ୍ୱପ୍ନ ପରି ମନେ ପଡ଼ିଯାଉଛି ମୋର ମୃତ ଶିଶୁ ପୁଅଟି । ସେଦିନ ଶୈଳ କାନ୍ଦିବା ଦେଖି ଭାବିଥିଲି, ପୁଅ ପାଇଁ କାନ୍ଦୁଛି ଗୋଟାଏ କଅଣ ? ବଳାପଣା ମୋ ଦେହରେ ଚଳେନି କିନ୍ତୁ ଆଜ କାହିଁକି କେଜାଣି କାନ୍ଦିବାକୁ ଇଚ୍ଛା ହେଉଛି । ସୁଭାଷୀ ଭଳି ଗୋଟାଏ ସ୍ତ୍ରୀଲୋକ ମୋର ଦେହଟାକୁ ଦେଖି ମୋ ଆଡ଼କୁ ଆକର୍ଷିତ ହୋଇ ଆସିଥିଲା । ତାକୁ ସେଦିନ କେହି ଜଣେ ବଡ଼ ଅପମାନ ଦେଲା ବୋଧହୁଏ । ସେଇ ଦୁଃଖରେ ସେ ବିଷ ଖାଇ ମରିଗଲା । ସଙ୍କର୍ଷଣ ଜଣେ ସମାଜକ ବ୍ୟକ୍ତି । ସେ ମଧ୍ୟ ଲେଶମାତ୍ର ଚିନ୍ତା ନ କରି, ଏତେ ଟିକିଏ ମଧ୍ୟ ବ୍ୟଥା ଅନୁଭବ ନ କରି ମରଣ ଭଳି ଗୋଟାଏ କଥାକୁ ଧୂଳିକଣାଟିଏ ପରି ଉଡ଼େଇଦେଲା । ଏଣେ ଦଳର ଲୋକଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ଅଜସ୍ର ଅର୍ଥ ବ୍ୟୟ କରୁଛି । ବିରୁଦ୍ଧ ଦଳ ଅସହ୍ୟବୋଧ କରି ଅଭିଯୋଗ ଉପରେ ଅଭିଯୋଗ ଆଣିବାରେ ଲାଗିଛନ୍ତି । ମୁଁ ଆଉ ପାରିବି ନାହିଁ । ରାତିରେ ଶୋଇ ପାରୁନି, ଆଉ ପାରିବି ନାହିଁ, ଚାଲିଯିବି ପ୍ରାଣଭାଇ ପାଖକୁ । ମାଆଙ୍କୁ ଜାଣିନି, ବାପାଙ୍କୁ ଜାଣିନି ! ବଡ଼ଭାଇ ପିତୃତୁଲ୍ୟ, ଧାଇଁଯାଇ ପାଦତଳେ ପଡ଼ିଯିବି । ତାଙ୍କୁ ଉଠେଇନେଇ ମୋର ତପ୍ତ ମଥାଟାକୁ ଛାତି ଉପରେ ରଖିଦେବେ ବଡ଼ଭାଇ । ତା'ପରେ ସେ ଯାହା କରିବେ ତାହା ହେବ ।

ସଙ୍କର୍ଷଣ ଆଉ ଡ୍ରାଇଭର ଗାଡ଼ିଟାକୁ ବାରଣ୍ଡା ପାଖକୁ ରଖିଦେଇ ଗାଡ଼ିରୁ ଓହ୍ଲେଇପଡ଼ି ଯାଇ ବସିପଡ଼ିଲେ ଗଣନାଥଙ୍କ ପାଖରେ । ସଙ୍କର୍ଷଣ କହିଉଠିଲା, "ଶୁଣି ନାହାନ୍ତି କି ଆଜ୍ଞା, ଆମର ମୌମା ବାବା ଯୁଦ୍ଧକ୍ଷେତ୍ରକୁ ଚାଲିଯାଉଛନ୍ତି !"

ଡ୍ରାଇଭର ଚଉକରୁ ଉଠିପଡ଼ି ବ୍ୟାଗ ଉଠେଇ ନେଇ କହିଲା, "ଚାଲନ୍ତୁ ଆଜ୍ଞା, ଘର ଭିତରେ ବସିବା କେତେ ନୂଆ କଥା ଆଜ କାନରେ ପଡ଼ୁଛି ।" ଘର ଭିତରକୁ ପ୍ରବେଶ କରି ସଙ୍କର୍ଷଣ ସୁଇଚ୍‌ଟାକୁ ଚପିଦେଇ ବୋତଲ ଖୋଲୁ ଖୋଲୁ କହିଲା, "ମୌମା ବାବାର ଅର୍ଥଟା ବୁଝିଲେ ନାହିଁ କି ? ଆପଣଙ୍କର ଭାଇ ପ୍ରାଣନାଥବାବୁ ସୈନିକ ଶିବିରକୁ ଯାଉଛନ୍ତି ବାହାରି । ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ରକୁ ଆବେଦନ କରାଇଛନ୍ତି । ଲେଖିଛନ୍ତି ଆଉ କିଛି ନ କଲେ ମଧ୍ୟ ଜାତୀୟ କବିତା ଶୁଣାଇଁ ଦେଶବାସୀମାନଙ୍କୁ ଉଦ୍‌ବୁଦ୍ଧ କରିବେ ।"

"ଏସବୁ ଆଉ କିଛି ନୁହେଁ ଆଜ୍ଞା, ଆପଣଙ୍କୁ ଅତିକ୍ରମ କରିଯାଇ ନିଜର ସୁନାମ ପ୍ରଚାର କରିବା ଉଦ୍ଦେଶ୍ୟ । ଏଣୁ ତେଣୁ କରି ତ ଗୁଡ଼ାଏ ଟଙ୍କା ହାତପୈଠ ହୋଇଗଲା । ସୈନିକ ଶ୍ରେଣୀଭୁକ୍ତ ହୋଇଗଲେ ମୋଟା ଦରମା ମଧ୍ୟ ମିଳିଯିବ । ଧନଲୋଭ ସଂସାରରେ କାହାର ନାହିଁ ଆଜ୍ଞା ! ଆପଣ ଜଣେ ମାତ୍ର ବ୍ୟକ୍ତି ଯେ କି ନିଜ ପାଇଁ ଧନ ରଖନ୍ତିନାହିଁ ।"

ଇତିମଧ୍ୟରେ ଡ୍ରାଇଭର ଗିଲାସ ଭରିଦେଇ ବଢ଼େଇଦେଲା ଗଣନାଥଙ୍କ ହାତକୁ । ଗିଲାସ ପରେ ଗିଲାସ ଶେଷ ହୋଇଗଲା ଥରକୁ ଥର । ସେଥି ସହିତ ଚାଲିଲା ଉନ୍ମତ୍ତ ହାସ୍ୟ, ଅବାନ୍ତର, ଅସଙ୍ଗତ ଆଳାପ ଆଲୋଚନା । ଗଣନାଥଙ୍କର ଆଉ ମନେ ରହିଲା ନାହିଁ ଯେ, ସେ ଏଇ ଅଳ୍ପ ସମୟ ପୂର୍ବେ ଆତ୍ମଜୀବନ ସମ୍ବନ୍ଧରେ ବିଶ୍ଳେଷଣ କରୁଥିଲେ । ଯେଉଁ ଭାଇଙ୍କ କଥା ଭାବି ତାଙ୍କର ଶୁଷ୍କ ହୃଦୟ ଭକ୍ତିରସାପ୍ଳୁତ ହୋଇଉଠୁଥିଲା, ସେ ହୃଦୟ ମଦିରା- ଉନ୍ମତ୍ତ ତପ୍ତ ହୋଇ ଉଠୁଥିଲା ପ୍ରାଣନାଥଙ୍କ ବିରୁଦ୍ଧରେ ।

## ଏକୋଇଶ

ଇତିମଧ୍ୟରେ ଆହୁରି ଦୁଇଟା ମାସ ମିଶିଗଲାଣି ଅତୀତ ଗର୍ଭରେ । ଜ୍ୟେଷ୍ଠ ମାସର ମଧ୍ୟାହ୍ନ । ଉପର ଘରକୁ ଗରମ ବାଧୁବାରୁ ପ୍ରାଣନାଥ ତଳଘରେ

କବାଟ ବନ୍ଦ କରିଦେଇ ବସିଥିଲେ । ଅମଳା ଶୋଷେଇ ଘର କାର୍ଯ୍ୟ ଶେଷକରି ଆସି ପ୍ରାଣନାଥଙ୍କ କକ୍ଷର ଦୁଆର ଠେଲି ବିଛଣା ଉପରେ ବସିପଡ଼ି କହିଲେ, "ଆଜି ଚତୁର୍ଦ୍ଦଶୀ, କାଲିକି ସାବିତ୍ରୀ ଅମାବାସ୍ୟା । ତୁମେ ତ ସୈନିକ ସାଜରେ ବାହାରି ପଡ଼ିବାକୁ ଭାବିଲଣି । ମୁଁ ଆଜିଠୁ ବ୍ରତ ଆରମ୍ଭ କରିଛି । ରାତିଟା ଉଜାଗର ରହି ତୁମରି ଶୁଭ କାମନାରେ ମନ୍ତ୍ର ଜପ-କରିବି । ଏଇ କଥା ଭାବୁ ଭାବୁ ମୁଁ ତୁମକୁ ଗୋଟାଏ କଥା ପଚାରିବି ବୋଲି ଭାବୁଛି । ଆଚ୍ଛା, ସତରେ କ'ଣ ସାବିତ୍ରୀ ନାମକ ରାଜାଝିଅଟିଏ ଯମ ହାତରୁ ପତିଙ୍କୁ ଆଣି ପାରିଥିଲେ ?"

"ଏମିତି ପ୍ରଶ୍ନ ଶିବଙ୍କୁ ପାର୍ବତୀ ପଚାରିଥିବା କଥା ପୁରାଣରେ ଅଛି । ଶିବ ସିନା ସୃଷ୍ଟିରେ ନିଗୂଢ଼ ତତ୍ତ୍ୱ କଥା ପାର୍ବତୀଙ୍କୁ ବୁଝେଇ କହିପାରୁଥିଲେ । ମୁଁ ତ ଶିବ ନୁହେଁ, ଜଣେ ସାମାନ୍ୟ ମନୁଷ୍ୟ । ମୁଁ ସ୍ୱୟଂ ପାର୍ବତୀଙ୍କ ଉତ୍ପତ୍ତି ସମ୍ବନ୍ଧରେ ଚିନ୍ତାକରି କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନାହିଁ, ତୁମକୁ କ'ଣ ବା କହିବି ? ମୋର କିନ୍ତୁ ସାବିତ୍ରୀଙ୍କ ଆବିର୍ଭାବର ତାତ୍ପର୍ଯ୍ୟ ନେଇ ଗୋଟାଏ ବିଶ୍ୱାସ ହୋଇଯାଇଛି ।"

"ମୁଁ ତ ସେଇ କଥା ପଚାରୁଛି । କି ବିଶ୍ୱାସ ହେଉଛି କହୁନାହଁ !"

"ଆମ ସମାଜରେ ସାବିତ୍ରୀଙ୍କ ଆବିର୍ଭାବ କଥା ତ କେହି ଭାବୁନାହାନ୍ତି । ତାଙ୍କୁ କେଉଁଠୁ ଆଣି କେଉଁଠି ରଖିଲେଣି । ଶିଳପୁଆକୁ ସାବିତ୍ରୀ କରି ଥୋଇ ପୂଜା ନିମନ୍ତେ ଘର ଘର ଆମ୍ବ, ନଡ଼ିଆ ଗଦା କରନ୍ତି । ସବୁ କେବଳ ଭାବଭକ୍ତିହୀନ ପୂଜାର ସମାରୋହରେ ପର୍ଯ୍ୟବସିତ ହୋଇଯାଏ । ସୃଷ୍ଟି ଆରମ୍ଭରେ ସେ କେଉଁ ମହାପୁରୁଷ ଅଜ୍ଞାନ ଅନ୍ଧକାରାଚ୍ଛନ୍ନ ମାନବ ଜାତିକୁ ମୃତ୍ୟୁମୁଖରୁ ରକ୍ଷା କରିବା ପାଇଁ ଜ୍ଞାନରୂପିଣୀ ବାଣୀଦେବୀଙ୍କୁ କନ୍ୟା ମାନବ କନ୍ୟାଟିକୁ ସୃଷ୍ଟି କରିଥିଲେ । ସେଇ ଶୁଭ୍ରା ଶୁଭ୍ରାମ୍ବରା ବାଣୀଦେବୀ ହିଁ ସାବିତ୍ରୀ । ଅନ୍ଧପିତାର ପୁତ୍ର ସତ୍ୟବାନଙ୍କୁ ବରଣ କରି ଦେଇଥିଲେ ସାବିତ୍ରୀ । ତୁମେ ବୁଝିପାରୁନ ଅମଳା, ଜଣେ ସ୍ତ୍ରୀଲୋକ ଶହେ ସନ୍ତାନ ଜନ୍ମ କରିବା କ'ଣ ସ୍ୱାଭାବିକ ? କିନ୍ତୁ ଜଣେ ମନୁଷ୍ୟ ଭାଷା ବଳରେ ଶହେ ଖଣ୍ଡ ଗ୍ରନ୍ଥ ଲେଖିପାରିବା ଅସମ୍ଭବ ନୁହେଁ ।"

"ସଂସାରର ଯେତେ ଯାହା ଆଶ୍ଚର୍ଯ୍ୟ କଥା ଅଛି, ସବୁ ତ ସେଇ କବିମାନଙ୍କ ସମ୍ବନ୍ଧୀୟ କଥା ବୋଲି କହିଯାଉଛ ; କିନ୍ତୁ ସାବିତ୍ରୀ ବିଷୟରେ ଯାହା କହୁଛ ସେଟା ସତ ହୋଇଥିବ ବିଶ୍ୱାସ ହେଉଛି ?"

ପ୍ରାଣନାଥ ହସିଦେଇ କହିଲେ, "ସ୍ୱାମୀଙ୍କ ମୁହଁର କଥା ବୋଲି କଳାଟାକୁ ଧଳାବୋଲି କହିଲେ ମଧ୍ୟ ମୁଁ ଅସ୍ୱାଭାବିକ କଥାଟାଏ କହିଥିବି ବୋଲି ତ ତୁମର ବିଶ୍ୱାସ ହେବନାହିଁ । କିନ୍ତୁ କିଛି ବଡ଼ ଭାବନାରେ ହିଁ ହୋଇଥିବ ବୋଲି ଯଦି କହୁଛ, ଉପବାସରେ ଉଜାଗର ରହି ମନ୍ତ୍ର ଜପ କରିବା ର ଆବଶ୍ୟକ ନାହିଁ । ଏଥର ଉଠିଯାଇ କିଛି ଖିଆପିଆ କରି ଆସ ।"

ଝରକା ଆଉ କବାଟର ଫାଙ୍କାବାଟରେ ଆଲୁଅ ଆସି ପଡ଼ୁଥିଲା । ଘର ଭିତରେ ପ୍ରାଣନାଥ ଆଖି ମୁଦି ପଡ଼ିରହି ଚିନ୍ତା କରୁଥିଲେ ସାବିତ୍ରୀ ଉପାଖ୍ୟାନର କଥା । କି ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟ ଶକ୍ତିସମ୍ପନ୍ନ ଥିଲେ । ସେ ଅନାଦି ପୁରୁଷ, ଯେ କି ସାବିତ୍ରୀଙ୍କୁ ସୃଷ୍ଟି କରିଥିଲେ, ସେ କଥା ସ୍ମରଣକଲେ ସର୍ବାଙ୍ଗ ଶିହରି ଉଠୁଛି ବାରମ୍ବାର । ନିର୍ଜନ ଅରଣ୍ୟଭୂମିରେ ସାବିତ୍ରୀ ମୃତ-ପତିଙ୍କ ଦେହଟାକୁ କୋଳରୁ ତଳେ ରଖିଦେଇ ଦଉଡ଼ିଗଲେ ମୃତ୍ୟୁଦେବତାଙ୍କ ପଛରେ । ମାଟିର ପିଣ୍ଡକୁ ଅକାତରରେ ତଳେ ରଖିଦେଇ ସାବିତ୍ରୀ ଧାଇଁଥିଲେ ଆତ୍ମାକୁ ଅମର କରି ରଖିବା ନିମନ୍ତେ ।

ଆକସ୍ମିକ ଭାବରେ କବାଟରେ କରାଘାତ କରି କେହି ଜଣେ ଡାକିଲା, "ସାଆନ୍ତେ !" ସେଇ ପୁରୁଣା ଡାକ । ପ୍ରାଣନାଥ କାନ ଡେରି ଶୁଣିଲେ । ଆଗନ୍ତୁକ ଡାକିଲା, "ସାଆନ୍ତେ ! ମୁଁ ଆସିଛି ।" ସେ ଉଠିପଡ଼ି କବାଟ ଖୋଲିଦେଇ ଚାହିଁଲେ, ଦୁଆର ମୁହଁରେ ବସିଛି ରାମ ମାଳୀ ।

ରାମ ଘୁଞ୍ଚିଯାଇ ପ୍ରାଣନାଥଙ୍କ ପାଦତଳେ ବସିପଡ଼ିଲା । ପ୍ରାଣନାଥ ଅଳ୍ପ ଘୁଞ୍ଚିଯାଇ ସେଇ ପାଖର ଖଟରେ ବସିପଡ଼ିଲେ ରାମ ମୁହଁକୁ ଅନେଇଁ ।

"ଦିପହର ଖରାରେ କାହିଁକି ଆସିଲୁ ରାମ ? କଅଣ ହେଲା ? ସବୁ ଭଲ ତ ରାମ !"

ଆପଣ ତ ସବୁ ଜାଣିଛନ୍ତି ଆଜ୍ଞା ! ଅବସ୍ଥା ଶୋଚନୀୟ ହୋଇ ଆସିଲାଣି । ଯୁଆଙ୍କୁ ଧରି ଏ ଲୋକଗୁଡ଼ାକ ଖେଳ ଖେଳୁଛନ୍ତି । କିଏ ଯୁଆଙ୍କ ବିରୁଦ୍ଧରେ କେଉଁଠି ଅଭିଯୋଗ ଆଣିଲା ବୋଲି ଇଏ କହୁଛନ୍ତି ତାଙ୍କୁ ମାରିଦେବେ, ସେ କହୁଛନ୍ତି ସୁଯୋଗ ମିଳିଲେ ଯୁଆଙ୍କୁ ମାରିଦେବେ । ଦିନକେଳେ ତ କୌଣସି ପ୍ରକାରେ ଅବସ୍ଥା ସମ୍ଭାଳି ହୋଇଯାଉଛି, ରାତି ଆସିଗଲେ ଆଉ ମୋର ଆଖିପତା ଯୋଡ଼େଇ ହେଉନାହିଁ । ଆପଣ ରାଜନୀତି ଛାଡ଼ି ଧର୍ମନୀତିରେ ନିଜକୁ ପରିଚାଳିତ କରୁଛନ୍ତି, କିନ୍ତୁ ଭାଇ ଯେ ଆପଣଙ୍କର ଆତ୍ମାର ଅଂଶ —"

"କେବଳ ଗଣନାଥ ହିଁ କି ମୋର ଭାଇ ! ସେ କଥା ତ ମୁଁ ଭାବୁନାହିଁ । ତୁ ମଧ୍ୟ ମୋର ବଡ଼ ଭାଇ । ତୁ ଆଗ ଆସିଛୁ, ମୁଁ ପରେ ଆସିଛି । ତୁ ଯାହା କହିବୁ ମୁଁ ତାହା ଶୁଣିବି । ଆଗରୁ ମଧ୍ୟ କହି ଦେଇଛି, ଯେଉଁଠି ମୋର ଅନ୍ୟାୟ ଦେଖିବୁ ନିର୍ଭୀକ ଭାବରେ କହିଦେବୁ । ତୋ କଥା ଭଗବାନଙ୍କର ଆଦେଶ ବୋଲି ବିଶ୍ୱାସକରି ସାବଧାନ ହୋଇଯିବି ।"

"ସେଇ ଭରସାରେ ତ ମୁଁ ଆପଣଙ୍କୁ ଯେତେବେଳେ ଯାହା ଇଚ୍ଛା କହିଆସିଛି । ଆପଣ ଜନସମାଜକୁ ଆନନ୍ଦ ଧନ ଦେବାକୁ ସଙ୍କଳ୍ପ କରିଛନ୍ତି । ଏଣେ ଜନସମାଜର ସର୍ବନାଶ ଘଟୁଛି, ସେ ଆଡ଼କୁ ଦୃଷ୍ଟି ଦେଇପାରୁନାହାନ୍ତି । ମୁଁ ବାରମ୍ବାର ଆସି କହୁଛି,— ଚାଲନ୍ତୁ, ଏଥର ରକ୍ଷା କରନ୍ତୁ । ସବୁଥର ଆପଣ ମୋତେ କହୁଛନ୍ତି, ସମୟ ଆସି ନାହିଁ । ସମୟ ଆସିଲାବେଳକୁ ଜୀବନ ଉଡ଼ି ପଳେଇଥିବ । କାହାର କଅଣ ହେଲେ, କିଏ କେଉଁଠି ଦୁଃଖ ବିଷାଦ ଭୋଗକଲେ, ମୋର ତ ସେଥିରେ କିଛି କ୍ଷତି ହେଉ ନ ଥିଲା । ଆପଣ ମୋତେ କହିଥିଲେ, ମନୁଷ୍ୟର ଦୁଃଖ ଦେଖି ନୀରବରେ ନିର୍ଲିପ୍ତଭାବରେ ରହିଯିବା ପୌରୁଷ ନୁହେଁ କି ମନୁଷ୍ୟତା ନୁହେଁ—"

"ସେତେବେଳେ ମୁଁ ଏକଥା ଯେଉଁ ସମୟରେ କହିଥିଲି, ସେ ସମୟରେ ଲୋକମାନେ ସେହିପରି ଭାବରେ ଚିନ୍ତା କରୁଥିଲେ । ଆଜି ଆଉ ସେ ଭାବନା କାହାରି ନାହିଁ । ଆଜି ଦେଶର ଲୋକ ଭିନ୍ନ ଭାବରେ ଚିନ୍ତା କଲେଣି । ସମସ୍ତେ ଆପଣା ବୁଦ୍ଧିରେ ଚତୁର । ସମସ୍ତେ କାର୍ଯ୍ୟକ୍ଷମ । ଆପଣଙ୍କର କର୍ମର ଜଟିଳତା ଦେଖିଲେ ସେମାନେ ଆପେ ଆପେ ସବୁ ସମ୍ଭାଳି ପୁଣି ଜୀବନଯାତ୍ରାକୁ ସହଜ ସୁଗମ କରିଦେଇ ପାରୁଛନ୍ତି ।

"ନାହିଁ ଆଜ୍ଞା, ଦିନକୁ ଦିନ ଅତ୍ୟାଚାର, ଅନାଚାର ବଢ଼ୁଛି । ଆପଣ କୋଡ଼ିଏ ବୋଲି ଆମର ଯେ ଗୋଟାଏ କଥା ଅଛି, ଖାଲି ସେଇ କଥା ଆଜିକାଲି ଚାଲିଛି । ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ଆତଙ୍କରେ ଅସ୍ଥିର ହୋଇଉଠୁଛନ୍ତି । ଆଜି ସିନା ଚଳୁଛି, କାଲି ପାଇଁ ଆଜିଠୁ ରଖିବାକୁ ହେବ । ଖାଲି ସେତିକି ନୁହେଁ ଆଜ୍ଞା ! ଅନ୍ୟର ଅନୁକରଣ କରିବାରେ ପ୍ରତ୍ୟେକ ଲୋକ ପଟୁ ହେଲେଣି । ଆଜି କିଏ ଘର ଖଣ୍ଡିଏ କରିଦେଲା ତ, ଠିକ୍ ସିମିତି ଖଣ୍ଡିଏ ଆମର ମଧ୍ୟ ହେବା ଆବଶ୍ୟକ ।"

"ସିମିତି କେଉଁଠି କଅଣ ଘଟୁଛି ବୁଝାଇ ଦେଖାଇ କହିଲୁ ରାମ ! ବ' ସ୍ୱରଟା ଖୁବ୍ ଭଲ ଲେଖିଦେବ ବୋଲି ଭାବୁଛି ଯେ—"

"ଶୁଣିଲ ସେ ମହାତ୍ମାଧର୍ମୀ ଡାକ୍ତରଙ୍କର ଉପାଚାରର କଥାଟା କହିବ ବୋଲି ଭାବିଲାବେଳକୁ ଆପଣ ସେକଥା କିମିତି ଜାଣିଲେ ବେଳୁଣି ଲେଖିଦେଲେ । ଘର କଥା ତ ଲେଖୁଛନ୍ତି, ଏଣିକି ବାହାର

କଥା ଲେଖନ୍ତୁ । ଏକଥା ଯେ ଗୋଟାଏ ବଡ଼ ଉପନ୍ୟାସ ହେବ ।"

"ଗଣନାଥବାବୁ କୁଆଡ଼େ ଦେଶଭ୍ରମଣରେ ଯାଇ ଜୀବନ ସଂହାର କରିଦେଇ ଆସିଲେ । ଇମିତି ଅଘଟଣ କଥା ଘଟିଲା ଯେ କହିଲେ କେହି ବିଶ୍ୱାସ କରିବେନାହିଁ । ମାଆ ବୁଢ଼ୀଟା ସ୍ୱାମୀଟାକୁ ମରଣ ମୁହଁରେ ପକାଇ ବିଧବା ହୋଇ ଶୋକ କରି ନ ଥିଲା । ଝିଅ ଜ୍ୱାଇଁ ବୋଲି ଏମାନଙ୍କ ପଛରେ ଗୁଲିଆସିଲା । ତାର ଫଳ ଏବେ ଭୋଗୁଛି । ଏ ଜନ୍ମରେ ତ ଶେଷ ହୋଇଗଲା ନାହିଁ । ଏ ଅଙ୍କାଗି ରହିଗଲା ।"

"କାହା କଥା କହୁଛ ରାମ ! କିଛି ବୁଝିପାରିଲି ନାହିଁ ।"

"ଆପଣ ତ ସନ୍ନ୍ୟାସୀ ଆଶ୍ରମ କରି ରହିଛନ୍ତି, କେଉଁଠି କଅଣ ହେଉଛି ଜାଣିବେ କାହିଁକି ! ଆପଣଙ୍କ ଭାଇଙ୍କ କଥା କହୁଥିଲି ଆଜ୍ଞା ! ଦେଖିଲେ ଆହା କରନ୍ତେ । ଅନ୍ଧବୁଦ୍ଧି ସ୍ତ୍ରୀଲୋକଟି କେତେ କାନ୍ଦୁଛି । ପୁଅଟିଏ ଜନ୍ମ ହୋଇଥିଲା । ସେ ତ ମଲା । ପୁଣି ପିଲାଟିଏ ଜନ୍ମ ହେବ । ବୁଢ଼ୀଟା କଅଣ କେଜାଣି ଭାବି ଭାବି ପାଗଳୀ ହୋଇଗଲା ।"

ପ୍ରାଣନାଥ ରାମ ମାଳୀ ପାଖକୁ ଘୁଞ୍ଚିଯାଇ ତା' ହାତ ଧରିପକାଇ ସବୁକଥା ପଚାରିଗଲେ ଗୋଟି ଗୋଟି କରି । ରାମ ସବୁ କଥା କହିସାରି କହିଲା, "ଆଜ୍ଞା ଆପଣଙ୍କର ବନ୍ଧୁମାନେ ତାଙ୍କୁ ସେ ଘରୁ ବାହାର କରିଦେଇଛନ୍ତି । ଭାଇ ଆଉ ଗୋଟିଏ ବୋହୂ ଆଣିବେ । ଏ ଆସି ମୋର ବସାଘରେ ପଡ଼ିଛନ୍ତି । ନେପାଳରେ ଛାଡ଼ିଦେଇ ଆସ ବୋଲି କାନ୍ଦୁଛନ୍ତି । ବୁଢ଼ୀଟା ଏବେ ମରିବ କି ଆଉ ଘଡ଼ିଏ ଗଲେ ମରିବ, କିଛି ଠିକଣା ନାହିଁ । ଆପଣ ଆସି କିଛି ଗୋଟାଏ ପ୍ରତିକାର ନ-କଲେ ସବୁ ଆଉ ପ୍ରଳୟ ଘଟିଯିବ ସାଆନ୍ତେ !"

ପ୍ରାଣନାଥ ସ୍ତବ୍ଧ ଭାବରେ ଟିକିଏ ବସିରହି କହିଲେ, "ଇତି ମଧ୍ୟରେ ଏତେଗୁଡ଼ାଏ ଘଟଣା ଘଟିଗଲା ରାମ ! କିନ୍ତୁ ମୁଁ ସେଠିକି ଯାଇ କଅଣ କରିବି ? ଗଣନାଥ ତ ମୋ କଥା ଶୁଣିବନାହିଁ । ଅହଙ୍କାରୀ ଲୋକ ତା ଗୁରୁପାଖରେ ଘେରି ରହିଥିବା ଭାଇମାନେ ମିଥ୍ୟା ସ୍ତବ ଶୁଣେଇ ଶୁଣେଇ ଅନ୍ଧ କରିଦେଇଛନ୍ତି । ମୋ କଥାରେ ସେ ଆଉ ଆସ୍ଥା ରଖିବ ନାହିଁ । ତାକୁ ନିଜେ ଅନୁତାପ କରି ଫେରି ନ ଆସିଲେ, ଆମର ସବୁ ଆଶା କୁଆଡ଼େ ଉଡ଼ିଯିବ ।"

"ବିପଦ ଯେ ଘଟେଇ ଆସିଲାଣି, ସେ କଥା ସେ ନିଜେ ବୁଝିଲେଣି ଓ ଏଣୁ ମୋର ବିଶ୍ୱାସ ହେଉଛି । କେବଳ ଆପଣ ଥରେ ମଥାରେ ହାତଦେଇ ଆଶୀର୍ବାଦ ଦେଇଦେଲେ ପାଷାଣ ହୃଦୟ ମଧ୍ୟ ଫୁଲ-ପରି ନରମ ସୁନ୍ଦର ହୋଇଯିବ । ରାମଙ୍କ ପାଦ ବାଜି ପଥର ମଧ୍ୟ ନାରୀରୂପ ଧରି ଗୀତ ଗାଇ ଉଠିଥିଲା ।"

"ମୁଁ ତ ରାମଚନ୍ଦ୍ର ନୁହେଁ, ମୁଁ ଜଣେ ସାଧାରଣ ମନୁଷ୍ୟ । ସେ ଏ ଭିତରେ ଏତେଗୁଡ଼ାଏ ଭୁଲ ସୃଷ୍ଟି କଲାଣି ଯେ, ସେଥିରେ ହାତଦେବା ହିଁ ଅନୁଚିତ ହେବ ।

ଭୁଲଗୁଡ଼ାକ ସଂଶୋଧନ କରିଦେଲେ, କ୍ଷଣକରେ ସୁନ୍ଦର ହୋଇଯିବ ଆଜ୍ଞା ! ମନୁଷ୍ୟ ହିଁ ତ ଭଲ ମନ୍ଦ ସବୁ କରୁଛି । ପୁରାଣଗୁଡ଼ାକରେ ଯେତେ କଥା ଲେଖାହୋଇଛି, ସବୁଥିରେ ଦେବତା ଆଉ ଋଷିଙ୍କର ଅଭିଶାପ ଯେଉଁ ଦେଇ ମନୁଷ୍ୟଙ୍କୁ ଯୋନ୍ଧତା କରିଦେଇଛନ୍ତି । ସବୁ ମନୁଷ୍ୟ ତ ଆପଣଙ୍କ ପରି ଆଜନ୍ମ ଭଲ ହୋଇପାରୁ ନାହାନ୍ତି । ମନ୍ଦ ହୋଇ ପୁଣି ଭଲ ହୋଇପାରୁଛି, ସେ ପରର ଦୋଷ ନ ଦେଖି ଦେଖୁଛି ତାର ଦୁଃଖ । ସମସ୍ତେ ଯଦି ଜନ୍ମରୁ ଭଲ ହୋଇଥାନ୍ତେ, ଆପଣ ଆଉ କାହାକୁ ଧରି ସାହିତ୍ୟ ସୃଷ୍ଟି କରନ୍ତେ ? ଗଳ୍ପ ଭିତରେ ସଂଘର୍ଷ ସୃଷ୍ଟି କରିବାକୁ ମନ୍ଦଲୋକ ଖୋଜୁଛନ୍ତି । ଆପଣ ଭଲଙ୍କୁ କେତେ ଆଉ ଅଧିକ ଭଲ କରିବେ । ମନ୍ଦଙ୍କୁ ଭଲ କରନ୍ତୁ, ଚିରକାଳ କଥା ରହିଯିବ । ଯାହା କହୁଛି ସବୁ ଆପଣଙ୍କର ଲେଖାରୁ ପଢ଼ି ଶୁଣି ମୁହଁରୁ, ଆପଣଙ୍କ କଥା ହିଁ ଆପଣଙ୍କୁ କହିଯାଉଛି । କ୍ଷମା ପାଇଆସିଛି ବୋଲି ପ୍ରଭୁଙ୍କୁ ବନ୍ଧୁ ବୋଲି ଡାକ ଦେଉଛି । ସଙ୍କଟ ଦାରୁଣ ହୋଇଆସୁଛି କେବଳକୁ

ଲୋକ । ବୁଢ଼ୀ ତ ମରିବ । ତାଙ୍କୁ ପୋଡ଼ିବ କିଏ ? ଶୁଦ୍ଧ ଶ୍ରାଦ୍ଧ ସବୁ ହେବ କମିତି ? ତା'ପରେ ବୋହୂକୁ ନେଇ ମୁଁ କେଉଁଠି ନେଇ ରଖିବି ? ଛଅମାସ ହେଲା ଯିମିତି ମୁଁ ତାଙ୍କୁ ସମ୍ଭାଳି ଆସିଲିଣି, ତାହା ତ କହିବା କଥା ନୁହେଁ, ଅନୁଭବ କରିବା କଥା । ଆପଣଙ୍କ ଘରର ବୋହୂ ସେ । ଶାଶୁଙ୍କ ସନ୍ତାନକୁ ଧରିଛନ୍ତି ଗର୍ଭରେ । ସ୍ତ୍ରୀଙ୍କୁ ଠେଲିଦେଇଛନ୍ତି ମାଆ ତାଙ୍କୁ । ସ୍ୱର୍ଗରେ ଭି ତାଙ୍କର ମେନକା ମାଆ ଡାକୁଛି । ସେ, କିଏବା ଦୁଃଖ ଦେଖି ଶୂନ୍ୟ ଶୂନ୍ୟ ଉଠେଇ ନେଇଯିବ ଆଶ୍ରମକୁ ”

ପ୍ରାଣନାଥ ଗ୍ରାମର ପିଠି ଆପୁଡ଼େଇ ସ୍ନିଗ୍ଧ ହାସ୍ୟ ହସି କହିଲେ, “ବୁଢ଼ି ତୋର ପକ୍କ ହୋଇଗଲାଣି ଗ୍ରାମ । ଯଦି ଜ୍ଞାନ ହେଲେ ଅବାନ୍ତର ଅଲୌକିକ କଥା ତୋ ମୁହଁରୁ ବାହାରିବା ଶୁଣିନାହିଁ; କିନ୍ତୁ ଏ ଦୁଃଖ ସୃଷ୍ଟି ଭିତରେ ଯେ ତପସ୍ୟା ଚାଲିଛି, ସେ ତପଃ ସିଦ୍ଧ ନ ହେଲେ ଦୁଃଖନାଶନ ଦେବତା ତ ବର ଦେବେ ନାହିଁ । ଚିନ୍ତା କରିବାକୁ ମୋତେ ସମୟ ଦେ ଗ୍ରାମ !”

“ଏ କଥା ଉତ୍ତରରେ ତ ମୁଁ କିଛି କହିପାରୁନି । ମୋର ବିଶ୍ୱାସ ଅଛି, ଆପଣ ଆସି ତାଙ୍କୁ ରକ୍ଷା କରିବେ । ଯଦି ନ ଆସିବେ ସ୍ତ୍ରୀଲୋକଟିର ଭାଗ୍ୟରେ ଏହା ହିଁ ଥିଲା ବୋଲି ନ ଭାବି ବଡ଼ ଲୋକଙ୍କ ଅନ୍ଧକାର ବନରେ ଭଲ ସ୍ତ୍ରୀଲୋକଟିଏ ଭାସିଗଲା ବୋଲି ଭାବିବ । ଯାଉଛି, ଏଥର ମାଆ ମଣି ମୋତେ ଦେଖିଲେ ସବୁକଥା ପଚାରିବେ । ଦୁଃଖଗୁଡ଼ାକ ଶୁଣିଲେ ସେ ସହିପାରିବେ ନାହିଁ ।

ଗ୍ରାମ ଯିବାପରେ ପ୍ରାଣନାଥ ଦୁଆର ଖୋଲି ଦେଖିଲେ ସୂର୍ଯ୍ୟଦେବତା ମନ୍ଥର ଗତିରେ ଢଳି ଆସୁଛନ୍ତି ପଶ୍ଚିମ ଆଡ଼କୁ । ଗଛ ଲତା ଦୋହଲି ଉଠୁଛନ୍ତି ଧୀରେ ଧୀରେ । ସେ ତଳ ବାରଣ୍ଡାରୁ ଅଧଭଙ୍ଗା ଚଉକି ଖଣ୍ଡିଏ ଟାଣିନେଇ ବସିଲେ ବାରଣ୍ଡା ତଳର ଜାମୁକୋଳି ଗଛ ଛାଇରେ । ଜାମୁକୋଳି ଗଛରେ ମାଡ଼ିଯାଇଛି ପଞ୍ଚବର୍ଣ୍ଣି ଫୁଲର ଲତା । ଅନ୍ୟ ଶାଖରୁ ମାଳତୀ ଲତା କେତେଡ଼ାଳ ଓହଳିଛି ଗଛଟାକୁ । ପଞ୍ଚବର୍ଣ୍ଣିର ଫୁଲପେନ୍ଥା କେତେଟା ଝୁଲି ଝୁଲି ରହିଛି ତଳଆଡ଼କୁ ।

ପ୍ରାଣନାଥ ଗଛଛାଇତଳେ ବସି ଭାବୁଥିଲେ ଆରମ୍ଭ କରିଥିବା ପରିଣାମଟାକୁ ସନ୍ତୋଷଜନକ କରିବେ କି ମିଳନାନ୍ତ କରିବେ । ପ୍ରତି ମୁହୂର୍ତ୍ତରେ ସଂସାରରେ ଏତେ ପ୍ରକାରର ଘଟଣା ଘଟିଯାଉଛି, ଯେ କଥା ଭାବି ଭାବି ଯଦି ମଣିଷର ହାତଛେଇ ବସିବ, ତାହାହେଲେ କୌଣସି କାର୍ଯ୍ୟ ଅଗ୍ରସର ହେବନାହିଁ । ବସୁନ୍ଧରା ଆଖି ପରିଣତ କର୍ଷ ହୋଇଗଲା । ଏଇ ବସୁନ୍ଧରେ କୋଟିସମ୍ରାଟ ଉପେନ୍ଦ୍ରଭଞ୍ଜ ଜନଶ୍ୟାମଳ ନନ୍ଦନକାନନ ରଚନା କରି ଦେଇ ଚାଲିଯାଇଥିଲେ ଅମର ଜଗତକୁ । ଭକ୍ତ ବାଳକ ଧ୍ରୁବ ଯେଉଁଠି କଳି ସିଂହାସନ ସ୍ଥାପନ କରିଥିଲେ, ସେଇଠି ଯାଇ ସେ ବସିଛନ୍ତି । ରାଜ୍ୟ, ରାଜସିଂହାସନ ଧୂଳି ମୁଠାଏ ପରି ବର୍ଜନ କରିଦେଇ ମୁଠା ମୁଠା ରତ୍ନରେଣୁ ସୃଷ୍ଟି କରୁଥିଲେ । ସଂସାରରେ ବାସକରି ସଂସାର ପ୍ରତି ଥିଲେ ସମ୍ପୂର୍ଣ୍ଣ ନିରାସକ୍ତ । ସେଇ ଦେବ ମନର ଅଂଶ ନେଇ ଆମେ ଜନ୍ମ ଗ୍ରହଣ କରିଛୁ । ଆମେ ଏ ଦେଶର ଅଜ୍ଞାନ ଅନ୍ଧ ସନ୍ତାନ ଜୀବନ-କକ୍ଷରେ କେବଳ ଆବର୍ଜନା ସୃଷ୍ଟି କରୁଛୁ । ଭାରତ ତପୋବନରେ ସାଧକବୃନ୍ଦ ସୃଷ୍ଟି କରିଥିଲେ ବ୍ରହ୍ମର ସତ୍ୟରୂପ, ଜ୍ଞାନରୂପ, ଅନନ୍ତରୂପ । ସେଇ ବ୍ରହ୍ମଙ୍କଠାରେ ଆପଣାକୁ ଅର୍ପଣ କରିଦେଇ ଏଇ ଭାରତମାଟି ସୃଷ୍ଟିକରିଛି ଅସଂଖ୍ୟ ଜୀବନ ଇତିହାସ । ସେ ଜ୍ଞାନ ଅମୃତ ପାତ୍ରରୁ ବିନ୍ଦୁଏ ସୁଦ୍ଧା ଉଠେଇ ନେବାକୁ ଆମର ଏ ଦୁର୍ବଳ ବାହୁରେ ବଳ ନାହିଁ । ବିଶ୍ୱର ବ୍ରହ୍ମାଣ୍ଡ ଭିତରେ ସେଇ ଏକମାତ୍ର ନାରୀକଣ୍ଠରୁ ଉଚ୍ଚାରିତ ହୋଇଥିଲା, “ଯେନାହଂ ନାମୃତସ୍ୟାମ୍ କିମହଂ ତେନ କୁର୍ଯ୍ୟାମ୍ ।” ଶିକ୍ଷା ବଢ଼ୁଛି, ଶିକ୍ଷାଳୟର ସଂଖ୍ୟା ବଢ଼ୁଛି; କିନ୍ତୁ ସେଇ ନାରୀ ଆଜି ଧନପିପାସାରେ ଆତୁର । ଯେଉଁ ତପୋବନ ପଲ୍ଲୀଗ୍ରାମରେ ପରିଣତ ହୋଇଥିଲା, ଯେଉଁଠି ପଲ୍ଲୀବାସୀ ସରଳ ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ ସେଠି ଛଳନା ରାକ୍ଷସୀ ଆସି ଜୀବନକୁ ଶୁଷ୍କ ନୀରସ କରିଦେଉଛି ।

ପ୍ରାଣନାଥଙ୍କ ଚିନ୍ତାସ୍ରୋତରେ ବାଧାଦେଇ ମାଳି ଗଜଗଜ କରି ଫେରିଲା। ଏ କୁଣ୍ଡାବସ୍ତା ମୁଣ୍ଡରେ ଧରି ଆସି ଧଡ଼ାସ କରି ବସ୍ତା ଗାଈଶାଳର ମଞ୍ଚିଫୁଲ ଗଛ ଧାଡ଼ି ଉପରକୁ ଫିଙ୍ଗିଦେଇ ମୁଣ୍ଡରେ ବାନ୍ଧିଥିବା ଗାମୁଛା ଖୋଲି ମୁହଁ ପୋଛିବାକୁ ଆରମ୍ଭ କରୁଥିଲା। ପ୍ରାଣନାଥ ଆତଙ୍କିତ କଣ୍ଠସ୍ୱର ହୋଇ କହିଲେ, "କଅଣ କଲୁ ମାଳି, ମଞ୍ଚିଗଛଟାରେ କଡ଼ ହେଉଛି ?"

ମାଳି କୁଣ୍ଡା ବସ୍ତାଟାକୁ ଅଳ୍ପ ଟିକିଏ ଘୁଞ୍ଚାଇ ରଖିଦେଇ ପ୍ରାଣନାଥଙ୍କ ପାଦ ପାଖରେ ବସିପଡ଼ି ତାଙ୍କର ପାଦ ଦୁଇଟି ଧରି ବାରମ୍ବାର ମଥାରେ ଲଗାଇ କହିଲା, "ମହାପ୍ରଭୁ ସାଆନ୍ତେ, ଏ ଲୁହନ୍ଦ କଙ୍କାଳ ବଡ଼ ବାଧିଲାଣି। ଘଇଁଆ ମୋର କହିଲା, ଝିଅ ଘରକୁ ଅମାବାସ୍ୟା ଖାଇ ପଠେଇଦିଅ। ପଠେଇଦିଅ ବୋଇଲେ ତ ହେଇ ପାରୁନ, ଯୋଉଁ ଏ ଟଙ୍କା ମୂଲିଆ ମୂଲ ଦେବାକୁ ପଡ଼ିବ। ସକାଳୁ ଗାଈ ଦୁହାଦୁହିଁ କରିଦେଇ ଘର ଅଣ୍ଡ ଗଲି। ତିନି କୋଶ ବାଟ। ସାଇକେଲଟା ମଙ୍ଗିଥିଲୁ ଦେଇଛି। ସେ ଆଜୁ ତ ଏବେ ବାହୁଡ଼ି ଆସୁଛି। ବାଟରୁ କୁଣ୍ଡା ବସ୍ତାଟା କିଣିଲି ଧାନ ମିଳୁଛି ସାଆନ୍ତେ, ବଡ଼ ମହରଗ।"

ପ୍ରାଣନାଥ ସବୁ ଶୁଣି ଖାଲି ହସିଦେଲେ।

'ହଁ' ଆଉ ଗୋଟେ କଥା ସାଆନ୍ତେ ! ଶୁଣିଲି ଯେ ତମେ କୁଆଡେ ଯୁଦ୍ଧରେ ବଡ଼ ଇନାମ ପାଇବ। ଶୁଣୁ ଶୁଣୁ ବଡ଼ ଆନନ୍ଦ ଟେ ଲାଗିଲା। ଦେଖିରେ ଦେଖୁଛି ବାବୁର ମୁଣ୍ଡରେ ଯେ ଯେଉଁଠିଥିଲେ, ବଡ଼ ବଡ଼ ଚଉକିରେ ରହି ଫଙ୍କା ପବନ ଖାଉଛନ୍ତି। ସାଆନ୍ତେ ରଜାପୁଅ ହୋଇ ଇମିତ ଏଠି ପଡ଼ିଛନ୍ତି।"

"ତୋ କଥା ଶୁଣି ହସ ଲାଗୁଛି ମାଳି ! କଅଣ ହୋଇଥାନ୍ତା ଆଉ କଅଣ ହେଲା ନାହିଁ ବୋଲି ତୋର ଏତେ ଭାବନା ହେଉଛି। କାହିଁ, ମୋର ତ କେଉଁଠି ଇନାମ ମିଳିବା କଥା ମୁଁ କେବେ ଶୁଣି ନାହିଁ କି ଜାଣି ନାହିଁ। ତୁ କେଉଁଠୁ କମିତି ଜାଣିଲୁ !"

ମାଳି ଆହୁରି ଟିକିଏ ପାଖକୁ ଘୁଞ୍ଚି ଆସି ହା ହା କରି ହସି କହିଲା, "ସାଆନ୍ତେ କଥା ତ ଶୁଣୁ ନାହିଁ ! ଆସନ୍ତା ମାଘ ଅଷ୍ଟମୀକୁ ସଭାରେ ପଢ଼ିଥିଲା ଘଣ୍ଟ କହିଲା, ହେଲେ ସାଆନ୍ତେ ! ଖାଲି ଆପଣଙ୍କ ଏଥିକୁ ଯୋଗାଡ଼ କରି ଦେଲେ ନା ! ଆଜିକାଲି ବହୁ ଲୋକଙ୍କର ହାତ ଯୋଡ଼ ଧରି ଲୋକେ ଦାନ୍ତରେ କୁଟା ଧରାଇ ଆଣୁଛନ୍ତି। ଆମେ ମଉଥା, ମୂଳ ପଇସା। ପଇସା ନ ଥିଲେ କିଏ କାହାକୁ ପଚାରୁଛି। ମୁଁ ବହୁ ନ ଥିଲି, ଏ ନେଖୋଉଁଠୁ କି ମିଳବ ସାଆନ୍ତେ ! ଲୋକ ଅର୍ଜନ କରି, ଏ ଯୁଗରେ ନାଲକନା, ଝିଅ-ଗୁଡ଼ାକ ସାଇକଲରେ ଚଢ଼ି ଅଫିସ ଗଲେଣି। ଏ ଉତ୍ପାତ ଦେଖି ଆଖି ଖୋସି ହୋଇ ଯାଉଛି। କିନ୍ତୁ, ସେ କଥାରୁ ଆମେ କି ପାଇବା ? ହଜାରେ ଦେଢ଼ ହଜାରେ ମିଳିବ ନା ସାଆନ୍ତେ ? ଇନାମଟା କେଉଁଠି ହେବ ?"

"ତୋ କଥା ଶୁଣି ମୁଁ ନ ହସି ରହିପାରୁ ନାହିଁ ମାଳି ! ଇନାମ କଣ୍ଠହାକୁ ହେଲେ କାହିଁକି ଶିକ୍ଷା ଆବଶ୍ୟକ। ମୁଁ ତ ସେ ଶିକ୍ଷା ପାଇ ନାହିଁ। ଇନାମ ମୋତେ ମିଳିବ କମିତି ?"

"ଆମ ଗାଁ ଗୋଟାଏ ସାରିଲେଣି। ଓମା ଝିଅଘର ଗାଆଁର ଦାମ ଦୋକାନରେ ମଧ୍ୟ କଥା ପଡ଼ିଥିଲା ଭିତରେ ଭିତରେ ଖାଇ ସବୁ ଆପଣଙ୍କର ସବୁ କରିଦେଲେ ବୋଲି। ମୋ ଘାଣ୍ଟରେ ଯୋଡ଼େଇ ରଖିଛନ୍ତି କାହିଁକି ସାଆନ୍ତେ ! କେତେ ଦିନ ସନ୍ଧ୍ୟାରେ ଜଗନ୍ନାଥଙ୍କୁ କେତେ ଡାକୁଛି, ସାଆନ୍ତଙ୍କ ପିଲା କୁଟୁମ୍ବ ସୁଖରେ ରହନ୍ତୁ ବୋଲି। ସବୁ କଅଣ ନିଷ୍ଫଳ ହୋଇଯିବ ?"

ମାଳି ଆପଣା ଉତ୍ସାହରେ ଆପେ ହସିଉଠିଲା କହୁ କହୁ। ଟିକିଏ ବଙ୍କ ହୋଇ ପ୍ରାଣନାଥଙ୍କ ଗୋଡ଼ ପାଦ ଚିପିବାକୁ ଲାଗିଲା ଉତ୍ସାହରେ। ଇନାମ ପାଇ ନାହାନ୍ତି ବୋଲି ପ୍ରାଣନାଥ ଯେତିକି ପ୍ରକାରେ ବୁଝେଇ କହିଲେ ମଧ୍ୟ ମାଳି ସେ କଥାକୁ କାନ ନ ଦେଇ ଧୀରେ ଧୀରେ କହି ଚାଲିଥିଲା, "ହଜାରେ କି ସାଆନ୍ତେ ? ନା ଦି ହଜାର ? ନହେଲେ ? ତିନି ହଜାର ?"

ମାଳିର ମୁହଁଭଙ୍ଗୀ ଆଉ ଚରମ ପରିମାଣ ଜାଣିବା ଆତୁରତା ଦେଖି ପ୍ରାଣନାଥଙ୍କ ଗାମ୍ଭୀର୍ଯ୍ୟ ହଜିଗଲା

ମୁହୂର୍ତ୍ତିକ ପାଇଁ । ଶେଷ ତା ମୁହଁକୁ ଚାହିଁ ଉଚ୍ଛ୍ୱସିତ କଣ୍ଠରେ ହସିଉଠିଲେ ଅତି ଉଲ୍ଲାସିତ ହୋଇ ପରି । ମାଳି ପ୍ରାଣନାଥଙ୍କ ହସ ସାଙ୍ଗରେ ନିଜର ହସ ମିଶାଇ ହସି ହସି ତାଙ୍କର ପାଦ ଉପରେ ଗଡ଼ପଡ଼ି ପୁଣି ଉଠି ମୁହଁକୁ ଚାହିଁ କହିଲା, "ଯୋଉଡେଇ ହେବ କି ସାଆନ୍ତେ ? ମୁହଁ ଦେଖିଲେ, ହସ ଶୁଣିଲେ ସବୁ ଜଣା ପଡ଼ିଯାଉଛି । ପଇସା ପାଇବା ମୁହଁ କିନ୍ତେ, ମୁହଁ ସାଆନ୍ତେ ! ହେଲେ କେତେ କାଳକେ କଥାଟାଏ ହେଲା ।"

ମାଳି ତାର ସନ୍ଦେହ ମୋଚନ କରି ଯିବା ଉଦ୍ୟମରେ ଉଠୁ ଉଠୁ ପୁଣି ବସି ପଡ଼ି କହିଲା, "ସାଆନ୍ତେ, ମୋର ଗୋଟିଏ ପ୍ରାର୍ଥନା ଅଛି । ସାଆନ୍ତେ ତ ବିଦେଶକୁ ଯିବେ । ଘର ବଗିଚା ଖାଲି ପଡ଼ିବ । ଗାଈ ହଳେ ଦେଖିଛି । ଘରେ ତ ଆଉ ଥାନ ନାହିଁ । ସାଆନ୍ତଙ୍କ ବଗିଚା ଭିତରେ ଗୁହାଳ ଖଣ୍ଡିଏ କରି ରଖିବି । ପଦର ଭିତରୁ ଘାସ ଖାଇ ଗାଈ ବଞ୍ଚିଯିବେ । ମକା, ଜହ୍ନି ମଧ କରିବି । ଆଉ ଥରେ ଆସି ଦେଖିବେ, ଘର ବାରି ସବୁ ଲକ୍ଷ୍ମୀ କୋଠାପରି କରି ରଖିଥିବି ।"

"ହେଉ, ମୁଁ ଚିନ୍ତାକରି କହିବି ।"

## ବାଇଶି

ଇତିମଧ୍ୟରେ ଆଉ ଦୁଇ ଚାରି ଦିନ ଅତୀତରେ ମିଶିଗଲାଣି । ରାମ ମାଳୀ ବଡ଼ ସକାଳୁ ଉଠି ସ୍ନାନକରି ହତା ଭିତରେ ଗୋଟିଏ କୋଣକୁ ଆମ୍ବମୂଳେ ବସି ଭଜନ ଗାଉଥିଲା—

"ତବ ଶ୍ରୀପଦୁରେ ଶରଣ ପଶିଛି
ସଂଶୟ ନ କର ପ୍ରଭୁ ହେ !
ତବ ମୁଖ ଚାହିଁ ଗୁଣ ତବ ଗାଇ
ଏ ମୋର ଜୀବନ ଯାଉ ହେ !
ଅଞ୍ଜଳି ମୁଁ କରି ମୋର ମନ ପ୍ରାଣ
ପଦତଳେ ତବ କରୁଛି ଅର୍ପଣ
ତୁମେ ତୋଳନେବ ତନ୍ତୁ ମୋ ଈଶ୍ୱର
ବଢ଼ାଇ ବଳାଣ୍ଡ ବାହୁ ।
ସବୁଅଙ୍ଗେ ମୋର ଅଛ ବୋଲି ପୁରି
ରଖିବ ଏତନ୍ତୁ ଶୁଦ୍ଧ ପୂତ କରି
ଝରି ପଡୁଥିବ ଭକତର ଅଶ୍ରୁ
ତୁମ କଥା କହୁ କହୁ ।"

ହତା ଭିତରେ ପୂର୍ବକୋଣକୁ କୃଷ୍ଣ ଧୋବାର ଘର । କୃଷ୍ଣର ପୁଅ ଗୁରା ଧାଇଁ ଧାଇଁ ରାମ ପାଖକୁ ଆସି କହିଲା, "ମାଳୀ ହୋ, ଶୁଣିଲଣି ବିଶ୍ୱାଳବାବୁଙ୍କ ସ୍ତ୍ରୀର୍ଯ୍ୟାଟାକୁ ତାଙ୍କ ଘରେ କିଏ କେଜାଣି ମାରି-ଦେଇଛି । ତାଙ୍କର ଟଙ୍କା ସୁନା ସବୁ ଧରି ପଳେଇ ଯାଇଛି ।"

ଗୁରା ଯିମିତି ଧାଇଁ ଆସିଥିଲା, ସିମିତି ଧାଇଁ ପଳେଇଗଲା ରାମ ପାଖରୁ ।

ରାମ ନିଦରୁ ଉଠିଲା ପରି ଚାରିଆଡ଼କୁ ଚାହିଁ ଦେଖିଲା, ଜ୍ୟୋତ୍ସ୍ନା ଶେଷରେ ସକାଳ ସୂର୍ଯ୍ୟ ସ୍ୱୋଧ-ଉଜ୍ଜ୍ୱଳ ମୁହଁ କରି ଉଠି ଆସୁଛନ୍ତି ଉପରେ ଆଡ଼କୁ । ଗଛଲତା ସବୁ ଦୋହଲି ଉଠୁଛି କାଲି ସକାଳ ପରି । ଟିକିଏ ଦୂରରେ କୃଷ୍ଣ ଧୋବା ଆଉ ତା' ସ୍ତ୍ରୀ ଠିଆହୋଇ କଅଣ କେଜାଣି କଥାବାର୍ତ୍ତା ହେଉଛନ୍ତି, କିଛି ଶୁଭୁ ନାହିଁ । ଗୁରାର କଥା କେତେପଦ ସ୍ୱପ୍ନରେ ଶୁଣିଲା ପରି ଲାଗିଲା ରାମକୁ । ତାର ମନେ ପଡ଼ିଗଲା, ଏଇ ଚାରି ଦିନ ଆଗରେ ବନ ବିଶ୍ୱାଳ ତାକୁ କହୁଥିଲା, ଇମିତି ତାର ଦୁର୍ଭାଗ୍ୟ ଯେ ସେ ଯେଉଁଠୁ ଯେତେ ପଇସା ଆଣୁଛି, ସବୁନେଇ ତା ସ୍ତ୍ରୀ ସାରିକା କେବଳ ଅଳଙ୍କାର କିଣି ଦେଉଛି । ନାରୀସମାଜର ଉନ୍ନତି ସାଧନ କରିବ ବୋଲି କେଉଁଠି କେଉଁଠି ସଭା ମଧ୍ୟ କରୁଛି । ଏଇ ସଭାମାନଙ୍କରେ ଯୋଗଦେବା ନିମନ୍ତେ ତାର ନିତି ନୂଆଁ ଶାଢ଼ୀ, ଅଳଙ୍କାର ଆବଶ୍ୟକ ହୋଇଉଠୁଛି । ବନ ବିଶ୍ୱାଳ ବାଧାଦିଏ ନାହିଁ । ବିସ୍ମୟାଭିଭୂତ ହୋଇ ସ୍ତ୍ରୀର କଥା ଶୁଣିଯାଏ । ମନେ ମନେ ଭାବେ, କି ଆଶ୍ଚର୍ଯ୍ୟ ଶକ୍ତି ଏଇ ସ୍ତ୍ରୀଲୋକଟାର ! ଆଉ ଚାରି ଅକ୍ଷର ପଢ଼ିଥିଲେ, ସତେ କଅଣ ସେ ନ କରି ପାରନ୍ତା ! ବନ ବିଶ୍ୱାଳ ଏଇ ବିଶ୍ୱାସର ବଶବର୍ତ୍ତୀ ହୋଇ ସାରିକାକୁ

ଆବଶ୍ୟକତାରୁ ଅତ୍ୟଧିକ ପରିମାଣରେ ଉତ୍ସାହ ହୁଏ। ସ୍ତ୍ରୀଙ୍କ ଅପବ୍ୟୟ କମ୍ବା ଅନ୍ତବ୍ୟୟ କଥା ଭୁଲିଯାଏ।

ରାମର ମନେ ପଡ଼ିଲା, ସାରିକା ସେଦିନ କହୁଥିଲା, "ରାମଭାଇ ! ତୁମେ ସେଇ ପୁରୁଣାକାଳିଆ ମଣିଷ ହୋଇ ରହିଗଲ। ସାହସ କରି ବୁଢ଼ୀଟାକୁ ନେଇ କୋଉ ହେଲେ ହସପିଟାଲରେ ଛାଡ଼ିଦେଇଥାନ୍ତ। ଆଉ ଶୈଳ ଦେଈଙ୍କ କଥା, ତାଙ୍କୁ ଅନାଥ ଆଶ୍ରମରେ ଛାଡ଼ିଦିଅ।" ସେ କେବଳ ତା ମୁହଁକୁ ଚାହିଁଥିଲା। ସେ ବନ୍ଧୁର ସହିତ କହିଯାଉଥିଲା– "ଦେଖନ୍ତୁ ରାମଭାଇ ! ଗାଆଁରେ ମୋ ଅବସ୍ଥା କଅଣ ହୋଇଥିଲା, ଆଉ ଏବେ ! ଦିନକୁ ଦିନ ପରା ସ୍ତ୍ରୀମାନଙ୍କର କାର୍ଯ୍ୟକ୍ଷେତ୍ର ବିସ୍ତାର ହୋଇ ଚାଲିଛି। ଗୋଟିଏ ଅଦ୍ଭୁତ ସ୍ୱଭାବର ମନୁଷ୍ୟ। ହସାରଟା ସତ୍ୟ କି ମିଥ୍ୟା ଏକଥା ସେ କେବେ ଭାବେ ନାହିଁ। ଜୀବନର ପଥ ନିର୍ଦ୍ଦେଶ କରିବା ଶକ୍ତି ତା'ର ଥିଲେ ହେଲେ ନ ଥାଏ। ସ୍ୱାଧୀନତା ଆନ୍ଦୋଳନରେ ପ୍ରବେଶ କଲା। କିନ୍ତୁ ତାର ଫଳାଫଳ ପୁଣି ସେ କାର୍ଯ୍ୟ ସହିତ ନିଜ ଜୀବନର ସମ୍ବନ୍ଧ ଇତ୍ୟାଦି ଭାବିବାକୁ କେବେ ଚିନ୍ତା କରେ ନାହିଁ। କେବେ କୌଣସି ବନ୍ଧୁଙ୍କଠାରୁ ଏ ସମ୍ବନ୍ଧରେ କିଛି ଗୋଟାଏ ଶୁଣିଲେ ସେ କଥା ନେଇ ଗଭୀର ଭାବରେ ଆଲୋଚନା ନ କରି, ମନ ଭିତରକୁ ଆସିଥିବା ଭାବନାଟି ଶୀଘ୍ର ପୋଛି ପାଛି ଫିଙ୍ଗିଦେଇ ଉପରେ ଉପରେ ଭାସି ଭାସି କାର୍ଯ୍ୟ କରିଯାଏ। ବନ ବିଶ୍ୱାଳର ସ୍ତ୍ରୀ ସାରିକା ହଜାରେ ପ୍ରକାର ସାଧାରଣ କାର୍ଯ୍ୟରେ ହାତ ଦେଇ ସତେ ଯିମିତି ସମଗ୍ର ପୃଥିବୀଟାକୁ ହାତରେ ଉନ୍ନତ ମାର୍ଗକୁ ଉଠେଇନେଇ ଯାଉଛି, ସେଇ ପରି ଭାବଭଙ୍ଗୀ ପ୍ରକାଶ କରେ। ଗୋଟାଏ କଥା ମଧ୍ୟ କହେ, ଯେଉଁ କଥାରେ କି ବାହୁଏ ହେଲେ ସତ୍ୟତା ନ ଥାଏ। କହେ—ଶୈଳଦେଈ ଯାହା ଇଚ୍ଛା ତାହା କରିପାରିବେ। ନାଟକ ଅଛି, ସିନେମା ଅଛି, ଗୀତ ନାଚ ଶିଖିଲେ ମଧ୍ୟ କାମ ମିଳିଯିବ। ପାଠଶାଠ ପଢ଼ିଦେଲେ ପରା, କିଛି ନ ହେଲେ ଇସ୍କୁଲ ମାଷ୍ଟ୍ରାଣୀ ହୋଇଯିବେ। ମୋତେ କହିବ ଯାହା ସବୁ କରିଦେବ। ତା କଥା ଶୁଣି ମୋର ବିଶ୍ୱାସ ହେଲା, ସାରିକାର ମାତୃହୃଦୟ ଅଚେତନ ହୋଇ ପଡ଼ି ରହି ଅବଶେଷରେ ମରିଯାଇଛି। ଆହା, ଇମିତି ଗୋଟାଏ ଜୀବ ଜନ୍ମ ହୋଇଥିଲା, ମନୁଷ୍ୟ ହେଲା ନାହିଁ କି ପଶୁ ହେଲା ନାହିଁ !

ହଠାତ୍ ରାମର ମନେ ପଡ଼ିଗଲା, ପତିତପାବନଙ୍କ ନାତୁଣୀର ବିଭାଘର ଆଜି ଦ୍ୱିତୀୟା ତିଥିରେ। ରାମର ହାତ ଫୁଲମାଳଟି ସେ ଚାହିଁଥିଲେ। ସକାଳବେଳା ବିବାହ ଲଗ୍ନ। ସେ ସବୁ କଥା ଭୁଲିଯାଇ ସବୁପ୍ରକାର ଫୁଲରୁ ମୁଠାଏ ତୋଳିନେଇ ମାଳାଟିଏ ଗୁନ୍ଥି ଧାଇଁଗଲା ପତିତପାବନଙ୍କ ଘର ଆଡ଼କୁ।

ରାମର ଦେହରେ ଗାଧୋଇ ଆସିବା ସମୟର ସେଇ କଷ ଗାମୁଛା ଖଣ୍ଡିକ। ପରିଧାନ ଆଉ ଖଣ୍ଡିଏ ଗାମୁଛା। ହାତରେ କଦଳୀପତ୍ରରେ କଦଳୀ ପଟୁକାରେ ବାନ୍ଧିଦେଇଛି ଫୁଲ ପୁଡ଼ାଟି।

ପତିତପାବନଙ୍କ ଘରର ଦୁଆର ମୁହଁରେ ହୋଇଥିଲା ନଡ଼ିଆ ବାହୁଙ୍ଗାରେ ଗୋଟିଏ ଛୋଟ ଛାମୁଣ୍ଡିଆ। ପ୍ରଥମ ଦୁଆର ବନ୍ଧରେ ବନ୍ଧା ହୋଇଥିଲା ଆମ୍ବପତ୍ରର ତୋରଣ। ରାମ ଚାରିଆଡ଼କୁ ଚାହିଁ ଭିତରକୁ ପାଦ ବଢ଼େଇଲା। ଦାଣ୍ଡଘର ପାର ହୋଇ ଗଲା ଅଗଣା ଆଡ଼କୁ। ଅଗଣାର ବେଦୀ ପାଖକୁ ବସି ଶଙ୍ଖୁଆ ଶଙ୍ଖ ବଜାଉଛନ୍ତି। ବେଦୀ ପାଖର ବାରଣ୍ଡାରେ ଗ୍ରାମ୍‌ଫୋନ ରେକର୍ଡ଼ରେ ବାଜୁଛି, "ବିଭୂଷଣ ଘୁଞ୍ଚେ ଯା କାନ୍ତି ଜାଣ ବିଭୂଷଣ କରି କନ୍ୟାକୁ ଆଣ।"

ପତିତପାବନ ଘରଆଡ଼ୁ ଆସି ରାମ ମାଳୀକୁ ଦେଖି ଆବେଗରେ ରାମର ହାତ ଧରିପକେଇ ଫୁଲପୁଡ଼ାଟି ନେଇ ନେଇ କହିଲେ, "ମୋ ସ୍ତ୍ରୀଙ୍କୁ ମୁଁ ଏଇକ୍ଷଣି କହୁଥିଲି, ରାମ ନିଶ୍ଚୟ ଆସିବ। ଆଜି ମୋର ମନେ ପଡ଼ୁଛି ଯେଉଁ ସମୟରେ ଓଡ଼ିଶାଦେଶକୁ ସ୍ୱତନ୍ତ୍ର କରିବା ପାଇଁ ଆମେମାନେ ଲାଗିଥିଲୁ, ତୁ ଥିଲୁ କଲେକ୍ଟର କୋଠାର ମାଳୀ। ରାତସାରା ସେପାଖରେ ରହି ମୁଁ ଡାକିଦିଏ ତୋତେ। ତୁ ଫୁଲମାଳ ପୁଡ଼ାଟି ବଢ଼େଇ ଦେଇ ସେପାଖରେ ରହୁ। କେତେ ଦୁଃଖ

ନିଷ୍ଠା ସହ ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଦାବୀ ଉପସ୍ଥାପିତ କରିଥିଲେ ନେତାମାନେ । ଦେଶର ଏତେ ବଡ ମହାମନସ୍କ ରୂପ ତ ସେଦିନ ଦେଖି ନ ଥିଲି ।”

ରାମ ହସିଦେଇ କହିଲା, “ଆପଣ ସିନା ଆଜ୍ଞା, ପିତୃପିତାମହଙ୍କ ଦୁଃଖ ଦେଖିଥିଲେ, ଶୁଣିଥିଲେ, ତେଣୁ ଏତେ କଥା ଭାବୁଛନ୍ତି ।”

“ଯିଏ ନ ଭାବୁଛି ନ ଭାବୁ । ମୁଁ ଭାବି ଭାବି ସ୍ଥିର କରିଛି, ଶେଷ ସମୟକୁ ଗାଆଁକୁ ଯାଇ ଗାଆଁ ଲୋକଙ୍କର ହିତ କାର୍ଯ୍ୟରେ ଲାଗିବି ।”

“ହିତକାର୍ଯ୍ୟ କରିବି ବୋଲି କହି କହି କଲେ କ'ଣ କେହି ବିଶ୍ୱାସ କରିବେ ନା ସେ ଦୟା କେହି ଗ୍ରହଣ କରିବେ ? ହିତ କରିବା ଇଚ୍ଛା ଯଦି ହେଉଛି ସେ କାର୍ଯ୍ୟରେ ସୀମିତ ହେବ ଏଠି ଇଚ୍ଛା କରିପାରିଲେ ମଧ୍ୟ ସେଇ ଗୋଟିଏ କଥା ହେବ । ସବୁଠି ଭଲ ମନ୍ଦ ବିଶ୍ୱାସ ଅବିଶ୍ୱାସ ମିଶି ରହିଛି । ଏଠିର ଲୋକ ମନ୍ଦ, ସେଠିର ଲୋକ ଭଲ ବୋଲି ମୁଁ କିଛି ଜାଣିପାରୁ ନାହିଁ । କ୍ଷମା କରିବେ ଆଜ୍ଞା, ମୂର୍ଖଲୋକ ମୁଁ, କଅଣ ଜାଣିଛି ।”

ପତିତପାବନ କଅଣ କହିବାକୁ ଯାଉଥିଲେ, ତାଙ୍କ ସ୍ତ୍ରୀ ଘର ଭିତରୁ ବାହାରିପଡ଼ି କହିଲେ—“ଓ ରାମ ମାଳୀ ଆସିଛ ! ସେଥିପାଇଁ ସ୍ୱାମୀଙ୍କର କଥାର ସୁଅ ଛୁଟିଚାଲିଛି । କଅଣ ଗୋଟାଏ ଲେଖୁଥିଲେ, ସେ ଲେଖା ସିମିତି ପଡ଼ିଛି । ଆଜିକାଲି ଲାଗିଛି କେବଳ ପ୍ରାଚୀନ ସାହିତ୍ୟ ଆଲୋଚନା । ଘରେ ଖାଲି ଭଞ୍ଜଙ୍କ ଛାନ୍ଦ ଗୀତ ଛଡ଼ା ଅନ୍ୟ କୌଣସି ଗୀତ ହେଉନାହିଁ । ବଙ୍ଗଳା ଗୀତ ଶୁଣିବାକୁ ମୋତେ ଟିକିଏ ଭଲ ଲାଗେ । ସେ ଏବେ ଧରି ବସିଛନ୍ତି, ସେ ଭାଷାର ଗୀତ ଏ ଘରେ ଚଳିବ ନାହିଁ । ସେଇମାନେ ହିଁ ମୋର ଭାଷାଟାକୁ ଲୋପ କରିଦେବାକୁ ବସିଥିଲେ । ଏ ଦେଶର ଲୋକଙ୍କୁ ସେମାନେ ଭଲ ପାଉ ନାହାନ୍ତି, ସମ୍ମାନ ଦେଉ ନାହାନ୍ତି । ଏମିତି ଗୋଟାଏ ଜିଦ ଧରିଛି, କେବଳ ଓଡ଼ିଆ ଭାଷାରେ ଦେଶଟାକୁ ଭସାଇ ଦେବେ । ଭଗୀରଥ ଗଙ୍ଗାଙ୍କୁ ଆଣି ଷାଠିଏ ସହସ୍ର ପିତୃପୁରୁଷଙ୍କ ପାବନଦାନ କରିଥିଲେ । ଏବେ ଯାହାକୁ ଦେଖିଲେ, ସେଇକଥା କହୁଛନ୍ତି । ଗାଆଁକୁ ଯାଇ ଲୋକହିତ କରିବେ । ବେଳେ ବେଳେ ଏମିତି ଅସ୍ଥିର ହେଉଛନ୍ତି ଯେ ମୋ ନାତୁଣୀ ଆସି ସ୍ୱାମୀଙ୍କୁ ବୁଝେଇ କହୁଛି । ଆଜିର ଇଚ୍ଛାଟା କାଲିକି ବଦଳେଇ ଦେଉଛନ୍ତି । ଆଗେ ଆପଣା ଆତ୍ମାର ହିତ କରନ୍ତୁ । ତୁମେ ଭଲ ରାମମାଳୀ, ମୋ ନାତୁଣୀର ବାହାଘରେ ତୁମର ପହିଲେ ପାନ ପଡ଼ୁ ।”

ରାମ ହାତ ଯୋଡ଼ିଦେଇ ବୁଢ଼ୀଙ୍କ ମୁହଁକୁ ଅନାଇଁ କହିଲା, “ମୁଁ ବନବିହାରୀଙ୍କ ଘରଆଡ଼େ, ଏଇକ୍ଷଣି ଆସିବି ଆଜ୍ଞା, ଆସିଲେ ଖାଇବି ।”

* * *

ବନ ବିହାରୀଙ୍କ ଦୁଆର ଠେଲି ରାମ ପ୍ରବେଶ କଲା ଭିତରକୁ ।

ଘରଟା ସେତେ ବଡ଼ ନୁହେଁ । ପ୍ରଥମ-ବାରଣ୍ଡା । ବାରଣ୍ଡାରେ ଚଉକି, ବେଞ୍ଚ ପଡ଼ିଛି । ତାପରେ ସିଟିଂ ରୁମ୍ । ରାମ ସିଟିଂ ରୁମ୍ ପାରି ହୋଇ ଆସିଲା ଅଗଣା ବାରଣ୍ଡାକୁ । ବନ ବିହାରୀଙ୍କ ବୁଢ଼ୀ ମାଆ ହାଣ୍ଡିରେ ଚା' ପାଣି ବସେଇ ଦେଇ ଗାଲରେ ହାତ ଦେଇ ପାହାଚ ଉପରେ ଗୋଡ଼ ରଖି ବାରଣ୍ଡାରେ ବସିଛି । ଚା' ପାଣି ଫୁଟୁଚି । ବୁଢ଼ୀ ଢୁଳାଉଛି ।

ରାମର ପାଦଶବ୍ଦ ଶୁଣି ବୁଢ଼ୀ ଚମକି ଉଠିପଡ଼ି ରାମର ହାତ ଦିଟା ଧରି ପକେଇ କହିଉଠିଲା, “ଦେଖ ଗୋ ପୁଅ, କେଡ଼େ କଥା ହୋଇଗଲା ! ମୁଁ ତାକୁ କହିଲି ପୁଅ ଘରେ ନାହିଁ, ଘର ଭିତରେ ଶୋ । ସ୍ତ୍ରୀର କୋ ବାପ ଆଣିଥିବା ପୁରୁଣାରେ ଗ୍ରାଉ ଉପରେ-ଖଟ ଶେଯ ପାରି ଶୋଇଥିଲା । କହିଲା ପୁଅ ? ତମେ-ଅଭିମାନ ସୁଅ, ମୁଁ ସବୁ କଥା ଜାଣେ । ଯେତେ ଯାହା ହୋଇଗଲେ ମଧ୍ୟ ଖୋଲା ପେଟ ଉଘେଇ ଶୋଉଛି-କା । ଏଠିକି ଆସିଲାଠୁ ମୋତେ କ ଚା'ପାଣି ଶିଖେଇଲା ଯେ, ସେ ପାଣି ଦିନେ ନ ପିଇଲେ ମୋର ଚଳୁ ନାହିଁ ।”

ବୁଢ଼ୀ ବଜର ଖଜର ହୋଇ ରାମକୁ ସବୁପ୍ରକାର ସମ୍ବାଦ ଦେଇ ଦେଇ ସେଲଫରୁ କପ୍, ପ୍ଲେଟ୍, ଚିନି,

ଦୁଧ ଦେଇ ଦୁଇ କପ୍‌ରୁ ଚା ଶେଷାର କରିଆଣି ଗୋଟିଏ କପ ବଢ଼େଇ ଦେଲା ଶ୍ୟାମ ହାତକୁ ।

ସେ' କପ୍‌ଟାକୁ ଧରି ଫୁଙ୍କି ଫୁଙ୍କି ପିଇଦେଇ ବୁଢ଼ୀ କହୁଥିଲା, "ଦେଖିବ୍ ଶୁଣ ଗୋ ପୁଅ ! ଏକାଥରକେ ତ ମୁହଁରେ କ୍ଲବ୍ରୀ ବାନ୍ଧି ଦେଇ ସବୁ ନେଇଯାଉଛ । ଶାଢ଼ୁଣିଆଁ ପିଲାଟାକୁ ପଠେଇ ଦେଇଛ ଧୋଇସିଲ କରିଦେଇ ଆସିବ । ଘରେ ଆଉ କିଏ ଅଛି ଯେ କାହାକୁ ଧରି କି କଥା କହିବ ! ବନୁ କୁଆଡ଼େ ଯାଇଛ କେଜାଣି, ଆଠଦିନ ହେଲା ଘରେ ନାହିଁ । ଭଲ ହେଲା ପୁଅ, ଏ ମାଇକିନା ଝିଅଟା ସୀମା ଡେଇଁ ଧାଇଁଲା । ସଂସାର ଗୋଟାପାକରୁ ଋଣ ଉଧାର ଆଣି ସୁନା କଣିଥିଲା ଗୋ ପୁଅ ! ଆଉ ସେ ଶାଢ଼ୀ ଅଙ୍ଗୀ କଥା କସ କରିବ ? ଶୁଣ ଦେଖିବ, ଆଲମିରା ପେଡ଼ି ଖାଲି ପଡ଼ିଛ । ଶାଢ଼ୁଣିଆଁକୁ କହିଥିଲା, ଶାଢ଼ୀ ଇସ୍ତ୍ରୀ କରି ଆଣିଲେ ପିନ୍ଧିକରି ସଭାକୁ ଯିବ । ସ୍ୱାର ବୋପା-କାକେ ଇସ୍ତ୍ରୀ ଶାଢ଼ୀ ପିନ୍ଧିଥିଲା ନା ? ପକେଇଲା ପାଣି ଟିକିଏ ଦେଇ ନ ଥିଲା । ଝିଅଟା ଆସିଥିଲା ଯେ, ଏତେ ଶାଢ଼ୀ ରଖିଥିଲା, ଖଣ୍ଡେ ହେଲେ ଦେଇଥାନ୍ତା ! ହେଇଟି ନେଲା ମୁଣ୍ଡରେ ମୁଣ୍ଡେଇ । ଋଣ କରି ଆଣି ସୁନା, ଶାଢ଼ୀ କରୁଥିଲା । ଜନ୍ମକଲା ପୁଅ ହେଲେ କି ହେଲା, ବନୁଟା ଇମିତି ମାଇଚିଆ ହେଇଗଲା ଯେ ମାଇପଟା କଥାରେ ଉଠୁ ବୋଇଲେ ଉଠିଲା, ବସ ବୋଇଲେ ବସିଲା ।"

ଶ୍ୟାମ ବନମାଆର କଥା ଶୁଣି ପାହାଚ ଉପରକୁ ପାଦ ଉଠେଇ ଚାଲିଯାଇଥିଲା ମାରିବରେ । ଉପର ବାରଣ୍ଡାକୁ ଉଠୁ ଉଠୁ ଦେଖିଲା, ଲେଟ ଫିଟା ଖଟ ଉପରେ ଚିତ୍ ହୋଇ ପଡ଼ିଛି ବନ ବିଶ୍ୱାଳଙ୍କ ସ୍ତ୍ରୀ ସୁଲୋଚନା । ତା' ମୁହଁ ଓ ନାକ ଶକ୍ତ କରି ବନ୍ଧା ହୋଇଛି ଗୋଟିଏ ଶାଢ଼ୀରେ ।

ଶ୍ୟାମ ଅଗ୍ରସର ହୋଇ ଉଚ୍ଚଲେଇଦେଲା ସାଡ଼ିକାର ଦେହଟାକୁ । ମୁହଁର ବନ୍ଧନକୁ ଖୋଲି ଦେବାକୁ ହାତ ବଢ଼େଇ ପୁଣି ହାତ ଘଞ୍ଚେଇ ନେଇ ଠିଆ ହୋଇଗଲା ଶୁଣ୍ଡ ପଡ଼ ।

କେଉଁଠୁ ଶେଷରେ ଖାଲି ସୁର୍ଯ୍ୟଘାତ ଅଜାଣୁ ଘଟଣା ପଡ଼ିଯାଇଛି ଗୋଟାକଯାକ ବାରଣ୍ଡାରେ । ସାଢ଼େସାତର ମାଟିପିଣ୍ଡିଟା ପଡ଼ିଛି ଫିଟା ଖଟ ଉପରେ । ଶ୍ୟାମ ଯିମିତି ମାରିବରେ ତଳୁ ଉପରକୁ ଆସିଥିଲା, ଠିକ୍ ସିମିତି ମାରିବରେ ଓହ୍ଲେଇ ଯାଉଥିଲା, ଏଣ୍ଡ୍ ସମୟରେ ତଳ ଆଉ ଦୁଇଜଣ କନେଷ୍ଟବଳ ସହିତ ବନ ବିଶ୍ୱାଳଙ୍କ ଶାଢ଼ୁଣିଆ ଉଠିଆସିଲେ ଉପରକୁ । ଶ୍ୟାମ ଆଉ ବନର ମାଆ ପଛେଇଯାଇ ଠିଆହେଲେ ଛାତ ଉପରେ ।

ଶ୍ୟାମକୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଗଲେ ଦୁଇଜଣ ନଗରରକ୍ଷୀ । ଶବକୁ ଦେଖିସାରି କନେଷ୍ଟବଳ ଦୁଇ-ଜଣ ପ୍ରଶ୍ନ କଲେ ଯେ, ପ୍ରଥମରେ ଶ୍ୟାମ କାହାଠୁଁ ସମ୍ବାଦ ପାଇଲା ? ଧୋବାପିଲା ଶୁଣ୍ କିମିତି ଜାଣିଲା ? ବନର ଶାଢ଼ୁଣିଆ ସନ୍ଦେହ ମୋଚନ କରିଦେଲା ସେକ୍ଷଣି । ଭୋରରୁ ଉଠି ସେ ଯାଇଥିଲା ସାରିକାର ଶାଢ଼ୀ ଆଣିବାକୁ, ଶୁଣ ମଇଳା ଲୁଗା ନେଇଯିବ ବୋଲି ତା ସାଙ୍ଗରେ ଉପରକୁ ଗଲା, ସାରିକା ମରି ପଡ଼ିଥିବା ଦେଖି ସେହିଁ ଧାଇଁ ଧାଇଁ ତଳକୁ ଚାଲିଗଲେ ।

ବନ ବିଶ୍ୱାଳ ଟେଲିଗ୍ରାମ୍ ପାଇ ଉଡ଼ାଜାହାଜରେ କଲିକତାରୁ ଆସିଲେ ଉଚ୍ଚରଓଳ । ପୋଲିସର ଘନ ଘନ ଯିବାଆସିବା, ପଚାରିବା, କହିବା, ଅନୁସନ୍ଧାନ କାର୍ଯ୍ୟ ଚାଲିଥିଲା ଦିନ ଗୋଟାକଯାକ । ଡାକ୍ତର ଆସି ପରୀକ୍ଷା କରି ଦେଖିଲେ, ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି ।

ଶେଷ କାର୍ଯ୍ୟ କରିବାକୁ ହେବ । ଶ୍ୟାମ ସେଥିର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେଦିନ ତା' ବସାକୁ ନ ଯାଇ ରହିଛି । ଜଗତର ଲୀଳା ଦେଖି ସେ ମୌନ ହୋଇ ନିଜକୁ ଭାବନାସ୍ରୋତରେ ଭସାଇ ଦେଇଛି । ସେ ବନ ବିଶ୍ୱାଳ ସ୍ତ୍ରୀର ଶବ ପାଖରେ କେବଳ ସ୍ତବ୍ଧ ହୋଇ ଠିଆହୋଇ ରହିଛି । ତା'ର ଶୁଷ୍କ ଆଖିରୁ ବିନ୍ଦୁଏ ମଧ୍ୟ ଅଶ୍ରୁ ବୁହାଇ ପାରୁନାହିଁ ।

ଶବକୁ ଘରୁ ଉଠେଇନେଇ ଯିବାକୁ ଯେତେବେଳେ ଆୟୋଜନ ଲାଗିଲା, ଶ୍ୟାମ ତଳ

ବିଶ୍ୱାଳଙ୍କ ପିଠିରେ ହାତ ରଖି ମୁହଁକୁ ଅନେଇ କହିଲା, "ହଇ ହୋ ବନବାବୁ, ରାଜନୀତିରେ ପଶି ତ ମଣିଷର ଧର୍ମ, ଶୋକ, ସନ୍ତାପ, ଭୟ, ଭାବନା ସବୁ ଛାଡ଼ିଲ । ପିଲାଗୁଡ଼ାଙ୍କୁ ନେଇ କେଉଁଠି ଛାଡ଼ିଛ ? କିଛି ନ ହେଲେ ମଧ୍ୟ ମାଆର ମଲା ମୁହଁଟାକୁ ଟିକିଏ ଦେଖିବେ ନାହିଁ !"

ଦୁଇଟି ଝିଅ, ଗୋଟିଏ ପୁଅ । ବଡ଼ ଝିଅକୁ ବାର ବର୍ଷ । ତା ତଳକୁ ଅନ୍ୟ ଦୁଇଟି । ସେମାନେ ଆସିଲେ । ବନ ଶୂନ୍ୟଦୃଷ୍ଟିରେ ଚାହିଁ ରହିଲା ପିଲାଙ୍କ ମୁହଁକୁ ।

ଆଗକୁ ଆସି ସାନ ଝିଅଟି କହିଲା, "ସନ୍ଧ୍ୟାବେଳକୁ ପଢ଼ିବାକୁ ହେବ ବୋଲି ମିସ୍ ଜନ କହିଥିଲେ, ସ୍କୁଲ ଏଥର ଯିବା ।" ଅନ୍ୟ ପିଲା ଦୁଇଟି ବନ ଆଡ଼କୁ ଅନାଇଁ କହିଲେ, "ଆମର ମଦର ଯୋସେଫ ମରିଗଲେ ସେ ଆମେ ସବୁ ସମାଧି ପାଖକୁ ଫୁଲ ଧରି ଯାଇଥିଲୁ । କେତେ ଲୋକ ଆସିଥିଲେ । ପ୍ରିଷ୍ଟ ଆସି ପ୍ରାର୍ଥନା କଲେ ।" ପୁଅ କହିଲା, "ବୁଢ଼ୀଟା କମିତି ରଡ଼ିକରି କାନ୍ଦିଲା ଦେଖିଛୁ ?" ତିନିହେଁ ଗୋଟାଏ ପାଖକୁ ଠିଆହୋଇ କଥାବାର୍ତ୍ତା କରୁଥିଲେ ।

ବନର ଆଖି ଓଦା ହୋଇଗଲା । ସେ ସାନ ପୁଅଟିକୁ ଜାବୁଡ଼ି ଧରି ପକେଇ କାନ୍ଦିଉଠି କହିଲା, "ଘରୁ ସ୍କୁଲକୁ ଗଲାବେଳକୁ "ମୋ ମାଲେ, ମୋତେ ଛାଡ଼ନା, ମୋତେ ଛାଡ଼ନା, ମୁଁ ତୋ ପାଖରେ ଥିବି" ବୋଲି କେତେ କାନ୍ଦିଥିଲୁ । ତୋ ମାଆ ଦେଶକାର୍ଯ୍ୟ କରିବାକୁ ସମୟ ପାଉ ନାହିଁ ବୋଲି ନିଷ୍ଠୁର ହୋଇ କୋଳରୁ ଉଠେଇନେଇ ଛାଡ଼ିଦେଇ ଚାଲିଆସିଲି । ତୁମେମାନେ ଏବେ ମାଆକୁ ପାସୋରିଦେଲ ! ରାମ ଭାଇ ! ସ୍ତ୍ରୀ ଗଲା, ସଂସାର ଗଲା । ପିଲାଏ ମଧ୍ୟ ଗଲେ ।"

ବୁଢ଼ୀମାଆ ଆଖି ପୋଛି ପୋଛି କହିଲା, "ପିଲାଙ୍କୁ ଧରି ଏଥର ଥୟ ହୋଇ ରହିଯାଆରେ ବାପ ! ଆଗ ତୋ ପିଲେ ମଣିଷ ହୁଅନ୍ତୁ, ଦେଶ କଥା ଦେଶ ଦେଖିବ ।"

## ତେଇଶି

ଜ୍ୟେଷ୍ଠ ପୂର୍ଣ୍ଣିମା ଆଉ ଦିନେ ମାତ୍ର ବାକି ଥିଲା । ଗୋଟାଯାକ ଦିନର ପ୍ରଚଣ୍ଡ ରୌଦ୍ରତାପ ପରେ ଆସିଲା ପ୍ରବଳ ପବନ ଆଉ ତା ସାଙ୍ଗକୁ ଘଡ଼ଘଡ଼ି, ଚଡ଼ଚଡ଼ି, ଘନଘନ ବିଜୁଳି ଚମକ ସହିତ ପ୍ରଚୁର ଜଳବର୍ଷଣ । ସେଦିନ ଉପରେ ଘରେ ଘରର କବାଟ ଝରକା ବନ୍ଦ କରିଦେଇ ତଳେ କନ୍ଥା ଖଣ୍ଡିଏ ବିଛେଇ କବାଟ ଆଡ଼କୁ ମୁଣ୍ଡ କରି ଶୋଇ କବାଟ ଫାଙ୍କ ବାଟେ ଆସୁଥିବା ଆଲୁଅରେ ପ୍ରାଣନାଥ ପଢ଼ୁଥିଲେ ଭବଭୂତିଙ୍କ ଉତ୍ତର ରାମଚରିତ । ରାମ ଅଛନ୍ତି, ସୀତା ଅଛନ୍ତି ସେଇ ତପୋବନରେ, ବାହାର ଜଗତଟାକୁ ଦେଖି ପାରୁଛନ୍ତି, କିନ୍ତୁ ରାମ ତାଙ୍କରି ଅନ୍ତରଲକ୍ଷ୍ମୀଙ୍କୁ ଦେଖିପାରୁ ନାହାନ୍ତି । ସୀତା ହରେଇ ଦେଇଛନ୍ତି ତାଙ୍କର ପ୍ରାଣପ୍ରିୟ ପରମାତ୍ମାଙ୍କୁ । ଅନ୍ଧପୋଟଳି ବନ୍ଧା ହୋଇଯାଇଛି ଦୁହିଁଙ୍କ ଆଖିରେ । ପ୍ରାଣନାଥ ବହିଟାକୁ ରଖିଦେଇ ଉଠି ବସିଲେ । ତାଙ୍କର ଗୋଟାଯାକ ହୃଦୟରେ ଭରିଗଲା ବିଚ୍ଛେଦ-ବେଦନା । ଗ୍ରୀଷ୍ମ ତାପ ଦଗ୍ଧ ଘର୍ମାକ୍ତ ତନୁ ଭାବାବେଶରେ ଶିହରି ଉଠିଲା ବାରମ୍ବାର । ସେ ଧୀରେ ଧୀରେ ଉଠିଯାଇ ଝରକାଟାକୁ ଖୋଲିଦେଲେ । ଧଡ଼ ଧଡ଼ ଧରି ଧାରି ସରି ସାରି ହୋଇ ବୃକ୍ଷ-ଶାଖାଗୁଡ଼ିକ ଉପରେ ପ୍ରବଳ ଝାଙ୍କୁଣି ଦେଇ ବହିଆସିଲା ବେଗବାନ ବତାସ । ହୁହୁଁ ହୁହୁଁ ଅଜାଡ଼ି ହୋଇଗଲା ବର୍ଷାଜଳ ବିଜୁଳି ଚମକ ସହିତ । ପ୍ରାଣନାଥ ଆଖି ବୁଜିଦେଇ ଭାବିଗଲେ, ଶୋକସନ୍ତାପ ପୀଡ଼ିତା ଅଶୋକ-ବନର ବନ୍ଦିନୀ ସୀତାଙ୍କ ପାଖକୁ ହନୁମାନ ରାମଙ୍କ ସଙ୍କେତ ଧରିଆସି ସୀତାଙ୍କ ହୃଦୟ-ବନରେ ଚନ୍ଦନ ଲେପନ କଲା ପରି ଆଜିର ଏ ଜଳଧାରା ବସୁନ୍ଧରାର ତାପଦଗ୍ଧ ଦେହକୁ କରିଦେଇଛି ଶାନ୍ତ ଶୀତଳ । କେଉଁ ଆଦ୍ୟ ଯୁଗରେ କେଉଁଠି ବସି ରାମଙ୍କୁ ସୃଜିଥିଲେ ଦସ୍ୟୁ ବାଲ୍ମୀକି । ଆଜି ମୋର ଇଚ୍ଛା ହେଉଛି, ତାଙ୍କରି ପରି ମୁଁ ମୋର ଏ ଦୁର୍ବଳ କଣ୍ଠ ଖୋଲି ଗାଇପାନ୍ତି ଅହଲ୍ୟାଙ୍କ ଭକ୍ତି ସଙ୍ଗୀତ । ଲକ୍ଷ କୋଟି ଅତଳ

ଗତିକୁ ସଚଳ କରିଛ ବାଲ୍ମୀକି ତୁମେ । ତୁମକୁ ହିଁ ଆଦର୍ଶରୂପେ ଆଖି ଆଗରେ ରଖି ମୁଁ କରିବି ମହାମାନବ ମହାମାନବୀମାନଙ୍କୁ ସୃଷ୍ଟି । ଆନ୍ତର ସୁନ୍ଦର, ଆନ୍ତର ସ୍ରଷ୍ଟା ହୋଇ ତୁମେ ମୋ ସମ୍ମୁଖରେ ଆବିର୍ଭାବ ହୁଅ । ତୁମେ ମୋର ଏ ଦୁର୍ବଳ ହାତ ଧରି ଲେଖାଇଦିଅ କବି ! ତୁମର ଶିଷ୍ୟ, ତୁମର ଭକ୍ତ ହେଲି ବୋଲି ଭାବି ନିଜକୁ ଧନ୍ୟ ମନେକରେ ।

ପ୍ରାଣନାଥଙ୍କ ଚିନ୍ତାସ୍ରୋତରେ ବାଧାଦେଇ ଅମିତା ଆସି କହିଲା, "କିଏ ଜଣେ ଭଦ୍ରଲୋକ ତୁମ ସାଙ୍ଗରେ କଥା ହେବାକୁ ଆସିଛନ୍ତି । ମୁଁ ତାଙ୍କୁ ବସାଇ ଦେଇ ଆସିଛି ।"

ପ୍ରାଣନାଥ ଚଳକୁ ଯାଇ ଦେଖିଲେ, ପ୍ରକାଶକ ଅବିନାଶବାବୁ ବସିଛନ୍ତି ବାରଣ୍ଡାର ବେଞ୍ଚ ଉପରେ ।

ନମସ୍କାର ପର୍ବ ପରେ ପ୍ରାଣନାଥ କହିଲେ, "ମୋର ଆଜି ବଡ଼ ଆନନ୍ଦର ଦିନ ଅବିନାଶବାବୁ ! ଛାପ କାର୍ଯ୍ୟ କେତେ ଦୂର ହେଲାଣି ? ଆଉ ସବୁ ଭଲ ତ ! ହଠାତ୍ କିମିତି ଏ ଆଡ଼କୁ ଭୁଲିଆସିଲ ? ନିଦାଘ କାଳର ବର୍ଷାଟା ଯିମିତି ଆନନ୍ଦଦାୟକ, ତୁମର ଆଗମନ ମଧ୍ୟ ମୋ ପକ୍ଷରେ ସେହିପରି ।"

"ଭଉଣୀ ଘରକୁ ଆସିଥିଲି । ଭାବିଲି, ଆପଣଙ୍କ ସହିତ ଦେଖାକରି ଯିବି ।"

"ବହୁ ଧନ୍ୟବାଦ ଅବିନାଶବାବୁ ! ତୁମେ ଯେ ମୋର ଜୀବନତରଣୀଟି ଟାଣିଲେଇ ନେଉଛ । ଯେଉଁଆଡ଼େ ନେବ ସେଇଆଡ଼େ ଯିବି । ହଁ, "ବନମାଳୀର ଲକ୍ଷ୍ମୀପ୍ରାପ୍ତି" ଗଳ୍ପଟା ଛାପା ଆରମ୍ଭ ହେଲାଣି ?"

"ଛାପା ଆଉ ଆରମ୍ଭ କେଉଁଠି ହେଉଛି ଆଜ୍ଞା ! ସେଥିରୁ ପ୍ରଥମ ଖାତାଟି ଧରି ଆସିଛି । ଆପଣ କିମିତି କରି ସଂଳାପଗୁଡ଼ାକ ଲେଖୁଛନ୍ତି...! ତା ଭିତରେ ଆଉ ଗୋଟାଏ ତ୍ରୁଟି ମଧ୍ୟ ରହିଯାଉଛି । ଯେଉଁଠି ସେଇଠି କେବଳ ସାହିତ୍ୟ ଆଲୋଚନା ଲାଗିଛି । କବିତାଗୁଡ଼ିଏ ମଧ୍ୟ ଭର୍ତ୍ତିକରି ଦେଉଛନ୍ତି । ଭାଷାଟାକୁ ମଧ୍ୟ ସାଧାରଣ କଥିତ ଭାଷା କରୁ ନାହାନ୍ତି । ଆଜିକାଲିର ଯେଉଁସବୁ ଉପନ୍ୟାସ ବାହାରୁଛି, ଏ ଯୁଗର କଥା ନେଇ ଲେଖୁଛନ୍ତି । ଆପଣ ତ ଖାଲି ମନସ୍ତତ୍ତ୍ୱର ବିଶ୍ଳେଷଣ କରିଯାଉଛନ୍ତି । ପାଠକ ମନରେ ଟିକିଏ Suspense ରଖିଲେ ହେବ ନା ? ଆପଣ ଗୁଡ଼ାଏ ଉପନ୍ୟାସ ପଢ଼ନ୍ତୁ ଆଜ୍ଞା ! ତେବେ ଯାଇ ଲିଖନପ୍ରଣାଳୀଟା ବୁଝିବେ ।"

ପ୍ରାଣନାଥ ଅବିନାଶଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ କହିଲେ, "ମୋ ମନକୁ ଯେତେବେଳେ ଯାହା ଆସୁଛି ତାହା ହିଁ ଲେଖିଦେଉଛି । ଅନ୍ୟମାନଙ୍କ ରଚନା ପରି ଅବିକଳ ମୋ ରଚନା କିମିତି ହେବ ? ମୋର ତ ବିଶ୍ୱାସ ହେଉଛି, ମୋ ପଥରେ ମୁଁ ଚାଲିଛି । ଏ ବୟସରେ ଅନୁକରଣ କରି ଆଉ କ'ଣ କରି କରିପାରିବି ? ଭୁଲ କିମ୍ବା ଅସାମଞ୍ଜସ୍ୟ ଯଦି କେଉଁଠି ଦେଖିଛ, ଯଦି କହିବ, ତୁମର ଦୃଷ୍ଟିକୋଣ ଅନୁଯାୟୀ ମୁଁ ଆଉ ଥରେ ଲେଖିଦେବି; କିନ୍ତୁ ତୁମେ କଅଣ ଚାହୁଁଛ ମୁଁ ବୁଝିପାରୁ ନାହିଁ । ନୂଆ କରି ଲେଖୁଛି ବୋଲି ବୋଧହୁଏ ତୁମର ସନ୍ଦେହ ହେଉଛି; କିନ୍ତୁ ମୁଁ କଅଣ ଭାବୁଛି ଜାଣିଛ ? ଭାବୁଛି, ସେ ଲେଖାରୁ ମୋତେ ଯେଉଁଗୁଡ଼ିକ ଭଲଲାଗୁଛି, ମୋ ପରି ଯେଉଁମାନେ ଚିନ୍ତା କରୁଥିବେ, ଅଳ୍ପସଂଖ୍ୟକ ହେଲେ ମଧ୍ୟ କେତେ ଜଣଙ୍କୁ ହେଲେ ତ ଭଲ ଲାଗିବ । ମୁଁ କହୁଛି କଅଣ କି ଅବିନାଶ ବାବୁ, ଏ ସମୟରେ ମୋ ପରି ଜଣେ ଅଜ୍ଞାମୀ ବ୍ୟକ୍ତି ଲେଖିଥିଲା ବୋଲି ଦେଶବାସୀରେ କାଳର ଛାପଟା ଥାଉ । ମୋ ହାତରୁ ଭଲ ମନ୍ଦ ଯାହା ବାହାରୁଛି ଅବିକଳ ସେମିତି ଛାପି ଦିଅ ।"

"ଆପଣ କଅଣ ଯେ କହୁଛନ୍ତି, ମୁଁ ନିଜେ ବୁଝିପାରୁନାହିଁ । ଆପଣଙ୍କ ପରି କେତେ ଜଣ ବୁଝିବେ ଯଦି ଆଉ ବହି ଛାପିବେ କାହିଁକି ? ନିଜର ଲେଖା, ନିଜେ ପଢ଼ିଦେଲେ ଗଲା । ପାଠକମାନଙ୍କ ମନ ଜାଣି ଆପଣ ଯଦି ନ ଲେଖିବେ, ତେବେ ଆଉ ଲେଖୁଛନ୍ତି, କାହିଁକି ? ଯେଉଁ ଦୁଇ ଖଣ୍ଡ ଉପନ୍ୟାସ ଲେଖିଛନ୍ତି ସେଥିରେ ଘଟଣାବୈଚିତ୍ର୍ୟ ବୋଲି କିଛି ନାହିଁ । କେବଳ ଭାବନାବହୁଳ କରି ଗଢ଼ିଦେଇଛନ୍ତି । ନାଟକ ବୋଲି ଯାହା ଲେଖିଛନ୍ତି ସେଗୁଡ଼ାକ ନାଟକ

କ କାବ୍ୟ ଜଣାଯାଉନାହିଁ । ଦଶ ବର୍ଷ ଭିତରେ ସାହିତ୍ୟ-ଜଗତରେ ଏପରି ପରିବର୍ତ୍ତନ ଘଟିଲାଣି, ଏତେ ନୂଆ ଢାଞ୍ଚାର ରଚନା ଭରି ହୋଇଗଲାଣି ଯେ, ଆପଣ ସେସବୁ ପଢ଼ିଲେ ଜାଣିବେ । ଏଇ ଖାତା ନିଅନ୍ତୁ । ମୁଁ ଏଥିରେ ଉପନ୍ୟାସର ଲିଖନ-ଶୈଳୀ ସମ୍ବନ୍ଧରେ କେତେକ କଥା ଲେଖିଦେଇଛି । ଆପଣ ବସି ବସି ବିଚାର କରି ଲେଖିବେ, ବ୍ୟସ୍ତ ହେବେନାହିଁ ।"

ଅବିନାଶ ଗଲାପରେ ପ୍ରାଣନାଥ ଦେଖିଲେ, ବର୍ଷା ଛୁଡ଼ି ଛୁଡ଼ି ଆସୁଛି । ଅଳ୍ପ ପାତଳରେ ଝିରି ଝିରି ଟୋପା ଟୋପା ହୋଇ ପାଣି ପଡ଼ୁଛି । ପ୍ରାଣନାଥ ଦୀର୍ଘନିଃଶ୍ୱାସ ଛାଡ଼ି ଭାବିଲେ, ଇନ୍ଦ୍ରଦେବତା ତାପଦଗ୍ଧ ବସୁନ୍ଧରା ବକ୍ଷରେ ଏଡ଼େ ସୁନ୍ଦର ଜଳବର୍ଷଣ ଉତ୍ସବ ସୃଷ୍ଟି କଲେ, ଅଜ୍ଞ ମନୁଷ୍ୟ ମୁଁ, ଅନ୍ୟ ଚିନ୍ତାରେ ରତ ହୋଇ ସେ ସମାରୋହ ଦେଖିପାରିଲି ନାହିଁ । ଅନାହୂତ ଅତିଥି ପରି ଚାଲିଗଲା ବର୍ଷାଟା ମୋ ଦୁଆର ମୁହଁରୁ ।

ପୋଷ୍ଟମ୍ୟାନ ଆସି ଚିଠି ଗୋଟିଏ ଦେଇ ଚାଲିଗଲା । ପ୍ରାଣନାଥ ଚିଠି ଖୋଲି ଦେଖିଲେ' ରାମ ମାଳୀ କାହା ହାତରେ କେଜାଣି ଚିଠି ଲେଖାଇଛି । ଚିଠି ଦେଖି ଭାବନା ଆସିଗଲା, ଗ୍ରାମ ପଣ୍ଡିତ ଲୋକ ପରି କଥା ଗଢ଼ିଗଢ଼ି କହିଯାଉଛି, ଅଥଚ ଅକ୍ଷର କେତୋଟା ଲେଖିଲାବେଳକୁ ହାଣ୍ଡି କୁଣ୍ଡେଇ, ବାସନ କୁସନ ଏକାଠି କରି ରଖିଲା ପରି ରଖିଦେଉଛି ।

ପ୍ରାଣନାଥ ଚିଠିଟାକୁ ମୁଠା ଭିତରେ ଧରି ଗାଲରେ ହାତ ଦେଇ ମଥା ପୋତି ବସିଥିଲେ, ଅମଳା ଆସ୍ତେ-ଆସ୍ତେ ଆସି ପିଠିରେ ହାତ ରଖି ପଚାରିଲେ, "କଅଣ, ଚିନ୍ତାସାଗରରେ ବୁଡ଼ିଯାଇଛ ! ଚିଠି ଗୋଟାଏ ଆସିଛି ! କିଏ ଲେଖିଛି ?"

"ବିପଦ ଅତି ନିକଟ ହୋଇଆସିଲା ଅମଳା ! ଚିଠି ପଢ଼, ବୁଝିବ । ରାମ ମାଳୀ ଲେଖିଛି ।"

"ଚାଳିଶିଆ ହେଲଣି, ଚଶମା ନ ହେଲେ ତ ପଢ଼ିପାରୁନାହିଁ । ତୁମେ ଚିଠିଟା ତ ପଢ଼ିଛ, ରାମ କଅଣ ଲେଖିଛି କହୁନାହଁ ?"

"ତୁମେ ବାହାରୁ ଲୋକମୁଖରୁ ଅନେକ ପ୍ରକାର ଶୁଣିଥିବ; କିନ୍ତୁ ମୁଁ ତୁମକୁ କେବେ କିଛି କହିନାହିଁ । ଜାଣ ଅମଳା, ଗଣନାଥ ଯାହା କିଛି କରୁଛି, ସବୁ ମୋ ଦୋଷ ଦୁର୍ବଳତାରୁ ହିଁ ଘଟୁଛି ବୋଲି ମୋର ବିଶ୍ୱାସ ହେଉଛି । ରାମର ଚିଠିରେ ଲେଖା ହୋଇଛି, ଗଣନାଥର ଶାଶୁ ବୁଢ଼ୀ ଉନ୍ମାଦ ରୋଗରେ ମରିଗଲା । ବୋହୂଟି ଆସନ୍ନପ୍ରସବା ହୋଇ ବସିଛନ୍ତି । ତାଙ୍କୁ ମୁଁ ମୋ ଘରକୁ ଆଣିବାକୁ ହେବ । ସେ କେଉଁଠି କେଉଁ ଅବସ୍ଥାରେ ଅଛନ୍ତି ଶୁଣିଲେ ତୁମର ଦୁଃଖ ହେବ ବୋଲି କହୁନାହିଁ ।"

"ମୁଁ ସବୁ କଥା ଶୁଣିଛି । ତାକୁ ଆମ ଘରକୁ ଆଣିବା କଅଣ ଭଲ ହେବ ? ତା'ପରେ ଆମର ଆର୍ଥିକ ଅବସ୍ଥା ତ ଜାଣିଛ !"

ପ୍ରାଣନାଥ ବିଷାଦପୀଡ଼ିତ ଦୃଷ୍ଟିରେ ଅମଳାର ମୁହଁକୁ ଚାହିଁ କହିଲେ, ଭଲ ହେବ ବୋଲି କିଏ କହିପାରିବ ଅମଳା ? ଇମିତି କେତେ କଥା ମନକୁ ଆସୁଛି, ଭଲ ହେବ କି ନାହିଁ ବୋଲି ଆମେ କାର୍ଯ୍ୟରେ ପରିଣତ କରିପାରୁ ନାହେଁ । ଭଲ ବୋଲି ମନରେ ଦୃଢ଼ ଶକ୍ତି ସଞ୍ଚୟ କରି ଯଦି କାର୍ଯ୍ୟ ଆରମ୍ଭ କରିବା, ପୁଣି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ସବୁ ସମ୍ଭାଳି ବିଷୟ-ବସ୍ତୁଟିକୁ ସର୍ବାଙ୍ଗସୁନ୍ଦର କରିବାକୁ ଚେଷ୍ଟା କରିବା, ତେବେ ନିଶ୍ଚୟ ଭଲ ହେବ ।"

"ଏକଥା ତ କାବ୍ୟକବିତା ନୁହେଁ, ଏକାଥରକେ ବାସ୍ତବ । ମୁଁ ତା ପାଖରେ ସମ୍ପୂର୍ଣ୍ଣରୂପେ ବିଦେଶୀ । ସେ ଏଠିକି ଆସି ଚଳିବ କିମିତି ? ତା ପରେ ପ୍ରସୂତି ଘର କିମିତି ଚଳିବ ?"

"ମନୁଷ୍ୟ-ହୃଦୟର ଦୁଃଖ ସୁଖ ଅନୁଭୂତି ଯେ ଏକ ଅମଳା ! ମନୁଷ୍ୟ ପାଖରେ ମନୁଷ୍ୟ ଆଦୌ ବିଦେଶୀ ନୁହେଁ । ମନୁଷ୍ୟ ହିଁ ଜାଣି ଜାଣି ମନୁଷ୍ୟ ଭିତରେ ଦୁର୍ଭେଦ୍ୟ ବ୍ୟବଧାନ ସୃଷ୍ଟି କରୁଛି । ଆମେ ଯେ ସାଧାରଣରୁ ଆମକୁ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ ବୋଲି ବିଶ୍ୱାସ କରୁଛେ, ଆମେ ଯଦି ସେ ବ୍ୟବଧାନଟାକୁ ଘୁଞ୍ଚାଇବା ନିମନ୍ତେ ପ୍ରୟାସ କରିବା ନାହିଁ, ତେବେ

ଆମର ଏତେ ସମସ୍ତ ମହତ୍ ଭାବନାର ମୂଲ୍ୟ ରହିବ କେଉଁଠି ? ଆମର ଯେ କର୍ତ୍ତବ୍ୟ ବୋଲି ଗୋଟାଏ କଥା ଅଛି । ତୁମେ କହିବ, ଦେଶର କେତେକ ସ୍ତ୍ରୀ ପୁରୁଷ ଆପଣାର ଗନ୍ତବ୍ୟପଥ ନିର୍ଦ୍ଦିଷ୍ଟ କରି ନ ପାରି ବହୁ ଯନ୍ତ୍ରଣା ପାଉଛନ୍ତି, ସେମାନଙ୍କ ପାଇଁ ତ ଆମେ କିଛି କରିପାରୁ ନାହୁଁ । ଏଥିକି ମୁଁ କହୁଛି ନଯ ସେ ଆଡ଼କୁ ହାତ ବଢ଼େଇ ସବୁ ସମସ୍ୟା ସମାଧାନ କରିଦେବାକୁ ଇଚ୍ଛାହେଉଛି, କିନ୍ତୁ ମନୁଷ୍ୟର ଶକ୍ତି ତ ଅତି ସୀମାବଦ୍ଧ । ସେ ଭଲ କାର୍ଯ୍ୟ କରିବାକୁ ଭାବୁ ଭାବୁ ଦିନ ବିତିଯାଉଛି ଏଣୁଣି ଆମ ଆଖି ଆଗରେ ଆତ୍ମା ଆତ୍ମା ଭିତରେ ଯେଉଁ ବ୍ୟବଧାନ ସୃଷ୍ଟିହୋଇଛି, ତାହା ଆମେ ସବୁ-ଶକ୍ତି ଦେଇ ଧୁଏଇ ଆନନ୍ଦମୟ ବନ୍ଧୁତ୍ୱ ବନ୍ଧନରେ ବାନ୍ଧିହେବାକୁ ହେବ । ଆମର ପୂର୍ବପୁରୁଷ ମୁକ୍ତ-କଣ୍ଠରେ 'ସର୍ବେ ଭବନ୍ତୁ ସୁଖିନଃ' ବୋଲି କହି ଆସିଛନ୍ତି । ଆମେ ଜଣକୁ ହେଲେ ଦୁଃଖଜାଲରୁ ମୁକ୍ତ କରିଥିବା । କଅଣ କହୁଛ ଅମଳା ।"

ଅମଳା ମଥା ନୁଆଁଇ କହିଲେ, "ତୁମେ ତ ଜାଣିଛ, ତୁମର କୌଣସି କାର୍ଯ୍ୟରେ ବାଧାଦେବା ମୋର ସ୍ୱଭାବବିରୁଦ୍ଧ । ମୁଁ ଜାଣେ, କୌଣସି ଅନୁଚିତ କାର୍ଯ୍ୟ ତମଦ୍ୱାରା ହୋଇପାରିବନାହିଁ । ତଥାପି ଅବସ୍ଥା ଦେଖି ବ୍ୟବସ୍ଥା କରିବାକୁ ତ ହେବ । ଭାଗବତ ବାଣୀ ଅଛି, "ପୂର୍ବ ଅର୍ଜିତ କର୍ମ ଫଳେ, ଯାଚି ମୁଁ ଦେଉଥାଇ ବଳେ ।" ସେ ଯାହା କରିଛି ଶେଷ ପର୍ଯ୍ୟନ୍ତ ତାର ଫଳ ଭୋଗକରିବାକୁ ତ ହେବ । ଆମେ ଆଉ ସେଥିରେ ହାତ ଦେବା-ନାହିଁ ।"

ପ୍ରାଣନାଥ ଅମଳାର ଉକ୍ତିର ପ୍ରତ୍ୟୁକ୍ତି ନ କରି ବେଞ୍ଚ ଉପରୁ ଉଠିଯାଇ ଆସ୍ତେ ଆସ୍ତେ ଓହ୍ଲେଇଗଲେ ତଳକୁ । ତାଙ୍କର ମନେହେଲା, ଅମଳାଙ୍କର ଅଚଳ ପ୍ରାଣ ହଠାତ୍ ସଚଳ ହୋଇଉଠିଛି । ପ୍ରାଣନାଥ ଯେତେ ଅମଳା ପାଖରେ ଶୈଳକୁ ଆଣିବା ପ୍ରସ୍ତାବ ଥୋଇଲେ, ସେ ବିଶ୍ୱାସ କରିଥିଲେ ଯେ ଅମଳା ଦୟାର୍ଦ୍ର ହୋଇଉଠି ଆବେଗ ଏବଂ ଆଗ୍ରହରେ ନିଜେ ଧାଇଁଯାଇ ତାଙ୍କର ପ୍ରିୟ ଝିଅକୁ ନେଇ ଆସିବାକୁ କହିବେ; କିନ୍ତୁ ସେ ବିରୋଧ କରିବାକୁ ପାଇଁ ଆରମ୍ଭ କରିଛନ୍ତି ! ଯେତେଦିନ ପର୍ଯ୍ୟନ୍ତ ମୋର ଇଚ୍ଛା ବୋଲି କିଛି ଗୋଟାଏ ନ ଥିଲା, ଅମଳାର ଇଚ୍ଛା ହିଁ ମୋର ଇଚ୍ଛା ଥିଲା, ସେତେବେଳେ ସେ କହୁଥିଲେ, ପ୍ରଭୁ, ସ୍ୱାମୀ, ତୁମେ ଯାହା ଭାବୁଛ, ମୁଁ ତାହାହିଁ କହୁଛି । ମୁଁ ବୋଲି ମୋର କୌଣସି ସ୍ୱତନ୍ତ୍ର କଥା ନାହିଁ; କିନ୍ତୁ ଆଜି ତ ସେ ସେକଥା କହିଲେନାହିଁ ! ତାହାହେଲେ ତାଙ୍କ ଭିତରେ ବ୍ୟକ୍ତିତ୍ୱର ଚେତନା ଜାଗ୍ରତ ହୋଇଛି । ତାହା ହେବା ହିଁ ତ ସ୍ୱାଭାବିକ । ମୋର ଇଚ୍ଛାନାହିଁ, ଅମଳା ମୋ ମୁହଁରେ କଥା କହି, ମୋ କାନରେ ଶୁଣି, ମୋ ଆଖିରେ ଦେଖି କଳ କୁଣ୍ଢେଇ ଖେଳନା-ପରି କୁଇଁକୁଇଁ କରି କଥା କହି କହି ଦିନେ ମରିଯିବେ । ଏକଥା ଭାବିଲେ ହିଁ ମୋର ଦୁଃଖ ହେଉଛି । ସେ ଜାଣନ୍ତୁ ଯେ ଅନ୍ୟର ଦୁଃଖ ସୁଖରେ ଅଂଶ ଗ୍ରହଣ ନ କରି ମନୁଷ୍ୟ ପୂର୍ଣ୍ଣତା ପାଇପାରେ ନାହିଁ । ଶୈଳ ବୋହୂମା ଏଠିକି ଆସିଲା ପରେ ଅମଳାଙ୍କର ମାନସିକ ବୃତ୍ତିଗୁଡ଼ିକ ବିକଶିତ ହୋଇ-ଉଠିବ ।"

* * *

ଅମଳା କାରିପାଖ ବାରଣ୍ଡା ଚୁଲ୍ଲି ଉପରେ ଭାତ ବସେଇଦେଇ ମାଟି ଅଗଣା ଉପରେ ସପ ବିଛେଇ ଗଡ଼ପଡ଼ ହେଉଥିଲେ । ମନ ଭଲନାହିଁ । ଦେହ ମଧ୍ୟ ସୁସ୍ଥ ବୋଧ ହେଉନାହିଁ । ଜ୍ୟେଷ୍ଠପୂର୍ଣ୍ଣିମା ଆଉ ଦିନେ ମାତ୍ର ବାକି ଅଛି । ଅପରାହ୍ଣର ବର୍ଷା ପବନ ପରେ ତାପ ଶାନ୍ତ ହୋଇଥିଲେ ମଧ୍ୟ ସମୀରଣହୀନ ଅବସ୍ଥାରେ ଯେପରି ଶ୍ୱାସରୁଦ୍ଧହୋଇ ଉଠୁଥିଲା ଅକାଶରେ ଖଣ୍ଡିଖଣ୍ଡିଆ ଧଳା ମେଘ ଭିତରୁ ଚନ୍ଦ୍ର ମୁହଁ ବାହାରି କରି ଅନେଇଁ ଦେଇ ପୁଣି ଲୁଚିଯାଉଥିଲା ମେଘ ଭିତରେ ।

କେଜାଣି କାହିଁକି ଅମଳା ଚମକି ଉଠି ବସିପଡ଼ିଲେ । ସେ ଦେଖିଲେ ଯେ, ଘରର ବାହାର ପାଖ ସିଡ଼ି ଆସିବା ବାଟରେ ଧୀରେ ଧୀରେ ଖୁଲି ଖୁଲି ଆସୁଛନ୍ତି

ଦୁଇଟି ମନୁଷ୍ୟ ମୂର୍ତ୍ତି । କଅଣ ଗୋଟାଏ ପଚାରିବାକୁ ଯିବାବେଳେ କଥାଟା ଚପିହୋଇ ରହିଗଲା ଗଳା ପାଖରେ । ଅମଳା ଦୂରରୁ ମୂର୍ତ୍ତି ଦୁଇଟି ଦେଖି ଜାଣିଗଲେ ଯେ, ସେ ଦୁଇ ଜଣ ରାମ ମାଳୀ ଆଉ ଶୈଳ ।

ରାମ ମନ୍ଥେ ପଚ୍ଛେ ଆସି ଶୈଳ ଅମଳାଙ୍କ ସପ ପାଖରେ ଅଜାଡ଼ି ହୋଇ ତଳେ ବସିପଡ଼ି କାନ୍ଦିଉଠିଲେ ଶୋକାବେଗରେ । ଅମଳା ସେଇପରି ସ୍ତବ୍ଧ ଭାବରେ ଠିଆହୋଇଥିଲେ ସପ ଉପରେ । ରାମ କହିଲା, "ମାଆ, ଆପଣ ମୋ ଉପରେ ବିରକ୍ତ ହେବେ ବୋଲି ଜାଣିଛି; ମାତ୍ର ମୁଁ ଉପାୟ ନ ଦେଖି ଏଙ୍କୁ ଧରି ଆସିଛି । ସେ ଘରେ ନେଇ ଛାଡ଼ିଦେବି ବୋଲି ଭାବୁଥିଲି; କିନ୍ତୁ ସେ ଘରେ ରହିବ ପଡ଼ିଛି । ଭବିଷ୍ୟତରେ ବୁଝିବେ, ଯାହା ହେଉଛି ସବୁ ଭଲ ନିମନ୍ତେ ହେଉଛି ।"

ଅମଳାଙ୍କୁ ନିରୁତ୍ତର ଦେଖି ରାମ ଧୀରେ ଧୀରେ ଉପରକୁ ଚାଲିଯାଇ ଦେଖିଲା, ପ୍ରାଣନାଥ ବାରଣ୍ଡା ଖମ୍ବ ପାଖକୁ ଠିଆହୋଇ ରାସ୍ତାଆଡ଼କୁ ଚାହିଁଛନ୍ତି । ସେ ଆଉ ଟିକିଏ ପାଖକୁ ଯାଇ କହିଲା, "ଆଜ୍ଞା, ବଡ଼ କଷ୍ଟରେ ବନ ବିଶ୍ୱାଳଙ୍କ ଗାଡ଼ିଟା ମାଗିଆଣି ବୋହୂଙ୍କୁ ଧରି ଆସିଲି । ରାସ୍ତାରେ କିଛି ଗୋଟାଏ ହୋଇଯିବ ବୋଲି ଭୟ ଥିଲା । ଛାଡ଼ିଦେଇ ଯାଉଛି ଆଜ୍ଞା !" ପ୍ରାଣନାଥ ନୀରବରେ ଶୁଣୁଥିଲେ ଶୈଳର କାନ୍ଦଣା । ଚୁପ୍‌ହୋଇ ରହି ମଥା ଟେକି ଚାହିଁଦେଲେ ରାମର ମୁହଁକୁ ।

ରାମ କହିଲା, "ଯାଉଛି ଆଜ୍ଞା ! ବନ ବିଶ୍ୱାଳ ଗାଡ଼ିଟା ଭଡ଼ା କରିଦେଲେ । ଏଆଡ଼ୁ ଗଲେ ସେ ଗାଡ଼ି ନେଇ ଯିବ । ସେ ଘରେ କେହି ନାହାନ୍ତି । ଚୋରର ଭୟ ତ ରହିଛି । ମୁଁ ନ ଥିଲେ ମୋ ଉପରେ ଦୋଷ ପଡ଼ିବ ।

## ଚଉଦ

ଗଣନାଥଙ୍କର ଇମିତି ସ୍ୱଭାବ ଯେ ଟଙ୍କା ଖରଚ କରିବାକୁ ତାଙ୍କର ଯେତେ ଉଗ୍ର ଉତ୍ସାହ, ଟଙ୍କା ସାଇତି ସୁମାରି କରି ରଖିବାରେ ସେତେ ଅଜାଡ଼ିତ । ଆଜିର ଟଙ୍କା କଥା କାଲିକି ମନେ ରହେନାହିଁ । ଟଙ୍କା ବୋଲି କି ପଦାର୍ଥଟା ଏପରି ଯେ, ସେ ପଦାର୍ଥ ଅରକ୍ଷିତ ଭାବରେ ଥିବା ଦେଖିଲେ ଅତି ନିର୍ଲୋଭ-ବ୍ୟକ୍ତିର ମଧ୍ୟ ସେ ଆଡ଼କୁ ଦୃଷ୍ଟି ପଡ଼ିଯାଏ । ଉଠେଇ ନେଇଯିବାକୁ ଇଚ୍ଛାହୁଏ ।

ଯଦୁନାଥ ସ୍ୱୟଂ ଜଣେ ଜମିଦାର ଥିଲେ । ଜମିଦାରୀ ସିବାପରେ ସେ ତେଲ କଳ, ଚାଉଳ କଳ, କରତ କଳ ଏପରି ତିନି ତିନୋଟା କଳର ମାଲିକ । ପର ପଦାର୍ଥ ପ୍ରତି ତାଙ୍କର ଦୃଷ୍ଟି ନ ଥିଲା ।

ବିଶେଷରେ ଅନ୍ୟର ପାଞ୍ଚ ଟଙ୍କା, ଦଶ ଟଙ୍କା କେତେବେଳେ କେଉଁଠୁ ଚୋରି କରିବେ ବୋଲି ସେ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ; କିନ୍ତୁ ମନୁଷ୍ୟ ସୁଯୋଗ ପାଇଲେ ପ୍ରବୃତ୍ତିକୁ ନିବାରଣ କରିପାରେ-ନାହିଁ । ଯଦୁଙ୍କ ପିତା ଜଣେ ବିଦ୍ୱାନ୍ ନୀତିବାଗୀଶ ଲୋକ ଥିଲେ । ଯଦୁ ତାଙ୍କର ସ୍କୁଲ ପଢ଼ା ସଙ୍ଗେ ସଙ୍ଗେ ପିତାଙ୍କଠାରୁ ବହୁ ନୀତିବଚନ ଶୁଣୁଥିଲେ । ତାଙ୍କ ପିତ ଶାସ୍ତ୍ରବଚନ ପାଳି ବାରଣ ବର୍ଷ ବୟସରେ କାଶୀସେବାକୁ ଚାଲି-ଯାଇଥିଲେ । ଯଦୁନାଥ "ପରଂ ଦ୍ରବ୍ୟେଷୁ ଲୋଷ୍ଟ୍ରବତ୍" ବାକ୍ୟଟି ସବୁବେଳେ ସ୍ମରଣ ରଖିଥାନ୍ତି; କିନ୍ତୁ ଗଣନାଥ ଯେତେବେଳେ ଖୋଲା ଡ୍ରୟରୁ ଖୋଲା ସେଲ୍‌ଫରେ ଟଙ୍କାଗୁଡ଼ାକ ରଖିଦେଇ ଭୁଲିଯାଆନ୍ତି, ସେତେବେଳେ ଯଦୁବାବୁ ଟଙ୍କା ଉଠେଇ ନେଇଯାଇ ଫେରେଇ ଦିଅନ୍ତି ସେଥିରୁ କିଛି କିଛି ପକେଟରେ ରଖି । ଏ ଭାବରେ କେତେ ଦିନ ଯିବାପରେ ଥରେ ଥରେ ଅଧେ ନେଇଯାଇ ଆଉ ଅଧେ ଫେରାନ୍ତି । ଅବଶିଷ୍ଟ ଅର୍ଦ୍ଧେକ ଗଣନାଥ ନିଜ ବ୍ୟୟରେ ଲଗାଇଦେଇ ଟଙ୍କା ଉଣା ଥିବା କାହାକୁ ପଚାରନ୍ତି ନାହିଁ । ଟଙ୍କା ନେବାରେ ଯଦୁଙ୍କ ହାତ ବେଳକୁବେଳ ଏପରି ସିଦ୍ଧ ହୋଇଉଠିଲା ଯେ ଅନେକ ସମୟରେ ସେ ଅର୍ଥକୁ ଅନର୍ଥ କରି "ତ୍ୱୟା ହୃଷୀକେଶ ହୃଦିସ୍ଥିତେନ" ଶ୍ଳୋକଟି ବୋଲିଦେଇ ନୋଟ ବିଡ଼ା କେତୋଟା ଉଠେଇ ନେଇଯାଆନ୍ତି । ଅନେକ ସମୟ ଧାଏ ଧରାପଡ଼ି ହୁଏ । ପିତାଙ୍କ ନୀତି ବଚନଗୁଡ଼ିକ ମନେ

ଭାଙ୍ଗିଯାଏ । ସ୍ନାୟୁର ସବୁ ସ୍ଥିର ହୋଇଯାଏ । ଗଚ୍ଛିତ ଅର୍ଥ ବ୍ୟୟ ନ ହୋଇ ଉପୁରି ଟଙ୍କାରେ କାର୍ଯ୍ୟ ଚଳିଯିବା ଦେଖି ମନ ତୃପ୍ତ ହୋଇଯାଏ । ମନୁଷ୍ୟ ଅଭ୍ୟାସୀ ଜୀବ । ସେ ଅଭ୍ୟାସର ବଶ ।

କିନ୍ତୁ ମନୁଷ୍ୟର ସବୁ ଚିନ୍ତା, ସବୁ ସକାଳ ସମାନ ଭାବରେ ଗତି କରେନାହିଁ । ଘଟଣାକ୍ରମେ ଦିନେ ଗଣନାଥ ତାଙ୍କର ଦୁଇ ଦୁଇଟା ବ୍ୟାଙ୍କ ଦେଉଳିଆ ହୋଇଯିବା ପରେ କୌଣସିମତେ ପାଞ୍ଚ ହଜାର ଟଙ୍କା ଆଣି ଟେବୁଲ୍ ଡ୍ରୟରରେ ରଖିଦେଇ ଖୁବ ବନ୍ଦ କରିଦେଇ ଚାବିଟା ଓ୍ୱାର୍ଡ୍ରୋବରେ ରଖି ଦେଇଥିଲେ । କେତେ ଦିନ ପରେ ଟଙ୍କା ଦରକାର ହେବାବେଳେ ଡ୍ରୟର ଖୋଲିବା ପାଇଁ ଚାବି ଖୋଜିଲେ । ଚାବି ନ ପାଇ ଏଣେ ତେଣେ ଖୋଜୁ ଖୋଜୁ ଲୁଗା ଆଲମାରିରୁ ଚାବି ନ ପାଇ ପାଇଲେ ତାଙ୍କର ବିଛଣା ତକିଆ ତଳୁ । ସେ ଚାବିଟାନେଇ ଟେବୁଲ ପାଖରେ ଯାଇ ଡ୍ରୟର ଖୋଲି ଦେଖିଲେ, ଟଙ୍କା ନାହିଁ । ଅନ୍ୟାନ୍ୟ କାଗଜ ଭିତରେ ଇତସ୍ତତଃ ହୋଇ କେତେଖଣ୍ଡି ପାଞ୍ଚଟଙ୍କିଆ, ଦଶଟଙ୍କିଆ ନୋଟ ପଡ଼ିଛି । ସେ ଟଙ୍କା କେତୋଟି ଦେଖି ତାଙ୍କ ଦେହରୁ ବାହାରିଗଲା ଗୋଟାଏ ଶ୍ରମଝାଳ । ସେ ହାତ ପାଖର ଫଙ୍କା ଚୁଇଟ୍‌ଟାକୁ ଚିପିଦେଇ ବସିପଡ଼ିଲେ ପାଖର ଚଉକିରେ । ମଥାରେ ହାତଦେଇ ଶୂନ୍ୟମନରେ କେତେ କଥା ଭାବିଗଲେ । ସେ ବିକ୍ଷିପ୍ତ ଚିନ୍ତାଗୁଡ଼ାକ ତାଙ୍କ ମନଟାକୁ କରିଦେଲା ଆହୁରି ବିକ୍ଷିପ୍ତ, ଉତ୍ତେଜିତ । ସେ ଆଗ୍ରହରେ ଉଠିଯାଇ ସବୁଗୁଡ଼ିକ ଡ୍ରୟର ଖୋଲି ଖୋଜିଗଲେ । କେଉଁଠି କିଛି ନାହିଁ । କ୍ଷଣକରେ ଗଣନାଥଙ୍କର ସହଜ ସ୍ୱଭାବ ଅବରୁଦ୍ଧ ହୋଇଉଠି ତାଙ୍କୁ କରିଦେଲା କ୍ରୋଧୋନ୍ମତ୍ତ । ତାଙ୍କ ଆଖି ଆଗରେ ଆସି ଦେଖାଦେଲା ଯଦୁନାଥଙ୍କ ଲୋଭପରାୟଣ ମୂର୍ତ୍ତିଟା । ସେ ମୁହୂର୍ତ୍ତକରେ ଧାରଣା କରିନେଲେ, କେବଳ ଯଦୁ ହିଁ ସେ ଟଙ୍କାରେ ହାତଦେଇଛି । ଯଦୁକୁ ଭର୍ତ୍ସନା କରିବା ଉଦ୍ଦେଶ୍ୟରେ ସେ ଯଦୁଙ୍କ ଶୋଇବା ଘରକୁ ଯାଇ ଦେଖିଲେ, ଯଦୁ ନାହାନ୍ତି । ସେ ଘରୁ ବାହାରି କିଛି ନ ଭାବି ବାରଣ୍ଡାରେ ଯାଉ ଯାଉ ପ୍ରବେଶ କରିଗଲେ ଶୈଳର ମାଆର ଗମ୍ଭୀର ରୁମ୍ ଭିତରକୁ । ଦୀର୍ଘଶ୍ୱାସ ବାହାରିଗଲା ବକ୍ଷଭେଦକରି । ସେ ଦୀର୍ଘଶ୍ୱାସର ପ୍ରତିଧ୍ୱନି ଉଠିଲା ଶୂନ୍ୟ ମନର ଭିତରୁ । ଗଣନାଥ ଦେଖିଲେ, ଖଟ ଉପରର ରବର ଗଦି ଉପରେ ମାଳଭଙ୍ଗର ଚାଦରଟା ପଡ଼ିଛି । ଗୋଟାଏ ପାଖକୁ ଦୁଇଟାଯାକ ତକିଆ ଅଦରକାରୀ ପଦାର୍ଥ ପରି ପଡ଼ିରହିଛି । ତକିଆ ଆଉ ଚାଦର ଉପରେ ଧୂଳି ଜମି ରହିଛି ସ୍ତର ସ୍ତର ହୋଇ । ଖଟ ପାଖର ଅଲଗୁଣୀରେ ଶୈଳ-ମାଆର ଧଳା ରଙ୍ଗର ଜରିଧଡ଼ିଆ ଶାଢ଼ୀ, ବ୍ଲାଉଜ, ପେଟି କୋଟ, ଦୁଇଟା ତଉଲିଆ । ଗଣନାଥ ଆଲମାରି ପାଖକୁ ଠିଆହେଲେ । ଚାବିଟା ଲାଗିଛି ଆଲମାରିର ଚାବି ଗର୍ତ୍ତରେ । ଖୋଲି ଦେଇ ଦେଖିଲେ, ଶୈଳର ମାଆ ସଜେଇ ସାଇତି ରଖିଦେଇଛି କେତେ ଧଳା ଶାଢ଼ୀ, ଧଳା ବ୍ଲାଉଜ୍, ଧଳା ଓଢ଼ଣୀ । ଡ୍ରୟର ଖୋଲି ଦେଖିଲେ, ଛୁଞ୍ଚି, ସୂତା, ଅଧା ସିଲେଇ ତକିଆ ଖୋଳ । ଅଣି, ଦୋଣ୍ଡି ପଇସା କେତେଟା । ଦୁଇଟା ଟଙ୍କାକିଆ ନୋଟ । ତା ପାଖର ଡ୍ରୟରଟା ଖୋଲି ଦେଖିଲେ କଅଣ ସବୁ ରଖିଛି ଶୈଳର ମାଆ । ଗଣନାଥ ସେ ଯେଉଁ ପ୍ରଥମ ଦିନ ଦେଖିଥିଲେ ମୋଟା ମୋଟା ଲାଲ ରଙ୍ଗର କାଚ ଚୁଡ଼ୀ, କାନରେ ଦୁଇଟା ସୁନାର କାନଫୁଲ, ଗଳାରେ ରୁପାର କଣ୍ଠିହାର, ସବୁଗୁଡ଼ିକ ବୁଢ଼ୀ ସାଇତି ରଖିଦେଇଛି । ତା'ର ଭିତରେ ଗଣନାଥ ଦେଖିଲେ, ଗୋଟିଏ ଫ୍ରେମ ଅବନ୍ଧା ଫଟୋ । ଶୈଳର ବାପାଙ୍କ ଫଟୋ । ଲମ୍ବା ଦାଢ଼ି, ଝାମ୍ପୁରା ବାଳ । ମୁହଁଟୁ ଅଧେ ଘୋଡ଼େଇ ହୋଇଯାଇଛି ଦାଢ଼ିରେ । ଫ୍ରେମ ଫଟୋ ଭିତରୁ ବାହାରୁନାହିଁ ଦୃଷ୍ଟିଭଙ୍ଗୀ । ଗଣନାଥ ତର ତର ହୋଇ ସବୁଗୁଡ଼ାକ ଜିନିଷ ଭିତରେ ରଖିଦେଇ ବନ୍ଦ କରିଦେଲେ ଆଲମାରିର କବାଟଟା ।

ଆଶ୍ୱିନ ମାସର ଦ୍ୱିପହର । ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣ ଭରିଯାଇଛି ଗୃହଆଙ୍ଗିନା । ଝିର ଝିରିଆ ପବନ ଯେପରି ହାତ ବଢ଼ାଇ ଡାକ ଦେଇ ଯାଉଛି ଘର

ଭିତରୁ । ସେ ଆଜି ଟିକିଏ ଠିଆହୋଇ ଭଲ କରି ଦେଖିଲେ ଘର ଭିତରଟାକୁ । ତାଙ୍କର ମନେ ପଡ଼ିଗଲା, ଦେଶ ପର୍ଯ୍ୟଟନରୁ ଫେରିଆସିବା ଦିନର କଥା । କାହାରିକୁ କୌଣସି ସମ୍ବାଦ ନ ଦେଇ ଆସିଥିଲେ । ଷ୍ଟେସନକୁ ଯାଇଥିଲା ଡ୍ରାଇଭର । ଦୁଇଟି ସ୍ତ୍ରୀଲୋକଙ୍କୁ ଗଣନାଥଙ୍କ ସହିତ ଗାଡ଼ିରୁ ଓହ୍ଲେଇବା ଦେଖି ସେ ବିସ୍ମିତ ଦୃଷ୍ଟିରେ ଚାହିଁଥିଲା କ୍ଷଣକ ପାଇଁ । ତା ପରେ ସେମାନଙ୍କୁ ଧରି ସେ ଏ ଘରକୁ ଆସିଥିଲେ । ଶୈଳ ପ୍ରଜାପତି ପରି ଫରଫର ହୋଇ ଘୂରି ବୁଲୁଥିଲା ଏ ଘରୁ ସେ ଘରକୁ । ଆଜି ଶୈଳର ମାଆ ଏଇ ଘର ଭିତରକୁ ଆସି ତାଙ୍କୁ କୁଣ୍ଢେଇ ଧରି ପକେଇ କହିଥିଲା, ଏ ଘରର ରାଣୀ ମୋ ଶୈଳ, ତୋର ରାଣୀ । ମୁଁ ତାର ମାଆ । ଦେଶ, ଗାଆଁ, ଘର, କିଏ କାହା କଥା ଦେଖୁଛି ! ଇମିତି ଘର ଖଣ୍ଡିଏ କେବେ ଆଖିରେ ଦେଖି ନ ଥିଲି । ଚନ୍ଦ୍ରଟା ସେ ଯୋଉ ମାଟି କୁଡ଼ିଆରେ ପଡ଼ି ଛଟପଟ ହେଉଛି । ମୁଣ୍ଡକୁ ଲାଗିଛି ଘରର ଚାଳ । ବର୍ଷାଦିନେ ଘରେ ଭରିହୋଇଯାଉଛି ପାଣି । ଶୈଳ ମୋର ତପସ୍ୟା କରିଥିଲା, ତୁ ତାର ସ୍ୱାମୀ । ଗଦଗଦ ହୋଇ ମୁହଁକୁ ଚାହିଁ କହି ଯାଉଥିଲା ସେହି ସ୍ତ୍ରୀଲୋକଟି । କି ଆନନ୍ଦ ତାର ସେଦିନ ! ତା'ପରେ ଇମିତି ମଧ୍ୟ ଗୋଟାଏ ଦିନ ଆସିଗଲା, ସେ ଏ ଘରର ଧୂଳି ମାଟି ତଳେ ପଡ଼ି ଗଡ଼ିଯାଇ ଗଧ ରଡ଼ିରେ କାନ୍ଦୁଥିଲା । ମୁଁ ତା ଆଡ଼କୁ ଅନେଇ ନ ଥିଲି । କି ଅଦ୍ଭୁତ ମନୁଷ୍ୟ ମୁଁ ! ତା ପରେ ସେ ଅସୁସ୍ଥ ହେଲା, ଅନଶନ କଲା । ପାଗଳ ହୋଇ ଯାଇଥିଲା ବୋଲି ମଧ୍ୟ ଶୁଣିଛି । ତାକୁ ଏଘରୁ ବାହାର କରିଦେବା ଆଲୋଚନାରେ ମଧ୍ୟ ମୁଁ ଭାଗ ନେଇଛି । ତା ପରେ ସେ କେଉଁଠିକି ଗଲା, କଅଣ ହେଲା, ତାର ଅବସ୍ଥା, କିଏ ଜାଣେ !

ଗଣନାଥ ସେ ଘରର ଦୃଶ୍ୟଟାକୁ ଅସହ୍ୟ ବୋଧ କରି ଦ୍ରୁତପଦରେ ବାହାରି ପଡ଼ିଲେ ବାରଣ୍ଡାକୁ । ସମ୍ମୁଖ ଘରର ପରଦା ଯାଉଥିଲା ଉଡ଼ି ଉଡ଼ି । ସେ କିଛି ନ ଭାବି ଯାଇ ଠିଆହେଲେ ଶୈଳର ଶୋଇବା ଘର ଦୁଆର ପାଖରେ । ପରଦା ଆଡ଼େଇ ଦେଖିଲେ, ତ ଲାଗିପଡ଼ି ନାହିଁ । ବାହାର ପାଖରୁ କଳଣି ଲାଗିଛି । ଚାରି ଆଡ଼କୁ ଚାହିଁଲେ, କେହି ଦେଖୁ ନାହାଁନ୍ତି ତ ! କେହି କେଉଁଠି ନାହିଁ । ଯଦୁନାଥ ନାହିଁ । ମୁକୁନ୍ଦ ନାହିଁ । ରେଖା ମଧ୍ୟ ନାହିଁ । ଚାରି ଆଡ଼କୁ ଅନେଇଁ ଦେଇ ଘର ଭିତରକୁ ପଶିଗଲେ ଗଣନାଥ । ଶୈଳକୁ ସେ ଯେଉଁ ଆଲମାରିଟି ଦେଇଥିଲେ ସେଇଟା ଅଧା ଖୋଲା ହୋଇରହିଛି । ଡ୍ରୟର ଖୋଲି ଦେଖିଲେ ସେଥିରେ କିଛି ନାହିଁ । ଗୋଟିଏ ଥାକରେ କେତୋଟା ପୁରୁଣା ଶାଢ଼ୀ, ବ୍ଲାଉଜ ପଡ଼ିଛି । ଗଣନାଥ ସ୍ତବ୍ଧ ଭାବରେ ଠିଆହୋଇ ରହି ଭାବିଗଲେ ।

ଭାବିବା ଯେ ମନୁଷ୍ୟର ସ୍ୱଭାବ । କେ[illegible] ଭାବନା ଶୂନ୍ୟ ହୋଇ ଗତି କରୁଥିବାରୁ [illegible] କାରଣରୁ ବାଧାପ୍ରାପ୍ତ ହେଲେ ବିସ୍ମୟ ଅନୁଭବ କରି ବସିଯାଆନ୍ତି । ଚିନ୍ତାଶୂନ୍ୟ ମନୁଷ୍ୟର ମନ ଭିତରକୁ ଅଣୁପରିମିତ ଚିନ୍ତା ପ୍ରବେଶ କରିଗଲେ ପ୍ରଥମେ ପ୍ରଥମେ ସେ ତାକୁ ଝାଡ଼ି ଝୁଡ଼ି ଫିଙ୍ଗିଦେଇ ଦ୍ରୁତବେଗରେ ଚାଲିଯିବାକୁ ଉଦ୍‌ବିଗ୍ନ ହୋଇଉଠେ । କିନ୍ତୁ ପ୍ରଥମ ବାଧାର ସଙ୍ଗୀ ବାଧାଗୁଡ଼ାକ ଭାବୁକକୁ ଚାଲିଯିବାକୁ ଦିଅନ୍ତିନାହିଁ । ସେମାନେ ସୃଷ୍ଟିରେ ନିୟମ କଥା ଦୃଷ୍ଟାନ୍ତ ସ୍ୱରୂପ ଦେଖାଇବାକୁ ଆରମ୍ଭ କରନ୍ତି । ସେମାନେ କହୁଉଠନ୍ତି ଯେ ସୃଷ୍ଟି ଶୃଙ୍ଖଳାବଦ୍ଧ ହେବାକୁ ହିଁ ହେବ । କାହିଁକି ନା ସୃଷ୍ଟି ଆରମ୍ଭରୁ ସୃଷ୍ଟିକର୍ତ୍ତା ଏ ବସୁନ୍ଧରାକୁ ଦଣ୍ଡିଦଉଡ଼ିରେ ଆବଦ୍ଧ କରି ରଖିଛି । ଦିନ ପରେ ରାତି ଆସି କେଉଁଆଡ଼େ ଚାଲିଯାଉଛି । ସୂର୍ଯ୍ୟ, ଚନ୍ଦ୍ରକୁ କେହି ଆଉ ଘଣ୍ଟାଏ ମଧ୍ୟ ରଖିପାରୁନାହିଁ । ପ୍ରକୃତି ରାଜ୍ୟରେ କିମିପକି ସକାଶେ ବିପର୍ଯ୍ୟୟ ଘଟିଲେ ପ୍ରାଣିଜଗତ ହୋଇଉଠୁଛନ୍ତି ଆତଙ୍କିତ ଏବଂ ଶ୍ୱାସରୁଦ୍ଧ । ସୃଷ୍ଟିରେ ପ୍ରତ୍ୟେକ କଥାଟି ନିୟମାନୁବର୍ତ୍ତୀ ହୋଇ ଚାଲିଆସିଛି । ସଂସାରରେ ସୃଷ୍ଟି ମଧ୍ୟ ସେଇ ନିୟମ ବଳୟରେ ଆବଦ୍ଧ । ମନୁଷ୍ୟ କିଛି ନ ଜାଣି ନିଜ ଜୀବନରେ ଅନିୟମ ସୃଷ୍ଟି କଲେ, ସୀମା ଲଙ୍ଘନ କରି ସେ ନିୟମ ବଳୟ ଭିତରୁ ବହିର୍ଗତ ହୋଇ ଚାଲିଲେ, ସେଠୁ

ତାଙ୍କୁ ଆଜି ଛୋଟିଏ ବସ୍ତୁର କ୍ଷେତ୍ରର ସୀମା ପ୍ରସ୍ତୁତ କରିବାକୁ ପଡ଼େ । ସେଥିପାଇଁ ମନୁଷ୍ୟକୁ ଅନ୍ୟ ମନୁଷ୍ୟ ସଦାସର୍ବଦା ସତର୍କ କରାଇଆସିଛି । ସୀମା ଲଙ୍ଘନ କରିବାର ଅନୁତାପରେ ତାଙ୍କୁ ଦଗ୍ଧ ହେବାକୁ ହୋଇଥାଏ । ଅନୁତାପ ରୂପ ତପସ୍ୟାଦ୍ୱାରା ସେ ବୁଝିପାରେ ବିଶ୍ୱଜଗତର ବିପୁଳ ବେଦନା । ସେ ଅନ୍ୟର ଦୁଃଖ ସୁଖ ଜାଣି, ଅନ୍ୟର ହୃଦୟ ରୂପ ଦେଖି ଦୟାର୍ଦ୍ର ହୋଇଉଠେ । ଆପଣାର ଅନୁଭୂତି ସହିତ ଯେଉଁ ବ୍ୟକ୍ତି ଅନ୍ୟର ଆଶା, ଉଦ୍‌ବେଗ, ଆତଙ୍କ, ଆଶଙ୍କା ସମ୍ମିଳିତକରି ଜାଣିପାରେ, ସେ ହୁଏ ମହାପୁରୁଷ । ଗଣନାଥ ଜୀବନଯାତ୍ରା ପଥର ସୀମା ଲଙ୍ଘନ କରି ସମ୍ମୁଖର ଲୌହପ୍ରାଚୀର ଆଡ଼କୁ [illegible] ଦେଇ ଦାରୁଣ ଆଘାତ ପାଇଛନ୍ତି । ବର୍ତ୍ତମାନ ତାଙ୍କର ଭାବିବା ସମୟ ଆସିଛି । ପ୍ରକୃତି ତାଙ୍କୁ ବାଧ୍ୟ କରି ଭାବିତ କରାଉଛି । ଏହି ଅଭାବବୋଧ ଯେତେବେଳେ ମନୁଷ୍ୟ ମନରେ ଜାଗ୍ରତ ହୁଏ, ସେତେବେଳେ ସେ ଭାବନା କରେ । ସମୟେ ସମୟେ ଏ ଭାବନାରେ ଅଭିଭୂତ ହୋଇ ଅନେକ ଉନ୍ମାଦଗ୍ରସ୍ତ ହୋଇଯାନ୍ତି । କେହି କେହି ସର୍ବତ୍ୟାଗୀ ସନ୍ନ୍ୟାସୀ ହୋଇ ଘରୁ ବାହାରିପଡ଼ନ୍ତି ।

ଗଣନାଥ ଏଇ କେତେ ଦିନ ହେଲା ଭାବିବାକୁ ଆରମ୍ଭ କରିଛନ୍ତି । ଭାବନା ଦେଖା ପଛେ ପଛେ ଦୟା, କ୍ଷମା, ଭକ୍ତି, ପ୍ରୀତି ଆଦି ଶକ୍ତିଙ୍କ ସମାଗମ ଘଟିଛି ଗଣନାଥଙ୍କ ପ୍ରାଣରାଜ୍ୟରେ । ସେ ସେଇ ଶୂନ୍ୟ କକ୍ଷଟାକୁ ଚାହିଁ ବସିପଡ଼ିଲେ ଶୈଳର ଶୋଇବା ଖଟ ଉପରେ । ତାଙ୍କର ମନେ ପଡ଼ିଗଲା ନିଜ ଜୀବନର ସବୁ ଘଟଣା, ଶୈଳ ସହିତ ପ୍ରଥମ ସାକ୍ଷାତର କଥା । ପ୍ରଥମ ଦିନ ହିଁ ସେ ଶୈଳକୁ ପ୍ରଲୋଭିତ କରି ପରେ ପରେ ତାଙ୍କୁ ଯେତେ ମୂଲ୍ୟବାନ ଗହଣା ଦେଇଥିଲେ, ସେଗୁଡ଼ିକ ଗଲା କେଉଁଆଡ଼େ ? ଶୈଳ କଅଣ ସେସବୁ ଧରି ଦେଶକୁ ଚାଲିଗଲା ! ଯଦି ନେଇ ଯାଇଥିବ, ସେତିକି ଟଙ୍କାରେ ଅନେକ ଦିନଯାଏ ତାର ଭରଣପୋଷଣ ଚାଲିଯିବ, କିନ୍ତୁ ସେ ନେଇଥିବ ବୋଲି କାହିଁକି କେଜାଣି ମୋର ବିଶ୍ୱାସ ହେଉ-ନାହିଁ । ତେବେ ସେଗୁଡ଼ିକ ନେଲା କିଏ ? ଚମକି ଉଠିଲେ ଗଣନାଥ । ଯଦୁ ଆଜି ରେଖା ନେଇ ଯାଇଥିବେ ! ସେ ଅସ୍ଥିର ହୋଇ ଉଠିପଡ଼ିଲେ ଖଟ ଉପରୁ । ସେଇପରି ଅସ୍ଥିର ଭାବରେ ଚାଲିଗଲେ ରୋଷେଇ ଘର ଆଡ଼କୁ ।

ଘରୋଇ ଚପରାସି ରୋଷେଇ କରିଦେଇ ବାରଣ୍ଡାର ତଳଟାରେ ଶୋଇ ପଡ଼ିଥିଲା ନିଦରେ । ପାଦଶବ୍ଦରେ ସେ ଉଠିପଡ଼ି ରୋଷେଇ ଘରୁ ଭାତ, ତରକାରି ନେଇ ସଜେଇ ଦେଲା ଟେବୁଲ ଉପରେ । ସଙ୍କୋଚରେ ଜଡ଼ସଡ଼ ହୋଇ ଚପରାସି ଯାଇ ଦେଖିଲା, ଗଣନାଥ ରୋଷେଇ ଘର ପାଖ ବାରଣ୍ଡାରେ ଠିଆହୋଇ ରାମର ଘର ଆଡ଼କୁ ଚାହିଁଛନ୍ତି । ଚପରାସିଟି କୌଣସି ମତେ ସାହସ ସଞ୍ଚୟ କରି ପଛ ପାଖରୁ କହିଲା, "ଖାଇବା ରଖିଦେଲିଣି ।"

ଗଣନାଥ ତା ମୁହଁକୁ ନ ଚାହିଁ ଖାଇବା ଟେବୁଲ ପାଖରେ ବସି ଦେଖିଲେ ଯେ ସେ ଖାଇବା କଥା ଏକାଥରକେ ଭୁଲିଯାଇଥିଲେ । ଥାଳିଟାକୁ ପାଖକୁ ଟାଣିଆଣି ଆହାର ପ୍ରତି ମନ ଦେବାକୁ ଚେଷ୍ଟା କରୁ କରୁ ମୁହଁ ଫେରେଇ ଚାହିଁଲେ, ଚପରାସୀ ଅଦୂରରେ ଠିଆହୋଇ ଆଦେଶକୁ ଅପେକ୍ଷା କରିଛି । ସେ କଅଣ ଗୋଟାଏ କହିବାକୁ ଯାଇ ସେ କଥା ଭୁଲି କହିଲେ, "ରାମ ମାଳୀ ଅଛି ?"

"ହଁ ଆଜ୍ଞା ! ଅଛି, ସକାଳେ ତାକୁ ଦେଖିଥିଲି । ଡାକିଦେବି କି ଆଜ୍ଞା ? ଏଇ ଭିତରେ କେଉଁଠି କଅଣ କରୁଥିବ । ଯାଉଛି ଡାକି ଦେବି ।"

ଖାଦ୍ୟପଦାର୍ଥରୁ କଅଣ ଟିକିଏ ମୁହଁରେ ଦେଇ କହିଲେ, "ନାହିଁ ଥାଉ । ପରେ ସନ୍ଧ୍ୟାବେଳକୁ ଡାକିବୁ ।"

ଚପରାଶି ଚାଲିଗଲା ପରେ ସେ ଦେଖିଲେ, ଗୋଟାକଯାକ ଘର ଶୂନ୍ୟବୋଧ ହେଉଛି । ଆଉ ସେଇ ଶୂନ୍ୟତା ଭିତରୁ ଗୋଟାଏ ଅପୂର୍ବ ଭାବନା ଆସି ତାଙ୍କ ମନଟାକୁ ଚହଲାଇ ଦେଉଛି । ଆକସ୍ମିକ

ଖଟରେ ପିଲାଦିନର କଥା ମନେ ପଡ଼ିଗଲା । ସେ ଭାବିଗଲେ, ପ୍ରାଣଭାଇର ମୁହଁ ଦେଖିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଗମ୍ଭୀର ଚିନ୍ତାପୀଡ଼ିତ ମୁଖଛବି ଦିଶିଯାଉଛି । ପ୍ରାଣଭାଇ ସେଇପରି ଲୁହ ଛଳଛଳ ଆଖିରେ ଅନାଇଁ ଗଦ୍‌ଗଦ୍‌କଣ୍ଠରେ କଥା କହିବା- ବେଳେ ମୁଁ ଭାବେ, ସେ ଗୋପବନ୍ଧୁ ଦାସଙ୍କ ଛବି ଦେଖି ଓ କବିତା ପଢ଼ି ତାଙ୍କୁ ଅନୁସରଣ କରି କଥା କହୁଛନ୍ତି । ଏ କଥା ମୁଁ ତାଙ୍କ ମୁହଁକୁ ଖୁହିଁ ମଧ୍ୟ କେତେଥର ଭାବିଛି । ସେ ମୋ କଥା ଶୁଣି ମୋ ଆଡ଼କୁ ଦୃଷ୍ଟି ଫେରାଇ ନେଇ ଆଖି ପୋଛିନେବା ଦେଖିଛି । ସେ ଦୃଶ୍ୟ ଦେଖି ମନେ ମନେ ମୁଁ ହସିଛି । ମୁଁ ପ୍ରେମ କାହାଣୀ ପଢ଼େ, କିନ୍ତୁ ବିଶ୍ୱାସ କରେନାହିଁ । ସେସବୁ ପଢ଼ି ମୁଁ କିମିତି ଗୋଟାଏ କୌତୁକ ଅନୁଭବ କରେ । ପାଠ୍ୟ ବହିରେ ଦୁଷ୍ମନ୍ତ ଶକୁନ୍ତଳା ଚରିତ ପଢ଼ି ବିଷୟବସ୍ତୁ ପ୍ରତି ଅନୁଧ୍ୟାନ ନ ଦେଇ ସିମିତି ଗୋଟିଏ ଝିଅ ମୋ ଉପରେ ଆସି ପଡ଼ିଯିବ, ସେ ଦୃଶ୍ୟଟି କିମିତି ଆମୋଦଦାୟକ ହେବ, ତାହା ହିଁ ଭାବେ । ଉପନ୍ୟାସର ଉପଦେଶାତ୍ମକ ଅଂଶ ଛାଡ଼ିଦେଇ କେବଳ ପ୍ରେମ ଅଭିନୟ ଅଂଶଟି ହିଁ ପଢ଼େ । ମୁଁ ଉଚ୍ଚ ପଦରେ ଅଭିଷିକ୍ତ ହେବାପରେ ବହୁ ଲେଖକ, କବି ମୋ ପାଖକୁ ସେମାନଙ୍କର ବହି ପଠାନ୍ତି । ସେଗୁଡ଼ିକ ମୁଁ କେବେ ପଢ଼େ ନାହିଁ । କିନ୍ତୁ ପ୍ରାଣଭାଇର ଗଳ୍ପ ଉପନ୍ୟାସ ଦେଖିଲେ ଏଇ କେତେଦିନ ହେଲା ମୋ ମନ ସେ ବହିଟା ଆଡ଼କୁ ଟାଣି ହୋଇ ଚାଲିଯାଉଛି । ବନ୍ଧୁମାନେ ବସିଥିବା ସମୟରେ ବହି ଆସିଗଲେ ମୁଁ ସେ ବହି ଧରି ଦୂରକୁ ଫିଙ୍ଗିଦେଉଛି । ପୁଣି ଯେତେବେଳେ କେହି ନ ଥିବା ଦେଖି ବହିଟାକୁ ଆଣି ପଢ଼ି ଦେଉଛି । ମୋର ମନେ ହେଉଛି, ସେ ମୋହର ମନର କଥାଗୁଡ଼ାକ ମୋ ପେଟ ଭିତରୁ ଉଠେଇ ନେଇ ସେଥିରେ ରଖି ଦେଇଛନ୍ତି । ମନୁଷ୍ୟତା ପ୍ରାପ୍ତି କେଉଁଠି କେଉଁ ଗୋଟାଏ ବିଷୟ ମୁଁ ତ କେବେ ଭାବି ନ ଥିଲି । ପ୍ରାଣଭାଇର 'ମାଧବର ମନୁଷ୍ୟତା ପ୍ରାପ୍ତି' ଗଳ୍ପଟାକୁ ପଢ଼ି ମୋର ବିସ୍ମୟର ଅନ୍ତ ନାହିଁ । କି କଥା ? ଏ କଥାରେ ଲୋକେ କହନ୍ତି, ଅମୁକ ଲୋକଟା ସର୍ବଜ୍ଞତା । ଜନ୍ମକାଳର କଥା ସେ କହିଦେଇପାରନ୍ତି । ମୋର ପ୍ରାଣଭାଇ କଅଣ ତାହାହେଲେ ଜଣେ ତ୍ରିକାଳଜ୍ଞ ? ଥରେ ଥରେ ମୋର ମନେ ହେଉଛି ମୁଁ ହିଁ ବହୁଦିନ ଆଗରୁ ଏ କଥାଟି ଲେଖି ଦେଇଛି । କାହିଁକି ନା ଗଳ୍ପର ସମୁଦାୟ ବିଷୟ ମୋରି କଥା ବୋଲି ସ୍ପଷ୍ଟ ହୋଇ ଜଣାଯାଉଛି । ଏପରି କି ଗଳ୍ପଟାକୁ ମୋର ଜୀବନ-ଇତିହାସ ବୋଲି ଭାବିଲେ ମଧ୍ୟ ଚଳିବ । ମୋର ବଡ଼ଭାଇ ଆଉ ମୁଁ ଏକ ହୋଇ ସେ ଗଳ୍ପରାଜ୍ୟରେ ସଞ୍ଚରଣ କରୁଛୁ । ଆରମ୍ଭରେ ସେ କହିଦେଇଛନ୍ତି, ଏ କଥାଟି କାହାଣୀ ନୁହେଁ, ମୋର ଆପଣା ଜୀବନର ଇତିହାସ । ତାଙ୍କର ଆସନରେ ମୋତେ ରଖି ମୋ ସ୍ଥାନରେ ସେ ଆପେ ରହି କହି- ଦେଇ ଯାଇଛନ୍ତି । ଆଜ କାହିଁକି ଅନେକ ସମୟରେ ମୋର ବ୍ୟାକୁଳ ମନ ଉଡ଼ି ପଳେଇଯାଇ ପ୍ରାଣଭାଇଙ୍କୁ ଲୁଣ୍ଠେଇ ଧରି ରହୁଛି ! ପାଦତଳେ ପଡ଼ି ଜଣାଉଛି ଆତ୍ମନିବେଦନ । ମୋର ମନେ ହେଉଛି ମୁଁ କିଛି ନୁହେଁ, ମୋର ଏ ମାଟି ଦେହର ପ୍ରାଣ ମୋର ଭାଇ । ତାଙ୍କର ନାମଟିର ସାର୍ଥକତାରେ ମୋର ମନ ପୁଲକି ଉଠୁଛି । ଏକ ପିତା-ମାତାଙ୍କ ସନ୍ତାନ ଆମେ ଦୁହେଁ, ଗୋଟିଏ ମାଟି ପିଣ୍ଡୁଳାରେ ଗଢ଼ା ଏ ଦୁଇଟା ଶରୀର । ମୋର ପ୍ରାଣହୀନ ଦେହଟା ଭିତରେ ପ୍ରାଣଭାଇ ମୋର ବସି ଯାଆନ୍ତେ । ସେ କଥା କହନ୍ତେ, ମୁଁ ଶୁଣନ୍ତି । କି ଅସମ୍ଭବ କଥାଗୁଡ଼ାକ ଭାବୁଛି ମୁଁ ! ସେ କିମିତି ମୋର ପ୍ରାଣ ହେବେ ? ମୁଁ କିମିତି ତାଙ୍କର ଦେହ ହୋଇ- ପାରିବି ?

ଚପରାସି ଆସି ଖଟପାଖରେ ଠିଆହୋଇ କହିଲା, ଭାତ "ଥଣ୍ଡା ହୋଇଯାଉଛି ।"

## ଛକଣି

ଶୈଳ ସେଇ ରାତିରେ ଗୋଟିଏ ପୁତ୍ର ସନ୍ତାନ ପ୍ରସବ କରିଛି । ପୁଅଟିକୁ ତିନିମାସ ହୋଇଗଲାଣି, କିନ୍ତୁ ଏଇ ସ୍ୱର୍ଗ ତିନୋଟି ମାସ ଅମଳା ପକ୍ଷରେ ତିନିଯୁଗ ପରି କଟି ଆସୁଛି । ଶୈଳର ରକ୍ତ ମାଂସ ହୀନ ଦୁର୍ବଳ ଶରୀର । ପିଲାଟି ଜନ୍ମ ହେଲାବେଳକୁ ଥିଲା ଅତି

ଦୁର୍ବଳ । ଶିଥିଳ ହାଡ଼, ଶିଥିଳ ଚର୍ମ ମିଶି ଗଠିତ ହୋଇଥିଲା ଗୋଟିଏ ଶିଶୁମୂର୍ତ୍ତି । ଅଶ୍ରୁମୁଖୀ ଶୈଳ ସହିତ ଅମଳା କୌଣସିମତେ ସହଯୋଗ କରିପାରୁ ନ ଥିଲେ । ତାଙ୍କର ଝଡ଼ଝଞ୍ଜାବିହୀନ ନିର୍ମଳ ସୁନ୍ଦର ଜୀବନଯାତ୍ରା ପଥରେ ଶୈଳର ଉପସ୍ଥିତି କେବଳ ଗୋଟାଏ ଆବର୍ଜନା ବୋଲି ଅମଳାଙ୍କର ଧାରଣା ।

ଅମଳା ପ୍ରାଣନାଥଙ୍କ ଘରକୁ ଆସିବାଠାରୁ ଅଣ୍ଟିବ ଅନାଟନ ଭିତରେ ମଧ୍ୟ ନିଜର ଗୃହିଣୀ ପଣରେ ନିଜେ ମୁଗ୍ଧ ହୋଇ ସ୍ୱାମୀ ସନ୍ତାନଙ୍କର ନିରୁପଦ୍ରବରେ ନିଶ୍ଚିନ୍ତ ଭାବରେ ଦିନ କଟାଇ ଦେଉଥିଲେ । ତାଙ୍କୁ ଏପର୍ଯ୍ୟନ୍ତ ପ୍ରାଣନାଥଙ୍କର କୌଣସି ଆତ୍ମୀୟସ୍ୱଜନଙ୍କ ସଂସ୍ରବରେ ଆସିବାକୁ ପଡ଼ି ନ ଥିଲା । ତେଣୁ ଶୈଳର ଅପ୍ରତ୍ୟାଶିତ ଉପସ୍ଥିତି ଅତି ଅସ୍ୱାଭାବିକ ବୋଲି ହିଁ ତାଙ୍କର ଧାରଣା ହେଲା । କିନ୍ତୁ ସ୍ୱାମୀଙ୍କର ଇଚ୍ଛା ବିରୁଦ୍ଧରେ ଠିଆ ହୋଇ ତାକୁ ଘରୁ ବାହାର କରିଦେବା କଥା ମଧ୍ୟ ଭାବିପାରୁ ନ ଥିଲେ ।

ଅଚଳ ମନ ଯେତେବେଳେ ସଚଳ ହୁଏ ସେତେବେଳେ ପ୍ରଥମେ ସହଜ ଗୁଣଗୁଡ଼ିକ ପ୍ରକାଶିତ ହୋଇପଡ଼େ । ଯଥା ସମୟରେ ଆପଣା ଅନ୍ତଃକରଣର ଦୋଷଗୁଡ଼ିକୁ ଧୋଇ ପୋଛି ମହତ୍ତ୍ୱ ଚିନ୍ତାଧାରା ପ୍ରବର୍ତ୍ତିତ କରିପାରନ୍ତି ଅତି ଅଳ୍ପ ଲୋକ । ଭାଗ୍ୟବାନ୍ ବ୍ୟକ୍ତି ହିଁ ତାହା କରିପାରନ୍ତି । ଅମଳା ନିଜକୁ ସହଜ କରି ରଖିବାକୁ ଚେଷ୍ଟା କରି ମଧ୍ୟ ପାରୁ ନ ଥିଲେ ।

ଅମଳା ଯେ ପ୍ରାଣନାଥଙ୍କ ପ୍ରତ୍ୟେକ କଥାଟିକୁ ବେଦବାକ୍ୟ ବା ଦୈବବାଣୀ ବୋଲି ମନେକରି ଭକ୍ତି ଗଦ୍‌ଗଦ ହୋଇ ଉଠୁଥିଲେ, ସେ ଧାରଣା ଧୀରେ ଧୀରେ ତୁଟେ, ସହସା ଅନ୍ୟ ରୂପ ଧାରଣ କରିବାକୁ ଲାଗିଥିଲା । ଶୈଳ ଗୋଟାଏ ସ୍ୱେଚ୍ଛାଚାରିଣୀ, କୁଳ-କଳଙ୍କିନୀ ବୋଲି ଭାବିବାକୁ ସେ ମଧ୍ୟ କୁଣ୍ଠିତ ହେଉଥିଲେ ।

ଶୈଳ ଧୀରେ ଧୀରେ ସୁସ୍ଥ ହେବାପରେ ସ୍ୱତଃ-ପ୍ରବୃତ୍ତ ହୋଇ ଘର କାର୍ଯ୍ୟ କରିଦେବାକୁ ବାହାରିଲେ ଅମଳା ତାକୁ ମନା କରିଦିଅନ୍ତି । ଏପରି ମଧ୍ୟ ଦେଖା-ଗଲା ଯେ, ଯେଉଁ ଅମଳା ଛୁଆଁ ଅଛୁଆଁ, ଜାତିଭେଦ ଇତ୍ୟାଦି ମାନୁ ନ ଥିଲେ, ସେ ଶୈଳର ଛୁଇଁବା ପାଣି ମଧ୍ୟ ନ ଛୁଇଁ ତାକୁ ଦେଖେଇ ଦେଖେଇ ବାହାରେ ଢାଳି ଦେଇ ଆସୁଥିଲେ । ଶୈଳର ଖାଇବା ବାସନ ଆଲୁମିନିୟମର ଥାଳିଟିଏ, ଗିନାଟିଏ, ଗିଲାସ ଗୋଟିଏ । ତା'ର ପଟା ପାଖରୁ ଖଟ ପାଖକୁ ରଖା ହୋଇଥାଏ । ସମସ୍ତ ହେଲେ ସେ ଥାଳ, ଗିନା ପାତି ରଖେ, ଅମଳା ସେଥିରେ ଭାତ ତରକାରି ଢାଳି ଦେଇ ଚାଲି ଆସନ୍ତି । ଶୈଳ ତାର ମାତୃଭାଷା ହିନ୍ଦୀ ସହିତ ଓଡ଼ିଆ ମିଶେଇ ଯେତେବେଳେ ଅମଳା ସଙ୍ଗରେ ଆଳାପ କରିବାକୁ ଆରମ୍ଭ କରେ, ଅମଳା ଅବଜ୍ଞାରେ ତା ଆଡ଼ୁ ମୁହଁ ଫେରେଇନେଇ ଚାଲି ଯାଆନ୍ତି । ଦିନେ ଦିନେ ବାଳିକା ଅମିତା ପ୍ରାଣନାଥଙ୍କ ପାଖରୁ ସବୁ କଥା ଶୁଣି କୌତୁ-ହଳରେ ଖୁଡ଼ୀ ପାଖକୁ ଆସେ । ଖୁଡ଼ୀ ଖୁଡ଼ୀ ବୋଲି ଡାକିବା ଆବଶ୍ୟକ ନ ଥିଲେ ମଧ୍ୟ ଦିଶଥର ଖୁଡ଼ୀ ଖୁଡ଼ୀ ବୋଲି ଡାକେ । ପିଲାଟିକୁ ଧରି ଆଦର କରେ, ହିନ୍ଦୀ ଓଡ଼ିଆ ମିଶେଇ ଖୁଡ଼ୀ ସଙ୍ଗରେ କଥା-ବାର୍ତ୍ତା କରେ । ଅମଳା ଦୂରରୁ ତର୍ଜନ କରି ଅମିତାକୁ ଅନ୍ୟଆଡ଼େ ପଠାଇ ଦିଅନ୍ତି । ବାଳିକା ଅମିତା ଅମଳାର ଏଇ ସମସ୍ତ ଅସ୍ୱାଭାବିକ ଆଚରଣରେ କ୍ଷୁବ୍ଧ ହୋଇ ମନେ ମନେ କେତେ କଅଣ ଭାବେ; କିନ୍ତୁ ଏଇସବୁ ବିରକ୍ତିର କାରଣ ସମ୍ବନ୍ଧରେ ମାଆକୁ ପଚାରି-ହେଲେ ପଚାରିପାରେ ନାହିଁ । ବୋଧହୁଏ ସେ ବୁଝେ, କିନ୍ତୁ ବ୍ୟକ୍ତ କରେ ନାହିଁ ।

ପ୍ରାଣନାଥ ତଳକୁ ଆସି ଦିନେ ଦିନେ ଶୈଳ ପାଖକୁ ଯାଇ ଭଲ ମନ୍ଦ କଥା ପଚାରନ୍ତି । ପିଲାର ଅବସ୍ଥା ସମ୍ବନ୍ଧରେ ସବୁ ଶୁଣି ଉପଦେଶ, ଆଦେଶ, ପରାମର୍ଶ ଦିଅନ୍ତି । ପିଲାର ମଥାରେ ହାତ ବୁଲେଇ ଆଶିଷ ଶିଶୁଗୀତ ଗାଆନ୍ତି । ଶୈଳ ସେଇ ସୁଯୋଗରେ ପ୍ରାଣନାଥଙ୍କ ପାଦ ପାଖରେ ବସିପଡ଼ି ଆବେଗଜଡ଼ିତ କଣ୍ଠରେ କହେ, ପିଲାକୁ ନେଇ ଆପଣଙ୍କ ଭାଇଙ୍କ ପାଖରେ ଛାଡ଼ି ଦିଅନ୍ତୁ । ମୁଁ ଆଉ କେତେ କାଳ ଏମିତି ଆପଣଙ୍କୁ କଷ୍ଟ ଦେଇ ଏଠି ବସିଥିବି ? ଆଶା ଥିଲା, ଆପଣମାନଙ୍କର ସେବା କରି ହେଲେ ମନୁଷ୍ୟ

ଜୀବନଟାକୁ ସାର୍ଥକ କରିବ । କିନ୍ତୁ ମୋ ପରି ପାପୀ ହାତରୁ କିଏ ପାଣି ଛୁଇଁବ ! ମୋତେ ଆପଣ ହେଲେ ନେଇ ଛାଡ଼ିଦେଇ ଆସନ୍ତୁ, ଯେଉଁଠି କି ମୁଁ ନିଜକୁ କାର୍ଯ୍ୟରେ ଲଗାଇ ପାରିବି । କେଉଁଠି ଯଦି ଭଲ ଆଶ୍ରମ ଦେଖିଥିବେ । ସବୁଦିନେ ପ୍ରାଣନାଥ ଅନ୍ୟ ଆଡ଼େ ମୁହଁ ଫେରେଇ ନେଇ କ'ଣ ଭାବନ୍ତି । ଶୀଘ୍ର କିଛି ଗୋଟାଏ କହିପାରନ୍ତି ନାହିଁ । ଦିନେ ଦିନେ ଆବେଗରୁଦ୍ଧ କଣ୍ଠରେ କହିପକାନ୍ତି, "ମୁଁ ସେ ବ୍ୟବସ୍ଥା କରିବି ମାଆ ! ସବୁ କଥା ତ ସମୟସାପେକ୍ଷ । ନିଦାଘ କାଳ ଯାଇ ବର୍ଷାକାଳ ଆସୁଛି ସମୟ ଆସିଲେ । ସେଥିପାଇଁ ପରା କବି ଗଙ୍ଗାଧର ମେହେର କହିଛନ୍ତି, "ଚୂତ ପକ୍ୱ ହେଲେ କୋକିଳ ଆସଇ ଭାଷାର ମଧୁର ଭାଷା । ପୁଣ୍ୟ ପକ୍ୱ ହେଲେ ପରଣ ଦେବତା ପୂରଣ କରନ୍ତି ଆଶା ।" ତୁମେ ଓଡ଼ିଆ ଅକ୍ଷର ଶିଖିଗଲେ ହିନ୍ଦୀ ପଢ଼େଇବାକୁ କେଉଁଠି ହେଲେ ରହିବାର ବ୍ୟବସ୍ଥା କରିବା ।"

କଥାଗୁଡ଼ାକ ଶୁଣି ଅମଳା ସ୍ୱଗତୋକ୍ତି କରି କହନ୍ତି, "ଯେଉଁ ବିଦ୍ୟା ବୁଦ୍ଧି ଅଛି ନା, ମାଷ୍ଟ୍ରାଣୀ ହୋଇ ଗୁଣ ବିକଶିତ କରିଦେବ । କୁଳ ଉଜ୍ଜ୍ୱଳ ହୋଇଯିବ । ଦେଶର ଝିଅମାନଙ୍କୁ ଏଇ ମାତ୍ର ଶିକ୍ଷା ଦେବ ।"

କହିବାକୁ ସ୍ମରଣ ହୋଇ ନ ଥିଲା । ଶୈଳ ଆସିବାର ଦୁଇ ଚାରି ଦିନ ଭିତରେ ଅମିତାର ବୁଢ଼ା ମାଷ୍ଟ୍ରଙ୍କ ପରାମର୍ଶରେ ପ୍ରାଣନାଥ ବିଶ୍ୱପତିଙ୍କୁ ତାଙ୍କର ଧାନ ହେଉଥିବା ଅବଶିଷ୍ଟ ଭୂମିରୁ ଅଧେ ବିକ୍ରୀ କରିବା କଥା କହିଥିଲେ । ସେ କଥା ଅମଳା ଯେତେବେଳେ ଶୁଣିଲେ, ସ୍ୱାମୀଙ୍କୁ କହିଲେ, "ଅସମୟରେ ଲୋକଟା ଧାର ଉଧାର ମାଗୁଛି । ଆପଣ ତାର ଭୂମି କିଣିନେବେ ! ଜୀବନରେ ଯଥେଷ୍ଟ ଭୂମି ବଢ଼େଇଛନ୍ତି, ଆଉ ଗୁଡ଼ାଏ ହେଲେ ଦେଖିପାରିବ ନାହିଁ ।"

ଅପର୍ଣ୍ଣାଙ୍କ ସୁପାରିଶରେ ପ୍ରାଣନାଥ ବିଶ୍ୱପତିଙ୍କ ଠାରୁ ପାଞ୍ଚ ଶହ ଟଙ୍କା ଋଣ ପାଇଥିଲେ । ସେଇ ଟଙ୍କା କଥା ନେଇ ଅମଳାଙ୍କ ମନରେ ପହଞ୍ଚିଛି ଅନ୍ୟ ପ୍ରକାର ଧାରଣା । ଅରୁଣୀ ଅପ୍ରବାସୀ ବୋଲି ତାଙ୍କ ମନରେ ଯେଉଁ ଗୋଟାଏ ବିଶ୍ୱାସ ଥିଲା, ପୁଣି ଯେତେ ଅଭାବ ହେଲେ ମଧ ପୈତୃକ ଧନ ଉପରେ କେବେ ଧାର ଉଧାର ଆଣିବେ ନାହିଁ ବୋଲି ସେ ଯେଉଁ କଳ୍ପନା କରିଥିଲେ, ସେ କଳ୍ପନା ଉପରେ ଆଘାତ ଦେଇ ତାଙ୍କୁ କିଛି ନ କହି ପ୍ରାଣନାଥ ଟଙ୍କା ଋଣ କରି ନେଇଆସିଲେ । ଅମଳାଙ୍କ ମନ ଭିତରେ ଗୋଟାଏ ରୁଦ୍ଧ କ୍ରୋଧ ଗର୍ଜିଉଠିଲା । ସେ ଭାବିଲେ ଯେ କଥା ଗଡ଼ିଲା ବେଳକୁ ସିନା ସେ ସ୍ୱାମୀଙ୍କର ପ୍ରାଣାଧିକ ପ୍ରେୟସୀ, ସାଧାରଣ ଭାବରେ ଦେଖିଲେ ସେ ଦୁହିଁଙ୍କର ପତି ପତ୍ନୀ ସମ୍ବନ୍ଧ ଖୁବ୍ ବେଶି ଭଲରେ ତ ନାହିଁ । ସେମାନେ ସାଂସାରିକ ଆଧିପତ୍ୟ କରି ଆନନ୍ଦ ପାଉଛନ୍ତି । ଏଇ ତ ଭାଇଙ୍କ ଗୁଣ କହିଲେ ଶେଷ ହେବ ନାହିଁ । ଏଇ ଯେ ସ୍ତ୍ରୀଟାକୁ ଆଣି ମୋ ହାତରେ ସେବା କରାଉଛନ୍ତି, ଏଗୁଡ଼ାକ କ'ଣ ଅଯଥା ଉତ୍ପାତ ସୃଷ୍ଟି ନୁହେଁ ! ଏଇସବୁ ଜଟିଳ ବିଷୟ ଭାବନା କରି ଅମଳା ମନ ବିକୃତ କରି ବସିଛନ୍ତି । ପ୍ରାଣନାଥଙ୍କ ପରି ସର୍ବଶକ୍ତିମାନ୍ ସ୍ୱାମୀଙ୍କ ପାଖରେ ମଧ ମନ ଖୋଲି କେବେ ପଦେ କହିପାରୁ ନାହାନ୍ତି ।

ପ୍ରାଣନାଥ ମଧ ଜାଣି ନ ଜାଣି ଅମଳା ସହିତ ପୂର୍ବପରି ସ୍ୱାଧୀନ ମତ ପ୍ରକାଶ କରିପାରୁ ନାହାନ୍ତି । ତାଙ୍କର ଇଚ୍ଛା, ଶୈଳର ଦୁଃଖରେ ଅମଳା ସମ୍ପୂର୍ଣ୍ଣ ସହାନୁଭୂତିଶୀଳା ହୋଇ ତାକୁ ଆପଣାର କରି ନେଇଥାନ୍ତେ । ସେ ଭାବିଲେ, ଅମଳାକୁ ମୁଁ ଦେବୀ ବୋଲି ଭାବିଥିଲି । ଦୟା, ଶ୍ରଦ୍ଧା, ପ୍ରେମ, ଭକ୍ତି ସବୁ ନାରୀର ଭୂଷଣ ବୋଲି କଥାରେ ସିନା କୁହାଯାଇଛି । ନିଜର ଇଚ୍ଛା ନ ହେଲେ, ଅନ୍ୟର ଇଚ୍ଛା ଉପରେ ବିଶ୍ୱାସ ରଖି କେହି କାହାକୁ ସ୍ନେହ କରିପାରୁ ନାହିଁ । ଅମଳା ଏଇ ଦୟା କରିବା କଥା ନେଇ କେତେ ଥର କେତେ ତର୍କ କରୁ ନ ଥିଲେ । ତାଙ୍କର ଇଚ୍ଛାରେ କାହାକୁ ଖାଇବାକୁ ମୁଠେ କିମ୍ବା ପିନ୍ଧିବାକୁ ଖଣ୍ଡେ ଦେଇ ନିଜର ଦୟାର୍ଦ୍ରତାରେ ନିଜେ ବିହ୍ୱଳ ହୋଇ ଉଠୁଥିଲେ । ବର୍ତ୍ତମାନ ଶୈଳ ପ୍ରତି ସେ ଯେଉଁ

ନିସ୍ତୁରତା କରୁଛନ୍ତି, ସେ ଆଡ଼କୁ ଦୃଷ୍ଟି ଦେଲେ ତାଙ୍କର ନିମ୍ନଗାମୀ ଚିନ୍ତାଧାରାର ରୂପ ସ୍ପଷ୍ଟ ହୋଇ ଦିଶିଯାଉଛି । ଦୟା, ମମତା, ସ୍ନେହ, ପ୍ରୀତି ସବୁ କିଛି ମନୁଷ୍ୟ ଆପଣାର ଆବଶ୍ୟକତାବୋଧରେ ହିଁ କରେ । ଅନ୍ୟର ଇଚ୍ଛାର ଗ୍ରହଣୀୟତା ହେବା ମାତ୍ରେ ହିଁ ତା ହୃଦୟ ହୋଇଯାଏ ଶୁଷ୍କ ନୀରସ । ମୋ କଥାରୁ ହିଁ ମୁଁ ବୁଝୁଛି, ମୋତେ ଗଣନାଥ ସହିତ ମିଳିତ ହୋଇଯିବାକୁ ଅନେକେ ଅନେକ ପ୍ରକାର କହୁଛନ୍ତି, ମୁଁ କଅଣ ତାହା କରିପାରୁଛି ? ଦେଶର ଶାସନ ବିଧାନରେ ବିଭ୍ରାଟ ଘଟୁଛି ବୋଲି ଶୁଣୁଛି । ସେ ଭିତରକୁ ଯାଇ ସବୁ କିଛିରେ ହାତ ଦେଇ ସହଜ ସୁନ୍ଦର କରିଦେବାକୁ ଇଚ୍ଛା ହେଉଛି । କିନ୍ତୁ ପରକ୍ଷଣରେ ପୁଣି ନିରସ୍ତ ହୋଇଯାଉଛି । ଘରେ ଘରେ ମନୁଷ୍ୟ ମନରେ ଯେତେ ସମସ୍ୟା ଉପୁଜୁଛି; ସବୁ କଥାର ସମାଧାନ କିଛି ସହଜ ନୁହେଁ । ଏଣୁ ମୋ ପ୍ରତି ସନ୍ଦେହ ହେଉଛି । ଶୈଳକୁ ଆଣି ମୋ ଘରେ ରଖିବା ମୋ ପକ୍ଷରେ ବୋଧହୁଏ ଅନୁଚିତ ଆଉ ଅନାବଶ୍ୟକ । ଚିନ୍ତା କରି ଦେଖିଲେ ଅମଳାର ମନଟି ହିଁ ଠିକ୍ । କିନ୍ତୁ ଅନେକ ସମୟରେ ମନୁଷ୍ୟ ଭାବପ୍ରବଣ ହୋଇ କୁଣ୍ଡାଏ ଆବର୍ଜନା ମଧ୍ୟ ସୃଷ୍ଟି କରିପକାଏ । ଗଣନାଥ ସହିତ ମୋର କେବେ କୌଣସି ସମ୍ପର୍କ କିମ୍ବା ମାନସିକ ସାମଞ୍ଜସ୍ୟ ନାହିଁ । ତଥାପି ରାମ ଯେତେବେଳେ ଶୈଳକୁ ଆମ ଘରର ବୋହୂ ବୋଲି କହିଲା, ମୁଁ ଗୋଟାଏ ଦ୍ୱିଧାରେ ପଡ଼ିଗଲି । ମୋ ଭାଇ, ମୋର ଭାଇର ସ୍ତ୍ରୀ ବୋଲି କେମିତି ଗୋଟାଏ ଅଭିଭାବକତ୍ୱ ଜାଗିଉଠିଲା । ବର୍ତ୍ତମାନ ଯେ କୌଣସି ଗୋଟାଏ ଉପଯୁକ୍ତ ଉପାୟ ଅବଲମ୍ବନ କରିବାକୁ ପଡ଼ିବ । ଅମଳା ଆସି ମୋ ପାଖରେ ବସି କଥା କହୁ ନାହାନ୍ତି, ମୋର କୋମଳ ପ୍ରାଣ ସେ କଥା ସ୍ମରଣ କରି ବିକଳ ହୋଇଉଠୁଛି । ମୁଁ ଆବେଗରେ ଅଧୀର ହୋଇ ଧାଇଁଯାଉଛି ଅମଳା ପାଖକୁ । ପୁଣି କିଛି ନ କହି ଫେରିଆସୁଛି । କାଳେ ସେଇ ଗଣନାଥର ଆଉ ଶୈଳର କଥା କହିବ, ଯାହା ଶୁଣିବାକୁ ମୋର ଇଚ୍ଛା ନାହିଁ । ନିଜକୁ ଜଗତବାସୀଙ୍କ ଅସନତଳେ ରଖି ନିଜକୁ ବୁଦ୍ଧିହୀନ ବୋଲି ହିଁ ଭାବିଯାଉଛି । ବୁଦ୍ଧିଶାଳୀ ବ୍ୟକ୍ତିବୃନ୍ଦ ତାଙ୍କର ବିବେଚନା କ୍ଷେତ୍ରକୁ ପ୍ରଶସ୍ତ କରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ୱାଭାବିକ ସାମଞ୍ଜସ୍ୟ ରଖି ଜୀବନ ଗଠନ କରି ଦେଇପାରନ୍ତି । ମୁଁ ସେପରି ଚିନ୍ତା କରି ପାରୁ ନାହିଁ । ଅମଳା ସେଦିନ ମୋତେ ଭାଗବତ ବାଣୀରୁ କହିଲେ, "ନିଜ ରକ୍ଷଣ ଅସମ୍ଭବ, ସେ କାହିଁ ଅନ୍ୟକୁ ରକ୍ଷିବ ।" ବସୁଧାକୁ କୁଟୁମ୍ବ ବୋଲି ଭାବିବା ଶକ୍ତି ତ ଆମର ଆୟତ୍ତର ହୋଇ ନାହିଁ । ପୁଣି ସେ ଭାବନା କେବଳ ମୋର ଜଣକର ହେଲେ ମଧ୍ୟ ଚଳିବ ନାହିଁ । ଅମଳାର ମନରେ ମଧ୍ୟ ସେ ଚେତନା ଆସିବାକୁ ହେବ । ଯାହାକୁ ପାଇଥିଲ, ତାକୁ ହରେଇ ତାକୁ ଦୁଃଖ ଦେଇ ଅନ୍ୟର ସୁଖ ସମ୍ପାଦନ ପାଇଁ ଆଉ ଧାଇଁବ ନାହିଁ । ଏଣେ ଇମିତି ଅବସ୍ଥା ହୋଇଛି ଯେ, ମୁଁ ଶୈଳକୁ ଘରୁ ଛାଡ଼ି ଦେଇପାରୁ ନାହିଁ । ସେ କଥା ଭାବିଲେ ମନ ଭିତରର କରୁଣା ଦେଖା ଦେଇ ଉଠୁଛି । ଆହା, ଅଳ୍ପବୁଦ୍ଧି ଅବଳା ମୋହରେ ପଡ଼ି ସମାଜ-ସଂସାର ଛାଡ଼ି ଆସିଲା । ବାପା ମଲା, ମାଆ ମଲା ବିତାଡ଼ିତା ହୋଇ ରାମର ଆଶ୍ରୟରେ ରହିଲା, ଅବଶେଷରେ ସେ ମଧ୍ୟ ତାକୁ ରଖି ନ ପାରି ଏଠି ଆଣି ଛାଡ଼ିଦେଇ ଗଲା । ମୁଁ ପୁଣି ତାକୁ ବିତାଡ଼ିତ କରିବି କେମିତି ? ତିନି ମାସ ହେଲା ଚିନ୍ତା କରି କରି ଯାହାହେଉ ଗୋଟାଏ ସିଦ୍ଧାନ୍ତରେ ପହଞ୍ଚିଛି । ମୁଁ ନିଜେ ଗଣନାଥ ପାଖକୁ ଯାଇ ତାକୁ ଡାକି ଆଣି ଏ ଘରେ ରଖାଇଦେବି । ଏକ୍ଷଣି ତାର ଦେଖିଁ ଅବସ୍ଥା ହେଲାଣି ସେ କଥ ରାମ ଏଇ କେତେ ଦିନ ତଳେ ଆସି ସବୁ କଥା କହିଯାଇଛି । ମନୁଷ୍ୟ ଅକୂଳ ସମୁଦ୍ରରେ ଭାସିଗଲାବେଳକୁ କୁଟା ଖଣ୍ଡିଏକୁ ମଧ୍ୟ ହାତ ବଢ଼େଇବା ସ୍ୱାଭାବିକ । ଚେତନା ଜାଗ୍ରତ ହେଲାବେଳକୁ ଆନୁସଙ୍ଗିକ ଉପାଦାନ ଯୋଗ କରିଦେଲେ ସେ ଆପେ ତାର ସଂସାରିକ ଜୀବନ ଗଠନ କରି ଦେଇପାରିବ । ଅମଳାକୁ ମଧ୍ୟ ବାହାର ଜଗତ ସହିତ ପରିଚୟ କରାଇବାକୁ ହେବ । ତାକୁ ନେଇ ପଣ୍ଡିଚେରୀ କିମ୍ବା ସାବରମତି ଆଶ୍ରମ ଆଡ଼େ ଯିବି ବୋଲି ଭାବୁଛି । ସେ ସେ ଏଇ ଘର ଚଣ୍ଡିକା

ଭିତରେ ଆବଦ୍ଧ ରହି ମୁଁ ଆଜି ତାର ପିଲା ଦୁଇଟି ହିଁ ପୃଥିବୀର ମନୁଷ୍ୟ ବୋଲି ଭାବୁଛି । ସଂସାରରେ କେତେ ଭଲ, କେତେ ମନ୍ଦ, କେତେ ଦୁଃଖୀ, କେତେ ସୁଖୀ ରହିଛନ୍ତି ସେସବୁ ମୁଁ ଦେଖୁ, ସେମାନଙ୍କ କଥା ଶୁଣୁ । ବହୁ ଅନୁଭୂତିରୁ ଯିନା ଉଦାର ଭାବ ଜାଗ୍ରତ ହୁଏ ।

ପ୍ରାଣନାଥଙ୍କ ଭାବନା-ସ୍ରୋତରେ ବାଧା ଦେଇ ପ୍ରବେଶ କଲେ ନାରଣ ଆଉ କନକ । ନାରଣ ଦଣ୍ଡବତ କରି ଠିଆ ହୋଇଥିଲା । କନକ ପ୍ରାଣନାଥଙ୍କ ପାଦ ପାଖରେ ମୁଣ୍ଡ ଲଗାଇ ଉଠି ବସି କହିଲା, "ଗାଆଁକୁ ଆସି ଗାଆଁ ଲୋକଙ୍କର ଉପକାର କରିବା ବୋଲି ଯିନା ଗୋଟିଏ ଆଶା ଥିଲା, ଅବସ୍ଥା ଯାହା ଦେଖୁଛି ଆଉ କିଛି ହେବ ନାହିଁ । ମାଳ ଗଉଡ଼ି ପରିହାସ କରି କରି ଫୁଟୁକି ଫୁଟେଇ କହୁଛି— ଆଲୋ ମଉସା, ମୂଳ ପଇସା, ତମ ଉପରେ ହାଣ୍ଡି ସୁନା କଳସ ଢାଳି ଦେଲି ବୋଲି ଗାଆଁ ଗୋଟାଯାକର ସ୍ତ୍ରୀ ଲୋକଙ୍କ ଉପରେ ତ ଢାଳିନ । ଏମାନେ ପେଟକୁ ନ ପାଇ ପିଠିକି ନ ପାଇ ଛଟପଟ ହେଉଛନ୍ତି, ଆଉ ଥରେ ଏମାନେ ପାଠ ପଢ଼ିବେ, ଗୀତ ଗାଇବେ । ତିନିଟାଯାକ ସାହି ବୁଲି ସମସ୍ତଙ୍କୁ ବୁଝେଇ କହିଆସିଲି । ପ୍ରଥମ ପ୍ରଥମ ବୁଢ଼ୀ ଦରବୁଢ଼ୀ-ଗୁଡ଼ିକ ଆସି ମୁଁ କଅଣ କରୁଥିଲି, କମିତି ଥିଲି, କେତେ ଟଙ୍କା ଆଣିଛି, ଏକଥା ନେଇ ଗପ କଲେ । ପଢ଼ିବା କଥା ଶୁଣି ଆଉ କେହି ଆସୁ ନାହାନ୍ତି । ପୁରୋହିତ ଘର ବୋହୂ, ଝିଅ ଦି ଜଣ ଦୁଇଟା ଦିନ ଆସିଥିଲେ, ତାଙ୍କ ବାପା ମନା କଲେ ବୋଲି ଆଉ ଆସୁ ନାହାନ୍ତି ।

"ତୁମମାନଙ୍କୁ ପାଠ ପଢ଼େଇ ତୁମମାନଙ୍କ ହିତସାଧନ କରିବି ବୋଲି କହିଲେ କେହି ସେ କଥା ଶୁଣିବେ ନାହିଁ । ଆମ ଦେଶର ସ୍ତ୍ରୀ ଜାତିଟା ପରି ନିଶ୍ଚିନ୍ତରେ ଘର କଥା ଦେଖି ଖୁସି ଗଳ୍ପ କରି ଦିନ କଟେଇବା ଜାଣିଛନ୍ତି, ଆଉ ତାହା ଚିରକାଳର ଗଳଣି ଅଭ୍ୟାସ ହୋଇଯାଇଛି । ସହଜରେ ସେମାନଙ୍କର ଅଚଳ ମନକୁ କଅଣ ଚଞ୍ଚଳ କରି ହେବ ? ପ୍ରଥମ ତୁ ତୋର ଆପଣାର କଥା ଦେଖ । ଗାଆଁର ହିତ କରିବାକୁ ଗଲେ ବହୁ ଧନ, ବହୁ ଜ୍ଞାନ, ଅସୀମ ସହିଷ୍ଣୁତା ଆବଶ୍ୟକ । ତୋର ନିଜର ଯେଉଁ ଗୁଡ଼ାଏଟି ପୁଅ ଝିଅ ଅଛନ୍ତି ସେମାନଙ୍କ ଭିତରୁ ଗୋଟିକୁ ମଧ୍ୟ ଆପଣା ଇଚ୍ଛା ପ୍ରକାରେ ଗଢ଼ିପାରିବୁ କି ନାହିଁ ସନ୍ଦେହ । ଏଣୁ ମୁଁ କହୁଥିଲି କଅଣ କି ଗାଆଁର ସ୍ତ୍ରୀମାନେ ତୋତେ ଗୁରୁପଦରେ ବରଣ କଲେ ନାହିଁ ବୋଲି ଦୁଃଖ ନ କରି ଗୁରୁ ହେବା ପାଇଁ ତୋର ଜ୍ଞାନ ଅଛି କି ନାହିଁ ଧୀର ସ୍ଥିର ଭାବରେ ସେଇ କଥା ଭାବନା କର । ଭୋଗକୁ ତ୍ୟାଗ କରି ଯୋଗସାଧନା କଲେ, ପୁଣି ଗୁରୁ ଗୁଣର ନିଦର୍ଶନ ଦେଖେଇଲେ ଯିନା ଅନ୍ୟମାନେ ସେ ଗୁଣ ଦେଖି ମାନିବେ । କିଛି ନ ଥାଇ ମାନିଲେ ନାହିଁ ବୋଲି ଦୁଃଖ କରି ବସିଲେ କଅଣ ହେବ ? ନିଜ ଶକ୍ତିରେ ଆଗ ବିଶ୍ୱାସ ହେଉ ।"

"ମୋ ଅବସ୍ଥା ମଧ୍ୟ ଶୋଚନୀୟ ହୋଇ ଆସିଲାଣି ଆଜ୍ଞା ! ନୈଶ ବିଦ୍ୟାଳୟ ବୋଲି କଅଣ ଗୋଟାଏ ଆରମ୍ଭ କଲି ଯେ ଯେଉଁ ହି'ଷ୍ଟର ଜଣ ପଢ଼ିବେ ବୋଲି ଆସୁଛନ୍ତି, କିଏ କେଉଁଠି କେତେ ଧନ ପଇସା କଲାଣି, ଜମି ଘର କିଣିଲାଣି, କେଉଁ ଦେଶର କେଉଁ ମନ୍ତ୍ରୀ ଭଲ, କେଉଁ ମନ୍ତ୍ରୀ ମନ୍ଦ, ଏଇ କଥା ଧରି ଚର୍ଚ୍ଚା କରୁଛନ୍ତି । ମୁଁ ତ ଦେଖୁଛି, ଏମାନଙ୍କୁ ନ କହିଲେ ମଧ୍ୟ କେଉଁଠି କଅଣ କମିତି ଶୁଣି, କଳ୍ପନା ମିଶେଇ ସତେ ଦେଖିଥିବା ପରି କହି ଦେଉଛନ୍ତି । ଯେଉଁ କଥା ଘଟିଛି ଅଥଚ ଆମ୍ଭେ ପ୍ରକାଶ କରିବାକୁ କୁଣ୍ଠିତ ସେମାନେ ସେ କଥା କହୁଛନ୍ତି । ସାଧାରଣ ଲୋକଙ୍କର ବୋଧଶକ୍ତି ଯେପରି ବଢ଼ିଗଲାଣି, ସେମାନଙ୍କ ପାଖରୁ କୌଣସି କଥା ଆଉ ଗୋପନ କରି ରଖି ହେବ ନାହିଁ । ଯୁଗର ଲକ୍ଷଣ ଯୋଗୁ ହେଉ ଅବା ଲୋକଙ୍କର ଦୋଷ ବାଛୁ ବାଛୁ ହେଉ ଏମାନେ ପଢ଼ିବାକୁ ସମସ୍ତେ ପାଉ ନାହାନ୍ତି । ମୁଁ ଏବେ ସ୍ଥିର କରିଛି, ବିନ ଭାଇ ମଧ୍ୟ କଲିକତାରୁ ଚିଠି ଲେଖିଛନ୍ତି, ସେ ସେଠି କେଉଁଠି ଗୋଟିଏ ଛାପାଖାନାରେ ଅକ୍ଷର ଖଞ୍ଜିବା ଆଉ କଅଣ

ସବୁ ଶିଖୁଛନ୍ତି । ଗାଆଁରେ ଛାପାକଳ ରଖି ମାସିକ ପତ୍ର ଗୋଟିଏ ବାହାର କରିବେ, ଆଉ ମଧ୍ୟ ଏଇ ପାଖ ଆଖର କିଏ କେଉଁଠି ଛୋଟ ଛୋଟ ବହିଟିଏ ଛପେଇବାକୁ ଦେଲେ ଛାପିଦେବେ । ଏହା ତାଙ୍କର ଇଚ୍ଛା । ମୁଁ ମଧ୍ୟ ସେଠିକି ଯାଇ ଶିଖି ଆସିବି । ଆପଣଙ୍କୁ ସେଇ କଥା ପଚାରୁଛି ।"

ପ୍ରିଣ୍ଟିଙ୍ଗ୍ କାର୍ଯ୍ୟ ଶିଖି ଆସିବାକୁ ବନ ଯାଇଛି । ସେ ସେଆଡ଼ୁ ଫେରିଆସି କଅଣ କରୁଛି, ଆଗ ସେକଥା ଦେଖ । କେତେ କେତେ ବିଚକ୍ଷଣ ସାହିତ୍ୟିକ, ସମୀକ୍ଷକ କହି ଛୋଟରୁ ଆରମ୍ଭ କରି ମାସିକ, ସାପ୍ତାହିକ କାଗଜ ଚଳେଇ ବେଶି ଦିନ ସମ୍ଭାଳି ପାରିନାହାନ୍ତି, ଭାଙ୍ଗି ପଡ଼ିଛନ୍ତି । ଏପରି ଗୋଟିଏ ଅନୁଷ୍ଠାନ ଚଳାଇବାକୁ ଦରକାର ପ୍ରଭୂତ ଧୈର୍ଯ୍ୟ, ପ୍ରଚୁର ଧନ, ସେଥି ସହିତ ଦେଶବାସୀଙ୍କ ପଠନ ଇଚ୍ଛା । ଦେଖିବାକୁ ଗଲେ ସବୁ କଥାରୁ ଗୋଟିଏ ହେଲେ ଆମର ନାହିଁ । ତରବର ଭାବରେ ସଭ୍ୟ ଗୋଟାଏ ହୋଇଯାଇ ଧଡ଼ପଡ଼ ହୋଇ ଛାଡ଼ି ଦେଇ ଚାଲିଆସିଲୁ । ଘରେ ବସି କଅଣ କରିବି, କଅଣ କରିବି ହେଉଛୁ । ବ୍ୟବସ୍ଥାସବୁ ଛାଡ଼ିଦେଇ ଆସିଲାବେଳେ ମତେ ପଚାରିଥିଲେ ମୁଁ ତୋତେ ମନା କରିଥାନ୍ତି । ଗାଆଁର ଉନ୍ନତିବିଧାନ କଅଣ ବିଧାନସଭାରେ ରହି କରିପାରନ୍ତି ନାହିଁ ? ମୁଁ ତ ଭାବୁଛି, ସେଠି ରହି ବେଶି କାର୍ଯ୍ୟ କରିପାରିଥାନ୍ତି ।"

ନାରଣ ମୁଣ୍ଡ କାନ ଅଣ୍ଡାଳି କହିଲା, "ନାହିଁ ଆଜ୍ଞା, ମୁଁ ସେଠି ରହି କିଛି କରିପାରନ୍ତି । ଯିବାହାସ କିଛି କ୍ଷତି ହୋଇନାହିଁ । ସଂସାରଟାକୁ ଦେଖିଲି, ତାହା ହିଁ ମୋର ପରମ ଲାଭ । କିଛି କାମ ନାହିଁ ବୋଲି ଯେ କାମ ଖୋଜି ହେଉଛି, ତାହା ନୁହେଁ । ଆଚାର୍ଯ୍ୟ ମହାଶୟଙ୍କର ଜନ୍ମଭୂମି ଭରଣ ଭୂମି ଧରିଛି । ଭଲ କରି ଘଣା ଗୋଟିଏ କରିବି ବୋଲି ଆୟୋଜନ କରିଛି । ଆଚାର୍ଯ୍ୟେ କହୁଛନ୍ତି ଛୋଟ କରି ଘଣା ତେଲ କଳ ଗୋଟିଏ କରିବାକୁ । କିଛି ସ୍ଥିର କରି ନାହିଁ । ଗାଆଁର ଆଉ ଲୋକେ ତେଲକଳକୁ ଅଂଶଧନ ଦେବେ ବୋଲି କହୁଛନ୍ତି । ମୋର ଇଚ୍ଛା, ଆଉ ଏତେ ଆଡ଼େ ନ ହୋଇ ଦିନ-ବେଳଟା ଭଲ କାମ କରି ଆସି ଘଣ୍ଟରେ ଅଳ୍ପ ସମସ୍ତ ହେଲେ ପଢ଼ିବି, ପଢ଼େଇବି । ମନୁଷ୍ୟ ଜୀବନ କୋଉ ଚିରସ୍ଥାୟୀ ଯେ ! ଏଣେ ବନ ଭାଇ ତାଙ୍କ ପିଲାମାନଙ୍କୁ ମୋ ଦାୟିତ୍ୱରେ ଛାଡ଼ିଦେଇ ଯାଇଛନ୍ତି ।"

"ତାହାହେଲେ ତ ବନର ପିଲାଙ୍କ ଦାୟିତ୍ୱ କନକ ଉପରେ ପଡ଼ିଥିବ । ଏଇ କେତୋଟି ପିଲାଙ୍କୁ ମନୁଷ୍ୟ କରି ଗଢ଼ିବା କିଛି ସହଜ କଥା ନୁହେଁ । ଏତେ କାର୍ଯ୍ୟ ଥାଉ ଥାଉ ତୁ ଆଉଥରେ କାର୍ଯ୍ୟ ଖୋଜୁଛୁ କ'ଣରେ ? କନକକୁ ମଧ୍ୟ ସେଇ କାର୍ଯ୍ୟରେ ଲାଗିବାକୁ ହେବ ।"

"ବନବାବୁଙ୍କ ମାଆ ବିରକ୍ତ ହୋଇ ପିଲାଙ୍କୁ ଆଣି ମୋ ପାଖରେ ଛାଡ଼ିଦେଲେ । କାହାକୁ ହେଲେ ଓଡ଼ିଆ ଅକ୍ଷର ଆସୁ ନାହିଁ । ବଡ଼ ଝିଅଟା ଦିନକୁ ଦଶଥର ଦର୍ପଣ ପାଖରେ ଠିଆ ହୋଇ ବେଶ ହେବାଟି ଶିଖିଛି । ଆଚାର୍ଯ୍ୟ ମାଆଙ୍କୁ ଏବୁ କଥା କହିଲି ।" ଏ କଥା କହିଦେଇ କନକ ସଙ୍କୋଚରେ କୋଣକୁ ଠିଆ ହେଲା ।

ନାରଣ ହସିପକେଇ କହିଲା, "ପଥର ଏବେ ଗୀତ ଗାଉଛି ଆଜ୍ଞା ! କନକର ଆବେଦନରେ ବିଶ୍ୱପତି ଆଚାର୍ଯ୍ୟ ଦୟାର୍ଦ୍ର ହୋଇ ମୋର ଘରପିଲାଙ୍କୁ ବନର ତିନପିଲାଙ୍କୁ ଧରି ସାତଜଣିଆଁ ସ୍କୁଲ ଗୋଟିଏ କରିଛନ୍ତି, ଓଡ଼ିଆ, ସଂସ୍କୃତ ପଢ଼େଇ ଦେଉଛନ୍ତି । ଆପଣ ଯଦି ବୁଢ଼ା ମାଷ୍ଟରଙ୍କୁ କହିଦିଅନ୍ତେ ପିଲାଙ୍କୁ ଗଣିତ ଟିକିଏ ପଢ଼ାଇ ଦିଅନ୍ତେ । ବନଭାଇଙ୍କ ଭାଇଙ୍କୁ ଲେଖିଲେ କହୁଛନ୍ତି, ତୋର ଯାହା ଇଚ୍ଛା ସିମିତି କର । ମୋ ପିଲାଙ୍କ କଥା ମୁଁ ସ୍ଥିର କରିଦେଇଛି । ସେମାନେ ଏଇ ଗାଆଁରେ ଯାହା ଗଢ଼ିବେ, ସେଇଥିରେ ଗୃହବାସ କରି ରହିବେ ।"

"ହସିବା କଥା କହୁଛୁ ନାରଣ ! ତୁ ତ ଆଉ ସେମାନଙ୍କର ଭାଗ୍ୟଡୋରି ଧରି ବସିନାହୁଁ । ତାଙ୍କ ଇଚ୍ଛାରେ ସବୁ କଥା ହେବ ବୋଲି କିଏ କହିପାରିବ ?

ତା ପରେ ଦେଶ-କାଳ-ପାତ୍ର ବୋଲି ଗୋଟାଏ କଥା ଅଛି । ତୋ ପିଲାଏ ତୋ ପରି ଭାବପ୍ରବଣ ହେବେ ବୋଲି ତ କିଛି ନିଶ୍ଚୟ ନାହିଁ । ଯୁଗ ସହିତ ଯୋଡ଼ି ହୋଇ ଚାଲିବାକୁ ସେମାନେ ଶିଖିପାରନ୍ତି । ତେବେ ଧୀର ସ୍ଥିର ଭାବରେ ସେମାନଙ୍କୁ ଗାଆଁରେ ରଖି ଶିକ୍ଷା ଦେବା ବ୍ୟବସ୍ଥା କର । ପ୍ରାଥମିକ ଜ୍ଞାନର ଭିତ୍ତି ଦୃଢ଼ ହେଲା ପରେ ଭବିଷ୍ୟତ କଥା ଦେଖାଯିବ । ଆଚାର୍ଯ୍ୟ ମହାଶୟ ପିଲାଙ୍କୁ ପଢ଼ାଇବା ଭାର ନେଇଥିବା ଶୁଣି ବଡ଼ ଖୁସି ହେଲି ନାରଣ !"

"ରାଗିଗଲେ ପିଲାଗୁଡ଼ାଙ୍କୁ ସାଇଁ ସାଇଁ ସୁଇଁ ସୁଇଁ ବେତ ବଜେଇ ଦେଉଛନ୍ତି । ଆଚାର୍ଯ୍ୟେ ବଡ଼ ହୋଧୀ ଲୋକ ।"

ସେ ଯାହା ଭଲ ବୁଝୁଛନ୍ତି, ତାହା କରୁଛନ୍ତି, ତାଙ୍କ କାର୍ଯ୍ୟରେ କେହି ବାଧା ଦିଅ ନାହିଁ । ମୁଁ ତ କାଲି ଯାଉଛି, ଫେରିବା ପର୍ଯ୍ୟନ୍ତ କାର୍ଯ୍ୟ ପନ୍ଥାରେ କୌଣସି ଓଲଟପାଲଟ ଯେପରି ନ ହୁଏ ।"

କନକ ବସିବାରୁ ଉଠିଯାଇ ଦଶଟଙ୍କିଆ ନୋଟ ତେତେଟା ପ୍ରାଣନାଥଙ୍କ ପାଖକୁ ଠେଲିଦେଇ କହିଲା, "ଭାଉଜ ଦେଖି ଆସିଥିଲା ଯେ ମୋର ପୁରୁଣା ପାଟ ଶାଢ଼ୀଗୁଡ଼ାକ ନେଇଗଲା । କହିଲା, ଅଧା ଦାମ ହେଲେ ଦେ । ଦୁଇଶହ ପଚାଶ ଟଙ୍କା ଦେଇଛି ଆପଣଙ୍କର ବାଟ ଖରଚରେ ଲାଗିବ ।"

"ଏ କି କଥା କନକ, ତୁମମାନଙ୍କର ଅବସ୍ଥା ଯାହା ହୋଇଛି, ଅଭାବର ତ ସୀମା ନ ଥିବ । ମୁଁ ମାଳ ଗଉଡ଼ଠାରୁ ଧାର ଆଣିବାକୁ ସ୍ଥିର କରିଦେଇଛି । ଘରର ମୋ ଅଂଶଟା ତା ନାଁରେ ଲେଖିଦେବି "

"ପିଲାଦିନରୁ ଏପର୍ଯ୍ୟନ୍ତ ପିଠା ଖିଆ କରି ଦେବଦେବୀଙ୍କୁ ଅନ୍ଧ ବିଶ୍ୱାସରେ ପୂଜା ଦେଇ ଡାକୁଛି । ଆଜି ମଧ୍ୟ ସେ ଅନ୍ଧ ବିଶ୍ୱାସରେ ଆପଣଙ୍କୁ ମନୁଷ୍ୟ ଦେବତା ବୋଲି ଭାବି ଏ ଟଙ୍କା ମୁଁ ଦେଉଛି, ଆପଣ ନ ନେଲେ ମୁଁ ଆଜି କଅଣ ଉଠେଇନେବି ? କାଲି ଯିବାବେଳକୁ ତ ଆସି ପାରିବି ନାହିଁ । ସମସ୍ତେ ଥିବେ ମୋତେ ତ ଲାଜ ଲାଗିବ । ମାଳ ଗଉଡ଼ ପରି ଲୋକ କହିବେ ଯେ ମୁଁ ଦେଖେଇ ହେବାକୁ ଆସିଛି । ଆଚାର୍ଯ୍ୟ ମାଆଙ୍କ କହିବା ପରି ଚାରିଶ ଟଙ୍କାର ପୋଥି ଆଣିଛି । ମୁଁ ପଢ଼ିଲେ ସେ ଶୁଣୁଛନ୍ତି । ନ ବୁଝିଲେ ବୁଝେଇ ଦେଉଛନ୍ତି । ଏଥର ପଢ଼ି ସାରିଲେ ଲେଖିବି । ଆଉ କି ପୋଥି ପଢ଼ିବି ଆପଣ ବାଛିକରି ଲେଖିବେ ।"

କନକ ପ୍ରାଣନାଥଙ୍କ ପାଦପାଖରେ ମୁଣ୍ଡ ଲଗାଇ ଯିବା ଉଦ୍ୟମରେ ବାହାରି ପଡ଼ିଲା ।

"ଆଉଥରେ ସନ୍ଧ୍ୟାବେଳକୁ ଆସିବି ଆଜ୍ଞା, ଯାଉଛି । କନକ ତାର ହାର, ମୁଦି, କାନଫୁଲ ବନ୍ଧୀ କରିଦେଇ ପୋଥି କିଣୁଛି ଏକଥା କିଏ ବିଶ୍ୱାସ କରିବ ଆଜ୍ଞା ! ମନୁଷ୍ୟର ମନ ଏପରି ବଦଳିପାରେ, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ।"

କନକ ଆଉ ନାରଣ ଘରୁ ଯିବା ସଙ୍ଗେ ସଙ୍ଗେ ହିଁ ମାଳ ପ୍ରବେଶ କରି ହସି ହସି ପ୍ରାଣନାଥଙ୍କ ପାଖରେ ବସିପଡ଼ି ସିମିତି ହସି ହସି କହିଲା, ନାରଣ ତେଲୀର ଭାରିଯା ଆମ ଗାଁର ଝିଅ ବୋହୂମାନଙ୍କୁ ପାଠ ପଢ଼େଇବ ବୋଲୁଛି । ସହରକୁ ଯାଇ ତା'ର ସାହସ ବଢ଼ିଯାଇଛି ସାଆନ୍ତେ ! ମୁଁ କହିଲି, ଆଗ ତୋ କଥା ତୁ ଦେଖ, ପରେ ଗାଆଁର ଚିନ୍ତା କରିବୁ !"

ହସି ହସି ମୁହଁ, ଆଖି ଉଜ୍ଜ୍ୱଳ ହୋଇଉଠିଥିଲା ମାଳ ଗଉଡ଼ର । ସେ ଆଉ ଟିକିଏ ହସି କହିଲା, "ଶୁଣିଛ ନ ସାଆନ୍ତେ ! କାହାକୁ ଗୋଟାକୁ ଧରି ନେଇଥିଲା ଯେ—ବୁଝିଲ ନାହିଁ କି ସାଆନ୍ତେ ନାରଣ ଭାରିଯା କଥା କହୁଥିଲି । କୁଆଡ଼େ କଲିକତା, ବମ୍ବେ ପଳେଇଥିଲା । ନାରଣ ଯାଇ ବେକରେ ପଘା ପକାଇ ବାନ୍ଧି ଆଣିଛି । ଜୀବନ ଧରି ରହିଛି କିମିତି ସେ କଥା ଦେଖ । ସିଏ ଗାଆଁର ସ୍ତ୍ରୀମାନଙ୍କୁ ଜ୍ଞାନ ବାଟ ଦେଖେଇବ ବୋଲି ଆସିଛି । ତମ ଭଳି ମଣିଷ ଗାଆଁରେ ଥାଉ ଥାଉ ଗାଆଁରେ ଇମିତି ପାପ ପ୍ରବେଶ କରୁଛି । ତେଲୀ ହେଉ କି ଶୁଦ୍ର ହେଉ, କୁଳ ଛାଡ଼ି ପଳେଇଲା ଉତ୍ତାରେ ଆଉ ତାକୁ ଘରେ ପୂରେଇବ କି ସାଆନ୍ତେ ?"

ପ୍ରାଣନାଥ ନୀରବରେ ସ୍ଥିରଦୃଷ୍ଟିରେ ଚାହିଁ ରହିବା ଦେଖି ମୀନ ଆଉଥରେ ହସିବା ଆରମ୍ଭ କରି କେତେବେଳେ ପୁଣି ଗମ୍ଭୀର ହୋଇଯାଇ କନକର କଳଙ୍କ କାହାଣୀ କହିଗଲା ।

## ସନ୍ଦେଇଣି

ଆଶ୍ୱିନ ମାସର କୃଷ୍ଣପକ୍ଷର ରାତି । ସନ୍ଧ୍ୟା ସମୟଠାରୁ ନିବିଡ଼ ମେଘରେ ଆକାଶ ରହିଥିଲା ଆଚ୍ଛନ୍ନ ହୋଇ । ମେଘର ଅବସ୍ଥା ଦେଖି ମନେ ହେଉଥିଲା ସତେ କି ଏଇକ୍ଷଣି ବର୍ଷା ଜଳ ଅଜାଡ଼ି ଦେଇଯିବ ।

ସେଦିନର ବିପଦରେ ଟଙ୍କା ଖୋଜିବା ଘଟଣା ପରେ ଗଣନାଥ ଘରୁ ବାହାରି ନ ଥିଲେ । ବାହାରୁ ତାଙ୍କର କୌଣସି ବନ୍ଧୁ ମଧ୍ୟ ଦେଖା କରିବାକୁ ଆସି ନ ଥିଲେ । ସେ ଏ ଦୀର୍ଘ ଦୁଇ ଦିନ ଭାବନା-ସାଗରରେ ବୁଡ଼ି କ୍ଷୁଧାତୃଷ୍ଣା ମଧ୍ୟ ଭୁଲି ଯାଇଥିଲେ । ସନ୍ଧ୍ୟା ପରେ ରାମୁର ଘର ଆଡ଼କୁ ଅଗ୍ରସର ହୋଇଯାଇ ଟିକିଏ ଠିଆ ହେଲେ ତା ଘରର ଅଦୂରରେ ଲଣ୍ଠନର ଆଲୁଅରେ ରାମ ଦେଖିଲା, ଗଣନାଥ କ୍ରୋଟନ୍ ଗଛ ପାଖକୁ ଠିଆ ହୋଇଛନ୍ତି । ସେ ଭାବିଲା, କେଜାଣି ଶୈଳ କଥା ମନେକରି ଯଦି ଆସିଥିବେ ! ଦୁଇ ଭାଇଙ୍କ ଭିତରେ ତ ସୁଖ ନାହିଁ । କାହିଁକି ସେଠି ଛିଡ଼ିଲୁ ବୋଲି ଯଦି ପଚାରିବେ ! ରାମ ଗଣନାଥଙ୍କୁ ଦେଖି ନ ଥିବା ପରି ଅନ୍ୟ ଆଡ଼େ ଚାହିଁ ଚାହିଁ ଫାଟକ ଖୋଲି ଚାଲିଗଲା ବାହାରକୁ ।

ଗଣନାଥ ଆସ୍ତେ ଆସ୍ତେ ଯାଇ ଘର ଭିତରେ ବସିଲେ । ଟିକିଏ ବସି ଫୋନ୍ ପାଖକୁ ଉଠିଗଲେ । ଫୋନ୍ ଉଠେଇ ନମ୍ବର ପଚାରୁ ପଚାରୁ ସେ ନିଜେ କିଛି ନ କହି ରଖିଦେଲେ ଫୋନ୍‌ଟାକୁ । କାହାକୁ ଡାକିବାକୁ ଅନ୍ୟର କାହାର ନାମ କହିଦେଲେ ପୁଣି ଫୋନ୍ ଉଠାଇ । ଭୁଲ ନମ୍ବର ଥିବା ଶୁଣି ମଧ୍ୟ ଡାକୁଥିବା ବନ୍ଧୁଙ୍କୁ ଖୋଜିଲେ । ଚପରାସି ଆସି ଖାଇବା କଥା ପଚାରିଲାକ୍ଷଣି ତାକୁ ଗାଳି ଦେଇ ତଡ଼ି-ଦେଲେ ପାଖରୁ । ବହି ଧରି ବସିଲେ ପଢ଼ିବା ଉଦ୍ଦେଶ୍ୟରେ । ବହିଟାକୁ ଧରି ଚାହିଁ ରହିଥିଲେ, ବାରଣ୍ଡାରେ ଜୋତା ଶବ୍ଦ ଶୁଣି ଚମକି ଦେଖିଲେ ବିଦ୍ୟାଧର ଭିତରକୁ ପ୍ରବେଶ କରୁଛନ୍ତି ହସ ହସ ମୁହଁରେ ।

ଗଣନାଥ ସୋଫାରୁ ଉଠିଯାଇ ବିଦ୍ୟାଧରଙ୍କ ଦୁଇଟିଯାକ ହାତ ଚିପି ଧରି ମୁହଁକୁ ଚାହିଁ କହିଲେ, "ଆଜି ମୋ ହାତରେ କିଛି ହେଲେ ନାହିଁ ଭାଇ ! ମୋତେ ଛାଡ଼ିଦିଅ ।"

ବିଦ୍ୟାଧର ହାତ ଛଡ଼େଇ ନେଇ କହିଲେ, "ହେଇଟି ସେଦିନ ପାଞ୍ଚହଜାର ଟଙ୍କା ବ୍ୟାଙ୍କରୁ ଆଣିଥିଲେ, ଆଜି କହୁଛନ୍ତି କିଛି ନାହିଁ ? ତେବେ ସେ ଟଙ୍କା ଗଲା କୁଆଡ଼େ ? ମୁଁ ଭଲକରି ଜାଣେ, ଆପଣ ସେ ଟଙ୍କା ଖରଚ କରି ନାହାନ୍ତି । ମୁଁ ଆପଣଙ୍କ ପାଖରୁ ଗଲା ପରଠାରୁ ଆପଣଙ୍କର ବହୁତଗୁଡ଼ାଏ ଟଙ୍କା ହଜିଯାଇଛି ।"

ଗଣନାଥ ସେଦିନ ଆର୍ଥିକ ଅବସ୍ଥା ବିଷୟରେ ଚିନ୍ତା କରି ବିଶେଷ ଭାବରେ ଚିନ୍ତିତ ହୋଇ ପଡ଼ିଥିଲେ । ବିଦ୍ୟାଧର ତାଙ୍କ ପାଖରୁ ଯିବା ପରଠାରୁ ତାଙ୍କ ଟଙ୍କାଗୁଡ଼ାକ ବାରମ୍ବାର ହଜିଯାଉଛି । ଯଦୁବାବୁ ନେଇ ଯାଉଥିବେ ବୋଲି ଭାବିଲେ ମଧ୍ୟ ସେ କଥା ବିଶ୍ୱାସ କରିବାକୁ ଇଚ୍ଛା ହେଉନାହିଁ । ଥରେ ଥରେ ସର୍‌କଟ୍ ହାଉସ୍ କଥା ମନେ ପଡ଼ିଯାଉଛି ! ବିଦ୍ୟାଧର ଯଦି ବା ଜୋର କରି ଭୟ ଦେଖାଇ ତାଙ୍କଠାରୁ ଟଙ୍କା ନେଇଯାଉଛି, ତଥାପି ରଖିବା ସ୍ଥାନରୁ ଟଙ୍କା ନେଇ-ଯିବା କଳ୍ପନା ଇମିତି କିଛି କ୍ଷୁଦ୍ର ସ୍ୱେଚ୍ଛର ବିଦ୍ୟାଧର କେବେ କରି ନ ଥିଲା । ସେ କଟାକ୍ଷ କରି ଦେଖିଲେ, ତାଙ୍କର ହଜିଯାଇଥିବା ଘଡ଼ିଟା ବିଦ୍ୟାଧର ତା ହାତରେ ବାନ୍ଧି ଆସିଛି ।

ବିଦ୍ୟାଧର ହସିଦେଇ କହିଲେ, "ଘଡ଼ିଟା ଆପଣଙ୍କର ଆଜ୍ଞା, ସର୍‌କଟ୍ ହାଉସ୍‌ରୁ ଆପଣଙ୍କର ଟଙ୍କା ଆଉ ଘଡ଼ି ନେଇ ଚାଲି ଯାଇଥିଲି । ସେଦିନର କଥା ଓ ଆଜିର କଥାରେ ଏତେ ପ୍ରଭେଦ ହୋଇ-ଯାଇଛି ଯେ କହିଲେ କେହି ବିଶ୍ୱାସ କରିବେ ନାହିଁ ।

ଏପରି କି ମୁଁ ମୋର ନିଜର କଥା ମଧ୍ୟ ବିଶ୍ୱାସ କରୁନାହିଁ । ଏଇ ମାସେ ଦୁଇମାସ ପୂର୍ବେ ମଧ୍ୟ ଆପଣଙ୍କ ଠାରୁ ଟଙ୍କା ନେଇଥିଲି । ଯେଉଁ ଉଦ୍ଦେଶ୍ୟରେ ନେଇଛି, ତାହା ମଧ୍ୟ କହିଥିଲି । ସେ ଟଙ୍କା ଦେଖି ବାପା ଯେତେବେଳେ ମୋତେ ଅତି ଅଧିକ ଆଦର କରି କହିଲେ, ସୁଭାଷୀ ମରିଯାଇଛି ଭଲ ହୋଇଛି । ଆମେ ଆଉ ଗୋଟିଏ ଚରିତ୍ରବତୀ କନ୍ୟା ଆଣିବା, ବିବାହ କରିବୁ । ସେ କଥା ଶୁଣି ବାପାଙ୍କ ଉପରେ ଯେଉଁ ଘୃଣା ହେଲା, ତାହା ଫେରିଆସି ମୋତେ ଅନୁତପ୍ତ କରିଦେଲା । ବାପା ମୋତେ ବୁଝେଇ କହୁଛନ୍ତି, ଆମର ଚିନ୍ତା କରିବାକୁ କିଛି ନାହିଁ । କେତେ ବଡ଼ଲୋକ ମୋତେ ଦେଖି, ମୋ ଗୁଣ ଜାଣି କନ୍ୟା ଯାଚୁଛନ୍ତି । ଏ କଥା ଶୁଣି ମୁଁ ଆଉ ମନୁଷ୍ୟ ଜାତିଟାକୁ ବିଶ୍ୱାସ କରିପାରିଲି ନାହିଁ । ଗତ ଜନ୍ମର କଥା ବୋଲି ମନେ ହେଉଛି, ଯେଉଁଦିନ ପଢ଼ା ଛାଡ଼ି ବୁଝି ହେଉ କି ନ ବୁଝି ହେଉ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲି, ସେଦିନ ବାପା ମୋତେ ଘରୁ ତଡ଼ି ଦେଇଥିଲେ । ବର୍ତ୍ତମାନ ମୁଁ ଚୋରି କରି ନେଇ ତାଙ୍କରି କୋଠାଘରେ ତିଆରି କରି ଦେଉଛି; ତେଣୁ ମୁଁ ତାଙ୍କର ସୁନାପୁଅ । ସେ ମୋ ପାଇଁ ଭଲ ଝିଅଟିଏ ଖୋଜି ଆଣି ବିବାହ କରାଇଦେବେ । ମୁଁ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇଯିବି ।

ଆପଣ ଆଶ୍ଚର୍ଯ୍ୟ ହୋଇ ଅନେଇ ରହିଛନ୍ତି କାହିଁକି ଆଜ୍ଞା ! ଭଲ କାର୍ଯ୍ୟ କରିବାକୁ ଗଲାବେଳେ ମୋ ବାପା ପୁଅକୁ ତଡ଼ି ଦେଇଥିଲେ, ମନ୍ଦ କାର୍ଯ୍ୟ କରିବା ଦେଖି କୋଳାଗ୍ରତ କରି କହୁଛନ୍ତି, ମୁଁ ଏତେ ଭଲ ଯେ ସମ୍ଭ୍ରାନ୍ତ ବଂଶର କନ୍ୟାପିତାମାନେ ମୋତେ ଜାମାତା ରୂପେ ବରଣ କରିବାକୁ ଲୁହିଁ ବସିଛନ୍ତି । କିନ୍ତୁ ମୁଁ ଏ ଜୀବନରେ ଯାହା କରିଛି, ସବୁ କଥା କଅଣ ଇମିତି ସହଜରେ ଭୁଲିଯିବି ? ଭିତରେ ଭିତରେ ମୁଁ କଅଣ ଜଳିପୋଡ଼ି ମରିବି ନାହିଁ ? ସୁଭାଷୀ କଅଣ ମୋତେ ଧନ ସଂସାର କରିବ ବୋଲି ଭାବି ନ ଥିଲା ? ମୁଁ ତାକୁ କଣ୍ଟାବଣକୁ ଫିଙ୍ଗିଦେଲି । ସେ କିଛି ନ ବୁଝି କ୍ଷତବିକ୍ଷତ ହୋଇ ମରିଗଲା । କଥାଗୁଡ଼ାକ କଅଣ ମୋତେ ଦଗ୍ଧ କରୁନାହିଁ ? ଏ ଦାହର ଜ୍ୱାଳାରୁ ରକ୍ଷା ପାଇବାକୁ ମୁଁ କଅଣ କରୁଛି ଜାଣନ୍ତି ?"

"ମଦ ଖାଉଥିଲି, ଆଉ ଟିକିଏ ବେଶି କରି ଖାଉଥିବ । ସ୍ତ୍ରୀ ଗୋଟାଏ କି ଆଶ୍ଚର୍ଯ୍ୟର କଥା ହୋଇଗଲା ! କିଏ ସେ କଥା କରୁନାହିଁ ଯେ !"

"ଘରି ଛାଡ଼ିଦେଇ ଚାଲିଆସିଲି । ସେ ଦଳ ମଧ୍ୟ ଛାଡ଼ିଦେଇ ଚାଲିଆସିଲି । କାହା ସାଙ୍ଗରେ କଥାବାର୍ତ୍ତା କରିବାକୁ ମୋତେ ଆଉ ଭଲ ଲାଗୁନାହିଁ । ମୋର ଏକ୍ଷଣି କଅଣ ହୋଇଛି ଜାଣନ୍ତି ?

"କଅଣ କହନ ?"

"କେବଳ ମଦନିଶାରେ ମୋର ଆଉ ଚଳୁନାହିଁ । ସେଥିପାଇଁ ମଦ, ଗଞ୍ଜେଇ, ଅଫିମ ତିନିଟାଯାକର ଆଶ୍ରୟ ନେଇଛି । ସେଥିପାଇଁ ଆବଶ୍ୟକ ଟଙ୍କା । ଆପଣ ଯଦି ଟଙ୍କା ନ ଦେବେ—"

"ଟଙ୍କା ନ ଦେଲେ ତୁମେ ମୋ ନାଁରେ କୁତ୍ସାରଟନା କରିବ ବୋଲି ଯେଉଁ ଭୟ ଥିଲା, ସେ ଭୟ ମୋର ଆଉ ନାହିଁ । ତାପରେ ତୁମ ଅବସ୍ଥା ଯାହା ହେଲାଣି, ଏଥିରେ ତୁମେ ମିଥ୍ୟା କହିବ ବୋଲି ମୁଁ ଧାରଣା କରି ପାରୁନାହିଁ ।"

"ଟଙ୍କା ନ ହେଲେ ମୋର ଚଳିବ ନାହିଁ । ତେଣୁ ମୁଁ ମିଥ୍ୟା କହିବି । କାହିଁକି କହିବି ନାହିଁ କହିଲେ ? ଏ ଜଗତ ଗୋଟାକଯାକର ଲୋକ ମିଥ୍ୟା କହି ସୁଖରେ ରହିବେ, କେବଳ ମୋହର ପାଇଁ କ'ଣ ସତ୍ୟ ବୋଲି ଗୋଟାଏ ଶବ୍ଦ ସୃଷ୍ଟି ହୋଇଛି ? ଦେଖନ୍ତୁ ଗଣନାଥ ବାବୁ ! ମୁଁ ସବୁ ବୁଝୁଛି । ମିଥ୍ୟା କହିଲେ ଯଦି ମୋର ସୁବିଧା ହେବ ନ କହିବି କାହିଁକି ? ଏକ୍ଷଣି ଜଣେ ମହିମାଧର୍ମୀ ସନ୍ନ୍ୟାସୀ ମୋର ବନ୍ଧୁ ହୋଇଛନ୍ତି । ସେ କହୁଛନ୍ତି, ମୁଁ ଶୁଣୁଛି । ଆମେ ଦୁହେଁ ଆସନ୍ତା ସପ୍ତାହରେ ଯାଉଛୁ ଆଫ୍ରିକା, ସେଠି ଧର୍ମପ୍ରଚାର କରି ଆସିବୁ ।"

"ତୁମର ଧର୍ମପ୍ରଚାର କଥା ଶୁଣି ମୋ ପେଟ ଭିତରୁ ଗୋଟାଏ ହସ ଉଠୁଛି ବିଦ୍ୟାଧର ! ଦେଖ

ବିଦ୍ୟାଧର, ଯାହା ହେଲାଣି, ତୁମ ବାପା ଯାହା କରୁଛନ୍ତି, ତାହା କର ।”

ବିଦ୍ୟାଧର ବିକୃତ କଣ୍ଠରେ ହସି ହସି କହିଲେ, ଆପଣ ମଧ୍ୟ ସେଇ ଉପଦେଶ ଦେଉଛନ୍ତି କି ଆଜ୍ଞା ? ଦିଅନ୍ତୁ ଦିଅନ୍ତୁ, ତିନି ହଜାର ଦେବାକୁ ଚିଠିରେ ଲେଖିଥିଲି, ମନେ ଥିବ । ଟଙ୍କାଟା ଦେଇଦିଅନ୍ତୁ, ଅନେକଗୁଡ଼ାଏ କହିଲଣି । ଆପଣ ମଧ୍ୟ ଶୁଣିଲେଣି । ମୋ ଗଳା ଶୁଖି ଗଲାଣି । ଦିଅନ୍ତୁ, ଶୀଘ୍ର ମୁଁ ଯିବ ।”

“ଗଣନାଥଙ୍କର ଅଶାନ୍ତର ଉଗ୍ର ରୂପଟା ଭିତରୁ ମୁଣ୍ଡ ଟେକି ଉଠିଲା କ୍ଷଣକ ପାଇଁ । ସେ ଅତ୍ୟନ୍ତ ବିରକ୍ତ ହୋଇ କହିଲେ, “ଟଙ୍କା ନାହିଁ ବୋଲି କହିଲେ କେତେ ଦାନ୍ତ ବାହାର କରୁଛ ହେ—ସେଇ କଥା ସେଇ କଥା କହିଲାଗିଛ ।”

ବିଦ୍ୟାଧରର ଉତ୍ତେଜନାଟା ମଧ୍ୟ ଜୀବନ୍ତ ହୋଇ ଉଠିଥିଲା ସେତିକି ବେଳକୁ । ସେ ମଧ୍ୟ ଗଣନାଥଙ୍କୁ ଭୟ ଦେଖେଇ ଗାଳି ଦେବାକୁ ଲାଗିଲା । ଗଣନାଥ ତାକୁ ଧରିପକେଇ ମାଡ଼ ଦେବାକୁ ଆରମ୍ଭ କରି-ଦେଲେ ।

ପ୍ରାଣନାଥ ରିକ୍ସାରୁ ଓହ୍ଲେଇ ରିକ୍ସାବାଲାକୁ ବିଦାୟ କରି ଦେଇ ଠିଆହେଲେ ଫାଟକ ପାଖରେ । କୁକୁରଟିଏ ଭୁକିଯାଇଥିଲା ଖାଇବାକୁ । ପ୍ରାଣନାଥ ନିଃଶବ୍ଦରେ ଫାଟକ ଖୋଲି ଭିତରକୁ ଆସି ଘର ଆଡ଼କୁ ଚାହିଁ ଭାବିଲେ, କଂସର ବନ୍ଦୀଘରୁ ବସୁଦେବ କୃଷ୍ଣଙ୍କୁ ନେଲାବେଳେ ସବୁ କବାଟ ଖୋଲା ହୋଇ ଯାଇଥିଲା ଆପେ ଆପେ । ପ୍ରହରୀମାନେ ଶୋଇ ପଡ଼ି-ଥିଲେ ଗାଢ଼ ନିଦ୍ରାରେ । ଆମେ ସେ କଥା ପଢ଼ି କେବଳ କବିଙ୍କ କଳ୍ପନା ବୋଲି ଭାବୁ । ଏଇଠି ମୋର ଭାବନା ଅନୁଯାୟୀ ଦରୱାନ ଚାଲିଯାଇଛି କାର୍ଯ୍ୟ ଉପଲକ୍ଷ୍ୟରେ । ମୋର ପରିଚୟ ଦେଇ ପ୍ରବେଶ କରିବାକୁ ପଡ଼ିଲା ନାହିଁ । ଗୃହଦ୍ୱାର ମୁକ୍ତ ହୋଇ ରହିଛି ମୋତେ ସ୍ୱାଗତ ଜଣାଇଁ ।

ପ୍ରାଣନାଥ ପରଦା ଆଡ଼େଇ ବସିବା ଘର ଆଡ଼କୁ ଅନାଇଁ ଦେଖିଲେ, ବିଦ୍ୟାଧର ଆଜି ଗଣନାଥଙ୍କ ଭିତରେ ଧସ୍ତାଧସ୍ତି ମଚ୍ଚାମଚ୍ଚି ଚାଲିଛି । ସେ ସେମାନଙ୍କ ସମ୍ମୁଖୀନ ହୋଇଯାଇ ଡାକି ଉଠିଲେ, “ବିଦ୍ୟାଧର !”

ଚମକି ଚାହିଁ ଗଣନାଥଙ୍କୁ ଛାଡ଼ିଦେଇ ଠିଆ ହୋଇଗଲେ ସ୍ତବ୍ଧ ଭାବରେ । ପଦେ ହେଲେ କଥା ଫୁଟିଲା ନାହିଁ ତାଙ୍କ ମୁହଁରୁ ।

ପ୍ରାଣନାଥ ବିଦ୍ୟାଧରଙ୍କ ହାତ ଧରି କହିଲେ, “ମୁଁ ଆଜି ବଡ଼ ଶୁଭବେଳରେ ଏଠିକି ଆସିଛି ବିଦ୍ୟାଧର ! ତୁମକୁ ମୁଁ ଅନେକ ଦିନରୁ ଜାଣେ । ତୁମେ ମୋ କଥା ରଖିବ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ । ଗଣନାଥଙ୍କୁ ମୁଁ ମୋ ମନର କଥା କହିବି ବୋଲି ଆଜି ଆସିଛି । ଆଜିକ ତୁମେ ମୋ କଥା ରଖି ଯେଉଁଠୁ ଆସିଥିଲ ସେଠିକି ଯାଅ । କାଲି ପୁଣି ଆସି ତୁମ କଥା ତାଙ୍କୁ କହିବା । ତୁମେ ଜାଣ ବିଦ୍ୟାଧର, ସଂସାରରେ କୌଣସି ବ୍ୟକ୍ତି ଅବିମିଶ୍ର ଭଲ କିମ୍ବା ମନ୍ଦ କାର୍ଯ୍ୟ ଚିରକାଳ ପାଇଁ କରିପାରେ ନାହିଁ । ଭଲ କରୁ କରୁ ଘଟଣାକ୍ରମେ ମନ୍ଦ ଟିକିଏ ମିଶିଯାଏ । ସେଥିପାଇଁ ସେଇ ମୁନିମାନେ କହି ଯାଇଛନ୍ତି “ମୁନେରପି ମତିଭ୍ରମ ।” ତା ନ ହୋଇଥିଲେ ଆଜି ପୃଥିବୀପୃଷ୍ଠରେ ମନ୍ଦ ବୋଲି ଶବ୍ଦଟିଏ ନ ଥାନ୍ତା ଦୃଷ୍ଟାନ୍ତ । ଦେଖାଇ କହିବାକୁ ଉପସ୍ଥିତ ଅବସ୍ଥା ମୋତେ ଅନୁମତି ଦେଉ ନାହିଁ । ସମୟ ପାଇଲେ ତୁମକୁ ସବୁ କଥା ବୁଝେଇ କହିବି ! ଏକ୍ଷଣି ମୋର ଅନୁରୋଧ ରଖି ତୁମେ ଘରକୁ ଯାଅ ବିଦ୍ୟାଧର ! କାଲି ଦଶଟା ସମୟକୁ ହୋଟେଲକୁ ଆସିବ । ଏକା ସାଙ୍ଗରେ ଭ୍ରମଣରେ ଯିବା ।”

ବିଦ୍ୟାଧର ଆଖି ମୁଦି ପ୍ରାଣନାଥଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ଦେଇ ଆସ୍ତେ ଆସ୍ତେ ଚାଲିଗଲା ବାହାରକୁ ।

ବିଦ୍ୟାଧର ଯିବା ପରେ ପ୍ରାଣନାଥ ଗଣନାଥଙ୍କ ସମ୍ମୁଖ ଚଉକିରେ ବସି ଡାକିଲେ, “ଗଣନାଥ !”

ଗଣନାଥ ଚଉକିରୁ ନ ଉଠି ପିଲାଙ୍କ ପରି ହାମୁଡ଼େଇ ହୋଇଯାଇ ପ୍ରାଣନାଥଙ୍କ ଦୁଇ ଆଣ୍ଠୁ ଭିତରେ ମଥା ଗୁଞ୍ଜିଦେଇ ଧକେଇ ଧକେଇ କାନ୍ଦି ଉଠିଲେ ଆବେଗରେ ।

ପ୍ରାଣନାଥ ଗଣନାଥଙ୍କ ମଥାରେ ହାତ ବୁଲେଇ କହିଲେ, "ଅନୁଭବୀମାନେ କହନ୍ତି, ଅଶ୍ରୁ ହିଁ ମନୁଷ୍ୟର ପାପ ତାପ ଧୌତ କରିଦେଇ ପରମ ଶାନ୍ତି ଦେଇଥାଏ । ଭଗବାନ ତୋତେ ସେଇ ଶାନ୍ତି ଦିଅନ୍ତୁ । ମୁଁ ଆଜି ଆସିଛି ତୋ ଉପରେ ଗୋଟାଏ ବଡ଼ ଦାୟିତ୍ୱ ଦେବାକୁ । ଯାହା ଘଟିଲେ ଶାନ୍ତି ମିଳିବ ବୋଲି ଭାବୁଛି, ମୋର ସେ କଳ୍ପନା ଯେପରି ବ୍ୟର୍ଥ ନ ହୁଏ । ବର୍ତ୍ତମାନ ତୋର ମାନସିକ ଆଉ ଆର୍ଥିକ ଅବସ୍ଥା ଯାହା ହୋଇଛି, ତାହା ତୋର ମଙ୍ଗଳ ନିମନ୍ତେ ହିଁ ହୋଇଛି । ଧନ ସମ୍ପତ୍ତିରୁ ବିଦାୟ ନେଇ ଗୃହ ଆଶ୍ରମ ମାତ୍ର ଶିକ୍ଷା କରିବାକୁ ହେବ । ତୋତେ ଏବେ ଧରିତ୍ରୀପୁର ଯିବାକୁ ପଡ଼ିବ ।

ଗଣନାଥ ତଳୁ ଉଠିପଡ଼ି ମୁହଁ ପୋଛି ଦେଇ ଚଉକିରେ ବସି କହିଲେ, "ଆଜି ହଠାତ୍ ଗୋଟାଏ କଥା ମନେ ପଡ଼ୁଛି । ପିଲାଦିନେ "କର୍ଣ୍ଣ-କୁନ୍ତୀ" ନାଟକ ଦେଖିଥିଲି । ଅତ୍ୟାଗୁଣୀ ପାପୀ ବୋଲି ଯେଉଁ ଦୁର୍ଯ୍ୟୋଧନଙ୍କୁ କୁହାହୋଇଛି, ମାତୃ-ଆଜ୍ଞାକୁ ମଧ୍ୟ ଅବଜ୍ଞା କରି କର୍ଣ୍ଣ ଦୁର୍ଯ୍ୟୋଧନଙ୍କୁ ବର୍ଜନ କରି ନ ଥିଲେ । ତୁମେ ତ କୁନ୍ତୀ କର୍ଣ୍ଣଙ୍କୁ ଭସେଇ ଦେଲାପରି ମୋତେ ଭସାଇ ଦେଇଛ । ଆଜି ଡାକିଲେ ଆଉ କଅଣ ହେବ ?"

"କର୍ଣ୍ଣ ଯଦି ମାତୃ-ଆଜ୍ଞା ମାନିଥାଆନ୍ତେ ଭାରତ-ବର୍ଷରେ ଏତେ ଜନକ୍ଷୟ ଘଟି ନ ଥାନ୍ତା କି ଯୁଧିଷ୍ଠିରଙ୍କୁ ଏତେ କାନ୍ଦିବାକୁ ପଡ଼ି ନ ଥାନ୍ତା । ସମସ୍ୟାର ସମାଧାନ ହିଁ ବଡ଼ କଥା ।

ଗଣନାଥ ମଥା ପୋତିରଖି କହିଲେ, "ତୁମ ଦେଶର କବି ଅକବି ସମସ୍ତେ ମନୁଷ୍ୟର ଦୋଷ ବାଛି ବାଛି ତିଳକୁ ତାଳ କରି ତାକୁ ପଶୁ ଆକାରରେ ବର୍ଣ୍ଣାଇ ଦେବାକୁ ସଦାସର୍ବଦା ତତ୍ପର । ମୁଁ ଜାଣିଛି, ଆତ୍ମୀୟ ବୋଲି ଯାହାକୁ ବିଶ୍ୱାସ କରିଛି, ଦାରୁଣ ଆଘାତ ପାଇଛି ତା'ଠାରୁ । ମୁଁ ଭାବୁଛି, ଏପରି କୌଣସି ଗୋଟାଏ ଦେଶକୁ ଚାଲିଯିବି, ଯେଉଁଠି ମନୁଷ୍ୟର ଦୋଷ ନ ବାଛି ଗୁଣ ଗ୍ରହଣ କରନ୍ତି ।"

ପ୍ରତ୍ୟକ୍ଷ ପରିଚୟ ନ ପାଇଥିଲେ ମଧ୍ୟ ପୃଥିବୀର ସବୁ ସାହିତ୍ୟ ସହିତ ସାମାନ୍ୟ ପରିଚୟ ହୋଇ-ଯାଇଛି । ପୃଥିବୀରେ ମନୁଷ୍ୟ ଜାତି ଥିବାଯାଏ ଦୋଷ ବାଛିବା ଲୋକ ବାକୁଥିବେ । ଯେଉଁମାନେ ଗୁଣ ଗ୍ରହଣ କରିବା ଶକ୍ତି ଧରି ଜନ୍ମ ହୋଇଛନ୍ତି, ହେଉଛନ୍ତି, ସେମାନେ ଗୁଣ ଗ୍ରହଣ କରୁଥିବେ । ସେଥିପାଇଁ କ୍ଷୋଭ କରି ଦେଶ ଛାଡ଼ି ଯିବା କଳ୍ପନା କରିବା ଉଚିତ ନୁହେଁ । ମୋର ମନେ ହେଉଛି, ଆଜି ତୁ ଜନ୍ମ ହେଲୁ । ଆଜି ପରି ଗୋଟିଏ ବିଶେଷ ଦିନରେ କୌଣସି ଯୁକ୍ତି, କୌଣସି ତର୍କ ନ କରି ଦୁଇ ଭାଇଙ୍କ ପ୍ରାଣ ଏକ କରିଦେବା ।"

"ଆଶାତୀତ ଭାବରେ ତୁମ ସାଙ୍ଗରେ ମୋର ମିଳନ ଘଟିଛି । ଆଜି ତୁମ ସହିତ ତର୍କ କରିବା ସୁଯୋଗ ତୁମେ ହିଁ ମୋତେ ଦେଇଛ । ଇମିତି ତର୍କ କରୁ କରୁ ସକାଳ ହୋଇଯିବ, ସୂର୍ଯ୍ୟ ଦେବତା ଉଠି ଆସି ଆକାଶ ଅବନୀ ଆଲୋକମୟ କରିଦେବ । ଲୋକେ ଜାଣିବେ, ଭଲ ଆଉ ମନ୍ଦର, ଦେବତ୍ୱ ଆଉ ପଶୁତ୍ୱର ଏକତ୍ର ସମାବେଶ ଘଟିଗଲା । ନା, ନା, ମୁଁ କହି ଜାଣୁ ନାହିଁ, ମୋତେ କଥା କହି ଆସେ ନାହିଁ । ତୁମେ ହିଁ ମୋ ପାଇଁ କହିଦିଅ । ଆଜିର ପରି ଦିନରେ ମୋର ମୃତ୍ୟୁ ଘଟୁ । ମୁଁ ନିରପରାଧ ଦୁଇଟା ମହାପ୍ରାଣ ମନୁଷ୍ୟର ମୃତ୍ୟୁର କାରଣ ହୋଇ ବସିଛି । ଯେଉଁ ସ୍ତ୍ରୀଲୋକଟି ମୋତେ ଦେଖି ଦେଖି ମୋ ରୂପ ଗୁଣରେ ବଶ ହୋଇ ଯାଇଥିଲା, ତାକୁ ମୁଁ ଅକଥିତ ଅପମାନ ଦେଇ ବିତାଡ଼ିତ କରିଦେଇଛି—ତୁମେ କଅଣ ମୋର ଏ ଅପରାଧ କ୍ଷମା କରିବ ?"

"ଆମେମାନେ ଜନ୍ମ ହେବା ପୂର୍ବରୁ ଯେ ସୃଷ୍ଟି-କର୍ତ୍ତା ଆମର ଭାଗ୍ୟଲିପି ପ୍ରସ୍ତୁତ କରି ରଖିଦେଇଛନ୍ତି । ମୋର ଅପରାଧ ତୁ, ତୋର ଅପରାଧ ମୁଁ କ୍ଷମା ନ କରିବାକୁ ଆମେ କିଏ ? ଯେଉଁ ଅସହାୟା ନାରୀଟିର କଥା କହିଲୁ, କେଜାଣି ସେ ହୁଏତ ଭିକ୍ଷା ଅନ୍ନରେ ଜୀବନ ଧାରଣ କରି ତୋହରି ଅପେକ୍ଷାରେ ପଥ-ପାର୍ଶ୍ୱରେ ବସିଛି । ତୁ ଆଉ ଦେରି କରନା ଗଣି !

ଏ ଘର, ଏଇସବୁ ଖଟ, ଚଉକି, ଆଲିମାରି ଯେତେ ଭୋଗର ପଦାର୍ଥ, ମାଟି ତେଲ ପରି ଦୂରକୁ ଫିଙ୍ଗିଦେଇ ଚାଲିଆ ମୋର ପୈତୃକ ଘରକୁ । ଜନକ ରାଜର୍ଷି ଯେପରି ହାତରେ ସୂତା କାଟି ମୁହଁରେ ଶାସ୍ତ୍ର ଚର୍ଚ୍ଚା କରୁଥିଲେ, ତୁ ମଧ୍ୟ ସେଇ ଆଦର୍ଶର ଅନୁଗାମୀ ହୋ ।"

ପ୍ରାଣନାଥ ଚଉକିରୁ ଉଠି ଗଣନାଥଙ୍କ ହାତ ଧରି ପରଦା ଆଡେଇ ବାରଣ୍ଡାକୁ ଆସି ଦେଖିଲେ, କାନ୍ଥକୁ ଆଉଜି କିଏ ଜଣେ ବସିଛି । ପଚାରିଲେ, "କିଏ, କିଏ ତୁମେ ! ରାମ, ଏଠି ଆସି ବସିଛ !"

ରାମ ଧଡ଼ପଡ଼ ହୋଇ ଉଠିପଡ଼ି କହିଲା, "ଆଜ୍ଞା, ମୁଁ ରାମ । ଆଜିର ଗୋଟିଏ ଭଲ ଦିନରେ ମୋ ଆଖି ଆଉ ଯୋଡେଇ ହେଲା ନାହିଁ । ଜାଣିଛି, ଆପଣମାନେ ଗାଁଆକୁ ଯିବେ । ମୋ ଶଳା ଭଡ଼ା ଗାଡ଼ି ଚଳାଉଛି, ତାକୁ ଡାକିଆଣି ବସେଇ ଦେଇଛି, ଚାଲନ୍ତୁ ଗାଡ଼ିରେ ବସିବେ ।"

× × × ×

ପ୍ରାଣନାଥଙ୍କ ତଳ ଘର ବାରଣ୍ଡାରେ ପ୍ରବାସ ଯାତ୍ରାର ଜିନିଷପତ୍ର ରଖାହୋଇଛି । ଅମଳା ଘର ଭିତରେ ଉପରକୁ ଲୁଗା ପିନ୍ଧେଇ ଦେଉଛନ୍ତି । ଅମିତା ବାରଣ୍ଡାର ବେଞ୍ଚ ଉପରେ ବୁଢା ମାଷ୍ଟ୍ରଙ୍କ ପାଖରେ ବସି ଦୁଃଖ ସୁଖ କଥା ହେଉଛି ।

ରାତିରେ ବଡ଼ ଜୋର ଅସ୍ରାଏ ବର୍ଷା ହୋଇଯାଇ ସକାଳୁ ଆକାଶ ହୋଇଛି ମେଘମୁକ୍ତ । ସକାଳର ଆଲୋକରେ ଧରଣୀ ହୋଇଉଠିଛି ଆଲୋକ-ଆନନ୍ଦରେ ଉଦ୍ଭାସିତ । ଅରୁଣ କିରଣରେ ତରୁଲତା ଦିଶୁଛନ୍ତି ଝଲମଲ । ବର୍ଷାଜଳସିକ୍ତ ପୃଥ୍ୱୀ, ରଜନୀଗନ୍ଧାର ସ୍ନିଗ୍ଧ ସୁଗନ୍ଧରେ ଭରିଯାଇଛି ପ୍ରାଣନାଥଙ୍କ ଘର ବାରଣ୍ଡା ।

ହଠାତ୍ ମଟରଗାଡ଼ି ଆସି ରହିଲା ବାରଣ୍ଡା ପାଖରେ । ଅମିତା ପିତା ଏବଂ ପିତୃବ୍ୟଙ୍କୁ ଦେଖି ଏକାନ୍ତ ଆବେଗରେ ଦ୍ରୁତପଦରେ ଘର ଭିତରକୁ ଯାଇ ଶୈଳକୁ କହିଲା, "ଖୁଡ଼ୀମା, ବାପା ଆସିଲେଣି, କକାବାବୁ ମଧ୍ୟ ଆସିଛନ୍ତି । ତୁମକୁ ଏକା ରହିବାକୁ ପଡିବ ବୋଲି ମୋର ଯେଉଁ ଦୁଃଖ ହେଉଥିଲା, ଆଜି କିଅଣ କହିବି ! ବାପା ଆସିବା କଥା ବୋଉ ଜାଣି ନ ଥିବ, ଯାଉଛି ତାକୁ କହିଦେବି ।"

ପୁରୁଣା ଘରଟା ସହିତ ଚମଡ଼ା ସାଙ୍ଗରେ ମାଂସ ଯୋଡ଼ି ହେଲା ପରି ଅମଳା ଜଡ଼ିତ ହୋଇ ରହିଥିଲେ । ଘରର ପୁରୁଣା ଜଞ୍ଜାଳ ଫିଙ୍ଗିଦେଇ ଦୂରରେ ଥିବା ଜୀର୍ଣ୍ଣ ଘରକୁ ପଳେଇ ଯିବାକୁ ଇଚ୍ଛା ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ସେ ସେହି ଘରର କାନ୍ଥ, ବାଡ଼, ଇଟା, ଚୂନ, ଗଛ, ପତ୍ର ଫଳ ପ୍ରତ୍ୟେକ ଅଣୁଠାରୁ ପରମାଣୁଟିର ବିରହ ବ୍ୟଥା-ଅନୁଭବ କରୁଥିଲେ । ଉପର ଘର ବାରଣ୍ଡାରେ ଯେମିତି ପ୍ରାଣନାଥ ଠିଆ ହୋଇ ବାହାରର ଦୃଶ୍ୟ ଦେଖୁଥାଆନ୍ତି, ସେ ସେଇଠି ଠିଆ ହୋଇ ଗଙ୍ଗଶିଉଳୀ ମୂଳର ଫୁଲଶଯ୍ୟାଟିକୁ ଅନେଇଁ ରହିଥିଲେ, ଅମିତା ଆସି କହିଲା, "କକାବାବୁ ଆସିଲେଣି । ସେ ଦୁହେଁ ମୁହଁ ହାତ ଧୋଇ ବସି ଚା ମାଗୁଛନ୍ତି । ଯିବା ସମୟ ହେଲଣି ବୋଲି କହୁଛନ୍ତି । ବୋଉ, ତୁମେ ଶୀଘ୍ର ତଳକୁ ଆସ ।"

ଯିବା ସମୟ ପାଖେ ହେଲା । ତଳ ବାରଣ୍ଡାର ବେଞ୍ଚ ଉପରେ ବସିଛନ୍ତି ଗଣନାଥ ଆଉ ପ୍ରାଣନାଥ । ବୁଢା ମାଷ୍ଟ୍ରେ ବିଦାୟ ନେଇ ଚାଲି ଯାଇଥିଲେ ଗାଁଆଁ ପିଲାଙ୍କ ପଢା ଆରମ୍ଭ କରିବାକୁ । ରାମ ଜିନିଷଗୁଡ଼ିକ ନେଇ ଗାଡ଼ିରେ ରଖି ଦେଉଛି । ଅମଳା ତାଙ୍କର ସ୍ୱହସ୍ତରୋପିତ ଫୁଲ ଫଳଗଛଗୁଡ଼ିକଠାରୁ ବିଦାୟ ମାଗିବାକୁ ଯାଇ ଠିଆ ହୋଇଛନ୍ତି ରଜନୀଗନ୍ଧା ଗଛ ପାଖରେ ।

ପ୍ରାଣନାଥ ଗଣନାଥଙ୍କୁ ଧରି ଶୈଳର ବସିବା ଘରେ ପହଞ୍ଚିଗଲେ । ଶୈଳ ଶିଶୁ ପୁଅଟିକୁ ଧରି ସେ ଲୁଗାପଟା ଭିତରୁ ନୋଟ ବିଡାଟାଏ ବାହାର କରି ଅଗ୍ରସର ହୋଇ ଆସି ପିଲାଟିକୁ ଗଣନାଥଙ୍କ ଆଡ଼କୁ ବଢ଼େଇ ଦେଇ ଟଙ୍କା ବିଡାଟା ଦେଉ ଦେଉ ଆବେଗ ଜଡ଼ିତ କଣ୍ଠରେ କହିଲା, "ତୁମ ପୁଅକୁ ନିଅ,

ତୁମର ଯେଉଁଠି ଇଚ୍ଛା ସେଠି କନ୍ୟା କୌଣସି ଅନାଥ ଆଶ୍ରମରେ ଛାଡ଼ିଦିଅ । ଆଉ ଏ ଟଙ୍କା ମୋର ବାଟ ଖରଚ ପାଇଁ ଦେଇଥିଲି । ମାଆର ଶବଦାହ ପାଇଁ ଏଥିରୁ କୋଡ଼ିଏ ଟଙ୍କା ଖର୍ଚ୍ଚ କରି ଦେଇଛି । ବାକି ଅଛି, ରଖ । ପ୍ରାଣନାଥଙ୍କୁ ଚାହିଁ ତାଙ୍କ ପାଦ ଛୁଇଁ କହିଲା, "ଆପଣ ମୋତେ ନେଇ ଯାଆନ୍ତୁ, ଆପଣ ମୋତେ ଯେଉଁଠି ରଖେଇଦେବେ ମୁଁ ସେଠି ରହି କାମ କରିବି ।"

ପ୍ରାଣନାଥ ହସିଦେଇ କହିଲେ, "ମୁଁ ତ ତୁମକୁ ଏଇଠାରେ ହିଁ ରଖେଇ ଦେଇ ଯାଉଛି ବୋହୂମା ! ଏ ଘରେ ରହି ଗଣନାଥର ଆଉ ଏଇ ଶିଶୁଟିର ସେବା କାର୍ଯ୍ୟ କରିବ ।"

ଗଣନାଥ ପୁଅକୁ କୋଳରେ ଧରି କହିଲେ, "ଭାଇ, ମୁଁ ଯେ ଉଡ଼ନ୍ତା ପକ୍ଷୀ । ମୋତେ ହିଁ ଆଜି ଉଡ଼ିଯିବାକୁ ଦିଅ । ବସାବନ୍ଧା ରୀତି ମୁଁ ଜାଣି ନାହିଁ । ଆଜିର ଏ ଯାତ୍ରାଟା ମୋର ହେଉ । ତୁମେ ତୁମ ବସାରେ ରହ ।"

ଅପର୍ଣ୍ଣା ଦେବୀ ଅମଳାକୁ ଧରି ସେଠିକି ଆସିଯାଇଥିଲେ ସେତିକି ବେଳକୁ ।

ପ୍ରାଣନାଥ ଗଣନାଥଙ୍କୁ ଚାହିଁ କହିଲେ, "ଯେଉଁ ବ୍ୟକ୍ତି କେବଳ ଉଡ଼ି ବୁଲୁଛି, ତାକୁ ବସା ବାନ୍ଧିବାକୁ ହିଁ ହେବ । ତୁ ସହର ଦେଖିଛୁ, ପଲ୍ଲୀ ଲକ୍ଷ୍ମୀଙ୍କୁ ଦେଖି ନାହୁଁ । ବିଦେଶର କଥା ଜାଣିଛୁ, ଦେଶର ପରମ୍ପରା ସମ୍ବନ୍ଧରେ କେବେ ଭାବି ନାହୁଁ । ମୁଁ ମୋର ଏଇ ପୈତୃକ ଅଗଣାଖଣ୍ଡିକୁ ପୃଥିବୀ ବୋଲି ମନେକରି ଆଖି ବୁଜି ବସିଛି । ଦିନକୁ ଦିନ ମାନସିକ ଅବସ୍ଥା ଯାହା ହେବାକୁ ଯାଉଛି, ସେ ଅବସ୍ଥାର ପରିବର୍ତ୍ତନ ନିତାନ୍ତ ଦରକାର । ତୁ ଘରେ ରହି ଚାଷ କରି ଗାଆଁର ଦୁଃଖ ସୁଖ ବୁଝିବାକୁ ଚେଷ୍ଟା କର । ମୁଁ ଇତିମଧ୍ୟରେ ଦେଶଟାକୁ ଟିକିଏ ଦେଖି ଆସିବି । ପ୍ରଥମେ ତ ପୁରୀ ଯାଉଛି । ଅମିତାବୋଉ ଅନେକ ଦିନ ହେଲା ଜଗନ୍ନାଥ ଦର୍ଶନ କରି ଯିବାକୁ କହୁଥିଲେ, ପାରି ନ ଥିଲି । ପୁରୀଠାରୁ କଲିକତା ଯାଇ ଦେଖିବି, କିନ୍ତୁ ସେଠି କଅଣ କରୁଛନ୍ତି । ଆର୍ଥିକ ଅବସ୍ଥା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ଏଣିକି ଦେଶରେ କେଉଁଠି ଶୂକସ୍ଥ ସମ୍ଭବ ହେବ ନାହିଁ । ମୋର କାର୍ଯ୍ୟରେ ବାଧା ନ ହେବା ପରି କଅଣ ଗୋଟାଏ କାର୍ଯ୍ୟ କେଉଁଠି ପାଇଗଲେ ରହିଯିବି । ସାବରମତି ଆଶ୍ରମକୁ ଯିବାର ଇଚ୍ଛା ଅଛି । ବାପୁଜୀଙ୍କ ଉପସ୍ଥିତିରେ ଥରେ ଦେଖିଥିଲି । ବର୍ତ୍ତମାନ ତାର ଅବସ୍ଥା କଅଣ ହୋଇଛି, ଆଉ ଥରେ ଦେଖିବାକୁ ବଡ ଇଚ୍ଛା ହେଉଛି ।" ଆବେଗରେ କଣ୍ଠରୋଧ ହୋଇଆସିଲା ପ୍ରାଣନାଥଙ୍କର ।

ରାମ ବାରଣ୍ଡାରୁ କହିଲା, "ଡ୍ରାଇଭର କହୁଛି, ଗାଡ଼ି ସମୟ ହୋଇଯାଉଛି ।"

ଆଗ ପଛ ହୋଇ ସମସ୍ତେ ଘରୁ ବାହାରୁ ବାହାରୁ ଅପର୍ଣ୍ଣା ଦେବୀ କହିଲେ, "ଆଜି ଆନନ୍ଦର ଦିନ ହେ ପୁଅ ! ଦୁଇ ଭାଇଙ୍କ ମିଳନ ଓ ପିତାପୁତ୍ର, ପତି-ପତ୍ନୀଙ୍କ ମିଳନରେ ହୃଦୟ ଭିତରେ ମହୁରୀ ବାଜି ଉଠୁଛି । ତା ଉପରେ ତୁମେ ଦେଶ ଦେଖି ଯାଉଛ । ମନ ମୋର ଫୁଲି ଫୁଲି ଉଠୁଛି । ସତେ ଯିମିତି ମୁଁ ନିଜେ ହିଁ ଦେଖି ଯାଉଛି । ତୁମେ ଯେ ପ୍ରାଣ ଦେଇ ଦେଖିବ, ପ୍ରାଣ ଦେଇ ଶୁଣିବ, ସେ ଦେଖା ରହିଯିବ ଚିରକାଳକୁ । ମଝିରେ ମଝିରେ ଚିଠି ଦେଉଥିବ ।"

ପ୍ରାଣନାଥ ନତ ହୋଇପଡ଼ି ଅପର୍ଣ୍ଣାଙ୍କ ପାଦଧୂଳି ନେଇ କହିଲେ, "ମାଆ, ତୁମ ହୃଦୟ ଭିତରେ ଜ୍ଞାନଭଣ୍ଡାର ଧରି ଅନ୍ଧାର କୋଣରେ ରହିଥିଲ; କନକ ତୁମକୁ ଆଣି ରଖିଦେଲା ବାହାର ଜଗତରେ । ତୁମର ଶୁଭାଶିଷ ଧରି ଘରୁ ବାହାରୁଛି । ଆଚାର୍ଯ୍ୟ ମହାଶୟଙ୍କ ହାତରେ ଏମାନଙ୍କୁ ସହଜ କରି ଗଢ଼ିନେବ, ଏଇ ମୋର ପ୍ରାର୍ଥନା ।"

ଅପର୍ଣ୍ଣା ଦେବୀ କହିଲେ, "ହଁ ହେ ବାପ, ତୁମ ଆଚାର୍ଯ୍ୟ ମହାଶୟ କହିଲାବେଳକୁ ଟାଣି ଟାଣି କଥା କହୁଥିବେ; କିନ୍ତୁ ତୁମର ଗାଆଁ ଛାଡ଼ି ଯିବା କଥା ଶୁଣି ଝର୍ ଝର୍ ହୋଇ ଆଖିରୁ ଲୁହ ବୁହାଇଦେଲେ । ମୁଁ ସେ ଦୃଶ୍ୟ ଦେଖି ସମ୍ଭାଳି ପାରିବି ନାହିଁ ବୋଲି କହିଲେ ।"

"ମୁଁ ଯିବା ବାଟରେ ତାଙ୍କୁ ନମସ୍କାର ଜଣାଇ ଯିବି । କିନ୍ତୁ ମାଆ ! ଆଜି ଯେ ମା ବୋଲି ଡାକି ଦେଇ ଯାଉଛି, ଏ ଡାକ ସତ୍ୟ ହେଉ । ଏ ଅଧମ ପ୍ରତି ଦୟା ରଖି ଗଣନାଥର ପରିବାର ପ୍ରତି ଦୃଷ୍ଟି ରଖିଥିବ ।"

"ତୁମେ କହି ନ ଥିଲେ ମୁଁ କଅଣ ଦେଖି ନ ଥାନ୍ତି ! ଯେତେ ଦିନ କେବଳ ନୀଳମଣି, କୁଳମଣିଙ୍କ ମାଆ ହୋଇ ରହିଥିଲି, ତୁମମାନଙ୍କୁ ମଧ୍ୟ ସନ୍ତାନ ରୂପେ ପାଇବାକୁ ମନ ବ୍ୟାକୁଳ ହେଉଥିଲା । ଆଜି ଗାଆଁର ସମସ୍ତେ ମୋର ପୁଅ । ଗଣନାଥ ଯେତେବେଳେ ମୋ କୋଳକୁ ଆସିଛନ୍ତି, ସେ କଅଣ ଆଉ ଫେରିଯାଇ ପାରିବେ ? ସେ ଚିନ୍ତାରୁ ତୁମେ ଦୂରରେ ରହିବ ବାପ !"

ଗଣନାଥ ଶୈଳ ଦେବା ନୋଟ ବିଡ଼ାଟାକୁ ଧରି ପ୍ରାଣନାଥଙ୍କ ପକେଟରେ ଗୁଞ୍ଜିଦେଲେ । ପ୍ରାଣନାଥ ହସିଦେଇ କହିଲେ, "ଯେଉଁ ଦିନ ତୋ' ମୋ ଭିତରେ ବ୍ୟବଧାନ ଥିଲା, ତୋର ଦେବା ଫଳଟିଏ ମଧ୍ୟ ଖାଇ ନ ଥିଲି । ଆଜି ତୁ ଆଉ ମୁଁ ହୋଇ-ଯାଇଛେ ଏକ । ତୋର ଟଙ୍କା ମୋର ଟଙ୍କାରେ ପ୍ରଭେଦ ନାହିଁ । କିନ୍ତୁ ଏଠିର ଏ କାନ୍ଥ ବାଡ଼ ତ ତୋର କ୍ଷୁଧା ତୃଷା ନିବାରଣ କରିବେ ନାହିଁ ! ପିଲାଙ୍କ ଖରଚ ମଧ୍ୟ ଅଛି । ଏଥିରୁ ଅଧେ ରଖି ଅଧେ ମୋତେ ଦେଇଦେ ।" ଅଧେ ଟଙ୍କା ବାହାର କରି ରଖିଦେଲେ ଗଣନାଥଙ୍କ ପକେଟରେ ।

ସମସ୍ତେ ଗାଡ଼ିରେ ବସିଲେ । ଶୈଳ ଅମଳାର ହାତ ଧରି କାନ୍ଦି କାନ୍ଦି କହିଲା, "ଅମିତା ମାଆକୁ ନେଇଯାଉଛ । ମୁଁ ଏଠି କିମିତି ରହିବି ?" ଅମଳା ଶୈଳର ମଥାରେ ହାତ ରଖି ଜଡ଼ିତକଣ୍ଠରେ କହିଲେ, "ଆମେ ସମସ୍ତେ ଆଉଥରେ ଫେରିଆସିବୁ ସାନବୋହୂ ! ସ୍ୱାମୀ ସହ ସୁଖରେ ସଂସାର କର, ମୁଁ ଏଇ ଆଶୀର୍ବାଦ ଦେଇ ଯାଉଛି ।"

ରାମ ଚାଲି ଯାଇଥିଲା ଆଗରୁ । ଅପର୍ଣ୍ଣା ଦେବୀ ଗାଡ଼ିରେ ବସିଲେ ଷ୍ଟେସନକୁ ଯିବା ଇଚ୍ଛାରେ ।

ଗାଡ଼ି ଚଳେଇବା ଆରମ୍ଭ କଲା ଡ୍ରାଇଭର । ଘର୍ ଘର୍ ଶବ୍ଦ କରି ପୁରୁଣା ଗାଡ଼ିଟା ଗତି ଆରମ୍ଭ କଲା ।

ଶୈଳ ଗାଡ଼ି ପଛରେ ଅଗ୍ରସର ହୋଇ ଚିତ୍କାର କରି ଡାକିଲା, ଅମିତା ମା, ଅମିତା ମା ! ଛାଡ଼ିଦେଇ ଯାଉଛ ?"

ଅମିତା ଗାଡ଼ି ଭିତରୁ ମୁହଁ ବଢ଼େଇ ପାଟିକରି କହିଲା, "କାନ୍ଦ ନାହିଁ ଖୁଡ଼ୀମା, ଆମେ ଆଉ ଥରେ ଆସିବୁ । କକାବାବୁ ଅଛନ୍ତି, ତାଙ୍କୁ ଛାଡ଼ିବ ନାହିଁ ।"

ଗାଡ଼ି ଚାଲିଗଲା ଫାଟକ ଅତିକ୍ରମ କରି । କାନ୍ଦି କାନ୍ଦି ଭୂମିରେ ଲୋଟିଗଲା ଶୈଳ ।

ଗଣନାଥ ଧୀରେ ଧୀରେ ଆସି ଶୈଳର ମଥା ପାଖରେ ବସିଯାଇ ମଥାରେ, ପିଠିରେ ହାତ ବୁଲେଇ ଆଣି କହିଲେ, "ଉଠିଆସ ଶୈଳ ! ପ୍ରାଣ ଭାଇ ଯେ ତୁମ ହାତରେ ମୋତେ ସମର୍ପଣ କରି ଦେଇଗଲେ, ସେ କଥା କଅଣ ତୁମେ ଭୁଲିଯାଉଛ ? ଉଠ, ପୁଅକୁ ଧର, ଘରକୁ ଯିବା । ପିଲାଟିର ମାଆ ତୁମେ, ମୁଁ ପିଲାଠୁ ଆହୁରି ଅଜ୍ଞାନ, ମୋତେ ତୁମର ସେ ବନ୍ଧନ ଭିତରେ ବାନ୍ଧିରଖ ଶୈଳ ! ଗତ କଥା ଭୁଲିଯାଇ ଆଜିଠୁ ଆମେ ନୂଆ ଜୀବନ ଆରମ୍ଭ କରିବା । ମୁଁ ସେ ମିଥ୍ୟା ଐଶ୍ୱର୍ଯ୍ୟ ଛାଡ଼ି ଦେଇ ଆସିଛି । ଆଜିଠୁ ତୁମେ ହିଁ ହେବ ମୋର ସବୁ ସମ୍ପଦ ।"

● ● ●

# ପ୍ରତ୍ୟାବର୍ତ୍ତନ

# ଉତ୍ସର୍ଗପତ୍ର

**ମା'** ମୋର,

ତୋର ପରମ ପବିତ୍ର ହସ୍ତରେ ମତେ ଯେଉଁ କେତୋଟି ଅକ୍ଷର ଶିଖାଇ ଦେଇଥିଲୁ ସେଗୁଡ଼ିକ ଆଜି ସୁବର୍ଣ୍ଣ ଛନ୍ଦରେ ଏହି ଉପନ୍ୟାସଟିରେ ସମୁଜ୍ଜ୍ୱଳ । ତୁ ଦେଇଥିବା ଶକ୍ତି ଓ ସାହସର ପରିଣାମ ହେଉଛି ଏହି ଉପନ୍ୟାସ । ମୋ ଜୀବନର ସବୁ କଥା ଏଥିରେ ନିହିତ । ତୋଠୁ ଯାହା ପାଇଥିଲି ତାହା ତୋ ହାତରେ ଅର୍ପଣ କରି ଦେଉଛି । ଜୀବିତ ଅବସ୍ଥାରେ ତୁ ଥିଲୁ ଏକା । ଆଜି [illegible] ସବୁ ଦିଗରୁ [illegible] ଉପଦେଶ ମୋ କାନ ପାଖରେ ଧ୍ୱନି ମୁଖର । ହୃଦୟର ଭିତରେ ରହି ଆଜି ତୁ ଦୟା, କ୍ଷମା, ସ୍ନେହ, ପ୍ରୀତିରେ ମୋ ପ୍ରାଣ ଭରି ଦେଉଛୁ । ତୋ ପରି ଗୁଣବନ୍ତୀ ପବିତ୍ର ହୃଦୟାର କନ୍ୟା ମୁଁ । ପ୍ରତିକ୍ଷଣ ମୋ ପ୍ରାଣପୁର ତୋରି ପ୍ରେରଣାରେ ଭରା । ତୋର ଅଦୃଶ୍ୟ ହସ୍ତରେ ଆଜି **ପ୍ରତ୍ୟାବର୍ତ୍ତନ** ଅର୍ପଣ କରି ପାରି ଶାନ୍ତି ଅନୁଭବ କରେ ।

ତୋର ଝିଅ

**ସୀତା**

**କଟକ**

ବିଜୟା ଦଶମୀ—୧୯୭୯

# ପ୍ରତ୍ୟାବର୍ତ୍ତନ

ଗଣେଶ ଚତୁର୍ଥୀ । ସ୍ୱର୍ଣ୍ଣ ପୂଜା ଆସନରେ ବସି ଧ୍ୟାନ କରୁଥିଲା ବିଘ୍ନବିନାଶନ ଗଣନାଥଙ୍କୁ । ଆଖି ମୁଦି ଆବାହନ ମନ୍ତ୍ର ପଢ଼ୁ ପଢ଼ୁ ତା ଆଗରେ ଦିଶିଗଲା ଶ୍ୱଶୁରଙ୍କର ଶାନ୍ତ-ସୁନ୍ଦର ମୂର୍ତ୍ତି, ଯାହାଙ୍କୁ ସେଇ ପ୍ରଥମ ଦେଖିବା ଦିନଠାରୁ ଆଜି ପର୍ଯ୍ୟନ୍ତ ସେ ଦେଇଆସିଛି ଅସୀମ ଶ୍ରଦ୍ଧା ଓ ଭକ୍ତି । ସ୍ୱର୍ଣ୍ଣ ଭୁଲିଗଲା ଗଣନାଥଙ୍କ ପୂଜାମନ୍ତ୍ର । ତା'ର ମନେପଡ଼ିଗଲା ଅତୀତର ଅନେକ କଥା । ଆଖି ଆଗରେ ଭାସିଗଲା ଅସଂଖ୍ୟ ଦୃଶ୍ୟାବଳୀ । ସ୍ୱର୍ଣ୍ଣର ପରିହାସପ୍ରିୟ ଶ୍ୱଶୁର ଏଭଳି ପୂଜାଦିନମାନଙ୍କରେ ଶାଶୁଙ୍କୁ କହନ୍ତି, 'ଖଜାପିଠା ଖାଇବା ଇଚ୍ଛା ହେଉଛି କି ତୁମ୍ଭମାନଙ୍କର ଖାଲି । ଭଗବାନଙ୍କ ନାମରେ ଏତେ ପିଠାପଣା ତିଆରି କରନ୍ତିନି ।'

ଏଇ କେତେଦିନ ହେଲା ସଚେତ ହୋଇଉଠିଛି ସ୍ୱର୍ଣ୍ଣର ମନ । ତାର ସେ ଚେତନାକୁ ଉଦ୍ଭାସିତ, ଉଦ୍‌ବୋଧିତ କରୁଛି ଶୁକର ଚିଠିଗୁଡ଼ିକ । କେତେ ଖୋଜି ଖୋଜି, ବାଛି ବାଛି, ସ୍ୱର୍ଣ୍ଣ ତା'ର ଏକମାତ୍ର ପୁଅର ନାମ ରଖିଥିଲା 'ଶୁକ' । ଶୁକ ସ୍ଥାନୀୟ ସଂସ୍କୃତ ସ୍କୁଲରେ ପଢ଼ି ଆଚାର୍ଯ୍ୟ ଉପାଧି ପାଇଲାପରେ ଦୁଇ ତିନିବର୍ଷ ସେହି ସ୍କୁଲରେ ହିଁ ଶିକ୍ଷକତା କରିଥିଲା । ତା'ପରେ, ସେ ଜାଣେ ଭାବିଥିଲା କେଜାଣି, ଆଉ ଟିକିଏ ଉଚ୍ଚଶିକ୍ଷା ପାଇବା ଉଦ୍ଦେଶ୍ୟରେ ଘରୁ ବାହାରି ପଡ଼ିଲା ସହଜ ଭାବରେ ବାପା-ମାଆଙ୍କୁ ବୁଝେଇ କହି । ସୁଦୂର ଉତ୍ତରପ୍ରଦେଶର ବାରଣସୀ ବିଦ୍ୟାପୀଠରେ ଉଚ୍ଚ ଅଧ୍ୟୟନ ଆରମ୍ଭ କରିଥିଲା ସେ । ଶ୍ୱଶୁରଙ୍କ ବିୟୋଗ ପରେ, ଶୁକ ହିଁ ଥିଲା ସ୍ୱର୍ଣ୍ଣର ବଡ଼ ବଳ । ସେ ଶୁକ ବାହାରି ପ୍ରବାସକୁ ଗିବାଠୁ ସ୍ୱର୍ଣ୍ଣ ପୁତ୍ରବିରହରେ ବ୍ୟାକୁଳିତା ହୋଇ ଦିନ କଟାଉଥିଲା । ଶ୍ୱଶୁରଙ୍କଠାରୁ ବିଦ୍ୟାଶିକ୍ଷା ସେ ପାଇଥିଲା ଅବଶ୍ୟ; କିନ୍ତୁ ଲେଖିବାବେଳକୁ ଲେଖାର ଗତିବେଗଟା ଶୋଚନୀୟ ଶ୍ଳଥବେଗ ହୋଇଯାଉଥିଲା ଧୀରମନ୍ଥର । ଶୁକର ପ୍ରଥମ ଚିଠି ପାଇ ସ୍ୱର୍ଣ୍ଣ ଯେଉଁ ଚିଠିଖଣ୍ଡିକ ଲେଖିଥିଲା, ତାହା ପଢ଼ି ଶୁକ ନିଜ ବୋଉଙ୍କ ଭାଷାର ପ୍ରଶଂସା କରି ଲେଖିବା ସଙ୍ଗେ ସଙ୍ଗେ ଲେଖାଟାକୁ ଦ୍ରୁତଗାମୀ କରିବାକୁ କହିଥିବା କଥା ଲେଖିଥିଲା । ସେଇ ଅର୍ଥପୂର୍ଣ୍ଣ ବାକ୍ୟଗୁଡ଼ିକ ହିଁ ସ୍ୱର୍ଣ୍ଣର ଜ୍ଞାନଶକ୍ତିକୁ କରି ଦେଇଥିଲା ଜୀବନ୍ତ । ପରେ ପରେ ମଧ୍ୟ, ଶୁକ ତାର ପ୍ରତ୍ୟେକ ଚିଠିରେ ଜୀବନର ଚିନ୍ତା ଏବଂ କାର୍ଯ୍ୟ ସମ୍ବନ୍ଧରେ ଲେଖୁଥିଲା । ଚିଠିଗୁଡ଼ିକ ପଢ଼ି ସ୍ୱର୍ଣ୍ଣର ମନେହୁଏ ଯେ, ସେ ଯେପରି ନୂଆ ଜନ୍ମଲାଭ କରୁଛି କୌଣସି ଏକ ଅଦୃଷ୍ଟ ଶକ୍ତିର ଗର୍ଭରୁ । ମାଈଙ୍କ ଘରୁ ବାହାରି ପୁଅରେ ପଦାର୍ପଣ, ପୁଅଟିଏ ଗୋଟାଏ ଜନ୍ମ । ତା ପରେ, ଆଈଙ୍କ ମୃତ୍ୟୁ ଘଟଣା ସଙ୍ଗେ ସଙ୍ଗେ ପରମାନନ୍ଦଙ୍କ ସହିତ ତା'ର ବିବାହ, ଶ୍ୱଶୁରଙ୍କର ଅଲୌକିକ ସ୍ନେହ—ଏ ସମସ୍ତ ଘଟଣା କଅଣ କଥା ଦେଇ ପ୍ରକାଶ କରିହେଉଛି ? ଗୋଟିଏ ଗୋଟିଏ ଘଟଣାକୁ ପାରହେବା ତା' ପକ୍ଷରେ ଜନ୍ମାନ୍ତର ଘଟିବା ।

ପୂଜାଘରର ଦୁଆରଟାକୁ ଅଳ୍ପଟିକିଏ ଠେଲିଦେଇ ପରମାନନ୍ଦ ପଚାରିଲେ, କଅଣ କରୁଛ ଶୁକବୋଉ ! ତୁମେ ପିଢ଼ା ଉପରେ ବସି ଭାବୁଛ, ଏଣେ ତୁମର

ପୂଜାସାମଗ୍ରୀ ଅଣ୍ଡା ହେଲାଣି । ଜନ୍ଦା, ପିମ୍ପୁଡ଼ି ଖାଇ-ଯିବେ ଆଉ ଅଳ୍ପ ସମୟ ପରେ ।

ସ୍ୱର୍ଣ୍ଣ ଚମକି ଉଠି ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲା, ପୂଜା ଆରମ୍ଭ କରୁକରୁ ଶୁକର ଗୋଟି କଥା ମନେ ପଡ଼ିଗଲା । ସେ ଭାବନା ପଛେ ପଛେ ଏତେଗୁଡ଼ାଏ ସମ୍ଭବ-ଅସମ୍ଭବ ଚିନ୍ତା ମସ୍ତିଷ୍କ ଭିତରେ ପ୍ରବେଶ କରି-ଗଲା ଯେ ମୁଁ ଅତି ଆଶ୍ଚର୍ଯ୍ୟ ଭାବରେ ପୂଜା କରିବା କଥା ଭୁଲିଗଲି । ତୁମେ ସ୍ନାନ କରି ଆସିଲାବେଳକୁ ମୋର ପୂଜାପୂଜି ସବୁ ହୋଇଯିବ ।

ସ୍ୱର୍ଣ୍ଣର ଶୈଶବ ଏବଂ ବାଲ୍ୟଜୀବନର ଇତିହାସ ଅଲୌକିକ ନ ହେଲେ ମଧ୍ୟ ଅଦ୍ଭୁତ । ଅତି ଅଦ୍ଭୁତ ତାର ସନ୍ତୁଷ୍ଟତା । ସେ ବର୍ଷର ସଂକ୍ରାମକ ରୋଗ ବସନ୍ତକାଳରେ ସ୍ୱର୍ଣ୍ଣର ପିତାମାତା ଉଭୟେ ପଡ଼ିଯାଇ-ଥିଲେ ମୃତ୍ୟୁମୁଖରେ । ସମ୍ବାଦ ପାଇ ଅରୁନ୍ଧତୀ, ସ୍ୱର୍ଣ୍ଣର ଆଈ ଧାଇଁ ଯାଇଥିଲେ ଝିଅକୁ ଦେଖିବା ଆଶାରେ । ଯେଉଁ ସ୍ତ୍ରୀଲୋକଟିକୁ ସାଥିରେ ଧରି ଯାଇଥିଲେ, ତାହାରି ସାହାଯ୍ୟରେ ସୁଭଦ୍ରାର ଶିଶୁକନ୍ୟା ସ୍ୱର୍ଣ୍ଣକୁ ଧରି ଆସିଲେ ଘରକୁ ।

ମୃତବତ୍ସା ଅରୁନ୍ଧତୀଙ୍କର ଅନେକଗୁଡ଼ିଏ ପୁତ୍ର-କନ୍ୟା ମରିବା ପରେ, ପୁଅ ଦାମୋଦର ଏବଂ ଝିଅ ସୁଭଦ୍ରା ବଞ୍ଚିଥିଲେ । ସେଇ ଝିଅଟି ଏବେ ମରିଗଲା । ମରି ତ ଗଲା, ପୁଣି ଏ ଦୁର୍ବହ ଭାରଟିଏ ତାଙ୍କ ମୁଣ୍ଡ ଉପରେ ରଖିଦେଇ ଗଲା । ଦୁଇବର୍ଷର ଶିଶୁଟିଏ ଛାଡ଼ିଗଲା ଯେ ତାକୁ ରଖିବେ କମିତି ? ସେ ସମୟେ ସମୟେ ସୁଭଦ୍ରାର ମୃତ୍ୟୁଶୋକ ମଧ୍ୟ ଭୁଲିଯାଆନ୍ତି, ସୁନାପିତୁଳା ପରି ସୁଭଦ୍ରାର ଏଇ ଶିଶୁସନ୍ତାନଟିକୁ ଦେଖିଲେ । ରୋଷେଇ ଘର ପାଖକୁ ଥିବା କ୍ଷୁଦ୍ର ଭଣ୍ଡାର ଘରଟି ହିଁ ଥିଲା ତାଙ୍କର ଶୟନ କକ୍ଷ । ସେଥିରେ ସେ ଶୁଅନ୍ତି, ବସନ୍ତି, ତାଙ୍କର ପେଡ଼ି-ପୁଟୁଳି ମଧ୍ୟ ରଖନ୍ତି । ସେଇ ଘରଟିର ଗୋଟାଏ କୋଣକୁ ସ୍ୱର୍ଣ୍ଣକୁ ଧରି ଶୁଅନ୍ତି ସେ ।

ସ୍ୱାମୀଶୋକ, ସନ୍ତାନଶୋକ ସହିତ ଦାରିଦ୍ର୍ୟପୀଡ଼ା ସହ୍ୟ କରି କରି ଅରୁନ୍ଧତୀଙ୍କ ଶୀର୍ଣ୍ଣ ଶରୀରଟି ହୋଇ-ଯାଇଥିଲା ଶୀର୍ଣ୍ଣତର । ଯାହାକୁ କହନ୍ତି, ଅକାଳବାର୍ଦ୍ଧକ୍ୟ । ମୁହଁରେ କହନ୍ତି—କାହିଁକି ଏଇଟା ବଞ୍ଚିଲା ! କିନ୍ତୁ ଅନ୍ତଃକରଣ ତାଙ୍କର ପ୍ରାର୍ଥନା କରେ, ହେ ଭଗବାନ ! ରକ୍ଷାକର । ଏଇ ଅନାଥ ଛୁଆଟାକୁ ଆୟୁଷ ଟିକିଏ ଦିଅ । ଭଣ୍ଡାର ଘରେ ଯାବତ ପ୍ରକାର ଖାଦ୍ୟ ପଦାର୍ଥ । ଦିନେ ଦିନେ ଗୁଡ଼ହାଣ୍ଡିରୁ ନେବାରଖିବା ସମୟରେ ଗୁଡ଼ ଟିକିଏ ତଳେ ପଡ଼ିଗଲେ, ଝରା ଟିକିଏ ନଗିଡ଼ି ପଡ଼ିଲେ, ବଡ଼ ବଡ଼ ଜନ୍ଦା ଜମା ହୋଇଯାଆନ୍ତି ଗୁଡ଼-ହାଣ୍ଡି ପାଖରେ । ତା ଛଡ଼ା ମୂଷା, ଅସରପା, ଧାନ-ପୋକ, ଚୁଡ଼ାଳ, ମୁଗର ପୋକ ସବୁ ସେଇ ଅନ୍ଧାରିଆ ଘରଟିରେ ବାସକରି ରହିଥାନ୍ତି । ଅରୁନ୍ଧତୀ ଦିନେ ଦୁଇଦିନ ଝାଡ଼ି ଏ ଜିନିଷଟା ସେଠିକି ସେ ଜିନିଷଟା ଏଠିକି କରି ସୁଝେଇ ରଖନ୍ତି । ଘରଟାକୁ ଆଉ ଟିକିଏ ସ୍ୱଚ୍ଛ-ସୁନ୍ଦର କରିବା ଇଚ୍ଛାରେ । କିନ୍ତୁ ପରିବର୍ତ୍ତନ ହୁଏ-ନାହିଁ । ରାତି ହେଲେ ମୂଷା କଲକାଉଁରୁ କରି ଧାଁ-ଧପଡ଼ କରନ୍ତି । ଧାନ-ମୁଗର ପୋକ କାମୁଡ଼ି-ଦେଲେ ଅରୁନ୍ଧତୀଙ୍କର ନିଦ ଭାଙ୍ଗିଯାଏ । ପିଲାଟିକୁ କୋଳକୁ ଟାଣି ଆଣନ୍ତି । ଦି'ଆଖିରୁ ଗଡ଼ିଯାଏ ଦି'ଧାର ଲୁହ ।

ଅରୁନ୍ଧତୀଙ୍କ ପୁଅ ଦାମୋଦର ଧନଞ୍ଜୟପୁର ଗାଁର ଚଟଶାଳୀରେ ଶିକ୍ଷକତା କରନ୍ତି । ତାଙ୍କର ବାର୍ଷିକ ଦରମା ଶହେ କୋଡ଼ିଏ । ଦାମୋଦର ପରମ୍ପରାକ୍ରମେ ପୁରାଣ ପଢ଼ିବା କାର୍ଯ୍ୟ ମଧ୍ୟ କରୁଥିଲେ । କାହାଘରେ ରାମାୟଣ, କାହାଘରେ ମହାଭାରତ, ଭାଗବତ । ସେଥିରୁ ମଧ୍ୟ ସେ କିଛି କିଛି ପାଇଯାଆନ୍ତି । ଅରୁନ୍ଧତୀଙ୍କ ପୁତ୍ରବଧୂ, ନାରାୟଣୀ । ସେ ସମୟକୁ ତିନି ପୁଅର ମାଆ । ସଙ୍ଗତିସମ୍ପନ୍ନ ଘରର ଝିଅ ସେ । ତାଙ୍କ ବାପା ବର୍ଷକୁ ଦଶ ଥର ଝିଅ ପାଇଁ ଶଗଡ଼ରେ ଭରି ଜିନିଷପତ୍ର, ଲୁଗାପଟା ଧରି ଆସନ୍ତି । ନାରାୟଣୀଙ୍କର ବିବେଚନାରେ, ତାଙ୍କରି ଯୋଗୁଁ ଅରୁନ୍ଧତୀ ଖାଇପିନ୍ଧି ସ୍ୱଚ୍ଛଳ ଅବସ୍ଥାରେ ରହିଛନ୍ତି । ତା ବାପା ଯଦି ଧାନ, ମୁଗ, ଗୁଡ଼, ଚିନି ଇତ୍ୟାଦି ଆଣି ରଖିଦେଇ ନ ଥାନ୍ତେ, ନାତୁଣୀକୁ ଧରି ବସି ବୁଢ଼ୀ ଖାଆନ୍ତେ କଅଣ ? ଏଣୁ ସେ ନିଜକୁ ଏବଂ ନିଜର ପିଲାଙ୍କୁ ନେଇ ବ୍ୟସ୍ତ । ଏ

ଅବସ୍ଥାରେ ଅନ୍ୟର ଖୋଜାଟାଏ ଲୋକଙ୍କୁ ବାହାର କରିବ କିଏ? ବିନା କାରଣରେ ବଡ଼ ବିରକ୍ତ ହୁଅନ୍ତି ସେ ଶାଶୁଙ୍କ ଉପରେ। ବିଦ୍ରୂପ କରି ସ୍ୱର୍ଣ୍ଣଙ୍କୁ କହିଦେଇ ଛାଡ଼ନ୍ତି ଦିନକୁ ତିନି ଥର।

ଶୋକ, ଦୁଃଖ, ଭୟ, ସଙ୍କୋଚ ଭିତରେ ଦେଇ ଅରୁନ୍ଧତୀଙ୍କ ଦିନ, ମାସ, ବର୍ଷ କାଳଗର୍ଭରେ ବିଲୀନ ହେଲା କ୍ଷିପ୍ରବେଗରେ। ଦୁଧ, ଘିଅ କିମ୍ବା ଅନ୍ୟ କୌଣସି ଉପାଦେୟ ପଦାର୍ଥ ସ୍ୱର୍ଣ୍ଣଙ୍କୁ ଖୁଆଇ ଦେଉଥିବେ ବୋଲି ଶାଶୁଙ୍କୁ ସନ୍ଦେହ କରନ୍ତି ନାରାୟଣୀ। ଆପଣା ଘରେ ଆପେ ସ୍ୱୈର ଆଜି ଅରୁନ୍ଧତୀ। ନାରାୟଣୀଙ୍କ ବାପଘରୁ ଆସିଥିବା ଖାଦ୍ୟସାମଗ୍ରୀରେ ହାତଦେଇ ପାରନ୍ତିନାହିଁ ସେ। ତାଙ୍କର ସେ ଗୁଡ଼-ଘିଅରେ ତିଆରି ହୋଇଥିବା ପଦାର୍ଥ କେବେ ହାତରେ ଉଠେଇ ନେଇ ମୁହଁରେ ଦିଅନ୍ତି ନାହିଁ କି ସ୍ୱର୍ଣ୍ଣଙ୍କୁ ମଧ୍ୟ କେବେ ଖୁଆନ୍ତି ନାହିଁ।

ଭାଦ୍ରବ ମାସ; ଷଷ୍ଠୀପୂଜା ଦିନ। ସ୍ୱର୍ଣ୍ଣ ତୁଳସୀ-ଚଉରା ପାଖରେ ଆଜି ପୂଜାଘରେ ସଞ୍ଜବତୀ ଜାଳିଦେଇ ଆସି ବସିଲା ବାରଣ୍ଡାର ବେଞ୍ଚ ଉପରେ। ମେଘଶୂନ୍ୟ ହୋଇଯାଇଛି ଆକାଶ। ଶୁକ୍ଳଷଷ୍ଠୀର ଚନ୍ଦ୍ର ଆପଣା ଅଙ୍ଗପୁଷ୍ଟିର ଆନନ୍ଦରେ ହସି ହସି ଭାସିଯାଉଥିଲେ ଧୀରେ ଧୀରେ। ସ୍ୱର୍ଣ୍ଣ ବେଞ୍ଚ ଉପରୁ ଉଠିଯାଇ ଠିଆ ହେଲା ବାରଣ୍ଡାର ଖମ୍ବକୁ ଆଉଜି। ବାରଣ୍ଡା ତଳର ରଜନୀଗନ୍ଧା ଫୁଲପେନ୍ଥା, ତା' ହାତକୁ ଲାଗି ଦୋହଲି ଉଠୁଥିଲା। ହାସନା-ହେନାର ସୌରଭ ଭରିଯାଇଥିଲା ବାରଣ୍ଡା, ବାଡ଼ି ଅଗଣାରେ। ସେଇ ପାଖର ଗଙ୍ଗଶିଉଳି ଗଛରୁ ମଧୁର ଗନ୍ଧ ଉଡ଼ିଆସୁଥିଲା ଶରତର ସମୀରଣ ସ୍ପର୍ଶରେ। ସ୍ୱର୍ଣ୍ଣ ଆକାଶ ଆଡ଼ୁ ଦୃଷ୍ଟି ଫେରାଇଆଣି ଦେଖିଲା, କାନ୍ଥର ଶ୍ଲେଟପଟା ଖଣ୍ଡିକ ଝୁଲୁଛି ଠୁକୁ ଠୁକୁ ଶବ୍ଦ କରି। ଶ୍ୱଶୁରଙ୍କର ସ୍ମୃତି ହୋଇ ଆଖି ଆଗରେ ରହିଥିଲା ସେ ଶ୍ଲେଟଖଣ୍ଡିକ। ସେ ଆଡ଼କୁ ଅନାଇଦେଲେ ହାତ ତାର ଯୋଡ଼-ହୋଇଯାଏ ଆପେ ଆପେ ଶ୍ୱଶୁରଙ୍କ ଉଦ୍ଦେଶ୍ୟରେ।

ଶ୍ଲେଟପଟା ପାଖକୁ ଟିକିଏ ବଡ଼ ଆକାରର କାନ୍ଥକୁଣ୍ଡ। ତା' ଭିତରେ ରହୁଥିଲା ସ୍ୱର୍ଣ୍ଣର ପ୍ରସାଧନ ସାମଗ୍ରୀ। କାନ୍ଥକୁଣ୍ଡର ଉପରକୁ ଲଟକା ହୋଇଥିଲା ଗୋଟିଏ ଛୋଟ ଦର୍ପଣ। ପୁରୀରୁ ଶ୍ୱଶୁର କିଣିଆଣିଥିଲେ ସେ ଖଣ୍ଡିକ ତାହାର କାମନ୍ତେ। ଶ୍ୱଶୁରଙ୍କର ସ୍ନେହର ଦାନ ଦର୍ପଣଖଣ୍ଡିକ। ଏଇ କେତେଦିନ ହେଲା ଅନ୍ୟମନସ୍କ ହୋଇ ଦର୍ପଣରେ ମୁହଁ ଦେଖି ଆମୋଦ ଅନୁଭବ କରିବା କଥା ଭୁଲିଯାଇଛି ସେ। ବେଞ୍ଚ ଉପରୁ ଲଣ୍ଠନଟା ଉଠେଇ ଆଣି ମୁହଁ ଆଗକୁ ରଖି ଦେଖିଲା ସେ। ତାର ସୁଶ୍ରୀ ମୁଖରେଖାର କଜ୍ଜଳ-କଳା ଆଖି ଦୁଇଟି ରହିଛି ସିମିତ ସେଦିନର ପରି ତାରୁଣ୍ୟର ସମସ୍ତ ଦୀପ୍ତି ଧରି। ପାଖର ବେଞ୍ଚ ଉପରେ ଲଣ୍ଠନ ରଖିଦେଇ ଆସି ଠିଆହେଲା ଝୁଲୁଥିବା ଶ୍ଲେଟପଟା ପାଖରେ। ଗଭୀର ଶ୍ରଦ୍ଧାରେ ହାତ ବୁଲେଇ ଆଣିଲା ସେ ପଟା ଖଣ୍ଡିକ ଉପରେ। ଅଜାଣତରେ ଅବିସ୍ମରଣୀୟ ସ୍ମୃତି ଗୋଟି ଗୋଟି ହୋଇ ଭାସିଗଲା ସ୍ୱର୍ଣ୍ଣର ଆଖି ଆଗରେ। ପରମପୂଜ୍ୟ, ପରମ ଶ୍ରଦ୍ଧାସ୍ପଦ ଶ୍ୱଶୁର ଏଇ ଶ୍ଲେଟ ଉପରେ 'ଶ୍ରୀ' ଲେଖିଦେଇଥିଲେ। ସେଇ 'ଶ୍ରୀ' ଅକ୍ଷର ଉପରେ ଖଡ଼ି ବୁଲେଇ ନେଇ ପଦରଜ ବୋଳି ଦେଇଥିଲା ସେ ସୀମନ୍ତ ତଳେ। ସେ କଥା କେତେ-ଦିନ ହେଲଣି ଆଜିକି! ଆନନ୍ଦ ଅନୁଭବରେ ପୁଲକିତା ହୋଇ ଉଠିଥିଲା ସ୍ୱର୍ଣ୍ଣ ସେଦିନ। ଆଜି ଶ୍ୱଶୁରଙ୍କ ବିୟୋଗ-ଦୁଃଖରେ ଦୁଇ ଧାର ଉଷ୍ଣ ଅଶ୍ରୁ ଝରିପଡ଼ିଲା ଆଖିରୁ ତା'ର।

ମାଧବ ମିଶ୍ରଙ୍କ ପିତା ଆନନ୍ଦ ମିଶ୍ର ସେ ଅଞ୍ଚଳର ଜଣେ ରାଜାଙ୍କର ପୁରୋହିତ ଥିଲେ। ରାଜସଭାରେ ବସି ରାମାୟଣ, ମହାଭାରତ ପ୍ରଭୃତି କାବ୍ୟ-ନାଟକର ସୁନ୍ଦର ଆଲୋଚନା କରି ପାରୁଥିଲେ ଆନନ୍ଦ ମିଶ୍ରେ। ରାଜା ତାଙ୍କୁ ପୁରସ୍କାର ଦେଇଥିଲେ ଘର, ଭୂମି ଇତ୍ୟାଦି।

ଆନନ୍ଦ ମିଶ୍ରଙ୍କ ପୁରାଣ-ପଠନରେ ଅତ୍ୟନ୍ତ ତୃପ୍ତ ହୋଇଯାଇ କେଉଁଦିନ କୁଣ୍ଡଳ, କେଉଁଦିନ କଙ୍କଣ, କେଉଁଦିନ ଆପଣା ଆଙ୍ଗୁଠିରୁ ମୁଦ୍ରିକା ମଧ୍ୟ ଦେଇ ଦେଉଥାନ୍ତି। ରାଜାଙ୍କ ଅନୁଗ୍ରହରେ ଆନନ୍ଦ ମିଶ୍ରଙ୍କର

ଘରର କୌଣସି ବିଷୟର ଅଭାବ ନ ଥିଲା । ଅବଶେଷରେ ଇମିତି ଭାବରେ ତାଙ୍କର ସୌଭାଗ୍ୟ ଆସିଗଲା ଯେ ରାଜା ତାଙ୍କୁ ଦିନେ ନ ଦେଖିଲେ ରହି-ପାରିଲେ ନାହିଁ । ଏଣୁ ସେ ପୈତୃକ ଗ୍ରାମ ଛାଡ଼ିଦେଇ ପଲସପୁର ଚାଲିଆସିଥିଲେ । ରାଜା ତାଙ୍କର ଚାତୁର୍ଯ୍ୟ-ପୂର୍ଣ୍ଣ ଆଲୋଚନା ଶୁଣି ମୁଗ୍ଧ ହୋଇଯାଆନ୍ତି ଦିନେ ଦିନେ । ଏଇସବୁ ବିଶେଷଦିନମାନଙ୍କରେ କଙ୍କଣ, କୁଣ୍ଡଳ, ମୁଦି, ପାଟଯୋଡ଼ ଇତ୍ୟାଦି ସହିତ ଜମିବାଡ଼ି ମଧ୍ୟ ମିଶ୍ରଙ୍କୁ ମିଳିଯାଏ । ଜିନା ହିସାବରେ ଯିମିତି ପାଉଥିଲେ, ଖରଚ ମଧ୍ୟ କରୁଥିଲେ ସିମିତି ! ପତ୍ନୀ ଏବଂ ପୁତ୍ର ସମ୍ବନ୍ଧରେ ଚିନ୍ତା କରିବାକୁ ତାଙ୍କର ଅବସର ନ ଥିଲା । କିମିତି ଭାବରେ ରସାଣିତ କରି ପୁରାଣଗତ ଚରିତ୍ରଗୁଡ଼ିକର କଥା କହିଲେ ରାଜାଙ୍କର ପ୍ରିୟପାତ୍ର ହୋଇପାରିବେ, କେବଳ ସେଇ ବିଷୟ ଚିନ୍ତା କରୁଥାଆନ୍ତି ଅନବରତ । ଆପଣା ଆନନ୍ଦରେ ହିଁ ଆପେ ଅଭିଭୂତ ସେ ।

ଆନନ୍ଦ ମିଶ୍ରଙ୍କ ପୁଅ ମାଧବ ମିଶ୍ର ପିତାଙ୍କ ପଦାଙ୍କ ଅନୁସରଣ ନ କରି ହେଲେ ନାଟ୍ୟକାର । ସେ ରାମାୟଣ, ମହାଭାରତରୁ ଏବଂ ଭାଗବତରୁ ଭଲ ଆଖ୍ୟାୟିକାଗୁଡ଼ିଏ ନାଟକ ଆକାରରେ ଲେଖି ଯାତ୍ରା-ଦଳକୁ ଦିଅନ୍ତି । ଆପଣାର ଅଭିରୁଚି ଅନୁଯାୟୀ ଅଭିନୟ ହୋଇପାରିବ କି ନାହିଁ, ଏ ଆଶଙ୍କାରେ ସ୍ୱୟଂ ଆଖଡ଼ାଘରେ ବସି ନିର୍ଦ୍ଦେଶନା ମଧ୍ୟ ଦିଅନ୍ତି ସେ । ସେକାଳରେ ସେ ଥିଲେ ଅତି ଆଧୁନିକ । କେଶକୁ କାଟି ବେକ ତଳକୁ ରଖିଥାଆନ୍ତି ଅତି ଯତ୍ନରେ । ଗୌରବର୍ଣ୍ଣ । ସୁଗଠିତ ମୁହଁରେ ତୀକ୍ଷ୍ଣ ନାସିକା । ଯେଉଁ ଦିଗରୁ ଦେଖିଲେ, ରୂପଟି ତାଙ୍କର ସୁନ୍ଦର ଦିଶେ । ଏଇସବୁ ନୃତ୍ୟ ଶୋଭାକୁ ମାନିଲା ପରି ଚମ୍ପାଫୁଲ ରଙ୍ଗର ବଡ଼ ବଡ଼ ବୁନ୍ଦର ଆଉ ଧୋତି ଥିଲା ତାଙ୍କର ପରିଧେୟ । ସେ ସମୟରେ ସାମାଜିକ ଅବସ୍ଥା ଇମିତି ଥିଲା, ଯଦ୍ଦ୍ୱାରା ସମ୍ଭ୍ରାନ୍ତବଂଶର ପିତା ଇମିତି ସବୁ ନାଟଯାତ୍ରାରେ ସଂପୃକ୍ତ ବରହାତରେ କନ୍ୟାଦାନ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ । ଏଇ ସମସ୍ତ କାରଣରୁ ମାଧବ ମିଶ୍ରେ ବିବାହ କରିବେ ନାହିଁ ବୋଲି ମନେ ମନେ ସ୍ଥିର କରିଥିଲେ, କିନ୍ତୁ ପିତାଙ୍କ ପର-ଲୋକ ପରେ ମାଆଙ୍କ ଆକୁଳ ଆବେଦନ ଏଡ଼ାଇ-ଦେବା ତାଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । ସେ ବିବାହ କଲେ । ଯଥାସମୟରେ ବୋହୂ ମଧ୍ୟ ଆସିଲା । ଏହା ପରେ ପରେ ହିଁ ତାଙ୍କ ମାଆଙ୍କ ମୃତ୍ୟୁ ହେଲା । ସ୍ତ୍ରୀ ଏବଂ ସଂସାର ପ୍ରତି ଅନୁରକ୍ତ ହେବା ନିମନ୍ତେ ମାଧବ ମିଶ୍ରଙ୍କୁ ମାଆ ଯିମିତି କହିଥିଲେ, ସେ କଥା ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ସେଇ ପାଳନ କରିବା ହିଁ ତାଙ୍କର ଥିଲା ପରମ ଆନନ୍ଦ । ମାଧବ ମିଶ୍ରଙ୍କ ପତ୍ନୀ ବିମଳା, ତାଙ୍କ ମାଆଙ୍କ ଆଦର୍ଶରେ ଅନୁପ୍ରାଣିତା । ସେ ଭୋରରୁ ଉଠି ଗୋବରପାଣି ସିଞ୍ଚିଧୂଆ ଆଉ ଅଧୁଆ ସବୁ ବାସନ ମାଜି ରଖନ୍ତି । ଘର ଲିପାପୋଛା କରି, ଧୀରେ ସୁସ୍ଥେ ସ୍ନାନ କରି ଆସନ୍ତି । ତୁଳସୀମୂଳେ ପାଣି ଦିଅନ୍ତି । ତାପରେ ପୂଜା ଖଟୁଲି ପାଖରେ ବସି ପଡ଼ିଲେ, ତାଙ୍କର ଆଉ ସମୟ ଜ୍ଞାନ ରହେନାହିଁ । ପରିହାସ ପ୍ରିୟ ମାଧବ ମିଶ୍ରେ ବ୍ୟଞ୍ଜନା ମିଶାଇ ପଦେ କହିଦେଲେ ପତ୍ନୀ ବିମଳା ବଡ଼ ଅସନ୍ତୁଷ୍ଟ ହୋଇ ଉଠନ୍ତି । ସ୍ୱାମୀଙ୍କୁ ସୁଖୀ କରିବା ଅପେକ୍ଷା ସ୍ୱାମୀଙ୍କ ମଙ୍ଗଳ କାମନାଟାକୁ ହିଁ ବଡ଼ କାର୍ଯ୍ୟ ବୋଲି ଭାବନ୍ତି ସେ । ତାଙ୍କର ବଡ଼ ବିଶ୍ୱସ୍ତା ମଙ୍ଗୁଳୀ ଜାନିଆଣୀ । ବାର ବର୍ଷର ବନ୍ଧ୍ୟାତ୍ୱ ପରେ ପରମାନନ୍ଦ ଜନ୍ମ ହୋଇଥିଲେ । ଏ ଘଟଣା କେବଳ ମଙ୍ଗୁଳୀର ଚେର-ମୂଳ ଏବଂ ପ୍ରସାଦପ୍ରଭାବ ବୋଲି ହିଁ ସେ ବିଶ୍ୱାସ କରନ୍ତି । ମଙ୍ଗୁଳୀ ତ କେବଳ ଗ୍ରାମଦେବତୀଙ୍କ ସେବିକା ନୁହେଁ । ସେଇ ଆଖପାଖ ଅନେକଗୁଡ଼ିଏ ଗାଁର ଶିଶୁବୈଦ୍ୟ ମଧ୍ୟ । ଅତଏବ ତାହାରି ଚିକିତ୍ସାରେ ହିଁ ପରମାନନ୍ଦଙ୍କ ଶୈଶବଟା କଟିଗଲା । ଦେବ-ଦ୍ୱିଜରେ ବିଶ୍ୱାସ କରନ୍ତିନାହିଁ ବୋଲି ବିମଳା ସ୍ୱାମୀଙ୍କୁ ମଧ୍ୟ କହିଦିଅନ୍ତି, ମାଧବ ମିଶ୍ରେ ହାସ୍ୟ ବିଦ୍ରୂପ ମିଶାଇ କହନ୍ତି, ମଙ୍ଗୁଳି ତ ଦେବ କନ୍ୟା ଦ୍ୱିଜ ନୁହେଁ । ପୁଣି, ଦେବ-ଦ୍ୱିଜ ଶବ୍ଦର ଅର୍ଥ ମଧ୍ୟ ବଡ଼ ବ୍ୟାପକ । ମନୁଷ୍ୟ ତପସ୍ୟା କଲେ ଯାଇ ସେ କଥାର ମର୍ମ ଅନୁଭବ କରିବ । କହିଲେ ତୁମେ ଅଭିମାନ କରିବ,

ମଙ୍ଗୁଳୀ ତମର ଶୁଭ ହୋଇପାରେ, ମୋର ନୁହେ । କିନ୍ତୁ ବିମଳାଙ୍କର ମାତୃଆଦର୍ଶରେ ଥାଏ ଅଟଳ ବିଶ୍ୱାସ । ଏଣୁ ସୁନା, ରୁପା, ଅଷ୍ଟଧାତୁର ତେଜିଁରିଆ-ଗୁଡ଼ିଏ ପୁଅଙ୍କ ହାତରେ, ବେଣୀରେ, ଅଣ୍ଟାରେ ବାନ୍ଧି ଦେଇ ଅନ୍ୟର କୁଦୃଷ୍ଟି ଏବଂ ରୋଗ ଆଶଙ୍କାରୁ ନିଶ୍ଚିନ୍ତ ରହନ୍ତି ସେ ।

ମାଧବ ମିଶ୍ରେ ପତ୍ନୀଙ୍କୁ ଆପଣା ମନ ଅନୁଯାୟୀ ଚଳାଇବା ନିମନ୍ତେ ଏକାଧିକ ବର୍ଷ ତାଙ୍କ ପଛରେ ଲାଗିଥିଲେ; କିନ୍ତୁ ତାଙ୍କର ପ୍ରୟାସ ବୃଥା ହୋଇ-ଯାଇଥିଲା । ପୁଣି ତାଙ୍କର ବିବାହର ଅଳ୍ପ କାଳ ପରେ ମାଆଙ୍କ ମୃତ୍ୟୁ ହୋଇଗଲା । ସ୍ତ୍ରୀଙ୍କ ପଛରେ ଲାଗିବାକୁ ସେ ଆଉ ସମୟ ପାଇ ନ ଥିଲେ । ତାଙ୍କ ମାଆ ସେ ଯୁଗରେ ଅକ୍ଷରଜ୍ଞାନବିହୀନା ହୋଇ ମଧ୍ୟ ସ୍ୱାମୀ, ପୁତ୍ରଙ୍କ ଆନନ୍ଦ ନିମନ୍ତେ ଆତ୍ମୋତ୍ସର୍ଗ କରିବା ଉପାୟଟି ଜାଣିଥିଲେ । ତେଣୁ ସ୍ୱାମୀ ଆନନ୍ଦ ମିଶ୍ରେ ରାଜସଭାରେ ଏବଂ ପୁତ୍ର ମାଧବ ଆଖଡ଼ା ଘରେ ବସୁଥିଲେ ମଧ୍ୟ ଗୃହବାସ ସବୁ କାର୍ଯ୍ୟ ଚଳେଇ ନେଉଥିଲେ ସେ । ସଂସାର କାର୍ଯ୍ୟରେ ଅନଭ୍ୟସ୍ତ ମାଧବ ମାଆଙ୍କ ଅଭାବରେ ପ୍ରଥମ ପ୍ରଥମରେ ଅଥୟ ହୋଇପଡ଼ିଲେ; କିନ୍ତୁ ସମୟ ସବୁ କଥାକୁ ସହଜ ଏବଂ ସହନୀୟ କରି-ଦେଇଥିଲା । ତାଙ୍କର ପୈତୃକ ଭୂସମ୍ପତ୍ତି ସହିତ ବଡ଼ ଭାରି ଋଣଭାର ମଧ୍ୟ ଥିଲା । ଭୂମି ବିକ୍ରୀ କରିଦେଇ ଋଣମୁକ୍ତ ହୋଇଯାଇଥିଲେ ସେ । ବାକି ଯାହା ଥିଲା ସେଥିରେ ଭରଣପୋଷଣର ଅସୁବିଧା ହେଉ ନ ଥିଲା । ଭାତ ଆଉ ଡାଲି ପାଇଁ ଆପଣା କ୍ଷେତରେ ଯାହା ଧାନ, ମୁଗ, ହେଉଥିଲା, ବର୍ଷକର ବ୍ୟୟ ବାଦେ କିଛି ବଳକା ମଧ୍ୟ ରହିଯାଉଥିଲା । ବିଲହୁଡ଼ାର ଆମ୍ବଗଛରୁ ଆଷାଢ଼ରେ ଆମ୍ବର, ଆମ୍ବୁଲ ଏବଂ ପାଚିଲା ଆମ୍ବ ଖାଇବା ମଧ୍ୟ ହୋଇଯାଉଥିଲା । ଘରର ବାଡ଼ିରୁ ଆଳୁ, କଦଳୀ ଇତ୍ୟାଦି ତରକାରୀ ପାଇଁ ପାଇଯାଉଥିଲେ । ଭୂମି ଅଳ୍ପ ଥିଲେ ମଧ୍ୟ ବିଶ୍ୱାସୀ ଆଉ ଭଲ ଲୋକ ଥିଲେ ଭାଗଚାଷୀ । ଅତଏବ ମାଧବ ମିଶ୍ରଙ୍କର ଅନ୍ନ ବସ୍ତ୍ରର ଅଭାବ ନ ଥିଲେ ବି ଅତିରିକ୍ତ ସଞ୍ଚୟ ମଧ୍ୟ ହେଉ ନ ଥିଲା । ତାଙ୍କ ପୁଅ ପରମାନନ୍ଦ ଟିକିଏ ଡେରିରେ ଗାଁର ସ୍କୁଲରେ ପଢ଼ା ଆରମ୍ଭ କରିଥିଲେ । ପୁତ୍ର ଉପରେ ମଧ୍ୟ ପିତାଙ୍କର ବିଶେଷ ଭାବରେ କଡ଼ା ଦୃଷ୍ଟି ନ ଥିଲା । ବିମଳାଦେବୀ କହନ୍ତି, ଗୋଟିଏ ବୋଲି ତ ନୟନର ମଣି । ଦିନେ ଭଲ ହେଲାବେଳକୁ ଛଅ ଦିନ ଶୋଇଛି ରୋଗ ଧରି । ଢୋଉଁ ଆମର ଖାଇବା ପିନ୍ଧିବାକୁ ନିଅଣ୍ଟ ହେଉଛି ଯେ ପିଲା ମୋର ଆୟୁଷ ଟିକିଏ ପାଇ ବଞ୍ଚିଥାଉ । ଖାଇବା ପିନ୍ଧିବାକୁ ତ ଆମର ଅଭାବ ନାହିଁ ! ମା' ଗ୍ରାମଦେବତୀ ତାଙ୍କୁ ଆୟୁଷ କଣିକାଏ ଦେଇଥାନ୍ତୁ । ପତ୍ନୀଙ୍କ ଅନ୍ଧବିଶ୍ୱାସ ପ୍ରତି ସ୍ୱାମୀ ସମୟେ ସମୟେ ଆକ୍ଷେପ କରନ୍ତି; କିନ୍ତୁ ତାଙ୍କର ସ୍ୱଭାବ ବଦଳାଇ ପାରୁନଥାନ୍ତି । ପରିହାସରୁ କଳହ ଘଟିଲେ ଅନୁତପ୍ତ ହୋଇ ଉଠନ୍ତି ମାଧବ ମିଶ୍ରେ । ପ୍ରତ୍ୟେକ ବ୍ୟକ୍ତିର ଗୋଟାଏ ସ୍ୱତନ୍ତ୍ର ଇଚ୍ଛା ଅଛି ବୋଲି ବୋଧ କରି ବିମଳାଙ୍କ କାର୍ଯ୍ୟପ୍ରତି ସହାନୁଭୂତି, ସହଯୋଗ ରଖି ଚଳି ଆସୁଥାନ୍ତି ସେ । ଏଣୁ ସେ ପିତା ରୂପେ ପୁତ୍ର ଉପରେ କୌଣସି କଡ଼ା ଶାସନ ଜାରି କରିପାରୁ ନ ଥିଲେ । ଫଳରେ ପରମାନନ୍ଦ ମାଆଙ୍କ ସ୍ନେହ ଏବଂ ଅଭୟ ଆଶ୍ରୟ ଭିତରେ ହିଁ ରହି ଗ୍ରାମାସ୍ଥ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ମାଟ୍ରିକ୍ୟୁଲେସନ୍ ପରୀକ୍ଷା ପରେ ସେ ଅଧ୍ୟୟନ ଶେଷ କରି ରହିଗଲେ । ସେ ସମୟରେ ଏ ପର୍ଯ୍ୟନ୍ତ ଆସିଗଲେ, ଉଚ୍ଚଶିକ୍ଷିତ ବୋଲି ହିଁ ବୁଝା-ଯାଉଥିଲା । ପରମାନନ୍ଦଙ୍କୁ ଆଠ ବର୍ଷ ବୟସ ହେଉ ହେଉ ପୁତ୍ରବଧୂଟିଏ ଦେଖିବା ଇଚ୍ଛା ହୋଇଯାଇଥିଲା ତାଙ୍କ ମାଆଙ୍କର । ଭଲ ଘର, ଭଲ ପାତ୍ରୀଙ୍କ ପାଖରୁ ପରମାନନ୍ଦଙ୍କ ବିବାହ ପ୍ରସ୍ତାବ ଆସିଥିଲା । ବିମଳା କିନ୍ତୁ ସେ ପ୍ରସ୍ତାବରୁ କୌଣସିଟାକୁ ବାଛି ନ ଥିଲେ । ତାଙ୍କର ଇଚ୍ଛା ଥିଲା, ଠିକ୍ ତାଙ୍କରି ପରି ଘରର ଖାଲି ରଖି ଚଳିବା ବୋହୂଟିଏ ପାଇଲେ ପୁଅକୁ ବିବାହ ଦେବେ ।

ଦୈବଘଟଣା ସହିତ ପରମାନନ୍ଦଙ୍କ ସହିତ ବିବାହ-ସମ୍ବନ୍ଧ ଘଟିଗଲା ସୁନ୍ଦରୀର । ଦୈବଘଟଣା ନୁହେଁ

ତ ଆଉ କଅଣ ? କେଉଁଠି ଥିଲେ ଅରୁନ୍ଧତୀ, କମିତି ପୁରୀ ଆସିଲେ, ମାଧବ ମିଶ୍ରଙ୍କ ସହିତ କମିତି ସାକ୍ଷାତ୍ ଘଟିଲା, ସ୍ୱର୍ଣ୍ଣର ବିବାହ ପ୍ରସ୍ତାବ କିଏ କମିତି କଲେ ? —ଏ ସମସ୍ତ ବିଷୟ ସ୍ୱର୍ଣ୍ଣର ବାଲ୍ୟଜୀବନ-ଇତିହାସର ଅନ୍ତର୍ଭୁକ୍ତ । ତା'ର ସେ କଥା ଯେତେ ନୀରସ ହେଉ ପଛେ, ପ୍ରକାଶ ନ କଲେ ଜୀବନକଥା ପୂର୍ଣ୍ଣାଙ୍ଗ ହେବ ନାହିଁ । ଏତେଦୂର ଖୋଜି ବାଛି ହେବା ଶାଶୁ ସ୍ୱର୍ଣ୍ଣକୁ ଆପଣାର କରି ନେଇଥିଲେ ତାର ଶାନ୍ତସ୍ୱଭାବ ଆଉ ସେବାପରାୟଣତା ଯୋଗୁଁ ।

ସେବା, ଯତ୍ନ, ଔଷଧ-ପଥ୍ୟକୁ ଅପେକ୍ଷା ନ କରି ବୟସ ବୃଦ୍ଧି ହେବାକୁ ଲାଗିଲା ସ୍ୱର୍ଣ୍ଣର । ପାଞ୍ଚ ବର୍ଷ ବୟସରୁ ଆଈ ପାଖରେ ରନ୍ଧା ବାନ୍ଧିବା କାର୍ଯ୍ୟରେ ସାହାଯ୍ୟ କରେ ସେ । କ୍ରମଶଃ ସାତ, ଆଠ ବର୍ଷ ହେଲା ତାକୁ । ସେଇ ବୟସରୁ ହିଁ ବାରି ପାଖର କୂଅରୁ ବଡ଼ ଲୋଟାରେ ଲୋଟା ଲୋଟା କରି ପାଣି ଉଠାଇ ଆଣି ମଝି ଅଗଣାର ବଡ଼ ବଡ଼ ତିନିଟା ମାଟି ହାଣ୍ଡିରେ ଭରି କରିଦିଏ ସେ । କୂଅ ପାଖରେ ବସି ଆଈ ବାସନ ମାଜିଦେଲେ, ଦୁଇ ବୁଲିଟା, ଦୁଇ ବୁଲିଟା କରି ବାଟଘରର ବାରଣ୍ଡାରେ ରଖିଦିଏ । ଦାଣ୍ଡ ବାରନ୍ଦା ଆଡ଼ୁ କୂଅ ପାଖ ପର୍ଯ୍ୟନ୍ତ ଝୁଞ୍ଜୁଣି ଧରି ଝାଡ଼ି ଝାଡ଼ି ଯାଏ ଦିନକୁ ତିନି ଥର । ମାଈଁଙ୍କ ସାନ ମୁଅଁଟିର ଝଡ଼ଣା କନ୍ଥା, କନା ଧୋଇ ଶୁଖେଇ ଦିଏ । କାର୍ଯ୍ୟରେ ତ୍ରୁଟି ଦେଖିଲେ ମାଈଁ ଗର୍ଜନ କରି ଉଠନ୍ତି । ସ୍ୱର୍ଣ୍ଣର ପାଞ୍ଚ ବର୍ଷ ବୟସରୁ ସାତ ବର୍ଷ, ସାତ ବର୍ଷରୁ ନଅ ବର୍ଷ, ଇମିତି କରି ଆରମ୍ଭରୁ ହିଁ ଦୁଇ ତିନି ବର୍ଷ ବୟସ ବଢ଼େଇ ଦେଇ କଥା କହନ୍ତି ସେ । ସେ କହନ୍ତି ଯେ ଆଠ ଦଶ ବର୍ଷର ଝିଅଟେ ହେଲାଣି, ଖାଇଲାବେଳକୁ ତିନିଥର ତିନି ପେଟ ଠୁଙ୍କିଦେବ । କାମ ଗୋଟେ କରେ ବୋଲି କହିଦେଲେ, ହାତଗୋଡ଼ ଝଡ଼ିପଡ଼ିଲା ପରି ଠିଆହୋଇ ରହୁଛି । ଆଈ ତ ଗେହ୍ଲାଝିଅ କରି ବଢ଼ାଉଛନ୍ତି । ନାହିଁ ଲୋ ମାଆ ! ମୁଁ ଏ ପସରା ଧରି ବସି ପାରିବି ନା । ଏଇ ଖାତ ଲୁଗା ଦେଲେ କିଏ ହେଲେ ଗୋଟେ ରଖୁ ମୋ ପିଲାଙ୍କ ପାଇଁ ସେବା କରନ୍ତା ନାହିଁକି ? କମିତି କୋଉଠୁ କଅଣ ଖୋଇପେଇ ଠକ୍‌କଣ କରି ବଢ଼େଇ ଦେଲେଣି । ଏତୁଟେ ହେଲାଣି, ବର କେଉଁଠି, ଘର କେଉଁଠି ? କାହାର ଟଙ୍କା-ପଇସା ଭାସିଯାଉଛି ଯେ କିଏ ସ୍ୱାଙ୍କର ଏ ନାତୁଣୀ ଚନ୍ଦ୍ରମାକୁ କେଉଁଠୁ ବର ଆଣି ବିଭା କରେଇ ଦେବ ! ଏବଠୁ କେଉଁଠି ଠିକଣା କରି କାହା ଘରକୁ ପିଲାବୋହୂ କରି ପଠେଇ ଦିଅନ୍ତୁ । ଯିମିତି ହେଉ, ମୁଣ୍ଡରେ ବିଭାପାଣି ମୁଠିଏ ପଡ଼ିଯାଉ । ମୋ ନନା ବାବୁଣିଆଁ ଗୋଟାକୁ ରଖି-ଥିଲେ ଯେ ସେ ଇମିତି ଚେଉଣ୍ଡ ଗୋଟାକୁ କୋଉଠୁ ଖୋଜିଆଣି ବିଭାହୋଇଥିଲା ।

ସ୍ୱର୍ଣ୍ଣ ଆଖି, କାନ ଦେଇ ଶୁଣିଯାଏ ମାଈଁଙ୍କ କଥା । ସବୁ କଥା ବୁଝିବାକୁ, ଜାଣିବାକୁ ଚେଷ୍ଟା-କରେ ।

ମାଈଁ ବ୍ୟଙ୍ଗ-ବିଦ୍ରୂପ ମିଶେଇ କହନ୍ତି, 'ମୁହଁକୁ ଅନେଇ ବର କଥା ପଡ଼ିଲେ ପିଇଯାଉଚ । ସତେ-ବର ଆସି ଅଗଣାରେ ବସିପଡ଼ିଲାଣି, ଖାଲି ହାତ ଧରି ନେବାକୁ ବାକି ଅଛି । ବରି ବୁଉଳ ବତୁରି ହୋଇଛି ବାହିକୁ ଯା । ଏଇନେ ଦିନ ଆସିବ । ସେଇ ସକାଳୁ କୋଶେ ବାଟ ବୁଲା ବୁଲି ପାଠ ପଢ଼ି ଯାଉଛି ଯେ ! ଦିନରେ ହାଡ଼ ଚମ ରହିଲାଣି । ଘରେ ତା'ର ଆଉ ନାହିଁ ଯେ ହାଣ୍ଡିଶାଳ କୋଣକୁ ବସେଇ କେହି ନ ଦେଖିଲା ପରି ଖୋଇପେଇ ମୁହଁପୋଛି ଛାଡ଼ିଦେବ ।"

ସ୍ୱର୍ଣ୍ଣର ଆଖିରେ ଭରିଯାଏ ଉଷ୍ମ ଅଶ୍ରୁ । ସେ ବରି-ବୁଉଳ ଧରି ବସେ ପେଟଣା ପାଖକୁ । ଗୁଣ୍ଡାଟାକୁ ଧରି ଗଡ଼ାଉ ଗଡ଼ାଉ ଆଣ୍ଠୁ ଭିତରେ ମୁଣ୍ଡ ରଖି ଲୁହ-ପୋଛେ ଥରକୁ ଥର ।

ଷାଠିଏ ବର୍ଷ ବୟସରେ ହିଁ ସତୁରି ବର୍ଷର ବାର୍ଦ୍ଧକ୍ୟ ପୀଡ଼ିତା ଟିଏ ପରି ମନେ ହେଉଥିଲା ଅରୁନ୍ଧତୀଙ୍କୁ ଦେଖିଲେ । ଜୀର୍ଣ୍ଣଶୀର୍ଣ୍ଣ ଗୌରବର୍ଣ୍ଣ ଦେହ । କଳା କଟିକଟିଆ କାଣିଆ ଖଣ୍ଡିଏ ପିନ୍ଧି ଯୋଷାଡ଼ି ହେଲାପରି ବୁଲି ଲାଗିଥାଆନ୍ତି ଗୋଟାଏ କାର୍ଯ୍ୟ ଶେଷ କରି ଆଉ ଗୋଟାଏ କାର୍ଯ୍ୟରେ । ବୋହୂ ନାରାୟଣୀ କାରଣରେ-ଅକାରଣରେ ଦିନ ମଧ୍ୟରେ ଦୁଇ ତିନିଥର

ସ୍ୱର୍ଣ୍ଣର ରୂପ, ଗୁଣକୁ ନେଇ ଗୁଡ଼ାଏ ବହୁତ କଥା କହିଲେ, ଶାନ୍ତରେ ରହନ୍ତିନାହିଁ । ଅରୁନ୍ଧତୀ ଅଲ୍ପ-ବୟସର ଅଭାବ, ସ୍ୱାମୀଶୋକ, କନ୍ୟାଶୋକ ଏପରି ସବୁ କିଛି ସହ୍ୟ କରିପାରୁଥିଲେ; କିନ୍ତୁ ବୋହୂଙ୍କର ବହୁ ପ୍ରଶଂସା ତାଙ୍କର ଦୁର୍ବଳ ବକ୍ଷରେ ଏପରି ଗଭୀର କ୍ଷତ କରିଦିଏ ଯେ ସେ ଆଜି ଅଶ୍ରୁ ନିରୋଧ କରି-ପାରନ୍ତିନାହିଁ । ସନ୍ଧ୍ୟା ସମୟର ଗୋସେଇଘରଟା ଶେଷ କରିଦେଇ ପ୍ରାୟ ପ୍ରତିଦିନ ବାର ବାରଣ୍ଡାର ବାଉଁଶ-ଖମ୍ବ ପାଖକୁ ବସିପଡନ୍ତି । ବିଷାଦ ବେଦନାରେ ଧକ୍କାଦିଏ ହୋଇଯାଏ ଅରୁନ୍ଧତୀଙ୍କ ସର୍ବାଙ୍ଗ । ମନେ ପଡ଼ିଯାଏ ସ୍ୱାମୀଙ୍କ ସ୍ନେହ-ସୋହାଗ, ଅତି ତୁଚ୍ଛ କଥାରେ ସ୍ୱାମୀଙ୍କ ଉପରେ ଅଭିମାନ କରି ନ ଖାଇ ଶୋଇଲେ କିମିତି ସ୍ନେହ ସୋହାଗ କଥା କହି ଖୁଆଇ ଶୁଆନ୍ତି । ଏଇ ଘର ଖଣ୍ଡିକରେ କେତେ ଅଧିକାର ଥିଲି ତାଙ୍କର । ଦୁଃଖୀ ରଙ୍କୀଟିଏ ମୁଠିଏ ମାଗିଲେ ଖାଇବା ଥାଳରୁ ମୁଠାଏ ଦେଉଥିଲେ କିଛି ନ ଥିଲେ । ଆପଣା ଘରେ ସମ୍ପୂର୍ଣ୍ଣ ପର ହୋଇ ଯାଇଛନ୍ତି ସେ ଆଜି । ଭାତ ମୁଠାଏ ଖୁଆଇ ସୁଭଦ୍ରାର ସନ୍ତାନଟିକୁ ପାଳି ପୋଷି ରଖିବା ଅଧିକାର ତାଙ୍କର ନାହିଁ । କଅଣ କରି ଏ ଅନାଥ ବାଳକଟିକୁ ରକ୍ଷାକରିବେ ସେ—ଏଇ ଚିନ୍ତାରେ ଅରୁନ୍ଧତୀଙ୍କ ଆଖି ଫାଟି ବହିଯାଏ ତପ୍ତ ଲୋତକ । ସେଇ ଆବେଗର ବେଗ ସମ୍ଭାଳି ନ ପାରି ସେ ଅତି ସଂକୀର୍ଣ୍ଣ ମାଟି ବାରଣ୍ଡାର ବାଉଁଶ ଖମ୍ବ ପାଖକୁ ବସି ମୃତକନ୍ୟା, ସୁଭଦ୍ରାର ଗୁଣ ସ୍ମରଣ କରି ରୋଦନ କରନ୍ତି । ବଡ଼ କରୁଣ, ହୃଦୟସ୍ପର୍ଶୀ ସେ ରୋଦନ । ସେଇ ଶୈଶବରୁ ଏବେ ମଧ୍ୟ ଆଜ କାନ୍ଦ ବସିଲେ ସ୍ୱର୍ଣ୍ଣ ପିଠି ପାଖକୁ ବସି ତାଙ୍କୁ ଜାବୁଡ଼ି ଧରି କାନ୍ଦ ଛଡ଼େ ।

ଅଗଣା ଆଡ଼ୁ ବଡ଼ପାଟି କରି କରି ଦୁଆରମୁହଁକୁ ଆସନ୍ତି ନାରାୟଣୀ । ସେ ସ୍ୱର୍ଣ୍ଣକୁ ଡାକ ଛାଡ଼ି ତିରସ୍କାରରେ ଅନର୍ଗଳ ନିଷ୍ଠୁର ଉକ୍ତି କହିଯାଆନ୍ତି— ହଇଲୋ ଏ ସୁନା, ତୋ ଆଈଙ୍କି ଲୁଚି କରେଇ ଦେ । ଝିଅର ଗୁଣ ଗଣାହେଉଛି । ମୋର ସୁଖର ଘରେ ନିତି ସଞ୍ଜ ହେଲେ ଏ ମଲା-କାନ୍ଦୁଣି କହୁଚ ଯେ ମଣିଷ ଶୋଇ ବସି ପାରୁନି । ପିଲାଏ ଆସି ଖାଇବେ କି ପିଇବେ । ପାଠପଢ଼ୁଆ ପିଲାଏ ମୋର । କୋଉଁ କଥା ଦେଖିବାକୁ ନାହିଁ । ନିତି ପ୍ରତିକ ସୁଙ୍କର ଲୁହଧାର ବହିଯାଉଛି ! ଦିନଟାଯାକ ମଲା ମୁହଁ ପରି ମୁହଁକରି ରହୁଛନ୍ତି ଯେ ସେ ମୁହଁକୁ ଅନେଇ ହେଉନାହିଁ । ତୁମର ଯଦି ଏ ଘରେ ମନ ଲାଗୁନି, ମୋ ପିଲାଙ୍କୁ ଦେଖି, ହସଖୁସିରେ ରହିପାରୁ ନ, ଆଉ କୋଉଁଠିକି ଯାଇ ରହ । ଗଣ୍ଡିଏ ଖାଇଦେଇ ଆଈ-ନାତୁଣୀ ବସି କାନ୍ଦୁଥିବ । ବୁଝିଲ !

ନାରାୟଣୀଙ୍କ ନିଷ୍ଠୁର ବଚନ ବାଧା ଦେଇ ପାରେ ନାହିଁ ଅରୁନ୍ଧତୀଙ୍କର ସେ ଶୋକଆବେଗକୁ । ଦିନର ସଞ୍ଚିତ ଶୋକ-ଦୁଃଖ ସନ୍ଧ୍ୟାରେ ଅନ୍ତର୍ଯାମୀ ଦେବତାଙ୍କୁ ନ ଶୁଣାଇଁ ସେ ରହିପାରନ୍ତି ନାହିଁ । ସବୁ କଥା-ଶେଷହେଲେ ହିଁ ସେ ଉଠିଯାଆନ୍ତି ଗୋସେଇ-ଘରକୁ ।

ସେବାଯତ୍ନର ଶତ ବାଧା ଲଙ୍ଘି, ଉପାଦେୟ ଖାଦ୍ୟ ଅଭାବରେ ମଧ୍ୟ ସ୍ୱର୍ଣ୍ଣ ଦେଖୁଦେଖୁ ବାରବର୍ଷର କିଶୋରୀ କନ୍ୟା ରୂପେ ଠିଆହେଲା । ଅର୍ଦ୍ଧବିକଶିତ ଯୂଥିପୁଷ୍ପ ପରି ମନୋରମ ଦିଶିଲା ମୁଖରେଖାଟି ତାର । ଅରୁନ୍ଧତୀ କେବେ ଆଠ ଦିନ କି ଦଶ ଦିନରେ ଥରେ ଗୋସେଇଘର ତେଲଘଡ଼ିରୁ ଟିକିଏ ନେଇ ହାତ ବୁଲେଇ ଆଣନ୍ତି କେଶରାଶିରେ ତା'ର । ସେଇ ସେତିକି ସେବାରେ ଅରଣ୍ୟର ଅନାବନା ଲତା ପରି କେଶ-ଗୁଡ଼ାକ ଗଦାଏ ହେବ ବଢ଼ି ଯାଇଥିଲା ଯେ ନାରାୟଣୀ ଆପଣାର ଚୁଟି ପରି ଏତିକି ପୁଞ୍ଜିଏ କେଶ ଆଡ଼ୁ ଆଡ଼ୁ ଈର୍ଷାନ୍ୱିତା ହୋଇ ଝଗଡ଼ା ଆରମ୍ଭ କରନ୍ତି, ପିଲାଙ୍କ ଖାଇବାରୁ କାଟି କରି ନାତୁଣୀ ମଥାରେ ସବୁ ତେଲ ଢାଳି ଦେଉଛନ୍ତି ବୋଲି ।

ଅରୁନ୍ଧତୀ ନିରେଖି ଦେଖନ୍ତି, ସ୍ୱର୍ଣ୍ଣର ମୁହଁ-ବିହକୁ । ଦୀର୍ଘ ନିଃଶ୍ୱାସ ବହିଯାଏ ବକ୍ଷ ଫାଟି । ଆଈଙ୍କ ଚିରା ଗାମୁଛାରୁ ଖଣ୍ଡିଏ କଟିରେ ଗୁଡ଼େଇ କାଳ କଟେଇବା ଦିନ ତ ଗଲା । ଦେହ ଘୋଡ଼େଇବା ପାଇଁ ଆବଶ୍ୟକ ହେଲା ବଡ଼ କରି ଖଣ୍ଡେ ଗାମୁଛା । କେଉଁ

କାଳର ପୁରୁଣା କନ୍ଥା ଶାଢ଼ୀ ସିନ୍ଧୁକରୁ ବାହାର କରି ଦି ଖଣ୍ଡ କରି ସିଲାଇବାକୁ ଦେଇଥିଲେ । ପୁରୁଣା କନ୍ଥ କେତେଦିନ ଯିବ ! କେବଳ ଦି'ଗୁଣ୍ଡା ଖାଇ, ଓଢ଼ାକେ ପିଇ ଦିନ ତ କଟିବ ନାହିଁ । ଜୀବନର କେତେ ବଡ଼ କଥା ଅଛି ! ସେ ଦିନଟି କେବେ ଆସିବ ! କିଏ ଆଣିଦେବ ବରଟିଏ ! କିମିତି ହୋଇଥିବ ସେ ! ଅରୁନ୍ଧତୀଙ୍କ ଜୀର୍ଣ୍ଣଶୀର୍ଣ୍ଣ ଶରୀରଟାକୁ ରୋଗ ଆସି ଗ୍ରାସ କଲାଣି । ସେ ବର୍ଷର ଦାରୁଣ ଗ୍ରୀଷ୍ମକାଳର ଅବସାନ ପରେ, ନିତି ରାତିରେ ଜ୍ୱର ହେଉଛି । ରାତିପାହାନ୍ତି କାଶଟା ଲାଗିରହୁଛି । ଦିନବେଳେ ଚୁଲି ପାଖରେ ବସି ରୋଷେଇକାର୍ଯ୍ୟରେ ସ୍ୱର୍ଣ୍ଣକୁ ସାହାଯ୍ୟ କରନ୍ତି ସେ । ସ୍ୱର୍ଣ୍ଣ ରନ୍ଧାବଢ଼ା, ବାସନ ମଜା ସବୁ କରେ । ଆଈଙ୍କୁ ପଥ୍ୟ ଦିଏ । ରାତିରେ ଆଈଙ୍କ ଦେହରେ ହାତ ବୁଲେଇ ଆଣେ । ଶୁଖିଲା ଶୀର୍ଣ୍ଣ ପାଦ ଦୁଇଟି ଚିପି ଦେଉ ଦେଉ ତା ମନରେ ଭୟ ହୁଏ । ମନୁଷ୍ୟ ମରିବା ତ ସେ କେବେ ଦେଖି ନ ଥିଲା । ଅଜଣା ଆଶଙ୍କାରେ ଆକୁଳିତା ହୋଇ ଆଈଙ୍କୁ କହେ, ତୁ ଇମିତି ହେଲୁଣି । ଆଉ ଉଠିପାରୁନୁ । ମତେ ସବୁ ଅନ୍ଧାର ଦିଶୁଛି । ଆଈ ବୁଝି ଯାଆନ୍ତି ସବୁ କଥା । ଆବେଗରେ ଗଳା ତାଙ୍କର ଫାଟିଯାଏ । ଆପଣାକୁ ପ୍ରାଣପଣେ ସମ୍ଭାଳି ଟିକିଏ ରହିଯାଆନ୍ତି ସେ । ସ୍ୱର୍ଣ୍ଣ ପାଖକୁ ଲାଗି ଆଈଙ୍କ ଦେହଟାକୁ କୁଣ୍ଢେଇ ଧରି ପଡ଼ିରହେ । ଆଖି-ପତା ପଡ଼େନାହିଁ ତା'ର । ଅରୁନ୍ଧତୀ ସ୍ୱର୍ଣ୍ଣର ମଥାଟିକୁ ଛାତି ପାଖକୁ ଟାଣି ଧରି କମ୍ପିତ କଣ୍ଠରେ କହନ୍ତି, ମୁଁ ତତେ ଭଲମଣିଷ ହାତରେ ଦେଇଯିବି ସୁନା ! ଜଗନ୍ନାଥେ ଦୂରରେ ରହି ମୋ ଡାକ ଶୁଣୁଛନ୍ତି । ତାଙ୍କୁ ମୁଁ ମୋ ଦୁଃଖ କଥା କହିଛି, କହୁଛି । ସେ ଦୟାକରି ଥରେଥରେ କହି ଦେଉଛନ୍ତି, କିମିତି କଅଣ କରିବାକୁ ହେବ । ଯେଉଁଦିନ ବାଟ ଦେଖେଇ ଦେବେ, ବାହାରି ପଡ଼ିବା । ସେ ଇଚ୍ଛାକଲେ, ରଜା ପୁଅ ଆସିଯିବ ନିମିଷକରେ । ତତେ କଅଣ ଇମିତି କରି ଛାଡ଼ିଦେଇ ଯିବି ମୁଁ ! କେତେ ପୁରାଣ କଥା ଶୁଣେଇ ଥିଲେ ତୋ ଅଜା । ସେକଥା ମନେପଡ଼ୁଛି ଦୁଃଖ ସମୟରେ । "ବିଶ୍ୱାସ ବିନା କଥା ଯେତେ, ଫଳ ନ ଫଳେ କଦାଚିତେ ।" ମୁଁ ଡାକୁଛି ଏଇ କଥାଟି ଉପରେ ବିଶ୍ୱାସ ରଖି । ତୁ ମଧ୍ୟ ଡାକେ ଲୋ ମାଆ ମୋର ! କହୁ କହୁ ଅରୁନ୍ଧତୀଙ୍କ ଅନ୍ତଃକରଣ ହୋଇଉଠେ ସଜଳ । ସବୁ ଦୁଃଖ ଭୁଲି ମନରେ ଦୃଢ଼ ଆଶା ରଖି ଜଗନ୍ନାଥଙ୍କୁ ଡାକିବାକୁ ଉପଦେଶ ଦିଅନ୍ତି ଉତ୍ସାହିତା ହୋଇ ।

ସ୍ୱର୍ଣ୍ଣର ମାମୁଁ ଦାମୋଦର ସକାଳୁ ଉଠି କାଣ୍ଡଦୁଆର ଆଡ଼କୁ ଚାଲିଯାଆନ୍ତି । ଭୟ ହୁଏ ନାରାୟଣୀ କାଳେ କିଛି ଗୋଟାଏ ଅଭିଯୋଗ ଆରମ୍ଭ କରିବେ । ତେଣୁ ସେ ପଳାୟନ-ପନ୍ଥା ଅବଲମ୍ବନ କରି ଆପଣାକୁ ରକ୍ଷା-କରନ୍ତି । ତାପରେ ସ୍ନେହ ଆଦର କରି ଚାଲିଯାଆନ୍ତି ଚଟଶାଳୀକୁ । ଚଟଶାଳୀ ବନ୍ଦ କରିଦେଇଯାଆନ୍ତି ପୁରାଣ ପଢ଼ି । କାହା ଘରେ ରାମାୟଣ, କାହା ଘରେ ମହାଭାରତ; କେଉଁଠି ପଢ଼ନ୍ତି ଭାଗବତ । ଜାଣି ଜାଣି ଡେରି କରି ହିଁ ଘରକୁ ଫେରନ୍ତି ସେ । ଅଭିଯୋଗ ଆଣିବାକୁ ନାରାୟଣୀ ଯେପରି ସୁଯୋଗ ନ ପାଏ । ସ୍ୱାମୀଙ୍କ ଖାଇବା ସମୟରେ ନାରାୟଣୀ ଦିନେ ଦିନେ ଟେଣ୍ଟ ଝିଅଟିକୁ ଧରି ଏ ଘରକୁ ସେ ଘର ଯିବାଆସିବା କରୁଥାନ୍ତି । ଝିଅ ଶୋଇପଡ଼ିଥିଲେ, ଭାତ ପରଷିବାକୁ ବାହାରି ପଡ଼ନ୍ତି ସେ । ଦିନେ ଦିନେ ଦାମୋଦର ନିଦରେ ଶୋଇବା ପୂର୍ବରୁ ତରତର ହୋଇ ଖିଆପିଆ କରିଦେଇ ଆସି ବସିପଡ଼ନ୍ତି ଖଟ ଉପରେ । ସ୍ୱର୍ଣ୍ଣର ଆଉ ଅରୁନ୍ଧତୀଙ୍କର ଅପରାଧ କଥା ବିସ୍ତୃତ ଭାବରେ କହୁ କହୁ ଦାମୋଦର ହାଇ ଉପରେ ହାଇ ଉଠେଇ କଡ଼ ଲେଉଟେଇ ନିଅନ୍ତି । ନାରାୟଣୀ ଆହୁରି ଆହୁରି କହିବାକୁ ଲାଗିଲେ ଦାମୋଦର କହନ୍ତି, ବୋଉଟା ବଡ଼ ଦୁର୍ବଳ ଦିଶୁଛି । ଆଉ ବେଶିଦିନ ବଞ୍ଚିଲା ପରି ଦିଶୁନାହିଁ । ଏତେଗୁଡ଼ାଏ ଅଭିଯୋଗର ଇମିତି ଗୋଟାଏ ଉତ୍ତର ପାଇ ନାରାୟଣୀ ମନେ ମନେ ଅତ୍ୟନ୍ତ ବିରକ୍ତ ହୁଅନ୍ତି; କିନ୍ତୁ ସେ ଆଉ କରିପାରନ୍ତେ କଅଣ ? ଦାମୋଦର ଏଣେ ନିଦରେ ନ ଶୋଇ ମଧ୍ୟ ଶୋଇପଡ଼ନ୍ତି ନିଦରେ ।

ଅରୁନ୍ଧତୀ ମଧ୍ୟ ପୁଅକୁ କଅଣ ଗୋଟାଏ କହିବେ ବୋଲି ଓସେଇଘର ଦୁଆର ମୁହଁକୁ ଆସନ୍ତି । ନାରାୟଣୀକୁ ଦେଖି ଫେରି ଯାଆନ୍ତି ପୁଣି । ସମୟେ ସମୟେ ସାମାନ୍ୟ ସୁଯୋଗ ପାଇଲେ, ଦୁଃଖ କଥାରୁ ପଦେ ହେଲେ କହିଦେବେବୋଲି ପୁଅ ପାଖକୁ ଆସନ୍ତି । ସେ ଅଗ୍ରସର ହୋଇ କଥା ଉଠାଇ କରିପାରନ୍ତି ନାହିଁ ସେଇ ଅଳ୍ପ ସମୟ ଭିତରେ । ଆବେଗ ସମ୍ଭାଳି ନ ପାରି ଚାଲିଯାଆନ୍ତି ପୁଣି କୁଅ ପାଖକୁ । ପେଟ ଭିତରେ କୋହ ଉଠେ ଉଦ୍ଭାଇ ଉଦ୍ଭାଇ । ଆଖିରୁ ଝରିପଡ଼େ ଧାର ଧାର ଲୁହ । ପେଟ ଭିତରର ଦୁଃଖ ରହିଯାଏ ପେଟରେ ଅକୁହା ହୋଇ ।

ଆଶ୍ୱିନ ମାସ ଶୁକ୍ଲପକ୍ଷର ଗୋଟାଏ ରାତି । ଦାମୋଦର ସେଦିନ ଘରକୁ ଆସିଥିଲେ ବେଶି ଟିକିଏ ରାତି କରି । ଅରୁନ୍ଧତୀ ବାରଣ୍ଡାର ଖମ୍ବ ପାଖକୁ ବସି-ଥିଲେ ବ୍ୟଥିତା ହୋଇ । ଦୁଃଖ ଓ ଚିନ୍ତାରେ ବକ୍ଷ ଭରିଗଲାଣି । ଆଖିର ପତା ଯୋଡ଼େଇ ହେଉନାହିଁ ରାତିରେ । ସ୍ତ୍ରୀ ସେଦିନ ବୋଧହୁଏ କେଉଁଠି ଶୋଇ-ପଡ଼ିଥିଲା । ଦାମୋଦର ଦେଖିଲେ, ନାରାୟଣୀ ପୁଅକୁ ଧରି ନିଦରେ ଶୋଇପଡ଼ିଛି । ସେ ଲୁଗା ବଦଳାଇ ଆସ୍ତେ ଆସ୍ତେ ଆସି ବସିଲେ ବାରଣ୍ଡାର ପିଢ଼ାରେ । ଅରୁନ୍ଧତୀ ଭାତ ଥାଳି, ତରକାରି ଗିନା ଧରି ଆସି ରଖିଦେଲେ ପିଢ଼ା ପାଖକୁ । ମାଆ ଆଉ ପୁଅ ଉଭୟଙ୍କର ବକ୍ଷ ଭରିଯାଇଛି ଆବେଗରେ । କେହି କାହାକୁ କିଛି କହିପାରୁ ନାହାନ୍ତି । ମାଆ ଭାବିଲେ ସମୟ ହୋଇ ଯାଉଛି । ଏଥର ନ କହିଲେ ନ ଚଳେ । କାର୍ତ୍ତିକ ପାଖ ହୋଇ ଆସୁଛି । ଏଇ ପୁଅକୁ ପେଟରେ ଧରିଥିଲେ ଦଶମାସ । ଆପଣା ରକ୍ତମାଂସର ପିଣ୍ଡୁଳାଟିକୁ କୋଳରେ ଧରି କେତେ ରୋଗ-ଦୁଃଖର ସେବା କଲେ । କେତେ ଯତ୍ନରେ ଖୁଆଇ ଶୁଆଇ ଦେଉଥିଲେ । ଆଜି ତାହାରି ପାଖରେ କଥା କହିପାରୁ ନାହାନ୍ତି । ସେ ଆପଣାକୁ ସବଳ କରିଆଣି ଅଗ୍ରସର ହୋଇଯାଇ କହିଲେ, "କହିବି କହିବି ବୋଲି କହି ନାହିଁ । ଏ ବର୍ଷ କାର୍ତ୍ତିକ ବ୍ରତ ଘରେ କରିପାରିବି ନାହିଁ ।" ମାଆଙ୍କ ଆଗକୁ ଅନାଇ କହିଲେ ଦାମୋଦର—କେଉଁ କାଳରୁ ତ କାର୍ତ୍ତିକ ବ୍ରତ କରୁଛ, ଏ ବର୍ଷ ନ କଲେ କଅଣ ଚଳିବ ନାହିଁ ? ଦିହ ଦୁର୍ବଳ ହେଲାଣି ।

ଅରୁନ୍ଧତୀ ମନେ ମନେ ଆତଙ୍କିତା ହୋଇ କହିଲେ, ଭାବୁଥିଲି ଏ ବର୍ଷଟା ପୁରୀ ଯାଆନ୍ତି । ଏ ବର୍ଷ ନ ଗଲେ ଆଉ ଯାଇ ପାରିବି ନାହିଁ । ପଡ଼ିଶା ମଠର ମାତାଜୀ ସବୁ ବର୍ଷ ଯାଆନ୍ତି । ଦାମୋଦର ଖାଇବା ସ୍ଥଗିତ ରଖି ମଥା ଟେକି ଚାହିଁଲେ ମାଆଙ୍କ ଆଡ଼କୁ । ମନଟା ତାଙ୍କର ଆବେଗଚଞ୍ଚଳ ହୋଇଉଠିଲା ନିମିଷକରେ । ପୁଣି ଗୁଣ୍ଡା କରି ଦି'ଗୁଣ୍ଡା ଭାତ ଖାଇ-ନେଲେ ସେ । ଆଖି ସଜଳ ହେଲାଣି । କହିଲେ ପୁରୀ ଯିବୁ । ଦିନଟା ଇମିତ ଦିଶୁଛି ଯେ ! ଜର ହେଉଛି କି ! ହସିଦେଲେ ଅରୁନ୍ଧତୀ । ବଡ଼ କରୁଣ ସେ ହସ । ମାଆ ପାଇଁ ପୁଅର ଆଶଙ୍କା ! ବଡ଼ ସୁନ୍ଦର, ବଡ଼ ତୃପ୍ତିକର, ବଡ଼ ଆନନ୍ଦଦାୟକ ସେ ଅନୁଭୂତି । ଅରୁନ୍ଧତୀଙ୍କ ଅନ୍ତର ପୁଲକିତ ହୋଇଉଠିଲା ନିମିଷକରେ । ସେ ଜଡ଼ିତକଣ୍ଠରେ କହିଲେ, ଜର ତ ହୋଉନି । କାହିଁକି କେଜାଣି ବଡ଼ ଦୁର୍ବଳଆଟା ଲାଗୁଛି । ପୁରୀରେ, ମହାପ୍ରଭୁଙ୍କ ପ୍ରସାଦ ଖାଇବି । ଘରେ କଷ୍ଟ ହେବ । ଏ ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରି ଦେଲେ ଦୁଃଖ ପାସୋରିଯିବ ।

ଦାମୋଦର ଖାଇବା ଶେଷ କରୁ କରୁ କହିଲେ, କାଲିକି ପୁରୀ ଫଡ଼ିଗଲେ ମ ତାଙ୍କୁ ପଚାରିବି । କେଉଁ-ଦିନ ସେ ଯାଉଛନ୍ତି, ବୁଝିଆସି କହିବି ।

ଅରୁନ୍ଧତୀର ଅନ୍ଧକାରମୟ ଗନ୍ତବ୍ୟପଥରେ ଦିଶିଲା ଆଶାର କ୍ଷୀଣ ଆଲୋକରେଖା । ତାଙ୍କ ଆଖି ଆଗରେ ଦିଶିଲା ସ୍ୱର୍ଗର ସଂସାର ଆଶ୍ରମର ଗୋଟିଏ ସୁନ୍ଦର ଛବି । ସେ ସ୍ୱପ୍ନାବିଷ୍ଟ ହୋଇ ହାତଯୋଡ଼ି ଅନେଇଲେ ଜଗନ୍ନାଥଙ୍କ ନିକଟ ଅର୍ଗଳ ପାଖରେ । ମୃଦୁ ମୃଦୁ ହସୁଛନ୍ତି ମହାପ୍ରଭୁ । ଅରୁନ୍ଧତୀ ଆଖି ମୁଦି ଦେଖୁଛନ୍ତି, ସ୍ୱର୍ଣ୍ଣ ବେଶରେ ବସିଛି, କର ହାତ ଉପରେ ତା'ର ହାତ ରହିଛି ଛନ୍ଦାଛନ୍ଦି ହୋଇ । ବେଦମନ୍ତ୍ରର ଧ୍ୱନି

ଶୁଭୁଛି । ସେଇ ଯେ ନଅବର୍ଷ ବୟସରେ ସେ ଶୁଣିଥିଲେ ମନମୁଗ୍ଧକର ମନ୍ତ୍ର, ତାହାର ପୁନରାବୃତ୍ତି ହେଉଛି ଆଜ । ହୃଦୟଦ୍ୱାର ଦୋହଲି ଉଠୁଛି ଶଙ୍ଖଧ୍ୱନିରେ । ହୁଳହୁଳି ଦେଉଛନ୍ତି ସ୍ୱୟଂ ମାଧବ ମିଶ୍ରେ । ଯାଜ୍ଞ ବଉଳପାଟରେ ଗଣ୍ଠି ପଡ଼ୁଛି ବରବଧୂଙ୍କର । ଦୁହେଁ ଆସି ସତେ ଯେପରି ପ୍ରଣତ ହୋଇଯାଉଛନ୍ତି ତାଙ୍କର ପାଦ ତଳେ । ଏଇ ସମସ୍ତ ମଧୁର କଳ୍ପନା କରି ଅରୁନ୍ଧତୀଙ୍କ ହୃଦୟରେ ଭରି ହୋଇଗଲା ଆନନ୍ଦ-ଅମୃତ । ଗାଢ଼ ନିଦ୍ରାରେ ଶୋଇପଡ଼ିଲେ ସେଦିନ ଅରୁନ୍ଧତୀ ନିଶ୍ଚିନ୍ତତାର ଆବେଗରେ ।

ଇତିମଧ୍ୟରେ ହୋଇଗଲାଣି ବିଜୟା ଦଶମୀ । ଘରେ ଘରେ ଦଶହରା ପର୍ବ ପାଳନ ହୋଇସାରିଲାଣି । ଦ୍ୱାଦଶୀ ଦିନ ରାତି । ନାରାୟଣୀ ଶୋଇପଡ଼ିଥିଲେ ପିଲାଙ୍କୁ ଧରି । ଅଗଣା ବାରଣ୍ଡାର ଖମ୍ବକୁ ଆଉଜି ବସିଥିଲେ ଅରୁନ୍ଧତୀ । ସ୍ୱର୍ଣ୍ଣ ଶୋଇପଡ଼ିଥିଲା ସେ ଘରେ । ଶାରୀରିକ ଓ ମାନସିକ ଉଭୟ କ୍ଳାନ୍ତିରେ ଆଖି ମୁଦି ହୋଇଯାଉଥିଲା ତାଙ୍କର । ପୁଅର କଥା ହିଁ ଭାବୁଥିଲେ । କଅଣ ହେଲା ! ଦାମ ତ କିଛି କହିଲା ନାହିଁ ! ସେ କଅଣ ସେଦିନ କହିବା କଥା ଭୁଲିଗଲା ?

ଏତିକିବେଳେ ଦାମୋଦର ଧୀରେ ଧୀରେ ଆସି ବସିପଡ଼ିଲେ ଅରୁନ୍ଧତୀଙ୍କ ଦେହକୁ ଲାଗି । ଦୀର୍ଘକାଳ ପରେ ଆପଣା ଗର୍ଭଜାତ ସନ୍ତାନର ଅଙ୍ଗସ୍ପର୍ଶ ପାଇ ପୁଲକିତା ହୋଇଉଠିଲେ ସେ । ତାଙ୍କର ଶୀର୍ଣ୍ଣ ବାହୁ ମେଲି ଟାଣିଆଣିଲେ ପୁଅକୁ । ତାଙ୍କର ମନେହେଲା; ଅତୀତର ସେଇ ରୁଗ୍ଣ ଶିଶୁପୁତ୍ରଟି ପୁଣି ଶୋଇଛି ତାଙ୍କର କୋଳରେ । ଦାମୋଦର ମାଆଙ୍କ କୋଳରେ ମଥା ରଖି ଆନନ୍ଦ ଆବେଗରେ କହିଲେ, ସୁଯୋଗକୁ ପୁରାଣପଢ଼ାର ଦକ୍ଷିଣାଟା ଆଜି ମିଳିଗଲା । ଏଇ ଟଙ୍କା ନଅଟା ପାଖରେ ରଖିଥା । ଯିବୁ ବୋଲି ଯେତେବେଳେ ଇଚ୍ଛା କଲୁଣି, ମୁଁ ଆଉ ମନାକରି ପାରୁନାହିଁ । କିନ୍ତୁ ଆଜି ତୋ ପାଖରେ ବସି ମନଟା ମୋର କାନ୍ଦି ଉଠୁଛି । କେବେ ପୁଣି ଫେରିବୁ ତୁ ?

ହାତ ବଢ଼େଇ ପୁଅର ଆଖି ପୋଛିଦେଲେ ଅରୁନ୍ଧତୀ ।

ଏତିକିବେଳେ ନାରାୟଣୀ ଉଠିବା ଶବ୍ଦ ହେଲା ସେ ଘର ଆଡ଼େ । ଟଙ୍କା କେତୋଟା ଅରୁନ୍ଧତୀଙ୍କ ହାତମୁଠା ଭିତରେ ଗୁଞ୍ଜିଦେଇ ଉଠିଗଲେ ଦାମୋଦର ।

କାର୍ତ୍ତିକ କୁମାର ପୂର୍ଣ୍ଣିମା । ବିନାୟକ, ବିଶ୍ୱମ୍ଭର ନୂଆ ପିନ୍ଧିବେ । ସେମାନଙ୍କର ଅଜା ପଠେଇଦେଇଛନ୍ତି ଅଙ୍ଗି, ଲୁଗା । ଚତୁର୍ଦ୍ଦଶୀ ସକାଳ । ସେଦିନ ଟିକିଏ ଡେରିରେ ନିଦଭାଙ୍ଗିଲା ଅରୁନ୍ଧତୀଙ୍କର । ରାତିରେ ହିଁ ସମ୍ବାଦଟା ଦେଇଥିଲେ ସେ ସ୍ୱର୍ଣ୍ଣକୁ । ସେ ନ ଶୋଇ ବସିଛି ଉଚ୍ଛନ୍ନ ମନରେ । ଅରୁନ୍ଧତୀଙ୍କ ମନ ବିକଳ ହେଉଛି । ଘରୁ ବାହାରି ପଡ଼ିବାକୁ ମନ ତାଙ୍କର ଯେତିକି ଉଚ୍ଛନ୍ନ ହୋଇ ଉଠୁଥିଲା, କ୍ଷଣକ୍ଷଣକେ ତାଠୁ ବେଶିକରି ହୋଇଯାଇଥିଲା ଅବସାଦ-ଗ୍ରସ୍ତା । ଘରେ ତ ଯିମିତି ହେଲେ ମଲ-ଜୀଇଁ ରହିଛନ୍ତି । ପୁରୀରେ ଏଡ଼େ ବଡ଼ ଝିଅଟାକୁ ଧରି ରହିବେ କେଉଁଠି ? ଆଉ କେମିତି ? କିନ୍ତୁ ନ ଯାଇ କରିବେ ଅବା କଅଣ ? ସ୍ୱର୍ଣ୍ଣ ପାଇଁ କିଛି ଗୋଟାଏ ବ୍ୟବସ୍ଥା କରିବାକୁ ତ ନାରାୟଣୀ ସୁଯୋଗ ଦେବ ନାହିଁ । ଶେଷରେ ସେ ସ୍ଥିରକଲେ ଯିବାକୁ । ଯେତେବେଳେ ସ୍ଥିର କରିଛନ୍ତି, ସେ ଯିବାଟି ହିଁ ଜଗନ୍ନାଥଙ୍କ ଇଚ୍ଛା । ଯଦି କିଛି ଉପାୟ ନ ଦିଶିବ, ସମୁଦ୍ର ଅଛି । ସ୍ୱର୍ଣ୍ଣର ହାତ ଧରି ତାରି ଗର୍ଭରେ ଆଶ୍ରୟ ନେବେ ସେ ।

ସ୍ୱର୍ଣ୍ଣ ଆଈଙ୍କ ପାଖରୁ ଉଠିଯାଇ ରାତିରେ ବାକି କାର୍ଯ୍ୟ ଶେଷ କରି ଦେଇଥିଲା । ଅରୁନ୍ଧତୀ ବିଷାଦ-ଭାରାକ୍ରାନ୍ତ ହୃଦୟଟି ଧରି କୂଅ ପାଖରୁ ଆସିଲେ । ତୁଳସୀପୂଜା କରିଦେଇ ଯାଇ ବସିଲେ ଚୂଲି ପାଖରେ ଦେହଟା ଭରିଭରିଆ ଲାଗୁଛି । ବିଛଣା ବାନ୍ଧିଦେବାକୁ ଶିଖେଇ ଦେଲେ ସେ ସ୍ୱର୍ଣ୍ଣକୁ । କାଠପେଡ଼ି ଖଣ୍ଡିଏ, ଯାହାକୁ ହାତପେଡ଼ି କହନ୍ତି—ଅଖା ଖଣ୍ଡିକରେ ପିନ୍ଧିବା, ଶୋଇବା ଲୁଗାପଟା ରଖି ବନ୍ଧାବନ୍ଧି କରି ରଖିଦେଲା ସ୍ୱର୍ଣ୍ଣ ।

ମାତାଙ୍କ ପାଖରୁ ଲୋକ ଆସି କହିଦେଇ ଗଲାଣି । ଷ୍ଟେସନକୁ ଯିବାପାଇଁ ଶଗଡ଼ ଯୋଗାଡ଼ ହୋଇଗଲାଣି । ଏମାନେ ମଠ ପାଖକୁ ଯାଇ ଅପେକ୍ଷା କରିବେ । ଦେଢ଼କୋଶ ବାଟ ଷ୍ଟେସନ । ପିଲାଏ ଖାଉ ଖାଉ ନାରାୟଣୀ ଗଣ୍ଡିଏ ଖାଇ ପ୍ଲେଟଟିକୁ ଆଉଟାକୁ ଧରି ବସନ୍ତି । ସେଦିନ ଦାମୋଦର ଟିକିଏ ସହଳ ସହଳ ଭୋଜନ କରି ଚାଲିଯାଇଥିଲେ । ସ୍ୱର୍ଣ୍ଣ ଆଈଙ୍କୁ ଡାକିଆଣି ବସେଇଦେଲା । ଆଈ ନାତୁଣୀ ଦୁହେଁ ଖାଇ ବସିଲେ ରହେଇଘରର କାନ୍ଥ କାଉଣ୍ଡାରେ । ଅରୁନ୍ଧତୀଙ୍କ ହାତ ଭାତ-ଗୁଣ୍ଡା ଭିତରେ ପଶୁନାହିଁ । ପୁରୁଣା ଘର, ଆପଣା ଘର, ପୁଅ-ବୋହୂ ସମସ୍ତଙ୍କୁ ଛାଡ଼ିଦେଇ ଚାଲିଯିବେ । ସ୍ୱର୍ଣ୍ଣର ମନ ଉଦ୍‌ବିଗ୍ନ ହୋଇ ଉଠୁଛି, କିଏ କହିପାରିବ ଏତେ ବଡ଼ ଯାତ୍ରା ଉଦ୍ୟମ ଯଦି ବାଧାପ୍ରାପ୍ତ ହୁଏ ! ଯଦି ମାଈଁ ମନା କରିଦେବେ ! ଅରୁନ୍ଧତୀ ଖାଇସାରି ଉଠି ପେଡ଼ିସାଇତା ଧୋତି ଖଣ୍ଡିକ ପିନ୍ଧିଲେ । ସ୍ୱର୍ଣ୍ଣ ଶଙ୍ଖୁଡ଼ି ବାସନ ଧୁଆଧୋଇ କରି ଘର-ବାରି ଓଳେଇ ଆଣିଲା ହାତ ଚଞ୍ଚଳ କରି । ଘରୁ ବାହାରି ପଡ଼ିବା ଆନନ୍ଦରେ ମନ ଚଞ୍ଚଳ ହୋଇ ଉଠିଛି । ଲୁଗାପଟା ବୁଜୁଳାଟାକୁ କେତେବେଳେ ନେଇ ଦାଣ୍ଡଦୁଆର ପାଖକୁ ରଖିଦେଲାଣି ସେ । ଶୋଇବା ସମୟରେ ଆଈ ଗଳ୍ପଛଳରେ କହିଛନ୍ତି ବହୁବାର । ରାଜକନ୍ୟା ସାବିତ୍ରୀ ମନ୍ତ୍ରୀଙ୍କ ଗହଣରେ ବାହାରି ପଡ଼ିଥିଲେ ପତି ଅନୁସନ୍ଧାନରେ ? ସେଇ ତାପସ ସ୍ୱାମୀଙ୍କ ମୂର୍ତ୍ତି ଦିଶିଯାଉଛି ଆଖି ଆଗରେ । ସେ ପିତଳ ହାତୁଲ ଲଗା ହାତପେଡ଼ିଟାକୁ ହାତରେ ଓହୋଳେଇ ଧରି ଆସିଲା ଅଗଣାକୁ । ପଛକୁ ନ ଚାହିଁ ଅଗ୍ରସରହୋଇ ଯିବାକୁ ପାଦର ଗତି ହୋଇଯାଉଛି ଚଞ୍ଚଳ । ଅରୁନ୍ଧତୀ ନାରାୟଣୀଙ୍କ ଶୋଇବାଘର ବାରଣ୍ଡା ତଳକୁ ଠିଆହୋଇ ଡାକିଲେ—ବଡ଼ବୋଉ ! ଭୋଜନ କରି ଆସି ପୁଅକୁ ଶୁଆଇ ଦେଉ ଦେଉ ନିଦରେ ଶୋଇ ପଡ଼ିଥିଲା ସେ ମଧ୍ୟ । ଉଠିଆସି ଦୁଆରବନ୍ଧକୁ ଆଉଜି ଠିଆହେଲା ନାରାୟଣୀ ।

ଅରୁନ୍ଧତୀ ଦନ୍ତହୀନ ମୁଖରେ ହସିଦେଇ କହିଲେ—ପୁରୀ ଯାଉଛି ବଡ଼ବୋଉ, କାର୍ତ୍ତିକ କରିବି !

ନାରାୟଣୀ କ୍ରୋଧ ଚାପି ଧରି କହିଲେ—କିଏ କହୁଛି ! ପୁରୀ ଯାଉଛ ! ସୁନା କୁଆଡ଼େ ବାହାରିଛି ? କନ୍ଧାଗାଡ଼ି ତ ଯିବେଇ ଦେଉଚ, ବେଶ ହୋଇ ଠିଆହୋଇଚ । ଆବେଗରେ କଣ୍ଠରୋଧ ହୋଇଗଲା ଅରୁନ୍ଧତୀଙ୍କର । ସେ ବେଦନା ସମ୍ବରଣ କରି ହସିଦେଇ କହିଲେ, ହଁ, ବଡ଼ବୋଉ ! ଜଗନ୍ନାଥ ମହାପ୍ରଭୁଙ୍କ ପାଖକୁ ଯାଉଛି । ଏ ଯେଉଁ ବୋଝ ମୋ ମୁଣ୍ଡ ଉପରେ ରଖାହୋଇଛି, ସେ ହିଁ କେବଳ ମୋର ଏ ବୋଝ ଓହ୍ଲେଇବେ ବୋଲି ମନରେ ଆଶା ଅଛି । ତୁ ତ ବଡ଼ବୋଉ, ସବୁବେଳେ ଏଇଟାକୁ ବାଳଗଣ୍ଡା ବୋଲି ବିରକ୍ତ ହେଲୁ । ବୁଝିପାରୁନୁ ବଡ଼ବୋଉ, ମଣିଷ ଯିନା ମଣିଷକୁ ହୀନ କରି ଦେଖେ ! ଯିଏ ତାକୁ ସୃଜିଛି ସେ ତ ତାକୁ ପିଙ୍ଗିଦେଇ ପାରିବ ନାହିଁ ! ତାଙ୍କର ପାଖରୁ ଡାକରା ଆସିଛି । ଯାଉଛି । ସେ ଯଦି ଆଶ୍ରା ନ ଦେବେ—

ନାରାୟଣୀ ବକ୍ରରୂପ ହାସ୍ୟକରି କହିଲେ, ଡାକରା ଆସିଥିବ ! ନାତୁଣୀକୁ ଧରି ଆସେ ବୋଲି ଚିଠାଉ ଲେଖି ପଠାଇଥିବେ । ଲାଜ ଲାଗୁନି ଏ କଥା କହିବାକୁ ବାର ଚଉଦ ବର୍ଷର ନାତୁଣୀଗୋଟାକୁ ଧରି ଘରୁ ବାହାରି ପଡ଼ୁଚ ! ଆଉ ଥରେ ଆସିଲେ ମୁଁ ଏ ଘରେ ପୂରେଇବି ନାହିଁ, ଏ କଥାଟି ମନେ ରଖିଥାଅ ।

ନାରାୟଣୀଙ୍କ କ୍ରୋଧ ବଢ଼ିଗଲାଣି ସେତିକି ବେଳକୁ ତା' ମୁହଁକୁ ଚାହିଁ କଥା କହିବାକୁ ସାହାସ କରିପାରିଲେ ନାହିଁ ଅରୁନ୍ଧତୀ । ସେ ଆଉ ଟିକିଏ ଆଗକୁ ଯାଇ କହିଲେ, ଯିବାଆସିବା ସମୟରେ ମଧୁର କଥା ପଦେ ଶୁଣେଇଥାନ୍ତୁ ବଡ଼ବୋଉ !

"ଛି ଛି ! ଏ କି ବୁଦ୍ଧି ! ଦେଖ, ନ କହି ନ ପଚାରି ଯାଉଛ । ଘରେ ଛୋଟ ପିଲାଟା ଗଣ୍ଡାଏ ଛାଡ଼ିକି, ନାତୁଣୀ ଯାଉଚି ତୀର୍ଥ କରି ! କମିତି ରହିବ, ବାଢ଼ିବ ? ଦେଖ ! ଯଦି ଯିବ, ମୁଁ ଆଉ ତମମାନଙ୍କର ମୁହଁକୁ ଚାହିଁବି ନାହିଁ ।"

ନାରାୟଣୀଙ୍କ କଥା ଶୁଣି ଅରୁନ୍ଧତୀ ପଛକୁ ଫେରି ହସିଦେଇ କହିଲେ, ଏବେ ଚାଲୁଛି କାର୍ତ୍ତିକ

ବନବୋଉ ? ମୁଁ ବାହୁଡ଼ି ଆସିଲେ ସିନା ତୁ ମୋ ମୁହଁକୁ ଚାହିଁବୁ ?

ଏତିକିବେଳେ ମଠର ଲୋକ ଆସି ଶଗଡ଼ ଛାଡ଼ି ଦେଉଛନ୍ତି, ଚଞ୍ଚଳ ଆସ, ବୋଲି କହିଲା ।

ସ୍ୱାମୀଙ୍କ ପଦସେବା କରୁ କରୁ ସ୍ୱର୍ଣ୍ଣର ମନେପଡ଼ିଗଲା ପରମାନନ୍ଦଙ୍କୁ ପ୍ରଥମ କରି ଦେଖିବା କଥା । ସେଇ ସଙ୍ଗେ ସଙ୍ଗେ ମନେପଡ଼ିଲା, ଆଉ ପଛେ ପଛେ ଚାଲିଥିଲା ସେ ରେଳଗାଡ଼ି ପାଖକୁ । ଅନ୍ଧାରିଆ ବେଡ଼ରୁମ୍‌ ଭିତରୁ ବାହାରି ସେଦିନ ସେ ପ୍ରଥମ କରି ଠିଆହୋଇଥିଲା ମୁକ୍ତ ଆକାଶତଳେ । ଆଜିକି ସେ ଘଟଣା ବହୁତ ଦୂର ଅତୀତରେ ରହିଗଲାଣି । ସେଦିନର ସ୍ମୃତି କିନ୍ତୁ ରହିଛି ପରମ ସତ୍ୟ ହୋଇ । କି ଅପୂର୍ବ ଆନନ୍ଦ ଅନୁଭୂତି ସେ !

ପରମାନନ୍ଦ କଡ଼ ଲେଉଟେଇ ଶୋଉ ଶୋଉ କହିଲେ, ଏଥର ଶୋଇପଡ଼ । ଶୁକକୁ ନଦେଖି ତୁମେ ବୋଧହୁଏ ଦୁଃଖରେ ରହିଛ । ଏଇ କେତେଦିନ ହେଲା ଦେଖୁଛି, ତୁମେ ମୁହଁଟି ଶୁଖେଇ ଅନବରତ କଅଣ କଅଣ ଭାବୁଯାଉଛ । ଶୁକ ଘରେ ଥିବା ସମୟରେ ତୁମେ ମୋ ସାଙ୍ଗରେ ଏତେ ଗପ କରୁଥିଲ ଯେ ମୁଁ କେବଳ ଶୁଣି ଯାଉଥିଲି । କେତେ ପ୍ରେମ, କେତେ ଲୁଚେଇ ଚୋରେଇ ତୁମକୁ ଦେଖିବା, ସବୁ କଥା ମନେପଡ଼ୁଛି । ଏଇ କେତେଟା ଦିନ ଭିତରେ ତୁମେ ଆଉ ଜଣେ କେହି ହୋଇଯାଇଛ ଶୁକବୋଉ ! ମୁଁ କିନ୍ତୁ ଅବିକଳ ସେଇ ଦିନର ମନୁଷ୍ୟ ହୋଇ ରହିଛି । ମୋର ମନେ-ପଡ଼ୁଛି ବୋଉ ମୋତେ ଇମିତି କଡ଼ାପହରା ଦେଇ ରଖିଥିଲା ଯେ ତୁମକୁ ଦେଖିବା ମଧ୍ୟ ମନା ଥିଲା । ସେଦିନ ହଠାତ୍ ବାହାରୁ ବୁଲି ଆସି ଦେଖିଲି— ତୁମେ ଦର୍ପଣ ପାଖରେ ଠିଆହୋଇ ମୁହଁ ଦେଖୁଛ । ନାରୀର ମୁଖଶ୍ରୀ ଦେଖି ମୁଗ୍‌ଧ ହେବା ସେଇ ମୋର ପ୍ରଥମ । ତୁମକୁ ଗାଢ଼ ଆଲିଙ୍ଗନ ପାଶରେ ଇମିତି ଆବଦ୍ଧ କରି ତୁମ ମୁହଁ ଦେହ ଉପରେ ଅଜାଡ଼ି ଦେଇଥିଲି ଅଜସ୍ର ଚୁମ୍ବନ ।— କହୁ କହୁ ସ୍ୱର୍ଣ୍ଣକୁ ଖଟ ଉପରକୁ ଆଉଜେଇ ନେଲେ ସେ । ସ୍ୱର୍ଣ୍ଣ ସିମିତି ସ୍ୱାମୀ ବାହୁ ଉପରକୁ ଆଉଜି ରହି କହିଲା, "ସେଦିନର କଥା କଅଣ ଆଜି ଆଉ ଅଛି ! ସେଦିନ ଦେହ ମନରେ ଉଚ୍ଛୁଳି ଉଠୁଥିଲା ଯୌବନର ତରଙ୍ଗ । ବର୍ତ୍ତମାନ ଆମେ ଦୁହେଁ ବାର୍ଦ୍ଧକ୍ୟର ପ୍ରଥମ ସୋପାନରେ ପାଦ ଦେଲେଣି । ପୁଅ ବଡ଼ ହୋଇ ଆମମାନଙ୍କୁ ଉପଦେଶ ଦେବା ଯୋଗ୍ୟତା ଅର୍ଜିଲାଣି । ତୁମେ ଭାବିବ, ମୋ ପୁଅ ବୋଲି ତାକୁ ମୁଁ ପ୍ରଶଂସା କରୁଛି । ପାଖରେ ଥିବା ସମୟରେ ତ ତାକୁ ଜାଣିପାରୁ ନ ଥିଲି । ଦୂରରେ ରହି ସେ ମୋ ପାଖକୁ ଯେଉଁ ଚିଠି ଲେଖୁଛି, ସେ ଚିଠି ମୋତେ ସଂସାର ଜଞ୍ଜାଳରୁ ମୁକ୍ତ କରି କେଉଁ ଦୂର ଦୂରାନ୍ତରରେ ନେଇ ରଖିଦେଉଛି । ତୁମେ ତ ଏଇକ୍ଷଣି କହୁଥିଲ ମୁଁ ଆଉ ଜଣେ ହୋଇଯାଇଛି ବୋଲି ! ମୋର ମଧ୍ୟ ଧାରଣା ହେଉଛି ଯେ ଶୁକ ମୋର ପ୍ରାଣହୀନ ହୃଦୟରେ ଚେତନା ଆଣି ଦେଇଛି । ଆଜି ପାଇଥିବା ଚିଠି କଥା ତୁମକୁ କହି ନ ଥିଲି । ଚିଠିଟା ଆଣି ପଢ଼ିବି; ଶୁଣିବ ।"

ପରମାନନ୍ଦ ଜାଣନ୍ତି, ଖାଇସାରି ଠିକ୍ ସମୟରେ ନ ଶୋଇଲେ ତାଙ୍କର ନିଦ୍ରାରେ ବ୍ୟାଘାତ ଘଟେ । ତେବେ ମଧ୍ୟ ସେ ଶୁକର ଚିଠିର କଥା ଶୁଣିବା ପାଇଁ ଉଠିବସିଲେ ବିଛଣାରେ । ସ୍ୱର୍ଣ୍ଣ ତା'ର ବିଛଣା ତକିଆ ତଳୁ ଚିଠି ଆଣି ପଢ଼ିବା ଆରମ୍ଭ କଲା, ଲଣ୍ଠନଟାକୁ ଟେକି ଦେଇ ।

ବୋଉ,

ତୁମ ଚିଠି ପାଇଲି । ଏ ଚିଠି ତ ସାଧାରଣ ମାଆର ଚିଠି ନୁହେଁ । ଅସାଧାରଣ ମାଆ ତୁମେ ମୋର । ମୁଁ ଘରୁ ବାହାରିବା ସମୟକୁ ତ ତୁମେ ଇମିତି କବିତା ଲେଖିପାରୁ ନ ଥିଲ । ଏଇ ବର୍ଷକ ଭିତରେ ଏତେ ଶକ୍ତି ତୁମେ ସଞ୍ଚୟ କରିପାରିଲ କିମିତି ? ତୁମର ବର୍ଷା-ବର୍ଣ୍ଣନା କବିତା ବଡ଼ ବଡ଼ ଖ୍ୟାତନାମା କବିଙ୍କ ରଚନାର ସମକକ୍ଷ ହୋଇଯାଇଛି ସ୍ୱତଃ । ମୁଁ ସେ କବିତାଟି ମୁଖସ୍ଥ କରି ରଖିଛି । ବର୍ଷା ହେଲେ ମୋ ମନ ଆପେ ଆପେ ଉଦ୍ଭାସିତ ହୋଇ ଗାଇଉଠୁଛି ସେ ଗୀତ ।

ଝର ଝର ବାରି ବରଷେ
ଝିଁକରି ଉଠୁଛି ସକଳ ପରାଣ
ସେ କେଉଁ ପରମ ହରଷେ ।

ତୁମର ଏ କବିତାଟି ପଢ଼ୁ ପଢ଼ୁ ମୋର ସମସ୍ତ ହୃଦୟ ଶିହରି ଉଠୁଛି ପରମ ଆନନ୍ଦରେ । ତୁମର ଅନୁଭୂତି ଆଉ ମୋର ଅନୁଭୂତି ଏକାକାର ହୋଇ ଗାଇ ଉଠୁଛନ୍ତି ବର୍ଷାଋତୁର ବନ୍ଦନା ।

ତୁମର ଦ୍ୱିତୀୟ କବିତା କେଉଁ ଶିଶୁ-ଦେବତାର ବିରହରେ ପୀଡ଼ିତା ହୋଇ ଲେଖିଛ ବୋଉ ! ଏ-କବିତାଟି ପଢ଼ିଲେ ମୋର ମାତୃହୃଦୟ ଭରେ ଜୀବନ୍ତ ହୋଇ ଉଠୁଛି । ତୁମର ଏ କବିତା ତୁମକୁ ଯାବତ୍‌ଚନ୍ଦ୍ରାର୍କ ଜୀବନ୍ତ କରି ରଖିବ । କେତେ ପ୍ରବାସୀ ସନ୍ତାନ ଏ-କବିତା ପଢ଼ି ଜନନୀ-ବିଚ୍ଛେଦରେ ବ୍ୟଥିତ ହେବେ । ତୁମର ଏ ଗୀତ ଦେଶର ଶହ ଶହ ପୁତ୍ର-ବିରହପୀଡ଼ିତ ଜନନୀଙ୍କ ପ୍ରାଣକୁ ସ୍ପର୍ଶ କରିବ । ଏଇ ତ ବର୍ଷକ ଆଗରେ ଦେଖିଛି । ସେଇ ତୁମେ । ମୋର ବୋଉ । ମ.ସର ତିରିଶ ଦିନ ଭିତରେ ପ୍ରାୟ ପନ୍ଦର ଦିନ ଉପବାସ ରହି ଦେବଦେବୀଙ୍କ ପାଇଁ ପିଠାପଣା ତିଆରି କରିବାରେ ଲାଗୁଥିଲ । ସେ ଦେବୀମାନଙ୍କ ଭିତରେ ବାକ୍‌ଦେବୀ ନ ଥିଲେ । ଆକସ୍ମିକ ଭାବରେ ତୁମେ ସବୁ ଦେବୀଙ୍କ ଭିତରୁ ସରସ୍ୱତୀଙ୍କୁ ବାଛିନେଇ ପୂଜା-ଆରାଧନା ଆରମ୍ଭ କରିଛ କେଉଁଦିନ ? ଏହା ତ ସହଜ କଥା ନୁହେଁ । ଏଇ କବିତ୍ୱ ଅର୍ଜନ କରିବା ନିମନ୍ତେ ତପସ୍ୟା କରି ରତ୍ନାକର ମାଟିରେ ମିଶିଯାଇଥିଲେ । କବି ହେବାକୁ ହେଲେ ଜ୍ଞାନ-ବିଜ୍ଞାନରେ ପାରଦର୍ଶିତା ଅର୍ଜନ କରିବାକୁ ହେବ ବୋଲି ବିଜ୍ଞବ୍ୟକ୍ତିମାନେ କହିଆସିଛନ୍ତି । ଏପରି ସୁଦୃଢ଼ ବିଶ୍ୱାସ, ନିଃସଂଶୟ ଭକ୍ତି କିମିତି କେବେ ତୁମ ପ୍ରାଣରେ ସଞ୍ଚାରି ହେଲା, ସେ କଥା ଭାବିଲେ ମୋ ମନ ବିସ୍ମୟବିହ୍ୱଳ ହୋଇ ଉଠୁଛି । ଆବାଲ୍ୟରୁ ଆଜି ପର୍ଯ୍ୟନ୍ତ ତୁମେ ଯେଉଁ ପରିସ୍ଥିତି ଭିତରେ ଚଳପ୍ରଚଳ ହୋଇ ଆସିଛ; ସେ କଥା ଭାବିଲେ କୌଣସି ବୁଦ୍ଧିଶାଳୀ ବ୍ୟକ୍ତି ତୁମେ ଏ ସମସ୍ତ କବିତା କମ୍ୱା କାହାଣୀ ଲେଖିଛ ବୋଲି ବିଶ୍ୱାସ କରିବ ନାହିଁ । ମୋର ଜଣେ ସହପାଠୀ ଆଉ ମୁଁ ସମୟ ପାଇଲେ ଏକାଠି ବସି ଏକାଧିକ ବିଷୟରେ ଆଲୋଚନା କରୁଛୁ । ସେ କହେ, ଶଙ୍କରାଚାର୍ଯ୍ୟ କହିଛନ୍ତି, ନାରୀ ନରକରାଜ୍ୟର ଦ୍ୱାରି । ସୂର୍ପଣଖା ଯୋଗୁଁ ଏଡ଼େବଡ଼ ସୁନାର ଲଙ୍କା ଧ୍ୱଂସ ହୋଇଗଲା । ହେଲେନ୍ ଯୋଗୁଁ ହେଲା ଗ୍ରୀସ୍ ଦେଶର ସର୍ବନାଶ । ବହୁ କବି ନାରୀର ଚିତ୍ତାକର୍ଷକତା ଦେଖି ତାକୁ ଦୈହିକ କାମନାର ପ୍ରତିମୂର୍ତ୍ତି କରି ଗଢ଼ିଛନ୍ତି । ନାରୀ ଘରେ ଘରେ, ପଥେ ପ୍ରାନ୍ତରେ, ବିପଣୀମାନଙ୍କରେ ଜାଲ ପିଙ୍ଗି ବସିଛନ୍ତି ପୁରୁଷକୁ ମୋହମୁଗ୍ଧ କରି ଜାଲଫୋଡ଼ି ଖାଇବାକୁ । ମୁଁ ମୋର ବନ୍ଧୁ ସହିତ କେଉଁ ଭାବରେ ତର୍କ କରେ, ସେ ଭାଷା ଦେଇ ତ ତୁମ ପାଖକୁ ଲେଖିପାରିବି ନାହିଁ । ସେ ସମ୍ବନ୍ଧରେ ମୁଁ ଯାହା ଭାବୁଛି, ତାହା ସଂକ୍ଷିପ୍ତରେ ଲେଖିବି । ନାରୀର ନରକରାଜ୍ୟ ଆଡ଼କୁ ପୁରୁଷ ଅଗ୍ରସର ହେଲା କାହିଁକି ? ସେ ଇଚ୍ଛା କରିଥିଲେ, ସେ ଦ୍ୱାର ରୋଧ କରିଦେଇ ମହତ୍ ଉପଦେଶ ଏବଂ ସତ୍‌ପରାମର୍ଶ ଦ୍ୱାରା ନାରୀକୁ ମଧ୍ୟ ମହତ୍ କରିପାରି-ଥାନ୍ତା । ରାମାୟଣ ଯୁଗରେ ମନୁଷ୍ୟ ବୋଧହୁଏ ବଡ଼ ନିଷ୍ଠୁର ହୃଦୟର ଥିଲା । ତା ନ ହୋଇଥିଲେ ଲକ୍ଷ୍ମଣ ପରି ଜଣେ ନିଷ୍ଠାପର ଲୋକ, ଗୋଟାଏ ସ୍ତ୍ରୀ-ଲୋକର ଦେହରେ ହାତ ଦେଇ ତାର ନାକ-କାନକାଟି ନ ଥାନ୍ତେ । ଯୁଗେ ଯୁଗେ ଏ ମର୍ତ୍ତ୍ୟରେ ମହାପୁରୁଷମାନେ ଅବତୀର୍ଣ୍ଣ ହୋଇ ମାନବଜାତିକୁ ସଂଶୋଧନ-ବିଶୋଧନ କରୁଛନ୍ତି ଆପଣା ଆପଣାର ଅଲୌକିକ ଶକ୍ତିର ସାହାଯ୍ୟରେ । ତାହାହେଲେ ମଧ୍ୟ ମନୁଷ୍ୟ ମନରୁ ଗ୍ଳାନି ଯାଇନାହିଁ । ନାରୀ ବିନା ନରର ଅସ୍ତିତ୍ୱ ନ ଥାନ୍ତା । ତଥାପି ସେଇ ନାରୀକୁ ସମ୍ମାନ ଦେବାକୁ ଆମେ ସର୍ବଦା କୁଣ୍ଠିତ । ସୁଖ ଏବଂ ସ୍ୱଚ୍ଛଳତାରେ ମନୁଷ୍ୟ ଅତୀତର ସ୍ମୃତିକୁ ଭୁଲିଯାଏ । ତୁମେ ବାଲ୍ୟକାଳର କଥା ନ ଭୁଲି ହୃଦୟ ଭିତରେ ସମ୍ଭାଳି ରଖିଛ, ଏ କଥା ଭାବିଲେ ମନ ମୋର ବିସ୍ମୟବିହ୍ୱଳ ହୋଇ ଯାଉଛି । ଏଇ ସ୍ମୃତିଶକ୍ତି ତୁମକୁ ସବଳ କରି ଅଗ୍ରସର କରାଇ-ଦେବ କର୍ମପଥରେ । ମୋର ବନ୍ଧୁ ସହିତ ଆଲୋଚନା କରିବା କଥା ଅପ୍ରାସଙ୍ଗିକ ଯେପରି ନ ଭାବ । ଘରେ ବସି ଏଣୁ ତେଣୁ କରି ଯିମିତି କହିଥାଏ, ଏ ଚିଠି ମଧ୍ୟ ଠିକ୍ ସିମିତି ।

ଆଉ ଗୋଟାଏ କଥା ବୋଉ ! ତୁମେ ତ ଲେଖିବାକୁ ଆରମ୍ଭ କରିଛ । ବର୍ତ୍ତମାନ ପୁରାଣକଥା ସ୍ମରଣ କର । ମହାଭାରତ, ରାମାୟଣ ଆମର ପ୍ରଧାନ ସମ୍ବଳ । ତୁମ ଶ୍ୱଶୁର ତୁମକୁ ଗୀତ ପଢ଼େଇ ଦେଇଥିଲେ । ବ୍ୟାସଦେବ କଅଣ ଦେଇନାହାନ୍ତି ଏ ମନୁଷ୍ୟଜାତିକୁ । ବୈକୁଣ୍ଠଭବନ ଗୋଟାଏ ସୃଷ୍ଟି କରିଦେଲେ । ତାଙ୍କର ସୃଷ୍ଟ ଭଗବାନ ବସ୍ତୁ ଥିଲେ ବିଚକ୍ଷଣ ରାଜନୈତିକ । ଆପଣା ପୁତ୍ରପୌତ୍ରଙ୍କ ଜୀବନ-ଚରିତ ଲିପିବଦ୍ଧ କରିଦେଇଗଲେ ସେ । ଏହା ହିଁ ଆତ୍ମପ୍ରକାଶ । ତୁମେ ଯଦି ଲେଖିବ, ଶୁଣା କଥା ନେଇ ଲେଖ ନାହିଁ । ଶୁଣାକଥା ସତ୍ୟ ନୁହେଁ । ଶୁଣାକଥା ନେଇ ଲେଖିଲେ ଅନ୍ୟକୁ ନିନ୍ଦା କରିବା ହିଁ ସାର ହେବ । ବାଲ୍ମୀକି ଦସ୍ୟୁବୃତ୍ତି କରୁଥିଲେ ବୋଲି ହିଁ ତାଙ୍କର କୁ-ପ୍ରବୃତ୍ତିକୁ ରାବଣ ନାମ ଦେଇ ପ୍ରକାଶ କରିଛନ୍ତି । ପରମାତ୍ମା କହ କିମ୍ବା ପରଂବ୍ରହ୍ମ କହ, ମନୋରମ ମୂର୍ତ୍ତି ରାମ କହ କି ଦୁର୍ବାଦଳଶ୍ୟାମ କହ, ସେଇ ପରମ ସତ୍ୟ ମଧ୍ୟ ଦସ୍ୟୁ ରତ୍ନାକରଙ୍କ ହୃଦୟରେ ଥିଲେ । କି ଅସୀମ ଭକ୍ତି ଦେଇ ତାଙ୍କୁ ପ୍ରକାଶ କରିଛନ୍ତି କବି ! କବି ସ୍ୱୟଂ ପ୍ରକାଶିତ ବୋଲି ହିଁ ସେ କାବ୍ୟ ସରସ-ସୁନ୍ଦର ସତ୍ୟରୂପ ଧାରଣ କରିଛି । ସାହିତ୍ୟ ସୃଷ୍ଟି କରିବା ସକାଶେ ଆବଶ୍ୟକ ମହାନୁଭବତା । ସେଥି ସହିତ ଆବଶ୍ୟକ ଜ୍ଞାନ । ଏଇ ଜ୍ଞାନକଳିକା ଭିତରର ଚିନ୍ତା-ଆଲୋକର ସ୍ପର୍ଶରେ ଯେତେବେଳେ ଉନ୍ମେଷ ହୋଇଯାଏ, ମନୁଷ୍ୟ ତାକୁ ବିତରଣ କରିବା ପାଇଁ ଉତ୍ସୁକ ହୋଇଉଠେ । ତୁମର ମନ ବର୍ତ୍ତମାନ ହୋଇଉଠିଛି ଅନୁସନ୍ଧିତ୍ସୁ । 'ଆତ୍ମା ଅମର' କହିବା ଅର୍ଥ ହେଉଛି ମନୁଷ୍ୟର ଜୀର୍ଣ୍ଣ ଦେହ ଭସ୍ମ ହୋଇଯାଏ, କିନ୍ତୁ 'ଶକ୍ତି' ଟି ହିଁ ରହିଯାଏ । ତୁମେ ଯାହା ଲେଖୁଛ, ସେ କଥା ରହିଯିବ ଚିରକାଳ । କବି କହିଛନ୍ତି, "ଆଜି ହତେ ଶତ ବର୍ଷ ପରେ, କେ ତୁମି ପଡ଼େଛ ଆମାର କବିତା ଖାନି କୌତୂହଳ ଭରେ ।" ଶହେ ବର୍ଷ ପରେ ମଧ୍ୟ ତୁମର ଏ ରଚନା ପଢ଼ି ଆନନ୍ଦ ପାଇବେ କର୍ମକ୍ଲାନ୍ତ ଗୃହିଣୀ । ପଢ଼ୁ ପଢ଼ୁ କେତେ ପାଠକ-ପାଠିକାର ହୃଦୟ-କାଳଶିଳା ଉପରେ ଲିପିବଦ୍ଧ ହୋଇ ରହିଯିବ ତୁମର ସୁନ୍ଦର ନାମଟି । ତୁମର ଜନ୍ମଦିନର ତିଥି କିମ୍ବା ତାରିଖ ତ ନାହିଁ, ତୁମ ମୃତ୍ୟୁଦିନଟି ହିଁ ହେବ ମୋ ଘରେ ତୁମର ଜନ୍ମଦିନ । ମୋ ଘରର ପରମ୍ପରା କରିବେ ସେଦିନ ତୁମର ଜନ୍ମୋତ୍ସବ ପାଳନ । ମୋ ଅନ୍ତେ ତୁମର ଗୁଣ ଗ୍ରହଣ କରିବାକୁ କେତେ ଗୁଣୀ-ଜ୍ଞାନୀ ସନ୍ତାନ ସମ୍ଭୂତ ହେବ ଉତ୍କଳ ମାଟିରୁ ।

ତୁମର 'ମୋ କଥା' ନାଟକ ପଢ଼ି ବିସ୍ମିତ ହୋଇଗଲି । ସାହିତ୍ୟଜଗତର ଉତ୍ତରାଧିକାରୀମାନେ ତୁମର ଏ ନାଟକ ପଢ଼ି ଆନନ୍ଦ ଅନୁଭବ କରିବେ । ଏଥିରେ ତୁମେ ତୁମର ଶ୍ୱଶୁରଙ୍କୁ ନାୟକ ରୂପେ ପ୍ରତିଷ୍ଠା କରିଛ । ତୁମର ଏ ନାଟକ ଖଣ୍ଡିକ ସର୍ବୋତ୍କୃଷ୍ଟ ନ ହେଲେ ମଧ୍ୟ ଉତ୍କୃଷ୍ଟ ବୋଲି ହିଁ ପାଠକ କହିବେ । ଦସ୍ୟୁ ହାତର ନିର୍ମିତ ଦେବତା ରାମଚନ୍ଦ୍ର, ଚିରକାଳର ଆଦର୍ଶ ରାଜା ହୋଇ ରହିଗଲେ । ଏ କଥା ଶତ ଶତ ରୂପରେ ସହସ୍ରବାର କରି କହିଲେ ମଧ୍ୟ କହିବା ଶେଷ ହେଉ ନାହିଁ । ବ୍ୟାସ ଗୋପାଳ ବାଳକକୁ ଦେବତା କରି ରଖିଦେଲେ । ତାଙ୍କର ସେଇ ହାତଗଢ଼ା ଦେବତାଟି ଆଜି ଶତ ସହସ୍ର ମନ୍ଦିରରେ ଅଚଳ ହୋଇ ବସି ପୂଜା ପାଉଛନ୍ତି । ପୁନଶ୍ଚ ସେହି ମାନବ ଅନ୍ତଃକରଣରେ ଅନ୍ତର୍ଯ୍ୟାମୀ ରୂପେ ରହି ମନୁଷ୍ୟକୁ ପ୍ରେରଣା ଦେଉଛନ୍ତି । ସେଇପରି ତୁମେ ତୁମର ସ୍ନେହମୟ ଶ୍ୱଶୁରଙ୍କୁ ତୁମର କଥା ଦେଇ ଗଢ଼ିଦେଇଛ ଦେବତା କରି । ତୁମ ଲେଖାରୁ ଅନ୍ୟମାନେ ବିଶେଷ ଭାବରେ ଜ୍ଞାନ ଅର୍ଜନ କରି ନ ପାରିଲେ ମଧ୍ୟ ଶ୍ୱଶୁରଙ୍କୁ ଭକ୍ତି କରିବା ଆଦର୍ଶରେ ଅବଶ୍ୟ ଅନୁପ୍ରାଣିତ ହେବେ । ତୁମର ସେ ଖାତା ଦୁଇଟି କାଲି ପଠେଇ ଦେଇଛି । ଆରମ୍ଭରୁ ଆଉ ଥରେ ଧ୍ୟାନ ଦେଇ ପଢ଼ିଦେବ । ଯେଉଁଠି ଯାହା ଭୁଲ ଅଛି, ମୁଁ ସଂଶୋଧନ ନ କରି ଚିହ୍ନ କରି ଦେଇଛି ; ଦେଖିବ । ଯେଉଁଠି ଯେଉଁଠ ଭୁଲ ଦେଖେଇ ଦେଇଛି, ସେଇ ସ୍ଥାନ ଏବଂ ବିଷୟ ପ୍ରତି ଦୃଷ୍ଟିରଖି ଚିନ୍ତାକରି ବର୍ଦ୍ଧନ-କର୍ତ୍ତନ ଇତ୍ୟାଦି କରିବ । ମୁଁ କହି- ଦେଇଛି ବୋଲି ଏକାଥରକେ କାଟିଦେବ ନାହିଁ । ମୋର କହିବା କଥା ତ ଦୈବବାଣୀ ନୁହେଁ ।

ହଁ, ମନେପଡ଼ିଲା ! ବୁଦ୍ଧଙ୍କୁ ବନ୍ଦନା କରି ଯେଉଁ କ୍ଷୁଦ୍ର କାବ୍ୟଖଣ୍ଡିକ ଲେଖିଛ, ସେ କବିତା ପଢ଼ି ମୁଁ ଏକାନ୍ତ ଭାବରେ ବିସ୍ମିତ । ବାଣୀଜନନୀ ସ୍ୱୟଂ ପ୍ରକାଶିତା ହେଉଛନ୍ତି ତୁମର ଅକ୍ଷର ସନ୍ଧିରେ । କଅଣ ପଢ଼ିଥିଲ ? କଅଣ ବା ଜାଣିଥିଲ ! ଶ୍ୱଶୁର ସେଇ ଗୋପୀଭାଷା, ଗୁଣସାଗର ପଢ଼େଇ ଦେଇଥିଲେ ଯେ ସେଇ ମୂଳ-ଧନରେ ଅର୍ଜିଛ ଅସୀମ ଜ୍ଞାନସମ୍ପଦ । ବୁଦ୍ଧଦେବଙ୍କ ସମ୍ବନ୍ଧରେ ମୋର ପାଠ୍ୟପୁସ୍ତକରୁ ଯାହା ଜାଣିଛି, ସେଇ ସେତିକି । ସେତିକିରେ ମହାମାନବଙ୍କ ଚିନ୍ତାଧାରା ତୁମେ ଇମିତି କରୁଣ ସୁନ୍ଦର କରି ଲେଖିଥିବା ଦେଖି ଭାବୁଛି, ଏ ସମସ୍ତ ବିଷୟ ବିସ୍ତାର କରିବା ତୁମ ପରି ଜଣେ ସାମାନ୍ୟ ଗୃହିଣୀ ପକ୍ଷରେ କମ୍ ଗୌରବର କଥା ନୁହେଁ । କିନ୍ତୁ ଏଇ ଗୋଟିଏ କଥା ମନେରଖିବାକୁ ହେବ ଯେ ଯେଉଁ ପଥରେ ଗତି କରିବାକୁ ଆରମ୍ଭ କରିଛ, ସେଥିରେ ଯେତେ ବାଧା ଘଟିଲେ ମଧ୍ୟ ସମସ୍ତ କ୍ଳେଶ ନୀରବରେ ସହ୍ୟ କରି ସେ ପଥରୁ ବିଚଳିତ ହେଲେ ପଛକୁ ଫେରିଯିବ ନାହିଁ । ଏ କାର୍ଯ୍ୟ ତ ଧନ-ସମ୍ପଦ ସମ୍ପାଦିବା କଥା ନୁହେଁ । ଏହା ହେଉଛି ଅସାଧ୍ୟ ସାଧନ । ଆଜିର ଯୁଗରେ କେତେ ସ୍ତ୍ରୀ ଦେଶର ସେବା, ଲୋକଙ୍କର ସେବା କରିବାକୁ ଅଗ୍ରଗାମିନୀ ହୋଇ ବାହାରିଲେଣି । ମୁଁ କିନ୍ତୁ ସେଥିର ସପକ୍ଷରେ ନାହିଁ । ଅନ୍ୟପ୍ରତି ଅନୁଗ୍ରହ ଦେଖାଇ ଉପକାର ଯାଚି ବସିଲେ ଆପାତତଃ ଆବଶ୍ୟକତା ଦୃଷ୍ଟିରୁ ସେ ଦାନ ଗ୍ରହଣ କରିପାରେ, କିନ୍ତୁ ତଦ୍ୱାରା ସେ କୃତଜ୍ଞ ହେବ ନାହିଁ । ସେ ଆଡ଼କୁ ପାଦ ନ ବଢ଼େଇ ତୁମେ ଯେ ତାଠୁ ଆହୁରି ମହତ୍ କାର୍ଯ୍ୟରେ ହାତ ଦେଇଛ ସେଥିପାଇଁ ଗଭୀର ତୃପ୍ତି, ଗଭୀର ଆନନ୍ଦ ଅନୁଭବ କରୁଛି । ସମୟେ ସମୟେ ମୁଁ ଭାବୁଛି ଯେ ବର୍ତ୍ତମାନ ସୃଷ୍ଟି-କାର୍ଯ୍ୟରେ ଯିମିତି ଭାବରେ ଲାଗିଛ, ଏ ସମୟରେ କେହି ଜଣେ ସାହିତ୍ୟଜ୍ଞାନସମ୍ପନ୍ନ ବ୍ୟକ୍ତି ତୁମକୁ ଯଦି ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରନ୍ତେ ତେବେ ତୁମେ ଆହୁରି ଟିକିଏ ଚଞ୍ଚଳ ଗତି କରିପାରନ୍ତ ।

ମୁଁ କେବେ ଯିବି ବୋଲି ପଚାରିଛ । ମୁଁ ଯଦି ଘରେ ବସିଥାନ୍ତି ତୁମେ କାହା ବିରହରେ ବ୍ୟାକୁଳା ହୋଇ କବିତା ଲେଖିଥାଆନ୍ତ ? ଅଭାବ ବୋଧରୁହିଁ ଭାବ ଜାଗ୍ରତ ହୁଏ । ମୁଁ ଅନୁଭବ କରୁଛି ବୋଉ, ମୋରି ଅଭାବରେହିଁ ତୁମର ଦୁଃଖର ଅଶ୍ରୁ ଝରିପଡ଼ୁଛି । ସେଇ ଅଶ୍ରୁରେ ସିକ୍ତ ହୋଇ ଅଙ୍କୁରିତ ପଲ୍ଲବିତ ହୋଇଉଠିଛି ତୁମର କଳ୍ପନାବୀଜ । ମୋ ପାଖକୁ ଲେଖିବାକୁ ତୁମେ ଭାଷା ଖୋଜି ଖୋଜି ଲେଖିଛ ଗଳ୍ପ । ସେ ଭାବନା ଏବଂ ଭାଷା ବର୍ତ୍ତମାନ ଧରିଛି ଉପନ୍ୟାସ ଏବଂ ନାଟକର ଆକାର । ଏଣେ ମୋର ପଢ଼ା ସମ୍ପୂର୍ଣ୍ଣ ହେବ ସେଆଡ଼େ ତୁମେ ହେବ ସିଦ୍ଧହସ୍ତ ଲେଖିକା । ଛୁଟିରେ ଘରକୁ ଯାଇଥାନ୍ତି, କିନ୍ତୁ ମୁଁ ଗଲେ ତୁମର ଲେଖାଲେଖିରେ ବାଧା ପଡ଼ିବ ବୋଲି ଯାଉ ନାହିଁ । ନଯିବାପାଇଁ ଆହୁରି ଗୋଟାଏ କାରଣ ମଧ୍ୟ ଅଛି । ଏଠାରେ ଜଣେ ଛାତ୍ର ମୋ ଶ୍ରେଣୀରେ ପଢ଼ୁଛନ୍ତି । ସେ ଜଣେ ରେଳବିଭାଗ କର୍ମଚାରୀଙ୍କ ପୁଅ । ଧନୀବ୍ୟକ୍ତିଙ୍କ ସନ୍ତାନ । ସେ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଏଇ ଆଗାମୀ ଛୁଟିରେ ତାଙ୍କ ସାଥିରେ ମତେ ଉତ୍ତରଭାରତ ଆଡ଼େ ନେଇଯିବେ । ସେତ ଏକାକୀ ଯାଇ ପାରୁନାହାନ୍ତି । ମତେ ସାଥିରେ ନେଲେ ଖୁସିରେ ଯିବେ । ଏଥର ଉତ୍ତରାଞ୍ଚଳକୁ ଯିବା ସ୍ଥିର କରିଛି । ଦେଢ଼ମାସ ଛୁଟି ଭିତରେ କେତେକ ସ୍ଥାନ ଦେଖି ଆସିବି । ପବନ ବେଗରେ ଗଲେ ତ ଦେଶ ଦେଖା ହୋଇ ପାରିବ ନାହିଁ । ଗୋଟିଏ ଗୋଟିଏ ସ୍ଥାନରେ ଦୁଇ ଚାରିଦିନ ନ ରହିଲେ ଭଲକରି ଦେଖିବା ସମ୍ଭବ ହେବ ନାହିଁ । ତେଣୁ ଏଥର ମଥୁରା, ବୃନ୍ଦାବନ, ଆଉ ଆଗ୍ରା, ଦିଲ୍ଲୀ, ସୁବିଧା ହେଲେ ମଶୌରି ପର୍ଯ୍ୟନ୍ତ ଯିବି । ମୋର ଯେଉଁ ସହପାଠୀ ଜଣକ ମୋତେ ନେଉଛନ୍ତି, ତାଙ୍କର ମୋ ପ୍ରତି ଗଭୀର ଶ୍ରଦ୍ଧା ଏବଂ ସୌହାର୍ଦ୍ଦ୍ୟ ରହିଛି । ତେଣୁ ଦେଶାଟନଟା ଆନନ୍ଦଦାୟକ ହେବ ବୋଲି ମୋର ବିଶ୍ୱାସ । ବୋଉ ଗୋଟିଏ କଥା ନକହି ରହି ପାରୁନାହିଁ । ମନରେ ଗୋଟାଏ ବଡ଼ ଆଶା ପୋଷଣ କରିଛି । ଏଇ ତିନି ଚାରି ବର୍ଷ ଭିତରେ ମୋର ସମଗ୍ର ଭାରତବର୍ଷ ଭ୍ରମଣ ସମ୍ପୂର୍ଣ୍ଣ ହୋଇଯିବ । ଏଥିଦ୍ୱାରା କାହାର କିଛି ଉପକାର ହେବ ନାହିଁ, ସେ କଥା ଜାଣେ । ତଥାପି କଳ୍ପନା କରୁଛି ବାଗ୍‌ଦେବୀଙ୍କ ଦୟା

ହୋଇଗଲେ ସବୁ ସ୍ଥାନର, ସମସ୍ତ ତୀର୍ଥକ୍ଷେତ୍ରର ଦୃଶ୍ୟ ସହିତ ବିଷୟର ସାମଞ୍ଜସ୍ୟ ରଖି ଲେଖି ଦେଇଥିବ ଯେ ପାଠକ ପାଠିକା ପଢ଼ୁ ପଢ଼ୁ ସେ ସ୍ଥାନଟି ଆଖିରେ ଦେଖିଲାପରି ଅନୁଭବ କରିବେ । ତୁମେ ତୁମର ଶ୍ୱଶୁରଙ୍କ ସାଙ୍ଗରେ ଯାଇଥିଲ ତୀର୍ଥ ଭ୍ରମଣ କରି । ପିଲାଦିନେ ତୁମକୁ ପତ୍ରରେ ସେ ସବୁ ସ୍ଥାନର କଥା । ତୁମେ ସ୍ପଷ୍ଟକରି ଭ୍ରମଣ ବୃତ୍ତାନ୍ତଟି କହି ପାରୁନଥିଲ । ସେ ସବୁ ସ୍ଥାନ ଆଉ ଥରେ ତୁମର ଦେଖି ଆସିବା ଉଚିତ । ମୁଁ ଯେବେ ଉପାର୍ଜନକ୍ଷମ ହେବି, ତୁମକୁ ଆଉଥରେ ସ୍ୱର୍ଗଧାମ ଦେଖେଇ ଆଣିବି । ସମୟେ ସମୟେ ମୋ ମନରେ ଆଲୋଡ଼ନ ସୃଷ୍ଟି ହେଉଛି ଦେଶର ନାରୀ ସମାଜର ଦୈନ୍ୟ ଦୁର୍ଦ୍ଦଶା ଦେଖି । ସେଇ ସମାଜରେହିଁ ଜୀବନଯାତ୍ରା ନିର୍ବାହ କରି ତୁମର ଶ୍ୱଶୁର ତୁମକୁ ଯେଉଁପରି ଆତ୍ମସଂଯମଭାବରେ ଗଢ଼ିଥିଲେ, ସେ କଥା ତୁମର ସମସାମୟିକ କୌଣସି ପୁରୁଷ କମ୍ବା ସ୍ତ୍ରୀ ବିଶ୍ୱାସ କରିବେ ନାହିଁ । ତୁମ ପ୍ରତି ତାଙ୍କର ଏକାନ୍ତ ବାତ୍ସଲ୍ୟରୁ ତୁମକୁ ସେ ଜ୍ଞାନ ଧନରେ ଧନୀ କରି ମାନବ ଶ୍ରେଣୀରେ ଗଣ୍ୟ କରି ଦେଇଛନ୍ତି । ତାଙ୍କ ନାମଟି ସ୍ମରଣ କଲେ ଅନ୍ତଃକରଣ ଭରିଯାଉଛି ଭକ୍ତିରେ । ଆମ ଦେଶର ସାଧାରଣ ଶିକ୍ଷିତ, ସମ୍ଭ୍ରାନ୍ତ ସ୍ୱାମୀ ପୁତ୍ରମାନେ ଜନନୀ ଏବଂ ପତ୍ନୀଙ୍କୁ ଦେବୀ ରୂପେ ପୂଜା କରନ୍ତି । କିନ୍ତୁ ମୋର ମନେହୁଏ, ଆମ ସମାଜରେ ନାରୀ ହେଉଛି ଗୃହସଜ୍ଜାର ଉତ୍କୃଷ୍ଟ ଉପକରଣ । ତୁମ ଶ୍ୱଶୁର ତୁମକୁ କେବଳ ପୁତ୍ରବଧୂରୂପେ ନ ଦେଖି ଦେଖିଥିଲେ ଶିଷ୍ୟାରୂପେ । ତୁମକୁ ଗୃହର ଦେବୀରୂପେ ପ୍ରତିଷ୍ଠା ନ କରି ଦେଇଥିଲେ ବିଦ୍ୟାଶିକ୍ଷା । କେତେକାଳ ତପସ୍ୟା କରି ଇମିତି ଶ୍ୱଶୁର ଗୋଟିଏ ପାଇଥିଲ କୋଉ ! ତୁମେ ତୀର୍ଥ ଭ୍ରମଣରେ ଯିବା ସମୟରୁ ମୁଁ ପରା ତୁମର ଗର୍ଭଗହ୍ୱରରେ ଥିଲି । ତୁମେ ଯେତେ ଯେଉଁଠି ମନ୍ଦିର ଦେଖିଥିଲ, ଯେତେଗୁଡ଼ିଏ ନଦୀରେ ସ୍ନାନ କରିଥିଲ, ମୁଁ ତୁମ ଗର୍ଭାଶୟରେ ରହି ସେ ସମସ୍ତ ଆନନ୍ଦର ଅଂଶଗ୍ରହଣ କରିଥିଲି ବୋଧହୁଏ । ସେଇଯୋଗୁଁ ହିଁ ମୋ ମନ ଦୂର ଦୂରାନ୍ତରର ଦୃଶ୍ୟାବଳୀ ଦେଖିବାକୁ ଉଦ୍‌ବିଗ୍ନ ହୋଇ ଉଠୁଛି । ଗତଜନ୍ମରେ ତୁମେ ନିଶ୍ଚୟ କବି ହୋଇଥିବ । ସେଇ ବାସନା ନେଇ ପୁଣି ଏ ଜନ୍ମରେ କବି ହେବ । ଯେଉଁ ମହାତ୍ମାଙ୍କ ସ୍ନେହ ଦୟାରୁ ଆଜ ତୁମେ ବାଣୀଙ୍କ ବନ୍ଦନା ଲେଖିବାକୁ ସାହସ ଏବଂ ଶକ୍ତି ସଞ୍ଚୟ କରିଛ, ମୁଁ ଯେ ତାଙ୍କର ପୌତ୍ର । ନାରୀର ଦୈନ୍ୟ ଦେଖି ଦୟାର୍ଦ୍ର ହୋଇ ଉଠୁଥିଲା ତାଙ୍କର ହୃଦୟ । ମୋର ହୃଦୟ ଜାଗ୍ରତ ହୋଇ ଉଠୁଛି ନାରୀଜାତିର କଲ୍ୟାଣ କାମନାରେ । ପରମପୂଜ୍ୟ ପିତାମହଙ୍କୁ ସ୍ମରଣ କରି ତୁମକୁ କହୁଛି, ସେ ତୁମକୁ ଯେଉଁସବୁ ଗ୍ରନ୍ଥ ପଢ଼େଇ ଦେଇଥିଲେ, ସେଥିରୁ ସବୁଗୁଡ଼ିକ ବହି ଆଉଥରେ ପଢ଼ । ଥରେ ଥରେ କାହିଁକି, ଇମିତି କେତେ ଅମୃତମୟ ରଚନା ଅଛି, ବାରମ୍ବାର ପଢ଼ିଲେ ମଧ୍ୟ ସବୁବେଳେ ନୂଆ ଲାଗୁଥିବ । ଉଦାହରଣ ସ୍ୱରୂପ ମହାଭାରତର କଥା ଭାବିବା ଅକ୍ଷର ଜାଣିବାଠାରୁ ଘରଛାଡ଼ି ଆସିବା ପର୍ଯ୍ୟନ୍ତ, କେତେଥର ମୁଁ ମହାଭାରତ ପଢ଼ିଛି । ମନେପଡ଼ୁଛି, କିମିତି ଯୁଧିଷ୍ଠିରଙ୍କ ପକ୍ଷର ଜୟ ହେଲା; କୌରବମାନଙ୍କର କିମିତି ଶୋଚନୀୟ ପରାଜୟ ଘଟିଲା, କେବଳ ସେଇକଥା ଶୁଣିବାକୁ ଆଉ ଜାଣିବାକୁ ଆମେ ପଢ଼ିଯାଉଥିଲେ ଚଞ୍ଚଳ ଗତିରେ । ଗଳ୍ପ ଶୁଣିବା ଆମୋଦରେ ହେଉଥିଲା ଆମର ପୁରାଣ ପଠନ । ମହାଭାରତ ଭିତରେ ଯେ ମନୁଷ୍ୟ ଜୀବନର ଗଭୀର ତତ୍ତ୍ୱ ନିହିତ ଅଛି, ସେକଥା ଆମେ କେବେ ଭାବି ନଥିଲେ । ଆଜି ତୁମ ପାଖକୁ ଲେଖିଲାବେଳେ ମୋର ଦୃଷ୍ଟି ଯାଇ ଦେଖୁଛି ହସ୍ତିନା ରାଜ୍ୟ । ଶୁଣୁଛି ପାଣ୍ଡବଙ୍କ ଈର୍ଷା ଦ୍ୱେଷର ସଂଘର୍ଷ । ଶୁଭୁଛି ଭୀମଙ୍କର ବିଦ୍ରୂପ ଅଟ୍ଟହାସ । ଏ ସମସ୍ତ ବିଷୟ ଲେଖିଲାବେଳକୁ ମୋର ଚିନ୍ତାଧାରା ବହିଯାଉଛି ଗଙ୍ଗାଧାରା ପରି ଝରଝର ହୋଇ । ତୁମଠାକୁ ଚିଠି ଲେଖୁଛି କି ମହାଭାରତର ଆଲୋଚନା ଲେଖୁଛି ଜାଣି ପାରୁନାହିଁ । ଲେଖିଯାଉଛି, ମନ ପ୍ରାଣ ଉଠିଛି ଉଦ୍ୟମଶୀଳ ହୋଇ । ଉପଯୁକ୍ତ ଶ୍ରୋତା ପାଇଲେ ବାଣୀଦେବୀ କଥକର କଣ୍ଠରେ ବସି କହିଯାଆନ୍ତି କେବେ କହିନଥିବା କାହାଣୀ । ବିଦ୍ୱାନ୍ ଶିଷ୍ୟଙ୍କୁ ଶିକ୍ଷାଦେବା ସମୟରେ

ଗୁରୁଙ୍କର ଜ୍ଞାନ ଉତ୍ସ ଉଚ୍ଛଳିତ ହୋଇ ଉଠେ । ତୁମେ ମୋ ମନର କଥା ବୁଝିପାରୁଛ ବୋଲି ହିଁ ମୋର ଲେଖନୀ ଚାଲିଛି ଅବାଧରେ । ଆଜି ପିତାମହ ମୋର ବସିଛନ୍ତି ସମ୍ମୁଖରେ । ପ୍ରତ୍ୟକ୍ଷରେ ଦେଖିବା ସୌଭାଗ୍ୟ ତ ଘଟିନାହିଁ । ତାଙ୍କର ସୂକ୍ଷ୍ମ ରୂପରେଖାଟି ମୁଁ ଦେଖୁଛି ଦିବ୍ୟଦୃଷ୍ଟିରେ । ସେ ଯାହା କିଛି ଜାଣିଥିଲେ, ତୁମକୁ ସେ ସମସ୍ତ ବିଷୟ ଶିକ୍ଷା ଦେଇଯାଇଛନ୍ତି । ତାଙ୍କର ପ୍ରସାଦରୁ ଆପଣାକୁ ଜାଣିଲ, ଏକଥା ଭୁଲିଯିବ ନାହିଁ । ତୁମ ଶ୍ୱଶୁର ଯେତେଗୁଡ଼ିଏ ଗୀତିନାଟ୍ୟ ଲେଖିଥିଲେ, ସବୁ ଭିନ୍ନ ଭିନ୍ନ ନାଟକଦଳକୁ ଦେଇ ଦେଇଥିଲେ । ନନାଙ୍କୁ କହି ସେଗୁଡ଼ିକର ଅନୁସନ୍ଧାନ କରାଇବ । ତୁମର ଦୁଇଟିଯାକ ନାଟକ ଦେଖିଲି । ସେଥିରେ ତୁମ ଶ୍ୱଶୁରଙ୍କୁ ନାୟକରୂପେ ରଖିଛ ଭିନ୍ନ ଭିନ୍ନ ରୂପରେ । ଏଣୁ ମୁଁ ବୁଝିପାରୁଛି, ତୁମେ ତାଙ୍କର ଜୀବନୀଟି ଭଲ ଭାବରେ ଲେଖି ପାରିବ ।

ଆଜି ଏତିକିରେ ରହୁଛି ବୋଉ ! ଭଗବାନ କରନ୍ତୁ, ତୁମର ସବୁ ମୁହୂର୍ତ୍ତ ଆବେଗମୟ ମୁହୂର୍ତ୍ତ ହେଉ । ଚିଠିଟା ଶେଷ କରିବାକୁ ଇଚ୍ଛା ହେଉନାହିଁ । ଲେଖୁ ଲେଖୁ ମୋର ମନେହେଉଛି ଯେ, ତୁମ ସମ୍ମୁଖରେ ବସି ଏସବୁ କହୁଯାଉଛି । ତୁମେ ଶୁଣୁଛ । ତୁମରି ବାଲ୍ୟଜୀବନର କଥା ମନେ ପଡ଼ୁଛି । କେତେ-ଥର ତୁମେ ମତେ ସେ କଥା କହିଛ । ବିଶ୍ୱମ୍ଭର ମୁହାଁନ୍ତଙ୍କ 'ଗୋପୀଭାଷା' ଟି ଶୁଣିବାକୁ କେତେ ବ୍ୟାକୁଳ ହୋଇ ଦୁଆରଣାର ଖମ୍ବପାଖକୁ ଠିଆ ହେଉଥିଲ । ତୁମର ସେ ବାଳିକା ଛବିଟି କଳ୍ପନାକରି ଦେଖୁଛି । ଭାବୁଛି ତୁମର ସେ କରୁଣ ଅନୁଭୂତିର କଥା । ତୁମର ହୃଦୟ ଭିତରେ ଗୋଟାଏ କରୁଣ ସୁନ୍ଦର ଅନୁଭୂତି ଥିଲା, ସେ ଶକ୍ତିଟି ଥିବାରୁ ତ ଆଜି ରତ୍ନ-ବନ୍ଦନାରେ ରାଧାଙ୍କର ଅନ୍ତରମୟ ପ୍ରେମର କଥା ଲେଖି ପାରିଛ । ଦେଖିଲ ବୋଉ ! ପୁଣି ତୁମର କଥା ଆରମ୍ଭ କରି ବସିଲିଣି । ଚିଠି ଯେ ଅତି ଦୀର୍ଘ ହେବାକୁ ଯାଉଛି । ଅଳ୍ପ କଥା ସଂକ୍ଷେପ କରି, ସୁନ୍ଦର କରି କହିବାହିଁ ପାଣ୍ଡିତ୍ୟର ନିଦର୍ଶନ । ଚିଠି ଏଥର ଶେଷ କରୁଛି ବୋଉ ! ନନାଙ୍କୁ କହିଦେବ । ସେ କଅଣ ଗୋଟାଏ କରିବେ ବୋଲି ଚିନ୍ତା କରୁଥିଲେ । କବିରାଜ ଚିକିତ୍ସା କରିବାକୁ ଚେଷ୍ଟା କରି ତ ପାରିଲେ ନାହିଁ । ସେଥିର ଔଷଧଗୁଡ଼ିକ ତିଆରି କରିବା ବଡ ଆୟାସସାଧ୍ୟ । ବର୍ତ୍ତମାନ ହୋମିଓପାଥିର ସାହାଯ୍ୟରେ ଗାଁର ସବୁ ଲୋକଙ୍କ ସେବା କରୁଛନ୍ତି । ତୁମେ ତାଙ୍କୁ ଏ କାର୍ଯ୍ୟରେ ଉତ୍ସାହ ଦେଉଥିବ । ନନାଙ୍କୁ କହିବ ତାଙ୍କୁ ମୁଁ ସ୍ମରଣ କରି ପ୍ରତିଦିନର କାର୍ଯ୍ୟ ଆରମ୍ଭ କରୁଛି ।

ପରମାନନ୍ଦ ହାଇ ଉଠେଇ କହିଲେ, କି ସୁନ୍ଦର ଚିଠିଟି ଲେଖିଛି ଶୁକ ! ଭାଗ୍ୟବତୀ ତୁମେ, ଶୁକପରି ପୁଅର ମାଆ ହୋଇ ପାରିଛ । ତୁମ ପୁଅ ତୁମ ଜୀବନର ପଥ ନିର୍ଦ୍ଦେଶ କରି ଦେଲାଣି । ଏଥର ଏକାନ୍ତ ମନରେ ଲାଗିଯାଅ ଲେଖିବା କାର୍ଯ୍ୟରେ । ରାତି ଅନେକ ହେଲାଣି, ଏଥର ଶୋଇପଡ । ପୁଣି ସକାଳୁ ଥରେ ଚିଠିଟାକୁ ପଢ଼ିବ ସେ ଶୁଣିବ ।

ପରମାନନ୍ଦ ବଡ ଲେଉଟେଇ ଶୋଇଲେ ସ୍ୱର୍ଣ୍ଣର ଖଟଟା ଦିଶୁନାହିଁ । ସ୍ୱର୍ଣ୍ଣଆଡ଼କୁ ଅନେଇ ପଚାରିବାକୁ ଉଦ୍ୟମ କରୁଥିଲେ । ସ୍ୱର୍ଣ୍ଣ କହିଲା, ରାତିରେ ନିଦ ନ ଲାଗିଲେ ଲେଖିବାକୁ ବସୁଛି । ଏଘରେ ଶୋଇଲେ, ତୁମ ନିଦରେ ବ୍ୟାଘାତ ହେବ ବୋଲି, ସେ ଘରକୁ ମୋର ଖଟ ଘୁଞ୍ଚେଇ ଦେଇଛି । ସେ ଘରକୁ ଯାଉଛି ମୁଁ, ତୁମେ ଶୁଅ । ଚପକରି ବସିଲେ ଆଉ ନିଦ ଲାଗିବ ନାହିଁ ।

ପୁଅ ତୁମର ପରାମର୍ଶ ଦେଲାଣି କାବ୍ୟ ଲେଖିବାକୁ । ଆଉ ରାତିରେ ନିଦ ଲାଗିବ ନାହିଁ କି ଦିନରେ ଶୋକ ହେବ ନାହିଁ ତୁମର । ସ୍ୱର୍ଣ୍ଣ ମଶାରି ଖୁଞ୍ଚିଦେଇ ଚାଲିଗଲା ଆଖିର ବାହାରକୁ ।

× × ×

ଇତିମଧ୍ୟରେ ଆଉ ଗୋଟାଏ ମାସ କାଳଗର୍ଭରେ ଲୀନ ହୋଇଗଲାଣି ସ୍ୱର୍ଣ୍ଣର । ଏହି ମାସକ ଭିତରେ ସେ ଆଉ ଖଣ୍ଡିଏ ନାଟକ ଆରମ୍ଭ କରିଥିଲା ଲେଖିବାକୁ । ସେଦିନ ସକାଳବେଳେ ବାରଣ୍ଡାର ବେଞ୍ଚ ଉପରେ

ବସି ଲେଖୁଥିଲା ସେ । ବଶୁ ବଡ ଗୋଟାଏ କଦଳୀ କାନ୍ଧ ଧରି ଆସି ଖମ୍ବ ପାଖକୁ ରଖି କହିଲା, ମାଆ, କଦଳୀ ଦେଖିଲେ ଶୁକବାବୁ ମନେ ପଡୁଛନ୍ତି । ବତିଶି ଫେଣିଆଟା । ବଡ଼ ସୁନ୍ଦର ହୋଇଛି । ଭଜା କରିଦେଇଥିଲେ ଶୁକବାବୁ ଖାଆନ୍ତେ । ସ୍ୱର୍ଣ୍ଣ ଖାତା ଉପରୁ ମଥା ଉଠେଇ କହିଲା, ଶୁକର କଥା ଇମିତି ମନେପଡ଼ୁଛି ଯେ ତା ପାଖକୁ ଚିଠି ଲେଖି ତା' ଚିଠି ପଢ଼ି ଆଉ ସେ ଚିଠିର କଥା ଭାବି ଭାବି ସମୟ କଟେଇ ଦେଉଛି । ବଶୁ ପଗଡ଼ି ଗାମୁଛାଟା ଖୋଲି ମୁଣ୍ଡ ଦେହ ଝାଡ଼ୁ ଝାଡ଼ୁ କହିଲା, ଆଉ ଗୋଟାଏ କଥା କହିବ ବୋଲି ଭାବୁଥିଲି ସେ ।

ସ୍ୱର୍ଣ୍ଣ ବାଧାଦେଇ କହିଲା, କଅଣ କହିବୁ କହନୁ ବଶୁ ! ବଶୁ ମୁଣ୍ଡ କାନ ଆଉଁସି ସ୍ନେହମିଶା ସଂକୋଚରେ କହିଲା, ସାହିର ଅନେକ ଲୋକ ପୁରୀ ଯାଉଛନ୍ତି । ଆମେ ମଧ ଯାଇଥାନ୍ତେ । ହୋଇଗଲାଣି ପାଞ୍ଚ କି ସାତବର୍ଷ, ଥରେ ଯାଇଥିଲେ, ଆଉ ଥରେ ଯିବାକୁ ମନଟା ଧାଉଁଛି ।

ସ୍ୱର୍ଣ୍ଣ ହସିଦେଇ କହିଲା, ଶୁକ ଯିନା ବାବୁଙ୍କୁ ବୁଝେଇ କହି ଆମମାନଙ୍କୁ ନେଇଯାଇଥିଲା । ବର୍ତ୍ତମାନ ବାବୁଙ୍କୁ ଘରୁ ଉଠେଇବା କିଛି ସହଜ କଥା ନୁହେଁ । ସାହିର ଲୋକ ଯାଉଛନ୍ତି ଯଦି ଯାଆନ୍ତୁ । ଆମର ସୁବିଧା ଦେଖି ଆମେ ଯିବା । ପୁରୀ ଯିବା କଥା ଭାବିଲେ ଆଈ ମୋର ମନେ ପଡୁଛନ୍ତି । ଜଗନ୍ନାଥଙ୍କ କ୍ଷେତ୍ରରେ ଆଈ ମୋର ରହିଛନ୍ତି, ମୁଁ ଯାଇ ତାଙ୍କୁ ଦେଖି ଆସିବି ବୋଲି ସମୟେ ସମୟେ ଭାବିବସୁଛି । ଜଗନ୍ନାଥଙ୍କ ଦୟା ଦୃଷ୍ଟି ପଡ଼ିଗଲେ ବାହାରି ପଡ଼ିବା ।

ବଶୁ କହିଲା, ଶୁକବାବୁଙ୍କ ପାଖକୁ ଲେଖ । ଏଥର ଆସିଲେ, ପୁରୀ ଯିବା । କହିଦେଇ ଚାଲି ଯାଉଥିଲା ସେ, କୂଅ ପାଖରୁ ଫେରିଆସି କହିଲା, ବନ୍ଦୁରା ଗାଈର ବାଛୁରି ହେବ, ଯାଉଛି ଦେଖିବି ।

ସ୍ୱର୍ଣ୍ଣ ନାଟକ ଲେଖୁଥିଲା ଆଈଙ୍କର ଜୀବନ ଇତିହାସରୁ କିଛି ଅଂଶ ମିଶେଇ । ବଶୁର ପୁରୀଯିବା କଥା ଶୁଣି ତାର ମନେ ପଡ଼ିଗଲା ଆପଣା ବାଲ୍ୟକାଳର କଥା । ଆଖି ଆଗରେ ଦିଶିଲା ଆଈଙ୍କର ଶୀର୍ଣ୍ଣ ସୁନ୍ଦର ମୂର୍ତ୍ତିଟି । ତାହାର ପାଇଁ ଆଈ ତାର ହୋଇଯାଇଥିଲେ ସହିଷ୍ଣୁତାର ପ୍ରତୀକ । ଅବଶେଷରେ ସେ ଦୃଢ଼ପ୍ରତିଜ୍ଞ ହୋଇ ବାହାରି ପଡ଼ିଥିଲେ ଘରୁ । ବୋହୂ ନାରାୟଣୀର ଭୟ ପ୍ରଦର୍ଶନକୁ ଭ୍ରୂକ୍ଷେପ ନ କରି ଦମ୍ଭ ଧରି ଅଗ୍ରସର ହୋଇ ଯାଇଥିଲେ ଯାତ୍ରାପଥରେ । ବାରଣ୍ଡାର ବେଞ୍ଚ ଉପରେ ବସି ସ୍ୱର୍ଣ୍ଣର ମନେ ହେଲା, ସେ ପୁଣି ହୋଇ ଯାଇଛି ଆଈଙ୍କର ସହଯାତ୍ରିଣୀ । ରେଳଗାଡ଼ି ଚାଲିଛି ଦ୍ରୁତ-ଗତିରେ । ସ୍ୱର୍ଣ୍ଣ ଆଖି ଖୋଲି ଅନେଇଛି ବିସ୍ତୃତ ପ୍ରାନ୍ତର ଆଡ଼କୁ । ସାମନା ବେଞ୍ଚରେ ବସିଛନ୍ତି ମାତାଜୀ ତାଙ୍କର କେଶହୀନ ମସ୍ତକ । ପଛପାଖକୁ ଗଣ୍ଠି ପକେଇ ଦେହରେ ଘୋଡ଼େଇ ହୋଇଛନ୍ତି ମଠା ଖଦର । ପାଦ ତଳକୁ କଠାଉ । ନାମାବଳୀ ଖଦର ପଡ଼ିଛି କାନ୍ଧ ଉପରେ । ମୋଟ ବଡ଼ ମିଶାମିଶି ଗୋଛାଏ ହେବ ଜପାମାଳା ଗଳାରେ । ହାତରେ ଜପମୁଣି । ଗମ୍ଭୀର ଭାବରେ ମାଳା ଗଡ଼େଇଥିଲେ ଢୁଳେଇ ରହି । ମାତାଜୀ ସ୍ତ୍ରୀ କମ୍ବା ପୁରୁଷ, ବାରି ହେଉ ନ ଥିଲା ତାଙ୍କର ପରିଚ୍ଛଦରୁ କି ଆକାରରୁ, ସ୍ୱର୍ଣ୍ଣ ଆଖି କାନ ଦେଇ ଜଗତଟାକୁ ସତେ ଯେପରି ପିଇ ଯାଉଥିଲା ସେଦିନ । ଷ୍ଟେସନରେ ଗାଡ଼ି ରହିଗଲେ ଗାଡ଼ି ଭିତରକୁ ଦେଖିବ କି ବାହାରର ସମାରୋହ ଦେଖିବ ! ନୂଆ ନୂଆ ଆରୋହୀ ଆସି ବସୁଛନ୍ତି ଗାଡ଼ିରେ । ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଭଙ୍ଗିରେ କଥା କହୁଛନ୍ତି । ଏଣେ ଷ୍ଟେସନ ପ୍ଲାଟଫର୍ମରେ କେତେ ପ୍ରକାର ଡାକ ହାକ । ଓ ! ପସାରି କେତେବଡ଼ କୁଣ୍ଡେଇପସରା ଧରି ଡାକ ଡାକି ଚାଲିଛି । କେତେ ଫଳ, କେତେ ମିଠେଇ । ଚା' ପାନ । ସ୍ୱର୍ଣ୍ଣ ତାର ଦୃଷ୍ଟିପଥ ଦେଇ ପିଇଯାଉଥିଲା ଆକାଶ ଅବନୀର ସୌନ୍ଦର୍ଯ୍ୟ ସୁଧା । ଗଭୀର କୃତଜ୍ଞତାରେ ମଥା ତାର ନତ ହୋଇପଡ଼ିଲା ଆଈଙ୍କ ପାଦତଳେ । ସେ ଆଈଙ୍କ କୋଳକୁ ଆଉଜି ଗଦ୍ଗଦ କଣ୍ଠରେ କହିଲା, ମତେ ସବୁ ସ୍ୱପ୍ନପରି ଲାଗୁଛି । ସଂସାରେ ଇମିତି ଏତେ କଥା ଥିଲା ! ଆଖିରେ ଦେଖି ନ ଥିଲି କି କାନରେ ଶୁଣି ନ ଥିଲି । ଆଈ କହୁଥିଲେ ରତେ ମୁଁ ପିଞ୍ଜରା ଭିତରେ ବନ୍ଦିନୀ କରି

ରହିଥିଲା ସୁନା । ଜଗନ୍ନାଥେ ଆଜି ହାତ ବଢେଇ ତୋର ବନ୍ଧଘର ଦୁଆର ଫିଟେଇଦେଲେ, ଉଦ୍ଧାରୁଛନ୍ତି । ଆଗକୁ ଅନେଇ ଦେଲେ ଅନ୍ଧକାର ଦିଶୁଛି । ସ୍ୱର୍ଣ୍ଣର ମନ ସେଦିନ ଭାସିଯାଇଥିଲା କି ଗୋଟାଏ ଅପୂର୍ବ ଉତ୍ସାହରେ । ସେ ଯେ ସେଇଦିନହିଁ ଲୋକ ଆଉ ଲୋକାଳୟ ଆଡକୁ ଦୃଷ୍ଟିଦେଇ ଦେଖିଲା । ସେ ସବୁ ଅବସାଦ ଭୁଲି ଆବେଗରେ ଆଈଙ୍କୁ ପିଠିପାଖରୁ କୁଣ୍ଢେଇ ଧରି କହିଲା, ବିଶ୍ୱାସ କର ଯେତେବେଳେ ମହାପ୍ରଭୁଙ୍କ ପାଖକୁ ଯାଉଛେ, ସେଇ ବିଶ୍ୱାସରେ ଯିବା । ବାଟଘାଟରେ ବସି ଦୁଃଖ କରିବା ନାହିଁ । ଶୁଣୁଛୁ ଆଈ ! ଆଜି ପର୍ଯ୍ୟନ୍ତ ତୁ ମତେ ବୋଧଦେଇ ଆସିଛୁ, ମୁଁ ଆଜି କହୁଛି ଆଜିକ ପାଇଁ ହେଲେ ଦୁଃଖ ପାସୋରି ଦେବା । ହସିଦେଇ ସେଦିନ ସ୍ୱର୍ଣ୍ଣର ମଥାରେ ହାତ-ବୁଲେଇ ଆଣିଥିଲେ ଆଈ ।

ଗାଡ଼ି ଲାଗିଲା ପୁରୀ ଷ୍ଟେସନରେ । ଆଈ ନାତୁଣୀ ଦୁହେଁ ବୁଜୁଲା ବାକ୍ସ ଧରି ଓହ୍ଲେଇଲାବେଳକୁ ମାତାଜୀ ବିଦାୟ ନେଇ ଚାଲିଗଲେ ଗଙ୍ଗାମାତା ମଠକୁ । ଅରୁନ୍ଧତୀ ଗାଡ଼ିରୁ ଓହ୍ଲେଇ କେଉଁଠିକି ଯିବେ ବୋଲି ଭାବୁଥିଲେ, ପୂଜାପଣ୍ଡା ଆସି ଆମର ଯାତ୍ରୀ ବୋଲି କହି ନେଇଗଲେ ଷ୍ଟେସନ ବାହାରକୁ । ନାମ ଗ୍ରାମ ଇତ୍ୟାଦିରୁ ପଣ୍ଡାଏ ତାଙ୍କର ଯାତ୍ରୀ ବୋଲି ଚିହ୍ନିଲେ ।

ତାପରେ ପୁରୀର ବସାଘର । କାର୍ତ୍ତିକ ମାସ ହବିଷ୍ୟ କରିବା ପାଇଁ ବିଧବା ସ୍ତ୍ରୀ ଅନେକ ଆସିଥିଲେ ସେଇଦିନ । ସେ ଗୋଟାଏ ଗଳି ଭିତରେ ବସାଘର । ଗୋଟିଏ ଗୋଟିଏ ବଖରାରେ ଜଣେ, ଦୁଇଜଣ, ଦଶଜଣ ପର୍ଯ୍ୟନ୍ତ ରହିପାରୁଛନ୍ତି । ଦଶଜଣ ହେଲେ ଟଙ୍କାଏ କରି ଭଡା । ସେଇଥିରୁ ଗୋଟିଏ ବାଛିଲେ ସେ । ଶରୀରଟା ଅତି ଦୁର୍ବଳ ବୋଧ ହେଉଥିଲା ସେତିକି-ବେଳକୁ ଅରୁନ୍ଧତୀଙ୍କର । ଜ୍ୱର ହେଲାପରି ଶିରିଶିରିଆ ଲାଗୁଥିଲା । ପଣ୍ଡାଙ୍କ ଉପରେ ନିର୍ଭରକରି ବଖରା ଗୋଟିକରେ ବାକ୍ସ ବୁଜୁଲା ରଖି ବସିପଡ଼ିଲେ ସେ । ବସାଘରର ଗୃହିଣୀ ଆସି ସ୍ନାନକରି ଯିବାକୁ କହିଲା । କାର୍ତ୍ତିକ ମାସର ପ୍ରଥମ ଦିନ । ମାର୍କଣ୍ଡକୁ ସ୍ନାନ କରିଯିବେ । ସ୍ନାନ କରିବାକୁ ଯିବେନାହିଁ ବୋଲି କହିଦେଲେ ଅରୁନ୍ଧତୀ । ବସାଘରର ଅଗଣାଟା ସ୍ୱର୍ଣ୍ଣର ଆଖିକୁ ଦିଶୁଥିଲା, ଆଈଙ୍କ ଗଳ୍ପ ବର୍ଣ୍ଣିତ ସ୍ୱର୍ଗପୁରର ଅଗଣା ପରି । ଅଗଣା ଭିତରେ କୂଅ । ସେ କେଉଁ ଅତଳ ତଳେ ରହିଛି ପାଣି । ଆନନ୍ଦବିହ୍ୱଳ ହୋଇଉଠିଛି ମନ ତାର । ଏଇ ତ ପ୍ରଥମ କରି ଦେଖୁଛି । ଆହୁରି କେତେ କଅଣ ଦେଖିବ । ଆଈ ନ ଥିଲେ ତାକୁ ଏସବୁ କିଏ ଦେଖେଇଥାନ୍ତା ? ଛୋଟ ବାଲଟିରେ ପାଣି ବାଲଟିଏ ଉଠେଇ ଆଣିଲା ସେ କୂଅରୁ । ଦୁହେଁ ହାତ ଧୋଇ ଲୁଗା ବଦଳେଇ ବାହାରିଲେ ଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ । ସିଂହଦ୍ୱାର ପାଖକୁ ଯାଇ ମନ୍ଦିର ଆଡକୁ ଚାହିଁଲା ସ୍ୱର୍ଣ୍ଣ । ପଛରେ ରକ୍ଷକରୂପେ ଥିଲେ ପୂଜାପଣ୍ଡାଙ୍କ ପ୍ରତିନିଧି । ଆଖି ଝଲସି ଯାଉଛି । ନିମିଷକରେ ଶତ ଶତ ଜନ୍ମ ପାର ହୋଇ ଆସିଲା ପରି ମନେ ହେଲା ସ୍ୱର୍ଣ୍ଣର । ବାଇଶି ପାହାଚ ଉପରକୁ ଉଠୁ ଉଠୁ ଆଈଙ୍କ ହାତ ଧରି ପକେଇଲା । ଆନନ୍ଦ ଆବେଗରେ ସ୍ୱର୍ଣ୍ଣର ଲୁହଧାର ବହିଯାଉଛି ଝରସ୍ରୋତା ନଦୀପରି । ପୂଜାପଣ୍ଡାମାନେ ଏପାଖ ସେପାଖରୁ ଡାକୁଛନ୍ତି । କେଉଁଠି ଗଣେଶ ଦେବତା ବସିଛନ୍ତି ତ କେଉଁଠି ପାର୍ବତୀ ବସିଛନ୍ତି । କେଉଁ ଆଡ଼କୁ ଯିବ ସେ ? ଆଈ ଦନ୍ତହୀନ ମୁହଁରେ ହସିଦେଇ କହିଲେ, ଆଗକୁ ଚାଲ, ଆହୁରି କେତେ ଦେଖିବୁ । ଜଗନ୍ନାଥଙ୍କ ଦେଉଳ ପୂର୍ବଦ୍ୱାର ପାଖରେ ବାମନଟିଏ ବସି ଭଜନ ଗୀତ ଗାଉଥିଲା ଗିନି ବଜେଇ ବଜେଇ ।

ଜୟ ଜୟ ଜଗନ୍ନାଥ ଯଶୋଦା ନନ୍ଦନ ହେ
ଯଶୋଦା-ନନ୍ଦନ
ଦିବାନିଶି ପଦ ତବ କରୁଛି ବନ୍ଦନ ହେ
କରୁଛି ବନ୍ଦନ
ନାମ ତବ ମୋ ହୃଦୟେ ସୁରଭି ଚନ୍ଦନ ହେ
ସୁରଭି ଚନ୍ଦନ
ବାମନ ରୂପରେ ମର୍ତ୍ତେ ଦେଇଛ ଜନମ ହେ
ଦେଇଛ ଜନମ ।

ତବ କୃପା ବଳେ ମୁହିଁ ହୋଇଛି ବାମନ ହେ
ହୋଇଛି ବାମନ ।
ବାମନ ରୂପରେ ତୁମେ ହୋଇ ଅବତୀର୍ଣ୍ଣ ହେ
ହୋଇ ଅବତୀର୍ଣ୍ଣ ।
ବଳିକି ପଠାଇ ଦେଲ ପାତାଳ ଭୁବନ ହେ
ପାତାଳ ଭୁବନ ।
ଭକତରେ ଭରି ଦେଇଅଛ ମୋର ପ୍ରାଣ ହେ
ଅଛ ମୋର ପ୍ରାଣ ।
ସାର୍ଥକ ଯାଇଛି ହୋଇ ଜନମ ଜୀବନ ହେ
ଜନମ ଜୀବନ ।
ଆହୁରି ଅଧିକଭାବେ କର ମୋତେ ହାଣ ହେ
ଯଶୋଦା ନନ୍ଦନ ।

ସ୍ୱର୍ଣ୍ଣ ମୁଗ୍ଧ ହୋଇ ଠିଆହୋଇଗଲା ଭକ୍ତ ବାମନର ଭଜନ ସଙ୍ଗୀତ ଶୁଣି । ଆଈଙ୍କୁ କହୁଥାଉଥିଲା ବାମନ ସମ୍ବନ୍ଧରେ । କେତେ ବିକଳରେ ଦୁଃଖ ଜଣା-କରୁଛି ମହାପ୍ରଭୁଙ୍କ ପାଖରେ । ଆଈ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ କେଉଁଠି ବସିଛନ୍ତି ଯଶୋଦା ନନ୍ଦନ ? କେମିତି ମୋ ଡାକ ଶୁଣିବେ । ବାଟ ଦେଖେଇ ଦେବେ ସେ ମତେ !

କାର୍ତ୍ତିକବ୍ରତୀଙ୍କ ଆଗମନରେ ଦେଉଳ ଭିତରେ ଭିଡ଼ ଜମି ଯାଇଥିଲା । ପଣ୍ଡାଙ୍କ ପାଖକୁ ଲାଗି ଲାଗି ପ୍ରଥମ ଅର୍ଗଳ ପାର ହୋଇ ଯାଉଥିଲେ ଆଈ ନାତୁଣୀ ଦୁହେଁ । ପାଣି କାଦୁଅରେ ଗୋଡଟା ଖସିଗଲା ଅରୁ-ନ୍ଧତୀଙ୍କର । ଲୋକ ଗହଳି, ଦୁର୍ବଳ ଦେହ, ଉଠିପାରୁ-ନାହାନ୍ତି ସେ ତଳୁ । ଚିତ୍କାର କରିଉଠିଲା ସ୍ୱର୍ଣ୍ଣ । ସେଇ ପାଖକୁ ଭିତରକୁ ଯିବା ଉଦ୍ଦେଶ୍ୟରେ ଠିଆହୋଇ-ଥିଲେ ମାଧବ ମିଶ୍ରେ । ତାଙ୍କ ପାଖକୁ ପରମାନନ୍ଦ ଆଉ ତାଙ୍କ ମାଆ ବିମଳା । ଅରୁନ୍ଧତୀଙ୍କର ହାତଧରି ଉଠେଇ ଦେଲେ ମାଧବ ମିଶ୍ରେ । ପୂଜାପଣ୍ଡା, ମାଧବ ମିଶ୍ରେ, ପରମାନନ୍ଦ ତିନିହେଁ ଧରିନେଇ ବାଇଶିପାହାଚ ଉପରେ ବସେଇଦେଲେ ଅରୁନ୍ଧତୀଙ୍କୁ । ଜ୍ୱରଟା ପ୍ରବଳ ବେଗରେ ଆସୁଥିଲା ସେତିକିବେଳକୁ । ଦେହ ତାଙ୍କର କମ୍ପି ଉଠୁଥିଲା ଭୟଙ୍କର ଭାବରେ । ମାଧବ ମିଶ୍ରେ ନିଜର ଚୋଗେଇ ଦେବା ମଠା ଚଦରଟାକୁ ଘୋଡେଇ ଦେଲେ ଅରୁନ୍ଧତୀଙ୍କୁ ।

ତାପରେ କୌଣସିମତେ ଘୋଡାଗାଡ଼ିରେ ବସି ସମସ୍ତେ ଗଲେ ମାଧବ ମିଶ୍ରଙ୍କ ବସାକୁ । ଅରୁନ୍ଧତୀଙ୍କ ଶୀତ କମ୍ପ କମି ଆସିଲା, କିନ୍ତୁ ଜ୍ୱର ତାପ ବଢ଼ିଗଲା । ସେଇ ଜ୍ୱର ଭିତରେ ମାଧବ ମିଶ୍ରଙ୍କ ସହିତ ତାଙ୍କର ପରିଚୟ ହୋଇଗଲା । ବିମଳା ଦେବୀ, ଆଶ୍ଚର୍ଯ୍ୟରେ ଅନେଇଁ ରହିଥିଲେ ସ୍ୱାମୀଙ୍କ ବ୍ୟବହାର ଦେଖି । ପରିଚୟରୁ ଜଣାଗଲା ସେ ଅରୁନ୍ଧତୀ ତାଙ୍କର ମାଉସୀ ଝିଅ ଭଉଣୀ । ବୟସରେ ବଡ଼ । ମାଧବ ମିଶ୍ରଙ୍କୁ ଦେଖି ଅରୁନ୍ଧତୀ ଭୁଲିଗଲେ ଜ୍ୱରପୀଡ଼ାରେ ଆପଣା ଶରୀର ଭାଙ୍ଗି ପଡ଼ିବାର କଥା । ହାତ ବାଢେଇ କୁଣ୍ଢେଇ ଧରି-ପକେଇଲେ ବିମଳାଙ୍କୁ ମୋ ଭାଉଜଲୋ ବୋଲି କହି । ବିମଳାଙ୍କ ହୃଦୟଟା ପଥର ପରି କଠୋର ହୋଇ ଯାଇଥିଲା ପଥରକୁ ପୂଜା କରି କରି । ଏଣୁ ସେ ଅରୁନ୍ଧତୀଙ୍କର ଆଦର ଆଲିଙ୍ଗନରେ ଅସ୍ୱସ୍ତି ବୋଧ କରି ନିଜକୁ ମୁକ୍ତ କରିନେଇ ଚାହିଁଲେ ସ୍ୱାମୀଙ୍କ ମୁହଁକୁ ।

"ଏ ମୋର ବଡ଼ ମାଉସୀର ଝିଅ, ପରମ ବୋଉ ! ତୁମେ ଏଙ୍କୁ ଚିହ୍ନି ପାରିବ ନାହିଁ ।"

ସ୍ୱର୍ଣ୍ଣ ଗୋଡ଼ ପାଖକୁ ବସି ଓଢ଼ଣା ଭିତରୁ ଥରକୁ ଥର ନାକ ପୋଛିପୋଛି ଗୋଡ଼ ଚିପିଦେଉଥିଲା ଆଈଙ୍କର । ମାଧବ ମିଶ୍ରେ ସେ ଆଡ଼କୁ ଅନେଇଁ ପଚାରିଲେ ଏ ଝିଅଟି କିଏ ସେ, ତୋ ସାଥିରେ କେମିତି ଆସିଛି ?

ମାଧବ ମିଶ୍ରଙ୍କ କଥା ଶେଷ ହୋଇଛି କି ନାହିଁ ଅରୁନ୍ଧତୀ ଉଠି ବସିପଡ଼ି କାନ୍ଦି ଉଠିଲେ ଉଚ୍ଛ୍ୱସିତ କଣ୍ଠରେ । ଆବେଗରେ ଗଳାଟା ଯେମିତି ଫାଟି ଯିବାର ଉପକ୍ରମ କରୁଛି । ସେ ସିମିତି ଆବେଗଭରା କଣ୍ଠରେ କହିଗଲେ, ଏଇ ପିଲାଟିକି ଜଗନ୍ନାଥଙ୍କ ପାଦତଳେ ଉତ୍ସରଗ କରି ଦେବି ବୋଲି ଆସିଥିଲିରେ ଭାଇ । ତାଙ୍କୁ ଦେଖିତ ପାରିଲିନାହିଁ । ସିଂହଦୁଆର ପାଖରୁ ବାହୁଡ଼ି ଆସିଲି । ସବୁକଥା ଜଣେଇବି ବୋଲି କେତେ ଆଶା-କରି ଆସିଥିଲି । ଭାଇରେ ତୁ ମୋର ପ୍ରତ୍ୟକ୍ଷ

ଜଗନ୍ନାଥ । ତତେ ସବୁ କହିଦେଇ ଯାଇଥିବି । ଏଉଟି ଜିଏ ବୋଲି ପଚାରିଲୁ, ମୋର ନାତୁଣୀରେ ଭାଇ ! ସୁଭଦ୍ରାର ଝିଅ । ସେ ବର୍ଷର ବସୂତୀ ରୋଗରେ ସୁଭଦ୍ରା ଆଉ ତା'ବର ଦିନକ ଭିତରେ ମରିଗଲେ । ଏଇଟି ଥିଲା ଯେ ଘରକୁ ଧରି ଆସିଲି, ତିନିବର୍ଷର ପିଲାକୁ ବାରବର୍ଷର କଲି । ବରଟିଏ କେଉଁଠିକି ଯାଇ ଖୋଜିବି ?

ମାଧବ ମିଶ୍ରେ ହସି ଉଠି କହିଲେ, ତୋର ନାତୁଣୀ ଇଏ ଅରୁନ୍ଧତୀ ! ଯାର ପାଇଁ ବର ମିଳିବେ ନାହିଁ ଯେ ତୁ କାନ୍ଦୁଛୁ । ମୁଁ ତତେ କଥା ଦେଉଛି, ମୁଁ ଏଯାକୁ ମୋର ପୁତ୍ରବଧୂ ରୂପେ ବରଣ କରିନେବି ।

ଅରୁନ୍ଧତୀ ହସି ହସି ମାଧବ ମିଶ୍ରଙ୍କ ଦୁଇଟାଯାକ ହାତ ଧରି ପକେଇଲେ ଦୁଇ ହାତମୁଠାରେ । ଆହା କେଡେବଡ଼ କଥା କହିଲୁ ଭାଇ ! କହିଲୁ ଯଦି ଏ ଥାନରେ, ସେ କଥାତ ଅନ୍ୟଥା ହେବନାହିଁ । ଡାକେ ଡାକେ ତୋ ପୁଅକୁ ଡାକେ । ସ୍ୱର୍ଣ୍ଣ ମାଆ ମୋର, ଏ ସୁନ, ମୋ ସୁନ ! ମୋ ଭାଇର ପାଦଧୂଳି ମୁଣ୍ଡରେ ଲଗା । ତତେ ମୁଁ କହୁନଥିଲି, ଜଗନ୍ନାଥେ ପରିତ୍ରାଣ କରିବେ । ତାଙ୍କ ଉପରେ ମୁଁ ବିଶ୍ୱାସ ରଖିଛି । ଦେଖେ ସୁନ ମୋର ଗୋଡ଼ ଚପାରୁ କି ଫଳ ପାଇଲୁ । ଅରୁନ୍ଧତୀ ଏକଥା କହି କହି ସ୍ୱର୍ଣ୍ଣକୁ ଟାଣିଆଣି ସାଷ୍ଟାଙ୍ଗେ ପ୍ରଣିପାତ କରେଇଦେଲେ ମାଧବ ମିଶ୍ରଙ୍କ ପାଦତଳେ । ମାଧବ ମିଶ୍ରେ ପରମାନନ୍ଦଙ୍କୁ ଡାକି ଠିଆ କରେଇଦେଲେ ଅରୁନ୍ଧତୀଙ୍କ ପାଖକୁ ।

ଆବେଗ ସମ୍ଭାଳିବାକୁ ଶକ୍ତି ନଥିଲା ଅରୁନ୍ଧତୀଙ୍କର । ସେ ଠିଆ ହୋଇପଡ଼ି ପରମାନନ୍ଦ ମଥାରେ ହାତ ରଖି ଚିତ୍କାର କରି ଉଠି କହିଲେ, ମାଧବ ଭାଇ ! ଭାଗ୍ୟ ! ଏ ଭାଗ୍ୟ ! ଭାଇରେ ! ତୁ ମୋର ଜଗନ୍ନାଥ । ଏପୁଅ ତୋ ନାଁଟି କଅଣରେ ! ନାମଟି କହିଲେ ପରମାନନ୍ଦ । ଅରୁନ୍ଧତୀ ସ୍ୱର୍ଣ୍ଣର ହାତ ଧରି ଉଠେଇ ଆଣିଲେ ତଳୁ । ସ୍ୱର୍ଣ୍ଣର ପରମାନନ୍ଦଙ୍କର ଦୁଇହାତ ଏକାଠି କରିଦେଇ କହିଲେ, ମାଧବଭାଇ, ଧିରେ ଧିରେ ମୁଁ ଟିକିଏ ଏ ଯୁଗଳରୂପ ଦେଖିବି । ମାଧବ ମିଶ୍ରେ ଦେଖୁଥିଲେ ଅରୁନ୍ଧତୀଙ୍କ ଆଖିରେ ଭରିଯାଇଛି ଆନନ୍ଦ ଅଶ୍ରୁ । ଅରୁନ୍ଧତୀ ପରମାନନ୍ଦଙ୍କ ହାତଧରି ମଥାରେ ଲଗାଇ କଅଣ କହିବାକୁ ଯାଉଥିଲେ, କଣ୍ଠର କଥା ରହିଗଲା କଣ୍ଠରେ, ମୂର୍ଚ୍ଛିତା ହୋଇ ପଡ଼ିଗଲେ ତଳେ ।

ସ୍ୱର୍ଣ୍ଣ ଚିତ୍କାରକରି ଉଠିଲା, ଆଈ, ମୋ ଆଈଲୋ ! ଦର୍ଶକ ଜମିଗଲେ ଏ ଦୃଶ୍ୟ ଦେଖିବାକୁ । ପୂଜାପଣ୍ଡାଙ୍କ ପ୍ରତିନିଧି ବ୍ୟସ୍ତ ହୋଇପଡ଼ିଲେ । ସିମିତି ସେଇ ମୂର୍ଚ୍ଛିତ ଅବସ୍ଥାରେ ଅରୁନ୍ଧତୀଙ୍କୁ ଉଠେଇ ନେଇଗଲେ ଘୋଡ଼ାଗାଡ଼ି ପାଖକୁ । ଘରୁ ବାହାରୁ ବାହାରୁ ସୁଯୋଗ ଦେଖି ସ୍ୱାମୀଙ୍କ ପାଖକୁ ଆସି ବିମଳା ଦେବୀ କହିଲେ, ତମର ଇମିତି ବିଚାର ବୁଦ୍ଧି ? କେଉଁଠିରୁ ଗୋଟାଏ ମଲା ବୁଢ଼ୀକୁ ଦେଖି ନାତୁଣୀଟାକୁ ତାର ବୋହୂ କରିବ ବୋଲି କଥା ଦେଇଦେଲ । କୁଳ ଗୋତ୍ର କଥା କଅଣ ଜାଣିଛ ଯେ ଏତେ ବଡ଼ କଥାଟେ କରିଦେଲ । ମାଧବ ମିଶ୍ରେ ହସିଦେଲେ । ବିମଳାଙ୍କ ମୁହଁକୁ ଚାହିଁ କହିଲେ, ଗାଡ଼ିରେ ବସ ପରମ ବୋଉ ! ଏସବୁ କାର୍ଯ୍ୟରେ ହଠାତ୍ ଅଗ୍ରସର ହୋଇଯିବା ଉଚିତ ନୁହେଁ ସତ, କିନ୍ତୁ କଅଣ କରିବା ? ହୃଷୀକେଶ ଯେ ହୃଦସ୍ଥରେ ବସି ଆଦେଶ ଦେଉଛନ୍ତି । ମୁଁ ସେ କଥା ନ ମାନିବାକୁ କିଏ ? କେବେହେଲେ କଅଣ ଆମେ ଭାବିଥିଲେକି ଯେ, ଆମେ ପୁରୀ ଆସିବା, ଇମିତି ଶୋଚନୀୟ ଅବସ୍ଥାରେ ଅରୁନ୍ଧତୀ ସାଙ୍ଗରେ ଦେଖାହେବ । ତାକୁ ଏତେବଡ଼ ଗୋଟାଏ ସ୍ୱୀକୃତି ଦେଇବସିବି ! ସବୁ ସେଇ ଇଚ୍ଛାମୟଙ୍କ ଇଚ୍ଛାରେ ଘଟୁଛି । ଆମେ ଦୁଃଖକଲେ କୌଣସି ଲାଭ ହେବନାହିଁ ।

ବସାଘର ପାଖରେ ରହିଲା ଘୋଡ଼ାଗାଡ଼ି । ଅରୁନ୍ଧତୀଙ୍କର ଚେତନା ଫେରି ଆସୁଥିଲା ଧୀରେ ଧୀରେ । ତଉକରେ ବସେଇ ନେଇଗଲେ ବସାଘର ଭିତରକୁ । ଦୈବାତ୍ ଯେଉଁ ବସାଘରେ ଅରୁନ୍ଧତୀ ତାଙ୍କର ବାକ୍ସ ବୁଜୁଳା ରଖିଦେଇ ଆଇଥିଲେ, ସେଇ ବସାଘରେହିଁ ଆଗରୁ ରହିଥିଲେ ମାଧବ ମିଶ୍ରେ । କଣ୍ଠା ବନ୍ଧଣୀ ଖୋଲି ବନ୍ଧଣୀ କରି ଆଈଙ୍କୁ ଶୁଆଇ ଦେଲା ସ୍ୱର୍ଣ୍ଣ । ସିଂହଦ୍ୱାର ପାଖରୁ ବୈଦ୍ୟରତ୍ନଙ୍କୁ ଡାକି ଆଣିଲେ ମାଧବ ମିଶ୍ରେ ।

ବୈଦ୍ୟରତ୍ନ ଔଷଧ ଦେଇ ଅବସ୍ଥା ଭଲ ନଥିବା କଥା କହିଦେଇଗଲେ ।

ତାପରେ ଚିନ୍ତା କରିବାକୁ ହେଲା, ସେଠେଷଇ ହେବ କି ମହାପ୍ରସାଦ ଆଣି ଖାଇବେ । ଅରୁନ୍ଧତୀ ହସିବାକୁ ଚେଷ୍ଟାକରି କହିଲେ, ସୁନମା' ଅଛି । ରାନ୍ଧିଦେବ । ବିମଳା ଦେଈ ସେପର୍ଯ୍ୟନ୍ତ ସ୍ୱାମୀଙ୍କ ସହିତ ଏକମତ ହୋଇପାରି ନ ଥିଲେ, ତେଣୁ ସେ ମୁହଁ ଫେରେଇ ନେଇ କହିଲେ, କଅଣ କରୁଛ କରି । ମୋର ତ କାଳିକି ହବିଷ୍ୟ । ମାଧବ ମିଶ୍ରେ ଉଦ୍‌ଭ୍ରାନ୍ତ ହୋଇ କହିଲେ, ଅବୁଝାନ ! ମୋ ବୋହୂ ରାନ୍ଧିବ । ଆମମାନଙ୍କର ଆଜି ଗୋଟାଏ ବିଶେଷ ଦିନ । ଆଜି ବୋହୂ ହାତର ରାନ୍ଧଣା ଖାଇବ । ପରମାନନ୍ଦ ଅଗଣାଆଡ଼କୁ ଚାଲିଯାଇଥିଲେ । ସ୍ୱର୍ଣ୍ଣ ଆଈଙ୍କ ଗୋଡ଼ ଚିପି ଦେଉଥିଲା ମଥାପୋତି ବସି । ଅରୁନ୍ଧତୀ ମଥା ଉଠେଇ ହସିବାକୁ ଚେଷ୍ଟାକରି କହିଲେ, ମୁଁ ଜାଣୁଛି, ସୁନ ମାଆକୁ ମୋର, ମନେ ମନେ ବୋହୂ କରି ବରଣ କରି ସାରିଲୁଣି । ହେଲେ ମଧ୍ୟ ବ୍ରାହ୍ମଣ ବସି ମନ୍ତ୍ରପଢ଼ି ହାତଗଣ୍ଠି ନ ଦେଲେ, ମୁଁ କଅଣ ଶାନ୍ତିରେ ମରିପାରିବି କରେ ଭାଇ ?

ତୁ ଶାନ୍ତିରେ ମରିବା କଥା କରିଦେବି । ବ୍ରାହ୍ମଣ ଡାକି ହାତଗଣ୍ଠି ପକେଇଦେବ । ପରମ ବୋଉ ! ପୁଅ-ବୋହୂଙ୍କୁ ସ୍ନାନ କରେଇ ଆଣି ନୂଆ ପିନ୍ଧେଇ ଦିଅ । ଟିକେ ହେଲେ ଅବହେଳା କରନାହିଁ । ସ୍ୱୟଂ ଜଗନ୍ନାଥେ ଏ ଲୀଳା ସୃଷ୍ଟି କରିଛନ୍ତି । ମନା କରିବାକୁ କିଏ ? କେତେ ଧର୍ମ-ସମ୍ଭ୍ରାନ୍ତ ଘର ଝିଅ ଦେଖିଲି, ମୋ ମନ ତ ସେ ଆଡ଼କୁ ଯାଇ ନ ଥିଲା । ତୁମର ବୋହୂ ହେବାକୁ ଯେ ଏଇ ଝିଅଟି ଜନ୍ମହେବାଠୁ ତପସ୍ୟା କରୁଥିଲା । ପୁଅକୁ କୋଡ଼ିଏ ବର୍ଷ ହେଲା, ଏଇ କାରଣରୁ ତ ତୁମେ ଅନ୍ୟ ଝିଅକୁ ବାଛି ପାରି ନ ଥିଲ । ଆଜି ମୁଁ କହିଦେଉଛି—ଏଇ ବୋହୂଟି ତୁମକୁ ସେବା କରିବ, ଆଉ ତୁମ ଆଦର୍ଶରେ ପୂଜାବିଧି ସବୁ କରିବ ! ତୁମେ ସ୍ୱଚ୍ଛ ମନରେ ଏହାକୁ ବଧୂରୂପେ ଗ୍ରହଣ କର ପରମ ବୋଉ ।

ଅରୁନ୍ଧତୀ ଉଦ୍‌ଗତକଣ୍ଠରେ କହିଲେ, ହଁ ରେ ଭାଇ । ସୁନ ମୋର ବଡ଼ ଭଲ ପିଲା । ତୁମେ ତାକୁ ଯେଉଁ ବାଟରେ ନେବ, ସେ ସେଇ ବାଟରେ ଚାଲିବ ।

ବଧୂବେଶରେ ସ୍ୱର୍ଣ୍ଣ, ବରବେଶରେ ପରମାନନ୍ଦ ବସିଲେ, ବସାଘରର କୁଶ ଆସନରେ । ବ୍ରାହ୍ମଣ ଆସି ମାଧବ ମିଶ୍ରଙ୍କ ମନ୍ତ୍ରପାଠ ସହିତ ସ୍ୱର ମିଳାଇ ଆରମ୍ଭ କଲେ ହୋମକାର୍ଯ୍ୟ । ଅରୁନ୍ଧତୀ କହିବାରେ ଲାଗିଥାଆନ୍ତି, "ବିଶ୍ୱାସ ବିନା କଥା ଯେତେ, ଫଳ ନ ଫଳେ କଦାଚିତେ ।" ବିଶ୍ୱାସ ଥିଲା ବୋଲି ଜଗନ୍ନାଥେ ଆସି ମନୁଷ୍ୟ ରୂପରେ ଦେଖା-ଦେଲେ । ଆଜି ପରି ଦିନ, କେବେ ହୋଇ ନ ଥିଲା । ଆଜିର ପବନ ଦେହରେ ବାଜିଲେ, ଦେହ ଗୋଟାଯାକ ଥରି ଥରି ହୋଇ ଥରିଉଠୁଛି ! ମାଧବ ମିଶ୍ରଙ୍କୁ ଭାଇ ବୋଲି ସିନା ଡାକ-ଦେଉଛି, ସେ ଯେ ଜଗନ୍ନାଥ । ଅରୁନ୍ଧତୀଙ୍କ ଜ୍ୱରତାପ ବଢ଼ୁଛି ବେଳକୁ ବେଳ । ଆଖିରୁ ବହିଯାଉଛି ଧାର-ଧାର ଲୁହ ।

ମାଧବ ମିଶ୍ରେ ଡାକିଲେ, ଆସିପାରିବୁ କନ୍ୟା-ସମ୍ପ୍ରଦାନ କରିବାକୁ

ଅରୁନ୍ଧତୀ ବିଛଣାରୁ ଘୋଷାଡ଼ି ହୋଇ ଯାଇ ବସିଲେ ସ୍ୱର୍ଣ୍ଣ ପାଖକୁ । କଅଣ ହେଲା ! କେଉଁଠି ଥିଲା ଏ ସୌଭାଗ୍ୟ ! ଆଖି ଖୋଲି ଅନେଇଲେ ସେ ପରମାନନ୍ଦଙ୍କ ମୁହଁକୁ । କି ସୁନ୍ଦର ଦିଶୁଛି ସେ ମୁହଁ । ଆହା ! କେଉଁଠି ଥିଲା ଏ ସୁନାର ମୂର୍ତ୍ତି । ହାତ ଉଠେଇ ସ୍ୱର୍ଣ୍ଣକୁ କୁଣ୍ଢେଇ ଧରି କହିଲେ,ନେ ଏଥର, ମୋର ଚିନ୍ତାକୁ ଆଜି ଦେଇଦେଲି ତୋ ହାତରେ । କହୁ କହୁ ଆଖି ମୁଦି ହୋଇଗଲା ଅରୁନ୍ଧତୀଙ୍କର । କଅଣ କହିବାକୁ ମୁହଁ ଖୋଲୁଥିଲେ, ସେଇ ସେତିକିରେ ସଞ୍ଚିତ ଆବେଗ ପୋତି ହୋଇଗଲା ମାଟି ଭିତରେ ।

ପ୍ରାଣବାୟୁ ଉଡ଼ିଗଲା ଅରୁନ୍ଧତୀଙ୍କର । ପୁଣ୍ୟବତୀ ସେ; ମୃତ୍ୟୁ-ଯନ୍ତ୍ରଣାରେ କାତର ହେବାକୁ ଅବସର ପାଇ ନ ଥିଲେ । ଏତେ ବଡ଼ ଆନନ୍ଦ ତାଙ୍କର ଶକ୍ତିହୀନ-ଶରୀର ସହ୍ୟ କରିପାରିଲାନାହିଁ ।

ଏଇ ତ କାଲି ପରି ଲାଗୁଛି । ଆଈ ଶୋଇପଡ଼ିଥିଲେ ଶେଷ ନିଦ୍ରାରେ । ଆଈଙ୍କ ଶୋକରେ ସ୍ୱର୍ଣ୍ଣର

ଆଖି ହୋଇଥିଲା ଅଶ୍ରୁସିକ୍ତ । ସେ ଅନୁଭବ କଲା ଆଈଙ୍କର ଶୀର୍ଣ୍ଣ ଶରୀରରେ ସ୍ପର୍ଶ । ଆଈ ଚାଲିଗଲେ । ଶାଶୁ ଗଲେ । ଶ୍ୱଶୁର ମଧ୍ୟ ଚାଲିଗଲେ, ତାକୁ ସମ୍ପୂର୍ଣ୍ଣରୂପେ ଏକା କରିଦେଇ । ଶୁକକୁ ସେ ସଖା, ସହୋଦର ରୂପେ ବାଛିନେଲା ଧୀରେ ଧୀରେ । ସେ ମଧ୍ୟ ତାକୁ ଛାଡ଼ିଦେଇ ଯାଇଛି ଦୂର ପ୍ରବାସକୁ । ଦୁଃଖ-ସୁଖର କଥାଗୁଡ଼ାକ ଉଦ୍‌ବେଳ ହୋଇଉଠିଲେ ସେ ଆଉ କାହାକୁ କହିବ ? ସ୍ୱର୍ଣ୍ଣର ସ୍ୱାମୀ ପରମାନନ୍ଦ ଧୈର୍ଯ୍ୟ ଧରି ଶୁଣିପାରନ୍ତି ନାହିଁ କୌଣସି କଥା । ସେଇ କାରଣରୁ ସେ ତାର ଦୁଃଖଗୁଡ଼ାକୁ ଶୁକ ପାଖକୁ ଲେଖିଦେଉଛି । ପରେପରେ ଶୁକର ଉପଦେଶ ଅନୁଯାୟୀ କଳ୍ପନା ସହିତ ବାସ୍ତବର ସମ୍ମିଶ୍ରଣ କରି ଗଳ୍ପ ଏବଂ ନାଟକ ଲେଖିବା ଆରମ୍ଭ କରିଥିଲେ । କିନ୍ତୁ ଗଳ୍ପଗଠନ କୌଶଳଟି ଜାଣି ନ ଥିଲା ସେ ।

ସ୍ୱର୍ଣ୍ଣର ଭାବନା-ସ୍ରୋତରେ ବାଧାଦେଇ ବିଶୁ ବାହାରୁ ଧାଇଁ ଧାଇଁ ଆସି କହିଲା, ଚନ୍ଦ୍ରୀଗାଈର ଅଣ୍ଡିରା ବାଛୁରୀ ଗୋଟେ ଜନ୍ମ ହୋଇଛି । ତମେ ଆନ୍ଧାରେ ଯିମିତି ବସିଛ କି ମାଆ ! କେତେବେଳ ହେଲାଣି । ଆଜି ଆଉ ରନ୍ଧାବଢ଼ା ହେବନାହିଁ କି ? ବାଛୁରୀଟାକୁ ଦେଖିବ ଆସ । ଏଥର ଭଲ ବାଛୁରୀଟିଏ ହୋଇଛି, କୋଡ଼ିଏ ଟଙ୍କାରୁ ଊଣା ହେବନାହିଁ । ସମାନ ତା ମାଆ ପରି ହୋଇଛି ତ !

ସ୍ୱର୍ଣ୍ଣ ହସିଦେଲା ବିଶୁକୁ ଅନେଇ । ବଡ଼ କରୁଣ ସେ ହସ । କି ଗଭୀର ଚିନ୍ତାରେ ନିମଗ୍ନ ଥିଲା ସେ । ତା'ର ମନେହେଉଥିଲା, ଗତଜନ୍ମର ଶତ ଶତ ସ୍ମୃତିପୂର୍ଣ୍ଣ ଭାବନାରେ ବସିଥିଲା ସେ । ବିଶୁ ଆସି ଡାକୁଛି ଗୁହାଳଘରକୁ ଯିବାପାଇଁ; କିନ୍ତୁ କଅଣ କରିବ ସେ, ସେଇ ବାଲ୍ୟବୟସରୁ ଯେ ସେ ଏ କାର୍ଯ୍ୟ କରିଆସିଛି । ଆଜି ହଠାତ୍ ସେ ତାର ପ୍ରିୟ ଭୃତ୍ୟକୁ କିମିତି କହିବ ଯେ ମୁଁ ତୋର ଗାଈ ବାଛୁରୀ ଦେଖି ଯାଇପାରିବ ନାହିଁ ! ଘର ଚଳେଇବାରେ ବିଶୁ ଯେ ତାର ବଡ଼ ସହାୟକ । ତାକୁ ଖୁସି କରି ନ ରଖିଲେ କିମିତି ହେବ ?

ଏ କଥା ଭାବୁ ଭାବୁ, ବିଶୁକୁ ଉତ୍ସାହଦେବା ଉଦ୍ଦେଶ୍ୟରେ ପୋଥିପତ୍ର ରଖିଦେଇ ବାହାରି ଚାଲିଲା ଗୁହାଳଆଡ଼କୁ । ଚନ୍ଦ୍ରୀ ଗାଈର ସଦ୍ୟପ୍ରସୂତା ବଛୁରୀଟାକୁ ଦେଖିବା ନିମନ୍ତେ ସତେ ଯେପରି ସେ ଉଦ୍‌ଗ୍ରୀବ ହୋଇ ଅନେଇ ରହିଥିଲା । ଗୁହାଳ ପାଖକୁ ଠିଆହୋଇ ସ୍ୱର୍ଣ୍ଣ ଚାହିଁରହିଲା ଗାଈ-ବାଛୁରୀ ଆଡ଼କୁ । ବିଶୁ ବର୍ଣ୍ଣନା କରିଲାଗିଥିଲା କିମିତି ଅବିକଳ ତା ମାଆ ପରି ହୋଇଛି ବାଛୁରୀଟା । ମୁଣ୍ଡରେ ଚାନ୍ଦ ଅଛି । ଦମ୍ଭିଲା ଗୋଡ଼ । ଭଲ ବଳଦ ଗୋଟାଏ ହେବ, କଅଣ କହୁଛ ମାଆ !

ବିଶୁ ଏକଥା କହିଲାବେଳକୁ ସ୍ୱର୍ଣ୍ଣ ସ୍ମରଣ କରୁଥିଲା ଶ୍ୱଶୁରଙ୍କ ସାଙ୍ଗରେ 'ଶକୁନ୍ତଳା' ନାଟକ ଦେଖିଯିବା କଥା । ଓଃ କେତେକାଳର ଘଟଣା ହେଲାଣି ଆଜିକି । କିଏ ଲେଖିଥିଲା ସେ ନାଟକ । ମହାଭାରତର ଶକୁନ୍ତଳା ଉପାଖ୍ୟାନରେ ତ ଇମିତି ସୁନ୍ଦର ଚରିତ୍ର ଚିତ୍ରଣ ନାହିଁ । ସନ୍ତାନହୀନ ଶବରଜାତିର ସ୍ୱାମୀ-ସ୍ତ୍ରୀଙ୍କୁ ରଖିଛନ୍ତି ସେ ନାଟକ ଭିତରେ । ସେଇମାନେ ହିଁ ଶକୁନ୍ତଳାକୁ ଲାଳନ-ପାଳନ କରିଥିଲେ । ତା ନ ହୋଇଥିଲେ କଣ୍ୱଋଷି ଶକୁନ୍ତଳାକୁ ରଖିପାରିଥାନ୍ତେ କେଉଁଠି ? ପୁରାଣଗତ ଆଖ୍ୟାନକୁ ଆଶ୍ରୟ କରି ଲେଖିଲେ ଅନେକ କିଛି ମିଶେଇବା ଆବଶ୍ୟକ ହେବ । 'ବୁଦ୍ଧଙ୍କ ବନବାସ' ନାଟକ ଖଣ୍ଡିକ ମନ୍ଦ ହୋଇନାହିଁ । 'ମୋ କଥା', 'ନବଜନ୍ମ' ଆଉ ଥରେ ପଢ଼ି ଦେଖିବ ସେ ।

ବିଶୁ ବାଧାଦେଇ କହିଲା, ଦେଖିଲ, ମୁଁ ଏକାଥରକେ ପାସୋରି ଦେଉଛି । ଦଳା ପକେଇନି ହେ ମାଆ ଏତେବେଳ ହେଲା । ତମେ ଟିକିଏ ଦେଖୁଥା; ଯାଉଛି କାଲିପରି ଖଣ୍ଡେ ଧରି ପକେଇ ଆସିବି । ସେ ଆଡ଼େ ସନ୍ଧ୍ୟାବେଳ ହେଲାଣି । କାଠ ଚୁଲି ସବୁ ଚୁଲି ପାଖକୁ ରଖିଦେଇଛି । ଚୁଲିଟା ଜାଳି ଭାତ, ଡାଲି ବସେଇ ଦେବ ।

କୃତଜ୍ଞତାରେ ଭରିଗଲା ସ୍ୱର୍ଣ୍ଣର ମନ-ପ୍ରାଣ ସବୁ । ସେ ଘର ଆଡ଼କୁ ଅଗ୍ରସର ହେଉ ହେଉ କହିଲା, ହଁ

ରେ ବଶୁ ! ବାବୁ ଏଇକ୍ଷଣି ଆସିଯିବେ । ଉଦ୍ଧାକଥା ଯେ ମୋର ମନେ ନ ଥିଲା । ଯାଉଛି ରାନ୍ଧିବି । ତୁ ଯାଇ କାଳପତ୍ର ଆଣିଯିବୁ ଯା । ଚୂଲୀ ଜାଳଦେଇ ଆସିବି, ଆଜ ଥରେ ତୋର ଗାଈ-ବାଛୁରୀଙ୍କୁ ଦେଖିଯିବି ।

ସେଦିନର ତିଥି ଥିଲା—ଆଶ୍ୱିନମାସର ଶୁକ୍ଳ-ଏକାଦଶୀ । ଦଶହରା ଯାଇଥିଲା ତା’ ପୂର୍ବଦିନ । ଶାଶୁ ଯେମିତି ନିୟମରେ ଯେତେପ୍ରକାରର ପିଠା କ୍ଷୀରି କରି ପୂଜ କରନ୍ତି, ସ୍ୱର୍ଣ୍ଣ ସେଇ ରୀତିରେ ହିଁ ସକାଳବେଳା ଦୁର୍ଗାପୂଜା, ସନ୍ଧ୍ୟାସମସ୍ତକୁ ସମ୍ପନ୍ନ କରିଥିଲେ ସୋମନାଥ ପୂଜା । ସାହିପଡ଼ିଶା, ଧୋବା, ଭଣ୍ଡାରି, ଯାହାଙ୍କୁ ଯେମିତି ଦେବା କଥା, ପୂଜାସାମଗ୍ରିରୁ ବାଣ୍ଟିକୁଣ୍ଟି ଦେଇଥିଲା । ପୁଣି ପରଦିନ ସକାଳବେଳେ ବାକି ଯାହା ଥିଲା, ସବୁ ଦିଆନିଆ କରିଦେଇ ଆସି ବସିଥିଲା ସେ । ମନେପଡ଼ିଗଲା ଶ୍ୱଶୁରଙ୍କ କଥା । ଦ୍ରଷ୍ଟା ଥିଲେ ସେ । ସବୁ କଥା ଦେଖି-ଶୁଣି ପାରୁଥିଲେ କେବେ ବି ଦେଖି ନଶୁଣି । ସ୍ୱର୍ଣ୍ଣକୁ ପାଖରେ ବସେଇ ଗପୁରନ୍ତି ମାମୁଁ-ମାଇଁଙ୍କ କଥା । ପଦେ କଥାରୁ ବୁଝିଯାଆନ୍ତି ସେ ଦିନ ଦିନକର ଘଟଣା । କେଉଁଠାରୁ ଆଣି କେଉଁଠି ବସେଇ ଦେଇଥିଲେ ଶ୍ୱଶୁର ତାଙ୍କୁ ! ବିବାହ ପରେ ଏତେ ବଡ଼ ଗୋଟାଏ ଘଟଣା ଘଟିଗଲା ନିମିଷକରେ । ତା ପରେ ପୁଣି ଛାଡ଼ି ଆସିଲେ ଘରକୁ । ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, ପଲାସପୁର ଗାଁ, ବ୍ରାହ୍ମଣସାହିର ସ୍ତ୍ରୀ ପୁରୁଷ ସମସ୍ତେ । କଅଣ କଲେ ସତେ ମାଧବ ମିଶ୍ରେ ! କିଏ ଜାଣିଛି ସ୍ୱର୍ଣ୍ଣ ବ୍ରାହ୍ମଣକନ୍ୟା ବୋଲି ? ସାହିର ସୁନ୍ଦରୀ ଗୃହିଣୀମାନେ ବୋହୂକୁ ଦେଖିବାକୁ ଆସିଲେ ଅନେକ ଦିନ ପର୍ଯ୍ୟନ୍ତ ତିନି ଚାରିଜଣ ଏକାଠି ହୋଇ । ବିମଳା ଦେବୀଙ୍କ ହିତୈଷିଣୀ ବାନ୍ଧବୀମାନେ ବିମଳାଙ୍କୁ ସାନ୍ତ୍ୱନା ଦେଲେ, ସ୍ୱର୍ଣ୍ଣର ଅନୁପସ୍ଥିତିରେ । କେତେ ଦୁଃଖ, କେତେ ବାର-ବ୍ରତ କରି ଗୋଟିଏ ବୋଲି ପୁଅ ହୋଇଥିଲା । କାହିଁ କେଉଁଠୁ ପାନ-ମଣ୍ଡୀ ଘରୁ କନ୍ୟାଟିଏ ଆଣିଥାଆନ୍ତେ । ଏଁ, କେତେ ସୁନାସମ୍ପଦ ଭରିଯାଇଥାନ୍ତା ଘରେ । ସୁନ୍ଦରପଣରୁ କଣ ଖାଇବ ? କୁଳକନ୍ୟା କି କାଳିଆ, ଖର୍ପାଣି କି ଗୋଲିଆ । ଏ କଥାରେ ତ ଆମର ବିଶ୍ୱାସ ଅଛି । ଇମିତି କେତେପ୍ରକାର ମନ୍ତବ୍ୟ ନିତି ନୂଆଭାବରେ ଶୁଣିବାକୁ ହେଲା ବିମଳାଙ୍କୁ । ସ୍ୱାମୀ ପାଖରେ ବିରକ୍ତି ପ୍ରକାଶ କରିବା ଛଡ଼ା ଅନ୍ୟ କୌଣସି ପ୍ରତିକାର କରିବା ଶକ୍ତି ନ ଥିଲା ତାଙ୍କର । ତା ଛଡ଼ା ସ୍ୱର୍ଣ୍ଣ ଘରକୁ ଆସୁ ଆସୁ ସକାଳୁ ବିଛଣା ଛାଡ଼ିବାଠାରୁ ରାତିରେ ପୁଣି ବିଛଣାରେ ପଡ଼ିଯିବା ପର୍ଯ୍ୟନ୍ତ ଇମିତି କର୍ମନୈପୁଣ୍ୟ ଦେଖେଇଲା ଯେ ବିମଳାଙ୍କ ପରି ଖୁଣବାଛୁବା ମନୁଷ୍ୟ ମଧ୍ୟ ମନେ ମନେ ତୃପ୍ତ ହେବାକୁ ବାଧ୍ୟହେଲେ । ଶ୍ୱଶୁର କହନ୍ତି, ତୁମ ଭାଗ୍ୟ ଭଲ ପରମ ବୋଉ ! ତୁମର ସାଥୀ-ସଙ୍ଗାତୁଣୀମାନେ ସିନା କହୁଛନ୍ତି, ପାନମଣ୍ଡୀ ଘରୁ କନ୍ୟାଟିଏ ଆଣିଥାଆନ୍ତ ବୋଲି; କିନ୍ତୁ କି ସମ୍ପଦ ଦେଇ ତୁମେ ତାଙ୍କୁ ତୃପ୍ତ କରିପାରନ୍ତ ? ଆଜି ପର୍ଯ୍ୟନ୍ତ ତ ତୁମେ ଦେବତା ପୂଜାକରିବା ଜାଣିଥିଲ । ଟଙ୍କାପଇସା ତ ରଖିଜାଣଁ । ଧନକନ୍ୟା ତୁମ ପାଖରେ କଣ ନେଇ ରହନ୍ତା ? ସ୍ୱର୍ଣ୍ଣ ସେବାପୂଜା କରିବା ଜାଣିଛି । ଦୁଃଖ ଯେ ସହିଛି, ସେ କେବେ କାହା ମନରେ ଦୁଃଖ ଦେବନାହିଁ ପରମ ବୋଉ ! ସୁଖୀକୁ ଆହୁରି ସୁଖଦେବାର ଆନନ୍ଦ ନାହିଁ । ଦୁଃଖୀକୁ ସାନ୍ତ୍ୱନା ଦେବା ହିଁ ମନୁଷ୍ୟର ଧର୍ମ । ଆଉ ସେଥିରେ ଥାଏ ଗୋଟାଏ ଗଭୀର ଆନନ୍ଦ ।

ସ୍ୱର୍ଣ୍ଣ ଶାଶୁଙ୍କ ପାଖରେ ହିଁ ଶୁଏ ସେଇ ବିବାହଦିନଠାରୁ । ଶାଶୁ ଶୋଇଥିବେ, ସେ ଉଠିଯାଏ ନିଃଶବ୍ଦରେ । ଘର ଓଳେଇ ଆଣି ଗାଧୋଇ ଆସେ । ପ୍ରଥମେ ପ୍ରଥମେ ଭୟ ହେଉଥିଲା, ଶାଶୁ କଅଣ କେତେବେଳେ କହିଦେବେ ବୋଲି । କ୍ରମଶଃ ସେ ଭୟ ଛାଡ଼ିଆସିଲା । ଗାଧୋଇ ଆସି ଶାଶୁଙ୍କର ପୂଜାଘରେ ଫୁଲ-ତୁଳସୀ ରଖିଦିଏ । ପୂଜାଘରଟି ଝାଡ଼ିପୋଛି ସୁନ୍ଦର କରିଦିଏ । ଶାଶୁ ଉଠି ଆସୁ ଆସୁ ଦାନ୍ତକାଠି ପାଣି ରଖିଦିଏ ବାରଣ୍ଡାର ଖମ୍ବ ପାଖକୁ । ଶୀତ, ବର୍ଷା ଦିନରେ ଗରମ ପାଣି ହାଣ୍ଡିଏ ନେଇ ରଖିଦିଏ କୂଅ ପାଖର ଗାଧୁଆ ଘରେ । ବୟସ ତାର ବଢ଼ିବା ସଙ୍ଗେ ସଙ୍ଗେ ଶାଶୁ ଶ୍ୱଶୁରଙ୍କ ସେବାକାର୍ଯ୍ୟ ମଧ୍ୟ ବୃଦ୍ଧିପାଉଥିଲା

ଧୀରେ ଧୀରେ । ଶାଶୁ ସ୍ନାନ କରି ଆସୁ ଆସୁ ଲୁଗାଟି ଧୋଇ ଶୁଖେଇ ଦିଏ । ସତରେ, ଦି' ପହରେ ଶାଶୂ ବଡ଼ଶାଳୁ ଫିବା ସଙ୍ଗେ ସଙ୍ଗେ ତେଲଶିଶି ଧରି ବସିପଡ଼େ ତାଙ୍କ ପାଦପାଖକୁ ସ୍ୱର୍ଣ୍ଣ । ସେପେଇ କରିବାରେ ହାତ ତାର ସିଦ୍ଧ । ଶାଶୁଙ୍କର ଆଦେଶରୁ ଭଳେଦେଲେ ଏଣିକି ତେଣିକି ନ କରି ରାନ୍ଧିରଖେ । ଶ୍ୱଶୁର କଅଣ ଖାଇବେ, କଅଣ ଖାଇବାକୁ ଭଲ ପାଆନ୍ତି, ଶାଶୂ ପୂଜାଘରେ ବସିଗଲେ ସେ ତାଙ୍କୁ ଅପେକ୍ଷା ନ କରି ଶ୍ୱଶୁରଙ୍କୁ ତାଙ୍କ ଭାତ ବାଢ଼ିଦିଏ । ପରମାନନ୍ଦଙ୍କୁ ସେ କେବେ ଦେଖାଦିଏନାହିଁ । ପୂଜାଘରକୁ ଯିବାପୂର୍ବରୁ ପୁଅକୁ ଖାଇବାକୁ ଦେଇଯିବେ ବୋଉ । ପୁଣି ପୂଜାରୁ ଆସିଲେ ମାଆ-ପୁଅ ବସିବେ ଭୋଜନରେ । ମାସକୁ ତିରିଶ ଦିନ କୌଣସି ନାଁ କୌଣସି ଦେବଦେବୀଙ୍କ ଭୋଗ ଯୋଗାଡ଼ କାମ ଥିବ ନିଶ୍ଚୟ ।

ଅଗ୍ରତର କଥା । ବୈଶାଖମାସର ଦ୍ୱିପ୍ରହର । ସ୍ୱର୍ଣ୍ଣ ପେଷଣୀ ଖାଖରେ ବସି ବରି-ଖୁଡ଼ିଲ ପେଷୁଥିଲା । ତକୁଳ ହେବ । ସନ୍ଧ୍ୟାବେଳକୁ ଖାଇବେ । ବିମଳା-ଦେବୀ ଶୋଇପଡ଼ିଥିଲେ ମଧ୍ୟାହ୍ନ-ଭୋଜନ ପରେ । ପରମାନନ୍ଦ ଦାଣ୍ଡଘରେ ଶୋଇଥିବେ ବା କଅଣ । ମାଧବ ମିଶ୍ରେ ଶୋଇବାଘରୁ ବାହାରି ଦେଖିଲେ କେହି କେଉଁଠି ନାହିଁ । ସେପେଇଘର ବାରଣ୍ଡାରେ ବସି ସ୍ୱର୍ଣ୍ଣ ବରି-ଖୁଡ଼ିଲ ପେଷୁଛି । ଆକସ୍ମିକ ଭାବରେ ଶ୍ୱଶୁରଙ୍କୁ ଦେଖି ଓଢ଼ଣୀଟାକୁ ଟାଣି ଦେଇ ସଙ୍କୁଚିତ ହୋଇ ବସିଗଲା ସ୍ୱର୍ଣ୍ଣ । ସେଆଡ଼କୁ ଲକ୍ଷ୍ୟ ନ କରି ଶ୍ୱଶୁର କହିଲେ, ସ୍ୱର୍ଣ୍ଣମାଆ କାହିଁକି ମୋର ଇଚ୍ଛାହେଉଛି, ତୁ ମହାଭାରତ ପଢ଼ିବୁ; ଆଉ ମୁଁ ଶୁଣିବି । ସ୍ୱର୍ଣ୍ଣ ବିସ୍ମୟ-ବିହ୍ୱଳ ହୋଇ ଚାହିଁଲା ଶ୍ୱଶୁରଙ୍କ ମୁହଁକୁ । ଶ୍ୱଶୁର କହିଲେ, ଆଉ ସେ ଘରିକଟା ପରେ ହେବ, ନ ହେଲେ ଈଶ୍ୱର ଆସିଲେ ବାଟିଦେବ ।

ସ୍ୱର୍ଣ୍ଣ ଆବେଗରେ କହିଁ କହିଲା, ବାପା ! ମୁଁ ତ ଅକ୍ଷର ଜାଣିନାହିଁ, ମହାଭାରତ ପଢ଼ିବି କଅଣ ? ଆଖି ଦୁଇଟି ତା'ର ସଜଳ ହୋଇଗଲା ବୋଧହୁଏ ।

"ଅକ୍ଷର ଜାଣିନୁ ! ତାହାହେଲେ ତ ମୋର ବହୁଁ ଭୁଲ ହୋଇଛି, ସ୍ୱର୍ଣ୍ଣମାଆ ! ପ୍ରାୟ ବର୍ଷେ ହେଲା ଘରକୁ ଆସିଲୁଣି । ତତେ କେବଳ ଦାସୀ କରି ଘରେ ରଖିଛି । ଉଠିଆସ ସ୍ୱର୍ଣ୍ଣମାଆ ! ଆଜି ହିଁ ତୋର ବିଦ୍ୟା ଆରମ୍ଭ ହେବ । ଆହା, କଅଣ ହେଲା ସତରେ ଗୋଟାଏ ବର୍ଷ, ଘର୍ଘ ତିନଶ ପଞ୍ଚଷଠି ଦିନ ବୃଥାରେ ବହିଥିଲା । ସ୍ୱର୍ଣ୍ଣ ଚଞ୍ଚଳ ଚଞ୍ଚଳ ହାତ ବୁଲେଇ ବରି, ଖୁଡ଼ିଲବଟାଗୁଡ଼ିକ ରଖିଦେଲା କଡ଼େଇରେ । ସେ ଦିନଟା ଆଜି ଆଉ ନାହିଁ । କେଉଁକାଳରୁ ମିଶି ଗଲାଣି ଅଜ୍ଞାତରେ ।

ଶ୍ଳେଟପଟା ଖଣ୍ଡିକ କାନ୍ଥରେ ଝୁଲୁଛି ଶ୍ୱଶୁରଙ୍କ ସ୍ନେହର ପ୍ରତୀକରୂପେ । ଏଇ ଖଣ୍ଡିକରେ ହିଁ ଶ୍ୱଶୁର ଲେଖିଦେଇଥିଲେ 'ଶ୍ରୀ' ଅକ୍ଷର । ସେଇ ଅକ୍ଷର ଉପରେ ଖଡ଼ି ବୁଲେଇ ନେଇ ଅକ୍ଷର ରଜ ଉଠେଇ ଆଣି ବୋଲି ଦେଇଥିଲା ସୀମନ୍ତରେ ସ୍ୱର୍ଣ୍ଣ । ସେ ଶ୍ରୀ-ଅକ୍ଷରଟି ଆଜ ଅକ୍ଷୟ ହୋଇ ରହିଛି, ବାଣୀମାତାଙ୍କ ମୂର୍ତ୍ତିଧରି । ଯେଉଁ ଜ୍ଞାନ-ବୀଜଟି ତୁମର ଅନ୍ତର-ଉଦ୍ୟାନରେ ରୋପଣ କରିଦେଇ ଯାଇଛନ୍ତି, ସେ ସେ ବର୍ତ୍ତମାନ ଅଙ୍କୁରିତ, ପଲ୍ଲବିତ ହୋଇ ପୁଷ୍ପସମ୍ଭାରରେ ଅବନତ ହେବାକୁ ବସିଲାଣି । ଆଜ ଯଦି ଶ୍ୱଶୁର ଜୀବିତ ଥାଆନ୍ତେ, କି ଗଭୀର ଆନନ୍ଦରେ ଅଧୀର ହୋଇ ଉଠନ୍ତେ ସେ ତାର ଏ ନାଟକଗୁଡ଼ିକ ଦେଖିଲେ । ପ୍ରଥମଦିନ ଅକ୍ଷରଲେଖା ଆରମ୍ଭକରି କ୍ରମେ ତାକୁ ପଢ଼େଇ ଦେଇଥିଲେ କେଶବ-କୋଇଲି । ତା ପରେ ଗୋପୀଭାଷା, ଗୁଣସାଗର । "କୃଷ୍ଣକଥା ଶୁଣ ଗୋପୀ ସକଳ; ଗୁଣ ସୁମରି ହୁଅନ୍ତି ବିକଳ ।" ନାରପୁଣୀର ଶୋଇବାଘର ଅଣଓସାରିଆ ପିଣ୍ଡାରେ ବସି ଗାଏ ବିଶ୍ୱମ୍ଭର । ସ୍ୱର୍ଣ୍ଣ ଘରୁ ବାହାରି ଯାଇ ଆସି ବାରଣ୍ଡାର କାଉଁଶ-ଖମ୍ବକୁ ଆଉଜି ଠିଆହୁଏ । କାହାର ଗୁଣ ସ୍ମରଣକରି କିଏ କେଉଁଠି ବିକଳ ହେଉଛି, କିଏ ଜାଣେ ? କିନ୍ତୁ ବିକଳ କେହି ଜଣେ ହେଉଛି । ତାର ସେ ବ୍ୟାକୁଳତା ଶେଷ ହେଉ-ନାହିଁ । ସେ ବାଉଁଶ ଖୁଣ୍ଟିଟାକୁ ଜାବୁଡ଼ି ଧରି କାନ୍ଦଉଠେ ନିଃଶବ୍ଦରେ ।

ଶ୍ୱଶୁର କହନ୍ତି, "ସକଳ ତୀର୍ଥ ତୋ ଚରଣେ; ବନ୍ଦି କା ଯିବୁ କ କାରଣେ ।" ଏ କଥାର ଗୂଢ଼ ଅର୍ଥ ତ ସେ ଆଜିପର୍ଯ୍ୟନ୍ତ ବୁଝି ପାରି ନ ଥିଲା । ବର୍ତ୍ତମାନ କବିଙ୍କ ହୃଦୟ ସହିତ ତା'ର ହୃଦୟ ମିଶିଯାଇଛି । ଚରଣ ବନ୍ଦନା ଭିତରେ ହିଁ ସବୁ ତୀର୍ଥ ରହିଛି । ଏକଥା ସେ ବୁଝିପାରିଛି ଆଜି । ଯୁଗଯୁଗର ଅଜ୍ଞାନ ଅନ୍ଧକାର ଦୂର ହୋଇଯାଇଛି ଆଖି ପଲକରେ । କାହାର ବର ପ୍ରଭାବରେ ଆଜି ଅନ୍ତରରାଜ୍ୟ ହୋଇ ଯାଇଛି ଆଲୋକମୟ । ଶ୍ୱଶୁର ବାରମ୍ବାର କହି କହନ୍ତି, ବିଦ୍ୟାଦାନ ମହାଦାନ । ଜଣେ ବ୍ୟକ୍ତିକୁ ଅନ୍ଧକାର ଭିତରୁ ଆଣି ଆଲୋକ ଦେଖାଇଦେବା ପରି ମହତ୍ କର୍ମ ଆଉ କେଉଁ କର୍ମ ବା ହୋଇପାରେ ! କି ମହାସମ୍ପଦ ଦେଇ ଯାଇଛନ୍ତି ଶ୍ୱଶୁର ତା ହାତରେ ! ସ୍ୱର୍ଣ୍ଣର ଅନ୍ତଃକରଣରେ ଦେଇଥିବା ସେଇ ଶକ୍ତି ଟାଣି ଆଣୁଛି ବାହାରର ଶକ୍ତିକୁ; ଶକ୍ତି ହିଁ ଶକ୍ତିକୁ ଆକର୍ଷଣ କରେ । ସ୍ୱର୍ଣ୍ଣର କର୍ମସାଧନାଶକ୍ତି ଆକର୍ଷଣ କରିଥିଲା ସ୍ୱର୍ଣ୍ଣର ଶ୍ୱଶୁରଙ୍କୁ । ଉପଯୁକ୍ତ ଶିକ୍ଷା ପାଇ ବିଦ୍ୟାଦାନର ଆନନ୍ଦରେ ସେ ଭୁଲିଯାଇଥିଲେ ଆପଣା ଜୀବନର ସକଳ ଅଶାନ୍ତି, ସକଳ ଅତୃପ୍ତି । ସ୍ୱର୍ଣ୍ଣ ଆଜି ସନ୍ଧ୍ୟାରେ ଦେଇଥିବା ପାଠ କାଲି ସକାଳକୁ ଆଣି ଶୁଣେଇ ଦିଏ ଶ୍ୱଶୁରଙ୍କୁ । ସପ୍ତାହ ଗୋଟାଏ ଭିତରେ ସେ ସବୁଗୁଡ଼ିକ ଅକ୍ଷର ଲେଖିବା-ପଢ଼ିବା ଶିଖିନେଲା ଅକ୍ଳେଶରେ । ବନାନ ଶିକ୍ଷା ଆରମ୍ଭରେ ଶ୍ୱଶୁର ତାକୁ ତାକୁ ଲେଖି ରଖିଦେଉଥିଲେ ସେ ଶ୍ରୁତିଲିଖନଗୁଡ଼ିକ । କେଶବ କୋଇଲି ସ୍ୱର ଧରି ପଢ଼ୁ ପଢ଼ୁ ଆଖିରୁ ତାର ଝରିପଡ଼ୁଥିଲା କରୁଣାର ରସଧାରା ।

ଅଦୂରର ପୋଷ୍ଟ ଅଫିସ ଘଣ୍ଟାରେ ଢାଇଁ ଢାଇଁ କରି ନଅଟା ବାଜିଗଲା । ସ୍ୱର୍ଣ୍ଣ ଚମକି ଉଠି ଚାହିଁଲା, ଆଶ୍ୱିନ ମାସର ପ୍ରଖର ସୂର୍ଯ୍ୟାଲୋକରେ ଆଲୋକମୟ ଦିଶୁଛି ଆକାଶ ଆଉ ଅବନୀ । ଏତେବେଳଯାଏ ବୋଧହୁଏ ସେ ଆଉକୁ ନ ଚାହିଁ ଆଖି ମୁଦି ଚିନ୍ତା କରୁଥିଲା ଆପଣାର ଅତୀତ ଇତିହାସ ସମ୍ବନ୍ଧରେ । ସେ ବାରଣ୍ଡାର ବେଞ୍ଚ ଉପରୁ ଉଠିଯାଇ ପୂଜାଘର ଦୁଆର ଖୋଲି ଦେଖିଲା, ସନ୍ଧ୍ୟାବେଳେ ପୂଜାକରି ରଖିଦେଇଥିବା ଥାଳିଟାରୁ ମୂଷା ଆସି ପିଠା-ଖିରି ଖାଇଯାଇଛି । ପୁଣି କେତୋଟା ପିଠା ଘୋଷାଡ଼ି ଘୋଷାଡ଼ି ନେଇ ରଖିଦେଇଛି, ଖଟୁଲିର ପ୍ରତିମାଗୁଡ଼ିକ ଉପରେ । ସ୍ୱର୍ଣ୍ଣ ସ୍ତବଧ ହୋଇ ଚାହିଁ ରହିଲା ଦେବତା-ମୂର୍ତ୍ତି ଆଡ଼କୁ । ବିଶୁ ସ୍ୱର୍ଣ୍ଣର ପଛ ପାଖରୁ କହିଲା, ଏତେ ଡାକୁଛି, ତମେ ତ ଶୁଣୁନ ମାଆ ! କେତେବେଳ ହେଲାଣି ! ଭଡ଼ାବଡ଼ା କିଛି ହେଇ ନ ।

ସ୍ୱର୍ଣ୍ଣ ପଛକୁ ଫେରିଚାହିଁ କହିଲା, ଇମିତି ତ ସବୁ ଦିନେ ଡେରି ହୋଇଯାଉଛି ବିଶୁ ! ମନେହେଉଛି, ମୁଁ ଆଉ ରାନ୍ଧିବା କାମ କରିପାରିବ ନାହିଁ । ଆଜିଠୁ ତୁ ରାନ୍ଧେ ବିଶୁ ! ଅନେକଦିନ ହେଲା ମନ ଭିତରେ ଯେଉଁ କଥାଟି ରହିଥିଲା, ଆଜି ସ୍ପଷ୍ଟହୋଇ ବାହାରି ପଡ଼ୁଛି ମୋ ମୁହଁରୁ । ତୁ ରାନ୍ଧିବାଢ଼ି ମତେ ଡାକନ୍ତୁ ଖାଇବା-ପାଇଁ । ମୁଁ ପୋଥିପତ୍ର ରଖିଦେଇ ଆସି ବସିଯିବି ପିଢ଼ା ଉପରେ । ଆମର ଭାଗବତବାଣୀ ଅଛି, "ଏ ମନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା ।" ଯା, ବିଶୁ ଚୁଲି ଜାଳି ଭାତଡାଲି ବସେଇ ଦେବୁ — ।"

"ମୁଁ ରାନ୍ଧିଲେ ତମେ ଖାଇବ କି ମାଆ, ମୁଁ ଯେ ଜାତିରେ ଗଉଡ଼ । ଘରେ ମହାପ୍ରଭୁ ଅଛନ୍ତି; ମୋ ହାତର ରନ୍ଧା ପୂଜା ହେବ କି ?"

"ତୋର ରନ୍ଧା ଭାତ ପୂଜା ହେବନାହିଁ କାହିଁକି, ତମ ଘରେ ତୋ ମାଆ ରାନ୍ଧିଲେ ପୂଜା ହେଉ ନାହିଁ କରେ ? ତମ ଘର ଦେବତା, ଆମ ଘର ଦେବତା ଭିତରେ କିଛି ଭିନ୍ନାଭିନ୍ନ ଅଛି କି ବିଶୁ ?"

"ହେଲେ ମଧ୍ୟ ମାଆ, ଗଉଡ଼ ଜାତିରେ ତ ଜନ୍ମ ହେଇଚି ।"

ଗଉଡ଼ ଜାତି ବୋଲି ଈଶ୍ୱର ସୃଷ୍ଟିରେ କେଉଁଠି ଅଛି କି ରେ ବିଶୁ ! ଆମେ ସମସ୍ତେ ମନୁଷ୍ୟଜାତି । ଆମେ ଯେ ଯିମିତି ପାରିଲୁ ଭିନ୍ନ ଭିନ୍ନ କାର୍ଯ୍ୟ କରୁଛେ ବୋଲି କେହି ଜଣେ ବୁଦ୍ଧିଆ ଲୋକ ଆମକୁ ସବୁ ନାମ ଦେଇଛନ୍ତି । ଗଉଡ଼ ବୋଲି ମନ ଖଣ୍ଡ କରିବାକୁ

କିଏ ଅଛି ରେ ? ଗଉଡ଼ଘରେ ପୋଷିଆଁ ପୁଅ ହୋଇ ରହିଥିଲେ ବସୁଦେବଙ୍କ ପୁଅ ଶ୍ରୀକୃଷ୍ଣ । ସପ୍ତଲୋକର ଈଶ୍ୱର ହେଲେ ସେ । ଏସବୁ ବିଷୟରେ ଧୀରେ ଧୀରେ ତତେ ଭଲକରି ବୁଝେଇଦେବି ।

ବିଶୁକୁ ସେତେବେଳେ କହିବା ନିମନ୍ତେ ପଠେଇ ଦେଇ ସ୍ୱର୍ଣ୍ଣ ପ୍ରବେଶ କଲା ପୂଜାଘରକୁ । ପିଢ଼ା ଉପରେ ବସି କାଠ ତିଆରି ଲକ୍ଷ୍ମୀନାରାୟଣ ମୂର୍ତ୍ତି ଦୁଇଟି ଆଡ଼କୁ ଅନେଇଲା ସେ । ଅନ୍ୟ ସବୁଗୁଡ଼ିକ ମୂର୍ତ୍ତି ତଳେପଡ଼ିଛନ୍ତି ଖଟୁଲି ଉପରେ । କାକରା ପିଠାରୁ ଟୋକାଏ ରହିଛି ଗୋଟିଏ ମୂର୍ତ୍ତି ଉପରେ । ଶାଳଗ୍ରାମଶିଳାଗୁଡ଼ିକ ଉପରେ କ୍ଷୀରଛିଟା ଛିଟା ପଡ଼ିଛି ଛିଟି ଛିଟି ହୋଇ । ଗଣେଶମୂର୍ତ୍ତି ଆଉଜେଇ ପଡ଼ିଛନ୍ତି ଖଟୁଲି ତଳକୁ । ରାଧାକୃଷ୍ଣଙ୍କର ପିତଳ ମୂର୍ତ୍ତି ଦୁଇଟିରେ ମୂଷା ବୋଧହୁଏ ତା' ଲାଙ୍ଗୁଳରେ ନେଇ କ୍ଷୀର ବୋଳିଦେଇଛି । ଇମିତି ଅବସ୍ଥା ସ୍ୱର୍ଣ୍ଣ ତା ଜୀବନରେ ବହୁବାର ଦେଖିଥିଲା । ସେଦିନ କାହିଁକି କେଜାଣି ଆକସ୍ମିକ ଭାବରେ ମୂର୍ତ୍ତିଗୁଡ଼ିକ ପ୍ରତି ତା'ର କିମିତି ଗୋଟାଏ ଭକ୍ତିପ୍ରାଣଭାବ ଜାଗ୍ରତ ହୋଇ ଉଠିଲା । ସେ ଦେବଦେବୀଗୁଡ଼ିକୁ 'ବିନା ମନ୍ତ୍ରରେ ଧୋଇଧାଇ ଆଉ ଖଣ୍ଡିଏ ଖଣ୍ଡିଏ ରଙ୍ଗିନ୍ କନା ପିନ୍ଧେଇଦେଲା । ଦେଖିଲା, ଫୁଲ ତୋଳି ଆଣିନାହିଁ ସେଦିନ ସେ । ଫୁଲ ତୋଳି ଆଣିବାକୁ ଉଠିଯାଉଥିଲା; ମନେ ପଡ଼ିଗଲା ଅପର ଚିନ୍ତା, ଗୋପୀଭାଷା, ଗୁଣସାଗର ପଢ଼ୁ ପଢ଼ୁ ଶ୍ୱଶୁର ଗୋଟି ଗୋଟି କରି ପଢ଼େଇ ଦେଇଥିଲେ ସବୁ ପୁରାଣ । ସେଗୁଡ଼ିକ ସେ ଏପର୍ଯ୍ୟନ୍ତ ବାରମ୍ବାର କରି ପଢ଼ିଛି, କିନ୍ତୁ ଇମିତି ଗୋଟାଏ ଚେତନା ତ କେବେ କାହିଁ ତା ହୃଦୟ ଭିତରେ ଦେଖା ଦେଇ ନ ଥିଲା ! ଶ୍ୱଶୁର ତା'ର ଗୀତା ପଢ଼େଇ ଦେଉଦେଉ ଅଠର ଅଧ୍ୟାୟର ଛଅଷଠୀ ଶ୍ଳୋକଟିକୁ ବହୁବାର ପଢ଼େଇଥିଲେ । କାହିଁ, କେଉଁଦିନ ତ ଇମିତି ପ୍ରତ୍ୟେକ ପଦଟି ଏତେ ଗଭୀର ଭାବରେ ଅନୁଭବ କରି ନ ଥିଲା ସେ । ମନୁଷ୍ୟର ବିଶ୍ୱାସଧାରାର ଏ ସୂକ୍ଷ୍ମତତ୍ତ୍ୱ ପ୍ରକାଶ ପାଇଛି ଅବ୍ୟକ୍ତ ଅନିର୍ବଚନୀୟ ରୂପ ଧରି । ଯୁଧିଷ୍ଠିର ଏଇ କଥାଟି ଜାଣିଥିଲେ ବୋଲି ହିଁ ଧର୍ମବକକୁ ନିଶ୍ଚିତ ଉତ୍ତର ଦେଇପାରିଥିଲେ । ସେଇ ଗୋଟିଏ ବାକ୍ୟ "ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାମ୍"ରେ ଯୁଗ ଯୁଗର ଜଟିଳ ଚିନ୍ତାରୁ ମନୁଷ୍ୟକୁ ମୁକ୍ତ କରିଦେଇଛନ୍ତି । ସକଳ ଧର୍ମ ପରିତ୍ୟାଗ କରି କେବଳ ତାଙ୍କର ପଦତଳେ ହିଁ ଶରଣାଗତ ହୋଇଯିବାକୁ ହେବ; କିନ୍ତୁ ସେ କିଏ ? ସେ ତ ଏ ସମସ୍ତ ପ୍ରତିମା ଭିତରେ ନାହାନ୍ତି । ସହସା ତାର ମନେହେଲା, ଶାଶୂ ତାର ସମ୍ମୁଖରେ ଠିଆହୋଇ ଭ୍ରୂ-କୁଞ୍ଚିତ କରି କହୁଛନ୍ତି, "ଉତ୍ତରସିବା ପରରୁ ତତେ ମୁଁ ଗୋଟେଇ ଆଣିଥିଲି, ଜଗନ୍ନାଥଙ୍କ ଦେଉଳ ବେଢ଼ାରୁ । ତୁ ଏବେ ମୋ କାର୍ଯ୍ୟକୁ ଭିନ୍ନ ଦୃଷ୍ଟିରେ ଦେଖୁଛୁ !" ସ୍ୱର୍ଣ୍ଣର ମନ ହୋଇ ଉଠିଲା ଚଞ୍ଚଳ । ନା, ନା, ଏ କଥା କରିପାରିବ ନାହିଁ ସେ । ଆଜି ପର୍ଯ୍ୟନ୍ତ ଯାହା କରିଆସିଛି, ଯାହା କରିବାକୁ ଶାଶୂ ତାର ନିର୍ଦ୍ଦେଶ ଦେଇଛନ୍ତି, ତାହା ହିଁ ସେ କରିବ ଜୀବନର ଶେଷଦିନ ପର୍ଯ୍ୟନ୍ତ । ଦୃଢ଼ ବିଶ୍ୱାସ ରଖି ପୂଜାଅର୍ଚ୍ଚନା କରିବାକୁ ହେବ ତାକୁ । ତେବେ ଶାଶୂ କରୁଥିଲେ ବୋଲି ମୁଁ କରିବି ଏ ସବୁ କଅଣ ବାହାର ଆଚରଣ ନୁହେଁ ? ଶ୍ୱଶୁର କହନ୍ତି, ବାହାର ଅବସ୍ଥା ବିଶୁଦ୍ଧ ରହିଲେ ମନପ୍ରାଣ ହୋଇଯାଏ ଭକ୍ତିରସରେ ସିକ୍ତ । ତେଣୁ ହିଁ ପ୍ରତିମାପୂଜାର ଆବଶ୍ୟକତା । ପରମେଶ୍ୱର ସର୍ବତ୍ର ଅଛନ୍ତି । ସର୍ବତ୍ର କିମିତି ଅଛନ୍ତି, ଏ ଉକ୍ତିଟି ଅତି ବ୍ୟାପକ ଏବଂ ତତ୍ତ୍ୱପୂର୍ଣ୍ଣ । ମନୁଷ୍ୟର ପ୍ରାଣରେ ଯେଉଁ ସମୟରେ ପରିପୂର୍ଣ୍ଣ ଜ୍ଞାନ ସଞ୍ଚାର ହୋଇଯାଏ, ସେ ସମୟରେ ସେ ଭଗବାନଙ୍କୁ ନ ଜାଣି ମଧ୍ୟ ଜାଣେ, ନ ଦେଖି ମଧ୍ୟ ଦେଖିପାରେ । ତାଙ୍କର ମହିମା-କୀର୍ତ୍ତନ କରି ମନେକରେ, ସେ ତା ହୃଦୟ ଭିତରୁ ଆବିଷ୍କାର କରିଛି ପରଂବ୍ରହ୍ମଙ୍କୁ । ବ୍ୟାସଦେବ ପରଂବ୍ରହ୍ମଙ୍କୁ ସେଇ ଭାବରେ ହିଁ ଦେଖିପାରିଥିଲେ ବୋଲି, ଦୃଢ଼ କଣ୍ଠରେ ଘୋଷଣା କରି କହିଲେ, "ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚଃ ।" କିନ୍ତୁ ଏ ଶ୍ଳୋକର ଅର୍ଥ କେତେଜଣ ଅନୁଭବ କରୁଛନ୍ତି ? ଧର୍ମ ଅଧର୍ମ ସବୁ ଛାଡ଼ି

କେବଳ ତାଙ୍କୁ ହିଁ ଭଜିବା କଥା ଭଗବାନ ବିଷ୍ଣୁଙ୍କ ଶ୍ରୀମୁଖରେ କୁହାଇଛନ୍ତି ବ୍ୟାସଦେବ । ଜ୍ଞାନର ଉନ୍ମେଷ ନ ହେଲେ ତ ଆମେ ତାଙ୍କର ଶରଣାଗତ ହୋଇପାରିବା ନାହିଁ । ସେଇ ବୋଧଶକ୍ତି ଠିକଣା ପାଇବା ପର୍ଯ୍ୟନ୍ତ ଆମେ ତାଙ୍କୁ ଖୋଜି ମଧ୍ୟ ପାରିବା ନାହିଁ । ସେଇ ପରଂବ୍ରହ୍ମଙ୍କ ଆଶୀର୍ବାଦ ଲୋଡ଼େ ମିନୁ ସ୍ୱର୍ଣ୍ଣ-ମା ! ତୁ ତାଙ୍କୁ ଖୋଜିବାକୁ ଚେଷ୍ଟାକର । ମୋର ଯେତିକି ଜ୍ଞାନ ଅଛି, ନିଃଶେଷ କରି ତତେ ଦେଇଦେବି; କିନ୍ତୁ ସେଥିରେ କଅଣ ମନୁଷ୍ୟ ନିଷ୍ଠ ଜାଣିପାରିବ ? ବ୍ରହ୍ମ ଅନୁସନ୍ଧାନ ନିମନ୍ତେ ଆବଶ୍ୟକ ଗୋଟାଏ ସୂକ୍ଷ୍ମ ଚେତନା । ସମସ୍ତ ଉପନିଷଦର ସାର ହେଉଛି ଗୀତା । ଏଇ ଗୀତା-ଗ୍ରନ୍ଥଟିକୁ ବାରମ୍ବାର ପଢ଼ି ସେଥିର ମର୍ମ ଗ୍ରହଣ କରିବାକୁ ହେବ । ଗୀତାଗ୍ରନ୍ଥରେ ଅଠରଟି ଯୋଗରୁ କୌଣସି ଗୋଟିଏ ହେଲେ ନୀରସ ବୋଧ ହେଉନାହିଁ । ସବୁକଥା ଅସାମାନ୍ୟ, ସବୁ ଅପୂର୍ବ ଏବଂ ଆନନ୍ଦଦାୟକ । ଅନୁତପ୍ତ ହୃଦୟର ଶୀତଳ ଚନ୍ଦନ । ତାକୁ ଗୋଟି ଗୋଟି କରି କହିଲେ ଇହଜନ୍ମ ଶେଷ ହୋଇଯିବ, କିନ୍ତୁ କଥାଶେଷ ହେବନାହିଁ । ମହାଭାରତର କଥା ମଧ୍ୟ ଗମ୍ଭୀର ଭାବରେ ଅନୁଧ୍ୟାନ କରିବୁ । ଗୁରୁଙ୍କଠାରୁ ଜ୍ଞାନଲାଭ ଅବଶ୍ୟ ଜନ୍ମ ଏବଂ ଜୀବନକୁ ଚରିତାର୍ଥ କରିଥାଏ; କିନ୍ତୁ ତାହା ତୋର ଶ୍ୱଶୁରଟି ଯେତିକି ପାଇଥିଲା, ସେତିକି ଦେଇଯିବ ।

“ବୁଦ୍ଧି ବିବେକ ଜ୍ଞାନ ବଳେ, ମରଣ ଜିଣିପାରେ ହେଳେ ” ଏଇ କଥାଟି ଭାବୁ ଭାବୁ ଚମକି ଉଠିଲା ସ୍ୱର୍ଣ୍ଣ । ଶ୍ୱଶୁର ଏ କଥା କହିବା ସମୟରେ ମଥା ଯୋଡ଼ିଦେଇ ରହିଯାଇଥିଲେ ନୀରବରେ । ଟିକିଏ ରହି କହିଥିଲେ, “ଆଜି କହିବାକୁ ବୁଦ୍ଧିବିବେକ ସଚେତ ହୋଇଉଠିଛି, କିନ୍ତୁ ଆପଣ ଜୀବନକୁ ଏହି କଥା ପଦକ କାର୍ଯ୍ୟରେ ବିନିଯୋଗ କରିପାରିଲି ନାହିଁ । ଯାହା ଆରମ୍ଭ କରିଥିଲି, ସବୁ ଫିଙ୍ଗିଦେଇ ଲାଗିଗଲି କର୍ତ୍ତବ୍ୟନିଷ୍ଠ ସ୍ୱାମୀ ହେବା ଆଶାରେ । ମନେପଡ଼ିଗଲେ ବ୍ୟଥିତ ହୋଇଉଠୁଛି ମନପ୍ରାଣ । ସମସ୍ତେ ସମସ୍ତଙ୍କର, ପୁଣି କେହି କାହାର ନୁହେଁ । ଯେଉଁ ବ୍ୟକ୍ତି ମଧୁର କଥାରୁ ପଦେ କହିଦେଇ ଯାଉଛି, ସେ ହିଁ ସମସ୍ତଙ୍କର । ଯେଉଁ ବ୍ୟକ୍ତି ସେ କଥାର ମାଧୁର୍ଯ୍ୟ ଆସ୍ୱାଦନ କରୁଛି, ସେ ହୋଇଯାଉଛି କହିବା ବ୍ୟକ୍ତିର ଏକାନ୍ତ ଆପଣାର ।

ପୂଜାଘର ଦୁଆର ଠେଲି ଭିତରକୁ ପଶିଲେ ପରମାନନ୍ଦ । ପଚାରିଲେ, ତୁମେ ଏମିତି ଚୁପ୍ ହୋଇ ବସିଛ ଶୁକବୋଉ ! ଦେଖିଆସିଲି, ବିଶୁ କଣ ଗୋଟାଏ ତରକାରି କରୁଛି । ତୁମେ ତ କାହିଁ ପୂଜାପୂଜି କିଛି କରିନାହିଁ । କାଲି ତ ଉପବାସ କରିଥିଲ, ଆଜି ପୁଣି ଏକାଦଶୀ କରିବ କି ?

ସ୍ୱର୍ଣ୍ଣ ଦେବତା ଖଟୁଲି ପାଖରୁ ଉଠିଆସି କହିଲା, କାଲିର ଉପବାସ କଥା ମନେ ନ ଥିଲା କି ଆଜିର ଏକାଦଶୀ କଥା ମନେନାହିଁ । ଏଇ କେତେଦିନ ହେଲା ମୋର ଏ ନାଟକ-ଲେଖା ଭିତରେ ଏମିତି ନିମଗ୍ନ ହୋଇରହିଛି ଯେ ତିଥିବାର କଥା ସ୍ମରଣ କରିବାକୁ ସମୟ ହେଉନାହିଁ । ସେଇ ଲେଖିବା କାର୍ଯ୍ୟରେ ବାଧା ଘଟୁଛି ବୋଲି ବିଶୁକୁ ରାନ୍ଧିବା ପାଇଁ ପଠେଇଦେଲି । ରାନ୍ଧିବା ପାଇଁ ପଠେଇ ତ ଦେଲି, ସେଇଯୋଗୁଁ ହିଁ ମନ ଭିତରେ ଏମିତି ଗୋଟାଏ ଆଶଙ୍କା ହେଉଛି ଯେ ମୁଁ ଆଜି ପୂଜାପାଠଟିକ କରିପାରୁନାହିଁ ।

“ପୂଜା ଯଦି କରିନାହଁ ଚଞ୍ଚଳ କରିଦେଇ ଆସ ଶୁକବୋଉ, ବିଶୁକୁ ରାନ୍ଧିବା କାର୍ଯ୍ୟ ଦେଲ ବୋଲି ବ୍ୟସ୍ତ ହେବାପାଇଁ କୌଣସି କାରଣ ନାହିଁ । ତୁମେ ଆଜି ଯାହା କରୁଛ, ଆଉ ଅଳ୍ପକାଳ ପରେ ଅଧିକାଂଶ ଘରେ ଏହା ହିଁ ଘଟିବ । ସମାଜ ଯେ ପରିବର୍ତ୍ତନଶୀଳ । ବିଶୁ ହାତରେ ରାନ୍ଧିବା ଭାର ଦେଇ ତୁମେ ଲେଖିବା କାର୍ଯ୍ୟରେ ଲାଗିବ, ଏହା ଅତି ଆନନ୍ଦର କଥା । ତା ପରେ ତୁମେ ତୁମର ନାଟକଲେଖା ଭିତରେ ନିଜକୁ ତନ୍ମୟ କରି ରଖି ଏକାଦଶୀ, ଦ୍ୱାଦଶୀର କଥା ଭୁଲିଯାଇଛ ଶୁଣି ମୁଁ ବଡ଼ ଖୁସି ହେଲି । ଏଇ ପୂଜାପୂଜି, ପିଠାପଣା ତିଆରି କରିବାରେ ତୁମର ସମୟ ନଷ୍ଟ ହୋଇଯାଉଥିଲା । ଏଣିକି କେବଳ ସ୍ନାନ-ଆହାର ପାଇଁ ସମୟ ଦେଇ ବାକି ସବୁ ସମୟରେ ଲେଖିବ । ଏବେ ତ ତିନି ସ୍ୱରଚିତ ନାଟକ

ହୋଇଗଲାଣି । ଏଥର ଗଦା ଗଦା ଗ୍ରନ୍ଥ ହୋଇଯିବ ।” ସ୍ୱର୍ଣ୍ଣ ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲା, ସମସ୍ତ ପାଉନାହିଁ ବୋଲି ସିନା କହୁଛ, ସମସ୍ତ ପାଇଲେ, ହୁଏ ତ କିଛି ହେଲେ ଲେଖିପାରିବ ନାହିଁ ।

ଏ କଥା କହିଦେଇ ପୂଜାଘରକୁ ଚାଲିଗଲା ସେ ।

ସେଇଦିନ ହିଁ ସନ୍ଧ୍ୟା ପୂର୍ବରୁ ସ୍ୱର୍ଣ୍ଣ ବାରଣ୍ଡାର ଖମ୍ବ ପାଖରୁ ବସି ଲେଖିଥିଲା 'ନନ୍ଦନନ୍ଦ' ନାଟକ । ଏତିକିବେଳେ ପଡ଼ୋଶୀଘରେ କେଶବ ଦାସଙ୍କ ପୁଅ ପଢ଼ିବାକୁ ଆରମ୍ଭ କଲା କେଶବ କୋଇଲି । ଝିରିଝିରି ହୋଇ ବହିଯାଉଥିଲା ଶରତ ସନ୍ଧ୍ୟାର ଧୀର ସମୀରଣ । ନାଉବାହୁଡ଼ା କାକକୁଳ କା କା କରି ଉଡ଼ିଯାଉଥିଲେ ଦୂରକୁ । ମନ ତାଙ୍କ କରୁଣ ରସାପ୍ଲୁତ । ମନେ-ପଡ଼ିଗଲା ଅତୀତ ଦିନର କଥା । ଶ୍ୱଶୁର ଦିନେ ପଢ଼େଇ ଦେଉଥିଲେ କେଶବ କୋଇଲି । ସ୍ୱର୍ଣ୍ଣ ତାଙ୍କୁ ପଚାରିଥିଲା, ଯଶୋଦା କୋଇଲି ପକ୍ଷୀକୁ କେବେ କଅଣ କହୁଥିଲେ କବି ମାର୍କଣ୍ଡ ଦାସ ଶୁଣିଲେ କିମିତି ? ଶ୍ୱଶୁର ହସିଦେଇ କହିଥିଲେ—କବି ହୃଦୟ ଈଶ୍ୱର ସକଳ ବିରହରେ ବିଧୁର ହୋଇ ଉଠୁଛି ପ୍ରତିକ୍ଷଣରେ । ସେ ଶୋକ କଣ୍ଠଯାଏ ଶେଷ ପର୍ଯ୍ୟନ୍ତ । ରାମାୟଣର ସମସ୍ତ ଶୋକସଂଗୀତ ବାଲ୍ମୀକିଙ୍କ କଣ୍ଠରୁ ତ ନିଃସୃତ ହୋଇଛି । ମାର୍କଣ୍ଡ ଦାସ ଯଶୋଦା ଜନନୀରୂପେ ଗୋକୁଳଚନ୍ଦ୍ର ବାଳଗୋପାଳ କୃଷ୍ଣଙ୍କୁ କୃଷ୍ଣଙ୍କ ବିରହରେ ବ୍ୟଥିତ ହୋଇ ଉଠୁଛି କବିଙ୍କ ହୃଦୟ । ଏ ଅନୁଭୂତିଟି ଜାଗ୍ରତ ହେବା କିଛି ସହଜ କଥା ନୁହେଁ । ଏଇ ଅନୁସନ୍ଧାନ କରିବା ଇଚ୍ଛାଟିକୁ ଦୃଢ଼ କରି ରଖି-ପାରିଲେ ହିଁ ହେବ ସାଧକ !

ସ୍ୱର୍ଣ୍ଣର ଆଖିପତା ଓଦା ହୋଇଗଲା ଶ୍ୱଶୁରଙ୍କ ଦୁଃଖରେ । ଶ୍ୱଶୁର ତ ସାଧାରଣ ଶ୍ୱଶୁର ନ ଥିଲେ । ବିବାହ କରି ପୁଅଘରୁ ଫେରିବା ପରେ ଶାଶୂ ତାର ଯିମିତି ନୀରବ ହୋଇ ରହୁଥିଲେ, ଶ୍ୱଶୁର ସିମିତି ହୋଇ ଯାଇଥିଲେ ଆନନ୍ଦରେ ମୁଖର । ହଜି ଯାଇଥିବା ଧନ ପାଇଗଲେ ମନୁଷ୍ୟ ଯିମିତି ଉତ୍ସାହରେ ଗୁଡ଼ାଏ କଥା କହିଯାଏ, ସେ ମଧ୍ୟ ସିମିତି ସ୍ୱର୍ଣ୍ଣକୁ ଦେଖିଲେ ଘରର ସମସ୍ତଙ୍କୁ ଡକାଡକି କରି ତାହାକୁ କିମିତି ଗୁଡ଼ାଏ ଆଦରପୂର୍ଣ୍ଣ କଥା କହିଯାଆନ୍ତି । ସ୍ତ୍ରୀକୁ ଡାକି କହନ୍ତି, ବୁଝିଲ, ପରମବୋଉ ! ସ୍ୱର୍ଣ୍ଣ ମୋର କାମନାର କନ୍ୟା ବୁଝିଲ ନାହିଁ । ଇମିତି ଝିଅଟିଏ ହିଁ ମୁଁ ଦେଖିବାକୁ ଇଚ୍ଛାକରୁଥିଲି । ନାରୀ ଜାତି ପ୍ରତି ମୋର ଯେଉଁ ଶ୍ରଦ୍ଧା ରହିଥିଲା, ସେ ଶ୍ରଦ୍ଧାଟି ଜାହ୍ନବୀଧାରାରୂପେ ଅଜାଡ଼ି ହୋଇଗଲା ସ୍ୱର୍ଣ୍ଣର ମଥା ଉପରେ; ଯିମିତି କି ଆମର କଥାରେ ହାଣ୍ଡି ସୁନା କଳସ ଢାଳିଦେଲା ବୋଲି କହନ୍ତି । ସତ କହିଲ ପରମ ବୋଉ ! ତମର ଏ ଗାଁରେ କି ତମ ଖାଇ ଘର ଗାଁରେ କେଉଁ ବୋହୂ ତା' ଶାଶୁର ଏତେ ସେବା କରୁଛି ? ଶାଶୁ ଯେ ସ୍ୱର୍ଣ୍ଣର ରୂପ ଏବଂ ଗୁଣଦ୍ୱାରା ଆକୃଷ୍ଟ ହୋଇ ଯାଇଥିଲେ, ସେ କଥା ସ୍ୱର୍ଣ୍ଣ ଭିତରେ ଭିତରେ ଅନୁଭବ କରି ମୁଗ୍ଧା ହୋଇ-ଯାଉଥିଲା । ଏଇ ସମସ୍ତ ଆଲୋଚନା ସମୟରେ, ଶାଶୁ ତାର କୃତ୍ରିମ ବିରକ୍ତିରେ କହନ୍ତି, ତମେ ଖାଲି ବୋହୂ ଉପରେ ଦୃଷ୍ଟି ପକେଇ ଦେଉଛ । ଶ୍ୱଶୁର ଆବେଗରେ ହସି ହସି କହନ୍ତି, ଦୃଷ୍ଟିଟା ବଡ଼ ଗଭୀର ଭାବରେ ପଡ଼ୁଛି ପରମବୋଉ ! ଏହିପରି ସ୍ୱାମୀ-ସ୍ତ୍ରୀ ଦୁଇଟି ଜୀବନର ରସ ଆସ୍ୱାଦନ କରୁଥିଲେ ପ୍ରତିଦିନ । ସ୍ୱର୍ଣ୍ଣର ଶ୍ୱଶୁର କହନ୍ତି, "ଆମେ ପତିପତ୍ନୀ ଜୀବନମୃତ ହୋଇ ରହିଥିଲୁ । ତୁ ଅସାଧାରଣ ଭାବରେ ଏ ଘରକୁ ଆସି ଆମମାନଙ୍କୁ ଆବିଷ୍କାର କରିଛୁ । ଆମେ ତୋ ହାତରେ ଆଉ ଥରେ ଗଢ଼ି ହୋଇ ଜୀବନ୍ତ ହୋଇଗଲୁ ସ୍ୱର୍ଣ୍ଣ ।"

ସ୍ୱର୍ଣ୍ଣର ଆଖି ଆଗରେ ଦିଶିଲା, ସେଦିନର ଶାଶୁ-ଶ୍ୱଶୁରଙ୍କର ସଂସାର । ହସ ଆଉ କଥା ଶୁଭିଲା ଘର ଭିତରୁ । ତାର ସେବା, ସ୍ନେହ, ଭକ୍ତି ପାଇ ହସି-ଉଠିଥିଲେ ଦୁଇଟି ପ୍ରାଣୀ । ଏ ଘରେ ହାସ୍ୟପରିହାସର ତରଙ୍ଗ ଖେଳେଇ ଦେଇଥିଲା ସେ । କବି ମାର୍କଣ୍ଡ ଯିମିତି ଯଶୋଦା ହୋଇ କୃଷ୍ଣଙ୍କୁ ଖୋଜିଥିଲେ, ସେ କଅଣ ସିମିତି ଶ୍ୱଶୁରଙ୍କୁ ଖୋଜି ବିରହ-ଗୀତ ରଚିବ ଲେଖିପାରିବ ନାହିଁ ? ମାର୍କଣ୍ଡ କବି କେଉଁ ଅଜ୍ଞାତ-କାଳରୁ ବିରହପୀଡ଼ିତ ହୋଇ ଆସୁଛନ୍ତି । ପ୍ରତ୍ୟେକ

ପଦରେ ବ୍ୟାକୁଳ ଆହ୍ୱାନର ଧ୍ୱନି ଉଠୁଛି ଶତ ସହସ୍ର ହୃଦୟ ଭିତରୁ । "କୋଇଲି ନ ଶୋଭଇ ଗୋପପୁର ମୋର, ନାରାୟଣ ଗଲଦିନୁ ମଥୁରା ନଗର ଲୋ କୋଇଲି ।" ଶ୍ୱଶୁର କହନ୍ତି କୃଷ୍ଣଙ୍କ ଅଭାବରେ ଯଶୋଦାର ଘର-ବାହାର ସବୁ ଅସୁନ୍ଦର ହୋଇଯାଇଛି । ଆହା, ଏ କଥା ଅନୁଭବ କରି କେବେ ତା ଆଖିରୁ ଝରିବ-ଅଶ୍ରୁ ବହିଯିବ ! ବ୍ୟାସଦେବ ଶତସହସ୍ର ବ୍ୟକ୍ତିଙ୍କୁ ଜୀବନ ଦେଇ ରଖିଛନ୍ତି ତାଙ୍କର ମହାଭାରତ ଗ୍ରନ୍ଥରେ । ସେ ରଖିବ ତା'ର ଆଈ, ମାଈଁ, ମ୍ୟାମୁଁଙ୍କୁ । ତା ପରେ ଶାଶୁ ଶ୍ୱଶୁରଙ୍କୁ । କେବେ ସେ ଏସବୁ କାର୍ଯ୍ୟ କରିବ ? "ଯିବେ ଯେ ଆସିବେ ବୋଲି ଗଲେ, ଜଗତ ଜୀବନ ପ୍ରଭୁ ବେଡ଼ାଏ କଇଲେ ଲୋ କୋଇଲି ।" କେଉଁଠି ସେ ଜ୍ଞାନଦାତା ପ୍ରଭୁ ଅଛନ୍ତି, ସେ ତାଙ୍କୁ ଖୋଜି ଖୋଜି ଆଣି ବସେଇଦେବ ସମ୍ମୁଖ ଆସନରେ । ହଁ, ସେ ପାଇବ । ସେ ଯଶୋଦା ହୋଇ କୃଷ୍ଣଙ୍କୁ ଖୋଜିବ ।

ଏତିକିବେଳେ ଶରତସନ୍ଧ୍ୟାର ଛିନ୍ନ ମେଘଗୁଡ଼ାକ ଏକାଠି ହୋଇ ଆକସ୍ମିକ ଭାବରେ ଅଜାଡ଼ି ଦେଇଗଲା ଗୁଡ଼ାଏ ବର୍ଷାଜଳ । ସ୍ୱର୍ଣ୍ଣର ମନେପଡ଼ିଗଲା, ଇମିତି ବର୍ଷା ସମୟରେ ଆଈଙ୍କ ପାଖରେ ରାନ୍ଧି ବସେ । ଫୁ ଫୁ କରି ଚୁଲ୍ଲୀ ଫୁଙ୍କି ବସେ । ଚଣାଭଜା, ଚକୁଳିପିଠା କରେ ଆଖି ପୋଛି ପୋଛି । ମାଈଁ ଗ୍ଲେଟ ପୁଅକୁ ଶୁଆଇ-ଦେଇ ଦେଖି ଆସନ୍ତି । କିଏ କହିପାରିବ, କେତେ-ବେଳେ ସ୍ୱର୍ଣ୍ଣ ଯଦି ଚକୁଳି ଖଣ୍ଡେ କି ଚଣାଭଜାରୁ ମୁଠାଏ ମୁହଁରେ ଦେଇଦିଏ ! ମାଈଁ ଠିଆହୁଅନ୍ତି ଦୁଆରବନ୍ଧକୁ ଆଉଜି ଭଜାଟା ହେବା ପର୍ଯ୍ୟନ୍ତ । ସ୍ୱର୍ଣ୍ଣ ମାଈଙ୍କ ହାତକୁ ଚକୁଳି ଥାଳି, ଚଣାଭଜା ପାଛିଆଟା ବଢ଼େଇ ଦିଏ । ବିଶ୍ୱମ୍ଭର ଚଣା ଗ୍ଲେବେଇ ଗ୍ଲେବେଇ ଆସେ ରୋଷେଇଘର ଦୁଆରମୁହଁକୁ । ଚଣାଭଜା ଖାଇବୁ ? ଚକୁଳି ପିଠା ! ଗରମ ଚକୁଳି ଖାଇଲାବେଳକୁ ନାକକୁ ବାସନା ଯାଉଛି, ଖାଇବୁ ଖାଇବୁ ବୋଲି କହି କହି ହି ହି କରି ହସିଉଠେ ସେ । ସ୍ୱର୍ଣ୍ଣ ସେ ଆଡ଼କୁ ନ ଚାହିଁ ଚୁଲ୍ଲୀମୁଣ୍ଡ ସଫାକରେ । ହଳଦି, ମସଲା ବାଟି ରଖେ ସନ୍ଧ୍ୟାବେଳର ରନ୍ଧାପାଇଁ । ବିଶ୍ୱମ୍ଭର ଚଣାଭଜା ଖାଉ ଖାଉ 'ଗୋପୀଭାଷା' ଧରି ପଢ଼େ । ସ୍ୱର୍ଣ୍ଣ ଭାତହାଣ୍ଡି ଚୁଲ୍ଲୀ ଉପରେ ବସେଇ ଦେଇ ଆସି ଠିଆହୁଏ ବାରଣ୍ଡାର ବାଉଁଶଖମ୍ବ ପାଖକୁ । ବିଶ୍ୱମ୍ଭର ବଡ଼ପାଟି କରି ବୋଉକୁ କହେ, ଦେଖେ ସେ ଆଡ଼େ ସ୍ୱର୍ଣ୍ଣ କଅଣ ଆସିବ ଗୀତ ଶୁଣିବାକୁ ! ମାଈଁ ପୁଅକୁ ଛାଡ଼ିଦେଇ ଆସି କହନ୍ତି, କାଜ ଥିଲେ ସିନା କୋଣେ ପଶି ରହନ୍ତା । ମାଈପିଲାଟେ ଆସିବ, ପୁଅଙ୍କ ପାଖରେ ବସି ଗୀତ ଶୁଣିବ । ବାଃ ହେଲଣି । ରନ୍ଧାବଢ଼ା ହେବ । ଆଈ ତ ବଳ ଦଉଛନ୍ତି । କାହିଁକି ସିଏ ଗୀତ ନ ଶୁଣିବ ?"

ଅଣ୍ଟାତର ସେ କଠୋର ଉକ୍ତି ସ୍ମରଣ କରି ଆଖି ଓଦା ହୋଇଗଲା ସ୍ୱର୍ଣ୍ଣର । ତା'ର ମନେହେଲା, ସେ ଦିନର ସେ ନିଃସ୍ୱ, ନିଃସହାୟ ବାଳିକାଟି ଚୁଲ୍ଲୀ ପାଖରେ ବସି କାନ୍ଦୁଛି । ଆଖିର ଲୁହ ଶେଷ ହେଉ-ନାହିଁ ।

ଶ୍ୱଶୁରଙ୍କୁ ସେ କୌଣସି ଗୋଟାଏ ନାମରେ ନାମିତ କରି ଡାକିପାରି ନ ଥିଲା କେବେ । ଆବାଲ୍ୟରୁ ରାନ୍ଧିବା ବାଢ଼ିବା, ଘରବାରି ଲିପିପୋଛି ରଖିବା ଛଡ଼ା ଆଉ କଅଣ ଜାଣିଥିଲା ସେ ! ସେଇ ଚିରକାଳର ରାନ୍ଧୁଣୀଟାକୁ ଶ୍ୱଶୁର କଅଣ କରି ଗଢ଼ିଦେଲେ ସତରେ ! ଶହ ଶହ ଜନ୍ମ-ପାର କରାଇ ଆଣିଲେ ସେ ସ୍ୱର୍ଣ୍ଣକୁ । ସେ ତ ତାଙ୍କୁ ଦେଖିଲେ ହିଁ ଭକ୍ତିବିହ୍ୱଳ ହୋଇଉଠୁଥିଲା, ବାପା କି ନନା ବୋଲି ନାମ ଦେଇ ଡାକିପାରନ୍ତା କମିତି ? ଏଇ ଆଜି ସକାଳ କଥା ପରି ଲାଗୁଛି । ଦିନେ । ଶ୍ୱଶୁର କହୁଥିଲେ, ଗୋପୀଭାଷା ପଢ଼ି ତ ଭାବବିହ୍ୱଳ ହୋଇଯାଉଛୁ । ଏଇଠି ଗୋପୀମାନେ କହୁଛନ୍ତି—"ହୃଦୟକମଳେ ଦୁଃଖ ଦେଇ ଆମ ଘେନିଗଲେ ଦିବ୍ୟଚକ୍ଷୁ, ଦେନି ନୟନରେ ତାକୁଣି ପଡ଼ିଲା ଅନ୍ଧପ୍ରାୟ ହୋଇଅଛୁ ।" ସେ ଦିନ ଏଇ କଥା ନେଇ ଶ୍ୱଶୁର ତାକୁ ବୁଝେଇଥିଲେ କେତେ ପ୍ରକାର କରି । ସବୁ କଥା ରହିଯାଇଥିଲା ଅଧାବୁଝା ହୋଇ । ଆଜି ସେଇ ଦିବ୍ୟଚକ୍ଷୁ ଆସି ଲାଗି

ଯାଇଛନ୍ତି, ସ୍ୱର୍ଣ୍ଣର ସାଧାରଣ ଦୃଷ୍ଟିରେ । ଏଇ ଯେ କବି ମାର୍କଣ୍ଡ ଦାସ ଶୋକ କରୁଛନ୍ତି କୃଷ୍ଣଙ୍କ ବିଚ୍ଛେଦରେ । ଜ୍ଞାନବଳରେ ବ୍ୟାସ, ବାଲ୍ମୀକି ମନୁଷ୍ୟଙ୍କୁ ଦେବତା କରି ଗଢ଼ିଦେଇଛନ୍ତି । ଘନ ଅନ୍ଧକାର ଆକାଶରେ ବିଜୁଳି ଚମକ ପରି ଆଜି ବି ସ୍ପଷ୍ଟ ହୋଇଯାଇଛି ଦିବ୍ୟଚକ୍ଷୁ । ଅନ୍ତର ମନ୍ଦିରରେ ବିରାଜମାନ ହୋଇଯାଇଛନ୍ତି ଜ୍ଞାନଦେବତା । ଆଜି ବି ସେ "ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ" ବାକ୍ୟର ମର୍ମ ଗ୍ରହଣ କରିପାରିଛି; କିନ୍ତୁ ତା'ର ସେ ଅଜ୍ଞାନ ଅନ୍ଧକାରାଚ୍ଛନ୍ନ ହୃଦୟ-ଆକାଶରେ ଏଇ ବିଜୁଳି ଚମକ ଆଣିଦେଲେ କେଉଁ ଇନ୍ଦ୍ର ଦେବତା ? ପରମାତ୍ମା ଦେବତା ବି ସାରଥି ହେଇ ମନୁଷ୍ୟର ମନୋରଥକୁ ଚଳେଇ ନେଉଛନ୍ତି । ସର୍ବବ୍ୟାପୀ ବିଭୁ କୈବର୍ତ୍ତକନ୍ୟାର ସନ୍ତାନ ବ୍ୟାସଙ୍କ ହାତରେ ଲିଖିତ ହୋଇ ସକଳ ଧର୍ମ ବର୍ଜନ କରି ମତେ ହିଁ ପୂଜା କର ବୋଲି କହିଥିଲେ ଅର୍ଜୁନଙ୍କୁ । ସ୍ୱୟଂ ପରଂବ୍ରହ୍ମ ନ ହେଲେ ଏ କଥା କିଏ କହିପାରନ୍ତା ! ଦସ୍ୟୁ ରତ୍ନାକର ବାଣୀକୁ ବଣକରି ବୈକୁଣ୍ଠଭବନରୁ ବିଷ୍ଣୁଙ୍କୁ ଆଣି କରିଦେଲେ ଅଯୋଧ୍ୟାର ରାଜା । ବ୍ୟାସ—ବାଲ୍ମୀକିଙ୍କ ପରି ସେ ମଧ୍ୟ କଅଣ କେବେ ଅମର ହୋଇ ପାରିବ ; କ'ଣ ସେ ଭାବୁଛି, କ'ଣ ସେ ଭାବୁଛି ? ଠିକ୍ ତ ଭାବୁଛି । ସେଇ ପରଂବ୍ରହ୍ମଙ୍କୁ ସେ ଡାକୁଛି ଆକୁଳ ହୋଇ । ଯେଉଁ ବ୍ରହ୍ମ ଦସ୍ୟୁକୁ ଦେଖାଇ ଦେଇଥିଲେ କର୍ମ ମାର୍ଗ, ସେହି ପରଂବ୍ରହ୍ମ ଯେ ଏବେ ମଧ୍ୟ ଅନ୍ତର-ବ୍ରହ୍ମଲୋକରେ ବସିଛନ୍ତି । ତାଙ୍କର ଇଚ୍ଛାରେ ନାରଦ ଆସି ସ୍ୱର୍ଣ୍ଣଙ୍କୁ ପଥ ଦେଖାଇଦେବେ । ସେ ପଥ ଖୋଜି ବସିଛି । କେତେବେଳେ ସେ ଶୁଭମୁହୂର୍ତ୍ତ ଆସିବ । ନାରଦଙ୍କ ମୁହଁରୁ କଥା ଶୁଣିବ ସେ ।

ଇତିମଧ୍ୟରେ ସ୍ୱର୍ଣ୍ଣ ଖମ୍ବ ପାଖରୁ ଉଠିଯାଇ ବସିଥିଲା ବେଞ୍ଚ ଉପରେ । ଅଦୂରର ରାଧାଗୋବିନ୍ଦ ମନ୍ଦିରରୁ ଶୁଭିଲା ସନ୍ଧ୍ୟା-ଆରତିର ଶଙ୍ଖ, ଘଣ୍ଟାଧ୍ୱନି । ସେ ମଧ୍ୟା ଟେକି ଚାହିଁଲା, ବର୍ଷା ଛାଡ଼ି ଆକାଶ ହୋଇଗଲାଣି ମେଘନିର୍ମଳ । ପୁଞ୍ଜ ପୁଞ୍ଜ ହୋଇ ଫୁଟିଉଠିଲେଣି ନକ୍ଷତ୍ରରାଜି । ସଦ୍ୟପ୍ରସ୍ଫୁଟିତ ରଜନୀଗନ୍ଧାର ସୌରଭ ବହି ଆସୁଥିଲା ଧୀରେ ଧୀରେ । ଏ ପାଖ ସେ ପାଖ ପଡ଼ୋଶୀଙ୍କଠୁ ଶୁଭୁଥିଲା ଜନ୍ମାଷ୍ଟମୀ ପୂଜାର ହୁଳହୁଳି ଆଉ ଗୀତ ।

ବିଶୁ ଲଣ୍ଠନ ଜାଳି ଆଣି ରଖୁ ରଖୁ କହିଲା— ଆଜି ଏକାଦଶୀଟା ପାରେ ଉଠିଗଲା କି ମାଆ ! ସ୍ୱର୍ଣ୍ଣ ଲଣ୍ଠନର ଅନୁଜ୍ଜ୍ୱଳ ଆଲୋକରେ ଦେଖିଲା, ବିଶୁ ମନେ ମନେ ବ୍ୟଥିତ ହୋଇ ଉଠିଛି, ଏକାଦଶୀ କଥା ଭୁଲିଯିବା ଯୋଗୁଁ । ଅନେକଙ୍କର ପରିବାରର ଯେପରି ଗୋଟାଏ ଦୀର୍ଘ ଏବଂ ସୁସ୍ଥିର ଇତିହାସ ଥାଏ, ଏହି ସ୍ୱର୍ଣ୍ଣ ତଥା ବିଶୁର ସମ୍ବନ୍ଧ ମଧ୍ୟ ଠିକ୍ ସେହିପରି ଗୋଟାଏ କ୍ଷୁଦ୍ର ଇତିହାସର ଉତ୍ସ । ବିଶୁର ଜେଜେବାପା ନିଯୁକ୍ତ ହୋଇଥିଲା ମାଧବ ମିଶ୍ରଙ୍କୁ ସେବା କରିବା ପାଇଁ । ଯେତେବେଳେ ଅତ୍ୟନ୍ତ ବୃଦ୍ଧ ହୋଇଗଲା, କର୍ମ ଅକ୍ଷମ ହୋଇ ରହିଗଲା, ଘରେ ତା'ର ବିଧବା ବୋହୂ ଆଉ ଦଶ ବର୍ଷର ନାତିଟିଏ, ଏଇ ବିଶୁ । ଈଶ୍ୱରଙ୍କ ପରି ଯୋଗାଯୋଗ ଘଟି-ଯାଇଥିଲା ଅନେକ ବର୍ଷ ଆଗରୁ । ସେ ସେଇ ଦଶବର୍ଷର ନାତିକୁ ପଠେଇ ଦେଇଥିଲା ସ୍ୱର୍ଣ୍ଣ ପାଖରେ ରହି ସାହାଯ୍ୟ କରିବ ବୋଲି । ସେ କଥା ଆଜି ହେଲାଣି ପଚିଶି ବର୍ଷରୁ ବେଶି । ସେ ସମୟକୁ ମାସେ ଦେଢ଼ ମାସ ପୂର୍ବରୁ ପରଲୋକ ହୋଇଯାଇଥିଲା କମଳାଦେବୀଙ୍କର । ସ୍ୱର୍ଣ୍ଣ ହୋଇଥିଲା ଆସନ୍ନପ୍ରସବା । ଦଶବର୍ଷର ନିରଳସ ଗୋପାଳ ବାଳକଟି ସ୍ୱର୍ଣ୍ଣଙ୍କୁ ସାହାଯ୍ୟ କଲା ସବୁମତେ । ଉମେଇଁରେ ନିଆଁଟିକିଏ ଜାଳି ରଖିଦେଲେ ସ୍ୱର୍ଣ୍ଣ ବାରଣ୍ଡାରେ ବସି ଦୁଧ ସିଝେଇ ଦିଏ । ବସି, ଲୁଗା ବାଛି ରଖେ ଉପରଓଳିର ଜଳଖିଆ ନିମନ୍ତେ । ଶିଳଟାକୁ ଘଷେଇ ଘଷେଇ ବେସର, ହଳଦି ମସଲା ବାଟି ରଖେ । ଚୁଲ୍ଲିପାଖକୁ ରଖିଦିଏ କାଠକୁଟା । ଲୁଗା ଧୋଇ ଆଣିଦିଏ ସ୍ୱର୍ଣ୍ଣ ପାଖକୁ । ବିଶୁର ନିପୁଣିତ କାର୍ଯ୍ୟ କୁଶଳତା ଦେଖି ଆପଣାକୁ ତୁଳନା କରେ ସ୍ୱର୍ଣ୍ଣ ତା ସହିତ । କର୍ତ୍ତବ୍ୟନିଷ୍ଠ ବାଳକଟିକୁ ଖାଇବାକୁ ଦିଏ ସେ ମନ ଭରି ତୃପ୍ତକରି । ତା'ପରେ ଯେତେବେଳେ ଶୁକ ଜନ୍ମ ହେଲା, ବିଶୁ ବୃଦ୍ଧ ମାଧବ ମିଶ୍ରଙ୍କୁ ସାହାଯ୍ୟ କଲା ସବୁ କାର୍ଯ୍ୟରେ । ପୁଣି ସେ ଆପଣା ଦାୟିତ୍ୱ ବହନ କଲା ଶୁକକୁ ମାସେ ହୋଇଥିଲା କି ନାହିଁ ।

ବାଲ୍ୟ-ବୟସରୁ ସ୍ୱର୍ଣ୍ଣ ସହିତ ମିଳାମିଶି ରହିବାଦ୍ୱାରା ବିଶୁ ଆଉ ସ୍ୱର୍ଣ୍ଣ ଭିତରେ ଗୋଟାଏ ନିବିଡ଼ ଆତ୍ମୀୟତା ହୋଇଯାଇଥିଲା ।

ଏଣୁ ବିଶୁ ମୁହଁ ଶୁଖେଇ କଥା ଆରମ୍ଭ କରିବା ଦେଖି ସ୍ୱର୍ଣ୍ଣ କହିଲା, ଏକାଦଶୀ କଥା ତ ମୋର ମନେ ନ ଥିଲା ବିଶୁ କାଲି ତ ଉପବାସ କରିଥିଲି, ଆଜି ପୁଣି ଉପବାସକୁ ଆଉ ପାରିଲି ନାହିଁ । ଆଉ ମଧ୍ୟ ଏତେ ଉପବାସ ଉଚିତ ନୁହେଁ କି ଆବଶ୍ୟକ ନୁହେଁ । ଶ୍ୱଶୁର ମୋର କଅଣ କହୁଥିଲେ ଜାଣିଛୁ ବିଶୁ ! ସେ କହନ୍ତି—ଦେହ ଭଲ ରଖିବା ପାଇଁ ଉପବାସ । ଆତ୍ମାକୁ କଷ୍ଟଦେବାକୁ ଉପବାସ କରିବା ଉଚିତ ନୁହେଁ । ଏ ସବୁ କଥା ତତେ ଧୀରେ ଧୀରେ ବୁଝେଇ ଦେବି ବିଶୁ ! ରାତି ହେଲାଣି, ଚୁଲି ଜାଳି ଭାତ ବସେଇ ଦେ ।

ଦ୍ୱାଦଶୀ, ତ୍ରୟୋଦଶୀ ଯାଇ ଚତୁର୍ଦ୍ଦଶୀ ତିଥି ଆସିଯାଇଥିଲା ସେଦିନକୁ । ସେଦିନ ସ୍ୱର୍ଣ୍ଣର ପଞ୍ଚମ ନାଟକ ସମାପ୍ତ ହେବାକୁ ଯାଉଥିଲା । ବିଶୁ ଉପରେ ରାନ୍ଧିବା ଭାର ଦେବା ଦିନଠୁ ତାର ନିଜର ଦାୟିତ୍ୱବୋଧ ବଢ଼ି ଯାଇଥିଲା ଆକସ୍ମିକ ଭାବରେ । ରାତିରେ ନ ଶୋଇ ନାଟକ ଲେଖାରେ ଲାଗିଥିଲା ସେ । ଚତୁର୍ଦ୍ଦଶୀ ଦିନ ସକାଳବେଳା ବସିଥିଲା ସେ ଶେଷ ପୃଷ୍ଠାଟି ଶେଷ କରିବାକୁ । ବିଶୁ ଆସି କହିଲା, କୁଣ୍ଡା ଆଉ ନାହିଁ । ପାଞ୍ଚ ଟଙ୍କାର କୁଣ୍ଡା ନେଇ ଆସିବି ସେ ଏକାଥରକେ ଦି'ମାସ ଚଳିଯିବ । ଚୁଲି ପାଖରେ କାଠ ରଖିଦେଇଛି ଭାତ ଡାଲି ବସେଇ ଦେଇଥିବ । କୁଣ୍ଡା ମାପ କରି ଆଣିଲାବେଳକୁ ଉଛୁର ହୋଇଯିବ । ଥରକରେ ତ ଆସିବ ନାହିଁ । ତିନି ଥର କରି ଆଣିବି । ମୁଲିଆ କରି ଆଣିଲେ ଏଇକ୍ଷଣି ଦି'ଅଣା ପଇସା ଲାଗିଯିବ ।

ବିରକ୍ତିରେ ଭରିଗଲା ସ୍ୱର୍ଣ୍ଣର ସମସ୍ତ ହୃଦୟ । ସେ ବିଶୁ ଆଡ଼କୁ ନ ଚାହିଁ କହିଲା, ଦି'ଅଣା ପଇସା ଦେଇ କୁଣ୍ଡା ଆଣ ବିଶୁ ! ମୁଁ ଆଉ ଏକ୍ଷଣି ରାନ୍ଧିବାପାଇଁ ଯାଇପାରିବି ନାହିଁ । ବିଶୁ ଆଶ୍ଚର୍ଯ୍ୟ ଭାବରେ ଭାବିଗଲା, କଅଣ ହେଲା ସତେ ମାଆଙ୍କର ? ପଇସାଟିଏ ଖରଚ କରିବା କଥା କହିଲେ ଶୁଣୁ ନ ଥିଲେ, ଏବେ ଇମିତି କଥା କହୁଛନ୍ତି । ସେ ହସିଦେଇ କହିଲା, ନାହିଁ ହେ ମାଆ, ଦି'ଅଣା କାହିଁକି ଦେବା । ଯାଉଛି ମୁଁ ଆଜି ଅଧେ ଆଣିଥିବି, କାଲିକି ଆଉ ଅଧେ ଆଣିବି । ଅଗଣା ପାଖରୁ ଫେରି ଆସିଲା ପୁଣି ବିଶୁ । ଲେଖିବାଠୁ ଉଠି ନ ଥିଲା ସ୍ୱର୍ଣ୍ଣ । ସେ କହିଲା, ମାଆ, ତମେ ଏତେ ଚିଠି ଶୁଭବାବୁଙ୍କ ପାଖକୁ ଲେଖୁଛ; ତାଙ୍କୁ କହୁନ ଆସିବେ, ପୁରୀ ଯିବା ।

ସ୍ୱର୍ଣ୍ଣ ମଥା ଟେକି ବିଶୁର ମୁହଁକୁ ଚାହିଁ କହିଲା, ଆମେ ଆସିବାକୁ ଲେଖିଦେଲେ ସେ ଚାଲିଆସିବେ ନା ଯିବାକୁ କହିଦେଲେ ଯିବ ? ଏ ସବୁ ଭଗବାନଙ୍କ ହାତର କଥା । ସେ ଯାହା କରିବେ, ତାହା ହିଁ ହେବ । ଦିନକୁ ଦିନ ସେ ମୋର ଭକ୍ତି ଆଉ ବିଶ୍ୱାସ ବଢ଼ିଯାଉଛି ବିଶୁ ! ପୁରୀ ଯିବାକୁ ତୁ ଅଳି କରୁଛୁ । ମୋ ର ମଧ୍ୟ ବଡ଼ ଇଚ୍ଛା ହେଲାଣି । ସେହି ପରମପ୍ରିୟର କ୍ଷେତ୍ରର ମନ୍ଦିରପ୍ରାଙ୍ଗଣରେ ଟିକିଏ ବସି ଆସିବି । ରାତିରେ ଦିନେ ଦିନେ ସ୍ୱପ୍ନ ଦେଖୁଛି ସେ ମୁଁ ଆଉଙ୍କ ସାଙ୍ଗରେ ଦେଉଳ ବେଢ଼ା ଭିତରେ ବୁଲୁଛି । ସେ ଦିନ ଦେଖିଥିବା ବାମନଟି ବସି ଭଜନ ଗାଉଛି । ଆହୁରି କେତେ କଥା ସ୍ୱପ୍ନରେ ଦେଖୁଛି, ଶୁଣୁଛି । କେବେ ପୁଣି ପ୍ରତ୍ୟକ୍ଷ ଭାବରେ ସେ ପ୍ରିୟସ୍ଥାନକୁ ଯିବି, ସେଦିନକୁ ଅପେକ୍ଷା କରି ବସିଛି ରେ ବିଶୁ ! ଶ୍ୱଶୁର ମତେ ଭାରତବର୍ଷର ତୀର୍ଥଧାମ ବୁଲେଇ ଆଣିଲେ, ହରିଦ୍ୱାରରେ ମନ ରହିଛି । ଯେବେ ଯିବି, ତତେ ନିଶ୍ଚୟ ନେଇଯିବି ।

ବିଶୁ ସ୍ୱର୍ଣ୍ଣର କଥା ଶୁଣି ଇମିତି ମୁଗ୍ଧ ହୋଇ-ଯାଇଥିଲା ଯେ, ଏକାଥରକେ ସେ ଭୁଲିଯାଇଥିଲା କୁଣ୍ଡାକିଣା କଥା । ସେ ସରସ ଆଉ ସହଜ ଭାବରେ ହିଁ କହିଲା, ତମେ ତ ମା' ଲେଖିବାଠୁ ଉଠୁନ, ଯାଉଛି ତେବେ, ଚୁଲିଟା ଜାଳିଦେବି । ଉପରଓଳିକି କୁଣ୍ଡା ଆଣିବି ।

ଏକଥା କହି ବିଶୁ ରେସ୍‌ପେଇଡ଼ର ଆଡ଼କୁ ଚାଲିଯିବା ପରେ, ସ୍ୱର୍ଣ୍ଣ ପୁଣି ଲାଗିଲା ଲେଖାରେ । ବିଶୁ ଆଉ ଥରେ ଆସିପାରେ । କଅଣ ଲଗାଇବ ବୋଲି ପଚାରିବାକୁ ଆସିବା ପୂର୍ବରୁ ବାକିଥିବା ଅଂଶଟି ଶେଷ କରିଦେଇଥିବ ସେ । ଏଇ ତ ସମାପ୍ତ ହେଲା, ତା'ପରେ ସେ କଅଣ ଲେଖିବ ? ଜଗତରେ ସକଳ ବିଷୟର ପରିବର୍ତ୍ତନ ଘଟୁଛି । ସେ ଦିନ ବୋଲି କହିଲେ ପଚିଶି କି ତିରିଶି ବର୍ଷ ହେଲାଣି । ମଥୁରାରୁ ବଳଦ-ଗାଡ଼ିରେ ବସି ବାହାରିଲେ, ସନ୍ଧ୍ୟା-ବେଳକୁ ଉପସ୍ଥିତ ହୋଇଗଲେ ଗୋପପୁରରେ । ଏଇତକ ବାଟ ପାର ହୋଇ ଯଶୋଦା ପୁଅକୁ ଦେଖିଯାଇପାରୁ ନ ଥିଲେ ? ବସୁଦେବ ଘୋର ବର୍ଷା ରାତିରେ ସଦ୍ୟୋଜାତ ଶିଶୁ-ପୁତ୍ରଟିକୁ ଧରି ଚାଲି ଚାଲି ଯାଇଥିଲେ ଗୋପପୁରକୁ । କୂଳଲଂଘି ବହିଯାଉଥିଲା ଯମୁନା; ଜଳ ହୋଇଗଲା ଦୁଇ ଭାଗ । ମାଟି ଉପରେ ପାଦଦେଇ ଚାଲିଗଲେ ବସୁଦେବ । ବର୍ଷାପାଣି ବିନ୍ଦୁଏ ମଧ୍ୟ ପଡ଼ି ନ ଥିଲା କୃଷ୍ଣ କମ୍ବା ବସୁଦେବଙ୍କ ଉପରେ । ଅନନ୍ତନାଗ ଫଣା ଟେକି ମଥା ଉପରେ ଛତା ତୋଳିଧରିଥିଲେ । ପୁରାଣ-ରଚୟିତା ଇମିତି ରହସ୍ୟମୟ କରି ଏ ସମସ୍ତ ବିଷୟ ଲେଖିଛନ୍ତି ଯେ, ଅଦ୍ୟାବଧି ଏ ସମସ୍ତ ଘଟିଥିବ କି ନାହିଁ ବୋଲି ମନୁଷ୍ୟ ମନରେ ସଂଶୟ ଜନ୍ମିନାହିଁ । ସେ ସୁନିଶ୍ଚିତ କରି ଭାବୁଛି ଯେ ଇମିତି ଗୋଟାଏ ଅନ୍ଧକାରମୟ ବର୍ଷା ରାତିରେ, କଂସ ରାଜାର ବନ୍ଦୀଘରେ ଦେବକୀଙ୍କ ଗର୍ଭରୁ କୃଷ୍ଣ ଜନ୍ମହେଲେ । କବିଙ୍କ ଅନ୍ଧକାରମୟ ପଥରେ ସେଦିନ ଦେଖାଦେଇଥିଲେ ଆଲୋକମୟ ପରଂବ୍ରହ୍ମ, ଆଉ ସେଇ କୃଷ୍ଣଙ୍କୁ ବସୁଦେବ କୋଳରେ ଧରି ଛାଡ଼ିଦେଇ ଆସିଲେ ସଦ୍ୟ ପ୍ରସୂତା ଯଶୋଦାଙ୍କ ପାଖରେ । ବଜ୍ର-ବିଜୁଳି, ପାଣି-ପବନ ସଦ୍ୟୋଜାତ ଶିଶୁ ଉପରେ କୌଣସି ପ୍ରଭାବ ପକାଇ ପାରିଲାନାହିଁ । ମହାଶକ୍ତିଶାଳୀ ଥିଲେ ସେ କାଳର ମୁନି-ଋଷିମାନେ । ମନ୍ତ୍ରମୁଗ୍ଧ କରି ରଖିଥିଲେ ଜଗତ୍-ବାସୀଙ୍କୁ । ବାଲ୍ମୀକି ରାମାୟଣ ଲେଖିଲେ । ଲଙ୍କା ଦେଶର ରାଜାଙ୍କୁ କଲେ ଦଶମୁଣ୍ଡା ରାବଣ । ନାମ ଅନୁଯାୟୀ ଆକାର, ଆକାର ଅଉ ସ୍ୱଭାବର ଅନୁଗାମୀ ନାମ । ପାଠକ ଏବଂ ଶ୍ରୋତାର ମନ ଉତ୍ତେଜିତ ହୋଇଉଠେ ରାବଣ ବିରୁଦ୍ଧରେ । ଭକ୍ତିର ଅଶ୍ରୁ ଝରିପଡ଼େ, ମସ୍ତକ ନତ ହୋଇଯାଏ ରାମଙ୍କ ଚରଣକମଳ ତଳେ । ଏଇ ଋଷିମାନେ ଜାଣିଥିଲେ ମନୁଷ୍ୟଙ୍କୁ ମୁଗ୍ଧ କରିବା ବିଦ୍ୟା ।

ସ୍ୱର୍ଣ୍ଣର ଭାବନାସ୍ରୋତରେ ବାଧା ଦେଇ ପରମାନନ୍ଦ ଆସି କହିଲେ, "ବାଦ୍ୟକାର ତାଙ୍କର ବନ୍ଧୁ ସୁରଦାସଙ୍କୁ ନେଇ ଆସିଛନ୍ତି । ତୁମର ପ୍ରଥମ ଲେଖା ନାଟକ 'ଅବହେଳିତା'ଟି ମତେ ଦେଇଥିଲ । ମୁଁ ପଢ଼ିଲାପରେ ବାଦ୍ୟକାରଙ୍କୁ ଦେଇଥିଲି । ସେ ତାଙ୍କର ନାଟ୍ୟକାର ବନ୍ଧୁ ସୁରଦାସଙ୍କୁ ଦେଇଥିଲେ । ସୁରମାଷ୍ଟ୍ରେ ଆଜି ଆସିଛନ୍ତି । ସେ କହୁଛନ୍ତି—ଏ ସବୁ ବିଷୟ ମୌଖିକ ଆଲୋଚନା ନ କଲେ ସ୍ପଷ୍ଟ-କରି କିଛି କହି ହେବ ନାହିଁ । ତୁମେ ଟିକିଏ ସେମାନଙ୍କ ସହିତ କଥାବାର୍ତ୍ତା କର—"

ସ୍ୱର୍ଣ୍ଣ ବହିପତ୍ର ସବୁ ତଳେ ରଖିଦେଇ ଉଠିଆସିଲା ପରମାନନ୍ଦଙ୍କ ପାଖକୁ । ତାଙ୍କର ହାତ ଦୁଇଟି ଧରି ଆବେଗରେ ହିଁ କହିଲା, "କଅଣ କଲ ତୁମେ ! ତୁମକୁ ମଧ୍ୟ ମୁଁ ମୋର ସେ ଲେଖା ପଢ଼ିବାକୁ ଦେଇ ନ ଥିଲି । କି ଗୋଟାଏ କଥା ଲେଖିଛି ଯେ, କେତେ କଅଣ ଭୁଲଥିବ ସେଥିରେ । କଅଣ ଭାବୁଥିବେ ସତରେ ସେମାନେ ! "

କଅଣ ଆଉ ଭାବିବେ ! ଭଲ ଯଦି ହୋଇଥିବ, ମନେ ମନେ ପ୍ରଶଂସା କରୁଥିବେ । ତୁମେ ତ ଜାଣିଛ, ମୁଁ ପଢ଼େ, କିନ୍ତୁ ଭଲମନ୍ଦ ବିଚାର କରିପାରେ ନାହିଁ । ନାଟକଟା ମତେ ନାଟକ ପରି ହିଁ ଲାଗିଲା । ମୁଁ ଭାବିଲି, କେହି ଜଣେ ସାହିତ୍ୟିକ ପଢ଼ି ଆଲୋଚନା କଲେ ହିଁ ଭଲହେବ ।

ସ୍ୱର୍ଣ୍ଣ ସ୍ୱଗତ ଉକ୍ତି କଲାପରି କହିଲା, "ଅନ୍ୟ ଲୋକ ହାତରେ ସେ ଲେଖା ନେଇ ଗାଳିଦେଲ— ।"

"କି କଥା ତୁମେ କହୁଛ ଶୁକବୋଉ ! କାବ୍ୟ, ନାଟକ ଲେଖା ହେଲେ ଜନସାଧାରଣ ପଢ଼ନ୍ତି । ଏ

ଦୃଷ୍ଟିରୁ ଦେଖିଲେ ପର ଆଉ ଆପଣା ଖୋଜିଲେ ତ ହେବନାହିଁ । ଲେଖାରେ ତ୍ରୁଟି ରହିଗଲେ ପାଠକ ପାଠିକା କେତେ ବ୍ୟଙ୍ଗ-ବିଦ୍ରୂପ କରିବେ । ତେଣୁ, ତୁମ ଲେଖା ବହି ଆକାରରେ ବାହାରକୁ ବାହାରିବା ପୂର୍ବରୁ ଜାଣିବା-ଶୁଣିବା ଲୋକଙ୍କଦ୍ୱାରା ସଂଶୋଧିତ କରିନେବାକୁ ହେବ । ମୁଁ ଜାଣେ, ବାଦ୍ୟକାର ଜଣେ ନାଟ୍ୟଜ୍ଞ ବ୍ୟକ୍ତି । ବାପା ତାଙ୍କୁ କେବେ ପାଠ ପଢ଼େଇ ଦେଇଥିଲେ ବୋଲି, ଆମମାନଙ୍କ ପ୍ରତି ଲୋକଟିର ଭାରି ଭକ୍ତି ଅଛି ।”

“ତାହା ହେଲେ ମଧ୍ୟ କଅଣ ଲେଖିଛି କିଛି ତ ମନେ ନାହିଁ, କଅଣ ଆଲୋଚନା କରିବି ମୁଁ ? ଗୀତ ବାନ୍ଧିବା ଛଡ଼ା ଆଉ କଅଣ ଜାଣିଛି ମୁଁ ? ପ୍ରଥମରୁ ମୁଁ ଲେଖିଲି କାହିଁକି ? ଲେଖିଲି ଯଦି ତୁମକୁ ଦେଲି କାହିଁକି ?” ପରମାନନ୍ଦ ହସି ଦେଇ କହିଲେ, “ହେମିଟିଖେଳରୁ ମହାଭାରତ ହୋଇଥିଲା ବୋଲି କଥା ଅଛି । ଥରେ ହୃଦୟ ଭିତରୁ କଥା ବାହାରି ପଡ଼ିଲେ ତାହା କଅଣ ଆଉ ଗୋଟାଏ ସ୍ଥାନରେ ରହିପାରିବ ?” ସ୍ୱର୍ଣ୍ଣ ଏକାନ୍ତ ବ୍ୟାକୁଳା ହୋଇ କହିଲା, “ତୁମେ ଯାଇ ସେମାନଙ୍କ ସାଙ୍ଗରେ କଥାଭାଷା କର । ଖାତା ଦୁଇଟା ମାଗି ନେଇ ଆସ । ତୁମକୁ ମୁଁ ଏ କଥା ଜଣାଉଛି । ମୋର ଏ କଥାଟି ରଖ । ମୁଁ ସେମାନଙ୍କ ସମ୍ମୁଖକୁ ଯାଇପାରିବି ନାହିଁ ।”

ପରମାନନ୍ଦ ବିରକ୍ତରେ ହିଁ କହିଲେ, “ମୁଁ ଏ କଥା କରିପାରିବି ନାହିଁ । ବାଦ୍ୟକାରେ ସୁରଦାସଙ୍କୁ ଧରି ଆସିଛନ୍ତି । ସୁରଦାସ ଜଣେ ବିଚକ୍ଷଣ ଗାୟକ । ତୁମର ନାଟକରେ ଥିବା ଗୀତଗୁଡ଼ିକ ଗାଇବେ । ବାଦ୍ୟକାରେ ଜଣେ ନାଟ୍ୟଜ୍ଞ ଲୋକ । ବଡ଼ ଭଦ୍ର ଏମାନେ । ଏମାନଙ୍କୁ ଦେଖିଲେ, କଥା ଶୁଣିଲେ ସିନା ବୁଝିବ । ଶୁଣ, ଡ଼ାକଆଣି ଫେରାଇଦେଲେ ସେମାନେ ଅପମାନିତ ହେବେ । ମୁଁ ସ୍ନାନ କରିବାକୁ ଯାଉଛି, ତୁମେ ଉଠ ଏଥର ।”

ସ୍ୱର୍ଣ୍ଣ ନିଜକୁ ଧିକ୍କାର ଦେଇ ଭାବିଲା, ସ୍ୱାମୀଙ୍କୁ କାହିଁକି ଖାତା ଦୁଇଟା ଦେଲା ସେ । ହାତ ଉଠେଇ କେବେ କାହାକୁ ନମସ୍କାରଟିଏ ମଧ୍ୟ କରିନାହିଁ । ସଂପୂର୍ଣ୍ଣ ଅପରିଚିତ ଦୁଇଟି ସାହିତ୍ୟିକ ବ୍ୟକ୍ତି । କିମିତି ସେ ସେମାନଙ୍କ ସମ୍ମୁଖରେ ଯାଇ ଠିଆହେବ ? ସ୍ୱର୍ଣ୍ଣ ଯଦି ଯିବନାହିଁ, ଅଜଣା ଅଶୁଣା ଲୋକ ସହିତ ସାକ୍ଷାତ କରିବନାହିଁ ବୋଲି ଦୃଢ଼ ଇଚ୍ଛା ପ୍ରକାଶ କରିଥାଆନ୍ତା, କେହି ତ ବଳପ୍ରୟୋଗ କରି ତାକୁ ସେମାନଙ୍କ ପାଖକୁ ଟାଣିନେଇ ପାରନ୍ତାନାହିଁ । ସେ କରିବ କଅଣ ? ତାର ଅନ୍ତରଗତ ଇଚ୍ଛା ଆଜନ୍ମରୁ ଅଭ୍ୟାସଗତ ନିଷ୍ଠାକୁ ପରାସ୍ତକରି, ତା ମନରେ ଆବେଗ ସଞ୍ଚାର କରିଦେଉଛି । ସେ ଭାବିଯାଉଛି, ଦୁଇ ଜଣ ଆଗନ୍ତୁକ ଆସିଛନ୍ତି, ନାଟକ ସମ୍ବନ୍ଧରେ କଅଣ କହିବେ । ଶୁଣିଲେ ତ ଭଲ ହୁଅନ୍ତା । ଶୁକ ମଧ୍ୟ ବାରମ୍ବାର କରି ସେଇ କଥା ହିଁ ଲେଖୁଛି । ଯଦି ଏମାନଙ୍କୁ ଅଗଣାରୁ ହିଁ ଫେରିଯିବାକୁ କହିଦେବ, ତେବେ ଆଉ କେବେ କାହା ସହିତ ତା'ର ଲେଖା ସମ୍ବନ୍ଧରେ ଆଲୋଚନା କରିବ ? କିଏ କହିପାରିବ ! କାଲିକି ଯଦି ମୃତ୍ୟୁ ହୋଇଯାଏ ! ଯେଉଁ ଲେଖାକୁ ନେଇ ଏତେ ଆଶାପୋଷିଛି, ସେଗୁଡ଼ିକ ନାଟକର ରୂପ ଧାରଣ କରିଛି କି ନାହିଁ, ସେ ଜାଣିବ କିମିତି ? ହସ୍ତଭାରେ ଘର୍ମାକ୍ତ ହୋଇଗଲା ସ୍ୱର୍ଣ୍ଣର ସର୍ବାଙ୍ଗ ।

ପରମାନନ୍ଦ ଆଗନ୍ତୁକ ଦୁହିଁଙ୍କୁ ବାରଣ୍ଡା ବେଞ୍ଚ ଉପରେ ବସେଇ ଦେଇଆସି ସ୍ୱର୍ଣ୍ଣଙ୍କୁ କହିଲେ, “ଆଉ ଡେରି କରନାହିଁ ଶୁକବୋଉ ! ତୁମେ ସେଆଡ଼େ କଥାବାର୍ତ୍ତା କରି ଆସିଲାବେଳକୁ ମୁଁ ସ୍ନାନକରି ଆସୁଛି । ବେଳଟା ଭଲ ଆଡ଼କୁ ଆସିଯାଇ ଥିବାରୁ ସେ ଉତ୍ତାପରେ ଭୋକିଲା ହେଲଣି ।”

ଏ କଥା କହିଦେଇ ପରମାନନ୍ଦ ବାରିଆଡ଼କୁ ଚାଲିଯିବା ପରେ, ସ୍ୱର୍ଣ୍ଣ ପ୍ରସ୍ତୁତ ହୋଇଗଲା ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇ ଆସିବାକୁ । ବାରଣ୍ଡାରେ ଲଟକା ହୋଇଥିବା ଦର୍ପଣରେ ମୁହଁ ଦେଖି ଅବଗୁଣ୍ଠନଟିକୁ ଯଥାଯଥ ବିନ୍ୟସ୍ତ କରିଦେଲା ସେ । ସବୁ ଅବସାଦ, ଅନିଚ୍ଛା ଧୋଇ ପୋଛିହୋଇଗଲା ନିମିଷକରେ ସ୍ୱର୍ଣ୍ଣର ମନରୁ । ଅଭ୍ୟାସବଶତଃ ହାତଯୋଡ଼ି ଦେଲା

ସେ ଅଦୃଶ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ । ବସୁଦେବଙ୍କୁ ଯେ ପଥ ଦେଖେଇ ଦେଇଥିଲେ, ସେ ହିଁ ଆଜି ପଥ ଦେଖେଇଦେବେ ତାଙ୍କୁ ।

ଅଗଣା ବାରଣ୍ଡାର ବେଞ୍ଚ ଉପରେ ବସିଥିଲେ ଅତିଥି ଦୁଇ ଜଣ । ସୁରମାଷ୍ଟ୍ରେ ଠିଆହୋଇ କହିଲେ, "ନମସ୍କାର ଆଜ୍ଞା, ଆସନ୍ତୁ !"

ସ୍ୱର୍ଣ୍ଣ ହାତଯୋଡ଼ି ଦେଇ ଅଗ୍ରସର ହୋଇଯାଇ ବସିଲା ଚଉକିରେ । ବାଦ୍ୟକାର ବେଞ୍ଚ ଉପରୁ ଉଠି ନତହୋଇ ପ୍ରତି ନମସ୍କାର ଜଣେଇଲେ ସ୍ୱର୍ଣ୍ଣଙ୍କ ଉଦ୍ଦେଶ୍ୟରେ । ସ୍ୱର୍ଣ୍ଣ ଚଉକିରୁ ଉଠି ଠିଆହେଲା, କଅଣ କହିବ କିଛି ଭାବି ପାରୁନାହିଁ । ମନେପଡ଼ିଗଲା ଉପନ୍ୟାସର ଚରିତ୍ରମାନଙ୍କର ବନ୍ଧୁ ସମ୍ବର୍ଦ୍ଧନାର କଥା । ସେ ହାତଯୋଡ଼ି ଦେଇ କହିଲା ଆପଣ ଜଣେ ବୟସ୍କ ବ୍ୟକ୍ତି । ମୋର ପ୍ରଣାମଟି ଆପଣ ପ୍ରଥମେ ଗ୍ରହଣ କରନ୍ତୁ ।

ବାଦ୍ୟକାର ତଳେ ଖମ୍ବକୁ ଆଉଜି ବସିପଡ଼ି କହିଲେ, "ଏଇ କାଳୀଠାକୁରାଣୀଙ୍କ ସେବକ ଥିଲେ ମୋର ବାପା । ଜାତିରେ ମୁନି । ତମେ ମୋ ମାଆ, ଆମ ବୁଢ଼ାଗୋସେଇଁଙ୍କ ପୁତ୍ରବଧୂ । ବୁଢ଼ା ଗୋସେଇଁ ବିଦ୍ୟାଦାନକୁ ସର୍ବଶ୍ରେଷ୍ଠ ଦାନ ବୋଲି ବିଶ୍ୱାସ ରଖିଥିଲେ । ତାଙ୍କ ସାଙ୍ଗରେ କମିତି ଭେଟହେଲା, ସେ କଥା କହିଲେ କାହାଣୀଟିଏ ହୋଇଯିବ । ଆଉ ଦିନେ ଆସିଲେ କହିବି । ମତେ ବୁଢ଼ାଗୋସେଇଁ ପ୍ରଥମ କରି ଦେଖିଥିଲେ ଠାକୁରାଣୀଙ୍କ ଦେଉଳ ପାଖରେ । ଗୀତ ଗାଉଥିଲି । ଗୀତ ଶୁଣି ସେ ମତେ କେତେ କଅଣ ପଚାରିଥିଲେ, ମନେ ନାହିଁ । ସେହିଦିନ ହିଁ ଡାକି ଆଣିଥିଲେ ଏଇ ଘରକୁ । ଅ-ଆଠାରୁ ଆମରଇକୋଷ ପର୍ଯ୍ୟନ୍ତ ପଢ଼େଇ ଦେଇଥିଲେ । ତାପରେ ମୁଁ ହେଲି ବିପତ୍ନୀକ । ବର୍ମା ଦେଶକୁ ପଳେଇଗଲି । ସେଇଠି ନାଟ୍ୟଦଳ ଭିତରେ ହେଲା ଏଇ ସୁରମାଷ୍ଟ୍ରଙ୍କ ସାଙ୍ଗରେ ବନ୍ଧୁତା । ସେଇ ପ୍ରଥମ ଦେଖାଠୁ ଆମେ ଦୁହେଁ ବାନ୍ଧିହୋଇ ରହିଛୁ, କେହି କାହାକୁ ଛାଡ଼ିପାରୁନାହିଁ । ମୋର ଏ ବନ୍ଧୁଙ୍କ ବିଷୟ କିଛି କହିଦେଇଥାଏ । ସ୍ୱାଙ୍କର କଣ୍ଠଧ୍ୱନି ଶୁଣିଲେ ବଣର ହରିଣ ମଧ୍ୟ ଉନ୍ମନା ହୋଇ ଧାଇଁଆସିବ । ଅନେକଗୁଡ଼ିଏ ଭାଇଙ୍କ ଭିତରେ ଏ ହୋଇଥିଲେ, ଘରଜ୍ୱାଇଁ । ଶ୍ୱଶୁର ମଲେ । ଶାଶୁ ତାଙ୍କର ଝିଅ ଆଉ ନାତିମାନଙ୍କୁ ନେଇ ଘର ଚଳେଇଚନ୍ତି । ଭୂମିବାଡ଼ି ଅଛି । ଅବସ୍ଥା ଭଲ । ଏଇ, ବର୍ଷକୁ ଥରେ ଦେଶକୁ ଆସି ଟଙ୍କାପଇସା ଆଣିଥିଲେ, ଦେଇଯାଉଛନ୍ତି । ନ ଆଣିଥିଲେଁ ବାଟଖରଚ ଧରି ଯାଉଛନ୍ତି ଶାଶୁଙ୍କଠାରୁ । ଶାଶୁଟି ବଡ଼ ସ୍ନେହଶୀଳା ।"

ସୁରମାଷ୍ଟ୍ରେ କହିଲେ, "ଏଇ ତ ପୁଣି ଚାଲିଯିବାକୁ ହେବ ଦୂର ଦେଶକୁ । କେଉଁଦିନ ଘରୁ ବାହାରିବାକୁ ହେବ, ସେ କଥା ପଚାରି ଆସିଥିଲି ବାଦ୍ୟକାରଙ୍କୁ । ରାତିରେ ଏହାଙ୍କ ବସାରେ ରହିଲି । ଆପଣଙ୍କର 'ନବଜନ୍ମ' ନାଟକ ଖଣ୍ଡିଏ ଇଏ ମତେ ଦେଖିବାକୁ ଦେଲେ । ଆପଣ ଯେ ଜଣେ ବଦ୍ଧମା-ଗୃହିଣୀ, ନାଟକ ଲେଖିବାକୁ ଏତେ ଉପାଦାନ ପାଇଲେ କେଉଁଠୁ ? ନାଟକ ଗଢ଼ିବାର ଗୋଟାଏ ଅଦମ୍ୟ ସ୍ପୃହା ମନ ଭିତରେ ରହିଛି । ଭାଷା ବିଷୟରେ ସାମାନ୍ୟ ସତର୍କତା ଆବଶ୍ୟକ । କହିଟା ପଢ଼ୁ ପଢ଼ୁ ଇଏ ମତେ ବାଧ୍ୟ କଲେ ଗୀତ ଗୋଟାଏ ଗାଇବାକୁ । ବାଦ୍ୟକାରେ ସୁରମାଷ୍ଟ୍ରଙ୍କ ଆଡ଼କୁ ଅନେଇ କହିଲେ, 'ବର୍ଷାବର୍ଣ୍ଣନା' ଗୀତଟି କମିତି ହୃଦୟକୁ ସ୍ପର୍ଶକରୁଛି କହିଲ ମାଷ୍ଟ୍ରେ ? ସୁରମାଷ୍ଟ୍ରେ କହିଲେ, 'ବସନ୍ତବନ୍ଦନା'ଟି ମଧ୍ୟ ବଡ଼ ମନୋରମ ହୋଇଛି । ହଁ ମନେ ପଡ଼ିଗଲା, ଆପଣ ଆଜ୍ଞା ଆଉ କେତେ ଖଣ୍ଡ ନାଟକ ଲେଖିଛନ୍ତି ନା ଏଇ ଖଣ୍ଡିକ ?"

ସ୍ୱର୍ଣ୍ଣ ସଙ୍କୋଚ ଭୁଲି କହିଲା, "ଆଉ ତିନି ଚାରିଟା ନାଟକ ଯାହା ତାହା କରି ଲେଖିଦେଇଛି । ଏ ମହାଶୟଙ୍କଠାରୁ ଆପଣଙ୍କର ଗଳାର ସୁଖ୍ୟାତି ଶୁଣି, ସ୍ୱପ୍ନରାଜ୍ୟରେ ବସି ସଙ୍ଗୀତ ଶୁଣିଲା ପରି ମନେହେଉଛି ।" ବାଦ୍ୟକାରେ କହିଲେ, "ମାଷ୍ଟ୍ରେ ଗୀତ ଗୋଟେ ଗାଇଥାନ୍ତ ।" ସୁରମାଷ୍ଟ୍ରେ କହିଲେ, "ଯନ୍ତ୍ର ସାହାଯ୍ୟ ହେଲେ ତ ହେବ । ଖାଲି ହାରମୋନିୟମ୍ ହେଲେ ତ ହେବନାହିଁ । ତବଲା, ଡୁବି ଆବଶ୍ୟକ । କାଲି ସନ୍ଧ୍ୟାବେଳକୁ ତେବେ ଆମେ ଆସିବା ମାଷ୍ଟ୍ରେ !"

ସ୍ୱର୍ଣ୍ଣ ଅଳ୍ପ କଲାପରି କହିଲା, "ନାହିଁ, କାଲି ସନ୍ଧ୍ୟା ପର୍ଯ୍ୟନ୍ତ ନାହିଁ, ଆଜି ସନ୍ଧ୍ୟାବେଳକୁ ଆସନ୍ତୁ ।"

ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ଆଡ଼କୁ ଅନେଇଁ କହିଲେ, "ଆମେମାନେ ଇମିତି ମନୁଷ୍ୟ ହୋଇଛୁ ଯେ, ଆପଣା ମାଆଁଭଉଣୀଙ୍କୁ ମଧ୍ୟ ଚିହ୍ନି ପାରୁନୁ । ସେମାନଙ୍କ ମନର ଦୁଃଖସୁଖ କଥା ବୁଝିବୁ ଆଉ କଅଣ ? ଆଜି କି ଶୁଭକ୍ଷଣରେ ରାତି ପାହିଥିଲା, କଲ୍ୟାଣମୟୀ ଜନନୀଙ୍କ ସହିତ ସାକ୍ଷାତ ଘଟିଗଲା । ମନେହେଉଛି, 'ସ୍ୱୟଂ ବାକ୍‌ଦେବୀ ସମ୍ମୁଖରେ ବସି କଥା କହିଯାଉଛନ୍ତି ।' ରାତିରେ ଆପଣଙ୍କ ନାଟକ ପଢୁପଢୁ ଭାବୁଥିଲି, ଆପଣଙ୍କର ଯେବୁଗୁଡ଼ିକ ଲେଖା ପଢ଼ିବି ! ତିନି ଚାରି ଖଣ୍ଡ ନାଟକ ଲେଖିଛନ୍ତି ତ ! ଏଯାଏଁ କହୁଥିଲେ । ସବୁଗୁଡ଼ିକ ଦିଅନ୍ତୁ । କଅଣ କହୁଛନ୍ତି ? ନାଟ୍ୟକାର ବୋଲି ନଜର ଗୋଟାଏ ସୁଖ୍ୟାତି ତ ଅଛି ! ତାହାରି ଉପରେ ନିର୍ଭର କରି ଆପଣଙ୍କ ରଚନା ଉପରେ ହାତ ଦେବାକୁ ସାହସ କରାଯାଉଛି । ବୃଥା କୌତୂହଳ ବୋଲି ଯେପରି ମନେ ନ କରନ୍ତି । ଏ ଗୁଡ଼ିକକୁ ସୁସଜ୍ଜିତ କରି ତ ରାଜପଥକୁ ପଠାଇବାକୁ ହେବ । କଅଣ କହୁଛ ବାଦ୍ୟକାରେ ! ମୋର ଭାବନା ହୁଏ, ରାତି ଶେଷ ହେଲାବେଳକୁ ଥିବି କି ନାହିଁ ; କିଏ କହିପାରିବ ? ଏଣୁ ସକାଳବେଳେ ଆରମ୍ଭ କରିଥିବା କାର୍ଯ୍ୟ ସନ୍ଧ୍ୟା ସମୟକୁ ଶେଷ କରିଦେବାକୁ ହେବ । କାର୍ଯ୍ୟକ୍ଷେତ୍ରକୁ ଫେରିଯିବା ପର୍ଯ୍ୟନ୍ତ ଆମେ ଏ କାର୍ଯ୍ୟରେ ନିଯୁକ୍ତ ହୋଇଯିବା ବାଦ୍ୟକାରେ !

ସ୍ୱର୍ଣ୍ଣ କହିଲା, ମୋର ସୌଭାଗ୍ୟ ଆଜି ସ୍ୱରୂପ ଧରି ଆସି-ଯାଇଛନ୍ତି...... ।

ଏତିକିବେଳେ ବଶୁ ବାଟଘର ଦୁଆରମୁହଁକୁ ଆସି କହିଲା, ବାବୁ ଗାଧୋଇ ଆସି ଘଡ଼ିଏ ହେଲା ବସିଲେଣି ।

ବାଦ୍ୟକାର ଖମ୍ବ ପାଖରୁ ଉଠିପଡ଼ି କହିଲେ, ଗୋସେଇଁପୁଅ ଗାଧୋଇ ଆସି ବସିଲେଣି । ବୁଝିଲି, ମାଆ ଲକ୍ଷ୍ମୀ, ଇମିତି, କଥା କହିବାକୁ ପାଇଗଲେ, ଆମର ଆଉ ସମୟ-ଜ୍ଞାନ ରହେନାହିଁ । ଏଥର ବିଦାୟ ଦିଅ । ଆଉ ଥରେ ଆସିବା ।

କହି କହି ସେ ସୁରମାଷ୍ଟ୍ରଙ୍କ ହାତ ଟାଣିନେଇ ଓହ୍ଲାଇଗଲେ ବାରଣ୍ଡା ତଳକୁ । ସୁରମାଷ୍ଟ୍ରେ ଅଗଣା ଆଡ଼ୁ ମୁହଁ ଫେରେଇ କହିଲେ, ନମସ୍କାର ଆଜ୍ଞା ! ଖାତାଗୁଡ଼ିକ ଧରି ଆସିଥିଲି, ଆଉ ଥରେ ଆସିବା କଥା ଅଛି, ପୁଣି ଗୀତ ଗାଇବାକୁ ହେବ । ନେଇ ଯାଉଛି ସବୁଗୁଡ଼ିକ ଖାତା । ଗୀତ ତ ଯିମିତି ହେବନାହିଁ, ସ୍ୱରସଂଯୋଗ କରିବାକୁ ହେବ ।

ସ୍ୱର୍ଣ୍ଣ ଚଉକି ଉପରୁ ଉଠିଗଲା ଖମ୍ବ ପାଖକୁ । ହାତଯୋଡ଼ି ଦେଇ କହିଲା, ଆସିବେ ନିଶ୍ଚୟ । ମୁଁ ସନ୍ଧ୍ୟାପୂର୍ବରୁ ହିଁ ଅପେକ୍ଷା କରି ରହିବି ।

ବାରଣ୍ଡା ବେଞ୍ଚ ଉପରେ ବସି ପରମାନନ୍ଦ ପଢୁଥିଲେ ସମ୍ବାଦପତ୍ର । ସ୍ୱର୍ଣ୍ଣକୁ ଦେଖି କହିଲେ, ତୁମେ ସିନା ବାହାରକୁ ବାହାରି କାହା ସହିତ ଟିକିଏ କଥାଭାଷା କରି ଆସିବାକୁ ଭୟରେ ବ୍ୟାକୁଳ ହୋଇ-ଯାଉଛ । ଏଯୁଗରେ ସ୍ତ୍ରୀମାନେ ଦେଶର କାର୍ଯ୍ୟ କରିବାକୁ କି ସାହସ, କି ଧୈର୍ଯ୍ୟ ଧରି ବାହାରିଲେଣି, ସେ କଥା ତୁମେ ଶୁଣୁଛ ତ ଶୁକବୋଉ !

ସ୍ୱର୍ଣ୍ଣ ଟିକିଏ ଅନ୍ୟମନସ୍କ ଭାବରେ ହିଁ କହିଲା, ଜାଣିପାରୁଛି, କେହି ବାହାରି ନାହିଁ ବୋଲି କେହି ଯଦି ନ ବାହାରେ, ତେବେ ଏ ଦେଶର ସ୍ତ୍ରୀଗୁଡ଼ାକ କେବଳ ଜନ୍ମ ହେଉଥିବେ, ଆଉ ମରୁଥିବେ ।

ପରମାନନ୍ଦ ଉତ୍ସାହିତ ହୋଇ ଉଠି କହିଲେ, ଠିକ୍ କହିଛ । ଚାଲ ଖାଇବାକୁ ଯିବା । ଉପରଓଳି ପୁଣି ସେମାନେ ଆସିବେ । ଦିନକୁ ଦିନ ତୁମର କାର୍ଯ୍ୟଭାର ବଢ଼ିଯାଉଛି । ମନେ ମନେ ମୁଁ କମିତି ଗୋଟାଏ ଗର୍ବ, ଗୌରବ ଅନୁଭବ କରୁଛି ଶୁକବୋଉ । କଅଣ ହୋଇଥିଲ ତୁମେ, ନିଜକୁ ନିଜେ ଗଢ଼ିଯାଉଛ କି ସୁନ୍ଦର କରି । ମୁଁ ଇମିତି ଗୋଟାଏ ମନୁଷ୍ୟ ଯେ ଲେଖିସିନା ପାରୁନାହିଁ କିନ୍ତୁ ମନ ଭିତରେ ସବୁ ଅନୁଭବ କରୁଛି ।

ଦୁହେଁ ଭୋଜନ ଆସନରେ ବସିଲେ । ପରମାନନ୍ଦ ଖାଇବା ଆରମ୍ଭ କରୁକରୁ ପଚାରିଲେ, ନାଟକ ବିଷୟରେ କଅଣ କହୁଥିଲେ ସୁରମାଷ୍ଟ୍ରେ ?

"ଭଲ ହୋଇଛି ବୋଲି ତ କହୁଛନ୍ତି । ଇମିତି ତରତର ହୋଇ ଆଲୋଚନା ତ କରି ହେବନାହିଁ । ଉପରଓଳି ଆସିବେ । ଏ ଲୋକ ଦୁଇଟିଙ୍କୁ ଦେଖି ମୋ ମନ ଏକାଥରକେ ପରିବର୍ତ୍ତନ ହୋଇଯାଇଛି । ପିତାମାତାଙ୍କୁ ତ କେବେ ଦେଖିନାହିଁ । ମୋର ମନେହେଲା, ଏଇ ବାଦ୍ୟକାର ଲୋକଟି ହିଁ ମୋର ଗତଜନ୍ମର ପିତା । ସଙ୍ଗୀତ-ମାଷ୍ଟ୍ର ବୋଲି ଯାହାଙ୍କୁ କହୁଛ, ତାଙ୍କ କଥା ଶୁଣିଲେ ମନ ସ୍ୱତଃ ଉତ୍ସୁକ ହୋଇଉଠୁଛି । କି ଗଭୀର ଶ୍ରଦ୍ଧା ଏମାନଙ୍କର ମୋ ପ୍ରତି ! ଇମିତି ଭାବରେ ଏମାନଙ୍କୁ ଦେଖିବି ବୋଲି ତ କଳ୍ପନା କରି ନ ଥିଲି । ଭଗବାନ ମୋର ମନ ଜାଣି ଏ ମନୁଷ୍ୟ ଦୁଇଟିଙ୍କୁ ତିଆରି କରି ମୋ ପାଖକୁ ପଠେଇ ଦେଇଛନ୍ତି ।"

ଆହାର କାର୍ଯ୍ୟରେ ମନଦେଇ ପରମାନନ୍ଦ କହିଲେ, କମିତି ତୁମ ପାଇଁ ମନୁଷ୍ୟ ଗଢ଼ିବେ ! ଇମିତି ଅତିରଞ୍ଜିତ କଥାତ ତୁମ ମୁହଁରୁ କେବେ ଶୁଣି ନ ଥିଲି । ଯାହାହେଉ, ମତେ ଖୁସି ଲାଗୁଛି ଯେ ତୁମର ମହତ୍ କାର୍ଯ୍ୟରେ ସାହାଯ୍ୟ କଲାପରି ଦୁଇଟି ବନ୍ଧୁ ପାଇଗଲ । ମୁଁ ତ ତୁମର ସାହାଯ୍ୟକାରୀ ନୁହେଁ । ତୁମେ ମୋତେ ଖଟୁଲିରେ ବସେଇ ପୂଜା-ଅର୍ଚ୍ଚନା କରି ରଖିଛ ।

"ପୂଜା କରି ସ୍ତବ ରଚୁ ରଚୁ ତ ମୁହଁ ଫେରେଇ ବସିଯାଉଛ ପ୍ରାଣେଶ୍ୱର । ପୂଜା ନ କଲେ ତୁମର ଏ ପ୍ରସନ୍ନ ବଦନଟି ଦେଖନ୍ତି କମିତି ।"

ପରମାନନ୍ଦ କଅଣ ଗୋଟାଏ କହିବାକୁ ଉଦ୍ୟମ କରୁଥିଲେ, ଝିଅଟି ଧରି ଆସିଲା ଗରମ କଦଳୀଭଜା ।

ସନ୍ଧ୍ୟା ପୂର୍ବରୁ ସ୍ୱର୍ଣ୍ଣ ବସିଥିଲା ବାହାର ବାରଣ୍ଡାରେ ତଳେ ସପ ବିଛେଇ । ବେଞ୍ଚ ଉପରେ ବସି ଲେଖିବା ସୁବିଧାଜନକ ନୁହେଁ । ତେଣୁ ସେ ଏଇ କେତେଦିନ ହେଲା ତଳେ ବସି ତକିଆ ଗୋଟିଏ କୋଳ ପାଖକୁ ରଖି ତା' ଉପରେ ଖ.ତାପତ୍ର ରଖି ଲେଖେ । ସେ-ଦିନ ମଧ୍ୟ ସିମିତି ବସିଥିଲା ସେ ପଦ୍ମ-ଆସନ ପାରି । 'ନବଜନ୍ମ' ଶେଷକରି ଆରମ୍ଭ କରିଦେଇଛି 'ବିସ୍ମୃତି' ଘରେ କେହି କେଉଁଠି ନାହିଁ । ପରମାନନ୍ଦ ଯାଇଛନ୍ତି କାଲଞ୍ଜି ସାହିକୁ । ସାରଙ୍ଗଧରକେନା ଡାକ ଆସିଥିଲା; ବାପା ତାର ରେଙ୍ଗୁନରୁ ଫେରି ଆସି ଅସୁସ୍ଥ ହୋଇ-ଯାଇଛି । ଝିଅଟି କୁଆଡ଼େ କାଶି ଯାଇଥିବ । ସ୍ୱର୍ଣ୍ଣ କଅଣ ଗୋଟାଏ ଶବ୍ଦ ହୋଇଗଲେ ଚମକି ଉଠି ଅଗଣା ଆଡ଼କୁ ଅନେଉଛି ବାରମ୍ବାର । ଝିଅଟି ଯିବା ସମୟରେ ଦାଣ୍ଡଘର କବାଟ ଖୋଲି ଦେଇଯାଇଥିବ । କେବେ ତ ସେ ଘର କବାଟ ବନ୍ଦ ହୁଏନାହିଁ । ଆସିବା କଥା ହେଲେ, ଆସିଯାଇ ପାରନ୍ତି ସେ ଦୁହେଁ । ସତରେ କଅଣ ତା'ର ଲେଖା ନାଟକ, ନାଟକ ପରି ହୋଇଛି ! ଶ୍ୱଶୁର ତାକୁ ଯେଉଁ ଅଷ୍ଟାଦଶ ପୁରାଣ ପଢ଼େଇଛନ୍ତି, ସେଥିରୁ ଯେ କୌଣସି ଖଣ୍ଡିଏ ପରି ତାର ନାଟକ ହୋଇଛି ? ସିମିତି କମିତି ହେବ । ସେ ସବୁ ରଚନାର ସ୍ରଷ୍ଟା ଥିଲେ ସାଧକ; କିନ୍ତୁ ସେ ହେଉଛି, ଆପଣା କର୍ମର ବାଧକ । ଅର୍ଥାତ୍ ଆପଣା କର୍ମରେ ବାଧାସୃଷ୍ଟି-କାରିଣୀ । ସେମାନେ ପାଇଥିଲେ ପୁରୁଷ ଜନ୍ମ । ସେଇମାନେ ହିଁ ଯେ ସକଳ ପ୍ରକାର ବିଧିବିଧାନ ସୃଷ୍ଟି କରିଯାଇଛନ୍ତି । ସ୍ୱର୍ଣ୍ଣର ମନେପଡ଼ିଲା, ଶ୍ୱଶୁର ଥରକେ ଗଦା ଗଦା ଟଙ୍କାର ବହି ଆଣି ଗଦା କରନ୍ତି ତା ପାଖରେ । ଓଡ଼ିଆ, ବଙ୍ଗଳା ସଂସ୍କୃତ ବହି । ଶାଶୁ କହନ୍ତି, "ମାଇକିନା ଝିଅଟେ, ଏତେ ପୋଥି କଅଣ କରିବ ?" ମନୁଷ୍ୟ ଯେଉଁ କଥାକୁ ଡରେ, ସେଇ ଡର ତାକୁ ଖାଏ । କଥାରେ କହିଲା ପରି, ବାଘ ଭୟ ଯେଉଁଠି, ରାତି ହେଲା ସେଇଠି । ସ୍ୱର୍ଣ୍ଣ ସଙ୍କୋଚରେ ନତ ହୋଇପଡ଼େ ଶାଶୁଙ୍କ ପାଖରେ । ବହିପତ୍ର କିଛି ନ ଛୁଇଁ ଲାଗିଯାଏ ଶାଶୁଙ୍କ ସେବାରେ । ସେତେବେଳେ କିନ୍ତୁ କରୁ ବହି ପଢ଼ି ରଖେ ଶ୍ୱଶୁରଙ୍କୁ ପାଠଦେବାକୁ ! ସ୍ୱର୍ଣ୍ଣ ତାର ମଥାଟି ନତ କରିଦେଲା, ସ୍ୱର୍ଗତ ଶ୍ୱଶୁରଙ୍କ ପାଦତଳେ ।

ଏତିକିବେଳେ ଅଗଣା ଆଡ଼ୁ ଶୁଭିଲା, ସୁରମାଷ୍ଟ୍ରଙ୍କ ହସ ଆଉ କଥା । ସ୍ୱର୍ଣ୍ଣ ତକିଆ ଉପରେ ଖାତା ରଖିଦେଇ ଉଠିଆସିଲା ଅଗଣା ବାରଣ୍ଡାକୁ । ସୁରମାଷ୍ଟ୍ର ଧରିଛନ୍ତି ତାଙ୍କ କାନ୍ଧ ଉପରେ ହାରମୋନିୟମ୍

ଗୋଟିଏ ।ବାଦ୍ୟକାର ଦୁଇ ହାତରେ ଡୁବି ଆଉ ତବଲା ଧରି ଅଳନ୍ଦରୁ ଓହ୍ଲାଇ ଆସୁଛନ୍ତି ଅଗଣାକୁ ।ସେ ଦୁଇଙ୍କୁ ଦେଖି ଦେଖି ହିଁ ସ୍ୱର୍ଣ୍ଣ ଉଚ୍ଛ୍ୱସିତ କଣ୍ଠରେ ସ୍ୱାଗତ ନମସ୍କାର ଜଣାଇବାକୁ ଲାଗିଲା ।

ସୁରମାଷ୍ଟ୍ରେ ବେଞ୍ଚ ଉପରେ ହାରମୋନିୟମ୍‌ଟାକୁ ରଖିଦେଇ କହିଲେ ପଞ୍ଚସ୍ତରିଟି ଟଙ୍କା ଦେଇ ହାରମୋନିୟମଟା କିଣିନେଇ ଆସିଲି ଆଜ୍ଞା ! ଭଲ ଜିନିଷଟିଏ, ରଖି ଦେଇଥାନ୍ତୁ ଘରେ । କେବେ ହେଲେ ଏ ଆଡ଼କୁ ଆସିଗଲେ ଏଇଟାକୁ ଧରି ଆପଣଙ୍କୁ ଗୀତ ଶୁଣେଇଦେଇ ଯାଉଥିବି । ବାଦ୍ୟକାର ସେ ସମୟକୁ ଖମ୍ବକୁ ଆଉଜି ବସିପଡ଼ିଥିଲେ ପାଖକୁ ତବଲା ଡୁବି ରଖିଦେଇ ।

"କି ଶୁଭକ୍ଷଣରେ ଆଜ ରାତି ପାହିଥିଲା, ଆପଣମାନେ ଆଶ୍ଚର୍ଯ୍ୟରୂପେ ଆସି ଦେଖାଦେଇଛନ୍ତି । ଆଜିର ଏ ଆନନ୍ଦ ବ୍ୟକ୍ତ କରିବାକୁ ମୁଁ ଭାଷା ପାଉ-ନାହିଁ ।"

"ସବୁ କଥା ତ ଆଜ୍ଞା ଆପଣ ନାଟକରେ ପ୍ରକାଶ କରୁଛନ୍ତି । ଏଇ ଆମେମାନେ ଆସିବା କଥା ମଧ୍ୟ ଜୀବନର ଗୋଟିଏ ଅଧ୍ୟାୟ ହୋଇ ରହିଯାଉ "

ବାଦ୍ୟକାର ସବୁ କଥା ଶୁଣି ନ ଶୁଣିଲା ପରି ରହି ତବଲା ଧରି ଆରମ୍ଭ କରିଦେଇଥିଲେ ଠୁକିବାକୁ । ଟିକିଏ ପରେ ସେ ସୁରମାଷ୍ଟ୍ରଙ୍କ ଆଡ଼କୁ ଅନେଇଁ କହିଲେ, 'ବର୍ଷା' ଗୀତଟା ଗାଇବ ପରା ! ଆରମ୍ଭ କର—"

ବର୍ଷା ନା ବସନ୍ତ ? କେଉଁ ଋତୁଠାରୁ ଆରମ୍ଭ କରିବ ? ନା ଶରତଋତୁର ବନ୍ଦନାଟା ଗାଇବା । ହେଉ ତେବେ, ବର୍ଷାଟା ହିଁ ଆରମ୍ଭ କରୁଛି ।

ହଁ ସେଇକଥା କହ, ବୋଲି କହୁ କହୁ ତବଲା ବଜେଇବା ଆରମ୍ଭ କରିଦେଲେ ବାଦ୍ୟକାରେ । ବେଞ୍ଚ ଉପରୁ ଶତରଞ୍ଜିଟାକୁ ଟାଣିନେଇ ତଳେ ବିଛେଇ ବସିଗଲେ ସୁରମାଷ୍ଟ୍ରେ । ସେ ହାରମୋନିୟମ୍ ବଜାଇ ଆରମ୍ଭ କଲେ ଗୀତ—

ଝର ଝର ବାରି ବରଷେ
ଶିହରି ଉଠୁଛି ଧରଣୀର ଦେହ
ସେ କେଉଁ ପରମ ହରଷେ ।
ଗଗନ ମଣ୍ଡଳ ଗର୍ଜେ ଘଡ଼ ଘଡ଼
ବିଜୁଳି ଚମକି ଉଠେ ବାରମ୍ବାର,
ଶଶୀ ତାରା ନାହିଁ ଆକାଶେ ।
ତରୁଲତାକୁଳ ଉଠନ୍ତି ଦୋହଲି
ଝଡ଼ ପଡ଼ୁଅଛି ଫୁଲର ପାଖୁଡ଼ି
ସଜଳ ସମୀର ପରଶେ ।
ଝରେ ଜଳଧାରା ପ୍ରବଳ ବେଗରେ
ବେଦନା କରେ କେ ହୃଦୟ ଭିତରେ
ଗଭୀର ବିରହ ଆବେଶେ ।
ପଥେ ନାହିଁ କେହି, ନାହିଁ କେହି ଘରେ
ଅପରିଚିତ କେ ଡାକେ ବହୁ ଦୂରେ
ବାସ ଭରେ ଫୁଲ-ସୁବାସେ ।
ପ୍ରିୟ ସଖୀ ମୋର କରୁଛି କ୍ରନ୍ଦନ
ଯିବି ପାଶେ ତାର ଖୋଲି ମୋ ବନ୍ଧନ,
ଚିରଜନମର ସାଥୀ ସେ ।

ବାଦ୍ୟକାର ଏତିକିରେ ହିଁ ତବଲାଟାକୁ ଆଡ଼େଇ ରଖିଦେଇ କହିଲେ, ମା-ଲକ୍ଷ୍ମୀ, ତୁମେ ଏଇଟାକୁ ଗୀତ ବୋଲି ଲେଖିଛ ନା କବିତା କରି ଲେଖିଛ ? ଗୀତରେ ଖୁବ୍‌ବେଶି ଚରଣ ରହିବ । ତୁମେ ତ ମାଆ ପାଞ୍ଚପଦ ପର୍ଯ୍ୟନ୍ତ ଆସିଗଲଣି ।

ସ୍ୱର୍ଣ୍ଣ ସ୍ୱପ୍ନାବିଷ୍ଟ ହୋଇ ଶୁଣିଯାଉଥିଲା ସୁରମାଷ୍ଟ୍ରଙ୍କ କଣ୍ଠରୁ ଆପଣାର ଆନନ୍ଦମୟ ଅଭିବ୍ୟକ୍ତି । ସେ ଆବେଗରେ ହିଁ ଚଉକିରୁ ଉଠି ବାଦ୍ୟକାରଙ୍କ ସମ୍ମୁଖରେ ବସିପଡ଼ି କହିଲା, "ଆପଣ ଯେ ମୋର ଶ୍ରେଷ୍ଠ ବାଦ୍ୟକାରେ । ଆପଣ ଯଦି ଆଜି ଆପଣଙ୍କର ଏଇ ବନ୍ଧୁଙ୍କୁ ଧରି ଆସି ନ ଥାନ୍ତେ, ଜୀବନରେ କେବେହେଲେ କଅଣ ଏ ସୁଧାମୟ ସ୍ୱର ଶୁଣିପାରିଥାନ୍ତି ! ମୁଁ ଯେ ଦୁଃଖସୁଖ ସବୁ ଭୁଲି ଅମରପୁରୀର ନନ୍ଦନବନରେ ଭ୍ରମଣ କରୁଛି—"

କଥାଟାକୁ ଲଘୁ କରିଦେବା ଉଦ୍ଦେଶ୍ୟରେ ହିଁ ସୁରମାଷ୍ଟ୍ରେ ହସି ହସି କହିଲେ, ଆପଣ ଆପଣାର

ମନର କଥା ଶୁଣି ଆନନ୍ଦରେ ଅଧୀର ହୋଇ ଉଠିଛନ୍ତି । ସେ କଥା ନ କହି କଥାଟାକୁ ଅନ୍ୟ ପ୍ରକାର କରି କହୁଛନ୍ତି । ବାଦ୍ୟକାରେ, ମୁଁ ତ ଗୀତ ଅଂଶଟି ଶେଷ କରିଦେଲି । ଏଥର ତୁମର ପାଳି ପଡ଼ିଲା, କବିତା ଅଂଶଟକ ତୁମେ ଆବୃତ୍ତି କରିଦିଅ ।

ବାଦ୍ୟକାର ସ୍ୱର୍ଣ୍ଣର ମୁହଁକୁ ଅନେଇ କହିଲେ, ଆହା ମୋ ମାଆ, ଆପଣାର ସ୍ୱର ଶୁଣି ବ୍ୟାକୁଳ ହୋଇଯାଉଛନ୍ତି । ତୁମେ ତଉକରେ ବସ ମା' ଲକ୍ଷ୍ମୀ ! ତୁମର ଚିରବୃଦ୍ଧ ସନ୍ତାନଟି ଯେଉଁ ଆଦେଶ ଦେବ, ସେ ତାହା ପାଳନ କରିବ । ସ୍ୱର୍ଣ୍ଣ ମୁହୂର୍ତ୍ତକରେ ସଜାଗ ହୋଇଯାଇ ତଉକରେ ବସୁ ବସୁ କହିଲା, "ଆପଣ ମଧ ଗୀତ ଗାଆନ୍ତୁ ବାଦ୍ୟକାରେ ! କି ଶୁଭଦିନ ଆଜି ମୋର ! ଜୀବନରେ ଇମିତି ଗୋଟାଏ ଦିନ କେବେ ଆସିବ ବୋଲି ଆଶା କରି ନ ଥିଲି ।"

"ମାଆ ଲକ୍ଷ୍ମୀ, ତୁମେ ମୋ ଗୀତଅଂଶକୁ ମନଦେଲେ ସିନା ହେବ । ଦି'ପଦର ଗୋଟାଯାକ ଆମେ ଦୁଇ ବନ୍ଧ ତୁମର ଏ କବିତା ମୁଖସ୍ଥ କରିଛୁ । ଶୁଣ—

ଆସିଛି ବରଷା ମହାସମାରୋହେ
ଗୁରୁଗୁରୁ ଗର୍ଜେ ଗଗନ
ଅରଣ୍ୟର ଲକ୍ଷ୍ମୀ କରୁଛନ୍ତି ସ୍ନାନ
ହୋଇ ମହାନନ୍ଦେ ମଗନ ।

ଚମକି ଉଠୁଛି ଦିଗନ୍ତେ ବିଜୁଳି
ଧରଣୀ ଉଠୁଛି ଥରେ ଥରେ ଥରି
ଉଚ୍ଛଳ ବତାସ ବହୁଛି
ବ୍ୟଥାରେ ହୃଦୟ 'ଭରୁଛି ।

କାହାର ବିରହେ କରେ ମୁଁ ରୋଦନ
ଦେଖି ନାହିଁ କେବେ ତାହାଙ୍କୁ,
ଶୁଣିଲେ ଏ କଥା ହସିବେ ସକଳେ
କହିବି ଏ ଦୁଃଖ କାହାକୁ !

ଦେଖି ନାହିଁ କେବେ ତାଙ୍କୁ ମୁଁ ନୟନେ
ଶୁଣି ନାହିଁ ତାଙ୍କ ସ୍ୱର ମୁଁ ଶ୍ରବଣେ
ଦେଖିଲି ପରିଏ ଲାଗୁଛି
ଅନୁରାଗେ ତନୁ ଥରୁଛି ।

ଝର ଝର ଜଳ ଝରୁଛି ଆକାଶୁ
ବନସ୍ଥଳ ହୋଇ ହସିଛି ।

ମସ୍ତକ ଦଂଶନ କରେ ଚନ୍ତା-କୀଟ
ଆଖିରୁ ଲୋତକ ଝରୁଛି ।

କେତେବେଳେ ତୁମେ ରହି ମୋ ହୃଦୟେ
କହୁଅଛ କଥା ଗମ୍ଭୀର ସ୍ନେହେ,
କେବେ ଦୂରେ ଯାଅ ଗୁଲି ଯେ,
ମରେ ମୁଁ କେବଳ ଝୁରି ଯେ !

ଏ ଶ୍ରାବଣ-ଧାରା ସମ ତୁମେ ଆଜ
ଲେଖନୀରୁ ପଡ଼ ଝରି ଗୋ ।

ତୁମର ଅମୃତ ବଚନେ ଆଜିର
ପତ୍ରଟି ଯାଉ ଭରି ଗୋ ।

ଅଛି ଯେତେ କଥା ହୃଦୟ-କନ୍ଦରେ
ମୁକ୍ତ କରିଦିଅ ମଧୁର ଛନ୍ଦରେ
ଅଧା ରହିଅଛି ଯେ ଗୀତ
କରି ଦିଅ ଆସି ସମାପ୍ତ ।

ସ୍ୱର୍ଣ୍ଣ ମନ୍ତ୍ରମୁଗ୍ଧ ପରି ଶୁଣିବାରେ ଲାଗିଥିଲା ବାଦ୍ୟକାରଙ୍କ କବିତା-ଆବୃତ୍ତି । ତା'ର ମନେ-ହେଉଥିଲା, ତା' ହୃଦୟର କଥାଗୁଡ଼ିକ ଅସଂଖ୍ୟ ଆକାର ଧରି ଗୀତ ଗାଉଛନ୍ତି ତାଙ୍କୁ ଘେରାଇ ବସି । ସୁରମାସ୍ତ୍ରେ ସ୍ୱର ଧରି ଗୀତ ଆରମ୍ଭକଲେ ସ୍ୱର୍ଣ୍ଣ ଅନ୍ୟ-ମାନେ ସମସ୍ୱରରେ ଗାଇ ଉଠୁଛନ୍ତି । କି ସୁନ୍ଦର ମଧୁର କୋକିଳ ପରି କଣ୍ଠ ଏଇ ସୁରଦାସଙ୍କର ଏ ଲୋକଟି କିମିତି କେଉଁଠୁ ଆସିଲା ? ସେ ତ କେବେ ଇମିତି ଗୋଟିଏ ମନୁଷ୍ୟର ଆଗମନ କଳ୍ପନା କରି-ନଥିଲା । ଆଜି ବାଦ୍ୟକାର—ଏ ଲୋକଟିକୁ ଦେଖିଲେ ଯେ ହୃଦୟ ଭିତରେ ଭରିଯାଉଛି ଭକ୍ତିସୁଧା । ସେ କୌଣସି ଆଡ଼କୁ ନ ଗୁହିଁ ସ୍ୱଗତ ଉକ୍ତି କଲାଭଳି

କହିଲ, ଯୁଗ ଯୁଗରୁ ମୃତ ହୋଇ ପଡ଼ିଥିବା ପ୍ରାଣ ଉପରେ ଆପଣମାନେ ଢାଳିଦେଲେ ପବିତ୍ର ସ୍ୱର୍ଗ-ଗଙ୍ଗାର ଧାରା । ସେ ମୃତଟା ଯେ ବର୍ତ୍ତମାନ ନବଜୀବନ ପାଇ ବସିଲାଣି । ନବୀନ ଶ୍ରବଣଶକ୍ତି ଏବଂ ଦିବ୍ୟଦୃଷ୍ଟିଶକ୍ତି ଦ୍ୱାରା ସେ ଦେଖୁଛି, ଶୁଣୁଛି ସପ୍ତଲୋକର କଥା ।

ସୁରମାଷ୍ଟ୍ରେ ସ୍ୱର୍ଣ୍ଣର ଭାବାକୁଳତା କଟାଇ ଦେବା ଉଦ୍ଦେଶ୍ୟରେ କହିଲେ, ଏଇ ସୁରଖଣ୍ଡି ନାଟକ ତ ଲେଖିଛନ୍ତି; ଏ ସବୁ ସମାପ୍ତ ହୋଇଯାଇଛି । ତା ପରେ ଆଉ କିଛି ଆରମ୍ଭ କରିନାହାନ୍ତି ? ସ୍ୱର୍ଣ୍ଣର ମନେ ପଡ଼ିଗଲା, ସେ ନାଟକ ଆରମ୍ଭ କରି ପ୍ରଥମ ଦୃଶ୍ୟଟି ମାତ୍ର ଶେଷକରିଛି । ସମଗ୍ର ଜୀବନକାଳ ଭିତରେ ଏଇ ଏତିକ କାର୍ଯ୍ୟ ! ଏତିକ କରି ସେ ପରଂବ୍ରହ୍ମଙ୍କୁ ଜଣାଉଛି, ଆଜନ୍ମରୁ କେବଳ ତୁମରି ବନ୍ଦନା ଗାଉଛି ବୋଲି ।

ବାଦ୍ୟକାର ମଥାଟେକି ସ୍ୱର୍ଣ୍ଣଆଡ଼କୁ ଅନେଇ କହିଲ, ସୁରମାଷ୍ଟ୍ରଙ୍କ କଥା ଶୁଣିଲ ତ ମାଆ ! ସେ ନିଜେ କେତେ ଗଳ୍ପ, ନାଟକ ଲେଖିଛନ୍ତି, କିନ୍ତୁ ସେଥିରୁ ଖଣ୍ଡିଏ ହେଲେ ଶେଷ କରିନ ହାନ୍ତି । ଲେଖକ ଯେ ସେ ଲେଖୁ ଲେଖୁ ଅଳ୍ପ କେତୋଟି ସିନା ଗ୍ରନ୍ଥର ଆକାର ହୁଏ—”

ସ୍ୱର୍ଣ୍ଣ ବାଦ୍ୟକାରଙ୍କୁ କଥା ଶେଷ କରିବାକୁ ନ ଦେଇ କହିଲ, ‘ନବଜନ୍ମ’ ନାଟକ ପରେ ‘ନିସ୍ତୃତି’ ଆରମ୍ଭ କରିଛି । କେତେଦୂର ପାରିବ, ଜାଣେନାହିଁ ।

‘ନିର୍ଗ୍ରସ୍ତା’ ‘ଅନାଥିନୀ’ ଏବଂ ‘ମୋ କଥା’ ପଢ଼ିଛି ବାଦ୍ୟକାରେ ଶୁଣିଛନ୍ତି । ଏଗୁଡ଼ିକୁ ତ ଉଚ୍ଚକୋଟିର ସାମାଜିକ ଆଖ୍ୟାନ ବୋଲି କୁହାଯିବ । ସମ୍ମୁଖରେ ବସି ପ୍ରଶଂସା କରିବା କିଛି ସହଜ କାର୍ଯ୍ୟ ନୁହେଁ । ଆପଣଙ୍କର ଏଇ ନାଟକଗୁଡ଼ିକୁ ଭଲ ନାଟକ ବୋଲି ସ୍ୱୀଂକହିବାକୁ ହେବ । ଆମେ ପୁରୁଷ ହାତର ଏକାଧିକ ନାଟକ ପଢ଼ି ଅଭିନୟ କରିଛେ । ସେଥିରୁ ଅଧିକାଂଶ ଅନ୍ୟର ନିନ୍ଦା ଆଉ ପ୍ରଶଂସାରେ ଭରା । ଏଠି ଆମେ ଦେଖୁଛେ, ବିଭିନ୍ନ ଆକାର-ପ୍ରକାରର ଆତ୍ମପ୍ରକାଶ । ବାଲ୍ମୀକ ଆପଣା ଦୁର୍ଦ୍ଧର୍ଷ ସ୍ୱଭାବ ଦେଇ ରାବଣଙ୍କୁ ଗଢ଼ିଥିଲେ ବୋଲି ହିଁ ରାବଣ ଚରିତ୍ର-ଚିତ୍ରଣଟି ଏତେ ସୁନ୍ଦର । ‘ନବଜନ୍ମ’ରେ ମାଆ ନିଜକୁ କରିଛନ୍ତି ରାଜକନ୍ୟା । ପରେ ସେ ହୋଇଛି ସନ୍ନ୍ୟାସିନୀ ।

ବାଦ୍ୟକାର ତଳକୁ ଚାହିଁ କହିଲେ, ମୋ ମାଆ ଯେ ଚିର ମାନସୀ !

ବାଦ୍ୟକାର ଆଉ ସୁରମାଷ୍ଟ୍ରଙ୍କ କଥା ଶୁଣି ସଜଳ ହୋଇଗଲା ସ୍ୱର୍ଣ୍ଣର ଆଖି । ସେ ଜଡ଼ିତକଣ୍ଠରେ ହିଁ କହିଲା, ଆପଣମାନେ ଆସିଲେ ବୋଲି ସିନା ମୋର ଲେଖିବା କଥା ଜାଣିଲେ; ତା’ ନ ହୋଇଥିଲେ ଏ-ସବୁ ନାଟକର ଅଜ୍ଞାତବାସରେ ହିଁ ମୃତ୍ୟୁ ଘଟିଥାନ୍ତା । ବାଦ୍ୟକାର ମଥାଟେକି ସ୍ୱର୍ଣ୍ଣର ମୁହଁକୁ ଚାହିଁ କହିଲେ, ଆହା, ମୋ ମାଆ ଲକ୍ଷ୍ମୀ କି ସୁନ୍ଦର କଥା କହିଲ ! ତୁମ କଥାରେ ଅତିରକ୍ତ ବୋଲି କିଛି ନାହିଁ ଗୋ ମାଆ ! ଏଇ ଆମର ସୁରମାଷ୍ଟ୍ରେ କେତେ ନାଟକ, କେତେ ପ୍ରହସନ ଲେଖିଲେଣି । କାହିଁ ଖଣ୍ଡିଏ ହେଲେ ତ କେଉଁଠି ନାହିଁ । ଏ ମହାଶୟ କିଏ, କଅଣ କରୁଥିଲେ, ଏବେ କଅଣ କରୁଛନ୍ତି, ଏକଥା ତ ତୁମକୁ କହିନାହିଁ ମାଆ ! ବଡ଼ ଅକପଟୀ । ଯାହା ଭାବନ୍ତି କହିଦଅନ୍ତି ।

ଏ କଥା ଶୁଣି ସୁରମାଷ୍ଟ୍ରେ ଟିକ୍ରୁ ଉଠିପଡ଼ିଲା ପରି ହୋଇ କହିଲେ, ମୋ ଇତିହାସ ଅତି ସଂକ୍ଷିପ୍ତ । ସେ କଥା ପରେ ଶୁଣିଲେ ମଧ୍ୟ ଚଳିବ । ତୁମ କଥା ଆଗ କରି କହୁଛି । ଶୁଣନ୍ତୁ ଆଜ୍ଞା ! ଆମ ବାଦ୍ୟକାର ବିବାହ କରିଥିଲେ ବାରବର୍ଷ ବୟସରେ । ତାଙ୍କ ବଧୂର ବୟସ କେତେ ହୋଇଥିବ କିଏ ଜାଣିଛି ? ସ୍ତ୍ରୀଙ୍କ ବଧୂ ଆସିଲେ । ଆସିବା ତିନଦିନ ପରେ କଅଣ ଗୋଟାଏ ରୋଗରେ ମରିଗଲେ ।

ବାଦ୍ୟକାର ମଥାଟେକି କହିଲେ, କଅଣ ଗୋଟାଏ ରୋଗ କାହିଁକି ହେବ ? ବସନ୍ତ ହେଲା ସେଇ ଆସିବା ଦିନ ରାତିରେ, ତିନଟା ଦିନରେ ଶେଷ ।

ଶୁଣନ୍ତୁ ଆଜ୍ଞା, ସେ ତ ମଲେ, ଏ ଆଉ ବିବାହ କଲେ ନାହିଁ । ମାଆ-ବାପା ବିବାହ କରିବାକୁ ଅନୁରୋଧ ଉପରୋଧ କରିବାରୁ ଚାଲିଗଲେ ରେଙ୍ଗୁନ୍ ।

ଘରେ ତ ଧନସମ୍ପଦ ନ ଥିଲା । ବାପାମାଆ ଅଭାବ-ଅସୁବିଧାରେ କେତେଦିନ ବଞ୍ଚି ତା ପରେ ମଲେ । ଶେଷପର୍ଯ୍ୟନ୍ତ ଦେବୀଙ୍କ ସେବାରେ ନିଯୁକ୍ତ ଥିଲେ, ଶେଷ ସମୟକୁ ତାଙ୍କର କିଏ ଜଣେ ସମ୍ପର୍କୀୟ ବ୍ୟକ୍ତି ସେ ଅଧିକାର ପାଇଲେ ।

ସୁଶ୍ରୀ ପଚାରିଲା ତା'ପରେ କଅଣ ହେଲା ? ରେଙ୍ଗୁନକୁ ଯାଇ କଅଣ କଲେ ?

ଓଡ଼ିଆ ଲୋକଙ୍କୁ ନେଇ ଗଢ଼ିଲେ ଯାତ୍ରାଦଳ ! ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା ଚାଲିଥିଲା । ଦଳର ବଡ଼ ଅଧିକାରୀ ହୋଇଥିଲେ ଇଏ । ତା ପରେ ଆଉ କଅଣ ହେଲା ପଚାରନ୍ତୁ । ମୋ ବାପା ମତେ ପାଠ ପଢ଼ୋଉଥିଲେ କଅଣ ହେବାକୁ ଗୋଟାଏ ହେବ ବୋଲି । ବାପା ଥିଲେ ତହସିଲଦାର କୋର୍ଟର ଚପରାସୀ । ତାଙ୍କର ଇଚ୍ଛା ଥିଲା, ପୁଅ ତାଙ୍କର ତହସିଲଦାର ନ ହେଲେ ମଧ୍ୟ ବଡ଼ ଗୁମାସ୍ତା ଗୋଟିଏ ହେଲେ ହେବ । କିନ୍ତୁ ନ ହୋଇ ବର୍ତ୍ତମାନ ପରିପୂର୍ଣ୍ଣ ମନୁଷ୍ୟ ଗୋଟିଏ ହୋଇଯାଇଛି । ଏଇ ଦେଖନ୍ତୁ, ବାଦ୍ୟକାରଙ୍କ କଥା କହୁ କହୁ ମୋର ଜୀବନ ଇତିହାସ କହିଯାଉଛି । ବୃନ୍ଦାବନ ମୁନି ରେଙ୍ଗୁନ୍‌ରେ ପାଇଗଲେ ବାଦ୍ୟକାର ଉପାଧି । ପ୍ରବାସୀ ଓଡ଼ିଆଙ୍କ ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ସଙ୍ଗୀତ-ସାହିତ୍ୟ ଚର୍ଚ୍ଚା ମଧ୍ୟ କରାଉଥିଲେ । ଏ ସମୟରେ ମୁଁ ଯାଇ ପହଞ୍ଚିଗଲି । ପିଲାଦିନରୁ ଥିଲି ସଙ୍ଗୀତପ୍ରିୟ । ତେଣୁ ମୋ ମାମୁଁ ମତେ ସୁରଦାସ ବୋଲି ନାମ ଦେଇଥିଲେ । ମେଟ୍ରିକ୍ ପରୀକ୍ଷା ଥିଲା ମାସେ ଦୁଇ ମାସ ବାକି । ନୂଆ କରି ଆସିଲା, ସେ ଗୋଟାଏ ଆଶ୍ଚର୍ଯ୍ୟ ଯନ୍ତ୍ର । ଗ୍ରାମୋଫୋନ୍ ! ଅଦୃଶ୍ୟ ଗୁରୁଙ୍କ ଉଦ୍ଦେଶ୍ୟରେ ଆପଣାକୁ ଅଞ୍ଜଳି କରି ଅଜାଡ଼ି ଦେଇ ଗ୍ରାମୋଫୋନ୍ ସାହାଯ୍ୟରେ ସଙ୍ଗୀତ ଶିକ୍ଷାକରି ଚାଲିଗଲି ମାମୁଁଙ୍କ ସାଙ୍ଗରେ ରେଙ୍ଗୁନ୍ । ସେଇଠାରେ ହିଁ ଏଙ୍କ ସାଙ୍ଗରେ ଘଟିଲା ମୋର ସାକ୍ଷାତ । ଏ କଥା ବହୁକାଳର ହେଲାଣି । ପ୍ରାୟ ତିରିଶ ବର୍ଷ । ଏ ଭିତରେ ମୁଁ ଘରକୁ ଆସିଥିଲି । ଟଙ୍କା-ସୁନା ମଧ୍ୟ ନେଇ ଆସିଥିଲି । ବିବାହ ହୋଇଗଲା, ସନ୍ତାନ ଦୁଇଟି । ସ୍ତ୍ରୀ ଅଛନ୍ତି, ସେଇ ଯେଉଁ ପ୍ରଥମ ଥର ସୁନା ଧରି ଆସିଥିଲି, ସେଥିରେ ଅଳଙ୍କାର ଗଢ଼େଇଆଣି ନନ୍ଦ ହେଉଛନ୍ତି ଦେହରେ । ମୋ ଶ୍ୱଶୁର ଯାହା ଦେଇଥିଲେ, ସେଥିରେ ସେ ତାଙ୍କ ମାଆଙ୍କୁ ପାଖରେ ରଖି ସୁଖରେ ଅଛନ୍ତି । ବାଦ୍ୟକାରେ ବଡ଼ ଆସ୍ତିକ ଲୋକ । ବଡ଼ ଈଶ୍ୱରବିଶ୍ୱାସୀ । ଦେଶକୁ ବର୍ଷେ ହେଲା ଆସିଛନ୍ତି । ମୁଁ ବର୍ଷକୁ ଥରେ ଆସେ । ଏଥର ଏଙ୍କ ସାଙ୍ଗରେ ଆସିଥିଲି । ଆସିବା ଦିନଠୁ ଇମିତି କାର୍ଯ୍ୟବ୍ୟସ୍ତ । କଅଣ କହୁଛ ବାଦ୍ୟକାରେ ! ବର୍ଷକ ଭିତରେ ପ୍ରାୟ କୋଡ଼ିଏଟି ନାଟକ ଅଭିନୀତ ହେଲାଣି । ସବୁ ପୌରାଣିକ ନାଟକ ଆଜ୍ଞା ! ଏଇ ତ ପ୍ରଥମ ମୁଁ ଏଠି ଦେଖୁଛି ଆପଣ ସାମାଜିକ ନାଟକ ଲେଖୁଛନ୍ତି—

ବାଦ୍ୟକାର ହଠାତ୍ କଥାଟାକୁ ସ୍ମରଣକରି କହିଲେ, ହଇହେ ମାଷ୍ଟ୍ରେ ! ଆଜି ପରା ଗନ୍ତାୟତଙ୍କ ଘରେ ରାମାୟଣର ଉଦ୍‌ଯାପନ ହେବ । ସେଇଥିଲାଗି ତୁମେ ଏକାଠ ଆସିଲ । ସେ କଥା ଏକାଥରକେ ପାସୋରି ଦେଇଛ । ବୁଝିଲ ନା ମାଆ, ରାମାୟଣର ଏଇ ଯେ—'ରାମଂଲକ୍ଷ୍ମଣ ପୂର୍ବଜଂ' ଶ୍ଳୋକଟିକୁ ଗୀତ କରି ଗାଇବେ ବୋଲି ଗନ୍ତାୟତ ବୁଢ଼ାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏ ପର୍ଯ୍ୟନ୍ତ ଶ୍ଳୋକଟିକୁ ମୁଖସ୍ଥ ମଧ୍ୟ କରି-ନାହାଁନ୍ତି ।

ସୁରମାଷ୍ଟ୍ରେ ଉଠିପଡ଼ି କହିଲେ, ତୁମେ ହିଁ ମୋର ଅନ୍ଧକାରମୟ ଯାତ୍ରାପଥର ଆଲୋକରେଖା ବାଦ୍ୟକାରେ ! ତୁମେ ତ କିଛି ସାଧାରଣ ବ୍ୟକ୍ତି ନୁହଁ । କେବଳ ଆନନ୍ଦ-ଧନ ବିତରଣ କରି କରି ମୋର ଏ ମନୁଷ୍ୟଜନ୍ମ ସାର୍ଥକ କରିଦେଇଛ । ଭ୍ରାନ୍ତ ସୁରଦାସକୁ ଭଲ କଥାକହି ଭଲ ବାଟରେ ଚଲେଇ ଆଣିଛ ଆଜି ପର୍ଯ୍ୟନ୍ତ । ଗନ୍ତାୟତ ମହାଶୟଙ୍କ ରାମାୟଣ ପଠନ ଆଜି ଶେଷ ହେବ, ସେ କାର୍ଯ୍ୟ କରିବା ପାଇଁ ତୁମେ ମତେ ଡାକିଆଣିଛ । ତୁମେ ହିଁ ରାମାୟଣ କୀର୍ତ୍ତନ ସଭାରେ ନେଇ ବସେଇବ ।

"ହେଉ ତେବେ ଚାଲ, ଶ୍ଳୋକଟାକୁ ସ୍ମରଣ କରି କରି ଯିବା । ସେଇ ରାମ ହିଁ କଣ୍ଠତଟରେ ରହି କହିଦେବେ ।"

ସେତେବେଳେ ବାରଣ୍ଡାରୁ ଉଠିଯାଇ ଅଗଣାରେ ଠିଆ ହୋଇ ନମସ୍କାର କରୁକରୁ ସ୍ୱର୍ଣ୍ଣ ନମସ୍କାର କରି କହିଲା, କାଲି ସକାଳବେଳେ ଆସିବେ ତ ? ଆଉ ଗୀତଗୁଡ଼ିକ ଗୋଟିଏ ଗୋଟିଏ କରି ଶୁଣେଇ-ଦେଲେ ଲେଖିବାକୁ ମାର୍ଗ ମିଳିବ । ଆରମ୍ଭ କରିଥିବା ନାଟକଟିକୁ ମଧ୍ୟ ଦେଖିଦେବେ ।

"କାଲି ସକାଳବେଳେ ତ ଆଉ ସମୟ ହେବ-ନାହିଁ, ଏଇ ସନ୍ଧ୍ୟା ସମୟକୁ ଆସିଲେ, ଦ'ପହର-ବେଳେ ଗୀତର ସ୍ୱର ଦେଇ ଧରି ଆସିବାକୁ ହେବ ।" ବାଦ୍ୟକାର ଏ କଥା କହୁ କହୁ ସୁରମାଷ୍ଟ୍ରଙ୍କ ଆଡ଼କୁ ଅନେଇ କହିଲେ, "ତୁମେ ଥରେ ମାଆଙ୍କର ନାଟକ ଗୋଟିଏ ମୋନାକ୍ସନ୍ କରି ଦେଖେଇ ଦିଅ ମାଷ୍ଟ୍ରେ !"

ମୋନାକସନ୍ କଥା କାଲିକି ସ୍ଥିର କରାଯିବ ବାଦ୍ୟକାରେ ! ବର୍ତ୍ତମାନ ରାମାୟଣ-ସଙ୍ଗୀତର କଥା ଚିନ୍ତାକର । ଆଜ୍ଞା, ଆପଣଙ୍କର ନୂଆ ନାଟକଟିକୁ କଅଣ ନାମ ଦେଇଛନ୍ତି ? ଟିକିଏ ହାତ ଚଳେଇ କରି ଲେଖିବେ । ବାଦ୍ୟକାରେ ମଧ୍ୟ ତାଙ୍କର କର୍ମକ୍ଷେତ୍ରକୁ ଯିବା ଉଦ୍ୟମରେ ଅଛନ୍ତି । ମୁଁ ବି ମଧ୍ୟ ଯିବି ଆଜ୍ଞା ! ଯିବା ପୂର୍ବରୁ ଆପଣଙ୍କର ସବୁଗୁଡ଼ିକ ଗଳ୍ପ, ନାଟକ ଯାହା ଲେଖିଛନ୍ତି, ଦେଖି ଦେଇଥିବା ।

ବାଦ୍ୟକାର ଅଗଣା ତଳକୁ ଗୋଡ଼ ଲମ୍ବେଇ ବସିପଡ଼ି କହିଲେ, ଉଠ ଏଥର ଯିବା ବୋଲି କହିଲ, ଆଉଥରେ କଥା ଆରମ୍ଭକରି ବସିଲଣି ।

ଯିବା ବୋଲି ସିନା କହୁଛି; ଯିବାକୁ ଇଚ୍ଛା ହେଉନାହିଁ । ସ୍କୁଲଗଲାବେଳକୁ ପାଦ ଦି'ଟା ପଛକୁ ହଟିଆସୁଛି । ନୂଆ ନାଟକଟିକୁ କାଲିକି ଦେଖିବା । ଆରମ୍ଭରେ ଟିକିଏ ଚମତ୍କାରିତା ରଖିଥିବେ । କହିଁଟା ଦେଖୁଦେଖୁ ପାଠକର ମନ ଯେପରି ଉତ୍ସୁକ-ବିହ୍ୱଳ ହୋଇ ଉଠେ ।

ବଗୁ ଲଣ୍ଠନ ଜାଳି ଆଣି ରଖିଦେଲା ବାରଣ୍ଡାର ଝରକା ଉପରେ ।

ବାଦ୍ୟକାର ବାରଣ୍ଡାରୁ ଉଠିପଡ଼ି କହିଲେ, ଯାଉଛି ମାଷ୍ଟ୍ରେ ! ଗନ୍ଧାପୁତଙ୍କୁ କଅଣ କହିବ କହି ଦେଇଥାଅ ।

ଯାଉଛି ଆଜ୍ଞା, ବାଦ୍ୟକାରେ ବିରକ୍ତ ହେଲେଣି, କାଲିକି ତ ଆସିବ । ଏ କଥା କଅଣ କେବେ ଶେଷ ହେବ କି ଆଜ୍ଞା ! ଏହାର ନାମ ଯେ ଅଶେଷ । ଲେଖାଟାକୁ ଶୀଘ୍ର ଶେଷକରିବେ । ଆଉ କଅଣ କହିବି ?

ବାଦ୍ୟକାର ଆଉ ସୁରମାଷ୍ଟ୍ର ଚାଲିଗଲା ପରେ ସ୍ୱର୍ଣ୍ଣର ମନ ହେଲା, ସେ ତାର ପ୍ରିୟବନ୍ଧୁ ଦୁଇ ଜଣଙ୍କୁ ଉପଯୁକ୍ତ ସଂବର୍ଦ୍ଧନା ଦେଇପାରିଲାନାହିଁ । କିମିତି ବା ସେ ସ୍ନେହଶ୍ରଦ୍ଧା ଜଣେଇବ ? କଅଣ ଜାଣିଛି ସେ ? ଏଇ ଜାଣିନାହିଁ ବୋଲି ଭାବିଲେ ହିଁ ସେ ଆଖିରେ ତାର ଭରିଯାଉଛି ଅଶ୍ରୁଜଳ । ଶ୍ୱଶୁର ମନେପଡ଼ିଯାଉଛନ୍ତି । ଶ୍ୱଶୁର ତାଙ୍କୁ ବଧୂରୂପେ ବରଣ-କରି ଆଣିଥିଲେ । ଶାଶୁ, ସାହିପଡ଼ିଶା ସମସ୍ତେ ଅକାରଣରେ ବିରକ୍ତ ହେଉଥିଲେ, ଏ ଘରକୁ ତାର ଆସିବାରେ । କହି ଧରି ବସି ବୋହୂକୁ ପଢ଼େଇବା ଦେଖି, ଶାଶୁ ଆପଣାକୁ ଧିକ୍କାର ଦେଇ କହନ୍ତି, ଲୋକହସା କରି ଏଇ ପଦାର୍ଥକୁ ତ ବୋହୂ କରି ଆଣିଛନ୍ତି, ତାଙ୍କୁ ଆଉ ଥରେ ପଣ୍ଡିତା କରିଦେବେ । ଆଖି ପୋଛି ଦେଇ ବହି ରଖିଦିଏ ସ୍ୱର୍ଣ୍ଣ । ଇମିତି ବ୍ୟଥାଦାୟକ କଥା ଶୁଣିବା ଦିନମାନଙ୍କରେ କେଉଁଦିନ କେଉଁ କଥା କହି ବୋଧଦେଉଥାନ୍ତି ଜନ୍ମଦାତ୍ରୀ ତାର କ୍ରନ୍ଦନରତ ଶିଶୁକନ୍ୟାକୁ ଶାନ୍ତ କଲାପରି । ଦିନେ ସେ କହିଥିଲେ, "ମାନବ ଜନ୍ମ ପ୍ରାପ୍ତହେବା ଦାୟିତ୍ୱ ତ ସ୍ତ୍ରୀ ଜାତିର ନ ଥାଏ ଦାଣ୍ଡଘରଠାରୁ ବାରି ପର୍ଯ୍ୟନ୍ତ ଏଇ ଖଣ୍ଡିକ ସ୍ଥାନକୁ ସେମାନେ ବିଶ୍ୱବ୍ରହ୍ମାଣ୍ଡ ବୋଲି ବିଶ୍ୱାସ କରି ଧନସଞ୍ଚୟ କାର୍ଯ୍ୟରେ ଲାଗିଥାଆନ୍ତି । ଆମେ ପୁରୁଷଜାତି ସେମାନଙ୍କର ଦୁର୍ଦ୍ଦଶା ଦେଖି ଆମୋଦ ଅନୁଭବ କରୁ । ସେମାନଙ୍କର ସକଳ ପ୍ରକାର ଅପଦେବତାର ଅର୍ଚ୍ଚନା କରିବା ଦେଖି ମନେମନେ ହସିସେଇ କାର୍ଯ୍ୟରେ

ଅନ୍ତଃପୁରରେ ଲଜ୍ଜିତ ହୋଇ ରହିବାକୁ ସୁଯୋଗ ସୁବିଧା ଦେଉ । ଆମର କେହି ଜଣେ ପୂର୍ବପୁରୁଷ କହିଦେଇଯାଇଛନ୍ତି, ରନ୍ଧନଂ ବନ୍ଧନଂ ପୁଂସାଂ ମରଣଂ ସ୍ନାନଲେପନଂ” । ସହଧର୍ମିଣୀଙ୍କୁ ଦାସୀରୂପେ ରଖି, ରନ୍ଧନଠାରୁ ଆରମ୍ଭକରି ଗୃହ ପରିଚାଳନା ନିମନ୍ତେ ଯାବତୀ କର୍ମ ତାହାରି ହାତରେ ହିଁ ସମ୍ପାଦନ କରାଉ । ସେଥିପାଇଁ ଆମେ କୁଣ୍ଠାବୋଧ ନ କରି ବରଂ ଗୌରବ ବୋଧକରୁ । ନାରୀ ମଧ୍ୟ ଜ୍ଞାନରାଜ୍ୟର ଦ୍ୱାରଦେଶକୁ ଯିବାକୁ ଭୟକରେ । ଆପଣାର ଶକ୍ତି ପ୍ରତି ସେ ଅବିଶ୍ୱାସ କରି ସ୍ୱାମୀ ଏବଂ ସନ୍ତାନର ସେବାକରି ମୁକ୍ତିଲାଭର କଳ୍ପନାକରେ । ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିବା ପାଇଁ କାଠ-ପଥରର ପୂଜା କରେ । ଆପେ ନ ଖାଇ ସ୍ୱାମୀଙ୍କୁ ଖୁଆଏ । ନ ପିନ୍ଧି ସ୍ୱାମୀଙ୍କ ପାଇଁ ଭଲ ଖଣ୍ଡିଏ ପିନ୍ଧିବା ବ୍ୟବସ୍ଥା କରିଦିଏ । ସୁସ୍ଥ ଥିଲେ ମଧ୍ୟ ସ୍ୱାମୀଙ୍କୁ ଅସୁସ୍ଥ ବୋଲି କଳ୍ପନାକରି ସେବାପରାୟଣତା ଦେଖାଏ ସେ ।” ସ୍ୱର୍ଣ୍ଣ ସେଦିନ କହିଥିଲା, “ଗୀତା ପରି ଏତେବଡ଼ ଗ୍ରନ୍ଥରେ ତ କାହିଁ ନାରୀ ସମ୍ବନ୍ଧରେ କିଛି କୁହାଯାଇନାହିଁ । ସମସ୍ତ ବିଷୟ କେବଳ ପୁରୁଷ ପୁରୁଷଙ୍କୁ କହିଛନ୍ତି ।” ସ୍ୱର୍ଣ୍ଣର ଅଜ୍ଞାନ ଅବସ୍ଥା ଦେଖି ଶ୍ୱଶୁର ହସି ହସି କହିଥିଲେ, “ସ୍ତ୍ରୀ ଆଉ ପୁରୁଷର ଆତ୍ମା ଭିତରେ ତ କୌଣସି ପ୍ରଭେଦ ନାହିଁ ସ୍ୱର୍ଣ୍ଣ ମା’ ! ଜୀବ ସୃଷ୍ଟି ନିମନ୍ତେ ସିନା ଶରୀର ଗଠନରେ ପ୍ରଭେଦ ରଖିଛନ୍ତି । ମନୁଷ୍ୟର ଚିନ୍ତାଧାରାରେ ତ କୌଣସି ପାର୍ଥକ୍ୟ ନାହିଁ । ସ୍ତ୍ରୀ ପୁରୁଷ ଉଭୟଙ୍କ ଦେହ ଆଉ ମନ ସେଇ ଗୋଟିଏ ଉପାଦାନରେ ଗଠିତ ଏବଂ ସେଇ ଏକ ଉପାୟରେ ସୁରକ୍ଷିତ । କହିବାକୁ ଗଲେ, ନାରୀ ହିଁ ପୁରୁଷ ଏବଂ ପୁରୁଷହିଁ ନାରୀ । ଏଇ ତ ଦେଖୁଛୁ ବାଲ୍ମୀକି ମୁନି ଜଣେ ପୁରୁଷ । ଅଥଚ ଆବଶ୍ୟକ ସମୟରେ ନାରୀହୃଦୟ ଧାରଣକରି ଦୁଃଖସୁଖ ପ୍ରକାଶ କରିଆସିଛନ୍ତି । ଅର୍ଦ୍ଧନାରୀଶ୍ୱରରୂପୀ ଏ ପୃଥିବୀ । ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା ଅଟନ୍ତି ଦେବଦେବ ମହାଦେବ ।”

ସ୍ୱର୍ଣ୍ଣର ଭାବନା ସ୍ରୋତରେ ବାଧାଦେଇ ହାଣ୍ଡିଘର ଆଡ଼ୁ ଆସୁଆସୁ ପରମାନନ୍ଦ କହିଲେ, ତୁମ ପାଇଁ ଆଜି ମୁଁ ଭଲ ଜିନିଷ ଗୋଟିଏ ଆଣି ଦେଇଛି ଶୁକବୋଉ । ହେଇ ଦେଖ । ଲକ୍ଷ୍ମଣ କେଉଁଠୁ ପୁଅ ରେଙ୍ଗୁନରୁ ଆସିଲା ଯେ ଜାପାନୀ ଟାଇମ୍‌ପିସ୍‌ଟା ଆଣିଦେଇଛି । ତୁମର କାର୍ଯ୍ୟରେ ଘଣ୍ଟା ବଡ଼ ସହାୟତା କରିବ । ଅଫିସ ଘଣ୍ଟା ଆଡ଼କୁ କାନ ଡେରି ରହିବାକୁ ପଡ଼ିବନାହିଁ କି ଥରକୁ ଥର ଘଡ଼ିକୁ ପଚାରିବାକୁ ପଡ଼ିବନାହିଁ । ଏଇଠି ଇମିତି ଘଣ୍ଟା ଚଲେଇ ରଖିଦେଇଥିଲେ ଯେତେବେଳକୁ ତୁମର ଉଠିବାକୁ ଇଚ୍ଛା ଥିବ, ଘଡ଼ି ଟଣଟଣ କରି ଉଠେଇଦେବ ଠିକ୍ ସେଇ ଟାଇମ୍‌ରେ ।

“ବଡ଼ ସୁନ୍ଦର ଘଡ଼ିଟି ହୋଇଛି ତ ! ଆଜି କି ଶୁଭକ୍ଷଣରେ ଉଠି ପାହିଥିଲି, ଇମିତି ଗୋଟିଏ ଜିନିଷ ତୁମଠୁ ପୁରସ୍କାର ପାଇଲି । ଏତ ଘଡ଼ି ନୁହେଁ, ମୋ ପାଇଁ ଏଇଟି ଗୋଟିଏ ଜୀବନ୍ତ ପଦାର୍ଥ । ଏଥିର ଏଇ ଟିକ୍‌ଟିକ୍ ଶବ୍ଦଟି ଶୁଣିଯାଉଥିବ ଶେଷ ପର୍ଯ୍ୟନ୍ତ ।”

ପରମାନନ୍ଦ ଘଡ଼ିଟାକୁ ସ୍ୱର୍ଣ୍ଣର ହାତକୁ ବଢ଼େଇଦେଇ କହିଲେ, ତୁମେ ତ ସବୁବେଳେ ଛୋଟ କଥାକୁ ବଡ଼ କରି ଦେଖି ଶିଖି ଆସୁଛ ଶୁକବୋଉ ! ମୁଁ ଭାବେ, କବିର ଲକ୍ଷଣ ତାହି ହିଁ । ମନୁଷ୍ୟକୁ ଦେବତା କରି ଦେଖିବେ ସେମାନେ । ସ୍ୱୟଂସିଦ୍ଧ କରି ତ ନିଜକୁ ଗଢ଼ି ଆଣୁଥିଲ, ବାଦ୍ୟକାର ଆଉ ତାଙ୍କ ବନ୍ଧୁ ସୁରଦାସ ଆସି ମିଶିଲେଣି; ଏଣିକି ତୁମେ କଥାଦେବୀଙ୍କୁ ଖାଲି ଅଳଙ୍କାରରେ ବିଭୂଷିତା କରିଦେବ । କିଛି କିଛି ସ୍ୱର୍ଣ୍ଣର ପିଠିରେ ହାତରଖି କହିଲେ, ଚାଲ ସେପାଖ ବାରଣ୍ଡାରେ ବସିବା । କହିବାକୁ ଭୁଲିଯାଇଛି । ସେଆଡ଼ୁ ଆସିବା ସମୟରେ ବାଟରେ ସୁରମାଷ୍ଟ୍ର ଆଉ ବାଦ୍ୟକାରଙ୍କୁ ଦେଖିଲି । ସେମାନେ ତୁମର କବିତା ଆଉ ନାଟକର ପ୍ରଶଂସା କରୁଥିଲେ ଶୁକବୋଉ । ଦେଖୁ ଦେଖୁ ତୁମେ ଜଣେ ପ୍ରଶଂସମାପ୍ତା ଲେଖିକା ହୋଇଗଲ । ଏ କଅଣ କହୁଛ, କେଡ଼େ ଆନନ୍ଦର କଥା ମୋ ଜୀବନରେ ଘଟିଗଲା ସତେ !

ସ୍ୱର୍ଣ୍ଣର ଆଖିରୁ ଝରିପଡ଼ିଲା ଆବେଗର ଅଶ୍ରୁ । ସେ ପରମାନନ୍ଦଙ୍କ ପାଦତଳେ ପ୍ରଣତା ହୋଇ କହିଲା,

ସବୁ ସମ୍ପଦ ଯେ ତୁମର ହାତର ଦାନ, ପ୍ରଭୁ ! ତୁମର ଉପଯୁକ୍ତ ସେବିକା ହେବାକୁ ଶ୍ୱଶୁର ମତେ ଶିକ୍ଷା ଦେଇଥିଲେ, ସେଇ ପ୍ରଥମ ସାକ୍ଷାତ ଦିନଠାରୁ । ତୁମର ସେବା କରିବାକୁ ମୁଁ ଯେ ଏ ପର୍ଯ୍ୟନ୍ତ ଯୋଗ୍ୟତା ଅର୍ଜନ କରିପାରିନାହିଁ ପ୍ରଭୁ ମୋର !

ପରମାନନ୍ଦ ସ୍ୱର୍ଣ୍ଣଙ୍କୁ ଉଠେଇ ଆଣି ବସେଇ-ଦେଲେ ବେଞ୍ଚ ଉପରେ । ସ୍ୱର୍ଣ୍ଣ ପରମାନନ୍ଦଙ୍କ କାନ୍ଧ ଉପରେ ଆଉଜି ରହି ଆବେଗରେ ହିଁ କହିଲା, ମୁଁ ଯେ ସାମାନ୍ୟ ଜଣେ ସ୍ତ୍ରୀ ବ୍ୟକ୍ତି । ଜ୍ଞାନ-ଅର୍ଜନରେ କିମ୍ବା ବିତରଣରେ ମୋର କି ଅଧିକାର ଅଛି ? ଏଇ ଘର ଅଗଣା ଭିତରେ ହିଁ ମୋର କର୍ମର ବ୍ୟାପ୍ତି ଆବଦ୍ଧ । ଆଜନ୍ମରୁ ଘରବାରର ଧୂଳି ଝାଡ଼ି ଝାଡ଼ି ଦିନ କଟେଇଥିଲି । ଦେହ ମୁହଁରେ ବୋଳିହୋଇ ଯାଉଥିଲା ଧୂଳିକଣା । ଆବାଲ୍ୟରୁ ଗୃହିଣୀର କାର୍ଯ୍ୟ କରିଆସିଛି । ଆଜି, ସେ କାର୍ଯ୍ୟ ଛାଡ଼ି ସାହିତ୍ୟ ସୃଷ୍ଟି-କରିବାକୁ ଗଲେ ନିଶ୍ଚୟ ହାସ୍ୟାସ୍ପଦ ହେବ । ନା, ମୁଁ ଆଉ ଲେଖିବିନାହିଁ । ତୁମେ ହିଁ ମତେ ଅଦମ୍ୟ ଆକର୍ଷଣରୁ ଟାଣିଆଣି ତୁମ ପାଦତଳେ ବସେଇ ଦିଅ ପ୍ରାଣେଶ୍ୱର !

ପରମାନନ୍ଦ ସହଜଭାବରେ ହିଁ ସ୍ୱର୍ଣ୍ଣର ପିଠିରେ ମଥାରେ ହାତ ବୁଲେଇ ଆଣି କହିଲେ, ତୁମେ ଯାହା କହୁଛ, ସ୍ୱାଭାବିକ କଥା ନୁହେଁ ଶୁକବୋଉ ! ତୁମେ ବ୍ୟାସ-ବଶିଷ୍ଠଙ୍କ ଅଂଶ ନେଇ ଜନ୍ମଗ୍ରହଣ କରିଛ । ଏ କାର୍ଯ୍ୟ କରିବାପାଇଁ ବିଧାତାର ନିର୍ଦ୍ଦେଶ ରହିଛି । ତା ନ ହୋଇଥିଲେ, ତୁମେ କେଉଁଠି, ଆଉ ଏ ଅସାଧ୍ୟସାଧନ କେଉଁଠି ? ହେଉ, ଏଥର ଉଠିଆସ । ଆଜି ତ କିଛି ଲେଖିପାରିନଥିବ । ଘଣ୍ଟା କେଉଁଠି ରଖିଲେ ତୁମର ବସିବା ସ୍ଥାନକୁ ଦିଶିବ, ସେଇଠି ରଖ । ଦିନ ଗୋଟାଯାକର କାର୍ଯ୍ୟ ବାକି ରହିଯାଇଛି, ଆରମ୍ଭ କରିଦିଅ ପୁଣି ନୂଆ ଉତ୍ସାହ ସଂଗ୍ରହକରି । ଆଜି ତ ବାଦ୍ୟକାରେ କହୁଥିଲେ, ସେ ଆଉ ଥରେ ବର୍ମାଦେଶକୁ ଯିବା ଉଦ୍ୟମରେ ଅଛନ୍ତି । ସୁରଦାସେ ମଧ୍ୟ ଯିବେ । ଏମାନେ ଏଠି ଥିବା ପର୍ଯ୍ୟନ୍ତ ତୁମର ସବୁଗୁଡ଼ାକ ନାଟକ ଭଲ କରି ସଂଶୋଧନ ହୋଇଯାଉ ।

ଏତିକିବେଳେ ବିଶୁ ଅଗଣାରୁ ଗୁଣୁ ଗୁଣୁ କରି କଅଣ ଗୋଟାଏ ଗୀତ ଗାଇ ଗାଇ ଆସିଲା ବାରଣ୍ଡାକୁ ।

"ରାମ ନାଇକର ମାଆ ଆସି ବସିଛି । ତାକୁ କି ଔଷଧ ଦେବ ବୋଲି କହୁଥିଲେ ।"

ପରମାନନ୍ଦ ବେଞ୍ଚ ଉପରୁ ଉଠିପଡ଼ି କହିଲେ, ତୁମେ ସୁସ୍ଥମନରେ ବସ ଶୁକବୋଉ ! ଦେଖୁ ଦେଖୁ ଦିନ ଯାଉଛି । କେଡ଼େ ସତ୍ୟ କଥା କହିଦେଇ ଯାଇଛନ୍ତି ଭକ୍ତକବି ମଧୁସୂଦନ—"ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ । କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।"

କହୁ କହୁ ପରମାନନ୍ଦ ଚାଲିଗଲେ ଡାକ୍ତରଘର ଆଡ଼କୁ । ସ୍ୱର୍ଣ୍ଣ ବେଞ୍ଚଉପରୁ ଉଠିଯାଇ ଠିଆହେଲା ସେଇ ପାଖର କାଠଖମ୍ବକୁ ଆଉଜି । ପାଖର ଗଙ୍ଗଶିଉଳି ଗଛରୁ ଫୁଲ କେତୋଟା ଝଡ଼ିପଡ଼ିଲା ତଳକୁ । ରଜନୀ ଗନ୍ଧୀର ମଧୁର ସୌରଭ ବହି ଆସିଲା ଧୀରେ ଧୀରେ । ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀର ଚନ୍ଦ୍ର ଉଜ୍ଜ୍ୱଳତରହୋଇ ଉଠିଆସୁଥିଲା ମେଘମୁକ୍ତ ଆକାଶର ପୂର୍ବପ୍ରାନ୍ତରୁ । ଏତିକିବେଳେ ପୂର୍ବପାଖ ପଡ଼ିଶାଘର ପୁଅ ଅଚ୍ୟୁତାନନ୍ଦଙ୍କ ମନବୋଧ ଭଜନରୁ ପ୍ରଥମ ପଦଟି ଗାଇଗଲା ବାରମ୍ବାର—"ମନ ତୋର ଚତୁର୍ଦ୍ଧା ମୁରତିରେ ମୂଢ଼ମତି ।" ଭାବାବେଶରେ ପୁଲକଉଠିଲା ସ୍ୱର୍ଣ୍ଣର ସମସ୍ତ ପ୍ରାଣ । କି ଅଦ୍ଭୁତ କଥା । କବି ଯେ ଆପଣାକୁ ଆପେ କହୁଛନ୍ତି, "ଆପଣାର ମନ ହିଁ ଭଗବାନଙ୍କର ସ୍ୱରୂପ ।" ଏଇ କଥା ହିଁ ଦିନେ ସେ ଶ୍ୱଶୁରଙ୍କୁ ତା'ର ପଚାରିଥିଲା, ଏଇ ଯେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଲେ, "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ ॥" ଏହାର ଅର୍ଥ ହେଉଛି, "ସକଳ ଧର୍ମ ଅଧର୍ମର ଅନୁଷ୍ଠାନ ପରିତ୍ୟାଗପୂର୍ବକ ଗର୍ଭ, ଜନ୍ମ, ଜରା ଏବଂ ମୃତ୍ୟୁ ବର୍ଜିତ ଏପରି ଯେ ମୁଁ, ସେଇ ଏକମାତ୍ର ମୁଁ ପରମେଶ୍ୱର, ମୋହର ହିଁ ଶରଣାଗତ ହୁଅ । ମୋଠାରୁ ଅତିରିକ୍ତ କୌଣସି ବସ୍ତୁ ନାହିଁ, ଏଇ

ବିଶ୍ୱାସ ରଖି ମୋତେ ହିଁ ସଦା ସ୍ମରଣ କର ।" ଶ୍ୱଶୁର ସେଦିନ ସ୍ୱର୍ଣ୍ଣଙ୍କୁ କହିଥିଲେ, ଏ କଥାର ମର୍ମ ଶୁଣେଇଦେଲେ ତ ବୋଧହେବନାହିଁ । ଇମିତି ଗୋଟାଏ ସମୟ ଆସେ; ହୃଦୟ ହୋଇଯାଏ ଦିବ୍ୟଦୃଷ୍ଟି ସମ୍ପନ୍ନ । ଭଗବାନ ଶ୍ରୀକୃଷ୍ଣ ବିଶ୍ୱରୂପ ଧାରଣ କଲାପରି ମନୁଷ୍ୟର ହୃଦୟ ଭିତରେ ସୃଷ୍ଟି ହୋଇଯାଏ ସପ୍ତଲୋକ । ତୋର ବି ସେ ସମୟ ଆସିବ ସ୍ୱର୍ଣ୍ଣ ! ତୋର ସେ ଭକ୍ତରୂପ ଦେଖିବାକୁ ମୁଁ ତ ନ ଥିବି । ମୋ ଆଖିରେ ତୁ ଆପଣାକୁ ଦେଖିବୁ । ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ଯାଇ ସ୍ୱର୍ଣ୍ଣ ଦେଖିଥିଲା କୁରୁକ୍ଷେତ୍ର । ସେଇ ଯୁଦ୍ଧଭୂମିରେ ହିଁ ରଥରେ ବସି ମନୁଷ୍ୟଜୀବନର ତତ୍ତ୍ୱ ସମ୍ବନ୍ଧରେ ଅଠର ଅଧ୍ୟାୟ କହି ଦ୍ୱାରକାଧିପତି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ ବୋଲି ସ୍ୱର୍ଣ୍ଣର ଦୃଢ଼ବିଶ୍ୱାସ ଥିଲା । ଆଜି କିନ୍ତୁ ସେ ବିହ୍ୱଳ-ହୋଇ ଭାବିବାକୁ ଲାଗିଲା, "ଶ୍ରୀକୃଷ୍ଣ ଯେ ସବୁ ମନୁଷ୍ୟଙ୍କ ହୃଦୟରେ ଅଛନ୍ତି । ଯାହାର ଶ୍ରୁତିଶକ୍ତି ଅଛି, ସେ ଶୁଣି ପାରୁଛି ତାଙ୍କର କହିବା କଥା । ଯେଉଁ ଭାଗ୍ୟବାନ କିମ୍ବା ଭାଗ୍ୟବତୀ ଦୃଷ୍ଟିଶକ୍ତି ପାଇ ପାରୁଛି, ସେ ତାଙ୍କୁ ଦେଖୁଛି ପ୍ରତ୍ୟକ୍ଷରେ ତାର ଖୁବ୍ ପାଖରେ । ଆକସ୍ମିକ ଭାବରେ ସ୍ୱର୍ଣ୍ଣ ଚିତ୍କାରକରି ଡାକି ଉଠିଲା, ମୋର ନୟନ-ପଥଗାମୀ ହୁଅ ପ୍ରଭୁ ! ମୁଁ ହୃଦୟ ଭିତରେ ମଧ୍ୟ ତୁମକୁ ଦେଖି ପାରୁନାହିଁ; କିନ୍ତୁ ପଡ଼ିଶା ଘର ପୁଅ ଗୀତ ଗାଇଯାଉଛି, "ମନ ତୋର ଚତୁର୍ଦ୍ଦିଗ ମୂରତିରେ ମୁଡ଼ମତି ।" ଇନ୍ଦ୍ରିୟ-ମାନଙ୍କରେ ଶ୍ରେଷ୍ଠ ହେଉଛି ମନ । ତାକୁ ହିଁ ଈଶ୍ୱର ରୂପେ ବର୍ଣ୍ଣନା କରିଯାଇଛନ୍ତି ମହାନୁଭବ କବିଗଣ । ଆଉ ସେ ! ସେ କଅଣ ଜଣେ କବି ! ନ ହେବ କାହିଁକି ? ଅର୍ଜୁନଙ୍କ ହୃଦୟ ଭିତରେ ଚାଲିଥିଲା ଆଲୋଚନା । ସ୍ୱର୍ଣ୍ଣର ମନ ଭିତରେ ସେମିତି ଦ୍ୱନ୍ଦ୍ୱ ଚାଲିଛି । "ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ । ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।" ଏ କଥାର ଅର୍ଥ କଅଣ ବୋଲି ଦିନେ ସେ ପଚାରି ଥିଲା ଶ୍ୱଶୁରଙ୍କୁ । ସେ ଦିନ ସେ ସହଜ-ଭାବରେ ହିଁ ଉତ୍ତର ଦେଇଥିଲେ ସେ ଭଣ୍ଡର । ନିଷ୍ଠାପରି ଭାବରେ ଉତ୍ତମ କର୍ମ ସାଧନା ହିଁ ସ୍ୱଧର୍ମ । ସମାଜରେ ପରମ୍ପରାକ୍ରମେ ଜୀବନଧାରଣ ନିମନ୍ତେ ଯେଉଁ କାର୍ଯ୍ୟ କରାଯାଏ, ତାହା ସ୍ୱଧର୍ମ ନୁହେଁ । ତାହା ସାମାଜିକ ପ୍ରଥା ମାତ୍ର । ଆମର ସଂସ୍କୃତି ସଂସ୍କୃତି ବୋଲି ବାଦାନୁବାଦ କରାଯାଉଛି, କିନ୍ତୁ ସମାଜ, ସଂସ୍କୃତି ସବୁ କିଛି ପରିବର୍ତ୍ତନଶୀଳ । ପ୍ରାଚୀନ ସଂସ୍କୃତି କ୍ରମେ କ୍ଷୟହୋଇ ନବୀନ ସଂସ୍କୃତି ଗଢ଼ିଉଠୁଛି । ଏକଥା ଆମେ ଜାଣି ମଧ୍ୟ ଜାଣି ପାରୁନାହିଁ ।

ଏତିକିବେଳେ ପରମାନନ୍ଦ ଦାଣ୍ଡଘର ଆଡ଼ୁ ଆସି କହିଲେ, ସେଇ ସେତିକିବେଳଠୁ ଇମିତି ପଥରମୂର୍ତ୍ତିପରି ବସିଛ ଶୁକବୋଉ । ଖାଇବା ସମୟ ହୋଇଗଲା । ପଡ଼ିଶାଘର କେଶବବାବୁ ଆସି କଥା ଆରମ୍ଭ କରିଦେଲେ । ଏଇ କେଶବଟି ହିଁ ମୋର ଖେଳର ସାଥୀ ଥିଲା ସେଇ ପିଲାଟି ଦିନରୁ । ସେ ଆଉ ମୁଁ ସମୟ ପାଇଗଲେ ଆମ ଦାଣ୍ଡଘର କୋଣକୁ ବସି ତାସ ଖେଳୁ । ତୁମେ ତ କେବେ ଖେଳିଲ ନାହିଁ । ଚାଲ ଏଥର ଖିଆପିଆ କରି ଶୋଇପଡ଼ିବା । କଅଣ କହୁଛ ?

ଲଗାଲଗିହୋଇ ଦୁଇଟି ବଖରା ଘର । ଗୋଟିଏ ପାଖକୁ ବାଟଘର । ଦୁଇ ବଖରାର ମଝିରେ ଯିବା ଆସିବା ବାଟ । ଦୁଇଟାଯାକ ବଖରାର କବାଟ ଅଛି ମଝିଅଗଣା ବାରଣ୍ଡାଆଡ଼କୁ । କବାଟ ପାର୍ଶ୍ୱକୁ ଗ୍ରେଟ ଝରକା । ସ୍ୱର୍ଣ୍ଣ ପଶ୍ଚିମପାଖର ଗଳିଘ ଘରେ ଶୋଉଥିଲା ଏଇ କେତେ ଦିନ ହେଲା । ପରମାନନ୍ଦ ଶୋଇବା ଘର ସ୍ୱର୍ଣ୍ଣ ଶୋଇବା ଘର ମଝିରେ ଥିବା ଦୁଆରଟାକୁ ବନ୍ଦ କରିଦିଏ ସେ । ସେ ଘର ଆଡ଼କୁ ଦୀପ ଆଲୁଅ ପଡ଼ିଲେ ପରମାନନ୍ଦଙ୍କ ନିଦ ଭାଙ୍ଗିଯିବା ଭୟ । ରାତିରେ ଲେଖିବସିଲେ, କେତେବେଳେ କଅଣ ଗୋଟାଏ ଶବ୍ଦ ହୋଇଗଲେ ଚମକି ଉଠେ ସ୍ୱର୍ଣ୍ଣ । ଏଗାରଟା ରାତି ହେଲାଣି, 'ନିଷ୍ପତ୍ତି' ନାଟକ ଲେଖିବାରେ ଲାଗିଥିଲା ସେ । ଏଇ ନାଟକଟି ସମାଜର ଗୋଟିଏ ସୁନ୍ଦର ଚିତ୍ର । ସେଥିରେ ସେ ଆପଣା ବାଲ୍ୟଜୀବନର ଦୁଃଖଦୈନ୍ୟ ମିଶାଇ ଗଢ଼ିଥିଲା

ଗୋଟିଏ ସୁନ୍ଦର ଆଖ୍ୟାୟିକା । ନାଟକର ପ୍ରଧାନ ନାୟକ ବ୍ରଜମୋହନ ମହାପାତ୍ର । ନିଃସନ୍ତାନ ଅବସ୍ଥାରେ ହୋଇଗଲେ ବିପତ୍ନୀକ । ଭଗବାନ ତାଙ୍କ ନିମନ୍ତେ ଯୋଗାଡ଼ କରିଦେଇଥିଲେ ଗୋଟିଏ ଗାୟକ-ଭୃତ୍ୟ । ମହାପାତ୍ର ସ୍ୱୟଂ କୃଷ୍ଣଭକ୍ତ । ମୃଦଙ୍ଗ ବଜେଇ ଭଜନ ଗାଆନ୍ତି । ଭୃତ୍ୟ ଭୋଳାନାଥ ଭକ୍ତିବିହ୍ୱଳହୋଇ ଗିନି ବଜେଇ ଗାଏ ସମସ୍ୱରରେ । ଦୁହେଁ ଭଜନ ପୂଜନ କାର୍ଯ୍ୟରେ ଏକମତ ହେଲେମଧ୍ୟ କେବଳ ଗୋଟିଏ ବିଷୟରେ ଦୁହିଁଙ୍କ ଭିତରେ ମତାନ୍ତର ଘଟୁଥିଲା ପ୍ରାୟ ପ୍ରତିଦିନ । ଭୃତ୍ୟ ନନ୍ଦସୁତର ଇଚ୍ଛା, ଭାତ ସାଗକୁ କିଛି ନ ହେଲେ ମଧ୍ୟ ଆଳୁ ବାଇଗଣ ତରକାରି ଟିକିଏ ଖାଆନ୍ତା । ଘୋଳ ଟିକିଏ ଭାତ ଗଣ୍ଡିଏ ଧରି ବସି ପଡ଼ିଲେ ଆଖି ତାର ଓଦା ହୋଇଯାଏ ଥରକୁ ଥର । ଏତିକିବେଳକୁ ବ୍ରଜମୋହନ ମହାପାତ୍ରେ ପାନ ମସଲା ଚୋବେଇ ଚୋବେଇ ଆସି ବସନ୍ତି ନନ୍ଦସୁତର ସମ୍ମୁଖକୁ । ମହାପାତ୍ରଙ୍କ ବର୍ଣ୍ଣ ଶୁଭ୍ର ଶ୍ୟାମଳ,ସ୍ନିଗ୍ଧ । ହୃଷ୍ଟପୁଷ୍ଟ ଦୀର୍ଘ ଶରୀର, ସୁଗଠିତ ମୁଖରେଖା । ବିଶେଷରେ ସୁନ୍ଦର ଏବଂ ଶୁଭ୍ର ଦନ୍ତପନ୍ତି, ସୁଗଠିତ ଓଷ୍ଠ ଯୁଗଳ, ସେଥିକି ସାମଞ୍ଜସ୍ୟ ରଖିଥିଲା ତାଙ୍କର ଚିବୁକ ଓ ଗଣ୍ଡଦେଶ । ଆଖି ଦୁଇଟି କଳା ନୁହେଁ, ତେବେ ତାଙ୍କ ମୁହଁକୁ ଚାହିଁଲେ ଆଖି ଦୁଇଟି ସୁନ୍ଦର ଦିଶେ । ବଡ଼ ବଡ଼ ଧୋତି ଦୁଇଟି, ଚମ୍ପାରଙ୍ଗର କଷିକରି ଖଣ୍ଡିଏ ପିନ୍ଧନ୍ତି । ଆଉ ଖଣ୍ଡିଏ ଘୋଡ଼େଇ ହୁଅନ୍ତି । ଧୋତିର କୁଞ୍ଚଟା ପାଦପର୍ଯ୍ୟନ୍ତ ଲମ୍ବି ରହିଥାଏ । ନନ୍ଦସୁତ ଖାଇବା ସମୟରେ ସେ ଆସି ବସିଗଲେ, ନନ୍ଦସୁତର ରାଗଟା ବଢ଼ିଯାଏ । ମହାପାତ୍ରେ ସେ କଥା ଜାଣି ଉତ୍ସାହଦେଇ କହନ୍ତି, "ଘୋଳ ଭାତ ପେଟ ପୂରି ଖା'ରେ ନନ୍ଦ ! ସବୁ ରୋଗ ଛାଡ଼ିଯିବ । ନନ୍ଦସୁତ କ୍ରୋଧ ଆବେଗରେ ମଥା ପୋତିଦେଇ ଗୁଣ୍ଡା ଗୁଣ୍ଡା କରି ଖାଲି ଭାତ ଖାଇ ଦିଏ ଆଖି ପୋଛି ପୋଛି । ସବୁ ଦିନ ସେଇ ଗୋଟାଏ କଥା ଭିନ୍ନ ଭିନ୍ନ ଭାବରେ ଅର୍ଥାତ୍ ଭାଷାଟାକୁ ଟିକିଏ ଏପାଖ ସେପାଖ କରି ସେ କହେ । ସେ କଥା ହିଁ କହିବ ବୋଲି ମହାପାତ୍ରେ ଅପେକ୍ଷା କରିଥାଆନ୍ତି ସବୁଦିନେ । ନନ୍ଦସୁତ ଘୋଳଟାକୁ ତକ ତକ କରି ପିଇଦେଇ ଖାଲି ଥାଳି କରି ଗିନାଟା ରଖିଦେବା ସଙ୍ଗେ ସଙ୍ଗେ କହେ, "ନଖାଇ ନଖୋଇ ଏତେ କଷ୍ଟରେ ଟଙ୍କା ରଖି ଋଣଦେଉଛ, କିଏ ଖାଇବ ଏ ଟଙ୍କା, ଏ ଭୂମି ? ବାରଭୂତ ପାଇଁ ଏତେ ସାଇତା ! ମହାପାତ୍ରେ ଦିନେ ଦିନେ ରାଗିଯାଇ କହନ୍ତି, ବାରଭୂତ କେବେ କେଉଁଦିନ ଖାଇବେ ବୋଲି ମୁଁ ଏବେ ଅପବ୍ୟୟ କରିଦେବି ! ହେଁ, ତତେ କଅଣ ଘିଅ ଭାତ ଖୁଆଇ ରଖିବି ବୋଲି ଆଶାକରିଛୁ । ଘରେ ଥିଲେ ତ ଇମିତି କେତେ ଭଲ ପଦାର୍ଥ ଖାଉଥା'ନ୍ତୁ । ଆଉ କଅଣ ? ଗାଈଟାକୁ ବିକ୍ରୀ କରିଦେଲେ ଗଲା । ମୋର ଆଉ କି ଜଞ୍ଜାଳ ଅଛି କି ? ଇଚ୍ଛା ହେଲାକ୍ଷଣି ପୁରୀ, ନହେଲେ ବୃନ୍ଦାବନ ବାହାରିଯିବି । ପୁରୀ ବୃନ୍ଦାବନର କଥାଶୁଣି ନନ୍ଦସୁତର ରାଗ ଅଭିମାନ କୁଆଡ଼େ ଉଡ଼ିପଳାଏ । ଅଳ୍ପ ସମୟ ପରେ ମହାପାତ୍ରଙ୍କ ପାଦତଳେ ବସି କ୍ଷମାମାଗେ ନନ୍ଦସୁତ । "ବୃନ୍ଦାବନଟାକୁ ଥରେ ଦେଖିବା ମହାପ୍ରଭୁ । ପୁରୀ ତ ଥରେ ଦେଖିଛି । ସେ ଯମୁନା ନଦୀ, ଗୋବର୍ଦ୍ଧନ ଗିରି ଗୋପ ନଗରୀ ଥରେ ଦେଖିଦେଇଥିବା ।" ସେ କଥା କହୁ କହୁ ଭିତରେ ଭିତରେ ଚିନ୍ତାକରେ, ପଡ଼ୋଶୀ ଘର ଦାମ ରଥ ବାର ତେର ବର୍ଷର ଝିଅଟାକୁ ବିଭା ନ କରି ରଖିଛି । ନିତି ସକାଳୁ ଆସୁଛି ଫୁଲ ଧରି । ଆମ ସାଆନ୍ତ ତାକୁ ଦେଖିଲେ ଭୋଳ । ପାଠ ପଢ଼େଇ, ଗୀତ ଶିଖେଇ ପାଖରେ ବସୋଉଚନ୍ତି । ଦାମ ରଥ ଏ ଘରର ଧନ ସମ୍ପତ୍ତି ଆଡ଼କୁ ଦୃଷ୍ଟି ଦେଲେଣି ।

ଏଇ ସମୟରେ ମହାପାତ୍ରଙ୍କ ଭଣିଜୀର ପୁଅ, ନାତି ଆସିଲା 'ଭକ୍ତ ଲୀଳା' ଦଳ ଛାଡ଼ି ଦେଇ । ବୟସ ପଚିଶି କି ଛବିଶି । ସୁଶ୍ରୀ । କଥାରେ, ସ୍ୱରରେ ନାଟକୀୟ ଛଟା । ମହାପାତ୍ରେ ମଧ୍ୟ ନାତି ପ୍ରଭାକରର ଭଜନ ଗୀତ ଶୁଣି ମୁଗ୍ଧ । ସେ ଦାମ ରଥଙ୍କ ବଡ଼ ଝିଅ କଲ୍ୟାଣୀକୁ ପ୍ରଭାକର ସହିତ ବିବାହ କରାଇଦେଇ ନିଶ୍ଚିନ୍ତ ହେବା ଭାବନାରେ ବ୍ୟସ୍ତ । ଏଣୁ ସେ ଦୁହିଁଙ୍କୁ ନେଇ ସେମାନଙ୍କର ମନ ପରୀକ୍ଷା ନିରୀକ୍ଷା କରିବାରେ ଲାଗିଥାନ୍ତି ସେ । ଦାମ ରଥ ମନେମନେ ମହାପାତ୍ରଙ୍କୁ

ଜାମାତାରୂପେ ବରଣ କରିନେଇ ଥାଆନ୍ତେ । ସବୁ ସମ୍ପତ୍ତି ଯେତେବେଳେ ତାଙ୍କ କନ୍ୟା କଲ୍ୟାଣୀଙ୍କୁ, ଅନ୍ୟ ପ୍ରକାରେ ଦେଖିଲେ ରଥଙ୍କର । ବ୍ରଜ ମହାପାତ୍ରେ ଆଉ କେତେ ଦିନ ଅଛନ୍ତି । ବୟସରେ ରଥଙ୍କଠାରୁ ସେ ଦଶ ବର୍ଷରେ ବଡ଼ । ନନ୍ଦସୁତ ପାଖରେ ପ୍ରଭୁତ୍ୱ ଦେଖାନ୍ତି ରଥେ । ତାକୁ ନ ପଚାରି କେଉଁଠି କଅଣ ଥିଲେ ନେଇଯାଆନ୍ତି ସେ । ଦୁଧ ସିଝେଇ ରଖିଛି ତ, କେଉଁ ଛଳରେ ଆସି ଅଧେ ନେଇଯାଇଥିବେ । ନନ୍ଦସୁତଙ୍କୁ ପ୍ରଭୁପଣ ଦେଖେଇ କଥା କହନ୍ତି । ବ୍ରଜମୋହନଙ୍କୁ ନନ୍ଦସୁତ ସବୁ କହେ । କଥାଗୁଡ଼ାକ ଶୁଣି ସେ ହସିଉଠନ୍ତି । ଦିନେ ଦିନେ ଗମ୍ଭୀର ହୋଇ ଓଲଟି କଳହ କରନ୍ତି ନନ୍ଦସୁତ ସାଙ୍ଗରେ । କାହିଁକି ସେ ତାଲଦେଇ ସବୁ ରଖୁନାହିଁ ? ନନ୍ଦସୁତ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଏ; କିନ୍ତୁ ମହାପାତ୍ରେ ତାଲା ବନ୍ଦ କରିବା କଥା କହିଲେ, ସେ ମନେ ମନେ ଆନନ୍ଦ ପାଏ । ପ୍ରଭାକର ମଧ୍ୟ କିଛି ବୁଝିପାରୁନାହିଁ । ମହାପାତ୍ରଙ୍କ-ଠାରୁ ଅପ୍ରତ୍ୟାଶିତଭାବରେ ସ୍ନେହ ମମତା ପାଇ କୃତଜ୍ଞତାରେ ଅନ୍ତଃକରଣ ତା'ର ହୋଇଯାଇଛି ପରିପୂର୍ଣ୍ଣ । ତରୁଣୀ ଏବଂ ସୁନ୍ଦରୀ କଲ୍ୟାଣୀଙ୍କୁ ଦେଖି ଚମକିଉଠିଛି ପ୍ରଭାକର ମନ । କଲ୍ୟାଣୀ ସହିତ ମହାପାତ୍ରେ ଯେଉଁପରି ପରିହାସ ଛଳରେ କଥା କହୁଛନ୍ତି, ସେଗୁଡ଼ାକ ପ୍ରଣୟର ପୂର୍ବାଭାଷ କି ଆଉ କଅଣ, ସେ ସ୍ୱୟଂ ଜଣେ ତେଇଶି ଚବିଶି ବର୍ଷର ଅଭିନେତା ଟିଏ ହେଲେ ମଧ୍ୟ ଭାବିପାରେନାହିଁ । ଏଇ ସମସ୍ତ ଦ୍ୱନ୍ଦ୍ୱ ଛଳ, ଚାତୁର୍ଯ୍ୟର ମିଶ୍ରଣରେ ସ୍ୱର୍ଣ୍ଣର 'ନିଷ୍ପତ୍ତି' ନାଟକ ଗଢ଼ିଉଠୁଥିଲା ଦ୍ରୁତ ବେଗରେ ।

ଅଧରାତ୍ର । ନିବିଡ଼ ନିଦ୍ରା ନିମଗ୍ନା ଧରଣୀର ଶ୍ୱାସ ପ୍ରଶ୍ୱାସ ଧ୍ୱନି ଶୁଭୁଛି ସାଇଁ ସାଇଁ ହୋଇ । ସ୍ୱର୍ଣ୍ଣ ଲେଖିବାରେ ଲାଗିଛି । ଆଖିରେ ଭରି ହୋଇଗଲାଣି ଶ୍ରାନ୍ତି । ନିଜକୁ ନିଜେ କହିଲା ସେ । ଥାଉ ଆଜି । ଶେଷ ତ ହେବନାହିଁ । କାଲିକି ଲେଖିଦେଲେ ହୋଇଯିବ । ଖାତାପତ୍ରଗୁଡ଼ାକୁ ଏକ ତଡ଼ିଆ କରି ଦେଇ ଶ୍ରାନ୍ତ ଦେହଟାକୁ ବିଛଣା ଉପରେ ଲୋଟାଇ ଦେଲା ସ୍ୱର୍ଣ୍ଣ । ଆଖି ମୁଦିବାକୁ ଚେଷ୍ଟା କରୁକରୁ ମନେ ପଡ଼ିଗଲା—ସୁର ମାଷ୍ଟ୍ରେ ଆଉ ବାଦ୍ୟକାରେ କ୍ରମଶଃ ଏଠିକି ଆସିଲେ । ବଡ଼ ସୁନ୍ଦର-କୋମଳ-ମଧୁର ସ୍ୱର ଏଇ ସୁର ମାଷ୍ଟ୍ରଙ୍କର । ବାଦ୍ୟକାରଙ୍କ ଜ୍ଞାନମୟ ମୂର୍ତ୍ତି । ନିମିଷକରେ ସ୍ୱର୍ଣ୍ଣର ସମଗ୍ର ହୃଦୟ ହୋଇଗଲା ଉତ୍ଫୁଲ୍ଲ । ନିଦ୍ରାବେଶରେ ମୁଦିହୋଇଗଲା ତା'ର ଶ୍ରାନ୍ତ ଆଖି ଦୁଇଟି ।

× × × ×

ରାଧାଗୋବିନ୍ଦ ମନ୍ଦିରର ଶଙ୍ଖଧ୍ୱନିରେ ନିଦ ଭାଙ୍ଗିଗଲା ସ୍ୱର୍ଣ୍ଣର । ଶୋଇବା ଘରର କୋଣରେ ଆହୁରି ଟିକିଏ ରହିଥିଲା ଅନ୍ଧକାର । ଅରୁଣର ଉଜ୍ଜ୍ୱଳ ଆଭା ମାତ୍ର ଦେଖାଦେଇଥିଲା ଅଗଣା ଆଡ଼େ । ସ୍ୱର୍ଣ୍ଣ ଚମକିଲା ପରି ଉଠି ବସିଲା ବିଛଣାରେ । ଏଇ କେତେ ଦିନ ପୂର୍ବେ ଇମିତି ସମୟରେ ନିଦ ଭାଙ୍ଗିଗଲେ, କେବଳ ରନ୍ଧନ କାର୍ଯ୍ୟର ଚିନ୍ତାକରି ବିଛଣାରେ ପଡ଼ିରହୁଥିଲା । ଆଜି କିନ୍ତୁ ତାର ସେ କାର୍ଯ୍ୟ ସମ୍ବନ୍ଧରେ ଚିନ୍ତା କରିବାକୁ ସମୟ ନାହିଁ । ନିଦ ଭାଙ୍ଗୁ ଭାଙ୍ଗୁ ତାର ମନେହେଲା, ସତେ ଯେମିତି କେଉଁଠି କଅଣ ଛାଡ଼ିଦେଇ ଆସିଛି । କାହା ସାଙ୍ଗରେ କଅଣ ଗୋଟାଏ ବିଷୟ ନେଇ ଆଲୋଚନା କରୁଥିଲା, ଶୋଇପଡ଼ି ସେ କଥା ସେ ଭୁଲିଯାଇଛି । ଯେଉଁଠୁ କଥା ଛାଡ଼ିଦେଇଛି ସେଇଠାରୁ ପୁଣି ଆରମ୍ଭ କରିବାକୁ ହେବ । ମନେ ପଡ଼ିଗଲା, ବ୍ରଜ ମହାପାତ୍ରଙ୍କ କଥା ଯେ କି ସ୍ୱର୍ଣ୍ଣର 'ନିଷ୍ପତ୍ତି' ନାଟକର ନାୟକ । ତାଙ୍କର ଲେଖାଯୋଖାର ନାତି ଅଭିମାନ କରି କେଉଁଆଡ଼େ ଚାଲିଯାଇଛି । ସେ ମଧ୍ୟ ଜଣେ ନାଟ୍ୟକାର । ଭଲ ଗୀତ ଗାଏ । ହାରମୋନିୟମ ଧରି ବଜେଇ ଜାଣେ ନାଟକୀୟ ଛଟାରେ । ଦେଖିବାକୁ ମଧ୍ୟ ସୁନ୍ଦର ତରୁଣଟିଏ । ନାଟକର ଦ୍ୱିତୀୟ ଅଙ୍କରେ ସେଇ କଥା ନେଇ ସଂଳାପ ରଚିବାକୁ ହେବ । ଭାବନା କରୁକରୁ କଥାଦେବୀ ଆବିର୍ଭୂତା ହୋଇଗଲେ ସମ୍ମୁଖରେ । ସ୍ୱର୍ଣ୍ଣ ମଥାନତକରି ହାତଯୋଡ଼ି ଦେଲା ଅନ୍ତର୍ଯ୍ୟାମୀଙ୍କ ଉଦ୍ଦେଶ୍ୟରେ । ସେଇ ଅନ୍ତର ଦେବତା ଦୟାକଲେ ହିଁ ଯୁଗ ଯୁଗକର ଅଜ୍ଞାନ ଅନ୍ଧକାର ନିମିଷକ ଭିତରେ ଚାଲିଯିବ ଦୂରାନ୍ତରକୁ । ଜ୍ଞାନାଲୋକରେ ଉଦ୍ଭାସିତ

ହୋଇଉଠିବ ବାହ୍ୟ ଆଉ ଅଭ୍ୟନ୍ତର । ଦିନକରେ ପାଞ୍ଚ ଜନ୍ମ ପାର କରାଇ ଆଣିଦେବେ ସେଇ ଅଦୃଶ୍ୟ ଦେବତା । ଭକ୍ତି ଅବନତା ସ୍ୱର୍ଣ୍ଣ ଶେଯରୁ ଉଠିଯାଇ ବସିଲା ବାଡ଼ିପାଖ ବାରଣ୍ଡାରେ । ତଳେ ଆଉ ଗଛର ପତ୍ର ଉପରେ ଝଡ଼ି ପଡ଼ିଥିବା ଗଙ୍ଗଶିଉଳିର ସୌରଭ ବହିଆସୁଥିବା ମୃଦୁ ସମୀରଣ ସାଥିରେ । ଉଦ୍ଧତର ହୋଇ ମୁହଁ ଧୋଉଧୋଉ ଭାବୁଥିଲା ସୁର ମନ୍ତ୍ରୀ ଆଉ ବାଦ୍ୟକାରଙ୍କ କଥା; ମାତ୍ର ଦୁଇ ଦିନର ପରିଚୟ, କିନ୍ତୁ ମନେହେଉଛି, ସେଇ ଶିଶୁକାଳରୁ ହିଁ ସେ ଏ ଦୁହିଙ୍କୁ ଦେଖି ଦୁଃଖ କଥା କହି ଆସିଛି ସ୍ୱପ୍ନରେ, ଜାଗରଣରେ । ଜୀବନଟା ସତେ କେଡ଼େ ପ୍ରଚ୍ଛନ୍ନଭାବରେ ରହିଥିଲା ! ମୃତ ଦେହରେ ଜୀବନ ସଞ୍ଚାର କଲାପରି ଏ ଦୁହେଁ ଆସି କଥା ଶୁଣେଇଁ ତାକୁ ଜୀବନ୍ତ, ଜାଗ୍ରତ କରିଦେଉଛନ୍ତି । ନାଟକ ପୃଷ୍ଠ ଫୁଟି-ଉଠିବ ବିକଶିତ ହୋଇ । ସୃଷ୍ଟି କରିବାର ଆନନ୍ଦରେ ଯେ ସେ ଅମରପୁରୀରେ ପରିଭ୍ରମଣ କରୁଛି । ସେ ଆନନ୍ଦମୟ ରାଜ୍ୟରୁ ସେ ଆଉ ଫେରିଆସିବ ନାହିଁ ।

ଏତିକବେଳେ ପରମାନନ୍ଦ ବାଡ଼ିପାଖ ଆଡ଼ୁ ଆସି ବସିପଡ଼ିଲେ ସ୍ୱର୍ଣ୍ଣ ପାଖକୁ । ତା' ମୁହଁକୁ ଚାହିଁ ପଚାରିଲେ କଅଣ ଭାବୁଛ ଶୁକବୋଉ ? ନାଟକ ଲେଖା ସମାପ୍ତ ହୋଇଯାଇ ଥିବ ଯେ ମୁହଁ-ଆଖି ଆନନ୍ଦ-ଉଜ୍ଜ୍ୱଳ ଦିଶୁଛି । ନା କଅଣ ?

ସ୍ୱର୍ଣ୍ଣ ମ୍ଳାନ-କରୁଣ ଦୃଷ୍ଟିରେ ଚାହିଁ କହିଲା, ମୁଁ ଯେଉଁ ଦାୟିତ୍ୱ ବହନକରୁଛି, ସେଥିରେ ତ ହସି ଖେଳ ମୁହୂର୍ତ୍ତେ ମଧ୍ୟ ସମୟ ନେବା ଉପାୟ ନାହିଁ । ଚବିଶି ଘଣ୍ଟା ଆଖି ଖୋଲି ଚାହିଁ ଲେଖୁ ଲେଖୁ ମଧ୍ୟ ମନେହେଉଛି; କେଉଁଠି କଅଣ ହଜେଇ ଦେଇଛି, ଖୋଜି ଖୋଜି ପାଉନାହିଁ । ଏଡ଼େ ବଡ଼ ଦୁଃଖରେ ମଧ୍ୟ ଶ୍ୱଶୁରଙ୍କ କଥା ମନେପଡ଼ିଗଲେ, ମନ ତାର ଆନନ୍ଦ ଉତ୍ଫୁଲ୍ଲ ହୋଇଉଠୁଛି । ସେ କହନ୍ତି, "ସକଳ ତୀର୍ଥ ତୋ ଚରଣେ, ବନ୍ଦିକା ଯିବ କି କାରଣେ ।" ଏ କଥାର ଅର୍ଥ ଶ୍ୱଶୁର ପଚାରିବେ ବୋଲି ଭୟ କରି ରୋଷେଇ ଘର ଆଡ଼କୁ ଚାଲି ଯାଉଥିଲା ସେ ଦିନ । ବର୍ତ୍ତମାନ ଜାଣିପାରୁଛି ଯେ ସକଳ ତୀର୍ଥ ସେଇ ପରଂବ୍ରହ୍ମଙ୍କ ଚରଣ ତଳରୁ ହିଁ ଧାର ଧାର ହୋଇ ବହିଯାଉଛି । ଆମର ଦୃଷ୍ଟିଶକ୍ତିର ଅଭାବରୁ ସେ ତୀର୍ଥ ବାରିଧାରା ଦେଖିପାରୁନାହୁଁ କି ତା'ର କଳ କଳ ଧ୍ୱନି ଶୁଣି ପାରୁନାହୁଁ ।

ପରମାନନ୍ଦ ସ୍ୱର୍ଣ୍ଣର ପିଠିରେ ହାତ ବୁଲେଇ ଆଣି କହିଲେ, ତୁମକୁ ସେଇ ପ୍ରଥମ ଦିନ ପୁରୀରେ ଦେଖିବା କଥା ମନେ ପଡ଼ିଯାଉଛି । ଏତେ ଟିକିଏ ଝିଅ ହୋଇଥିଲ ତୁମେ ସେଦିନ । ସ୍ୱପ୍ନ ଦେଖିଲାପରି କେତେବଡ଼ ଘଟଣା ଘଟିଗଲା ସେ ଦିନ । ତୁମର ଆଈ ବୁଢ଼ୀଙ୍କୁ ଅନେକ ସମୟରେ ମୁଁ ସ୍ମରଣକରେ । କେଡ଼େ ଆବେଗରେ କଥା କହୁଥିଲେ ସେ । ତାପରେ ବୋଉ ଚାଲିଗଲା । ନନା ଚାଲିଗଲେ । ଆମମାନଙ୍କୁ ସମ୍ପୂର୍ଣ୍ଣ ଏକା କରିଦେଇ । ଆଜି ନନା, ବୋଉ କେହି ନାହାନ୍ତି, ତୁମେ ହିଁ ମୋର ଏକମାତ୍ର ଆଶ୍ରୟ ବର୍ତ୍ତମାନ ।

ସ୍ୱର୍ଣ୍ଣ ଆବେଗରେ ହିଁ କହିଲା, ତୁମେ ହିଁ ଯେ ମୋର ପରମ ଆଶ୍ରୟ—, ପରମାନନ୍ଦ ବାଧାଦେଇ କହିଲେ, ତୁମର ସ୍ନେହମୟ ସେବାର କଥା ହିଁ କହୁଛି ଶୁକବୋଉ । ଘରେ ଆଶ୍ରୟ ନେବା କଥା ମୁଁ କହୁ-ନାହିଁ । ତୁମ କଥା ଭାବିଲେ ହିଁ କି ଗୋଟାଏ ଅପୂର୍ବ ପୁଲକରେ ମୋର ସର୍ବାଙ୍ଗ ପୁଲକିଉଠୁଛି, ତୁମର କବି ହୃଦୟ ଏ କଥା ନିଶ୍ଚୟ ଅନୁଭବ କରୁଥିବ । ତୁମେ ଏଇ ଲେଖାଲେଖି କରିବାପରେ ତୁମ ପ୍ରତି ମୋର ଯେ ସମ୍ମାନ ଥିଲା, ତାହା ଶତଗୁଣ ବଢ଼ିଯାଇଛି । ତୁମେ ନିଜେ ହିଁ ନିଜକୁ କି ସୁନ୍ଦରକରି ଗଢ଼ିପାରିଛ, ଏହା ତ ସହଜସାଧ୍ୟ ନୁହେଁ ।

ସ୍ୱର୍ଣ୍ଣ ପରମାନନ୍ଦଙ୍କ ପଦ ସ୍ପର୍ଶକରି କହିଲା, ତୁମେ ହିଁ ଯେ ମୋତେ ମନୁଷ୍ୟ ଶ୍ରେଣୀରେ ଗଣ୍ୟକରିଛ ସ୍ୱାମୀ ମୋର । ତୁମେ ମୋର ଗୁରୁ, ପିତା, ମାତା, ସଖା, ସହୋଦର ସବୁ । ତୁମେ କହିବା କଥା ଅଦୃଶ୍ୟ ଦେବତାଙ୍କ ଆଦେଶ ବୋଲି ଦୃଢ଼ ବିଶ୍ୱାସ କରି ଚାଲୁନ

ଉଠେଇ ଧରି ବସୁଛି ପ୍ରତିଦିନ ସକାଳ ସନ୍ଧ୍ୟାରେ । ତୁମେ ଯଦି ମୋତେ କହି ନ ଥାନ୍ତ ମୁଁ କଅଣ ପାଦେ ହେଲେ ଅଗ୍ରସର ହୋଇ ପାରନ୍ତି ? ପରମାନନ୍ଦ ସ୍ୱର୍ଣ୍ଣଙ୍କୁ କୋଳକୁ ଟାଣିନେଇ କହିଲେ, ମନୁଷ୍ୟ କେବେ କେଉଁଠି ଦେବତା ହୋଇପାରୁଚି କି ଶୁକବୋଉ ? ଜ୍ଞାନରୂପୀ ଅନନ୍ତ ହିଁ ବିଶ୍ୱବ୍ରହ୍ମାଣ୍ଡର ଈଶ୍ୱର । ତୁମେ ତାଙ୍କୁ ହିଁ ଡାକ ଡାକ ତୁମର ଅଭ୍ୟାସ ହୋଇଗଲାଣି । ମନୁଷ୍ୟଙ୍କୁ ଦେବତା ବୋଲି ଡାକିଦେଉଛ । ଏ ଘରକୁ ଆସିବାଠୁ ବୋଉଙ୍କର, ନନାଙ୍କର ସେଥି ସଙ୍ଗେ ମୋର ଯେତେ ସେବା କରିଛ, ଯେତେ ଭକ୍ତି ଶ୍ରଦ୍ଧା ଅଜାଡ଼ିଦେଇଛ, ସେଥିରୁ ଦିନ ଦିନକର ସ୍ନେହ ପ୍ରୀତି ମନେପଡ଼ିଲେ, ତୁମକୁ ଅମରପୁରୀର ଦେବକନ୍ୟା ବୋଲି ଭାବିଦେଉଛି । ସ୍ୱର୍ଣ୍ଣ କହିଲା, ଏ ଘରେ ଶାଶୁଙ୍କର ଆଉ ଦୁଇ ବୃରଟା ପୁଅ ଝିଅ ଥିଲେ, ମୋର ଭଲ ଗୁଣଟା କମିତି ବିକଶିତ ହୋଇଥାଆନ୍ତା କହି-ହେବନାହିଁ । ସୃଷ୍ଟି-କର୍ତ୍ତା ମତେ ସବୁ ଦିଗରୁ ସୁବିଧା ଦେଲେ ବୋଲି, ଭଲ ହୋଇଯାଇଛି । ପରମାନନ୍ଦ ଉଠିବା ଉଦ୍ୟମରେ ରହି କହିଲେ, ତୁମେ ନିଜ ଶକ୍ତିରେ ନିଜକୁ ଗଢ଼ି କରି ହୋଇଛ । ଗୁଣବନ୍ତୀ ପତ୍ନୀ ମୋର ତୁମେ ସାମାନ୍ୟକୁ କରିଛ ଅସାମାନ୍ୟ । ଏ କଥା ମୁଁ ଜାଣିପାରୁଛି । ତୁମର ସମସ୍ତ ନିଷ୍ଠା ମୁଁ ସହ୍ୟ କରି-ପାରେନାହିଁ । ମନୁଷ୍ୟ ଶରୀର ଯେ ରୋଗର ଆକର, ଶକ୍ତି ଥାଉ ଥାଉ କଷ୍ଟ ଦେଇଥାଏ ।

ସବୁଦିନ ପରି ପରମାନନ୍ଦ ବାହାରକୁ ବାହାରିବା ପରେ ସ୍ୱର୍ଣ୍ଣ ଲାଗିଗଲା ଲେଖା କାର୍ଯ୍ୟରେ । ଥରକୁ ଥର ଭାବନା ଆସିଯାଉଛି । ସୁରମାଷ୍ଟ୍ରେ କହିଲେ, ସକାଳ ବେଳେ 'ନବଜନ୍ମ'ରୁ ଗୀତ କେତୋଟା ସ୍ୱର ଦେଇ ଧରି ଆସିବେ । ରାମାୟଣ ସଭାରୁ ଫେରିଲାବେଳକୁ ନିଶ୍ଚୟ ବେଶି ରାତି ହୋଇଥିବ । ବସାକୁ ଯାଇ ଶୋଇଥିବେ । ସକାଳୁ ଉଠି ଗୀତ ବାଛି ସ୍ୱର ଦେଇ ଆସିବେ କି ନାହିଁ । ସକାଳେ ନ ଆସିଲେ ମଧ୍ୟ ସନ୍ଧ୍ୟା ପୂର୍ବରୁ ନିଶ୍ଚୟ ଆସିବେ । ଯଦି ତାର 'ନିଷ୍ପତ୍ତି'ଟି ସମାପ୍ତ ହୋଇଯାଇଥିବ, ଦେଖିଲେ ସେମାନେ କେଡ଼େ ଖୁସି ହେବେ !

ବିଶୁ ସ୍ନାନକରି ଆସି ବସେଇ ଦେଲା ଭାତ ଆଉ ଡାଲି । ଦୁଇ ପାଖିଆ ଚୁଲ୍ଲୀରେ ଭାତ ଡାଲି ହେଲା-ବେଳକୁ ପରିବାପତ୍ର, ମସଲା ହଳଦି ଯୋଗାଡ଼ କରି ରଖିଛି । ହଠାତ୍ କାହିଁକି କେଜାଣି ବିଶୁର ମନରେ ଭରିଗଲା ବିରକ୍ତି ଆଉ ଅବସାଦ । ସେ ଖାଲି ସୋରିଷ ବାଟି ରଖିଦେଲା ଚୁଲାପାଖକୁ । ବାଟିକୁ ତୋଳି ଆଣିଥିବା କଞ୍ଚି କାନ୍ଦୁ କାନ୍ଦୁ ଭାଙ୍ଗିଯାଉଥିଲା, କାହିଁକି ପ୍ରଥମରେ ସେ ରାନ୍ଧିବାକୁ ହଁ କଲା ? ତାଙ୍କର ସେ ଘର କଥା ଦେଖୁଥିଲେ । ଏବେ କି ମୋହରେ ପଡ଼ିଚନ୍ତି କେଜାଣି ଦିନବେଳଟା ଅଶୁଦ୍ଧ ଯେ ଗାତିଟାଯାକ କଲମଟେ ଧରି ବସିରହୁଚନ୍ତି । ଇମିତି ହେଲେଣି ଯେ କଅଣ ରନ୍ଧାହେବ କହିଦେବାକୁ ମଧ୍ୟ ସମୟ ହେଉନି । ତୁ ଏଥର ରାନ୍ଧେ ବୋଲି କହିଦେଲେ ହୋଇଯାଉଚି କି ? ଗାଈ ଗୋରୁ କଥା ଦେଖିବ କି ରାନ୍ଧି ବସିବ ? ମୁହଁ ଫିଟେଇ ସତକଥାଟି କହିଦେବ, ମୁଁ ଆଉ ପାରିବି ନାହିଁ ବୋଲି ।

ଅପରାହ୍ଣ ଗୁରଟା ସମୟ । ସ୍ୱର୍ଣ୍ଣ ବାଡ଼ପାଖ ବାରଣ୍ଡାରେ ବସି ଲେଖୁଥିଲା । ବିଶୁ ଦାଣ୍ଡପିଣ୍ଡାର ତଳ ପାଉଚରେ ଠିଆହୋଇ ଦେଖୁଥିଲା, ଗୋବିନ୍ଦପାଣଙ୍କ ଦୋକାନରେ ହେତାମାନେ ବସି ଖୁସିଗପ କରୁଛନ୍ତି । ବାଦ୍ୟକାର ଅତର୍କିତ ଅବସ୍ଥାରେ ଆସି ବିଶୁର କାନ୍ଧରେ ହାତ ରଖି କହିଲେ ତୁମେ ଯେ ମାଆ ଲକ୍ଷ୍ମୀଙ୍କର ପ୍ରିୟ-ଭୃତ୍ୟ । ତାଙ୍କର ଜୀବନଚରିତ ଭିତରେ ତୁମେ ଅମର ହୋଇ ରହିଯିବ । ତୁମକୁ ଆଗ ଡାକିଲେ ପଛେ ଯିନା ଆମେ ମାଆଙ୍କ ଦର୍ଶନ ପାଇବୁ ।

ବିଶୁ ପିଲାଙ୍କ ପରି ହସିଦେଇ କହିଲା ମାଆ କହୁଥିଲେ—ବାଦ୍ୟକାର ହେଉଛି ସଞ୍ଜବେଳକୁ ଆସିବେ ବୋଲି । ଚାଲନ୍ତୁ ଘରକୁ ଯିବା ।

ଅଗଣାରେ ସୁରମାଷ୍ଟରଙ୍କ ସାଙ୍ଗରେ ବିଶୁ କଅଣ ଗୋଟାଏ ଆଲୋଚନା କରୁଥିବା ଶୁଣି ଖାତାପତ୍ର ରଖିଦେଇ ସ୍ୱର୍ଣ୍ଣ ଉଠିଆସିଲା ବାରଣ୍ଡାକୁ । ବାଦ୍ୟକାର ଖମ୍ବ ପାଖକୁ ବସି ପଡ଼ିଥିଲେ ସେତିକିବେଳକୁ । ବିଶୁ ସତରଞ୍ଜି ବିଛେଇଦେଇ ହାରମୋନିୟମ୍ ରଖି-ଦେଇଥିଲା । ସୁରମାଷ୍ଟ୍ରେ ନମସ୍କାରକରି କହିଲେ,

'ନବଜନ୍ମ' ଟାକୁ ଆଉ ଥରେ ପଢ଼ିଦେଲି ଆଜ୍ଞା ! ଆଗରୁ କ୍ଷମାମାଗି ହିଁ କହୁଛି । ନାଟକର କେତେକ ଦୃଶ୍ୟ ବଡ଼ କ୍ଷୁଦ୍ର ହୋଇଯାଇଛି । ଗୋଟିଏ ଗୋଟିଏ ନାଟକ ନିମନ୍ତେ ସପ୍ତାହ ଗୋଟାଏ ସମୟ ଦେଇ-ଦେଲେ ଆପଣ ନିଜେ ହିଁ ସବୁ ଶୁଭ୍ର ସୁନ୍ଦର କରିଦେବେ । ମୁଁ ଆଜ୍ଞା ! ଆପଣଙ୍କର ଏଇ ସାହିତ୍ୟିକ କୃତିତ୍ୱ ଦେଖି ବିସ୍ମୟ-ବିହ୍ୱଳ ହୋଇ-ଯାଉଛି । କି ଗଭୀର ଜ୍ଞାନ ଅର୍ଜନକଲେ ମନୁଷ୍ୟ ସାହିତ୍ୟ ସୃଷ୍ଟି କରିପାରିବ, ସେ କଥା ମୁଁ ଅନୁଭବ କରିଛି । ଆପଣଙ୍କର ଅନୁଭୂତି ଏତେଦୂର ସୂକ୍ଷ୍ମ କମିତି ହେଲା, ତାହା ହିଁ ଭାବୁଛି । ବାହାର ଜଗତର ତ ଆପଣଙ୍କ ସହିତ କୋଣସି ସମ୍ପର୍କ ନାହିଁ । ଘରଭିତରେ ଶ୍ୱଶୁର-ଶାଶୁ, ସ୍ୱାମୀ-ପୁତ୍ର, ଆଉ ଏଇ ଭୃତ୍ୟଟି । ବିଦ୍ୟାଶିକ୍ଷା ଶ୍ୱଶୁରଙ୍କ ପାଖରେ ଯାହା କରିଥିଲେ ସେତିକ ତ ! ଏ ଅବସ୍ଥାରେ ଆପଣ ଏଇ ଯେ ଜୀବନର ଦର୍ଶନ ଲେଖିଛନ୍ତି, ଏହାସବୁ ଅସାଧ-ସାଧନ ନୁହେଁ କି ଆଜ୍ଞା !

ବାଦ୍ୟକାର ତବଲାର ଦଉଡ଼ି ଟାଣୁ ଟାଣୁ କହିଲେ, ମାଆ ସରସ୍ୱତୀ ପ୍ରସନ୍ନବଦନରେ ଅନେଇଁଦେଲେ ଜନ୍ମଜନ୍ମାନ୍ତରର ସନ୍ଦେହ ଦୂର ହୋଇଯାଏ ମାଷ୍ଟ୍ରେ ! ଯାହା ଯେଉଁଠି ଭରଣ-ପୂରଣ କରିବାକୁ ଅଛି, ଚିହ୍ନ କରି ଦେଇଛ ତ ? ସେ ସବୁ ସମସ୍ତ ଦେଖି ମାଆ ଲକ୍ଷ୍ମୀ ଦେଖିବେ । ଆଗ ତୁମେ ମାଆଙ୍କର ସେ 'ପ୍ରତି ନିମିଷେ' ଗୀତଟି ବୋଲିବ-ଟି ମାଷ୍ଟ୍ରେ ! ଆତ୍ମାର ଆବେଦନଟି ଅନ୍ୟ ମୁହଁରେ ଶୁଣିଲେ ମୋ ମାଆଙ୍କ ମନ ଉଦ୍ୟମଶୀଳ ହୋଇଉଠିବ । ସୁରମାଷ୍ଟ୍ରେ ହାରମୋନିୟମ୍‌ଟାକୁ ପାଖକୁ ଟାଣି ଆଣି ବଜେଇବା ଆରମ୍ଭ କରୁକରୁ କହିଲେ, ବାଦ୍ୟକାରଙ୍କ ଗୋଟାଏ ଝୁଙ୍କ କମିତି କେତେବେଳେ ମାଆଙ୍କର ଗୀତଗୁଡ଼ିକ ମାଆଙ୍କୁ ଶୁଣେଇଦେବା । ଏ ତ ଆଉ କଥା କୁହାଇ ଦେବେନାହିଁ । ମୁଁ ସେ ଗୀତଟା ଗାଉଛି ତେବେ ।

ପ୍ରତି ନିମିଷେ ସୁନ୍ଦର ତବ
      ନାମଟି ମନେ ସ୍ମରି,
ହୃଦ-କମଳେ ଭକତି ରସ
      ଯାଉଛି ମୋର ଭରି ।
ଅନ୍ଧାରମୟ ଦିଶିଲେ ପଥ
ତୁମକୁ ଡାକେ ମୋ ପ୍ରାଣନାଥ,
ଦେଖି ମୋ ଦୁଃଖ ଆସ ଯେ ତୁମେ
      ପ୍ରସାଦ ହାତେ ଧରି ।

ନ କରି ତପ ନ କରି ଜପ
ଦେଖିଲି ତବ ମୋହନ ରୂପ
ମାଟିର ଘର ହେଲା ମୋହର
      ସତେ ସରଗପୁରୀ ।

ଆସିଛ ଆଜ ଈଶ୍ୱର ମୋର
ବହୁ ଆସୁଛି ଧୀର ସମୀର
ଏ ଜଗ କୋଣେ ଆଲୋକ ରାଶି
      ପଡ଼ୁଛି ଝରି ଝରି ।

ତୁମର ବିଶ୍ୱରୂପକୁ ଚୁହିଁ
ପରାଣ ଉଠେ ବନ୍ଦନା ଗାଇ,
ଭାବ ଆବେଶେ ସକଳ ପ୍ରାଣ
      ଉଠୁଛି ଥରି ଥରି ।

ବାଦ୍ୟକାର ତବଲାଟାକୁ ଅଳ୍ପ ଟିକିଏ ଠେଲି-ଦେଇ କହିଲେ, ତବଲାଟା ସିନା ଠୁଁକୁ ଥିଲି ମାଷ୍ଟ୍ରେ ! ମୋର ମନେହେଉଥିଲା ମୁଁ ଶୋଇପଡ଼ିଥିଲି । ସ୍ୱର୍ଣ୍ଣ ସ୍ୱପ୍ନାବସ୍ଥା ହୋଇ କହିଲା, ଏ ଯେ ଧ୍ୱନି ଅମୃତ ବାଦ୍ୟକାରେ ! ଜୀବନରେ ଏ ଅମୃତର ଆସ୍ୱାଦନ ଏଇ ପ୍ରଥମ । କାହିଁକି ଆଜ୍ଞା, ଏ ପ୍ରଥମ ହେବ ? ଆପଣ କଅଣ ନାଟକ ଦେଖି ନ ଥିଲେ ନା, ନାଟକର ଗୀତ ଶୁଣି ନ ଥିଲେ ? ସ୍ୱର୍ଣ୍ଣର ଉତ୍ତରକୁ ଅପେକ୍ଷା ନ କରି ବାଦ୍ୟକାର କହିଲେ, ନାଟକ ଦେଖିଥିଲେ ମଧ୍ୟ କଅଣ ହେବ ? ତୁମେ ଗାଇବା ଗୀତଟି ଯେ ମୋ ମାଆ ଲକ୍ଷ୍ମୀଙ୍କର ହୃଦୟର ଧନ । ଶିଶୁସନ୍ତାନଟି ଦରୋଟି ବଚନ କହିଲା ପରି ମୋ ମାଆଙ୍କୁ ଆନନ୍ଦ ଲାଗୁଥିବ । ଆଉ ଗୋଟିଏ ଗୀତ ବୋଲ ମାଷ୍ଟ୍ରେ ! ମାଆଲକ୍ଷ୍ମୀଙ୍କର ସେଇ ଯେ ବସନ୍ତ ବର୍ଣ୍ଣନା । ଦେଖିଲ ନା ମାଷ୍ଟ୍ରେ, କାଲିର କଥା ଆଜିକ ପାସୋରି ଦେଇଛି ।

ବୟସ ହେଲେ ମସ୍ତିଷ୍କଟା ମଧ୍ୟ ସାନ୍ଦା ପଡ଼ିଯାଉଛି । ସେଇ କଥା ହେ ! ନାଁ ଟା ଜିଭ ଅଗରେ ଅଛି, କିନ୍ତୁ କହିପାରୁ ନ । କଅଣ-ଟି ମାଷ୍ଟ୍ରେ ! ହଁ, ମନେପଡ଼ିଗଲା ମନ୍ୟୁଷ୍ମନ୍ ବୋଲି ଆମେ କହୁଛେ ଯେ, ହେଲେ ମଧ୍ୟ ଆମ ଭାଷାରେ ଏକକ ଅଭିନୟ ବୋଲି କହିଲେ କଅଣ ଚଳିବ ନାହିଁ କି ମାଷ୍ଟ୍ରେ ? ଚଳନ୍ତା ନାହିଁ କାହିଁକି, ଆମେ ତ ସେଇ ଗତାନୁଗତିକ ହୋଇ-ଗଲିଥିବା ।

ସୁର ମାଷ୍ଟ୍ରେ ହସିହସି କହିଲେ, ଏତେ କଷ୍ଟରେ ଆଉ ନାମ ଖୋଜିବା ଆବଶ୍ୟକ ନାହିଁ । ଆମେ ଦି' ଜଣ ତ ଅଛେ । ଭୁମର ଭୁବନେଶ୍ୱର ଆଉ ବିଦ୍ୟାଧର ଅଛନ୍ତି । ଭୁମ ଶ୍ୱଶୁରଘରେ ଗାର ଏବେ ନୂଆ କରି ଆରମ୍ଭ କରିଥିବା ଘରଚଳାନ୍ନାରୁ ଦି' ଗୁରୁଜଙ୍କୁ ନେଇ ଆସିବା । ଇମିତି ଗୋଟାଏ ଘରୋଇ ଡ୍ରାମା କରିଦେବା । ମାଆ ତାଙ୍କର ହାତର ସୃଷ୍ଟି ମନୁଷ୍ୟଗୁଡ଼ିକୁ ଦେଖିବେ । ସେମାନଙ୍କ ମୁହଁର କଥାରୁ କେଉଁଠି କଅଣ କରିବାକୁ ହେବ ସ୍ୱୟଂ ଜାଣି ପାରିବେ । ମୁଁ ଆଉ ଭୁଲ ଦର୍ଶାଇବାକୁ ଯିବିନାହିଁ । କଅଣ କହୁଛନ୍ତି ଆଜ୍ଞା !

ସୃଷ୍ଟି ନିଦରୁ ଉଠିଲା ପରି କହିଲା, ଆପଣମାନଙ୍କର ଏ ଦୟା ଯେ ସାତଜନ୍ମ ପର୍ଯ୍ୟନ୍ତ ଭୁଲିହେବନାହିଁ । ମୋର ଅନୁଭୂତିଟିକୁ ଆପଣମାନେ ଅନୁଭବ କରି ମୋର କଥା ମତେ ଶୁଣେଇବାପାଇଁ ଯେଉଁ ସବୁ ଆକାର ପ୍ରକାରରେ କହୁଛନ୍ତି, ଏ କଥା ଶୁଣି ମୋ ମନ ଆଫାସ୍ୱୀ ହୋଇଉଠୁଛି । ଭାବୁଥିଲି, ବାଲ୍ମୀକିଙ୍କୁ ପଥ ଦେଖେଇ ଦେବାକୁ ବ୍ରହ୍ମାଙ୍କଦ୍ୱାରା ପ୍ରେରିତ ହୋଇ ମର୍ତ୍ତ୍ୟକୁ ଆସିଥିଲେ ନାରଦ । ମନେହେଉଛି, ଆପଣ-ମାନେ ଦୁଇ ଦେହ ଭିତରେ ଏକ ଆତ୍ମା । ମତେ ପ୍ରେରଣା ଦେବାକୁ ଆସିଛନ୍ତି ଅଦୃଷ୍ଟ-ରାଜ୍ୟରୁ ।

"ମୋ ମାଆ ଲକ୍ଷ୍ମୀ କି ସୁନ୍ଦର କଥା କହୁଛନ୍ତି—"

ବାଲ୍ୟକାଳରେ ତୁମେ ବୁଝିପାରୁ ନ, ଏଇ ସୁନ୍ଦର କଥାଗୁଡ଼ିକ ଅନ୍ତଃପୁରରୁ ଉଚ୍ଛୁଳିଉଠି ଯେ ନାଟକର ରୂପ ଧାରଣ କରୁଛି । ସୁରମାଷ୍ଟ୍ରେ ଏ କଥା କହି ଅନେଇଁଲେ ସୃଷ୍ଟିଆଡ଼କୁ । ସୃଷ୍ଟି କହିଲା, ଆପଣମାନେ ଆସି ନ ଥିଲେ ମୁଁ ଯେ ଆପଣାକୁ ଜାଣିପାରି ନ ଥାନ୍ତି । ମୋର ମନେହେଉଛି, ଆପଣ ମୋ ସମ୍ମୁଖରେ ବସି କହିଦେଲେ ମୁଁ ଲେଖିଦେଉଛି । ଏଥିପୂର୍ବରୁ ଯାହା ଲେଖିଥିଲି, ସେଗୁଡ଼ାକ କିଛି ଲୁହେଁ । ଦେଖୁନାହାନ୍ତି, ସେଥିରେ ଭାଷା ଆଉ ଭାବରେ କେତେ ଅସାମଞ୍ଜସ୍ୟ ରହିଛି ।

ସୁରମାଷ୍ଟ୍ରେ ଗମ୍ଭୀର ଭାବରେ କହିଲେ, "ଆଜି ପର୍ଯ୍ୟନ୍ତ ଆପଣଙ୍କୁ ଆମେ ଉତ୍ସାହ ଦେଇ ଯେଉଁ ମୂର୍ତ୍ତିଗୁଡ଼ିକ ସୃଷ୍ଟି କରିଛନ୍ତି, ସେଥିରେ ତ କୌଣସି ଅସାମଞ୍ଜସ୍ୟ କି ଅବାସ୍ତବତା ଦେଖୁନାହିଁ । ଏ ସୃଜନଶକ୍ତି ଆପଣ ପାଇଲେ କିମିତି ? ଆପଣ ତ କହୁଛନ୍ତି, ଆମେ ଦୁହେଁ ଆପଣଙ୍କର ଉପଦେଷ୍ଟା ନାରଦ । ସୃଷ୍ଟି ଆରମ୍ଭରୁ ବାରମ୍ବାର ଆବିର୍ଭାବ ଘଟୁଛି ମର୍ତ୍ତ୍ୟଭୂମିରେ ନାରଦଙ୍କର । କବି ସ୍ୱୟଂ ନାରଦଙ୍କୁ ସୃଷ୍ଟିକରି ପୁନଶ୍ଚ ତାଙ୍କଦ୍ୱାରା ପ୍ରେରିତ ହୋଇଆସୁଛନ୍ତି । କେତେବେଳେ କି ରୂପରେ କବିସୃଷ୍ଟିରେ ନାରଦ ଦେଖାଦିଅନ୍ତି । କେଉଁ ଛଳରେ ସେ ମନକୁ ମନ୍ଥନ କରିଦେଇଯାଆନ୍ତି, ସେ କଥା ଆମେ କହିପାରିବା ନାହିଁ । ବିପଦ-ସମ୍ପଦ ସବୁଥିରେ ନାରଦଙ୍କ ଆବିର୍ଭାବ ଘଟେ କବିସୃଷ୍ଟିରେ । କାବ୍ୟକୁ ପୂର୍ଣ୍ଣାଙ୍ଗ କରିବାପାଇଁ ନାରଦଙ୍କ ଉପସ୍ଥିତି । ଏ ସବୁ ତ କବିର କୃତି । ଦେଖୁନାହାନ୍ତି ବ୍ୟାସଦେବଙ୍କ ସୃଜନଶକ୍ତି ! ଶିଶୁକୁ ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତାରୂପେ ନିର୍ମାଣକରି ପୁଣି ତାଙ୍କରି ସ୍ତବ ଗାଇଯାଉଛନ୍ତି । ପୁଣି ସେଇ ଶିଶୁଦ୍ୱାରା ସମୟ ଏବଂ ସୁଯୋଗ ଅନୁଯାୟୀ ବ୍ରହ୍ମଜ୍ଞାନ ଦାନକରାଇଛନ୍ତି ଅର୍ଜୁନଙ୍କୁ । ଏ ସମସ୍ତ କଥା ଭାବିଲେ ମନପ୍ରାଣ ବିସ୍ମୟରେ ବିହ୍ୱଳ ହୋଇଉଠେ । ମୁଁ ଯଦି କହେ, ଆପଣ ହିଁ ଆମମାନଙ୍କୁ ସୃଷ୍ଟିକରି ପୁଣି ଆମମାନଙ୍କ-ଦ୍ୱାରା ଆବିଷ୍କୃତ ହୋଇଥିବା କଥା ଭାବୁଛନ୍ତି, ତାହାହେଲେ ଭୁଲ ତ ହେବନାହିଁ । ବ୍ୟାସଦେବ ଯେପରି "ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିମ୍" ବୋଲି ଗୁରୁଗମ୍ଭୀର କଣ୍ଠରେ କହି ତାଙ୍କରି

ସୃଷ୍ଟି ଦେବତାଙ୍କୁ ସ୍ତବକଲେ, ଆପଣ ସେଇପରି ଆମ ଦୁହିଁଙ୍କୁ ମନେକରୁଛନ୍ତି ।”

ଏତିକବେଳେ ବଶୁ ଲଣ୍ଠନ ଧରି ଆସି ରଖିଦେଲା ବେଞ୍ଚ ଉପରେ । ସୁରମାଷ୍ଟ୍ରେ କହିଲେ, ବଶୁ ! କାଲି ରାତି ଶେଷହୋଇଗଲା ରାମାୟଣ ପଠନରେ । ହ'ପହରେ ମାଆଙ୍କର ଗୀତ ତିଆରି କଲି । ତମେ ଯଦି ଚା' ଟିକିଏ ତିଆରିକରି ଦିଅନ୍ତ ବଶୁ, ବଡ଼ ଉପକାର ହୁଅନ୍ତା । ବାଦ୍ୟକାର ଉଠିବା ଉଦ୍ୟମକରି କହିଲେ, କେତେବେଳେ ରାତି ହୋଇଗଲାଣି, ସେ ଆଡ଼କୁ ଆମର ଦୃଷ୍ଟି ଯାଇନାହିଁ । ବଶୁ ଯେ ଆମର ଆଲୋକଦାତା ! ସେ ଲଣ୍ଠନ ଧରି ଆସି ନ ଥାନ୍ତେ—”

ବଶୁ ଭିତରେ ଭିତରେ କମିତି ଗୋଟାଏ ଅବ୍ୟକ୍ତ ଆନନ୍ଦ ଅନୁଭବ କରୁଥିଲା, ଦୁଇ ଜଣ ଆଗନ୍ତୁକଙ୍କ ଆଦର କଥା ଶୁଣି । ଚା' ତିଆରି କରି ଏଥିଣି ଆଣିଦେବ ମାଷ୍ଟ୍ରେ ! ଆଜ ଯୋ ଗୀତ ଶୁଣିଛି, ଚା' ଦେଲେ ମଧ୍ୟ ସେ ଋଣ ସୁଝି ହେବନାହିଁ । ଚା' ଖାଇ ସାରି ଆଉ ଗୋଟେ ଗୀତ ବୋଲିବ ମାଷ୍ଟ୍ରେ : ଏ କଥା କହିଦେଇ ବଶୁ ଚାଲିଗଲା ଚା' ଆଣିବା ପାଇଁ । ସୁରମାଷ୍ଟ୍ରେ ବଶୁକୁ ପଛରୁ ଡାକି କହିଲେ, ଏ ଘରର ପରିସ୍ଥିତି ତୁମକୁ ମଧ୍ୟ କଥା କୁହାଉଛି ବଶୁ ! ବଶୁ ମୁହଁ ଫେରେଇ କହିଲା, ରହି ଥ ମାଷ୍ଟ୍ରେ, ଚା' ଧରି ଆସି କଥା ଶୁଣିବି । ସୁରମାଷ୍ଟ୍ରେ ସ୍ୱର୍ଣ୍ଣ ଆଡ଼କୁ ଅନେଇ କହିଲେ, ଆପଣ ତ ସେଇ କଥା ହିଁ ଲେଖିଛନ୍ତି । ମନୁଷ୍ୟର ମନରେ କଳ୍ପନାର ବୀଜ ଅଙ୍କୁରିତ ହେବା ସମୟକୁ ଅନ୍ୟମାନେ ତାର ମହତ୍ତ୍ୱ ଅନୁଭବ କରି ଯେଉଁ ଉତ୍ସାହ ଦେଇଥାନ୍ତି, ତାହା ହିଁ ହୋଇଥାଏ ସେ ବୀଜତଳ ମାଟିର ସାର । ମନୁଷ୍ୟ ହିଁ ମନୁଷ୍ୟକୁ ଦେବତାକରି ଥୋଇ ପୂଜା କରିଆସିଛି ସୃଷ୍ଟି ଆରମ୍ଭରୁ । ରତ୍ନାକର ଆପଣଙ୍କୁ ମୂନି କରି ଗଢ଼ିଦେଲେ । ତାଙ୍କର ଦୈତ୍ୟବୁଦ୍ଧି ରାବଣଟାକୁ ବଧକରି ପବିତ୍ର ବୁଦ୍ଧିଟିକୁ ରାଜା- ରାମ ସ୍ୱରୂପେ ପ୍ରତିଷ୍ଠିତ କରିଗଲେ ଚିରକାଳ ନିମନ୍ତେ ।

ବାଦ୍ୟକାର କଅଣ ଗୋଟାଏ କହିବାକୁ ଉଦ୍ୟମ କରୁଥିଲେ । ବଶୁ ଚା' ଧରି ଆସି ଦୁହିଙ୍କ ହାତକୁ ବଢ଼େଇଦେଲା । ଆଗରୁ ପାଣି ଦେଇଥିଲା । ତାତି ଯାଇଥିଲା ମାଷ୍ଟ୍ରେ ! ଚା' ନ ହେଲେ ଏତେ ଶୀଘ୍ର ତିଆରି ହୋଇପାରିଥାନ୍ତା କେଉଁଠି ?

ସୁରମାଷ୍ଟ୍ରେ ଆଗ୍ରହରେ ଚା' ଖାଇ ଖାଇ କହିଲେ, ବଡ଼ ସୁନ୍ଦର ଚା' ତିଆରି କରିଛ ବଶୁ ! ଇମିତି ଚା' ଯଦି ତୁମେ ଦେବ, କେହି ନ ଡାକିଲେ ମଧ୍ୟ ମୁଁ ଆପେ ଆସି ଉପସ୍ଥିତ ହୋଇ ଯାଉଥିବି ସନ୍ଧ୍ୟା-ବେଳକୁ ।

"ଶାସ୍ତ୍ର-ପୁରାଣ କଥା, ତା ପରେ ଆରମ୍ଭ କଲଣି ଚା କଥା । ମାଆଙ୍କର କଥା ମାଆଙ୍କୁ ଶୁଣେଇଁ ଦେଇଯିବା ବୋଲି ପ୍ରସ୍ତାବ ଗୋଟାଏ କରିଦେଲ, ସେ କଥା ନ କହି ଏଣୁ ତେଣୁ କରି ଗୋଳେଇ ଦେଉଛ ?

ବଶୁ ଖାଲି କପ୍‌ଗୁଡ଼ିକ ନେଇ ଚାଲିଗଲା । ଡାଲି ବସେଇ ଦେଇଛି ତେଣେ । ରାତି ହେଲାଣି ।

ସ୍ୱର୍ଣ୍ଣ ବାଦ୍ୟକାରଙ୍କ ମୁହଁକୁ ଚାହିଁ କହିଲା, ମୁଁ ଯେ, ଏଇ କଥା ହିଁ କହିବାକୁ ଭାବୁଥିଲି ବାଦ୍ୟକାରେ । ସାହସ କରି କହିପାରୁ ନ ଥିଲି । ମୋ ମନର କଥାଟି ଉଠେଇ ନେଇ ଆପଣ କହିଦେଲେ । ଏଇ ତ ଦୁଇଟି ଦିନର ପରିଚୟ ଆପଣମାନଙ୍କ ସହିତ, କିନ୍ତୁ ମୋର ମନେହେଉଛି, ଜନ୍ମଜନ୍ମାନ୍ତରରୁ ଆପଣମାନେ ହିଁ ଥିଲେ ମୋର ଜୀବନଯାତ୍ରାର ପଥପ୍ରଦର୍ଶକ । ମନ ଭିତରେ ଏଇ ଯେ ଏକାନ୍ତ ନିର୍ଭରତାର ଆନନ୍ଦ, ଏହା ତ ହସିଦେଇ ଉଡ଼େଇଦେବା କଥା ନୁହେଁ । ଜୀବନସ୍ମୃତିରେ ଏ କଥା ଶତରୂପେ ଶତବାର କରି ଲେଖିରଖିବା କଥା ।

ସୁରମାଷ୍ଟ୍ରେ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଚାହିଁରହିଥିଲେ ସ୍ୱର୍ଣ୍ଣ ଏ କଥା କହିବା ସମୟରେ । ବାଦ୍ୟକାର ସ୍ନେହାବେଗରେ କହିଲେ, ମୋ ମାଆ, ତୁମେ ଯେ ମୋର ମାଆ । ନ ଗୃହୀ ନ ସନ୍ନ୍ୟାସୀ ଭାବରେ ଜୀବନର ଦିନ କଟିଗଲା । ତୁମପରି କନ୍ୟାଟିଏ ପାଇବା ପାଇଁ ମନରେ ଯେଉଁ କାମନା ଥିଲା, ସେ କାମନା ପୂରଣ ହୋଇଯାଇଛି ମାଆ ଲକ୍ଷ୍ମୀ ମୋର । ଭଗବାନ କରନ୍ତୁ, ତୁମରି କାର୍ଯ୍ୟରେ ନିଯୁକ୍ତହୋଇ ଯିମିତି ମୋର ଜୀବନ-କାଳ ଶେଷ ହୋଇଯାଏ ।

ଅବସ୍ଥା ସହଜ କରିଦେବା ଉଦ୍ଦେଶ୍ୟରେ ସୁରମାଷ୍ଟ୍ରେ ସ୍ୱର୍ଣ୍ଣ ଆଡ଼କୁ ଅନେଇଁ ପଚାରିଲେ, 'ନିଷ୍କୃତି' ନାଟକ ଶେଷହେଲା କି ଆଜ୍ଞା ? 'ନବଜନ୍ମ' ର ଆଉ କେତୋଟି ଗୀତରେ ମନେ ମନେ ସ୍ୱର ଦେଇଛି । 'ନିଷ୍କୃତି'ଟି ଯଦି ସମାପ୍ତ କରିଥିବେ, ଦିଅନ୍ତୁ; ରାତିରେ ବାଦ୍ୟକାରଙ୍କୁ ଶୁଣେଇଁଦେବି । ଅଭାବ-ଅସୁବିଧା କଥା ସେ କହିବେ ।

ଆପଣମାନେ କାଲି ସନ୍ଧ୍ୟାରେ ଆସିବେ ତ ନିଶ୍ଚୟ । 'ନିଷ୍କୃତି' ଶେଷ ଦୃଶ୍ୟରେ ରହିଯାଇଛି । ଆଜି ରାତି ଭିତରେ ଶେଷ ହୋଇଯିବ । କାଲି କି ନେଇଯିବେ । ବାଦ୍ୟକାରେ ତ ମତେ ତାଙ୍କର ମାନସ କନ୍ୟାରୂପେ ଗ୍ରହଣ କରିସାରିଲେଣି । ସେ ତାଙ୍କର ପ୍ରିୟ ପୁତ୍ରୀକୁ ଦୁଃଖଦେଇ ତ ଦୂରରେ ରହିପାରିବେ ନାହିଁ । ଆପଣ ଯେଉଁ ସବୋଇ ଡ୍ରାମାର କଥା କହିଛନ୍ତି, ସେ କଥା କାର୍ଯ୍ୟରେ ପରିଣତ କେବେ କରିବେ ?

ଏତିକିବେଳେ ପରମାନନ୍ଦ ତାଙ୍କର ଚିକିତ୍ସାକ୍ଷେତ୍ରରୁ ଫେରି-ଆସି ଦେଖିଲେ ନାଟ୍ୟକାର ଦୁହେଁ ଆସ୍ଥିର ବସିଛନ୍ତି । ସେ ସେ ଆଡ଼କୁ ନ ଚାହିଁ ସହଜ ଭାବରେ ହିଁ ଚାଲିଗଲେ ବାହାରିବାରଣ୍ଡା ଆଡ଼କୁ ।

ବାଦ୍ୟକାର ପରମାନନ୍ଦଙ୍କୁ ଦେଖି କହିଲେ—ଦେଖିଲ ମାଷ୍ଟ୍ରେ, ଗୋସେଇଁପୁଅ ଆସିଗଲେଣି । କାଲିକି ତ ପୁଣି ଆସିବା । ଏଥର ଉଠ ଯିବା । ଘରେ କାଠ ନ ଥିଲା । ପିଲା ଦି'ଟା କଅଣ କରୁଥିବେ ।

ସ୍ୱର୍ଣ୍ଣ ଚଉକିରୁ ଉଠି ପଚାରିଲା, ହାରମୋନିୟମ୍-ଟାର ମୂଲ୍ୟ କେତେ ହେଲା କିଛି ତ କହିଲେ ନାହିଁ ! ସୁରମାଷ୍ଟ୍ରେ ହସିଉଠି କହିଲେ, ଦେଖିଲ ବାଦ୍ୟକାରେ ! ହାରମୋନିୟମ୍‌ଟା ପାଖରେ ରଖାହୋଇଛି । ତେଣେ ଆସିବା ସମୟରେ ଭଜନ ବାରମ୍ବାର କରି କହିଥିଲା— ଟଙ୍କା ମାଗିଆଣି ଦେବା ନିମନ୍ତେ । ଆମେ ସେ କଥା ଏକାଥରକେ ଭୁଲିଯାଇଛେ ।

ସ୍ୱର୍ଣ୍ଣ ଟଙ୍କା ଆଣି ବଢ଼େଇଦେଲା ବାଦ୍ୟକାରଙ୍କ ହାତକୁ ।

ଯିବା ସମୟରେ ସୁରମାଷ୍ଟ୍ରେ ଦାଣ୍ଡଦର ଖାଲି ବାରଣ୍ଡାରୁ ମୁହଁ ଫେରେଇ କହିଲେ, ଶେଷ ଦୃଶ୍ୟଟାକୁ ଟିକିଏ ଚମକପ୍ରଦ କରିଥିବେ ଆଜ୍ଞା ! 'ନିଷ୍କୃତି' ନାମ ରଖିଛନ୍ତି, ନାମର ସାର୍ଥକତା ମଧ୍ୟ ରଖିବାକୁ ହେବ ।

ସ୍ୱର୍ଣ୍ଣ କିଛି ନ କହି ଚାହିଁରହିଥିଲା ନୀରବରେ ।

× × × ×

ପଞ୍ଚାଚାଳିଶି ଟଙ୍କା ଖରଚ କରିଦେଲା ସ୍ୱର୍ଣ୍ଣ ! ଏଇ ବ୍ୟୟ କରିବା ଆନନ୍ଦରେ ଉତଫୁଲ୍ଲ ହୋଇଉଠିଲା ତା'ର ମନ ପ୍ରାଣ । ସେଇ ସଙ୍ଗେସଙ୍ଗେ କିମିତି ଗୋଟାଏ ଅବ୍ୟକ୍ତ ଦୁଃଖ ମଧ୍ୟ ମନରେ ତାର ହେଲା, ଏଇ ଅପବ୍ୟୟ ନିମନ୍ତେ ।

ପରମାନନ୍ଦ ସ୍ନାନଘର ଆଡ଼ୁ ଆସି କହିଲେ, ଇମିତି ତୁନିତାନି ଅନ୍ଧାରିଆ ବାରଣ୍ଡାରେ ବସିଛ ଶୁକବୋଉ ! ମୁଁ ଭାବୁଥିଲି, ତୁମର ସାହିତ୍ୟିକ ବନ୍ଧୁମାନଙ୍କଠାରୁ ଉତ୍ସାହ ପାଇ ଆରମ୍ଭକରିବା ଲେଖାଟାକୁ ଶେଷ କରିବାରେ ଲାଗିଛ !

ସ୍ୱର୍ଣ୍ଣ କହିଲା, ଏବେ ଲେଖୁଥିବା ନାଟକ ତ ଆଜି ଶେଷହୋଇଯିବ । ଏମାନେ କହୁଛନ୍ତି, ନାଟକଗୁଡ଼ିକ ସବୋଇ ଭାବରେ ଅଭିନୟ କରାଇଦେବେ । ତେବେ ମଧ୍ୟ ଏଥିରେ ଟଙ୍କାପଇସା ତ ଖରଚ ହେବ । ପରମାନନ୍ଦ ବାଧାଦେଇ କହିଲେ, ଟଙ୍କା ପଇସା କିଏ କେଉଁଠି କେତେ ଧରି ଯାଉଛି କହିଲ ! ମୋ ବୋଉ ନନାଙ୍କ ହାତରେ ପଇସାଟିଏ ଖରଚ କରିବାକୁ ଦେଉ ନ ଥିଲା କି ନିଜେ ମଧ୍ୟ କରୁ ନ ଥିଲା । ତାର ସବୁ ପଦାର୍ଥ ସେମିତି ପଡ଼ିରହିଥିବା ତ ଦେଖୁଛ । ସାଥିରେ ତ କିଛି ନେଲାନାହିଁ । ତୁମ ଶାଶୁ-ଶ୍ୱଶୁର ଯାହା ରଖିଥିଲେ, ସାଧାରଣରୁ ଆହୁରି ସାଧାରଣ ଭାବରେ ଘର ତକେଇ ଆଉ ସେତିକି ଭୂମିବାଡ଼ି ମିଶେଇଲେ । ସେ ସବୁରେ ତ ମୋର ପରିଶ୍ରମର ଅଂଶ ନାହିଁ । ପୁରୁଷ ହୋଇଥିଲେ ଗର୍ବକରି ମୋର ଉପାର୍ଜିତ ଧନ ବୋଲି କହିପାରନ୍ତି । ତୁମେ ସ୍ତ୍ରୀ ବ୍ୟକ୍ତି ବୋଲି ଧନ ଅର୍ଜନ କରିବା କଥା କେବେ ଭାବିପାରିନାହିଁ । ବର୍ତ୍ତମାନ ସମୟ ଆସିଛି, ଏଇ ସୁଯୋଗରେ ଆପଣା

ହାତରେ ସଞ୍ଚିତ ଧନରୁ କିଛି ବ୍ୟୟ କରି ଜନ୍ମ-ଜୀବନ ସାର୍ଥକ କରି ଶୁଣିକବୋଉ !

ସ୍ୱର୍ଣ୍ଣ ପରମାନନ୍ଦଙ୍କ ପାଦତଳେ ଲୋଟିଯାଇ କହିଲା — ତୁମକୁ ସ୍ୱାମୀରୂପେ ପାଇ ମୋର ଜନ୍ମ-ଜୀବନ ସଫଳ ହୋଇଯାଇଛି ପ୍ରାଣେଶ୍ୱର ମୋର ! ଜନ୍ମେ ଜନ୍ମେ ତୁମକୁ ହିଁ ଯେପରି ସ୍ୱାମୀ ରୂପେ ପାଏ, ତୁମେ ମୋତେ ସେଇ ଆଶୀର୍ବାଦ ଦିଅ ପ୍ରଭୁ ! ମୁଁ ବୁଝିପାରୁଛି । ବାମନ ହୋଇ ଚନ୍ଦ୍ରଙ୍କ ଆଡ଼କୁ ହାତ ବଢ଼ାଇଛି । ସୃଷ୍ଟିକାର୍ଯ୍ୟ ଯେ ଅସାଧ ସାଧନ । କି ଭୟଙ୍କର ରୂପ ଏହାର ! କେଉଁଠାରୁ କିପରି ଆରମ୍ଭ କରି କେଉଁଠି ଶେଷକରିବି ବୋଲି ଭାବିଲାବେଳକୁ ହୃତ୍‌କମ୍ପ ହୋଇଯାଉଛି । ଯେଉଁ କାର୍ଯ୍ୟ ବ୍ୟାସ, ବାଲ୍ମୀକି କରିଛନ୍ତି, ଭଗବାନ ଶ୍ରୀକୃଷ୍ଣ ଅଠରଟି ଅଧ୍ୟାୟ ଯୋଗଶାସ୍ତ୍ରରେ ଯେଉଁ ମହତ୍ତ୍ୱ କର୍ମ କରି ମୁକ୍ତିଲାଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଛାର ମୂଢ଼ ସ୍ତ୍ରୀଲୋକ ଗୋଟାଏ ମୁଁ ଏ କାର୍ଯ୍ୟରେ ହାତ ଦେବାକୁ ଯିବା ଯେ ସ୍ପର୍ଦ୍ଧା ହୋଇଯାଉଛି ପ୍ରଭୁ ! ମାନବଜାତିର ହିତ ଅର୍ଥରେ ହିଁ ଏ କାର୍ଯ୍ୟ କରାଯାଏ । ମୋର ଏ ସାହିତ୍ୟରୁ କିଏ କଅଣ ବା ପାଇବ ?

ପରମାନନ୍ଦ ଟିକିଏ ଅଧୈର୍ଯ୍ୟ ହୋଇ କହିଲେ— ବ୍ୟାସ, ବାଲ୍ମୀକି ଯାହା ଲେଖିଥିଲେ, ସେ କଥା କଅଣ ସିମିତି ସିମିତି ରହିଛି ! କେତେ ଟୀକା-ଟିପ୍‌ପଣୀ, କେତେ ଅନୁବାଦ, ଅନୁସରଣରେ ଲେଖାହେଲାଣି, ସେଗୁଡ଼ିକୁ ଗଣତି କରି କହିହେବନାହିଁ । ବ୍ୟାସଦେବ ଲେଖିଛନ୍ତି ବୋଲି ମନେକରି ସାରଳା ଦାସ ଯଦି ମହାଭାରତ ଲେଖି ନ ଥାନ୍ତେ, ଓଡ଼ିଆଜାତି ଆଜି କଅଣ ଦେଖାଇ ଗର୍ବ କରନ୍ତେ ! ଏ ସମସ୍ତ ଲେଖାର ତତ୍ତ୍ୱ କେହି ତ କହିପାରିବନାହିଁ । ଲେଖିବାକୁ କାହିଁକି ଇଚ୍ଛା ହୁଏ ସେ ତଥ୍ୟ ମୁଁ କହିପାରୁନାହିଁ; କିନ୍ତୁ ଏତିକି ବୁଝିପାରୁଛି ଯେ ଏସବୁ ଲେଖା ଜାତିର, ଦେଶର ସମ୍ପଦ ବୋଲି କାଳ ଶିଳାଲିପିରେ ଲେଖା-ହୋଇ ରହିଯାଉଛି । ତୁମେ ହିଁ ସେଦିନ କହୁଥିଲ, ଶୁଣିକ ଲେଖିଛ, "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।" ସକଳ ପ୍ରକାର ଦ୍ୱନ୍ଦ୍ୱ ମୋହ ଦୂରରେ ରଖି ଏକ ନିଷ୍ଠାରେ ପରମାତ୍ମାର ଶରଣାଗତ ହୁଅ । ଯାହା ଆରମ୍ଭକରିଛ, କୌଣସି ଦ୍ୱିଧା ନ ରଖି ସେଥିରେ ମନପ୍ରାଣ ମଗ୍ନ କରିଦିଅ । ଉଠ, ରାତି ହେଲାଣି । ଏଖଣି ବିଶୁ ଆସିବ, ତୁମେ ଇମିତି ପାଦତଳେ ପଡ଼ିରହିବା ଦେଖିଲେ ସେ କଅଣ ଭାବିବ ? ତୁମେ ମଧ୍ୟ ଇମିତି ଭାବାବେଶରେ ବିହ୍ୱଳ ହୁଅନାହିଁ । ଏସବୁ ଚିନ୍ତା ଆତ୍ମବିଶ୍ୱାସକୁ ଦୁର୍ବଳ କରିଦିଏ ।

ସ୍ୱର୍ଣ୍ଣ ତଳୁ ଉଠୁ ଉଠୁ ସ୍ୱାମୀଙ୍କ ହାତ ଧରି ପକେଇ କହିଲା, ତୁମେ ମତେ ସେଇ ଧ୍ରୁବତାରକାର ପଥ ଦେଖେଇ ଦିଅ ପ୍ରଭୁ ! ଆଦେଶ ଦିଅ—

ପରମାନନ୍ଦ ସ୍ୱର୍ଣ୍ଣକୁ ନେଇଗଲେ ରୋଷେଇଘର ଆଡ଼କୁ । ସ୍ୱର୍ଣ୍ଣ ପୁଣି କଅଣ ଗୋଟାଏ କହିବାକୁ ଯାଉଥିଲା । ପରମାନନ୍ଦ କହିଲେ, ବୃଥା ଚିନ୍ତାରେ ସମୟ, ଶକ୍ତି ନଷ୍ଟ କରନାହିଁ । ଚାଲ, ଖାଇସାରି ତୁମ କାର୍ଯ୍ୟରେ ତୁମେ ଲାଗ । ଭାବନାହିଁ ଯେ ମୁଁ ରୁଷ୍ଟହୋଇ ତୁମକୁ ଏ କଥା କହୁଛି । ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଆପଣା କର୍ତ୍ତବ୍ୟ କରିବା ପାଇଁ ଉପଦେଶ ଦେଇଥିଲେ । ତୁମେ ଦୁର୍ବଳ ହୁଅନାହିଁ ଶୁଣିକବୋଉ ! ତୁମେ କିମ୍ବା ମୁଁ ତ ଚିରକାଳ ବଞ୍ଚିରହିବା ନାହିଁ । ଏ ଯୁଗରେ ଜଣେ ସ୍ତ୍ରୀଲୋକ ଇମିତି ଅସାଧ କର୍ମ କରିଥିବା କଥା ଲିପିବଦ୍ଧ ହୋଇ ଓଡ଼ିଆ ସାହିତ୍ୟ ଇତିହାସରେ ରହିଥିବ ଶୁଣିକବୋଉ !

ସ୍ୱର୍ଣ୍ଣ ରୋଷେଇଘର ବାରଣ୍ଡା ଉପରକୁ ଉଠୁଉଠୁ ପରମାନନ୍ଦଙ୍କ ହାତଧରି କହିଲା, ତୁମେ ମତେ ଏଇ ଆଶୀର୍ବାଦ ଦିଅ, ତୁମରି ମୁହଁର କଥା ପରମ ସତ୍ୟ ହେଉ । ଶ୍ୱଶୁର ମତେ ଯେଉଁ ବିଦ୍ୟାଶିକ୍ଷା ଦେଇଥିଲେ, ଯେଉଁ ଶତାଧିକ ଗ୍ରନ୍ଥ ପଢ଼ାଇଥିଲେ, ସେ ସମସ୍ତ ରଚନାର ଗୂଢ଼ତତ୍ତ୍ୱ ଯେପରି ମୁଁ ଅନୁଭବ କରେ ।

× × × ×

ସେ ଦିନ ରାତିରେ ସ୍ୱର୍ଣ୍ଣ ଶେଷକରିଦେଇଥିଲା 'ନିଷ୍କୃତି' ନାଟକଟି । ସକାଳୁ ବସି ଲେଖିଯାଉଥିଲା,

କେଉଁଠି ଅକ୍ଷର ଗୋଟାଏ କି ଶବ୍ଦ ବିନ୍ୟାସରେ କିଛି ଗୋଟାଏ ଭ୍ରାନ୍ତି ରହିଯାଇଥିବ । ସକାଳ ପହରରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ତାର ନାଟକ କାର୍ଯ୍ୟରେ ଇମିତି ତନ୍ମୟ ହୋଇ ଲାଗିରହିଥିଲା ଯେ ବିଶୁ ଥରକୁ ଥର ଦୁଆର ମୁହଁକୁ ଆସି ପୁଣି ଫେରିଯାଇଛି । ଦେଖୁ ଦେଖୁ ସଞ୍ଜ ହୋଇଆସିଲାଣି । କୁମାରପୂର୍ଣ୍ଣିମା ପରି ଗୋଟାଏ ଭଲ ଦିନରେ ନୂଆ ଖଣ୍ଡେ ପିନ୍ଧିବା କି ପିଠାପଣା ଟିକିଏ କରି ଖାଇବା ପିଇବା କିଛି ନାହିଁ । ବିଶୁ ରୋଷେଇଘର ଆଡ଼କୁ ଯାଇ କହିଯାଉଥିଲା ନିଜକୁ ନିଜେ । "କି ଘର କରିଛନ୍ତି କେଜାଣି ? ଦିନ ରାତି ଖାଲି କାଗଜ, କଲମ, ପୋଥି, କଥା, ଗୀତ । ସଂସାରରେ କଅଣ ଆଉ କିଛି ଚିନ୍ତା ନାହିଁ ?" ଏ କଥା ଭାବୁ ଭାବୁ ମନେପଡ଼ିଗଲା, ରାମ ଶତପଥିଙ୍କ ସ୍ତ୍ରୀ ଗୁରୁବାରି କଅଣ ଗୁଡ଼ାଏ ସ୍ୱର୍ଣ୍ଣ ସମ୍ବନ୍ଧରେ କହୁଥିଲେ । ଚୁଲି ଭିତରେ ଶୁଭିଲା ଦୁଡ଼ୁଦୁଡ଼ୁ ଶବ୍ଦ । ରୋଷେଇ କରିବା ଆୟୋଜନ ଛାଡ଼ିଦେଇ ବସିପଡ଼ିଲା ବାରଣ୍ଡାର ଖମ୍ବପାଖକୁ ।

ଏତିକିବେଳେ ଅଗଣା ଆଡ଼ୁ ଶୁଭିଲା ସୁରମାଷ୍ଟ୍ରଙ୍କ କଣ୍ଠସ୍ୱର । ବିଶୁ କାନ ପାତି ଶୁଣିଲା, ବାଦ୍ୟକାର ତବଲା ଧରି ବସିଗଲେଣି । ଠୁକୁ ଠୁକୁ ଶବ୍ଦ ଶୁଭୁଛି । ବିଶୁ ଭୁଲିଗଲା ଯେ ଏଇ ଅଳ୍ପ ସମୟ ଭିତରେ ସେ କେବଳ ମନ୍ଦ କଥ ଗୁଡ଼ାଏ ଭାବୁଥିଲା । ସୁରମାଷ୍ଟ୍ରଙ୍କ ବୀଣାଜିଣା କଣ୍ଠର ଗୁଞ୍ଜନ ତାକୁ ତନ୍ମୟ କରିଦେଲା ନିମିଷକରେ । ସେ ଝଡ଼ାଝୁଡ଼ି ହୋଇ ଉଠିପଡ଼ି କହିଉଠିଲା, ଭାଉଣୀବୋଉ ସ୍ୱର୍ଣ୍ଣର ଅପଯଶ ଆଲୋଚନା କରୁଥିଲା । ବିଧବା ଝିଅ ଘରେ ବସିଛି । ବୁଢ଼ିହେଲାଣି ସିଏ, ନୂଆ ନୋଥ ଶାଢ଼ୀ ପିନ୍ଧି, ପାଦରେ ଅଳତା ବୋଳି ଗଞ୍ଜାଡ଼ି ସ୍ୱାମୀ ପାଖରେ ଗେହ୍ଲେଇ ହେଉଛି । ଷୋଳବର୍ଷର ଯୁବତୀ ଝିଅ ତାରିଣୀ । ଧାନ କୁଟୁଚି । ଗୁଜୁଳ ବିକ୍ରୀ ହେଲେ ପଇସା ହେବ । କୁଣ୍ଡା ବିକ୍ରୀକରୁଛି । ଭଲଘରେ ଏ କଥା ଘଟୁଛି । ବୁଢ଼ାବରଟାକୁ ଆଣି ହାତଗଣ୍ଠି ପକେଇଦେଲେ । କୁମାରପୂନେଇଁ ହବ ହେଉ । ନ ପିନ୍ଧିଲା ଏବେ ନୂଆ ଲୁଗା । ସେ ଯିନା ସ୍ୱର୍ଣ୍ଣପାଖରେ ଅଛି ବୋଲି, ଶୁକବାବୁ ପିନ୍ଧିଲା ପରି ସେ ମଧ୍ୟ ନୂଆ ପିନ୍ଧି, ପିଠା ଖାଇ କଉଡ଼ି ଖେଳ ଖେଳୁଥିଲା । ତାଙ୍କ ସାହିରେ, ଆଉ ସେ ପାଖର ତଳ ସାହିରେ, କେତୋଟା ଘରେ ପୂନେଇଁ ପାଳୁଛନ୍ତି । ଭାତ ମୁଠେ ଭଲକରି ଖାଇବା କଷ୍ଟ ହୋଇଯାଉଛି । ଗଲାବର୍ଷ ମାମୁଁ ଘର ଗାଁ ଆଡ଼େ ଧାନ ଖଣ୍ଡ ପୋଡ଼ିଯାଇଥିଲା ବର୍ଷା ଅଭାବରୁ । ଟିକେଟକୁ ନ ପାଇ ଲୋକ ବିକଳରେ କିଏ କେଉଁଆଡ଼େ ପଳେଇ ଯାଉଛନ୍ତି । ବୁଢ଼ାକାଳେ ମାମୁଁ ଟା ପଳେଇଗଲା ଘରଛାଡ଼ି । ମାଇଁ ବୁଢ଼ୀଟା ଆସି ଘରେ ମୋର ବସିଛି । ଘରେ ଯାହା ରନ୍ଧାହେଉଛି ସବୁ ଖାଇଦେବ ବୋଲୁଚି । ସେ ଆଡ଼ର ଅବସ୍ଥା ଇମିତି ହେଇଚି ଯେ ଲୋକେ ମାଣ୍ଡିଆଜାଉ ଟିକିଏ ପାଉନାହାନ୍ତି । ଖାଣ୍ଡି-ଗୋରୁଙ୍କ କଥା ମନେପଡ଼ିଲେ ଦେହ ଶୀତେଇ ଉଠୁଛି ।

ଭାବୁ ଭାବୁ ବିଶୁ ଯାଇ ଠିଆହେଲା ଗୁହାଳ ସେପାଖ ବାଡ଼ରେ । ଶୀତସନ୍ଧ୍ୟାର ସୂର୍ଯ୍ୟ ଉଦାସ ହୋଇ ଖସିଯାଉଥିଲା ପଶ୍ଚିମ ଦିଗନ୍ତର ତଳକୁ । କରୁଣ ରସରେ ସିକ୍ତ ହୋଇଗଲା ବିଶୁର ମନପ୍ରାଣ । ସେ ଗୁହାଳଘର ଭିତରକୁ ଅନେଇଁଲା, ବାଛୁରୀ ଦୁଇଟା ବନ୍ଧାହୋଇଛନ୍ତି । ପେଜ ପାଣି ମନ୍ଦେ ଢାଳିଦେଲା ମାଟି କୁଣ୍ଡରେ । ମନ ଚଞ୍ଚଳ ହୋଇଯାଉଛି । ସୁରମାଷ୍ଟ୍ରେ ଆସିଗଲେଣି କି ! ବାଦ୍ୟକାର ଲୋକଟି ମଧ୍ୟ କେଡ଼େ ଭଲ । ଘରର ଖାଇପିଇ ପଛରେ ଧାଇଁଛନ୍ତି ଏ ଲୋକ ଦୁଇଟା । ଗୀତ ଗାଇ, କଥା କହି ମନୁଷ୍ୟଙ୍କୁ ଭୁଲେଇ ନେଇ-ଯାଉଛନ୍ତି । ମାଆ ମଧ୍ୟ କିମିତି ସୁନ୍ଦର କରି ବଉଳ ମହାପାତ୍ରଙ୍କ କଥା ଲେଖିଛନ୍ତି । କେତେ ଲୋଭକରି ଟଙ୍କା ସୁନା ରଖିଥିଲେ । ଭୂମିବାଡ଼ି କିଣିଥିଲେ, ସବୁ ଛାଡ଼ିଦେଇ ତୀର୍ଥଆଡ଼େ ପଳେଇଗଲେ । ନ ଯାଇ ଆଉ କରନ୍ତେ କଅଣ ! ଆଉ କେତଟା ଦିନପରେ ମରିଥାନ୍ତେ । କିଏ ଖାଆନ୍ତା ଏତେ ପଦାର୍ଥ ? ଜୀବ ଥିବା ଯାକେ ମନୁଷ୍ୟର ଲୋଭ ରହୁଛି । ମହାପାତ୍ରେ ଘରଛାଡ଼ି ଦେଇଯିବାବେଳକୁ ଆଖି ମୋର ଓଦା ହୋଇଗଲା ।

ଅଗଣା ଆଡ଼ୁ କଥା ଶୁଭିଲା ସୁରମାଷ୍ଟ୍ରଙ୍କର । ବଶୁ ଅଗଣାକୁ ଆସି ଦେଖିଲା ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ ବସି ନାଟକ ସମ୍ବନ୍ଧରେ ଆଲୋଚନା କରୁଛନ୍ତି । ସେ ସେଆଡ଼କୁ ଅନେଇ ଦେଇ ଫେରି ଚାଲିଯାଉଥିଲା, ସ୍ୱର୍ଣ୍ଣ ଗମ୍ଭିରୀ ଘରୁ କାହାରୁ କାହାରୁ କହିଲା, ଅନ୍ଧାର ହେଲାଣି; ଲଣ୍ଠନ ଆଣିଦେ ବଶୁ !

ସୁରମାଷ୍ଟ୍ରେ କହିଲେ, 'ନଷ୍ଟତିଥି' ନାଟକ ପ୍ରାୟ ଅଧେ ଦେଖା ହୋଇଗଲା ଆଜ୍ଞା ! ଆଉ ବାକିଟା ତ ଶେଷ ହୋଇଯାଇଥିବ । ସ୍ୱର୍ଣ୍ଣ ତା' ହାତର ଖାତା କେତୋଟା ସୁରମାଷ୍ଟ୍ରଙ୍କ ଆଡକୁ ବଢ଼େଇଦେଇ କହିଲା, ନାଟକର ଶେଷଟା ଚମକପ୍ରଦ କରି ଲେଖିବାକୁ କହିଥିଲେ, କିନ୍ତୁ ପାରିଲି ତ ନାହିଁ । ଅତି ଭଲ କରିବାକୁ ଆଶା କରି ସେଇ ଆଗର ଲେଖାଟା ପରି ହିଁ ସାଧାରଣ ଶ୍ରେଣୀର ହୋଇଗଲା ।

ବାଦ୍ୟକାର କହିଲେ, ମୋ ମାଆ ତ ଲେଖିପାରୁ-ନାହିଁ ବୋଲି ସବୁଦିନେ କହୁଛନ୍ତି, ମାତ୍ର ଆମମାନଙ୍କୁ ତ ମାଆଙ୍କ ନାଟକର ଗଳ୍ପ ଭଲଲାଗୁଛି । ଏଥିର ଚରିତ୍ରଗୁଡ଼ିକ ଆମ ଘରର ମନୁଷ୍ୟ ବୋଲି ମନେହେଉଛି । ଇମିତି ସୁନ୍ଦର ସ୍ୱାଭାବିକ କରି ଲେଖିବା କଅଣ ସହଜ କଥା କି ?

ସୁରମାଷ୍ଟ୍ରେ କିଛି ନ ଶୁଣିଲା ପରି କହିଲେ, ତୁମେ ଯେଉଁ ପର୍ଯ୍ୟନ୍ତ ଶୁଣିଛ, ବହିଟା ଜଣେ ଭକ୍ତର ଜୀବନ -ଇତିହାସ ସମ୍ବନ୍ଧରେ ଲେଖାଯାଇଛି । ବାଦ୍ୟକାରେ ଉତ୍ସାହିତ ହୋଇଉଠି କହିଲେ, କାଲି ରାତିରେ ପଢ଼ିଥିବା ଭଜନ ଗୀତଟା ବୋଲ ମାଷ୍ଟ୍ରେ, ଶୁଣିବା ।

ବଶୁ ଲଣ୍ଠନ ରଖିଦେଇ ଠିଆହୋଇଥିଲା ବାଟଘର ମୁହଁ କାନ୍ଥକୁ ଆଉଜି । ବାଦ୍ୟକାରଙ୍କ ପାଖକୁ ବସିପଡ଼ି କହିଲା, ଆଜ କାହିଁକି କେଜାଣି ମନଟା ବଡ଼ ବିକଳିଆ ଲାଗୁଚି ମାଷ୍ଟ୍ରେ ! ଗୀତ ଟିକିଏ କି ଭଲ କଥା ପଦେ ଶୁଣିଲେ କାନ୍ଦୁରା ମନଟା ବୋଧ-ହୋଇଯିବ । ତବଲାଟା ଧରି ବାଦ୍ୟକାରେ ।

ବଶୁ ଯେ ଇମିତି ସୁନ୍ଦର କରୁଣ କରି କଥା କହିବ, ଏକଥା ମୁଁ ଭାବି ନ ଥିଲି । ତା କଥାଶୁଣି ଗୀତ ଶୁଣିବାକୁ ମନ ଉତ୍ସାହୀ ହୋଇଉଠିଲାଣି । ସୁରମାଷ୍ଟ୍ରେ ହସିଦେଇ ହାରମୋନିୟମ୍ ଧରି ଗାଇବା ଆରମ୍ଭକଲେ ସ୍ୱର୍ଣ୍ଣର 'ନଷ୍ଟତିଥି' ନାଟକ ଭଜନ-ସଙ୍ଗୀତ ।

ହେ ଆନନ୍ଦମୟ, ମଙ୍ଗଳମୟ ହେ
                    ପରାଣ ଈଶ୍ୱର ମୋର
ସ୍ୱୟଂ ସ୍ରଷ୍ଟା ତୁମେ ସୃଜିଛ ଜଗତ
ତୁମେ ପିତା, ମାତା, ଅନାଦି ଅନନ୍ତ,
ଯେଣିକି ଚାହିଁଲେ ଦେଖେ ମୁଁ ତୁମକୁ
    ଶୁଣେ ମୁଁ ତୁମରି ସ୍ୱର ।
ଖୋଜି ହେଲେ କେବେ ଗନ୍ତବ୍ୟପଥ ମୋର
ଦେଖାଇ ଦେଉଛ ଆଲୋକ ତୁମର,
ସେ କଥାରୁ ଜାଣେ ତୁମେ ମୋ ଅନ୍ତରେ
    ରହିଅଛ କରି ଘର ।
ଚାହିଁଦେଲେ ତୁମେ କରୁଣ ଦୃଷ୍ଟିରେ
ଆନନ୍ଦ ଅମୃତ ଭରେ ମୋ ସୃଷ୍ଟିରେ
କରୁଣାର ଧାରା ଗଙ୍ଗା ଧାର ସମ
    ଝରିପଡ଼େ ଝର ଝର ।

ବାଦ୍ୟକାର ତବଲାଟାକୁ ଅଳ୍ପ ଟିକିଏ ଆଗକୁ ଠେଲିଦେଇ କହିଲେ, ମାଆଲକ୍ଷ୍ମୀ, ତୁମ ହୃଦୟ ଭିତରେ ଯେ ବାକ୍ୟଦେବୀ ବସାବାନ୍ଧି ରହିଛନ୍ତି । ତା' ନ ହୋଇଥିଲେ ଇମିତି ଅମୃତ ବଚନ କାହାର ଅଧରରୁ ଝରନ୍ତା ! ମାଷ୍ଟ୍ରେ ! ଆଉ ଗୋଟାଏ କଥା କହିବି ବୋଲି ଭାବୁଥିଲି । ତୁମେ ତ ନାଟକ ରିହାର୍ସଲ କରିବ ବୋଲି କହୁଛ । ଏଇ 'ନଷ୍ଟତିଥି' ନାଟକରୁ ଗୋଟିଏ ଅଙ୍କ ମାଆଲକ୍ଷ୍ମୀଙ୍କ ପାଖରେ ପଢ଼ । ଗୋସେଇଁ ପୁଅଙ୍କୁ ମଧ ଶୁଣେଇଦେବା— ।

ଏତିକିବେଳେ ପରମାନନ୍ଦ ବାଟଘର ମୁହଁ ପାଖକୁ ଆସି କହିଲେ, ଗୀତଟି ଶୁଣିଲି, ଭଲ ଲାଗିଲା । ରିହାର୍ସଲ ବିଷୟରେ ମୋର ମତାମତକୁ ଅପେକ୍ଷା କରନାହିଁ ବାଦ୍ୟକାରେ ! କେତେବେଳେ ଖୁଣ ବାଛିଦେବ । ବଡ଼ ଅସୁବିଧା ହେବ । ସେଇ ପଦେ କଥା ପରିବର୍ତ୍ତନ କରିବା ନିମନ୍ତେ ଗୋଟିକିଆକୁ

ଲେଖାରେ ହାତଦେବାକୁ ହେବ । ତୁମେମାନେ କରିଯାଅ, ମୁଁ କେବଳ ନେପଥ୍ୟର ଶ୍ରୋତା ହୋଇ ରହିବି ।

ଏ କଥା ଶୁଣି ସୁରମାଷ୍ଟ୍ରେ ହାତଯୋଡ଼ି ଦେଇ ଆବେଗରେ ହିଁ କହିଲେ, ମାଆ ଭଉଣୀ ଆମମାନଙ୍କୁ ଜନ୍ମ ଦେଇ, ସେବା-ସ୍ନେହ କରି ମୂକ-ମୌନ ହୋଇ ରହିଯାଆନ୍ତି । ସଙ୍କୋଚରେ ପଦେ କଥା ସ୍ପଷ୍ଟକରି କହିପାରନ୍ତି ନାହିଁ । ସେମାନଙ୍କୁ କଥା କୁହାଇବାକୁ ଆମର ଚେଷ୍ଟା ମଧ୍ୟ ନାହିଁ । ବାକ୍‌ଦେବୀଙ୍କ ବର ପ୍ରଭାବରେ, ମାଆ ଆମର ବାଧା ଅତିକ୍ରମ କରି କହିଯାଉଛନ୍ତି ମନର ଗଭୀର ଦୁଃଖ । ଏ ସବୁ ଆମେମାନେ ପ୍ରକାଶ କରାଇ ନ ଦେଲେ ପୁଣି ମାଟିରେ ମିଶିଯିବ ଆଜ୍ଞା !

ପରମାନନ୍ଦ କହିଲେ, ଯାଉଛି ମୁଁ ; ଟିକଏ ବୁଲି ଆସିବି । ତୁମେମାନେ ମାଆଙ୍କ କଥା ପ୍ରକାଶ କରିବାକୁ ଚେଷ୍ଟାକର ।

ପରମାନନ୍ଦ ଯିବାପରେ ବାଦ୍ୟକାର କହିଲେ, ପ୍ରତିଶ୍ରୁତି ଗୋଟାଏ ତ ଦେଇଦେଲି ଭାବପ୍ରବଣତାରେ । ସେ କଥା କାର୍ଯ୍ୟରେ କିମିତି ପରିଣତ କରିବି କହିଲ ?

"ଅସମ୍ଭବ ହେବନାହିଁ ବାଦ୍ୟକାରେ, ଆମ ଗାଁରେ ଯେଉଁ 'ଭାରତଲୀଳା' ଦଳଟା ନୂଆକରି ଗଢ଼ିଛନ୍ତି, ସେଥିରୁ କେତେ ଜଣ ଭଲ ଅଭିନେତା ବୋଲି ମୋର ଧାରଣା ହୋଇଛି । ତୁମର ବିଦ୍ୟାଧର ଆଉ ଭୁବନେଶ୍ୱର ମଧ୍ୟ ଅଛନ୍ତି । ଏଠୁ ସେଠୁ କରି ଦଶ ଜଣ ଅଭିନେତା ସଂଗ୍ରହ କରିଦେଲେ ନାଟକ ହୋଇଯିବ ।"

"ନାଟକ ସମ୍ବନ୍ଧୀୟ ବ୍ୟୟ ବିଷୟରେ ତ କିଛି କହିଲ ନାହିଁ । ଏଠୁ ସେଠୁ ଲୋକସଂଗ୍ରହ କରିଦେବା କଥା କହିଲ । ଯିବା ଆସିବାକୁ ଗାଡ଼ିଭଡ଼ା ଲାଗିବ ନାହିଁ ? ସେମାନେ ତ ଖାଲିରେ ଆସିବେ ନାହିଁ, ଖାଇବା ବ୍ୟବସ୍ଥା କରିବାକୁ ହେବ ।" ବାଦ୍ୟକାର ଏ କଥା କହିଲେ । ସ୍ୱର୍ଣ୍ଣ ବାଧାଦେଇ କହିଲା, ନାଟକ ନିମନ୍ତେ ବ୍ୟୟ କରିବାକୁ ତ ହେବ ବାଦ୍ୟକାରେ ! ସେ ଭାର ମୋ ଉପରେ ଦେଇଦିଅନ୍ତୁ ।

ସୁରମାଷ୍ଟ୍ରେ ହସି ହସି କହିଲେ, ବାଦ୍ୟକାରେ ତ ଆପଣଙ୍କୁ ମାଆଲକ୍ଷ୍ମୀ ବୋଲି ଡାକୁଛନ୍ତି; କିନ୍ତୁ ଏ ସବୁ ବ୍ୟାପାରରେ ଧନ ଭଣ୍ଡାର ଶୂନ୍ୟ ହୋଇଯିବ ଆଜ୍ଞା ! ସ୍ୱର୍ଣ୍ଣ ସହଜ ଭାବରେ ହିଁ କହିଲା, ଧନ ଧରି ତ ସେ ପୁରକୁ ଯିବନାହିଁ ! ତା ପରେ, ସଞ୍ଚିତ ଧନ କିଏ କିମିତି ଭାବରେ ଗ୍ରହଣକରି ଉପଯୁକ୍ତ ବିନିଯୋଗ କରିବ, ତାହା କିଏ ବା ଜାଣେ ? ଆପଣ ଯଦି ନାଟକ କରାଇବା ଆୟୋଜନ କରନ୍ତି, ତେବେ ମୁଁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ପ୍ରାଣପଣେ ଚେଷ୍ଟା କରିବି ।

ବାଦ୍ୟକାରେ, ତାହା ହେଲେ' ନୂଆ ଲେଖା— 'ନସ୍ପତ୍ତି' ର ଅଭିନୟ କରିବା ନା 'ନବଜନ୍ମ' କରିବା ସ୍ଥିର କରିବାକୁ ହେବ । ଏଇ ଲେଖାଟାକୁ ନେଇଯିବା । ରାତିରେ ପଢ଼ିଶୁଣି ସକାଳବେଳେ ଆସିବା । ସବୁଗୁଡ଼ିକ ଲେଖାର ଆଲୋଚନା କରି ଭଲ ଲେଖାଟିଏ ବାଛିବା । ପୁରୁଷବ୍ୟକ୍ତି ଯିମିତି ହେଉ କହିଦେଲେ ଚଳିବ; କିନ୍ତୁ ମାଆଙ୍କ କଥା ସେଥ ସର୍ବାଙ୍ଗସୁନ୍ଦର ହେବାକୁ ହେବ ।

ବାଦ୍ୟକାର ଆମୋଦରେ ହିଁ ହସିଦେଇ କହିଲେ, ସତରେ କଅଣ ନାଟକ ଅଭିନୟ କରିବା ମାଷ୍ଟ୍ରେ ! ସୁରମାଷ୍ଟ୍ରେ ମଧ୍ୟ ହସିହସି କହିଲେ, ନ କରିବାକୁ ଆମର ଉପାୟ କାହିଁ ? ବିଧାତା ଏଇ କାର୍ଯ୍ୟ କରିବା ନିମନ୍ତେ ଆମ ଦୁହିଁଙ୍କୁ ତିଆରି କରିଛି । ତୁମେ ତ ଜାଣିଛ, ନାଟକ ପ୍ରତି ଆମର ଗୋଟାଏ ସ୍ୱାଭାବିକ ଆସକ୍ତି ଅଛି । ଆଉରି ଗୋଟାଏ କଥା ଅଛି । କହିଲେ, ତୁମେ ମଧ୍ୟ ବାଦ୍ୟକାରେ କହିବ ଯେ ମୁଁ ସବୁ ବିଷୟରେ ଅତିରିକ୍ତ କରି କହିଥାଏ; କିନ୍ତୁ, ସକଳ କଥାର ବାତୁଳ୍ୟ ବଳରେ ହିଁ ସାହିତ୍ୟ ସୃଷ୍ଟି ହୋଇଛି । ପୁରାଣମାନଙ୍କରେ କେତେ ଅତିରଞ୍ଜିତ କଥା ଅଛି ! ସେ ସମସ୍ତ ବିଷୟ ଅସ୍ୱାଭାବିକ ବୋଲି ତ ହେଉ ନାହିଁ । ପ୍ରଥମ କଥା, ଜନକ ରାଜା ଭୂଇଁ କଲାବେଳେ ମାଟି ଭିତରୁ ସିନ୍ଦୁକ ଗୋଟିଏ ବାହାରି

ପଡ଼ିଲା । ଏ ଯୁଗର କଥା ହୋଇଥିଲେ, ଲୋକେ କହନ୍ତେ ଯେ, କୌଣସି ସ୍ତ୍ରୀ ତା'ର ଅବୈଧ ଗର୍ଭଜାତ ସନ୍ତାନଟିକୁ ମାଟିରେ ପୋତି ଦେଇଥିଲା । ରାମାୟଣରେ ତ ଅସଂଖ୍ୟ ଅଦ୍ଭୁତ କଥା ଅଛି । ତା ତୁଳନାରେ ମହାଭାରତରେ କମ୍ । ଅବଶ୍ୟ ଏ ଯୁଗରେ ଦେବତାମାନଙ୍କୁ କମ୍ବା ଅସୁରମାନଙ୍କୁ ଆଣି ସମାଜରେ ରଖିପାରିବା ନାହିଁ । ତେବେ ମଧ୍ୟ ସାହିତ୍ୟ ପଢ଼ି ଯଦି ମନୁଷ୍ୟର ମନ, କ୍ଷଣକ ପାଇଁ ହେଉ ପଛେ; ବସ୍ତୁସ୍ୱଚ୍ଛନ୍ଦ ନ ହେଲା, ତେବେ ସେ ଆଉ ସାହିତ୍ୟ ହେବନାହିଁ । ସାମାନ୍ୟ କଥା, ବାପାଙ୍କ ପାଖକୁ ଚିଠି ଖଣ୍ଡିଏ ଲେଖିଲାବେଳକୁ କେତେ ଭକ୍ତି ନିବେଦନ କରୁ । କହିବା ଆଉ ଲେଖିବା ଭିତରେ ପ୍ରଭେଦ ଅଛି ବହୁତ ।

ବାଦ୍ୟକାର ବାଧାଦେଇ କହିଲେ, ସାହିତ୍ୟରେ ଟିକିଏ ରଙ୍ଗରସ ଦେଇ ଚିତ୍ରକୁ ସ୍ପର୍ଶ କଲାପରି କରିବାକୁ ହେବ, ଏଇ କଥା ତ କହୁଛି । ମାଆଲକ୍ଷ୍ମୀଙ୍କ ଲେଖାରେ ତ ଏଥିର ଅଭାବ ନାହିଁ । ତୁମକୁ କହିବାକୁ ଭୁଲିଯାଇଥିଲି, 'ବସନ୍ତ ବର୍ଣ୍ଣନା' ଗୀତଟା ଗାଇବ ପର !

ସୁରମାଷ୍ଟ୍ରେ କହିଲେ, ବନ୍ଧୁ କେତେକେତେ ପାପ ରଖିଦେଇ ଗଲେଣି, ମୋର ଆଉ ସେ ଆଡ଼କୁ ଦୃଷ୍ଟି ନାହିଁ । ଦେଖନ୍ତୁ ତ ଆଜ୍ଞା, ଆପଣଙ୍କ ଘଡ଼ିରେ କେତେ ସମୟ ହେଲା । ଆଜି କୁମାର ପୂର୍ଣ୍ଣିମା । ଭୁବନେଶ୍ୱର କହିଥିଲା ସହଜ ଆସିବାକୁ । ଆପଣ ଜାଣି ନାହାନ୍ତି କି ଆଜ୍ଞା ! ଜିଜ୍ଞାସୁ ଦୃଷ୍ଟିରେ ଅନେଇଲା ସ୍ୱର୍ଣ୍ଣ ।

"ଆପଣ ଜାଣିନାହାନ୍ତି ଆଜ୍ଞା ! ଭୁବନେଶ୍ୱର ଆଉ ବିଦ୍ୟାଧର ବୋଲି ନାମକରଣ କରାଇଛନ୍ତି ଦୁଇଟି ବାଳକର । ସେଥିରୁ ଜଣକର ମାଆ ନାହିଁ । ଅନ୍ୟଟିର ମାଆ-ବାପା କେହି ନାହାନ୍ତି । ସ୍ୱାଙ୍କର ଇମିତି ସୌଭାଗ୍ୟ ଯେ ପିଲା ଦୁଇଟି ଦେଖିବାକୁ ଯିମିତି ସୁନ୍ଦର, ଶୁଣିବାକୁ ମଧ୍ୟ ସେମାନଙ୍କର କଣ୍ଠର ଧ୍ୱନି ସିମିତି ବଡ଼ ମଧୁର । ସେହିମାନଙ୍କୁ ଧରି ତ ଏତେ ବଡ଼ ଭରସା କରିଛି । ସ୍ତ୍ରୀ ପାର୍ଟ ଅଭିନୟ କରିବାରେ ଦୁଇଟାଯାକ ବାଳକ ବହୁତ ସୁଦକ୍ଷ ହୋଇ ଉଠିଛନ୍ତି । କାଲି ସେ ଦୁହିଁଙ୍କୁ ଧରି ଆସିବି ଆଜ୍ଞା, ଦେଖିବେ— ଆପଣଙ୍କର 'ନିସ୍ପତ୍ତି' ର ନାୟିକା ପାର୍ଟ ନେବାକୁ ଭୁବନେଶ୍ୱରକୁ ମାନିବ କି ବିଦ୍ୟାଧର ଭଲ କରିବ । ଏଥର ଅନୁମତି ଦିଅନ୍ତୁ ଆଜ୍ଞା, ଭୁବନେଶ୍ୱର କହିଥିଲା, କୁମାର ପୂର୍ଣ୍ଣିମାର ଲୁଗା କଣିଆଣି ଦେବାକୁ । ଦି' ଜଣଙ୍କ ନିମନ୍ତେ ନୂଆ ଦି' ଖଣ୍ଡ କିଣି ନେଇଯିବା । ବାଦ୍ୟକାରେ ସେ କଥା ସମ୍ପୂର୍ଣ୍ଣରୂପେ ଭୁଲିଯାଇଛନ୍ତି ।" ଏକଥା କହି ସୁରମାଷ୍ଟ୍ରେ ଉଠିବା ଉଦ୍ୟମ କଲେ ଯିବାକୁ ।

ତୁମର ଗୀତ ଅମୃତ ଆସ୍ୱାଦନ କରି ମନ ଯାଇ ସ୍ୱପ୍ନରାଜ୍ୟରେ ସଞ୍ଚରଣ କରୁଛି । ତା' ଉପରେ ରାତିରେ ନାଟକ ଶୁଣିବା ଆବେଗ ବଢ଼ିଉଠିଲାଣି । ବାଦ୍ୟକାର ଏ କଥା କହୁ କହୁ, ସୁରମାଷ୍ଟ୍ରେ ବାଧାଦେଇ କହିଲେ, ଯାହାହେଉ ଆଜ୍ଞା, ସ୍ୱାଙ୍କର ଶୁଣିବା ଧୈର୍ଯ୍ୟଟା ପ୍ରଶଂସନୀୟ ।

ବିଧାତା ମତେ ଶ୍ରୋତା କରି ହିଁ ସୃଷ୍ଟି କରିଛି ମାଷ୍ଟ୍ରେ ! ମୋର ଏଥିରେ ମନା କରିବାକୁ ଶକ୍ତି କାହିଁ ? ପିଲା ଦି'ଟା ଘରେ ବସିଥିବେ, ଚାଲ ଯିବା । ଯାଉଛି ମାଆ, ରାତିରେ ନୂଆ କଥା ଭଲ ହେଲେ ସୃଷ୍ଟି କରିଥିବେ । ଏ କଥା କହି ଯିବା ଉଦ୍ୟମରେ ବାହାରି ପଡ଼ିଲେ ବାଦ୍ୟକାରେ ।

ସୁରମାଷ୍ଟ୍ରେ ଆଉ ବାଦ୍ୟକାର ଯିବାପରେ ହିଁ ବନ୍ଧୁ ବାଟଘର ଦୁଆର[illegible]କୁ ଆଣି ଦିବଙ୍କ ଆଉ ଅଭିମାନରେ କହିଲା, [illegible] ଗଲାଠୁ ଘରକୁ ଶିର ହଜିଗଲା । ଆଜି କୁମା[illegible] ପର ଦିନରେ ତମେ ଏଠି ବସି ଗୀତ[illegible] । ବାବୁ ଜୁଆଡ଼େ ଯାଇଛନ୍ତି [illegible]ପଡ଼ିଶାରେ ଲୋକଙ୍କ ପିଠାପଣା [illegible]ଲେଣି । ଏ କଥା କହି କହି ବେଶ [illegible]ଟାକୁ ରଖିଦେଇ ବନ୍ଧୁ ଚାଲିଗଲା [illegible] ଆଡ଼େ ।

ସ୍ୱର୍ଣ୍ଣ ଭାବୁଥିଲା, ବାଦ୍ୟକାରେ କହି ଦେଇଗଲେ ନୂଆ କଥା ଶୁଣେଇବାକୁ । କଅଣ କରିବ ସେ ?

କେଉଁ କଥସୂତ୍ରକୁ ଆଶ୍ରୟ କରି ଆରମ୍ଭ କରିବ । ସେ କଅଣ ଗୋଟାଏ କହିବାକୁ ଖୋଜୁଖୋଜୁ ହିଁ ବଣ୍ଟୁ ଝୁଣ୍ଟୁଥିବା ପରି ଆସି ଉତ୍ତେଇ ଦେଇଗଲା କଥାଟାକୁ । ବଣ୍ଟୁ ଯିବାପରେ, ସ୍ୱର୍ଣ୍ଣ ରୋଷେଇଘର ଦୁଆରମୁହଁକୁ ଯାଇ କହିଲା, ମୁଁ ଏକାଥରକେ ଆଜିର କଥା ଭୁଲିଯାଇଥିଲି ବଣ୍ଟୁ ! ସେ ସ୍ୱର୍ଣ୍ଣ ଆଡକୁ ନ ଚାହିଁ ଲାଗିଥିଲା ଡାଲି ଛୁଙ୍କ ଦେବାରେ । ତାକୁ ଖୁସି କରାଇବା ଉଦ୍ଦେଶ୍ୟରେ ଆଉ ଟିକିଏ ଅଗ୍ରସର ହୋଇ ସ୍ୱର୍ଣ୍ଣ କହିଲା, ତୋ ପାଇଁ ଟଙ୍କା ରଖିଦେଇଛି ! ସାତ ଟଙ୍କାରେ ପିନ୍ଧା ଓଢ଼ଣି ଯୋଡ଼ାଟେ ହୋଇଯିବ । ଆଉ ଦି' ଟଙ୍କାରେ ଖେଳିବୁ । ଡାଲି ଖତ ହୋଇଗଲାଣି କି ? ତରକାରିଟା ମୁଁ କସେଇଦେବି । ଆସେ ଟଙ୍କା ନେଇଯିବୁ ।

ବଣ୍ଟୁ ଆବେଗ ସମ୍ଭାଳି କହିଲା, ଗଲାବର୍ଷ ଶୁକବାବୁଙ୍କ ପାଇଁ ଟଙ୍କା ପଠାଇଥିଲ । ଏ ବର୍ଷ କେହି ତାଙ୍କ କଥା ମନେ ମଧ୍ୟ ପକେଇଲ ନାହିଁ । ତମେ କି ବାବୁ କେହି ତ ନୂଆ ପିନ୍ଧିବ ନାହିଁ । ମୁଁ ଏବେ ନ ପିନ୍ଧିଲେ କଅଣ ହୋଇଯାଉଛି ?

"ଶୁକକୁ ମନେ ପକେଇବା କଥା ନେଇ ତୋର ଦୁଃଖ ହେଉଛି ବଣ୍ଟୁ ! କିନ୍ତୁ ସେ ଯେ ମତେ ଆଉ ଗୋଟାଏ କାର୍ଯ୍ୟରେ ନିଯୁକ୍ତ କରିଦେଇଛି । ଏଇ ଲେଖାପଢ଼ା ସବୁ ସେ କରୁଛି ବୋଲି ତ କରୁଛି । ମୋ ଇଚ୍ଛାରେ ମୁଁ କଅଣ କିଛି କରୁଛି ନା, କରିପାରନ୍ତି ? ସେ ପରା ମୋ ହୃଦୟ ଭିତରେ ବସା କରିରହିଛି ! ତାହାହେଲେ ମଧ୍ୟ, କସ ତମେ ପାଖରେ ନ ଥିବା ଦୁଃଖ ପାସୋରି ଦେବା ଆଶାରେ ଏଥିରେ ଲାଗିଛି । ଆଉ ଗୋଟାଏ କଥା, ଶୁକ ତ ଏବେ ବଡ଼ ହେଲାଣି । ସେ କଅଣ ଆଉ କୁମାରପୂର୍ଣ୍ଣିମା କଥା ମନେ ରଖିଥିବ ? ଛୋଟବେଳେ ସିନା ନୂଆ ବସନ ପିନ୍ଧି ଖେଳ ଖେଳନ୍ତି । ତୁ ଆଜିର ବାଲ୍ୟ ବୟସରେ ଅଛୁ ବୋଲି ନୂଆ ପିନ୍ଧି ଟିକିଏ ଖେଳିବୁଲି ଆସିବୁ ।

ବଣ୍ଟୁ ଆବେଗଜଡ଼ିତ କଣ୍ଠରେ କହିଲା, କୋଉ ଚୁଲିକି ଯିବ ! ଏତେ ତ ସଞ୍ଜ ହେଲାଣି । ଗାଈ ତିନୋଟା ବନ୍ଧା ହୋଇଛନ୍ତି, କୁଣ୍ଡା ଦେଇ ନା । ଇଆଡ଼େ ରନ୍ଧା ମଧ୍ୟ ହୋଇ ନା । ଦୁଧ ସିଝିବ । ଦି' ଦିନର ବନ୍ଧା ଲଗାହୋଇଛି, ମହି ନ ଦେଲେ ଫାଟିଯିବ । ସକାଳୁ ତ ସମୟ ମିଳିବନାହିଁ ।

ଆ' ବଣ୍ଟୁ ଟଙ୍କା ନେଇଯିବୁ । ପର କହୁଛୁ ଜାଣିପାରୁଛି; କିନ୍ତୁ, ମୁଁ ଯେ ଗୋଟିଏ କଥାକୁ ସ୍ମୃତି ହୋଇ ଆଜି ଗୋଟାଏ ବଡ଼ ଝିଅଟା ଭଳି ପଡ଼ିଛି । ସେଥିରୁ ମିଳିଟି ପଡ଼ିଲେ ଆସିବା ଉପାୟ ନାହିଁ । ତୁ ଏ ଜୀବନର ବନ୍ଧନ ଭିତରେ ପଶିବୁ ବୋଲି ତ ବଧାଇବାର ଇଚ୍ଛା । ଆଉ କ'ଣ ହେଲେ କଅଣ ହେବ ? କହୁକହୁ ଆବେଗରେ କଣ୍ଠରୁଦ୍ଧ ହୋଇଆସିଲା ସ୍ୱର୍ଣ୍ଣର ।

ଏ କଥା କହିଦେଇ ସ୍ୱର୍ଣ୍ଣ ଚାଲିଗଲା ଘର ଭିତରକୁ । ସିନ୍ଦୁକରୁ ନଅଟା ଟଙ୍କା ବାହାର କରି ଧରିଗଲା ସେ ପୁଣି ବଣ୍ଟୁ ପାଖକୁ ।

× × × ×

ସକାଳ ସାଡ଼େ ନଅଟା ହୋଇଗଲାଣି । କାର୍ତ୍ତିକ ମାସର ପ୍ରଥମ ଦିନ, ସ୍ୱର୍ଣ୍ଣର ସେ କଥା ସ୍ମରଣ ମଧ୍ୟ ନ ଥିଲା । ସେ ବାଦ୍ୟକାର, ସୁରମାଷ୍ଟରଙ୍କ [illegible] ଆଜି କଥା ଶୁଣି ଭୁଲିଯାଇଥିଲା ସଂସାରର ସବୁକଥା । ଭୁବନେଶ୍ୱର, ବଂଶୀଧର ମଧ୍ୟ ସେଠିକି ଆସିଥିଲେ । କଥା ହୋଇଗଲାଣି ଯେ କଲ୍ୟାଣୀଙ୍କ ଭୂମିକାରେ ଭୁବନେଶ୍ୱର ଅଭିନୟ କରିବ । କଲ୍ୟାଣୀର ମାଆ ହେବ ବଂଶୀଧର । ପ୍ରଥମ ଅଙ୍କରେ ହିଁ କଲ୍ୟାଣୀ ଆଉ ମଦନପାଠକଙ୍କ ଆଳାପ । ମଦନପାଠକେ କଲ୍ୟାଣୀକୁ ନୃତ୍ୟ, ଗୀତ ଶିଖେଇବା ଉତ୍ପାଦ ଦେଖାଯିବ ଆରମ୍ଭ ହୋଇଯାଇଥିଲା । କଲ୍ୟାଣୀର ଭଉଣୀ କୁମୁର ପାର୍ଟ ନେବାକୁ ତ ଲୋକ ନାହିଁ, ସେଇ ଗୋଟିଏ ଦୃଶ୍ୟରେ କୁମୁ କଲ୍ୟାଣୀ ସହିତ ଝଗଡ଼ା କରି ଚାଲିଯିବ ମାଆ ପାଖକୁ । ସେଇତକ କଥା ନେପଥ୍ୟରେ କହି ଚଳାଇ ନେବେ ବୋଲି ସ୍ଥିର କରାଯାଇଛି । ନାୟକ ମଦନ ପାଠକଙ୍କ ଭୂମିକାରେ ଅଭିନୟ ଆରମ୍ଭ କରୁଥିଲେ ବାଦ୍ୟକାରେ । ତାଙ୍କର ଦୂର ସମ୍ପର୍କର ନାତି ପ୍ରଭାକରର ପାର୍ଟ ନେଇଥିଲେ ସୁରମାଷ୍ଟ୍ରେ । ନାୟିକା କଲ୍ୟାଣୀ ପନ୍ଦର ବର୍ଷର ଝିଅ । ଫସ୍ତାରଙ୍କ ମହାଶୟେ

କଲ୍ୟାଣୀର ବାପାଙ୍କୁ ପରାମର୍ଶ, ପ୍ରୋତ୍ସାହ ଦେଇ ରଖି ଦେଇଥିଲେ କଲ୍ୟାଣୀକୁ ଅବିବାହିତ କରି । ମହାପାତ୍ରଙ୍କ ଦୂରସମ୍ପର୍କର ନାଟ୍ୟକାର ନାତି ଆସି ଘରେ ଆଶ୍ରୟ ଗ୍ରହଣ କରିବା ପରେ, ପରସ୍ପରର ମାନସିକ ଅବସ୍ଥାର ବିଶେଷ ପରିବର୍ତ୍ତନ ଘଟିଥିଲା ।

ସେଦିନ ନାଟ୍ୟାଂଶ ସଂଳାପ ଚାଲିଥିବା ସମୟରେ ସୁରମାଷ୍ଟ୍ରେ କହିଲେ, "ନାଟକ ଭିତରେ କିଛି ଗୋଟାଏ ଅଭାବବୋଧ ହେଉନାହିଁ ତ ଆଜ୍ଞା ? ଏଇଠି କଲ୍ୟାଣୀର ପ୍ରଭାକରର ପ୍ରତି ଆକର୍ଷଣ ସମ୍ବନ୍ଧରେ, ପୁଣି ମହାପାତ୍ରଙ୍କ ମାନସିକ ପ୍ରତିକ୍ରିୟା ବିଷୟରେ ଟିକିଏ ବିଶ୍ଳେଷଣ କରି ଦେଇଥିଲେ ଭଲ ହୋଇ ନ ଥାଆନ୍ତା ? କଅଣ କହୁଛନ୍ତି ? ମହତ୍ତ୍ୱ ଆଦର୍ଶ ଉପରେ ଯେପରି ଆଘାତ ନ ଲାଗେ । ସେ ଆଡ଼କୁ ଦୃଷ୍ଟି ରଖିବା ଏକାନ୍ତ ଆବଶ୍ୟକ ।"

ସ୍ୱର୍ଣ୍ଣ ମଥା ନୁଆଁଇ କହିଲା, କୃତଜ୍ଞତାର ଭାରରେ ମୁଁ ଯେ ଦିନକୁ ଦିନ ଅବନତ ହୋଇପଡ଼ୁଛି । ଯେଉଁଠି ଯାହା ଅଭାବ ବୋଧକରୁଛନ୍ତି, ମତେ ଆଉ ଟିକିଏ ସ୍ପଷ୍ଟକରି ବୁଝେଇଦେଲେ, ମୁଁ ଅଗ୍ରସର ହୋଇଯାଆନ୍ତି । ସବୁ ଆଡ଼କୁ ସୂକ୍ଷ୍ମଦୃଷ୍ଟି ଦେଇ ଦେଖିବ । ଏଇ ତ ପ୍ରଥମ ଅନୁଭୂତି—ସୁରମାଷ୍ଟ୍ରେ ସହଜଭାବରେ ହିଁ କହିଲେ, ଆପଣ ସ୍ୱୟଂ ସେ ବିଷୟରେ ଚିନ୍ତା କରିବେ ବୋଲି ତ ରିହାର୍ସଲର ଅବତାରଣା କରାଯାଇଛି । ଭାବାବେଶ ନ ହୋଇ ଦେଖିଲେ ଶୁଣିଲେ, ଯେଉଁଠି ଯାହା କରିବା କଥା ଠିକ୍ କରିପାରିବେ ।

"ତୁମେ ବୁଝିପାରିବ ନାହିଁ ମାଷ୍ଟ୍ରେ ! ମାଆ ତାର ସନ୍ତାନକୁ କେବେ ଅସୁନ୍ଦର ହୋଇଛି ବୋଲି ତ କହିପାରିବ ନାହିଁ । ଏଗୁଡ଼ିକ ମୋ ମାଆ ଲକ୍ଷ୍ମୀଙ୍କର ମାନସ ସନ୍ତାନଟି ।"

ସ୍ୱର୍ଣ୍ଣ ହସିଦେଇ କହିଲା, ମାଆର ଇଚ୍ଛା ତା'ର ସନ୍ତାନଟି କେମିତି ସର୍ବାଙ୍ଗସୁନ୍ଦର ହେବ । ତାକୁ କେମିତି ଲୋକେ ଧନ୍ୟ ଧନ୍ୟ କହିବେ । ଏ ଇଚ୍ଛା ଯେ ଆପଣ-ମାନେ ହିଁ ଜାଗ୍ରତ କରେଇଛନ୍ତି । କେଉଁଠି କଅଣ କରିବାକୁ ହେବ, ନ କହି ଦେଲେ ଚଳିବ କେମିତି ?

ସୁରମାଷ୍ଟ୍ରେ କହିଲେ, କଲ୍ୟାଣୀର ମନୋଭାବଟାକୁ ସଂକ୍ଷିପ୍ତ ଆଉ ସ୍ପଷ୍ଟ କରି ପ୍ରକାଶ କରିଦେବେ । ଏଣିକି ଆତ୍ମଶକ୍ତି ଉପରେ ନିର୍ଭର କରି ସବୁ କରିପିବେ । 'ମାଗି ଆଣିବା ଭୂଷଣ ସୋଡ଼ଳାଏ' ପରି ତାର ବୁଦ୍ଧିରେ କାର୍ଯ୍ୟ କଲେ ଆନନ୍ଦ ପାଇପାରିବେ ନାହିଁ ।

"ଯିବା ଆଗରୁ ତୁମେ ସେ ବସନ୍ତ ବର୍ଣ୍ଣନାଟା ଶୁଣେଇ ଦିଅ ମାଷ୍ଟ୍ରେ ! ସନ୍ଧ୍ୟାବେଳକୁ ବାକିତକ ରିହାର୍ସିଲ କରିଦେବା । କଥା ଶୁଣି ଶୁଣି ଚିନ୍ତା ଲାଗିଲାଣି ।" ଏ କଥା କହୁ କହୁ ତବଲା ଠୁଙ୍କିବା ଆରମ୍ଭ କରିଦେଲେ ବାଦ୍ୟକାରେ ।

ସୁରମାଷ୍ଟ୍ରେ କୃତ୍ରିମ ବିରକ୍ତିରେ କହିଲେ, ଏବେ ଆଉ ଗୀତ ଗାଇବା ହେବନାହିଁ । ଏଥର ଉଠ । ଝିଅକା ଉପରେ ବସି ଘଡ଼ି ଆମକୁ ସମୟ ଜଣେଇ ଦେଉଛି । ଏଠିକି ଆସିଲେ ତମର ତ ସମୟ ଜ୍ଞାନ ରହୁନାହିଁ । ଘଡ଼ି ଆଡ଼କୁ ମଧ୍ୟ ତୁମର ଦୃଷ୍ଟି ଯାଉନାହିଁ । ସେଇ "ବସନ୍ତ ଆସିଲା ଆଉ ଥରେ ସଖି" ଗୀତଟି ତ ? ହେଉ ତେବେ ଶୁଣ—

ବସନ୍ତ ଆସିଲା ଆଉ ଥରେ ସଖି,  
ଦେଖ ଗୋ ନୟନ ଭରି ।  
ଆଗାମୀ ବର୍ଷକୁ ଦେଖି କି ପାରିବା  
ଯାଇଥିବା ଯଦି ମରି ?  
ବହି ଆସୁଅଛି ଧୀର ସମୀରଣ  
କୋକିଳ କରୁଛି କରୁଣ କୂଜନ,  
ସ୍ୱର୍ଣ୍ଣବର୍ଣ୍ଣ ପତ୍ର କମ୍ପୁଛନ୍ତି ଶାଖୁ  
ଝର ଝର ପଡ଼େ ଝରି । ୧ ।  
ଆନନ୍ଦ ବସନ୍ତ ଆସୁଅଛି ବୋଲି  
ଏ ବିହଙ୍ଗକୁଳ କରନ୍ତି କାକଳି  
କୁସୁମେ ଭୂଷିତା ହୋଇ ବନଲକ୍ଷ୍ମୀ  
ବସିଛି ଅଙ୍ଗ ଧରି । ୨ ।  
ବନ ମରମରୁ ଶୁଭୁଛି ମର୍ମର  
ସେ ଧ୍ୱନିରେ ଜାଗେ ବେଦନା ମୋହର,  
ନୟନେ କେବେ ହେଁ ଦେଖି ନ ଯାହାଙ୍କୁ  
ମନ କାନ୍ଦେ ତାଙ୍କୁ ସ୍ମରି । ୩ ।

ଗୀତ ଶେଷ ହେଉ ହେଉ ବାଦ୍ୟକାର ଉଠିପଡ଼ି ଓହ୍ଲାଇଗଲେ ଅଗଣାକୁ । ସୁରମାଷ୍ଟ୍ରେ ବେଞ୍ଚ ଉପରେ ହାରମୋନିୟମ୍‌ଟାକୁ ରଖୁରଖୁ କହିଲେ, ଗୀତ କମିତି ଲାଗିଲା, କହୁ କହିଲ ନାହିଁ ବାଦ୍ୟକାରେ ! ବାଦ୍ୟକାର ଅଗଣା ଆଡ଼କୁ ମୁହଁ ଫେରେଇ ସ୍ୱର୍ଣ୍ଣ ମୁହଁକୁ ଚାହିଁ କହିଲେ, ମୋ ମାଆଙ୍କ ମସ୍ତକରେ ଅଛନ୍ତି ଗଙ୍ଗାଦେବୀ । କଣ୍ଠରେ ସରସ୍ୱତୀ, ହୃଦୟ ଭିତରେ ପରଂବ୍ରହ୍ମ । ବଞ୍ଚିଥିଲି ବୋଲି ସିନା ମାଆଙ୍କୁ ମୋର ଦେଖିଲି । ଏଥିପୂର୍ବରୁ ଯଦି ମରିଯାଇଥାନ୍ତି ମନୁଷ୍ୟଜନ୍ମ ବୃଥା ହୋଇଯାଇଥାନ୍ତା ।

ସ୍ୱର୍ଣ୍ଣ ଏ ସମସ୍ତ କଥାର କୌଣସି ଉତ୍ତର ନ ଦେଇ ପଚାରିଲା—କାଲି କହୁଥିଲେ, ଆଜି ନୂଆ କଥା ଲେଖିବାକୁ । ସେ ନୂଆ କଥାଟି କେଉଁଠୁ ସଂଗ୍ରହ କରିଛ କହିଦିଅନ୍ତୁ ।

ସୁରମାଷ୍ଟ୍ରେ ନମସ୍କାର କରି ଦାଣ୍ଡଘର ଆଡ଼କୁ ଅଗ୍ରସର ହେଉ ହେଉ ହସିଦେଇ କହିଲେ—ଆପଣଙ୍କର ସେଇ ହୃଦୟବିହାରୀ ବନ୍ଧୁଙ୍କୁ ପଚାରିଲେ କହିଦେବେ । "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ବୋଲି ସେ ହିଁ ତ କହିଛନ୍ତି । ଆପଣ ତାଙ୍କରି ଶରଣାଗତା ହୋଇଯାଆନ୍ତୁ । ଆପଣ ତ ଗୋଟାଏ କଥା ଆରମ୍ଭ କରୁକରୁ ଆଉ ଗୋଟାଏ ଗଳ୍ପର କଳ୍ପନା କରୁଛନ୍ତି । ସେଇ ଚିନ୍ତା ହିଁ ଅସୁବିଧା ଘଟେଇଛି ।

ଆଗେ ଆଗେ ଚାଲିଥିଲେ ବାଦ୍ୟକାରଙ୍କ ସାଙ୍ଗର ବାଳକ ଦୁଇଟି । ପଛରେ ସୁରମାଷ୍ଟ୍ରେ ଆଉ ବାଦ୍ୟକାର । ସୁରମାଷ୍ଟ୍ରେ ପଚାରିଲେ, "ରହାସିଲଟା କମିତି ହେଲା କହିଲ ବାଦ୍ୟକାରେ ?"

ରହାସିଲ ତ ହେଲା ମାଷ୍ଟ୍ରେ, ସବୁ ତ ଏଗାରଟି ଚଉଦ ଏଥିରେ ଅଛନ୍ତି—"

ସୁରମାଷ୍ଟ୍ରେ କହିଲେ, ମୁଁ ମଧ୍ୟ ସେଇ କଥା ଭାବୁଛି ବାଦ୍ୟକାରେ ! ଆମେ ଚାରି ଜଣ ତ ଅଛେ । ଆଉ ପାଞ୍ଚ ଜଣ ହୋଇଗଲେ, ପଦେ ଅଧେ କଥା ଥିବାଲୋକ ବଦଳାବଦଳି କରି ଚଳେଇଦେବା ।

ବାଦ୍ୟକାରେ ଚନ୍ତ୍ରତ ହୋଇ ଚାଲିଥିଲେ ସୁରମାଷ୍ଟ୍ରଙ୍କ ପାଖେ ପାଖେ ।

ସ୍ୱର୍ଣ୍ଣ ଅଗଣା ଆଡ଼କୁ ଅନେଇ ଭାବୁଥିଲା ବାଦ୍ୟକାର ଆଉ ସୁରମାଷ୍ଟ୍ରଙ୍କ କଥା । କେଉଁଠୁ କମିତି ଆସିଲେ ଏ ଦୁଇଟା ମନୁଷ୍ୟ । ତା' ଜୀବନର ପଥ ନିର୍ଦ୍ଦେଶ କରିବା ନିମନ୍ତେ ସତେ କିଏ ବିଧାତା ଏ ଦୁହିଁଙ୍କୁ ପଠେଇଛନ୍ତି ! ତା' ନ ହୋଇଥିଲେ ଏତେ ପର୍ଯ୍ୟନ୍ତ ଗଭୀର ସ୍ନେହଶ୍ରଦ୍ଧା ପରସ୍ପର ପ୍ରାଣରେ ସଞ୍ଚିତ ହୁଅନ୍ତା କମିତି ? ଏଇ ତ ଗୋଟାଏ ସପ୍ତାହର ପରିଚୟ—

ଗଦେଇ ଶତପଥୀ ଅଗଣାକୁ ଆସି ଟିକିଏ ଠିଆ ହୋଇ ଦେଖିଲେ ସ୍ୱର୍ଣ୍ଣ ଅଚଳ ଅବସ୍ଥାରେ ଠିଆହୋଇଛି । ସେ ମନେମନେ ବିରକ୍ତହୋଇ କହିଲେ, ମୁଁ ଏବେ ଥରକୁ ଥର ଚାରି ଥର ଆସିଲିଣି । ତିନି ଘରେ ପୁରାଣ, ପୂଜା, ସଂକଳ୍ପ କରି ଆସିଲି, ତମର ସଙ୍ଗୀତ ଶେଷ ହେଉନାହିଁ । ଆଜି କାର୍ତ୍ତିକ ମାସର ପ୍ରଥମ ଦିନ; ଚାଲିଲ ଆଗ ସଂକଳ୍ପଟା କରିଦେବା !

ସ୍ୱର୍ଣ୍ଣ ଙ୍କରକା ପାଖକୁ ଘୁଞ୍ଚିଯାଇ ବିନୀତ ଭାବରେ କହିଲା, ଏ ବର୍ଷ ମୁଁ ଆଉ କାର୍ତ୍ତିକବ୍ରତ କରିପାରିବି ନାହିଁ ପୁରୋହିତେ !

ଶତପଥୀ କଥାଟାକୁ ବୁଝି ମଧ୍ୟ ନ ବୁଝିବା ଭଙ୍ଗୀରେ ହସିଉଠି କହିଲେ, ମୁଁ ତ ମାଆ ବିଳମ୍ବ କରିନାହିଁ । ତୁମେ ରାଗୁଚ କାହିଁକି ? ଚାଲ ମାଆ ଆଗ ସଂକଳ୍ପଟା କରିଦେବା । ଗାଁର ବ୍ରାହ୍ମଣ କ ପଣ୍ଡିଆ ଘରେ ପୁରାଣ ପଡ଼ିବ । କେତେ ବୁଢ଼ୀଟାକୁ ଜର ହୋଇଯାଇଛି କାଲି ରାତିରୁ । ଏଆଡ଼ୁ ଗଲାବେଳକୁ ଚାଲି ହେବ, ହବିଷ୍ୟ ରାନ୍ଧିବ । ତୁଳସୀ ଚଉଁରା ଲିପାପୋଛା ତ ହୋଇ ଯାଇଥିବ ।

ପୁରୋହିତେ ବାରି ଦାରଣ୍ଡା ଆଡ଼କୁ ଅଗ୍ରସର ହେବା ଦେଖି ସ୍ୱର୍ଣ୍ଣ କହିଲା, ମତେ କ୍ଷମାଦେବେ ପୁରୋହିତେ ! ଶୁଣନ୍ତୁ, ମୁଁ ଏ ବର୍ଷ କାର୍ତ୍ତିକବ୍ରତ କରିପାରିବିନାହିଁ । ମୁଁ ଏଇକ୍ଷଣି ସେଇ କଥା ହିଁ କହିଲି; ଆପଣ ଶୁଣିବାକୁ ଇଚ୍ଛାକଲେନାହିଁ ।

ଶତପଥୀଏ କୃତ୍ରିମ ବିସ୍ମୟରେ କହିଲେ, ହସ ଲାଗୁଛି । ବାର ବର୍ଷର ତପସ୍ୟା ଶୁଖୁଆପୋଡ଼ାର ଲୋଭରେ ଛାଡ଼ିଦେବ ? ଏ ତ ଆଉ ସାମାନ୍ୟ କଥା ନୁହେଁ ! ଏ ଘରକୁ ଆସିଲାଠୁ ପରା ତୁମେ ମହାକାର୍ତ୍ତିକବ୍ରତ କରିଆସିଛ ?

"କାର୍ତ୍ତିକର ମହିମା ଯେଉଁ ସମୟରେ ଜାଣି ନ ଥିଲି, ସେ ସମୟରେ କେବଳ ଖାଦ୍ୟସାମଗ୍ରୀ ଅର୍ପଣ କରି ଉଦର ପୂରଣ କରୁଥିଲି । ବର୍ତ୍ତମାନ ସେ ଅବସ୍ଥା ତ ଆଉ ନାହିଁ, ମୁଁ ତାଙ୍କୁ ନ ଜାଣି ମଧ୍ୟ ଜାଣିଲିଣି । ସେ ଯେ ନିରାକାର, ନିତ୍ୟ ନିରଞ୍ଜନ, ଏସବୁ ପୂଜା-ଅର୍ଚ୍ଚନା କେବଳ ବାହାର ଆଡ଼ମ୍ବର । ହୃଦୟ ଭିତରେ ପରମପିତା ପରମେଶ୍ୱର ରହିଛନ୍ତି । ତାଙ୍କୁ ହିଁ ମୁଁ ମନେମନେ ପ୍ରତି ନିମିଷରେ ଶତ ଶତ ଭାବରେ ସ୍ତବ କରୁଛି । କେବଳ କାର୍ତ୍ତିକମାସ ଭିତରେ ତ ମୋର ସେବାପୂଜା ସୀମାବଦ୍ଧ ନୁହେଁ ।"

ସୁରେନ୍ଦ୍ରହରି ଉତ୍ତେଜିତ ହୋଇ ଉଠି କହିଲେ, ଓହୋ, ଏକାଥରକେ ଜ୍ଞାନଯୋଗର କଥା କହିବାକୁ ଆରମ୍ଭ କଲଣି । ଆମ ପରି ଲୋକ ତ କିଛି ଜାଣିପାରିଲୁ ନାହିଁ । ତୁମେ ଏବେ ବାହାରି ପଡ଼ିଲ ହାଣ୍ଡିଶାଳରୁ ଆମକୁ ସବୁ ବ୍ରହ୍ମଜ୍ଞାନ ବତେଇବ ବୋଲି, ଆଉ କଅଣ [illegible]ବୁଝିଲ, ହୃଦୟ ଭିତରେ ଥିବା ବ୍ରହ୍ମଙ୍କୁ ତ ଏକାଥରକେ ଦେଖି ପକେଇଥିବ ! ସ୍ତବ-ସ୍ତୁତି କିଛି ନାହିଁ ! ନାଟୁଆ ଢ଼'ଙ୍ଗଟାକୁ ଧରି ଲାଗିଛି ଏ ଗୋଟାଏ ଗୋପଲୀଳା । ଏସବୁ ଶୁଣିବାକୁ ମୋର ଆଉ ସମୟ ନାହିଁ । ଚାଲ, ସଂକଳ୍ପଟା କରିଦେଇ ଯିବ—

ସ୍ୱର୍ଣ୍ଣ ମଥା ନୁଆଇଁ କହିଲା, ମୋର ମଧ୍ୟ ସମୟ ନାହିଁ ସୁରେନ୍ଦ୍ରହରେ ! ସୁରମାଷ୍ଟ୍ରେ କହିଦେଇ ଯାଇଛନ୍ତି, କେତେକ ବିଷୟ ପୁନର୍ଗଠନ କରିବାକୁ ହେବ । ଭଜନ ଗୀତ କେତୋଟା ଲେଖିବ । କେତେ ଶୀଘ୍ର ଦିନ ହେଉ ହେଉ ପୁଣି ରାତି ହୋଇଯାଉଛି । କେତେ-କେତେ କଅଣ କରିବ ? ଏମାନେ ନାଟକ ଗୋଟିଏ ଅଭିନୟ କରାଇବା ଆଶା ଦେଖେଇଲେଣି, ମୁଁ କଅଣ ଆଉ ସ୍ଥିର ହୋଇ ରହିପାରୁଛି ?

ସୁରେନ୍ଦ୍ରହରି ସ୍ୱଗତୋକ୍ତି କଲା ପରି କହିଉଠିଲେ, ସ୍ଥିର ହୋଇ ରହିବ କମିତି ! ଅସ୍ଥିର ହେବା ଯାହା, ମରଣକୁ ଡାକ ଆଣିବା ତାହା । କଅଣ ନାହିଁ କଅଣ କହିଦେବାକୁ ମନ ହେଉଛି ଯେ, ଆଉ ଥରେ କଥାଟା ରହିଯାଉଛି ତୋଟି ପାଖରେ । ବିନାଶ କାଳେ ବିପରୀତ ବୁଦ୍ଧି ବୋଲି ଲୋକ କହନ୍ତି । ଏବେ ତୁମ ପାଖରେ ସେଇ କଥା ଦେଖାଯାଉଛି । ଭଲ ଘରର ଝିଅ ହୋଇଥିଲେ ସିନା ଭଲ କଥା କରିଥାନ୍ତା । କୁଆଡ଼ୁ ନାଟୁଆଣୀର ଝିଅ ଗୋଟାକୁ ଗୋଟେଇ ଆଣିଥିଲେ । ଆପଣା ସ୍ୱରୂପ ଦେଖାଉଛି ଏବେ । ଇମିତି ଗୁଡ଼ାକୁ ହିଁ ବିଷକନ୍ୟା ବୋଲି କହନ୍ତି । କମିତି ଚିକଣ ଚିକଣ କଥା କହୁଥିଲା । ପେଟ ଭିତରେ ଏତେ ପାପ ରହିଥିଲା । ଛି, ଛି, ଏଁ, ଦେଖ ହେ, ଘର ଭିତରେ ସ୍ତ୍ରୀଲୋକ ଗୋଟେ କହୁଚି ନାଟକ କରିବ ! ନାଟକ ନା ମୁହଁରେ ନିଆଁ !

ସ୍ୱର୍ଣ୍ଣ ସେଇପରି ନମ୍ରଭାବରେ ହିଁ କହିଲା, ଆପଣ ଜାଣନ୍ତି, ମୁଁ ଏ ଘରକୁ ଆସିବାଠୁ ଆପଣଙ୍କୁ ଭକ୍ତି କରି ଆସିଛି । ଆଜି ଆପଣଙ୍କୁ ବୁଝେଇ କହୁ କହୁ ଉତ୍କ୍ଷିପ୍ତ ହୋଇ ଗୁଡ଼ାଏ କୁତ୍ସିତ ଭର୍ତ୍ସନା କରିଯାଉଛନ୍ତି । ଆପଣ ଯେତେ ଯାହା କହିଲେ ମଧ୍ୟ ମୁଁ ମୋର କାର୍ଯ୍ୟରୁ ବିରତ ହେବି ନାହିଁ, ଏ ବିଶ୍ୱାସ ଆପଣ ରଖିଥାନ୍ତୁ—

ପରମାନନ୍ଦ ଅଗଣାଆଡ଼ୁ ଆସୁ ଆସୁ କହିଲେ, ଶତପଥୀଏ, ଆପଣ ହଠାତ୍ ଇମିତି ରାଗିଯାଇଛନ୍ତି ଯେ ଅନର୍ଗଳ ଗାଳିବର୍ଷଣ କରିଯାଉଛନ୍ତି । ଏଇ ସ୍ତ୍ରୀଲୋକଟି ଯେ [illegible]ଙ୍କୁ ଆନ୍ତରିକ ଶ୍ରଦ୍ଧାକରି ଆସୁଛି, ସେ କଥା ଆପଣ [illegible]ଥରକେ ଭୁଲିଯାଇଛନ୍ତି । ନାଟକ ଲେଖିବା କିମ୍ବା [illegible] କରାଇବା ତ ଖରାପ କଥା ନୁହେଁ । ସେଥି[illegible] ଆନ୍ତରିକ ଅନୁରାଗ ରହିଛି । ମୋହରି ପ୍ରେରଣା[illegible]ବୋଲି ଏଥିରେ ଲାଗିଛନ୍ତି । [illegible]କବୋଲି [illegible] ନାଟକ ଖଣ୍ଡିଏ କି ଉପନ୍ୟାସ [illegible]ଏ ଲେଖିବେ, [illegible]ପଣ କଅଣ ସେ ଲେଖାଉଛି- [illegible]ବ ନାହିଁ ?

[illegible]ରେ ହା ହା କରି ହସିଉଠି କହିଲେ, ଆ[illegible] ଆଉ କଅଣ ! ସାହିତ୍ୟ କହିଲେ, ଆମର

ଏଇ ରାମାୟଣ, ମହାଭାରତ ପରି ମୋ ମାଆଙ୍କ ଶକ୍ତିର ଅଛି ବୋଲି ସିନା ଏତେ କଥା କରିବାକୁ ବସିଛନ୍ତି । ଭଗବାନ କରନ୍ତୁ, ସେ ଆହୁରି ବଡ଼ ବଡ଼ ନାଟକ ଲେଖନ୍ତୁ । ହେଲେ ମଧ୍ୟ କଅଣ କି ବାବୁ, ସେଇ ଏତେ ଟିକିଏ ପିଲାଦିନରୁ ଏ ଘରେ କାର୍ଯ୍ୟ କରି ଆସିଛି । ଆଖିରେ ଦେଖିଛି ଏ ସବୁ । ପରମାନନ୍ଦ ହସିଦେଲେ ଏ କଥା ଶୁଣି । କହିଲେ, ଏଇ କଥାକୁ ଏତେଦୂର ଗୁରୁତ୍ୱପ୍ରାପ୍ତ ହେବା କଥା ତ ନୁହେଁ ପୁରୋହିତେ ! ନେବା କାମ ଲାଗି ଦୁଃଖ । ପୁଣି ଦୁଃଖରୁ କ୍ରୋଧ । ଏଥିରେ ତ ଆପଣଙ୍କର ଅନେକ ସମୟ ନଷ୍ଟ ହୋଇଗଲା । ଯାଆନ୍ତୁ ଅନ୍ୟ ଘରମାନଙ୍କରେ ପୂଜା ଇତ୍ୟାଦି କରନ୍ତୁ । ଦେଖାନେବା କଥା ଚିନ୍ତା କରିବେନାହିଁ । ଗୁଳିକୋଳଙ୍କୁ କହିଦେବି, ସେ ଯାହା ଦେଉଥିଲେ, ଏଥର ଅଧିକା କିଛି ପଠେଇଦେବେ ।

ଶତପଥୀଏ ଚାଲିଯିବା ପରେ, ସ୍ୱର୍ଣ୍ଣ ପରମାନନ୍ଦଙ୍କ ପାଦ ପାଖକୁ କସିଆଡ଼ି କହିଲେ, କେତେ ବିପଦରୁ ରକ୍ଷା କରିଛ ମୋର ବିପଦଭଞ୍ଜନ ! ପରମାନନ୍ଦ ସ୍ୱର୍ଣ୍ଣଙ୍କୁ ଉଠେଇ ଦେଇ କହିଲେ, ଆମ ହାତରେ କଅଣ ଅଛି ଶୁକବୋଉ ! ମୁଁ ତ ଏତେ ସହଳ କେବେ ଘରକୁ ଫେରେନାହିଁ । ଆଜ ଏ ସମୟରେ କମିତି ମୁଁ ଆସିଲି ? ଈଶ୍ୱରେଚ୍ଛା ବଳୀୟସୀ ଶୁକବୋଉ ! ଶୁଣ, ଅନେକ ଦିନ ପରେ ଆଜ ଆଉ ମୋର ସ୍ନାନ-ପୂଜା କରିନାହିଁ । ମୁଁ ଗାଧୋଇ ଆସିବା ଭିତରେ ତୁମେ ଆଉ କିଛି ଲେଖିଯାଅ ।

ସ୍ୱର୍ଣ୍ଣ ସ୍ୱାମୀଙ୍କ ଆଦେଶରେ, ଖାତାକଲମ ଧରି ବସିପଡ଼ିଲେ ଘର ଭିତରେ । 'ନଷ୍ଟଶ୍ରୀ' ନାଟକର କେତେକ ସ୍ଥାନରେ କର୍ତ୍ତନ-ବର୍ଦ୍ଧନ କରିବାକୁ ସୂଚନା ଦେଇଯାଇଛନ୍ତି ସୁରମାଷ୍ଟ୍ରେ । କଲ୍ୟାଣୀକୁ ଇମିତି କରି ଗଢ଼ିବାକୁ ହେବ, ଏକାନ୍ତ ପବିତ୍ର ପ୍ରାଣରେ ମହାପାତ୍ରଙ୍କୁ ଭକ୍ତିକରିବା ହିଁ ଦର୍ଶାଇବାକୁ ହେବ । ବରଜ ମହାପାତ୍ରଙ୍କ ଜଣେ ଆଦର୍ଶ ପୁରୁଷ । ସେ ଜାଣନ୍ତି ଟଙ୍କା ସୁନା ସେ ସାଥିରେ ଧରି ଯିବେନାହିଁ । ମୁରଲୀକୁ ଏବଂ କଲ୍ୟାଣୀକୁ ଆଖି ଆଗରେ ରଖି ତାଙ୍କୁ କେଉଁଦିନ ସ୍ୱର୍ଗଗତା ପତ୍ନୀଙ୍କର ଶାଢ଼ୀରୁ ଖଣ୍ଡିଏ ଦେଇଦିଅନ୍ତି । କେଉଁଦିନ ହାର ଗୋଟାଏ ଗଳାରେ ଲମ୍ବାଇ ଦିଅନ୍ତି । ଏ ସମସ୍ତ ଘଟଣାରେ ନନ୍ଦସୁତ ଅଭିମାନରେ ହାଣ୍ଡି-ପରି ମୁହଁ କରି ରହେ । ମହାପାତ୍ରଙ୍କୁ ଶୁଣେଇ ଶୁଣେଇ କହେ, ଏତେ କଥା ଯଦି ମନରେ ଅଛି, ବାପା ହେଉଛ ବୋଲି ନନ୍ଦ ବୋଲି ତ କହିଦିଅନ୍ତେ ! କହିଦେଲେ ମୋ ମନର ସଂଶୟ ତୁଟନ୍ତା । ସ୍ତ୍ରୀ ମରିଗଲେ ପୁରୁଷ ଆଉ ଥରେ ବିବାହ କରିବାକୁ ବାଧା ତ ନାହିଁ । ହାତଗଣ୍ଠି ଛଡ଼ିଯାଉ । ସେ କଥା ହେବା ଆଗରୁ, ଦାମ ରଥ ଏ ଘରକୁ ଆସି ଦୁହାଁ ଦୁଧ ନେଇପାରିବ ନାହିଁ ।

ମହାପାତ୍ରେ କୃତ୍ରିମ ରୋଷ ପ୍ରକାଶ କରି କହନ୍ତି, ଦାମ ରଥ ମତେ ଧାରି ମାଗେ, ନ ଦେଲେ, ସାହି-ପଡ଼ିଶାର ଲୋକଙ୍କୁ ମୋର ନିନ୍ଦାକରି କହେ । ଏବେ ତ ଏକାଥରକେ ସେ ମୋର ଶ୍ୱଶୁର ହୋଇଯାଉଛି, ଆଉ କଅଣ ! କେଉଁଠି କେତେ ଭୂମି ଅଛି, କେଉଁଠୁ କେତେ ଧାନ ଆଉ ମୁଗ ଆସୁଛି, ଏସବୁ କଥା ପଚାରିବା ସଙ୍ଗେ ସଙ୍ଗେ ଆହୁରି ଭଲ ଘୁଷୀକୁ ଦେଲେ ଭଲହୁଅନ୍ତା ବୋଲି ମଧ୍ୟ ପରାମର୍ଶ ଦେଉଛି । ଟଙ୍କା-ପଇସା କଥା ପଚାରୁଛି । କେତେ ଟଙ୍କା କାହାକୁ ଧାରି-ଉଧାର ଦେଇଛି, କେଉଁଠି ବୁଡ଼ି ହଜିଯିବ ବୋଲି କାତର ହୋଇ ଉଠୁଛି ସେ । ଏସବୁ କଥା ଶୁଣି ମୋର ଆତ୍ମାପୁରୁଷ ହସୁଛି । ତୁ ତ ସେ ପ୍ରଶ୍ନକରି ଉଠିଲେ ରାଗିଯାଉଛୁ । ଅନାଥ ପିଲାଟିଏ । ଆଶ୍ରା ଖୋଜ ଖୋଜ ଆସିଛି । ସ୍ୱଭାବ-ଚରିତ୍ର ଭଲ । ଗୋଟାପଣ ଅମରକୋଷ ଅଭିଧାନ ମୁଖସ୍ଥ । ମାନ୍ୟଭକ୍ତି ବୋଲି ଯେ ଗୋଟାଏ କଥା ସେଇତକ ସେ ଜାଣିଛି । ନନ୍ଦସୁତ ଜାଣେ ତା'ର ପ୍ରଭୁଙ୍କ ହୃଦୟର ଗୋଟାଏ କୋଣରୁ ସ୍ନେହସୁଧାଧାରା ଝରି ପ୍ରଭାକରର ଅଞ୍ଜଳି ଭରି ଦେଉଛି ନିତ୍ୟ-ପ୍ରତିକ୍ଷଣରେ । ଭିତରେ ଭିତରେ ଗୋଟାଏ ଆଶଙ୍କା ମଧ୍ୟ ନନ୍ଦସୁତର ହେଉଛି । ଏତେ କଷ୍ଟରେ ସାଇତି ରଖିଥିବା ଟଙ୍କା-ସୁନା, ଜମିବାଡ଼ି ଯଦି ଏଇ ଟୋକା-ଟାକୁ ଦେଇଦେବେ । ନ ଦେଇ ଅବା କଅଣ କରିବେ ? ମହାପାତ୍ରଙ୍କ ବୟସର କେତେ ସ୍ତ୍ରୀ ଏବଂ ପୁରୁଷ କାଳର କରାଳଗର୍ଭରେ ଇତିମଧ୍ୟରେ ପଶିଗଲେଣି । ସେ

ସିମିତି ଗୋଟାଏ ଆତ୍ମବଳରେ ବଳୀୟାନ ହୋଇ ପବିତ୍ର ସନ୍ନ୍ୟାସବ୍ରତ ପାଳନ କରି ଆସୁଥିବାରୁ ସିନା ଇମିତି ସତେଜ ସୁନ୍ଦର ହୋଇ ରହିଛନ୍ତି । ଏଇ ତ ପୂର୍ବ ପନ୍ଦରଶ ହରିହର ଦାସ ବର୍ଷେ ହେଲା ସରିଗଲେଣି । ନନ୍ଦସୁତ ମନେମନେ ସ୍ଥିରକରି ବସନ୍ତି ସବୁ ଭୂମି, ଘର ସୁନା ଇତ୍ୟାଦି ବିକ୍ରୀ କରିଦେଇ ତୀର୍ଥ କରିଯିବେ । ସେଠି ରହି ଦାନ ଧର୍ମ କରିବେ; କିନ୍ତୁ କେଉଁଠି କିମିତି ରହିବେ, କେଉଁ ବାଟରେ ଧନବ୍ୟୟ କରିବେ ସେ ଆଉ ସ୍ଥିର କରିପାରୁନାହାନ୍ତି । ମହାପାତ୍ରେ କହିଲେ, ମୁଁ ତତେ କହିଲି ପରାରେ ନନ୍ଦ, ଦାମ ମତେ କେତେବେଳେ ମୋ ନାଁ ଧରି ଆଜି କେତେବେଳେ ମଉସା ବୋଲି ଡାକ ମୋ ମନ ଯେନ କଥା କହିଯାଉଛି । ମୁଁ ଯେ ଏଣେ ପୁରୀଧାମରେ ଗୋଟାଏ ପାଦ, ଘରେ ଗୋଟାଏ ପାଦ ରଖି ବସିଛି ! କେବେ କେଉଁ ଉପାୟରେ ଏ ମାୟା ବନ୍ଧନରୁ ମୁକ୍ତହେବି ସେଇ ଗୋପାଳ ହିଁ ଜାଣନ୍ତି ।

ନନ୍ଦସୁତ ପ୍ରଭୁଙ୍କ କଥାଶୁଣି ବିଶ୍ୱାସ କରେ, କିନ୍ତୁ ନିଃସନ୍ଦେହ ହୋଇ ପାରେନାହିଁ । ଏଣେ କେଉଁଠି ଥିଲା ଭଣିଜୀର ପୁଅ ପ୍ରଭାକର, ସେ ଯଦି ଘରେ ରହି ମହାପାତ୍ରଙ୍କ ସ୍ନେହର ପାତ୍ର ହୋଇଯାଏ, କେତେ-କେବେଳେ ତାଙ୍କୁ ହିଁ ସବୁ ସମ୍ପତ୍ତି ଦେଇ କଲ୍ୟାଣୀକୁ ବିବାହ କରିଦେଇପାରନ୍ତି । ଏ କଥା ମଧ୍ୟ ନନ୍ଦସୁତ ସମର୍ଥନ କରିପାରେନାହିଁ । କଲ୍ୟାଣୀ ବାପ ମାଆଙ୍କଠାରୁ ଉତ୍ସାହ ପାଇ କଅଣ ଭାବି କେଜାଣି କିନ୍ତୁ ପ୍ରଭାକରକୁ ଦେଖିବାପରେ ସେ ଭିତରେ ଭିତରେ ବିହ୍ୱଳା ହୋଇଉଠିଛି । ତଥାପି ତାଙ୍କୁ ଶାନ୍ତ ସଂଯତ କରି ହିଁ ଗଢ଼ିନେବାକୁ ହେବ । କଲ୍ୟାଣୀର ପିତା, ଦାମରଥ ଧନ ମଣିଟିକା ପଛରେ ଧାଇଁଛନ୍ତି, ତାଙ୍କୁ ମଧ୍ୟ ସୁନ୍ଦର କରି ଗଢ଼ିବାକୁ ହେବ । ଇଥେ ଇତିମଧ୍ୟରେ ଗୁଡ଼ାଏ ଋଣ ମଧ୍ୟ କରି ସାରିଲେଣି । ଏଆଡ଼େ ସାହାଯ୍ୟ ମିଳିଗଲେ ସବୁ ସୁବିଧା ହୋଇଯିବ ବୋଲି ତାଙ୍କର ବଡ଼ ଗୋଟାଏ ଆଶା ଜାଗ୍ରତ ହୋଇଉଠିଛି । ବେଳେ ବେଳେ ସେ ଆତଙ୍କିତ ହୋଇଉଠନ୍ତି ମଧ୍ୟ । ମହାପାତ୍ରଙ୍କୁ ତିନି କୋଡ଼ି ବର୍ଷ ପାଖ ହେଲାଣି, ଏତେ ସୁନ୍ଦର ହିଁଅଛି ବିଧବା ଯଦି ହୋଇଯାଏ ? ଦାମରଥ ସାହସ ସଞ୍ଚୟ କରି ତାଙ୍କ ସ୍ତ୍ରୀଙ୍କୁ ସେ ବୁଝେଇ ଦେଉଥାନ୍ତି । "ଅଳ୍ପ ବୟସର ବର କଅଣ ମନୁ ନାହାନ୍ତି । ଆମର ବନ୍ଧୁ କୁଟୁମ୍ବ ଭିତରେ ଖୋଜିଲେ ଗଣ୍ଡା ଗଣ୍ଡା କରି ଦଶ ଗଣ୍ଡା ବାଳ ବିଧବା ବାହାରି ପଡ଼ିବେ । ଏମାନେ ସମସ୍ତେ ତ ବୁଢ଼ାଙ୍କର ବିବାହ କରି ନ ଥିଲେ ।" ସମାଜର ଏ ସମସ୍ତ ସମସ୍ୟାର ସମାଧାନ କରିବା ନିମନ୍ତେ-ସେ ସମୟରେ ବଡ଼ ବଡ଼ ସମାଜପତିମାନେ ମଧ୍ୟ ଚିନ୍ତା କରୁ ନ ଥିଲେ । ବିଧବାର ବ୍ରହ୍ମଚର୍ଯ୍ୟ ରକ୍ଷା ନିମନ୍ତେ ବିଧବା ହିଁ ଦାୟୀ ହେଉଥିଲା । ତେଣୁ ପ୍ରଥମ କନ୍ୟାକୁ ବହୁ ସନ୍ତାନର ପିତା ହେଉପଛେ ବିପତ୍ନୀକ ହାତରେ ଅର୍ପଣ କରିଦେବାକୁ କେତେକ ପିତାମାତା କୁଣ୍ଠିତ ହେଉ ନ ଥିଲେ । ଦାମରଥେ ମଧ୍ୟ ସିମିତି ଜଣେ ପିତା । ମହାପାତ୍ରଙ୍କ ଜମିଜମା, ଘରବାଡ଼ି, ଗାଈ ବାଛୁରି ସବୁ ତାଙ୍କର ବୋଲି ସମୟେ ସମୟେ ଭାବି ନେଉଥିଲେ ସେ । ଏଇ ବିଷୟ ଉପରେ ବିସ୍ତରି ତାଙ୍କୁ ଲେଖିବାକୁ ହେବ ପୁଣି । ପୁନର୍ଲେଖନ କରୁକରୁ ତ ସମୟ ଲାଗିଯିବ । ଯେଉଁଠି ଯେଉଁଠି ମିଶେଇବା କଥା ଅନ୍ୟ କାଗଜରେ ଲେଖି ଖାତା ଭିତରେ ସିଲେଇ କରୁଥିଲା ସ୍ମୃତି ।

ପରମାନନ୍ଦ ଅଗଣା ଆଡ଼ୁ ଆସି ବ୍ୟସ୍ତଭାବରେ ହିଁ କହିଲେ, ବୁଝିଲ ଶୁକବୋଉ, ଗୋବିନ୍ଦ ଲେଙ୍କାକୁ ବାତରୋଗ ହୋଇଗଲା, ତାଙ୍କୁ ମୁଁ ସୋଡ଼େଣ୍ଟ୍ରନ୍, ଲଡ଼ମ, କ୍ୟାଲମିଆ ଇତ୍ୟାଦି ଦେଲି । ପ୍ରାୟ ଦୁଇମାସ ହେଲା । ତା'ପରେ ପରେ ମଧ୍ୟ ଅନ୍ୟାନ୍ୟ କେତେ ଔଷଧ ଦେଲି । ତଥାପି, ରୋଗ ଉପଶମ ହେବାର ଲକ୍ଷଣ ଦେଖୁନାହିଁ । ବର୍ତ୍ତମାନ କଅଣ କରାଯିବ ତାହା ହିଁ ଭାବୁଛି ।

ସ୍ମୃତି ଖାତାପତ୍ର ରଖିଦେଇ ଉଠିପଡ଼ି କହିଲା, ଶ୍ୱଶୁରଙ୍କର ସେ ସବୁ କହିତ ପଢ଼ିଛ, ଆୟୁର୍ବେଦିକ୍ ଔଷଧ ଦେଇ ପରୀକ୍ଷା କର ! ଶ୍ୱଶୁର କେତେ ପ୍ରକାର ତୈଳ ଆଉ ମୋଦକ ଇତ୍ୟାଦି ତିଆରି କରି-ଦେଉଥିଲେ । ମୋର ମଧ୍ୟ ବିଶ୍ୱାସ ଯେ ଆମର

ସ୍ୱାସ୍ଥ୍ୟରକ୍ଷାର ନିମନ୍ତେ ପାଚନ, ମୋଦକ ପ୍ରଭୃତି ଉପଯୋଗୀ ହେବ ।

ଏଇ କେତେଦିନ ହେଲା ପରମାନନ୍ଦଙ୍କ ମନରେ ଗୋଟାଏ ଦ୍ୱନ୍ଦ୍ୱ ଉପୁଜିଥିଲା । ସେ ଭାବୁଥିଲେ, ହୋମିଓପାଥିରେ ଚଳେଇ ନେବେ କି ଆୟୁର୍ବେଦର ଚେର ମୂଳରେ ବଟିକା, ପାଚନ ଆଦିର ବ୍ୟବସ୍ଥା କରିବେ । ସେ ଟିକିଏ ଚିନ୍ତା କଲାପରେ ରହି କହିଲେ, ଯାହାହେଉ, ବାପା ଶିକ୍ଷା ଦେଇଥିବା ବିଦ୍ୟା ଆଧାରରେ ପରୀକ୍ଷା କରିବା ବୋଲି ସ୍ଥିର କରୁଛି । ଆଜି ପର୍ଯ୍ୟନ୍ତ ସବୁ କଥା ତୁମକୁ ପଚାରି ପଚାରି କରୁଛି । ଅଭ୍ୟାସ ବଶରୁ ହୁଏ ତ, ଆଜି ମଧ୍ୟ ସ୍ୱେଚ୍ଛାରେ କିଛି ଗୋଟାଏ କରିପାରୁନାହିଁ ।

କିଛି ବେଳେ ପରେ ସେଇ ଘର ଆଡ଼ୁ ଆସି ଦେଖିଲା, ସ୍ୱର୍ଣ୍ଣ ଆଉ ପରମାନନ୍ଦ ବସିଛନ୍ତି ଔଷଧର ମୁହଁକୁ ଚାହିଁ । ସେ ଟିକିଏ ମୁରୁକିହସି କହିଲା, ଖରା ହୋଇଗଲାଣି ! ପରମାନନ୍ଦ ଘଡ଼ି ଆଡ଼କୁ ଅନେଇ କହିଲେ, ଆରେ ଦେଖ ତ ସାଢ଼େ ବାରଟା ହୋଇଗଲାଣି । ତୁମକୁ ତ ସବୁବେଳେ ଦୋଷ ଦେଉଥିଲି, ସମୟ ଜ୍ଞାନ ନାହିଁ ବୋଲି । ଆଜି ମୁଁ ନିଜେ ସେହି ଦୋଷରେ ଦୋଷୀ ହେଲି । ତୁମେ ଚାଲ ଖାଇବାକୁ, ମୁଁ ଏଇକ୍ଷଣି ଗାଧୋଇ ଆସିଯାଉଛି ।

ମଧ୍ୟାହ୍ନ ଭୋଜନପରେ ବିଶ୍ରାମ ନେଉନେଉ ସମ୍ବାଦପତ୍ର ପଢ଼ୁଥିଲେ ପରମାନନ୍ଦ । ସ୍ୱର୍ଣ୍ଣ ସେଇ ପାଖ ଘରେ ବସି କରୁଥିଲା 'ଜନ୍ମଭୂମି' ନାଟକର ସଂଶୋଧନ କାର୍ଯ୍ୟ ।

× × × ×

ସମୟ ଅପେକ୍ଷା କରୁନାହିଁ କାହାରି ନିମନ୍ତେ । ଇତିମଧ୍ୟରେ କାର୍ତ୍ତିକ ମାସର ପ୍ରଥମ ସପ୍ତାହ ଅତୀତ-ଗର୍ଭରେ ମିଶିଗଲାଣି । ତା ପରକୁ ଚାଲିଲାଣି ଦ୍ୱିତୀୟ ସପ୍ତାହ । 'ଜନ୍ମଭୂମି' ନାଟକର ରିହାର୍ସାଲ ଚାଲିଥିଲା ଉତ୍ସାହର ସହିତ । ସେ ପାଖ ଗାଁଆରୁ ଆଉ ତିନି ଜଣ ଅଭିନେତାଙ୍କୁ ଡାକି ଆଣିଥିଲେ ବାଦ୍ୟକାର । କ୍ଷେତ୍ରଗାତ, ରାମଲୀଳା ପ୍ରଭୃତିରେ ଏମାନେ ଭଲ ଅଭିନୟ କରିଥିଲେ ହୋଇ ସୁଖ୍ୟାତି ମଧ୍ୟ ଥିଲା । ପଲ୍ଲୀପ୍ରାନ୍ତର ଲୋକେ ଅଭିନୟ କରି ତ ପେଟ ପୋଷନ୍ତି ନାହିଁ, ସେମାନେ ସେମାନଙ୍କର ସ୍ୱ ସ୍ୱ କାର୍ଯ୍ୟ କରନ୍ତି, ଅବସର ପାଇଲେ ନୃତ୍ୟ, ଗୀତବାଦ୍ୟ କରି ନିଜର ଅଭିନୟ ଇଚ୍ଛାକୁ ପୂରଣ କରନ୍ତି । ଏଣୁ ସ୍ୱର୍ଣ୍ଣ ସହିତ ପରାମର୍ଶ କରି ବାଦ୍ୟକାର, ସୁରମାଷ୍ଟ୍ରେ ଉଭୟେ ସ୍ଥିର କଲେ ଯେ ସେମାନେ ଗାଁରେ ରହି ମଧ୍ୟ ନାଟକର ପାର୍ଟ ନେଇପାରିବେ । ଯେ ଯାହାର ଅଂଶ ଲେଖି ନେଇ ଯାଇ ଘରେ ମୁଖସ୍ଥ କରିବେ । କେବଳ ଦୁଇ ଦିନ ପୂର୍ବରୁ ସନ୍ଧ୍ୟା ସମୟକୁ ଆସି ଯାଉଥିବେ ରିହା-ର୍ସିଲରେ ଯୋଗଦେବାକୁ । ସେ ଦିନ ରାତିରେ ଖାଇବା ବ୍ୟବସ୍ଥା କରିବ ସ୍ୱର୍ଣ୍ଣ । ଇମିତି ସବୁ ବ୍ୟବସ୍ଥା ଯେଉଁ ସମୟରେ ଚାଲିଥିଲା, ଦିନେ ବାଦ୍ୟକାରଙ୍କ ସହିତ ବାହାରି ଦୁଇବନ୍ଧୁ ସ୍ୱର୍ଣ୍ଣ ପାଖକୁ ଆସୁ ଆସୁ ବାଦ୍ୟକାର କଥା ଆରମ୍ଭ କରି କହିଲେ । ହଇ ହେ ମାଷ୍ଟ୍ରେ ! ନାଟକ କରିବ ବୋଲି କହୁଛ, ଏଣେ ରଙ୍ଗମଞ୍ଚର କଥା ଆଜି ପର୍ଯ୍ୟନ୍ତ ଚିନ୍ତା କରିନାହଁ । ପୁରାଣ ଯୁଗର କଥା ହୋଇନାହିଁ ଯେ ମନ୍ତ୍ର ଉଚ୍ଚାରଣ କରିଦେଲେ ନାଟକ ଘର ଗୋଟାଏ ତିଆରି ହୋଇଯିବ ।

ସୁରମାଷ୍ଟ୍ରେ ହସି ହସି କହିଲେ । ମନୁଷ୍ୟ ଜୀବନରେ କେତେ ନୂଆ ଘଟଣା ଘଟିଯାଉଛି, ଏଇ ଦେଖୁନ, ଏଠିକି ଆସିବା କି ନାଟକ ବିଷୟ ଚିନ୍ତା କରିବା ବୋଲି ଏଇ କେତେଟା ଦିନ ପୂର୍ବରୁ ତ ଆମେ କେବେ ଭାବି ନ ଥିଲେ । କିଛି କିଛି ଗମ୍ଭୀର ହୋଇଗଲେ ସେ । ପୁଣି ଭିନ୍ନ ସ୍ୱରରେ କଥା ଆରମ୍ଭ କରି କହିଲେ, କଲିକତାର ରଙ୍ଗମଞ୍ଚରେ ଅଭିନୟ କରିବା ବୋଲି କେଉଁ କାଳରୁ ମନରେ ଗୋଟାଏ ବାସନା ରହିଥିଲା । କେତେ ଆବେଦନ ନିବେଦନ କରି ଆସିଥିଲେ । ବର୍ତ୍ତମାନ ଡାକରା ଆସିଲା ବେଳକୁ —”

ବାଦ୍ୟକାର ଚମକି ଉଠି ପଚାରିଲେ ଡାକରା ଆସିଲା ମାଷ୍ଟ୍ରେ ! ତୁମେ ମତେ ଏ କଥା କହିନାହଁ ତ; ମାତ୍ର ଯେତେ ଚିଠିପତ୍ର ଆସୁ ସବୁ ସ୍ୱାର୍ଥ ତ୍ୟାଗ-

କରି ଏ କାର୍ଯ୍ୟ କରିବାକୁ ହେବ । ଶିଶୁକୁ ଖେଳନା ଦେଖାଇ, ତାକୁ ନ ଦେଲେ ସେ ଯେପରି ଧୂଳିରେ ଲୋଟିଯାଇ କାନ୍ଦେ, ମୋ ମାଆ ମଧ୍ୟ ନାଟକ କଥା ନ ଶୁଣିଲେ ସିମିତି ବିକଳ ହୋଇ କାନ୍ଦିବ । ସିବା କଥା ଏଖଣି ଆଉ ମାଆଙ୍କୁ ମୋର କହିବନାହିଁ । ଚିଠି ଲେଖି ଦିଅ, ଦପ୍ତରିଆଙ୍କର ଆଉ ଗୋଟିଏ ମାସ ଛୁଟି ଦେଇଥିବେ । ମୁଁ କଅଣ ଭାବୁଛି କି ମାଷ୍ଟ୍ରେ, ଆମର ଏଇ କାଳୀ ମନ୍ଦିର ପାଖକୁ ଆଖଡ଼ା ଘରଟା ଥିଲା । ବର୍ତ୍ତମାନ ଘରର ଚାଳ ବର୍ତ୍ତି ନାହିଁ । ଖାଲି ପଡ଼ିଆଟା ପଡ଼ିଛି । ସେହି ସ୍ଥାନଟାରେ ପେଣ୍ଡାଲ ଗୋଟାଏ କରିଦେବା । ନଡ଼ା ଆଉ ବାଉଁଶରେ ସ୍ଥୂଳ କରିଦେବା, ଇଟାମାଟି ଯାହା ଲାଗିବ । ଆମ ସାହିର ରାଜମିସ୍ତ୍ରୀ କି ସମ୍ଭାଳିବା । ଜାଗାଟା ଦେଖି ମପାମପି କରିଦେବ । କେତେ ଟଙ୍କା କେଉଁଥିକି ଖରଚ ହେବ ତା'ର ଗୋଟାଏ ହିସାବ କରିଦେବ ।

ସୁରମାଷ୍ଟ୍ରେ ସବୁ ଶୁଣି ସାରି କହିଲେ, ଏଇ ଗଲାବର୍ଷ ନବକାରପୁରରେ ଗାଁ ଲୋକ ମିଶି 'ଧ୍ରୁବ' ନାଟକ ଅଭିନୟ କରିଥିଲେ । ଖାଲି ପେଣ୍ଡାଲଟାରେ ପନ୍ଦର ଶ' ଟଙ୍କା ଖରଚ ହୋଇଥିଲା । ଆମର ଏଠି ଗୋଟାଏ ସାହିତ୍ୟ ସଂସଦ ଅଛି, ଜାଣିଛ ନା ବାଦ୍ୟକାରେ ! ସଂସଦର ସେକ୍ରେଟେରୀ ଜଣେ ବଡ଼ ଉତ୍ସାହୀ ବ୍ୟକ୍ତି । କାଲି ମୁଁ ତାଙ୍କ ସହିତ କଥା ହୋଇଥିଲି । ସେ କହୁଛନ୍ତି ଯେ ପଲାସପୁରଟା ଦିନକୁ ଦିନ ସବୁ ବିଷୟରେ ଉନ୍ନତି ଆଡ଼କୁ ଯାଉଛି । କେବଳ ଆମ ଭାଷାଟା ଉନ୍ନତି ଆଡ଼କୁ ଯାଉନାହିଁ । ଏହାର କାରଣ ନାଟ୍ୟଜାତିର ନିରକ୍ଷରତା । ନାଟକ ଘରଟିଏ ହେଲେ ସାମାଜିକ ନାଟକ ଅଭିନୟ କରାଯାଇ ପାରନ୍ତା । ସେଥିରୁ ଆମର ମାଆ, ଭଉଣୀମାନେ ଶିକ୍ଷାଲାଭ କରିପାରନ୍ତେ ।

ବାଦ୍ୟକାର ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, ନିରକ୍ଷର ଜଗତରୁ ମାଆ ମୋର କିମିତି ମୁକ୍ତା ହେଲା, ଭଗବାନ ହିଁ ଜାଣନ୍ତି ।

ଆଲୋଚନା ଚାଲିଥିଲା, କେତେବେଳେ ସେ ଦୁହେଁ ପ୍ରବେଶ କରିଥିଲେ ସ୍ୱର୍ଣ୍ଣର ଅଗଣାରେ । ବସୁ ଘର ଝଡ଼ାଝୁଡ଼ି କରି ସତରଞ୍ଜି ବିଛେଇ ଦେଇଥିଲା । ସୁରମାଷ୍ଟ୍ରେ ଉଠିଯାଉଥିଲେ ବାରଣ୍ଡା ଉପରକୁ । ସ୍ୱର୍ଣ୍ଣ ଘର ଭିତରୁ ଆସି ନମସ୍କାର କରି କହିଲା, 'ନିଷ୍କୃତି' ନାଟକଟାକୁ ବଦଳାବଦଳି କରିବାକୁ କହିଥିଲେ, ଦେଖନ୍ତୁ । ସୁରମାଷ୍ଟ୍ରେ ଖାତା ଧରି ବସିଗଲେ ଖମ୍ବ ପାଖକୁ । ନୂଆ ଅଭିନେତାମାନେ ଦୁଇ ଦିନ ଭିତରେ ଆସିବେ । ବାଦ୍ୟକାର ସେପାଖ ଖମ୍ବ ପାଖରେ ବସିଥିଲେ ତୁନିହୋଇ । ନୀରବତା ଭଙ୍ଗକରି ବାଦ୍ୟକାରେ କହିଲେ, ଇମିତି ଖାତା ଦେଖିପାରିବ ନାହିଁ ମାଷ୍ଟ୍ରେ । ରାତିରେ ଶୋଇବା ସମୟରେ ତୁମେ ପଢ଼ିବ ମୁଁ ଶୁଣିବି ।

ସୁରମାଷ୍ଟ୍ରେ ଖାତା ରଖିଦେଇ ପଚାରିଲେ, ତାହାହେଲେ, ତୁମେ କଅଣ ଗୀତ ଗାଇବାକୁ ଆଦେଶ କରୁଛ ! କିନ୍ତୁ ମନେ ହେଉଛି, କଥାଗୁଡ଼ିକ ଏତେ ଅଛି ଯେ ଗୀତ ଗାଇବା ସମ୍ଭବ ହେବନାହିଁ । ଆଜି ତ ଶୁଣାସିଲା ନାହିଁ । 'ନିଷ୍କୃତି' ନାଟକ ଘରେ ପଢ଼ାହେବ । ମୁଁ କଅଣ କହୁଥିଲି କି ଆଜ୍ଞା, ଆପଣଙ୍କର 'ବୁଦ୍ଧ ତପସ୍ୟା' ନାଟକରୁ ସେଇ ଗୋଟିଏ ଅଙ୍କ ପଢ଼ିଥିଲି, ଆଉ ତ ଦେଇନାହାନ୍ତି ।

ସ୍ୱର୍ଣ୍ଣ କହିଲା, ଇତିମଧ୍ୟରେ, କେତେବେଳେ ପୃଷ୍ଠାଏ ଅଧେ ଲେଖି ନାଟକ ଶେଷ କରିଦେଲିଣି । ଆପଣ ସେ ଦିନ ବୁଦ୍ଧଙ୍କ ବାଣୀ ସିମିତି ସହଜଭାବରେ ପଢ଼ିଲେ, ମୋର ମନେହେଲା ସତେ ସିମିତି ବୁଦ୍ଧଦେବ ହିଁ କଥା କହୁଛନ୍ତି । ଆପଣ ବୁଦ୍ଧଙ୍କ ଭୂମିକାରେ ଯେ—"

ସୁରମାଷ୍ଟ୍ରେ ହାତଯୋଡ଼ି ଦେଇ କହିଲେ, ଆଜ୍ଞା, ସେ ଶୁଦ୍ଧବୁଦ୍ଧ ମହାମାନବଙ୍କ କଥା । ଆମେ ସବୁ ତୁଚ୍ଛ ମନୁଷ୍ୟ । ତାଙ୍କର ପ୍ରତୀକ ହେବା ଆମପକ୍ଷେ ସମ୍ଭବ ନୁହେଁ । ବରଂ ମତେ ନାରଦ ଫାରଦ ଇମିତି କିଛି ଗୋଟାଏ ନାମ ଦେଇ ଡାକନ୍ତୁ । ଥରେ 'ଧ୍ରୁବ ତପସ୍ୟା' ନାଟକ ଅଭିନୀତ ହୋଇଥିଲା । ନାରଦ ଭୂମିକାରେ ଅଭିନୟ କରିବାକୁ ପଡ଼ିଥିଲା । ମନେ ହେଉଥିଲା, ଅଭିନୟ କରୁନାହିଁ । ଏକାଥରକେ ନାରଦ ହୋଇଯାଇଛି । ନାଟକ ଶେଷ ହେବାପରେ

ଦର୍ଶକମଣ୍ଡଳୀ ବଡ଼ ଆଦରରେ କୁଣ୍ଢେଇ ଧରି ପକେଇଥିଲେ । ଆମ୍ଭ ପ୍ରଶଂସା କରୁଛି ବୋଲି ଭାବବେ ନାହିଁ ଆଜ୍ଞା, ଏବେ ମଧ୍ୟ ସେକଥା ମନେ ପଡ଼ିଗଲେ ସର୍ବାଙ୍ଗ ଶିହରି ଉଠୁଛି । ଏ ସ୍ଥାନର ଲୋକେ ଆମ ନାଟକ ଦେଖିବେ ବୋଲି ମୋର ଆଶା ଆଉ ବିଶ୍ୱାସ ହେଉଛି ।

ଏ କଥା ତ ମାଷ୍ଟ୍ରେ କଥା କହିବା କିମ୍ବା ଗୀତ ଗାଇବା କାର୍ଯ୍ୟ ନୁହେଁ, ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ରଙ୍ଗମଞ୍ଚ । ତା ପାଖକୁ ନାଟ୍ୟୋପଯୁକ୍ତ ଉପକରଣର ଆୟୋଜନ । ପୁଣି ଏସବୁ ହେଉଛି, ଟଙ୍କା ପଇସାର ବିଷୟ । ତେଣୁ ସେଇଁ ପୁଅଙ୍କୁ ନ ଜଣେଇ ଆମେ ଆଉ ପଦେ ଅଗ୍ରସର ହୋଇପାରିବା ନାହିଁ । ଜାଣୁଛି, ଟଙ୍କା ହଜାରେ ଖରଚ କରିଦେଲେ ସୁନ୍ଦର ପେଣ୍ଡାଲଟିଏ ହୋଇଯିବ । ତାପରେ, ସ୍ଥାନୀୟ ସାହିତ୍ୟପ୍ରେମୀମାନେ ନାଟକ ଲେଖି ସେ ଘରେ ଅଭିନୟ କରିପାରନ୍ତି । ବୁଝିଲ ମାଆଲକ୍ଷ୍ମୀ ! ତୁମ ହାତରେ ଏଠି ଗୋଟିଏ ନାଟକ ଘର ହୋଇଗଲେ କଥା ରହିଯାଆନ୍ତା । କାଳକ୍ରମରେ ଶହକେ ଜଣେ ହେଲେ ଏ କଥା ସ୍ମରଣ କରନ୍ତେ; ମାତ୍ର ମାଆ ଗୋ, ତୁମେ ଆଶା କରନାହିଁ ଯେ ସାଥୀ ସଙ୍ଗାତୁଣୀମାନେ ତୁମର ନାଟକ ଦେଖି ତୁମକୁ ଧନ୍ୟ ଧନ୍ୟ କରିବେ । ଆମ ସମାଜ ସେଇ କୂପ ପୁଷ୍କରିଣୀ ଖୋଳା କାର୍ତ୍ତି ପାଖରେ ରହିଛି । ସାହିତ୍ୟ ଅନୁଷ୍ଠାନ ପ୍ରତି ଆମର ଅନୁଗ୍ରହ କିମ୍ବା ଆଗ୍ରହ ଜାତ ହୋଇନାହିଁ ।

ସୁରମାଷ୍ଟ୍ରେ ଗମ୍ଭୀର ହୋଇ ହିଁ କହିଲେ, ତୁମେ ତ ଦେଖିଲ ବଡ଼ ବଡ଼ ସହରମାନଙ୍କର କୂଅ ପୋଖରୀ ମାଟିରେ ପୋତି ହେଲାଣି । କଳରୁ ଜଳ-ଧାରା ଝରୁଛି ଅଜସ୍ର । ବିଜୁଳି ଶକ୍ତିର ସାହାଯ୍ୟରେ ଅସମ୍ଭବ ହେଉଛି ସମ୍ଭବ । ପୁରାଣ ଯୁଗରେ ଧ୍ୟାନରେ ବସି ଋଷିମାନେ ଲକ୍ଷେ ଯୋଜନର ବାର୍ତ୍ତା ଶୁଣି ପାରୁଥିଲେ, ସେ କଥା କେବଳ ତପସ୍ୱୀମାନଙ୍କ ଭିତରେ ସୀମାବଦ୍ଧହୋଇ ରହିନାହିଁ । ଏ ଯୁଗରେ ବଡ଼ ସହରର ବଡ଼ ଘରମାନଙ୍କରେ ରେଡ଼ିଓ ଯନ୍ତ୍ର ସେ କାର୍ଯ୍ୟ କରୁଛି । ସଂସାରର ସବୁ ଅସ୍ଥାୟୀ ଜିନିଷ ଭାଙ୍ଗି ଯାଇପାରେ । ପୋଖରୀ ପୋତି ହୋଇପାରେ । ମାତ୍ର ଅକ୍ଷୟ କୀର୍ତ୍ତି ଅକ୍ଷୟ ହୋଇ ରହିଥିବ । ସେ କାଳେ କାଗଜ ନ ଥିଲା । ତାଳପତ୍ରରେ କି ଶାଳପତ୍ରରେ ଋଷିମାନେ ଲେଖି ଦେଇଥିଲେ । ତାର ଆକାର ପ୍ରକାର କିମିତି ଥିଲା, ଏକଥା ଆମେ କହିପାରିବା ନାହିଁ । ସେଗୁଡ଼ିକ ପରମ୍ପରାକ୍ରମେ ଶୁଣି ଶୁଣି ହୋଇଆସୁଛି । କାଳକ୍ରମେ ଆହୁରି ସୁନ୍ଦର ଆହୁରି ଶୁଭ୍ର ହୋଇଯିବ । ଏସବୁ ପୁରାଣ ଶାସ୍ତ୍ର ଯେଉଁ ସମୟରେ ରଚିତ ସେ ସମୟରେ ଯଶ ପିପାସୁ ଲୋକେ କଅଣ କୂପ ପୁଷ୍କରିଣୀ ଖନନ କରାଇ ନ ଥିବେ ? ସେ ସମସ୍ତ କୀର୍ତ୍ତିର ଚିହ୍ନ ନାହିଁ । ଅଛି କେବଳ ଧ୍ୱନିଟି ।

ବାଦ୍ୟକାର ଆବେଗଭରା କଣ୍ଠରେ କହିଲେ, ମୋ ମାଆ ଯେ ସ୍ତ୍ରୀ ଜନ୍ମ ପାଇଛନ୍ତି ମାଷ୍ଟ୍ରେ ! ତେବେ ଏଇ ଜ୍ଞାନବୀଜଟି ମାଆଙ୍କ ହୃଦୟ କ୍ଷେତ୍ରରେ କେତେବେଳେ କିମିତି ବପନ ହେଲା ସେଇ କଥା ହିଁ ଭାବୁଛି । କହୁ କହୁ ବାକ୍‌ରୋଧ ହୋଇଗଲା ବାଦ୍ୟକାରଙ୍କର । ସେ ମଥା ନୁଆଇଁ ପୋଛିଦେଲେ ସ୍ୱେଦର ଅଗରେ ।

ଅଶ୍ରୁ ସଜଳ ହୋଇଉଠିଲା ସୁନ୍ଦରର ଆଖି ଦୁଇଟି । ବନ୍ଧୁହୀନ ହେଲା ଶନ୍ତାପ୍ତିନଜା ଭିତରେ ସେ ବଡ଼ ଅସ୍ୱସ୍ତି ବୋଧକରୁଥିଲା ବୋଧହୁଏ । ଆଜନ୍ମରୁ ତ ଦୁଃଖ ସହିବା ତାର ଅଭ୍ୟାସ । ସୌଭାଗ୍ୟର ରୂପ ଧରି ଦୁଃଖ ଯେତେବେଳେ ଆସିଛି, ତାକୁ ଆହୁରି ଟିକିଏ ନିବିଡ଼ କରି ଅନୁଭବ କରିବାକୁ ହେବ । ତାହା ହିଁ ଯେ ତାର ଆନନ୍ଦ ! ନିମିଷକରେ ସାରବତା ଭାଙ୍ଗି ସେ କହିଲା, ଆପଣ ଇମିତି ଭାଙ୍ଗିପଡ଼ିଲେ ହେବନାହିଁ ବାଦ୍ୟକାରେ । ଏଥିପାଇଁ କୌଣସି ପ୍ରତିଜ୍ଞା ମଧ୍ୟ କରିବାନାହିଁ । ଆମର ନାଟକ ଅଭିମତ ହେବ, ନାଟକ ଘର ମଧ୍ୟ ତିଆରି ହେବ । ଆପଣମାନେ ମୋର ସମ୍ମୁଖରେ ରହି ସବୁ କରିଯିବେ । ଅର୍ଥ ସମ୍ବନ୍ଧରେ ଯାହା ଲାଗିବ, ଆମେ ବ୍ୟସ୍ତ କରିବା ।

ବାଦ୍ୟକାର ସହଜ ହୋଇ ବସିପଡ଼ି କହିଲେ, ମାଷ୍ଟ୍ରେ ! ଅନ୍ଧାର ହୋଇ ଆସିଲାଣି । କଥା ତ ଅନେକ ଚାଲିଲାଣି, ଏଥର ଗୀତ ଗୋଟିଏ ବୋଲ ।

ସୁରମାଷ୍ଟ୍ରେ ହାରମୋନିୟମ୍‌ଟାକୁ ପାଖକୁ ଆଣୁ ଆଣୁ କହିଲେ, ତୁମର ହୃଦୟଟା ଏଡ଼େ କରୁଣ-କୋମଳ ବୋଲି ତ ଜାଣି ନ ଥିଲି । କଥା କହୁ କହୁ ଆଖିରେ ଅଶ୍ରୁ ସଞ୍ଚରି ଯାଉଛି ।

ସନ୍ଧ୍ୟାର ଅନ୍ଧକାର ଗାଢ଼ ହୋଇଆସୁଥିଲା ଧୀରେ ଧୀରେ । ମେଘଶୂନ୍ୟ ଆକାଶରେ ଫୁଟିଉଠୁଥିଲେ ଗୋଟି ଗୋଟି ହୋଇ ନକ୍ଷତ୍ରରାଜି । ସେପାଖ ବାରଣ୍ଡା ତଳୁ ରଜନୀରାଣୀର ମଧୁର ଗନ୍ଧ ବହି ଆସୁଥିଲା ଶରତର ସାନ୍ଧ୍ୟସମୀରଣ ସହିତ । ଏତିକିବେଳେ ବିଶୁ ଲଣ୍ଠନ ଧରି ଆସି କହିଲା—ଗୀତ ଗୋଟିଏ ଗାଆନ୍ତୁ ଆଜ୍ଞା !

ସୁରମାଷ୍ଟ୍ରେ ନୂଆ ଗୀତ ଗୋଟିକରେ ମନେ ମନେ ଗୋଟାଏ ସୁର ଦେଉଥିଲେ । ସେ ବିଶୁକୁ ଚାହିଁ କହିଲେ, ତୁମେ ତ ଆମର ଆଲୋକଦାତା ବିଶୁ ! ତୁମ ହାତର ଚା’ ଟିକଏ ନ ହେଲେ ଗୀତାଦେବୀ ଆସିବେ ନାହିଁ; ବୁଝିଲ ! ବିଶୁ କହିଲା, ଚା’ ବସେଇ ଦେଇ ଆସିଛି, ଏହିକ୍ଷଣି ଧରି ଆସିବି । ଗୀତ ଆରମ୍ଭ ହେଉ ।

ସୁରମାଷ୍ଟ୍ରେ ସ୍ୱର୍ଣ୍ଣ ଆଡ଼କୁ ଅନେଇ ପଚାରିଲେ, ବରଜ ମାହାପାତ୍ରେ କଲ୍ୟାଣୀକୁ ଶିଖେଇବା ଗୀତଟାକୁ ଆରମ୍ଭ କରିବା କି ଆଜ୍ଞା ! ସ୍ୱର୍ଣ୍ଣ ଟିକଏ ଚିନ୍ତାକରି କହିଲା, ମୋର ତ ମନେ ହେଉନାହିଁ । କହିଲେ ବିଶ୍ୱାସ କରିବେନାହିଁ, ମନେହୁଏ, ଆପଣମାନେ ଲେଖି ଆଣୁଛନ୍ତି । ମୁଁ ଶୁଣୁଛି । ସୁରମାଷ୍ଟ୍ରେ ହସିଉଠି କହିଲେ, ମୁଁ ମଧ କବିତା ଲେଖିଥିଲି ଆଜ୍ଞା ! ଅନ୍ୟ ସମୟରେ ସ୍ମରଣ କରି ସେଥିରୁ ଗୋଟାଏ ଆବୃତ୍ତି କରିବି । ଆଜି ସେ ମହାପାତ୍ରଙ୍କ ଶରତ୍‌ବର୍ଣ୍ଣନା ଗୀତଟାରେ ବିଶୁକୁ ତୃପ୍ତ କରିଦେବା ।

ଏଇ ଏତିକି ସମୟରେ ବିଶୁ ଚା’ ତିନି କପ୍ ଆଣି ହାତକୁ ବଢ଼େଇଦେଲା । ଚା’ ଖାଉ ଖାଉ ସୁରମାଷ୍ଟ୍ରେ କହିଲେ, ବିଶୁ ନ ଥିଲେ ଏ ଘରଟା କିମିତି ଚଳନ୍ତା, ତାହା ହିଁ ଭାବୁଛି ବାଦ୍ୟକାରେ ! ଏଇ ବିଶୁଙ୍କ ସାହାଯ୍ୟରେ ହିଁ ଆମର ଏ ନାଟକ କାର୍ଯ୍ୟ ଆରମ୍ଭ ହୋଇଛି । ଆଉ ତାଙ୍କରି ଇଚ୍ଛାରେ ନାଟକ ସାଫଲ୍ୟମଣ୍ଡିତ ହୋଇଯିବ । ବିଶୁ ମୁହଁ ଫେରେଇ ନେଇ ଲଜ୍ଜିତ ଭାବରେ ହିଁ କହିଲା, ମୁଁ ସେ ଆଡେ ଡାଲି ବସେଇଦେଇ ଆସୁଛି ଆଜ୍ଞା, ଆପଣ ଆରମ୍ଭ କରନ୍ତୁ ।

ବାଦ୍ୟକାର ବିରକ୍ତ ହୋଇ କହିଲେ, ଏକାଗ୍ର ଚିତ୍ତରେ ଗୀତଟି ଗାଇଥିଲେ ସିନା ହୃଦୟ ଭିତରଟା ଭକ୍ତିରସରେ ସିକ୍ତ ହୋଇ ଉଠିଥାନ୍ତା ! ଏ ସମୟଟାକୁ ଚା’ ଖାଇ ବସିଲ ।

ସୁରମାଷ୍ଟ୍ରେ ବାଦ୍ୟକାରଙ୍କ କଥାର ଉତ୍ତର ନ ଦେଇ ଚା’ଟାକୁ ଚକ ଚକ କରି ପିଇଦେଲେ । ଗୀତ ଆରମ୍ଭ ହେଲା—

ଦେଖ-ଦେଖ ସଜନୀ ରେ ଶରତ ହସି,
ନୀଳ ଗଗନରେ ଶଶୀ ଯାଉଛି ଭାସି ।
ହିର ହିର ହୋଇଯାଏ ସମୀର ବହି,
ଅଶୁଣା ସମ୍ବାଦ ଅବା ଯାଉଛି କହି
ପ୍ରିୟତମ ମୁଖଛବି ଯାଉଛି ହସି । ୨ ।
ଶେଫାଳି ସୁମନୁ ଆସେ ସୌରଭ ଝରି,
ସେ ପରଶ ପାଇ ଅଙ୍ଗ ଉଠୁଛି ଥରି,
ସତେ ଅବା ପ୍ରାଣପ୍ରିୟ ଦିଅନ୍ତି ସ୍ପର୍ଶି । ୩ ।
ଶରତ ବସନ୍ତ ଆଜି ଏକଜ ହୋଇ,
ଅନାଦି କାଳର ଗୀତ ଯାଆନ୍ତି ଗାଇ,
ଶୁଣି ସେ ସଙ୍ଗୀତ ଉଠେ ହୃଦ ସରସି । ୪ ।
ସଂସାରର ସୁଖ ଦୁଃଖ ଅଛି ଯା ବାକି
କାଲି କି କରିବା ଚିନ୍ତା ମୋ ପ୍ରିୟ ସଖି,
ଆଜିକି ବନ୍ଦନାଗୀତ ଗାଇବା ବସି । ୫ ।

ସ୍ୱର୍ଣ୍ଣ ନିଦରୁ ଉଠିଲା ପରି ଆଖି ଖୋଲି ଚାହିଁ କହିଲା, ଏଇ ଯେ ପ୍ରାଣର ନିବେଦନ, ସେ ପୁଣି ଧ୍ୱନି ରୂପ ଧରି ଅନ୍ତରାତ୍ମାକୁ ସ୍ପର୍ଶକରି ସୁପ୍ତ ଚିନ୍ତାକୁ ସଜାଗ କରିଦେଉଛି । ଏ କଥା ମୁଁ କେଉଁ ଶବ୍ଦ ଦେଇ ବାକ୍ୟ ଗଢ଼ି ପ୍ରକାଶ କରିବି ? ଆପଣମାନେ ଦେଖିଥିବେ,

ହାଣ୍ଡି ଭଳି ସୋରଷଗଛର ଗଜା ଲମ୍ବା ହୋଇ ଦୁଇ ଗଡ଼ ହେଉ ହେଉ ତା'ର ସେ ମରିଯାଏ । ମୋ ଅବସ୍ଥା ତାହା ହିଁ ହୋଇଥାନ୍ତା, ଏଇ କଥା ବୋଧହୁଏ ଥରେ କହିଥିଲି । ଆପଣମାନେ ସେ ପ୍ରାଣହୀନ ଅଙ୍କୁରଟାକୁ ଅଲୋକ-ଉତ୍ତାପ ଦେଇ ପ୍ରାଣବନ୍ତ, ପଲ୍ଲବିତ, ପୁଷ୍ପିତ କରିଦେଲେଣି ।

ସୁରମାଷ୍ଟ୍ରେ ହସିଦେଇ କହିଲେ, କିଏ ଆପଣଙ୍କର ହୃଦୟବନକୁ ପଲ୍ଲବିତ କରୁଛି, ସେ କଥା କଣ୍ଢୀ ହିଁ ଜାଣନ୍ତି । ସେ ତଉପଦ୍ମରେ ବସି ଦେଖୁଥିବେ; କିଏ କଅଣ କରୁଛି ।

ବନ୍ଧୁ ଗୀତ ଶେଷ ହେଉହେଉ ଚାଲିଯାଉଥିଲା । ବାଦ୍ୟକାର କଅଣ ଗୋଟାଏ କହିବାକୁ ଉଦ୍ୟମ କରୁଥିଲେ, ପରମାନନ୍ଦ ବାହାରୁ ଆସି ଚାଲିଗଲେ ବାରିପାଖ ଆଡ଼କୁ । ବାଟଘର ଆଡ଼କୁ ଅନେଇଁ ବାଦ୍ୟକାର କହିଲେ, ଦେଖିଲ ମାଷ୍ଟ୍ରେ ! ଗୋସେଇଁପୁଅ ଆସିଲେ, କଅଣ କରୁଛ ବୋଲି ପଚାରିବାକୁ ମଧ୍ୟ ତାଙ୍କର ସମୟ ନାହିଁ । ସ୍କୁଲ ଏଥର ଯିବା । ମିସ୍ତ୍ରୀ ସାଙ୍ଗରେ ଟିକିଏ ବନ୍ଦୋବସ୍ତ କରିବାକୁ ହେବ । କେତେ ବାଉଁଶ, କେତେ ନଡ଼ା, ଇଟା ଇତ୍ୟାଦି ଲାଗିବ । ସେଥିକି ଦେଖି ଲେଖା ଗୋଟିଏ ଯୋଡ଼ିବାକୁ ହେବ । ମା' ଲକ୍ଷ୍ମୀ, ତୁମେ ଗୋସେଇଁପୁଅଙ୍କୁ କହିବ । ମାଷ୍ଟ୍ରେ ଯିବେ ପୁରୁଣା ଆଖଡ଼ାଘରର ପଡ଼ିଆଟା ମାପ କରି ଆସିବେ । ମୁଁ ଏଆଡ଼େ ଆସିଛି ।

ଦୁଇ ନାଟ୍ୟକାରଙ୍କ ସହିତ ନାଟକ ସମ୍ବନ୍ଧରେ ଆଉ କିଛି ସମୟ ଆଲୋଚନା କରି ସ୍ୱର୍ଣ୍ଣ କହିଲା, ଏହାପରେ ଆଉ କଅଣ ଲେଖିବା ? ସୁରମାଷ୍ଟ୍ରେ କହିଲେ, ଆଉ କଅଣ ଲେଖିବେ ବୋଲି ପଚାରୁଛନ୍ତି ଆଜ୍ଞା ! 'ବୁଦ୍ଧ ତପସ୍ୟା'ଟା ଅଧା ହୋଇପଡ଼ିଛି । ସେଇଟାକୁ ଆଗ ସମାପ୍ତ କରନ୍ତୁ । ଆଉ ଗୋଟାଏ କଥା ମୁଁ ଭାବୁଥିଲି ଆଜ୍ଞା ! ଆମର ଏଇ 'ନବସ୍ମୃତି' ଅଭିନୟ ସଙ୍ଗେସଙ୍ଗେ କଅଣ ହେଲେ ଗୋଟାଏ ପୌରାଣିକ ନାଟକ ଦେଖେଇଲେ ଭଲ ହୁଅନ୍ତା । 'ଧ୍ରୁବ ତପସ୍ୟା'ଟି ହେଲେ କମିତି ହୁଅନ୍ତା ବାଦ୍ୟକାରେ ?

ସ୍ୱର୍ଣ୍ଣ କହିଲା, ଆପଣ ମନେ ମନେ 'ଧ୍ରୁବ' କଥା ଭାବୁଥିଲେ, ଏଣେ ମୁଁ 'ଧ୍ରୁବ ତପସ୍ୟା' ଲେଖିସାରିଛି । ସୁରମାଷ୍ଟ୍ରେ ବିସ୍ମିତ ହୋଇ କହିଲେ, କଅଣ କହୁଛନ୍ତି ଇତିମଧ୍ୟରେ ? ଧ୍ରୁବ ନାଟକ ଲେଖିସାରିଲେଣି—"

"ଲେଖି ତ ସାରିନାହିଁ, ଶେଷ ଦୃଶ୍ୟ ଶେଷ କରିବାକୁ ବାକି ଅଛି ।" ସ୍ୱର୍ଣ୍ଣ ଏ କଥା କହିବା ସମୟରେ ସୁରମାଷ୍ଟ୍ରେ କହିଲେ, ଶେଷଟା ଚମକପ୍ରଦ କରିବାକୁ ହେବ ଆଜ୍ଞା ! ଆପଣଙ୍କ ଚିନ୍ତାସ୍ରୋତ ବେଗଗାମୀ ନଦୀପରି ଗତି କରୁଛି । ଏଇ ଆବେଗଟି ଜୀବନର ଶେଷକ୍ଷଣ ପର୍ଯ୍ୟନ୍ତ ସ୍ଥାୟୀ ହେଉ, ଏହା ହିଁ ପ୍ରାର୍ଥନା । ଯିବା ଯିବା ବୋଲି ତ ବସିରହିଛେ, ଏଥର ଉଠ ବାଦ୍ୟକାରେ !

ସୁରମାଷ୍ଟ୍ରେ ଏବଂ ବାଦ୍ୟକାରେ ଯିବାପରେ ସ୍ୱର୍ଣ୍ଣ ବାରଣ୍ଡା ଆଡ଼କୁ ଯାଇ ଦେଖିଲା, ପରମାନନ୍ଦ ଆରାମ ଚଉକି ଗୋଟାକରେ ବସି ଔଷଧୀୟ ଦ୍ରବ୍ୟର ତାଲିକା କରିବାରେ ଲାଗିଛନ୍ତି । ସ୍ୱର୍ଣ୍ଣ ବେଞ୍ଚ ଉପରେ ବସି କହିଲା, ଶୁଣିଲଣି, ସୁରମାଷ୍ଟ୍ରେ ନାଟକଘର ତିଆରି କରିବେ ବୋଲି ଆୟୋଜନ କରୁଛନ୍ତି । ପରମାନନ୍ଦ ଔଷଧ ତାଲିକାଟାକୁ ବହି ଭିତରେ ରଖିଦେଇ ଟିକିଏ ନିଶ୍ଚିନ୍ତରେ ବସିପଡ଼ି କହିଲେ, ନାଟକ କରାଇବାକୁ ହେଲେ ତ ନାଟକଘର ଗୋଟାଏ କରିବାକୁ ହେବ । ତା ପରେ, ଏମାନେ ତ ସବୁ ଦିନ ପାଇଁ ଏଠି ବସି ରହିବେନାହିଁ । ସୁରମାଷ୍ଟ୍ରେ ଏ ସବୁ ବିଷୟରେ ଶକ୍ତିଶାଳୀ ଲୋକ । ଏକାଧିକ ଭାଷା ଉପରେ ତାଙ୍କର ଦଖଲ ଅଛି । ବର୍ମାରେ ଥିବା ସମୟରେ ଅଭିନୟ କରି ଯଶ ସଙ୍ଗେ ସଙ୍ଗେ ଅର୍ଥ ମଧ୍ୟ ଉପାର୍ଜନ କରିଥିଲେ, ବାଦ୍ୟକାରେ କହୁଥିଲେ, ତାଙ୍କର ଯୋଗ୍ୟପୁଅ ଦୁଇଟିଙ୍କୁ ନେଇ କଲିକତା ଚାଲିଯିବେ । ଯେତେ ଦିନ ଅଛନ୍ତି, ଏଇ ସୁଯୋଗରେ ତୁମର ନାଟକ କେଇଟା ଅଭିନୟ କରାଇ ଦିଅ ।

ସ୍ୱର୍ଣ୍ଣ କରୁଣ ଦୃଷ୍ଟିରେ ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲା, ତୁମେ ତ ଅତି ସହଜଭାବରେ ନାଟକ ଅଭିନୟ କରାଇ ଦିଅ ବୋଲି କହିଦେଲ, କିନ୍ତୁ ହେବ କମିତି ! ଅନ୍ୟ

କେହି ସିନା ଜାଣିନାହିଁ । ତୁମେ ତ ମୋର ଜୀବନ-ଇତିହାସ ଜାଣିଛ । ଏଇକ୍ଷଣି ମୁଁ ସେଇ କଥା ହିଁ କହୁଥିଲି । ରୋଷେଇଘର ହାଣ୍ଡିତଳ ସୋରିଷଗଜା ପରି ମୋ ଜୀବନର ଇତିହାସ । ମୋର ସୃଷ୍ଟିର ଅଙ୍କୁର ମଧ୍ୟ ଥିଲା ସେଇ ଦଶାରେ । ମନ୍ତ୍ର ବଳରେ ବର୍ଦ୍ଧିତ ହେଲା ପରି ସେ ଏବେ ନନ୍ଦନବନରେ ପାରିଜାତ ହୋଇ ଉଠିଲାଣି । ତାକୁ ଆଉ ଥରେ ସମୂଳେ ଉତ୍ପାଟନ କରିଦେବାକୁ ଇଚ୍ଛା ହେଉନାହିଁ; କିନ୍ତୁ ନାଟକ ଘର କରିବା ଭାର ନେବ କିଏ ?

ଘର ତିଆରି କରିବା ଭାର ତୁମେ ହିଁ ନେବ । ତୁମର ସହାଯ୍ୟକାରୀ ଦୁହେଁ ତିଆରି କରାଇବେ । ମତେ କେତେବେଳେ କଅଣ ପଚାରିବ; କିନ୍ତୁ ମୁଁ ପ୍ରତ୍ୟକ୍ଷରେ ଘର ତିଆରି କରିବା ଭାର ନେବନାହିଁ । ଟଙ୍କାପଇସା ତ ତୁମ ହାତରେ ଅଛି, ଆରମ୍ଭ କରାଅ । ଅନ୍ତରର ଏକାଗ୍ରତା ହିଁ ମନୁଷ୍ୟକୁ କର୍ମପଥରେ ଅଗ୍ରସର କରାଇଦିଏ । ମନୁଷ୍ୟ ସମସ୍ତ ପ୍ରକାର ସନ୍ଦେହମୁକ୍ତ ହୋଇ କାର୍ଯ୍ୟକରିବା ଉଚିତ । ଏଇ କଥା ହିଁ ଶୁକ ଏଇ ସେ ଦିନର ଚିଠିରେ ଲେଖିଥିଲା । ଚିଠି ଦେଖ । ପରମାନନ୍ଦ ପକେଟରୁ ଚିଠି ବାହାର କରି କହିଲେ, ମନଦେଇ ଶୁଣ । ଶୁକ ଲେଖିଚି, "ଏକାଗ୍ରଚିତ୍ତରେ ଧ୍ୟାନରତ ନ ହେଲେ, ଆଖି ପଲକରେ ଜ୍ଞାନଦେବତା ଅନ୍ତର୍ହିତ ହୋଇଯାଆନ୍ତି ଅନ୍ତଃକରଣରୁ । ଆମେ ଅନ୍ଧ ମନୁଷ୍ୟ; ସେ ହଜିଗଲେ ତାଙ୍କୁ ପୁଣି ପାଇବାକୁ ବ୍ୟାକୁଳ ନ ହୋଇ ସାଂସାରିକ ସୁଖ ପ୍ରତି ଆସକ୍ତ ହୋଇ ପୁତ୍ର-ପରିବାରକୁ ପ୍ରୀତ କରିବାକୁ ସର୍ବଦା ବ୍ୟାକୁଳ ହୋଇଉଠୁ । ଆମର ମନ ମୋହାଚ୍ଛନ୍ନ ହୋଇଯାଏ । ମନେହୁଏ, ଆମେ ନ ଥିଲେ, ପୁତ୍ରକନ୍ୟା, ଅକୂଳ ସମୁଦ୍ରରେ ଭାସିଯାଆନ୍ତେ । ମହତ୍ କର୍ମରୁ କ୍ଷୁଦ୍ରତା ଭିତରକୁ ଆସି ଜୀବନର କର୍ତ୍ତବ୍ୟ କରୁଛି ବୋଲି ଆପଣାକୁ ଆପେ ସାନ୍ତ୍ୱନା ଦେଉଁ । ଏ କଥା ଏଇଠି ମୁଁ କାହିଁକି ଲେଖିଲି, ତୁମେ ଚିନ୍ତାକଲେ ଜାଣିପାରିବ । ତୁମେ ସମୟ ସମୟେ ମହତ୍ କାର୍ଯ୍ୟ ପ୍ରତି ଔଦାସୀନ୍ୟ ପ୍ରକାଶ କରି ଲେଖୁଛ ଆପଣା କର୍ତ୍ତବ୍ୟରେ ହେଳା ହେଉଛି କି ବୋଲି । ସାଧାରଣ ସ୍ତ୍ରୀ କିମ୍ବା ପୁରୁଷ ଏ କଥା କହିପାରନ୍ତି; କିନ୍ତୁ କେତୋଟା ସୋପାନ ଉପରକୁ ଉଠିଗଲାପରେ, ସେଠି ବଡ଼ କାର୍ଯ୍ୟଟି ହିଁ ତାର ଜନ୍ମ ଏବଂ ଜୀବନ ଚରିତାର୍ଥ କରିଥାଏ । ସେ କର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟରୁ ଅତୀତ । ଯୁଧିଷ୍ଠିର ମହାରାଜା ଯଦି ସ୍ୱର କର୍ତ୍ତବ୍ୟ ପାଳନ କରିଥିଲେ, ତେବେ ମଧ୍ୟ ତାହା ଆପଣାର କର୍ତ୍ତବ୍ୟ ବୋଲି ସ୍ଥିରକରି ପ୍ରଜାପାଳନ କରିପାରି ନ ଥିଲେ, ତେଣୁ ସେ ରାଜ୍ୟ-ରାଜପଣ ଛାଡ଼ି ଚାଲିଗଲେ ହିମାଳୟକୁ ।

"ଶୁଣିଲ ତ ଶୁକବୋଉ ! ଏ ଚିଠି ତ ପଢ଼ିଛ । ଶୁକ ମୁହଁରୁ ଏ କଥା ଶୁଣିଲାଠୁ ମୋ ମନ ଶକ୍ତିଶାଳୀ ହୋଇଉଠିଛି । ତୁମର ପରମସୌଭାଗ୍ୟ ଯେ ତୁମକୁ ଉପଦେଶ ଦେଉଛି ତୁମର ପୁଅ ।"

ସ୍ୱର୍ଣ୍ଣ ପରମାନନ୍ଦଙ୍କ ହାତ ଧରି ପକେଇ କହିଲା, ପୁଅ ଯେ ତୁମର, ଆଉ ମୁଁ ମଧ୍ୟ ତୁମର । ପରମାନନ୍ଦ ଗାଢ଼ ଆଲିଙ୍ଗନପାଶରେ ଆବଦ୍ଧ କରିଦେଲେ ସ୍ୱର୍ଣ୍ଣକୁ ।

× × × ×

କାର୍ତ୍ତିକ ପୂର୍ଣ୍ଣିମାକୁ ବାକିଥିଲା ଚାରି ଦିନ । ସନ୍ଧ୍ୟା ସମୟ । କୁଆଡ଼ୁ ଆସିଲା ଗୋଟାଏ ପ୍ରବଳ ପବନ; ତା' ସହିତ ଅଜାଡ଼ି ହୋଇଗଲା ବର୍ଷା ଜଳ । ସେତିକିବେଳକୁ ଆଖଡ଼ା ପଡ଼ିଆରେ ନାଟକଘରର ଭିତ୍ତିଖୋଳା କାମ ଚାଲିଥିଲା । ମେଘ ଆସିବା ଦେଖି ମୂଲଆମାନେ କାମ ଛାଡ଼ିଦେଇ ଚାଲିଗଲେ । ବାଦ୍ୟକାର ଆଉ ସୁରମାଷ୍ଟ୍ରେ ସେ ଦିନ ସ୍ୱର୍ଣ୍ଣ ପାଖକୁ ନ ଯାଇ ବସାକୁ ଫେରିଗଲେ ଏ ଅବସ୍ଥା ଦେଖି । ଦୁଇ ବନ୍ଧୁ ଦାଣ୍ଡପିଣ୍ଡାରେ ଠିଆହୋଇ ଅନେଇଁଲେ, ଆକାଶରୁ ପାଣି ଅଜାଡ଼ି ହୋଇଯାଉଛି । ବାଦ୍ୟକାର ଟିକିଏ ଗମ୍ଭୀର ହୋଇ କହିଲେ, ବୁଝିଲ ନା ମାଷ୍ଟ୍ରେ ! ଆମ ଭାଗ୍ୟ କିଛି ଭଲ ନୁହେଁ । ପଚିଶ ଟଙ୍କାରୁ ବେଶି ଲାଗିଥିବା ଇଟା ଭାଟିଟା ବସାହୋଇଯାଇଥିଲା ! କାଲିକି ପୋଡ଼ି ଦେଇଥାନ୍ତେ । ଏକାଥରକେ ସବୁଗୁଡ଼ାକ ଇଟା ମାଟିରେ ମିଶିଯିବ ।

ସୁରମାଷ୍ଟ୍ରେ ହସି ହସି କହିଲେ, ବର୍ଷା ପ୍ରବନ୍ଧ ତ ଆମ ହାତର କଥା ନୁହେଁ । ଆମେ ଆଜି କଅଣ କରିବା ? ଚାଲ, ଗୁଁ ଟିକିଏ ଚଅଳି କରି ଖାଇବା । ତା ପରେ, ନାଟକ ପଢ଼ିବା । ପଚାଶ ଟଙ୍କାର କଞ୍ଚା ଇଟା ମାଟିରେ ମିଶିଯାଇଥିବ ବୋଲି ଆଉ ଭାବିବା ନାହିଁ । ଭାବି ବସିଲେ, ଆଜିର ଏଇ ବର୍ଷାର ଆନନ୍ଦ ଅନୁଭୂତିଟି ମାଟିରେ ମିଶିଯିବ କମ୍ବା ବର୍ଷା-ବତାସରେ ମିଶି ଉଡ଼ିଯିବ । ବାଦ୍ୟକାର ଘର ଭିତରକୁ ଯାଉ ଯାଉ କହିଲେ, କେତେ ବର୍ଷରୁ ସାଇତି ରଖିଥିଲେ, ଏଇ ଆଠଣି ଟଙ୍କା ମୋ ମାଆଲକ୍ଷ୍ମୀ । ସେଥିରୁ ପଚାଶ ଟଙ୍କା ଦେଖୁ ଦେଖୁ ମାଟିରେ ମିଶିଗଲା । ଟଙ୍କାମୁଣିଟା ମୋ ହାତକୁ ବଢ଼ାଇ ଦେଇ କହିଲେ, ଏ ଟଙ୍କା ଇମିତ ଗୋଟାଏ କାର୍ଯ୍ୟରେ ଲାଗିବ ବୋଲି କେବେ ତ ଭାବି ନ ଥିଲି । ଆପଣମାନଙ୍କୁ ଦେଖି ନ ଥିଲେ, ଏଇ ବ୍ୟୟ କରିବା ଆନନ୍ଦ କେବେ ଅନୁଭବ କରି ନ ଥାନ୍ତି—

କହୁ କହୁ ଆବେଗଜଡ଼ିତ ହୋଇଗଲା ବାଦ୍ୟକାରଙ୍କ ଗଳାଟା । ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ହାତ ଧରି ଟାଣିନେଇଗଲେ ଘର ଭିତରକୁ ।

ମେଘ ଛାଡ଼ିଯାଇ ଆକାଶ ହୋଇ ଯାଇଥିଲା ନୀଳ-ନିର୍ମଳ । ଦୁଇ ତିନ ଦିନ ହେଲା ବିହାସିଲ ବନ୍ଦ ଥିଲା । ନାଟକବହି ତିଆରି କାର୍ଯ୍ୟରେ ଲାଗିଥିଲେ ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ । ଘରଟା କମିତି ଖାଲି ଖାଲି ଲାଗୁଥିଲା । ବର୍ଷା ହୋଇଯାଇ ଶୁଷ୍କ ଘରଟାକୁ ଯେପରି କି କରିଦେଇଥିଲା ରସସିକ୍ତ । ତାଙ୍କର ବିରହରେ ମନ ହୋଇଯାଇଛି ବିରହ ଆକୁଳିତ । ଯାହାଙ୍କୁ ସେ କେବେ ଦେଖିନାହିଁ, ଯାହାଙ୍କ ସ୍ୱର ସେ କେବେ ଶୁଣି ନାହିଁ, କେଉଁଠି ଅଛନ୍ତି ସେ ! ଏକାନ୍ତ ଭାବରେ ଆତ୍ମସମର୍ପଣ କରି ଧ୍ରୁବ ତାଙ୍କୁ ଦେଖିଥିଲା । ପ୍ରହ୍ଲାଦ ତାଙ୍କର କରସ୍ପର୍ଶ ଲାଭ କରିଥିଲା । ରାଧା ତାଙ୍କର ବଂଶୀଧ୍ୱନି ଶୁଣିପାରିଥିଲା । ମୀରାବାଈ ସ୍ୱପ୍ନରେ ହିଁ ତାଙ୍କର ସାନ୍ନିଧ୍ୟ ପାଇ ରସାବେଶ ହୋଇ ଉଠିଥିଲା । ସ୍ୱର୍ଣ୍ଣ ଧ୍ରୁବଠାରୁ ଅଧିକ କ୍ଷୁଦ୍ରତମ ଶିଶୁ । ସାହସ କରିବସିଛି ପରଂବ୍ରହ୍ମଙ୍କୁ ଦେଖିବା ଆଶାରେ ! ତାକୁ କଅଣ ସେ ଦେଖାଦେବେ ନାହିଁ ? ନିର୍ଦ୍ଦୟ ହୋଇ ରହିଯିବେ ଦୂରରେ !

ଏତିକିବେଳେ ପରମାନନ୍ଦ ଶୁକବୋଉ ଶୁକବୋଉ ବୋଲି ଡାକି ଡାକି ପ୍ରବେଶ କଲେ ଘର ଭିତରକୁ । ସେ ବେଞ୍ଚ ପାଖରେ ଠିଆ ହେଉ ହେଉ ସ୍ୱର୍ଣ୍ଣ ତାଙ୍କର ପାଦ ପାଖକୁ ବସିପଡ଼ି କହିଲା, ତୁମକୁ ହିଁ ମୁଁ ଖୋଜି ହେଉଥିଲି ପ୍ରାଣେଶ୍ୱର ମୋର ! ତୁମେ ମୋର ମହାଦେବ, ତୁମେ ମୋର ସକଳ ଶୁଭବରଦାତା—

ପରମାନନ୍ଦ ହସି ଉଠି କହିଲେ, ଏସବୁ କଅଣ କହୁଛ ଶୁକବୋଉ ! ମୁଁ ଯେ ତୁମରି ପରି ଜଣେ ମନୁଷ୍ୟ, ମହାଦେବ କମିତି ହୋଇପାରିବ ? ଉଠ ଉଠ ! ପାଦରେ କେତେ ଧୂଳି-ମଇଳା ଲାଗିଛି । ସେଗୁଡ଼ାକ ନେଇ ଆଉ ମୁଣ୍ଡରେ ବୋଳନାହିଁ । ତୁମେ ବରଂ ମୋର ଶୁଭଦାୟିନୀ, କଲ୍ୟାଣମୟୀ ଦେବୀ ! ମୋର କି ଇଚ୍ଛା ହେଉଛି ଜାଣ ? ମୁଁ ଭାବୁଛି, କେବେ ମରନ୍ତି ନାହିଁ; ଚିରକାଳ ତୁମର ସ୍ୱାମୀ ହୋଇ ରହି ତୁମ ହାତର ସେବା ପାଇ ମୁହଁର ସ୍ନେହ କଥା ଶୁଣିଯାଉଥାନ୍ତି । ତୁମର ଶୁଭ୍ର ସୁନ୍ଦର ହାତର ସେବା ପାଇଯାଉଥାନ୍ତି । ସ୍ୱର୍ଣ୍ଣ ତଳେ ବସି ମଥାଟେକି ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲା, "ଜନ୍ମଜନ୍ମାନ୍ତରରେ ତୁମେ ହିଁ ମୋର ସ୍ୱାମୀ ହୁଅ ପ୍ରିୟତମ ! ଯେଉଁଦିନ ପିତୃମାତୃହୀନା, ସହାୟସମ୍ବଳଶୂନ୍ୟାକୁ ଶ୍ୱଶୁର ଆଣି ତୁମ ହାତରେ ଅର୍ପଣ କରିଦେଲେ, ତୁମେ ସେ ଦିନ ହିଁ—"

ଫୁଟି ଆସୁଥିବା ଫୁଲ ଦେଖିଲେ ମନ ଯିମିତି ଆକର୍ଷିତ ହୋଇଯାଏ, ମୋ ମନ ଆକର୍ଷିତ ହୋଇ ଯାଇଥିଲା ତୁମରି ଆଡ଼କୁ । ମୋର ମୁଗ୍ଧ ପ୍ରାଣ ତୁମକୁ ଟାଣି ଆଣି ଧରିଥିଲା ହୃଦୟ ଭିତରେ ! ଏ କଥା କହି, ପରମାନନ୍ଦ ସ୍ୱର୍ଣ୍ଣକୁ ଆଉଜେଇ ନେଲେ ଛାତି ଉପରକୁ ।

ବସୁ ଅଗଣା ଭିତରକୁ ଆସିବା ସଙ୍କେତ ଦେଇ ବାରଣ୍ଡା ମୁହଁକୁ ଆସିଗଲା ଏତିକିବେଳେ । ସେ ସ୍ୱର୍ଣ୍ଣ

ଆଡ଼କୁ ଅନେଇଁ କହିଲା, ବର୍ଷାପାଣିରେ ଇଟାଭାଟିଟା ଧୋଇ ହୋଇଗଲା । ମାଟିକୁଢ଼ ଗୋଟେ ହୋଇଯାଇଛି । ମାସ୍ତ୍ରେ ହେଲା ଯାଇଥିଲେ । ଆଉ ଥରେ କାଲିଠୁ ଇଟାକାମ ଆରମ୍ଭ କରିବେ । କହିଛନ୍ତି, ସେମାନେ ଆଜି ଆଉ ଆସିପାରିବେ ନାହିଁ । କାଲି ସକାଳୁ ଆସିବେ । ମା'ଙ୍କୁ କହିଦେବାକୁ କହିଛନ୍ତି ।

ପରମାନନ୍ଦ କହିଲେ, ଶୁଣିଲ ଶୁକବୋଉ, ନା' କିଛି ଶୁଣିନାହଁ ? ତୁମର ଇଟାଭାଟିଟା ବର୍ଷାପାଣିରେ ଧୋଇହୋଇଗଲା ବୋଲି ଚିନ୍ତା କର ନାହିଁ । ଶୁକବୋଉ ! ସଂସାରଯାତ୍ରା ନିର୍ବାହ କରିବାକୁ ଗଲେ କେତେ କ୍ଷୟକ୍ଷତି ଘଟୁଛି, ତା'ର ହିସାବ କେହି ରଖୁନାହିଁ । ଏଇ କାର୍ଯ୍ୟଟା ଉପୁରି ବୋଲି ସମସ୍ତଙ୍କର ଦୃଷ୍ଟି ଆକୃଷ୍ଟ ହେଉଛି ସେଇଆଡ଼କୁ । ତୁମକୁ ମୁଁ ଗୋଟାଏ କଥା କହିରଖୁଛି । ଜୀବନରେ ତ ନିଜ ପାଇଁ କେବେ ପଇସାଟିଏ ମଧ୍ୟ ବ୍ୟୟ କରିନାହିଁ । ପଇସା ସଞ୍ଚୟ କରି ପୁରୁଣା ଘରକୁ ନୂଆ କରିଛ । ଜମିବାଡ଼ି ମଧ୍ୟ କିଣେଇଛ । ସ୍ୱାମୀ-ପୁତ୍ରଙ୍କୁ ସୁଖରେ ରଖିବା ପାଇଁ ଖରଚ କରିଛ । କେବେ ରୋଗ-ବଇରାଗରେ ମଧ୍ୟ ତୁମ ନିମନ୍ତେ ପଇସାଟିଏ ବ୍ୟୟ କରି ନାହଁ । ବୋଉ ମତେ ଯିମିତି ସେବୀ କରି ରଖିଥିଲା, ତୁମେ ମଧ୍ୟ ସେଇଆ କରି ମୋର ସେବା କରି ଆସୁଛ । ତୁମକୁ ବର୍ତ୍ତମାନ ସୁଯୋଗ ମିଳୁଛି, ଏଇ ଅବସରରେ କିଛି ଖରଚ କର ।

ସ୍ୱର୍ଣ୍ଣ ବେଞ୍ଚ ଉପରୁ ତଳକୁ ଖସିଯାଇ ବସିପଡ଼ିଲା ପୁଣି ସ୍ୱାମୀଙ୍କର ପାଦ ଦୁଇଟିକୁ ଧରି । ପରମାନନ୍ଦ କହିଲେ, ପୁଣି ତୁମେ ଆବେଗରେ ଅଧୀର ହୋଇ ଉଠିଲଣି ! ସହଜ ଭାବରେ କେତେବେଳେ କଥଣ ଟିକିଏ କହିବା ଉପାୟ ରହିଲା ନାହିଁ ଆଉ ।

ସ୍ୱର୍ଣ୍ଣ ସ୍ୱାମୀଙ୍କର ଦୁଇ ଆଣ୍ଠୁ ଭିତରେ ମୁହଁ-ଶୋଡ଼େଇ ରଖି କହିଲା, "ଏଇ ଆବେଗଟିକ ହିଁ ଯେ ମତେ ବଞ୍ଚେଇ ରଖିଛି ସେଇ ବାଲ୍ୟବୟସରୁ । ତୁମେ ମତେ ଆଶୀର୍ବାଦ ଦିଅ—ଶେଷ ଦିନ ପର୍ଯ୍ୟନ୍ତ ଏଇ ଆବେଗ-ସମ୍ପଦ ଯିମିତି ସଞ୍ଚୟ କରି ରଖିପାରେ । ଏଇ ଯେ ତୁମେ ମତେ ଏତେଗୁଡ଼ିଏ କଥା କହିଗଲ, ଏହା ତ କେବଳ କଥା ନୁହେଁ, ଏହା ମୋର ଜୀବନର ସମ୍ପଦ । ଶ୍ୱଶୁର ତ କେବଳ ବିଦ୍ୟା-ଶିକ୍ଷା ଦେଇ ନ ଥିଲେ, ଦେବସ୍ୱଭାବର ମନୁଷ୍ୟ ଜଣକ ହାତରେ ମତେ ସମର୍ପଣ କରିଦେଇଥିଲେ । ତୁମର ସେବାକରିବା ଯୋଗ୍ୟତା ଅଛି ବୋଲି ତ ଆଜି ପର୍ଯ୍ୟନ୍ତ ଭାବି ପାରୁ-ନ ଥିଲି—"

ପରମାନନ୍ଦ ସ୍ୱର୍ଣ୍ଣଙ୍କୁ ତଳୁ ଉଠେଇ ନେଇ କହିଲେ- ମୁଁ ଦେବସୁତ ନୁହେଁ ଶୁକବୋଉ ! ତୁମରି ପରି ଜଣେ ସାମାନ୍ୟ ମନୁଷ୍ୟ ମାତ୍ର ! ପୁଣି ଏଇ ମନୁଷ୍ୟଟାର ସକଳ ପ୍ରକାର ସାଂସାରିକ ସୁଖଭୋଗର ଅଭିଳାଷ ମଧ୍ୟ ରହିଛି । ସେ ଭିତରୁ ତୁମର କବିଭଟା ତାର ବଡ଼ କାମ୍ୟ ହୋଇ ଉଠିଛି । ଏ କଥା ତ ତୁମେ ଜାଣିଛ ।

ବିଶୁ ଗୋଡ଼େଇଘର ଆଡ଼ୁ ବାସନକୁସନ ଧୋଇବା ଶବ୍ଦ ଶୁଣେଇଁ ଶୁଣେଇଁ ଆସିଲା ବାରଣ୍ଡା ଆଡ଼କୁ ।

ପରମାନନ୍ଦ ବେଞ୍ଚ ଉପରୁ ଉଠିଯାଇ କହିଲେ,- ତୁମର କଥା ଶୁଣି ବାହାରୁ ଆସି ମୁହଁ ହାତ ଧୋଇବା କଥା ମଧ୍ୟ ଭୁଲିଯାଇଛି । ଯାଉଛି; ତୁମେ ମଧ୍ୟ ଉଠ । ମନୁଷ୍ୟର ସ୍ତବ-ସ୍ତୁତି ଅନେକ କରି ସାରିଲଣି । ଯାହାଙ୍କ କୃପାରୁ ତୁମର ଜ୍ଞାନ ଉନ୍ମେଷ ହୋଇଛି, ତାଙ୍କର ସ୍ତୁତି କର । ସେ କଥା ଲିପିବଦ୍ଧ ହୋଇ ରହିବ । ତୁମେ କହିବ, ମୁଁ ଶୁଣୁଥିବି । ଏ କଥାର ମୂଲ୍ୟ କିଛି ନାହିଁ ।

ସ୍ୱର୍ଣ୍ଣ କଅଣ ଗୋଟାଏ କହିବାକୁ ଯାଉଥିଲା; ବିଶୁ କହିଲା, ରନ୍ଧା ହୋଇଗଲାଣି । ସ୍ୱର୍ଣ୍ଣ ତଳୁ ଉଠିପଡ଼ି କହିଲା, ଭାତ ବାଢ଼ି ରଖେ ବିଶୁ । ଏକ୍ଷଣି ଆସୁଛି । ବହିପତ୍ରଗୁଡ଼ିକ ରଖିଦେଉଛି । ଖାଇବା ପରେ ଯାହା ପାରିବ, କରିବ ।

× × × ×

ପଲାସପୁର ଗାଁର ଉପର ସାହିରେ ମଦନ ମହାପାତ୍ରଙ୍କ ଘର । ମହାପାତ୍ରେ ପରମାନନ୍ଦଙ୍କ ପ୍ରାୟ ସମସାମୟିକ ବୋଲି କହିଲେ ଚଳେ । ବୟସରେ ତାଙ୍କଠୁ ଦୁଇ ସୁରି ବର୍ଷରେ ବଡ଼ ହୋଇପାରନ୍ତି ।

ମହାପାତ୍ରଙ୍କ ଗୌରବର୍ଣ୍ଣ ହୃଷ୍ଟପୁଷ୍ଟ ଦୀର୍ଘ ଶରୀର । କେହିନ୍ନାହାନ୍ତି ସମ୍ଭ୍ରାନ୍ତବଂଶର ବ୍ୟକ୍ତି ବୋଲି ହିଁ ଧାରଣା ହୁଏ । ମହାପାତ୍ରେ ଉଚ୍ଚକୁଳସମ୍ଭୂତ ହୋଇଥିଲେ ସୌଭାଗ୍ୟବଳରେ । ଘରେ ଧନଧାନ୍ୟ ପ୍ରଚୁର । ଭଲ ଘରୁ ଭଲ ପାତ୍ରୀ ସହିତ ଘଟିଥିଲା ତାଙ୍କର ବୈବାହିକ ସମ୍ବନ୍ଧ । ମାଟ୍ରିକ୍ ପାସ୍ କରି ଆଇ. ଏ. ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ଆହୁରି ଉଚ୍ଚଶିକ୍ଷା ପାଇବା ତାଙ୍କର ଇଚ୍ଛା ଥିଲା, କିନ୍ତୁ ହଠାତ୍ ପିତୃ-ବିୟୋଗ ଘଟିଯିବାରୁ ସେ ସେଥିରୁ ନିବୃତ୍ତହୋଇ ଘରେ ରହି ବିଷୟ-ସମ୍ପତ୍ତିର ତତ୍ତ୍ୱାବଧାନରେ ଲାଗିଗଲେ । ମହାପାତ୍ରଙ୍କ ଘର ପାଖକୁ ମଦନ ସ୍ୱାଇଁଙ୍କ ବାସଗୃହ । ମଦନ ସ୍ୱାଇଁ ମଧ୍ୟ ଜଣେ ସଙ୍ଗତି-ସମ୍ପନ୍ନ ବ୍ୟକ୍ତି । ମହାପାତ୍ରଙ୍କ ସମବୟସ୍କ ଏକାଠି, ଏକା ସ୍କୁଲରେ ପଢ଼ିଥିଲେ ବାଲ୍ୟକାଳରେ । ଉଭୟଙ୍କ ଦୁହେଁ ପରସ୍ପରରେ ମଇତ୍ର ବୋଲି । ସ୍ୱାଇଁ ମଧ୍ୟ ପଢ଼ା ଛାଡ଼ିଦେଇଥିଲେ ମେଟ୍ରିକ୍ ସ୍ତରରୁ । ମଦନ ମହାପାତ୍ରେ, ମଦନ ସ୍ୱାଇଁ ଦୁହେଁ ଅବଶ୍ୟ ପଢ଼ା ଛାଡ଼ି ସଂସାରକାର୍ଯ୍ୟରେ ଲାଗିଥିଲେ । ତେବେ ସ୍ୱାଇଁ ଏ ସଂସାର କାର୍ଯ୍ୟ ଭିତରେ ଯେତେ ଲିପ୍ତ ନ ଥିଲେ, ମହାପାତ୍ରେ ସେତେବେଳେ ଥିଲେ । ସତେ କିମିତି ସେ ସଂସାରକୁ କେତେ ଦିନ ପାଇଁ ଯାତ୍ରୀ ଦେଖି ଆସିଛନ୍ତି ! ସମୟ ଆସିଲେ ଖୋଲିଯିବେ ଏଇ ଭାବ । ପୁନଃପରିବାରଙ୍କ ପ୍ରତି ମଦନ ସ୍ୱାଇଁ ଏକାନ୍ତ କର୍ତ୍ତବ୍ୟନିଷ୍ଠ; ଅର୍ଥାତ୍ ଅନାସକ୍ତିରେ ହିଁ ତାଙ୍କର ଆନନ୍ଦ । ଦିନ ସାରା ଘରକାମ କାମ କରି ସନ୍ଧ୍ୟାବେଳକୁ ବନ୍ଧୁଖଣ୍ଡିଏ ଧରି ଘଣ୍ଟାଏ ଦି'ଘଣ୍ଟା ନ ବସିଲେ, ତାଙ୍କର ଚଳିବ ନାହିଁ । ମହାପାତ୍ରଙ୍କର ମଧ୍ୟ ଏ ଅଭ୍ୟାସ ଥିଲା; କିନ୍ତୁ ସ୍ତ୍ରୀ, ପୁତ୍ର, ଧନ, ସମ୍ପଦ, ବନ୍ଧୁକୁଟୁମ୍ବଙ୍କଠାରୁ ଧନସମ୍ପଦରେ ଆହୁରି ଟିକିଏ ବଡ଼ ହୋଇଯିବା ବାସନାରେ ସେ ସେ ଆଡ଼କୁ ହିଁ ଦୃଷ୍ଟିଦେଉଥିଲେ ବେଶି । ଦୁଇ ମଇତ୍ରଙ୍କ ମନୋଭାବ ସ୍ୱତନ୍ତ୍ର ପ୍ରକାରର ଥିଲେ ମଧ୍ୟ ଦିନ ଭିତରେ ଥରେ କୌଣସି ସମୟରେ ମଦନ ମହାପାତ୍ରଙ୍କ ଘରକୁ ଯାଇ ମହାପାତ୍ରଙ୍କ ସହିତ ଦି'ପଦ ଆଲୋଚନା କରିଆସନ୍ତି । ସେ ବିଷୟ ସାଂସାରିକ ସମ୍ବନ୍ଧରେ ହେଲେ ସ୍ୱାଇଁଙ୍କୁ ଭଲ ଲାଗେ, ତାହା ବୋଲି ଅନ୍ୟ ବିଷୟରେ ଆଲୋଚନା ଆରମ୍ଭ ହୋଇଗଲେ, ସେ ଅନ୍ୟମନସ୍କ ନ ହୋଇ ସେଥିରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି ।

କାର୍ତ୍ତିକ ପୂର୍ଣ୍ଣିମା ଦିନେ ମାତ୍ର ବାକି ଥିଲା, ସେ ଦିନକୁ । ମଦନ ସ୍ୱାଇଁ ମହାପାତ୍ରଙ୍କ ଦାଣ୍ଡଘର ବେଞ୍ଚ ଉପରେ ବସି ମଇତ୍ରଙ୍କ ସାଙ୍ଗରେ ଆଲୋଚନା କରୁଥିଲେ ପୂର୍ଣ୍ଣିମୀ ଦିନର ବ୍ରାହ୍ମଣ ଭୋଜନ ସମ୍ବନ୍ଧରେ । ଗଦେଇ ଗଡପଥୀ ଦାଣ୍ଡଘର ଭିତର ପାଖରୁ ବାରଣ୍ଡାରେ ପହଞ୍ଚିଥିଲେ କାର୍ତ୍ତିକ-ମାହାତ୍ମ୍ୟ । "ଗ୍ରାମସ୍ୟାପି ରଣେ ଭଙ୍ଗ" କରିଦେଇ ଉଠି ଆସି-ଥିଲେ ସେ । ମହାପାତ୍ରଙ୍କ ମାଆ ଆସି ପଚାରିଲେ, ହଇହେ ଗଦାଧର ! ମିଶ୍ରଘର ବୋହୂ ନାଟ କରେଉଛନ୍ତି ବୋଲି ଶୁଣିଲି—"

ଗଡପଥୀଏ ହସି ହସି କଥା ଆରମ୍ଭକରି କହିଲେ, ଜଳ ଉଠୁଛି ସେ ନାଟ । କୁଆଡ଼ୁ ଏ ନାଟୁଆ ଦି'ଟା ଆସିଲେ । ଘରଟାକୁ ଭସ୍ମ କରିଦେଲେ । ଆହୁରି ଶୁଣିଲଣି ନା' ମାଆ ! ନାଟଘର ଉଠାଇ ହେଉଛି । ପଅରଦିନ କର୍ଣ୍ଣରେ ଇଟାଭଟି ବସିଗଲା । ମାଆ ଏସବୁ ଅତି ଆଶ୍ଚର୍ଯ୍ୟ କଥା । ଥରେ ଥରେ ମୁଁ ଭାବିପକାଉଛି । ଶ୍ୱଶୁରଟା ଭୂତ ହୋଇ ଆସି ବୋହୂକୁ ନଚେଉଥିବେ । ମାଧବ ମିଶ୍ରେ ନାଟ ଗର୍ତ୍ତନରେ ଥାଆନ୍ତି ବୋଲି ଶୁଣିଛି । ଯାହାହେଉ, ସେ କାଳରେ ମାଧବ ମିଶ୍ରେ ଯାହା କରିଥିଲେ; ସେ କଥା ଦେଖି ଶୁଣି ବ୍ରାହ୍ମଣ ସମ୍ପ୍ରଦାୟର ଲୋକ ଆଖି କାନ ମୁଦିଦେଇଥିଲେ । କେଉଁଠୁ ଗୋଟାଏ ଗୋଟେଇ ଆଣିଥିଲେ ବୋହୂ ବୋଲି । ହେଲେ ମଧ୍ୟ ସ୍ତ୍ରୀଲୋକଟା ସ୍ତ୍ରୀଙ୍କ ପ୍ରତି ଆଦରକରି ଆସୁଥିଲା । ଏ ଅବସ୍ଥା ଏବେ ଦେଖି ହସିବ କି କାନ୍ଦିବ ଜାଣି-ପାରୁନାହିଁ ।

ଗଦେଇ ଗଡପଥୀଙ୍କ କଥା ଶୁଣି ମହାପାତ୍ରେ ହସି ହସି କହିଲେ, ଶୁଣୁଛି କି ମଇତ୍ର ! ଏ ପାଖକୁ ଆସ ପୁରୋହିତେ, ଆମର ଏ ମଇତ୍ରଙ୍କୁ ସବୁ କଥା ସ୍ପଷ୍ଟ କରି ଶୁଣେଇଁ ଦିଅ । ଗଡପଥୀ ଦାଣ୍ଡଘର ଆଡ଼କୁ ଆସୁ ଆସୁ କହିଲେ, ସଂସାରରେ ନ ଘଟିଥିବା କଥା ଘଟି

ଯାଉଛ୍ଛ ଦେଖୁଚ୍ଛେ, ମାଇଁ ଇମିତ କଥା କେବେ ଦେଖିବା ! କଥା ତେଣିକି ଥାଉ, କେବେ ଶୁଣି ନ ଥିଲେ ! କେଉଁଠି କେଉଁ ଘରେ ଇମିତ ଗୋଟାଏ ସ୍ତ୍ରୀ-ଲୋକ ପୁରୁଷ ଲୋକଗୁଡ଼ାଏ ଧରି ନାଟକ କରୁଛି କହିଲ ?

ମଦନ ସ୍ୱାଇଁ ବେଞ୍ଚ ଉପରୁ ଉଠିପଡ଼ି କହିଲେ, ତୁମେ ତ ମଁଇଝେ ସବୁଦିନେ ନାରୀ-ବିଦ୍ୱେଷୀ । ଆଜି କଅଣ ସ୍ୱଭାବ ବଦଳି ଯାଇଥାନ୍ତା କି ! ହେଲେ, ଶତପଥୀଏ ତମ କଥା ହିଁ ଚିନ୍ତାକରୁଛି । ତୁମେ ଯେଉଁଠିକି ଯାଇ ଖାଇଛ, ପିଇଛ, ଆଣିଛ, ଆଜି ତାଙ୍କୁ ହିଁ ନିନ୍ଦା କରୁଛ । ମାଉସୀ ଆଜି ବ୍ରାହ୍ମଣ ଭୋଜନ ଦେଇଛନ୍ତି, ସେ କାର୍ଯ୍ୟର ଭାର ନେଇଛ, ବଳକା ବଳକ ଯାହା ହେବ ସବୁ ତୁମର । ସେଇ ଉତ୍ସାହରେ ମାଉସୀଙ୍କ ଆଗରେ ମିଶ୍ରଙ୍କ ଘରର କଥା କହି ଯାଉଥିଲ; କିନ୍ତୁ ମଇଝ ତୁମେ ମଧ୍ୟ ବୃଥା କୌତୂହଳରେ ଅନ୍ୟ ଘରର ଜଣେ ସ୍ତ୍ରୀଲୋକ ସମ୍ବନ୍ଧରେ ଅସମ୍ମାନ-ଜନକ କଥା କହିବାକୁ କୁଣ୍ଠିତ ହେଉନାହିଁ । ସ୍ତ୍ରୀବ୍ୟକ୍ତି ବୋଲି ସେମାନଙ୍କୁ ଆମର ଦ୍ରବ୍ୟସମ୍ଭାର ଭିତରୁ କିଛି ଗୋଟାଏ ବୋଲି ମନେକରି ଘରେ ରଖିଛେ; କିନ୍ତୁ ସେ ମଧ୍ୟ ଯେ ଗୋଟାଏ ମନୁଷ୍ୟ, ତାର ମଧ୍ୟ ଇଚ୍ଛା ବୋଲି ଗୋଟାଏ ଅଦ୍ଭୁତ କଥା ହୃଦୟ ଭିତରେ ରହିଛି; ବର୍ତ୍ତମାନ ସେ କଥା ଆମେ ସମ୍ପାଦପତ୍ରରୁ ପଢ଼ୁଥାଇଁ । ଦୂରର ଏ ପ୍ରଭାବ ଆମର ଏ ଅଗଣାରେ ମଧ୍ୟ ଦିନେ ପଡ଼ିବ । ବର୍ତ୍ତମାନ ନାଟକ ଲେଖୁଛି ବୋଲି ତୁମେ ଘୃଣାକରୁଛ । ତୁମରି ଘରର ନାତିନାତୁଣୀ ନୃତ୍ୟ କରି ସୁନାମ କରିବା ପାଇଁ ଚେଷ୍ଟାକରିବେ । ତୁମେ ଆଉ ମୁଁ ସ୍ୱର୍ଗରେ ବସି ସେ ଦୃଶ୍ୟ ଦେଖି ପରସ୍ପରର ମୁହଁକୁ ଚାହିଁବା । ଯେ କୌଣସି ଲୋକର ଦୁଃଖ ଦେଖିଲେ, ତୁମ ହୃଦୟ ଗର୍ବରେ ଫୁଲି ଉଠେ । ଜାଣେ, ସବୁ ବିଷୟରେ ତୁମେ ସାବଧାନ ହୋଇ ରହି ଆସିଛ । ସମସ୍ତଙ୍କର ସ୍ୱଭାବ ତ ସମାନ ନୁହେଁ ! ଆଉ ମଧ୍ୟ ସମସ୍ତେ ଯଦି ତୁମରି ପରି ରାସ୍ତା ମାପି ଚଳି-ପାରନ୍ତେ, ତେବେ ସୃଷ୍ଟିଟା ହୋଇଯାଆନ୍ତା ବୈଚିତ୍ର୍ୟ-ହୀନ । ବିଶ୍ୱସାରାଟା ଦୁଃଖସୁଖ, ଭଲମନ୍ଦ, ଅନ୍ଧାର ଆଲୋକରେ ଗଢ଼ା । ସିମିତ ମନୁଷ୍ୟର ମନ ଭିତରେ ଭଲମନ୍ଦ ଭାବନା ରହିଛି ପ୍ରତିକ୍ଷଣରେ । ମନ୍ଦ ଅନୁ-ଭୂତିର ପରୀକ୍ଷା-ନିରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ମନୁଷ୍ୟ ଜାଣିପାରେ କେଉଁଟା ଭଲ । ହୃଦୟରେ ତା'ର ଭରି-ଯାଏ ସ୍ନେହ-ସହାନୁଭୂତି । ବିଶ୍ୱାମିତ୍ର ଋଷି ବାରମ୍ବାର ପରୀକ୍ଷାରେ ପଡ଼ି ଅବଶେଷରେ ହେଲେ ବ୍ରହ୍ମର୍ଷି ।

ମହାପାତ୍ରେ ବିଦ୍ରୂପ ମିଶା ହସ ହସି କହିଲେ, କେଡ଼େ ବଡ଼ ଭାଷଣ ଗୋଟାଏ ଦେଲ ମଇଝେ ! ଯାହା-ହେଉ, ସ୍ତ୍ରୀ ଜାତିର ଦୁଃଖ ଦେଖି ତମ ହୃଦୟଟା କାନ୍ଦୁଛି । ପଚିଶ ବର୍ଷ ପାଖକୁ ଆସି ମଧ୍ୟ ତମର ଏ ବୁଦ୍ଧିଟା ଆଉ ବଦଳିଲା ନାହିଁ । ଏଇ ତ ଗଲା ବର୍ଷ କି ତା'ପର ବର୍ଷ ସଙ୍ଗୀତ ଶିଖୁଥିଲ । ଏବେ ତ ଦୁଆର ଖୋଲା ପଡ଼ିଛି, ଯାଉ ନ । କେତେ ଗୀତ, କେତେ କଥା ଶିଖି ଆସିବ !

ମଦନ ସ୍ୱାଇଁ ଟିକିଏ ବିରକ୍ତିରେ ହିଁ କହିଲେ, ଇମିତ ସବୁ କଅଣ କହୁଛ ମଇଝ ! ସ୍ତ୍ରୀ ଲୋକ ଗୋଟିଏ ସାହସ କରି ସାହିତ୍ୟ ସୃଷ୍ଟି କରିବାକୁ ବସିଛି; ଏ କଥା ଭାବିଲେ ହିଁ ମୋର ଆନନ୍ଦ ହେଉଛି । ତାଙ୍କ ଘରକୁ ଯାଇ କଥା କହି ଗୀତ ଶୁଣିବା ଦରକାର ପଡ଼ିବନି ହିଁ । ମୁଁ ମନେ ମନେ ତାଙ୍କୁ ଶ୍ରଦ୍ଧା ଭକ୍ତି କରୁଛି ।

ହସି ଉଠିଲେ ମହାପାତ୍ରେ । ସେଥି ସହିତ ତାଦେଇ ଶତପଥୀ ମଧ୍ୟ ହସିବାକୁ ଲାଗିଲେ । ମଦନ ସ୍ୱାଇଁ ଆହୁରି ଟିକିଏ ରାଗିଗଲା ପରି ହୋଇ କହିଲେ, ମତେ ଏ ସବୁ ହାସ୍ୟ-ବିଦ୍ରୂପ ଭଲ ଲାଗେନାହିଁ । ତାଦେଇ ଶତପଥୀ ଆସିଛନ୍ତି, ତମେ ଦୁହେଁ ମିଶି ହସୁ-ଥାଅ । ମୁଁ ଯାଉଛି । ତୁମେମାନେ ମନୁଷ୍ୟଙ୍କୁ ମନୁଷ୍ୟ ଆକାରରେ ଦେଖୁନାହଁ ।

ମଦନ ସ୍ୱାଇଁ ଯିବାପରେ, ଶତପଥୀଏ ଟୋଇ ଫୁଙ୍କ ପରି ହସି ହସି କହିଲେ, କାଲିକି ପିଲା କଅଣ ବୁଝିବ, ମହାପାତ୍ରେ ସ୍ୱାଇଁଙ୍କ ବାପ ତ କେଉଁଠି କେଉଁଠି ତିନିଟା ରଖିଥିଲେ । ହଁ ହେ ଶତପଥୀ, ସ୍ତ୍ରୀଲୋକ

ବୁଝେଇଁଠି କେବେ କୌଣସି ପୁରାଣ ଲେଖିବା ଶୁଣିଛ ! ଏଇଠି ବୋଲି ସିନା ଏସବୁ ଉତ୍ପାତ ଚାଲିଛି । ଏସବୁ ସାହିତ୍ୟରେ ମୋର ବିଶ୍ୱାସ ନାହିଁ । ସାହିତ୍ୟ ସୃଷ୍ଟି ପାଇଁ ଆବଶ୍ୟକ ଅସୀମ ଜ୍ଞାନ, ଅସୀମ ଶକ୍ତି ।

ମଦନ ମହାପାତ୍ରେ ଏ କଥା କହୁ କହୁ ଗମ୍ଭୀର ହୋଇଯାଇ ଚାଲିଗଲେ ଘର ଭିତରକୁ ।

× × ×

ନାଟକ ଘର କାର୍ଯ୍ୟରେ ସୁରମାଷ୍ଟ୍ରେ ଆଜି ବାଦ୍ୟକାରେ ନିଜ ନିଜକୁ ସମ୍ପୂର୍ଣ୍ଣରୂପେ ନିଯୁକ୍ତ କରି ଦେଇଥିଲେ ମଧ୍ୟ ସକାଳ ଓଳି ଘଣ୍ଟାଏ ଦେଢ଼-ଘଣ୍ଟା, ସନ୍ଧ୍ୟାବେଳେ ପ୍ରାୟ ଦୁଇଘଣ୍ଟା ରିହାର୍ସିଲ କାର୍ଯ୍ୟ ହେଉଥିଲା । ନୂଆ ଅଭିନେତାଙ୍କ ଭିତରୁ କେଉଁଦିନ ଜଣେ, କେଉଁଦିନ ଦୁଇଜଣ, କେଉଁଦିନ ତିନି ଜଣ ଏକାସାଙ୍ଗରେ ଆସିଯାଆନ୍ତି । ସେମାନଙ୍କ ଖାଇବା ବ୍ୟବସ୍ଥା ବିଶୁ ହିଁ କରୁଥିଲା । କାର୍ତ୍ତିକ ପୂର୍ଣ୍ଣିମା ପରେ ଆଉ ଖାଲି ଛଅ ଦିନ ହୋଇଗଲାଣି । ସନ୍ଧ୍ୟା ସମୟର ରିହାସଲ ଶେଷ ହେବାବେଳକୁ ପରମାନନ୍ଦ ବାହାରୁ ବୁଲି ଆସି ବସିଥିଲେ ବାଣପାଖ ବାରଣ୍ଡାରେ । ବିଶୁ ତାଙ୍କ ପାଦରେ ଘଷି ଦେଉଥିଲା ତେଲ । ଏଇ କେତେ ଦିନ ହେଲା ପରମାନନ୍ଦ ଭଲ ଦ୍ରବ୍ୟଗୁଣ ବହି ଖଣ୍ଡିଏ ମଗାଇଥିଲେ । ତଉକରେ ଆଉଜି ରହି ସେହିସବୁ ଦ୍ରବ୍ୟର ଗୁଣ ସମ୍ବନ୍ଧରେ ଚିନ୍ତା କରୁଥିଲେ । ବାଦ୍ୟକାରେ ଏ ପାଖ ବାରଣ୍ଡାରୁ ଉଠିଯାଇ ବସି-ପଡ଼ିଲେ ପରମାନନ୍ଦଙ୍କ ପାଦ ପାଖରେ ।

ପରମାନନ୍ଦ ଚମକିଲା ପରି ବସିଯାଇ ପଚାରିଲେ, କଅଣ ବାଦ୍ୟକାରେ ? ରାତି ହେଲାଣି । ଦିନ ଗୋଟାକଯାକ କାମ କରୁଛ । ବସାକୁ ଯାଇ ଶୋଇ-ପଡ଼ । ବିଶ୍ରାମ ହୋଇଯିବ । ସକାଳୁ ଉଠି କାମ କରିବାକୁ ସତେଜ ଲାଗିବ । ବାଦ୍ୟକାର କଥା ଆରମ୍ଭ କଲାବେଳକୁ ବିଶୁ ଚାଲିଯାଇଥିଲା ପରମାନନ୍ଦଙ୍କର ଗୋଡ଼ ପୋଛି ପୋଛି କରିଦେଇ ।

ବାଦ୍ୟକାର କଥା ଆରମ୍ଭ କରି କହିଲେ, ସବୁ କଥା ତ ଶୁଣିଥିବ ଗୋସେଇଁପୁଅ ! ନାଟକ ଭଳି କାର୍ଯ୍ୟ ଗୋଟିଏ ନିର୍ବାହ କଲାବେଳକୁ ବଡ଼ ଖର୍ଚ୍ଚାନ୍ତ ହେବାକୁ ପଡ଼ୁଛି । ପାଇବି ସୁମରି ମୁଁ ଖରଚ କରେ ବୋଲି ମୋ ମାଆ-ଲକ୍ଷ୍ମୀ କମିତି ଜାଣିଲେ କେଜାଣି, କୌଣସି ଚିନ୍ତା ନ କରି ଆଠଶ ଟଙ୍କାର ମୁଣିଟା ମୋ ହାତକୁ ବଢ଼େଇଦେଲେ । ଇଟାଭାଟିଟାରେ ସିନା ଯାହା କ୍ଷତି ହୋଇଗଲା । ଜଗନ୍ନାଥ ଜେନାକୁ କହି ବୁଝେଇ ଆଜି ଗୋଟାଏ ଇଟାଭାଟି କିଣିଦେଇଛି । ଘରଟାକୁ ଇଟାରେ କରିଦେଉଛି । ଭୂମିଟା ତ ଗାଁର ସମ୍ପତ୍ତି । ଗାଁ ଲୋକ ଯଦି ଘରଟାକୁ କେବେହେଲେ ରଖିବେ, ଘରର ଖରଚଟା ଦେଇଦେବେ । ମିସ୍ତ୍ରୀ-ମୂଲିଆ ଲଗାଇ କାମ ହୋଇଗଲା । ଆଉ କେତେ ଟଙ୍କା ଦେବାକୁ ହେବ ।

ପରମାନନ୍ଦ ସହଜ ଭାବରେ ହିଁ କହିଲେ, ତୁମ ମାଆ-ଲକ୍ଷ୍ମୀ ତୁମ ଉପରେ ସେ ଭାର ଦେଇଛନ୍ତି । ପୁଣି ମୋର ମଧ୍ୟ ବିଶ୍ୱାସ ଯେ ଯିମିତି ଭଲ ହେବ, ସେ ଚେଷ୍ଟା ତୁମେ କରିବ ।

ବାଦ୍ୟକାର ବୁଝିପାରିଥିଲେ, କଥାଟାକୁ ସଂକ୍ଷିପ୍ତ କରିଦେବାକୁ ଚାହୁଁଛନ୍ତି ପରମାନନ୍ଦ । ସେ ଏଣେ ଭାବୁଛନ୍ତି ଯେ କହିବାକୁ ଯେତେବେଳେ ସୁଯୋଗ ପାଇଛନ୍ତି, ସଂକ୍ଷିପ୍ତ ହେଉ ପଛେ, ସବୁ କଥା କହିଦେବେ । ସେ ସିମିତି ଆବେଗରେ ହିଁ କହିଲେ, ନଡ଼ା ଚାଳ କରାଯାଇଛି । ମୋଟା ବାଉଁଶ ଦେଇ ବାନ୍ଧିଦେବାକୁ ହେବ । ତା' ନ ହେଲେ ଉଡ଼ି ଆଉ ଯିବା ଭୟ ଅଛି । ଦେଖ୍ୱାଲ ଉପରେ ପଛ ପାଖଟା ଝାଟିମାଟିରେ କାନ୍ଥ କରି ଦେଇଛି । ବଢ଼େଇ କାମରେ ଲାଗିଛି-। କବାଟ ଦୁଆରବନ୍ଧ ସବୁ ହୋଇଗଲାଣି । ବାକି ଅଛି ସୀନ୍ ସେଲଫଗୁଡ଼ାକ ତିଆରି କରିବା । ଘର ତ ପ୍ରାୟ ହୋଇଗଲାଣି । ନାଟକ ଅଭିନୟ କରିବା ଦିନଟା ସ୍ଥିର କରିଦେବା ।

ପରମାନନ୍ଦ କହିଲେ, ଶୀଘ୍ର କମିତି ନାଟକଟି ଅଭିନୀତ ହୋଇଯାଉ । ଲୋକଙ୍କର ଅଭିମତଟା ଅନ୍ତତଃ ଜଣାପଡ଼ିବ ।

ବାଦ୍ୟକାର କହିଲେ, ଲୋକ ଅଭିମତ ଆଡ଼ୁ ଆମ ମନକୁ ନିବୃତ୍ତ କରି ଆଣିବାକୁ ହେବ । ଇମିତି କେତେ ଲୋକ ଅଛନ୍ତି, ସେମାନଙ୍କୁ ଆମର ଏ ନାଟକ ଭଲ ଲାଗିଲେ ମଧ୍ୟ ଭଲ ହୋଇଛି ବୋଲି ମୁକ୍ତକଣ୍ଠରେ କହିବେନାହିଁ । ଭଲ ହୋଇନାହିଁ । ବୋଲି କହିପାରିବେ ଅଧିକାଂଶ । ଆମେ ତ ଲୋକମତ ସଂଗ୍ରହକରି କାର୍ଯ୍ୟ ଆରମ୍ଭ କରିନାହୁଁ । ମାଆ-ଲକ୍ଷ୍ମୀଙ୍କ ଲେଖାଗୁଡ଼ିକ କିମିତି ପରିମାର୍ଜିତ ପରିବର୍ଦ୍ଧିତ ହୋଇଯିବ । ତା ପରେ, ଶହକେ ପାଞ୍ଚ ଜଣ ହେଲେ ଆମର ଏ ଲେଖା ପ୍ରତି ଅନୁରକ୍ତ ହେବେ । ଇମିତି ଅନେକ ପ୍ରକାର ଆଶାପୋଷଣ କରି ନାଟକ ଅଭିନୟ କରାଇବା କଥା ଉଠିଛି । ତମେ ତ ଗୋଟେଇଁ ପୁଅ ଅନ୍ୟ ଚିନ୍ତାରେ ରହିଛ । କାଲିକି ଏସବୁ କଥା ଆଲୋଚନା କରିବା । ଦୋଷ-ଅପରାଧ କ୍ଷମାକରିବ । ଆମେ ସମସ୍ତେ ଜାଣୁଛେ, ସଂସାରେ ଯାହା କିଛି ଘଟିଯାଉଛି, ସବୁ ସେଇ ବିଧାତା ହାତର କଥା । ଆମେ କେତେଟା ଦିନ ପାଇଁ ମର୍ତ୍ତ୍ୟଭୂମିକି ଆସି ଅଭିନୟ କରିଦେଇ ଚାଲିଯାଉଛେ । ଏ ମଧ୍ୟ ସିମିତି ଗୋଟାଏ ଖେଳଘର ଚାଲିଛି ।

ପରମାନନ୍ଦ କହିଲେ, କାଲି ଘରୁ ବାହାରିବା ଆଗରୁ ଆସିବ । ଏସବୁ ବିଷୟରେ ଭଲ କରି ବିଚାର କରିବା । ଆଉ ଚାରିଶହ ଟଙ୍କା ଆବଶ୍ୟକ ଥିବା କଥା କହୁଥିଲ । ତୁମ ମାଆଲକ୍ଷ୍ମୀଙ୍କଠୁ ମାଗି ନେଇଯାଅ ।

ବାଦ୍ୟକାର ବାରି-ବାରଣ୍ଡା ଆଡ଼ୁ ଆସି ଦେଖିଲେ, ସେଦିନ ଆସିଥିବା ଦୁଇ ଜଣ ଅଭିନେତା ବାରଣ୍ଡାରେ ବସି ଖାଇବା ଆରମ୍ଭ କରିଛନ୍ତି । ସୁରମାଷ୍ଟ୍ରେ ଖମ୍ବପାଖକୁ ଠିଆହୋଇ କୌତୁକରେ ଗଳ୍ପ କରୁଛନ୍ତି ବିଶୁ ସାଙ୍ଗରେ । ସ୍ୱର୍ଣ୍ଣ ଘରଭିତରୁ ବାରଣ୍ଡା ଆଡ଼କୁ ଆସି ବାଦ୍ୟକାରଙ୍କ ହାତକୁ ଦେଇଦେଲା ଗୋଟାଏ ପିତଳ ଫରୁଆ । ବାଦ୍ୟକାର ମଧ୍ୟାଟେକି କଅଣ ପଚାରିବାକୁ ଯାଉଥିଲେ; ସ୍ୱର୍ଣ୍ଣ କହିଲା, ଏଥିରେ ପଚାଶ ଟଙ୍କା ଅଛି ! ଆପଣାକୁ ଅନ୍ୟମନସ୍କ କରିବା ଇଚ୍ଛାରେ ସେ ସ୍ୱର୍ଣ୍ଣଙ୍କୁ କିଛି ନ କହି ବିଶୁ ଆଡ଼କୁ ଅନେଇଁ କହିଲେ, ତମର ଆମ୍ଭେଙ୍କ ତରକାରିର ବାସ୍ନା ପାଇ ଖାଇ ବସି ପଡ଼ିବାକୁ ମନଯାଉଛି ବିଶୁ !

ବିଶୁ, ସୁରମାଷ୍ଟ୍ରେ, ବାଦ୍ୟକାରେ ହସାହସି ହୋଇ ଗଳ୍ପ କରୁଥିଲେ । ବାଦ୍ୟକାର କହିଲେ, ସ୍କୁଲ ମାଷ୍ଟ୍ରେ ! ଆମେ ଯେଉଁ କାର୍ଯ୍ୟ ଆରମ୍ଭ କରିଛେ, ସେଥିରେ ଇମିତି ଆହ୍ଲାଦ-ଆମୋଦ କରି ସମସ୍ତ କଟେଇଲେ ଚଳିବ ନାହିଁ ।

'ନିସ୍ପତ୍ତି' ନାଟକ ଅଭିନୟ କରିବା ପଛେ ପଛେ 'ଧ୍ରୁବ ତପସ୍ୟା' 'ବୁଦ୍ଧଙ୍କ ବନଗମନ' ଅଭିନୟ କରାଇବା ଆଲୋଚନା ହୋଇ ଯାଇଥିଲା । ଏଣୁ ସ୍ୱର୍ଣ୍ଣ ପ୍ରଥମରେ ଆରମ୍ଭ କରିଥିଲା 'ଧ୍ରୁବ ତପସ୍ୟା' । ଦେଖୁ ଦେଖୁ ଏଗାରଟା ରାତି ହେଲାଣି । ଶ୍ରାନ୍ତ ଆଖି ମୁଦି ହେଉନାହିଁ । ମସ୍ତିଷ୍କଟା ତାର ଉତ୍ତପ୍ତ ହୋଇରହିଛି ନାଟକୀୟ ସଂଳାପରେ । ପାର୍ଶ୍ୱ ଘରେ ସ୍ୱାମୀ ଶୋଇଛନ୍ତି । ନିଦ ଭାଙ୍ଗିଗଲେ ପଚାରିବେ । ମନେ ପଡ଼ିଗଲା ଭା'ର । ସେଇ ପିଲାଟିଦିନରୁ ଚିନ୍ତା କରି ଶୋଇପାରେନାହିଁ । ଶ୍ୱଶୁର ଜୀବିତ ଥିବାଯାଏ ଦିନ ଗୋଟାକଯାକ ଘରର କାର୍ଯ୍ୟ କରେ । ରାତିରେ ଶୋଇବା ସମୟରୁ ସମସ୍ତ କରି ଗୋଟାଏ କୋଣରେ ବସିପଡ଼େ । କେରାସିନି ଡିବିରି ଗୋଟାଏ ଜାଳି ଦେଇ ବସିଯାଏ । କେଉଁଦିନ କେତେ ରାତି ହୁଏ, ଜାଣିପାରେନାହିଁ ସେ । ଶ୍ୱଶୁର କହିଦେଇଥିବା ପାଠତକ ଘୋଷି ଘୋଷି ମନେରଖେ । ଦିନେ ଦିନେ ସେଇ ବସିବା ମସିଣା ଉପରେ ହିଁ କ୍ଳାନ୍ତ ଦେହଟାକୁ ଲୋଟାଇ ଦିଏ । କେଡ଼େ ସୁନ୍ଦର ସହଜ ଥିଲା ସେଦିନର କର୍ମଧାରା ! ନିୟମିତ କର୍ମ, ପ୍ରାତଃସ୍ନାନ ପରେ ରୁଗ୍ଣ ଶାଶୁଙ୍କ ନିମନ୍ତେ ପଥ୍ୟ ପ୍ରସ୍ତୁତ । ତା ପରେ, ଶ୍ୱଶୁର, ସ୍ୱାମୀଙ୍କ ମନ ଜାଣି ଭୋଜନ ପରିବେଷଣ । ଘରଟା ଝାଡ଼ିବାକୁ ହେବ । ଧୋଇ ଦେବାକୁ ହେବ । ଏଠିର ଜିନିଷଟା ସେଇଠିକି ଘୁଞ୍ଚାଇ ସୁନ୍ଦର କରି ସଜେଇ ରଖିବାକୁ ହେବ । ମ ସର ଭିତରି ଦିନରେ ପ୍ରାୟ ପଚିଶିଟା ପୂଜା ଦିନ । ଶାଶୁଙ୍କ ମୃତ୍ୟୁପରେ ଶ୍ୱଶୁର ବଞ୍ଚିଥିଲେ ଆଉ ଦୁଇ

ବର୍ଷ । ସେ ସମୟରେ ପୂଜାପାର୍ବଣର ଉତ୍ତେଜନାଟା ବୋଧହୁଏ ଶାନ୍ତଶିଥିଳ ହୋଇଆସୁଥିଲା । ଶ୍ୱଶୁର ସ୍ୱର୍ଣ୍ଣର ମୁହଁକୁ ଚାହିଁ କହନ୍ତି, ଶାଶୁଙ୍କ ସମୟରେ ଯାହା ହେଉଥିଲା, ତାହା କରିବା ବଡ଼ ସହଜ । ଏହି ସହଜ ପନ୍ଥାରେ ଗତି କରୁଛନ୍ତି ଲକ୍ଷ ଲକ୍ଷ ଲୋକ, କିନ୍ତୁ ମନୁଷ୍ୟ ସ୍ୱଭାବ ସବୁ ସମୟରେ ପରିବର୍ତ୍ତିତ ହୋଇଆସିଛି । ପରିବର୍ତ୍ତନ ହେବା ସ୍ୱାଭାବିକ ବୋଲି ହିଁ ତାଙ୍କର ବିଶ୍ୱାସ ଥିଲା । ସ୍ୱର୍ଣ୍ଣର ମନରେ ଦିନେ ନିଶ୍ଚୟ ପରିବର୍ତ୍ତନ ଆସିବ ବୋଲି ସେ କହୁଥିଲେ । ଶ୍ୱଶୁରଙ୍କର ଶାନ୍ତାଧାରା ତା'ର ହୃଦୟ-ସାଗରକୁ ସ୍ପର୍ଶ କରିଥିଲେ ମଧ୍ୟ ସମୟେ ସମୟେ ତା'ର ଦୁର୍ବଳ ମନ ଖୋଜିହେଉଛି ଅତୀତକୁ ।

ରାତି ବାରଟା ହେଲା । ତା ପରେ ଗୋଟାଏ । ମଥାଟା ଭାରି ଲାଗିଲା ନିଦ୍ରାହୀନତାର ପୀଡ଼ାରେ । ସ୍ୱର୍ଣ୍ଣ ଲଣ୍ଠନଟାକୁ ତେଜି ଦେଇ ବସିଲା ଲେଖିବାକୁ । 'ଧ୍ରୁବ'ର ପ୍ରଥମ ଅଙ୍କ ପ୍ରଥମ ଦୃଶ୍ୟ । ନା ! ଆଉ କଲମ ଚଳୁନାହିଁ । ମଥାଟା ଘୂରିଯାଉଛି । କଳ୍ପନା ହୋଇଯାଉଛି ବିକ୍ଷିପ୍ତ । ପ୍ରଥମ ଦୃଶ୍ୟରେ ସୁନୀତି ଆଉ ଉତ୍ତାନପାଦ ରାଜାଙ୍କ ପ୍ରେମଆଳାପ କିଛି ସହଜ କଥା ନୁହେଁ । ସ୍ୱର୍ଣ୍ଣ ଲେଖା ଆରମ୍ଭକରି ପୂରା କରିଦେଲା ଦୁଇଟି ପୃଷ୍ଠା । ମାର୍ଗଶିର ମାସର ପ୍ରଥମ ସପ୍ତାହ ଶେଷ ହୋଇଆସୁଛି । ଦ୍ୱିତୀୟ ପ୍ରହର ରାତି । ଶୀତ ଲାଗିଲା ସ୍ୱର୍ଣ୍ଣକୁ । ଚଉକି ଉଠି ଆସି ଗୋଡ଼ ପାଖରୁ କମ୍ବଳ ଟାଣିଦେଇ ଶୋଇପଡ଼ିଲା ହାତପାଦ ଲମ୍ବେଇ ଦେଇ ।

ପଡ଼ଶା ଘରଆଡ଼ୁ ଶୁଭିଲା ହୁଳହୁଳି ଧ୍ୱନି । ଛଳଣା ଝଟକରେ ଉଠିବସିଲା ସ୍ୱର୍ଣ୍ଣ । କେତେ ନିଦରେ ଆସିଥିଲା । ସାମନା ଘରୁ, ଏ ପାଖରୁ ସେପାଖରୁ ଭୁହାଇ ଭୁହାଇ ଶୁଭୁଛି ହୁଳହୁଳି । ଚମକି ଉଠିଲା ତାର ସମଗ୍ର ମନ । ଏ ଘରକୁ ଆସିବାଠାରୁ କମିତ କେତେ ବୁଧବାର ରାତି ତା' ଜୀବନରେ ଆସିଥିଲା । ସମୟେ ସମୟେ ତା'ର ମନେହୁଏ, ଗତଜନ୍ମଠାରୁ ହିଁ ଏଇ ସମସ୍ତ ବ୍ରତବିଧାନ ସହିତ ତା'ର ଶରୀର ଆଉ ମନ ଜଡ଼ିତ ହୋଇରହିଛି । ସୋମବାର ଦି'ପହରୁ କାର୍ଯ୍ୟ ଆରମ୍ଭ । ଘର ଧୁଆ । ଚୂଳକୋଣ ଝଡ଼ା ମଙ୍ଗଳବାର ଦିନ ସବୁ ଲିପାପୋଛା । ବୁଧବାର ଝୋଟିଦେବା । ବୁଧବାର ରାତି ବ୍ରାହ୍ମମୁହୂର୍ତ୍ତଆରୁ ତାହାର ଦୁଆରେ ଦୀପ ଜଳୁଥିଲା ସର୍ବପ୍ରଥମେ । ସେ ଚଞ୍ଚଳ ଛୁଡ଼ି ଉଠିଗଲା ଅଗଣାଆଡ଼କୁ । କୃଷ୍ଣପକ୍ଷ ଷଷ୍ଠୀର ଚନ୍ଦ୍ର ପଶ୍ଚିମ ଆଡ଼କୁ ଢଳି ପଡ଼ିଲାଣି । ଜହ୍ନର ଉଜ୍ଜ୍ୱଳ ଆଲୁଅରେ ଦେଖ ଯାଉଥିଲା ମଝି ଅଗଣାର ଝୋଟି । ବଧୂ ତାହାହେଲେ, ଅଗଣା ଧୋଇ ଲିପି ଝୋଟି ଆଙ୍କିଛି । ଏଣ୍ଡ୍ରିବନ୍ଧଗୁଡ଼ାକ ମଧ୍ୟ ରଙ୍ଗମାଟିରେ ଲିପି ନେଇ ଖଡ଼ି ଘୋରି ଧାରି ଧାରି କରି ଝୋଟି ଦେଇଛି । ମଥାଟା ତା'ର ଘୂରିଗଲା କ୍ଷଣକ ପାଇଁ । ଶୀତ ପାହାନ୍ତିଟାରେ ଗୋଟାଏଯାକ ଦେହ ହୋଇଗଲା ଘର୍ମାକ୍ତ । ସକାଳ ହେଲାଣି, ସେ ଅବସ୍ଥାକୁ ସମ୍ଭାଳି ନେଇ ଚାଲିଯାଉଥିଲା ସେ ଝାଙ୍କ ବାରଣ୍ଡାକୁ । ଅଧବାଟରୁ ଆଉ ଥରେ ମୁହଁ ଫେରେଇ ଚାହିଁଲା ଅଗଣାଆଡ଼କୁ ବଧୂ ତା'ର ଲାଲରଙ୍ଗର ଏଣ୍ଡି ଶାଢ଼ୀଟା ଘୋଡ଼େଇ ହୋଇ ହୁଳହୁଳି ଦେଇ ଆସୁଛି ତା'ରି ଆଡ଼କୁ । କି ଅଦ୍ଭୁତ କଥା ! ବଧୂ ଲାଲ ଶାଢ଼ୀଟାକୁ ପିନ୍ଧିଛି, ସ୍ତ୍ରୀଲୋକ ଯିମିତି ପିନ୍ଧନ୍ତି । ବଧୂ ଆଉ ଟିକିଏ ଅଗ୍ରସର ହୋଇଆସି ଫିକ୍ କରି ହସିଦେଇ କହିଲା, ମାଆ, ତମେ ଟିକିଏ ଦାଣ୍ଡପିଣ୍ଡା ଉପରେ ଠିଆ ହୋଇପଡ଼ । ପଡ଼ଶାଘରର ପାଢ଼ୀଙ୍କ ସ୍ତ୍ରୀ ଏଆଡ଼କୁ ମୁହଁ ବଢ଼େଇ ଦେଖୁଥିଲା । ଆଉ ଅଳ୍ପ ଟିକିଏ ଠିଆ ହୋଇଥିଲେ ସେ ମତେ ପଚାରି ଦେଇଥାନ୍ତା । ସ୍ୱର୍ଣ୍ଣ ଯନ୍ତ୍ରଚାଳିତ ପରି କିଛି ନ କହି ବଧୂ ପଛରେ ଯାଇ ଠିଆହେଲା ଦାଣ୍ଡ-ବାରଣ୍ଡାର ତଳ ପାଉଛରେ । ସେ ପାଖ ଦାଣ୍ଡପିଣ୍ଡାରେ ଦୀପ ରଖିଦେଇ ହୁଳହୁଳି ଦେଉଥିଲେ କେଶବ ଦାସଙ୍କ ସ୍ତ୍ରୀ । ପାଢ଼ୀଙ୍କ ସ୍ତ୍ରୀ ଦୀପ ରଖୁ ରଖୁ ସ୍ୱର୍ଣ୍ଣ ଆଡ଼କୁ ଅନେଇଁ କହିଲେ, ଝିଅଟିଏ ଶୋଇଛ କାହିଁକି ମିଶ୍ରାଣି ! କୋଉଁ ରାତିରୁ ଉଠି ଝୋଟି ବସେଇ ଦେଲଣି । ଘର ଭିତରକୁ ଚାଲିଗଲେ ଦାଶରଥିଙ୍କ ସ୍ତ୍ରୀ । କେଶବ ଦାସଙ୍କ ସ୍ତ୍ରୀ ହୁଳହୁଳି ଦେଇ ଗଲେଣି ଘର ଭିତରକୁ । ସ୍ୱର୍ଣ୍ଣ ତଳ ପାଉଛ ଉପରେ ଠିଆ ହୋଇ ପଲାସପୁରର ବ୍ରାହ୍ମଣ ସାହିଟାକୁ ଦେଖୁ-

ଥିଲା ମନତୃପ୍ତ କରି । ତେବେ କଅଣ ସେ ଏ ଭିତରି ବର୍ଷ ଭିତରେ ଦାଣ୍ଡଦୁଆରଟାକୁ ଦେଖି ନ ଥିଲା ! ଦେଖିଥିଲା ସେ, କିନ୍ତୁ ଆଜିର ଦୃଷ୍ଟି ଦେଇ ଦେଖି ନ ଥିଲା । ଘରୁ ବାହାରିଲେ, ଆସିବ ବଳଦ ଶଗଡ଼ । ଶଗଡ ଚାଲିଆଟା ଉଖାହୋଇଯିବ ବାରଣ୍ଡା ଉପରକୁ । ଶଗଡ଼ର ଦୁଇ ପାଖରେ ବନ୍ଧା ହୋଇଥିବା ପରଦା । ସେ ଦାଣ୍ଡପିଣ୍ଡାର ତଳ ପାଉଛ ଉପରେ ଠିଆହୋଇ ଦେଖିଲା, ଲମ୍ବା ସାହିଟା, ଦୁରରେ ମିଶି-ଗଲା ପରି ଦିଶୁଛି ଦୁଇଧାଡ଼ି ଘର ଦୁଇପାର୍ଶ୍ୱର । ପୂର୍ବଆଡ଼ୁ ଦୃଷ୍ଟି ଫେରେଇ ଆଣି ଦେଖିଲା ପଶ୍ଚିମ ଆଡ଼କୁ, କୃଷ୍ଣ ଷଷ୍ଠୀର ଚନ୍ଦ୍ର ଖସିଗଲାଣି ତଳକୁ । ରାତିର ଅନ୍ଧକାର ପୁଞ୍ଜ ନ ଥିଲା ଆହୁରି । ପଶ୍ଚିମ ପାଖର ଶେଷକୁ ପର୍ଶୁରାମ ଦାସଙ୍କ ନଡ଼ିଆ ବଗିଚା । ତାପରେ ଆଉ ଘର ତ ଦିଶୁ ନାହିଁ । ମାର୍ଗଶିର ମାସର ସୁର ବୁଧବାର ଯାକ ସେ ରାତି ନ ଶୋଇ ସାହିର ସବୁ ସ୍ତ୍ରୀଙ୍କ ଆଗରୁ ଧୂପ ଜାଳି ଦେଇଯାଏ ଦାଣ୍ଡ-ପିଣ୍ଡାରେ ।

ଝିରି ଝିରି ହୋଇ ବହିଗଲା ରାତି ଶେଷର ଶୀତ ସମୀରଣ । ଆବେଗରେ ଅଧୀର ହୋଇଉଠିଲା ସ୍ୱର୍ଣ୍ଣର ଅନ୍ତର । ସେ ଆଉଥରେ ଭଲ କରି ଚାହିଁଲା ଚାରି-ଦିଗକୁ ! କି ସୁନ୍ଦର ଦିଶୁଛି ସତେ ଆକାଶ-ଅବନୀ ! ଜନ୍ମଦାତ୍ରୀ ଜନନୀକୁ ଆଖିରେ ଦେଖିନାହିଁ । ଏଇ ବିଶାଳ ମୃତ୍ତିକା ହିଁ ତା'ର ପିତା-ମାତା ସବୁ । ବସୁ-ମାତାର ଗର୍ଭରେ ଲୀନ ହୋଇଯିବାକୁ ହେଉଛି ତାହାର ଆକାଂକ୍ଷା । ମାତୃହରା ସନ୍ତାନ ଖୋଜୁଛି ମାଆର କୋଳ ।

ବିଶୁ ଦେଖିଲା, ସ୍ୱର୍ଣ୍ଣ ଚାହିଁ ରହିଛି ଦୂର ଦିଗନ୍ତକୁ । ସେ ଭାବିଲା, ଶୀତ ପାହାନ୍ତିଟା ବୋଲି ସିନା ବାସେ କି ପାହେ ଉଠିଆସି ନାହାନ୍ତି । ଖରାଦିନ ହୋଇଥିଲେ, ଏତେବେଳକୁ ବୈଷ୍ଣବ ପ୍ରଧାନ ପାଣି-ଲୋଟା ଧରି ତା' ପିଣ୍ଡା ଉପରେ ବସି ପଡ଼ନ୍ତାଣି ଦାନ୍ତ ଘଷିବାକୁ । ସେ ସ୍ୱର୍ଣ୍ଣ ଆଡ଼କୁ ଅଗ୍ରସର ହୋଇ ଆସି କହିଲା, ଧୂପ ଦେବା ତ ହୋଇଗଲା, ଚାଲ ଘରକୁ ଯିବା । ଶ୍ୟାମପାଣେ 'ଉଠ ରାମ' ଗୀତ ଗାଇଲେଣି । ସକାଳ ହେଇଯିବ ।

ସ୍ୱର୍ଣ୍ଣ ତାର ପ୍ରାତଃକୃତ୍ୟ ଶେଷକରି ଆସି ଘର-ଭିତରେ ବସି ଛାଡ଼ିଦେଇଥିବା ସ୍ଥାନରୁ ପୁଣି ଆରମ୍ଭ କରିଥିଲା ଲେଖିବାକୁ । 'ଧ୍ରୁବ'ର ପ୍ରଥମ ଦୃଶ୍ୟ ସୁନୀତି-ସହିତ ଉତ୍ତାନପାଦଙ୍କ ପରିଣୟ । ସୁନୀତି ପ୍ରଭାବରେ-ରାଜ୍ୟର ସର୍ବତ୍ର ସ୍ଥାପିତ ହେଲା ଶାନ୍ତି ।

ବିଶୁ ସ୍ୱର୍ଣ୍ଣର ଗତିପଥରେ ବାଧା ଦେଇ ଆସି କହିଲା, ଆଜି ବାଛୁରୀଟା ପିଇଗଲା; ଅଳ୍ପ ଦୁଧ ଦୁହାଁ ହୋଇଛି । ସେଆଡେ ବାବୁ ବସିଛନ୍ତି, ମଦନ ସ୍ୱାଇଁ ବସିଛନ୍ତି, ଚା କରି ତ ଆଣିଦେବ ? ସ୍ୱର୍ଣ୍ଣ ଖାତା ଉପରୁ ମଥା ନ ଉଠାଇ କହିଲା, ତୋ ହାତର ସବୁ ଜିନିଷ ମତେ ଭଲଲାଗୁଛି ବିଶୁ ! ଦିନକୁ ଶହେଥର କରି କହିଲେ ମଧ୍ୟ ମୋ ମନ ତୃପ୍ତ ହେଉନାହିଁ । ତୋ ହୃଦୟର ପବିତ୍ର ପ୍ରେରଣା ପାଇ ତ ମୁଁ କାର୍ଯ୍ୟ କରିପାରୁଛି । ବିଶୁ ହସିଦେଇ କହିଲା, ସତେ ମାଆ, ଆମେ କେବେ ଭାବି ନ ଥିଲେ, ମାଷ୍ଟ୍ରେ ହେଲା, ଆସିବେ, ଆମ ଘରେ ଇମିତି ନିତି ବସି ଗୀତ ଗାଇବେ । ଅସୁବିଧା କେତେ ହେଉଛି, ମାତ୍ର ସେମାନେ ଦିନେ ନ ଆସିଲେ ମନଟି ବଡ଼ ବିକଳ-ହୋଇଯାଉଛି । ଏ କଥା କହୁ କହୁ ଘର ଭିତରକୁ ଚାଲିଗଲା ବିଶୁ ।

ସ୍ୱର୍ଣ୍ଣର ମନେପଡ଼ିଗଲା, ଦୂର-ଅତୀତରେ ଦିନେ-ଧ୍ରୁବନାଟକ ସମ୍ବନ୍ଧରେ ଆଲୋଚନା କରି ଶ୍ୱଶୁର କହିଲେ, "ମୁଁ ଧ୍ରୁବର ତପସ୍ୟାଟିକୁ ବିଷୟରୂପେ ରଖି ନାଟକ ଲେଖିଥିଲି ସ୍ୱର୍ଣ୍ଣ-ମା' । ଅନ୍ୟମାନେ ମଧ୍ୟ ଲେଖିଛନ୍ତି, କିନ୍ତୁ ସେ ଭିତରେ ଯେ ଗୋଟିଏ ତାହାର ତତ୍ତ୍ୱ ନିହିତ ଅଛି, ସେ ଆଡ଼କୁ ଦୃଷ୍ଟି ଯାଇପାରୁ ନାହିଁ । ସୁନୀତିର ପୁଣ୍ୟ ବିରହ ବିଳାପରେ ଏଇ କଥା ହିଁ ସ୍ପଷ୍ଟ କରିଥିଲି । ରାଜା ଉତ୍ତାନପାଦ ସୁରୁଚି ପ୍ରତି ଆସକ୍ତ ହୋଇ ଚିରବରଣୀୟା ସୁନୀତିଙ୍କୁ ଦେଲେ ଅରଣ୍ୟବାସ ଦଣ୍ଡ । ସୁନୀତି ସହିତ ରାଜାଙ୍କର ଘଟିଲା ଦୂର ବ୍ୟବଧାନ । ସୁରୁଚିଦ୍ୱାରା ରାଜା ହେଲେ

ପଶିବ୍ରଜତ । ସୁ ରୁଚ ଅର୍ଥାତ୍ ସ୍ୱେଚ୍ଛାଗ୍ରୁରତା ବା ତଥାକଥିତ ସଭ୍ୟତା ହିଁ ରହିଲା ରାଜ୍ୟରେ । ଧ୍ରୁବ ବା ଦୃଢ଼ନିଷ୍ଠପ୍ରତା ସେ ସୁମାତର ସନ୍ତାନ, ସେ ଆସି ଆବେଗରେ ବାହୁପ୍ରସାରଣ କଲା ରାଜାଙ୍କ ପାର୍ଶ୍ୱରେ ବସିବା ପାଇଁ । ରୁଚିପ୍ରିୟ ଉତ୍ତାନପାଦ ସୁଖଭୋଗରେ ଅତ୍ୟନ୍ତ ଆସକ୍ତ ହୋଇ ଗ୍ରହଣ କରିପାରି ନ ଥିଲେ ଧ୍ରୁବକୁ ।"

ଇମିତି ଗୋଟିଏ ଗଭୀରତର ଭାବନାସ୍ରୋତରେ ବାଧା ଦେଇ ବଣ୍ଟୁ ଅଗଣା ଆଡ଼କୁ ଆସୁ ଆସୁ କହିଉଠିଲା, ମାଈ ! ଶୁକବାବୁଙ୍କ ଚିଠି ଆସିଛି, ଦେଖିବ ଆସ । ଶୁକର ଚିଠି କଥା ଶୁଣି ସ୍ଥିର ହୋଇ ବସିପଡ଼ିଲା ଦୁଆରମୁହଁ ଆଡ଼କୁ ଚାହିଁ । ଶୁକ କଣ ନାଟକର ବ୍ୟବହାର ଜଞ୍ଜାଳରୁ ମୁକ୍ତହେବାକୁ କହିଥିବ ? ସେ ତ ପୁଅର କଥାକୁ ଦୈବବାଣୀ ପରି ମାନି ଆସିଛି । ଶୁକ ଯଦି ସେଇ କଥା ଲେଖିଥାଏ, ତେବେ ତାକୁ ସେଥିରୁ ଦୂରରେ ରହିବାକୁ ହିଁ ହେବ । ଚିଠି ଖୋଲୁ ଖୋଲୁ ହୃତ୍‌ସ୍ପନ୍ଦନଟା ଦ୍ରୁତ ହୋଇ ଉଠିଲା ସ୍ୱର୍ଣ୍ଣର ।

ସ୍ୱର୍ଣ୍ଣ ଚିଠି ପଢ଼ା ଆରମ୍ଭ କରୁକରୁ ବଣ୍ଟୁ ପଚାରିଲା, ଶୁକବାବୁ 'ବଡ଼ମା' ସବୁ ଭଲ ବୋଲି ଲେଖିଛନ୍ତି ନା !

ଗଭୀର ତୃପ୍ତିରେ ଦୀର୍ଘନିଶ୍ୱାସ ଛାଡ଼ି ସ୍ୱର୍ଣ୍ଣ କହିଲା, ହଁ ରେ ବଣ୍ଟୁ, ଶୁକ ଭଲଅଛି । ତୋ କଥା ମଧ୍ୟ ଲେଖିଛି । ସେ ତ ଆଉ ଏ ଛୁଟିରେ ଆସିବ ନାହିଁ । ବଣ୍ଟୁ ଶୁଣୁ ଶୁଣୁ ଚାଲିଗଲା ବାଡ଼ି ପାଖ ଆଡ଼କୁ । ସ୍ୱର୍ଣ୍ଣ ବାରମ୍ବାର କରି ପଢ଼ିଯାଉଥିଲା ଶୁକର ଚିଠି । ଏତିକିବେଳେ ପରମାନନ୍ଦ ଆସି କହିଲେ, ମଦନ ସ୍ୱାଇଁ ଡାକି ନେଇ ଗଲେ ତାଙ୍କ ଘରକୁ । ତାଙ୍କ ଝିଅର ପୁଅଟିଏ ଜନ୍ମହୋଇଛି । ବାନ୍ତି କରୁଛି । ଏତେ ଛୋଟ ପିଲାକୁ ବୈଦ୍ୟ ଔଷଧ ଦେବା ସହଜ କଥା ନୁହେଁ । ତାକୁ ହୋମିଓପାଥିକ ମେଡ଼ିସିନ୍‌ଟାଏ ଦେଇ ଆସିଛି । ଶୁକର ଚିଠି ଆସିଛି ବୋଧହୁଏ ! କଅଣ ଲେଖିଛି ସେ ?

ସ୍ୱର୍ଣ୍ଣ ହସି ହସି କହିଲା, ସବୁ ଗୋଟାଯାକ କହ ନାହିଁ । ଯେଉଁଠି ଯିମିତି ଥିଲା, ସେଠିକି ଫେରିଯାଇ ପୁଣି ସିମିତ ସହଜ ଓ ସରଳ ଭାବରେ ଚଳପ୍ରଚଳ ହେବାକୁ ଇଚ୍ଛାହେଉଥିଲା ।

ପରମାନନ୍ଦ ଖଟ ଉପରେ ବସିପଡ଼ି କହିଲେ, ସେତିକିବେଳୁ ମୁଁ ଇମିତି ଠିଆହୋଇଛି; ଟିକିଏ ବସ ବୋଲି କହିବାକୁ ଭୁଲିଯାଇଛ ! ତୁମେ ଆଉ ଥରେ କହୁଛ, ଯେଉଁଠି ଥିଲ ସେଠିକି ଫେରିଯିବ । ଏ ଯେ ଚକ୍ରବ୍ୟୂହ ଶୁକବୋଉ ! ଥରେ ଏ ଭିତରକୁ ଗଲେ ଆଉ ଫେରିଆସି ପାରିବନାହିଁ । ଏ ସାଧନାରେ ସିଦ୍ଧିଲାଭ କଲେ ହେବ ଅମର । ନ ପାରିଲେ ପୋକଯୋକ ପରି ମରିବା କଥା । ସେ ଫେରିଆସିବା ନ ଆସିବା କଥା ପରେ ଆଲୋଚନା କରିବା । ଚିଠିଟା ପଢ଼ିଲ, ଶୁଣିବା, ପୁଅ ତୁମର କଅଣ ଲେଖିଛି !

ସ୍ୱର୍ଣ୍ଣ ଚିଠିପଢ଼ା ଆରମ୍ଭକରି କହିଲା, ଏଇ ତ ଲେଖିଛି । ବୋଉ, ତୁମ ଚିଠିରୁ ଜାଣିଲି ଇତିମଧ୍ୟରେ ଅନେକଗୁଡ଼ିଏ ନାଟକ ଲେଖିହେଲଣି । ନାଟ୍ୟକାର ଦୁଇ ଜଣ ଆସିଯାଇଛନ୍ତି । ତୁମର ଲେଖାଗୁଡ଼ିକ ଦେଖି, ପଢ଼ି, ଶୁଣି ଭଲ ଆଲୋଚନା କରିଛନ୍ତି । ପୁଣି ଏଗୁଡ଼ିକ ଅଭିନୟ କରାଇବା ଉଦ୍ଦେଶ୍ୟରେ ଆୟୋଜନ କରୁଛନ୍ତି । ଏମାନେ ସ୍ୱତଃପ୍ରବୃତ୍ତ ହୋଇ ତୁମର ଏତେ କାର୍ଯ୍ୟ କରିଦେଉଛନ୍ତି, ଏହା କମ୍ ସୌଭାଗ୍ୟର କଥା ନୁହେଁ । ଏଇ ସୁଯୋଗରେ, ଯେତେ ପାରିବ ଲେଖିଯାଅ । ନାଟକ ପ୍ରତି ତୁମର ଅନୁରକ୍ତି ଆସିଛି । ଜଣେ ଜଣେ ସାହିତ୍ୟିକ ଭିନ୍ନ ଭିନ୍ନ ସମୟରେ ଭିନ୍ନ ରଚନା ଲେଖିହୋଇଥାନ୍ତି । କାବ୍ୟ ଲେଖୁଥିବେ ତ ଗୁଡ଼ାଏ ଲେଖିଯିବେ । ନାଟକ, ଉପନ୍ୟାସ ଆରମ୍ଭ କରିଦେଲେ ସେଇଥିରେ ଲାଗିଯିବେ । ତୁମେ ସେଇପରି ନାଟକ ଲେଖାରେ ଲାଗିଯାଇଛ । ସେ ଯାହାହେଉ, ତୁମର ନାଟକ ସର୍ବାଙ୍ଗସୁନ୍ଦର ହେଉ, ଏହା ହିଁ ମୋର କାମନା । ଲିଖିତ ନାଟକଟି ଅଭିନୀତ ନ ହେଲେ କଳାର, ମଞ୍ଚ, ଯୋଗ୍ୟତା, ଦୃଶ୍ୟଗୁଡ଼ିକର ସାମଞ୍ଜସ୍ୟ, ସ୍ୱାଭାବିକତାର ସମନ୍ୱୟ ଇତ୍ୟାଦି ଘଟିଛି

କି ନାହିଁ ଜଣାଯାଏ ନାହିଁ । ଏଣୁ ନାଟକ ଅଭିନୟ କରାଇବା ନିତାନ୍ତ ଆବଶ୍ୟକ । ଏପରି ଗୋଟାଏ ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟ କରାଇବା ଆମ ପରି ସାଧାରଣ ବ୍ୟକ୍ତିଙ୍କ ପକ୍ଷେ କଷ୍ଟସାଧ୍ୟ । ବିଶେଷରେ ଘର ଭିତରର ଜଣେ ଗୃହିଣୀ ପକ୍ଷେ ଘୋର ଅସୁବିଧାଜନକ । ତେବେ ସାହସ ଯେତେବେଳେ କରାଯାଇଛି, ଯେତେ ବାଧା ଘଟୁ ପଛକେ ପଛେଇ ଯିବାକୁ ହେବନାହିଁ । ବାଧାରୁ ହିଁ ମନୁଷ୍ୟ ଲାଭକରେ ପରମାତ୍ମାଙ୍କ ପ୍ରସାଦ । ଏଠି ସବୁ ଖେଳ-କୌତୁକର କଥା ନୁହେଁ । 'କାର୍ଯ୍ୟ ସାଧନ କିମ୍ବା ଶରୀର ପତନ' । ଏଇ କାର୍ଯ୍ୟ ସାଧନ କରିବା ପାଇଁ ରତ୍ନାକର ମାଟିରେ ମିଶି ଯାଇଥିଲେ । ସାହିତ୍ୟର ଉଦ୍ଦେଶ୍ୟ ଜନସମାଜର ମନୋରଞ୍ଜନ କରିବା । ଆପଣାର ଅବଶିଷ୍ଟ ସମୟ ଦେଇ କବିତା ଗୋଟାଏ କିମ୍ବା ସାହିପଢ଼ିଶାର ଦୋଷଗୁଣ ଦର୍ଶେଇ ଗଳ୍ପ ଗୋଟାଏ ଲେଖିଦେଲେ କେହି ସାହିତ୍ୟିକ ହୋଇଯାଏ ନାହିଁ । ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେବାକୁ ହେବ । ଜନସମାଜ ଯେପରି ତୁମର ଦୋଷ ନ ଦେଖି ଗୁଣ ବାଛି ତୁମକୁ ଶ୍ରଦ୍ଧାକରିବେ । ଏଥିରେ ତୁମେ ସମ୍ପୂର୍ଣ୍ଣ ରୂପେ ଜୟଯୁକ୍ତ ହୋଇପାରିବ ବୋଲି ଆଶା କରି-ପାରୁନାହିଁ । କାରଣ ଦେଶ, କାଳ, ପାତ୍ର ବୋଲି ଗୋଟାଏ କଥା ଅଛି । ତୁମେ ଯେଉଁ ସ୍ଥାନରେ ବାସ କରି ରହିଛ, ସେଠି କୌଣସି ସ୍ତ୍ରୀ ଇମିତି ଗୋଟାଏ କାର୍ଯ୍ୟ କରିନାହିଁ । ଏଣୁ ତୁମରି ପରି କେତେଜଣ ସ୍ତ୍ରୀ ହିଁ ତୁମ କାର୍ଯ୍ୟର ବିରୁଦ୍ଧରେ କହିବେ । ସେମାନେ ଏ କଥା ଇମିତି ଭାବରେ, ରସରେ ରସାଣିତ ଏବଂ ରଙ୍ଗରେ ରଞ୍ଜିତ କରି ସ୍ୱାମୀ-ପୁତ୍ରଙ୍କ ନିକଟରେ ପ୍ରକାଶ କରିବେ ଯେ ମନ୍ତ୍ରଗ୍ରହଣ କଲାପରି ହିଁ ସେମାନେ ସେ କଥା ଶୁଣିବେ । ଏଠି ମୁଁ ଆଉ ଗୋଟାଏ କଥା ମଧ୍ୟ ଚିନ୍ତା କରୁଛି । କେହି କରିନାହାନ୍ତି ବୋଲି ଆଉ କେତେ ଦିନ ଅପେକ୍ଷା କରାଯିବ ? ଜଣକୁ କାହାକୁ ତ ଆରମ୍ଭ କରିବାକୁ ହେବ । ସେ ଜଣକ ତୁମେ ହିଁ । ଏକଥା ମୁଁ ଗତଥର ଚିଠିରେ ମଧ୍ୟ ଲେଖି-ଥିଲି । ଆରମ୍ଭ ଯେତେବେଳେ କରିଛ, ସେ କାର୍ଯ୍ୟର ପଦତଳେ ଆତ୍ମସମର୍ପଣ କରିଦିଅ । ଇମିତି ଗୋଟାଏ ମହତ୍ କାର୍ଯ୍ୟ କରିଥିଲ ବୋଲି କାଳଅଙ୍କରେ ତୁମରି ନାମଟି ଲେଖା ହୋଇ ରହିଯିବ । ଏ କାଳରେ ଯିଏ କେହି ଜଣେ ଦି'ଜଣ ତୁମର କିମ୍ବା ତୁମ କାର୍ଯ୍ୟର ଅପ୍ରଶଂସା କରିବ, ଚିରକାଳ ପାଇଁ ତ ଏମାନେ ବଞ୍ଚି ନ ଥିବେ । ତୁମର ଏଇ ନବୀନ ସୃଷ୍ଟି ରହିଥିବ ଚିର-ନବୀନ ହୋଇ । ଭବିଷ୍ୟତରେ ତୁମପରି କେତେ ପିତୃ-ମାତୃହୀନା କିଛି କରି ନ ପାରିଲେ ମଧ୍ୟ ତୁମ ଆଦର୍ଶରେ ସାକ୍ଷର ହେବାକୁ ପ୍ରୟାସ କରିବେ । ଭାବୀକାଳର ବ୍ୟକ୍ତି ତୁମକୁ ହୃଦୟ ଅଧିଷ୍ଠାତ୍ରୀ କରି ରଖି ଶ୍ରଦ୍ଧାଞ୍ଜଳି ଅଜାଡ଼ି ଦେବେ ତୁମ ଉଦ୍ଦେଶ୍ୟରେ । ମୋର ଯେତେବେଳେ ବୟସ ହୋଇଯିବ, ସଂସାର କର୍ମରୁ ଅବସର ନେଇ ବସିବି, ଆଲମାରିରେ ତୁମର ଛପା ବହି ଭରି-ହୋଇଥିବ । ଯେତେବେଳେ ମୋର ନାତି କିମ୍ବା ନାତୁଣୀ ସେଥିରୁ ଖଣ୍ଡିଏ ଆଣି ମତେ ଦେଖେଇ ପଚାରିବ, ମୁଁ କାହିଁକି ଇମିତି ଲେଖୁନାହିଁ ବୋଲି ! ଏ କଥା କଳ୍ପନାକଲେ ମୋର ଅନ୍ତଃକରଣ ଆନନ୍ଦ-ଆବେଗରେ କମ୍ପିଉଠୁଛି । ଭାବୀକାଳର ବାଳକ-ବାଳିକା ହେବେ ତୁମ ଲେଖାର ପାଠକ ପାଠିକା । ତୁମେ ମୋର କବି-ମା । ପ୍ରତିଦିନ ପ୍ରତ୍ୟାବର୍ତ୍ତନ ଘଟୁ-ଥିବ ତୁମର ଅମରପୁରୀରୁ ମର୍ତ୍ତ୍ୟରାଜ୍ୟକୁ । ଇମିତି ଭାଗ୍ୟବାନ ପୁଅ ମୁଁ ତୁମର । କବି-ମାଆର ଭାବ ପଢ଼ି ଆଖି ମୁଦି ହୋଇଯାଉଥିବ ଭାବାବେଶରେ ପୁଅର ।

ତୁମ ଚିଠିରୁ ମୁଁ ଆଉ ଗୋଟିଏ ବିଷୟ ଦେଖିଲି । ଏ ଚିଠିଖଣ୍ଡିକ ପଢ଼ିବାରୁ ମୋର ଭାବନାଗୁଡ଼ାକ ହୃଦୟ ଭିତରେ ପରସ୍ପରଠାରୁ ଠେଲାଠେଲି ହେଉଅଛନ୍ତି । ପ୍ରତ୍ୟେକଟି କହୁଛି, "ମତେ ପ୍ରଥମେ ପ୍ରକାଶ କର, କାରଣ ଏ କଥା ଭିତରେ ମୋର ପ୍ରାଧାନ୍ୟ ଅଛି ବେଶି ।" ତା ପାଖକୁ ରହି ଅନ୍ୟ ଭାବନାଟି ଅଭିମାନ କଲାପରି କହୁଛି, "ମତେ ଯଦି ଆଗ ନ ଦେଖେଇବ ମୁଁ କେଉଁଆଡ଼େ ହଜିଯିବି, ସେତେବେଳେ ଆଉ ନ ଖୋଜିଲେ ମଧ୍ୟ ପାଇବ ନାହିଁ ।" ତୁମେ ଯେ ଲେଖିଛ, ଚିରାଚରିତ ପ୍ରଥା ପାଳନ ନ କରି ମନରେ ସମସ୍ତଙ୍କୁ

ସମସ୍ତେ ଦୁଃଖ ହେଉଛନ୍ତି, ମୁଁ ସେଇକଥା ହିଁ ପ୍ରଥମେ ଲେଖୁଛି । ବହୁକାଳରୁ ଚଳି ଆସୁଥିବା ପ୍ରଥା କୋଉ କାରଣ କରୁ ଗୋଟାଏ ଅଛି କି ବୋଉ ! ଆଜିର ସବୁ କାଳକୁ ବଦଳି ଯାଉଛି । ପୁରୁଣା ସବୁ ଅସ୍ପଷ୍ଟ ହୋଇ ଧୀରେ ଧୀରେ ପ୍ରବେଶ କରୁଛି ନୂତନ । ଇତିହାସରୁ ଜାଣିପାରିବ—ପ୍ରସ୍ତର ଯୁଗରୁ ଏଇ ମନୁଷ୍ୟ ଜାତି କେଉଁଠିକି ଆସିଲାଣି । ମନେ ପଡ଼ୁଛି ମାର୍ଗଶିର ମାସରେ ତୁମର ସେହି ଲକ୍ଷ୍ମୀପୂଜା ଦିନ, ପୁରାଣ ପଢ଼ିଥିଲି । ବଳରାମ ଦାସ ଥିଲେ ଜଣେ ସନ୍ଥ କବି । ସେ ମଧ୍ୟ ଯୁଗ ଉପଯୋଗୀ କରି କାବ୍ୟ ଲେଖିଥିଲେ । ସେ ସମୟରେ ପିତାମାତା ବୋଧହୁଏ କନ୍ୟାବିଦ୍ୱେଷୀ ଥିଲେ । ତା' ନ ହୋଇଥିଲେ, ଆମର ଜଗନ୍ନାଥଙ୍କ ରାଜ୍ୟରେ, ଯେଉଁଠି ବ୍ରାହ୍ମଣ-ଚଣ୍ଡାଳ ଏକ ପାତରେ ଭୋଜନକରିବା କଥା ଚଳିଆସୁଛି; ଯେଉଁ ପବିତ୍ର ଭୂମିରେ ଜାତିଭେଦ ନାହିଁ; ସେଠି କନ୍ୟା-ସନ୍ତାନ ଓ ପୁତ୍ର-ସନ୍ତାନ ମଧ୍ୟରେ ବଡ଼ଧରଣର ବ୍ୟବଧାନ ସୃଷ୍ଟି କରା ଯାଉଛି । ସବୁ ଜାତି ଏକତ୍ର ହୋଇ ଏକ ଶ୍ରେଣୀରେ ବସି ପ୍ରସାଦ ଖାଉଥିବା, ଏକାଠି ଆନନ୍ଦରେ ଜଗନ୍ନାଥଙ୍କୁ ଦର୍ଶନ କରୁଥିବା ଯେଉଁ ଦେଶର ସଂସ୍କୃତି, ସେ ଦେଶର କବି, "ମହାଲକ୍ଷ୍ମୀ ପ୍ରସାଦ ପରଲୋକ ନ ଦେବ; ବାହା ହୋଇଥିବା ଝିଅ ମୁଠା ନ ଖାଇବ" ବୋଲି ଲେଖି ନ ଥାନ୍ତେ । ଜଗନ୍ନାଥ ସ୍ୱାମୀଙ୍କ ପ୍ରସାଦ ବ୍ରାହ୍ମଣ, ଶୂଦ୍ର, ପରଜାତି ସମସ୍ତେ ଏକତ୍ର ହୋଇ ଆନନ୍ଦରେ ଭୋଜନ କରୁଛନ୍ତି; କିନ୍ତୁ ଯେଉଁ ମହାଲକ୍ଷ୍ମୀ ଏ ବିଶ୍ୱବ୍ରହ୍ମାଣ୍ଡର ପ୍ରାଣୀଗଣଙ୍କୁ ଖାଦ୍ୟକଣା ବିତରଣ କରି ବଞ୍ଚାଇ ରଖିଛନ୍ତି, ଆମ ଘରେ ତାଙ୍କରି ଭୋଜନାବଶିଷ୍ଟର ମୂଲ୍ୟ ଏତେ ବେଶି ଯେ ଆପଣାର କନ୍ୟା-ସନ୍ତାନକୁ ବଞ୍ଚିତ କରି ପିତାମାତା ଏକାନ୍ତରେ ବସି ସେ ଅନ୍ନରେ ଉଦର ପୂରଣ କରଥାନ୍ତି ! ଏ କଥା ଲେଖିବାକୁ ଗଲେ ଅନେକ ବିଷୟ ଆସିଯିବ । ଆମ ସମାଜରେ ଝିଅମାନଙ୍କର ଟଙ୍କା, ସୁନା, ଭୂମି ଘର ଇତ୍ୟାଦିରେ କୌଣସି ଅଧିକାର ନାହିଁ । ବାପ-ମାଆ ଦୟାକରି ଯାହା ଦେବେ, ସେତିକି ହିଁ ତାଙ୍କର ପ୍ରାପ୍ୟ । ଏ ସମସ୍ତ ସତ୍ତ୍ୱେ ମହାଲକ୍ଷ୍ମୀଙ୍କ ପ୍ରସାଦରେ ମଧ୍ୟ କନ୍ୟା ସନ୍ତାନର କୌଣସି ଦାବି ନାହିଁ । ଏ ଧରଣୀ ନାରୀ ପୁରୁଷ ଉଭୟ ଶକ୍ତି, ଉଭୟ ଶକ୍ତିଙ୍କର ସମ୍ମିଶ୍ରଣରେ ଗଠିତ । ତୁମର ଯଦି କନ୍ୟା ସନ୍ତାନଟିଏ ଥାଆନ୍ତା, ତୁମେ ମଧ୍ୟ ଏଇ ବ୍ୟବହାର କରିଥାନ୍ତ ତା ପ୍ରତି । ଏ କଥା ଭାବିଲେ ନାରୀ ଜାତି ପ୍ରତି ମୋର ସହାନୁଭୂତିଶୀଳ ହୃଦୟଟି ବ୍ୟଥିତ ହୋଇଉଠୁଛି ଥରେ ଥରେ । ଏଇ ସମସ୍ତ ବିଷୟ ତୁମର ଗଳ୍ପ ଏବଂ ନାଟକରେ ସ୍ପଷ୍ଟକରି ଫୁଟାଇଦେବ । ଆଉ ଗୋଟାଏ କଥା ମନେପଡ଼ୁଛିଲି, ବୋଉ ବୁଣା ଫୋଡ଼େଇବାର ଧାନ ସୁଜନ ଲକ୍ଷ୍ମୀ ପୂଜା କରୁନାହିଁ ବୋଲି ତୁମ ମନରେ ଯୋଉ; ଦୁଃଖ ହେଉଛି । ମୁଁ ସେଇ କଥା କହୁଛି । ଦେଶ, କାଳ ଏବଂ ପାତ୍ରଭେଦ ତୁମେ ଆଜି ପର୍ଯ୍ୟନ୍ତ ଜାଣିପାରିଲନାହିଁ ବୋଉ ! ତୁମର ବୁଢ଼ିଭଉଣୀମାମାନେ ପ୍ରାଚୀନ ଯୁଗରେ ଧାନମୁଠା କରି ଅନ୍ୟ କାହାକୁ ନ ଦେଇ ରଖୁଥିଲେ । ସେ ଧାନ ବେଳକୁ ବେଶୀ ତ ଥିଲା କି ତୁଁଷ ନ ଥିଲା । ସେ ସମୟରେ ଲୋକ କଷ୍ଟରେ ଧାନଗଛିଏ ଆଦାୟ କରୁଥିଲେ ବୋଧେ । ସୁତରାଂ ଝିଅକୁ ମଧ୍ୟ ସେ ମୁଠା ଧାନର ଭାତ ଦେଉ ନ ଥିଲ । ବର୍ତ୍ତମାନ ଧାନ ଅମଳର ପରିମାଣ ବୃଦ୍ଧି ପାଇଥିଲେ ମଧ୍ୟ ସେକାଳର ସେଇ ପ୍ରଥାଟି ରହିଯାଇଛି । ବର୍ତ୍ତମାନ ଭାରତର ବହୁ ଅଞ୍ଚଳରେ ସେ ପ୍ରଥାଟିର ପଦ୍ଧତି ପରିବର୍ତ୍ତିତ ହୋଇ ପୂଜା-ପାର୍ବଣ ଇତ୍ୟାଦି ଏକ ନବ ଆକାର ପ୍ରକାରରେ ରୂପାନ୍ତରିତ ହୋଇଆସୁଛି । ପରିବର୍ତ୍ତିତ ହେବା ହିଁ ସ୍ୱାଭାବିକ । ଏଇ ଗୋଟିଏ କଥା ତୁମେ ଭଲଭାବରେ ବୁଝ । ତୁମ ଶ୍ୱଶୁର ସାହସ କରି ବନ୍ଧ୍ୟା-ଅଭିଯୁକ୍ତ ଭଉଣୀଙ୍କୁ ଘରୁ ବାହାର [illegible] ନ ଥିଲେ । ନନାଙ୍କୁ ତାଙ୍କ ମାଆ ଛାଡ଼ିବାକୁ ଅନୁମତି ଦେଇପାରି ନ ଥିଲେ । ସେଇ ସମୟର କଥା ତୁମକୁ ମନେ ପକାଇଦେଲି ଦୁଇ ପ୍ରକାରରୁ । ମୁଁ ଏଠି ଏଇ ତୁମଠାକୁ ଚିଠି ଲେଖୁଛି ଆମର ସାମାଜିକ ଅବସ୍ଥାକୁ ବିଶ୍ଳେଷଣ କରି । ତୁମେ ଘରେ ବସି ନାଟକ ଲେଖୁଛ । ଏ ବିଂଶୋର ପ୍ରଭାବ ତ ଆଜି ନ ହେଲେ ମଧ୍ୟ ଆଉ ପାଞ୍ଚବର୍ଷ ପରେ ଅନ୍ୟମାନଙ୍କ ଉପରେ ପଡ଼ିବ ଓ ସେ ସମୟକୁ ସମ୍ଭବତଃ ଦେଶର ରୂପ ବଦଳି ଯାଇଥିବ

ବର୍ତ୍ତମାନ ଆନ୍ଦୋଳନର ଆଲୋକରେଖା ଦେଖାଦେଇଛି; ମାନବ ମାତ୍ରେ ଏ ଆଲୋକ ଆଡ଼କୁ ଆଖି ଖୋଲି ଚାହିଁବେ । ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବ । ଉତ୍କଳୀୟମାନଙ୍କର ଆଶା, ଭାଷା ବଳିଷ୍ଠ ହୋଇ ଉଠିବ ଦିନକୁ ଦିନ । ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଗଲାଣି । ସକଳ ପ୍ରକାର ଜାତିଭେଦ ଭୁଲି ବ୍ରାହ୍ମଣ ଚଣ୍ଡାଳ ସମସ୍ତେ ଏକ ମାନବ ହୁଅ ବୋଲି ଆଦେଶ ଆସିଗଲାଣି ଅବତାର-ପୁରୁଷଙ୍କଠାରୁ । ଆମର ଗତିବିଧିରେ ପରିବର୍ତ୍ତନ ଘଟିଛି । ଯଦି ବା ଅନେକେ କିଛି ଘଟିନାହିଁ ବୋଲି ଭାବିଥାନ୍ତି; କିନ୍ତୁ ପରିବର୍ତ୍ତନ କେତେବେଳେ କେଉଁ ଛଳରେ ଘର ଭିତରକୁ ଆସି ଯାଇଥାଏ, ତାହା ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାଯାଏ । ତୁମେ ଲେଖିଛ, ଏତେଦିନ ପରେ ତୁମେ ବୁଝିପାରିଛ ଈଶ୍ୱର ବାହାରେ ନାହାନ୍ତି, ଅଛନ୍ତି ଭିତରେ । ତାହାହେଲେ ମଧ୍ୟ ତୁମ ମନରେ ସେଇ ଚିରାଚରିତ ପ୍ରଥାଟି ପାଳନ କରିପାରୁନାହଁ ବୋଲି କ୍ଷୋଭ ହେଉଛି । ଆମେ କେହି ତ ମୂର୍ତ୍ତିପୂଜାର ବିରୋଧୀ ନୋହୁଁ । କେଉଁ ଅନନ୍ତକାଳରୁ ଏହି ପୂଜାର ଅଦମ୍ୟ ବିଭୂତି ପରିଲକ୍ଷିତ । ଏହାର ମାଧ୍ୟମରେ ମନୁଷ୍ୟ ବିରାଟ ପରଂବ୍ରହ୍ମଙ୍କର ବାସ୍ତବ ସତ୍ତାଟିକୁ ହୃଦୟ ମନ୍ଦିରରେ ସ୍ଥାପନ କରିବା ସୁଯୋଗ ପାଏ । କ୍ରମେ ସେଇ ସାକାର ଭାବନାର ବଳିଷ୍ଠ ବାସ୍ତବ ସତ୍ତା ତା' ଅନ୍ତରରେ ନିରାକାର ନିରଞ୍ଜନଙ୍କର ମହିମାମୟ ସତ୍ତାକୁ, ଆକୀଟ-ବ୍ରହ୍ମ-ବିଶ୍ୱବ୍ୟାପୀ ହିରଣ୍ମୟ ବିଭୁଙ୍କର ବାସ୍ତବ ପରିଚିତିକୁ, ବିଭୁଚୈତନ୍ୟର ଅଲୋକସାମାନ୍ୟ ବୈଶିଷ୍ଟ୍ୟକୁ, ଆନନ୍ଦମୟ ପରଂବ୍ରହ୍ମଙ୍କର ବାସ୍ତବ ଉପଲବ୍ଧିକୁ ପରିବେଷଣ କରିବାରେ ସକ୍ଷମ ହୁଏ । ଭୋଗରୁ ହିଁ ଯୋଗସାଧନାର ଆକାଂକ୍ଷା; ସଗୁଣରୁ ହିଁ ନିର୍ଗୁଣ ଭାବନା ଜାଗ୍ରତ ହୁଏ । ଅତଏବ ଆମେ ସମସ୍ତେ, ଅର୍ଥାତ୍ ଶାନ୍ତିଶୀଳ ବ୍ୟକ୍ତି ମାତ୍ରେ ହିଁ ମୂର୍ତ୍ତିପୂଜାର ମର୍ମ ଅନୁଭବ ଏବଂ ସମର୍ଥନ କରୁ । ପରମଜ୍ଞାନୀ ମଧ୍ୟ ନିରାକାରଙ୍କୁ ସାକାର ରୂପେ ଦେଖି ବ୍ରହ୍ମସାନ୍ନିଧ୍ୟ ଲାଭକରନ୍ତି । ଜ୍ଞାନପ୍ରାପ୍ତ ହେବାଠାରେ ସାକାର-ନିରାକାର ସବୁ ହୋଇଯାଆନ୍ତି ଏକ । ଏହା ହିଁ 'ସୋଽହଂ' ଭାବନା । ପ୍ରହ୍ଲାଦ ଏଇ ଭାବନା ବଳରେ ହିଁ ଚେତନ ଅଚେତନ ସର୍ବ ବସ୍ତୁଙ୍କୁ ଦେଖିପାରୁଥିଲେ ପ୍ରତ୍ୟକ୍ଷ ଭାବରେ । ଏଇ ନିଗୂଢ଼ତତ୍ତ୍ୱ ପାଇବା ପର୍ଯ୍ୟନ୍ତ ମନୁଷ୍ୟ ଅନୁସନ୍ଧିତ୍ସୁ ହୋଇ ଗତିକରେ । ଏଇ ଈଶ୍ୱର ସାକ୍ଷାତର ଇଚ୍ଛା ଏବଂ ଅନୁଭୂତିକୁ ଯଦି ଜୀବନ୍ତ, ଜାଗ୍ରତ କରି ରଖା ନ ଯାଏ, ସାକାର ଭାବନା ଭିତରେ ହିଁ ଯଦି ପରିଶୀଳନ ସୀମିତ ହୋଇଯାଏ, ପ୍ରତି ନିମିଷକେ ଅଗ୍ରସର ହେବ ରେ ପ୍ରୟାସୀ ନ ହୁଏ, ସେତେବେଳେ ବାସ୍ତବ ଈଶ୍ୱର-ସତ୍ତାର ଅନୁଭୂତି ଦୂରେ ଥାଉ, ରାଧାକୃଷ୍ଣଙ୍କୁ ଅପ୍ରାକୃତ ପ୍ରେମମୂର୍ତ୍ତି ରୂପରେ ଦେଖିବା ଏବଂ ଭକ୍ତିସ୍ରୋତର ଉତ୍ସ ମନେକରିବା ଦୂରେ ଥାଉ, ତା' ଅନ୍ତରରେ ନାନା ସଂକୀର୍ଣ୍ଣ ଭାବନା ପୁଞ୍ଜୀଭୂତ ହୁଏ । ପ୍ରକୃତ ତତ୍ତ୍ୱଟି ଉପଲବ୍ଧି କରିବା ହୁଏ ବିଡ଼ମ୍ବନାମୟ । ଅନେକ ସମୟରେ ଆମର ଏମିତି ଅବସ୍ଥା ହୁଏ ଯେ ଭଗବତ୍ ଅନୁଭୂତିଟି ରହିଯାଏ ନିର୍ଜୀବ ହୋଇ । ଆମେ ବସ୍ତୁ ପ୍ରତିମାକୁ ଭୁଲି କାଠପଥର ସମ୍ମୁଖରେ ଯନ୍ତ୍ରଚାଳିତ ପରି ଭକ୍ତିଶୂନ୍ୟ ଭାବରେ ହାତ ଯୋଡ଼ିଦେଉ । ତୁମେ ନିନ୍ଦା, ପ୍ରଶଂସାରେ ବିଚଳିତା ହୋଇ କ୍ଷୋଭ କରିବା ମୁଁ ଅନୁଭବ କରୁଛି ତୁମ-ଚିଠିରୁ; କିନ୍ତୁ ପୂଜା କରୁନାହଁ ବୋଲି ଭାବୁଛ କାହିଁକି ! ମନୁଷ୍ୟ ଜ୍ଞାନପ୍ରାପ୍ତ ହୋଇ ସକଳ ପ୍ରକାର ସାଂସାରିକ ବନ୍ଧନରୁ ଆପଣାକୁ ମୁକ୍ତକରିବା ପରେ ସାକାର-ନିରାକାର ସବୁ ତା' ପକ୍ଷରେ ସମାନ । ସେ ପ୍ରତିକ୍ଷଣରେ ନିତ୍ୟ-ନିରଞ୍ଜନଙ୍କୁ ପୂଜା କରେ ମନେ ମନେ । ସେ ପରଂବ୍ରହ୍ମଙ୍କୁ ଦେଖେ ସର୍ବତ୍ର । ସେ ବନ୍ଧୁକୁଟୁମ୍ବ ମେଳରେ ବସି ଅନ୍ତରରେ ଅନୁଭବ କରେ ଅନ୍ତର୍ଯ୍ୟାମୀଙ୍କ ମୃଦୁମଧୁର ସ୍ପର୍ଶ । ତେବେ ଏକଥା ମଧ୍ୟ ମୁଁ ସ୍ୱୀକାର କରୁଛି, ମନୁଷ୍ୟର ମନ ଏତେ ଚଞ୍ଚଳ ଯେ, ସେ ଥରେ ସଂସାର ବନ୍ଧନରୁ ମୁକ୍ତ ହେଲେ ମଧ୍ୟ ପୁନଃ ପୁନଃ ବାନ୍ଧି ହୋଇଯାଏ ସୁତରାଂ ପୁରାଣ ଯୁଗରେ ଏକଥା ଏକାଧିକ ତପସ୍ୱୀଙ୍କ ଜୀବନଚରିତରେ ଦେଖିବାକୁ ମିଳୁଛି । ତୁମ ମନ

ମଧ୍ୟ ସମସ୍ତେ ସମସ୍ତେ ଅସ୍ଥିର ହୋଇଯାଉଛନ୍ତି । ନିନ୍ଦାପ୍ରଶଂସା, ସତ୍ୟମିଥ୍ୟା, ଆଲୋକ-ଅନ୍ଧକାର—ଏସବୁ ପରସ୍ପର ସହିତ ଜଡ଼ିତ । ଏଣୁ କାହାରର ନିନ୍ଦା-ପ୍ରଶଂସାର କଥା ନେଇ ଶୋଚନା କରିବସିଲେ, ମନୁଷ୍ୟ କୌଣସି କାର୍ଯ୍ୟ କରିପାରିବ ନାହିଁ । ଆଉ ଗୋଟିଏ କଥା, ଜଣେ ଯଦି ସାହସପୂର୍ବକ ଏବଂ ପରିବାର ଭିତରେ କିଛି ଗୋଟାଏ ଅସାମାନ୍ୟ କାର୍ଯ୍ୟ କରେ, ସେ ବ୍ୟକ୍ତି ନାରୀ ହେଉ ବା ପୁରୁଷ ହେଉ, ଅନ୍ୟମାନେ ସେ କାର୍ଯ୍ୟର ଅନୁକରଣ କରି ନ ପାରିଲେ, ତା'ର ଅର୍ଥାତ୍ ନୂତନ ପଥର ଯାତ୍ରୀ ବା ଯାତ୍ରୀର ବିପକ୍ଷରେ ଦୋଷ ଅନୁସନ୍ଧାନ କରିବାରେ ଲାଗିପଡ଼ନ୍ତି । ମହାଭାରତରେ ତୁମେ ତ ପଢ଼ିଛ, ଶିଶୁପାଳ ପରି କେତେକ ବ୍ୟକ୍ତି ଭଗବାନ କୃଷ୍ଣଙ୍କର ମଧ୍ୟ କୁତ୍ସା ରଟନା କରିବାକୁ ଛାଡ଼ି ନ ଥିଲେ । ମହାକବି ଏ କଥା ବର୍ଣ୍ଣେଇ ନ ଥିଲେ ତାଙ୍କର ମହାଭାରତ କାବ୍ୟ ଅସମ୍ପୂର୍ଣ୍ଣ ହୋଇଥାନ୍ତା । ଭଗବାନ୍ କୃଷ୍ଣଙ୍କୁ ମଧ୍ୟ କବି ମନୁଷ୍ୟ ଆକାରରେ ପ୍ରକାଶ କରିଦେଇଛନ୍ତି । ଏଥିରୁ ଜାଣିବାକୁ ହେବ—ମନୁଷ୍ୟ ହିଁ ଈଶ୍ୱର, ପୁଣି ଈଶ୍ୱର ହିଁ ମନୁଷ୍ୟ । ଦୋଷଗୁଣରେ ମନୁଷ୍ୟର ମନପ୍ରାଣ ଏବଂ ଶରୀର ମଧ୍ୟ ଗଠିତ । କବି ମନୁଷ୍ୟକୁ ଈଶ୍ୱର କରିବାକୁ କଥା ଛଳରେ ନିର୍ଦ୍ଦେଶ ଦେଇଥାନ୍ତି । କିନ୍ତୁ 'ଅତି ସର୍ବତ୍ର ଗର୍ହିତ' କଥାଟି ମଧ୍ୟ ରହିଛି ତା' ପାଖକୁ । ତୁମଠାକୁ ଲେଖିବସିଲେ, ମୋର ଜୀବନର୍ଦ୍ଦର ଝରିପଡୁଛି ବାଧା ନ ମାନି । ଏଥର ଏ ଚିଠି ଶେଷ କରିବି । ତୁମେ ସମ୍ପୂର୍ଣ୍ଣ ଏକାଗ୍ର ଚିତ୍ତରେ ଧ୍ୟାନ କରି ଜ୍ଞାନଦେବତାଙ୍କୁ ଡାକ । ଅନ୍ଧ ମନୁଷ୍ୟ ତାଙ୍କୁ ହଜାଇ ଦେଇ ଆସକ୍ତ ହୁଏ ଆପଣା ସ୍ୱାର୍ଥ । କର୍ତ୍ତବ୍ୟ ସମ୍ପାଦନ କରୁଛି ବୋଲି ଅନ୍ୟମାନଙ୍କ ଆଗରେ କହେ । ତାର ଗୃହ-କୋଣଟି ଆଜି ସୁଦ୍ଧା କେତୋଟି ମନୁଷ୍ୟ ବିଶ୍ୱବ୍ରହ୍ମାଣ୍ଡ ବୋଲି ମନେ ହୁଏ । ଏ କଥା ଲେଖିବା ଅବଶ୍ୟ ନିଷ୍ଠୁରତା । କିନ୍ତୁ ଏସବୁ ଲେଖିବାକୁ ମୁଁ ଭିତରୁ ପ୍ରେରଣା ପାଉଛି । ଚିନ୍ତା କରି ଲେଖୁଛି । କାହିଁକି ଲେଖୁଛି ଜାଣ ! କେଉଁଦିନ ତୁମେ ଖାତାପତ୍ର ରଖିଦେଇ ଗୃହସେବାରେ ଲାଗିଯିବ ବୋଲି ମୋର ଭୟ ହେଉଛି । ଏଇ ଗତାନୁଗତିକ କାର୍ଯ୍ୟଟି ବଡ଼ ଆତ୍ମଘାତକ । ଆଉ ଗୋଟାଏ କଥା, 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।' କଥା ପଢ଼ିଛ, ଏହାର ଉତ୍ତର ମୋ ପାଖରୁ ଯଦି ନେବ, କହିବି ଯେ ବର୍ତ୍ତମାନ ତୁମେ ଯେଉଁ କର୍ମ ଆରମ୍ଭ କରିଛ, ତାହା ହିଁ ତୁମର ଧର୍ମ ! ଯକ୍ଷ-ପ୍ରଶ୍ନର ଉତ୍ତରଟା ସ୍ମରଣ କର; ଧର୍ମର ତତ୍ତ୍ୱ ହୃଦୟ-ଗୁହାଭିତରେ ଅଛି ବୋଲି ଯୁଧିଷ୍ଠିର କହିଥିଲେ । ସାମାଜିକ ଭାବରେ ସମସ୍ତେ ଗୋଟାଏ ନିୟମରେ ଚଳୁଥିଲେ ମଧ୍ୟ ଅର୍ଥାତ୍ ସାମାଜିକ ପ୍ରଥା ଅନୁଯାୟୀ ସମାଜର ସ୍ତ୍ରୀ-ପୁରୁଷ ନିଜ ନିଜ ଜୀବନଯାତ୍ରା ନିର୍ବାହ କରୁଥିଲେ ମଧ୍ୟ ପ୍ରତ୍ୟେକର ଚିନ୍ତାଧାରା ସ୍ୱତନ୍ତ୍ର । ଯେଉଁମାନେ କେବଳ ସେଇ ଗତାନୁଗତିକ ପଥରେ ପାଦ ପକେଇ ସ୍ଥୂଳ ସ୍ଥୂଳ ଜୀବନର ସମସ୍ତ ସମୟ ବ୍ୟୟ କରିଦିଅନ୍ତି, ସେମାନଙ୍କ ବିଷୟ ନେଇ ଭାବିବାକୁ କିଛି ନ ଥାଏ; କିନ୍ତୁ ଯେଉଁମାନେ ଆପଣା ଆତ୍ମାକୁ ପ୍ରତ୍ୟକ୍ଷଭାବରେ ଦେଖିପାରନ୍ତି, ସେମାନେ ହିଁ ଆପଣା ଭିତରେ ଅନ୍ତର୍ଯ୍ୟାମୀଙ୍କୁ କରନ୍ତି ଆବିଷ୍କାର । ଏଠି ଅଚ୍ୟୁତାନନ୍ଦଙ୍କ ମାଳିକାରୁ ପଦେ ମନେ ପଡ଼ୁଛି, "ମନ ତୋହର ଚତୁର୍ଦ୍ଧା ମୂଳରେ ମୁଁ ଅଛି ।" ଆପଣାକୁ ସୋଽହଂ ରୂପେ କବି ଦେଖିଛନ୍ତି । ଏଇ ସୋଽହଂ ଚିନ୍ତାଟି ପୁଣି ମନୁଷ୍ୟ ପ୍ରାଣରେ ସଞ୍ଚାର କରିଦେଇଛି, ସମଗ୍ର ଜଗତର ବିରହବେଦନା । ଅଦୃଷ୍ଟ ଈଶ୍ୱରଙ୍କ ବିରହରେ କାତର ହୋଇ ମୀରାବାଈ ଡାକି ଉଠିଲେ, "ମୋର ଗିରିଧର ଗୋପାଳ !" ପ୍ରେମମୟୀ ମୀରାଙ୍କ କଣ୍ଠରୁ ଝରି ଝରି ପଡ଼ିଲା ଝରଣାପରି ସ୍ୱର୍ଗର ସଙ୍ଗୀତ, ନିର୍ବାସିତା ଜନନୀର ସନ୍ତାନ ଧ୍ରୁବ ବିମାତାର ବାକ୍ୟବାଣରେ ବ୍ୟଥାହତ ହୋଇ ଭଗବାନଙ୍କୁ ଆବିଷ୍କାର କଲା ଆପଣା ଭିତରେ । ଧ୍ରୁବର ମରଣଶୀଳ ମାଟିରେ ମିଶିଗଲାଣି କେଉଁକାଳରୁ; କିନ୍ତୁ ତାର ଜ୍ୟୋତି ସୃଷ୍ଟିକରିଛି ଅନ୍ୟ ଗୋଟାଏ ଜଗତ । ସେହି ଜ୍ୟୋତି ଆଡ଼କୁ ମାନବସମାଜ ଆଖି ମୁଦି ହାତଯୋଡ଼ି ଦେଇଛନ୍ତି । ଦୁର୍ବଳ ବ୍ୟକ୍ତି ହିଁ ତୁମ ପରି ଚିନ୍ତା କରିବସନ୍ତି । କୌଣସି ଜଣେ ପୁରୁଷ "ଭଗବାନଙ୍କ

ଭକ୍ଷଣଂ ସ୍ପର୍ଶଂ ମରଣଂ ସ୍ନାନ ଲେପନଂ" ବୋଲି ଲେଖିଦେଲେ । ତାହା ବୋଲି ପୁରୁଷ ବ୍ୟକ୍ତି କଅଣ ପାକକାର୍ଯ୍ୟ ଛୁଇଁଦେବେ ? ଅବଶ୍ୟ ଆଜି ଯୁଗରୁ ହୋଟେଲମାନଙ୍କରେ ଚଉକିରେ ବସି ଟେବୁଲ ଉପରେ ଖାଦ୍ୟରଖି ଖାଇଲେଣି, ତେଣୁ ସ୍ନାନ ଲେପନର କଥା ଆଉ ନାହିଁ; କିନ୍ତୁ ସହରମାନଙ୍କରେ ଯେତେ ହୋଟେଲ, ଯେତେ ମିଠେଇ ଦୋକାନ ଅଛି, ସେଗୁଡ଼ିକରେ ବିକ୍ରୀ ହେଉଥିବା ଖାଦ୍ୟ ପୁରୁଷଲୋକ ହିଁ ପ୍ରସ୍ତୁତ କରୁଛନ୍ତି । ନାରୀ ହୋଇ ଜନ୍ମହେଇଛୁ ବୋଲି ଚିରକାଳ ହାଣ୍ଡିଚୁଲି ଧରି ବସିଥିବ, ଏ କଥା କୌଣସି ଶାସ୍ତ୍ରରେ ଲେଖାହୋଇଛି ବୋଲି ଧାରଣା କରିପାରୁନାହିଁ । ତାହା ହିଁ ଯଦି ତୁମର ବିଶ୍ୱାସ, ସେ ଭାବନାକୁ ବଦଳାଇଦେବା ଆବଶ୍ୟକ । ସମାଜର ରୂପରେଖା ପ୍ରତିଦିନ ପରିବର୍ତ୍ତିତ ହେଉଛି । *ତାହା ମଧ୍ୟ ଧୀରେ ଧୀରେ ନୁହେଁ ; ପରିବର୍ତ୍ତିତ* ହେଉଛି ଦ୍ରୁତବେଗରେ । ତୁମ ପାଖରେ ସେହି ପରିବର୍ତ୍ତନଟି ରୂପ ଧରି ଆଉ ଟିକିଏ ଆଗରୁ ପହଞ୍ଚିଯାଇଛି । ତୁମେ ତାକୁ ଅଭ୍ୟର୍ଥନା କର ନିଜ ଅନ୍ତରର ସମସ୍ତ ଭକ୍ତି ଦେଇ ! ଲେଖିବାକୁ ଅନେକ ବିଷୟ ରହିଛି । ରାମାୟଣ ଏବଂ ମହାଭାରତ ବିଷୟରେ ଲେଖିବାକୁ ଭାବୁଥିଲି; କିନ୍ତୁ ଦେଖୁଛି, ଚିଠି ବଡ଼ ଆକାର ହେଲାଣି । ଆଉ ଥରେ ଲେଖିବା ସମୟରେ ସେ କଥା ଲେଖିବି । ଆଉ ପଦେ କଥା କହି ଚିଠି ଶେଷକରୁଛି । ତୁମେ ଭୁଲିଯାଅ ସେ ତୁମେ ଜଣେ ସାମାନ୍ୟ ସ୍ତ୍ରୀ ବ୍ୟକ୍ତି । ଭୁଲିଯାଅ, ତୁମେ ଜଣେ ସାମାନ୍ୟ ନିମ୍ନ-ମଧ୍ୟବିତ୍ତ ଘରର ଘରଣୀ । ତୁମେ ଜଣେ ମନୁଷ୍ୟ ବୋଲି ଧାରଣାକରି ଯେଉଁ କାର୍ଯ୍ୟ ଆରମ୍ଭ କରିଛ, ତାକୁ ହିଁ ଏକାନ୍ତ ଏବଂ ଏକାଗ୍ର ଚିତ୍ତରେ ସମ୍ପୂର୍ଣ୍ଣ କର । ତେବେ ଯାଇ ପହଞ୍ଚିବ ସ୍ୱର୍ଗରାଜ୍ୟରେ । ସାମାନ୍ୟ କେତୋଟି ସୋପାନ ମାତ୍ର ଅତିକ୍ରମ କରିଯାଇଛ, ଧ୍ରୁବତାରା ଆଡ଼କୁ ଅନେଇ ଗତିକର । କର୍ମ ହିଁ ତୁମର ଧର୍ମ ହେଉ । ଧର୍ମବିଶ୍ୱାସଟି ଯେ ହୃଦୟର ସମ୍ବଳ; ଏ କଥା ତୁମେ ବୁଝୁଛ କିନ୍ତୁ ସ୍ପଷ୍ଟ କରି କହିପାରୁ ନାହଁ । ତୁମର ଏ ଚିନ୍ତା ଆହୁରି ସ୍ପଷ୍ଟ, ଆହୁରି ସୁନ୍ଦର ହେଉ । ତୁମର କବିପ୍ରାଣ ଉଦ୍‌ବୁଦ୍ଧ ହୋଇଉଠୁ ।

ପରମାନନ୍ଦ କହିଲେ, କେଡ଼େ ବଡ଼ ଚିଠି ଲେଖିଛି ତୁମ ପୁଅ ! ଶୁକ ତାର ନାମଟିକୁ ସାର୍ଥକ କରି ତୁମର ଗୁରୁ ହେବାକୁ ଯୋଗ୍ୟତା ଅର୍ଜିଲାଣି । ଜନ-ମାଆର ଦାର୍ଶନିକ ପୁଅ । ଇମିତି ପତ୍ନୀର ପତି ଆଉ ଇମିତି ପୁଅର ପିତା ମୁଁ । ଯଦି କେବେ ଜୀବନୀ ଲେଖିବ, ତୁମେ ମୋ କଥା ଲେଖିବ ପ୍ରଥମେ ।

ସ୍ୱର୍ଣ୍ଣ ସ୍ୱାମୀଙ୍କ ପାଦ ଉପରେ ମଥା ରଖିଦେଇ କହିଲା, ତୁମରି ଆଶୀର୍ବାଦରେ ଏ ସମ୍ପଦ ପାଇଛି ପ୍ରିୟତମ ! ଶ୍ୱଶୁରଙ୍କର ବିଦ୍ୟାଦାନକୁ ତୁମେ ମୋ ଅନ୍ତରରେ ଜୀବନ୍ତ, ଜାଗ୍ରତ କରାଇ କରିଛ ସାଫଲ୍ୟମଣ୍ଡିତ । ଶ୍ୱଶୁରଙ୍କ ସହିତ ସେଇ ପ୍ରଥମ ସାକ୍ଷାତର କଥା ଭୁଲିବାର ନୁହେଁ । ସେ ଦିନର ସ୍ମୃତି ନିତି-ପ୍ରତିକ୍ଷଣରେ ଦେଖାଦେଉଛି ଶତସହସ୍ର ରୂପରେ । ସୃଷ୍ଟି ଆରମ୍ଭରେ ବସୁନ୍ଧରାର ବକ୍ଷରୁ ଯେଉଁ ଧ୍ୱନି ଉଠିଥିଲା, ସେ ଧ୍ୱନି ଆଜି ବାଜିଉଠିଛି ମୋରି ଏ ଦୁର୍ବଳ ମର୍ମରେ ।

ପରମାନନ୍ଦ ସ୍ୱର୍ଣ୍ଣର ପିଠିରେ; ମଥାରେ ହାତ ବୁଲେଇ ଆଣି କହିଲେ, ଏଇ ଅନୁଭୂତିଟିକକ କବିର ସମ୍ବଳ ଶୁକଦେଉ ! ସେ ଆଉ କଅଣ ଗୋଟାଏ କହିବାକୁ ଯାଉଥିଲେ, ବନ୍ଧୁ ଦାଣ୍ଡଆଡ଼ୁ ଆସି କହିଲା, ସାଇ ଡାକ୍ତର ଆସିଛି । ତାକୁ କି ଔଷଧ ଦେବାକୁ କହିଥିଲେ ପରା ?

× × × ×

ସେ ଦିନର ସକାଳବେଳାର ଚିଠି ପଢ଼ା, ପୁଣି ସ୍ୱର୍ଣ୍ଣ ଏବଂ ପରମାନନ୍ଦଙ୍କ ଭିତରେ ସେ କଥା ନେଇ ଆଲୋଚନା—ଏସବୁ ପରେ ପ୍ରାୟ ସପ୍ତାହ ଗୋଟାଏ ଅତୀତ ଗର୍ଭରେ ଲୀନ ହୋଇଗଲାଣି ।

ଇତିମଧ୍ୟରେ, ନାଟକଘରର ଅଧିକାଂଶ କାମ ହୋଇ ଯାଇଥିଲା । ବାକି ଥିଲା, ପରଦାଗୁଡ଼ିକ ସଂଯୋଗ କରିବା । ସ୍ୱର୍ଣ୍ଣ ଶୁକର ଚିଠି ପାଇବା ପରେ ଅତ୍ୟନ୍ତ ଉତ୍ସାହର ସହିତ 'ଧ୍ରୁବ ତପସ୍ୟା' ଶେଷ କରି

ଆଁଶୁଥିଲା । ସୁରଦାସ ଏବଂ ବାଦ୍ୟକାର ଆସିବା ପୂର୍ବରୁ ସେ ଯିମିତ ଇଚ୍ଛା ଅନୁଯାୟୀ ଲେଖିଯାଉଥିଲା, ସେ ଅବସ୍ଥା ଆଉ ନ ଥିଲା । ପ୍ରତ୍ୟେକ ସଂଳାପଟି ଲିପିବଦ୍ଧ କରିବା ସମୟରେ ତାଙ୍କୁ ଟିକିଏ ଚିନ୍ତା କରିବାକୁ ପଡୁଥିଲା । ନାଟକୀୟ ଚରିତ୍ରଗୁଡ଼ିକର ସ୍ୱଭାବ, ଚରିତ୍ର, ବୟସ, ଶିକ୍ଷାଦୀକ୍ଷା ଇତ୍ୟାଦି ବିଷୟ ଆଡ଼କୁ ଦୃଷ୍ଟିରଖି ସେମାନଙ୍କ ମୁହଁରେ କଥାଦେବାକୁ ହେଉଥିଲା ତାଙ୍କୁ ।

ସନ୍ଧ୍ୟାପୂର୍ବରୁ ସ୍ୱର୍ଣ୍ଣ ନାରଫାଖ ବାରଣ୍ଡାରେ ବସି ଚିନ୍ତା କରୁଥିଲା, ନାଟକର ଶେଷଟାକୁ କିମିତି ଚିତ୍ତାକର୍ଷକ କରିବ ବୋଲି । ଲେଖୁ ଲେଖୁ ଖାଲୁ ଖାଲୁ ମନେପଡ଼ିଯାଉଛି, ନାଟକ ହେବା ଦିନ ପାଖ ହୋଇଆସୁଛି । ତା' ହାତରେ ଥିବା ସବୁ ଟଙ୍କା ଖରଚ ହୋଇଗଲାଣି । ବାଦ୍ୟକାରେ କହିଦେଇ ଯାଇଛନ୍ତି—ଆଉ ଖଣ୍ଡେ ଦୁଇଶ' ଲାଗିଯିବ ନାଟକ ଆରମ୍ଭ ଦିନ; କିନ୍ତୁ ଏ ସମସ୍ତ ଚିନ୍ତା କଲେ ତ ତା'ର କଲମ ଅଚଳ ହେଉଛି । ସୁଦୂରରୁ ଶୁଣି ଲେଖୁଛି, ଏକାଗ୍ର ଚିତ୍ତରେ ଲେଖିଯିବାକୁ । ଏବେ ସ୍ୱାମୀ କହୁଛନ୍ତି, ସମସ୍ତ ପ୍ରକାର ଭାବନା ସଂସାରଜଞ୍ଜାଳକୁ ଦୂରରେ ରଖିଦେଇ କେବଳ ଲେଖି ଯିବାକୁ ହେବ । ସୁରମାଷ୍ଟ୍ରେ କହୁଛନ୍ତି, 'ନଷ୍ଟନୀଡ଼' ନାଟକ ଅଭିନୀତ ହେବା ସଙ୍ଗେ ସଙ୍ଗେ 'ଧ୍ରୁବ'କୁ ମଞ୍ଚସ୍ଥ କରାଇଦେବେ । ତା' ପରେ ପରେ ଅନ୍ୟ ନାଟକଗୁଡ଼ିକ ମଧ୍ୟ ହୋଇଯିବ । ଅଭିନୟ ଦେଖିବାକୁ ତା'ର ପରି କେତେ ଘରର ଘରଣୀ ଆସିବେ । ଦେଖୁ ଦେଖୁ ଶୁଣୁ ଶୁଣୁ ସେମାନଙ୍କର ମଧ୍ୟ ଚିତ୍ତପଟ୍ଟ ହୋଇଉଠିବ ଉଜ୍ଜଳ । ଜ୍ଞାନଦେବତାଙ୍କୁ ଖୋଜି ହେବେ ମନେମନେ ।

ଏତିକିବେଳେ ଅଗଣାଆଡୁ ବସ୍ତୁ ହୋ ବୋଲି ଡାକ ଡାକ ପ୍ରବେଶ କଲେ ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ । ସ୍ୱର୍ଣ୍ଣ ଗୀତ ଗୋଟିଏ ଲେଖୁଥିଲା, ଶେଷ ପଦଟି ହିଁ ବାକି ଥିଲା ସେଥିର । ଏ ସମୟକୁ ବସ୍ତୁ ଆସୁଥିଲା ଗୁହାଳଘରଆଡୁ । ସ୍ୱର୍ଣ୍ଣ କହିଲା ସୁରମାଷ୍ଟ୍ରେ ହେଇ ଆସି ଗଲେଣି, ବସିବାକୁ କହିଦେ ଅନ୍ଧାର ମଧ୍ୟ ହୋଇ ଆସିଲାଣି, ଲଣ୍ଠନ ଜାଳି ରଖି ଦେ, ମୁଁ ଏଇକ୍ଷଣି ଆସୁଛି ।

ବସ୍ତୁ ଲଣ୍ଠନ ଜାଳିଆଣି ରଖିଦେଲା ବସିପଡ଼ିଲେ ବାରଣ୍ଡାରେ । ବାଦ୍ୟକାର ଆଉ ସୁରମାଷ୍ଟ୍ରଙ୍କର ଉତ୍ସାହ ବଢିଗଲା ବସ୍ତୁକୁ ଏକାନ୍ତରେ ଆଉ ନିକଟରେ ପାଇ । ଗୀତ ଗାଇବାକୁ ଅନୁରୋଧ କରୁଥିଲା ବସ୍ତୁ । ସ୍ୱର୍ଣ୍ଣ ଖାତା କେତେଟା ଧରି ଯାଇ ନିକଟରେ ବସୁ ବସୁ କହିଲା, ଆପଣମାନଙ୍କର ଆସିବା ସମୟକୁ ହିଁ ମୁଁ ଏ ଗୀତଟାକୁ ଲେଖୁଥିଲି । କଅଣ ହୋଇଛି ଦେଖିବେ ?

ସୁରମାଷ୍ଟ୍ରେ ବସ୍ତୁ ଆଡକୁ ଅନେଇଁ କହିଲେ, ନୂଆ ଗୀତ ଗାଇବାକୁ କହୁଥିଲ ସୁପକାରେ ! ଗୀତଟାକୁ ଦେଖୁ ଦେଖୁ ଚା' ଧରି ପକେଇ ଆସଟି ! ଦେଖିବ କିମିତି ଗୀତ ତାଳ ଧରି ଉପରକୁ ଉଠିବ ! ଚୁଲିରେ ପାଣି ବସିଥିବ ତ ନିଶ୍ଚୟ । ଏଣେ ସ୍ୱର୍ଣ୍ଣ ହାତରୁ ଖାତା ନେଇ ଦେଖିଯାଉଥିଲେ ସେ କହିବା ସମୟରେ ।

ବାଦ୍ୟକାର କହିଲେ, ଗୀତଟାକୁ ଆରମ୍ଭ କର ମାଷ୍ଟ୍ରେ । ନୂଆ ହେଉ କି ପୁରୁଣା ହେଉ, ସ୍ୱର ଗୋଟାଏ ଯୋଡ଼ିଦିଅ । ପରେ ସମସ୍ତ ଦେଖି ଭଲ ସ୍ୱର ଗୋଟାଏ ଦେଇଦେବ । ଆଲୋଚନା ଚାଲିଥିଲା, ବସ୍ତୁ ଚା' ଧରି ଆସି କହିଲା, ଫାଷ୍ଟକ୍ଲାସ ଚା' ଆଣିଛି ମାଷ୍ଟ୍ରେ ! ଏଥର ଗୀତ ହେଉ ।

ସୁରମାଷ୍ଟ୍ରେ ଚା' କପଟାକୁ ତଳେ ରଖିଦେଇ କହିଲେ, ଭଲ ଗୀତଟିଏ ହୋଇଛି ତ ବାଦ୍ୟକାରେ ! ହାରମୋନିୟମ୍‌ଟା ଏଆଡକୁ ରଖିଦବଟି ବସ୍ତୁ ! ତବଲା ଜୁଡ଼ି କେଉଁଠି ରଖିବା କଥା ଭାବିଦିଅ । ସୁରମାଷ୍ଟ୍ରେ ହାରମୋନିୟମ୍‌ଟାକୁ ଟିପୁ ଟିପୁ କହିଲେ, ସୁନ୍ଦର ଗୀତଟିଏ ହୋଇଛି ତ ଆଜି । ସ୍ୱାଙ୍କୁ କଅଣ ଆଉ ଗୋଟିଏ ନୂଆ ନାଟକରେ ସଂଯୋଗ କରୁଛନ୍ତି ନା ଏଇ 'ଧ୍ରୁବ' ଭିତରେ ରଖିବେ ? ବାଦ୍ୟକାର ତବଲା ବଜେଇବା ଆରମ୍ଭ କରି କହିଲେ, ଆଗ ଗୀତଟାକୁ ବୋଲ ମାଷ୍ଟ୍ରେ, କାନକୁ କିମିତି ଲାଗୁଛି ଦେଖିବା ।

ସୁରମାଷ୍ଟ୍ରେ କୃତ୍ରିମ ବିରକ୍ତିରେ କହିଲେ, ଗୀତଟିକୁ ଗାଇବା ପର୍ଯ୍ୟନ୍ତ ତୁମେ ମତେ ରହୋଇ ବସେଇ ଦେବନାହିଁ । ଶୁଣ ତାହାହେଲେ—

ପରମବନ୍ଧୁ ଅଛନ୍ତି ଆସି
ବସି ଅଛନ୍ତି ପାର୍ଶ୍ବେ
ଶିହରି ଉଠେ ସକଳ ଅଙ୍ଗ
ତାଙ୍କରି କର ସ୍ପର୍ଶେ । ୧ ।
ଅଜ୍ଞାତ ଶବ୍ଦେ ଡାକୁଛି କେତେ
ଦର୍ଶନ ଦେଇ ନ ଥିଲେ ମତେ
ଗୋଟିଏ ଥର ଡ଼ାକୁଛି ଆଜ
ଆସିଲେ ଭାବାବେଶେ । ୨ ।
ଦୁଃଖ ଯେତେକ ଅଛି, ମନରେ
କହିବି ସବୁ ସନ୍ନିଧାନରେ
ରଖିବି ନାହିଁ ପଦେ ହେଁ କଥା
ଆଜ ମୁଁ ଅବକାଶେ । ୩ ।
ଆନନ୍ଦମୟ ଆସିଛ ଆଜ
ହୃଦୟ ବୀଣା ଉଠୁଛି ବାଜ
ଉଚ୍ଛ୍ୱସି ଉଠେ ଭାବନାରାଶି
ମୋର ଏ କଣ୍ଠ-ଦେଶେ । ୪ ।

ଗୀତଟା ଗାଇବା ଶେଷ କରୁ କରୁ ସୁରମାଷ୍ଟ୍ରେ କହିଲେ, ଏଇ ପାଖକୁ ଆଉରି ଗୋଟିଏ ଗୀତ ଅଛି ବାଦ୍ୟକାରେ । ଏ ଗୀତର ସ୍ୱରଟା ଇମିତି ହେବ ଶୁଣ—

ସମ୍ମୁଖରେ ବସିଛନ୍ତି ପରାଣ ପ୍ରିୟ,
ନିଖିଳ ଜଗତ ଦିଶେ ଆନନ୍ଦମୟ,
ଅପଲକ ନୟନରେ ରହିଛି ଚାହିଁ
ଆନଚିନ୍ତା ମାନସରେ ତିଳେ ହେଁ ନାହିଁ
ସ୍ୱରଗ ସମାନ ଦିଶେ ମର୍ତ୍ତ୍ୟ ଆଳୟ । ୧ ।
ମହାରାଜ ତୁମେ ମୋର ମୁଁ ପରାଧୀନ
ଅଷ୍ଟ ଐଶ୍ୱର୍ଯ୍ୟ ମତେ କରିଛ ଦାନ
ଦେଇଛ ଅସୀମ ଭକ୍ତି ଦେଇଛ ସ୍ନେହ । ୨ ।
ପ୍ରିୟତମ ବସିଅଛ ସମ୍ମୁଖେ ଆଜ ।
ଅନ୍ତର ମନ୍ଦିରେ ଶଙ୍ଖ ଉଠୁଛି ବାଜ ।
ସେ ଧ୍ୱନିରେ ଦୋହଲ ମୋ ଉଠେ ହୃଦୟ ।୩।
ପ୍ରଭୁଙ୍କ ଗଳାରେ ଅଛି ସ୍ୱର୍ଣ୍ଣ ସୁମନ
ସେ ସୌରଭେ ଭରଯାଏ ମୋର ଭୁବନ,
ଭୁଲଯାଇଅଛି ଆଜ ସଂସାର ଭୟ । ୪ ।
ଯେତେ ଦୁଃଖ-ସୁଖ ଥିଲା ଗୋପନ ମନେ
ତୁମକୁ କହିଛି ପ୍ରଭୁ ମୋର ସ୍ୱପନେ,
କହିବି ଆଜ ପ୍ରତ୍ୟକ୍ଷେ ଆଦେଶ ଦିଅ । ୫ ।

ତବଲାଟାକୁ ଟିକଏ ଠେଲି ଦେଇ ବାଦ୍ୟକାରେ କହିଲେ, ପ୍ରତ୍ୟେକ ବାକ୍ୟଟି ଯେ ନୈବେଦ୍ୟରୂପେ ଭଗବାନଙ୍କ ପାଦତଳେ ଅର୍ପଣ କରାଯାଇଛି ମାଷ୍ଟ୍ରେ ! ପ୍ରଭୁଙ୍କର ମାଆଙ୍କ ପ୍ରତି ବଡ଼ ଦୟା । ଦେଖୁନ, ଏ ଅକ୍ଷର ସ୍ରୋତ ବାଧାପ୍ରାପ୍ତ ନ ହୋଇ ଗଙ୍ଗାଧାରା ପରି କଳ କଳ ଧ୍ୱନି କରି ଗତି କରୁଛି ।

ସୁରମାଷ୍ଟ୍ରେ ଖାତା ଦେଖି ପଢ଼ୁ ପଢ଼ୁ କହିଲେ, ଅକର୍ମୀର କର୍ମ ହେଇଛି ଦୋଷ ବାଛିବା । ତେବେ ମଧ୍ୟ ସମୟେ ସମୟେ ମୋର ମନେ ହେଉଛି, ଏଗୁଡ଼ିକ ଅନ୍ତର୍ଯ୍ୟାମୀଙ୍କ ଅର୍ଘ୍ୟଥାଳିର ଗୋଟିଏ ଗୋଟିଏ ସୁଗନ୍ଧ ଫୁଲ । ଆମେ ସିନା ବାଦ୍ୟକାରେ, ଏଗୁଡ଼ିକୁ ଏତେ ଭଲପାଉଛେ ! ଆମର କଥାକୁ ଲୋକଙ୍କ ସମ୍ମୁଖୀନ କରାଇବାକୁ ଯେତେବେଳେ ଯାଉଛେ, ସେମାନଙ୍କଦ୍ୱାରା କିମିତି ଆଦରଣୀୟ ହେବ, ସେଇ ଚିନ୍ତା ହିଁ କରିବାକୁ ହେଉଛି ବର୍ତ୍ତମାନ ।

ଇତିମଧ୍ୟରେ ଦିଶୁ ଖୋଲିଯାଇଥିଲା ଦାଣ୍ଡ ଆଡ଼ିକୁ । ସେଆଡ଼ୁ ଆସି କହିଲା, ଧନୁ ଦରଜିକୁ କଅଣ ସିଲେଇ କରିବାକୁ ନେଇଥିଲେ କି ମାଷ୍ଟ୍ରେ ? ଏବେ ସେ ଆସି ପିଣ୍ଡାରେ ବସିଛି, କଅଣ ପଦେ କହିବ ବୋଲି ।

ସୁରମାଷ୍ଟ୍ରେ ଯିବା ଉଦ୍ୟମରେ ରହି କହିଲେ, ଆଉ ତିନିଟା ଦିନ ରହିଲା ନାଟକ ହେବାକୁ । କାମ ତ ଆଉରି ଅନେକ ରହିଛି ବାଦ୍ୟକାରେ ! ଧନୁକୁ ସ୍କ୍ରିନ ସିଲେଇ କରିବାକୁ ଦେଇଥିଲି । ପଇସା ମାଗି ଆସିଥିବ । କାଲି କି ଷ୍ଟେଜ୍ ରିହାର୍ସିଲ ଗୋଟାଏ କରିଦେବା ବୋଲି ଭାବୁଛି । ଇମିତି ଅନେକ ବିଷୟ ଚିନ୍ତା କରିବାକୁ ରହିଛି ।

ବାଦ୍ୟକାରେ କହିଲେ, ସ୍କୁଲ ଖୋଲେ ମାଷ୍ଟ୍ରେ, ଯିମିତ ଅନାହୂତ ଭାବରେ ଆସିଥିଲେ, ସିମିତ ପୁଣି କେତେବେଳେ ଚାଲିଯିବା । ଯିବା ପୂର୍ବରୁ ମୋ ମ ଆଲକ୍ଷ୍ମୀଙ୍କର ଲେଖାଗୁଡ଼ିକ କମିତ ଅଭିମାତ ହୋଇଯିବ । ତାଙ୍କର ସାହିତ୍ୟିକ ପ୍ରତିଭା ଲୋକେ ଅନୁଭବ କରିବେ । ସେଇ କଥାଟି କାନରେ ଶୁଣି, ଆଖିରେ ଦେଖି, ଏକାଥରକେ ଦୂରକୁ ଚାଲିଯିବା । ଆଉ ଗୋଟାଏ କଥା ମନେ ପଡ଼ିଗଲା । ଆମର ଏଠିର ସାହିତ୍ୟ ସମିତିର ସମ୍ପାଦକ ବଡ଼ ଉତ୍ସାହରେ ଆମ ସାଙ୍ଗରେ ମିଶି ଯାଇଛନ୍ତି । ତାଙ୍କୁ ଦାମ ରଥଙ୍କ ପାର୍ଟିଟା ଦେଇଛି । ତାଙ୍କର କଥାରେ, ସ୍କୁଲରେ ବଡ଼ ସୁନ୍ଦର ଗୋଟାଏ ନାଟ୍ୟଶାଳା ଛଟା ଅଛି । ସବୁ ଭଲରେ ଚାଲିଯିବ ବୋଲି ଆଶା କରି ଚାଲିଛେ । କେବଳ ଟଙ୍କାପଇସା ଖରଚ କଥା ଚିନ୍ତାକଲେ, ମନଟା କମିତ ଦୁଃଖିତ ହୋଇ ବସିପଡ଼ୁଛି ।

ସ୍ୱର୍ଣ୍ଣ ଏଇ ଟଙ୍କାପଇସା କଥା ଶୁଣି କହିଲା, ଟଙ୍କା ଖରଚ କରିବା କଥା ତ ଆଗରୁ ସ୍ଥିର ହୋଇଯାଇଛି । ସେ କଥା ଆଉ ଭାବିବା ନାହିଁ । ଆପଣ ଏଇ ଯେ ଯିବା କଥା କହିଲେ, ତ ହା ହିଁ ସମୟେ ସମୟେ ମନଟାକୁ ଅସ୍ଥିର କରିଦେଉଛି । ମନେହେଉଛି, ଆପଣମାନେ ମୋର ହାତ ଧରି ଲେଖେଇ ଦେଉଛନ୍ତି । ଆପଣମାନେ ଏ ଘରକୁ ନ ଆସିଲେ, ଯେଉଁ ହାତ ଲେଖୁଛି, ସେ ଅଚଳ ହୋଇଯିବ ।

ସୁରମାଷ୍ଟ୍ରେ ଅଗଣାରେ ଠିଆହୋଇ ଅନେଇଁଥିଲେ ଉପରକୁ । ବାଦ୍ୟକାରେ ଆବେଗଜଡ଼ିତ କଣ୍ଠରେ କହିଲେ, ମୋ ମାଆ; ତୁମେ ଆହୁରି ଅଧିକ ଆବେଗରେ ଲେଖିଯାଅ, ଏହା ହିଁ ଆମର କାମନା । ମାତ୍ର ଯେଉଁ ସ୍ରଷ୍ଟା ଆମମାନଙ୍କୁ ଏଠିକି ଆଣିଛି, ତାହାର ଶକ୍ତି ଯଦି ଆମମାନଙ୍କୁ ଟାଣି ନେଇଯାଏ, ସେଥିକି ତ ଆମେ ବାଧାଦେଇ ପାରିବା ନାହିଁ । ମନର କଥାଟା ଆଜ ସ୍ପଷ୍ଟକରି କହିଦେଉଛି, ତୁମର ସବୁଲେଖକ ନାଟକ ଅଭିମାତ ନେବାପରେ ହିଁ ଆମେ ଏ ସ୍ଥାନ ଛାଡ଼ିବୁ । ତୁମେ ଆଉ ଦୁଃଖ କରିବନାହିଁ । ସ୍ୱର୍ଣ୍ଣ କିଛି ନ କହି ଉଠିଗଲା ଘର ଭିତରକୁ ।

ଏଭଳିବେଳେ ସୁରମାଷ୍ଟ୍ରେ କହିଲେ, ଧନ୍ୟ ଦରଜି ଆଉ କେତେ ବସିବ ବାଦ୍ୟକାରେ ! ମୁଁ ଟିକିଏ ଯାଉଛି । ତମେ ପଛରେ ଆସ ।

ସ୍ୱର୍ଣ୍ଣ ଭାଲ ମୁଣିରେ ମୁଣିଏ ହେବ ଟଙ୍କା ଧରି ଆସି ଦେଖିଲା ସୁରମାଷ୍ଟ୍ରେ ନାହାନ୍ତି । କାହିଁକି କେଜାଣି ସେ ବଡ଼ ଶାନ୍ତି ବୋଧ କରି ଅଗ୍ରସର ହୋଇଆସିଲା ବାଦ୍ୟକାରଙ୍କ ପାଖକୁ । ଟଙ୍କ ମୁଣିଟାକୁ ସେ ତାଙ୍କ ହାତରେ ରଖିଦେଇ କହିଲା, ଏଇକ୍ଷଣି ଦରଜି ଲାଇସା ମାଗିବ । ଖାଲି ତ ଦରଜିର କଥା ନୁହେଁ, କେତେଇ ମଧ୍ୟ କାର୍ଯ୍ୟରେ ଲାଗିଛି । ପ୍ରଚ୍ଛଦପଟ ! ଦର୍ଶକପତ୍ର ! କେତେ କଅଣ କରିବାକୁ ଅଛି । ଏଥିରେ ଯେତେ ଟଙ୍କା ଅଛି, ନେଇଯାଇଥାନ୍ତୁ ।

ବାଦ୍ୟକାର ଟିକିଏ ପଛକୁ ଘୁଞ୍ଚିଯାଇ କହିଲେ, ଟଙ୍କା ବୋଲିବା କଥାଟାକୁ ଆମେ ଯେତେ କ୍ଷୁଦ୍ର ବୋଲି କହୁ, ପ୍ରକୃତରେ ସେ କଥା ସିମିତ ନୁହେଁ । ମୋର ଭୟ ହେଉଛି, ଗୋସେଇଁପୁଅ ଏସବୁ ଜାଣିଲେ—”

ସ୍ୱର୍ଣ୍ଣ ବାଧାଦେଇ କହିଲା, ତାଙ୍କରି ଆଦେଶରେ ତ ମୁଁ ଏ ଦୁର୍ଗମ ପଥରେ ପାଦ ଦେଇଛି ବାଦ୍ୟକାରେ ! ତାଙ୍କରି ଇଚ୍ଛାରେ ହିଁ ମୁଁ ବସୁଛି, ଉଠୁଛି, ଏଥିଲେ ଆପଣ କେବେ ଅନ୍ୟ ଭାବନା କରିବେନାହିଁ । ଅନ୍ୟ କେହି ଜାଣୁ ବା ନ ଜାଣୁ, ଆପଣ ତ ମୋର ଜୀବନଇତିହାସ ଜାଣନ୍ତି । ଆପଣଙ୍କ ଗୋସେଇଁପୁଅ ତାଙ୍କ ସନ୍ତାନର ମତେ ଆଶ୍ରୟ ଦେଇଛନ୍ତି ବୋଲି ପିତା ଆଜ ଆପଣଙ୍କୁ ପିତାରୂପେ ପାଇପାରିଛି । କହୁ କହୁ କଣ୍ଠରୋଧ ହୋଇଗଲା ସ୍ୱର୍ଣ୍ଣର । ବାଦ୍ୟକାରେ ସ୍ୱର୍ଣ୍ଣର ମଥାରେ ହାତଦେଇ କହିଲେ, ମାଆଲକ୍ଷ୍ମୀ ମୋ, ତୁକେତେ ବଡ଼ ଗୋଟାଏ ପଦ ଦେଇ ମତେ ଡାକିଦେଲୁ; ଚିହ୍ନେ ତେବେ; ଏ ଜନ୍ମରେ ତ ପିତା ବୋଲି ମନରେ ଭାବଟିକ ରଖିଛ, ଆଗାମୀ ଜନ୍ମରେ ତୁମେ ହିଁ ମୋର କନ୍ୟାରୂପେ ଜନ୍ମ ହେବ ।

ସୁରମାଷ୍ଟ୍ରେ ତାଣ୍ଡଆଡୁ ଫେରିଆସି ବସିପଡ଼ିଲେ ଖମ୍ବ ପାଖକୁ । ବାଦ୍ୟକାରେ ସେଇ ପାଖକୁ ବସିଯାଇ କହିଲେ, ଆଉ ଥରେ ଫେରିଆସିଲ ମାଷ୍ଟ୍ରେ !

ସୁରମାଷ୍ଟ୍ରେ କହିଲେ, ତୁମର କଥା ତ ଶେଷ ହୋଇନାହିଁ, ମୁଁ ମୋର ଆବେଗ ସମ୍ଭାଳି ନ ପାରି ପଦେ କହିଦେବି ବୋଲି ଅସିଲି । ପ୍ରଥମ ଦିନ ଜମିଭି ଆମେ ଆସିଲେ, ସେ କଥା ମନେ ପଡ଼ୁନାହିଁ । ଆମ-ମାନଙ୍କର ଭାବପ୍ରବଣତା ଆମକୁ ଟାଣିଆଣି ଏଠି ଗୁଡ଼ି-ଦେଇ ରଖିଯାଇଛି । ଏ ସ୍ଥାନ ଛାଡ଼ି ପଳେଇଯିବା କଥା ଭାବିଲେ ହିଁ ଅବସାଦ ଆସି ମନକୁ ଅବସନ୍ନ କରି-ଦେଉଛି । ଯେତେଦିନ ରହିଛେ ଯିବା କଥା ସ୍ମରଣ କରିବାନାହିଁ । ଭବିଷ୍ୟତର କଥା ଭବିଷ୍ୟତକୁ ରଖି-ଦେଇ ମାଆଙ୍କୁ ଆମେ ନିଶ୍ଚିନ୍ତରେ ରହିବାକୁ ଦେବା । ଆମମାନଙ୍କର ଯିବା ରହିବା ଚିନ୍ତା ନ କରି କେବଳ ଲେଖିଯାଆନ୍ତୁ । ଆପଣଙ୍କ ଅନୁମତି ପାଇଲେ ହିଁ ଆମ ଯିବା କଥା ହେବ । ତା'ପରେ ଆମର ନାଟକ ଯଦି ଏଠି ଭଲ ଚଳେ, ଯିବାପାଇଁ କୌଣସି କାରଣ ରହିବନାହିଁ । କଅଣ କହୁଛ ବାଦ୍ୟକାରେ !

ଏ କଥା ଉପରେ କୌଣସି କଥା ନ କହି ବାଦ୍ୟକାରେ ଉଠିଗଲେ ଅଗଣା ଆଡ଼କୁ । ସୁରମାଷ୍ଟ୍ରେ ମଧ୍ୟ ବାଦ୍ୟକାରଙ୍କ ପଛରେ ବାହାରି ପଡ଼ିଲେ ।

ସୁରମାଷ୍ଟ୍ରେ ସେପାଖ ବାରଣ୍ଡା ଆଡ଼ୁ ପଛକୁ ମୁହଁ ଫେରେଇ କହିଲେ, "ବୁଦ୍ଧଙ୍କ ଗୃହତ୍ୟାଗ" ନାଟକ ଖଣ୍ଡିକ ତିଆରି କରିଦେବେ ଆଜ୍ଞା ! ମହାପୁରୁଷଙ୍କ ବାଣୀ କାନ ଭିତରେ ଗୁଞ୍ଜରି ଉଠୁଛି । "ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ । କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।" ଆମେ ସବୁ ବୟସରେ ଯିନା ବୃଦ୍ଧ, ହେଲେ ଜ୍ଞାନରେ ଶିଶୁ ହୋଇ ରହିଛେ । ମହାପ୍ରସ୍ଥାନ କରିବା ଆଗରୁ କିଛି ହେଲେ କରିଦେଇ ଯାଇଥିବା ।

ସ୍ୱର୍ଣ୍ଣ ଅଗଣା ଆଡ଼କୁ ଅଗ୍ରସର ହୋଇ କହିଲା, ଆପଣମାନେ ଜାଣନ୍ତି, ମତେ କଥା କହିବା ଆସେ ନାହିଁ । କେତେବେଳେ ଅନ୍ତର୍ଯ୍ୟାମୀ ଦୟା କରି ମୂକକୁ ବାଚାଳ କରି କଥା କୁହାଇବେ —

ସୁରମାଷ୍ଟ୍ରେ ଟିକିଏ ରହିଯାଇ କହିଲେ-ସଂକ୍ଷିପ୍ତରେ ମନୋଭାବ ପ୍ରକାଶ କରିପାରୁଛନ୍ତି ବୋଲି ଆମେ ଆଲୋଚନା କରୁଛୁ । ତେବେ ଜ୍ଞାନପ୍ରାପ୍ତିରେ ଜ୍ଞାନବ୍ୟକ୍ତିର ତୃପ୍ତି ଅଛି କି ଆଜ୍ଞା ? ତାହା ମଧ୍ୟ ଜ୍ଞାନ ପଥରେ ଶୁଭ ଲକ୍ଷଣ ।

ସେଦିନ ରାତି ନ ଶୋଇ ସ୍ୱର୍ଣ୍ଣ ଲାଗିଥିଲା 'ବୁଦ୍ଧଙ୍କ ଗୃହତ୍ୟାଗ' ଲେଖିବାରେ । ମାର୍ଗଶିର ମାସର ହିମାକ୍ତ ସନ୍ଧ୍ୟା । ଘର ଅଗଣା ସବୁଆଡେ ରହିଥିଲା ଅନ୍ଧକାର ହୋଇ । ପାଖର ରାଧାଗୋବିନ୍ଦ ମନ୍ଦିରରୁ ଶୁଭିଲା ପ୍ରଭାତ ଅବକାଶର ଶଙ୍ଖ-ଘଣ୍ଟା-ଧ୍ୱନି । ସ୍ୱର୍ଣ୍ଣ ଚମକି ପଡ଼ି ଉଠିବସିଲା, ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ଦେଇ । ରାତିରେ ଯିବା ସମୟରେ ସୁରମାଷ୍ଟ୍ରେ ଆକସ୍ମିକ ଭାବରେ କହି ଦେଇଥିଲେ, "ବାଲ୍ୟକାଳୁ ଧର୍ମଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ ।"

ସ୍ୱର୍ଣ୍ଣର ମନେହେଲା, ସେଇ ଋଷି-ହୃଦୟର ଉଦାତ୍ତ ଧ୍ୱନି ଅବନୀରୁ ଉଠି ସ୍ପର୍ଶ କରୁଛି ଅସୀମ ଆକାଶକୁ । ଉଜ୍ଜ୍ୱଳତର ହୋଇ ଦିଶିଲାଣି ଅତୀତର ସ୍ମୃତି । ମନେ-ପଡ଼ିଗଲା ଶ୍ୱଶୁର କହିଥିବା କଥା, ରାତିରେ ଶୋଇବା ପୂର୍ବରୁ ଶ୍ୱଶୁର ତନ୍ମୟ ହୋଇ ଗାଇ ଯାଆନ୍ତି, "ରେ ଆତ୍ମନ୍, ନକ୍ଷତ୍ର ପରିହରି ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି, ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି ।" ସେଦିନର ଅବୁଝା ଆଉ ଅଧବୁଝା କଥା ଆଜି ଉଦ୍ଭାସିତ, ସମ୍ପୂର୍ଣ୍ଣ ସୁବୋଧ ହୋଇଉଠିଛି ସ୍ୱର୍ଣ୍ଣର ଆଖି ଆଗରେ । ଭକ୍ତକବି ମଧୁସୂଦନଙ୍କ ସୂକ୍ତିଗୁଡ଼ିକୁ ଆପଣାର ଏକାନ୍ତ ଆପଣାର କରିନେଇ ଗାଇ ଯାଉଛନ୍ତି ଶଯ୍ୟା ଉପରେ ପଡ଼ିରହି । ଏଇ କଥାକୁ ଏଇ ବିଛଣା ଉପରେ ଶୋଇ ପଡ଼ି ଯାଉଥିଲେ ସେ । ଏ ଘରେ ଭରିରହିଛି ସେହି ଧ୍ୱନି । ସୁଯୋଗ ପାଇଲେ ସ୍ୱତଃ ଗୁଞ୍ଜରିତ ହୋଇ ଉଠୁଛି କାନ ପାଖରେ ।

ରାଧାଗୋବିନ୍ଦ ମନ୍ଦିରରେ ଘନ ଘନ ବାଜିଉଠୁଛି ପ୍ରଭାତ ଅବକାଶର ଶଙ୍ଖ-ଘଣ୍ଟା । ଏଇ ଘଣ୍ଟାଧ୍ୱନି ହିଁ

ସ୍ୱର୍ଣ୍ଣଙ୍କୁ ଶୁଣେଇ ଦେଉଥାଉଛନ୍ତି, ଜୀବନର ଗୋଟିଏ ଅନ୍ଧ କାଳଗର୍ଭରେ ମିଶିଯିବା କଥା । ସେ ଚକିତ ଦୃଷ୍ଟିରେ ଚାହିଁ ଦେଖିଲା, ଶ୍ୱଶୁରଙ୍କର ଫଟୋଟି ପଡ଼ିଛି । କଳ୍ପ ସିନ୍ଦୂକଟା ଯିମିତି ଥିଲା ସିମିତି ରଖାହୋଇଛି ଗୋଟାଏ କୋଣକୁ । ତାଙ୍କର କଣ୍ଠର ସ୍ୱର ତ ଏଇ ଘରୁ ଶୁଭୁଛି । କିନ୍ତୁ ହାୟ ଶ୍ୱଶୁର ଆଜ ନାହାନ୍ତି —"

ପରମାନନ୍ଦ ପଛଆଡ଼ୁ ଆସି ବସି ପଡ଼ିଲେ ସ୍ୱର୍ଣ୍ଣର ପିଠି ପାଖକୁ । ସ୍ୱର୍ଣ୍ଣ ଉଚ୍ଛପାଖକୁ ଫେରିଚାହିଁ ଆଉଜି ପଡ଼ିଲା ପରମାନନ୍ଦଙ୍କ କାନ୍ଧ ଉପରକୁ । ପରମାନନ୍ଦ ସ୍ୱର୍ଣ୍ଣଙ୍କୁ କୋଳ ଘିଚ କରି କହିଲେ, "ସତରେ ତୁମେ ବିରାଗିଣୀ ହୋଇଗଲ ସୁନକୋଇଁ ! ତମର ପ୍ରିୟ ଘରଟାକୁ ଯେ ଏକାଥରକେ ଛାଡ଼ିଦେଲ !"

ସ୍ୱର୍ଣ୍ଣ ଆନନ୍ଦ ଆବେଗରେ କମ୍ପିଉଠି କହିଲା, "ଶ୍ୱଶୁର ଜୀବନ୍ତ, ବୈରାଗ୍ୟ ଜାତ ହେବାମାତ୍ରେ ମୁଁ ଗୃହତ୍ୟାଗ କରିବ ।" ପରମାନନ୍ଦ ସ୍ୱର୍ଣ୍ଣର ମୁହଁ ଟେକି ଧରିଦେଇ କହିଲେ, "ସତେ କଅଣ ତୁମେ ସେ କଥା ଭାବୁଛ ସୁନକୋଇଁ ! ମୁଁ ଯେ ଏକାନ୍ତରେ ତୁମର ମୁଁ । ମତେ ଛାଡ଼ିଦେଇ କେଉଁଆଡ଼େ ଯାଇପାରିବ ନାହିଁ । ତୁମକୁ ନ ଦେଖି ମୁଁ କ୍ଷଣେ ମଧ୍ୟ ରହିପାରିବ ନାହିଁ ।"

ସ୍ୱର୍ଣ୍ଣ ପରମାନନ୍ଦଙ୍କ ପାଦ ଉପରେ ମଥା ରଖି କହିଲା, "ତୁମକୁ ଛାଡ଼ି ମୁଁ ସ୍ୱର୍ଗକୁ ମଧ୍ୟ ଯିବାକୁ ଇଚ୍ଛା କରେନାହିଁ କି କଳ୍ପନାନାହିଁ । ତୁମେ ଯେ ମୋ ଜୀବନର ସମ୍ବଳ । ମୋର ଅନ୍ତରାତ୍ମା ଯେ ଏଇ କଥା କହି ତୁମର ସ୍ତବ କରୁଛି—

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁ ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବ ଦେବ !

ସବୁଦିନ ଏହିପରି କହିବାକୁ ଦେଲେ, ତୁମକୁ ମୁଁ ପାଇଯାଉଛି ଏହା ଭରସାରେ । ତୁମେ ମୋର ଦେବ ଦେବ ମହାଦେବ ।" ପରମାନନ୍ଦ ସ୍ୱର୍ଣ୍ଣଙ୍କୁ ଛାତି ଉପରେ ନେଇ କହିଲେ, "ତୁମଠୁ ପ୍ରେମଶିକ୍ଷା ଅନେକ ଲୋଡ଼ିବ ହୋଇ ଆଶା କରି ବସିଥିଲି ଯେ, ତୁମେ ଭକ୍ତି କରୁଛ କା' ତୁମର ପରମାତ୍ମାଙ୍କୁ - ସ୍ମରଣ କରି ତୁଚ୍ଛ ଭାଉଛ ! ତୁମେ ମନେ ଦେବତାର ଆସନରେ ବସାଇ ସେତେ ପୂଜା କରୁଛ, ମୁଁ ସେତିକ ମନୁଷ୍ୟର ଆସନକୁ ଓହ୍ଲାଇ ଆସୁଛି । ମୋର ପ୍ରେମପିପାସୁ ମନ ପୂଜା ନ ଚାହିଁ ଚାହୁଁଛି ପ୍ରେମ ।" ସ୍ୱର୍ଣ୍ଣ ସ୍ୱାମୀଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କରି କହିଲା, "ତୁମେ ଯେ ମୋର ଶ୍ୟାମ, ମୁଁ ଶୟନେ, ସ୍ୱପନେ, କର୍ମଜଞ୍ଜାଳ ଭିତରେ ଶୁଣୁଛି ତୁମରି ସେଇ ମଧୁର ବଂଶୀସ୍ୱର ।"

ପରମାନନ୍ଦ ଉଚ୍ଚହାସ୍ୟ ଧ୍ୱନିରେ ଘର କମ୍ପେଇ କହିଲେ, "ତୁମେ ତ ତୁମର କୀର୍ତ୍ତନର ନାୟିକା ଭଳି ଭାବ କହୁଛ ସୁନକୋଇଁ ? ତୁମ ମୁହଁରେ ଭାବାବେଶର ଚିହ୍ନ ଦେଖି ମୁଁ ବଡ଼ ଆନନ୍ଦିତ ହେଉଛି । ଆଚ୍ଛା ଉଠି ବସ । ମୁଁ ଏଠିକି ଆସି ତୁମ କାର୍ଯ୍ୟରେ ବାଧା ଦେଉଛି ।"

ମାର୍ଗଶିର ମାସର ସନ୍ଧ୍ୟା । ଶୀତଟା ପଡ଼େନି ଆସିଛି ଧୀରେ ଧୀରେ । ଝିର ଝିର୍‌ ହୋଇ ବହି ଯାଉଥିଲା ଶୀତ ସମୀରଣ । ରଜନୀଗନ୍ଧା ଫୁଲର ସୁଗନ୍ଧରେ ଭରିଯାଇଥିଲା ଘରର ଅଗଣା, ବାରଣ୍ଡା ସବୁ । ପରମାନନ୍ଦ ଅଗଣାଆଡ଼ୁ ସ୍ୱର୍ଣ୍ଣଙ୍କୁ ଡାକ ଡାକ ଆସି ଦେଖିଲେ, ସ୍ୱର୍ଣ୍ଣ ମନ୍ଦିରରେ ବସିଛି ବାରଣ୍ଡାର ବେଞ୍ଚ ଉପରେ । ସେ ଟିକିଏ ବିସ୍ମୟରେ ହିଁ ପଚାରିଲେ, "ଇମିତି ସନ୍ଧ୍ୟା ସମୟରେ ପଡ଼ଦାର ଭଳିଆ ଅନ୍ଧାର କରି ବସିଛ ! କଅଣ ହେଲା ଆଜ ? ବାଦ୍ୟକାର ଆସି ବସିଛନ୍ତି ବାଡ଼ିପିଣ୍ଡାରେ । ଆଜ ତାଙ୍କର ନାଟକଖଣ୍ଡକୁ ହାର ଉଦ୍‌ଘାଟନ କରିବେ । ମନେ ନ ହେଲେ କେହି ଯିବେନାହିଁ । ତୁମେ ତ ଯିବ । ମୁଁ ମୁହଁ ହାତ ଧୋଇ ଆସୁଛି । ତୁମେ ଇତିମଧ୍ୟରେ ଯିବାକୁ ପ୍ରସ୍ତୁତ ହୋଇଯାଅ ।"

ପରମାନନ୍ଦ ବାଡ଼ିପାଖ ଆଡ଼କୁ ଯିବାପରେ ବନ୍ଧୁ ଲଣ୍ଠନ ଧରି ଆସି କହିଲା, "ବାବୁ, ସେକେଣ୍ଡବେଳଠୁ ଆସି ବସିଛନ୍ତି । ଆଜ ଶୀଘ୍ର ପ୍ରଦର୍ଶନ କରିବେ ।" ସ୍ୱର୍ଣ୍ଣ ... ପାଖର ଘରରୁ [illegible]

ଧୋଇ ଧୋଇ କହିଲା, "ବାଦ୍ୟକାରେ ସକାଳେ ଏକଥା କହିଦେଇ ଯାଇଥିଲେ, ଅନ୍ୟ କଥା ଚିନ୍ତାକରି ନାଟକ କଥା ଏକାଥରକେ ଭୁଲିଯାଇଥିଲୁ । ସେ ଆସିବା କଥା ତ ମୁଁ ଜାଣି ନ ଥିଲି ବାପୁ ! ଯାଉଛି ଏବଣି ଶାଢ଼ୀଟା ପିନ୍ଧି ଆସିଯିବି ।

ସ୍ୱର୍ଣ୍ଣ ଶାଢ଼ୀ ବଦଳେଇ ଆସି ମୁହଁ ଦେଖୁଥିଲା ବାରଣ୍ଡାର ଦର୍ପଣ ପାଖରେ ଠିଆହୋଇ । ପରମାନନ୍ଦ ସ୍ୱର୍ଣ୍ଣର ପିଠିରେ ହାତ ଦେଇ କହିଲେ, "ତୁମର ସୁନ୍ଦର ଆଉ ଆକର୍ଷଣୀୟ ରୂପଟି ଯେମିତି ସିମିତି ଅମ୍ଳାନ ପୁଷ୍ପ ପରି ରହିଛି ଶୁକବୋଉ !" ସ୍ୱର୍ଣ୍ଣ ନତ ହୋଇପଡ଼ି ସ୍ୱାମୀଙ୍କ ପଦଧୂଳି ମଥାରେ ଲଗାଇ କହିଲା, "ମୁଁ ଆଜି ଘରର ଦୁଆରମୁହଁକୁ ବାହାରୁଛି, ମତେ ଆଜି ଆଶୀର୍ବାଦ ଦିଅ ।"

ସ୍ୱାମୀ-ସ୍ତ୍ରୀ ଦୁହେଁ ଦାଣ୍ଡବାରଣ୍ଡାରୁ ଓହ୍ଲେଇ ତଳ ପାହାଚରେ ପାଦ ଦେଲାବେଳକୁ ବାଦ୍ୟକାର "ପରମାନନ୍ଦଙ୍କ ଆଗରେ ହାତ ଯୋଡ଼ିଦେଇ କହିଲେ, ଆଶୀର୍ବାଦ ଦିଅ ଗୋସେଇଁ ପୁଅ, ମୋ ମାଆ ଲକ୍ଷ୍ମୀ ଆଜି ପ୍ରଥମ କରି ପଲାସପୁର ଗାଁ-ଦାଣ୍ଡରେ ପାଦ ରଖି ଚାଲିବେ ।"

ପରମାନନ୍ଦ ଟିକିଏ ଆବେଗରେ ହିଁ କହିଲେ, "ତୁମର ମାଆ ଲକ୍ଷ୍ମୀ ତ ଶକ୍ତିହୀନା ନୁହଁନ୍ତି ବାଦ୍ୟକାରେ ! କଥାରେ ଅଛି—ନରଶ୍ରେଷ୍ଠଙ୍କୁ ଜଗଦୀଶ ରକ୍ଷା କରନ୍ତି । ସେ ତ ପରମପିତାଙ୍କ ଆଶୀର୍ବାଦ ପାଇ ଏତେବଡ଼ ଅସାଧ କାର୍ଯ୍ୟରେ ହାତ ଦେଇଛନ୍ତି । ଆମେ କିନ୍ତୁ ଇମିତି ଦୁର୍ବଳ ଯେ ଆପଣାର ଲୋକଙ୍କୁ ଅତି ନିକଟରେ ଦେଖି ଦେଖି ସେମାନଙ୍କୁ ସାଧାରଣ ଦୃଷ୍ଟିରେ ରଖି ସେମାନଙ୍କ ମହତତ୍ତ୍ୱଦୟର ରୂପ ଦେଖିପାରୁ ନ ଥାଉଁ । ତେଣୁ କଥାରେ କହିଦେଉଁ— ସେ ଆମରି ପରି ଜଣେ ସାମାନ୍ୟ ମନୁଷ୍ୟ । କିନ୍ତୁ ସେଇ ସାମାନ୍ୟ ମନୁଷ୍ୟଟି କେତେବେଳେ ପୁଣି ସ୍ୱୟଂ ମହାନ୍ ହୋଇ ଚିରକାଳର ବରଣୀୟ ହୋଇଯାଏ, ତାହା ହିଁ ଏବେ ମୁଁ ଅନୁଭବ କରୁଛି ।"

ବାଦ୍ୟକାର ମନେ ମନେ ପୁଲକିତ ହୋଇଉଠି କହିଲେ, "ତାହାହେଲେ ମଧ୍ୟ, ଗୋସେଇଁପୁଅ, ତୁମେ ଟିକିଏ ଏସବୁ କଥାରେ ହାତ ନ ଦେଲେ—"

ପରମାନନ୍ଦ ଚଞ୍ଚଳ ପଦରେ ଅଗ୍ରସର ହେଉ ହେଉ କହିଲେ, "ଏଥିରେ ମୁଁ ହାତଦେବା ଅର୍ଥ ହେବ ହସ୍ତକ୍ଷେପ କରିବା ।

× × ×

ଶୀତକାଳର ସନ୍ଧ୍ୟା । ହାଟବାହୁଡ଼ା ସମୟ । ବେପାରୀ ସ୍ତ୍ରୀ ଏବଂ ପୁରୁଷ ବିକାକିଣା କାମ ଶେଷକରି ଦେଇ ଚାଲିଛନ୍ତି ଘର ଆଡ଼କୁ । ସେମାନଙ୍କ ଭିତରୁ ପ୍ରାୟ ସମସ୍ତଙ୍କ ମୁଣ୍ଡ ଉପରେ ଜଦା ହୋଇଥିଲା ଟୋକେଇ କିମ୍ବା ବସ୍ତାଟାଏ । ନାଟକ ସମ୍ବନ୍ଧରେ ଆଲୋଚନା କରି କରି ଯାଉଥିଲେ ସେମାନଙ୍କ ଭିତରୁ ଅନେକେ । ବୃନ୍ଦାବନ ଭଲରୁ ଭାର ଆସୁ କରିଥିବା ସୋରିଷ ଓ ଝୁଣ୍ଟୁଙ୍କମଞ୍ଜି ବିକିକରି ଟୋକେଇରେ ଧରିଥିଲା, ଲୁଣ, ତେଲ ମସଲା ଇତ୍ୟାଦି ନିଜର ଗ୍ରୋଷ୍ଟ ଦୋକାନଟି ନିମନ୍ତେ । ସେ ରୁକ୍ମଣୀ ମାଉସୀକୁ ଟିକିଏ ଠେଲିଦେଇ କହିଲା, "ଏ ମାଉସୀ, ସୁଉକଟେ ପଇସା ଖରଚ କରି ନାଟ ଦେଖି ଆସିବା । ବାମୁଣଘର ବୋହୂ ପରଦିନ ନାଟ କରିବ । କଅଣ, କଥା କହୁନୁ ? ମୁଁ ପଛେ ତତେ ସୁଉକଟେ ଦେବି ।"

ଘନା ପଣ୍ଡା ତା' କାନ୍ଧର ଭାରି ବୁଜୁଲାଟାକୁ ଟିକିଏ ଉଠେଇ ରଖି କହିଲା, "ବୁରୁନ୍ଧୀଟା ସବେ ସବୁ କଥା ଜାଣିଲା ପରି କଇଯାଉଚ । ବାମୁଣଘର ବୋଉ ନାଟ କରୁଚ ନା ନାଟ ଦେଖିବ । କି ହାଟରେ କାଗଜ ବଣ୍ଟାହେଲା ଦେଖିଲୁ ନି ! ଲୋକ କୁହାକୁହି ହେଉ ଥିଲେ ଶୁଣିନୁ !" ବୁରୁନ୍ଧୀ ଉତ୍ସାହ ପାଇ କହିଲା, "ଲୁ ସିନା ପାଠ ପଢ଼ିରୁ ! ମୁଁ ଖଗ ମାଇକିନା ମଣିଷଟେ । ସିଏ ନାଟ ନେଖିବ କି କରୁଚ କିମିତି ଜାଣିବି । ଯାହା କରିଥାଉ, ଆମେ ଜଣକୁ ସୁଉକଟେ ନେଖାଏ ଖର୍ଚ୍ଚ କରି ଆସିବା, ନାଟ ଦେଖିଯିବା ।" ରୁକ୍ମଣୀ ମାଉସୀ କହିଲା, "ସୁଉକଟେ ଖରଚ ହେଲେ ହେବ ପଛେ, ମୁଁ ଏ ନାଟ ଦେଖି ଆସିବି ।"

ବାଦ୍ୟକାର କହିଲେ, "ଏ ରାସ୍ତାରେ ନାଟପେଣ୍ଡାଲ୍ ଲୋକରେ ଗହଳ ହୋଇଯାଉଛି । ଆମେ ଏଇଠୁ ବାଟ ଝଙ୍କି ଦେଉଳସାହି ବାଟେ ଯିବା ବାହାରି ।" ସ୍ୱର୍ଣ୍ଣ କହିଲା, ଏମାନଙ୍କର କଥା ଶୁଣିବାକୁ ଭଲ ଲାଗୁଛି ତ ବାଦ୍ୟକାରେ ! ମନୁଷ୍ୟ ମୁହଁରୁ ଏଇ ଧ୍ୱନି ଉଠୁଛି, ଆମର ନୀରବ ନିଷ୍ପନ୍ଦ ହୃଦୟକୁ ସ୍ପର୍ଶ କରିଦେଉଛି ।" ବାଦ୍ୟକାର ହସିଦେଇ କହିଲେ, "ଶୁଣିଲ ନା ଗୋସେଇଁପୁଅ ! ମାଟିର ମନ ଆଜି ଜୀବନ୍ତ ଚଞ୍ଚଳ ହୋଇଉଠିଛି । ଆଉ ଦୁଇଟା ଦିନ ମାତ୍ର ବାକି । ତା ପରେ ମୋ ମାଆଙ୍କ ଅନ୍ତଃପୁରର କଥା ଏ ସ୍ଥାନର ଲୋକମୁଖରେ ପ୍ରକାଶ ପାଇବ । ପରସ୍ପରରେ କୁହାକୁହି ହେବେ ନାଟକ ଗତ ବରଷର କଥା ।" ବାଦ୍ୟକାର, ପରମାନନ୍ଦ ଉଭୟେ ନାଟକ ସମ୍ବନ୍ଧରେ ଆଲୋଚନା କରି କରି ଚାଲିଥିଲେ ଧୀରେ ଧୀରେ । ସ୍ୱର୍ଣ୍ଣ ସେଥିରେ ଯୋଗ ନ ଦେଇ ଚାଲିଥିଲା, ଦୂରରୁ ନାଟକଘର ଆଡ଼କୁ ଚାହିଁ ଚାହିଁ ।

ତିନି ହେଁ ପ୍ରବେଶ କଲେ ନାଟକଘରର ସମ୍ମୁଖରେ । ଫାଟକର ଶୀର୍ଷକୁ ଜଳୁଥିଲା ଗ୍ୟାସଲାଇଟ୍ । 'ସ୍ୱାଗତମ୍' ଲେଖା ହୋଇ ବନ୍ଧା ହୋଇଥିଲା ଜରି ଝଲମଲ ତୋରଣ । ବାଦ୍ୟକାରଙ୍କ ପୋଷ୍ୟପୁତ୍ର ଭୁବନେଶ୍ୱର ଏବଂ ବିଦ୍ୟାଧର ନାଟକୀୟ ବେଶଭୂଷାରେ ସଜ୍ଜିତ ହୋଇ ଫୁଲମାଳ ଧରି ଠିଆ ହୋଇଥିଲେ ସମ୍ବର୍ଦ୍ଧନା ଦେବାକୁ । ସୁରମାଷ୍ଟ୍ରେ ଭିତର ଆଖିକୁ ଚଉକି ଉପରେ ବସିଥିଲେ । ପରମାନନ୍ଦ ପ୍ରଭୁଙ୍କୁ ଦେଖି ବଜେଇବା ଆରମ୍ଭ କରିଦେଲେ ହାରମୋନିୟମ୍‌ଟାକୁ ଧରି । ଦୁଆର ମୁହଁରେ ହିଁ ଭୁବନେଶ୍ୱର ଏବଂ ବିଦ୍ୟାଧର ପୁଷ୍ପମାଳ୍ୟ ଅର୍ପଣ କରିଦେଲେ ପରମାନନ୍ଦ ଆଉ ସ୍ୱର୍ଣ୍ଣର ଗଳାରେ । ତପସ୍ୱୀ ବାଳକବେଶରେ ସଜ୍ଜିତ ହୋଇଥିବା ଭୁବନେଶ୍ୱର ଏବଂ ବିଦ୍ୟାଧରଙ୍କୁ ଦେଖି ବିସ୍ମୟ ବିହ୍ୱଳ ହୋଇ ଉଠିଥିଲା ସ୍ୱର୍ଣ୍ଣର ମନ । ନାଟକଘର ଭିତରକୁ ପ୍ରବେଶ କରୁକରୁ ବିଦ୍ୟାଧର ଆଉ ଭୁବନେଶ୍ୱର ସମସ୍ୱରରେ ସ୍ୱାଗତ ସଙ୍ଗୀତ ଗାଇଲେ ଉପେନ୍ଦ୍ର ଭଞ୍ଜଙ୍କ 'ବିଭୂଷଣିପୁଷ୍ପ' ଗୀତର ଅନୁକରଣରେ—

ଘେନ ଗୋ ଜନନୀ ସୁମନ ହାର
ହାର ଗୁନ୍ଥେଁ ଏହା ଭକତି ଭାର,
ବାଣୀଦେବଙ୍କର ଅର୍ଚ୍ଚନା କରି
ଅରଜିଛ ଜ୍ଞାନ ଗୌରବ ଶିରି
ଧନ୍ୟ ଧନ୍ୟ ତବ ଜନ୍ମ
ସଂସାର ବନ୍ଧନ          ଭୁଲରେ ସହଜେ
ସାଧୁଛ ମାନବ ଧର୍ମ । ୧ ।

ଅମୃତର ଅନୁସନ୍ଧାନ ଅର୍ଥେ
ଆରମ୍ଭିଛ ଯାହା ଦୁର୍ଗମ ପଥେ,
ନାହିଁ ଯେ ଏ ପଥେ ତିଳେ ହେଁ ଛାୟା
ଏକାକୀ ପଥିକ ନାହିଁ କେ ସାହା
ହୃଦୟେ ଅଛନ୍ତି କୃଷ୍ଣ ଯେ,
ଗତି କରିଯାଅ          ଶ୍ରାନ୍ତି ଦେଇ ଭସ୍ମ
ପଦେ ତାଙ୍କ ହୁଅ ଲୀନ ଯେ । ୨ ।

ନେଇଅଛ ଯାହା ଯେ ମହାମନ୍ତ୍ର
ତୁମେ ଜାଣ ତାର ନିଗୂଢ଼ ତନ୍ତ୍ର,
କର୍ମଯୋଗ ଅନ୍ତେ ଜ୍ଞାନଯୋଗରେ
ହୋଇଛ ନିମଗ୍ନ ଅନୁରାଗରେ
ତୁମେ ଗୁରୁ, ତୁମେ ଶିଷ୍ୟା ଯେ,
ହୃଦ ପଦ୍ମେ ତବ          ଲକ୍ଷ୍ମୀ ସରସ୍ୱତୀ
ରହିଛନ୍ତି କରି ବସା ଯେ । ୩ ।

ତୁମର ଧରମ ତୁମର କର୍ମ
ହେଉ ଗୋ ଜନନୀ ଆମର ଧର୍ମ
ଚରଣିରେ ତବ କର ପରଶି
ଶୁଭାଶିଷ ଧାରା ଦିଅ ବରଷି
ଅନୁସରିପଦ ଚିହ୍ନ ଯେ
ସାଫଲ୍ୟମଣ୍ଡିତ          କରିବୁ ଜନନୀ,
ଆମରି ଜୀବନ ଜନ୍ମ ଯେ । ୪ ।

ଅପ୍ରତ୍ୟାଶିତ ଭାବରେ ତାହାଙ୍କ ହିଁ ସ୍ୱାଗତ ସମ୍ବର୍ଦ୍ଧନାରେ ସ୍ୱର ଶୁଣି ବିସ୍ମୟରେ ବିହ୍ୱଳ ହୋଇଉଠିଲା ସ୍ୱର୍ଣ୍ଣ । ସ୍ୱର୍ଣ୍ଣ ଏବଂ ପରମାନନ୍ଦକୁ ପାଛୋଟି ନେଇ ସୁରମାଷ୍ଟ୍ରେ ବସେଇଦେଲେ ନାଟକ ମଞ୍ଚ ଉପର ଚଉକିରେ ।

ଇତିମଧ୍ୟରେ ହାଟରୁ ଫେରୁଥିବା ଲୋକ ନାଟକଘରେ ଆଲୋକ ଦେଖି ଗୀତବାଦ୍ୟ ଶୁଣି କୌତୂହଳରେ ପ୍ରବେଶ କରିଗଲେ ଅନାହୂତଭାବରେ । ସୁରମାଷ୍ଟ୍ରେ ଏବଂ ସ୍ବାମୀସ୍ବ ସାହିତ୍ୟ ସଂସଦର ସମ୍ପାଦକ ଆଗନ୍ତୁକମାନଙ୍କୁ ସ୍ବର୍ଣ୍ଣର ପରିଚୟ ପ୍ରଦାନ କରି ତା'ର ସାହିତ୍ୟ ସାଧନାର, ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ । ଅବଶେଷରେ ସେ ତାଙ୍କର ନିଜ ହାତର ଭିଆରି ସାହିତ୍ୟ ଅନୁଷ୍ଠାନ-ପ୍ରତି ସାହାଯ୍ୟ-ସହାନୁଭୂତି ରଖି ଉନ୍ନତି ପଥରେ ଅଗ୍ରସର କରାଇବା ସକାଶେ ଅନୁରୋଧ ମଧ୍ୟ କଲେ ।

ପତ୍ନୀ ଗୌରବରେ ମନେ ମନେ ଉତ୍‌ଫୁଲ୍ଲ ହୋଇ ସ୍ବର୍ଣ୍ଣର ମୁହଁକୁ ଚାହିଁଲେ ପରମାନନ୍ଦ । ସେ ଦେଖିଲେ ଯେ ସ୍ବର୍ଣ୍ଣ ବିଷାଦପୀଡ଼ିତ ମୂର୍ତ୍ତିଟି ପରି ବସିଛି ତଳକୁ ଚାହିଁ । ସେ ଭାବିଲେ, "କି ଆଶ୍ଚର୍ଯ୍ୟ ଆଜିର ପରି ଗୋଟାଏ ଦିନରେ, ଇମିତି ଗୋଟାଏ ପରମ ଆନନ୍ଦ ଲାଭର ସୁଯୋଗରେ ମୁଖମଣ୍ଡଳ ଆନନ୍ଦ ଉଜ୍ଜ୍ବଳ ଦିଶୁଥାଆନ୍ତା । ତେବେ ହେଲା କ'ଣ ? ଏ ଅବସ୍ଥାରେ ତ ଇଏ ଆଜି ପଦଟିଏ ମଧ୍ୟ କହିପାରିବେ ନାହିଁ । ବିଶେଷରେ ସେ ଯଦି ସେଠି ରହନ୍ତି, ତାଙ୍କର ଉପସ୍ଥିତିଟା ସ୍ମରଣ କରି କହିବା କଥା ଭୁଲି ଆକସ୍ମିକ କିଛି ଗୋଟାଏ କହିଦେଇପାରନ୍ତି ।"

ଏ କଥା ଚିନ୍ତା କରୁକରୁ ହଠାତ୍ ଚଉକିରୁ ଉଠିଯାଇ ବାଦ୍ୟକାରଙ୍କୁ କହିଲେ, "ମୁଁ ଯାଉଛି ବାଦ୍ୟକାରେ, ବିଶୁକୁ ପଠାଇଦେବି ।" ବାଦ୍ୟକାର କ'ଣ ଗୋଟାଏ କଥା କହିବାକୁ ଆରମ୍ଭ କରୁଥିଲେ, ପରମାନନ୍ଦ ସେ କଥା ନ ଶୁଣି ଚାଲିଗଲେ ପଛପାଖ ବାଟଦେଇ ।

ଏତିକିବେଳେ ମଦନ ମହାପାତ୍ରେ ତାଙ୍କର ମୁଗ ଛନସ୍ବର ଭରଣ ମାପ ଶେଷକରି ହାଟଆଡ଼ୁ ଆସୁଥିଲେ ଘରକୁ । ସାଥିରେ ଥିଲେ ମଦନ ସ୍ବାଇଁ । ମଦନ ମହାପାତ୍ରେ ମନ ଭିତରର ବିସ୍ମୟ ଦମନ୍ କରି ନ ପାରି କହିଲେ—"ସତେ ସତେ ନାଟକ କରେଇଦେଲ ହେ ମଇଁ ! ମାଇକିନାଟାର ସାହାସ ତ କିଛି ଊଣା ନୁହେଁ !" ମଦନ ସ୍ବାଇଁ ନାଟକଘର ଆଡ଼କୁ ଅଗ୍ରସର ହେଉ ହେଉ କହିଲେ, "ଆଜ ଇ ନାଟକ ଅଭିନୀତ ହେବନାହିଁ । ମୁଁ ଜାଣିଛି, ଦ୍ବାର ଉଦ୍‌ଘାଟନ କରିବେ ବୋଲି ମାଷ୍ଟ୍ରେ କହୁଥିଲେ ।" ମହାପାତ୍ରେ ବିଦ୍ରୂପମିଶା ହସ ହସି କହିଲେ, "ଦ୍ବାର ଉଦ୍‌ଘାଟନ ଆଉ ଥରେ କ'ଣ ହେ ମଇଁହେ ! ସତ କହିଲ ମଇଁହେ, ଆମର ସମାଜ ବୋଲି ଯେଉଁ ପଦାର୍ଥ କଥା ଥିଲା, ଏସବୁ ଅଘଟଣ ବିଷୟଗୁଡ଼ାକ କ'ଣ ତା' ଉପରେ ଆଘାତ ଦେଉନାହିଁ ?" ମଦନ ସ୍ବାଇଁ ଜବାବଦେବା ଆଗରୁ ଦୁହେଁ ଯାଇ ବସିଯାଇଥିଲେ, ରଙ୍ଗମଞ୍ଚ ତଳର ସିଟ୍‌ରେ ପଡ଼ିଥିବା ବେଞ୍ଚ ଉପରେ ।

ସାହିତ୍ୟ ସଂସଦ ସମ୍ପାଦକଙ୍କର କହିବା ଶେଷ ହୋଇ ଆସୁଥିଲା ସମୟକୁ ବାଦ୍ୟକାର ସାଇଡ଼ ସିନ୍ ପାଖକୁ ଠିଆହୋଇ ସ୍ବର୍ଣ୍ଣକୁ କହିଲେ, "ମାଆ, ଏଥର ତମର ପାଳିପଡ଼ିଲା, ବାକ୍ୟଦେବୀଙ୍କୁ ସ୍ମରଣ କର, ସେହି ତୁମକୁ ରକ୍ଷାକରିବେ ।" କଣ୍ଠରୋଧ ହୋଇଗଲା ବାଦ୍ୟକାରଙ୍କର ।

ସ୍ବର୍ଣ୍ଣ ଠିଆହୋଇ ଚାହିଁଲା ଦର୍ଶକମଣ୍ଡଳୀଙ୍କ ଆଡ଼କୁ । ହାଟର ହେଳାବହେଳା ଏବଂ ରାସ୍ତାରେ ଯିବାଆସିବା କୌତୂହଳ ଜନତାଦ୍ବାରା ଭରି ହୋଇଯାଇଥିଲା ନାଟକଘରର ଦର୍ଶକ ଆସନ । ଆଜି ପର୍ଯ୍ୟନ୍ତ ସେ ତ ଘରର ଅଗଣା ଭିତରେ ହିଁ ଆବଦ୍ଧ ହୋଇ ରହିଥିଲା; ଏଣୁ ସେ ଉଦ୍‌ଭ୍ରାନ୍ତା ହୋଇଉଠିଲା ନିମିଷକରେ ! ସମ୍ମୁଖରେ ବିପୁଳ ଜନତା, ସେ କିନ୍ତୁ ସମ୍ପୂର୍ଣ୍ଣ ଏକାକିନୀ । ହାତ ତାର ଯୋଡ଼ି ହୋଇଗଲା ଆପେ ଆପେ । ସେ-ବ୍ୟାକୁଳ ହୋଇ ଭାବିବାକୁ ଲାଗିଲା, ସଂସାର ଯୁଦ୍ଧ-କ୍ଷେତ୍ରରେ ଠିଆହୋଇଛି ସେ । ଭଗବାନ ଶ୍ରୀକୃଷ୍ଣ ତ ସାରଥି ରୂପରେ ସମ୍ମୁଖରେ ଠିଆହୋଇ ନାହାନ୍ତି ? ସେ କାହାକୁ ଡାକିବ । କାହାକୁ କହିବ ?

ବାଦ୍ୟକାର ଅସ୍ପଷ୍ଟ ସ୍ବରରେ ସିନ୍ ପାଖରୁ କହିଲେ "କହିଦିଅ ମାଆ ଦି' ପଦ କହିଦେଇ ଚାଲିଆସ—"

ଆବେଗଜଡ଼ିତ କଣ୍ଠରେ କହି ଉଠିଲା ସ୍ବର୍ଣ୍ଣ । "ଜନତା ଜନାର୍ଦ୍ଦନ ! ଆପଣମାନେ ଇଚ୍ଛାକଲେ

ଆପଣମାନେ ଶୁଭଦୃଷ୍ଟିରେ ଅନାଇଁଦେଲେ ସମସ୍ତ ସୃଷ୍ଟି ହୋଇଯିବ ନନ୍ଦନକାନନର ସୁଗନ୍ଧ ସୁମନ । ଗୋଟାଏ ଗୃହକୋଣରେ ଆବଦ୍ଧ ହୋଇ ଉଚ୍ଛୃଙ୍ଖଳା ନାରୀ ହାତରେ ଗଠିତ ମୂର୍ତ୍ତି ଉପରେ ଜନତା-ଦେବତାଙ୍କର ଯଦି ସସ୍ନେହ ଦୃଷ୍ଟି ପଡ଼ିଯିବ, ତାହାହେଲେ ସେ ମୂର୍ତ୍ତିଗୁଡ଼ିକ ଉପରେ ବୋଳି ହୋଇ ଯିବ ସ୍ୱର୍ଗୀୟ ସୁମନର ମଧୁମୟ ସୌରଭ । ନାରୀ ହୃଦୟର ସମସ୍ତ ଭକ୍ତି ଜନତାର ପଦତଳେ ଅର୍ପଣ କରିଦେଇ ଆଜି କହୁଛି, ତାର ବିଶ୍ୱାସ ହେଉଛି ଯେ ଏଇ ଜନତାର ଆଦେଶରେ ହିଁ ତା ହୃଦୟର ଦୁଃଖ ସୁଖ ଏବଂ ଜନତାର ପଦତଳେ ନିବେଦନ କରିବାକୁ ଅଗ୍ରସର ହୋଇଆସିଛି । ଦେଶ-ଦେବତାଙ୍କ ଶୁଭାଶିଷରେ ଯେଉଁ ନାଟକଗୁଡ଼ିକ ଗଢ଼ିଉଠୁଛି, ସେଗୁଡ଼ିକ ତାଙ୍କର ଚରଣ ତଳେ ପୂଜାପୁଷ୍ପ ପରି ଗୋଟି ଗୋଟି ହୋଇ ଲୋଟିଯାଉ, ଏହା ହିଁ ମୋର କାମନା; ମୋର ନମ୍ର ନିବେଦନ । କଳ୍ପନାଶ୍ରିତରୂପେ ଏଇ ଯେଉଁ ନାଟକଗୁଡ଼ିକ ନିର୍ମିତ ହୋଇଛି, ଉପସ୍ଥିତ ବରେଣ୍ୟବୃନ୍ଦ ଅନୁଗ୍ରହକରି ହୃଦୟର ସ୍ନେହ ଦେଇ ଏହାକୁ ଜୀବନ୍ତ, ଜାଗ୍ରତକରି ରଖନ୍ତୁ । ଏ ଦେଶର ମାନବବୃନ୍ଦ ସେମାନଙ୍କର ପିତୃ-ପିତାମହଙ୍କ କଥା ଅମୃତମୟ ଏବଂ ଉପଦେଶପୂର୍ଣ୍ଣ ଗ୍ରନ୍ଥସମୂହ ଅଧ୍ୟୟନ କରିଅଛନ୍ତି । ତାହା ତ କେବଳ କଥାନୁହେଁ, ତାହା ଜ୍ଞାନର ଆଲୋକ । ଏଇ ଯେ ସ୍ତ୍ରୀ ବ୍ୟକ୍ତିଟି କଥା କହିବାକୁ ଉଦ୍ୟମ କରୁଛି, ସେ ମଧ୍ୟ ଅନୁଭବ କରୁଛି, ତାର ଏ ସୃଷ୍ଟିଦ୍ୱାରା ସାହିତ୍ୟ-ଜଗତର କୌଣସି ଅଭିବୃଦ୍ଧି ସାଧିତ ହେବନାହିଁ । ତେବେ ମଧ୍ୟ ସେ ବାମନ ହୋଇ ଧାଇଁଛି ଚନ୍ଦ୍ରକୁ ସ୍ପର୍ଶକରିବା ଆଶାରେ । ଏ ଯେ ଦୈବୀଦତ୍ତ ଇଚ୍ଛା ! ଏ ଯେ ବଞ୍ଚିରହିବା ଇଚ୍ଛା ଏ ଇଚ୍ଛାକୁ ଅବରୋଧ କରିବ କିଏ ?"

ଆବେଗର ଉଚ୍ଛ୍ୱାସରେ କଣ୍ଠରୋଧ ହୋଇଗଲା ସ୍ୱର୍ଣ୍ଣର ।

ମଦନ ମହାପାତ୍ରେ ତାଙ୍କ ମଇଁଷିଙ୍କ ପିଠି ଥାପୁଡ଼େଇ ହକ୍କାପ୍ରି ହସ ହସି କହିଲେ, "ଅଳାଜୁକ ଆଜି କେଉଁଠି କି ଖୋଜିବ ହେ । କଥା ଉଡ଼ି ଉଡ଼ି ଜାଇ ତାଙ୍କୁ ଛୁଇଁଗଲା ହେ ମଇଁଷ । ପାଣି ଗଣ୍ଡା ପିଇସାରି ଆଉ ଥରେ ଆରମ୍ଭ କରିବେ ।"

ଆବେଗକୁ ରୂପିଧରି ସ୍ୱର୍ଣ୍ଣ ଆରମ୍ଭକଲା କହିବାକୁ ଆଉ ଥରେ । ସେ ଏଥରଟିକିଏ ସହଜ ଭାବରେ କହିଲା; "ଅନ୍ତର୍ଯ୍ୟାମୀ ଯେତେବେଳେ ସୁପ୍ରସନ୍ନ ହୋଇଯାଆନ୍ତି, ସେ ଆପଣା ହାତରେ ହୃଦୟ ଦ୍ୱାରି ଖୋଲିଦିଅନ୍ତି ମୂଢ଼ ମନୁଷ୍ୟର । ଜ୍ଞାନୀମାନଙ୍କର ସୃଷ୍ଟିରେ ଆଲୋକ ପ୍ରବେଶ କରେ ସେଇ ପଥ ଦେଇ । ଏଇ ମୂଢ଼ ନାରୀଟି ଦେଖିବାକୁ ପାଉଛି ସେଇ ଜ୍ଞାନର ଆଲୋକ । ବ୍ୟାସଙ୍କ ବାଣୀ ଶୁଭୁଛି, 'ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ ।' ମୂକ ହୋଇଯାଉଛି ବାଚାଳ । ପଙ୍ଗୁ ହୋଇ ଯେଉଁ ନାରୀଟା ପଡ଼ିଥିଲା, ସେ ନିମିଷକରେ ପରିଭ୍ରମଣ କରୁଛି ଜଗ ଭୁବନ ।"

ମଦନ ମହାପାତ୍ର ତାଳି ମାରିବା ଦେଖି ଅନ୍ୟମାନେ ତୁହାଇ ତୁହାଇ ତାଳି ମାରିବାକୁ ଲାଗିଲେ । ମହାପାତ୍ର ଗଦ୍‌ଗଦ କଣ୍ଠରେ କହିଲେ, "ବାପର ନାଁ ନାହିଁ । ମାଆ ନାଁ ଜମଲା ପ୍ରାଣ । ସ୍ତ୍ରୀଲୋକ ଆଉ ଥରେ ଆସିଛନ୍ତି ଜନସମାଜକୁ ଉପଦେଶ ଦେବେ ! ମହାଭାରତକୁ କଥା ଆଣି ଇଏ ଆମକୁ ଶୁଣେଇବେ ଧର୍ମ ଉପଦେଶ । ବର୍ଷକୁ ଗୋଟେ ଜନ୍ମ କରୁଥିଲେ କୋଡ଼ିଏଟା ପିଲାର ମାଆ ହୋଇ ବସିଥାନ୍ତା । ହାଣ୍ଡିଶାଳରୁ ବାହାରିପଡ଼ି କେଉଁଭଳି କଥା କହୁଛି ।"

ପାଖପଡ଼ିଶା ଗାଁର, ସେଇ ସ୍ଥାନର ମଧ୍ୟ ଅନେକଙ୍କ ନାଟକଘର ଦୁଆର ମୁହଁରେ ଆଲୁଅ ଦେଖି ଯିଏ ଯିମିତି ଅବସ୍ଥାରେ ଥିଲେ, ସେହିପରି ହିଁ ପ୍ରବେଶ କରି ଯାଇଥିଲେ ଭିତରକୁ । କାହା ହାତରେ ପାନ ବଟାଟାଏ ତ କାହା ହାତରେ ପରିବାପତ୍ର ଝୁଡ଼ିଟାଏ, କାହା ହାତରେ ସୋରିଷ-ମରଚ ଇତ୍ୟାଦି । ଚଉଧୁରୀ ଗୋସ୍ୱାମୀ ମଧ୍ୟବିତ୍ତ ପରିବାରର ବ୍ୟକ୍ତି । ଅରସାହିଁଏ ପୁରା ଜୀବନରେ ଉପାର୍ଜନ କରି ନ ଥିଲେ ଟଙ୍କା ।

ସେଥିପାଇଁ ତାଙ୍କର କୌଣସି ଉଦ୍‌ଯୋଗ ମଧ୍ୟ ନ ଥିଲା । ଏଣୁ ସେ ମଧ୍ୟବିତ୍ତ ଅବସ୍ଥାରୁ ନିମ୍ନ ଆଡ଼କୁ ହିଁ ଗତି କରି ଯାଉଥାନ୍ତି ଧୀରେ ଧୀରେ । ଗୋସ୍ୱାମୀ ତାଙ୍କର ପାନ ଆଉ ପରିବାପତ୍ର ଝୁଲାଟାକୁ ଉଠେଇ ନେଇ ବିରକ୍ତିରେ କହିଲେ "ଆମେ ଏଆଡ଼େ ମରୁଛୁ; ହାତଖରଚକୁ ପଇସାଟିଏ ମିଳିବାକୁ ନାହିଁ । ଆଜ୍ଞେ ନାଟକ କରୁଛନ୍ତି ! କଅଣ ଗୁଡ଼େ ଭିତର ଭିତର ହେଇ କହିଯାଉଛି । କିଏ ବୁଝିପାରୁଛି ? କଥାର ଆଦ୍ୟ ନାହିଁ ନା ପ୍ରାନ୍ତ ନାହିଁ । ପିଲା ଝାଞ୍ଜୁଟା ଧରି ଘରକରିବା ମାଇକିନା ମଣିଷଟେ, ଆସିଛି ନାଟକ କଥା କହି, ନାଟକ ?"

ଗୋସ୍ୱାମୀ ଚାଲିଯିବା ପରେ ମହାଦେବ ସ୍ୱାଇଁ କହିଲେ, "ଗଡ଼ିହୋଇ ଆସୁଥିବା କଥାକୁ ଭାଙ୍ଗିଭୁଙ୍ଗି ଚୂନା କରିଦେବାକୁ ତୁମର ବଡ଼ ଶକ୍ତି । ସ୍ତ୍ରୀଲୋକଟି କେଡ଼େ ସୁନ୍ଦର ଆବେଗରେ କହିଯାଉଥିଲା । ତାଳମାରି କାଉ ଉଡ଼େଇଲା ପରି ଶୁଣିବା ଲୋକ-ଗୁଡ଼ାକୁ ଉଠେଇଦେଲ ।"

କହୁ କହୁ ସ୍ୱର୍ଣ୍ଣର ମନେପଡ଼ିଗଲା ଶ୍ୱଶୁରଙ୍କ କଥା । ସତେ ଯେଉଁପରି ସେ ଆସି ତା' ଆଗରେ ଛିଡ଼ା ହୋଇଛନ୍ତି, ଆଉ ସେ ତାଙ୍କରି ମୁହଁକୁ ଏକାଗ୍ର ଚିତ୍ତରେ ଚାହିଁରହି କହିଯାଉଛି ତନ୍ମୟ ହୋଇ । ସେ କହିଲା, "ସୃଷ୍ଟି ଆରମ୍ଭରୁ ଯେତେ ଶାସ୍ତ୍ର, ପୁରାଣ ମହାପୁରୁଷମାନଙ୍କ ମୁଖରୁ ନିଃସୃତ ହୋଇଅଛି, ଏ ସମ୍ବନ୍ଧରେ ମଧ୍ୟ ନାରୀ ଆଜି ସମ୍ପୂର୍ଣ୍ଣ ଅଜ୍ଞ । ସେ ଜାଣେ ନାହିଁ ତାହାରି ପିତା, ତାହାରି ଭ୍ରାତା, ତାହାରି ପତି ଏବଂ ପୁତ୍ର—ଏଇ ସମସ୍ତ ବେଦ, ବେଦାନ୍ତ, ଶାସ୍ତ୍ରପୁରାଣମାନଙ୍କର ସ୍ରଷ୍ଟା । ସାମାନ୍ୟକୁ ମହତ୍ତ୍ୱ, ଅଘଟଣକୁ ଘଟଣ କରି, ଅସ୍ୱାଭାବିକକୁ ସ୍ୱାଭାବିକ କରି ନାରୀପ୍ରାଣରେ ସଞ୍ଚାର କରାଇଛନ୍ତି ଅନିର୍ବଚନୀୟ ଆନନ୍ଦ । ବାଲ୍ମୀକି ରାମ-ଚରିତରେ ରାମଙ୍କୁ ପରମେଶ୍ୱର ରୂପେ ସୃଷ୍ଟି କରିଥିଲେ । ବେଦବ୍ୟାସ ତାଙ୍କର ମହାକାବ୍ୟ ଭାଗବତରେ ନନ୍ଦନନ୍ଦନଙ୍କୁ ଶ୍ରୀକୃଷ୍ଣ ଭଗବାନ ବୋଲି ନିଃସନ୍ଦେହରେ ପ୍ରକାଶ କରି ଦେଇଛନ୍ତି; କିନ୍ତୁ ନାରୀ ଆଜି ପର୍ଯ୍ୟନ୍ତ ଏ ତାପସମଣ୍ଡଳୀଙ୍କୁ ଆବିଷ୍କାର କରିପାରିନାହିଁ । ସେ ମନେ ମନେ ବିଶ୍ୱାସ କରିରହିଛି ଯେ ପୁରାଣ କଥାଗୁଡ଼ିକ କେବଳ ସ୍ୱର୍ଗରାଜ୍ୟର ଦେବତାମାନେ ହିଁ ସୃଷ୍ଟିକରି ମର୍ତ୍ତ୍ୟରାଜ୍ୟକୁ ପଠାଇଦେଇଛନ୍ତି । ନାରୀ ଆଜି ତାର ଦିବ୍ୟଦୃଷ୍ଟିରେ ଦେଖିପାରିଛି—ପୁରୁଷଙ୍କୁ ମହାଶକ୍ତି ସ୍ରଷ୍ଟାରୂପେ ଏବଂ ପରମପିତାରୂପେ । ସେଇ ପରମପିତାଙ୍କ ତର୍ଜନୀ ସଙ୍କେତରେ ସେ ଦେଖିବାକୁ ପାଉଛି, ଊର୍ଦ୍ଧ୍ୱତନ ସପ୍ତଲୋକର ପଥ । ସେ ବୁଝି-ପାରିଛି, ଏ ମାର୍ଗର ଦ୍ୱାର ସର୍ବଜନ ଏବଂ ସର୍ବକ୍ଷଣ ପାଇଁ ଉନ୍ମୁକ୍ତ । ଏ ମାର୍ଗ ଏତେ ଦୁର୍ଗମ ଯେ ଏପଥରେ ଗମନକରିବା ପାଇଁ ସ୍ୱତନ୍ତ୍ରତା ଘଟେନାହିଁ । ପଥିକର ଗତିଶକ୍ତି ହିଁ ପଥିକକୁ ପହଞ୍ଚାଇ ଦିଏ ଊର୍ଦ୍ଧ୍ୱତନ ଦେଶରେ । ସେଇ ପରମପିତା ଆଦେଶ ଦିଅନ୍ତୁ, ନାରୀ ସେ ଆଦେଶକୁ ଶିରୋଧାର୍ଯ୍ୟ କରି ତା' ଜୀବନର ପଥ ନିର୍ଦ୍ଦେଶ କରୁ । ପିତାଙ୍କ ଆଦେଶ ବିନା ଏହି ମୂଢ଼ ବାଳିକାଟି ପଦେ ମଧ୍ୟ ଅଗ୍ରସର ହୋଇପାରିବ ନାହିଁ । ଏଇ ଯେ ଅଳ୍ପ ସମୟ ପୂର୍ବରୁ ସାହିତ୍ୟ ସଂସଦର ସମ୍ପାଦକ ଉକ୍ତ ସଂସଦର କାର୍ଯ୍ୟ କରିବାକୁ ଆଦେଶ ଦେଇଛନ୍ତି । ପିତା ଯେଉଁପରି କନ୍ୟାକୁ ଆଦେଶ ଦିଏ, ଅବିକଳ ସେଇପରି ଆଦେଶ ଆସିଛି । ସେ ଆଦେଶ ପାଳନ କରିବାକୁ ସେ ହିଁ ଦେବେ ମୋତେ ଶକ୍ତି......"

ବାଦ୍ୟକାରେ ଆସି ଆଗନ୍ତୁକମାନଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ନାଟକ ଦେଖି ଆସିବା ପାଇଁ ଅନୁରୋଧ ମଧ୍ୟ କରିଗଲେ ।

ମଦନ ମହାପାତ୍ରେ ମଇନାଙ୍କ ହାତ ଧରି ବାହାରି ପଡ଼ିଲେ ଘର ଆଡ଼କୁ । ନାଟକଘର ଦୁଆର ମୁହଁରେ ହୋଇଛନ୍ତି, ମହାପାତ୍ରେ ତାଙ୍କର ଅଭ୍ୟାସ ପ୍ରକାରେ ହସି ହସି କହିଲେ, "କଅଣ କହିଲା ମଇନେ, ମାଇକିନିଆଟା ?"

ମଦନ ସ୍ୱାଇଁ ଘୁଞ୍ଚିଯାଇ କହିଲେ, "ତମର ଏ ବିଦ୍ରୂପ ହସଟା ମତେ ଭଲ ଲାଗେନାହିଁ ମଇନେ । ଯାହା ସେ କହିଲେ, ମତେ ଭଲ ଲାଗିଲା । ଏତେ କଥା

ତ କହିଦେଇ ଯାଉଛ, ଇମିତି ନାଟକମଞ୍ଚ ଉପରେ ଠିଆହୋଇ ସ୍ୱରପଦ କହିଦେବଟି, ଦେଖିବ ।"

ମହାପାତ୍ରେ ଆଜି ତୃତୀଏ ହସ ହସି କହିଲେ, "ମୁଁ କାହିଁକି ଇମିତି କଥା କହିବି ? ହାଡ଼ିସାହିର ନଟିଆ ମାଆକୁ ଡାକଦେଲେ, ଦିନଯାକ ଇମିତି କେତେ କଥା କହିଯିବ ।"

ମହାପାତ୍ରଙ୍କ ଆଗରେ ଯାଉଥିଲେ ଲୋକନାଥ ଗୋସ୍ୱାମୀ, ସେ ଆଜି ଟିକିଏ ପଛକୁ ହଟିଆସି କହିଲେ, "ମାଇକିନା ଜାତିଟାକୁ ଯଦି ବକର ବକର ହେବାକୁ ଛାଡ଼ି ଦେଇଥିବ କହି ତ ଯାଉଥିବେ । କେତେ ସ୍ତ୍ରୀ ଇମିତି କଥା କହୁଚନ୍ତି । ଆପଣ ଯାହା ଯାହା କହିଲେ ମୋ ମନକୁ ମାନିଗଲା । ଝାମ୍ପୁରି ହାଡ଼ିଆଣୀ ମାଛ ବିକୁ ବିକୁ ଯେତେ କଥା କହୁଚି, ଢଗ ବୋଲୁଚି, ଏସବୁ ତା ତୁଳନାରେ କିଚ୍ଛି ନୁହେଁ । ଏ ନାଟକ ଲେଖା କଅଣ ମୁଁ ତ କିଚ୍ଛି ବୁଝିପାରିଲି ନ ଆଜ୍ଞା ।"

ମହାପାତ୍ରେ ହସି ହସି ଅଗ୍ରସର ହେଉଥିଲେ ଘର ଆଡ଼କୁ ।

× × × ×

ସେ ଦିନର ଷ୍ଟେଜ୍ ରିହାର୍ସିଲ ପରେ ସୁରମାଷ୍ଟ୍ରେ ଆଜ ବାଦ୍ୟକାରେ ଚିନ୍ତାକରି ସ୍ଥିର କରିଥିଲେ, ଆଉ ସ୍ୱର୍ଣ୍ଣଦିନ ନାଟକ ଅଭିନୟ ପୁଞ୍ଚେଇଦେବାକୁ । କାରଣ ସବୁ ଅଭିନେତା ଏକାଠି ହୋଇ ପରସ୍ପର ସଂଳାପ ଅନ୍ତୁ କେତେ ଥର ମାଜି କରିବା ହେତୁ ସାମଞ୍ଜସ୍ୟ ବୋଧହେଉ ନ ଥିଲା । ପୁଣି ମୁଖସ୍ଥର ଅଭାବ ମଧ୍ୟ ରହିଥିଲା । ଏଇ ସମସ୍ତ କାରଣରୁ ସପ୍ତାହ ଗୋଟାଏ ଘୁଞ୍ଚେଇ ଦେବାକୁ ବିଚାର ହୋଇଥିଲା । ରାତି ପାହାନ୍ତିରୁ ନିଦ ଭାଙ୍ଗିବା ଅବସରରେ, ବାଦ୍ୟକାର ଆଉ ସୁରମାଷ୍ଟ୍ରେ ସେଇ କଥା ନେଇ ଆଲୋଚନା କରୁଥିଲେ ।

ଅଗଣା ଗଛର ଉପର ରେଲିଂ ଉପରେ ବସି ଚଢ଼େଇପକ୍ଷୀଗୁଡ଼ାକ ଅକାରଣରେ କଳହ ଆରମ୍ଭ କରିବା ଦ୍ୱାରା ନିଦ ଭାଙ୍ଗିଗଲା ସ୍ୱର୍ଣ୍ଣର । ନିଦ ଭାଙ୍ଗୁ ଭାଙ୍ଗୁ ସବୁଦିନେ ଯିମିତି ଚଞ୍ଚଳ ହୋଇଉଠି ବସେ, ସେଦିନ ସିମିତି ସେ ଆଉ ଉଠିପଡ଼ି ବସିଲାନାହିଁ । ବିଛଣାରେ ପଡ଼ିରହି ଭାବୁଥିଲା ରାତିର କଥା । କେତେ ଲୋକ ଏକାଠି ହୋଇଥିଲେ ନାଟକ ଘରଟାରେ । ସେମାନଙ୍କ ଭିତରୁ କାହାକୁ ହେଲେ ସେ କେବେ ଦେଖିନାହିଁ କି ଚିହ୍ନିନାହିଁ । କଅଣ କହିଲା ସେ ? ଆହା, କାହିଁକି ସେ କହିବାକୁ ଗଲା, କଅଣ ବା ଜାଣିଛି ସେ ? କେହି ଯଦି ତାକୁ ମନାକରି ରଖିଦେଇ ଥାନ୍ତା ! କେଡ଼େ ଖୁସିରେ ସେ ରହିଯାଇଥାନ୍ତା । ମନେପଡ଼ିଗଲା ମାଈଁଙ୍କ କଥା । ସେଇ ଝିଅଟା ଆଜି ସଭାରେ ଠିଆହୋଇ କଥା କହିପାରିଲା ? ତାହାଲେ ବି' ଧାର ଲୁହ ବହିଗଲା ସ୍ୱର୍ଣ୍ଣର ଦୁଇ ଆଖିରୁ । ତା'ର ମନେପଡ଼ିଲା, ସେଦିନ ହେବ ଡ୍ରେସ୍ ରିହାର୍ସିଲ । ତା' ପରଦିନ ନାଟକ ଅଭିନୟ । ଯେଉଁ ଲୋକଗୁଡ଼ାକୁ ସେ ଦେଖିଆସିଛି, ସେଇମାନେ ଆସି ବସିବେ ଦର୍ଶକ ଆସନରେ । କଅଣ ସେ କହିଲା କାଲି । ଲୋକଙ୍କୁ ସେ କଥା କ'ଅଣ ଭଲ ଲାଗିଥିବ । ନାଟକଘର କଥା ! କେତେ ଟଙ୍କାପଇସା ଖରଚ ହୋଇଯାଉଛି—

ପରମାନନ୍ଦ ଆସି ବସିଲେ ସ୍ୱର୍ଣ୍ଣର ପିଠି ପାଖକୁ । ଗଭୀର ସ୍ନେହରେ ପତ୍ନୀର ପିଠିରେ ମଥାରେ ହାତ ବୁଲେଇ ଆଣିଲେ ସେ । ସ୍ୱର୍ଣ୍ଣ ତାର ମଥା ଘୁଞ୍ଚେଇ ନେଇ ପରମାନନ୍ଦଙ୍କ ଗୋଡ଼ ଉପରେ ରଖୁ ରଖୁ କରୁଣ ସ୍ୱରରେ କ୍ରନ୍ଦନକରି ଉଠି କହିଲା, "ଶ୍ୱଶୁର ଆଶ୍ରୟସ୍ଥାନାକୁ ବଧୂରୂପେ ବରଣକରି ଆଣିଥିଲେ । ଆଉ ଗୋଟିଏ ଦିନ ରହିଯାଇଥିଲେ, କେଉଁଠାରୁ ଯାଇ କେଉଁଠି ସେ ପଡ଼ିଥାନ୍ତା ? ପିତୃ-ମାତୃସ୍ଥାନୀୟ କି ସମ୍ବଳ ଥିଲା ତୁମର ସେବିକା ହେବାକୁ । କି ଶକ୍ତି ଥିଲା ତା'ର ଜନସମାଜକୁ ସମ୍ବୋଧନ କରି କହିବାପାଇଁ —"

ପରମାନନ୍ଦ ସ୍ୱର୍ଣ୍ଣକୁ ଉଠେଇ ନେଇ କହିଲେ, "ମନୁଷ୍ୟକୁ ପିତାମାତା ସିନା ଜନ୍ମ ଦିଅନ୍ତି, କିନ୍ତୁ ଶକ୍ତିସଞ୍ଚୟ କରେ ସେ ନିଜେ । ବର୍ତ୍ତମାନ ମୁଁ ବୁଝିପାରୁଛି, ତୁମେ ତୁମକୁ ଜାଣି ପରେ ମଧ୍ୟ ଜାଣି-ପାରିଛ । ତୁମକୁ ମଧ୍ୟ ମୁଁ ବୁଝିପାରୁଛି ଶୁକବୋଉ ! ଏଇ ବୁଝିପାରିବା କଅଣ କମ୍ ସୌଭାଗ୍ୟର କଥା !

ସମୟେ ସମୟେ ଏ କାର୍ଯ୍ୟରେ କାହିଁକି ହାତଦେଲି ବୋଲି ତୁମେ ଯେ ବ୍ୟସ୍ତ ହୋଇଯାଉଛ, ତାହା ମୁଁ ଜାଣୁଛି; ତେବେ ମଧ୍ୟ ତୁମକୁ ଉଚ୍ଚ ଆସନରେ ବସେଇ ଦେବାକୁ ହିଁ ମୋର ଇଚ୍ଛା । ଏ କଥା ମୁଁ ତ ତୁମକୁ ସବୁବେଳେ କହିଆସୁଛି । ପୁଣି ଶୁକ ମଧ୍ୟ ସେଇ କଥା ଲେଖୁଛି । ମୋର ମନେପଡ଼ୁଛି, ସେ ଅନେକ ଦିନ ଆଗର କଥା । ଦେଖିଥିଲି "ଧ୍ରୁବ ତପସ୍ୟା" । କେତେ ବାଧା ଅତିକ୍ରମ କରି ଧ୍ରୁବ ମାଆକୁ ଛାଡ଼ି, ଅରଣ୍ୟ ପଥରେ ଖୋଜି ହେଲା ଚିଦାନନ୍ଦ ଭଗବାନଙ୍କୁ । ମୁଁ ମନେ ମନେ ଚିନ୍ତା କରୁଛି, ଭଗବାନ ତୁମକୁ ଶକ୍ତି ଦିଅନ୍ତୁ, ତୁମେ ସାଂସାରିକ ସମସ୍ତ ବାଧା ଅତିକ୍ରମ କରି ଧ୍ରୁବ ପରି କେତେଗୁଡ଼ିଏ ଚରିତ୍ର ସୃଷ୍ଟି କରି ଦେଇପାରିବ । ଦେଖୁଛି, ଧ୍ରୁବକୁ ସୃଷ୍ଟି କରି ସ୍ରଷ୍ଟା ରହିଯାଇଛନ୍ତି ଅଦୃଶ୍ୟ ହୋଇ । କି ସୁନ୍ଦର ଗୂଢ଼ତତ୍ତ୍ୱ ଏ ଭିତରେ ନିହିତ ଅଛି !"

ପରମାନନ୍ଦଙ୍କ କଥା ଶୁଣି ସ୍ୱର୍ଣ୍ଣର ଆଖି ମୁଦି ହୋଇଗଲା ଭାବାବେଶରେ । ମୁହଁ ଫେରେଇ ନେଇ ଆଖି ପୋଛିଦେଲା ହାତ ପାପୁଲିରେ । ମଥା ତାର ନତ ହୋଇଗଲା ଅଦୃଶ୍ୟ ଦେବତାଙ୍କ ପାଦତଳେ ।

ସେ ପିମିତି ସ୍ୱାମୀଙ୍କ ପାଦ ପାଖରେ ଶୋଇରହି ଆବେଗଜଡ଼ିତ କଣ୍ଠରେ କହିଲା, "ଯେଉଁ ଧ୍ରୁବକୁ ତୁମେ ଗଭୀରଭାବରେ ଭଲପାଅ, ମୁଁ ସେ ସ୍ତବଟି ଲେଖିଛି, କିନ୍ତୁ ଏ ମହାଶୂନ୍ୟ ପଥ ଅତିକ୍ରମ କରି ମୁଁ ସେ ଧ୍ରୁବ ନକ୍ଷତ୍ର ପାଖକୁ ଯାଇପାରୁନାହିଁ । ତୁମେ ହିଁ ମତେ ପଥ ଦେଖାଇ ଦିଅ ସୁହୃଦ୍ ସୁମନ ମୋର । ତୁମେ ଯେ ମତେ କବିତ୍ୱ ଶକ୍ତି ଦେଇଛ—"

ଧ୍ରୁବର ସ୍ତବ ତୁମେ ଲେଖିପାରିଛ ଶୁକବୋଉ ! ତୁମର ସେ କବିତା ମୁଁ ନିଶ୍ଚୟ ଶୁଣିବି । କଇବଲ ଦେହେରାକୁ ଜ୍ୱର ହୋଇଛି । ଆଜି ସେ କିମିତି ଥିବ ବୋଲି ଦେଖିଯିବାକୁ ମନ ଉଦ୍‌ବିଗ୍ନ ଥିଲା । ସେ ଆଜ୍ଞେ ଆଜି ଆଉ ଯିବନାହିଁ । ଆଜି ବୁହେଁ ସ୍ନାନ କରି ଆସି ଶୁଚିଶୁଦ୍ଧ ହୋଇ ବସିବା; ତୁମେ ଧ୍ରୁବସ୍ତବ ପଢ଼ିବ, ମୁଁ ଶୁଣିବି ।

ସ୍ନାନ କରି ଆସି ଚୁଲିପାଖରେ ବସିଥିଲା ସ୍ୱର୍ଣ୍ଣ । ବଣୁ ଯାଇଛି ବଜାର କରି । ଚୁଲି ଜାଳି ଦେଇଯାଇଛି । କବିତା ଶୁଣିବେ ବୋଲି ସିନା ପରମାନନ୍ଦ କହିଥିଲେ, କିନ୍ତୁ ଥରକୁ ଥର ରୋଗୀଙ୍କ ଲୋକ ଆସି ପଥ୍ୟ ପାଚନର ପରାମର୍ଶ ନେଉଥିବାରୁ ସକାଳ ଦଶଟା ପର୍ଯ୍ୟନ୍ତ ସମୟ ପାଇ ନ ଥିଲେ । ସ୍ୱର୍ଣ୍ଣ ଚୁଲି ପାଖରେ ବସି କବିତା ସଂଶୋଧନ କରୁଥିଲା । ପରମାନନ୍ଦ ଦୁଆର ମୁହଁକୁ ଆସି କହିଲେ, ଆସ ଶୁକବୋଉ ; ମୋ ମନ ସେଇ ସ୍ତବ ଭିତରେ ରହିଛି । ସ୍ୱର୍ଣ୍ଣ କହିଲା— ତୁମ ମନ ସିନା କବିତା ଶୁଣିବାରେ ରହିଛି ମୋ ମନ ଭାତୁରେ କାତର ହେବାକୁ ଲାଗିଲାଣି ।

ପରମାନନ୍ଦ କହିଲେ, ତୁମେ ବାରଣ୍ଡାରେ ବସି କବିତା ପଢ଼ିବ, ମୁଁ ଘରଭିତରେ ଶୋଇ ଶୁଣିବି । କହୁ କହୁ ସେ ଖଟ ଉପରେ ଶୋଇ କହିଲେ, ଆରମ୍ଭ କର, ଏଠୁ ମୁଁ ଶୁଣୁଛି ।

ସ୍ୱର୍ଣ୍ଣ ଆରମ୍ଭ କଲା ସ୍ତବ—

ଦ୍ରୁତ ପଦରେ ଚାଲିଛି ଧ୍ରୁବ
କୁଟୀର ଦ୍ୱାର ଛାଡ଼ି,
ବତାସ ବହେ ପ୍ରବଳ ବେଗେ
ଶୁଭୁଛି ଘଡ଼ଘଡ଼ି,
କାତର କଣ୍ଠେ ଡାକେ ଭକତ
କାହିଁ ରହିଛ ଜଗତ ନାଥ ।

ଶୁଭୁଛି ତବ ଚରଣ ଧ୍ୱନି
ଦେଖୁ ନି ତବ ଛବି,
ତୁମର ନାମ ଗାୟନ କରି
ହୃଦୟ ଯାଏ ଦ୍ରବି ।

ବରଷେ ଜଳ ପ୍ରବଳ ଧାରେ
ଖନେକେ ଧରା ବଜ୍ରନାଦରେ
ଚାଲିଛି ଧ୍ରୁବ ଅରଣ୍ୟ ପଥେ
ସଂଶୟ ନାହିଁ ମନେ,
ଗରଜେ ମେଘ କମ୍ପେ ବସୁଧା
ଦାମିନୀ ଝଲସେ ଘନେ ଘନେ ।

ବରଷେ ଜଳ ମୁଷଳଧାରେ,
ଅକାଢ଼ ହୁଏ ଧ୍ରୁବ ପଥାଟରେ,
ଉନ୍ମାଦ ବାଆ ଯାଉଛି ବହି
ଦୋହଲେ ବନ ଦେଶ,
ଆବେଗେ ଢଳ ଏ ତରୁଲତା
କରନ୍ତି ଭୂମି ସ୍ପର୍ଶ ।

ଧ୍ରୁବର କେଶ ଗଳିକି ଜଳ
ପଡ଼ୁଛି ଝର ଥରକୁ ଥର
ଭକ୍ତ ବାଳକ କରୁଛି ଗତ
ଭୟ ଭାବନା ନାହିଁ
ସଞ୍ଚିତ ଭାର ଦୁଃଖର କଥା
ଯାଉଛି କହି କହି ।

କହିଲା ଧ୍ରୁବ କରୁଣ ସ୍ୱରେ
ମାଆକୁ ଛାଡ଼ି ଆସିଛି ଦୂରେ,
ପଛକୁ ଫେର ଚାହିଁବି ନାହିଁ
ଏ ଭାଗ୍ୟ କେବେ ପ୍ରଭୁ
ଦର୍ଶନ ଆଶ ପାଇବ ମୁହିଁ
ଚରଣ ଥାଉ ଥାଉ ।

ସୁରୁଚି ମାଆ ଅଛନ୍ତି କହି
ତୁମେ ହିଁ ତିନ ଭୁବନ ସ୍ୱାମୀ
ହୃଦୟେ ଅଛ ହୃଦୟନାଥ
ରହିଛ ପୁଣି ଦୂରେ,
ଭକତ ଡାକ ଶୁଣୁଛ ପ୍ରଭୁ
ଡାକଲେ ଭକ୍ତିଭରେ ।

ପିତାଙ୍କ ପାଶେ ଥିଲି ମୁଁ ଯାଇ
ରାଜ-ଆସନେ ବସିବା ପାଇଁ
ବିମାତା ଆସି ସିଂହାସନରୁ
ଆଣିଲେ ମୋତେ ଟାଣି,
ଭର୍ତ୍ସନା କରି କହିଲେ ଯେତେ
କଠିନ କଟୁବାଣୀ ।

ସେ ଅପମାନେ ପରାଣ ମୋର
ଦୁଃଖ ବିଷାଦେ ହେଲା ଜର୍ଜର
ପିତାଙ୍କ ଆଗୁ ବିମାତା ମୋତେ
ଆଣିଲେ ବାହୁ ଧରି ।
ଅଭାଗା ବୋଲି କହିଲେ ମୋତେ
ଭର୍ତ୍ସନା କେତେ କରି ।
ଦେଖି ନାହିଁ ମୁଁ ରୂପ ତୁମର
ଶୁଣି ନ କେବେ ତୁମର ସ୍ୱର
ସୁରୁଚି ମାଆ କହିଛି ଯାହା
ରଖିଛି ହୃଦେ ଲେଖି,
ଜନ୍ମ-ଜୀବନ କରିବି ଧନ୍ୟ
ତୁମକୁ ଥରେ ଦେଖି ।
ଭକତିମତୀ ସୁନୀତି ମାତା
କହିଅଛନ୍ତି ତୁମର କଥା
ହୃଦୟଯମୁନା-କୂଳରେ ରହି
ବଜାଉଅଛ ବଂଶୀ
ଡାକଲେ ଭକ୍ତ ଦେଉଛ ଦେଖା
ମୃଦୁ ମଧୁର ହସି ।
ଗଳପ ଛଳେ ସୁନୀତି-ମାତା
କହନ୍ତି ତବ ମହିମା ଗାଥା
ଏ ପଥେ ଆଜ ସେ କଥା ମନେ
କରୁଛି ସୁମରଣ,
ପରଶ ତବ ଲଭିବା ପାଇଁ
ଶିହରେ ମନ ପ୍ରାଣ ।
ଶୁଣି ଆବେଶେ ଜନନୀ ମୋର
କହିଛି ଯେତେ କଥା ତୁମର
ତୁମରି ପଦ ଅଙ୍ଗୁଷ୍ଠୁ ଗଙ୍ଗା
ଯାଇ ଅଛନ୍ତି ବହି
ତବ ତର୍ଜନୀ ଇଙ୍ଗିତେ ସୃଷ୍ଟି
ପ୍ରଳୟ ଯାଏ ହୋଇ ।
ସୁନୀତି ମାଆ କହିଛି ମୋତେ,
ବ୍ୟାପୀ ରହିଛ ତୁମେ ଜଗତେ,
ସୁରଗଣଙ୍କୁ କରିଛ ସୃଷ୍ଟି
ଆପଣା ଶକ୍ତି ଦେଇ
ଯଥା ସ୍ଥାନରେ ଗ୍ରହଗଣଙ୍କୁ
ରଖିଛ ତୁମେ ନେଇ ।

ମାନବ ପ୍ରାଣେ କରୁଛ ବାସ
ଅନ୍ତରଯାମୀ ହୃଦୟ-ଈଶ,
ତୁମ ବିହୁନେ ତିନ ଭୁବନ
ହୁଏ ଯେ ଅନ୍ଧକାର,
ଆପଣା ହାତେ ଭକ୍ତର ତୁମେ
ପୋଛିଅ ଦୁଃଖ-ଭାର ।

ବିଦେଶ ଛଳେ ବିମାତା ମୋର
ଦେଖାଇଦେଲା ସ୍ୱରଗ ହାର
ରାଜ-ଆସନ ଛାଡ଼ି ଆସିଛି
ଏକାନ୍ତ ଦୂର ବଣେ,
ଆପଣା ହାତେ ଆକାଶ ଅଙ୍କେ
ବସାଇ ଦିଅ ମତେ ।

ଅଜ୍ଞାନ ଶିଶୁ ଜାଣେ ନା ଭାବ
ରଚିବ କେମନ୍ତେ ବନ୍ଦନା ଛବ
କେଉଁ ମନ୍ତ୍ରରେ ତୁମକୁ ପ୍ରଭୁ
କରିବି ଆବାହନ,
ଛନ୍ଦ ବନ୍ଧନ କଳା କୌଶଳ
କରି ନି ଅଧ୍ୟୟନ ।

ଅନ୍ତରଯାମୀ ତୁମେ ମୋ ପ୍ରଭୁ
ଅନ୍ତର କଥା ଜାଣିଛ ସବୁ,
କି ମହା ମୋହ ମାଆକୁ ଛାଡ଼ି
ଆସିଛି ଆଜ ଧାଇଁ
ବିଶ୍ୱ-ସଂସାର ଦିଶେ ଅନ୍ଧାର
ତଳେ ମୋ ଭୟ ନାହିଁ ।

ଶିଶୁକାଳରୁ ସୁନୀତି ମାତା
ଶୁଣାଇଛନ୍ତି ତୁମର ଗୀତା
ମହିମାମୟ ଅରୂପ ରୂପ
ହେ ମୋର ଜ୍ୟୋତିର୍ମୟ;
ତୁମର ନାମ ସ୍ମରଣ କଲେ
ନ ଥାଏ ମନେ ଭୟ ।

ଗରଜେ ମେଘ ବରଷେ ଜଳ
ପବନ ବହେ ହୋଇ ଆକୁଳ,
ଚମକେ ବିଦ୍ୟୁ ଦଶ ଦିଗରୁ
ଶିହରି ଉଠେ ଧରା,
କଳନାଦରେ ଗିରି ଶିଖରୁ
ଝରଇ ଜଳଧାରା ।
ଉନ୍ମତ୍ତ ହୋଇ ଦୋହଲେ ତରୁ
କି ଧ୍ୱନି ଶୁଭେ ବନମର୍ମରୁ,
କି ସମାରୋହ ଲାଗିଛି ଆହା
ଆଜି ଏ ବନଦେଶେ,
କାନନଲକ୍ଷ୍ମୀ କରନ୍ତି କ୍ରୀଡ଼ା
ଆନନ୍ଦମୟୀ ବେଶେ ।
ପଥ ଅନ୍ଧାର ଗଲା ଯେ ହୋଇ
କେମନ୍ତେ ଗତି କରିବି ସ୍ୱାମୀ ?
ବିଦ୍ୟୁ ଆଲୋକ ଯାଉଛି ଦିଶି
ଯମୁନା ନଦୀ ତୀର
ବୃନ୍ଦାବନରୁ ଶୁଭୁଛି ପ୍ରଭୁ
ତୁମର ବଂଶୀସ୍ୱର ।
କି କଣ' ହେଲା, ଏ ପଶୁରାଜ
ଆସିଲା କାହୁଁ, ହଜେ ମୋ ଧୈର୍ଯ୍ୟ
ମୁଖଗହ୍ୱର ଦେଖି ତାହାର
ଯାଏ ମୋ ପ୍ରାଣ ଥରି,
ଭୟନାଶନ ଆସ ଏଥର
ନିଅ ମୋ ହାତ ଧରି ।
କାହିଁ ଗଲା ସେ କ୍ଷୁଧିତ ସିଂହ
ଏ କି, ଏ ଲୀଳା ହେ ଲୀଳାମୟ !
ଏ ଅଜଗର ତୀର ବେଗରେ
ଆସୁଛି ଧାଇଁ ଦେଖ;
ହୁହୁଁ ହୁହୁଁ ମୁଁ କରି ଦେବ ସେ
ମୋତେ ତାହାର ଭକ୍ଷ୍ୟ ।
ଏ କେଉଁ ମାୟା ରଚୁଛ ପ୍ରଭୁ
ଅଜଗରଟା ନ ଦିଶେ ଆଉ
ଏତେ ଯେ ମାୟା ଏତେ ଯେ ଛାୟା
ଦେଖାଉଅଛ ଆଣି,
ଏ ଭୟରାଶି ବହନ କେମନ୍ତେ
କରିବ ମୂଢ଼ ପ୍ରାଣୀ ।

ଏଇ ତ ଶୁଭେ ମୋହନବଂଶୀ,
ଏଇ ତ ନୃତ୍ୟ କରୁଛ ହସି;
ଏଇ ତ ତୁମେ କହୁଛ କଥା
ମୁଖକୁ ମୋର ଚୁମ୍ବି
କହିବ କେମନ୍ତେ ଜୀବନେ ତବ
ଦର୍ଶନ ପାଇନାହିଁ ?
ଶିଶୁ ଭକତ କରେ ବେଦନ
ପ୍ରତ୍ୟକ୍ଷ ହୁଏ ପ୍ରଭୁ ଦର୍ଶନ;
ଅଧମ ଭକ୍ତ ଜାଣେ ନା ତଥା
ମୁଖକୁ ଥିବ ଚୁମ୍ବି,
ଭକତ ଅଶ୍ରୁ ଆଖିରୁ ତାର
ଅଜସ୍ର ଯିବ ବହି ।
ହେଲଣି ମନ କାମନାଶୂନ୍ୟ
ମାଗିବ ନାହିଁ ଉଚ୍ଚ ଆସନ,
ମାଗିବ ମାତ୍ର ପାଦତଳରୁ
ଗୋଟିଏ ବିନ୍ଦୁ ଧୂଳି
ପରଶି ତବ ଚରଣ ରଜ
ଶିରେ ମୋ ଦେବ ବୋଳି ।
ବାଳକ ଭକ୍ତ ଏ କଥା କହି
ମାଟି ଉପରେ ପଡ଼ିଲା ଶୋଇ
ବଜାଇ ବଂଶୀ ଆସିଲେ କୃଷ୍ଣ
ବସିଲେ ଧ୍ରୁବ ପାଶେ,
ଚେତନା ଲଭି ଚାହିଁଲା ଧ୍ରୁବ
କର-କମଳ ସ୍ପର୍ଶେ ।
ଚାହିଁଲା ଧ୍ରୁବ ନୟନ ଫେଇ
ବସିଅଛନ୍ତି ଜୀବନ-ସାଇଁ
ସୋହାଗଭରେ ଆପଣା ଅଙ୍କେ
ନଥାନ୍ତି ତାର ରଖି,
ଆବେଗେ ଥରି ବାଳକ ଭକ୍ତ
ମୁଦି ଦେଲା ତା ଆଖି ।
କହିଲେ ପ୍ରଭୁ ମଧୁର ହସି
ମହତ ଇଚ୍ଛା ତୋ ମନେଅଛି
ଆପଣା ତପ ବଳରେ ସ୍ୱୟଂ
ବସିବୁ ଉଚ୍ଚାସନେ,
ଆକାଶ ଅଙ୍କେ ବସରେ ଯାଇ
'ଧ୍ରୁବନକ୍ଷତ୍ର' ନାମେ ।
ତୋତେ ନେଇ ମୁଁ ଆପଣା ହାତେ
ବସାଇଦେବି ଆକାଶ ଅଙ୍କେ
ମାଟିର ଦୀପ ଗଗନ ମାର୍ଗେ
ଅନନ୍ତ ହୋଇ ରହି ।
ମର୍ତ୍ତ୍ୟରେ ନର ଜନମି ଲଭି
ଯିବୁ ତୁ କଥା କହି ।
ଜଗତବାସୀ ତୋ ନାମ ସ୍ମରି
ଲଭିବେ ସିଦ୍ଧି ସାଧନା କରି
ଚିରକାଳ ତୁ ରହିବୁ ବଞ୍ଚି
ହୋଇଣ ଜ୍ୟୋତିର୍ମୟ;
ମାନବ ଜାତି ସ୍ମରି ତୋ ଭକ୍ତି
ହେବେରେ ମୃତ୍ୟୁଞ୍ଜୟ ।

କବିତା ପଢ଼ୁ ପଢ଼ୁ ସୁଶ୍ରୀ ଅନ୍ତର୍ଦୃଷ୍ଟି ଦେଇ ଦେଖୁଥିଲା ଭକ୍ତ ଆଉ ଭଗବାନଙ୍କ ମିଳନ ଦୃଶ୍ୟଟି ।

ପରମାନନ୍ଦ ପଚାରିଲେ, "ଶେଷ ହୋଇଗଲା ଶୁକବୋଉ ! ମୋର ମନେ ହେଉଥିଲା, ପ୍ରତ୍ୟକ୍ଷରେ ଧ୍ରୁବର ମୁହଁରୁ ହିଁ କଥା ଶୁଣିଯାଉଛି । ତୁମେ ସତରେ କବିତାଟି ହୃଦୟସ୍ପର୍ଶୀ କରି ଲେଖିଛ । ଧ୍ରୁବ ସ୍ତବ ଶୁଣି ମୋର ଆଶା ବଢ଼ିଯାଉଛି ଶୁକବୋଉ ! କେଡ଼େ ବଡ଼ ଭାଗ୍ୟବାନ ଆମେମାନେ ! ଏ କଥା ଭାବିଲେ ମନ ଏବଂ ପ୍ରାଣ ପୁଲକିତ ହୋଇଉଠୁଛି ।"

ସୁଶ୍ରୀ ହସିଦେଇ କହିଲା, "ସୌଭାଗ୍ୟଟା ଏକାନ୍ତରେ ମୋର । ଶ୍ୱଶୁର ଯଦି ଇଚ୍ଛା କରିଥାନ୍ତେ କେଡ଼େ ଧନୀ, ମାନୀ ଘରେ ସମ୍ବନ୍ଧ କରି ବିଦ୍ୟାବତୀ ବୋହୂ ଆଣିଥାନ୍ତେ ଘରକୁ ।" ପରମାନନ୍ଦ ଗମ୍ଭୀର ହୋଇଯାଇ କହିଲେ, "କେତେ ଘରେ ଧନୀ ମାନୀ ଘରର ବିଦୁଷୀ ବଧୂ ଦେଖିବାକୁ ମିଳୁଛି, କିନ୍ତୁ ତୁମ ପରି ପ୍ରେମମୟୀ କିଏ ହୋଇପାରୁଛି କହ !"

ଶଶୁ ବାରପାଖ ଆଡ଼ୁ ଆସି କହିଲା, "ବଜାର ଆଡ଼ୁ ଆସିଲାବେଳେ ବାଦ୍ୟକାରଙ୍କୁ ଦେଖିଲି ।

କହିଛନ୍ତି, ଉପରଓଳକ ଆସିବେ । ଲେଖାଟା ଶେଷ କରି ଦେଇଥିବ ବୋଲି କହିଛନ୍ତି ।"

× × ×

ସେଦିନ ସନ୍ଧ୍ୟା ସମୟକୁ ସୁରମାଷ୍ଟ୍ରେ ଆଉ ବାଦ୍ୟକାର ନାଟକର ବିଷୟ ହିଁ ଆଲୋଚନା କରି କରି ଯାଉଥିଲେ ନାଟକ ଘରୁ ସ୍ୱର୍ଣ୍ଣି ପାଖକୁ ।

ବାଦ୍ୟକାର କହିଲେ, "ଡ୍ରେସ ରିହାର୍ସାଲଟା ହେଲା ସେ ମୁଁ ଟିକିଏ ଅଭାବବୋଧ କରୁଛି । ମୋର ମନେହେଉଛି, ଏଇ ମହାପାତ୍ର ବୁଢ଼ାଙ୍କୁ ମାଆଲକ୍ଷ୍ମୀ ତାଙ୍କର ଶ୍ୱଶୁରଙ୍କ ପ୍ରତୀକ ରୂପେ ସୃଷ୍ଟି କରିଛନ୍ତି । ବୁଢ଼ା ଗୋସେଇଁଙ୍କର ପୁରୁଣା କୋଟ, କାମିଜ୍ ଯଦି ଥିବ, ଗୋଟାଏ ଦୁଇଟା ଦୃଶ୍ୟରେ ମହାପାତ୍ରେ ପିନ୍ଧିବେ । ଆଉ ଗୋଟିଏ କଥା ମାଷ୍ଟ୍ରେ ! ଆମ ସାହିତ୍ୟ ସଂସଦର ସମ୍ପାଦକ ଆଉ ତାଙ୍କ ଭଣଜାଙ୍କୁ ଆଉ ଟିକିଏ ଶିଖେଇବାକୁ ହେବ । ଦାମ ରଥଙ୍କ ପାର୍ଟଟା ଅବଶ୍ୟ ସମ୍ପାଦକ ଅଭିନୟ କରିଦେବେ । ମୁଁ କଅଣ ଭାବୁଥିଲି କି, ନନ୍ଦସୁତର ପାର୍ଟଟା ମୁଁ ନେଇଥାନ୍ତି । ତୁମେ କରନ୍ତୁ ମହାପାତ୍ରଙ୍କ ପାର୍ଟଟା କିଅ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କର କଥା ରହିଛି । ମୁଖସ୍ଥ ରଖିବା କଷ୍ଟ-ସହଜ ନୁହେଁ । ଭୁବନେଶ୍ୱର କଲ୍ୟାଣୀର ପାର୍ଟ ନେବ । ଭାରତଲୀଳାର ବକୁଳ ପ୍ରଭାକରର ପାର୍ଟଟି ଭଲ କରୁଛି । ପ୍ରେମ ଅଭିନୟ କରିବା ତ ସହଜ ନୁହେଁ ! ହେଲେ ମଧ୍ୟ ସେଇତକ ସେ ଭଲ କରୁଛି ।"

ଏତେଗୁଡ଼ିଏ କଥା ଶୁଣି ମଧ୍ୟ ସୁରମାଷ୍ଟ୍ରେ ଉତ୍ତର ନ ଦେବା ଦେଖି ବାଦ୍ୟକାର ପଚାରିଲେ, "କଅଣ ହେଲା, କଥା ଶୁଣି ପାରୁ ନ କି ମାଷ୍ଟ୍ରେ ?"

"ତୁମେ କଅଣ ସବୁ କହୁଥିଲ ସତେ ମୁଁ ଶୁଣି ପାରିନାହିଁ ବାଦ୍ୟକାରେ ! ଭାବୁଥିଲି, ଆମର ଏ ନାଟକ-କାର୍ଯ୍ୟ କିମିତି ଆଶ୍ଚର୍ଯ୍ୟ ଭାବରେ ଆରମ୍ଭ ହେଲା, ପୁଣି ଭିତରେ ଭିତରେ ସମସ୍ତଙ୍କର ଅନିଚ୍ଛା ସତ୍ତ୍ୱେ ସେ ଗଢ଼ିଉଠୁଛି । ସମୟେ ସମୟେ ମନ ମୋର ଅବସାଦଗ୍ରସ୍ତ ହୋଇଯାଉଛି ।" ଏ କଥା କହି ସୁରମାଷ୍ଟ୍ରେ ଚାହିଁଲେ ବାଦ୍ୟକାରଙ୍କୁ ।

ବାଦ୍ୟକାର ଟିକିଏ ଅପ୍ରସ୍ତୁତ ହୋଇ କହିଲେ, "ଏ ଜଞ୍ଜାଳ ଘଟି ନ ଥିଲେ ଭଲ ହୋଇଥାନ୍ତା; କିନ୍ତୁ ତୁମେ ହିଁ ତ କହୁଛ; ପଶୁଜାତି ହିଁ ଜଞ୍ଜାଳଶୂନ୍ୟ ହୋଇ ରହନ୍ତି । ଆମେ ଜାଣିଛେ, ସୃଷ୍ଟି ଆରମ୍ଭରୁ ମନୁଷ୍ୟ ହିଁ ଅହରହ ଜଞ୍ଜାଳ ସୃଷ୍ଟିକରି ଆସିଛି । ତାହା ନ ହୋଇଥିଲେ, ପୁରାଣଶାସ୍ତ୍ର ବୋଲି ଯେଉଁସବୁ ଗ୍ରନ୍ଥ ପଢ଼ୁଛେ, ସେ ସବୁ କିଛି ନ ଥାନ୍ତା । କୈକେୟୀ ଯଦି ନିଷ୍ଠୁର ହୋଇ ନ ଥାନ୍ତେ, ରାମାୟଣ କାବ୍ୟ ଲେଖାହୋଇ ପାରି ନ ଥାନ୍ତା । ଯୁଧିଷ୍ଠିର, ଦୁର୍ଯ୍ୟୋଧନ ପ୍ରଭୃତି ଯଦି ଧୀର ସ୍ଥିର ଭାବରେ ସଂସାର କରିଥାନ୍ତେ, ମହାଭାରତ ଗଢ଼ାଯାଇ ନ ଥାନ୍ତା । ମନୁଷ୍ୟ ହିଁ ଦୁର୍ଗମ ପଥରେ ଗତିକରେ । ବର୍ତ୍ତମାନର ଘଟଣା ପାଇଁ ଆମେ ଦାୟୀ ହେଲେ ମଧ୍ୟ ଯାହା ଘଟିବା କଥା, ତାହା ହିଁ ଘଟୁଛି । ଜାଣୁଛି ଏଥିରେ ଅଜସ୍ର ଅର୍ଥବ୍ୟୟ ହେବ ।"

ସୁରମାଷ୍ଟ୍ରେ ବାଦ୍ୟକାରଙ୍କୁ ଟିକିଏ ଠେଲିଦେଇ କହିଲେ, "ଚାଲ ବାଦ୍ୟକାରେ, ବିଶୁ ଦୁଆରମୁହଁ ପାଉଞ୍ଜ ଉପରେ ଠିଆହୋଇଛନ୍ତି ।"

ବିଶୁ ଧାଇଁଯାଇ ସ୍ୱର୍ଣ୍ଣିକୁ କହିଲା, "ମା' ମାଷ୍ଟ୍ରେହେରିକା ଆସିଲେଣି; ଯାଉଛି ଚା' ବସେଇଦେବି । ଡ୍ରଇଂମାଷ୍ଟ୍ରଙ୍କ ଘରକୁ ଯାଇଛନ୍ତି, କଅଣ କଥା ହୋଇ ଆସିବେ । ସେମାନେ ସେ ଆଡ଼ୁ ଆସିଲାବେଳକୁ ମୋର ଚା' ହୋଇଯାଇଥିବ । ଆଜି ଆଉ ଗୋଟେ ନୂଆ ଗୀତ କରିଦେଇଥିବ ।" ସ୍ୱର୍ଣ୍ଣି କହିଲା, "ଲୀଳାମୟୀଙ୍କର ଇଚ୍ଛା ହେଲେ ସିନା ଗୀତ ଲେଖିବାକୁ ଆଦେଶ ଦେବେ !" ବିଶୁ ବାଧାଦେଇ କହିଲା, "ନାହିଁ ହେ ମାଆ, ଯିମିତି ହେଉ ଗୀତ ପଦେ ଲେଖିଦିଅ । ତମର ସବୁ ଗୀତ ମତେ ଭଲଲାଗୁଛି । ଲେଖିଦିଅ । ମୁଁ ଯାଉଛି । ଚା' ପାଣିଟା ବସେଇଦେବି ।"

ବିଶୁ ପାଖରୁ ଚାଲିଯିବା ପରେ, ସ୍ୱର୍ଣ୍ଣିର ମନପ୍ରାଣ ପୁଲକିତ ହୋଇଉଠିଲା ଗୋଟାଏ ଅବ୍ୟକ୍ତ ଆନନ୍ଦର ଅନୁଭୂତିରେ । ସେ ମଥାଟେକି ଚାହିଁଲା ଆକାଶ

ଆଡ଼କୁ । ତାଙ୍କ ମନେହେଲା, ଧ୍ରୁବ ଦୂର ଗଗନରେ ବସି ସୁଦୁରଗମ୍ଭୀର ଦୃଷ୍ଟିରେ ଚାହିଁଛନ୍ତି ତାଙ୍କର ଆଡ଼କୁ ।

ଏହିକ୍ଷଣିବେଳେ ବସ୍ତୁକୁ ଡାକ ଡାକ ଭିତରକୁ ଆସିଲେ ବାଦ୍ୟକାରେ । ସ୍ୱର୍ଣ୍ଣ ଚଞ୍ଚଳ ପଦରେ ବାଦ୍ୟକାରଙ୍କ ପାଖକୁ ଯାଇ କହିଲା, "ଆପଣଙ୍କ ଆଶୀର୍ବାଦରୁ ଧ୍ରୁବକୁ ଦେଖିଲି । ଏଇ ଦେଖିବା ଆନନ୍ଦ ମୁଁ ଆଜି ବ୍ୟକ୍ତ କରିପାରୁନାହିଁ । କେଉଁଠି *ମାଟି ହୋଇ ପଡ଼ିଥିଲି, ଆପଣ ନୂଆ କରି ସେହି ମାଟି* ଉପରେ ମନ୍ଦାକିନୀ ସିଞ୍ଚି ଜୀବନ ଦେଇଛନ୍ତି । ଏ ଯେଉଁ ଭକ୍ତିନିର୍ଝର ହୃଦୟ କନ୍ଦରରୁ ଝରିପଡ଼ୁଛି, ଏ ଅନୁଭୂତି ମୁଁ ପ୍ରକାଶ କରିପାରୁନାହିଁ । ଜୀବନର ଦିନ ଶେଷ ହୋଇଯିବ, କିନ୍ତୁ ମୋର ଏ କଥା ଶେଷ ହେବନାହିଁ । ଧ୍ରୁବର ଭକ୍ତି; ମୋର ବିଶ୍ୱାସ ମୂର୍ତ୍ତିମନ୍ତ ହୋଇ ବସିଯାଇଛନ୍ତି ମୋର ଏ ହୃଦୟ-ପଦ୍ମ ଭିତରେ ।"

ବାଦ୍ୟକାର ଟେବୁଲ ଉପରେ ରଖାହୋଇଥିବା ଲଣ୍ଠନର ଆଲୋକରେ ଦେଖିଲେ, ସ୍ୱର୍ଣ୍ଣ ଭାବବିହ୍ୱଳ ହୋଇଉଠୁଛି । ସେ ଶାନ୍ତ ସହଜ ଭାବରେ କହିଲେ, "'ଧ୍ରୁବ ନାଟକ' ଆଜି ଶେଷକଣ୍ଠ ଦେଇଛ ବୋଧହୁଏ । ସେଇଯୋଗୁଁ ଆନନ୍ଦର ସୀମା ନାହିଁ ମାଆ ! ତମେ ଆଗ ବସିଯାଅ ! ତା ପରେ ଆମେ 'ଧ୍ରୁବ' ସମ୍ବନ୍ଧରେ ଆଲୋଚନା କରିବା । ଏଇକ୍ଷଣି ମାଷ୍ଟ୍ରେ ଆସିବେ ।"

ବାଦ୍ୟକାରଙ୍କ କହିବା ଶେଷ ହେବା ଆଗରୁ ସୁରମାଷ୍ଟ୍ରେ ସେପାଖ ବାରଣ୍ଡା ଆଡ଼ୁ କହିବାକୁ ଲାଗିଲେ, "ଆମର ଆଲୋଚନା କରାଯାଇଥିଲା 'ସାଗର ତୀରରେ' ନାଟକର 'ଆଶ୍ରୟ ଦେଇଛ ପଦତଳେ ତବ ଆଶ୍ରୟ ଦେଇଛ ଈଶ୍ୱର', କବିତାଟିକି ଗାଇବା ।"

ବାଦ୍ୟକାର ସ୍ୱର୍ଣ୍ଣର ଭାବାବେଶଟା କଟେଇଦେବା ଉଦ୍ଦେଶ୍ୟରେ କହିଲେ, "ମାଆଙ୍କର 'ଧ୍ରୁବ' ନାଟକ ଆଜି ଶେଷ ହୋଇଗଲା; ସେଥିପାଇଁ ଆଜି ସେ ସଂସାରର ଦୁଃଖସୁଖ ସବୁ ଭୁଲିଯାଇଛନ୍ତି ।"

ସୁରମାଷ୍ଟ୍ରେ ତାଙ୍କ ଦେହ ଉପର ଶାଲଟିକୁ ଭଲକରି ଘୋଡ଼େଇ ହୋଇପଡ଼ି ସବୁଦିନ ପରି ଖମ୍ବକୁ ଆଉଜି ବସିଗଲେ । ହସହସ ଲାଗୁଥାଏ [illegible] ମୁଖମଣ୍ଡଳ । ସେ ଗଳା ପରିଷ୍କାର କରି କହିଲେ, "କବିତା ଗୋଟିଏ ସୁନ୍ଦର ଭାବ ଖେଳିଦେଇଛି କବିମାନଙ୍କର ଏମିତି ଭାବ ଆବେଶ ଆସେ । ଏଇ ଆବେଶ ହିଁ ତ କବିର ଭାବନାକୁ ଉଦ୍ଭାସିତ କରିଦିଏ । ଭକ୍ତ ଯିଏ, କବି ସେ ହିଁ । ପୁଣି ଭକ୍ତ ହିଁ ଭଗବାନ୍ । ଭଗବାନଙ୍କୁ ମାଆ ନିଜର ଭକ୍ତିରେ ସୃଷ୍ଟିକରିଛନ୍ତି । ଧ୍ରୁବର ଭକ୍ତି ଆଉ ମାଆଙ୍କର ଭକ୍ତି ଏକତ୍ର ହୋଇ *ବସି ପରଂବ୍ରହ୍ମଙ୍କ ସ୍ତବ କରୁଛନ୍ତି । ଏଇ ଅନ୍ତ*ବିଶ୍ୱାସରେ ହିଁ ମନୁଷ୍ୟ ଆପଣାକୁ ଭୁଲିଯାଏ । ଆପଣ ହିଁ ସେଦିନ କହୁଥିଲେ, ମନୁଷ୍ୟର ପ୍ରେରଣାରେ ମନୁଷ୍ୟ ଯାହା ଯେତେ ମହତ୍ତ୍ୱ କାର୍ଯ୍ୟ କରିଆସିଛି । ଧ୍ରୁବ ମଧ୍ୟ ଜଣେ ମାନବଶିଶୁ !"

ସ୍ୱର୍ଣ୍ଣ ହସିଦେଇ କହିଲା, "ଭାବବିହ୍ୱଳ ହୋଇ ଭାବିଯାଉଥିଲି ଧ୍ରୁବ ଆସି ମୋ ପାଖରେ ବସିଛି ।

ବାଦ୍ୟକାର ହସିଉଠି କହିଲେ, "ମୋ ମାଆ ତ ପିଲାଦିନେ ପିଲାଖେଳି ଖେଳି ନ ଥିଲେ, ଏବେ ସମୟେ ସମୟେ ପିଲାଖେଳ ଖେଳୁଛନ୍ତି ।" ସୁରମାଷ୍ଟ୍ରେ କଥାଟାକୁ ମିଶେଇଦେବା ଉଦ୍ଦେଶ୍ୟରେ କହିଲେ, "ଧ୍ରୁବର କଥା ଶେଷକରି ଦେଇଛନ୍ତି କି ଆଜି ? ମତେ ପ୍ରଥମ ଅଙ୍କଟା ଦେଇଥିଲେ; ସେଥିରେ ସୁନୀତିର ସ୍ତବ ଗୀତି ଥିଲା, ମୁଁ ସେ କବିତାଟି ଲେଖି-ରଖିଥିଲି । ବାଦ୍ୟକାରେ ବୁଝିଲ ନା ! ଏଇକ୍ଷଣି ତୁମକୁ କହୁଥିଲି, 'ସାଗର ତୀରରେ' ନାଟକର କବିତା ବୋଲି । ମନେପଡ଼ୁ ନାହିଁ କି ଆଜି, ଲମ୍ବା କବିତା ଗୋଟିଏ ସନ୍ଧ୍ୟା ଉପାସନା ସମୟରେ ସୁନୀତି ପଢ଼ିଛି ।"

ସ୍ୱର୍ଣ୍ଣ ଉତ୍ସାହିତ ହୋଇ କହିଲା, "ସେ କବିତାଟାରେ ତ ଅନେକ ଭୁଲ ଥିଲା । ତାକୁ ମୁଁ ଆଉଥରେ ଲେଖିଛି । ଆପଣ ଦୟାକରି ଛନ୍ଦ ଗୀତ କରି ଗାଇ ପାରନ୍ତେ—"

ବାଦ୍ୟକାର କହିଲେ, "ହଁ ହେ ମାଷ୍ଟ୍ରେ ! ଏମାନଙ୍କୁ ନାଟକୀୟ ଲେଖକଙ୍କୁ ଧରି ମନରୁ ଉତ୍ସାହ ଯିମିତ ମରି-ଯାଇଛି । ନୂଆ ଗୀତ ଶୁଣାହୋଇନାହିଁ । ଗୀତଟା

ଶେଷହେଲେ ଧ୍ରୁବକଥାରୁ କେତେଟା ତୁମେ ମଧ୍ୟ ଶୁଣେଇଁ ଦେବ । ସ୍ୱର୍ଣ୍ଣ ଘର ଭିତରକୁ ଯାଇ ଖାତା ଧରି ଆସି ରଖିଦେଲା ବେଞ୍ଚ ଉପରେ ।

ଗୀତ ଆରମ୍ଭ ହୋଇ ନ ଥିଲା, ବିଶୁ ଚା' ଧରି ଆସି କହିଲା, "ରଜନୀଗନ୍ଧା ଫୁଲର ସୁବାସରେ ଘର-ଅଗଣା ଭରି ହୋଇଗଲାଣି ମାଷ୍ଟ୍ରେ ! ହେଇଟି କାଲି ପରି ପୁଷମାସ ଆସିଯିବ । ଆଜି ଶୀତ ବଢ଼ିଯାଇଛି ।" କହୁ କହୁ ବିଶୁ ତିନିଙ୍କ ହାତକୁ ବଢ଼େଇଦେଲା ତିନି କପ୍ ଚା ।

ସୁରମାଷ୍ଟ୍ରେ ଖାଲି କପ୍‌ପ୍ଲେଟ ଯୋଡ଼ାଟା ତଳେ ରଖିଦେଇ କହିଲେ, "ଆଜି ଗୋଟାଏ ନୂଆ ଗୀତ ଶୁଣେଇବା ବିଶୁ ସୁପକାରେ ! ଆପଣ ମଧ୍ୟ ମନଦେଇ ଶୁଣନ୍ତୁ ଆଜ୍ଞା !" ସୁମିତକୁ ନବୀନ ପ୍ରାଣ ଦେଇ ଗଢ଼ିଛନ୍ତି ଆପଣ ।

ଆଶ୍ରୟ ଦେଇଛ ପଦତଳେ ତବ
ଆଶ୍ରୟ ଦେଇଛ ଈଶ୍ୱର !
ନିତି ନବ ନବ ଭାଷାରେ ପ୍ରାଣେଶ
ଦେଖାଉଛ ଶୋଭା ଈଶ୍ୱର ।

ତୁମର ଜଗତ ଜନେ ମୋର ପ୍ରିୟ
କାହାକୁ କେବେ ହେଁ କରିନାହିଁ ହେୟ,
ତୁମେ ଦେଇଛ ଏ ଭାବନା ଚୟ
ଏ ପ୍ରେମ ଏ ଭକ୍ତି ଦେଇଅଛ ପ୍ରଭୁ
ନିବେଦନ ଶୁଣି ନିଃସ୍ୱର ।

ହୃଦୟରେ ରହି ହୃଦୟ-ଦେବତା
ଦେଖାଉଛ ଶୋଭା ଈଶ୍ୱର ।
ହେ ପରମପିତା ତୁମେ ମୋର ଗୁରୁ
ତୁମ ସ୍ୱର ଶୁଣେ ଦୂରୁ ନିକଟରୁ
ମୁକ୍ତ କରିଛ ମିଥ୍ୟା ବନ୍ଧନରୁ
ଶତେକ ବନ୍ଧନେ ବାନ୍ଧି ହୁଏ ସ୍ୱୟଂ
ସୁନ୍ଦର ଲାଗେ ଏ ସଂସାର ।
ନିତି ନବରୂପେ ମାନବ ହୃଦୟେ
ଭାବନା କରୁଛ ସଞ୍ଚାର ।

ଦେଖି ନାହିଁ କେବେ ତୁମକୁ ନୟନେ
ପଦଶବ୍ଦ ତବ ଶୁଣେ ନିଶି ଦିନେ,
ଜାଣେ ନା କି ଭାବେ ଜାଗେ ମନେ ପ୍ରାଣେ
ମାନବ ହୃଦୟେ ରହି ମୋର ପ୍ରଭୁ
ଏ ସ୍ତବ କରିବ ପଠନ,
ଉଚ୍ଚାରିତ କରି ଯେତେ କଥା ତୁମେ
ସ୍ୱହସ୍ତେ କରିଛ ଗଠନ ।

ଉତ୍କଟ ହସି ବିକଟ ବେଶରେ
ମାୟା-ମୋହ ଆସି କେତେ ନୃତ୍ୟକରେ
ଭୟାତୁର ପ୍ରାଣ କାନ୍ଦେ ମୋ କାତରେ,
ନିମିଷକେ ପାଶେ ଆସି ମୋ ପ୍ରାଣେଶ
କେ ଜାଣି କି ମନ୍ତ୍ର ପଢ଼ ଯେ,
ଭରିଯାଏ ମୋର ଏ କ୍ଷୁଦ୍ର ଭବନ
ଅସୀମ ଅପାର ଧୈର୍ଯ୍ୟେ ।

ତୁମକୁ ଦେଖିଲି ନଉଦେଇ ବନ୍ଧୁ
ରହିବ କେମନେ ଏ କଥା ନ କହି,
ଜୀବନର ଦିନ ଯାଉଅଛି ବହି
କହିବାକୁ ତବ ଅସୀମ ମହିମା
ଶକତି ଦିଅ ମୋ ପରାଣେ ।

ଗାଉଥିବି ତବ ସ୍ତବ ନିଶିଦିନ
ଜାଗ୍ରତେ ଶୟନେ ସ୍ୱପନେ ।

ସୁରମାଷ୍ଟ୍ରେ ଖମ୍ବଆଡ଼କୁ ଟିକିଏ ଆଉଜି ଯାଇ କହିଲେ, "ସ୍ୱର ପଦରେ ସିନା ଆଜ୍ଞା ଗୀତ ହୁଏ । ଆପଣ ସ୍ୱର ପାଦରୁ ବଢ଼େଇ ବଢ଼େଇ ଚରଣ ପର୍ଯ୍ୟନ୍ତ ଆସିଲେଣି, ଭୟ ହେଉଛି, ଶହେ ପଦକୁ ଆସିଯିବେ ପରା !"

ସ୍ୱର୍ଣ୍ଣ ଆହ୍ଲାଦରେ ହସିଦେଇ କହିଲା, "ମୁଁ ପରା ଆପଣମାନଙ୍କୁ ଏଇ କଥା ବାରମ୍ବାର କହି କହି ଆସିଛି । ଜୀବନହୀନ ହୋଇ ପଡ଼ିଥିଲା, ଆପଣମାନଙ୍କର ସଞ୍ଜୀବନୀ ମନ୍ତ୍ର ବଳରେ ଉଠିଛି ଜୀବନ୍ତ ହୋଇ । ଆପଣମାନଙ୍କଠାରୁ ଉତ୍ସାହ ପାଇଲେ, ଶତ ପଦରୁ ସହସ୍ର ପଦ ପର୍ଯ୍ୟନ୍ତ ଗତି କରିପାରେ ।"

ବନ୍ଧୁ ଖାଲି କପ୍ ଉଠେଇ ନେଇ ସ୍କୁଲଘର ଭେଷେଇଘର ଆଡ଼କୁ । ବାଦ୍ୟକାରେ ସ୍ୱର୍ଣ୍ଣ ଆଡ଼କୁ ଅନେଇ କହିଲେ, "କଥାଟା କଅଣ ହୋଇଛି କି ମା'-ଲକ୍ଷ୍ମୀ, ଆମେମାନେ କଲିକତା କମ୍ପାନି ବମ୍ବେ ଆଡ଼େ ଯିବା ଉଦ୍ଦେଶ୍ୟରେ—"

"କଲିକତା କମ୍ପାନି ବମ୍ବେ !" ବିସ୍ମୟାଭିଭୂତା ହୋଇ ପଚାରିଲା ସ୍ୱର୍ଣ୍ଣ । ସୁରମାଷ୍ଟ୍ରେ ସ୍ୱର୍ଣ୍ଣର ଏଇ ଅତି ଅସ୍ୱସ୍ତିକ କଟାଇଦେବା ଉଦ୍ଦେଶ୍ୟରେ କହିଲେ, "ଆପଣ ତ ଆଜ୍ଞା ଆମର ଆର୍ଥିକ ଅବସ୍ଥା ଜାଣିଛନ୍ତି । ବାଦ୍ୟକାରେ ତାଙ୍କର ପିଲା ଦୁଇଟିଙ୍କୁ ଏଇ ନାଟକଘରୁ ପରିସ୍ଥିତ ଭାବରେ ରଖି ମଧ୍ୟ ନବମ-ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼େଇ ଦେଇଛନ୍ତି । ହିନ୍ଦୀ, ବଙ୍ଗଳା ଭାଷା କିଛି କିଛି ଶିଖିଛନ୍ତି । କାର୍ଯ୍ୟକ୍ଷେତ୍ରକୁ ଗଲେ ବଳେ ବଳେ ଭାଷା ଆସିଯିବ; କିନ୍ତୁ ଆପଣ ବ୍ୟସ୍ତ ହେବେନାହିଁ । ଆପଣ ଯେଉଁ ଅସାଧ୍ୟ କାର୍ଯ୍ୟରେ ହାତ ଦେଇଛନ୍ତି, ସେଥିରେ ଯିମିତି ବାଧା ନ ଆସିବ ସେ ଚିନ୍ତା ହିଁ ଆମେ କରୁଛୁ । ବୋଧହୁଏ ଏ କଥା ମୁଁ ବାରମ୍ବାର କହୁଛି । ଆପଣଙ୍କର ସବୁଗୁଡ଼ିକ ନାଟକ ଅଭିନୀତ ହେବାପରେ ହିଁ ଆମେମାନେ ଯିବୁ ।"

ସ୍ୱର୍ଣ୍ଣ କଅଣ ଭାବିଲା କେଜାଣି, କଥାରେ ହସ ମିଶେଇ କହିଲା, "ସବୁଗୁଡ଼ିକ ନାଟକ ଅଭିନୟ କରାଇବେ ଯଦି ବର୍ଷେ ଦେଢ଼ବର୍ଷ ଲାଗିଯିବ । ବେସ ଭାବରେ ମୁଁ ଯଦି ଆହୁରି ଗୁଡ଼ାଏ ଲେଖିଦେବି ।" ସୁରମାଷ୍ଟ୍ରେ କହିଲେ, "ଆପଣ ଯେତେ ଲେଖିବେ, ଆମେ ସବୁ ଶେଷକରି ଦେଇଯିବୁ ଆଜ୍ଞା ! 'ନଷ୍ଟନୀଡ଼' ଅଭିନୟ ହୋଇଯିବା ପରେ ଦେଖିବେ ଆମେ ସମସ୍ତେ ସାହସୀ ହୋଇଯିବା । 'ଧ୍ରୁବ' ଲେଖାଟା ଦିଅନ୍ତୁ ଆଜ୍ଞା, ଗୋଟାଏ ଘଣ୍ଟା ନ ଶୋଇ ପଢ଼ିବି । ବାଦ୍ୟକାରେ ଶୁଣିବେ । ମଝିରେ ତିନ ରାତି ବାକି ରହିଲା, ଏ ତିନ ରାତି ନାଟକଘରେ ରିହାର୍ସଲ ହେବ ।"

ବାଦ୍ୟକାରେ ଉଠିପଡ଼ି ତାଙ୍କର ନାଲିରଙ୍ଗର ଶାଲ୍‌ଟାକୁ ଭଲକରି ଘୋଡ଼େଇ ହୋଇପଡ଼ି କହିଲେ, "ଶୀଘ୍ର ଶୁଣିବା ଆନନ୍ଦ ଭିତରେ ମୁଁ ନାଟକର କଥା ପାସୋରି ହୋଇଥିଲି । ସ୍କୁଲ ମାଷ୍ଟ୍ରେ ଯିବା । ଆମଙ୍କୁ ଡ୍ରଇଂ ମାଷ୍ଟ୍ରେ କଅଣ କହିଲେ କିଛି ତ କହିଲନାହିଁ । ତମକୁ ତ ମୁଁ ଅଭିଜ୍ଞତାର ଚାଲିକାଠି ଦେଇଦେଇଛି ମାଆ ! ମାଷ୍ଟ୍ରେ କହିଲା ପରି ରିହାର୍ସାଲ ହେବ ନାଟକ ଘରେ ।"

ସ୍ୱର୍ଣ୍ଣ 'ଧ୍ରୁବ' ଲେଖାର ପାଞ୍ଚ ଖଣ୍ଡି ଖାତା ଆଣି ରଖିଦେଲା ବେଞ୍ଚ ଉପରେ ।

ସୁରମାଷ୍ଟ୍ରେ ଖାତାଗୁଡ଼ିକୁ ଶାଲ ଭିତରେ ରଖି କହିଲେ, "ଯାଉଛି ଆଜ୍ଞା, ଗଲାବେଳେ ସେକ୍ରେଟେରୀଙ୍କୁ କହିଦେଇ ଯିବାକୁ ହେବ । ଖାତା ନେଇଯାଉଛି । ଇତିମଧ୍ୟରେ ସମସ୍ତ ପାଇଗଲେ, ଆସିବି । ଧ୍ରୁବ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଯିବ ।"

ସ୍ୱର୍ଣ୍ଣ କହିଲା, "'ନଷ୍ଟନୀଡ଼' ଅଭିନୟ ହେବା ସଙ୍ଗେ ସଙ୍ଗେ 'ଧ୍ରୁବ' ପ୍ରତି ମଧ୍ୟ ସସ୍ନେହ ଦୃଷ୍ଟିରଖି ରିହାର୍ସାଲଟା କରେଇ ଦେବେ ।" କହୁ କହୁ ଆବେଗରେ ଅବରୁଦ୍ଧ ହୋଇଗଲା ସ୍ୱର୍ଣ୍ଣର ଗଳାଟା । ଚମକି ଉଠିଲା ଆପଣା ଆବେଗରେ ଆପେ ।

× × × ×

ତା' ପରଦିନ ସକାଳବେଳେ ମଦନ ସ୍ୱାଇଁ ଲୁଙ୍ଗି ବାହାର ବ୍ରାହ୍ମଣସାହି ବାଟ ଦେଇ ବାଦ୍ୟକାରଙ୍କ ଘରପାଖରେ ଯାଇ ପହଞ୍ଚିଲେ । ବାଦ୍ୟକାରେ ଆଗରୁ ସୁରମାଷ୍ଟ୍ରଙ୍କ ସାଙ୍ଗରେ ଭୁବନେଶ୍ୱର ଆଉ ବିଦ୍ୟାଧରଙ୍କୁ ପଠେଇ ଦେଇ ବାହାରୁଥିଲେ ନାଟକଘର ଆଡ଼କୁ । ସେ ଘରୁ ବାହାରି ଟାଟିଆ ବନ୍ଦକରି ଅଣଓସାରିଆ ବାରଣ୍ଡାରୁ ଓହ୍ଲାଇ ଆଡ଼କୁ ପାଦ ବଢ଼େଇଲାବେଳକୁ ଦେଖିଲେ, ମଦନ ସ୍ୱାଇଁ ତାଙ୍କରି ଆଡ଼କୁ ଅନେଇ ଠିଆ ହୋଇଛନ୍ତି ପାଉଁଚ ପାଖରେ । ତାଙ୍କର ଆବେଗଭରା ମନ ଉତ୍ଫୁଲ୍ଲ ଉଠିଲା ସ୍ୱାଇଁଙ୍କୁ ଦେଖି । ସେ ଆଗ୍ରହରେ ସ୍ୱାଇଁଙ୍କ ହାତଧରି ପକେଇ ଟାଣିଆଣିଲେ ବାରଣ୍ଡାକୁ । ଘରର ତାଲା ଖୋଲୁ ଖୋଲୁ କହିଲେ, "କେତେଦିନ ହେଲା ଭାବୁଥିଲି ତମ ସାଙ୍ଗେ ପଦେ କଥାଭାଷା କରନ୍ତି । "ଏ ମନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା ।" ଇଚ୍ଛାଶକ୍ତି କଣ ନ କରିପାରେ ? ମଦନ

ସ୍ୱାଇଁ ବସିପଡ଼ିଲେ ବାଦ୍ୟକାରଙ୍କ ମସିଣା ଉପରେ । ବାଦ୍ୟକାରେ ତାଙ୍କ ଘରର ପଛ ଦୁଆର ଖୋଲୁ ଖୋଲୁ କଥା ଆରମ୍ଭକଲେ ମଦନ ସ୍ୱାଇଁ । ବାଦ୍ୟକାରେ ଆସି ବସିଲେ ସ୍ୱାଇଁଙ୍କ ପାଖକୁ । ଆନନ୍ଦ ଆବେଗରେ କେତେବେଳେ ସ୍ୱାଇଁ ତାଙ୍କର ହାତ ଧରିପକେଇ କେତେବେଳେ ତାଙ୍କୁ କୁଣ୍ଢେଇ ଧରି କହିଯାଉଥିଲେ । ମଦନ ସ୍ୱାଇଁ ମଧ୍ୟ ଭାବପ୍ରବଣ ହୋଇ କହିଲେ, "ହଁ ହେ ମଉସା, ମୁଁ ଭାବୁଛି ଯେ ସତେ ମନୁଷ୍ୟଗୁଡ଼ାକ କି ଆଶ୍ଚର୍ଯ୍ୟ ପଦାର୍ଥ ! କେହି କାହା କଥା ବୁଝିପାରୁନାହିଁ । ଏଇ ତ ଦେଖୁଛ, ଆମେ ଗୋଟାଏ ସ୍ଥାନରେ ରହୁଛେ । ତୁମ କଥା ମୁଁ ଯେତେବେଳେ ଭାବୁଛି, ମୋ କଥା ତୁମେ ବି ନିଶ୍ଚୟ ଭାବୁଥିବ ମଉସା ! ତଥାପି ତୁମ ପାଖକୁ ଦିନେ ମଧ୍ୟ ଆସିନାହିଁ କି ତୁମେ ମୋ ପାଖକୁ କେବେ ଯାଇନାହିଁ । ଅଥଚ ହୃଦୟ ଭିତରେ ଉଭୟେ ଉଭୟଙ୍କ ପ୍ରତି ଅନୁରକ୍ତ । ତମେ ଏ ନାଟକ କାର୍ଯ୍ୟରେ ଯୋଗଦେବାଠୁ କଅଣ ଗୋଟାଏ ପଚାରିବି ବୋଲି ବ୍ୟାକୁଳ ହୋଇ ଆଜି ତୁମ ପାଖକୁ ଆସିଲି; କିନ୍ତୁ ସେଇ କଥା ସ୍ପଷ୍ଟକରି ପଚାରିବାକୁ ଗଲାବେଳେ ସଂକୋଚ ଆସି ତୋଟି ଚପିଧରୁଛି ।

କଥାଟାକୁ ଲଘୁ କରିବା ଉଦ୍ଦେଶ୍ୟରେ, ବାଦ୍ୟକାରେ କହିଲେ; "ମୋ ମାଆଙ୍କ କଥା ପଚାରିବ କୁ ଭାବୁଛ ତ ମଦନ ! ତୁମେ ପଚାରିବା ପୂର୍ବରୁ ମୁଁ କହିଦେଉଛି । ସେ ଜଣେ ସମ୍ଭ୍ରାନ୍ତ ଘରର ଘରଣୀ ଯିମିତି ଥିଲେ ସେମିତି ଶାନ୍ତଶିଷ୍ଟ ଭାବରେ ଜୀବନ କଟେଇ ଦେଇଥାନ୍ତେ । ଏତେ ସବୁ ଜଞ୍ଜାଳ ସୃଷ୍ଟି କରିବାର କଅଣ କାରଣ ଥିଲା ? ଏଇ କଥା ନେଇ ମଦନ ମହାପାତ୍ରେ ବାଟ ଘାଟରେ ଦେଖିଲେ ବ୍ୟଙ୍ଗ-ବିଦ୍ରୁପ କରି କେତେ କଅଣ କହିଯାଉଛନ୍ତି । ତାଙ୍କ କଥା ମୁଁ ମାନୁଛି ବୋଲି କିଛି ଜବାବ ନ ଦେଇ ପାଖରୁ ପଳେଇ ଆସୁଛି । କହିଲଟି ମଦନ, ତୁମେ ଆଜି ଏଇ ସକାଳଟାରୁ ମୋ ପାଖକୁ କାହିଁକି ଧାଇଁଆସିଛ ? ମଣିଷ ଯଦି ଚିରକାଳ ଅଚଳ ହୋଇ ରହିବ କିମ୍ବା ସେଇ ଗତାନୁଗତିକ ପଥରେ ଚାଲିଥିବ, ତେବେ ଏ ସଂସାରଟା ତ ଗୋଟାଏ ଚିତ୍ରପଟ ହୋଇଯିବ ।"

ମଦନ ସ୍ୱାଇଁ ବାଦ୍ୟକାରଙ୍କ ଦୁଇଟିଯାକ ହାତ ଧରିପକେଇ କହିଲେ, "ଆବେଗ ଆବେଶରେ ଉଚ୍ଚାରଣ କଲେ ଚିତ୍ରପଟ ମଧ୍ୟ କଥା କହୁଛି ମଉସା ! ମୁଁ ତୁମ କଥାରୁ ବୁଝିପାରୁଛି, ସ୍ନେହ ଦୃଷ୍ଟିରେ ଅନେଇଲେ ଚିତ୍ରପଟ ମଧ୍ୟ କଥା କହିବ । ଆକାଶର ତାରା ଅଶ୍ରୁମୋଚନ କରିବ ଭାବାବେଶରେ । ମୁଁ କଅଣ ଭାବୁଛି କି ମଉସା, ଏଇ ସ୍ତ୍ରୀ ଲୋକଟି ଆପଣା ଅବସ୍ଥା ଭୁଲି ମୁଖର ହୋଇଉଠିଛି ତୁମମାନଙ୍କର କଥା ଶୁଣି । ମଇନ୍ଦ ଏଇ କଥା ନେଇ ମୋ ସହିତ କଳହ ଆରମ୍ଭ କରୁଛନ୍ତି । ମୋ ମନରେ ମଧ୍ୟ ଗୋଟାଏ ଅବ୍ୟକ୍ତ ଉତ୍ତେଜନା ସୃଷ୍ଟି ହୋଇଛି । ଏ ଯେଉଁ ନ ଘଟିବା ଘଟଣା ଘଟିଛି, ଏ ଅବସ୍ଥା ଏଇ ସ୍ତ୍ରୀ ଲୋକଟିକୁ କେଉଁଠିକି ନେଇ ରଖିବ, ହୃଦୟ ଭିତର ଦୃଷ୍ଟି କେବଳ ସେଇ ଆଡ଼କୁ ଅନେଇ ରହିଛି । ମଇନ୍ଦ ମଦନ ମହାପାତ୍ରେ ଉଠିବା ଆରମ୍ଭରେ କିଛି ସ୍ତ୍ରୀ ବ୍ୟକ୍ତିଟିର ପକ୍ଷଚ୍ଛେଦନ କରିଦେବାକୁ ବସିଛନ୍ତି । ଏଇ ଅବସରରେ ତୀର୍ଥ ଉଦ୍ଦେଶ୍ୟରେ ଘରୁ ବାହାରି ପଡୁଛି ମଉସା ! ବ୍ୟାସଋଷି ତ ଆମକୁ ବାଟ ଦେଖାଇ ଦେଇଛନ୍ତି । ଦୁର୍ଯ୍ୟୋଧନର ବିପକ୍ଷରେ ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ରହିଲେ, ବଳରାମ ପଳେଇଗଲେ ତୀର୍ଥ ଭ୍ରମଣରେ । ବଡ଼ ଝିଅର ଶ୍ୱଶୁର ବଡ଼ ସ୍ନେହରେ ସାଥୀ କରୁଛନ୍ତି । ଏଇ ଆସନ୍ତା ଶୁକ୍ରବାରେ ବାହାରିବି । ମତେ ଏ ସବୁ କଥାରୁ ଦୂରରେ ରହିବାକୁ ହେବ । ଏଣେ ସାହିତ୍ୟ ସଂସଦର ସମ୍ପାଦକଙ୍କୁ ମଧ୍ୟ ଏ ସ୍ଥାନରୁ ଅନ୍ତର ହେବା ପାଇଁ ଚେଷ୍ଟା ଚଳେଇଛନ୍ତି । ମୁଁ ଏଠି ବସି ଏ ସବୁ ଦେଖିପାରିବି ନାହିଁ । ଭୟ ହେଉଛି, ରହିଲେ କେଉଁଦିନ ତୁମ ଦଳରେ ମିଶି ଅଭିନୟ କରିବାକୁ ବାହାରି ପଡ଼ିବି । ଏଣେ ମଇନ୍ଦ ଆସି କଳହ କରିବେ—"

ବାଦ୍ୟକାରେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, "ତୁମେ ତ ମଦନ ଜାଣି ଜାଣି ଅଜ୍ଞାନ ସାଜୁଛ । ଆମେ ଆସିଥିଲୁ ଯଥାରୀତି ଇଚ୍ଛାରେ, ତାଙ୍କର ନିର୍ଦ୍ଦେଶ

ସେହିଁଦିନ ମିଳିବ, ସେହିଦିନ ଆସେମ ଯିବୁ । ମୋ ମାଆ ଯେ-ଏଇସବୁ ନାଟକ ଜଗତରେ ମୋଣ ଉପରେ ନିର୍ଭର କରି ରହିଛନ୍ତି । ଏ କଥା ମଧ୍ୟ ମନେହେଉଛି— ମୋ ମାଆ ମତେ ଅନ୍ଧକାର ଗୁହାଭିତରୁ ଆଣି ଆଲୋକମୟ ରାଜ୍ୟରେ ଠିଆକରାଇ ଦେଇଛନ୍ତି । ତମେ ବିଶ୍ୱାସ କରିବ କି ନାହିଁ, ତେବେ ମଧ୍ୟ ମୁଁ ଜୋରଦେଇ କହିବି; ମଣିଷ ଖାଲି ମନର ବା ହୃଦୟର ଦୁଃଖସୁଖ ପ୍ରକାଶ କରିବା ପାଇଁ ମୁଁ ମୋ ମାଆଙ୍କ ଲେଖାରୁ ହିଁ ଜାଣିଲି ।”

ମଦନ ସ୍ୱାଇଁ କଣ ଗୋଟାଏ କହିବାକୁ ଯାଉଥିଲେ, ଏତିକିବେଳେ ହଠାତ୍ ଦୃଷ୍ଟି ପଡ଼ିଗଲା ଦୁଆରମୁହଁଆଡ଼କୁ । ସେ ବିସ୍ମୟବିହ୍ୱଳ ହୋଇ କହିଲେ, “ଆଜ୍ଞା, ଆପଣ ମଧ୍ୟ ଏଠିକି ଆସିଗଲେ !” ଏହି ଚଞ୍ଚଳତା ଭିତରେ ପରସ୍ପରରେ ଅଭିବାଦନ କରିବା, କଥାଟି ମଧ୍ୟ ଭୁଲିଗଲେ । ବାତ୍ୟାକାରେ ମଣିଣାରୁ ଉଠିପଡ଼ି ପରମାନନ୍ଦଙ୍କ ଆଡ଼କୁ ଅଗ୍ରସର ହୋଇ କହିଲେ, “ଗୋସେଇଁପୁଅ, କମିତି ତମେ ଏ ଆଡ଼କୁ ଆସିଲ ?” ପରମାନନ୍ଦ ମଦନସ୍ୱାଇଁଙ୍କ ଆଡ଼କୁ ଅନେଇଁ କହିଲେ, “ଏକା ଗାଁରେ ଘର, ଏକା ସାଙ୍ଗରେ ପଢ଼ିଛେ, ଏ ସାଙ୍ଗ ସେ ସାଙ୍ଗ ଭିତରେ ଇମିତି ବ୍ୟବଧାନ ଘଟିଛି ଯେ ଦେଖାସାକ୍ଷାତ ମଧ୍ୟ ହୋଇପାରୁ ନାହିଁ । ଯାହାହେଉ, ଆଜି ସାକ୍ଷାତ ଗୋଟିଏ ଘଟିଗଲା । ନାଟକଘର ଆଡ଼କୁ ଯାଉଥିଲି । “ସୁରମାସ୍ତ୍ରୀ କହିଲେ, “ସେଇ ବାଟେ ତ ଧନୁ ଲେଙ୍କା ଘରକୁ ଯିବେ, ବାତ୍ୟାକାରେ ତାହାକୁ ଦେଖି ଗପ କରୁଥିବେ ହେଲା । ମଣିଷ ପାଇଗଲେ ତାଙ୍କର ଆଗ କଥା, ପରେ କାର୍ଯ୍ୟ ତାଙ୍କୁ ହିଁକିଏ କହିଦେବେ । ରିହାର୍ସଲ ଆରମ୍ଭ ହେଲାଣି ।” ବାତ୍ୟାକାରେ ଆମୋଦରେ ହସି ହସି କହିଲେ, “ଗପ କରିବାକୁ ମଣିଷ କେଉଁଠୁ ପାଇବା ଗୋସେଇଁପୁଅ ! ସମସ୍ତେ ତ ଯାହାର କାର୍ଯ୍ୟରେ ବ୍ୟସ୍ତ । ତମେ ସତ ମତେ କହିବାକୁ ଆସି ନ ଥାନ୍ତ, ଏ ଭଙ୍ଗାକୁଡ଼ିଆରେ କେବେ ପାଦ ପଡ଼ି ନ ଥାନ୍ତା ।”

ମଦନ ସ୍ୱାଇଁ ପରମାନନ୍ଦଙ୍କୁ ଖୁବ୍ ହାତଯୋଡ଼ି ଦେଇ କହିଲେ, “ତୀର୍ଥ କରିବା ଉଦ୍ଦେଶ୍ୟରେ ଯାଉଛନ୍ତି ଆଜ୍ଞା ! ଯେଉଁ କଥା ନେଇ ବାତ୍ୟାକାର ମହାଶୟଙ୍କ ସାଙ୍ଗରେ ଆଲୋଚନା କରାହେଉଥିଲା, ସେଇ କଥା କହୁଛି । ଆପଣଙ୍କର ସହଧର୍ମିଣୀଙ୍କର ଏଇ ଅସାଧ୍ୟ କାର୍ଯ୍ୟରେ ଉତ୍ସାହ ଦେଉଥିବେ । ନିଜକୁ ବଡ଼ାନ୍ଦ ବୋଲି ଗର୍ବକରି ଆମର ପବିତ୍ର ସନାତନ ସମାଜ, ହିନ୍ଦୁ ସଂସ୍କୃତି ଇତ୍ୟାଦି ଯେତେ କହିଲେ ମଧ୍ୟ ଆପଣ ଶୁଣିବେ ନାହିଁ । ସଂସ୍କୃତି ବା ପ୍ରଥା କିଛି ଚିରସ୍ଥାୟୀ ନୁହେଁ । ନିତ ନୂଆ ସଂସ୍କୃତି ରୂପପାଇ ଠିଆହେଉଛି । କ୍ଷୟପ୍ରାପ୍ତ ହୋଇଯାଉଛି ପୁରୁଣା ପ୍ରଥା । ସତୀଦାହ ପ୍ରଥା କାହିଁ ରାମାୟଣରେ ତ ନ ଥିଲା । ଥିଲେ, ଦଶରଥଙ୍କ ଚିତାରେ ସତୀ କୌଶଲ୍ୟା, କୈକେୟୀ ପ୍ରଭୃତି ରାଣୀମାନେ ପୋଡ଼ିଯାଇ ଥାଆନ୍ତେ । ମହା ଭାରତରେ ମଧ୍ୟ ସତୀଦାହ ପ୍ରଥା ନ ଥିଲା । ପାଣ୍ଡୁଙ୍କ ସହିତ ମାଦ୍ରୀ ମରିଯାଇଥିବା କଥା ଉଲ୍ଲେଖ ଅଛି । ପଠାଣ ରାଜତ୍ୱ ସମୟରେ ଯାହାଥିଲା ଆଜି ସେ କଥା ନାହିଁ ବୋଲି କେହିତ ଯୋଭକରି ବସିନାହାନ୍ତି । ଅତଏବ ନାରୀପ୍ରତି ବିମୁଖ ହୋଇ ନାରୀ ଏବଂ ପୁରୁଷ ଉଭୟ ପକ୍ଷ, ଆଗରେ ପଛରେ ଯିଏ ଯେତେ କହିଲେ ମଧ୍ୟ ତୁଚ୍ଛହୋଇ ରହିବାକୁ ହେବ । ତାଙ୍କର ଏ ଅପୂର୍ବ ସାହସ-ଶକ୍ତିଦ୍ୱାରା ବର୍ତ୍ତମାନ ଆମ୍ଭର ଉପକାର କରି ନ ପାରିଲେ ଏ ଯୁଗରେ ଇମିତି କେତେ ସ୍ତ୍ରୀ ବ୍ୟକ୍ତି ଜନ୍ମ ହୋଇଥିଲେ କେହିଁ କଥା ରହିପିବ ?”

ମଦନ ସ୍ୱାଇଁ ଉଡ଼ିଗଲେ ଯିବା ଉଦ୍ୟମରେ ରହିଲା ଦେଖି, ପରମାନନ୍ଦ ତାଙ୍କୁ ଛାତିରେ ଧରି ଉଲ୍ଲାସରେ କହିଲେ, “କି ସୁନ୍ଦର କଥାଗୁଡ଼ିଏ କହିଲ ମଦନ ! ଏତେ ପାଖରେ ରହି ମଧ୍ୟ ତୁମ ମୁହଁରୁ ଇମିତି ସୁନ୍ଦର ସ୍ନେହପୂର୍ଣ୍ଣ କଥା ତ କେବେ ଶୁଣି ନ ଥିଲି !” ମଦନ ସ୍ୱାଇଁ ହସି ଉଠି କହିଲେ, “ତୀର୍ଥ କରି ତ ଯାଉଛି । ମଲାଗଲା ସମାନ ବୋଲି ଲୋକେ କହୁଛନ୍ତି । ହୃଦୟ ଭିତରୁ ଆସନ୍ନ ବିଭିନ୍ନର ଆବେଗ ଉଚ୍ଛୁଳି ଉଠୁଛି । ଆବେଗ ହିଁ କଥା କହୁଯାଉଛି ଆଜ୍ଞା ! ଯାଉଛି, ଯାଉଛି ବୋଲି ତିନି ଥର କହିଲଣି । ଯାଉଛି ମଉସା ! ଛତ୍ରପୁର ଯିବି କାଲି, ହିଁଅକୁ ଦେଖି ସେଠାରୁ ବାହାରି ପଡ଼ିବି; ସମ୍ବନ୍ଧୀ ଅପେକ୍ଷା କରିଛନ୍ତି ।”

ବାଦ୍ୟକାର ମଦନ ସ୍ବାଇଁଙ୍କୁ କଅଣ କଅଣ କହି ଦାଣ୍ଡପିଣ୍ଡାରୁ ଫେରିଗଲେ ଘରଆଡ଼କୁ । ପରମାନନ୍ଦ ବାଦ୍ୟକାରଙ୍କ ମୁହଁକୁ ଅନେଇଁ କହିଲେ, "ମଦନ ସ୍ବାଇଁଙ୍କୁ ଇମିତି ଅପ୍ରତ୍ୟାଶିତ ଭାବରେ ଦେଖିବି ବୋଲି ଆଶା କରି ନ ଥିଲି । ସମସ୍ତ ଅସମ୍ଭବକୁ ସମ୍ଭବ କରି-ଦେଉଛି । ମୁଁ ସେ ଆଡ଼ୁ ଆସିବା ସମୟରେ, ନାଟକ ଘର ପାଖରେ ମାଷ୍ଟ୍ରେ ଦେଖିଲେ, ତୁମକୁ କହିଦେବାକୁ କହିଥିଲେ । ମଦନ ଆସି ଏଠି ବସିଥିବେ—ଏ କଥା ମୋର ଧାରଣା ଭିତରେ ନ ଥିଲା ।"

ବାଦ୍ୟକାର ପରମାନନ୍ଦଙ୍କ ପଛରେ ଅଗ୍ରସର ହୋଇ କବାଟର ତାଲା ବନ୍ଦ କରୁକରୁ କହିଲେ, "ସବୁ ସେଇ ବିଧାତା'ର ଇଚ୍ଛା, ଗୋସେଇଁପୁଅ ! ତା' ନ ହୋଇଥିଲେ ମଦନ ସ୍ବାଇଁ କାହିଁକି ତୀର୍ଥାଟନରେ ଯାଆନ୍ତେ ?"

ସେଦିନ ଭୋରବେଳକୁ ନିଦ ଲାଗିଯାଇଥିଲା ସ୍ବର୍ଣ୍ଣକୁ । ହଠାତ୍ ଉଠିପଡ଼ି ଦେଖିଲା, ଶୀତ ସକାଳର ସୂର୍ଯ୍ୟ ଅଗଣାରେ ଢାଳି ଦେଇଛି ମୃଦୁ କିରଣ । ସାରିପକ୍ଷୀ ଦଳବାନ୍ଧି ବାରିପାଖ ବାରଣ୍ଡା ତଳେ କଳରବ କରି କରୁଛନ୍ତି କଳହ ।

ପରମାନନ୍ଦଙ୍କ ଶୋଇବାଘର ଆଡ଼କୁ ଯାଇ ଦେଖିଲା, ପରମାନନ୍ଦ କେଉଁ ସକାଳୁ ଉଠି ବାହାରକୁ ଗଲେଣି । ବିଶୁ ବିଛଣା ଝାଡ଼ି ରଖିଦେଇଛି । ସେ ଧୀରେ ଧୀରେ ବାରିପାଖକୁ ଯାଇ ଦେଖିଲା, ବିଶୁ କେଉଁଠି ନାହିଁ । ଗାଈ-ବାଛୁରି ବନ୍ଧା ହୋଇଛନ୍ତି ଗୁହାଳରେ । କାନ୍ଥ ପାଖକୁ ଲାଗି ପଡ଼ିଶା ଗଣେଶ ଦାସଙ୍କର ଢିଙ୍କି ଘର । ଧାନକୁଟା ଚାଲିଥିଲା, ଶବ୍ଦ ଶୁଭୁଥିଲା ଉପର ତାଇଁ, ତଳର ତାଇଁ । ମନ ତାର ଆକସ୍ମିକ ଭାବରେ ହୋଇଗଲା ଅବସାଦଗ୍ରସ୍ତ । ଦାସଙ୍କ ଢିଙ୍କିଘରୁ ଶୁଭୁଥିଲା ହସ ଆଉ କଥା । ତାର ମନେହେଲା, ସେ କେବେ ଧାଡ଼ିଟିଏ ମଧ୍ୟ ଅକ୍ଷର ଲେଖି ନାହିଁ । ଚିରକାଳର ରନ୍ଧଣୀ ସେ । ସେଇ ବାଲ୍ୟ-ଶୈଶବରୁ ରନ୍ଧନକାର୍ଯ୍ୟ ହିଁ କରିଆସିଛି ଆଜି ପର୍ଯ୍ୟନ୍ତ ସେ । ହେଲେ ହେଲେ ବାଲ୍ୟଶୈଶବର ଖେଳକୌତୁକ ସହିତ ତାର ପରିଚୟ ଘଟିନାହିଁ । ତା ପରେ, ବନ୍ଦୀଘରୁ ମୁକ୍ତ କରି ନେଇ ଯାଇଥିଲେ ଆଉ—

ବିଶୁ ବାଣ୍ଡଆଡ଼ୁ ଧାଇଁଆସିଲା ପଛ ଆସି ଏ ଘରୁ ସେ ଘର ଦେଖି ଗଲା ବାରିଆଡ଼କୁ । ସ୍ବର୍ଣ୍ଣ ଗୁହାଳ ଆଡ଼ୁ ଫେରିଆସୁଥିଲା । ବିଶୁ କହିଲା, "ଶୁଣିଲେ ତମେ ଆଶ୍ଚର୍ଯ୍ୟ ହେବ ମା, ଭିକାରୀ ଗୋଟେ ଆସିଛି । ଇମିତି ସୁନ୍ଦର ଗୀତ ଗାଉଛି ! କିଛି ନାହିଁ, ହାରମନିଅମ୍ ବି ତବଲା । ଖାଲି ତାର ସେ ଗାଇ-ଯାଉଛି । ତମେ ଶୋଇପଡ଼ିଥିଲ, ବାବୁ ଉଠିକରି ଦାନ୍ତ ଘଷିଲେ । ସେଇଠୁ କୁଆଡେ ଗଲେ । ମୁଁ ମଧ୍ୟ ନାଟକ ଘର ଆଡ଼କୁ ଯିବି ବୋଲି ବାହାରୁଥିଲି । ମହାପାତ୍ରଙ୍କ ଦୁଆରମୁହଁରେ ଠିଆହୋଇ ଅନ୍ଧଭିକାରୀ ଗୀତ ଗାଉଛି । ତାକୁ ମୁଁ ଡାକିଆଣିଛି; ଆସ ଟିକିଏ ଶୁଣି ଆସିବ ।"

ବିଶୁର ହସ ହସ ମୁହଁ ଆଉ ତାର ଗୀତ ଶୁଣିବା ଉତ୍ସାହ ଦେଖି ସ୍ବର୍ଣ୍ଣ ଭୁଲିଗଲା ସବୁ ଦୁଃଖ-ଅବସାଦ । ସେ ହସିଦେଇ କହିଲା, "ମୁଁ ଆଜି ଇମିତି ଶୋଇଲି ଯେ ନିଦ ଭାଙ୍ଗିଲାନାହିଁ । ଏତେବେଳ ହେଲାଣି, ତୁ ମତେ ଉଠେଇ ଦେଲୁନାହିଁ ବିଶୁ !" ବିଶୁ ସ୍ବର୍ଣ୍ଣର କଥାରେ ବାଧାଦେଇ କହିଲା, "ଦିନ ରାତି ନ ଶୋଇ ତ ଲେଖିବସୁଛ, ଆଜି ଟିକିଏ ଶୋଇପଡ଼ିଲ କଅଣ ହେଇଗଲା ? ଯାଉଛି, ଭିକାରୀ କି କହିବ ବସିବ । ତମେ ମାଆ ଚଞ୍ଚଳ ମୁହଁ ଧୋଇ ପଳେଇ ଆସ ।"

ସ୍ବର୍ଣ୍ଣ ମୁହଁ ପୋଛି ପୋଛି ଆସିଲା ଅଗଣା ଆଡ଼କୁ । ବିଶୁ ଅଗଣା ସେପାଖ ବାରଣ୍ଡାରେ ବସିଛି, ଭିକାରୀ ପାଖକୁ । ସେ ସ୍ବର୍ଣ୍ଣକୁ ଦୂରରୁ ଦେଖି କହିଲା, "ଗୀତ ଆରମ୍ଭ କର, କଇବଲ ମାଆ ଆସିଲେଣି ।"

ଅନ୍ଧ ଭିକାରୀ ଶୂନ୍ୟକୁ ଚାହିଁ ହାତଯୋଡ଼ି ହୋଇ ଆଖି ଡୋଳା ଘୂରେଇ ଘୂରେଇ ଖୋଜିହେଲା, ବିଶୁ ଚିହ୍ନେଇ ଦେଇଥିବା ମାତୃମୂର୍ତ୍ତିଟିକୁ ଦେଖିବା ଆକାଙ୍କ୍ଷା ନେଇ । କି ଗଭୀର ପ୍ରୟାସ ତାର ! ସ୍ବର୍ଣ୍ଣର ମନେହେଲା, ସେ ମଧ୍ୟ ଖୋଜିହେଉଛି ଜ୍ଞାନରୂପୀ ଦେବତାଙ୍କୁ ଅବିକଳ ଏଇ ବ୍ୟାକୁଳତା ନେଇ । ସେ ଯିମିତି ଶୂନ୍ୟକୁ ଚାହିଁ ଆବେଗର ବେଗରେ ଗାଇଲା—

ତୁମେ ଅଛ ମୋର ହୃଦୟ ପଦ୍ମରେ
ଭାବୁଅଛ ଅଁଖି ଆଗେ ।
ତୁମର ଚରଣ-କମଳ ପରଶି
ସଦା ଅନୁରାଗ ଜାଗେ । ୧ ।

ଦିବ୍ୟ ଦୃଷ୍ଟି ମତେ ଦେଇଛ ଈଶ୍ୱର
ଦେଖେଁ କେତେ ଲୀଳା ବିଶ୍ୱ ବ୍ରହ୍ମାଣ୍ଡର
ହାତ ଧରି ତୁମେ ବୁଲାଇ ଆଣିଲ
ପରଶେ ଯେ ମତେ ଲାଗେ । ୨ ।

ଶତ-ପଦ୍ମେ ମୋର ଅଛ ତୁମେ ରହି,
ଏ ଦେହ ପବିତ୍ର ଯାଇଅଛି ହୋଇ,
ଯେଉଁ ଭାବେ ଅଛ ରହିଥାଅ ପ୍ରାଣେ
ଏତିକି ମାତର ମାଗେ । ୩ ।

ଗୀତ ଶେଷ ହେଉ ହେଉ ସ୍ୱର୍ଣ୍ଣ ପଚାରିଲା, "ଭଲ ଗୀତଟିଏ ଗାଇଲୁ ଭିକାରି !" ଭିକାରି ତାର ଗଳା ପରିଷ୍କାର କରି କହିଲା, "ଗୀତ ଶିଖାଇ ଦେଇଛନ୍ତି ଆମ ଗାଁର ସୁରଦାସ ମାଷ୍ଟ୍ରେ । ଏବେ ଯୋଉ ନାଟକ ହେଉଚି; ସେଥିରୁ ମତେ ଏ ଗୀତ ଶିଖାଇ ଦେଇଚନ୍ତି ମାଆ ! ବଶୁ ଆଉ ଗୋଟିଏ ଗୀତ ଶୁଣିବ ବୋଲି ସ୍ୱର୍ଣ୍ଣ ପାଖରେ ଅଳି କରୁଥିଲା ।"

ଏତିକିବେଳେ ପରମାନନ୍ଦ ପ୍ରବେଶ କରି କହିଲେ, "ଭିକାରିଟି ଖୁବ୍ ସୁନ୍ଦର କରି ଗାଉଛି ତ ବଶୁ ! କାଲିକି ଆସି ଗୀତ ଗାଇବୁ ଭିକାରି !" କହୁ କହୁ ପକେଟରୁ ଘୁରଣି ଗୋଟିଏ ବାହାର କରି ଗୁଞ୍ଜିଦେଲେ ଭିକାରିର ହାତମୁଠାରେ ।

ପରମାନନ୍ଦ ସେପାଖ ବାରଣ୍ଡାରେ ସ୍ୱର୍ଣ୍ଣ ପାଖକୁ ଯାଇ ବସିଲେ । ଭିକାରି ଆଉ ଗୋଟିଏ ଗୀତ ଗାଇଲା, ବଶୁର ଅନୁରୋଧରେ ।

ଭିକାରି ଗୀତ ଆରମ୍ଭ କରିବା ପୂର୍ବରୁ କହିଲା, ଏ ଗୀତଟା ମଧ୍ୟ ମାଆଙ୍କ ହାତର ଲେଖା ବୋଲି ମାଷ୍ଟ୍ରେ କହୁଥିଲେ—

ଗଳା ପରିଷ୍କାର କରି ଖଞ୍ଜଣି ବଜେଇଲା ଭିକାରି—

ସଭିଙ୍କୁ ଆପଣା କରି ତୁ ଜାଣିବୁ
ଯେଉଁଠାକ ମୂର୍ତ୍ତିମନ,
ହସି ହସି କଥା କହିବେ ସେଠାରେ
ପ୍ରାଣ ପୁରେ ରହି ଶ୍ୟାମ ।

ବଇଁଶୀ ନିନାଦ ଶୁଣିବ ଅନ୍ତରେ
ବିଷାଦ ବିଚ୍ଛେଦ ଯିବ ଆହୁଁ ଦୂରେ,
ଯେଣିକି ଚାହିଁଲେ ସେଣେ ଦିଶୁଥିବେ
ଅନ୍ତର୍ଯାମୀ ଭଗବାନ ।

ଯାହାକୁ ଦେଖିବୁ ଦେବୁ ତୋର ସ୍ନେହ
ସକଳେ ହୋଇବେ ପ୍ରିୟଠାରୁ ପ୍ରିୟ
ମଣିଷ ମଣିଷ ଭିତରୁ ଘୁଞ୍ଚିବ
ଅଛି ଯେତେକ ବ୍ୟବଧାନ ।

ଗୀତ ଶେଷହେବା ଦେଖି ପରମାନନ୍ଦ କହିଲେ- ତୁମର ନାଟକ ଭିତରେ ସ୍ୱାକୁ ରଖିଦିଅ ଶୁକଦେଓ, ସୁନ୍ଦର ଗୀତ ଗାଇବେ । କାଲି କ ଆସିବ, ଭିକାରୀକୁ କହିଦେ ବଶୁ! ମୁଁ ଯାଉଛି ସ୍ନାନକରି ଆସିବି ।" ବଶୁ କହିଲା—ଯାଉଛି, ବାପୁ ଗାଧୋଇ ଗଲେଣି, ଗାମୁଛା ପାଣିଟା ଦେଇ ଆସିବି । ତମେ ଟିକିଏ କଥା ହୋଉଥା ମାଆ ! ସେ ଆଡ଼େ ରାନ୍ଧିବାକୁ ହେବ ।

ବଶୁ ଯିବାପରେ ଅନ୍ଧ ଭିକାରିଟି ଠିଆହୋଇ କହିଲା, "ମାଆ, ନମସ୍କାର କରୁଛି । ଆଉ ଗୋଟେ କଥା ମୋ ପ୍ରାର୍ଥନା ଅଛି ଶୁଣ ମାଆ । ଅନ୍ଧ ହୋଇ ଯିବାଠୁ ସେଇ ଗୋଟେ କଥା ମନକୁ ଆସୁଛି । ପିଲାଦିନେ ଦାର୍ଢ୍ୟଭାକ୍ତିରେ ପଢ଼ିଥିଲି, ଭଲକରି ସ୍ଥିର କରିପାରୁ ନି । ବିଲ୍ୱମଙ୍ଗଳ ଅନ୍ଧ ହୋଇଥିଲେ କି ସୁରଦାସ ଅନ୍ଧ ହୋଇଥିଲେ ! ଅନ୍ୟ କାହାକୁ ପଚାରିଲେ ହସିଦେବେ ବୋଲି ମାଆଙ୍କୁ ପଚାରୁଛି । ଯାଉଚି ଆଜି, କାଲିକି ଆସି ଆମର ଏ ସୁରଣି ବିଷୟରେ କଥା ହୋଇଯିବ ।"

ସ୍ୱର୍ଣ୍ଣ ଭିକାରି ଆଡ଼କୁ ଅଗ୍ରସର ହୋଇ ଆସି କହିଲା, "ତୁମକୁ ଦେଖି ମୋର ମନେହେଉଛି ତୁମେ ହିଁ ବିଲ୍ୱମଙ୍ଗଳ । ମନେ ମନେ ପଦ୍ମପଲାଶଲୋଚନ ଶ୍ୟାମଙ୍କୁ ଖୋଜି ଖୋଜି ଯାଉଛ—"

ଭକାଶୀ ଆବେଗରେ ହସିଉଠି କହିଲା, "କେଡ଼େ ବଡ଼ ଆସନରେ ବସେଇଦେଲେ ମାଆ ! ହେଉ, ସ୍ୱପ୍ନରେ ହେଲେ ଦିନେ ବଳିୟମଙ୍ଗଳ ହୋଇ ଯାଇଥିବି । ଦଣ୍ଡବତ ହେଉଛି ମାଆ । ଦୟା ରଖିଥିବ, ଅଧମ ଉପରେ । ଆସିବି କାଲିକି ।"

ସ୍ୱଳ୍ପ ଭିତରେ ନିମିଷକ ପରି ଆଉ ଛଅଦିନ ଅତୀତ ଗର୍ଭରେ ମିଶିଗଲାଣି । ଏ ଭିତରେ ସ୍ୱର୍ଣ୍ଣ ଆରମ୍ଭ କରିଥିଲା, "ପ୍ରତ୍ୟାବର୍ତ୍ତନ" ନାମକ ଆଉ ଗୋଟାଏ ସମ୍ପୂର୍ଣ୍ଣ ନୂତନ ଷ୍ଟାଇଲ୍‌ର ନାଟକ । ଏଣେ 'ନିଷ୍ପତ୍ତି' ନାଟକ ଅଭିନୟ ହେବା ଦିନ ଯେତିକ ନିକଟବର୍ତ୍ତୀ ହୋଇ ଆସୁଥିଲା, ସ୍ୱର୍ଣ୍ଣର ମନ ହୋଇଉଠୁଥିଲା ସେତିକ ଉଦ୍‌ବେଗ ଚଞ୍ଚଳ । ନାଟକ ଅଭିନୟର ପୂର୍ବଦିନ ରାତି କେମିତି ଗୋଟାଏ ଶ୍ରାନ୍ତିରେ ସ୍ୱର୍ଣ୍ଣ ଶୋଇପଡ଼ିଥିଲା ଲେଖୁ ଲେଖୁ । ନିଦ ତାର ଭାଙ୍ଗିଗଲା ଘରପାଖ ମନ୍ଦିରର ଶଙ୍ଖଧ୍ୱନିରେ । ସେ ଧଡ଼ପଡ଼ ହୋଇ ବିଛଣାରୁ ଉଠିଯାଇ ଠିଆହେଲା ବାରିପାଖ ଅଳିନ୍ଦରେ । ବଣି, ରଣି ପକ୍ଷୀ କଦଳୀ ମୂଳେ ପୋକ ଖୁଣ୍ଟି ଖାଉଖାଉ ଭୟଙ୍କର କଳହ କରୁଛନ୍ତି ପରସ୍ପରରେ । ଉଦାସ ଦୃଷ୍ଟିରେ ଆକାଶଆଡ଼େ ଅନେଇ ରହିଥିଲା ସ୍ୱର୍ଣ୍ଣ । ପଡ଼ିଶାଘରେ ଗଣେଶ ଦାସଙ୍କ ଭାଇ କେଶବ ଦାସ ପଢ଼ୁଥିଲେ ପ୍ରାତଃଭଜନ ।

ପରମାନନ୍ଦ ଶୋଇବାଠୁ ଉଠିଆସି କହିଲେ, "ଆଜି ତୁମର ଗୋଟାଏ ବଡ଼ ପରୀକ୍ଷାର ଦିନ । ଆମେ ଜାଣିବାରେ ଏହା ଗୋଟିଏ ସମ୍ପୂର୍ଣ୍ଣ ନୂଆ ଘଟଣା ।"

ସ୍ୱର୍ଣ୍ଣର ମନେପଡ଼ିଗଲା, ବାଦ୍ୟକାରେ କାଲି ସନ୍ଧ୍ୟାବେଳେ ଆସି ଆହୁରି କେତେ ଟଙ୍କା ଖରଚ ଲାଗିବା କଥା କହିଯାଇଛନ୍ତି । ତା' ହାତରେ ତ ଆଉ କେଣସି କିଛି ନାହିଁ । ଶହେ ଟଙ୍କା ଥିଲେ ଆପାତତଃ—

ପରମାନନ୍ଦ ସହାନୁଭୂତିଭରା କଣ୍ଠରେ କହିଲେ, "ମନ ଆଶଙ୍କା-ଆକୁଳିତ ହେବା କଥା, ହେଉଥିବ ନିଶ୍ଚୟ । ନ ହୋଇଥିବା କାର୍ଯ୍ୟଟିଏ କରାଇଦେଇଛ ସ୍ୱର୍ଣ୍ଣ । ସମସ୍ତେ ସମସ୍ତେ ମୋର ବିଶ୍ୱାସ ହେଉ ନାହିଁ । ପୁରୀରେ ଦେଖିଥିବା ସେଇ ନିରକ୍ଷର ବାଳିକାଟି ଆଜି ନାଟକ ଲେଖିବାକୁ ସମର୍ଥା ହୋଇପାରିଛି । ଆଜି ଇମିତି ଇଚ୍ଛା ହେଉଛି, ଘରୁ କେଉଁଆଡ଼େ ନ ଯାଇ କେବଳ ତୁମ ପାଖରେ ବସିରହନ୍ତି ।"

ସ୍ୱର୍ଣ୍ଣ ଚଞ୍ଚଳ ଚଞ୍ଚଳ ଦାନ୍ତଘଷି ପକେଇ ମୁହଁ ଧୋଇଦେଲା । ଅଞ୍ଚଳରେ ହାତ ମୁହଁ ପୋଛି ପୋଛି ଆସି ସ୍ୱାମୀଙ୍କ ପାଖକୁ ବସିପଡ଼ି କହିଲା, "କହିଲେ ତ ଏଇକ୍ଷଣି କହିବ, ଅତିରଞ୍ଜିତ କରି କହିଯାଉଛି ବୋଲି, କିନ୍ତୁ ସତ କହିବଟି, ତୁମେ ଇମିତି କରି ସ୍ନେହସୁଧା ବୋଳା କଥାରୁ ଦି'ପଦ କହି ଉତ୍ସାହ ଦେଉ ନ ଥିଲେ ମୁଁ କଅଣ ଧାଡ଼ିଏ ହେଲେ ଲେଖି-ପାରନ୍ତି ?" ପରମାନନ୍ଦ ବାଧାଦେଇ କହିଲେ, "ତୁମେ ବାଧାବିଘ୍ନ ଲଙ୍ଘନକରି ଆଉ ଦୁଇଖଣ୍ଡି ନାଟକ, ଉପନ୍ୟାସ ଲେଖିଦେବ, ସେଇଆଡ଼କୁ ହିଁ ମୁଁ ଦୃଷ୍ଟିଦେଇ ରହିଛି । କାଲି ମଦନ ସ୍ୱାଇଁ ଘରୁ ବାହାରି ପଡ଼ିଲେ ତୀର୍ଥ କରିବାକୁ ଯିବା ଉଦ୍ଦେଶ୍ୟରେ । ଯିବା ସମୟରେ ସେ ମତେ ତୁମ କଥା ନେଇ ପ୍ରଶଂସା କହିଲେ, ମୋର ମନେହେଲା, କେଉଁ ଜନ୍ମଜନ୍ମାନ୍ତରରୁ ତୁମ ସହିତ ସେ ବ୍ୟକ୍ତିଟିର ହୃଦୟର ସମ୍ବନ୍ଧ ରହିଛି ।"

ଏତିକବେଳେ ବଣ୍ଟୁ ଦୁଆରମୁହଁରୁ କହିଲା, "ଗୁରୁ ନାଇକ ଆସିଛି, ଜରୁରୀ ତା' ପୁଅର ଚେତା ନାହିଁ ।"

ବ୍ୟସ୍ତ ହୋଇ ଉଠିପଡ଼ିଲେ ବୈଦ୍ୟ ଉପାଧ୍ୟାୟ ପରମାନନ୍ଦ । ଗୁରୁର କୋଡ଼ିଏ ବର୍ଷର ପୁଅଟାକୁ ଜ୍ୱର ହୋଇଯାଇଛି । ଭୋରୁ ଉଠି ଦେଖିଯିବି ବୋଲି କହିଥିଲି, ଏଣେ ତୁମର ନାଟକ ଚିନ୍ତାରେ ସେ କଥା ଭୁଲିଯାଇଛି । ତୁମେ ତୁମ କାର୍ଯ୍ୟରେ ଲାଗ ସ୍ୱର୍ଣ୍ଣ ବୋଉ ! ଯାଉଛି ମୁଁ ମୁହଁ ହାତ ଧୋଇ । ବଣ୍ଟୁ, ତୁ ଯା' ଗୁରୁକୁ କହିଦେ, ସେ ଘରକୁ ଯାଉ । ମୁଁ ଏଇକ୍ଷଣି ଯାଉଛି ।

ଘରୁ ବାହାରିବା ସମୟରେ ପରମାନନ୍ଦ ଅନ୍ୟ ଆଡ଼କୁ ଅନେଇଁ ସ୍ୱର୍ଣ୍ଣକୁ ଆଶୀର୍ବାଦ ଦେଇଗଲେ । ଦର୍ଶକମଣ୍ଡଳୀ ତୁମକୁ ଆଜିର ପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇଦିଅନ୍ତୁ । ତୁମର ଜନ୍ମ, ଜୀବନ ସାର୍ଥକ ହେଉ ।

ପରମାନନ୍ଦ ବାବୁ ଯିବା ପରେ ସ୍ୱର୍ଣ୍ଣ ବାରଣ୍ଡାରୁ ଉଠିଗଲା ରୋଷେଇଘର ଆଡ଼କୁ । ତାର ମନେପଡ଼ିଲା, ଏଇ ସେଦିନ ସେ ସ୍ୱାମୀଙ୍କୁ କହୁଥିଲା, ଆଉ ଥରେ ଫେରିଯିବ ସେ ତାର ସେ ପୁରୁଣା ଖେଳଘରକୁ, ତାର ଗୁହାଳଘରକୁ । ଯେଉଁଠି ସେ ଝିଅଟିବେଳେ, କଣ୍ଢେଇକୁ ଗେଲେଇ କରି ଶୁଆଇଦେଉଥିଲା । ଗାଈକୁ କୁଣ୍ଡା, ଘାସ ଖୁଆଉଥିଲା, ପେଟପୂରା ଖାଇଲେ ଦୁଧ ଦେବେ, ଲକ୍ଷ୍ମୀ ହେବ । ହାୟ ! କେଉଁଠି କଣ୍ଢେଇ, ସୁନାମୁଣ୍ଡୀ ଗାଈ ଚାଲିଗଲେ । ଆଉ ଫେରିବେ ନାହିଁ । ଆଉ ସେ ସ୍ଥାନକୁ ଯାଇ ପାରିବନାହିଁ । ସେ ସୁଖଶାନ୍ତିର ଧନ ଏ ହୃଦ-କୋଣରୁ ଛାଡ଼ି ମଥୁରାକୁ ଚାଲିଗଲେଣି । ସେ ବାଳଗୋପାଳ ଆଉ ଫେରିବେ ନାହିଁ । ଶ୍ୟାମଙ୍କ ଅରହ-ବଂଶୀ ବାଜୁଛି ଦୂର ବୃନ୍ଦାବନରେ, ଏ ହୃଦୟ ସେ କୃଷ୍ଣଙ୍କୁ ଦେଖିବା ଆଶାରେ ଧାଉଁଛି, ଶ୍ୟାମସୁନ୍ଦରଙ୍କୁ ପ୍ରତ୍ୟକ୍ଷରେ ନ ଦେଖି ସେ ଆଉ ସ୍ଥିରହୋଇ ରହିପାରିବ ନାହିଁ ।

ଚିନ୍ତାସ୍ରୋତରେ ଭାସି ଭାସି କେତେବେଳେ ସେ ଯେ ଅଗଣା ବାରଣ୍ଡାରେ ଆସି ଠିଆହୋଇଥିଲା, ସେ କଥା ସେ ନିଜେ ମଧ୍ୟ ଜାଣି ନ ଥିଲା ।

ଏତିକିବେଳେ ବିଶୁ ଦାଣ୍ଡଆଡ଼ୁ ଧାଇଁ ଧାଇଁ ଆସି କହିଲା, "ମାʼ ଦେଖ, ମାଷ୍ଟ୍ରେ ଲମ୍ବା କାଗଜ ବାଣ୍ଟି ବାଣ୍ଟି ଯାଉଛନ୍ତି । ବାଇଦ ବାଜୁଛି । ଶୁଣ ।" ହସ ମିଶି ରହିଥିଲା ବିଶୁର କଥାରେ । ସେ ଯିମିତି ଉତ୍ସାହରେ ଧାଇଁ ଆସିଥିଲା ସିମିତି ଧାଇଁଗଲା ଦାଣ୍ଡଆଡ଼କୁ ।

ସ୍ୱର୍ଣ୍ଣ କାନପାତି ଶୁଣିଲା ଦୂରରୁ ଶୁଭୁଛି ଶ୍ରୁତିମଧୁର ବାଦ୍ୟଧ୍ୱନି । ବାଦ୍ୟ ସହିତ କ୍ଲାରିଓନେଟ୍ ଶୁଭୁଥିଲା ସ୍ୱର୍ଣ୍ଣର କାନକୁ । ଗୀତ ଗୋଟାଏ ସଂଯୋଗ ହୋଇଛି । ମନେପଡ଼ିଗଲା, ତାର ପ୍ରଥମ ଲେଖା ଗୀତ—

କାହାକାହାକୁ ଦେଖା କି ନ ଦେବ ଜୀବନେ ?
ପ୍ରାଣପକ୍ଷୀ ମୋର ହେଲାଣି ଅଧୀର
ଉଡ଼ିଯିବ ବୋଲି ଗଗନେ ।୧।
ଅରୁଦ୍ଧ ଆନନ୍ଦ ଦେଉଅଛ ମନେ
ଦେଖାଯାଉଛି ତୁମକୁ ବସି ଅନୁକ୍ଷଣେ
ସବୁ ଶୁଭକ୍ଷଣ ଯାଉଅଛି ବହି
ଆସିବ ଆଉ କି ଲଗନେ ।୨।

ସ୍ୱର୍ଣ୍ଣ ଅଗଣା ଅତିକ୍ରମ କରି ବାଡ଼ିଘରେ ପ୍ରବେଶ ହେଲା । ପାଖକୁ ଆସିଗଲାଣି ବାଦ୍ୟଧ୍ୱନି । ପୁଲକରେ ପୂରିଗଲା ସ୍ୱର୍ଣ୍ଣର ଦେହ ଆଉ ମନ । ସେ ମୁହଁ ଫେରାଇ ଚାହିଁଲା, ସବୁଜବନ ପରି ସୂର୍ଯ୍ୟଦେବତା କରିଦେଇଛନ୍ତି କିରଣ ବର୍ଷଣ । ସକାଳର ଶୀତଳ ସମୀରଣରେ ଦୋହଲି ଉଠୁଛନ୍ତି ତରୁଲତା । ଏପାଖ ସେପାଖ ପଡ଼ିଶାଘରୁ ସବୁଦିନପରି ଶୁଭୁଛି ଆଲୋଚନା-ଆଲୋଚନା । ଦୁଆରେ ମୁହିଁ ସନ୍ଧ୍ୟାକର ହେଉଛି, କାଲିର ପରି ହିଁ କାଠ ଶଗଡ଼ର ମୂଳ ଝଙ୍କାରଣ । ବାଇଗଣ ବିକାଳି ସବୁଦିନପରି ଡାକୁଛି, 'ବାଇଗଣ ନବ ବାଇଗଣ ।' ସାମନା ଘର ପିଲାଏ ଘରଆଡ଼ୁ ଧାଇଁଆସି ଦେଖୁଛନ୍ତି ବାଦ୍ୟଦଳଆଡ଼କୁ । ସ୍ୱର୍ଣ୍ଣ ଫେରିଗଲା ଅଗଣାକୁ ।

ବାଦକମାନଙ୍କ ଭିତରେ ଚାଲିଥିଲେ ସୁରମାଷ୍ଟ୍ରେ । ହାତରେ ଲାଲ, ନାଲ, ସବୁଜ ରଙ୍ଗର ପ୍ରଚାରପତ୍ର । ସାହିର ପିଲାଏ ହାତବଢ଼େଇ ମାଗିନେଇଯାଉଛନ୍ତି ଅଳି କରି । ବଡ଼ମାନେ ମଧ୍ୟ ହାତବଢ଼େଇ ନେଇ ଯାଉଛନ୍ତି ଖଣ୍ଡିଏ ଖଣ୍ଡିଏ ।

ମଦନ ମହାପାତ୍ରେ ଗୋବିନ୍ଦ ପାଙ୍କ ଘରଆଡ଼ୁ ଆସିବା ସମୟକୁ ସୁରମାଷ୍ଟ୍ରଙ୍କୁ ଦେଖି ଅଗ୍ରସର ହେଲେ ତାଙ୍କ ପାଖକୁ । ମହାପାତ୍ରେ ସ୍ୱୟଂ ଧନୀ-ମାନୀ ହେଲେ ମଧ୍ୟ ସୁରମାଷ୍ଟ୍ରଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱକୁ ଅନେଇ ଯାହା କହିବାକୁ ଉଦ୍ୟମ କରୁଥିଲେ, ତାହା କହିପାରୁନଥିଲେ । ସୁରମାଷ୍ଟ୍ରେ ନମସ୍କାର ଜଣାଇ ଅଗ୍ରସର ହୋଇ ଯାଉଥିଲେ । ମହାପାତ୍ରେ ହସି ହସି କହିଲେ, "ନାଃ ସୁର ମାଷ୍ଟ୍ରେ ତୁମେ, ସତେ ସତେ ନାଟକୋଳାହଳ କରିଦେଲ !"

ସୁରମାଷ୍ଟ୍ରେ ନିରେଖି ଦେଖିଲେ ମହାପାତ୍ରଙ୍କୁ । ବହୁ ଚମିଶା ହସରେ ଭରିଯାଇଛି ତାଙ୍କ ମୁହଁ । ଉପରର ପାଖର ଭଙ୍ଗା ଓଠ ଭିତରୁ ଦାନ୍ତ କେତୋଟି ଫୁଟି ବାହାରିପଡ଼ୁଛି ଆଗକୁ । ମହାପାତ୍ରେ କୃତ୍ରିମ ଆନ୍ତରିକତା ଦେଖାଇ ପଚାରିଲେ, "ନାଟକଗୁଡ଼ିକ କିଏ ଲେଖୁଛି ମାଷ୍ଟ୍ରେ ?"

ସୁରମାଷ୍ଟ୍ରେ ହସିଦେଇ ମୁହଁ ଫେରେଇ ନେଲେ ମହାପାତ୍ର ଆଡୁ । ଚିନ୍ତାର ଛାପ ପଡ଼ିଗଲା ମୁହଁରେ । କଅଣ କହିବେ ସେ ମହାପାତ୍ରଙ୍କୁ କିଛି ସ୍ଥିର କରି-ପାରିଲେନାହିଁ ।

ବିକଳ କଣ୍ଠରେ ଆତ୍ମା ଡାକୁଛି ପରମାତ୍ମାଙ୍କୁ — "କଳାକାହ୍ନୁ ହେ ଦେଖା କି ନ ଦେବ ଜୀବନେ ?" ଏକଥା କହି କହି ସୁରମାଷ୍ଟ୍ରେ ପ୍ରବେଶ କଲେ ଅଗଣାକୁ ।

ସେପାଖର ବାରଣ୍ଡା ଖମ୍ବକୁ ଆଉଜି ଠିଆହୋଇଥିଲା ସ୍ୱର୍ଣ୍ଣ । ସୁରମାଷ୍ଟ୍ରେ ହସିବା ଚେଷ୍ଟାକରି କହିଲେ, "ସକାଳ ବେଳାଠାରୁ ଆଜି ଆପଣଙ୍କ ନାମଟିକୁ ଆମର କ୍ଷୁଦ୍ର ସହର ଭିତରେ ପରିକ୍ରମା କରେଇଦେଉଛି ଆଜ୍ଞା ! ନିଜ ନିଜ କାର୍ଯ୍ୟରେ କିଏ କେଉଁଆଡ଼େ ପଳେଇଯିବେ । ପରେ ଜଣାଇଦିଆଗଲା ନାହିଁ ବୋଲି ଅଭିଯୋଗ କରିବେ । ଆପଣ ବୋଧେ ବାଦ୍ୟ ଶବ୍ଦ ଶୁଣି ସବୁ ଭୁଲିଯାଇଛନ୍ତି । ଆଜି ଆପଣଙ୍କ ଅନ୍ତଃପୁରର କଥା କେତେ ହୃଦୟରେ ରହି କେତେ କଣ୍ଠରୁ ବିଭିନ୍ନ ସ୍ୱରରେ ବାହାରିବ । ସମସ୍ତେ ବିସ୍ମୟରେ ବିହ୍ୱଳ ହେବାକୁ ହେଉଛି । ଆଜିର ଏଇ ଦିନରେ କେତେ ବଡ଼ ଗୋଟାଏ କାର୍ଯ୍ୟ ହେବାକୁ ଯାଉଛି । ଚିରସ୍ମରଣୀୟ ହୋଇ ଏ ଦିନଟି ରହିଯିବ ଏକାଧିକ ବ୍ୟକ୍ତିଙ୍କ ଜୀବନ ଇତିହାସରେ ।"

ସ୍ୱର୍ଣ୍ଣ ମଥାଟେକି ଚାହିଁଲା ସୁରମାଷ୍ଟ୍ରଙ୍କ ମୁହଁକୁ । ସେ ମୁହଁରେ ଭରିଯାଇଛି ପରମ ପରିତୃପ୍ତି ।

ସୁରମାଷ୍ଟ୍ରେ ତାକୁ ଚାହିଁ କହିଲେ, କେତେ ଆନନ୍ଦ ଦେଉଛି ଆପଣଙ୍କର ଏ ଅଗଣା । ଏଇ ଟିକେ ବସିପଡ଼ିବାକୁ ଇଚ୍ଛା ହେଉଛି । ଏ ଅଗଣାରେ କେତେ ବସିଛି, କଥା କହୁଛି, କଥା ଶୁଣିଛି ମଧ୍ୟ ପ୍ରାଣପୂର୍ଣ୍ଣ-କରି । ସେ ସମସ୍ତ ସ୍ମୃତି ଜୀବନ୍ତ ରହି ଚିରକାଳ ମୋର ଆଗରେ-ପଛରେ ଗତି କରିବେ । ଶୁଣୁଛନ୍ତି ତ ଆଜ୍ଞା, ବାଜାବାଲା ଆପଣଙ୍କର ସେ କଳାକାହ୍ନୁ ଗୀତଟା ଗାଉଛି । ବଡ଼ ସୁନ୍ଦର କ୍ଲାରିଓନେଟ୍ ବଜାଉଛି । ଜାତିରେ ଡମ୍ବ । ଘରର ସଂସ୍କୃତି ତାକୁ ତା କାର୍ଯ୍ୟରେ ବାଧା ଦେଇ ନାହିଁ କି ସାହାଯ୍ୟ କରି ନାହିଁ । ଦିନେ ତାଙ୍କୁ ଡାକିଆଣିବ ଦେଖିବେ, ଗୀତ ମଧ୍ୟ ଶୁଣିବେ । ଏଇ ଦେଖନ୍ତୁ, ଗୀତ ଛାଡ଼ି ଡମରୁ ଡମର ଡ୍ରାମା ବଜେଇବା ଆରମ୍ଭ କରିଦେଲାଣି ! ଆଉ ରହିବା ଉପାୟ ନାହିଁ ! ପ୍ରଷ୍ଟର ପଜ ତ ଆପଣ ଦେଖିନାହାନ୍ତି । ଏଇ ନିଅନ୍ତୁ କାଗଜ ଖଣ୍ଡିଏ । ଏଥିରେ ଯେ ଆମେମାନେ ହିଁ ନାଟକର କର୍ତ୍ତା ।" କ୍ଷିପ୍ରପଦରେ ଗତି କରୁକରୁ ଫେରି ଚାହିଁ କହିଲେ ସୁରମାଷ୍ଟ୍ରେ, ଉଠିବାକୁ ଇଚ୍ଛା ନ ଥିଲେ ମଧ୍ୟ ବାଧ ହୋଇଯିବାକୁ ହେଉଛି । ପ୍ରଷ୍ଟରପଜଟାକୁ ଦେଖିବେ । କିଏ ଜାଣିଥିଲା, ଏଠି ଇମିତି ଗୋଟାଏ ଘଟଣା ଘଟିଯିବ ବୋଲି !

ଚଞ୍ଚଳ ଗତିରେ ଚାଲିଗଲେ ସୁରମାଷ୍ଟ୍ରେ । ସ୍ୱର୍ଣ୍ଣ ପଛରୁ କଅଣ କହିଲା, "କିନ୍ତୁ ବାଦ୍ୟ ଧ୍ୱନି ଭିତରେ ମିଳେଇଗଲା ସେକଥା ।"

ଦିନ ଭିତରେ ଲୋକ ଆସି ତିନିଥର କରି ନାଟକୀୟ ଜିନିଷ ନେଇଗଲାଣି ନାଟକଘରକୁ । ନାଟକର ନାୟକ ବ୍ରଜ ମହାପାତ୍ରଙ୍କ ନିମନ୍ତେ ଧୋତି, ଚାଦର କିଣି ଆଣିବାକୁ ହୋଇଛି । ଶେଷ ପର୍ଯ୍ୟନ୍ତ ସ୍ମରଣ ନ ଥିଲା, ପରଦାଗୁଡ଼ିକ ଯଦି କ୍ଷିପ୍ରଗତିରେ ଉଠାପଡ଼ା ନ ହୁଏ, ତେବେ ତ ଅସୁବିଧା ହେବ । ବଢ଼େଇ ଜଣକୁ ଡାକି ସେ କାର୍ଯ୍ୟରେ ନିଯୁକ୍ତ କରିବାକୁ ହେଲା । ପ୍ରଷ୍ଟରପଜ ଛପାଇବା ନିମନ୍ତେ ଟଙ୍କା ଦେବାକୁ ହେବ ।

ଅପରାହ୍ନ ସମୟକୁ ସ୍ୱର୍ଣ୍ଣ ବାରଣ୍ଡାରେ ବସି ଲେଖୁଥିଲା 'ପ୍ରତ୍ୟାବର୍ତ୍ତନ' ନାଟକ । ଝିରଝିର ହୋଇ ବହିଯାଉଥିଲା ଶୀତପବନ । ଘୋଡ଼େଇ ହୋଇଥିବା ଶାଲ୍‌ଟାକୁ ଭଲକରି ଟାଣିଦେଇ ବସିଲା ସେ । ଏତିକି ବେଳେ ଅଗଣାଆଡୁ ଶୁଭିଲା ପାଦଶବ୍ଦ । କିଏ ଆସିଲା ଇମିତି ଅସମୟରେ । ସେ ଆତଙ୍କିତ ହୋଇ ଉଠିଗଲା ଅଗଣା ଆଡ଼କୁ । ବାଦ୍ୟକାର ବାରଣ୍ଡାର ଖମ୍ବ ପାଖରେ ଠିଆହୋଇ ଡାକୁଥିଲେ କିଶୁକୁ । ମନେ ମନେ ବିସ୍ମିତ ହୋଇ ପଚାରିଲା, "ଆପଣ ଇମିତି ସମୟରେ ଆସିଲେ ! ତାହାହେଲେ, ନାଟକ—"

ବାଦ୍ୟକାରେ ଠିଆହୋଇଯାଇ କହିଲେ, "ନାଟକ କାର୍ଯ୍ୟ ଚାଲିଛି । ଏ ଆଡ଼େ ଆସିଗଲି । ଟଙ୍କା

କେତେଥର ହାତରେ ନ ରଖିଲେ କୌଣସି କଥା ହୋଇପାରୁ ନାହିଁ । କଡ଼େଇ ପଇସା ମାଗୁଛି । ଦରଜି ଲୋକ ପଠେଇଛି । ପ୍ରେସ୍‌ବାଲା ପ୍ରୁଫ୍‌ରପରେ ପ୍ରୁଫ ଛାପିଛି । ଆଜ ହିଁ ତା'ର ଟଙ୍କା ଅବଶ୍ୟକ— ”

ସ୍ୱର୍ଣ୍ଣ କହିଲା, “ଏ ସବୁ କାର୍ଯ୍ୟରେ ଟଙ୍କା ଖରଚ ହେବ ବୋଲି ତ ଆମେ ଜାଣିଛେ । ଏବେ ଆଉ ବ୍ୟସ୍ତ ହେଲେ କଅଣ ହେବ ? ଆପଣ ବସନ୍ତୁ, ମୁଁ ଏଥିଣି ଆସୁଛି ।” ସିନ୍ଦୁକ ଖୋଲି ଦେଖିଲା, ଯେଉଁଠି ସେଉଁଠି ଟଙ୍କାପଇସା ସେ ରଖେ, ସବୁ ମିଶେଇ ପଞ୍ଚତିରିଶିଟା ଟଙ୍କା ଅଛି । ହାତ ବୁଲେଇ ଆଣିଲା ସିନ୍ଦୁକ ଭିତରେ । କନାଗଣ୍ଠିରେ ଟଙ୍କା କେତେଟା, ଆଉସବୁ ଖୁଚୁରା-ପଇସା । ମନେ ପଡ଼ିଗଲା, ଚନ୍ଦୁରି ଗାଣ୍ଠିର ବାଳୁରି ବନ୍ଦୀ ଟଙ୍କା ରଖାହୋଇଥିଲା । ଚଉଦ ଟଙ୍କା ଆଠ ଅଣା । ନିଶ୍ଚିନ୍ତତାର ଦୀର୍ଘନିଶ୍ୱାସ ଗୋଟାଏ ବାହାରିଗଲା ସ୍ୱର୍ଣ୍ଣର ବକ୍ଷ ଭେଦକରି । ସେ ତରତର ହୋଇ ସବୁ ଟଙ୍କାପଇସା ମିଶେଇ ଗଣି ଦେଖିଲା, ସବୁ ଚୌପନଶି ଆଉ କେତେଟା ପଇସା ହେଉଛି । ସେ ସବୁତକ ଟଙ୍କାପଇସା ସେଇ କନାରେ ବାନ୍ଧି ନେଇଗଲା ବାରଣ୍ଡାକୁ ।

ବାଦ୍ୟକାର ସ୍ୱର୍ଣ୍ଣର ମୁହଁକୁ ଅନେଇଁ କହିଲେ, “ତୁମକୁ ବଡ଼ କଷ୍ଟ ଦେଉଛି । ସଂସାର ଚିନ୍ତାରୁ ନିଷ୍କୃତି ପାଇବାକୁ ଏଥିରେ ହାତଦେଲି ଯେ ଦିନକୁ ଦିନ ଦୁଃଖ-ଅଶାନ୍ତି ବଢ଼ୁଛି ।” ସ୍ୱର୍ଣ୍ଣ ଟଙ୍କାପଇସା ମିଶ୍ରିତ କନାଗଣ୍ଠିଟି ବାଦ୍ୟକାରଙ୍କ ହାତକୁ ବଢ଼େଇଦେଇ କହିଲା, “ଏ ଦୁଃଖ ହିଁ ଯେ ପରମ ଆନନ୍ଦର ଅନୁଭୂତି ! ଏ ବ୍ୟୟ ମୋର ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଉଛି । ଏହା ଯେ ଚିରକାଳ ନିମନ୍ତେ ଅବ୍ୟୟ ଅକ୍ଷୟ ହୋଇ ରହିଗଲା । କେବଳ ଏତିକି ଭାବୁଛି । କେଉଁଦିନ ମୁଁ ମୋର ଶେଷ ତଣ୍ଡୁଳ କଣିକାଟି ମଧ୍ୟ ତୁମ ହାତରେ ଦେଇପାରିବି ।”

ଏତିକିବେଳେ ଭୁବନେଶ୍ୱର ଅଗଣା ଆଡ଼ୁ କହିଲା, “ତମେ ଏଠି ବସିଚ, ମାଷ୍ଟ୍ରେ ଖୋଜ ହେଉଛନ୍ତି ।” ବାଦ୍ୟକାର କହିଲେ, “ମୋ ମୁହଁରୁ ତ ଆଉ କଥା ବାହାରୁ ନାହିଁ । ଯାଉଛି । କାଲି ଏତିକିବେଳେ ଜମିବ କେବ ?”

ସେଦିନ ସନ୍ଧ୍ୟାରେ ଶୀତର ପ୍ରକୋପ ଟିକିଏ ବଢ଼ି ଯାଇଥିଲା ସ୍ୱାଭାବିକ ଭାବରେ । ହାଟ ଦିନରେ, ସାଧାରଣ ଦର୍ଶକସଂଖ୍ୟା ବେଶି ହେବେ—ଏଇ ଆଶାରେ ସେଇ ଦିନ ନାଟକ ଅଭିନୟର ଦିନ ସ୍ଥିର କରିଥିଲେ ବାଦ୍ୟକାରେ । ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଥିଲା । ବିଶୁ ଦୁଇ ବାଲଟି ଖାଦ୍ୟସାମଗ୍ରୀ ଧରି ବୁଲୁଥିଲା ନାଟକଘର ଆଡ଼କୁ । ସ୍ୱର୍ଣ୍ଣ ଯାଉଥିଲା ବିଶୁ ପଛରେ । ବିଶୁ ଉତ୍ସାହିତ ହୋଇ କହିଲା, “ଦେଖିଲ ନା ମାଆ, କେତେ ଲୋକ ନାଟକ ଦେଖି ଯାଉଛନ୍ତି । ମାଷ୍ଟ୍ରେ ହାଟକୁ ଯାଇ କାଗଜ ଦେଇ ଦେଇ, କହି କହି ଆସିଛନ୍ତି ।” ରାତିକାରେ ଅନଭ୍ୟସ୍ତ ସ୍ୱର୍ଣ୍ଣ ଆସ୍ତେ ଆସ୍ତେ ଝୁଲୁ ଝୁଲୁ କଅଣ ଗୋଟାଏ ଦେଖିଲେ କାନ୍ଥ ଶୁଣିଲେ ରହିଯାଉଥାଏ ସ୍ଥିର ହୋଇ । ବିଶୁ ଥରକୁ ଥର ପଛକୁ ଚାହିଁ ସତର୍କ କରି ଦେଉଥାଏ । ବଞ୍ଚିକ ଯିବାକୁ ହେବ । ମାଷ୍ଟ୍ରେ କହିଥିଲେ, ଖାଇ ସାରିଲେ ନାଟକ ଆରମ୍ଭ କରିବେ । ସ୍ୱର୍ଣ୍ଣ ଚଞ୍ଚଳ ପାଦ ପକେଇ ଚାଲିଲା ଆଉ ଟିକିଏ । ଲୋକଗହଳି ଏବେ ବେଶି ହୋଇଗଲାଣି ତାର ମନେହେଲା, ଆଜି ସେ ରଙ୍ଗମଞ୍ଚ ଉପରେ ଠିଆହୋଇ କଥା କହିବ, ତାହାର କଥା ଶୁଣିବାକୁ ଏତେଗୁଡ଼ିଏ ଲୋକ ଏକତ୍ର ହୋଇଛନ୍ତି ଏଠି । ମଥାଟେକି ଚାହିଁଲା ସେ ସେଦିନର ସୁନା, ସୁନା, ଆଇଙ୍କ ସ୍ନେହ-ସୋହାଗର ଡାକ ସୁନ, ଆଜି ହୋଇ-ଯାଇଛି ସ୍ୱର୍ଣ୍ଣପ୍ରଭା ମିଶ୍ର । ଶ୍ୱଶୁର ଗୋଟାଏ ଜନ୍ମରୁ ଆଣିଥିଲେ ଆଉ ଗୋଟାଏ ଜନ୍ମକୁ । ଆଜି ପୁଣି ଆସିଯାଇଛି ଆଉ ଗୋଟାଏ ଜନ୍ମ ପାରହୋଇ । ବାଣୀ-ଜନନୀ ବସିଛନ୍ତି ଚିତ୍ତପଦ୍ମରେ । ଅଧରକୋଣରେ ସ୍ମିତହାସ ପ୍ରକାଶ କରି କହିଯାଉଛନ୍ତି, ଆନନ୍ଦ ହାସ ହିଁ ଜଗତବାସୀ ଚଳଚ୍ଚଞ୍ଚଳ ହେଉଛନ୍ତି । ଆନନ୍ଦ ପାଇବା ଆଶାରେ ଏଇ ଯେ ଶହ ଶହ ସ୍ତ୍ରୀ-ପୁରୁଷ ଏକତ୍ର ହୋଇ ଆସୁଛନ୍ତି । ଜନ୍ମ-ଜୀବନ ଧନ୍ୟ ହୋଇଯାଇଛି ତା'ର ।

ହାଟବାମ ସାରି କିଏ ଟୋକେଇ, କିଏ ବୁଜୁଲା ଧରି ଚାଲିଛନ୍ତି । ସେମାନଙ୍କ ଭିତରେ ଆଲୋଚନା ଚାଲିଥିଲା । ସ୍ତ୍ରୀଲୋକଟି କମିତି ନ ଥିବ, ସେମାନେ ସେ ଅଲୌକିକ ଘଟଣାଟି ଦେଖିବେ । ସ୍ୱର୍ଣ୍ଣ କଥା ଶୁଣି ଶୁଣି ଠିଆହୋଇଗଲା ବଶୁ ପଛରେ । ନାଟକଘର ଦ୍ୱାରମୁହଁ ଆଡ଼କୁ ଲୋକଗହଳି ବଢ଼ିଯାଉଥିଲା ଆହୁରି ।

ବଶୁ ବଡ଼କ୍ରୋରେ ହସି କହିଲା, "ଚଞ୍ଚଳ ଆସ ହେ ମାଆ !" ସ୍ୱର୍ଣ୍ଣ ଦେଖିଲା, ଖାଲି ବାଲ୍‌ଟି ଦି'ଟା ଧରିଛି ବଶୁ ! ଫାଟକ ପାଖକୁ ଆସୁ ଆସୁ ଶୁଭିଲା, କରୁଣ-କୋମଳ ସ୍ୱରରେ ତାହାରି ଲେଖା ଗୀତ ! କଳାକାହ୍ନୁ ହେ ଦେଖା କି ନ ଦେବ ଜୀବନେ !

ପ୍ରାଣପକ୍ଷୀ ମୋର ହୋଉଛି ବିକଳ
ଶ୍ୟାମ ଦରଶନ ବିହୁନେ ।
ସମୟ ହେଲେ ସେ ରହିବ କି ଆଉ,
ଦେଖାଦିଅ ବନ୍ଧୁ ଜୀବ ଥାଉ ଥାଉ,
ମନୁଷ୍ୟ ଜୀବନ ବ୍ୟର୍ଥ ହେବ ବୋଲି
ବେଦନା ଜନମେ ମରମେ ।

କାହିଁ କେତେ ଦୂରେ ଅଛି ବୃନ୍ଦାବନ
ଶୁଭେ କାନ ପାଖେ ନୂପୁର କିଙ୍କିଣ
ଚକିତେ ଚମକି ଉଠୁଛି ମୋ ପ୍ରାଣ
ଭ୍ରମର ବଇଁଶୀ ନିସ୍ୱନେ ।

ସ୍ୱର୍ଣ୍ଣ ଗୀତ ଶୁଣି ରହିଗଲା ପଛକୁ । ଯାହା ଦେଖିଯିବା ସମୟରେ ଗ୍ଲେଟ ଝିଅଟିକୁ ବାପା ତା'ର ଧମକ ଦେଲା ପରି ବଶୁ କହିଲା, "ତମେ ଆଗକୁ ଆସିବଟି ମାଆ !"

ଗ୍ରୀନ୍‌ରୁମର ଦୁଆର ଠେଲି ପ୍ରବେଶ କଲା ବଶୁ । ଭିତରକୁ ଅନେଇ ପାଦ ଦି'ଟା ପଛେଇଗଲା ସ୍ୱର୍ଣ୍ଣର । ସବୁଗୁଡ଼ିକ ନାଟକୀୟ ଲୋକ ଏକାଠି ବସି ହସାହସି ହୋଇ କିଏ ଗୀତ ପଦେ ଗାଇଦେଉଛି ତ କିଏ କଥା ଘୋଷିହେଉଛି । କିଏ ବାଡ଼ିଟାକୁ ଫୁଙ୍କି ଦେଉଛି ଜୋର୍‌ରେ । ଜଣେ ବସି ମୁହଁରେ ରଙ୍ଗ ବୋଳି ହେଉଥିଲା । ବୋଧହୁଏ ଭୁବନେଶ୍ୱର କଲ୍ୟାଣୀର ନବଶ ହେଉଥିଲା । ସୁରମାଷ୍ଟ୍ରେ ବଶୁ ହାତରୁ ଗୋଟାଏ ବାଲ୍‌ଟି ନେଇଯାଇ କହିଲେ, "ପରଦା ପଛପାଖକୁ ଜାଗା କରିଦେଇଛି; ଏମାନଙ୍କୁ ଆଗ ଦେଇଦିଅ, ଖାଇ ନଅନ୍ତୁ । "ପ୍ରଥମ ଦୃଶ୍ୟ ପରେ ଗ୍ଲ' ଦେବ । ବାଦ୍ୟକାରେ ବସିଥିଲେ ଗୋଟାଏ ଲୁହା ଚଉକିରେ । ସେଇଟାକୁ ସେ ସାଇଡ଼୍‌ସିନ୍ ପାଖକୁ ରଖିଦେଇ କହିଲେ, "ତୁମେ ଏଇଠିକି ବସିପଡ଼ିବଟି ମାଆଲକ୍ଷ୍ମୀ ! ଦେଖିଲଣି, କମିତି ଲୋକଗହଳି ହେଲଣି ।" ସ୍ୱର୍ଣ୍ଣ ଶାଲଟାକୁ ଭଲ କରି ଦେହ ଉପରେ ଟାଣିଦେଇ ବସିଲା ଲୁହାଚଉକି ଉପରେ ।

ନାଟ୍ୟକାରମାନେ ଭୋଜନରେ ବସିଥିଲେ । ସୁରମାଷ୍ଟ୍ରେ ହାତ ଘଡ଼ିଟାକୁ ଅନେଇଁ ଦେଇ କହିଲେ, କଅଣ ହେବ ବାଦ୍ୟକାରେ, ଆମେ ଜଣେଇଥିବା ସମୟକୁ ଦେଖିଲେ, ଆହୁରି ଘଣ୍ଟାଟିଏ ଟାଇମ୍ ଅଛି । ଲୋକ ଇମିତି ଜମାହେଲେଣି, କେଉଁଠି ବସିବେ ଏତେ ଲୋକ ? ବାଦ୍ୟକାରେ ସ୍କ୍ରିନ୍‌ପାଖର ସାଇଡ଼୍‌ସିନ୍ ପାଖରେ ଠିଆ ହୋଇ ଦେଖିଲେ, ଲୋକଗହଳି ଭିତରୁ କେବଳ ହୋ ହା, ହସ ଆଉ କଥା ଶୁଭୁଛି । ସେ ବ୍ୟାକୁଳ ହୋଇ ସୁରମାଷ୍ଟ୍ରଙ୍କ ମୁହଁକୁ ଚାହିଁ କହିଲେ, ତମକୁ ଟିକିଏ ଯିବାକୁ ହେବ ମାଷ୍ଟ୍ରେ ! ତମ କଥାରେ ଗୋଟିଏ ଶକ୍ତି ଅଛି, ସେଥର ସନ୍ତୋଷପୁରରେ ଇମିତି ଗହଳି ହୋଇଥିଲାବେଳେ ତୁମେ ପ୍ରବେଶ କରିଗଲ । ମଞ୍ଚ ଉପରେ ଠିଆହୋଇ କଅଣ କହିଲ କେଜାଣି ନାଟକ ଆରମ୍ଭରୁ ଶେଷପର୍ଯ୍ୟନ୍ତ ମନ୍ତ୍ରବଳରେ ମୂର୍ତ୍ତି ପରି ଯେ ଯେଉଁଠି ବସି ରହିଥିଲେ !"

ସୁରମାଷ୍ଟ୍ରେ ସକାଳବେଳେ ପିନ୍ଧିଥିବା ଧୋତି ଆଉ ଫୁଲଶାର୍ଟ ପିନ୍ଧି ପତଳା ଗହମ ବର୍ଣ୍ଣର ଶାଲଟାକୁ ଘୋଡ଼େଇ ହୋଇ ମଞ୍ଚ ଉପରେ ଠିଆହେଲେ ସ୍କ୍ରିନ୍ ପାଖକୁ ନାଟକ ସମ୍ବନ୍ଧରେ ଦି' ଚାରି ପଦ କହି ଧୀର ସ୍ଥିର ଭାବରେ ବସି ନାଟକ ଦେଖିଶୁଣି ଯିବାକୁ ଅନୁରୋଧ କରିଗଲେ । ସୁରମାଷ୍ଟ୍ରଙ୍କର କଥା ଶେଷହେବା ଆଗରୁ ଦର୍ଶକମଣ୍ଡଳୀ ଆଡ଼ୁ ଚିତ୍କାର ଶୁଭିଲା—"ନାଟକ ଆରମ୍ଭ କର, ନାଟକ ଆରମ୍ଭ କର !"

ପ୍ରଥମ ଅଙ୍କର ତୃତୀୟ ଦୃଶ୍ୟରେ ସାହିତ୍ୟ ସଂସଦର ସମ୍ପାଦକ ମୃତ୍ୟୁଞ୍ଜୟଙ୍କର ଅଂଶ ନେବା କଥା । ସେ ଟିକଟ ବିକ୍ରି ଶେଷ କରିଦେଇ ଆସିବେ ଗ୍ରୀନ୍‌ରୁମ୍‌କୁ । ଏତିକବେଳେ ମଦନ ମହାପାତ୍ରେ ମନେ ମନେ ମଇନଙ୍କ ଅଭାବ ବୋଧକରି ଯାଇ ଠିଆହେଲେ ମୃତ୍ୟୁଞ୍ଜୟଙ୍କ ପାଖକୁ । ମୃତ୍ୟୁଞ୍ଜୟଙ୍କ ପିଠି ଥାପୁଡ଼େଇ କହିଲେ, 'ତମେ କାହିଁକି ଏଥିରେ ଲାଗିଛ ମୃତ୍ୟୁଞ୍ଜୟ ! ସୋ ଗୋଟେ ନାଟକ ତ ! ଛାଡ଼ିଦିଅ, ଯାଆନ୍ତୁ । କଥା ଲେଖିଛନ୍ତି ମିଶ୍ରଘର ବୋହୂ । ଯାଙ୍କର ସାତପୁରୁଷ ତ ଅନ୍ଦରବନ୍ଦୀ ହୋଇ ରହିଥିଲେ, ସେ ଏବେ ଆସିଛନ୍ତି ଜନସମାଜକୁ ଶିକ୍ଷାଦେବେ ! ତମ ବାପା ଥିଲେ ମହାପଣ୍ଡିତ, ଅଥଚ ନାରୀଶିକ୍ଷାର ଘୋର ବିରୋଧୀ । ଆଉ ତମେ ଏ ମାଇଚିଆଗୁଡ଼ାକ ସାଙ୍ଗରେ ଇମିତି ନାଟ ତିଆଁରେ ଲାଗିବ, ଏ କଥା ମୋ ଦେହ ସହୁନାହିଁ ।"

ମୃତ୍ୟୁଞ୍ଜୟ ଏଣେ ମହାପାତ୍ରଙ୍କ ମୁହଁକୁ ଅନେଇଥିଲେ ଦଣକ ଏ ଆଡ଼କୁ ନ ଚାହିଁ ଚାଲିଥାନ୍ତି ଭିତରକୁ । ମହାପାତ୍ରେ ଟିକିଏ ରହି ସ୍ମରଣ କଲାପରି ପଚାରିଲେ, "ହଇ ହେ ମୃତ୍ୟୁଞ୍ଜୟ ! କୋଅପରେଟିଭ୍ ଡିପାର୍ଟମେଣ୍ଟରେ ଅନେକଗୁଡ଼ାଏ ଚାକିରି ଖାଲିଥିଲା, ତୁମେ ଆପ୍ଲିକେଶନ ଖଣ୍ଡେ ପଠେଇ ଦେଇଥାନ୍ତ ।"

ମୃତ୍ୟୁଞ୍ଜୟ ଚାରିଅଣାର ଟିକଟ ଗୋଟାଏ ଦେଉ ଦେଉ କହିଲେ, 'ଆପ୍ଲିକେସନ ଦେବା ପଛରେ କେତେ ଚେଷ୍ଟା କଲିଣି, କିଛି ତ ହେଲାନାହିଁ । ସାହିତ୍ୟ ପ୍ରତି ମୋର ଗୋଟାଏ ସ୍ୱାଭାବିକ ଅନୁରାଗ ତ ଥିଲା । ସ୍ତ୍ରୀ ବ୍ୟକ୍ତିଟିଏ ଲେଖିବା ଦେଖି ମୋ ମନ ବିସ୍ମୟବିହ୍ୱଳ ହୋଇଉଠିଲା ଅଜ୍ଞା !"

ଗଦ୍‌ଗଦ୍ କଣ୍ଠରେ ହସିଉଠଲେ ମହାପାତ୍ରେ । କହିଲେ, "ଏତୁଡ଼ାକ ଆଉଥରେ ଲେଖ । ଆମର ବାସନ ମାଜିବା ଗଉଡ଼ୁଣୀ ଯାଠୁ ଆହୁରି ଭଲ ଗୀତ ଗାଉଛି । ବାଦ୍ୟକାରେ ଆସି ଡାକି ନେଇଗଲେ ମୃତ୍ୟୁଞ୍ଜୟଙ୍କୁ । ମହାପାତ୍ରଙ୍କୁ ଦେଖି ନମସ୍କାର କରି କହିଲେ, "କାଲିକି କଥା ହେବା ମହାପ୍ରଭୁ । ଆଶୀର୍ବାଦ ଦିଅ ଆଜିର ସଙ୍କଟରୁ କିମିତି ମୋ ମାଆ ଉଦ୍ଧାର ହେବ ।" ଏ କଥା କହି କହି ଚାଲିଗଲେ ବାଦ୍ୟକାରେ ।

ସ୍ୱର୍ଣ୍ଣ ଦର୍ଶକମାନଙ୍କ ଆଡ଼କୁ ଚାହିଁ ବସିଥିଲା ସିମିତି ସେଇ ସାଇଡ୍‌ସିନ୍ ପାଖରେ । ପ୍ରଥମ ଦୃଶ୍ୟଠାରୁ ଆରମ୍ଭ ହୋଇ ପ୍ରଥମ ଅଙ୍କଟି କୌଣସିମତେ ଶେଷ କରିଗଲା, ତେଣିକି ଆଉ ଚଳିବା ଉପାୟ ରହିଲା ନାହିଁ । ଅବଶେଷରେ ବାଉଁଶବାଡ଼ି ବାଡ଼ ଭାଙ୍ଗି ଦୁଆର ଖୋଲି ଲୋକ ଭରି ହୋଇଗଲେ । ହୋ ହା । କଥା, ହସ, ଚିତ୍କାର । ଗୀତ ବୁଝାପଡ଼ିଲାନାହିଁ । କଥା ଶୁଭିଲା ନାହିଁ । ଲାଉଡ଼ର ପ୍ଲିଜ୍ ! ଓ୍ୟାନସ୍ ମୋର । ଏଇମିତି ସବୁ ଚିତ୍କାର ଉଠିଲା ଶିକ୍ଷିତଙ୍କ ଭିତରୁ ।

ନନ୍ଦସୁତର ପରିଚ୍ଛଦ ପିନ୍ଧିଥିଲେ ବାଦ୍ୟକାରେ । ସେଇ ବେଶରେ ସ୍ୱର୍ଣ୍ଣ ପାଖକୁ ଆସି କହିଲେ, "ଲୋକେ ନାଟକଟାକୁ ଭଲକରି ଦେଖି ଶୁଣିପାରିଲେ ନାହିଁ ।" ସ୍ୱର୍ଣ୍ଣ ହସିଦେଇ କହିଲା, "କେହି ନ ଦେଖୁ ପଛକେ ମୁଁ ଦେଖିଲି ବାଦ୍ୟକାରେ । ଦେଖିବାରେ ମୋର ତୃପ୍ତି ଆସିନାହିଁ । ଆଉଥରେ ଯଦି ଆରମ୍ଭ କରିଦିଅନ୍ତ ଯିମିତି ବସିଛି ସିମିତି ବସି ଦେଖନ୍ତି ଆଉ ଶୁଣନ୍ତି ।"

ବାଦ୍ୟକାରେ ମନେ ମନେ ଭାବୁଥିଲେ, ବହୁ ବାଧା ଅତିକ୍ରମ କରି ଯେଉଁ ନାଟକ ଅଭିନୟର ଆୟୋଜନ ଚାଲିଥିଲା, ତାହା ତ ହୋଇଗଲା; କିନ୍ତୁ ସଫଳତା ପ୍ରାପ୍ତିହେଲା କେତେଦୂର । ମୃତ୍ୟୁଞ୍ଜୟ ଟିକଟ ବିକ୍ରୀ କରିଛନ୍ତି ଦୁଇଶହ ଅଠେଇଶି ଟଙ୍କା ଆଉ କେତେ ଅଣାର । ସେ ବିଶୁକୁ ଡାକି କହିଲେ, "ମାଆଙ୍କୁ ନେଇ ଛାଡ଼ିଦେଇ ଆସ, ଏଆଡ଼େ କେତେ କାମ ପଡ଼ିଛି । ଏଠି ତ ସମସ୍ତେ ଶୋଇବାକୁ ହେବ । ଘରର ଚଉକି ବେଞ୍ଚଗୁଡ଼ାକ ପଡ଼ିଛି ।"

ନାଟକଘରର ଫାଟକ ସେ ପାଖକୁ ଯାଇ ସ୍ୱର୍ଣ୍ଣ ଚାହିଁଲା ଘରଆଡ଼କୁ । ସେଇ ପାଖର ପୋଷ୍ଟଅଫିସ ଘଣ୍ଟାରେ ବାଜିଲା, ଏକ ଦୁଇ ହୋଇ ଏଗାରଟା । ସ୍ୱର୍ଣ୍ଣର ମନେ ପଡ଼ିଗଲା, ଶୁକ ବାପା ଦି'ପହରେ କିଛି ଖାଇ ନ ଥିଲେ । ସର୍ଦ୍ଦି ହୋଇଥିଲା । ଦେହଟା ମଧ୍ୟ ଉଷୁମ ଲାଗୁଥିଲା । ସନ୍ଧ୍ୟାବେଳେ ସେ ତ ଆଉ ଦେଖି-

ନାହିଁ । ଟିକିଏ ଅଗ୍ରସର ହୋଇଯାଇ ବିଶୁକୁ ପଚାରିଲା, "ବାବୁଙ୍କ ପାଇଁ କଅଣ କିଛି ରଖିଦେଇ ଆସିଥିଲୁ ବିଶୁ ?"

"ଆସିଲାବେଳକୁ ଗ୍ଲୁ' ଟିକିଏ ତିଆରି କରି ଦେଇଥିଲି । ଆଜି କିଛି ଖାଇବେ ନାହିଁ ବୋଲି କହିଲେ ।"

ବିଶୁ ଦୁଆର ଠେଲି ଦେଖିଲା ଦୁଆର ଖୋଲା-ଅଛି । ଏକପ୍ରକାର ଦ୍ରୁତପଦରେ ପରମାନନ୍ଦ ଶୋଇବାଘରକୁ ଚାଲିଗଲା ସ୍ୱର୍ଣ୍ଣ । ବିଶୁ ଅଗଣାରେ ଠିଆହୋଇ କହିଲା, "ଯାଉଛି ମୁଁ, ବାଦ୍ୟକାରେ ଆସିବାକୁ କହିଥିଲେ । "ସ୍ୱର୍ଣ୍ଣ ହଁ, ନାହିଁ କିଛି ନ କହି ରହିଗଲା ତୁନି ହୋଇ ।

ପରମାନନ୍ଦ ବିଛଣାରେ ବସି ପଚାରିଲେ, "ନାଟକ ଭଲ ହେଲା ନା ? ସର୍ଦ୍ଦି ଟିକିଏ ହୋଇଛି ସେ ମତେ ମନା କରିଦେଲି । ତୁମେ ମତେ ଅତି ଯତ୍ନ କରି ରଖି ରଖି ହିଁ ବର୍ତ୍ତମାନ ଏ ଦଶା । ଟିକିଏ କଅଣ ହେଲେ ସ୍ୱାମୀଙ୍କ ମୃତ୍ୟୁ ଆଶଙ୍କାରେ ଅଧୀର ହୋଇଯାଉଛ । ତେଣୁ ତୁମକୁ ମୁଁ ସେ ସବୁଥିରୁ ମୁକ୍ତ କରିଦେଇଛି । ତୁମକୁ କେବେ କୌଣସି ରୋଗ ସ୍ପର୍ଶ କରିବା କଥା ତ ମୁଁ କେବେ ଭାବୁନାହିଁ, ତୁମେ କାହିଁକି ଅକାରଣରେ ବ୍ୟାକୁଳ ହୋଇଉଠୁଛ ?" ସ୍ୱର୍ଣ୍ଣ କିଛି ନ କହି ପରମାନନ୍ଦଙ୍କ ପିଠି ଉପରେ ପଡ଼ିଯାଇ କାନ୍ଦିଉଠିଲା ଆବେଗରେ ।

ପରମାନନ୍ଦ ତା' ପିଠିରେ ମଥାରେ ହାତବୁଲେଇ ଆଣି କହିଲେ, "ମୋ ଦେହ ଭଲଲାଗୁଛି ଶୁକବୋଉ ! ଦିନଗୋଟାଯାକ ତୁମେ ବୋଧହୁଏ ଖାଇନାହିଁ । ଏକ୍ଷଣି ଆଉ ଖାଇବା ସମୟ କାହିଁ ? କଅଣ ଅବା ଖାଇବ ? ରାତି ତ ଗଲାଣି । ଶୋଇପଡ଼ । ଆଜି ତୁମର ପ୍ରଥମ ନାଟକ ଦିନର ଉପବାସ ବୋଲି ଭାବି ନିଅ । ସକାଳୁ ବସି ସବୁ କଥା ଆଲୋଚନା କରିବା । ଏ କଥା ତ ଦୈବାନିର୍ଦ୍ଦେଶ ନୁହେଁ । ମନୁଷ୍ୟ ହାତର କଥା । ଆଜିକାଲି ସର୍ଦ୍ଦିରୋଗ ବଡ଼ ବ୍ୟାପକ ହୋଇ ଉଠିଛି, ଶରୀର ପ୍ରତି ସଜାଗ ରହି କାର୍ଯ୍ୟ କର । ଆଜିର ଏଇ ନାଟକ ଗୋଟିକରେ ତ କଥା ଶେଷ ହୋଇଯାଇ ନାହିଁ । ଅନାହୂତ ଭାବରେ ଏ ଦୁଇଜଣ ନାଟ୍ୟକାର ଆସି ଆମ କାର୍ଯ୍ୟ କରି ଦେଉଛନ୍ତି । ଯେତେଦିନ ଏମାନେ ରହିବେ, ତାର ଭିତରେ ସବୁଗୁଡ଼ିକ ନାଟକ ହୋଇଯିବାକୁ ହେବ । ଭବିଷ୍ୟତରେ ଆଉ ଇମିତି ସୁଯୋଗ ମିଳିବ ନାହିଁ ।"

ସ୍ୱାମୀଙ୍କ କଥା ଶୁଣି ସ୍ୱର୍ଣ୍ଣର ଶୂନ୍ୟପ୍ରାଣରେ ଆଶାର ସଞ୍ଚାର ହୋଇଆସିଲା । ସେ ସହଜ-ଶାନ୍ତ ଭାବରେ ପଚାରିଲା, "ସତ କହୁଛ; ତୁମ ଦେହ କିଛି ଖରାପ ଲାଗୁନାହିଁ ?" ପରମାନନ୍ଦ ସ୍ୱର୍ଣ୍ଣକୁ ଆଲିଙ୍ଗନ ପାଶରେ ଆବଦ୍ଧ କରି କହିଲେ, "ତୁମକୁ ମିଥ୍ୟାକଥା କାହିଁକି କହିବି ଶୁକବୋଉ ? ତୁମର ଦେହଟା ବଡ଼ ଥଣ୍ଡା ଲାଗୁଛି, ଶୋଇପଡ଼ । ରାତିଟା ବିଶ୍ରାମ ନେଇଗଲେ ସକାଳୁ ଉଠି ଲେଖିବାକୁ ସତେଜ ଲାଗିବ ।"

ସ୍ୱର୍ଣ୍ଣ ପରମାନନ୍ଦଙ୍କ ପାଖରୁ ଯାଇ ଦେଖିଲା, ତା'ର ଶୋଇବା ଖଟ ଉପରେ ଗୁଡ଼ାଏ ବହିପତ୍ର ପଡ଼ିଛି । ସବୁଦିନେ ବିଶୁ କେତେବେଳେ ଆସି ସଫା କରିଦେଇ ଯାଇଥାଏ । ସେଦିନ ସେ ଆଉ ସମୟ ପାଇ ନ ଥିଲା । ଲଣ୍ଠନଟାକୁ ସିନ୍ଦୁକ ଉପରେ ରଖିଦେଇ ଦେଖିଲା, ଘଣ୍ଟା ଦମ୍ ଅଭାବରେ କେତେବେଳେ ବନ୍ଦ ହୋଇଯାଇଛି । ସେ ତା'ର ଶାନ୍ତ ହାତ ଦ୍ୱାରା ବହିପତ୍ରଗୁଡ଼ାକ ଏକପାଖିଆ କରିଦେଇ ଶୋଇପଡ଼ିଲା ଗୋଟାଏ ପାଖକୁ । ସକାଳବେଳେ ବୋଧହୁଏ ବିଛଣା ଝାଡ଼ି ରଖିବାକୁ ବିଶୁ ସମୟ ପାଇ ନ ଥିଲା । ତେଣୁ ଘୋଡ଼େଇ ହେବା କମ୍ବଳଟା ଗୋଡ଼ପାଖକୁ ସିମିତି ପଡ଼ିଥିଲା । ବିଛଣାରେ ପଡ଼ୁ ପଡ଼ୁ ଦେହଟା ଥରିଗଲା ସ୍ୱର୍ଣ୍ଣର । ସେ କମ୍ବଳ ଟାଣିଆଣି କୁଙ୍କୁଡ଼ିକାକୁଡ଼ି ହୋଇ ଶୋଇପଡ଼ିଲା ଅଳ୍ପ ସମୟ ଭିତରେ ।

× × × ×

ଗଦେଇ ଶତପଥିଙ୍କ ଭାଇ ରାମ ଶତପଥି ଶକ୍ତିଶାଳୀ ଲୋକ । ବିବାହ ହେଉ କି ବ୍ରତ ହେଉ, ହୋମକର୍ମ ସମୟରେ ସେ ନ ଥିଲେ ବଡ଼ ଗୋଟାଏ ଅଭାବବୋଧ ହୁଏ । କର୍ମକାଣ୍ଡ ସମ୍ବନ୍ଧରେ ତାଙ୍କର ଜ୍ଞାନର ସୀମା ସେ ହିଁ ଜାଣନ୍ତି, କିନ୍ତୁ ଭାଗ୍ୟବଳରୁ ସେ

ଯାଉଯାଉଥିଲେ ଗୋଟାଏ ସ୍ୱରଶକ୍ତି । ସେ ଉପନିଷଦ ଗ୍ରନ୍ଥରୁ କେତେକ ଶ୍ଲୋକ ମୁଖସ୍ଥ କରି ରଖିଥାଆନ୍ତି । ପୁଣି ବିବାହ-ଶ୍ରାଦ୍ଧ ମଙ୍ଗଳକର୍ମରେ ଗାୟନଯୋଗ୍ୟ କେତେ ସଂସ୍କୃତ ଶ୍ଲୋକ ଆବୃତ୍ତି କରିଥାନ୍ତି ସେ । ରାମ ଶତପଥିଙ୍କ ମଧୁର ମାର୍ଜିତ କଣ୍ଠସ୍ୱର ଶୁଣିଲେ ଶ୍ରୋତାମାନେ ମୁଗ୍ଧ ହୋଇଯାଆନ୍ତି । ସେଥିକି ସାମଞ୍ଜସ୍ୟ ରଖି ବିଧାତା ତାଙ୍କୁ ଦେଇଥିଲା ସୁନ୍ଦର ଶରୀରଟିଏ । ହୃଷ୍ଟପୁଷ୍ଟ ଦୀର୍ଘ ଦେହ । ବର୍ଣ୍ଣ ଗୌର ନୁହେଁ କି ଶ୍ୟାମଳ ନୁହେଁ, ମାଟିଆ ବର୍ଣ୍ଣ । କାନରେ କୁଣ୍ଡଳ । ମୁଖରେଖା ସୁନ୍ଦର । ଦନ୍ତପନ୍ତି, ଓଷ୍ଠ, ମୁଖ ନାସିକାର ଗଠନକୁ ସାମଞ୍ଜସ୍ୟ ରଖିଥିଲା ମଧ୍ୟ । ଅବସ୍ଥା ତାଙ୍କର ଭଲ ଥିଲା । ଗଦେଇ ଶତପଥିଙ୍କଠାରୁ ଭିନ୍ନ ହୋଇ ସେ ଯେଉଁ ଘରଖଣ୍ଡ କରେ ଥିଲେ, ସେ ଘର-ଖଣ୍ଡିକ ଦୋତାଲା କରି ଦେଇଥିଲେ ସେ । କିମିତି ତାଙ୍କର ଅବସ୍ଥା ଏତେ ସ୍ୱଚ୍ଛଳ ହୋଇଗଲା, ସେ କଥା ନେଇ ଗାଁରେ କମ୍ବା ସାହିରେ କେହି କେବେ ଆଲୋଚନା କରିବା ଶୁଣାଯାଇନାହିଁ । ରାମ ଶତପଥିଙ୍କର ପ୍ରୌଢ଼ ବୟସରେ ହିଁ ଗୋଟାଏ ଅଦ୍ଭୁତ ଘଟଣା ଘଟିଗଲା ତାଙ୍କରି ଜୀବନ-ଇତିହାସ ଭିତରେ । ସୁନାସାଗର ଗାଁ ପାଖରୁ ଅଳ୍ପ ଦୂରରେ ଚନ୍ଦ୍ରମଣିପୁର । ଯଜମାନଙ୍କ କାର୍ଯ୍ୟ ଉପଲକ୍ଷରେ ସମୟେ ସମୟେ ରାମ ଶତପଥି ଚନ୍ଦ୍ରମଣିପୁର ଯାଆନ୍ତି । ଥରେ ଯଦୁନାଥ ସାମନ୍ତରାୟଙ୍କ ପୁଅର ବିବାହ ସମୟରେ ନର୍ତ୍ତକୀ-ଦଳରେ ଯାଇଥିଲା ବେଶ୍ୟା, ରାଜେଶ୍ୱରୀ । ଦୈବାତ୍‌କ୍ରମେ କିମ୍ବା ସ୍ୱତଃପ୍ରବୃତ୍ତ ହୋଇ ବିବାହ-ଉତ୍ସବ ସମୟରେ ନର୍ତ୍ତକୀମାନଙ୍କର ତତ୍ତ୍ୱାବଧାନ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ରାମ ଶତପଥି । ରାମାୟଣର ଋଷ୍ୟଶୃଙ୍ଗ ଉପାଖ୍ୟାନ ପରି ରାମ ଶତପଥିଙ୍କୁ ଦେଖି ରାଜେଶ୍ୱରୀ ତା'ର ଧନ-ଜୀବନ ସମର୍ପଣ କରିଦେଲା ତାଙ୍କରି ପାଦତଳେ । ସେ ମଧ୍ୟ ଭୁଲିଗଲେ ଯେ ଘରେ ତାଙ୍କର ପ୍ରୌଢ଼ା ଗୃହିଣୀ, ପୁତ୍ର, କନ୍ୟା ଅଛନ୍ତି, ଆହୁରି ମଧ୍ୟ ସେ ଜଣେ ପୁରୋହିତ ବ୍ରାହ୍ମଣ । ତାଙ୍କର ମନେହେଲା, ସେ ଏକାନ୍ତ ସ୍ୱାଧୀନ । ତାରୁଣ୍ୟ ତାଙ୍କର ସର୍ବାଙ୍ଗରୁ ଉଚ୍ଛୁଳି ଉଠୁଛି । ରାଜେଶ୍ୱରୀ, କାତ୍ୟାୟନୀ ନର୍ତ୍ତକୀର ସହଚରୀ ମାତ୍ର । ତାର ସେ ନିଜର ଗୋଟିଏ ଘରେ ରହୁଥିଲେ । ରାମ ଶତପଥିଏ ଟଙ୍କା କିଛି ଧାର-ଉଧାର ନେଇ ଧାନ କିଣାବିକା ବ୍ୟବସାୟ ଆରମ୍ଭ କରିଦେଲେ ଚନ୍ଦ୍ରମଣିପୁରରେ । ଧାନ ବ୍ୟବସାୟରୁ ଶତପଥିଏ ଲାଭବାନ୍ ହେଲେ କି ନାହିଁ, ସେ ବିଷୟ ରହିଗଲା ଗୌଣ ହୋଇ; କିନ୍ତୁ ମୁଖ୍ୟକଥା ହେଲା, ରାଜେଶ୍ୱରୀର ପ୍ରେମ ପାଇ ଧନ୍ୟ ହୋଇଗଲେ ସେ । ରାଜେଶ୍ୱରୀ ତା' ମା' ଅମଳରୁ ଯାହାସବୁ ସୁନା-ରୂପା ରଖିଥିଲା, ଶତପଥିଙ୍କଠାରୁ ଆହୁରି ଆହୁରି ପ୍ରେମ ପାଇବା ଆଶାରେ ଆସ୍ତେ ଆସ୍ତେ କରି ତାଙ୍କୁ ହିଁ ଦେବାକୁ ଲାଗିଲା । ବ୍ୟବସାୟରେ ଲାଭ ହେବା ଜାଣି ଗୃହିଣୀଙ୍କର ସୁଖଶାନ୍ତି ବୃଦ୍ଧି ହେବାକୁ ଲାଗିଲା । ଏଇ ଧରଣର କଥାଗୁଡ଼ିକ ବେଶି ଦିନ ଲୁଚି ରହେନାହିଁ । ଦେଖୁଦେଖୁ କାନକୁ କାନ ହୋଇ ପ୍ରକାଶ ପାଇବାକୁ ଆରମ୍ଭ ହୋଇଗଲା ! ଶତପଥିଙ୍କ ମୋହନିଦ୍ରା ଭାଙ୍ଗିଲା ପ୍ରାୟ ଦୁଇ ତିନ ବର୍ଷ ପରେ । ଦୁର୍ଭାଗ୍ୟରୁ କି ସୌଭାଗ୍ୟରୁ ସେ ସମୟକୁ ରାଜେଶ୍ୱରୀର ଦେହରେ କ୍ୟାନ୍ସର ରୋଗର ଲକ୍ଷଣ ଦେଖାଗଲାଣି । ସେ ତାର ମରିବା କଥା ଜାଣି, ଘରବାଡ଼ି ସ୍ଥାବର-ଅସ୍ଥାବର ସମ୍ପତ୍ତି ଯାହା ଥିଲା, ସବୁ ରାମ ଶତପଥିଙ୍କ ନାଁରେ ଲେଖିଦେଲା । ରାଜେଶ୍ୱରୀ ତାର ପଥର ଯୋଡ଼ା ସୁନା ଅଳଙ୍କାର ସବୁ ଗୋଟି ଗୋଟି କରି ତାଙ୍କ ହାତକୁ ଦେଇଦେଲା । ଶତପଥିଙ୍କ କୋଳରେ ମଥା ରଖି ଆସନ୍ନ ମୃତ୍ୟୁ ପଥ-ଯାତ୍ରିଣୀ ରାଜେଶ୍ୱରୀ କହିଥିଲା ଆବେଗ ଜଡ଼ିତ କଣ୍ଠରେ, କଅଣ ହେଇଥିଲି, ଅଦୃଷ୍ଟରେ କେତେ ଘରଣୀଙ୍କର ସୁଖର ଘରେ ନିଆଁ ଜାଳିଥିଲି । କେତେ ମନୁଷ୍ୟଙ୍କୁ ଅମନୁଷ୍ୟ, ରୋଗଜୀର୍ଣ୍ଣ, ସର୍ବସ୍ୱାନ୍ତ କରି ଛାଡ଼ିଦେଇଥିଲି । ତୁମେ ମତେ ନରକ ରାଜ୍ୟରୁ ଆଣି ଧୋଇ ପୋଛି ପବିତ୍ର କରିଦେଇଛ । ମରିବାକୁ ଇଚ୍ଛା ହେଉନାହିଁ, ଆଉ କେତେଟା ଦିନ ଇମିତି ତୁମ କୋଳରେ ଆଶ୍ରୟ ନେଇଥାନ୍ତି । ରୋଗ ଯନ୍ତ୍ରଣାରେ ଛଟପଟ ହେବା ସମୟକୁ ତୁମର କଥା, ଗୀତ, ତୁମର ସୁନ୍ଦର ରୂପ, ମତେ ଆନନ୍ଦ-ସିନ୍ଧୁରେ ଭସେଇ ଦେଉଛି । କହୁ କହୁ ରାଜେଶ୍ୱରୀର ଆଖିରୁ ଲୁହ ବହିଯାଏ ଧାର ଧାର ହୋଇ ।

ଏ ଘଟଣା ପରେ ଅର୍ଥାତ୍ ରାଜେଶ୍ୱରୀ ଅସୁସ୍ଥ ହେବା ଏବଂ ଆକସ୍ମିକ ଭାବରେ ରାମଙ୍କ ଘରଣୀ ସୁନା ଗହଣା, ଦାମିକା ଶାଢ଼ୀ ପିନ୍ଧି ବସିବା ଦେଖି କୌତୂହଳୀ ଲୋକ ମୂଳ କାରଣଟାକୁ ଖୋଜି ବାହାର କଲେ । ଏହାପରେ ରାଜେଶ୍ୱରୀର ପରଲୋକ ହୋଇଗଲା । ରାମ ଶତପଥିଙ୍କ ଚନ୍ଦ୍ରମଣିପୁର ସହିତ ସମ୍ପର୍କ ଛିନ୍ନ ହୋଇଗଲେ ମଧ୍ୟ ସେ ଧାରଣା କଲେ ଯେ, ତାଙ୍କ ମୁହଁରେ ଲଜ୍ଜାର ଗୋଟାଏ ଛାପ ପଡ଼ିଯାଇଛି, ଯାହା ଦେଖି ଲୋକ ହସୁଛନ୍ତି । ସେ ଚିହ୍ନ ପୋଛି-ଦେବା ନିମନ୍ତେ ସେ ଆହୁରି ଟିକିଏ ବଡ଼ କବି ହେବାକୁ ପ୍ରୟାସ କଲେ । ଗାଁରେ ଯେତେ ଘର ଯଜମାନ ଥିଲେ, ସେମାନଙ୍କ ଘରକୁ ଯାଇ ସ୍ତ୍ରୀମାନଙ୍କର ପୂଜାପାର୍ବଣରେ ସାହାଯ୍ୟ ସହାନୁଭୂତି କରିବାରେ ଲାଗିଥାନ୍ତି । କାହାକୁ ଝିଅ, କାହାକୁ ବୋହୂ, ମାଇଁ, ମାଉସୀ ଇତ୍ୟାଦି ସମ୍ବୋଧନରେ ମନ କିଣି ନିଅନ୍ତି ସେ । ହେଉପଛେ ମିଥ୍ୟା କଳ୍ପନା ଅଳ୍ପ ସମୟ ପାଇଁ, ପ୍ରୀତି ଅର୍ଜନ କରିପାରିଲେ ହିଁ ତାଙ୍କର ତୃପ୍ତି । ସେଦିନ କୈଳାସ ଓଝାଙ୍କ ଘରେ ହେଉଥିଲା ସିଁନାଥପୂଜା । ରାମ ଶତପଥି ସିଁନାଥଙ୍କ ମାହାତ୍ମ୍ୟ ପଢ଼ୁ ପଢ଼ୁ ମଝିରେ ମଝିରେ କହି ଯାଉଥିଲେ ଏହି ପୂଜା କରି କେମିତି ବନ୍ଧ୍ୟା ପୁତ୍ରବତୀ ହୋଇଛନ୍ତି, କେତେ ମୃତବତ୍ସାର ପୁତ୍ରକନ୍ୟା ବଞ୍ଚି ଘରେ ବାଲ୍ୟକ୍ରୀଡ଼ା କରି ମାତୃ-ହୃଦୟରେ ପୁଲକ ସଞ୍ଚାର କରିଛନ୍ତି, କେତେ ପତି-ପରାୟଣା ସ୍ତ୍ରୀକୁ ମୃତ୍ୟୁମୁଖରୁ ଟାଣିଆଣି ପାରିଛନ୍ତି ଏହି ପୂଜା କରି । କଥାର ସୂତ୍ର ଖୋଜୁ ଖୋଜୁ ଆରମ୍ଭ ହୋଇଗଲା ସୁଶ୍ରୀର ନାଟକ ବିଷୟ । କୈଳାସ ଓଝାଙ୍କର କନ୍ୟା କୁସୁମର ତିନିବର୍ଷରେ ତିନୋଟି ସନ୍ତାନ ଜନ୍ମ ହେଉହେଉ ମୃତ୍ୟୁମୁଖରେ ପଡ଼ି-ଯାଇଛନ୍ତି; ତେଣୁ ହିଁ ସିଁନାଥ ଆରାଧନା କରାଯାଉଛି । ରାମ ଶତପଥି ହସି ହସି ବିପୁଳ ଆନନ୍ଦରେ କହିଲେ, ସେଇଟା ଗୋଟାଏ କି ନାଟକ ଲେଖିବ ମ, ମୁଁ ପରା ତାକୁ ପଟାଖଡ଼ି ଦେଇ 'ସିଦ୍ଧି' ଅକ୍ଷର ଲେଖେଇ ଦେଇଥିଲି । ସତରେ ଶିରଶୂଳ ହେଲାପରି ମଥାଟାକୁ ଧରିପକେଇ କହିଲେ, "ଯୋଉ କଷ୍ଟରେ ମୁଁ ତାକୁ ଅକ୍ଷର କେତୋଟା ଶିଖେଇଥିଲି । ଆରେ ମାଆ କୁସୁମ, ଇମିତି କରି ତାକୁ ଓଡ଼ିଆଟା କୌଣସିମତେ ପଢ଼େଇ ଦେଲି । ତା ପରେ ସଂସ୍କୃତ ଆଡ଼କୁ ଆଉ ନେଇ ପାରିଲିନାହିଁ । ହାତଧରି ଅକ୍ଷର ଶିଖେଇ ହିନ୍ଦୀ, ବଙ୍ଗଳା ଶିଖେଇ ଦେଇଛି । ଶ୍ୱଶୁର ବୁଢ଼ା ଥିବା ସମୟରେ ବିରକ୍ତ ହେଉଥାନ୍ତି । ଆମେ ଦି'ଭାଇ ତ ସେ ସମୟକୁ ଭିନ୍ନେ ହୋଇ ନ ଥିଲୁ । ପୁଣ୍ୟପର୍ବ ଦିନରେ ଯିବାଆସିବା କରି ଯାହା ପଢ଼େଇ ଦେଇ-ଥିଲି । ମୁଁ ପରା ନାଟକ ଲେଖି ତାକୁ ପଢ଼େଇ ଦେଉ-ଥିଲି । ସେଇ ପୋଥିଗୁଡ଼ାକ ତ ଥିଲା । ଏବେ ମୁଁ ସବୁ ଲେଖିଛି ବୋଲି କହୁଛି ।"

କଥା ଶୁଣି କୁସୁମର ମନ ନାଚି ଉଠିଲା, ଆହୁରି ଭଲ କରି ଆହୁରି ବିଶଦ ଭାବରେ ନାଟକ ଲେଖାର ବିବରଣୀକୁ ଶୁଣିବାକୁ । ସେ ଭୁଲିଗଲା ଯେ ତାର ମୃତବତ୍ସା ଦୋଷ କଟେଇବା ପାଇଁ ରାମ ପୁରୋହିତ ସ୍ୱସ୍ତିବାଚନ କରୁଛନ୍ତି । ସେ ଭିତରେ ଭିତରେ ଗୋଟାଏ ଗଭୀର ତୃପ୍ତି ଅନୁଭବ କରି କହିଲା, "ମୁଁ ସେଇକଥା ଭାବୁଥିଲି ପୁରୋହିତ କକେଁ ! ସପ୍ତମ ପର୍ଯ୍ୟନ୍ତ ପଢ଼ିଲି, ହେଲେ ମଧ୍ୟ ଚିଠି ଖଣ୍ଡେ ଲେଖିଲା-ବେଳକୁ ପାରୁନାହିଁ । ଶୁଣିଚି, ସେ ତ ଅକ୍ଷର ମଧ୍ୟ ଜାଣି ନ ଥିଲେ—"

ରାମ ଶତପଥି ବାଧା ଦେଇ କହିଲେ, "ମୁଁ ପରା କହୁଛି, ସବୁ ମୋରି ହାତର ଲେଖା । ତୋ ସାଙ୍ଗରେ ତାର ତୁଳନା କେଉଁଠି ହେବ ? ସୁନ୍ଦର ରୂପ ଦେଖି ଶାଶୁ ମୋହିତ ହୋଇଗଲେ ବୋଲି ଶୁଣିଥିଲି, ମାତ୍ର ମୋ ଆଖିକି ସୁନ୍ଦର ଦିଶୁନାହିଁ । ତୁ ତ ମା ଏ ଘରର ମଣିମାଣିକ୍ୟ । ଗୁଣରେ ଲକ୍ଷ୍ମୀ, ରୂପରେ ଉର୍ବଶୀ ।"

କୁସୁମୀ ମଝିରେ ମଝିରେ ବାଧା ଦେଇ କହିଯାଏ "କାହିଁକି ଇମିତି ନିଜର ଲେଖାଗୁଡ଼ାକ ଅନ୍ୟକୁ ଦେଇଥିଲ । ଏତିକିବେଳକୁ କେତେ ବଡ଼ କବି ଆଉ ନାଟ୍ୟକାର ହୋଇଥାନ୍ତ ।" ରାମ ଶତପଥି ଥରେ ଥରେ ଭାବରସରେ ବିହ୍ୱଳ ହୋଇଉଠନ୍ତି ଅନ୍ୟ ମୁହଁରୁ ଆପଣାର ପ୍ରଶଂସା ଶୁଣିଲେ । ଏ ଅବସରରେ ତାଙ୍କର

ମନେହେଲା, ସେ ଯେ ଜଣେ କବି, କବିର ଧର୍ମ ସୃଷ୍ଟି କରି ଧରାପୃଷ୍ଠରେ ଛାଡ଼ି ଦେବା । ସେ ସେଇ ସୃଷ୍ଟିରେ ଢାଳି ଦେଇଛନ୍ତି ତାଙ୍କ ହୃଦୟର ଭାବନା-ରାଶି । ସେ କଥା ଭାବୁ ଭାବୁ ମନେ ପଡ଼ିଗଲା ରାଜେଶ୍ୱରୀର କଥା । କାନମୁଣ୍ଡ ସବୁ ଗରମ ହୋଇ-ଗଲା ନିମିଷକରେ । ଶୀତ ସନ୍ଧ୍ୟାଟାରେ ସେ ହୋଇ ଉଠିଲେ ଘର୍ମାକ୍ତ । ଏତିକିବେଳେ ତୁଳସୀର ଜେଜେ-ମା ଆସି ହସି ହସି କହିଲେ, "ପୁରୋହିତ-ପୁଅ ! ଭାଗବତପୁରାଣରୁ ଅଧାଟେ ବୋଲିଥାନ୍ତ ।" ରାମ ଶତପଥୀ ଚମକି ଉଠି କହିଲେ, "ଜେଠୁ ମା, ମୁଁ ଯେ ବଡ଼ ଗୋଟାଏ ଦୁଶ୍ଚିନ୍ତାରେ ପଡ଼ିଥିଲି, ପ୍ରାଣଦାୟୀ ଜନନୀ ! ତୁମେ ମୋତେ ରକ୍ଷା କରିଦେଲ । ଏଇ ପୂଜାଟା କରିଦେବି । ତୁଳସୀ ମାଆ, ତାର ସେ ପ୍ରସାଦ ବାଣ୍ଟିବେ । ପୋଥିପତ୍ରକୁ କଅଣ ଟିକିଏ ରଖି ମୁଁ ଯାଉଛି । ମନେ ମନେ ଗାୟତ୍ରୀମନ୍ତ୍ର ଜପ କରିବାକୁ ଲାଗିଲେ ଶତପଥୀଏ ।"

ଶୁକ୍ରବାର ରାତି ନାଟକ ଅଭିନୟ ହେବାପରେ ଶୁକ୍ର ଆଉ ଶନିବାର ଦୁଇଦିନ ଅଜ୍ଞାତ କାଳରେ ମିଶି ଗଲାଣି । ନାଟକ ସମ୍ବନ୍ଧରେ ସ୍ଥାନୀୟ ଲୋକେ କେତେ କଅଣ ଆଲୋଚନା ପ୍ରତ୍ୟାଲୋଚନା କରିବା କଥା ସ୍ୱର୍ଣ୍ଣ ବନ୍ଧୁ ପାଖରୁ ଶୁଣିସାରିଲାଣି । ତାହାହେଲେ ମଧ୍ୟ ସେ ନିର୍ଲିପ୍ତ ନିର୍ବିକାର ଭାବରେ "ପ୍ରତ୍ୟାବର୍ତ୍ତନ" ନାଟକ ଲେଖିବାରେ ଲାଗିଥିଲା ସେଦିନ ସନ୍ଧ୍ୟା ପୂର୍ବରୁ । ଘରେ କେହି ନ ଥିଲେ । ଶୀତ ବହି ପବନ ବହି ଆସୁଥିଲା ବ୍ୟାକୁଳ ହୋଇ । ମାର୍ଗଶୀର ମାସ ଶେଷ ହେଲାଣି । ପୌଷର ଆଗମ । ଅସ୍ତଗାମୀ ସୂର୍ଯ୍ୟ ତଳକୁ ତଳକୁ ଖସିଗଲେଣି ଧୀରେ ଧୀରେ । ସ୍ୱର୍ଣ୍ଣ ଶୀତ ବୋଧକରି ବାରଣ୍ଡାରୁ ଉଠିଗଲା ଘର ଭିତରକୁ । ଘଣ୍ଟା ରଖା ହୋଇଛି ଝରକା ଉପରେ ନିର୍ଜନତା ଭିତରେ ଟିକ୍ ଟିକ ଶବ୍ଦ କରିଦେଉଛି ସଚେତ । ଘର ଭିତରଟା ଅନ୍ଧାରିଆ ହୋଇ ଆସି-ଥିଲା । ଘଣ୍ଟା ଉଠେଇ ଦେଖିଲା ସେ, ସାଢ଼େ ଚାରିଟା ହୋଇଛି । ମନେ ପଡ଼ିଲା, ପଅର ଦିନର ନାଟକ କଥା । କାଲି ଗୋଟାପାକ ଦିନ ଗଲା, ସୁରମାଷ୍ଟ୍ରେ କମ୍ପା ବାଦ୍ୟକାରେ ଆସି ନାହାନ୍ତି । ଆଜି ତ ମଧ୍ୟ ଦିନ ଶେଷ ହେଲାଣି । ଆଉ ଆସିବେ ନାହିଁ ସେ ଦୁହେଁ । ବାଦ୍ୟକାରେ ତାଙ୍କର ଜିନିଷପତ୍ର ବନ୍ଧାଛନ୍ଦା କରୁଥିବେ । ବ୍ୟଥିତ ହୋଇ ଉଠିଲା ସ୍ୱର୍ଣ୍ଣର ଅନ୍ତଃ-କରଣ । ସମ୍ଭବତଃ ସେ ପୁଣି ଚାଲିଯିବ ସେଇ ଚିଲ୍କା ପାଖକୁ । ଆଖି ତାର ସଜଳ ହୋଇଗଲା ଭାବୁ ଭାବୁ । ଏତିକିବେଳେ ପଡ଼ିଶା ଗଣେଶ ଦାସଙ୍କ ନାତୁଣୀ ବଡ଼ ପାଟି କରି ଗାଇଲା ଗୋପୀଭାଷା—"କୃଷ୍ଣ କଥା ଶୁଣି ଗୋପୀ ସକଳ ଗୁଣ ସୁମରି ହୁଅନ୍ତି ବିକଳ ।" ମନଟା ଚମକି ଉଠିଲା ସ୍ୱର୍ଣ୍ଣର । ତାର ମନେହେଲା, ଗତ ଜନ୍ମର ଶୁଣା ଗୀତ ସେ ଶୁଣୁଛି ଆଜି ଥରେ । ମନେ ପଡ଼ିଗଲା ପିଲାଦିନର କଥା । ବିଶ୍ୱମ୍ଭର ଏଇ ବିରହ ଗାଥା ତାର କରୁଣ ମଧୁର ସ୍ୱରରେ ଗାଇ ତାର ଅପକ୍ୱ ପ୍ରାଣରେ ସଞ୍ଚାର କରାଇଥିଲା ବିରହ ଅନୁଭୂତି । ଯୁଗ ଯୁଗ ପରେ ମଧ୍ୟ ସେଇ ଗାଥାର କରୁଣ ବିରହ ଅନୁଭୂତି ରୋଦନ କରୁଛି ହୃଦୟ ଭିତରେ ରହି । ଦିନାଇ ଦାସ କେବେ କେଉଁଦିନ କି ଶୁଭକ୍ଷଣରେ ଶ୍ରୀକୃଷ୍ଣଙ୍କ ବିରହରେ ବିଦଗ୍ଧ ହୋଇ କହିଯାଇଥିଲେ ଉଦ୍ଧବଙ୍କୁ । ଦିନ ମାସ ବର୍ଷ ମିଶି ଯାଇଛି ଅଜ୍ଞାତ ଗର୍ଭରେ, ଅଥଚ କୃଷ୍ଣଙ୍କ ବିରହ-ଅଶ୍ରୁ ବହିଯାଉଛି କବିକୁଳର ନୟନକୋଣରୁ । ମାନବ ପ୍ରାଣରେ ସେ ଦିନର ସେ ବିରହ ଅନୁଭୂତି ରହିଛି ଅମୃତ ମଧୁର ହୋଇ । ସେ ଦିନର ସେ ଅଣଓସାରିଆ ବାରଣ୍ଡାକୁ ପୁଣି ଚାଲିଯାଆନ୍ତା କି ସେ ! ଆଉଥରେ ସେ ସେଇ ବାଉଁଶଖମ୍ବକୁ ଧରି ଠିଆ ହୋଇ ଶୁଣନ୍ତା ବିଶ୍ୱମ୍ଭରର କଣ୍ଠରୁ ଗୋପୀଙ୍କର ବିରହ ଆତୁର ପ୍ରାଣର କଥା । ମାଇଁ ଭର୍ତ୍ସନା କରୁଥାନ୍ତେ ବିନା କାରଣରେ ଘର ଭିତରୁ ବାହାରି । ସେ ଆବେଗ ସମ୍ଭାଳି ଯାଇ ଆଈଙ୍କ କୋଳରେ ପଡ଼ି କାନ୍ଦୁଥାନ୍ତା ଧକେଇ ଧକେଇ । କେବେ ପୁଣି ଆସିବ ସେ ଦିନ । ସେଇ ପଲଙ୍କ ଖଟରେ ଲୋଟିଗଲା ସ୍ୱର୍ଣ୍ଣ । ଆଖିରୁ ବହିଗଲା ଅଜସ୍ର ଅଶ୍ରୁ ।

ହଠାତ୍ ଅଗଣା ଆଡ଼ୁ ଶୁଭିଲା ଉଭୟ ନାଟ୍ୟକାର ସୁରମାଷ୍ଟ୍ର ଆଉ ବାଦ୍ୟକାରଙ୍କ କଥୋପକଥନ । ସ୍ୱର୍ଣ୍ଣ

ତମକି ଉଠି ବସିପଡ଼ିଲା ବିଛଣାରେ । ବିଶୁ କୋଉଠୁ ଏ ସେଇମାନଙ୍କ ସାଥିରେ ଆସିଥିଲା ବାହାରୁ । ଲଣ୍ଠନ ଜଳେଇ ରଖିଦେଲା ବେଞ୍ଚ ଉପରେ । ଘର ଭିତରକୁ ଅନେଇ କହିଲା, "ମାଆ ଶୋଇ ପଡ଼ିଲେ କି । ଦିନରାତି ନ ଶୋଇ ଖାଲି ଲେଖୁଛନ୍ତି । ମାଆ, ବାଦ୍ୟକାରେ ହେଇ ଆସିଲେଣି ।" ସ୍ୱର୍ଣ୍ଣ ଉଠିବସି ବିଶୁ ଆଡ଼କୁ ଅନେଇଲା । ତାର ମନେହେଲା, ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ ଆସିଛନ୍ତି ବିଦାୟ ନେଇଯିବାକୁ । ବିଶୁ କହିଦେଇ ଚାଲିଯାଇଥିଲା ରୋଷେଇଘର ଆଡ଼କୁ । ସ୍ୱର୍ଣ୍ଣ ଶାଲଟାକୁ ଭଲକରି ଘୋଡ଼େଇ ହୋଇ ଗଲା ବାରଣ୍ଡା ଆଡକୁ । ସୁରମାଷ୍ଟ୍ରେ ବେଞ୍ଚ ଉପରୁ ଉଠି ଉତ୍ସାହରେ ହିଁ କହିଲେ, ଆପଣ "ଘରେ ବସି ଆମ କଥା ଚିନ୍ତାକରି ନିଶ୍ଚୟ ବ୍ୟସ୍ତ ହୋଇଥିବେ, କିମ୍ୱା ନିଶ୍ଚିନ୍ତ ମନରେ 'ପ୍ରତ୍ୟାବର୍ତ୍ତନ' ନାଟକ ଲେଖୁଥିବେ । ଆମେ, କିନ୍ତୁ ଲାଗିଛୁ, କିମିତି ସୁବିଧାରେ ଆପଣଙ୍କର ସବୁଗୁଡ଼ିକ ନାଟକ ଅଭିନୀତ ହୋଇଯିବ, ତେବେ ଯାଇ ଆମେ ମୁକ୍ତିଲାଭ କରିବୁ । ସେଥିପାଇଁ ଗାଁ ଆଡେ ଯିବାକୁ ହେଲା । ତିନି ଚାରିଜଣ ଅଭିନେତାଙ୍କୁ ଆଣିବା ବ୍ୟବସ୍ଥା ମଧ୍ୟ ହୋଇଗଲା ।" ସ୍ୱର୍ଣ୍ଣ ମନେ ମନେ ଗୋଟାଏ ଅବ୍ୟକ୍ତ ଆନନ୍ଦ ଅନୁଭବ କରି କହିଲା, "ଆପଣ କଅଣ କହୁଛନ୍ତି, ମୁଁ କିଛି ବୁଝିପାରିଲି ନାହିଁ । ମୋର ଆଶଙ୍କା ହେଉଥିଲା—

ବାଦ୍ୟକାରେ ବାଧାଦେଇ କହିଲେ, "ନ କହି ନ ପଚାରି ଆମେ ପଳେଇଗଲୁ ବୋଲି ଭାବୁଥିଲ ମା' ଲକ୍ଷ୍ମୀ ! ପଳେଇଯିବାକୁ କିଛି ତ ମନା ନାହିଁ । କିନ୍ତୁ ତୁମ ମନରେ ଦୁଃଖ ଦେଇ—"

କଥା ଶେଷ ହୋଇ ନ ଥିଲା, ପରମାନନ୍ଦ ଦାଣ୍ଡ ଘରଆଡ଼ୁ ଆସୁ ଆସୁ କହିଲେ—"ଆରେ ଏ କଅଣ ! ତୁମେମାନେ ସେଇଦିନଠୁ ଯାଇଥିଲ କେଉଁଆଡ଼େ ?" ସୁରମାଷ୍ଟ୍ରେ ନମସ୍କାର କରି କହିଲେ, "ଯିବୁ ଆଉ କେଉଁଆଡ଼େ ଆଜ୍ଞା ! ସେଦିନ ତ ନାଟକ ହୋଇଗଲା । ସକାଳବେଳେ ଚା' ଦୋକାନରେ ବସି ଯାହା ଶୁଣିଲି, ନାଟକ ରଚନାର ପ୍ରଶଂସା କିଛି ଊଣା ନ ଥିଲା । ଅଭିନୟର ପ୍ରଶଂସା ହୋଇଥାନ୍ତା । ପ୍ରଥମ ଦିନ ପୁଣି ମାଆଙ୍କର ଲେଖା କଥା ଶୁଣି ପାଖଆଖର ଏତେ ଲୋକ ଏକତ୍ର ହୋଇଗଲେ ଯେ ତାଙ୍କୁ ସମ୍ଭାଳିବା ସମ୍ଭବ ହେଲା ନାହିଁ । ମୃତ୍ୟୁଞ୍ଜୟବାବୁ ତ ଶେଷକୁ ଟିକଟ ବିକି ବନ୍ଦ କରିଦେଇ ଭିତରକୁ ପଳେଇଗଲେ । ଖୁଣ୍ଟ ଖୋଜିବାକୁ ଅନେକ ଲୋକ ଅଛନ୍ତି ଆଜ୍ଞା ! ଯେଉଁ-ମାନେ ଗୁଣ ଗ୍ରହଣ କରିବେ, ସେମାନଙ୍କର ଇଚ୍ଛା ଆଉ ଥରେ ନାଟକ ଅଭିନୟ କରାଇଲେ ଦେଖିବେ ।"

ବାଦ୍ୟକାରେ ଟିକିଏ ବିରକ୍ତ ହେଲାପରି ଭାବ ଦେଖାଇ କହିଲେ, "ଟିକଟ ବିକିରୁ ସବୁ ଶହେ ଅଶୀଏ ଟଙ୍କା ହେଲା ।" ପରମାନନ୍ଦ ବାଧାଦେଇ କହିଲେ, "ହଁ ହେ ବାଦ୍ୟକାରେ ! ସେ ଦିନଠୁ ତମର ମା-ଲକ୍ଷ୍ମୀ ଘରେ ବିଷାଦଗ୍ରସ୍ତ ହୋଇ ବସିଛନ୍ତି । ମୁଁ ତାଙ୍କୁ ଶହେ ପ୍ରକାର କରି ବୁଝେଇ କହୁଛି । ପ୍ରଥମ ଅଭିନୟରେ ତ୍ରୁଟି ରହିବା ସ୍ୱାଭାବିକ । ତୁମେମାନେ ଏଠୁ ଚାଲିଯିବ ବୋଲି ହିଁ ତାଙ୍କର ବଡ଼ ଅସ୍ଥିରତା । ମୁଁ କହୁଛି, ଚାଲିଯିବେ କିମିତି ! ଆସିଛନ୍ତି ଯେତେବେଳେ ଶେଷ ପର୍ଯ୍ୟନ୍ତ, ଅର୍ଥାତ୍ ସବୁଗୁଡ଼ିକ ନାଟକ ଅଭିନୟ ନ କରାଇ ଯିବେ କିମିତି ?" ସୁରମାଷ୍ଟ୍ରେ ଉତ୍ସାହ ପାଇ କହିଲେ, "ମୁଁ ମଧ୍ୟ ସେଇ କଥା କହୁଛି । ଅବଶ୍ୟ ପ୍ରଥମ ଧାରଣାଟି ଭଲ ହୋଇଥିଲେ, ଆହୁରି ଭଲ ହୋଇଥାନ୍ତା । ସେ କଥା ଭାବି ବସିଲେ ତ ଚଳିବ ନାହିଁ । ଅଭିନେତା ଅଭାବରେ ମଧ୍ୟ ନାଟକର ଅଙ୍ଗହାନି ଘଟେ । ଆମେ ଏଥର ରାମଲୀଳା ପାର୍ଟିରୁ ପାଞ୍ଚ ଜଣ ଅଭିନେତା ବାଛିଛୁ । ସେମାନେ ଦିନେ ଛାଡ଼ି ଦିନେ ରିହାର୍ସାଲରେ ଯୋଗଦେବେ । ତାଙ୍କ ଆଖଡ଼ାରେ ମଧ୍ୟ ନିଜ ନିଜର ପାର୍ଟ ଅଭ୍ୟାସ କରିବେ । ରାମଲୀଳା ଦଳ ଏକ୍ଷଣି ନୂଆ ନାଟକୀୟ ଜିନିଷ କିଣି ଆଣିଛନ୍ତି । ତାହା ମଧ୍ୟ ସେମାନେ ଦେବେ ।"

ସ୍ୱର୍ଣ୍ଣ ହସିଦେଇ କହିଲା, "ତାହାହେଲେ ମୁଁ ଥିବା ପର୍ଯ୍ୟନ୍ତ ମୋର ନାଟକଲେଖା ଶେଷ ହେବ ନାହିଁ ।" ପରମାନନ୍ଦ ସ୍ୱର୍ଣ୍ଣର କଥା ଉପରେ କିଛି ନ କହି ସୁରମାଷ୍ଟ୍ରଙ୍କ ମୁହଁକୁ ଚାହିଁ କହିଲେ, "ତୁମେ ଏତେ କଥା ଚିନ୍ତାକରିବା ଦେଖି ମୁଁ ନିଶ୍ଚିନ୍ତ ହୋଇଗଲି ।"

ବାଦ୍ୟକାରେ ମଥାଟେକି ପରମାନନ୍ଦଙ୍କ ଆଡ଼କୁ ଅନେଇ କହିଲେ, ଗୋସେଇଁପୁଅ "ନିଶ୍ଚିନ୍ତ ହୋଇ-ଗଲେ ତ ଚଳିବ ନାହିଁ ! ଦେଖୁ ଦେଖୁ ଥରକର ଅସୁବିଧା ଅନୁଭବ ହୋଇଗଲା । ଏଥର ଟିକଟ ବିକ୍ରି ଭାରଟା ଗୋସେଇଁପୁଅ ନ ନେଲେ ତ ଚଳିବ ନାହିଁ ।"

ପରମାନନ୍ଦ ହସିଦେଇ କହିଲେ, "କୌଣସି ଭାର ମୋ ଉପରେ ଦିଅ ନାହିଁ ବାଦ୍ୟକାରେ ! ତମ ଭିତରୁ ଇମିତି କାହାକୁ ବାଛି ସେ କାର୍ଯ୍ୟରେ ନିଯୁକ୍ତ କର । ଟଙ୍କାପଇସା ଲାଭ ଉଠେଇବ ବୋଲି ତ ଏ କାର୍ଯ୍ୟ ଆରମ୍ଭ ହୋଇନାହିଁ । ପ୍ରଥମ ନାଟକ, ପୁଣି ବହୁ ବାଧା ବିଘ୍ନ ସତ୍ତ୍ୱେ ଶହେ ଅଶୀଏ ଟଙ୍କା ଟିକଟ ବିକ୍ରି ହୋଇଛି । ପ୍ରତ୍ୟେକ ନାଟକରୁ ଦୁଇ ଶହ ହୋଇଗଲେ ତ ନାଟକର ବ୍ୟୟଟା ହୋଇଯିବ ।"

ଏତିକିବେଳେ ବିଶୁ ଚା' ଧରି ଆସି ସମସ୍ତଙ୍କୁ ବାଣ୍ଟିଦେଲା ଗୋଟିଏ ଗୋଟିଏ କପ୍ । ସୁରମାଷ୍ଟ୍ରେ ଚା' କପ୍‌ଟାକୁ ହାତରେ ଧରି କହିଲେ, "ଆପଣ ଆଜ୍ଞା, ସେଦିନ ନାଟକ ଦେଖି ଗଲେ ନାହିଁ—"

ବାଦ୍ୟକାରେ ବାଧାଦେଇ କହିଲେ, "ଯାଇ ନାହାନ୍ତି; ଭଲ କରିଛନ୍ତି । ମାଷ୍ଟ୍ରେ, ନାଟକ ଅଭିନୟ ଆଗରୁ ସୁସ୍ଥ ହୋଇ ବସି ଗୀତଟିଏ ଶୁଣାହୋଇ ନାହିଁ । ଆଜି ସୁଯୋଗକୁ ଗୋସେଇଁପୁଅ ମଧ୍ୟ ଅଛନ୍ତି, ଗୀତ ଗୋଟିଏ ବୋଲ ।" ବିଶୁ ଖମ୍ବପାଖ ଆଡ଼କୁ ଅଳ୍ପ ଘୁଞ୍ଚିଯାଇ କହିଲା, "ହଁ, ସେଇ କଥା ବାଦ୍ୟକାରେ ! ଦାଣ୍ଡଘରେ ତବଲା, ହାରମୋନିଅମ୍ ଅଛି, ଆଣିଦେବି ରହିଥା ।" ପରମାନନ୍ଦ ଆମୋଦରେ ହିଁ କହିଲେ, ଆମ ବିଶୁ ମଧ୍ୟ ସଙ୍ଗୀତପ୍ରିୟ ହୋଇଗଲାଣି ।" ବିଶୁ ତରତର ହୋଇ ଧରି ଆସିଲା ତବଲା ଆଉ ଡୁଗି । ବାଦ୍ୟକାରେ ତବଲା ଧରି କହିଲେ, 'ଭଗବାନ ତୁମେ' ଗୀତଟାକୁ ଆରମ୍ଭ କର ମାଷ୍ଟ୍ରେ ।

ଗୀତ ଆରମ୍ଭ କଲେ ସୁରମାଷ୍ଟ୍ରେ—

ଭଗବାନ୍, ତୁମେ ଭକତ ବାନ୍ଧବ
ବୋଲାଉ ଅଛ ଏ ଜଗତେ ।
ଯାଉଛି ଜୀବନ ଝୁରି ନିଶିଦିନ
ଭକ୍ତଙ୍କୁ ଭୁଲିଲ କେମନ୍ତେ ?
ଅନ୍ତରେ ମୋ ଅଛ ମୋର ଅନ୍ତର୍ଯ୍ୟାମୀ
ଖୋଜୁଅଛି ବନେ ବନାନ୍ତରେ ଭ୍ରମି,
ଏ ଦାରୁଣ ଦୁଃଖ ଦେଖି ସ୍ଥିର-ଚକ୍ଷୁରେ
ବସିଅଛ ଯାହା ନିଶ୍ଚିନ୍ତେ ।
ନିଷ୍ଠୁର ହେବାକୁ ଥିଲା ତ କାମନା
ଦେଲ କି କାରଣୁ ଏ ମହାଭାବନା
କହିବାକୁ ପଦେ କଥା ମିଳୁ ନାହିଁ
ଦଗଧ ହେଉଛି ଏକାନ୍ତେ ।

ଗୀତ ଶେଷରେ ପରମାନନ୍ଦ ଆଖିଖୋଲି ସ୍ୱହିଁ କହିଲେ, "ଏ ଗୀତ କିଏ ଲେଖିଛି ଜାଣି ନାହିଁ । କିନ୍ତୁ ସୁରମାଷ୍ଟ୍ରେ, ତୁମର ନାମଟିକୁ ତୁମେ ହିଁ ସାର୍ଥକ କରି ଦେଇଛ । ମୋର ଧାରଣା ଯେ ଏ ଗୀତର ପ୍ରତ୍ୟେକ ଅକ୍ଷରଟିକୁ ଜୀବନ୍ତ କରିଦେଇଛି । ତୁମର ସ୍ୱର ସୁଧା ବୋଳିଦେଇ ଏଗୁଡ଼ିକ ରେକର୍ଡ଼ କରି ଦିଅ; ଚିର-କାଳକୁ ତୁମର କଣ୍ଠସ୍ୱରଟି ମର୍ତ୍ତ୍ୟରେ ରହିଯିବ । କେତେ ଗାୟକ ତୁମ ସ୍ୱର ସୁଧା ସେବନ କରି ଅମର ହୋଇ ଯିବେ । ଯାହାହେଉ, ଆଜି ଦିନଟା ବଡ଼ ନିରସ ବୋଧ ହେଉଥିଲା । ଆଜି ସନ୍ଧ୍ୟା ସମୟଟାକୁ ସୁନ୍ଦର ସଜୀବ କରି ଦେଇଛ, ସେଥିପାଇଁ ତୁମ ଦୁଇ ବନ୍ଧୁଙ୍କୁ ଧନ୍ୟବାଦ ନ ଦେଇ ରହିପାରୁ ନାହିଁ । ତୁମମାନଙ୍କର ଉପସ୍ଥିତି ଆମର ଇମିତି ଅଭ୍ୟାସ ହୋଇଗଲାଣି ଯେ ଦିନେ ନ ଆସିଲେ ଘରଟା ଖାଲି ଖାଲି ଲାଗୁଛି । ତୁମର ଏ ସ୍ନେହ, ସହାନୁଭୂତି ପାଇଁ ମୁଁ ମୋର କୃତଜ୍ଞତା ଜଣାଉଛି ।"

ବାଦ୍ୟକାର ଆଉ ସୁରମାଷ୍ଟ୍ରେ ସମସ୍ୱରରେ କହି ଉଠିଲେ, "ନାଟକ ଅଭିନୟର ବିଫଳତାରେ ଆଜି କି ଦୁଇ ଦିନ ହେଲା ଆମେ ଯେତେ ଅନିଷ୍ଟ ଆଶଙ୍କା କରି ଦୁଃଖବିଷାଦରେ ଥିଲୁ, ଆଜିର ଏ ଆନନ୍ଦମୟ ଅବସରଟିକ ସେ ସବୁ କୁଆଡ଼େ ଉଡ଼େଇ ନେଇ ଯାଇଛି ।" ସୁରମାଷ୍ଟ୍ରେ ପରମାନନ୍ଦଙ୍କ ଆଡ଼କୁ ଟିକିଏ ଅଗ୍ରସର ହୋଇ କହିଲେ, ସୁରଦାସ ନାମଟିକ ଆଜି

ହିଁ ଆପଣ ସାର୍ଥକ କରିଦେଲେ ଆଜ୍ଞା ! ଅନେକଙ୍କୁ ଗୀତ ଶୁଣେଇଛି, କିନ୍ତୁ ଇମିତି ଆନନ୍ଦ କେଉଁଠି ହେଲେ ପାଇନି ହିଁ ।

ବାଦ୍ୟକାରେ ମଥାପୋତି ବସି କହି ଯାଉଥିଲେ, "ଭାଙ୍ଗି ଯାଉଥିବା ହାଡ଼ଯୋଡ଼ ହୋଇଗଲା ଗୋସେଇଁପୁଅ ! ତୁମର କଥା ଅମୃତ, ଆମ ଦେହରେ ବଳ ଆଣି ଦେଇଚ । ଇମିତି ଗୋଟାଏ ଶୁଭ ସମୟ ଆସିବ ବୋଲି ତ ଆଜି ଆମେ ଭାବି ନ ଥିଲେ । ଆଉ ବସିବା ନାହିଁ । ଭଲ କଥା ଶୁଣିବା ପରେ ଆଉ ଗୁଡ଼ାଏ କହିଲେ କଥାର ମାଧୁର୍ଯ୍ୟ ହଜିଯିବ । ଗୋସେଇଁପୁଅଙ୍କ ଭୋଜନବେଳ ହେଲାଣି । ମୋ ମାଆ ମଧ ତାଙ୍କର ଚିନ୍ତାରେ ଲାଗିବେ । ଆସିବା ଆଜି ଥରେ ସକାଳୁ । 'ନିଷ୍ପତ୍ତି' ତ ଆଉ ଥରେ ଅଭିନୟ କରାଯିବ । ମୁଁ କହୁଥିଲି କଅଣ କି, ଅବିରାମ ତିନି ରାତି ତିନଟା ନାଟକ କରାଇଦେବା—"

ସୁରମାଷ୍ଟ୍ରେ ଖମ୍ବପାଖରୁ ଉଠିପଡ଼ି କହିଲେ, ଶୁଣିଲେ ତ ଆଜ୍ଞା, ଆମ ବାଦ୍ୟକାରେ କଥା କହିଯାଉଛନ୍ତି । ବସାକୁ ଯାଇ କହିବେ, ମୁଁ ହିଁ ଡେରି କରିଦେଲି । ଯାଉଛି ଆଜ୍ଞା, ନମସ୍କାର । 'ବୃଦ୍ଧତପସ୍ୟା'-ଟାକୁ ରାତିରେ କିମ୍ବା ସକାଳୁ ଉଠି ଦେଖି ଦେଇଥିବେ । ସେଇ ଗୋଟିକ ରିହାର୍ସଲ କରିବା । 'ଧ୍ରୁବ' ତ ପ୍ରଥମେ ହେବ । ତା ପରେ 'ବୁଦ୍ଧ' । ତା ପରଦିନ "ନିଷ୍ପତ୍ତି" ।

ପରମାନନ୍ଦ ହସି ହସି କହିଲେ, "କଥା ତ ଶେଷ ହେବା କଥା ନୁହେଁ । ବାଧହୋଇ ଶେଷ କରିବାକୁ ହେଉଛି ।" ଏତିକିବେଳେ ବିଶୁ ବାଟଘରୁ ଆଉ କହିଲା, "ଗରମପାଣି ରଖିଦେଇଛି । ମୁହଁ ହାତ ଧୋଇବେ । ପାଣି ଥଣ୍ଡା ହୋଇଯିବ । ସେ ଆଡ଼େ ରନ୍ଧା ହୋଇ ଗଲାଣି ।"

× × × ×

ଇତିମଧ୍ୟରେ ମାର୍ଗଶିର ମାସ ଶେଷ ହୋଇଗଲାଣି । ପୌଷର ପ୍ରଥମ ସପ୍ତାହ ଚାଲିଥିଲା । ସ୍ୱର୍ଣ୍ଣର ପ୍ରଥମ ନାଟକ ରିହର୍ସଲ ହେଉଥିଲା । ସେଇ ପ୍ରଥମ ଦିନର ପ୍ରସ୍ତାବ ଅନୁଯାୟୀ 'ବୃଦ୍ଧତପସ୍ୟା' ନାଟକ ରିହାର୍ସଲ ଆରମ୍ଭ କରିଥିଲେ । ପରେ ଆଉ ଗୋଟାଏ ପୁରାଣସମ୍ବନ୍ଧୀୟ ନାଟକ ଆଲୋଚନା କରୁ କରୁ ସୁରମାଷ୍ଟ୍ରେ କଥା ଛଳରେ କହିଲେ, ""ନଳଦମୟନ୍ତୀ' ଲେଖନ୍ତୁ ଆଜ୍ଞା ! ମୁଁ ଏଇ ନଳ-ଦମୟନ୍ତୀଙ୍କ ବିଷୟରେ ଗୋଟିଏ ଆଶ୍ଚର୍ଯ୍ୟ ତାତ୍ପର୍ଯ୍ୟ ଆବିଷ୍କାର କରିଛି ।"

ସ୍ୱର୍ଣ୍ଣ ବିସ୍ମୟବିସ୍ଫୋରିତ ଦୃଷ୍ଟିରେ ଅନେଇଁ ରହିଥିଲା ସୁରମାଷ୍ଟ୍ରଙ୍କ ମୁହଁକୁ । ବାଦ୍ୟକାରେ ପଚାରିଲେ, "ସେଦିନ ମଚେ ଯାହା କହୁଥିଲ !" ସୁରମାଷ୍ଟ୍ରେ ବାଧାଦେଇ କହିଲେ, "ସେ ଗ୍ରନ୍ଥରେ ହିଁ ନଳଦମୟନ୍ତୀଙ୍କୁ ଗଢ଼ିବା ପାଇଁ ମାଆଙ୍କୁ ଅନୁରୋଧ କରିବି ବାଦ୍ୟ-କାରେ । କବି ନଳଦମୟନ୍ତୀରୂପିଣୀ କାବ୍ୟକୁ ପାଇବା ନିମନ୍ତେ ପ୍ରାଣପକ୍ଷୀ ଯେ ହଂସ ତାକୁ ପଠେଇଲେ । ଲେଖିଲେ ଚମତ୍କାର ହେବ ଆଜ୍ଞା !" ସ୍ୱର୍ଣ୍ଣ ଉଚ୍ଛ୍ୱସିତ କଣ୍ଠରେ କହିଲା, "ମୁଁ ତ ଇମିତି ଭାବରେ କେବେ କଳ୍ପନା କରି ନ ଥିଲି । ଆପଣ ହିଁ ଆଜି ପୁରାତନ ଦୃଶ୍ୟ ଉପରେ ନୂତନ ରଙ୍ଗ ବୋଳି ଦେଖାଇ ଦେଲେ । କାବ୍ୟଲକ୍ଷ୍ମୀ ଦମୟନ୍ତୀ ଦେବତାମାନଙ୍କୁ ପ୍ରତ୍ୟାଖ୍ୟାନ କରି ଦୁଃଖସୁଖ ଜଡ଼ିତ ମର୍ତ୍ତ୍ୟର ମାନବକୁ ବରଣ କରିଥିଲେ ବାଧା ଅତିକ୍ରମ କରି—"

ସୁରମାଷ୍ଟ୍ରେ କହିଲେ, "ନଳ ଅନବସ୍ଥିତ ଚିତ୍ତ ହୋଇ ଅକ୍ଷକ୍ରୀଡ଼ାରେ ରତ ହେଲେ, କାବ୍ୟଲକ୍ଷ୍ମୀଙ୍କୁ ପରିତ୍ୟାଗ କରି ଚାଲିଗଲେ ଦେଶାନ୍ତର ।" ସ୍ୱର୍ଣ୍ଣ କହିଲା, "ବାଦ୍ୟକାରେ, ନଳଦମୟନ୍ତୀ ଚରିତ୍ର ସମ୍ବନ୍ଧରେ ମୁଁ ଜଣେ ସାଧାରଣ ରାଜା ବୋଲି ହିଁ କଳ୍ପନା କରୁଥିଲି । ଖେଳରେ ସର୍ବସ୍ୱ ହାରିଯାଇ ବଣକୁ ଚାଲିଯାଇଥିଲେ । ଏକ୍ଷଣି ମୋ ଆଖି ଆଗରେ ଗୋଟାଏ ସମ୍ପୂର୍ଣ୍ଣ ନୂତନ ଦୃଶ୍ୟ ଦିଶୁଛି । ମୁଁ ତେବେ ଲେଖିବା ଆରମ୍ଭ କରୁଛି ।"

ସନ୍ଧ୍ୟା ସମୟରେ ଦିନେ ଦିନେ ପେଣ୍ଡାଲରେ ରିହାର୍ସଲ ହୁଏ । ପେଣ୍ଡାଲରେ ରିହାର୍ସଲ ହେଲେ ବିଶୁ ଉପରେ ବଡ଼ ଭାର ପଡ଼ିଯାଏ । ସନ୍ଧ୍ୟାବେଳେ ଲଣ୍ଠନ ଦୁଇ ତିନଟା ଧରି ଯିବ । ପୁଣି ଚା' ଇତ୍ୟାଦି ତିଆରି କରିଦେବ । ଘରେ ରିହାର୍ସଲ ହେଲେ, ତା'ର ଟିକିଏ

ସୁବିଧା । ଏଣେ ସ୍ୱର୍ଣ୍ଣ 'ନଳଦମୟନ୍ତୀ' ନାଟକ ଲେଖାରେ ଇମିତି ଏକ ଧ୍ୟାନରେ ଲାଗିଯାଇଥିଲା ଯେ ଘରର କୌଣସି ବିଷୟ ଆଡ଼କୁ ଦୃଷ୍ଟି ଦେବାକୁ ତା'ର ଅବସର ନ ଥିଲା । ସେଦିନ ସନ୍ଧ୍ୟା ପୂର୍ବରୁ ବିଶୁ ବେପେଇଘର ଆଡ଼େ ହିଁ ରହିଥିଲା । ସ୍ୱର୍ଣ୍ଣ ଘର ଭିତରେ ବସି ଲେଖୁଥିଲା ।

ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ ସବୁଦିନ ପରି ଆସି ବସିଗଲେ ବାରଣ୍ଡାରେ । ସ୍ୱର୍ଣ୍ଣ ତା'ର ନୂଆଲେଖା ନଳଦମୟନ୍ତୀର ଖାତା ଧରି ଯାଇ ଚଉକରେ ବସୁ ବସୁ କହିଲା, ଦ୍ୱିତୀୟ ଅଙ୍କରେ ନଳ ମହାରାଜା ବାଣୀପୂଜାରେ ବସି ଗୋଟିଏ ସ୍ତବ ଗାଉଛନ୍ତି, କମିତି ହୋଇଛି ଗୀତ କରି ନ ଗାଇଲେ ତ ଜାଣିହେବ ନାହିଁ ।

ବାଦ୍ୟକାରେ କହିଲେ, ମାଗୋ, ଆସିବା ବାଟରେ ମୁଁ ସେଇ କଥା ହିଁ ଭାବୁଥିଲି । ଆଜ ତ ରିହାର୍ସଲ ନାହିଁ । ଅଭିନେତାମାନେ ଛୁଟି ମାଗି ଯାଇଛନ୍ତି । ଆମର ମଧ୍ୟ ଆଜ ଛୁଟି । ଆଜ ଟିକିଏ ଆନନ୍ଦରେ ରହିବା । ହାରମୋନିୟମ୍‌ଟା ଧରି ମାଷ୍ଟ୍ରେ । ସୁରମାଷ୍ଟ୍ରେ ହସିଉଠି କହିଲେ, କମିତି ଆକାର ପ୍ରକାରର ଗୀତ ଲେଖାହୋଇଛି ଦେଖିନାହିଁ କି ଶୁଣିନାହିଁ । ଆଗ କାହିଁ ହାରମୋନିୟମ୍‌ଟା ଧରି କଅଣ କରିବ ବାଦ୍ୟକାରେ !

ସ୍ୱର୍ଣ୍ଣ ଖାତାଟାକୁ ବଢ଼େଇଦେଲା ସୁରମାଷ୍ଟ୍ରଙ୍କ ଆଡ଼କୁ । ଖାତା ଉଲଟେଇ ଦେଖି ଦେଖି "କେତେ-ଗୁଡ଼ାଏ ଲେଖିଦେଲେଣି ଆଜ୍ଞା !" ଏକଥା କହିଲେ ସୁରମାଷ୍ଟ୍ରେ । ଯେଉଁ ପର୍ଯ୍ୟନ୍ତ ଲେଖାହୋଇଛି, ପଢ଼ିବାକୁ ତ ହେବ । ଆଗକର ଗୀତଟାକୁ ଶୁଣେଇ ଦେବା ।

ବାଦ୍ୟକାରେ ତବଲା ବାଦନ ଆରମ୍ଭ କରି ଦେଇଥିଲେ ଏତିକିବେଳକୁ । ସୁରମାଷ୍ଟ୍ରେ ହାରମୋ-ନିୟମ୍ ଧରି ଖାତା ଆଡ଼କୁ ଅନେଇ କହିଲେ— ଶୁଣନ୍ତୁ ଆଜ୍ଞା ! ନଳ ମହାରାଜାଙ୍କ ସରସ୍ୱତୀ ଜଣାଣ ।

ବଚନମୟୀ ଗୋ ତୋର ପୂଜ ପୀଠେ
  ବସି ମୋ ହୃଦୟ ଥରେ ।
ଜାଣିନି ଜନନୀ ତୋର ପୂଜାମନ୍ତ୍ର
ତେବେ ହେଁ ବାଣୀ ଗୋ ମୁଁ ତୋର ଭକତ,
କରପଦ୍ମ ଯୋଡ଼ି ବସିଛି ଜନନୀ !
  ତୋ ଚରଣ ଧୂଳିତଳେ !

ରଚି ତୋର ସ୍ତବ ଜ୍ଞାନୀ ଗୁଣିଜନେ
ହୋଇଗଲେ କବି ଏ ମର୍ତ୍ତ୍ୟଭୁବନେ ।
ମୂଢ଼ ଶିଶୁ ସମ ଭକ୍ତ ହେବି ବୋଲି
  ବସିଛି ସାହସ ବଳେ ।
ଜାଣୁ ତ ମାଆ ଗୋ ମନକଥା ମୋର
କି ଭାବେ ରଚିଛି ଅରଚନା ତୋର
ଅଶ୍ରୁବିନ୍ଦୁରେ ମାଳା ଗୁନ୍ଥି ଗୁନ୍ଥି
  ଦେଇଛି ତୋ ପଦତଳେ ।
ଦିବସ ରଜନୀ କରି ଏକାକାର
ରହିଅଛି ବସି ସମ୍ମୁଖରେ ତୋର
କ୍ଷଣେ ନ ଦେଖିଲେ ତୋର ପଦ୍ମପଦ
  ଭାସିଛି ନୟନ ଜଳେ ।
ମାତଃ ସରସ୍ୱତୀ, ହେ ସଦା ଚଞ୍ଚଳେ,
ଅନ୍ତର୍ଦ୍ଧାନ ହୁଅ ନୟନ ମୁଦିଲେ
ହଜ କି ପାରିବୁ ଅପଲକ ନେତ୍ରେ
  ତୋ ଆଡ଼କୁ ଚାହିଁଥିଲେ ?

ବାଦ୍ୟକାରେ ଗୀତର ଶେଷପଦରେ ତାଳ ଦେଇସାରି ମଥାଟେକି ଚାହିଁଲେ ସ୍ୱର୍ଣ୍ଣର ମୁହଁକୁ । ସ୍ୱର୍ଣ୍ଣ କିଛି ଗୋଟାଏ କହିବା ପୂର୍ବରୁ ବାଦ୍ୟକାରେ କହିଲେ, ମୋ ମା-ଲକ୍ଷ୍ମୀ ହୃଦୟ ଭିତରେ ଅମୃତର ଧାରଟିଏ ରଖିଛନ୍ତି । ସେଇ ଧାରାରୁ ଗୋଟିଏ ଗୋଟିଏ ବୁହାଇ ଦେଉଛନ୍ତି ଯେ, ସେ ଧାରା କଳ କଳ ଛଳ ଛଳ ଧ୍ୱନିକରି ନୂପୁରକିଙ୍କିଣୀ ବଜେଇ ବଜେଇ ଗଡ଼ିକରି ବହିଯାଉଛି ।

ଗୀତ ଶୁଣି ସ୍ୱର୍ଣ୍ଣର ମନଟା ଅଭିଷିକ୍ତ ହୋଇଯାଇଥିଲା କରୁଣ ରସରେ । ବାଦ୍ୟକାରଙ୍କ ସ୍ନେହସିକ୍ତ କଥା ଶୁଣି ଆଖିରେ ତାର ଭରିଗଲା

ଆନନ୍ଦ-ଅଶ୍ରୁ । ସେ ମଥାପୋତି କହିଲା, ମୋ ଜୀବନରେ ଆପଣମାନଙ୍କର ଆଗମନ ଯେ ଅପ୍ରତ୍ୟାଶିତ । ଅମୃତଧାରାର କଥା ଯାହା କହିଲେ; ଆପଣ ଦୁହେଁ ଏକାଠି ବସି ଏ ଅମୃତଧାରା ବୁହାଇଛନ୍ତି । ମାଟିର ଦେହରେ ଯେ ଆପଣମାନେ ପ୍ରାଣସଞ୍ଚାର କରାଇଛନ୍ତି, ଏ କଥା ତ ଅତିରିକ୍ତ ନୁହେଁ । ଏ ଆନନ୍ଦସମ୍ପଦ ଆପଣମାନଙ୍କର ହିଁ ଦାନ । ଆବେଗରେ କଣ୍ଠରୋଧ ହୋଇଗଲା ସ୍ୱର୍ଣ୍ଣର ।

ବାଦ୍ୟକାରେ ସ୍ୱର୍ଣ୍ଣ ଆଡ଼କୁ ଅନେଇ କହିଲେ, ଆମେ ଦୁହେଁ କାଗଜରେ ଲେଖିବା ଶବ୍ଦପରି ଜୀବନହୀନ ହୋଇ ଅଭିନୟ କରି ଯାଉଥିଲୁ ଆଜି ପର୍ଯ୍ୟନ୍ତ । ତୁମର କଥା ମନ୍ତ୍ରର ରୂପଧରି ଆମମାନଙ୍କୁ ଦେଖେଇ ଦେଇଛି ପରଂବ୍ରହ୍ମଙ୍କ ସ୍ୱରୂପ । ତୁମରି ହାତର ତିଆରି ମନୁଷ୍ୟ ଆମେ । ସେଇ ପରଂବ୍ରହ୍ମଙ୍କ କୃପାବଳରେ ତୁମେ ଏଇ ଯେଉଁ ଖେଳଘରଗୁଡ଼ିକ ସୃଷ୍ଟି କରିଛ; ସେ ଖେଳଘରର ଆମେ ଦୁହେଁ ବଡ଼ ଖେଳାଳୀ । ଜୀବନରେ ବହୁ ଭିନ୍ନ ସମ୍ବନ୍ଧ ଘଟିଛି ଅନେକ; କିନ୍ତୁ ଇମିତି ନିବିଡ଼ ବେଦନା ଡୋରି ତ ଆମମାନଙ୍କୁ କେଉଁଠି କେବେ ବାନ୍ଧି ରଖି ନ ଥିଲା । ତୁମେ ମାଆ, ଆମମାନଙ୍କୁ ସୃଷ୍ଟି କରିଛ କି ଆମେ ତୁମକୁ ଜୀବନ ଦେଇଛୁ, କିଛି ଭାବି ହେଉନାହିଁ । ସବୁଠି ଭାବନା ହେଉଥିଲା, ବନ୍ଧୁମାନେ ଆମକୁ ଖୁସିକରି ରଖନ୍ତୁ । ଏଠି ତ ସେ କଥା ନାହିଁ । କଅଣ କଲେ ତୁମେ ଖୁସିହେବ; ସେ ଚିନ୍ତା କରିବାକୁ ହେଉଛି । ଏ ପର୍ଯ୍ୟନ୍ତ ନିଜର କାମ୍ୟ ଅନ୍ୟର ମନରେ ଭରିବା ପରି କୌଣସି କାର୍ଯ୍ୟ ହୋଇନାହିଁ । ତୁମର ଏଇ ନାଟକଗୁଡ଼ିକ ଲୋକଙ୍କ ଭିତରେ ପ୍ରସାରିତ ହୋଇଯାଉ । ଏଇ ଗୋଟିକ କାର୍ଯ୍ୟ ହେଲେ ଆମଦ୍ୱାରା ସାଧିତ ହେଉ । ମନୁଷ୍ୟଜନ୍ମ ପାଇଥିଲୁ ବୋଲି କଥା ରହିଥିବ ।

ସୁରମାଷ୍ଟ୍ରେ କଥାଟାକୁ ସହଜ ସୁନ୍ଦର କରିବା ଉଦ୍ଦେଶ୍ୟରେ କହିଲେ, ଶୁଣିଲେ ନା ଆଜ୍ଞା ! ଆମ ବାଦ୍ୟକାରେ କି ସୁନ୍ଦର କରି ସମୟ ଉପଯୋଗୀ କଥାଗୁଡ଼ିଏ କହିଲେ । ମୋର ଧାରଣା ଥିଲା, ସେ କେବଳ ସ୍ନେହବଶ ହୋଇ ଆଦର କଥା କହିବା ଛଡ଼ା ଆଉ କିଛି କହିପାରନ୍ତି ନାହିଁ ।

ସ୍ୱର୍ଣ୍ଣ କହିଲା, ଆପଣମାନଙ୍କ କଥା ଶୁଣି ମୁଁ ସବୁ ଦୁଃଖ, ଅବସାଦ ଭୁଲିଯାଉଛି ।

ସୁରମାଷ୍ଟ୍ରେ ବାଧାଦେଇ କହିଲେ, ବିଧାତା, ମନୁଷ୍ୟକୁ ଦୁଃଖ ଦେବା ଆଗରୁ ଦୁଃଖ ଭୁଲିଯିବା ଉପାୟ ତିଆରି କରି ରଖିଥାଏ । ଦୁଃଖ ବୋଲି କିଛି ଗୋଟାଏ ବିଷୟ ଜଗତରେ ନାହିଁ । ଆପଣଙ୍କର ଗୀତା କହୁଛି ପରା, "ଦୁଃଖେଷ୍ୱନୁଦ୍ୱିଗ୍ନମନା ସୁଖେଷୁ ବିଗତସ୍ପୃହଃ ।" ତା ଛଡ଼ା ଅନେକ ସମୟରେ ଭାବନା ହୁଏ, ଦୁଃଖ ହିଁ ମନୁଷ୍ୟର ପରମ ଆନନ୍ଦ । ମୁଁ ତ ଆଜ୍ଞା, ଦୁଃଖ କରିବା, ଚିନ୍ତା କରିବା ଭାର ବାଦ୍ୟକାରଙ୍କ ଉପରେ ଲଦିଦେଇ ଗୀତ ଗାଇବାକୁ ବସି ପଡ଼େ । ବିମର୍ଷ-ବିଷାଦ, ହତାଶା-ନିରାଶା ଇତ୍ୟାଦି ଯେତେ ଶବ୍ଦ ଅଛି, ସେ ସବୁ ହୃଦୟ ଭିତରର କଥା । ସୃଷ୍ଟିରେ ପ୍ରତ୍ୟେକ ବିଷୟ ପରିବର୍ତ୍ତନ-ଶୀଳ । ମନୁଷ୍ୟ ମନର ଅନୁଭୂତିରେ ମଧ୍ୟ ପରିବର୍ତ୍ତନ ଘଟୁଛି । ଆମର ଏଠିର ଦର୍ଶକ ସାମାଜିକ ନାଟକ ପ୍ରତି ଆଦୌ ଆକୃଷ୍ଟ ହୋଇନାହାନ୍ତି । ଆପଣ ଯେ ନଳଚରିତ ଲେଖୁଛନ୍ତି, ସେ ଦିନ ଚିନ୍ତାକରିବା ପ୍ରକାରେ ଲେଖିଛନ୍ତି ତ ? ଦମୟନ୍ତୀ ହେବେ କାବ୍ୟ । ନଳ ହେବେ କବି । ମହାଭାରତରୁ ନଳଦମୟନ୍ତୀ କଥା ପଢ଼ିବାଠାରୁ ଇମିତି ଗୋଟାଏ ଭାବନା ଆସିଥିଲା, ଲେଖିବି ଲେଖିବି ଭାବିଥିଲି; କିନ୍ତୁ, କାର୍ଯ୍ୟରେ ପରିଣତ କରିପାରି ନ ଥିଲି । ଯାହାଦ୍ୱାରା ଯେଉଁ କାର୍ଯ୍ୟ ସାଧିତ ହେବାକୁ ଅଛି, ତାହା କିଏ ଅନ୍ୟଥା କରିବ ! ଆପଣ ଟିକିଏ ନବୀନ ଭାବଭଙ୍ଗୀ ରଖି ଦୃଶ୍ୟଗୁଡ଼ିକ ସଜେଇବେ । ଶୁଣନ୍ତୁ, ନଳଙ୍କର ଚରିତ୍ରଚିତ୍ରଣ ସମୟରେ ଏ ଆଡ଼କୁ ଦୃଷ୍ଟି ରଖିଥିବେ, କବି ସାଧନାମାର୍ଗରୁ ଚ୍ୟୁତ ହେଲେ ଅବସ୍ଥା କିମିତି ଶୋଚନୀୟ ହୁଏ । ଏଇ ଅଭିମତ ସ୍ପଷ୍ଟ ଏବଂ ସୁଦୃଢ଼ ହେବ । ଦୁଃଖ-ସୁଖର ସମାବେଶରେ ତ କାବ୍ୟ ଗଠିତ ହୁଏ । ସ୍ୱର୍ଗଲୋକର ବାସିନ୍ଦା ଦେବତାମାନେ ଅବିମିଶ୍ର ଆନନ୍ଦରେ ସମୟ

କଷ୍ଟଭୋଗ କରୁଥାନ୍ତି । ସେମାନେ ଦୁଃଖ ପ୍ରତି ସର୍ବଦା ବିମୁଖ । ତେଣୁ ଦମୟନ୍ତୀ, ସ୍ୱର୍ଗର ଦେବତାଙ୍କୁ ଛାଡ଼ି ମର୍ତ୍ତ୍ୟର ମାନବଙ୍କୁ ବେଛିଥିଲେ, ବରମାଳା ଦେଇ ଅବସ୍ଥାର ଅଧୀନ ନଳ ଦ୍ୟୂତକ୍ରୀଡ଼ାରତ ହୋଇ ହେଲେ ବୁଦ୍ଧିଭ୍ରଷ୍ଟ । ବନବାସୀ ହେଲେ । ଅବଶେଷରେ ସେ ଅସମାପ୍ତ କାବ୍ୟକୁ ଅରଣ୍ୟ ମାର୍ଗରେ ଫିଙ୍ଗିଦେଇ ଚାଲିଗଲେ । ପରେ ଅନୁତାପ ରୂପ ସର୍ପର ଦଂଶନ-ଦ୍ୱାରା ପୁଣି ହେଲେ କଳା ।

ସ୍ୱର୍ଣ୍ଣ କହିଲା, ଆପଣ ଯିମିତି ଭାବୁଛନ୍ତି, ମୁଁ ସେ ଭାବରେ ଲେଖିବାକୁ ଚେଷ୍ଟାକରି ନଳଙ୍କୁ ପ୍ରଥମ ଦୃଶ୍ୟରୁ ହିଁ କଳା କରି ଦେଖେଇ ଦେଇଛି । ଏ ଖାତାଟାରେ ଦ୍ୱିତୀୟ ଅଙ୍କ ପର୍ଯ୍ୟନ୍ତ ଅଛି—

ସୁରମାଷ୍ଟ୍ରେ ଖାତା ଦେଖି ଦେଖି କହିଲେ, ଏକା-ଥରକେ ନୂଆକରି ରଙ୍ଗଦେଇ ଗଢ଼ିଲା ପରି ମନେହେଉଛି ଆଜ୍ଞା ! ଆଜ ନେଇଯିବି, ଦିନବେଳେ ତ ଦେଖିହେବନାହିଁ । ରାତିରେ ନ ଶୋଇ ପଢ଼ିବାକୁ ହେବ । ଶୋଇପଡ଼ିଲ କି ବାଦ୍ୟକାରେ ! 'ଧ୍ରୁବନାଟକ' ଭିତରେ ହାସ୍ୟରସ ଟିକିଏ କରିବା ରଖିବା କଥା କହୁଥିଲି । ଏଠିକି ଆସି ସେ କଥା ଏକାଥରକେ ପାସୋରି ଦେଇଛି ।

ବାଦ୍ୟକାରେ ଶାଳଟାକୁ ସୋଡ଼େଇ ହୋଇପଡ଼ି କହିଲେ, ଏତେ କଥା କହିଲଣି ମାଷ୍ଟ୍ରେ ତମେ, ମତେ କହିବାକୁ ସମୟ ଦେଉଛ କେଉଁଠି ? ବିଶୁ ସୂପକାରେ ଗଲେ କୁଆଡ଼େ ! ଚା' ଟିକିଏ ହୋଇଥିଲେ ଭଲ ହୋଇଥାନ୍ତା ।

ବିଶୁ ବୋଧହୁଏ ରୋଷେଇକାର୍ଯ୍ୟରେ ବ୍ୟସ୍ତ ଅଛି । ଆଜ ଏ ଆଡ଼କୁ ଆସିନାହିଁ । ମୁଁ ତାକୁ କହିଦେଇ ଆସୁଛି ଚା' କରି ଆଣିବ । ଏ କଥା କହି ସ୍ୱର୍ଣ୍ଣ ଚାଲିଗଲା ରୋଷେଇଘର ଆଡ଼କୁ ।

ସେତିକିବେଳକୁ ବିଶୁ ଚୂଲିପାଖରେ ବସି ଆପଣାକୁ ଧିକ୍‌କାର କରୁଥାଉଥିଲା ସ୍ୱଗତୋକ୍ତି କରି । "ଘରେ କାଠ ନାହିଁ । କାଲି ପୋଟଳ ଗ୍ରାମୁଣ୍ଡିଆଟା ଭାଙ୍ଗିଆଣିଲି । କୋଉଠି କାଠଟା, କୋଉଠି ପତ୍ରା ବାଉଁଶ କାଆଁ ଲାଗି ଜଳୁ ଜଳୁ ପାଉଁଶ ହୋଇଯାଉଛି । ଚୂଲିମୁଣ୍ଡେ ବସି କାଠ ବାଉଁଶ ଠେଲୁଥିବି ନା ଏ-ଆଡ଼େ ଆଉ ସବୁ କଥା ଦେଖିବି ! କାହିଁକି ଜେଜାଣି ଏ ସଂସାରରେ ଜନ୍ମ ହୋଇଥିଲି, ଧନବନ୍ତ ସ୍ୱାମୀଙ୍କ ଘରେ ଧନ୍ଦହୋଇ ମରୁଛି । ଗାଈବାଛୁରୀ ପାଞ୍ଚଟା ବନ୍ଧା ହୋଇଛନ୍ତି, କୁଣ୍ଡାପାଣି ଦେଇ କି । ଶୀତକାଳର ଦିନ କୁଣ୍ଡାଟା ଗରମ ନ କଲେ, ସୁକୁମାରୀ ଗାଈ ଖାଇବ କି ହିଁ । ତେଲ ନାହିଁ । ନ ଥିଲେ ମୁଁ କଅଣ କରିବି ? ଚିନି ନାହିଁ । ଚା' ନାହିଁ । ଏଣିକି ନା ହୁଆମାନେ ଚା' ଦିଅ ବୋଲି ପାଟିଭୁଣ୍ଡ କରିବେ । ସ୍ୱାମୀଙ୍କର କଅଣ ଯାଉଛି ? ଧୀରେ ଭୁନଟି ହୋଇ ବସିଥିବେ । ଘରେ କଅଣଟା ଅଛି, କଅଣଟା ନାହିଁ ପଚାରିବାକୁ ନାହିଁ । କୁଆଡ଼େ ଗଲି, ସେ ସୁଖର ଦିନ ! ଲଣ୍ଠନଟାକୁ ଉଠେଇ ପୁଣି ଧଡ଼ଙ୍କରି ରଖିଦେଲା ଦୁଆରମୁହଁକୁ । ତେଲ ନାହିଁ, ଖାଲିଟା, ଏଣିକି ଲିଭିଯିବ । ବାଜପାର ଦୋକାନରୁ ବାକିରେ କିନିଷ ଆଣିବା ଚାଲିଛି । କାଲି ଟାଙ୍ଗି ପୋରିଷ ହେଲା ଆଣିବାକୁ ଯାଇଥିଲି, ଯିମିତି ମୁହଁକରି କଥା କହିଲା ବାଜପାର ! କିରାସିନ ଆଣି ଯିବି ଏବେ ଆଉ ଥରେ କୋଉ ମୁହଁ ଧରି ? ଶହେ କି ଦେଢ଼ଶହ ଟଙ୍କା ହେଲାଣି । ସେ ମଧ୍ୟ ନ ମାଗି ରହିବ କିମିତି ? 'ହାତରେ ନ ଥାଏ ଧନ, ପୁଅ ବାହାକରି ମନ ।' ଯାହା ଥିଲା ଝାଡ଼ଝଡ଼ି ଖରଚ କରି ସାରିଲେଣି । ଏ ଥରକ କିମିତି ଚଳେଇବେ ତାଙ୍କୁ ଜଣା । କୁଆଡ଼ୁ ଆସିଲେ ଏ ଭୂତ ଦି'ଟା, ଘରଟାକୁ ଏକାଥରକେ ଭାଙ୍ଗିଦେଲେ । ଏ ଦି'ଟାକୁ ମଣ୍ଡୁଡ଼ି ଖାଇଲାନାହିଁ ! ଥରେ ଥରେ ଭାବୁଛି—ଏ ଦି'ଟାର ମୁହଁରେ ନିଆଁ ଦେଇଦିଅନ୍ତି କି ! ଘିଅ ଜାଳିବାକୁ ଘରେ ତେଲ ନାହିଁ । ନାଟକ କରୁଛନ୍ତି । କୋଉ ଦଇବ ଆଣି ମତେ ଏଇଠେ ଯୋଡ଼ିଦେଇଛି ଯେ, ପଳେଇବି ବୋଇଲେ ମଧ୍ୟ ଗୋଡ଼ ବାହାରୁନାହିଁ । ଦଶବର୍ଷର ଏଡ଼େ ଟିକିଏ ଛୁଆ ହୋଇଥିଲି । କେତେ ଖୁଆଇଛନ୍ତି, ପିଆଇଛନ୍ତି । ରୋଗ ହେଲେ ଔଷଧ, ପଥ୍ୟ ଦେଇ ଭଲକରିଛନ୍ତି । ସେ ଋଣ ଶୁଝିହେବ କିମିତି ! କୃତଜ୍ଞତାରେ ମନ

ହୋଇଗଲା ବସ୍ତୁର କର୍ମଶ୍ରାନ୍ତ ମଥାନି । ସେ ଲଣ୍ଠନଟାକୁ ଧରି ଚାଲିଯାଉଥିଲା ଗୁହାଳ ଆଡ଼କୁ । ସ୍ୱର୍ଣ୍ଣ ଟିକିଏ ଦୂରରୁ ଡାକି କହିଲା, ଏମାନେ ଚା' ମାଗୁଛନ୍ତି ବଶୁ !

ବଶୁ ଆଉ ଥରେ ଉତ୍ତେଜିତ ହୋଇ କହିଲା, ଚା' ଚିନି କିଛି ନାହିଁ । କିରାସିନି ନାହିଁ, ଖାଲି ଲଣ୍ଠନଗୁଡ଼ାକ ଜାଳିଦେଇଛି । ସ୍ୱର୍ଣ୍ଣ ଶାନ୍ତସ୍ୱରରେ କହିଲା, ଚା' ପାଣିଟା ବସେଇ ଦେଇ ଚା' ଚିନି କିଣି ନେଇଆସେ । ପଇସା କଥା ସକାଳୁ ଦେଖିବା । ଏ କଥା କହିଦେଇ ବାରଣ୍ଡା ଆଡ଼କୁ ଚାଲିଗଲା ସ୍ୱର୍ଣ୍ଣ ।

ସ୍ୱର୍ଣ୍ଣ ସେ ଆଡ଼ୁ ଫେରିଆସିଲାବେଳକୁ ବାଦ୍ୟକାରେ ଆଉ ସୁରମାଷ୍ଟ୍ରେ ଆରମ୍ଭ କରିଥିଲେ ସାହିତ୍ୟସଂସଦ ସମ୍ବନ୍ଧରେ କଅଣ ଗୋଟାଏ କଥା । ସୁରମାଷ୍ଟ୍ରେ କହିଲେ, ମୃତ୍ୟୁଞ୍ଜୟ ପଟ୍ଟନାୟକେ ଚାକିରି ପାଇ ଚାଲିଗଲେ । 'ନିଷ୍କୃତି'ର ଦାମ ରଥ ପାର୍ଟଟା କିଏ ନେଇପାରିବ ? ମଦନ ମହାପାତ୍ରେ ନାନାପ୍ରକାର ଉପାୟ କରି ଲୋକଟାକୁ ସ୍ଥାନାନ୍ତର କରାଇଦେଲେ । ବାଦ୍ୟକାର କହିଲେ, ଉପାୟ ତ କରିବା କଥା ମାଷ୍ଟ୍ରେ, ଆପଣା ପୈତୃକ ଗାଁର ଲୋକ ଅକର୍ମା ହୋଇ ବସିଥିଲେ । ଆମର କାର୍ଯ୍ୟ ଚଳୋଉଥିଲେ ବୋଲି ଆମେ ଏଣୁ ତେଣୁ ଭାବିଲେ କଅଣ ହେବ ?

ଆଲୋଚନା ଚାଲିଥିବା ସମୟରେ ବଶୁ ଚା' ଧରି ଆସି କହିଲା, ଗୀତ ଗୋଟେ ବୋଲ ମାଷ୍ଟ୍ରେ ! ଆଜି ମନଟା କିମିତି ବଣିଜିଆ ହୋଇ କାନ୍ଦୁଚି, ଆଉ ଥରେ ସେଇ ପିଲାଦିନକୁ ଫେରିଯିବାକୁ । ପିଲାଦିନର ସେ ସୁଖ, ସେ ଅଚିନ୍ତା ଭାବ ଆଉ କୋ'ଠୁ ମିଳିବ ? ସୁରମାଷ୍ଟ୍ରେ ବଶୁ ଆଡ଼କୁ ଅନେଇ କହିଲେ, ସୁପକାରେ ତମେ ତ ଦାମ ରଥ ପାର୍ଟଟା ନେଇଗଲେ ସୁନ୍ଦର ଅଭିନୟ କରିହଅନ୍ତା । ବଶୁ କରୁଣ ଦୃଷ୍ଟିରେ ସୁରମାଷ୍ଟ୍ରଙ୍କ ଆଡ଼କୁ ଅନେଇ କହିଲା, ମୁଁ ଯଦି ନାଟକର ପାର୍ଟ କରିବି, ମୋର ଏ ପାର୍ଟ କିଏ କରିବ ମାଷ୍ଟ୍ରେ ! ଭଗବାନେ ଯାହାକୁ ଯୋଉଥିରେ ଗଢ଼ିଛନ୍ତି, ସେ ତ ସେଇକଥା କରିବ । ସେଥିରୁ ଫିଟି ପଳେଇବା ବାଟ ନାହିଁ — ?

ସ୍ୱର୍ଣ୍ଣ ଟିକିଏ ଗମ୍ଭୀର ଭାବରେ ହିଁ କହିଲା, କି ସୁନ୍ଦର କଥା କହିଲୁ ବଶୁ ! ବିଧାତା ଯାହାକୁ ଯେଉଁ କାର୍ଯ୍ୟରେ ନିଯୁକ୍ତ କରିଦେଇଛନ୍ତି, ବାସ୍ତବିକ୍ ସେଥିରୁ ଫିଟି ପଳେଇବା ଉପାୟ ନାହିଁ —

ଏତିକିବେଳେ ପରମାନନ୍ଦ ଅଗଣା ଆଡ଼କୁ ଆସୁ ଆସୁ କହିଲେ, ଆଜି ସମସ୍ତେ ନୀରବ-ନିଶ୍ଚଳ ହୋଇ ବସିଛ ! ବାଦ୍ୟକାରେ ଉଠିବା ଚେଷ୍ଟାରେ ରହି କହିଲେ, ବଡ଼ ଭଲବେଳାରେ ତୁମକୁ ନାମ ଦେଇଛନ୍ତି ଗୋସେଇଁପୁଅ । ପାଦଶବ୍ଦ ଶୁଣିଦେଲେ, ମନ ଆନନ୍ଦରେ ନୃତ୍ୟକରି ଉଠୁଛି । ବାଦ୍ୟକାରଙ୍କ କଥା ଶେଷ ହେବା ଆଗରୁ ସୁରମାଷ୍ଟ୍ରେ ମଧ୍ୟ କହିଗଲେ କେତେ କଅଣ । ଇତିମଧ୍ୟରେ ପରମାନନ୍ଦ ବାରିପାଖ ବାରଣ୍ଡାରେ ମୁହଁ ହାତ ଧୋଇ ଆସି ବସିଲେ ବାରଣ୍ଡାର ଚଉକିରେ । ବାଦ୍ୟକାରେ କହିଲେ, ଲାଭ କ୍ଷତି ସମାନ ବୋଲି ବିଚାର କରି ଆମେ ଆଉ ଥରେ ତ ଧାଇଁଛୁ ସେଇ ନାଟକ ପଛରେ । ଟଙ୍କାପଇସା କଥା ମନେ ପଡ଼ିଗଲେ ଗୋସେଇଁପୁଅ, ମନଟା ବାଧାପାଇ ପଛେଇ ଯାଉଛି । ପରମାନନ୍ଦ ହସିଦେଇ କହିଲେ, ତୁମେମାନେ ସବୁ ସାହିତ୍ୟିକ ଆଉ ନାଟ୍ୟକାର ଲୋକ, ଏଠି ମୋ ପରି ଜଣେ ଅସାହିତ୍ୟିକର ଉପଦେଶ କେତେଦୂର କାର୍ଯ୍ୟକାରୀ ହେବ, କହିପାରୁ ନାହିଁ । ଏ କଥା ବୋଧହୁଏ ତୁମକୁ ଥରେ କହିଥିଲି । ସପ୍ତାହକୁ ଥରେ, ହାଟ ଦିନ, ଦିନକୁ ତିନି ଥର ଗୋଟିଏ ଗୋଟିଏ ପ୍ରହସନ ଦେଖେଇବ । ଟିକେଟ ମୂଲ୍ୟ ଅଣାଏ ଏବଂ ଚାରି ଅଣା ରଖିବ । ନାଟକ ଅଭିନୟ ସମୟ ଘଣ୍ଟାକରୁ ବେଶି ହେବନାହିଁ । ଏଥିରେ ଅଭିନେତା ସଂଖ୍ୟା ତ ଅବଶ୍ୟ କମ୍ ହେବେ; ବ୍ୟୟ ମଧ୍ୟ କମ୍ ହେବ; କିନ୍ତୁ ନାଟକରେ ହାସ୍ୟରସ ଥିବା ଆବଶ୍ୟକ । ନାଟକ କିମିତି ଲେଖାହେବ; ସେ କଥାର ବିଚାର ଆଲୋଚନାର ଭାର ତୁମମାନଙ୍କର !

ଏ ସବୁର ଆୟୋଜନ କରିବା ନିମନ୍ତେ ତ ଟଙ୍କା—

ସ୍ୱର୍ଣ୍ଣ ଚଉକିରୁ ଉଠିପଡ଼ି କହିଲା, ଆୟୋଜନ ତ ହୋଇଯାଇଛି । ଆଉ ଯଦି କିଛି ଟଙ୍କା ଆବଶ୍ୟକ ହୁଏ,

ଖରଚ କରିବା । ସୁରମାଷ୍ଟ୍ରେ ଜାଣିଲେ ଯେ ଆଉ ଏ ବିଷୟ ନେଇ ଆଲୋଚନା କରିବା ସ୍ୱର୍ଣ୍ଣର ଇଚ୍ଛା ନାହିଁ । ଏଣୁ ସେ ବାଦ୍ୟକାରଙ୍କ ଆଡ଼କୁ ଅନାଇଁ କହିଲେ, ଏଥର ଉଠ ବାଦ୍ୟକାରେ । ବିଦ୍ୟାଧରର ଦେହଟା ଭଲ ନ ଥିଲା । ଭୁବନା ରୋଷେଇ କରିଥିବ କି ନାହିଁ ! ବାଦ୍ୟକାରଙ୍କ ମନେପଡିଗଲା, ଭୁବନେଶ୍ୱର କହିଥିଲା କାଠ ନ ଥିଲା । କାଠ କିଣି ଆଣିଥିବ କି ନାହିଁ । ସେ ଉଠିପଡି କହିଲେ, ତାହାହେଲେ ମା’ ତୁମେ ଟିକିଏ ହାସ୍ୟରସ ମିଶେଇ ‘ପ୍ରହସନ’ ଲେଖ । ଅଳ୍ପ ପଇସା ଦେଇ ଲୋକେ ଯଦି ହସିପାରିବେ, ଆମର ଏ ନାଟକ ଅଭିନୟ ଉଦ୍ୟମ ସାର୍ଥକ ହୋଇଯିବ । ଯାଏ ତେବେ ! ଦୋଷାଦୋଷ କ୍ଷମାକରିବ ଗୋସେଇଁପୁଅ ! ଯାଉଛି ମା ଲକ୍ଷ୍ମୀ, କାଲି ସକାଳୁ ଆସିବି ।

ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ ଯିବା ପରେ ପରମାନନ୍ଦ କହିଲେ, କଥାଟିକୁ ସୁନ୍ଦର କରି କହିବା ଆଜି ପର୍ଯ୍ୟନ୍ତ ମୋଦ୍ୱାରା ହୋଇପାରିଲା ନାହିଁ । ବାଦ୍ୟକାରେ କହିଲେ, ଦୋଷାଦୋଷ କ୍ଷମାକରିବ । ଦୋଷ ତ ସେ କିଛି କରିନାହାନ୍ତି । ସେ ଆମମାନଙ୍କ ସକାଶେ ଯେଉଁ ସ୍ୱାର୍ଥତ୍ୟାଗ କରୁଛନ୍ତି, ସେ ଋଣ କୌଣସି କାଳେ ପରିଶୋଧ ହୋଇପାରିବ ନାହିଁ । ଏ କଥା ହେଲା ହୃଦୟର ସ୍ନେହ-ପ୍ରେମ-ଭକ୍ତି-ଶ୍ରଦ୍ଧା ଏ ସମସ୍ତ; କିନ୍ତୁ ଏହାଛଡ଼ା ମନୁଷ୍ୟ ପାଇଁ ଅନେକ କିଛି ଆବଶ୍ୟକ ହେଉଛି, ତାହା ମଧ୍ୟ ଚିନ୍ତା କରିବା କଥା । ତୁମେ ଦେଖୁଛ, ଦୁଇ ଦୁଇଟା ମନୁଷ୍ୟ ତୁମର ଏ ନାଟକ କାର୍ଯ୍ୟରେ ଲାଗିଛନ୍ତି । ସେମାନେ ଇମିତି ସମ୍ପତ୍ତିସମ୍ପନ୍ନ ନୁହନ୍ତି ଯେ ପଇସା ପାଇଁ ଚିନ୍ତା କରିବାକୁ ପଡ଼ୁନାହିଁ । ଖାଇବା-ପିନ୍ଧିବା ଯେ ମନୁଷ୍ୟର ଅତି ଆବଶ୍ୟକ । ଏ ସମସ୍ତ ବିଷୟ ଚିନ୍ତାକରି ମୁଁ କହୁଥିଲି, ଏମାନେ ଯେତେଦିନ ଏଠି ରହିବେ, ଟଙ୍କା କିଛି କିଛି ନିଅନ୍ତୁ । ପ୍ରଥମ ନାଟକରେ ତ ବିଶେଷ କିଛି ହେଲାନାହିଁ । ଏଣିକି ଟିକିଏ ସତର୍କ ହୋଇ କାର୍ଯ୍ୟ କରିଯିବାକୁ ହେବ । ଧନଞ୍ଜୟ ପ୍ରଧାନ ବର୍ମା ଆଡ଼୍ ଭୁଲିଆସିଛି । ଅନେକ ବିଷୟ ଜଣେ । କହୁଥିଲା, ଆଜିକାଲି ସିନେମା ଦେଖିବା ଯୁଗରେ, କେବଳ କଥା ଶୁଣିବାକୁ କେତେ ଲୋକ ଆସିବେ ? ନାଟକର ଅଙ୍ଗ ହେଲା ଗୀତ, ବାଦ୍ୟ ଓ ନୃତ୍ୟ । ଏଥର ‘ଧ୍ରୁବତପସ୍ୟା’ ନାଟକ ଅଭିନୟ ହେବ ତ ! ଉପଯୁକ୍ତ ସ୍ଥାନ ଦେଖି ନାଚ ରଖିଦିଅ । ସ୍ୱର୍ଗର ଗୋଟିଏ ଦୃଶ୍ୟ ଯଦି ରଖି ଦେଇପାରନ୍ତ ! ମୁଁ ଏସବୁ ଉପଦେଶ ଦେଉଛି ବୋଲି ଭାବ ନାହିଁ ଶୁକଦେବ ! ମୁଁ ଜାଣେ, ତୁମେ ଯେଉଁ ଆନନ୍ଦ-ସୌଧ ଗଢ଼ିଲଣି, ସେ ଉପରୁ ଫେରି ଆସି ସୁଖ ଅନୁଭବ କରିପାରିବ ନାହିଁ ।

ଏତିକିବେଳେ ସ୍ୱର୍ଣ୍ଣ ଧୀରେ ଧୀରେ ଚଉକିରୁ ଉଠିଯାଇ ବସିଲା ପରମାନନ୍ଦଙ୍କ ପାଦତଳେ । ପରମାନନ୍ଦ ତା’କୁ ତନ୍ତୁ ଉଠେଇ ହାତ ଧରି ନେଇଗଲେ ଘର ଭିତରକୁ । ସ୍ୱର୍ଣ୍ଣକୁ ଖଟ ଉପରେ ବସେଇଦେଲେ । ସେ ତା’ ପାଖକୁ ବସି ଗୁଡ଼ି ଦେଇଥିବାଠାରୁ କହିବାକୁ ଆରମ୍ଭ କରୁଥିଲେ । ସ୍ୱର୍ଣ୍ଣ ତାଙ୍କୁ କହିବାକୁ ନ ଦେଇ ତାଙ୍କ ଛାତି ଉପରେ ମଥାରଖି କହିଲା, ଏଥରକ ଆଉ ମୋ ଉପରେ ନିର୍ଭର କରନାହିଁ । ମୁଁ ଇଚ୍ଛାକରୁଛି ବୋଲି ମତେ ଆଉ ପ୍ରଶ୍ରୟ ଦିଅନାହିଁ । ତୁମେ ମୋତେ ଆପଣା ହାତରେ ଆୟତ୍ତ କରି ରଖ । ମୁଁ ଯେ ଆଉ ଥରେ ସେଇ ଅଜ୍ଞାନ ଶୈଶବକାଳକୁ ଫେରିଯାଇଛି ! ଆକାଶର ଚନ୍ଦ୍ର ଆଡ଼କୁ ହାତ ବଢ଼େଇଛି ଟିକିଏ ସ୍ପର୍ଶ କରିଦେବି ବୋଲି । ମତେ ତୁମେ ଆଉ ଥରେ ସେଇ ଚୂଲି ପାଖରେ ବସେଇ ଦିଅ । ମୁଁ ଯେ ତୁଚ୍ଛ ! ତୃଣଠାରୁ ମଧ୍ୟ ତୁଚ୍ଛ, ହୀନ ନାରୀଜନ୍ମ ପାଇଛି । ସାହିତ୍ୟ-ରାଜ୍ୟରେ ପ୍ରବେଶ କରିବା ଅଧିକାର କିମ୍ବା ଶକ୍ତି ମୋର ନାହିଁ । ମୁଁ ଫେରିଯିବି, ତୁମର ପଦସେବା କରି ଜୀବନର ଆଉ କେତୋଟା ଦିନ କଟେଇଦେବି ପ୍ରାଣେଶ୍ୱର ମୋର ! ମତେ ତୁମେ ଶକ୍ତି ଦିଅ, ମୁଁ ଯିମିତି ତୁମର ସେବାରେ ନିଜକୁ ନିଯୁକ୍ତ କରିଦେଇ ଏ ଜଞ୍ଜାଳ-ଜାଲରୁ ମୁକ୍ତ ହୋଇଯିବି ।

ପରମାନନ୍ଦ ସ୍ୱର୍ଣ୍ଣର ପିଠିରେ ହାତ ବୁଲେଇଆଣି କହିଲେ, ନାରୀଜନ୍ମ ପାଇଛ ବୋଲି ନିଜକୁ ହୀନ

ମନେକର ନାହିଁ । ସ୍ୱାତନ୍ତ୍ର୍ୟ ସୃଷ୍ଟି କରନ୍ତୁ କିମ୍ବା ନ କରନ୍ତୁ, ଏଇ ନାରୀମାନେ ହିଁ ନିଜକୁ ବଞ୍ଚିତା କରି ଆସିଛନ୍ତି ଚିରକାଳରୁ । ଆମ ସମାଜରେ ପୁରୁଷ ହାତରେ ଗଠିତ ଆଇନ୍ ଅନୁଯାୟୀ ପୁରୁଷ-ସ୍ତ୍ରୀ ଉଭୟେ ଚଳିଆସୁଛନ୍ତି । ପୁରୁଷ ଶାସ୍ତ୍ର ପ୍ରଣୟନ କରିଛନ୍ତି ସେଇମାନଙ୍କର ସକଳ ପ୍ରକାର ସୁବିଧା ନିମନ୍ତେ । ଏଣୁ ପୁରୁଷ ସାମାନ୍ୟ-ଅସାମାନ୍ୟ ଯେ କୌଣସି କାର୍ଯ୍ୟ କଲେ, ତାହା ସ୍ତ୍ରୀ-ପୁରୁଷ ଉଭୟଙ୍କଦ୍ୱାରା ସମର୍ଥିତ ହେଉଛି । ନିନ୍ଦନୀୟ କାର୍ଯ୍ୟ ହେଲେ ମଧ୍ୟ ପୁଅ ସୁନାପୁଅ ହୋଇଯାଉଛି ଅଳ୍ପ ଦିନ ପରେ । ତୁମେ ଶୁଣିଥିବ, ଆମର ଏଠାକାର ଗଣେଶ୍ୱର ମହାପାତ୍ର ଦେଉଳ ତୋଳାଇ ସର୍ବସ୍ୱ ଶେଷ କରିଦେଲେ । ଦେବତା ପ୍ରତିଷ୍ଠା କରିଦେଇ ସେ ଚାଲିଗଲେ ସଂସାରତ୍ୟାଗୀ ହୋଇ ଦେଶାନ୍ତର । ତାଙ୍କର ସନ୍ନ୍ୟାସୀ ବେଶ ଦେଖି, ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ବୋଲି ଗାଁ ଲୋକେ ପ୍ରଶଂସା କଲେ । ସେ କେଉଁଠି ରହିଲେ, କଅଣ ଖାଇ-ପିନ୍ଧି ଚଳୁଥିଲେ, କେହି ଜାଣି ନ ଥିଲେ । ଅବଶେଷରେ ପାଗଳ ହୋଇ ଘରକୁ ଆସିଲେ । ପୁରୁଷ ମଧ୍ୟ ଭ୍ରମ-ପ୍ରମାଦ ସୃଷ୍ଟି କରୁଛି । ସ୍ତ୍ରୀ ଜନ୍ମ ପାଇଛ ବୋଲି ଆପଣାକୁ ଏତେଦୂର ହେୟଜ୍ଞାନ କରନାହିଁ ଶୁକବୋଉ ! ଆର୍ଥିକ ଅବସ୍ଥା ଚିନ୍ତାକରି ଯଦି ନାଟକ ଅଭିନୀତ କଥା ଛାଡ଼ିଦେବାକୁ ଭାବୁଛ, ଭାଙ୍ଗିଦିଅ; କିନ୍ତୁ ଗଢ଼ି ଉଠିଥିବା ଜିନିଷଟାକୁ ଏତେଶୀଘ୍ର ବିଚଳିତ ହୋଇ ଭାଙ୍ଗିଦେବା ଭଲ ନୁହେଁ । ମୋର ତ ଆଶା ହେଉଛି, ନାଟକର ଯଦି ମାସକୁ ଦଶ ଦିନ ଅଭିନୟ କରାଯାଏ, ବାଦ୍ୟକାର ଆଉ ସୁରମାଷ୍ଟ୍ରେ ଦୁଇଶ' ନେବେ । ଅନ୍ୟ ଅଭିନେତାମାନେ କିଛି କିଛି ନେବେ, ଇମିତ ଭାବରେ ତୁମର ଅନେକଗୁଡ଼ିଏ ନାଟକ ସର୍ବାଙ୍ଗସୁନ୍ଦର ହୋଇ ପ୍ରକାଶ ପାଇଯିବ ।

ବିଶୁ ରୋଷେଇ ହୋଇଯିବା ସମ୍ବାଦ ଦେବାକୁ ଆସିଥିଲା ବାରଣ୍ଡାକୁ । ପରମାନନ୍ଦଙ୍କର ଶେଷର କଥା ଶୁଣି ଟିକିଏ ପଛକୁ ଘୁଞ୍ଚିଯାଇ ଭାବିଲା, "ନାଟକ କଥାରେ ତାର ଧାରଣା ଥିଲା, ସ୍ୱର୍ଣ୍ଣ ସ୍ୱାମୀଙ୍କୁ ନ ପଚାରି ନିଜ ଇଚ୍ଛାରେ ସବୁ କରିଯାଉଛି; କିନ୍ତୁ ଘରର କର୍ତ୍ତା ସେ ଏଥିରେ ଉତ୍ସାହ ଦେଇ ସବୁ କରାଉଛନ୍ତି ! ମଥା ଉପରୁ ପଥର ବୋଝ ଗୋଟାଏ ଓହ୍ଲେଇ ଗଲା ପରି ମନେହେଲା ତା'ର । ଯେତେ ଯାହା କରୁ, ପାଠ ପଢ଼ୁ କି ପୋଥି ଲେଖୁ, ସ୍ତ୍ରୀଲୋକ ତ ! ସ୍ତ୍ରୀ ଲୋକ ଘରେ ରହି ତାର କଥା ଦେଖିବ, ସେ କଥା ସବୁ ଆଡ଼କୁ ଭଲ । କରିବାକୁ ଯଦି ଇଚ୍ଛା, ବାବୁ ଏସବୁ କରନ୍ତୁ—"

ଆପଣା ଉପସ୍ଥିତିର ସଙ୍କେତ ଦେଇ ଦୁଆର ମୁହଁକୁ ଆସିଲା ବିଶୁ । କହିଲା, ରୋଷେଇ ହୋଇଗଲାଣି, ଶୀତ-କାକର ଦିନ । ଖନ୍ଦୁ ଖନ୍ଦୁ ଥଣ୍ଡା ହୋଉଛି ।

ସ୍ୱର୍ଣ୍ଣ ମନେ ମନେ ନିଶ୍ଚିନ୍ତ ବୋଧକରି କହିଲା, ବିଶୁ ନ ଥିଲେ ଆମମାନଙ୍କୁ ବଞ୍ଚାଇ ରଖନ୍ତା କିଏ ! ବିଚରା କେତେ ନିଶ୍ଚିନ୍ତ, କେତେ ସୁଖରେ ରହିଥିଲା; ଘରର ସବୁ ଭାର ବହନ କରିବାକୁ ପଡ଼ିଲା ତାକୁ ଏବେ ।

ପରମାନନ୍ଦ ରୋଷେଇଘର ଆଡ଼କୁ ଯାଉଯାଉ କହିଲେ, ଭାର ଯେତେବେଳେ ଥରେ ବହନ କରିଛି, ଆଉ ତାକୁ ଓହ୍ଲେଇ ରଖିବା ସମ୍ଭବ ହେବନାହିଁ । ଏଇ ନିମିତ୍ତ ତୁମେ ଯେଉଁ କାର୍ଯ୍ୟ ଆରମ୍ଭ କରିଛ, ଏ ତ କିଛି ସାମାନ୍ୟ ଭାର ନୁହେଁ ! ଏ ଭାର ଓହ୍ଲେଇ ଦେଇ ଚିନ୍ତାଶୂନ୍ୟ ହୋଇ ରହିବାକୁ କଅଣ ତୁମର ଇଚ୍ଛା ହେଉଛି ? ନା କେବେ ହେଲେ ହେବ ?

ବିଶୁ ଆଗରୁ ଭାତ ବାଢ଼ି ଦେଇଥିଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଖାଇସାରି ଗଲେ ଶୋଇବାଘରକୁ । ସ୍ୱର୍ଣ୍ଣ ପରମାନନ୍ଦଙ୍କ ଦେହରେ କମ୍ବଳ ଘୋଡ଼େଇ ଦେଇ ପାଖକୁ ବସି କହିଲା, ତୁମେ ତ କହୁଚ ନାଟକ ଆୟୋଜନ ଭାଙ୍ଗିଦେବା କଥା ଯାହା କହୁଛି, ତାହା ମୋ ହୃଦୟର କଥା ନୁହେଁ । କିନ୍ତୁ ଆଉ ଗୋଟିଏ କଥା ମତେ ଅଧିକାଂଶ ସମୟରେ ବ୍ୟଥିତା କରିଦେଉଛି । ମୁଁ ଏଇ ନାଟକ ଚିନ୍ତା ଭିତରକୁ ଯାଇ ତୁମର ସେବା କରିପାରୁନାହିଁ ।

ପରମାନନ୍ଦ ବସିପଡ଼ି କହିଲେ, ବାରବର୍ଷ ବୟସରୁ ଆଜି ପର୍ଯ୍ୟନ୍ତ ସେବା କରି ମନୁଷ୍ୟ ଗୋଷ୍ଠୀକୁ

ସଙ୍ଗ କରି ବସେଇ ଦେଲା । ତମର ପରି ଶଙ୍ଖ ଶବ୍ଦ କାହିଁକି, ଲକ୍ଷ ଲକ୍ଷ ନାରୀ ସ୍ୱାମୀସେବା କରି ସମସ୍ତ ଆସିଲେ ମୃତ୍ୟୁମୁଖରେ ପଡ଼ୁଛନ୍ତି । ସେ ସେବା ଫଳରେ କେହି ଗୋଟାଏ ଅମର ହୋଇ ରହୁନାହିଁ, କି ସେ ସେବିକାମାନେ ମର୍ତ୍ତ୍ୟ-ମାଟିରେ ଜନ୍ମ ହୋଇଥିଲେ ବୋଲି କୌଣସି ଚିହ୍ନ ନାହିଁ । ସେମାନେ ସବୁ ଶ୍ମଶାନ ଭୂମିରେ ବସି ଶୋକ କରୁଛନ୍ତି,—ମର୍ତ୍ତ୍ୟକୁ ଆସି କେବଳ ଖାଇପିଇ ଚାଲିଗଲେ ବୋଲି ।

ସ୍ୱର୍ଣ୍ଣ ବାଧାଦେଇ କହିଲା, ଏଇ ଭାରତଭୂମିରେ ସୀତା, ସାବିତ୍ରୀ ଅକ୍ଷୟ କୀର୍ତ୍ତି ରଖିଦେଇ ଯାଇଛନ୍ତି—”

ପରମାନନ୍ଦ ଉତ୍ତେଜିତ ହୋଇ କହିଲେ, ମୋର ଏସବୁ କଥାରେ ବିଶ୍ୱାସ ନାହିଁ । ମନୁଷ୍ୟ ଯମ ସହିତ ଆଳାପ-ଆଲୋଚନା କରି ଆଉ ଜଣେ ମନୁଷ୍ୟର ସୂକ୍ଷ୍ମଶରୀରକୁ ଫେରେଇ ଆଣିବା ସମ୍ଭବ ନୁହେଁ । ଆମ ପୂର୍ବପୁରୁଷ ଅତ୍ୟନ୍ତ ଚତୁରତାର ସହିତ ନାରୀ ହୃଦୟରେ ଏଇ ସମସ୍ତ ବିଶ୍ୱାସର ଗାଢ଼ରେଖା କାଟି ଦେଇଛନ୍ତି ଯେ ଏ ସମସ୍ତ ଘଟଣାମୂଳକ କି ନୁହେଁ ଭାବିବାକୁ ମଧ୍ୟ ଆମେ ସାହସ କରିପାରୁ ନାହୁଁ । ବୈକୁଣ୍ଠର ବିଷ୍ଣୁ ରାମ ମାୟାମୃଗର ପଛରେ ଧାଇଁଲେ, ମାରୀଚ ମୃଗରୂପ ଧାରଣ କରି ପ୍ରଲୋଭନ ଦେଖାଉଛି ବୋଲି ସୀତାଙ୍କୁ ବୁଝେଇ କହିବାକୁ ମଧ୍ୟ ଭୁଲିଗଲେ । ଏହା ପୂର୍ବରୁ ସ୍ୱୟଂ ସୃଷ୍ଟିକର୍ତ୍ତା ରାମଙ୍କ ଆଖି ଆଗରେ ସୂର୍ପଣଖାର ନାକ, କାନ ଲକ୍ଷ୍ମଣ ପରି ଖାଉ ପୁଣି ବାର ବର୍ଷ ଆହାର-ନିଦ୍ରା ତ୍ୟାଗ କରିଥିବା ସଂଯମୀ କାଟି ଦେଇଥିଲେ । ପୁରାଣ କଥା ବୋଲି ସିନା ଶୁଣିବାକୁ ଆମୋଦ ଲାଗୁଛି; କିନ୍ତୁ ଚିନ୍ତା କରି ଦେଖିଲେ ଜାଣିବ, ରାମାୟଣରେ ନିଷ୍ଠୁର ଆଚରଣ ଭରିରହିଛି । ରାମ ରାଜ୍ୟ ଚାହିଁଲେ ରାଜା ହୋଇଥାନ୍ତେ, ବନବାସରେ ଗଲେ ପିତୃସତ୍ୟ ପାଳିବାକୁ । ସେ ସମୟକୁ କୁଳଗୁରୁ ବଶିଷ୍ଠ କେଉଁଆଡ଼େ ଯାଇଥିଲେ କେହି ଜାଣିଲା ନାହିଁ । ପଦେ ହେଲେ ରାମଙ୍କ ସପକ୍ଷରେ କହିଲେନାହିଁ । ଏ ଯୁଗର କଥା ହୋଇଥିଲେ କେତେ ଆନ୍ଦୋଳନ ହୋଇଯାଆନ୍ତା । ଶୂଦ୍ର ଜଣେ ତପସ୍ୟା କଲା ବୋଲି ତାର ମୁଣ୍ଡ କଟାହେଲା । ରାମ ଯେ ନିଷ୍ଠୁରତାର ଚରମ ସୀମାରେ ରହି ଶୂଦ୍ରର ମୁଣ୍ଡକାଟ କଲେ, ସେ କଥା ବୋଧହୁଏ ମହାତ୍ମା ଗାନ୍ଧି ଭୁଲି ଯାଇଥିବେ । ତା ନ ହୋଇଥିଲେ ଯେଉଁ ମହାତ୍ମା ସମଗ୍ର ଜଗତରୁ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବାକୁ ପ୍ରୟାସୀ, ସେ ପୁଣି ରାମରାଜ୍ୟ ସ୍ଥାପନ କରିବା କଥା ଭାବନ୍ତେନାହିଁ । ଲୋକଙ୍କୁ ମୁଗ୍ଧ ରଖିବା ପାଇଁ କବିକଳ୍ପନାର ଏହା ଗୋଟିଏ ଉତ୍ସ । ବାଲ୍ମୀକି, ଯେ ହେଉଛନ୍ତି ଆଦିକବି, ଯାହାର ଶୋକାନୁଭୂତି କମନୀୟ କାବ୍ୟର ରୂପ ନେଇପାରିଛି, ସେ କଅଣ ଏତେ ହୃଦୟହୀନ ଥିଲେ ! ଦସ୍ୟୁ ଥିଲେ !! ହୋଇପାରନ୍ତି । ପରିବର୍ତ୍ତନ ହିଁ ଜୀବନ । ତେବେ, ନିଜର ପ୍ରିୟ ପତ୍ନୀଙ୍କୁ ତ ସ୍ୱତଃ ଯାଇ ପଚାରି ପାରିଥାନ୍ତେ ! ସେଥିପାଇଁ ପୁଣି ପ୍ରେରଣାର ପ୍ରୟୋଜନୀୟତା ? ପୁଣି ଦେବର୍ଷିଙ୍କର ଭୂମିକା ? କାନ୍ତାର ପ୍ରାନ୍ତରେ ଦେବର୍ଷି ପୁଣି ଦସ୍ୟୁଦ୍ୱାରା ବନ୍ଦୀ ! କି କରୁଣ ରମଣୀୟ ଚିତ୍ର ସେ ! କିନ୍ତୁ ପ୍ରାଣପ୍ରିୟା କଅଣ ଉତ୍ତର ଦେଲେ ?' ସ୍ୱାମୀଙ୍କର ସକଳ ପାପର ଭାଗ ସେ ନେଇପାରନ୍ତି କିନ୍ତୁ, ଭରଣପୋଷଣର ଦାୟିତ୍ୱ ହେଉଛି ସ୍ୱାମୀର । ସେଥିପାଇଁ ସ୍ୱାମୀ ଯେ କୌଣସି ବୃତ୍ତି ଅବଲମ୍ବନ କରିପାରନ୍ତି । ସେଥିରେ ସ୍ତ୍ରୀ ଦାୟୀ ହୋଇ ନ ପାରେ ; କହିପାରିଲେ ନାହିଁ—ସ୍ତ୍ରୀ ପୁରୁଷର ସହଧର୍ମିଣୀ, ପାପ ପୁଣ୍ୟ ସକଳର ଅର୍ଦ୍ଧଭାଗିନୀ; କିନ୍ତୁ,ସେତିକି କହି ଦେଇଥିଲେ ରତ୍ନାକର ଦସ୍ୟୁ ହୋଇ ରହିଥାନ୍ତେ ଚିରକାଳ । ତାଙ୍କ ଜୀବନରେ ମହର୍ଷିର ସୌଭାଗ୍ୟ, ଆଦିକବିର ଗୌରବ ସମ୍ଭବ ହୋଇପାରି ନ ଥାନ୍ତା । ଏଠି ଦସ୍ୟୁକୁ ଦେବତା କରିବା ଉଦ୍ଦେଶ୍ୟରେ ସହଧର୍ମିଣୀକୁ କରିଦେଲେ ସ୍ୱାର୍ଥପର ପ୍ରାଣେଶ୍ୱର, ତୁମେ ହିଁ ମୋର ଇହକାଳ, ପରକାଳ ବୋଲି ସେ ଆଉ କହିଲା ନାହିଁ । ଆଜି ତୁମ କଥା ଶୁଣି ଉତ୍ତେଜନାର ବଶବର୍ତ୍ତୀ ହୋଇ, ନାସ୍ତିକ ପରି ଅନେକ ଅନେକ କଥା କହିଗଲଣି । ସମସ୍ତ ଅନୁପ ସ୍ତ୍ରୀ ଏ ବିଷୟ ଚିନ୍ତା କରି ବିଶ୍ଳେଷଣ କରିବ । ଅଧରାତି ହେଲାଣି, ବିଶୁ ବୋଧହୁଏ ଶୋଇ ପଡ଼ିଲାଣି । ଶୋଇବ

ଯାଅ, ସକାଳ ହେଉ ହେଉ ତୁମର ନାଟ୍ୟକାର ବନ୍ଧୁମାନେ ଆସି ବସିବେ, କିଛି ହେଲେ ଲେଖି ରଖିଥିଲେ ସିନା ଦେଖାଇବ !

ସ୍ୱର୍ଣ୍ଣ ସହଜ ଭାବରେ ହିଁ ସ୍ୱାମୀଙ୍କୁ କୋଳାଗ୍ରତ କରି କହିଲା, ମୋ ଶାଶୁଙ୍କର ସ୍ନେହର ଶିଶୁ ତୁମେ ଭୟ ନିବାରଣି ନିମନ୍ତେ ତୁମ ହାତରେ, ଗଳାରେ ପିନ୍ଧେଇ ଦେଇଥିଲେ ମାଳ ମାଳ ଡେଉଁରିଆ । ସେଇ ତୁମେ, ଆଜି ପୁରାଣର ମୁନିଋଷିଙ୍କ କଥାକୁ ସତ୍ୟ କି ମିଥ୍ୟା ବୋଲି ଆଲୋଚନା କରି ବସିଛ । ଏହା ଆଗରୁ ତୁମଠୁ ତ ଇମିତ ଜ୍ଞାନଗର୍ଭକ କଥା କେବେ ଶୁଣି ନ ଥିଲି ।

ପରମାନନ୍ଦ ଉତ୍ତେଜିତ ହୋଇ ସ୍ୱର୍ଣ୍ଣକୁ ବାଧାଦେଇ କହିଲେ, ଯେଉଁ ସୀତାଙ୍କୁ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇ ଆଣିଲେ, ତାଙ୍କୁ ପୁଣି ଦେଲେ ନିର୍ବାସନ ଦଣ୍ଡ । ଆଶ୍ଚର୍ଯ୍ୟ ବିଷୟ, ଅଯୋଧ୍ୟାର କୌଣସି ବ୍ୟକ୍ତି ମଧ୍ୟ ଏଥିରେ ପ୍ରତିବାଦ କିମ୍ବା ସୀତାଙ୍କ ସପକ୍ଷରେ ପଦେ ହେଲେ କହି ନ ଥିଲେ । ମୋର ଭାବନା ହୁଏ, ସୃଷ୍ଟି ଆରମ୍ଭରୁ ହିଁ ନାରୀ ପ୍ରତି ବୈଷମ୍ୟ କରାଯାଉଥିଲା । ବର୍ତ୍ତମାନ ଆଉ କିଛି କହିପାରିବି ନାହିଁ । ଆଖି ପଡ଼ି ଯାଉଛି । ଏକ୍ଷଣି ନ ଶୋଇଲେ ଆଉ ନିଦ ହେବନାହିଁ ।

× × × ×

ପରମାନନ୍ଦଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକାଙ୍କୀ ଲେଖିବା ଉଦ୍ୟମରେ ଭାବନା କରୁକରୁ କେତେବେଳେ ଶୋଇପଡ଼ିଥିଲା ସ୍ୱର୍ଣ୍ଣ ଆଉ ଜାଣିପାରି ନ ଥିଲା । ନିଦ ତାର ଭାଙ୍ଗିଗଲା ଘର ପାଖର ରାଧାଗୋବିନ୍ଦ ମନ୍ଦିରର ଶଙ୍ଖଧ୍ୱନିରେ । ଏଇ ଶଙ୍ଖଧ୍ୱନିଟି ତା'ର ହୃଦୟ-ତନ୍ତ୍ରୀର ମୂଳ ଶିରାପ୍ରଶିରାକୁ ସ୍ପର୍ଶକରି ତା' ମନକୁ ସଚେତ କରିଦିଏ ବଡ଼ ଗମ୍ଭୀର ଭାବରେ । ସେଇ ବାଳିକା ଅବସ୍ଥାରୁ ହିଁ ପ୍ରତିଦିନ ଉଷାକାଳରେ ଏଇ ଶଙ୍ଖଧ୍ୱନି ଶୁଣି ଅପୂର୍ବ ଆନନ୍ଦ ଅନୁଭବ କରେ ସେ । ମନେପଡ଼ିଗଲା, ଏଇ ଶଙ୍ଖଧ୍ୱନି ଶୁଣି ଶ୍ୱଶୁର ବିଷ୍ଣୁବନ୍ଦନା ଗାଇଥାନ୍ତି । ଶାଶୁ ମାଘମାସରେ ସ୍ନାନ କରି ଆସନ୍ତି ଏଇ ସମୟରେ । ଏଇ ସମୟକୁ କାର୍ତ୍ତିକ ମାସରେ ଯାଆନ୍ତି ସ୍ନାନକରି । ସେମାନେ ଆଉ ନାହାନ୍ତି । ଦେଉଳ ଅଛି । ନିତ୍ୟ ସନ୍ଧ୍ୟାରେ ଆରତି ହେଉଛି । ଶଙ୍ଖ, ଘଣ୍ଟା ଶବ୍ଦ ଶୁଭୁଛି । ମନ୍ତ୍ରଧ୍ୱନିରେ ସଚେତ ହେବା ପରି ଯେଉଁ ବ୍ୟକ୍ତି ଟି ଜାଗିଉଠି, ଉଷାର ସ୍ତୁତି ରଚୁଥିଲେ, ସେ ଆଜି ଆଉ ନାହାନ୍ତି । ସେ ମଧ୍ୟ ତାଙ୍କରି ପରି ଦିନେ ଚାଲିଯିବ । ଆଜିର ପରି ସକାଳ ହେବ ପ୍ରତିଦିନ । ସେ ନ ଥିବ ଶଙ୍ଖ, ଘଣ୍ଟା ଶବ୍ଦ ଶୁଣିବାକୁ । ଏ ଘରେ କିଏ ରହିବ ! ମୁରାରି ମିଶ୍ରଙ୍କ ପୁଅ ପ୍ରବାସରୁ ପାଠପଢ଼ି ଆସିଲା । ସେ ତ ଘରେ ରହିଲାନାହିଁ । ଚାଲିଗଲା ପୈତୃକଗୃହ ପରିତ୍ୟାଗ କରି । କେତେ କଷ୍ଟ ସହ୍ୟ କରି ସେ ଘର ତିଆରି କରିଥିବେ ମୁରାରି ମିଶ୍ରେ କି ତାଙ୍କ ବାପା । କେତେଦିନ ପାଇଁ କେହି ଜଣେ ଆତ୍ମୀୟ ଲୋକ ଆସି ସେ ଘରେ ରହିଥିଲା । ତା ପରେ ମାଟିରେ ମିଶିବାକୁ ଆରମ୍ଭ ହେଲା ସେ ଘର । ଜଣେ ଅନ୍ୟ ଜଣକୁ ବିକ୍ରୀ କରି ତିନି ହାତ ହେଲାଣି । ମାଟିଘର ହେଲାଣି ଧନୀର ଦ୍ୱିତଳ ପ୍ରାସାଦ । ମାଟିକୁଡ଼ଆର ଚିହ୍ନ ଆଉ ନାହିଁ । ଶାଶୁ ମରିଯିବା ପରେ ଶ୍ୱଶୁରଙ୍କର ନିଦ ହୁଏନାହିଁ ରାତିରେ । କଥା କହୁଥାଆନ୍ତି ବୋହୂକୁ ପାଖରେ ବସାଇ । ଦିନେ ଦିନେ ଆରମ୍ଭ କରିଦିଅନ୍ତି ଦେଶର କଥା । ସୃଷ୍ଟି ଆରମ୍ଭରେ, କେଉଁଠି କେଉଁ କବି କେଉଁଠି କେଉଁ ବେଦବେଦାନ୍ତବିତ୍ ଋଷି ଥିଲେ, କେହି ତ ଜାଣି ନ ଥିଲେ । କାଳକ୍ରମେ ମହାମାନବବୃନ୍ଦ ସ୍ଥାନ-ବିଶେଷରେ ଆବିର୍ଭୂତ ହୋଇ ପୂର୍ବପୁରୁଷ ସଞ୍ଚିତ ଜ୍ଞାନରାଶି ଆହରଣ କରି ପୁନଶ୍ଚ ବିତରଣ କରିବାରେ ଆପଣା ଆପଣାକୁ ନିୟୋଗ କରିଥିଲେ । ମହାପୁରୁଷମାନଙ୍କ ସେ ବାଣୀ ଧ୍ୱନିତ ହୋଇଉଠୁଛି ଏକ ମୁଖରୁ ଅନ୍ୟ ମୁଖରେ । ସେ ଇମିତ ହିଁ ପ୍ରସ୍ଫୁରିତ ହେଉଥିବ ଅନନ୍ତକାଳ ପର୍ଯ୍ୟନ୍ତ । କଅଣ ଲେଖିଥିଲେ ବାଲ୍ମୀକି ? ରାମ ଦ୍ୱାରା ସୀତା ନିର୍ବାସନଦଣ୍ଡ ପାଇଥିଲେ କି ନାହିଁ, କିଏ କହିପାରିବ ? ତାଙ୍କ ପରେ ରାମଙ୍କୁ ଆହୁରି ଉଜ୍ଜ୍ୱଳକରିବା ଉଦ୍ଦେଶ୍ୟରେ ଅନ୍ୟ ଜଣେ ପୌରାଣିକ,

ରାମଙ୍କ ଦ୍ୱାରା ସୀତାଙ୍କୁ ବନବାସ ଦଣ୍ଡ ଦେଇଥିବେ । ବ୍ୟାସ କଅଣ ଲେଖିଥିଲେ, ତା ପରେ ଅନ୍ୟ ମହାଭାରତକାରମାନେ କେତେ ନୂଆ କଥା ମିଶେଇଥିବେ । ଶ୍ୱଶୁର ଭାବାବେଶରେ କହନ୍ତି । ଦେଖ ତ ସ୍ୱର୍ଣ୍ଣ-ମାଆ, କି ଅଦ୍ଭୁତ ଆଶ୍ଚର୍ଯ୍ୟ କଥା ସୃଷ୍ଟି କରିଛନ୍ତି ଏଇ ପୁରାଣକାରମାନେ ! ବ୍ରହ୍ମା ହେଉଛନ୍ତି ସ୍ରଷ୍ଟା । ସେ ପୁଣି ବିଷ୍ଣୁଙ୍କ ନାଭିରୁ ଜାତ ହେଲେ । ତାହାହେଲେ ବ୍ରହ୍ମା ବିଷ୍ଣୁଙ୍କୁ ସୃଷ୍ଟି କରି ନ ହାନ୍ତି । ବିଷ୍ଣୁ ହିଁ ବ୍ରହ୍ମାଙ୍କୁ ସୃଷ୍ଟି କରିଛନ୍ତି । ଅନନ୍ତନାଗ ଉପରେ ଶୋଇଛନ୍ତି ବିଷ୍ଣୁ । ଶାୟିତ ବିଷ୍ଣୁଙ୍କ ସେବାରେ ନିଯୁକ୍ତା ହୋଇଛନ୍ତି ଲକ୍ଷ୍ମୀ ଏବଂ ସରସ୍ୱତୀ । କେଉଁ ଆଶ୍ଚର୍ଯ୍ୟ ଶକ୍ତିବିଶିଷ୍ଟ ବିଶ୍ୱକର୍ମା ଏ ମୂର୍ତ୍ତି ନିର୍ମାଣ କରିଛନ୍ତି ! ଏ କଥା ସ୍ମରଣ କରିବା ମାତ୍ରେ ହିଁ ହୃଦୟ ଭିତରେ ଭକ୍ତିରସ ସଞ୍ଚରି ଯାଉଛି । ନ ବୁଝି ମଧ୍ୟ ବୁଝିବା ବିଶ୍ୱାସ ହେଉଛି ମନରେ । ନ ଜାଣି ଜାଣିଛି ବୋଲି ଧାରଣା ହୋଇଯାଉଛି । ଆଜି ଏଇ ଯେ ପ୍ରତି ମନ୍ଦିରରେ ଉଷାର ଆଗମନୀ ସଙ୍ଗୀତ ବାଜିଉଠୁଛି; କେଉଁ ମହାମାନବ ଏ ରୀତିଟି ପ୍ରବର୍ତ୍ତନ କରାଇଛନ୍ତି, ସେଇ ଅଶ୍ରୁତ, ଅଦୃଷ୍ଟ ମନୁଷ୍ୟଟିର ଦିବ୍ୟରୂପଟି ଦିଶିଯାଉଛି ଥରକୁ ଥର ଶତ ସହସ୍ର ଆକାରରେ । କାହିଁ, ଏଇ କେତେ ବର୍ଷ ଆଗରେ ତ ଏ ଚେତନା ତାର ନ ଥିଲା । ତାହାହେଲେ, ସତରେ କଅଣ ତା'ର ପୁନର୍ଜନ୍ମ ଘଟିଗଲା ? ଏ ଜନ୍ମରେ ସେ ହୋଇଯାଇଛି ସମ୍ପୂର୍ଣ୍ଣ ନିର୍ଲିପ୍ତ । ସ୍ୱାମୀ ପୁଅ ସଂସାର ସବୁ କଥା ଯିମିତି ଥିଲା ଅଛି କେବଳ, ସେ ହୋଇଯାଇଛି ଗୋଟାଏ ଅନ୍ୟ ମନୁଷ୍ୟ ।

ସକାଳ ହେଲାଣି, କାଉଗୁଡ଼ାକ ଏପାଖ ସେପାଖରେ ଉଡ଼ି କା କା କରୁଛନ୍ତି । ତାକୁ ବରଣା ଗୁଡ଼ାଇ କାର୍ଯ୍ୟ ଆରମ୍ଭ କରିବାକୁ ହେବ ।

ସ୍ନାନ କରି ଆସି ବାରଣ୍ଡାର ଖମ୍ବ ପାଖକୁ ଠିଆହୋଇ ଓଦା ଚୂଳଟା ଶୁଖେଉଥିଲା ସ୍ୱର୍ଣ୍ଣ । ବସୁ ଥିଲା ସେତେବେଳର ଆଡ଼େ । ପରମାନନ୍ଦ ଘରେ ନ ଥିଲେ । କଙ୍ଗିଟାକୁ ଧରି ଚୂଳଟାକୁ ଆଞ୍ଜୁଡ଼ି ଦେଉଥିଲା ସେ । କେତେଦିନ ହେଲା ମଥାଟା ଧୋଇ ନ ଥିଲା । କି ସୁନ୍ଦର ସୁସ୍ଥ, ସ୍ୱଚ୍ଛ ଲାଗୁଛି ସ୍ନାନ କରି ଆସିବା ପରେ । ଆତ୍ମାକୁ ଅନୁଭବ କରିବା ନିମନ୍ତେ ସୁସ୍ଥ, ସବଳ ଶରୀର ଆବଶ୍ୟକ । ଅନ୍ତର୍ଯ୍ୟାମୀଙ୍କୁ ଡାକିବା ପାଇଁ ଶକ୍ତିଦେବ ଏଇ ଶରୀର । ସ୍ୱର୍ଣ୍ଣର ଚିନ୍ତାଧାରାରେ ବାଧାଦେଇ ବାଣ୍ଟିଘରୁ ଆଜ୍ଞା ଡାକ ଡାକି ଆସିଲେ ରାମ ଶତପଥୀ । ତାଙ୍କ ପଛରେ ଆସୁଥିଲେ କୈଳାସ ଓଝାଙ୍କ ସହଧର୍ମିଣୀ ଏବଂ କନ୍ୟା କୁସୁମ । ରାମ ଶତପଥୀ ସ୍ୱର୍ଣ୍ଣଆଡ଼କୁ ଅଗ୍ରସର ହେଉହେଉ କହିଲେ—କେତେଦିନ ପରେ ପୁଣି ଦେଖିଲି । ସ୍ୱର୍ଣ୍ଣ କଅଣ କହିବ, କିଛି ଭାବିପାରିଲା ନାହିଁ । ଲଜ୍ଜିତା ହୋଇ ଭିତରକୁ ଚାଲିଯିବା ସମୟ ମଧ୍ୟ ନ ଥିଲା । ଦୁଇ ଜଣ ଭଦ୍ରମହିଳା ପାଖକୁ ଆସିଗଲେଣି । ହସିଦେଇ କଥା ଆରମ୍ଭ କଲେଣି ଭଦ୍ରମହିଳା । ଏଣେ ରାମ ଶତପଥୀଏ ତାଙ୍କର କଥାସ୍ରୋତ ବୁହାଇ ଚାଲିଛନ୍ତି । ସେ କୁସୁମକୁ ଡାକି କହିଲେ, "ବୁଝିଲୁ ନା, କୁସୁମ ! ତୁମକୁ ଯିମିତି ହାତରେ ଖଡ଼ି ଦେଇ 'ଶ୍ରୀ' ଅକ୍ଷର ଲେଖେଇଥିଲି, ଆମର ଏ ବୋହୂଙ୍କୁ ମଧ୍ୟ ସିମିତି ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରେଜୀ ସବୁ ଏଇ ହାତରେ ଲେଖାଇଛି ।" କୁସୁମ ମନେ ମନେ ଭାବୁଥିଲା, ସେ ତ ପିଲାଦିନରୁ ମାମୁଁଙ୍କ ଘରେ ରହି ମେଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଲା । ଏଇ ତ ଛଅ ମାସ ହେଲା ରାମ ଶତପଥୀଙ୍କ ସହିତ ତାର ପରିଚୟ । କୁସୁମ ଭିତରେ ଭିତରେ ଏ କଥା ଚିନ୍ତାକରିବା ସମୟରେ ରାମ ପୁରୋହିତେ କହିଯାଉଥିଲେ, "ନାଟକ ଲେଖିବା କଥା ମୁଁ ପରା ଶିଖେଇଛି ! ନାନ୍ଦ୍ୟନ୍ତେ ସୂତ୍ରଧର, ଅଙ୍କ ଦୃଶ୍ୟ, କେତେ କଷ୍ଟରେ ସେ ସମୟରେ ଶିଖିଥିଲେ । ସବୁ ପାସୋରି ଦେଇଥିବେ । ଆରେ, ଆମେ ତ ପାସୋରି ଦେଉଛୁ । ସ୍ତ୍ରୀ-ବ୍ୟକ୍ତି ସଂସାର ଜଞ୍ଜାଳ କରୁକରୁ ବିଦ୍ୟା କଥା ଆଉ ମନେ ରହେନାହିଁ । କଥା ସହିତ ଝରି ପଡୁଥାଏ ହସର ଧାରା । ଚୂନ-ଖଇର କଷରେ ତାଙ୍କର ଦନ୍ତପନ୍ତି କଷି ଯାଇଥିଲେ ମଧ୍ୟ ଦାନ୍ତଗୁଡ଼ିକ ସୁନ୍ଦର । ନାଟକୀୟ ଢଙ୍ଗରେ କହୁ-

ଯାଉଥିଲେ ସେ । ପୁଣି ସ୍ୱର୍ଣ୍ଣର ମୁହଁକୁ ଚାହିଁ କହିଲେ— ମନେନାହିଁ, ଶ୍ୱଶୁର ଏ ଘରେ ବସିଥାନ୍ତି ! ପୁରୋହିତଙ୍କ ପାଖରେ ବସି ପାଠ ପଢ଼ୁଛି ବୋଲି ଶାଶୁ ବିରକ୍ତ ହେଉଥାନ୍ତି ।। ମୁଁ ତୁମକୁ କହି କହି ଦେଉଥାଏ 'ଅମରକୋଷ'ର ଶ୍ଳୋକ । କୁସୁମ ! ଯାହାହେଉ, ବୋହୂଙ୍କର ସ୍ମରଣଶକ୍ତିଟା ବଡ଼ ପ୍ରଖର ! ଆଜି ପଢ଼େଇବା ପାଠ କାଲି କି ମୁଖସ୍ଥ । 'ବୈଦେହୀଶ ବିଳାସ' ଟୀକା କରି କରି ପଢ଼େଇ ଦେଇଥିଲି । ଏ କଥା କହୁ କହୁ ସେ ଆରମ୍ଭ କରିଦେଲେ— 'ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ ।'

କୁସୁମ-ମାଆ ଏଇ ଅବସରରେ ସ୍ୱର୍ଣ୍ଣର ହାତଟାଣି ନେଇ ବାରିବାରଣ୍ଡା ଆଡ଼କୁ ଯାଉ ଯାଉ ସ୍ୱର୍ଣ୍ଣର କାନ ପାଖକୁ ମୁହଁ ନେଇ କହିଲେ, ଆମେ ସେ ପାଖେ ବସି ଦୁଃଖସୁଖ କୁହାକୁହି ହେବା । ସ୍ୱର୍ଣ୍ଣ କୁସୁମ-ମାଆଙ୍କ ହାତରୁ ଅଳ୍ପ ଖସିଯାଇ କହିଲେ— କିଏ ସେ ଇଏ ? ଯାଙ୍କୁ ତ ମୁଁ କେବେ ଦେଖିନାହିଁ । ବଡ଼ ସୁନ୍ଦର ଛାନ୍ଦ ଗୀତ ଗାଉଛନ୍ତି ଟିକିଏ ଶୁଣନ୍ତେ । କୁସୁମ-ମାଆ ସ୍ୱର୍ଣ୍ଣର ପିଠିଟାକୁ ଅଳ୍ପ ଚିମୁଟିଦେଇ କୌତୁକଭଙ୍ଗୀରେ ଅସ୍ପଷ୍ଟ କରି କହିଲେ, ଏଇଟା ଗୋଟେ ପୁରୋହିତ ହେଇଚି । ଇମିତି ମାଇଚିଆ ! ମାଇକିନା ମଣିଷକୁ ଦେଖିଦେଲେ ତ ମୁହଁକୁ ଅନେଇ ବସିପଡ଼ିବ । ତମ ନାଁ ସ୍ୱର୍ଣ୍ଣ, ମୋ ନାଁ ସୁନା, ଆମେ ଦୁହେଁ ମଇତ୍ର ବସିପଡ଼ିବା । ଆଜି ପୁଷ ରବିବାର ଯେ ସୂର୍ଯ୍ୟପୂଜା ହେବ । ମହାଦେବ ମନ୍ଦିର ଭିତରେ ସୂର୍ଯ୍ୟଦେବତା ଅଛନ୍ତି । କୁସୁମଟା ତୁମକୁ ଦେଖିବ ଦେଖିବ ବୋଲି ମତେ ରଖେଇ ବସେଇ ଦେଉ ନ । କହିଲି, ଚାଲ ତେବେ, ଦେଉଳଆଡ଼ୁ ଆସିବା, ତାଙ୍କ ଘରକୁ ମଧ୍ୟ ଯିବା । ରାମପୁରୋହିତ ଦେଉଳରେ କେଉଁଠି ଥିଲେ । ତମର ଏଠକି ଯିବା କଥା କୁସୁମ ପଚାରୁ ପଚାରୁ ଢେଇଁପଡ଼ି ପଳେଇ ଆସିଛନ୍ତି । ମାଆଙ୍କ ମୁହଁର କଥା ଶେଷ ହେଉ ନ ହେଉଣୁ କୁସୁମ ପଚାରିଲା— ନାଟକ ଲେଖୁଚ ବୋଲି କହୁଚନ୍ତି । ତମେ ଲେଖୁଚ । ସ୍ୱାମୀ ତମର ଲେଖିଦେଉଥିବେ ।

ସ୍ୱର୍ଣ୍ଣ ମ୍ଳାନ କରୁଣ ଦୃଷ୍ଟିରେ ଚାହିଁଲା କୁସୁମର ମୁହଁକୁ । କୁସୁମ ପଚାରିଲା—କହୁନ, କିଏ ଲେଖିଦେଉଚନ୍ତି ? ସ୍ୱର୍ଣ୍ଣ ଭିତରେ ଭିତରେ ଚମକିଉଠି କହିଲା, ଆପଣଙ୍କ କଥା ଶୁଣି ମୋର ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୋଇ ଯାଇଛି । ସ୍ୱାମୀ ହିଁ ମୋର ହାତଧରି ଲେଖେଇ ଦିଅନ୍ତି । ସମୟେ ସମୟେ ସେ ଲେଖି ମଧ୍ୟ ଦିଅନ୍ତି । ବେଶି ସମୟ ସେ କହିଦେଲେ ମୁଁ ଲେଖେ । କୁସୁମ-ମାଆ ସ୍ୱର୍ଣ୍ଣକୁ ବାରଣ୍ଡା ବେଞ୍ଚ ଉପରେ ବସେଇଦେଲେ ହାତ ଟାଣିନେଇ । କୁସୁମ ଆଗରୁ ବସିଯାଇଥିଲା ! କୁସୁମ-ମାଆ ସ୍ୱର୍ଣ୍ଣର ଦେହକୁ ଲାଗି ବସି କହିଲେ, କୁସୁମକୁ ମୁଁ ସେଇ କଥା କହୁଥିଲି । କହିବାକୁ ଲାଜ କଥା । ତାଙ୍କର ସେ ଲେଖି ନାଟକ କରାନ୍ତେ, ତମେ କାହିଁକି ସେଥିରେ ନାଁ ଦେଇଚ ? କୁସୁମ ମାଆଙ୍କ କଥା ପୂରଣ କରିବା ନିମନ୍ତେ କହିଲା, ସତ କହୁନ କିଏ ଲେଖିଚ ? କୁସୁମର ମୁହଁକୁ ଅନେଇଁ ଅନେଇଁ ସ୍ୱର୍ଣ୍ଣର ଆଖିରେ ଭରି ଭରି ଗଲା ଆବେଗର ଅଶ୍ରୁ । ସେ ଜଡ଼ିତକଣ୍ଠରେ କହିଲା, ମୁଁ ତ ଲେଖୁଛି; କିନ୍ତୁ, ସ୍ୱାମୀଙ୍କର ଆଦେଶ ନ ହେଲେ କଅଣ ଲେଖିପାରନ୍ତି, ନା ଲେଖନ୍ତି ?ସୁତରାଂ ତାଙ୍କରି ହାତର ସୃଷ୍ଟି ବୋଲି ମୋର ଧାରଣା ହୁଏ । କୁସୁମ ମନେ ମନେ ବିରକ୍ତ ହୋଇ କହିଲା, ମୋର ମାଟ୍ରିକ ପରୀକ୍ଷାରେ "ନାଟକ ଦ୍ୱାରା ସମାଜର କି କି ହିତ ସାଧିତ ହୁଏ" ପ୍ରଶ୍ନ ଆସିଥିଲା । ସେଥିର ଆନ୍‌ସାରରେ କଅଣ ଲେଖିବି କିଛି ଭାବିପାରି ନ ଥିଲି । ତୁମେ ଏଠି ଘରେ ବସି ଅକ୍ଷର ଶିଖୁ ଶିଖୁ ନାଟକ ଲେଖିଦେଲ ! କୁସୁମର ମାଆ କୁସୁମ ଆଡ଼କୁ ଅନେଇ ଧମକ ଦେଖେଇ କହିଲେ, ତୁ ଟିକିଏ ତୁନି ହ କୁମ, ମୁଁ କହିବି । ଶୁଣିଲ, ତମ ସାଙ୍ଗରେ ମଇତ୍ର ବସିଲି । ମୋର ଅଧିକାର ହୋଇଗଲା । ହଇ ହେ, ଆମେ ସ୍ତ୍ରୀଲୋକ । ଘରେ ଘରକଥା ଦେଖିବା, ଆମର ପୁଅ, ପତିଙ୍କୁ ସେବାକରି ଧନଧାନ୍ୟଗୋପଲକ୍ଷ୍ମୀ ବଢ଼େଇବା । ଆମମାନଙ୍କଠୁ ତମେ ଜଣେ ନିଆରା ହୋଇ ବାହାରି ନାଟକାଭିନ ଆଉ କରନାହିଁ ।

ଲୋକେ ହସୁଥିଲେ । ଏ କି କଥା ? ସ୍ତ୍ରୀଲୋକଟାଏ ପୁଣି ଏତେକଥା ଭାବନା କରିବ ? ଆମର ପରା ପୂର୍ବକାଳରେ କଥା ଥିଲା, ସାଧବଘରର ବୋହୂକୁ ତା'ର ବଡ଼ ଯା' ଅଭିଶାପ ଦେଇଥିଲା, "ତୋ କଥା ନାଚ ନାଚଯାଉ" ବୋଲି । ପେଟ ଭିତରେ କେତେ ସତ କେତେ ମିଛ କଥା ଆଉଟେଇ ହେଉଛି, ତାହା ବୋଲି ସବୁକଥା କଅଣ ଗୀତକରି ଗାଇବା, ନା କଥା କରି କହିବା । ଲୋକେ ହସୁଥିଲେ, କି ନାଟକ ମ ଇଏ ? ମଦନ ମହାପାତ୍ରେ ଗଲା କାଲି ଆମ ଘରକୁ ଆସିଥିଲେ ଯେ ଏଇ ନାଟକ କଥା ପଡ଼ିଗଲା, ତାଙ୍କର ଯୋଉ ହସ ! ପେଟ ଫାଟିଗଲା ।

ଉଦାସ କରୁଣ ଦୃଷ୍ଟିରେ ଚାହିଁଲା ସ୍ୱର୍ଣ୍ଣ । ଟିକିଏ ରହି କହିଲା—ସବୁ କଥା କହିବାକୁ କାହାର ଶକ୍ତି ଅଛି ? କିଏ କହିପାରିବ ? ବ୍ୟାସ, ବାଲ୍ମୀକି କଥା କହିଥିଲେ ବୋଲି ଅମର ହୋଇ ବସିଛନ୍ତି ଚିରକାଳ ନିମନ୍ତେ ମାନବ-ହୃଦୟରେ । ମନୁଷ୍ୟ ତ କେବଳ କେତେ ବର୍ଷ ମର୍ତ୍ତ୍ୟକୁ ଆସୁଛି ତାହା ନୁହେଁ । ସେ ହେଉଛି ଚିରକାଳର । ମନୁଷ୍ୟ ହୃଦରେ ବାସ କରି ରହିବାକୁ ସେ ସଦାସର୍ବଦା ଆକାଙ୍କ୍ଷା ପୋଷି ରହୁଛି । ଦେହଟା ସିନା ଚାଲିଯାଉଛି, ଆତ୍ମା ଅମର ହୋଇ ରହୁଛି ନବ ନବ ଭାବରେ ଚିନ୍ତାଶୀଳ ମାନବ ହୃଦୟରେ ନିତ-ପ୍ରତିକ୍ଷଣରେ । ମୋ ସ୍ୱାମୀ କହନ୍ତି, ସାମାନ୍ୟ ବୋଲି ଯେଉଁ ବ୍ୟକ୍ତିକୁ ଆମେ ଅବଜ୍ଞା କରିଥାଉଁ, ସେଇ କ୍ଷୁଦ୍ର ଲୋକଟି କେତେବେଳେ ବିଶ୍ୱ-ବ୍ୟାପୀ ହୋଇଯାଏ ଆଶାତୀତ ଭାବରେ ।

କୁସୁମ ଆଉ ତା'ର ମାଆ ସମସ୍ୱରରେ କହି-ଉଠିଲେ—ଓହୋ, ମୋ ବାପ ଲୋ ! କେତେ କଥା ବକର ବକର ହୋଇ କହିଯାଉଛ ହେ ! ଯେତେ ଯାହା କଲେ ମଧ୍ୟ ମାଈକିଅ ଚୁଲିମୁଣ୍ଡିକୁ ଯୋଗ୍ୟ । ଏଥିରେ ଯଶ ବଢ଼ିଯିବ ବୋଲି ଭାବୁଚ କି ? କୁସୁମ କହିଲା, ସତେ ଯଦି ତମେ ଲେଖୁଚ, ଆଣିବଟି କୋଉଥିରେ ଲେଖିଚ, ମୋ ଆଗରେ ବସି ଦୁଇଧାଡ଼ି ଲେଖିବ ।

ଏବେ ତ ମୁଁ ତାଙ୍କର ଆଦେଶ ପାଇନାହିଁ । ମୋର ମନ ମଧ୍ୟ ଉଚ୍ଛନ୍ନ ହୋଇରହିଛି । ଅଗଣାରେ ଭଦ୍ରବ୍ୟକ୍ତି ବସିଛନ୍ତି । କି ସୁନ୍ଦର ଅଦ୍ଭୁତ କଥାଗୁଡ଼ିଏ କହୁଥିଲେ । ଚାଲନ୍ତୁ, ତାଙ୍କର କଥା ଶୁଣିବା । କି ସୁନ୍ଦର ହସ ତାଙ୍କର । ଏ କଥା କହୁ କହୁ ସେ ଅଗ୍ରସର ହେଲା ଅଗଣା ଆଡ଼କୁ ।

କୁସୁମର ମାଆ କୁସୁମର ପିଠିଟାକୁ ଅଳ୍ପ ଚିମୁଟି ଦେଇ ଫିସ୍ ଫିସ୍ କରି କହିଲେ ପୁରୁଷମୁହଁ ନ ଦେଖିଲେ ଘଣ୍ଟେ ହେଲେ ରହିପାରିବ ନି । ରାମ ପୁରୋହିତଙ୍କ ସୁନ୍ଦର ମୁହଁ ଦେଖି ମନଲାଗି ଯାଇଛି । ସ୍ୱର୍ଣ୍ଣ ଏ କଥାରୁ କିଛି ଅଂଶ ଶୁଣି ମଧ୍ୟ ନିର୍ବିକାର ମନରେ ବାରଣ୍ଡାରେ ଠିଆହୋଇ ହାତଯୋଡ଼ି ଦେଇ କହିଲା, "ଆପଣଙ୍କୁ ତ କେବେ ଦେଖି ନ ଥିଲି । ଆପଣଙ୍କୁ ଦେଖିଲେ, ମୋର 'ନିଷ୍ପତ୍ତି' ନାଟକର ନାୟକ ବ୍ରଜ ପଣ୍ଡାପାଣିଙ୍କୁ ଦେଖିଲା ପରି ମନେହେଉଛି । ବର୍ତ୍ତମାନ ନଳ ଚରିତକୁ ଅବଲମ୍ବନ କରି ନାଟକ ଖଣ୍ଡିଏ ଲେଖା-ହୋଇଛି । ଏଥିରେ ନଳଙ୍କୁ ଜଣେ କବି କରି ରଖି ଚରିତ୍ର ଚିତ୍ରଣ କରାଯାଇଛି—"

ରାମ ଶତପଥି ବ୍ୟଗ୍ରଭାବରେ କହିଁ କହିଲେ, 'ନୈଷଧ' ପଢ଼ି ମୁଁ ପରା ନବୀନ ଗ୍ରନ୍ଥରେ ଲେଖିଥିଲି । ସୁରଦାସେ ମୋର ସେ ଖାତା ନେଇଥିଲେ, ତାଙ୍କ ଗାଁରେ ନାଟକ କରାଇବା ପାଇଁ । ବୋହୂ ମା, ତୁମେ ଜାଣିପାରିବ ନାହିଁ । ମୁଁ ଏକାଥରକେ ଗୋଟାଏ ଭୋଳା ମହାଦେବ । କାହାକୁ କେବେ କଅଣ ଦିଏ, ତା ପର ମୁହୂର୍ତ୍ତରେ ପାସୋରି ଯାଏ ।

ଅନୁଗ୍ରହ କରି ଆପଣ ଯଦି ନଳ ମହାରାଜାଙ୍କ ଭୂମିକାରେ ଅଭିନୟ କରିପାରନ୍ତେ,···ସ୍ୱର୍ଣ୍ଣ ଏ କଥା କହୁ କହୁ ରାମ ପୁରୋହିତେ ଉଚ୍ଛ୍ୱସିତ କଣ୍ଠରେ କହିଲେ ସେ ସୌଭାଗ୍ୟ ଆଉ ଜୀବନରେ ଆସିବ ନାହିଁ ବୋହୂ ମା' । ଲୋକେ କଅଣ ମତେ ଘରେ ରହିବାକୁ ଦେଉଛନ୍ତି ! କୁସୁମ-ମାଆର ଶ୍ୱଶୁର ଆମନ୍ତ୍ରଣ କରିଛନ୍ତି, ତାଙ୍କର ସେଠି ହେବ ଅଷ୍ଟପ୍ରହରୀ ଭାଗବତ ପାରାୟଣ । ତା ପରେ ଜଗତପୁରରେ ଯଜ୍ଞ ଗୋଟାଏ

ହେବ । ନେପାଳରୁ ଅବଧୂତବାବା ଆସୁଛନ୍ତି । ଦୁଇ ହଜାର ଟଙ୍କା ଦେବେ ବୋଲି ଜବାବ କରି ଯାଇଛନ୍ତି । ଯଜ୍ଞ ପରିଚାଳନା ବଡ଼ କଷ୍ଟ କଥା ହୋଇପଡ଼ୁଛି !

କୁସୁମ-ମାଆ ବିରକ୍ତ ହୋଇ କହିଲେ, ଚାଲେ କୁସୁମ, ଘରେ ରନ୍ଧାବଢ଼ା ହେବ । ବେଳ ହେଲାଣି । କେତେ ବକର ବକର ହେଉଚ ପୁରୋହିତେ । ତମର ମଧ୍ୟ ସେଇଁ ଗୁଣ । କଥା କହିବାକୁ ପାଇଗଲେ ବସିପଡ଼ିବ ଯେ ବେଳ-କାଳ କିଛି ଜାଣିମ ନାଇଁ ।

ଏ କଥା କହୁ କହୁ ଅଗ୍ରସର ହୋଇଗଲେ ଦାଣ୍ଡଆଡ଼କୁ କୁସୁମ-ମାଆ । ସ୍ୱର୍ଣ୍ଣ ଆଉ ଥରେ ହାତଯୋଡ଼ି ଦେଇ କହିଲା, କେତେ-ବେଳେ ସମୟ ପାଇଲେ ଏ ଆଡ଼କୁ ଆସିଯିବେ । ରାମ ଶତପଥି ହସି ପକେଇ କହିଲେ, ମୋର ପୂର୍ବଜନ୍ମର ଶିଷ୍ୟା ତୁମେ, ତୁମ ପାଖକୁ ନ ଆସି ରହିବ ? ମାତ୍ର, ପୁରାଣପାଠ, ଯଜ୍ଞକାର୍ଯ୍ୟ ମାସେ ଦେଢ଼ ମାସ ଲାଗିଯିବ । ମୋର ଭୋଟିଏ ନାତୁଣୀ ଅଛି କଲିକତାରେ, ଲୁଗାକଳର ମ୍ୟାନେଜର ତା ସ୍ୱାମୀ । ଅଜସ୍ର ଉପାର୍ଜନ । ସେ ଏବେ ଶହେଟା ଚିଠି ଲେଖିଲାଣି । ସେଠିକି ଗଲେ ମାସେ କଅଣ, ଚାରି ମାସ ଲାଗିଯିବ । ସେ ଆଡ଼ୁ ଉତ୍ତର ପାଇଲେ ଭାରତଟା ଭ୍ରମଣ କରି ପକେଇ ଆସିବି ।

ଦାଣ୍ଡଘର ଆଡ଼କୁ ଅନେଇ ଦେଇ ଶତପଥିଏ କହିଲେ, ଏଇ ଦେଖ କୁସୁମର କଥା, ଏକାଥରକେ ଯାଇ ଶଗଡ଼ରେ ବସି ପଡ଼ିଲାଣି । ବଡ଼ ଅଭିମାନ ସେଇଟା । ଯାଉଛି ତେବେ ।

ସ୍ୱର୍ଣ୍ଣ ବିସ୍ମୟାଭିଭୂତା ହୋଇ ଚାହିଁ ରହିଥିଲା ରାମ ଶତପଥୀଙ୍କ ମୁହଁକୁ । କି ଅନର୍ଗଳ କହିଯାଉଛନ୍ତି ! ଆଉ ଏଇ ଯେ ଦୁଇଟି ଆଗନ୍ତୁକା କେତେ କଅଣ କହିଦେଇଗଲେ ! ରାମ ଶତପଥୀଙ୍କ ବିଷୟ ନେଇ ଲେଖିଲେ ଭଲ ନାଟକ ଖଣ୍ଡିଏ ହୁଅନ୍ତା । ସେଦିନ ସୁରମାଷ୍ଟ୍ରେ କହୁଥିଲେ, ସେ ଯାହା ଲେଖୁଛି ସବୁ କରୁଣ କ୍ରନ୍ଦନରେ ପରିଣତ ହୋଇଯାଉଛି । ହାସ୍ୟରସ ବୋଲି ଟିକିଏ ହେଲେ ସଂଯୋଗ ହେଉନାହିଁ ।

ଏତିକିବେଳେ ବିଶୁ ବାଟଘରକୁ ଆସି କହିଲା, ରଖା ହେଇନ । ବାକି ପାଞ୍ଚ ବାକିରେ ଜିନିଷ ଦେଇ ନାହିଁ । ଶହେ ଷାଠିଏ ଟଙ୍କା ଦେବାକୁ ଅଛି । ନାଟକ ଦିନ ଆଉ କଅଣ ସବୁ କିଣି ନେଇଥିଲେ ସେଥିର ତିରିଶି ନା ଚାଳିଶି ଟଙ୍କା ବାକି ଅଛି । ଗାଈ ଦି'ଟା ଦୁଧ ଛଡ଼େଇ ଦେଲେଣି । ଚନ୍ଦ୍ରାଟା ଯାହା ଦୁଧ ଟିକିଏ ଦେଉଚି । କରଣ ସାହିର କାହ୍ନୁ ପଟ୍ଟନାୟକେ ଦି'ଚାରି ଥର ପଚାରିଲେଣି । ତାଙ୍କର ନାତିଟିଏ ଜନ୍ମ ହୋଇଛି । ଦୁଧ ଟିକିଏ ନ ହେଲେ ନ ଚଳେ । ବୁଧି ଗାଈଟା ଓଳିଏ ଓଳିଏ ଦୁହାଁହେଉଚି । ବିକ୍ରୀ କରିଦେଲେ ହୁଅନ୍ତା । ସ୍ୱର୍ଣ୍ଣ ପଚାରିଲା, କେତେ ଟଙ୍କା ଦେବେ ପଚାରିଥିଲୁ ବିଶୁ ? ବିଶୁର କଥାଗୁଡ଼ିକ କ୍ଷୁଧିତ କୁକୁର ପରି ତା ଆଡ଼କୁ ଖିଙ୍କାରି ହୋଇ ଆସିଲା ପରି ତାର ମନେହେଲା । ସେ ଯେ ଗୋଟାଏ ମନୋମୁଗ୍ଧକର ଚିନ୍ତାରେ ନିମଗ୍ନା ଥିଲା । ବିଶୁଟା ଏ ସବୁ ଅପ୍ରୀତିକର ପ୍ରସଙ୍ଗ ନ ଉଠେଇ ଶୀଘ୍ର ତା' ପାଖରୁ ଚାଲିଗଲେ ହିଁ ଭଲ । ସେ ବାରଣ୍ଡାରୁ ଘର ଭିତରକୁ ଯାଉ ଯାଉ କହିଲା, ତାହାହେଲେ ଗାଈଟାକୁ ବିକ୍ରି କରିବା ବ୍ୟବସ୍ଥା କର ବିଶୁ ! ଦୋକାନ ବାକି ତ ଶୁଝିବାକୁ ହେବ !

ବଳଦ ଶଗଡ଼ରେ କୁସୁମ ଆଉ ତା'ର ମାଆ ବସିବା ସମୟକୁ ଆସିଗଲେ ରାମ ଶତପଥୀ । ଶୁଭ୍ର ସୁଗଠିତ ଦନ୍ତପନ୍ତି ବିକାଶ କରି ହସି ଉଠୁଛନ୍ତି ଶତପଥୀଏ । କୁସୁମ କହିଲା, ଲେଖା ଖାତା ତ ଦେଖାଇଲନାହିଁ । ରାମ ଶତପଥୀ ହୋ ହୋ କରି ହସିଉଠି କହିଲେ, ଇଏ ଗୋଟାଏ କଅଣ ନାଟକ ଲେଖିବ ମ କୁସୁମ ? ତୁମେ ଭାଉଜ ଯେଉଁ ଶକ୍ତି ନେଇ ଜନ୍ମ ହୋଇଛ, ଏଁ, ପାଠ ଚାରିଅକ୍ଷର ପଢ଼ିଥିଲେ, କେତେ ବଡ଼ ବଡ଼ କବିଙ୍କୁ ବଳିଯାଇଥାନ୍ତ ।

ରାମ ଶତପଥୀ ସବୁ ଭଦ୍ରମହିଳାଙ୍କୁ ଭାଉଜ ବୋଲି ଡାକନ୍ତି ଗ୍ରାମର ଲେଖାରେ । ସେଇ ଲେଖାରେ କୁସୁମ ବୋଉ ହେଉଛନ୍ତି ଶତପଥୀଙ୍କ ଭାଉଜ । ଶତପଥୀଙ୍କ ମୁହଁରୁ ଆପଣା ପ୍ରଶଂସା ଶୁଣି କୁସୁମ-ମାଆଙ୍କ ମୁହଁରେ ଅଙ୍କିତ ହୋଇଗଲା ଲଜ୍ଜାର ମୃଦୁରେଖା । ସେ ହସି-ଦେଇ କହିଲେ, ପିଲାଦିନେ ଆମେ ଶାଶୂ ବୋହୂ ଖେଳ, ଖେଳୁ ଖେଳୁ କେତେ ନାଟକ କରି ଦେଉଥିଲୁ—"

ରାମ ଶତପଥୀ କଥା ଶେଷ କରିବାକୁ ନ ଦେଇ କହିଲେ, ହୁଁ ! ଆ ! ସେଇ ତ ଅସଲ ଜୀବନ-ନାଟକ ଭଜନ ! ଏଇଟା ଗୋଟାଏ କଅଣ ଜାଣିବ ? ବାଲ୍ୟଶୈଶବର ଆନନ୍ଦ ଅନୁଭୂତି ତ ମନରେ ନାହିଁ ।

ବଶୁ ସ୍ୱର୍ଣ୍ଣପାଖରୁ ଚାଲିଯାଇ ଗୁହାଳ ଆଡ଼କୁ ଅନେଇଁଲା, ଗାଈଗୁଡ଼ାକ ବନ୍ଧା ହୋଇଛନ୍ତି । ରଖୁଆଳର ଦେହ ଅସୁସ୍ଥ । ସାହିର ସବୁ ଗାଈ ଇମିତି ବନ୍ଧାହେବେ ସେ ଆସିବା ପର୍ଯ୍ୟନ୍ତ । ଗୋବର ଗଦା ପଡ଼ିଛି । କୁଣ୍ଡାପାଣି ଦେଇଥିବା ଡଙ୍ଗା ଉପରେ ଚନ୍ଦୁଣ୍ଡି ଗଦାଏ ହେବ ଗୋବର ରଖିଦେଇଛି । ଗୁହାଳ ସଫା କରିବା କଥା ଭୁଲିଯାଇଥିଲା ବଶୁ । କ୍ରୋଧରେ ଅଧିର ହୋଇ ଦି' ଦି' ଚୁଟିକା ପିଟିଦେଇ ଗଲା ସେ ସବୁଗୁଡ଼ାକ ଗାଈବାଛୁରୀ ଉପରେ । ଅନର୍ଗଳ କଟୁ ଭର୍ତ୍ସନା କରିଯାଉଥିଲା ଗାଈଗୁଡ଼ାକୁ ସେ । ରାତି ଥା' କାଲଠୁ କୁଣ୍ଡାପାଣି ନ ଦେଇ ପେଟ ଶୁଖେଇଦେବି ଯେ, ଶଳା ରାଣ୍ଡୀଟା ମତେ କନ୍ଦେଇ ଦେଲାଣି । ମୁଁ ଶଳା କାହିଁକି ଜନ୍ମ ହୋଇଥିଲି କେଜାଣି ? ଦିନରାତି ହାତଗୋଡ଼ ଚାଲି ଚାଲି ରାତିକି ଆଉ ଗୋଡ଼ ଦି'ଟା ଉଠୁନାହିଁ । କୁଆଡ଼ୁ ଏ ଶଳା ମଲମତ୍ତ ଦି'ଟା ଘରକୁ ଆଇଲେ ! ସେଇଦିନଠୁ ଏ ଘରେ ନିତି ନୂଆ ଦୁଃଖ ! ଏ ଦି'ଟାକୁ ସଂସାର ଯାକର କାଳୀଠାକୁରାଣୀ, ଚଣ୍ଡୀଠାକୁରାଣୀ ବଳି ମୋଡ଼ି ରକ୍ତ ପିଇଦେଉନାହାନ୍ତି କାହିଁକି କେଜାଣି ? ରାତିରେ ଶୋଇଲାବେଳକୁ ଏତେ ଡାକୁଛି, ହେ ଗ୍ରାମଦେବତୀ ! ଏ ଦି'ଟାକୁ ମାରି ଦିଅ । ଏ ଦି'ଟା ବଳି ପଡ଼ିଯାଆନ୍ତୁ । କାହିଁ ମରୁ ତ ନାହାଁନ୍ତି । ଘରେ ଡାଲରେ ଦେବାକୁ ହଳଦିଗୁଣ୍ଡ ଟିକିଏ ନାହିଁ ଯେ ସେଇ ଦିନଠୁ କହୁଛି, ତାଙ୍କ କାନରେ ପଡ଼ୁନାହିଁ । ମାଆ ତ ତାର ମୁଣ୍ଡ କିଣି ନାହାଁନ୍ତି ! ଏ ଜଞ୍ଜାଳରେ ସେ ପଡ଼ିଥିବ କାହିଁକି ? ତାର ମଧ୍ୟ କି ସ୍ୱାଧୀନବୁଦ୍ଧି ଆସିଛି ଯେ ଏ ଲୋକ ଦି'ଟାକୁ ଗୁ' ପୁରା, ପକୋଡ଼ି ଦେଇ ଆଦର କରି ବସୁଚ ।

ରାଗର ଚରମରେ ହିଁ ବଶୁ ଗୋବରଗୁଡ଼ାକ ପାଦରେ ଠେଲିନେଇ ଗଦେଇ ଦେଲା ଗୋଟାଏ କୋଣକୁ । ଗାଈଗୁଡ଼ିକ ଖୋଲି ନେଇ ବାନ୍ଧିଦେଲା ଗୁହାଳ ବାହାରେ । ପେଟ ଭିତରେ ଉଚ୍ଛୁର ଉଠୁଛି କଥାଗୁଡ଼ାକ; ନ କହିଲେ ଆଉ ଚଳିବ ନାହିଁ । ସେ କଥା ସେ ଆପେ ଶୁଣିଯାଉ କିମ୍ବା ତା ମୁହଁରୁ ବାହାରି ବାୟୁମଣ୍ଡଳରେ ମିଶିଯାଉ । କୂଅ ପାଖକୁ ଯାଇ ହାତ ଗୋଡ଼ ଧୋଇ ରୋଷେଇଘରକୁ ଗଲା ପୁଣି ସେ । ଛେଚଳକରିଡ଼ ହେଲେ ଆଉ କଷ୍ଟ ଲଭନାହିଁ । ଡାଲି ପାଞ୍ଚ ଯାହା କହୁ ପଛକେ, ଲୁଣ-ତେଲ କିଣି ଆଣିବାକୁ ହେବ । ଏଇକ୍ଷଣି ବାବୁ ଆସିବେ । ଘରେ କାଠ ମଧ୍ୟ ନାହିଁ । କଅଣ ଜାଳିଦେଇ ଗରମପାଣି କରିବ ? ଗୁହାଳଭାଡ଼ିର କାଠପଟା ଯାହା ଥିଲା, ସବୁ ଶେଷହେଲାଣି, ଜାଣିଛି, ମାଆଙ୍କ ହାତରେ ପଇସା ନାହିଁ ଗାଈ ବିକ୍ରୀ ହୋଇଗଲେ କଷ୍ଟ ହେଲେ ଟଙ୍କା ହାତକୁ ଆସିଯିବ । ପାଣି ଡେକଚିଟା ଚୁଲି ଉପରେ ବସେଇ-ଦେଇ ବାହାରି ପଡ଼ିଲା ଦୋକାନକୁ ଯିବା ଉଦ୍ଦେଶ୍ୟରେ ।

ଉପରଓଳି ସ୍ୱର୍ଣ୍ଣ ଘର ଭିତରେ ବସି ଲେଖୁଥିଲା ଗୋଟାଏ ଗୀତ । ପୌଷର ଶୀତ ପବନ ବହି ଆସୁଥିଲା ଉତ୍ତର ଦିଗରୁ । ଅପରାହ୍ନର ମ୍ଲାନ ସୂର୍ଯ୍ୟ ଖସି ଖସି ଯାଉଥିଲେ ପଶ୍ଚିମ ପ୍ରାନ୍ତକୁ । ଏଇ କେତେ-ଦିନ ହେଲା ଦୁର୍ବଳତାବଶତଃ ବୋଧହୁଏ ଶୀତର ପ୍ରଭାବ ଅନୁଭବ କରୁଥିଲା ସ୍ୱର୍ଣ୍ଣ । ଶାଲଟାକୁ ଭଲକରି ଘୋଡ଼େଇ ହୋଇ ପୁଣି ମନୋନିବେଶ କରିଦେଲା ସେ ଗୀତ ରଚନାରେ ।

ଲେଖାଟା ଶେଷ କରିଛି କି ନାହିଁ, ସୁରମାଷ୍ଟ୍ରେ ଆଉ ବାଦ୍ୟକାରେ ଅଗଣାକୁ ଆସି ଡାକିଲେ ବଶୁକୁ । ଘର ଭିତରଟା ଅନ୍ଧାରିଆ ହୋଇ ଆସିଥିଲା ଧୀରେ ଧୀରେ । କଲମ ରଖିଦେଇ ଖାତାଧରି ଉଠୁ ଉଠୁ ସ୍ୱର୍ଣ୍ଣ କହିଲା, ଆପଣମାନେ ବସନ୍ତୁ । ମୁଁ ଆସୁଛି । ବଶୁ ତ ଘରେ ନ ଥିବା ପରି ଲାଗୁଛି । ଏଣେ ଅନ୍ଧାର ହେଲାଣି ଆମମାନଙ୍କୁ ଆଲୋକ ଦେଖେଇବ କିଏ ?

ଏ କଥା କହି ସ୍ୱର୍ଣ୍ଣ ଘରୁ ବାହାରି ବାରଣ୍ଡା ଆଡ଼କୁ ଆସିବା-ବେଳେ ବଶୁ ଲଣ୍ଠନ ଧରି ଆସିଲା ।

ସୁରମାଷ୍ଟ୍ରେ କହିଲେ, ଆଲୋକଦାତା ଆସିଗଲେ ଆଜ୍ଞା ! ବଂଶୁ ଲଣ୍ଠନଟାକୁ ବେଞ୍ଚ ଉପରେ ରଖିଦେଇ କହିଲା, ଗୀତ ଗୋଟେ ବୋଲ ମାଷ୍ଟ୍ରେ । ଆଜ ସକାଳୁ କାହିଁକି କେଜାଣି ମନଟା ପିତାଳିଆ ହେଇଯାଇଛି । ଯୁଆଡ଼େ ଅନେଇଁଲେ ସେଆଡ଼େ ଖାଲି ଅନ୍ଧାର ଦିଶୁଛି । ସୁରମାଷ୍ଟ୍ରେ ଉଚ୍ଚ ହାସ୍ୟକରି କହିଲେ, ଶୁଣିଲ କାଦ୍ୟକାରେ ! ବଂଶୁଙ୍କ ଚେତଣାରେ ମଧ୍ୟ ପକ୍ଷୀ ଲାଗିଲାଣି । ସେ ଏବେ ଉଡ଼ିବୁଲି ମନୁଷ୍ୟ ହୃଦୟର ଦୁଃଖ-ସୁଖ କଳନା କରିବାକୁ ଆରମ୍ଭ କଲେଣି ।

ସ୍ୱର୍ଣ୍ଣ ବଂଶୁର ମନକଥା ବୁଝିପାରିଲେ ମଧ୍ୟ ସେ ବିଷୟ ଆଦୌ ଉଲ୍ଲେଖ ନ କରି କହିଲା, ଆଜି ଗୋଟାଏ ଗୀତ ଲେଖାହୋଇଛି । ବଂଶୁ ଶୁଣିବ । ଅତି ସରଳ ଭାଷା ହୋଇଛି । କଥାଟା ସେ ସହଜରେ ହିଁ ବୁଝିପିବ । ବଂଶୁ ଖମ୍ବ ପାଖକୁ ବସିଯାଇ ଅଳକରି କହିଲା, ଆଗକଣ ଗୀତଟା ବୋଲିଦିଅ ମାଷ୍ଟ୍ରେ । ପରେ ଅନ୍ୟ ସବୁ କଥା ବିଚାର କରିବ । ସ୍ୱର୍ଣ୍ଣ ହାତରୁ ଲେଖା ଖାତାଟା ଆଣି ସୁରମାଷ୍ଟ୍ରଙ୍କ ହାତକୁ ଦେଇଦେଲା ବଂଶୁ ।

ସୁରମାଷ୍ଟ୍ରେ ଖାତା ଧରି ଦେଖୁଥିଲେ । ବଂଶୁ ତାଙ୍କ ପାଖକୁ ରଖିଦେଲା ହାରମୋନିୟମ୍‌ଟା । କାଦ୍ୟକାରେ ଉଠିଯାଇ ନେଇଆସିଲେ ବାରଣ୍ଡାର ସେ କୋଣରୁ ତୁମ୍ବିତବଲା ।

ଗୀତ ଆରମ୍ଭ କଲେ ସୁରମାଷ୍ଟ୍ରେ, ସ୍ୱର୍ଣ୍ଣ ଉତ୍କଣ୍ଠିତା ହୋଇ ଶୁଣୁଥିଲା ଶୂନ୍ୟ ଆଡ଼କୁ ଚାହିଁ ।

ପ୍ରଭାତୁ ଆଜ ବସିଛି ପ୍ରଭୁ
ପ୍ରତୀକ୍ଷା ତବ କରି ।
ତୋଳି ଆଣିବା ସୁମନୁ ମୋର
ପାଖୁଡ଼ା ଯାଏ ଝଡ଼ି ।
ଆସିବ ତୁମେ ଅଦେଖା ସଖା
ନୟନ ମୁଦି ବସିଛି ଏକା
ଏ ଘରେ ମୋର ସଞ୍ଜ ଅନ୍ଧାର
ଯାଉଛି ଭରି ଭରି ।
ଶୀତ ସମୀର ଯାଉଛି କହି
ତବ ଆଗମ ବାରତା କହି
ବିରହେ ତବ ଜୀବନନାଥ
ଲୋତକ ପଡ଼େ ଝରି ।
ବାଜୁଛି ଶଙ୍ଖ ଦେବମନ୍ଦିରେ
ଚମକି ଜାଗେ ହୃଦ-କନ୍ଦରେ
ଗଣା ଦିନରୁ ଗୋଟିଏ ଦିନ
ଗଲା ମୋ ଆଜ ସରି !
ଚାହିଁ ବସିଛି ଦୁଆର ଦେଶେ
ଆସିବ ଅବା ରଜନୀ ଶେଷେ
ଆଜର ସ୍ମୃତି ରଖିଚ ଲେଖି
ଯିବା ଆଗରୁ ମରି ।

ଗୀତ ଶେଷ ହେଉ ହେଉ ବଂଶୁ ହସି ହସି କହିଲା, ମରିଯିବା ଆଗରୁ ମୁଁ ମଧ ମାଷ୍ଟ୍ରଙ୍କୁ ଭଲକରି ଗୁ' ଟିକଏ ଦେଇ ଦେଇଥିବ । ଏ କଥା କହି ବଂଶୁ ଉଠିଯିବା ପରେ, ଅଗଣାର ସେପାଖ ବାରଣ୍ଡାରେ ଠିଆହୋଇ ବାଳ ପାଣ୍ଡ କହିଲେ, ନମସ୍କାର ମାଷ୍ଟ୍ରେ ! ସ୍ୱରଟା କାନରେ ପଡ଼ିଗଲା ଯେ, ପାଖରୁ ଆଉ ଥରେ ଶୁଣିବା ଲୋଭଟାକୁ ସମ୍ଭାଳି ପାରିଲିନାହିଁ । ସୁରମାଷ୍ଟ୍ରେ ନମସ୍କାର ଜଣାଇ କହିଲେ, ଆସ ପାଣ୍ଡେ ଆସ !

ବାଳ ପାଣ୍ଡେ ବାରଣ୍ଡାରୁ ଓହ୍ଲେଇ ଆସୁ ଆସୁ ସ୍ୱର୍ଣ୍ଣ ଆଡ଼କୁ ଅନେଇ ହାତ ଯୋଡ଼ିଦେଲେ ଅତି ନମ୍ରଭାବରେ । ସୁରମାଷ୍ଟ୍ରେ କହିଲେ, ପାଣ୍ଡ ମହାଶୟଙ୍କର ନାଟକ ସମ୍ବନ୍ଧରେ ଭଲ ଅଭିଜ୍ଞତା ଅଛି ଆଜ୍ଞା । ସ୍ୱର୍ଣ୍ଣ ଚଉକିରୁ ଉଠି ନମସ୍କାର କରି କହିଲା, ଏଇ ପାଖରେ ଘର କରି ରହିଛନ୍ତି ପାଣ୍ଡ ମହାଶୟେ, ଅଥଚ ମୁଁ କେବେ ଦେଖି ନ ଥିଲି । ବସନ୍ତୁ ! ବସନ୍ତୁ ! ସୌଭାଗ୍ୟର ଦିନ ଆଜ ।

ବାଳ ପାଣ୍ଡ ଲୋକଟି ଦେଖିବାକୁ ସୁଶ୍ରୀ । ଲମ୍ବା ପତଳା, ମୁହଁର ଗଢ଼ଣଟି ଚିତ୍ତାକର୍ଷକ । ବୟସ ଚାଳିଶି ପର୍ଯ୍ୟନ୍ତ ହେଲେ ମଧ ଦେଖିଲେ କମ୍ ବୟସର ବୋଲି ମନେହୁଏ । ପାଣ୍ଡେ କଥା କହନ୍ତି ନାଟକୀୟ ଛଟାରେ । ସେ ଆଉ ଥରେ ହାତ ଯୋଡ଼ିଦେଇ କହିଲେ — ମାଆ,

ଆଜ୍ଞା, ନାଟକ ରିହାର୍ସଲ ହେବାଠୁ ମୋର ଇଚ୍ଛାଥିଲା ଆସିବାକୁ । ମାତ୍ର ଯେଉଁଦିନ ଦର୍ଶନ ପାଇବା ପ୍ରାପ୍ତି ଥିବ ସେ ଦିନକୁ ତ ଦର୍ଶନ ମିଳିବ ! ସୁରମାଷ୍ଟ୍ରେ ଉତ୍ସାହ ଦେଇ କହିଲେ' ପାଣ୍ଡେ, ତୁମେ 'ଧ୍ରୁବ' ନାଟକର ସୁରୁଚିର ଭାଇ ସୋମକ'ର ପାର୍ଟଟା କରିବ । ମାଆ ଏ ଚରିତ୍ରଟି ସମ୍ପୂର୍ଣ୍ଣ ନୂତନ ଆକାର ଗଢ଼ିଛନ୍ତି । ଏକାଧିକ ଦୃଶ୍ୟରେ ତାର କାର୍ଯ୍ୟ ଅଛି । ବାଳ ପାଣ୍ଡେ ବିନମ୍ର-ଭାବରେ ହିଁ କହିଲେ, ମତେ ଟିକିଏ ବଡ଼ ପାର୍ଟରେ ଅଭିନୟ କରିବାକୁ ଦିଅନ୍ତୁ ମାଷ୍ଟ୍ରେ ! ଆମ ମାମୁଁ ଘର ଗାଁରେ ସୁଭଦ୍ରାହରଣ ନାଟକ ହୋଇଥିଲା ସେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି । ସମସ୍ତେ ପ୍ରଶଂସା କରିଥିଲେ ।

ବାଳ ପାଣ୍ଡେଙ୍କୁ ଦେଖି, ଆଉ ତାଙ୍କ କଥା ଶୁଣି ସୁର୍ଣ୍ଣ ମନେ ମନେ ଆଶାୟୀ ହୋଇ ଭାବିବାକୁ ଲାଗିଲା ! ପାଖର ଲୋକ । ପୁଣି ଅଭିନୟ କରିବା ପାଇଁ ସେ ତ କିଛି ନେବେନାହିଁ । ଯାହାହେଉ, ଏତେଦିନ ପରେ ଗୋଟାଏ ସୁବିଧା ମିଳିଗଲା । କିଏ କହିପାରିବ, ଏହାଙ୍କର ସାହାଯ୍ୟ ପାଇ ନାଟକଦଳଟି ସ୍ଥାୟୀ ହୋଇ ରହିଯାଇପାରେ ।

ଏତିକିବେଳେ ସୁର କପ୍ ସ୍ୱ'ଧରି ଆସି ବାଳ ପାଣ୍ଡେଙ୍କୁ ଦେଉ ଦେଉ କହିଲା, ପାଣ୍ଡେ ଆଜ୍ଞା ଆସିଗଲେଣି । ଏଥର ଆମର ନାଟକ ଡା'ଗ୍ ସେ ଡେଇଁବ । ଭାରତ ଲୀଳାରେ ପାଣ୍ଡେ ଆଜ୍ଞା ସେଥର ଦୁର୍ଯ୍ୟୋଧନ ହୋଇଥିଲେ । ସୁର ଜଣଯାକ ସ୍ୱ' ପିଉ ପିଉ ବାଳ ପାଣ୍ଡେ କହିଲେ, ଯେ ହେଲେ ପାର୍ଟ ଦେଲେ ନେବି ଯେ ଆଜ୍ଞା । ଟିକିଏ ବଡ଼ ହେଲେ ଭଲ । ଆଉ ଗୋଟେ କଥା ଆଜ୍ଞା ! ଆମର ଭଣଜା ଜଣେ ଅଛି । ତାକୁ ଆଜ ଯଦି ପାର୍ଟ ଲେଖିଦେବ, ସେ କାଲିକି ମୁଖସ୍ଥ କରିଦେଇ ନାଟକୁ ଠିଆହୋଇ ପଡ଼ିବ । ତାକୁ ମଧ୍ୟ ଡାକଦେବା । କିଛି ନ କରି ପାରିଲେ ଗେଟ୍ ପାଖରେ ରହିବ ନାହିଁ କି ମାଷ୍ଟ୍ରେ । ସୁରମାଷ୍ଟ୍ରେ ହିଁହ୍ କରି ମନେ ମନେ ଗୋଟାଏ ହିସାବ କରିଦେଲେ । ଅଭିନେତାଗୁଡ଼ାକ ଖାଇପିଇ ପୁଣି ପଇସା ମାଗୁଛନ୍ତି । ପାଣ୍ଡେ କିଛି ନ ନେଇ ନଜେ ତ ଅଭିନୟ କରିବେ । ପୁଣି ଭଣଜାକୁ ମଧ ଆଣିବେ । ସ୍ଥାନୀୟ ବାସିନ୍ଦାମାନଙ୍କ ଭିତରୁ ଆଉ ଦ'ଚାରି ଜଣ ଉତ୍ସାହୀ ବ୍ୟକ୍ତି ଯଦି ବାଳ ପାଣ୍ଡେଙ୍କ ପଛରେ ବାହାରି ପଡ଼ନ୍ତେ, କେତେ ସୁବିଧା ହୁଅନ୍ତା । କିଏ କହିପାରିବ ଅନ୍ୟମାନଙ୍କର ଏଇ ଅଳ୍ପ ସାହାଯ୍ୟରେ ନାଟକ ଅନୁଷ୍ଠାନଟି ସ୍ଥାୟୀ ହୋଇଯାଇ-ପାରେ । ପ୍ରଥମ ନାଟକରୁ ପଇସା କିଛି ଜମା ରହିଯିବ ବୋଲି ଆଶା ଥିଲା, ତାହା ତ ଗଲା । ବର୍ତ୍ତମାନ ଦ୍ୱିତୀୟ ନାଟକଟି ଯଦି ସଫଳତାର ସହିତ ହୋଇଯାଏ ଏବଂ ଆମମାନଙ୍କର ଚଳିବା ଭଳି କିଛି ଅର୍ଥ-ସାହାଯ୍ୟ ମିଳିଯାଏ ତେବେ, ଦେଶ ଛାଡ଼ି, ଘର ଛାଡ଼ି ଆଉ ଦୂରକୁ କିଏ କାହିଁକି ଯିବ ? କଲକତାରୁ ଶଠି ଆସିଗଲାଣି । ବିଦ୍ୟାଧର, ଭୁବନେଶ୍ୱର ଯାଇ ଅଭିନୟ ଏବଂ ନୃତ୍ୟ ଇତ୍ୟାଦି ଶିକ୍ଷା ପାଇବେ । ଏ ସବୁ ଛାଡ଼ିଦେଇ ଚାଲିଯିବାକୁ ହେବ । ଏଇ ତ, ଭାଦ୍ରବ ମାସରୁ ପୌଷ ମାସ ହୋଇଗଲା, ଆଶ୍ଚର୍ଯ୍ୟର କଥା ଗୋଟାଏ ସ୍ଥାନରେ ଏତେଦିନ ସେ ରହିଯାଇଛି କିମିତି ? ଦୀର୍ଘନିଶ୍ୱାସ ବହିଗଲା ସୁରମାଷ୍ଟ୍ରଙ୍କ ବକ୍ଷ ଭେଦକରି ।

ବାଳ ପାଣ୍ଡେ ଖାଲି କପ୍‌ଟାକୁ ଖମ୍ବ ପାଖକୁ ରଖିଦେଇ କହିଲେ, ଗୀତ ଶୁଣିବା ଲୋଭରେ ଆସିଛି ମାଷ୍ଟ୍ରେ, ଆଉ ଗୋଟେ ଭଲ ଗୀତ ଆରମ୍ଭ କରନ୍ତୁ । ନୂଆ ଗୀତ ଗୋଟେ ।

ବାଦ୍ୟକାରେ କହିଲେ, ପାଣ୍ଡେ ଆଜ ନୂଆକରି ଅନ୍ତର୍ଭୁକ୍ତ ହୋଇଛନ୍ତି ଆମର ଏ ନାଟକଦଳରେ । ତାଙ୍କୁ ନୂଆ ଗୀତ ଗୋଟିଏ ନ ଶୁଣେଇଲେ ଚଳିବ ନାହିଁ । ଘରକୁ ବନ୍ଧୁ ଆସିଲେ ଧନ, ରତ୍ନ, ଉତ୍ତମ ଭୋଜନ ଦେଇ ତୃପ୍ତ କରିବା କଥା, କିଛି ତ ନାହିଁ, ଗୀତସୁଧାରେ ହେଲେ ତାଙ୍କୁ ଅଭିଷିକ୍ତ କର ।

ସୁରମାଷ୍ଟ୍ରେ ଖାତା ଓଲଟେଇ ନେଇ କହିଲେ, ଆଚ୍ଛା, 'ବସ୍ତ୍ରାର୍ଥେ ସୁହାଣି ଦଦ୍ୟାତ୍' ବୋଲି ତ ଋଷିବାକ୍ୟ ଅଛି । ଏଇ ନୂଆ ଗୀତଟାକୁ ତେବେ ବୋଲିବା । ତବଲାଟା ଧର ବାଦ୍ୟକାରେ !

କହିଦେଇ ଗୀତ ଆରମ୍ଭ କଲେ ସୁରମାଷ୍ଟ୍ରେ—

ତୁମେ ଦେଇଅଛ ଏ ଭକତ ଘର
ବନ୍ଧନ କରିଛି ଶିରେ ।
ତୁମର ମୁରଲୀ ଧ୍ୱନି ଶୁଣେ ବସି
ସୁଦୂର ଯମୁନା ତୀରେ । ୦ ।
ସ୍ୱର୍ଗସମ ଲାଗେ ମୋତେ ମର୍ତ୍ତ୍ୟପୁର
ତୁମେ ଅଛ ବୋଲି ହୃଦୟ-ଈଶ୍ୱର,
ଆନନ୍ଦ ଅମୃତ ଦେଇଅଛ ଭରି
ମୋର ଏହି ଶୂନ୍ୟ ଘରେ । ୧ ।
ପରଶି ଦେଲେ ମୁଁ ହୃଦୟ ତଟରୁ
ସେ ଧାରା ଉଛୁଳି ପଡେ ।
ଦୁଃଖରୁ ଅଗାଧ ସୁଖରୁ ଅଗାଧ
କରିଛି ଧାରଣ ତବ ସେବା ବ୍ରତ
ଦୂରୁ ତବ ଡାକ ଶୁଣୁ ଶୁଣୁ ପ୍ରଭୁ
ତୁମକୁ ଦେଖେ ମୋ ପୁରେ । ୨ ।
ମନେ ମନେ ପୂଜା କରେ ଯେବେ ବସି
ତୁମେ କହୁଥାଅ କଥା ମୃଦୁ ହସି
ତବ ପଦଧୂଳି ପରଶ ଲଭି ମୁଁ
ଥରି ଉଠେ ଥରେ ଥରେ । ୩ ।

ବାଳ ପାଣ୍ଡେ ତାଳମାରି କହିଲେ, ବଡ଼ ଭଲ ଗୀତଟିଏ ଗାଇଲ ମାଷ୍ଟ୍ରେ ! ମାଆ ଆମର ଇମିତି ଗୀତ ଲେଖିପାରୁଛନ୍ତି ବୋଲି ଆମେ ତ ଜାଣି ନ ଥିଲୁ ।

ଏତିକିବେଳେ ପରମାନନ୍ଦ ବାହାରୁ ବୁଲି ଆସି ଅଗଣା ପାଖରୁ କହିଲେ, କଅଣ ଆଲୋଚନା ଚାଲିଛି ମାଷ୍ଟ୍ରେ ! ଆରେ, ବାଳି ପାଣ୍ଡେ ମଧ୍ୟ ଆସିଛନ୍ତି—

ବାଳ ପାଣ୍ଡେ ଠିଆ ହୋଇପଡ଼ି କହିଲେ, ହଁ ଆଜ୍ଞା ! ଚାଲିଆସିଲି । ଶୁଣିଥିଲି, କବିସୂର୍ଯ୍ୟଙ୍କ ସଙ୍ଗୀତ ଶୁଣି ବଣ ଭିତରୁ ଦୌଡ଼ି ପଳେଇ ଆସିଥିଲା ମୃଗ । ମାଷ୍ଟ୍ରଙ୍କ କଣ୍ଠସ୍ୱର ମତେ ସିମିତି ଟାଣିଆଣିଛି । ଏଆଡେ ପୁଣି ମତେ ନାଟକର ପାର୍ଟ ନେବାକୁ ଆଦେଶ ହେଲାଣି ।

ଆଚ୍ଛା, ହେଉ, ବେଶ ଭଲ ହେବ କହୁ କହୁ ପରମାନନ୍ଦ ଚାଲିଗଲେ ବାରଣ୍ଡା ଆଡ଼କୁ ।

ବାଦ୍ୟକାରେ ଖମ୍ବ ପାଖରୁ ଉଠିପଡ଼ି କହିଲେ, ଆଜ ଏତିକି ହୋଇଥାଉ । ଗୋସେଇଁପୁଅ ଆସିଗଲେଣି । ଭୋଜନ ଭାଜନ କରିବେ । ଆମର ପେଟ ବୋଲି ତ ଗୋଟାଏ ଅଛି । ଭୁବନେଶ୍ୱରଙ୍କୁ କହିଥିଲି ଖାତା ବସେଇ ଦେଇ ପାର୍ଟ ଲେଖିବାକୁ । କଅଣ କରିଥିବ କେଜାଣି ? ଉଠ, ଏଥର ଯିବା । ବିଦ୍ୟାଧରର ହାତରେ ପଠେଇଦେବ ପାଣ୍ଡେ ! ବାଦ୍ୟକାର ଯାଉଥିଲେ ଆଗରେ, ବାଳ ପାଣ୍ଡେ ଆଉ ସୁରମାଷ୍ଟ୍ରେ ଚାଲିଛନ୍ତି ପଛରେ । ବାରଣ୍ଡାର ତଳ୍ପକ ପାଖକୁ ଠିଆ ହୋଇଥିଲି ସ୍ୱର୍ଣ୍ଣ ।

ଦାଣ୍ଡଘର ଦୁଆରମୁହଁରେ ଠିଆହୋଇ ସୁରମାଷ୍ଟ୍ରେ କହିଲେ, ମୁଁ ଏଇ ଦରଜି ଦୋକାନରୁ ଏଇକ୍ଷଣି ଆସୁଛି ବାଦ୍ୟକାରେ ! ଟିକିଏ ରହି ଥା । ବାଦ୍ୟକାରେ ଭିତରକୁ ଫେରିଯାଇ ଦେଖିଲେ, ସ୍ୱର୍ଣ୍ଣ ସିମିତି ସେଇ ବାରଣ୍ଡାରେ ତଳ୍ପକ ଉପରେ ହାତରଖି ଠିଆହୋଇଛି । ସେ ଚଞ୍ଚଳ ପଦରେ ଅଗ୍ରସର ହୋଇଯାଇ କହିଲେ, ମାଆ ଲକ୍ଷ୍ମୀ ! ଏମାନଙ୍କୁ ଖାଇବା ପଇସା ଦେଇନାହିଁ । ଏଇ ତ ଆଉ ଅଳ୍ପଦିନ ରହିଲା ଆଉ ଥରେ ନାଟକ ହେବାକୁ ନାଟକଘରର ଆଉ କେତେଟା କାର୍ଯ୍ୟ କରାଇବାକୁ ମଧ୍ୟ ଅଛି । ପରିଚ୍ଛଦ ନିମନ୍ତେ—”

ସ୍ୱର୍ଣ୍ଣ ବାଦ୍ୟକାରଙ୍କ ଆଡ଼କୁ ଆସି କହିଲା, କେତେବେଳେ ସମସ୍ତ ଦେଖି ଆସିଲେ ଟଙ୍କା କରି ଦେବି । ତାହାହେଲେ, ମୁଁ କାଲି ସକାଳୁ ଆସିବି । ଏ କଥା କହିଦେଇ ଚାଲିଗଲେ ବାଦ୍ୟକାରେ ।

× × × ×

ସ୍ୱର୍ଣ୍ଣର ଦ୍ୱିତୀୟ ନାଟକ ‘ଧ୍ରୁବ’କୁ ଅଭିନୟ କରାଇବା ଆୟୋଜନ ଚାଲିଥିଲା ପ୍ରବଳ ଉତ୍ସାହର ସହିତ । ବାହାରୁ ଯିବାଆସିବା କରୁଥିବା ଛଅ ଜଣ ଅଭିନେତା ବଣ୍ଣୁର ଗୋସେଇରେ ଭୋଜନ କରନ୍ତି ପ୍ରତିଦିନ ରାତିରେ । ଦି’ପହରେ ମଧ୍ୟ ସମୟେ ସମୟେ ସୁରମାଷ୍ଟ୍ରେ ପ୍ରଭୃତିଙ୍କୁ ମିଶେଇ ଦଶ ଜଣ ହୋଇଯାଆନ୍ତି

ଖାଇବାକୁ । ବସ୍ତୁ ଡାଲି, ପରିବା, ଆମ୍ବିଳ ଆଉ ଗୋଟାଏ ତରକାରି କରେ । କେତେ ଦରିଦ୍ର ହେଲେ ମଧ୍ୟ ବାହାରର ଲୋକଙ୍କୁ ଭଲ କରି ଖାଇବାକୁ ଦେବା ତା'ର ଗୋଟାଏ, କର୍ତ୍ତବ୍ୟ ବୋଲି ଭାବେ ସେ, ପ୍ରଥମେ ପ୍ରଥମେ ଦହି ଟିକିଏ, ଘୋଳ ପରଜଣା ଟିକିଏ ମଧ୍ୟ ମିଳିଯାଉଥିଲା । ଗାଈ ଦି'ଟା ବନ୍ଧ୍ୟା ହୋଇଯିବା ପରେ ଆଉ ଦହି ଘୋଳ ମିଳୁନାହିଁ । ଗୋଟିଏ ମାତ୍ର ଗାଈ ବାକି ଅଛି । ଅଯତ୍ନଯୋଗୁ ସେ ମଧ୍ୟ ଦୁଧ ଦେଉଥିଲା ଅତି ଅଳ୍ପ । କେବଳ ଚା' କାର୍ଯ୍ୟ ଚଳିଯାଉଥିଲା । ଗାଈ ବନ୍ଧୀ ଟଙ୍କାରେ ବାକି ସାହଙ୍କ ବାକଟା ମଧ୍ୟ ଶୁଝାଯାଇ ପାରିନଥିଲା । ତା' ଉପରେ ତାଙ୍କ ଦୋକାନରୁ ଆହୁରି ଅନେକଗୁଡ଼ାଏ ଜିନିଷ ଆଣିସାରିଲାଣି ବସ୍ତୁ । ଘରର ମୁଗ, ବିରି ଯାହା ଥିଲା, ଶେଷ ହୋଇଯାଇଥିଲା ସବୁ । ଦୋକାନରୁ ଡାଲି କିଣି ଆଣି ଚଳେଇବା ତ କେବେ ଜାଣି ନ ଥିଲା ।

ଏ ଯୁଗର ପଣ୍ଡ ଡାଲି ସେର ଅଢ଼େଇ ଟଙ୍କାଠୁ ତିନ ଟଙ୍କା ହେଉ ନ ଥିଲା । ଅଶୀଏ ତୋଳା ଘିଅ ଟଙ୍କାଏ ହେଉଥିଲା । ସେହି ଅନୁପାତରେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଥିଲା ଶସ୍ତା । ଟଙ୍କାପଇସା ହୋଇଥିଲା ଦୁଷ୍ପ୍ରାପ୍ୟ । ଆନ୍ଦୋଳନ ପରେ ଆନ୍ଦୋଳନ । ତା'ପରେ ହେଲା ଓଡ଼ିଶା ଗୋଟିଏ ସ୍ବତନ୍ତ୍ର ପ୍ରଦେଶ । ଆଶ୍ଚର୍ଯ୍ୟ ବୋଧ ହେଉଥିଲା, ଲୁଣ ପାଇଁ କାର୍ଡ଼ କରିବାକୁ ଯେଉଁ ସମୟରେ ନିୟମ ହେଲା । ଦ୍ବିତୀୟ ମହାଯୁଦ୍ଧର ଅବସାନ ସଙ୍ଗେ ସଙ୍ଗେ ଭାରତ ସ୍ବାଧୀନତା ପାଇଲା । ସ୍ବାଧୀନ ଦେଶର ଶାସକବର୍ଗ ଏତେ ପରମିଟ୍ ବ୍ୟବସ୍ଥା କଲେ ଯେ ସେ ସବୁ ବ୍ୟକ୍ତିଗତ ବ୍ୟବସାୟ ହୋଇଗଲା । ନେଇ ଆଣି ଥୋଇ ଜାଣିଲେ ସୈରନ୍ଧ୍ରୀ ଭଲ ବୋଲି ପ୍ରବଚନ ଥିବା ଶୁଣାଯାଏ । ଧନଲୋଭଟା ମାତ୍ର ଆଦିମକାଳରୁ ଥିଲା । ତାହା ଏବେ ବୃଦ୍ଧିପାଇଲା ସିନା, ଶିକ୍ଷା ଏବଂ ସଭ୍ୟତା ସେ ଲୁଟକ ମାର୍ଜିତ କରିପାରିଲାନାହିଁ । ଦେଶରେ ଜାତୀୟଭାବ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଲୋକେ ସ୍ବୀୟ ଶକ୍ତି, ଶ୍ରମ ଏବଂ ସୁଗୁଣ ପ୍ରତି ଦୃଷ୍ଟି ନ ଦେଇ ନୂତନ ଧରଣରେ ବା ଷ୍ଟାଇଲରେ ଜୀବନ-ଯାତ୍ରା ନିର୍ବାହ କରିବାକୁ ଅଭିଳାଷୀ ହେଲେ । ସେ ଯୁଗରେ ଜିନିଷ ଶସ୍ତାରେ ପାଉଥିଲେ ମଧ୍ୟ ଜନସାଧାରଣ ଖାଇବା ପିନ୍ଧିବାର ସୁଯୋଗ-ସୁବିଧା ପ୍ରାଣ ଦେଇ ଗ୍ରହଣ କରିପାରି ନଥିଲେ । ସେ ସମୟର ସ୍ତ୍ରୀ ଜାତି ଥିଲେ ଗୁହାଳରେ ବନ୍ଧା ହେବା ଗାଈ ସଙ୍ଗେ ତୁଳନୀୟା । ଚାଷକରିବା ଗୋରୁଙ୍କୁ ଯିମିତି ଖାଦ୍ୟ ଦେଉଥିଲେ, ଗାଈ ସେପରି ପ୍ରଚୁର କୁଣ୍ଡାପାଣି ପାଉ ନ ଥିଲା । ବ୍ରାହ୍ମଣଗୋଷ୍ଠୀର ଘରେ ଘରେ ଶୁଭୁଥିଲା ବାଳବିଧବାର ଆର୍ତ୍ତନାଦ । ବହୁ ପ୍ରସୂତି, ବହୁ ଶିଶୁ ଚିକିତ୍ସା ବିନା ପଡ଼ୁଥିଲେ ମୃତ୍ୟୁମୁଖରେ । ନାରୀଜାତିର ଶୋଚନୀୟ ଅବସ୍ଥା ଦେଖି କୌଣସି ଉଦାରମନା ପୁରୁଷ ସେଥିର ପ୍ରତିକାର ନିମନ୍ତେ ପ୍ରୟାସୀ ହୋଇ ରକ୍ଷଣଶୀଳମାନଙ୍କଠାରୁ ଶୁଣୁଥିଲେ କଟୂ ଭର୍ତ୍ସନା । ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ । ପରିବର୍ତ୍ତନ ଘଟିଲାଣି । ପରିବର୍ତ୍ତନଟା ଧୀରେ ଧୀରେ ଘଟିନାହିଁ, ଦ୍ରୁତବେଗରେ ହିଁ ଘଟିଛି । କେତେକ ସମାଜ ନେତା ନାରୀର ପ୍ରଗତିରେ ପୁରୁଷର ଦୁର୍ଗତି ଇତ୍ୟାଦି କହି ପରିବର୍ତ୍ତନରେ ବାଧା ଘଟାଇଲେ ମଧ୍ୟ ସେ ସ୍ରୋତ ବାଧା ମାନିନାହିଁ । ବାଲିବନ୍ଧ ପରି ସେ ବାଧା ସ୍ବତଃ ଅପସାରିତ ହୋଇଯାଇଛି । 'ବିନାଶ୍ରୟେ ନ ବର୍ତ୍ତନ୍ତେ କବିତ-ବନିତା-ଲତା'—ପ୍ରବଚନ ଏ ଯୁଗରେ ବ୍ୟର୍ଥ ହୋଇଯାଉଛି । ଏ ଯୁଗ ଏବଂ ସେ ଯୁଗର ସନ୍ଧିକ୍ଷଣରେ ଅର୍ଥାତ୍ ଗାନ୍ଧିର ଅବସାନ ଏବଂ ନବାଲୋକର ଆଗମନ ସମୟରେ ଅନାହୂତ ଭାବରେ ସ୍ବର୍ଣ୍ଣ ଆସିଥିଲା ମର୍ତ୍ତ୍ୟକୁ । ସେ ସମୟର ଷୋଳପଇସାର ମୂଲ୍ୟ ବର୍ତ୍ତମାନ ଯୁଗରେ ଶହେ ପଇସା । ଅତଏବ ପ୍ରତିଦିନ ସେରେ ଡାଲି ଚାରି ଅଣା କି ପାଞ୍ଚ ଅଣା ପଇସା ଦେଇ କିଣିଆଣିବା ବସ୍ତୁ ପକ୍ଷେ ଅସ୍ବାଭାବିକ ଥିଲା ।

ସେଦିନ ସକାଳବେଳେ ସ୍ବର୍ଣ୍ଣ ଲେଖୁଲେଖୁ ଚମକି ଉଠୁଥିଲା ଥରକୁ ଥର । ଏକ୍ଷଣି ବାଦ୍ୟକାରେ ଆସିବେ । ଟଙ୍କା ତ ହାତରେ ନାହିଁ । କଅଣ କହିବ ତାଙ୍କୁ ? ସେ ଅନ୍ୟମନସ୍କ ହୋଇ ଗଲା ସିନ୍ଦୁକ ପାଖକୁ । କେତେବେଳେ ସିନ୍ଦୁକ ଖୋଲିଥିଲା, ମନେନାହିଁ । ସ୍ବବ

ପେନ୍ଥାଟା ଲଗିଛି ସିନ୍ଦୁକରେ । ତାଙ୍କୁଣୀଟା ଉଠେଇ ରଖିଦେଲା କାନ୍ଥକୁ ଆଉଜେଇ । ପୁରୁଣା ଲୁଗାର ବୁଜୁଳା କେତୋଟା ଗୋଟାଏ ପାଖକୁ । ଅନ୍ୟ ପାଖରେ ସିନ୍ଦୂକର ଘର । ସ୍ୱର୍ଣ୍ଣ ଘରର ତାଙ୍କୁଣୀ ଖୋଲି ଦେଖିଲା, ପ୍ରଥମେ ସିନ୍ଦୂରଫରୁଆ । ରଙ୍ଗ ଜଉରେ ଚିତ୍ରିତ ବାଉଁଶପାତିର ଖେଳନା ପେଡ଼ି । ଗୋଟାକ ପରେ ଆଉ ଗୋଟାଏ କରି ଖୋଲିଲା ତିନି ଗୁରିଟା ଖାଲି ଫରୁଆ । ବଡ଼ ଗୋଟାଏ ଫରୁଆ ଖୋଲି ଦେଖିଲା, ଶାଶୂ ଦେଇଥିବା ଧାନୁଆଁ, ପଦିମାଳୀ, ଶ୍ୱଶୁରଙ୍କର ସୁନାମୁଦିଟା ରଖିଥିଲା ସେଥିରେ । ଏ ଧାନୁଆଁ ଆଉ ପଦିହାର ତ କେବେ ସେ ବ୍ୟବହାର କରେନାହିଁ । ଆଉ ତ କେବେ ବ୍ୟବହାର କରିବା ସମ୍ଭାବନା ନାହିଁ । ଏ ଅବସରରେ ଏଇତକ ଯଦି ସେ ତା କାର୍ଯ୍ୟରେ ବ୍ୟସ୍ତ କରିପାରନ୍ତା ! ଆଉ ଏ ମୁଦିଟା ଶ୍ୱଶୁରଙ୍କ ଆଙ୍ଗୁଠିରୁ ଖସିପଡ଼ିଥିଲା ଢିଲା ହୋଇ । ଶେଷଦିନ ତାଙ୍କର ସେଦିନ ହୋଇଥିବ, ଠିକ୍ ସ୍ମରଣ ହେଉନାହିଁ । ଏଇ ମୁଦିର କଥା ନେଇ ଦିନେ ସେ ଏତେଗୁଡ଼ାଏ ଭାବନା କରିବ ବୋଲି କେବେ ଭାବି ନ ଥିଲା । ଜୀବନରେ ଇମିତି ଗୋଟାଏ ଘଟଣା ଘଟିବ ବୋଲି ତ ତା'ର ଧାରଣା ନ ଥିଲା । ଶ୍ୱଶୁରଙ୍କର ଆଙ୍ଗୁଠିର ମୁଦିଟାକୁ ସେ ତାର ଇମିତି ଗୋଟାଏ କାର୍ଯ୍ୟରେ ବିନିଯୋଗ କରିବା କଥା କାହିଁକି ବା ଭାବିବ ! ଶ୍ୱଶୁରଙ୍କର ଶୀର୍ଣ୍ଣ ଅଙ୍ଗୁଳିରୁ ମୁଦିଟି ଖସିପଡ଼ିଥିଲା । ସେଇ ଦୃଶ୍ୟଟି ଦିଶିଯାଏ ତା ଆଖି ଆଗରେ । କଣ୍ଠରୋଧ ହୋଇ ନ ଥିଲା ଶେଷ ପର୍ଯ୍ୟନ୍ତ ଶ୍ୱଶୁରଙ୍କର । ସ୍ପଷ୍ଟ ଅସ୍ପଷ୍ଟ ମିଶାମିଶି କଥା କହୁଥାଆନ୍ତି । ସବୁ ଶକ୍ତି ଶେଷ ହୋଇ ହୋଇ କେବଳ ସ୍ମୃତିଶକ୍ତିଟି ହିଁ ଥିଲା ସତେଜ ହୋଇ । ସ୍ୱର୍ଣ୍ଣକୁ ପାଖରେ ବସାଇ କହନ୍ତି ସେଇ କାମନା ହିଁ ଜ୍ଞାନ ହେବାଠୁଁ କରି ଆସିଥିଲେ ସେ । ମୁଦିଟାକୁ ହାତମୁଠାରେ ଧରି ସିନ୍ଦୂକ ପାଖରୁ ଘୁଞ୍ଚିଆସି ଖଟ ଉପରେ ବସିଲା ସ୍ୱର୍ଣ୍ଣ । ମନେପଡ଼ିଗଲା, ଶ୍ୱଶୁର ପ୍ରଶଂସା କରି କହନ୍ତି, ସ୍ୱର୍ଣ୍ଣ ମାଆର ସଞ୍ଚିତ ଧାନ ମୁଗ ବିକ୍ରୀ ଟଙ୍କାରେ କୋଡ଼ିଏ ଭରଣ ଭୂମି କିଣା ହୋଇଗଲା । ଏ କଥା କାହା ହାତ ଦେଇ ହୋଇପାରନ୍ତା କହିଲ ପରମବୋଉ ! କେଉଁଠି ଜନ୍ମ ହୋଇଥିଲା, ଆଉ କାହା ଘରେ ଜନ୍ମ ହୋଇଥିଲେ ଭଲ ହୋଇଥାନ୍ତା, ସେ କଥା ତ ତା ହାତରେ ନ ଥିଲା । ଏହାପରେ କହୁଥାଆନ୍ତି ସେ ଆହୁରି ଅନେକ କଥା । ପ୍ରଶଂସାର ଭାରରେ ମଥା ତାର ମିଶିଯାଏ ମାଟିରେ । ଆଖି ତାର ସଜଳ ହୋଇଗଲା ଶ୍ୱଶୁରଙ୍କ କଥା ସ୍ମରଣ କରି । ହାତମୁଠା ଖୋଲି ଦେଖିଲା ସେ । ସେ ଦିନର ସେ ମୁଦିଟା ଯିମିତି ଥିଲା ସିମିତି ରହିଛି ଅକ୍ଷତ ହୋଇ । ଏ ମୁଦି, ହାର, ନାଟକ ଖରଚରେ ଲଗାଇ ପାରିବନାହିଁ କାହିଁକି ? ସେ ତ ସେ ସୁନା ବ୍ୟବହାର କରିନାହିଁ, ବୋହୂ ଆସି ବ୍ୟବହାର କରିବ । ବୋହୂ ଏ ସୁନାକୁ ତରଳାଇ ନୂଆ ଧରଣର ଗହଣା କରିପାରେ ! କିନ୍ତୁ—ନା ଆଉ ଭାବିଲେ ଚଳିବ ନାହିଁ । ଏକ୍ଷଣି ବାଦ୍ୟକାରେ ଆସିବେ । ଏ ସ୍ଥାନରେ ତ ବିକ୍ରୀକରି ହେବନାହିଁ । ଅନ୍ୟ ସ୍ଥାନକୁ ଯାଇ ବିକ୍ରୀ କରି ଟଙ୍କା ନେଇ ଆସିବେ । ବୋହୂ ଆସିଲାବେଳକୁ ଶୁକ ଉପାର୍ଜନ କରିଥିବ । ସେଥିରେ ତା ଇଚ୍ଛାରେ ସେ ଅଳଙ୍କାର ଗଢ଼ିଦେବ । ଲୋକଙ୍କର ଧନସମ୍ପଦ ବଢ଼ୁଛି ଦିନକୁ ଦିନ । ବେଶଭୂଷାର ପରିବର୍ତ୍ତନ ଘଟୁଛି ତା ସଙ୍ଗେ ସଙ୍ଗେ । ଧାନୁଆ ଏବଂ ପଦିହାର ଦୁଇଟା ଫରୁଆରେ ଅଛି । ସ୍ୱର୍ଣ୍ଣ ଆଉ ଥରେ ଉଠିଯାଇ ଫରୁଆ ଖୋଲି, ମୁଦି ଆଉ ହାର ମୁଠାକରି ଧରି ବସିଲା ଖଟ ଉପରେ । ଘରର ଜିନିଷ ପୈତୃକ ପଦାର୍ଥ ବିକ୍ରୀ କରି ନାଟକ କାର୍ଯ୍ୟରେ ଲଗାଇ ଦେବ ସେ ? ତାହାହେଲେ, ଏହା କରିବା କଅଣ ଅନୁଚିତ ? ସ୍ୱାମୀଙ୍କୁ ନ ଜଣେଇ··· ! ଜଣେଇଲେ ତ ସେ କିଛି କହିବେନାହିଁ । ଯେଉଁ ପଦାର୍ଥ କେବେ ତାଙ୍କର ଦୃଷ୍ଟିକୁ ଆସି ନାହିଁ, କୌଣସି କାର୍ଯ୍ୟ ଯାହା ସେ କେବେ ବ୍ୟବହାର କରିନାହାନ୍ତି, ତାଙ୍କୁ ସେ କଥା କହିବା କି ଆବଶ୍ୟକ ଅଛି ? ପ୍ରଥମରେ ଶୁଣୁ ଶୁଣୁ ତ କହିବେ, ଯିମିତି ସୁବିଧା ବୋଧକରୁଛ ତାହାହିଁ କର । ତା'ପରେ, ମନୁଷ୍ୟର ତ ଅନେକଗୁଡ଼ାଏ ସ୍ୱଭାବ ଅଛି । କଥାଟା ଶୁଣିଲେ ମନର କେଉଁ ନିଭୃତ କୋଣରେ କିଛି ଗୋଟାଏ ଭାବନା

ହୋଇପାରେ । ଘରର ପଦାର୍ଥ ଅପବ୍ୟୟ ହୋଇଗଲା ବୋଲି ତାଙ୍କ ମନରେ କ୍ଷୋଭ ଜନ୍ମିପାରେ । ସ୍ୱାମୀ-ସ୍ତ୍ରୀ ଏକ ଆତ୍ମା ହେଲେ ମଧ୍ୟ ମନୁଷ୍ୟ ଯେ ଚିରକାଳ ସ୍ୱତନ୍ତ୍ର । ଆଜି ଯେତେବେଳେ ଏଇ ସୁନାଟିକ ତାର ନିତାନ୍ତ ଆବଶ୍ୟକ ହେଉଛି, ବିଶେଷରେ ସବୁ ଉଦ୍ୟମ ଆୟୋଜନ ହେଲାଣି । ବାହାରୁ ଲୋକ ଆସି ରିହାର୍ସାଲ କଲେଣି, ଏ ସମୟରେ ହାତରେ ପଇସା ନାହିଁ ବୋଲି କହିଦେଲେ ଏ ଦୁଇଜଣ ଉଦ୍ୟୋକ୍ତାତ ଅପମାନ ବୋଧକରିବେ; କିନ୍ତୁ ଏ କାର୍ଯ୍ୟ କରିବାକୁ ବାଦ୍ୟକାରେ କଅଣ ସ୍ୱୀକୃତ ହେବେ ? ଏ କଥା ନ କରି ଅନ୍ୟ ଉପାୟ ଯେ ନାହିଁ, ତାହା କଅଣ ବାଦ୍ୟକାରେ ଜାଣିପାରିବେନାହିଁ ? ସ୍ଥାନୀୟ ଧନୀଲୋକଙ୍କ ଘରେ ବନ୍ଧକ ଦେଇ ଟଙ୍କା ଆଣିଲେ କାର୍ଯ୍ୟ ଚାଲିଯାଆନ୍ତା, କିନ୍ତୁ ସେ କଥା ଚିନ୍ତାକଲେ ମୁଣ୍ଡ ଘୂରିଯାଉଛି । ଏଇ ଘଣ୍ଟାକ ଭିତରେ ଗାଁ ସାରା ଖବର ହୋଇଯିବ— ସୁନା ବନ୍ଧା ଦେଇ ନାଟକ କରାଉଛି ବୋଲି । ସେ ଆଖି ମୁଦି ଅଚଳ ହୋଇ ବସିପଡ଼ିଲା କେତେବେଳ ଯାଏ । ଆର୍ତ୍ତନାଦ ଉଠୁଛି ହୃଦୟ ଭିତରୁ— "କେଉଁଠି ଅଛ ଦୁଃଖର ଦେବତା ? ହୃଦୟ ଭିତରର ଈଶ୍ୱର ସାହସ ଦିଅ, ଶକ୍ତି ଦିଅ !"

ଏତିକିବେଳେ ଝରକା ପାଖକୁ ଆସି ବାଦ୍ୟକାରେ ଡାକିଲେ, ମାଆ ଲକ୍ଷ୍ମୀ ! ମୁଁ କେତେବେଳଠୁ ଆସି ବସିଛି, ତୁମର ଧ୍ୟାନ ଭାଙ୍ଗିବାକୁ ମୋର ସାହସ ହୋଇ ନ ଥିଲା ।

ସ୍ୱର୍ଣ୍ଣ ଚମକି ଉଠି ପୁଣି ସହଜ ଭାବରେ କହିଲା, ଆପଣ ମତେ ଗୋଟାଏ ବଡ଼ ବିପଦରୁ ରକ୍ଷାକଲେ ଆଜି । ଏ କଥା କହୁ କହୁ ସେ ବାରଣ୍ଡାକୁ ଯାଇ ବାଦ୍ୟକାରଙ୍କ ହାତମୁଠା ଭିତରେ ରଖିଦେଲା ହାର ଆଉ ମୁଦି । ସିମିତି ତାଙ୍କ ମୁଠା ଭିତରେ ରଖୁ ରଖୁ କହିଲା, ଏ ସ୍ଥାନରେ ତ ଏହା ବିକ୍ରୀ କରିପାରିବ ନାହିଁ ସୁବିଧା ଦେଖି ଆଉ କେଉଁଠି ବିକ୍ରୀ କରି ଦେଇ ଆସିବ—"

ଏ ଅବସରରେ ଗୁରୁବାସୀ ବାରିକାଣୀ କେତେବେଳେ ବାରିପାଖ ବାରଣ୍ଡାକୁ ଆସି ଠିଆହୋଇ ଯାଇଥିଲା ସେ ପାଖର ଝରକା ପାଖକୁ । ଗୁରୁବାସୀର ବୟସ ଷାଠିଏ ଉପରେ ହେଲାଣି । ଦୃଷ୍ଟି ହେଲାଣି ଅସ୍ପଷ୍ଟ । ସେ ତାର ଆଖି ଦୁଇଟାକୁ ଧରି ମଳ-ପକେଇ ଝରକାର ଲୁହାଛଡ଼ ଭିତରକୁ ରଖି ନିରେଖି ଅନେଇଲା, ସ୍ୱର୍ଣ୍ଣ ବାଦ୍ୟକାରଙ୍କ ହାତଧରି ହାର ଆଉ ମୁଦି ଗୁଞ୍ଜିଦେଉଛି ମୁଠା ଭିତରକୁ । ଗୁରୁବାସୀ ଅପେକ୍ଷା କରି ରହିଥିଲା, ଆହୁରି ଟିକିଏ ଅଗ୍ରସର ହେବା ଅବସ୍ଥାଟାକୁ ଦେଖିବା ଲାଗି; କିନ୍ତୁ ତେଣେ ସ୍ୱର୍ଣ୍ଣ ମନର ଉଦ୍‌ବେଗରେ ବିଶେଷ କିଛି ଆଲୋଚନା ନ କରି ବାଦ୍ୟକାରଙ୍କୁ ବିଦାୟଦେଇ ଭିତର ପଟରେ ବାରି ବାରଣ୍ଡା ଆଡ଼କୁ ବାହାରିପଡ଼ିଲା । ସ୍ୱର୍ଣ୍ଣର ପାଦଶବ୍ଦ ଶୁଣି ଗୁରୁବାସୀ ବାରଣ୍ଡା ତଳକୁ ଯାଇ ବସିପଡ଼ିଲା ରଜନୀଗନ୍ଧା ଗଛପାଖକୁ । ସେତେବେଳେ ସ୍ୱର୍ଣ୍ଣ ଏତେଦୂର ଅନ୍ୟମନସ୍କ ଥିଲା ଯେ ଗୁରୁବାସୀ ବାରଣ୍ଡା ତଳକୁ ଯିବା ତ ଦେଖି ନ ଥିଲା । ତଳେ ଗଛ ପାଖରେ ବସିଥିବା ମଧ୍ୟ ଦେଖିପାରି ନ ଥିଲା । ତଳେ ଗୁରୁବାସୀ ଠିଆ ହୋଇପଡ଼ି କହିଲା, ସାଆନ୍ତାଣୀଏ ! ତା' ବୋପାକୁ ଗରଣି ଧରିଚି ଯେ ଚନ୍ଦା ଟୋପାଟେ ନେବି ବୋଲି ଆସିଛି—"

ସ୍ୱର୍ଣ୍ଣ ଚମକି ଉଠି କହିଲା, ଆରେ, କେତେବେଳେ ଆସିଲୁ ଗୁରୁବସୀ ! ଗୁରୁବାସୀର କୃଷ୍ଣବର୍ଣ୍ଣ ମୁହଁରେ ଅତିରିକ୍ତ ଭାବରେ ଓଷ୍ଠପୁଟ ଅତିକ୍ରମ କରି ରହିଥିବା ଦାନ୍ତ ବାହାର କରି କହିଲା—ଏଇନେ ତ ବିଶୁ ଥିବ ବୋଲି ଦେଖି ଦେଖି ଆସିଲି ଚହାଳ ପାଖ କବାଟ ମେଲା ପଡ଼ିଚି, କୁଆଡ଼େ ଯାଇଚି କେଜାଣି ? ଦବ କି ସାଆନ୍ତାଣୀଏ ଚନ୍ଦା ଟିକିଏ ? ସ୍ୱର୍ଣ୍ଣ କଅଣ ଗୋଟାଏ କହିବାକୁ ଉଦ୍ୟମ କରୁଥିଲା, ବିଶୁ ଦାଣ୍ଡଆଡ଼ୁ ଆସିଲା ଗୁଣୁ ଗୁଣୁ କରି ଗୀତ ଗାଇ ଗାଇ । ସ୍ୱର୍ଣ୍ଣ କହିଲା, ଏଇ ତ ବିଶୁ ଆସିଲାଣି । ଗୁରୁବାସୀ କଅଣ କହୁଚି ଶୁଣ୍ ବିଶୁ ! କହିଦେଇ ଘରଭିତରକୁ ଚାଲିଗଲା ସ୍ୱର୍ଣ୍ଣ ।

ବଶୁ ହସି ହସି ପରିହାସ ଛଳରେ କହିଲା, ଆରେ ଏଁ, ମିତ ଆଈଟା ମୋର କି ସୁନ୍ଦର ହସଟେ ହସୁଚି ମ ! ମୁକୁଳା ଝଡ଼ପଡ଼ିଲା ପରି ଦିଶୁଚି ! ଆଜି ଭଲ ବେଳାରେ ଗାଡ଼ି ପାଇଥିଲି । ଆଈର ମୁହଁ ଦେଖିଲି । ଆଜି ଛଅ ତୁଣ ନ' ଭଜା ମିଳିବ । ଦଶ-ବର୍ଷ ତଳେ ଦେଖିଥିଲି ଯିମିତି ଦିଶୁଥିଲୁ, ଆଜି ମଧ୍ୟ ସିମିତି । କେଉଁ ଦଇବ ବିଧାତା ତତେ ତିଆରି କରିଚି, ତୁ ଆଉ ବୁଢ଼ୀ ହେଉନୁ । ଗୁରୁବାସୀ ଭିତରେ ଭିତରେ ପୁଲକିତା ହୋଇ ଲୁଗାଟାକୁ ଟିକିଏ ଟୁଣୁ ଟୁଣୁ କରିଦେଇ କହିଲା, ଆଉ କି ରୂପ ଅଛିରେ ବଶୁନୁ ! ଗଲାଣି ସବୁ । କେଉଁଠି ନାହିଁ ନ ଥିବା କଥା । ଦେଖୁନୁ ଆମ ରାଇଜରେ ସବୁ ଘରେ ତିନି ଖଣ୍ଡ ତିନି ଟଙ୍କା, ବଡ଼ ହେଇ ବଳି ପଡ଼ିଲେ ଚାରି ଖଣ୍ଡ ଚାରି ଟଙ୍କା । ତୋ ମଉସା ଯାଗ ଧରିବସି ସାତ ଟଙ୍କା ଦେଇ ମତେ ବାନ୍ଧ ହେଇଥିଲେ । ବଶୁ ଅନେଇଲା ଝରକା ବାଟେ ଦିଶୁଛି, ସ୍ୱର୍ଣ୍ଣ କଅଣ ଗୋଟାଏ ଲେଖୁଛି । ଏଠି ସେ ପରିହାସ କରି କିଛି ଗୋଟାଏ କହିପାରିବ ନାହିଁ । ଏଣୁ ସେ ଆସ୍ତେ ଆସ୍ତେ କରି କହିଲା, ସେ ଆଡ଼କୁ ଚାଲ ମ ଆଈ ! ଗୁରୁବାସୀ ଏଇ କଥା ହିଁ ଖୋଜି ହେଉଥିଲା । ବାଦ୍ୟ କାରଙ୍କ ପାଖକୁ ଲାଗି ସ୍ୱର୍ଣ୍ଣ ଠିଆ ହୋଇଥିଲା, ଗୁରୁବାସୀର ସେ କଥା ତା' ଆଖିରେ ଦେଖିଛି । ସେ ସମ୍ବନ୍ଧରେ ବଶୁ ସାଙ୍ଗରେ ଟିକିଏ ଆଲୋଚନା ନ କଲେ ତା' ପେଟଫୁଲା କମିବ କମିତି ? ବଶୁ ଗୁହାଳ-ଘର ଆଡ଼କୁ ଅଗ୍ରସର ହେବା ଦେଖି ଗୁରୁବାସୀ ହସି ହସି ତା ପଛରେ ଯାଉ ଯାଉ ପଚାରିଲା, ହଇରେ ପୁଅ, ଏ ବଶୁନୁ ! ଶୁଣୁ ବା, ତରତର ହୋଇ ଧାଉଁଛୁ କାହିଁକି ? ବଶୁ ଗୁହାଳଘର ଦୁଆରମୁହଁକୁ ପଳେଇ ଯାଇଥିଲା ଇତିମଧ୍ୟରେ । ସେ ଗୁରୁବାସୀ କଥାରୁ କି ଇଙ୍ଗିତ ପାଇଲା କେଜାଣି, ଟିକିଏ ଖିଙ୍କାରି ହୋଇଉଠି କହିଲା, କୁଆଡ଼େ ଆସିଥିଲୁ କହ । ଚୁଲି ଜଳି ଜଳି ନିଭି ଯାଇଥିବ—

ହି ହି କରି ଦନ୍ତପନ୍ତି ବାହାର କରି ଗୁରୁବାସୀ ଆହୁରି ଟିକିଏ ବଶୁ ଆଡ଼କୁ ଅଗ୍ରସର ହୋଇ କହିଲା, ଚହଲା ଟୋପାଟେ ନେବ ବୋଲି ଆସିଥିଲି ଯେ ଯାହା ଦେଖିଲି ରେ ବଶୁନୁ—ବଶୁ ତା ଆଡ଼କୁ ନ ଅନେଇ ଉତ୍ତେଜିତ ହୋଇ କହିଲା, ଦେଖିଥିବୁ ଛେନାଗୁଡ଼ । ଚହଲା ନେବାକୁ ଆସିଚୁ; ଚାଲେ ଚହଲା ଟିକିଏ ଦେବି । ମିଛ କଥାଗୁଡ଼ାଏ ତିଆରି କରି ସାହିରେ ବକିବାକୁ ସଜବାଜ ହେଇଗଲୁଣି, ତୋ ଗୁଣ କିଏ ଜାଣି ନ ଯେ ! ଗୁରୁବାସୀ ବଶୁ କାନ୍ଧ ଉପରେ ହାତ ପକେଇଦେଇ କହିଲା, ବାପୁଟା ପରି ଇମିତି କସ ହୋଉଚୁ ବା ବଶୁନଅ ! ସେ ଯୋ ବାଇଦ ବୁଢ଼ା—ବୁଢ଼ା କାହିଁକି ଜୁଆନ୍ତା ବା ସେ ! କେତେ ଛଇଛଟକ ଜାଣେ ସେ ! ତୁ ବାପ, ଏତେ ଛନ୍ଦକପଟ କି ଜାଣିବୁ ? ହେଲା ପାଣିରେ ଗୋଡ଼ ନ ଦେବା ମଣିଷ ତୁ । ଏତେ ପାଖୁଟାରେ ଛିଡ଼ାହୋଇ ଇମିତ ସବୁ କଥା ହୋଉଚନ୍ତି—

ଗୁସୀ କି କଥାର ଭୂମିକା ଆରମ୍ଭ କରିଛି, ଏକା-ଥରକେ ବୁଝିଗଲା ବଶୁ । ସେ ଗୁସୀ ଆଡ଼କୁ ନ ଚାହିଁ ତାକୁ ଧମକ ଦେଲାପରି କହିଲା, ଚହଲା ନେବାକୁ ଆସିଛୁ ଯଦି ! ଆଣେ ଗିନାଟା, ଯାହାଥିବ ଦେବି । ବଶୁ ଗୁସୀ ହାତରୁ ଡେକଚିଟାକୁ ନେଇଗଲା ତା' ମୁହଁକୁ ନ ଚାହିଁ । ରୋଷେଇଘରୁ ଘୋଳ ଅଧ ଡେକଚିଏ ହବ ଆଣି ଗୁସୀ ପାଖକୁ ତଳେ ରଖିଦେଇ ଦାଣ୍ଡ ଆଡ଼କୁ ଚାଲିଗଲା ବଶୁ । ଗୁସୀ ମନର କଥା ପ୍ରକାଶ କରି ନ ପାରି ଉଦେଇ ଖଦେଇ ହୋଇ ଚାଲିଗଲା ଗଦେଇ ଶତପଥୀଙ୍କ ଘର ଆଡ଼କୁ ।

ଗଦେଇ ଶତପଥୀଙ୍କ ବିଧବା କନ୍ୟା ତାରିଣୀ ବୟସ କୋଡ଼ିଏ-ବ ଇଶି ହେବ । ଗଦେଇ ଶତପଥୀ, ରାମ ଶତପଥୀ ଦୁଇ ସହୋଦର । ରାମ ଦେଖିବାକୁ ଯିମିତି ସୁପୁରୁଷ, ଗଦେଇ ଠିକ୍ ତାଙ୍କର ବିପରୀତ । ଅପ୍ରସନ୍ନ ମୁହଁ ଗଦେଇଙ୍କର, ସ୍ୱଭାବ ମଧ୍ୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । କେଉଁଠୁ କଅଣ ନେଇ ଘରେ ଗଦେଇ ଦେବ କେବଳ ସେଇ ଚିନ୍ତାରେ ହିଁ ସେ ଅନବରତ ବ୍ୟସ୍ତ । ଖାଉଁ ସ୍ଥାପନରେ ମଧ୍ୟ ତାଙ୍କର ଆଶା ଏବଂ ଆସ୍ଥା ଥିଲା ଦୃଢ଼ । ଗାଁ ମୁଣ୍ଡର ବେଲବଣ ଭିତରେ ସେ ଆରମ୍ଭ

କରିଥିଲେ ଗୋଟିଏ ମହାଦେବ ମନ୍ଦିର । ତା ପାଖକୁ ଗୋଟିଏ ପୁଷ୍କରିଣୀ । କେଉଁଠୁ କମିଶ ଚାରି ପଇସା ସଞ୍ଚୟ ହୋଇଗଲେ, ମୁଲିଆ ଦୁଇଟା ଲଗାଇ ମାଟି ଦୁଇ ଚାରି ଟୋକେଇ ଉଠେଇ ଦିଅନ୍ତି । ଏ ବର୍ଷର ଖୋଳାମାଟି ଆର ବର୍ଷକୁ ଆଉ ଥରେ ପୋତି ହୋଇଯାଇଥାଏ । ଶତପଥୀଙ୍କ କଳ୍ପନାର ପୁଷ୍କରିଣୀରେ ହଂସଦଳ ଏବଂ କାରଣ୍ଡବ ଆଦି ନ ପହଁରି କେତେଦିନ ପାଇଁ ବେଙ୍ଗ ବେଙ୍ଗ ବାସକରନ୍ତି । ଯୋକ-ଯୋକ ମଧ୍ୟ ରହନ୍ତି ସେଠାରେ । ଗ୍ରୀଷ୍ମକାଳରେ ପୁଣି ଶୁଖି ପଙ୍କ ମାଟି ଦିଶେ । ଶୀତକାଳସୁଦ୍ଧା ମଧ୍ୟ ସେଇ ଅବସ୍ଥା । ମାସେ ଦି'ମାସରେ ଥରେ ଗାଁର ଅଗାଧୁ ଭଞ୍ଜଙ୍କୁ ଡାକିଆଣି ଦିନେ ଅଧେ ଇଟା କେତୋଟା ବାଲିଚୂନ ଉପରେ ବସେଇ ଦିଅନ୍ତି, କିନ୍ତୁ ମିସ୍ତ୍ରୀ ମୁଲିଆଙ୍କୁ ପଇସା ଦେବାବେଳକୁ କନ୍ଦନ ଆରମ୍ଭ କରିଦିଅନ୍ତି । ଏଣୁ ଦଶ ବର୍ଷରେ ମଧ୍ୟ ଦେଉଳର କାନ୍ଥ ଆଣ୍ଠୁଏ ଉଞ୍ଚାରେ ରହିଯାଇଥିଲା । ଘରର ଜଞ୍ଜାଳ ମଧ୍ୟ କିଛି ଊଣା ନୁହେଁ । ତାରିଣୀ ତଳକୁ ପୁଅ, ଝିଅ ତିନୋଟି । ତା' ଉପର ଦୁଇଟି ଝିଅ ଶାଶୁଘରେ । ବଡ଼ପୁଅର ବୋହୂ ଅଛି ଘରେ । ଦୁଇ ବର୍ଷର ହେଲେଣି ଦୁଇଟି ସନ୍ତାନ । ପୁତ୍ର ଆଉ କନ୍ୟା । ତା' ତଳ ପୁଅ ଝଗଡ଼ା କରି ଚାଲିଯାଇଛି କଲିକତା । ଶେଷକାଳକୁ ପୁତ୍ରକନ୍ୟା ପରିବେଷ୍ଟିତ ହୋଇ ସୁଖରେ ରହିବେ କଅଣ, ତା' ବଦଳରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ପ୍ରତିଦିନ ଗୋଟାଏ ଦୁଇଟା ଝଗଡ଼ା ହୋଇଯାଏ । ଝଗଡ଼ାରେ ଶତପଥୀଏ ତାରିଣୀ ବୋଉକୁ ଯାହା ଇଚ୍ଛା ତାହା ଗାଳିଫଜିତ କରିଯାଆନ୍ତି । ତାରିଣୀବୋଉ ତହୁଁ ବଳି ବୋଲି ଦେଇଯାଆନ୍ତି ସ୍ୱାମୀଙ୍କୁ । ଘରେ ବୋହୂର ବଡ଼ ଛୁଆଟାକୁ ତିନି ବର୍ଷ ଉପରେ । ତା' ପରେ ଜନ୍ମ ହୋଇଥିଲା ଝିଅ, ପ୍ରାୟ ଦି' ବର୍ଷ ହେବ । ଅଇଣ୍ଠା ରୋଗରେ ଏଡ଼େ ବଡ଼ ଗୋଟାଏ ପେଟ ବାହାରି ପଡ଼ିଛି । ମାଆ ତାର ମୁହଁମାଡ଼ି ପଡ଼ି ରହିଛି, ଆଉ ଥରେ ପେଟରେ ରହିଛି କି କଅଣ ! ଛୁଆଟାର ଝାଡ଼ା ବନ୍ଦ ହେଉନାହିଁ । ଗଞ୍ଜାଡ଼ି ପୁଅ, ଯଜମାନମାନେ ମଧ୍ୟ ଆପତ୍ତି କରୁଛନ୍ତି ପୁରୋହିତ କର୍ମ କରିଗଲେ । ତାରିଣୀ ବୋଉଙ୍କର ଏ ବୟସରେ ମଧ୍ୟ ନିଜର ଦିହମୁଣ୍ଡ ପ୍ରତି ବିଶେଷଭାବରେ ଯତ୍ନ ନେବାର ଇଚ୍ଛା । ପଞ୍ଚାବନ ବର୍ଷ ବୟସ ହେଲେ ମଧ୍ୟ ରୂପର ଝଲକ ସମ୍ପୂର୍ଣ୍ଣରୂପେ ତାଙ୍କର ଦେହଟାକୁ ବର୍ଜନ କରି ଯାଇ ନ ଥିଲା । ସେ ସକାଳୁ ବିଛଣା ଛାଡ଼ି ଧାନ ତୋଳିଦିଅନ୍ତି ଢେଙ୍କିମୁଣ୍ଡକୁ ବସି । କୋଟେଇଭୁଣୀ ଧାନ କୁଟେ । ତାରିଣୀ ହୁଏ ତାର ଘଡ଼ି । ତାରିଣୀ ଚାଉଳ ବିକ୍ରୀ କରନ୍ତି । ନିତି ଦି' ତିନି ଟଙ୍କାର ଚାଉଳ ବିକ୍ରୀ ହୋଇଯାଏ ତାଙ୍କର । ଟଙ୍କାକେ ପ୍ରାୟ ଚାରିଅଣା ଲାଭ ପାଇଯାଆନ୍ତି ସେଥିରୁ । କୁଣ୍ଡାଟା ବିକ୍ରୀ ହୋଇଯାଏ । ବିଶୁ ହିଁ ସେ କୁଣ୍ଡାର ବଡ଼ ଗ୍ରାହକ । ନଗଦ ପଇସା ନ ଥିଲେ, ମୁଗ କିମ୍ବା ବିରି ଦେଇ ତା ବଦଳରେ କୁଣ୍ଡା ନେଇଯାଏ ବିଶୁ ।

ସେ ଦିନ ତାରିଣୀବୋଉ ସ୍ନାନକରି ଆସି ଶାଗ, ଫୁଲବଡ଼ି ତରକାରି, ଟିକିଏ ଶୁଖୁଆଭଜା ସହ ପଖାଳ ଭାତରୁ ପିଞ୍ଚାଏ ହେବ ଖାଇ ସାରି ବାରଣ୍ଡାର ଶୁଖୁମାଟିଆ ଖଟରେ ଶୋଇପଡ଼ିଥିଲେ । ସେ ପାଖ ପଡ଼ିଶା କପିଳ ବୋଉ ବଡ଼ୁରି ଚାଉଳ ଧରି ଆସିଲେ ତାରିଣୀ-ବୋଉଙ୍କ ଘରକୁ, ଢିଙ୍କିଟା ତାଙ୍କର ଅସଜ ହୋଇଯାଇଛି । ଚାଉଳ ଚୂନାକରି ନେଲେ, କାଲିକି ଗଇଁଠା ଖିଆ ହେବ ! ବଉଳ ଅମାବାସ୍ୟା । ଡାକ ଡାକ ଭିତରକୁ ପ୍ରବେଶ କଲେ କପିଳବୋଉ । ତାରିଣୀ-ବୋଉ ତେଲ ଚିକଟା ଚକଆଟାକୁ ଖମ୍ବକୁ ଆଉଜେଇ ଦେଇ ଉଠିବସିଲେ ହାଇ ଉପରେ ହାଇ ଉଠେଇ । କପିଳବୋଉ ପଚାରିଲେ, ଚୂନା କୁଟି ସାରିଲଣିକିଏ ବଉଳ ? କାଲିକି ବଉଳ ଅମାବାସ୍ୟା । ଢିଙ୍କିଟା ଅସଜ ହୋଇଯାଇଛି ସେ ଧାନଗଣ୍ଡିକ ପଡ଼ିତ ଆଠଦିନ ହେଲା । ତା' ନନା ତ କୋଉଥିକି ମନ ଦେଲେ ନା । ମୁଠେ ଖାଇ ଶୋଇବେ । ସେଇ ସେତିକି ବେଳରୁ ଖେଳରେ ବସି ପଡ଼ିବେ । ଆଗ ଦୁଆରି ପଟ୍ଟନାୟକ ଘରପିଣ୍ଡା ହେଉଛି ଆଖଡ଼ା ଘର । ପଟ୍ଟନାଇକ ପୁଅ ତ କୁଟୁମ୍ବ ଧରି ପଳେଇଲେ, ଘରଟା

ଖାଲି ପଢ଼ୁଛ । ହଇ ହେ ବଉଳ ! ସେ ଏବେ ମାସକୁ ତିନି'ଶ ବର୍ତ୍ତନ ଆଣୁଚନ୍ତି ବୋଲି ତା' ନନା ସେ ଦିନ କହୁଥିଲେ ଯେ, ସତ କି ଗୋ !

ତାରଣୀବୋଉ କିଏ କମିତି, କେଉଁ କାରଣରୁ ଉନ୍ନତି ଆଡ଼କୁ ଗଲ କମ୍ଭା ଟଙ୍କାପଇସା ଉପାର୍ଜନ କଲ, ବିଦ୍ୟାବିଳତରେ ବଡ଼ଲୋକ ହୋଇପାରିଲ, ଏ ସବୁ କଥା ଆଡ଼କୁ ମନଦେଇ ପାରନ୍ତିନାହିଁ । କେବଳ ତାଙ୍କ ଦୃଷ୍ଟି ଏଇ ସାହି ଭିତରର କେତୋଟା ସ୍ତ୍ରୀ ଏବଂ ପୁରୁଷଙ୍କ ଉପରେ ଥାଏ । ସେ ହାଇ ଉଠେଇବା ସଙ୍ଗେ ସଙ୍ଗେ କଥା ଆରମ୍ଭ କରି ଅଳସୀ ରାଜକୁମାରୀ ପରି ତେହ୍ନେଇ ହୋଇ କହିଲେ, କେଜାଣି ହେ ବଉଳ, କିଏ ଜାଣିଛି କିଏ କେତେ ଟଙ୍କା ଆଣୁଚି !

କପିଳ ବୋଉ ଠୋକେଇଟାକୁ କାନ୍ଥ କଡ଼କୁ ରଖିଦେଇ ବାରଣ୍ଡାର ଖମ୍ବ ପାଖକୁ ବସିପଡ଼ି କହିଲେ, ତମେ ସିନା ବଉଳ ସୁଖୀ ଆଉ ସୁକୁମାରୀ ମଣିଷ । ଘରେ ଇମିତି ଝିଅଟିଏ ଅଛି ବୋଲି, ସଜ ପଖାଳ କାଡ଼ି ଦେଉଛି— "

ସବୁ ସରସ କଥାରେ ବାଧା ଦେଇ ଘର ଭିତରୁ ଅନ୍ଧାର ରୋଗୀ ନାତୁଣୀଟା ବାହାରୁ କାହାରୁ ଅତରଙ୍କ ହୋଇ ବସିପଡ଼ିଲା ଏରୁଣ୍ଡି ପାଖଟାକୁ । ଇଁ ହି, ଥୁ ଥୁ କରି ଉଠିପଡ଼ିଲେ ତାରଣୀବୋଉ । ଅମ୍ବିଳ ଗନ୍ଧ, ବାସି ପେଜପରି ଗୁଡ଼ାଏ ସଣ୍ଢରେ ଢାଳି ଦେଇଛି ଛୁଆଟା । କପିଳବୋଉ, ତାରଣୀବୋଉଙ୍କ ଠିକ୍‌ଘର ଆଡ଼କୁ ଚାଲିଗଲେ ଖୁଡ଼ଳ କୁଟିବା କଥା କହି । ତାରଣୀ ଖରରଦା ହାଣ୍ଡି ଧୋଉଥିଲା, ନାଳ ମୁହଁରେ ବସି, ସେ ସେଇଆଡ଼ୁ ବଡ଼ପାଟି କରି ଖାଉକ ଖାଉକ ବୋଲି ଚିତ୍କାର କରି ଡାକିଉଠିଲା । 'ଶୋଇ ରହିନ୍ତୁ', ପିଲା ଘୁଅ କିଏ ପୋଛିବ ?

ତାରଣୀବୋଉ ଠିକି ଘରଆଡ଼କୁ ଗଲାବେଳକୁ ଗୁରୁବାରି ସେ ଆଡ଼ୁ ଆସି ଦନ୍ତପନ୍ତି ପ୍ରକାଶ କରି କହିଲା, ଏ ସାଆନ୍ତାଣୀଏ ତମେ କହିଲାପରି ଏତେ ଦିନରେ କଥାନା ଆଖିରେ ପଡ଼ିଗଲା । ତାରଣୀବୋଉ ଗୁରି ମୁହଁକୁ ଚାହିଁ ଧମକ ଦେଲାପରି କହିଲେ, ହସୁଚୁ କି କାନ୍ଦୁଚୁ କେଜାଣି । ଏତେ ଫିସିଫିସି କରି କରି କରି କହ ମରୁଚୁ କାହିଁକି ?

ଗୁରୁବାରି ସେଇ କେଉଁ ସକାଳେ ପିକୁଲି ଡାଳରୁ ଖଣ୍ଡେ ଭାଙ୍ଗି ଦାନ୍ତଘଷି ପକେଇଥିଲା । ଦାନ୍ତମୂଳରୁ ପୂଯ ବାହାରୁଛି । କଥା କହିବା ସମୟରେ ମୁହଁରୁ ଉଠୁଛି ଦୁର୍ଗନ୍ଧ । ସେ ତାରଣୀବୋଉଙ୍କ ମୁହଁ ପାଖକୁ ଲାଗିଯାଇ କଥା କହିବାବେଳେ ତାରଣୀବୋଉ ନାକ ଟେକି ଦେଇ ଘୁଞ୍ଚିଗଲେ ଅଳ୍ପ ଟିକିଏ । ଗୁରୁବାରି ଯେଉଁ କଥା କହିବାକୁ ଆସିଛି, କହିଦେଲେ ସିନା ମୁଣ୍ଡରେ ବୋଝ ଓହ୍ଲେଇ ଯିବ ? ପେଟ ଫୁଲାଟା କମିବ ! ତାରଣୀବୋଉଙ୍କ ନାକଟେକା ସହ୍ୟକରି ଯାଇ ସେ ପୁଣି ତାଙ୍କ ଆଡ଼କୁ ମୁହଁକରି କହିଲା, ଇ ମା, ବୁଝିନ କିଏ ସାଆନ୍ତାଣି ! ଆହା ସେଇ କଥା ଗୋ ! ଯୋ କଥା ଆମେ କାଲି କୁହାକୁହି ହେଉଥିଲେ, ସେଇ କଥାଗୋ ସାଆନ୍ତାଣି ! ତାରଣୀବୋଉ ନିମିଷକରେ ଭୁଲିଗଲେ ଗୁରୁବାରି ମୁହଁର ଦୁର୍ଗନ୍ଧ । ସେ ଉତ୍‌ବେଗରେ ହିଁ ପଚାରିଲେ, ସେ କଥା, କହୁନୁ ଗୁରୁବାରି କଅଣ, କଅଣ ହେଲା ? ଗୁରୁବାରି ଗାଲରେ ହାତଦେଇ ବଡ଼ରେ ଅଭିନେତ୍ରୀଟିଏ ପରି କହିଲା, ଆଖିରେ ପଡ଼ିଗଲା ହେ ସାଆନ୍ତାଣି, ପରତକ୍ଷରେ ଆଜି ଦେଖିଲି । ବାମୁଣ ଘର ବୋଉଟାର ହାତଧରି ଧୂଆ ଉପରକୁ ଆଉକ—ତାରଣୀବୋଉଙ୍କ ଉତ୍ସାହଟା କମିଗଲା ବୋଧହୁଏ । ସେ ପଚାରିଲେ ଭଲକରି ଦେଖିଛୁ—ସେ ଆଉ ନେଲୁଟା ନା ବାଦ୍ୟାକାର ? ଧୁଣ୍ଡା ଗୁରୁବାରି ସେହିକ୍ଷଣି କହିଉଠିଲା, ହଁ ହେ ସାଆନ୍ତାଣି, ସେଇ ହୋଇଥିବ । ଯୋଡ଼ା ଆଖିକୁ ଭଲକରି ଦୁଇଟି କି ହେଲେ !

ଏତିକିବେଳେ କପିଳବୋଉ ଖୁଡ଼ଳଧୂଆଟାକୁ ଧରି ଆସିଲେ ଅଗଣାର କବାଟ ଟାଣି । କପିଳବୋଉଟି ବଡ଼ ସରଳ ମଣିଷ । ସେ ସାଧାରଣତଃ ଈର୍ଷାଦ୍ୱେଷର କଥା ଜାଣନ୍ତିନାହିଁ । ଗୁରୁବାରିକୁ ତାରଣୀବୋଉଙ୍କ ପାଖରେ ଦେଖି କହିଲେ, କଅଣ ସବୁ ଫିସ୍‌ଫିସ୍ କରି କହିଦେଇ ଯାଉଚୁ ଲୋ ଗୁରି । ନୋହିଲା କଥାକୁ

ହୋଇଯାଇ କରି ଗୋଟାକୁ ଦଣ୍ଡ କରି ଦେବୁ ଭୁ, ଇମିତି କରି ତ ପାଣିଗ୍ରାହୀ ଘର ଝିଅଟାକୁ ଘରୁ କାଢ଼ିଦେଲୁ । ସଜ ମାଈଁସରେ ପୋକ ପକେଇଦେବା ସ୍ୱଭାବ ତୋର । ଏତେଗୁଡ଼ାଏ କଥା ଶୁଣି ଗୁରୁବାରି ରାଗରେ ଜର୍ଜ୍ଜର ହୋଇ ଝଗଡ଼ା ଆରମ୍ଭ କରିଦେଲା ଭୟଙ୍କର ଭାବରେ । ତାରଣୀବୋଉ ଗୁରୁବାରି ପକ୍ଷରେ ରହି ଲଢ଼େଇ କଲେ ତାଙ୍କର ମିତଣୀ କପିଳବୋଉଙ୍କ ସାଙ୍ଗରେ । କପିଳବୋଉ ମଧ ଉତ୍ତେଜିତ ହୋଇଉଠି କହିଲେ, ଭଲ ପଣ କେତେ ଆଉ ଦେଖଉ ହୋଉଚ ବା । ଗର୍ଭିଣୀ ବୋହୂଟାକୁ ପାଣିତୋରାଣୀ ନ ଦେଇ ତମେ ମୁଣ୍ଡରେ ବେଣୀବାନ୍ଧି ଫୁଲପିନ୍ଧି ଗାଧୋଇ ଆସି ଉଷୁମ ପଖାଳରୁ କଂସେ ହେବ ଠୁଙ୍କିଦେଲଣି । ଝିଅଟା ବିଧବା ହେଲା, ମୁଣ୍ଡ ବାଳ ଶୁଖିଲା ଳୁଖୁରା କରି ରହୁଚ । ସେଇ ଝିଅ ହାତରେ ସୁଆଦ ତିଅଣ କରି ରନ୍ଧେଇ ସଅଳ ଗଣ୍ଡେ ଖାଇଦେଇ ଶୋଇପଡ଼ୁଚ ଯେ ଏଗୁଡ଼ାକ ତମର କୋଉ ଭଲ ଗୁଣ ? ପରଘର ଛିଦ୍ର ଖୋଜି ହୋଉଥିବ । ଆପଣା ଦୋଷ ଯେ କେତେ, ତାର ତ ମାପ ନ ଥିବ । ପରଦୋଷ ସବୁ ଦେଖୁଥିବ ଏତେ ବଡ଼ କରି ।

ଗୁରୁବାରି ତାରଣୀବୋଉଙ୍କ ପକ୍ଷ ନେଇ ଏଇ ସୁଯୋଗରେ କହିଗଲା ସ୍ୱର୍ଣ୍ଣ ସମ୍ବନ୍ଧରେ ଅନେକ କିଛି ।

ଏ ଘଟଣା ପରେ ଆହୁରି ସପ୍ତାହଗୋଟାଏ କାଳଗର୍ଭରେ ଲୀନ ହୋଇଗଲାଣି । ଠିକ୍ କେଉଁ ବାର ଏବଂ ତିଥିରେ ନାଟକ ଅଭିନୟ କରାଯିବ, ସ୍ଥିର କରାଯାଇ ପାରୁନାହିଁ । ଦେଖୁ ଦେଖୁ ପୌଷ ମାସଟା ଶେଷ ହୋଇଯାଇଛି । ଆରମ୍ଭ ହୋଇଛି ପୁଣି ମାଘ ମାସ, ସେଇ ଗତ ବର୍ଷ ପରି । ଗତ ବର୍ଷ ଯିମିତି ଅରୁଣରେଖା ପ୍ରକାଶ ହେବା ଆଗରୁ ବାଳ ପାଣ୍ଡ ନଦୀରେ ସ୍ନାନ କରି ଆସି ସଂକୀର୍ତ୍ତନ କରୁଥାଆନ୍ତି, ସିମିତି ହିଁ ସେ ଯାଉଥିଲେ କୀର୍ତ୍ତନଦଳ ସାଙ୍ଗରେ ମୃଦଙ୍ଗ ବଜେଇ ବଜେଇ । ବାଳ ପାଣ୍ଡଙ୍କ ଶରୀର ଗଠନଟି ସୁନ୍ଦର । ଶ୍ୟାମଳ ବର୍ଣ୍ଣ, ମୁହଁ, ନାକ, ଆଖି ସୁନ୍ଦର । ଫାଳକଆ ମଥାରେ କୁଞ୍ଚିତ କେଶଗୁଚ୍ଛ କମଳାରଙ୍ଗର ପାଟ ଧୋତି ଆଉ ଚଦରର ପିନ୍ଧିଥିଲେ ସେ । ଲଲାଟରେ ଚନ୍ଦନରେଖା, ଗଳାରେ ଫୁଲମାଳ । ନୃତ୍ୟ ଛନ୍ଦରେ ଚାଲିଯାଉଥିଲେ କୀର୍ତ୍ତନଦଳ ଭିତରେ । ଦୁଆରମୁହଁକୁ ଠିଆ ହୋଇଥିଲେ ମଦନ ମହାପାତ୍ରେ । ନିଜ ଆଡ଼କୁ ଅନେଇଦେଲେ ସେ । ଅମାନିଆ ହୋଇ ଏତେ ବଡ଼ ଗୋଟାଏ ପେଟ ବାହାରିଲାଣି । ଏତେ ବଡ଼ ମୋଟାସୋଟା ସାର୍ଗ ଦେହଟାକୁ ଠେଲି ପେଟ ଇମିତି ଅମାନିଆ ହେବା ଦେଖି ସମୟେ ସମୟେ ସେ ଚିନ୍ତିତ ହୋଇଉଠନ୍ତି । ଯାହାହେଉ, ସେଦିନ ସେ ଆପଣା କଥା ପଛକୁ ରଖିଦେଇ ସରସ ହସ ହସି ଅଗ୍ରସର ହୋଇଆସିଲେ କୀର୍ତ୍ତନଦଳ ଆଡ଼କୁ । ବାଳ-ପାଣ୍ଡେ ସ୍ମିତହାସ୍ୟ କରି ମହାପାତ୍ରଙ୍କ ମୁହଁକୁ ଚାହିଁ କହିଲେ, ନମସ୍କାର ଆଜ୍ଞା । ଦୟା ରଖିଥିବେ । ମଦନ ମହାପାତ୍ରେ ତାଙ୍କର ଅଭ୍ୟାସ ଅନୁଯାୟୀ ଗଦ୍‌ଗଦ କଣ୍ଠରେ କହିଲେ, କି ସୁନ୍ଦର ନାଟକର ବେଶ ହୋଇଛ ହେ ପାଣ୍ଡେ । ଖାଲି ମୟୂରଚୂଳଟା ବାକି ରହିଗଲା । ମହାପ୍ରଭୁ ନିମାଇଁଙ୍କ ପରି ଢଳଢଳ ଭାବାବେଶରେ ଚାଲିଛ । ବର୍ଣ୍ଣଟା ଆଉ ଟିକିଏ ଗୋରା ହୋଇଥିଲେ ଠିକ୍ ତାଙ୍କରି ପରି ଦେଖାଯାଆନ୍ତା । ତମର ସେ କଳା ମୁହଁଟି ଉଜ୍ଜ୍ୱଳ ହୋଇଯାଇଛି ପାଣ୍ଡେ । ପ୍ରେମରସ ଆସ୍ୱାଦନ କରିବାକୁ ସୁଯୋଗ ମିଳିଗଲା ବୋଧହୁଏ । ନାଟରେ କୁ ଛୁଚ ଯୋଡ଼ାଏ ଥିଲେ; ତୁମେ ଆଉ ଥରେ ସେଥିରେ ମିଶିଗଲ । କି ସୁନ୍ଦର ଦିଶୁଛ ସତେ । ମୁଁ ଯଦି ସିମିତି ଗୋଟାଏ ସ୍ତ୍ରୀ ହୋଇଥାନ୍ତି, ତୁମର ରାଧା ବୋଲି ନିଜକୁ କହିଦେଇ ଢଳିପଡ଼ନ୍ତି ତୁମର ଏ ସୁନ୍ଦର ଚିକ୍‌କଣ ଦେହ ଉପରେ । ତୁମେ ମଧ କମିତି ସମ୍ଭାଳି ରହୁତ ପାଣ୍ଡେ ? ବାଳ ପାଣ୍ଡେ ଶ୍ଲେଷପାତ୍ର ଦୃଷ୍ଟିରେ ମହାପାତ୍ରଙ୍କ ଆଡ଼କୁ ଅନେଇ ଦେଇ କହିଲେ, ଆପଣ ଧନ ଦ୍ରବ୍ୟ ସଞ୍ଚିଛନ୍ତି ବହୁତ; କିନ୍ତୁ ଜଣକର ଉପକାର କରିବାଦ୍ୱାରା କେତେ ଆନନ୍ଦ ମିଳୁଛି, ସେ କଥା ଆପଣ କଅଣ ଜାଣିବେ ଆଜ୍ଞା !

ଏତିକି କହି ଚାଲିଗଲେ ବାଜି ପାଣେ । ମଦନ ମହାପାତ୍ରେ ଭାବିଲେ, ଶଳା କୁମୁଟି ପିଲା କିଛି କଣିଆଲି ବଢ଼ାଇ କରୁଥିଲା । ଏଁ; ସେଇ ଲୋକଟାର କଥା ଶୁଣ ! ମୋ ମଇଣ୍ଟ ମଦନା ସୁଇଁ ଲୋକଙ୍କୁ ବଜାକେଇ ଦେଉଛି । ସମସ୍ତ ଆଉ ସୁଯୋଗ ପାଇଗଲେ ମଇଣଙ୍କୁ ମୁଁ ମଧ ବାଧିଲା ପରି ସ୍ୱରପଦ ଶୁଣେଇ ଦେଉଛି, ତାହା ନୁହେଁ । ତେବେ ମଧ ଏଗୁଡ଼ାକ ସୀମା ଲଂଘନ କରିଯାଉଛନ୍ତି । ଲୋକଙ୍କୁ ଆୟତ୍ତ କରିବା ଯେତିକି ସହଜସାଧ ବୋଲି ଭାବିଥିଲି, ବର୍ତ୍ତମାନ ଦେଖୁଛି ତାହା ସିମିତି ନୁହେଁ । ଏଥିରେ ହାତଦେଇ ଆମମାନଙ୍କୁ କିଛି ଗୋଟାଏ କରିବାକୁ ହେବ । ଏଥିର ପ୍ରସ୍ତାବ ଯେ ଆମର ପ୍ରାଚୀନ ସଂସ୍କୃତିରେ ପଡ଼ୁଛି । ସ୍ତ୍ରୀଜାତି ଘରେ ରହି ରନ୍ଧାବଢ଼ା ସେବାକାର୍ଯ୍ୟ କରିବେ । ସେମାନଙ୍କ ପକ୍ଷରେ ସହିତ୍ୟ ସୃଷ୍ଟିକରିବା ଗୋଟାଏ ଅଦ୍ଭୁତ ଘଟଣା । ସେମାନଙ୍କୁ ପ୍ରଶ୍ରୟ ଦେଲେ, ଆମର ସୁଗୁଣ ଦୁର୍ଗୁଣ ସମ୍ବନ୍ଧରେ ବିସ୍ତାର କରିବେ ।

ଏତିକିବେଳେ ଘର ଭିତରକୁ ଆସିଲେ ତାଙ୍କର ମଇଣ୍ଟ ମଦନ ସ୍ୱାଇଁ । ମଦନ ସ୍ୱାଇଁ ହାତଯୋଡ଼ି ଦେଇ କହିଲେ, ନମସ୍କାର ମଇଣେ ! ପନ୍ଦର ଦିନ ହେଲା ବାହାରିବି ବାହାରିବି ବୋଲି ଖାଲି ଡେରି ହୋଇଯାଉଚି । ସମୁଦ୍ରୀଙ୍କର ପୁଣି ସୁବିଧା ଦେଖି ତ ଯିବାକୁ ହେବ ! ଯିବାବେଳକୁ ତମର ଆଶୀର୍ବାଦ ଭିକ୍ଷା କରିନେବାକୁ ଆସିଚି । ମଦନ ମହାପାତ୍ର ହସି ହସି କହିଲେ, କି କଥା ହେ ! ସୁନା ମିଶ୍ରାଣୀର ପୌରାଣିକ ନାଟକ ଅଭିନୟ ହେବ; ତୁମେ ତାଙ୍କୁ ଛାଡ଼ିଦେଇ ଚାଲିଯିବ ? ମଦନ ସ୍ୱାଇଁ ତାଙ୍କ ମଇଣଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଅନାଇ କହିଲେ, ଯିବାଆସିବା ସମୟରେ ଇମିତି ନିଷ୍ଠୁର କଥା ତୁଣ୍ଡରେ ଧରିବ ନାହିଁ ମଇଣ ! ତୁମେ ତ ଶାସ୍ତ୍ର ପୁରାଣ ପଢ଼ିଛ, ଇମିତି ନିଷ୍ଠୁର କଥା କହିବ ବୋଲି କେଉଁଠି ଲେଖାହୋଇଛି କହିଲ ! "ନ ଦେବୁ ଧନ, କହିବୁ ଦିବ୍ୟ ବଚନ" ବୋଲି ପରା କଥା ଅଛି । ହୋଉ, ତୁମର ଯାହା ଇଚ୍ଛା କର । ତୁମ ପ୍ରତି ମୋର ଯେଉଁ ଶ୍ରଦ୍ଧାଭକ୍ତି ଅଛି, ତାହା ଅଟଳ ହୋଇ ମୋ ହୃଦୟରେ ରହୁ । ନମସ୍କାର ମଇଣେ, ଯାଉଛି ।

ମାଘ ମାସ ପ୍ରଥମ ସପ୍ତାହ । ଗତଥର ଅପେକ୍ଷା ଏଥର ରିହାସଲ ହେଉଥିଲା ଅଧିକ ଉତ୍ସାହର ସହିତ । ଧ୍ରୁବ ଭୂମିକାରେ ଅଭିନୟ କରିବ ବିଦ୍ୟାଧର । ଭଗବାନ ଶ୍ରୀକୃଷ୍ଣଙ୍କ ଅଂଶଗ୍ରହଣ କରିବ ଭୁବନେଶ୍ୱର । ସେ ଦୁହେଁ ରିହାର୍ସଲ ସମୟରେ ଯାହା କହନ୍ତି ଏବଂ ଅଭିନୟ କରନ୍ତି, ତାହା ପୁଣି ଘରେ ବସି ଅଭ୍ୟାସ କରୁଥାଆନ୍ତି । ଏଣେ ବାଜି ପାଣ ମଧ ନିୟମାନୁବର୍ତ୍ତୀ ହୋଇ ଆସୁଥାନ୍ତି ରିହାର୍ସଲକୁ । ସନ୍ଧ୍ୟାବେଳକୁ ଭଲ ଜରି ଧଡ଼ିଆ ପିନ୍ଧା ପିନ୍ଧି ସେଇ ପିନ୍ଧାର ଜରି ସ୍ୱଦର ଦେହରେ ଦେଇ ବାହାରି ପଡ଼ନ୍ତି ସେ । କେଉଁ କେଉଁ ଦିନ ଧଳାକୋଟ ଆଉ କେଉଁ ଦିନ କଳାକୋଟ ମଧ ପିନ୍ଧିଥାଆନ୍ତି । ନିତି ସନ୍ଧ୍ୟାରେ ଦୋକାନ ଛାଡ଼ିଯିବା ବାଜି ପାଣଙ୍କ ପକ୍ଷରେ କିଛି ସାମାନ୍ୟ କଥା ନୁହେଁ । ସେଇ ସମୟଟାକୁ ହିଁ ନେତାମାନଙ୍କର ସମାଗମ ଘଟେ ପ୍ରତିଦିନ । ଏପାଖ ସେପାଖର ଖୋଲା ଦୋକାନରୁ ନେତାମାନେ କଣିକିଅନ୍ତି । ସେ ଦେଖନ୍ତି, ଶୁଣନ୍ତି ଅଥଚ ସେଇ ସନ୍ଧ୍ୟା ହେଲେ ନାଟକର ରିହାର୍ସଲ ଟାଣି ନେଇଯାଏ ତାଙ୍କୁ । ମନରେ କଳ୍ପନା ଆସିଛି ଉତ୍ତାନପାଦ ରାଜା ହୋଇ ସୁରୁଚି ରାଣୀଙ୍କ ସହିତ କରିବେ ପ୍ରେମବ୍ୟବହାର । ସନ୍ଧ୍ୟାବେଳକୁ ଦୋକାନ ବନ୍ଦ କରିବା ଦେଖି, ହିତୈଷୀମାନେ ଉପଦେଶ ଦିଅନ୍ତି । କିନ୍ତୁ ମନ ଯେତେବେଳେ ଧାଇଁଛି ତାକୁ ଧରିପାରିବ କିଏ ?

ନାଟକର ଅଭିନୟ ହେବାକୁ ଆଉ ତିନି ଦିନ ମାତ୍ର ବାକି ଥିଲା, ତା' ପୂର୍ବ ରାତିର ରିହାର୍ସଲ ହୋଇଥିଲା ପେଣ୍ଡାଲରେ । ସ୍ୱର୍ଣ୍ଣ 'ନଳ ଦମୟନ୍ତୀ' ନାଟକ ଶେଷ କରିଦେଇ ଲାଗିଥିଲା 'ପ୍ରତ୍ୟାବର୍ତ୍ତନ' ଲେଖିବାରେ । ସକାଳର ଶୀତ ପବନ ଯୋଗୁ ସେ ବାରଣ୍ଡାରେ ନ ବସି ଘର ଭିତରେ ବସିଥିଲା । ବିଶୁ ନଆଁ ଜମେଇଟାକୁ ଧରି ସ୍ୱର୍ଣ୍ଣର ଖଟ ପାଖକୁ ରଖିଦେଇ

କହିଲା, ଯାହା ସେଇଁଠି କାଠପଟା ଭଙ୍ଗାପେଡ଼ ପଟା ସବୁ ଜାଳଦେଲଣି । କାଠ ଶଗଡ଼ ଗୋଟେ ନ କଣିଲେ ତ ଆଉ ଚଳିବ ନା । ସ୍ୱର୍ଣ୍ଣ ବଣୁର ମୁହଁକୁ ଅନେଇଁ କହିଲା, ବାଜ ପାନ୍ଦଙ୍କ ପାଖରୁ ଟଙ୍କା କିଛି ଧାର ଆଣି କାଠ ଶଗଡ଼ ଗୋଟେ କଣି ଦେ ବଣୁ ! ବଣୁ ଦୁଆରମୁହଁରୁ ଫେରି ବୁଲିଁ କହିଲା, ବାଜ ପାନ୍ଦେ ଆଉ କେତେ ଟଙ୍କା ଉଧାର ଦେବେ ? ଦୋକାନ ବାକି ଶତକ ହୋଇଯିବ ହେଲାଣି ବୋଲି କହୁଥିଲେ । ସ୍ୱର୍ଣ୍ଣ ଘରର ହାତଭାଡ଼ି ଆଡ଼କୁ ଅନେଇ କହିଲା, ମୁଁ କଅଣ ଭାବୁଥିଲି କି ବଣୁ ! ଏଇ ତ ଦେଖୁଛୁ, ଆମର କଂସା ପିତଳର ଥାଳି, ଡସଲା, ହାଣ୍ଡି ଇତ୍ୟାଦିଗୁଡ଼ାକ ପଡ଼ିରହିଛି । ବିକ୍ରୀ କରିଦେଲେ ପାନ୍ଦଙ୍କ ଦୋକାନ ବାକିଟା ହେଲେ ଶୁଝି ହୋଇଯାଆନ୍ତା ।

ବଣୁ ସ୍ୱର୍ଣ୍ଣର କଥା ଶୁଣି ବିରକ୍ତିରେ ଉତ୍ତେଜିତ ହୋଇ କହିଲା, ଆଉ କଅଣ ! ଘରର କଂସାବାସନ ବିକି ନାଟକ ଖରଚ କରିବ ! ସ୍ୱର୍ଣ୍ଣ ବଣୁ ଆଡ଼କୁ ଅନେଇ କହିଲା, ରାଗି ଯାଉଛୁ କାହିଁକି ବଣୁ ? ଦେଖୁଛୁ ତ ଏଗୁଡ଼ାକ କେବେ ବ୍ୟବହାରରେ ଆସୁନାହିଁ । ବଣୁ ଆହୁରି ଟିକିଏ ଉତ୍ତେଜିତ ହେଲାପରି ହୋଇ କହିଲା—ଏବେ ବେଭାର କରୁନ ବୋଲି କ'ଣ କେବେହେଲେ କରିବ ନାହିଁ ? ଶୁକବାବୁ କଣ ବିବାହ ହେବେନି କି ? ବୋହୂ ଆସିଲେ ତାଙ୍କର ସେ ବେଭାର କରିବେ । ସ୍ୱର୍ଣ୍ଣ ଶାନ୍ତଦୃଷ୍ଟିରେ ବଣୁର ମୁହଁକୁ ଅନେଇ କହିଲା—ହଁ ରେ ବଣୁ, ତୋର ଯେଉଁ କଥା, ଶୁଣିଲେ ନ ହସି ରହି ହୋଉନାହିଁ । ପିତଳ ଗିନା ମାଜିବାକୁ କଷ୍ଟ ହେବ ବୋଲି ଏଲୁମିନିୟମ୍‌ର ଡେକଚି ଇତ୍ୟାଦି ବ୍ୟବହାର କରୁଛୁ । ଏଣେ କହିଲାବେଳକୁ କହୁଛୁ ଶୁକବାବୁଙ୍କ ବୋହୂ ଆସିଲେ ପିତଳ କଂସାର ବାସନଗୁଡ଼ାକ ବ୍ୟବହାର କରିବେ । ଦେଖୁଛୁ ଲୋକଙ୍କର ମନ ବଦଳି ଯାଉଛି ପ୍ରତିଦିନ । ସୁବିଧାରେ ସୁଖରେ କମିତି ଦୈନନ୍ଦିନ କାର୍ଯ୍ୟନିର୍ବାହ ହୋଇଯିବ ସେଇ ଚିନ୍ତା ହିଁ କରିବାକୁ ହେଉଛି । ସତ କହିଲୁ ଆମର ଏଇ ଯୋ କଂସା ବାସନଗୁଡ଼ାକ ଅଛି, ସ୍ଥା ବଦଳରେ ଅନ୍ୟପ୍ରକାର କିଛି ଯଦି ମିଳନ୍ତା, ଯାହା କି ବିନା ପାଉଁଶରେ ସଫା ହୋଇଯାଆନ୍ତା, କେତେ ଭଲ ନ ହୁଅନ୍ତା !

ବଣୁ ଟିକିଏ ରହି କହିଲା, ବାଜ ପାନ୍ଦ ଦୋକାନରେ ଲୋକ ନ ଥିବା ସମୟ ଦେଖି ଏସବୁ ନେଲେ ଯିବା ହେବ ! ବିକିବା କଥା ଯେତେବେଳେ ସ୍ଥିର ହେଲାଣି, ନୋଉଣି ତେବେ ମୁଁ କଂସା-ପିତଳ ଥାଳି କେତୋଟା; ତାଙ୍କୁ ଦେଖେଇ ଦରଦାମ କରି ଦେଇ ଆସିବି । ସ୍ୱର୍ଣ୍ଣ ହସିଦେଇ କହିଲା, ତୁ ମୋର ଜୀବନ ଆରମ୍ଭରୁ ଦୁଃଖସୁଖର ସାଥୀ ହୋଇ ରହିଛୁ ବଣୁ ! ରୋଗ ଦୁଃଖରେ ସେବା କରି କେତେ ରାତି ସାହାନ୍ତରେ ବିଶ୍ରାମର ଆନନ୍ଦ ଦେଇଛୁ । ଆଜି ପୁଣି ଜୀବନର ଏଇ ଗୋଟାଏ କାର୍ଯ୍ୟ କରିବାକୁ ଆରମ୍ଭ କରି ତୋରି ଉପରେ ନିର୍ଭରକରି ରହିଛି । ତୁ ବିଶ୍ୱାସ କରେ କି ନ କରେ, ମାତ୍ର ମୁଁ ମୋ କଥାଟି କହିଦେଉଛି, ତୋର ସାହାଯ୍ୟ ସହାନୁଭୂତି ପାଇ ନ ଥିଲେ କଅଣ ମୁଁ ଏସବୁ କରିପାରନ୍ତି ? ଆଉ ଗୋଟାଏ କଥା, ଏଇ ଯେଉଁସବୁ ପୁରାଣ କଥା ଶୁଣୁଛୁ, ଏସବୁ ସେ କାଳର ଋଷିମୁନିମାନେ ଲେଖି ନ ଥିଲେ, ଆମେ ଆଉ କଅଣ ସବୁ ପଢ଼ନ୍ତେ, ଶୁଣନ୍ତେ କହିଲୁ ? ଆମର ଏ ଲେଖା ସେ ଲେଖା ସହିତ ଅବଶ୍ୟ ତୁଳନୀୟ ନୁହେଁ, ଏ କଥା ମୁଁ ଜାଣୁଛି । ତେବେ, ମହାଭାରତ ଅଛି ବୋଲି କଣ ମାର୍କଣ୍ଡଦାସ କେଶବ କୋଇଲି ଲେଖି ନ ଥିଲେ ?

ବଣୁ ସ୍ୱର୍ଣ୍ଣର ସବୁ କଥା ନ ବୁଝିଲେ ମଧ ଗଭୀର ଆନନ୍ଦ ଅନୁଭୂତିରେ ତାର ସମଗ୍ର ପ୍ରାଣ ପରିପୂର୍ଣ୍ଣ ହୋଇଉଠିଲା ନିମିଷକରେ । ସେ ହାତଭାଡ଼ିରୁ ସବୁଗୁଡ଼ାକ କଂସାପିତଳ ବାସନ ଆଣି ରଖିଦେଲା ତଳେ । କନାବନ୍ଧା ହୋଇ ରଖାଯାଇଥିଲା, ବଡ଼ ବଡ଼ ପିତଳ ଥାଳି ଥାକ ଥାକ କରି । ଖଣ୍ଡଟାକୁ ସେ ଆଡ଼କୁ ଟାଣି ନେଇ ଉଠେଇ ଆଣିଲା ସେଗୁଡ଼ିକୁ ବଣୁ ! ବଡ଼ ଭାରି ହୋଇଛି କଂସାଥାଳି । ବଡ଼ ବଡ଼ କଂସା ଆଉ ଗିନ୍ନା, ପିତଳ ଲୋଟା, ଡେକଚି । ତଳେ ସବୁ—

ଚକ ପାଖରେ ବସି ଯାଉଛନ୍ତି ଗୋପୀମାନେ। ଗୋକୁଳ ଛାଡ଼ି କୃଷ୍ଣ ଚାଲିଯିବେ ମଧୁପୁରକୁ। ଗୋପୀ ଗୋପାଳ କୃଷ୍ଣଙ୍କ ବିନା ବଞ୍ଚିବେ କିମିତି— ?

ବାଜି ପାତ୍ରେ ଅଗଣାରେ ଠିଆହୋଇ ଡାକିଲେ, ଆଜ୍ଞା ! ସ୍ୱର୍ଣ୍ଣ ଚମକିଉଠିଲା ବାଜି ପାତ୍ରଙ୍କ କଣ୍ଠସ୍ୱରରେ। କାଠଘର ଆଡ଼ୁ ଆସି ଅଳନ୍ଦରେ ଠିଆହେଲା ସ୍ୱର୍ଣ୍ଣ। ବାଜି ପାତ୍ର ନମସ୍କାର କରି କହିଲେ, ମାଆ ! ଆପଣ ମୋତେ ବିଶ୍ୱାସ କରି ମୋ ଘରକୁ ଏତେଗୁଡ଼ାଏ ଜିନିଷ ପଠେଇଦେଲେ ! ମଣିଷର ଯେ ଲୋଭ ବୋଲି ଗୋଟାଏ କୁବୁଦ୍ଧି ଅଛି। କହୁ କହୁ ଉଚ୍ଛ୍ୱସିତ କଣ୍ଠରେ ହସି ଉଠିଲେ ବାଜି ପାତ୍ରେ। ଆଜ୍ଞା, ମାଆ ! ଆଉ ଗୋଟିଏ କଥା କହିବି ବୋଲୁଚି, ମାଆ କ୍ଷମା ଦେବେ। ନାଟକ ଲାଗି ପଇସା ଲୋଡ଼ା ପଡ଼ୁଚି। ଏଥର ଟଙ୍କା ଦୁଇଶ ଲାଗିବ। ନେଇ ଯାଆନ୍ତି ମୋଟ୍—

ସ୍ୱର୍ଣ୍ଣ ବାଧାଦେଇ କହିଲା, ଆପଣ ବୁଝିନାହାନ୍ତି, ଏଗୁଡ଼ାକ ମୁଁ ବିକ୍ରୀ କରିଦେବାକୁ ଅନେକ ଦିନରୁ ଭାବୁଥିଲି। ଏଲୁମିନିୟମ୍ ବାସନର ବ୍ୟବହାର ବଢ଼ି ଚାଲିଛି। ଧୀରେ ଧୀରେ ସେଗୁଡ଼ାକ ସବୁ କାର୍ଯ୍ୟରେ ଲାଗିଗଲାଣି। ପିତଳ ଆଉ କଂସା ବାସନ ମାଜିମୁଜି ବ୍ୟବହାର କରିବାକୁ ସମୟ ମଧ୍ୟ ନାହିଁ। ଆପଣଙ୍କର ଯଦି ଅସୁବିଧା ହୁଏ—

"ଆଜ୍ଞା, ମୋର ତ କିଛି ହେଲେ ଅସୁବିଧା ନାହିଁ। ସବୁଗୁଡ଼ିକ ନୂଆ କରାଇ ପୁଣି ଦରରେ ବିକ୍ରୀ କରିବି। ତେବେ କଥାଟା କଅଣ କି ମାଆ, ଆଜ୍ଞା ! ଲୋକଙ୍କଠାରୁ ଅଧା ଦାମରେ କିଣୁଛି। ଆପଣଙ୍କୁ ମୁଁ ଉଚିତ ଦରରେ—"

ସ୍ୱର୍ଣ୍ଣ ବାଧାଦେଇ କହିଲା; "ସେ କଥା କହିବେ ନାହିଁ। ସମସ୍ତଙ୍କଠାରୁ ଯିମିତି ରଖୁଛନ୍ତି, ସିମିତି ରଖିବେ। ଓଜନ ଇତ୍ୟାଦି ଆପଣ କରିନେବେ। ନାଟକ ଜଞ୍ଜାଳରେ ବିଶୁ ଆଦୌ ସମୟ ପାଉନାହିଁ। ଆଉ ଗୋଟାଏ କଥା ଆପଣଙ୍କୁ କହିବା କଥା ଅଛି। ଘରେ ବଡ଼ ବଡ଼ ସିନ୍ଦୁକ ରହିଛି, ବହିପତ୍ର ରହିବାକୁ ମଧ୍ୟ ସୁବିଧାଜନକ ନୁହେଁ। ଆପଣ ଯଦି ସେ ଦୁଇଟା ବିକ୍ରୀ କରାଇ ଦେଇ ପାରନ୍ତେ, ବଡ଼ ଉପକାର ହୁଅନ୍ତା। ସିନ୍ଦୁକ ଦୁଇଟା ଦେଖନ୍ତୁ।"

ବାରଣ୍ଡା ପାଖର କବାଟ ଖୋଲିଦେଇ ଭିତରକୁ ଯିବାପାଇଁ କହିଲା ସ୍ୱର୍ଣ୍ଣ। ବାଜି ପାତ୍ରେ ଘର ଭିତରକୁ ଯାଇ ଦେଖିଲେ, ଗୋଟେ ବଡ଼ ଘର ପାଞ୍ଚଟା ସିନ୍ଦୁକ ରହିଛି। ସ୍ୱର୍ଣ୍ଣ କାଠଘର ପାଖର କବାଟ ପାଖକୁ ଆସି କହିଲା, "ଏଇ ଦୁଇଟି ପେଡ଼ି ଖାଲି କରି ରଖିଦେଇଛି। ଦେଖନ୍ତୁ ! ଯଦି ଇଚ୍ଛା ହୁଏ।" ବାଜି ପାତ୍ରେ ପେଡ଼ି ଦୁଇଟି ଭଲକରି ଦେଖିସାରି କହିଲେ, "ଆପଣଙ୍କର ଘରର ପଦାର୍ଥ ମୋ ପକ୍ଷରେ ସ୍ୱର୍ଗର ବୋଲି ଭାବୁଚି ଆଜ୍ଞା ! ଆଉ ଟଙ୍କା କଥା କଅଣ କହିବି। ଏସବୁ ତିଆରି କରେଇ ବିକ୍ରୀ କରନ୍ତି ଅନେକ। ମୂଲ୍ୟ ଯେତିକି ହେବ ତାଠୁ ଅଧିକ ଶହକେ ଦଶ ଟଙ୍କା ଦେବି ଆଜ୍ଞା। ମୁଁ ଜାଣେ ଆପଣ ଦରଦାମ ବେଭାର କରିବେ ନାହିଁ। ହେଲେ ମଧ୍ୟ ଏ ଟଙ୍କା ଯେ ଦେବତା ଭୋଗରେ ଲାଗିବ ମାଆ ଆଜ୍ଞା !"

ସ୍ୱର୍ଣ୍ଣ କଅଣ କହିବାକୁ ଉଦ୍ୟମ କରୁଥିଲେ, ବିଶୁକୁ ଦେଖି କହିଲା, ପାତ୍ରେ ଆସିଛନ୍ତି। ବଡ଼ ଗୋଟେ ଦୁଇଟାଯାକ ପେଡ଼ି ବିକ୍ରୀ କରିଦେବା। ଟଙ୍କାରେ ଆଲମାରି ଖଣ୍ଡେ ହୋଇଯିବ। ତଳେ ଚକ ଲାଗିଛି ନେବାକୁ କଷ୍ଟ କିମ୍ବା ଅସୁବିଧା ହେବନାହିଁ। ଆପଣ ଟିକିଏ ଠେଲି ଦେଲେ ବିଶୁ ଗଡ଼େଇ ଗଡ଼େଇ ନେଇଯିବ।

ବିଶୁ ପ୍ରଥମେ ବିସ୍ମିତ ହୋଇ ସ୍ୱର୍ଣ୍ଣର ମୁହଁକୁ ଅନେଇଲା। ପରେ କଅଣ ସେ ଭାବିଲା କେଜାଣି, ଆଗରୁ ସବୁ କଥା ଜାଣିଥିବା ପରି ହିଁ ଉତ୍ସାହ ଦେଖାଇ ସିନ୍ଦୁକ ଦୁଇଟାକୁ ଘର ଭିତରୁ ବାହାର କରି ନେଇ ଆସିଲା ଅଗଣାକୁ। ତା ପରେ ଦୁଇ ଥର କରି ନେଇ ରଖିଦେଲା ବାଜି ପାତ୍ରଙ୍କ ଘରେ।

ଏତିକିବେଳକୁ ରାଜନ ପରିଡ଼ା ଆସିଥିଲେ ବାଜି ପାତ୍ରଙ୍କ ଦୋକାନକୁ। ତାଙ୍କ ଝିଅର ବାହାଘର ହେବ। ଜିନିଷ କିଣି ନେବେ। ସିନ୍ଦୁକ ଦୁଇଟାକୁ ଦେଖି

ପଚରିଲା କହିଲେ; ସେଇ ପୁଞ୍ଜିକା ମଧ୍ୟ ବିକି ଦେଲେ କହେ ପାଣ୍ଡେ !" ବାଜି ପାଣ୍ଡେ ଭ୍ରୂକୁଞ୍ଚିତ କରି କହିଲେ, "ସେଇ ବ'ଟା ଦେଇଛନ୍ତି, ବଦଳେଇ ଆଣିଦେବି ନୂଆ ଆଲମାରି ।" ପଚରିଲାଏ ମହାପାତ୍ରଙ୍କ ପଅରି । ସେ ଅବିଶ୍ୱାସ କଲାପରି ମୁଖଭଙ୍ଗି କରି କହିଲେ, "ହଁ ହେ ପାଣ୍ଡେ, କେତେ ଆଉ କହୁଚ ସବୁ ତ ସରିଲାଣି !" ବାଜି ପାଣ୍ଡେ କଥାରେ ଜୋର୍ ଦେଇ କହିଲେ, "ତମର ଏବେ ଝିଅ ବିଭା କରିବ ଯେ ହଜାରେ ଟଙ୍କା ଋଣ କରୁଚ । କହିବ ଦିନର ଦୋକାନ ବାକି ଆଉଟି ଶୁଝା ହୋଇ ନି !" ଇମିତି ଯୁକ୍ତିତର୍କ କରି କରି ଶେଷକୁ ସବୁ କଥାକୁ ଏକମତ ହୋଇଗଲେ ଉଭୟେ । ବିଶୁ ଚାଲିଯାଇଥିଲା ସେତିକବେଳକୁ । ଉପରଓଳିକି ସବୁ କଥା କହିବେ ବୋଲି କହିଥିଲେ ବାଜି ପାଣ୍ଡେ ।

ବିଶୁ ଘରକୁ ଆସିଲାବେଳକୁ ସ୍ୱର୍ଣ୍ଣ ଚାଲିଯାଇଥିଲା, ସ୍ନାନ କରିବାକୁ । ସେଷେଇ କରିବା ସମୟ ହେଲାଣି, ଏକ୍ଷଣି ବାବୁ ଆସିବେ । ସ୍ୱାଙ୍କର ନାଟକ କଥା ଲାଗିଚି ଦିନରାତି । ସିନ୍ଦୁକ ଗୋଟେ ବିଟା ଥିଲା ଯେ ସେତକ ମଧ୍ୟ ପଳେଇଲା ପର ଘରକୁ । ପୁରୁଣା ଧାନ ସରିଲାଣି । ମୁଗ ତ କେଉଁ ଦିନୁ ଶେଷହେଲା । କେବେ ନ ଜାଣିବା କଥା ଦୋକାନରୁ ମୁଗ ଡାଲି କଣା ହେଉଚି ମୁଁ ମଧ୍ୟ କାହିଁକି ଏଠି ଅଛି କେଜାଣି ? ଗୋଟେ ଦିନ ଯଦି ଛାଡ଼ିଦେଇ ପଳାନ୍ତି, କିଏ ଏସବୁ କରନ୍ତା ଦେଖନ୍ତି । ଚୁଲି ଜାଳି ଭାତ ଡାଲି ବସେଇଦେଲା ସେ । ଘର ଅଗଣା ଝାଡ଼ି ଆଣିଲା ତା ପରେ ।

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସିମତେ ସମୟ କଟିଯାଇଥିଲା । ସ୍ୱର୍ଣ୍ଣ ବାରିପାଖ ଅଳନ୍ଦରେ ବସି ଲେଖୁଥିଲା 'ପ୍ରତ୍ୟାବର୍ତ୍ତନ' । ଚିନ୍ତାନିମଗ୍ନା ହୋଇ ଭାବୁଥିଲା ସେ । ମନୁଷ୍ୟ ଅଜ୍ଞାନ ଅନ୍ଧକାର ଗର୍ଭରୁ ପ୍ରତିଦିନ ପ୍ରତିକ୍ଷଣରେ ନବଜନ୍ମ ଲାଭକରି ଫେରି ଆସୁଛି ନବୀନ ରୂପ ଧରି । ନୂଆ ହୃଦୟ ଭିତରେ ତାର ଏ ଶୁଚି ଶୁଦ୍ଧ ଚିନ୍ତାଧାରାରୁ ବିନ୍ଦୁଏ ବିନ୍ଦୁଏ ଯଦି ବର୍ଷିବ, ସେ ଶୁଣିବ ସେ ମୃଦୁ ମଧୁର ଧ୍ୱନି ଏଇ ମାଟି ତଳେ ବସି । ତାହା ହିଁ କଅଣ ତାର ପୁନରାଗମନ ନୁହେଁ । ମନୁଷ୍ୟ ହୃଦୟ ଭିତରେ ରହି ଶୁଣିବ ସେ ତାହାରି କଥା ଚିରକାଳ ନିମନ୍ତେ ।

ବିଶୁ ଦାଣ୍ଡ ଆଡ଼ୁ ଆସି କହିଲା, ବାଜି ପାଣ୍ଡେ ଦୁଇଶ ପଞ୍ଚାଶେ ଟଙ୍କା ଦେଇଚନ୍ତି । ସେଇ ବ'ଟା ଷାଠିଏ ହେଲା । ପିତଳ, କଂସା, ଥାଳି, ହାଣ୍ଡି, ହଣ୍ଡା, ସବୁ ମିଶେଇ ହେଲା ଦୁଇଶ ପଞ୍ଚାଶେ । ଷାଠିଏ ଟଙ୍କା ଦୋକାନ ବାକିକୁ କାଟେଇ ଦେଲେ । ଆଉ ଥରେ ଆଜିଠୁ ନୂଆ କରି ବାକିରେ ଜିନିଷ ଆସିବ । ଟଙ୍କା ଆଉ ନୋଟ ଟଙ୍କା ମିଶାଇ ସ୍ୱର୍ଣ୍ଣ ହାତକୁ ବଢ଼େଇ ଦେଲା ବିଶୁ । ସ୍ୱର୍ଣ୍ଣ ବିଶୁ ଆଡ଼କୁ ନିରେଖି ଅନାଇ ପଚାରିଲା, ସିନ୍ଦୁକବନ୍ଧୀ କରିବା କଥା ନେଇ ମୋ ଉପରେ ରାଗ କରିଛୁ ବିଶୁ !

ସକାଳର ବିରକ୍ତିକର ଭାବନା ସନ୍ଧ୍ୟାକୁ ନ ଥିଲା ବିଶୁର ମନରେ । ଋଣମୁକ୍ତ ହୋଇଯାଇ ବରଂ ସେ ସିନ୍ଦୁକ ବନ୍ଧୀକରିବା କଥାକୁ ଆନ୍ତରିକ ଭାବେ ସମର୍ଥନ କରୁଥିଲା । ଏଣୁ ସେ ହସିଦେଇ କହିଲା, ସିନ୍ଦୁକ ହେଉ କି ଏସବୁ କଂସା, ପିତଳ ହେଉ, ସାଇତି ସାଇତି କଅଣ ହୁଅନ୍ତା ? ଶୁକବାବୁ ଆସିଲା ବେଳକୁ ନୂଆ ଧରଣର ଆଲମାରି ହୋଇ ଯାଇଥିବ । ବୋହୂ ମା' କେତେ ନୂଆ ବାସନ ଆଣିବେ । ଆଜିର କଥା କଅଣ ସେ ଦିନକୁ ଥିବ ? ସ୍ୱର୍ଣ୍ଣ ଆବେଗରେ କହିଲା, ତୋର ସରଳ ହୃଦୟର ଏଇ କଥା କେତେ ପଦ ଭଗବାନଙ୍କ ଆଶୀର୍ବାଦ ବୋଲି ମୁଁ ମଥାପାତି ନେଉଛି ବିଶୁ ! ଆଜି ଅସମୟରେ ଏଇ ଯେଉଁ କେତୋଟା ଟଙ୍କା କଂସା ପିତଳ ବଦଳରେ ସଂଗ୍ରହ କରି ଆଣିଛୁ, ଏଥିରେ ମୋ ଘର ଭରି ହୋଇଯାଇଛି —

ବିଶୁ କଅଣ କହୁଥିଲା, ଏତିକବେଳେ ଅଗଣାଆଡ଼ୁ ବାଦ୍ୟକାରେ ସୁରମାଷ୍ଟ୍ରଙ୍କୁ କଅଣ କହୁ କହୁ ଡାକଲେ ବିଶୁକୁ । ଶୀତ ସନ୍ଧ୍ୟାର ସୂର୍ଯ୍ୟ ପଶ୍ଚିମ ଗଗନରେ ଲୁଚି ଯାଇଥିଲା ଏଇ ଅଳ୍ପ ସମୟ ପୂର୍ବରୁ । ଅନ୍ଧକାର ଆସୁଥିଲା ନିବିଡ଼ ହୋଇ । ବିଶୁ ବାଦ୍ୟକାରଙ୍କ ଡାକ

ଶୁଣି କହିଲା, ବସ ବାଦ୍ୟକାରେ । ମୁଁ ନନ୍ଟଣ ଜାଳି ଧରି ଆସୁଚି । ଖମ୍ବ ପାଖକୁ ସତରଞ୍ଜି ବିଛେଇ ଦେଇଛି । ଉତ୍ତର ତବଲ, ହାରମୋନିୟମ୍ ସବୁ ରଖି ଦେଇଛି । କହୁ କହୁ ବିଶୁ ରୋଷେଇ ଘର ଆଡ଼କୁ ଗଲା ଲଣ୍ଠନ ଆଣି । ସ୍ୱର୍ଣ୍ଣ ବେଞ୍ଚ ଉପରୁ ଉଠି ଟିକିଏ ଠିଆହେଲା, ହାତ ମୁଠାରେ ଧରିଛି ଟଙ୍କା ଆଉ ନୋଟ ଘରେ ରଖିଦେଇ ଯିବ କି ସବୁତକ ବାଦ୍ୟକାରଙ୍କୁ ଦେଇଦେବ ସ୍ଥିର କରିପାରୁନାହିଁ । ବାଟଘରୁ ଅଳିନ୍ଦ ଆଡ଼କୁ ଅଗ୍ରସର ହେଉ ହେଉ ଶୋଇବାଘର ଭିତରକୁ ଚାଲିଗଲା ସ୍ୱତଃ । ତକିଆ ତଳେ ଟଙ୍କା ରଖିଦେଇ ଅଳିନ୍ଦ ଆଡ଼କୁ ଯାଉଥିଲା, ବାଦ୍ୟକାରେ ସେ ଆଡ଼ୁ କହିଲେ, ଆଜି ଦିନ ଗୋଟାଯାକ ରିହାର୍ସାଲ ଦି ଥର କରି ହୋଇଯାଇଛି । ସନ୍ଧ୍ୟା ସମୟଟା ଏଠି ମୋ ମାଆଙ୍କ ପାଖରେ ଟିକିଏ ବସିବି ବୋଲି ଚାଲି ଆସିଲି ।

ବିଶୁ ଲଣ୍ଠନ ଧରି ଆସିଲାବେଳକୁ ସ୍ୱର୍ଣ୍ଣ ଘର ଭିତରୁ ଆସି ବସିଲା ବାରଣ୍ଡାରେ । ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ଆଡ଼କୁ ଅନେଇ କହିଲେ—ତମେ ତ ବାଦ୍ୟକାରେ ଆସିଲାବେଳେ କହୁଥିଲ, 'ନଳଦମୟନ୍ତୀ' ନାଟକ ଏତେ ଥରକରି ପଢ଼ାହେଲା; ଗୋଟିଏ ହେଲେ ଗୀତ ସେଥିରୁ ଶୁଣାହୋଇନାହିଁ । ବାଦ୍ୟକାରେ ବାଧାଦେଇ କହିଲେ, ହଁ ହେ ମାଷ୍ଟ୍ରେ ! ସେଇ ଯୋ "ଉଡ଼ି ଯାରେ ହଂସ" ଗୀତଟାକୁ କେଉଁ ଦିନଠୁ ଶୁଣିବି ବୋଲି ଭାବୁଛି । ଜଞ୍ଜାଳ ଭିତରେ ଆଜି ଥରେ ପାସୋର ହେଉଛି । ସ୍ୱର୍ଣ୍ଣ ବାଦ୍ୟକାରଙ୍କ କଥା ଶୁଣି ଉତ୍ସାହ ପାଇ କହିଲା, ହଂସ ଉଡ଼ିଯିବା ଗୀତଟା ତ ମୋର ମନେ ନ ଥିଲା ବାଦ୍ୟକାରେ । ମାଷ୍ଟ୍ରେ ତ ମଧ୍ୟ ସେ ବିଷୟରେ କେବେ କିଛି ଆଲୋଚନା କରି ନାହାନ୍ତି ।

ବିଶୁ କହିଲା, ମୁ ବ୍ରୁ' ଧରି ଆସୁଚି ମାଷ୍ଟ୍ରେ, ତମେ ହାରମନିଅଁଟା ବଜାଉ ଥା । ଏତିକିବେଳେ ବାଜି ପାଣ୍ଡେ ଆସି ବସିଗଲେ ସୁରମାଷ୍ଟ୍ରଙ୍କ ପାଖକୁ । ପାଣ୍ଡେ ପ୍ରବେଶ କଲେ ହିଁ ପୁରାଣ କଥାର ଆଲୋଚନା ଆରମ୍ଭ ହୋଇଯାଏ । ସେ ଦିନ ଆଲୋଚ୍ୟ ବିଷୟ ଥିଲା ନଳ ମହାରାଜାଙ୍କ କଥା । ବାଜି ପାଣ୍ଡେ ଉତ୍ସାହରେ କହିଯାଉଥିଲେ, ସ୍ୱର୍ଣ୍ଣ ଆଉ ବାଦ୍ୟକାରେ ଶୁଣି ଯାଉଥିଲେ । କେବଳ ସୁରମାଷ୍ଟ୍ରେ ଥରେ ଥରେ ପଦେ ପଦେ କହି ଦେଉଥିଲେ । ଯଦି ବା ସେ ଜାଣନ୍ତି, ବାଜି ପାଣ୍ଡଙ୍କ ବିଶ୍ୱାସ ବାଲ୍ମୀକି ଲେଖିଛନ୍ତି ରାବଣର ଦଶଟା ମୁଣ୍ଡ ଥିଲା, ଏଥିରେ ତାଙ୍କର ଟିକେ ହେଲେ ସଂଶୟ ନାହିଁ ।

ବିଶୁ ବ୍ରୁ' ଧରି ଆସି କହିଲା, ଏଥର ଆରମ୍ଭ କର ମାଷ୍ଟ୍ରେ ! ସୁରମାଷ୍ଟ୍ରେ ବ୍ରୁ' କପ୍‌ଟାକୁ ଉଠେଇ ନେଇ କହିଲେ, ବ୍ରୁ'ଟା ଶେଷକଲେ ପିନା କରିବା ସୂତ୍ରକାରେ ! ତେଣେ ବାଦ୍ୟକାରେ ମଧ୍ୟ ବ୍ରୁ' କପ୍ ଧରିଛନ୍ତି, ତବଲା ଧରିବ କିଏ ? ବିଶୁ କହିଲା, ସିମିତି ହେଲେ ମୁଁ ଡାଲିଟା ବସେଇ ଦେଇ ପଳେଇ ଆସିବି ରହି ଥ ।

ସୁରମାଷ୍ଟ୍ରେ ଗୀତ ଆରମ୍ଭ କଲେ—

ଉଡ଼ି ଯାରେ ମୋର ମାନସ ହଂସ
ବନ୍ଧନ ଯାଆ ତୁ ଉଡ଼ି,
କହିବୁ ପ୍ରିୟାକୁ ତାହାରି ପାଇଁ ମୁଁ
ବସିଛି ମାଳାଟି ଧରି ।

ବସନ୍ତେ ଫୁଟୁଛି ଯେତେ ଯୁଥି, ଜାତି
ରଖିଛିରେ ହଂସ ତାହା ପାଇଁ ଗୁନ୍ଥି
ଗ୍ରୀଷ୍ମ ବରଷାର ସବୁ ଫୁଲ ତୋଳି
ରଖିଅଛି ହାର କରି ।

ଯାଉଛି ଶରତ ଯାଉଛି ଶିଶିର
ବହୁଅଛି ପୁଣି ଦକ୍ଷିଣ ସମୀର,
ଅଦୃଷ୍ଟ କୁମାରୀ କାହିଁ ଅଛି ରହି
ହେଉଛି ତାକୁ ମୁଁ ଝୁରି ।

ଦେଖିନାହିଁ ତାଙ୍କୁ ଶୁଣିନାହିଁ ନାମ
ଦେଇଅଛି ତାକୁ ମୋର ସବୁ ପ୍ରେମ,
କହିବୁ ପ୍ରିୟାକୁ ମୋର ମନ କଥା
ତ୍ୱରିତେ ଆସିବୁ ଫେରି ।

ବାଜି ପାଣ୍ଡେ ମୁଗ୍ଧ ଦୃଷ୍ଟିରେ ଚାହିଁ କହିଲେ, ଗୀତଟା ଶେଷ ହୋଇ ମଧ୍ୟ, ହୋଇନାହିଁ ମାଷ୍ଟ୍ରେ ! ଭାବ, ଭାଷା ଆଉ ସ୍ୱର, ବ୍ରହ୍ମା ବିଷ୍ଣୁ ମହେଶ୍ୱର ଏକ ମୂର୍ତ୍ତି ହୋଇ ଦେଖାଦେବାପରି ଲାଗୁଚି ମାଷ୍ଟ୍ରେ ! ମାଆ ଆଜ୍ଞା, ନଳଙ୍କୁ କବିରୂପେ ରଖି ଆପଣ ଏ ନାଟକ କଣ୍ଡିକ ଲେଖିଛନ୍ତି । ବାଃ, ଏତ ଏକାଥରକେ ନୂଆ । ହେଲେ, 'ଧ୍ରୁବ' ନାଟକ ନ କରି ଏଇ ନଳଙ୍କୁ ଆଗ ଦେଖେଇଥାନ୍ତେ—

ସ୍ୱର୍ଣ୍ଣ ବାଧାଦେଇ କହିଲା, 'ଭକ୍ତ ଧ୍ରୁବ'ର ପଛେ ପଛେ ଦେଖାଦେବେ କବି ନଳ ଆମର ରଙ୍ଗମଞ୍ଚ ଉପରେ । ବାଜି ପାଣ୍ଡେଙ୍କ ସାହିତ୍ୟ ଅନୁଭୂତି ଏତେଦୂର ଗଭୀର ଯେ, ସେ କଥା ଭାବିଲେ ହିଁ ମୋର ଅନ୍ତର ଆତ୍ମା ଆନନ୍ଦ-ବିହ୍ୱଳ ହୋଇଉଠୁଛି । ବାଜି ପାଣ୍ଡେ ହାତ ଯୋଡ଼ିଦେଇ କହିଲେ, ମା' ଜଗମାଙ୍କ କୃପାରୁ ତ ସବୁ କିଛି ପାଇଛି ଆଜ୍ଞା ମାଆ ! ସୁରମାଷ୍ଟ୍ରେ କହିଲେ, ମୁଁ ଟିକିଏ ଯାଉଛି ବାଦ୍ୟକାରେ, ସ୍କ୍ରିନ୍‌ଟାକୁ କିମିତି ସିଲେଇ କରୁଛି ଦେଖି ଆସିବି । ଦେଖୁ ଦେଖୁ ମଝିରେ ଆଉ ଦୁଇଟା ଦିନ ରହିଲା । ଲାଗି ଲାଗି ଦୁଇରାତି ନାଟକ ଅଭିନୟ ହେବ । ଏତିକି କହି ଉଠିପଡ଼ିଲେ ସୁରମାଷ୍ଟ୍ରେ ଯିବାକୁ । ବାଜି ପାଣ୍ଡେ ସୁରମାଷ୍ଟ୍ରଙ୍କ ଶାଲଟାକୁ ଟାଣିଦେଇ ବସେଇ ଦେଲେ ଯେଉଁଠି ସେ ବସିଥିଲେ ସେଇଠି । ତମରି ପରି ଶ୍ରୋତା ନ ଥିଲେ, ମୋ କଥା ଆଉ କିଏ ଶୁଣିବ ମାଷ୍ଟ୍ରେ ! ରାମାୟଣ ମହାଭାରତ ପଢ଼ି ଇମିତି ଗଭୀର ଜ୍ଞାନ ତ ହେଇ ନ ଥିଲା । ଅର୍ଜୁନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦେଖିଲା ପରି ଆଖି ଆଗରେ ଜଗତଟା ଦିଶୁଛି ସ୍ପଷ୍ଟହୋଇ । ନଳ ମହାରାଜା ମାନସ ହଂସକୁ ପଠେଇବା କଥା ଶୁଣିବାଠୁ ମନରେ ଭାବନା ହେଉଛି, ମାଆ ଆମର ସେ କାଳର ବ୍ୟାସ ବଶିଷ୍ଠଙ୍କ ଜ୍ଞାନ ଶକ୍ତିର ଅଂଶ ନେଇ ଜନ୍ମ ହୋଇଚନ୍ତି ।

ବାଦ୍ୟକାରେ ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ଅନେଇ ରହିଥିଲେ ବାଜି ପାଣ୍ଡେଙ୍କ ମୁହଁକୁ । ସେ ସିମିତି ସେ ଆଡକୁ ଅନେଇ କହିଲେ, ଆହା କି ସୁନ୍ଦର କରି କଥା ପଦୁଟି କହିଲେ ପାଣ୍ଡେ ! ମୋର ଭାବନା ସାଥିରେ ତମ ଭାବନା ଏକା ନଦୀର ପାଣି ପରି ମିଶିଗଲା ଏକାଥରକେ । ମୋ ମାଆ-ଲକ୍ଷ୍ମୀ ତ ଜନମ ଦୁଃଖିନୀ । ତାଙ୍କର ଜୀବନ କଥାଟି ଗୋଟାଏ ବିଶାଳ ଗ୍ରନ୍ଥ ହୁଅନ୍ତା ଲେଖି ଜାଣିଲେ ।

ସୁରମାଷ୍ଟ୍ରେ ପରିହାସ ଛଳରେ, ଆଜି ଅନେକ ଜ୍ଞାନଗର୍ଭର କଥା ଶୁଣେଇଲଣି, ତା' ବଦଳରେ ଆଉ ଗୋଟାଏ ଗୀତ ଶୁଣ । ବାଦ୍ୟକାରେ କହିଲେ, ଗୀତ ଶୁଣିବାକୁ ସମସ୍ତଙ୍କୁ ଭଲ ଲାଗିବ; ମାତ୍ର କଅଣ ହୋଇଛି କି ଦରଜି ହାତରେ ସ୍କ୍ରିନ୍‌ଟା ରଖିଦେଇ ଆମେ ନିଶ୍ଚିନ୍ତ ହୋଇଗଲେ ଚଳିବନାହିଁ । କାଲି ସିନ୍ ରିହାର୍ସଲ ହେବ । ସ୍କ୍ରିନ୍‌ଟା ପେଡ଼ିରେ ପକେଇ ଦେଇ ସେ ଯଦି ଅନ୍ୟ କେଉଁଆଡେ ଚାଲିଯାଏ, ବଡ଼ ଅସୁବିଧାରେ ପଡ଼ିବା । ବାଜି ପାଣ୍ଡେ ଅଳ୍ପ କାଳପରି କହିଲେ, ଲୋଭ ତ ଦେଖେଇଲଣି ମାଷ୍ଟ୍ରେ ! ସେଇ ଯୋ 'ପ୍ରଭାତୁ ଆଜି ପ୍ରତୀକ୍ଷା କରି'ଟା ବୋଲ ।

ବାଜି ପାଣ୍ଡେଙ୍କ ଅନୁରୋଧ କ୍ରମେ ସୁରମାଷ୍ଟ୍ରେ ଗୀତଟି ଶେଷକରି ଦେଇ ଉଠିପଡ଼ିଲେ ଯିବାକୁ । ବାଜି ପାଣ୍ଡେ କହିଲେ, ମରିବା ଆଗରୁ ସବୁ କରିଦେଇ ମରିବା ବୋଲି ଭାବନା ହେଉଚି ଯେ କିଛି ତ କରି ହେଉ ନ ମାଷ୍ଟ୍ରେ ! ଥରେ ଥରେ ଭାବୁଚି, ମୁଁ ମରିଗଲେ ଦୋକାନ ଭାଙ୍ଗିଯିବ । ଭାଇନା ମଧ୍ୟ ଇମିତି ଭାବୁଥିଲା; କିନ୍ତୁ ସେ ମରିଗଲା । ଦୋକାନ ତ ଚଳୁଚି । ମୁଁ ମରିଗଲେ ସିମିତି ଦୋକାନ ରହିବ । ମୋ ଦୋକାନ ଉଠିଗଲେ, ଅନ୍ୟ ଦୋକାନରୁ ଲୋକେ ଜିନିଷ କିଣିନେବେ । ଆବେଗରେ କଣ୍ଠରୋଧ ହୋଇଗଲା ବାଜି ପାଣ୍ଡେଙ୍କର । ସେ ସୁରମାଷ୍ଟ୍ରଙ୍କ ପାଖେ ପାଖେ ଯାଉ ଯାଉ ବାଦ୍ୟକାର ମଧ୍ୟ ମିଶିଗଲେ ସେମାନଙ୍କ ସାଙ୍ଗରେ ।

ରାତିର ଭୋଜନ ପରେ ପରମାନନ୍ଦ ଆସି ବସିଥିଲେ ବାରଣ୍ଡାରେ । ସ୍ୱର୍ଣ୍ଣ ଧୀରେ ଧୀରେ ଯାଇ ଠିଆହେଲା ରୋଷେଇଘର ଦୁଆର ମୁହଁରେ । ବିଶୁ ଚୁଲିଟା ଲିପି ଦେଉଥିଲା ପାଣି କନାରେ । ସେ ବୁଝିଗଲା, ସ୍ୱର୍ଣ୍ଣ ସମ୍ଭବତଃ ସିନ୍ଦୁକ ଇତ୍ୟାଦି ସମ୍ବନ୍ଧରେ

କହୁଛି ଗୋଟାଏ କଥା ପଚାରିବାକୁ ଆସିଛି । ଚୁଲି ଉପରେ ମାଟିକନା ଘଷୁ ଘଷୁ କହିଲା, ମୁଁ ସିନା ମାଆ ମନ ଊଣା କରୁଥିଲି, ସିନ୍ଦୁକ ବ'ଟା ସିମିଛି ପାଞ୍ଚଙ୍କ ଘରେ ନେଇ ରଖିଦେଲି, ମଣିଷକୁ ଦଣ୍ଡବତ କଲା ପରି ସିନ୍ଦୁକ ଛୁଇଁ ମଥାରେ ଲଗାଇଲେ ଥରକୁ ଥର । କଂସା ପିତଳ ଆଳଗୁଡ଼ାକୁ ମଥାରେ ଲଗାଇ କହିଲେ, "ମୋର ପରମ ଭାଗ୍ୟ ହେ ବନ୍ଧୁ ! ମାଆଙ୍କ ଘରର ପଦାର୍ଥ ମୋ ଘରେ ରହିଲା । ମୁଁ ତ ଭାବୁଛି ମାଆ ! ଏ ଘରର ପଦାର୍ଥ ସେ ଘରେ ରହିବ । ଆମେ ବେଭାର କରୁ ନ ଥିଲେ । ତାଙ୍କର ସେଥିରେ ରାନ୍ଧିବେ ବାଢ଼ିବେ, ପାଣି ରଖିବେ" । ସ୍ୱର୍ଣ୍ଣ କହିଲା, ସେଇ କଥା ପଚାରିବାକୁ ଆସିଥିଲି ବନ୍ଧୁ ! ତୁ ଏଥିକି ସମ୍ପୂର୍ଣ୍ଣ ସମ୍ମତ ଅଛୁ ବୋଲି ଜାଣିଲି, ରାତିରେ ଭଲକରି ନିଦ ହୋଇଯିବ ଆଜି ।

× × × ×

ତା ପରଦିନ ସ୍ୱର୍ଣ୍ଣ ସ୍ନାନକରି ଆସି ଅଗଣାରେ ଠିଆହୋଇ ଓଦା ଚୁଳଟା ଶରୁଣୀରେ ଆଞ୍ଜୁଡ଼ି ଆଞ୍ଜୁଡ଼ି ଶୁଖେଇ ଦେଉଥିଲା । ପୂବ ପାଖ ପଡ଼ିଶା ଘର ଅଗଣାରେ ବସି ଗଦେଇ ଶତପଥୀ ମାଉ ପୁରାଣ ପଢୁଥିଲେ । ସେ ତାର ଚୁଳଟା ଆଞ୍ଜୁଡ଼ି ଆଣି ଭାବୁଥିଲା; ଚୁଳଗୁଡ଼ାକ ଉଠିଯାଉଛି । ଦେହଟା ବୋଧହୁଏ ଶୀର୍ଣ୍ଣ ହୋଇଯାଉଛି । ଶୀଘ୍ର ଶୀଘ୍ର ହାତ ଚଳି 'ପ୍ରତ୍ୟାବର୍ତ୍ତନ' ଟାକୁ ଶେଷକରି ଦେବାକୁ ହେବ ।

ଏତିକିବେଳେ ବାଦ୍ୟକାରେ ଦାଣ୍ଡ ପାଖର ବାଟ ଘରଆଡ଼ୁ ପାଦଟାକୁ ଟିକେ ଅଳ୍ପ ଘୋଷାଡ଼ି ଆଣି ଆସିବା ସଙ୍କେତ ଦେବା'ପରେ ସେ ପାଖ ଅଳିନ୍ଦକୁ ଆସି କହିଲେ, ଆଜି ଅସମୟରେ ଆସିଗଲି ଗୋ ମାଆ ! ଏ କଥା କହି ସେ ବସିପଡ଼ିଲେ ସେ ପାଖର ଖମ୍ବ ପାଖକୁ । ସ୍ୱର୍ଣ୍ଣ ଅଭ୍ୟାସ ବଶରୁ ଓଢ଼ଣାଟି ଟାଣି-ଦେଇ କହିଲା, କଅଣ ହେଲା, କାହିଁକି ଇମିତି ଅସମୟରେ ଆସିଲ ? କିଛି ଅସୁବିଧା ହୋଇନାହିଁ ତ ? ବସ ! ସ୍ୱର୍ଣ୍ଣ ଆଉ ଟିକିଏ ପାଖକୁ ଆସି ଠିଆହେଲା ବାଦ୍ୟକାରଙ୍କ ମୁହଁକୁ ଚାହିଁ ।

ବାଦ୍ୟକାରେ ଆବେଗରେ ହିଁ କହିଲେ, ଭରତ ରାଉତ, ପଞ୍ଚୁ ପରିଡ଼ା ବଡ଼ ହଇରାଣ କରୁଛନ୍ତି । ଟଙ୍କା ନ ଦେଲେ ଆଜି ପଳେଇଯିବେ ବୋଲି କହୁଛନ୍ତି । ସେ ଦି' ଜଣଙ୍କର ବରାବର ହେବ ପଚାଶ ଟଙ୍କା ଲେଖାଏଁ ଆଗତୁରା ନେବେ । ଆମର ତ ମାଆ, ଗରଜ ପଡ଼ିଛି । ଦି'ଦିନଟା ନାଟକରେ ଆୟୋଜନ ହୋଇସାରିଛି । କାଲି କି ହେବ ଅଭିନୟ ! ସ୍ୱର୍ଣ୍ଣ ବାଧା ଦେଇ ଲଘୁ ଭାବରେ କହିଲା, ଘରେ ଟଙ୍କା ରଖାହୋଇଛି । ନେଇଯିବେ । ଏଥିପାଇଁ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ? ଏ କଥା କହି ସ୍ୱର୍ଣ୍ଣ ଅଗଣାରୁ ଘର ଭିତରକୁ ଗଲା ଟଙ୍କା ଆଣି ଦେବାକୁ । ବାଦ୍ୟକାରେ ସେ ପାଖ ଅଳିନ୍ଦରୁ ଏ ପାଖକୁ ଆସି ବସିଲେ, ସବୁଦିନର ବସିବା ସ୍ଥାନରେ । ସ୍ୱର୍ଣ୍ଣ ପଚାଶଟା ଟଙ୍କା ରଖିଦେଇ ବାକିତକ ଟଙ୍କା ଆଉ ନୋଟ ଆଣି ରଖିଦେଲା ବାଦ୍ୟକାରଙ୍କ ହାତ ମୁଠାରେ । ବାଦ୍ୟକାରେ ମଥାଟେକି ସ୍ୱର୍ଣ୍ଣର ମୁହଁକୁ ଚାହିଁ କହିଲେ, ଏ ଟଙ୍କା ତୁମେ ଯେଉଁ କଷ୍ଟ କରି ସଂଗ୍ରହ କରିଛ, ସେ କଥା ଜାଣି ଜାଣି ମଧ୍ୟ ହାତ ପାତି ମାଗି ନେଇଯାଉଛି । ସ୍ୱର୍ଣ୍ଣ ବାଦ୍ୟକାରଙ୍କ ମନଟାକୁ ଶାନ୍ତ କରିଦେବା ଉଦ୍ଦେଶ୍ୟରେ କହିଲା, ଏଇଥିପାଇଁ ତ ଟଙ୍କା ସଂଗ୍ରହ କରାଯାଇଛି । ତା' ନ ହେଲେ ଟଙ୍କା ଆଉ କଅଣ ହୁଅନ୍ତା ! ବାଦ୍ୟକାର ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, ଯାଉଛି । ସେମାନେ ଟଙ୍କା ନେଇଯିବେ, ପୁଣି ସନ୍ଧ୍ୟାବେଳକୁ ଫେରି ଆସିବେ ।

ଦ୍ୱିତୀୟ ନାଟକ 'ଧ୍ରୁବ'ର ଅଭିନୟ ହେବ ସେ ଦିନ । ତା' ପରଦିନ ହେବ 'ନଷ୍ଟଶ୍ରୀ'ର । ଟିକେଟ୍ ବିକ୍ରୀ କରିବ ଭରତ ରାଉତର ଶାଳକ । ବଡ଼ ପାରଙ୍ଗମ ଲୋକ ସେ । ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟ ପଢ଼ିଛି ।

ସକାଳବେଳେ ସେଇ ପ୍ରଥମ ନାଟକର ପ୍ରଚାର ପତ୍ର ବାଣ୍ଟିବା ପରେ ସୁରମାଷ୍ଟ୍ରେ ବାଦ୍ୟଦଳ ସାଥିରେ ବାଣ୍ଟିଦେଇ ଆସିଥିଲେ । ଉପରଓଳି ବିଦ୍ୟାଧର ଯାଇଥିଲା କାଗଜ ବାଣ୍ଟିଦେଇ ଆସିବାକୁ ।

ସନ୍ଧ୍ୟାବେଳକୁ ସ୍ୱର୍ଣ୍ଣ ଦେଖିଲା, ସବୁଗୁଡ଼ିକ ଶାଢ଼ୀ ସୁନାଭି ଆଉ ସୁରୁଚିର ପରିଚ୍ଛନ୍ନ କରିବାକୁ ପଠେଇ

ଦେଇଛୁ । ଆଉ ତିନି ଘଣ୍ଟା ପୁରୁଣା, ଅଧମଇଳା ହୋଇ ରହିଥିଲା । ଧୋବାକୁ ଦେଇ ଧୋଇ ଆଣିବାକୁ କିଏ ମନେକରୁଛି ! ସେଇ ଅଧ ମଇଳାରୁ ଖଣ୍ଡିଏ ପିନ୍ଧି ଘରୁ ବାହାରି ପଡ଼ିଲା ସ୍ୱର୍ଣ୍ଣ । ପଛରେ ଚାଲିଥିଲା ବିଶୁ । ଦୁଇ ହାତରେ ତାର ଦୁଇ ବାଲଟି ଖାଦ୍ୟ ସାମଗ୍ରୀ । ପଥ ପାର୍ଶ୍ୱର ରାଧାକୃଷ୍ଣ ମନ୍ଦିର ପାଚିଛ ଉପରେ ବସି ଅନ୍ଧ ବାଳକଟିଏ ଗିନି ବଜେଇ ଗାଉଥିଲା ଭଜନ ଗୀତ । ବଡ଼ କରୁଣ ସେ ଅନ୍ଧର କଣ୍ଠସ୍ୱର । ସ୍ୱର୍ଣ୍ଣ ଚଛେଇ ରହିଯାଇ ଦେଖିଲା, ଅନ୍ଧ ବାଳକଟି ନାଲି ରଙ୍ଗର କମ୍ବଳ ଖଣ୍ଡିଏ ଘୋଡ଼େଇ ହୋଇ ବସିଛି । ପାଖକୁ ଲଣ୍ଠନଟିଏ ଜାଳି ଜଣେ ବୃଦ୍ଧ ବ୍ୟକ୍ତି କଅଣ ଲେଖୁଥିଲେ । ଅନ୍ଧ ବାଳକଟି ମୁଣ୍ଡ ହଲେଇ ହଲେଇ ଅଭିନୟ ଭଙ୍ଗିରେ ବୋଲି ଯାଉଛି ଭଜନ—

ଜୟ ଜୟ ଜଗନ୍ନାଥ ଯଶୋଦା ନନ୍ଦନ ହେ
ଯଶୋଦା ନନ୍ଦନ ।
ଜୟ ଜୟ ଜଗନ୍ନାଥ ଜଗତ ବନ୍ଦନ ହେ
ଜଗତ ବନ୍ଦନ ।
ବିଚିତ୍ର ବିଧାନ ତୁମେ ଅଛ ପ୍ରଭୁ କରି ହେ
ଅଛ ପ୍ରଭୁ କରି ।
ପାପୀ ହୁଏ ପୁଣ୍ୟବନ୍ତ ତବନାମ ସ୍ମରି ହେ
ତବନାମ ସ୍ମରି ।
ପୂର୍ବ ପୁଣ୍ୟବଳେ ପ୍ରଭୁ ହୋଇଛି ମୁଁ ଅନ୍ଧ ହେ
ହୋଇଛି ମୁଁ ଅନ୍ଧ ।
ଦିବ୍ୟ ଦୃଷ୍ଟିରେ ଦେଖୁଛି ଚରଣାର-ବିନ୍ଦ ହେ
ଚରଣାର-ବିନ୍ଦ ।
ତୁମର କମଳ କର ପରଶ ମୁଁ ଲଭି ହେ
ପରଶ ମୁଁ ଲଭି ।
ନିଶିଦିନ ଦେଖେ ତବ ମନୋହର ଛବି ହେ
ମନୋହର ଛବି ।
ମହତ ଭାବନା ମତେ ଦେଇଛ ଈଶ୍ୱର ହେ
ଦେଇଛ ଈଶ୍ୱର ।
ହୃଦୟ ଦୃଷ୍ଟିରେ ଦେଖେ ରୂପ ଏ ବିଶ୍ୱର ହେ
ରୂପ ଏ ବିଶ୍ୱର ।
ଅଟଳ ବିଶ୍ୱାସ ମୋର ପ୍ରାଣେ ଅଛ ଦେଇ ହେ
ପ୍ରାଣେ ଅଛ ଦେଇ ।
ସେ ପ୍ରଶ୍ରୟ ପ୍ରତିକ୍ଷଣେ ଯାଏ କଥା କହି ହେ
ଯାଏ କଥା କହି ।
ଅନ୍ଧକୁ ଦେଇଛ ତୁମେ ତବନାମ ତରି ହେ
ତବନାମ ତରି ।
ଏ ଭବ ସଂସାରୁ ହେବ ସେ ନାବରେ ପାରି ହେ
ସେ ନାବରେ ପାରି ।

ସ୍ୱର୍ଣ୍ଣ ଚମକି ଉଠି ରହିଗଲା ପଛଘୁଞ୍ଚା ଦେଇ । ମନେ ପଡ଼ିଗଲା ଅତୀତ ଦିନର କଥା । ପୁରୀର ଜଗନ୍ନାଥ ଦେଉଳ ବେଢ଼ା ଭିତରେ ବସି ଏଇ ଭଜନଟି ହିଁ ଗାଉଥିଲା ଭକ୍ତ ବାମନ । ଆଈ ମରିବା ଦୁଇଦିନ ପରେ ଶ୍ୱଶୁରଙ୍କ ସାଙ୍ଗରେ ଯାଇଥିଲା ଜଗନ୍ନାଥ ଦର୍ଶନ କରିବା ପାଇଁ । ବିୟୋଗର ଶୋକ ମିଳନର ଆନନ୍ଦରେ ବିହ୍ୱଳା ହୋଇ ଉଠୁଥିଲା ସେ ସେଦିନ । ସେଇ ସୁର ଆଜି ଗତି କରୁଛି ଅନନ୍ତ ପଥରେ । ତାର ମନେହେଲା, ଦେଉଳ ବେଢ଼ା ଭିତରେ ଠିଆହୋଇ ଶୁଣିଯାଉଛି ସେଇ ଖର୍ବକାୟ ଭକ୍ତର ଭଜନ ସଙ୍ଗୀତ ।

ବିଶୁ ପଛକୁ ଫେରିଚାହିଁ ଦେଖିଲା, ସ୍ୱର୍ଣ୍ଣ ରାସ୍ତାର ଗୋଟାଏ ପାଖକୁ ଠିଆହୋଇ ଅନେଇ ରହିଛି, ଅନ୍ଧ ଆଡ଼କୁ । ସେ ଆଉ ଟିକିଏ ପଛକୁ ଯାଇ କହିଲା, ସେ ଆଡ଼େ ବେଳ ହେଲାଣି । ମାଷ୍ଟ୍ରେ ବିରକ୍ତ ହେବେ । ସ୍ୱର୍ଣ୍ଣ ଆରମ୍ଭ କରୁଥିଲା ଅନ୍ଧ ବାଳକର ଗୀତ ସମ୍ବନ୍ଧରେ କହିବାକୁ । ବିଶୁ ସେ ଆଡ଼କୁ କାନ ନ ଦେଇ ଅଗ୍ରସର ହୋଇଗଲା ଚଞ୍ଚଳ ପାଦ ଚାଳି । ସ୍ୱର୍ଣ୍ଣ ମଧ୍ୟ ବାଳକଟିଏ ପରି ପଛକୁ ଚାହିଁ ଚାହିଁ ଚାଲିଥିଲା ବିଶୁ ପଛରେ ।

ପଛଆଡ଼ୁ ଆସୁଥିଲେ ମଦନ ମହାପାତ୍ରେ । ତାଙ୍କ ପାଖକୁ ଲାଗି ଆସୁଥିଲେ ଲୋକନାଥ ଗୋସ୍ୱାମୀ । ମହାପାତ୍ରଙ୍କ ବିଶ୍ୱସ୍ତ ଅନୁଚର । ମହାପାତ୍ରେ ସମାଜର

ନେତୃତ୍ୱ ନେଇଥାନ୍ତି ପରମ୍ପରା କ୍ରମେ । ଆଖପାଖର ପାଞ୍ଚ ସାତ ଖଣ୍ଡ ଗାଁର ସାମାଜିକ ସମସ୍ୟାର ସମାଧାନ କରାଇବାରେ ତାଙ୍କର ପରି ସେ ଜଣେ । ଶାସ୍ତ୍ର ପୁରାଣ ଇତ୍ୟାଦିରେ ମଧ୍ୟ ପ୍ରବେଶ ଥିଲା ତାଙ୍କର । ତେବେ ଯାହାକୁ ସେ ବିଷଦୃଷ୍ଟିରେ ଦେଖିବେ, ତାକୁ ସେ ସେଇ ଦୃଷ୍ଟିରେ ହିଁ ଦେଖୁଥିବେ । ଇମିତି କଥା ମଧ୍ୟ ଶୁଣାଯାଏ ଯେ ତାଙ୍କର ସେବକମାନେ ମଧ୍ୟ ଅର୍ଥାତ୍ ଯେଉଁ କୃଷୀ ମୂଲିଆ ହଳିଆମାନଙ୍କଦ୍ୱାରା ତାଙ୍କର ଧନ ଧାନ୍ୟ ବୃଦ୍ଧିଲାଭ କରିଥିଲା, ସେମାନଙ୍କ ପ୍ରତି ମଧ୍ୟ ସେ ସଦୟ ହୋଇପାରନ୍ତିନାହିଁ । ଏ ସମସ୍ତ କାର୍ଯ୍ୟରେ ଗୋସ୍ୱାମୀ ତାଙ୍କର ବଡ଼ ବନ୍ଧୁ । ମହାପାତ୍ରେ ଦେଖିଲେ, ବିଶୁ ବାଲଟି ଦୁଇଟା ଧରି ବଜାଡ଼ି ଚାଲିଛି । ପଛରେ ସ୍ୱର୍ଣ୍ଣ ଚାଲିଛି ଅତି ମନ୍ଦ ମନ୍ଥର ଗତିରେ । ଅନ୍ଧ ବାଳକର ଗୀତ ଶୁଭିଯାଉଛି ତା କାନ ପାଖରେ । ବିଶୁ ମହାପାତ୍ରଙ୍କ କଥା ଶୁଣି ଟିକିଏ ରହିଯାଇ କହିଲା ମାଆ, ତମେ ପଛରେ ରହିଲେ ଇଆଡ଼େ ସିଆଡ଼େ ଅନେଇ ପଛକୁ ପଡ଼ିଯାଉଚ । ଦେଖୁଚ ବେଳ ହୋଇଯାଉଚି, ନାଟକ ଆରମ୍ଭ ହୋଇଯିବ । ଆଗକୁ ଚାଲ ।

ମହାପାତ୍ରେ ଅନ୍ୟକୁ ଶୁଣେଇଲା ପରି କହିଲେ ନାଟକ ଦେଖି ଯାଉଚ କି ହେ ଗୋସ୍ୱାମୀ ! ଲୋକା ଗୋସ୍ୱାମୀ କହିଲେ ଏ ସବୁ ଦେଖି ଯିବାକୁ ମୋର ସମୟ କୋଠେ ଅଛି ମହାପାତ୍ରେ ? ଏ ଯୁଗରେ ଆଉ ନାଟକ କିଏ ଦେଖୁଚି ଆଜ୍ଞା ? ଯାଇଥିଲି ପୁରୀ, କଟକ ହେଲା, ବୁଲି ଆସିଲି । ସିନେମା ଦେଖି ଆସିଚି, ଆଉ ନାଟକ କିଏ ଦେଖୁଚି । ଆଉ ଇଏ ଯୋଉ ନାଟକ ତ । ଦଳେ ଲୋକ ଅଛନ୍ତି । ଦାସକାଠିଆ ପାଲିଆ ହୋଇ ହାଣ୍ଡିଶାଳର କଥା ବଖାଣି ଯାଉଛନ୍ତି । ମହାପାତ୍ରେ ହସିଉଠିଲେ ଆମୋଦରେ । ବିଶୁ ସ୍ୱର୍ଣ୍ଣଙ୍କୁ ତଡ଼ନେଲା ପରି ନେଇ ପ୍ରବେଶ କରିଗଲା ନାଟକ ଘର ହତା ଭିତରକୁ । ସ୍ୱର୍ଣ୍ଣ ମଧ୍ୟ ସେ ସବୁ କିଛି ନ ଶୁଣି କୋଉଠିଏ ଅନ୍ଧ ବାଳକର ଭଜନ କଥା ହିଁ ଭାବୁଥିଲା ।

ଅଭିନେତା ଭରତ ରାଉତଙ୍କ ଶାଳକ ବସିଥିଲେ ଟିକଟ ବିକ୍ରୀ କରିବାକୁ । ଇଚ୍ଛା ଅନିଚ୍ଛାର ଦ୍ୱନ୍ଦ୍ୱ ଭିତରେ ମହାପାତ୍ରେ ଯାଇ ଠିଆ-ହେଲେ ଟିକଟ ବିକ୍ରୀ ଟେବୁଲ୍ ପାଖରେ । ଗୋସ୍ୱାମୀ ମଧ୍ୟ ତାଙ୍କ ପଛରେ ଯାଇ ଠିଆହେଲେ । ସୁରମାଷ୍ଟ୍ରେ ଏତିକିବେଳକୁ ଆସି ଦେଖିଲେ ମହାପାତ୍ରେ ଟିକଟ କିଣିବା ଉଦ୍ୟମରେ ଅଛନ୍ତି । ସେ ମନର ସବୁ ଉଦ୍‌ବେଗ ଗୋପନ ରଖି ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜଣେଇ ନେଇଗଲେ ନାଟକ ଘର ଭିତରକୁ । ବାଦ୍ୟକାର ଗ୍ରୀନ୍ ରୁମ୍‌ର ଦୁଆର ମୁହଁକୁ ଆସି ସ୍ୱର୍ଣ୍ଣଙ୍କୁ ନେଇଗଲେ ସାଇଡ୍‌ସିନ୍ ପାଖକୁ ।

ସୁରମାଷ୍ଟ୍ରେ ଭିତରକୁ ଆସିଲେ ଅତ୍ୟନ୍ତ ବ୍ୟସ୍ତ ହୋଇ । ସ୍ୱର୍ଣ୍ଣ ପାଖକୁ ଠିଆ ହୋଇଥିଲେ ବାଦ୍ୟକାରେ । ସୁରମାଷ୍ଟ୍ରଙ୍କୁ ଦେଖି ସେ ତାଙ୍କ ପାଖକୁ ଅଗ୍ରସର ହୋଇଯାଇ ପଚାରିଲେ କଅଣ ହେଲା, ରାଜ ପାତ୍ରେ ଏତେବେଳ ପର୍ଯ୍ୟନ୍ତ ଆସି ନାହାନ୍ତି ? ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ହାତ ଧରିପକେଇ ଟାଣିନେଲା ପରି ସ୍ୱର୍ଣ୍ଣ ପାଖରୁ ଟିକିଏ ଦୂରକୁ ନେଇଯାଇ କହିଲେ, ସବୁ ଆଶା ହତାଶାରେ ପରିଣତ ହୋଇଗଲା ବାଦ୍ୟକାରେ । ଆଉ କଅଣ କହିବି ? ରାଜ ପାତ୍ରେ ତାଙ୍କ ସ୍ତ୍ରୀଙ୍କୁ ନେଇ କଟକ ପଳେଇ ଗଲେ । ତିନି ଚାରି ଦିନ ହେଲା ତାଙ୍କ ସ୍ତ୍ରୀ ପୀଡ଼ିତା ଥିଲେ । ଏଠା ଡାକ୍ତରଖାନାରେ ପିଲାଟି ଜନ୍ମ ହୋଇଯିବ ବୋଲି ଆଶା ଥିଲା । ଯାହାହେଉ, ପାତ୍ରେ ବଡ଼ ଦୁଃଖଦଶାରେ ପଡ଼ି-ଗଲେ । ବିଶ୍ୱାସ୍ତ ପକ୍ଷର ସ୍ତ୍ରୀ । ସେଥିରେ ପୁଣି ଅନେକ ବର୍ଷ ପରେ ଗର୍ଭବତୀ ହେଲେ । ଆଉ ସେ ଫେରିଆସି ଆମର ନାଟକ କାର୍ଯ୍ୟରେ ସାହାଯ୍ୟ କରିବେ ଏ ଆଶା ନାହିଁ ।

ବାଦ୍ୟକାରେ ବାଧାଦେଇ କହିଲେ, ଆମର ଏବେ ନାଟକ କିମିତି ହେବ ମାଷ୍ଟ୍ରେ ? ସେ ତ ବିପଦରେ ପଡ଼ିଲେ, ଆମମାନଙ୍କୁ ତାଠୁ ଆହୁରି ବଡ଼ ବିପଦରେ ପକେଇ ଦେଇଗଲେ । କଅଣ କରିବା ଏବେ କହିଲ ? ଆମକୁ ସବୁ ଛାଡ଼ିଦେଇ ଯାଉଛନ୍ତି । ମୃତ୍ୟୁଞ୍ଜୟ ଛୁଟା ଗଲା, ତା ପଛରେ ଏବେ ପାତ୍ରେ ମଧ୍ୟ ଗଲେ । କାହାକୁ ଧରି

ଆମେ ଆଜ କଅଣ କରିବା ? ସୁରମାଷ୍ଟ୍ରେ ଦେଖିଲେ ବାଦ୍ୟକାରେ କାନ୍ଦିବାକୁ ଆରମ୍ଭ କଲେଣି । ସେ ତାଙ୍କୁ ଭରସା ଦେଇ କହିଲେ, ତମେ ତ ସବୁ ମୁଖସ୍ଥ ରଖିଛ ତମେ କଅଣ ସେ ପାର୍ଟଟା କରିପାରିବ ନାହିଁ ? ଏବେ ଆଉ ଚିନ୍ତା କଲେ ଚଳିବନାହିଁ । ଦମ୍ଭ ଧରି ବାହାରି ପଡ଼ । ଋଷି ଆଶ୍ରମର ଗୁରୁଙ୍କ ପାର୍ଟଟା ନ ହେଲେ ମୁଁ କରିଦେବି । ସେଆଡ଼େ ଦର୍ଶକ ଆସି ଭର୍ତ୍ତି ହୋଇ ଗଲେଣି । ଆଉ ଡେରିକଲେ ତ ଚଳିବ ନାହିଁ । ଯିମିତି ହେଲେ ତ ଆଜର କାର୍ଯ୍ୟ କରି ଦେବାକୁ ହେବ । ସମସ୍ତେ ରଙ୍ଗ ଲଗାଇ ବସିଲେଣି, କେବଳ ଆମେ ଦୁଇଜଣ ବାକି ଅଛେ । ଏତିକିବେଳେ କିଏ ସେପାଖରୁ କହିଲା, ପୁଣି ତରକାରି ଅଣ୍ଡା ହେଇଯାଉଚି ଏଥର ଆସ ମାଷ୍ଟ୍ରେ !

ସ୍ୱର୍ଣ୍ଣ ସାଇଡ୍ ସିନ୍‌ପାଖରେ ବସି ଅନେଇ ରହିଥିଲା ଦର୍ଶକମାନଙ୍କ ଆଡ଼କୁ । ପ୍ରଥମ ଘଣ୍ଟା, ତା ପରେ ବାଜିଲା ଦ୍ୱିତୀୟ ଘଣ୍ଟା । ସ୍କ୍ରିନ୍ ଖୋଲି ହୋଇଗଲା । ପରଦା ଉଠିଲା । ସୁନୀତି ସହିତ ରାଜା ଉତ୍ତାନପାଦ ଅନ୍ତଃପୁର ପ୍ରାଙ୍ଗଣରେ ବସି କରୁଥିଲେ ପ୍ରେମ ଆମୋଦରେ ଆଳାପ । ଏହାପରେ ଚାଲିଲା ଦୃଶ୍ୟ ପରେ ଦୃଶ୍ୟ ।

ସ୍ୱର୍ଣ୍ଣ ଦେଖିଲା ଭିକାରିଟିଏ ଭଜନ ଗୀତ ଗାଇ ସୁନୀତିଙ୍କ ଆଶ୍ରମ ଦୁଆର ପାଖକୁ ଆସୁଛି । ଧ୍ରୁବ କୁଟୀର ଭିତରୁ ଆସିଲା ଭକ୍ତ ମୁଖରୁ ନାମ କୀର୍ତ୍ତନ ଶୁଣି । ସେ ତାର ଶିଶୁ ସୁଲଭ କୋମଳ କଣ୍ଠରେ କହିଲା, କି ସୁନ୍ଦର ଗୀତ ଗାଉଛ ତୁମେ ! ମତେହେଲେ ଶିଖେଇ ଦିଅନ୍ତ; ଭିକାରି ତନ୍ମୟ ହୋଇ ଆଉ ଥରେ ଭଜନଟି ବୋଲିବାକୁ ଆରମ୍ଭକଲା । ଶ୍ରୋତାମାନେ ମଧ୍ୟ ସେ ଆଡ଼କୁ ମନ ଦେଇଥିବା ଅନୁଭବ ହେଉଥିଲା । ଏତିକି-ବେଳେ ମଦନ ମହାପାତ୍ରେ ଲୋକା ଗୋସ୍ୱାମୀ ପିଠିରେ ହାତ ପକେଇ କହିଲେ, ଦେଖିଲ ? ଏଇଟା ତ ଆମ ସାହିର ମାଗୁଣି ଭିକାରିଟା । ଲୋକା ଗୋସ୍ୱାମୀ ହସିବା କାରଣରେ କହିଉଠିଲେ ଦେଖ ଦେଖ, ମାଗୁଣିଆଟା କିମିତି ନାଟକ ମଞ୍ଚ ଉପରକୁ ପଳେଇ ଆସିଲା । ଆରେ ଏ ମାଗୁଣି ! ନାସ ଟିକିଏ ଦେଲୁ—ଗାଁର କେତେକ ଦୁଷ୍ଟ ବାଳକ ସେଇ କଥା ହିଁ ପୁନରାବୃତ୍ତି କରିବାକୁ ଲାଗିଲେ ଥରକୁ ଥର ।

ଏ ସମସ୍ତ ବାଧା ବିଘ୍ନ ସତ୍ତ୍ୱେ ନାଟକ ଅଭିନୟଟି ସମ୍ପୂର୍ଣ୍ଣ ହୋଇଗଲା ସେ ଦିନରୁ । ପୂର୍ବରୁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ତା' ପରଦିନ 'ନିସ୍କୃତି'ର ଅଭିନୟ ହୋଇଗଲା । ଏଇ ନାଟକ କଥା ନେଇ ଆଲୋଚନା ଚାଲିଥିଲା ମଦନ ମହାପାତ୍ରଙ୍କ ଘରେ, 'ନିସ୍କୃତି' ନାଟକ ଅଭିନୟ ହେବା ପର ଦିନ । ମହାପାତ୍ରେ ତାଙ୍କର ପ୍ରିୟ ଅନୁଚର ଲୋକା ଗୋସ୍ୱାମୀ ଗଉରି ବାରିକ, ଧନେଇ ପାଣ୍ଡ ବସି କଥା ଆରମ୍ଭ କରିଥିଲେ । ଲୋକା ଗୋସ୍ୱାମୀଙ୍କ ବିଶ୍ୱାସ କୌଣସି ବିଷୟରେ ନ ଥାଏ । କେଉଁଆଡ଼ୁ କିମିତି କରି ସକାଳୁ ଦାନ୍ତଘସି ମୁହଁ ଧୋଇ ଆସି ବସିଲାବେଳକୁ ଗରମ ମୁଢ଼ି ଉଖୁଡ଼ାରୁ ଗଣ୍ଡିଏ ମିଳିଯାଉଥିବ । ସ୍ନାନକରି ଯିବା ପୂର୍ବରୁ ଦିଟିଲମ ଗଞ୍ଜେଇ ଧୂଆଁ ନ ଟାଣିଲେ ନ ଚଳେ ତାଙ୍କର । ଧନେଇ ପାଣ୍ଡ ଲୋକନାଥଙ୍କ ମାମୁଁ । ଦୁହିଁଙ୍କର ବୟସ ପ୍ରାୟ ସମାନ । ଦୁହେଁ ଧୂଆଁ ଖିଆ ସାଥୀ । ଥରେ ଦୁହେଁ ମିଶି ଧନେଇର ଭାଇ ବିଭାଘରକୁ ବରଯାତ୍ରୀ ହୋଇ-ଯାଇଥିଲେ । ପଲ୍ଲି ପ୍ରାନ୍ତରେ, ସାଧାରଣତଃ ଲୋକେ ଯାଆନ୍ତି ନଈ ତଡ଼କୁ, ଗହଳିଆ ତୋଟାମାଳ ଆଡ଼କୁ ପ୍ରକୃତିର ଡାକରା ଶୁଣି । ସେମାନେ ମଧ୍ୟ ଆମ୍ବତୋଟା ଆଡ଼କୁ ଯାଇଥିଲେ ଝାଡ଼ାଫେରି । ଝାଡ଼ାଯିବା ଆଗରୁ ଗଞ୍ଜେଇ ଧୂଆଁ ଟାଣୁ ଟାଣୁ ଦୁଇଟାଯାକ ମନୁଷ୍ୟ ଶୋଇ ପଡ଼ିଥିଲେ ଆମ୍ବଗଛ ଛାଇତଳେ । ଏଣେ ବରଯାତ୍ରୀଙ୍କ ଖାଇବା ସମୟ ହେଲା । ମାମୁଁ ଭଣଜା ଦୁହେଁ କୁଆଡ଼େ ଗଲେ, କଣ ହେଲା ? କିଏ କହିଲା, ବୈଷ୍ଣବ ଧର୍ମୀ ଲୋକ ତ, ବିଷ୍ଣୁ ସହସ୍ର ନାମ ଜପ କରୁଥିବେ । କିଏ ଗାୟତ୍ରୀ ମନ୍ତ୍ର ଜପିବା ଅନୁମାନ କଲା । କେହି କେହି ସେଇ ପାଖର ମହାଦେବ ମନ୍ଦିରକୁ ଯିବା ସମ୍ଭବ ବୋଲି ମନେ କଲେ ! ଅତ୍ୟଧିକ ଡେରି ହେବା ଦେଖି ନବ

ହବାହ୍ୱିତ ବରଙ୍କ ଶାଳକ ଖୋଜିବାକୁ ଯାଇ ଦେଖିଲେ, ଦୁହେଁ ସିମିତ ଅସ୍ୱାନ ଅବସ୍ଥାରେ ଶୋଇଛନ୍ତି । ଦେହରେ କାଇ ପିମ୍ପୁଡ଼ି ଧାଡ଼ି ଲଗାଇ ଗ୍ଲଲଥିଲେ ମଧ୍ୟ ତାଙ୍କ ନିଦ ଭାଙ୍ଗିନାହିଁ । ଇମିତି ନିତି ଲୋକନାଥ ସୁନା ସାଗର ଗାଁର ନଦୀକୁ ସ୍ନାନକରି ଯାଇ ନଦୀ ସେ ପାଖର ଆମ୍ବ କାନନରେ ବସିପଡ଼ନ୍ତି ଧୂମ୍ରପାନ କରିବା ପାଇଁ । ତେଣିକରି ଘରକୁ ଆସନ୍ତି । ଏଣେ ସ୍ତ୍ରୀ ପ୍ରଜାପ୍ୟଙ୍କ ଶିରୁପରେ ଝାଡ଼ୁବାଡ଼ି ଧରି ବାଡ଼େଇ ଧାଏଁ । ପ୍ରବଚନ ଅଛି ଦୁଷ୍ଟା ଭାର୍ଯ୍ୟା ଥିଲେ ମରଣ ନିଶ୍ଚିତ; କିନ୍ତୁ ଲୋକନାଥଙ୍କର ଏ ପର୍ଯ୍ୟନ୍ତ ମୃତ୍ୟୁ ଘଟି ନ ଥିଲା । ସେ କଥା ଆରମ୍ଭ କରୁ କରୁ ଧନେଇ କହିଲା, କି ଗୋଟେ ନାଟକ ହେଲା କେଜାଣି, କିଛି ତ ବୁଝାପଡ଼ିଲା ନାହିଁ । ଗଉଡ଼ ବାଳକ କହିଲା, ତମେ ତ ଗଞ୍ଜେଇ ଧୂଆଁ ପିଇ ଢୁଳାଉଥିବ, ତମର କୋଉ କାନକୁ ଶୁଭୁଥିବ ଯେ ବୁଝି ପାଇବ । ଗୋସ୍ୱାମୀ ଧନେଇଁର ହୋଇ ତର୍କ କରିଗଲେ—ମାଇକିନା ମଣିଷୁଟେ କି ନେଖା କରିବରେ ଗଉଡ଼ । ମୋ ଭାର୍ଯ୍ୟା, କଣ୍ଠାଟି ସେଇଟା, ଯା, ମନେ ପଡ଼ୁନି ହୁଁ, ମନେ ପଡ଼ିଲା । ଗୁଣୁସାଗର ପଡ଼ିଥିଲା ତାଙ୍କ ଗାଁ ଗୁହାଳୀରେ । ଏବେ ଅ' କି କ' କିଛି ଆସୁନି । ଆଉ ସ୍ୱାଙ୍କେ ନେଖି ପକେଇଚନ୍ତି । ଧ୍ରୁବଟାକୁ ଦେଖିଥିଲେ ନା ସ୍ୱାଙ୍କେ ? ଧନେଇଁ ପାଳଆ ଧରି କହି ଉଠିଲା, ସତେ ଧ୍ରୁବଟାକୁ ଦେଖିଲାପରି କାନ୍ଦୁଥିଲି ବୋଲି ନେଖିଚ । ମହାପାତ୍ରେ ଗଦ୍‌ଗଦ କଣ୍ଠରେ ହସିଉଠି କହିଲେ—ବର୍ଷକୁ ଗୋଟାଏ ଜନ୍ମକରି ଧୁଅ ମୁତରେ ଘାଣ୍ଟି ହେଉଥାନ୍ତା, ଇଏ ଗୋଟାଏ ବାହାରିଛି ନାଟ୍ୟକାର ହେବାକୁ । ଲୋକା ଗୋସ୍ୱାମୀ କହୁଣିବରେ ହିଁ ପଚାରିଲେ, ଅବଧାନେ ! ବାଳ ପାତ୍ରେ ନାଟକରେ ମିଶି ଥିଲେ ବୋଲି ଶୁଣିଥିଲି—ମହାପାତ୍ରେ ବାଧାଦେଇ କହିଲେ, ଭଦ୍ରଲୋକ ଏଥିରେ ରହିବ କମିତି ? ମୁଁ ତାକୁ ଇମିତି କରି ବୁଝେଇ ଦେଲି ଯେ ଏକାଥରକେ ପକେଇଛି । ଧନେଇଁ କହିଲା, ମୁଁ ତ ଅବଧାନେ ଶୁଣୁଥିଲି, ତା' ଭାର୍ଯ୍ୟାର ଗର୍ଭ—ସେ କଥାଟାକୁ କାଟି କରି ଫିଙ୍ଗିଦେବା ଉଦ୍ଦେଶ୍ୟରେ ମହାପାତ୍ରେ କହିଲେ, ସେ ସବୁ କିଛି ନାହିଁ । ସବୁବେଳେ ତଆର କଥା । ଏଠି ରହିଲେ ସେ ବୁଢ଼ା ତାକୁ ଘୋଷାଡ଼ି ନେବ ବୋଲି ପକେଇ ଯାଇଛି ବାଜିଆ । ମୋଠୁ ଟଙ୍କା ଋଣ ନେଇ ଦୋକାନ ଆରମ୍ଭ କରିଥିଲା, ମୋ ଯୋଗୁ ତାର ସବୁଆଡ଼ୁ ଉନ୍ନତି । ଗୋସ୍ୱାମୀ ମୁଣ୍ଡ ହଲେଇ କହିଲେ, ଅବଧାନଙ୍କ କଥାରୁ ଫିଟିଗିବ ଇମିତି, ଲୋକ ଏ ଗାଁରେ କଏଁ ଅଛି ହେ ! ବାଜି ପାଣ୍ଡ, ହେଇଟି କାଲି ପରି ଲାଗୁଚି, ମୁଡ଼ି ମୁଆଁ ବିକୁଥିଲା; ତମ ହାତର ପଇସା ବଳରେ ଦୋକାନୀ ହେଇ ବସିଚି । ଅବଧାନଙ୍କର ଲକ୍ଷ୍ମୀହାତଟି !

ଏତିକିବେଳେ ବାସୁ ଗଉଡ଼ ଦାଣ୍ଡପିଣ୍ଡା ଉପରୁ ଉଠି ଆସି କହିଲା, ଖଳାରେ ହରି, ମୁଗ ଗଦା ହୋଇଛି । ମାଘୁଆଣି ପାଣି ପଡ଼ିଗଲେ ଖଡୁଆ ହୋଇଯିବ । ଧନେଇ, ସନେଇ ଏକାଠେ ବସି କଥା ନିହସା କରୁଚ । ମହାପାତ୍ରେ ବାସୁ ଆଡ଼କୁ ନ ଗ୍ଲହିଁ ଉଠିଗଲେ ଘର ଭିତରକୁ । ଇମିତି ଭାବରେ ହଳିଆ ମୂଲିଆଙ୍କୁ ଧରି ହେଁ ହେଁ, ଫେଁ ଫେଁ ହେବା ତ ଥିଲା ତାଙ୍କର ସ୍ୱଭାବ ବିରୁଦ୍ଧ । ତେବେ ସେ କଅଣ ସତରେ ତାଙ୍କ ସ୍ୱଭାବ ବିରୁଦ୍ଧ କାର୍ଯ୍ୟ ମଧ୍ୟ କରୁଛନ୍ତି ! କରୁଥିବେ ନିଶ୍ଚୟ । ତା ନ ହୋଇଥିଲେ, ଲୋକା ଗୋସ୍ୱାମୀ ହାତରେ ବାସୁର କଷି କଦଳୀ କାନ୍ଧଟା କଟେଇ ଦେଇଥାନ୍ତେ କାହିଁକି ? ବାସୁ ଟିକିଏ ଭଲ ଅବସ୍ଥାକୁ ଆସିବା ଦେଖି ବୋଧହୁଏ ତାଙ୍କର ଅସହ୍ୟ ହୋଇଥିବ; କିନ୍ତୁ ଥରେ ଥରେ ତାଙ୍କର ଧର୍ମବୁଦ୍ଧି ଅବଶ୍ୟ ଜାଗ୍ରତ ହୋଇଉଠେ । ସେତେବେଳେ ସେ ଏସବୁ କାର୍ଯ୍ୟକୁ ପ୍ରଶ୍ରୟ ଦେବେନାହିଁ ବୋଲି ମନେ ମନେ ସ୍ଥିତିଜ୍ଞବଦ୍ଧ ହୁଅନ୍ତି ଇତ୍ୟାଦି ନାନା ଚିନ୍ତା କରୁ କରୁ ମହାପାତ୍ରେ ଯାଇ ଠିଆହେଲେ ଘର ଭିତର ଅଗଣାରେ । ଏତିକିବେଳକୁ ଘର ଭିତରେ ବସି ମହାପାତ୍ରଙ୍କ ସାନ ଝିଅ ସରୋଜିନୀ ଗାଉଥିଲା, "ସକାଳୁ ଆଜି ବସିଛି ପ୍ରଭୁ ପ୍ରତୀକ୍ଷା ତବ କରି, ବିରହ ମୋର ବିଜନ ଘରେ ଯାଉଛି ଭରି ଭରି" । ମହାପାତ୍ରେ ଶୁଣି ବିସ୍ମୟବିହ୍ୱଳ ହୋଇ ଭାବିବାକୁ ଲାଗିଲେ, ଏଇ

ଗୀତଟାକୁ ତ ସେ 'ଧ୍ରୁବ ନାଟକ'ରେ ଶୁଣିଥିଲେ । ତାହାହେଲେ ସେ ସ୍ତ୍ରୀ ଲୋକଟାର ପ୍ରଭାବ କଅଣ ଅନ୍ୟମାନଙ୍କ ଉପରେ ପଡ଼ିବ ?

ବାସୁ ଗଉଡ଼ ଡାଣ୍ଡିଘର ଦୁଆରମୁହଁକୁ ଆସି କହିଲା, ସାଆନ୍ତେ ଆସିଲେ ସିନା ମୁଗ ବାଡ଼ଆ ହେବ । ମହାପାତ୍ରେ ଦାଣ୍ଡିଘରକୁ ଆସି କହିଲେ— ହେଉ ତେବେ, ଚାଲେ ଯିବା ।

ସେ ଦିନ ଜାଣି ଜାଣି ବିଶୁ ଥରକୁ ଥର ନଯାକୁ ଯାଉଥିଲା ସାମାନ୍ୟ କାରଣରୁ । ଲୋକା ଗୋସ୍ୱାମୀ ଆଉ ତାଙ୍କ ସମର୍ଥକ ଦଳ ସ୍ନାନକରିବା ସମୟରେ ଆଲୋଚନ କରିବାରେ ଲାଗିଥିଲେ ନାଟକ ବିଷୟରେ । ସେଇ ଭୂଠରେ ହିଁ ସାହିର ତରୁଣଦଳ ଧ୍ରୁବ ସ୍ତବରୁ ଗୀତ ଗାଇ ଯାଉଥିଲେ । ପାପୀର ମନରେ ଉତ୍ତେଜନା ସୃଷ୍ଟି କରି ତାକୁ ଦୁର୍ଗତି ପଥରେ ନେବା ଏବଂ ଧାର୍ମିକ ପ୍ରାଣରେ ସକଳ ପ୍ରକାର ସହଜ ଶକ୍ତି ଦେଇ ଧର୍ମର ପ୍ରଭାବ ବିସ୍ତାର କରିବା ହେଉଛି ନାରଦ ମୁନିଙ୍କ କାର୍ଯ୍ୟ । ସେଇ ପ୍ରସଙ୍ଗଟିକୁ ସ୍ୱର୍ଣ୍ଣ ହାସ୍ୟରସର ସମାବେଶରେ ଚିତ୍ରଣ କରିଥିଲା । ନାଟକ ସପକ୍ଷରେ ଯେଉଁମାନେ ଥିଲେ, ସେମାନେ ସେଇ ସମସ୍ତ ବିଷୟର ଆଲୋଚନା କରି ଆନନ୍ଦ ଉପଲବ୍ଧି କରୁଥିଲେ । ଲୋକନା ପ୍ରଭୃତି ସେଥିରେ ଅସନ୍ତୁଷ୍ଟ ହୋଇଉଠି କହିଲେ, ହିଁ ହେଁ, କେତେ ହେଇ ସେଇକଥା ସେଇକଥା କହି ହେଉଚ । ହସ ନାହିଁ ଖେଳ ନାହିଁ, ନାଚ ଗୀତ କିଛି ନାହିଁ । ଖାଲି ସେଇଥିରୁ ଯେତେଟେ ମଣିଷ କଥାକହି ଯାଉଚନ୍ତି । ଧ୍ରୁବ ମହାପ୍ରଭୁଙ୍କୁ ଡାକୁଚି । ପ୍ରଭୁଙ୍କେ ଦେଖି ପକେଇ ଥିବେ ତ ଆଉ କିସ ? ଭକ୍ତ କବିତା ଶୁଣିବାକୁ ଆମେ ସବୁ ଯାଇଁ ଯିବୁ । ଘରେ ପୁରାଣ ଶୁଣିଲେ ହବ ନି କି ? କୋଉଠୁ ଉଦମଗା ଗୋଟାକୁ ନେଇ ନାଟକ କରେଇଚନ୍ତି । ବାଦ୍ୟକାରର ପୋଷିଆଁ ପୁଅ କି ନାଟକ କରିବ ହେ ! ଦେଉଳ ସାହିର ଅଳ୍ପ ବୟସର ଟୋକା କେତୋଟା ଲୋକନାଥ ଆଲୋଚନାକୁ ହସରେ ଉଡ଼େଇ ଦେଇ କହିଲେ, ଠାଉକଥା ସ୍ୱେର, ନାଟକର ଭାବ ବୁଝିବ କଅଣ ? ସେଇଠୁ ଉଠିଲା ତା ଉପରକୁ ଆଉ କଥା ।

'ଧ୍ରୁବ' ଅଭିନୀତ ହେବା ପର ଦିନ 'ନିଷ୍ପତ୍ତି' ନାଟକ ପୁଣି ହୋଇଯାଇଥିଲା ମଞ୍ଚସ୍ଥ । ତା' ପର ଦିନଠାରୁ ଆଉ ଦୁଇ ଦିନ ମିଶି ଯାଇଥିଲା ଅଜ୍ଞାତରେ —ସୁରମାଷ୍ଟ୍ରେ କିମ୍ବା ବାଦ୍ୟକାରେ ଆସି ନ ଥିଲେ ସ୍ୱର୍ଣ୍ଣର ଘରକୁ । ନାଟକ ଅଭିନୟର ପରଦିନ ହିଁ ସ୍ୱର୍ଣ୍ଣ ଅପେକ୍ଷା କରି ରହିଥିଲା କିନ୍ତୁ ପରେ ନିଜକୁ ନିଜେ ସାନ୍ତ୍ୱନା ଦେଇ ଭାବିଥିଲା—ଦୁଇ ଦିନର ଶ୍ରମ ପୁଣି ରାତି ଅନିଦ୍ରାର କ୍ଳାନ୍ତିରେ ଆସିପାରି ନ ଥିବେ; କିନ୍ତୁ ତା' ପରେ ମଧ୍ୟ ଆଉ ଗୋଟିଏ ଦିନ କେଉଁ ବାଟଦେଇ ଚାଲିଗଲା । ମନୁଷ୍ୟ ଦୁଇଟା ଦେଖା ଦେବାକୁ ମଧ୍ୟ ଆସି ନାହାନ୍ତି । ତାହାହେଲେ, ଏଠାରୁ ଚାଲିଯିବା ପାଇଁ କଅଣ ବ୍ୟସ୍ତ ହୋଇ ରହିଛନ୍ତି । ଅସମ୍ଭବ ନୁହେଁ । ଦୁଇ ରାତିର ନାଟକ ନିମନ୍ତେ ଅନେକଗୁଡ଼ାଏ ଟଙ୍କା ଖରଚ ହୋଇ ଯାଇଥିବ । ସେ ଅନୁପାତରେ ଟିକଟ ବିକ୍ରୀରୁ ପାଇ ନ ଥିବେ; କିନ୍ତୁ ସେ କଥା ତାକୁ ନ କହି ଚାଲିଗଲେ କାହିଁକି ?

ଶୀତ ଦିନର ଅପରାହ୍ଣ । ଅନ୍ଧକାର ନିବିଡ଼ ହୋଇ ଆସୁଥିଲା ଧୀରେ ଧୀରେ । ପରମାନନ୍ଦ ବାରିପାଖ ଆଡ଼ୁ ଆସି ଦେଖିଲେ, ସ୍ୱର୍ଣ୍ଣ ଗାଲରେ ହାତଦେଇ ତଳକୁ ଚାହିଁ ବସିଛି । ସେ ତା' ପାଖକୁ ବସିପଡ଼ି କହିଲେ, ଆଜି ଖାତା କଲମ ରଖିଦେଇ ଖାଲି ହାତରେ ବସିଛ ଶୁକବୋଉ ! ତୁମେ ଇମିତି ମନ ଖିନ୍ନ କରି ବସିଲେ, ମୋ ମନରେ ବଡ଼ ଦୁଃଖ ହେଉଛି । ତୁମର ସେ ପିଲାଦିନର କଥା ମନେପଡ଼ି ଯାଉଛି । କିମିତି ଆଶ୍ଚର୍ଯ୍ୟଭାବରେ ତୁମ ସହିତ ସାକ୍ଷାତ ଘଟିଲା ! ପୁରାଣ କଥାର ଦୈବୀ ଘଟଣା ପରି ତୁମ ଆଖି ମରିଗଲେ । ନିଜର ସୁଖ କିମ୍ବା ଲୋକଙ୍କୁ ଦେଖାଇବା ଲାଗି କୌଣସି ପ୍ରକାର ବସନ ଭୂଷଣ ଆଣି ଦେବାକୁ ପଦେ କେବେ କହିନାହିଁ । କେବେ କାହାଠାରୁ ପ୍ରତି-ଦାନର ଆଶା ନ ରଖି ନିଃସ୍ୱାର୍ଥପର ଭାବରେ ସେବା କରି ଆସିଛ ଆଜି ପର୍ଯ୍ୟନ୍ତ ଏ ଘରେ ସମସ୍ତଙ୍କର । ଆଳସ୍ୟ

ଆମୋଦରେ ବସିପଡ଼ି କେବେ ହସିଖେଳି ଦିନ କଟେଇବାକୁ ଇଚ୍ଛା କରିବା ଦେଖି ନାହିଁ ତୁମକୁ । ଏଇ କେତେଦିନ ହେଲା ମୁଁ ମୁଗ୍‌ଧ ହୋଇ ଦେଖୁଛି, ତୁମେ ନିଜେ ହୁଏ ତ ବୁଝିନାହିଁ, ପରମ ପିତାଙ୍କ ପଦତଳେ ନିଜକୁ ଅର୍ପଣ କରି ଦେଇଛ । କି ଆନନ୍ଦମୟ ଏ ଘଟଣା ସତରେ ଶୁକବୋଉ !

ସ୍ୱର୍ଣ୍ଣ ପରମାନନ୍ଦଙ୍କୁ ବାହୁ ପାଶରେ ଆବଦ୍ଧ କରି କହିଲା, ତୁମର ଏଇ ସ୍ପର୍ଶଟିକ ଯେ ମୋର ତପସ୍ୟା ଲବ୍‌ଧ ଧନ । ତୁମର ଇଚ୍ଛା ହିଁ ମୋର ଇଚ୍ଛା ହେଉ । ତୁମେ ମତେ ଯେଉଁ ନିର୍ଦ୍ଦେଶ ଦେବ ମୁଁ ଅବିକଳ ସେଇ ଖାତରେ ଅଭିନୟ କରିଯିବି ଜୀବନର ବାକି କେତୋଟା ଦିନ ।

ପରମାନନ୍ଦ ସ୍ୱର୍ଣ୍ଣଆଡ଼କୁ ଆଉକିଛି କହି କଅଣ କହିବାକୁ ଯାଉଥିଲେ, ଅଗଣା ଆଡୁ ବାଦ୍ୟକାରେ ଆଉ ସୁରମାଷ୍ଟ୍ରେ ଏକ ସ୍ୱରରେ ଡାକିଲେ ବଶୁକୁ । ପରମାନନ୍ଦ ସ୍ୱର୍ଣ୍ଣ ପାଖରୁ ଉଠି ବାରଣ୍ଡାଆଡ଼କୁ ଅଗ୍ରସର ହେଉ ହେଉ କହିଲେ, ନାଟକ ହେବାପରେ ତୁମେ ସବୁ କେଉଁଠି ରହିଥିଲ ? ନାଟକଘରେ ସବୁ ଜିନିଷ ଯେଉଁଠି ସେଇଠି ପଡ଼ିଛି । ତୁମ ବସାକୁ ଲୋକ ପଠେଇଥିଲି, ପିଲା ଦି'ଟା ଘରେ ଥିଲେ କହିଲେ, ତୁମେ ସବୁ ଅନ୍ୟ କେଉଁଠିକି ଯାଇଛ ସେମାନେ ଜାଣି ନାହାନ୍ତି । ଟିକଟ କେତେ ବିକ୍ରୀହେଲା, କୌଣସି କଥା ନ ଜାଣି ନ ଶୁଣି ମାଆ ତୁମର ଉଦ୍‌ବେଗରେ ଅସ୍ଥିର ହୋଇ ବସିଛନ୍ତି—"

ପରମାନନ୍ଦଙ୍କ ମୁହଁରୁ ଏତେଗୁଡ଼ିଏ କଥା ଶୁଣି ବାଦ୍ୟକାରେ ବାରଣ୍ଡା ଖମ୍ବ ପାଖକୁ ବସୁ ବସୁ କହିଲେ, ତମେ ତ ଗୋସେଇଁପୁଅ, ଏତେଗୁଡ଼ାଏ କଥା ଏକାଥରକେ ପଚାରି ଦେଲ । ଆଗ କରି କହି ଦେଉଛି ଦୁଇ ରାତିର ଟିକଟ ବିକ୍ରୀ ହେଲା ପାଞ୍ଚ ପଞ୍ଚାଶେ ।

କଥାଟାକୁ ଶୁଣୁ ଶୁଣୁ ପରମାନନ୍ଦ ଅତ୍ୟନ୍ତ ଆବେଗରେ ଡାକିଲେ, ଆସ ଶୁକବୋଉ, ତୁମର ନାଟକର ଟିକଟ ବିକ୍ରୀ ପାଞ୍ଚଶ ହେଲଣି । ଆଉ ଦୁଃଖ କରିବାକୁ କିଛି ହେଲେ କାରଣ ନାହିଁ । ମୁଁ ଏଇ ଗୋଟିଏ କଥା ଶୁଣିବାକୁ ଅପେକ୍ଷା କରି ରହିଥିଲି । ଆଉ ବାକି କଥା ତୁମେମାନେ ଧୀରେ ସୁସ୍ଥେ ଆଲୋଚନା କର । ମୁଁ ଟିକିଏ ବୁଲି ଆସୁଛି । ବାଦ୍ୟକାର ହାତ ବଢ଼େଇ ପରମ ନନ୍ଦଙ୍କ ପାଦ ଛୁଇଁ କହିଲେ, ଗୋସେଇଁପୁଅ, ଅଳ୍ପ ଟିକିଏ ବସ । ଦୁଃଖ କଥାରୁ ଦି' ପଦ ଶୁଣେଇ ଦେଇ ମନଟାକୁ ଶାନ୍ତକରି ଦିଅନ୍ତି । ପରମାନନ୍ଦ କହିଲେ ରାତି ହୋଇଯିବ ବାଦ୍ୟକାରେ ! ଶୁଭ ସମ୍ବାଦ ଶୁଣି ମନ ଖୁବ୍ ଆନନ୍ଦ ରସରେ ଉଛୁଳି ହୋଇଉଠିଛି । ଏଇ ସୁଯୋଗରେ ମୁଁ ମୋର ରୋଗୀଙ୍କୁ ଦେଖି ହସଖୁସିରେ ଭଲମନ୍ଦ ପଚାରି ଆସିବି । ତୁମ ମାଆ ଲକ୍ଷ୍ମୀ ଅଛନ୍ତି, ତାଙ୍କୁ ହିଁ ଦୁଃଖ କଥା କହ ।

ପରମାନନ୍ଦ ଯିବା ପରେ ପରେ ହିଁ ସୁରମାଷ୍ଟ୍ରେ କହିଲେ, ଯାହାସବୁ ହୋଇଯାଇଛି, ସେ କଥା ଆଉ ଆଲୋଚନା କରନାହିଁ ବାଦ୍ୟକାରେ ! ଆଜି ବରଂ ନୂଆ ନାଟକ ନଳଦମୟନ୍ତୀଟା ପଢ଼ିବା । ଗୀତ ଗୋଟାଏ ଦୁଇଟା ଗାଇବା । ବାଦ୍ୟକାରେ ବିଷାଦଭରା ଦୃଷ୍ଟିରେ ସୁରମାଷ୍ଟ୍ରଙ୍କ ଆଡ଼କୁ ଅନେଇ କହିଲେ, ନାହିଁ ହେ ମାଷ୍ଟ୍ରେ, ଗୀତ ଶୁଣିବାକୁ ମଧ୍ୟ ମନୁଷ୍ୟର ଆବେଗ ଆବଶ୍ୟକ । ମୋ ମନରେ ଥିବା କଥାଗୁଡ଼ାକ ମାଆ ଲକ୍ଷ୍ମୀଙ୍କୁ ନ କହି ମୁଁ ତିନି ଦିନ ହେଲା ଛଟପଟ ହୋଇ ଗଲିଣି । ଭରତ ସେଦିନ ମୋଠୁ ପଞ୍ଚାଶେ ଟଙ୍କା ନେଲା; ଡଗରକର ଟଙ୍କା ତ ମୋର ପାଖରେ, ଦି'ଥର ବସାକୁ ଯାଇଥିଲି ବୋଲି ମିଛିଆ କହୁଥିଲା । ତୁମେ ତୁମର ଦୁଃଖ କଥା ମାଆଙ୍କୁ କହୁଥାଅ । ମୁଁ ଏକ୍ଷଣି ଆସୁଛି । ଏ କଥା କହି ସୁରମାଷ୍ଟ୍ରେ ଯିବା ଉଦ୍ୟମରେ ଉଠୁଥିଲେ, ଏତିକବେଳେ ବଶୁ ଲଣ୍ଠନ ଧରି ଆସି କହିଲା, ଏତକ ଦିନ ବଡ଼ ନିଘୁଞ୍ଚିଆ ଲାଗୁଥିଲା ମାଷ୍ଟ୍ରେ ! ଯିବା ସମୟରେ ପଦୁଟିଏ କହି ଦେଇଥିଲେ ଭଲ ହୋଇଥାନ୍ତା, ଆମେ ସବୁ ଯୋ ଭାବନାରେ ପଡ଼ିଥିଲୁ ! ଇମିତି ଅବସ୍ଥା ହେଲଣି ଯେ, ତମେମାନେ ନ ଆସିଲେ, କୋଠେ କଅଣ ହଜେଇ ଆସିଲା ପରି ମନ ଖୋଜି ହେଉଛି ।

ସ୍ୱର୍ଣ୍ଣ ଦୁଃଖ ଭୁଲିଯାଇ କହିଲା, ବଶୁ ମୋ ମନର କଥାଟି ଅନୁଭବ କରି ପ୍ରକାଶ କରିଦେଇଛି ଆଜି ।

ଦୁଃଖ ତ ଆମର ଜୀବନର ସାଥୀ । ଯେଉଁ କଥା ଆଲୋଚନା କରିବା ଆମର ଆବଶ୍ୟକ, ତାହା କାଲି ସକାଳ ପାଇଁ ବାକି ଥାଉ । ଆଜି ନଳଦମୟନ୍ତୀରୁ ଗୀତ ଗୋଟାଏ ଶୁଣିବା; କଅଣ କହୁଛୁ ବଣୁ ? ସୁର-ମାଷ୍ଟ୍ରେ ହସିଦେଇ କହିଲେ; ଏ ଘରେ ସମସ୍ତେ ସାହିତ୍ୟ-ପ୍ରେମୀ ହେବାକୁ ବସିଲେଣି । ଲଙ୍କାର ସବୁଠୁ ସାନ ସିଏ ସିଏ ବାଉଣ ହାତ ଘଅ । ବଣୁ ଆମର ଛୋଟ ହେଲେ ମଧ୍ୟ ଯିମିତି କରି କହିବାକୁ ଆରମ୍ଭ କଲେଣି, ଏଥିକି କିଏ କହିପାରିବ ଯେ ସେ ଜଣେ ସାହିତ୍ୟିକ ନୁହଁନ୍ତି ?

ବାଦ୍ୟକାରେ ବାଧା ଦେବା ପରି କହିଲେ, ଦୁଃଖ-ସୁଖ କଥା ଭାଳିବା ଯେତେବେଳେ ହେଉନାହିଁ, ସେଇ ଗୀତଟାକୁ ଥରେ ବୋଲି ଦିଅ । ତା'ପରେ 'ନଳ ଚରିତ' ଆମେ ଆଉ ମଞ୍ଚସ୍ଥ କରିବା କି ନାହିଁ ଚିନ୍ତା କରିବାକୁ ରହିଲା । ମନେପଡ଼ିଲା ନାହିଁ କି ମାଷ୍ଟ୍ରେ ?

ସୁରମାଷ୍ଟ୍ରେ ହସିଉଠି କହିଲେ, 'ସେଇ ଗୀତଟା' ବୋଲି କହିଲ ଯେ କେଉଁ ଗୀତଟା, ମୁଁ କିମିତି ଜାଣିବି । ବାଦ୍ୟକାରେ କହିଲେ, ଦମୟନ୍ତୀ ହଂସକୁ କହୁଛି; "କହିବୁ ହଂସରେ ପରାଣ ପ୍ରିୟଙ୍କୁ—"

ବଣୁ କହିଲା, ରହି ଥା, ହାରମୋନିଅମ୍ ହେଲା ଆଣି ଦେଉଚି । ଆଜି ଆଉ ଗୁ' କରିବା ନା ନାହିଁ ମାଷ୍ଟ୍ରେ ? ସୁରମାଷ୍ଟ୍ରେ ସ୍ୱର ଧରୁ ଧରୁ ଟିକିଏ ରହି କହିଲେ, ଆଜି ଗୁ'ଖିଆ ହୋଇଯାଇଛି ସୂପକାରେ ! ଆଉ ଟିକିଏ ହେଲେ ମଧ୍ୟ ଚଳିବ । ଆଗ ଆମର ଗୀତ ଶେଷ ହେଉ ।

ଏ କଥା କହି ଗୀତ ଆରମ୍ଭ କଲେ ସୁରମାଷ୍ଟ୍ରେ—

କହିବୁ ହଂସରେ ପରାଣପ୍ରିୟଙ୍କୁ
ଭୁରିତରେ ଦେବେ ଦରଶନ ।
ମହାରାଜା ଛନ୍ତି କାହିଁ କେତେ ଦୂରେ
ସେବିକା ତାଙ୍କର ବସି ଝୁରି ମରେ,
ଅତି ସୋହାଗରେ ଏ କଥା ତାହାଙ୍କୁ
କହିବୁ ରେ ପୁନଃପୁନଃ ।
ଦେଖି ନାହିଁ କେବେ ଦେଖିଲି ପରାଏ
ଅପୂର୍ବ ପୁଲକ ଜାଗେ ପ୍ରାଣ ଦେହେ ।
ତୋର ଅଙ୍ଗ ଛୁଇଁ ହେଉଛି ପ୍ରତ୍ୟୟ
କରୁଅଛି ତାଙ୍କୁ ପରଶନ ।
ଦୂର ଦୂରାନ୍ତରେ ରହି ପ୍ରାଣେଶ୍ୱର
ପଠାଇ ଅଛନ୍ତି ବାରତା ପ୍ରେମର
ହୃଦୟରେ ରହି ଡାକୁଛନ୍ତି ଅବା
ଶୁଭୁଛି ମଧୁର କଣ୍ଠସ୍ୱନ ।
ମରୁବାଲି ହୋଇଥିଲା ମୋର ଚିତ୍ତ
ତୋ ପରଶ ଲଭି ହେଲା ସେ ଜୀବନ୍ତ,
ମର୍ତ୍ତ୍ୟର ଦେବତା ମରମରେ ରହି
ସୁଧାଧାରା କଲେ ବରଷଣ ।

ବାଦ୍ୟକାରେ କରୁଣ ଦୃଷ୍ଟିରେ ସ୍ୱର୍ଣ୍ଣଆଡ଼କୁ ଅନେଇ କହିଲେ, ମାଆ ଗୋ, ସତରେ ଏ ହୃଦୟଟା ମରୁବାଲି ହୋଇ ପଡ଼ିଥିଲା, ଦମୟନ୍ତୀର ପ୍ରେମ-ନିବେଦନ ରୂପକ ସୁଧାଧାରାରେ ସିକ୍ତ ହୋଇଗଲା ଗୋଟାକଯାକ ହୃଦୟ-ରାଜ୍ୟ । ସୁରମାଷ୍ଟ୍ରେ ଉଠିପଡ଼ି କହିଲେ, ଆମ ଏଠିର ସାହିତ୍ୟ ସଂସଦଟି ତ ଭାଙ୍ଗିଗଲା । ଏଇ ଭାଙ୍ଗିଯିବା ମୂଳରେ ଅଛନ୍ତି ମହାପାତ୍ରେ । ଯୋଗୀଶ୍ୱର ମହାନ୍ତି ଆଉ ଥରେ ସଂସଦଟିକୁ ଗଢ଼ିବା ସମ୍ବନ୍ଧରେ ଆଲୋଚନା କରିବାକୁ ଡାକିଥିଲେ । ମୁଁ ଟିକିଏ ଯାଉଛି । ଏଇ ଅଳ୍ପ ସମୟ ଭିତରେ ଫେରି-ଆସିବି । ବଣୁ ଆଡ଼କୁ ଅନେଇ କହିଲେ, ଗୁ' ତିଆରି କରି ରଖିଥିବ ସୂପକାରେ, ମୁ ଆସୁଛି ।

ସୁରମାଷ୍ଟ୍ରେ ଦାଣ୍ଡଦୁଆର ମୁହଁକୁ ଯାଇଥିବେ କି ନାହିଁ, ବାଦ୍ୟକାରେ ମଥାଟେକି ଚାହିଁଲେ, ବଣୁ କେତେବେଳେ ଚାଲିଗଲାଣି ସେଠୁ । ସେ ସ୍ୱର୍ଣ୍ଣଆଡ଼କୁ ଚାହିଁ କହିଲେ—ଗୋଟାଏ କଥା କହିବି ବୋଲି ଭାବୁଛି ମାଆ ଲକ୍ଷ୍ମୀ ! କହିବାକୁ ଇଚ୍ଛା ହେଉନାହିଁ, ତେବେ ମଧ୍ୟ କହିବି । ସ୍ୱର୍ଣ୍ଣ କହିଲା, ତୁମେ ଯେଉଁ କଥା କହିବାକୁ ପ୍ରସ୍ତୁତ ହୋଇ ଆସିଛ, ସେ କଥା ମୁ ଶୁଣିସାରିଛି । ଏଇ ନାଟକ-କାର୍ଯ୍ୟ ଏଠିକରେ ଶେଷକରି ଦେବାକୁ ତ ଉପଦେଶ ଦେଉଛ; କିନ୍ତୁ ଏଇ ନାଟକ ଘର ଭାଙ୍ଗିଦେବା କଥା ଭାବିଲେ ହିଁ ମୋର ମନ ଧଇଲି ଚଢ଼େଇ ପରି ଚିତ୍କାର କରି ଉଠୁଛି ।

ତୁମେମାନେ ଏଠୁ ଚାଲିଗଲେ ମୋର କଲମ ଯେ ଏକାଥରକେ ବନ୍ଦ ହୋଇଯିବ ।

ବାଦ୍ୟକାରେ ଗମ୍ଭୀର ସ୍ନେହ ମିଶା କଣ୍ଠରେ କହିଲେ, ଆମକୁ ତାହା ହିଁ କରିବାକୁ ହେବ । କାହିଁକି ନା, ନାଟକର ଟିକେଟ ବିକ୍ରିରୁ ପାଞ୍ଚଶ' ପଚାଶ ଟଙ୍କା ମିଳିଲା । ତୁମଠୁ ନେଇଥିଲି ଦେଢ଼ଶହ । ଦୁଇ ରାତି ଟିକେଟ ବିକ୍ରୀ କରିଦେବା ପାଇଁ ଭରତର ଶଳା ନେଲା ପଞ୍ଚାଶେ ଟଙ୍କା । ଅନ୍ୟମାନେ ମଧ୍ୟ ପଚାଶେ ନେଇଗଲେ । ଲାଇଟ୍ ଖରଚ ପ୍ରାୟ ଶହେ ଟଙ୍କା ଆଉରି ବାକି ରହିଛି । ସେ ଟଙ୍କା ସାତ ଶ' ଆଖି ପିଛୁଳାକେ ଉଡ଼ିଗଲା, ଆମେ ଦି'ଟା ମନୁଷ୍ୟ ଏଠିକି ଆସିଲାଠୁ ଯାହା ଦୁଃଖକଷ୍ଟ ହେଲାଣି, ତୁମେ ବୋଲି ସିନା ଏ ଚନ୍ଦ୍ରାକାଣ୍ଟର ଜ୍ୱାଳା ସହ୍ୟ କରୁଚ । ସ୍ୱର୍ଣ୍ଣ ବାଦ୍ୟକାରଙ୍କ ଆଡ଼କୁ ଅଗ୍ରସର ହେବା ପରି ରହି କହିଲା, ଆପଣମାନେ ଆସିବା ପୂର୍ବରୁ ଗୋଟାଏ ଦେହଧାରୀ ଜୀବ ରୂପେ ଥିଲି, ଏଥିରେ ସନ୍ଦେହ ନାହିଁ । ସେ ଦିନର ଜୀବନରେ ଦୁଃଖ ନ ଥିଲା କି ସୁଖ ନ ଥିଲା । ଆପଣମାନେ ଆସି ମୋ ମଥାରେ ରଖିଦେଇଛନ୍ତି ଦୁଃଖସୁଖର ଭାର । ଏ ଭାର ବହନ କରି ମୁଁ ବଡ଼ ଆନନ୍ଦରେ ଅଛି ବାଦ୍ୟକାରେ ! ମତେ ଇମିତି ଦୁରବସ୍ଥାରେ ଛାଡ଼ିଦେଇ ତୁମେମାନେ ଚାଲିଯାଅ ନାହିଁ । ଏ କଥା ମୁଁ ବାରମ୍ବାର କହି କହିଆସିଛି । ଜୀବନରେ ତ ପିତାମାତାଙ୍କୁ ଦେଖି ନାହିଁ । ଆପଣ ହିଁ ମୋର ପିତାମାତା—

ବାଦ୍ୟକାରେ ସ୍ନେହାବେଗରେ ସ୍ୱର୍ଣ୍ଣର ଚଉକି ଆଡ଼କୁ ଘୁଞ୍ଚିଯାଇ କହିଲେ, ମାଆ ଗୋ ମୋର, ତୁମ କଥା ଶୁଣି ମୋର ନିଃସନ୍ତାନ ମନ ଆଜି ପାଇଯାଇଛି ସନ୍ତାନର ପ୍ରତ୍ୟକ୍ଷ ସ୍ନେହ । ଜନ୍ମ ମୋର ସଫଳ ହୋଇ-ଯାଇଛି; କିନ୍ତୁ, ମା' ମୋର ! ମୁଁ ତୁମକୁ ବୁଝେଇ କହୁଛି, ସଂସାରରେ ସବୁ କାର୍ଯ୍ୟ ପାଇଁ ପଇସା ଲୋଡ଼ା । ବିଶେଷରେ, ଏ ଯେଉଁ ନାଟକ କାର୍ଯ୍ୟ, ଏଥିରେ ହଜାର ହଜାର ଟଙ୍କା କେଉଁ ବାଟଦେଇ ବ୍ୟୟ ହୋଇଯିବ, କିଛି ଜାଣି ହେବନାହିଁ । ମୋ ମାଆ, ମୋର ଏ କଥାଟି ଶୁଣ, ଅବୁଝା ମନକୁ ବୁଝେଇ ଦିଅ—

ସ୍ୱର୍ଣ୍ଣ ବାଧାଦେଇ କହିଲା, ସେଇ ନାଟକଦିନ ରାତିରୁ ହୃଦୟଟା ନିସ୍ତବ୍ଧ ହୋଇପଡ଼ିଥିଲା, ଆଜି ମୋର ଏ ଗୋଟାଯାକ ପ୍ରାଣରାଜ୍ୟ ମୁଖର ହୋଇଉଠିଛି ଆପଣଙ୍କର ସ୍ନେହସିକ୍ତ କଥା ପଦକରେ । ଜୀବନରେ ତ କେବେ କାହା ପାଖରେ ଅଳି କରିନାହିଁ । ଅନାଦୃତ ଅତିଥି ପରି ଆସିଥିଲି ମର୍ତ୍ତ୍ୟଜଗତକୁ । ତା ପରେ ଉଦାର ହୃଦୟ ଶ୍ୱଶୁର, ସ୍ନେହପ୍ରବଣା ଶାଶୁ, ପତ୍ନୀପରାୟଣ ପତିଙ୍କୁ ପାଇ କେବେ କୌଣସି ଗୋଟାଏ ଶାଢ଼ି କିମ୍ବା ଗହଣା ମାଗି ନାହିଁ । ଏଇ କେତେଦିନ ହେଲା ମନେହେଉଛି,—ମୁଁ ଆଉ ଥରେ ଜନ୍ମ ହୋଇଯାଇଛି ଆପଣଙ୍କ କନ୍ୟାରୂପେ । ଆପଣ ମୋର ଏ ତପ୍ତ ମଥାରେ ଯେଉଁ ସ୍ନେହସୁଧା ଧାରା ଢାଳି ଦେଇଛନ୍ତି, ତାହା କେବଳ ଅନୁଭବ କରିବା କଥା । ଆପଣ ମୋ ପ୍ରତି ଯେଉଁ ପବିତ୍ର ଶ୍ରଦ୍ଧା ଟିକି ରଖିଛନ୍ତି, ତାହା କଅଣ ଇମିତି ମୁହଁର କଥାରେ ପ୍ରକାଶ କରି ହେବ ? ଆପଣ ଜାଣନ୍ତି, ନାଟକ ଅନୁଷ୍ଠାନଟି ସ୍ଥାୟୀ କରି ରଖିବା ନିମନ୍ତେ ମୋ ମନ କାନ୍ଦି ଉଠୁଛି ନିରନ୍ତର । ଧନ ଧାନ୍ୟ ! ଧନ ଧାନ୍ୟ ସମ୍ପତ୍ତି ରଖି କିଏ କେଉଁଠି ସାଥିରେ ନେଉଛି ? କେହି ଯେତେବେଳେ ମଲାବେଳକୁ କିଛି ହେଲେ ନେଉ ନାହିଁ, ଆମେ କଅଣ ନେଇପାରିବା ? ଅବଶ୍ୟ ଆର୍ଥିକ ଅବସ୍ଥା ସହିତ ଜଡ଼ିତ ହେବାକୁ ପଡ଼ୁଛି । ତଥାପି ଆମେ ଗୋଟାଏ ବିଶ୍ୱାସ ରଖି କର୍ମକ୍ଷେତ୍ରରେ ଠିଆହେବା । ସୃଷ୍ଟିକର୍ତ୍ତା ଯେତେବେଳେ ସଂସାରକୁ ଆଣିଛି, ସେ ହିଁ ଆମମାନଙ୍କୁ ଦୁଃଖସଙ୍କଟରୁ ପରିତ୍ରାଣ କରିବେ । ସେଇ ସ୍ରଷ୍ଟା ହିଁ ତ ଆପଣଙ୍କୁ ମୋ ପାଖକୁ ଆଣି ଦେଇଛନ୍ତି । ମନେହେଉଛି, ସେ ହିଁ ଏ ପୁରୁଣା ଦେହରେ ନୂତନ ଶକ୍ତି ନୂତନ ପ୍ରାଣ ସଞ୍ଚାର କରେଇଛନ୍ତି । ମନ ଭିତରେ ଏଡ଼େ ବଡ଼ ଆଶା ଜାଗ୍ରତ ହୋଇଉଠୁଛି ଯେ ନିଜକୁ ଜଣେ କବି ବୋଲି ମଧ୍ୟ ସମୟେ ସମୟେ ଭାବିଦେଉଛି । ସେ ସମୟରେ ବାଲ୍ମୀକି କିମ୍ବା ବ୍ୟାସ ଚିରକାଳର ମନୁଷ୍ୟ ହୋଇ ରହିବେ ବୋଲି ତ ଲେଖିଲାବେଳକୁ ଭାବି ନ ଥିଲେ । ମୋର ମଧ୍ୟ ବିଶ୍ୱାସ ହୋଇଯାଉଛି,

ଆପଣମାନେ ମୋର ଏ ସାମାନ୍ୟ ଘର ସଂସାରର କଥା ଶୁଣି ଆନନ୍ଦ ଅନୁଭବ କରୁଛନ୍ତି । ବର୍ଷ ବର୍ଷ ହୋଇ ଯୁଗ ବିତିଯିବ । ଯେଉଁ ସମୟରେ ଆପଣମାନେ ନ ଥିବେ କି ମୁଁ ନ ଥିବି, ଆପଣମାନଙ୍କ ହସ୍ତରୁ ନେଇ କନ୍ୟା ମୋର ମନଟି ନେଇ କେତେ ଜଣ ମନୁଷ୍ୟ ପୁନଃ ପୁନଃ ମର୍ତ୍ତ୍ୟମାଟିରେ ଜନ୍ମ ହେବେ । ମୋର ନାଟକ ପଢ଼ିବେ । ମୁଁ ମଧ୍ୟ ବ୍ୟାସ, ବାଲ୍ମୀକିଙ୍କ ପରି ମନୁଷ୍ୟ ହୃଦୟରେ ରହିଯିବି ଚିରକାଳ ପାଇଁ । ବ୍ୟାସଦେବଙ୍କ ନାୟକ ଧର୍ମରାଜଙ୍କ ପରି ମୋର ଏଇ 'ନିଷ୍ପତ୍ତି'ର ସାମାନ୍ୟଟି ବ୍ରଜ ମହାପାପ୍ର ବୈକୁଣ୍ଠର ବିଷ୍ଣୁଙ୍କୁ ଦର୍ଶନ କରିବା ଆଶାରେ ସାଂସାରିକ ସକଳ ବାସନା ବର୍ଜନ କରି ଦେଇ ଗ୍ଲାଲଛନ୍ତି ସେଇ ପଥରେ ! ଆପଣମାନେ ନାଟକଘର ଭାଙ୍ଗିଦେଇ ଚାଲିଗଲେ, ମୋର ଏ ଭାବନା ଶକ୍ତି ଏକା ଥରକେ ମରିଯିବ । ପ୍ରତିଦିନ ସକାଳ-ସନ୍ଧ୍ୟାରେ ଏଇ ଯେ ଗୀତବାଦ୍ୟର ଗୁଞ୍ଜନ ଧ୍ୱନି ଶୁଣୁଛି, ଏଇ ଧ୍ୱନି ସ୍ୱର୍ଗପୁରରୁ ଭାସିଆସି ମୋର ଅନ୍ତର ଆତ୍ମାକୁ ଉଦ୍‌ବୋଧିତ କରୁଛି ବାଦ୍ୟକାରେ ! ଜନ୍ମ ହେବାଠୁ ଆଜି ପର୍ଯ୍ୟନ୍ତ ଯାହା କରିଛି, କହିଛି, ଶୁଣିଛି, ସବୁ ଗତ ଜନ୍ମର ଘଟଣା ବୋଲି ମନେହେଉଛି । ଏଇ ମୋର ନବଜନ୍ମ ଲାଭ ଏ କଥା ଆପଣମାନଙ୍କଦ୍ୱାରା ତ ଘଟିଛି !

ସ୍ୱର୍ଣ୍ଣର କଥା ଶୁଣି ବାଦ୍ୟକାରଙ୍କ ଆଖି ହୋଇଗଲା ସଜଳ । ସେ ଆବେଗରେ ହିଁ କହିଲେ, କଅଣ ଆଉ କରିବ ? ବିଧାତା ଯଦି ଇମିତି ଖାଲି ହାତରେ ଜନ୍ମ ନ ଦେଇ ଏ ହାତରେ ଟଙ୍କା କେତୋଟା ଗୁଞ୍ଜି ଦେଇ ଜନ୍ମ ଦେଇଥାନ୍ତା, ନାଟକ ସଂସ୍ଥାଟାକୁ ଧରି ରଖିବା ପାଇଁ ହାତ ବଢ଼ାନ୍ତି—

ସ୍ୱର୍ଣ୍ଣ କଅଣ କେଜାଣି କହିବାକୁ ଯାଉଥିଲା, ସୁର-ମାଷ୍ଟ୍ରେ ପ୍ରବେଶ କରି କହିଲେ, ଶୁଣୁଛନ୍ତି ଆଜ୍ଞା, 'ଧ୍ରୁବ'ର କଥାରେ ଆଉ ଗୋଟାଏ ଦୁଇଟା ଦୃଶ୍ୟ ଯୋଡ଼ିବାକୁ ପଡ଼ିବ । ରାଜା ଉତ୍ତାନପାଦ ସୁରୁଚିଙ୍କୁ ଦେଖିବା ଆଗରୁ କମିତି ସୁଖଶାନ୍ତିରେ ରାଜ୍ୟ ଶାସନ କରୁଥିଲେ । ସୁନୀତିଙ୍କ ସହିତ ତାଙ୍କର ନିବିଡ଼ ପ୍ରେମ ଇତ୍ୟାଦି ବିଷୟରେ ଲେଖିଦେବେ । ନାଟକରେ ସାମାନ୍ୟ ମାତ୍ରାରେ ହାସ୍ୟରସ ରଖିବା ଆବଶ୍ୟକ । ସୁରୁଚିଙ୍କ ଭାଇ ଆଉ ତାଙ୍କର ସହଚର ଅନୁଚରଙ୍କୁ ନେଇ ପାରିଲେ କିଛି ହେଲେ ଲେଖି ଦିଅନ୍ତୁ ।

ବାଦ୍ୟକାରେ ମଥା ଟେକି ସୁରମାଷ୍ଟ୍ରଙ୍କୁ ଅନେଇ କହିଲେ, 'ନଳଦମୟନ୍ତୀ' କଥା ମାଆ ଲେଖିଛନ୍ତି, ସେଇ ଖଣ୍ଡିକ କରିଦେବା । ମୁଁ ଏଇକ୍ଷଣି ନାଟକ କଥା ନେଇ ମାଆ ଲକ୍ଷ୍ମୀଙ୍କୁ ବୁଝେଇ କହୁଥିଲି—

କଥାଟାକୁ ଲଘୁ କରି ଆଣି ସ୍ୱର୍ଣ୍ଣ କହିଲା, ଆପଣ-ମାନେ ମତେ ଆରମ୍ଭରୁ ହିଁ କଥା ଦେଇଛନ୍ତି, ମୋର ସବୁଗୁଡ଼ିକ ଲେଖା ଅଭିନୀତ ହେବା ପରେ ହିଁ ଏଠୁ ଯିବେ ବୋଲି । ନିଜ କଥା ଏବେ ଭୁଲିଗଲେ ତ ଚଳିବନାହିଁ ! ସୁରମାଷ୍ଟ୍ରେ ହସିଦେଇ କହିଲେ, ଆପଣଙ୍କର ସବୁଗୁଡ଼ିକ ନାଟକ ଇତିମଧ୍ୟରେ ହୋଇଯିବ ଆଜ୍ଞା ! 'ଧ୍ରୁବ' ତ ପୁଣି ଅଭିନୀତ ହେବ । ତା ପର ଦିନ 'ନଳଦମୟନ୍ତୀ' ହୋଇଯିବ । ସେତିକରେ ତ ଶେଷ । ଆଉ ତ କିଛି ଲେଖିନାହାନ୍ତି । ସ୍ୱର୍ଣ୍ଣ ହସ୍ତ ହୋଇଉଠି କହିଲା, ଏଇ ତିନିଖଣ୍ଡି ମାତ୍ର ନାଟକ ମୁଁ ଲେଖିଛି ! ଆହୁରି ତ ଥିବ । ଏଇ ତ ମୋର ମନେ ପଡ଼ୁଛି । 'ମୋ କଥା', 'ଦାନପତ୍ର', 'ନବଜନ୍ମ', 'ସଂସାର-ସାଗର' ଏ ସବୁଗୁଡ଼ିକ ତ ଆପଣ ଦେଖିଛନ୍ତି ।

ବାଦ୍ୟକାରେ ମୁଣ୍ଡ ହଲେଇ କହିଲେ, ନାଟକ-ଗୁଡ଼ିକ ପଢ଼ାହୋଇଛି ଯେ; ମାଷ୍ଟ୍ରଙ୍କ ଭାବନା କଅଣ ହୋଇଛି ଜାଣିଛ ମାଆ ! ନାଟକ ଖଣ୍ଡିଏ ଥରେ ସେ ପଢ଼ିଦେଲେ, ମଞ୍ଚସ୍ଥ ହୋଇଗଲା ବୋଲି ତାଙ୍କର ମନେହେଉଛି । ହଇ ହେ ମାଷ୍ଟ୍ରେ, ଆମେ କଅଣ ସତରେ ଏଇ ନାଟକ କେତୋଟାର ଅଭିନୟ କରାଇ ଦେଇ ପାରିବାନାହିଁ ?

ସୁରମାଷ୍ଟ୍ରେ ଟିକିଏ ଗମ୍ଭୀର ହୋଇ ଯାଇ କହିଲେ, କରିଦେଇ ପାରିବା ନାହିଁ କାହିଁକି ବାଦ୍ୟକାରେ ! ମୋ ମନର ସବୁ କଥା ତ ତୁମେ ଜାଣିଛ, ମତେ ଆଉ ସେ କଥା ପଚାରୁଛ କାହିଁକି ? ନାଟକରେ ନୃତ୍ୟଗୀତର

ଅଭାବ ହେଉଛି ବୋଲି ଦର୍ଶକ କହୁଛନ୍ତି, ଆମର 'ନଳଦମୟନ୍ତୀ'ରେ ଇମିତି କେତୋଟି ଦୃଶ୍ୟ ରଖିବାକୁ ହେବ, ଯେଉଁଥିରେ ନୃତ୍ୟର କିଛି ଗୋଟାଏ ସମନ୍ୱୟ ରହିବ। ଭୁବନେଶ୍ୱର ଆଉ ବିଦ୍ୟାଧରଙ୍କୁ ନାଚଟା ଶିଖେଇଦେବ। ସେମାନେ ଗୋଟାଏ ସପ୍ତାହରେ ନାଚ ଶିଖିଯିବେ। ଆପଣ ତ ଆଜ୍ଞା ସେମାନଙ୍କର ନାଚ ଦେଖିଛନ୍ତି, ଆଉ କେତେଟା ମୁଦ୍ରା ଆଉ ମୁଖଭଙ୍ଗୀର ଶିକ୍ଷା ଦେବାକୁ ହେବ।

ବାଦ୍ୟକାରେ ଅଧୈର୍ଯ୍ୟ ହୋଇ କହିଲେ, ହଁ ହେ ମାଷ୍ଟ୍ରେ, ତମେ ତ ଏକାଦିନକେ ସବୁ କରିଦେବ ! ଦେଉଳ ଭିତରେ ରହି ଚେଲା କହିଲା ପରି କହିଯାଉଛ, ଏକା ଶିଙ୍ଗରେ ପର୍ବତ ଟାଳିଦେବ, ଆଉ କଅଣ !

ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ଆଡ଼କୁ ଅନେଇ କହିଲେ, ଆଜି ତୁମର ଆବେଗଟା ଅବସାଦରେ ପରିଣତ ହୋଇଯାଇଛି ବାଦ୍ୟକାରେ ! ବସାକୁ ଯାଇ ରାତିଟା ବିଶ୍ରାମ ନେଇଯିବା, କଅଣ କହୁଛ ? ତିନି ଦିନ ହେଲା, ଆମେ ଅଭିନେତା ଖୋଜିବାରେ ବ୍ୟସ୍ତ। ରାତିରେ ଶୋଇନୁ କି ଦିନରେ ଖାଇନାହୁଁ। ବାଦ୍ୟ-କାରେ ଠିଆହୋଇଯାଇ କହିଲେ, ଭଲ କଥାଟିଏ ମନେପକେଇ ଦେଲ ମାଷ୍ଟ୍ରେ ! ଦେହ ମୁଣ୍ଡ କମିତି ଝିଣିଝିଣିଆ ଲାଗୁଛି। କେଉଁଠି ହେଲେ ଦେହଟାକୁ ଲେଟେଇ ଦେବା। ଚାଲ ଏଥର।

'ନଳଦମୟନ୍ତୀ' ଖାତାଗୁଡ଼ିକ ଦିଅନ୍ତୁ ଆଜ୍ଞା ! ରାତିରେ ପଢ଼ି ନ ପାରିଲେ, ଭୋରରୁ ଉଠି ହେଲେ ଦେଖିବା।

× × × ×

ସେଦିନ ରାତିରେ ଲେଖିବାକୁ ନ ବସି ଖାଇକା ପରେ ହିଁ ଶୋଇପଡ଼ିଥିଲା ସ୍ୱର୍ଣ୍ଣ। ଘର ପାଖର ଶଙ୍ଖ ଧ୍ୱନିରେ ନିଦ ତାର ଭାଙ୍ଗିଗଲା। ସିମିତି ସେ ଶେଯରେ ଶୋଇ ଭାବୁଥିଲା ଗତ ରାତିର କଥା। ରାତିରେ କିଛି ହେଲେ ନ ଲେଖି ଶୋଇପଡ଼ିଲା କମିତି ସେ ! ଲୁଚି ଧାଡ଼ି ଲେଖି ଦେଇଥିଲେ ସକାଳୁ ଉଠି ଆଉ କିଛି ମିଶେଇ ଦେଇଥାନ୍ତା। 'ପ୍ରତ୍ୟାବର୍ତ୍ତନ'ଟି ଏ ପର୍ଯ୍ୟନ୍ତ ଶେଷ ହେଲାନାହିଁ, ହୁଏ ତ ସେ ଆଉ ଏ ଲେଖା ଶେଷକରି ପାରିବନାହିଁ। କେତେବେଳେ ନିମିଷକ ପରି ଦିନ, ମାସ, ବର୍ଷ ମିଶିଯାଉଛି କାଳଗର୍ଭରେ। ଏଇ ତ କ୍ଷଣକପୂର୍ବେ କାଳ ତାର ଜୟଧ୍ୱନି କରିଗଲା, ପୁଣି ପ୍ରଭାତ ଗୋଟିଏ ଆସିଗଲା ବୋଲି। ଏତିକି-ବେଳେ ସେପାଖ ପଡ଼ିଶା ଘରଆଡ଼ୁ ଶୁଭିଲା ପାଡ଼ିଆଣୀଙ୍କ କରୁଣ ବିଳାପ ଧ୍ୱନି। ସ୍ୱର୍ଣ୍ଣ ବିଛଣାରୁ ଉଠିଯାଇ ଠିଆହେଲା ଅଗଣାରେ। ବିକଳ କାନ୍ଦୁଣୀ ଶୁଭିଲା ଆହୁରି ସ୍ପଷ୍ଟ ହୋଇ। ପାଡ଼ିଆଣୀଙ୍କର କେତେ ଗୁଡ଼ିଏ ସନ୍ତାନ ଜନ୍ମହେବା ପରେ ପରେ ହିଁ ମୃତ୍ୟୁ ମୁଖରେ ପଡ଼ିଯାଇଛନ୍ତି। ତାଙ୍କର ପଞ୍ଚମ କନ୍ୟା-ସନ୍ତାନଟି ମାତ୍ର ସପ୍ତାହ ଗୋଟିଏ ବଞ୍ଚିଥିଲା। ତା ପରେ ଆଉ ଦୁଇଟି ପୁତ୍ରସନ୍ତାନ, କେଉଁଟି ଦିନେ, କେଉଁଟି ଦୁଇଦିନ ମାତୃକୋଳରେ ରହି ଚାଲିଯାଇଥିଲେ। ସେଇ ପୁତ୍ରକନ୍ୟାଙ୍କ ରୂପ ଏବଂ ଗୁଣ ସ୍ମରଣ କରି ଇମିତି ଭୋରରୁ ଉଠି ସେ କାନ୍ଦନ୍ତି। ଏତେ ଧନସମ୍ପତ୍ତି କିଏ ଖାଇବ ? କିଏ ଭୋଗକରିବ ସୁନା ରୁପାର ଏତେ ଗହଣାଗାଣ୍ଠି ? ଏତେ ବଡ଼ କୋଠାଘରେ କିଏ ରହିବ ? ଏତେଗୁଡ଼ିଏ-ପେଡ଼ି ସୂଟିକାରେ କିଏ ଜିନିଷ ସାଇତି ରଖିବ ? ଝିଅଟିର ଏକୋଇଶା, ଜନ୍ମଦିନ ଉତ୍ସବ କରିଥାନ୍ତେ। ପୁଅ ଥିଲେ ବ୍ରତ ହୋଇ ସାରନ୍ତାଣି। ଇମିତି କେତେ କଅଣ ବାହୁନି ବାହୁନି କାନ୍ଦୁଥିଲେ। ସେ କାନ୍ଦୁଣି ଶୁଣି ସ୍ୱର୍ଣ୍ଣର ମନରେ ଭରିଗଲା ଗଭୀର ସହାନୁଭୂତି। ସେ ଦୀର୍ଘନିଶ୍ୱାସ ଛାଡ଼ି ଭାବିଲା, ମନୁଷ୍ୟର କଳ୍ପନାର ଅନ୍ତ ନାହିଁ। କେବେ କେଉଁ ଅର୍ଦ୍ଧମୃତ ଶିଶୁଟି ଜନ୍ମ ହୋଇଥିଲା, କେଉଁଟି ବା ବିକଳାଙ୍ଗ, କେଉଁଟା ଦି' ଚାରି ଦିନ ବଞ୍ଚିଥିବ। ସନ୍ତାନହରା ଜନନୀଟି ଶୋକ କରୁଛି ସକାଳ ହେଉ ହେଉ। ପ୍ରଥମ ପ୍ରହରରେ ନିଦ ଭାଙ୍ଗିଗଲାପରେ ସମ୍ଭବତଃ ସେ ଆଉ ଶୋଇନାହିଁ।

ବିଶୁ ବାଡ଼ିପାଖ ଆଡ଼ୁ ଆସି କହିଲା, କଅଣ ଶୁଣୁଚ ମା ? କେବେ ସାଆଁଙ୍କର ମଲା ପିଲାଟେ ଜନ୍ମ ହୋଇଥିଲା ଯେ, ତାକୁ ଧନମଣି, ଧନମଣି ବୋଲି ଗୁଣି

ବାହୁନା ହେଉଛି । ସ୍ତ୍ରୀଙ୍କ ଟଙ୍କା ସୁନା କିଏ ଭୋଗ-କରିବ ବୋଲି ଶୋକ କରୁଚନ୍ତି ! ଅଣ୍ଟାକୁ ଗୁରିଟା ମାଛ କିଣିବେ, ଆଉ ଗୁରିଟା ଲାଭ ଆଣିବେ ମାଗି ମାଗି । ସ୍ୱର୍ଣ୍ଣ ବଶୁର ଆବେଗରେ ବାଧା ଦେଇ କହିଲା, ମନୁଷ୍ୟ କିଁ ଅତିରିକ୍ତ କରି ସବୁ କଥା କରେ ବଶୁ ! ପଶୁପକ୍ଷୀ ସିନା ପ୍ରକୃତିର ପଛରେ ଭଲି ନିୟମିତ ଭାବରେ ଜୀବନଯାପନ କରନ୍ତି । ମନୁଷ୍ୟ ଯେତିକ ତାର ପ୍ରୟୋଜନ, ସେତିକରେ ତୃପ୍ତ ନ ହୋଇ ଅତି ଅଧିକ କିଛି ଗୋଟାଏ କରିବାକୁ ସର୍ବଦା ପ୍ରୟାସ କରେ । ଏଇଠି, ଆମ ଘରେ ତ ଦେଖୁଛୁ ନାଟକ ଗୋଟାଏ ଚଳେଇବା ଶକ୍ତି-ସାମର୍ଥ୍ୟ ନ ଥିଲେ ମଧ୍ୟ ଆମେ ସେଇ ନାଟକ କାର୍ଯ୍ୟକୁ ଜାବୁଡ଼ିଧରି ବସିଛେ ।

ସ୍ୱର୍ଣ୍ଣର ସେଇ 'ଆମେ' ବୋଲି କହିବା ଆତ୍ମୀୟତାରେ ବଶୁର ମନ ପୂରିଉଠିଲା ଗଭୀର ଶ୍ରଦ୍ଧାରେ । ସେ କହିଲା, ତମ କଥା ଆଉ ତାଙ୍କ କଥା ଭୁଲିବ କିଏ ମାଆ ? ଆମର ଏଇଟା କେଡ଼େ ବଡ଼ କଥା ହଉଚି । ମାଷ୍ଟ୍ରେ ସେ ଦିନ କଉଥିଲେ, ଅଡ଼ାକରା କୁଣିଆଁ ପରି ମାଆ ଏ ସଂସାରେ ଜନ୍ମ ହୋଇଥିଲେ ସିନା; ମାତ୍ର ତାଙ୍କ କାର୍ଯ୍ୟ ତାଙ୍କୁ ଅମର କରି ରଖି-ଦେବ । ସତେ ହେ ମାଆ ! ମାଷ୍ଟ୍ରେ ହେଉଣିକା ପଳେଇବେ ବୋଲି ଭାବିଲେ ମନଟା କାନ୍ଦିଉଠୁଛି । ତମ କଥା ତ ମାଆ ପୁରାଣ ପରି ସବୁ ଦିନକୁ ରହିଯିବ, ତାଙ୍କ କାହାଣୀ କିଏ ରଖିବ ?

ଏତିକିବେଳେ ପରମାନନ୍ଦ ବାହାର ଆଡ଼ୁ ଆସୁ ଆସୁ କହିଲେ, ପେଣ୍ଡ୍ରେଲ ଆଡ଼େ ଯାଇଥିଲି । ତୁମର ନାଟକ ଅନୁଷ୍ଠାନଟି କିମିତି ସ୍ଥାୟୀ ହୋଇ ରହିବ ମୁଁ କେବଳ ସେଇ କଥା ଭାବୁଛି । ସେଇଦିନଠୁ କହି ଆସୁଛି. ହାଟପାଳି କି ହାଟପଳି ସକାଳେ ଆଉ ସନ୍ଧ୍ୟାରେ ଦୁଇଟି ହାସ୍ୟରସ ଥିବା ଛୋଟ ନାଟକ ଅଭିନୟ କରାଇଦେଲେ, ସପ୍ତାହକୁ ଅତି କମ୍‌ରେ ଶହେ ଟଙ୍କା ନିଶ୍ଚୟ ଲାଭହେବ । ସୁରମାଷ୍ଟ୍ରେ ମଧ୍ୟ ମୋ ସହିତ ଏକମତ । ବର୍ତ୍ତମାନ 'ନଳଦମୟନ୍ତୀ' ରିହାର୍ସଲ କରିବା କଥା କହୁଥିଲେ ।

ସ୍ୱାମୀଙ୍କ କଥା ଶୁଣୁ ଶୁଣୁ ସ୍ୱର୍ଣ୍ଣର ମନେପଡ଼ିଗଲା, ବାଦ୍ୟକାରଙ୍କ ବିକଳ ଆବେଦନ । "ମୁଁ କେବଳ ଗୋଟିଏ କଥା ଭାବୁଛି । ଆମେ ବଡ଼େ କି ଅଶୁଭ କ୍ଷଣରେ ତୁମ ପାଖକୁ ଆସିଥିଲୁ ! ସେହିଦିନଠୁ ତୁମେ ଯେତେ ଦୁଃଖ-ନିର୍ଯ୍ୟାତନା ସହ୍ୟକରି ଆସିଲଣି, ସେ କଥା ଲେଖିଲେ ଗୋଟାଏ ବଡ଼ ଉପନ୍ୟାସ ହେବ ।"

ପରମାନନ୍ଦ ସ୍ୱର୍ଣ୍ଣକୁ ତୁନିହୋଇ ରହିବା ଦେଖି କହିଲେ, ଟଙ୍କାପଇସାର ଅଭାବରେ ଯଦି ଚିନ୍ତା କରୁଥିବ, ମୁଁ ଆଉ କିଛି କରିପାରିବି ନାହିଁ । କାରଣ ଏ ଘରର କୌଣସି କାର୍ଯ୍ୟରେ ମୁଁ ଆଜି ପର୍ଯ୍ୟନ୍ତ ହାତ ଦେଇନାହିଁ । ବାପା ତୁମ ଉପରେ ଯେଉଁ ଭାର ଦେଇ ଯାଇଥିଲେ, ତୁମ ମଥାରୁ ସେ ଭାର ଓହ୍ଲେଇବା ଚେଷ୍ଟା ମୁଁ କେବେ କରିନାହିଁ । ତୁମର ଯିମିତି ଇଚ୍ଛା ହେବ ସିମିତି ଏ କାର୍ଯ୍ୟ କରିଯିବ ।

ସ୍ୱର୍ଣ୍ଣର ଭୟହେଲା, ଏଇ ଆର୍ଥିକ ଅବସ୍ଥା କଥା ଯଦି ସ୍ୱାମୀଙ୍କୁ କହେ, ଏଥିରେ ତାର ଦୁଃଖ ହେଉଛି ବୋଲି ଯଦି ସେ ଜାଣନ୍ତି, କୌଣସି ଚିନ୍ତା ନ କରି ଏଇ ମୁହୂର୍ତ୍ତରେ କହିଦେବେ, "ନାଟକ ଚିନ୍ତା ଛାଡ଼ିଦିଅ, ନାଟକୀୟ ଲୋକ ଦୁଇଟା ନିଜ ନିଜ କାର୍ଯ୍ୟରେ ଯାଆନ୍ତୁ । କି ଆବଶ୍ୟକ ଅଛି ଏତେ ଚିନ୍ତା କରିବାକୁ ?" ଚିନ୍ତା କରୁକରୁ କଅଣ ଗୋଟାଏ କହିବାକୁ ଯାଉଥିଲା ସେ । ପରମାନନ୍ଦ କହିଲେ, ଇମିତି ଅସ୍ଥିର ହେଲେ ତ ଚଳିବନାହିଁ । ଭଲ ଘରେ ବସି ଧୀର ସ୍ଥିର ଭାବରେ ସବୁ ଆଲୋଚନା କରିବା । ତୁମେ ଦେଖୁଛ—ଦୁଇ ଦୁଇଟା ଅଭିନେତା ତୁମର ଏ କାର୍ଯ୍ୟ ହେବ ବୋଲି ସବୁ କାର୍ଯ୍ୟ ଛାଡ଼ି ଏଠି ପଡ଼ିରହିଛନ୍ତି । ଏ କଥା କହି ପରମାନନ୍ଦ ସ୍ୱର୍ଣ୍ଣର ହାତ ଧରି ନେଇ ବସେଇଦେଲେ ଖଟ ଉପରେ । ସ୍ୱର୍ଣ୍ଣ ସ୍ୱାମୀଙ୍କ କୋଳରେ ମଥାରଖି ଆବେଗଜଡ଼ିତ କଣ୍ଠରେ କହିଲା, ତୁମେ ଯେ ମୋର ପରମପୂଜ୍ୟ; ନିରାଶ୍ରୟାର ଆଶ୍ରୟ । ତୁମର ଆଦେଶ ଯେ ମୋର ପରମାତ୍ମାଙ୍କ ଆଦେଶ । ତୁମର ଆଦେଶକୁ ଶିରୋଧାର୍ଯ୍ୟ କରି ମୁଁ ସାହିତ୍ୟ ସାଧନା ରୂପକ ଅସାଧ୍ୟ କାର୍ଯ୍ୟ ସୁସାଧ୍ୟ କରିବାକୁ ପ୍ରୟାସ

କରୁଛି । ଥରେ ଥରେ ଭାବନା ଆସିଯାଉଛି କଅଣ ଥିଲି, ସତରେ ! ଆଉ କଅଣ ହେବାକୁ ଯାଉଛି ? ଶ୍ୱଶୁର ସ୍ନେହପ୍ରବଣ ହୋଇ ମୋର ଏ ହୃଦୟ-କ୍ଷେତ୍ରରେ ଜ୍ଞାନବୀଜ ବୁଣିଦେଇଥିଲେ । ସେ ବୀଜ ଯେ ମରୁଭୂମିରେ ପଡ଼ିରହିଥିଲା । ତୁମେ ତା' ଉପରେ ସ୍ନେହାଶିଷଧାରା ଢାଳିନେଇ କେବଳ ଅଙ୍କୁରିତ କରି-ନାହିଁ—ପଲ୍ଲବିତ, ପୁଷ୍ପିତ ମଧ୍ୟ କରିଦେଇଛ । ମୁଁ ସେ ପୁଷ୍ପର ସୁଗନ୍ଧରେ ଆମୋଦିତ, ଆକୁଳିତ ହୋଇ ଗୁଣୁଗୁଣୁ କରି ଗୀତ ଗାଇ ଉଠୁଛି । ସେ ଗୀତର ଅର୍ଥ ମଧ୍ୟ ଜାଣିନାହିଁ । ତୁମେ ହିଁ ମତେ ଏ କର୍ମର ମହତ୍ତ୍ୱ ଅନୁଭବ କରିବାକୁ ଶକ୍ତି ଦେଇଛ, ଜୀବନସ୍ୱାମୀ ମୋର ! କିଛି ନ ବୁଝି ବୁଝୁଛି ସମସ୍ତ ବିଷୟ । କିଛି ନ ଜାଣି ଜାଣିପାରୁଛି ସେଇ ସର୍ବଶକ୍ତିମାନ୍ ପରଂବ୍ରହ୍ମଙ୍କୁ । ତୁମେ ମୋର ହାତ ଧରି ନେଇ ପହଞ୍ଚେଇ ଦେଇଛ ଆନନ୍ଦମୟ ନନ୍ଦନ ବନରେ ! ସେ ଆନନ୍ଦମୟ ରାଜ୍ୟରୁ ଫେରିଆସିବା ତ ସହଜ ନୁହେଁ ! ତେବେ ମଧ୍ୟ ମତେ ଫେରିଆସିବାକୁ ପଡ଼ିବ । ଫେରି ଆସିବା ହେଉଛି ତୁମର ଇଚ୍ଛା । ତୁମର ସେ ଇଚ୍ଛାଟି ସଫଳ ହେଉ ।

ପରମାନନ୍ଦ ମନ ଭିତରେ ଗୋଟାଏ ଦ୍ୱିଧା ରଖି ଏଇ ମୁହୂର୍ତ୍ତିକ ଆଗରେ କହୁଥିଲେ । ହୁଏ ତ ସେ ଭାବୁଥିଲେ, ଆର୍ଥିକ ଚିନ୍ତାରେ ସ୍ୱର୍ଣ୍ଣ ବ୍ୟସ୍ତ ହୋଇ-ଉଠିଲାଣି । ନାଟକର ଅଭିନୟ-ଜଞ୍ଜାଳ ଦୂରକୁ ଫିଙ୍ଗିଦେଇ ସେ ଟିକିଏ ନିଶ୍ଚିନ୍ତ ହୋଇ ରହୁ; କିନ୍ତୁ, ନିମିଷକ ଭିତରେ ସେ ଭାବନା କେଉଁଆଡ଼େ ଉଡ଼ି ଚାଲିଗଲା । ସ୍ୱର୍ଣ୍ଣର କଥା ଶୁଣି ମନ ତାଙ୍କର ହୋଇଗଲା ରସାପ୍ଳୁତ । ସେ ସ୍ୱର୍ଣ୍ଣଙ୍କୁ ଆନ୍ତରିକ ଆବେଗରେ ନିରେଖି ଭାବିଲେ, ସ୍ୱର୍ଣ୍ଣଠାରୁ ଅଧିକ ସୁନ୍ଦରୀ, ସମ୍ଭ୍ରାନ୍ତ ଘରର ଝିଅ ତ ଅନେକଙ୍କର ପତ୍ନୀ ହୋଇଅଛନ୍ତି; କିନ୍ତୁ, ଇମିତି ସୃଜନାଶକ୍ତିସମ୍ପନ୍ନା ଭାର୍ଯ୍ୟା କେଉଁଠି କାହାର ଅଛନ୍ତି ! କି ମୃଦୁ ମଧୁର ବଚନ ଏଇ ସ୍ତ୍ରୀ ବ୍ୟକ୍ତିଟିର । ଏହାର ସବୁ ଇଚ୍ଛା ସେ ଇଚ୍ଛାମୟ ହିଁ ପୂରଣ କରନ୍ତୁ । ଟଙ୍କାପଇସା ଧରି କେହି କେଉଁଠି ତ ସ୍ୱର୍ଗକୁ ଯାଉନାହିଁ । ଖାଇବା ପିଇବା ନେଇ ଅସୁବିଧା ଘଟିପାରେ । ତେବେ, ତୁମର ଆନନ୍ଦ ନିମନ୍ତେ, ତୁମର ଇଚ୍ଛାପୂରଣ ନିମନ୍ତେ ମତେ ନିଃସ୍ୱାର୍ଥପର ହେବାକୁ ହିଁ ଶିଖିବାକୁ ହେବ ! ଶ୍ରୁତିକବୋଉ !

ସ୍ୱର୍ଣ୍ଣ ଭାବାବେଶରେ ଆଖି ମୁଦି ରହି କହିଲା, ତୁମର ଏ ପ୍ରେମର ସ୍ପର୍ଶଟିକ ଯେ ମୋର ଜନ୍ମଜନ୍ମାନ୍ତରର ତପସ୍ୟାଲବ୍ଧ ଧନ, ପ୍ରିୟତମ ମୋର ! ପରମାନନ୍ଦ ସ୍ୱର୍ଣ୍ଣର ଲଲାଟ, ଚିବୁକ ଆଉ ଗଣ୍ଡଦେଶରେ ବାରମ୍ବାର କରି ଚୁମ୍ବନରେଖା ଅଙ୍କି ଦେଇ କହିଲେ—ଭଗବାନ ତୁମର ମନସ୍କାମନା ପୂରଣ କରନ୍ତୁ—ଏ ଆଶୀର୍ବାଦ ଦେଲାବେଳେ ତୁମକୁ ଆଉ ଗୋଟାଏ କଥା କହୁଛି । ତୁମେ ହିଁ ମତେ ସାଂସାରିକ ସକଳ ଚିନ୍ତାରୁ ଦୂରରେ ରଖାଇ ଆସିଛ ଆଜି ପର୍ଯ୍ୟନ୍ତ । କମିତି ମୋର ସ୍ୱାସ୍ଥ୍ୟଟି ଭଲ ରହିବ, ରାତିର ନିଦ୍ରାରେ ଟିକିଏ ହେଲେ ବ୍ୟାଘାତ ଘଟିବ ନାହିଁ, ଶେଷ ପର୍ଯ୍ୟନ୍ତ ସେଥିରେ ଯେପରି କୌଣସି ବ୍ୟତିକ୍ରମ ନ ଘଟେ । ନିର୍ବିଘ୍ନରେ ନାଟକ ଦଳଟିଏ ଗଢ଼ିଉଠିଲେ ମୁଁ ଅତି ଆନନ୍ଦିତ ହୁଅନ୍ତି; କିନ୍ତୁ ଅବସ୍ଥା ଯେଉଁପରି ଦେଖାଯାଉଛି, କାର୍ଯ୍ୟ କିଛି ସହଜ ନୁହେଁ । ଏଥିରେ କଅଣ କଲେ ସବୁ ଦିଗରୁ ସୁବିଧା ହେବ, ମୁଁ ନିଜେ ସ୍ଥିର କରିପାରୁନାହିଁ । ତୁମେ ଏଇ କେତେ ମାସ ହେଲା ଏ ଭାର ଯିମିତି ବହନ କରିଛ, ସିମିତି ସହଜ ଭାବରେ ପାରିବ ଯଦି—

ସ୍ୱର୍ଣ୍ଣ ସହଜ ଭାବରେ ହିଁ ସ୍ୱାମୀପାର୍ଶ୍ୱରୁ ଉଠିଯାଇ ଠିଆହୋଇ କହିଲା, ମୁଁ ଜାଣେ, ତୁମେ ଟିକିଏ ନିଶ୍ଚିନ୍ତ ମଣିଷ । ମୁଁ ଆଜନ୍ମରୁ ଦୁଃଖ ସହ୍ୟକରି ଆସିଛି । ମୋର ବିଶ୍ୱାସ, ତୁମର ଆଶୀର୍ବାଦରେ କେବଳ ମୁଁ ଏ ଦୁର୍ବହ ଭାର ବହନ କରିପାରିବି ।

ପରମାନନ୍ଦ କଥା ଆରମ୍ଭ କରୁଥିଲେ ସ୍ୱର୍ଣ୍ଣ କହିବା ପରେ । ସୁରମାସ୍ତ୍ରେ ଆଉ ବାଦ୍ୟକାରେ କଅଣ ଗୋଟାଏ କଥା ନେଇ ତର୍କ କରି କରି ପ୍ରବେଶ କଲେ ଅଗଣା ଆଡ଼କୁ । ସ୍ୱର୍ଣ୍ଣ କହିଲା, ଦେଖିଲ, ଏମାନେ ଆସିଗଲେଣି । ମୁଁ ତ ଆଜିଯାଏ ମୁହଁ ମଧ୍ୟ ଧୋଇନାହିଁ ।

ତୁମେ ଟିକଏ କଅଣ ହେଲେ କଥାଭାଷା କରୁଥାଅ; ମୁଁ ଏଇକ୍ଷଣି ସ୍ନାନକରି ଚାଲିଆସିବି । ପରମାନନ୍ଦ କହିଲେ, ତୁମେ ମୁହଁ ଧୋଇ ଆସିବା ଯାଏ, ସେମାନେ ଗପ କରି କରି ବସିଥିବେ । ମୁଁ ଏଠି ବସିଛି । ଆଗ ତୁମେ ଚଞ୍ଚଳ ମୁହଁ ଧୋଇ ଚାଲିଆସିଲ । ସ୍ୱର୍ଣ୍ଣ ଗାଧୁଆଘରକୁ ଯାଇ ଦେଖିଲା, ଗରମ ପାଣି ରଖିଦେଇଛି ବିଶୁ । ଚଞ୍ଚଳ ଚଞ୍ଚଳ ଦାନ୍ତଘଷି ପକେଇ ପାଣି ଦି' ଡାଳ ଢାଳ ହୋଇ ପଡ଼ିଲା ଦେହରେ । ଗରମ ପାଣି ରଖିଦେଇଛି । ନ ଗାଧୋଇ ଥଣ୍ଡା କରିଦେଲେ ବିଶୁ ବିରକ୍ତ ହେବ । ଗାଧୋଇ ଆସି ଦେଖିଲା ପରମାନନ୍ଦ ବାରଣ୍ଡାରେ ନାହାନ୍ତି । ଏ ପାଖରେ ଠିଆହୋଇ ଶୁଣିଲା, ବିଶୁ ବାଦ୍ୟକାରଙ୍କ ସାଙ୍ଗରେ କଥା କହିଚାଲିଛି । ସେ ଲୁଗା ବଦଳେଇ ସାରି ବାରଣ୍ଡାକୁ ଯାଇ ଦେଖିଲା, ବିଶୁ ଚା' କପ୍ ଉଠେଇ ନେଇଯାଉଛି ।

ସ୍ୱର୍ଣ୍ଣକୁ ଦେଖୁ ଦେଖୁ ସୁରମାଷ୍ଟ୍ରେ କହିଲେ, ଅବସ୍ଥା ଇମିତି ହୋଇଛି ଯେ ଆଜ୍ଞା, ବସାକୁ ଯିବା ଯିବା ବୋଲି ଏଠୁ ଉଠି କରି ତ ପକେଇ ଯାଉନୁ । ତେଣେ ବସାରେ ବସି ମନେହେଉଛି—ସବୁ କାର୍ଯ୍ୟ ଏଠି ବାକି ପଡ଼ିରହିଗଲା । କଅଣ କହୁଥିଲି କି, ଏଥର ଭଲ ଦିନ-କ୍ଷଣ ଦେଖି 'ନଳଦମୟନ୍ତୀ' ରିହାର୍ସଲ ଆରମ୍ଭ କରିବା । ସ୍ୱର୍ଣ୍ଣର ମନରେ ଆଶା, ଉତ୍ସାହ, ଉତ୍ତେଜନା ନୂତନ ରୂପ ଧରି ଜାଗି ଉଠିଲା ପୁଣି । ସେ ହସି ହସି କହିଲା, ଭଲ ଦିନ-କ୍ଷଣ ଆଉ ଦେଖିବା କଅଣ ? ଜୀବନରେ ସବୁ ମୂହୂର୍ତ୍ତ ଆମ ପାଇଁ ମଙ୍ଗଳମୟ ମୂହୂର୍ତ୍ତ । ସବୁ ଋତୁ ଆମର ବସନ୍ତଋତୁ । ଏ ସୃଷ୍ଟି ଯେ ଆନନ୍ଦମୟ ! ସୁରମାଷ୍ଟ୍ରେ କହିଲେ, ଆପଣ ଆଜ୍ଞା; ବ୍ୟାସଦେବଙ୍କ ଅଂଶ ନେଇ ମର୍ତ୍ତ୍ୟକୁ ଆସିଛନ୍ତି । ଦୁଃଖସୁଖ, ଆନନ୍ଦ-ବିଷାଦ ସବୁ ସମାନ ଭାବରେ ଅନୁଭବ କରି ଗୁରୁଙ୍କ ସମତୁଲ ହେବାକୁ ବସିଲେଣି ।

ସ୍ୱର୍ଣ୍ଣ କହିଲା, ଯୁଧିଷ୍ଠିର ସ୍ୱୟଂ 'ଧର୍ମରାଜ' ବୋଲି ଖ୍ୟାତି ଅର୍ଜିଲେ । ଅବଶେଷରେ, ଅନୁତାପ କରି ଚାଲିଗଲେ ହିମାଳୟକୁ । ଭଗବାନ ଶ୍ରୀକୃଷ୍ଣ ଯେଉଁ ଯୁଦ୍ଧକାର୍ଯ୍ୟକୁ କ୍ଷତ୍ରିୟର କର୍ତ୍ତବ୍ୟ ବୋଲି ଏତେ କରି ବୁଝେଇ କହିଲେ, ଯାହା ଆଜି ପର୍ଯ୍ୟନ୍ତ ମନୁଷ୍ୟ ସମାଜକୁ କର୍ମର ପଥ ପ୍ରଦର୍ଶନ କରିଆସୁଛି, ସେଇ ଗୀତାର କଥା ଚିରକାଳ ମନୁଷ୍ୟ ଜାତିର ଆଦର୍ଶ ହୋଇ ରହିଥିବ । ସେଇ ଆଦର୍ଶ ପଥରେ ଗତିକରି ଯୁଦ୍ଧ କଲେ । ଜୟୀ ହେଲେ ଯୁଧିଷ୍ଠିର, ରାଜ୍ୟ ଜୟ କରି ସୁଖରେ ରହିବେ କଅଣ, ତାହା ନ କରି ପତିପୁତ୍ରହୀନ ପୁରନାରୀର ବିଳାପଧ୍ୱନିରେ ସେ କାତର ହୋଇ ରାଜ୍ୟସିଂହାସନ ତ୍ୟାଗକରି ଚାଲିଗଲେ—

ବାଦ୍ୟକାରେ କହିଲେ, ମୁଁ ତ ସେଇ କଥା କହୁଛି ମା,ଆଲକ୍ଷ୍ମୀ ! ଆମର ଅନୁତାପ ନ ହେବାପରି କାର୍ଯ୍ୟ କରିବା । ସୁରମାଷ୍ଟ୍ରେ ହସି ହସି ଲଘୁ ଭାବରେ କହିଲେ, ତୁମେ କି କଥା କହୁଛ ବାଦ୍ୟକାରେ ! ଯେଉଁ ଯୁଧିଷ୍ଠିର ଧର୍ମର ତତ୍ତ୍ୱ ସମ୍ବନ୍ଧରେ ଯକ୍ଷର ଘୋର ପ୍ରଶ୍ନର ଉତ୍ତର ଦେଇ ପାରିଥିଲେ, ସେ ସ୍ୱୟଂ ଇମିତି ଦୁର୍ବଳ ହୋଇପଡ଼ିଲେ ଯେ ଯୁଦ୍ଧ କଲେ ସେଥିରେ ଜ୍ଞାତି-ବନ୍ଧୁ ମରିବେ ବୋଲି ଜାଣିପାରି ନ ଥିଲେ । ଯାହାହେଉ, ବ୍ୟାସଦେବ ଏତିକି ଦେଖେଇ ଦେଇଛନ୍ତି ଯେ ଯୁଧିଷ୍ଠିର ଯେତେ ବଡ଼ ଧର୍ମପରାୟଣ,ସତ୍ୟନିଷ୍ଠ ଆଉ ସତ୍ୟବାଦୀ ହୁଅନ୍ତୁ ପଛକେ, ଆମରି ପରି ଜଣେ ମନୁଷ୍ୟ ଥିଲେ । ସ୍ତ୍ରୀ ଲୋକଙ୍କ କ୍ରନ୍ଦନ ଶୁଣି ବିଚଳିତ ହୋଇ ରାଜ୍ୟ ଛାଡ଼ି ଚାଲିଯାଇଥିଲେ । ରାଜ୍ୟରେ ରହି ଲୋକଙ୍କୁ ଭଲ ଉପଦେଶ ଦେଇ ଯିମିତି ଲୋକକ୍ଷୟ କରାଇଥିଲେ ସେମିତି ଲୋକସଂଖ୍ୟା ବଢ଼ାଇବାରେ ଲାଗିଥିଲେ, ପଠାଣଗୁଡ଼ାକ ଏ ଦେଶରେ ରାଜତ୍ୱ କରି ପାରି ନ ଥାନ୍ତେ । ଆମ ମାଷ୍ଟ୍ରେ ଗୋଟାଏ ଶ୍ଳୋକ ପଢ଼ି ଆମମାନଙ୍କୁ ତାର ଅର୍ଥ ବୁଝାଇ ଦେଇଥିଲେ । ସତରେ ସେ ବାକ୍ୟଗୁଡ଼ିକ ମତେ ବଡ଼ ଭଲ ଲାଗେ, ତୁମକୁ ତ କେତେଥର କହିଛି । "ଯସ୍ୟାତ୍ମା ବିରତଃ ପାପାତ୍ କଲ୍ୟାଣେ ଚ ନିବେଶିତଃ, ତେନ ସର୍ବମିଦଂ ବୁଦ୍ଧଂ ପ୍ରକୃତିର୍ବିକୃତିଶ୍ଚ ଯା"—ବୁଝିଲ ନା ବାଦ୍ୟକାରେ ! ଯାହାଙ୍କ ଆତ୍ମା ପାପରୁ ବିରତ ଏବଂ ଶୁଭକର୍ମରେ ନିବିଷ୍ଟ, ସେ ହିଁ ଅନ୍ୟର ଦୁଃଖସୁଖ

କଥା ଜାଣନ୍ତି, ବୁଝନ୍ତି । ମନୁଷ୍ୟ ଅନେକ ସମୟରେ ନିଜର ଇଚ୍ଛା ବିରୁଦ୍ଧରେ କେତେକ କାର୍ଯ୍ୟ କରି ଦେଇଥାଏ । ପରେ ସେ ତାର ପରିଣାମଟା ଜାଣେ । ସେ ଜାଣିବାଟି ହିଁ ତାକୁ ଜନ୍ମାନ୍ତରରେ ପହଞ୍ଚାଇ ଦିଏ ।

ବାଦ୍ୟକାରେ ଉଦାସୀନ ଭାବରେ ହିଁ କହିଲେ, ହଁ ମାଷ୍ଟ୍ରେ, ଏତେ କଥାର ମୂଳତତ୍ତ୍ୱ ହେଲା, ଯେଉଁ ଲୋକର ହଜେଇବା ଚେତନା ଆସେ, ସେ ହିଁ ଖୋଜି ବୁଲେ ଆଜୀବନ । ସେଇ କଥା ହିଁ ତ ମୁଁ କହୁଚି ବାଦ୍ୟକାରେ ! ଦେଖନ୍ତୁ ଆଜ୍ଞା, ଜଗତରେ କୋଟି କୋଟି ପରିବାର ପରମ୍ପରାର ପଥ ଅନୁସରଣ କରି ସହଜ ଭାବରେ ସେମାନଙ୍କର ଜୀବନଯାତ୍ରା ନିର୍ବାହ କରୁଛନ୍ତି; ସେଥିରୁ କେତୋଟା ଲୋକର ଜୀବନ କଥା ଲେଖାହୋଇ ରହିଛି କହିଲ ? ଅତିରିକ୍ତ କିଛି ଗୋଟାଏ ଘଟିଲେ ଯିନା ଜୀବନ-ଇତିହାସର ସୃଷ୍ଟି ହେବ ! କୈକେୟୀଙ୍କୁ ଆମେ ଗାଳିଦେଉ ରାମାୟଣ ଶୁଣୁ ଶୁଣୁ; କିନ୍ତୁ, ସେଇ ମନୁଷ୍ୟଟି ନ ଥିଲେ, ରାମାୟଣ ଗଢ଼ିଉଠି ନ ଥାନ୍ତା । ବାଦ୍ୟକାରେ କହିଲେ, ଏଥର ଉଠ ମାଷ୍ଟ୍ରେ ଯିବା । ଯିମିତି ହେଲେ ମାଆଙ୍କର 'ସାଗର-ତୀରେ' ଆଉ 'ନଳଦମୟନ୍ତୀ'ର ଅଭିନୟ କରାଇଦେଇ ତ ଯିବା । ଏଇ ତ ପାଖୁଟା, ମୁଁ ଯାଉଛି । ଭରତ ଆଉ ସହଦେବକୁ ଡାକି ନେଇ ଆସିବି । ସେ ଦି' ଜଣ ଆସିଲେ ତାଙ୍କ ସାଙ୍ଗକୁ ମହନା, ରାଜବ ନିଶ୍ଚୟ ଆସିଯିବେ । କଥା ହେଉଛି, ଏମାନେ ସମସ୍ତେ ଟଙ୍କା ମାଗିବେ ।

ସ୍ୱର୍ଣ୍ଣ ବାଧାଦେଇ କହିଲା, ଟଙ୍କା ନ ଦେଲେ କିଏ କାହିଁକି ଏଠିକି ଆସି ନାଚିବ ।

ସ୍ୱର୍ଣ୍ଣ କହିବା କଥାର କୌଣସି ଉତ୍ତର ନ ଦେଇ ସୁରମାଷ୍ଟ୍ରଙ୍କ ପଛରେ ଚାଲିଯାଉଥିଲେ ବାଦ୍ୟକାରେ । ସ୍ୱର୍ଣ୍ଣ ନୀରବରେ ଠିଆହୋଇ ଅନେଇ ରହିଥିଲା, ସେଇମାନଙ୍କ ଆଡ଼କୁ । ବାଦ୍ୟକାରେ ଦାଣ୍ଡଦୁଆର-ମୁହଁରେ ଠିଆହୋଇ କଅଣ ଭାବିଲେ କେଜାଣି, ଫେରିଆସି ଠିଆହେଲେ ଅଗଣାରେ । ସ୍ୱର୍ଣ୍ଣ ଆଡ଼କୁ ଅଗ୍ରସର ହୋଇ ଯାଇ କହିଲେ—ଟଙ୍କା ଦେଲେ ତ ସବୁ କଥା ହେବ । ଏଣେ ତୁମ ହାତରେ କିଛି ନାହିଁ । ଭଗବାନ ମତେ ମଧ୍ୟ ଇମିତି ଦରିଦ୍ର କରି ସୃଷ୍ଟି କରିଛନ୍ତି ଯେ ପେଟପିଠିର ଚିନ୍ତାରେ ଲୀଳାମୟୀଙ୍କୁ ମଧ୍ୟ ଭୁଲି ଯିବାକୁ ହେଉଛି । ତୁମକୁ ତ ମାଆ, ମାଆ ବୋଲି ଡାକିଲି, ଶିଶୁକନ୍ୟା ବୋଲି କହି ତୁମ ମଥାରେ ଅଜାଡ଼ିଦେଲି ସବୁ ସ୍ନେହାଶିଷ, ତେବେ ମଧ୍ୟ ମନରେ ଭଲେ ହେଲେ ଶାନ୍ତି ନାହିଁ । ଏ ଅସମୟରେ କାର୍ଯ୍ୟରେ ଲଗାଇବାକୁ ହାତରେ ଯଦି ପଇସା ଥାଆନ୍ତା !

କହୁ କହୁ ଆଖି ଦୁଇଟି ସଜଳ ହୋଇଗଲା ବାଦ୍ୟକାରଙ୍କର ।

ବାଦ୍ୟକାରଙ୍କ ବିକଳ ଭାବ ଦେଖି ସ୍ୱର୍ଣ୍ଣ ଭିତରେ ବ୍ୟସ୍ତ ହୋଇଉଠି ପୁଣି ସହଜ ହୋଇଯାଇ ଲଘୁଭାବରେ ହିଁ କହିଲା, ପଇସା ଆମେ ପାଇଯିବା ବାଦ୍ୟକାରେ ! ସୁନା ରୁପା ତ ଆହୁରି କିଛି କିଛି ଅଛି । ସେଗୁଡ଼ାକ ସାଇତି ରଖି ଆଉ କଅଣ କରିବା । ଆମର ଏ ଅସମୟରେ ସେ ସବୁ ବିକ୍ରୀ କରି କାର୍ଯ୍ୟରେ ଲଗାଇଦେବା ।

ବାଦ୍ୟକାରେ ଆଉ କଅଣ କହିବାକୁ ଆରମ୍ଭ କରୁଥିଲେ, ସୁରମାଷ୍ଟ୍ରେ ଦାଣ୍ଡ ପାଖରୁ ବାଟଘର ଆଡ଼ୁ ଡାକି କହିଲେ, ଅଧବାଟରୁ ଫେରି ପଳେଇ ଆସିଲ ବାଦ୍ୟକାରେ !

ବାଦ୍ୟକାରେ ଯିବା ପରେ ସ୍ୱର୍ଣ୍ଣ ଆନମନା ଭାବରେ ଉଠିଗଲା ପାଉଛରେ ଗୁଡ ଉପରକୁ । ସେପାଖେ ଗଣେଶ ଦାସଙ୍କ ଘର । ଅଗଣାରେ କେହି ନ ଥିଲେ । ତାଙ୍କର ଖାଇବାଘର ଆଡ଼ୁ କଥା ଶୁଭୁଥିଲା । ପିଲାଏ ଖାଇ ବସିଥିଲେ ବୋଧହୁଏ । ସେ ଆଡ଼କୁ ନ ଚାହିଁ ଚାଲିଗଲା ଅନ୍ୟ ପାଖକୁ । ପାଡ଼ୁଆଣୀ ତାଙ୍କ ଅଗଣାରେ ଶାଗ ବିକୁଳୁଣୀଠାରୁ ଶାଗ କିଣୁଥିଲେ । ସ୍ୱର୍ଣ୍ଣ ସେ ଆଡ଼କୁ ଅନେଇଁ ଦେଇ ଘୁଞ୍ଚି ଆସିଲା । ପଇସାଟାକର ଶାଗ କିଣୁଥିଲେ ପାଡ଼ୀଙ୍କ ସ୍ତ୍ରୀ । "ଆଉ ପୁଞ୍ଜିଏ ଦେ; କେତେ ରଙ୍କୁଣୀ ପରି ଗୋଟେ ଦି'ଟା ଛୁଆଁଇଦେଉଥିଲା ଶାଗ ବିକୁଳୁଣୀ

ପଇସାକର ଶାଗ ନବ ଯେ, ଲୁଭ ନେଲଣି ଆଉ ପଇସାକର ।

ସ୍ୱର୍ଣ୍ଣର ଅବସାଦଭରା ଅନ୍ତଃକରଣରୁ ବାହାରିଗଲା ଗୋଟାଏ ଦୀର୍ଘଶ୍ୱାସ । ଲୀଳାମୟ ସତରେ କି ଆଶ୍ଚର୍ଯ୍ୟ ଲୀଳା ଲଗାଇଛନ୍ତି ମନୁଷ୍ୟ ଜଗତରେ ।

ଶାଗ ପସାରଣୀ ଚାଲିଯିବା ପରେ ସ୍ୱର୍ଣ୍ଣ ଘରର କାନ୍ଥ ଆଡ଼କୁ ଘୁଞ୍ଚିଯାଇ ଦେଖିଲା, ପାଢ଼ୀଙ୍କ ସ୍ତ୍ରୀ ଅନେଇଁଛନ୍ତି ଉପରକୁ । ସେ ଚମକି ଉଠିଲା ପରି ହୋଇ କହିଲେ, କେତେ ଦିନ ହେଲା ଦେଖି ନ ଥିଲି । ଏବେ ତ ଆଉ ଉପର ଆଡ଼କୁ ଆସୁନ । କେତେବେଳେ ଟିକିଏ ଦେଖି ଦେଲେ ମାଆ, ଭଉଣୀ ପରି ଲାଗେ । ପେଟ ଭୁଝେଇ ଦୁଃଖସୁଖ ଗୁଡ଼ାଏ କହିଦିଏ । ସେ ଯେ ଭଉଣୀ, ସେ ତ ମୋର ଶତ୍ରୁ ହେ ଶୁକଦେଉ ! ବୋଲୁଚ, ତୋର ପୁଅଝିଅ ନାଇଁ, ମତେ ଦେଉ ଥା । ଶୁଣିଲ କଥା ! ଆଜି ମୋର ପିଲା ବୋଲି ମହାପ୍ରଭୁ କଲେ ଆଉ କେତେଟା ଦିନଗଲେ ହବ ନ କି ? ଆଖି ପୋଛିଦେଲେ ପାଢ଼ୀଙ୍କ ସ୍ତ୍ରୀ । ଆଉ ଥରେ ଆରମ୍ଭ କଲେ ସେ ଦିଅରର ଝିଅ ଶିରିପଞ୍ଚମୀ ଦିନ ବାହାହୋଇଚି । ମୋ ପିଲାଟି ଥିଲେ ବାହା ହୋଇଥାନ୍ତା । ଚମ୍ପାଫୁଲ ପରି ପରା ସେ ଝିଅ ହୋଇଥିଲା । ସେଇ ଗୋଟିକ ବଞ୍ଚିଥିଲେ, କୋଉଠୁ ଭଲ ପିଲାଟିଏ ଦେଖି ଘରଜୋଇଁ କରି ରଖି-ଦେଇଥାନ୍ତି । ଦୁଇଶ' ଭରଣ ଭୂମି । ଘର ତ ଏଇ ଦେଖୁଚ । ସେ ଦିଅର ତ ଏଇ ଆଡ଼କୁ ଅନେଇଁ ରଇଚି । ଆଖି ପୋଛିଦେଲେ ସେ ପିଠି ପାଖରୁ ଅଞ୍ଚଳଟାକୁ ଟାଣିଆଣି । ତମକୁ କାହିଁକି କହିବି ନାଇଁ ହେ ଶୁକଦେଉ ! ଆଉ ଥରେ ତିନ ମାସ ହେଲା ରହିଚି ଯେ, ପଞ୍ଚାନନ ବଇଦ କି ଔଷ ଗୋଟେ ଦେଲା, ଅଠର ଟଙ୍କା କଉଡ଼ି ଗଣିଦେଲି । ତମର ତାଙ୍କୁ କି ଔଷ-ମଉଷଧି ଦୋଉଚନ୍ତି, ଦି'ପାନ ହେଲେ ଦେଇଥାନ୍ତେ—

କଥା କହି ସାଉଥିଲେ ପାଢ଼ୀଙ୍କ ସ୍ତ୍ରୀ । ସ୍ୱର୍ଣ୍ଣ ଶୁଣୁ ଶୁଣୁ ଭାବୁଥିଲା, ଆଉ ଦେଖୁଥିଲା ତାର ପଡ଼ୋଶିମାଙ୍କୁ । ପାଢ଼ୀଙ୍କ ସ୍ତ୍ରୀ ପିନ୍ଧିଥିଲେ, ଖଣ୍ଡିଏ ମୋଟା, ହାତ ତନ୍ତବୁଣା ଗାମୁଛା । କଣ୍ଠରେ ଗୁରସୋଲିଠାରୁ ଆରମ୍ଭ କରି ଦକ୍ଷିଣୀ ଏବଂ ଓଡ଼ଣୀ ସୁନାହାରରେ ଘୋଡ଼େଇ ହୋଇଯାଇଥିଲା ତାଙ୍କର ଅନାବୃତ ବକ୍ଷସ୍ଥଳ । ପରିଧେୟ ଖଣ୍ଡିକ ପାଢ଼ୀଆଣୀଙ୍କର ଦୀର୍ଘ ଏବଂ ସୁପୁଷ୍ଟ ଦେହଟାକୁ ଆବରଣ କରି ସେଥିରୁ ଅଞ୍ଚଳଟା ପଡ଼ିଥିଲା ପିଠି ପାଖକୁ । କାନରେ ବଡ଼ ବଡ଼ ଝୁମ୍ପି, ହାତରେ ଚୁଡ଼ି ତାଡ଼ । ମାଘମାସର ସକାଳ ସୂର୍ଯ୍ୟର ଆଲୋକରେ ଝିକ୍ ଝିକ୍ ହୋଇ ଉଜ୍ଜ୍ୱଳ ଦିଶୁଥିଲା ତାଙ୍କର ଗହଣାଗୁଡ଼ିକ । ମୁହୂର୍ତ୍ତିକ ପାଇଁ ସ୍ୱର୍ଣ୍ଣର ଦୃଷ୍ଟି ନିବଦ୍ଧ ହୋଇ ରହିଗଲା ସେ ଉଜ୍ଜ୍ୱଳ ଧାତୁ ଉପରେ । ପାଢ଼ିଆଣୀଙ୍କ କଥାର ଉତ୍ତର ଦେଉ ଦେଉ ଭିତରେ ଭିତରେ ସେ ଭାବୁଥିଲା, ତା'ର ଯଦି ଇମିତି କେତୋଟା ଗହଣା ଥାନ୍ତା ! ପାଢ଼ିଆଣୀ କଥା ଆରମ୍ଭ କଲେ ପୁଣି । "ବଡ଼ କାଇଲା ଦିଶୁଚ । ଦିନ ସୁଖ ନାହିଁ କି ହେଲା ! ଘରେ ନାଟ ହୋଉଚି ବୋଲି ବିଶୁ କଉଥିଲା । ଏଥର ପୁଅକୁ ବାହା କରିଦିଅ । ଭାଗ୍ୟ ତମର ଭଲ । ହେଇଟି କାଲି ସକାଳୁ ବୋଉ ଆସିବ । ନାତିନାତୁଣୀରେ ଘର ଭର୍ତ୍ତି ହୋଇଯିବ । ମୋ ପରି ସ୍ତ୍ରୀନକପାଳ ଆଉ କା'ର ହେବ ? ପୁଅ ଥିଲେ, ଅଠର ବର୍ଷର ହୋଇଥାନ୍ତା ଗୋ ଶୁକଦେଉ !"

ବିଶୁ ପାଉଛ ପାଖରୁ ଡାକିଲା । ପାଢ଼ିଆଣୀ କହିଲେ, ତମ ହାତ ଯାଚ୍ଛ ରହିଯିବ । ଔଷ ଦି'ପାନ ଦବ ଗୋ ଶୁକଦେଉ ! ସ୍ୱର୍ଣ୍ଣ ଆଉ ଥରେ ଉପରକୁ ଆସି ସବୁ କଥା କହିବ ବୋଲି କହିଦେଇ ଚାଲିଗଲା ତଳକୁ ।

ବିଶୁ ତଳକୁ ମୁହଁକରି କହିଲା, ବାଜି ପାଣେ ଗଲାଠୁ ସବୁ କଥାରେ ଅସୁବିଧା ହୋଇଗଲା । ତାଙ୍କ ଭଣଜା ଦୋକାନ ଚଳେଉଚନ୍ତି । ବାକି ବେଶି ହୋଇଗଲାଣି ବୋଲି କେତେ ଥର କହିଲେଣି । ଗାଈମାନଙ୍କର କଥା ମଧ୍ୟ, ଗୋଟିଏ ଗାଈ ରଖିଲେ ତ ଆମର ଚଳିଯିବ । ସ୍ୱାଙ୍କୁ ଦେଖିବାକୁ ମୋର ଆଉ ବେଳ କାଇଁ । ସେଇଲାଗି କହୁଥିଲି, କାଳଗାଈଟାକୁ

ଝିକ ଦେବା । ପଞ୍ଚଶ୍ୱଲକ୍ଷି ଟଙ୍କା ଦେବ ବୋଲୁଚି ଘଙ୍କୁ ଜେଜା । ସ୍ୱର୍ଣ୍ଣ ମନେ ମନେ ବଡ଼ ଗୋଟାଏ ସ୍ୱଚ୍ଛନ୍ଦ ବୋଧ କରି କହିଲା, ଏକ୍ଷଣି ଆମ ଅବସ୍ଥା ଯିମିତି ହୋଇଛି, ଟଙ୍କା କେତୋଟା ହାତକୁ ନ ଆସିଲେ ଆମର ଶ୍ୱାସରୋଧ ହୋଇଯିବ । ତା ପରେ; ସମସ୍ତ ଆସିଲେ ଭଲ ଗାଈ କିଣିବା । ତୋ ଉପରେ ଏତେ ଭାର ପଡ଼ୁଛି ଯେ ତୁ କେତେବେଳେ କଅଣ କରିବୁ ? କାଲି ଗାଈଟାକୁ ଝିକ ଦେ ବନ୍ଧୁ ! ବାଜ ପାହେ ଗାଁରୁ ଗଲାଠୁ ମୁଁ ହତାଶ ହୋଇଯାଇଛି । ଇମିତି ଅଭାବ ସମୟରେ, ସେ ଥିଲେ ଆମେ ସାହାଯ୍ୟ ପାଉଥାନ୍ତେ । କେବେ ତାଙ୍କ ସ୍ତ୍ରୀ ସୁସ୍ଥ ହୋଇ ଫେରିଆସିବେ କିଏ ଜାଣିଛି ? ଆଚ୍ଛା ବନ୍ଧୁ ! ତାଙ୍କ ଭଣଜାକୁ ପଚାରିବୁ—

ଏତିକିବେଳେ ପରମାନନ୍ଦ ଭିତରକୁ ଆସି ସ୍ୱର୍ଣ୍ଣ ଆଉ ବନ୍ଧୁ ଆଡ଼କୁ ଅନେଇଁ କହିଲେ, ଧନଞ୍ଜୟର ପୁଅ ଡାକ ଆସିଥିଲା ତୁମକୁ ନ କହି ଚାଲିଗଲା । ତା ପରେ କଅଣ ଆଲୋଚନା ହେଲା ? ବନ୍ଧୁ ତୁନି ହୋଇ ଚାଲିଗଲା ବାଗ ପାଖକୁ । ସ୍ୱର୍ଣ୍ଣ କହିଲା, ତୁମେ ଟିକିଏ ସ୍ଥିର ହୋଇ ବସିଲେ ସିନା କହିବି । ଏ କଥା କହି ସ୍ୱର୍ଣ୍ଣ ସ୍ୱାମୀଙ୍କ ପିଠିରେ ହାତ ରଖି ଠେଲିଲା ପରି ନେଇଗଲା ବାଗପାଖର ଅଳିନ୍ଦ ଆଡ଼କୁ । ଦୁହେଁ ବେଞ୍ଚ ଉପରେ ବସିଲେ ପରସ୍ପରର ମୁହଁକୁ ଅନେଇ । ପରମାନନ୍ଦ ସ୍ୱର୍ଣ୍ଣର ବାହୁରେ ହାତ ରଖି କହିଲେ, ତୁମ ଉପରେ ଚିନ୍ତା କରିବା ଭାର ଦେଇ ମୁଁ ଯେତେ ନିଶ୍ଚିନ୍ତ ହୋଇ ରହିଲେ ମଧ୍ୟ ସମୟେ ସମୟେ ଏଇ ଗୋଟିଏ କଥା ନ ଭାବି ରହିପାରୁନାହିଁ । ତୁମେ ସିନା ନାଟକ ଲେଖିଲ ! ଏଇ ଯେଉଁ ଦୁଇ ଦୁଇଟା କର୍ମକ୍ଷମ ମନୁଷ୍ୟ ତୁମର ଏ ନାଟକ ଖାତା ଧରି ଦିନରାତି ପରିଶ୍ରମ କରୁଛନ୍ତି, ସେମାନଙ୍କର ଅଭାବ-ଅସୁବିଧା ହେଉଥିବ ନିଶ୍ଚୟ । କଅଣ ଖାଇ କେଉଁଠି କିମିତି ଅଛନ୍ତି, ତୁମେ କିମ୍ବା ମୁଁ ଦିନେ ହେଲେ ତ ଏ କଥା ସେମାନଙ୍କୁ ପଚାରିଲେ ନାହିଁ । ଟିକଟ ବିକ୍ରିର ଟଙ୍କା ଆଣି ସେଇ ନାଟକ ପାଇଁ ବ୍ୟୟ କରିଦେଲେ । ଏତେ ବଡ଼ ନିଃସ୍ୱାର୍ଥ ସେବା କିଏ କେଉଁଠି କାହାର କରୁଛି ?

ସ୍ୱର୍ଣ୍ଣ ହସିଦେଇ ସ୍ୱାମୀ ପାଖକୁ ଲାଗି ବସି କହିଲା, ପିତା-ମାତା ପୁତ୍ର-କନ୍ୟାର ଭାର ବହନ କରି ପାଳି-ପୋଷି ବଡ଼ କରୁଛନ୍ତି । ପ୍ରାଣଦେଇ ସନ୍ତାନର ସେବା କରୁଛି ମାଆ । ସେଥିରେ ସେ ଯେଉଁ ଗଭୀର ଆନନ୍ଦ ଅନୁଭବ କରୁଛି, ସେଥିର ମୂଲ୍ୟ କଅଣ କିଛି ନାହିଁ । ପ୍ରତିଦାନ ପାଇବା ଆଶାରେ କଅଣ ସବୁ କାର୍ଯ୍ୟ ହେଉଛି ? ମୋ ଆଈ ଯେ ମୋ ପାଇଁ ଏତେ କଷ୍ଟ ସହ୍ୟ କରିଥିଲେ, ତା ବଦଳରେ ମୁଁ କିଛି ଦେବି କିମ୍ବା ସେବାକରିବି ବୋଲି ତ କରି ନ ଥିଲେ । ତୁମର ସେବାକରି ତୁମକୁ ସୁଖୀ କରିବାରେ ମୁଁ ଯେଉଁ ଆନନ୍ଦ ପାଉଛି, ତାହା କଅଣ ମୋର ସ୍ୱାର୍ଥ ନୁହେଁ ? ଏମାନେ ଅନ୍ୟ ନିମନ୍ତେ ଇମିତି ଗୋଟାଏ ମହତ୍ କାର୍ଯ୍ୟ କରିଦେଉଛନ୍ତି ବୋଲି ତ ଆନନ୍ଦ ପାଉଥିବେ । ପରମାନନ୍ଦ ସ୍ୱର୍ଣ୍ଣର ମୁହଁକୁ ଅନେଇ କହିଲେ, ତୁମର ଏ ମୃଦୁ ମଧୁର ଅର୍ଥପୂର୍ଣ୍ଣ କଥା ଶୁଣିଲେ ମୁଁ ମୁଗ୍ଧ ହୋଇଯାଉଛି ଶୁକବୋଉ ! ସ୍ୱର୍ଣ୍ଣ ସବୁ ଦିନ ପରି ପରମାନନ୍ଦଙ୍କ ପାଦ ପାଖକୁ ବସିପଡ଼ି କହିଲା, ତୁମର ଏଇ ପଦଧୂଳିଟିକକ ମୋର ଶିରଭୂଷଣ ହେଉ ପ୍ରିୟତମ ମୋର । ତୁମେ ମୋର ଏ ତୁଚ୍ଛ କଥା ଶୁଣି ଖୁସି ହେଉଛ, ଏଇ ଆନନ୍ଦ ଅନୁଭୂତି ହିଁ ଯେ ମୋତେ ଅମରପୁରୀରେ ପହଞ୍ଚେଇ ଦେଉଛି ପ୍ରତି ନିମିଷରେ ।

ପରମାନନ୍ଦ ସ୍ୱର୍ଣ୍ଣକୁ ଟେକି ଉଠେଇ ଦେଇ କହିଲେ, ମୁଁ କଅଣ ଗୋଟାଏ କଥା କହୁ କହୁ ତୁମେ ଇମିତି ଆକୁଳ ବ୍ୟାକୁଳ ହୋଇଉଠୁଛ ଯେ, ମୁଁ ଆଉ କିଛି କହିପାରୁନାହିଁ । ତୁମେ ଟିକିଏ ସହଜ ଭାବରେ ଶୁଣିଲେ ସିନା ମୁଁ କଅଣ କହିବି ! ସତରେ ଶୁକବୋଉ, ତୁମର କଥା ଶୁଣିଲେ କବିତା ଶୁଣିଲା-ପରି ଲାଗୁଛି । ତୁମର ଏସବୁ ମଧୁର କଥା ସେଇ କବିତା ଭିତରେ ହିଁ ରଖିଦିଅ । ଆଉ, ଦେଖ ଦିନଗୁଡ଼ାକ କେତେ ଶୀଘ୍ର ଶେଷ ହୋଇଯାଉଛି । ଆରମ୍ଭ କରିଥିବା ଲେଖାଟା ଶୀଘ୍ର ଶୀଘ୍ର ଶେଷକରି ଦିଅ । ଗ୍ରୀଷ୍ମକାଳ ଆସିଯାଉଛି । ବସନ୍ତକାଳ ଭିତରେ ନାଟକ କାର୍ଯ୍ୟ ଶେଷ କରିଦେବାକୁ ହେବ ।

ସ୍ୱର୍ଣ୍ଣ କଅଣ କହୁଥିଲା, ଏତିକିବେଳେ ବଶୁ ବେଢେଇ ହୋଇଯିବା କଥା କହିଦେଇ ଗଲା ।

ଖାଇସାରି ଆସି ଆଞ୍ଚୋଉ ଆଞ୍ଚୋଉ ପରମାନନ୍ଦ କହିଲେ, ହଠାତ୍ କାହିଁକି କେଜାଣି ମୋର ସେ ପୁରୁଣା କାଳର କଥା ମନେପଡ଼ୁଛି । ମୁଁ ଖାଇ ସାରିବା ପରେ କେତେ ଚଞ୍ଚଳ ତୁମେ ଖାଇପିଇ ମୋ ପାଖରେ କିମିତି ବସିଯାଉଥିଲ । ମୋର ଗୋଡ଼ ଚିପି ଦେଉ ଦେଉ କେତେ କଥା କହ । ସେଥିରେ ବୋଉ ବାପାଙ୍କର ଜୀବନ କଥା, ସାହି ପଡ଼ିଶାର କେତେ ନୂଆଘର, କେତେ ଆଉ ପୁରୁଣା ଘଟଣା ପୂରି ରହିଥାଏ । ଆଜି ପୁଣି ସେଇ ସବୁ ଗପ ଶୁଣିବାକୁ ଇଚ୍ଛାହେଉଛି । ସ୍ୱର୍ଣ୍ଣ ହାତ ପୋଛି ଗାମୁଛାଟାକୁ ଅଳନ୍ଦିର ବାଉଁଶ ଅଲଗୁଣି ଉପରେ ରଖୁ ରଖୁ କହିଲା, ଲେଖାଟା ଶୀଘ୍ର ଶେଷକରିବାକୁ ପରା ଆଗରୁ ଆଦେଶ କରିଛ । ଯାଉଛି, ତାହା ହିଁ କରିବ । ବ ହାତରେ ସିନା ଇମିତି ହସି ଦେଉଛି, ଭିତରେ ଯିମିତି ଅହରହ ଗୋଟାଏ ଦାୟିତ୍ୱର ବହ୍ନି ଜଳୁଛି । ପ୍ରତ୍ୟେକ ଘଟଣା, ଭାବ ଏବଂ ଭାଷାର ସାମଞ୍ଜସ୍ୟ ରଖି ଲେଖିବା କି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, ତାହା କେବଳ ଅନ୍ତର୍ଯାମୀ ହିଁ ଜାଣୁଥିବେ । ପରମାନନ୍ଦ କହିଲେ, ଯାଉଛ ତେବେ ଏକାକୀ ଶୋଇପଡ଼ିବି । ଭାବୁକମାନେ କହିଛନ୍ତି— "ଆସିଛେ ଏକା···ଯିବା ପୁଣି ଏକା ହୋଇ, କେହି ସାଥିରେ ଯିବେ ନାହିଁ ।" ମୋର କିନ୍ତୁ ଦୃଢ଼ ବିଶ୍ୱାସ ରହିଛି ତୁମ ମୋ ଭିତରେ କେବେ କୌଣସି ବ୍ୟବଧାନ ଘଟିବନାହିଁ । ମୋ ଜୀବନ-ଲୀଳାର ଅବସାନ ଘଟିବ ତୁମରି ସାଥିରେ । ସ୍ୱର୍ଣ୍ଣ ହସିଦେଇ କହିଲା, ଏସବୁ କଥା ତ ଆମ ହାତରେ ନାହିଁ । କେତେବେଳେ କଅଣ ଘଟିବ କିଏ ଜାଣେ ?

× × × ×

ଖାତା କଲମ ଧରି ବସୁ ବସୁ ମନେପଡ଼ିଗଲା ସ୍ୱର୍ଣ୍ଣର । ହୁଏ ତ ସନ୍ଧ୍ୟାବେଳକୁ ବାପ୍ୟକାରେ ଆସିବେ । ଏଣେ ଦୋକାନ ବାକିର କଥା କହିଲଣି ବଶୁ । ଏ ବର୍ଷର ପୁରୁଣା ଧାନ ଶେଷ ହୋଇଗଲା ବୋଲି ମଧ କାଲି ବଶୁ କହୁଥିଲା । ପାଖରେ ଟଙ୍କା ଅଛି ବୋଲି କହିଦେଉଛି । ସେ କେଉଁ ଯାତ୍ରା ଦଳରୁ ନାଟକୀୟ ପରିଚ୍ଛଦ ଇତ୍ୟାଦି ଭଡ଼ାରେ ଆଣିଥିବା କଥା ବାପ୍ୟକାରେ କହୁଥିଲେ । ଟଙ୍କା ଦେଇ ନାହାନ୍ତି । ଯଦି ଟଙ୍କା ଅଛି କି ବୋଲି ପଚାରିବେ ସେ, କଅଣ କହିବ ତାଙ୍କୁ ? ଅଞ୍ଚଳ ଗଣ୍ଠିରେ ଅନେକ ସମୟରେ ସେ ଘର ଖରଚର ପଇସା ବାନ୍ଧି ରଖିଥାଏ ଏହା ଆଗରୁ । ସେ ଘର ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ବଶୁ ଉପରେ । ବୃଥା ଆଶାରେ ଅଞ୍ଚଳଟାକୁ ଟାଣି ଦେଖିଲା ସେ । ଗଣ୍ଠି ମଧ ନାହିଁ । ଯେଉଁ ସିନ୍ଦୁକରେ ଟଙ୍କାପଇସା ରଖେ, ସେଗୁଡ଼ିକ ଭିତରକୁ ଅନେଇ ଦେଲା କଳ୍ପନା ଚକ୍ଷୁରେ । ପାଡ଼ିଆଣୀଙ୍କ ସୁନାଗହଣାଗୁଡ଼ାକ ଦିଶିଲା ଝଲମଲ ହୋଇ । ସେ ଦୀର୍ଘ ନିଃଶ୍ୱାସ ଗୋଟାଏ ଛାଡ଼ି ଭାବିଲା, କେଉଁଠୁ କେହି ଜଣେ ଆସି ଗୋଟାଏ ଅଦୃଶ୍ୟ ରଥରେ ବସେଇ ନେଇଯାଆନ୍ତା କି ତାକୁ ! ଧନ ଦେବତାର ଭଣ୍ଡାର ପାଖକୁ ଗଲାବେଳକୁ, ସୌଭାଗ୍ୟକୁ ଦୁର୍ଦ୍ଦାନ୍ତ ପ୍ରହରୀଗୁଡ଼ାକ ଶୋଇ ଯାଇଥାନ୍ତେ । କଅଣ କରନ୍ତା ସେ ? ଅକାରଣ ଆନନ୍ଦରେ ପୁଲକ ଉଠିଲା ସ୍ୱର୍ଣ୍ଣର ସର୍ବାଙ୍ଗ । ମନେପଡ଼ିଲା, ପିଲାଦିନେ ଆଈଙ୍କ କୋଳରେ ଶୋଇ ସ୍ୱପ୍ନ ଦେଖେ ହଂସ ବାହନରେ ବସି ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା ଆସନ୍ତି ବର ଦେବାକୁ । ତାଙ୍କର ସେ ଶୁଭ୍ର ଶତଦଳ ତୁଲ୍ୟ ରୂପ ଆଡ଼କୁ ଅନୋଉ ଅନୋଉ ନିଦ ଭାଙ୍ଗିଯାଏ ସ୍ୱର୍ଣ୍ଣର । ଆଈ ତାକୁ ଦିନେ ପଇସା ଖୁଞ୍ଚାଟା ଦେଇଥିଲେ । ସେ ଦିନ ଥିଲା କୁମାରପୂର୍ଣ୍ଣିମା । ବିନାସ୍ତକ, ବିଶ୍ୱମ୍ଭର ପଇସା ବାଜିରଖି ଖେଳୁଥିଲେ । ସେମାନଙ୍କର ଅଜା ପଠେଇ ଦେଇଥିଲେ ଟଙ୍କା ଆଉ ନୂଆ ଲୁଗା । ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ଆଈଙ୍କ ମୁହଁକୁ ଚାହିଁ ପଇସା ଖୁଞ୍ଚାଟା ରଖି ଦେଇଥିଲା ତାଙ୍କରି ହାତରେ । କଅଣ କରିବ ସେ ପଇସା ? ଏଇ କଥା କହିଥିଲା ସେ ଦିନ ସେ ତାର ଆଈଙ୍କୁ । ପଇସା କଅଣ ହୁଏ, କାହିଁକି ଦେବାନେବା ହୁଏ ଜାଣି ନ ଥିଲା ସେ, ଦିନ । ଆଜି ଯଦି ସେ ଆଈଙ୍କୁ ଦେଖନ୍ତା, ସେଇ ଖୁଚୁରା ପଇସାରେ ଆଉ କେତୋଟା ପଇସା ମିଶେଇ ତାକୁ ଦିଏ ବୋଲି କହନ୍ତା । କେତେପ୍ରକାର

ଅଳ କରନ୍ତା ସେ । ସ୍ବାମୀଙ୍କ ଛଡ଼ା ଜଗତରେ ଆଉ ତାର ଆପଣାର ବୋଲି ଜଣେ କେହି ନାହିଁ । ଶୈଶବର ସେ ସମ୍ବନ୍ଧ ଥିଲା ମାମୁଁଘରେ । ମାଈଁ, ମାମୁଁ, ସେମାନେ ସମସ୍ତେ କେଉଁଠି କମିତ ଥିବେ ? ଅନେକ ଦିନ ହେଲା, ସେ ସମ୍ବାଦ ସେ ପାଇନାହିଁ । କାଲିକାଳର ସାଥୀ ବିନାୟକ ଏବଂ ବିଶ୍ବମ୍ଭର ! ସ୍ନେହଶୀଳ ବନ୍ଧୁ ନ ହେଲେ କଅଣ ହେଲା, ସେ ଦୁହେଁ ତାଙ୍କର ପ୍ରେରଣାରେ ତ ପ୍ରାଣ ତା'ର ହୋଇଉଠିଥିଲା ବିରହାତୁର । ସେମାନଙ୍କ ନିକଟରେ ଯେ ସେ ଚିର ଋଣୀ । ବିଶ୍ବମ୍ଭର ଯଦି ଗୋପୀଭାଷା ପଢ଼ି ଶୁଣାଇ ନ ଥାନ୍ତା, ତାହାହେଲେ ସେ ମଥୁରାପୁର ଯାତ୍ରୀ କୃଷ୍ଣଙ୍କ ବିଚ୍ଛେଦରେ ରୋଦନ କରନ୍ତା କେଉଁ ଅନୁଭୂତି ନେଇ ? କେତେ ଦିନ ହୋଇଗଲାଣି, ଶୁଣିଥିଲା ସେ, ବିନାୟକ କେଉଁଠି ଶିକ୍ଷକ ହୋଇ ରହିଲାଣି । ସମ୍ଭବତଃ ସେ ବିବାହ କରିଥିବ । ସ୍ତ୍ରୀ-ପିଲାଙ୍କୁ ନେଇ ଗୃହସ୍ଥ ହୋଇ ରହିଥିବ ସେ । ସ୍ବର୍ଣ୍ଣ ଯନ୍ତ୍ରଚାଳିତା ପରି ଯାଇ ଠିଆହେଲା ସିନ୍ଦୁକ ପାଖରେ । ବଡ ସିନ୍ଦୁକ ଉପରେ ଲମ୍ବାହୋଇଥିଲା ଆଇଙ୍କର ପିତଳ ହାଣ୍ଡି ଲଗା ହାତପେଡ଼ି ଖଣ୍ଡିକ । ଶବ୍ଦ ଶୁଭିଲେ, ସ୍ବାମୀ ପଚାରିବେ କଅଣ କରୁଛ ବୋଲି । ସିନ୍ଦୁକ ପାଖରୁ ବାଣ୍ଡପାଖ ବାରଣ୍ଡାକୁ ଯାଇ ଅନେଇଲା ସେ ଝରକା ପାଖରୁ । କମ୍ବଳ ଘୋଡ଼େଇ ହୋଇ ସ୍ବାମୀ ଶୋଇଛନ୍ତି । ସେ ପୁଣି ଧୀରେ ଧୀରେ ଘର ଭିତରକୁ ଯାଇ ଖୋଲିଲା ହାତବାକ୍‌ସଟାକୁ । ଏଇ ତିରିଶି ବର୍ଷ ଭିତରେ ସେ କଅଣ ସେ ପେଡ଼ିଟାକୁ କେବେ ଖୋଲି ନ ଥିଲା ! ଖୋଲିଥିଲା ! ଖୋଲିଥିଲା ନିଶ୍ଚୟ; କିନ୍ତୁ, ତା' ଭିତରେ କେଉଁଠି କଅଣ ଅଛି, କେବେ ଖୋଜି ନ ଥିଲା । ସ୍ବର୍ଣ୍ଣ ଗୋଟାଏ ନଡ଼ାକନା ଗଣ୍ଠି ପିଟେଇ ଦେଖିଲା, ଦି' ଖୋଲା କାନ ନୋଳି ବନ୍ଧା ହୋଇଛି ସେଥିରେ । ଦୋଳି ଦି' ଯୋଡ଼ା ହାତମୁଠାରେ ଚିପିଧରି ଆନନ୍ଦରେ ଆଖିମୁଦି ଠିଆହୋଇପଡ଼ିଲା ସେ । କୁବେରର ଭଣ୍ଡାରରୁ ମୁଠାଏ ସୁନା ଧନ ଅବା ହାତରେ ତାର ଉଠିଗଲା । ଗଣ୍ଠିଟାକୁ ଅଞ୍ଚଳରେ ବାନ୍ଧିଲେ ସେ । ଆଉ ହାତରେ ସତେ ଯେମିତ

ଜାଣି ସବୁ ହେରିକରି ନେଇଯାଉଛି ! କେଉଁ କାଳର ପୁରାତନର କାଠଫରୁଆ ଗୋଟେ ବଡ କରି ଉଠାଇ; ଗୋଟାକ ପରେ ଆଉ ଗୋଟାଏ ଖୋଲି ଦେଖିଲା । ଗୋଟାକରେ ଥିଲା ଅଣି, ଦୋଅଣି, ସୁକିଏ, ଅଧୁଲି ଆଉ ତମ୍ବା ପଇସା କେତୋଟା । ଆଉ ଗୋଟାକରେ ଯୋଗାଏ କଳା କାଚମାଳିରେ ଦଉଡ଼ିରେ ଗୁନ୍ଥା ହୋଇଥିଲା ଗୋଟେ ଗୋଟିଏ ସୁନା ପଇଁ । ଆଉ ଗୋଟିକରେ ରୁପା ମୁଦି କେତୋଟା । ସେ ସବୁଗୁଡ଼ିକ ଫରୁଆ ଖାଲିକରି ମାଳି ନୋଳି ଯାହା ଥିଲା ରଖିଦେଲା ତକିଆ ତଳେ । ପେଡ଼ି ବନ୍ଦ କରିଦେଇ ବସିଲା ସେ ଖଟ ଉପରେ । ଭାବନା ଆସିଗଲା କଅଣ କରିବ ସେ ? ବାଳ ପାଖେ ଥିଲେ ସିନା ଏଗୁଡ଼ାକ ବନ୍ଦୀ କରିବା ବ୍ୟବସ୍ଥା ହୋଇଯାଆନ୍ତା ! କେଜାଣି କେତେ ଟଙ୍କା ହେବ ? ପାଖଙ୍କ ଭଉଣୀ ଅଛି । ରଖିବ କି ନାହିଁ । ପଇସା ପଠେଇଲେ ହେବ । ବଡ଼ କ୍ଳାନ୍ତ ଲାଗୁଛି । ବାଲିଗାଖରେ କିଛି ଥିବ କି ନାହିଁ ? ସେ ଆସିଲେ ସିନା ପଠେଇବ ! ସ୍ବର୍ଣ୍ଣ ଶୋଇପଡ଼ିଲା ତକିଆ ଉପରେ ମଥାରଖି ।

ମାଘ ମାସର ଦ୍ୱିପ୍ରହର ସନ୍ଧ୍ୟା । ଧୀରେ ଧୀରେ ବଢ଼ି ଚାଲିଥିଲା ସୂର୍ଯ୍ୟତେଜ । ପରମାନନ୍ଦ ଶୋଇଘର-ରୁ ଉଠିଯାଇ ଦେଖିଥିଲେ, ସ୍ବର୍ଣ୍ଣ ଶୋଇପଡ଼ିଛି ତକିଆରେ । ମନଟା ତାଙ୍କର ଭରିଗଲା ବତ୍ସଳରେ ସ୍ବର୍ଣ୍ଣଆଡ଼କୁ ଅନାଇ । ସେ ଭାବିଲେ, କେତେ କଷ୍ଟ, କେତେ ଦୁଃଖ ସହ୍ୟକରି ଜୀବନଯାତ୍ରା ନିର୍ବାହ କରୁଛି ଏଇ ସ୍ତ୍ରୀଲୋକଟି ସତରେ ! ଗୋଟାଏ ଅସାଧ କାର୍ଯ୍ୟରେ ହାତଦେଇ ହୃଦୟ-ସ୍ପନ୍ଦନକୁ ଦଳିତ-ମଥିତ କରିବାରେ ଲାଗିଛି । ହୁଏ ତ ଶେଷଯାଏ ପର୍ଯ୍ୟନ୍ତ ଇମିତି ଲାଗି ଲାଗି କେତେବେଳେ ଆଖି ମୁଦିଦେବ । ଉଭୁ ଘାଲୁ ଗ୍ଳାଗଲେ ସେ ବାରଣ୍ଡାଆଡ଼କୁ । ସେତେବେଳର ଆଡ଼କୁ ଯାଇ ଦେଖିଲେ ସ୍ବର୍ଣ୍ଣ ଟେକିଦେଇ ଘର ବାରଣ୍ଡାରେ ଶୋଇପଡ଼ିଛି । ଘରଆଡ଼କୁ ମୁହଁ ଫେରାଇ ଅନେଇଲେ ସେ । ସ୍ବର୍ଣ୍ଣ ଶୋଇବା ଉଠି ପଲଙ୍କରେ ଆସିଲା ପରି ମନେହେଲା ତାଙ୍କର । କେଜାଣି ସ୍ବର୍ଣ୍ଣର ନିଦ ଭାଙ୍ଗିଯିବ ବୋଲି

ବଶୁକୁ ଆସ୍ତେ ଆସ୍ତେ କହି ଉଠେଇ ସ୍ନ' ଭିଆରି କରିବାକୁ କହିଦେଲେ । ଭାବନା ହେଲା, କେଡ଼େ ଶାନ୍ତିରେ ଶୋଇପଡ଼ିଛି । ଆଉ ଟିକଏ ଶୋଉ ସେ !

ବଶୁ ସ୍ନ' କରି ଆଣି ରଖିଦେଲା ବାରଣ୍ଡାର ବେଞ୍ଚ ଉପରେ । ବେଞ୍ଚ ଉପରେ କପ୍ ରଖିବା ଶବ୍ଦରେ ସ୍ୱର୍ଣ୍ଣର ନିଦ ଭାଙ୍ଗିଗଲା । ସେ ଉଠିଆସି କହିଲା, ଚିନ୍ତା କରୁ କରୁ ନିଦ ଲାଗିଗଲା, କେତେ କାର୍ଯ୍ୟ ପଡ଼ିରହିଛି । ମତେ ଟିକଏ ଉଠେଇ ଦେଲନାହିଁ ? ଏ କଥା କହି ସେ ବାରଣ୍ଡାର ବାଲଟିରୁ ପାଣି ନେଇ ମୁହଁ ଧୋଇ ଆସି ବସିଲା ପରମାନନ୍ଦଙ୍କ ପାଖକୁ । ପରମାନନ୍ଦଙ୍କ ପାଖକୁ ଟିକଏ ଆଉଜିଲା ପରି ରହି କହିଲା, ଆର୍ଥିକ ଅବସ୍ଥା ମୋତେ ଆଉ କୌଣସି କାର୍ଯ୍ୟ କରାଇଦେବ ନାହିଁ ବୋଲି ଭୟ ହେଉଛି । ପରମାନନ୍ଦ ଆବେଗରେ ହିଁ ସ୍ୱର୍ଣ୍ଣକୁ ବାହୁବେଷ୍ଟନୀରେ ରଖି କହିଲେ, ଆଜି ପର୍ଯ୍ୟନ୍ତ ଏ ଯେଉଁ ନାଟକ-କାର୍ଯ୍ୟ ଚଳେଇ ଆଣୁଛ; ଏ କଥା ଭାବିଲେ ମୁଁ ବିସ୍ମିତ ହୋଇଯାଉଛି ଶୁକବୋଉ ! ଯିମିତି ଚଳେଇ ଆଣିଛ, ସିମିତି ହିଁ ଆଉ କେତୋଟା ନାଟକ ହୋଇଯିବ । ମୋର ଏଇ ଗୋଟିଏ ଆଶଙ୍କା ହେଉଛି; ତୁମର ଯଦି ସ୍ୱାସ୍ଥ୍ୟହାନି ଘଟେ, ମୁଁ କରିବି କଅଣ ? ମୁଁ ଏ ଜଞ୍ଜାଳରୁ ତୁମକୁ ମୁକ୍ତ କରିଦେଇ ପାରନ୍ତିଣି, କେବଳ ସେଇ ଗୋଟାଏ ଭୟ ହେଉଛି, ତୁମେ ସେ ଆଘାତ ସହ୍ୟ କରିପାରିବ ନାହିଁ । ବଡ ଦ୍ୱନ୍ଦ୍ୱରେ ପଡ଼ିଛି ମୁଁ ।

ସ୍ୱର୍ଣ୍ଣର ଅନ୍ତଃକରଣ ହୋଇଉଠିଲା ଆଶଙ୍କାରେ ଆକୁଳିତ । ଏଇ କଥା ହିଁ ସେ ଭାବି ଭାବି ଅନୁଭବ କରୁଛି ଦାରୁଣ ବିଚ୍ଛେଦ ବେଦନା । ନିଜ ନିକେତନରୁ ଯାଇ ସେ ପୁଣି ବସିବ ରୋଷେଇଘର ଚୁଲି ପାଖରେ । ସେ ସ୍ନ' ଭିଆରି କରୁକରୁ କଅଣ ଗୋଟାଏ କହିବାକୁ ଉଦ୍ୟମ କରୁଥିଲା, ବଶୁ ଦାଣ୍ଡଆଡ଼ୁ ଆସି କହିଲା, ଲୋକେ ଆସିଛନ୍ତି; କଅଣ କହିବେ ନା ପଚାରିବେ । ପରମାନନ୍ଦ କହିଲେ, ସକାଳେ ତା' ଘରକୁ ଯାଇପାରିନାହିଁ ! ଲୋକେ ବୋଧହୁଏ ଡାକି ଆସିଛି । ଯାଉଛି ଶୁକବୋଉ ! ସେ ଯିବା-ବେଳେ ଦୁଆରମୁହଁରୁ ଫେରି କହିଲେ, ତୁମେ ଏଣିକି ଏଇ ଗରିବ ଜନସାଧାରଣଙ୍କ ଜୀବନ ଚରିତ ନେଇ ଗଳ୍ପ ଉପନ୍ୟାସ ଲେଖ ଶୁକବୋଉ ! ଅଭାବର ତାଡ଼ନାରେ ବଡ କଷ୍ଟ ପାଉଛନ୍ତି ଏମାନେ ।

ପରମାନନ୍ଦ ଯିବା ପରେ ବଶୁ କହିଲା, ବି'ପହରେ ଗଣ୍ଠିଟାକୁ ନେଇ ବେଢେଇଙ୍କ ଘରେ ଛାଡ଼ିଦେଇ ଆସିଲି । ପଞ୍ଚସ୍ତରି ଟଙ୍କା ହୋଇଥିଲେ, ଆଉ ପାଞ୍ଚ ଟଙ୍କା ଆଉ ଥରେ ଦେଲେ । ଟଙ୍କା ଆଉ ନୋଟ୍ ମିଶେଇ ରଖିଦେଲା ବଶୁ ବେଞ୍ଚ ଉପରେ । ସ୍ୱର୍ଣ୍ଣ ସେ ଟଙ୍କା ଉଠେଇ ନେଇ କହିଲା, ଏଇ ଶହେଣି ଟଙ୍କା ଆଜି ମୋ ପାଖରେ ଅଗଣିତ ହୋଇଯାଇଛି ରେ ବଶୁ ! କି ଉପକାର ତୁ ମୋର ନ କରିଛୁ । ଦିନକୁ ଦିନ ତୋର ଏ ଋଣଭାରରେ ଯେ ମୁଁ ମାଟିରେ ମିଶିଗଲିଣି । ଆଜି ପୁଣି ଆଉ ଗୋଟାଏ ଦୁଃସାଧ୍ୟ କାର୍ଯ୍ୟ କରିବାକୁ ରହିଛି । ଭଗବାନଙ୍କ ହାତର ଦାନ ପରି ହିଁ ଆଈଙ୍କର ସେ ଛୋଟ ସିନ୍ଦୁକ ଭିତରୁ ସୁନା ଟିକଏ ମିଳିଯାଇଛି ବଶୁ । ବାଜ ପାଏ ତ ନାହାନ୍ତି । ବଶୁ ବାଧାଦେଇ କହିଲା, ପାଏଙ୍କ ଭଣଜା ମଧ୍ୟ ରଖିବେ ମାଆ । ତାଙ୍କର ଦୋକାନ ବାକିଟା ଆଗ ସୁଝା ହୋଇଯିବ । ଆଉ ଯାହା ବଳକା ରହିବ ଲେଖା କରି ଘେନି ଆଣିବି । ସ୍ୱର୍ଣ୍ଣ ଉତ୍ସାହିତା ହୋଇଉଠି ତଳଆ ତଳର ସୁନାରୁପା ଯାହା ଥିଲା, ଉଠେଇ ନେଇ ରଖିଦେଲା ବଶୁ ହାତରେ ।

ସନ୍ଧ୍ୟା ହୋଇ ଆସୁଛି । ବଶୁ କେତେବେଳକୁ ଆସିବ, ସ୍ୱର୍ଣ୍ଣ ବାରି ପାଖ ବାରଣ୍ଡାରେ ବସି ଅନେଇ ରହିଥିଲା ଅଗଣା ଆଡ଼କୁ । ଭାବୁଥିଲା, ସେଇ ଯୋ ନୋଳି ଦୁଇଯୋଡ଼ା, କେତେ ଟଙ୍କା ହେବ ? ପଚିଶେ କି ଷାଠିଏ ହୋଇପାରେ । ରୁପା ମୁଦି କେତୋଟା ମଧ୍ୟ ଦେଇଛି । ଦୋକାନ ବାକି କେତେ ହେବ ବଶୁ କହି ନାହିଁ । ବାଜ ପାଏ ଥିବା ସମୟରେ କେଡ଼େ ସୁବିଧାରେ ସବୁ ବିକାକିଣା ହୋଇଯାଉଥିଲା ।

ବଶୁ ନୋଳି ଇତ୍ୟାଦି ବାଜ ପାଏଙ୍କ ଭଣଜାକୁ ଦେଇ ଟଙ୍କା ଧରି ଆସି କହିଲା, ସବୁ ସଭୁସି ଟଙ୍କା ଦେଲେ । ଟଙ୍କା ଦେଇଛନ୍ତି । ଦୋକାନ ବାକିଟା ପାଏ ଆସିଲେ ବୁଝିବେ ବୋଲି କହିଲେ ।

ବଶୁ ହାତରୁ ଟଙ୍କା ନେଇ ନେଇ ସୁର୍ଣ୍ଣି ହିସାବ କରିଦେଲା ମନେ ମନେ । ଆଉକର ଟଙ୍କା, ଅଣି, ଦୁ'ଅଣି ମିଶେଇଦେଲେ ସବୁ ଶହେ କୋଡ଼ିଏ ଟଙ୍କା ହୋଇଯିବ । ବାଦ୍ୟକାର ଆସିଲେ ହାତରେ ତାଙ୍କର ଟଙ୍କାଟା ଦେଇଦେବ ସେ । ବଶୁ କହିଲା, ଗାଈଟା ତ ବନ୍ଧୀ ହୋଇଗଲା । ପଣ୍ଡଶା ପାଡ଼ୀଙ୍କର ଗାଈ ଦୁହାଁ ହେଉଚ । ଅଠସେରେ ବିକଦେବେ ବୋଲି କହୁଥିଲେ । ଆଣିଲେ ସ୍ତ୍ରୀଙ୍କୁ ହୋଇଯିବ ।

ଏତିକିବେଳେ ବାଦ୍ୟକାରେ ବଶୁଙ୍କୁ ଡାକଲେ ଅଗଣା ଆଡ଼ୁ । ଯାଉଛି ବୋଲି କହି ବଶୁ ବାହାରିପଡ଼ିଲା ଅଗଣା ଆଡ଼କୁ । ମନରେ ତାର ଭରିଉଠିଛି ଉତ୍ସାହ । ଏଇ ଅଳ୍ପ ସମୟ ହେଲା ଟଙ୍କା ଆଣିଦେଇଛି ମାଆଙ୍କ ହାତରେ । ଆଉ ତ ଭାବିବାକୁ କିଛି ନାହିଁ । ଶହେ ଟଙ୍କାରେ ନାଟକ ଗୋଟାକ ହୋଇଯାଉ । ନୂଆ ନାଟକ 'ନଳଦମୟନ୍ତୀ' ହେଉ ବୋଲି ଗାଁର ଲୋକ ଅନେଇ ରହିଛନ୍ତି । ଟିକଟ ବିକ୍ରୀ ହୋଇଯିବ । ଟଙ୍କା ଆସିଲେ ଦୋକାନ କାରବାର ଶୁଝିଦେବ । ଘରର ଚାଉଳ ଶେଷ ହୋଇଗଲା, କଅଣ କରନ୍ତା ସେ । ପାଡ଼ିଆଣୀଙ୍କଠାରୁ ଭରଣେ ଧାନ ଉଧାର ଆଣି ଚଳାଉଛି । ସେ ଆଜି ଖଲାର ଧାନ ପଡ଼ିଥିଲା । ଆସୁ କରି ଧରି ଆସିବ ବୋଲି ବଶୁ କହି ପଠେଇଚ । ଧାନ ଆସିଗଲେ ବାକି ଆଣିଥିବା ଧାନଟା ଶୁଝି ହୋଇଯିବ । ବଶୁ ବାଟ ଘରଆଡ଼ୁ ଦେଖିଲା, ବାଦ୍ୟକାରେ ଆଖିମୁଦି ମଥାଟାକୁ ଦୋହୋଲେଇ ଗୁଣୁଗୁଣୁ କରି କଅଣ ଗୋଟାଏ ଗୀତ ବୋଲୁଛନ୍ତି । ସେ ଆଉ ଟିକଏ ଆଗକୁ ଯାଇ ପଚାରିଲା, ଆଜି ମାଷ୍ଟ୍ରେ ଆସିନାହାନ୍ତି କି ବାଦ୍ୟକାରେ ! ବାଦ୍ୟକାରେ ବଶୁଙ୍କୁ ଚାହିଁ କହିଲେ, ସାହୁଙ୍କ ଦୋକାନ ପାଖରେ ଠିଆ ହୋଇଥିଲେ; ଆସିବେ ଏଇନେ । ସୁର୍ଣ୍ଣି ପଛ ପାଖରୁ କହିଲା, ତୁ ଆଗ ସ୍ତ୍ରୀ ପାଣିଟା କରେଇ ଦେଏ ବଶୁ ! ମାଷ୍ଟ୍ରେ ଆସିଲେ ନୂଆ ଗୀତ ଶୁଣେଇବେ । ବାଦ୍ୟକାରଙ୍କ ନାଟକ ଖର୍ଚ୍ଚ ଯୋଗାଡ଼ କରିଦେଇଛି ଆଜି । ଏ କଥା କହି ସୁର୍ଣ୍ଣି ଟଙ୍କା ଆଉ ନୋଟ୍ ମିଶେଇ ରଖିଦେଲା ବାଦ୍ୟକାରଙ୍କ ହାତରେ । ବଶୁ ଉତ୍ସାହ ଦେଇ କହିଲା, ମନଥିଲେ ଧନ ମିଳିବ ନାହିଁ କି ବାଦ୍ୟକାରେ ! ମୁଁ ଏବେ ସ୍ତ୍ରୀ ଧରି ଆସୁଛି, ମାଷ୍ଟ୍ରେ ଆସିଲେ କୋଉ ଗୀତଟା ଗାଇବେ ଥିର କରି-ଦେଇଥିବ । ବଶୁ ବାଡ଼ିଆଡ଼କୁ ଯାଇଛି କି ନାହିଁ, ସୁରମାଷ୍ଟ୍ରେ ଆସି ବସିଗଲେ ଖମ୍ବପାଖକୁ । କଥା ଆରମ୍ଭ କରି କହିଲେ, ମଝିରେ ଆଉ ପାଞ୍ଚଟା ଦିନ ରହିଲା । ଏଥର ନାଟକ ହୋଇଯିବ । ଏ ଭିତରେ ଅଛନ୍ତି ଏଗାରଟି ଚରିତ୍ର । ପାଞ୍ଚ ଜଣଙ୍କୁ ତ ବାହାରୁ ଅଣାଯାଇଛି । ଆମେ ଛଅ ଜଣ । କେଉଁଠି କେଉଁଠି ବେଶ ବଦଳାଇ କାର୍ଯ୍ୟ ଚଳେଇ ନେବାକୁ ହେବ ତ କେଉଁଠି ନେପଥ୍ୟରେ କଥା କହିବାକୁ ପଡ଼ିବ । କାଲି ରିହାର୍ସାଲ ବେଳେ ସେଇ ହଂସକୁ ଦୂତ କରି ପଠେଇବା ଦୃଶ୍ୟଟି ବଡ଼ ସୁନ୍ଦର, ପ୍ରାଣସ୍ପର୍ଶୀ ହେବ ଧରେଇଲା ଆଜ୍ଞା ! ବସନ୍ତଋତୁର ଅପରାହ୍ଣ, ନଳ ମହାରାଜା ଉଦ୍ୟାନ ଭ୍ରମଣ କରୁକରୁ ମାନସ ହଂସ ସଙ୍ଗେ କରୁଛନ୍ତି ଆଳାପ । ଖୋଜ ହେଉଛନ୍ତି କନ୍ୟା ସୁନ୍ଦରୀଙ୍କୁ ।

ଏତିକିବେଳେ ବଶୁ ସ୍ତ୍ରୀ ଧରି ଆସି କପୁଗୁଡ଼ିକ ବଢ଼େଇଦେଲା ଗୋଟି ଗୋଟି କରି । ବାଦ୍ୟକାରେ ଢୋକେ ହେବ ସ୍ତ୍ରୀ ଶୋଷିନେଇ କହିଲେ, ବଶୁ ଆଗରୁ ଆଦେଶ କରିଦେଇଛନ୍ତି ଗୀତ ଗୋଟାଏ ନୂଆ ପୁରୁଣା ଯାହାହେଉ ଗାଇବାକୁ ହେବ । ସୁରମାଷ୍ଟ୍ରେ ଖାଲି କପ୍‌ଟାକୁ ତଳେ ରଖିଦେଇ ଟାଣି ଆଣିଲେ ହାରମୋନିୟମ୍‌ଟାକୁ । ଗୋଟାଏ ନୂଆ ଗୀତର ସ୍ୱର ଆରମ୍ଭ କରି କହିଲେ ଦୁଃଖ କାନ୍ଦ ଆମରି ଜୀବନ-ସମ୍ବାଦ । ସେଇ ଦୁଃଖ ଆମେ ଗାଉଛେ, ସେଇ କଥାକି ହିଁ ଜଣେଇ ଦେଉଛନ୍ତି ମାଆ ତାଙ୍କର ଅନ୍ତର୍ଯ୍ୟାମୀଙ୍କୁ । ବୁଝିଲ ବଶୁ ! ଗୀତର ଭାଷା-ଭାବ ଯଦି ବୁଝି ନ ପାରିବ, ପରେ ମୋତେ ପଚାରିବ ।

ବାଦ୍ୟକାରେ ଟିକଏ ଜୋରରେ ସ୍ତ୍ରୀ କପ୍ ଖାଲି କରି ତବଲା ବଜେଇବା ଆରମ୍ଭ କଲେ । ସୁର୍ଣ୍ଣି ଶୂନ୍ୟକୁ ଚାହିଁ ଦେଖୁଥିଲା ତାର ଅନ୍ତର୍ଯ୍ୟାମୀଙ୍କୁ । ସୁରମାଷ୍ଟ୍ରେ ଆରମ୍ଭ କଲେ—

ପରିପୂର୍ଣ୍ଣ ତୁମେ କରିଅଛ ପ୍ରଭୁ
ଶୂନ୍ୟ ଜୀବନ ମୋର,
ଅଞ୍ଜଳି ମୋ ଭରି ଦେଇଅଛ ନିତି
ଏ ଅସୀମ ପ୍ରେମ ଅସୀମ ଭକତି
ତବ ପଦରଜେ ଭରି ଯାଇଅଛି
ମୋର ଏ ମାଟିର ଘର ।
ଅଚେତନ ହୋଇ ରହିଥିଲି ପଡ଼ି
କରିଛ ସଚେତ ମହାମନ୍ତ୍ର ପଢ଼ି,
ତୁମ, ମୋ ଭିତରେ ଯେତେ ବ୍ୟବଧାନ
ସବୁ କରିଅଛ ଦୂର ।
ଆସିଲା ସୌଭାଗ୍ୟ କେଉଁ ଶୁଭକ୍ଷଣେ
ତୁମକୁ ଦେଖିଲି ମୋର ଏ ନୟନେ
କି ଥିଲି କି ହେଲି ବୋଲି ମୁଁ ଭାବିଲେ
ତନୁ ଥରେ ଥର ଥର ।
ଧ୍ୟାନ ଜ୍ଞାନ ହୋଇ ହେଲି ତବ ଭକ୍ତ
ଉଚ୍ଛ୍ୱସି ଉଠେ ମୋ କଣ୍ଠୁ ସ୍ତବ ଗୀତି
ତୁମେ ମୋ ପ୍ରାଣେଶ; ଦେଇଛ ସାଥୀଟି
ଏ ଜନମେ ଜନ୍ମାନ୍ତର ।

ସ୍ୱର୍ଣ୍ଣ ଅଳ୍ପ ହସିଦେଇ କହିଲା, ମୋର ମନେହେଉଛି, ଗତ ଜନ୍ମରୁ ଆପଣ ମୋ କଣ୍ଠରୁ ଏ ମଧୁର ସ୍ୱରଟିକ ଛଡ଼େଇ ନେଇଯାଇଛନ୍ତି ।

ସୁରମାଷ୍ଟ୍ରେ ଭକ୍ତିରେ ହାତଯୋଡ଼ିଦେଇ କହିଲେ, ଏଇଟିକ ସମ୍ପଦ ଦେଇ ବିଧାତା ମତେ ଜନ୍ମ ଦେଇଛି. ଆଜ୍ଞା ! ଏ ସ୍ୱର ସେ ଆପଣଙ୍କଠୁ ଆଣିଛି କି ଅନ୍ୟ କେଉଁଠୁ ଆଣିଛି, ସେ କଥା ମୁଁ କିମିତି ଜାଣିବି ? ଭାବିଲେ ହସ ଲାଗେ । ମୋର ମନେହୁଏ, ମୁଁ ଗତ ଜନ୍ମରେ ଗନ୍ଧର୍ବଲୋକର ଶ୍ରେଷ୍ଠ ଗାୟକ ଥିଲି । ତେବେ ଏ କଥା ମଧ୍ୟ ନ କହିଲେ ଚଳିବନାହିଁ । ଆପଣ ଅମୃତ ବଚନ ଦେଇ ଲେଖୁଛନ୍ତି ବୋଲି ସିନା ଶୁଣିବାକୁ ଭଲଲାଗୁଛି । ଆଉ ଗୋଟାଏ କଥା ବାଦ୍ୟକାରେ ! ଆମେ ତ ଆଜି ପର୍ଯ୍ୟନ୍ତ ନାରୀଜାତିଟାକୁ ନ୍ୟୂନ ଦୃଷ୍ଟିରେ ହିଁ ଦେଖି ଆସିଛେ; କିନ୍ତୁ ଏଠି ମାଆଙ୍କୁ ଦେଖିଲେ ହୃଦୟରେ ସ୍ୱତଃ ଗୋଟାଏ ଭକ୍ତି ସଞ୍ଚାର ହୋଇଯାଉଛି ।

ବାଦ୍ୟକାରେ ଆବେଗଜଡ଼ିତ କଣ୍ଠରେ କହିଲେ, ମୋ ମାଆ ଯଦି ମୋ କଥା ଶୁଣି —

ସୁରମାଷ୍ଟ୍ରେ କହିଲେ, ସେ ଆଉ ଶୁଣିବେ କିମିତି ? ଅନୁଭୂତ ଭିତରକୁ ଦୁଃଖମୟ ଘଟଣାଗୁଡ଼ାକ ଆସୁଥିଲେ ମଧ୍ୟ ସ୍ୱପ୍ନ ବୋଲି ଭ୍ରମ ହେଉଛି । ଭାବାବେଶରେ ସ୍ୱର୍ଣ୍ଣର ଆଖି ଦୁଇଟି ହୋଇଗଲା ସଜଳ । ସେ ଆବେଗଜଡ଼ିତ କଣ୍ଠରେ କହିଲା, ଆଦର୍ଶ ପୁରୁଷମାନଙ୍କ ସମ୍ବନ୍ଧରେ କହିବା ତ ମୋର ଅଧିକାର ନାହିଁ । କାରଣ, ମୋର ଜ୍ଞାନ ସୀମାବଦ୍ଧ । ମୀରାବାଈ କାହାରି ଉପଦେଶ-ପରାମର୍ଶ ନ ଶୁଣି ହେଲା ଲୀଳାମୟ ବାଳଗୋପାଳଙ୍କ ଭକ୍ତ । ସେଇ ଯେ ତନ୍ମୟ ହୋଇ ଗାଇଥିଲା "ମୈଁ ତ ଗିରିଧରକେ ଘର ଯାଉଁ ।" ସେହି ଦିନଠୁ ଆଜି ପର୍ଯ୍ୟନ୍ତ କେତେ ଗାୟକ, କେତେ କବି ପ୍ରତିକ୍ଷଣରେ କାୟମନୋବାକ୍ୟରେ ଯାଉଛନ୍ତି ଗିରିଧରଙ୍କ ଘରକୁ । ସେ ଯିବାର ଶେଷ ହେଉନାହିଁ । କେବେ ହେଁ ଶେଷ ହେବନାହିଁ । ରାଜକନ୍ୟା ପୁଣି ରାଜରାଣୀ ମୀରା ଜୀବନ ସମର୍ପଣ କରିଦେଲା ମୁରଲିଧାରୀଙ୍କ ଚରଣାରବିନ୍ଦରେ । ସେ ଭକ୍ତିସ୍ରୋତ ଇମିତି ଭାବରେ ହୃଦୟରୁ ହୃଦୟ ଆଡ଼କୁ ଚିରକାଳ ପାଇଁ ବହିଯାଉଥିବ ବୋଲି ତ ସେ ଜାଣି ନ ଥିଲା । ହୁଏ ତ ଆଜି ଭକ୍ତିମତୀ ମୀରାବାଈ ଏଇ ଗୋଟାଏ ନାରୀହୃଦୟରେ ବସି ହୃଦୟଚକ୍ଷୁରେ ଦେଖୁଛି ପରଂବ୍ରହ୍ମଙ୍କୁ ।

ବାଦ୍ୟକାରେ ସୁରମାଷ୍ଟ୍ରଙ୍କୁ ଚାହିଁ କହିଲେ, ମୋ ମାଆ ମୁହଁରୁ ଏ କଥା ଶୁଣିଲେ ଏଠୁ ଉଠିବାକୁ ଇଚ୍ଛା ହେଉନାହିଁ । ଜନ୍ମଜନ୍ମାନ୍ତର ତପସ୍ୟା କରି ମୋ ମାଆକୁ ମୁଁ ଦେଖିବାକୁ ପାଇଛି । ସ୍ୱର୍ଣ୍ଣ ବାଦ୍ୟକାରଙ୍କ ଆଡ଼କୁ ଅଗ୍ରସର ହୋଇଯାଇ ନତ ହୋଇପଡ଼ି କହିଲା, ଅନ୍ଧାର କୋଣରୁ ଆପଣମାନେ ହିଁ ଯେ ମୋତେ ଆବିଷ୍କାର କରିଛନ୍ତି । ତା ନ ହୋଇଥିଲେ କଅଣ ହୋଇଥାନ୍ତା, କିଏ ଜାଣେ ? ଧର୍ମରାଜ ଯୁଧିଷ୍ଠିରଙ୍କ ପରି ସ୍ୱଦେହରେ ସ୍ୱର୍ଗକୁ ଯିବା କାମନାଟି କରି ଯେପରି ଶେଷନିଃଶ୍ୱାସ ଛାଡ଼େ, ସେଇ ଆଶୀର୍ବାଦ ମତେ ଦିଅନ୍ତୁ ।

ବାଦ୍ୟକାରେ ଆଉ ସୁରମାଷ୍ଟ୍ରେ କିଛି ନ କହି ରହିଗଲେ ମଥା ପୋତିଦେଇ ।

ବସାକୁ ଆସିଲାବେଳେ ସୁରମାଷ୍ଟ୍ରେ କହିଲେ, ଦେଖିଛ ନା ବାଦ୍ୟକାରେ ! କାଗଜରେ ଶବ୍ଦକରି ଏସବୁ କାନ୍ଥରେ ଲଗାଇଦେଇଛି ଭୁବନେଶ୍ୱର । ହସ୍ତାକ୍ଷରଗୁଡ଼ିକ ବଡ଼ ସୁନ୍ଦର ଦିଶୁଛି । ଏଇଟି ଦେଖ, ନଳରାଜା ହଂସକୁ ଧରି ତା କାନରେ କଅଣ କହୁଛନ୍ତି । ଇମିତି କେତେ ଶବ୍ଦ ସେ ଲେଖିଛି । ବାଦ୍ୟକାରେ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ, ଛେଉଣ୍ଡ ପିଲା ଦ'ଟାକୁ ପାଖରେ ରଖିଲି । କେଉଁଠି ବଡ଼ ଜାଗାରେ ଛାଡ଼ିଦେବା ଆଶା ଥିଲା । ଦୈବାଘଟଣା ପରି ଏଠିକି ଆସିବାକୁ ହେଲା । ଦିନେ ନିଶ୍ଚୟ ଯିବାକୁ ହେବ । ଆର୍ଥିକ ଅବସ୍ଥା ଯାହା ହେଲାଣି, ଆମେ ଏଠୁ ବାହାରି ପଡ଼ିଲେ ହିଁ ସବୁ ଦିଗରୁ ମଙ୍ଗଳ ହେବ । ସୁରମାଷ୍ଟ୍ରେ ଭାବୁଥିଲେ, ସ୍ୱର୍ଣ୍ଣି ଯଦି ସହଜଭାବରେ ଏମାନଙ୍କୁ ବିଦାୟ ଦେଇଦିଅନ୍ତା ! କି ସୁନ୍ଦର କରୁଣ ମଧୁର ହୁଅନ୍ତା ସେ ଦୃଶ୍ୟଟି ! ହଠାତ୍ ବାଦ୍ୟକାରେ କହିଉଠିଲେ, ଏଇ ନାଟକଟା ହୋଇଗଲେ, ଆମେ ତାଙ୍କୁ ବୁଝେଇ କହିବା ମାଷ୍ଟ୍ରେ ! ଶିଶୁକନ୍ୟାଟି ଅଳି କରି କାନ୍ଦିବ ବୋଲି ମନ ବିକଳ ହୋଇଉଠୁଛି । ତାହାହେଲେ ମଧ୍ୟ ଆମକୁ ଏଠୁ ଯିବାକୁ ହିଁ ହେବ ।

ଏଇ କେତେଦିନ ହେଲା, ଭୁବନେଶ୍ୱର ଆଉ ବିଦ୍ୟାଧର ଅନ୍ୟ ଅଭିନେତାମାନଙ୍କ ସାଙ୍ଗରେ ପେଣ୍ଡାଲରେ ଶୋଉଥିଲେ । ବାଦ୍ୟକାର ଆଉ ସୁରମାଷ୍ଟ୍ରେ ମଧ୍ୟ ସମୟେ ସମୟେ ସେଇ ପେଣ୍ଡାଲରେ ଶୋଇପଡ଼ନ୍ତି । ସେଦିନ ସ୍ୱର୍ଣ୍ଣି ପାଖରୁ ଆସି ବସାରେ ହିଁ ଶୋଇବାକୁ ଗଲେ ଦୁହେଁ । ତାଲା ଖୋଲୁଥିଲେ ବାଦ୍ୟକାରେ; ସୁରମାଷ୍ଟ୍ରେ ପଚାରିଲେ, ଆଜି ଆଉ ଖାଇବା ନାହିଁ କି ବାଦ୍ୟକାରେ ! ବିଦ୍ୟାଧରକୁ କହିଦେଇ ଯାଇଥିଲି । ଭାତ-ଡାଲି ରଖିଦେଇଥିବ; ଖାଇବା ଚାଲ । ବାଦ୍ୟକାରେ ଏ କଥା କହି ବାରି-ପାଖକୁ ଗଲେ ମୁହଁହାତ ଧୋଇବାକୁ ।

× × × ×

ଇତିମଧ୍ୟରେ କେତେବେଳେ ଦିନ ତିନଟା ମିଶିଗଲା କାଳର କରାଳ ଅଭ୍ୟନ୍ତରରେ । ସ୍ୱର୍ଣ୍ଣିରେ 'ନଳ ଦମୟନ୍ତୀ' ଅଭିନୀତ ହେବ କାଲିକି । ସେ ଦେଇଥିବା ଶହେ ଟଙ୍କାରୁ ପଚାଶ ଟଙ୍କା ଖରଚ ହୋଇଗଲାଣି । ଆଉ ପଚାଶେ ବାଦ୍ୟକାରେ ହାତରେ ରଖିଛନ୍ତି । ହୋଟେଲ ଖର୍ଚ୍ଚଠାରୁ ନାଟକୀୟ ପରିଚ୍ଛଦ ଆଣିବା ଇତ୍ୟାଦି ସମସ୍ତ ଧାରଉଧାରରେ କରିଯାଉଛନ୍ତି ସେ । ସେଦିନ ଅଧା ରିହାର୍ସଲ କରିଦେଇ ବାଦ୍ୟକାର ଆଉ ସୁରମାଷ୍ଟ୍ରେ ଆସିଲେ ବସାକୁ । ଶ୍ରୀପଞ୍ଚମୀ ହେବାକୁ ଆଉ ଦୁଇଟା ଦିନ ମାତ୍ର ବାକି ଥାଏ । ଆକାଶ ମେଘାଚ୍ଛନ୍ନ ହୋଇରହିଛି । କୋହଲା ପବନ ବହିଯାଉଛି ସମୟେ ସମୟେ ।

ବାଦ୍ୟକାରଙ୍କ ଆଖିର ପଲକ ପଡ଼ୁନାହିଁ । ସ୍ତ୍ରୀ ଥିଲେ ଘର ସଂସାର କରିଥାନ୍ତେ । ତାଙ୍କର ମନେ-ପଡ଼ିଗଲା ସେଇ ଅତୀତ କାଳର କଥା । କଡ଼ ଲେଉଟେଇ ଶୋଇଲେ ସେ । ନିଃସହାୟ ଲାଗୁଛି ତାଙ୍କୁ । ନା ! ଆଉ ଭାବିବେନାହିଁ ସେ । ସେଇ ସଂସାର ପୁଣି ତାଙ୍କୁ ଟାଣୁଛି । ଅଖା ତିଆରି ଚଉତା ଖଟରୁ ଉଠିଗଲେ ସୁରମାଷ୍ଟ୍ରେ । ଅଗଣାରେ ଠିଆହୋଇ ଅନେଇଲେ । ଗୋଟାଯାକ ଆକାଶରେ ଭରି ହୋଇ-ରହିଛି ମେଘ । ଗୋଟିଏ ହେଲେ ତାରା ଦିଶୁନାହିଁ । ଫେରି ଯାଇ ଶୋଇଲେ ପୁଣି ସେ । ମନ ହୋଇଯାଇଛି ବିଷାଦ ଭାରାକ୍ରାନ୍ତ ।

ବାଦ୍ୟକାରେ ନିଦରୁ ଉଠିଲା ପରି ଛଳନା କରି ପଚାରିଲେ, ବର୍ଷା ହେଉଛି କି ମାଷ୍ଟ୍ରେ ! ସୁରମାଷ୍ଟ୍ରେ ଟିକିଏ ରହି କହିଲେ, ଟିଣ ଛାଳ ଉପରେ ପାଣି ପଡ଼ିବା ଶବ୍ଦ ଶୁଭୁଛି । ଯାହାହେବ ହେବ, ତୁମେ ଆଗ ଶୋଇପଡ଼ । ସକାଳୁ ଦେଖିବା । ଟିକିଏ ପରେ ପୁଣି କଥା ଆରମ୍ଭ କଲେ ବାଦ୍ୟକାରେ । ମାଷ୍ଟ୍ରେ ! ସତ କହିବଟି, ଆମେ ନିଶ୍ଚିନ୍ତ ହୋଇ ରହି ନ ଥିଲେ ? ଆପଣା ହାତରେ କନ୍ଦର ତିଆରି କରି ସେଥିରେ ଆମେ ବନ୍ଦୀ ହୋଇ ବସିଛେ । କଅଣ କରିବା ଛାଡ଼ିଦେଇ ଚାଲିଗଲେ ମାଆ ମୋର ବଡ଼ କଷ୍ଟ ପାଇବ ।

ସୁରମାଷ୍ଟ୍ରେ କୃତ୍ରିମ ହାଇଉଠେଇ କହିଲେ, ଉଠିବାରେ ତ ମଧ୍ୟ ଶାନ୍ତି ନାହିଁ । ରାତି ହେଲାଣି । ଘଅର ଦିନକୁ ଅବସ୍ଥା ଦେଖି ଚିନ୍ତାକରିବା । ଏବେ ଶୋଇପଡ଼ିବା । ସେ ଶୋଇ ଶୋଇ ଚିନ୍ତାକରୁଥିଲେ । ବର୍ଷା ଯଦି ହୁଏ, କଅଣ କରିବା ଆଉ ? ସବୁ କଥା ହୋଇଗଲାଣି । ଟିପିଟିପି କରି ପାଣି ପଡ଼ି ପୁଣି ବନ୍ଦ ହୋଇଗଲାଣି ।

ବାଦ୍ୟକାରେ ନିଜର ଆର୍ଥିକ ଅବସ୍ଥା ଆଉ ଭୁବନେଶ୍ୱରର କଥା ଚିନ୍ତା କରୁଥିଲେ । ଅକାରଣରେ ଘରର ବୋଝ ବହନକରି ବସିଛନ୍ତି । ମରିବା ଆଗରୁ କେତେ କରି ବୁଝେଇ କହିଲ ମାଆ ! ଝିଅଟିଏ ଦେଖି ବିବାହ କରି ଦେଇଥିଲେ ଯାଇଥାନ୍ତା । ସଂସାରରେ ଆପଣାର ବୋଲି ଜଣେ ଥାଆନ୍ତା । ଯା ! ପୁଣି ସେଇ କଥା । ମନୁଷ୍ୟ ବଡ଼ ଦୁର୍ବଳ । ପରକୁ ଆପଣା କରି ଆନନ୍ଦ ପାଇବା ଶକ୍ତି ତାର ନାହିଁ । କୋଠୋଟା ଦିନ ପାଇଁ ମନୁଷ୍ୟ ସଂସାରକୁ ଆସୁଛି ଯେ ଆପଣା ଆପଣା ବୋଲି ଶୋଷାଡ଼ି ହୋଇ ହୋଇ ମରୁଛି । କିଏ କାହା ମନକଥା ଜାଣୁଛି ? ଧୀରେ ଧୀରେ ଆଖିପତା ଘୋଡ଼େଇ ହୋଇଗଲା ବାଦ୍ୟକାରଙ୍କର ।

ସକାଳ ହେଲାଣି । ସ୍ୱର୍ଣ୍ଣ ବାଲିପାଖ ବାରଣ୍ଡାରେ ବସି ଲେଖିବାକୁ ଚେଷ୍ଟା କରୁଥିଲା । ଥରକୁ ଥର ଶୀତ ପବନ ବହିଆସୁଛି । ସତିକି ନାଟକ ହେବ ! ଆକାଶ ଆଡ଼କୁ ଅନେଇଲା ସେ । ସୂର୍ଯ୍ୟ ଉଦୟ ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ହଠାତ୍ କାହିଁକି କେ ଜାଣି ମନେପଡ଼ିଗଲା ତାର । ଇମିତି ମେଘୁଆ ସମୟରେ ସେ ସବୁ ଚକୁଳି ଗରମ ଦୁଧ ପରଷି ବସେ ଶ୍ୱଶୁରଙ୍କୁ । ତା ପରେ ସ୍ୱାମୀ, ପୁଅକୁ । ସେଦିନର ନିଶ୍ଚିନ୍ତ ନିରାସକ୍ତଭାବ ଜୀବନରେ ଆଉ ମିଳିବନାହିଁ । ହାୟ ! ସେ-ଯେ କ୍ଷୁଦ୍ର ବନ୍ଧନରୁ ମୁକ୍ତ ହୋଇ ବୃହତ୍ତ ବନ୍ଧନରେ ବାନ୍ଧିହୋଇ ଯାଇଛି !

ଏତିକିବେଳେ ବିଶ୍ୱ ଧଁ ସଁ ହୋଇ ଧାଇଁ ଆସି କହିଲା, ମାଆ, ଆଶ୍ଚର୍ଯ୍ୟ କଥା, ଇମିତି ତ କେବେ ଦେଖି ନ ଥିଲି ! ପ୍ରଶ୍ନସୂଚକ ମୁଖଭଙ୍ଗୀକରି ସ୍ୱର୍ଣ୍ଣ ଅନେଇ ରହିଥିଲା ବିଶ୍ୱ ଆଡ଼କୁ । ପଚାରିଲା, କରେ କଅଣ ହେଲା ?

ବିଶ୍ୱ କହିଲା, ଶୁଣୁନାହଁ କି ମାଆ ! ମାଷ୍ଟ୍ରେ ହାରମୋନିଅମ୍ ବଜେଇ ଗାଉଛନ୍ତି । ଭୁବନେଶ୍ୱର ମୃଦଙ୍ଗ ବଜାଉଛି, ବିଦ୍ୟାଧର କାଗଜ ବାଣ୍ଟୁଚି । ଶଳା, କି ମଣିଷ ଜନ୍ମ ପାଇଥିଲି, ମୃଦଙ୍ଗଟା ବଜେଇବା ହେଲେ ହାତରେ ହେଉଚି କି ! ହେଇଟି ତ ପାଖକୁ ଆସିଗଲେଣି । ଦେଖିବ ଯଦି ଆସ । ମୁଁ ଟିକିଏ ଯାଉଛି ମାଷ୍ଟ୍ରଙ୍କ ସାଙ୍ଗରେ ବୁଲି ଆସିବି ।

ଅନୁମତିର ଅପେକ୍ଷା ନ କରି ବିଶ୍ୱ ଚାଲିଗଲା ଦ୍ରୁତପଦରେ । ସ୍ୱର୍ଣ୍ଣ ବାରଣ୍ଡାରୁ ଉଠିଯାଇ ଦେଖିଲା ଦାଣ୍ଡଘର କବାଟ ପାଖରେ । ହାରମୋନିୟମ୍‌ରେ ଦଉଡ଼ି ବାନ୍ଧି ଲଟକେଇ ଦେଇଛନ୍ତି ଗଳାରେ ସୁରମାଷ୍ଟ୍ରେ । ଏପାଖେ ସେପାଖେ ବିଦ୍ୟାଧର ଆଉ ଭୁବନେଶ୍ୱର । ବିଶ୍ୱ ମିଶିଯାଇଛି ତିନି ଜଣିଆଁ ଯାତ୍ରାଦଳରେ ।

କେଉଁଠୁ କମିତି ଚଉକି ବେଞ୍ଚଗୁଡ଼ିଏ ସଂଗ୍ରହ କରି ଶଗଡ଼ରେ ନନ୍ଦ ପେଣ୍ଡାଲ ଭିତରକୁ ନେଇ ରଖାଇଲେ ବାଦ୍ୟକାରେ । ଆକାଶର ଅବସ୍ଥା ଭଲନାହିଁ । ବାଦ୍ୟକାରେ ଥରକୁ ଥର ଅନେଇ ଦେଇ ଆସୁଛନ୍ତି । ବେଳେ ବେଳେ ଝିପି ଝିପି, ଟିପି ଟିପି ପାଣି ପଡ଼ି ପୁଣି ବନ୍ଦ ହୋଇଯାଉଛି । ଦି' ପହରରେ ସମସ୍ତେ ମିଶି କାହାର କମିତି ମୁଖସ୍ଥ ହୋଇଛି, କିଏ କମିତି ମୁଖଭଙ୍ଗୀ କରି କଥା କହିବ, ସେ ବିଷୟ ଦେଖୁଥିଲେ ସୁରମାଷ୍ଟ୍ରେ । ତା' ଛଡ଼ା ପରିଚ୍ଛଦର ବିଷୟ ଉଠିଛି । କେଉଁ ଦୃଶ୍ୟରେ କିଏ କଅଣ ପିନ୍ଧିବ; ତାହା ମଧ୍ୟ ସଜେଇ ସାଜେଇ ରଖିବାକୁ ହେଉଛି । ଦେଖୁ ଦେଖୁ ଚାରିଆଡ଼ ଅନ୍ଧାର ଢାଙ୍କିଲାଣି । ସୁରମାଷ୍ଟ୍ରେ ବାଦ୍ୟକାରଙ୍କ ମୁହଁକୁ ଚାହିଁ ଚାହିଁ ବାହାରକୁ ଚାଲିଗଲେ ମେଘର ଅବସ୍ଥା ଦେଖି । ଫେରିଆସି କହିଲେ, କଅଣ କରିବା ନାଟକ ତ ବନ୍ଦ କରିପାରିବା ନାହିଁ । ଦୁଇବେଳା ଦୁଇ ଥର ପ୍ରଚାରପତ୍ର ବାଣ୍ଟି ଦେଇ ଆସିଲିଣି । ସୁରମାଷ୍ଟ୍ରେ ବିଷାଦଭରା କଣ୍ଠରେ କହିଲେ, ଅନେକଙ୍କୁ

ମୌଖିକ ତାଗିଦେଇ ଆସିଛୁ । ମନେକର, ସବୁ କ୍ଷତି ସହ୍ୟ କରି ଆମେ ଆଜି ଅଭିନୟ ବନ୍ଦ କରିଦେବା । ବର୍ଷାତ ନାହିଁ । ମେଘୁଆ ପାଗକୁ ନ ଡରି ଦର୍ଶକ ଯଦି ଆସିଯିବେ । କଅଣ କହିବା ସେମାନଙ୍କୁ ?

ବାଦ୍ୟକରେ ନୈରାଶ୍ୟଜଡ଼ିତ କଣ୍ଠରେ କହିଲେ, ଗ୍ୟାସ ଲାଇଟ୍‌ଗୁଡ଼ାକ ମଧ୍ୟ ଆସିଗଲାଣି । ସବୁଆଡ଼ୁ ମେଘଟା ଘୁଞ୍ଚି ଆସିଲା ପରି ତ ଦିଶୁଛି । ଆୟୋଜନ ତ ହୋଇଛି । ହୋଇଯାଉ ନାଟକଟା । ତେଣିକି ଭାଗ୍ୟରେ ଯାହା ଥିବ ?

ଟିକଟ କେମିତି ବିକ୍ରୀ ହେବ ? କେବେ କେବେ ପାଣି ଟିପି ଟିପି ପଡ଼ୁଛି । ବାଜି ପାଞ୍ଚେ ତାଙ୍କ ଭଣଜା ଲକ୍ଷ୍ମୀନାରାୟଣ ପାଖକୁ ଲେଖି ଦେଇଥିଲେ, ଟିକଟ ବିକ୍ରୀ କରି ଦେବାକୁ ଆସିଛି ସେ । ସାହସ କରି କହିଲା ଲକ୍ଷ୍ମୀ, ଛତ ଧରି ବସି ପଡ଼ିବ । ଆଉ ଗୋଟାଏ ଛତା ପାଖରେ ଥିଲେ, ଟିକଟ ବିକ୍ରୀ ଟେବୁଲ ଉପରେ ଛତାଟାକୁ ରଖିଦେବ । ବର୍ଷା ତ ନାହିଁ । କୁଣ୍ଡାଭୁଗଣା ପଡ଼ୁଛି ଯେ ଡରୁଛ କାହିଁକି ମାଷ୍ଟ୍ରେ ?

ସ୍ୱର୍ଣ୍ଣ ଘର ଭିତରୁ ଉଠିଯାଇ ବସିଲା ବାହାପାଖ ବାରଣ୍ଡାର ବେଞ୍ଚ ଉପରେ । ପରମାନନ୍ଦ ଫେରି-ନାହାନ୍ତି । ବିଶୁ ରୋଷେଇଘରେ । ମେଘୁଆ ସଞ୍ଜଟା ବଡ଼ ନିର୍ଘଟିଆ ଲାଗୁଛି । ବିଶୁ ପୁରି-ତରକାରି ତିଆରି କରୁଛି । ମାଷ୍ଟ୍ରେ କହିଛନ୍ତି, ବାଇଶି-ତେଇଶି ଜଣ ଲୋକ ଖାଇବେ ।

ପରମାନନ୍ଦ ଘର ଭିତରକୁ ଆସୁ ଆସୁ କହିଲେ, ଆଜି ପରା ତମର ନୂଆ ନାଟକ ହେଉଛି ! ଏଥର ଯଦି ନାଟକଟି ସୁବିଧାରେ ନ ହୁଏ, ତୁମେ ଏ ନାଟକ ଦଳ ରଖିପାରିବ ନାହିଁ । ଯିମିତି ମେଘୁଆ ପାଗ ହୋଇଛି, ନାଟକ ବନ୍ଦ କରିଦେବା କଥା । ସ୍ୱର୍ଣ୍ଣ ସହଜ ଭାବରେ ହିଁ କହିଲା, ବର୍ଷାତ ହେଉନାହିଁ । ଦୁଇ ଥର କରି ପ୍ରଚାରପତ୍ର ବଣ୍ଟା ହୋଇଯାଇଛି ।

ପରମାନନ୍ଦ କହିଲେ, ମୁଁ ତ ସେଇଥି ଲାଗି ନାହିଁକି ଦେଇ ଯାଉନାହିଁ । କେତେବେଳେ କେଉଁ କଥାକୁ ଖଣ୍ଡି ଦେବ, ସେମାନଙ୍କ ମନରେ ଦୁଃଖ ହେବ । ତୁମେ ତ ନିଶ୍ଚୟ ଯିବ, ଏଥର ବାହାର ପଡ଼ । ଦର୍ଶକ ପ୍ରବେଶ କରିଲାପରେ ବର୍ଷା ହେଲେ କିଛି କ୍ଷତି ହେବ ନାହିଁ ।

ଅଭିନେତାମାନଙ୍କ ନିମନ୍ତେ ପୁରି ତରକାରି ଦୁଇଟା ବାଲଟିରେ ଦୁଇ ହାତରେ ଧରିଛି ବିଶୁ । ସ୍ୱର୍ଣ୍ଣ ବିଶୁ ପାଖକୁ ଲାଗି ଚାଲିଛି । ସଜ ହୋଇଗଲାଣି ପେଣ୍ଡାଲ । ବିଶୁ କହିଲା, ବର୍ଷାଟା ଘୁଞ୍ଚି ଯାଇଥିଲା, ଆଉ ଥରେ ପାଣିଟା ବହଳେଇ ଆସିଲାଣି । ଟିକଟ ବିକ୍ରୀ କରିବାକୁ ବାଦ୍ୟକାରେ ସୁନ୍ଦୁଆ ବସେଇଥିଲେ । ବଡ଼ ବର୍ଷା ହେଲେ ସୁନ୍ଦୁଆକୁ ମାନିବ କି ? ତ୍ରିଶ ଲୋକ ଆସିବା ପାଖକୁ ଟିକିଏ ରହିବାକୁ ମାଷ୍ଟ୍ରେ କହିଥିଲେ । ମାଆ, ଆଉ ଟିକିଏ ଦଉଡ଼ କରି ଚାଲ । ବିଶୁ ପଛରେ ଗ୍ରୀନ୍‌ରୁମ୍ ଆଡ଼କୁ ଯିବା ସମୟରେ ସ୍ୱର୍ଣ୍ଣ ଶୁଣିଲା, ମଦନ ମହାପାତ୍ରେ ଶିବ ଦାସଙ୍କ ଆଡ଼କୁ ଚାଳପଡ଼ ନାଟକ ସମ୍ବନ୍ଧରେ କହୁଯାଉଛନ୍ତି । ସ୍ୱର୍ଣ୍ଣ ପଛେଇ ଯାଇ ଶୁଣିଲା, ତାକୁ ହିଁ ଉଦ୍ଦେଶ୍ୟ କରି ମହାପାତ୍ରେ ବଦ୍ରୁ ପରି ଡକ୍କା ବଜାଇ ଚାଲିଛନ୍ତି !

ଦିନ ଗୋଟାଯାକ ମେଘର ଅବସ୍ଥା ଦେଖି ମନ ତାର ହୋଇଯାଇଥିଲା ବିଷାଦପୀଡ଼ିତ । ମହାପାତ୍ରଙ୍କ କଥା ଶୁଣି ଦେହଟା ତାର ଦୋହଲିଗଲା କମିତ ଗୋଟାଏ ବିତୃଷ୍ଣାରେ । ତା'ର ମନେହେଲା, ସତେ ଅବା ଗୁଡ଼ାଏ କାନ୍ତ ହୋଇଯିବ । ମଥାଟା ଘୂରିଗଲା ତା'ର ।

ବିଶୁ କହିଲା, ଆଜି ତ ହାଟପାଳି ଦିନ । ମେଘ ଦେଖି କେହି କିଣି-ଆସିନାହିଁ । ପାଖଆଖର ଲୋକ ସିନା ଦେଖି ଆସୁଥାନ୍ତି ! ସ୍ୱର୍ଣ୍ଣ ଅନେଇ ଦେଖିଲା, ଗୁଣି ଛଅଟା ମନୁଷ୍ୟ ଦର୍ଶକ ଆସନରେ ବସିଛନ୍ତି ।

ବିଶୁ ମଞ୍ଚର ପଛ ପାଖକୁ ଚାଲିଗଲା ବାଲଟି ଧରି । ଅଭିନେତାମାନେ ମଣ୍ଡଳାକାରରେ ବସି ଖାଇବା ଆରମ୍ଭ କଲେ ପୁରି ଆଉ ତରକାରି । ସ୍ୱର୍ଣ୍ଣ ସାଇଡ୍ ସିନ୍ ପାଖରୁ ଦେଖିଲା, ଗୋଟିଏ ଗୋଟିଏ କରି କେତୋଟି ସ୍ତ୍ରୀ ଆସିଗଲେଣି ଭିତରକୁ । ଷଣ୍ଢ ପ୍ରବେଶ-ପଥରେ ରହିବା କଥା । କେହି ସେଠି ନ ଥିବେ ।

ଏଣେ ଟିଣ ଛାତ ଉପରେ ବର୍ଷାପାଣି ପଡ଼ିବା ଶବ୍ଦ ହେଉଛି । ସେ କଅଣ ଭାବିଲା କେଜାଣି, ମଞ୍ଚ ଉପର ପରଦା ଭିତରେ ପ୍ରବେଶ କରି ଚାଲିଗଲା ପଶ୍ଚିମ ପାଖକୁ । ଏ ପାଖରେ ଗ୍ରୀନ୍‌ରୁମ୍ । ସେ ପାଖଟା ଖାଲି ପଡ଼ିଥିଲା । ଜଞ୍ଜିରିଟା ଖୋଲି ବାହାରକୁ ଚାହିଁଲା, ଅନ୍ଧାର ଦିଶୁଛି । ମଞ୍ଚ ପାଖର ବାଉଁଶ ଖୁଣ୍ଟର ବାଡ଼ରେ ମାଟି-ଗୋବର ଲିପା ହୋଇଯାଇଥିଲା । ଭିତର ପାଖର ଆଲୋକ କେବଳ ସ୍ତ୍ରୀମାନଙ୍କର ପ୍ରବେଶ ପଥ ଦେଇ ଆସୁଥିଲା । ସ୍ୱର୍ଣ୍ଣ ତଳକୁ ଯିବା ପାଇଁ ପାଦ ଦେଲା ପାଉଞ୍ଚ ଉପରେ । ବର୍ଷାପାଣି ଅଜାଡ଼ି ହୋଇ ଆସିଲାଣି ସେତିକିବେଳକୁ । ପଶ୍ଚିମପାଖର ଠାକୁରାଣୀ ଦେଉଳ ବେଢ଼ା ପାଚେରି ଉପରୁ ବର୍ଷାପାଣି ଛୁଆଁଡ଼ି ହୋଇ ଆସୁଥିଲା ନାଟକଘର ଆଡ଼କୁ । ସ୍ୱର୍ଣ୍ଣ ତଳକୁ ଓହ୍ଲାଇଯାଇ ଠିଆହେଲା ପ୍ରବେଶଦ୍ୱାର ପାଖରେ । ତିନି ଜଣ ସ୍ତ୍ରୀ ଲୋକ ଆସିଲେ ଭିତରକୁ ଯିବା ପାଇଁ । ବାଟ ଆଗୁଳିଲା ପରି ଠିଆହେଲା ସ୍ୱର୍ଣ୍ଣ । ମନରେ ଆଶା ଜାଗ୍ରତ ହୋଇଉଠୁଛି ତାର । ତିନି ଜଣ ତିନିଟା ଟଙ୍କା ଦେଲେ ଅଭିନେତାମାନଙ୍କୁ ଦେବାକୁ ହୁଅନ୍ତା । କେତେ ସୁନାହାର ପିନ୍ଧିଛନ୍ତି ଏମାନେ, ଅଭାବ ତ ନ ଥିବ । ଆଗନ୍ତୁକାମାନଙ୍କ ମୁହଁକୁ ଚାହିଁ ପଚାରିଲା ସେ —ଟିକଟ କରିଛନ୍ତି ? ପ୍ରୌଢ଼ା ମହିଳା ଜଣକ ସ୍ୱର୍ଣ୍ଣର ମୁହଁକୁ ଚାହିଁ ହସିଦେଇ କହିଲେ, ଟିକଟ କୋଉଠୁ କିଏ କିଣିବ ଗୋ ? ବର୍ଷାପାଣିରେ ଦେହ ମୁଣ୍ଡ ତିନ୍ତିଗଲାଣି । ତୁମେ ଉଠିଲ ଆଗ, ଏଆଡ଼ୁ ପାଣି ପଡ଼ୁଛି । ସ୍ୱର୍ଣ୍ଣ ନିରେଖି ଦେଖିଲା, ଚହ୍ଲିଲା ଘର ଲାଗୁଛି । କୁସୁମ ହସି ହସି କହିଲା, ପୁରୋହିତ କକେଇ ସାଙ୍ଗରେ ଆମେମାନେ ଯାଇଥିଲୁ । ଦେଖିଲ ଏଆଡ଼ୁ ଛୁଆଁଡ଼ା ଛୁଟିହେଇ ଆସୁଚ । ଲୁଗାପଟା ଓଦା ହେଇ-ଗଲାଣି, ଉଠ, ଆମେ ଆଗ ଭିତରକୁ ଯିବୁ । ସ୍ୱର୍ଣ୍ଣକୁ ଆଡ଼େଇ ଦେଇ ଆଗନ୍ତୁକମାନେ ପ୍ରବେଶ କରିଗଲେ ଭିତରକୁ । ସେ ଟିକିଏ ଘୁଞ୍ଚିଯାଇ ଆଗନ୍ତୁକ ମାନଙ୍କ ସମ୍ମୁଖକୁ ଠିଆହୋଇ କହିଲା, ଅର୍ଥ ଅଭାବରେ ନାଟକ ବନ୍ଦ ହେବାକୁ ଯାଉଛି । ଏସବୁ ତ ସିମିତି ହୋଇଯାଉ ନାହିଁ ! ଆପଣମାନେ ଧନଲୋକ । ପଇସା ନ ଦେଇ ନାଟକ ଦେଖିପାରିବେ ନାହିଁ । ପ୍ରୌଢ଼ା ମହିଳାଟି ସ୍ୱର୍ଣ୍ଣର ପିଠିରେ ହାତଦେଇ ବିଦ୍ରୂପମିଶା ସ୍ୱରରେ କହିଲେ, ତମ ଶ୍ୱଶୁର କି ସ୍ୱାମୀ ତ ବ୍ୟବସାୟ କରି ଟଙ୍କା ଉପାର୍ଜନ କରିପାରି ନ ଥିଲେ, ନାଟକ ବେଭାର କରି ଟଙ୍କା କରି ଭୂମିବାଡ଼ି ହୋମହଲା କୋଠା କରିଦେବ ଏଥର ! ଦେ କୁସୁମ, ଟଙ୍କା ତିନିଟା ଦେଇଦେ । ଗୋଟାଏ ଟଙ୍କା ଆଉ କେତେକ ଖୁଚୁରା ପଇସା ସ୍ୱର୍ଣ୍ଣର ହାତ ମୁଠାରେ ଗୁଞ୍ଜିଦେଲା କୁସୁମ । ହାତମୁଠାରେ ଟଙ୍କାପଇସା କେତେଟା ଧରୁ ଧରୁ କ୍ଷିଁ ଦୁଃଖରେ, କ୍ଷୋଭରେ ଭରିଗଲା ସ୍ୱର୍ଣ୍ଣର ହୃଦୟ । ସେ ସେଠୁ ଚାଲିଗଲା ଦ୍ରୁତପଦରେ । ସେଇ-କୋଡ଼ିଏ ପଚିଶି ହାତ ଦୂର ଚାଲି ଆସୁ ଆସୁ ତାର ମନେହେଲା ସତେ ଯେପରି, କେଉଁ ଅତୀତକାଳରୁ ସେ ଚାଲିଆସୁଛି, ପଥ ଶେଷ ହେଉ ନାହିଁ । ସେଇଟା ଯେ ନାଟକଘର; ତା’ ଆଗକୁ ଯେ ଗୋଟାଏ ପାଉଞ୍ଚ ରହିଛି, ସେ କଥା ସେ ଭୁଲି ଯାଇଥିଲା ମନର କ୍ଷୋଭରେ । ମନୁଷ୍ୟ ସତେ କଅଣ ନ କରୁଛି ? ତା’ର ପ୍ରକୃତିବିରୁଦ୍ଧ, ଇଚ୍ଛାବିରୁଦ୍ଧ କାର୍ଯ୍ୟକରି ସେ ଯେ ଦଗ୍ଧ ହୋଇ ମରୁଛି । ହାୟ ! କଅଣ କଲା ସତରେ ସେ ! କ୍ଷଣକର ଉତ୍ତେଜନାରେ ଗୁରୁବାକ୍ୟ ଭୁଲିଗଲା ସେ । କଇବା ନାଟକ ଗୋଟାଏ କରାଯାଉଛି, ତାକୁ ଦେଖିବା ପାଇଁ ପୁଣି ପଇସା ! ହାତ ପାଦ ଧରି ଡାକିଆଣି ଦେଖେଇବା କଥା !

ଭାବନା କରୁ କରୁ ସ୍ୱର୍ଣ୍ଣର ଗତି ହୋଇଯାଇଥିଲା ମନ୍ଥର ! ପଶ୍ଚିମପାଖରୁ ପାଣିଛୁଟା ଆସୁଥିଲା ପ୍ରବଳ ବେଗରେ । ମଞ୍ଚ ଉପରକୁ ଯିବା ପାଉଞ୍ଚଟା ଉଠିବାକୁ ହେବ । ଚିକଣା ମାଟି ଉପରେ ପାଦଦେଇ ଚାଲୁ ଚାଲୁ ପାଦ ଖସିଯାଉଛି ଥରକୁ ଥର । ପାଉଞ୍ଚ ପାଖକୁ ଆସି ନ ଥିଲା ସେ । ପ୍ରୌଢ଼ା ସ୍ତ୍ରୀଲୋକଟି ପଛରୁ ଆସି ସ୍ୱର୍ଣ୍ଣର ବାହୁ ଧରି ପକେଇ କହିଲେ, ଦିଅ ଆମର ଟଙ୍କ ! ଟଙ୍କା ଦେଇ ତମର ଏ ନିଆଁ ଲଗା କଥା ଆମେ ଶୁଣି-ପାରିବୁ ନାହିଁ । ଛି ! ଛି ! କାହିଁ କି ଆମେ ଆସିଲୁ ! ଟଙ୍କା ଜମାକରିବ ବୋଲି ଫାନ୍ଦ ପାତିଛ ଯେ, ଆମେ ତ ମୂର୍ଖ ହୋଇଛୁ ! ଟଙ୍କା ଦିଅ; ଆମେ ଯିବୁ । ଗୋଡ଼

ଯାଉ ଏ ନାଟକ ! ବର୍ଷାପାଣିରେ ଧୋଇ ହୋଇଗଲା । ସ୍ୱର୍ଣ୍ଣ ଟଙ୍କା ଆଉ ପଇସାଗୁଡ଼ିକ ଭଦ୍ରମହିଳାଙ୍କ ହାତକୁ ବଢ଼େଇ ଦେଇ କହିଲା, ମୋର ଅପରାଧ କ୍ଷମାକରି ନାଟକ ଦେଖନ୍ତୁ । ମୁଁ ଯେ ଅନ୍ୟର ଆନନ୍ଦ ପାଇଁ ଲେଖିଛି । ଭଦ୍ରମହିଳା କିଛି ନ ଶୁଣି ସ୍ୱର୍ଣ୍ଣକୁ କଟୁ ଭର୍ତ୍ସନା କରିକରି ଚାଲିଗଲେ ବାହାରକୁ । ତାଙ୍କ ପଛରେ ଅନ୍ୟ ଦୁଇ ଜଣ ମହିଳା ମଧ୍ୟ ବାହାରି ପଡ଼ିଲେ ସେଇ ବର୍ଷାପାଣିରେ । ସ୍ୱର୍ଣ୍ଣ ହତାଶ ହୋଇଉଠି ଟିକିଏ ଠିଆହେଲା ସେଠି । ପାଣି ପବନର ଆଘାତରେ ଦେହଟା ଥରେ ଥରେ କମ୍ପିଗଲା-ପରି ଲାଗୁଛି । ଗୁରୁ ଗୁରୁ ଶବ୍ଦରେ ଗର୍ଜିଉଠୁଛି ଆକାଶ । ନିବିଡ଼ ଅନ୍ଧକାର ଭେଦକରି ବିଜୁଳି ଚମକ ଉଠିଲା ଦିଗନ୍ତରୁ । ସ୍ୱର୍ଣ୍ଣ ଦେଖିଲା, ଆଲୁଅ ଦିଶୁଛି । ସେମିତି ପୁଣି ସବୁ ହୋଇଗଲା ଅନ୍ଧକାର । ସେ ପୁଣି ସାହସ ସଞ୍ଚୟ କରି ଅନ୍ଧାରର ଦେହ ଆଉଜି ଆଡ଼କୁ । ଶିଢ଼ିଏ ମାଟି ଉପରୁ ପାଦ ତାର ଖସିଗଲା ବଡ଼ ନିର୍ମମ ଭାବରେ । କଣ୍ଟାଇଟାରେ ଭିଆଣି ପାଉଛି ଫୁଲଟା କାଦୁଅ ହୋଇ ଖସିଗଲା ତଳକୁ । ଯୋଷାଡ଼ ହୋଇ ପାଉଛି ପାଖକୁ ଆସିଲା ସେ; କିନ୍ତୁ ଗଦାଏ ହେବ କାଦୁଅ ଛଡ଼ା ଆଉ ତ କିଛି ନାହିଁ । ସେ ଆଉ ଉପରକୁ ଯିବ କିମିତି ? ଦୁର୍ବଳ ଶରୀର । କାଲି ରାତିରେ ବୋଧହୁଏ ଜ୍ୱର ହୋଇଯାଇଥିଲା । ଶୀତରେ କମ୍ପିଉଠିଲା ଦେହର ଗୋଟାପଣ ଜୋର । କୌଣସିମତେ ଉପରକୁ ଯିବା ଉଦ୍ୟମ କରି ଠିଆହେଲା ସେ ମାଟିଗଦା ପାଖକୁ । ପାଦ ଖସିଗଲା ପୁଣି, ବଡ଼ ନିର୍ଦ୍ଦୟଭାବରେ ପଡ଼ିଗଲା ସେ ଏଥର । ବଡ଼ ଗୋଟାଏ ଇଟା ଉପରେ ପିଟି ହୋଇଗଲା ମଥାଟା ତାର । ସବୁ ଅନ୍ଧକାରମୟ ଦିଶିଲା ତାକୁ ନିମିଷକରେ ।

ପ୍ରବଳ ବର୍ଷାରେ ଟିକେଟ ତ ବିକ୍ରୀ ହୋଇପାରିନା-ନାହିଁ । ଯେଉଁମାନେ ନାଟକ ଦେଖିବା ଇଚ୍ଛାରେ ଆସୁଥିଲେ କମ୍ବା ଆସି ଯାଇଥିଲେ, ସେମାନେ ଲେଉଟିଗଲେ ନାଟକଘରେ । ଆଶା ନିରାଶାର ଦ୍ୱନ୍ଦ୍ୱ ଭିତରେ ନାଟକ ଆରମ୍ଭ ହୋଇଯାଇଥିଲା । ବିଶ୍ୱ ପରଦା ଉଠେଇବା-ଛାଡ଼ିବା କାର୍ଯ୍ୟରେ ଲାଗି ଯାଇଥିଲା । ହଠାତ୍ ତାର ମନେପଡ଼ିଗଲା ମାଆ କାହିଁ କୁଆଡ଼େ ? ସ୍ୱାମୀଙ୍କ ପ୍ରବେଶ ଦୁଆର ପାଖରେ ଦେଖିଥିଲା ପର ନେଇଛି । ସେ ଆଉ ତ ଆଉ ଆସି ନାହାନ୍ତି ! ପରଦାଟାକୁ ଛାଡ଼ିଦେଇ ଚାଲିଗଲା ସେ । ପଶ୍ଚିମ ପାଖରେ ଗେଟ୍ ଉପରେ ପାଖକୁ ଯାଇ ଦେଖିଲା, ଅନ୍ଧାରରେ କିଛି ଦିଶୁନାହିଁ । ଘଡ଼ଘଡ଼ି ମେଘଗର୍ଜନ ପବନର ବେଗରେ ଘରଛପର ଉଡ଼େଇ ନେଇଗଲା ପରି ଲାଗୁଛି । ଦୁଆରମୁହଁରେ ଠିଆହୋଇ ତଳକୁ ଗୋଡ଼ ବଢ଼େଇଲା, କଣ୍ଟାଇଟାର ପାଉଛି ଭୁଷୁଡ଼ି ଯାଉଛି କି ? ଏଁ, ମାଟି ତଳେ ମାଆ ମୋର ପୋତି ହୋଇ ଯାଇଥିବେ ! ବିଜୁଳି ଚମକିଉଠିଲା ଏଣିକିବେଳେ । ବିଶ୍ୱ ଦେଖିଲା, ସ୍ୱର୍ଣ୍ଣ ତଳେ ପଡ଼ିଛି ମାଟି-କାଦୁଅରେ । ବିଶ୍ୱ ଆସ୍ତେ କରି ଗୋଡ଼ ବଢ଼େଇ ଖସିଗଲା ତଳକୁ । ସ୍ୱର୍ଣ୍ଣର ଚେତନା ଆସି ଯାଇଥିଲା । ସେ ମଥା ଉଠେଇବା ଚେଷ୍ଟାକରି କହିଲା, ଆସିଲୁ ବିଶ୍ୱ ! ସ୍ୱର୍ଣ୍ଣକୁ ତଳୁ ଉଠେଇ ଉଠେଇ କାନ୍ଦିଉଠିଲା ବିଶ୍ୱ । କିମିତି ଘରକୁ ନେବ । ଲୋକେ ଜାଣିଲେ ଦୂରେଇ ପକେଇ-ଦେବେ । ମାଆ, ତମେ ଟିକିଏ ବସିପଡ଼ । ମୁଁ ଯାଉଛି ଉପରୁ ଶାଢ଼ୀ ଗୋଟେ ନେଇ ଆସିବି । ମେଘଟା ଛାଡ଼ି-ଆସିଲା ପରି ଲାଗୁଚି । ସ୍ୱର୍ଣ୍ଣକୁ ବସେଇ ଦେଇ ବିଶ୍ୱ ଧାଇଁଗଲା ଶାଢ଼ୀ ଆଣିବାକୁ । ଜ୍ୱରଗମର ଅନୁଭୂତିରେ ସ୍ୱର୍ଣ୍ଣର ହାତଗୋଡ଼ ହୋଇଯାଇଛି ଅବଶ । ସେ ବଡ଼ ବିକଳ ଅବସ୍ଥାରେ ଅଞ୍ଚଳ ନେଇ ପୋଛିଦେଲା ମୁହଁ ଦେହର କାଦୁଅ-ମାଟି । ଦେହର ଲଜ୍ଜାକୁ ଆଉ ସେ ଲୁଚେଇ ରଖିପାରୁନାହିଁ । ତାକୁ ଇଙ୍ଗିତ ଅବସ୍ଥାରେ ଦେଖିଲେ ତ ସ୍ୱାମୀ ସହ୍ୟ କରିପାରିବେନାହିଁ । ଶାଢ଼ୀ ଧରି ଆସିଲା ବିଶ୍ୱ, ଧାଇଁ ଆସିଛି ଯେ ଧଁ ସଁ ହେଉଛି ସେ । ଶୀତରେ ଥରି ଉଠୁଥିଲା ସ୍ୱର୍ଣ୍ଣ । କିମିତି ଥରି ଥରି ଶାଢ଼ୀଟାକୁ ଦେହରେ ଗୁଡେଇ ଆଣିଲା ସେ । ବିଶ୍ୱ ସ୍ୱର୍ଣ୍ଣର ପିଠି ପାଖରୁ ଧରି ଧରି ନେଇଗଲା ଫାଟକ ପାଖକୁ । ପାଣି ଟିପି ଟିପି ପଡ଼ୁଛି । ଗୁଲି ଗୁଲି ଘରକୁ ଯିବାକୁ ହେବ ।

ବିଶ୍ୱର ଡେଣା ଧରି ପିଣ୍ଡା ଉପରକୁ ଉଠିଲା ସ୍ୱର୍ଣ୍ଣ । ଏଇ କେତେ ଘଣ୍ଟା ଆଗର ମନୁଷ୍ୟଟା କଅଁଣ

ହୋଇଗଲା ସତରେ ! ବଶୁ କବାଟର ଜଞ୍ଜିରଟାକୁ ଧରି ଝୁଣ୍ଣୁ ଝୁଣ୍ଣୁ କରୁ କରୁ ପରମାନନ୍ଦ ଆସି କବାଟ ଖୋଲିଦେଲେ । ପଛରେ ଜରେ, ମାଆ ମଧ୍ୟ ପଳେଇ ଆସିଲେ ! ନାଟକ —

ସ୍ୱର୍ଣ୍ଣ ଅପ୍ରସ୍ତୁ ହୋଇ କହିଲା, ଦେହଟା ଭଲ ଲାଗିଲା ନାହିଁ ।

ଭଲ କରିଛ । ଦେହ ଭଲ ଥିଲେ ଆହୁରି କେତେ ନାଟକ ହେବ । ଯାହା ଅପଥ୍ୟ କରିଛ ! ହେଉ, ଯାହା ହେଲାଣି । ଆଉ ଭାବିଲେ କଅଣ ହେବ ? ଶୋଇପଡ଼ । ଯା ବଶୁ, ମାଆଙ୍କ ବିଛଣାଟା କରିଦେବୁ । ସ୍ୱର୍ଣ୍ଣ ଧୀରେ ଧୀରେ ଯାଇ ପଡ଼ିଗଲା ସେଇ ସୋଥିପଞ୍ଚ ଗଦା ପାଖକୁ । ବଶୁ ଗୋଡ଼ ପାଖକୁ ବସି ପାଦରେ ହାତ ବୁଲେଇ ଦେଉଥିଲା । ସ୍ୱର୍ଣ୍ଣ ହାଇ ଉଠେଇ ଜଡ଼ିତକଣ୍ଠରେ କହିଲା, କମ୍ବଳଟା ଘୋଡ଼େଇ ଦେ ବଶୁ ! ପଇସା ପାଇଁ ମୁଁ କମିତି ଗୋଟାଏ ବଡ଼ ଅପରାଧ କରିଛି, ସବୁ ତ ତତେ ଆସିବ ସମୟରେ କହିଦେଇଛି, ସବୁ କଥା ବାଦ୍ୟକାରଙ୍କୁ କହିଦେବୁ । ଘଟଣାଟା ସେମାନେ ଜାଣିବା ଉଚିତ ଆଉ ଆବଶ୍ୟକ । ଟଙ୍କା ତିନଟା ପାଇଁ—

ସ୍ୱର୍ଣ୍ଣର କଣ୍ଠରୋଧ ହୋଇଗଲା ଆବେଗରେ । ଟିକିଏ ରହିଯାଇ ପୁଣି କଥା ଆରମ୍ଭକଲା ସେ । ଈଶ୍ୱରଙ୍କ ଇଚ୍ଛା ବଳୀୟସୀ । କେତେ ଦୁଃଖ-ସଙ୍କଟରୁ ପାରକରି ଆଣିଥିଲୁ; ଆଜ ପୁଣି ମୃତ୍ୟୁମୁଖରୁ ଉଠେଇ ଆଣିଲୁ ଘରକୁ ।

ବଶୁର ଆଖିରୁ ଝରିପଡ଼ିଲା ଦ'ଧାର ଲୁହ ।

ବଶୁ, ଏଥର ପେଣ୍ଡାଲକୁ ଯାଆ, ନ ଗଲେ ସମସ୍ତେ ଜାଣିଯିବେ । ଏ କଥା କହି ପୁଣି ଥରିଉଠିଲା ସ୍ୱର୍ଣ୍ଣ ।

ଜ୍ୱରର ପ୍ରବଳ ପୀଡ଼ାରେ ଅଚେତନ ପ୍ରାୟ ହୋଇ ପଡ଼ି ରହିଥିଲା ସ୍ୱର୍ଣ୍ଣ । ସକାଳ ହେଲା, ତେବେ ମଧ୍ୟ ସେ ଆଉ ବିଛଣାରୁ ଉଠିନାହିଁ । ଟିକିଏ ଡେରିରେ ହିଁ ନିଦ ଭାଙ୍ଗିଥିଲା ସେଦିନ ପରମାନନ୍ଦଙ୍କର ଚମକିଲା ପରି ଉଠିପଡ଼ିଲେ ସେ । ରାତିରେ ବଡ଼ ଶ୍ରାନ୍ତ-କ୍ଳାନ୍ତ ହେଉଥିଲେ । ନିତି ସକାଳୁ ସ୍ୱର୍ଣ୍ଣର ବନ୍ଦନା ଶୁଣି ନିଦ ଭାଙ୍ଗିଯାଏ ତାଙ୍କର । କାହିଁ, ଆଜ ତ ଘରଟା ନିଃଶବ୍ଦ ଲାଗୁଛି । ଉଦ୍ବିଗ୍ନ ମନରେ ଯାଇ ଦେଖିଲେ ସ୍ୱର୍ଣ୍ଣ ପଡ଼ିରହିଛି ଜ୍ୱର ଘୋରରେ । ଦେହରେ ହାତଦେଇ ବସିପଡ଼ିଲେ ସେ ତା' ପାଖକୁ ! ଉଃ ! ଦେହଟାରୁ ସବୁ ଉତ୍ତାପ ବାହାରି ପଡ଼ୁଛି ବାହାରକୁ । ସେ ଆତଙ୍କିତ ହୋଇଉଠି ଡାକିଲେ, ଶୁକବୋଉ ! ମୁଁ ଏବେ କଅଣ କରିବି ? କମିତି ତୁମକୁ ମୁଁ ଭଲ କରିପାରିବି ? ତୁମକୁ କେବେ କୌଣସି ରୋଗ ହେବା ଯେ ମୁଁ ଜାଣି ନ ଥିଲି । ସ୍ୱର୍ଣ୍ଣ ସ୍ୱାମୀଙ୍କ ହାତ ଟାଣି ନେଇ ରଖିଦେଲି ଆଖି ଉପରେ । ବଡ ଜ୍ୱାଳା ହେଉଛି । କଡ଼ ଲେଉଟାଇ ଶୋଇଲା ସ୍ୱର୍ଣ୍ଣ । ଆଖି ତାର ଘୋଡ଼େଇ ହୋଇଯାଉଛି । ଆଖିମୁଦି ସ୍ୱାମୀଙ୍କ ହାତଧରି କହିଲା, ଆଉ ଗୋଟିଏ ପ୍ରସ୍ତୁ ହେବ । ଶେଷକରି ପାରିଲି ନାହିଁ । ଶୁକ ପାଖକୁ ଲେଖିବ ? କେଜାଣି ଡେରି ହୋଇଗଲେ ତାକୁ କିଛି କହିପାରିବି ନାହିଁ । ପରମାନନ୍ଦ କାନ୍ଦିଉଠିଲେ ସ୍ୱର୍ଣ୍ଣର କଥା ଶୁଣି । ସ୍ୱର୍ଣ୍ଣ ଆବେଗଜଡ଼ିତ କଣ୍ଠରେ କହିଲା; ତୁମେ ଇମିତି ପିଲାଙ୍କ ପରି ବ୍ୟସ୍ତ ହୋଇଗଲେ ଘର ଚଳିବ କମିତି ? ତୁମେ ତ ଦୁଃଖକଷ୍ଟ ସହ୍ୟକରିବା ଜାଣିନାହଁ । ପରମାନନ୍ଦ ବାଧାଦେଇ କହିଲେ, ତୁମେ ଭଲ ହୋଇଯାଅ ଶୁକବୋଉ, ଅତି ଶୀଘ୍ର ଭଲ ହୋଇଯାଅ । ଦୁଃଖ ସହ୍ୟକରିବା ଶକ୍ତି ନାହିଁ ବୋଲି ଜାଣି ଦୁଃଖ ଦେବ ଆୟୋଜନ କର ନାହିଁ ଶୁକବୋଉ !

ସେଦିନ ଦ'ପହରବେଳେ ସ୍ୱର୍ଣ୍ଣକୁ ଗରମ ବାର୍ଲି ଟିକିଏ ଦେଇ ଜ୍ୱରନାଶକ ଔଷଧରୁ ଗୋଟାଏ ଡୋଜ ଦେଇଦେଲେ ପରମାନନ୍ଦ । ଟିକିଏ ପରେ ସ୍ୱର୍ଣ୍ଣ କହିଲା, ସେଇ ସକାଳବେଳୁ ଇମିତି ମୋ ପାଖରେ ବସିରହିଛ, ଅଣ୍ଟାପିଠି ବ୍ୟଥା ହେବଣି । ପରମାନନ୍ଦ କହିଲେ, ତୁମକୁ ଏ ଅବସ୍ଥାରେ ଏକା ଛାଡ଼ିଦେଇ ସ୍ନାନ-ଆହାର କରିଆସିଲି; ଆଉ ବସିରହିଛି କମିତି ଶୁକବୋଉ ? ବଡ ଆଶ୍ଚର୍ଯ୍ୟର ବିଷୟ, ମନୁଷ୍ୟ ଏତେ ଦୁଃଖ ସହିପାରୁଛି କମିତି ? ସକାଳେ ତୁମର ଜ୍ୱର ହେ ଡିଗ୍ରୀ ଥିଲା । ଏକ୍ଷଣି ଅଳ୍ପ କମିଛି । ସ୍ୱର୍ଣ୍ଣ

ଟିକିଏ ହସିଦେଇ କହିଲା, ତୁମେ ଟିକିଏ ଶୋଇପଡ଼ । ବିଶୁ ତାର କାମ ସାରି ଆସିବ । ଜର ତ କମିଗଲାଣି । ଏଥର ଭଲ ହୋଇଯିବ । ମୁଁ ଭଲ ହେଲାବେଳକୁ ତୁମେ ପୁଣି ରୋଗ ଧରି ବସିବ । ଆମାକୁ ଆଉ ଦୁଃଖ ନାହିଁ । ଯାଅ, ଟିକିଏ ଶୋଇପଡ଼ ।

ବଡ଼ ଅନିଚ୍ଛାରେ ପରମାନନ୍ଦ ଉଠିଲେ ସ୍ୱର୍ଣ୍ଣର ବିଛଣାରୁ । ବାରଣ୍ଡାରୁ ପୁଣି ଫେରିଆସି ଔଷଧ ଖାଇବାକୁ କହିଦେଇ ଗଲେ । ନିଶ୍ଚିନ୍ତ ଲୋକର ମନରେ ଚିନ୍ତା ପ୍ରବେଶ କଲେ, ସେ ଆପଣାକୁ କୌଣସିମତେ ଆୟତ୍ତ କରିପାରେନାହିଁ । ପରମାନନ୍ଦଙ୍କ ମନଟା ସକାଳବେଳଠୁ ହୋଇଯାଇଥିଲା ବ୍ୟଥାହତ । ସେ ସ୍ୱର୍ଣ୍ଣ ପାଖରୁ ଯାଇ ବିଛଣାରେ ପଡ଼ୁ ପଡ଼ୁ ନିଦରେ ଶୋଇପଡ଼ିଲେ ଶ୍ରାନ୍ତିରେ ।

ବିଶୁ ସ୍ୱର୍ଣ୍ଣର ଗୋଡ଼ ଚିପି ଦେଉଥିଲା । ସ୍ୱର୍ଣ୍ଣ କଡ଼ ଲେଉଟେଇ ତା' ଆଡ଼କୁ ଅନେଇ ପଚାରିଲା, ରାତିର କଥା ମାଷ୍ଟ୍ରେ ହେଡ଼ବା ଜାଣିଲେଣି ନା ବିଶୁ ? ବିଶୁ କହିଲା, ରାତିରେ ନାଟକ ଭାଙ୍ଗିଲା । ସେଇଠୁ ମୁଁ ବାଦ୍ୟକାରଙ୍କୁ ସବୁ କହିଲି । କଥାଟା ଶୁଣିଲାକ୍ଷଣି ସେ କାନ୍ଦି କାନ୍ଦି ଧାଇଁ ଆସୁଥିଲେ । ମାଷ୍ଟ୍ରେ ତାଙ୍କୁ ବୁଝେଇ କହି ରଖିଲେ । କାହାକୁ କିଛି ନ କହି ତମକୁ ଘରକୁ ଧରି ଆସିବା ଶୁଣି ମାଷ୍ଟ୍ରେ କଅଣ, ସେ ବାଦ୍ୟକାରେ କଅଣ, ଦି'ଟାଯାକ ମଣିଷ ମତେ କୁଣ୍ଢେଇ ଧରି ପକେଇଲେ । ତମେ ମାଆ ଭଲ ହୋଇଗଲେ ଆଉ ସବୁ କଥା । ବାବୁ ତ ଆଜି ବାପ୍ପାଙ୍କ ପରି ଶୁକବାବୁଙ୍କ ପାଖକୁ ଟେଲିଗ୍ରାଫ କରିଦେଲେ । ସ୍ୱର୍ଣ୍ଣ ମଥାଟାକୁ ତାର ଚିପି ଧରି କହିଲା, ଭଲ ହେଲା । ଶୁକ ଆସିବ । ରାତିରେ ସେ ଆଘାତ ବଡ଼ କଷ୍ଟଦେଇଛି ରେ ବିଶୁ ! ସ୍ୱର୍ଣ୍ଣ ଆହୁରି କେତେ କଅଣ କହିଯାଉଥିଲା । ବିଶୁ ରାତିର ଅନିଦ୍ରା ଶ୍ରାନ୍ତିରେ ସେଇ ଖଟ ଖୁରା ଉପରେ ମଥାଟା ରଖି ଶୋଇଗଲା ଦେଖୁ ଦେଖୁ ।

ଜ୍ୱରଟା ବଢ଼ିଗଲା ପୁଣି ରାତିରେ ।

ଦିନ ଦିନ କରି ତିନି ଦିନଯାଇ ଚାରି ଦିନରେ ପ୍ରବେଶ କଲାଣି ସ୍ୱର୍ଣ୍ଣର ଜ୍ୱରବେଗ । ପରମାନନ୍ଦ ତାଙ୍କର ହୋମିଓପାଥି ଉପରେ ନିର୍ଭର ନ କରି ଗାଁର ରାଜବୈଦ୍ୟଙ୍କୁ ଡାକି ଆଣିଥିଲେ । ପାଚନ ବଟିକା ଇତ୍ୟାଦିଙ୍କୁ ନ ମାନି ଜ୍ୱର ଦିନ ଭିତରେ ଦୁଇ ଥର ଆସି ଯାଉଥିଲା ନିୟମିତ ଭାବରେ । ଚତୁର୍ଥ ଦିନ ସକାଳବେଳେ ସ୍ୱର୍ଣ୍ଣ ମୁହଁ ଧୋଉଥିଲା ସେଇ ଖଟ ଉପରେ ବସି । ବିଶୁ ଗରମ ପାଣି ଟିକିଏ ଦେଉଥିଲା ହାତକୁ । ପରମାନନ୍ଦ ଯାଇଥିଲେ ବୈଦ୍ୟଭୂଷଣଙ୍କୁ ଡାକି ।

ବିଶୁ ପାଚନ ପାଣି ଟିକିଏ ଦେଇସାରି ବସିଲା ସ୍ୱର୍ଣ୍ଣର ମଥାପାଖକୁ । ସ୍ୱର୍ଣ୍ଣର କାଶ ଆରମ୍ଭ ହୋଇଥିଲା ରାତିରୁ । ସେ ବିଶୁ ଆଡ଼କୁ ଅନାଇ ପଚାରିଲା, ମାଷ୍ଟ୍ରେ ଆଉ ବାଦ୍ୟକାରେ କେଉଁଠି ଅଛନ୍ତି ? ବିଶୁ କହିଲା, ପ୍ରୋବନ୍ନ କହୁଥିଲା, କାଇଁଚପୁର ଯାଇଚନ୍ତି । କଉଡ଼ଆ ଡ୍ରେସ୍‌ଗୁଡ଼ାକ ଆଣିଥିଲେ, ଭଡ଼ା ପଇସା ଦେବେ । ଡ୍ରେସ୍ ଫେରେଇଦେଇ ଆସିବେ । ସ୍ୱର୍ଣ୍ଣ ଟିକିଏ ତୁନି ହୋଇ ରହିଗଲା । ପ୍ରଥମ ଦିନ କମିତ ସେ ଦେଖିଥିଲା ସୁରମାଷ୍ଟ୍ରେ ଆଉ ବାଦ୍ୟକାରଙ୍କୁ । କେବେ ଭାବି ନ ଥିବା କଥା ଘଟିଯାଇଥିଲା । ସେ କଥା ଭାବନାକରି ଆଖି ଓଦା ହୋଇଗଲା ସ୍ୱତଃ ତାର । ଡାକିଲା ବିଶୁ ! ଆଜି ଟିକିଏ ଭଲ ଲାଗୁଛି । ଲେଖୁଥିବା ନାଟକ ଖଣ୍ଡିକ ଶେଷକରି ଦିଅନ୍ତି—

ବିଶୁ ଗୋଡ଼ ଚିପି ଚିପି କହିଲା, ଆଉ ବସିବାକୁ ବଳ ଅଛି କି ମାଆ ! ଦିନ ଟିକିଏ ଭଲ ହୋଇ, ଦେଖୁଛ, ଜର ଛାଡ଼ୁନି । ବାବୁ ତ ଚିନ୍ତାରେ ଅନ୍ନପାଣି ଛାଡ଼ିଦେଲେଣି । ବାବୁ କହି ନାହାନ୍ତି କି ? ହଁ, ମନେ ନ ଥିବ । ସକାଳେ ଟେଲିଗ୍ରାଫ ଆସିଲା—ଶୁକବାବୁ ଆଜି କାଶୀରୁ ବାହାରିବେ । ପନ୍ଦରଦିନ ରାତିକି ଏଠିକି ଆସିବେ, ଆଉ ଗୋଟିଏ ଦିନ ମଝିରେ—

ଚମକି ଉଠିଲା ସ୍ୱର୍ଣ୍ଣ । ତାହାହେଲେ ତ ତ.ର ଅବସ୍ଥା ଭଲନାହିଁ ନିଶ୍ଚୟ । ଯିବା ଆଗରୁ ନାଟକ ଲମ୍ବନ୍ତେ ଯେତେ ଧାରଉଧାର ହୋଇଯାଇଛି, ସବୁ

ପରିଶୋଧ ନ କଲ ଯଦି ମରିଯାଏ, ଶୁକ ବଡ଼ ଅସୁବିଧା ବୋଧକରିବ । ସେ ପୁଣି କଥା ଆରମ୍ଭ କରି କହିଲା, ପାନ୍ଥଙ୍କ ଦୋକାନ ବାକିଟା ଆଗ ଶୁଝିଦେବା ବଶୁ! ଦେଖୁଛୁ ମୁଁ ଦୁର୍ବଳ ହେଲଣି, ଔଷଧ-ପଥ୍ୟ ପାଇଁ ପଇସା ଆବଶ୍ୟକ । ଏ ସମୟରେ ସୁନାଗହଣା ଆଉ କଅଣ ହେବ ? ମୋର ଏଇ ଦୁଇଟା ହାର ଅଛି । ଏଥିରୁ ଗୋଟିଏ ନେଇ ବନ୍ଧୀକରି ଦେ, ସବୁ ତାକ ଶୁଝା ହୋଇଯିବ । ଏଣିକି ଯାହା ଆଣିବୁ, ପଇସାଦେଇ ଆଣିବୁ । ଏ ବର୍ଷର ଧାନ ଆସିଲେ ବନ୍ଧୀକରା ହାର ଗୋଟାଏ କରିଦେବା ।

ବଶୁ ସ୍ୱର୍ଣ୍ଣମୁହଁରୁ ସାଂସାରିକ କଥା ଶୁଣି ଆହ୍ଲାଦିତ ହୋଇଉଠି କହିଲା, ସୁନା ଟିକିଏ ନ କଲେ କେମିତି ହେବ ? ଶୁକବାବୁ ଏଥର ବଡ଼ ହେବେ । ଏତେ ବଡ଼ ରୋଗପୀଡ଼ାରେ ପୀଡ଼ିତା ହୋଇ ମଧ୍ୟ ସ୍ୱର୍ଣ୍ଣ ଶୁକର କଥା ଶୁଣି ହସିଦେଲା ଫିଁ କରି । ସ୍ୱର୍ଣ୍ଣର ହସିଲା ମୁହଁକୁ ଚାହିଁ, ପୁଣି ସେ ସଂସାର ଆଡ଼କୁ ଆକୃଷ୍ଟ ହେବା ଦେଖି ବଶୁ ଏତେଦୂର ଉତ୍ଫୁଲ୍ଲ ହୋଇ ଉଠିଥିଲା ଯେ ଶେଷସମ୍ବଳ ଭୂଷଣଟିକୁ ବନ୍ଧା ଦେବା କଥାରେ କୌଣସି ପ୍ରକାର ଆପତ୍ତି କରି ନ ଥିଲା । ସ୍ୱର୍ଣ୍ଣ ତା' ଗଳାରୁ ଦୁଇ ସୋରିଆ ଚନ୍ଦ୍ରହାରଟି ଖୋଲିଦେଇ ଫିଙ୍ଗିଦେଲା ବଶୁ ପାଖକୁ । ହଁ, ଉଠ୍ ବଶୁ ! ଆଉ ଡେରିକଲେ ଚଳିବନାହିଁ । ଏଇଟା ହେଉଛି ମୋର ଶେଷ କାର୍ଯ୍ୟ । ଶୀଘ୍ର ଆସିବୁ । ବାବୁ ଏଖଣି ଆସିଯିବେ ।

ସେ ଦିନ ରାତିରେ ଜ୍ୱରର ତାପଟା ଅତ୍ୟନ୍ତ କଷ୍ଟଦାୟକ ହୋଇ ବଢ଼ି ଯାଇଥିଲା । ବୈଦ୍ୟଭୂଷଣ ଆସି ଚତୁର୍ଦ୍ଦଶାଙ୍ଗ ପାଚନ ସହିତ ବଟିକା ବ୍ୟବସ୍ଥା କରିଯାଇଥିଲେ । ତାହାହେଲେ ମଧ୍ୟ କାଶର ପ୍ରକୋପ ପୁଣି ଶ୍ୱାସକ୍ରିୟାରେ କଷ୍ଟବୋଧ ହେଉଥିବା ଅନୁମାନ ହେଉଥିଲା । ପରମାନନ୍ଦ ସ୍ୱର୍ଣ୍ଣର ପାଖକୁ ବସି ଖଟିରେ ହାତ ବୁଲେଇ ଆଣି ପଚାରିଲେ, ତୁମକୁ କଅଣ ଲାଗୁଛି କହୁ ତ କହୁନାହିଁ ? ସ୍ୱର୍ଣ୍ଣ ଆଖି ଖୋଲି ଅନେଇଲା । ପରମାନନ୍ଦ ଝୁଙ୍କି ପଡ଼ିଛନ୍ତି ତା ମୁହଁ ଉପରକୁ । ସେ ଜାଣିଲୁ ନିଜେ ବୁଝିପାରୁଛନ୍ତି ଯେ ଏ ଜ୍ୱରଟା ତାଙ୍କୁ ଦୁର୍ବଳ କରିଦେଲାଣି । ଏଣିକି ବାରିପାଖକୁ ଯିବା ମଧ୍ୟ ତା ପକ୍ଷରେ ସମ୍ଭବ ହେବନାହିଁ । ଥରକୁ ଥର କାଶର ଆକ୍ରମଣ, ମଥାର ଦାରୁଣ ବେଦନା । ସେଇ ପୀଡ଼ାର ଅନୁଭୂତ ଭିତରେ ମନେପଡ଼ିଯାଉଛି ଆପଣା ଜୀବନର ଇତିହାସ । ଥରେ ଥରେ କେଉଁ ଦୂରପ୍ରାନ୍ତରୁ ଶୁଭିଯାଉଛି ସ୍ୱର୍ଗମାଆଙ୍କ କଣ୍ଠସ୍ୱର । ବାପମାଆଙ୍କ ବାତ୍ସଲ୍ୟ-ମମତାଭରା କଥା । ପରସ୍ପରର ସ୍ନେହ ପ୍ରୀତିର ଅନିର୍ବଚନୀୟ ଅନୁଭୂତି, ନାଟକର ଦୃଶ୍ୟ ପରି ଗୋଟି ଗୋଟି ହୋଇ ଦିଶିଯାଉଛି ତାର ଜ୍ୱରପୀଡ଼ିତ ଆଖି ଆଗରେ । କି ଆଶ୍ଚର୍ଯ୍ୟ ଘଟଣା ହେଲା, ଆଜି ସେ ଆଳାପ ଆଲୋଚନାର କୌଣସି ମୂଲ୍ୟ ନାହିଁ । ଅଜଣା ହାତର ସୃଷ୍ଟି ନାଟକ- ଜଗତ ,କେଉଁଆଡେ଼ ମିଳେଇ ଯାଉଛି ଶୂନ୍ୟମାର୍ଗରେ । ସେ ଯେ ସଂସାରର ଜଣେ ସାଧାରଣ ସ୍ତ୍ରୀ ବ୍ୟକ୍ତି । ତାହାହେଲେ ମଧ୍ୟ ସେଇ ଶିଶୁକାଳରୁ ସେ ଯେ ଆପଣାକୁ ସ୍ୱତନ୍ତ୍ର କରି ଦେଖି ଆସିଛି ଅନ୍ୟ ସମସ୍ତଙ୍କଠାରୁ ! ଶାଶୁ-ଶ୍ୱଶୁର, ସ୍ୱାମୀ-ପୁତ୍ର ସମସ୍ତେ ତାର ଅତି ପ୍ରିୟ । ସ୍ୱାମୀଙ୍କୁ ସେ ସେବା କରିଛି ଗଭୀର ଭକ୍ତିରେ । ଯାହା ଭାବୁଥିଲା, ସେଇ କଥା ହିଁ ସ୍ୱପ୍ନାବିଷ୍ଟ ହୋଇ କହିଚାଲି ଅସ୍ପଷ୍ଟ କରି । ପରମାନନ୍ଦ ବ୍ୟାକୁଳ ହୋଇଉଠିଲେ ସ୍ୱର୍ଣ୍ଣର ପ୍ରଳାପ ଶୁଣି ।

ହଠାତ୍ ଗୋଟାକଯାକ ସେଇ ଅବସ୍ଥାରେ କଟିଗଲା ସ୍ୱର୍ଣ୍ଣର । ଭୋରହେବାକୁ ଜ୍ୱରଟା କମିଆସିଲା । ସ୍ୱର୍ଣ୍ଣ ଆଖି ଖୋଲି ଚାହିଁଲା ମାଘ ଶେଷର ସୁନ୍ଦର ସୂର୍ଯ୍ୟରଶ୍ମି ଆସିଲାଣି ବୋଧହୁଏ । ମନ୍ଦିରର ଘଣ୍ଟା-ବାଜିଲାଣି । କେତେଟା ସକାଳ ଆଜ ? କେଜାଣି କାଲି ସକାଳ ଏଇ ଚେତନା ଆନନ୍ଦମୟ ଶଙ୍ଖଧ୍ୱନିଟି ଆଉ ଶୁଣିପାରିବ କି ନାହିଁ ! ଦୁଇ ଦିନ ହେଲା ସ୍ୱର୍ଣ୍ଣର ଖଟ ଅଣ୍ଡ଼ିକ ନେଇ ଯାଇଥିଲେ ପରମାନନ୍ଦଙ୍କ ଶୋଇବା ଘରକୁ । ଅନିଦ୍ରା ଶ୍ରାନ୍ତିରେ ଭୋରବେଳକୁ ନିଦ ଲାଗିଯାଇଥିଲା ପରମାନନ୍ଦଙ୍କୁ । ବଶୁ ଉମ୍ବେଇଁରେ କାହିଁ କରି ଧରି ଆସିଲା । ବଶୁକୁ ସ୍ୱର୍ଣ୍ଣ କଅଣ କହୁଥିଲା । ପରମାନନ୍ଦ ଧଡ଼ପଡ଼ ହୋଇ ଉଠିପଡ଼ି ମୁହଁ ଧୋଇ ଚାଲିଆସିଲେ

ବାହାପାଖରୁ । ଗୁଁ କରି ଆଣିବାକୁ କହିଦେଲେ ବଶୁକୁ । ସେଇ ଘରର କୋଣକୁ ପାଉଁଶ ଗଣ୍ଡିଏ ରଖା ହୋଇଥିଲା, ମଳମୂତ୍ର ସବୁ ସେଇଠି । ବଶୁ ନିର୍ବିକାର ମନରେ ପରିଷ୍କାର କରିଯାଉଥିଲା ସବୁ ।

ପରମାନନ୍ଦ ସ୍ୱର୍ଣ୍ଣର ମୁହଁ ଧୋଇ ପୋଛିଦେଲେ । ପୁଣି ସେ ଲୋଟିଗଲା ବିଛଣାରେ । ଗରମ ଗୁଁ ଗ୍ଲାସ ଚାମଚ ପିଆଇଦେଲେ ସେ ଚାମଚ ଚାମଚ କରି । ମୁହଁ ପାଖକୁ ମୁହଁରଖି ପଚାରିଲେ—କଅଣ, ଟିକଏ ଭଲ ଲାଗୁଛି କି ଶୁକବୋଉ ? ନା, ହଁ, ଭଲ ଲାଗୁଛି । ମୁଣ୍ଡଟା କମିତି ହାଲୁକା ଲାଗିଗଲାପରି ଲାଗୁଛି । କଅଣ ଗୋଟାଏ ପଚାରିବି ପଚାରିବି ବୋଲି ପୁଣି ଭୁଲିଯାଉଛି । ହୁଏତ ଆଉ ପଚାରି ପାରିବିନାହିଁ । ପରମାନନ୍ଦ ନିରେଖି ଦେଖିଲେ, ସ୍ୱର୍ଣ୍ଣର ମୁହଁରେ ଦିଶୁଛି ରକ୍ତହୀନତାର ଛାପ । ଆଖି ଦୁଇଟା କୋଟରଗତ ନ ହୋଇ ମୁହଁ ଉପରେ ଭାସିଉଠୁଛି । ଗୁଣ୍ଡଟା ତାଙ୍କର ହିଁ କରି ହୋହଲା ଉଠିଲା । ସେ ବଡ଼ ଆବେଗରେ ସ୍ନେହମୟୀ ପତ୍ନୀର ଲଲାଟରେ ଚୁମ୍ବନରେଖାଟିଏ ଆଙ୍କିଦେଇ କହିଲେ, ସେ କଥା ଆଉ ଭାବନାହିଁ । ଯାହାହେବା କଥା ହୋଇଗଲାଣି । କେବେ ଭାବି ନ ଥିବା କଥା କେତେ ବଡ଼ ଘଟଣାର ରୂପ ଧରି ପ୍ରକାଶ ପାଇଗଲା ଦେଖୁ ଦେଖୁ । ସୁରଦାସେ ଆଉ ବାଦ୍ୟକାରେ ହାତର ଟଙ୍କା ଖରଚ କରି ତୁମର ନାଟକ ନିମନ୍ତେ ଯାହା କରିଛନ୍ତି, ସେ ଋଣ କେବେ ପରିଶୋଧ କରିଯାଇ ପାରିବନାହିଁ । ତୁମ ପାଖକୁ ଆସିବା ପାଇଁ ବାଦ୍ୟକାର ବୁଢ଼ା ବଡ଼ ଅଳିକରି ବସିଥିଲେ, ସୁରମାଷ୍ଟ୍ରେ ତାଙ୍କୁ ମନାକରି ବୁଝେଇ କହି ନେଇଗଲେ ସାଥିରେ । ତୁମର ଦେହ ଆଉ ମନର ଯେଉଁ ଅବସ୍ଥା, ଏଥିରେ ଆବେଗ ଇତ୍ୟାଦି ସହ୍ୟ ହେବନାହିଁ ବୋଲି ସେ ଜାଣନ୍ତି । ଅଣେଇଁ ହୋଇ ଶୋଇ ହାତର ଚୂଡ଼ି ଗଣୁଥିଲା ସ୍ୱର୍ଣ୍ଣ । ପରମାନନ୍ଦ ସ୍ୱର୍ଣ୍ଣର ପିଠି ଥାପି ଦେଇ ଦେଇ କହିଲେ ପୁଣି, ତୁମେ ସ୍ଥିର ଧରି ଶୋଇଲ, ସେ ଦିନେଁ ଏ ସମସ୍ତଟା ଦିନସାରା ଲାଗିଥିଲେ ନାଟକଘର କାର୍ଯ୍ୟରେ । ଧାଁ-ଦଉଡ଼ କରି ସବୁ ଧାରଉଧାର ପରିଶୋଧ କରି ଦେଇଛନ୍ତି । ସିନ୍-ସିନେରି ତ ବନ୍ଦୀ କଲେ, ତା' ଛଡ଼ା ନାଟକଘରର ଟିଣ ଛାତ, କାଠ-ବାଉଁଶ, ଇଟାମାଟି ଯାହା ଯେଉଁଠି ଥିଲା, ସବୁ ବନ୍ଦୀକରି ଦେଇଛନ୍ତି । କେଉଁଠି ଋଣ ଉଧାର ପଇସାଟିଏ ମଧ୍ୟ ବାକି ରଖିନାହାନ୍ତି । ବଶୁକୁ ଦେଖାଦେଲେ ଘୁଞ୍ଚିବ ନାହିଁ ବୋଲି ତାକୁ ମଧ୍ୟ ନ କହି ଗଲେ ବାହାରି । ବାଦ୍ୟକାର ତାଙ୍କର ଘର ଖଣ୍ଡିକ ବନ୍ଧକ ଦେଇ ବାଟଖରଚ ପାଇଁ ଦେଢ଼ଶହ ନେଇଛନ୍ତି । ଯିବା ସମୟରେ ସେ ଅବସ୍ଥା କହିହେଉନାହିଁ । ମାଷ୍ଟ୍ରଙ୍କ ଆଖିରୁ ଲୁହ ବହିଯାଉଥାଏ । ବାଦ୍ୟକାର ତ କଥା କହିପାରିଲେ ନାହିଁ । ସ୍ୱର୍ଣ୍ଣ ଆଖିରେ ସଞ୍ଚରିଗଲା ଉଷ୍ମ ଅଶ୍ରୁ । ଜ୍ୱରପୀଡ଼ିତର ସମଗ୍ର ହୃଦୟ ହୋଇଉଠିଲା ବିଚ୍ଛେଦବ୍ୟଥିତ । ସେ କଡ଼ ଲେଉଟେଇ ଶୋଇଲା ସେ ପାଖକୁ ମୁହଁକରି । ଶୁକ ଆଜି କମ୍ପା କାଲି ସକାଳୁ ଆସିବ । ଶୁଣୁଛ ! କହିଲେ ପରମାନନ୍ଦ । ଆଖି ପୋଛିଦେଇ ସ୍ୱର୍ଣ୍ଣ କହିଲା, ଶୁକ ଆସିବ ? ତୁମର ମୁହଁକୁ ଅନେଇ ମରିଯିବି । ଏ ସମୟରେ ମୃତ୍ୟୁଟା ବଡ଼ ସୁନ୍ଦର ହୁଅନ୍ତା । କେବଳ ତୁମର ଦୁଃଖ ହେବ ବୋଲି ଚିନ୍ତାକରୁଛି । ତା' ନ ହେଲେ, ଭାବିଲେ ଆନନ୍ଦର ସୀମା ରହୁ ନାଇଁ । ଏଇ ସାମାନ୍ୟ ଅସୁସ୍ଥତାରେ ତୁମ ମୁହଁକୁ ଚାହିଁ ଚାହିଁ ସୁନାର ରଥରେ ବସି ଚାଲିଯିବି । ମୋର ବିୟୋଗ-ଦୁଃଖରେ ଶୁକ କାନ୍ଦି ଉଠିବ ଆବେଗରେ । ମନୁଷ୍ୟ ଜନ୍ମହେବା ମାତ୍ରେ ହିଁ ସେ ମୃତ୍ୟୁ ଭୟ ଆସୁଛି । ତୁମକୁ ଦେଖି ଦେଖି ମରିବା କଅଣ ମୋର ସୌଭାଗ୍ୟ ନୁହେଁ ? ଶୁକ ତୁମକୁ ସାନ୍ତ୍ୱନା ଦେବ । ସେ କଥା ସେ ଏବଠୁ ଶୁଝିଲାଣି । ପରମାନନ୍ଦ ଆବେଗରେ କୁଣ୍ଢାଇ ଧରି କହିଲେ, ଏମିତି ନିଷ୍ଠୁର କଥା ତୁମେ ମତେ କହିପାରିଲ ଶୁକବୋଉ ? ତୁମକୁ କ୍ଷଣେ ନ ଦେଖିଲେ ଏ ପିଣ୍ଡରେ ପ୍ରାଣ ରହିବନାହିଁ ।

ସ୍ୱର୍ଣ୍ଣ ତାର ଶୀର୍ଣ୍ଣ ଦୁର୍ବଳ ବାହୁ ଉଠେଇ ରଖିଦେଲା ସ୍ୱାମୀଙ୍କ ପିଠିରେ । ହାତଟି ପୁଣି ଖସିପଡ଼ିଲା ଶିଥିଳ ହୋଇ । ଜଡ଼ିତକଣ୍ଠରେ କହିଲା, ଛି, ଇମିତି କାନ୍ଦନ୍ତି ! ବସିଲ ସ୍ଥିର ହୋଇ । କମିତି ଶୀତ ଲାଗୁଛି ।

କମ୍ବଳଟା । ସେ ଡେଇ ଦିଅ । ପରମାନନ୍ଦ ଆତଙ୍କିତ ହୋଇଉଠି କହିଲେ, ଆଉ ଥରେ ଜ୍ୱର ଆସିଗଲା । କୌଣସି ଔଷଧକୁ ତ ଏ ଜ୍ୱରଟା ମାନିଲାନାହିଁ । ମନରେ ଗୋଟାଏ ଭୟ ସଞ୍ଚାର ହୋଇଗଲା ତାଙ୍କର । ସେ ଭାବିଲେ, ସ୍ୱର୍ଣ୍ଣ ଆଉ ଭଲ ହେବନାହିଁ । ଜ୍ୱର ଆସି ତାର ସବୁ ଶକ୍ତି ନିଃଶେଷ କରିଦେଲାଣି । କଅଣ ଆଉ କରିବେ ସେ । ନାଡ଼ି ଦେଖିଲେ, ଜ୍ୱରାଗମର ଲକ୍ଷଣ ଦେଖାଯାଉଛି । ପାଦ ଦୁଇଟା ଲୁଆପଥର ପରି ଶୀତଳ ହୋଇଗଲାଣି । ଶୀତର ପ୍ରକୋପ ବଢ଼ିଯାଉଛି ବେଳକୁ ବେଳ ।

ବିଶୁ ଧାଇଁଆସିଲା ପରମାନନ୍ଦଙ୍କ ଡାକ ଶୁଣି । ନିଆଁ ଛମ୍‌ହେଇଟା ଧରି ବସିପଡ଼ିଲା ସେ ପାଦ ପାଖକୁ । ସାହସ କରି କହି ପାରୁଥିଲା ସେ । ସେକ ଦେଲେ ଏଇକ୍ଷଣିକା ପାଦ ଗରମ ହୋଇଯିବ । କୋଉଥି କି ମାନିଲା ନାହିଁ ସ୍ୱର୍ଣ୍ଣର ଜ୍ୱର । ଦୁଇପହରର ବେଳକୁ କଅଣ ଗୁଡ଼ାଏ କହିଗଲା ସେ । ସନ୍ଧ୍ୟାପୂର୍ବକୁ ଭୁଲି ଆଉ ଟିକିଏ ଉତ୍କଣ୍ଠା ବଢ଼ିଗଲା ତାର । ସେ କଅଣ ଗୋଟାଏ କହିବାକୁ ଯାଇ ଡାକିଲା, ଶୁଣୁଛ ଶୁକବାପା ! ଅହ୍ୟ ଘେଣ୍ଟୁ ବାଜୁଛି ଦାଣ୍ଡରେ, ଧୁଡୁକୁ ଧୁଡୁ ଶୁଭୁଛି । ଦେହଟା ଶୀତେଇ ଉଠୁଛି । ଭୟ ! ଭୟ ତ କେବେ କରି ନ ଥିଲି ।

ରାତି ବଢ଼ିବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣର ପ୍ରଳାପ ମଧ ବଢ଼ି ଚାଲିଥିଲା । ସେ ଶୁକକୁ ବୁଝେଇ କହୁଛି । ଆଉ ଗୋଟିଏ କି ଦୁଇଟି ପୃଷ୍ଠା ହେବ । 'ପ୍ରତ୍ୟାବର୍ତ୍ତନ'ଟି ଶେଷ କରିଦେବି । ପାରିବି ନାହିଁ ? ସୁରମାଷ୍ଟ୍ରେ କହି-ଥିଲେ ଶେଷଟା ଚମତ୍କାର କରିବାକୁ । ତୁମେ ଏଠିକି ଆସିବଟି । ଶୁଣ, କଅଣ ଶୁଭୁଛି ? ହରିବୋଲ ଧ୍ୱନି ଶୁଭୁଛି, ଘେଣ୍ଟୁ ବାଜୁଛି ଧୁଡୁକୁ ଧୁଡୁ । ଶାଶୁଙ୍କ ବିମାନ ପଛରେ ଉଡ଼ିଯାଉଛି ମୋର ବିମାନ । ହଂସ ଉଡ଼ିଲା ପରି ଉଡ଼ିଯାଉଛି ଦେହଟା । ଧରିଲ… ଧରିଲ !

ପରମାନନ୍ଦ ସ୍ୱର୍ଣ୍ଣର ଛାତି ଉପରେ ମଥାରଖି କାନ୍ଦି ଉଠିଲେ ଶୋକାର୍ତ୍ତ ହୋଇ । କାନ୍ଦିଲ ଉଠିଲେ ସ୍ୱର୍ଣ୍ଣର ଶୁଣ । ସ୍ୱର୍ଣ୍ଣ ପରମାନନ୍ଦଙ୍କ ମଥାଟିକୁ ଛାତି ଉପରେ ରଖି କହିଲା, କାନ୍ଦ ନାହିଁ ଗୋ କାନ୍ଦ ନାହିଁ । ମୋର ଭୟ ହେଉଥିଲା, ମୋ ଆଗରୁ ତୁମେ ଯଦି ମୋତେ ଛାଡ଼ିଦେଇ—ପରମାନନ୍ଦ କହିଉଠିଲେ, ତୁମେ ମତେ ଏକାନ୍ତ ଏକା କରି ଚାଲିଯିବ ? ମତେ ଠକିଦେଇ ପଳେଇଯିବ ? ମୁଁ କିମିତି ବଞ୍ଚିବି ? ମୁଁ ତୁମକୁ ନ ଦେଖି ବଞ୍ଚିବ ନାହିଁ ଶୁକବାପ ! ! ଶୁଣିଲ, ଗୀତ ଶୁଭୁଛି । ବଂଶୀ ବାଜିଲା ପରି ଲାଗୁଛି । ଧ୍ୱନିଟା ଦୂରରେ ! ଏଇ ତ ପାଖରେ ଶୁଭିଲାଣି । ଶୁଣୁଛ ! ଆଉ ଗୋଟାଏ କଥା, ମୁଁ କହିଟାର ନାଁ 'ପ୍ରତ୍ୟାବର୍ତ୍ତନ' ଦେଇଛି । ଶୁକ ଲେଖିଥିଲା ଏଇ ନାମଟି ରଖିବାକୁ । ଆସିଲା ବୋଧହୁଏ ଦେଖିଲ । ଶୁକ ! ଆସିଲୁ ! ତାପରେ ବେଗରେ ବାକ୍‌ରୋଧ ହୋଇଗଲା ସ୍ୱର୍ଣ୍ଣର ।

ଶାନ୍ତରେ ଆଖି ମୁଦି ହୋଇଗଲା । [illegible] ସରିଯାଉଛି ଖଣ୍ଡ-କପାଳରୁ ।

ବିଶୁ ସେକ ଦେଉଥିଲା ସ୍ୱର୍ଣ୍ଣର ପାଦ ଦୁଇଟାକୁ । ନିଆଁ ଲଗା ପାଦ ଦୁଇଟି କାଠ ପରି ଲାଗୁଛି ବେଳକୁ-ବେଳ । ଏତେ ସେକରେ ଉଷ୍ମ ତ ହେଉନାହିଁ ! ଛାତି ପାଖରୁ ଘଡ଼ ଘଡ଼ ଶବ୍ଦ ଶୁଭୁଛି ।

ଚେତନ ଶୂନ୍ୟ ହେଲାଣି । ଘଡ଼ିଟା ରଖାହୋଇଛି ଟିମିଟି ସେଇ ଝରକା ଉପରେ । ଶୁଭ ହେଉନାହିଁ ସେଇ ଧ୍ୱନିଟୁ । କାନ ଡେରି ଶୁଣିଲା ବିଶୁ । ଏପାଖ ସେପାଖ ପଡ଼ୋଶୀଘର ସମସ୍ତେ ଶୋଇଗଲେଣି । ମନ ଭିତରେ ସୃଷ୍ଟିହେଉଛି ଦାରୁଣ ଆତଙ୍କ । ପରମାନନ୍ଦ ତଳେ ବସିଛନ୍ତି । ଦୁଇଟାଯାକ ହାତ ଖଟ ଉପରକୁ ଛାଡ଼ିଲ ମୁଣ୍ଡ ରଖି ମଥାଟି ଥାପିଦେଇଛନ୍ତି ଖଟ ଉପରେ । ବିଶୁ ପଥର ଭଳି ବସି ଦେଖୁଥିଲା ସ୍ୱର୍ଣ୍ଣର ଦେହଟାକୁ । ପରମାନନ୍ଦଙ୍କ ଆଖିକୁ ଆସୁନାହିଁ ଲୁହ । ଆହା, କଅଣ କରିବେ ? କିମିତି ଧରିବେ ଧାଡ଼ି ଏ ଦୁଃଖ ସମ୍ଭାଳିବେ ? ଦି' ଦିନ ତଳେ [illegible] ଉଠାଇ ନେଲୁ ଛାତିରେ ବଜ୍ରାଘାତ ! ଏତେ ସୁକୁମାର ମଣିଷକୁ ଏତେ କଡ଼ା ଦଣ୍ଡ ! ସତରେ ଦୁଃଖ ହେବ ବୋଲି ଏତେ ବଡ଼ ଦୁଃଖ-ବାଧାର କଥା

କେବେ ତ ମାଆ ମୋର ପଦେ କହି ନ ଥିଲେ । ଆଜ ଦୁଃଖ ଦେଇ ଚାଲିଯିବେ ? ବିଶୁର ଆଖିରେ ଭରି ହୋଇଗଲା ତାତିଲା ଲୁହ ।

ପାହାନ୍ତ ପହର ହେଲାଣି । ବୈଦ୍ୟଭୂଷଣ ଆସି ଶୋଇଥିଲେ ଦାଣ୍ଡଘରେ । ଆଉ କଅଣ କରାହେବ, ବୈଦ୍ୟଙ୍କୁ ପଚାରଦେଇ ଆସି ସେକବାରେ ଲାଗିଥିଲା ବିଶୁ ।

ଦାଣ୍ଡଦୁଆର ପାଖରେ ବଳଦ ଶଗଡ-ରହିବା ଶବ୍ଦ ଶୁଭିଲା ବିଶୁକୁ । ଶକଟଚାଳକ ହ' ବା ହ' କରି ରୋକ ରଖିଲା ବଳଦହଳକୁ । ବିଶୁ ଚମକିଉଠି ଅନେଇଲା । ଉଠିବାକୁ ଇଚ୍ଛା ହେଉନାହିଁ । ଆସ୍ତେ ଆସ୍ତେ ଚାଲିଗଲା ସେ ଅଗଣାକୁ । ଶୁକର ସ୍ୱର ଶୁଭୁଛି ଦୁଆର ମୁହଁରୁ । ଧାଇଁଯାଇଁ, ଦେଖିଲା ଶୁକ ଶଗଡଭଡ଼ା ଦେଇସାରି ଆସୁଛି ଦାଣ୍ଡଘରକୁ । କାନ୍ଦିଉଠିଲା ବିଶୁ ଶୁକକୁ ଦେଖି ।

ଶୁକ ଦ୍ରୁତପଦରେ ଯାଇ ଡାକିଲା, ବୋଉ, ! ଏ ବୋଉ ମୋ ବୋଉ ! ଡାକି ଡାକି ବସିପଡ଼ିଲା ସେ ସ୍ୱର୍ଣ୍ଣର ମଥା ପାଖକୁ । ପରମାନନ୍ଦ ବିହ୍ୱଳହୋଇ ଚିତ୍କାର କରିଉଠିଲେ ଶୁକକୁ ଆଲିଙ୍ଗନ ପାଶରେ ଆବଦ୍ଧକରି । ଆଖି ଖୋଲି ଅନେଇଲା ସ୍ୱର୍ଣ୍ଣ ନିମିଷକ ପାଇଁ । ଫେରିଆସିଲା ଶାନ୍ତ, ସହଜ ଚେତନା । ସେ ହାତ ବଢ଼େଇଲା ଶୁକର ମଥା ଆଡ଼କୁ । କଣ୍ଠ ପାଖରେ କଥା ତାର ଅଟକିଗଲା ପୁଣି । ଜଡ଼ିତସ୍ୱରରେ କହିଲା ସେ, 'ପ୍ରତ୍ୟାବର୍ତ୍ତନ' ହୋଇ ଯାଇଛି । କେବଳ-ଏତିକି-ବାକି ଅଛି—ସେ ତା' ପୁଅକୁ ଦେଖି ମରିଯିବ । ଶୁକ ଚିତ୍କାର କରି କହିଲା, ବୋଉ, ତୁମେ କେବେ ମରିବନାହିଁ । ତୁମର ଚିନ୍ତାଧାରା ବହିଯିବ ହୃଦୟରୁ ହୃଦୟକୁ । ପ୍ରତି ନିମିଷରେ ତୁମର ପ୍ରତ୍ୟାବର୍ତ୍ତନ ଘଟୁଥିବ ମାନବ ଜଗତ ଭିତରେ । ସ୍ୱର୍ଣ୍ଣର ଓଷ୍ଠକୋଣରେ ମୃଦୁହାସ୍ୟର କ୍ଷୀଣରେଖା ଦେଖାଦେଇ ମିଳେଇଗଲା ସେହିକ୍ଷଣି । ସେ ପରମାନନ୍ଦଙ୍କୁ ଦେଖେଇ ଦେଇ କଅଣ କହିଲା; କିନ୍ତୁ ବୁଝିହେଲାନାହିଁ । ସର୍ବାଙ୍ଗ ଅବଶ ହୋଇ ଆସିଲା ଧୀରେ ଧୀରେ । ଶୁକଆଡ଼ୁ ଦୃଷ୍ଟି ଫେରାଇ ନେଇ ପରମାନନ୍ଦଙ୍କ ଆଡ଼କୁ ଚାହିଁଥିଲା ସେ । ଶ୍ୱାସଶବ୍ଦଟା ବନ୍ଦ ହୋଇଗଲା ହଠାତ୍ । ତକିଆ ଉପରୁ ସ୍ୱର୍ଣ୍ଣର ମୃତ୍ୟୁଯନ୍ତ୍ରଣାକାତର ଦେହଟା ତଳକୁ ତଳକୁ ଖସିଗଲା ଦେଖୁ ଦେଖୁ !

ଏତିକିବେଳେ ବିଶୁ ବଡ଼ ଗୋଟାଏ ବ୍ୟାକୁଳ ରଡ଼ି କରି କହିଲା —ଶୁକବାବା, ଧରିପକାଅ ! ଧରିପକାଅ !! ବାବୁ ତଳ ପଡ଼ିଲେ !

ଶୁକ ନତ ହୋଇପଡ଼ି ଉଠେଇନେଲା ପରମାନନ୍ଦଙ୍କର ପ୍ରାଣଶୂନ୍ୟ ଦେହଟାକୁ ।

ଗୁଡ଼ାକ ଏକାଠି ରଖି ନିରେଖି ଦେଖିଲା ସେ । ମନରେ ତାର ଗୋଟାଏ ଆଶା ଜାଗ୍ରତ ହୋଇଉଠିଲା । ବାଜ ପାତ୍ରଙ୍କ ଦୋକାନ ବାକଟା ଶୁଖା ହୋଇଯିବ । ବିଶୁ ତା' ମୁଣ୍ଡର ପଗଡ଼ିଟ଼ାକୁ ଖୋଲନେଇ ବାନ୍ଧି ଦେଲା ଛୋଟ ବାସନଗୁଡ଼ିକ । ସ୍ୱର୍ଣ୍ଣ ଆଡ଼କୁ ନ ଚାହିଁ ବାହାରି ପଡ଼ିଲା ସେ ଦାଣ୍ଡଘର ଆଡ଼କୁ ।

ସ୍ୱର୍ଣ୍ଣ ଖଟ ଉପରେ ବସି ଦେଖୁଥିଲା ଘରର ବଡ଼ ବଡ଼ କାଠ ସିନ୍ଦୁକ ଦୁଇଟାଆଡ଼କୁ । ଇମିତି ବଡ଼ ସିନ୍ଦୁକ ଦୁଇଟା ବିକିଦେଲେ କେତେ ଟଙ୍କା ହେବ କିଏ ଜାଣିଛି ? ବଡ଼ ସିନ୍ଦୁକଟାରେ ତ କିଛି ନାହିଁ, ଖାଲି ପଡ଼ିଛି । ସେଥିରେ ଶ୍ୱଶୁରଙ୍କର ପୁରୁଣା ପରିଚ୍ଛଦ ଯାହାସବୁ ଥିଲା, ସବୁ ନାଟକ କାର୍ଯ୍ୟରେ ଲାଗିଗଲା । କନ୍ଥା କମ୍ବଳ ଆଉ ଯାହା ଅଛି, ଛୋଟ ସିନ୍ଦୁକଟାରେ ରହିଯିବ । ବସ୍ତ୍ରଗୁଡ଼ିକ ମଝିଁଲା ସିନ୍ଦୁକରେ ରଖିଦେଇ ବଡ଼ ସିନ୍ଦୁକଟା ବିକ୍ରୀ କରିଦେଲେ କଅଣ କ୍ଷତି ହୁଅନ୍ତା ? ଶୁକ ଘରେ ଥିବା ସମୟରେ କେତେ ଥର କହିଛି, ଆଲମାରି ଖଣ୍ଡିଏ କିଣିଲେ ବସ୍ତ୍ରପତ୍ର ରଖିବ ବୋଲି । ଯଦି ସୁବିଧା ହୁଏ, ଆଲମାରି ଖଣ୍ଡିଏ କିଣି ଶ୍ୱଶୁରଙ୍କର ସବୁଗୁଡ଼ିକ ପୁସ୍ତକ ସଜେଇ ରଖିଦେଲେ ସୁନ୍ଦର ଦିଶିବ; କିନ୍ତୁ ବିଶୁତ ସମ୍ମତ ହେବ ନାହିଁ ।

ଏତିକିବେଳେ ବିଶୁ ଦୁଆର ମୁହଁକୁ ଆସି କହିଲା, ବାଜି ପାତ୍ରେ ସବୁ ବାସନ ନେବେ । ଏଇନେ ତାଙ୍କ ଦୋକାନରେ କେହି ନାହାନ୍ତି । ସବୁଗୁଡ଼ାକ ବାସନ ନେଇଯାଉଛି । ଓଜନ କରିଦେଇ ଆସିବି । ନୂଆ ଦରକୁ ଅଧେ ଦେବେ କି ଅଧିକା ଦେବେ, ସେ ନିଜେ ଘରକୁ ଆସି କହିବେ । ସ୍ୱର୍ଣ୍ଣର ଉତ୍ତରକୁ ଅପେକ୍ଷା ନ କରି ବାସନଗୁଡ଼ିକ ଉଠେଇ ନେଇଗଲା ଦୁଇ ହାତରେ ।

ବିଶୁ ଯିବାପରେ ସ୍ୱର୍ଣ୍ଣ ରୋଷେଇଘର ଆଡ଼ୁ ବଡ଼ ଗୋଟାଏ ଟୋକେଇ ଆଣି ଭରି କରିଦେଲା ସବୁଗୁଡ଼ିକ କଂସା ଆଉ ପିତଳ ବାସନ । ବଡ଼ ସିନ୍ଦୁକ ଉପରୁ ଛୋଟ ସିନ୍ଦୁକଟା ଉଠେଇ ନେଇ ଦେଖିଲା, ଗୋଟାକରେ ପୁସ୍ତକ ଭରି ହୋଇରହିଛି । ମଝିଁଲା ପେଡ଼ିଟାରେ ତ ରଖିଦେଲେ ରହିଯିବ । ଛୋଟ ଆଉ ମଝିଁଲା ଦୁଇଟା ଥାଉ । ବଡ଼ ସିନ୍ଦୁକଟା ବିକ୍ରୀ କରିଦେଲେ ଯଦି ଶହେ ଟଙ୍କା ହେଇଯାଏ, କେଡ଼େ ସୁବିଧାରେ ପନ୍ଦରଦିନର ନାଟକ କାର୍ଯ୍ୟ ହୋଇଯିବ । ଅନ୍ୟମନସ୍କ ଭାବରେ ସିନ୍ଦୁକ ଦୁଇଟା ଯାକ ଖାଲିକରି ଯାଉଥିଲା ସ୍ୱର୍ଣ୍ଣ । ବିଶୁ ପୁଣି ନେଇଗଲା ବାସନ ଟୋକେଇଟା । ଟୋକେଇଟା ମୁଣ୍ଡ ଉପରକୁ ଉଠେଉ ଉଠେଉ ମୁହୂର୍ତ୍ତିକ ପାଇଁ ମନରେ ତାର ଗୋଟାଏ ଲୋଭ ଜାଗ୍ରତ ହୋଇଗଲା, ଅଧା ମୂଲ୍ୟରେ ବିକ୍ରୀ ହୋଇଯାଉଛି । ଏଥିରୁ ଦୁଇ ଗୋଟିଏ ମିଳିଗଲେ ପିଲାଏ ଭାତ ତରକାରି ରଖି ଖାଆନ୍ତେ । ନିମିଷକରେ ପୁଣି ସେ ହୋଇଗଲା ନିର୍ଲିପ୍ତ । ମନୁଷ୍ୟର ଲୋଭଟା ସତେ କେଡ଼େ ବଡ଼ ଶତ୍ରୁ ! କୋଉଥିପାଇଁ କଅଣ ହେଉଛି, ସେ ଭାବୁଛି କେବେ ତାର ପୁଅ ଝିଅ ହେବେ । କଂସା ବାସନରେ ଭାତ ତରକାରି ଖାଇବେ । ନିଜକୁ ନିଜେ ଧିକ୍‌କାର ଦେଇ ଦ୍ରୁତ ପଦରେ ବାଜ ପାତ୍ରଙ୍କ ଘର ଆଡ଼କୁ ବାହାରିପଡ଼ିଲା ସେ ।

ସ୍ୱର୍ଣ୍ଣ ସିନ୍ଦୁକ ଖାଲି କରିବାରେ ଲାଗିଥିଲା । ଭାବୁଥିଲା, କୌଣସିମତେ ଜଞ୍ଜାଳଟା ଏଇ ସକାଳ-ବେଳା କେହି ନ ଥିବା ସମୟରେ ତୁଟିଗଲେ, ସେ ଟିକିଏ ନିଶ୍ଚିନ୍ତ ହୁଅନ୍ତା! । ସିନ୍ଦୁକ ଖାଲି କରିଦେଇ ଆସି ବସିଥିଲା ସ୍ୱର୍ଣ୍ଣ । ହାତରେ ତାର ଥିଲା ପୁରୁଣା ତାଳପତ୍ର ପୋଥି 'ମଥୁରା ମଙ୍ଗଳ' । ମନେ ପଡ଼ିଗଲା ସ୍ୱର୍ଣ୍ଣର, ଶ୍ୱଶୁର ଥରେ ପୁସ୍ତକରେ ଦେଖେଇ ନେଇ ଥିଲେ ତାକୁ 'ମଥୁରା ମଙ୍ଗଳ' ନାଟକ । କେଡ଼େ କରୁଣ ସେ ଦୃଶ୍ୟ, ଗୋପବଧୂମାନେ ରଥ ଚକ ପାଖରେ ବସି ବିଳାପ କରୁଥିଲେ—"ଶ୍ୟାମ ସୁନ୍ଦର ହେ, ତୁମେ ଆମ ଜୀବନ, ମଥୁରା ଗଲେ କେମନ୍ତେ ବଞ୍ଚିବୁ ଦିନ ।" ସେ ମର୍ମସ୍ପର୍ଶୀ ସ୍ୱର ଏବେ ମଧ୍ୟ ଶୁଭୁଛି ଦୂରରୁ । କୃଷ୍ଣ ମଥୁରାପୁରକୁ ଯାତ୍ରା କରିବେ । ଅକ୍ରୂର ଆସିଛନ୍ତି । ରଥରେ ବସିଲେଣି କୃଷ୍ଣ, ବଳରାମ ଦୁଇ ଭାଇ । ରଥ